ନାଟ୍ୟଶ୍ରୀ

ରଘୁନାଥ ଗ୍ରନ୍ଥାବଳୀ

(ଦ୍ୱିତୀୟ ଭାଗ)

ପ୍ରକାଶକ :

ପ୍ରଗତି ସାହିତ୍ୟ ପ୍ରତିଷ୍ଠାନ

ବ୍ରହ୍ମପୁର

Digitized by srujanika@gmail.com

ନାଟ୍ୟଶ୍ରୀ

ରଘୁନାଥ ଗ୍ରନ୍ଥାବଳୀ

ଦ୍ୱିତୀୟ ଭାଗ

ପ୍ରକାଶକ :

ପ୍ରଗତି ସାହିତ୍ୟ ପ୍ରତିଷ୍ଠାନ

ବ୍ରହ୍ମପୁର

Digitized by srujanika@gmail.com

ନାଟ୍ୟଶ୍ରୀ

ରଘୁନାଥ ଗ୍ରନ୍ଥାବଳୀ

ଦ୍ୱିତୀୟ ଭାଗ

ନାଟ୍ୟକାର :
ନାଟ୍ୟଶ୍ରୀ ରଘୁନାଥ ମିଶ୍ର

ପ୍ରକାଶକ :
ନାଟ୍ୟଶ୍ରୀ ରଘୁନାଥ ମିଶ୍ର
ଆକୁଲା ଷ୍ଟ୍ରିଟ୍,
ବ୍ରହ୍ମପୁର, ଗଞ୍ଜାମ

ଅକ୍ଷର ଓ ଅଙ୍ଗସଜ୍ଜିକରଣ :
ନରସିଂହ ଗ୍ରାଫିକ୍ସ
ମିଲିଟାରୀ ଲାଇନ୍ ଛକ,
ବାଳିକା ଉଚ୍ଚବିଦ୍ୟାଳୟ ପାଖ,
ବ୍ରହ୍ମପୁର, ଗଂଜାମ
ଦୂରଭାଷ : ୯୪୩୭୪୧୩୨୪୮

ପ୍ରକାଶ କାଳ :
ଗାନ୍ଧୀ ଜୟନ୍ତୀ, ୨୦୦୭ ମସିହା

ମୁଦ୍ରଣ :
ଶିବଶଙ୍କର ରୁଲିଙ୍ଗ୍ ଓ
ବାଇଣ୍ଡିଙ୍ଗ୍ ୱାର୍କସ୍
ଟେଲିଫୋନ ଭବନ ରାସ୍ତା,
ବ୍ରହ୍ମପୁର, ଗଂଜାମ

ମୂଲ୍ୟ :
୫୦୦/- (ପାଞ୍ଚଶତ ଟଙ୍କା ମାତ୍ର)

NATYASHREE
RAGHUNATH GRANTHABALI
[2ND PART]

Published by :
Natyashree Raghunath Mishra

Copy right Reserved : *Writer*

D.T.P. & Letter Setting :
NARASIMHA GRAPHICS
Military Line Square,
Near Girls High School
Berhampur, Ganjam
Cell : 9437413248

Printed at :
SIBASHANKAR RULLING &
BINDING WORKS
Telephone Bhawan Road,
Berhampur, Ganjam

PRICE : RS. 500/-
(Five Hundred Only)

Digitized by srujanika@gmail.com

ଉତ୍ସର୍ଗ

ପରମ କାରୁଣିକ, ସର୍ବଧର୍ମର ପ୍ରତୀକ,
ମାନବତାର ଶ୍ରେଷ୍ଠ ଅବତାର
ଭଗବାନ ଶ୍ରୀ ଶ୍ରୀ ଶ୍ରୀ ସତ୍ୟସାଇବାବାଙ୍କ
କରକମଳରେ ଏହି ଗ୍ରନ୍ଥାବଳୀଟିକୁ ଅର୍ପଣ କରି
ନିଜକୁ ଧନ୍ୟ ମନେକରୁଛି ।

॥ ଇତି ॥
ଚରଣାଶ୍ରିତ
ରଘୁନାଥ

Digitized by srujanika@gmail.com

ସେମାନେ ଯାହା କହନ୍ତି....

ଶ୍ରୀ ବସନ୍ତ କୁମାର ପାଣିଗ୍ରାହୀ
(ସଭାପତି, ଉତ୍କଳ ସମ୍ମିଳନୀ)

ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କର ଗ୍ରନ୍ଥାବଳୀ ପ୍ରଥମ ଭାଗ ପାଠ କଲି । ତାଙ୍କର ଲେଖାଗୁଡ଼ିକ ପୁରାତନ ରୀତିଯୁଗୀୟ, ଆଧୁନିକ ବିପ୍ଳବଯୁଗର କବିତାର ସମିଶ୍ରଣ । ସର୍ବଧର୍ମକୁ ସେ ସମ୍ମାନ ଦିଅନ୍ତି । ଏହା ତାଙ୍କ କବିତା ମାଧ୍ୟମରେ ସେ ଜଣାଇ ଦେଇଛନ୍ତି । ଜଣେ ସାମ୍ୟବାଦର ସମର୍ଥକଭାବେ ସେ ଯେପରି ଲେଖନୀ ତାଙ୍କ କବିତା ମାଧମରେ ଚାଳନା କରିଛନ୍ତି, ଜଣେ ନିଷ୍ପାପର ଭକ୍ତଭାବେ ଭଗବାନଙ୍କର ସ୍ତୁତି ଗାନ କରିଛନ୍ତି । ଗଳ୍ପଗୁଡ଼ିକ ସୁନ୍ଦର ହୋଇଛି । ସାଂପ୍ରତିକ ଘଟଣାବଳୀକୁ ଆଧାରକରି, ତାଙ୍କର କାହାଣୀଗୁଡ଼ିକ ଚଳଚଞ୍ଚଳ ହୋଇ ଉଠିଛି । ଜଣେ ନାଟ୍ୟକାରଭାବରେ ସେ ଯେପରି ଜନପ୍ରିୟତା ଅର୍ଜ୍ଜନ କରିଛନ୍ତି, ଜଣେ ସଫଳ ଗୀତିକାରଭାବରେ ମଧ କମ୍ ଗୌରବ ଅର୍ଜ୍ଜନ କରିନାହାନ୍ତି । ଅଶୀବର୍ଷ ଅତିକ୍ରମ କରି ଯାଇଥିଲେ ମଧ, ତାଙ୍କ ଲେଖନୀ ଚଳଚଞ୍ଚଳ । ବଂଧୁ ରଘୁନାଥଙ୍କର ନିରାମୟ ଦୀର୍ଘଜୀବନ ପାଇଁ ପ୍ରଭୁଙ୍କର ଚରଣରେ ପ୍ରାର୍ଥନା କରୁଛି ।

ପ୍ରଫେସର ପ୍ରହଲ୍ଲାଦ ପଣ୍ଡା
ନାଟ୍ୟଶ୍ରୀଙ୍କ ପ୍ରଥମ ଗ୍ରନ୍ଥାବଳୀ : ଏକ ଅନୁଧ୍ୟାନ

ମୁଖ୍ୟତଃ ନାଟ୍ୟକାର ହେଲେ ମଧ ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କର ସାହିତ୍ୟିକ ପ୍ରତିଭା ନାଟକ ମଧ୍ୟରେ ସୀମିତ ନୁହେ । ତାଙ୍କ ସାରସ୍ୱତ ସାଧନାର ଅନ୍ୟ ଦିଗନ୍ତ ହେଲା କବିତା, ସଙ୍ଗୀତ, କ୍ଷୁଦ୍ରଗଳ୍ପ ଓ ଚଳଚ୍ଚିତ୍ରର କଥାବସ୍ତୁ । ତଦ୍‌ସହିତ ସାମ୍ବାଦିକତା ରୂପକ ସାହିତ୍ୟର ପରିପୁଷ୍ଟି ମଧ ତାଙ୍କ ଲେଖକ ଜୀବନର ଏକ ବିଶିଷ୍ଟ ବିଶେଷତ୍ୱ । ନାଟ୍ୟଶ୍ରୀଙ୍କ କବିତାଗୁଡ଼ିକ ସଙ୍ଗୀତଧର୍ମୀ, କାରଣ ତନ୍ମଧ୍ୟରୁ କେତୋଟି ଚଳଚ୍ଚିତ୍ରରେ ସ୍ଥାନ ପାଇଥିବାରୁ ନିର୍ଦ୍ଦିଷ୍ଟ ରାଗ ସନ୍ନିହିତ । ସାମାଜିକ ଅଶାନ୍ତି ଦୂର କରିବା ଓ ଶାନ୍ତି ସ୍ଥାପନ ଉଦ୍ଦେଶ୍ୟରେ ରଚିତ କେତୋଟି କବିତାରେ ବିଭୂ ପ୍ରାର୍ଥନା ରୂପକ ଦର୍ଶନ

Digitized by srujanika@gmail.com

ସ୍ୱଚ୍ଛତା ପରିଲକ୍ଷିତ । କେତେକ ସଙ୍ଗୀତ ହିନ୍ଦୁ ଓ ଖ୍ରୀଷ୍ଟିୟାନ ଉଭୟ ସମ୍ପ୍ରଦାୟ ଦ୍ୱାରା ଆଦୃତ । ଭଗବାନ କୃଷ୍ଣ, ପ୍ରଭୁ ଯୀଶୁ, ମା ତାରାତାରିଣୀ, ମା ଗୌରୀ, ମା ମହେଶ୍ୱରୀ, ଜନନୀ ଶ୍ୟାମା, ଏ ସମସ୍ତେ ନାଟ୍ୟଶ୍ରୀଙ୍କ ଦ୍ୱାରା ଆରାଧ୍ୟ ଓ ତାଙ୍କ ଲେଖନୀରେ ସେମାନଙ୍କ ମହିମା ବହୁଭାବରେ ବର୍ଣ୍ଣିତ । ତାଙ୍କ ରଚିତ ସଙ୍ଗୀତଧର୍ମୀ କବିତାଗୁଡ଼ିକୁ ସୁପରିଚିତ କଂଠଶିଳ୍ପୀଙ୍କ ଦ୍ୱାରା ବହୁବାର ପରିବେଷଣ କରାଯାଇଥିବା କଥା ଗ୍ରନ୍ଥାବଳୀରେ ସ୍ୱୀକାର କରାଯାଇଛି । ସେଗୁଡ଼ିକୁ ନାଟ୍ୟଶ୍ରୀ ନିଜ ରଚିତ ଚଳଚିତ୍ରରେ ମଧ୍ୟ ସ୍ଥାନୀତ କରିଛନ୍ତି । ଏଥିରେ ଭାରତୀୟ ସମାଜର ଏକ ମନୋଜ୍ଞ ଚିତ୍ର ପ୍ରତିଫଳିତ ହୋଇଅଛି ।

କଥାଶିଳ୍ପୀ ଭାବରେ ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କର ଅବଦାନ ମଧ୍ୟ ଅବିସ୍ମରଣୀୟ । ପ୍ରଚଳିତ ସାମାଜିକ ସମସ୍ୟାର ଅନୁଶୀଳନ ଓ ତାର ସମାଧାନର ବାର୍ତ୍ତା ତାଙ୍କ ଗଳ୍ପ ଗୁଡ଼ିକରେ ପ୍ରତିଫଳିତ । ଶିଳ୍ପ ସଭ୍ୟତାରେ ଶ୍ରମିକ ମାଲିକ ସଂଘର୍ଷ, ସାମ୍ପ୍ରତିକ ସମାଜରେ ଧର୍ମ ଓ ଜାତିଭିତ୍ତିକ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିବାରୁ ନାଟ୍ୟଶ୍ରୀଙ୍କ ଗଳ୍ପଗୁଡ଼ିକ ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇପାରିଛି । ଶାଣିତ ବ୍ୟଙ୍ଗରସର ମଧ୍ୟ ଅବତାରଣା କରାଯାଇଛି । ଏହି କାରଣରୁ ନାଟ୍ୟଶ୍ରୀଙ୍କ ଲେଖନୀ ଅତ୍ୟନ୍ତ ସାର୍ଥକ ଏହା ନିଃସନ୍ଦେହ ।

ଶ୍ରୀ ଲିଙ୍ଗରାଜ ଜେନା
(ସଭାପତି, ନାଟ୍ୟଶ୍ରୀ କଳା ଆରାଧନା ସମିତି)

ନାଟ୍ୟଶ୍ରୀ ରଘୁନାଥ ଗ୍ରନ୍ଥାବଳୀର ପ୍ରଥମଭାଗ ପାଠକରି ବିଶେଷ ପ୍ରୀତ ହେଲି । ଗ୍ରନ୍ଥାବଳୀର ପ୍ରଥମରେ ଗୀତି କବିତାର ଗୀତଗୁଡ଼ିକ ଦେବ, ଦେବୀଙ୍କର ଭଜନକୁ ନେଇ ଲିଖିତ । ସେହି ଭଜନାବଳୀରେ ପ୍ରଭୁ ଯୀଶୁ ଓ ମେରୀ ମାତାଙ୍କର ୨ଟି ଭଜନ ଦେଖିବାକୁ ମିଳେ । ଯାହା ନାଟ୍ୟଶ୍ରୀଙ୍କର ଧର୍ମନିରପେକ୍ଷତାର ପ୍ରମାଣ ଦିଏ । ଚଳଚ୍ଚିତ୍ର ଗୀତଗୁଡ଼ିକ ବେଶ୍ ହୃଦୟସ୍ପର୍ଶୀ । କବିତାଗୁଡ଼ିକରେ ସାମ୍ୟବାଦର ଝଲକ ଦେଖିବାକୁ ମିଳେ । ନାଟ୍ୟଶ୍ରୀ ଯେତେ ଆଧୁନିକ କବିତା ଲେଖିଲେ ମଧ୍ୟ, ପୁରାତନକୁ ଛାଡ଼ି ନାହାନ୍ତି । ଆଧୁନିକ ଓ ପୁରାତନର ଏକ ସେତୁବନ୍ଧ ଏହି କବିତାଗୁଡ଼ିକ ମଧ୍ୟରେ ଦେଖିବାକୁ ମିଳିଲା । ଗଳ୍ପବିଭାଗରେ ୩୭ଟି ଗଳ୍ପ

Digitized by srujanika@gmail.com

ପ୍ରଫୁଲ୍ଲ କୁମାର ମହାପାତ୍ର
ବରିଷ୍ଠ ପ୍ରବନ୍ଧକ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର

ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ସହିତ ମୋର ସଂପର୍କ ମାତ୍ର ତିନିବର୍ଷର । କିନ୍ତୁ ଏତିକିରେ ମଧ ମୁଁ ଅନୁଧ୍ୟାନ କରି ବିଶ୍ଳେଷଣ କରିଛି ତାଙ୍କ ଜୀବନ ପୁସ୍ତିକାର ପ୍ରତ୍ୟେକଟି ପୃଷ୍ଠା । ତାଙ୍କ ଜୀବନାମୃତ ପାନ କରି ଶାଶ୍ୱତ ଆନନ୍ଦରେ ପ୍ରାଣ ମୋର ପୁଲକିତ ହୋଇଉଠିଛି । ମାନବିକ ମୂଲ୍ୟବୋଧର ଅମୂଲ୍ୟ ଶିକ୍ଷା ବି ମିଳିଛି । କିନ୍ତୁ ବିଭିନ୍ନ ଶାରୀରିକ, ମାନସିକ ତଥା ଆର୍ଥିକ ବାଧାବିଘ୍ନ ସତ୍ତ୍ୱେ ସେ କିପରି ଯେ ଏକ ବହୁମୁଖୀ ପ୍ରତିଭାର ଅଧିକାରୀ ହୋଇପାରିଛନ୍ତି, ତାହାହିଁ ମୋତେ ବିସ୍ମିତ କରିଛି । ଅନଳ ଗ୍ରାସରେ ସୁବର୍ଣ୍ଣ ଯେପରି ଝଟକି ଉଠେ, ଜୀବନର ପ୍ରତ୍ୟେକଟି ଘାତ ପ୍ରତିଘାତ ସେହିପରି ତାଙ୍କୁ ଆହୁରି ମଜଭୁତ କରି ଗଢ଼ି ତୋଳିଛି । ସେ ଏକାଧାରରେ ପାଲଟି ଯାଇଛନ୍ତି ଜଣେ ସଫଳ ନାଟ୍ୟକାର, ନେତା, ଅଭିନେତା, ସିନେ ପ୍ରଯୋଜକ, ନିର୍ଦ୍ଦେଶକ, ଗୀତିକାର, କବି, ଗାଳ୍ପିକ, ପ୍ରାବନ୍ଧିକ, ଚିକିତ୍ସକ, ସଂଗଠକ, ସାମ୍ବାଦିକ ଇତ୍ୟାଦି ଇତ୍ୟାଦି । ଏମିତି ତ ତାଙ୍କର ଅଧିକାଂଶ ନାଟକ ମୁଁ ପଢ଼ିଛି, କେଇଟାରେ ନିର୍ଦ୍ଦେଶନା ଦେଇଛି, ଅଭିନୟ ମଧ କରିଛି । ଏଥିରୁ ତାଙ୍କ ପ୍ରଚଣ୍ଡ ନାଟ୍ୟପ୍ରତିଭାର ପ୍ରତ୍ୟକ୍ଷ ଅନୁଭୂତି ମୋତେ ମିଳିଛି । ଦୈନନ୍ଦିନ ଘଟଣା ପ୍ରବାହକୁ ନେଇ ଅତି ସରଳ ସାବଲୀଳ ଢ଼ଙ୍ଗରେ ରଚନା ହୁଏ ତାଙ୍କର ପ୍ରାଣସ୍ପର୍ଶୀ ନାଟକ ନିଚୟ । ପାଠକର ପ୍ରାଣରେ ଏହା ଭରିଦିଏ ଅମିୟର ଅମନ୍ଦ ମନ୍ଦାକିନୀ । ଦର୍ଶକ ଚକ୍ଷୁରେ ଭରିଦିଏ ସମ୍ମୋହନର କୃଷ୍ଣାଞ୍ଜନ । ପ୍ରାୟ ଏକଶହରୁ ଉର୍ଦ୍ଧ୍ୱ କାଳଜୟୀ ନାଟକ ରଚନା କରି ସେ ପାଲଟି ଯାଇଛନ୍ତି ଓଡ଼ିଶାର ସେକ୍ସପିଅର । କିନ୍ତୁ ସେ ଯେ ଜଣେ ସ୍ୱୟଂ ସଂପୂର୍ଣ୍ଣ ସାହିତ୍ୟିକ ତାର ପ୍ରମାଣ ମିଳିଲା ଗତବର୍ଷ ପ୍ରକାଶିତ ନାଟ୍ୟଶ୍ରୀ ରଘୁନାଥ ଗ୍ରନ୍ଥାବଳୀ ଅଧ୍ୟୟନ କରି ଭଜନ, ଜଣାଣ ଠାରୁ ଆରମ୍ଭ କରି ଆଧୁନିକ କବିତା ପର୍ଯ୍ୟନ୍ତ ପଦ୍ୟ ବିଭାଗର ଅଧିକାଂଶ କ୍ଷେତ୍ରରେ ତାଙ୍କର ଦଖଲ ରହିଛି । ତାଙ୍କର ପ୍ରବନ୍ଧ ଓ କ୍ଷୁଦ୍ରଗଳ୍ପ ଆମ ପାଠ୍ୟ ପୁସ୍ତକରେ ସ୍ଥାନ ପାଉଥିବା ଏତାଦୃଶ ରଚନାଠାରୁ କୌଣସି ଗୁଣରେ କମ ନୁହେଁ । ଏହି ପ୍ରଜ୍ଞା ପୁରୁଷଙ୍କ ସମସ୍ତ ସାରସ୍ୱତ କୃତିର ପଦଚିହ୍ନ ସମୟର ବାଲିବନ୍ତ ପରେ ଚିର ଭାସ୍ୱର ହୋଇଉଠୁ ଏହାହିଁ ପରମପିତା ସାଇବାବାଙ୍କ ନିକଟରେ ପ୍ରାର୍ଥନା ।

Digitized by srujanika@gmail.com

ପ୍ରଫେସର ମନ୍ମଥ ପାଢ଼ୀ

(ସ୍ନାତକୋତ୍ତର ଇତିହାସ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)

'ନାଟ୍ୟଶ୍ରୀ ରଘୁନାଥ ଗ୍ରନ୍ଥାବଳୀ' ଏକ ସ୍ୱାଭିମାନୀ ଓଡ଼ିଆର ସଂଘର୍ଷପୂର୍ଣ୍ଣ ଜୀବନ, ନିଷ୍ଠାପର ସାଧନା ଓ ସଫଳ ବ୍ୟକ୍ତିତ୍ୱର ଏକ ଜୀବନ୍ତ ଆଲେଖ୍ୟ । ଓଡ଼ିଆ ନାଟକ ସୃଷ୍ଟିର ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା, ଗୀତିକାର, ଚଳଚ୍ଚିତ୍ରର ନିର୍ଦ୍ଦେଶକ ଓ ପ୍ରଯୋଜକ ତଥା କଥାକାର ଓ ସଂଳାପ ଲେଖକ ଆଦି ବହୁବିଧ ପ୍ରତିଭା ସଂପନ୍ନ ଶ୍ରୀଯୁକ୍ତ ରଘୁନାଥ ମିଶ୍ର ଯଥାର୍ଥରେ କଳା ଓ ସାହିତ୍ୟର ଏକ ଅନନ୍ୟ ଅନୁଷ୍ଠାନ, ଓଡ଼ିଆ ଭାଷା ଓ ସାହିତ୍ୟକୁ ସରସ, ସମୃଦ୍ଧ ଓ ରୁଚିପୂର୍ଣ୍ଣ କରିବା ଦିଗରେ ଶ୍ରୀଯୁକ୍ତ ମିଶ୍ରଙ୍କର ନିଷ୍ଠାପର ସାଧନା ଓ ସଂକଳ୍ପର ପଟାନ୍ତର ନାହିଁ । ଓଡ଼ିଆ ନାଟକ ଓ ମଞ୍ଚ ପରଂପରାରେ ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କର ଅମର କୃତି ଆଗାମୀ ପୀଢ଼ି ପାଇଁ ପ୍ରେରଣାର ଚିରନ୍ତନ ସ୍ରୋତ, କଳାପ୍ରିୟ ଓଡ଼ିଆ ଜାତିର ତେଜସ୍ୱୀ ଧ୍ରୁବତାରା ଓ ଗୌରବମୟ ପୁରୁଷାର୍ଥର ଅମର ସ୍ମୃତି ।

ଡ଼ଃ ଶାନ୍ତନୁ କୁମାର ରଥ

ସହକାରୀ କେନ୍ଦ୍ର ନିର୍ଦ୍ଦେଶକ, ଆକାଶବାଣୀ, ବ୍ରହ୍ମପୁର

ପ୍ରଣମ୍ୟ ନାଟ୍ୟକାର ଶ୍ରୀଯୁକ୍ତ ରଘୁନାଥ ମିଶ୍ର ଆମ ରାଜ୍ୟର ଜଣେ ପ୍ରବୁଦ୍ଧ ପୁରୁଷ । ନାଟକ, ରଂଗମଂଚ ପାଇଁ ସମର୍ପିତ ତାଙ୍କର ସମଗ୍ର ଜୀବନ । ସମାଜର ବିବିଧ ପ୍ରସଂଗମାନଙ୍କୁ ନେଇ ସେ ନାଟକରେ ସ୍ଥାନିତ କରିଛନ୍ତି । ଏକପ୍ରକାର ନାଟ୍ୟ ଆନ୍ଦୋଳନର ପୁରୋଧା ଶ୍ରୀ ମିଶ୍ର । ଏତେ ଦୀର୍ଘ ଦିନଧରି ନିରବଚ୍ଛିନ୍ନ ସାଧନା କ୍ୱଚିତ ଦେଖିବାକୁ ମିଳେ । କେବଳ ନାଟକ ନୁହେଁ ଚଳଚ୍ଚିତ୍ର ନିର୍ମାଣ, ନିର୍ଦ୍ଦେଶନା, ଗୀତରଚନା - ଏ ସମସ୍ତ କ୍ଷେତ୍ରରେ ସିଦ୍ଧ ହସ୍ତତାର ନିଦର୍ଶନ ଦେଇଛନ୍ତି । ନିଜ ଉଦ୍ୟମରେ ସେ ପ୍ରକାଶ କରିଛନ୍ତି ତାଙ୍କ ଗ୍ରନ୍ଥାବଳୀର ପ୍ରଥମ ଭାଗ ଯେଉଁଥିରେ ତାଙ୍କର କେତେକ ପ୍ରତିନିଧି ସ୍ଥାନୀୟ ରଚନା ସନ୍ନିବେଶିତ ହୋଇଛନ୍ତି । ଶ୍ରୀଯୁକ୍ତ ମିଶ୍ରଙ୍କ ସାରସ୍ୱତ ସାଧନା ଓ ବ୍ୟକ୍ତିତ୍ୱର ପରିଚିତି ମିଳିବ ଏ ଗ୍ରନ୍ଥରୁ । ବହୁପ୍ରସୂ ଲେଖନୀ ତାଙ୍କର । ଏ ପରିଣତ ବୟସରେ ମଧ ତାହା ଚଳଚଞ୍ଚଳ । କେତୋଟି ଗ୍ରନ୍ଥାବଳୀ ହେଲେ ଯାଇ ତାହା ସଂକଳିତ ହୋଇପାରିବ । ଓଡ଼ିଆ ସାହିତ୍ୟର ପାଠକମାନେ ଏହି ଗ୍ରନ୍ଥାବଳୀରୁ ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ସାରସ୍ୱତ ଦିଗ ଓ ଦିଗନ୍ତର ସଂଧାନ ପାଇ ପାରିବେ ଏବଂ ତାଙ୍କ ପ୍ରତିଭାର ମୂଲ୍ୟାୟନ/ ଆକଳନ କ୍ଷେତ୍ରରେ ଏହା ସହାୟକ ହେବ ।

Digitized by srujanika@gmail.com

ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ

ସଂସାରର ଶ୍ରେଷ୍ଠଜୀବ ମନୁଷ୍ୟ । ସେ ତ ଭଗବାନଙ୍କର ଅମୃତର ସନ୍ତାନ । ସେଇ ସନ୍ତାନମାନଙ୍କ ମଧ୍ୟରୁ ଅନେକ ଈଶ୍ୱର ଦତ୍ତ ଗୁଣ ଲାଭ କରିଥାନ୍ତି । ସଂସାର ରୂପକ ସାଗରରେ ସନ୍ତରଣ କରୁକରୁ ମନୁଷ୍ୟ କେଉଁଯେ କେଉଁଠି ପହଞ୍ଚିଯାଏ । ସେ ସୃଷ୍ଟିକରେ ତା ମନର ସାରସ୍ୱତ ସାଧନା । ମା ସରସ୍ୱତୀ ବିଜେ କରନ୍ତି ତା ମନରେ ସହୃଦୟରେ । ସେ ସୃଷ୍ଟିକରେ କଲମ ମୁନରେ ଅନେକ ସର୍ଜନା ।

ଯନ୍ତ୍ରଣା ନଥିଲେ ଜୀବନ ନଥାଏ । ଯନ୍ତ୍ରଣା ପରେ ଯେଉଁ ସୁଖାନୁଭୂତି ହୁଏ ତାହା ମନୁଷ୍ୟ ଜୀବନକୁ ସାରସ୍ୱତ କରିଦିଏ । ସେ ନାଟକ ହେଉ, ଉପନ୍ୟାସ ହେଉ ଅଥବା ହେଉ ଗଳ୍ପ ବା ଗୀତିନାଟ୍ୟ । ସେମିତି ସାରସ୍ୱତ ସାଧକ ସିନେମା, ନାଟକ ଜଗତର ଭୀଷ୍ମ ପିତାମହ ନାଟ୍ୟଶ୍ରୀ ରଘୁନାଥ ମିଶ୍ର । ଜୀବନରେ ସରିଗଲାଣି ଅନେକ ଫଗୁଣ । ଜରାଜୀର୍ଣ୍ଣ ଶରୀର, ତଥାପି ତାଙ୍କ ମନରେ ପ୍ରଚଣ୍ଡ ଉଦ୍ଦାମତା । ତାଙ୍କରି ଗ୍ରନ୍ଥାବଳୀରୁ ଅନେକ କବିତା, ଗିତୀ କବିତା ପଢ଼ିଲା ପରେ ଭାବିଲି କିଛି ଲେଖିବି ଏଇ କରିତ୍‌କର୍ମା ବ୍ୟକ୍ତିତ୍ୱଙ୍କ ପାଇଁ । ସେଇତ ମୋର ଭାଗ୍ୟ । ପ୍ରଥମ ଗୀତି କବିତାରେ କବି ଈଶ୍ୱରଙ୍କ ନିକଟରେ ପ୍ରଭାତର ବର୍ଣ୍ଣନା ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ଶାନ୍ତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ଯାଅନା କାହ୍ନୁରେ ସେ କାହ୍ନୁକୁ ଗୋପପୁର ଛାଡ଼ି ନଯିବା ପାଇଁ ଆକୁଳ ମିନତୀ ଜଣାଉଛନ୍ତି । କେତେବେଳେ ସେ ଶ୍ୟାମଙ୍କ ଦଶାଦେଖି କାନ୍ଦୁଛନ୍ତି ତ କେତେବେଳେ ରାଧାଙ୍କ ବିରହରେ ନିଜେ ବିରହିତ ହୋଉଛନ୍ତି । କେତେବେଳେ ପୁନର୍ବାର ସଖୀମନ ନେଇ ଶ୍ୟାମଙ୍କ ମନରେ ଦୁଃଖରେ ନିଜେ ଦୁଃଖୀ ହୋଇ ଯାଉଛନ୍ତି । ପୁଣି କେତେବେଳେ ସବୁ ମାୟାରେ ବାୟା ହୋଇ ଛନଛନ ହୋଇ ନାଚିଉଠୁଛନ୍ତି । ଚକା ଆଖିକୁ ଦେଖି ତାଙ୍କ ମନର ଦୁଃଖ ଅନଳରେ ଝାସ ଦେଉଛନ୍ତି । କେତେବେଳେ ଚକାଆଖିକୁ ସୁଖ ମାଗୁଛନ୍ତି ତ କେତେବେଳେ ପୁଣି ମୋକ୍ଷ । ଦୁଃଖ ସହି ସହି ସଂନ୍ଧ୍ୟା ପରେ ରାତି ଆସି ଯାଇଛି । କାନ୍ଦି କାନ୍ଦି ଆଖିରୁ ଲୁହ ଶୁଖି ଯାଇଛି । ହସ ତାଙ୍କ ମନ ବୃନ୍ଦାବନରେ ବାଜିଉଠିଛି ସେଇ ମୂରଲୀ ଧରାଙ୍କ ମଧୁର ସ୍ୱନ । ସେଇ ମୂରଲୀ ଧରାଙ୍କୁ ଗୀତରେ ଗୀତରେ ଡ଼ାକି ତାଙ୍କୁ ମନ ଅନ୍ଧାର ପଥବନ୍ଧୁର ରାହା ଦେଖାଇବାକୁ ଅନୁରୋଧ କରିଛନ୍ତି ।

Digitized by srujanika@gmail.com

ତାଙ୍କ କବିତାରେ ମୁରଲୀଫୁଙ୍କା ସେ କଳାକହ୍ନାଇ, ଆଉ ବଂଶୀନ ବଜା ଶ୍ୟାମ, ରାଇ କାନ୍ଦେ କୁଞ୍ଜବନେ, କାହିଁ ଗଲେ ଶ୍ୟାମଘନ, ଶ୍ୟାମ ନଥଇଲେ କାହିଁକି, ଶ୍ୟାମରେ ଆଉ ତୁରେ ବଂଶୀ ବଜାନା, ଅପବାଦ ଆଉ କେତେ ବା ସହିବି, ଘର ବାହୁଡ଼ାକୁ ମନ ବଳିଲାଣି, ଜମୁନା କୂଳେ ତୁ କାହ୍ନା, କୃଷ୍ଣ ମୁରାରୀ ରାଧା ମନହାରୀ କାହ୍ନୁ ତୁ ଆସି ଯାରେ ଆସି ଯା, ସଞ୍ଜ ସଳିତା, ଆସ ଆସ ସଖୀ, ତୋ ବିନା ଏ ଜୀବନ କବିତାଗୁଡ଼ିକ ମୋ ମନକୁ ମୋ ପ୍ରାଣକୁ ଆପ୍ଲୁତ କରିଛି । ସ୍ୱର ଲୟ ଦେଇ ଏହି ଗୀତଗୁଡ଼ିକ ଗାଇ ପାରିଲେ ନିଶ୍ଚୟ କବିତା ଗୁଡ଼ିକ ଆଦୃତ ହେବ ।

ସେହିପରି ପ୍ରେମ କବିତାରେ, କବିଙ୍କ ଦେଶପ୍ରେମ, ମେଘ ଆକାଶର ପ୍ରେମ, ପ୍ରେମରେ ନିରାଶ ଭାବ, ହସକାନ୍ଦ, ହଜିଲା ଦିନର ସ୍ମୃତି, ପ୍ରେମ ପ୍ରୟଣରେ ପ୍ରବଞ୍ଚନା, ପରିଶେଷରେ ପ୍ରେମର ହେଲା ଜୟ, ସାଧାନାରୁ ସିଦ୍ଧି ଲାଭ କରି କବି ପ୍ରାଣ ତାଙ୍କର ଅର୍ଜୁନ ମନସ୍କ ହୋଇ ଯାଇଛି । ତାଙ୍କର ଅତୀତ ବର୍ତ୍ତମାନ, ଭବିଷ୍ୟତ ସେ ପ୍ରଭୁଙ୍କ ପାଦତଳେ ସମର୍ପଣ କରିଛନ୍ତି ।

ଗଳ୍ପରେ କବି କେଉଁଠି ନେତା ସାଜିଛନ୍ତି ତ, କେଉଁଠି ଭକ୍ତଟିଏ ସାଜି ଜଗନ୍ନାଥଙ୍କୁ ରାଣ ପକଉଛନ୍ତି । ପୁନର୍ବାର ତାଙ୍କ ଆଖି ଲାଖି ରହିଛି ସାହିତ୍ୟ ସଭା ଉପରେ, ରାତ୍ରୀର ଶେଷ ପ୍ରହରରେ, ସେ ରାଧାଙ୍କ ବଂଶୀ ଧରିବାର ଦୃଶ୍ୟ ଦେଖି ଆନନ୍ଦରେ ଅଧିର ହୋଇଛନ୍ତି । ଜୀବନର ଅଭିନୟରେ ଅଭିନୟ କରି କେତେ ପୁରସ୍କାର ପାଇଛନ୍ତି । କେତେ ଜୟନ୍ତୀ ଉତ୍ସବ ତାଙ୍କ ଜୀବନର ସହଚର ସାଜିଛନ୍ତି । ସେଇ ସବୁ ସ୍ମୃତିକୁ ସେ କାଳିଆ ସାଆନ୍ତଙ୍କୁ ସ୍ୱର୍ଗପ୍ରାପ୍ତି ପାଇଁ ଆକୁଳ ନିବେଦନ ଜଣାଇଛନ୍ତି । ମନ ତାଙ୍କର ଆନ୍ଦୋଳନ କରୁଛି ଆହୁରି କିଛି ସାରସ୍ୱତ ସାଧନା ପାଇଁ । ମଞ୍ଚରେ ଆହୁରି କେତୋଟି ନାଟକ ପରିବେଷଣ ପାଇଁ । ରକ୍ତର ଡ଼ାକ ତାଙ୍କୁ ଆହ୍ୱାନ କରୁଛି । ସଭା ମଞ୍ଚ ତାଙ୍କୁ ନିମନ୍ତ୍ରଣ କରୁଛି । ସେ କେବେବି ହାରିଯିବେ ନାହିଁ । ସେ ତ ଗୋଟେ ଇତିହାସ ହୋଇଯିବେ । ଆମ ପାଇଁ, ତୁମ ପାଇଁ ଆଉ ସମସ୍ତଙ୍କ ପାଇଁ ।

ରଘୁ ଭାଇନା ତୁମ ପାଦତଳେ ବିନମ୍ର ପ୍ରଣାମ । ତୁମ ଗ୍ରନ୍ଥାବଳୀରୁ ମତେ ଯାହା ଭଲ ଲାଗିଲା ମୁଁ ଲେଖିଦେଲି । ଭୁଲ ଥିଲେ ମତେ ନିଶ୍ଚୟ ଉଦାର ହୃଦୟରେ କ୍ଷମା ଦେବ । କାରଣ ମୁଁ ତୁମ ସାନ ଭଉଣୀ ସ୍ୱର୍ଣ୍ଣପ୍ରଭା । ପୁନର୍ବାର ଜଗନ୍ନାଥଙ୍କ ପାଖେ ତୁମ ଉତ୍ତୋରତ୍ତର ଉନ୍ନତି କାମନା କରି ରହିଲି ।

Digitized by srujanika@gmail.com

ନାଟ୍ୟ ମହାରଥି ଲିଙ୍ଗରାଜ ନାହାକ
(ସଂପାଦକ, ରଂଗମଂଚ/ନାଟକ ଏକାଡ଼େମୀ,
ବାଲିପଦର, ଗଂଜାମ)

ନାଟ୍ୟଶ୍ରୀ ରଘୁନାଥ ମିଶ୍ର ଓଡ଼ିଶା ନାଟ୍ୟଜଗତର ପିତାମହ ଭୀଷ୍ମ ଏଥିରେ ଦ୍ୱିମତ ନାହିଁ । କେତେ ନାଟ୍ୟକାର, ନାଟ୍ୟାନୁଷ୍ଠାନ, କଳାକାର ଓ ମଂଚ ନିର୍ଦ୍ଦେଶକ ନିଜେ ଗଢ଼ିଛନ୍ତି ତାର ବି ହିସାବ ନାହିଁ । ୮୦ ବର୍ଷ ବୟସରେ ମଧ ଦି ଦିନରେ ଗୋଟିଏ ନାଟକ ଲେଖି ପାରୁଛନ୍ତି, ସଂଗଠନ କରୁଛନ୍ତି । ବିଭିନ୍ନ ସମ୍ମିଳନୀ କରି ନାଟକ ମଂଚସ୍ଥ କରାଇବା ସହ ପ୍ରତିଭାମାନଙ୍କୁ ସମ୍ମାନୀତ କରି ଆଗକୁ ଯିବାକୁ ପ୍ରେରଣା ଦେଉଛନ୍ତି । ମଞ୍ଚ ନାଟକର ଏ ଦୁର୍ଦ୍ଦିନ ସମୟରେ ତାଙ୍କର ଏ ପ୍ରୟାସ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ସେ ନାଟକରେ ଜିଇଁଛନ୍ତି, ମଜିଛନ୍ତି ଓ ହଜିଛନ୍ତି । ତାଙ୍କଦ୍ୱାରା ପ୍ରତିଷ୍ଠିତ ଗଂଜାମ ଜିଲ୍ଲା ମଂଚ କଳାକାର ସମ୍ମିଳନୀ ଏକ ନାଟ୍ୟ ଶିକ୍ଷାନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯାହା କି ତାଙ୍କୁ ଅମର କରି ରଖିବ । ତାଙ୍କ ସହ ମୋର ୩୦ ବର୍ଷର ସଂପର୍କ । ତାଙ୍କରି ପ୍ରେରଣା ହିଁ ମୋତେ କଳାକାରରୁ ନାଟ୍ୟକାର କରି ଦେଇଛି । ଏଥିପାଇଁ ତାଙ୍କ ନିକଟରେ ମୁଁ ଚିରଋଣୀ । ଶେଷରେ ପରମ ପିତା ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା ସେ ଦୀର୍ଘାୟୁ ହୁଅନ୍ତୁ ତାଙ୍କ ଲେଖନୀ ମୁନରେ ପୁଷ୍ପଚନ୍ଦନ ବୃଷ୍ଟି ହେଉ ।

ଶ୍ରୀ ବିଜୟ ଚନ୍ଦ୍ର ପାଢ଼ୀ
(ବରିଷ୍ଠ କଳାକାର, ରିଅଲ ଇଷ୍ଟେଟ୍, ବ୍ରହ୍ମପୁର)

ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କର ଗ୍ରନ୍ଥାବଳୀର ପ୍ରଥମ ଭାଗ ପ୍ରକାଶ ପାଇବା ପରେ ବର୍ତ୍ତମାନ ଦ୍ୱିତୀୟଭାଗ ପ୍ରକାଶ ପାଉଅଛି । ପରିଣତ ବୟସରେ ତାଙ୍କର ପରିଶ୍ରମର ସୀମା ନାହିଁ । ଏ ପରିଶ୍ରମର ମୂଲ୍ୟ ବୁଝିବ କିଏ ? ଗ୍ରନ୍ଥାବଳୀଟିଏ ନିଜ ଅର୍ଥରେ ଛାପିବା କେତେ କଷ୍ଟ ତା ଅନୁଭବୀ ହିଁ କହି ପାରିବ । ପ୍ରଭୁ ଜଗନ୍ନାଥ ତାଙ୍କର ସାହା ହୁଅନ୍ତୁ, ଏତିକି କାମନା ।

Digitized by srujanika@gmail.com

ଶ୍ରୀ କୈଳାସ ଚନ୍ଦ୍ର ପାଣିଗ୍ରାହୀ
(ବରିଷ୍ଠ କଳାକାର, ବ୍ରହ୍ମପୁର)

ନାଟ୍ୟଶ୍ରୀ ରଘୁନାଥ ମିଶ୍ର ମୋର ନାଟ୍ୟଗୁରୁ । ତାଙ୍କର ପ୍ରାୟ ୩୦ଟି ନାଟକରେ ମୁଁ ଅଭିନୟ କରିଛି । ତାଙ୍କର ସମୟାନୁବର୍ତ୍ତିତା ପାଖରେ, ମୁଣ୍ଡ ନଇଁ ଦେବାକୁ ପଡ଼େ । ଅଭିନୟରେ ଯେପରି ଦକ୍ଷ, ନାଟ୍ୟ ରଚନାରେ ସେପରି ସିଦ୍ଧହସ୍ତ । ଚଳଚ୍ଚିତ୍ର ପ୍ରଯୋଜନା ସହିତ ନିର୍ଦ୍ଦେଶନା ଦେଇ ସେ ଯେଉଁ ଇତିହାସ ସୃଷ୍ଟି କରିଛନ୍ତି, ତାହା ଅନ୍ୟ କାହାପକ୍ଷରେ ସମ୍ଭବ ନୁହେଁ । ସେ ମୋତେ ସବୁବେଳେ ଆଶୀର୍ବାଦ କରୁଥାନ୍ତୁ, ଏତିକି ମୋର କାମନା ।

ଶ୍ରୀ କେ. ବଳରାମ ଦାସ
(ସଭାପତି, ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀ)

ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କୁ ମୁଁ ଆଜକୁ ୩୦ ବର୍ଷଧରି ଜାଣେ । ଦକ୍ଷିଣ ଓଡ଼ିଶାର ଏହି ମହାନ ନାଟ୍ୟରଥୀଙ୍କୁ ନ ଜାଣେ କିଏ ? ଜୀବନରେ ବହୁ ଅନୁଷ୍ଠାନ ଗଢ଼ିଛନ୍ତି, ଶତାଧିକ ନାଟକ ଲେଖିଛନ୍ତି, ୮ଟି ଚଳଚ୍ଚିତ୍ର ତିଆରି କରିଛନ୍ତି । ଦକ୍ଷିଣ ଓଡ଼ିଶା କାହିଁକି, ଓଡ଼ିଶାର କେତେଜଣ ଏ ଗୌରବର ଅଧିକାରୀ ?

ସେ ଯେଉଁ ନାଟ୍ୟଶ୍ରୀ ରଘୁନାଥ ଗ୍ରନ୍ଥାବଳୀ ପ୍ରକାଶ କରିଛନ୍ତି ତାହା ଅନନ୍ୟ । ସେଥିରେ ସନ୍ନିବେଶିତ ଗୀତିକବିତାଗୁଡ଼ିକ ମୋତେ ଖୁବ୍ ଭଲ ଲାଗିଲା । ଗଳ୍ପଗୁଡ଼ିକ ବେଶ୍ ହୃଦୟସ୍ପର୍ଶୀ । ଓଡ଼ିଆ ସାହିତ୍ୟର ସମସ୍ତ ବିଭାଗକୁ ସେ ସ୍ପର୍ଶ କରିଛନ୍ତି । ଗ୍ରନ୍ଥାବଳୀର ଦ୍ୱିତୀୟ ଭାଗରେ, ତାଙ୍କର ଅପ୍ରକାଶିତ ନାଟକଗୁଡ଼ିକ ପ୍ରକାଶ ପାଉଅଛି । ଆଜିକାଲି ଓଡ଼ିଆ ସାହିତ୍ୟର ଜଟିଳ ପରିସ୍ଥିତିରେ, ଗ୍ରନ୍ଥାବଳୀ ୨ଟି ପ୍ରକାଶ କରିବା ବହୁ କଷ୍ଟସାଧ୍ୟ । ସମସ୍ତେ ତ ବଡ଼, ବଡ଼ କଥା କହୁଛନ୍ତି, କରୁଛି କିଏ ? ନାଟ୍ୟଶ୍ରୀ ମିଶ୍ର, ବୃଦ୍ଧ ବୟସରେ, ଏ ଯେଉଁ ଦୁଃସାହସିକ ପଦକ୍ଷେପ ନେଇଛନ୍ତି, ପ୍ରଭୁ ତାଙ୍କୁ ଆଶୀର୍ବାଦ କରନ୍ତୁ । ଗ୍ରନ୍ଥାବଳୀ ରୂପକ ଏହି ଅକ୍ଷୟ କୀର୍ତ୍ତି, ଯୁଗ, ଯୁଗକୁ ଅକ୍ଷୟ ହୋଇରହୁ ।

Digitized by srujanika@gmail.com

ଡକ୍ଟର ନନ୍ଦିନୀ କୁମାର ପାଣିଗ୍ରାହୀ
(ଏମ୍.ଏ, ପି.ଏଚ୍.ଡ଼ି)

ନାଟ୍ୟଶ୍ରୀ ରଘୁନାଥ ମିଶ୍ର ଏକାଧାରରେ ଜଣେ ନାଟ୍ୟକାର, କବି, ପ୍ରାବଂଧିକ, ଗାଳ୍ପିକ ମଧ୍ୟ । ଲେଖକଟିଏ ହେବାର ସର୍ବିତ ଲେଖା ତାଂକଠାରୁ ସ୍ୱତଃସ୍ଫୂର୍ତ୍ତ ଭାବେ ଉତୁରିଯାଏ - ଏକଥା ନାଟ୍ୟଶ୍ରୀଙ୍କ ଜଣେ ଅନ୍ତରଂଗ ପାଠକ ସହଜରେ ସ୍ୱୀକାର କରିବ । ନାଟ୍ୟଶ୍ରୀଙ୍କ କବିତା, ଗଳ୍ପାଦିକୁ ନେଇ 'ନାଟ୍ୟଶ୍ରୀ ରଘୁନାଥ ଗ୍ରନ୍ଥାବଳୀ' ୧ମ ଭାଗ ପ୍ରକାଶ ପାଇଥିବାବେଳେ, ୨ୟ ଭାଗ ପ୍ରକାଶ ଅପେକ୍ଷାରେ । ବାସ୍ତବରେ ଏହା ବେଶ୍ ଆନନ୍ଦର ବିଷୟ । ସେ ଜଣେ ବ୍ୟକ୍ତି ନୁହନ୍ତି, ପରନ୍ତୁ ଏକ ଅନୁଷ୍ଠାନ । ୨ୟ ଭାଗଟି ନାଟକକୁ ନେଇ ରଚିମତ । ଜୀବନ ବ୍ୟାପୀ ସାଧନାରତ ଶ୍ରୀଯୁକ୍ତ ମିଶ୍ର ଆଜି ଏକ ପରିଣତ ବୟସରେ ପହଂଚିଥିଲେ ସୁଦ୍ଧା ଲେଖନୀ ତାଂକଠାରୁ ଦୂରେଇ ନାହିଁ; ବରଂ ସାଜିଛି ଏକ ଅନ୍ତରଂଗ ବନ୍ଧୁ । ଆଜି ମଧ୍ୟ ତାଂକ ନାଟକ ଜନାଦୃତି ଲାଭୁ ବଂଚିତ ନୁହେଁ । ସୁତରାଂ ଜଣେ ସାହିତ୍ୟିକ ପାଇଁ ଏହାଠାରୁ ବଳି ଭଗବଦ୍ କୃପା ଆଉ କିଛି ନୁହେଁ । ୨ୟ ଭାଗ ପ୍ରକାଶ ଅବସରରେ ସେହି ବରେଣ୍ୟ ପ୍ରତିଭାଙ୍କ ପାଦତଳେ ମୋର ଭକ୍ତିପୂତ ପ୍ରଣାମ ।

ପ୍ରଫେସର ରବିନାରାୟଣ ମିଶ୍ର
ସଭାପତି, ଗଞ୍ଜାମ ଲେଖକ ସାମ୍ମୁଖ୍ୟ

ଦକ୍ଷିଣ ଓଡ଼ିଶା କଳା, ସଂସ୍କୃତିର ପ୍ରାଚୀନ ପୀଠ । ବହୁ କବି, ସାହିତ୍ୟିକ, ଗବେଷକ ଏଇ ମାଟିରୁ ଜନ୍ମ ଲାଭ କରି ଓଡ଼ିଶା ତଥା ଭାରତରେ ମୁଖ ଉଜ୍ଜଳ କରିଛନ୍ତି । ନାଟ୍ୟଶ୍ରୀ ରଘୁନାଥ ମିଶ୍ର, ନାଟ୍ୟଜଗତର ଏକ ଉଜ୍ଜଳ ତାରକା । ତାଙ୍କୁ ଓଡ଼ିଶାର ଜଣେ ବିଶିଷ୍ଟ ନାଟ୍ୟକାର କହିଲେ ଅତ୍ୟୁକ୍ତି ହେବନାହିଁ ।

ଖାଲି ସେ ଜଣେ ନାଟ୍ୟକାର ନୁହନ୍ତି, ଜଣେ ଶ୍ରେଷ୍ଠ କବି ଓ ଗାଳ୍ପିକ ମଧ୍ୟ । ନାଟ୍ୟଶ୍ରୀ ଗ୍ରନ୍ଥାବଳୀ ୧ମ ଭାଗ ପାଠ କଲାପରେ, ତାଙ୍କର କବିତାଗୁଡ଼ିକ ପଢ଼ି ଆଶ୍ଚର୍ଯ୍ୟ ହେଲି । ତାଙ୍କୁ କୌଣସି କବିତା ଆସରରେ କେହି ଦେଖିନାହିଁ । ତାଙ୍କ ଗଳ୍ପଗୁଡ଼ିକ ଅତି ଉଚ୍ଚକୋଟିର । ପରିଣତ ବୟସରେ ଉପନୀତ ହୋଇ ମଧ୍ୟ, ସେ ସାହିତ୍ୟ ସାଧନାରୁ ବିଶ୍ରାମ ନେଇନାହାନ୍ତି । ତାଙ୍କର ଚଳଚ୍ଚିତ୍ର ଗୀତଗୁଡ଼ିକ ଅତ୍ୟନ୍ତ ଲୋକପ୍ରିୟ ।

ନାଟ୍ୟଶ୍ରୀ ଗ୍ରନ୍ଥାବଳୀ ୨ୟ ଭାଗର ସମସ୍ତ ସଫଳତା କାମନା କରୁଛି ।

Digitized by srujanika@gmail.com

ବିଜୟ ଚନ୍ଦ୍ର ମହାରଣା, କବି, ସାହିତ୍ୟିକ, ସଂଗଠକ, ଆଦର୍ଶ ଶିକ୍ଷକ ତଥା ହାସ୍ୟ ଅଭିନେତା

ଓଡ଼ିଶାର ନାଟ୍ୟ ଜଗତର ଧ୍ରୁବତାରା ଅଟନ୍ତି ନାଟ୍ୟଶ୍ରୀ ରଘୁନାଥ ମିଶ୍ର । ବୟସ ତାଙ୍କ ପାଖରେ ହାର ମାନିଯାଇଛି । ଜୀବନକାଳ ମଧ୍ୟରେ ବହୁ ନାଟ୍ୟ ଅନୁଷ୍ଠାନ, ଚଳଚ୍ଚିତ୍ର ନିର୍ମାଣ କରିଯାଇଛନ୍ତି । ନାଟକ ଲେଖିବା, ତାହାକୁ ମଞ୍ଚସ୍ଥ କରିବା ସତେ ଯେମିତି ତାଙ୍କର ନିଶା । ବ୍ରହ୍ମପୁରର ସମସ୍ତ କଳାକାରଙ୍କର ଅତି ଆପଣାର ମଉସା । ତାଙ୍କ ସହିତ ସାକ୍ଷାତ ହୁଏ ଏକ ବର୍ଣ୍ଣାଢ୍ୟ ଉତ୍ସବରେ । ତାପରେ ମୋପରି ଜଣେ କଳାକାରକୁ ସେ ଚିହ୍ନିଲେ । ଯେତେବେଳେ ଭେଟିବାକୁ ଯାଇଛି, ସବୁବେଳେ ମୋତେ ପ୍ରେରଣା ଓ ଉତ୍ସାହ ଦେଇ ଆସିଛନ୍ତି । ଶତାଧିକ ନାଟକ ରଚନା କରିଛନ୍ତି ଯାହା କି ଏକ ଅସାଧାରଣ କାମ । ତାଙ୍କର ପ୍ରଥମ ଗ୍ରନ୍ଥାବଳୀ ପଢ଼ିବାର ସୁଯୋଗ ପାଇଲି । ସତରେ ଏହା ନାଟ୍ୟପ୍ରେମୀମାନଙ୍କୁ ନିଶ୍ଚିତ ଭାବେ ଉତ୍ସାହିତ କରିବ । ତାଙ୍କର ଦୀର୍ଘଜୀବନ କାମନା କରୁଛି ।

ଶ୍ରୀମତୀ ଯଶୋଧାରା ଶତପଥୀ
(ସଦସ୍ୟା, ଓଡ଼ିଶା ସାହିତ୍ୟ ଏକାଡ଼େମୀ)

ଅନେକ ଗୁଣ ଓ ପ୍ରତିଭାର ଅଧିକାରୀ ନାଟ୍ୟଶ୍ରୀ ରଘୁନାଥ ମିଶ୍ର ଏଭଳି ଏକ ବ୍ୟକ୍ତିତ୍ୱ ଯେ, ତାଙ୍କୁ ଜଣେ ବ୍ୟକ୍ତି ବୋଲି ନ କହି ଅନୁଷ୍ଠାନଟିଏ କହିଲେ ଭୁଲ ହେବ ନାହିଁ । ଏକାଧାରରେ ସେ ଜଣେ ସଫଳ ନାଟ୍ୟକାର, ସଫଳ ଗୀତିକାର, ସୁସଂଗଠକ, ସୁଲେଖକ । ସ୍ୱଲିଖିତ ଅନେକ ନାଟକ ସେ ମଞ୍ଚସ୍ଥ କରିଛନ୍ତି । ଜଣେ ଦକ୍ଷ କଳାକାର ଏବଂ ମଞ୍ଚ ନିର୍ଦ୍ଦେଶକ ଭାବରେ ନିଜକୁ ପ୍ରତିପାଦିତ କରିବା ସହ ଚଳଚ୍ଚିତ୍ର ନିର୍ମାଣ ଓ ନିର୍ଦ୍ଦେଶନା କ୍ଷେତ୍ରରେ ମଧ୍ୟ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ତାଙ୍କ ରଚିତ ସହସ୍ରାଧିକ ଗୀତି କବିତା ହୃଦୟକୁ ସ୍ପର୍ଶ କରିପାରିଛି । ନାଟକ କ୍ଷେତ୍ରରେ ସେ ଏକ ଅଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛନ୍ତି । ସାମାଜିକ, ପୌରାଣିକ ଓ ଐତିହାସିକ ନାଟକ ଲେଖିବାରେ ସିଦ୍ଧହସ୍ତ । ତାଙ୍କୁ ନାଟ୍ୟଜଗତର ଭୀଷ୍ମ ପିତାମହ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ତାଙ୍କର ଏକ ବିଶେଷ ଗୁଣ ହେଲା ଅନ୍ୟ ମଣିଷ ପାଖରେ ଥିବା ସାମାନ୍ୟତମ ପ୍ରତିଭାକୁ ମଧ୍ୟ ସେ ଗୁରୁତ୍ୱ ଦେଇ ସମ୍ମାନ ଦେଖାଇଥାନ୍ତି । ଏହି ପରିଣତ ବୟସରେ ନିଜେ ଅକ୍ଲାନ୍ତ ପରିଶ୍ରମ କରି, କଳାକାରକୁ ପ୍ରୋତ୍ସାହନ ଦେଇ, ଉତ୍ସାହିତ କରିବା ସହ କଳାକୁ ଜୀବିତ କରି ରଖିବାର ଯେଉଁ ଅଦମ୍ୟ ପ୍ରୟାସ ଜାରି ରଖିଛନ୍ତି, ସେଥିପାଇଁ ଆଜି ସେ ସମସ୍ତଙ୍କର ନମସ୍ୟ ।

Digitized by srujanika@gmail.com

ଡା. ଅର୍ଜୁନ ସାହୁ, ଏମ୍.ଏସ୍.
ସଭାପତି, ଉତ୍କଳ ସମ୍ମିଳନୀ (ଗଞ୍ଜାମ)

ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କୁ ମୁଁ ୪୦ ବର୍ଷ ଧରି ଜାଣେ । ଡ଼ାକ୍ତରୀ ଛାତ୍ରାବସ୍ଥାରୁ ତାଙ୍କ ସହିତ ମୋର ସଂପର୍କ । ତାଙ୍କର ବହୁ ନାଟକ ଦେଖିଛି, ଚଳଚ୍ଚିତ୍ର ମଧ୍ୟ ଦେଖିଛି । ନିଜ ଉଦ୍ୟମରେ ଜଣେ ଆଠଟି ଚଳଚ୍ଚିତ୍ର କରିବା ଅତ୍ୟନ୍ତ କଷ୍ଟସାଧ୍ୟ । ବହୁ ଅଭାବ, ଅସୁବିଧା ସତ୍ତ୍ୱେ, ସେ ଯେ ଅସାଧ୍ୟ ସାଧନ କରିପାରିଛନ୍ତି, ଯୁବପୀଢ଼ୀ ତାଙ୍କଠାରୁ ଶିକ୍ଷା କରିବା ଉଚିତ ।

ଶତାଧିକ ନାଟକର ସ୍ରଷ୍ଟା, ସହସ୍ରାଧିକ ଗୀତି କବିତାର ରଚୟିତା ନାଟ୍ୟଶ୍ରୀ ମିଶ୍ର, ବର୍ତ୍ତମାନ ତାଙ୍କର ନିଜ ରଚନାକୁ ନେଇ ଗ୍ରନ୍ଥାବଳୀ ପ୍ରକାଶ କରୁଛନ୍ତି । ଏହା କମ୍ ବ୍ୟୟସାଧ୍ୟ ନୁହେଁ । ଗ୍ରନ୍ଥାବଳୀର ସମସ୍ତ ସଫଳତା କାମନା କରୁଛି । ତାଙ୍କର ଦୀର୍ଘଜୀବନ କାମନା କରିବା ସହ ନିରୋଗ କାମନା କରୁଛି ।

ଡଂ ତୀର୍ଥବାସୀ ପଣ୍ଡା
(ଉପସଭାପତି, ଭକ୍ତିସଂଗୀତ ସଂସଦ,
ପାରଳାଖେମୁଣ୍ଡି, ଗଜପତି)

ଜଣେ ମହାନ ସାଧକଙ୍କର ସାନିଧ୍ୟ ବହୁ ବର୍ଷ ପରେ ଲାଭ କରିଛି । ସେ ଶତାଧିକ ନାଟକ ଲେଖିଛନ୍ତି । ୮ଟି ଚଳଚ୍ଚିତ୍ର କରିଛନ୍ତି । ୬୦ରୁ ଉର୍ଦ୍ଧ୍ୱ କ୍ଷୁଦ୍ରଗଳ୍ପ ଲେଖିଛନ୍ତି, ଗୀତିକବିତାର ଏକ ସ୍ରୋତ ତାଙ୍କ କଲମରୁ ଝରି ଆସିଛି । ଜଣେ ପ୍ରାବନ୍ଧିକ ହିସାବରେ ତାଙ୍କର ଖ୍ୟାତି କିଛି କମ୍ ନୁହେଁ। ତାଙ୍କର ଗ୍ରନ୍ଥାବଳୀ ପ୍ରଥମଭାଗ, ଓଡ଼ିଆ ସାହିତ୍ୟ ଭଣ୍ଡାର ପାଇଁ ଏକ ଅମୂଲ୍ୟ ସଂପଦ । କିଏ ସତଭାବୁ ବା ମିଛ ଭାବୁ, ମାତ୍ର ୧୪ ଘଣ୍ଟା ସମୟ ମଧ୍ୟରେ ସେ ଯେ ଏକ ପୂର୍ଣ୍ଣାଙ୍ଗ ନାଟକ ଲେଖିପାରନ୍ତି, ଏହା ନିଜେ ମୁଁ ଦେଖିଛି । କ୍ୱଚିତ ଲେଖକଙ୍କର ପକ୍ଷରେ ଏହା ସମ୍ଭବ ହୋଇପାରେ । ଏଭଳି ଜଣେ ସାହିତ୍ୟ, କଳା, ସଂସ୍କୃତିର ମହାନ ସାଧକଙ୍କୁ ମୋର ବିନମ୍ର ପ୍ରଣାମ । ଗ୍ରନ୍ଥାବଳୀର ୨ୟ ଭାଗର ସମସ୍ତ ସଫଳତା କାମନା କରୁଛି ।

Digitized by srujanika@gmail.com

ଶ୍ରୀ ଦେବୀପ୍ରସାଦ ସାହୁ
(କଳାକାର, ସାହିତ୍ୟିକ, ଅଧକ୍ଷ, ଗଣ୍ଡଳା ମହାବିଦ୍ୟାଳୟ)

କେତେବେଳେ ଐକାନ୍ତିକ ଭାବେ ରଚନା କରି ଚାଲୁଥିଲେ ନିଜ ସୃଷ୍ଟ ନାଟକକୁ । କେତେବେଳେ ଅତିନ୍ଦ୍ରିୟ ପରି ନିଜେ ବସି ସାମ୍ବାଦିକତାର ପଟ୍ଟଭୂମି ସୃଷ୍ଟି କରନ୍ତି । କେତେବେଳେ ସେବାର ପ୍ରତୀକ ସ୍ୱରୂପ ଆରୋଗ୍ୟ ବୃଷ୍ଟି, ରୋଗୀମାନଙ୍କର ଚିକିତ୍ସା କରୁଥିଲେ । ସେହି ରଘୁନାଥ ମିଶ୍ର ଏକାଧାରକେ ଜଣେ ନାଟ୍ୟକାର, କଳାକାର, ଗୀତିକାର, ରାଜନୀତିଜ୍ଞ, ସାହିତ୍ୟିକ, ସାମ୍ବାଦିକ, ଚିକିତ୍ସକ, ପ୍ରଯୋଜକ, ନିର୍ଦ୍ଦେଶକ ଆଉ କିଛି ।

ତାଙ୍କର ନାଟକଗୁଡ଼ିକ ରସସିକ୍ତ, ଭାବବ୍ୟଞ୍ଜକ ଓ ସାମାଜିକ ଦୃଷ୍ଟିକୋଣରୁ ସଂସ୍କାରଧର୍ମୀ । ନାଟ୍ୟକାର ଚାହୁଁଛନ୍ତି ସମାଜର ବିପୁଳ ପରିବର୍ତ୍ତନ । ମୁଁ ଥିଲି ଜଣେ ହାସ୍ୟ ଅଭିନେତା । ନାଟକରେ ଅଂଶ ଗ୍ରହଣ କରି ନାଟକୀୟ କୌଶଳ ଶିକ୍ଷା କରିବାରେ ମୋତେ ପ୍ରୋତ୍ସାହିତ କରୁଥାନ୍ତି ନାଟ୍ୟଶ୍ରୀ ରଘୁନାଥ ମିଶ୍ର । ତାଙ୍କର ନାଟକ 'ଶ୍ୱେତପଦ୍ମ'ରେ ଅଭିନୟ କରିଛି ।

ରଘୁବାବୁ ମୋର ଥିଲେ ପ୍ରେରଣା ଦାତା । ଅନେକ କଥା ତାଙ୍କଠାରୁ ଶିଖିଛି । 'ଭୁଲକାହାର' ଚଳଚ୍ଚିତ୍ରରେ ସେ ମୋତେ ଅଭିନୟ କରିବାର ସୁଯୋଗ ଦେଇଛନ୍ତି, ଯାହା ମୁଁ ଭୁଲିପାରିନାହିଁ । ତାଙ୍କ ନିକଟରେ ମୁଁ କୃତଜ୍ଞ ।

❋ ❋ ❋

Digitized by srujanika@gmail.com

ସଂକ୍ଷେପରେ ନାଟ୍ୟଶ୍ରୀଙ୍କର ଜୀବନ ଆଲେଖ୍ୟ

"ଯଦି ତୋର ଡାକ ଶୁନେ, କେଉ ନ ଆସେ,
ତବେ ତୁ ଅକେଲା ଚଲରେ
ଓରେ ଅଭାଗା, ତୁ ଅକେଲା ଚଲରେ ।"

କବି ଗୁରୁ ରବୀନ୍ଦ୍ରନାଥଙ୍କର ଏହି ପଦ୍ୟଟି ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କର ପାଇଁ ବାସ୍ତବରେ ପ୍ରଯୁଜ୍ୟ । କେହି ନ ପଚାରିଲେ ତାଙ୍କର ଦୁଃଖ ନାହିଁ । ତାଙ୍କର କଥା କେହି ନ ଶୁଣିଲେ ଖାତିରି ନାହିଁ । ସେ ଏକା, ଏକା ଜୀବନ ସଂଗ୍ରାମରେ ଆଗେଇ ଚାଲିଛନ୍ତି ସଫଳ ବି ହୋଇଛନ୍ତି, ଏହା ହେଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ।

୧୯୨୬ ମସିହା ଡ଼ିସେମ୍ବର ୨୧ ତାରିଖରେ ପୁରୀ ଜିଲ୍ଲା ବୀରନରସିଂହପୁର ଶାସନରେ ତାଙ୍କ ଜନ୍ମ । ପିତା ୰ଗୋପାଳଚନ୍ଦ୍ର ମିଶ୍ର, ମାତା ୰ରାଧାମଣି ଦେବୀଙ୍କର ଏକମାତ୍ର ପୁତ୍ର ସନ୍ତାନ ଭାବେ ପିଲାଦିନ ତାଙ୍କର ଖୁବ୍ ଆନନ୍ଦରେ କଟିଥିଲା । ତାଙ୍କର ପିତା ଥିଲେ ଜଣେ ଫାର୍ମାସିଷ୍ଟ ଓ ପୁରୀ ଜିଲ୍ଲା ବୋର୍ଡ଼ ଅଧୀନରେ କାମ କରୁଥିଲେ । ପ୍ରାଥମିକ ଶିକ୍ଷା ତାଙ୍କର ଭୁବନେଶ୍ୱରରେ କଟିଥିଲା । ମଧ୍ୟଇଂରାଜୀ ଶିକ୍ଷା ସେ ପୁରୀ ଜିଲ୍ଲା କଣାସ ଓ ଡ଼େଲାଙ୍ଗରେ ଶେଷ କରିଥିଲେ । କଣାସରେ ଥିବାବେଳେ କଣାସ ଡ଼ାକ୍ତରଖାନାରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ଡ଼ାକ୍ତର ରାଧାଚରଣ ପଣ୍ଡା ସେତେବେଳେ କାର୍ଯ୍ୟରତ ଥିଲେ । ସେ ବାଳକ ରଘୁନାଥଙ୍କୁ ବହୁତ ଭଲ ପାଉଥିଲେ । ସେ କଟକ ଯିବା ସମୟରେ ବାଳକ ରଘୁନାଥଙ୍କୁ ସାଙ୍ଗରେ ନେଇ ଯାଉଥିଲେ । ରଘୁନାଥ ସେତେବେଳର ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ପ୍ରଭୃତିଙ୍କ ଗହଣରେ ରହି, ସେମାନଙ୍କର ଆଶୀର୍ବାଦ ଲାଭ କରିଥିଲେ । ତେଣୁ ଭୁବନେଶ୍ୱରଠାରେ ହାଇସ୍କୁଲ ଅଧ୍ୟୟନ କାଳରେ ଅରଟରେ ସୂତାକାଟି ଖଦଡ଼ ପିନ୍ଧୁଥିଲେ ଓ ୧୯୪୨ ଭାରତଛାଡ଼ ଆନ୍ଦୋଳନରେ ଯୋଗ ଦେଇ ସ୍କୁଲରୁ ବହିଷ୍କୃତ ହୋଇଥିଲେ । ତାଙ୍କର ବାପା ଆନ୍ଦୋଳନରେ ଆଉ ଯୋଗ ଦେବନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ଫଳରେ, ପୁନର୍ବାର ସେ ସ୍କୁଲରେ ଯୋଗଦେଇ, ମାଟ୍ରିକ ପାସ୍ କରିଥିଲେ । ଏଥିମଧ୍ୟରେ ତାଙ୍କର ବାପାଙ୍କର ଅକାଳ ବିୟୋଗ ହବା ଫଳରେ କିଶୋର ରଘୁନାଥ ଅତିମାତ୍ରାରେ ଭାଙ୍ଗି

Digitized by srujanika@gmail.com

ପଢ଼ିଥିଲେ । ଜୀବନ ସଂଗ୍ରାମରେ କେତେଦୂର ସେ ସଫଳ ହେବେ ତାହା ତାଙ୍କ ମନକୁ ବ୍ୟସ୍ତ କରି ପକାଉଥିଲା । ପିଲାଦିନୁଁ ଅଭିନୟ କଳାପ୍ରତି ରହିଥିଲା ଯଥେଷ୍ଟ ଆଗ୍ରହ । ସ୍କୁଲ ନାଟକରେ ସେ ଅଭିନୟ କରି ବିଶେଷ ପ୍ରଶଂସିତ ହୋଇଥିଲେ । ସଂଗୀତ ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଥିଲା । ତେଣୁ ହାଇସ୍କୁଲରେ ପଢ଼ିବା ସମୟରେ ସଂଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ନିକଟରୁ ସେ ସଂଗୀତ ଶିକ୍ଷା କରୁଥିଲେ । ଅନ୍ୟତମ ସଂଗୀତ ଶିକ୍ଷକ ଶ୍ରୀ ବଂଶୀଧର ତ୍ରିପାଠୀ ତାଙ୍କର ସଂଗୀତଗୁରୁ ଥିଲେ । ରବୀନ୍ଦ୍ର ଜୟନ୍ତୀରେ ରବିନ୍ଦ୍ର ସଂଗୀତ ଗାନ କରି, ସେ ଭୁବନେଶ୍ୱର ବଙ୍ଗଭାଷୀମାନଙ୍କର ଯଥେଷ୍ଟ ଶ୍ରଦ୍ଧାଭାଜନ ହୋଇଥିଲେ । ଯାହା ବଙ୍ଗାଳୀ ଭାଷା ଲିଖନ, ପଠନରେ ତାଙ୍କୁ ସାହାଯ୍ୟ କରିଥିଲା । ତାଙ୍କର ବାପା ମଧ୍ୟ ଜଣେ ସଫଳ ମଞ୍ଚ ଅଭିନେତା ଥିଲେ ।

ବାପାଙ୍କର ଅକାଳ ବିୟୋଗ ପରେ, ସେ ଭୁବନେଶ୍ୱର ଛାଡ଼ି ନିଜ ଗ୍ରାମକୁ ଚାଲି ଆସିଲେ । ଯେଉଁଠାରେ ସେ କିଶୋର ଅବସ୍ଥାରେ ମଧ୍ୟ, ନାଟକ ପ୍ରଦର୍ଶନ କରିବାର ଗୁରୁଦାୟିତ୍ୱ ନେଉଥିଲେ ।

୧୯୪୫ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ, ଯୁଦ୍ଧ ପରବର୍ତ୍ତୀ କାର୍ଯ୍ୟକ୍ରମରେ ମେଡ଼ିକାଲ ସ୍କୁଲ୍‌ରେ ଫର୍ମାସୀ, ଲାବେରଟରୀ ଟେକିନିକ ଓ ରେଡ଼ିଓଲୋଜି ବିଭାଗରେ ୨ ବର୍ଷିଆ କୋର୍ସଟିଏ ଆରମ୍ଭ ହେଲା । ଯେଉଁଥିରେ ସେ ସିଲେକ୍ଟ ହୋଇ, ମେଡ଼ିକାଲ ସ୍କୁଲରେ ନାମ ଲେଖାଇଲେ ଓ କୃତିତ୍ୱର ସହିତ ପାସ୍‌କରି, ସରକାରୀ ସ୍ୱାସ୍ଥ୍ୟ ବିଭାଗରେ ଯୋଗଦେଲେ ଓ ତାଙ୍କର ପ୍ରଥମ କର୍ମକ୍ଷେତ୍ର ହେଲା ବ୍ରହ୍ମପୁର ସହର । ଯାହାକୁ ସେ ତାଙ୍କର ଜୀବନର କର୍ମକ୍ଷେତ୍ର ରୂପେ ବାଛିନେଲେ । ସ୍ୱାଭିମାନୀ ଶ୍ରୀମିଶ୍ର, ସରକାରୀ ଚାକିରୀରେ ୫ବର୍ଷ ରହିବା ପରେ ଚାକିରୀରୁ ଇସ୍ତଫା ଦେଇ ନିଜର ସ୍ୱାଧୀନ ବ୍ୟବସାୟ ଆରମ୍ଭ କଲେ ଓ ସେଥିରେ ଯଥେଷ୍ଟ କୃତକାର୍ଯ୍ୟ ହୋଇଥିଲେ ।

ଗରୀବମାନଙ୍କର ଶୋଚନୀୟ ଅବସ୍ଥା ଦେଖି, ସେ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଇ ବହୁ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କଲେ । ଜନସେବାକୁ ମୂଳମନ୍ତ୍ର କରି, ସେ ବ୍ରହ୍ମପୁର ନଗରପାଳିକାରେ ୨୦ବର୍ଷ କାଉନସିଲର ଥିଲେ ଓ ସେଥି ପାଇଁବହୁ ଜନହିତକର କାର୍ଯ୍ୟ କରିଯାଇଛନ୍ତି । ୧୯୬୭ ମସିହାରେ ସେ ବ୍ରହ୍ମପୁର ବିଧାନସଭା ପାଇଁ କମ୍ୟୁନିଷ୍ଟ ପାର୍ଟି ଟିକଟରେ ନିର୍ବାଚନ ଲଢ଼ିଥିଲେ ଓ ପରାଜୟ ବରଣ କରିଥିଲେ ।

Digitized by srujanika@gmail.com

ସାପ୍ତାହିକ ପତ୍ରିକା 'ଆଜିର ଶ୍ରମିକ'ର ସଂପାଦନା ଓ ପ୍ରକାଶନର ଦାୟିତ୍ୱ ସେ ୨୨ ବର୍ଷ ଧରି ତୁଲାଇ ଆସିଥିଲେ । ସରକାରୀ ବିରୋଧୀ ପତ୍ରିକା ଯୋଗୁଁ ଏହା ୧୯୭୬ ମସିହାରେ ଜରୁରୀକାଳୀନ ପରିସ୍ଥିତିରେ ସରକାର ବନ୍ଦ କରିଦେଲେ ଓ ଶ୍ରୀ ମିଶ୍ର 'ଚଳଚ୍ଚିତ୍ର' ବ୍ୟବସାୟ ପାଇଁ ମାନ୍ଦ୍ରାଜ ଚାଲିଗଲେ ।

ଏ ସବୁ ସତ୍ତ୍ୱେ ଶ୍ରୀ ମିଶ୍ର ନାଟକ ମଞ୍ଚସ୍ଥ କରିବାରୁ କେବେ ବିରତ ନଥିଲେ । ୧୯୪୮ ମସିହାରେ ବ୍ରହ୍ମପୁର ସହରରେ ଆନ୍ଧ୍ର ସଂସ୍କୃତିର ପ୍ରାବଲ୍ୟ ଓ ଓଡ଼ିଆ ସଂସ୍କୃତିର ଦୁର୍ଦ୍ଦଶା ଦେଖି, ସେ ଓଡ଼ିଆ ସଂସ୍କୃତିର ବିକାଶ ପାଇଁ 'ନିଖିଳ ଉତ୍କଳ ସଂଗୀତ ସମ୍ମିଳନୀ' ଠାରୁ ଆରମ୍ଭ କରି ବହୁ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ସଂଗୀତ ଆସରମାନ ଅନୁଷ୍ଠିତ କରାଉଥିଲେ । ୩ଟି ବ୍ୟବସାୟୀ ରଙ୍ଗମଞ୍ଚ ଗଢ଼ି ସେ ବ୍ରହ୍ମପୁର ସହରରେ ୩୬୫ ଦିନ ନାଟକ ପ୍ରଦର୍ଶନ କରୁଥିଲେ । ଏହି ବ୍ୟବସାୟୀ ରଙ୍ଗମଞ୍ଚ ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲି ନାଟକ ପ୍ରଦର୍ଶନ କରୁଥିଲେ । ଶହ ଶହ କଳାକାର ଏହାଦ୍ୱାରା ପ୍ରତିପୋଷଣ ହେଉଥିଲେ । ଶ୍ରୀ ମିଶ୍ର, ବ୍ରହ୍ମପୁର ନଗରପାଳିକାର ଶତବାର୍ଷିକ ଉତ୍ସବରେ 'ମହୁରୀ ଗଡ଼ର ପତନ' ନାଟକ ଲେଖି, ୧୯୭୨ ମସିହାରେ 'ନାଟ୍ୟଶ୍ରୀ' ଉପାଧି ପାଇଥିଲେ । ଏହି 'ନାଟ୍ୟଶ୍ରୀ' ଉପାଧିରେ ସେ ଆଜି ସର୍ବତ୍ର ପରିଚିତ ।

୧୯୬୭ ନିର୍ବାଚନରେ ପରାଜୟ ପରେ ସେ ରାଜନୀତିରୁ ସଂପୂର୍ଣ୍ଣ ଓହରିଯିବାକୁ ମନସ୍ଥ କଲେ ଓ କଳା, ସାହିତ୍ୟ ପ୍ରତି ନିଜର ସମସ୍ତ ସମୟ ବିନିଯୋଗ କରିବାକୁ ସ୍ଥିର କରି, ସେ କଳା, ସଂସ୍କୃତି, ସାହିତ୍ୟ ପାଇଁ ନିଜକୁ ଉତ୍ସର୍ଗ କରିଦେଲେ ।

ଜଣେ ସଫଳ ଚିକିତ୍ସକ ଭାବରେ ତାଙ୍କ ଯଥେଷ୍ଟ ସୁନାମ ଥିଲା । ଗଞ୍ଜାମ ଗାଁ ଗହଳରେ ଗରୀବଙ୍କର ଚିକିତ୍ସକଭାବରେ ଯଥେଷ୍ଟ ସ୍ନେହ, ଶ୍ରଦ୍ଧାର ଅଧିକାରୀ ହୋଇଥିଲେ । ସେ ଗରୀବରୋଗୀଙ୍କୁ ମାଗଣାରେ ଚିକିତ୍ସା କରୁଥିଲେ । ଜଣେ ସାମ୍ବାଦିକ, ରାଜନୀତିଜ୍ଞ ଭାବରେ ସେ ସଫଳତା ଅର୍ଜନ କରିଥିଲେ ମଧ୍ୟ, ସାହିତ୍ୟ, ରଙ୍ଗମଞ୍ଚ ଜୀବନର ଅଧିକାଂଶ ସମୟ ତାଙ୍କୁ ବିଶେଷ ଆକୃଷ୍ଟ କରିଥିଲା । ଯାହା ଫଳରେ ସେ ଶତାଧିକ ନାଟକ, ୭୦ଟି କ୍ଷୁଦ୍ରଗଳ୍ପ, ଶତାଧିକ ପ୍ରବନ୍ଧ ଓ ସହସ୍ର କବିତା, ଗୀତିକବିତା ସୃଷ୍ଟି କରି ପାରିଥିଲେ ।

Digitized by srujanika@gmail.com

ସବୁଠାରୁ ଆଶ୍ଚର୍ଯ୍ୟ ଲାଗେ ସେ ଆଠଟି ଚଳଚ୍ଚିତ୍ର ନିର୍ମାଣ କରି ଏକ ଇତିହାସ ସୃଷ୍ଟି କରିଦେଇଗଲେ । ତାଙ୍କର ଜୀବନୀ ଲେଖିଲେ ଏକ ବିରାଟ ଗ୍ରନ୍ଥ ହେବ, ଯାହା ଏହି କ୍ଷୁଦ୍ର ପ୍ରବନ୍ଧରେ ସମ୍ଭବ ନୁହେଁ । ବହୁତ ସମ୍ମାନର ଅଧିକାରୀ ସେ । ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଓଡ଼ିଶା ଲେଖକ ସାମ୍ମୁଖ୍ୟ, 'ଶତାବ୍ଦୀର କଳାକାର' ପ୍ରଭୃତି ଓଡ଼ିଶାର ୩୦ଟି ଅନୁଷ୍ଠାନ ଦ୍ୱାରା ସେ ସମ୍ମାନିତ ।

ନିଜ ଜୀବଦ୍ଦଶାରେ ସେ ବହୁ ଅନୁଷ୍ଠାନ ଗଢ଼ିଛନ୍ତି । ବହୁ କଳାକାର, ନାଟ୍ୟକାର, ସଂଗୀତଜ୍ଞ, ସଂଗଠକ ସେ ସୃଷ୍ଟି କରିଛନ୍ତି । ସାରା ଓଡ଼ିଶାରେ ତାଙ୍କର ଶହ ଶହ ସଂଖ୍ୟାରେ ଶିଷ୍ୟ ଅଛନ୍ତି ।

ବହୁ ଗୌରବର ଅଧିକାରୀ ହୋଇ ମଧ୍ୟ, ଗର୍ବ, ଅହଂକାର ଏ ପର୍ଯ୍ୟନ୍ତ ତାଙ୍କୁ ସ୍ପର୍ଶ କରିପାରି ନାହିଁ । ଯୁବପୀଢ଼ୀ ଏ ମହାନ ସାଧକଙ୍କଠାରୁ ଯଦି କିଛି ଶିକ୍ଷାଲାଭ କରେ, ତା'ହେଲେ ସେମାନେ ଧନ୍ୟ ହୋଇଯିବେ । ନାଟ୍ୟଶ୍ରୀଙ୍କର ସମଗ୍ର ରଚନା ତାଙ୍କୁ ଅମର କରିବ, ଏଥିରେ ସନ୍ଦେହ ନାହିଁ । ଏହି ମହାନ ସାଧକ, କଳାକାର, ସାହିତ୍ୟ ସ୍ରଷ୍ଟା, ରଂଗମଞ୍ଚ ଚଳଚ୍ଚିତ୍ର ନିର୍ଦ୍ଦେଶକ ୮୧ ବର୍ଷରେ ଉପନୀତ ହୋଇ ମଧ୍ୟ ସାଧନାରୁ ବିରତ ନୁହନ୍ତି । ପ୍ରଭୁ ତାଙ୍କୁ ଦୀର୍ଘାୟୁ କରନ୍ତୁ, ଏତିକି ତାଙ୍କ ଚରଣ ତଳେ ପ୍ରାର୍ଥନା । ହେ ମହାନ ସାଧକ, ମୋର ପ୍ରଣାମ ଗ୍ରହଣ କରନ୍ତୁ ।

ଶ୍ରୀ ମିହିର କୁମାର ତ୍ରିପାଠୀ
ଗବେଷକ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

❋ ❋ ❋

Digitized by srujanika@gmail.com

ନାଟ୍ୟଶ୍ରୀଙ୍କର ନାଟକର କେତୋଟି ଦୃଶ୍ୟ

ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ଠାରୁ ମାନପତ୍ର ଗ୍ରହଣ କରୁଛନ୍ତି ନାଟ୍ୟମହାରଥି ଲିଙ୍ଗରାଜ ନାହାକ

'ଅନ୍ତର୍ଦାହ'
ବେବୀ, ପ୍ରଫୁଲ, ମନ୍ଦାକିନୀ

ନାଟକ 'ଦିନ ଯାଏ ଚିହ୍ନ ରହେ'ର ଏକ ଦୃଶ୍ୟ

'ଝିଅଟିର ନାଁ ଶ୍ରାବଣୀ'
ପ୍ରଫୁଲ, ସଂଗୀତା, ମିତା

Digitized by srujanika@gmail.com

ଦଡ଼ଭାଉ
ବା
ରକ୍ତର ଡ଼ାକ
ସୁବାସିନୀ, ପ୍ରଫୁଲ
ଓ ମନ୍ଦାକିନୀ

ନାଟକ 'ଉପାସନା'ର
ଏକ ଦୃଶ୍ୟ
ଗିରିଜା, କୃଷ୍ଣ, ପ୍ରଫୁଲ,
ସୁବାସିନୀ ଓ ମନ୍ଦାକିନୀ

'ମନର ମଣିଷ'
ଗିରିଜା, ପ୍ରଫୁଲ, ରବି,
ସଂଗୀତା

'ସରପଞ୍ଚବାବୁ'
ପ୍ରଫୁଲ, ନୀଳାଞ୍ଚଳ,
ମନ୍ଦାକିନୀ

Digitized by srujanika@gmail.com

ଅଭିନେତ୍ରୀ ଝିଅମାନଙ୍କ ସହିତ

ଦକ୍ଷିଣ ଓଡ଼ିଶା ସାଂସ୍କୃତିକ
ଜଗତର ଦୁଇ ମହାରଥୀ

ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର
ସମ୍ମିଳନୀର ପ୍ରତିଷ୍ଠାତା ଓ ସାଧାରଣ
ସଂପାଦକ

ସ୍ୱନକ୍ଷତ୍ର ଉତ୍ସବରେ
ପୂର୍ବତନ ବିଶପଙ୍କ ସହିତ
ଅନ୍ୟମାନେ

Digitized by srujanika@gmail.com

ନାଟ୍ୟଶ୍ରୀଙ୍କର ସାହିତ୍ୟ, କଳା, ସଂସ୍କୃତିର ପୃଷ୍ଠପୋଷକଗଣ ।

ମାନ୍ୟବର ବିଶପ ଡ଼ଃ ଶରତ ଚନ୍ଦ୍ର ନାୟକ, ବ୍ରହ୍ମପୁର

ଶ୍ରୀ ବସନ୍ତ କୁମାର ପାଣିଗ୍ରାହୀ

ମାନ୍ୟବର ବିଧାୟକ
ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ

ଶ୍ରୀ ଲିଙ୍ଗରାଜ ଜେନା

ଶ୍ରୀମତୀ ନମିତା ଦାସ
ନାଟ୍ୟଶ୍ରୀଙ୍କର ବୋହୂ
ଜିଲ୍ଲା ଶ୍ରମମଙ୍ଗଳ ଅଧିକାରୀ

ଇଂ. ତୀର୍ଥବାସୀ ପଣ୍ଡା

ଶ୍ରୀ କୈଳାସ ଚନ୍ଦ୍ର ପାଣିଗ୍ରାହୀ

Digitized by srujanika@gmail.com

ରମେଶ ମହାରଣା

ଡ଼ା. ଅର୍ଜ୍ଜୁନ ସାହୁ

ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ

ଶ୍ରୀ ଲିଙ୍ଗରାଜ ନାହାକ

ଶ୍ରୀ ସୁବାସ ମହାରଣା

ଶ୍ରୀ ବିଜୟ ଚନ୍ଦ୍ର ମହାରଣା

ଶ୍ରୀ ପ୍ରଫୁଲ୍ଲ କୁମାର ମହାପାତ୍ର

ଶ୍ରୀ ବିଜୟ ଚନ୍ଦ୍ର ପାଢ଼ୀ

ଶ୍ରୀ ପ୍ରଦୀପ୍ତ କୁମାର ପଣ୍ଡା (ଜୁଲୁ)

Digitized by srujanika@gmail.com

ନିଜକଥା

ଜୀବନର ଏକାଅଶୀଟି ବର୍ଷ ବିତିଯିବାକୁ ବସିଲାଣି । କାଲି ପରି ଲାଗୁଛି । ବାଲ୍ୟକାଳଠାରୁ, କିଶୋର, ଯୌବନ, ପୌଢ଼ ଓ ବୃଦ୍ଧାବସ୍ଥାର ଘଟଣାବଳୀ ଗୋଟି ଗୋଟି ହୋଇ ଆଖି ଆଗରେ ନାଚି ଯାଉଛନ୍ତି, ସବୁ ରଙ୍ଗମଞ୍ଚରେ ଅଭିନୟ ସରିଲାଣି । ସରକାରୀ ଚାକିରୀ, ତାକୁ ପ୍ରତ୍ୟାଖ୍ୟାନ, ଛାତ୍ରଜୀବନରେ ଭାରତଛାଡ଼ ଆନ୍ଦୋଳନରେ ଯୋଗଦାନ, ପୋଲିସର ମାଡ଼, ସ୍କୁଲରୁ ବହିଷ୍କାର, ରବିନ୍ଦ୍ର ଅନୁଷ୍ଠାନରେ ରବୀନ୍ଦ୍ର ସଂଗୀତ ଗାନ, ମଞ୍ଚରେ ଅଭିନୟ, ରାଜନୀତିର କଳୁଷ ବାତାବରଣର ତିକ୍ତତା, ରୋଗୀ ସେବା, ବିଭିନ୍ନ ଆନ୍ଦୋଳନରେ ଯୋଗଦାନ, ୨୫ ବର୍ଷ ଧରି 'ଆଜିର ଶ୍ରମିକ' ସାପ୍ତାହିକ ପତ୍ରିକର ଉପାଦନା ଓ ପରିଚାଳନା ସବୁର ତିକ୍ତ ଅନୁଭୂତିକୁ ଲେଖି ବସିଲେ ଗୋଟିଏ ଗୋଟିଏ ପୋଥି ହେବ । କୌଣସିଟି ମୋତେ ବାନ୍ଧି ରଖିପାରିଲେ ନାହିଁ ।

କେବଳ ରଙ୍ଗମଞ୍ଚର ଆକର୍ଷଣ, ସାହିତ୍ୟ ପ୍ରତି ଅନୁରାଗ ମୋତେ ସବୁଠାରୁ ନିଜର କରି, ଆପଣେଇ ନେଇଛି ଦୀର୍ଘବର୍ଷଧରି । ଯାହାକୁ ମୁଁ ୧୦ ବର୍ଷ ଠାରୁ ଏ ପର୍ଯ୍ୟନ୍ତ ଆଦରି ନେଇଛି । ମୁହଁରେ ରଙ୍ଗମାଖିବାର ନିଶା, ଅଭିନୟରେ ଏ ପର୍ଯ୍ୟନ୍ତ ଦୁଇଶତରୁ ଅଧିକ ନାଟକରେ ଅଭିନୟ କରିଛି । ଦଶଟି ଚଳଚ୍ଚିତ୍ରରେ ଅଭିନୟ ସହିତ ଶତାଧିକ ମଞ୍ଚ ନାଟକର ନିର୍ଦ୍ଦେଶନା ଦାୟିତ୍ୱ ବହନ କରିଛି । ୮ଟି ଚଳଚ୍ଚିତ୍ରର ପ୍ରଯୋଜନା, ରଚନା ସହିତ, ଗୀତିକାର ଓ ନିର୍ଦ୍ଦେଶନାର ଗୁରୁଦାୟିତ୍ୱ ବହନ କରିଛି । ନାନା ଘାତ, ପ୍ରତିଘାତ ମଧ୍ୟରେ ମୁଁ ଏଥିରେ ହଜିଯାଇଛି, ମଜି ଯାଇଛି । ନାଟ୍ୟକଳା, ସାହିତ୍ୟ ମୋତେ ଦେଇଛି ଅପାର ଆନନ୍ଦ । ଯାହାଫଳରେ ଶତାଧିକ ନାଟକ, ୬୦ଟି କ୍ଷୁଦ୍ରଗଳ୍ପ, ୮ଶହ ଗୀତିକବିତା ଓ ୮ଟି ଚଳଚ୍ଚିତ୍ର ଓ ୧୫ଟି ଅଡ଼ିଓ କ୍ୟାସେଟ୍ ଆମ୍ଭ ପ୍ରକାଶ କରିଛନ୍ତି । ଅନେକଙ୍କର ମନରେ କୌତୁହଳ ସୃଷ୍ଟି ହୁଏ, ଜଣେ ନିମ୍ନମଧ୍ୟବିତ୍ତ ଶ୍ରେଣୀର ଲୋକ ଏତେ ଗୁଡ଼ିଏ ଚଳଚ୍ଚିତ୍ର କରିପାରିଛି କିପରି ? ପ୍ରବଳ ଇଚ୍ଛାଶକ୍ତି ଭଗବାନଙ୍କ ଆଶୀର୍ବାଦ ଯେ ଅସାଧ୍ୟ ସାଧନ କରିପାରେ ଏଥିରେ ସନ୍ଦେହ ନାହିଁ । ସର୍ବୋମୟ ଭଗବାନ ସତ୍ୟସାଇବାବାଙ୍କର ଅପାର କରୁଣା ମୋତେ ଅସାଧ୍ୟ ସାଧନ କରିବାରେ ଆଗେଇ ନେଇଛି, ଏଥିରେ ସନ୍ଦେହର ଅବକାଶ ନାହିଁ ।

Digitized by srujanika@gmail.com

ଗ୍ରନ୍ଥାବଳୀ ପ୍ରଥମ ଭାଗ ପ୍ରକାଶ ପାଇବାପରେ ଦ୍ୱିତୀୟଭାଗ ପ୍ରକାଶ ପାଇଅଛି । ଏଥିରେ ଅପ୍ରକାଶିତ ମିଶି ପ୍ରାୟ ୧୮ଟି ନାଟକ ସ୍ଥାନିତ ହୋଇଅଛି । ଏହାପରେ ଆଉ ପୁସ୍ତକ ପ୍ରକାଶ କରିବା, ମୋ ପକ୍ଷରେ ସମ୍ଭବ ନୁହେଁ । ବ୍ରହ୍ମପୁର ସହର ମୋର ମୁଖ୍ୟ କର୍ମସ୍ଥଳୀ ଓ ସାଧନାର ପୀଠ । ପ୍ରଥମ ବଂଧୁ, ଯାହାଙ୍କ ସହିତ ମିଶି ୧୯୫୪ ମସିହାରୁ ୨ ଦଶନ୍ଧି ଧରି ନାଟକ ମଞ୍ଚସ୍ଥ କରିଅଛି, ସେ ହେଲେ ଦକ୍ଷମଞ୍ଚ ଓ ଚଳଚ୍ଚିତ୍ର ଅଭିନେତା, ମଞ୍ଚ ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟର କର୍ଣ୍ଣଧାର, ଉତ୍କଳ ସମ୍ମିଳନୀର ସଭାପତି ଶ୍ରୀଯୁକ୍ତ ବସନ୍ତ କୁମାର ପାଣିଗ୍ରାହୀ । ତାପରେ ଯେଉଁମାନଙ୍କ ସହିତ ମିଶି ନାଟକ ମଞ୍ଚସ୍ତ କରିଛି ସେମାନେ ହେଲେ ୰ ରଘୁନାଥ ବେହେରା, ୰ ଶ୍ୟାମସୁନ୍ଦର ଶତପଥୀ ୰ ତ୍ରିନାଥ ଶତପଥି ଓ ଦିଲ୍ଲିପ କୁମାର ସାହୁ । ଏମାନଙ୍କୁ ନେଇ ଜନତା ଥିଏଟର 'ଏ' ଗ୍ରୁପ, ବ୍ୟବସାୟିକ ରଙ୍ଗମଞ୍ଚ ପ୍ରତିଷ୍ଠା କରିଛି । ଯାହା ସାରା ଓଡ଼ିଶାରେ ନାଟକ ପ୍ରଦର୍ଶନ କରୁଥିଲା । ୧୯୬୦ ଦଶକରୁ ଯେଉଁମାନେ ମୋ ସହିତ ଅନ୍ତରଙ୍ଗ ଭାବରେ ଯୋଗଦେଲେ ସେମାନେ ହେଲେ ଚିକିଟିର ଶ୍ରୀ କୃଷ୍ଣଚନ୍ଦ୍ର ଦାସ, ୰ ବିଜୟ ପାଣିଗ୍ରାହୀ, ୰ ଶ୍ରୀନିବାସ ମହାନ୍ତି, ୰ ବିଜୟ ଦାସ, ନିତ୍ୟାନନ୍ଦ ଦାଶ, ସଂଜୁ, ଶାନ୍ତି, ମାନସୀ ପ୍ରମୁଖ କଳାକାର ଓ ନିର୍ଦ୍ଦେଶକବୃନ୍ଦ । 'ରଙ୍ଗତରଙ୍ଗ', 'ଉତ୍କଳ ଥିଏଟର' ନାମରେ ଅନ୍ୟ ୨ଟି ବ୍ୟବସାୟିକ ରଙ୍ଗମଞ୍ଚ ଗଢ଼ିଛି, ଯାହା ୬ ବର୍ଷ ଧରି ବ୍ରହ୍ମପୁର ଓ ଓଡ଼ିଶା ରାଜ୍ୟରେ ନାଟକ ପ୍ରଦର୍ଶନ କରୁଥିଲା । ୫୦ ଦଶକରେ ଯେଉଁ ଅଭିନେତ୍ରୀମାନେ ମୋ ସହିତ ଯୋଗ ଦେଲେ, ସେମାନେ ହେଲେ ତାରିଣୀ, ତମାଳ, ସରସ୍ୱତୀ । ୰ ସଂଧ୍ୟାରାଣୀ, ଲତା, ସତ୍ୟଭାମାଙ୍କୁ ସେ ସମୟରେ ରଙ୍ଗମଞ୍ଚକୁ ଆଣିଥିଲି । ପରବର୍ତ୍ତୀ କାଳରେ ସେମାନେ ଦକ୍ଷ ଅଭିନେତ୍ରୀ ରୂପେ ସୁନାମ ଅର୍ଜ୍ଜନ କରିଥିଲେ । ଅଶୀ ଦଶକରୁ ଯେଉଁ ଅଭିନେତ୍ରୀମାନେ ମୋ ନାଟକରେ ଅଭିନୟ କରୁଛନ୍ତି ସେମାନେ ହେଲେ ଆରତି, ମିତା, ସଂଗୀତା, ପୁଷ୍ପା, ଛବି, ଚାନ୍ଦମାମା, ବେବି, କୁନି, ସୁବାସିନି, ପୂର୍ଣ୍ଣିମାସୀ ପ୍ରଭୃତି ଅଭିନେତ୍ରୀଗଣ ।

ପରବର୍ତ୍ତୀ କାଳରେ ମଦନ ମିଶ୍ର, ଯଦୁ ରଥ, ନଳିନୀ ଲୋଚନ ପାଣିଗ୍ରାହୀ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, କୈଳାସ ପାଣିଗ୍ରାହୀ, ତ୍ରିଲୋଚନ ମହାନ୍ତି (ବାବାଜି), ପ୍ରଦୀପ୍ତ କୁମାର ପଣ୍ଡା (ବୁଲୁ), ସୀମାଞ୍ଚଳ ମଲିକ, ମିହିର କୁମାର ତ୍ରିପାଠୀ, ଇଂ. ମନୋଜ କୁମାର ଦଣ୍ଡପାଟ, ରବି ବାରିକ, ରବି ଶଙ୍କର ପଟ୍ଟନାୟକ, ଶ୍ରୀ ପ୍ରଫୁଲ୍ଲ କୁମାର ମହାପାତ୍ର, ନିଳାଞ୍ଚଳ ମହାରଣା, ରମେଶ ମହାରଣା, ଶଚି

Digitized by srujanika@gmail.com

ପାଢ଼ୀ, ଅମୂଲ୍ୟ ରଞ୍ଜନ ସାହୁ, ଇଂ. ତୀର୍ଥବାସୀ ପଣ୍ଡା, ଇଂ. ଅପୂର୍ବ ପଟ୍ଟନାୟକ, ସୁବାସ ଚନ୍ଦ୍ର ମହାରଣା, ତ୍ରିନାଥ ମହାରଣା, ରମେଶ ରଣା, ଗୋପାଳ ପ୍ରଧାନ, ଅଶୋକ ଜେନାଙ୍କ ସହଯୋଗ ଭୁଲିପାରିବି ନାହିଁ ।

ରୂପସଜ୍ଜା, ମଞ୍ଚ ସଜ୍ଜା ଓ ଆଲୋକ ସଂପାତରେ କୃଷ୍ଣ ଚିତ୍ରାଳୟ (କଟକ), ନଟରାଜ ଚିତ୍ରାଳୟ, ଅନ୍ନପୂର୍ଣ୍ଣା ଚିତ୍ରାଳୟ, ଶ୍ରୀ ଜଗନ୍ନାଥ ଚିତ୍ରାଳୟ, ମହାବୀର ଚିତ୍ରାଳୟଙ୍କ ସହିତ ଶବ୍ଦାଲୋକରେ ଶ୍ରୀ ସୂର୍ଯ୍ୟନାରାୟଣ ବେହେରା, ଶ୍ରୀ କେଦାରନାଥ ଆପ୍ତା, ଶ୍ରୀ ଗୌରୀ ଶଙ୍କର ଚୌଧୁରୀ ଏ ପର୍ଯ୍ୟନ୍ତ ମୋ ସହିତ ସହଯୋଗ କରିଆସିଛନ୍ତି ।

ଚଳଚ୍ଚିତ୍ର, ରଙ୍ଗମଞ୍ଚରେ ମୋତେ ଯେଉଁମାନେ ପ୍ରଥମରୁ ସହଯୋଗ କରିଆସୁଛନ୍ତି, ସେମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିବେ କର୍ମବୀର ୰ ବୃନ୍ଦାବନ ନାୟକ ଓ ପରବର୍ତ୍ତୀ ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ୰ ବିନାୟକ ଆଚାର୍ଯ୍ୟ । ମୋ ପାଇଁ ଯଥେଷ୍ଟ ଶ୍ରମ ସ୍ୱୀକାର କରିଛନ୍ତି । ବର୍ତ୍ତମାନ ୩୦ ବର୍ଷ ଧରି ଯେଉଁମାନେ ସହଯୋଗ କରି ଆସୁଛନ୍ତି, ବରିଷ୍ଠ ଆଇନଜୀବି ଶ୍ରୀ ଲିଙ୍ଗରାଜ ଜେନା, କେନ୍ଦ୍ରମନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖର ସାହୁ, ଶକ୍ତିମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଶିଳ୍ପପତି ଶ୍ରୀ ବିଜୟ ଚନ୍ଦ୍ର ପାଢ଼ୀ, କୈଳାସ ପାଣିଗ୍ରାହୀ, ଶ୍ରୀ ନଗେନ୍ଦ୍ର ପ୍ରସାଦ ଲାଲ, ଇଂ. ସାଧୁଚରଣ ପଟ୍ଟନାୟକ, ଶ୍ରୀ କାହ୍ନୁଚରଣ ଚୌଧୁରୀ, ଶ୍ରୀ ଲିଙ୍ଗରାଜ ନାହାକ, ଶ୍ରୀ ପ୍ରଫୁଲ୍ଲ କୁମାର ମହାପାତ୍ର, ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ, ବିଜୟ ଚନ୍ଦ୍ର ମହାରଣା ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଗ୍ରନ୍ଥାବଳୀର ମୁଦ୍ରଣ ପରିପାଟୀ, ଅଙ୍ଗସଜ୍ଜା ଓ ଅକ୍ଷର ସଜ୍ଜା ପାଇଁ ନରସିଂହ ଗ୍ରାଫିକ୍ସର ମାଲିକ ଶ୍ରୀ ଜିତେନ୍ଦ୍ର କୁମାର ପଟ୍ଟନାୟକ, ମୁଦ୍ରାକର ଶିବ ଶଙ୍କର ରୁଲିଂ ଏଣ୍ଡ ବାଇଣ୍ଡିଙ୍ଗ୍ ୱାର୍କସ୍‌ର ମାଲିକ ଶ୍ରୀ ବିଜୟ କୁମାର ବେହେରା ଏଥିପାଇଁ ଯଥେଷ୍ଟ ସହଯୋଗ କରିଥିବାରୁ, ମୁଁ ସମସ୍ତଙ୍କୁ ଆଶୀର୍ବାଦ ସହିତ ମଙ୍ଗଳ କାମନା କରୁଛି ।

॥ ଇତି ॥

ରଘୁନାଥ ମିଶ୍ର

Digitized by srujanika@gmail.com

ନାଟ୍ୟଶ୍ରୀଙ୍କର ସୃଷ୍ଟି ସମ୍ଭାରର ଏକ ତାଲିକା

୦୧. ଶରଣାର୍ଥୀ
୦୨. ମରୁ ମରିଚିକା
୦୩. ପହିଲି ଆଷାଢ଼
୦୪. ତାସଘର
୦୫. ନୂତନ ଦିଗନ୍ତ
୦୬. ଶେଷ ପ୍ରହର
୦୭. ରାଜଯୋଟକ
୦୮. ଟୋପାଏ ଅମୃତ
୦୯. ଛିନ୍ନ ବୀଣା
୧୦. ବିଳମ୍ବିତ ଲୟ
୧୧. ପ୍ରଣୟ ବିଧୁରା
୧୨. ଶ୍ୱେତପଦ୍ମ
୧୩. ଶକୁନ୍ତଳା
୧୪. ଶିଥିଳ ସଂଧ୍ୟା
୧୫. ଅପବାଦ
୧୬. ଲକ୍ଷ୍ମୀପୁରାଣ
୧୭. ମୃଗତୃଷ୍ଣା
୧୮. ଅଭିଶପ୍ତା
୧୯. ଅର୍ଦ୍ଧସତ୍ୟ
୨୦. ହେ ରାମ
୨୧. ଶେଷଦୃଶ୍ୟ
୨୨. ମୁକ୍ତିଦାତା
୨୩. ପରିବାର
୨୪. ସିନ୍ଦୁର
୨୫. ଗାନ୍ଧୀପାର୍କ
୨୬. ଶିଶିର ଧୌତପଦ୍ମ
୨୭. ନୀଡ଼ବାହୁଡ଼ା ପକ୍ଷୀ
୨୮. ବାୟା ସବୁରେ ମାୟା
୨୯. ଲକ୍ଷ୍ୟ ଏକ ରାସ୍ତା ଅନେକ
୩୦. ମନ ଗହନର ଶେଷ ତରଙ୍ଗ
୩୧. ଜୀବନ ମଧ୍ୟାହ୍ନରେ ସୂର୍ଯ୍ୟାସ୍ତ
୩୨. ରାମ ତୁମେ ରେହମାନ ତୁମେ
୩୩. ପାନ୍ଥଶାଳାର ପଥିକ
୩୪. ଅନ୍ଧାରେ ଆଲୋକ ଶିଖା
୩୫. ବଗୁଲି ଝରାଏ ଲୁହ
୩୬. ସ୍ମୃତି ଏକ ହଜିଲା ଦିନର
୩୭. ତୁମେ ମେଘ ମୁଁ ବିଜୁଳି
୩୮. ସେ ଜନତାର ପ୍ରତିନିଧି
୩୯. ଅନେକ ତାରାର ଆକାଶ
୪୦. ତୁମେ ମରିଚିକାର ଜଳ
୪୧. ଅମର ଶହୀଦ
୪୨. ଆଶା, ନିରାଶା
୪୩. ଜୀବନ ସଂଧ୍ୟା
୪୪. ନଷ୍ଟରାଗିଣୀ
୪୫. ଦେବନର୍ତ୍ତକୀ
୪୬. ନାଟକ ଚାଲିଛି

Digitized by srujanika@gmail.com

୪୭. ମେଘମୁକ୍ତ ସୂର୍ଯ୍ୟ
୪୮. ଭିନ୍ନ ଏକ ସିଦ୍ଧାର୍ଥ
୪୯. ଝରାବଣ ମଲ୍ଲି
୫୦. ଶିଶିର ସିକ୍ତ କଢ଼ି
୫୧. ଲକ୍ଷ୍ମୀ
୫୨. ବୋଉ
୫୩. କ୍ରାନ୍ତି
୫୪. କୁହୁଡ଼ି
୫୫. ଅଭିମାନିନୀ
୫୬. ମାୟା ମିରିଗ
୫୭. ରକ୍ତହୋରୀ
୫୮. ସ୍ମୃତିର ଆକାଶରେ ପୂର୍ଣ୍ଣିମାର ଚାନ୍ଦ
୫୯. ଏକ ଆଷାଢ଼ର ମେଘ ମେଦୁର ରାତ୍ରି
୬୦. ମନଗହନର ଶେଷ ତରଙ୍ଗ
୬୧. ଅରୁଣିମ ଆଲୋକରେ ସ୍ନିଗ୍ଧତାର ସ୍ଥାନ
୬୨. ଖଜୁରୀ ଗଛର କି ଗୁଣ ଗାଇବି
୬୩. ପୁଣ୍ୟ ପ୍ରଭାତ
୬୪. ବାପା
୬୫. ଗଙ୍ଗାପୁତ୍ର ବାହୁଡ଼ି ନଇଲା
୬୬. ଶାନ୍ତିବାବା
୬୭. ସୁନା ବୋହୂ
୬୮. ବଡ଼ବାବୁ
୬୯. ଝିଅଟିର ନାଁ ଶ୍ରାବଣୀ
୭୦. ରକ୍ତହୋରୀ
୭୧. ଆଓ୍ୱାଜ
୭୨. ମନର ମଣିଷ
୭୩. ବଡ଼ଭାଇ
୭୪. ସତ୍ୟମେବ ଜୟତେ
୭୫. ଉପାସନା
୭୬. ପ୍ରେମ କାହାଣୀ
୭୭. ସରପଞ୍ଚ ବାବୁ
୭୮. ଅନ୍ତର୍ଦାହ
୭୯. ପରିବର୍ତ୍ତନ
୮୦. ଦିନ ଯାଏ, ଚିହ୍ନ ରହେ
୮୧. ଏଇତ ଜୀବନ
୮୨. ନାରୀ ନାରାୟଣୀ
୮୩. ଭିଟା ମାଟି
୮୪. ସବୁ ଭୀମଭୋଇ
୮୫. ମୁଁ ସ୍ୱରାଜ କହୁଛି
୮୬. ଆମେ ଭାରତବାସୀ
୮୭. ତୁମ, ଆମ, ସମସ୍ତଙ୍କ କଥା
୮୮. ଶହୀଦ ଲକ୍ଷ୍ମଣ ନାଏକ
୮୯. ମନ ଭଲଥିଲେ, ଗଡ଼ିଆ ଗଙ୍ଗା
୯୦. ଚାଲ ହଗୁରା ପାଠ ପଢ଼ିବ
୯୧. ପ୍ରେମପତ୍ର
୯୨. ଜାଗରଣ

Digitized by srujanika@gmail.com

୯୩. ସ୍ୱର୍ଗଦ୍ୱାର
୯୪. ଦାୟୀ କିଏ ?
୯୫. ସପ୍ତଶିଖା (ବାଇବେଲ କାହାଣୀ ଉପରେ ଆଧାରିତ ୭ଟି ନାଟକ)
୯୬. ମୋହିନୀ ଭସ୍ମାସୁର
୯୭. ପାଷାଣୀ ଅହଲ୍ୟା
୯୮. ଶ୍ରୀରାଧା
୯୯. ମୃଗୁଣା ସ୍ମୃତି
୧୦୦. ନୂତନ ଆଲୋକ

ଚଳଚ୍ଚିତ୍ର

୧. ପୁନର୍ମିଳନ
୨. କବି ସମ୍ରାଟ ଉପେନ୍ଦ୍ରଭଞ୍ଜ
୩. ଅନୁରାଧା
୪. ପ୍ରୀତିର ଇତି
୫. ଅନ୍ଧଦୁନିଆ
୬. ପ୍ରେମ ପୂଜାରିଣୀ
୭. ଅନ୍ୟାୟ କେତେଦିନ
୮. ଭୁଲ କାହାର

କବିତା ସଂକଳନ

୧. ଭକ୍ତି ସଂଗୀତ ମାଳା
୨. ଗୀତି କବିତା ମାଳା

ଗଳ୍ପ ସଂକଳନ

୧. ସଂବିତ୍
୨. ଏଇ ଜହ୍ନ, ଏଇ ରାତି

ନାଟ୍ୟଶ୍ରୀ
ରଘୁନାଥ ଗ୍ରନ୍ଥାବଳୀ
(୧ମ ଭାଗ)

ନାଟ୍ୟଶ୍ରୀ
ରଘୁନାଥ ଗ୍ରନ୍ଥାବଳୀ
(୨ୟ ଭାଗ)

Digitized by srujanika@gmail.com

ନାଟକ

Digitized by srujanika@gmail.com

ନାଟକ

ଉପାସନା

ନିର୍ଦ୍ଦେଶନା : ପ୍ରଫୁଲ କୁମାର ମହାପାତ୍ର

ସଂଗୀତ : ଅନୁରାଧା ଓ ଅରୁଣ

Digitized by srujanika@gmail.com

ଉପାସନା

- ପ୍ରଥମ ଦୃଶ୍ୟ -

(ସମୟ ପ୍ରାତଃକାଳ । ଅଂଶୁମାନ ଚା ପିଉଥିଲେ । ପଛଦପଟରୁ ସ୍ତ୍ରୀ ନିହାରିକା ଭଜନ ଗାଉଥିଲେ ।)

ଶୁଣ ଶୁଣ ଗୁହାରି ମୋ
ହେ ବନମାଳି
ସାହା ହୁଅ ପ୍ରଭୁ ମୋର
କୁଞ୍ଜ ବିହାରୀ (୦)
ଜୟ ଜୟ ଘନଶ୍ୟାମ, ଜୟ ରାଧେଶ୍ୟାମ

(ଅଂଶୁମାନ ଚା' ପିଇସାରି ସିଗାରେଟରେ ନିଆଁ ଧରାଇଲେ । ପ୍ରବେଶ କଲେ ନିହାରୀକା ।)

ନୀହାରିକା - (ସ୍ୱାମୀଙ୍କୁ ବନ୍ଦାପନା କରି, ପାଦଧୂଳି ମଥାରେ ଲଗାଇ ଚାଲିଯାଉଥିଲେ)

ଅଂଶୁମାନ - (ଡ଼ାକିଛନ୍ତି) ଶୁଣ

ନୀହାରିକା - ମୋତେ ଡ଼ାକିଲ ?

ଅଂଶୁମାନ - (ବିରକ୍ତି ଭାବ) ହଁ, ହଁ, ତୁମକୁ ।

ନୀହାରିକା - କୁହ, କ'ଣ କରିବି ?

ଅଂଶୁମାନ - ଆଜି ମାଂସ ତରକାରୀ ରାନ୍ଧିବ ।

ନୀହାରିକା - ଆଜି ମାଂସ ତରକାରୀ । ଘରେ ବାପା ବୋଉଙ୍କର ଉପବାସ । ତୁମେ ଜାଣ, ଏକାଦଶୀ ଦିନ ମୁଁ ଅନ୍ନ ଗ୍ରହଣ କରେ ନାହିଁ । ତା ପୁଣି ଆଜି ବଡ଼ ଏକାଦଶୀ । ନିର୍ଜଳା ଉପବାସ । ତୁମେ ଏକଥା ଭୁଲି ଯାଉଛ କାହିଁକି ?

ଅଂଶୁମାନ - ଏକାଦଶୀ, ଅମାବାସ୍ୟା, ସଂକ୍ରାନ୍ତି, ଗୁରୁବାର । ଏସବୁ ଶୁଣି ଶୁଣି ମୁଁ ତ ପାଗଳ ହୋଇଗଲିଣି । ମୁଁ କହିରଖୁଛି ଶୁଣ । ଏ ସବୁ ଶୁଣିବାକୁ ମୋର ଆଉ ଧୈର୍ଯ୍ୟ ନାହିଁ ।

ନୀହାରିକା - ତେବେ ଆମିଷ ତ ମୁଁ ଆଜି ରାନ୍ଧିପାରିବିନି ।

Digitized by srujanika@gmail.com

ଅଂଶୁମାନ - କାହିଁକି ରାନ୍ଧି ପାରିବନି ? ଅଲବତ୍ ରାନ୍ଧିବ । ପତିର ଆଦେଶ ଅମାନ୍ୟ କରିବା କେଉଁ ସତୀସାଧ୍ୱୀର କର୍ତ୍ତବ୍ୟ, ତା ତୁମେ ମୋତେ ବୁଝାଇ ଦେଇ ପାରିବ ! ଏ ଆରତି, ପୂଜା, ଉପାସନାର ଅର୍ଥ କ'ଣ ? ସ୍ୱାମୀକୁ ଅସନ୍ତୁଷ୍ଟ କରି ସ୍ତ୍ରୀ କ'ଣ କେବେ ସୁଖୀ ହୋଇପାରିବ?

ନୀହାରିକା - (ନିରବ)

ଅଂଶୁମାନ - କ'ଣ ମୋ କଥା ତୁମକୁ ଶୁଭୁଛି ନା ନାହିଁ ?

ନୀହାରିକା - ତୁମେ ଯାହା କହିବ ମୁଁ କରିବାକୁ ପ୍ରସ୍ତୁତ ଅଛି । କିନ୍ତୁ ଆମିଷ ରାନ୍ଧିବା ମୋ ପକ୍ଷରେ ମୋଟେ ସମ୍ଭବ ନୁହେଁ ।

ଅଂଶୁମାନ - ତୁମେ ମୋ ଘରଟାକୁ ମଠ, ମନ୍ଦିରରେ ପରିଣତ କରିଦେବ ନା କ'ଣ ? ପ୍ରତିଦିନ ଅତିଥି ଅଭ୍ୟାଗତ ଖାଇବେ । ଏଥିପାଇଁ କେତେ ଅର୍ଥ ବରବାଦ ହେଉଛି, ତା ତୁମେ ଜାଣିପାରୁଛ ? ଆମ ଘରକୁ ଆସିବାବେଳେ ବାପଘରୁ କେତେ ଧନ ବୋହି ଆଣିଥିଲ ?

ନୀହାରିକା - ଗୋଟିଏ ପବିତ୍ର ଦିନକୁ, ତୁମେ ଅପବିତ୍ର କରିଦେଉଛ କାହିଁକି ? ଏକାଦଶୀର ଅର୍ଥ କ'ଣ ତୁମେ ବୁଝ ? ଏକଦର୍ଶୀ ହୋଇ ଭଗବାନଙ୍କୁ ଉପାସନା କରାଯାଏ ବୋଲି ଏହି ଦିନଟିକୁ ଏକାଦଶୀ କୁହାଯାଏ । ଠିକ୍ ଅଛି । ମୁଁ ବାପା, ବୋଉଙ୍କୁ ପଚାରିବି । ସେ ଯଦି କହିବେ, ତାହେଲେ ମୁଁ ଆମିଷ ରାନ୍ଧିବି ।

ଅଂଶୁମାନ - (ରାଗିଯାଇ) ବାପା ବୋଉଙ୍କୁ ପଚାରିବ କାହିଁକି ? ଏହା ମୋର ଆଦେଶ । ପାଳିବାକୁ ତୁମେ ବାଧ୍ୟ । ପତିର ଆଦେଶକୁ ସ୍ତ୍ରୀ କ'ଣ ଅମାନ୍ୟ କରେ ? ମୋର ଦୁଇଜଣ ବନ୍ଧୁ ଆଜି ଆମ ଘରେ ଖାଇବେ । ମୁଁ ତାଙ୍କୁ ନିମନ୍ତ୍ରଣ କରିଛି । ସେମାନେ ହେବେ ଆଜିର ଅତିଥି ।

ନୀହାରିକା - ଯଦି ଆଦେଶ ଗ୍ରହଣଯୋଗ୍ୟ ହୁଏ, ତାକୁ ପାଳିବାକୁ ମୁଁ ପ୍ରସ୍ତୁତ । କିନ୍ତୁ ମୋ ବିବେକ ବିରୁଦ୍ଧରେ ମୁଁ କୌଣସି କାର୍ଯ୍ୟ କରି ନାହିଁ କି କରି ପାରିବି ନାହିଁ ।

ଅଂଶୁମାନ - ତେବେ ମୁଁ କହୁଛି, ତୁମେ ଏଠି ନରହି ବୃନ୍ଦାବନ ଚାଲିଯାଅ ।

Digitized by srujanika@gmail.com

ନୀହାରିକା - ଯଦି ଘରର ସମସ୍ତେ, ମାନେ ବାପା, ବୋଉ ଚାଲିଯିବାକୁ ଦହିବେ, ମୁଁ ଚାଲିଯିବାକୁ ପ୍ରସ୍ତୁତ । ଏଥିପାଇଁ ମୋର ତିଳେ ମାତ୍ର ଦୁଃଖ ନାହିଁ ।

ଅଂଶୁମାନ - ବୃନ୍ଦାବନର ତରୁଣୀ ବିଧବାମାନଙ୍କର କଥା ଶୁଣିଛ ? ସେମାନେ ଦେହର ଜ୍ୱାଳାକୁ ସହି ନ ପାରି ବେଶ୍ୟାବୃତ୍ତି କରନ୍ତି ।

ନୀହାରିକା - ଛି... ଏ ସବୁ କହିବାକୁ ତୁମକୁ ଲଜ୍ଜା ଲାଗେନା ।

ଅଂଶୁମାନ - ସତ୍ୟକୁ ସତ୍ୟ ବୋଲି କହିବାରେ ଲଜ୍ଜା କ'ଣ ?

ନୀହାରିକା - ତୁମପରି ଲୋକମାନଙ୍କ ତୁଣ୍ଡରୁ ଏପରି କାହାଣୀ ସବୁ ଶୁଣାଯାଏ । କାରଣ ତୁମ ମନରେ ଭଗବତ୍ ଚିନ୍ତା କି ଭାବନା ନାହିଁ । ପଶୁ ପ୍ରବୃତ୍ତିର ଆଶ୍ରୟ ନେଇ, ତୁମେ ଆଜି ମୋ ଉପରେ ଅତ୍ୟାଚାର ପରେ ଅତ୍ୟାଚାର କରିଚାଲିଛ । ମୁଁ କହୁଛି ସୀମା ଉଲ୍ଲଂଘନ କରନାହିଁ । ସୀମା ଭିତରେ ରହିବାକୁ ଚେଷ୍ଟା କର ।

ଅଂଶୁମାନ - କ'ଣ କହିଲୁ ? ମୁଁ ସୀମା ଉଲ୍ଲଘଂନ କରୁଛି ? ମୁଁ ପଶୁପ୍ରବୃତ୍ତିର ଆଶ୍ରୟ ନେଉଛି । ଆଜି ତୋତେ ମାଂସ ରାନ୍ଧିବାକୁ ହେବ । ଦେଖିବି ତୁ କିପରି ରାନ୍ଧିବୁ ନାହିଁ ।

ନୀହାରିକା - ତୁମେ ମୋତେ ମାରିଦିଅ ପଛକେ, ମୁଁ ରାନ୍ଧିବି ନାହିଁ- ନାହିଁ- ନାହିଁ ।

ଅଂଶୁମାନ - (ଉଠିଯାଇ, ଚାପୁଡ଼ାଏ ମାରିଲେ, ହାତରୁ ପୂଜାଥାଳି ସବୁ ଖସିପଡ଼ିଲା) ତୋର ଏତେ ଦୂର ଆସ୍ପର୍ଦ୍ଧା । ମୁଁ ଦେଖୁଛି ତୁ ଆଜିକାଲି ମୋର କୌଣସି କଥା ଶୁଣିବାକୁ ଚାହୁଁନା ।

ନୀହାରିକା - (କାନ୍ଦୁଥିଲେ) ମାର, ଆହୁରି ମାର । ମାରି ମାରି ଜୀବନରେ ମୋତେ ମାରିଦିଅ । ତଥାପି ବିବେକ ବିରୁଦ୍ଧରେ ମୁଁ କୌଣସି କାର୍ଯ୍ୟ କରିବି ନାହିଁ ।

(ପ୍ରବେଶ କଲେ ସତ୍ୟବ୍ରତ । ଅଂଶୁମାନର ବାପା)

ସତ୍ୟବ୍ରତ - ଏ ସବୁ କ'ଣ ଚାଲିଛି ଅଂଶୁମାନ । ତୁ ତୋର ବିବେକବୁଦ୍ଧି ହରାଇ ବସୁଛୁ କାହିଁକି ? ଆଜି କ'ଣ ଜାଣୁ । ଆଜି ବଡ଼ ଏକାଦଶୀ । ଅଭକ୍ଷ୍ୟ ଭକ୍ଷଣ କରିବା ଆଜି ନିଷେଧ, ଏକଥା ତୁ ଭୁଲିଯାଉଛୁ କାହିଁକି ? ବୋହୂ ତ କିଛି ଅନ୍ୟାୟ କଥା କହିନାହାନ୍ତି । ତୁମମାନଙ୍କର କଥାବାର୍ତ୍ତା ମୁଁ ସବୁ ଶୁଣିଛି ।

ଅଂଶୁମାନ - ବାପା, ମୁଁ .. ମୁଁ ...

ସତ୍ୟବ୍ରତ - କ'ଣ ମୁଁ ? କ'ଣ ତୁ କହିବାକୁ ଚାହୁଁ ?

Digitized by srujanika@gmail.com

ଅଂଶୁମାନ - ମୁଁ ଏ ଘରେ ରହିବାକୁ ଚାହେଁନା ।

ସତ୍ୟବ୍ରତ - ତା ହେଲେ ତୁ ରହିବୁ କେଉଁଠି ? ସ୍ୱର୍ଗପରି ଘର ଛାଡ଼ି, ତୁ ନର୍କରେ ରହିବୁ ?

ଅଂଶୁମାନ - କିନ୍ତୁ ବାପା ...

ସତ୍ୟବ୍ରତ - କିନ୍ତୁ କ'ଣ । କହ, ଯାହା କହିବାକୁ ଚାହୁଁଛୁ, ଖୋଲିକରି ମୋ ଆଗରେ ପ୍ରକାଶ କର । ବୋହୂ ଅତିମାତ୍ରାରେ ଭକ୍ତି ପରାୟଣା । ଯାହା ତୁ ମୋଟେ ପସନ୍ଦ କରୁନା । ତୁ ଚାହୁଁ, ତୋ ସାଙ୍ଗରେ ସେ ଚାରିଆଡ଼େ ବୁଲନ୍ତୁ । କିନ୍ତୁ ସେ ତା' କେବେ କରିବେ ନାହିଁ । ଘରର ଲକ୍ଷ୍ମୀକୁ ମୁଁ ତା' କରାଇ ଦେବି ନାହିଁ ।

ଅଂଶୁମାନ - ଆପଣ କୁହନ୍ତୁ ବାପା, ଦୁଇଟି ସରଳରେଖାର ମିଳନ କ'ଣ କେବେ ସମ୍ଭବ ?

ସତ୍ୟବ୍ରତ - (ହସିଲେ) ଜ୍ୟାମିତିକ ତଥ୍ୟ ଉପସ୍ଥାପନ କରୁଛୁ ? କିଏ ସରଳରେଖା । କାହାକୁ ତୁ ସରଳରେଖା କହୁଛୁ ? ଦେବତା ଭକ୍ତି, ଶତ ତପସ୍ୟାର ଫଳ । ଆଜି ସେହି ଭକ୍ତି ପୂଜା, ଉପାସନା ଯୋଗୁଁ ଏ ଘର ଅଶେଷ କଲ୍ୟାଣ ସାଧିତ ହୋଇପାରିଛି । ବୋହୂ, ଯାଅ । ଏଭଳି ମନୋମାଳିନ୍ୟ ସାଧାରଣତଃ ହୋଇଥାଏ । ସେଥିପାଇଁ ମନଦୁଃଖ କର ନାହିଁ ।

ନିହାରିକା - ବାପା ମୁଁ...

ସତ୍ୟବ୍ରତ - ମୁଁ କହୁଛି । ତୁମେ ମାଂସ ରାନ୍ଧିବ ନାହିଁ । ହେଲାତ ? ଯାଅ । (ନିହାରିକା ଚାଲିଗଲେ)

ସତ୍ୟବ୍ରତ - ଶୁଣ୍ ଅଂଶୁମାନ । ଆଧୁନିକ ସଭ୍ୟତାର ମୋହଗ୍ରସ୍ତ ହୋଇ ତୁ ବିରାଟ ଭୁଲ କରିବାକୁ ଯାଉଛୁ । ଯାହା ତୋ ପାଇଁ ମୋଟେ ହିତକର ନୁହେଁ । ଯେଉଁମାନେ ଦେବଅଂଶରେ ଜନ୍ମ ହୋଇଛନ୍ତି, ରାକ୍ଷସ ପ୍ରକୃତିର ଲୋକଙ୍କ ସହିତ ସେମାନେ ଚଳିବା ଅସମ୍ଭବ । ସେଥିପାଇଁ ତୋର ଓ ତାଙ୍କ ଭିତରେ ତାଳମେଳ ରହୁନାହିଁ । ମୋର ବିଶ୍ୱାସ ତୋର ଚିନ୍ତାଧାରାରେ ପରିବର୍ତ୍ତନ ଘଟିଲେ ସବୁ ଠିକ୍ ହୋଇଯିବ । (ପ୍ରବେଶ କରିଛନ୍ତି ମା' ତିଲୋତ୍ତମା)

ତିଲୋତ୍ତମା - କି ତାଳ ମେଳ ରହିବ ତୁମେ କହୁଚ ? ସବୁବେଳେ ଭଜନ, କୀର୍ତ୍ତନ ଗାଇ ନାଚିବାଟାକୁ, ତୁମେ ଯାହା କହ, ମୁଁମୋଟେ ପସନ୍ଦ

Digitized by srujanika@gmail.com

କରୁନାହିଁ । ଏ ସନ୍ୟାସିନୀ ବୋଲି ପୁଅ କ'ଣ ମୋର ସନ୍ୟାସୀ ହୋଇଯିବ ? ହଇରେ ଅଂଶୁ, ଯା, ତୁ ମନଦୁଃଖ କରନି । ତୋ ଦୁଃଖ ମୁଁ ସବୁ ବୁଝିପାରୁଛି । ସନ୍ତାନର ଦୁଃଖ ମା ଛଡ଼ା ଆଉ କିଏ ବେଶୀ ବୁଝିପାରିବ ? ଚିନ୍ତା କରନି । ଦେଖିବା କ'ଣ ହେଉଛି । (ଅଂଶୁମାନ ଚାଲିଗଲା)

ତିଳୋତ୍ତମା - ତୁମେ କ'ଣ କିଛି ଜାଣୁନ ?

ସତ୍ୟବ୍ରତ - ମୁଁ ତ କିଛି ଜାଣିପାରୁନି । ତୁମେ କ'ଣ ଜାଣିଛ, ମୋତେ ଟିକିଏ ବୁଝାଇ ଦେଲ ।

ତିଳୋତ୍ତମା - ବୁଝିଲ, ବୋହୂଟା ଗୋଟାଏ ବାୟାଣୀ । ବାୟାଣୀ ନହୋଇଥିଲେ ସେ ଠାକୁରଙ୍କ ସହିତ କଥାବାର୍ତ୍ତା ହେଉଥାନ୍ତା । ବାୟାଣୀଙ୍କ ପରି ଦୁଃଖସୁଖ ହେଉଥାନ୍ତା ।

ସତ୍ୟବ୍ରତ - ଏଥିରେ ତୁମର ଆପତ୍ତି କ'ଣ ?

ତିଳୋତ୍ତମା - ଆପତ୍ତି ତ ମୋର ବହୁତ । ସ୍ତ୍ରୀ ତାର ଧର୍ମ ପାଳନ କରିବା ଉଚିତ । ମୁଁ ମନା କରୁଛି, ଏଭଳି ବୋହୂଟିଏ ଘରକୁ ଆଣନାହିଁ ।

ସତ୍ୟବ୍ରତ - ହଉ ଦେଖ ଘଟଣା କେତେ ଦୂରକୁ ଯାଉଛି ।

ତିଳୋତ୍ତମା - ମୁଁ ଭାବୁଛି, ଅଂଶୁକୁ ଅନ୍ୟଠାରେ ବାହା କରାଇଦେବା ।

ସତ୍ୟବ୍ରତ - (ରାଗି) ଏକଥା ତୁମେ କହି ପାରୁଛ ତିଳୋତ୍ତମା । ତୁମର ପ୍ରସ୍ତାବରେ ମୁଁ ମୋଟେ ରାଜି ନୁହେଁ । ଏ ସବୁ ଚିନ୍ତା ମନରୁ ପରିତ୍ୟାଗ କର । ଆଜିପରି ଗୋଟିଏ ପବିତ୍ର ଦିନକୁ ତୁମେ ଅପବିତ୍ର କରିଦିଅନା ।

- ଅନ୍ଧାର -

- ଦ୍ୱିତୀୟ ଦୃଶ୍ୟ -

(ଗ୍ରାମ୍ୟ ରାସ୍ତା । ଦେବଦାସ, ଯେ କି ନିହାରିକାକୁ ଭଲ ପାଉଥିଲା, ପଚାରି ପଚାରି ସେ ଗାଁକୁ ଆସିଛି । ବାଟରେ ଦେଖାହୋଇଛି ଗ୍ରାମବାସୀ ଗୋବିନ୍ଦ ଦାଦୁଆଙ୍କୁ)

ଦେବଦାସ - ହଇଓ ବାବୁ

ଗୋବିନ୍ଦ - ହଁହଁକୁ ସାର ।

ଦେବଦାସ - ସତ୍ୟବ୍ରତ ବାବୁଙ୍କ ଘର କ'ଣ ଏଇ ଗାଁରେ ।

Digitized by srujanika@gmail.com

ଗୋବିନ୍ଦ - ଏଇ ଗାଁରେ ଦେବବ୍ରତ, ଶିବବ୍ରତ, ସତ୍ୟବ୍ରତ ଏମିତି କେତେଯେ ବ୍ରତ ନାମଧାରୀ ଲୋକ ଅଛନ୍ତି । ତୁମେ କେଉଁ ବ୍ରତକୁ ଖୋଜୁଛ ତା ମୁଁ କିପରି ଜାଣିବି କହିଲ ?

ଦେବଦାସ - ସତ୍ୟବ୍ରତ ରାୟ !

ଗୋବିନ୍ଦ - ଓଃ ବୁଝିଲି, ରାୟବାବୁଙ୍କ ଘରକୁ ଯିବ ? ତେବେ ବାବୁ, ତୁମେ କାହିଁକି ସେଠାକୁ ଯିବ ? ତୁମେ କ'ଣ ବାବାଜୀ । ସାଧାରଣତଃ ବାବାଜୀମାନେ ତାଙ୍କ ଘରକୁ ଯାଆନ୍ତି । ସେଇଠା ମଠ, ଆଶ୍ରମ ।

ଦେବଦାସ - ଏମିତି କ'ଣ କହୁଛ ବାବୁ ।

ଗୋବିନ୍ଦ - ଏମିତି କ'ଣ କହୁଚି । ସତକଥା କହିଲେ ତୁମକୁ ଖରାପ ଲାଗୁଛି କି ହେ ବାବୁ । ତୁମେ ତାଙ୍କର କ'ଣ ହୁଅ, ଆଗ କହିଲ ।

ଦେବଦାସ - ମୁଁ ତାଙ୍କର କେହି ନୁହେଁ ।

ଗୋବିନ୍ଦ - କେହି ନୁହଁତ, ତୁମେ ତାଙ୍କ ଘରକୁ ଯିବ କାହିଁକି ? କ'ଣ ଭଜନ କୀର୍ତ୍ତନ ଗାଇଜାଣ ?

ଦେବଦାସ - କିଛି କିଛି ଜାଣେ ।

ଗୋବିନ୍ଦ - ବେଶ୍, ତାହେଲେ ଯାଅ । ସେଠାରେ ଭଜନ କରିବ । ପଙ୍ଗତ ପକେଇବ ।

ଦେବଦାସ - ସେଠି କ'ଣ ଭଜନ ହେଉଛି ।

ଗୋବିନ୍ଦ - ଭଜନ ହେଉଛି ମାନେ ଏ ଯୁଗର ମୀରାବାଈ ସେଠି ଅଛନ୍ତି । ସେ ଖାଲି ଗିରିଧର ଗୋପାଳଙ୍କୁ ଡ଼ାକୁଛନ୍ତି । ମେରେ ତୋ ଗିରିଧର ଗୋପାଲ, ଦୁସୁରା ନା କୋଇ ।

ଦେବଦାସ - କିଏ ସେ ମୀରାବାଈ ।

ଗୋବିନ୍ଦ - ଆଉ କିଏ ହେବ, ତାଙ୍କ ବୋହୂ ।

ଦେବଦାସ - ତାଙ୍କ ବୋହୂ ନୀହାରିକା ?

ଗୋବିନ୍ଦ - ତୁମେ କ'ଣ ତାଙ୍କ ବୋହୂକୁ ଜାଣିଛ ?

ଦେବଦାସ - ତାଙ୍କର ମୋର ଏକାଠି ପଢୁଥିଲୁ ।

ଗୋବିନ୍ଦ - କ'ଣ ତାଙ୍କ ଗାଁର ଲୋକ ତୁମେ ? ଯଦି ଗାଁର ନୁହଁ ତେବେ ପାଖ ଗାଁର ନିଶ୍ଚୟ ହୋଇଥିବ । କିନ୍ତୁ ତାଙ୍କ ସ୍ୱାମୀ ଦେଖିଲେ, ତୁମକୁ ତ ଘରକୁ ଛାଡ଼ି ଦେବେନି । ସେ ଭାରି କଡ଼ା ମିଜାଜର ଲୋକ ।

Digitized by srujanika@gmail.com

ଦେବଦାସ - ତେବେ ମୋତେ ଘରଟାର ବାଟ ବତାଇ ଦିଅନ୍ତୁ, ମୁଁ ଆଗ ଯାଏ । ଯଦି ମୋତେ ଅନୁମତି ନମିଳେ, ମୁଁ ଫେରି ଆସିବି ।

ଗୋବିନ୍ଦ - ହଉ, ଯେବେ ଯିବ ବୋଲି କହୁଛ, ଘରଟା ମୁଁ କହିଦେଉଛି । କିନ୍ତୁ କଥାଟିଏ ପଚାରିବି, ମୋତେ ସତ କହିବେ ତ ?

ଦେବଦାସ - ପଚାର ।

ଗୋବିନ୍ଦ - ବୋହୁମା ସତରେ କ'ଣ ବାୟାଣୀ ? ସେ ଠାକୁରଙ୍କ ସହିତ କଥାବାର୍ତ୍ତା ହୁଅନ୍ତି । ହସନ୍ତି, କାନ୍ଦନ୍ତି ।

ଦେବଦାସ - ଭଗବାନଙ୍କ ପ୍ରତି ତାଙ୍କର ପ୍ରବଳ ଭକ୍ତିଭାବ ଥିଲା ।

ଗୋବିନ୍ଦ - ହେଲା ହେଲା, ହେଇଥିବ ।

ଦେବଦାସ - ବିବାହ ପରେ ବୋଧେ ତା ବଢ଼ିଯାଇଛି ।

ଗୋବିନ୍ଦ - ଯାହା ହେଉ । ଦୁଇଜଣଯାକ ପ୍ରେମ ପାଗଳ । ଜଣେ ଭଗବତ ପ୍ରେମରେ ପାଗଳ ହେବାବେଳେ, ଅନ୍ୟଜଣକ ମାନେ ତାଙ୍କର ପତିଦେବ, ସୁରାସାକି ପ୍ରେମରେ ପାଗଳ ।

ଦେବଦାସ - ସେଭଳି ନାରୀ ଏ ସଂସାରରେ ଖୁବ୍ ବିରଳ ।

ଗୋବିନ୍ଦ - ବାବୁ, ତୁମେ କାହା ସହିତ କଥାବାର୍ତ୍ତା ହେବ ? ବୋହୁମାଙ୍କ ସହିତ କଥାବାର୍ତ୍ତା ହେବାକୁ ତୁମକୁ ତ ଅନୁମତି ମିଳିବ ନାହିଁ ।

ଦେବଦାସ - ମୁଁ ଖାଲି ତାଙ୍କୁ ଦର୍ଶନ କରିବି ।

ଗୋବିନ୍ଦ - ଭଲ, ଭଲ । କର, ତୁମ ପାପ ସବୁ ଧୋଇ ହୋଇଯିବ । କିନ୍ତୁ କେତେବେଳେ ଜାଣିଛ ?

ଦେବଦାସ - ତୁମେ ନ କହିଲେ ମୁଁ ଜାଣିବି କିପରି ?

ଗୋବିନ୍ଦ - ସଂଧ୍ୟାରେ ଆଳତି, କୀର୍ତ୍ତନ ବେଳେ, ତୁମେ ଯାହା ତାଙ୍କୁ ଦେଖିବ । ତାଙ୍କ ଶାଶୁ ବଡ଼ ରାଗୀ ସ୍ତ୍ରୀଲୋକ ।

ଦେବଦାସ - ବହୁତ କଥା ମୁଁ ତୁମ ନିକଟରୁ ଶୁଣିବାକୁ ପାଇ ଧନ୍ୟ ହେଲି । ନୀହାରିକା କୃଷ୍ଣ ଭକ୍ତ । ସେ ଭଲ ଭଜନ ଗାଉଥିଲେ ।

ଗୋବିନ୍ଦ - ଏବେ ବି ଗାଉଛନ୍ତି । ସେ କଣ୍ଠ କି ମଧୁର । ମୁଁ ବହୁତ ଥର ଯାଇଛି । କିନ୍ତୁ ସାନବାବୁତ ଏ ସବୁ ଭଲ ପାଉନାହାନ୍ତି । କଥାକଥାକେ ବୋହୁମାଙ୍କୁ ପିଟୁଛନ୍ତି ।

ଦେବଦାସ - ନୀହାରିକା ମାଡ଼ ଖାଉଛନ୍ତି । କିଏ ତାଙ୍କୁ ମାରୁଛି । ମାଡ଼ ମାରିବାକୁ ତାଙ୍କ ହାତ ଯାଉଛି କିପରି ?

Digitized by srujanika@gmail.com

ଗୋବିନ୍ଦ - ମୁଁ କେମିତି କହିବି ବାବୁ । ଦେଖ ସଇତାନକୁ ଯାଦକିଯା ସଇତାନ ଆସି ହାଜର ହୋଗୟା । ବାବୁ, ହେଇ ଆସୁଛନ୍ତି । ସାନବାବୁ । ମୁଁ ଯାଉଛି । ତୁମେ ତାଙ୍କ ସାଙ୍ଗରେ ଦୁଃଖସୁଖ ହେଉଥାଅ । (ପ୍ରସ୍ଥାନ)

(ପ୍ରବେଶ କରନ୍ତି ଅଂଶୁମାନ)

ଦେବଦାସ - ନମସ୍କାର ।

ଅଂଶୁମାନ - (ନ ଶୁଣି ଚାଲିଯାଉଥିଲା)

ଦେବଦାସ - ସାର, ନମସ୍କାର ।

ଅଂଶୁମାନ - Don't Disturb me. I am having lot of Business.

ଦେବଦାସ - ମୁଁ ଆପଣଙ୍କୁ Disturb କରିବି ନାହିଁ । ଖାଲି ମୁଁ ଏତିକି ପଚାରିବାକୁ ଚାହେଁ, ଜଣେ ଦେବୀ ଏ ଗାଁରେ ବାସ କରୁଛନ୍ତି । ସେ କୃଷ୍ଣଭକ୍ତ । ମୁଁ ତାଙ୍କର ଦର୍ଶନାଭିଳାଷୀ ।

ଅଂଶୁମାନ - ତାଙ୍କର ଦର୍ଶନରେ ତୁମର ଲାଭ କ'ଣ ? ମନ୍ଦିରରେ ଭଗବାନ ଅଛନ୍ତି । ବରଂ ତାଙ୍କର ଦର୍ଶନ କର ।

ଦେବଦାସ - ସେ ଜଣେ ମହିୟସୀ ମହିଳା । ଭକ୍ତି ପରାୟଣା ।

ଅଂଶୁମାନ - ହୋଇପାରନ୍ତି । ସେଥିରେ ତୁମର ଯାଏ ଆସେ କ'ଣ ?

ଦେବଦାସ - ଲୋକ ମୁଖରୁ ତାଙ୍କ ବିଷୟରେ ବହୁତ ଶୁଣିଛି । ସେଥିପାଇଁ ମନ ବ୍ୟାକୁଳିତ ହୋଇଉଠିଲା । ତାଙ୍କ ଦର୍ଶନ ପାଇଁ ବହୁ ଦୂରରୁ ଦୌଡ଼ି ଆସିଛି ।

ଅଂଶୁମାନ - ମୁଁ ଦେଖୁଛି, ତୁମେ ତାଙ୍କ ପାଇଁ ପାଗଳ ।

ଦେବଦାସ - ଯାହା ଆପଣ ଭାବି ପାରନ୍ତି ।

ଅଂଶୁମାନ - ଫେରିଯାଅ । ତାଙ୍କ ଦର୍ଶନ ତୁମେ ପାଇପାରିବ ନାହିଁ ।

ଦେବଦାସ - କାହିଁକି ମହାଶୟ ?

ଅଂଶୁମାନ - କିଏ, କ'ଣ, କାହିଁକି, ସେ ପ୍ରଶ୍ନର ଉତ୍ତର ମୁଁ ଦେଇ ପାରିବି ନାହିଁ । ତୁମେ ଚାଲିଯାଅ । ତୁମେ ଜାଣ ମୁଁ ତାଙ୍କ ସ୍ୱାମୀ ।

ଦେବଦାସ - ଆପଣ ତାଙ୍କର ସ୍ୱାମୀ ।

ଅଂଶୁମାନ - କାହିଁକି ? ତୁମ ମନରେ କ'ଣ ସନ୍ଦେହ ଅଛି ?

ଦେବଦାସ - ସେ ଭଳି ଜଣେ ଧର୍ମ ପରାୟଣା, ମହୀୟସୀ ମହିଳା । ଆପଣଙ୍କ ପରି ଜଣେ ନାସ୍ତିକଙ୍କ ସହିତ ତାଙ୍କର ମିଳନ ହେଲା କିପରି ?

Digitized by srujanika@gmail.com

ଅଂଶୁମାନ - କାହାକୁ ତୁମେ ନାସ୍ତିକ କହୁଚ ? ଅଭଦ୍ର, Idiot ଯେ ଖାଲି ହରିନାମ ଜପ କରେ, ତୁମ ବିଚାରରେ ସେ ଏକମାତ୍ର ଧାର୍ମିକ । କିନ୍ତୁ ଯେ ସଂସାର ଧର୍ମ କରି ଈଶ୍ୱର ଉପାସନା କରେ, ସେ ତୁମ୍ଭ ବିଚାରରେ ନାସ୍ତିକ । ବହୁତ କିଛି ତୁମେ କହିଗଲଣି । ଶୀଘ୍ର ଏ ଗାଁରୁ ବାହାରିଯାଅ । ମୋର ସ୍ତ୍ରୀର ଦର୍ଶନ, ମୋ ବିନା ଅନୁମତିରେ କେବେ ହୋଇପାରିବ ନାହିଁ । ଯଦି ବଳପୂର୍ବକ ଘରେ ପ୍ରବେଶ କର - ତାର ଦଣ୍ଡ କ'ଣ ଜାଣ ?

ଦେବଦାସ - ହଉ, ଯାହା ଆପଣଙ୍କର ଇଚ୍ଛା । ଆପଣ ଯଦି ପରମିଶନ୍ ନ ଦେବେ, ମୁଁ ଯିବି ବା କିପରି ? ହଉ, ନମସ୍କାର । (ପ୍ରସ୍ଥାନ)

ଅଂଶୁମାନ ହୁଁ, ଆସିଥିଲା ଦେବୀଙ୍କର ଦର୍ଶନ ପାଇଁ। ଏଂସୁଣି ଆଉ ଜଣେଦେବୀ ଭକ୍ତ । ମୁଁ ଦେଖିବି କେତେଦିନ ସେ ଦେବୀ ହୋଇ ରହିବ ଆଉ କେଉଁ ଭଗବାନ ତାକୁ ରକ୍ଷା କରିବ । ଆଉ ବାପା, ତାଙ୍କୁ ପଚାରେ କିଏ ? ଦେଖାଯାଉ ପରିସ୍ଥିତି କେଉଁ ଆଡ଼କୁ ଗତି କରୁଛି ।

- ଅନ୍ଧାର -

- ତୃତୀୟ ଦୃଶ୍ୟ -

(ସେହି ପୂର୍ବ ବର୍ଣ୍ଣିତ ସତ୍ୟବ୍ରତ ବାବୁଙ୍କର ଘର । ପ୍ରଚ୍ଛଦ ପଟରୁ ଶୁଭୁଥିଲା
ସମବେତ କଣ୍ଠରେ

ଓଁ ହରେକୃଷ୍ଣ ହରେକୃଷ୍ଣ, କୃଷ୍ଣ କୃଷ୍ଣ ହରେହରେ
ହରେରାମ ହରେରାମ, ରାମ ରାମ ହରେହରେ ।
ପ୍ରବେଶ କଲେ ସତ୍ୟବ୍ରତ)

ସତ୍ୟବ୍ରତ - ଆହାହା । ଧନ୍ୟ ଏହି ଘର । ଏହି ମହାମନ୍ତ୍ରକୁ ଯେତେ ଉଚ୍ଚାରଣ କରିବ, ହୃଦୟ ସେତେ ନିର୍ମଳ ହୋଇ ଉଠିବ । ଦୁଃଖ, ଅଶାନ୍ତି ଅଚିରେ ଦୂର ହୋଇଯିବ । ବୋହୂ ତ ମୋର ମାନବୀ ନୁହନ୍ତି, ସେ ଦେବୀ । ତାଙ୍କ ପ୍ରତି ଚାଲିଛି ଅତ୍ୟାଚାର । ପାଷାଣର ବକ୍ଷ ବହି ସେ ସବୁ ହସି ହସି ସହିଯାଉଛନ୍ତି । ଏମାନେ ତାଙ୍କ ଉପରେ ଅସନ୍ତୁଷ୍ଟ । କିନ୍ତୁ ମୁଁ ଭାରି ଖୁସୀ । ଆଜି ଏହି ମହାମନ୍ତ୍ର ଧ୍ୱନିରେ ଘରଟି ମୋର ପବିତ୍ର ହୋଇ ଉଠିଛି ।

Digitized by srujanika@gmail.com

(ଶୁଭୁଥିଲା ସେହି ମହାମନ୍ତ୍ର ଧ୍ୱନୀ । ପ୍ରବେଶ କଲେ ଅଂଶୁମାନ)

ଅଂଶୁମାନ - ବାପା । ଶୁଣୁଛନ୍ତି । ଏଠି ସବୁ କ'ଣ ଚାଲିଛି । ଏସବୁକୁ ମୁଁ ଗ୍ରହଣ କରିପାରିବି ନାହିଁ । ମୋର ସାଙ୍ଗସାଥୀମାନେ ମୋତେ ଥଟ୍ଟା ପରିହାସ କରୁଛନ୍ତି । ଜଣେ କେହି ବନ୍ଧୁ ମୋ ଘରକୁ ଆସିବାକୁ ନାରାଜ । ଏ ଭଜନ କୀର୍ତ୍ତନରୁ କି ଲାଭ ମିଳୁଛି, ତା ମୋତେ ଆପଣ ବୁଝାଇ ଦେଇପାରିବେ ?

ସତ୍ୟବ୍ରତ - ତୋତେ କ'ଣ ବା ମୁଁ ବୁଝାଇବି । ତୋର ବୁଝିବାର ଶକ୍ତି ଏ ପର୍ଯ୍ୟନ୍ତ ଉଦୟ ହୋଇନାହିଁ । ଭଗବଦ୍ ଚିନ୍ତା ମନୁଷ୍ୟକୁ ଯେ ମୁକ୍ତି ଦିଏ, ତା ତୁ ବୁଝିବୁ କୁଆଡୁ ?

ଅଂଶୁମାନ - କିନ୍ତୁ ବାପା, ଏ ସବୁ ମୁଁ ଆଉ ପ୍ରଶ୍ରୟ ଦେଇପାରିବି ନାହିଁ । ଯଦି ଏସବୁ ଆପଣ କରିବାକୁ ଚାହାଁନ୍ତି, ଗୋଟିଏ ଆଶ୍ରମ ଗଢ଼ି ସେଠାକୁ ଚାଲିଯାନ୍ତୁ । ଏ ସ୍ତ୍ରୀକୁ ମୁଁ ଗ୍ରହଣ କରିବି ନାହିଁ ବାପା । ସେଥିପାଇଁ ମୁଁ ଆପଣଙ୍କର ଅନୁମତି ଭିକ୍ଷା କରୁଛି ।

ସତ୍ୟବ୍ରତ - ବୋହୂର ଅପରାଧ କ'ଣ ମୋତେ କହିପାରିବୁ ?

ଅଂଶୁମାନ - ସେ କଥା ମୁଁ କ'ଣ ଆପଣଙ୍କୁ କହିବି ! ସମୟ ଆସି କେତେ ହେଲାଣି ? ରନ୍ଧାବଢ଼ା କେତେବେଳେ ହବ । ବୋଉର କ'ଣ ବଳ ବୟସ ଅଛି ଯେ ସେ ଏ ଠାକୁରାଣୀର ସେବା କରିବ ? ବାବାଜୀ, ଭଣ୍ଡ ସନ୍ୟାସୀ ମେଳରେ ଯାର ସମୟ କଟାଇବା କଥା, ସେ ଘର ସଂସାର କରୁଥିଲା କାହିଁକି ? ଏ ଘରଟା ମଠ, ମନ୍ଦିର ନା ଆଶ୍ରମ ?

(ଏଇ ସମୟରେ ମହାମନ୍ତ୍ର ଶୁଭିଲା)

ଅଂଶୁମାନ - ହେଇ ଶୁଣିପାରୁଛନ୍ତି । ମୁଁ ଆଉ ସହ୍ୟ କରିପାରିବି ନାହିଁ ବାପା । ଏ ସ୍ତ୍ରୀକୁ Divorce ମୁଁ କରିବି ।

ସତ୍ୟବ୍ରତ - (ଗର୍ଜି ଉଠି) ଅଂଶୁମାନ, କ'ଣ ସବୁ ତୁ କହିଯାଉଛୁ । ଏଭଳି ବୋହୂକୁ ତୁ ଛାଡ଼ପତ୍ର ଦେବୁ ? ଏକଥା କହିବାକୁ ତୋତେ ଲଜ୍ଜା ଲାଗୁନି ।

ଅଂଶୁମାନ - କାହିଁକି ବାପା, ମନ ଖୋଲି କହିବାଟା କ'ଣ ଅପରାଧ ? ଆପଣ ଏ ଘରଟାକୁ ମଠ, ମନ୍ଦିର କରିଦେବାକୁ କ'ଣ ଚାହାନ୍ତି ? ବେଶ୍ କରିଦିଅନ୍ତୁ, ମୋର କହିବାକୁ କିଛି ନାହିଁ । କିନ୍ତୁ ମୁଁ ବାହାରେ

Digitized by srujanika@gmail.com

ରହିବି ବାପା, ଏ ଘର ସହିତ ସମସ୍ତ ସମ୍ପର୍କ ତୁଟାଇଦେବି । ଆପଣମାନଙ୍କର ମୁହଁ ଚାହିଁବି ନାହିଁ ।

ସତ୍ୟବ୍ରତ - ଧୈର୍ଯ୍ୟ ଧର ଅଂଶୁମାନ । ଅଧୈର୍ଯ୍ୟ ହେଲେ କୌଣସି କାମ ତୁ କରି ପାରିବୁ ନାହିଁ । ସମୟକୁ ଅପେକ୍ଷା କର ।

ଅଂଶୁମାନ - ଆପଣଯେତେ କହିଲେ, ସେ କ'ଣ ଆପଣଙ୍କ କଥା ଶୁଣିବ ? ରାତିରେ ଶୋଇଥିବ, ଏଣୁ ତେଣୁ ଗୁଡ଼ାଏ ସ୍ୱପ୍ନରେ କଥାବାର୍ତ୍ତା ହେଉଥିବ, ସତେ ଯେପରି ଗୋପାଳ ତାକୁ ଡ଼ାକୁଛନ୍ତି । ସେ ବଂଶୀସ୍ୱନ ଶୁଣିପାରୁଛି । ଯମୁନା କୂଳ, କଦମ୍ବ ମୂଳ ତାକୁ ପାଗଳ କରୁଛି ।

ସତ୍ୟବ୍ରତ - ସବୁ କଥାକୁ ମିଥ୍ୟାବୋଲି କହି ହସରେ ଉଡ଼ାଇଦେବାକୁ ଚେଷ୍ଟା କରନା ଅଂଶୁମାନ ।

ଅଂଶୁମାନ - ମୁଁ ପଚାରୁଛି ବାପା, ଯଦି ଗିରିଧର ଗୋପାଳ ତାକୁ ଡ଼ାକୁଛନ୍ତି ସେ ଏଠାରେ ରହିଛି କାହିଁକି ?

ସତ୍ୟବ୍ରତ - ତୋଠାରୁ ପ୍ରଥମଥର ପାଇଁ ଏକଥା ମୁଁ ଶୁଣିବାକୁ ପାଉଛି । ଅଂଶୁମାନ, ତୁ ଭାଗ୍ୟବାନ । ଜଣେ ଦେବୀଙ୍କୁ ତୁ ପତ୍ନୀ ରୂପରେ ପାଇଛୁ । ଆଜ ତତେ ସେ ପତି ପରମେଶ୍ୱର ରୂପରେ ଉପାସନା କରୁଛି । ସ୍ନାନ ସାରି ଆମ୍ଭମାନଙ୍କ ସହିତ ତୋର ପାଦ ପୂଜାକରି ସେ ନିଜକୁ ଧନ୍ୟ ମନେ କରୁଛି । ଏଥିରେ ତାର ଅପରାଧ ରହିଲା କେଉଁଠି ? ତୁ ତାକୁ ଚିହ୍ନିବାକୁ ଚେଷ୍ଟା କର । ତାଙ୍କ ପ୍ରତି ଅଯଥାରେ ଅତ୍ୟାଚାର କରିବାରୁ କ୍ଷାନ୍ତ ହୁଅ । ଦେଖିବୁ ତୋର ସଂସାର ଆଲୋକିତ ହୋଇ ଉଠିବ ।

ଅଂଶୁମାନ - ମୁଁ ଆଉ କିଛି କହିବି ନାହିଁ ବାପା । ଆପଣ ମୋ କଥାର ଗୁରୁତ୍ୱ ନ ବୁଝିବା, ସବୁଠାରୁ ମୋ ପାଇଁ ଯନ୍ତ୍ରଣାଦାୟକ । ମୁଁ ସନ୍ୟାସୀ ନୁହେଁ ବାପା, ମୁଁ ସଂସାରୀ । ସଂସାରଧର୍ମ ପାଳନ କରିବା ମଧ୍ୟରେ ଯେତିକି ମୁଁ ଭଗବଦ୍ ଆରାଧନା କରୁଛି, ତା ମୋ ପାଇଁ ଯଥେଷ୍ଟ । ମୁଁ, ତାଛଡ଼ା ଅଧିକ କିଛି କରି ପାରିବି ନାହିଁ ବାପା । ମୋତେ କ୍ଷମା କରିଦିଅନ୍ତୁ ।

(ପ୍ରବେଶ କଲେ ତିଳୋତ୍ତମା)

ତିଳୋତ୍ତମା - କ'ଣ ତୁମେ କହୁଛ ? ବୋହୁ ସାଙ୍ଗରେ ପୁଅକୁ ବରବାଦ କରିଦେବ ।

Digitized by srujanika@gmail.com

ଏ ଘରେ ଏ ସବୁ କ'ଣ ଚାଲିଛି ? ଆଜିଠାରୁ ଏ ସବୁ ବନ୍ଦ ହେବା ଦରକାର । ପୁଅକୁ ବାହା କରିଥିଲ କାହିଁକି ? ଖାଲି ହରେକୃଷ୍ଣ ହରେରାମ ଜପ କରିବାକୁ । ଏ ପାଗଳି ଯୋଗୁଁ ତାର କେହି ଜଣେ ହେଲେ ବଂଧୁ ଏ ଘରକୁ ଆସି ପାରୁନାହାନ୍ତି । ସବୁବେଳେ ଗୋଟାଏ ନାମ କୀର୍ତ୍ତନ କ'ଣ ? କ'ଣ ସେ ବୁଢ଼ୀ ହୋଇଗଲାଣି ? ଯାହାର ନାମ କୀର୍ତ୍ତନ କରିବା ଇଚ୍ଛା, ସେ ବୃନ୍ଦାବନ ଚାଲିଯାଉ । ତୁମେ ଅତିଶୀଘ୍ର ତା ବାପାକୁ ଡ଼ାକି ପଠାଅ । ମୋର ପୁଅକୁ ମୁଁ ଅନ୍ୟଠାରେ ବିବାହ କରାଇବି । ତାକୁ ଏ ସବୁ ବନ୍ଦ କରିବାକୁ କୁହ । ଯଦି ନ କରିବ, ସିଧା ବାପଘରକୁ ଚାଲିଯାଉ । ମୁଁ ଭଲ ପାତ୍ରୀଟିଏ ଦେଖିଛି । ମୁଁ ଯାହା ଦେଖୁଛି, ଏ ବୋହୁ ଘରେ ଥିଲେ, ନାତି ନାତୁଣୀଙ୍କର ମୁହଁ ଦେଖିବା ଅସମ୍ଭବ ହୋଇ ପଡ଼ିବ । କ'ଣ କହୁଚ ? ଖୋଲି କରି ମୋତେ କୁହ । ଆରେ ଅଂଶୁ, ତୁ ମନବ୍ୟସ୍ତ କରନି । ତୁ ଅଫିସକୁ ଯା । ଏ କ'ଣ କହିବେ ? ସବୁ ବନ୍ଦୋବସ୍ତ ମୁଁ କରିବି ।

(ଦୁହେଁ ଚାଲିଗଲେ)

ସତ୍ୟବ୍ରତ - (ଚିନ୍ତାମଗ୍ନ ହୋଇପଡ଼ିଲେ) କ'ଣ କରାଯିବ ? ଆଗକୁ ବିପଦ ମାଡ଼ି ଆସୁଛି । ମା, ପୁଅ ଏକାଠି ହୋଇଗଲେଣି । ବୋହୁକୁ ମୁଁ କ'ଣ କହିବି ? କହିବି, ତୁ ଭଗବାନଙ୍କୁ ଉପାସନା କର ନାହିଁ ? କହିବି, ସ୍ୱାମୀ ସାଙ୍ଗରେ କ୍ଲବକୁ ଯା, ମଦ୍ୟପାନ କରେ, ଇଙ୍ଗ୍ଲିଶ ନାଚ ନାଚେ । ନା ନା, ଏକଥା ମୋ ଦ୍ୱାରା ହୋଇ ପାରିବ ନାହିଁ । (ପ୍ରବେଶ କରିଛି ନୀହାରିକା)

ନୀହାରିକା - ବାପା

ସତ୍ୟବ୍ରତ - ହଁ,

ନୀହାରିକା - ମୋ ପାଇଁ ଚିନ୍ତା କରୁଛନ୍ତି ?

ସତ୍ୟବ୍ରତ - ନା ମା, ଗୋପାଳ ଯାହାର ସାହା, ତାପାଇଁ ପୁଣି ଚିନ୍ତା କ'ଣ ?

ନୀହାରିକା - ଆପଣ କହିଲେ, ମୁଁ ପୂଜା, ଉପାସନା ସବୁ ବନ୍ଦ କରିଦେବି । ସାଧୁସନ୍ଥଙ୍କୁ ଘରକୁ ଆସିବାକୁ ମନା କରିଦେବି । ସବୁ ଆପଣଙ୍କର ଇଚ୍ଛା ଉପରେ ନିର୍ଭର କରେ ବାପା ।

ସତ୍ୟବ୍ରତ - (କାନ୍ଦି ଉଠିଲେ) ଏକଥା ତୁମେ ମତେ ପଚାରୁଛ ମା ?

Digitized by srujanika@gmail.com

ନୀହାରିକା - ଆପଣ କାନ୍ଦୁଛନ୍ତି ବାପା, ମୋ ପାଇଁ ଆପଣ କାନ୍ଦୁଛନ୍ତି ? ମୁଁ ଆଉ ପୂଜା, ଉପାସନା କରିବି ନାହିଁ ବାପା । ମୁଁ ଆଉ ଆପଣଙ୍କ ମନରେ ଦୁଃଖ ଦେବି ନାହିଁ । ମୋତେ କ୍ଷମା କରିଦିଅନ୍ତୁ । (ପାଦତଳେ ପଡ଼ିଲେ)

ସତ୍ୟବ୍ରତ - (ଲୁହପୋଛି) ମା, ମୁଁ ନାଚାର । ମୁଁ କ'ଣ କରିବି ତୁ କହ ? ଏମାନେ ତୋର ଭକ୍ତିଭାବ ଦେଖି ଅସହିଷ୍ଣୁ ହୋଇପଡ଼ିଛନ୍ତି । ଏମାନେ ଭଗବଦ୍ ଆରାଧନାର ଅର୍ଥ ବୁଝିବେ କୁଆଡୁ ? ତେବେ ମା, ତୁ କେତେଦିନ ତୋ ବାପାଘରକୁ ଚାଲିଯାଆ । ଅବସ୍ଥାର ପରିବର୍ତ୍ତନ ଘଟିଲେ ମୁଁ ତୋତେ ନେଇ ଆସିବି ।

ନୀହାରିକା - ମୁଁ ଏ ଘର ଛାଡ଼ି ଚାଲିଯିବାକୁ ଆପଣ ଚାହୁଁଛନ୍ତି ବାପା ? ଆପଣ କ'ଣ ସତରେ ମୋତେ ଘରୁ ତଡ଼ି ଦେବେ ? ଆପଣମାନଙ୍କୁ ମା, ବାପା ରୂପରେ ପାଇ ଜୀବନ ଆଜି ମୋର ଧନ୍ୟ । ଆପଣଙ୍କର ସେବାରୁ ମୋତେ କ'ଣ ବଞ୍ଚିତ କରିବାକୁ ଚାହାଁନ୍ତି ବାପା ? ହଉ, ତାହେଲେ ମୁଁ ଚାଲିଯିବି । କେବେ ଯିବି ବାପା ? କ'ଣ ବର୍ତ୍ତମାନ ଚାଲିଯିବି ? କୁହନ୍ତୁ ବାପା, ଆପଣ ନୀରବ କାହିଁକି ? ନୀରବ କାହିଁକି ବାପା, କୁହନ୍ତୁ (କାନ୍ଦିଲେ)

ସତ୍ୟବ୍ରତ - ତୁ କୁଆଡ଼େ ଯିବୁ ମା ?ତୁ ଚାଲିଗଲେ, ମୁଁ କ'ଣ ଶାନ୍ତି ପାଇ ପାରିବି ? ତୋତେ ଦେଖିଲେ, ସବୁ ଦୁଃଖ କଷ୍ଟ ପରା ମୁଁ ଭୁଲି ଯାଉଛି ।

ନୀହାରିକା - ତେବେ ବାପା, ଯଦି ସେମାନେ ମୋତେ ନ ଚାହାନ୍ତି, ତାହେଲେ କିଛି ଦିନ ପାଇଁ ମୋତେ ଯିବାକୁ ଅନୁମତି ଦିଅନ୍ତୁ । କିନ୍ତୁ ମୋ ଗୋପାଳଙ୍କୁ ମୋ ସାଙ୍ଗରେ ନେଇଯିବାକୁ ମୋତେ ମନା କରନ୍ତୁନି ବାପା । ତାଙ୍କୁ ଏଠାରେ ଛାଡ଼ି ମୁଁ ଯାଇପାରିବି ନାହିଁ ।

ସତ୍ୟବ୍ରତ - ମୋତେ ଟିକିଏ ଭାବିବାକୁ ଦେ ମା, ମୋତେ ଟିକିଏ ଚିନ୍ତା କରିବାକୁ ସମୟ ଦେ । ବର୍ତ୍ତମାନ ମୁଁ ଅସହାୟ ହୋଇପଡ଼ିଛି । ସେଇ ଗୋପାଳ ମୋର ଏକମାତ୍ର ଭରସା ।

- ଅନ୍ଧାର -

Digitized by srujanika@gmail.com

- ଚତୁର୍ଥ ଦୃଶ୍ୟ -

(ଗ୍ରାମ୍ୟ ପଥ । ମନ୍ଦିରରୁ ପୂଜା ସାରି ପୂଜାଡ଼ାଲା ଧରି ନୀହାରିକା ଘରକୁ ଫେରୁଥିଲେ । ବାଟରେ ଦେଖା ହୋଇଛି ଦେବଦାସଙ୍କ ସହିତ)

ଦେବଦାସ - ନୀହାରିକା, ନୀହାରିକା ।

ନୀହାରିକା - କିଏ ? କିଏ ତୁମେ ?

ଦେବଦାସ - ମୁଁ ଦେବଦାସ ।

ନୀହାରିକା - ଦେବଦାସ କିଏ ମୁଁ ଜାଣେନି ।

ଦେବଦାସ - ତୁମେ ମୋତେ ଜାଣନି ନୀହାରିକା ?

ନୀହାରିକା - ଥରେ କହିଲ ଜାଣିନି ବୋଲି ।

ଦେବଦାସ - ତୁମେ ମୋତେ ଏତେ ଶୀଘ୍ର ଭୁଲିଗଲ ?

ନୀହାରିକା - ନ ଜାଣିବା ଲୋକକୁ ଭୁଲିବା ନ ଭୁଲିବା ପ୍ରଶ୍ନ ଉଠୁଛି କେଉଁଠୁ ?

ଦେବଦାସ - ଅତୀତର କଥା ଥରେ ମନେ ପକାଅ ନୀହାରିକା । ସେହି ଛାତ୍ର ଜୀବନର ସ୍ମୃତିଗୁଡ଼ିକୁ ତୁମେ ଏତେ ଶୀଘ୍ର ଭୁଲିଗଲ ? ମୋ ପାଇଁ ଦିନେ ତୁମେ ଥିଲ ପାଗଳୀ ।

ନୀହାରିକା - ମିଛକଥା । କାହାପାଇଁ ମୁଁ କେବେ ପାଗଳୀ ନଥିଲି । ତୁମେ ଅନ୍ୟ କାହା କଥା କହୁଛ ।

ଦେବଦାସ - ନା, ମୁଁ ତୁମକଥା କହୁଛି ନୀହାରିକା ।

ନୀହାରିକା - ମୁଁ ତୁମ ପାଇଁ ପାଗଳୀ ଥିଲି, ଏକଥା ତୁମେ କହିପାରୁଛ ? ତୁମେ ମୋତେ ରାସ୍ତାରେ ଅଶ୍ଳୀଳ ଇଙ୍ଗିତ ଦେଉଥିଲ । ସେଇଥିପାଇଁ ତୁମେ କଲେଜରୁ ବହିଷ୍କୃତ ହେଲ । ଆଉ ବାପା, ମୋର ମଧ୍ୟ ପାଠପଢ଼ା ବନ୍ଦ କରିଦେଲେ ।

ଦେବଦାସ - ତୁମେ କଲେଜ ଆସିଲ ନାହିଁ । ତୁମପାଇଁ ମୁଁ ପାଗଳ ହେଲି । କଲେଜ ବାହାରେ ବଂଶୀ ବଜାଇଲି । ଦେଖ ନୀହାରିକା, ସେଇ ବଂଶୀଟି ଧରି ମୁଁ ଆଜି ବି ବୁଲୁଛି ।

ନୀହାରିକା - ସେଥିପାଇଁ ମୁଁ କ'ଣ କରିପାରିବି ? ସେଦିନ ତୁମକୁ ମୁଁ ଘୃଣା କରୁଥିଲି ଆଉ ଆଜି ବି ଘୃଣା କରେ ।

ଦେବଦାସ - ସତରେ ତୁମେ କ'ଣ ଏଡ଼େ ନିଷ୍ଠୁର ?

Digitized by srujanika@gmail.com

ନୀହାରିକା - ଯଦି ତୁମ ବିଚାରରେ ମୁଁ ନିଷ୍ଠୁର, ତେବେ ତାକୁ ତୁମେ ଗ୍ରହଣ କରିନିଅ । (ପ୍ରସ୍ଥାନୋଦ୍ୟତ)

ଦେବଦାସ - ନୀହାରିକା, ଟିକିଏ ଶୁଣ । ତୁମକୁ ଦେଖିବା ପାଇଁ ମୁଁ ଏଠାରେ ବହୁଦିନ ଧରି ଅପେକ୍ଷା କରି ରହିଛି । ତୁମର ସ୍ୱାମୀ, ତୁମ ଘରକୁ ଯିବାକୁ ମୋତେ ମନା କରିଦେବାଠାରୁ, ମୁଁ ଏ ଗାଁ ଛାଡ଼ି ଯାଇନାହିଁ ।

ନୀହାରିକା - ତୁମେ ମୋ ପାଇଁ କାହିଁକି ଅପେକ୍ଷା କରିଛ ?

ଦେବଦାସ - ମୁଁ ଯେ ତୁମର ଉପାସକ ।

ନୀହାରିକା - ସେ ମୂର୍ଖାମୀ ତୁମେ ଏ ଯାଏଁ ଛାଡ଼ିନ ? ତୁମେ ଜାଣ ମୁଁ ବିବାହିତା । ମୋ ପତି, ମୋ ପରମେଶ୍ୱର ।

ଦେବଦାସ - ସେ ତ ଜଣେ ନିଷ୍ଠୁର ପ୍ରକୃତିର ଲୋକ । ସେ ତୁମ ଉପରେ ଶାରୀରିକ ଅତ୍ୟାଚାର କରନ୍ତି ।

ନୀହାରିକା - ସେଥିରେ ତୁମର ଯାଏ ଆସେ କ'ଣ ?

ଦେବଦାସ - ସେଥିପାଇଁ ମୁଁ ବ୍ୟଥିତ ନୀହାରିକା ।

ନୀହାରିକା - ମୋ ବ୍ୟକ୍ତିଗତ ଜୀବନ ପାଇଁ ତୁମେ ବ୍ୟଥିତ କାହିଁକି ? ତୁମେ କିଏ ? ତୁମ ସହିତ ମୋର ସମ୍ପର୍କ କ'ଣ ? ତୁମେ ଚାଲିଯାଅ । ଆଉ ସମୟର ଅପଚୟ ନ କରି ତୁମ ଗନ୍ତବ୍ୟ ସ୍ଥଳକୁ ତୁମେ ଫେରିଯାଅ ।

ଦେବଦାସ - ଓଃ, ତୁମେ ମୋତେ ଆଘାତ ପରେ ଆଘାତ ଦେଉଛ କାହିଁକି ?

ନୀହାରିକା - ଦେଖ ଅତୀତ ଆଜି ମୃତ । ସେ ବିଷୟରେ ଆଲୋଚନା କରି ସମୟ ନଷ୍ଟ କରୁଛ କାହିଁକି ? ଭବିଷ୍ୟତ କଥା ଚିନ୍ତା କର ।

ଦେବଦାସ - ସେହି ଭବିଷ୍ୟତ ପାଇଁ ମୁଁ ତୁମ ନିକଟକୁ ଦୌଡ଼ି ଆସିଛି, ନୀହାରିକା । ତୁମର ବିବାହ ଖବର ଶୁଣି ମୁଁ ପାଗଳ ହୋଇଯାଇଛି । ତୁମେ ମେତେ ଏତେ ଶୀଘ୍ର ଭୁଲିଯିବ ବୋଲି ମୋର ବିଶ୍ୱାସ ନଥିଲା । ତୁମପାଇଁ ମୁଁ ଚିର କୁମାର ହୋଇ ରହିଯିବି । ତୁମ ଗୁଣ ଗାଇ ଗାଇ ମୁଁ ପାଗଳ ହୋଇଯିବି ।

ନୀହାରିକା - କଥାଟିଏ ମୋର ରକ୍ଷା କରିବ ?

ଦେବଦାସ - ଖାଲି କଥାଟିଏ କାହିଁକି, ତୁମେ ଯାହା କହିବ, ତାହା ମୁଁ ନିଶ୍ଚୟ ରକ୍ଷା କରିବି ।

Digitized by srujanika@gmail.com

ନୀହାରିକା - ଏ ପାଗଳାମୀ ଛାଡ଼ି ତୁମେ ଘରକୁ ଫେରିଯାଅ । ମୋ ଜୀବନକୁ ଆଉ ବରବାଦ କରନାହିଁ ।

ଦେବଦାସ - ସେ କଥା କହନି ନୀହାରିକା । ତୁମକୁ ଖାଲି ଦେଖି ଦେଖି ମୁଁ ଜୀବନ ହାରିଦେବି ।

ନୀହାରିକା - ସବୁକଥାରେ ଗୋଟାଏ ସୀମା ଅଛି, ତା ତୁମେ ଜାଣ । ଏଠାରେ ରହି ମରିବା ଅପେକ୍ଷା ଭଗବାନଙ୍କୁ ଧ୍ୟାନ କର । ସେ ତୁମକୁ ଦିବ୍ୟଦୃଷ୍ଟି, ଦିବ୍ୟଜ୍ଞାନ ଦେବେ । ତାଙ୍କର ଗୁଣ ଗାଇ ଗାଇ ତୁମେ ପାଗଳ ହୋଇଯାଅ । ଦୁନିଆଁ ଜାଣୁ, ଦେବଦାସ ନାମରେ ଜଣେ ଭକ୍ତ, ଭଗବାନଙ୍କୁ ପାଇବା ପାଇଁ କେତେ ଯେ ବ୍ୟାକୁଳ । ତୁମେ ସୁରଦାସ ହୋଇଯାଅ । ହୋଇଯାଅ ଭକ୍ତ ତୁଳସୀ ଦାସ । ଶୁଣ, ତୁମ ସହିତ କଥା ହେବାର ଦେଖିଲେ, ଲୋକେ ମୋତେ ସନ୍ଦେହ କରିବେ । ସଂଦେହ କରିବେ ମୋର ଭଗବତ୍ ପ୍ରେମକୁ । ଯାଅ ଦେବଦାସ । ଭଗବାନଙ୍କୁ ଧ୍ୟାୟୀ ଚାଲିଯାଅ ।

(ନୀହାରିକା ଚାଲିଗଲେ । ଦେବଦାସ ସେହି ଜାଗାରେ ବସି କାନ୍ଦୁଥିଲା । ଗୀତ ଗାଇ ଗାଇ ପ୍ରବେଶ କଲେ ଗୋବିନ୍ଦ)

ଗୋବିନ୍ଦ - ହଇଓ ବାବୁ । ତୁମକୁ ଦେଖିଲା ଦେଖିଲା ପରି ମନେ ହେଉଛି ।

ଦେବଦାସ - (କାନ୍ଦି) ସେ ମୋତେ ପ୍ରତାରଣା କଲା କାହିଁକି ?

ଗୋବିନ୍ଦ - ପ୍ରତାପ ରଣା, କୋଉ ପ୍ରତାପ ରଣା କଥା କହୁଛ । ଆମ ଗାଁରେ ରମେଶ ରଣା ଅଛି । ସେ ଭଲ ନାଚେ । ସେ ଆମ ନାଚ ମାଷ୍ଟର । ସେ ଆମ ଗାଁ ଆଖଡ଼ାରେ ହାସ୍ୟ ଅଭିନେତା ।

ଦେବଦାସ - ଓହୋ, ତୁମେ କଥା ନବୁଝି, ଏଣୁ ତେଣୁ ଗୁଡ଼ାଏ ବାଜେ କଥା କହୁଛ କାହିଁକି ? ନାରୀ ଛଳନାମୟୀ । ତାର ଛଳନାପୂର୍ଣ୍ଣ ବାକ୍ୟବାଣରେ ସେ ପୁରୁଷକୁ ପାଗଳ କରିଦିଏ । ସେ ଭୁଲିଯାଏ ପୁଣି ତାର ଅତୀତକୁ । ଏହା କ'ଣ ସମ୍ଭବ ହୋଇପାରେ । ନାହିଁ, ମୁଁ ତ ଅତୀତକୁ ଭୁଲିଯାଇନି । ତାକୁ ପାଥେୟ କରି ମୁଁ ବଞ୍ଚି ରହିଛି । କିନ୍ତୁ ସେ ଅତୀତକୁ ଭୁଲିଗଲା କାହିଁକି ?

ଗୋବିନ୍ଦ - ହଇଓ ବାବୁ, ଏ ସବୁ କାହା ଆଗରେ ବଖାଣି ହଉଚ ? ମୁଁ ତ କାଲା, ମୋ ଆଗରେ ମୂଳା ଚୋବାଇ ହେଉଛ କାହିଁକି ? କଥାଟା କ'ଣ ଖୋଲି କହିଲେ, ଆମେ ତାର କିଛି ବନ୍ଦୋବସ୍ତ କରିବା ।

Digitized by srujanika@gmail.com

ଦେବଦାସ - କ'ଣ କହିବି । କି କଥା ତୁମକୁ କହିବି ? ସେ ମୋତେ ଆଜି ପାଗଳ କରିଛି । ମୁଁ ଦେବଦାସ । ମୋର ପାରୋ କାହିଁ ? ମୁଁ ମୋ ପାର୍ବତୀକୁ ଖୋଜୁଛି ।

ଗୋବିନ୍ଦ - ହଇଓ ବାବୁ, ତୁମେ ତୁମ ପାର୍ବତୀକୁ ଖୋଜୁଥା, ମୁଁ ଚାଲିଲି । ଆଚ୍ଛା ବାବୁ, ତୁମେ ରହୁଛ କେଉଁଠି ?

ଦେବଦାସ - ବାୟାବାବା ମଠରେ ।

ଗୋବିନ୍ଦ - ଭଲ କରିଛ । ମଠରେ ଖାଇ, ଖଟରେ ଶୋଉଥା, ଆଉ ରାମ ନାମ ଜପୁଥା । ନାଇଁନାଇଁ ତୁମେ ତ ରାମ ନାମ ଜପୁନାହଁ । ପାର୍ବତୀ ମନ୍ତ୍ର ଜପୁଛ । ଜପୁଥା । ଜପିବା ଠାରୁ ଆଉ ପୁଣ୍ୟ କିଛି ନାହିଁ, ଜାଣିଲ । ହଉ, ଏଇଠାରେ ଆରାମ କର । ଆମେ ଚାଲିଲୁ ।

ଦେବଦାସ - ଅନୁରୋଧଟିଏ ମୋର ରଖିବ ?

ଗୋବିନ୍ଦ - କଣ ଅନୁରୋଧ, କହିଲେ ସିନା ଜାଣିବି ।

ଦେବଦାସ - ଏଇଠାରେ ଜଣେ ଛଳନାମୟୀ ନାରୀ ରହୁଛି ।

ଗୋବିନ୍ଦ - ହେ ବାବୁ, ନାରୀ ପାରୀ କଥା ମୋତେ କୁହନି । ହେଇ, ସେ ବାବୁ ଆସୁଛନ୍ତି । ତାଙ୍କୁ ପଚାର । ମୁଁ ଚାଲିଲି ।
(ଚାଲିଗଲା । ପ୍ରବେଶ କଲେ ଅଂଶୁମାନ)

ଅଂଶୁମାନ - ଏ ଲୋକଟା, ସେଇ ଲୋକଟା ପରି ଜଣାପଡୁଛି । ଏ କ'ଣ ଗାଁ ଛାଡ଼ି ଯାଇନି ? ହଇଓ ବାବୁ, ତୁମେ ଏ ଗାଁ ଛାଡ଼ି କାହିଁକି ଯାଇନ ? ତୁମେ କିଏ ?

ଦେବଦାସ - ମୁଁ ଜଣେ ପାଗଳ ।

ଅଂଶୁମାନ - ପାଗଳ ?

ଦେବଦାସ - ପ୍ରେମ ପାଗଳ । ମୁଁ ଦେବଦାସ । ମୋ ପାରୋ ପାଇଁ ମୁଁ ପାଗଳ ହୋଇଯାଇଛି ।

ଅଂଶୁମାନ - (ହସିଛନ୍ତି) ପାରୋ ପାଇଁ ଦେବଦାସମାନେ ପାଗଳ ହୁଅନ୍ତି, ଏଥିରେ ନୂତନତ୍ୱ କିଛି ନାହିଁ । ରାଧା ପାଇଁ ଶ୍ୟାମ ତ ପାଗଳ ହୋଇଥିଲେ । ନାରୀ ପାଇଁ ପୁରୁଷ ଯେ ପାଗଳ, ଏଥିରେ ନୂତନତ୍ୱ ରହିଲା କେଉଁଠି ।

ଦେବଦାସ - ତୁମେ ଜଣେବିଦ୍ୱାନ ଲୋକ ପରି ଜଣାପଡୁଛ । ଜଣେ ବଡ଼ ଦାର୍ଶନିକ ପରି କଥା କହୁଛ । ତୁମେ ଏ ଯୁଗର ସକ୍ରେଟିସ୍ ।

Digitized by srujanika@gmail.com

ଅଂଶୁମାନ - ହଉ ହଉ, ବହୁତ କହିଲଣି । ତୁମେ ଏ ଗାଁରେ ରହୁଛ କାହିଁକି ?

ଦେବଦାସ - (ଭୟରେ) ମୋତେ କ'ଣ ଗାଁରୁ ତଡ଼ିଦେବ ?

ଅଂଶୁମାନ - ହଁ, ହଁ, ଏ ଗାଁ ଛାଡ଼ି ତୁ ଚାଲିଯା । ତୋ ପରି ପାଗଳମାନେ ଏ ଗାଁରେ ରହିବା ଉଚିତ ନୁହେଁ । ଯା, ମୁଁ କହୁଛି ଚାଲିଯା ।.... (ଭୟରେ ଦେବଦାସ ଚାଲିଗଲା ଓ ପଛକୁ ବାରମ୍ବାର ଫେରି ଚାହୁଁଥାଏ । ଅଂଶୁମାନ ହସୁଥାଏ ବୀଭତ୍ସ ହସ)

- ଅନ୍ଧାର -

- ପଞ୍ଚମ ଦୃଶ୍ୟ -

ସତ୍ୟବ୍ରତଙ୍କର ସେହି ପୂର୍ବ ବର୍ଣ୍ଣିତ ଘର । ମୁରଲୀର ମୂର୍ଚ୍ଛନା ଶୁଭୁଥାଏ । ନୀହାରିକା ଗୀତ ଗାଉଥିଲେ ।

(ଗୀତ)

ଶ୍ୟାମରେ ତୁ'ରେ ଆଉ ବଂଶୀ ବଜାନା
ରାଧା ରାଧା ବୋଲି କିଆଁ, ତୋ ବଂଶୀ ଡ଼ାକେ ମୋ ନାଆଁ
ଯେତେ କହିଲେ ମୁଁ ତତେ ନ ମାନୁ ମନା । ...୦...
ନେହୁରା ତୋ ପାଦେ ଶ୍ୟାମ ହେଲିଣି ମୁଁ ଦିବା ଯାମ
ଶାଶୁ ନଣନ୍ଦ ଗଞ୍ଜଣା ସହିପାରେ କି ଏ ପ୍ରାଣ
ତୋ ବଂଶୀ ପାଗଳି କଲା ମୋ ମନ କାହ୍ନା ...୧...
ଘେନ ମୋହର ଦୟିନୀ ଆରେ ମୋର ବେଣୁପାଣି
ନ ଆସିବି ଏଣିକି ମୁଁ ଯମୁନାକୁ ନୀର ଆଣି
କେଉଁଭାବେ ବୁଝାଇଲେ ମାନିବୁ ଘେନା ...୨...

(ଗୀତ ଶେଷ ହୋଇଛି । ପ୍ରବେଶ କରିଛନ୍ତି ଅଂଶୁମାନ)

ଅଂଶୁମାନ - ବୋଉ, ବୋଉ

ତିଳୋତ୍ତମା - (ପ୍ରବେଶି) କିରେ ମୋତେ ଡ଼ାକୁଛୁ ?
(ବଂଶୀର ମୂର୍ଚ୍ଛନା ଶୁଭୁଥିଲା)

ଅଂଶୁମାନ - ଶୁଣି ପାରୁଛୁ ?

ତିଳୋତ୍ତମା - କ'ଣ କହୁଚୁ ?

ଅଂଶୁମାନ - ବଂଶୀସ୍ୱନ ।

ତିଳୋତ୍ତମା - ଏତ ସବୁବେଳେ ବାଜୁଛି । କିଏ ବଜଉଛି କିରେ ?

Digitized by srujanika@gmail.com

ଅଂଶୁମାନ - ଆଉ କିଏ ? ତାର ପ୍ରେମିକ ।

ତିଳୋତ୍ତମା - ଏଁ ପ୍ରେମିକ ? କୋଉ ପ୍ରେମିକ କିରେ ସେ ?

ଅଂଶୁମାନ - ଏ ଗାଁକୁ ଏଇ କେତେଦିନ ହେଲା ଆସିଛି । ଆମ ଘରକୁ ଆସିବାକୁ କହିଲା । ମୁଁ ମନା କରିଦେଲି । କହିଲି, ଆସିବୁ ଯଦି ପ୍ରାଣ ନେଇ ଫେରିବୁନି ।

ତିଳୋତ୍ତମା - ଏଁ କେଡ଼େ କଥା । ଏପରା ଭକ୍ତ ଶିରୋମଣୀ । ଏ ପୁଣି ପ୍ରେମ କରୁଥିଲା । ଥାଆ, ମୁଁ ତାକୁ ଡ଼ାକୁଛି ।

ଅଂଶୁମାନ - ନାଇଁ ବୋଉ, ଥାଉ, ଏବେ ନୁହେଁ । ବାପା ଶୁଣିଲେ ବିରକ୍ତ ହେବେ ।

ତିଳୋତ୍ତମା - ତୋ ବାପା ସବୁର ମୂଳ କାରଣ । କିନ୍ତୁ ଏ କ'ଣ ସତ ?

ଅଂଶୁମାନ - ତୋର ଯଦି ସନ୍ଦେହ ହେଉଛି, ଗୋବିନ୍ଦ ଢ଼ାକୁଆକୁ ପଚାରୁନୁ । ସେ ସବୁ କହିବ ।

ତିଳୋତ୍ତମା - ଥାଆ, ମୁଁ ଡ଼ାକୁଛି । ବୋହୂ, ବୋହୂ ।

ନୀହାରିକା - (ଭିତରୁ) ମୋତେ ଡ଼ାକୁଛନ୍ତି ବୋଉ ।

ତିଳୋତ୍ତମା - ଟିକିଏ ଶୁଣିଗଲୁ ।

ନୀହାରିକା - ଆସୁଛି । (ପ୍ରବେଶି) କ'ଣ ହେଲା ବୋଉ, ମୋତେ ଡ଼ାକିଲେ କାହିଁକି ?

ତିଳୋତ୍ତମା - ହଇଲୋ, ଏ ଯେଉଁ ଲୋକଟା ବଂଶୀ ବଜଉଛି, ତାକୁ ତୁ ଜାଣୁ ?

ନୀହାରିକା - ନା ।

ଅଂଶୁମାନ - ମିଛ କହୁଛୁ ।

ନୀହାରିକା - ସତ କହୁଛି ବୋଉ ।

ଅଂଶୁମାନ - ତୁ ପରା ଠାକୁରଙ୍କ ଭକ୍ତ ।

ନୀହାରିକା - ଭକ୍ତ ବୋଲି ମୁଁ କିପରି କହିପାରିବି । ତେବେ ଠାକୁରଙ୍କୁ ମୁଁ ଭକ୍ତି କରେ ।

ତିଳୋତ୍ତମା - ତୋ ନାଁରେ ତ ବହୁତ କଥା ଶୁଣାଯାଉଛି ।

ନୀହାରିକା - କ'ଣ ଶୁଣାଯାଉଛି ବୋଉ ।

ତିଳୋତ୍ତମା - ସେ କୁଆଡ଼େ ତୋର ପ୍ରେମିକ । ତୋ ପାଇଁ ଏ ଗାଁରେ ପଡ଼ିରହିଛି ।

ନୀହାରିକା - ପ୍ରେମର ଅର୍ଥ ଆପଣ କ'ଣବୁଝନ୍ତି ବୋଉ ।

ଅଂଶୁମାନ - ହାରାମଜାଦୀ, କାହାକୁ ତୁ କ'ଣ କହୁଛୁ ? ତୋର ସାହସ ତ କମ୍ ନୁହେଁ ?

Digitized by srujanika@gmail.com

ନୀହାରିକା - ହଁ, ବହୁତ ଅପବାଦ ତ ଶୁଣିଲିଣି ବୋଉ । ଖାଲି ଏଇ ଗୋଟିକ ବାକି ଥିଲା ।

ଅଂଶୁମାନ - ମୁଁ ଯାହା କହୁଛି ତା କ'ଣ ମିଛ ? ସେ ତୋର ପ୍ରେମିକ ନୁହେଁ ?

ନୀହାରିକା - ମୁଁ ଠାକୁରଙ୍କ ରାଣଦେଇ କହୁଛି ଏ କଥାମିଛ । ମୁଁ କାହାକୁ ପ୍ରେମ କରିନି । ପ୍ରେମ କରିଛି କେବଳ ଶ୍ୟାମ ସୁନ୍ଦରଙ୍କୁ । ତା ପୁଣି ଭକ୍ତିପ୍ରେମ । ଆଉମୋ ପତି, ସେ ମୋର ଦେବତା ।

ଅଂଶୁମାନ - (ବୀଭତ୍ସ ହସି) ପତି ଦେବତା ! ସତ ବୋଲି ଯଦି ମୁଁ ପ୍ରମାଣ କରିଦିଏ, ତୁ ଛାଡ଼ପତ୍ର ଦଲିଲରେ ଦସ୍ତଖତ କରିଦେବୁନା ?

ନୀହାରିକା - ପ୍ରମାଣର ଆବଶ୍ୟକତା ନାହିଁ । ଯଦି ତୁମେ ମୋତେ ଛାଡ଼ପତ୍ର ଦେବାକୁ ଚାହଁ, ମୁଁ ବର୍ତ୍ତମାନ ଦସ୍ତଖତ କରିଦେବି ।

ଅଂଶୁମାନ - ତାହେଲେ କଥାଟା ଧରାପଡ଼ିଲା । ତୁ ଏଘରେ ରହିବାକୁ ଚାହୁଁନା । ଲୋକେ ଯାହା କହୁଛନ୍ତି, ତାହା ପୁରାପୁରି ସତ ।

ନୀହାରିକା - ଦେଖ, ତୁମେ ତ ସବୁବେଳେ ମୋତେ ନିର୍ଯ୍ୟାତନା ଦେଇଆସୁଛ । ପ୍ରତି କଥାରେ ଅପମାନିତ କରୁଛ । ନୀରବରେ ସେ ସବୁ ମୁଁ ସହ୍ୟ କରିଯାଉଛି । ମୋର ଅପରାଧ, ମୁଁ ଭଗବାନଙ୍କୁ ସ୍ତୁତି କରୁଛି । ଘରେ ସତ୍‌ସଙ୍ଗ କରୁଛି । ଭଜନ କୀର୍ତ୍ତନ କରୁଛି । ତୁମର ଆସୁରିକ ଚିନ୍ତାକୁ ମୁଁ ସମର୍ଥନ କରୁନାହିଁ । ତୁମ ବନ୍ଧୁଙ୍କ ସାଥିରେ ପ୍ରେମାଳାପ କରୁନାହିଁ । ମଦ୍ୟପାନ କରିବାକୁ ବାରଣ କରୁଛି । ଏଇତ ମୋର ଅପରାଧ । କୁହ, ମୁଁ କ'ଣ ମିଛ କହୁଛି । ଯେଉଁମାନେ ମୋର ପାଟି ଖୋଲିବାକୁ ଚାହୁଁଛନ୍ତି, ମୁଁ ସେମାନଙ୍କୁ ଏଇ କଥା କହିବି ।

ତିଳୋତ୍ତମା - ହଇଲୋ ଛତରଖାଇ, ମାଗିଖିଆ ଘରର ଝିଅ । ବାପା ତ ଲୁଗାଖଣ୍ଡିଏ ପିନ୍ଧାଇ ଛାଡ଼ିଥିଲା । ଯଦି ଜାନି ଯୌତୁକରେ ମଣ୍ଡି ଦେଇଥାନ୍ତା, ଝିଅ ଆଉ ତଳେ ଚାଲନ୍ତା ନାହିଁ । ହଇଲୋ, ତୁ କେଡ଼େ କଥା କହିଲୁ ।

ନୀହାରିକା - ମୁଁ କହିବି । ହଜାର ଥର କହିବି । ସତକୁ ସତ ବୋଲି କହିବାରେ ଆପତ୍ତି କ'ଣ ?

ଅଂଶୁମାନ - କ'ଣ କହିଲୁ ? ତୁ ପୁଣି କହିବୁ । You Bloody ବିଚ୍ । କହିବୁ । କାହା ଆଗେ କହିବୁ ? ତୋ ପାଟି ମୁଁ ସବୁଦିନ ପାଇଁ ବନ୍ଦ କରିଦେବି । (ମାରିଲେ । ତଣ୍ଟି ଚିପି ତଳେ ପକାଇଦେଲେ)

Digitized by srujanika@gmail.com

ଅଂଶୁମାନ - ହାରମଜାଦୀର ଦିନକୁ ଦିନ ସାହସ ବଢ଼ିଗଲାଣି । ଯାକୁ ଛାଡ଼ପତ୍ର ନଦେଲେ ଆଉ ମୋତେ ରକ୍ଷା ନାହିଁ ।

ତିଳୋତ୍ତମା - ହଇରେ ଅଂଶୁ । ଦେଖିଲୁ କ'ଣ ହଲଚଲ ହେଉନି । କ'ଣ ମରିଗଲା କିରେ ?

ଅଂଶୁମାନ - ମରିଯାଉ । ମରିଗଲେ ତ ଖୁବ୍ ଭଲ ହେବ, ତୁ କାହିଁକି ବ୍ୟସ୍ତ ହେଉଚୁ ?

ତିଳୋତ୍ତମା - ପୋଲିସ ଆସିବ । ନାନା ହଙ୍ଗାମା ହେବ । ତୋ ବାପା ତ ଭଲ ଲୋକ ନୁହନ୍ତି । ସେ ଚାରିଆଡ଼େ କଥାଟାକୁ ପ୍ରଘଟ କରିଦେବେ ।

ଅଂଶୁମାନ - ପୋଲିସ୍ ପାଇଁ ତୁ ଚିନ୍ତା କରୁଚୁ ? ମୁଁ ପରା ଶାସକ ଦଳ ଜିଲ୍ଲା ସଭାପତି । ପୋଲିସ୍‌ର ବଦଳି ଧାଉଁଥିଲା, ମୁଁ ତାକୁ ବନ୍ଦ କଲି । ଆଉ ଡ଼ାକ୍ତରବାବୁ, ସେ ତ ମୋର ଘନିଷ୍ଠ ବନ୍ଧୁ । ହାର୍ଟଫେଲ ରିପୋର୍ଟ ସେ ଲେଖିଦେବେନି । କେହି ଆମର କିଛି କରିପାରିବେନି ।

ତିଳୋତ୍ତମା - ନାଇଁରେ ଅଂଶୁ, ମୋତେ କାହିଁକି ଡ଼ର ଲାଗୁଛି । ତୁ ଆଗ ନାଡ଼ି ଦେଖିଲୁ । ନାଡ଼ି ଚାଲୁଛି ନା ନାହିଁ ?

ଅଂଶୁମାନ - (ନାଡ଼ି ଦେଖି) ବୋଉ, ସେ ମରିଗଲା ।
(ଏକ କରୁଣ ରାଗିଣୀ ଭାସି ଆସିଛି)

ତିଳୋତ୍ତମା - ସତରେ ମରିଗଲା । ତା ବାପତ କମ୍ ମୂର୍ତ୍ତି ନୁହେଁ । ସେ ଜାଣିଲେ ତ ମୋଟେ ଛାଡ଼ିବ ନାହିଁ । ତେବେ କ'ଣ କରିବା । ତୁ ଆଗ ଗଲୁ । ଯାଇ ଥାନାରେ ରିପୋର୍ଟ କରିଦେ । ହାର୍ଟଫେଲ ହୋଇ ମରିଗଲା । ମୁଁ ବାପାଙ୍କୁ ଡ଼ାକୁଛି । ହଇହେ, ଶୁଣୁଛ ।
(ପ୍ରବେଶ କଲେ ସତ୍ୟବ୍ରତ)

ସତ୍ୟବ୍ରତ - କ'ଣହେଲା ? ବୋହୁ ତଳେ ପଡ଼ିଛନ୍ତି କାହିଁକି ?

ତିଳୋତ୍ତମା - କ'ଣ ତୁମକୁ ମୁଁ କହିବି ? ତା ପାଇଁ କହିଲି । ଆଣୁଛି କହି ଥରି ଥରି ତଳେ ପଡ଼ିଗଲା । ବୁଝିଲ, ତାର ହାର୍ଟ ବେମାରୀ ଥିଲା । ତା ଗାଁ ଲୋକଙ୍କ ଠାରୁ, ମାନେ ତା ପଡ଼ିଶା ଘର ହୀରାନାନୀ ମୋତେ ବହୁବାର କହିଛି । ତା ବାପା ମଧ୍ୟ ତୁମକୁ ସେ କଥା କହିଲାନି । ଆମେ ଜାଣିଥିଲେ ଚିକିତ୍ସା ପତ୍ର କରିଥାନ୍ତେ ।

ସତ୍ୟବ୍ରତ - ହୁଁ, କାହାଣୀ ରଚନା କରିବାରେ ମା ପୁଅ ତତ୍‌ପର ହୋଇ ଉଠିଲ । ମୁଁ ଜାଣେ କିଏ ଦୋଷୀ ।

Digitized by srujanika@gmail.com

ତିଳୋତ୍ତମା - ମଲା ଆମକୁ କାହିଁକି ଦୋଷୀ କରୁଛ । ମୁଁ ଜାଣେ ପରା, କଥାଟାକୁ ନ ବୁଝି ତୁମେ ନାଚହାଟ ଆରମ୍ଭ କରିଦେବ ।

ସତ୍ୟବ୍ରତ - ଅଂଶୁମାନ

ଅଂଶୁମାନ - ବାପା

ସତ୍ୟବ୍ରତ - ଦେଖିଲୁ ନାଡ଼ି ଚାଲୁଛି ନା ନାହିଁ ।

ଅଂଶୁମାନ - ଦେଖିଥିଲି ବାପା । ନାଡ଼ି ଚାଲୁନି ।

ସତ୍ୟବ୍ରତ - ତା' ହେଲେ ଦେବୀ ପରି ବୋହୂ ମୋର, ତୁମର ଅତ୍ୟାଚାରରେ ପ୍ରାଣ ଛାଡ଼ିଦେଲେ ? ଯେଉଁଘରେ ପୂଜା, ଉପାସନା, କୀର୍ତ୍ତନ, ମହାମନ୍ତ୍ର ଜପା ଯାଉଥିଲା, ସେ ଘରେ ପୁଣି ହେଲା ନରହତ୍ୟା ? ତାଙ୍କର ପ୍ରଧାନ ଅପରାଧ ହେଲା, ସେ ଠାକୁରଙ୍କ ପୂଜା ଆରାଧନାରେ ବ୍ୟସ୍ତ ରହିଲେ । ତାଙ୍କୁ ତୁମେ ଜାଣି ଜାଣି ମାରିଦେଲ ? ଏବେ ପୋଲିସକୁ କହିବ କ'ଣ ? ତାର ବାପା ତୁମର କୈଫିୟତକୁ ତ ଗ୍ରହଣ କରିବେ ନାହିଁ । ସେ ସରକାରଙ୍କୁ ଦୋହଲାଇ ଦେବେ । ଆଉଥରେ ମେଡ଼ିକାଲ ବୋର୍ଡ଼ଦ୍ୱାରା ପୋଷ୍ଟମର୍ଟମ ହେବ । ପୋଲିସ୍‌କୁ ବଦଳି କରାଯିବ । ତାପରେ ଯେଉଁ ରିପୋର୍ଟ ବାହାରିବ, ସେଥିରେ ଦୋଷୀ କ'ଣ ସହଜରେ ଖସି ଯାଇପାରିବ ?

ଅଂଶୁମାନ - ବାପା, ବିଶ୍ୱାସ କରନ୍ତୁ । କାହାର କିଛି ଦୋଷ ନାହିଁ ।

ସତ୍ୟବ୍ରତ - ତାହେଲେ ପ୍ରକୃତରେ ଦୋଷୀ ହେଲି ମୁଁ । ମୁଁ ଯଦି ତାଙ୍କୁ ତାଙ୍କ ବାପାଘରକୁ ପଠାଇ ଦେଇଥାନ୍ତି, ବିଚାରୀ ବଞ୍ଚି ଯାଇଥାନ୍ତେ । ତୁମେ ସବୁ କଲ କ'ଣ ? ମୁଁ କାହାଆଗେ ମୁହଁ ଦେଖାଇ ଚାଲିପାରିବିନି । (କାନ୍ଦିଲେ)

ଅଂଶୁମାନ - ବାପା, ଆଉ ଡେରି କରି ଲାଭ ନାହିଁ । ମୁଁ ଯାଇ ପୋଲିସକୁ ରିପୋର୍ଟ କରେ ।

ସତ୍ୟବ୍ରତ - ହଁ, ତା କରିବାତ ଅତ୍ୟନ୍ତ ଜରୁରୀ । ତେବେ ଏ ଦୋଷରୁ ତୁ ମୁକ୍ତି କିପରି ପାଇବୁ ?

ଅଂଶୁମାନ - ଆପଣ ବ୍ୟସ୍ତ ହୁଅନ୍ତୁନି ବାପା, ସବୁ ଠିକ୍ ହେଇଯିବ । (ପ୍ରସ୍ଥାନ)

ସତ୍ୟବ୍ରତ - ଏବେ କ'ଣ ତୁମର ମନ ଶାନ୍ତି ହେଲା ତିଳୋତ୍ତମା ?

ତିଳୋତ୍ତମା - ତୁମେ ତା ବିଷୟରେ କ'ଣ ଜାଣିଛ ? ସତୀ ବୋଲେଇ ହଉଥିଲା ।

Digitized by srujanika@gmail.com

ତାର ଗୋଟିଏ ପ୍ରେମିକ ଏ ଗାଁରେ ବୁଲୁଛି, ସେ କଥା ତୁମେ ଜାଣ ?

ସତ୍ୟବ୍ରତ - ପ୍ରେମିକ ? କୋଉ ପ୍ରେମିକକୁ ତ ମୁଁ କେବେ କେଉଁଠି ଦେଖିନି କି ମୋତେ ଏକଥା କିଏ କହିନି ।

ତିଳୋତ୍ତମା - ଅଛି । ସବୁବେଳେ ବଂଶୀ ବଜାଉଛି ।

ସତ୍ୟବ୍ରତ - ତାପରେ...

ତିଳୋତ୍ତମା - ତାପରେ ଆଉ କ'ଣ ହେବ । ଏ ଟୋକା ସେ କଥା ଜାଣିଲା । ସେ ଟୋକାକୁ ଗାଁ ଛାଡ଼ିଯିବାକୁ ଧମକ ଦେଲା । ସେ ଟୋକାଟାତ ମୋଟେ ଗଲାନି । ସ୍ୱାମୀ ସ୍ତ୍ରୀ ମଧ୍ୟରେ କଥା କଟାକଟି ହେଲା ।

ସତ୍ୟବ୍ରତ - ଏବେ ପ୍ରକୃତ ସତ୍ୟ ତୁମେ ପ୍ରକାଶ କଲ । କଥା କଟାକଟିରୁ ପିଟାପିଟିର ସୃଷ୍ଟି । ଆଉ ତା ପରେ ନରହତ୍ୟା ।

ତିଳୋତ୍ତମା - ପିଟିବନି ! କୋଉ ସ୍ୱାମୀ ଏ କଥା ଶୁଣି ଧୈର୍ଯ୍ୟ ଧରି ରହିପାରିବ କହିଲ ?

ସତ୍ୟବ୍ରତ - ଫଳ ହେଲା ହାର୍ଟଫେଲ୍ । ଏଥର ସମ୍ଭାଳ । ତମେ ଦି ଜଣ ଯଦି ଜେଲ ନ ଯାଇଛ, ମୋତେ ସେତେବେଳେ କହିବ । ମର୍ଡ୍ଡର କେଶ୍ କ'ଣ ଲୁଚି ରହିପାରେ ? ସତ ତ ଆପେ ଆପେ ପ୍ରକାଶ ପାଇଯିବ । (ଏଇ ସମୟରେ ନେପଥ୍ୟରୁ ଶୁଭିଲା, ମା ନୀହାରିକା, ଆଲୋ କ'ଣ କରୁଛୁ)

ସତ୍ୟବ୍ରତ - ହେଇ, ସମୁଦି ଆସିଗଲେଣି । ତାଙ୍କୁ କି ଉତ୍ତର ଦେବ ? ଚୋର ଯେଉଁଠି, ରାତି ପାଉଛି ସେଇଠି ।

ଫକୀର - (ପ୍ରବେଶି) ମା ନୀହାରିକା... ଏଁ ଆପଣମାନେ ଚୁପଚାପ ହୋଇ ଠିଆ ହୋଇଛନ୍ତି । ମୋ ଝିଅ ତଳେ ପଡ଼ିଛି । ତାର କ'ଣ ହେଲା ସମୁଦି । ମୋତେ ସତ୍ୟ ଘଟଣା କୁହ, କ'ଣ ହୋଇଛି ?

ସତ୍ୟବ୍ରତ - ମୁଁ କ'ଣ କହିବି ? ସମୁଦୁଣୀଙ୍କୁ ପଚାରନ୍ତୁ ।

ଫକୀର - ସମୁଦୁଣୀ, କୁହ ମୋର ଝିଅର କ'ଣ ହେଲା ।

ତିଳୋତ୍ତମା - କ'ଣ ଆଉ ହବ । ତାର ତ ହାର୍ଟ ବେମାରୀ ଥିଲା ।

ଫକୀର - ମିଛ କଥା । ତାର କେବେ ହାର୍ଟ ବେମାରୀ ନଥିଲା । ସେ ପିଲାଟି ଦିନରୁ ସୁସ୍ଥ । ପ୍ରକୃତ ସତକଥା ମୋତେ କୁହ ସମୁଦି ।

Digitized by srujanika@gmail.com

ସତ୍ୟବ୍ରତ - ମୋତେ ବିଶ୍ୱାସ କରନ୍ତୁ । ମୁଁ ଏ ସମ୍ପର୍କରେ କିଛି ଜାଣିନି ।

ଫକୀର - ନା, ସେ ଅଭିମାନ କରି ଶୋଇଛି । ମୁଁ ତାକୁ ନେବାପାଇଁ ନ ଆସିବାରୁ ସେ ଅଭିମାନ କରିଛି । ସମୃଦ୍ଧି, ସେ ଭାରି ଅଭିମାନିନୀ । ସାମାନ୍ୟ କଥାରେ ମାସ ମାସ ଧରି ସେ କଥା କହେନି । ଝିଅ, ଉଠୁ ଝିଅ । ତୋ ବାପା ଆସିଛି । ଆମେ ଘରକୁ ଚାଲିଯିବା । ଆଉ କେବେ ଏ ଘରକୁ ଆସିବା ନାହିଁ ।

(ଗାଇ ଉଠିଲେ ଭଜନ -

ଭଗବାନ, ଭଗବାନ
ଦୁଃଖ ଶୁଣ ଭଗବାନ ।
ତୁମେ ନ ଶୁଣିଲେ ଆଉକେ ଶୁଣିବ
ହେବ ନିନ୍ଦା ଅପମାନ ...୦...
ଭକ୍ତର ବେଦନା ଶୁଣିବା ପାଇଁ କି
କର୍ଣ୍ଣ ଢ଼େରି ଅଛି, ହେ ଦୟା ବାରିଧି
ଅପରାଧ ଯଦି କିଛି କରିଅଛି
କ୍ଷମ ପ୍ରଭୁ ନାରାୟଣ ।
ଭଗବାନ, ଭଗବାନ ...୧...

(ମୂର୍ଚ୍ଛା ହୋଇ ପଡ଼ିଗଲେ । ନୀହାରିକା ଦେହ ହଲିଲା । ସେ ଉଠି ଚାରିଆଡ଼କୁ ଚାହିଁଲେ)

ନୀହାରିକା - କ'ଣ ହେଲା ? ମୁଁ କେଉଁଠି ଅଛି ? ତଳେ କିଏ ଶୋଇଛନ୍ତି ? ବାପା, ଆପଣ ନୀରବ ହୋଇ ଠିଆ ହୋଇଛନ୍ତି କାହିଁକି ? ଗୋଟାଏ ରାଜ୍ୟରେ ବୁଲୁଥିଲି । ଓଃ - କି ଶାନ୍ତି । କି ସୁନ୍ଦର ପରିବେଶ । ବାପା, ମୋତେ ଏଠାକୁ ଆଣିଲା କିଏ ? କିଏ ଶୋଇଛନ୍ତି ? ତଳେ କାହିଁକି ଶୋଇଛନ୍ତି ?

ସତ୍ୟବ୍ରତ - ତୁମର ବାପା ଆସିଛନ୍ତି ଝିଅ ।

ନୀହାରିକା - ମୋ ବାପା ଆସିଛନ୍ତି । (ପାଖକୁ ଯାଇ) ବାପା, ବାପା, ଉଠନ୍ତୁ ବାପା । ମୁଁ ଡ଼ାକୁଛି । ତୁମର ଝିଅ ଡ଼ାକୁଛି ।

ଫକୀର - (ଉଠି ଆଶ୍ଚର୍ଯ୍ୟ ହୋଇ) ଏଁ ମୋର ଝିଅ ନୀହାର, ତୁ ଡ଼ାକୁଛୁ ? ତୁ ବଞ୍ଚିଛୁ ? ଏମାନେ ସବୁ ମିଛ କହୁଥିଲେ । ଭଗବାନ ମୋ ଡ଼ାକ

Digitized by srujanika@gmail.com

ଶୁଣିଲେ । ନୀହାର, ତୁ ବଞ୍ଚିଛୁ । ଚାଲମା, ଏ ସ୍ଥାନ ଛାଡ଼ି ଚାଲିଯିବା । ଏ ସ୍ଥାନ ଅସୁରମାନଙ୍କର ସ୍ଥାନ । ଏଠାରେ ଦେବତାମାନେ କ'ଣ ରହିପାରିବେ ? ଚାଲ ମା, ତୋ ଭଜନ ଶୁଣିବାକୁ ମନ ମୋର ବ୍ୟାକୁଳ ।

ସତ୍ୟବ୍ରତ - ମାରେ ହରି ରଖେ କିଏ, ରଖେ ହରି ମାରେ କିଏ ? ପ୍ରଭୁ ମଙ୍ଗଳମୟ, ହେ ଭକ୍ତ ବାଞ୍ଛା କଳ୍ପତରୁ । ଭକ୍ତର ଡ଼ାକ ଶୁଣିଛ ପ୍ରଭୁ । ମୁଁ ଆଜି ଧନ୍ୟ । ମା' ତୁମେ ମାନବୀ ନୁହଁ, ତୁମେ ଦେବୀ । (ପୋଲିସ୍ ଇନ୍ସପେକ୍ଟରଙ୍କ ସହ ଅଂଶୁମାନ ପ୍ରବେଶ କଲେ)

ଅଂଶୁମାନ - (ନୀହାରିକାକୁ ଦେଖି ଆଶ୍ଚର୍ଯ୍ୟ ହୋଇ) ବାପା, ଏ କ'ଣ ? ଏ କ'ଣ ହେଲା ?

ସତ୍ୟବ୍ରତ - ସେହି ପ୍ରଭୁଙ୍କୁ ପଚାରେ, ତୋ ପ୍ରଶ୍ନର ଉତ୍ତର ସେ ଦେବେ ।

ଇନ୍ସପେକ୍ଟର - ଅଂଶୁମାନବାବୁ, ଲାସ୍ କାହିଁ ?

ସତ୍ୟବ୍ରତ - ଭକ୍ତର ଆକୁଳ ଡ଼ାକରେ, ଲାସ୍ ପୁନର୍ଜନ୍ମ ପାଇଛି ଇନ୍ସ୍‌ପେକ୍ଟର ବାବୁ । ଦୟାମୟ ତାଙ୍କର ଦୟା ବରଷି ଦେଇଛନ୍ତି ।

ଇନ୍ସପେକ୍ଟର - ଏ ସବୁ କ'ଣ ଚାଲିଛି ? ମୁଁ ଏସ୍.ପିଙ୍କୁ ଫୋନ କରିଦେଲି । ସେ ବର୍ତ୍ତମାନ ଆସି ପହଞ୍ଚିଯିବେ । ମୁଁ କି ଉତ୍ତର ଦେବି ଅଂଶୁମାନବାବୁ ?

ଅଂଶୁମାନ - ଯାହା ସତ୍ୟ ଘଟଣା, ତା ଆପଣ କହିବେ ।

ଇନ୍ସପେକ୍ଟର - ତାହେଲେ ମୁଁ ଆସୁଛି । ଏସ୍.ପି.ଙ୍କୁ ଜଣାଇଦେବି । (ପ୍ରସ୍ଥାନ)

ଫକୀର - ସମୁଦି, ମୋର ଆଉ ଜାଣିବାକୁ କିଛି ବାକୀ ନାହିଁ । ବର୍ତ୍ତମାନ ମୁଁ ସବୁ ଜାଣିଗଲି । ଆପଣଙ୍କ ପରି ଜଣେ ସାଧୁ ପୁରୁଷ ଥାଉ ଥାଉ, ଆପଣଙ୍କ ଘରେ ଗୋଟାଏ ନିରୀହା, ସରଳା ଅବଳା ଉପରେ ଅତ୍ୟାଚାର । ଛି, ମୁଁ ଆପଣଙ୍କୁ କ'ଣ ବା କହିବି ! ଯଥେଷ୍ଟ ହୋଇଗଲା । ମୋର ଝିଅକୁ ମୁଁ ଫେରିପାଇଲି । ସେତିକି ମୋ ପାଇଁ ଯଥେଷ୍ଟ । ଦୋଷୀ ତ ନିଶ୍ଚେ ଦଣ୍ଡ ପାଇବ । ସେହିଦିନକୁ ସମସ୍ତେ ଅପେକ୍ଷା କରନ୍ତୁ । ଆ ଝିଅ, ଚାଲେ, ଆମେ ଘରକୁ ଚାଲିଯିବା ।

ନୀହାରିକା - କେଉଁଠାକୁ ଯିବି ବାପା । ଶାନ୍ତି ଯଦି ଏଠାରେ ମୋତେ ମିଳୁନାହିଁ, ଆପଣଙ୍କ ପାଖକୁ ଗଲେ ମୁଁ କ'ଣ ଶାନ୍ତି ପାଇ ପାରିବି ?

Digitized by srujanika@gmail.com

ଦେବପ୍ରତିମ ଶ୍ୱଶୁର, ଦେବୀ ପରି ଶାଶୁ ମୋର । ଆଉ ପତି ପରମେଶ୍ୱର । ଏମାନଙ୍କୁ ଛାଡ଼ି ମୁଁ କୁଆଡ଼େ ଯିବି ବାପା ? ଆପଣ କହିଥିଲେ, ପତି ହିଁ ଦେବତା । ସେ ଯେଉଁଠାରେ ରହନ୍ତି, ସେ ଘର ମନ୍ଦିର । ଦୁଃଖର ଦିନ କ'ଣ ସବୁବେଳେ ଥିବ ବାପା ? ସୁଖ କ'ଣ ଆଉ ଆସିବ ନାହିଁ । ଆପଣ ମୋତେ ଆଶୀର୍ବାଦ କରନ୍ତୁ ବାପା ।

ଫକୀର - ତେବେ ତୁ କ'ଣ କହୁଛୁ ଝିଅ ?

ନୀହାରିକା - ମୋ ଭାଗ୍ୟଫଳ ଭୋଗିବା ପାଇଁ, ମୋତେ ଏଠାରେ ଛାଡ଼ିଦିଅନ୍ତୁ ବାପା ।

ଫକୀର - ହଉ ମା, ପ୍ରଭୁ ତୋର ମଙ୍ଗଳ କରନ୍ତୁ । ସେହି ମଙ୍ଗଳମୟ ଆପଦ ବିପଦରେ ତୋର ସହାୟ ହୁଅନ୍ତୁ । ସମ୍ପ୍ରତି, ବିଦାୟ ଦିଅନ୍ତୁ ।

ସତ୍ୟବ୍ରତ - (ପାଖକୁ ଆସି କୁଣ୍ଢାଇ ଧରିଛନ୍ତି । ଦୁହେଁ କାନ୍ଦୁଥିଲେ)

- ଅନ୍ଧାର -

- ଷଷ୍ଠ ଦୃଶ୍ୟ -

(ରାସ୍ତା । ଗୋବିନ୍ଦ ଡ଼ାକୁଆ ଗୀତ ଗାଇ ଗାଇ ଆସୁଥିଲା । ପଛରୁ ଡ଼ାକିଛନ୍ତି ଅଂଶୁମାନ)

ଅଂଶୁମାନ - ଗୋବିନ୍ଦ, ଗୋବିନ୍ଦ

ଗୋବିନ୍ଦ - ସାନବାବୁ, ମୋତେ ଡ଼ାକୁଛ ?

ଅଂଶୁମାନ - ତୁମକୁ କଥାଟିଏ କହିବି ।

ଗୋବିନ୍ଦ - ଗୋଟାଏ କାହିଁକି, ଯେତେ ପାରୁଛ ସେତେ କୁହ ବାବୁ ।

ଅଂଶୁମାନ - ସେଦିନର ପାଗଳ ଲୋକଟାକୁ ତୁମେ ଦେଖିଛ ?

ଗୋବିନ୍ଦ - କୋଉ ଲୋକ କଥା କହୁଛନ୍ତି କି ବାବୁ ?

ଅଂଶୁମାନ - ଯେ ବଂଶୀ ବଜାଇ, ନଈ କୂଳରେ ବସିଥାଏ ।

ଗୋବିନ୍ଦ - ଓଃ, ସେଇ କୃଷ୍ଣ କଥା କହୁଛ ?

ଅଂଶୁମାନ - ସେ ତୁମକୁ କହୁଥିଲା, ମୋ ସ୍ତ୍ରୀକୁ ସେ ଭଲ ପାଏ ।

ଗୋବିନ୍ଦ - ସେଇଟା ବାୟାଟେ ସାନବାବୁ । ତା କଥା କ'ଣ ଶୁଣୁଛ । ଗବଗଛ ଗୋଟାଏ ଗଛ, ଅବରପା ଗୋଟାଏ ତଢ଼େଇ ।

Digitized by srujanika@gmail.com

ଅଂଶୁମାନ - ନାଇଁ ଗୋବିନ୍ଦ, ତା ପାଖରେ ବହୁତ କାମ ଅଛି ।

ଗୋବିନ୍ଦ - କାମ ଥିଲେ ତାଠାରୁ ଆଦାୟ କରିବା । କାମଟା ଆଗ କ'ଣ କୁହ ବାବୁ ।

ଅଂଶୁମାନ - ସେ ଲେଖିଦେବ, ସେ ମୋ ସ୍ତ୍ରୀକୁ ଭଲ ପାଏ ।

ଗୋବିନ୍ଦ - ଏଇଟା ଗୋଟେ କଥାର କଥା । ତୁମେ ପାଗଳ ହେଲକି ବାବୁ ? କାହିଁକି ଏସବୁ ଆଉ ତୁଣ୍ଡରେ ଧରୁଛ । ବୋହୁମାଙ୍କ ପରି ଝିଅଟିଏ ସାତ ଜନ୍ମ ତପସ୍ୟା କଲେ କ'ଣ ମିଳିବ ?

ଅଂଶୁମାନ - ସେ ସବୁ ବାଜେ କଥା ଛାଡ଼ ଗୋବିନ୍ଦ । ଏଇଟା ମୋ ପାଇଁ ବଡ଼ ଜରୁରୀ । ଯଦି ଏତକ କରାଇଦେଇ ପାରିବ, ତାହେଲେ ପାଞ୍ଚ ହଜାର ଟଙ୍କା ଦେବି । ଯଦି ବର୍ତ୍ତମାନ ଚାହଁ, ଦଉଚି, ଧର ।

ଗୋବିନ୍ଦ - ବାବୁ, ଏକଥା ମୁଁ କେମିତି କହିପାରିବି ? ସେ ବାୟାକୁ ପଚାରିବି । ଯଦି ସେ ହଁ କରେ, ମୁଁ ଖାଲି କାହିଁକି ଟଙ୍କା ନେବି । ସେ ବି ତିନି ହଜାର ନେଉ । ବାବୁ, ଏଇ ଲେଖା ନେଇ ତୁମେ କ'ଣ କରିବ କି ?

ଅଂଶୁମାନ - ସେ ସବୁ ତୁମେ ବୁଝିପାରିବ ନାହିଁ ଗୋବିନ୍ଦ ।

ଗୋବିନ୍ଦ - ବାବୁ, ହେଇଟି ବାୟା ଏଇଆଡ଼େ ଆସୁଛି । ତୁମକୁ ଦେଖିଲେ ସେ ଭାରି ଡ଼ରୁଛି । ମୁଁ ତାକୁ ଟିକିଏ ଫୁସୁଲାଏ । ଯଦି ହେଲା ଭଲ, ନ ହେଲେ ନାଇଁ ।

ଅଂଶୁମାନ - ନାହିଁ ବୋଲି କହନି ଗୋବିନ୍ଦ । ଯେ କୌଣସି ମତେ କରିବାକୁ ହେବ । ହଉ ମୁଁ ଆସୁଛି, ପରେ ତୁମ ସହିତ କଥା ହେବି ।

(ପ୍ରସ୍ଥାନ)

(ଗୀତ ଗାଇ ଗାଇ ଦେବଦାସ ଆସୁଥିଲା । ଗୋବିନ୍ଦ ପଚାରିଛି)

ଗୋବିନ୍ଦ - ହଇଓ ପ୍ରେମ ପାଗଳ ।

ଦେବଦାସ - କାହାକୁ ପ୍ରେମ ପାଗଳ ଡ଼ାକୁଛ ?

ଗୋବିନ୍ଦ - ତୁମକୁ । ତୁମର ଏ ପ୍ରେମରୋଗ କେବେ ଛାଡ଼ିବ ?

ଦେବଦାସ - ଯେବେ ମୋ ପାରୋ ମୋର ହୋଇଯିବ ।

ଗୋବିନ୍ଦ - ତୁମର ପାରୋ, ତୁମର ନିଶ୍ଚୟ ହୋଇଯିବ ।

ଦେବଦାସ - କିପରି ?

Digitized by srujanika@gmail.com

ଗୋବିନ୍ଦ - ଅଛି । ତୁମେ କରିପାରିଲେ ହେଲା । ହଇଓ ବାବୁ, ତୁମେ ପାର୍ବତୀକୁ ଭଲ ପାଉଥିଲ ନା ପାର୍ବତୀ ତୁମକୁ ଭଲ ପାଉଥିଲା ?

ଦେବଦାସ - ସେ କଥା ମୁଁ ତୁମକୁ କହି ପାରିବି ନାହିଁ ।

ଗୋବିନ୍ଦ - ବୁଝିଲ ବାବୁ । ଏମିତି ଗୁଡ଼ାଏ ଲୋକ ଏ ଦୁନିଆଁରେ ଅଛନ୍ତି । ଯେଉଁମାନେ ଏକତରଫା ପ୍ରେମ କରନ୍ତି । ଝିଅ ଭଲ ପାଉ କି ନ ପାଉ, ସେମାନେ ତାଙ୍କ ପଛରେ ଦୌଡ଼ିଥାନ୍ତି । କେତେବେଳେ ପାଚେରୀ ଡ଼େଇଁ ଘରେ ପଶନ୍ତି ତ, କେତେବେଳେ ଚଟକଣା ମାଡ଼ରେ ଗାଲ ଫୁଲିଯାଏ । କେତେବେଳେ ପ୍ରେମିକା ମୁହଁରେ ଏସିଡ୍ ଢ଼ାଳି ଦିଅନ୍ତି ତ, କେତେବେଳେ ରେଳଧାରଣାରେ ମୁଣ୍ଡରଖି ଆରାମରେ ଶୋଇଯାଆନ୍ତି । ତୁମେ କେଉଁ ଧରଣର ପ୍ରେମିକ କହିଲ ?

ଦେବଦାସ - ମୁଁ ପ୍ରେମ କରେ ଜଣକୁ । ତା ପାଇଁ ମୁଁ ଆଜି ପାଗଳ । ତାକୁ ଦେଖିଦେଲେ, ଜୀବନ ମୋର ଧନ୍ୟ ହୋଇ ଯାଉଛି । ସେ ନଈକୂଳକୁ ଆସୁଛନ୍ତି । ମୁଁ ତାଙ୍କୁ ଦେଖି ନବଜୀବନ ଲାଭ କରୁଛି । ଆନନ୍ଦରେ ବଂଶୀ ବଜାଉଛି ।

(ଗାଇଲା)

ବଂଶୀ ମଧୁର ତାନେ ବାଜରେ ମୋହନ
ରାଧା ରାଧା ବୋଲି ପ୍ରେମେ ଗାଆରେ ତାନେ
ମଧୁର ତାନେ ଗାଆରେ ମୋହନ ।

ଗୋବିନ୍ଦ - (ହସିଛି, ଖୁବ୍ ମନଖୋଲା ହସ) ହଇଓ ବାବୁ, ତମେ କୋଉ ଜନ୍ମରେ ଚନ୍ଦ୍ରସେଣା ଥିଲ ?

ଦେବଦାସ - ଚନ୍ଦ୍ରସେଣା, ମୁଁ ତ କିଛି ବୁଝି ପାରିଲି ନାହିଁ ।

ଗୋବିନ୍ଦ - ଚନ୍ଦ୍ରସେଣା, ରାଧାଙ୍କ ସ୍ୱାମୀ ହେ, ଜାଣିନ । ରାଧା କୃଷ୍ଣପ୍ରେମରେ ବିଭୋର । ଚନ୍ଦ୍ରସେଣା ଘରେ ବଂଶୀ ବଜଉଥାଏ, ଆଉ ତୁମେ ଏଣେ ବଂଶୀ ବଜାଉ ଥାଅ । ତେଣେ ରାଧା କୃଷ୍ଣ ପ୍ରେମରେ ବିଭୋଉ ହୋଇଥାନ୍ତୁ । ବାବୁ, ସତରେ କ'ଣ ତୁମେ ସାନ ବୋହୂମାଙ୍କୁ ଭଲ ପାଅ ?

ଦେବଦାସ - ଏଥିରେ କ'ଣ ସଂଦେହ ଅଛି ?

Digitized by srujanika@gmail.com

ଗୋବିନ୍ଦ - ଆଉ ସେ ତୁମକୁ...

ଦେବଦାସ - ତାହା ମୁଁ ଠିକ୍ କହିପାରିବି ନାହିଁ ।

ଗୋବିନ୍ଦ - ତୁମେ ତାହେଲେ ଏସିଡ୍ ଫିଙ୍ଗା କାଟାଗୋରିର ପ୍ରେମିକ । ଗୋଟିଏ କାମ କର । ତୁମେ ଲେଖିଦିଅ, ତୁମେ ତାଙ୍କୁ ପ୍ରେମ କର । ସେ ତୁମକୁ ପ୍ରେମ କରୁଥିଲେ ।

ଦେବଦାସ - ସେ କଥା ମୁଁ ଲେଖି ଦେଇ ପାରିବି ନାହିଁ ।

ଗୋବିନ୍ଦ - ତୁମକୁ ପାଞ୍ଚ ହଜାର ଟଙ୍କା ମିଳିବ ।

ଦେବଦାସ - ମୁଁ ତୁମକୁ ଦଶହଜାର ଦେଉଛି । ଏସବୁ କାମରୁ ନିବୃତ୍ତ ହୁଅ ।

ଗୋବିନ୍ଦ - ହଉ ତୁମ କଥା ତୁମେ ବୁଝାବୁଝି ହୁଅ । ମନେରଖ, ଏ ଗାଁରେ ଆଉ ବେଶୀଦିନ ରୁହ ନାହିଁ । ରହିଲେ, ଫଳ କିଛି ଭଲ ହେବ ନାହିଁ । ଗାଲ ସିଝିଯିବ । ଗୋଡ଼ ଛୋଟା ହୋଇଯିବ । ସେତେବେଳେ ପ୍ରେମ କରିବା ମଜା ଛାଡ଼ିଯିବ ।

ଦେବଦାସ - ମୁଁ ଭାବିଥିଲି ତୁମେ ଭଲ ଲୋକ ।

ଗୋବିନ୍ଦ - ମୁଁ କି ଖରାପ ଲୋକ ହୋଇଗଲି କି ହେ ବାବୁ ?

ଦେବଦାସ - ତୁମେ ଟାଉଟରୀ କରୁଛ ।

ଗୋବିନ୍ଦ - ଆଜିକାଲି ଦୁନିଆଁରେ ଯେ ଟାଉଟାରୀ କରୁଛି, ସେ ମନ୍ତ୍ରୀ ହଉଚି । ଭଦ୍ରଲୋକମାନେ ଘାସ ବାଲ୍ଗୁଛନ୍ତି । ହଉ ଯାଅ, ଯାଅ । ଯାଇ ବଂଶୀ ଫୁଙ୍କ । (ଚାଲିଗଲା)

ଦେବଦାସ - ଲେଖିଦେଲେ ନୀହାରିକା ମୋର ହୋଇଯିବ ? ମୁଁ ଯାଇ ତାକୁ ପଚାରିବି । ସେ କହୁଛି କଣ । (ପ୍ରସ୍ଥାନ)

- ଅନ୍ଧାର -

- ସପ୍ତମ ଦୃଶ୍ୟ -

(ସତ୍ୟବ୍ରତଙ୍କ ସେହି କୋଠରୀ । ମନଦୁଃଖରେ ବସିଥିଲେ ଅଂଶୁମାନ । ପ୍ରଚ୍ଛଦପଟରୁ ଏକ କରୁଣ ରାଗିଣୀ ଭାସିଆସୁଥାଏ । ପ୍ରବେଶ କଲେ ତିଳୋତ୍ତମା)

ତିଳୋତ୍ତମା - ଅଂଶୁ, ଆରେ ମୁହଁ ଶୁଖାଇ ଘରଟି ଭିତରେ ବସିଚୁ କାହିଁକି ? ଯା ବାହାରେ ଟିକିଏ ବୁଲିଆ ।

Digitized by srujanika@gmail.com

ଅଂଶୁମାନ - କୁଆଡ଼େ ଯିବି ବୋଉ । ଏ ଜୀବନ ଥାଉ କି ଯାଉ ?

ତିଳୋତ୍ତମା - କେଡ଼େ କଥା କହିଲୁ ମୋ ଧନ । କାହିଁକି ତୁ ମୁହଁ ଶୁଖାଉଛୁ । ଏ ଅଲକ୍ଷଣୀ ନ ମରି କେମିତି ବଞ୍ଚି ଉଠିଲା । ମରିଯାଇଥାନ୍ତି କି, ଗୋଟାଏ ଗ୍ରହ ଯାନ୍ତା । କ'ଣ ହେଉଛି, ମୋତେ ଖୋଲି କହିଲୁ । ମା'କୁ ନ କହି ତୁ ଆଉ କାହାକୁ କହିବୁ ?

ଅଂଶୁମାନ - ମଞ୍ଜୁଶ୍ରୀକୁ ମୁଁ ବିବାହ କରିବି ବୋଉ ।

ତିଳୋତ୍ତମା - ଏମିତି କିଛି ଗୋଟାଏ ମୁଁ ଶୁଣୁଥିଲି । ଗୋବିନ୍ଦ ବାବୁଆ ମୋତେ କହୁଥିଲା । ସେ ମଞ୍ଜୁଶ୍ରୀ କିଏ କହିଲୁ ?

ଅଂଶୁମାନ - କ'ଣ ତୋତେ କହିବି ବୋଉ । ବାପା, ମାଙ୍କର ଅଚଳାଚଳ ସମ୍ପତ୍ତି । ଗୋଟିଏ ବୋଲି ଝିଅ । ସେ ଝିଅ ମୋତେ ଭଲ ପାଉଛି । ତାଙ୍କର କୋଟିଏ ଟଙ୍କାର ସମ୍ପତ୍ତି ହେବ । ତାଙ୍କ କାର୍ ଚଳାଇବା ମୁଁ ଏବେ ଶିଖୁଛି । ସେ କହୁଛନ୍ତି, ଏ କାର୍ ତୁମେ ଘରକୁ ନେଇଯାଅ । ଘରକୁ ନେଇ ଆସନ୍ତି । କିନ୍ତୁ ବାପା ଦେଖିଲେ ବିରକ୍ତ ହେବେ ।

ତିଳୋତ୍ତମା - ତୋ ବାପାତ ସବୁ ନାଟର ଗୋବର୍ଦ୍ଧନ । ଏ ବୁଢ଼ା ଯୋଗୁ କିଛି କରିହଉନି । ତେବେ ସେମାନେ କ'ଣ କହୁଛନ୍ତି ?

ଅଂଶୁମାନ - ଆସନ୍ତା ଲୋକସଭା ନିର୍ବାଚନରେ ମୁଁ ପ୍ରାର୍ଥୀ ହେବାକୁ ଯାଉଛି । ମୋର ସମସ୍ତ ନିର୍ବାଚନ ଖର୍ଚ୍ଚ ସେ ବହନ କରିବେ । ତେବେ କଥା ହଉଛି.....

ତିଳୋତ୍ତମା - କହୁନୁ, ମୁଁ ଜାଣେ ଏ ଟୋକୀତ ତୋର ପ୍ରତିବନ୍ଧକ । ଛାଡ଼ପତ୍ର ଦେଇଦେଲେ ଭଲ ହୁଅନ୍ତା । କିନ୍ତୁ ତୋ ବାପା କ'ଣ ରାଜି ହେବେ ?

ଅଂଶୁମାନ - ତେବେ ସେ ଛାଡ଼ପତ୍ର ନ ଦେଉ । ମୁଁ ଭାବୁଛି ଅନ୍ୟ ଗୋଟାଏ କିଛି...

ତିଳୋତ୍ତମା - କହୁନୁ ।

ଅଂଶୁମାନ - ପେଟ୍ରୋଲ ଢ଼ାଳି ଜାଳିଦେବା ।

ତିଳୋତ୍ତମା - ଯଦି ଧରାପଡ଼ିଯାଉ, ଜୀବନଟା ତୋର ମାଟି ହୋଇଯିବ । ଭବିଷ୍ୟତ ଅନ୍ଧାର ହୋଇଯିବ ।

ଅଂଶୁମାନ - ତାହେଲେ, ଏ କିପରି ମରିବ କହ ?

ତିଳୋତ୍ତମା - ଭାବୁଛି କ'ଣ କରିବା ।

Digitized by srujanika@gmail.com

ଅଂଶୁମାନ - ମୋତେ କିଛି ବୁଦ୍ଧିବାଟ ଦେଖାଯାଉନି ।

ତିଳୋତ୍ତମା - ତୁ ଗୋଟାଏ କାମ୍ କର । ତୁ ଏ ଗାଁ ଛାଡ଼ି ସେ ଝିଅକୁ ଅନ୍ୟ ଜାଗାକୁ ନେଇଗଲେ, ମୋ କାମ ମୁଁ କରିବି ।

ଅଂଶୁମାନ - କହୁନୁ କ'ଣ କରିବୁ ?

ତିଳୋତ୍ତମା - ଉଁ ହୁଁ । ଏ କଥା କ'ଣ କାହାକୁ କୁହାଯାଏ । ବୁଝିଲୁ ପୁଅ, ଏ କାନ୍ଥ ବାଡ଼ର କାନ ଅଛି । ତୁ ନିଶ୍ଚିନ୍ତ ରହ । ମୋ କାମ ମୁଁ କରିବି ।

ଅଂଶୁମାନ - କେବେ କରିବୁ ?

ତିଳୋତ୍ତମା - ଥା, ଏତେ ବ୍ୟସ୍ତ ହଉଚୁ କାହିଁକି ? ସୁବିଧା ସୁଯୋଗ ଦେଖି ମୁଁ ତତେ କହିବିନି । ତୁ ଆଉ କିଛି ଚିନ୍ତା କରନି । ଯାହାହବ, ମୋତେ ହବ । ମୋ ପୁଅ ଯୁଗ ରାଇଜ କରି ସୁଖରେ ରହୁ ।

ଅଂଶୁମାନ - ତେବେ ତାକୁ ଥରେ ପଚରାଯାଉ । ସେ ଯଦି ଡ୍ରାଇଭର୍ସ କାଗଜରେ ଦସ୍ତଖତ କରିଦିଏ, ଆଉ ଚିନ୍ତା କରିବାକୁ ନାହିଁ ।

ତିଳୋତ୍ତମା - କଲେ କ'ଣ ସେ ଏ ଘର ଛାଡ଼ିଯିବ ? ବାପା ଆସିଲା, ମୋତେ ପୁଛିଲା ନାହିଁ । ମୁଁ ଭାବିଥିଲି, ଚାଲିଯିବ ନିଶ୍ଚୟ । କିନ୍ତୁ ଶାଶୁ ଶ୍ୱଶୁର ସୁଆଗ ଦେଖାଇଲା ।

(ପ୍ରବେଶ କଲେ ସତ୍ୟବ୍ରତ)

ସତ୍ୟବ୍ରତ - ମା ପୁଅ ଭିତରେ କି ଆଲୋଚନା ଚାଲିଛି ? ମୁଁ ଡ଼ିଷ୍ଟର୍ବ କଲି ନାହିଁ ତ ?

ତିଳୋତ୍ତମା - ତୁମେ ସବୁବେଳେ ମୋତେ ସଂଦେହ ଦୃଷ୍ଟିରେ ଦେଖିଲ ।

ସତ୍ୟବ୍ରତ - ସଂଦେହ ଦୃଷ୍ଟିରେ ମୁଁ କାହିଁକି ଦେଖିବି ?

ତିଳୋତ୍ତମା - ସବୁବେଳେ ବୋହୂଟାକୁ ତ ମୁଣ୍ଡରେ ବସାଇଲ ।

ସତ୍ୟବ୍ରତ - ଯେ ମୁଣ୍ଡରେ ବସିବା ଯୋଗ୍ୟ, ତାକୁ ବସାଇଲେ କ୍ଷତି କ'ଣ ? ତେବେ କ'ଣ ସବୁ ଆଲୋଚନା ଚାଲିଥିଲା । ଆଲୋଚନା କୁହାଯିବନି, ମନ୍ତ୍ରଣା । ଆଉ କ'ଣ ନରହତ୍ୟା କରିବାର ଯୋଜନା ପ୍ରସ୍ତୁତ କରୁଛ ତିଳୋତ୍ତମା ? ଭାଗ୍ୟଭଲ, ତୁମେ ସହଜରେ ରକ୍ଷା ପାଇଗଲ । ନହେଲେ ଏବେ କେତେ ବର୍ଷ ଯେ ଜେଲଦଣ୍ଡ ଭୋଗୁଥାନ୍ତ, ତା କିଏ କହିପାରନ୍ତା ।

ତିଳୋତ୍ତମା - ତୁମେ ଏକଥା କହି ପାରିଲ ? ମୋତେ ହତ୍ୟାକାରିଣୀ ବୋଲି କହିବାକୁ ତୁମ ତୁଣ୍ଡ ଲେଉଟିଲା ? (କାନ୍ଦିଲେ)

Digitized by srujanika@gmail.com

ସତ୍ୟବ୍ରତ - ଖୁବ୍ ହସାଇଲ ତିଳୋତ୍ତମା । ବୋହୂ ଯେଉଁଦିନ ମ୍ରିୟମାଣ ହୋଇ ପଡ଼ିଥିଲା, କାହିଁ ତୁମ ଆଖିରୁ ତ ଟୋପାଏ ଲୁହ ଗଡ଼ି ନଥିଲା । ମୁଁ ଦେଖୁଥିଲି ତୁମ ମୁହଁକୁ । ତୁମେ ଖୁବ୍ ଉତ୍‌ଫୁଲିତ ଦେଖା ଯାଉଥିଲ । ଆଉ ଯେତେବେଳେ ବୋହୂ ଜୀବନ ପାଇ ଉଠି ବସିଲା, ତୁମ ମୁହଁ ଶୁଖିଗଲା । ହଁ, ଅଂଶୁମାନ, ତୁମର କଥା କ'ଣ ? ତୁମେ ତ ମୋ ସହିତ ଆଜିକାଲି କଥାବାର୍ତ୍ତା କରିବା ଏକାବାରକେ ବନ୍ଦ କରିଦେଲ । କାହିଁକି ? ମୋର ଅପରାଧ କ'ଣ ?

ଅଂଶୁମାନ - ବାପା, ମୁଁ ମୋ ସ୍ତ୍ରୀକୁ ଛାଡ଼ପତ୍ର ଦେବି ।

ସତ୍ୟବ୍ରତ - ଭଲକଥା । ଏଥିରେ ଆପତ୍ତି କରିବାର ନାହିଁ । ତେବେ ଅନ୍ୟ କେଉଁଠି ପାତ୍ରୀ ଚୟନ କରିଛ ?

ଅଂଶୁମାନ - ହିମାଂଶୁ ବାବୁଙ୍କର କନ୍ୟା ମଞ୍ଜୁଶ୍ରୀ । ସେ ବାପାମାଙ୍କର ଏକମାତ୍ର ସନ୍ତାନ । କୋଟିପତି ସେମାନେ ।

ସତ୍ୟବ୍ରତ - ଧନ କ'ଣ ମନୁଷ୍ୟକୁ ସୁଖୀ କରିବାର ଏକମାତ୍ର ପନ୍ଥା । ଧନ ନଥାଇ ମନୁଷ୍ୟ କ'ଣ ସୁଖୀ ହୋଇପାରିବ ନାହିଁ ?

ଅଂଶୁମାନ - ତେବେ ବାପା, ମୁଁ ନିଶ୍ଚିତ ଭାବରେ ଛାଡ଼ପତ୍ର ଦେବି ।

ସତ୍ୟବ୍ରତ - କୋଉ ଆଇନ୍ ବଳରେ ତୁମେ ଏକଥା କରିବାକୁ ଯାଉଛ ?

ଅଂଶୁମାନ - ଆପଣ ଜାଣନ୍ତି, ତାର ଜଣେ ପ୍ରେମିକ ପାଗଳ ପରି ଏଠାରେ ପଡ଼ି ରହିଛି । ଯାହାପାଇଁ ମୁଁ ଅତ୍ୟନ୍ତ ଲଜ୍ୟା ଅନୁଭବ କରୁଛି । ମୁଁ ପ୍ରମାଣ କରିଦେବି, ସେ ଚରିତ୍ରହୀନା ।

ସତ୍ୟବ୍ରତ - ଯାହା କହୁଚ, ତା ଆଗ ପ୍ରମାଣ କର । କିନ୍ତୁ ମନେରଖ ଅଂଶୁମାନ, ସତ୍ୟ ସବୁବେଳେ ସତ୍ୟ । ଗୋଟିଏ ମିଥ୍ୟାକୁ ଆଶ୍ରୟ କରି, ଜୀବନଟାକୁ ହା ହତୋସ୍ମି ମଧକୁ ଠେଲି ଦିଅ ନାହିଁ । ଏତିକି ମୋର ଉପଦେଶ ।

(ପ୍ରବେଶ କରିଛି ନୀହାରିକା)

ନୀହାରିକା - ବାପା, ଏ ଛାଡ଼ପତ୍ରରେ ମୁଁ ରାଜି । ପ୍ରତ୍ୟେକ ହିନ୍ଦୁନାରୀ ତାର ସ୍ୱାମୀର ମଙ୍ଗଳ ଚାହେଁ, ଯାହା ତାର କର୍ତ୍ତବ୍ୟ । ଯଦି ସେ ଦ୍ୱିତୀୟ ଦାର ଗ୍ରହଣ କରି ସୁଖୀ ହେବେ, ତେବେ ମୁଁ ପ୍ରତିବନ୍ଧକ ହେବି କାହିଁକି ? ଆଣ, ଛାଡ଼ପତ୍ର ଦଲିଲରେ ମୁଁ ଦସ୍ତଖତ କରିଦେବି ।

Digitized by srujanika@gmail.com

ସତ୍ୟବ୍ରତ - ବୋହୁ, ଆସ୍ତେ, ଏ ସବୁ ଚିତ୍କାର କରି କୁହାଯାଏ ନାହିଁ । ସମୟକୁ ଅପେକ୍ଷା କର । କ'ଣ ଅଂଶୁମାନ, ଏଥର ତୁମେ ଖୁସୀତ । ଯାଅ, ଯାହାପାରୁଚ ତା' କର । କିନ୍ତୁ ମନେରଖ, ସୁଖ ସବୁଦିନେ ରହେନାହିଁ । ଏହି ଅନିତ୍ୟ ସୁଖପାଇଁ ମୁନିଋଷିମାନେ ସଂସାର ତ୍ୟାଗ କରି ହିମାଳୟରେ ତପସ୍ୟା କରୁଛନ୍ତି । ସବୁକଥା ସ୍ଥିର ହୃଦୟରେ ବିଚାର କର ।

(ପ୍ରବେଶ କଲେ ଫକୀରବାବୁ)

ଫକୀର - ପ୍ରଭୁ ତୁମମାନଙ୍କର ମଙ୍ଗଳ କରନ୍ତୁ । ସମୁଦି ନମସ୍କାର । ଯାହାହେଉ ପ୍ରଭୁଙ୍କର ଆଶୀର୍ବାଦରୁ ସମସ୍ତଙ୍କ ଏକାସାଙ୍ଗରେ ଦର୍ଶନ ମିଳିଗଲା ।

ସତ୍ୟବ୍ରତ - ଆପଣ ହଠାତ୍ ଚାଲି ଆସିଲେ ?

ଫକୀର - ପ୍ରଭୁଙ୍କର ଆଦେଶ ମିଳିଲା । ଆପଣମାନଙ୍କର ଦର୍ଶନ ପାଇଁ ତେଣୁ ଚାଲି ଆସିଲି । ତାର ନିର୍ଦ୍ଦେଶ ନ ହେଲେ କୁଟାଖଣ୍ଡେ ମଧ ହଲି ନ ପାରେ । କ'ଣ କହୁଛନ୍ତି ସମୁଦି ମହାଶୟ ।

ସତ୍ୟବ୍ରତ - ତା ତ ସତ୍ୟ କଥା । ଏହାକୁ ମିଥ୍ୟାବୋଲି କହିବାକୁ କାହାରବା ସାହସ ଅଛି ।

ଫକୀର - ଘରେ ସୁଖଶାନ୍ତି ବିରାଜମାନ କରୁଛି ତ ?

ତିଳୋତ୍ତମା - କି ସୁଖ ଶାନ୍ତି ? ଏ ଘରେ ସୁଖଶାନ୍ତି ଆସିବ କୁଆଡୁ ?

ସତ୍ୟବ୍ରତ - ଯେଉଁଦିନଠାରୁ ଭଗବାନଙ୍କର ନାମ ଜପନ କୀର୍ତ୍ତନରେ ସମାପ୍ତି ଘଟିଛି, ସେହିଦିନଠାରୁ ଅଶାନ୍ତି ବ୍ୟାପକ । ମୁଁ କହିବି ଅଶାନ୍ତି ବୋଲି କିଛି ନାହିଁ । ମନୁଷ୍ୟ ନିଜେ ଅଶାନ୍ତିକୁ ବରଣ କରି ଆଣୁଛି ।

ଫକୀର - ସବୁ ସେହି ପ୍ରଭୁ ପରମେଶ୍ୱରଙ୍କ ଇଚ୍ଛା ।

ଅଂଶୁମାନ - ଆପଣ ଝିଅକୁ ଘରକୁ ନେଇଯାଆନ୍ତୁ ।

ଫକୀର - ହଠାତ୍ ଏ ପ୍ରଶ୍ନ ଉଠିଲା କାହିଁକି ?

ଅଂଶୁମାନ - ଆପଣ, ଆପଣଙ୍କ ଝିଅକୁ ପଚାରନ୍ତୁ ।

ଫକୀର - ହଁ, ସେଥିପାଇଁ ବୋଧହୁଏ ପ୍ରଭୁ ମୋତେ ଏ ସ୍ଥାନକୁ ପଠାଇଛନ୍ତି । ଆ, ମା, ଘରକୁ ଚାଲିଯିବା । ଆଉ ମୂହୂର୍ତ୍ତେ ଏ ସ୍ଥାନରେ ରହିବା ଅନୁଚିତ୍ । ତେବେ ସମୁଦି ଆପଣ କୁହନ୍ତୁ । ମୋ ଝିଅର ଅପରାଧ କ'ଣ ?

Digitized by srujanika@gmail.com

ଅଂଶୁମାନ - ସେ କ'ଣ କହିବେ, ମୁଁ କହୁଚି ।

ତିଳୋତ୍ତମା - ତୁ କ'ଣ କହିବୁ, ଚୁପ ରହ, ମୁଁ କହୁଚି । ଆପଣଙ୍କ ଝିଅ ଯୋଗୁଁ ଆମେ ଗାଁ ଦାଣ୍ଡରେ ଚାଲି ପାରୁନୁ ।

ଫକୀର - ତେବେ ସ୍ପଷ୍ଟ ଭାବରେ କଥାଟା ମୋତେ ଖୋଲି କହୁନାହାନ୍ତି କାହିଁକି ?

ଅଂଶୁମାନ - ମୁଁ କହିବି ସେ ଚରିତ୍ରହୀନା ।

ଫକୀର - ଅସମ୍ଭବ । ଏ କଥା ତୁମେ ତୁଣ୍ଡରେ ଧରିପାରୁଛ ?

ନୀହାରିକା - ହଁ ବାପା, ତାଙ୍କ ଭାଷାରେ ମୁଁ ଚରିତ୍ରହୀନା । ସେଥିପାଇଁ ସେ ମୋତେ ଛାଡ଼ପତ୍ର ଦେବାକୁ ଚାହାନ୍ତି । ସେ ତାଙ୍କର ଦ୍ୱିତୀୟ ପତ୍ନୀ ଗ୍ରହଣ ପାଇଁ ସମସ୍ତ ବନ୍ଦୋବସ୍ତ କରି ସାରିଲେଣି ।

ଫକୀର - ସେ କଥା ନ କହି, ତୋ ଚରିତ୍ର ଉପରେ କଳଙ୍କ ବୋଳାଯାଉଛି । ସମୁଦି, ଆପଣଙ୍କ ନାଁ ସତ୍ୟବ୍ରତ । ସତ୍ୟକୁ ଆପଣ ଜୀବନର ବ୍ରତ କରି ନେଇଛନ୍ତି । ଆପଣ କୁହନ୍ତୁ, ଏ ଅଭିଯୋଗ କ'ଣ ସତ୍ୟ ?

ସତ୍ୟବ୍ରତ - ମୋତେ ବିଶ୍ୱାସ କରନ୍ତୁ ସମୁଦି, ଏ ସଂପର୍କରେ ମୁଁ କିଛି ଜାଣେ ନାହିଁ । ଜଣେ ଯୁବକ ଏ ଗାଁରେ ରହି ବୋହୁଙ୍କର ନାଁରେ ନାନା ଅପବାଦ ରଟୁଛି ।

ଫକୀର - ବୁଝିଲି । ସେ ମଧ୍ୟ ମୋ ଘରକୁ ଯାଇଥିଲା । ମୁଁ ତାକୁ ଧିକ୍କାର କରିଥିଲି । ତା ନାଁ ଦେବଦାସ । ସେ ଏଠାରେ ଉପସ୍ଥିତ ରହି ମୋ ଝିଅର ବଦନାମ କରୁଛି । ତା ହେଲେ ଆପଣ କହନ୍ତୁ - ମୋ ଝିଅକ'ଣ ଏଥିପାଇଁ ଦୋଷୀ ? ସେ କ'ଣ ଏଥିପାଇଁ ହେବ ପତିତା, ଚରିତ୍ରହୀନା ? ମୁଁ ଏହାର ଦୃଢ଼ ପ୍ରତିବାଦ କରୁଛି । ସତୀ ସାବିତ୍ରୀମାନଙ୍କୁ ଯଦି କୁଳଟାର ଆଖ୍ୟା ଦିଆଯାଏ, ତେବେ କୁଳଟାମାନେ କ'ଣ ହେବେ ସତୀ, ସାବିତ୍ରୀ ? ମୁଁ ଗାଁ ଲୋକମାନଙ୍କ ପାଖକୁ ଯାଉଛି । ଏ ଗାଁରେ ତ ଭଦ୍ରଲୋକ ନିଶ୍ଚୟ ଥିବେ । ମୁଁ ସେମାନଙ୍କୁ ପଚାରିବି । ସେ ଯୁବକ ପାଖକୁ ଯିବି ।

ନୀହାରିକା - ଆପଣ କୁଆଡ଼େ ଯିବା ଦରକାର ନାହିଁ ବାପା । ଏ ସମସ୍ୟାର ସମାଧାନ ମୁଁ ନିଜେ କରିବି । ତାଙ୍କର ଦ୍ୱିତୀୟ ବିବାହରେ ମୋର ଆପତ୍ତି ନାହିଁ । ମୁଁ ଯାହାକୁ ପତି ପରମେଶ୍ୱର ରୂପେ ଗ୍ରହଣ

Digitized by srujanika@gmail.com

କରିନେଇଛି, ସେ ମୋର ଇହକାଳ ପରକାଳର ଦେବତା । ସେହି ଦେବତାଙ୍କୁ ପୂଜାକରି, ଏ ଘରେ ମୁଁ ଚାକରାଣୀ ପରି କାମ କରିବି । (ସତ୍ୟବ୍ରତଙ୍କୁ) ବାପା, ଆପଣ କ'ଣ ମୋତେ ଚାକରାଣୀର ଅଧିକାର ଦେବେ ନାହିଁ ? ମୁଁ ବୋହୂ ହୋଇ ନପାରେ । କିନ୍ତୁ ଚାକରାଣୀ ହେବାକୁ ତ ଅଯୋଗ୍ୟା ହେବି ନାହିଁ ।

ସତ୍ୟବ୍ରତ - (କାନ୍ଦି) ଏ କ'ଣ କହୁଛ ମା ! ତୁମେ ଏ ଘରର ବୋହୂ । ତୁମ ସ୍ଥାନ ଅନ୍ୟ କିଏ ଗହଣ କରି ନ ପାରେ । ତା ମୁଁ କଦାପି କରାଇ ଦେବିନି ।

ଫକୀର - ହଉ, ମୋ ଝିଅ ପରା ଚରିତ୍ରହୀନା । ଦେଖିବି କିଏ କିପରି ଦ୍ୱିତୀୟ ବିବାହ କରିବ । ମୁଁ ମୂର୍ଖ ନୁହେଁ । ମୁଁ ଆଇନ୍ ଭଲ ଭାବରେ ଜାଣେ । କୋଉ ଆଇନ୍ ବଳରେ ତୁମେ ଦ୍ୱିତୀୟ ବିବାହ କରିବ ସେ କଥା କୋର୍ଟ ବିଚାର କରିବ । ଆ, ଝିଅ । ଏ ଘରେ ତୋ ଜୀବନ ପ୍ରତି ବିପଦ । ଏମାନେ ହତ୍ୟାକାରୀ । ତୋତେ ଜୀବନରେ ମାରିଦେବେ ।

ନୀହାରକା - ବାପା, ଆପଣଙ୍କ ପାଦ ଧରୁଛି । ମୁଁ ଏ ଘର ଛାଡ଼ି କୁଆଡ଼େ ଯିବି ନାହିଁ । ଏଇଠି ମୋର ମୃତ୍ୟୁ ହେଲେ ସ୍ୱର୍ଗପ୍ରାପ୍ତି । ମୋତେ ଏଠାରେ ରହିବାକୁ ଦିଅନ୍ତୁ ବାପା । (କାନ୍ଦୁଥିଲେ)

ଫକୀର - ଏଭଳି ଝିଅ ନାଁରେ ପୁଣି ନିନ୍ଦା, ଅପବାଦ ! ହଉମା, ଯାହା ତୋର ଇଚ୍ଛା । ପ୍ରଭୁ ପରମପିତା, ତୋତେ ନିଶ୍ଚୟ ରକ୍ଷା କରିବେ । ତାହେଲେ ମୁଁ ଆସୁଛି - (କାନ୍ଦୁଥିଲେ)

- ଅନ୍ଧାର -

- ଅଷ୍ଟମ ଦୃଶ୍ୟ -

(ରାସ୍ତା । ଅଂଶୁମାନ କହି କହି ଆସୁଥିଲେ)

ଅଂଶୁମାନ - ଯେ ଯାହା କହୁ ପଛକେ ମୁଁ ତାକୁ ନିଶ୍ଚୟ ଡ଼ାଇଭର୍ସ କରିବ । ସେ ସତୀ ସାବିତ୍ରୀ ହେଉ ବା ବାରାଙ୍ଗନା ହେଉ, ମୁଁ ତାକୁ ଚାହେଁନା । ମଞ୍ଜୁଶ୍ରୀ ମୋତେ ଯେ କେତେ ଭଲ ନ ପାଏ, ସେ ମୋ ପାଇଁ ପ୍ରାଣ ଦେବାକୁ ପ୍ରସ୍ତୁତ । ମୁଁ ତାକୁ ନିଶ୍ଚୟ ବିବାହ କରିବି ।

Digitized by srujanika@gmail.com

(ପ୍ରବେଶ କରିଛି ଗୋବିନ୍ଦ)

ଗୋବିନ୍ଦ - ସାନବାବୁ, କ'ଣ ମନକୁ ମନ ପାଗଳଙ୍କ ପରି କଥାବାର୍ତ୍ତା ହେଉଛ ।

ଅଂଶୁମାନ - ହଁ ଗୋବିନ୍ଦ, ମୁଁ ପାଗଳ ହୋଇଯିବି । ମଞ୍ଜୁଶ୍ରୀ ପାଇଁ ମୁଁ ପାଗଳ ହୋଇଯିବି । କିନ୍ତୁ ଗୋବିନ୍ଦ, ସବୁ ତୁମ ହାତରେ ରହିଲା । ତୁମେ ଏ ମେସିନ୍ ରଖ । ସେ ପାଗଳ ବସିଥିବା ଯାଗାରେ ଲୁଚାଇ ରଖିଦେବ । ସେମାନଙ୍କର କଥାବାର୍ତ୍ତା ସବୁ ରେକର୍ଡ଼ ହୋଇଯିବ । ତାପରେ ତୁମେ ଏ କ୍ୟାମେରା ସାହାଯ୍ୟରେ ଫଟୋ ଉଠାଇଦେବ । ମୁଁ ତୁମକୁ ଯଥେଷ୍ଟ ଦେବି ।

ଗୋବିନ୍ଦ - ସାନବାବୁ, ତୁମେ ଯାହାକୁ ବାହାହବ, ସେ ନିଶ୍ଚୟ ସୁନ୍ଦରିଆ ହୋଇଥିବ । ତାଙ୍କୁ ଟିକେ ମୋତେ ଦେଖାନ୍ତ ନାହିଁ ?

ଅଂଶୁମାନ - ଦେଖିବ, ନିଶ୍ଚୟ ଦେଖିବ । ତୁମେ ମୋର ଅତି ବିଶ୍ୱସ୍ତ । ଟଙ୍କା ନେବ । ଏଇ ପାଞ୍ଚ ହଜାର ରଖ ।

ଗୋବିନ୍ଦ - ଟଙ୍କା କ'ଣ ହେବ ବାବୁ । ଆଗ କାମଟା ହାସଲ ହୋଇଯାଉ । ପରେ ଟଙ୍କା ଦେବନି । ଟଙ୍କା କ'ଣ ବୁଡ଼ି ଯାଉଛି ?

ଅଂଶୁମାନ - ଆରେ, ଯେ ବୋହୂ ହୋଇ ଆସିବ, ସେ କୋଟିପତି । ତାଙ୍କର କ'ଣ ଅଭାବ ଅଛି । (ଦୂରକୁ ଦେଖି) ହେଇ ସେ ମନ୍ଦିରକୁ ଯାଉଛି । ଏଇ ସମୟରେ ତୁମେ ସବୁ କାମ ସାରିଦିଅ । ସେ ବାୟାତ ନିଶ୍ଚୟ ସେଇଠି ବସିଥିବ ।

ଗୋବିନ୍ଦ - ତାର ଖଟି ପରା ସେଇଟା । ସାନମାଙ୍କୁ ଦେଖିଦେଲେ, ତାର ମନସ୍କାମନା ଯେପରି ପୂର୍ଣ୍ଣ ହୋଇଯାଉଛି ।

ଅଂଶୁମାନ - ମୁଁ ଯାଉଛି । ଦେଖିବା, ଏଥର ସେ କେମିତି ଖସିଯିବ ।

(ପ୍ରସ୍ଥାନ)

ଗୋବିନ୍ଦ - ବୋହୂମା ।

ନୀହାରିକା - ମୋତେ ଡ଼ାକୁଛ ?

ଗୋବିନ୍ଦ - ହଁ ମା, ତୁମକୁ ।

ନୀହାରିକା - କାହିଁକି, ମୋ ପାଖରେ ତୁମର କି କାମ ଅଛି ?

ଗୋବିନ୍ଦ - ମା, କଥାଟିଏ କହିବି ।

ନୀହାରିକା - କୁହ ।

Digitized by srujanika@gmail.com

ଗୋବିନ୍ଦ - ତୁମେ ସେ ଲୋକଟା ସହିତ କଥାବାର୍ତ୍ତା କରନାହିଁ ।

ନୀହାରିକା - କଲେ ଆପତ୍ତି କ'ଣ ?

ଗୋବିନ୍ଦ - ଲୋକେ ନିନ୍ଦା କରୁଛନ୍ତି ।

ନୀହାରିକା - କଥାବାର୍ତ୍ତା ହେଲେ ଲୋକେ ଯଦି ନିନ୍ଦା କରିବେ, ତାହେଲେ କ'ଣ କଲେ ଲୋକେ ପ୍ରଶଂସା କରିବେ, ତୁମେ ମୋତେ ବତାଇ ଦିଅ । ବର୍ତ୍ତମାନ ମୁଁ ତୁମ ସହିତ କଥାବାର୍ତ୍ତା କରୁଛି । ଏଇଟା କ'ଣ ହବ ମୋର ଅପରାଧ । ଏଥିପାଇଁ ଯଦି କିଏ ନିନ୍ଦା କରେ, ମୁଁ କ'ଣ କରିବି ତୁମେ କୁହ ।

ଗୋବିନ୍ଦ - ନାଇଁଯେ ମା, ସେଇ ଲୋକଟା କଥା ପଡ଼ିଛି ।

ନୀହାରିକା - ତୁମେ ଜାଣ ନାହିଁ, ସେ ଲୋକ ମୋର କେହି ନୁହେଁ । ସେ ଗୋଟାଏ ପାଗଳ । ମୋତେ ବଦ୍‌ନାମ କରିବା ପାଇଁ ସେ ଯେପରି ବଦ୍ଧ ପରିକର । ମୋର ସ୍ୱାମୀ ମୋର ଦେବତା । ଏ ଲୋକଟାକୁ ମୁଁ କେବେ ଭଲ ପାଇନଥିଲି କି ପାଏ ନାହିଁ । ଗିରିଧର ଗୋପାଳଙ୍କୁ ମୁଁ ଭକ୍ତି କରେ । ପ୍ରେମ କରେ । ପୂଜା, ଉପାସନା କରେ । ମୋର ସ୍ୱାମୀ ମୋର ଗିରିଧାରୀ ଗୋପାଳ ।

ଗୋବିନ୍ଦ - ତାହେଲେ ଏ ଲୋକଗୁଡ଼ାକ...

ନୀହାରିକା - ରାଧା ଥିଲେ କୃଷ୍ଣଙ୍କ ପାଇଁ ପାଗଳ । ଲୋକେ କେତେ ନିନ୍ଦା କରୁନଥିଲେ । ମୀରାଙ୍କୁ ବିଷ ପିଆଇ ମାରିବାକୁ ଚେଷ୍ଟା କରାଯାଇଥିଲା । କିନ୍ତୁ ଫଳ କ'ଣ ହେଲା ?

ଗୋବିନ୍ଦ - ତୁମ ଉପରେ ତ କମ ଅତ୍ୟାଚାର କରାଯାଇ ନାହିଁ ମା । ତୁମେ ଦେବୀ । ମା, ମୋର ପ୍ରଣାମ ଗ୍ରହଣ କର ।

ନୀହାରିକା - ତୁମେ ମୋତେ ପ୍ରଣାମ ନ କରି ସେଇ ଗିରିଧାରୀ ଗୋପାଳକୁ ପ୍ରଣାମ କର । ସେହି ତୁମକୁ ରକ୍ଷା କରିବେ । ସେ ସମସ୍ତଙ୍କୁ ରକ୍ଷା କରନ୍ତି । ସେ ଶରଣ ପଞ୍ଜର । ତାଙ୍କର ଶରଣାପନ୍ନ ହୁଅ । ତାଙ୍କରି ଉପାସକ ହୁଅ । (ଚାଲିଗଲେ)

ଗୋବିନ୍ଦ - ଏଭଳି ଦେବୀଙ୍କୁ ଏ ଚଣ୍ଡାଳ ଛାଡ଼ପତ୍ର ଦେବ । ମୁଁ ପୁଣି ସେଥିପାଇଁ ସାହାଯ୍ୟ କରିବି (ପକେଟରୁ ଟେପ ଓ କ୍ୟାମେରା ବାହାର କରି ଫିଙ୍ଗିଦେଲେ) ଆରେ ବାପରେ ଯେ ମରିଯାଇଥିଲା, ପୁଣି ବଞ୍ଚି

Digitized by srujanika@gmail.com

ଉଠିଲା । ତା ବିରୁଦ୍ଧରେ ମୁଁ କାମ କରିବି । ଏ ଲୋକଟାକୁ ଭଲ ଦଶା ନାହିଁ । ହଉ, କ'ଣ କରୁଛି କରୁ । (ଚାଲିଗଲା)

(ଦେବଦାସ ବଂଶୀ ବଜାଉଥିଲା । ଦାଢ଼ୀ ବଢ଼ି ଯାଇଥାଏ । ପ୍ରବେଶ କଲେ ନୀହାରିକା)

ନୀହାରିକା - (ଠିଆ ହୋଇଥିଲେ)

ଦେବଦାସ - ତୁମେ ଆସିଛ । ମୁଁ ଜାଣିଥିଲି ତୁମେ ନିଶ୍ଚୟ ଆସିବ ।

ନୀହାରିକା - ମୁଁ ଆସିଛି ତୁମକୁ ଦିପଦ କଥା କହି ଚାଲିଯିବି ।

ଦେବଦାସ - ନା ନୀହାରିକା, ଆମେ ଦୁହେଁ ଚାଲିଯିବା ।

ନୀହାରିକା - ଲଜ୍ୟା ଲାଗୁନି ଏ ସବୁ କହିବାକୁ ?

ଦେବଦାସ - ତୁମେ ନିର୍ଯ୍ୟାତିତା । ତୁମ ଉପରେ ବାରମ୍ବାର ଅତ୍ୟାଚାର କରାଯାଉଛି । ଏହା ସହି ତୁମେ କେତେଦିନ ରହିବ ? ଚାଲି ଆସ, ନୀହାରିକା । ମୋର ବିପୁଳ ସମ୍ପତ୍ତି । ସବୁ ତୁମରି ପାଇଁ ।

ନୀହାରିକା - ମୂର୍ଖ, ତୁମକୁ ମୁଁ କ'ଣ ବୁଝାଇବି ? ଛାତ୍ର ଜୀବନରୁ ତୁମେ ମୋ ପଛରେ ଲାଗିଛ । ତୁମକୁ ମୁଁ ବହୁଥର ଅପମାନିତ କରିଛି । କିନ୍ତୁ ତୁମେ ତଥାପି ମୋ ପିଛା ଛାଡ଼ିନାହଁ । ଏଠାରେ ବଦନାମ କରି, ତୁମେ ମୋର ଇଜ୍ଜତ ନେବାକୁ ବସିଛ, କାହିଁକି ? ତୁମେ କ'ଣ ଭାବୁଛ, ମୁଁ ତୁମର କେବେ ହୋଇପାରିବି ?

ଦେବଦାସ - ଏ କ'ଣ କହୁଛ ନୀହାରିକା ! ମୁଁଯେ ତୁମ ପାଇଁ ପାଗଳ । ତୁମ ପାଇଁ ମୁଁ ପ୍ରାଣ ହାରିଦେବି ।

ନୀହାରିକା - ପ୍ରାଣ ହାରିଦେଇଥିଲେ ଭଲ ହୋଇଥାନ୍ତା । ଏବେ ମଧ୍ୟ ସମୟ ଅଛି । ଯାଅ, ଜୀବନ ହାରିଦିଅ ।

ଦେବଦାସ - ଏ କଥା ତୁମେ କହିପାରୁଛ ନୀହାରିକା ? ମୋର ପ୍ରେମ ନେଇ, ତୁମେ କ'ଣ ସଂଦେହ କରୁଛ ?

ନୀହାରିକା - ପ୍ରେମ, କାହାକୁ ତୁମେ ପ୍ରେମ କରୁଛ ? ପଥରକୁ ?

ଦେବଦାସ - ପଥରକୁ ନୁହେଁ ନୀହାରିକା, ମୁଁ ତୁମକୁ ପ୍ରେମ କରୁଛି ।

ନୀହାରିକା - ସେଥିରେ ମୋର ଯାଏ ଆସେ କ'ଣ ? ମୁଁ ତୁମକୁ ପ୍ରେମ କରୁନାହିଁ । ତୁମକୁ ମୁଁ ଘୃଣା କରୁଛି । ଏଭଳି ମନୁଷ୍ୟ ଦୁନିଆରେ ବଞ୍ଚି ରହିଛନ୍ତି କାହିଁକି, ତାହାହିଁ ମୋତେ ବ୍ୟଥିତ କରୁଛି ।

Digitized by srujanika@gmail.com

ଦେବଦାସ - ତାହେଲେ ନୀହାରିକା, ମୋର ପ୍ରେମ କ'ଣ ବ୍ୟର୍ଥ ?

ନୀହାରିକା - ପ୍ରେମ କର ସେହି ପରମେଶ୍ୱରଙ୍କୁ, ପ୍ରେମକର ମନୁଷ୍ୟକୁ । ଭଗବାନଙ୍କର ସୃଷ୍ଟିକୁ । ତା ନକରି ତୁମେ ଗୋଟିଏ ପାଷାଣକୁ ପ୍ରେମ କରୁଛ କାହିଁକି ? ମୋର ଜୀବନକୁ ହନ୍ତସନ୍ତ କରି, ମୋତେ ବଦନାମ କରି ତୁମେ ପାଉଛ କ'ଣ ? ଶୁଣ ଦେବଦାସ, ମୁଁ ଭଲପାଏ ମୋର ପତିଙ୍କୁ । କେବଳ ମୋର ପତିଙ୍କୁ ।

ଦେବଦାସ - ତୁମର ପତିଙ୍କୁ ତୁମେ ଭଲ ପାଅ ? ଗୋଟିଏ ନିଷ୍ଠୁର ଲୋକକୁ ତୁମେ ସତରେ କ'ଣ ଭଲ ପାଅ ?

ନୀହାରିକା - ମୁଁ ତୁମକୁ ବହୁତ ଥର କହିଛି, ମୋ ପତି, ମୋ ଦେବତା । ତାଙ୍କରି ଉପାସନା ମୋ ଜୀବନର ଧର୍ମ । ସେ ମୋର ଗିରିଧର ଗୋପାଳ । ଫେରିଯାଅ ଦେବଦାସ । ତୁମେ ଭଲପାଅ ପରମେଶ୍ୱରଙ୍କୁ । ତୁମେ ହେବ ମହାନ୍ । ମହାମାନବ ।

ଦେବଦାସ - ତା'ହେଲେ ମୁଁ ଫେରିଯିବି ନୀହାରିକା ?

ନୀହାରିକା - କାଳ ବିଳମ୍ବ ନକରି ତୁମେ ଘରକୁ ଫେରିଯାଅ ।

ଦେବଦାସ - ଘରକୁ, ଆଉ ଘରକୁ ନୁହେଁ ନୀହାରିକା । ମୁଁ ସନ୍ୟାସ ଦୀକ୍ଷା ନେବି । ତୁମେ ମୋତେ ଆଜି ଯେଉଁ ମହାଦୀକ୍ଷା ଦେଇଛ, ତାକୁ ଇ ମୁଁ ଜୀବନରେ ପାଳନ କରିବି । ତୁମେ ମୋର ଗୁରୁ । ତୁମେ ମୋର ଆରାଧ ଦେବୀ । ତୁମ ପ୍ରତି ମୁଁ ବହୁତ ଅନ୍ୟାୟ କରିଛି । ସବୁ ତୁମେ ହସି ହସି ସହି ନେଇଛ । ସେଥିପାଇଁ ମୋତେ କ୍ଷମା କରିଦିଅ । ତୁମେ ମୋର ଗୁରୁ । ଜୟ ଗୁରୁ, ଜୟ ଗୁରୁ ।

(ଚାଲିଗଲେ)

ଗୋବିନ୍ଦ - (ପ୍ରବେଶି) ମା' ତୁମେ ପ୍ରକୃତରେ ଦେବୀ । ତୁମର କେହି ଅନିଷ୍ଟ କରିପାରିବେ ନାହିଁ, ମା । ଜଗତର କଲ୍ୟାଣ ସାଧନ କର । ଜୟ ମା ଜଗଜ୍ଜନନୀ ।

(ନୀହାରିକା ଚାଲିଗଲେ)

(ପ୍ରବେଶ କରିଛନ୍ତି ଅଂଶୁମାନ)

ଅଂଶୁମାନ - ଗୋବିନ୍ଦ, ଗୋବିନ୍ଦ ।

ଗୋବିନ୍ଦ - (ନ ଶୁଣି ଚାଲି ଯାଉଥିଲା)

Digitized by srujanika@gmail.com

ଅଂଶୁମାନ - ଆରେ ବଦମାସ୍ । ମୋ କଥା ନଶୁଣି କୁଆଡ଼େ ଚାଲିଯାଉଛୁ ?

ଗୋବିନ୍ଦ - ମୋର ବହୁତ କାମ ଅଛି ।

ଅଂଶୁମାନ - ମୋ କାମ କ'ଣ କଲୁ ?

ଗୋବିନ୍ଦ - ସେ କାମ ମୋ ହାତରେ ହୋଇ ପାରିବ ନାହିଁ ।

ଅଂଶୁମାନ - ମୋ ଟେପ୍, କ୍ୟାମେରା

ଗୋବିନ୍ଦ - ଫିଙ୍ଗିଦେଲି ।

ଅଂଶୁମାନ - ଫିଙ୍ଗିଦେଲୁ । ତୋର ସାହସ ତ କିଛି କମ୍ ନୁହେଁ । ଜାଣିଛୁ ମୁଁ କିଏ ?

ଗୋବିନ୍ଦ - ତୁମେ ଯିଏ ହୁଅ ବାବୁ । ତୁମ ପାପରେ ମୁଁ ଭାଗୀଦାର ହୋଇ ପାରିବି ନାହିଁ । ଦେବୀ ପ୍ରତିମାକୁ ପାଦରେ ଆଡ଼େଇ ଦେଇ, ତୁମେ ରାକ୍ଷସୀମାନଙ୍କ ପଛରେ ଧାଇଁଛ । କିଛି ଭଲ କରୁନାହଁ ବାବୁ । ମୁଁ ସବୁ ଲୁଚିଲୁଚି ଶୁଣିଛି । ସେ ସାମାନ୍ୟ ନାରୀ ନୁହନ୍ତି, ସେ ଦେବୀ ।

ଅଂଶୁମାନ - ଦେବୀ, ଯା ପାଇଁ ସେ ପୁଣି ଦେବୀ ହୋଇଗଲା । ହଉ, ହଉ ଯା । ତୋ କଥା ମୁଁ ଦେଖିବି । ସେ ଦେବୀ ତୋତେ କିପରି ରକ୍ଷା କରିବ ସେତେବେଳେ ଯାଇ ବୁଝିବୁ ।

ଗୋବିନ୍ଦ - ହଉ, ହଉ ଯାହା କରିବାକୁ ଚାହଁ କର ବାବୁ । ତୁମକୁ ଭଲ ଯୋଗ ନାହିଁ । ମୁଁ ଯାଉଛି । ମୋ ପାଖକୁ ଆଉ କେବେ ଆସିବ ନାହିଁ ।

- ଅନ୍ଧାର -

- ନବମ ଦୃଶ୍ୟ -

(ତିଲୋତ୍ତମା ରାଗରେ ପଦଚାରଣ କରୁଥିଲେ)

ତିଳୋତ୍ତମା - ପୁଅଟା ୫ ଦିନ ହେଲା କୁଆଡ଼େ ଗଲା ? ଏ ପରା ବାପ, ପୁଅର ସୁଖ କଥା କ'ଣ ଟିକିଏ ବୁଝିଲେ । ସେ ପାଗଳଙ୍କ ପରି ଚାରିଆଡ଼େ ବୁଲୁଛି । ଏ ଅଲକ୍ଷଣୀଟା ମଲାନି ଯାହା । ମରିଥିଲା, ଝାଡ଼ିଝୁଡ଼ି ପୁଣି ବସି ପଡ଼ିଲା । ବାପା ଘରକୁ ଯା । ବାପା ଯେତେ ଡ଼ାକିଲା ଶୁଣିଲା ନାହିଁ । ଡ଼ାକି ଟିକିଏ ପଚାରେ । ଯଦି ଛାଡ଼ପତ୍ରରେ ଦସ୍ତଖତ କରି ଦିଅନ୍ତା ତାହେଲେ ଆଉ କିଛି ଅସୁବିଧା ହୁଅନ୍ତା ନାହିଁ । ଆଲୋ ବୋହୂ, ଶୁଣିଲୁ ।

Digitized by srujanika@gmail.com

ନୀହାରିକା - (ପ୍ରବେଶି) ମୋତେ ଡ଼ାକିଲେ ବୋଉ ।

ତିଳୋତ୍ତମା - ହଁ, କଥା କ'ଣ କି, ପୁଅ କୁଆଡ଼େ ଯାଇଛି ଜାଣିନୁ ।

ନୀହାରିକା - ସେ କ'ଣ ମୋତେ କହି ଯାଉଛନ୍ତି ।

ତିଳୋତ୍ତମା - ସ୍ତ୍ରୀ ହୋଇଛୁ, ତାକୁ ହାତ ମୁଠାରେ ରଖି ପାରୁନୁ ।

ନୀହାରିକା - କିଏ ସ୍ତ୍ରୀ ! ସ୍ତ୍ରୀ ବୋଲି ମୋତେ କିଏ ବା ଗ୍ରହଣ କରୁଛି ?

ତିଳୋତ୍ତମା - ତେବେ ଏମିତି କେତେଦିନ ତୁ ରହିବୁ କହିଲୁ ?

ନୀହାରିକା - ଯେତେଦିନ ମୋ ଭାଗ୍ୟରେ ଥିବ ।

ତିଳୋତ୍ତମା - ସେ କହୁଛି, ଆଉଗୋଟେ ବାହାହେବ ।

ନୀହାରିକା - ମୁଁ ତ ମନା କରୁନି ବୋଉ ।

ତିଳୋତ୍ତମା - ତେବେ ସେ ଯେଉଁ କାଗଜ ଆଣିଛି, ସେଥିରେ ଦସ୍ତଖତ କରିଦେଉନୁ ।

ନୀହାରିକା - ମୁଁ ତ ମନା କରିନି ବୋଉ ।

ତିଳୋତ୍ତମା - ମୁଁ ଜାଣେ, ତୁ ଭାରି ଭଲ । ହଉ ସେ ଆସୁ । ଯଦି ଦସ୍ତଖତ କରିବାକୁ କହିବ, କରିଦେବୁ । ତୋର କିଛି ଅସୁବିଧା ହେବନି । ମୁଁ ଅଛି । ମୁଁ ସବୁ ବୁଝିବି । ଯା । (ନୀହାରକା ଚାଲିଗଲେ)
(ଏଇ ସମୟରେ ପ୍ରବେଶ କରିଛି ଅଂଶୁମାନ)

ତିଳୋତ୍ତମା - କିରେ, ତୁ କେଉଁଠି ଥିଲୁ ?

ଅଂଶୁମାନ - (ନୀରବ)

ତିଳୋତ୍ତମା - କଥା କ'ଣ କହୁନୁ କାହିଁକି ? କାହିଁକି ମୋତେ କନ୍ଦାଇ ମାରୁଛୁ କହିଲୁ । ତୋତେ ଜନ୍ମ କରିଥିଲି କ'ଣ ଦିନରାତି ଖାଲି କାନ୍ଦିବା ପାଇଁ ।

ଅଂଶୁମାନ - ମୁଁ ମଞ୍ଜୁଶ୍ରୀଙ୍କ ଘରେ ଥିଲି ।

ତିଳୋତ୍ତମା - ବାହାଘର ହୋଇନି । ତା ଘରେ ତୁ କାହିଁକି ଥିଲୁ ? ତା ବାପା କିଛି କହୁନାହାନ୍ତି ।

ଅଂଶୁ - ସେ ଭାରି ଭଲ ଲୋକ ।

ତିଳୋତ୍ତମା - ହେଇଥିବ, ହେଇଥିବ । ନହେଲେ ପର ପୁରୁଷ ସାଙ୍ଗରେ ଝିଅକୁ ଛାଡ଼ି ଦିଅନ୍ତେ ।

Digitized by srujanika@gmail.com

ଅଂଶୁମାନ - ସେମାନେ ଭାରି ଏଡ୍‌ଭାନ୍ସ୍‌ଡ୍ ବୋଉ । ଏସବୁ ଛୋଟ ଚିନ୍ତା ତାଙ୍କର ନାହିଁ । ସେ ଜାଣନ୍ତି, ମୁଁ ତାଙ୍କ ଝିଅକୁ ବିବାହ କରିବି । ସେଥିପାଇଁ ସେ ନିଶ୍ଚିନ୍ତ ହୋଇଯାଇଛନ୍ତି ।

ତିଳୋତ୍ତମା - ସବୁ ହେଲାଯେ, ସେ ଟିକିଏ ତୋ ବାପାଙ୍କ ସହିତ କଥାବାର୍ତ୍ତା କରନ୍ତେ ନାହିଁ ।

ଅଂଶୁମାନ - ବାପା କ'ଣ ତାଙ୍କ ସହିତ କଥାବାର୍ତ୍ତା ହେବେ । ସେ ସେଥିପାଇଁ ଚିନ୍ତା କରନ୍ତି ନାହିଁ ।

ତିଳୋତ୍ତମା - ହଁ ଗୋବିନ୍ଦ ଦ୍ୱାରା ତୁ କ'ଣ କରିବୁ ବୋଲି ଚିନ୍ତା କରିଥିଲୁ । ସେଇଟା କ'ଣ ହେଲା ?

ଅଂଶୁମାନ - ଆଉ କ'ଣ ହେବ, ତୋ ବୋହୂ ତାକୁ କ'ଣ କହି ଭୁଲାଇ ଦେଲାଯେ, ଏବେ ସେ ଯା ପାଇଁ ଦେବୀ ହୋଇଗଲା ।

ତିଳୋତ୍ତମା - ଏଁ ସତେ ? ତେବେ... ହଁ ଆଉ ଗୋଟିଏ କଥା, ତାର ପ୍ରେମିକ, ଯେ ଏ ଗାଁରେ ଯା ପାଇଁ ରହିଛି, ତାକୁ ଟିକିଏ ମୋ ପାଖକୁ ଡ଼ାକିଲୁ ।

ଅଂଶୁମାନ - ସେ କ'ଣ ଆଉ ଏ ଗାଁରେ ଅଛି । ତାକୁ କ'ଣ କହି ଇଏ ଏ ଗାଁରୁ ପଠାଇ ଦେଇଛି । ତାର ଆଉ ଦେଖା ନାହିଁ ।

ତିଳୋତ୍ତମା - ବୋଧେ କ'ଣ ଗୋଟାଏ ସଲାସୁତୁରା ହେଇଥିବେ । ନହେଲେ ସେ ଗାଁ ଛାଡ଼ି ଚାଲି ଯାଆନ୍ତା କାହିଁକି ? ତେବେ ଗୋଟିଏ କଥା, ବୋହୂ ରାଜି ହୋଇଛି ।

ଅଂଶୁମାନ - କ'ଣ ରାଜି ହୋଇଛି ବୋଉ ?

ତିଳୋତ୍ତମା - ସେ ଛାଡ଼ପତ୍ରରେ ଦସ୍ତଖତ କରିଦେବ ।

ଅଂଶୁମାନ - ତୁ ଜାଣିନୁ ବୋଉ, ତା ବାପା ବଡ଼ ଲିଟିଗାଣ୍ଟ । ସେ କୋର୍ଟ କଚେରୀ କରି ଆମକୁ ନାକେଦମ କରିଦେବ । ସବୁଠାରୁ ଭଲ ହୁଅନ୍ତା, ଏ ଯଦି ମରିଯାଆନ୍ତା ।

ତିଳୋତ୍ତମା - ହଁ, କ'ଣ ଗୋଟାଏ କରିବା । ଆଉ ଡେ଼ରି କରି ଲାଭ ନାହିଁ । ତେବେ ଲୋକେ କହିବେ, ବୋହୂଟାକୁ ମାରିଦେଲେ ।

ଅଂଶୁମାନ - ଏ ଲୋକଙ୍କ କଥାରୁ ଆମକୁ କ'ଣ ମିଳିବ ବୋଉ ?

ତିଳୋତ୍ତମା - ତୁ ଘର ଛାଡ଼ି ଚାଲିଯା । ମୁଁ କିରୋସିନି ଢ଼ାଳି ଜାଳିଦେବି । ଯାହା ହେବ, ମୋ ଉପରେ ପଡ଼ିବ । ସେଥିକୁ ତୁ ବ୍ୟସ୍ତ ହୁଅନି । ଆଜି ଘରଛାଡ଼ି ଚାଲିଯା ।

Digitized by srujanika@gmail.com

ଅଂଶୁମାନ - ବୋଉ ।

ତିଳୋତ୍ତମା - କିଛି ବ୍ୟସ୍ତ ହୁଅନି । ମୁଲ୍ତ ମାଇଲେ ଯିବ ସରି ।

ଅଂଶୁମାନ - ଯାହା ତୋର ଇଚ୍ଛା ।

ତିଳୋତ୍ତମା - ହଁ, ତୁ ଆଜିକାଲି ବେଶୀ ମଦ ପିଉଛୁ । ବାପା ଶୁଣି, ବଡ଼ ବିରକ୍ତ ହେଉଥିଲେ ।

ଅଂଶୁମାନ - ତୁ କାହିଁକି ସେଥିପାଇଁ ଚିନ୍ତା କରୁଚୁ ?

ତିଳୋତ୍ତମା - ହଉ, ଆ ଖାଇବୁ । ଯାହା ହେବାର କଥା, ମୁଁ କରିବି ।

ଅଂଶୁମାନ - କ'ଣ ଆଜି କରିବୁ ?

ତିଳୋତ୍ତମା - ସେଥିରୁ ତୋତେ ମିଳିବ କ'ଣ ? ଆ ଖାଇବୁ ଆ ।

(ଉଭୟେ ପ୍ରସ୍ଥାନ । ମଞ୍ଚରେ ନୀରବତା । ରାତ୍ରିର ଏଫେକ୍ଟ । ତିଳୋତ୍ତମା କିରୋସିନ୍ ଟିଣ ଧରି ଏପଟ ସେପଟ ଦୌଡୁଥିଲେ । କିଛି ସମୟ ପରେ ଦୌଡ଼ିଆସି ପୁଅକୁ ଡ଼ାକିଲେ)

ତିଳୋତ୍ତମା - ପୁଅ, ଶୀଘ୍ର ଆ ।

ଅଂଶୁମାନ - (ପ୍ରବେଶ)

ତିଳୋତ୍ତମା - ଯା, ଘରୁ ବାହାରି ଯା ।

ଅଂଶୁମାନ - ଏ ରାତିରେ କୁଆଡ଼େ ଯିବି ବୋଉ ?

ତିଳୋତ୍ତମା - ତୁ ଚାଲିଗଲେ ଭଲ ହୋଇଥାନ୍ତା । ହଉ, ଯଦି ନ ଯିବୁ, ମୋ ଘରେ ଶୋଇଯିବୁ । ଭୋରରୁ ଚାଲିଯିବୁ ।

ଅଂଶୁମାନ - କିନ୍ତୁ ବୋଉ ସେ ତ କବାଟ କିଳି ଶୋଇଛି । ତୁ କିରୋସିନ୍ ଢ଼ାଳିବୁ କିପରି ?

ତିଳୋତ୍ତମା - କବାଟ ଫାଙ୍କରେ କିରୋସିନ୍ ଢ଼ାଳି ନିଆଁ ଲଗେଇ ଦେବିନି । ତୁ ଜଲଦି ଚାଲ ।

(ଉଭୟେ ପ୍ରସ୍ଥାନ । ରାତି ପାହିବାର ଏଫେକ୍ଟ । କୁଆ କୋଇଲିଙ୍କ ରାବ । ଭଜନ ଶୁଭିଲା ନୀହାରିକାଙ୍କ କଣ୍ଠରୁ-
ଆହେ ନୀଳ ଶଇଳ ପ୍ରବଳ ମତ ବାରଣ
ମୋ ଆରତ ନଳିନୀ ବନକୁ କର ଦଳନ, ଆହେ ନୀଳ ଶଇଳ)
(ପ୍ରବେଶ କଲେ ଅଂଶୁମାନ ଓ ତିଳୋତ୍ତମା)

ଅଂଶୁମାନ - ବୋଉ, ସେ କ'ଣ ଭଜନ ଗାଉଛି ।

Digitized by srujanika@gmail.com

ତିଳୋତ୍ତମା - ତା ହିଁ ତ ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ମୁଁ ତ କିରୋସିନ୍ ଢ଼ାଳି ନିଆଁ ଲଗେଇ ଦେଇଥିଲି ।

ଅଂଶୁମାନ - ତୋ ହାତରେ କିଛି ହେବନି (ଚାଲିଗଲେ)

ତିଳୋତ୍ତମା - ଆରେ ଅଂଶୁ, ଶୁଣ । ନା - ପୁଅଟା ମୋର ମୋକଥା ନ ଶୁଣି ଚାଲିଗଲା। ମୁଁ ଏବେ କରିବି କ'ଣ - (ପ୍ରସ୍ଥାନ)
(ଭଜନ ଚାଲିଥାଏ । ପୁଣି ପ୍ରବେଶ କଲେ ତିଳୋତ୍ତମା)

ତିଳୋତ୍ତମା - ମଲା, ଦି ଘଣ୍ଟା ହେଲା ଭଜନ ଚାଲିଛି । କିରୋସିନ୍ ଢ଼ାଳିଲି । ନିଆଁ ଲଗାଇଲି । ତଥାପି ମଲାନି ?

ସତ୍ୟବ୍ରତ - (ପ୍ରବେଶ) ତୁମେ କିରୋସିନ୍ ଢ଼ାଳି ଦେଇଥିଲ ସତ କଥା । କିନ୍ତୁ କିରୋସିନ୍ ପାଣି ହୋଇଗଲା । ବୋହୂ ମୋତେ ସବୁ ଯାଇ କହିଲେ । ଦେଖିଲ ତିଳୋତ୍ତମା, ତୁମେ ତାଙ୍କୁ ମାରିବା ପାଇଁ ଯେତେ ଷଡ଼ଯନ୍ତ୍ର କରୁଛ, ପ୍ରଭୁ ତାଙ୍କୁ ରକ୍ଷା କରୁଛନ୍ତି । ସେ ପରା ପ୍ରଭୁଙ୍କର ଭକ୍ତ । ସେ ନ ମାରିଲେ, ତୁମେ କ'ଣ ତାଙ୍କୁ ମାରିପାରିବ ? କ'ଣ ମୁଁ ଯାହା କହିଲି ମିଛ ! ଏ ମନ୍ଦବୁଦ୍ଧି ଛାଡ଼ ତିଳୋତ୍ତମା । ଭଲ ବୁଦ୍ଧି ଧର । କାହିଁକି ତୁମେ ଜଣେ ନୀରିହା ସରଳା ଭକ୍ତିମତି ଅବଳାର ପ୍ରାଣନାଶ କରିବାକୁ ଚେଷ୍ଟା କରୁଛ ? କ'ଣ କୃତକାର୍ଯ୍ୟ ହୋଇ ପାରୁଛ । ପାରୁଛ ତାର ଜୀବନ ନାଶ କରି ? ପାରୁଛ ତୁମେ ତାକୁ ଘରୁ ବାହାର କରି ? ତୁମେ କିଛି କରିପାରିବ ନାହିଁ ତିଳୋତ୍ତମା, ତୁମେ କିଛି କରିପାରିବ ନାହିଁ । ଆରେ, ତାର ପରା ଗୋପାଳ ସହାୟ ଅଛନ୍ତି । ସେ ସବୁ ଦେଖୁଛନ୍ତି । କେଉଁଥିପାଇଁ ତୁମେ ଏ ଅପକର୍ମ ସବୁ କରିଚାଲିଛ ମୋତେ କହିଲ ।

ତିଳୋତ୍ତମା - (କାନ୍ଦି) ତୁମେ ତ ସବୁବେଳେ ମୋତେ ଦୋଷ ଦେଲ । ବୋହୂକୁ ସତେ ଯେପରି ମୁଁ ମାରିଦେଉଛି ।

ସତ୍ୟବ୍ରତ - କାନ୍ଦନି ତିଳୋତ୍ତମା । ସେହି ଗୋପାଳ ଅସନ୍ତୁଷ୍ଟ ହେବେ । ତୁମେ ପରା ଭଗବାନଙ୍କୁ ବିଶ୍ୱାସ କର । ବାର ଓଷା ବ୍ରତ କର । କାହିଁକି ଏ ଓଷା ବ୍ରତ ? କେଉଁଥି ପାଇଁ ଏ ଛଳନା ? ଯେତେ ପାପ କରିଗଲଣି, ତୁମେ କ'ଣ ଭାବୁଛ ସେଥିରୁ ରକ୍ଷା ପାଇ ପାରିବ ? ପୁଅ ପ୍ରେମରେ ଅତ୍ୟଧିକ ପାଗଳୀ ହୋଇଥିବା ଜଣେ ମା'

Digitized by srujanika@gmail.com

ଜାଣିପାରୁନି, ଏ ପୁଅ ତାର କିଏ ? ଏ ପୁଅ କ'ଣ ତାକୁ ପାପରୁ ମୁକ୍ତ କରାଇ ପାରିବ ? ଆଖି ବୁଜିଲେ କିଏ କାହାର ପୁଅ, କିଏ କାହାର ଝିଅ । ତେବେ କାହିଁକି ଏ ଆସକ୍ତି । କାତବ କାନ୍ତା, କସ୍ତେ ପୁତ୍ର, ସଂସାରୟୋ ଅତୀବ ବିଚିତ୍ର ।

ତିଲୋତ୍ତମା - କହିଯାଅ । ଯେତେ ପାର ସେତେ କହିଯାଅ । (କାନ୍ଦୁଥିଲେ)

ସତ୍ୟବ୍ରତ - କାନ୍ଦନି ତିଲୋତ୍ତମା । କାହିଁକି କାନ୍ଦୁଛ ? ତୁମ ଲୁହ ପୋଛିବାକୁ ଏଠାରେ କେହି ନାହିଁ । ବରଂ ଭଲ ହେବ, ଯାଅ, ସେହି ଦେବୀଙ୍କୁ ଯାହାଙ୍କୁ ତୁମେ ଏ ପର୍ଯ୍ୟନ୍ତ ନାନା ନିର୍ଯ୍ୟାତନା ଦେଇଆସିଛ, ତାଙ୍କୁ କ୍ଷମା ମାଗ । ସେ ଯଦି କ୍ଷମା କରି ଦିଅନ୍ତି, ତୁମେ ଏ ପାପରୁ ମୁକ୍ତି ପାଇ ପାରିବ ।

(ପ୍ରବେଶ କରିଛି ନୀହାରିକା)

ନୀହାରିକା - (ଦୁହିଁଙ୍କ ପାଦତଳେ ମୁଣ୍ଡିଆ ମାରି) କିଏ କାହାକୁ କ୍ଷମା ମାଗିବେ ବାପା । ଆପଣ କାହାକୁ କ୍ଷମା ମାଗିବାକୁ ଉପଦେଶ ଦେଉଛନ୍ତି । ବୋଉ ମୋତେ କ୍ଷମା ମାଗିବେ ? ମୋର ମୃତ୍ୟୁ ହେଲାନି କାହିଁକି ? ବୋଉ, ଆପଣ କାନ୍ଦୁଛନ୍ତି । କାହିଁକି କାନ୍ଦୁଛନ୍ତି । ମୁଁ ପରା ଅଛି । ଦିନରାତି ଆପଣଙ୍କର ସେବା କରିବି ବୋଉ । ଯାହା କହିବେ, ତାହା କରିବି । କାନ୍ଦନ୍ତୁନି ବୋଉ ।

(ଆଖିରୁ ଲୁହ ପୋଛି ଦେଉଥିଲେ)

ସତ୍ୟବ୍ରତ - ଧନ୍ୟମା, ତୁ ମାନବୀ ନୋହୁ । ତୁ ଦେବୀ ।

ନୀହାରିକା - ବୋଉ, ଆଜି କ'ଣ ଖାଇବେ । ବାପା, ଆପଣ କୁହନ୍ତୁ, ମୁଁ ଆପଣଙ୍କ ପାଇଁ କ'ଣ ସବୁ ରାନ୍ଧିଦେବି । ମନଦୁଃଖ କରନ୍ତୁନି ବୋଉ । ଯାହା ହେଉଛି, ସବୁ ସେହି ଗୋପାଳଙ୍କର ଇଚ୍ଛା । ତାଙ୍କରି ଇଚ୍ଛାରେ ଆମେ ସମସ୍ତେ ଚଳୁଛୁ ।

ତିଲୋତ୍ତମା - ନାରେ ମା, ମୁଁ କିଛି ଖାଇବି ନାହିଁ । ମନ ଜମା ଭଲ ଲାଗୁନି ।

ନୀହାରକା - ମନଦୁଃଖ କାହିଁକି କରୁଛନ୍ତି ବୋଉ । ଦୁଃଖ ଭିତରେ ଯିଏ ସୁଖକୁ ଖୋଜେ, ସେ ସୁଖୀ ହୁଏ ବୋଉ ।

ସତ୍ୟବ୍ରତ - ତୁ ଯା ମା । ଯାହା ତୋର ଇଚ୍ଛା । ତା ରାନ୍ଧେ । ତୋର ରନ୍ଧା ଆମପାଇଁ ଅମୃତ । ଗୋପାଳ ତୋର ମଙ୍ଗଳ କରନ୍ତୁ ।

Digitized by srujanika@gmail.com

(ନୀହାରିକା ଚାଲିଗଲେ)

ସତ୍ୟବ୍ରତ - ଦେଖିଲ ତିଳୋତ୍ତମା । ଏପରି ଝିଅକୁ ତୁମେ ଆହୁରି ଚିହ୍ନି ପାରିଲ ନାହିଁ । ଏଭଳି ଝିଅଟିଏ, ତୁମେ ଏ ସଂସାର ଭିତରେ କେଉଁଠି ଦେଖିଛ ? ଆଉ ବୋହୁ ଆଣିବ - ସୁଧାଂଶୁର ଝିଅକୁ । ମୁଁ ସୁଧାଂଶୁ ରାଉତରାୟକୁ ଜାଣେ । ତାର ଝିଅର କୀର୍ତ୍ତିକଳାପ ବିଷୟରେ ଭଲ ଭାବରେ ଜାଣିଛି । ମୁଁ କହି ଶତ୍ରୁ ହେବି କାହିଁକି ? ସେ ଝିଅ ଆସିଲେ, ତୁମେ ଚାକରାଣୀ ହୋଇ ରହିବ । ଭଲ କରି ଚିନ୍ତା କର । ଖାଣ୍ଟି ସୁନାକୁ ଛାଡ଼ି ବେଙ୍ଗି ପିତଳକୁ ଆଦର କରୁଛ କାହିଁକି ?

(ଏଇ ସମୟରେ ପୋଲିସ ଇନ୍ସପେକ୍ଟର ପ୍ରବେଶ କଲେ)

ସତ୍ୟବ୍ରତ - ଇନ୍ସପେକ୍ଟର ବାବୁ । ଆପଣ ହଠାତ୍ ଆସିଲେ କାହିଁକି ? କ'ଣ ହେଲା ? କିଏ କିଛି ରିପୋର୍ଟ କରିଛି ?

ଇନ୍ସପେକ୍ଟର - (ମୁହଁ ତଳକୁ କରି ଠିଆ ହେଲେ)

ସତ୍ୟବ୍ରତ - ଇନ୍ସପେକ୍ଟର ବାବୁ । ଘଟଣା କ'ଣ କହୁ ନାହାନ୍ତି କାହିଁକି ?

ଇନ୍ସପେକ୍ଟର - ବଡ଼ ଦୁଃଖର କଥା ସାର୍ । କାର ଆକ୍ସିଡେ଼ଣ୍ଟରେ ଅଂଶୁମାନବାବୁ ସିରିଅସ୍ ହୋଇ ପଡ଼ିଛନ୍ତି । ତାଙ୍କର ପ୍ରେମିକା ମଞ୍ଜୁଶ୍ରୀଙ୍କ ମୃତ୍ୟୁ ହୋଇଯାଇଛି । ଅତ୍ୟଧିକ ମଦ୍ୟପାନ କରି ଗାଡ଼ି ଚଳାଉଥିବାରୁ ଆକ୍ସିଡେ଼ଣ୍ଟ ହେଲା । ଅଂଶୁମାନ ବାବୁଙ୍କର ମୁଣ୍ଡରେ ଆଘାତ ଲାଗିଛି । ଚେତା ନାହିଁ । ହସପିଟାଲରେ ଆଡ଼ମିଶନ କରି, ମୁଁ ଆପଣଙ୍କ ପାଖକୁ ଆସିଲି ।

ତିଳୋତ୍ତମା - କ'ଣ କହିଲେ, ଆକ୍ସିଡେ଼ଣ୍ଟ । ମୋ ଅଂଶୁର କ'ଣ ହୋଇଛି ? ସେ କଥା କହୁଛି ତ ? (କାନ୍ଦିଲେ)

ଇନ୍ସପେକ୍ଟର - ନା । ତେବେ ମୁଁ ଆସୁଛି । ଆପଣମାନେ ହସ୍‌ପିଟାଲ ଯିବାର ବନ୍ଦୋବସ୍ତ କରନ୍ତୁ । (ପ୍ରସ୍ଥାନ)

ତିଳୋତ୍ତମା - ହଇଓ, ମୋ ଅଂଶୁର କ'ଣ ହେଲା, ମୋତେ କହୁନ କାହିଁକି ?

ସତ୍ୟବ୍ରତ - ହେ ପ୍ରଭୁ, ମୁଁ ଆପଣଙ୍କର କି ଅପରାଧ କରିଛି ? ମୋତେ ଦୟା କର ପ୍ରଭୁ, ମୋ ଅଂଶୁମାନଙ୍କୁ ରକ୍ଷା କର ।

ତିଳୋତ୍ତମା - ଅଂଶୁରେ (କହି କାନ୍ଦିଲେ)

(ପ୍ରବେଶ କରିଛି ନୀହାରିକା)

Digitized by srujanika@gmail.com

ନୀହାରିକା - କାହାର କ'ଣ ହେଲା ବାପା ? ବୋଉ କାନ୍ଦୁଛନ୍ତି କାହିଁକି ? ବୋଉ କୁହନ୍ତୁ କ'ଣ ହୋଇଛି ?

ତିଳୋତ୍ତମା - ମୋ ପୁଅର ଆକ୍ସିଡେଣ୍ଟ ହୋଇଛି । ତାର ଚେତା ନାହିଁ । ହସ୍‌ପିଟାଲରେ ମୋ ପୁଅ ପଡ଼ିଛି ।

ନୀହାରିକା - ନା, ତା ହୋଇପାରେନା । ମୋ ସ୍ୱାମୀଙ୍କୁ ମୋ ନିକଟରୁ କିଏ ନେଇପାରିବନାହିଁ । ମୁଁ ଯମରାଜାଙ୍କୁ କହିବି । ମୁଁ ସାବିତ୍ରୀ, ମୋ ସତ୍ୟବାନଙ୍କୁ ମୁଁ ଫେରାଇ ଆଣିବି ବୋଉ ।
(କହି ମୂର୍ଚ୍ଛା ହୋଇ ପଡ଼ିଗଲେ)

ସତ୍ୟବ୍ରତ - ତିଳୋତ୍ତମା, ଆରେ ଠିଆ ହୋଇ ଦେଖୁଛ କ'ଣ ? ବୋହୂ ମୋର ମୂର୍ଚ୍ଛା ହୋଇଗଲେ । ଯାଅ, ପାଣି ନେଇ ଆସ ।
(ତିଳୋତ୍ତମା ପାଣି ଆଣିଲେ । ସତ୍ୟବ୍ରତ ପାଣି ଛିଞ୍ଚିଲେ)

ନୀହାରିକା - (ଉଠି) କଣହେଲା, ଆକ୍ସିଡେଣ୍ଟ । ବାପା ମୋତେ ତାଙ୍କ ପାଖକୁ ନେଇ ଚାଲନ୍ତୁ । ତାଙ୍କୁ ନ ଦେଖିଲେ ମୁଁ ମରିଯିବି ।

ସତ୍ୟବ୍ରତ - ଚାଲ ମା, ଡ଼ାକ୍ତରଖାନା ଯିବା । ଚାଲ ତିଳୋତ୍ତମା । ଆଉ ଡ଼େରି କରନି ।
(ନୀହାରିକା ଓ ତିଳୋତ୍ତମା କାନ୍ଦୁଥିଲେ)

- ଅନ୍ଧାର -

- ଦଶମ ଦୃଶ୍ୟ -

(ରାସ୍ତା । ଦେବଦାସ ସନ୍ୟାସ ଦୀକ୍ଷା ନେଇ ଭଜନ ଗାଇ ଗାଇ ଆସୁଥିଲେ । ଭଜନ ଶେଷ ହୋଇଛି । ପ୍ରବେଶ କରିଛନ୍ତି ଗୋବିନ୍ଦ)

ଗୋବିନ୍ଦ - ଏ ଦାଢ଼ିଆ ବାବାଜୀଙ୍କୁ ଦେଖିଲା ଦେଖିଲା ପରି ମନେ ହେଉଛି । ଓହୋ - ସିଏ । ଏ ପୁଣି କୁଆଡ଼େ ଆସିଲା ? ହାତରେ ବଂଶୀତ ଆଉନାହିଁ । କ'ଣ ପୁରା ସନ୍ୟାସୀ ହୋଇଯାଇଛି । ହଇଓ ବାବାଜୀ ମହାପ୍ରୁ । ଟିକିଏ ଶୁଣିଲ ।

ଦେବଦାସ - ମୋତେ ଡ଼ାକୁଛନ୍ତି ମହାତ୍ମା ?

ଗୋବିନ୍ଦ - ମୋତେ ଚିହ୍ନି ପାରୁଛ ? ଏଇଠି କେତେ ଦୁଃଖ ସୁଖ ହେଉଥିଲେ । ତୁମେ ପ୍ରେମ କରୁଥିଲ । ବଂଶୀ ବଜାଉଥିଲ । ସେଇ ପ୍ରେମିକ ନା ତୁମେ ?

Digitized by srujanika@gmail.com

ଦେବଦାସ - ସେ ନାଁ ଆଉ ଧରନାହିଁ । ସେତେବେଳେ ମୁଁ ଥିଲି ପ୍ରେମ ପାଗଳ । ଜଣକୁ ବଦନାମ କରିବା ପାଇଁ ତା ପଛରେ ଗୋଡ଼ାଉଥିଲି ।

ଗୋବିନ୍ଦ - ଏବେ ସେ ଦିନ ସବୁ ମନେ ପଡ଼ିଲା ତ ? କେତେ ପାଚେରୀ ଡେ଼ଇଁଥିବ । କେତେ ଝିଅ ପଛରେ ଚକ୍କର ମାରିଥିବ । କେତେ ଚାପୁଡ଼ା ବିଧା ଗୋଇଠା ଖାଇଥିବ ।

ଦେବଦାସ - ଜୟଗୁରୁ । ଜୟଗୁରୁ ।

ଗୋବିନ୍ଦ - କ'ଣ ଜୟଗୁରୁ ଦୀକ୍ଷା ନେଲକି ବାବାଜୀ । କିଏ ତୁମ ଗୁରୁ କହିଲ ?

ଦେବଦାସ - ମୋ ଗୁରୁ ମହାନ୍ । ସେ ମହାମାନବୀ ।

ଗୋବିନ୍ଦ - ଆଚ୍ଛା । ବାବାଜୀ ମହାପ୍ରୁ, ତୁମର ତ ବହୁତ ଧନସଂପତ୍ତି ଅଛି । ବହୁତ ଝିଅଙ୍କ ପଛରେ ତୁମେ ଗୋଡ଼ଉଥିଲ । ଜଣକୁ ଦେଖି ବାହା ହୋଇ ପଡ଼ିଲନି ? ବଡ଼ ଭଲ ହୋଇଥାନ୍ତା ।

ଦେବଦାସ - ପ୍ରଭୁଙ୍କର ଇଚ୍ଛା ଭିନ୍ନ ।

ଗୋବିନ୍ଦ - ପ୍ରଭୁଙ୍କର ଇଚ୍ଛା ଭିନ୍ନ କ'ଣ ହୋ ବାବୁ । ସେ ତ ନାରୀ, ପୁରୁଷ ଗଢ଼ିଛନ୍ତି । ଜଣକୁ ଜଣକ ପାଇଁ ଛନ୍ଦିଛନ୍ତି । ତୁମେ ତ ସେଇପରି ଛନ୍ଦି ହୋଇ ପଡ଼ିଥାନ୍ତ, କଥା ସରିଥାନ୍ତା । ତାଙ୍କର ଇଚ୍ଛା ଭିନ୍ନ ହେଲା କାହିଁକି ?

ଦେବଦାସ - ଏ ମଣିଷ ଜୀବନ କ୍ଷଣସ୍ଥାୟୀ । ପାଣିଫୋଟକା ସହିତ ସମାନ । ସଂସାର କରି ଲୋକେ କେତେ ଦୁଃଖକଷ୍ଟ ଭୋଗୁଛନ୍ତି । ରୋଗ, ଦୁଃଖ ବାର୍ଦ୍ଧକ୍ୟରେ ଘାଣ୍ଟି ହୋଇ ମନୁଷ୍ୟ ନାନା ଯନ୍ତ୍ରଣା ଭୋଗ କରୁଛି । ସେଥିପାଇଁ ଭଗବାନ ବୁଦ୍ଧ ରାଜସୁଖ ଭୋଗ ତ୍ୟାଗକରି, ଜଗତର କଲ୍ୟାଣ ପାଇଁ ସନ୍ୟାସ ଗ୍ରହଣ କଲେ ।

ଗୋବିନ୍ଦ - ଓଃ ସଂସାର ପ୍ରତି ତୁମର ବୈରାଗ୍ୟ ଆସିଲା । କେତେ ସନ୍ୟାସୀତ ଘର ସଂସାର ଛାଡ଼ି, ବଣ ଜଙ୍ଗଲକୁ ପଳାଉଛନ୍ତି । ବୁଝିଲ, ଏ ସନ୍ୟାସୀ ଜୀବନ ବଡ଼ କଷ୍ଟ । ଶୀତ ହେଲେ ଚାଦର କି କମ୍ବଳଟିଏ ମିଳିବ ନାହିଁ । ଶୋଇବାକୁ ଶେଯଟିଏ ମିଳିବନି । କାହିଁକି ସନ୍ୟାସୀ ହେବ । ଖାଇବାକୁ ତ ଚିକେନ୍ ପକୋଡ଼ା ମିଳିବନି ।

ଦେବଦାସ - ଭଗବାନଙ୍କ ନାମରୁ ସବୁକିଛି ମିଳିବ ପରମାତ୍ମା । ସେହି ନାମ ରସରୁ ଅମୃତ ଝରିବ । ସଂସାର ଯନ୍ତ୍ରଣାରୁ ତୁମେ ରକ୍ଷା ପାଇବ ।

Digitized by srujanika@gmail.com

ଭଗବାନଙ୍କ ଶରଣ ଗଲେ ସେ ତୁମକୁ ରକ୍ଷା କରିବେ । ଆଜି ମୁଁ ଦିବ୍ୟ ଆନନ୍ଦ ଉପଲବ୍ଧି କରୁଛି । ମୁଁ ଦେଖିପାରୁଛି, ଏ ମନୁଷ୍ୟ ନିଜ ସ୍ୱାର୍ଥପାଇଁ କିପରି ବ୍ୟାକୁଳ ହୋଇପଡୁଛି ।

ଗୋବିନ୍ଦ - ଯାହା ହେଉ, ତୁମେ ଏବେ ବଡ଼ ଜ୍ଞାନୀ ହୋଇପଡ଼ିଲ ବାବୁ । ପିଲାଦିନେ ତୁମେ କମ୍ ନଥିବ । ଯୌବନରେ ତୁମେ ଥିଲ ମାତାଲ । କିପରି ତୁମେ ଏ ଯନ୍ତ୍ରଣାରୁ ମୁକ୍ତ ହେଲ, ତାହାହିଁ ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ଆଚ୍ଛା ବାବାଜୀ ମହାପ୍ରୁ । ତୁମର ତ ବହୁତ ଧନସଂପତ୍ତି ଥିଲା । ସେ ସବୁ କଲ କ'ଣ ?

ଦେବଦାସ - ଧନ ସଂପତ୍ତି ? କାହାର ଧନସଂପତ୍ତି ? ସେ ଧନସଂପତ୍ତିର ପ୍ରକୃତ ମାଲିକ କିଏ ? ତା' ତୁମେ ଜାଣିଛ ?

ଗୋବିନ୍ଦ - ନାଇଁଯେ, ଆମକୁ କିଛି ଦେଇଥିଲେ, ଆମେ ଗରୀବ ଗୁରୁବାଗୁଡ଼ାକ ଉପକୃତ ହୋଇନଥାନ୍ତୁ । ତୁମ ଗୁଣ ଗାଉ ନଥାନ୍ତୁ ।

ଦେବଦାସ - ତୁମେ ଜଣେ ପାଗଳ ।

ଗୋବିନ୍ଦ - ତୁମପରି, ମୋପରି ବହୁତ ପାଗଳ ଏ ଦୁନିଆଁରେ ଅଛନ୍ତି । ତେବେ ବାବାଜୀ ଗୋସାଇଁ, କହିଲ, ତୁମର ଗୁରୁ କିଏ ?

ଦେବଦାସ - ମୋର ଗୁରୁ ସେ ମହାମାନବୀ । ଯାହାଙ୍କ ଦୀକ୍ଷା ନେଇ ମୁଁ ଆଜି ସନ୍ୟାସୀ ।

ଗୋବିନ୍ଦ - ତୁମେ ସାନବୋହୁମାଙ୍କ କଥା କହୁଚ ?

ଦେବଦାସ - ହଁ ହଁ, ସେହି ସାନବୋହୁମା' ମୋର ଗୁରୁ । ତାଙ୍କ ଦର୍ଶନ ପାଇଁ ମୁଁ ବ୍ୟାକୁଳ ।

ଗୋବିନ୍ଦ - ତାଙ୍କ କଥା କାହିଁକି କହୁଛ ? ବିଚାରୀ ବଡ଼ ଦୁଃଖରେ ଅଛନ୍ତି । ତାଙ୍କ ସ୍ୱାମୀଙ୍କର କାର୍ ଦୁର୍ଘଟଣାରେ ଚେତା ବୁଡ଼ିଯାଇଥିଲା । ୭ ଦିନ ହେଲା ଚେତା ଫେରିଲାନି । କି ସେବା ସେ ମା' ନ କରୁଛନ୍ତି । ଆହା ହା, ପ୍ରକୃତରେ ଦେବୀ ସେ । ଆଉ ତାଙ୍କ ସ୍ୱାମୀଙ୍କର ପ୍ରେମିକା, ଆକ୍ସିଡ଼େଣ୍ଟରେ ସ୍ୱର୍ଗବାସୀ । ଦେଖିଲ ଗୋସେଇଁ, ଫଳ ସାଙ୍ଗେ ସାଙ୍ଗେ ମିଳିଗଲା । ଏ ବୋହୁକୁ ଛାଡ଼ି, ତାକୁ ପୁଣି ଆଣିଥାନ୍ତା ।

Digitized by srujanika@gmail.com

ଦେବଦାସ - ମୁଁ ଭାରୀ ଦୁଃଖୀତ । ମୋତେ ତାଙ୍କ ପାଖକୁ ଟିକିଏ ନେଇଚାଲ ।

ଗୋବିନ୍ଦ - ଆହା, ଏତେ ବ୍ୟସ୍ତ କାହିଁକି ? ଶୁଣିଲୁ ଚେତା ଫେରିଲାଣି । ଏବେ ଘରକୁ ଚାଲି ଆସିବେ । ସେତେବେଳେ ଯାଇ ଦେଖା କରିବ । କିନ୍ତୁ ଏବେ ଯାଅ । ବାୟାବାବା ମଠରେ ବିଶ୍ରାମ କର ।

ଦେବଦାସ - ଜୟ ଗୁରୁ । ପ୍ରଭୁ, ତାଙ୍କର ମଙ୍ଗଳ ହେଉ । ଦେବୀଙ୍କୁ ଆଉ ଦଣ୍ଡ ନ ଦିଅ ପ୍ରଭୁ । (ହାତ ଯୋଡ଼ିଲେ)

- ଅନ୍ଧାର -

- ଶେଷ ଦୃଶ୍ୟ -

(ବିଛଣାରେ ଶୋଇଥାଏ ଅଂଶୁମାନ । ହାତ, ମୁଣ୍ଡରେ ବ୍ୟାଣ୍ଡେଜ୍ ଭିଡ଼ା ହୋଇଥାଏ । ଔଷଧ ଥୁଆ ହୋଇଥାଏ । ପ୍ରଚ୍ଛଦ ପଟରୁ ଭାସିଆସିଲା

ଭଜନ : ଶୁଣ ଶୁଣ ଗୁହାରୀ ମୋ ହେ ବନମାଳି
ସାହା ହୁଅ ପ୍ରଭୁ ମୋର କୁଞ୍ଜ ବିହାରୀ ।

ଅଂଶୁମାନ - ଓଃ, କି କଷ୍ଟ ।

ନୀହାରିକା - ଶୋଇଥାଅ । ମୁଁ ପିଆଇ ଦେଉଚି ।
(ଚାମୁଚାରେ ପିଆଇ ଦେଉଥିଲେ । ତିଳୋତ୍ତମା ଦେଖୁଥିଲେ)

ତିଳୋତ୍ତମା - କେତେ ରାତି ଯେ ଅନିଦ୍ରା ହେଲୁଣି, ତାର ହିସାବ ନାହିଁ । ଯା, ଟିକିଏ ଶୋଇପଡ଼ ମା ।

ନୀହାରିକା -ଶୋଇପଡ଼ିଲେ ଠିକ୍ ସମୟରେ ଔଷଧ କିଏ ଦେବ ବୋଉ ?

ତିଳୋତ୍ତମା - ମୁଁ ଅଛି, ତୁ ଗଲୁ, ଟିକିଏ ବିଶ୍ରାମ କରିବୁ ।

ନୀହାରିକା - ମୋର ବିଶ୍ରାମ ଦରକାର ନାହିଁ ବୋଉ । ଆପଣ ଯାଇ ବିଶ୍ରାମ କରନ୍ତୁ ।

ତିଳୋତ୍ତମା - ଡ଼ାକ୍ତର କ'ଣ କହିଲେ ଝିଅ ?

ନୀହାରିକା - ଆଉ ବିପଦ କିଛି ନାହିଁ । ସେ ୨ ଦିନ ପରେ ସଂପୂର୍ଣ୍ଣ ସୁସ୍ଥ ହୋଇଯିବେ ।

ତିଳୋତ୍ତମା - ମୋର ପୁଅକୁ ତୁ ବଞ୍ଚାଇ ଦେଲୁ ବୋହୁ । ତୋ ଯୋଗୁଁ ମୋ ପୁଅ ଜୀବନ ଫେରି ପାଇଲା ।

Digitized by srujanika@gmail.com

ନୀହାରିକା - ମୁଁ ନୁହେଁ ବୋଉ, ସେଇ ଗୋପାଳ, ତାଙ୍କୁ ବଞ୍ଚାଇ ଦେଲେ । ମୋ ଦୁଃଖ ସେ ଶୁଣିଲେ । (କାନ୍ଦିଲେ)

ତିଳୋତ୍ତମା - କାନ୍ଦୁଛୁ ମା, କାନ୍ଦେନି । ତୋ କାଚବଙ୍କ ହେଉ । ଧନଜନ ଗୋପଲକ୍ଷ୍ମୀରେ ଘର ପୁରି ଉଠୁ ।

ଅଂଶୁମାନ - ବୋଉ, ତୁ ଯା । ବିଶ୍ରାମ ନେ ।

ତିଳୋତ୍ତମା - ତୋତେ ଛାଡ଼ି ଯିବାକୁ କ'ଣ ମନ ହଉଚି ପୁଅ ।

ଅଂଶୁମାନ - ସେ ତ ଅଛନ୍ତି । ତୁ କାହିଁକି ବ୍ୟସ୍ତ ହେଉଚୁ । ମୁଁ ଭଲ ହୋଇଗଲିଣି ବୋଉ । ତୋର ଆଉ ବାପାଙ୍କର ଆଶୀର୍ବାଦରୁ ମୁଁ ସଂପୂର୍ଣ୍ଣ ଆରୋଗ୍ୟ ହେଲି ବୋଉ ।

ତିଳୋତ୍ତମା - ଆରେ, ଆମ ଯୋଗୁଁ ନୁହେଁ । ତାରି ପୂଣ୍ୟବଳରୁ ତୁ ଆରୋଗ୍ୟ ଲାଭ କଲୁ । ଯମ ମୁହଁରୁ ସେ ତୋତେ ଫେରାଇ ଆଣିଲା । ହଉ ବୋହୂ, ତୁ ଥା, ମୁଁ ପରେ ଆସିବି । (ପ୍ରସ୍ଥାନ)

ନୀହାରିକା - ତୁମେ ଏଥର ଶୋଇପଡ଼ । ଡ଼ାକ୍ତର କହିଛନ୍ତି, ଆଉ ନିଦ ଔଷଧ ନ ଦେବା ପାଇଁ ।

ଅଂଶୁମାନ - ତାହେଲେ ତୁମେ କ'ଣ ଚାଲିଯିବ ?

ନୀହାରିକା - ଆଉ କ'ଣ କରିବି କୁହ ?

ଅଂଶୁମାନ - ଏକାନ୍ତରେ ଦୁଇପଦ କ'ଣ ମୋ ସହିତ କଥା ହେବନାହିଁ ?

ନୀହାରିକା - କି କଥା ହେବି ତୁମେ କୁହ ।

ଅଂଶୁମାନ - କୃତଜ୍ଞତା ।

ନୀହାରିକା - କୃତଜ୍ଞତା ? କାହାକୁ କୃତଜ୍ଞତା ।

ଅଂଶୁମାନ - ତୁମ ପ୍ରତି କୃତଜ୍ଞତା ।

ନୀହାରିକା - କୃତଜ୍ଞତା କାହିଁକି ? ମୁଁ ତ ମୋର କର୍ତ୍ତବ୍ୟ କରିଛି । ଯାହା ମୋର କରିବାର ଥିଲା ।

ଅଂଶୁମାନ - ଆଖିର ଲୁହରେ, ହୃଦୟ କୋହରେ, ମୁଁ ଏ କୃତଜ୍ଞତା ଜଣାଉଛି ନୀହାରିକା ।

ନୀହାରିକା - ଥାଉ ଥାଉ, ବହୁତ କହିଲଣି । ସେଥିପାଇଁ କ'ଣ ବୋଉଙ୍କୁ ପଠାଇଦେଲ ?

Digitized by srujanika@gmail.com

ଅଂଶୁମାନ - ନୀହାରିକା, ତୁମକୁ ବହୁତ ଯନ୍ତ୍ରଣା ଦେଇଛି । ଶାରୀରିକ, ମାନସିକ ଯେତେପାରେ ସେତେ ଅତ୍ୟାଚାର କରିଛି । ମୋଠାରୁ କେବେହେଲେ ପଦେ ଆଦରର କଥା ଶୁଣିନାହଁ ।

ନୀହାରିକା - ଏବେ ତ ଶୁଣୁଛି । ସେତକ କ'ଣ ଯଥେଷ୍ଟ ନୁହେଁ ?

ଅଂଶୁମାନ - ତୁମକୁ ଜୀବନରେ ମାରିଦେବା ପାଇଁ ବହୁତ ଷଡ୍‌ଯନ୍ତ୍ର କରିଛି । (କାନ୍ଦିଲେ)

ନୀହାରିକା - ଅଂଶୁମାନ କାନ୍ଦୁଛ ?

ଅଂଶୁମାନ - ଆଖିର ଲୁହରେ ମୁଁ ଆଜି କ୍ଷମାଭିକ୍ଷା କରୁଛି । ତୁମେ ହିଁ ମୋତେ ପୁନର୍ଜନ୍ମ ଦେଲ ।

ନୀହାରିକା - ଜନ୍ମ ମୃତ୍ୟୁ ତ ମନୁଷ୍ୟ ହାତର କଥା ନୁହେଁ । ତେଣୁ ମୁଁ କିପରି ଦେଇପାରିବି ?

ଅଂଶୁମାନ - ନୀହାରିକା ତୁମେ ଦେବୀ । କିନ୍ତୁ ମୁଁ, ମୁଁ ଦାନବ ।

ନୀହାରିକା - କିଏ କହେ ତୁମେ ଦାନବ । ତୁମେ ମୋର ଦେବତା । ତୁମେ ମୋର ପତି ପରମେଶ୍ୱର । ଅଂଶୁମାନ, ଅତୀତକୁ ଭୁଲିଯାଅ । ଅତୀତ ଆଉ ଫେରିଆସିବନି । ଭବିଷ୍ୟତ କଥା ଚିନ୍ତା କର ।

ଅଂଶୁମାନ - ହଁ, ନୀହାରିକା, ତୁମର କାଉଁରୀ ସ୍ପର୍ଶରେ ମୋର ବିରାଟ ପରିବର୍ତ୍ତନ ହୋଇଛି । ମୁଁ ମନୁଷ୍ୟତ୍ୱ ଲାଭ କରିଛି । ପାଷାଣ ବକ୍ଷରେ ତୁମେ ପ୍ରେମର ବନ୍ୟା ସୃଷ୍ଟି କରିଛ । ତୁମେ ମାନବୀ ନୁହଁ, ତୁମେ ଦେବୀ । (ଛାତିକୁ ଭିଡ଼ିନେଲେ)

ଓଃ, ଆଜି କି ଶାନ୍ତି, ଆଜି କି ତୃପ୍ତି । ସ୍ୱର୍ଗୀୟ ଆନନ୍ଦରେ ମନ ମୋର ପୁଲକିତ ହୋଇ ଉଠୁଛି । ନୀହାରିକା, ମୋତେ କ୍ଷମା କରିଦିଅ ।

(ଖଣ୍ଡିକାଶ ମାରି ପ୍ରବେଶ କଲେ ସତ୍ୟବ୍ରତ)

ସତ୍ୟବ୍ରତ - ଅଂଶୁମାନ ।

ନୀହାରିକା - (ଉଠି ଠିଆ ହେଲେ)

ସତ୍ୟବ୍ରତ - ଭଲ ଲାଗୁଛି ?

ଅଂଶୁମାନ - ଖୁବ୍ ଭଲ ଲାଗୁଛି ବାପା ।

Digitized by srujanika@gmail.com

ସତ୍ୟବ୍ରତ - ଜୀବନରେ କିଛି ଶିକ୍ଷା ଲାଭ କଲ ?

ଅଂଶୁମାନ - ଯଥେଷ୍ଟ ଶିକ୍ଷା ପାଇଲି ବାପା ।

ସତ୍ୟବ୍ରତ - କ୍ଷଣିକ ସୁଖପାଇଁ ମଣିଷ ଯେଉଁ ଭୁଲ କରି ବସେ, ତାର ତୁମେ ହେଉଛ ପ୍ରକୃତ ଉଦାହରଣ ।

ଅଂଶୁମାନ - ହଁ ବାପା, ମୁଁ ସ୍ୱୀକାର କରୁଛି, ମୁଁ ଦୋଷୀ । ଆପଣଙ୍କ ମନରେ ମୁଁ ଯଥେଷ୍ଟ କଷ୍ଟ ଦେଇଛି । ଯାହାର ଫଳ ମୋତେ ଭୋଗ କରିବାକୁ ପଡ଼ିଲା ।

ସତ୍ୟବ୍ରତ - ଭବିଷ୍ୟତ ପାଇଁ କିଛି ଶିକ୍ଷା କଲ ।

ଅଂଶୁମାନ - ଯଥେଷ୍ଟକରିଛି ବାପା ।

ସତ୍ୟବ୍ରତ - ବୋହୂମା ।

ନୀହାରୀକା - ବାପା

ସତ୍ୟବ୍ରତ - ମୁଁ ତୁମକୁ କହିଥିଲି ନା, ଦୁଃଖ ସବୁବେଳେ ରହେନାହିଁ । ସୁଖ ବି ଆସେ । କିନ୍ତୁ ସୁଖଟା ଅଳୀକ । ନିତ୍ୟ ସୁଖ ପାଇଁ ପ୍ରଭୁଙ୍କର ଶରଣାପନ୍ନ ହୁଅ । ବାପା, ଅଂଶୁମାନ ।

ଅଂଶୁମାନ - ବାପା ।

ସତ୍ୟବ୍ରତ - ନିଜ ପତ୍ନୀଙ୍କୁ ଚିହ୍ନିପାରିଲ ନା ଆଉ କିଛି ଚିହ୍ନିବାକୁ ବାକୀ ରହିଲା । ତାଙ୍କରି ଯୋଗୁଁ ତୁମେ ଆଜି ବଞ୍ଚି ପାରିଲ । ଆରୋଗ୍ୟ ପରେ ଠିକ୍ ଭାବରେ କର୍ତ୍ତବ୍ୟ ପଥରେ ଅଗ୍ରସର ହୁଅ ।

ଅଂଶୁମାନ - ସବୁ ଆପଣଙ୍କର ଆଶୀର୍ବାଦ ବାପା ।

(ଭଜନ ଗାଇ ଗାଇ ଫକୀର ପ୍ରବେଶ କଲେ)

ଫକୀର - ସମୁଦୀ ନମସ୍କାର ।

ସତ୍ୟବ୍ରତ - ନମସ୍କାର ।

ଫକୀର - ଏ ଦୁର୍ଘଟଣାର ଖବର କାଲି ମୁଁ ପାଇଲି । କିଛି ଭଲ ଲାଗିଲା ନାହିଁ । ଛଟପଟ ହୋଇ ଚାଲିଆସିଲି । ଅଂଶୁମାନ ଭଲ ଅଛନ୍ତି ତ ?

ସତ୍ୟବ୍ରତ - ଆପଣଙ୍କର ଆଶୀର୍ବାଦରୁ ସଂପୂର୍ଣ୍ଣ ସୁସ୍ଥ ଅଛି ।

ଫକୀର - ବାପା ଅଂଶୁମାନ

Digitized by srujanika@gmail.com

ଅଂଶୁମାନ - କୁହନ୍ତୁ ବାପା ।

ଫକୀର - ଜୀବନଟା ଏକ ପୁସ୍ତକ । ତାକୁ ଅଧ୍ୟୟନ କର । ଏଇ ଜୀବନ କାହାଣୀ ବଡ଼ ବିଚିତ୍ର । ଏହାର ପ୍ରତ୍ୟେକ ଅଧ୍ୟାୟ ଉପଦେଶରେ ପରିପୂର୍ଣ୍ଣ । ପତ୍ୟେକ ଉପଦେଶ, ଜୀବନ ପାଇଁ ଅତ୍ୟନ୍ତ ମୂଲ୍ୟବାନ ।

ଅଂଶୁମାନ - ଆପଣ ଠିକ୍ କହିଛନ୍ତି ବାପା ।

ଫକୀର - ମା ନୀହାରିକା

ସତ୍ୟବ୍ରତ - ସେହିଭଳି ବୋହୂଟିଏ ପାଇ ଆମେ ଆଜି ଧନ୍ୟ ।

ତିଳୋତ୍ତମା - (ପ୍ରବେଶ କରି) ସମୁଦି, ଆପଣ କେତେବେଳେ ଆସିଛନ୍ତି ?

ଫକୀର - ପ୍ରଭୁଙ୍କର ସମସ୍ତଙ୍କୁ ମିଳନ କରାଇବାର ଉଦ୍ଦେଶ୍ୟ ଥିଲା । ସେ ଆଜି ଆମ ସମସ୍ତଙ୍କୁ ଏକାଠି କରିଛନ୍ତି, ଏକ ପବିତ୍ର ମୁହୂର୍ତ୍ତରେ । ଆସ ଆଜି ସମସ୍ତେ ପ୍ରଭୁଙ୍କର ଉଦ୍ଦେଶ୍ୟରେ ପ୍ରାର୍ଥନା କରିବା । ମା ନୀହାରିକା, ତତେ ଜନ୍ମ ଦେଇ ମୋ ଜୀବନ ସାର୍ଥକ ହୋଇଛି । ପ୍ରକୃତରେ ତୁ ମହାନ୍ । ଗାଆ ମା ପ୍ରଭୁଙ୍କର ଜଣାଣ । (ନୀହାରିକା ଜଣାଣ ଗାଇଲେ । ସମସ୍ତେ ପାଳି ଧରିଲେ ।)

ଯବନିକା ନଇଁ ଆସିଲା

- ସମାପ୍ତ -

Digitized by srujanika@gmail.com

ନାଟକ

ଛାୟା



ନିର୍ଦ୍ଦେଶନା : ନାଟ୍ୟପ୍ରଦୀପ ମଦନ ମିଶ୍ର

ସଂଗୀତ : କୁନା ମିଶ୍ର

Digitized by srujanika@gmail.com

ବାପା

- ପ୍ରଥମ ଦୃଶ୍ୟ -

(ପଣ୍ଡିତ ବିଦ୍ୟାଭୂଷଣ ତ୍ରିପାଠୀ ଭିତରୁ ଶ୍ଳୋକ ଉଚ୍ଚାରଣ କରି କରି ଆସି ପିଣ୍ଡାରେ ବସିଲେ ।)

ଶ୍ଳୋକ

ଶାନ୍ତାକାରଂ ଭୁଜଗଶୟନଂ
ପଦ୍ମନାଭଂ ସୁରେଶଂ
ବିଶ୍ୱଧାରଂ ଗଗନ ସଦୃଶଂ
ମେଘବର୍ଣ୍ଣଂ ଶୁଭାଗଂ
ଲକ୍ଷ୍ମୀକାନ୍ତଂ କମଳ ନୟନଂ
ଯୋଗିଭି ଧ୍ୟାନ ଗମ୍ୟଂ
ବନ୍ଦେ ବିଷ୍ଣୁ ଭବଭୟହରଂ
ସର୍ବଲୋକୈକ ନାଥମ୍

(ହାତ ଯୋଡ଼ି ନମସ୍କାର କରି)

କ୍ଳିଂ କୃଷ୍ଣାୟ ଗୋବିନ୍ଦାୟ
ଗୋପୀଜନ ବଲ୍ଲଭାୟ ନମଃ ।

(ଚିନ୍ତାମଗ୍ନ ହୋଇ ବସିପଡ଼ିଲେ ତ୍ରିପାଠୀ)

ତ୍ରିପାଠୀ – କ'ଣ କରିବି ? କେଉଁଠୁ ଟଙ୍କା ଆଣିବି । ଆଜକୁ ଦଶଦିନ ହେଲା ଦେବଦତ୍ତ ଦିଲ୍ଲୀ ଯିବ ବୋଲି ଲଗାଇଛି । ଯିବାଟା ତାର ନିହାତି ଆବଶ୍ୟକ । ଏତେଗୁଡ଼ାଏ ଟଙ୍କା କିଏ ହେଲେ ଦେବାକୁ ନାରାଜ । ହୋତା ମହାଶୟଙ୍କୁ ଜମି ପାଞ୍ଚମାଣ ବନ୍ଧକ ନେବାକୁ କହିଛି, ତାଙ୍କର ଦୟା ହେଲେ ପାଠ ପଢ଼ିବ । ନହେଲେ ବସ୍ତାନିରେ ଡ଼ୋରି ବାନ୍ଧିବ ।

(ଏହି ସମୟରେ ଦୀର୍ଘଶ୍ୱାସ ଛାଡ଼ିଲେ, ଦେବଦତ୍ତ ମୁଣ୍ଡିଆ ମାରି ଠିଆ ହେଲା)

ତ୍ରିପାଠୀ – ଦେବଦତ୍ତ

ଦେବଦତ୍ତ – ବାପା

Digitized by srujanika@gmail.com

ତ୍ରିପାଠୀ   –ମତେ କଣ କହୁଛୁ

ଦେବଦତ୍ତ   –ମୁଁ

ତ୍ରିପାଠୀ   –ହଁ ତୁ ଯିବୁ, ତୋର ଯିବା ନିହାତି ଦରକାର ।

ଦେବଦତ୍ତ   –ମୁଁ ଜାଣେ ବାପା ଆପଣ, ମୋ ପାଇଁ ବହୁତ କଷ୍ଟ ଭୋଗିଲେଣି ।

ତ୍ରିପାଠୀ   –ମୋର ସବୁ କଷ୍ଟ ଦୂର ହୋଇଯିବ ବାପା ତୁ ଯେବେ ମଣିଷ ହେବୁ । ଖାଲି ମଣିଷ ନୁହେଁ ମଣିଷ ପରି ମଣିଷଟିଏ ହେବୁ । ତେବେ ଦେବୁ ତତେ ମୋର କହିବା କଥା ଅଯଥା ଖର୍ଚ୍ଚ ନ କରି ଯଦି ମିତବ୍ୟୟୀ ହେଉ, ତାହାହେଲେ ଖୁବ୍ ଭଲ ହୁଅନ୍ତା ।

ଦେବଦତ୍ତ   –ମୁଁ ଅଯଥା କିଛି ଖର୍ଚ୍ଚ କରୁନାହିଁ ବାପା, ମତେ ବିଶ୍ୱାସ କରନ୍ତୁ । ସାଙ୍ଗସାଥୀଙ୍କ ସହିତ ସମ୍ମାନସ୍ପଦ ହୋଇ ନଚଳିଲେ ସେମାନେ ଖାତିରି କରିବେ ନାହିଁ ।

ତ୍ରିପାଠୀ   –ତା' ମୁଁ ଯାଣେ । ତେବେ ମୋର ଅବସ୍ଥା ଯେ କିଛି ଭଲ ନାହିଁ । ଅବସର ସମୟରେ ଯାହା ପାଇଥିଲି, ସବୁତ ସରିଗଲାଣି, ଜମି ଯାହା ଥିଲା ସେଥିରୁ ଦଶମାଣ ବିକ୍ରି ହୋଇସାରିଲାଣି ତୋର ପାଠପଢ଼ା ପାଇଁ ।

ଦେବଦତ୍ତ   –ତାହେଲେ ମୁଁ କଣ ପଢ଼ା ବନ୍ଦ କରିଦେବି ?

ତ୍ରିପାଠୀ   –ନା ନା ସେକଥା ମୁଁ କହୁନି । ଦୁନିଆରେ ଯେତେ ସବୁ ବଡ଼ ଲୋକମାନେ କଷ୍ଟ ସହି ମଣିଷ ହୋଇଛନ୍ତି । ମହାତ୍ମା ଗାନ୍ଧୀଙ୍କୁ ତାଙ୍କ ମା ବିଦେଶରେ କୁସଙ୍ଗ ନ କରିବା ପାଇଁ ଓ ମାଂସ ଭକ୍ଷଣରୁ ନିବୃତ ହେବାପାଇଁ ଉପଦେଶ ଦେଇଥିଲେ ।

ଦେବଦତ୍ତ   –ବାପା ମୁଁ ଆପଣଙ୍କୁ ଦୃଢ଼ ପ୍ରତିଶୃତି ଦେଉଛି, ମୁଁ ଆପଣଙ୍କର ଟେକ ରଖିବି । ମୁଁ ଆଇ.ଏ.ଏସ୍. ପରୀକ୍ଷାରେ ଟପର ହେବି । ଆପଣଙ୍କର ସମ୍ମାନକୁ ବଜାୟ ରଖିବି । ମୋ ଉପରେ ଭରସା ରଖନ୍ତୁ ବାପା ।

ତ୍ରିପାଠୀ   –ହଁ ପ୍ରଭୁଙ୍କର ଯାହା ଇଚ୍ଛା ତାହାହିଁ ହେବ । ତୋର ବୋଉ ଶେଷ ନିଶ୍ୱାସ ଛାଡ଼ିବା ବେଳେ ମୋତେ ଅନୁରୋଧ କରି କହିଥିଲେ, ପିଲା ଦୁଇଟି ତୁମକୁ ଲାଗିଲା । ତାଙ୍କୁ ଦେଇଥିବା ବଚନ ମୁଁ ନିଶ୍ଚୟ ପାଳନ କରିବି ଦେବ । ଆଚ୍ଛା ପରୀକ୍ଷା ଫଳ କେବେ ବାହାରିବ ?

ଦେବଦତ୍ତ   –ଏ ମାସକ ଭିତରେ ବାହାରିବ ବାପା ।

Digitized by srujanika@gmail.com

ତ୍ରିପାଠୀ –ତୁ ଆଇ.ଏ.ଏସ୍‌ରେ ପ୍ରଥମସ୍ଥାନ ଅଧିକାର କଲେ ବାପା ମାଆଙ୍କର ଯଶ ରଖିବୁ । ଦେଶରେ ନାଁ କରିବୁ । ସେହି ଭରଷା ନେଇ ମୁଁ ଆଜି ବଞ୍ଚି ରହିଛିରେ ପୁଅ । ମୁଣ୍ଡ ଉପରେ ବୋଝ ରହିଛି କଲ୍ୟାଣୀ । ତାର ବାହାଘର କିପରି ହେବ ତାହା ମୁଁ ବୁଝିପାରୁନାହିଁ ।

ଦେବଦତ୍ତ –କଲ୍ୟାଣୀ ଦାୟିତ୍ୱ ମୋ ଉପରେ ଛାଡ଼ିଦିଅନ୍ତୁ ବାପା । ତା' ବାହାଘରର ସମସ୍ତ ଖର୍ଚ୍ଚ ମୁଁ ବହନ କରିବି । ମୋର ଗୋଟିଏ ବୋଲି ଭଉଣୀ ତାର ବିବାହ ଖୁବ୍ ଧୁମ୍‌ଧାମ୍‌ରେ କରାଇବି ବାପା ।

ତ୍ରିପାଠୀ –ସେ ବିଶ୍ୱାସ ମୋର ଅଛି ଦେବ । ହଉ, ପ୍ରଥମେ ତୁ ଚାକିରି କରେ, ତାପରେ ଭଗବାନଙ୍କ ଯାହାଇଚ୍ଛା ଥିବ ତାହା ନିଶ୍ଚୟ ହେବ । ହଁ ତୋର କେତେ ଟଙ୍କା ଦରକାର ?

ଦେବଦତ୍ତ –ଅତି କମ୍‌ରେ ୨୦,୦୦୦

ତ୍ରିପାଠୀ –କୋଡ଼ିଏ ହଜାର, ଏତେ ଗୁଡ଼ିଏ ଟଙ୍କା... ...

(କଲ୍ୟାଣି ପ୍ରବେଶ କରିଛି)

କଲ୍ୟାଣୀ –ସବୁବେଳେ ବାପାଙ୍କୁ ଟଙ୍କା ମାଗି ହଇରାଣ କଲେ, ସେ କଣ ଟଙ୍କାର ଗଛ ଲଗେଇଛନ୍ତି ଯେ ହଲେଇ ଦେଲେ ଝଡ଼ି ପଡୁଥିବ ।

ଦେବଦତ୍ତ –ବାପା ମୁଁ ନିଷ୍ପତ୍ତି କରିଛି, ମୁଁ ପରୀକ୍ଷା ଦେବାକୁ ଦିଲ୍ଲୀ ଯିବିନାହିଁ ।

ତ୍ରିପାଠୀ –କଲ୍ୟାଣୀ, ଆଲୋ ଏତୁଟିଏ ହେଲୁଣି ବୁଦ୍ଧି ଅକଲ ଟିକିଏ ହେଲେ ନାହିଁ । ଯା ଯା ରୋଷେଇ କାମ ଦେଖେ, ତୋତେ କିଏ କହୁଥିଲା ବଡ଼ଙ୍କ ମଝିରେ ଉପରେ ପଡ଼ି କଥା କହିବା ପାଇଁ । ଟଙ୍କା କେଉଁଠୁ ଆସିବ, ସେ କଥା ମୁଁ ବୁଝିବି ।

କଲ୍ୟାଣୀ –ମୋର କହିବାର କଥା ବାପା, ଭାଇନା ଅଯଥାରେ ଗୁଡ଼ାଏ ଟଙ୍କା ବରବାଦ କରୁଛନ୍ତି । ଭାଇନା ଯଦି ଆମ ପରିସ୍ଥିତିକୁ ନ ବୁଝିବେ, ତାହେଲେ ମୁଁ ବା ତାଙ୍କୁ କଣ କହିବି ।

ଦେବଦତ୍ତ –ତୁ ନକହି ନକହି ବହୁତ କଥା କହିଦେଲୁଣି କଲ୍ୟାଣୀ । ହେଲେ ତୁ ଉଚ୍ଚ ଶିକ୍ଷା ବିଷୟରେ କଣ ଜାଣୁ ? ମାଟ୍ରିକ୍ ପରୀକ୍ଷାରେ ତ ପାଞ୍ଚ ପାଞ୍ଚ ଥର ଫେଲ ହେଲୁ । ଆଉ ତା ଛଡ଼ା ଯେମିତି ଗୋଟିଏ କୀର୍ତ୍ତି କଲୁ ତୋ ପାଇଁ ଗାଁରେ ମୁଣ୍ଡ ଟେକି ଚାଲି ହେଉନି । ଆଉ ସେ କଥା ଚିନ୍ତା କରି କରି ବୋଉ ସଂସାର ଛାଡ଼ି ଚାଲିଗଲା ।

(କଲ୍ୟାଣୀ କାନ୍ଦି ଉଠିଲା)

Digitized by srujanika@gmail.com

ତ୍ରିପାଠୀ – ଆରେ ଦେବ ଏସବୁ କଣ କହୁଛୁ । ତୁ ଗୋଟାଏ ରତ୍ନ । ତୋ ମୁହଁରେ ଏକଥା ଜମା ଶୋଭା ପାଉନି । ପିଲାଟା ଆଜି ଅଛି, କାଲି ବାହାହୋଇ ଶାଶୁଘରକୁ ଚାଲିଯିବ । ଆଉ ତାପରେ, ତୁ କଣ ଭାବିଛୁ ଶେଷ ଜୀବନ ମୁଁ ତୋ ପାଖରେ କଟାଇବି । ତୁ ଆଗେ ମଣିଷ ହେବାକୁ ଚେଷ୍ଟା କରେ ଆଉ କଥା କହିବାର ଶିଖେ ।

ଦେବଦର – ମୋର ଭୁଲ ହୋଇଛି ବାପା ।

ତ୍ରିପାଠୀ – ହଉ ତୁ ଦିଲ୍ଲୀ ଯିବୁ ପରା । ଯା ଯିବାର ବନ୍ଦୋବସ୍ତ କରେ । ମୁଁ ତତେ ୨୦,୦୦୦ ହଜାର ଟଙ୍କା ଦେବି । (ଦେବ ଚାଲିଗଲା) ମା' କଲ୍ୟାଣି ।

କଲ୍ୟାଣୀ – ବାପା

ତ୍ରିପାଠୀ – ଭାଇଟା କଥାକୁ ଧରିବୁନି ମାଁ । ମୁଁ ଜାଣେ ସେ ତୋ ମନରେ ଖୁବ୍ ଆଘାତ ଦେଇଛି । ହେଲେ ତୋର କିଛି ହେବନିରେ ମା, ମୁଁ ଅଛି । ତୁ ଦେଖିବୁ ରହ ତୋର ବାହାଘର ମୁଁ ଖୁବ୍ ଧୁମ୍‌ଧାମରେ କରିବି । ଏଥର ଟିକିଏ ହସି ଦେଲୁ ମା ।

(କଲ୍ୟାଣୀ ହସୁଥିଲା ତାକୁ କୋଳାଗ୍ରତ କଲେ ତ୍ରିପାଠୀ)

ତ୍ରିପାଠୀ – ସାବାସ୍ ମୋର ସୁନାଝିଅ ।

ନୀଳମଣି – (ପ୍ରବେଶ) ଭାଇନା ଘରେ ଅଛନ୍ତି । କିଲୋ ମା କଲ୍ୟାଣୀ ଆଖି ଦିଟା ତୋର ଫୁଲି ଯାଇଛି କାହିଁକି, କାନ୍ଦୁଥିଲୁ କି ?

ତ୍ରିପାଠୀ – ବୁଝିଲ କି ନୀଳ ତଳ ଉପର ଭାଇ ଭଉଣୀ ପରା ଟିକିଏ ଖୁପୁରା ଖୁପୁରି ହୋଇଗଲେ ।

କଲ୍ୟାଣୀ – (ଅଭିମାନରେ) ବାପା

ତ୍ରିପାଠୀ – (ହସି) ହଉ ମା ତୁ ଯା । କକେଇଙ୍କ ପାଇଁ ଚା' ନେଇ ଆ । (କଲ୍ୟାଣୀ ଚାଲିଗଲା) ହଁ ନୀଳ ମୋ କଥା କଣ ବୁଝିଲ ?

ନୀଳମଣି – ହଁ ବୁଝିଲି ଯେ ଆପଣଙ୍କୁ କଥାଟିଏ କହିବି ଭାଇନା, ମୋ କଥାକୁ କିଛି ଖରାପ ଭାବିବେନି । ଦେବ ଆମ ଏମ୍.ଏ. ପାଶ୍ କଲା ୟୁନିଭରସିଟିରେ ପ୍ରଥମ ସ୍ଥାନ ଅଧିକାର କଲା । ସେ ଯେଉଁଠି ଚାହିଁବ ସେଇଠି ତାକୁ କାମ ମିଳିବ । ତା ନ କରି ଆଉ ପୁଡ଼ାଏ ତାକୁ କାହିଁକି ପଢ଼ାଉଛନ୍ତି କହିଲେ ?

Digitized by srujanika@gmail.com

ତ୍ରିପାଠୀ – ତମେ ଠିକ୍ କହୁଛ ନୀଳମଣି, ହେଲେ ସେ ଯେତେବେଳେ ଆଇ.ଏ.ଏସ୍ ପରୀକ୍ଷା ଦେବା ପାଇଁ ଯିଦ୍ ଧରିଛି, ବାପା ହେଇ ମୁଁ ତାକୁ କିପରି ମନା କରିଦେବି । ମୁଁ ସର୍ବସ୍ୱାନ୍ତ ହେଇଯିବି ପଛେ ତାର ପାଠ ପଢ଼ାରେ ଜମା ପ୍ରତିବନ୍ଧକ ହେବି ନାହିଁ ।

ନୀଳମଣି – ସବୁତ ତା ପାଇଁ ସାରିଦେଲ ଆଉ କଲ୍ୟାଣୀ ଶାଶୁ ଘର ଯିବ କିପରି ? ସେ କଥା କଣ କେବେ ଚିନ୍ତା କରିଛ ।

ତ୍ରିପାଠୀ – ହଁ ନୀଳ ଭଲ ପ୍ରଶ୍ନଟାଏ କରିଛ ତେବେ ତା'ପାଇଁ ପାତ୍ରଟିଏ ଖୋଜ । ତା ବାହାଘର ଅତି ଶିଘ୍ର ସାରିଦେବାକୁ ଚାହେଁ ।

ନୀଳମଣି – କଲ୍ୟାଣି ପାଇଁ ଉତ୍ତମ ପାତ୍ର ମୁଁ ଯୋଗାଡ଼ କରିଛି । ସେଇଥିପାଇଁ ଆପଣ ଚିନ୍ତାମୁକ୍ତ ହୁଅନ୍ତୁ । (ପୋଜ୍) ହେଲେ ଭାଇନା ଗୋଟିଏ କଥା ଶୁଣିଲଣି କି ସେ କୁଳାଙ୍ଗାରଟା ପୁଣି ଗାଁକୁ ଆସିଛି ।

ତ୍ରିପାଠୀ – କିଏ ଆସିଛି ନୀଳ ?

ନୀଳମଣି – ଆଉ କିଏ ସେଇ ବିନ୍ଧୁଆଡି, ହରି ରଥର ପୁଅ ସୌମ୍ୟରଞ୍ଜନ । ଦୁଇବର୍ଷ ତଳେ ଆମ କଲ୍ୟାଣୀକୁ ବାହାହେବ ବୋଲି କହି କାନ୍ଥ ଡ଼େଇଁ ରାତି ଅଧରେ ଘରକୁ ଆସିଥିଲା, ହେଲେ ଗାଁ ଲୋକମାନେ ପିଟାପିଟି କରି ଗାଁରୁ ତଡ଼ିଦେଇଥିଲେ ।

ତ୍ରିପାଠୀ – ସେଇ ସୌମ୍ୟ ରଥ ପୁଣି ଗାଁକୁ ଆସିଛି ।

ନୀଳମଣି – ଆପଣ କାହିଁକି ଚିନ୍ତା କରୁଛନ୍ତି ଭାଇନା ଆମେ ସବୁ ଅଛୁ । ସିଏ ଆମର କଣ କରିବ । (ପୋଜ୍) ହଁ ମୁଁ ସେ ହୋତାଙ୍କ ପାଖକୁ ଯାଇଥିଲି ସେ ଟଙ୍କା ଦେବେ ବୋଲି ରାଜି ହେଲେ ।

ତ୍ରିପାଠୀ – କେତେ ଦେବେ ବୋଲି କହିଲେ ।

ନୀଳମଣି – ଆପଣ ଯାହା ଚାହିଁଲେ ତାହା ଦେବେ ।

ତ୍ରିପାଠୀ – ୨୦ ହଜାର ଟଙ୍କା ମାଗ । ସେଇ ଟଙ୍କା ନେଇ ଦେବ ମୋର ଦିଲ୍ଲୀ ଯିବ ।

ନୀଳମଣି – ୨୦ ହଜାର ଟଙ୍କା, ଏତେ ଟଙ୍କା କଣ ହେବ ଭାଇନା ?

ତ୍ରିପାଠୀ – ପାଠ ପଢ଼ିବାକୁ ହେଲେ ଟଙ୍କା ଖର୍ଚ୍ଚ ହେବ । ନିଜ ଛାତିକୁ ପଥର କରିବାକୁ ହେବ । କିନ୍ତୁ ମୋର ବିଶ୍ୱାସ ମୋ ଦେବ ମୋ ଯଶ ନିଶ୍ଚୟ ରଖିବ । ସେ ଆଇ.ଏ.ଏସ୍. ପରୀକ୍ଷାରେ ନିଶ୍ଚୟ ପ୍ରଥମ ସ୍ଥାନ ଅଧିକାର କରିବ ।

Digitized by srujanika@gmail.com

(ଦେବ ପ୍ରବେଶ କରିଛି ।)

ଦେବଦତ୍ତ – ମୁଁ ପ୍ରଥମ ହେବି ବାପା ମୁଁ ନିଶ୍ଚୟ ପ୍ରଥମ ହେବି । ଆପଣଙ୍କର ଯଶ ରଖିବି ।

ତ୍ରିପାଠୀ – ସେ ବିଶ୍ୱାସ ମୋର ଅଛି ଦେବ, ହେଲେ ପୁଅ, ସଂସାରରେ ଜ୍ଞାନୀ ହେବାକୁ ହେଲେ ଆଚାର, ବ୍ୟବହାର, କଥାବାର୍ତ୍ତା ମଧୁର ହେବା ଦରକାର ।

ନୀଳମଣି – ଭାଇନା ଠିକ୍ କହିଛନ୍ତି ଦେବ । ଆରେ କଲ୍ୟାଣୀ ତ ମା ଛେଉଣ୍ଡ ପିଲାଟା ତା' ମନରେ ଅସୁମାରୀ ଦୁଃଖ । ତା ବୋଉ କଥା କହିଲେ, ତା ଆଖିରୁ ଲୁହ ଗଡ଼ି ଆସିବ । ତା ମନରେ କାହିଁକି କଷ୍ଟ ଦେଉଛୁ । ସେ ଆଜି ଅଛି କାଲି ଶାଶୁଘରକୁ ଚାଲିଯିବ ।

ଦେବଦତ୍ତ – ହଁ କକେଇ କଲ୍ୟାଣୀର ବାହାଘର ମୁଁ ନିଶ୍ଚୟ ଧୁମ୍‌ଧାମ୍‌ରେ କରିବି, ସେ ପ୍ରତିଶ୍ରୁତି ମୁଁ ବାପାଙ୍କୁ ଦେଇସାରିଛି ।

ନୀଳମଣି – ଭଲ କରିଛୁ । ବାପା ବୁଢ଼ା ହେଲେଣି, ତାଙ୍କୁ ଏଣିକି ଗୁରୁଦାୟିତ୍ୱ ଦେବା ଉଚିତ ନୁହେଁ । କଲ୍ୟାଣୀର ବାହାଘର ସରିଲେ ମାସଛ'ଟାରେ ତୋ ବାହାଘର । ଭଲ ପାତ୍ରୀଟିଏ ବୁଝିଛି । ସୁଶ୍ରୀ ସୁନ୍ଦର, ଗୁଣରେ ବୁଦ୍ଧିରେ କେହି ତାକୁ ସରି ହେବେନାହିଁ । ଧନ ମଧ କମ୍ ନୁହେଁ, ଯାହା ମାଗିବୁ ତାହା ମିଳିବ ।

ତ୍ରିପାଠୀ – ସେ ତ ପଛର କଥା । ତମେ ଆଗ ହୋତାଙ୍କ ପାଖକୁ ଯାଇ ୨୦ ହଜାର ଟଙ୍କା ନେଇ ଆସ ।

ନୀଳମଣି – ହଉ ମୁଁ ଯାଉଛି ଟଙ୍କା ନେଇ ସଂଧ୍ୟା ଭିତରେ ଫେରି ଆସିବି ।

(ପ୍ରସ୍ଥାନ)

ତ୍ରିପାଠୀ – ଦେବ

ଦେବଦତ୍ତ – ବାପା

ତ୍ରିପାଠୀ – କାଲି ସକାଳୁ ତୁ ଦିଲ୍ଲୀ ଚାଲିଯିବୁ ତେବେ ମୋର ଗୋଟିଏ ତୋତେ କହିବା କଥା ଯୌବନ, ଧନସମ୍ପତ୍ତି, ପ୍ରଭୁତ୍ୱ, ଅବିବେକତା ଏ ସବୁରୁ ଗୋଟିଏ ମନୁଷ୍ୟ ପାଖରେ ଥିଲେ ପ୍ରଳୟ ସୃଷ୍ଟି ହୁଏ । କୁସଂଗ କରିବୁ ନାହିଁ । ବିପଥଗାମୀ ହେବୁନାହିଁ । ଅର୍ଥର ସୁବିନିଯୋଗ କରିବୁ । ଆଉ ବିଦ୍ୟାକୁ ପୂର୍ଣ୍ଣମର୍ଯ୍ୟାଦା ଦେବୁ ।

Digitized by srujanika@gmail.com

ବିଦ୍ୟା ଦଦାତି ବିନୟଂ
ବିନୟାତ୍ ଯାତି ପାତ୍ରତାମ୍
ପାତ୍ରତ୍ୱାମ ଧନ ମାପ୍ନୋତି
ଧନାତଃ ଧର୍ମ୍ମ ତତଃ ସୁଖମ୍

ଦେବଦତ୍ତ –ମୁଁ ଆପଣଙ୍କ କଥା ଅକ୍ଷରେ ଅକ୍ଷରେ ପାଳନ କରିବି ବାପା । ଆପଣ ମୋର ଜନ୍ମଦାତା, ବିଦ୍ୟାଦାତା ଓ ଜ୍ଞାନଦାତା । (ମୁଣ୍ଡିଆ ମାରିଲା ଦେବ)

(ପଛପଟରୁ ଭାସି ଆସୁଥିଲା–
ପିତାସ୍ୱର୍ଗ, ପିତାଧର୍ମ
ପିତାହିଁ ପରମତପଃ
ପିତରି ପ୍ରିୟମାମାପନ୍ନେ
ପ୍ରିୟନ୍ତେ ସର୍ବଦେବତା)

– ଅନ୍ଧାର –

– ଦ୍ୱିତୀୟ ଦୃଶ୍ୟ –

(ନଈକୂଳ ରାସ୍ତା । ମିଲିଟାରି ପୋଷାକ ପିନ୍ଧି ସୌମ୍ୟରଞ୍ଜନ ଚଢ଼େଇ ଶିକାର କରୁଥିଲା । ପାଖରେ ମଦ ବୋତଲ । ସୁରିଆ ଆସୁଥିଲା ବନ୍ଧୁକ ଶବ୍ଦ ଶୁଣି ଛେଚି ହୋଇ ପଡ଼ିଗଲା ।)

ସୁରିଆ –ହଇହୋ ମିଲିଟାରୀ ବାବୁ ! ଚଢ଼େଇ ଶିକାର କରୁକରୁ ମଣିଷ ଶିକାର କରିଦେବନା କ'ଣ । ମୁଁ ଦେଖୁଛି ଅନେକ ବେଳୁ ସେଠି ଅପେକ୍ଷା କରି ରହିଛ ।

ସୌମ୍ୟା –ସୁରିଆ ଶୁଣିଲି ପାଣିପାଇଁ ସେ ନଈକି ଏପଟେ ଯାଇଛି ଏଇ ବାଟେତ ନିଶ୍ଚୟ ଫେରିବ ।

ସୁରିଆ –କିଏ ଯାଇଛି । କିଏ ଫେରିବ । ମତେ ଟିକିଏ ଖୋଲିକି କହୁନ ।

ସୌମ୍ୟା –ଆରେ । ସେ ତ୍ରିପାଠୀ ଘରର ଝିଅ କଲ୍ୟାଣୀ ।

ସୁରିଆ –କେଡ଼େ କଥା ବାବୁ, ତମେ ତାକୁ ଆହୁରି ଭୁଲିନ । ଦୁଇ ବର୍ଷ ତଳେ ରାତି ଅଧରେ କାନ୍ଥ ଡେ଼ଇଁ ତା ଘରେ ପଶିଥିଲ ଯେ ଗାଁଲୋକେ ଗୁରୁଗୁଛିଆ ପିଟିଥିଲେ । ଡ଼ରରେ ଗାଁ ଛାଡ଼ି

Digitized by srujanika@gmail.com

ପଳେଇଥିଲ । ଏତେ ଦିନ ଯାଏଁ କେଉଁଠି ଥିଲ ବାବୁ ।

ସୌମ୍ୟ। – ମିଲିଟାରୀରେ ଜଏନ୍ କଲି । ଯୁଦ୍ଧରେ ଭାଗନେଲି ସେଠି ମୋର ବେଶୀ ନାଁ ହୋଇଗଲା । ଶତ୍ରୁ ମୋର ନାଁ ଶୁଣିଲେ ଥରି ଉଠିଲେ ।

ସୁରିଆ – ହୋଇଥିବ ହୋଇଥିବ ବାବୁ ସେଇଭଳି ତ ତମେ ଦେଖାଯାଉଛ । ହେଇବାବୁ ଯାହା ପାଇଁ ତମେ ପ୍ରତୀକ୍ଷା କରିଛ ସିଏ ଆସିଲାଣି ।

ସୌମ୍ୟ – କଲ୍ୟାଣୀ ଆସିଲାଣି ତୁ ଏଠୁ ଚାଲିଯା ।

ସୁରିଆ – କାହିଁକି ମୁଁ ରହିଲେ କଣ ଅସୁବିଧା ହେବକି ?

ସୌମ୍ୟ – କହିଲି ପରା ତୁ ଚାଲିଯା । ତା ନିକଟରେ ମୁଁ ନିରୋଳାରେ ପ୍ରେମ ନିବେଦନ କରିବି । ଆବେ ହିଡ଼ ସେପଟେ ଲୁଚିଯା ।
(ସୁରିଆ ଚାଲିଗଲା । ବିପରୀତ ଦିଗରୁ କଲ୍ୟାଣୀ ପାଣି ନେଇ ଆସିଛି ।)

ସୌମ୍ୟ – କଲ୍ୟାଣୀ (କଲ୍ୟାଣୀ ଠିଆ ହୋଇଛି) ମତେ ଭୁଲିଗଲକି କଲ୍ୟାଣୀ ।

କଲ୍ୟାଣୀ – ତୁମେ ।

ସୌମ୍ୟ – ଦୁଇବର୍ଷ ପ୍ରତୀକ୍ଷା ପରେ ମୁଁ ପୁଣି ଫେରି ଆସିଛି । କଲ୍ୟାଣୀ ମନରେ ଦୃଢ଼ ସଂକଳ୍ପ କରିଆସିଛି । ତୁମକୁ ସାଙ୍ଗରେ ନେଇଯିବି ।

କଲ୍ୟାଣୀ – ମତେ ତମେ ସାଙ୍ଗରେ ନେଇଯିବ, ମୋ ସହିତ ତୁମର ସଂପର୍କ କଣ ?

ସୌମ୍ୟ – ସଂପର୍କ କଥା ମତେ ପଚାରୁଛ, ସେ କଥା ନିଜ ମନକୁ ପଚାର ଯାହାପାଇଁ ବଦ୍‌ନାମର ଟିକା ପିନ୍ଧିଛି ତାକୁ ମୁଁ ଭୁଲିଯିବି କିପରି ? ଆଜି ଏହି ଦୁନିଆଁ ଯାଣୁ ପ୍ରେମ ପାଇଁ ମୁଁ କଣ ନ କରିପାରେ ।

କଲ୍ୟାଣୀ – ମତେ ଯିବାକୁ ଦିଅ ।

ସୌମ୍ୟ – ଠିଆହୁଅ । ମୋ କଥା ଆଜି ତୁମକୁ ଶୁଣିବାକୁ ହେବ । ସେ ଓଲ୍‌ଡ୍ ଲେଡ଼ି ମାନେ ତୁମର ମଦର ମତେ ଖୁବ୍ ଗାଳି ଦେଇଥିଲେ । ଘରୁ ବାହାରି ଯିବାକୁ କହି ଗଳାଧକ୍କା ଦେଇଥିଲା । ଏବେ ଶୁଣିଲି ସେ ମରିଗଲା ।

କଲ୍ୟାଣୀ – ହଁ

ସୌମ୍ୟ – ଭଲ ହେଲା

Digitized by srujanika@gmail.com

କଲ୍ୟାଣୀ - ଛି ଏତେ ଛୋଟ ତମେ, ତମ ବଂଶରେ କଣ ବଡ଼କୁ ସମ୍ମାନ ଦେବା ଶିଖିନାହାନ୍ତି । ମୋ ବାଟ ଛାଡ଼ । ଆଉ ଶୁଣ ଭବିଷ୍ୟତରେ କେବେ ମୋ ରାସ୍ତାରେ ଅବରୋଧ କରିବାକୁ ଚେଷ୍ଟା କରିବନାହିଁ ।

ସୌମ୍ୟ - (ହସି) କାହିଁକି ରାଗୁଛ କଲ୍ୟାଣୀ, ତମେ କଣ ଭାବୁଛ ମୋ ଛଡ଼ା ତମକୁ ଆଉ କିଏ ବାହାହେବ । ତାହା ମୁଁ କରେଇ ଦେବିନି । ଯାଅ ତମ ବାପାଙ୍କୁ କହିଦିଅ ତାଙ୍କ ଚ୍ୟାଲେଞ୍ଜକୁ ଗ୍ରହଣ କରି ଇଣ୍ଡିଆନ୍ ଆର୍ମିରେ ଚାକିରି କରିଛି ଏଦେଶ ମାତୃକାକୁ ଶତ୍ରୁ ହାତରୁ ରକ୍ଷା କରିବା ପାଇଁ ସଂକଳ୍ପ କରିଛି । ସେ ଆଉ ଲଫଙ୍ଗା ବେକାର ସୌମ୍ୟରଥ ନୁହେଁ । ସେ ବର୍ତ୍ତମାନ ମିଲିଟାରୀ ଜବାନ୍ । ଏହା ସତ୍ତ୍ୱେ ବାପା ତମକୁ ମୋ ସହିତ ବାହା କରେଇବାକୁ ରାଜି ନୁହଁନ୍ତି । ତାହେଲେ ମୁଁ ସେ ବୁଢ଼ାକୁ ଛାଡ଼ିବନି, ଦରକାର ପଡ଼ିଲେ ମୁଁ ତାର ଜାନ୍ ନେଇଯିବି ।

କଲ୍ୟାଣୀ - ବଦମାସ୍, ତୋର ଏତେ ସାହାସ ତୁ ମୋ ବାପାଙ୍କୁ ମାରିବୁ ଆଜି ମୁଁ ତତେ...

(ହାତ ଉଠେଇ ମାରିବାକୁ ଯାଉଥିଲା । ତା ହାତକୁ ଧରିନେଇ ସୌମ୍ୟ । ଖୁବ୍ ଜୋର୍‌ରେ ହସିଉଠିଲା ।)

କଲ୍ୟାଣୀ - ଛାଡ଼ିଦିଅ ମୋ ହାତ ଛାଡ଼ିଦିଅ କହୁଛି ।

ସୌମ୍ୟ - ଆଉ ଯଦି ନ ଛାଡ଼େ ।

କଲ୍ୟାଣୀ - ଚିତ୍କାର କରିବି ।

ସୌମ୍ୟ - ଚିତ୍କାର କରିବ କର । ମୁଁ ବି ଦେଖିବି ତମକୁ ବଞ୍ଚେଇବାକୁ କିଏ ଏଠାକୁ ଆସିବ । ବର୍ତ୍ତମାନ ମୁଁ ଚାହିଁଲେ ତମକୁ ନେଇ ସହରକୁ ଚାଲିଯିବି । ତାପରେ ତମ ବାପା ଓ ଗାଁଲୋକ ମୋର କଣ କରିବେ, ମୁଁ ଦେଖିବି ।

କଲ୍ୟାଣୀ - ମତେ ଯିବାକୁ ଦିଅ । ଆଉ ତା ନହେଲେ...

ସୌମ୍ୟ - (ହସ) ତମେ ମୋର କିଛି କରିପାରିବନି କଲ୍ୟାଣୀ । ଏବେବି ସମୟ ଅଛି । ତୁମେ ତୁମର ଭଏସ୍ ଚେଞ୍ଜ୍ କର ଓ ମୋର ବିବି ହେବାକୁ ରାଜି ହୋଇଯାଅ । ଦେଖିବ ଜୀବନସାରା ସୁଖୀ ହୋଇ ରହିବ ।

Digitized by srujanika@gmail.com

କଲ୍ୟାଣୀ - ଭୀରୁ, କାପୁରୁଷ ଗୋଟିଏ ଅବଳା ଦୁର୍ବଳା ଝିଅର ଚରିତ୍ର ସଂହାର କରିବାକୁ ତୁମକୁ ଲଜ୍ଜା ଲାଗୁନି । ଯଦି ସାହାସ ଅଛି ଯାଅ ମୋ ବାପାଙ୍କୁ ପ୍ରସ୍ତାବ ଦିଅ । ସେ ଯଦି ରାଜି ହେବେ ତେବେ ମୁଁ ତୁମକୁ ବାହାହେବାକୁ କୁଣ୍ଠାବୋଧ କରିବି ନାହିଁ ।

ସୌମ୍ୟ - ଠିକ୍ ଅଛି । ତମ ଚାଲେଞ୍ଜକୁ ମୁଁ ଗ୍ରହଣ କରି ତମ ବାପାଙ୍କୁ ଏହି ପ୍ରସ୍ତାବ ଦେବି । ଯଦି ସେ ଆମ ବାହାଘରରେ ରାଜି ନ ହୁଅନ୍ତି ତାହେଲେ ତୁମ ଘରେ ପଶି ଜୋରକରି ତୁମକୁ ନେଇଯିବି । ଆଉ ଦେଖିବି ଏ ଗାଁ ଲୋକେ ଆଉ ତୁମ ବାପା ମୋର କଣ କରିବେ । ଯାଅ । (କଲ୍ୟାଣୀ ଚାଲିଗଲା । ସୌମ୍ୟ ବୋତଲରୁ ମଦ ବାହାର କରି ପିଇଲା । ପ୍ରବେଶ କଲା ସୁରିଆ ।)

ସୁରିଆ - ହଇହେ ବାବୁ ଝିଅ କଣ ପଟିଲା ?

ସୌମ୍ୟ - ନା, ସେ ଚାଲିଗଲା ସୁରିଆ । ମୋତେ ପାଗଳ କରି ଚାଲିଗଲା ।

ସୁରିଆ - ବାବୁଙ୍କ ମନରେ କି ଦୁଃଖ, ଛାର ମାଇକିନିଆଟା ପାଇଁ ଦୁଃଖ କାହିଁକି କରୁଛ ବାବୁ । ଏ ଟୋକି ନାହିଁ କଲେ ତ ଆଉ ଗୋଟେ ହଁ କରିବ । କହିବେ ଯଦି ପଚାଶଟା ଟୋକିର ଲାଇନ୍ ଆପଣଙ୍କ ଘରେ ଲଗାଇଦେବି । ହେଲେ ଏ ଟୋକିଟା ପାଇଁ ଏତେ ଦୁଃଖ କରିବାଟା କଣ ଅଛି । ତାଠେ କଣ ସୁନା ଲାଗିଛି ।

ସୌମ୍ୟ - ସେ ଦୁଃଖ ତୁ ବୁଝିପାରିବୁନିରେ ସୁରିଆ ତୁ ଜମା ବୁଝିପାରିବୁନି ।

ସୁରିଆ - ବୁଝିଛି ଆଜ୍ଞା ସବୁ ବୁଝିଛି ସେ ଟୋକି ପାଇଁ ତମକୁ ରାତିରେ ନିଦ ହେଉନଥିବ କି ଦିନରେ ଭୋକ ହେଉନଥିବ । ହେଲେ ସେମିତି ହେଲେ ଚଳିବ ? କଣ ଗୋଟେ ବନ୍ଦୋବସ୍ତ କରିବାକୁ ହେବନା ।

ସୌମ୍ୟ - କଣ ବନ୍ଦୋବସ୍ତ କରିବୁ ?

ସୁରିଆ - କଲ୍ୟାଣୀ ସହିତ ତୁମର ବାହାଘରର ବନ୍ଦୋବସ୍ତ କରିବାକୁ ହେବ । ଏଇ ଦେଖ ନାହାକ ଜ୍ୟୋତିଷ ଆସୁଛନ୍ତି ସେ ତୁମ ହାତ ଦେଖି ଗଣନା କରି କଲ୍ୟାଣୀ ସହିତ ତୁମର ବାହାଘର ହେବକି ନାହିଁ କହିଦେବେ । (ପ୍ରବେଶ କଲେ ନାହାକ ଜ୍ୟୋତିଷ)
ନମସ୍କାର ଜ୍ୟୋତିଷ ମହାଶୟ ।

ଜ୍ୟୋତିଷ - ନମସ୍କାର ସର୍ବରିଷ୍ଟ ଶାନ୍ତି ଭବତୁ । ଶୁଭଂ ଭବନ୍ତୁ । ସୁଖଂ ଭବନ୍ତୁ । ମହାଶୟ ମୋ ପାଖରେ କଣ କିଛି କାମ ଥିଲା ।

Digitized by srujanika@gmail.com

ସୁରିଆ - ବାବୁଙ୍କର ଗ୍ରହ ଖରାପ ।
ଜ୍ୟୋତିଷ - ଗ୍ରହ ଖରାପ । ଆମେ ଗ୍ରହ ଶାନ୍ତି କରାଇଦେବା ।
ସୌମ୍ୟ - ଜ୍ୟୋତିଷ ମହାଶୟ ମୋର କଣ ବାହାଘର ହୋଇପାରିବ ନାହିଁ ।
ଜ୍ୟୋତିଷ - ଚିନ୍ତା କରନ୍ତୁ ନାହିଁ । ଆମେ ଗଣନା କରି ବାହାଘରଟା କରିଦେବା । ମହାଶୟ, ବାରମାସ ଭିତରୁ ଗୋଟିଏ ମାସର ନାମ କହନ୍ତୁ ।
ସୌମ୍ୟ - ପୁଷମାସ
ଜ୍ୟୋତିଷ - ସର୍ବନାଶ
ସୌମ୍ୟ - କଣ ହେଲା ଆଜ୍ଞା । ମୋର ସର୍ବନାଶ ହେବ ।
ଜ୍ୟୋତିଷ - ଚିନ୍ତା କରନ୍ତୁ ନାହିଁ । ଗ୍ରହଶାନ୍ତିର ବ୍ୟବସ୍ଥା କରିବା ଗୋଟିଏ ଫୁଲର ନାମ କହନ୍ତୁ ।
ସୌମ୍ୟ - ମଲ୍ଲୀଫୁଲ
ଜ୍ୟୋତିଷ - ପୁଷ୍ପେଷୁ ମଲ୍ଲୀ ନଗରୀସୁ ଦିଲ୍ଲୀ, କାବ୍ୟେଷୁ ମାଘ, କବି କାଳିଦାସ ।
ସୌମ୍ୟ - କଣ ବାହାଘର ମୋର ନିକଟରେ ହେବ ।
ଜ୍ୟୋତିଷ - (ଆଙ୍ଗୁଠି ଗଣି) ହବ ଅବଶ୍ୟ ହେବ କିନ୍ତୁ ବିଳମ୍ବରେ । ମହାଶୟ, ଜାଣିଥିବେ ବିଳମ୍ବେ କାର୍ଯ୍ୟ ସିଦ୍ଧି ।
ଜ୍ୟୋତିଷ - କନ୍ୟାର ନାମ କଣ କହିପାରିବେ ।
ସୌମ୍ୟ - 'କ' ଅକ୍ଷରରେ
ଜ୍ୟୋତିଷ - ତାହେଲେ କଣ କାଦମ୍ବିନୀ, କନକଲତା, କଳାବତୀ, କୁମୁଦିନୀ ।
ସୁରିଆ - ମହାଶୟେ କଲ୍ୟାଣୀ ।
ଜ୍ୟୋତିଷ - ହିଁ କଲ୍ୟାଣୀ ସେ ହିଁ ଯୋଗ୍ୟ ପାତ୍ରୀ ହେବ ।
ସୌମ୍ୟ - ତାର ବର୍ଣ୍ଣ କିପରି ? ଆକାର କିପରି ?
ଜ୍ୟୋତିଷ - ଗୌର ବର୍ଣ୍ଣ ତନୁପାତଳି । ମରାଳ ଗମନି । ଘର ତାର ଏହି ଆଖପାଖରେ ।
ସୌମ୍ୟ - ସେ କଣ ମୋତେ ଭଲପାଏ ।
ଜ୍ୟୋତିଷ - ପାଏ । କିନ୍ତୁ ପ୍ରକାଶରେ ନୁହେଁ, ମନେ ମନେ ସେ ତୁମକୁ ଭଲପାଏ ହେଲେ ଜଣେ ବୃଦ୍ଧ ଏହି ବାହାଘରକୁ ବିରୋଧ କରୁଛନ୍ତି ।
ସୌମ୍ୟ - ଜାଣେ । କିଏ ବିରୋଧ କରୁଛି ମୁଁ ସବୁ ଜାଣିଛି । ଆଉ ଦରକାର ହେଲେ ଏହି ବନ୍ଧୁକରେ ମୁଁ ତାକୁ ଖତମ କରିଦେବି ।

Digitized by srujanika@gmail.com

ଜ୍ୟୋତିଷ - ତାହାତ ନିଶ୍ଚୟ କରିବେ ମହାଶୟ, ହେଲେ ଆଗ ଗ୍ରହ ଶାନ୍ତିର ବ୍ୟବସ୍ଥା କରନ୍ତୁ ।

ସୌମ୍ୟ - କେତେ ଲାଗିବ ?

ଜ୍ୟୋତିଷ - ପାଞ୍ଚଶତ ମୁଦ୍ରା ।

ସୌମ୍ୟ - ଏହି ନିଅନ୍ତୁ (ପାଞ୍ଚଶତମୁଦ୍ରା)ଦରକାର ପଡ଼ିଲେ ପାଞ୍ଚହଜାର ଟଙ୍କା ଦେବି । କାମ ହେବା ଦରକାର । ଆଉ ଯଦି ମୋର କାମ ନ ହୁଏ ।

ଜ୍ୟୋତିଷ - ଅବଶ୍ୟ ହେବ । ଶାସ୍ତ୍ର ପରା କହୁଛି ବିଜୟେ ସର୍ବ କାର୍ଯ୍ୟ ସିଦ୍ଧି । ମୁଁ ଯାଉଛି ଗ୍ରହଶାନ୍ତିର ବ୍ୟବସ୍ଥା କରିବି । ଦରକାର ହେଲେ ମୋତେ ପୁଣି ଡ଼ାକିବେ । (ପ୍ରସ୍ଥାନ)

ସୌମ୍ୟ - ଦେଖେ ସୁରିଆ ତୋ କଥାରେ ପଡ଼ି ମୁଁ ବୁଢ଼ାକୁ ପାଞ୍ଚଶତ ଟଙ୍କା ଦେଲି ଆଉ ଯଦି କାମ ନ ହୁଏ । ସେହି ଟଙ୍କା ତୋଠୁ ବାହାର କରିବି ।

ସୁରିଆ - ଆହା ମୁଳରୁ ଅମଙ୍ଗଳ ଚିନ୍ତା କାହିଁକି କରୁଛନ୍ତି କହିଲେ, ସେଇଥିପାଇଁ ଲୋକେ ଆପଣଙ୍କୁ ପାଗଳ ବୋଲି କହୁଛନ୍ତି । ଖାଲି ପାଗଳ ନୁହେଁ ପ୍ରେମ ପାଗଳ । (ପ୍ରସ୍ଥାନ)

ସୌମ୍ୟ - ହଁ, ହଁ, ମୁଁ ପାଗଳ, ପ୍ରେମ ପାଗଳ । (ହସୁଥିଲା)

- ଅନ୍ଧାର -

- ତୃତିୟ ଦୃଶ୍ୟ -

(ଦିଲ୍ଲୀରେ ଦେବଦତ୍ତର ରହିବା ଘର । ହାତ ଧରି ହସି ହସି ମଞ୍ଚକୁ ପ୍ରବେଶ କଲେ ଦେବଦତ୍ତ ଓ ସୌମ୍ୟା ।)

ସୌମ୍ୟା - ଆରେ ଛାଡ଼ନା । ଏକଦ୍ କରୁଛ । ତୁମେ କଦ୍ ପାଗଳ ହୋଇଗଲ ।

ଦେବଦତ୍ତ - ଖାଲି ପାଗଳ ନୁହେଁ ସୋମ୍ୟା ମୁଁ ପ୍ରେମ ପାଗଳ ହୋଇଯାଇଛି । ଦିବାରାତ୍ରେ ଶୟନେ ସପନେ ଜାଗରଣେ କେବଳ ତୁମେ, ତୁମେ, ତୁମେ । ପ୍ରକୃତରେ ତୁମ ପାଇଁ ମୁଁ ପାଗଳ ହୋଇଯାଇଛି ଡ଼ାର୍ଲିଙ୍ଗ୍, ତୁମ ପାଇଁ ମୁଁ ମୁହୂର୍ତ୍ତେ ହେଲେ ବଞ୍ଚିପାରିବି ନାହିଁ ।

ସୌମ୍ୟା - ମିଛ, ତୁମେ ପୁରାପୁରି ମିଛ କହୁଛ । ଯଦି ତୁମେ ମୋତେ ପ୍ରକୃତରେ ଭଲ ପାଉଛ ତେବେ ଏତେ ଦିନ ହେଲା ତୁମେ କେଉଁଠି ଥିଲ ?

Digitized by srujanika@gmail.com

ଦେବଦତ୍ତ - ଘରକୁ ଗଲେ ବାପା, ଭଉଣୀର ଅନୁରୋଧ ରଖି କିଛିଦିନ ବାଧ୍ୟ ହୋଇ ରହିବାକୁ ପଡୁଛି ।

ସୌମ୍ୟା - ହଁ ସେଠି ଗାଁରେ ତ ତୁମ ନିଜ ଲୋକମାନେ ଅଛନ୍ତି । ଏଠି କିଏ ଅଛି ? ମୋତେ ଯଦି ତୁମେ ନିଜର ଭାବିଥାନ୍ତ...

ଦେବଦତ୍ତ - ତୁମେ ମୋର ଅତି ନିଜର ସୌମ୍ୟା, ତୁମେ ମୋର ସ୍ୱପ୍ନ, ଅତୀତ, ଭବିଷ୍ୟତ ସବୁକିଛି । ତୁମବିନା ଏ ଦେବଦତ୍ତର ଅସ୍ତିତ୍ୱ କିଛି ନାହିଁ ।

ସୌମ୍ୟା - ଥାଉଥାଉ ସେ କଥା ମୋତେ ଆଉ ଶୁଣାଇବା ଦରକାର ନାହିଁ । ସବୁ ପୁରୁଷମାନେ ତାଙ୍କ ଗାର୍ଲଫ୍ରେଣ୍ଡକୁ ଏହି କଥା ହିଁ କହିଥାନ୍ତି । (ପୋଜ୍) ଆଚ୍ଛା କହିଲ ତୁମର ଫାଦର୍, ସିଷ୍ଟର୍ ଓ୍ୱସବୁ ଘରମେ ଭଲ ଅଛନ୍ତି ।

ଦେବ୮ ୀ - ହଁ ସମସ୍ତେ ଭଲ ଅଛନ୍ତି ।

ସୌମ୍ୟା - ଦେଖ ଦେବ । ତୁମେ ଘରକୁ ଯାଅ ମୋର କିଛି କହିବାର ନାହିଁ ହେଲେ ଭୁଲରେ ମଧ କେବେ ଭୁଲିଯିବନି ଯେ ଏଠି ଜଣେ କେହି ତୁମ ପ୍ରତୀକ୍ଷାରେ ଅଛି ।

ଦେବଦତ୍ତ - ସୌମ୍ୟା, ସତରେ ତୁମେ ମୋତେ ଏତେ ଭଲ ପାଅ ।

ସୌମ୍ୟା - ହଁଦେବ, ମୁଁ ତୁମକୁ ବହୁତ ଭଲ ପାଏ । ନିଜ ଜୀବନଠାରୁ ବି ଅଧିକ ଭଲ ପାଏ ।

ଦେବଦତ୍ତ - ସୌମ୍ୟା (ଗୀତ....ନାଚ)

ସୌମ୍ୟା - (ଘଣ୍ଟାଦେଖି) ରାତି ହେଲାଣି, ମୁଁ ହଷ୍ଟେଲ ଯାଉଛି । ସୁପରିଣ୍ଟେଣ୍ଡେଣ୍ଟଙ୍କ ଠାରୁ ପରମିଶନ୍ ନେଇ ଆସିବି । ଦୁହେଁ ମିଶି ଫ୍ରେଣ୍ଡସ୍ କ୍ଲବ୍‌କୁ ଯିବା । ଦେବ ତୁମେ ମୋ ସହିତ ଫ୍ରେଣ୍ଡସ୍ କ୍ଲବ୍‌କୁ ଯିବନା ।

ଦେବଦତ୍ତ - ନିଶ୍ଚୟ

ସୌମ୍ୟା - ତାହେଲେ ମୁଁ ଆସୁଛି ୧୫ ମିନିଟ୍ ଭିତରେ ପହଞ୍ଚିବି । ମୋ!ତେ ଅପେକ୍ଷା କରିଥିବ । ବାଏ ।
(ସୌମ୍ୟା ଚାଲିଗଲା, ବିପରିତ ଦିଗରୁ ଅଜୟ ପ୍ରବେଶ କରି ଘଟଣାକୁ ଲକ୍ଷ୍ୟ ରଖିଥିଲା । ଦେବ ଅଜୟକୁ ଦେଖି ଚମକି ପଡ଼ିଲା ।)

ଦେବଦତ୍ତ - ଆରେ ଭାଇ ଅଜୟ । ତୁ କେତେବେଳେ ଗାଁରୁ ଆସିଲୁ ?

Digitized by srujanika@gmail.com

ଅଜୟ - ସେଥିରୁ ତୋତେ କଣ ମିଳିବ ?

ଦେବଦତ୍ତ - କ'ଣ ଭାଇ ମୋ ଉପରେ ରାଗିଛୁ ।

ଅଜୟ - ନା, ତୋ ଉପରେ ମୁଁ ଭାରି ଖୁସି । (ପୋଜ୍) ମୁଁ ପଚାରୁଛି ଦେବ ଏସବୁ ହେଉଛି କଣ ? ତୁ ଆମ ରାଜ୍ୟର ବ୍ରିଲିଆଣ୍ଟ୍ ସ୍କୋଲାର ଆଇ.ଏ.ଏସ୍ ଟପର ହେବା କଥା । କିନ୍ତୁ ତୋ ସ୍ଥାନ ଆଜି ଦଶମରେ । କାହିଁକି ଜାଣୁ, ଖାଲି ଏ ଝିଅ ପାଇଁ । ଏ ଝିଅ ପାଇଁ ତୁ ଆଜି ପଥଭ୍ରଷ୍ଟ ହେଉଛୁ ।

ଦେବଦତ୍ତ - ମୁଁ ଆଇ.ଏ.ଏସ୍‌ରେ ଟେନ୍‌ଥ୍ ପୋଜିସନ୍ ରଖିଛି, ତୁ କେମିତି ଜାଣିଲୁ ।

ଅଜୟ - ନେ ଏ ଖବର କାଗଜ ପଢ଼େ । (ଖବରକାଗଜ ଦେଲା)

ଦେବଦତ୍ତ - ମୁଁ ଏବେ ବାପାଙ୍କୁ କଣ କହିବି । ତାଙ୍କୁ ଦେଇଥିବା କଥାକୁ ରଖିପାରିଲି ନାହିଁ ।

ଅଜୟ - ଅନୁଶୋଚନା କରିବା ଛଡ଼ା ଆଉ କଣ ଅଛି ଦେବ । ଦୁଃଖ, ଅନୁତାପର ଅନଳରେ ଜଳିବା ଛଡ଼ା ତୁ ଆଉକିଛି କରିପାରିବୁ ନାହିଁ । ମୁଁ ପଚାରୁଛି ଦେବ, ଏ ଝିଅଟା କିଏ ?

ଦେବଦତ୍ତ - ସେ ମୋ ଫ୍ରେଣ୍ଡ୍ ।

ଅଜୟ - କେବଳ ୟାରି ପାଇଁ ଯଥେଷ୍ଟ ଅର୍ଥ ବରବାଦ କରିଛୁ । ନିରୀହ ବିଶ୍ୱାସୀ ବାପା ତୋର, ତୋର ସରଳ କଥାରେ ବିଶ୍ୱାସ କରି ସର୍ବସ୍ୱ ତୋରି ପଢ଼ାଲାଗି ଖର୍ଚ୍ଚ କରିଦେଇଛନ୍ତି ଆଉ ତୁ... । ସେ ଦେବତାଙ୍କ କଥା ଥରେ ଚିନ୍ତା କର୍ । କଲ୍ୟାଣୀ କଥା ଥରେ ଚିନ୍ତା କର୍ । ଏବେ ସେ ଲଫଙ୍ଗା ସୌମ୍ୟ ରଥ ପୁଣି ଗାଁରେ ଆସି ପହଞ୍ଚିଛି । କଲ୍ୟାଣୀ କି ନେଇ ସେ କିଛି ବଦ୍‌ମାସି କରିପାରେ । ଗାଁକୁ ଚାଲ୍ । ଆଉ ଯଦି ପାରିବୁ ଏ ଝିଅଟାକୁ ସବୁଦିନ ପାଇଁ ଭୁଲିଯା । କାରଣ ତାର ଚାଲିଚଳନ ମୋତେ ଜମା ଭଲ ଲାଗୁନି ।

ଦେବଦତ୍ତ - ତା'ମାନେ ତୁ କହୁଛୁ ଅଳ୍ପ ସୌମ୍ୟାକୁ ମୁଁ ସବୁଦିନ ପାଇଁ ଭୁଲିଯିବି । ନା ମୋ ଦେଇ ସମ୍ଭବ ହୁଏହେଁ ।

ଅଜୟ - ଏହି ସୌମ୍ୟା କିଏ ଜାଣୁ, ତାର ବଂଶ ମର୍ଯ୍ୟାଦା କ'ଣ, ତାର ପିତାମାତା, ତା ବୁନିଆଦି ସଂପର୍କରେ ତୋର କିଛି ଧାରଣା ଅଛି ।

ଦେବଦତ୍ତ - ହଁ, ପଞ୍ଜାବ ପୋଲିସ୍ କମିଶନରଙ୍କ ଏକମାତ୍ର ଝିଅ ସୌମ୍ୟା ପ୍ରିୟଦର୍ଶିନୀ କାଉର୍ ।

Digitized by srujanika@gmail.com

ଅଜୟ - ଆଉ ତୁ ? ତୋର ବଂଶ ମର୍ଯ୍ୟାଦା ? (ହସି) ଦେବ ଏବେ ବି ସମୟ ଅଛି, ପାଗଳାମି ଛାଡ଼ । ମରିଚିକା ପଛରେ ନ ଧାଇଁ ବୃଦ୍ଧ ବାପାଙ୍କ କଥା ଥରେ ଚିନ୍ତା କର । ଯିଏ ଲହୁ ଲୁହକୁ ଏକାଠି କରି ତତେ ମଣିଷ ପରି ମଣିଷଟିଏ କରିଛି । ଅଭାବ ଅସୁବିଧା ସତ୍ତ୍ୱେ ହଜାର ହଜାର ଟଙ୍କା ପାଣି ପରି ତୋ ପିଛା ଖର୍ଚ୍ଚ କରି ଆଇ.ଏ.ଏସ୍. ଅଫିସର କରିବାକୁ ଚାହୁଁଛି ସେଇ ବାପା କଥା ଥରେ ଚିନ୍ତା କର ।

(ତୁମେ ଜନ୍ମଦାତା... ଗୀତ) (ପିତା ଧର୍ମ, ପିତା ସ୍ୱର୍ଗ...)

ଦେବଦତ୍ତ - ହଁ ତୁ ଠିକ୍ କହିଛୁ ଅଜୟ ମୁଁ ବାପାଙ୍କ ପାଖକୁ ଯିବି । ତାଙ୍କୁ ନ ପଚାରି ମୁଁ ସୌମ୍ୟାକୁ କୌଣସି ପ୍ରତିଶ୍ରୁତି ଦେବିନାହିଁ । ବାପା ହିଁ ମୋର ସର୍ବସ୍ୱ । ପିତାଧର୍ମ ପିତାସ୍ୱର୍ଗ... ।

- ଅନ୍ଧାର -

- ଚତୁର୍ଥ ଦୃଶ୍ୟ -

(ପଣ୍ଡିତ ତ୍ରିପାଠୀ ଘର ଭିତରୁ ପାଟି କରୁଥିଲେ । ଭୟରେ ଭିତରୁ ସୁରିଆ ଆସିଲା । ପଛେ ପଛେ ତ୍ରିପାଠୀ ।)

ତ୍ରିପାଠୀ - ଚାଲିଯାଅ, ଚାଲିଯାଅ ତମେ । ତମର ସାହାସ କେମିତି ହେଲା, ମୋର ଘର ଏରୁଣ୍ଡିବନ୍ଧ ଡେଇଁ ମୋ ଘରେ ପଶି ଏଇ କଥା କହିବା ପାଇଁ । ସୌମ୍ୟରଥ ପରି ଗୋଟିଏ ଲଫଙ୍ଗା ଛତରା ସାଥିରେ କଲ୍ୟାଣୀର ବାହାଘର କରିବା ପାଇଁ ।

ସୁରିଆ - ଆପଣ ତ ଖାଲି ରାଗୁଛନ୍ତି ପଣ୍ଡିତ । ସୌମ୍ୟରଥ ଲଫଙ୍ଗା ଛତରା ଥିଲା । ହେଲେ ବର୍ତ୍ତମାନ ସିଏ ଭାରତ ସରକାରଙ୍କ ସୈନ୍ୟ ବିଭାଗରେ କାର୍ଯ୍ୟରତ ଜଣେ ବୀର ଜବାନ । ସେ ବର୍ତ୍ତମାନ ଆଉ ଲୋଫର ନୁହେଁ କି ଛତରା ନୁହେଁ ।

ତ୍ରିପାଠୀ - କୁକୁର ଲାଞ୍ଜକୁ ବର୍ଷ ବର୍ଷ ଧରି ନଳାଭିତରେ ବନ୍ଦ କରି ରଖିଲେ ମଧ୍ୟ ସେ କଣ ସିଧା ହୋଇପାରିବ । ତେଣୁ ତା ବିଷୟରେ ଅଧିକ ସଫାଇ ନ ଦେଇ ତୁମେ ତୁରନ୍ତ ଏଇସ୍ଥାନ ତ୍ୟାଗ କର । ନହେଲେ ପଛରେ ମୋତେ ଦୋଷ ଦେବନି ।

ସୁରିଆ - କଣ ମୋତେ ମାରିବ ?

Digitized by srujanika@gmail.com

କଲ୍ୟାଣୀ - (ପ୍ରବେଶ) ମଲାକୁ ମାରିବ କ'ଣ । ତେଣୁ ଭଲରେ ଭଲରେ ଏଠୁ ଚାଲିଯାଅ ।

ତ୍ରିପାଠୀ - ଯିବା ପୂର୍ବରୁ ଆଉପଦେ ଶୁଣିଯାଅ । ଆଉ ଭୁଲରେ କେବେ ଯଦି ସାହସ କରି ସୌମ୍ୟରଥର ଓକିଲାତି କରି ଏଘରେ ପାଦ ଦେଉ ତାହାହେଲେ ସେଦିନ ଦେଖିବୁ, ପଣ୍ଡିତ ବିଦ୍ୟାଭୂଷଣ ତ୍ରିପାଠୀର ଅସଲ ରୂପ । ଯାଅ ।

ସୁରିଆ - ହଉ ଯାଉଛି ପଣ୍ଡିତ ମହାଶୟ, ହେଲେ ସାପ ଲାଙ୍ଗୁଡ଼ରେ ହାତ ମାରିଛ ଯେତେବେଳେ ଚୋଟ ନିଶ୍ଚୟ ଖାଇବ । କାରଣ ସୌମ୍ୟରଥ ଆଦୌ ଭଲ ଲୋକ ନୁହେଁ ।

ତ୍ରିପାଠୀ - ସୁରିଆ

ସୁରିଆ - ଯାଉଛି, ଯାଉଛି । ଯାହା ଜଣାପଡୁଛି ପଣ୍ଡିତଙ୍କ ଦଶା ଖରାପ ପଡ଼ିଛି । (ପ୍ରସ୍ଥାନ)

ତ୍ରିପାଠୀ - କଣ ଭାବିଛି ସେ ସୌମ୍ୟ ରଥ । ବାରମ୍ବାର ରାସ୍ତାରେ କଣ୍ଟା ପକାଇ କଳି କରିବା, ତାର ଅଭ୍ୟାସରେ ପରିଣତ ହୋଇଗଲାଣି ।

କଲ୍ୟାଣୀ - ବାପା ।

ତ୍ରିପାଠୀ - ତୁ ଏଥିରେ ଜମା ମୁଣ୍ଡ ଖରାପ କରନି ମା, ଯା ତୁ ଭିତରକୁ ମା । ତତେ ଦେଖିବା ପାଇଁ ଆଜି ବରଘର ଆସିବେ । ନୂଆଁ ଲୁଗାଟେ ପିନ୍ଧି ପକାଇ ଟିକିଏ ସଫା ସୁତୁରା ହୋଇଯା ।

କଲ୍ୟାଣୀ - ଗୋଟିଏ କଥା କହିବି ବୋଲି ଭାବିଛି ବାପା ।

ତ୍ରିପାଠୀ - କହୁନୁ । ମୋ ପାଖରେ ଲାଜ କଣ ? ତୋ ବୋଉ ଅଛି ଯେ ତାକୁ କହିବୁ । କହ ମା । ମନଖୋଲି ମୋ ଆଗରେ ସବୁ କଥା କହ ।

କଲ୍ୟାଣୀ - ମୁଁ ବିବାହ କରିବି ନାହିଁ ବାପା ।

ତ୍ରିପାଠୀ - ଆରେ ପାଗଳି, ଏପରି କଣ କହୁଛୁ । ମୋ ଅନ୍ତେ ତୋର କଥା ଆଉ ବୁଝିବ କିଏ । ଦେବଭାଇ କଣ ସବୁବେଳେ ତୋ କଥା ବୁଝିପାରିବ । ତାର ତ ଚାକିରି ପରିବାର କଥା ତାକୁ ବୁଝିବାକୁ ହେବ । ତେଣୁ ତୋର ଅତିଶୀଘ୍ର ବାହାଘର ହୋଇଯିବ, ଏହା ମୁଁ ଚାହେଁ । ତାଛଡ଼ା ତତେ ଦେଖିବା ପାଇଁ ଭଲଘର, ଭଲବର ଆଜି ଆସୁଛନ୍ତି । ସେମାନଙ୍କର ମର୍ଯ୍ୟାଦା ହେବା ଦରକାର । ଯା, ତୁ

Digitized by srujanika@gmail.com

ଭିତରକୁ ଯା, ମୁଁ ଦେଖେ ନୀଳମଣି ଏତିକିବେଳେ କୁଆଡ଼େ ଗଲେ ।
(ନୀଳମଣି ପ୍ରବେଶ, ଭିତରକୁ ଚାଲିଗଲା କଲ୍ୟାଣୀ)

ନୀଳ - ଭାଇନା ମତେ ଡ଼କାଇଥିଲେ ।

ତ୍ରିପାଠୀ - ହଁ, ନୀଳ ଆଜି ସୁନାଖଳାରୁ ସମ୍ବନ୍ଧଟିଏ ଆସିଛି । ସେମାନେ କଲ୍ୟାଣୀକୁ ଦେଖିବା ପାଇଁ ବର୍ତ୍ତମାନ ଆସି ପହଞ୍ଚିଯିବେ । ସେମାନଙ୍କର ମର୍ଯ୍ୟାଦା ହେବା ଦରକାର ।

ନୀଳ - ସେ କଥା ମୁଁ ବୁଝିବି । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ହେଲେ ଭାଇନା ଗୋଟିଏ ଖବର ଶୁଣିଲେଣି । ଦେବର ଆଇ.ଏ.ଏସ୍ ପରୀକ୍ଷା ଫଳ ବାହାରିଛି

ତ୍ରିପାଠୀ - ବାହାରିଛି କାହିଁ କେଉଁଠି ବାହାରିଛି, ମୁଁ ଜାଣେ ମୋ ଦେବ ନିଶ୍ଚୟ ଆଇ.ଏ.ଏସ୍‌ରେ ପ୍ରଥମ ହୋଇଥିବ ।

ନୀଳ - ନାଁ, ଦେବ ଦଶମ ସ୍ଥାନ ଅଧିକାର କରିଛି । ଏଇ ନିଅ ଖବରକାଗଜ ପଢ଼ । ଗୁଜରାଟର ଜଣେ ଯୁବକ ଆଇ.ଏ.ଏସ୍.ରେ ପ୍ରଥମ ହୋଇଛି ।

ତ୍ରିପାଠୀ - ଦେବ ଦଶମ ସ୍ଥାନ ରଖିଛି । ପ୍ରଥମ ହୋଇପାରିଲା ନାହିଁ । ତାହାହେଲେ ଏତେ ଟଙ୍କା ଖର୍ଚ୍ଚକରି ସେଠି ରହି ସେ କଣ କରୁଥିଲା । ଓଃ ନୀଳ ମୋ ମୁଣ୍ଡଟା କଣ ହୋଇଯାଉଛି ।

ନୀଳ - ମନଦୁଃଖ କାହିଁକି କରୁଛ ଭାଇନା, ତୁମ ଶ୍ରମ ସାର୍ଥକ ହୋଇଛି । ଆଇ.ଏ.ଏସ ପାଇବା କଣ କମ୍ ସୌଭାଗ୍ୟର କଥା । ଲକ୍ଷରେ ଜଣେ ଆଇ.ଏ.ଏସ ପରୀକ୍ଷାରେ ପାସ୍ କରନ୍ତି । ସେ ଯାହାହେଉ, ତମ ଚିନ୍ତା ଗଲା । ଦେବ ଭଲ ଚାକିରି କରି ଘର କଥା ବୁଝିବ । କଲ୍ୟାଣୀର ବାହାଘର କରିବ । ଆଉ ଦେଶର ନାଁ ରଖିବ ।

ତ୍ରିପାଠୀ - ସବୁ ଭଗବାନଙ୍କର ଇଚ୍ଛା । ନୀଳ, ସେମାନେ ଆସିବାର ସମୟ ହୋଇଗଲାଣି । ଏଇ ଶହେଟଙ୍କା ନିଅ, ଗୁଡ଼ିଆ ଦୋକାନରୁ କିଛି ମିଠା ଆଉ ଖାରା ନେଇ ଆସିବ । ଆଲୋ ମା କଲ୍ୟାଣୀ, ଟିକିଏ ଚା କରିଥା... ବୁଝିଲ ନୀଳ ସେମାନେ ଆସିବା ସମୟ ହୋଇଗଲା ସେମାନଙ୍କୁ ଭଲ ମର୍ଯ୍ୟଦା ଦେବା ଦରକାର ।

ବାହାରୁ - ପଣ୍ଡିତ ତ୍ରିପାଠୀ ଘରେ ଅଛନ୍ତି ।

ତ୍ରିପାଠୀ - ଏଇ ନୀଳ ସେମାନେ ଆସିଗଲେଣି । ଆସନ୍ତୁ, ଆସନ୍ତୁ ପାଣିଗ୍ରାହୀବାବୁ ଭିତରକୁ ଆସନ୍ତୁ । (ଆସିଲେ କୈଳାସ ପାଣିଗ୍ରାହୀ ଓ ରବି) ବସନ୍ତୁ ।

Digitized by srujanika@gmail.com

କୈଳାସ - ନମସ୍କାର ପଣ୍ଡିତ ମହାଶୟେ, ଏଇ ବାବୁ ।

ତ୍ରିପାଠୀ - ସେ ମୋର ଭାଇ ହୁଅନ୍ତି ।

କୈଳାସ - ନମସ୍କାର । ଅହୋ ମୋର କି ପରମ ସୌଭାଗ୍ୟ ଆପଣମାନଙ୍କ ଦର୍ଶନ ମିଳିଲା, ଖୁସି ହେଲି । ଆନନ୍ଦ, ପରମ ଆନନ୍ଦ ।

ରବି - ନନା, ମୁଁ କଣ ନମସ୍କାର କରିବି ।

କୈଳାସ - କିରେ, ତୁ ଏଯାଏଁ ନମସ୍କାର କରିନୁ ।

ରବି - ନମସ୍କାର, ଫାଦର୍-ଇନ୍-ଲ ।

ତ୍ରିପାଠୀ - ଏ ଯୁବକ !

କୈଳାସ - ଆପଣଙ୍କର ଭାବି ଜାମାତା । ଆଜ୍ଞା, ବଡ଼ ସରଳ ପ୍ରକୃତିର ଯୁବକ ମାନେ ଭେରି ସିମ୍ପଲ୍ । ମୋର ଏକମାତ୍ର ସନ୍ତାନ । ମାନେ ଓନ୍ଲି ଚାଇଲ୍ଡ୍, ଏକୋଇର ବଳା ବିଶିକେସନ । ପାଠ ପଢ଼ିଛି ଆଜ୍ଞା, ବି.ଏ. ପାସ୍ କରିଛି ।

ରବି - ନନା, ବି.ଏ. ବ୍ରାକେଟ୍‌ରେ ଅନର୍ସ ।

ନୀଳ - ଆପଣ ମିଛ କହୁଛନ୍ତି ।

କୈଳାସ - ସତଟା କଣ ଆପଣ ମୋତେ କହିଦିଅନ୍ତୁ । ଆଜ୍ଞା, ମୋର ଅଚଳାଚଳ ସମ୍ପତ୍ତି, ମାନେ କୋଟିପତି । ମୋର ସିକ୍ୟୁରିଟି ଅଫିସ୍ ସାରା ଓଡ଼ିଶାରେ ଅଛି । ଆପଣଙ୍କର ଝିଅର କିଛି ଅସୁବିଧା ହେବନାହିଁ ।

ନୀଳ - ଏ ଛୋଟା ହେଲେ କିପରି ?

ରବି - କନ୍ୟାକୁ ଆଗ ଦେଖାଅ ହେ ? ମୁଁ କନିଆ ଦେଖିବାକୁ ଆସିଛି ।

କୈଳାସ - ଆରେ ରହୁନୁ କାହିଁକି ? ଦେଖିବୁ, ନିଶ୍ଚୟ ଦେଖିବୁ । ହଁ ହାତ କଥା ପଚାରୁଥିଲେ ।

ନୀଳ - ହାତ ନୁହେଁ ଆଜ୍ଞା ଗୋଡ଼ କଥା ।

କୈଳାସ - ହଁ ଗୋଡ଼ କଥା । ପିଲାଦିନେ ଶଗଡ଼ ମାଡ଼ିଗଲା । ଗୋଡ଼ଟା ଟିକେ ଛୋଟା ହୋଇଯାଇଛି ।

ତ୍ରିପାଠୀ - ହଁ, ନୀଳ, କଲ୍ୟାଣୀକୁ କହ, ଚା ନେଇ ଆସୁ ।

ନୀଳ - ମା କଲ୍ୟାଣୀ ଚା ନେଇ ଆସେ ।

କୈଳାସ - କଲ୍ୟାଣୀ କିଏ ପଣ୍ଡିତ ମହାଶୟ ?

Digitized by srujanika@gmail.com

ତ୍ରିପାଠୀ - ମୋର କନ୍ୟା ।

ରବି - ତୁମର କନ୍ୟା, ମାନେ ମୋର ୱାଇଫ୍ ।

ନୀଳ - ସେପରି କ'ଣ କଥାବାର୍ତ୍ତା କରୁଛ ?

ରବି - ନନା, ମୋର କ'ଣ ଭୁଲ୍ ହୋଇଗଲା କି ?

କୈଳାସ - ଆରେ ତୁନି ହୋଇଯା, ଲୋକହସା କରୁଛୁ କାହିଁକି ?

(ଗେହ୍ଲେଇ ହୋଇ)

ରବି - ନନା, ମୁଁ କନିଆ ଦେଖିବି ।

(କଲ୍ୟାଣୀ ଚା ନେଇ ଆସିଛି ସମସ୍ତଙ୍କୁ ଚା ଦେବାବେଳେ)

ରବି - (କଲ୍ୟାଣୀ ପାଖକୁ ଉଠିଯାଇ) ନନା, ବଡ଼ ସୁନ୍ଦରିଆ ହୋଇଛି । ମୁଁ ଯାକୁ ବାହା ହେବି । ନନା, ତୁମେ ସମସ୍ତେ ଚାଲିଯାଅ । ମୁଁ ମୋ ସ୍ତ୍ରୀ ସହିତ ଟିକିଏ ପ୍ରେମାଳାପ କରିବି ।

ତ୍ରିପାଠୀ - ନୀଳ, ଯାହା କହିବାର ଅଛି ଭଦ୍ରଲୋକଙ୍କୁ କହିଦିଅ । (ପ୍ରସ୍ଥାନ)

ନୀଳ - ବୁଝିଲେ ମହାଶୟ, ଆମ ଝିଅ ଛୋଟି, କାଣି ନୁହଁ । ଆମେ ଛୋଟା, କଣାକୁ ଝିଅ ଦେଇ ପାରିବୁ ନାହିଁ । ଆପଣ ଚାଲିଯାନ୍ତୁ । ନମସ୍କାର ।

କୈଳାସ - ଆପଣ ଆମକୁ ତଡ଼ି ଦେଉଛନ୍ତି, ହଉ, ହେଲା । ଗୋଟିଏ ଚରିତ୍ରହୀନା ଝିଅକୁ, କଲେକ୍ଟର ବାହା ହୋଇ ପଡ଼ୁ । ବାବୁ ଆମେ ତୁମ ଝିଅର ଇତିହାସ ଶୁଣିଛୁ । ଚାଲ୍ ପୁଅ, ଏଠାରୁ ଚାଲିଯିବା । ଭଲ କନିଆ ମିଳିବେ । ଏ ଆମକୁ କଣ୍ଢା ଦେଖାଉଛନ୍ତି । (ଦୁହେଁ ଚାଲିଗଲେ, ରବି ବୁଲି ବୁଲି ଚାହିଁ କହୁଥିଲା....)

ରବି - ନନା, ବଡ଼ ସୁନ୍ଦରିଆ ହୋଇଛି, ମୁଁ ଯାକୁ ବାହାହେବି ।

କୈଳାସ - ଚାଲୁବେ... ।

- ଅନ୍ଧାର -

- ପଞ୍ଚମ ଦୃଶ୍ୟ -

(ସୌମ୍ୟ ମଦ ପିଉଥିଲା । ଏହି ସମୟରେ ଦେଖିଲା କଲ୍ୟାଣୀକୁ ଛବି ଆକାରରେ ।)

ସୌମ୍ୟ - କଲ୍ୟାଣୀ, କଲ୍ୟାଣୀ, କଲ୍ୟାଣୀ - ତୁ ମୋତେ ଠକି ଦେଇ ଚାଲିଯାଇ ପାରିବୁ ନାହିଁ କଲ୍ୟାଣୀ । ତୋତେ ମୁଁ ସହଜରେ ଛାଡ଼ିଦେବି ନାହିଁ । ମୁଁ ଆଜି ମଦ ପିଉଛି । କାହିଁକି ଜାଣୁ ? କେବଳ

Digitized by srujanika@gmail.com

ତୋରି ପାଇଁ । ତୁ ତୋର ମଜ୍‌ନୁକୁ ଭୁଲିଗଲୁ । ତୋ ପାଇଁ ମୁଁ ଗାଁ ଛାଡ଼ିଲି । ତୋ ବାପାର ଚାଲେଞ୍ଜକୁ ଗ୍ରହଣ କରି, ସୈନ୍ୟ ବିଭାଗରେ ଜବାନ୍ ହେଲି । ସବୁ ତୋ ପାଇଁ ମୁଁ କଲି । କିନ୍ତୁ ତୁ ମୋତେ ଭୁଲିଗଲୁ ।

(ଏଇ ସମୟରେ ପ୍ରବେଶ କରିଛି ସୁରିଆ)

ସୁରିଆ - ବାବୁ, ପୁଣି ମଦ ପିଇଲ । କାହିଁକି ବାବୁ ? ଛାର୍ ମାଇକିନିଆଟା ପାଇଁ ତୁମେ ମଦ ପିଉଛ ।

ସୌମ୍ୟ - (ଓଠ ପାଖରେ ଆଙ୍ଗୁଠି ରଖି) ସେ କଥା କହ ନାହିଁ ସୁରିଆ । ସେ ଜ୍ୟୋତିଷ କୁଆଡ଼େ ଗଲା । ସେ ପରା କହୁଥିଲା ମୋର ବାହାଘର ହେବ । କେବେ ହେବ ବେ । ୫୦୦ ଟଙ୍କା ନେଇଛି । ନହେଲେ ୫୦୦୦ ଥର ଉଠ୍, ବସ୍ କରାଇବି । ଯା' ତାକୁ କହିଦେ । (ଲୈଲା, ଲୈଲା ପୁକାରୁଁ ମେ ବନମେ, ମେରୀ ଲୈଲା ବୈଠି ମେରୀ ମନ୍‌ମେ ।)

ସୁରିଆ - ବାବୁ ଘରକୁ ଯାଅ, କାହିଁକି ଏଠାରେ ବସିଛ କହିଲ ? ଲୋକେ ଯାହା କହୁଛନ୍ତି, ଶୁଣୁଛ । ବ୍ରାହ୍ମଣ ଘର ପୁଅ ହୋଇ ଗୋଟାଏ ଛାର ଝିଅଟା ପାଇଁ କିଏ କ'ଣ ମଦ ପିଏ ।

ସୌମ୍ୟ - ପିଏ, ଅଲ୍‌ବତ୍ ପିଏ । ଲୈଲା ପାଇଁ ମଜନୁ ପିଏ, ପାରୋ ପାଇଁ ଦେବ୍‌ଦାସ୍ ପିଏ, ଆଉ କଲ୍ୟାଣୀ ପାଇଁ, ସୌମ୍ୟରଞ୍ଜନ ପିଏ । (ହସିଲା)

(ସୁରିଆ ଦୂରରୁ କଲ୍ୟାଣୀ ଆସୁଥିବାରଦେଖି ସୌମ୍ୟପାଖକୁ ଦୌଡ଼ି ଯାଇଛି ।)

ସୁରିଆ - ବାବୁ କଲ୍ୟାଣୀ ଆସୁଛି ।

ସୌମ୍ୟ - ଆସୁଛି ଭଲ ହେଲା, ତୁ ଚାଲିଯା ସୁରିଆ, ଆଜି ମୁଁ ଏହାର ଫଇସଲା କରିବି । ଯା, ସୁରିଆ ଶୀଘ୍ର ଯା ।

(ସୁରିଆ ଚାଲିଗଲା, କଲ୍ୟାଣୀ ଯାଉଥିଲା...)

ସୌମ୍ୟ - କଲ୍ୟାଣୀ

କଲ୍ୟାଣୀ - (ନଶୁଣିଲା ପରି ଚାଲିଯାଉଥିଲା)

ସୌମ୍ୟ - କୁଆଡ଼େ ଯାଉଛୁ ।

Digitized by srujanika@gmail.com

କଲ୍ୟାଣୀ - ତୁମେ କଣ ମଦ ପିଇଛ ?

ସୌମ୍ୟ - ମୁଁ ତୋ ପାଇଁ ଏଠାରେ ପ୍ରତୀକ୍ଷା କରିଛି । ପ୍ରତୀକ୍ଷା ପରେ ପ୍ରତୀକ୍ଷା । କିନ୍ତୁ ମୁଁ ପଚାରୁଛି କଲ୍ୟାଣୀ ଏ ପ୍ରତୀକ୍ଷା ଆଉ କେତେ ଦିନ ? ଏହାର ଶେଷ କେବେ ? କହ, ଜବାବ୍ ଦେ ?

କଲ୍ୟାଣୀ - ଏହାର ଉତ୍ତର ମୋ ପକ୍ଷରେ ଦେବା ସମ୍ଭବ ନୁହେଁ ।

ସୌମ୍ୟ - ହାରାମ୍ ଜାଦୀ, ଏହାର ଉତ୍ତର ଆଉ କିଏ ଦେବ ?

କଲ୍ୟାଣୀ - ତୁମେ କାହିଁକି ମୋତେ ବିରକ୍ତ କରୁଛ ?

ସୌମ୍ୟ - ସେ କଥା କ'ଣ ତୁ ଜାଣୁନା ? ଦୀର୍ଘ ୨ ବର୍ଷ ଧରି ମୁଁ ତୋ ପଛରେ ଦୌଡ଼ିଛି ।

କଲ୍ୟାଣୀ - ମରିଚୀକା ପଛରେ ଧାଇଁଲାଉ କ'ଣ, ଶୋଷତ ମରିବନି ।

ସୌମ୍ୟ - ବୁଝିଲି, ତୁ ମୋତେ ଧୋକା ଦେବାକୁ ଚାହୁଁ, ଖୋଲି କହିଦେ କଲ୍ୟାଣୀ, ତୁ ମୋତେ ଭଲ ପାଉକି ନାହିଁ ? ତୋ ପାଇଁ ଗାଁ ଛାଡ଼ିଲି । ତୋ ବାପାର ଚାଲେଞ୍ଜକୁ ଗ୍ରହଣ କଲି, ଚାକିରୀ କଲି । ଆଉ ଅସୁବିଧା କ'ଣ ରହିଲା ?

କଲ୍ୟାଣୀ - ତୁମେ ମୋତେ ଭଲ ପାଅ ।

ସୌମ୍ୟ - ଖାଲି ଭଲ ପାଏନି । ତୋ ପାଇଁ ମୁଁ ଜୀବନ ଦେବାକୁ ପ୍ରସ୍ତୁତ ।

କଲ୍ୟାଣୀ - କିନ୍ତୁ ମୁଁ ତୁମକୁ ଘୃଣା କରେ । ଗୋଟିଏ ଲମ୍ପଟ, କାମୁକ, ମଦ୍ୟପ ପୁରୁଷ ସହିତ ମୁଁ କୌଣସି ସମ୍ପର୍କ ରଖିବାକୁ ଚାହେଁନା । ତୁମେ ମୋ ବାଟ ଛାଡ଼ିଦିଅ ।

ସୌମ୍ୟ - ଶୀକାରକୁ ପାଖରେ ପାଇ, ଶୀକାରୀ କଣ ଶିକାରକୁ ଛାଡ଼ିଦିଏ ?
- ବହୁଦିନ ପରେ, ତୁ ମୋ ପାଖକୁ ଆସିଛୁ । ମୁଁ ତୋତେ ଆଜି ମନଭରି ଉପଭୋଗ କରିବି । ତାପରେ ତୋତେ ବନ୍ଧୁକ ଗୁଳିରେ ଶେଷ କରିଦେବି । ଦେଖିବି,ତୋତେ କିଏ ରକ୍ଷା କରିବ ?

କଲ୍ୟାଣୀ - ମୁଁ କହୁଛି, ମୋର ବାଟ ଛାଡ଼ିଦିଅ । ମୁଁ ଚିତ୍କାର କରିବି ।

ସୌମ୍ୟ - କର, ଚିତ୍କାର କର । ତୋର ଚିତ୍କାର ଶୁଣି ତୋତେ କିଏ କଣ ରକ୍ଷା କରିବ ? (ହାତ ଧରି ପକାଇଛି । ହାତକୁ ଛଡ଼ାଇ ଦୌଡ଼ି ପଳାଇଛି । ସୌମ୍ୟ ତାର ପଣତକାନିକୁ ଭିଡ଼ି ଧରିଛି ।)

କଲ୍ୟାଣୀ - (ଚିତ୍କାର କରି) ରକ୍ଷାକର, ରକ୍ଷାକର । (ଦୌଡ଼ି ଆସିଛି ଅଜୟ)

ଅଜୟ - ବଦ୍‌ମାସ୍, ତୋର ଏତେ ସାହାସ୍ ।

Digitized by srujanika@gmail.com

ସୌମ୍ୟ - ତୁ କ'ଣ ତାର ଜଣେ ପ୍ରେମିକ ?

ଅଜୟ - ମୁଁ କହୁଛି ଚାଲିଯାଅ, ନହେଲେ...

(ଅଜୟକୁ ଧରି ପକାଇଛି, ଦୁହିଁଙ୍କ ମଧ୍ୟରେ ଧସ୍ତାଧସ୍ତି । ମାଡ଼ ଖାଇ ସୌମ୍ୟ ଦୌଡ଼ି ଚାଲିଯାଇଛି)

... (କିଛି ସମୟ ପରେ ଝଡ଼ାଝଡ଼ି ହୋଇ କଲ୍ୟାଣି ପାଖକୁ ଆସି)

ଅଜୟ - କଲ୍ୟାଣୀ, ଏ ବଦ୍‌ମାସ୍‌ଟିକୁ ହୁସିଆର ରୁହ । ଭବିଷ୍ୟତରେ ଏ ନାନା ବିପଦ ସୃଷ୍ଟି କରିପାରେ । ସେ ବର୍ତ୍ତମାନ ଆହତ ବ୍ୟାଘ୍ର । ତୁମେ ଏକାକିନୀ ଆସିବା ଉଚିତ୍ ନୁହେଁ । ଚାଲ୍ ଘରେ ଛାଡ଼ିଦେଇ ଆସିବି ।

କଲ୍ୟାଣୀ - ଅଜୁଭାଇ, ମୁଁ ଜଣେ ହତଭାଗିନୀ । ମୋତେ ଏ ଲୋକ କଣ କମ୍ ବଦ୍‌ନାମ୍ କରିଛି ?

ଅଜୟ - ସେଇକଥା ମୁଁ ତୁମକୁ ପଚାରିବାକୁ ଚାହୁଁଥିଲି । ତୁମକୁ ଓ ତାକୁ ନେଇ ନାନା କଥା ମୁଁ ଶୁଣୁଛି । ତୁମେ କ'ଣ ଭଲ ପାଉଥିଲ ?

କଲ୍ୟାଣୀ - ନା, ମନେ ମନେ ସେ ମୋତେ ଭଲ ପାଉଥିଲା । ଥରେ ରାତିଅଧରେ କାନ୍ଥ ଡେ଼ଇଁ ଆମ ଘର ଭିତରେ ପଶି, ଗାଁବାଲାଙ୍କ ଦ୍ୱାରା ମାଡ଼ ଖାଇଛି । ସେହିଦିନଠାରୁ ବୋଉ ଚିନ୍ତାରେ ସଂସାର ଛାଡ଼ି ଚାଲିଗଲା ।

ଅଜୟ - ହଁ, ଏମିତି ଗୋଟାଏ, ଗୋଟାଏ ପାଗଳ ଥାନ୍ତି । ସେ ଯାହାହେଉ ମୁଁ ଯେତେବେଳେ ଗାଁରେ ଅଛି, ସେ ତୁମର କିଛି ଅନିଷ୍ଟ କରିପାରିବ ନାହିଁ । ସଂଧ୍ୟା ହୋଇ ଆସିଲାଣି ଆସ ଘରକୁ ଯିବା ।

(ଦୁହେଁ ଯାଉଥିଲେ ଅଧାବାଟରେ କଲ୍ୟାଣୀ ଅଜୟର ହାତକୁ ଟାଣି ଧରିଲା ।) (ଆଳାପ)

- ଅନ୍ଧାର -

- ଷଷ୍ଠ ଦୃଶ୍ୟ -

(ଦେବଦତ୍ତ ରାସ୍ତାରେ ଯାଉଥିଲା । ହାତରେ ଆଟାଚ୍ । ଅନ୍ୟଦିଗରୁ ପ୍ରବେଶ କଲା ସୌମ୍ୟା)

ସୌମ୍ୟା - କନଗ୍ରାଚୁଲେସନ୍ ଦେବ । ଶୁଣିଲି ତୁମର appointment ହୋଇଗଲା ମୁଁ ତୁମକୁ ଉଇସ୍ କରିବା ପାଇଁ ତୁମର ଘରକୁ

Digitized by srujanika@gmail.com

ଯାଇଥିଲି । କିନ୍ତୁ ତୁମେ ଏକଥା ଫୋନ ଦ୍ୱାରା ମୋତେ ଜଣାଇଲ ନାହିଁ କାହିଁକି ?

ଦେବ - ସମୟ ପାଇନଥିଲି ।

ସୌମ୍ୟା - ଦେବ ତମର କଣ ହୋଇଛି । କଣ ତୁମେ ମୋତେ ଭୁଲିଗଲ ।

ଦେବ - ସୌମ୍ୟା ଏପରି କଣ କହୁଛ । ତମକୁ ପାଇ ମୁଁ କେତେ ଯେ ଖୁସି ତାହା ତୁମେ ଜାଣିପାରିବ ନାହିଁ ।

ସୌମ୍ୟା - ଛାଡ଼ ସେ କଥା । ଆଟାଚି ନେଇ କୁଆଡ଼େ ବାହାରିଲ ?

ଦେବ - ମୁଁ ଗାଁକୁ ଯାଉଛି । ମୋତେ ବାପାଙ୍କୁ ଦେଖାକରି ଏ ଖବର ଜଣାଇବାକୁ ହେବ ।

ସୌମ୍ୟା - ମୁଁ ମୋ ମମି ଓ ଡ଼ାଡ଼ିଙ୍କୁ ତମର appointmentର ଖବର ଫୋନ ଦ୍ୱାରା ଜଣାଇଦେଲି । ସେମାନେ ତୁମ ସହିତ କଥା ହେବାକୁ ଚାହୁଁଛନ୍ତି । ଆମର ବାହାଘର ବିଷୟରେ...

ଦେବ - ସୌମ୍ୟା please wait for some days. ଆମ ବାହାଘର ବିଷୟରେ କଥାବାର୍ତ୍ତା ହେବା ପୂର୍ବରୁ ମୋତେ ମୋ ବାପାଙ୍କ ଠାରୁ ଅନୁମତି ନେବାକୁ ପଡ଼ିବ ତେଣୁ...

ସୌମ୍ୟା - Why ? ଆମ ବାହାଘର ପାଇଁ କଣ ତୁମେ ରାଜି ନୁହଁ ।

ଦେବ - ମୁଁ ରାଜି ସୌମ୍ୟା । ତୁମକୁ ଧର୍ମପତ୍ନୀ ରୂପେ ପାଇବି ଏହାଠାରୁ ବଳି ସୌଭାଗ୍ୟ ଆଉ କଣ ଅଛି । ସେଥିପାଇଁ କିନ୍ତୁ ମୋତେ ବାପାଙ୍କ ଅନୁମତି ଦରକାର । ତେଣୁ ମୁଁ ଗାଁକୁ ଯାଉଛି । ସେଠି ଗାଁରେ ବାପାଙ୍କୁ ମୋର fresh posting କଥା କହିବି । ଆଉ ଆମ ବାହାଘର ପାଇଁ ଅନୁମତି ମାଗିବି ।

ସୌମ୍ୟା - ଠିକ୍ ଅଛି ଚାଲ । ମୁଁ ବି ତୁମ ସହିତ ଗାଁକୁ ଯିବି ।

ଦେବ - ତୁମେ ଆମ ଗାଁକୁ ଯିବ ।

ସୌମ୍ୟା - Yes, ମୁଁ ଯିବି । ଦେବ please ଚାଲନା । ତମ ସହିତ ମୁଁ ତମ ଗାଁକୁ ଯିବି । ଆମର ବାହାଘର ପାଇଁ ତମ ଡ଼ାଡ଼ିଙ୍କ ଠାରୁ permission ମାଗିବି ।

ଦେବ - ଆମର ଗାଁ ଗୋଟେ ନିରାଟ ମଫସଲ । ତୁମ ପରି ଝିଅମାନେ ସେପରି ଗାଁକୁ ପସନ୍ଦ କରିବେନି ।

Digitized by srujanika@gmail.com

ସୌମ୍ୟା - କାହିଁକି କରିବେନି । ଭାରତର ତ ୮୦% ଲୋକ ଗାଁରେ ରହନ୍ତି । ସେମାନେ ତ ଆମରି ପରି ମଣିଷ ।

ଦେବ - ସୋମ୍ୟା !

ସୌମ୍ୟା - ଚାଲ ଦେବ । ମୋତେ ତୁମ ସହ ନେଇଯାଅ ।

ଦେବ - ଠିକ୍ ଅଛି । ତୁମେ ଯଦି ଯିବାକୁ ଚାହଁ ଚାଲ ।

- ଅନ୍ଧାର -

- ସପ୍ତମ ଦୃଶ୍ୟ -

(ପଣ୍ଡିତଙ୍କ ଘର । ସମୟ ସଂଧ୍ୟା । କଲ୍ୟାଣି ଚଉଁରାମୂଳେ ସଂଧ୍ୟାଦୀପ ଦେଉଥିଲା ।) ... (ଗୀତଟାଏ ପ୍ରଚ୍ଛଦ ପଟରୁ ଭାସି ଆସୁଥିଲା)

(ଗୀତ ସରିଲା ପରେ ମୁଣ୍ଡିଆ ମାରି ଚାଲିଗଲା କଲ୍ୟାଣୀ । ବିପରୀତ ଦିଗରୁ ପ୍ରବେଶ କଲେ ଅଜୟ ଓ ତ୍ରିପାଠୀ)

ତ୍ରିପାଠୀ - କଲ୍ୟାଣୀ, କଲ୍ୟାଣୀ, ଆଲୋ ଝିଅ ମୋକଥା ନ ଶୁଣି ଡ଼ାକ୍ତରଙ୍କ ପାଖକୁ ପଠେଇଦେଲୁ ଯେ, ଡ଼ାକ୍ତର କହିଲେ ମୋର ରୋଗ ବୋଲି କିଛି ନାହିଁ । ବୁଝିଲ ପୁଅ, ତୁମେ କେଉଁ ଜନ୍ମରେ ମୋର ପୁଅ ଥିଲ । ସେହି ଋଣ ଆଜି ତୁମେ ପରିଶୋଧ କରୁଛ ।

ଅଜୟ - ଏ ତ ମୋର ପରମ ସୌଭାଗ୍ୟ ମଉସା । ଭାଗ୍ୟରେ ଥିଲେ ସିନା ଆପଣଙ୍କ ସେବା କରିବାକୁ ହୁଏ ।

ତ୍ରିପାଠୀ - (ଦୀର୍ଘଶ୍ୱାସ) ହେଲେ ଦେବ ମୋ କଥା ଟିକିଏ ପଚାରିଲା ନାହିଁ । ତାପାଇଁ ମୁଁ କଣ କରିନଥିଲି ।

ଅଜୟ - ଆପଣ ତା କଥା କାହିଁକି ଭାବୁଛନ୍ତି । ସେ ଅମନୁଷ୍ୟ ହୋଇଯାଇଛି । ଦେବ ନିଶ୍ଚିତ ରୂପେ ରତ୍ନଟିଏ ହୋଇ ଜନ୍ମ ହେଲା ସତ, କିନ୍ତୁ ଆଜି ସିଏ ପଥଭ୍ରଷ୍ଟ ହୋଇଯାଇଛି । ମନୁଷ୍ୟତ୍ୱକୁ ସେ ହରାଇବସିଛି ।

ତ୍ରିପାଠୀ - ହେଲେ ଦେବ ମୋର ଆଜି ପଥଭ୍ରଷ୍ଟ ହେଲା କାହିଁକି ? କାହିଁକି ସେ ଆଜି ଅମନୁଷ୍ୟ ହେଲା ?

ଅଜୟ - ମୁଁ ଆପଣଙ୍କୁ କଣ କହିବି ମଉସା, ଶୁଣିଲେ ଆପଣ ମନଦୁଃଖ କରିବେ । ଦେବ ଆଜି ଗୋଟିଏ ପଞ୍ଜାବୀ ଝିଅ ପ୍ରେମରେ...

Digitized by srujanika@gmail.com

ତ୍ରିପାଠୀ - ଅଜୟ... । ମୁଁ ଆଉ ଶୁଣିବାକୁ ଚାହେଁନା ମୋର ପ୍ରାରବ୍ଧକର୍ମର ଫଳ ମୁଁ ଆଜି ଭୋଗ କରୁଅଛି । ଦୁଃଖ କରିବି କାହିଁକି । ଦୁଃଖ କରିବାକୁ କଣ ବା ଆଉ ଅଛି ।

ଅଜୟ - ଏ ବଟିକା ରଖନ୍ତୁ ମଉସା, ଡ଼ାକ୍ତର କହିଛନ୍ତି ଦିନକୁ ତିନିଥର ଖାଇବାକୁ । ମୁଁ ଆସୁଛି ମଉସା ନମସ୍କାର । (ପ୍ରସ୍ଥାନ)
(ତୁମେ ଜନ୍ମଦାତା...ଗୀତ)

ତ୍ରିପାଠୀ - ବଟିକା ଖାଇବି । ଏ ସବୁ ଶୁଣିବାକୁ ଆହୁରି ବଞ୍ଚିବି । ମୋତେ ମରଣ କାହିଁକି ଆସୁନି । (ହତାଶ୍ ହୋଇ ପିଣ୍ଡାରେ ବସିଲେ) ବଡ଼ ଆଶା କରିଥିଲି ଦେବ ମୋର ମଣିଷପରି ମଣିଷଟିଏ ହେବ । ବୋଉ ତାର ମନା କରୁଥିଲେ ଦିଲ୍ଲୀରେ ପାଠ ନ ପଢ଼ାଇବା ପାଇଁ । ତାଙ୍କ କଥା ନ ଶୁଣି ଏବେ ଫଳ ଭୋଗୁଛି । ଆଶାର ତାସ୍ ଘର ମୋର ଗୋଟିକ ପରେ ଗୋଟିଏ ଭୁଷୁଡ଼ିପଡୁଛି ।

କଲ୍ୟାଣୀ - (ପ୍ରବେଶି) ବାପା ଡ଼ାକ୍ତର କଣ କହିଲେ ?

ତ୍ରିପାଠୀ - ଡ଼ାକ୍ତର କଣ ଆଉ କହିବେ, ତାଙ୍କ ପରୀକ୍ଷା ସେ କଲେ । ତେବେ ମାଆ ଆଜି ମୋତେ ଭୋକ ହେଉନି । ତୁ ଯାଇ ଖାଇଦେ । ନାରାୟଣଙ୍କ ପାଦୁକ ଟିକେ ଆଣିଦେ । ସେତକ ପିଇ ଶୋଇ ପଡ଼ିବି ।

କଲ୍ୟାଣୀ - ଆପଣ ସେମିତି କହିଲେ ମୁଁ କଣ କରିବି ବାପା, (କାନ୍ଦି) ମୋ କଥା ବୁଝିବ କିଏ ?

ତ୍ରିପାଠୀ - କାନ୍ଦୁଛୁ ମାଆ, କାହିଁକି କାନ୍ଦୁଛୁ । ମୁଁ ଭଲ ହୋଇଯିବି, ଆଉ ତିନିଦିନ ପରେ ଶନି ପ୍ରତ୍ୟନ୍ତର, ମୋର ଦେହ ଆପେ ଆପେ ଭଲ ହୋଇଯିବ । ମୁଁ ତୋର କୋଷ୍ଠି ଗଣନା କରି ଯାହା ଦେଖିଛି, ଗୋଟିଏ ଉତ୍ତମ ପାତ୍ର ସହିତ ତୋର ବିବାହ ନିଶ୍ଚୟ ହେବ । ଯା ମାଆ ତୁ ଖାଇଦେ, ତୋ ବାପା ପାଇଁ ତୁ ମୋଟ ଚିନ୍ତା କରେନି ।

କଲ୍ୟାଣୀ - ତମେ ନ ଖାଇଲେ, ମୁଁ ବି ଖାଇବିନି ବାପା । (ପ୍ରସ୍ଥାନ)

ନୀଳମଣି - (ପ୍ରବେଶି) ସେ ଠିକ୍ କହୁଛି ଭାଇନା । ଆପଣ ନ ଖାଇ ନ ପିଇ କେତେଦିନ ଉପାସରେ ରହିବେ । ଆପଣଙ୍କର ରୋଗ ମାନସିକ ବ୍ୟାଧି । ସେ ଟୋକାଟା ହିଁ ସବୁର ମୂଳ କାରଣ । ଦେବପରି

Digitized by srujanika@gmail.com

ପିଲା ସୁନାମୁଣ୍ଡାଟାଏ । ଥାଉ ଭାଇନା ଚାକିରୀ, ବାକିରି ତ ନିଶ୍ଚୟ କରିବଣି । ହେଲେ ମୋ ପୁଅ ଭାଲୁ ପାଠ ନ ପଢ଼ିଲେ କ'ଣ ହେଲା ଭଲ ଚାକିରିଟିଏ ପାଇଛି । କୈଳାଶ ପାଣିଗ୍ରାହୀଙ୍କର ସିକ୍ୟୁରିଟି ସର୍ଭିସରେ । ଲୋକଟି ଭାରି ଭଲ ଭାଇନା, ବଡ଼ ହୃଦୟବାନ୍ ଲୋକ । ଦୁଃଖ ଜଣାଇଲି । ସଙ୍ଗେ ସଙ୍ଗେ ତାଙ୍କ କମ୍ପାନୀରେ ରଖିଦେଲେ । ମୋତେ ପାଞ୍ଚହଜାର ଟଙ୍କା ଅଗ୍ରୀମ ଦେଇଛନ୍ତି ।

ତ୍ରିପାଠୀ - ଖୁବ୍ ଭଲ ହେଲା । ପିଲାଟି ଧଣ୍ଡ ପରି ବୁଲୁଥିଲା । କାମକରି ତା ପେଟ ସିଏ ନିଜେ ପୋଷୁ । ହଁ... ନୀଳ, ମୋ କଥା କଣ ବୁଝିଲ ? କହୁଥିଲ ତ ବାଞ୍ଛା ଶତପଥୀଙ୍କ ଘର ପ୍ରସଙ୍ଗ କଥା । ତୁମେ ଜାଣିଥାଅ ନୀଳ, କଲ୍ୟାଣୀର ଉଚ୍ଚକୋଷ୍ଠି । ତାକୁ ଭଲ ଘର, ଭଲ ବର ନିଶ୍ଚୟ ମିଳିବ ।

ନୀଳମଣି - ତେବେ ଭାଇନା, ଆମକୁ ଯୋଗାଡ଼ କରିବାକୁ ତ ହେବ ।

ତ୍ରିପାଠୀ - ହେଲେ ନୀଳ, ଶତପଥୀ ଆପଣେ କ'ଣ କହିଲେ ?

ନୀଳମଣି - କ'ଣ କହିବି ଭାଇନା ଶତପଥୀ ଘରର ଲୋକେ କଲ୍ୟାଣୀ ବିଷୟରେ ବୋଧେ କିଛି ଶୁଣିଛନ୍ତି ।

(କଲ୍ୟାଣୀ ପ୍ରବେଶି)

କଲ୍ୟାଣୀ - କ'ଣ ଶୁଣିଛନ୍ତି ଜେଜେଇ ? ମୁଁ ଚରିତ୍ରହୀନା, ଏକଥା କହୁଛନ୍ତି ତ ?

ନୀଳମଣି - ଆରେ ରାମ, ରାମ, ରାମ । ଏମିତି କ'ଣ କହୁଛୁ ଝିଅ, ଏ କଥା ମୁଁ ତୁଣ୍ଡରେ ଧରି ପାରିବି ? ଆଲୋ ମା, ଆଜିର ଯୁଗରେ ପାଞ୍ଚ ତୁଣ୍ଡରେ ଛେଳି କୁକୁର । ଆମେ କାହା ତୁଣ୍ଡରେ ବାଡ଼ ବତା ଦେଇପାରିବା ? ତୁ ସେ କଥା ଗୁଡ଼ାକ କାହିଁକି ଶୁଣୁଛୁ କହିଲୁ ?

କଲ୍ୟାଣୀ - ସମସ୍ତେ ତ ଏଇ ଗୋଟିଏ କଥା କହୁଛନ୍ତି । ମୁଁ ବୋଉ ରାଣ ପକାଇ କହୁଛି ଜେଜେଇ, ଲୋକେ ମୋତେ ଯାହା ଭାବୁଛନ୍ତି, ମୁଁ ପ୍ରକୃତରେ ତା ନୁହେଁ ।

ତ୍ରିପାଠୀ - ତୁ ଘରକୁ ଗଲୁ ମା, ତୁ କାହିଁକି ଏ ବିଷୟରେ ମୁଣ୍ଡ ଖେଳେଉଛୁ ? ତୁ କିଛି ଚିନ୍ତା କରନି ମା, ମୁଁ ଅଛି । ଝିଅଟାର ଗ୍ରହ କିଛି ଭଲ ନାହିଁରେ ନୀଳ । ଆଉ ମାସ ୨ଟା ପରେ ସବୁ ଠିକ୍ ହୋଇଯିବ ।

Digitized by srujanika@gmail.com

ଯାହା ଜଣାପଡୁଛି ଶତପଥୀ ମହାଶୟଙ୍କର ଆମଘରେ ବଂଧୁ କରିବାକୁ ଇଚ୍ଛା ନାହିଁ ।

ନୀଳମଣି - ଇଚ୍ଛା ତ ଅଛି, ନିଶ୍ଚୟ ଅଛି । ଖାଲି ବାହାରକୁ ସେମିତି ଦେଖେଇ ହେଉଛନ୍ତି । ଡ଼ିମାଣ୍ଡଟା ଟିକିଏ ଉଚ୍ଚରେ ଅଛି ।

ତ୍ରିପାଠୀ - କ'ଣ ଅଛି ଯେ ଦେବି । ପୁଅତ ମୋତେ ନିରାଶ କଲା । ତାର ପଢ଼ାରେ ତ ସବୁ ସରିଗଲା । ଆଉ କ'ଣ ଅଛି ଯେ ଦେବି ।

ନୀଳମଣି - ଭାଇନା ମୁଁ ଆଉ ୨ଟା ପ୍ରସ୍ତାବ ଦେଖିଛି । ମୁଁ କାଲି ବୁଝାସୁଝାକରି କହିବି । ଆସୁଛି ଭାଇନା । (ପ୍ରସ୍ଥାନ)

କଲ୍ୟାଣୀ - ବାପା ! ମୁଁ ସେଦିନ କହିଥିଲି, ଆଉ ଆଜି ମଧ କହୁଛି, ମୁଁ ବିବାହ କରିବିନି ।

ତ୍ରିପାଠୀ - ନା ମା ସେମିତି କହନା...

(ଦେବ ଓ ସୌମ୍ୟା ପ୍ରବେଶ କଲେ ।)

ଦେବ - କଲ୍ୟାଣୀ... କଲ୍ୟାଣୀ...

କଲ୍ୟାଣୀ - ବାପା, ଭାଇନା ଆସିଲେଣି ।

(ବାପାଙ୍କର ପାଦଧୂଳି ନେଇ ଠିଆହେଲା ।)

ଦେବ - ସୋମ୍ୟା, ଏ ମୋର ଡ଼ାଡ଼ି, ଆରେ ଠିଆ ହୋଇ ରହିଲ କଣ । ପ୍ରଣାମ କର ।

ସୌମ୍ୟା - ଡ଼ାଡ଼ି ନମସ୍ତେ ...

ତ୍ରିପାଠୀ - ହଇରେ ଦେବ, ଏତେଦିନ ହେଲା କେଉଁଠି ଥିଲୁ ? ଆରେ ଆଇ.ଏ.ଏସ୍‌ରେ ପ୍ରଥମ ନ ହେଲେ କ'ଣ ହେଲା, ପ୍ରଥମ ଦଶଜଣଙ୍କ ଭିତରେ ତ ଅଛୁ ? ହେଲେ ବାପା... ତୋ ବାପା ଭଉଣୀକୁ ଏତେ ଶୀଘ୍ର ଭୁଲିଗଲୁ ?

କଲ୍ୟାଣୀ - ଭାଇ ଏ ଝିଅ କିଏ ?

ସୌମ୍ୟା - ଦେବ.. Introduce me. ଏମାନଙ୍କୁ କହନ୍ତୁ ମୁଁ କିଏ ?

ଦେବ - ପ୍ଲିଜ୍ wait ସୌମ୍ୟା । ବାପା ଆପଣଙ୍କର ଦେହ କ'ଣ ଭଲ ନାହିଁକି ? କଲ୍ୟାଣୀ, ଡ଼ାକ୍ତର ଆସି ଦେଖୁଛନ୍ତି ତ ?

ତ୍ରିପାଠୀ - କିଏ ଡ଼ାକ୍ତର ଦେଖାଇବ ଦେବ ? ଆହା କରିବାକୁ ମୋର କିଏ ଅଛି ?

Digitized by srujanika@gmail.com

ଦେବ - ବାପା, ମୋତେ କ୍ଷମା କରିଦିଅନ୍ତୁ । ମୋର ଭୁଲ୍ ହୋଇଯାଇଛି । (ପାଦ ଧରି ପକାଇଲା ।) ମୁଁ ଚାକିରି ପାଇଛି Central Secretariate ରେ । ମୋର ଦରମା ମାସକୁ କୋଡ଼ିଏ ହଜାର ଟଙ୍କା । ମୁଁ ଆପଣଙ୍କୁ ମୋର ପ୍ରଥମ ମାସର ଦରମା ଦେବାକୁ ଆସିଛି । ସୌମ୍ୟା, ସେ କୋଡ଼ିଏ ହଜାର ଟଙ୍କା ଦେଲ ।

ସୌମ୍ୟା - ଟଙ୍କା, ମୋ ପାଖରେ ଟଙ୍କା କେଉଁଠି ଅଛି । ଆଇ ହେଭ୍ ନୋ ମନି ଏଟ୍ ଅଲ୍ । ସେଦିନ ପାର୍ଟିରେ କୋଡ଼ିଏ ହଜାର ଟଙ୍କା ଖର୍ଚ୍ଚ ହୋଇଗଲା । ମୁଁ ଲୋନ କରିଥିଲି, ସେ ଟଙ୍କା ମୁଁ ସୁଝିଦେଲି ।

ଦେବ - (ବିରକ୍ତି ଭାବ), ସୌମ୍ୟା ସେ ଟଙ୍କା ମୋର । ସେ ଟଙ୍କା ମୋତେ ଦିଅ ।

ସୌମ୍ୟା - କ'ଣ ତମେ ପାଗଳ ହୋଇଗଲ ? ଥରେ କହିଲି ପରା, ସେ ଟଙ୍କା ମୁଁ ଋଣ ପରିଶୋଧ କରିଦେଲି ।

ଦେବ - ସୌମ୍ୟା, ଏ କଥା ତୁମେ କହିପାରିଲ ?

ତିପାଠୀ - ଥାଉ ଦେବ । ଟଙ୍କା ମୋର ଦରକାର ନାହିଁ । ଆସନ୍ତା ମାସରେ ଦରମା ପାଇଲେ ମୋତେ ଟଙ୍କା ପଠାଇଦେବୁ ।

ଦେବ - ବାପା... (ମୁହଁ ତଳକୁ କରି ଠିଆହେଲା ।)

କଲ୍ୟାଣୀ - କହିଲନି ଭାଇନା... ଏ ଝିଅଟା କିଏ ?

ସୌମ୍ୟା - ଆରେ ତାଙ୍କ ସବାଲ୍‌ର ଜବାବ୍ ଦିଅ । ସେ ତୁମର କ'ଣ ହୁଅନ୍ତି ?

ଦେବ - ସେ ମୋର ଭଉଣୀ ହୁଅନ୍ତି ।

ସୌମ୍ୟା - କ'ଣ ପଢ଼ାପଢ଼ି କରିଛି ?

କଲ୍ୟାଣୀ - ଏ କଥା ପଚାରିବାକୁ ତମେ କିଏ ?

ସୌମ୍ୟା - ହୋଲ୍ଡ୍ ୟୁଅର ଟଙ୍ଗ୍ । ସଂଜତରେ ରହି କଥାବାର୍ତ୍ତା କର । ତମେ ଜାଣ ମୁଁ କିଏ ?

କଲ୍ୟାଣୀ - ତମେ କିଏ ଏ କଥା ମୋତେ କହିବାକୁ ଆମ ଘରକୁ ଆସି ଆମ ଉପରେ ହାକିମ୍ ଦେଖାଉଛ ? ଭାଇନା ତମକୁ ଲାଜ ଲାଗୁନି ? ଏମିତି ଗୋଟିଏ ଝିଅଟାକୁ ସାଙ୍ଗରେ ଆଣିଛ, ଯିଏ କି ସାଧାରଣ ବ୍ୟବହାର ଟିକିଏ ଶିଖିନି ।

ସୌମ୍ୟା - Insult... great insult... । ଦେବ, ଏ ଘରେ ମୁଁ ମୁହୂର୍ତ୍ତେ ହେଲେ ରହିବିନି । ମୁଁ ପଚାରୁଛି ଦେବ - ଏ ଘର ତୁମର ? ଏ ଘରେ

Digitized by srujanika@gmail.com

ତୁମେ ରହୁଥିଲ ? ଏତ ଗୋଟିଏ ଭିକାରୀର ଘର ।

ଦେବ - ଓ...ହୋ... ସୌମ୍ୟା, ତମେ ଆଗ ଆସିଲ ଖାଇପିଇ ବିଶ୍ରାମ କରିବ ।

ସୌମ୍ୟା - କେଉଁଠି ରେଷ୍ଟ୍ ନେବି ? ବେଡ୍‌ରୁମ୍ କେଉଁଠି ଅଛି ? ବାଥ୍‌ରୁମ୍, ଟଏଲେଟ୍ ସବୁ କେଉଁଠି ଅଛି ?

ଦେବ - ସେଇଥି ପାଇଁ ସୌମ୍ୟା ଏଠାକୁ ଆସିବାକୁ ମୁଁ ତମକୁ ମନା କରୁଥିଲି । ହେଲେ ତମେ ଆସିବାକୁ ଜିଦ୍ ଧରି ବସିଲ ।

ସୌମ୍ୟା - ଏ ଘରେ ଫ୍ୟାନ୍ ନାହିଁ, ଲାଇଟ୍ ନାହିଁ, ଏ ଘରେ କ'ଣ ମଣିଷ ରହନ୍ତି ? ଏଇଠା ଜାନ୍‌ୱରମାନଙ୍କ ରହିବା ଜାଗା । ଏଠାରେ ଲଡ୍‌ଜିଙ୍ଗ, ହୋଟେଲ କିଛି ଅଛି ? ମୋତେ ସେଠାକୁ ଶୀଘ୍ର ନେଇଯାଅ । ମୁଁ ଏଠାରେ ମୋଟେ ରହିପାରିବିନି ।

ଦେବ - ଏ ମଫସଲ ଗାଁରେ, ଲଡ୍‌ଜିଙ୍ଗ, ହୋଟେଲ ସବୁ ଆସିବ କେଉଁଠୁ ?

ସୌମ୍ୟା - ଯାହାହେଉ, ଏଠାକୁ ଆସି, ମୁଁ ତୁମର ଷ୍ଟାଣ୍ଡାର୍ଡ଼ ଓ ଷ୍ଟାଟସ କ'ଣ ଜାଣିଗଲି । ମୁଁ ତୁମ ବାପାଙ୍କୁ ଖାଲି ପଦେ କଥା କହି ଚାଲିଯିବି ।

ତ୍ରିପାଠୀ - କ'ଣ ଆଉ ପଚାରିବ ମା ? ମୁଁ ସବୁ ଜାଣିଗଲିଣି । ହଉ - ପଚାରିବ ପରା, ପଚାର ।

ସୌମ୍ୟା - ମୁଁ ଖାଲି ଏତିକି କଥା ପଚାରିବାକୁ ଆସିଛି, ମୁଁ ଦେବକୁ ଭଲପାଏ, ଦେବ ମଧ୍ୟ ମୋତେ ଭଲ ପାଏ । ଆମେ ଦୁହେଁ ବିବାହ କରିବାକୁ ଚାହୁଁ ।

ଦେବ - ବାପା, ସେଇଥିପାଇଁ ଆମେ ଏଠାକୁ ଆସିଛୁ । ଆପଣ ଆମକୁ ଆଶୀର୍ବାଦ କରନ୍ତୁ ।

ତ୍ରିପାଠୀ - ଆଶୀର୍ବାଦ କରିବି ? ଏସବୁ ଦେଖି ପେଟ ମୋର ପୁରିଯାଉଛି । ସେପୁରରେ ଥାଇ ବୋଉ ତୋର ଲୁହ ଗଡ଼ାଉଥିବ । ତେବେ ଦେବ, ମୁଁ ଏତିକି ତୋତେ କହିବାକୁ ଚାହେଁ, ଏ ବିବାହକୁ ମୁଁ ସ୍ୱୀକୃତି ଦେଇପାରିବି ନାହିଁ । ତୋ ପରି କୁଳାଙ୍ଗାରର ମୁହଁ ଦେଖିବାକୁ ମୁଁ ଚାହେଁନା । କଲ୍ୟାଣୀ - ତାକୁ କହିଦେ, ସେ ଏଠାରୁ ଚାଲିଯିବ ।

ସୌମ୍ୟା - ଦେବ୍, ମୁଁ ଏଠାକୁ ତମ ସହିତ ଆସିଥିଲି କ'ଣ ଅପମାନିତ ହେବା ପାଇଁ ? ଯଦି ତୁମେ ମୋ ସହିତ ସାଦି କରିବାକୁ ଚାହଁ, ମୋ

Digitized by srujanika@gmail.com

ସାଙ୍ଗରେ ଚାଲିଆସ । ଯଦି ତୁମେ ତୁମ ବାପାଙ୍କ ପାଖରେ ରହିବାକୁଚାହଁ, ରହିପାର । କିନ୍ତୁ ମୁଁ ଏଠାରେ ଗୋଟାଏ ମୁହୂର୍ତ୍ତ ବି ରହିପାରିବିନି । ମୁଁ ଚାଲିଲି । (ପ୍ରସ୍ଥାନ)

ଦେବ - ବାପା, ସୌମ୍ୟା ଚାଲିଗଲା ବାପା.. କଲ୍ୟାଣୀ, ତୁ ତାକୁ ଅପମାନ ଦେବାକୁ କିଏ । ବାପା, ମୁଁ ଆପଣଙ୍କ ପାଦ ଧରୁଛି । ଆପଣ ସୌମ୍ୟାକୁ ଫେରାଇ ଆଣନ୍ତୁ । ସୌମ୍ୟା ଚାଲିଗଲା ବାପା ତା ବିନା ମୁଁ ବଞ୍ଚିପାରିବି ନାହିଁ ।

ତ୍ରିପାଠୀ - ସେ ଚାଲିଗଲା, ତୁ ବି ଚାଲିଯା । ମୁଁ ତୋର ମୁହଁ ଦେଖିବାକୁ ଚାହେନା... ଯା.. ଚାଲିଯା... ଯୋଉ ପୁଅକୁ ମଣିଷ କରିବା ପାଇଁ ମୁଁ ପାଣିପରି ଟଙ୍କା ବରବାଦ୍ କରିଥିଲି ଯାହାପାଇଁ କେତେଯେ ରାତ୍ରି ଉଜାଗର ରହି ଦେହକୁ ରୋଗ କିଣି ଆଣିଛି, ସେ ପୁଅ ଗୋଟିଏ ସାମାନ୍ୟ ଝିଅ ପାଇଁ ତା ବାପା ଭଉଣୀଙ୍କୁ ପର କରିଦେଇପାରିଲା ? ଯା... ଚାଲିଯା... ମୁଁ ତୋ ପରି ଗୋଟିଏ କୁଳାଙ୍ଗାର ପୁଅର ମୁହଁ ଦେଖିବାକୁ ଚାହେଁନା ।

ଦେବ - ବାପା...

ତ୍ରିପାଠୀ - ଆଉ ତୁମେ ବି ସବୁଦିନ ପାଇଁ ଭାବିନିଅ ଶ୍ରୀମାନ୍ ଦେବଦତ୍ତ ତ୍ରିପାଠୀ, ତୁମର ବାପା ପଣ୍ଡିତ ବିଦ୍ୟାଭୂଷଣ ତ୍ରିପାଠୀ ସବୁଦିନ ପାଇଁ ମରିଯାଇଛି ।

ଦେବ - ବାପା...

ତ୍ରିପାଠୀ - ଆଉ ମୁଁ ମଧ ଭାବିନେବି ଯେ, ମୋର ଦେବ ବୋଲି କୌଣସି ପୁଅ ନଥିଲା କି ନାହିଁ ମଧ... ଯା... ଚାଲିଯା...
(ମୁଣ୍ଡରେ ହାତଦେଇ ବସିପଡ଼ିଲେ ।)

(ପ୍ରଚ୍ଛଦ ପଟରୁ ଗୀତ)

ପୁଅ ପୁଅ ବୋଲି ଯେତେ ତୁ ଭାବିଲେ
ପୁଅକି ହୋଇବ ତୋର
ଢେଣା ମେଲି ଯେବେ ପକ୍ଷୀ ଉଡ଼ିଗଲା
ଗଢ଼ିବ ତାର ସଂସାର
ସେ ତ ନୁହେଁରେ ତୋର
କାହିଁକି ତା କଥା ଭାଳ ॥

Digitized by srujanika@gmail.com

ପୁରୁଷଟି ଯଦି ପାଗଳ ହୁଏରେ
ନାରୀ ପାଇଁ ଚିନ୍ତା କରି
ସେ ତ ଭୁଲିଯାଏ ଏ ସାରା ସଂସାର
ନାରୀ ହୁଏ ତାର ଚିନ୍ତା ଖାଲି
ସେ ତ ପ୍ରେମ ପାଗଳ
ତାର ପାଇଁ ତୁ ଆଉ ନ ଭାଳ ।

- ଅନ୍ଧାର -

- ଅଷ୍ଟମ ଦୃଶ୍ୟ -

(ରାସ୍ତା ରାଜପଥ - କଥାବାର୍ତ୍ତା ହୋଇ ଆସୁଥିଲେ ସୌମ୍ୟ ଓ ସୁରିଆ)

ସୌମ୍ୟ - ଏଇ ବନ୍ଧୁକ, ଦେଶର ଶତ୍ରୁମାନଙ୍କୁ ଶେଷ କରିବା ପାଇଁ ସରକାର ମୋତେ ଦେଇଥିଲେ । ଏଇ ବନ୍ଧୁକ ବର୍ତ୍ତମାନ ମୋ ଶତ୍ରୁମାନଙ୍କୁ ଶେଷ କରିବ । କଲ୍ୟାଣୀ ସହିତ ଯଦି ମୋର ବାହାଘର ନ ହୁଏ, ତାହେଲେ ମୁଁ ସତ୍ କହୁଛି ସୁରିଆ, କଲ୍ୟାଣୀ, ତା ବାପା, ତା ଭାଇ କାହାକୁ ହେଲେ ମୁଁ ଛାଡ଼ିବିନି । ଦରକାର ପଡ଼ିଲେ ମୁଁ ଫାସି ଖୁଣ୍ଟରେ ପଛେ ଝୁଲିବି କିନ୍ତୁ ଏଇ ବନ୍ଧୁକରେ ସମସ୍ତଙ୍କୁ ଶେଷ କରିଦେବି ।

ସୁରିଆ - ଆପଣ କାହିଁକି ସେମାନଙ୍କୁ ମାରି ହାତ ଗନ୍ଧେଇବେ । ସେମାନେ ଆପେ ଆପେ ମରିବାର ଟାଇମ୍ ହୋଇଗଲାଣି ।

ସୌମ୍ୟ - କଣ କହିବାକୁ ଚାହୁଁଛୁ ।

ସୁରିଆ - ଶୁଣିଲେ ବାବୁ ପଣ୍ଡିତ ଘରେ ନାଟ ଚାଲିଛି । କେଲା ନାଟ । ଦେବ ଜିଦ୍ ଧରି ବସିଛି ଗୋଟାଏ ବେଜାତି ଝିଅକୁ ବାହାହେବ । ଆଉ ତାକୁ ସାଥିରେ ନେଇ ଗାଁକୁ ଆସିଛି ।

ସୌମ୍ୟ - ବହୁତ ପାଠ ପଢ଼ିଛି । ବଡ଼ ଅଫିସର୍ ହୋଇଛି । ସେ କଣ ବୁଢ଼ା ପଣ୍ଡିତ କଥା ଶୁଣିବ । ଗଲା ପୁତ୍ର ବାହୁଡ଼ି ନ ଆଇଲାଲୋ କୋଇଲି । ସେ ପାଠ ପଢ଼ି ପରଦେଶୀ ଚଢ଼େଇ ସାଥିରେ ବସା ବାନ୍ଧିବ ନାହିଁତ, ଆଉ ବୁଢ଼ା କଥା ଶୁଣି ଗାଁ କନିଆକୁ ବୋହୁ କରିବେ । ଆରେ ଯା ଦେଖିଲୁ ସୁରିଆ, ଗାଁଟା ଖାଲି ଉଠୁଛି ପଡୁଛି । ହୁଏତ ବୁଢ଼ା ପାଗଳ ହୋଇଯିବ, ନ ହେଲେ ଦେବ ସେ ଝିଅକୁ ଧରି ଗାଁ

Digitized by srujanika@gmail.com

ଛାଡ଼ି ଚାଲିବ । ଯାହା ହେଉଛି ଭଲ ହେଇଛି ବେ, ଶଳା ବୁଢ଼ା ମୋତେ ଝିଅ ଦେବାକୁ ନାରାଜ୍ । ମୁଁ କୁଆଡ଼େ ଗୋଟେ ଛତରା, ଲୋଫର୍ । ଶଳା କଣ ନାହିଁ ମୋର !

ସୁରିଆ - ଆପଣଙ୍କ ପାଖରେ ସବୁ ଅଛି ଯେ ବାବୁ, ଖାଲି ମଦ ଟିକକ ଯାହା ବଦଭ୍ୟାସ । ସେତକ ଛାଡ଼ିଦେଲେ ସୁନାପୁଅ ।

ସୌମ୍ୟ - ଆବେ ଚୁପ୍ । ଦେଶର ୯୦% ଲୋକ ମଦ ପିଉଥିଲାବେଳେ ମୁଁ କହିବି ଯେଉଁ ଶଳା ଯାକୁ ଘୃଣା କରୁଛି ସେ ଗୋଟେ ଗଧ ।

ସୁରିଆ - ହଁ ଶାସ୍ତ୍ର ପରା କହିଛି ବାବୁ, "ଯିଏ ନ ପିଏ ମଦ, ତାର ବଂଶଯାକ ଗଧ" । ଏଇ ଦେଖିଲେ ବାବୁ ଏ ସାହିବ ଟୋକିଟା ଆଟାଚି ଧରି ରାଗରେ ତମତମ ହୋଇ ଆଗେ ଆଗେ ଧାଇଁଛି ଆଉ ଆମର ଦେବଟା ଚରଣ ଚୁଟିଆ ପରି ତା ପଛେ ପଛେ ଧାଇଁଛି । ବୋଧେ ଘରେ କଣ ବଡ଼ ଧରଣର ଅଘଟଣ ଘଟିଯାଇଛି ।

ସୌମ୍ୟ - ଲାଗିଗଲାବେ ନିଆଁ । ଲାଗିଗଲା । ଲାଗିଗଲା । ବାପା, ପୁଅ ଭିତରେ ନିଶ୍ଚୟ ଗୋଟାଏ କଳି ଲାଗିଗଲା । ଯାର ଫାଇଦା ଉଠାଇବାକୁ ପଡ଼ିବ । ବଡ଼ବଡ଼ିଆମାନେ କହିଛନ୍ତି "ନଇଁ ପଡ଼ିଥିବ ଯେତିକିବେଳେ ବିଧାଏ ମାରିବ ସେତିକିବେଳେ" । ଆ ସେ ଗଛ ସାଇଡ୍‌ରେ ରହି ଦେଖିବା ଘର ଭିତରେ ନିଆଁ ଲାଗିବାର କାରଣଟା କ'ଣ ?

(ଦୁହେଁ ଗଛ ଉହାଡ଼ରେ ଲୁଚିଗଲେ, ବିପରିତ ଦିଗରେ ପ୍ରବେଶ କଲେ, ସୌମ୍ୟା ଓ ଦେବ)

ଦେବ - Please ସୌମ୍ୟା Try to understand me. ମୋତେ ବୁଝିବାକୁ ଚେଷ୍ଟା କର ।

ସୌମ୍ୟା - ବହୁତ ହୋଇଗଲା । ମୁଁ ଆଉ କିଛି ବୁଝିବାକୁ ଚାହେଁନା । ଗୋଟାଏ ମେଣ୍ଟଡ଼ ଝିଅ ଯାହାକୁ କଥା କହିବାର ଢଣାନାହିଁ, ସାଧାରଣ Courtsy, ଭଦ୍ରାମି ଢଣାନାହିଁ, ସେ ମୋତେ Insult କଲା ଆଉ ତୁମେ ସବୁ ସହିଗଲ ।

ଦେବ - ସୌମ୍ୟା, ମୁଁ ଜାଣେ ତୁମ ମନରେ କଲ୍ୟାଣୀ ବହୁତ ଆଘାତ ଦେଇଛି ଆଉ ବାପା ତୁମକୁ ଯଥେଷ୍ଟ ଅପମାନିତ କରିଛନ୍ତି ।

Digitized by srujanika@gmail.com

ସୌମ୍ୟା - ଆଉ ତୁମେ ତ କମ୍ Insult କରିନ । ତମ father ଆଉ sister ଯେତେବେଳେ ଯାହା ତାହା ମୋତେ କହିଦେଉଥିଲେ ତମେ protest ନ କରି ନୀରବରେ କେମିତି ଠିଆ ହୋଇଥିଲ ।

ଦେବ - ସୌମ୍ୟା, ଯେତେହେଲେ ସେ ମୋର ବାପା, ମୋତେ ଜନ୍ମ ଦେଇଛନ୍ତି । ତାଙ୍କ ଆଗରେ...

ସୌମ୍ୟା - ସେ ତମର ବାପା, ଅତି ନିଜର । ଆଉ ମୁଁ, ମୁଁ କଣ ତୁମର ପର ।

ଦେବ - ଏମିତି କଣ କହୁଛ ସୌମ୍ୟା, ତମେ ମୋର ସ୍ୱପ୍ନ । ତମେ ମୋର ମାନସୀ... (ଧରିବାକୁ ଯାଉଥିଲା ସୌମ୍ୟାକୁ)

ସୌମ୍ୟା - Don't touch me. ମୁଁ ତୁମର ମୁହଁ ଦେଖିବାକୁ ଚାହେଁନା । ଯଦି ତମେ ମୋତେ ପ୍ରକୃତରେ ଭଲ ପାଅ ତେବେ ମୋ କଥା ତୁମକୁ ଶୁଣିବାକୁ ହେବ ।

ଦେବ - Please Darling ଗାଁ ରାସ୍ତାଟାରେ ଆଉ କଥାଟାକୁ ନ ବଢ଼ାଇ ଆସ ଘରକୁ ଆସ । ସେଠି ଆମେ ଏ ବିଷୟରେ discussion କରିବା ।

ସୌମ୍ୟା - No further discussion. This is my first & last word. ଯଦି ମୋତେ ପାଇବାକୁ ଚାହୁଁଛ ତାହେଲେ ଏ ତୁମର ଗାଁ ଘର, ବାପା, ଭଉଣୀ ସମସ୍ତଙ୍କୁ ଛାଡ଼ିବାକୁ ହେବ ।

ଦେବ - ସୌମ୍ୟା

ସୌମ୍ୟା - Yes, This is my final word. ନିଷ୍ପତ୍ତିଟା ତମ ଉପରେ ଛାଡ଼ିଦେଲି । ଯଦି ମୋତେ ପାଇବାକୁ ଚାହୁଁଛ ତେବେ ବର୍ତ୍ତମାନ ମୋ ସହିତ Delhi ଯିବାକୁ ହେବ । ଆଉଯଦି ତମ ବାପାଙ୍କ ପାଖରେ ରହିବାକୁ ଚାହୁଁଛ, ତେବେ ଏଇଠାରୁ ତୁମେ ଘରକୁ ଫେରିଯାଇପାର । ମୁଁ ତମକୁ ଜମା ଅଟକେଇବି ନାହିଁ । ମୁଁ ଚାଲିଲି । (ଆଟାଚି ଧରି ବାହାରକୁ ଚାଲିଗଲା)

ଦେବ - କଣ କରିବି ? ଏ ପଟେ ବାପା, ଯେ ମୋତେ ମଣିଷ କରିଛନ୍ତି, ସେ ପଟେ ପ୍ରେୟସୀ, ମାନସୀ, ପ୍ରେମିକା ସୌମ୍ୟା । ଯାହାକୁ ମୁଁ ଅତି ଭଲ ପାଏ । କାହାକୁ ମୁଁ ଆପଣାର କରିବି, କାହାଠୁ ମୁଁ ଦୂରେଇ ଯିବି । ନା ମୁଁ ସୌମ୍ୟାକୁ ଛାଡ଼ି ବଞ୍ଚିପାରିବିନି ।
(ଲିଭ୍ ସିବ୍‌ରୁ ପଦେ... ଗୀତ) ୱେଟ୍ ସୌମ୍ୟା, ମୁଁ ତୁମ ସହିତ

Digitized by srujanika@gmail.com

ନିଶ୍ଚୟ ଦିଲ୍ଲୀ ଯିବି । ମୁଁ ତୁମ ବିନା ବଞ୍ଚିପାରିବିନି । ୱେଟ୍ ସୌମ୍ୟା, ମୁଁ ଆସୁଛି ।

(ବାହାରକୁ ପ୍ରସ୍ଥାନ, ଅନ୍ୟଦିଗରୁ ହସି ହସି ପ୍ରବେଶ କଲେ ସୌମ୍ୟ ଓ ସୁରିଆ)

ସୌମ୍ୟ - ଦେଖିଲୁ ଦେଖିଲୁ ସୁରିଆ । ଖାଲି ଘରେ ନିଆଁ ଲାଗିନିବେ, ନିଆଁଟା ହୁତୁ ହୁତୁ ହୋଇ ଜଳିଲାଣି । ଆଉ ସେ ନିଆଁରେ ପଣ୍ଡିତ ବିଦ୍ୟାଭୂଷଣ ତ୍ରିପାଠୀଙ୍କର ସାରା ଖାନ୍‌ଦାନିଟା ପୋଡ଼ିଜଳି ପାଉଁଶ ହୋଇଯିବ, ଶଳା ମୋତେ ଚାଲେଞ୍ଜ କରିଥିଲା... (ବିଦ୍ରୁପ ହସ)

ସୁରିଆ - ବାବୁ, ସାରା ଖାନ୍‌ଦାନ୍‌ଟା ପୋଡ଼ିଯାଉ ହେଲେ ସେ ରଙ୍ଗୀନ୍ ପ୍ରଜାପତିଟି ଯେମିତି ଅକ୍ଷତ ଅବସ୍ଥାରେ ଥାଉ । ନହେଲେ ଆପଣତ ପାଗଳରୁ ପ୍ରେମ ପାଗଳ ହେଇଛନ୍ତି, ଆପଣଙ୍କ ଅବସ୍ଥା ଏମିତି ହେଇଯିବ ଯେ ରାସ୍ତାଘାଟରେ ଯେଉଁଠି ନାହିଁ ଯାହାକୁ ତାହାକୁ ଦେଖିବେ ତାକୁ ଗୋଡ଼ାଇ ଗୋଡ଼ାଇ ହାଉଲେ ହାଉଲେ କହିବେ ।

ସୌମ୍ୟ - ଚୁପ୍‌ବେ । ସତରେ କଣ କଲ୍ୟାଣୀ ସହିତ ମୋର ବାହାଘର ହେବ ।

ସୁରିଆ - ହଁ ବାବୁ । ଜ୍ୟୋତିଷ ମହାଶୟ ପରା କହୁଥିଲେ ନିଶ୍ଚୟ ହେବ ।

ସୌମ୍ୟ - କାହିଁ ସେ ଧପ୍‌ପାବାଜ୍ ବୁଢ଼ା ଠକ । ଶଳା ଚିକ୍‌କଣ କଥା କହି ମୋଠୁ ୫୦୦ ଟଙ୍କା ଚଳୁ କରିଦେଲା । ସତ କହୁଛି ସୁରିଆ ସେ ବୁଢ଼ାକୁ ଯଦି ସାମ୍‌ନାରେ ପାଇବିନା ତାକୁ କାଞ୍ଚା ଖାଇଯିବି ।

(ଜ୍ୟୋତିଷ ମହାଶୟ ମନ୍ତ୍ର ପଢ଼ି ପଢ଼ି ପ୍ରବେଶ କଲେ)

ସୁରିଆ - ଆସିଗଲା ବାବୁ । ହଜିଲା ବଳଦ, ହଜିଲା ଠାଏଁ । ଯାହାକୁ ଖୋଜୁଥିଲେ ବାବୁ, ସେ ଆସି ହାଜର ।

ସୌମ୍ୟ - କଣ ମହାଶୟ, ମୋ ବାହାଘର କେବେହେବ ?

ଜ୍ୟୋତିଷ - ଆପଣ କିଏ ମହାଶୟ, ମୁଁ ଆପଣଙ୍କୁ ଚିହ୍ନିପାରିଲିନି ।

ସୌମ୍ୟ - ମୁଁ ତୁମ ଶଳାକୁ ଜାଣିଛି ବେ । ଶଳେ କହିବ ଗୋଟେ କରିବ ଗୋଟେ । କଣ ହେଲା ? କଲ୍ୟାଣୀ ସହିତ ମୋର ବାହାଘର କେବେ ହେବ ?

ଜ୍ୟୋତିଷ - ହେବ, ଅବଶ୍ୟ ହେବ । ହେଲେ ଜଜମାନେ ମୁଁ ଗୋଟିଏ କଥା ଆଗରୁ କହିଛି ବିଳମ୍ବେ କାର୍ଯ୍ୟସିଦ୍ଧି । ଆପଣଙ୍କର ଟିକେ ଗ୍ରହ

Digitized by srujanika@gmail.com

ଖରାପ ପଡ଼ିଛି । ଆଉ ଦିନ କେଇଟା ଯାଉ, ଆପଣ ନାହିଁ କରୁଥିବେ, କିନ୍ତୁ ଝିଅ ହଁ କରୁଥିବ ।

ସୌମ୍ୟ - କଲ୍ୟାଣୀ ମୋ ସହିତ ବାହାହେବାକୁ ରାଜିହେବ ତ ?

ଜ୍ୟୋତିଷ - ମୁଁ ଏମିତି ଗ୍ରହଶାନ୍ତିର ବ୍ୟବସ୍ଥା କରିଛି, କଲ୍ୟାଣୀ କଣ, ତା ବାପା ମଧ ଆପଣଙ୍କୁ ବାହାହେବାକୁ ରାଜି ହେବ ।

ସୌମ୍ୟ - ଶଳା,

ସୁରିଆ - ପଳା, ଭଲ ଦଶା ଅଛିତ ବେଗି ଏଠୁ ପଳା । ନହେଲେ ବାବୁଙ୍କର ଟେମ୍ପରେଚର ବଢ଼ିଯିବ । ସେ ତୋର ଜୀବନ ନ ନେଇ ଛାଡ଼ିବେନି ।

ସୌମ୍ୟ - ଯାବେ । ଶଳା ସବୁ ଟାଉଟର୍ । ଖାଲି ପଇସା ନେବା ଜାଣିଛି । ସୁରିଆ, ତାକୁ କହିଦେ ଏ ଗାଁରେ ଆଉ ଜମା ଦେଖା ଦେବନି ।

ସୁରିଆ - ହୋ ବୁଢ଼ା ବାବୁ ଜଲ୍‌ଦି ଯାଅ । ଶୀଘ୍ର ଏ ସ୍ଥାନ ପରିତ୍ୟାଗ କର ।

ଜ୍ୟୋତିଷ - ହଉ, ମୁଁ ଯାଉଛି ଯଜମାନେ । ଦରକାର ପଡ଼ିଲେ ଏ ଜ୍ୟୋତିଷ ମହାଶୟଙ୍କୁ ମନେ ପକେଇବେ । ଆଗରୁ କହୁଥିଲି, ଆଜି ବି କହୁଛି ବିଜୟେ ସର୍ବ କାର୍ଯ୍ୟ ସିଦ୍ଧି ।

ସୌମ୍ୟ - ଶଳା ଯାଉନ୍ତୁ ନା ନାଇଁବେ । (ହାତ ଉଠେଇଲା, ଖସି ଚାଲିଗଲେ ଜ୍ୟୋତିଷ ମହାଶୟ, ବିପରୀତ ଦିଗରେ ପ୍ରବେଶ କଲେ କୈଳାସ ପାଣିଗ୍ରାହୀ ଏବଂ ରବି)

ରବି - ନା, ନା । ମୋତେ ଯା କହିଲେ ମଧ ମୁଁ ଯିବିନି । ଯଦି ଯିବି କଲ୍ୟାଣୀକୁ ବାହାହୋଇ ସାଙ୍ଗରେ ନେଇଯିବି ।

କୈଳାସ - ଆରେ ବାପା ମୋ କଥା ଶୁଣେ ।

ରବି - କିଛି ଶୁଣିବିନି ।

କୈଳାସ - ଚାଲ, ଘରକୁ ପଳେଇଯିବା ।

ରବି - ଯିବିନି, ଯଦି ଯିବି କଲ୍ୟାଣୀକୁ ବାହାହୋଇ ସାଙ୍ଗରେ ନେଇଯିବି ।

କୈଳାସ - ଆରେ, ସେ ମାଇପିଲାଠେ କଣ ଅଛି । ଯା, ତା ଘରର ପିଲାମାନେ ତୋତେ ବାହାହେବା ପାଇଁ ଲାଇନ୍ ଲଗାଉଛନ୍ତି, ଲକ୍ଷ ଲକ୍ଷ ଟଙ୍କା ଯୌତୁକ ଦେବାକୁ ଚାହୁଁଛନ୍ତି । ସେଠି ବାହା ନହେଇ ଦିନରାତି ଖାଲି କଲ୍ୟାଣୀ କଲ୍ୟାଣୀ ହେଉଛୁ ।

ରବି - ତମ କଥାରେ ପଡ଼ି ଟଙ୍କା ଲୋଭରେ ମୁଁ କଣ ଯୋଉଠି ସେଇଠି ବାହା ହୋଇଯିବି ? ତୁମେ ତ ଟଙ୍କା ପାଇଁ ମରିଯିବ । ହେଲେ

Digitized by srujanika@gmail.com

ନନା, ମୋର ସିଧା କଥା, ମୋର ଟଙ୍କା ଦରକାର ନାହିଁ, ମୋର କଲ୍ୟାଣୀ ଦରକାର ।

ସୁରିଆ - ବାବୁ, ଆଉ ଜଣେ କଲ୍ୟାଣୀ ପାଗଳ ପହଞ୍ଚିଗଲେ ।

କୈଳାସ - ବାବୁମାନେ ଆପଣମାନେ ଟିକେ ମୋ ପୁଅକୁ ବୁଝେଇଦେଲେ, ହଜାରେ ଥର ମୁଁ ପୁଅକୁ କହିଲିଣି, ହେଲେ ତାର ଗୋଟିଏ ଜିଦ୍, ଯଦି ବାହାହେବ ପଣ୍ଡିତ ବିଦ୍ୟାଭୁଷଣ ତ୍ରିପାଠୀଙ୍କର ଝିଅ କଲ୍ୟାଣୀକୁ ।

ସୌମ୍ୟ - ଚାଲି ଯା ବୁଢ଼ା । ଭଲ ଦଶା ଅଛିତ ତୋ ପୁଅକୁ ନେଇ ଏ ଯାଗା ଛାଡ଼ି ଚାଲିଯା । କଲ୍ୟାଣୀ ମୋର । ମୋ ଛଡ଼ା କଲ୍ୟାଣୀକୁ କିଏ ବରଣମାଳା ପିନ୍ଧାଇପାରିବନି । ଶଳାର ହାତ ଗୋଡ଼ କାଟି ଖଣ୍ଡିଆ ଜଗନ୍ନାଥ କରି ବସେଇ ନ ଦେଇଛି, ମୋ ନାଁ ସୌମ୍ୟ ରଥ ନୁହେଁ । (ଦୁହିଁଙ୍କ ପ୍ରସ୍ଥାନ)

ରବି - ନନା, ମୁଁ କଲ୍ୟାଣୀକୁ ବାହାହେବି ।

କୈଳାସ - ବାହା ହେବୁନୁ ଯେ ମରିବୁ, ମୋତେ ମଧ ମାରିବୁ । ଦଶା ଭଲ ଅଛିତ ଚାଲେ ପଳେଇବା, ସେଠିକି ଯାଇ ହଣା କଣ ପାଇଁ ଖାଇବା । ଚାଲ, ରଘୁରଥର ଝିଅ ଦେଖିବାକୁ ଭାରି ସୁନ୍ଦର, ଗୋଟାଏ ଚାଉଳରେ ଗଢ଼ା । ବାମ କାନ୍ଧରେ ଲକ୍ଷ୍ମୀ, ଡ଼ାହାଣ କାନ୍ଧରେ ସରସ୍ୱତୀ ବସିଛନ୍ତି । ତା ସହିତ ତୋର ବାହାଘର ଧୁମ୍‌ଧାମ୍‌ରେ କରିଦେବି ।

ରବି - ନା, ମୁଁ ସେ ରଘୁରଥର ଝିଅକୁ ବାହାହେବିନି । ମୁଁ ପଣ୍ଡିତ ତ୍ରିପାଠୀଙ୍କର ଝିଅ କଲ୍ୟାଣୀକୁ ବାହାହେବି ।

କୈଳାସ - ବି.ଏ. ପାଠପଢ଼ି ମୁର୍ଖ ପରି ହେନା । ମୁଁ କହୁଛି ରଘୁ ରଥର ଝିଅ ସହିତ ତୋର ବାହାଘର ହେବ ।

ରବି - ନା ହେବିନି । ମୁଁ ତାକୁ ବାହା ହେବିନି ।

କୈଳାସ - ହେବୁନି ?

ରବି - ମୋରଶେଷ କଥା । ମୁଁ ରଘୁ ରଥର ଝିଅକୁ ବାହା ହେବିନି, ହେବିନି, ହେବିନି ।

କୈଳାସ - ତୁ ହବୁବେ, ତୁ ବାହା ହବୁ । ତୋ ବାପା ବାହା ହେବ ।

ରବି - ବାପା ତୁମେ ହେଇଯାଅ, ମୁଁ ହେବିନି । ମୁଁ କଲ୍ୟାଣୀକୁ ବାହାହେବି ।

Digitized by srujanika@gmail.com

କୈଳାସ - ଚାଲ, ବହୁଛି ଘରକୁ ।
ରବି - ମୁଁ ଯିବିନି ।
କୈଳାସ - ଚାଲ୍‌ବେ । (ଏକପ୍ରକାରେ ଝିକିଝିକି ନେଇଗଲେ ।)

- ଅନ୍ଧାର -

- ନବମ ଦୃଶ୍ୟ -

(ଦିଲ୍ଲୀର ଦେବର ଘର । ପ୍ରବେଶ କରିଛି ସୌମ୍ୟା)

ସୌମ୍ୟା - ହାଲୋ ଦେବ । ଏକାକୀ ବସି କଣ ଭାବୁଛ ?
ଦେବ - କିଛି ନାହିଁ ।
(ଉଠି ଚାଲିଯାଉଥିଲା, ସୌମ୍ୟା ହାତକୁ ଧରିନେଲା)
ସୌମ୍ୟା - କଣ ବାପାଙ୍କ କଥା ଭାବୁଛ ?
ଦେବ - ଭାବି ଲାଭ କଣ ସୌମ୍ୟା । ମୁଁ ଜାଣିପାରୁନି ମୁଁ କଣ କରି ଚାଲିଛି ।
ସୌମ୍ୟା - ଦେବ, ତମେ କାହିଁ ଭାବୁନାହଁ ତମେ ଜଣେ ଆଇ.ଏ.ଏସ୍. ଅଫିସର୍ ତମର ଷ୍ଟାଟସ୍ କଣ ? ଦେଶ ବିଦେଶର ବଡ଼ ଲୋକମାନଙ୍କ ସହିତ ତମର ଡ଼ିଲିଙ୍ଗ୍ । ସେ ଷ୍ଟାଟସ୍ ତମକୁ ମେଣ୍ଟେନ୍ କରିବାକୁ ପଡ଼ିବ । ତମ ଗାଁ, ଘର ଛାଡ଼, ସେ ବିଷୟରେ କହି ତମ ମନରେ ଅଧିକ କଷ୍ଟ ଦେବାକୁ ଚାହେଁନା ।
ଦେବ - ସତ କହିବି ସୌମ୍ୟା, ଜମା ଖରାପ୍ ଭାବିବନି ତ ।
ସୌମ୍ୟା - କହୁନ, ତୁମକୁ କଣ କେବେ ମୁଁ ଖରାପ ଭାବିଛି ।
ଦେବ - ମୁଁ ଆଜି କେତେଦିନ ହେଲା ଦେଖୁଛି ତମେ କେମିତି ମୋଠାରୁ ଦୂରେଇ ଯାଉଛ ।
ସୌମ୍ୟା - କଣ ଏମିତି ପାଗଳ ପରି କହୁଛ । ମୁଁ କଣ ତୁମକୁ ଏ ଜନ୍ମରେ ଭୁଲିପାରେ ।
ଦେବ - ଦେଖ ସୌମ୍ୟା, ତୁମକୁ ନିଜର କରିବା ପାଇଁ ଗାଁ, ବାପା, ଭଉଣୀ ସମସ୍ତଙ୍କୁ ଛାଡ଼ିଛି । ଆଉ ଯଦି ତୁମେ ମୋଠାରୁ ଦୂରେଇ ଯାଅ, ସତ କହୁଛି ସୌମ୍ୟା ମୁଁ ପାଗଳ ହୋଇଯିବି ।
ସୌମ୍ୟା - ଓଃ, ନଟି ବୟ ତୁମେ ନିଜେ ମ୍ୟାଡ୍ ହେବନି ଯେ, ତମ ସୌମ୍ୟାକୁ ମ୍ୟାଡ୍ କରିଦେବ । (ବାହୁବନ୍ଧନରେ ଆବଦ୍ଧ କରି ଆଲିଙ୍ଗନ କରିବାକୁ ଉଦ୍ୟତ ସମୟରେ ପ୍ରବେଶ କଲେ ବଲ୍‌ବୀର ସିଂ ।)

Digitized by srujanika@gmail.com

ବଲ୍‌ବୀର - ହେଲୋ ସୌମ୍ୟା (ପୋଜ୍) ଏକ୍ସକ୍ୟୁଜ୍ ମି ।

ସୌମ୍ୟା - ହାଏ ବଲ୍‌ବୀର, ତୁମ୍ କବ୍ ଆୟା ।

ବଲ୍‌ବୀର - ଆଜ୍ । ଲେକିନ୍ ଏୟାରପୋର୍ଟ କୋ ତୁମ୍ ଆଁଟି ନେହିଁ ।

ସୌମ୍ୟା - ପ୍ଲିଜ୍ ବଲ୍‌ବୀର, ଟ୍ରାଏ ଟୁ ଅଣ୍ଡରଷ୍ଟାଣ୍ଡ ମି.

ବଲ୍‌ବୀର - ଓକେ, ଓକେ, ଦ୍ୟାଟ୍‌ସ୍ ଏନଫ୍ ।

ସୌମ୍ୟା - ମିଟ୍ ମାଇ ଫ୍ରେଣ୍ଡ ଦେବଦତ୍ତ ତ୍ରିପାଠୀ ଫ୍ରମ୍ ଓଡ଼ିଶା, ଆଇ.ଏ.ଏସ୍ । ଏଠି ସେଣ୍ଟ୍ରାଲ ସେକ୍ରେଟାରୀଏଟ୍‌ରେ ଜଣେ ହାୟର ଅଫିସର ।

ବଲ୍‌ବୀର - ହାଲୋ !

ଦେବ - ହାଲୋ !

ବଲ୍‌ବୀର - ଚାଲୋ ସୌମ୍ୟା, ଡ୍ୟାଡ଼ି, ମାମି ତୁମ୍ହାରା ଇନ୍ତଜାର୍ କର ରହେହେଁ । ଓ ଦୋଦିନ୍‌କେ ଲିୟେ ନିଉୟର୍କସେ ୟାହାଁ ଆୟେହେଁ । ଚଲୋ ଉନ୍‌କେ ସାଥ୍ ତୁମାରା ମୁଲାକାତ୍ କରାଉଙ୍ଗା । ଚାଲୋନା ।

ସୌମ୍ୟା - ପ୍ଲିଜ୍ ବଲ୍‌ବୀର । ଆଜ୍ ମେରା ମୁଡ୍ ଅଚ୍ଛି ନେହିଁହେଁ ତୁମ୍ ଚଲୋ । ସାମ୍‌କୋ ମେ ହୋଟେଲ୍ ମେ ପହଞ୍ଚଯାଉଙ୍ଗୀ ।

ବଲ୍‌ବୀର - ଠିକ୍ ହେ । ତୁମ୍‌କୋ ହୋଟେଲ ଅଶୋକା, ରୁମ୍ ନଂ. ୫୦୨ ମେଁ ତୁମାରା ଇନ୍ତଜାର୍ କରୁଙ୍ଗା । ତୁମ୍ ଜରୁର୍ ଆନା । ଓକେ, ବାଏ, ସି ୟୁ ଏଗେନ୍ ମିଷ୍ଟର ତ୍ରିପାଠୀ । (ପ୍ରସ୍ଥାନ)

ଦେବ - ସୌମ୍ୟା, ମୁଁ ଜାଣିବାକୁ ଚାହୁଁଛି ଏ ବଲ୍‌ବୀର କିଏ ? ଯାହା ପାଇଁ ତୁମେ...

ସୌମ୍ୟା - ଓଃ, ଦେବ ତମେ ଏତେ ମିନ୍ । ବଲ୍‌ବୀର ମୋ friend, just friend ।

ଦେବ - ସେ ଲୋକଟାକୁ ଦେଖିଲେ ମୋତେ ଭାରି ଘୃଣା ଲାଗୁଛି । ତା ସହିତ ତୁମର ମିଳାମିଶାକୁ ପସନ୍ଦ କରୁନି ।

ସୌମ୍ୟା - ଏ ଦୁନିଆରେ ସମସ୍ତଙ୍କୁ ଅବିଶ୍ୱାସ କରାଯାଏନା ଦେବ୍ । ଆଉ ତୁମେ କଣ ଚାହୁଁଛ, ମୁଁ ମୋର friend, relative ସହିତ ଜମା କଥାବାର୍ତ୍ତା କରିବିନି ।

ଦେବ - ତୁମେ ମୋର ଅନ୍ତର କଥା ବୁଝିପାରୁନ ସୌମ୍ୟା, ମୁଁ ତୁମକୁ କେତେ ଭଲ ପାଏ ତାହା ମୁଁ ପ୍ରକାଶ କରିପାରିବିନି ।

Digitized by srujanika@gmail.com

ସୌମ୍ୟା - Thats like a good boy । ମୁଁ ଜାଣିଛି ତୁମେ ମୋତେ ବହୁତ ଭଲ ପାଅ । ସେଦିନ ମୋ ପାଇଁ ତମେ ସବୁଛାଡ଼ି ଏଠାକୁ ଚାଲିଆସିଲ, ଏହା ମୁଁ କେମିତି ଭୁଲିଯିବି ଦେବ ।

ଦେବ - I love you Darling. I love you.

ସୌମ୍ୟା - I love you too much Dev, I love too much.

(ଦୁହେଁ ଦୁହିଁଙ୍କୁ ଆଲିଙ୍ଗନ କଲେ, ଆଲୋକ ଲିଭି ଆସୁଥିଲା ।)

- ଅନ୍ଧାର -

- ଦଶମ ଦୃଶ୍ୟ -

(ଘର, ଚିନ୍ତାମଗ୍ନରେ ବସିଥିଲେ ପଣ୍ଡିତ ବିଦ୍ୟାଭୂଷଣ ତ୍ରିପାଠୀ । ଦେହରେ ଜ୍ୱର । ଦୂରରୁ ପ୍ରଚ୍ଛଦପଟରୁ ଭାସି ଆସୁଥିଲା ଗୀତଟିଏ । "କାହିଁକିରେ ମନ ନ ନେଉ ସେ ନାମ...." ।)

ତ୍ରିପାଠୀ - (ଖାସିଖାସି) ଭୀଷଣ କଷ୍ଟ । ଛାତି ଭିତରଟା କଣ ହେଇଯାଉଛି । କଲ୍ୟାଣୀ ପାଣିଟିକେ ଆଣିଲୁ ମା !

କଲ୍ୟାଣୀ - (କଲ୍ୟାଣୀ ପାଣି ନେଇ ଆସିଲା)ବାପା କାହିଁକି ବାହାରେ ବସିଛ । ତୁମ ଦେହ ପରା ଭଲ ନାହିଁ ।

ତ୍ରିପାଠୀ - କାହିଁକି ତୁ ମୋ ପଛରେ ଲାଗିଛୁ କଲ୍ୟାଣୀ । ମୋ ଦେହ କଣ ଆଉ ଭଲ ହେବ ବୋଲି ଭାବୁଛୁ । ଯେଉଁ ପୁଅକୁ ଏତେ ଆଶା କରିଥିଲି ସେ ମତେ ଛାଡ଼ି ଚାଲିଗଲା ଯେତେବେଳେ, ଆଉ ବଞ୍ଚିବାକୁ ମଧ୍ୟ ମୁଁ ଚାହୁଁନି - ହେ ପ୍ରଭୁ ନାରାୟଣ - ମତେ ତମ ପାଖକୁ ନେଇ ଯାଅ ପ୍ରଭୁ ମତେ ତୁମ ପାଖକୁ ନେଇଯାଅ ।

କଲ୍ୟାଣୀ - ବାପା ତୁମେ ଏମିତି ହେଲେ ମୋର କଣ ହେବ ଚିନ୍ତା କରିଛ ।

ତ୍ରିପାଠୀ - ତୋର କିଛି ହେବନିରେ ମା - ମୁଁ ତୋର ବାହାଘର ଧୁମଧାମ୍‌ରେ କରିବି - ଏବେ ନୀଳ କକେଇ ବାଆ ଶତପଥିଙ୍କ ଘରକୁ ଯାଇଛନ୍ତି । ତୋ ବାହାଘର ବିଷୟ ଚୁଡ଼ାନ୍ତ କରିବା ପାଇଁ । ତୁ ଦେଖିବୁ ତୋତେ ବିଦା କରିସାରିଲେ ଯାଇ ମୁଁ ମରିବି, ତା ଆଗରୁ ନୁହେଁ ।

କଲ୍ୟାଣୀ - ଏମିତି କ'ଣ କହୁଛ ବାପା । ସେ କଥା ତୁମେ ତୁଣ୍ଡରେ ଧରନି । ମୁଁ ଜମା ବାହା ହେବିନି ।

Digitized by srujanika@gmail.com

ତ୍ରିପାଠୀ - (ହସ) ଏଇ ଦେବ କହୁଥିଲା କଲ୍ୟାଣୀର ବାହାଘର ଧୁମ୍‌ଧାମ୍‌ରେ କରିବ । ହଜାର ହଜାର ଟଙ୍କା ଖର୍ଚ୍ଚ କରିବ, ହେଲେ ଡ଼େଣା ମେଲି ପକ୍ଷୀ ଉଡ଼ିଗଲା । ବୃଦ୍ଧ ବାପା, ଅସହାୟ ଭଉଣୀ, ଭଙ୍ଗା ଘରକୁ ଛାଡ଼ି ସୁଦୂର ଦିଲ୍ଲୀ ଚାଲିଗଲା । କିନ୍ତୁ ଏ ବୃଦ୍ଧ ବିଦ୍ୟାଭୂଷଣ ତ୍ରିପାଠୀ ଏବେ ବି ବଞ୍ଚିଛି । ଏବେ ବି ତା ଦେହରେ ବଳ ଅଛି । ଆଉ ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ତୋତେ କେବେ ଅସହାୟ ହେବାକୁ ଦେବିନି । ଯାହା ଟଙ୍କା ଖର୍ଚ୍ଚ ହବ ମୁଁ କରିବି । ତୋର ବାହାଘର ଧୁମ୍‌ଧାମ୍‌ରେ କରିବି ।

କଲ୍ୟାଣୀ - କିନ୍ତୁ ବାପା ଏତେ ଟଙ୍କା...

ତ୍ରିପାଠୀ - ବୁଝାଅ, କଲ୍ୟାଣୀର ବୋଉ ତୁମେ ସ୍ୱର୍ଗରେ ଥାଇ ତୁମ ପାଗଳୀ ଝିଅ କଲ୍ୟାଣୀକୁ ବୁଝାଅ । ପଣ୍ଡିତ ବିଦ୍ୟାଭୂଷଣ ତ୍ରିପାଠୀ ଯେତେବେଳେ ଏଇ ହାତରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ତା ପୁଅକୁ ଆଇ.ଏ.ଏସ୍. ଅଫିସର କରିପାରିଲା । ସେ କଣ ତା ଝିଅ କଲ୍ୟାଣୀକୁ ଅସହାୟ କରି ଆର ପାରିକୁ ଚାଲିଯିବ ?

ନୀଳମଣି - (ପ୍ରବେଶ), ମୋଟେ ନୁହେଁ, ପଣ୍ଡିତ ବିଦ୍ୟାଭୂଷଣ ତ୍ରିପାଠୀ କି ପ୍ରକାରର ଲୋକ ତାକୁ ଏ ନୀଳମଣି ତ୍ରିପାଠୀ ବେଶ୍ ଭଲଭାବରେ ଜାଣିଛି । ସେ ଭାଙ୍ଗିଯିବ ପଛେ କେବେ ମୁଣ୍ଡ ନୁଆଁଇବ ନାହିଁ । ସେ ଜବାବ୍ ଦେଇ ଜିଭ ଲେଉଟାଇବ ନାହିଁ । ଆଲୋ ମା କଲ୍ୟାଣୀ ତୋ ବାପା ସାଧାରଣ ଲୋକ ନୁହଁ । ଦରକାର ପଡ଼ିଲେ ନିଜେ ବନ୍ଧା ପଡ଼ିଯିବ । କିନ୍ତୁ ତୋତେ ହତାଦର କରିବ ନାହିଁ । (ପୋଜ୍) ଭାଇନା କଲ୍ୟାଣୀର ବାହାଘର ପକ୍‌କା କରି ଆସିଲି । ସେମାନେ କଲ୍ୟାଣୀକୁ ବୋହୁ କରିନେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ହେଲେ ଗୋଟାଏ କଥା...

ତ୍ରିପାଠୀ - କଣ କହୁନ, କଥା କଣ ?

ନୀଳମଣି - ନା ସେମିତି କିଛି ନାହିଁ । କଲ୍ୟାଣୀ ତୁ ଗଲୁ ମା । ଗ୍ଲାସେ ଗରମ ପାଣି ନେଇ ଆସିବୁ । କୁଳି କରିବା ମୋର ବଦଭ୍ୟାସ । (କଲ୍ୟାଣୀ ଚାଲିଗଲା) ବୁଝିଲ ଭାଇନା ବାଞ୍ଛା ଶତପଥି ତୁମ ଝିଅକୁ ବୋହୁ କରିବାକୁ ରାଜି, ହେଲେ ସେ ବଦ୍‌ମାସ୍ ସୌମ୍ୟରଥ ତାଙ୍କ ପୁଅ କାନରେ ଫୁଙ୍କି ଦେଇଛି, କଲ୍ୟାଣୀକୁ ସିଏ ଦୁଆଡ଼େ ପ୍ରେମ

Digitized by srujanika@gmail.com

କରୁଥିଲା । ଚୋରା ପ୍ରେମ । ତା ସହିତ କୁଆଡ଼େ ଆମ କଲ୍ୟାଣୀର ଭାବନାବ ଥିଲା ।

ତ୍ରିପାଠୀ - ନୀଳ, ତୁମେ ଏକଥା କହି ପାରିଲ ?

ନୀଳମଣି - ମୁଁ କହୁନି ଭାଇନା, ବାଞ୍ଛା ଶତପଥି ଏକଥା କହିଛନ୍ତି । ତାଙ୍କଠୁ ଶୁଣି ମୁଁ ତୁମକୁ ଏକଥା କହୁଛି । ଖାଲି ସେତିକି ନୁହେଁ, ସେମାନେ କଲ୍ୟାଣୀକୁ ଯଦି ବୋହୂକରି ନେବେ, ୫୦,୦୦୦ ନୁହେଁ ଯୌତୁକ ବାବଦରେ ଦେଢ଼ଲକ୍ଷ ଟଙ୍କା ନେବେ ।

କଲ୍ୟାଣୀ - (ପ୍ରବେଶ) ନା, ଏ ବାହାଘର ହୋଇ ପାରିବନି । ଜୀବନସାରା ଅଭିଆଢ଼ୀ ହୋଇ ରହିଯିବି ପଛେ ହେଲେ ଏମିତି ଗୋଟାଏ ଘରକୁ ଜମା ବୋହୂ ହୋଇ ଯିବିନାହିଁ ।

ତ୍ରିପାଠୀ - (ଚଟକଣି ମାରି) ଚୁପ୍ । ବାହାହେବୁନି, ବୋହୂ ହୋଇ ଯିବୁନି, ଆଉ ଏଠି ରହି କଣ ତମାସା କରିବୁ । ଶୁଣୁଛୁ ନୀଳ କଣ କହୁଛି, ତୋର କୁଆଡ଼େ ସେ ଛତରା ସୌମ୍ୟରଥ ସହିତ ସମ୍ପର୍କ ଥିଲା ।

କଲ୍ୟାଣୀ - ସବୁ ମିଛ ।

ତ୍ରିପାଠୀ - ଯଦି ଏ ସବୁ ମିଛ, କଣଟା ସତ । କାହାକୁ ବୁଝାଇବ ଏ କଥା ମିଛ ଯିଏ ଶୁଣୁଛି ସେ କହୁଛି ପଣ୍ଡିତ ତ୍ରିପାଠୀର ଝିଅଟା ନଷ୍ଟ ଚରିତ୍ର । କୁଳଟା ।

କଲ୍ୟାଣୀ - ବାପା ।

ତ୍ରିପାଠୀ - ଚୁପ୍ । ମୁଁ କାହାର ବାପା ନୁହେଁ । ଗୋଟାଏ ବାପା ବୋଲି ପଚାରିଲା ନାହିଁ । ବସା ଭାଙ୍ଗି ଚାଲିଗଲା । ତୋର ପରି କୁଳଟାର ମୁଁ ବାପା ହେବାକୁ ଚାହେଁନା । ଏ ଦୁନିଆରେ ମୋର କେହି ନାହାଁନ୍ତି । ପୁଅ, ଝିଅ, ଘର, ସଂସାର ମୋର କିଛି ନାହିଁ । (ପୋଇ୍) ନୀଳ, ତୁମେ ତ ସବୁ ଜାଣିଛ । ସେମାନେ ଯଦି ଚାହିଁବେ ତେବେ ଏ ବାହାଘର ହେବ । ଯଦି ସେମାନେ ମନା କରିଦେବେ ତାହେଲେ ତୁମେ ଯାହା ଚାହିଁବ ତାହା କରିବ । (ଭିତରକୁ ପ୍ରସ୍ଥାନ)

କଲ୍ୟାଣୀ - (କାନ୍ଦୁଥିଲା) ବାପା ।

ନୀଳମଣି - କାନ୍ଦନାଲୋ ମା । ଜନ୍ମ କଲା ବାପା ରାଗନିଶାରେ କଣ ପଦେଅଧେ କହିଦେଲେ ବୋଲି ତୁ କାନ୍ଦୁଛୁ । ମୁଁ ଅଛି, ସବୁ ଠିକ୍ ହୋଇଯିବ ।

Digitized by srujanika@gmail.com

ତୋ ବାପାଘର ସେ ବାଞ୍ଛା ଶତପଥି ଘରେ ହେବ । ମୁଁ ତୋତେ କଥା ଦେଉଛି । ଯା ଭିତରକୁ ଯା । (ନୀଳ ବାହାରକୁ ଚାଲିଗଲା) (କଲ୍ୟାଣୀ ଯାଉଥିଲା, ଭିତରକୁ ପ୍ରବେଶ କଲା ଅଜୟ ।)

ଅଜୟ - କଲ୍ୟାଣୀ, ବାପାଙ୍କ ଦେହ କେମିତି ଅଛି ?

କଲ୍ୟାଣୀ - ଅଜୁ ଭାଇ । ତମକୁ ଗୋଟିଏ କଥା ରଖିବାକୁ ହେବ । କୁହ କଣ ପାରିବ ?

ଅଜୟ - କହ କଲ୍ୟାଣୀ । ତୋର ଅଜୁଭାଇ ଜୀବନ ଦେଇ ସେ କାମ କରିବାକୁ ଚେଷ୍ଟା କରିବ ।

କଲ୍ୟାଣୀ - ବାପାଙ୍କର ଅବସ୍ଥା ବହୁତ ଖରାପ । ଦେବଭାଇକୁ ସେ ବହୁତ ଭଲ ପାଆନ୍ତି । ଦେବଭାଇ ଘରଛାଡ଼ି ଚାଲିଯିବାରୁ ସେ ପାଗଳପରି ହୋଇଯାଇଛନ୍ତି । ତୁମେ କଣମୋ ଦେବଭାଇକୁ ଫେରେଇ ଆଣି ପାରିବନି ? ମୁଁ ବାପାଙ୍କ ମୁହଁରେ ହସ ଦେଖିବାକୁ ଚାହେଁ ଅଜୁଭାଇ । ମୋ ବାପାଙ୍କ ମୁହଁରେ ହସ ସେଦିନ ପୁଣି ଫେରି ଆସିବ ଯେଉଁଦିନ ମୋ ଦେବଭାଇ ତା ନିଜଘରକୁ ଫେରି ଆସିବ ।

ଅଜୟ - ମୁଁ ବୁଝିଗଲି କଲ୍ୟାଣୀ । ମୁଁ ତୋର କହିବାର ଅର୍ଥଟା ବୁଝିଗଲି । ମୁଁ କଥା ଦେଉଛି ମୁଁ ତୋ ଭାଇକୁ ଫେରେଇ ଆଣିବାକୁ ଚେଷ୍ଟା କରିବି, ଆଉ ଯଦି ତୋ ଭାଇ ଦିଲ୍ଲୀରୁ ଏଠାକୁ ନ ଫେରେ ତାହେଲେ ତୋ ଅଜୁଭାଇ ତୋତେ ମୁହଁ ଦେଖେଇବନି ।

କଲ୍ୟାଣୀ - ଅଜୁଭାଇ (ହାତକୁ ଧରିନେଲା, ବାହାରୁ ଆଳାପ ଭାସି ଆସିଲା । ଅଜୁ ଧୀରେ ଧୀରେ ବାହାରକୁ ଚାଲିଗଲା । ତାର ଚଲାପଥକୁ କଲ୍ୟାଣୀ ଅନେଇ ରହିଥିଲା ।)

- ଅନ୍ଧାର -

- ଏକାଦଶ ଦୃଶ୍ୟ -

(ବାର୍‌ରେ ନାଚୁଥିଲେ ବଲ୍‌ବୀର ଏବଂ ସୌମ୍ୟା ଓ ତାଙ୍କ ଗହଣରେ ଅନ୍ୟ ପୁଅଝିଅମାନେ ।)

ସୌମ୍ୟା - ଓଃ ! ବଲ୍‌ବୀର । ମେ ଥକ୍ ଗୟୀ ହୁଁ । ମେରେସେ ଔର୍ ନେହି ହୋଗା ।

Digitized by srujanika@gmail.com

ବଲ୍‌ବୀର - ଐସେ କୈସେ ହୋଗା । ଆଜ୍ ମେରା ଜନମ୍‌ଦିନ୍ ହେ । ତୁମ୍‌କୋ ନାଚ୍‌ନା ହୋଗା । ନାଚୋ ।

ସୌମ୍ୟା - ଏ ବଲ୍‌ବୀର । ମେରା ହାତ୍ ଛୋଡ଼ନା । ଔର୍ ମୁଝ୍‌ସେ ନେହି ହୋଗା ।

ବଲ୍‌ବୀର - ହୋଗା । ତୁମ୍‌ସେ ନେହି ହୋଗା ତୋ ଔର କିସିସେ ହୋଗା । ଲୋ ଥୋଡ଼ିସି ପିଲୋ ।

ସୌମ୍ୟା - ନେହି । ଔର ନେହି ।

ବଲ୍‌ବୀର - ପିଲୋନା । ମେ ହୁଁ ନା । ତୁମାରା କୁଛ ନେହି ହୋଗୀ । ତୁମ୍ ସବ୍ ନଖଡ଼େ କିଉଁ ହୋ ଗାଓ, ନାଚୋ, ଜୀଭର୍‌କେ ନାଚୋ । କମ୍ ଅନ୍ ଡ଼ାର୍ଲିଙ୍ଗ, ଲେଟ୍‌ଅସ୍ ଏନ୍‌ଜୟ ।

ସୌମ୍ୟା - ଛୋଡ଼ନା ବଲ୍‌ବୀର । କ୍ୟା କର୍‌ରହେ ହୋ । ଆଜ୍ ମେରା ମୁଡ୍ ନେହି ହେ ।

ଦେବଦତ୍ତ - (ପ୍ରବେଶ) ଏ କି ବଦ୍‌ମିଜ୍ । ବଲ୍‌ବୀର ସୌମ୍ୟାର ହାତ ଛାଡ଼ ।

ବଲ୍‌ବୀର - କୌନ୍ । ତୁମ୍ କୌନ୍ । ମେ ତୁମ୍‌କେ ଯାହାଁ ସେ ଆନେକେ ଲିୟେ ବୁଲାୟା ଥା । ତୋ ଫିର୍ ଚଲୋ ଯାହେଁସେ ।

ଦେବଦତ୍ତ - ମୁଁ ସୌମ୍ୟାକୁ ନେବାକୁ ଆସିଛି । ଆସ ସୌମ୍ୟା ।

ବଲ୍‌ବୀର - ମେ ପୁଛୁତାହୁଁ ତୁମ୍ କୋନ୍ ହୋ୯ତହୋ ସୌମ୍ୟାକୋ ଯାହାଁସେ ଲେନେକେ ଲିଏ । ଚଲାଯାଓ ନେହିତୋ ଆଚ୍ଛା ନେହି ହୋଗା ।

ସୌମ୍ୟା - ଏ କ୍ୟା ହୋ ରାହାହେ ?

ବଲ୍‌ବୀର - ସମ୍‌ଝାଓ ସୌମ୍ୟା ମିଷ୍ଟର ତ୍ରିପାଠୀ କୋ ତୁମ୍ ଅଛି ତରାହା ସମ୍‌ଝାଓ ନେହିତ ମୁଝେ ସମ୍‌ଝାନା ପଡ଼େଗା ।

ସୌମ୍ୟା - ଦେବ୍ । ତମେ ଏଠାକୁ କାହିଁକି ଆସିଲ ? ଚାଲିଯାଅ ।

ଦେବ - ତମକୁ ମୋ ସହିତ ଯିବାକୁ ପଡ଼ିବ । ଆସ ।

ସୌମ୍ୟା - ନା, ଦେଖୁନ ଗୋଟାଏ ପାର୍ଟି ଚାଲିଛି । ତୁମର ସାଧାରଣ courtsy ନାହିଁ ।

ଦେବ - ସୌମ୍ୟା, ମୋତେ ଆଉ ବୁଝାଇବାକୁ ଚେଷ୍ଟା ନ କରି ମୋ ସହିତ ତୁମେ ଆସ । ମୁଁ ତୁମକୁ ଏଇଠି ଏମିତି ଅବସ୍ଥାରେ ଦେଖିବାକୁ ଚାହେଁନା । ଆସ...

Digitized by srujanika@gmail.com

ସୌମ୍ୟା - Don't touch me Dev I request you Don't Interfere in my personal life. ମୁଁ କୁଆଡ଼େ ଯିବି, ନଯିବି, କଣ କରିବି, ନ କରିବି ସେସବୁ ମୋ ଇଛା ।

ଦେବ - ଏମିତି କିଛି କରିବାକୁହେଲେ ତମକୁ ମୋଠାରୁ permission ନେବାକୁ ପଡ଼ିବ ।

ସୌମ୍ୟା - ତମଠୁ Permission, who are you ?

ଦେବ - କାରଣ ମୁଁ ତୁମର ଭାବୀସ୍ୱାମୀ ।

ସୌମ୍ୟା - ଭାବୀ ସ୍ୱାମୀ (ହସ)

ଦେବ - ହଁ ମୁଁ ତୁମର ଭାବୀସ୍ୱାମୀ ଆଉ ତୁମେ ମୋର ଭାବୀ ସ୍ତ୍ରୀ । ତୁମ ପାଇଁ ମୁଁ ସମସ୍ତଙ୍କୁ ଭୁଲିଯାଇଛି ।

ସୌମ୍ୟା - ସେଇଟା ତୁମର ମସ୍ତବଡ଼ ଭୁଲ୍ । ଗୋଟାଏ ସ୍ତ୍ରୀ ପାଇଁ, ଯେ ନିଜର ଜନ୍ମଦାତା ପିତାଙ୍କୁ ଭୁଲିଯାଇପାରେ, ଦିନେ ସେ ମୋତେ ଭୁଲି ନ ଯିବ କାହିଁକି ?

ଦେବ - ସୌମ୍ୟା !

ସୌମ୍ୟା - ହଁ ମୁଁ ସୌମ୍ୟା ପ୍ରିୟଦର୍ଶିନୀ କାଉଲ୍ କହୁଛି Mr. Debadutta Tripathy, For your good, go back to your home.

ଦେବ - ସୌମ୍ୟା, ତୁମେ ତା ହେଲେ ମୋତେ ବିବାହ କରିବ ନାହିଁ ।

ସୌମ୍ୟା - ନା, ଏ ମୋର ଶେଷ ନିଷ୍ପତ୍ତି । ମୁଁ ବଲ୍ବୀରକୁ ବାହାହେବି । କାଲି ଆମର ରେଜିଷ୍ଟ୍ରି ମ୍ୟାରେଜ୍ ଏଠି ହେବ ଆଉ ହନିମୁନ୍ ହେବ ନିଉୟର୍କରେ । Come on Darling.

ବଲ୍ବୀର - Mr. Tripathy ହାମାରା ସାଦିମେ ଜରୁର୍ ଆନା । Come on Darling.

(ହାତ ଧରାଧରି ହୋଇ ଦୁହେଁ ଚାଲିଯାଉଥିଲାବେଳେ ସୌମ୍ୟା ପଛକୁ ଚାହିଁ ଅଭିନନ୍ଦନ ଜଣାଉଥିଲା....)

ଗୀତ ମନୁଷ୍ୟ ଜୀବନରେ ଥରେ ଭୁଲ୍ କରେ ଦେବଦତ୍ତ । ଅନ୍ଧ [illegible] [illegible] ବାଡ଼ି ହଜାଇଥାଏ । ସବୁଦିନ ସେ ଭୁଲ୍ ତାର [illegible] ।

Digitized by srujanika@gmail.com

"ବାର୍ ବାର୍ ବଗିୟୋନ୍ ମେ କୋଏଲ୍ ନା ବୋଲେ
ବାର୍‌ବାର୍ ହୋତି ନା ଭୁଲ୍
ଏକ୍‌ବାର୍ ଜୀବନ୍‌ମେ ଆତା ବସନ୍ତରେ
ଏକ୍‌ବାର୍ ଖିଲ୍‌ତିହେ ଫୁଲ୍"

Bye Mr. Tripathy, See you again...

(ଦୁହେଁ ଚାଲିଗଲେ, ସେମାନଙ୍କର ଯିବା ପଥକୁ ଚାହିଁ ରହିଥିଲା ଦେବଦତ୍ତ । ପଛରୁ ଆସି କାନ୍ଧରେ ହାତ ରଖିଲା ଅଜୟ । ଅଜୟକୁ ଧରି ଦେବ ପିଲାଟି ପରି କାନ୍ଦି ଉଠିଲା ।)

ଅଜୟ - ଦେବ

ଦେବ - ଅଜୟ (କାନ୍ଦୁଥିଲା)

ଅଜୟ - ମୁଁ ଜାଣିଥିଲି ସେ ଝିଅ ତୋତେ ଦିନେ ନା ଦିନେ ଛାଡ଼ି ଚାଲିଯିବ । ସେଥିପାଇଁ କାନ୍ଦୁଛୁ କାହିଁକି ? ଭଲ ହେଲା ଏଥର ଘରକୁ ଫେରିଚାଲେ ଦେବ । ତୋ ବୁଢ଼ାବାପା, ଭଉଣୀ ତୋର ଫେରିବାପଥକୁ ଚାତକ ପରି ଚାହିଁ ବସିଛନ୍ତି ।

ଦେବ - ସୌମ୍ୟା ମୋ ସହିତ ବିଶ୍ୱାସଘାତ କାମ କରିବ ମୁଁ ସ୍ୱପ୍ନରେ ସୁଦ୍ଧା ଭାବିନଥିଲି । ତାପାଇଁ ମୁଁ କଣ ନ କରିଛି । ତା ପାଇଁ ଘର, ବାପା, ଭଉଣୀ ସମସ୍ତଙ୍କୁ ଛାଡ଼ି ଯେଉଁ ଭୁଲ୍ କରିଛି ଆଉ କେଉଁ ମୁହଁରେ ଯାଇ ବାପାଙ୍କ ଆଗରେ ଠିଆହେବି । ତୁ ଯା ଅଜୟ, ମୁଁ ଆଉ ଏ ମୁହଁ ବାପାଙ୍କୁ ଦେଖାଇପାରିବିନି । ମୁଁ ଆଉ ଗାଁକୁ ଫେରିବିନି ।

ଅଜୟ - ଭୁଲ୍ ଜୀବନରେ ଥରେ ହୁଏ । ବାର୍‌ବାର୍ ନୁହେଁ । ସୌମ୍ୟା ମଧ୍ୟ ଯିବା ପୂର୍ବରୁ ଏକଥା ଚେତେଇ ଦେଇଗଲା

"ବାର୍ ବାର୍ ବଗିୟୋନ୍ ମେ କୋଏଲ୍ ନା ବୋଲେ
ବାର୍‌ବାର୍ ହୋତି ନା ଭୁଲ୍ ।"

ଚାଲ୍ ଦେବ । ଘରକୁ ଫେରିଚାଲ୍ । ମଉସାଙ୍କ ଦେହ ଭୀଷଣ ଖରାପ । ତୋ କଥା ମନେପକାଇ ଅଶାନ୍ତିରେ ଦିନ କାଟୁଛନ୍ତି । ତାଙ୍କ କଥା ଥରେ ଚିନ୍ତା କର । ଯାହାକୁ ନିଜର କରିବୁ ବୋଲି ଭାବିଥିଲୁ, ସେ ତୋତେ ପର କରି ଚାଲିଗଲା । ଏତିକିବେଳେ

Digitized by srujanika@gmail.com

ନିଜଲୋକ ପାଖକୁ ଫେରିଯିବା ବିଜ୍ଞ ଲୋକର କାମ ।

ଦେବ - ମୋ ମୁଣ୍ଡ କଣ ହେଇଯାଉଛି ଅଜୟ । ସବୁଦିଗ ମୋତେ ଅନ୍ଧାର ଦେଖାଯାଉଛି, ତୁ ମୋତେ ଆଲୋକ ଦେଖା । ମୁଁ ପଥଭ୍ରଷ୍ଟ ହେଇଯାଉଛି ଅଜୟ ତୁ ମୋତେ ଆଲୋକ ଦେଖା । (ମୁଣ୍ଡକୁ ଧରି ବସିପଡ଼ିଲା ପ୍ରଚ୍ଛଦ ପଟରୁ ଭାସିଆସୁଥିଲା ବେଦୋକ୍ତ ମନ୍ତ୍ର)

''ପିତା ଧର୍ମ, ପିତା ସ୍ୱର୍ଗ, ପିତା ହି ପରମ ତପ
ପିତରି ପ୍ରିୟ ମାପନ୍ନେ, ପ୍ରିୟନ୍ତେ ସର୍ବ ଦେବତା ।''

ଦେବ - ବାପା (ଚିତ୍କାର କରି ଉଠିଲା)

- ଅନ୍ଧାର -

- ଶେଷ ଦୃଶ୍ୟ -

(ପଣ୍ଡିତ ତ୍ରିପାଠୀଙ୍କର ଘର । ବାରଣ୍ଡାରେ ବସି କାଶୁଥିଲେ । ପାଖରେ ଠିଆ ହୋଇଥିଲା କଲ୍ୟାଣୀ ।)

କଲ୍ୟାଣୀ - ବାପା, କଣ ହେଲା ବାପା ?

ତ୍ରିପାଠୀ - ଛାତି ଭିତରଟା କାହିଁକି କରତି ହେଇଯାଉଛି ମା, ପାଟିଟା ଶୁଖିଯାଉଛି । ଚାରିଦିଗ ମୋତେ ଅନ୍ଧାର ଦିଶୁଛି ।

କଲ୍ୟାଣୀ - ବାପା

ତ୍ରିପାଠୀ - ଚିନ୍ତା କରନି ମା । ମୁଁ ଏତେଶୀଘ୍ର ମରିବିନି । ତୋ ବାହାଘର ଆଖିରେ ନ ଦେଖିଲା ପର୍ଯ୍ୟନ୍ତ ଜୀବନ ଛାଡ଼ିବନି । ନିମନ୍ତ୍ରଣ ବଣ୍ଟା ସରିଲା । ବାହାଘର ସମସ୍ତ ପ୍ରସ୍ତୁତି ସରିଲାଣି । ଖାଲି ହାତଗଣ୍ଠିଟା ପଡ଼ିଗଲା ପରେ ମୋ କାମ ଶେଷ ।

କଲ୍ୟାଣୀ - ମୋ ବାହାଘର ପାଇଁ ଆପଣ କାହିଁକି ବ୍ୟସ୍ତ ହେଉଛନ୍ତି ବାପା ।

ତ୍ରିପାଠୀ - ମା । ଝିଅ କଣ ବୁଝିବ ବାପା ମାଙ୍କ ଚିନ୍ତା । ତୋତେ ହାତକୁ ଦୁଇହାତ କରିଦେଲାପରେ ମୁଁ ପ୍ରଭୁ ନାରାୟଣଙ୍କୁ ଅନୁରୋଧ କରିବି ଶୀଘ୍ର ତାଙ୍କ ପାଖକୁ ନେଇଯିବେ ।

କଲ୍ୟାଣୀ - ଆପଣଙ୍କୁ ଛାଡ଼ି ମୁଁ ବଞ୍ଚିପାରିବି ବାପା ? ଏମିତି କଥାଗୁଡ଼ାକ କାହିଁକି ତୁଣ୍ଡରେ ଧରୁଛନ୍ତି ।

Digitized by srujanika@gmail.com

ତ୍ରିପାଠୀ - ଆରେ ପାଗଳୀ । ଝିଅ ଜନମ ପରଘରକୁ । ଏତ ବିଧି ସମ୍ମତ । ଝିଅକୁ ହସହସ ମୁହଁରେ ବିଦା କରିବା ବାପାର କର୍ତ୍ତବ୍ୟ । ସେ କର୍ତ୍ତବ୍ୟ ନ କରି ତୋତେ ଅସହାୟ ଅବସ୍ଥାରେ ଛାଡ଼ିଦେବି ।

କଲ୍ୟାଣୀ - ଖାଇବେ ଆସନ୍ତୁ । ରନ୍ଧା ସରିଲାଣି ।

ତ୍ରିପାଠୀ - ଯିବି । ପେଟ ଅଛି ଯେତେବେଳେ ଖାଇବାକୁ ପଡ଼ିବ । ତୁ ଯା ମା, ମୁଁ ନୀଳମଣିକୁ ଅପେକ୍ଷା କରିଛି ।

କଲ୍ୟାଣୀ - ଶୀଘ୍ର ଆସନ୍ତୁ ବାପା ଥଣ୍ଡା ହୋଇଯିବ । (ପ୍ରସ୍ଥାନ)

ତ୍ରିପାଠୀ - ଭଉଣୀର ବାହାଘର ହେବ । ଦେବ କହୁଥିଲା କଲ୍ୟାଣୀର ସମସ୍ତ ଖର୍ଚ୍ଚ ବହନ କରିବ । ହେଲେ ବାପା ଭଉଣୀକୁ ପର କରିଦେଇ ଗୋଟିଏ କାଳସର୍ପିଣୀ ସାଥିରେ ବସାବାନ୍ଧି ସେଠି ରହିଗଲା । ଏଇତ ଦୁନିଆ ।

ସୌମ୍ୟ - (ପ୍ରବେଶି) ଛାଡ଼ିଦେ ମୋତେ ମୁଁ ନିଶ୍ଚୟ ଭିତରକୁ ଯିବି ।

ସୁରିଆ - କଥାଟା ଭଲ ହେବନି ବାବୁ । ଟିକେ ରହିଯାଅ ।

ସୌମ୍ୟ - ଛାଡ଼୍‌ବେ । (ଭିତରକୁ ପ୍ରବେଶି) ଏଇ, ବୁଢ଼ାଟାତ ଏଇଠି ଅଛି । ତୁ ବାହାର ଜଗିଥା । କିଛି ଅଘଟଣ ଘଟିଲେ ମୋତେ ଖବର ଦେବୁ ।

ତ୍ରିପାଠୀ - କିଏ ?

ସୌମ୍ୟ - ମୁଁ

ତ୍ରିପାଠୀ - ମୁଁ ମାନେ ।

ସୌମ୍ୟ - ଚିହ୍ନିପାରୁନ । ମୁଁ ସୌମ୍ୟ ରଥ, ତୁମ ଭାଷାରେ ଲଫଙ୍ଗା, ଛତରା, ମଦୁଆ ସୌମ୍ୟ ରଥ ।

ତ୍ରିପାଠୀ - ତୁ... ଏଠାକୁ କାହିଁକି ଆସିଛୁ ?

ସୌମ୍ୟ - ଏ ନିମନ୍ତ୍ରଣ ପତ୍ରଟା କଣ ? ତମ ଝିଅ କଲ୍ୟାଣୀର ବାହାଘର ବାଞ୍ଛା ଶତପଥିର ପୁଅ ଶଙ୍କରଷଣ ସହିତ ହେଉଛି ବୋଲି ଏହି କାର୍ଡ଼ରେ ଛପାଯାଇଛି । କିନ୍ତୁ ମୁଁ ତାହା କରେଇ ଦେବିନି ।

ତ୍ରିପାଠୀ - ତୁ କିଏ ? ସାହାସ୍ ତ ତୋର କମ୍ ନୁହେଁ ଦେଖୁଛି । ଥରେ ସାହାସ୍ କରି ମୋ ଘରେ ପଶିଥିଲୁ ବୋଲି ଗାଁଲୋକ ତୋତେ ପିଟି ଗାଁରୁ ବାହାର କରିଦେଇଥିଲେ । ଏଇକଥା କଣ ତୋର ମନେ ନାହିଁ ।

Digitized by srujanika@gmail.com

ସୌମ୍ୟ - ମୋର ସବୁ ମନେ ଅଛି । ତେଣୁ ଆଜି ସାହାସ୍ କରି ଆସିଛି ଏହାର ଫଇସଲା କରିବା ପାଇଁ । କହ ବୁଢ଼ା ତୋଝିଅର ବାହାଘର ମୋ ସହିତ କରିବୁ ନା ମରିବୁ ।

କଲ୍ୟାଣୀ - (ପ୍ରବେଶି) ତୁମେ ମୋ ବାପାଙ୍କୁ ମାରିବ ।

ତ୍ରିପାଠୀ - କଲ୍ୟାଣୀ ତୁ ଭିତରକୁ ଯା ।

କଲ୍ୟାଣୀ - ନା ବାପା, ଆଜି ପର୍ଯ୍ୟନ୍ତ ଚୁପ୍ ହୋଇଥିଲି । ତେଣୁ ଇଏ ବିଷଧର ସର୍ପ ପରି ଗର୍ଜନ କରୁଥିଲା । ଆଜି ମୁଁ ମୁହଁ ଖୋଲିଛି ଯେତେବେଳେ...

ସୌମ୍ୟ - ଶାଳୀ ତୁ ମୋର କଣ କରିବୁ । ତୋବାପା ଯଦି ତୋ ବାହାଘର ମୋ ସହିତ ନ କରାଏ ତୋତେ ଏଇକ୍ଷଣୀ ଜବରଦସ୍ତୀ ମନ୍ଦିରକୁ ନେଇ ବାହାହୋଇପଡ଼ିବି । ଆଉ ଦେଖିବି ତୋ ବାପା ଆଉ ଏ ଗାଁ ଲୋକେ ମୋର କଣ କରିବେ । ଚାଲ୍‌ବେ,

କଲ୍ୟାଣୀ - ତୁ ମୋ ହାତ ଧରିବୁ । (ଗାଲକୁ ଚଟକଣି ମାରିଛି)

ସୌମ୍ୟ - ଶାଳୀ ତୋର ଏତେ ସାହାସ୍ । ତୁ ମୋ ଉପରକୁ ହାତ ଉଠାଇଦେଲୁ । ଶାଳୀ, ତୋ ଦିମାକ୍ ଆଜି ଯଦି ନ ଭାଙ୍ଗିଛି ତେବେ ମୋ ନାଁ ସୌମ୍ୟରଥ ନୁହେଁ ।
(ଏକରକମ ତାକୁ ଟାଣି ନେଉଥିଲା ।
କଲ୍ୟାଣୀ - ବାପା, ବାପା...
ତ୍ରିପାଠୀ - ତାକୁ ଛାଡ଼ିଦେ, ଛାଡ଼ିଦେ ବୋଲି ଚିତ୍କାର କରୁଥାନ୍ତି ।)

ସୁରିଆ - (ପ୍ରବେଶ) ଗୁରୁ ତାକୁ ଛାଡ଼ିଦେଇ ପଳେଇଚାଲ ନହେଲେ ବିପଦ ।
(ଦେବ ଓ ଅକ୍ଷୁ ପ୍ରବେଶ କଲେ)

ଦେବ - (ସୁରିଆକୁ ଧରି) କୁଆଡ଼େ ପଳେଇଯିବୁବେ । ହାରାମ୍‌ଜାଦା ।

ଅକ୍ଷୁ - ସୌମ୍ୟ ରଥ । ତୋତେ ମୁଁ ସେଦିନ ୱାର୍ଣିଙ୍ଗ୍ ଦେଇଥିଲି । ତୋର ସାହାସ୍ କେମିତି ହେଲା ଏ ଘରେ ପଶି କଲ୍ୟାଣୀକୁ ଜୋର୍ ଜବରଦସ୍ତ କରିବାକୁ ।

ସୌମ୍ୟ - ମୋ ଆଗରୁ ହଟି ଯା ଅକ୍ଷୁ । ନହେଲେ ମୁଁ ସମସ୍ତଙ୍କୁ ଗୁଳି କରି ମାରିଦେବି ।

ଅକ୍ଷୁ ଓ ଦେବ - ଆମକୁ ମାରିବୁ । ମାର୍ ଆମକୁ ।
(ସୌମ୍ୟ ଗୁଳି କରିବାକୁ ଉଦ୍ୟମ କରୁଥିଲା । ଅକ୍ଷୁ ଓ ଦେବ ତାକୁ

Digitized by srujanika@gmail.com

ଧରି ମାଡ଼ ମାରୁଥିଲେ । ବାହାରୁ ଫାଙ୍କା ଗୁଳିର ଶବ୍ଦ ସହିତ ଇନ୍ସପେକ୍ଟର, ନୀଳମଣି, କନେଷ୍ଟବଳର ପ୍ରବେଶ)

ନୀଳମଣି - ଆସନ୍ତୁ । ଆସନ୍ତୁ ସାର୍ ଆସନ୍ତୁ ।

ଇନ୍ସପେକ୍ଟର - ତାକୁ ଆପଣମାନେ ଛାଡ଼ିଦିଅନ୍ତୁ । ଆଇନକୁ ହାତକୁ ନିଅନ୍ତୁ ନାହିଁ । ତା ନାଁରେ ଓ୍ୱାରେଣ୍ଟ ଆସି ଏବେ ପହଞ୍ଚିଲା । ସେ ମିଲିଟାରୀ ରେଜିମେଣ୍ଟରୁ କାହାକୁ କିଛି ନ କହି ବନ୍ଧୁକ ଧରି ଲୁଚି ପଳେଇ ଆସିଛି । ଚାଲ୍ ଥାନାକୁ । କନେଷ୍ଟବଲ୍ ଆରେଷ୍ଟ ହିମ୍ । (କନେଷ୍ଟବଲ୍ ହାତକଡ଼ି ପକାଇଲା)

ଇନ୍ସପେକ୍ଟର - ଥ୍ୟାଙ୍କ୍ ୟୁ ଏଭିରିବଡ଼ି ଦରକାର ପଡ଼ିଲେ ଆପଣମାନଙ୍କୁ ମୁଁ ଥାନାକୁ ଡ଼ାକିପାରେ । କନେଷ୍ଟବଲ୍ ତାକୁ ନେଇଆସ ।

(କନେଷ୍ଟବଲ୍ - ସୁରିଆକୁ, ଇନ୍ସପେକ୍ଟର - ସୌମ୍ୟକୁ ଧରି ଚାଲିଲେ)

ନୀଳମଣି - ଓହୋ । ଗୋଟିଏ ଗ୍ରହ ଗଲା । ବଦ୍‌ମାସ୍‌ଟା ବର୍ଷ ବର୍ଷ ଧରି ଝିଅ ପଛରେ ଲାଗି କମ୍ ହଇରାଣ କରୁନଥିଲା ।

ଦେବ - ବାପା

ତ୍ରିପାଠୀ - ବା...ପା ? କିଏ କାହାର ବାପା ?

ଅଜୟ - କ୍ଷମା କରିଦିଅନ୍ତୁ ମଉସା । ନିଜ ଗୁଣେ ପୁଅକୁ କ୍ଷମା କରିଦିଅନ୍ତୁ । ସେ ଆଜି ଅନୁତପ୍ତ । ତାକୁ ଛାଡ଼ି ସୋମ୍ୟା ସବୁଦିନ ପାଇଁ ଫରେନ୍ ଚାଲିଯାଇଛି ।

ନୀଳମଣି - ଭୁଲିଯାଅ ଭାଇନା । ପଛକଥାକୁ ଭୁଲିଯାଅ । ନିଜରକ୍ତକୁ ମୁହଁମୋଡ଼ି କେତେଦିନ ରହିପାରିବ । ଦେବ ଆମର ରତ୍ନଟିଏ । ଖଳ ମାଇକିନାଟା ବୁଦ୍ଧିରେ ପଡ଼ି ସେ ଗୋଟିଏ ଭୁଲ୍ କରିପକାଇଛି । ଏଇଥର ପାଇଁ ତାକୁ କ୍ଷମା କରିଦିଅ ।

ଦେବ - ବାପା ମୁଁ ଆପଣଙ୍କ ନିକଟରେ କ୍ଷମା ମାଗିବାକୁ ମଧ ଅଯୋଗ୍ୟ । ତଥାପି ପୁଅର ସମସ୍ତ ଭୁଲକୁ ଏଇଥରକ ପାଇଁ କ୍ଷମା କରିଦିଅନ୍ତୁ । (ଗୋଡ଼ ଧରି କାନ୍ଦୁଥିଲା)

ତ୍ରିପାଠୀ - ଉଠ୍ ଦେବ । ତୁ ଆଜି ନିଜ କର୍ମ ପାଇଁ ଅନୁତପ୍ତ । ତୋତେ ଧର୍ମ ରକ୍ଷା କରିଦେଇଛି, "ଧର୍ମ ରକ୍ଷତି ଧାର୍ମିକଂ" । ହେ ମା ଦୁର୍ଗତି ନାଶିନୀ ଦୁର୍ଗେ ତୁ ଆଜି ମୋ ଦେବକୁ ରକ୍ଷା କରିଛୁ ଓ ଏଇ

Digitized by srujanika@gmail.com

ବଂଶକୁ ଧ୍ୱଂସ ମୁଖରୁ ରକ୍ଷା କରିଛୁ । ଦେବ ତୋର ଆଜି ପୁର୍ନଜନ୍ମ ହୋଇଛି । ସେଇ ପୁରରେ ଥାଇ ଦେବର ବୋଉ ପୁଅଝିଅକୁ ଆର୍ଶିବାଦ କର । ସେମାନେ ସୁଖରେ ଦିନ କାଟନ୍ତୁ । ମୁଁ ଆଜି ଭାରି ଖୁସୀ । ମୋ ଦେବ ମୋ ପାଖକୁ ଫେରିଆସିଛି । ହେଲେ ମୋ ଝିଅ କଲ୍ୟାଣୀ, ତା ବାହାଘର କେମିତି ହେବ । ବାଞ୍ଛା ଶତପଥୀ ତ ଦେଢ଼ଲକ୍ଷ ଟଙ୍କା ନ ଦେଲେ ମୋ ଝିଅକୁ ବୋହୁ କରି ନେବେନାହିଁ ।

ନୀଳମଣି - ହଁ ଭାଇନା । ସେ ଦେଢ଼ଲକ୍ଷ ଟଙ୍କା ଯୋଗାଡ଼ ହେଲାଣି ତ ?

ଦେବ - କକେଇ, ବାପା ଆପଣ ଚିନ୍ତାମୁକ୍ତ ହୁଅନ୍ତୁ । ବାଞ୍ଛା ଶତପଥିର ପୁଅ ସହିତ ମୋ ଭଉଣୀର ବାହାଘର ହେବନାହିଁ । ମୋ ଭଉଣୀର ବାହାଘର ହେବ ଏଇ ଘରର ହିତକାଂକ୍ଷୀ, ଆପଣଙ୍କର ବିଶ୍ୱସ୍ତ, ତଥା ମୋର ଆଦରର ସାଙ୍ଗ ଏଇ ଅଳୁ ସହିତ ।

ତ୍ରିପାଠୀ - ଅଳୁ

ଅଜୟ - (ପାଦତଳେ ମୁଣ୍ଡିଆ ମାରିଲା)

ତ୍ରିପାଠୀ - ଉଠ ବାପା ଅଜୟ । ମୁଁ ତୁମକୁ ସେଦିନ କହିଥିଲି, ତୁମେ ମୋର ଋଣ ପରିଶୋଧ କରିଦେଇଛ । ତୁମେ ମୋ କଲ୍ୟାଣୀକୁ ବାହାହେବ ମୁଁ ବହୁତ ଖୁସୀ । କଲ୍ୟାଣୀ ବୋଉ ସେ ପୁରରେ ଥାଇ ଝିଅ, ଜୋଇଁକୁ ଆର୍ଶୀର୍ବାଦ କର । (କାସିଉଠିଲା ଜୋର୍‌ରେ, ସମସ୍ତେ ନେଇ ପିଣ୍ଡାରେ ବସାଇ ଦେଲେ । ତାପରେ ରକ୍ତବାନ୍ତି, ଅଳୁ, ଦେବ, କଲ୍ୟାଣୀ ବାପା ବୋଲି ଡ଼ାକୁଥିଲେ, ନୀଳମଣି ଭାଇନା ବୋଲି ଡ଼ାକୁଥିଲେ ।

ତ୍ରିପାଠୀ - ଦେବ, ମୋ କଲ୍ୟାଣୀ ତୋତେ ଲାଗିଲା ।
(ସ୍ପନ୍ଦନ ବନ୍ଦ ହୋଇଗଲା । ସମସ୍ତେ କାନ୍ଦୁଥିଲେ । ନେପଥ୍ୟରୁ ଭାସି ଆସିଲା -
''ପିତା ଧର୍ମ, ପିତା ସ୍ୱର୍ଗ, ପିତା ହି ପରମ ତପ
ପିତରି ପ୍ରିୟ ମା ପନ୍ନେ, ପ୍ରିୟନ୍ତେ ସର୍ବ ଦେବତା ।'')

ନଇଁ ଆସିଛି ଯବନିକା

- ସମାପ୍ତ -

Digitized by srujanika@gmail.com

ନାଟକ

ଶେଷ ଦୃଶ୍ୟ

ନିର୍ଦ୍ଦେଶନା : ନାଟ୍ୟଶ୍ରୀ ରଘୁନାଥ ମିଶ୍ର

ସଂଗୀତ : ୰ ନେତାଜୀ ପାତ୍ର

Digitized by srujanika@gmail.com

ଶେଷ ଦୃଶ୍ୟ

- ପ୍ରଥମ ଦୃଶ୍ୟ -

(ପଟଭୂମିରେ ଏକ ପଲ୍ଲିଗ୍ରାମର ବାହ୍ୟ ଦୃଶ୍ୟ । ରାତ୍ରିର ଶେଷ ପ୍ରହର । ଜଣେ ତରୁଣୀର ହାତ ଧରି ମଞ୍ଚରେ ପ୍ରବେଶ କଲେ ବାବା ମାଧବାନନ୍ଦ ।)

ମାଧବାନନ୍ଦ - ତୁମେ ଏ ଭୂଲ କରୁଥିଲ କାହିଁକି ? ତୁମେ ଜାଣ ଆତ୍ମହତ୍ୟା ମହାପାପ । ଜୀବନଟା ତୁମ ଅଧିକାରରେ ନାହିଁ । ତାହା ଅନ୍ୟର । ତାଛଡ଼ା ଏ ନିର୍ଜନ ରାତି । ଗାଁ ମଶାଣି ।

କାମିନୀ - ମଶାଣି । ଏଇଟା କ'ଣ ଗୋଟାଏ ମଶାଣି ।

ମାଧବାନନ୍ଦ - ତୁମେ ଜାଣିଛ, ଏ ମଶାଣିର ଦୌରାତ୍ମ୍ୟ । ଏଠାରେ ରାତିରେ ଚିରୁଗୁଣୀ ନିଆଁ ଜାଳି ପିଲାକୁ ତାର ହଳଦି, ମାଲପା ଲଗାଏ । ଆଉ ସେ ଝଙ୍କା ବରଗଛ, ତା'ରି ମୂଳରେ ଭୂତମାନଙ୍କ ଉଦଣ୍ଡ ନୃତ୍ୟ ।

କାମିନୀ - ଭୂତ । ଆପଣ ନ ଆସିଥିଲେ ଭୂତମାନେ ମୋତେ ଖାଇ ଦେଇଥାନ୍ତେ । ମୁଁ କି କରିବି ଲୋ ମା ।

ମାଧବାନନ୍ଦ - (ହସି ଉଠିଲେ)

କାମିନୀ - ଆପଣ ହସୁଛନ୍ତି । ସତରେ ଭୂତକୁ ମୋର ଭାରି ଡ଼ର । ପିଲାଦିନେ ମୋ ଆଇ ଭୂତ କଥା କହେ । ଭୂତ ନାଁ ଶୁଣି ମୋ ଦେହ ଥରି ଉଠୁଛି । ମୋ ବୋଉଲୋ, ମୁଁ ଏବେ କୁଆଡ଼େ ଯିବି ।

ମାଧବାନନ୍ଦ - (ଆହୁରି ହସି ଉଠିଲେ) ତା'ହେଲେ ବଞ୍ଚିବାକୁ ତୁମର ଆଗ୍ରହ । ତେବେ ମରିବାକୁ ଯାଉଥିଲ କାହିଁକି ? ମୁ ଧରି ପକାଇ ନ ଥିଲେ ତୁମେ କୂଅ ଭିତରେ ପଡ଼ିଯାଇଥାନ୍ତ ।

କାମିନୀ - ସତରେ ମୁଁ, କ'ଣ ମରିଯାଇଥାନ୍ତି । ମରିଗଲା ପରେ ଭୂତ ହୋଇଥାନ୍ତି ।

ମାଧବାନନ୍ଦ - ସତରେ ନୁହଁ, କ'ଣ ମିଛରେ । ମୁଁ ଶୁଣିଥିଲି, ଏଇ ଗାଁର ଗୋଟିଏ ବୋହୂ ପଙ୍ଖାରେ ଦଉଡ଼ି ଦବାକୁ ଗଲାବେଳେ, ପଡ଼ିଶାଘର ବିବେକ ବାବୁ ତାକୁ ରକ୍ଷା କରିଥିଲେ । ସେ ମୋତେ କହୁଥିଲେ ଝିଅଟାର ମରିବାକୁ ମୋଟେ ଇଚ୍ଛା ନାହିଁ ।

Digitized by srujanika@gmail.com

କାମିନୀ - ବିବେକ ବାବୁ, ଭାରି ଭଲ ଲୋକ । ଆମ ପଡ଼ିଶା ଘରେ ରୁହନ୍ତି । ମୋତେ ଭଲ ପାନ୍ତି । ତାଙ୍କ ଝିଅ ତନୁଜା, ମୋର ବଡ଼ ସାଙ୍ଗ ।

ମାଧବାନନ୍ଦ - ତାହେଲେ ତୁମେ ସେହି ବୋହୂ ନୁହଁ ତ, ଯେ ପଙ୍ଖାରେ ଶାଢ଼ୀ ଟାଣି ଆତ୍ମହତ୍ୟା କରୁଥିଲା ? ଆଉ ତୁମେ, ସେଇ ଝିଅ ବୋଧହୁଏ, ବର୍ତ୍ତମାନ ଯେ ଆତ୍ମହତ୍ୟା କରିବାକୁ ଯାଉଥିଲା । ତୁମକୁ ଶାସ୍ତି ଦରକାର । ଚାଲ ମୁଁ ତୁମକୁ ଥାନାକୁ ନେଇଯିବି ।

କାମିନୀ - ମୁଁ ଥାନାକୁ ଯିବିନି ସାର । ପୋଲିସ୍ ମୋତେ ପିଟିବ । ମୁଁ ଶୁଣିଛି, ପୋଲିସ୍‌ଗୁଡ଼ାକ ଭାରି ନିର୍ଦ୍ଦୟୀ ।

ମାଧବାନନ୍ଦ - ପୋଲିସ ତୁମକୁ ପିଟିବା ଦରକାର । ତା'ହେଲେ ତୁମେ ଆଉ ଭୁଲ୍ କରିବନି । ତୁମେ କାହାର ବୋହୂ, ଶୀଘ୍ର କୁହ ।

କାମିନୀ - କମଳାକାନ୍ତ ଦାଶ ।

ମାଧବାନନ୍ଦ - ଡ଼ଃ. କମଳାକାନ୍ତ ବାବୁ, ସେ ଭାରି ଭଲ ଲୋକ । ତାଙ୍କର ପତ୍ନୀ ଖୁବ୍ ଦୟାଳୁ ।

କାମିନୀ - ଆପଣ ଜାଣିନାହାଁନ୍ତି ସାର୍, କମଳାକାନ୍ତ ବାବୁ, ତାଙ୍କର ସ୍ତ୍ରୀ ଭଲ ନୁହଁନ୍ତି । ବାହାରକୁ ଭଲ । ଭିତରେ ଭାରି ଖରାପ । ବାହାହୋଇ ଆସି ଚାରି ମାସ ହେଲା । ମାଁଙ୍କର ଦାବୀ କଲର ଟି.ଭି. । ନନାଙ୍କ ପାଖକୁ ଲେଖିଲି । ଭାଇ, ମୋ କଥା ଶୁଣିଲେନି । ମୋ ଉପରେ ଚାଲିଛି ନିର୍ଯ୍ୟାତନା । ତିନି ଦିନ ହେଲା ଖାଇନି । ତା' ଉପରେ ମାଡ଼ । କେହି ମୋର ନାହାଁନ୍ତି ଆଜ୍ଞା । ମୁଁ ବଞ୍ଚି ରହି ଲାଭ କ'ଣ ? (କାନ୍ଦିଲା) ବରଂ ମରିଗଲେ ଏ ଯମ ଯନ୍ତ୍ରଣାରୁ ମୁକ୍ତି ପାଇବି । (କାନ୍ଦୁଥିଲା । ଏଇ ସମୟରେ ଶଗଡ଼ିଆ ଗୀତରୁ ପଦେ ଭାସି ଆସୁଥିଲା । କୁହ୍ମାଟୁଆ ସ୍ୱର ।)

ଶଗଡ଼ିଆ ଗୀତ - ରାମ ଯେ ଲକ୍ଷ୍ମଣହୋ ଗଲେ ମୃଗମାରି । ଘରେ ମୋ ଏକେଲା ଷୋଅଳ ବଅସୀ, ତା'ବିନା ମନ ମୋ ଉଦାସିଆ ରେ.... ।

ମାଧବାନନ୍ଦ - ରାତି ପାହି ଆସୁଛି । ଲୋକେ ଉଠି ପଡ଼ିବେ । ତା' ପୂର୍ବରୁ କିଛି କରିବାକୁ ହେବ । ତାହେଲେ ତୁମେ ଯିବ କୁଆଡ଼େ ? ଚାଲ, ଶାଶୁ, ଶ୍ୱଶୁରଙ୍କୁ ମୁଁ ବୁଝାଇଦେବି ।

Digitized by srujanika@gmail.com

କାମିନୀ - ନାଁ, ମୁଁ ଯିବିନି । ମୋତେ ପୁଣି ପିଟିବେ ।

ମାଧବାନନ୍ଦ - ତା'ହେଲେ ତୁମ ନନାଙ୍କ ଗାଁକୁ ଯିବା ।

କାମିନୀ - ପିଲାଟି ଦିନରୁ ମୋର ବୋଉ ନାହିଁ । ସାବତ ବୋଉର ଯନ୍ତ୍ରଣା ସହି ସହି ଭାବିଥିଲି ବିବାହ ପରେ ରକ୍ଷା ପାଇଯିବି । କିନ୍ତୁ.....

ମାଧବାନନ୍ଦ - ସେଥିପାଇଁ ଚିନ୍ତା କରନି । ହଉ, ମୋ ଘରକୁ ଆସ ।

କାମିନୀ - ମୁଁ ଆପଣଙ୍କ ଘରକୁ ଯିବି ? ଆପଣଙ୍କ ଘରେ କିଏ ଅଛନ୍ତି ?

ମାଧବାନନ୍ଦ - ମୋ ଘରେ କେହି ନାହାଁନ୍ତି । ମୁଁ ଗୋଟିଏ ଯାଯାବର । ଅନାଥିନି ଝିଅ, ବୋହୁଙ୍କ ଦୁଃଖ ଦୂର କରିବା ମୋର କାମ ।

କାମିନୀ - ତାହେଲେ ଆପଣ କହନ୍ତୁ, ମୁଁ କ'ଣ ଅନାଥିନୀ ନୁହଁ । ମୋ ପ୍ରତି କ'ଣ ଆପଣଙ୍କର କିଛି କର୍ତ୍ତବ୍ୟ ନାହିଁ ?

ମାଧବାନନ୍ଦ - ସେଥିପାଇଁ ମୁଁ କହୁଛି, ମୋ ସାଙ୍ଗରେ ଆସ ।
(ସେଇ ଶଗଡ଼ିଆ ଗୀତ ଭାସି ଆସୁଥିଲା ।)

- ଅନ୍ଧାର -

- ଦ୍ୱିତୀୟ ଦୃଶ୍ୟ -

(କମଳାକାନ୍ତ ବାବୁଙ୍କର ଘରର ଅଳିନ୍ଦ । କମଳାକାନ୍ତ ବାବୁ ବାଡ଼ିଟିଏ ଧରି ଛୋଟେଇ ଛୋଟେଇ ଆସିଲେ ।)

କମଳାକାନ୍ତ - ହଇଏ ଶୁଣୁଛ । କୋଉଠି ଅଛ ? ଓଃ, କି ଯନ୍ତ୍ରଣା । ସୁଧର୍ମାର ବୋଉ, ପାଣି ଗିଲାସେ ଆଣ ।

ସୁ.ବୋଉ - କ'ଣ ହେଲା ? ବୋହୁର କିଛି ଖବର ମିଳିଲା ?

କମଳାକାନ୍ତ - ହଇଓ, ମୁଁ ତ ଦିନସାରା ଅଫିସ୍‌ରେ ରହିଲି । ଘରକୁ ଫେରିବା ବାଟରେ କନ୍ଦର୍ପ ପିଅନଟା ଧଇଁ ସଇଁ ହୋଇ ଆସି କହିଲା - ବାବୁ ପୋଲିସ ତୁମକୁ ଖୋଜୁଛନ୍ତି । ମୁଁ ଆଉ ଯାଏ କୁଆଡ଼େ ?

ସୁ.ବୋଉ - ତା'ପରେ...

କମଳାକାନ୍ତ - ପୋଲିସ କଥା ଶୁଣି, ଛାତିଟା ମୋର ଓଡ଼ଶୀ ନୃତ୍ୟ କଲା । ଭାବିଲି, ବସ୍‌ରେ ବସି ଶୀଘ୍ର କେମିତି ଘରେ ପହଞ୍ଚିଯାଏ ।

ସୁ.ବୋଉ - ତୁମେ କିଛି ଭୟ କରନି । ପୋଲିସ ଆମର କ'ଣ କରିପକେଇବ ।

Digitized by srujanika@gmail.com

କମଳାକାନ୍ତ - ତୁମେ କ'ଣ ବୋହୂର କିଛି ଖବର ପାଇଲ ? କୋଉଠୁ କିଛି ଖବର ମିଳିଲା ।

ସୁ.ବୋଉ - ଶୁଣ, କଥାଟା କାନରୁ ବି କାନ ହେବନି । ଏ ପର୍ଯ୍ୟନ୍ତ ପଡ଼ିଶା ଘର ବି ଜାଣି ନାହାଁନ୍ତି । ବଡ଼ ଫାର୍କର ଟୋକି ସେ । ତା ପୋଡ଼ାଗୁଣରୁ ପରା ତା ମା'ଟା ସବୁବେଳେ ପିଟେ ।

କମଳାକାନ୍ତ - ତା ମା'ପିଟେ ବୋଲି ତୁମେ ପିଟିବ କିହେ ? ଛାଡ଼ ତୁମକୁ କହି କି ଲାଭ ?

ସୁ.ବୋଉ - କୁଆଡ଼େ ଯିବ । ଯାଇ, ଯାଇ ବାପ ଘରକୁ ଯାଇଥିବ । ନେଉଳ ଧାଉଡ଼ି କିଆ ବଣକୁ ।

କମଳାକାନ୍ତ - କି ଧୈର୍ଯ୍ୟ ହୋ ତୁମର ସୁଧର୍ମାର ବୋଉ । ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି, କାଲା କହୁଛି କ'ଣ ନା ମେଘ ଦୁଲୁକୁଛି । ତୁମର କାମ ମୋ ମନକୁ ମୋଟେ ପାଉନି ହେ । ଟୋକାଟା କୁଆଡ଼େ ଗଲା ।

ସୁ.ବୋଉ - ବାପ ହୋଇ କ'ଣ ତୁମେ ତା କଥା ବୁଝିଲ ? କୋଉଠି କାମ ଖଣ୍ଡେ ଯୋଗାଡ଼ କରି ଦେଇଥିଲେ ହୋଇ ନଥାଆନ୍ତା । ଏମିତି ବାନାଙ୍କ ପରି କ'ଣ ଚାରିଆଡ଼େ ବୁଲୁଥାନ୍ତା । ତୁମେ ତାକୁ କୋଉ କୂଳକୁ କଲନି । (କାନ୍ଦିଲେ)

କମଳାକାନ୍ତ - ହଉ, କାନ୍ଦଟା ବନ୍ଦ କର । କଥା କଥାକେ ସକଉଛ କାହିଁକି ? ସେ କୁଳାଙ୍ଗାର କୁଆଡ଼େ ଗଲା ଆଗେ କହିଲ ।

ସୁ.ବୋଉ - ତା' ଶ୍ୱଶୁର ଘରକୁ ପଠାଇଛି । (ଆଖିରୁ ଲୁହ ପୋଛି)

କମଳାକାନ୍ତ - ସର୍ବନାଶ । ହଇଓ, ତୁମେ ତାକୁ ପଠାଉଥିଲ କାହିଁକି ? ସେମାନେ ସବୁ ଜାଣିଲେ, ମାମୁଁ ଘର ଛଡ଼ା ଅନ୍ୟ ଯୋଗ ନାହିଁ ।

ସୁ.ବୋଉ - ସେ ଯାଇ ଖବର ନଉ । ବାପ ଘରେ ଥିଲେ ଡ଼ାକିବାକୁ ଆସିଛି ବୋଲି କହିବ । ନ ଥିଲେ ପାଖ ଗାଁକୁ ଆସିଥିଲି, ଟିକିଏ ବୁଲି ଆସିଛି କହିବ । ସେଥିକି ତୁମେ ଡ଼ରନି ।

କମଳାକାନ୍ତ - କ'ଣ କରିବି ହେ ପ୍ରଭୁ, ମୋତେ କିଛି ବୁଦ୍ଧି ବାଟ ଦିଶୁନି । ମଲା କି ଗଲା, କିଛି ଜଣା ପଡୁନି ।

ସୁ.ବୋଉ - ସେ ମରିବ କାହିଁକି ଯେ, ସେମିତି ହଉଛି ନା ।

Digitized by srujanika@gmail.com

କମଳାକାନ୍ତ - କନ୍ଦର୍ପ ପୋଲିସ କଥା କାହିଁକି କହିଲା, କିଛି ଜଣା ପଡ଼ିଲାନି । ବସକୁ ଚଢ଼ିଲାବେଳକୁ ଜଣେ ଠେଲିଦେଲା ତଳେ ପଡ଼ିଗଲି । ଆଉ ଜଣେ ମିଲିଟାରୀ ବାବୁ ତାଙ୍କ ବୁଟରେ ପାଦକୁ ଦଳିଦେଇ ବସକୁ ଉଠିଗଲେ । ଓଃ, କି ବିନ୍ଧୁଛି ।

ସୁ.ବୋଉ - ଚଣ୍ଡାଳ କେଡ଼େ କଥା କଲା । ତା' ଆଖିକୁ କ'ଣ ଦେଖା ଯାଉନଥିଲା । ମୋତେ ନ କଲା, ପାଦଟା ବେଙ୍ଗ ଫୁଲା ପରି ଫୁଲି ଯାଇଛି । ତୁମେ ଟିକିଏ ବସ । ମୁଁ ବୋରିକ୍ ଏସିଡ୍, ଗରମ ପାଣି ନେଇ ଆସୁଛି । ଭଲ କରି ସେକ ଦେଇ ଦେଲେ, ଫୁଲା ଯନ୍ତ୍ରଣା ସବୁ କମିଯିବ ।

କମଳାକାନ୍ତ - ଧନ୍ୟବାଦ । ତୁମେ କୋଉ ଜନ୍ମରେ ନର୍ସ ହୋଇଥିଲ ହେ । ଏବେ ଯଦି ପୋଲିସ ଆସି ଥାନା ଭିତରେ ଭର୍ତ୍ତି କରିଦେବ, ଆଉ ସେତିକିବେଳେ ସେକ କଥା ସବୁ ଭୁଲିଯିବ ।

ସୁ.ବୋଉ - ରୁହ, ଏବେ ସୁଧର୍ମା ଫେରି ଆସିବ । ତା'ଠାରୁ କଥାଟା ଶୁଣିଲା ପରେ, ଆମେ ଅନ୍ୟ କଥା ଚିନ୍ତା କରିବା । ତେବେ ମୁଁ ତୁମକୁ କହି ରଖୁଛି, ଅଫିସ୍, ଗାଁ କୋଉଠି ହେଲେ ଏ କଥା କହନି ।

କମଳାକାନ୍ତ - ହଇଓ, ତୁମେ ଗୋଟାଏ କଲର ଟି.ଭି. ପାଇଁ ଏତେ ବଡ଼ କାଣ୍ଡ କରି ବସିଲ । ବୋହୁଟା ଆସି ମାସ ୪ଟା ହୋଇନି । କି ସେବା ସେ ତୁମର କରୁନଥିଲା । ତାକୁ ଦେଖିଦେଲେ ତ ତୁମର ଗୋଡ଼ ବିନ୍ଧା ବାହାରି ପଡ଼ିବ ।

ସୁ.ବୋଉ - ଏବେ ତ ସବୁ ଦୋଷ ମୋର । ହଇଓ, ଏ ବୁଢ଼ା ବୟସରେ କ୍ରିକେଟ ଖେଳ ନିଶା ତୁମର ତ କମ ନାହିଁ । ବାରମ୍ବାର ଖେଳ ଦେଖିବାକୁ ହଉଥିଲ । ମୁଁ ଭାବିଲି ଟିକିଏ ଯନ୍ତ୍ରଣା ଦେଇଦେଲେ, ତା ବାପ ଟି.ଭି.ଟାଏ ଦେଇଦେବ । ଏମିତି ସେ ଘର ଛାଡ଼ି ପଳାଇବ ବୋଲି ମୁଁ କ'ଣ ଭାବିଥିଲି ।

କମଳାକାନ୍ତ - ତୁମ ବୁଦ୍ଧିକୁ ତାରିଫ ନ କରି ରହି ହବ ନାହିଁ । ଭାରତ ସରକାର ତୁମକୁ ପରାମର୍ଶ ପାଇଁ ଯାହା ନ ଡ଼ାକୁଛନ୍ତି ଯା, ଯା, ଟି.ଭି ଦେଇଦେବ । ତୁମ ବାପ ଘର କେତେ ଦେଇଥିଲେ ହୋ । ଭଲ ଲୁଗା ଖଣ୍ଡିଏ ଆଣିଥିଲ । ସେ ଟି.ଭି. କାହିଁକି ଆଣିବ ?

Digitized by srujanika@gmail.com

ସୁ.ବୋଉ - (କାନ୍ଦି) ସବୁବେଳେ ମୋ ବାପ ଘର ଉଲୁଗୁଣା ଦେଲ । କୁଳର ଝିଅ ହୋଇଥିଲେ ଏ ଭଳି ନାଁ ପକା କାମ କରିଥାନ୍ତା । ଟିଭିଟିଏ ଥିଲେ ନୂଆ ନୂଆ ସିନେମା ଦେଖିଥାନ୍ତା, ଖେଳ ଦେଖିଥାନ୍ତା ।

କମଳାକାନ୍ତ - ସୁଧର୍ମାର ବୋଉ, ସେ ଟିଭି କଥା ଆଉ ତୁଣ୍ଡରେ ଧରନାହିଁ । ଏବେ କୋଉ କୁଳର ନାଁ ପଡ଼ିବ । ସବୁଦୋଷ ହେବ ଶାଶୁ, ଶ୍ୱଶୁରଙ୍କର । ତା'ପରେ କେସ୍, ଦୁନିଆର ଝାମେଲା ।

ସୁ.ବୋଉ - ଆହା, କେସ୍ ତ ହେଇନି । ହଉ, ସେତେବେଳେ ଦେଖିବାନି ।

କମଳାକାନ୍ତ - ଦଉଡ଼ି ଦଉଥିଲା । ସେତିକିରେ ତୁମର ଚେତା ପଶିଲାନି । ବିବେକ ବାବୁ ପଉା ଏତେ ବୁଝେଇ ସୁଝେଇ ଯାଇଥିଲେ । ମଗଜରେ କିଛି ପଶିଲାନି ।

ସୁ.ବୋଉ - ମଲା, କିଏ କୁଆଡ଼େ ଯିବ ବୋଲି ଆମେ କ'ଣ ଦାୟୀ ରହିବୁ । ଆମ ଘରେ ଦଉଡ଼ି ଦେଇଛି ନା ପୋଡ଼ି ମରିଛି ।

କମଳାକାନ୍ତ - ଆଉ ଭାଷଣ ଦିଅନି । ହୁସିଆରେ ରହ । ମଣିଷ କ'ଣ ଟିକିଏ କାମ କରିପାରୁଛି । ପୋଲିସ ଦେଖିଲେ ଲୁଚୁ ଲୁଚୁ ବାଟ ଅଣ୍ଟୁନି । (ଦୁଆର ଖଟ୍ ଖଟ୍ ହେଲା)
ଥାଅ, ମୁଁ କବାଟ ଫାଙ୍କରେ ଦେଖୁଛି । ପୋଲିସ୍ ହୋଇଥିଲେ ବାଡ଼ିପଟେ ଦୌଡ଼ି ପଳାଇବି । ତାପରେ ତୁମେ ଦୁଆର ଖୋଲିବ ।
(ମାଧବାନନ୍ଦ ପ୍ରବେଶ କଲେ)

ମାଧବାନନ୍ଦ - (ସୁ. ବୋଉଙ୍କୁ) ନମସ୍କାର । ଆଜ୍ଞା, ମୁଁ ଆପଣଙ୍କୁ କଥାଟିଏ ପଚାରିବାକୁ ଆସିଥିଲି ।

ସୁ.ବୋଉ - କି କଥା ଆପଣଆମକୁ ପଚାରିବେ । ଆପଣ ଆଗ କୁହନ୍ତୁ ଆମ ଘରକୁ ଆପଣ କାହିଁକି ଆସିଛନ୍ତି ?

ମାଧବାନନ୍ଦ - ଆପଣ ରାଗୁଛନ୍ତି କାହିଁକି ? ମୋ ଉପସ୍ଥିତି ଭଲ ନ ଲାଗିଲେ, ବରଂ ମୁଁ ଚାଲିଯିବି ।

କମଳାକାନ୍ତ - ସୁଧର୍ମାର ବୋଉ, ତୁମେ ଯାଇ ଚାହା କରି ଆଣିଲ ।

କମଳାକାନ୍ତ - ଆପଣ ତାଙ୍କ କଥାକୁ ଖରାପ ଭାବନ୍ତୁ ନାହିଁ । କୁଆଡ଼େ ଆସିଥିଲେ କହିଲେନି ?

ମାଧବାନନ୍ଦ - ଆପଣଙ୍କର ବୋହୂଙ୍କ କଥା ବୁଝିବାକୁ ଆସିଥିଲି ।

Digitized by srujanika@gmail.com

କମଳାକାନ୍ତ - ମୋ ବୋହୂ । (ଅପ୍ରତିଭ ହୋଇ) ମୋ ବୋହୂ କଥା ପଚାରିବେ । ମୋ ବୋହୂ ମୋ ଘରେ ଅଛି । ଖୁବ୍ ଭଲରେ ଅଛି । ସେ ତ ଆପଣଙ୍କୁ ଚା ତିଆରି କରିଦେବ ।

ମାଧବାନନ୍ଦ - ଶୁଣିଲି, ସେ ଉଚ୍ଚ ଶିକ୍ଷିତା, ବି.ଏ. ପାସ୍ କରିଛନ୍ତି । ଆପଣଙ୍କ ପୁଅ ବୋଧେ ସେତେ ପଢ଼ି ନାହାନ୍ତି ।

କମଳାକାନ୍ତ - ମୋ ପୁଅ ମୂର୍ଖ ହେଲେ, ଆପଣଙ୍କର ଯାଏ ଆସେ କେତେ ?

ମାଧବାନନ୍ଦ - ମୁଁ ଦେଖୁଛି, ଆପଣ ମୋତେ ଭୁଲ୍ ବୁଝିବାକୁ ଆରମ୍ଭ କଲେଣି । ମୋର ଉଦ୍ଦେଶ୍ୟ ଏ ନିରକ୍ଷର ଗାଁରେ ଜ୍ଞାନାଲୋକ ବିତରଣ କରିବା ପାଇଁ ଆପଣଙ୍କ ବୋହୂଙ୍କର ସାହାଯ୍ୟ ଚାହୁଁଥିଲି ।

କମଳାକାନ୍ତ - ତାହେଲେ ଆପଣ କହିବାକୁ ଚାହାନ୍ତି ମୋ ବୋହୂ ପାଠ ପଢ଼ାଇବ ?

ମାଧବାନନ୍ଦ - Exactly, ସେଇଆ ମୁଁ ଚାହେଁ ?

(ଚା' କପ୍ ହାତରେ ଧରି ସୁ. ବୋଉ ପ୍ରବେଶ କଲେ)

ସୁ. ବୋଉ - ନା, ତା ହୋଇ ପାରିବନି । ଆମର ବ୍ରାହ୍ମଣ ଘର । ମୋ ବୋହୂ ପୁଣି ଦାଣ୍ଡକୁ ବାହାରିବ ? ନା, ତା' ମୁଁ କରାଇ ଦେବିନି । ମୋ ପୁଅ ଆଇ.ଏ. ପଢ଼ିଛି । ନଉ ନାହାନ୍ତି ସେ ଆପଣଙ୍କର କାମରେ କରିବ ।

ମାଧବାନନ୍ଦ - ହଉ, ମୁଁ ଆସୁଛି । ଦରକାର ହେଲେ ଖବର ପଠାଇବି, ନମସ୍କାର ।

(ଯିବାକୁ ଉଦ୍ୟତ ହେଲେ)

କମଳାକାନ୍ତ - ଚା'ଟା ପିଇ ଯାଆନ୍ତୁ ନା ।

ମାଧବାନନ୍ଦ - ନା, ମୁଁ ଚା ପିଏ ନା । (ପ୍ରସ୍ଥାନ)

ସୁ. ବୋଉ - ହଇଏ, ଲୋକଟା ଆସି ହଠାତ୍ ବୋହୂ କଥା ପଚାରିଲା । କାହିଁକି ? ପୋଲିସ୍ ପଠାଇ ନାହିଁ ତ ?

କମଳାକାନ୍ତ - ସେଇଥିପାଇଁ କହୁଛି, ଏ ଖର ତୁଣ୍ଡଟାକୁ ବନ୍ଦ କର । ଟିକିଏ ବୁଝି ବିଚାରି କାମ କରୁଥାଅ ।

ସୁ. ବୋଉ - ସେ ଏଠି ଅଛି କାହିଁକି କହିଲ ? ତାର କାମ କ'ଣ ?

କମଳାକାନ୍ତ - ସାହାଯ୍ୟ, ଅନୁଷ୍ଠାନ ଗଢ଼ିଛି । ସମସ୍ତଙ୍କୁ ସାହାଯ୍ୟ କରୁଛି । ହଉ, ଯଦି ହବ କହି ପୋଛି ସୁଧର୍ମାଟାକୁ ରଖିଦବା ।

(ସୁଧର୍ମା ପ୍ରବେଶ କରିଛି)

Digitized by srujanika@gmail.com

ସୁଧର୍ମା - ବୋଉଲୋ।

ସୁ. ବୋଉ - ଓଲୋ, ମୋ ଧନ ତ ଆସିଗଲାଣି । ହଇରେ ଏ ଉଦୁଉଦିଆ ଖରାଟାରେ ଆସିଲୁ କାହିଁକି ? ଖରା ଛେଉଟିଲେ ଆସି ନଥାନ୍ତୁ ।

ସୁଧର୍ମା - ବୋଉ, ଭୋଖ, ମୋତେ ଆଗ ଖାଇବାକୁ ଦେଲୁ ।

କମଳାକାନ୍ତ - ଦିଅ, ପୁଅକୁ ଗିଳିବାକୁ ଦିଅ । ହଇରେ ଚଣ୍ଡାଳ, ଆସିଲୁ କଥା ନାହିଁ, ବାର୍ତ୍ତା ନାହିଁ ତୋତେ ଭୋକ ହୋଇଗଲା ।

ସୁ. ବୋଉ - ଦେଖ ପୁଅଟା ଘରେ ଗୋଡ଼ ଦଉ ନ ଦଉଁଣୁ ଗାଳି ଆରମ୍ଭ ହୋଇଗଲା । ହଉ, ଆଗ ନନାକୁ କ'ଣ ହୋଇଛି କଥାଟା କହିଦେଲୁ ।

ସୁଧର୍ମା - ନନା, ମୁଁ ତା ଘରକୁ ଯାଇଥିଲି । ସେ ଘରେ ନ ଥିଲା ।

କମଳାକାନ୍ତ - ଘରେ ନାହିଁ । ଆରେ ସାଇ, ପଡ଼ିଶା ବୁଲି ଯାଇନଥିଲା ତ ?

ସୁଧର୍ମା - ସେମାନେ ମୋତେ ଗାଳି କଲେ । ଝିଅକୁ ସାଙ୍ଗରେ କାହିଁକି ଆଣିଲନି ବୋଲି ପାଟି କଲେ ।

ସୁ. ବୋଉ - ତାପରେ

ସୁଧର୍ମା - ତା' ପରେ ତତେ ଗାଳି । ତୁମ ବୋଉକୁ କଲର ଟି.ଭି. ଲୋଡ଼ା । କେତେ ପାଠ ପଢ଼ିଛୁ ? କାମ ନ କରି ବସିଛୁ କାହିଁକି ? ଆମ ଝିଅ ପାଇଁ ପ୍ରଫେସର ଆସିଥିଲେ । ଇଞ୍ଜିନିୟର ଆସିଥିଲେ ।

ସୁ. ବୋଉ - ଦେଲେନି । ପ୍ରଫେସରକୁ ବାହା ଦେଲେନି । ଏଇଠି ଆସି ପଡ଼ିଲେ କାହିଁକି ? କ'ଣ କିଛି ନ କହିଲାରୁ ବଡ଼ି ବଡ଼ି କଥା କହି ଯାଉଛନ୍ତି ।

କମଳାକାନ୍ତ - ଶୁଣିଯାଅ, ତା' ପରେ କହ ।

ସୁଧର୍ମା - ତାଙ୍କ ଝିଅ ଚିଠି ଲେଖିଥିଲା । ତୁ ବାଡ଼ଉଡ଼ୁ ବୋଲି ଚିଠି ଲେଖିଥିଲା ।

ସୁ. ବୋଉ - ଶୁଣିଲ, କମ ନୁହେଁ । କିମିତି ଚିଠି ଲେଖିଥିଲା, ଶୁଣିଲ । ଯାଇଛି ଭଲ ହୋଇଛି । ଆଉ ୨ ମାସ ଢଗିବି । ମୋ ପୁଅକୁ ଭଲ କନ୍ୟାଟିଏ ଦେଖି ବାହା ଯଦି ନ କରାଇଛି ।

ସୁଧର୍ମା - ବୋଉଲୋ, ମୁଁ ଆଉ କୋଉଠି ବାହା ହେବିନି । ସେ ଭଲ, ଭାରି ଭଲ ।

କମଳାକାନ୍ତ - ଶୁଣୁଛ, ପୁଅର କଥା ତ ଶୁଣିଲ ।

ସୁ. ବୋଉ - ହଇରେ ଅଲାଜୁକ, ଆ ଖାଇବୁ ଆ ।

Digitized by srujanika@gmail.com

ସୁଧର୍ମା - ବୋଉଲୋ, ବାଟରେ ମାଉଁସ ବିକା ହେଉଥିଲା । ଭାବିଲି ଆଣିବି ବୋଲି । ତୁ ତ ରାନ୍ଧିବୁନି ।

କମଳାକାନ୍ତ - ଓଃ, ପୁଅର ମାଉଁସ ଖାଇବାକୁ ମନ । ମୁଁ ଦେଖୁଛି ତୁମ ମାଁ ପୁଅଙ୍କର ତ କିଛି ଚିନ୍ତା ନାହିଁ । ଦିଅ, ପୁଅକୁ ମାଉଁସ ରାନ୍ଧି ଦିଅ । ଦୋଳାରେ ବସାଇ ପହଁଞ୍ଚାଅ ।

ସୁଧର୍ମା - ମୁଁ ପାଠ ପଢ଼ିବି ନନା । ମୁଁ ଏମ୍.ଏ. ପଢ଼ିବି ।

କମଳାକାନ୍ତ - ପାଠ ପଢ଼ିବୁ । ଯା ଯା ଗିଳିବୁ ଯା । ମୂର୍ଖ କୋଉଠି ଥିଲୁ ମୋ ପ୍ରାଣକୁ ମା' ପୁଅ ମିଶି ହସ୍ତସନ୍ତ କରିଦେଲ ।

- ଅନ୍ଧାର -

- ତୃତୀୟ ଦୃଶ୍ୟ -

(ରାସ୍ତା । ବୁଲୁ ଓସ୍ତାଦ୍ ଠିଆ ହୋଇ ସିଗାରେଟ୍‌ରେ ନିଆଁ ଧରାଇଲା । ଡ଼ାକିଛି ସୁଧର୍ମା)

ସୁଧର୍ମା - ବୁଲୁଭାଇ, ବୁଲୁଭାଇ

ବୁଲୁ - (ପଛକୁ ଚାହିଁଲା) ଆରେ ସୁଧର୍ମା । ଆ, ଆ ବଡ଼ ଭଲ କଲୁ । ତୋ ବାହାଘରକୁ ମୁଁ ରହିପାରିଲି ନାହିଁ । ମନ୍ତ୍ରୀ ୩ ମାସ ରଖିଦେଲେ । ହଁ କେମିତି ସବୁ ଅଛୁ । ମାଉସୀ ଭଲ ଅଛନ୍ତି ତ ? ତୋ ସ୍ତ୍ରୀ ? କ'ଣ ତୋର ତା'ର ଭଲ ପଟୁଛି ତ ?

ସୁଧର୍ମା - ସେମିତି, ଆଉ କ'ଣ ?

ବୁଲୁ - କ'ଣ ମନକୁ ପାଉନି । କନ୍ୟା ଦେଖି ପସନ୍ଦ କଲୁ । ପୁଣି ହେଲା କ'ଣ ?

ସୁଧର୍ମା - ମୁଁ ତ ବେଶୀ ପଢ଼ିନି । ସେ ତ ପଢ଼ିଛି । ସେଥିପାଇଁ ତାର ଫୁଟାଣି । ମୁଁ ତ ଆଇ.ଏ ପଢ଼ି ରହିଗଲି ।

ବୁଲୁ - ଏଥିପାଇଁ ଚିନ୍ତା କ'ଣ ? ତୁ ଆଜିଠୁ ସମସ୍ତଙ୍କୁ କହିବୁ ଏମ୍.ଏ. ପାସ୍ । ଇଙ୍ଗ୍ଲିସ୍‌ରେ ଏମ୍.ଏ ।

ସୁଧର୍ମା - ନାଇଁ ଭାଇ ଇଙ୍ଗ୍ଲିସ୍ ମୋତେ ଆସୁନି. । ମୁଁ ମିଛ କେମିତି କହିବି ଭାଇ ।

Digitized by srujanika@gmail.com

ବୁଲୁ - ସମସ୍ତେ ଯେମିତି କହୁଛନ୍ତି । ଆରେ, ଆଜିଠାରୁ ସତ କହିଲେ ଭିଖ ମାଗିବୁ । ଯେତେ ପାରିବୁ ସେତେ ମିଛ କହିବା ଶିଖ । ଆଉ ତୋ ସ୍ତ୍ରୀକୁ, ଏମିତି ସବୁ କହିବୁ ସେ ତୋତେ ଖାଲି ଚାହିଁ ରହିଥିବ । କ'ଣ ବୁଝିଲୁ ।

ସୁଧର୍ମା - ବୁଲୁ ଭାଇ ଚାକିରି କଥା କ'ଣ ହେଲା । ଚାକିରି ଖଣ୍ଡେ ମିଳିଗଲେ ମୋତେ ଆଉ କିଏ କ'ଣ କହିବ, ମୁଁ ଦେଖିବିନି ।

ବୁଲୁ - ତୋ ପାଇଁ ଚାକିରି ହୋଇ ସାରିଛି । ହୋମ୍ ଡ଼ିପାର୍ଟମେଣ୍ଟରେ । ଉପୁରି ଯଥେଷ୍ଟ । ବର୍ଷ ୩ଟାରେ ଦି ମହଲା କୋଠା ବାଢ଼େଇଦେବୁ ।

ସୁଧର୍ମା - ବୁଲୁ ଭାଇ, ବୋଉ ତୁମକୁ ଖୋଜୁଥିଲା ।

ବୁଲୁ - ମୁଁ ଜାଣେ, ମାଉସୀ ନିଶ୍ଚୟ ଖୋଜୁଥିବେ । ଆରେ, ମନ୍ତ୍ରୀଙ୍କ ଠାରୁ ସେକ୍ରେଟାରୀ ପର୍ଯ୍ୟନ୍ତ ମୋତେ କ'ଣ ଗାଁକୁ ଆସିବାକୁ ଦଉଛନ୍ତି ।

ସୁଧର୍ମା - ମନ୍ତ୍ରୀ କୋଉ ମନ୍ତ୍ରୀ କି ଭାଇ ।

ବୁଲୁ - ହଇରେ ଗୁଦ୍ଦବକ୍, ତୁ ଏକଥା ଆଜି ଯାଏଁ ଜାଣିନୁ । ତୋ ଭଳି ଓଲା ଏ ପୃଥିବୀରେ ମିଳିବେନି । ହୋମ୍ ମିନିଷ୍ଟର ଯତିନ ବାବୁ, ନାଁ ଶୁଣିନୁ ।

ସୁଧର୍ମା - ତାହେଲେ ମୋ ଚାକିରି ମିଳିଗଲା ଜାଣ, ଭାବୁଥିଲି ସ୍ତ୍ରୀଟାକୁ କାମ କରିବାକୁ ପଠାଇଦେବି ।

ବୁଲୁ - ହଇରେ ମାଇଚିଆ, ତୁ ପୁରୁଷ ପୁଅଟି । ତୁ ବସି ରହିବୁ ତୋ ସ୍ତ୍ରୀ ପୁଣି କାମ କରିବ ।

ସୁଧର୍ମା - ତୁମେ ଜାଣିନ କି ଭାଇ, ବାବା ମାଧବାନନ୍ଦଙ୍କ ସ୍ୱେଚ୍ଛାସେବୀ ଅନୁଷ୍ଠାନ - ସାହାଯ୍ୟ । ସେ ଘରକୁ ଆସିଥିଲେ । ବୋଉ ଏ କଥା ଶୁଣିଲାରୁ ଖଡ୍ଗହସ୍ତ ହୋଇ ଉଠିଲା । କହିଲା, ଆଗ ଘରୁ ବାହାର ।

ବୁଲୁ - ସାବାସ୍ । ଧନ୍ୟବାଦ । ସ୍ତ୍ରୀ ଲୋକ ହେଲେ କ'ଣ ହେଲା ତାଙ୍କ ଆତ୍ମମର୍ଯ୍ୟାଦାକୁ ଧନ୍ୟବାଦ । କ'ଣ କହିଲୁ ମାଧବାନନ୍ଦ । ଯେଉଁ ଲୋକଟା ଏ ଗାଁକୁ ମାସ ୩ଟା ହେଲା ଆସିଛି । ବୁଝିଲୁ ତା ଘରେ ଗୋଟାଏ ଛନକୀ ଟୋକି ଅଛି । ମୁଁ ଭାବୁଛି, ଏ ଶଳା ବୁଢ଼ା ତାକୁ କୁଆଡୁ ଉଡ଼େଇ ଆଣିଛି ।

ସୁଧର୍ମା - ନାଇରେ ବୁଲୁଭାଇ । ଲୋକଟା ଭାରି ଭଲ । ଦେବତା ପରି ଲୋକ ।

Digitized by srujanika@gmail.com

ଚୁଲୁ - ଆରେ ଭଲ କାହାକୁ କହୁଛୁ । ଦେଖିବୁ ତୁ ପୁଣି ଖରାପ ବୋଲି କହିବୁ ।

ସୁଧର୍ମା - ଆରେ ଭାଇ ଦେଖ, ସେ ଲୋକଟା ଏଇଆଡ଼େ ଆସୁଛି ।

ଚୁଲୁ - ଆସୁ, ଟିକିଏ କଥାବାର୍ତ୍ତା ହେବା ।
(ଝୁଲାମଣି କାନ୍ଧରେ ପକାଇ ମାଧବାନନ୍ଦ ବାବୁ ପ୍ରବେଶ କଲେ, ସେ ଚାଲିଯାଉଥିଲେ)

ଚୁଲୁ - ନମସ୍କାର ସାର୍ ।

ମାଧବାନନ୍ଦ - (ପ୍ରତି ନମସ୍କାର କରି ଚାଲି ଯାଉଥିଲେ ।)

ଚୁଲୁ - ଶୁଣନ୍ତୁ ସାର୍ ।

ମାଧବାନନ୍ଦ - କୁହନ୍ତୁ ।

ଚୁଲୁ - ଆପଣ ଏ ଗାଁରେ ଆଉ କେତେ ଦିନ ରହିବେ ।

ମାଧବାନନ୍ଦ - ଯେତେଦିନ ଯାଏଁ ମୋ କାମ ସରିନି ।

ଚୁଲୁ - ଆପଣଙ୍କର ଏଠାରେ କି କାମ ଦୟାକରି କହିବେ କି ?

ମାଧବାନନ୍ଦ - ଆପଣଙ୍କୁ କହି ଲାଭ କ'ଣ ?

ଚୁଲୁ - ଆପଣ ବୋଧେ ମୋ ପରିଚୟ ଜାଣି ନାହାନ୍ତି ।

ମାଧବାନନ୍ଦ - ଜାଣି ମୋର ଲାଭ ବା କ'ଣ ଅଛି ।

ଚୁଲୁ - ଆପଣ ଝିଅମାନଙ୍କୁ ଭୁଲାଇ, ଅନ୍ୟ ସହରମାନଙ୍କୁ ନେବାକୁ ଚାହାନ୍ତି । ଲୋକେ ଏକଥା କହୁଛନ୍ତି ।

ମାଧବାନନ୍ଦ - ଆପଣଙ୍କର କହିବାର ଉଦ୍ଦେଶ୍ୟ ।

ଚୁଲୁ - ଉଦ୍ଦେଶ୍ୟ ଆପଣ ବୁଝିପାରୁନାହାନ୍ତି ? ଆପଣଙ୍କ ନାଁରେ ପୋଲିସରେ ଅଭିଯୋଗ ହୋଇଛି ।

ମାଧବାନନ୍ଦ - ଠିକ୍ ଅଛି । ସେଥିପାଇଁ ମୁଁ ପ୍ରସ୍ତୁତ । ଆଉ କ'ଣ କହିବାକୁ ଚାହାଁନ୍ତି ?

ଚୁଲୁ - ସମୟକୁ ଅପେକ୍ଷା କରନ୍ତୁ ।

ମାଧବାନନ୍ଦ - ଧନ୍ୟବାଦ । (କହି ଚାଲିଗଲେ)

ସୁଧର୍ମା - ଏ ଲୋକଟା ତୋ କଥାକୁ ମୋଟେ ଖାତିର କଲାନିରେ ଚୁଲୁଭାଇ ।

ଚୁଲୁ - ଥା, ଦେଖିବୁ । ଶହେ ସଲାମ ମାରିବ । ହଁ, ତୋର କାମ ଦ'ଣ କହ ?

ସୁଧର୍ମା - ମୋର କାମ ନାହିଁ, ପୋଲିସ୍ ପାଖରେ ବୋଉର କାମ ଅଛି ।

Digitized by srujanika@gmail.com

ବୁଲୁ - ହଉ, ମୁଁ ଆସିବି । ବୋଉଙ୍କୁ କହିବୁ ପୋଲିସ୍ ପାଖରେ କାମ ଥିଲେ, ପାଖରେ ପଇସା ଥିବା ଦରକାର ।

ସୁଧର୍ମା - ସେଇକଥା ମୁଁ କହିଦେବି । ଆସୁଛି ! (ପ୍ରସ୍ଥାନ)

(ପ୍ରବେଶ ହଇ ହବିବୁଲ୍ଲା)

ହବିବୁଲ୍ଲା - ସଲାମ୍‌ଓ୍ୱାଲେକୁମ୍ ଭାଇ । ତୁମେ ତ କମାଲ୍ କରିଦେଲ । ବଳିଆକୁ ଥାନାବାବୁ ସକାଳେ ଏମିତି ପିଟିଥିଲା ମୁଁ ଭାବିଲି ଲୋକଟା ମରିଯିବ । ତୁମେ ପହଁଞ୍ଚିଗଲାକୁ ମାଡ଼ ବନ୍ଦ ହୋଇଗଲା । ତା'ପରେ କ'ଣ ହେଲା ଭାଇ । ମୁଁ ତ ଚାଲିଆସିଲି ।

ବୁଲୁ - ଆଉ ହୁଅନ୍ତା କ'ଣ - ବଳିଆକୁ ଛାଡ଼ିଦେବାକୁ ବାଟ ଅଣ୍ଟିଲାନି । ଆଉ କ'ଣ ପଚାରିଥାନ୍ତା ମୁଁ ପହଞ୍ଚିଗଲାରୁ ସବୁ ବନ୍ଦ ।

ହବିବୁଲ୍ଲା - ଭାଇ, ପୋଲିସ୍ ତୁମକୁ ଖୁବ୍ ମାନୁଛି । ମୁଁ ଦେଖି ତୋବା ହୋଇଗଲି ।

ବୁଲୁ - କିରେ ତୁ କ'ଣ ଜାଣିନୁ । ହୋମ୍ ମିନିଷ୍ଟର ଜତିନ୍ ଦାସ, କାହାଯୋଗୁଁ ଏମ୍.ଏଲ୍.ଏ ଏଇ ବୁଲୁ ତାକୁ ଏମ୍.ଏଲ୍.ଏ କରାଇଲା । ଥାନାବାବୁ, ଗୃହମନ୍ତ୍ରୀର ବାରଣ୍ଡାରେ ଠିଆ ହୋଇଥିଲା । ଯତିନ୍ ବାବୁ ମୋ କାନ୍ଧରେ ହାତ ପକାଇ ହସି ହସି ଯେତେବେଳେ କାର ପାଖକୁ ଆସି ମୋତେ ଗାଡ଼ିରେ ବସିବାକୁ କହିଲେ, ଆମ ଥାନା ବାବୁର ଆଖି ଖୋସି ହୋଇଗଲା । ସେଇଦିନୁ ଚାଲିଛି ଦୋସ୍ତି । ଆଉ ଆମର ଧନ୍ଦା ।

ହବିବୁଲ୍ଲା - ଏବେ ମାନ୍ଦା ପଡ଼ିଯିବ ଭାଇ ।

ବୁଲୁ - କାହିଁକି ?

ହବିବୁଲ୍ଲା - ମୋତେ ସେଇଆ ଜଣାପଡୁଛି ।

ବୁଲୁ - ତୁ ବ୍ୟସ୍ତ ହୁଅନି । ତୋ କାମ ତୁ କର । ଟଙ୍କା ଆଣିଛୁ ?

ହବିବୁଲ୍ଲା - ଆଣିଛି ଭାଇ । ବିସ୍ ହଜାର । ବି.ଏ. ସାର୍ଟିଫିକେଟ୍ ୫ଟା, ଏମ୍.ଏ ୨ଟା ଆଉ ଲ' ସାର୍ଟିଫିକେଟ୍ ୩ଟା ସେମାନଙ୍କୁ ଦେଇଦେଲି । ଟଙ୍କା ନେଇ ଆସିଲି ।

ବୁଲୁ - ସାବାସ୍ । ସେ ଟଙ୍କା ତୁ ତୋ ପାଖରେ ରଖ । ତୁମ ଏରିଆର ୫ଟା ଝିଅଙ୍କୁ ଦୁବାଇ ପଠାଇ ଦିଆଯିବ । ସେ ମୟୂରଭଞ୍ଜର

Digitized by srujanika@gmail.com

ଝିଅଗୁଡ଼ାଙ୍କୁ ମୁମ୍ବାଇ ନେଇଯା । ଅତି ଶୀଘ୍ର । ଶାଦୀର ବାହାନା କରି ସବୁ କାମ କର। ଭଲ ଖାଇବାକୁ ଦେ । ଏଠାରେ ରଖିଲେ ବିପଦ । ଆଉ ସେ ଲୋକଟା ବାବା ମାଧବାନନ୍ଦ, ଭଣ୍ଡବାବା, ତା' ଉପରେ ସମସ୍ତେ ତୀକ୍ଷ୍ଣ ଦୃଷ୍ଟି ରଖ ।

ହବିବୁଲ୍ଲା - ଠିକ୍ ହେ ଓସ୍ତାଦ୍ । ଯାହା ତୁମେ କହିବ, ତା ଆମେ କରିବୁ ।

ବୁଲୁ - ତତେ ୨ ଲକ୍ଷ ଟଙ୍କା ଦିଆହେବ । ରାତାରାତି ସେମାନଙ୍କୁ ପଠାଇଦେ । ପୋଲିସ ଯେପରି ଟେର ନ ପାଏ । ଏ ବାବା ଲୋକଙ୍କୁ ମତାଇଛି । ଲୋକେ ଆମକୁ ଜଗୁଛନ୍ତି । ଆଉ ଏ ବାବାର ଯେଉଁ ଝିଅ ଅଛି ତାକୁ ରାତାରାତି ଚାଲାଣ କରିଦିଅ । କ'ଣ ବୁଝିଲୁ । (କଟମଟ କରି ଚାହିଁଲା)

- ଅନ୍ଧାର -

- ଚତୁର୍ଥ ଦୃଶ୍ୟ -

(ବାବା ମାଧବାନନ୍ଦଙ୍କର ଘର । ମାଧବାନନ୍ଦ ଲେଖୁଥିଲେ । ପ୍ରଚ୍ଛଦ ପଟରୁ ଗୀତଟିଏ ଶୁଭୁଥିଲା । ଲେଖା ଅଧାରୁ ବନ୍ଦ କରି ଡ଼ାକିଲେ ।)

ମାଧବାନନ୍ଦ - କାମିନୀ, କାମିନୀ

କାମିନୀ - (ପ୍ରବେଶି) ମୋତେ ଡ଼ାକୁଛନ୍ତି ବାବା ।

ମାଧବାନନ୍ଦ - ହଁ, ତୁମକୁ ।

କାମିନୀ - କହନ୍ତୁ ବାବା ।

ମାଧବାନନ୍ଦ - ମୁଁ କହୁଥିଲି ମା, ତୁମର ଏଠାରେ ରହିବା ଠିକ୍‌ହେବ ନାହିଁ ।

କାମିନୀ - କାହିଁକି ବାବା ।

ମାଧବାନନ୍ଦ - ଏଠାରେ ଗୋଟିଏ ବଦ୍‌ମାସ୍ ରହିଛି । ସେ ହିଁ ଝିଅ, ବୋହୂଙ୍କର ସର୍ବନାଶ କରୁଛି । ମୁଁ ତା ବିରୁଦ୍ଧରେ ଲେଖିଛି । ଲୋକମାନେ ବେଶ୍ ସଚେତନ ହେଲେଣି । ସମସ୍ତେ ଲୋକଟାକୁ ଜାଣୁଛନ୍ତି, ତା ବିରୁଦ୍ଧରେ କିଛି କରିପାରୁ ନାହାଁନ୍ତି । ମୁଁ ଠିକ୍ କରିଦେବି । ପୋଲିସ ମହାନିର୍ଦ୍ଦେଶକ ମୋତେ ପ୍ରତିଶ୍ରୁତି ଦେଇଛନ୍ତି ।

କାମିନୀ - ବାବା, ମୁଁ ଜାଣେ କେତେ ଲୋକ ଖରାପ । ତା' ବୋଲି ଆମେ କ'ଣ ଏମାନଙ୍କର ନିକଟରେ ମୁଣ୍ଡ ନୁଆଁଇ ଦେବା । ଏମାନଙ୍କୁ

Digitized by srujanika@gmail.com

ଡ଼ରି, ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରିବାନି । ବାପା, ଝିଅର ପବିତ୍ର ସମ୍ପର୍କକୁ ଆପଣ କ'ଣ ଚାହାଁନ୍ତି ବାବା...

ମାଧବାନନ୍ଦ – ନାଁ ମା । ଏ ପବିତ୍ର ବନ୍ଧନ ଯୁଗ ଯୁଗକୁ ଅକ୍ଷୁର୍ଣ୍ଣ ରହୁ । ଝିଅ ସବୁବେଳେ ଝିଅ ହୋଇ ରହୁ । ଦେଖାଯାଉ, କ'ଣ ହେଉଛି ।

କାମିନୀ – ଆପଣ 'ସାହାଯ୍ୟ' ପାଇଁ ଆଗେଇ ଆସିଛନ୍ତି । ଯେ ଆପଣଙ୍କର ସାହାଯ୍ୟ ଚାହିଁଛି, ତାକୁ ଦେବାରେ ଆପଣ କୁଣ୍ଠାବୋଧ କରି ନାହାଁନ୍ତି । ମୁଁ ଜଣେ ସାହାଯ୍ୟ ପ୍ରାର୍ଥୀନୀ ।

ମାଧବାନନ୍ଦ – ବୁଝିଲି ମା, ତୁମର ମନ କଥା ସବୁ ବୁଝିଲି । ସେଥିପାଇଁ ମୁଁ ତୁମକୁ ତ ନିରାଶ୍ରୟ କରିନାହିଁ । ମୁଁ ତୁମକୁ ନିଶ୍ଚୟ ସାହାଯ୍ୟ କରିବି । ତୁମର ସଂସାରକୁ ପୁନର୍ବାର ଗଢ଼ିବାରେ ମୋର ଅକୁଣ୍ଠ ସାହାଯ୍ୟ ରହିବ ।

କାମିନୀ – ବାବା, ମୁଁ ସେ ଦିନ ଯେଉଁ ଝିଅର ଫୋଟ ଦେଖିଥିଲି, ତା'ର କଥା ଆପଣ କହିବେ ବୋଲି କହୁଥିଲେ ସେ କିଏ ? ତା' କଥା ଆପଣ ମୋତେ କହିଲେ ନାହିଁ କାହିଁକି ?

ମାଧବାନନ୍ଦ – କ'ଣ କହିବି ମାଁ ? କାହା କଥା କହିବି ? କଲ୍ୟାଣୀ କଥା ଆଉ ତା ମାଆ କଥା ।

କାମିନୀ – କହନ୍ତୁ ବାବା, ସେ ଫୋଟ କ'ଣ ଆପଣଙ୍କ ଝିଅଙ୍କର ।

ମାଧବାନନ୍ଦ – ହଁ ମା, ସେ ମୋ ଝିଅର । ସେ ମୋର କଲ୍ୟାଣୀ । ସେ ଆଜି ନାହିଁ । ପିଶାଚମାନେ ମୋ ଝିଅକୁ ମୋ ଠାରୁ ଛଡ଼େଇ ନେଇଛନ୍ତି । ତାର ସର୍ବସ୍ୱ ଲୁଟି ନେଇ ତାକୁ ହତ୍ୟା କରିଛନ୍ତି । ଆଉ ତା ମା ତାକୁ ଝୁରି ଝୁରି ସବୁଦିନ ପାଇଁ ଚାଲି ଯାଇଛି ।

କାମିନୀ – କଲ୍ୟାଣୀ ପରିବର୍ତ୍ତେ ମୁଁ ତ ଅଛି ବାବା ।

ମାଧବାନନ୍ଦ – ତୁ ଅଛୁ ମାଁ, ସେଇଥିରେ ମୋର ଆନନ୍ଦ ମୋର କଲ୍ୟାଣୀ, ଠିକ୍ ତୋରି ପରି ଥିଲା । ସେଇ ମୁହଁ, ସେଇ ନାକ, ସେଇ କଥା । ଯେଉଁଦିନ ମୁଁ ତତେ ପ୍ରଥମ ଥର ପାଇଁ ଦେଖିଲି ମୁଁ ଭାବିଲି କଲ୍ୟାଣୀ ଏଠାକୁ ଆସିଲା କେମିତି ? ମୁଁ ସବୁ ଭୁଲିଯାଇଥିଲି । ମୁଁ ଫେରିପାଇଥିଲି ମୋ କଲ୍ୟାଣୀକୁ ।

Digitized by srujanika@gmail.com

କାମିନୀ –ତା ପରେ କ'ଣ ହେଲା କୁହନ୍ତୁ ବାବା ।

ମାଧବାନନ୍ଦ –ମୁଁ ଥିଲି ଗୋଟିଏ ପତ୍ରିକାର ପତ୍ରକାର । ଯାଜପୁର ଅଞ୍ଚଳରେ ଝିଅମାନଙ୍କୁ ପ୍ରଲୋଭିତ କରାଇ ବିଦେଶକୁ ପଠାଇ ଦିଆଯାଇଥାଏ । ମୁଁ ସେମାନଙ୍କ ବିରୁଦ୍ଧରେ ଲେଖିଲି । ସେମାନେ ଧରାହେଲେ । ତାର ପୁରସ୍କାର ମୁଁ ପାଇଲି ମୋର କଲ୍ୟାଣୀର ଧର୍ଷଣ ଆଉ ହତ୍ୟା ।

କାମିନୀ –(ଆଖିରୁ ଲୁହ ଗଡ଼ି ଯାଉଥିଲା) ମୁଁ ଦୁଃଖିତ ବାବା ।

ମାଧବାନନ୍ଦ –ମାଁ ମୋର ଭୟ ହୁଏ, ତୋର ଯଦି ସେ ଅବସ୍ଥା ହୁଏ, ମୁଁ କ'ଣ ଜୀବନ ଧରି ବଞ୍ଚି ପାରିବି ।

କାମିନୀ –ମୁଁ ଯେତେବେଳେ ଆପଣଙ୍କର ଝିଅ । ଯେତେ ଦୁଃଖ, କଷ୍ଟ ଆସୁ ମୁଁ କ'ଣ ଆପଣଙ୍କୁ ଛାଡ଼ି ଯାଇ ପାରିବି ? କହନ୍ତୁ ବାବା, ମୁଁ କ'ଣ ଅନ୍ୟାୟ ବିରୁଦ୍ଧରେ ଲଢ଼ିବି ନାହିଁ ।

ମାଧବାନନ୍ଦ –ଲଢ଼ିବୁ ମା, ନିଶ୍ଚୟ ଲଢ଼ିବୁ । ତେବେ...

କାମିନୀ –ତେବେ କ'ଣ ବାବା, ମୁଁ ଆପଣଙ୍କର ଝିଅ କଲ୍ୟାଣୀ । ମୋତେ ଥରେ ସେହି ନାଁ ଧରି ଡ଼ାକନ୍ତୁ, ମୁଁ ଭାରୀ ଖୁସୀ ହେବି । ମୁଁ ଆଜିଠାରୁ ଆପଣଙ୍କର କଲ୍ୟାଣୀ ।

ମାଧବାନନ୍ଦ –କଲ୍ୟାଣୀ, ହଁ ମାଁ ତୁ ମୋର କଲ୍ୟାଣୀ ।

କାମିନୀ –(ପାଦ ଧୂଳି ନେଲା)

ମାଧବାନନ୍ଦ –ସୁଖୀ ରହ ମା । ତୋର କାଚ ବଜ୍ର ହେଉ । ଆଜି ମୋର କଲ୍ୟାଣୀର ପୁନର୍ଜନ୍ମ ହୋଇଛି ।
(ଗୀତରୁ ପଦେ ଭାସି ଆସୁଥିଲା)
(କିଛି ସମୟ ପରେ ଦୁଆରେ ଖଟ୍‌ଖଟ୍ ଆବାଜ୍ ହେଲା)
ତୁ ଭିତରକୁ ଯା । ଆସ, ଭିତରକୁ ଆସ ।
(ପ୍ରବେଶ କଲେ ବୁଲୁ ଓ ହବିବୁଲ୍ଲା)

ବୁଲୁ –ନମସ୍କାର ସାର୍ । ମୁଁ ବସିପାରେ କି ?

ମାଧବାନନ୍ଦ –ବସନ୍ତୁ । କ'ଣ ଆପଣଙ୍କର ଦରକାର ।

ବୁଲୁ –ମୁଁ ସାହାଯ୍ୟ ପାଇଁ ଆସିନି ସାର୍ । ବରଂ ଆପଣଙ୍କୁ ସାହାଯ୍ୟ କରିବାକୁ ଆସିଛି । ମୁଁ ଆପଣଙ୍କ ବିଷୟରେ ବହୁତ କିଛି ଶୁଣିଛି । ଆପଣ ଥିଲେ ଜଣେ ନାମଜାଦା ସାମ୍ବାଦିକ ।

Digitized by srujanika@gmail.com

ଶେଷ ଦୃଶ୍ୟ

ମାଧବାନନ୍ଦ – ଅତୀତକୁ ମୁଁ ଭୂଲି ଯାଇଛି ।

ବୁଲୁ – ଅତୀତକୁ ଭୂଲିଗଲେ ଚଳିବନି ସାର୍ । ଅତୀତର ଶିକ୍ଷାରୁ ବର୍ତ୍ତମାନ, ଆଉ ଭବିଷ୍ୟତ ଗଢ଼ାଯାଏ । ଆପଣତ କିଛି ଶିଖିଲେନି ସାର୍ ।

ମାଧବାନନ୍ଦ – ଆପଣଙ୍କର କହିବାର ଉଦ୍ଦେଶ୍ୟ ।

ବୁଲୁ – ଆପଣ ଅନ୍ୟାୟ ବିରୁଦ୍ଧରେ ଲଢୁଥିଲେ । ଝିଅ, ବୋହୂଙ୍କର ଇଜ୍ଜତ୍ ରକ୍ଷା କରୁଥିଲେ । ଲୋକେ ଖୁବ୍ ପ୍ରଶଂସା ବି କରୁଥିଲେ । ଆପଣ ଚାହିଁଥିଲେ ଏମ୍.ଏଲ୍.ଏ ବା ଏମ୍.ପି.ଟିଏ ଆରାମ୍‌ରେ ହୋଇ ପାରିଥାନ୍ତେ । କିନ୍ତୁ ଆପଣ ପାଇଲେ କ'ଣ ?

ମାଧବାନନ୍ଦ – ଆପଣଙ୍କଠାରୁ ମୁଁ କିଛି ପରାମର୍ଶ ଚାହେଁନି । ଆପଣ ଆସି ପାରନ୍ତି ।

ବୁଲୁ – ଦେଖନ୍ତୁ ସାର୍ ଆପଣ ତଡ଼ିଦେଲେ ମୁଁ ଚାଲିଯିବି, ନ ତଡ଼ିଲେ ମଧ ଚାଲିଯିବି । ସାହାଯ୍ୟ କରିବା ମଧ ମୋର କର୍ତ୍ତବ୍ୟ । ଆପଣ ପଚାରି ବୁଝନ୍ତୁ ।

ହବିବୁଲ୍ଲା – ଓସ୍ତାଦ୍ ସାର୍‌ଙ୍କୁ ଭଲ କରି ବୁଝାଇ ଦିଅନ୍ତୁ । ସାର୍, ଆମର ଭାଇ ବୁଲୁବାବୁ, ଜଣେ ମହାନ୍ ବ୍ୟକ୍ତି । ମାନେ ବହୁତ ମଦଦ୍‌କାରୀ । ଗରୀବର ମାଇ, ବାପ୍ । ତା'ଛଡ଼ା, ସେ ତ ଆପଣଙ୍କୁ ଭଲକରି ବୁଝାଇଦେବେ । ମୋର ପରିଚୟ, ମୁଁ ତାଙ୍କର ଗୁଲାମ ।

ବୁଲୁ – ଦେଖନ୍ତୁ ସାର୍ । ଆପଣ ଅନୁଭବୀ । ସତ୍ୟ, ନ୍ୟାୟ ପାଇଁ ଲଢ଼ି ଆପଣ ଆପଣଙ୍କର ସ୍ତ୍ରୀକୁ ହରାଇଲେ । ଆଉ ଆଜି, ଆପଣ ସେଇ ଭୂଲ୍ କରି ଚାଲିଛନ୍ତି । ଦିନ ଆସିବ, ପୁଣି ଆପଣଙ୍କୁ ବହୁତ କିଛି ହରାଇବାକୁ ପଡ଼ିପାରେ । ମୁଁ ଆଗରୁ ସତର୍କ କରାଇଦେଉଛି । ଆପଣ ଯଦି ଆମର ସାହାଯ୍ୟ ଚାହାଁନ୍ତି – ଆପଣଙ୍କୁ ମିଳିବ ଲକ୍ଷ ଲକ୍ଷ ଟଙ୍କା ।

ମାଧବାନନ୍ଦ – ଆପଣ ମୋତେ ଲାଞ୍ଚ ଯାଚିବାକୁ ଆସିଛନ୍ତି । ଅର୍ଥର ପ୍ରଲୋଭନରେ ମୋର ଆଦର୍ଶରୁ ମୋତେ କେହି ବଞ୍ଚିତ କରି ପାରିବେ ନାହିଁ ।

ବୁଲୁ – ବେଶ୍, ଠିକ୍ ଅଛି । କ୍ୟା ଦୋସ୍ତ ।

ହବିବୁଲ୍ଲା – ଠିକ୍ ହେ, ତୋ ହମ ଚଲ୍‌ତେ ହେଁ ।

ବୁଲୁ – ଆଚ୍ଛା ସାର୍, ଖରାପ ଭାବନ୍ତୁ ନାହିଁ । ମୁଁ ଖାଲି ଆପଣଙ୍କୁ ସତର୍କ କରାଇଦେଲି । ଆସୁଛି, ପରେ କେବେ ଦେଖାହେବ । (ଚାଲିଗଲେ)

Digitized by srujanika@gmail.com

ମାଧବାନନ୍ଦ – କଲ୍ୟାଣୀ, ଶୁଣିଲୁ ମା, ମୋତେ ଲାଞ୍ଚ ଯାଚିବାକୁ ଆସିଥିଲା । ଏଇ ଲୋକ କଥା ତୋତେ ମୁଁ କହୁଥିଲି । ଠିକ୍ ଅଛି, ଦେଖିବା ।

– ଅନ୍ଧାର –

– ପଞ୍ଚମ ଦୃଶ୍ୟ –

(ଅଳିନ୍ଦ । କମଳାକାନ୍ତ ବାବୁଙ୍କର । ପ୍ରବେଶ କରିଛି ସୁଧର୍ମା ।)

ସୁଧର୍ମା – ବୋଉଲୋ, ହେ ବୋଉ, କୁଆଡ଼େ ଗଲୁଲୋ ବୋଉ ।

ସୁ.ବୋଉ – (ଦଉଡ଼ି ଆସି) ହଇରେ କ'ଣ ତୋ'ର ହେଲା ? ଏମିତି ରଡ଼ି ପକାଉଥିଲୁ କାହିଁକି ?

ସୁଧର୍ମା – ରଡ଼ି ପକାଉଥିଲି କି ତୋତେ ଡ଼ାକୁଥିଲି ନା । ବୋଉ କାମିନୀର ଶବ ।

ସୁ.ବୋଉ – ଆଁ, କ'ଣ କହିଲୁ । କାମିନୀର ଶବ । କେଉଁଠୁ ମିଳିଲା ?

ସୁଧର୍ମା – ଗଣିଆ ଜୋର କିଆବୁଦା ଭିତରୁ । ବୋଉ ଶହ ଶହ ଲୋକ ଜମା ହୋଇଛନ୍ତି । ମୁଁ ଟିକିଏ ଦୂରରୁ ଯାଇ ଦେଖିଲି । କାମିନୀ ଭଳି ମୋତେ ଦେଖାଗଲା । କାମିନୀ ମରିଗଲା ବୋଉ । ମୁଁ ଏବେ କ'ଣ କରିବି । (କାନ୍ଦିଲା)

ସୁ.ବୋଉ – ଆରେ କାନ୍ଦୁଛୁ କ'ଣ । ଲୋକେ ସବୁ କ'ଣ କହୁଥିଲେ ?

ସୁଧର୍ମା – ପୋଲିସ୍ ଆସି ପହଞ୍ଚିଗଲା । ମୁଁ ତ ଦୌଡ଼ି ଭାଗିସ୍ ।

ସୁ.ବୋଉ – ପୋଲିସ୍ । ସେ ତ ଆମ ଘରକୁ ନିଶ୍ଚୟ ଆସିବ । ତୋ ବାପାଙ୍କୁ ଯାଇ ଅଫିସ୍‌ରେ କହିଦେ ଗାଁକୁ ଆସିବେନି । ମା' ଭଗବତୀ, କେତେ ତୋତେ ପୂଜା ନ କରିଛି, କେତେ ଲାଞ୍ଚ ନ ଦେଇଛି । ଏବେ ଟିକିଏ ଦୟାକର ମାଁ । ହଁ ସୁଧାରେ...

ସୁଧର୍ମା – ବୋଉଲୋ, ମୋତେ କହୁଛୁ ।

ସୁ.ବୋଉ – ତୁ ନନାଙ୍କୁ କହିଦେଇ, ସିଧା ମାମୁଁ ଘରକୁ ଚାଲିଯା ।

ସୁଧର୍ମା – ଆଉ ତୁ, ତୁ କ'ଣ କରିବୁ । ପୋଲିସ୍ ତୋତେ ବାନ୍ଧି ନବ । ନାଇଁ ବୋଉ, ମୁଁ ତୋତେ ଛାଡ଼ି କୁଆଡ଼େ ଯିବିନି । (କାନ୍ଦିଲା) (ଏଇ ସମୟରେ କମଳାକାନ୍ତ ବାବୁ ଆସିଲେ)

ସୁ.ବୋଉ – ହଇଓ, ତୁମେ କ'ଣଚାଲିଆସିଲ । ଶୀଘ୍ର ଚାଲିଯାଅ । ପୋଲିସ୍ ।

Digitized by srujanika@gmail.com

କମଳାକାନ୍ତ – କ'ଣ କହିଲ, ପୋଲିସ୍ । ମୁଁ କେଉଁଠି ଲୁଚିବି ।
(ଏପଟ ସେପଟ ଦୌଡୁଥିଲେ)
ପୋଲିସ୍ ମୋତେ ବାନ୍ଧିନବ । ମୁଁ କାହିଁକି ଆସିଲି । ତୁମକୁ ପୋଲିସ୍ କଥା କିଏ କହିଲା ।

ସୁ.ବୋଉ – ସେ କଥା ମୋତେ ପଚାରନି । ଶୀଘ୍ର ଚାଲିଯାଅ ।

କମଳାକାନ୍ତ – ହଇଏ, ମୋତେ ଜୋର୍‌ରେ ଝାଡ଼ା ଦେଖଉଛି । ମୁଁ ଟିକିଏ ପାଇଖାନା ଯାଇ ଆସିବି ।

ସୁ.ବୋଉ – ଏତେବେଳକୁ ତୁମକୁ ଝାଡ଼ା ଦେଖେଇଲା । ମୁଁ ଜାଣେ ଡ଼ର କଥା ପଡ଼ିଲେ, ତୁମର ଝାଡ଼ା ଫ୍ରି ହୋଇଯିବ । ହଉ ଶୀଘ୍ର ଯାଅ । ଦଶ ଗଣିଲାବେଳକୁ ଚାଲିଆସ ।

କମଳାକାନ୍ତ – (ଦଉଡ଼ିଲେ)

ସୁ.ବୋଉ – ହଁ, ତୁ ଟିକିଏ ବୁଲୁ ପାଖକୁ ଯା । ବୁଲୁକୁ ଡ଼ାକିଦେ ।
(ସୁଧର୍ମା ଚାଲିଗଲା)
(କମଳାକାନ୍ତ ଆସିଲେ ।)

କମଳାକାନ୍ତ – କଥାଟା ମୋତେ ଆଗ କହିଲ, ମୁଁ ହାକିମଙ୍କୁ କହି ତାର ବନ୍ଦୋବସ୍ତ କରିବି ।

ସୁ.ବୋଉ – କାମିନୀର ଲାସ୍ । ସୁଧର୍ମା ଦେଖି ଆସିଲା ।

କମଳାକାନ୍ତ – କ'ଣ କହିଲ, ଲାସ୍ । ଆଉ ରକ୍ଷା ନାହିଁ । ମୁଁ ଚାଲିଲି, ଘର ତୁମକୁ ଲାଗିଲା ।

ସୁ.ବୋଉ – ତୁମେ ବ୍ୟସ୍ତ ହୁଅନି । ମୁଁ ଅଛି । ମୁଁ ଖବର ପଠାଇଲେ ତୁମେ ଆସିବ ।

କମଳାକାନ୍ତ – ଚାଲିଲି ସୁଧାର ବୋଉ (ଚାଲିଗଲେ)

ସୁ.ବୋଉ – ଏଇ ଲୋକଟାକୁ ନେଇ, ଜୀବନଟା ମୋର ହନ୍ତସନ୍ତ ହୋଇଗଲା ।
(ପ୍ରବେଶ କଲେ ବୁଲୁ, ସୁଧର୍ମା)

ବୁଲୁ – ମାଉସୀ, ନମସ୍କାର । ହଠାତ୍ ମୋତେ ଡ଼କାଇଲେ କାହିଁକି ?

ସୁ.ବୋଉ – କ'ଣ କହିବି ପୁଅ । ତୋ ମଉସାଙ୍କୁ ଶନି ମହାଦଶା ପଡ଼ିଛି । ଏବେ ରାହୁରେ କେତୁ ପ୍ରତ୍ୟନ୍ତର । ତଳି ତଳାନ୍ତ କରିଦେଲାଣି । ଆଉ ତୋ ଭାଇର ଗ୍ରହ ଖରାପ । ବାହାଘର ଦିନଠୁଁ ବିପତ୍ତି ।

Digitized by srujanika@gmail.com

ଚୁଲୁ -ବୋହୁ ତ ଭଲ । ବି.ଏ. ପାସ୍ କରିଛନ୍ତି, ଆଉ ଖରାପ ହେଲା କ'ଣ ? ମାଉସୀ ଏ ଚଣ୍ଡାଳକୁ କହିଲି ସାଗର ବିଶ୍ୱବିଦ୍ୟାଳୟର ଏମ୍.ଏ. ସାର୍ଟିଫିକେଟ୍‌ଟା ନେଇ ଆ । ଚାଲେ ତୋତେ ନବରଙ୍ଗପୁର ଆଇନ ମହାବିଦ୍ୟାଳୟରେ ନାଁ ଲେଖାଇଦେବି । ବର୍ଷ ୨ଟା କାନ କୁଣ୍ଡାଇଲା ପରି ଚାଲିଯିବ । ଓକିଲଟେ ହେଲେ କେତେ ନାଁ । କଳାକୋଟ ପିନ୍ଧି ଯେତେବେଳେ ରାସ୍ତାରେ ଯାଉଥିବ, ଲୋକେ କେତେ ଖାତିର ନ କରିବେ ।

ସୁ.ବୋଉ -ତୁ ସତ କହୁଛୁ ପୁଅ । ଏ କ'ଣ ଓକିଲ ପାଠ ପଢ଼ି ପାରିବ ।

ଚୁଲୁ -ସବୁ ହବ । ପଇସା ଥିଲେ ଆସମାନରୁ ଚାନ୍ଦକୁ ତଳକୁ ନେଇ ଆଣି ହେବ । ଦବ ଦଶହଜାର । ସବୁ କାମ ମୁଁ କରିବି ।

ସୁ.ବୋଉ -ଦେବି, କାହିଁକି ଦେବିନି । ହଇରେ ବଗୁଲିଆ, ଭାଇନା କଥା ଶୁଣିଲୁ । ଆହା ପୁଅ ଜନ୍ମ କରିବ ତ ଚୁଲୁ ପରି ପୁଅ । ତୋ ବାପା, ମାଙ୍କୁ ଶହେ ଜୁହାର ।

ସୁଧର୍ମା -ବୋଉ, ମୁଁ ଏତେ ଦୂରରେ ରହି ପାଠ ପଢ଼ିବିନି । ତା'ହେଲେ ତୁ ମୋ ସାଙ୍ଗରେ ଚାଲ । ମୋତେ ଗୁଣ୍ଡା ଗୁଣ୍ଡା କରି ହାମୁ କିଏ ଖୁଆଇଦେବ ? ମୋତେ ଗୀତ ଗାଇ କିଏ ଶୁଆଇଦେବ ।

ଚୁଲୁ -ହଇରେ ତୁ ପରା ବାହା ହେଲୁଣି । ହେଲେ ତୋ ସ୍ତ୍ରୀକୁ ସାଥିରେ ନେଇଯା । ଏମିତି କ'ଣ ହଉଛୁ । ବୋହୁ ଯାକୁ କିଛି କହୁନାହାଁନ୍ତି ।

ସୁଧର୍ମା -ସେ ମୋତେ କାହିଁକି କହିବ । ସେ ପରା ମୋ ସ୍ତ୍ରୀ । ମୋ ସେବା କରିବ ।

ସୁ.ବୋଉ -ଆରେ ଅଳାଜୁକ ତୁନି ହୁଅ । ଚୁଲୁ, ତୁମକୁ ମୁଁ ପଅରଦିନ ଦଶହଜାର ଦେବି । ଅଳପ ପାଠ ପଢ଼ିଛି ବୋଲି ଟୋକିର ମନକୁ ପାଉନି ।

ଚୁଲୁ -କିରେ ସୁଧର୍ମା, ମୁଁ ତତେ ସେଇ କଥା କହୁଥିଲି । ଏଥର ଚିନ୍ତା କରନା ମାଉସୀ । ଆଉ ଦୁଇବର୍ଷ ପରେ ଶ୍ରୀ ସୁଧର୍ମା ଶତପଥି ଏମ୍.ଏ. ଏଲ୍‌ଏଲ୍.ବି, ହେଲାନା, ମୁଁ ଆସୁଛି ।

ସୁ.ବୋଉ -ଆଉ ଗୋଟିଏ କଥା ଥିଲା । ତୋର ଏ ଥାନାବାବୁ ସାଙ୍ଗରେ କିମିତି ଭାବ ଅଛି ?

ଚୁଲୁ -ଖୁବ୍ ଭଲ । ମୁଁ ଉଠୁ କହିଲେ ଉଠିବ, ବସ୍ କହିଲେ ବସିବ । ମନ୍ତ୍ରୀ

Digitized by srujanika@gmail.com

ଯେତେବେଳେ ବସଉଠ ହେଉଛନ୍ତି, ଏ ଛାର ଲୋକ, ଯାକୁ ପଚାରେ କିଏ ? କହ, ମନ୍ତ୍ରୀଙ୍କୁ କହି କରାଇଦେବି ।

ସୁ.ବୋଉ – ମନ୍ତ୍ରୀ, ସେମାନେ ବଡ଼ ଲୋକ । ଆମ ଗରିବଙ୍କ କଥା ଶୁଣିବେ କାହିଁକି ? ମଉସାଙ୍କ ମନ ଖରାପ । ସେ ତ ପାଗଳଙ୍କ ପରି ହୋଇଗଲେଣି ।

ବୁଲୁ – ମୁଁ ଦେଖୁଛି । ବୋହୂ ଉପରେ ତୁମେମାନେ ଅସନ୍ତୁଷ୍ଟ । ସୁଧର୍ମାକୁ ପଚାରିଥିଲି ସେ କହୁଥିଲା ସବୁ ଭଲ ବୋଲି ।

ସୁ.ବୋଉ – ସେ ଓଲା, କାବଡ଼ା କଥା କାହିଁକି ପଚାରୁଛ ?

ସୁଧର୍ମା – ଦେଖିଲ ଭାଇନା ବୋଉ ମୋତେ ତା ଆଗରେ ଏମିତି ଗାଳିଦେବ । ସେ ମୋତେ ସ୍ୱାମୀ ବୋଲି ମାନିବ କାହିଁକି ?

ବୁଲୁ – ମାଉସୀ ଏଇଟା ଭଲ କଥା ନୁହେଁ । ସୁଧର୍ମା ଭାରି ଚାଲାକ ।

ସୁଧର୍ମା – ଭାଇନା, ବୋଉକୁ ଟିକିଏ ସେଇକଥା ବୁଝାଇଦିଅ ।

ବୁଲୁ – ମୋର ବହୁତ କାମ । ପୋଲିସ କଥା କହ, ମୁଁ ସବୁ ଠିକ୍ କରିଦେବି । କ'ଣ ପଡ଼ିଶା ଘର ସାଙ୍ଗରେ କଳି ଲାଗିଛି । ପୋଲିସ କହି ଏମିତି ପାନେ ଦେବି, ତ୍ରାହି ତ୍ରାହି ଡ଼ାକୁଥିବ । ମାଉସୀ ବୋହୂଙ୍କୁ ଡ଼ାକୁନ, ତାଙ୍କୁ ଏମିତି ଘରକୋଣଟାରେ କାହିଁକି ରଖିଛ କହିଲ ?

ସୁ.ବୋଉ – ଆରେ ବୁଲୁ, ତୁ ପରା ତା'ର ଦେଢ଼ଶୁର । ସେ କ'ଣ ତୋ ପାଖକୁ ଆସିବ ।

ବୁଲୁ – ଓଃ, ବୁଝିଗଲି । ତାହେଲେ, ମୁଁ ଯାଉଛି ମାଉସୀ । ଟଙ୍କା ମୋତେ ପଅରଦିନ ଦିଅ । (ଚାଲିଗଲା)

ସୁ.ବୋଉ – ଓହୋ, ରକ୍ଷା ମିଳିଗଲା । ଲୋକଟାକୁ ମିଛରେ ପଠାଇଦେଲି । ସେ ଯେପରି ଲୋକନା, କ'ଣ ବୋଲି କ'ଣ କରି ବସିଲେ, ମୋର ଭେଳା ବୁଡ଼ିଯିବ ।

(ଏ ସମୟରେ କାମିନୀର ନନା ବିରୁପାକ୍ଷ ବାବୁ ପ୍ରବେଶ କଲେ)

ବିରୁପାକ୍ଷ – ସମୁଦ୍ରୁଣି ।

ସୁ.ବୋଉ – ଆପଣ ଆସିଛନ୍ତି । ଭଲ ହେଲା । ମୁଁ ତ ଆପଣଙ୍କ ପାଖକୁ ଲୋକ ପଠାଇଥାନ୍ତି ।

ବିରୁପାକ୍ଷ – ଝିଅ ଦେହ ଭଲ ଅଛି ତ, ତାକୁ ଟିକିଏ ଡ଼ାକନ୍ତୁ ।

Digitized by srujanika@gmail.com

ସୁ.ବୋଉ – କଣ କହିବି ସମୁଦି । ପଅରଦିନ ବୋହୂର ପେଟରୁ ଗୋଟାଏ ବଥା ବାହାରିଲା । ଏଠାରେ ଡ଼ାକ୍ତରଙ୍କୁ ଦେଖାଇଲୁ । ସେ କହିଲେ କଟକ ନେଇଯାଅ । ସମୁଦି ବି ଦିନ ହେଲା, ବୋହୂକୁ ସାଙ୍ଗରେ ନେଇ କଟକ ଯାଇଛନ୍ତି ।

ବିରୁପାକ୍ଷ – ଆଶ୍ଚର୍ଯ୍ୟ । ମୋତେ ଖବର ପଠାଇଲେ ନାହିଁ କାହିଁକି ? ଝିଅ ମୋର ୫ ମାସ ହେଲା ଘର ମୁହଁ ଦେଖିଲାନି । ତା ଭାଇ, ଭାଉଜ ବ୍ୟସ୍ତ ହଉଛନ୍ତି । ସମୁଧୁଣି, ଝିଅ ଫେରିଲା ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିବି ।

ସୁ.ବୋଉ – ଏ କଥା କ'ଣ କହୁଛନ୍ତି । ଆପଣ ରହନ୍ତୁ । ଝିଅ ଆସୁ, ତାକୁ ନେଇ ଘରକୁ ଯିବେ । ବୁଝିଲେ ସମୁଧି । ଏଭଳି ବୋହୂଟିଏ ସାତ ଜନମରେ ତପସ୍ୟା କଲେ ମିଳିବନି । କି ସେବା । ମୁଁ ନ ଖାଇଲେ ସେ ସେମିତି ଅପେକ୍ଷା କରି ବସିଥିବ । ଆପଣ ଡ଼ାକୁଛନ୍ତି । ମୋତେ କ'ଣ ଗୋଟିଏ ଦିନ ଛାଡ଼ିବାକୁ ମନ ହଉଚି । ଡ଼ାକ୍ତରଖାନାକୁ ଯାଇଛି ଯେ, କେତେ ଦିଅଁ ଦେବତାକୁ ଯଚ୍ଛା ସରିଲାଣି ।

ବିରୁପାକ୍ଷ – କିନ୍ତୁ ସମୁଧୁଣୀ, ମୁଁ ତ ଅନେକ କଥା ଶୁଣିଥିଲି । ଆପଣ କଳର ଟି.ଭି. ମାଗିଥିଲେ । ଦେଖନ୍ତୁ, ମୋର ଅନ୍ୟ କିଛି ରୋଜଗାର ନାହିଁ । ପୁଅ ଉପରେ ନିର୍ଭର । ତେବେ ପୁଅ କହିଛି ଟି.ଭି.ଟିଏ ଛଅମାସ ଭିତରେ ପଠାଇଦେବ ।

ସୁ.ବୋଉ – ଏଥିପାଇଁ ବ୍ୟସ୍ତ କାହିଁକି ହଉଛନ୍ତି । ମୁଁ ଟିକିଏ ଥଟ୍ଟାରେ କହିଦେଲି । ଏଇକଥା ସେ ଆପଣଙ୍କ ପାଖକୁ ଚିଠିରେ ଜଣାଇଦେଲା । ଆଜିକାଲିକାର ଝିଅଙ୍କ କଥା କ'ଣ ? ହଁ, ଚାଲନ୍ତୁ ଗୋଡ଼, ହାତ ଧୋଇବେ । ଜ୍ଳାଇଁ ଆପଣଙ୍କର ଆସିବ । ୩ଟା ଦିନ ଅପେକ୍ଷା କରନ୍ତୁ, ଝିଅ ଚାଲି ଆସିବ ।

ବିରୁପାକ୍ଷ – ଆହାହା, କି ଅମୃତ ବଚନ । ସମୁଧୁଣୀ ଆପଣଙ୍କର ବଚନ ଶୁଣି ପେଟ ମୋର ପୁରିଗଲା । ମୁଁ ଖୁବ୍ ଖୁସୀ । ମୁଁ ଆଉ କାହିଁକି ରହିବି । ଝିଅ ଆସିବାମାତ୍ରେ ତାକୁ ପଠାଇଦେବ । ମୁଁ ଯେମିତି ନ ଆସେ ।

ସୁ. ବୋଉ – କି କଥା କହୁଛନ୍ତି, ଆପଣ ଆସିବେନି । ସମୁଧିଙ୍କ ସହିତ କଥାବାର୍ତ୍ତା ହେବେ । ୩ ଦିନ ରହି ଝିଅକୁ ଧରି ଯିବେ ।

Digitized by srujanika@gmail.com

ବିରୂପାକ୍ଷ - ହଉ ସୁବିଧା ହେଲେ ମୁଁ ଆସିବି । ନଇଲେ ଆପଣ ପଠାଇଦେବେ । ଗାଡ଼ି ଅଛି । ବାହାରି ଯିବି ।

ସୁ. ବୋଉ - ଯାହା ଆପଣଙ୍କର ଇଚ୍ଛା । (ଓଳଗି ହେଲା)

ବିରୂପାକ୍ଷ - ହଉ, ହଉ ମୁଁ ଆସୁଛି । (ଚାଲିଗଲେ)

(ଗୀତ ପ୍ରଚ୍ଛଦ ପଟରୁ)

ଆସିଲ ବନ୍ଧୁ, ଭଲ କଲ, ବସିବାକୁ
ନାହିଁ ଠାଆ,
ଯେଉଁ ବାଟେ, ବାଟେ ଆସିଲ ବନ୍ଧୁ
ସେଇ ବାଟେ, ବାଟେ ଯାଆ

- ଅନ୍ଧାର -

- ଷଷ୍ଠ ଦୃଶ୍ୟ -

(ଗ୍ରାମ ପଥ । କାମିନୀ ଓ ମାଧବାନନ୍ଦ କଥାବାର୍ତ୍ତା ହୋଇ ଆସୁଥିଲେ ।)

ମାଧବାନନ୍ଦ - କଲ୍ୟାଣୀ, ଆମ ଆନ୍ଦୋଳନ ସଫଳ ହୋଇଛି ।

କାମିନୀ - ବାବା, ଆମକୁ ନିଆଁ ସଙ୍ଗେ ଖେଳିବାକୁ ହେବ । ଆପଣ କହିବା ପ୍ରକାରେ ମୁଁ ୩ ହଜାର ଦସ୍ତଖତ ସଂଗ୍ରହ କରିଛି । ଥାନା ଇନ୍‌ଚାର୍ଜଙ୍କୁ ଶୀଘ୍ର ବଦଳି କରିବାକୁ ହେବ । ଆଉ ସେ ଡ଼ାକୁ ସର୍ଦ୍ଦାର ବୁଲୁ ଓ ତାର ଗ୍ୟାଙ୍ଗକୁ ଜେଲ୍‌ରେ ଭର୍ତ୍ତି କରିବାକୁ ହେବ ।

ମାଧବାନନ୍ଦ - ତୁ ଠିକ୍ କହିଛୁ ମା । ତା'ପରେ ଆମେ ନାଟକର ଅନ୍ୟ ଦୃଶ୍ୟ ପାଇଁ ଆଗେଇ ଯିବା । ନାଟକ ଚାଲିଛି । ଜୀବନ୍ତ ନାଟକ । ବଞ୍ଚିବା ପାଇଁ ନାଟକ । ଅନ୍ୟାୟ, ଅତ୍ୟାଚାର, ଶୋଷଣ, କଷଣ ବିରୁଦ୍ଧରେ ଏ ନାଟକର ଆହ୍ୱାନ ।

କାମିନୀ - ତେବେ ବାବା, ମୋର ପରବର୍ତ୍ତି କାର୍ଯ୍ୟକ୍ରମ ।

ମାଧବାନନ୍ଦ - ତୋର ଅଭିନୟ ଚମତ୍କାର । ଏ ନାଟକର ନାୟିକା ତୁ । ମୁଁ ଚରିତ୍ର ଅଭିନେତା । ଆଉ ଖଳନାୟକମାନେ, ତାଙ୍କର ଶାସ୍ତି ପାଇଁ ପ୍ରସ୍ତୁତି ଚାଲିଛି । ହେଇ ଦେଖ ମା, ତୋର ସ୍ୱାମୀ ଆସୁଛନ୍ତି । ନାଟକର ନାୟକ ।

କାମିନୀ - ବାବା, ମୁଁ ତାଙ୍କୁ ଦେଖା କରିବାକୁ ଚାହେଁନା । ଚାଲନ୍ତୁ, ଘରକୁ ଫେରିଯିବା ।

Digitized by srujanika@gmail.com

ମାଧବାନନ୍ଦ - ଏତେ ବ୍ୟସ୍ତ କାହିଁକି ମା । ତୁ ବର୍ତ୍ତମାନ କଲ୍ୟାଣୀ । ମୋର ଝିଅ ।
(ପ୍ରବେଶ କରିଛି ସୁଧର୍ମା)

ସୁଧର୍ମା - ନମସ୍କାର ଆଜ୍ଞା । ଆପଣ କ'ଣ ଗାଁରେ ନ ଥିଲେ । ସାହାଯ୍ୟ ଅନୁଷ୍ଠାନ ପାଇଁ ଆପଣ ମୋର ସାହାଯ୍ୟ ଚାହାଁନ୍ତି ନାହିଁ ।

ମାଧବାନନ୍ଦ - ତୁମେ ଆମ ଅନୁଷ୍ଠାନକୁ ସାହାଯ୍ୟ କରିବାକୁ ଚାହଁ ? କେଉଁ ଭାବରେ ସାହାଯ୍ୟ କରିବ । ମୁଁ ତୁମ ପତ୍ନୀଙ୍କର ସାହାଯ୍ୟ ଚାହିଁଥିଲି । ତୁମର ନନା, ବୋଉ ମନା କରିଦେଲେ । ବେଶ୍ ଭଲ କଥା । ମୋର ନାରୀ କର୍ମୀ ଦରକାର ଥିଲା । ଯୌତୁକ ଯନ୍ତ୍ରଣାରେ ଝିଅମାନେ ନିର୍ଯ୍ୟାତିତା ।

ସୁଧର୍ମା - ଯୌତୁକ ଯନ୍ତ୍ରଣା । କିଏ ତ କାହାକୁ ଦେଇନି । କିଏ ତ କାହାକୁ କଲର ଟି.ଭି. ମାଗୁନି । ଆପଣ କାହିଁକି ଏମିତି କହୁଛନ୍ତି ।

କାମିନୀ - (ହସିଛି)

ସୁଧର୍ମା - ଆପଣ ମୋ କଥାକୁ ହସରେ ଉଡ଼ାଇ ଦେଉଛନ୍ତି । ଯୌତୁକ ପାଇଁ ଆମ ଘରେ ଆଜି ମିଛରେ ମହାଭାରତ ଚାଲିଛି ।

କାମିନୀ - ମହାଭାରତ ।

ମାଧବାନନ୍ଦ - ଆପଣଙ୍କ ଘରେ ମହାଭାରତ କାହିଁକି ? ଆପଣ କ'ଣ ଆପଣଙ୍କ ସ୍ତ୍ରୀଙ୍କୁ ଯୌତୁକ ଯନ୍ତ୍ରଣା ଦେଉଛନ୍ତି ।

କାମିନୀ - ଆପଣ, ଆପଣଙ୍କ ସ୍ତ୍ରୀଙ୍କ ପ୍ରତି ଅନ୍ୟାୟ କରୁଛନ୍ତି ?

ସୁଧର୍ମା - ଆପଣ କିଏ ? ଆପଣ ଖୋଲି କୁହନ୍ତୁ । ଆପଣ କାମିନୀ, ମୋ ପତ୍ନୀ । ମୁଁ ଆଜି ଆପଣଙ୍କୁ ଛାଡ଼ିବିନି । ମୁଁ ଚିତ୍କାର କରିବି । କାମିନୀ ମୋ ପାଖରୁ ଚାଲି ଯାଇଛି । ସମସ୍ତଙ୍କୁ ଏଇ କଥା କହିବି ।

କାମିନୀ - ବାବା, ଚାଲନ୍ତୁ ନା । ଲୋକଟାର ମୁଣ୍ଡ ଖରାପ ।

ସୁଧର୍ମା - ତା'ହେଲେ ଆପଣ, ଆପଣ ମୋର କାମିନୀ ନୁହଁନ୍ତି ।

ମାଧବାନନ୍ଦ - ଏ ମୋର ଝିଅ କଲ୍ୟାଣୀ ।

ସୁଧର୍ମା - କଲ୍ୟାଣୀ, କାମିନୀ, କାମିନୀ, କଲ୍ୟାଣୀ । ଏଇଟା କେମିତି ହେବ । ନା, ତୁମେ କଲ୍ୟାଣୀ ନୁହଁ, ତୁମେ ମୋର କାମିନୀ ।

ମାଧବାନନ୍ଦ - ଆସ ମା, ବହୁତ କାମ ଅଛି । (ଚାଲିଗଲେ)
(ଗୀତଟିଏ ପଦେ ଭାସି ଆସିଲା...)

Digitized by srujanika@gmail.com

ତୋ ଲାଗି ଝୁ[illegible] ମୋ ସବୁ ଦିଅଛିଲି
ଯାହା ଆଣି[illegible] ତାହା ଥାଳେ ମଣ୍ଡା[illegible] ।
[illegible], ତୋ ରୂପରେ ହୋଇ ଭୋଳ...)

ସୁଧମା - (ଡାକିଛି) [illegible], କାମିନୀ ତୁ ମୋ ପାଖକୁ ଚାଲିଆ କାମିନୀ ।
(କାନ୍ଦୁଥିଲା) (କିଛି ସମୟପରେ ଚାଲିଯାଇଛି)
(ପ୍ରବେଶ କରିଛି ଇନ୍ସପେକ୍ଟର ଓ ବୁଲୁ)

ଇନ୍ସପେକ୍ଟର - ବୁଲୁ ତୁମ ନାଁରେ ଗୁରୁତର ଅଭିଯୋଗ ।

ବୁଲୁ - ମୋ ନାଁରେ ଅଭିଯୋଗ ।

ଇନ୍ସପେକ୍ଟର - ତୁମେ ସତର୍କ ରହ । ଆଇନ ତା' ବାଟରେ କାମ କରିବ । ସ୍ପେଶାଲ ବ୍ରାଞ୍ଚ ହାତରେ ୨ ଦିନ ତଳେ ୪ ଜଣ ଯୁବତୀ ଧରା ପଡ଼ିଛନ୍ତି । ଶାଇରାବେଗମ୍, ବୁଧେଇଦେଇକୁ ଗିରଫ କରାଯାଇଛି । ମୋର ଆଶଙ୍କା ହବିବୁଲ୍ଲା ଧରା ପଡ଼ିପାରେ ।

ବୁଲୁ - ଆପଣ ଥାଉ ଥାଉ ମୋର ଦଳ ଉପରେ ଆକ୍ରମଣ, ବଡ଼ ଅନ୍ୟାୟ ସାର୍ ।

ଇନ୍ସପେକ୍ଟର - ତୁମେ ମୋତେ ଭୁଲ୍ ବୁଝୁଛ କାହିଁକି ? ଏତ ମୋ କାମ ନୁହେଁ ତେବେ ଡ଼ି.ଜି. ଓ୍ୱାଇରଲେସ୍ ପଠାଇଛନ୍ତି ତୁମକୁ ଗିରଫ କରିବା ପାଇଁ ।

ବୁଲୁ - କିନ୍ତୁ ସାର୍ । ଆପଣ ଯଦି ସାହାଯ୍ୟ ନ କରନ୍ତି, ଆମର ହାତ ବନ୍ଦ ହୋଇଯିବ । ସମସ୍ତେ ଆମେ ହୋମ୍ ମିନିଷ୍ଟରଙ୍କ ଲୋକ । ନିର୍ବାଚନ ଆଗରେ । ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ସାର୍ ।

ଇନ୍ସପେକ୍ଟର - ଯୁବତୀ ଚାଲାଣ ଉପରେ ସରକାର ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ନୂଆ ମୁଖ୍ୟମନ୍ତ୍ରୀ ଏଥିପ୍ରତି କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ମାଧବାନନ୍ଦ, ଏ ସବୁ ରିପୋର୍ଟର ମୂଳରେ ।

ବୁଲୁ - ଇନ୍ସପେକ୍ଟର ବାବୁ, ମୁଁ ତାକୁ ଶେଷ କରିଦେବି ।

ଇନ୍ସପେକ୍ଟର - ତୁମର ମୁଣ୍ଡ ଖରାପ ନା କ'ଣ ? ବର୍ତ୍ତମାନ ଆତ୍ମଗୋପନ କର । ଯାଅ, କିଛି ଦିନ ପାଇଁ ଏ ଜାଗା ଛାଡ଼ି ଚାଲିଯାଅ ।

ବୁଲୁ - ତା'ହେଲେ ଲୋକେ କହିବେ, ମାଧବାନନ୍ଦକୁ ଡ଼ରି ଚାଲିଗଲା ।

Digitized by srujanika@gmail.com

ଆପଣଙ୍କୁ ମୁଁ ଡ଼ି.ଏସ୍.ପି. କରିବି ସେ ଲିଷ୍ଟ ତିଆରି କରିସାରିଲିଣି । ଆପଣ ଚାହିଁଲେ ସେ ଏ ଗାଁ ଛାଡ଼ି ଚାଲିଯିବ ।

ଇନ୍ସପେକ୍ଟର - ଚୁଲୁ ତା ନାଁରେ କିଛି ଗୋଟାଏ ରିପୋର୍ଟ ହେବା ଦରକାର । ତା'ନହେଲେ ମୁଁ କିଛି କରିପାରିବି ନାହିଁ ।

ଚୁଲୁ - ଅଛି ସାର୍ । ଗୁରୁତର ଅଭିଯୋଗ । ତା'ଘରେ ଯେଉଁ ଝିଅଟି ଅଛି, ସେ ତା' ଝିଅ ନୁହେଁ । ଉପରକୁ ବାପ ଝିଅ । ମୁଁ ଆଉ ବେଶୀ କହିବାକୁ ଚାହେଁନା ।

ଇନ୍ସପେକ୍ଟର - ଠିକ୍ ଅଛି । ତୁମେ କାହାଦ୍ୱାରା ରିପୋର୍ଟଟା ପଠାଇଦିଅ । ମୁଁ ଦେଖିବି କଥାଟା କେତେଦୂର ସତ । ଯଦି ସତ ପ୍ରମାଣିତ ହୁଏ, ସେ ଏଠାରୁ ଯେମିତି ଚାଲିଯିବ ତାର ବନ୍ଦୋବସ୍ତ ମୁଁ କରିବି । ତୁମେ ଶୀଘ୍ର ରିପୋର୍ଟ ଦାଖଲ କର । ତା ପରେ ଚିନ୍ତା କରିବା ।

ଚୁଲୁ - ଆପଣଙ୍କୁ ଲାଗିଲା ସାର୍ । ମୁଁ ଆପଣଙ୍କ ଘରକୁ ଆସୁଛି ।

ଇନ୍ସପେକ୍ଟର - ମୋ ଘରକୁ ଆସିବା ବନ୍ଦ କର । ଆଉ ଥାନାକୁ ତୁମେ ଆସନି । ଖାଲି ରିପୋର୍ଟଟା ମୋ ପାଖକୁ ପଠାଇଦିଅ । ବି କୁଇକ୍ ।

ଚୁଲୁ - ମୁଁ ସବୁ ଠିକ୍ କରିଦେଉଛି । ତେବେ କେଉଁଠି ଆପଣଙ୍କୁ ଦେଖା କରିବି ।

ଇନ୍ସପେକ୍ଟର - ସେ ବିଷୟ ପରେ କଥା ହେବା ।

- ଅନ୍ଧାର -

- ସପ୍ତମ ଦୃଶ୍ୟ -

(କମଳାକାନ୍ତ ବାବୁଙ୍କର ଘରର ଅଳିନ୍ଦ । କମଳାକାନ୍ତ ବାବୁ ଠିଆ ହୋଇଥିଲେ । ସୁଧର୍ମା ବୋଉ କହୁଥିଲେ)

ସୁ. ବୋଉ - ତୁମେ ଅଫିସକୁ ନ ଯାଇ ଘରଟାରେ ରହିଛ କାହିଁକି ?

କମଳାକାନ୍ତ - ଅଫିସ୍‌ରେ କ'ଣ କାମ କରିବାକୁ ମନ ଲାଗୁଛି । ଅଫିସରଙ୍କର ତାଗିଦ୍ । କାମ କରିବାକୁ ମନ ଥିଲେ କାମ କର । ନ ହେଲେ, ଛୁଟି ନେଇ ଘରେ ରହିଯାଅ ।

ସୁ. ବୋଉ - ତୁମର କ'ଣ ହୋଇଛି ଯେ । ବୋହୁଟା ଯାଇଛି ଯେ, ଆମକୁ ଦହଗଞ୍ଜ କରି ମାରିଦେଲାଣି । ହଉ କ'ଣ ହଉଚି ଦେଖିବାନି ।

Digitized by srujanika@gmail.com

କମଳାକାନ୍ତ - ସମୁଧି କ'ଣ ପୋଲିସ କଥା କହୁଥିଲେ ।

ସୁ. ବୋଉ - ଆହା, କି ପୁଲିସ ଭୂତ ତୁମକୁ ଗୋଡ଼ାଇଛି ହେ ବାବୁ । ଯଦି କିଏ ପଚାରେ, କାଲି ରାତିରେ ପଳାଇଛି ବୋଲି କହିଦବ ।

କମଳାକାନ୍ତ - ସମୁଧି କେବେ ଆସିବେ ବୋଲି କହିଛନ୍ତି ।

ସୁ. ବୋଉ - ମୁଁ ସବୁ ଠିକ୍ କରି ଦେଇଛି । ସେ ଆସିବେନି । ଆମେ ବୋହୁକୁ ପଠାଇଦେବା ।

କମଳାକାନ୍ତ - କୋଉଠୁ ବୋହୁକୁ ପାଇବ ଯେ ପଠାଇଦବ । ଆଚ୍ଛା ସେ ଶବ କଥା କ'ଣ ହେଲା ।

ସୁ. ବୋଉ - ଏ ସୁଧର୍ମା, ବାପର ରକ୍ତ ପରା । କ'ଣ ଦେଖିଲା କହିଲା କାମିନୀର ଶବ । ଆମ ଗାଁରେ ଯେଉଁ ପାଗଳିଟା ବୁଲୁଥିଲା, ସେଇଟା ତା'ର ଶବ । ତୁମେ ବାପ,ପୁଅ କ'ଣ ନ ହେଲ । ମୁଁ ଜାଣେ, କିଛି ହେବନି ।

କମଳାକାନ୍ତ - ଆଗକୁ ସବୁ ବିପଦ ଆସୁଛି । ରକ୍ଷା ହୋଇଛି, କେହି ଜାଣି ନାହାଁନ୍ତି । ନଇଲେ ଗାଁଟା ପଡୁଥାନ୍ତା, ଉଠୁଥାନ୍ତା । ଏତେବେଳକୁ ତୁମର ପାରିବାପଣିଆଟା ଜଣାପଡ଼ି ଯାଇଥାନ୍ତା ।

ସୁ. ବୋଉ - ପୋଲିସ ଭୟ ତୁମେ କରନି । ମୁଁ ତାର ବନ୍ଦୋବସ୍ତ କରି ସାରିଛି । ବୁଲୁକୁ ଚାରିହଜାର ଦେଇଛି । ତୁମ ପୁଅ ଓକିଲ ହେବ । ସେ ନବରଙ୍ଗପୁର କଲେଜରେ ଆଇନ ପଢ଼ିବ । ଏମ୍.ଏ. ପାସ୍ ସାର୍ଟିଫିକେଟ ଆଣିଛି । ସେଥିପାଇଁ ଦଶହଜାର ଲାଗିଲା ।

କମଳାକାନ୍ତ - ସର୍ବନାଶ । ନାରୀବୁଦ୍ଧି ପ୍ରଳୟଙ୍କାରୀ । ହଇଓ, ପାଠ, ଶାଠ ତ ପଢ଼ିଲନି । ଏମ୍.ଏ. ପାସ କ'ଣ ଆଇ.ଏ. ଫେଲ ହୋଇ କରାଯାଏ ? କାହାକୁ ତୁମେ ଟଙ୍କାଗୁଡ଼ାକ ଦେଇଦେଲ, ଚୋର ତସ୍କରକୁ । ଏ ଟଙ୍କାଗୁଡ଼ାକ କ'ଣ ତୁମେ ବୋପାଘରୁ ନେଇ ଆସିଥିଲ । କାହାକୁ ପଚାରି ତୁମେ ଟଙ୍କା ଗଣିଦେଲ । ଲକ୍ଷ୍ମୀପରି ବୋହୁକୁ ଘରୁ ତଡ଼ି ତୁମେ ହତଲକ୍ଷ୍ମୀଗୁଡ଼ାକ ମୋ ମୁଣ୍ଡଟାକୁ ଖାଇଦଉଛ କାହିଁକି ?

ସୁ. ବୋଉ - (କାନ୍ଦିଲେ) ମୁଁ ହତଲକ୍ଷ୍ମୀ । ମୋ ବାପାଘର ନାଁ ଧରିଲ । ହଇଓ, ଦି ଅକ୍ଷର ମୋ ବାପା ପଢ଼ାଇବାରୁ ତୁମେ ଚାକିରି ଖଣ୍ଡେ ପାଇଲ । ତୁମ ବାପା ଭିଖ ମାଗୁଥିଲେ ।

Digitized by srujanika@gmail.com

ସୁ. ବୋଉ - ତୁମେ ଏମିତି କଥା କହିଲ [illegible]

କମଳାକାନ୍ତ - କହିବି, କହିବି, ହଜାର ଥର କହିବି ।

ସୁ. ବୋଉ - ମୁଁ ବି କହିବି, କହିବି, ଦଶହଜାର ଥର କହିବି ।

କମଳାକାନ୍ତ - ହବା କଥା ନାହିଁ । ସେ ଛତରାଟା ବୁଲୁ ପଛରେ ଆଜିକାଲି ଗୋଡ଼େଇଛି କାହିଁକି କହିଲ ?

ସୁ. ବୋଉ - ଗୋଡ଼େଇଲେ କ'ଣ ହୋଇଗଲା । ମୁଁ ତାକୁକହିଛି ତା'ଠୁ ବୁଦ୍ଧି ଶିଖିବ ।

କମଳାକାନ୍ତ - ଓଃ, ତୁମେ ତା'ହେଲେ ଏ ବୁଦ୍ଧି ତା ମୁଣ୍ଡରେ ଭର୍ତ୍ତି କରୁଛ । ବୁଝିଲ, ବୁଲୁ ସାଙ୍ଗରେ ତୁମ ପୁଅ ଜେଲ ଯିବ । ଯୋଉ ଝିଅ, ବୋହୂଙ୍କୁ ଫୁସୁଲାଇ ବମ୍ବେ, କଲିକତା ପଠାଉଥିଲା, ସମସ୍ତେ ଧରା ପଡ଼ିଛନ୍ତି । ବୁଲୁ ଲୁଚିଛି । ପୋଲିସ୍ ତାକୁ ଖୋଜୁଛି । ସେ ପୁଣି ତୁମକୁ ରକ୍ଷା କରିପକାଇବ ।

ସୁ. ବୋଉ - ହଇଓ, ଏ ଟୋକିଟାକୁ ଫୁସୁଲେଇ ନେଇଗଲେ କି ? ମୁଁ ଭାବୁଛି ସେଇଆ ହୋଇଛି । ନ ହେଲେ, କିଛି ଗୋଟାଏ ଖବର ମିଳନ୍ତା ତ ?

କମଳାକାନ୍ତ - ହଉ, ସେଇକଥା ଭାବି, ନିଶ୍ଚିନ୍ତରେ ଶୋଇପଡ଼ । ବୁଝିଲ ସବୁ ବିପତ୍ତିଗୁଡ଼ିକ ଏକଜୁଟ ହଉଛନ୍ତି । ସାଙ୍ଗ, ସାଥୀ ଯୋଗାଡ଼ କରୁଛନ୍ତି । ତୁମ ଘରେ ପହଞ୍ଚି ତୁମ ବେକ ମୋଡ଼ି ଖାଇଯିବେ ।

ସୁ. ବୋଉ - ସେ ବେଳ ଆସୁ ଦେଖିବାନି । କିଏ କାହା ବେକ ମୋଡ଼ି ଖାଇଯିବ ଦେଖିବା, ତୁମର ଧଇର୍ଯ୍ୟ ବୋଲି କିଛି ନାହିଁ ହେ । କେତେ କେତେ କଥାଲୋକଙ୍କ ଘରେ ହଉଚି । ସମସ୍ତେ କ'ଣ ତୁମପରି ହଉଛନ୍ତି । ବିଧାତା ତୁମକୁ ଝିଅ କରିବ ବୋଲି ଭାବି, ଶେଷକୁ ପୁଅ କରିଦେଲା । ଛି ତୁମର ମରଦ ପଣିଆ ।

(ଏଇ ସମୟରେ ସୁଧର୍ମା ପ୍ରବେଶ କରିଛି)

ସୁଧର୍ମା - ବୋଉଲୋ, ଭୋକ ।

ସୁ. ବୋଉ - କୋଉ ସକାଳ ପ୍ରହରୁ ଖାଇଥିଲୁ ଯେ, ଭୋକ ହୁଅନ୍ତାନି । ଆ, ମୁଁ ଟିକିଏ ତରକାରୀଟା କରିଦେଉଛି । ଶୁଣୁ, ତୁ ଆଉ ସେ ବୁଲୁ ସାଙ୍ଗ ହୁଅନା । ନନା ତୋର ରାଗୁଛନ୍ତି ।

Digitized by srujanika@gmail.com

ସୁଧର୍ମା - ତୁ କହିଲୁ ଯା ସାଙ୍ଗ ହୁଅ । ମୁଁ ହେଲି । ନନା ଠିକ୍ କହିଛନ୍ତି । ଲୋକଟା ଭଲ ନୁହେଁ ଲୋ ବୋଉ । ମଦ ପିଉଛି । ମଦ ମୋତେ ପିଇବାକୁ କହିଲା । ମୁଁ ଟିକିଏ ପିଇଛି, ଭଲକିନା ତା' ଉପରେ ବାନ୍ତି କରିଦେଲି ।

କମଳାକାନ୍ତ - ଶୁଣିଲ, ପୁଅ ମଦ ପିଇବା ଶିଖିଲାଣି । ତା ପରେ ଗଞ୍ଜେଇ, ସିଗାରେଟ୍ ଚରସ ।

ସୁ. ବୋଉ - ସତରେ କି ବାପ । ତୁ ଆଉ ସେଠାକୁ ମୋଟେ ଯାଆନି ।

କମଳାକାନ୍ତ - ନାଇଁ ଯା, ବୋଉ କହୁଛନ୍ତି ପରା । ମାତୃଦେବୀଙ୍କ ଆଦେଶ ପାଳନ କର । ବୋପାକୁ ଯୋତା ମାର ।

ସୁଧର୍ମା - ନନା, ସେମିତି କ'ଣ କହୁଛ । ମୁଁ ଆଉ ତା' ପାଖକୁ କେବେ ଯିବିନି । ବୋଉଲୋ, ସେ ଏମ୍.ଏ. ସାର୍ଟିଫିକେଟଟା ନନାଙ୍କୁ ଦେଖେଇଲୁ । ନନା, ଗୋଟାଏ ବୋର୍ଡ଼ ଦୁଆରେ ଟାଙ୍ଗି ଦିଅନ୍ତୁ । ସୁଧର୍ମା ଶତପଥି, ଏମ୍.ଏ.

କମଳାକାନ୍ତ - ହଇରେ ଅଲାଜୁକ । ତୁ କି ପାଠ ପଢ଼ିଛୁ କହିଲୁ ? ଆଇ.ଏ. ପାସ୍ କରିଛୁ ? ମାଟ୍ରିକ୍ କେତେଥର ଫେଲ୍ ହେଲୁ । କେମିତି ମାଟ୍ରିକ ପାସ୍ କଲୁ ବୋଉକୁ ପଚାରେ । ତୋ ଶିକ୍ଷା ତୋ ଯୋଗ୍ୟତା ଗାଁ ଲୋକେ କ'ଣ ଜାଣି ନାହାଁନ୍ତି ?

ସୁଧର୍ମା - ଭଲ କଥା କ ହୁଛ ନନା । ଏମ୍.ଏ. ବୋର୍ଡ଼ଟା ଟଙ୍ଗା ହେଲେ ତୁମର ମର୍ଯ୍ୟାଦା ବଢ଼ିବନି । ବାପ ମାଟ୍ରିକୁଲେଟ, ପୁଅ ଏମ୍.ଏ. । ହଉ, ତୁମର ଇଚ୍ଛା । ହେଲେ ନନା ଟିକିଏ ଗଲ, ମୁଁ ବୋଉ ସାଙ୍ଗରେ କଥାହେବି ।

ସୁ. ବୋଉ - ନନା ଥାନ୍ତୁ, କହନ୍ତୁ । କ'ଣ କିଛି ଖବର ପାଇନ୍ତୁ ।

ସୁଧର୍ମା - ନାଇଁ ବୋଉ, ନନା ଯାନ୍ତୁ । ମୁଁ ତୋତେ କହିବି ।

ସୁ. ବୋଉ - ହଇଏ, ତୁମେ ଟିକିଏ ଗଲ ।

କମଳାକାନ୍ତ - ହଉ, ହଉ ମୁଁ ଯାଉଛି । ମା' ପୁଅ ମିଶି ଗୁପ୍ତ ମନ୍ତ୍ରଣା କରୁଥାଅ । ତୁମକୁ ଗୁପ୍ତ ଖବର ଦେବନି ଯେ, ଦାଣ୍ଡର କିଳା ଘରକୁ ଆଣିବ । ହଇଏ, କେଡ଼େ କଥା କଲ, ମୋତେ ନ ପଚାରି ଗୋଟାଏ ଡ଼ାକୁକୁ ଚଉଦ ହଜାର ଗଣିଦେଲ । ଛି, ଛି କାହାକୁ କହିବି । (ଚାଲିଗଲେ)

Digitized by srujanika@gmail.com

ସୁଧର୍ମା - ବୋଉଲୋ, ମୋ କଥାକୁ ତୁ ଭଲ କରି ଶୁଣୁ । ସେଇ ଯୋଉ ବାବୁ ଆମ ଘରକୁ ଆସିଥିଲେ । କାମିନୀକୁ କାମ କରିବାକୁ କହିଲାରୁ ତୁ ପାଟି କଲୁ ।

ସୁ. ବୋଉ - କ'ଣ ହେଲା । ସେ କିଛି ଖବର ଜାଣିଛନ୍ତି ।

ସୁଧର୍ମା - ତାଙ୍କର ଝିଅକୁ ଦେଖିଲି । ଅବିକଳ କାମିନୀ ପରି । ସେଇ ମୁଁହ, ସେଇ ହସ ସେଇ କଥା । ଦିନେ ବାପା, ଝିଅଙ୍କ ସଙ୍ଗେ ଦେଖା ହୋଇଗଲା । ମୁଁ କାମିନୀ ବୋଲି ଡ଼ାକିଦେଲି ।

ସୁ. ବୋଉ - ତା'ପରେ ତୁ ଡ଼ାକିଲାରୁ କ'ଣ କହିଲା ?

ସୁଧର୍ମା - ମୁଁ କାମିନୀ ନୁହଁ, ମୁଁ କଲ୍ୟାଣୀ । ତାର ବାପା କହିଲେ, ଆରେ କାମିନୀ କାହାକୁ ଡ଼ାକୁଛ ? ସେ ପରା ମୋ ଝିଅ । ବୋଉଲୋ ତୋ ବୋହୁ ପରି ସୁନ୍ଦରିଆ ହୋଇଛି । ତୁ ତାକୁ ମୋତେ ବାହା କରାଇଦେ ନା ।

ସୁ. ବୋଉ - ଭଲ ଖବରଟିଏ ଦେଲୁ । ଦରକାର ପଡ଼ିଲେ କାମରେ ଆସିପାରେ । ହଇରେ ତାକୁ ଘରକୁ ଡ଼ାକିଲୁ କି ?

ସୁଧର୍ମା - କେମିତି ଡ଼ାକିବି ବୋଉ । ତୋ ବୋହୁ କଥା ଧରାପଡ଼ି ଯିବନି ।

ସୁ. ବୋଉ - ସାବାସ୍ । ଯାକୁ କହନ୍ତି ବୋଉର ପୁଅ । ମୋ ଧନ କେତେ ଚାଲାକି । ଗଲୁ ନନାକୁ ଡ଼ାକିଦେଲୁ ।

- ଅନ୍ଧାର -

- ଅଷ୍ଟମ ଦୃଶ୍ୟ -

(ମାଧବାନନ୍ଦଙ୍କର ଅଫିସ ଘର । ଘର ସଜାଡୁଥିଲା କାମିନୀ । ଗୀତ ଗାଉଥିଲା । ଗୀତ ଶେଷ ହୋଇଛି । ପ୍ରବେଶ କରିଛି ସୁଧର୍ମା ।)

ସୁଧର୍ମା - ଆଜ୍ଞା, କ'ଣ ଘରେ ନାହାଁନ୍ତି ?

କାମିନୀ - ସେ ବାହାରକୁ ଯାଇଛନ୍ତି ।

ସୁଧର୍ମା - ତା'ହେଲେ ମୁଁ ଆସୁଛି ।

କାମିନୀ - ବସନ୍ତୁ ନା ।

ସୁଧର୍ମା - ଆପଣ ମୋତେ ବସିବାକୁ କହୁଛନ୍ତି ।

କାମିନୀ - କାହିଁକି, ଆପଣଙ୍କର କିଛି ଅରଜେଣ୍ଟ କାମ ଅଛି କି ?

Digitized by srujanika@gmail.com

ସୁଧର୍ମା - ନା (ବସିଛି)
କାମିନୀ - ଚା' ନା ସରବତ
ସୁଧର୍ମା - କିଛି ଦରକାର ନାହିଁ ।
କାମିନୀ - ମୁଁ ଦେଖୁଛି, ଆପଣଙ୍କ ମନରେ ସରସତା ନାହିଁ । ସେ ଦିନ ମୋତେ ଆପଣ କାମିନୀ ବୋଲି ଡ଼ାକିଲେ । ଆପଣଙ୍କ ସ୍ତ୍ରୀଙ୍କ ନାଁ କ'ଣ କାମିନୀ ।
ସୁଧର୍ମା - ଆଜ୍ଞା, ହଁ ।
କାମିନୀ - ଆପଣଙ୍କ ପରି ଯୁବକମାନେ ଯଦି ନିକମା ହୋଇ ଘରେ ବସି ରହିବେ ।
ସୁଧର୍ମା - ଭାଗ୍ୟର ପରିହାସ । ତାକୁ ଏଡ଼ାଇବାକୁ କାହାର ସାଧ ଅଛି ?
କାମିନୀ - ହଠାତ୍ ଭାଗ୍ୟକୁ ଦୋଷ ଦେଲେ । ଆପଣ ବିବାହିତ, ଆପଣଙ୍କର ପତ୍ନୀ ମୁଁ ଶୁଣିଛି ଶିକ୍ଷିତା । ଏଥିରେ ଉଦାସ ହେବାର ପ୍ରଶ୍ନ ଉଠୁଚି କେଉଁଠି ?
ସୁଧର୍ମା - ପରିସ୍ଥିତିର ତାଡ଼ନାରେ ମୁଁ ସବୁ କିଛି ହରାଇ ଦେଇଛି ।
କାମିନୀ - ଆପଣ ମୋତେ କାମିନୀ ବୋଲି ଡ଼ାକିଲେ । ମୁଁ ଭାବୁଛି ଆପଣଙ୍କର ସ୍ତ୍ରୀ ନାହାଁନ୍ତି । ଆପଣ ବୋଧେ ସ୍ତ୍ରୀକୁ ଖୁବ୍ ଭଲପାଉଥିଲେ ।
ସୁଧର୍ମା - ଆପଣସେ ସବୁ କହି କଟାଘାରେ ଲୁଣ ଛିଟା ଦିଅନ୍ତୁ ନାହିଁ । ପ୍ଲିଜ୍ ।
କାମିନୀ - ଓଃ, ଆଇ ଏମ୍ ସରି । ଆପଣ ନିଶ୍ଚୟ ଆପଣଙ୍କ ସ୍ତ୍ରୀକୁ ଖୋଜୁଛନ୍ତି ।
ସୁଧର୍ମା - ମୋ ସ୍ତ୍ରୀ ମୋ ପାଖରେ ଅଛି । ମୋ କାମିନୀ ମୋ ପାଖରେ ବସିଛି । ଯାହାକୁ ମୁଁ ଜୀବନଠାରୁ ଅଧିକ ଭଲ ପାଏ...
କାମିନୀ - ଦେଖନ୍ତୁ, ଆପଣ ଆଜି ସ୍ତ୍ରୀ ବିନା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ସେଥିପାଇଁ ମୁଁ ଆପଣଙ୍କ ମନରେ କଷ୍ଟ ଦେବାକୁ ଚାହେଁ ନା । ତେବେ ଆପଣ ଯଦି ମୋତେ ସବୁ ବିଷୟ ଖୋଲି କହିବେ...
ସୁଧର୍ମା - ଆପଣ ମୋର ପ୍ରୋବ୍ଲେମ୍ ସଲ୍‌ଭ କରି ପାରିବେ ?
କାମିନୀ - ଚେଷ୍ଟା କରିବି । ଯଦି ମୋ ଦ୍ୱାରା ସମ୍ଭବ ହୁଏ । ବାବା ଆସନ୍ତୁ । ମୁଁ ତାଙ୍କୁ ସବୁ କହିବି । ମୋର ବିଶ୍ୱାସ, ସେ ନିଶ୍ଚୟ ସାହାଯ୍ୟ କରିବେ ।
ସୁଧର୍ମା - ସେ ନୁହେଁ । ଆପଣ ପାରିବେ । ଆପଣ ଯଦି ନ ପାରିବେ, ମୁଁ ବିଷଖାଇ ଆତ୍ମହତ୍ୟା କରିବି ।

Digitized by srujanika@gmail.com

କାମିନୀ - ମୋ ପାଇଁ ଆପଣ ଆତ୍ମହତ୍ୟା କରିବେ ।

ସୁଧର୍ମା - ମୁଁ କ'ଣ ବା କହିବି । ଆପଣଙ୍କର ବିଚାର ଉପରେ ସବୁ ନିର୍ଭର କରେ । ଆସୁଛି । ନମସ୍କାର ।

(ପ୍ରବେଶ କଲେ ମାଧବାନନ୍ଦ)

ମାଧବାନନ୍ଦ - ମାଁ ସେ ଚାଲିଗଲେ କାହିଁକି ? ତାଙ୍କୁ ବସିବାକୁ କହିଲୁନି ?

କାମିନୀ - ବାବା, ହି ଇଜ୍ ଇନୋସେଣ୍ଟ୍ ବର୍ତ୍ତମାନ ସେ ଅନୁତପ୍ତ ।

ମାଧବାନନ୍ଦ - ଯେଉଁମାନେ ଅନୁତାପ କରିବା କଥା, ସେମାନେ ତ କରିନାହାନ୍ତି । ସମୟକୁ ଅପେକ୍ଷା କର, ସବୁ ସମାଧାନ ହୋଇଯିବ ।

କାମିନୀ - ବାବା ସେ କହିଲେ ବିଷଖାଇ ଆତ୍ମହତ୍ୟା କରିଦେବେ । ସେ ଆତ୍ମହତ୍ୟା କରିଦେଲେ, ମୁଁ କ'ଣ କରିବି ବାବା ।

ମାଧବାନନ୍ଦ - କହିବାଠୁ କରିବା ବଡ଼ କଷ୍ଟ । ଠିକ୍ ଅଛି ।

କାମିନୀ - ବାବା ମୁଖ୍ୟମନ୍ତ୍ରୀ ବାର୍ଷିକ ଉତ୍ସବକୁ ଆସିବାକୁ ମନା କରି ଟେଲିଗ୍ରାମ୍ ପଠାଇଛନ୍ତି ।

ମାଧବାନନ୍ଦ - ସେମାନେ ଆସିବେନିରେ ମା । ଏ ମଫସଲରେ ସେ କ'ଣ ନିଶ୍ୱାସ ନେଇ ପାରିବେ । ଆସିବେ, ନିଶ୍ଚୟ ଆସିବେ - ନିର୍ବାଚନ ସମୟରେ ।

(ଏଇ ସମୟରେ ଦୁଆରରେ ଖଟ୍ ଖଟ୍ ହେଲା)

ମାଧବାନନ୍ଦ - ଆସନ୍ତୁ, ଭିତରକୁ ଆସନ୍ତୁ ।

ଇନ୍ସପେକ୍ଟର - (ପ୍ରବେଶି) ଆପଣ ବାବା ମାଧବାନନ୍ଦ !

ମାଧବାନନ୍ଦ - ନମସ୍କାର । ବସନ୍ତୁ । ଆପଣ ଖବର ପଠାଇଥିଲେ, ମୁଁ ତ ଥାନାକୁ ଆସି ଯାଇଥାନ୍ତି ।

ଇନ୍ସପେକ୍ଟର - ମୋର ଆପଣଙ୍କୁ କେତେକ ବ୍ୟକ୍ତିଗତ ପ୍ରଶ୍ନ ଥିଲା, ସେଥିପାଇଁ ଆସିବାକୁ ବାଧ ହେଲି ।

ମାଧବାନନ୍ଦ - ମାଁ ଠିଆ ରହିଲୁ କ'ଣ ? ଯା, ବାବୁଙ୍କ ପାଇଁ ଚା ଜଳଖିଆ ନେଇଆ ।

ଇନ୍ସପେକ୍ଟର - ନା ଥାଉ । ଆଚ୍ଛା ଏ କ'ଣ ଆପଣଙ୍କର ଝିଅ ? ରିପୋର୍ଟ ଆସିଛି ଆପଣ ଏ ଝିଅକୁ ଭୁଲାଇ ନେଇ ଆସିଛନ୍ତି ।

ମାଧବାନନ୍ଦ - ମାନେ, ମୋ ଝିଅକୁ ମୁଁ କିପରି ଭୁଲାଇ ନେଇ ଆସିବି । ଆପଣଙ୍କର ଯଦି ସନ୍ଦେହ, ତାହାହେଲେ ଯାହା ପଚାରିବାକୁ ଚାହାନ୍ତି, ପଚାରନ୍ତୁ ।

ଇନ୍ସପେକ୍ଟର - ମୁଁ ଯଦି କହେ, ଏ ଆପଣଙ୍କର ଝିଅ ନୁହେଁ ?

Digitized by srujanika@gmail.com

ମାଧବାନନ୍ଦ - ଭଲ କଥା ଆପଣ କହୁଛନ୍ତି ! ମୋର ଝିଅ କ'ଣ ଆପଣଙ୍କର ଝିଅ ହୋଇଯିବ ? ସନ୍ଦେହୀମନ ନେଇ ସବୁ କଥା ବିଚାର କରାଯାଏନି, ଇନ୍ସପେକ୍ଟର ବାବୁ ଆରେ ମା କଲ୍ୟାଣୀ, ତୁ କାହା ଝିଅ ଇନ୍‌ସ୍‌ପେକ୍ଟର ବାବୁଙ୍କୁ କହିଦେଲୁ ?

କାମିନୀ - ମୁଁ ଆପଣଙ୍କର ଝିଅ ।

ଇନ୍ସପେକ୍ଟର - ଆପଣଙ୍କର ନାଁ ।

କାମିନୀ - କଲ୍ୟାଣୀ ଭାରତୀୟ ।

ଇନ୍ସପେକ୍ଟର - ଭାରତୀୟ

ମାଧବାନନ୍ଦ - ହଁ ଆମେ ଭାରତୀୟ । ଆପଣ ବି ଭାରତୀୟ ।

ଇନ୍ସପେକ୍ଟର - ଆଚ୍ଛା, ଆଚ୍ଛା ।

ମାଧବାନନ୍ଦ - ଏଇ ଦେଖନ୍ତୁ, ଆଲ୍‌ବମ୍ । ଏ ଫଟୋ ତା ପିଲାଦ୍ଦିନର ତା ମାଁଙ୍କ ସହିତ ।

ଇନ୍ସପେକ୍ଟର - ତାଙ୍କର ମା ।

ମାଧବାନନ୍ଦ - ସେ କଥାପଚାରି ମୋତେ କଷ୍ଟ ଦିଅନ୍ତୁନି । ଆଉ ଏଇ ଫଟୋ ତା ସ୍କୁଲଦିନର । ଏଇ ଫଟୋ କଲେଜ ସମୟର । ଆଉ ଏଇ ଫଟୋଟି ମୋ ସହିତ କାମ କରୁଛି । ଇନ୍ସପେକ୍ଟର ବାବୁ ମୁଖ୍ୟମନ୍ତ୍ରୀ ମୋ କ୍ଲାସ୍‌ମେଟ୍ ।

ଇନ୍ସପେକ୍ଟର - ଆପଣଙ୍କର କ୍ଲାସ୍‌ମେଟ୍ । ଆଚ୍ଛା ମୁଁ ତାହାହେଲେ ଆସୁଛି ।

ମାଧବାନନ୍ଦ - ଇନ୍ସପେକ୍ଟର ବାବୁ, ମୁଖ୍ୟମନ୍ତ୍ରୀଙ୍କୁ ଆପଣ ମୋ ବିଷୟରେ ପଚାରିପାରନ୍ତି । ଡ଼ିଟେଲ୍ ଇନ୍‌ଫରମେସନ୍ ସେ ଆପଣଙ୍କୁ ଦେଇଦେବେ । ହଁ, ଆମର ବାର୍ଷିକ ଉତ୍ସବ ସେଦିନ ଆପଣ ନିଶ୍ଚୟ ଆସିବେ ।

ଇନ୍ସପେକ୍ଟର - ମନ୍ତ୍ରୀ ଆସିବେ କି ?

ମାଧବାନନ୍ଦ - ମୁଖ୍ୟମନ୍ତ୍ରୀ ଆସିବାକୁ କହିଛନ୍ତି ।

ଇନ୍ସପେକ୍ଟର - ମୁଖ୍ୟମନ୍ତ୍ରୀ ଆସିବେ । ହଉ, ମୁଁ ଆସୁଛି ସାର୍ । (ଚାଲିଗଲା)

ମାଧବାନନ୍ଦ - ମାଁ, କଲ୍ୟାଣୀ, ଲୋକଟା କିଛି ଗୋଟାଏ ଅନିଷ୍ଟ କରିବାକୁ ଆସିଥିଲା । ମୁଖ୍ୟମନ୍ତ୍ରୀଙ୍କ ନାଁ ଶୁଣି ଚାଲିଗଲା ।

Digitized by srujanika@gmail.com

କାମିନୀ - ବାବା, ଆପଣ କେତେଦିନ ଆଉ ମିଛ କହିବେ । ଆପଣଙ୍କ ପରି ଦେବତା ପକ୍ଷରେ ମିଛ ଶୋଭାପାଏନି ବାବା । ମୋ ପାଇଁ ଆପଣ ବହୁତ କଷ୍ଟ ସହିଲେଣି ।

ମାଧବାନନ୍ଦ - ନରେ ବା ଗୁଞ୍ଜରେ ଅଶ୍ୱତ୍ଥାମା ହତ । ଏ କଥା ତ ଧର୍ମରାଜ ଯୁଧିଷ୍ଠିର ମହାରାଜ କହିଥିଲେ । ଅପେକ୍ଷା କର । ସତ୍ୟ ନିଶ୍ଚୟ ପ୍ରକାଶ ପାଇବ ।

କାମିନୀ - ଆପଣଙ୍କ ଯୋଗୁଁ ଯୁବତୀ ଚାଲାଣ ର୍ୟାକେଟ ଧରା ପଡ଼ିଗଲା । ଜନତାର ସହଯୋଗରେ ଗ୍ୟାଙ୍ଗର ବହୁତ ଆସାମୀ ଧରା ପଡ଼ିଗଲେ ବାକି ଧରା ନ ପଡ଼ି ରହିଯାଇଛନ୍ତି - ମୁଖ୍ୟ ସର୍ଦ୍ଦାର ବୁଲୁ ଓରଫ ଦୁଃଶାସନ ଜେନା ଆଉ ତାର ମୁଖ୍ୟ ସାଥୀ ହବିବୁଲ୍ଲା ଖାଁ ।

ବୁଲୁ - (ପ୍ରବେଶି) ତୁମ୍ଭେମାନେ ଯେତେ ଚେଷ୍ଟା କଲେ ମଧ ବୁଲୁ ଓସ୍ତାଦ୍‌କୁ ଧରି ପାରିବ ନାହିଁ । ପାରିବ ନାହିଁ ତୁମର ପୋଲିସ୍ ଫୌଜ, ଆଉ ସରକାରୀ କଳ । କ'ଣ ତୋର କାମ ସରିଗଲା ନା ଆଉ କିଛି ବାକି ଅଛି ?

ମାଧବାନନ୍ଦ - ବାକି ତ ନିଶ୍ଚୟ ଅଛି । ସେ କାମ ମୋତେ ଶେଷ କରିବାକୁ ଦିଅ ।

ହବିବୁଲ୍ଲା - ଓସ୍ତାଦ୍, ତାର କାମ ଶେଷ ହେବା ପୂର୍ବରୁ ଆମ କାମ ଶେଷହେବା ଦରକାର ।

ମାଧବାନନ୍ଦ - ତୁମ୍ଭମାନଙ୍କର ଯାହା କାମ ଅଛି, ତାକୁ ଶେଷ କରିଦିଅ । ଡେ଼ରି କରୁଛ କାହିଁକି ?

ବୁଲୁ - ଭଣ୍ଡବାବା, ତୁ କ'ଣ ଜାଣୁନା ମୁଁ କିଏ ? ତା ଜାଣି ମଧ ମୋ ସଙ୍ଗେ ଦୁଶ୍‌ମନି କରୁଛୁ ।

ହବିବୁଲ୍ଲା - ଓସ୍ତାଦ୍, ଦେଖେଇ ଦିଅନା, ତାର ଚେତା ପଶିଯିବ ।

ବୁଲୁ - ଆହା, ତୁ ବ୍ୟସ୍ତ ହୁଅନା ।

ମାଧବାନନ୍ଦ - ମୁଁ ପଚାରୁଛି, ଆପଣମାନେ ଆସିଛନ୍ତି କାହିଁକି ?

ବୁଲୁ - ପଚାରେ, ତୋ ନିଜକୁ ତୁ ପଚାରେ । ମୁଁ ପଚାରୁଛି, ଆମର ଦାନାପାଣିରେ ତୁ ଧୂଳି ପକାଉଛୁ କାହିଁକି ?

ମାଧବାନନ୍ଦ - ସମସ୍ତଙ୍କର ଦାନାପାଣି କଥା ମୁଁ ଚିନ୍ତା କରୁଛି । ମୁଁ ତୁମମାନଙ୍କୁ

Digitized by srujanika@gmail.com

ଅନୁରୋଧ କରୁଛି, ବଞ୍ଚିବାର ବହୁରାସ୍ତା ଅଛି । ଏ ଗଲତ୍ ରାସ୍ତା ଛାଡ଼ିଦିଅ । ଭଲ ମଣିଷ ହୋଇଯାଅ ।

ହବିବୁଲ୍ଲା - (ହସିଛି) ଭଲ ମଣିଷ ହୋଇଯିବୁ । ତୁ ଆମକୁ ଭଲ ମଣିଷ କରିଦବୁ ।

ବୁଲୁ - (ଛୁରୀ ବାହାର କରିଛି) ପୋଲିସ ସ୍ୱାହେବକୁ ଲେଖିଥିଲୁ । ଏବେ ତୋ ପାଖରେ କିଏ ଅଛି । ତୋର ଜାନ୍, ଆମ ହାତ ମୁଠାରେ ।

ହବିବୁଲ୍ଲା - ଶେଷ କରିଦିଅ ସର୍ଦ୍ଦାର । ଦୁଶ୍‌ମନ୍ କୋ ଜିନ୍ଦା ଛୋଡ଼ନା ଆଚ୍ଛା ନେହିଁ ।

ବୁଲୁ - ଟଙ୍କା ଯାଚିଥିଲି । ସାରା ଜିନ୍ଦେଗୀ ଆରାମସେ ଚଳିଥାନ୍ତୁ । ତତେ କହିଯାଇଥିଲି ତୋ ଧନ୍ଦା ତୁ କର । ଆମ ସାଥିରେ ଖେଳ ଖେଳେ ନାହିଁ । ତୁ କଲୁ କ'ଣ ? (ଛୁରୀ ଛାତିପାଖରେ ରଖି)

ମାଧବାନନ୍ଦ - ବେଶ୍ ମାରିବାକୁ ଚାହଁ ତ ମାରିଦିଅ ।

ବୁଲୁ - ଓଃ ତୁ ତାହେଲେ ମରିବାକୁ ଚାହୁଁ । ବଞ୍ଚିବାକୁ ଚାହୁଁନ । ତୋର ଏ ଝିଅ କଥା ଚିନ୍ତା କରୁନୁ ।

ହବିବୁଲ୍ଲା - ଓଃ, କ୍ୟା ଉନକୀ ଲଡ଼କୀ । କ୍ୟା ଚିଜ ହେ । ଓସ୍ତାଦ୍, ଇସକୋ ଉଠାଲୁଁ । ତୁ ଚିଜ୍ ବଢ଼ି ହେ ମସ୍ତ, ମସ୍ତ ।

ମାଧବାନନ୍ଦ - ଦେଖ, ଯାହା କରିବାକୁ ଚାହଁ, ମୋତେ କୁହ । ମୋ ଝିଅକୁ ନୁହେଁ ।

ବୁଲୁ - ସେଥିପାଇଁ ମୁଁ କହୁଛି, ମୋ କଥା ମାନିଯା । ତୋ ପାଖରେ ମୋର କାମ ଅଛି । ଗୋଟାଏ ଦସ୍ତଖତ । ସେତକ କରିଦେଲେ ତୋତେ ମୁଁ ପୁରସ୍କାର ଦେବି ଖୁବ୍ ଇନାମ ।
(ହସି ଉଠିଛି) ହବିବୁଲ୍ଲା, ଚଲ୍ ।

ହବିବୁଲ୍ଲା - କ୍ୟା ଓସ୍ତାଦ୍, ଆମେ କ'ଣ ଚାଲିଯିବା ।

ବୁଲୁ - ଆଜି ତତେ ଛାଡ଼ିଦେଲି । କିଛିଦିନ ତତେ ବଞ୍ଚିବାକୁ ଦଉଚି । ତା'ପରେ ତୋ ସହିତ ମୁଁ କଥା ହେବି । କ'ଣ ମନେ ରହିଲା ।

ହବିବୁଲ୍ଲା - ହେ ବୁଢ଼ା, ଆଜି ବଞ୍ଚିଗଲୁ । ତୋର କିସ୍‌ମତ୍ ଭଲ ଅଛି । ଚାଲ ଓସ୍ତାଦ୍ ।

- ଅନ୍ଧାର -

Digitized by srujanika@gmail.com

- ନବମ ଦୃଶ୍ୟ -

(ରାଜପଥ । ବିପରୀତ ଦିଗରୁ ଆସୁଥିଲେ କମଳାକାନ୍ତ ଓ ବିରୁପାକ୍ଷ ଅନ୍ୟମନସ୍କ ଥିବାରୁ ଦୁହେଁ ପରସ୍ପରକୁ ଧକ୍କା ଖାଇଥିଲେ ।)

କମଳାକାନ୍ତ - କ'ଣ ତୁମକୁ ଦେଖାଯାଉ ନାହିଁ । ବାଟ ଚାଲିବା ବେଳେ ଅନ୍ୟମନସ୍କ ହୋଇ ଚାଲିଲେ ଗାଡ଼ି ମଟର ମାଡ଼ିଯିବ ନାହିଁ ।

ବିରୁପାକ୍ଷ - ତୁମର କ'ଣ ଆଖି ନଥିଲା । ମୋ ଆଡ଼କୁ ମାଡ଼ି ଆସୁଥିଲ କାହିଁକି ? କାହାକୁ ଦୋଷ ଦଉଛ ?

କମଳାକାନ୍ତ - ଆରେ ବା ଏ ତ ଆମ ସମୁଧି ପରି ଦେଖାଯାଉଛନ୍ତି । ସମୁଧି ନମସ୍କାର । ଖୁବ୍ ଭଲ ହେଲା, ଆପଣ ଆସିଗଲେ ।

ବିରୁପାକ୍ଷ - ସମୁଧି, କିଏ ତୁମ ସମୁଧି । ତୁମେ ଜଣେ ମିଥ୍ୟାବାଦୀ । ମୋ ଝିଅ କାହିଁ । କେତେ ଦିନ ମିଛ କହି ଚାଲିଥିବ ।

କମଳାକାନ୍ତ - ସମୁଧି ତ ଆମର ପଞ୍ଚମରେ ଅଛନ୍ତି । ଏମିତି ରାଗିଲେ କ'ଣ ହେବ ? ଏଇଟା ପରା ରାସ୍ତା । ଲୋକେ ଶୁଣିଲେ କ'ଣ କହିବେ ?

ବିରୁପାକ୍ଷ - ମୁଁ ତ ଲୋକଙ୍କ ପାଖକୁ ଆସିଛି । ଲୋକ ଶୁଣନ୍ତୁ । ସେମାନେ କଥାଟାକୁ ଫଏସଲା କରନ୍ତୁ । ଯଦି ଗାଁ ବାଲା ନ କରିବେ, ମୁଁ ଥାନାକୁ ଯିବି ।

କମଳାକାନ୍ତ - କ'ଣ ଥାନା ଧମକି ମୋତେ ଦେଖଉଚ ? ମୁଁ କେତେ ଥାନା ଦେଖିଛି ହେ । ଗାଁ ଲୋକଙ୍କୁ ଡ଼ାକିବ ଡ଼ାକ । କଥାଟା ଫଇସଲା ହୋଇଯାଉ ।

ବିରୁପାକ୍ଷ - ତା'ହେଲେ ତୁମେ କହୁଚ, ମୋ ଝିଅକୁ ଆଉ ଛାଡ଼ିବ ନାହିଁ । ମୋଝିଅ କ'ଣ ଆଉ ଜୀବନରେ ନାହିଁ । ସେ ଲୋକଟା ଠିକ୍ କହୁଥିଲା ଗାଁ ଲୋକେ ଟୁପୁରୁଟାପର ହେଉଛନ୍ତି । ବୋହୂକୁ ଯୌତୁକ ପାଇଁ ମାରି ଦେଇଛନ୍ତି । ମୁଁ ଏବେ କରିବି କ'ଣ ? (କାନ୍ଦିଲା)

କମଳାକାନ୍ତ - ଆରେ, ମାଇପିଙ୍କ ପରି କାନ୍ଦୁଛ କ'ଣ ?

ବିରୁପାକ୍ଷ - ରାକ୍ଷସ, ରାକ୍ଷସୀଙ୍କ ପାଖରେ ଝିଅଟାକୁ ଦେଇଦେଲି । କେଡ଼େ କଥା କଲି (କାନ୍ଦୁଥିଲେ)

Digitized by srujanika@gmail.com

କମଳାକାନ୍ତ - ସମୁଧି, ଆଉ କାନ୍ଦନି । ତୁନି ହୁଅ । କାହିଁକି ସେମିତି ହଉଚ କହିଲ । ଝିଅ ତୁମର ବଞ୍ଚିଛି । ଖୁବ୍ ଭଲରେ ଅଛି ।

ବିରୁପାକ୍ଷ - କେଉଁଠି ଅଛି, ଆଗ ମୋତେ ଦେଖାଅ ।

କମଳାକାନ୍ତ - ଝିଅକୁ ପରଘରକୁ ଦେଲା ପରେ, ତୁମର ତା' ଉପରେ କି ଅଧିକାର ଅଛି ହେ ।

ବିରୁପାକ୍ଷ - ମାନେ, ତୁମେ କ'ଣ କହୁଚ, ମୋତେ ଖୋଲି କହିଲ ?

କମଳାକାନ୍ତ - ଝିଅ ତୁମର ଚାକିରୀ କରୁଛି । ଦି ହଜାର ଟଙ୍କା ଦରମା ।

ବିରୁପାକ୍ଷ - ପୁଅକୁ ନିକର୍ମା କରି ଶେଷରେ ମୋ ଝିଅକଙ୍କୁ ପର ଦ୍ୱାରେ ଖଟାଇଲ । ତାରି ଧନରେ ତୁମେ ସବୁ ବଞ୍ଚିବ । ଛି, ତୁମକୁ ଯାହା ଲାଜ ଟିକିଏ ନାହିଁ ।

କମଳାକାନ୍ତ - ଆମେ କ'ଣ କରିବୁ ହେ, ଝିଅ ତ ତୁମର ଖାସ୍ ଲଗାଇଲେ, ମୁଁ କାମ କରିବି । ଭଲ କାମ କରୁଛନ୍ତି । ବାବା ମାଧବାନନ୍ଦ ତାଙ୍କ ଉପରେ ଖୁସୀ । ନିରକ୍ଷରଙ୍କୁ ଶିକ୍ଷାଦାନ କରୁଛନ୍ତି, ନାରୀମାନଙ୍କ ମଧ୍ୟରେ ଜାଗରଣ ଆଣୁଛନ୍ତି । ମଦ ବିରୋଧରେ ଆନ୍ଦୋଳନ ।

ବିରୁପାକ୍ଷ - ତୁମେ ସତ କହୁଛ ? ମୁଁ ବର୍ତ୍ତମାନ ବାବାଙ୍କ ପାଖକୁ ଯିବି ।

କମଳାକାନ୍ତ - ଏବେ ଯାଇ କିଛି ଲାଭ ନାହିଁ । ବାବା, ଆଉ ସ୍ୱେଚ୍ଛାସେବୀମାନେ ଟୁରକୁ ଯାଇଛନ୍ତି । ପାଞ୍ଚଦିନ ପରେ ଫେରିବେ ।

ବିରୁପାକ୍ଷ - ମୁଁ ଗୋଟିଏ ଗୁରୁତର ଅଭିଯୋଗ ଶୁଣିଲି । ତୁମେ ମୋର ଝିଅକୁ ମାରିଦେଇ ପୁଅକୁ ଦ୍ୱିତୀୟ ବିବାହ କରାଉଛ ।

କମଳାକାନ୍ତ - ଦ୍ୱିତୀୟ ବିବାହ ନୁହେଁ ତୃତୀୟ ବିବାହ । ଏ ପୁଣି ଶୁଣି ପକାଇଲେ । ଦେଖ ସମୁଧି ମୁଁ ଭଲ ଲୋକ ନୁହେଁ । ଯାହା ତୁମେ ସବୁ କହିଲଣି, ମୁଁ ହସରେ କଥାଗୁଡ଼ାକ ନେଇଯାଉଛି । ଯଦି ମୋର ବ୍ଲଡ୍ ପ୍ରେସର ବଢ଼ିବ, ଲଙ୍କାରେ ନିଆଁ ଲଗେଇଦେବି । ହଁ, ଏ ସବୁ ଭଲ ନୁହେଁ ।

ବିରୁପାକ୍ଷ - ଏମିତି ରାଗିଲେ ହବ କି ହୋ । କଥାରେ ଅଛି ପରା, ପୁରୀ ବ୍ରାହ୍ମଣ, କଟକ କରଣ, ଭଦ୍ରଖ ପଠାଣ, ଆଉ ଯାଜପୁର ସର୍ବସାଧାରଣ ଏମାନଙ୍କୁ କେବେ ବିଶ୍ୱାସ କରାଯାଏ ନାହିଁ ।

କମଳାକାନ୍ତ - ଓଃ, ଆମେ ପୁରୀ ବ୍ରାହ୍ମଣଗୁଡ଼ାକ ଖରାପ ହୋଇଗଲୁ । ତୁମେ ଗଞ୍ଜାମି ଚାରୁପାଣିଖିଆ ଭାରି ଭଲ । ତୁମପରି ଲୋକ ଯୋଗୁଁ

Digitized by srujanika@gmail.com

ଆଜି ଓଡ଼ିଶା ଭାଗ ଭାଗ ହୋଇଯାଉଛି । କେବେ ଏ କଥା ସବୁ କହିବ ନାହିଁ । ଆରେ, ଲୁହା କଅଁଳ ଦେଖି ବିରାଡ଼ି କାମୁଡ଼ିବାକୁ ଆସୁଛି । ତୁମେ ଘରକୁ ଯିବ କି ନାହିଁ କହିଲ ?

ବିରୁପାକ୍ଷ - ଆଉ ତୁମର ଘରକୁ ଯିବିନି । ପାଞ୍ଚଦିନ ପରେ ଆସିବି । ଝିଅକୁ ନେବି । ନ ହେଲେ ଥାନାକୁ ଟାଣି ନେବି । ମୋ ରକ୍ତ ତାତି ଉଠୁଛି । ମୁଁ ଆସୁଛି । ସମୟ ମାତ୍ର ପାଞ୍ଚଦିନ ।

କମଳାକାନ୍ତ - ହଉ ଯାଅ । ୫ ଦିନ ପରେ ଆସ । ସେଇଦିନ ତୁମର ମୋର କଥାବାର୍ତ୍ତା । (ବିରୁପାକ୍ଷ ଚାଲିଗଲେ ।)

ସକାଳୁ ଗୋଟିଏ ଚଣ୍ଡାଳ ଆସି ହାବୁଡ଼ିଗଲା । ଆମ କଥା ତ ଅସମ୍ଭାଳ । ଏ ଆସି ଆହୁରି ନିଆଁରେ ଟିକିଏ ଘିଅ ପକାଉଛି । ଯାଏ, ଆମ ବୁଦ୍ଧିମତି ଭାରିଜାକୁ ପଚାରେ । ସେ କ'ଣ ପରାମର୍ଶ ଦଉଚି । ସମୟ ତ ପାଞ୍ଚଦିନ । ଆଉ ପନ୍ଦରଟା ଦିନ ସମୟ ମାଗିଥିଲେ ଭଲ ହୋଇଥାନ୍ତା । (ଚାଲିଗଲେ)

(ଏଇ ସମୟରେ ବୁଲୁ ଆସିଛି । ଛଦ୍ମବେଶ । ହବିବୁଲ୍ଲା ମୁହଁରେ ଚାଦର ଢ଼ାଙ୍କି ତା ପଛେ ପଛେ ଗୋଡ଼େଇଛି ।)

ହବିବୁଲ୍ଲା - ଓସ୍ତାଦ୍, ଶୀଘ୍ର ଗାଁ ଛାଡ଼ି ପଳାଅ । ମୋତେ ସାହିରେ ରଖାଇ ଦେବେ ନାହିଁ । ସାଇରା ବିବି ସବୁ କଥା ଲୋକଙ୍କୁ କହିଦେଲା । ମୋ ଘର ଉପରେ ଟେକା ମାଡ଼ । ଆଉ ସେ ବୁଢ଼ା ମାଧବାନନ୍ଦ ଗାଁ ଲୋକଙ୍କୁ ସବୁ କଥା କହି ଦେଇଛି । ଲୋକେ ତା ଘର ଜଗିଛନ୍ତି ।

ବୁଲୁ - ବୁଢ଼ା ଯାଇ କହିଦେଲା । ତାର କାଳ ପୁରିଗଲା ବୋଲି ଜାଣ । ନେ ଦଶ ହଜାର ରଖିଥା । ତୁ ଚାଲିଯା । ପନ୍ଦର ଦିନ ପରେ ଆସେ । ଆଉ ମୁଁ ହୋମ୍ ମିନିଷ୍ଟର ଘରକୁ ଚାଲିଯିବି । ଏବେ ଥାନାବାବୁ ଘରେ ମୁଁ ରହିବି । ସେଇଠି ମୋତେ ପାଇବୁ । ହୁସିଆର । ଏ ଖବର ଯେପରି କେହି ନ ଜାଣନ୍ତି ।

ହବିବୁଲ୍ଲା - ତା ହେଲେ ସର୍ଦ୍ଦାର ମୁଁ ଚାଲିଲି । ମୋ ପିଲାଙ୍କ କଥା ତୁମକୁ ଲାଗିଲା ।

ବୁଲୁ - ତୁ ବ୍ୟସ୍ତ ହୁଅନା । ଦେଖ ଦିନ ୭ଟା ଭିତରେ ମୁଁ କ'ଣ କରୁଛି । (ଚାଲିଗଲା)

- ଅନ୍ଧାର -

Digitized by srujanika@gmail.com

- ଦଶମ ଦୃଶ୍ୟ -

(କମଳାକାନ୍ତ ବାବୁଙ୍କର ଘରର ଅଳିନ୍ଦ । ପ୍ରବେଶ କଲେ କମଳାକାନ୍ତ, ଅତି କାତର ହୋଇ ଡ଼ାକିଛନ୍ତି)

କମଳାକାନ୍ତ - ସୁଧର୍ମାର ବୋଉ, ଆହେ ଶୀଘ୍ର ଆସ ।

ସୁ. ବୋଉ - (ହାତପୋଛି ପୋଛି ପ୍ରବେଶ କଲେ) କ'ଣ ହେଲା, ଏମିତି ଅତରଛିଆ ରଡ଼ିଟାଏ କାହିଁକି ପକାଉଥିଲ । ମୁଁ ଭାବିଲି, ଆକାଶଟା ବୋଧେ ଛିଡ଼ି ପଡ଼ିଲା । କ'ଣ ହେଲା ଶୀଘ୍ର କହ । କଂସା, ବାସନ ଅଧାମଜାରୁ ଉଠି ଆସିଲି ।

କମଳାକାନ୍ତ - ତୁମେ ମୋ କଥାର ଗୁରୁତ୍ୱ ମୋଟେ ବୁଝିଲନି ।

ସୁ. ବୋଉ - ବୁଝିଲ, କେତେ ବୁଦ୍ଧି ମୁଁ ତୁମକୁ ଦଉଥିବି । କୁହ, ଏବେ ପୁଣି କ'ଣ ହେଲା ?

କମଳାକାନ୍ତ - ସମୁଧିଙ୍କ ସହିତ ବାଟରେ ଦେଖା ହୋଇଗଲା ।

ସୁ. ବୋଉ - ଘରକୁ ଡ଼ାକିଲନି ।

କମଳାକାନ୍ତ - ସେ ପରା ଆସିବାକୁ ମନା କଲା । ବୁଝିଲ ୫ ଦିନ ସମୟ ଦେଇ ଯାଉଛି । ଝିଅକୁ ନ ନେଲେ, ସିଧା ଫାଶିକୁ ଯିବ ।

ସୁ. ବୋଉ - ଫାଶିକି ଯିବ । ଏଇ କଥାକୁ ନାଆ ପେଲିଦେଲି କଲିକତାକୁ । ଯାଉ ହେ । ସେତେବେଳେ ଦେଖିବା, ଝିଅକୁ ପରା ସେ ନେବ । ଆସୁ, ୫ ଦିନ ପରେ ତା' ଝିଅକୁ ନେଲେ ଗଲା । ଶୁଣ, ମାଧବାନନ୍ଦଙ୍କର ଝିଅ କଲ୍ୟାଣୀ, ଆମ ବୋହୂ କାମିନୀ ପରି । ସୁଧର୍ମା ଲଗେଇଛି ସେଇଠି ବାହାହବାକୁ । ତାକୁ ଝୁରି ଝୁରି ସେ ବାୟା ହୋଇଗଲାଣି । ଯଦି ସେ ନ ଆସେ, ଏ ବାଆଜି ହୋଇଯିବ ।

କମଳାକାନ୍ତ - ହଉ, ମୁଁ ନିତ୍ୟକର୍ମ ସାରି ଆସୁଛି । (ଚାଲିଗଲେ) (ବାହାରୁ ଶୁଭିଲା - ପୁନରପି ଜନମ, ପୁନରପି ମରଣଂ, ପୁନରପି ଜନନୀ, ଜଠରେ ଶୟନଂ ଇହ ସଂସାରେ, ଭବ ସଂସାରେ) (ସୁଧର୍ମା କଣ୍ଠରୁ) ଭିକ ମିଳୁ ମା ।

ସୁଧର୍ମା - (ପ୍ରବେଶି) ମାତା ଅନ୍ନପୂର୍ଣ୍ଣେଶ୍ୱରୀ ।

ସୁ. ବୋଉ - ଭିତରକୁ କ'ଣ ମାଡ଼ି ଆସୁଛି । ବାହାରେ ଠିଆ ହୁଅ । ମୁଁ ଭିଖ ଆଣୁଛି ।

Digitized by srujanika@gmail.com

ସୁଧର୍ମା - ଶୀଘ୍ର ଦିଅ ମାତା । ବିଳମ୍ବରେ ନାହିଁ ପ୍ରୟୋଜନ ଆମ୍ଭେ ଶୀଘ୍ର କରିବୁ ଗମନ ।

ସୁ. ବୋଉ - (ଭଲ କରି ଦେଖି) କିରେ ସୁଧର୍ମା ।

ସୁଧର୍ମା - ମୁଁ ସୁଧର୍ମା ନୁହେଁ । ମୁଁ ବାବାଜି, ମୁଁ ବଇଷମ, ମୁଁ ସନ୍ୟାସୀ । ଏ ସଂସାର, ମାୟା, ବନ୍ଧନ ମୁଁ ସବୁ କିଛି ତ୍ୟାଗ କରିଛି । ଏ ସଂସାର, ଏ ବନ୍ଧନ ସବୁ ମିଥ୍ୟା ମାତା । ସବୁ ଅଳିକ ।
ଶୁଖୁଆ ଖଡ୍ ଖଡ୍
ମିଛ ମାୟାରେ ପଡ଼ି ହଉ ଧଡ଼ ଧଡ଼ ।

ସୁ. ବୋଉ - ହଇରେ ସୁଧା । ଅପତ୍ତିଆଣି ହୋଇଥିଲୁ ବୋଲି ତତେ ବାବାଜି ହାତରେ ଟେକି ଦେଇଥିଲି ।
ତୁ ମୋର ଏକଇର ବଳା ବିଶିକେସନ (କାନ୍ଦିଲେ)

ସୁଧର୍ମା - ରୋଦନ କି ପାଇଁ ମାତ, ରୋଦନରେ ନାହିଁ ପ୍ରୟୋଜନ । କାମିନୀ ପାଇଁ ମୁଁ ଆଜି, ଏ ସଂସାର କରିଲି ବର୍ଜନ । ଯାହାର କାମିନୀ ନାହିଁ, ସେ ତ ଜାଣ ସାଧୁ ବଇସମ । ତେବେ ମାତ, ମୋର ପାଇଁ ଆଉ କରନା ରୋଦନ ।

ସୁ. ବୋଉ - ତୋତେ ଛାଡ଼ି ମୁଁ ବଞ୍ଚି ପାରିବି । ମୁଁ ଜାଣେ କାମିନୀ ପାଇଁ ତୁ ବ୍ୟସ୍ତ । ମୁଁ ଚଣ୍ଡାଳୁଣୀ, କେଡ଼େ ଭୁଲ କାମ ନ କଲି । ସାମାନ୍ୟ ଟି.ଭି. ପାଇଁ ବୋହୁକୁ ନିର୍ଯ୍ୟାତନା ଦେଲି । ଶେଷରେ ପୁଅ ମୋର ବାବାଜି ହୋଇଯାଉଛି ।

ସୁଧର୍ମା - ମାତୃଦେବୀ, ଯାହାର କାମିନୀ ନାହିଁ, ସେ ସନ୍ୟାସୀ । ତା ଜୀବନ ତୁଚ୍ଛ । ପିତା, ମାତା ତା ପାଇଁ ନଗଣ୍ୟ । ଯେଉଁ ଯୁବତୀର ପତିଦେବ ନାହିଁ, ସେ ମୃତବତ୍ । ପିତା, ମାତା ତା ପାଇଁ କିଛି ନୁହଁନ୍ତି । ସ୍ୱାମୀ ପାଇଁ ସେ ବାପା, ମାଁକୁ ନାତ ବି ମାରିପାରେ ।

ସୁ. ବୋଉ - ତୁ ବାପା, ମାଙ୍କୁ ନାତ ମାରେ ପଛକେ, ତୁ ବାଆଜି ହୋଇ ଯାଆନି ।

ସୁଧର୍ମା - ତୁମେ କହ ମାତ, ମୋତେ ମୋ କାମିନୀକୁ ଫେରାଇଦବ ।

ସୁ. ବୋଉ - ନିଶ୍ଚୟ ଦେବି । ତୁ ଯାହା କହିବୁ ତା' କରିବି ।

ସୁଧର୍ମା - ତା'ହେଲେ ବାବାଜି ହେବାଟା ୧୦ଦିନ ଯାଏଁ ପୋଷ୍ଟ-ପୋଣ୍ଡ କଲି । ମୋ ସର୍ତ୍ତକୁ ତୁମେ ରାଜି ।

Digitized by srujanika@gmail.com

ସୁ. ବୋଉ - ଆମେ ରାଜି ଧନ ।

ସୁଧର୍ମା - ବୋଉଲୋ

ସୁ. ବୋଉ - ଆଲୋଧନ, ମୋ ପାଖକୁ ଆ ।
(ପୁଅକୁ ଭିଡ଼ି ଧରି, ମୁଣ୍ଡ ଆଉଁସି ପକାଇଲେ)
(କମଳାକାନ୍ତ ପ୍ରବେଶ କରିଛନ୍ତି ।)

କମଳାକାନ୍ତ - ହଇଓ, ତୁମେ ଗୋଟାଏ ବାବାଜୀଟାକୁ କ'ଣ ଗେଲ କରୁଛ ?

ସୁ. ବୋଉ - ସେ ବାବାଜି ନୁହେଁ ତୁମ ପୁଅ ସୁଧର୍ମା ।

କମଳାକାନ୍ତ - ହଇରେ ଏ କି ବେଶ ପକାଇଛୁ ? କାହିଁ ? ବକୁଲି ବାଡ଼ିଟା କୁଆଡ଼େ ଗଲା ? ଗୋଟେ ପାହାର କଷିଦେବି ଯେ, ମୁଣ୍ଡ ଦି ଫାଳ ହୋଇଯିବ । ଏତେ ପାଠ ପଢ଼େଇଲି -

ସୁଧର୍ମା - ସୁଧର୍ମା ଶତପଥି, ଏମ୍.ଏ.ଏଲ୍.ଏଲ୍.ବି. । ବୋଉ ନନାଙ୍କୁ ମୋର ଏମ୍. ଏ ସାର୍ଟିଫିକେଟ୍‌ଟା ଦେଖେଇଦେଲୁ । ନନା, ବୋଉ ପରା ଦଶହଜାର ଗଣି ଦେଇଛି ।

କମଳାକାନ୍ତ - ତୁମ ମାଁ ପୁଅକୁ ଶତ ନମସ୍କାର । ଆରେ, ଠିଆ ହୋଇ ରହିଲୁ କ'ଣ । ଯା, ଆଗ ଏ ବେଶ ବଦଳା ।

ସୁଧର୍ମା - ମୁଁ ବେଶ ବଦଳାଇଲି ବୋଉ, ହେଲେ କଣ୍ଡିସନାଲ । ୧୦ଦିନ ସମୟ, କାମିନୀକୁ ମୋର ନେଇଯା ।

କମଳାକାନ୍ତ - ଛିରେ କୁଳାଙ୍ଗାର । ଯାହା ଲାଜ ଟିକିଏ ତତେ ଲାଗୁନି । ଧିକ୍, ଧିକ ତୋ ଜନମ ।

- ଅନ୍ଧାର -

- ଏକାଦଶ ଦୃଶ୍ୟ -

(ଜଙ୍ଗଲ ରାସ୍ତା । ଏକାକୀ ଆସୁଥିଲେ ମାଧବାନନ୍ଦ । ପଛରୁ ଡ଼ାକିଛନ୍ତି ପୋଲିସ ଇନ୍ସପେକ୍ଟର ।)

ପୋ.ଇ - ବାବା ଓ ବାବା

ମାଧବାନନ୍ଦ - (ରହିଯାଇଛନ୍ତି)

ପୋ.ଇ - କୁଆଡ଼େ ଯାଉଛୁ ।

ମାଧବାନନ୍ଦ - ଆପଣ ଥାନାକୁ ଡ଼କାଇଥିଲେ । ମୁଁ ତ ଆପଣଙ୍କ ନିକଟକୁ ଯାଉଛି ।
(ଅନ୍ୟଦିଗରୁ ପ୍ରବେଶ କରିଛି ବୁଲୁ)

Digitized by srujanika@gmail.com

ଟୁଲୁ - ତୋର ଯିବା ଦରକାର ନାହିଁ । ଇନ୍ସପେକ୍ଟର ବାବୁ ଏଇଠି କାମ ଶେଷ କରିଦେବା ।

ପୋ.ଇ. - ଆଗ ତାକୁ ଭଲ କରି ବୁଝାଇ ଦିଅ ।

ଟୁଲୁ - ବୁଝାଇବା ଦରକାର ନାହିଁ । ସେ ସୁନାପୁଅ ପରି ଦସ୍ତଖତ କରିଦବ ।

ପୋ.ଇ. - ଆଚ୍ଛା, ତୁ କାହିଁକି ସେ ମୁସଲମାନ ବସ୍ତିଆଡ଼େ ବେଶୀ ସମୟ ଯାଉଛୁ ? ସେଠାରେ ତୋର କାମ କ'ଣ ? ତୁ ହିନ୍ଦୁ ବୋଲି କହୁଛୁ ମୁସଲମାନ ଘରେ ଖାଉଛୁ । ଗୋ ମାଂସ ଭକ୍ଷଣ କରୁଛୁ ।

ମାଧବାନନ୍ଦ - ଶ୍ରୀ ରାମ ଜୟରାମ । ମୁଁ ଆପଣଙ୍କୁ ଥରେ କହିଛି । ମୁଁ ହିନ୍ଦୁ, ମୁଁ ମୁସଲମାନ, ମୁଁ ଶିଖ, ମୁଁ ଇସାଇ, ମୁଁ ଭାରତୀୟ । ମୁଁ ନିରାମିଷାଷୀ । ମୁଁ ଆମିଷ ଭକ୍ଷଣ କରେନା ।

ପୋ.ଇ. - ଆଚ୍ଛା, ତୁ ଭାରତୀୟ । ସର୍ବଭାରତୀୟ ଆଦର୍ଶକୁ ତୁ ଗ୍ରହଣ କରିନେଇଛୁ । (ହସିଲେ ବିଦୃପ ହସ) ମୁଁ ଜାଣେ ତୁ କିଏ ? ତୁ ହେଉଛୁ ପାକିସ୍ଥାନ ସ୍ପାଇ । ମୋତେ ନିର୍ଦ୍ଦେଶ ଆସିଛି, ତୋତେ ଗିରଫ କରିବା ପାଇଁ । କିନ୍ତୁ ମୁଁ ତତେ ଗିରଫ କରିବି ନାହିଁ ଯଦି ତୁ ମୋ କଥାରେ ରାଜି ହୋଇଯିବୁ ।

ଟୁଲୁ - ପ୍ରଥମେ ତୁ ଏ କାଗଜରେ ଦସ୍ତଖତ କର । ତୁ ରିପୋର୍ଟ କରିଥିବାରୁ ଇନ୍ସପେକ୍ଟର ବାବୁଙ୍କର ବଦଳି ହୋଇଯାଇଛି । ହୋମ୍ ମିନିଷ୍ଟର କହିଛନ୍ତି, ତୁ ଲେଖିଦେଲେ ତାଙ୍କର ବଦଳି କ୍ୟାନ୍‌ସେଲ ହେବ ।

ମାଧବାନନ୍ଦ - କ'ଣ ଲେଖିବି । ଆପଣ କୁହନ୍ତୁ ।

ପୋ.ଇ - ଲେଖିଦେବୁ, ଇନ୍ସପେକ୍ଟର ଭଲ ଲୋକ । ସେ ଏଠାରେ ବହୁତ ଭଲ କାମ କରୁଛନ୍ତି । ତାଙ୍କ ନାଁରେ ଯେଉଁ ରିପୋର୍ଟ ହୋଇଛି, ତାହା ସବୁ ମିଛ । ତୁ ଲେଖିବା ଦରକାର ନାହିଁ ଆମେ ଟାଇପ୍ କରି ନେଇ ଆସିଛୁ । କର । ଦସ୍ତଖତ କର । ରଖ, ୫୦ ହଜାର ଟଙ୍କା । ମୋର ଟ୍ରାନ୍‌ସଫର କ୍ୟାନ୍‌ସେଲ୍ ପରେ ଆଉ ପାଇବୁ ୫୦ ହଜାର ଟଙ୍କା ।

ଟୁଲୁ - ମଦଭାଟିରୁ ମୁଁ ତତେ ଦେବି ମାସକୁ ଦଶ ହଜାର । ଆରାମରେ ରହ । କ'ଣ ରାଜନୀତି କରି ଗୋଟାଏ ମନ୍ତ୍ରୀ ହେବୁ । ତତେ ଭୋଟ ଦେବ କିଏ ? ଏଇ ଲୋକମାନେ ତୋର ଆଜି ଯେଉଁମାନେ

Digitized by srujanika@gmail.com

ଜିନ୍ଦାବାଦ କରୁଛନ୍ତି, ଏଇ ଟଙ୍କା ସେମାନଙ୍କୁ ମୁର୍ଦ୍ଦାବାଦ୍ କହିବାକୁ ବେଶୀ ସମୟ ଲାଗିବନି ।

ପୋ.ଇ - ସୁଯୋଗ ଜୀବନରେ ଥରେ ଆସେ । ବାର ବାର ଆସେ ନା । ତୋର ଭାଗ୍ୟ ବଦଳିଯିବ । ବର୍ଷ ୨ଟାରେ ତୁ କୋଟିପତି ବନିଯିବୁ । ସେଥିପାଇଁ ମୋର ଦୃଢ଼ ପ୍ରତିଶ୍ରୁତି ।

ମାଧବାନନ୍ଦ - ମୋତେ ଚିନ୍ତା କରିବାକୁ ସମୟ ଦିଅନ୍ତୁ ଇନ୍ସପେକ୍ଟର । ଆଉ ମାତ୍ର ୨ଦିନ ସମୟ ଚାହେଁ । ଆପଣଙ୍କର ଅନିଷ୍ଟ ମୁଁ ଚାହେଁନା । ଜାଣନ୍ତି ମୁସଲମାନ ବସ୍ତିର ଝିଅମାନଙ୍କୁ ପ୍ରଲୋଭିତ କରାଇ ସାଉଦି ଆରବ ପଠାଇ ଦିଆଯାଉଛି । ଆଉ ଶିଶୁ ବାଳକମାନଙ୍କୁ ଆରବବାସୀଙ୍କ ମନୋରଞ୍ଜନ ପାଇଁ ।

ପୋ.ଇ - (ଚାପୁଡ଼ାଏ ମାରିଛନ୍ତି) ବନ୍ଦ କର ଏ ପ୍ରଳାପ । ତୋର ଭାଷଣ ଶୁଣିବାକୁ ଏଠାରେ କେହି ନାହାଁନ୍ତି ।

ଵୁଲୁ - ୨ ଦିନ ଭିତରେ ତୁ ବହୁତ କିଛି କରିଦେଇ ପାରିବୁ । ତୋରି ଯୋଗୁଁ ଥାନା ଘେରାଉ ହେଲା । ଇନ୍ସପେକ୍ଟର ବଦ୍‌ନାମ ହେଲେ । ତାଙ୍କର ଟୋପି ଲୋକମାନେ ଛଡ଼ାଇନେଲେ । କେବଳ ତୋରି ପାଇଁ ଏସବୁ ହେଲା । ଅପହୃତା ଯୁବତୀମାନଙ୍କୁ ତାଙ୍କ ବାପା, ମାଁଙ୍କୁ ଫେରାଇ ଦିଆଗଲା ।

ମାଧବାନନ୍ଦ - ଆପଣ ଏକ ମହତ କାର୍ଯ୍ୟ ସମ୍ପାଦନ କଲେ । ଅର୍ଥ କେତେ ଦିନ କାହା ପାଖରେ ରହିବ । ଲକ୍ଷ୍ମୀ ଚଞ୍ଚଳା, ଜୀବନ ଅଳିକ । ଆପଣ କହନ୍ତୁ ଇନ୍ସପେକ୍ଟର ବାବୁ, କାହିଁକି ଏ ଅନ୍ୟାୟ । କେତେ ଦିନ ଆମେ ଅଧର୍ମ କରି ଚାଲିଥିବା ।

ପୋ.ଇ - (ଆଉ ଗୋଟିଏ ଚାପୁଡ଼ା ମାରିଲେ)
କ'ଣ ଦସ୍ତଖତ କରିବୁ କି ନାହିଁ ?

ମାଧବାନନ୍ଦ - ନାଁ, ମୁଁ କେବେ କରିବିନି । ଶ୍ରୀରାମ ଜୟରାମ ।

ପୋ.ଇ - ବେଶ୍, ତୋର ଇଷ୍ଟ ସ୍ମରଣ କର । ଏବେ ମଧ୍ୟ ସମୟ ଅଛି । ଵୁଲୁ କାଗଜ ଦିଅ ।

ମାଧବାନନ୍ଦ - (କାଗଜ ଧରିଲେ, ଚିରି ଫିଙ୍ଗିଦେଲେ)

ଵୁଲୁ - ତୋର ଏତେ ଦୂର ସାହାସ ।

Digitized by srujanika@gmail.com

ପୋ.ଇ - (ପିସ୍ତଲ ବାହାର କରି ମାଧବନନ୍ଦର ମୁଣ୍ଡ ପାଖରେ ରଖିଲେ) ୱାନ୍, ଟୁ, ଥ୍ରୀ, ଗୁଳି ନାହିଁ ଗୁଳି ଭର୍ତ୍ତି କରିବାକୁ ଭୁଲି ଯାଇଛି ।

ବୁଲୁ - ଗୋଟାଏ ଚାପୁଡ଼ା ମାରିଲା । ଇନ୍ସପେକ୍ଟର ମିଶି ଖୁବ୍ ମାରିଲେ । ମାଧବାନନ୍ଦ ହାତ ଉପରକୁ କରିଥାନ୍ତି । ବୁଲୁ ପଥରଟାଏ ଫିଙ୍ଗିଦେଲା । ମାଧବାନନ୍ଦ ଚିତ୍କାର କରି ଉଠିଲେ ।

ବୁଲୁ - ଇନ୍ସପେକ୍ଟର ଚାଲନ୍ତୁ ଚାଲିଯିବା । କିଏ ଆସିପାରେ । (ଚାଲିଗଲେ) ଗୀତଟିଏ ଭାସି ଆସିଲା । କିଛି ସମୟ ପରେ ମାଧବାନନ୍ଦ ଉଠି ବସିଲେ । ହାତରେ ରକ୍ତ ।

- ଅନ୍ଧାର -

- ଦ୍ୱାଦଶ ଦୃଶ୍ୟ -

(ସେଇ ଗୀତର ଶେଷ ପଦକ । କାମିନୀ କାଗଜ ପତ୍ର ରଖୁଥିଲା । କିଛି ସମୟ ପରେ ପ୍ରବେଶ କଲେ ମାଧବାନନ୍ଦ । ମୁଣ୍ଡରେ ବ୍ୟାଣ୍ଡେଜ୍ । ବସିଲେ । କାଗଜ ପଢୁଥିଲେ ।)

କାମିନୀ - (ଔଷଧ ଓ ହରଲିକ୍ସ ଦେଇ) ବାବା

ମାଧବାନନ୍ଦ - କହ,

କାମିନୀ - ଦେହ କିମିତି ଲାଗୁଛି ବାବା । ବଥା କମିଛି ନା ।

ମାଧବାନନ୍ଦ - ବହୁତ ଭଲ ଲାଗୁଛି । ତୁ ନ ଥିଲେ ମୁଁ କ'ଣ ବଞ୍ଚିଥାନ୍ତି ମା । କେତେଦିନ ମୋ ପାଇଁ ରାତି ଅନିଦ୍ରା ହୋଇ ବସି ରହିବୁ । କହିଲୁ ମା । ଶାପଗ୍ରସ୍ତ ଅହଲ୍ୟାକୁ କ'ଣ ମୁକ୍ତି ମିଳିବନି । ସେଇଦିନକୁ ମୁଁ ଅପେକ୍ଷା କରିଛି ମା ।

କାମିନୀ - ବାବା, ଆପଣଙ୍କ ଉପରେ ମରଣାନ୍ତକ ଆକ୍ରମଣର ଖବର ପାଇ ଗାଁବାଲା ପୋଲିସ୍ ଜିପ ପୋଡ଼ି ଦେଇଛନ୍ତି । ୨ ପ୍ଲାଟୁନ୍ ପୋଲିସ୍ ଆସିଛନ୍ତି । ମୁଁ ଭାବୁଛି କେତେଜଣ ଗିରଫ ହୋଇପାରନ୍ତି । ବୁଲୁ କୁଆଡ଼େ ଲୁଚି ଯାଇଛି । ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇ ଟେଲିଗ୍ରାମ ପଠାଇଛନ୍ତି ।

ମାଧବାନନ୍ଦ - ମା ଜଣକର ଆତ୍ମବଳୀରେ ଯଦି ଜଗତର ମଙ୍ଗଳ ହୁଏ, ତା କ'ଣ ଜୀବ ପାଇଁ ଭଲ ନୁହେଁ ।

Digitized by srujanika@gmail.com

କାମିନୀ - ଆପଣଙ୍କୁ ଶେଷ କରିଦେବା ପାଇଁ ପୋଲିସ ଓ ଗୁଣ୍ଡାଙ୍କର ଚକ୍ରାନ୍ତ ଭଗବାନ ପଣ୍ଡ କରିଦେଲେ ।

ମାଧବାନନ୍ଦ - ମାରେ ହରି ରଖେ କୌନ । ରଖେ ହରି ମାରେ କୌନ । ଇନ୍ସପେକ୍ଟର ଗୁଳି ଫୁଟିଲାନି । ସେମାନେ ଭାବିଲେ ମୁଁ ମରିଗଲି ।

କାମିନୀ - ବାବା, ଆଉ ଗୋଟିଏ ଖବର । ପୋଲିସ୍ ଇନ୍ସପେକ୍ଟର ଚାକିରିରୁ ନିଲମ୍ବିତ ହୋଇଛନ୍ତି । ସମ୍ବାଦପତ୍ରମାନେ ଏ ଅମାନୁଷିକ ଆକ୍ରମଣର ତୀବ୍ର ନିନ୍ଦା କରିଛନ୍ତି ।

ମାଧବାନନ୍ଦ - ଘଟଣା ଘଟିଯିବା ପରେ ସମସ୍ତେ ଦୁଃଖ ପ୍ରକାଶ କରନ୍ତି । ସରକାର କ'ଣକାଣିନଥିବେ, ଅସାମାଜିକମାନଙ୍କର ମୋ ଉପରେ କ୍ରୋଧ । ଘରପୋଡ଼ି ଦଙ୍ଗାରେ ପ୍ରାଣ ହରାଇଥିବା ଲୋକଙ୍କୁ ସାମାନ୍ୟ କିଛି ଟଙ୍କା ଦେଇ ଦୁଃଖ ପ୍ରକାଶ ଭଳି ଏ ଗୋଟାଏ ପରମ୍ପରା ।

କାମିନୀ - ନୂଆ ପୋଲିସ ଅଫିସର୍ ଆସିବେ । ସେ ନିଶ୍ଚୟ ଏମାନଙ୍କୁ ଗିରଫ କରିବେ ।

ମାଧବାନନ୍ଦ - ତାହାହିଁ ଆମେ ଆଶା କରିବା କଥା । ଦେଖେ, କ'ଣ ହଉଚି । ମା' ମୋର ତ ଏଠାରେ କାମ ଶେଷ ହୋଇଗଲା । ଅନ୍ୟ ଜାଗାକୁ ମୋତେ ଯିବାକୁ ପଡ଼ିବ ।

କାମିନୀ - ଆପଣ ଯଦି ଯିବେ ବାବା, ମୁଁ ଆପଣଙ୍କ ସାଙ୍ଗରେ ଯିବି ।

ମାଧବାନନ୍ଦ - ନାଇଁରେ ମା । ତୁ ଏଇଠି ରହିବୁ । ତୋର ଘରେ ରହିବୁ । ଶୁଣିଲି, କମଳାକାନ୍ତ ବାବୁ ଓ ତାଙ୍କର ସ୍ତ୍ରୀ ଏଠାକୁ ଆସିବେ । ଶୁଣୁଥିଲି, ସୁଧର୍ମା ତୋ ବିନା ବଡ଼ ବ୍ୟସ୍ତ ହୋଇପଡ଼ିଛନ୍ତି ।

କାମିନୀ - ସେ ଏଠାରେ ଅଛନ୍ତି ନା ବାବା । କୁଆଡ଼େ ପଳାଇ ଯାଇନାହାନ୍ତି ତ ? ବାବା ସେ ଭାରୀ ଏକଜିଦିଆ ଲୋକ । ସେ ଦିନ କହିଲେ ବିଷ ଖାଇଦେବେ ।

ମାଧବାନନ୍ଦ - ମୁଁ ଜାଣେ ମା, ତୁ ତାଙ୍କ ପାଇଁ ଖୁବ୍ ବ୍ୟସ୍ତ । ସେଥିପାଇଁ ତତେ ଅତି ଶୀଘ୍ର ତୋ ଘରକୁ ଫେରିଯିବାକୁ ହେବ ।

କାମିନୀ - ଆପଣ କହୁଛନ୍ତି, ମୁଁ ପୁଣି ଫେରିଯିବି ?

ମାଧବାନନ୍ଦ - ଏଥିରେ ଆପତ୍ତି ରହିଲା କେଉଁଠି ? ସ୍ୱାମୀ ଘରକୁ ନ ଯାଇ ତୁ କେତେ ଦିନ ଏଠାରେ ରହିବୁ । କଲ୍ୟାଣୀ ଚାଲିଯିବ ପୁଣି କାମିନୀ

Digitized by srujanika@gmail.com

ହୋଇ । ସଂସାର ଗଢ଼ିବ । ଆଶୀର୍ବାଦ କରୁଛି ସଂସାର ତୋର ସୁଖମୟ ହବ ।

(ପ୍ରବେଶ କରିଛି ସୁଧର୍ମା, ସୁଧର୍ମା ଦେଖି ଫେରି ଯାଉଥିଲା)

ମାଧବାନନ୍ଦ - ସୁଧର୍ମା ଆସ । କୁଆଡ଼େ ଚାଲିଯାଉଛ ?

ସୁଧର୍ମା - ନମସ୍କାର ସାର୍ ।

ମାଧବାନନ୍ଦ - କୁଆଡ଼େ ଆସିଲ ? ନନା, ବୋଉ ଭଲ ଅଛନ୍ତି ତ ? ଆଉ ତୁମର ସ୍ତ୍ରୀ... ?

କାମିନୀ - (ମୁରୁକି ହସୁଥିଲା)

ମାଧବାନନ୍ଦ - କ'ଣ କିଛି କହିବନି ।

ସୁଧର୍ମା - ଆପଣଙ୍କୁ ଦେଖିବା ପାଇଁ ଚାଲି ଆସିଲି । ଶୁଣିଲି ଆପଣଙ୍କ ଉପରେ ଚୁଲୁର ଆକ୍ରମଣ କଥା ।

ମାଧବାନନ୍ଦ - ହଁ, ଯାହା ହବାର ଥିଲା, ହୋଇଗଲା ।

ସୁଧର୍ମା - ନନା, ବୋଉ ଆପଣଙ୍କୁ ଦେଖିବାକୁ ଆସିବେ ।

ମାଧବାନନ୍ଦ - ଏ ତ ଅତି ଆନନ୍ଦର କଥା । ତାଙ୍କ ସାଙ୍ଗରେ ତୁମେ ବି ଆସିବ ।

ସୁଧର୍ମା - ତାହେଲେ ମୁଁ ଆସୁଛି ଆଜ୍ଞା ।

ମାଧବାନନ୍ଦ - କଲ୍ୟାଣୀ, ଯାଅ ସୁଧର୍ମାଙ୍କ ପାଇଁ ଚା ଜଳଖିଆ ନେଇ ଆସ ।

ସୁଧର୍ମା - ନାଇଁ ଆଜ୍ଞା, ତେଣେ ନନାବୋଉ ଅପେକ୍ଷା କରିଥିବେ । (ଚାଲିଗଲା)

ମାଧବାନନ୍ଦ - କ'ଣ ମା ଏଥର ଖୁସୀ ନା । ତୁମ ଶାଶୁ, ଶ୍ୱଶୁର ଆସିବେ । ତାଙ୍କର ଚର୍ଚ୍ଚାର ବନ୍ଦୋବସ୍ତ କର ।

କାମିନୀ - ବାବା, ଆପଣଙ୍କର ଏ ଅବସ୍ଥାରେ...

ମାଧବାନନ୍ଦ - ମୋର ତ କିଛି ହୋଇନି । ତୁ କ'ଣ କରିବୁ । ମୁଁ ଆସିବାବେଳେ ତୁ ଆସିନଥିଲୁ । ମୁଁ ଯିବାବେଳେ ତୁ ଯିବୁନି । ହଠାତ୍ ରାସ୍ତାରେ ଦେଖା । କିଛି ସମୟ ବାର୍ତ୍ତାଳାପ । ତା'ପରେ ଯେ ଯାହା ରାସ୍ତାରେ ଚାଲିଯିବା ।

(ପ୍ରବେଶ କଲେ କମଳାକାନ୍ତ, ପତ୍ନୀ ଓ ସୁଧର୍ମା)

ସମସ୍ତେ - (ନମସ୍କାର କଲେ)

ମାଧବାନନ୍ଦ - ନମସ୍କାର । ବସନ୍ତୁ ।

କମଳାକାନ୍ତ - ଆପଣଙ୍କ ସ୍ୱାସ୍ଥ୍ୟ କେମିତି ଅଛି ?

Digitized by srujanika@gmail.com

ମାଧବାନନ୍ଦ - ହଁ, ଭଲ ଅଛି ।

ସୁ.ବୋଉ - ଆପଣଙ୍କ ଖବର ଶୁଣି ବ୍ୟସ୍ତ ହୋଇ ପଡ଼ିଲୁ । ମୁଁ ଲଗେଇଲି । ଚାଲ ବାବାଙ୍କୁ ଯାଇ ଦେଖି ଆସିବା ।

ମାଧବାନନ୍ଦ - ମୋର ପରମ ସୌଭାଗ୍ୟ । ଆପଣମାନେ ଆସିଛନ୍ତି । (ମୁଣ୍ଡରେ ଓଢ଼ଣା ଟାଣି କାମିନୀ ଆସିଛି ସମସ୍ତଙ୍କୁ ମୁଣ୍ଡିଆ ମାରିଛି ।)

ସୁ.ବୋଉ - (ଓଢ଼ଣା ଟେକି ଦେଇ) ବାବା, ଏ କିଏ । ବାବା, ଏ ମୋର ବୋହୂ କାମିନୀ । ମୋର ଯୋଗୁଁ ମୋ ପୁଅର ସୁନାର ସଂସାର ଚୂନା ହୋଇଗଲା । ମା, ଏତେଦିନ ବାହାରେ ରହି ଆମ ସମସ୍ତଙ୍କୁ ଭୁଲିଗଲୁ । (କାନ୍ଦିଲେ) ତତେ ଖୋଜି ଖୋଜି ନୟାନ୍ତ ହେଲି । ଆଉ ଅଭିମାନ ନ କର, ଘରକୁ ଆ' ମା । ମୁଁ କ'ଣ ତୋର ମା ନୁହେଁ । ମା'ର ଦୋଷ କ'ଣ ଝିଅ କ୍ଷମା କରି ଦିଏନା ।

ମାଧବାନନ୍ଦ - ଆପଣଙ୍କର ବୋହୂ ?

ସୁ.ବୋଉ - ବାବା, ଆଉ ଲଜ୍ୟା ଦିଅନ୍ତୁନି । ମୁଁ ଦୋଷୀ । ମୋତେ କ୍ଷମା କରିଦିଅନ୍ତୁ ।

ମାଧବାନନ୍ଦ - କିନ୍ତୁ ମୋ ଝିଅକୁ ମୁଁ ତ ଆପଣଙ୍କ ଘରକୁ ପଠାଇ ନ ପାରେ ।

କମଳାକାନ୍ତ - ବାବା, ଆମକୁ କ'ଣ କ୍ଷମା କରି ଦେବେ ନାହିଁ

ମାଧବାନନ୍ଦ - ଆପଣମାନେ ଯଦି କହିବେ, ମୁଁ ଆପଣଙ୍କର ପୁଅ ସହିତ ମୋ ଝିଅର ବିବାହ କରିପାରେ ।

କାମିନୀ - ବାବା !

ମାଧବାନନ୍ଦ - ହଁ ମା, ମୋତେ ତ କନ୍ୟାଦାନ କରିବାକୁ ହେବ । କନ୍ୟାଦାନ କଲେ ସ୍ୱର୍ଗପ୍ରାପ୍ତି । ମୋତେ ନର୍କ ଯନ୍ତ୍ରଣା ମିଳୁ, ଏହା କ'ଣ ତୁ ଚାହୁଁ ମା ? କ'ଣ ଆପଣମାନେ ରାଜି ।

କମଳାକାନ୍ତ - ସବୁ ଆପଣଙ୍କ ଇଚ୍ଛା ଉପରେ ନିର୍ଭର କରେ । ତେବେ କହନ୍ତୁ, ଏ ବାହାଘର କେବେ ହେବ ?

ମାଧବାନନ୍ଦ - ଏ ବାହାଘରରେ ତିଥି, ନକ୍ଷତ୍ର, ବାରର ପ୍ରୟୋଜନ ନାହିଁ । ମୋ ଝିଅ ଆପଣଙ୍କ ଘରକୁ ଗଲେ, ଆପଣମାନେ ଖୁସି ହେବେ ନା ?

ସୁ.ବୋଉ - ମୁଁ ମୋ ବୋହୂକୁ ଫେରି ପାଇବି । ଏହାଠାରୁ ଅଧିକ ଆନନ୍ଦ କ'ଣ ହୋଇପାରେ ବାବା ।

Digitized by srujanika@gmail.com

କମଳାକାନ୍ତ - ତେବେ କେଉଁଦିନ ଏ ବାହାଘର ହେବ ।

ମାଧବାନନ୍ଦ - କାହିଁକି ବର୍ତ୍ତମାନ, କ୍ୱାଇଁ ତ ଅଛନ୍ତି । କ'ଣ ସୁଧର୍ମା ।

ସୁଧର୍ମା - (ମୁହଁ ତଳକୁ କରି ହସୁଥିଲା)

ମାଧବାନନ୍ଦ - ମା' ସେ ସୋଫା ତଳେ କ'ଣ ଅଛି ଦେଖିଲୁ ?

ସୁଧର୍ମା - ମୁଁ ଦେଖୁଛି ଆଜ୍ଞା । (ଆଣିଛି) ଆଜ୍ଞା ! ଦୁଇଟି ମାଳ ।

ମାଧବାନନ୍ଦ - ସେତିକି ମୋର ଦରକାର । ଶଙ୍ଖୁଆ ଆସିଛି ନା ।

ଭିତରୁ - ହଁ ବାବୁ, ମୁଁ ଏଠାରେ ବସିଛି ।

ମାଧବାନନ୍ଦ - (ଦୁଇଟି ମାଳ ଦୁଇଜଣଙ୍କ ହାତକୁ ଦେଇ) ଶଙ୍ଖୁଆ ଶଙ୍ଖ ଫୁଙ୍କ । ସମୁଧୁଣୀ, ହୁଳହୁଳି ଦିଅନ୍ତୁ ନା, ମା ତୁ ଆଗ ଫୁଲମାଳଟି ପିନ୍ଧାଇଦେ । ଆଉ ସୁଧର୍ମା ବାବୁ ତୁମେ ।

(କରତାଳି ଧ୍ୱନି । ହୁଳହୁଳି ଶବ୍ଦ । ଦୁହେଁ ଫୁଲମାଳ ପିନ୍ଧି ସମସ୍ତଙ୍କ ପାଦତଳେ ମୁଣ୍ଡିଆ ମାରୁଥିବା ବେଳେ)

(ପ୍ରବେଶ କରିଛନ୍ତି ବିରୁପାକ୍ଷ ଓ ଅନ୍ୟଜଣେ ପୋଲିସ୍ ଅଫିସର)

ପୋ.ଇ. - ବନ୍ଦ କର ଏ ବିବାହ ।

ବିରୁପାକ୍ଷ - ଇନ୍ସପେକ୍ଟର ବାବୁ, ଏଇମାନେ ମୋ ଝିଅକୁ ମାରିଦେଇ ପୁଅକୁ ଦ୍ୱିତୀୟ ବିବାହ କରାଉଛନ୍ତି । ମୁଁ ଖବର ପାଇ ଠିକ୍ ସମୟରେ ଆସିନଥିଲେ, ସବୁ ସରି ଯାଇଥାନ୍ତା । ଆପଣ ବାପା, ମା, ପୁଅକୁ ଗିରଫ କରନ୍ତୁ ।

ପୋ.ଇ - ତାଙ୍କର ଝିଅ କାହିଁ ? କେଉଁଠି ତାକୁ ରଖିଛନ୍ତି ଶୀଘ୍ର ଦେଖାନ୍ତୁ । ଆପଣ ଜାଣନ୍ତି ହିନ୍ଦୁ କୋର୍ଡ୍ ବିଲ ଅନୁସାରେ ସ୍ତ୍ରୀ ଥାଉ ଥାଉ ଦ୍ୱିତୀୟ ବିବାହ ଆଇନ୍ ଦ୍ୱାରା ନିଷିଦ୍ଧ । ମୁଁ ଆପଣମାନଙ୍କୁ ଗିରଫ କରୁଛି ।

ମାଧବାନନ୍ଦ - ଇନ୍ସପେକ୍ଟର ବାବୁ, ଆପଣ ଠିକ୍ ସମୟରେ ଆସିଛନ୍ତି । ନାଟକର ଶେଷ ଦୃଶ୍ୟ ଚାଲିଛି । ଆପଣ ବରକନ୍ୟାଙ୍କୁ ଆଶୀର୍ବାଦ କରନ୍ତୁ ନା । ଶୁଭ କାର୍ଯ୍ୟରେ ଗିରଫଦାରୀ ଠିକ୍ ନୁହେଁ ଇନ୍ସପେକ୍ଟର ବାବୁ ।

ପୋ.ଇ - ଆପଣ ମୋ ସାଙ୍ଗରେ ଥଟ୍ଟା ଖେଳୁଛନ୍ତି । ମୁଁ ପଚାରୁଛି (କମଳାକାନ୍ତଙ୍କୁ) ଆପଣଙ୍କ ପ୍ରଥମ ବୋହୂ କାହିଁ ?

କମଳାକାନ୍ତ - ମୁଁ ଆପଣଙ୍କୁ କହିଥିଲି ସମୁଧି, ଠିକ୍ ପାଞ୍ଚଦିନ ପରେ ଆପଣଙ୍କ ଝିଅକୁ ଫେରାଇ ଦେବି । ଆପଣ ଆପଣଙ୍କ ଝିଅକୁ ନେଇପାରନ୍ତି ।

Digitized by srujanika@gmail.com

ବିରୁପାକ୍ଷ - କ'ଣ ଆପଣ ମୋତେ ଥଟ୍ଟା କରୁଛନ୍ତି ?

କମଳାକାନ୍ତ - ମା ନନାଙ୍କୁ ଓଳଗି ହୁଅ । (କାମିନୀ ନନାଙ୍କୁ ମୁଣ୍ଡିଆ ମାରିଛି)

ବିରୁପାକ୍ଷ - ମା କାମିନୀ ତୁ ବଞ୍ଚିଛୁ । ତୁ ମୋର କାମିନୀ ନା ?

କାମିନୀ - ହଁ ନନା, ମୁଁ ଆପଣଙ୍କର କାମିନୀ, ମୁଁ ଆପଣଙ୍କର ଝିଅ ।

ବିରୁପାକ୍ଷ - ମା ମୁଁ ଭାବୁଥିଲି ଏମାନେ ତୋତେ ମାରି ଦେଇଛନ୍ତି । ଆଜି ମୋର ଆନନ୍ଦର ଦିନ । ଇନ୍ସପେକ୍ଟର ବାବୁ ମୋତେ ଗିରଫ କରନ୍ତୁ । ମୁଁ ଆପଣଙ୍କୁ ଭୁଲ ରିପୋର୍ଟ ଦେଇଥିଲି ।

କମଳାକାନ୍ତ - କ'ଣ ଝିଅକୁ ଘରକୁ ନେଇଯିବେ ?

ବିରୁପାକ୍ଷ - ନା' ସେ ଆପଣଙ୍କର । ତା' ଉପରେ ମୋର କି ଅଧିକାର ଅଛି । (ଆଖିରୁ ଲୁହ ପୋଛୁଥିଲେ)

ଇନ୍ସପେକ୍ଟର - ଆରେ, ଏଠି ତ ଭଲ ନାଟକ ଚାଲିଛି ।

ମାଧବାନନ୍ଦ - ଇନ୍ସପେକ୍ଟର ବାବୁ, ନାଟକର ଶେଷ ଦୃଶ୍ୟର ଅଭିନୟ ବାକୀ ଥିଲା । ଆପଣଙ୍କର ଭୂମିକା ଅତି ମହତ୍ୱପୂର୍ଣ୍ଣ ।

ଇନ୍ସପେକ୍ଟର - ହଉ ମୁଁ ତାହେଲେ ଆସୁଛି ।

ମାଧବାନନ୍ଦ - ନା, ନା, ଭୋଜି ନ ଖାଇ ଆପଣ ଯିବେ କେମିତି ? ମୁଁ ତ ସବୁ ବନ୍ଦୋବସ୍ତ କରିଛି । ହଁ ସମୁଧି ଆପଣଙ୍କର ଯୌତୁକ କଳର ଟି.ଭି. । ଆପଣ ଆରାମରେ କ୍ରିକେଟ୍ ଖେଳ ଦେଖି ପାରିବେ । ରାତିରେ ରିସେପ୍‌ସନ୍, ସମସ୍ତେ ଆସିବେ ।

ସମସ୍ତେ - ହଉ, ଆମକୁ ବିଦାୟ ଦିଅନ୍ତୁ । (ଶଙ୍ଖୁଆ ଶଙ୍ଖ ଫୁଙ୍କୁଥିଲା । ସମସ୍ତେ ବିଦାୟ ଦେବାକୁ ଗଲେ ମାଧବାନନ୍ଦ । ମଞ୍ଚରେ ରହିଲେ ରହିଲେ କାମିନୀ, ସୁଧର୍ମା)

ସୁଧର୍ମା - କାମିନୀ (ଶାଢ଼ୀ ଟାଣି ଆଣିଛି)

କାମିନୀ - କାମିନୀ ନୁହେଁ କଲ୍ୟାଣୀ । ଛାଡ଼ ଛାଡ଼ ନା ।

ନଇଁ ଆସିଛି ଯବନିକା

- ସମାପ୍ତ -

Digitized by srujanika@gmail.com

ନାଟକ

ଦେବ ନର୍ତ୍ତକୀ



ନିର୍ଦ୍ଦେଶନା : ନାଟ୍ୟଶ୍ରୀ ରଘୁନାଥ ମିଶ୍ର

ସଂଗୀତ : ୰ ନେତାଜୀ ପାତ୍ର

Digitized by srujanika@gmail.com

ଦେବ ନର୍ତ୍ତକୀ

- ପ୍ରଥମ ଦୃଶ୍ୟ -

(ଶ୍ରୀଜଗନ୍ନାଥଙ୍କ ମନ୍ଦିରର ଭିତର ଭାଗ । ମୂର୍ତ୍ତିଙ୍କ ସମ୍ମୁଖରେ ଦେବଦାସୀ କମଳିନୀ ନୃତ୍ୟ କରୁଥିଲେ, ପ୍ରଭୁଙ୍କର ବଡ଼ସିଂହାର ବେଶ ପରେ ବଡ଼ପଣ୍ଡା, ଭିତରଚ୍ଛୁ ମହାପାତ୍ର, ମୁଦିରଥ ପ୍ରଭୃତି ସେବକଗଣ ଦଣ୍ଡାୟମାନ । ନୃତ୍ୟ ଶେଷ ହୋଇଛି ।

ନର୍ତ୍ତକୀ ଦେବଦାସୀ ପ୍ରଭୁଙ୍କୁ ପ୍ରଣତି ଜଣାଇ ବିଦାୟ ନେଇଛି ।)

ବଡ଼ପଣ୍ଡା - ଚମତ୍କାର । ସୁନ୍ଦର । ଅତି ସୁନ୍ଦର । ବୁଝିଲ, କି ସୁନ୍ଦର ନୃତ୍ୟ କରୁଛି ଏ ଦେବଦାସୀ । ଷୋଡ଼ସୀ, ରୂପସୀ ତରୁଣୀର ରୂପ ଲାବଣ୍ୟ ସାଙ୍ଗକୁ ନୟନର ଚାହାଣୀ, ମୃଦୁମନ୍ଦ ହାସ୍ୟ, ରକ୍ତିମ ଅଧର, ମନକୁ କିଣି ନଉଛି ହେ ମୁଦିରଥେ ।

ମୁଦି ରଥେ - ମୁଁ ଦେଖୁଛି, ତୁମେ ତ ଏ ନର୍ତ୍ତକୀ ପାଇଁ ପାଗଳ ହୋଇଯିବ । ତା'ର ତ ଗୋଟାଏ ଉପାସକ ସାଜିଗଲଣି ହେ ବଡ଼ପଣ୍ଡେ !

ବଡ଼ପଣ୍ଡା - ଏ ଦୁନିଆରେ ସୁନ୍ଦରର ଉପାସକ କିଏ ନୁହେଁ କହିଲ ? ତୁମେ କ'ଣ ନୁହଁ ? ଜଗନ୍ନାଥ ମହାପ୍ରୁ ନିଶ୍ଚୟ ଏହାର ନୃତ୍ୟକୁ ଉପଭୋଗ କରୁଥିବେ । ହେଉଛି, କନ୍ୟାଟି ଦେବତାର ଲାଗି ବେଶ ଉପଭୋଗ୍ୟା ହୋଇଛି ।

ମହାପାତ୍ରେ - (ହସିଉଠିଲେ) ହଇଏ ବଡ଼ପଣ୍ଡେ, ତୁମେ କଥାଟାକୁ ଜଗନ୍ନାଥଙ୍କ ଆଡ଼କୁ କାହିଁକି ନେଇଯାଉଛ ? ତୁମ କଥା କୁହ ?

ମୁଦି ରଥେ - ଦେବତାର ଆଗରେ ଏ ସବୁ ଆଲୋଚନା, ପାପ, ମହାପାପ ।

ମହାପାତ୍ରେ - କାହିଁକି ପାପ, ପୁଣ୍ୟ କଥା କହୁଛ ହେ ?

ବଡ଼ପଣ୍ଡେ - ମିଛରେ କାହିଁକି ଏ ସବୁ ଆଲୋଚନା କରୁଛ । ଚାଲ, ଘରକୁ ଚାଲ ।

ମହାପାତ୍ରେ - ଘରକୁ ତ ଯିବା । ତେବେ ମୁଁ ଯାହା ଦେଖୁଛି, ଦେବଦାସୀର ଆଗମନରେ, ବଡ଼ପଣ୍ଡାଙ୍କର ମନରେ ଗୋଟାଏ ଶିହରଣ ଖେଳିଯାଉଛି । ଭାବାବେଶରେ ସେ ସବୁ କିଛି ଭୁଲି ଯାଉଛନ୍ତି । ପୂଜା କରିବାରେ ତାଙ୍କର ମନ ସ୍ଥିର ରହୁନାହିଁ । ଘଣ୍ଟି ବାଜୁଛି ତ ବାଜୁଛି ।

Digitized by srujanika@gmail.com

ବଡ଼ପଣ୍ଡେ - ତୁମେ ସବୁ ତ ମୋତେ ଦୋଷ ଦଉଛ । ତୁମେ ଅଳପେଇଷିଆ ବି'ଟା କ'ମ ଉଛନ୍ନ ନ ହଉଛ କହିଲ ?

ମୁଦି ରଥେ - ସେ ତ ବୟସର ଗୁଣ । କିଂତୁ ତୁମର । ତୁମର ଯିବା କାଳକୁ ତାର ଯୁବାକାଳ । ଏଇଠି କଥାଟାରେ ଟିକିଏ ଖଟକା ରହିଯାଉଛି ।

ବଡ଼ପଣ୍ଡେ - ତୁମର କହିବାର ଅର୍ଥ ତ ମୁଁ ବୁଝିପାରୁନାହିଁ ମୋର ଯିବାକାଳ । ମାନେ ତୁମେ କହୁଚ ମୁଁ ବୁଢ଼ା । ତୁମରକ'ଣ ଯିବାକାଳ ଆସିବ ନାହିଁ । ଆଉ ଯେତେବେଳେ ନର୍ତ୍ତକୀ ନୃତ୍ୟ ପରିବେଷଣ କରୁଛି, ତୁମେ ଦୁଇଟା ସତେ ଯେପରି ତାକୁ ଖାଇଯିବ, ସେଇଭଳି ଆଖିରେ ଚାହିଁ ରହୁଛ କାହିଁକି ?

ମହାପାତ୍ରେ - ସତ କହିଛ ହେ ପଣ୍ଡେ, ଏ ନର୍ତ୍ତକୀ ଦେବଦାସୀ ଯୋଗୁଁ ମହାପ୍ରଳୟ ସୃଷ୍ଟି ହେବ । ରଜାଙ୍କୁ କହି ଏ ମନ୍ଦିରକୁ ତାର ଆସିବାଟାକୁ ବନ୍ଦ କରାଇବାକୁ ହବ ।

ମୁଦି ରଥେ - କିଏ ବନ୍ଦ କରିବ ? କାହିଁକି କରିବ ? ସବୁ ସେ କାଳିଆର ଇଚ୍ଛା । ସେ ଚାହିଁଲେ ସେ ସବୁ ବନ୍ଦ କରିଦେଇପାରିବ ।

ବଡ଼ପଣ୍ଡେ - ତେବେ ସେ କାହିଁକି କରିବ ? ସେ ତ ରସିକ ନାଗର ଚୁଡ଼ାମଣି, ଯୁବତୀରସିଆ, କାମିନି ରଙ୍କା ।

ଅନ୍ୟସମସ୍ତେ - (ହସି ଉଠିଛନ୍ତି)

ବଡ଼ପଣ୍ଡେ - ହଉ ଛାଡ଼ । ମନ୍ଦିରରେ ପହୁଡ଼ ପଡ଼ିବ । ସେ ଆସୁଥାଉ ହେ । ତାକୁ ଦେଖିଲେ କେତେକଙ୍କର ମହାପାତକ ନାଶନ ହେଉଛି ।

ମୁଦି ରଥେ - ପାତକ ନାଶନ କାହିଁକି ହେବ ହେ ? ସେ କ'ଣ ଅହଲ୍ୟା, ଦ୍ରୌପଦୀ, ତାରା ନା କୁନ୍ତୀ, ମନ୍ଦୋଦରୀ ।

ବଡ଼ପଣ୍ଡେ - ଏହି ପଞ୍ଚକନ୍ୟାମାନେ, ଦିନେ ଏହି କନ୍ୟାଟି ପରି ଥିଲେ । ତାଙ୍କୁ ସ୍ମରଣ କଲେ ଯଦି ପାତକ ନାଶନ ହେଉଥିଲା, ଯାକୁ ଦେଖିଲେ କାହିଁକି ପାତକ ନାଶନ ହେବନାହିଁ ? କାଳିଆ, ତା'ଠାରେ ତିଳ, ତିଳ କରି ସୌନ୍ଦର୍ଯ୍ୟକୁ ଠୁଳ କରି ଦେଇଛି । ତାର ଚାଲିରେ ଶତ ପଦ୍ମଫୁଲ ଫୁଟି ଉଠୁଛି ।

ଉଭୟେ - କହିଯାଅ ପଣ୍ଡେ କହିଯାଅ । ଶୁଣିବାକୁ ବଡ଼ ମଧୁର ଲାଗୁଛି । ଦର୍ଶନ ମଧୁରଂ, ଶ୍ରବଣ ମଧୁରଂ (ଗାଉଥିଲେ)

Digitized by srujanika@gmail.com

ବଢ଼ପଣ୍ଡେ - ତା'ର ବଚନ କି କୋମଳ, ବୀଣା ଜିଣା କଣ୍ଠରେ ସେ ଯେତେବେଳେ କହିଦେଉଛି ବଢ଼ପଣ୍ଡେ

ମହାପାତ୍ରେ - ତୁମେ ସେତେବେଳେ ସବୁ କିଛି ଭୁଲି ଯାଉଛ । ହାତରୁ ଢ଼ାଳ ତୁମର ଖସି ପଡୁଛି । ସେ ବୁଝୁଛି, ପଣ୍ଡାଙ୍କ ଅନ୍ତରକୁ ବୁଝି ପାରୁଛି । ହସି, ହସି କହୁଛି, ବଢ଼ପଣ୍ଡେ ପାଦୁକ ଟିକିଏ ଦବ ।

ମୁଦି ରଥେ - ବଢ଼ପଣ୍ଡେ ଅପ୍ରତିଭ ହୋଇ କହି ଉଠୁଛନ୍ତି, କ'ଣ କହିଲ, ଆଉ ଟିକିଏ କହ ।

ମହାପାତ୍ରେ - ତା'ପରେ... କହ,

ମୁଦି ରଥେ - ପଣ୍ଡେ ପାଦୁକ ଦବା ନାଁରେ ତାର ହାତକୁ ଧରି, ତାକୁ ଏକ ଲୟରେ ଚାହିଁ ରହୁଛନ୍ତି । ସେ ହାତକୁ ଛଡ଼ାଇ ନେବାକୁ ଚାହିଁଲେ, ପଣ୍ଡେ ତା' ହାତକୁ ଛାଡୁ ନାହାନ୍ତି ।

ମହାପାତ୍ରେ - ହବାର କଥା । ବିପତ୍ନୀକର ସଂସାର ତାଙ୍କର । ଏ ବୟସରେ ତାଙ୍କ ବିବାହ ହବା କଥା ।

ମୁଦି ରଥେ - ଭଲ କଥା କହୁଛ ମହାପାତ୍ରେ ? ଏବେ ପ୍ରଭୁଙ୍କର ନାମ ନେଇ, ବିଦାୟ ହେବାର ବେଳ । ଘରେ ଏକମାତ୍ର କନ୍ୟାରତ୍ନ । ତାକୁ ହାତକୁ ଦି ହାତ କରି, ସେ ହିମାଳୟକୁ ଚାଲିଯିବା କଥା ।

ବଡ଼ପଣ୍ଡେ - ସେ କଥା କହନି ମୁଦିରଥେ । କାଳିଆର ସେବାରେ ଯେଉଁ ପୁଣ୍ୟ, ହିମାଳୟ ତପସ୍ୟାରେ ତା' ମିଳିବ ନାହିଁହେ । ସକଳ ତୀର୍ଥ ତା' ଚରଣେ, ବଦ୍ରିକା ଯିବି କି କାରଣେ । କାଳିଆର ସେବା, ଆଗରେ ସ୍ୱର୍ଗଦ୍ୱାର । ଶ୍ରୀକ୍ଷେତ୍ରବାସୀ ମୁଁ କୋଟି ପୁଣ୍ୟର ଫଳରେ, ଆଜି ଏହି ଧାମରେ ମୋର ଜନ୍ମ ।

ମହାପାତ୍ରେ - ସବୁ ନୀତି ଶାସ୍ତ୍ର କଥା ତ କହୁଛ, ହେଲେ ଆଳୁଦୋଷଟାକୁ ଛାଡୁନ ଯେ । ପ୍ରକୃତିରେ ପରିବର୍ତ୍ତନ ଆସୁନି । କାମୁକ ତୁଳସୀ ଦାସ, ବିଲ୍ୱମଙ୍ଗଳ ପରି ଭକ୍ତମାନେ, ଦିନେ ସ୍ତ୍ରୀର ପିଛା ଡ଼ାଡୁନଥିଲେ । କିଏ ଶବ ଧରି ନଦୀ ପାରିହେଉଥିଲା ତ, କିଏ ପାଗଳ ହୋଇ ସ୍ତ୍ରୀ ପାଖରେ ପହଞ୍ଚୁଥିଲା । ଏଇ ନାରୀ, ସେମାନଙ୍କୁ ରାସ୍ତାକୁ ଆଣିଥିଲେ । ସେମାନଙ୍କୁ ରାମଙ୍କ ନାମ, କୃଷ୍ଣଙ୍କ ନାମ ଜପିବାକୁ ଉପଦେଶ ଦେଲେ । ତା'ପରେ ସେମାନେ ହେଲେ ମହାତ୍ମା ।

Digitized by srujanika@gmail.com

ମୁଦି ରଥେ - ଧୈର୍ଯ୍ୟ ଧର, ଏହି କନ୍ୟା ତାଙ୍କୁ ରାସ୍ତାକୁ ଆଣିବ ।

ବଡ଼ପଣ୍ଡେ - ପ୍ରଭୁଙ୍କର ସେବାକାରୀଗଣ । ତୁମ୍ଭେମାନେ ଯୁବକ । ତୁମ୍ଭମାନଙ୍କର ସୌନ୍ଦର୍ଯ୍ୟଭୋଗ ସଂପର୍କରେ ଜ୍ଞାନ ସୀମିତ । ତୁମେ କ'ଣ ଭାବୁଛ ମୁଁ କାମୁକ । ମୁଁ ଲମ୍ପଟ ମୋଟେ ନୁହେଁ । ମୁଁ ଜଣେ ସୌନ୍ଦର୍ଯ୍ୟ ପ୍ରେମିକ ।

ମହାପାତ୍ରେ - ଏ କଥା କାହାକୁ ଆଉ କହ ନାହିଁ ହେ ବଡ଼ପଣ୍ଡେ । ଲୋକ ହସିବେ । ନର୍ତ୍ତକୀର ହାତ ଧରି ପକାଇଲେ, ତାକୁ ମୋଟେ ଛାଡୁନାହଁ । କହୁଚ, କ'ଣ ନା, ସୌନ୍ଦର୍ଯ୍ୟର ଉପାସକ । ବୁଝିଲ, ଠେଙ୍ଗାମାଡ଼ ଯୋଗ ତୁମକୁ ଅଛି । ଯାଅ ଜ୍ୟୋତିଷକୁ ହାତ ଦେଖାଅ ।

ବଡ଼ପଣ୍ଡେ - ଆରେ ମୂର୍ଖ, ଅପଗଣ୍ଡମାନେ । ମୁଁ ଜଗନ୍ନାଥଙ୍କର ପ୍ରଧାନ ସେବକ । ମୁଁ ପୂଜା କଲାବେଳେ ମୋ ଚକ୍ଷୁରେ ନିଜେ ଜଗନ୍ନାଥ ଦେଖାଦିଅନ୍ତି । ତୁମେ କହୁଚ ମୁଁ ପାପୀ ? ଗୋଟାଏ ସାମାନ୍ୟ ନର୍ତ୍ତକୀ, ଦେବଦାସୀ, ସେ ମୋ ଆଗରେ ତୁଚ୍ଛ । ଏଭଳି ପାପ କଥା, କେବେ ମନକୁ ଆଣ ନାହିଁ ?

ମୁଦି ରଥେ - ମହାପାତ୍ରେ, ଚାଲ, ସେଥିରୁ କ'ଣ ମିଳିବ । ଅର୍ଦ୍ଧରାତ୍ରୀ ଟପିବାକୁ ବସିଲାଣି । ରାଜପଥରେ ସାରମେୟମାନଙ୍କର ପ୍ରାଦୁର୍ଭାବ । ତେଣେ ମୋର ଧର୍ମପତ୍ନୀ ମୋର ପ୍ରତୀକ୍ଷାରେ ନୟନରୁ ଅଶ୍ରୁ ବର୍ଷଣ କରୁଥିବେ । ସେ ମହାନ ସତୀ, ସାକ୍ଷାତ ସାବିତ୍ରୀ ।

ବଡ଼ପଣ୍ଡେ - ହଁ, ହଁ, ତାଙ୍କ କଥା ମଧ୍ୟ ଚିନ୍ତା କରିବାକୁ ହେବ । ଯେତେବେଳେ ସେମାନେ ଜୀବିତ -

ମହାପାତ୍ରେ - ଭଲ କଥା କହୁଛ ବଡ଼ ପଣ୍ଡେ । ସେମାନେ କ'ଣ ତୁମ ସ୍ତ୍ରୀଙ୍କ ପରି ମରିଯାଇଥାନ୍ତେ ନା କ'ଣ ?

ମୁଦି ରଥେ - ଆହେ ଚକାଡ଼ୋଳା, ବଳିଆର ଭୁଜ । ଏ ପାପୀ ମନୁଷ୍ୟକୁ ଉଦ୍ଧାର କର । ଏ ପତିତମାନଙ୍କର ଉଦ୍ଧରଣରେ ତୁମର ପତିତପାବନ ନାମ ସାର୍ଥକ ହେଉ ।

ମହାପାତ୍ରେ - ଜୟ ଜଗନ୍ନାଥ । (ମଞ୍ଚ ଅନ୍ଧାର ହେଲା ।)

- ଅନ୍ଧାର -

Digitized by srujanika@gmail.com

- ଦ୍ୱିତୀୟ ଦୃଶ୍ୟ -

(ରାଜପଥ । ଅରୁଣ ସ୍ତମ୍ଭ ନିକଟରେ ଗୋଟାଏ ବିରାଟ ବଟବୃକ୍ଷ । ମୁଗୁନି ପଥର ନିର୍ମିତ ମଣ୍ଡପ ଉପରେ ବସି ଜଣେ ସୁଦର୍ଶନ ଯୁବକ ବିଶ୍ୱମୋହନ ସୁଲଳିତ କଣ୍ଠରେ ଭଜନ ଗାନ କରୁଥାନ୍ତି । ସେ ଗାନରେ ଭରି ରହିଥାଏ ସ୍ୱର୍ଗୀୟ ଭାବନା । ଲୋକେ ମନ୍ତ୍ରମୁଗ୍ଧ ହୋଇ ସେ ଭଜନ ଶୁଣୁଥାନ୍ତି । ଭଜନ ଶେଷ ହୋଇଛି । ଦର୍ଶକମାନଙ୍କ ମଧ୍ୟରେ ଥିଲେ ବଡ଼ ପଣ୍ଡା । ସମସ୍ତେ ଚାଲିଯିବା

ପରେ ସେ ଏକାକୀ ରହି ଯୁବକଙ୍କୁ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରି ଚାଲିଥିଲେ ।)

ବଡ଼ପଣ୍ଡା - ଯୁବକ ! ତୁମର ପରିଚୟ ?

ବିଶ୍ୱମୋହନ- ମୁଁ ପ୍ରଭୁଙ୍କର ଦାସାନୁଦାସ ଜଣେ ସାମନ୍ୟ ଭକ୍ତ ।

ବଡ଼ପଣ୍ଡା - ଏଠାରେ ପ୍ରତିଦିନ ତୁମେ ଭଜନ ଗାଉଥିବାର ଶୁଣୁଛି ।

ବିଶ୍ୱମୋହନ- ଜଗନ୍ନାଥଙ୍କର ଭଜନ ଗାନ କରିବା, ମୋର ଏକମାତ୍ର କର୍ତ୍ତବ୍ୟ ମହାଶୟ ।

ବଡ଼ପଣ୍ଡା - ମୁଁ କିଏ ? ତୁମେ ତା' ଜାଣ ?

ବିଶ୍ୱମୋହନ- ଆପଣ ଜଗନ୍ନାଥଙ୍କର ପ୍ରଧାନ ସେବକ । ଆପଣଙ୍କୁ ନ ଜାଣେ କିଏ ?

ବଡ଼ପଣ୍ଡା - କଥାଟିଏ ପଚାରିବି ?

ବିଶ୍ୱମୋହନ- ପଚାରନ୍ତୁ ।

ବଡ଼ପଣ୍ଡା - ଖରା, ବର୍ଷା, ଶୀତ, କାକରରେ ଏଇଠାରେ ତୁମେ ରହି ଅଶେଷ ଯନ୍ତ୍ରଣା ଭୋଗ କରୁଥିବ ।

ବିଶ୍ୱମୋହନ- ମୋ'ପରି କୋଟି କୋଟି ନରନାରୀ, ଏଭଳି ଯନ୍ତ୍ରଣା ଭୋଗ କରୁଛନ୍ତି ମହୋଦୟ ।

ବଡ଼ପଣ୍ଡା - ତୁମେ ବ୍ରାହ୍ମଣ ।

ବିଶ୍ୱମୋହନ- ଶମ୍ଭୁଙ୍କର ଭରଦ୍ୱାଜ ।

ବଡ଼ପଣ୍ଡା - ତା'ହେଲେ କୁଳୀନ ବ୍ରାହ୍ମଣ

Digitized by srujanika@gmail.com

ବିଶ୍ୱମୋହନ- ଆଜ୍ଞା ।

ବଡ଼ପଣ୍ଡା - ଘରେ ମୋର ଏକମାତ୍ର କନ୍ୟା । ସଂଗୀତ ବିଶାରଦ । ଶାସ୍ତ୍ରୀୟ ସଂଗୀତରେ ଅଗାଧ ପାଣ୍ଡିତ୍ୟ ।

ବିଶ୍ୱମୋହନ- ଖୁବ୍ ଆନନ୍ଦିତ ହେଲି । ଯଦି ସୁଯୋଗ ମିଳେ ମୁଁ ତାଙ୍କର ଦର୍ଶନ ଲଭିବି ।

ବଡ଼ପଣ୍ଡା - ତୁମେ ମୋ ଘରେ ଆତିଥ୍ୟ ଗ୍ରହଣ କଲେ, କ'ଣ ତୁମର ଆପତ୍ତି ଅଛି ?

ବିଶ୍ୱମୋହନ- ସେଭଳି କୁହନ୍ତୁ ନାହିଁ । ଏ ତ ମୋର ପରମ ସୌଭାଗ୍ୟ ।

ବଡ଼ପଣ୍ଡା - ତା'ହେଲେ ଆଜିଠାରୁ ମୋର ଆତିଥ୍ୟ ଗ୍ରହଣ କର ।

ବିଶ୍ୱମୋହନ- (ଚିନ୍ତିତ ହୋଇ ପଡ଼ିଲେ, କିଛିକ୍ଷଣ ନୀରବତା ।)

ବଡ଼ପଣ୍ଡା - କିଛି ଉତ୍ତର ଦେଲ ନାହିଁ ଯେ ।

ବିଶ୍ୱମୋହନ- ମୁଁ ଦାସ । ପ୍ରଭୁଙ୍କର ଆଦେଶ ବିନା, ଏ ସ୍ଥାନ ତ୍ୟାଗ କରିବା ଅସମ୍ଭବ ।

ବଡ଼ପଣ୍ଡା - ପ୍ରଭୁ ତୁମକୁ ଆଦେଶ ଦେବେ ?

ବିଶ୍ୱମୋହନ- ହଁ, ମହାଶୟ, ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ମୁଁ ପ୍ରଭୁଙ୍କର ନିର୍ଦ୍ଦେଶରେ ପରିଚାଳିତ । ତାଙ୍କ ନିକଟରେ ମୋର ତନୁ, ମନ ସବୁ କିଛି ସମର୍ପିତ । ତାଙ୍କର ଆଦେଶରେ ମୁଁ ଏହିଠାରେ ରହିଅଛି । ସେ ଯେଉଁଠାକୁ ଯିବା ପାଇଁ ଆଦେଶ ଦେବେ, ସେଠାକୁ ଯିବା ପାଇଁ ମୁଁ ବାଧ୍ୟ ।

ବଡ଼ପଣ୍ଡା - ପ୍ରଭୁଙ୍କର ପରମ ଭକ୍ତ, ଶ୍ରୀକ୍ଷେତ୍ରରେ ଉପସ୍ଥିତ । ଗଜପତି ମହାରାଜ, ଏ ବିଷୟ ଅବଗତ ହେଲେଣି ?

ବିଶ୍ୱମୋହନ- ପ୍ରୟୋଜନ କିଛି ନାହିଁ । ପ୍ରଭୁ ମୋ ବିଷୟ ତାଙ୍କୁ ଜଣା କରିଥିବେ । ତାନହେଲେ, ମୋର ଖାଦ୍ୟ ମୋତେ ରୀତିମତ ମିଳିଯାଉଛି କିପରି ? ଜଣେ ବୃଦ୍ଧ ବ୍ରାହ୍ମଣ, ମୋତେ ପ୍ରତିଦିନ ମହାପ୍ରସାଦ ଦେଇ ଯାଉଛନ୍ତି । କି ଅମୃତ ସେ ପ୍ରସାଦ । ଧନ୍ୟ ମୁହିଁ, ଧନ୍ୟ ମୋର ଜୀବନ ।

ବଡ଼ପଣ୍ଡା - ହଉ, ସେ ଦିନକୁ ମୁଁ ଆଗ୍ରହର ସହିତ ଅପେକ୍ଷା କରିଛି । ପଲ୍ଲବୀ, ମୋର କନ୍ୟା, ତୁମକୁ ଦେଖିବାକୁ ବ୍ୟଗ୍ର । ସେ ମୋତେ ଅନୁରୋଧ

Digitized by srujanika@gmail.com

କରିଥିଲା, ତୁମକୁ ନେଇ ଆସିବା ପାଇଁ । ଏବେ ମୁଁ ତାକୁ କ'ଣ କହିବି ?

ବିଶ୍ୱମୋହନ- ମୁଁ ନାଚାର ମହାଶୟ । ବର୍ତ୍ତମାନ ମୋର ଯିବା ସମ୍ଭବ ନୁହେଁ । ମୁଁ ଜଣେ କଣ୍ଠଶିଳ୍ପୀଙ୍କୁ ନିଶ୍ଚୟ ସାକ୍ଷାତ କରିବି । ଏହା ତ ମୋର ପରମ ସୌଭାଗ୍ୟ ।

ବଡ଼ପଣ୍ଡା - ତା'ହେଲେ ମୁଁ ଆସୁଛି ।

ବିଶ୍ୱମୋହନ- ପ୍ରଣାମ ।

ବଡ଼ପଣ୍ଡା - ଯଶସ୍ୱୀ ଭବଃ, ଦୀର୍ଘାୟୁ ଭବଃ (ସ୍ୱଗତଃ) ମୋର ପଲ୍ଲବୀ ପାଇଁ, ଏ ଉପଯୁକ୍ତ ପାତ୍ର । ହଉ, ସବୁ ସେ ଜଗନ୍ନାଥର ଇଚ୍ଛା । (ଚାଲିଗଲେ)

ବିଶ୍ୱମୋହନ- ମୋର ଆତିଥ୍ୟ ପାଇଁ, ଏ ମହାଶୟ ଏତେ ବ୍ୟଗ୍ର କାହିଁକି ? ଏ ବଡ଼ଦାଣ୍ଡରେ ବହୁ ଭକ୍ତ ପ୍ରଭୁଙ୍କର କୃପାଭିକ୍ଷୁ । ସେହି କୃପା ଭିକ୍ଷାର୍ଥୀମାନଙ୍କୁ କେହି ତ ପଚାରୁ ନାହାନ୍ତି । ଏ ଅହେତୁକ ଅନୁକମ୍ପା ମୋତେ ବ୍ୟଥିତ କରୁଛି । (ଉପରକୁ ହାତଟେକି) ସବୁ, ତୁମର ଇଚ୍ଛା, ପ୍ରଭୁ ସବୁ ତୁମର ଇଚ୍ଛା ।

(ଗଛକୁ ଆଉଜି ବିଶ୍ରାମ କଲେ । ସୂର୍ଯ୍ୟାସ୍ତ ପରେ ଅନ୍ଧକାର ଚତୁର୍ଦ୍ଦିଗ ଛାଇଗଲା । ବଡ଼ଦାଣ୍ଡ ଜନଶୂନ୍ୟ ହୋଇଗଲା । ରାତ୍ରୀର ନିସ୍ତବ୍ଧତା । ତନ୍ଦ୍ରାଚ୍ଛନ୍ନ ହୋଇପଡ଼ିଲେ ବିଶ୍ୱ ମୋହନ । ନୁପୁରର ନିକ୍ୱଣ ଓ ନୃତ୍ୟର ତାଳେ, ତାଳେ କମଳିନୀ ମଞ୍ଚରେ ପ୍ରବେଶ କଲେ ।)

କମଳିନୀ - (ନିକଟକୁ ଆସି) ପ୍ରଭୁଙ୍କର ଉଦ୍ଦେଶ୍ୟ ସବୁବେଳେ ମହତ୍ୱପୂର୍ଣ୍ଣ ଉତ୍କୃଷ୍ଟ ।

ବିଶ୍ୱମୋହନ- କିଏ ତୁମେ ? ଏ ଅର୍ଦ୍ଧରାତ୍ରିରେ ମୋ ନିକଟକୁ ଆସିଛ କାହିଁକି ? ତୁମେ ଚାଲିଯାଅ ।

କମଳିନୀ - (ହସିଛି) କ'ଣ ଡ଼ରିଗଲ ?

ବିଶ୍ୱମୋହନ- ତାହାହିଁ ସ୍ୱାଭାବିକ ।

କମଳିନୀ - କାହିଁକି ?

ବିଶ୍ୱମୋହନ- ବୁଝିପାରୁନାହଁ ? ତୁମେ ଜଣେ ତନ୍ୱୀ । ରୂପସୀ, ଷୋଡ଼ଶୀ । ମୁଁ ଜଣେ ସାଧକ, ବ୍ରହ୍ମଚାରୀ ଏଠାରେ ତୁମର ଉପସ୍ଥିତି, ମୋତେ ଶଙ୍କାକୁଳ କରୁଛି ଦେବୀ ।

Digitized by srujanika@gmail.com

କମଳିନୀ - ତା'ହେଲେ ଧ୍ୟାନମଗ୍ନ ହୋଇ, ଚକ୍ଷୁଯୁଗଳ ମୁଦ୍ରିତ କରି, ସେହି ଶଚ୍ଚିଦାନନ୍ଦ, ପରାତ୍ପର ପରମେଶ୍ୱରଙ୍କ କଥାହିଁ ଚିନ୍ତାକର ।

ବିଶ୍ୱମୋହନ- ପରାମର୍ଶ ପାଇଁ ଧନ୍ୟବାଦ !

କମଳିନୀ - ବାସ, ଖାଲି ଧନ୍ୟବାଦରେ କାମ ଶେଷ କରିଦେଲ । ମୋର ପରାମର୍ଶ ପାଇଁ, ଅନ୍ୟ କିଛି ପୁରସ୍କାର ନାହିଁ ।

ବିଶ୍ୱମୋହନ -ପୁରସ୍କାର । ମୁଁ ତୁମକୁ କି ପୁରସ୍କାର ଦେଇ ପାରିବି, କୁହ ।

କମଳିନୀ - ଯାହା ମୁଁକହିଲି, ଏ କଥା ତ ତୁମକୁ ଆଗରୁ କେହି କହିନଥିବେ ।

ବିଶ୍ୱମୋହନ- ପାଖରେ ମୋର କିଛି ନାହିଁ ତନ୍ୱୀ, ମୁଁ ନିଃସ୍ୱ । ଧନ୍ୟବାଦ ଛଡ଼ା ଅନ୍ୟ କିଛି ଦବାକୁ ମୁଁ ଅକ୍ଷମ । ତେବେ ଏ ଅର୍ଦ୍ଧରାତ୍ରିରେ, ତୁମେ ଏଠାକୁ ଆସିଲ କାହିଁକି ?

କମଳିନୀ - ପ୍ରତିଦିନ ଏହି ବାଟ ଦେଇ ମନ୍ଦିରକୁ ଯାଏ । ତୁମର ଭଜନ ଶୁଣେ । ତୁମର ଭଜନ ଶୁଣିବାକୁ ଲୋକେ ଯେପରି ପାଗଳ । ରହି ଶୁଣିବାକୁ ଇଚ୍ଛା ହୁଏ । କିନ୍ତୁ ଲୋକାପବାଦକୁ ଡ଼ରି ମୁଁ ଚାଲିଯିବାକୁ ବାଧ ହୁଏ । ଆଜି ମନ ହେଲା, ଏକାନ୍ତରେ ଦେଖିବାକୁ । ସେଥିପାଇଁ ଚାଲି ଆସିଲି ।

ବିଶ୍ୱମୋହନ- ତୁମର ପରିଚୟ କିଶୋରୀ ?

କମଳିନୀ - ମୋର ପରିଚୟ ତୁମେ ଜାଣିବାକୁ ଚାହଁ ?

ବିଶ୍ୱମୋହନ- କୁହ

କମଳିନୀ - ମୁଁ ଜଣେ ସାମାନ୍ୟ ନର୍ତ୍ତକୀ । ଦେବଦାସୀ । ପ୍ରଭୁଙ୍କ ସୃଷ୍ଟିରେ ଅତି ନଗଣ୍ୟ ।

ବିଶ୍ୱମୋହନ- ତୁମେ ନଗଣ୍ୟ ନୁହଁ, ତୁମେ ମହାନ । ତୁମେ ନର୍ତ୍ତକୀ । ଦେବଦାସୀ । ତୁମ ନିକଟରେ ମହାନ ପ୍ରତିଭା ବିଦ୍ୟମାନ । ତୁମେ ପ୍ରଭୁଙ୍କର ଉପଭୋଗ୍ୟା । ତୁମେ ମାନବୀ ନୁହଁ କିଶୋରୀ, ତୁମେ ଦେବୀ । ମୋର ପ୍ରଣାମ ଗ୍ରହଣ କର ।

କମଳିନୀ - ତୁମେ ମୋତେ ପ୍ରଣାମ କ'ର ନାହିଁଭଦ୍ର । ମୋତେ ପାପରେ ଭାଗୀଦାର କରନାହିଁ ।

ବିଶ୍ୱମୋହନ- ପାପ ଆଉ ପୁଣ୍ୟ । କାହାକୁ ତୁମେ ପାପ କହ କିଶୋରୀ । ଜଣେ ପ୍ରଚଣ୍ଡ ପ୍ରତିଭାଧାରିଣୀ, ଦେବୀ ସ୍ୱରୂପିଣୀ, ନାରୀକୁ ପ୍ରଣାମ

Digitized by srujanika@gmail.com

କରିବା ପାପ ? ଧନ୍ୟ ତୁମର ପିତା, ମାତା । ଧନ୍ୟ ତୁମେ...

କମଳିନୀ - ମୋ ଘରକୁ ଆସିବ ଯୁବକ ?

ବିଶ୍ୱମୋହନ - ତୁମ ଘରକୁ, ମୋତେ ନିମନ୍ତ୍ରଣ କର ନାହିଁ କିଶୋରୀ । ପ୍ରଭୁଙ୍କ ଆଦେଶ ବିନା, ମୁଁ କେଉଁଠାକୁ ଯିବା ଅସମ୍ଭବ ।

କମଳିନୀ - ହଉ, ତା'ହେଲେ ମୁଁ ଆସୁଛି । (କମଳିନୀ ଚାଲିଗଲା । ତାର ନୁପୁର ନିକ୍ୱଣ, ବହୁଦୂର ପର୍ଯ୍ୟନ୍ତ ଶୁଭୁଥିଲା ।)

ବିଶ୍ୱମୋହନ- କାହିଁକି ପରୀକ୍ଷା ପ୍ରଭୁ, କାହିଁକି ଏ ପରୀକ୍ଷା ?

- ଅନ୍ଧାର -

- ତୃତୀୟ ଦୃଶ୍ୟ -

(ରାଜକକ୍ଷ । ରାଜା ମଞ୍ଚରେ ପ୍ରବେଶ କଲେ । ପଛରେ ମହାମନ୍ତ୍ରୀ ।)

ମହାମନ୍ତ୍ରୀ - ମହାରାଜ, ମୋତେ ହଠାତ୍ ଡ଼କାଇବାର ଉଦ୍ଦେଶ୍ୟ, ପ୍ରକାଶ କରନ୍ତୁ ମହାରାଜ ।

ରାଜା - ମହାମନ୍ତ୍ରୀ । ଗତରାତ୍ରିର ଏକ ସ୍ୱପ୍ନ ମୋତେ ବିବ୍ରତ କରି ପକାଇଛି ।

ମହାମନ୍ତ୍ରୀ - କି ସ୍ୱପ୍ନ ଦେଖିଲେ ମହାରାଜ ।

ରାଜା - ଅଦ୍ଭୁତ ସେ ସ୍ୱପ୍ନ ମହାମନ୍ତ୍ରୀ । ନିଜେ ପ୍ରଭୁ ଜଗନ୍ନାଥ ମୋତେ ଆଦେଶ ଦେଉଛନ୍ତି ।

ମହାମନ୍ତ୍ରୀ - ବଳିଆର ଭୁଜଙ୍କର ଅପାର କରୁଣା । ସେ ଆପଣଙ୍କୁ ସ୍ୱପ୍ନାଦେଶ ଦେବେ ନାହିଁ ତ, ଅନ୍ୟ କାହାକୁ ଦେବେ ? କ'ଣ ଥିଲା ସେ ସ୍ୱପ୍ନ ମହାରାଜ ?

ରାଜା - ଏକ ଗୋପାଳୁଣି ବାଇଗଣ ବାଡ଼ିରେ, ବାଇଗଣ ତୋଳୁ, ତୋଳୁ ଗୀତ ଗୋବିନ୍ଦ ଆବୃତ୍ତି କରେ ।

ମହାମନ୍ତ୍ରୀ - ଗୋପାଳୁଣୀ ଗୀତଗୋବିନ୍ଦ ଆବୃତ୍ତି କରେ । ସେ ନିଶ୍ଚୟ ଜଣେ ଭକ୍ତ ହୋଇଥିବ ମଣିମା ।

ରାଜା - ଗୀତଗୋବିନ୍ଦ ଶୁଣିବାକୁ ଠାକୁରେ ବାଇଗଣ ବାଡ଼ିକୁ ପ୍ରତିଦିନ ଯାଇଥାନ୍ତି ।

ମହାମନ୍ତ୍ରୀ - ଆହାହା, ପ୍ରଭୁଙ୍କର ଲୀଳା ଅତି ବିଚିତ୍ର । ତା'ପରେ କ'ଣ ହେଲା ମହାରାଜ ।

Digitized by srujanika@gmail.com

ରାଜା - ବାଇଗଣ ଜଂଘା ପଣି, ପ୍ରଭୁଙ୍କର ଶ୍ରୀପାଦକୁ ଲକ୍ଷ୍ୟକରି ଛୁଟିଥାଏ । ପ୍ରଭୁ କହିଲେ, ଶ୍ରୀମନ୍ଦିରରେ ଗୀତଗୋବିନ୍ଦ ପାରାୟଣ ହେଉ । ଗୀତଗୋବିନ୍ଦ ଶୁଣିବାକୁ ମୋର ପ୍ରାଣ ବ୍ୟାକୁଳିତ ।

ମହାମନ୍ତ୍ରୀ - ଗୀତଗୋବିନ୍ଦ ପାରାୟଣ ନିଶ୍ଚୟ ହବ ମହାରାଜ ।

ରାଜା - ତେବେ ସେ ଗୀତଗୋବିନ୍ଦ ପାରାୟଣ କରିବ କିଏ ? ମୁଁ ତ ସେପରି ଗାୟକ ଶ୍ରୀକ୍ଷେତ୍ରରେ ଦେଖୁନାହିଁ ।

ମହାମନ୍ତ୍ରୀ - ଗାୟକଙ୍କର ଅଭାବ ହେବେ ନାହିଁ ମହାରାଜ । ବଡ଼ପଣ୍ଡାଙ୍କର କନ୍ୟା, ଜଣେ ସଂଗୀତ ବିଶାରଦ । ସୁଲଳିତ କଣ୍ଠ ତାଙ୍କର । ସେ ମଧୁର କଣ୍ଠରେ ଗୀତଗୋବିନ୍ଦ ପାରାୟଣ କଲେ, ପ୍ରଭୁ ନିଶ୍ଚୟ ସନ୍ତୁଷ୍ଟ ହେବେ ।

ରାଜା - ବଡ଼ପଣ୍ଡାଙ୍କ ନିକଟକୁ ସନ୍ଦେଶ ପ୍ରେରଣ କର ।

ମହାମନ୍ତ୍ରୀ - ଅତିଶୀଘ୍ର ପ୍ରେରଣ କରୁଛି ମହାରାଜ ।

ମହାରାଜା - ପ୍ରଭୁଙ୍କର ଆଦେଶ କିପରି ଶୀଘ୍ର ପାଳିତ ହେବ, ତାହା କାଳବିଳମ୍ବ ନକରି କାର୍ଯ୍ୟକାରୀ କରାଅ । ଏଇ ଚିନ୍ତା ସେତେବେଳଠାରୁ ମୋତେ ବିବ୍ରତ କରି ପକାଉଛି ମହାମନ୍ତ୍ରୀ ।

ମହାମନ୍ତ୍ରୀ - ଥୟ ଧରନ୍ତୁ ମହାରାଜ । ମୁଁ ବଡ଼ପଣ୍ଡାଙ୍କୁ ଡାକି ଆଣୁଛି ।
(ପ୍ରସ୍ଥାନ ସମୟରେ ବଡ଼ପଣ୍ଡା ପ୍ରବେଶ କଲେ ।)

ମହାମନ୍ତ୍ରୀ - ବଡ଼ପଣ୍ଡେ, ତୁମେ ଏଠାକୁ ଆସିଲ କିପରି ?

ବଡ଼ପଣ୍ଡା - ଆଶ୍ଚର୍ଯ୍ୟର କଥା । ମହାରାଜାଙ୍କର ଆଦେଶ ମୁଁ ଅବଜ୍ଞା କରିବି କିପରି ?

ମହାରାଜା - ମୋର ଆଦେଶ ? ମୁଁ ତ ତୁମ ନିକଟକୁ କୌଣସି ସନ୍ଦେଶ ଏ ଯାବତ୍ ପ୍ରେରଣ କରିନାହିଁ । ତୁମେ ମୋର ଆଦେଶ ବୋଲି ଜାଣିଲ କିପରି ?

ବଡ଼ପଣ୍ଡା - ତା'ହେଲେ ପ୍ରହରୀ ମୋତେ ମିଛରେ କହିଲା ? ତାର ସାହାସ ତ କିଛି କମ ନୁହେଁ ? ପ୍ରହରୀ ମୋତେ ସମ୍ବାଦ ଦେଲା ମହାରାଜ, ଆପଣ ଯିବା ପାଇଁ ଆଦେଶ ଦେଇଛନ୍ତି । ଶୀଘ୍ର ଯାଅ ବୋଲି କହିଛନ୍ତି ।

ମହାମନ୍ତ୍ରୀ - ମୁଁ ତ କିଛି ବୁଝିପାରୁନାହିଁ ମହାରାଜ । କିଏ ସେହି ପ୍ରହରୀ ? ସେ

Digitized by srujanika@gmail.com

ଆପଣଙ୍କୁ ରାଜାଙ୍କର ଆଦେଶ, ପ୍ରକାଶ କଲା କିପରି ? ମହାରାଜ, ସବୁତ ସେହି ଚକାଡ଼ୋଳାଙ୍କର ଲୀଳା । ସେ ବଡ଼ପଣ୍ଡାଙ୍କୁ ଆପଣଙ୍କ ପାଖକୁ ପଠାଇ ଦେଇଛନ୍ତି । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ମହାରାଜା - ତାହାହିଁ ସତ୍ୟ, ମହାମନ୍ତ୍ରୀ । ତେଣୁ ମୋର ମନର ଇଚ୍ଛା, ବଡ଼ପଣ୍ଡାଙ୍କ ଆଗରେ ପ୍ରକାଶ କର ।

ମହାମନ୍ତ୍ରୀ - ପଣ୍ଡା ମହାଶୟ ଆପଣଙ୍କର କନ୍ୟା ଗାୟିକା ।

ବଡ଼ପଣ୍ଡା - ସେଥିରେ ସନ୍ଦେହ ନାହିଁ ମହାମନ୍ତ୍ରୀ ମହାଶୟ ।

ମହାମନ୍ତ୍ରୀ - ସେ କୋକିଳକଣ୍ଠୀ, ତାଙ୍କର କଣ୍ଠର ଲାଳିତ୍ୟ, ମାଦକ ସୃଷ୍ଟି କରେ ।

ବଡ଼ପଣ୍ଡା - ଖାଲି ସେତିକି ନୁହେଁ ମହାମନ୍ତ୍ରୀ । ତାର ସ୍ୱରରେ କୁହୁକ ଭରି ରହିଛି । ତାର କଣ୍ଠ ଶୁଣିଲେ, ରୋଗୀ ରୋଗମୁକ୍ତ ହୁଏ, ପ୍ରଦୀପ ଜଳିଉଠେ ।

ମହାରାଜା - ବନ୍ଦ କର ଏ ପ୍ରଳାପ । କନ୍ୟାର ପ୍ରଶଂସା ପିତା ମୁଖରୁ ମୁଁ ଶୁଣିବାକୁ ଚାହେଁନା । ଏହି କଥା ଜନସାଧାରଣ ମୋ ନିକଟରେ ପ୍ରକାଶ କରିବା ଦରକାର । ଆସନ୍ତା କାଲି ରାଜଦରବାରରେ ତୁମର କନ୍ୟା, ସଂଗୀତ ପରିବେଷଣ କରିବେ । କ'ଣ ମୋ କଥାରେ ରାଜି ?

ବଡ଼ପଣ୍ଡେ - ମୁଁ କିମିତି କହିବି ମହାରାଜ । ସବୁ ତା ଇଚ୍ଛା ଉପରେ ନିର୍ଭର କରେ ।

ମହାରାଜା - ତୁମର ଆସ୍ପର୍ଦ୍ଧା ତ କିଛି କମ ନୁହେଁ ବଡ଼ପଣ୍ଡେ । ମୋର ଆଦେଶ ପାଳନ କର । ନଚେତ ତାର ସମୁଚିତ ଦଣ୍ଡ ପାଇବାକୁ ପ୍ରସ୍ତୁତ ହୋଇଯାଅ ।

ବଡ଼ପଣ୍ଡେ - ନା' ମହାରାଜ, ଆପଣଙ୍କ ଆଦେଶ ଅମାନ୍ୟ କରିବାକୁ କାହାର ଶକ୍ତି ଅଛି । ସେ ନିଶ୍ଚୟ ଆପଣଙ୍କ ନିକଟରେ ଗାଇବ ।

ମହାରାଜା - ମହାମନ୍ତ୍ରୀ କାଲି ସଂଗୀତ ସଭାର ଆୟୋଜନ କର । କଣ୍ଠଶିଳ୍ପୀମାନଙ୍କୁ ଡକାଅ । ଯାହାର ସୁଲଳିତ କଣ୍ଠ, ସେ ହିଁ ପାରିତୋଷିକ ଲାଭ କରିବ ।

- ଅନ୍ଧାର -

Digitized by srujanika@gmail.com

- ଚତୁର୍ଥ ଦୃଶ୍ୟ -

(ରାତ୍ରୀ । ସେହି ଗଛମୂଳରେ ବିଶ୍ୱମୋହନ ଶୋଇଥାନ୍ତି । ଜ୍ୱରବ୍ୟାଧିରେ ଗତ ତିନିଦିନ ଧରି ଶଯ୍ୟାଶାୟୀ । ପ୍ରବେଶ କଲେ ମହାପାତ୍ର ଓ ମୁଦିରଥ ।)

ମହାପାତ୍ର - ହଇଏ ରଥେ, ତିନିଦିନ ହେଲା ଲୋକଟାର କଣ୍ଠରୁ ତ ଭଜନ ଶୁଣିବାକୁ ମିଳୁନାହିଁ । ଖାଲି ଶୋଇ ରହିଛି । ଚାଲିଇ, ଟିକିଏ ପଚାରି ବୁଝିବା ।

ମୁଦିରଥେ - ଶୋଇଛି ତ ଶୋଇଛି । ତା' କଥା ସେ ବୁଝିବ ନାହିଁ । ତୁମର କାହିଁକି ସବୁକଥାରେ ମୁଣ୍ଡବ୍ୟଥା ହେ ମହାପାତ୍ରେ ।

ମହାପାତ୍ର - ଭଲ କଥାକହୁଛ ହେ । ବୁଝିଲ ରଥେ ତୁମେ ବଡ଼ ସ୍ୱାର୍ଥପର । ତା'ର ଗୀତ ଶୁଣି କେତେ ପ୍ରଶଂସା କରୁଥିଲ । ତା'ର ଚେହେରାର ଭୂୟସୀ ପ୍ରଶଂସା କରୁଥିଲ । ଲୋକଟାକୁ କ'ଣ ହେଇଛି, ପଚାରି ବୁଝିବାବେଳକୁ ମୁଣ୍ଡବ୍ୟଥା ତୁମର ହେଉଛି ।

ମୁଦିରଥେ - ହଉ, ଯେତେବେଳେ କହିଲଣି, ଚାଲ, କାହିଁକି ରାଗୁଛ ? (ଦୁହେଁ ପାଖକୁ ଗଲେ)

ମହାପାତ୍ର - (ଦେହରେ ହାତ ମାରି) ତାତିରେ ଖଇ ଫୁଟୁଛି । ହଇଓ, ଟିକିଏ ଶୁଣ ।

ବିଶ୍ୱମୋହନ- (ଚାରିଆଡ଼କୁ ଚାହିଁ) ଆପଣମାନେ

ମୁଦିରଥେ - ଦେହ ତୁମର ଭଲ ନାହିଁ । ଏଇଠି କାହିଁକି ପଡ଼ି ରହିଛ ? ତୁମର କଣ ଗାଁ ନାହିଁ । ବନ୍ଧୁ, ବାନ୍ଧବ, ମାଁ, ବାପା କେହି ନାହାନ୍ତି ?

ବିଶ୍ୱମୋହନ- ଅଛନ୍ତି । ସମସ୍ତେ ଅଛନ୍ତି ।

ମୁଦିରଥେ - ଶୁଣିଲ ମହାପାତ୍ରେ, ସମସ୍ତେ ଅଛନ୍ତି । ତୁମ ଗାଁ ଠିକଣା କହିଲ, ତୁମ ଲୋକମାନଙ୍କୁ ଡ଼କେଇ ଆଣିବୁ ?

ବିଶ୍ୱମୋହନ- କାହିଁକି ମୋ ପାଇଁ ଆପଣ ଏତେ କଷ୍ଟ କରିବେ । ମୋ ପାଇଁ ଅଛି ଜଣେ, ସେହି ଚକାଡ଼ୋଳା ।

ମହାପାତ୍ରେ - ହେଲେ, ସେ ତ ଅଛନ୍ତି । ତୁମେ ନଖାଇ, ନପିଇ, ଏଠାରେ ଏତେ କଷ୍ଟ କାହିଁକି ପାଉଛ କହିଲ ?

Digitized by srujanika@gmail.com

ବିଶ୍ୱମୋହନ- ମୁଁ ଭଲ ହୋଇଯିବି ଯେ, ଆପଣମାନେ ମୋ ପାଇଁ ଏତେ ଚିନ୍ତା କରୁଛନ୍ତି, ମୁଁ କିପରି କୃତଜ୍ଞତା ଜଣାଇବି, ତାହା ମୁଁ ଜାଣି ପାରୁନାହିଁ । ଆପଣମାନେ ଯାଆନ୍ତୁ । ମୁଁ ସକାଳକୁ ଭଲ ହୋଇ ଯାଇଥିବି ।

ମୁଦିରଥେ - ଶୁଣିଲ ମହାପାତ୍ରେ, ସେ ସକାଳୁ ମନକୁ ଭଲ ହୋଇଯାଇଥିବ । ହଉଥାଅ, ତୁମକୁ ଚକାଡ଼ୋଳା ପରା ଭଲ କରିବେ । ମହାପାତ୍ରେ, ଆସିବ ନା ମୁଁ ଯିବି ।

ମହାପାତ୍ରେ - ଟିକିଏ ରହ ହେ । ଦୟାମାୟା ତୁମ ପାଖରେ କିଛି ନାହିଁ । ତୁମେ ତ ଏ ସ୍ଥାନ ଛାଡ଼ି କୁଆଡ଼େ ଯାଉନାହିଁ କିଏ ତୁମକୁ ଖାଇବାକୁ ଦେଉଛି ।

ବିଶ୍ୱମୋହନ- ଜଣେ ବୃଦ୍ଧ ବ୍ରାହ୍ମଣ, ସେ ମୋର ଦେଖା, ଚାହାଁ କରନ୍ତି । ମୋ ପାଇଁ ପ୍ରଭୁଙ୍କର ପ୍ରସାଦ ଆଣି ଦିଅନ୍ତି । ମୋତେ ଅମୃତ ଭୋଜନ ମିଳେ । କାହାନ୍ତି ସେ ବ୍ରାହ୍ମଣ, ସେ ଦୁଇଦିନ ହେଲା ଆସିନାହାନ୍ତି । ବୋଧହୁଏ ସେ ଘର କାର୍ଯ୍ୟରେ ବ୍ୟସ୍ତ ଥିବେ ।

ମୁଦିରଥେ - ଓଃ, ତୁମର ଦେଖାଚାହାଁ କରିବାକୁ ବ୍ରାହ୍ମଣ ଜଣେ ଅଛନ୍ତି । ମହାପାତ୍ରେ, ତୁମେ ତୁଛାଟାରେ କାହିଁକି ବ୍ୟସ୍ତ ହୋଇପଡୁଛ । ଏବେ ଘରକୁ ଚାଲ । (ସେମାନେ ଚାଲିଗଲେ । ବିଶ୍ୱମୋହନ ଶୋଇପଡ଼ିଲେ । କିଛି ସମୟ ପରେ ସେ ସ୍ଥାନ ଆଲୋକିତ ହୋଇ ଉଠିଲା । ପ୍ରଚ୍ଛଦପଟରୁ ବଂଶୀର ସ୍ୱର । ଶ୍ରୀକୃଷ୍ଣ ବଂଶୀ ହାତରେ ଧରି ବିଶ୍ୱମୋହନ ପାଖକୁ ଗଲେ । ହାତରେ ସୁବର୍ଣ୍ଣ କଳସ ।)

ଶ୍ରୀକୃଷ୍ଣ - ଭକ୍ତ ମୋର ଆତୁରରେ ଡ଼ାକୁଅଛି ମୋତେ (ପାଖକୁ ଯାଇ) ଭକ୍ତ, ଉଠ ।

ବିଶ୍ୱମୋହନ- କିଏ, ଆପଣ । ଓଃ କି ଅମୃତ ପରଶ । ମୋର ଦେହ ଆରୋଗ୍ୟ ହୋଇଗଲା । ମୁଁ ସୁସ୍ଥ । କହ, କିଏ ତୁମେ ।
(ଅନ୍ଧାର ହୋଇଗଲା । ସେହି ସ୍ଥାନରେ ଜଣେ ବୃଦ୍ଧ ବ୍ରାହ୍ମଣ, ସ୍ୱର୍ଣ୍ଣ କଳସରେ ଅଧରପଣା ଧରି ଠିଆ ହୋଇଥିଲେ । ବିଶ୍ୱମୋହନ ଉଠି ବସିଲେ ।)

ବିଶ୍ୱମୋହନ- ଆପଣ । ଆପଣ ଆସିଛନ୍ତି । ଆପଣଙ୍କୁ ମୁଁ ଖୋଜୁଥିଲି ମୁଁ ଆରୋଗ୍ୟ ହୋଇଗଲି । ଆପଣଙ୍କୁ ଦେଖି ମୋର ଦେହ ସଂପୂର୍ଣ୍ଣ ଆରୋଗ୍ୟ ହୋଇଗଲା ।

ବୃଦ୍ଧ ବ୍ରାହ୍ମଣ - ଭକ୍ତ । ତୁମର କିଛି ହେବ ନାହିଁ ।

Digitized by srujanika@gmail.com

ବିଶ୍ୱମୋହନ- ଆପଣ ଯେତେବେଳେ ଅଛନ୍ତି, ମୋର କିଛି ହେବନାହିଁ, ତା ମୁଁ ଜାଣେ ।

ବୃଦ୍ଧ ବ୍ରାହ୍ମଣ - ନିଅ, ଏଇ ଅଧରପଣାତକ ପିଇଦିଅ । ମୁଁ ଆସି ଏ କଳସ ପରେ ନେଇଯିବି । ଚିନ୍ତାକର ନାହିଁ । ବିଶ୍ରାମ କର ।

ବିଶ୍ୱମୋହନ- ଏ ଯେ ସୁବର୍ଣ୍ଣ କଳସ । ମୁଁ ବର୍ତ୍ତମାନ ପିଇ ଦଉଛି । ଆପଣ ନେଇଯାଆନ୍ତୁ ।

ବୃଦ୍ଧ ବ୍ରାହ୍ମଣ - ମୁଁ ପରେ ଆସିବି । ତୁମେ ପିଇ ନିଅ ।

(ବ୍ରାହ୍ମଣ ଚାଲିଗଲେ ବିଶ୍ୱମୋହନ ପିଇଦେଇ ମୁଣ୍ଡ ଉପରେ ସୁବର୍ଣ୍ଣ କଳସ ରଖିଦେଲେ ।)

ବିଶ୍ୱମୋହନ- କି ତୃପ୍ତି । କି ଶାନ୍ତି । ପ୍ରଭୁ, ମୋ କଥା ଏତେଦିନ ପରେ ଆପଣଙ୍କର ମନେ ପଡ଼ିଲା । ସହସ୍ର କୋଟି ନର, ନାରୀ, ପଶୁପକ୍ଷୀ, କୀଟପତଙ୍ଗ, ସ୍ଥାବର ଜଙ୍ଗମଙ୍କର କଥା ଯେ ବୁଝୁଛନ୍ତି, ମୋ କଥା ସେହି ଜଞ୍ଜାଳରେ ବୋଧହୁଏ ଭୁଲିଗଲେ । ହଉ, ପାସୋରି ନାହାନ୍ତି ତ ।

(ଶୋଇପଡ଼ିଲେ । ମଞ୍ଚ ଅନ୍ଧାର ହେଲା । ଆଲୋକ ଜଳିବା ବେଳକୁ, କୁଆ, କୋଇଲିର ରାବ । ମନ୍ଦିରରେ ଘଣ୍ଟଧ୍ୱନି । ଦୌଡ଼ିଆସିଲେ ମୁଦିରଥ, ମହାପାତ୍ର ମନ୍ଦିର ପୋଲିସ ସହିତ ଅନ୍ୟମାନେ । ସୁବର୍ଣ୍ଣ କଳସକୁ ଦେଖି ।)

ମୁଦିରଥ - ଆରେ ଏଇଠି ତ ଅଛି ସୁବର୍ଣ୍ଣ କଳସ । ତୁମେ ଚାରିଆଡ଼େ ଖୋଜିଲେ ପାଇବ କୁଆଡୁ । ବେହିପୋ, ଭଲଲୋକ ଭଳି ଜଣାପଡୁଥିଲା, ଶେଷରେ କେତେବେଳେ ମନ୍ଦିରରେ ପଶି ସୁବର୍ଣ୍ଣ କଳସ ଚୋରୀ କରି ନେଇ ଆସିଛି ।

ମହାପାତ୍ରେ - ମୋତେ ତ ଲୋକଟା ଚୋର ବୋଲି ଜଣାପଡୁନାହିଁ । ସେ ଶୋଇଛି ତାକୁ ଉଠାଇ ପଚାର ।

ମୁଦିରଥ - ପଚାରିବ କ'ଣ ହେ, ମହାରାଜାଙ୍କ ପାଖକୁ ବାନ୍ଧି ନେବା । ଗୋଟାଏ ଟେଁ, ଗେଁ ହଉଛି । ସବୁ ଚୋର, ତସ୍କର, ତୁମକୁ ଭଲ ଲୋକ ପରି ଜଣାପଡ଼ନ୍ତି ହେ ମହାପାତ୍ର । ବେହିପୋ. କେତେବଡ଼ କାଣ୍ଡ [illegible] କଲା । ଜଗନ୍ନାଥଙ୍କର ସୁବର୍ଣ୍ଣ କଳସ ଚୋରି କରି ନେଇ ଆସିଲା ।

[illegible] ଉଠ, ଉଠ ଭକ୍ତ ।

Digitized by srujanika@gmail.com

ବିଶ୍ୱମୋହନ- (ଉଠିପଡ଼ି ସମସ୍ତଙ୍କୁ ଦେଖି ହାତଯୋଡ଼ି ନମସ୍କାର କଲା ।) ଆପଣମାନେ ଏଠି କାହିଁକି ?

ମୁଦିରଥେ - ଦେଖହେ, ଯେପରି କିଛି ଜାଣି ନାହିଁ । ହଇରେ ଚୋର, ଏ ସୁବର୍ଣ୍ଣ କଳସ କିମିତି ଆଣିଲୁ ? ମହାରାଜା ଜାଣିଲେ, ଶୂଳିରେ ଯାଇ ବସିବୁ ।

ବିଶ୍ୱମୋହନ- ହଁ, ହଁ ସୁବର୍ଣ୍ଣ କଳସ, ସେ ବୃଦ୍ଧ ବ୍ରାହ୍ମଣ କ'ଣ ନେଇ ନାହାନ୍ତି । ମୁଁ ଶୋଇ ପଡ଼ିଛି । ପିଇ ସାରିବାପରେ, ମୋର ଆଉ ଜ୍ଞାନ ନାହିଁ । ତାଙ୍କୁ ନେଇ ଦେଇଦିଅ ।

ମହାପାତ୍ରେ - ରାତିରେ କ'ଣ ସେ ବ୍ରାହ୍ମଣ ଆସିଥିଲେ ।

ମୁଦିରଥେ - କେତେ ଫଟେଇ ହଉଚ ହେ । ଚୋର ହାତେ, ହାତେ ଧରାପଡ଼ିଛି । ଆଉ ଟିକିଏ ଡେ଼ରି ହୋଇଥିଲେ, କୁଆଡ଼େ ଖସି ପଳାଇଥାଆନ୍ତା । ଚାଲ ରାଜାଙ୍କ ପାଖକୁ ନେଇଯିବା ।
(ପୋଲିସ ହାତକଡ଼ି ପକାଇଲା । ମଞ୍ଚ ଅନ୍ଧାର ହେଲା ।)

- ଅନ୍ଧାର -

- ପଞ୍ଚମ ଦୃଶ୍ୟ -

(ରାଜକକ୍ଷ । ମହାରାଜା ଓ ମହାମନ୍ତ୍ରୀ କଥାବାର୍ତ୍ତା ହୋଇ ମଞ୍ଚରେ ପ୍ରବେଶ କଲେ ।)

ମହାରାଜ - ବର୍ତ୍ତମାନ ଦେଖିବ, ଅନ୍ୟ ଏକ ଅଲୌକିକ ଘଟଣା । ଜଣେ ଭକ୍ତକୁ ଚୋର କହି, ସେବାୟତମାନେ ମୋ ନିକଟରେ ଉପସ୍ଥିତ କରାଇବେ ।

ମହାମନ୍ତ୍ରୀ - ଆପଣଙ୍କ କଥା ମୁଁ ବୁଝିପାରୁନାହିଁ ମହାରାଜ । ଘଟଣା ଖୋଲି ପ୍ରକାଶ ନ କଲେ, ମୁଁ ଜାଣିବି ବା କିପରି ?

ମହାରାଜ - ଜଣେ ଭକ୍ତଙ୍କୁ ନିର୍ଯ୍ୟାତନା । ପ୍ରଭୁ ନିଜେ ସ୍ୱହସ୍ତରେ ସୁବର୍ଣ୍ଣ କଳସରେ ତାଙ୍କୁ ଅଧରପଣା ଦେଇ ଆସିଥିଲେ । ସୁବର୍ଣ୍ଣ କଳସ ଭୁଲିଗଲେ । ସେ ଭକ୍ତକୁ ସେବାୟତମାନେ ଧରିଛନ୍ତି ।

ମହାମନ୍ତ୍ରୀ - କିଏ ସେହି ଭକ୍ତ ମହାରାଜ । ଦେଖିବାକୁ ମନ ହେଉଛି ଉଚ୍ଛନ୍ନ । କେଉଁଠାରେ ଅଛନ୍ତି ସେ । କିଏ ସେହି ଭାଗ୍ୟବାନ, ପ୍ରଭୁଙ୍କର ସ୍ୱହସ୍ତରୁ ପ୍ରସାଦ କରନ୍ତି ଗ୍ରହଣ ।

Digitized by srujanika@gmail.com

(ଏଇ ସମୟରେ ମୁଦିରଥେ, ମହାପାତ୍ରେ, ସିପାହୀ ଅନ୍ୟମାନେ ବିଶ୍ୱମୋହନକୁ ଧରି, ମଞ୍ଚରେ ପ୍ରବେଶ କଲେ ।)

ମୁଦିରଥେ - ମହାରାଜ୍, ଚୋରକୁ ଉପଯୁକ୍ତ ଶାସ୍ତି ଦିଅନ୍ତୁ । ଠାକୁରଙ୍କ ସୁବର୍ଣ୍ଣ କଳସ, ଚୋରି କରି ପାଖରେ ଲୁଚାଇ ରଖିଥିଲା ।

ମହାରାଜ - ସେବାୟତମାନେ ଅବିଳମ୍ବେ ମୁକ୍ତ କରିଦିଅ । କିଏ ଚୋର, କାହାପ୍ରତି କର ଅତ୍ୟାଚାର । ପ୍ରଭୁଙ୍କର ପ୍ରକୃତ ସେବକ, ପାଉଅଛି ଦଣ୍ଡ । (ପାଖକୁ ଯାଇ)

ହେ ଦ୍ୱିଜବର, ହେ ଭକ୍ତଶିରୋମଣି, ମୋତେ କ୍ଷମା କରିଦିଅ । (ମୁଣ୍ଡ ନୁଆଁଇ ଆସିଲେ ।)

ବି.ମୋହନ - ମହାରାଜ, ଏ କ'ଣ କରୁଛନ୍ତି । ମୋତେ କ୍ଷମା ଆପଣ ମାଗୁଛନ୍ତି ? ମୁଁ ଆପଣଙ୍କ ଜଣେ ପ୍ରଜା । ଜଗନ୍ନାଥଙ୍କର ଭକ୍ତ । ସେତିକି ମୋର ପରିଚୟ । (ପ୍ରବେଶ କରେ ବଡ଼ପଣ୍ଡା)

ବଡ଼ପଣ୍ଡା - ମହାରାଜ, ମୋତେ କ୍ଷମା କରି ଦିଅନ୍ତୁ । ପଲ୍ଲବୀ, ମୋର କନ୍ୟା, ଶଯ୍ୟାଶାୟିନୀ । ସେ ଆଜି ସଂଗୀତ ସଭାକୁ ଆସିବାକୁ ଅକ୍ଷମ ।

ମହାରାଜ - ବୁଝିଲି । ପ୍ରଭୁଙ୍କର ମୋ ପ୍ରତି ଏ କଠୋର ପରୀକ୍ଷା କାହିଁକି ? କିଏ କରିବ ଗୀତ ଗୋବିନ୍ଦ ଗାୟନ ।

ବିଶ୍ୱମୋହନ- ମୁଁ ଗାଇବି ମହାରାଜ । ବର୍ତ୍ତମାନ ହିଁ ଗାଇବି ।
(ଗୀତ ଗୋବିନ୍ଦ ଆବୃତ୍ତି କଲେ । ଗୀତ ଶେଷ ହୋଇଅଛି ।)

ମହାରାଜ - ସୁନ୍ଦର । ଅତି ସୁନ୍ଦର ।

ମହାମନ୍ତ୍ରୀ - ଏ ସୁଲଳିତ କଣ୍ଠରେ ମାଦକତା ଭରି ରହିଛି ମହାରାଜ ।

ବଡ଼ପଣ୍ଡା - ମହାରାଜ, ଏ ଜଣେ ଗାୟକ ।

ମହାରାଜ - ଠାକୁରଙ୍କର ଲୀଳା, ଅତି ବିଚିତ୍ର । ତାକୁ କିଏ ବୁଝି ପାରିବ ।

ମହାମନ୍ତ୍ରୀ - ଆପଣଙ୍କ ପାଖକୁ ଠାକୁରେ ତାଙ୍କର ଗାୟକଙ୍କୁ ପଠାଇ ଦେଇଛନ୍ତି ।

ମହାରାଜ - ଆଜିଠାରୁ ତୁମେ ହେଲ ଗାୟକରତ୍ନ । ଏହି ଉପାଧିରେ ମୁଁ ତୁମକୁ ଭୂଷିତ କରୁଅଛି ।

ବିଶ୍ୱମୋହନ- ଏତେ ବଡ଼ ଉପାଧିରେ ଭୂଷିତ କରନ୍ତୁ ନାହିଁ ମହାରାଜ । ମୁଁ ସଂଗୀତ କିଛି ଜାଣେ ନାହିଁ । ମୁଁ ଜଗନ୍ନାଥଙ୍କର ଭଜନ ମାତ୍ର ଗାଏ । ଏଥିପାଇଁ ଏତେବଡ଼ ଉପାଧି ?

Digitized by srujanika@gmail.com

ମହାରାଜ - ଭକ୍ତ ଶିରୋମଣି, ଏ ଉପାଧି ତୁମ ପ୍ରତିଭା ତୁଳନାରେ ଅତି ତୁଚ୍ଛ । ତୁମେ ପ୍ରଭୁଙ୍କର ଜଣେ ଶ୍ରେଷ୍ଠଭକ୍ତ । ତା'ଛଡ଼ା ତୁମେ ବ୍ରାହ୍ମଣ । ପ୍ରଭୁଙ୍କର ସେବା ଅଧିକାର, ଆଜିଠାରୁ ମୁଁ ତୁମ ଉପରେ ନ୍ୟସ୍ତ କଲି ।

ବିଶ୍ୱମୋହନ- ମଣିମା, ମୁଁ ଭାରୀ ସନ୍ତୁଷ୍ଟ । ଆପଣ ଯେଉଁ ସେବା ଅଧିକାର, ମୋ ଉପରେ ନ୍ୟସ୍ତ କଲେ, ସେଥିପାଇଁ ମୁଁ ନିଜକୁ ଧନ୍ୟ ମନେ କରୁଛି ।

ମହାମନ୍ତ୍ରୀ - ଆଉ ରାଜାଙ୍କର ଆଦେଶ, ତୁମେ ରାଜନଗରର ଅତିଥିଶାଳାରେ ରହିବ ।

ବିଶ୍ୱମୋହନ- ନା, ମଣିମା, ସେହି ଗଛମୂଳ ମୋ ପାଇଁ ସ୍ୱର୍ଗ । ସେହିଁ ମୋର ବାସସ୍ଥାନ । ସେଥିରୁ ମୋତେ ବଞ୍ଚିତ କରାନ୍ତୁ ନାହିଁ ମଣିମା ।

ମହାରାଜ - ତାହାହିଁ ହେବ । ଯେଉଁଠାରେ ତୁମର ଆତ୍ମା ତୃପ୍ତିଲାଭ କରିବ, ସେହିଠାରେ ଅବସ୍ଥାପନ କରିବ ।

ସମବେତ କଣ୍ଠରେ- ଜୟ ମହାରାଜାଙ୍କ ଜୟ

- ଅନ୍ଧାର -

- ଷଷ୍ଠ ଦୃଶ୍ୟ -

(ରାଜପଥ । ପ୍ରଚ୍ଛଦପଟରୁ ଏକ ଗୀତ ଭାସି ଆସୁଥିଲା । ମୁଦିରଥେ ଓ ମହାପାତ୍ରେ କଥାବାର୍ତ୍ତା ହୋଇ ଆସୁଥିଲେ ।)

ମୁଦିରଥେ - ଦେଖିଲ ?

ମହାପାତ୍ରେ - ଦେଖିଲି ।

ମୁଦିରଥେ - କ'ଣ ଦେଖିଲ ?

ମହାପାତ୍ରେ - ତୁମେ କ'ଣ ଦେଖିଲ ?

ମୁଦିରଥେ - ତୁମେ କିଛି ବୁଝିଲ ନାହିଁହେ ମହାପାତ୍ରେ । କେତେ ବଡ଼ କଥାଟାଏ ଆମ ଆଖି ଆଗରେ ଘଟିଗଲା । ମଣିମାଙ୍କର ବୁଝାମଣା ଶୁଣିଲ ? ବେହିପୋ ଚୋର ବନିଗଲା ସିପାହୀ ।

ମହାପାତ୍ରେ - ମାକେ ହୁଅନ୍ତାନି । ରାଜା କ'ଣ ଅନ୍ୟାୟ କରିଛନ୍ତି । ଜଗନ୍ନାଥଙ୍କର ପରମ ଭକ୍ତ ସେ । ନିଜେ ଠାକୁରେ ସୁବର୍ଣ୍ଣ କଳସରେ ଅଧରପଣା

Digitized by srujanika@gmail.com

ଦେଇଗଲେ । ଏ ଭାଗ୍ୟ କାହାକୁ ଜୁଟେ ହେ ରଥେ ? ରାଜା ଯାହା କରିଛନ୍ତି, ଠିକ୍ କରିଛନ୍ତି ।

ମୁଦିରଥେ - ଠିକ କରିଛନ୍ତି ? ବେହିପୋ ତୁମେ ଜଣେ ସେବାୟତ ହୋଇ କହୁଚ କ'ଣନା ଠିକ୍ କରିଛନ୍ତି । ମଣିମାଙ୍କର ତା'ପ୍ରତି କି ଦୟା । ସେ କିମିତି ସେବା କରିବ, ମୁଁ ଦେଖିବିନି ।

ମହାପାତ୍ରେ - ତୁମେ କ'ଣ କରିବ ହେ ରଥେ । ତୁମେ କ'ଣଟେ ଦେଖିବ । ରାଜାଙ୍କୁ କ'ଣ ରାଜ୍ୟରୁ ବାହାର କରିଦେବ ? କହ, ମୋ କଥାର ଉତ୍ତର ଦିଅ ।

ମୁଦିରଥେ - ସେବାର ଅଧିକାର କେବଳ ଆମର । ବଂଶ ପରମ୍ପରାନୁକ୍ରମେ, ଆମର ଅଧିକାରରେ ଅନ୍ୟ କେହି ହସ୍ତକ୍ଷେପ କରିବ ବେହିପୋ ଆମ୍ଭେମାନେ ବରଦାସ୍ତ କରିବା କିପରି ? ଆଜି ମଣିମା, ଗୋଟାଏ ଚୋର, ତସ୍କରକୁ ଭକ୍ତ ଶିରୋମଣି କହି, ସେବାର ଅଧିକାର ଦେଇଦେଲେ । କାଲି ତାଙ୍କର ପୁଣି କ'ଣ ମନ ହେବ, ଅନ୍ୟ ଜଣକୁ ଦେଇଦେବେ । ଆମେ ସବୁ କରିବା କ'ଣ ଘାସ କାଟିବା ?

ମହାପାତ୍ରେ - ସତ କଥା ହେ ରଥେ । ମାକେ ମୁଁ ବୁଝୁଛି, ହେଲେ ଟିକିଏ ଡେ଼ରିରେ । ତେବେ କ'ଣ କରାଯିବ ?

ମୁଦିରଥେ - ଏହାକୁ ଚକ୍ରାନ୍ତ କରି ଯେକୌଣସିମତେ ବାହାର କରିବାକୁ ହବ । (ପ୍ରବେଶ କରିଛନ୍ତି ବଡ଼ପଣ୍ଡେ ।)

ବଡ଼ପଣ୍ଡେ - କେଉଁ ବିଷୟରେ ଆଲୋଚନା ଚାଲିଛି, କହିଗଲ ବଂଧୁମାନେ ।

ମୁଦିରଥେ - ଏ ଯେମିତି କିଛି ଜାଣନ୍ତି ନାହିଁ । ସେଦିନ ଝିଅଟାକୁ ଆଣି, ଛାମୁଙ୍କର ଆଗରେ ଗୀତଟାଏ ଶୁଣାଇ ଦେଇଥିଲେ ଏ ଚଣ୍ଡାଳ କ'ଣ ଗାୟକ ରତ୍ନ ଉପାଧି ପାଇଥାନ୍ତା । ରାଜା, ଗୋଜା, ଯାହା ବୁଝିଥିବେ ସେଇଆ ।

ବଡ଼ପଣ୍ଡେ - ଏତେ ବ୍ୟସ୍ତ କାହିଁକି ହଉଚ, ମୁଦିରଥେ । ତୁମର ଚିନ୍ତା, ସେବା ଅଧିକାର ଲୋକଟା ପାଇଯିବା ଯୋଗୁଁ । ଦେଖ, କେମିତି ସେ ସେବା କରୁଛି । ତା'ପରେ ଯାହା ଚିନ୍ତା କରିବା ।

ମହାପାତ୍ରେ - ବଡ଼ପଣ୍ଡେ ଠିକ୍ କଥା କହିଛନ୍ତି । ଅପେକ୍ଷା କର । ଧୀର, ସୁସ୍ଥେ କାମ କର ।

Digitized by srujanika@gmail.com

ମୁଦିରଥେ - ତାକୁ ନ କାଢ଼ିବା ପର୍ଯ୍ୟନ୍ତ ମୋ ମନରେ ଶାନ୍ତି ନାହିଁ ।

ବଡ଼ପଣ୍ଡେ - ଥାଅ, କାହିଁକି ସେମିତି ହଉଚ ହେ ରଥେ ।

ମୁଦିରଥେ - ବୁଝିଲ ମହାପାତ୍ରେ, ପଣ୍ଡେ ସେଥିପାଇଁ ଚିନ୍ତିତ ନୁହନ୍ତି । ସେ ତ ଭାରୀ ଖୁସୀ । ଝିଅଟାକୁ ପରା, ତା'ସଙ୍ଗରେ ଛନ୍ଦିଦେଇ, ଘରଜ୍ୱାଇଁ କରି ରଖିବେ ।

ମହାପାତ୍ରେ - କ'ଣ ପଣ୍ଡେ, ଏ କଥା ସତ । ମୋ ଆଗରେ କିଛି କହିନାହଁ ।

ବଡ଼ପଣ୍ଡେ - ତୁମେ କାହିଁକି ତାଙ୍କ କଥା ଶୁଣୁଛ । ତୁମେ କ'ଣ ତାଙ୍କୁ ଚିହ୍ନି ନାହଁ । ଶାସ୍ତ୍ର କ'ଣ ମିଛ କହିଛି - ଦୁର୍ଜନାଃ ଦୋଷ ମିଛନ୍ତି, ଗୁଣ ମିଛନ୍ତି ସଜ୍ଜନା ।

ମୁଦିରଥେ - କ'ଣ କହିଲ, ମୁଁ ଦୁର୍ଜ୍ଜନ । ଦେଖିବ ପଣ୍ଡେ, ଲୋକଟା ଯଦି ବାରଣ୍ଡା ଦି କଡ଼ା ନ କରିଛି ମୋତେ ସେତେବେଳେ ଯାଇ କହିବ ।

ବଡ଼ପଣ୍ଡେ - କ'ଣ କରୁଛ କର ହେ । କ'ଣ ତା' ନାଁରେ ରଜାଙ୍କ ଆଗରେ ଲଗେଇ କହିବ ?

ମହାପାତ୍ରେ - ଏ ତ ଆମ ଭିତର କଥା । କହୁନ ରଥେ, ପଣ୍ଡା ପରା ପଚାରୁଛନ୍ତି ।

ବଡ଼ପଣ୍ଡେ - ଛାଡ଼, ମଣିଷ ପ୍ରକୃତି ମଲେ ତୁଟେ ଘୁଷୁରି ପ୍ରକୃତି ପଙ୍କେ ଲୋଟେ । ସେ ଲୋକର ପ୍ରକୃତି କ'ଣ ବଦଳିଯିବ ।

ମୁଦିରଥେ - ମହାପାତ୍ରେ, ଲୋକଟା ଗୋଟାଏ ଚରିତ୍ରହୀନ । ମୁଁ ଯଦି ପ୍ରମାଣ କରାଇ ନ ଦେଇଛି ।

ବଡ଼ପଣ୍ଡେ - ମିଛକଥା । ଏକଥାକୁ ମୁଁ ମୋଟେ ଗ୍ରହଣ କରିପାରିବି ନାହିଁ ।

ମୁଦିରଥେ - ତୁମ ଆଗେ ଏ ସବୁ କହି କିଛି ଲାଭ ନାହିଁ । ମୁଁ ରଜାଙ୍କ ଆଗରେ ପ୍ରମାଣ କରାଇଦେବି । ଯଦି ନ କରିଛି...

ମହାପାତ୍ରେ - ହଉ, ସେତେବେଳେ ଦେଖିବା । ଏବଠାରୁ ବାଜି ରଖି ଲାଭ କ'ଣ ? ଚାଲ ମନ୍ଦିରକୁ ଯିବାବେଳ ହେଲାଣି ।

- ଅନ୍ଧାର -

Digitized by srujanika@gmail.com

- ସପ୍ତମ ଦୃଶ୍ୟ -

(ଚାନ୍ଦିନୀ ରାତି । ବିଶ୍ୱମୋହନ ମଣ୍ଡପ ଉପରେ ବସିଥିଲେ । ବଂଶୀର ଏକ ମଧୁର ଲହର ଭାସି ଆସୁଥିଲା । ଏକାକିନୀ ପଲ୍ଲବୀ ଆସି ପହଞ୍ଚିଛି ।)

ବିଶ୍ୱମୋହନ- କିଏ ତୁମେ ଦେବୀ ? ଏକାକିନୀ ଏ ମଧରାତ୍ରରେ ମୋ ପାଖକୁ ଆସିଛ କାହିଁକି ?

ପଲ୍ଲବୀ - ମୋତେ ତୁମେ ଜାଣ ନା' ଗାୟକ ରତ୍ନ । ତୁମର ପ୍ରଶଂସା ଶୁଣି, ଶୁଣି ମୁଁ ଅସ୍ଥିର ହୋଇ ପଡ଼ିଛି । ତୁମେ ତ ଆମ ଘରକୁ ଆସିଲ ନାହିଁ । ବାପାଙ୍କର ଶତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଲ । ତେଣୁ ବାଧ ହୋଇ, ମୁଁ ତୁମର ଦର୍ଶନ ପାଇଁ ଏଠାକୁ ଚାଲିଆସିଲି ।

ବିଶ୍ୱମୋହନ- ମୋତେ ଖୋଲି କୁହ ଭଦ୍ରେ, ତୁମେ କିଏ ? ମୋ ପାଇଁ ତୁମେ ଏତେ ବ୍ୟାକୁଳ କାହିଁକି ?

ପଲ୍ଲବୀ - ପରିଚୟ ପାଇ ପାରିଲ ନାହିଁ ଗାୟକ ରତ୍ନ ? ମୁଁ ଜଣେ କଣ୍ଠ ଶିଳ୍ପୀ । ସଂଗୀତର ପୂଜାରିଣୀ । ମୋ ନାଁ ପଲ୍ଲବୀ ।

ବିଶ୍ୱମୋହନ- ପଲ୍ଲବୀ । ବୁଝିଲି ତୁମେ ବଡ଼ପଣ୍ଡାଙ୍କର ସୁକନ୍ୟା । ତେବେ ଏକାକିନୀ ଆସିବାର ଉଦ୍ଦେଶ୍ୟ ?

ପଲ୍ଲବୀ - ନଦୀ, ସମୁଦ୍ରରେ ମିଶିବା ପାଇଁ ସତତ ବ୍ୟଗ୍ର । ତୁମ ପରି ଗାୟକ ରତ୍ନକୁ ନ ଦେଖି, ମୁଁ ସ୍ଥିର କଲି, ଜନ ଆଢୁଆଳରେ ମୁଁ ତାଙ୍କୁ ଦର୍ଶନ କରିବି । ରାତ୍ରି ହିଁ ଏକମାତ୍ର ସୁଯୋଗ । କିଛି ଖରାପ ଭାବିଲ କି ଗାୟକରତ୍ନ ।

ବିଶ୍ୱମୋହନ- ତୁମର ପିତୃଦେବ

ପଲ୍ଲବୀ - ସେ ନିଦ୍ରିତ ।

ବିଶ୍ୱମୋହନ- ତାଙ୍କର ଅଗୋଚରରେ ତୁମର ଏଠାକୁ ଆସିବା ଉଚିତ ହୋଇନାହିଁ ତନ୍ୱୀ । ତୁମେ ଏତେ ନିର୍ଭୟ ହେଲ କିପରି ?

ପଲ୍ଲବୀ - ତୁମରି ପାଇଁ, କେବଳ ତୁମରି ପାଇଁ ଭଦ୍ର । ମୁଁ ସବୁ କିଛି ତୁଚ୍ଛକରି, ତୁମ ପାଖକୁ ଧାଇଁ ଆସିଛି ।

ବିଶ୍ୱମୋହନ- ତୁମେ ଠିକ୍ କରିନାହଁ ପଲ୍ଲବୀ । ଲୋକେ ତୁମକୁ ଭୁଲ ବୁଝିବେ । ଆଉ ମୁଁ ହେବି ଲୋକ ଚକ୍ଷୁରେ ନିନ୍ଦିତ । ତୁମେ ଅତିଶୀଘ୍ର ଫେରିଯାଅ । ମଣିମା ଯଦି ଏ ବିଷୟ ଅବଗତ ହୁଅନ୍ତି ।

Digitized by srujanika@gmail.com

ପଲ୍ଲବୀ - ନିଷ୍ଠୁର ପୁରୁଷ, ତୁମେ ମୋତେ ପ୍ରତ୍ୟାଖ୍ୟାନ କରି ଦେଉଛ । ଗୋଟାଏ ନିରୀହା କନ୍ୟା, ସବୁ କିଛି ତୁଚ୍ଛ କରି, ତୁମ ପାଖକୁ ଧାଇଁ ଆସିଲା ।

ବିଶ୍ୱମୋହନ- ସେଇଟା ହିଁ ତୁମର ଭୁଲ ପଲ୍ଲବୀ । ତୁମେ ଠିକ୍ କରିନାହଁ । ମୁଁ ସଂଗୀତର ଉପାସକ । ସଂଗୀତ ହିଁ ମୋର ଜୀବନ ।

ପଲ୍ଲବୀ - ବିଶ୍ୱମୋହନ, କୁହ ବିଶ୍ୱମୋହନ ତୁମେ କ'ଣ....

ବିଶ୍ୱମୋହନ- ମୁଁ ତୁମକୁ ବୁଝାଇବାକୁ ଅକ୍ଷମ ପଲ୍ଲବୀ । ମୁଁ ପ୍ରତିଭାର ଉପାସକ । ସେଥିପାଇଁ ପଲ୍ଲବୀ, ମୁଁ ତୁମ ସଂଗୀତକୁ ଭଲ ପାଏ । ତୁମେ ଚାଲିଯାଅ ପଲ୍ଲବୀ, ରାତି ପାହି ଆସୁଛି । ଶୀଘ୍ର ଫେରିଯାଅ ।

ପଲ୍ଲବୀ - ଗୋଟିଏ ସର୍ତ୍ତରେ ।

ବିଶ୍ୱମୋହନ- କହ ପଲ୍ଲବୀ, କ'ଣ ସେ ସର୍ତ୍ତ ?

ପଲ୍ଲବୀ - ତୁମେ ମୋ ଘରକୁ ଆସିବ ।

ବିଶ୍ୱମୋହନ- ଆସିବି, ନିଶ୍ଚୟ ଆସିବି ।

ପଲ୍ଲବୀ - ହଉ, ମୁଁ ଆସୁଛି । (ପଲ୍ଲବୀ ଫେରିଗଲା)
(ବିଶ୍ୱମୋହନ ଚିନ୍ତିତ ହୋଇ ପଡ଼ିଲେ । ଗୀତ ଗୋବିନ୍ଦର ସେହି

ମହାପାତ୍ର - ଦେବଦାସୀ କମଳିନୀ ଅନୁପସ୍ଥିତା ।

ମହାରାଜ - ଅନୁପସ୍ଥିତା ? କାହିଁକି ?

ମୁଦିରଥେ - ତାର କ'ଣ ପ୍ରଭୁଙ୍କର ସେବାରେ ମନ କି ମଣିମା ।
(ଏହି ସମୟରେ ନର୍ତ୍ତକୀ କମଳିନୀ ପ୍ରବେଶ କରି ପ୍ରଭୁଙ୍କୁ ପ୍ରଣାମ କରିବା ସଂଗେ ସଂଗେ ରାଜାଙ୍କୁ ଅଭିବାଦନ ଜଣାଇଲା ।)

ମହାରାଜ - ଦେବଦାସୀ, ବିଳମ୍ବର କାରଣ ?

କମଳିନୀ - ମଣିମା, ମୁଁ ଅସୁସ୍ଥା ।

ମହାରାଜା - ବୁଝିଲି, ନୃତ୍ୟ ପରିବେଷଣ ପାଇଁ ତୁମେ ଅକ୍ଷମ ।

କମଳିନୀ - ମୁଁ ପ୍ରସ୍ତୁତ ମହାରାଜ ।
(ଗୀତଗୋବିନ୍ଦର ସୁରେ ସୁରେ ମର୍ଦ୍ଦଳ ବାଜି ଉଠିଲା । କମଳିନୀ ନୃତ୍ୟ କରିଛି । ନୃତ୍ୟ ଶେଷ ହେଲା । ପ୍ରଭୁଙ୍କୁ ପ୍ରଣାମ ଜଣାଇ, କମଳିନୀ ଧୀରେ, ଧୀରେ ମନ୍ଦିରରୁ ବିଦାୟ ନେଲା ।)

Digitized by srujanika@gmail.com

- ସପ୍ତମ ଦୃଶ୍ୟ -

(ଚାନ୍ଦିନୀ ରାତି । ବିଶ୍ୱମୋହନ ମଣ୍ଡପ ଉପରେ ବସିଥିଲେ । ବଂଶୀର ଏକ ମଧୁର ଲହର ଭାସି ଆସୁଥିଲା । ଏକାକିନୀ ପଲ୍ଲବୀ ଆସି ପହଞ୍ଚିଛି ।)

ବିଶ୍ୱମୋହନ- କିଏ ତୁମେ ଦେବୀ ? ଏକାକିନୀ ଏ ମଧ୍ୟରାତ୍ରରେ ମୋ ପାଖକୁ ଆସିଛ କାହିଁକି ?

ପଲ୍ଲବୀ - ମୋତେ ତୁମେ ଜାଣ ନା' ଗାୟକ ରତ୍ନ । ତୁମର ପ୍ରଶଂସା ଶୁଣି, ଶୁଣି ମୁଁ ଅସ୍ଥିର ହୋଇ ପଡ଼ିଛି । ତୁମେ ତ ଆମ ଘରକୁ ଆସିଲ ନାହିଁ । ବାପାଙ୍କର ଶତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଲ । ତେଣୁ ବାଧ୍ୟ ହୋଇ, ମୁଁ ତୁମର ଦର୍ଶନ ପାଇଁ ଏଠାକୁ ଚାଲିଆସିଲି ।

ବିଶ୍ୱମୋହନ- ମୋତେ ଖୋଲି କୁହ ଭଦ୍ରେ, ତୁମେ କିଏ ? ମୋ ପାଇଁ ତୁମେ ଏତେ ବ୍ୟାକୁଳ କାହିଁକି ?

ପଲ୍ଲବୀ - ପରିଚୟ ପାଇ ପାରିଲ ନାହିଁ ଗାୟକ ରତ୍ନ ? ମୁଁ ଜଣେ କଣ୍ଠ ଶିଳ୍ପୀ । ସଂଗୀତର ପୂଜାରିଣୀ । ମୋ ନାଁ ପଲ୍ଲବୀ ।

ବିଶ୍ୱମୋହନ- ପଲ୍ଲବୀ । ବୁଝିଲି ତୁମେ ବଡ଼ପଣ୍ଡାଙ୍କର ସୁକନ୍ୟା । ତେବେ ଏକାକିନୀ ଆସିବାର ଉଦ୍ଦେଶ୍ୟ ?

ପଲ୍ଲବୀ - ନଦୀ, ସମୁଦ୍ରରେ ମିଶିବା ପାଇଁ ସତତ ବ୍ୟଗ୍ର । ତୁମ ପରି ଗାୟକ ରତ୍ନକୁ ନ ଦେଖି, ମୁଁ ସ୍ଥିର କଲି, ଜନ ଆଢୁଆଳରେ ମୁଁ ତାଙ୍କୁ ଦର୍ଶନ କରିବି । ରାତ୍ରି ହିଁ ଏକମାତ୍ର ସୁଯୋଗ । କିଛି ଖରାପ ଭାବିଲ କି ଗାୟକରତ୍ନ ।

ବିଶ୍ୱମୋହନ- ତୁମର ପିତୃଦେବ

ପଲ୍ଲବୀ - ସେ ନିଦ୍ରିତ ।

ବିଶ୍ୱମୋହନ- ତାଙ୍କର ଅଗୋଚରରେ ତୁମର ଏଠାକୁ ଆସିବା ଉଚିତ ହୋଇନାହିଁ ତନ୍ୱୀ । ତୁମେ ଏତେ ନିର୍ଭୟ ହେଲ କିପରି ?

ପଲ୍ଲବୀ - ତୁମରି ପାଇଁ, କେବଳ ତୁମରି ପାଇଁ ଭଦ୍ର । ମୁଁ ସବୁ କିଛି ତୁଚ୍ଛକରି, ତୁମ ପାଖକୁ ଧାଇଁ ଆସିଛି ।

ବିଶ୍ୱମୋହନ- ତୁମେ ଠିକ୍ କରିନାହଁ ପଲ୍ଲବୀ । ଲୋକେ ତୁମକୁ ଭୁଲ ବୁଝିବେ । ଆଉ ମୁଁ ହେବି ଲୋକ ଚକ୍ଷୁରେ ନିନ୍ଦିତ । ତୁମେ ଅତିଶୀଘ୍ର ଫେରିଯାଅ । ମଣିମା ଯଦି ଏ ବିଷୟ ଅବଗତ ହୁଅନ୍ତି ।

Digitized by srujanika@gmail.com

ପଲ୍ଲବୀ - ନିଷ୍ଠୁର ପୁରୁଷ, ତୁମେ ମୋତେ ପ୍ରତ୍ୟାଖ୍ୟାନ କରି ଦେଉଛ । ଗୋଟାଏ ନିରୀହା କନ୍ୟା, ସବୁ କିଛି ତୁଚ୍ଛ କରି, ତୁମ ପାଖକୁ ଧାଇଁ ଆସିଲା ।

ବିଶ୍ୱମୋହନ- ସେଇଟା ହିଁ ତୁମର ଭୁଲ ପଲ୍ଲବୀ । ତୁମେ ଠିକ୍ କରିନାହିଁ । ମୁଁ ସଂଗୀତର ଉପାସକ । ସଂଗୀତ ହିଁ ମୋର ଜୀବନ ।

ପଲ୍ଲବୀ - ବିଶ୍ୱମୋହନ, କୁହ ବିଶ୍ୱମୋହନ ତୁମେ କ'ଣ....

ବିଶ୍ୱମୋହନ- ମୁଁ ତୁମକୁ ବୁଝାଇବାକୁ ଅକ୍ଷମ ପଲ୍ଲବୀ । ମୁଁ ପ୍ରତିଭାର ଉପାସକ । ସେଥିପାଇଁ ପଲ୍ଲବୀ, ମୁଁ ତୁମ ସଂଗୀତକୁ ଭଲ ପାଏ । ତୁମେ ଚାଲିଯାଅ ପଲ୍ଲବୀ, ରାତି ପାହି ଆସୁଛି । ଶୀଘ୍ର ଫେରିଯାଅ ।

ପଲ୍ଲବୀ - ଗୋଟିଏ ସର୍ତ୍ତରେ ।

ବିଶ୍ୱମୋହନ- କହ ପଲ୍ଲବୀ, କ'ଣ ସେ ସର୍ତ୍ତ ?

ପଲ୍ଲବୀ - ତୁମେ ମୋ ଘରକୁ ଆସିବ ।

ବିଶ୍ୱମୋହନ- ଆସିବି, ନିଶ୍ଚୟ ଆସିବି ।

ପଲ୍ଲବୀ - ହଉ, ମୁଁ ଆସୁଛି । (ପଲ୍ଲବୀ ଫେରିଗଲା)
(ବିଶ୍ୱମୋହନ ଚିନ୍ତିତ ହୋଇ ପଡ଼ିଲେ । ଗୀତ ଗୋବିନ୍ଦର ସେହି କବିତାର ଛନ୍ଦ ଆବୃତ୍ତି କଲେ । ଅଦୂରରେ ଆଲୋକ ଜଳିଉଠିଲା । କମଳିନୀ ଗୀତଗୋବିନ୍ଦର ଛନ୍ଦରେ ନୃତ୍ୟ କରୁଥିଲା ।)

ବିଶ୍ୱମୋହନ- କମଳିନୀ, ତୁମେ

କମଳିନୀ - ମୁଁ ତୁମ ପାଇଁ ପାଗଳି ହୋଇଯିବି ଗାୟକରତ୍ନ । ଶୟନେ, ସ୍ୱପନେ, ଜାଗରଣେ, ତୁମେ ମୋତେ ଅସ୍ଥିର କରୁଛ । କହ ବିଶ୍ୱମୋହନ, ମୁଁ କରିବି କ'ଣ ?

ବିଶ୍ୱମୋହନ- ରାତି ପାହି ଆସୁଛି, ଲୋକେ ଯଦି ମୋ ନିକଟରେ ତୁମକୁ ଦେଖି ଦିଅନ୍ତି ନର୍ତ୍ତକୀ !

କମଳିନୀ - ଭୟ କରୁଛ ବିଶ୍ୱମୋହନ, ମୁଁ କିନ୍ତୁ ତୁମ ପାଇଁ କାହାକୁ ଭୟ କରେନା ।

ବିଶ୍ୱମୋହନ- ତୁମ ପ୍ରତିଭାକୁ ମୁଁ ଖୁବ ଭଲପାଏ କମଳିନୀ । ତୁମର ନୃତ୍ୟଛନ୍ଦ, ତୁମର ଅଙ୍ଗଭଙ୍ଗୀ, ମୋତେ ପାଗଳ କରି ଦେଲେ ।

କମଳିନୀ - ସତ କହୁଚ ବିଶ୍ୱମୋହନ, ତୁମେ ମୋତେ

Digitized by srujanika@gmail.com

ବିଶ୍ୱମୋହନ- ମୁଁ ତୁମକୁ ନା, ନା ତୁମର ପ୍ରତିଭାକୁ,

କମଳିନୀ - ମାନେ, ତୁମର କହିବାର ଅର୍ଥ ।

ବିଶ୍ୱମୋହନ- ମୁଁ ତୁମକୁ ବୁଝାଇ ପାରିବିନି କମଳିନୀ । ତୁମେ ଚାଲିଯାଅ । ମୁଁ ତୁମକୁ ପରେ ସବୁ କହିବି ।

କମଳିନୀ - ମୁଁ ଏକୁଟିଆ କେମିତି ଯିବି ?

ବିଶ୍ୱମୋହନ- ତା'ହେଲେ ମୁଁ ତୁମକୁ ଛାଡ଼ି ଦେଇ ଆସିବି ।

କମଳିନୀ - ତୁମେ ମୋ ସାଙ୍ଗରେ ଯିବ ।

ବିଶ୍ୱମୋହନ- ଚାଲ କମଳିନୀ ଶୀଘ୍ର ଚାଲ ।

(କମଳିନୀ, ବିଶ୍ୱମୋହନ ଯିବା ସମୟରେ ମୁଦିରଥଙ୍କର ଖଣ୍ଡିକାଶ, ମୁଦିରଥ କଣ୍ଠରୁ - ଆଜ ଦେଖିଲିରେ ନବୀନ ବଅସି ବାଳା ପାଇଥାନ୍ତି ଯେବେ ଚନ୍ଦ୍ରବଦନିକୁ କରିଥାନ୍ତି ଗଳାମାଳା । ମୁଦିରଥ ଏମାନଙ୍କୁ ଦେଖି ଦେଇ, ଖଣ୍ଡିକାଶ ମାରୁଛି ।)

ମୁଦିରଥ - କିହୋ ଗାୟକରତ୍ନ, ଏ କିଏ ? ଓଃ ଦେବଦାସୀ କମଳିନୀ । କଣ୍ଠଶିଳ୍ପୀ, ନୃତ୍ୟଶିଳ୍ପୀ । ଅପୂର୍ବ ଯୋଡ଼ି । ସାକ୍ଷାତ ଲକ୍ଷ୍ମୀନାରାୟଣ । ଦୁଇଜଣଙ୍କର ଏ ରାତିରେ କୁଆଡ଼େ ପ୍ରତ୍ୟାଗମନ ।

ବିଶ୍ୱମୋହନ- ଦେଖନ୍ତୁ, ଦେବଦାସୀ କମଳିନୀ

ମୁଦିରଥ - ଦେବଦାସୀ କମଳିନୀ, ଅଭିସାର ରଚିଥିଲେ ଗାୟକ ରତ୍ନଙ୍କ ନିକଟରେ । ତା' ପୁଣି ନିଶାର୍ଦ୍ଧରେ । ଏଇଠାରେ ଦୁହିଁଙ୍କର ମିଳନ ରାସକ୍ରୀଡ଼ା । (ଦୂରୁ ଦେଖିଲିରେ, ନବୀନ ବଅସି ବାଳା)

ବିଶ୍ୱମୋହନ- ଶୁଣନ୍ତୁ । ମୋ କଥା ଟିକିଏ ଶୁଣନ୍ତୁ । ମୋତେ ବୁଝିବାକୁ ଚେଷ୍ଟା କରନ୍ତୁ ।

ମୁଦିରଥ - ବୁଝିଲି ଭକ୍ତ ଶିରୋମଣି, ତୁମେ ପ୍ରଭୁଙ୍କର ଶ୍ରେଷ୍ଠ ଭକ୍ତ । ସୁବର୍ଣ୍ଣ କଳସ ଚୋରାରୁ, ଆଜି ପ୍ରଭୁଙ୍କର ସେବକ । ଚରିତ୍ରବାନ, ସାଧୁ ପୁରୁଷରୁ ଆଜି ଶଠ, ଲମ୍ପଟ ।

କମଳିନୀ - ଆପଣ ଏସବୁ କ'ଣ କହୁଛନ୍ତି ?

ମୁଦିରଥ - କ'ଣ ଦେବଦାସୀ, ମୁଁ ଭୁଲ କହିଲି । ଏବେ ତ ହାତେ, ହାତେ ଧରା ପଡ଼ିଗଲା । ଯାହା କହିବାର ଅଛି ମଣିମାଙ୍କ ଆଗେ କହିବ ।

Digitized by srujanika@gmail.com

ବୁଝିଲ ଗାୟକ ରତ୍ନ, ମୁଁ ତୁମକୁ ମୋଟେ ଛାଡ଼ି ଦେବି ନାହିଁ ।
ହଉ, ଯାଅ, ରାସକ୍ରୀଡ଼ା କର ।
(ମୁଦିରଥ ଚାଲିଗଲା ।)

ବିଶ୍ୱମୋହନ- ଦେଖିଲ, ଏବେ ଏ ଲୋକଟା ଦେଖିଦେଲା । ବର୍ତ୍ତମାନ କ'ଣ କରାଯିବ । ମଣିମା ଶୁଣିଲେ, ସେ କ'ଣ ଭାବିବେ ? କମଳିନୀ ଏ କ'ଣ ସବୁ ହୋଇ ଯାଉଅଛି । ହଉ, ସେହି ଚକାଡ଼ୋଳା ଆମର ସହାୟ । ସେ ଆମକୁ ରକ୍ଷା କରିବେ । ଚାଲ, ଆଉ ଡ଼େରି କାହିଁକି, ମୁଁ ତୁମକୁ ତୁମ ଘରେ ଛାଡ଼ି ଆସିବି ।

- ଅନ୍ଧାର -

- ଅଷ୍ଟମ ଦୃଶ୍ୟ -

(ଶ୍ରୀମନ୍ଦିର । ତ୍ରିମୂର୍ତ୍ତିଙ୍କର ବଡ଼ସିଂହାର ବେଶ । ରାଜା ଠିଆ ହୋଇ ଚାମର କରୁଥିଲେ । ନର୍ତ୍ତକୀ କମଳିନୀ ଆସିନାହିଁ । ରାଜା ଆଦେଶ ଦେଲେ ଗୀତଗୋବିନ୍ଦ ସାଙ୍ଗରେ ନୃତ୍ୟ ପରିବେଷଣ କରିବାକୁ ।)

ମହାରାଜ - ଗୀତଗୋବିନ୍ଦ ସହିତ ନୃତ୍ୟ ପରିବେଷଣ କରାଯାଉ ।

ମହାପାତ୍ର - ଦେବଦାସୀ କମଳିନୀ ଅନୁପସ୍ଥିତା ।

ମହାରାଜ - ଅନୁପସ୍ଥିତା ? କାହିଁକି ?

ମୁଦିରଥେ - ତାର କ'ଣ ପ୍ରଭୁଙ୍କର ସେବାରେ ମନ କି ମଣିମା ।
(ଏହି ସମୟରେ ନର୍ତ୍ତକୀ କମଳିନୀ ପ୍ରବେଶ କରି ପ୍ରଭୁଙ୍କୁ ପ୍ରଣାମ କରିବା ସଂଗେ ସଂଗେ ରାଜାଙ୍କୁ ଅଭିବାଦନ ଜଣାଇଲା ।)

ମହାରାଜ - ଦେବଦାସୀ, ବିଳମ୍ବର କାରଣ ?

କମଳିନୀ - ମଣିମା, ମୁଁ ଅସୁସ୍ଥା ।

ମହାରାଜା - ବୁଝିଲି, ନୃତ୍ୟ ପରିବେଷଣ ପାଇଁ ତୁମେ ଅକ୍ଷମ ।

କମଳିନୀ - ମୁଁ ପ୍ରସ୍ତୁତ ମହାରାଜ ।
(ଗୀତଗୋବିନ୍ଦର ସୁରେ ସୁରେ ମର୍ଦ୍ଦଳ ବାଜି ଉଠିଲା । କମଳିନୀ ନୃତ୍ୟ କରିଛି । ନୃତ୍ୟ ଶେଷ ହେଲା । ପ୍ରଭୁଙ୍କୁ ପ୍ରଣାମ ଜଣାଇ, କମଳିନୀ ଧୀରେ, ଧୀରେ ମନ୍ଦିରରୁ ବିଦାୟ ନେଲା ।)

Digitized by srujanika@gmail.com

ମହାରାଜ - ମୁଁ ଆଜି ଦେବଦାସୀ କମଳିନୀ ଓ ଗାୟକରତ୍ନଙ୍କ ସଂଗୀତ ଓ ନୃତ୍ୟ ପରିବେଷଣରେ ଅତ୍ୟନ୍ତ ପ୍ରୀତ । ବଡ଼ପଣ୍ଡେ,

ବଡ଼ପଣ୍ଡେ - ମଣିମା,

ମହାରାଜ - ଗାୟକ ରତ୍ନଙ୍କର ଠାକୁରଙ୍କ ସେବା, ବିଧିସମ୍ମତ ହେଉଛି ତ ?

ବଡ଼ପଣ୍ଡେ - ସେ ନବାଗତ । କିଛିଟା ପ୍ରାଥମିକ ଶିକ୍ଷା ତାଙ୍କପାଇଁ ଆବଶ୍ୟକ ।

ମହାରାଜ - ବିଶ୍ୱମୋହନ,

ବିଶ୍ୱମୋହନ- ମଣିମା,

ମହାରାଜ - ବଡ଼ପଣ୍ଡାଙ୍କ ଠାରୁ ପୂଜା ପଦ୍ଧତି ଅଭ୍ୟାସ କର । ପ୍ରତିଦିନ ତାଙ୍କ ଗୃହକୁ ଯାଇ, ତୁମର ଅଭ୍ୟାସ କର୍ମ ସଂପାଦନ କର ।

ବିଶ୍ୱମୋହନ- ଯଥାଆଜ୍ଞା ମଣିମା ।

ମୁଦିରଥ - କିଂତୁ ମଣିମା, ଆପଣଙ୍କୁ ମୋର କିଛି ଏକାନ୍ତରେ କହିବାର ଅଛି, ତାହା ଗାୟକରତ୍ନଙ୍କର ଅନୁପସ୍ଥିତିରେ ।

ମହାରାଜ - ତୁମେ ଆସିପାର, ବିଶ୍ୱମୋହନ ।

ବିଶ୍ୱମୋହନ- (ପ୍ରସ୍ଥାନ)

ମୁଦିରଥ - ମନୁଷ୍ୟଙ୍କୁ ଚିହ୍ନିବା ବଡ଼ କଷ୍ଟ ମଣିମା ।

ମହାରାଜ - ତୁମ କହିବାର ଉଦ୍ଦେଶ୍ୟ ?

ମୁଦିରଥ - ଯାହାକୁ ଆପଣ ଭକ୍ତ ଶିରୋମଣି ବୋଲି ବିଶ୍ୱାସ କରି ସେବାର ଅଧିକାର ପ୍ରଦାନ କଲେ, ସେ ଯେ ଏକ ଚରିତ୍ରହୀନ, ଲମ୍ପଟ, ତାହା ଆପଣ ଜାଣିବେ ବା କିପରି ମଣିମା ?

ମହାପାତ୍ର - ତେବେ ମଣିମା, ଜଣେ ଇତର ଲୋକକୁ ସେବାର ଅଧିକାର ଦେଇ, ଆପଣ ପରଂପରା ଭଙ୍ଗ କରିବା ସଂଗେ, ସଂଗେ ଜଣେ ଅବାଞ୍ଛିତ ପ୍ରତି ଅହେତୁକ କୃପା ପ୍ରଦର୍ଶନ କଲେ । ସେବାୟତମାନେ ଯେଉଁ ବଂଶାନୁକ୍ରମେ ଠାକୁରଙ୍କ ସେବା କରି ଆସୁଅଛନ୍ତି ତାର ବ୍ୟତିକ୍ରମ ଘଟାଇଲେ ।

ମୁଦିରଥ - ସେମାନେ ମଣିମାଙ୍କର କୃପାକଟାକ୍ଷରୁ ବଞ୍ଚିତ ।

ମହାରାଜ - ବୁଝିଲି, ଏ ସବୁ ଅଭିଯୋଗ ବିଶ୍ୱମୋହନକୁ ନେଇ, ତୁମ୍ଭେମାନେ ଆଗତ କରୁଛ । ତେବେ ଯଦି କିଛି ନିର୍ଦ୍ଦିଷ୍ଟ ଅଭିଯୋଗ ଥାଏ, ପ୍ରକାଶ କର ।

Digitized by srujanika@gmail.com

ମୁଦିରଥ - ମଣିମା ଗାୟକରନ୍ତୁ, ଭକ୍ତପ୍ରବର ଜଣେ ଚରିତ୍ରହୀନ ଯୁବକ । ନିଶାର୍ଦ୍ଧରେ ଦେବଦାସୀ କମଳିନୀ ତାର ନିକଟକୁ ଯାଏ । ଏକଥା ମୁଁ ସ୍ୱଚକ୍ଷୁରେ ଦେଖିଛି ।

ମହାରାଜ - ଖାଲି ତୁମେ ଦେଖିଛ, ନା ଅନ୍ୟ କିଏ ଦେଖିଛି, ତାର ସାକ୍ଷୀ, ପ୍ରମାଣ ଦେଇ ପାରିବ । ମୁଁ ଜାଣେ, ବିଶ୍ୱମୋହନଙ୍କ ପ୍ରତି ତୁମେ ଅତି ମାତ୍ରାରେ ଈର୍ଷା ପରାୟଣ ହୋଇ ଉଠିଛ । ମୋର ବିଚାରରେ ତୁମେ ତାଙ୍କର ପ୍ରବଳ ପ୍ରତିଦ୍ୱନ୍ଦୀ । ଏ ଅଭିଯୋଗ ଆଣିବା ତୁମ ପକ୍ଷରେ ସ୍ୱାଭାବିକ । ତେବେ ବଡ଼ପଣ୍ଡା ମହାଶୟ, ଗାୟକରନ୍ତୁ ବିରୁଦ୍ଧରେ ବିଶେଷ କିଛି ଅବଗତ ଅଛନ୍ତି କି ?

ବଡ଼ପଣ୍ଡେ - ମଣିମା, ଜଣେ ନିର୍ଦ୍ଦୋଷ ଉପରେ ମୁଁ ଏତେ ବଡ଼ ଅଭିଯୋଗ କିପରି ଆଗତ କରି ପାରିବି ? ବିଶ୍ୱମୋହନ, ଜଣେ ଚରିତ୍ରବାନ ଯୁବକ, ଏହା ନିଃସନ୍ଦେହରେ ମୁଁ କହିପାରେ ।

ମହାରାଜ - ମୁଦିରଥେ, ଅଭିଯୋଗର ସତ୍ୟାସତ୍ୟ ସଂପର୍କରେ ମାସକ ମଧ୍ୟରେ ମୋତେ ଅବଗତ କରାଅ । ନଚେତ୍, ମୁଁ ତୁମକୁ ସେବା ଅଧିକାରରୁ ବଂଚିତ କରିବି ।

(ଚାଲିଗଲେ, ପଛେ ପଛେ ଅନ୍ୟମାନେ)

ମହାପାତ୍ର - ବର୍ତ୍ତମାନ ରଥେ, ପ୍ରମାଣ କର । ତୁମ୍ଭେ ଯେତେବେଳେ ସେ ଯୋଡ଼ିକୁ ଦେଖିଲ, ଡ଼ାକ ଛାଡ଼ିଲ ନାହିଁ କାହିଁକି ? ଲୋକେ ଜମା ହୋଇଥିଲେ, ସମସ୍ତେ ଘଟଣାଟିକୁ ଜାଣିଥାନ୍ତେ ।

ମୁଦିରଥେ - ବଡ଼ ଭୁଲ ହୋଇଗଲା ହେ ମହାପାତ୍ରେ । ତେବେ ମୁଁ ଯେମିତିକା ହେଉ, ମଣିମାଙ୍କ ନିକଟରେ ପ୍ରମାଣ କରି ନ ଦେଇ କ'ଣ ଛାଡ଼ିବି । ହଉ, ଚାଲ, ଉପାୟ ଚିନ୍ତା କରିବା ।

- ଅନ୍ଧାର -

Digitized by srujanika@gmail.com

- ନବମ ଦୃଶ୍ୟ -

(ବଡ଼ପଣ୍ଡାଙ୍କର ଘରର ଅଳିନ୍ଦ । ବଡ଼ପଣ୍ଡା ଚିନ୍ତାମଗ୍ନ ହୋଇ ବସିଥିଲେ । ପ୍ରବେଶ କରିଛି ପଲ୍ଲବୀ ।)

ପଲ୍ଲବୀ - ବାପା, ଆପଣ ଖାଇବେ ଆସନ୍ତୁ ।

ବଡ଼ପଣ୍ଡା - ନାଁ, ମା, ମୁଁ ଆଜି କିଛି ଖାଇବି ନାହିଁ । ବିଶ୍ୱମୋହନ ଆସିଥିଲେ ? କଣ କହିଲେ ?

ପଲ୍ଲବୀ - ହଁ ବାପା, ସେ ସକାଳେ ଆସିଥିଲେ । ସଂଧ୍ୟାକୁ ପୁଣି ଆସିବେ ।

ବଡ଼ପଣ୍ଡା - ମୁଁ ଭାବିଥିଲି ପିଲାଟା ଖୁବ୍ ଭଲ, ଚରିତ୍ରବାନ । ହେଲେ ମୁଦିରଥ କାଲି ରାତିରେ କମଳିନୀକୁ ନେଇ, ତାର ଚରିତ୍ର ଉପରେ ଯେପରି ଆଘାତ କଲେ, ମନଟା ମୋର ତାଙ୍କ ପ୍ରତି ଘୃଣାରେ ଭରି ଉଠିଛି ।

ପଲ୍ଲବୀ - ସେଇକଥା ସକାଳେ ମୁଦିରଥଙ୍କ ଝିଅ ମୋତେ କହୁଥିଲା, ମୁଁ ତା କଥା ବିଶ୍ୱାସ କଲିନାହିଁ । ଆପଣ କୁହନ୍ତୁ ବାବା, ଏ କଥା କ'ଣ ସତ ?

ବଡ଼ପଣ୍ଡା - ମୁଁ ତ କିଛି ଦେଖି ନାହିଁ ମା । ତେବେ ମୁଦିରଥ ଜଗନ୍ନାଥଙ୍କ ରାଣ ଖାଇ, ଯେପରି କହୁଛି, କିଏ ବା ବିଶ୍ୱାସ ନ କରିବ ? ତଥାପି, ସେ ଲୋକଟା ଉପରେ ମୋ ବିଶ୍ୱାସ ନାହିଁ । ସେ ଗୋଟାଏ ମିଥ୍ୟାବାଦୀ ତେବେ ମା, ତୁ ଟିକିଏ ହୁସିଆରରେ ରହିବୁ । ତା' ସହିତ ବିଶେଷ ମିଳାମିଶା ମୋ ବିଚାରରେ ଉଚିତ ନୁହେଁ ।

ପଲ୍ଲବୀ - ତେବେ ବାପା, କୌଣସି ପ୍ରମାଣ ନ ଥାଇ, ଜଣକୁ ଦୋଷୀ ସାବ୍ୟସ୍ତ କରିବା, ଠିକ୍ ହେବ କି ? ଆପଣ କହନ୍ତୁ ମୁଁ ତାଙ୍କୁ ଯେତିକି ଜାଣେ, ସେ ଜଣେ ଉତ୍ତମ ଚରିତ୍ରର ଯୁବକ ।

ବଡ଼ପଣ୍ଡା - ମୋର ତ ସେହି ବିଶ୍ୱାସ । ସେ ଲୋକ ଠାକୁରଙ୍କର ପରମ ଭକ୍ତ । ଏଇମାନେ ତାଙ୍କୁ ସୁବର୍ଣ୍ଣ କଳସ ଚୋର ବୋଲି ପ୍ରମାଣ କରିବାକୁ ଯାଉଥିଲେ । ନିଜେ ଠାକୁର ରକ୍ଷା କଲେ । ସେ ଯୁବକ କେବେ ଖରାପ ହୋଇ ନ ପାରନ୍ତି । ମଣିମା, ମୁଦିରଥ ନିକଟରୁ ପ୍ରମାଣ ଚାହିଁଛନ୍ତି, କି ପ୍ରମାଣ ସେ ଦଉଛି, ତାକୁ ଆଗ ଦେଖିବା । ଛାମୁଁ ଲୋକଟା ଉପରେ ଖୁବ୍ ରାଗି ଯାଇଛନ୍ତି ।

ବାହାରୁ - ବଡ଼ପଣ୍ଡା ଘରେ ଅଛନ୍ତି ।

Digitized by srujanika@gmail.com

ବଡ଼ପଣ୍ଡା - (ଭିତରୁ) ଆସ ଭିତରକୁ ଆସ । ମା' ତୁ ଯା, ବୋଧହୁଏ ସେ ଦୁଇଜଣ ଆସୁଛନ୍ତି ।

(ପଲ୍ଲବୀ ଚାଲି ଯାଇଛି । ପ୍ରବେଶ କଲେ ମହାପାତ୍ର ଓ ମୁଦିରଥ)

ମୁଦିରଥ - କ'ଣ ମହାପାତ୍ରେ, କହୁନାହଁ, ଆସି ଠିଆଟା ହେଲ କାହିଁକି ?

ବଡ଼ପଣ୍ଡା - କ'ଣ ତୁମମାନଙ୍କର ମୋ ଉପରେ ଅଭିଯୋଗ, ଖୋଲିକୁହ ।

ମହାପାତ୍ର - ଅଭିଯୋଗ ତ ସେମିତି କିଛି ନାହିଁ ।

ମୁଦିରଥ - କ'ଣ ସେମିତି କିଛି ନାହିଁ । ଅଛି । ଗୁରୁତର ଅଭିଯୋଗ । ତୁମେ ସେ ଲୋକଟାକୁ ଘରକୁ ଆସିବାକୁ ଦିଅନାହିଁ । ଲୋକଟା ଗୋଟାଏ ନର୍ତ୍ତକୀର ପଛରେ ଧାଇଁଛି । ତା'ର ଘରେ ପଡ଼ି ରହିଛି ।

ବଡ଼ପଣ୍ଡା - ଏକଥା ମଣିମାଙ୍କ ଆଗରେ ଜଣାକରୁନାହଁ କାହିଁକି ? ମୁଁ ତ ତାଙ୍କୁ ଘରକୁ ଆସିବାକୁ ବାରଣ କରି ପାରିବି ନାହିଁ । ରାଜାଦେଶ ଅମାନ୍ୟ କରିବା ମୋ ପକ୍ଷରେ ଅସମ୍ଭବ ।

ମହାପାତ୍ର - ରଥେ, ତୁମ ହିତ ପାଇଁ କହୁଛନ୍ତି । ସେଇଟା ଗୋଟାଏ ଇତର ଲୋକ । ତା'ର ଘରଦ୍ୱାର କିଛି ଜଣା ନାହିଁ । ଗଛମୂଳେ ରହୁଥିଲା ତାକୁ ମିଳିଲା ଗାୟକରତ୍ନ ଉପାଧି । ଠାକୁରଙ୍କ ସେବା ଅଧିକାର, ରାଜା ସବୁ ଦେଇଦେଲେ ।

ମୁଦିରଥ - ସବୁ ବଡ଼ପଣ୍ଡାଙ୍କ ଯୋଗୁଁ ହେଲା । ପଣ୍ଡା ଯଦି ପ୍ରଥମରୁ ମନା କରିଥାନ୍ତେ, ରଜା କ'ଣ ଏତେଦୂର ଆଗେଇ ଥାନ୍ତେ ।

ମହାପାତ୍ର - ନୁହେଁ ଆଉ କ'ଣ ? ମୁଦିରଥେ ଠିକ୍ କଥା କହୁଛନ୍ତି । ଅଙ୍ଗୁଳି ପ୍ରବେଶରୁ ବାହୁ ପ୍ରବେଶ । ସେ ଲୋକଟା ଆମମାନଙ୍କର ସମର୍ଥନ ପାଇ, ଆଜି ଏତେ ଦୂରକୁ ଆସି ପାରିଲା । ତୁମେ ତାକୁ ପ୍ରଶଂସା ପତ୍ର ଅଜାଡ଼ି ଦେଲ ।

ମୁଦିରଥ - ଗୋଟାଏ ଦୋଷୀକୁ ନିର୍ଦ୍ଦୋଷ କହିବା ତୁମର ଅନ୍ୟାୟ ହୋଇ ନାହିଁକି ବଡ଼ପଣ୍ଡେ ।

ବଡ଼ପଣ୍ଡା - ତୁମେ ବର୍ତ୍ତମାନ କ'ଣ କହିବାକୁ ଚାହଁ ଖୋଲି କହୁନାହଁ କାହିଁକି ?

ମହାପାତ୍ର - ଆମେ ଚାହୁଁ

ମୁଦିରଥ - ତୁମେ ତୁନି ହୁଅ । ରଜାଙ୍କ ଆଗରେ ତୁମେ କହିଦେଲେ, ସେ ଲୋକଟା ଖରାପ, ରଜା ତୁମ କଥାକୁ ବିଶ୍ୱାସ କରିବେ ।

Digitized by srujanika@gmail.com

ମହାପାତ୍ର - ଆଉ ମୁଦିରଥଙ୍କ ଉପରୁ ମଣିମାଙ୍କ ଅବିଶ୍ୱାସ ତୁଟିଯିବ ।

ବଡ଼ପଣ୍ଡା - ଅସମ୍ଭବ । ମିଥ୍ୟା କହିବାକୁ ତୁମ୍ଭେମାନେ ମୋତେ ବାଧ କରୁଛ । ବିନା କାରଣରେ, ବିନା ଅପରାଧରେ, ମୁଁ ଲୋକଟାର ସର୍ବନାଶ କରି ପାରିବି ନାହିଁ । ତୁମ୍ଭେମାନେ ମୋତେ ଟିକିଏ ଶାନ୍ତିରେ ବଞ୍ଚିବାକୁ ଦିଅ ।

ମୁଦିରଥ - କଥାଟା କିଛି ଭଲ ହେଉନାହିଁ ବଡ଼ପଣ୍ଡେ । ସେ ଲୋକଟାକୁ ଘରକୁ ଆସିବାକୁ ମନା କର । ପଛରେ ପରାଭବ ପାଇବ । ଆମେ ତୁମର ଜାତି ଭାଇ ।

(ପ୍ରବେଶ କରିଛି ପଲ୍ଲବୀ)

ପଲ୍ଲବୀ - ହଁ, ହଁ ତୁମ୍ଭେମାନେ ଜାତି ଭାଇ । ସେଇଥିପାଇଁ ଘର ଭିତରେ ପ୍ରବେଶ କରି, କାହାକୁ କ'ଣ କହି ଯାଉଛ ? ମୁଁ କହୁଛି, ସେ ଭଦ୍ରଲୋକ ଆସିବ । ନିଶ୍ଚୟ ଆସିବ । ମୁଁ ଦେଖିବି କିଏ ତାକୁ ମନା କରିପାରିବ ?

ମହାପାତ୍ରେ - ଅମେ ଜାଣୁଁ, ତୁମେ ବାପ, ଝିଅ ତା' ପଟିଆ ।

ମୁଦିରଥେ - ଚାଲ ହେ ମହାପାତ୍ରେ, ଫଳ ପାଇବେ ଯେ । (ଚାଲିଗଲେ)

ବଡ଼ପଣ୍ଡେ - ଦେଖିଲୁରେ ମା' ଏ ଲୋକଟାର ହୀନ ଚକ୍ରାନ୍ତ । ଏ ମୋତେ ମିଥ୍ୟା କହିବାକୁ କେମିତି ପ୍ରବର୍ତ୍ତାଉଛି ।

ପଲ୍ଲବୀ - ଆପଣ ମହାରାଜାଙ୍କୁ ନ କହିଲେ ଏମାନଙ୍କର ମୁହଁ ବଢ଼ିଯିବ । ଆପଣ ଏ ସମସ୍ତ ବିଷୟ ମହାରାଜଙ୍କୁ ଜଣା କରି ଦିଅନ୍ତୁ । ବର୍ତ୍ତମାନ ଯାଆନ୍ତୁ ।

ବଡ଼ପଣ୍ଡେ - ତୁ ଠିକ୍ କହିଛୁ ମା । ମୁଁ ବର୍ତ୍ତମାନ ଯାଉଛି । (ଚାଲିଗଲେ)

(କିଛି ସମୟ ପରେ ପ୍ରବେଶ କଲେ ବିଶ୍ୱମୋହନ)

ବିଶ୍ୱମୋହନ- ବାପା କ'ଣ ଘରେ ନାହାନ୍ତି ?

ପଲ୍ଲବୀ - (ନୀରବ)

ବିଶ୍ୱମୋହନ- ପଲ୍ଲବୀ, କଥା କ'ଣ, ତୁମେ ନୀରବ କାହିଁକି ? କଲ୍ୟାଣୀ ରାଗ ସଂପର୍କରେ ତୁମେ ମୋତେ କହୁଥିଲ । ଚାଲ, କଲ୍ୟାଣୀ ରାଗରେ ମୁଁ ଗୀତଟିଏ ଗାଇବି ।

ପଲ୍ଲବୀ - ନା, ଗାଇବା ଦରକାର ନାହିଁ ।

Digitized by srujanika@gmail.com

ବିଶ୍ୱମୋହନ- କାହିଁକି ପଲ୍ଲବୀ, ମୋର ଦୋଷ କ'ଣ ?

ପଲ୍ଲବୀ - ତୁମେ କ'ଣ କିଛି ଜାଣ ନା ? ଗୋଟାଏ ନର୍ତ୍ତକୀ ସାଙ୍ଗରେ, ତୁମର ପ୍ରେମ, ଆଜି ଦୁନିଆ ତୁମକୁ ହସୁଛି ।

ବିଶ୍ୱମୋହନ- ନର୍ତ୍ତକୀ ସାଙ୍ଗରେ ପ୍ରେମ, ଏ ସବୁ ତୁମେ କ'ଣ କହୁଛ ? ମୁଁ ପ୍ରେମ କରୁଛି ନର୍ତ୍ତକୀକୁ ଆଉ ମଧ ତୁମକୁ ।

ପଲ୍ଲବୀ - ମାନେ ?

ବିଶ୍ୱମୋହନ- ନର୍ତ୍ତକୀର ପ୍ରତିଭାକୁ ମୁଁ ପ୍ରେମ କରେ ପଲ୍ଲବୀ । ଆଉ ତୁମର ସଂଗୀତକୁ ପ୍ରେମ କରେ । ଅଯଥାରେ ମୋ ଚରିତ୍ର ଉପରେ ଆଘାତ କରନାହିଁ ପଲ୍ଲବୀ । ଯଦି ତୁମେ କି ତୁମର ବାପା, ମୋର ଏ ଘରେ ଉପସ୍ଥିତି ଚାହାନ୍ତି ନାହିଁ, ତା'ହେଲେ ମୁଁ ଆନନ୍ଦରେ ଏ ଘରକୁ ଆସିବି ନାହିଁ । ମୋର ଆତ୍ମ ସମ୍ମାନକୁ ଜଳାଞ୍ଜଳି ଦେଇ ମୁଁ ବଞ୍ଚିବାକୁ ଚାହେଁନା ପଲ୍ଲବୀ । ନମସ୍କାର । (ଚାଲିଗଲେ)

ପଲ୍ଲବୀ - ବିଶ୍ୱମୋହନ, ବିଶ୍ୱମୋହନ, ଶୁଣ । ତା'ହେଲେ ସେ ଚାଲିଗଲେ । ଆଉ କ'ଣ ଏଠାକୁ ଆସିବେ ନାହିଁ । ମୁଁ କାହିଁକି ତାଙ୍କ ମନରେ ଦୁଃଖ ଦେଲି । ମୁଁ ତାଙ୍କୁ କାହିଁକି ଅପମାନିତ କଲି । (କାନ୍ଦୁଥିଲା) (ପ୍ରବେଶ କରିଛନ୍ତି ବଡ଼ପଣ୍ଡା ।)

ବଡ଼ପଣ୍ଡା - ପଲ୍ଲବୀ, ତୁ କାନ୍ଦୁଛୁ ହେଲା କ'ଣ ?

ପଲ୍ଲବୀ - ବାପା, ସେ ଚାଲିଗଲେ । ସେ ଆଉ ଆସିବେ ନାହିଁ ବାପା ।

ବଡ଼ପଣ୍ଡା - କିଏ ଚାଲିଗଲା, କାହା କଥା ତୁ କହୁଛୁ ?

ପଲ୍ଲବୀ - ବିଶ୍ୱମୋହନ

ବଡ଼ପଣ୍ଡା - ତୁ କ'ଣ ତାଙ୍କୁ କିଛି କହିଛୁ ?

ପଲ୍ଲବୀ - ତାଙ୍କ ମନରେ ମୁଁ ଯଥେଷ୍ଟ ଆଘାତ ଦେଇଛି ବାପା ।

ବଡ଼ପଣ୍ଡା - ଏଇଟା ତୋର ନିହାତି ଅନ୍ୟାୟ । ଆରେ କାନ୍ଦି ଲାଭ କ'ଣ ? ଥା' ମୁଁ ତାଙ୍କୁ ଡାକି ଆଣିବି ।

ପଲ୍ଲବୀ - ବାପା, ତୁମେ - ନା, ତୁମେ କାହାକୁ ଡାକନାହିଁ ।

ବଡ଼ପଣ୍ଡା - ଓହୋ, ତୁ ଗଲୁ, ଆଗ ତୋ କାମ କର । ମୁଁ କହୁଛି, ସେ ନିଶ୍ଚୟ ଆସିବେ । ରାଜାଦେଶ, ସେ କ'ଣ ଅମାନ୍ୟ କରିପାରିବେ ? କହିକୁ । ଯା, ମୁଁ ଅଳ୍ପ ସମୟ ପରେ ତୋ କଥା ବୁଝିବି ।

- ଅନ୍ଧାର -

Digitized by srujanika@gmail.com

- ଦଶମ ଦୃଶ୍ୟ -

(ରାଜପଥ । ଛତାବାଡ଼ି ଧରି ମହାପାତ୍ର ଦୌଡୁଥିଲେ । ପଛରୁ ଡ଼ାକିଛନ୍ତି ମୁଦିରଥେ ।)

ମୁଦିରଥେ - ମହାପାତ୍ରେ, ଟିକିଏ ଶୁଣ ।

ମହାପାତ୍ରେ - ଦେଖ, ଏ ଲୋକଟା ଅନୁକୂଳ ବିଗାଡ଼ି ଦେଲା । କାହିଁକି ଡ଼ାକୁଛ ହୋ ରଥେ ?

ମୁଦିରଥେ - ହଇଓ ମହାପାତ୍ରେ, କୁଆଡ଼େ ଯାଉଛ । ଟିକିଏ କଥାଟିକୁ ଆଗ ଶୁଣ ।

ମହାପାତ୍ରେ - କିହୋ ରାଜାଙ୍କୁ କି ପ୍ରମାଣ ଦେବ ହେ । ରାଜା ଗୋଳା, ଯାହା ବୁଝିଥିବେ ସେଇଆ । ଯଦି ତୁମ ଉପରେ ଚଢ଼କ ପଡ଼େ ।

ମୁଦିରଥେ - ଥୟଧର । ମୁଁ ତାର ଅନ୍ୟ ଉପାୟ କରୁଛି । ଆଉ ଫିଟିବାର ଉପାୟ ନାହିଁ ।

ମହାପାତ୍ରେ - ଉପାୟଟା କ'ଣ କହିଲ ?

ମୁଦିରଥେ - ଏମିତି କ'ଣ ଗୁପ୍ତକଥା ଗୁଡ଼ାକ ଦାଣ୍ଡରେ, ହାଟରେ ପ୍ରକାଶ କରାଯାଏ । ପ୍ରମାଣ ତ ମୁଁ ନିଶ୍ଚୟ ଦେବି । ସତ କେବେ ଲୁଚି ରହେ ନାହିଁ । ତୁ ଦେବଦାସୀ, ଦେବତାର ଉପଭୋଗ୍ୟା । ତୁ କରୁଛୁ ଗୋଟାଏ ଟୋକା ସହିତ ନାଟ । ରହ, ସେଇ ଜଗନ୍ନାଥ ସବୁ ଦେଖାଇଦେବେ ।

ମହାପାତ୍ରେ - ହଉ, ହେଲା । ସେହିଦିନକୁ ମୁଁ ଅପେକ୍ଷା କରିଛି । ଶ୍ରୀକ୍ଷେତ୍ରର ସମସ୍ତେ ଅପେକ୍ଷା କରିଛନ୍ତି ।

ମୁଦିରଥେ - ଏ ଟୋକା ବେଶୀଦିନ ଠାକୁରଙ୍କର ସେବା କରିପାରିବ ନାହିଁ । ଏହା ଧ୍ରୁବସତ୍ୟ ।

ମହାପାତ୍ରେ - ଏଇ କଥା କହିବ ବୋଲି ରଡ଼ିଟାଏ ଛାଡୁଥିଲ । ପରେ କହିଥିଲେ କ'ଣ ହୋଇନଥାନ୍ତା । ହଉ, ଯାଅ, ମୋର ବହୁତ କାମ ଅଛି ।

ମୁଦିରଥେ - ସେବାୟତମାନଙ୍କୁ ଆମେ ଏକାଠି କରିବା । ସଭା ଗୁପ୍ତରେ ଡ଼ାକିବା । ଦରକାର ହେଲେ, ଏକା ସାଙ୍ଗରେ ଠାକୁରଙ୍କ ସେବା ବନ୍ଦ କରି ଦେବା । ସେ ରଜା, ତାର ଗାୟକରନ୍ଙ୍କୁ ନେଇ କିମିତି କରିବ ଠାକୁରଙ୍କ ସେବା ଦେଖିବା ।

Digitized by srujanika@gmail.com

ମହାପାତ୍ରେ - ଏମିତିକା ରଢ଼ି ଛାଡ଼ନି ହେ ରଥେ । ତୁମେ ଯାହା ଚିନ୍ତା କଲଣି, କୁଳ ବୁଡ଼ା ନୀତି ଧରିଲଣି । ତୁମ ସାଙ୍ଗ ଧରିଲେ ମହା ବିପତ୍ତି । ମୁଁ ଚାଲିଲି - ଆଉ କେବେ ମୋ ସାଙ୍ଗ ହବ ନାହିଁ । ତୁମେ ମରିବ, ଶେଷରେ ବଂଶମରା ଡାହୁକ ପରି ସମସ୍ତଙ୍କୁ ମରାଇବ । ଚାଲିଲି । (ଚାଲିଗଲା)

ମୁଦିରଥେ - ମହାପାତ୍ରେ, ଟିକିଏ ଶୁଣ ।

- ଅନ୍ଧାର -

- ଏକାଦଶ ଦୃଶ୍ୟ -

(ରାଜନବରର କକ୍ଷ । ରାଜା ଓ ମହାମନ୍ତ୍ରୀ ମଞ୍ଚରେ ପ୍ରବେଶ କଲେ ।)

ମହାରାଜା - ମହାମନ୍ତ୍ରୀ, ବିଶ୍ୱମୋହନଙ୍କର ଚରିତ୍ର ସମ୍ପର୍କରେ ସଠିକ ଖବର ନେବାକୁ ମୁଁ ଆପଣଙ୍କୁ କହିଥିଲି । ମୋର ବିଶ୍ୱାସ, ଆପଣ କର୍ତ୍ତବ୍ୟରେ ଅବହେଳା କରିନଥିବେ ।

ମହାମନ୍ତ୍ରୀ - ତାହା କିପରି ସମ୍ଭବ ମହାରାଜ । ଆପଣଙ୍କ ନିର୍ଦ୍ଦେଶ ପାଇ, ମୁଁ ଗୁପ୍ତଚରମାନଙ୍କୁ ନିଯୁକ୍ତି କରିଥିଲି । ଯେତିକି ଖବର ପ୍ରାପ୍ତ ହେଲି, ବିଶ୍ୱମୋହନ, କମଳିନୀ ଘରକୁ ଯିବା ସତ୍ୟ । ତେବେ ସେ କେବଳ ନୃତ୍ୟାଭ୍ୟାସ ପାଇଁ, ଗୀତଗୋବିନ୍ଦ ଆବୃତ୍ତି କରିବାକୁ ତା' ଘରକୁ ଯାଇଥାନ୍ତି । ଅନ୍ୟ କୌଣସି ଆବିଳତାର ଖବର, ମୁଁ ଏ ଯାବତ୍ ଅବଗତ ହୋଇନାହିଁ । ତେବେ ସେ ଏହି କେତେଦିନ ଧରି କମଳିନୀ ଘରକୁ ଯାଉନାହାନ୍ତି ।

ମହାରାଜା - ଉତ୍ତମ ମହାମନ୍ତ୍ରୀ । ଏହା ତ ଅପରାଧ ନୁହେଁ । ନୃତ୍ୟାଭ୍ୟାସ ବେଳେ ସଂଗୀତ ଗାୟନ, ଏହା ଏକାନ୍ତ ଅପରିହାର୍ଯ୍ୟ । ଶୁଣି ଖୁସୀ ହେଲି । ସନ୍ଦେହ ମୋର ଦୂର ହେଲା । ତେବେ ମହାମନ୍ତ୍ରୀ, ଆପଣ କହିପାରିବେ, ନିଜର ସ୍ୱାର୍ଥସିଦ୍ଧି ପାଇଁ, ମନୁଷ୍ୟ ଅନ୍ୟର ଅନିଷ୍ଟ ଚିନ୍ତା କରେ କାହିଁକି ?

ମହାମନ୍ତ୍ରୀ - ଘୋର କଳିକାଳ ମହିମା । ଏ ସବୁ କଳିର ଦୁର୍ଗୁଣ । ସେଥିଯୋଗୁଁ ମନୁଷ୍ୟ, ମନ୍ଦ ଆଚରଣ କରିବାକୁ ଗୌରବ ବୋଧ କରୁଅଛି । କାମନା, ବାସନା, ମନୁଷ୍ୟକୁ ବ୍ୟଥିତ କରୁଛି ମହାରାଜ ।

Digitized by srujanika@gmail.com

ମହାରାଜା - ଆପଣ ଠିକ୍ କହିଛନ୍ତି ମହାମନ୍ତ୍ରୀ । ଏହାର ପ୍ରତିକାର କ'ଣ ? ମୋତେ ଯଥୋଚିତ ପରାମର୍ଶ ଦିଅନ୍ତୁ ।

ମହାମନ୍ତ୍ରୀ - ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟ ସଦ୍‌ଚିନ୍ତା ନ କରିଛି, ସେ ବିପଥଗାମୀ ହେବା ସୁନିଶ୍ଚିତ । ତେବେ କେଉଁ କାରଣରୁ ଆପଣ ମୋର ପରାମର୍ଶ ଚାହିଁଲେ, ମୋ ଆଗରେ ପ୍ରକାଶ କରନ୍ତୁ ମଣିମା ।

ମହାରାଜା - ଏଇ ବିଶ୍ୱମୋହନ, ତା' ପ୍ରତି ସମସ୍ତେ ଇର୍ଷାନ୍ୱିତ । ତାର ଗୀତଗୋବିନ୍ଦ ଗାନର ଶୈଳୀ ମୋତେ ଅଭିଭୂତ କରିଛି ମହାମନ୍ତ୍ରୀ । ତାର ଚରିତ୍ର ସଂହାର କରୁଛି - ଗୋଟାଏ ପାପୀ ଖଳ ପ୍ରକୃତିର ଲୋକ -

ମହାମନ୍ତ୍ରୀ - ମୁଦିରଥେ ବ୍ୟତିରେକେ ଅନ୍ୟ କେହି ହୋଇ ନ ପାରନ୍ତି ମଣିମା । ସେ ମନ୍ଦିରର ବାତାବରଣକୁ କଳୁଷିତ କରୁଅଛି ମହାରାଜ । ତା' ପ୍ରତି ଉଚିତ ଦଣ୍ଡବିଧାନ ନ କଲେ, ସମସ୍ତ ସେବାୟତ ଉଚ୍ଛୃଙ୍ଖଳ ହୋଇ ପଡ଼ିବେ ।

ମହାରାଜା - ଆପଣ ଠିକ୍ କହିଛନ୍ତି ମହାମନ୍ତ୍ରୀ । ଯେତେ ଶୀଘ୍ର ସମ୍ଭବ, ଏହି ଦଣ୍ଡବିଧନର ବନ୍ଦୋବସ୍ତ କରାଯାଉ ।
(ପ୍ରବେଶ କଲେ ବଡ଼ପଣ୍ଡା)

ବଡ଼ପଣ୍ଡା - ମଣିମାଙ୍କର ଜୟହେଉ ।

ମହାମନ୍ତ୍ରୀ - ଆପଣଙ୍କ ନିକଟକୁ ଖବର ପଠାଇବାର ଉଦ୍ଦେଶ୍ୟ,

ମହାରାଜା - ବିଶ୍ୱମୋହନଙ୍କ ସମ୍ବନ୍ଧରେ ଖବର ସଂଗ୍ରହ କରିବା । ସେ ଆପଣଙ୍କ ଗୃହକୁ ରୀତିମତ ଆସୁଛନ୍ତି ତ ?

ବଡ଼ପଣ୍ଡା - ସେ କର୍ତ୍ତବ୍ୟପରାୟଣ । ସେଥିରେ ତାଙ୍କ ହେଳା ନାହିଁ । ପୂଜା ବିଧାନ, ବର୍ତ୍ତମାନ ସେ ସଂପୂର୍ଣ୍ଣ ଅବଗତ । କିଛି ଚିନ୍ତା କରିବାକୁ ନାହିଁ ମହାରାଜ ।

ମହାରାଜ - ଆପଣ ତା'ହେଲେ ତାଙ୍କ ବ୍ୟବହାରରେ ସନ୍ତୁଷ୍ଟ । ମହାମନ୍ତ୍ରୀ, ବର୍ତ୍ତମାନ ବିଶ୍ୱମୋହନଙ୍କର ରହିବାର ସ୍ଥାନ ନିରୂପଣ କରନ୍ତୁ । ବାହାରେ ରହି ମନ୍ଦିର ସେବା କରିବା, ଅଶୋଭନୀୟ । ଯଦି ତାଙ୍କର କେହି ମା, ବାପା ଥାନ୍ତି, ସେମାନଙ୍କୁ ଏଠାକୁ ଡକାଯାଉ ।

ମହାମନ୍ତ୍ରୀ - ଯଥାଆଜ୍ଞା ମହାରାଜ ।

- ଅନ୍ଧାର -

Digitized by srujanika@gmail.com

- ଦ୍ୱାଦଶ ଦୃଶ୍ୟ -

(ବଡ଼ପଣ୍ଡାଙ୍କର ଘର । ପଲ୍ଲବୀ ତାନପୁରାରେ ସ୍ୱର ସାଧନା କରୁଥିଲା । ସେହି ସ୍ୱର ସହିତ ମିଳାଇ, ବିଶ୍ୱମୋହନ ମଧ୍ୟ ଆଳାପ ତୋଳୁଥିଲେ । ପଲ୍ଲବୀ ତାନପୁରା ରଖି ଦେଇଛି ।)

ପଲ୍ଲବୀ - ବିଶ୍ୱମୋହନ, ତୁମେ ଆସିଛ ?

ବିଶ୍ୱମୋହନ- ନ ଆସି ରହି ପାରିଲି ନାହିଁ ପଲ୍ଲବୀ । ତୁମ ସଂଗୀତର ମୂର୍ଚ୍ଛନା ମୋତେ ପାଗଳ କରି ତୋଳିଛି ପଲ୍ଲବୀ । କ'ଣ ଘରୁ ବାହାର କରିଦେବ ?

ପଲ୍ଲବୀ - ସେମିତି କୁହନି, ବିଶ୍ୱମୋହନ । ତୁମେ ନ ଆସିବା ଯୋଗୁଁ ବାପା ଦୁଃଖିତ । ଆଉ, ମୋ କଥା ଛାଡ଼ ।

ବିଶ୍ୱମୋହନ- କାହିଁକି ପଲ୍ଲବୀ, ତୁମେ କ'ଣ ମୋ ପାଇଁ...

ପଲ୍ଲବୀ - ମୁଁ ନୁହେଁ ବିଶ୍ୱମୋହନ, ତୁମ ପାଇଁ ଅନ୍ୟ ଜଣେ ବ୍ୟସ୍ତ । ସେ ତୁମର ଉପାସିକା । ତୁମେ ତାକୁ ଛାଡ଼ି, ଏଠାକୁ କ'ଣ ଆସି ପାରିବ ?

ବିଶ୍ୱମୋହନ- (ନୀରବ)

ପଲ୍ଲବୀ - ନୀରବ ରହିଲେ ? ମୁଁ କ'ଣ ମିଛ କହିଲି । ବହୁଦିନର ଅନୁପସ୍ଥିତି ପରେ, ହଠାତ୍ ତୁମର ଆବିର୍ଭାବ, ବାଟ ଭୁଲି ଯାଇନାହଁ ତ ?

ବିଶ୍ୱମୋହନ- ଯାହା ପାର ତାହା କହିଯାଅ ପଲ୍ଲବୀ ।

ପଲ୍ଲବୀ - କାହିଁକି ଆସିଛ ? କାହା ପାଖରେ ତୁମର କାମ ? ମୋ ପାଖରେ ନା, ବାପାଙ୍କ ପାଖରେ । ବାପା ଅନୁପସ୍ଥିତ । ତୁମେ ବର୍ତ୍ତମାନ ଯାଇପାର । ଯଦି ମୋ ପାଖରେ ତୁମର କାମ, ଶୀଘ୍ର କହ ।

ବିଶ୍ୱମୋହନ- ନାରୀ କରୁଣାମୟୀ । ସେ ଦୟାର ପ୍ରତିମୂର୍ତ୍ତି ।

ପଲ୍ଲବୀ - ସେହି ନାରୀ, ସମୟ ଗତିରେ ମହିଷାସୁର ମର୍ଦ୍ଦିନୀ ରୂପ ଧାରଣ କରିପାରେ ।

ବିଶ୍ୱମୋହନ- ତୁମେ ତା'ହେଲେ ମୋ ଉପରେ ରାଗିଛ ?

ପଲ୍ଲବୀ - ରାଗିବି କାହିଁକି ? ତୁମ ଉପରେ ମୋର କି ଅଧିକାର ଅଛି । ସେହି ନିଶାର୍ଦ୍ଧ ରଜନୀରେ କୌଣସି ଭୟ, ଭ୍ରାନ୍ତିକୁ ଭ୍ରୂକ୍ଷେପ ନ

Digitized by srujanika@gmail.com

କରି, ମୁଁ ତୁମ ପାଖକୁ ଯାଇଥିଲି, କାହିଁକି ଜାଣ ? ତାହା ତୁମେ ବୁଝି ପାରିବ ନାହିଁ ବିଶ୍ୱମୋହନ ।

ବିଶ୍ୱମୋହନ- ମୁଁ ଜାଣେ ପଲ୍ଲବୀ । ମୁଁ ଥିଲି ନାଚାର । ଲୋକାପବାଦ ଭୟରେ ମୁଁ ଆସିବାକୁ ପସନ୍ଦ କରିନଥିଲି ପଲ୍ଲବୀ ।

ପଲ୍ଲବୀ - ଓଃ, ଏବେ ତୁମେ ସେ ଅପବାଦରୁ ମୁକ୍ତ । କିନ୍ତୁ ମୁକ୍ତ ନୁହଁ କମଳିନୀ ପ୍ରେମ ବନ୍ଧନରୁ । ତୁମେ ଲୋକଙ୍କ ଚକ୍ଷୁରେ ଧରା ପଡ଼ିଯାଇଛ ବିଶ୍ୱମୋହନ । ତୁମେ ହୋଇଛ ନିନ୍ଦିତ । କିନ୍ତୁ ମୁଁ ତୁମକୁ ବିଶ୍ୱାସ କରିଛି । ମୁଁ କହିଛି, ବିଶ୍ୱମୋହନ ଚରିତ୍ରହୀନ ହୋଇ ନ ପାରନ୍ତି ।

ବିଶ୍ୱମୋହନ- ମୁଁ ସ୍ୱୀକାର କରୁଛି ପଲ୍ଲବୀ । କେତେକଙ୍କ ଦୃଷ୍ଟିରେ ମୁଁ ନିନ୍ଦିତ । କିନ୍ତୁ ମୁଁ ନିଷ୍ପାପ । ମୋ ମନରେ କାହା ପ୍ରତି ଆବିଳତା ନାହିଁ । ଆସିବ କୁଆଡୁ, ତୁମେ କୁହ ? ମୁଁ କମଳିନୀର ପ୍ରେମପାଶରେ ଆବଦ୍ଧ ନୁହେଁ । କେହି ମୋତେ ତାର ହୃଦୟ ପିଞ୍ଜରାରେ ଆବଦ୍ଧ କରି ରଖି ପାରିବ ନାହିଁ ପଲ୍ଲବୀ ।

ପଲ୍ଲବୀ - ତା' ମୁଁ ବିଶ୍ୱାସ କରିବି କିପରି ?

ବିଶ୍ୱମୋହନ- ତୁମ ମନରେ ବିଶ୍ୱାସ ଆଣିବା ପାଇଁ ମୁଁ କୌଣସି ପରୀକ୍ଷ ଦେବାକୁ ଅସମର୍ଥ, ତୁମେ ମୋତେ ଘୃଣା କରିପାର ପଲ୍ଲବୀ । ଯେତେ ପାର ସେତେ ଅପମାନିକ କରିପାର । ମୁଁ ଜାଣେ ଜଣକୁ । ସେ ମୋର ଠାକୁର । ତାଙ୍କ ଛଡ଼ା କିଏ ମୋ ହୃଦୟରେ ଏ ପର୍ଯ୍ୟନ୍ତ ସ୍ଥାନ ପାଇ ନାହାନ୍ତି ।

ପଲ୍ଲବୀ - ଖୁବ୍ ଭାବପ୍ରବଣ ହୋଇ ପଡୁଛ ବିଶ୍ୱମୋହନ । ମୁଁ ଜାଣେ ତୁମକୁ ଜାଣେ, ଗୋଟାଏ ସର୍ତ୍ତ ମୋର ରଖିବ ବିଶ୍ୱମୋହନ ।

ବିଶ୍ୱମୋହନ- ସର୍ତ୍ତ । ତା'ପୁଣି କ'ଣ ? କେଉଁ ସର୍ତ୍ତ । ତୁମେ ପୁଣି ମୋତେ ଆବଦ୍ଧ କରିବାକୁ ଚାହଁ ।

ପଲ୍ଲବୀ - ତୁମେ ମୋତେ ଭୁଲିଯିବ ନାହିଁ ତ ?

ବିଶ୍ୱମୋହନ- ହେ ପ୍ରଭୁ, ଏ ପ୍ରଶ୍ନର ଉତ୍ତର ତୁମେ ଦିଅ । ମୁଁ କ'ଣ କହି ସର୍ତ୍ତ ରଖିବି ତୁମେ ମୋତେ ବତାଇ ଦିଅ ।

ପଲ୍ଲବୀ - ମୁଁ ଜାଣେ, ତୁମେ ପାରିବନି । ପରଧନରେ ମୋର ବା କି ଅଧିକାର ଅଛି । ମୁଁ କହି ଭୁଲ କରିଛି ବିଶ୍ୱମୋହନ । ତୁମେ ମୋତେ କ୍ଷମା କରିଦିଅ । (କାନ୍ଦି, କାନ୍ଦି, ଚାଲିଗଲା)

Digitized by srujanika@gmail.com

(କିଂକର୍ତ୍ତବ୍ୟ ବିମୂଢ଼ ହୋଇ ଠିଆ ହୋଇ ରହିଲେ ବିଶ୍ୱମୋହନ । ପ୍ରବେଶ କଲେ ବଡ଼ପଣ୍ଡା ।)

ବଡ଼ପଣ୍ଡା - ଆରେ ବିଶ୍ୱମୋହନ ଯେ, ତୁମେ ଆସିବ ବୋଲି ମୋର ବିଶ୍ୱାସ ଥିଲା ।

ବିଶ୍ୱମୋହନ- ଆପଣଙ୍କର ଆଶୀର୍ବାଦ ପାଇଁ ମୁଁ ନିଶ୍ଚୟ ଆସିବି ଗୁରୁଦେବ । ତେବେ ବହୁବେଳ ଧରି ମୁଁ ଆପଣଙ୍କର ଅପେକ୍ଷାରେ ।

ବଡ଼ପଣ୍ଡା - କ'ଣ ପଲ୍ଲବୀ ଘରେ ନାହିଁ । ସେ କୁଆଡ଼େ ଗଲା । ପଲ୍ଲବୀ, ଏଠାକୁ ଆସ ।

ପଲ୍ଲବୀ - (ଭିତରୁ) ନା ବାପା, ମୋର ଏଠାରେ କାମ ଅଛି ।

ବଡ଼ପଣ୍ଡା - ବୁଝିଲି ବୋଧହୁଏ ଅଭିମାନ କରିଛି । କଥା କଥାକେ ତାର ରାଗ, ଅଭିମାନ । ଆଲୋ ପାଗଳି ଏମିତି ରାଗିଲେ କ'ଣ ହୁଏ । ଆ, ଏଠାକୁ ଆ ମା ।

ବିଶ୍ୱମୋହନ- ସେ କାମ କରନ୍ତୁ । ମୁଁ କାଲିକି ଆସିବି ଗୁରୁଦେବ ।

ବଡ଼ପଣ୍ଡା - ହଉ, ଯାଅ । ନିଶ୍ଚୟ ଆସୁଥିବ ।

- ଅନ୍ଧାର -

- ତ୍ରୟୋଦଶ ଦୃଶ୍ୟ -

(କମଳିନୀ ଆସୁଥିଲା । ବାଟରେ ଦେଖାହେଲା ମୁଦିରଥ, ମହାପାତ୍ରଙ୍କ ସହିତ ।)

ମୁଦିରଥେ - ହଇଏ ମହାପାତ୍ରେ । ଏ ତ ସେଇ ଦେବଦାସୀ ପରି ଜଣାପଡୁଛି । ଏ ଟୋକି ପୁଣି କୁଆଡ଼େ ବାହାରିଲା ।
(କମଳିନୀ କିଛି ନ କହି ଚାଲିଯାଉଥିଲା)

ମହାପାତ୍ରେ - ହେ, ହେ, ଟିକିଏ ଶୁଣୁ । (କମଳିନୀ ଠିଆ ହୋଇଗଲା ।)

କମଳିନୀ - କାହାକୁ ଡ଼ାକୁଛ ?

ମୁଦିରଥେ - ଏଠି ଆଉ କିଏ ଅଛି ଯେ, ଆମେ ପୁଣି କାହାକୁ ଡ଼ାକିବୁ ?

କମଳିନୀ - ମୋ ପାଖରେ ତୁମର କି କାମ ?

ମହାପାତ୍ରେ - ହଇଏ ରଥେ କହ, ତୁମର କି କାମ ?

ମୁଦିରଥେ - କାହିଁକି ତୁମେ କହୁନ, ମୁଁ ପୁଣି କ'ଣ କହିବି ?

କମଳିନୀ - କ'ଣ କହିବ ନା ନାହିଁ ?

Digitized by srujanika@gmail.com

ମୁଦିରଥେ - ମଲା, ତୁ ଏମିତିକା ରାଗୁଛୁ କାହିଁକି କହିଲୁ ?

କମଳିନୀ - ତୁମେ ଭଲଲୋକ ନୁହଁ ।

ମହାପାତ୍ରେ - ଆଉ ମୁଁ,

କମଳିନୀ - ତୁମେ ପରର ଅଇଁଠା ଚଟା ।

ମହାପାତ୍ରେ - କ'ଣ କହିଲୁ, ମୁଁ ଅଇଠାଚଟା । ତୋର ସାହାସ ତ କିଛି କମ ନୁହେଁ । କାହାକୁ କ'ଣ କହିଯାଉଛୁ ।

କମଳିନୀ - ମୁଁ କହିବି, ଆହୁରି କହିବି, ତୁମେ ମୋର କ'ଣ କରିବ ?

ମୁଦିରଥେ - ଆମେ ତୋର କ'ଣ କରି ପାରିବୁ । ତୁ ମନ୍ଦିରର ଦେବଦାସୀ । ନର୍ତ୍ତକୀ । ମଣିମା ତୋ ଉପରେ ଭାରୀ ସନ୍ତୁଷ୍ଟ । ଆମେ କିଛି କରିପାରିବୁ ନାହିଁ ସତ, ହେଲେ ତୋତେ ହୁସିଆର କରାଇଦେବା ଆମର କର୍ତ୍ତବ୍ୟ । ତୁ ଆମ ପାଖରେ ରହିବୁ ।

ମହାପାତ୍ରେ - ତୋ ନାଗର, ନୁହେଁ । ସେ ଆଜି ଅଛି, କାଲି ଚାଲିଯିବ । ସେତେବେଳେ ତୁ କ'ଣକରିବୁ । ବେଳ ଅଛି ହୁସିଆର ହୋଇଯା ।

କମଳିନୀ - ଏ ସବୁ କହିବାକୁ ଲଜ୍ଜାବୋଧ ହୁଏନାହିଁ ଛି, ନିର୍ଲଜମାନେ । (ଚାଲିଯାଉଥିଲା)

ମୁଦିରଥେ - କୁଆଡ଼େ ଯାଉଛୁ ? କାହା ପାଖକୁ ଯାଉଛୁ । ହଇଲୋ ଆମର ଏଠାରେ ଏତେ ଟୋକା ଅଛନ୍ତି, ଗୋଟାକୁ ପାଖରେ ରଖିଦେଇଥିଲେ ।

କମଳିନୀ - ଚୁପ୍‌କର୍, ମୁଁ ଜୋରରେ ଚିତ୍କାର କରିବି । ତୁମେ ମୋତେ କ'ଣ ବୋଲି ଭାବିଛ ।

ମହାପାତ୍ରେ - ନାଇଁ କ'ଣ ବୋଲି ଭାବିଛୁ, ତୁ ମହାସତୀ ସୀତା, ନ ହେଲେ ସାବିତ୍ରୀ ।

କମଳିନୀ - ତୁମେ ମଣିମାଙ୍କ ଆଗରେ ମୋତେ ବିଶ୍ୱମୋହନକୁ ଉପଲକ୍ଷ୍ୟ କରି ବହୁତ କହିଗଲ । ଫଳ କ'ଣହେଲା ।

ମୁଦିରଥେ - ବୁଝିଲୁ, ଏକାମାଘକେ ଶୀତ ଚାଲିଯାଏ ନାହିଁଲୋ, ଆସୁଛି, ଦିନ ଆସୁଛି ।

କମଳିନୀ - ମୋତେ ରାସ୍ତା ମଝିରେ ବିରକ୍ତ କରୁଛ କାହିଁକି । ମୁଁ ବର୍ତ୍ତମାନ ଯାଉଛି ମଣିମାଙ୍କୁ ସବୁକଥା କହିବି ।

Digitized by srujanika@gmail.com

ମହାପାତ୍ରେ - ତା ସହିତ କଥାବାର୍ତ୍ତା ହୋଇ କିଛି ଲାଭ ନାହିଁହେ ରଥେ ।ସେ ଯୁଆଡ଼େ ଯାଉଛି ଯାଉ, ହାଡ଼ି ଘରକୁ ଯାଉ, ନଇଲେ କଣ୍ଡରା ଘରକୁ ଯାଉ । ନଇଲେ ବିଶ୍ୱମୋହନ ସାଙ୍ଗରେ ରାସକ୍ରୀଡ଼ା କରୁ । (ହସି ଉଠିଲେ ।)

କମଳିନୀ - ସଂଯତରେ କଥାବାର୍ତ୍ତା କର ।

ମୁଦିରଥେ - ତୁ ଭାବିଛୁ, ସେ ତୋ ପାଖକୁ ଫେରିଆସିବ । ସେ ତୋ ହାତମୁଠାରୁ ଫିଟିଗଲାଣି ।

କମଳିନୀ - ତୁମେ କ'ଣ କହିବାକୁ ଚାହଁ ।

ମୁଦିରଥେ - ମହାପାତ୍ରେ, ଟିକିଏ ବୁଝେଇ ଦିଅ । ପାରୁନାହିଁ, କିଛି ବୁଝି ପାରୁନାହିଁ ।

ମହାପାତ୍ରେ - ତୋର ନାଗର, ମୋହନ ବିଶ୍ୱମୋହନକୁ ବଡ଼ପଣ୍ଡାର ଝିଅ ପଲ୍ଲବୀ କିମିଆ କରି ଦେଲାଣି । ସେ ତା' ପାଖ ଛାଡ଼ିଯିବାକୁ ନାରାଜ । ତୁ କ'ଣ ତା' ହାତରୁ, ତାକୁ ଛଡ଼ାଇ ଆଣି ପାରିବୁ ?

କମଳିନୀ - ମିଛ କଥା, ଏ ସବୁ ତୁମର ମନଗଢ଼ା ।

ମୁଦିରଥେ - ମିଛକଥା, ମନଗଢ଼ା । (ଦୁହେଁ ଖୁବ୍ ଜୋର୍‌ରେ ହସିବାକୁ ଲାଗିଲେ ।)

ମହାପାତ୍ରେ - ହଉ, ଯାଆ, ଘରକୁ ଯା, ଯାଇ ଦେଖେ । ଦିହେଁ ରାସକ୍ରୀଡ଼ାରେ ମଗ୍ନ । ତୋତେ ଆଉ ସିଏ ପଚାରିବ ନାହିଁ । (ପୁଣି ହସିଲେ)

କମଳିନୀ - ଚାଲିଯାଅ । ମୋ ସାମ୍ନାରୁ ଚାଲିଯାଅ ।

ମହାପାତ୍ରେ - ଆସହେ ରଥେ, ଦେଖିବା, ମୁଁ ପରା ଅଇଁଠାଚଟା, ତୋତେ ଯଦି ଅଇଁଠା ପତର ନ ଚଟାଇଛି, ମୋ ନାଁରେ ହଳେ କୁକୁର ପୋଷିବୁ । ତୋକି ଭାବିଛି, ବିଶ୍ୱମୋହନ ସାଙ୍ଗରେ ନାଟ କରୁଥିବ ।

ମୁଦିରଥେ - ଛାଡ଼ହେ, ଏ କେଜୁଣି କୁଆଡ଼େ ଯିବ । ଏବେ ତ ତାକୁ ଝୁରି ଝୁରି ପାଗଳ ହୋଇ ଗଲାଣି । ଝୁରୁଥା, ପ୍ରେମରସରେ ଉବୁଟୁବୁ ହେଉଥା । (ଚାଲିଗଲେ)

କମଳିନୀ - ଏ ବଦମାସ ଦି'ଟା ବାଟରେ ହାବୁଡ଼ିଗଲେ । ମୁଁ ପଲ୍ଲବୀ ଘରକୁ ଯିବି । ବିଶ୍ୱମୋହନକୁ ପଚାରିବି, ମୋ ପ୍ରତି ସେ ଅନ୍ୟାୟ କଲେ

Digitized by srujanika@gmail.com

କାହିଁକି ? ମୋତେ କନ୍ଦାଇ, ତାଙ୍କର ଲାଭ କ'ଣ ? ମୁଁ ଯାଇ ପଚାରିବି । ପଲ୍ଲବୀକୁ କହିବି ବିଶ୍ୱମୋହନ ମୋର । ସେ ସବୁଦିନ ପାଇଁ ମୋର ।

- ଅନ୍ଧାର -

- ଚତୁର୍ଦ୍ଦଶ ଦୃଶ୍ୟ -

(ବଡ଼ପଣ୍ଡାଙ୍କର ଘର । ସଂଗୀତର ମୂର୍ଚ୍ଛନା ପ୍ରଚ୍ଛଦ ପଟରୁ ଭାସି ଆସୁଥିଲା । କମଳିନୀ ପ୍ରବେଶ କରିଛି । ଦୁଆରେ ଖଟ, ଖଟ ଶବ୍ଦ । କିଛିକ୍ଷଣ ନୀରବତା ପରେ, ପୁଣି ମୂର୍ଚ୍ଛନା ଓ ଖଟ, ଖଟ ଶବ୍ଦ ।)

କମଳିନୀ - (ବାହାରୁ) କବାଟ ଖୋଲନ୍ତୁ ।

ପଲ୍ଲବୀ - (ଭିତରୁ ଆସିଛି, କବାଟ ଖୋଲି ଦେଇଛି ।)

କମଳିନୀ - (ପ୍ରବେଶି) ଏ କ'ଣ ବଡ଼ପଣ୍ଡାଙ୍କର ନିବାସ ।

ପଲ୍ଲବୀ - ତୁମର କାହା ନିକଟରେ କାମ ।

କମଳିନୀ - ତାଙ୍କର କନ୍ୟାଙ୍କ ନିକଟରେ ।

ପଲ୍ଲବୀ - ତାଙ୍କ ନିକଟରେ ତୁମର କି କାମ ?

କମଳିନୀ - ସାକ୍ଷାତ ହେଲେ ପ୍ରକାଶ କରିବି ।

ପଲ୍ଲବୀ - ମୁଁ ତାଙ୍କର କନ୍ୟା ପଲ୍ଲବୀ ।

କମଳିନୀ - ନମସ୍କାର । ତୁମେ ପଲ୍ଲବୀ । ତୁମ ବିଷୟରେ ମୁଁ ଆଗରୁ ବହୁତ କିଛି ଶୁଣିଥିଲି । ବିଶ୍ୱମୋହନ ତୁମର, ରୂପ, ଗୁଣର ଯଥେଷ୍ଟ ପ୍ରଶଂସା କରନ୍ତି । ତୁମେ କୁଆଡ଼େ ଜଣେ ଭଲ ଗାୟିକା ।

ପଲ୍ଲବୀ - ଥାଉ, ଥାଉ, ପ୍ରଶଂସା ତ ଯଥେଷ୍ଟ ହୋଇଗଲା । ଆସିବାର ଉଦ୍ଦେଶ୍ୟଟା ପ୍ରଥମେ ପ୍ରକାଶ କର । କୁହ, ତୁମର ମୋ ନିକଟରେ କି କାମ ।

କମଳିନୀ - ସେପରି ଗୁରୁତର କାମ କିଛି ନାହିଁ । ସାକ୍ଷାତ କରିବାକୁ ଆସିଥିଲି । ସାକ୍ଷାତ ହୋଇଗଲା । ତେବେ ମୁଁ ଆସୁଛି ।

ପଲ୍ଲବୀ - ହଠାତ୍ ଚାଲିଯିବ ଯେ ।

କମଳିନୀ - ତୁମେ ଆଭିଜାତ୍ୟ ସଂପନ୍ନା ଜଣେ ନାରୀ । ଆଉ ମୁଁ ନୀଚକୂଳ ସଂଭୂତା ଜଣେ ନର୍ତ୍ତକୀ ।

Digitized by srujanika@gmail.com

ପଲ୍ଲବୀ - ଓଃ, ତୁମେ ସେହି ନର୍ତ୍ତକୀ, ବିଶ୍ୱମୋହନ ଯାହାର ନିକଟରେ ବନ୍ଦୀ ରହିଥିଲେ ।

କମଳିନୀ - ତୁମେ ଭୁଲ କହୁଚ । ମୁଁ କାହାକୁ ବନ୍ଦୀ କରି ରଖି ନଥିଲି, କି ରଖିବା ମୋର ଉଦ୍ଦେଶ୍ୟ ନୁହେଁ । ସେ ମୋତେ ପ୍ରତାରଣା କରିଛନ୍ତି । (କାନ୍ଦିଲା)

ପଲ୍ଲବୀ - କିଏ କାହାକୁ ପ୍ରତାରଣା କରିଛନ୍ତି ? ବିଶ୍ୱମୋହନ ତୁମକୁ ପ୍ରତାରଣା କରିଛନ୍ତି ?

କମଳିନୀ - ହଁ, ହଁ ପ୍ରତାରଣା ନୁହେଁ ତ ଆଉ କ'ଣ ହୋଇପାରେ । ମୁଁ ତାଙ୍କୁ ତନୁମନ ଦେଇ ଭଲ ପାଏ, କିନ୍ତୁ ସେ ଭଲ ପାଆନ୍ତି ଅନ୍ୟ ଜଣକୁ । ସେ ଅନ୍ୟ କେହି ନୁହନ୍ତି, ସେ ହେଉଚ ତୁମେ । ମୁଁ ପ୍ରାର୍ଥନା କରୁଛି, ମୋ ବିଶ୍ୱମୋହନକୁ ମୋତେ ଫେରାଇ ଦିଅ ।

ପଲ୍ଲବୀ - ଯାଅ, ଏ ସାରା ଘର ଖୋଜି ଆସ । ଯେଉଁଠି ତାଙ୍କୁ ପାଇବ, ଧରି ନେଇଯାଅ । ମୁଁ ପଚାରୁଛି ତୁମେ ଜଣେ ସାଧାରଣ ନର୍ତ୍ତକୀ ନା ଅନ୍ୟ କିଛି ?

କମଳିନୀ - ମୁଁ ଦେବଦାସୀ ।

ପଲ୍ଲବୀ - ଦେବଦାସୀ । ସେ ତ ଅତି ପବିତ୍ର । କୌଣସି ପାପ ତାଙ୍କୁ ସ୍ପର୍ଶ କରିପାରିବ ନାହିଁ । ସେ ଜଗନ୍ନାଥଙ୍କ ନିକଟରେ ସମର୍ପିତା । ଜଗନ୍ନାଥ ହିଁ ତାଙ୍କର ସ୍ୱାମୀ, ଦେବତା । ତାଙ୍କ ଛଡ଼ା, ଅନ୍ୟ କୌଣସି ମାନବର କଥା ଚିନ୍ତା କରିବା ଜଣେ ଦେବଦାସୀ ପକ୍ଷେ ଅପରାଧ ନୁହେଁ କି ? ସେ ଠାକୁରଙ୍କ ନିକଟରେ ଦ୍ରୋହ କରୁନାହିଁକି ?

କମଳିନୀ - ଦେବଦାସୀ ହେଲେ ମଧ, ମୁଁ ଜଣେ ନାରୀ । ରକ୍ତ, ମାଂସରେ ଗଢ଼ା ମୋର ଏହି ଦେହ । ମୁଁ ଚାହେଁ ସମସ୍ତ ସୁଖ, ସମ୍ଭୋଗ । ତୁମ ପରି ମୋର ମଧ କାମନା ରହିଛି । ସକଳ ମାନବୀୟ ସୁଖର ମୁଁ କ'ଣ ଅଧିକାରିଣୀ ହୋଇନପାରେ ?

ପଲ୍ଲବୀ - ତୁମେ ଯାହା କହୁଛ, ସବୁ ସତ୍ୟ । କିଂତୁ ତୁମେ ଦେବଦାସୀ ହୋଇ ପାରିବ ନାହିଁ, ସାମାନ୍ୟ ଜଣେ ନାରୀ ହୋଇ, ଜୀବନ, ଯାପନ କର । ଦେବଦାସୀ ପଦ ମର୍ଯ୍ୟାଦାକୁ ଭୂଲୁଣ୍ଠିତ କର ନାହିଁ ଭଉଣୀ, ଏତିକି ମୋର ଅନୁରୋଧ । ତୁମେ ବିଶ୍ୱମୋହନକୁ ଭଲ ପାଉଛ ।

Digitized by srujanika@gmail.com

ମୁଁ ଭାରୀ ସୁଖୀ । ତୁମର ମୁଁ ପ୍ରତିବନ୍ଧକ ହେବି ନାହିଁ, ଏହି ନିର୍ଭର ପ୍ରତିଶ୍ରୁତି ଦେଉଅଛି ।

କମଳିନୀ - ତୁମେ ମୋତେ ଭଉଣୀ ବୋଲି ସମ୍ବୋଧନ କଲ ?

ପଲ୍ଲବୀ - କାହିଁକି ଏହି ସମ୍ବୋଧନ କରି ମୁଁ ତ କିଛି ଭୁଲ କରିନାହିଁ । ନର୍ତ୍ତକୀ ହେଲେ ମଧ ତୁମେ ମହାନ୍ । ତୁମର ପ୍ରତିଭାର ବିଶ୍ୱମୋହନ ଜଣେ ପୂଜାରୀ । ତେବେ ଭଉଣୀ, ଜଣେ ଆଭିଜାତ୍ୟ ସଂପନ୍ନ ବ୍ରାହ୍ମଣ ଯୁବକର ସର୍ବନାଶ କରି ତୁମେ ପାଇବ କ'ଣ ?

କମଳିନୀ - ପ୍ରେମ ଅମର । ତାର କୌଣସି ଜାତି ନାହିଁ । ଜଣେ ନାରୀ ପୁରୁଷକୁ ପ୍ରେମ କରେ, ଆଉ ପୁରୁଷ ମଧ ନାରୀକୁ । ଏଥିରେ ଜାତି, ବର୍ଣ୍ଣ, ବୈଷମ୍ୟ ଆସିଲା କୁଆଡୁ ? କ'ଣ ମୁଁ କିଛି ମିଛ କହିଲି ?

ପଲ୍ଲବୀ - ହଁ, ହଁ ତୁମେ ସତ କହିଛ । ତୁମର ପ୍ରେମ ନିକଟରେ ମୁଁ ଆଜି ପରାସ୍ତ ହୋଇଛି । ଯଦି ବିଶ୍ୱମୋହନ ପ୍ରକୃତରେ ତୁମକୁ ଭଲ ପାଆନ୍ତି ମୁଁ ତାଙ୍କୁ ତୁମ ନିକଟକୁ ଅତି ଶୀଘ୍ର ପଠାଇଦେବି । ଭଲ କରି ଚିନ୍ତା କର । ଠାକୁରଙ୍କୁ ଡ଼ାକ । ସେ ହିଁ ତୁମ ମନକାମନା ପୂର୍ଣ୍ଣ କରିବେ ।

କମଳିନୀ - ସେହି ଠାକୁର ହିଁ ମୋର ଭରସା । ମୁଁ ଆସୁଛି । (ଚାଲିଗଲା) (ପ୍ରଚ୍ଛଦପଟରୁ ଏକ ଦୁଃଖଦ ମୂର୍ଚ୍ଛନା ଭାସି ଆସିଲା । ପଲ୍ଲବୀ ଚିନ୍ତାମଗ୍ନ ହୋଇ ପଡ଼ିଲା । କିଛି କ୍ଷଣ ପରେ ପ୍ରବେଶ କଲେ ବିଶ୍ୱମୋହନ ।)

ବିଶ୍ୱମୋହନ- ପଲ୍ଲବୀ

ପଲ୍ଲବୀ - ଉଁ,

ବିଶ୍ୱମୋହନ- ଏତେ ଚିନ୍ତାମଗ୍ନ ହୋଇ ପଡ଼ିଛ ଯେ । ପଲ୍ଲବୀ ମୋର ଭୁଲ ହୋଇଯାଇଛି । ତୁମକୁ ନ କହି ମୁଁ ମୋର ଗାଁକୁ ଚାଲିଗଲି । ଘରେ ଏକୁଟିଆ ମୋର ବିଧବା ବୋଉ । ତାକୁ ଦେଖିବାକୁ ମନ ଅସ୍ଥିର ହେଲା ।

ପଲ୍ଲବୀ - (ନୀରବ)

ବିଶ୍ୱମୋହନ- ମନ୍ଦିରର ସେବା ଅଧିକାର ପାଇଥିବାରୁ, ବୋଉ ମୋର ଭାରୀ ଖୁସି ହେଲା । ଆଉ ମୁଁ ତୁମ କଥା ତାକୁ କହିଲି । ସେ ଆନନ୍ଦିତ ହୋଇ କହିଲା, ସେଇଭଳି ଝିଅଟିକୁ ବୋହୂ କରି ନେଇଆ । ଜଗନ୍ନାଥେ, ମୋର ଗୁହାରୀ ନିଶ୍ଚୟ ଶୁଣିବେ ।

Digitized by srujanika@gmail.com

ପଲ୍ଲବୀ - ବୋହୂ ? କାହାର ବୋହୂ ? ଏ କଥା କହିବାକୁ ତୁମେ ଲଜ୍ଜାବୋଧ କରନା ବିଶ୍ୱମୋହନ । ଗୋଟାଏ ଲମ୍ପଟ, ଚରିତ୍ରହୀନ ଯୁବକର ସ୍ତ୍ରୀ ହେବାକୁ ମୁଁ ଘୃଣା କରେ ।

ବିଶ୍ୱମୋହନ- ପଲ୍ଲବୀ ଏ ସବୁ କ'ଣ କହିଯାଉଛ ? କିଏ ଲମ୍ପଟ, କିଏ ଚରିତ୍ରହୀନ ।

ପଲ୍ଲବୀ - କହ ବିଶ୍ୱମୋହନ, ମୁଁ ଯାହା କହିଲି ତା' କ'ଣ ମିଥ୍ୟା ।

ବିଶ୍ୱମୋହନ- ମୁଁ ଯଦି କହେ ତା' ମିଥ୍ୟା ।

ପଲ୍ଲବୀ - କେବେ ନୁହେଁ । ତୁମେ କମଳିନୀକୁ ଭଲ ପାଅନା ? ତାକୁପ୍ରେମ କର ନା ? ମୁଦିରଥ ଯେଉଁ ଅଭିଯୋଗ ବାଢ଼ିଥିଲେ ତା କ'ଣ ମିଥ୍ୟା ? ତୁମେ ଠାକୁରଙ୍କର ଭକ୍ତ । ମଣିମାଙ୍କ ଦୃଷ୍ଟିରେ ଭକ୍ତ ଶିରୋମଣି । ଗାୟକ ରତ୍ନ । ସେହି ଭକ୍ତ ଶିରୋମଣି, ଜଗନ୍ନାଥଙ୍କର ଦେବଦାସୀକୁ ପ୍ରତାରଣା କରୁଛନ୍ତି କାହିଁକି ? ବିଶ୍ୱମୋହନ ତୁମେ ତା' ନିକଟକୁ ଫେରିଯାଅ । ମୁଁ ତୁମକୁ ଘୃଣା କରେ । ତୁମେ ଚାଲିଯାଅ ବିଶ୍ୱମୋହନ, ତୁମେ ଚାଲିଯାଅ । (କାନ୍ଦୁଥିଲା)
(ପ୍ରଚ୍ଛଟ ପଟରୁ ଭାସି ଆସୁଥିଲା ଜଣାଣ - ଜଗନ୍ନାଥ, କିଛି ମାଗୁ ନାହିଁ ତୋତେ । ଧନ ମାଗୁନାହିଁ, ଜନ ମାଗୁନାହିଁ । ମାଗୁଛି ଶରଧାବାଲିରୁ ହାତେ ।)

ବିଶ୍ୱମୋହନ- ଠାକୁରେ, ହେ ଚକାଡ଼ୋଳା, ମୁଁ କ'ଣ ସତରେ ଅନ୍ୟାୟ କରିଛି । କମଳିନୀ ସହ ମୋର ଶାଶ୍ୱତ ପ୍ରେମରେ କ'ଣ ଆବିଳତା ଅଛି ? କହ ପ୍ରଭୁ, ଯଦି ଏହା ମିଥ୍ୟା, ମୋତେ ଦଣ୍ଡ ଦିଅ ପ୍ରଭୁ । ମୋତେ ଏ ସଂସାରରୁ ନେଇଯାଅ । (ବିଶ୍ୱମୋହନ କାନ୍ଦୁଥିଲେ ।)

- ଅନ୍ଧାର -

- ପଞ୍ଚଦଶ ଦୃଶ୍ୟ -

(ବିଶ୍ୱମୋହନ ସେହି ମଣ୍ଡପରେ ବସିଥିଲେ । ନିଶାର୍ଦ୍ଧ । ଏହି ସମୟରେ ନୁପୂର ସିଞ୍ଜନ ଶୁଣାଗଲା । ଦେବଦାସୀ କମଳିନୀ ଉପସ୍ଥିତ । ଅଳୁଳାୟିତ କେଶରାଶି ।)

କମଳିନୀ - ବିଶ୍ୱମୋହନ, ଆସ । ମୁଁ ତୁମକୁ ଘରକୁ ନେବା ପାଇଁ ଆସିଛି ।

ବିଶ୍ୱମୋହନ- ଘର । କେଉଁ ଘର କଥା ତୁମେ କହୁଛ ?

Digitized by srujanika@gmail.com

କମଳିନୀ - ଏତେ ଶୀଘ୍ର ସବୁ ଭୁଲିଗଲ ବିଶ୍ୱମୋହନ ତୁମର ଭଲ ପାଇବା କ'ଣ ମୋ ପାଇଁ ଥିଲା ଛଳନା ।

ବିଶ୍ୱମୋହନ- କହିଥିଲି ।

କମଳିନୀ - ତୁମକୁ ମୁଁ ଦିନେ କହିଥିଲି, ନନ୍ଦନକାନନର ତୁମେ ପାରିଜାତ । ସେହି ପାରିଜାତର ସୌରଭକୁ ମୁଁ ଆଜି ଆଘ୍ରାଣ କରି ପାରୁଛି ।

ବିଶ୍ୱମୋହନ- ହଁ, କହିଥିଲି ।

କମଳିନୀ - ଏତେ ଶୀଘ୍ର ଏ ସବୁ ଭୁଲିଗଲ କିପରି ? ମୋ ପାଖକୁ ନ ଆସି, ଏତେଦିନ ଧରି ରହିଥିଲ କେଉଁଠି ? ମୋ ପାଖକୁ ଆସିଲ ନାହିଁ କାହିଁକି ? (କାନ୍ଦୁଥିଲା)

ବିଶ୍ୱମୋହନ- କାନ୍ଦ କମଳିନୀ, ଗଳା ଫଟାଇ ଚିତ୍କାର କର । ତୁମେ ଦୁନିଆରେ ପ୍ରଚାର କର ମୁଁ ଲମ୍ପଟ, ଚରିତ୍ରହୀନ । ଦୁନିଆକୁ କୁହ । ମୁଁ ତୁମକୁ ପ୍ରତାରଣା କରିଛି ।

କମଳିନୀ - ତା'ହେଲେ, ତୁମର ମନକଥା ମୋତେ ତୁମେ ଖୋଲି କହୁନାହଁ କାହିଁକି ? ତୁମେ କ'ଣ ମୋତେ ଭଲ ପାଅ ନାହିଁ ।

ବିଶ୍ୱମୋହନ- ମୁଁ ଭଲ ପାଏ । ତୁମର ପ୍ରତିଭାକୁ ଭଲ ପାଏ । ଏ କଥା ମୁଁ ତୁମକୁ ବାରମ୍ବାର କହି ଆସିଛି କମଳିନୀ । ମୋର ପ୍ରେମରେ ଆବିଳତା ନାହିଁ କମଳିନୀ । ତୁମେ ଭୁଲବଶତଃ ମରିଚୀକା ପଛରେ ଯେ ଧାଇଁଛ ଦେବୀ । ମୁଁ ତୁମକୁ ପୂଜା କରେ । ତୁମେ ମାତୃସ୍ୱରୂପିଣୀ । ତୁମେ ମୋର ମା, ନମସ୍ୟା । ମୁଁ ତୁମକୁ ଅନୁରୋଧ କରୁଛି - ଏ ଧରାପୃଷ୍ଠରେ ଶାଶ୍ୱତ ପ୍ରେମ ସୃଷ୍ଟି କର ।

କମଳିନୀ - ବିଶ୍ୱମୋହନ । ତୁମକୁ ମୁଁ ବର୍ତ୍ତମାନ ଚିହ୍ନିଲି । ମୁଁ ତୁମକୁ ଭୁଲ ବୁଝିଥିଲି । ତୁମ ପ୍ରେମରେ ପାଗଳି ହୋଇ ଉଠିଥିଲି । ଶୟନେ, ସପନେ, ଜାଗରଣେ, ତୁମେ ଥିଲ ମୋର ଆରାଧ୍ୟ ଦେବତା ।

ବିଶ୍ୱମୋହନ- ସେ ଆରାଧ୍ୟ ଦେବତା ମୁଁ ନୁହେଁ କମଳିନୀ, ସେ ଆରାଧ୍ୟ ଦେବତା ଜଗତର ନାଥ ଜଗନ୍ନାଥ । ତାଙ୍କୁ ପ୍ରାର୍ଥନା କର । ତୁମେ ଦେବଦାସୀ । ତୁମେ ମୋର ନମସ୍ୟା ।

କମଳିନୀ - (ଆଖିରୁ ଲୁହପୋଛି) ହଉ, ବିଶ୍ୱମୋହନ । ବିଦାୟ ଦିଅ । ତୁମେ ମୋର ଆଜି ଗୁରୁ । ତୁମେ ମୋତେ ସତ୍‌ପଥକୁ ଫେରାଇ ଆଣିଛ ।

Digitized by srujanika@gmail.com

ମୋତେ ସତଜ୍ଞାନ, ସଦ୍‌ବୁଦ୍ଧି ଦେଇଛ । ହେ ମୋର ଗୁରୁ, ଆରାଧ୍ୟ, ତୁମକୁ ମୋର ପ୍ରଣାମ । (ଏକମୁହାଁ ହୋଇ ଚାଲିଗଲା)

ବିଶ୍ୱମୋହନ- (ଡ଼ାକୁଥିଲା) କମଳିନୀ, ଶୁଣ, ଶୁଣ କମଳିନୀ ।

(ନେପଥ୍ୟରୁ ଭାସି ଆସୁଥିଲା ଥମ୍ ସଙ୍ଗୀତ ପଦେ ।)

- ଅନ୍ଧାର -

- ଷୋଡ଼ଶ ଦୃଶ୍ୟ -

(ଶ୍ରୀଜଗନ୍ନାଥଙ୍କର ମନ୍ଦିର । ବଡ଼ସିଙ୍ଘାର ବେଶ କରାଇ ବିଶ୍ୱମୋହନ ଠିଆ ହୋଇଥିଲେ । ପ୍ରବେଶ କଲେ ଗଜପତି ମହାରାଜା, ସାଙ୍ଗରେ ସେବାୟତଗଣ ଓ ମହାମନ୍ତ୍ରୀ ।)

ମହାରାଜ - ମହାମନ୍ତ୍ରୀ

ମହାମନ୍ତ୍ରୀ - ମଣିମା।

ମହାରାଜ - ସୁନ୍ଦର ପ୍ରଭୁଙ୍କର ସିଙ୍ଗାର । ଅସୁସ୍ଥତାବଶତଃ ମୁଁ ମନ୍ଦିରକୁ ଆସି ପାରୁନଥିଲି । ଆଜି ମନ ହେଲା, ଠାକୁରଙ୍କ ଦର୍ଶନ ସାଙ୍ଗେ, ସାଙ୍ଗେ ଗୀତଗୋବିନ୍ଦ ଗାନ ଶୁଣିବାକୁ ଓ ନୃତ୍ୟ ଦେଖିବାକୁ ।

ମହାମନ୍ତ୍ରୀ - ଦେବଦାସୀ କମଳିନୀ ଅସୁସ୍ଥା ।

ମୁଦିରଥେ - ଅସୁସ୍ଥତା ନୁହେଁ ମହାରାଜ, ପ୍ରେମ ପାଗଳିନୀ । ପାଗଳୀଙ୍କ ପରି ସେ ନଗରର ଚତୁର୍ଦ୍ଦିଗରେ ବୁଲୁଛି ।

ମହାମନ୍ତ୍ରୀ - ବନ୍ଦକର । ତୁମର ଏ ଅଭିଯୋଗ, ମଣିମା ଏହାକୁ ଶୁଣିବାକୁ ଏଠାକୁ ଆସି ନାହାନ୍ତି ।

(ଦେବଦାସୀ ଉପସ୍ଥିତ ହୋଇ ଜଗନ୍ନାଥଙ୍କୁ ପ୍ରଣାମ କଲା ଓ ପରେ ମହାରାଜ ଓ ପରେ ଅନ୍ୟ ସମସ୍ତଙ୍କୁ ।)

ମହାରାଜ - ଆଜି ଗୀତଗୋବିନ୍ଦ ଗାୟନ ଓ ନୃତ୍ୟ ପରିବେଷଣ କରାଯାଉ ମହାମନ୍ତ୍ରୀ ।

ମହାମନ୍ତ୍ରୀ - ଯଥାଆଜ୍ଞା ମହାରାଜ । ଦେବଦାସୀ କମଳିନୀ ନୃତ୍ୟପାଇଁ ପ୍ରସ୍ତୁତ ହୁଅ ।

କମଳିନୀ - ମୁଁ ପ୍ରସ୍ତୁତ ମଣିମା ।

Digitized by srujanika@gmail.com

(ଗୀତଗୋବିନ୍ଦ ଗାନ ଓ ନୃତ୍ୟ ପରିବେଷଣ କରାଗଲା । ଅଲକ୍ଷ୍ୟରେ ମୁଦିରଥ ରାଜାଙ୍କ ପାଇଁ ଉଦ୍ଦିଷ୍ଟ ଛଡ଼ାମାଳତୀ ମାଳରେ କେଶଗୁଚ୍ଛ ରଖିଦେଇ ଆସିଛି । ନୃତ୍ୟ ଶେଷ ପରେ ରାଜା ଯିବାକୁ ଉଦ୍ୟତ ହେଲାବେଳେ ବିଶ୍ୱମୋହନ ଛଡ଼ାମାଳ ଆଣି ଦେଇଛି । ରାଜା ମୁଣ୍ଡରେ ଲଗାଇବା ବେଳେ ମାଳାରେ କେଶଗୁଚ୍ଛ ଦେଖି ଆଶ୍ଚର୍ଯ୍ୟ ହୋଇ ବିଶ୍ୱମୋହନକୁ ଚାହିଁଛନ୍ତି)

ମହାରାଜ - ବଡ଼ପଣ୍ଡେ,

ବଡ଼ପଣ୍ଡା - ମଣିମା।

ମହାରାଜ - ଆଜି କାହାର ସେବାର ଦିନ ?

ବିଶ୍ୱମୋହନ- ମୋର ମହାରାଜ,

ମହାରାଜ - ଜଗନ୍ନାଥଙ୍କର ଏ ମାଳରେ କେଶଗୁଚ୍ଛ ଆସିଲା କୁଆଡୁ ?

ବିଶ୍ୱମୋହନ- ତାହା ମୁଁ କିପରି କହିବି ମହାରାଜ । ପ୍ରଭୁ ଜଗନ୍ନାଥ ବେଳେ, ବେଳେ ମୂରଲୀ ମନୋହର ବେଶରେ ନିଜକୁ ପ୍ରକାଶ କରିଥାଆନ୍ତି ।

ମହାରାଜ - ଜଗନ୍ନାଥଙ୍କର ମୂରଲୀ ମନୋହର ବେଶ ।

ବିଶ୍ୱମୋହନ- ଆଜ୍ଞା, ମଣିମା । ଏହି ବେଶ ସମୟରେ ତାଙ୍କ ପୃଷ୍ଠଲମ୍ବିତ ବେଣୀରେ ହୀରା, ନୀଳା, ମୋତି, ମାଣିକ ଶୋଭା ପାଉଥାଏ । ଏହି ବେଣୀ ଗୋପୀ ଚିତ୍ତ ଅପହରଣ କରିଥାଏ ମଣିମା ।

ମହାରାଜ - ବୁଝିଲି, ତୁମେ ସେ ବେଣୀ ମୋତେ ଦେଖାଇପାରିବ ? ବର୍ତ୍ତମାନ ମୁଁ ତାହା ଦେଖିବାକୁ ଚାହେଁ ।

ବିଶ୍ୱମୋହନ- ପ୍ରଭୁ କେତେବେଳେ କେଉଁ ବେଶ ହୁଅନ୍ତି ତାହା କହିବା ଅସମ୍ଭବ ।

ମହାରାଜ - ଠିକ୍ ଅଛି, ଆସନ୍ତାକାଲି ପ୍ରଭୁଙ୍କର ପୃଷ୍ଠବେଣୀ ମୁଁ ଦେଖିବାକୁ ଚାହେଁ । ପାରିବ ?

ବିଶ୍ୱମୋହନ- ଆଜ୍ଞା, ମଣିମା ।

ମହାରାଜ - କିନ୍ତୁ ମନେରଖ, ଯଦି ନ ଦେଖାଇପାର, ତୁମର ଦଣ୍ଡ ମୃତ୍ୟୁଦଣ୍ଡ । ତୁମ ବିରୁଦ୍ଧରେ ମୁଁ ବହୁତ ଗୁରୁତର ଅଭିଯୋଗ ଶୁଣି ଆସୁଥିଲି । କିନ୍ତୁ ତା' ମୁଁ ବିଶ୍ୱାସ କରି ନଥିଲି । ଆସନ୍ତାକାଲି ଏହି ସମୟରେ ମୋତେ ସେପରି ବେଣୀ ଦେଖାଇବ ।

Digitized by srujanika@gmail.com

(ମହାରାଜ ଚାଲିଗଲେ, ପଛେ ପଛେ ଅନ୍ୟମାନେ । ବିଶ୍ୱମୋହନ ଠିଆ ହୋଇଥିଲେ । ମଞ୍ଚ ଅନ୍ଧାର ହେଲା ।)

ଆଲୋକ ଜଳିଲା ବେଳକୁ ଦେଖାଗଲା ଜଗନ୍ନାଥଙ୍କ ପାଦତଳେ ବସି ବିଶ୍ୱମୋହନ ଭଜନ ଆବୃତ୍ତି କରୁଥିଲେ । ଏ ଭଜନରେ ଦରଦ ଭରି ରହିଥିଲା । ଶେଷରେ ସେ 'ରକ୍ଷାକର' କହି ମୁଣ୍ଡ ପିଟି ଦେଇଛନ୍ତି । ରକ୍ତର ଧାର ବୋହି ଚାଲିଛି । (ଜଗନ୍ନାଥ କୃଷ୍ଣ ବେଶରେ ଦେଖାଦେଲେ)

ଶ୍ରୀକୃଷ୍ଣ - ଉଠ, ତୁମ ଭକ୍ତିରେ ମୁଁ ସନ୍ତୁଷ୍ଟ । ଚିନ୍ତାକର ନାହିଁ । ତୁମର ମନବାଞ୍ଛା ପୂର୍ଣ୍ଣ ହେବ । (ଶ୍ରୀକୃଷ୍ଣ ଅନ୍ତର୍ଦ୍ଧାନ ହୋଇଗଲେ ।)

ବିଶ୍ୱମୋହନ- ପ୍ରଭୁ ଧନ୍ୟ ହେଲି । ଧନ୍ୟ ହେଲା ମୋ ଜୀବନ । ଦୟା କରିଛନ୍ତି ପ୍ରଭୁ, ଏ ଅଧମ ସନ୍ତାନେ । (ଅନ୍ଧାର ହୋଇଛି)

(ଆଲୋକ ଜଳିଲା ବେଳକୁ ମନ୍ଦିରରେ ପ୍ରବେଶ କଲେ ବଡ଼ପଣ୍ଡା । ପ୍ରଭୁ ଜଗନ୍ନାଥଙ୍କୁ ପ୍ରଣତି ଜଣାଇ ଆଖିରୁ ଲୁହ ପୋଛୁଥିଲେ । ପ୍ରବେଶ କଲେ ପଲ୍ଲବୀ ।)

ପଲ୍ଲବୀ - ମୋତେ ନ କହି ତୁମେ ଚାଲିଆସିଲ ବାପା ।

ବଡ଼ପଣ୍ଡା - ତୁ ଆସି କ'ଣ କରିବୁ, ତୁବା କାହିଁକି ଆସିବୁ ?

ପଲ୍ଲବୀ - କିଛି ଭଲ ଲାଗୁନାହିଁ ବାପା । ସବୁ ଅନ୍ଧାର ଦେଖାଯାଉଛି । ମଣିମା ବର୍ତ୍ତମାନ ଆସିବେ । ବିଶ୍ୱମୋହନଙ୍କର ପରୀକ୍ଷାର ବେଳ ।

ବଡ଼ପଣ୍ଡା - ହଁ ମା, ପରୀକ୍ଷା, କଠୋର ପରୀକ୍ଷା ।

ପଲ୍ଲବୀ - ଏ ପରୀକ୍ଷାରେ ପ୍ରଭୁ କ'ଣ ତାଙ୍କୁ ରକ୍ଷା କରିବେ ।

ବଡ଼ପଣ୍ଡା - କାହିଁକି ନ କରିବେ ମା, ତୁ ପ୍ରଭୁଙ୍କୁ ପ୍ରାର୍ଥନା କର । ତୋ ପ୍ରାର୍ଥନା ସେ ଶୁଣିବେ ।

ପଲ୍ଲବୀ - କେତେ ପ୍ରାର୍ଥନା କରିବି ବାପା । ବିଶ୍ୱମୋହନ କାହାନ୍ତି ।

ବଡ଼ପଣ୍ଡା - ସେ ତ ଆସିବେ । ତୁ ଘରକୁ ଚାଲିଯା ମା ।

ପଲ୍ଲବୀ - ବାପା, ଆପଣ କହୁଛନ୍ତି ମୁଁ ଘରକୁ ଚାଲିଯିବି । ନା ବାପା, ମୁଁ ରହିବି । ଜଣେ ନିର୍ଦ୍ଦୋଷ ଦଣ୍ଡ ପାଇବ । ଏ କ'ଣ ଜଗନ୍ନାଥଙ୍କର ବିଚାର । ସେ କ'ଣ ନିର୍ଦ୍ଦୋଷକୁ ଦଣ୍ଡ ଦେଇ, ଦୋଷୀକୁ ଛାଡ଼ି ଦିଅନ୍ତି ।

ବଡ଼ପଣ୍ଡା - ଧୈର୍ଯ୍ୟ ଧର ମା ।

Digitized by srujanika@gmail.com

ପଲ୍ଲବୀ - ଯଦି ପ୍ରଭୁ ମୋ ଡ଼ାକ ନ ଶୁଣନ୍ତି, ମୁଁ ତାଙ୍କ ନିକଟରେ ପ୍ରାଣବଳି ଦେବି । (କାନ୍ଦୁଥିଲା)

(ପ୍ରବେଶ କରିଛନ୍ତି ମହାପାତ୍ର ଓ ମୁଦିରଥ ।)

ମୁଦିରଥ - ତୁ କାହିଁକି ପ୍ରାଣ ବଳିଦେବୁ ? ହବାକଥା ନାହିଁ । ସେ ଲୋକଟା ଆମର କ'ଣ ? କେତେ ଭଲ ପାତ୍ର ଆସିବେ । ମୁଁ ଯୋଗାଡ଼ କରିଦେବି ।

ପଲ୍ଲବୀ - ଏ ସବୁ କହିବାକୁ ଲଜ୍ଜା ବୋଧ ହୁଏନାହିଁ । ମାଳରେ କେଶଗୁଚ୍ଛ ରଖିଛ ତୁମେ ? ଏ କଥା କ'ଣ ମିଛ ?

ମୁଦିରଥେ - ମୁଁ ରଖିଛି । ହଇଏ ବଡ଼ପଣ୍ଡା । ତୁମ ଝିଅ କଥା ଶୁଣୁଛ । ବେଶୀ ବଢ଼ି ବଢ଼ି କଥା କହୁଛ, ମୋତେ ଚିହ୍ନିଛୁ ।

ପଲ୍ଲବୀ - ମୁଁ ଚିହ୍ନିଛି । ତୁ ସବୁ ନାଟର ମୂଳ । ଯଦି କିଛି ବିଶ୍ୱମୋହନର ହୁଏ, ମୋ ହାତରୁ ତୁ ଖସି ଯାଇ ପାରିବୁନି ।

ମହାପାତ୍ରେ - ହଇଏ ରଥେ, କାହିଁକି ତା ସାଙ୍ଗରେ ଲାଗିଛ । ପିଲାଟାର ମନ ଦୁଃଖ ହଉଚି । ମହାର୍ଜା ଆସନ୍ତୁ ତା'ପରେ କ'ଣ ହଉଛି ଦେଖ । (ଅନ୍ଧାର ହୋଇଛି । ଆଲୋକ ଜଳିଲାବେଳକୁ କାହାଳୀ ବାଜି ଉଠିଛି, ରାଜା, ମନ୍ତ୍ରୀ, ସେବାୟତମାନେ ମନ୍ଦିରରେ ପ୍ରବେଶ କରିଛନ୍ତି । ବିଶ୍ୱମୋହନ ଠିଆ ହୋଇଥାନ୍ତି । ରାଜା ପ୍ରବେଶ କରି ଜଗନ୍ନାଥଙ୍କୁ ପ୍ରଣାମ ଜଣାଇଲେ । ଏହି ଦୃଶ୍ୟ ଦେଖିବା ପାଇଁ କମଳିନୀ, ପଲ୍ଲବୀ ମଧ ଆସିଥାନ୍ତି । ମନ୍ଦିର ଲୋକାରଣ୍ୟ ।)

ମହାରାଜ - ସେବାୟତଗଣ, ମୋର ପ୍ରଜାକୁଳ । ଆଜି ଭକ୍ତ ଶିରୋମଣି, ଗାୟକରତ୍ନ ବିଶ୍ୱମୋହନ, ତାଙ୍କର ପରୀକ୍ଷା ଦେବେ । ଗତକାଲି ସେ କହିଥିଲେ ପ୍ରଭୁ ଜଗନ୍ନାଥଙ୍କ ମସ୍ତକରେ ବେଣୀ । ସେହି ବେଣୀ ମୁଁ ଦେଖିବାକୁ ଯାଉଛି । ତା'ପରେ ମୁଁ ତୁମ୍ଭମାନଙ୍କୁ ଜଣାଇବି । (ରାଜା ଜଗନ୍ନାଥଙ୍କ ପାଖକୁ ଗଲେ । ବେଣୀ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଓ ତାକୁ ଉପାଡ଼ିବାକୁ ଚେଷ୍ଟାକଲେ ।)

ଶୂନ୍ୟବାଣୀ - ଓଃ, କି କଷ୍ଟ ରାଜନ୍ ।

ମହାରାଜ - ଆଶ୍ଚର୍ଯ୍ୟ, କିଏ କହେ ଶୂନ୍ୟବାଣୀ । ପ୍ରଭୁ ମୁଁ ଅପରାଧୀ । ହେ ଜଗତର ଠାକୁର ମୋର ଗର୍ବ, ଅହଙ୍କାର ଆଜି ଧୂଳିସାତ୍

Digitized by srujanika@gmail.com

ହୋଇଅଛି । ଧନ୍ୟ ଭକ୍ତ ଶିରୋମଣି, ଧନ୍ୟ ତୁମ ଜନ୍ମ ଏ ଧରାରେ । ଦିଅ ସର୍ବେ ହରିବୋଲ, ହୁଳହୁଳ ।

(ହରିବୋଲ, ହୁଳହୁଳି ଧ୍ୱନିରେ ମଞ୍ଚ ଫାଟି ଉଠିଲା ।)

ଭକ୍ତ ପ୍ରବର, ଯାହା ତୁମେ ଚାହିଁବ, ତାହା ମୁଁ ତୁମକୁ ଅର୍ପଣ କରିବାକୁ ପ୍ରସ୍ତୁତ । ନଗର ବା ଗ୍ରାମ, ହୀରା, ଲୀଳା, ମୋତି ବା ମାଣିକ, ଯେତେ ପାର, ମନଇଚ୍ଛା ମାଗିନିଅ । ଧନ୍ୟ ହେବି ମୁହିଁ । ଦେବି ତାହା ତୁମରି ହସ୍ତରେ ।

ବିଶ୍ୱମୋହନ- ହେ ନରେନ୍ଦ୍ର, ଧନ, ସଂପଦରେ ମୋର ନାହିଁ ପ୍ରୟୋଜନ । ପ୍ରଭୁଙ୍କର ଚରଣରେ ଦାସାନୁଦାସ ମୁଁ । ତାଙ୍କରି ସେବା ହିଁ ମୋର ଜୀବନର ଅଭିଳାଷ । ମଣିମା । ମୋର ସେବା ସାର୍ଥକ ହୋଇଛି । ମୁଁ ଏ ରାଜ୍ୟ ଛାଡ଼ି ତପସ୍ୟା କରିବାକୁମୋତେ ଯିବା ପାଇଁ ଅନୁମତି ପ୍ରଦାନ କରନ୍ତୁ । ମୁଁ ସନ୍ୟାସୀ ।

ପଲ୍ଲବୀ - କିଏ ସନ୍ୟାସୀ, ତୁମେ ? ମିଥ୍ୟାବାଦୀ, ହେ ଭଣ୍ଡ ସନ୍ୟାସୀ ମିଥ୍ୟା କହିବାକୁ ସଂକୋଚ ଲାଗେନା ।

ମହାମନ୍ତ୍ରୀ - କିଏ ମା' ତୁମେ ?

ପଲ୍ଲବୀ - ମଣିମା, ବିଶ୍ୱମୋହନ ଆଜି ଗୋଟିଏ ନାରୀକୁ ନିର୍ଯ୍ୟାତନା ଦେଇ, ତାର ସମସ୍ତ ସୁଖ, ସଂସାରକୁ ଧୂଳିସାତ କରି, ସନ୍ୟାସୀ ହେବାକୁ ଚାହାନ୍ତି । ଏ ଜଣେ ନାରୀ ନିର୍ଯ୍ୟାତନାକାରୀ । ଦେବଦାସୀ କମଳିନୀକୁ ଏ ପ୍ରତାରଣା କରିଛନ୍ତି ମଣିମା ।

ମହାରାଜ - ବିଶ୍ୱମୋହନ, ଅଭିଯୋଗ ଗୁରୁତର ।

ବିଶ୍ୱମୋହନ- ମଣିମା । ମୁଁ କାହାରିକୁ ପ୍ରତାରଣା କରିନାହିଁ । ପ୍ରତାରଣା କରିନାହିଁ କମଳିନୀ ବା ପଲ୍ଲବୀ ଦେବୀଙ୍କୁ । ମୁଁ ଉଭୟଙ୍କୁ ଭଲପାଏ । ଭଲପାଏ ସେମାନଙ୍କର ପ୍ରତିଭାକୁ । ତାହାହିଁ ମୋର ଅପରାଧ ।

ମୁଦିରଥେ - ମୁଁ ଆପଣଙ୍କୁ କହିଥିଲି ମଣିମା, ବିଶ୍ୱମୋହନ କମଳିନୀ ପ୍ରେମ ସଂପର୍କରେ । ପ୍ରମାଣ ପାଇଲେ ତ ?

ମହାରାଜ - ନାଟକର ପ୍ରେମର ପ୍ରମାଣ । ମୁଁ ସବୁ ଜାଣେ । ମହାମନ୍ତ୍ରୀ [illegible]

[illegible] ।

(ମୁଦିରଥ ରାଜା ପାଦ ଧରି କାନ୍ଦିଛି ।)

ମୁଦିରଥ - ମୋତେ କ୍ଷମା କରି ଦିଅନ୍ତୁ ମହାରାଜ । ମୁଁ ସ୍ୱୀକାର କରୁଛି ମୁଁ ଦୋଷୀ । ମୋ ପିଲା, କବିଲା ଭାସିଯିବେ ।

ମହାରାଜ - ଚାଲିଯାଅ ସମ୍ମୁଖୁ ମୋହର । ପାପୀ, ମିଥ୍ୟାବାଦୀ, ଏ ସବୁର ମୂଳରେ ତୁମେ । ଚାଲିଯାଅ । (ମୁଦିରଥ ଚାଲିଗଲା)

କମଳିନୀ - ମଣିମା । ବିଶ୍ୱମୋହନ ନିର୍ଦ୍ଦୋଷ । ସେ ନିଷ୍ପାପ ନିଷ୍କଳଙ୍କ । ମୁଁ ଦୋଷୀ । ମୁଁ ତାଙ୍କୁ ମନେ, ମନେ ଭଲ ପାଉଥିଲି । ଜାଣି ନଥିଲି ସେ ଜଣେ ଦେବତା । ମୋର ଦୋଷ ମାର୍ଜନା କରି ଦିଅ (କାନ୍ଦୁଥିଲା) ମଣିମା ମୁଁ ଦେବଦାସୀ । ମୁଁ ପ୍ରଭୁଙ୍କର ଚରଣ ଆଶ୍ରିତା । ଆଜି ମୁଁ ଯେଉଁ ପାପ କରିଛି, ପ୍ରଭୁଙ୍କର ନିକଟରେ ଦ୍ରୋହୀ ହୋଇଛି ସେଥିପାଇଁ ମୋତେ ଦଣ୍ଡ ବିଧାନ କରାଯାଉ ।

ମହାରାଜ - କି ଦଣ୍ଡ ତୁମେ ଚାହଁ, ଦେବଦାସୀ ।

କମଳିନୀ - କିଂତୁ ମହାରାଜ ମୋତେ ଦଣ୍ଡଦେବା ପୂର୍ବରୁ, ମୋର ଅନୁରୋଧଟିଏ ରକ୍ଷା କରନ୍ତୁ । ବଡ଼ପଣ୍ଡାଙ୍କର ସୁକନ୍ୟା ପଲ୍ଲବୀ ଦେବୀ ଓ ବିଶ୍ୱମୋହନ ପରସ୍ପରକୁ ଭଲ ପାଆନ୍ତି । ସେମାନେ ବିବାହ ବନ୍ଧନରେ ଆବଦ୍ଧ ହେବା ଦେଖିଲେ ମୁଁ ସବୁଠାରୁ ସୁଖୀ ହେବି ।

ମହାରାଜ - ଏ କଥା କ'ଣ ସତ ? ବିଶ୍ୱମୋହନ ।

ବିଶ୍ୱମୋହନ- (ନୀରବ)

ମହାରାଜ - ବେଶ୍ କମଳିନୀର ଅନୁରୋଧ ରକ୍ଷା କରାଯାଉ, ପ୍ରଭୁଙ୍କ ସମ୍ମୁଖରେ ତାଙ୍କୁହିଁ ସାକ୍ଷୀ କରି ଏ ଦୁଇଜଣ ବିବାହ ବନ୍ଧନରେ ଆବଦ୍ଧ ହେଲେ । (କରତାଳି ହେଲା) ଯାଅ, ଦୁଇଟି ମାଳା ନେଇଆଣ ।

(ବିଶ୍ୱମୋହନ ଓ ପଲ୍ଲବୀ ମାଳା ବଦଳ କରି ଜଗନ୍ନାଥଙ୍କ ପାଦତଳେ ଓ ପରେ ବଡ଼ପଣ୍ଡା ମହାରାଜାଙ୍କୁ ପ୍ରଣାମ ଜଣାଉଥିଲେ ।) ଶୁଭଶଙ୍ଖ ବାଜି ଉଠିଲା ।

ନଇଁଆସିଛି ଯବନିକା

- ସମାପ୍ତ -

Digitized by srujanika@gmail.com

ନାଟକ

ଭିନ୍ନ ଏକ ସିଦ୍ଧାର୍ଥ



ନିର୍ଦ୍ଦେଶନା : ଇଂ. ଅପୂର୍ବ ପଟ୍ଟନାୟକ

ସଂଗୀତ : ୰ ନେତାଜୀ ପାତ୍ର

Digitized by srujanika@gmail.com

ଭିନ୍ନ ଏକ ସିଦ୍ଧାର୍ଥ

- ପ୍ରଥମ ଦୃଶ୍ୟ -

(କୋଟିପତି ଶୁଦ୍ଧୋଧନ ରାୟଙ୍କର ବିରାଟ ଅଟ୍ଟାଳିକାର ବହିର୍ଦ୍ଦୃଶ୍ୟ । ଆଗରେ ଦୁଇଟି ବାରଣ୍ଡା, ଦୁଇପଟକୁ ଲମ୍ବି ଯାଇଛି । ଘର ଆଗରେ ଦୁଇ ଦୁଇଟି ଲ୍ୟାମ୍ପ ପୋଷ୍ଟ । ଘରର ପଛପଟରେ କାଗଜ ମିଲର୍ ଚିମ୍ନିରୁ ନିର୍ଗତ ଧୂଆଁ । ଆଗରେ ଝଙ୍କା ବରଗଛ । ଚତୁର୍ଦ୍ଦିଗରେ ମଣ୍ଡପ । ସମୟ ମଧ୍ୟରାତ୍ରୀର ପୂର୍ବାଭାସ । ନିକଟସ୍ଥ ଶ୍ରମିକ ବସ୍ତିରୁ ଶୁଭୁଥାଏ, ମନବୋଧ ଚଉତିଶାର କେତୋଟି ଧାଡ଼ି । ଗୀତ କେତେବେଳେ ସ୍ପଷ୍ଟ ତ କେତେବେଳେ ଅସ୍ପଷ୍ଟ ଶୁଭୁଥାଏ । ଘର ଭିତରୁ ମଞ୍ଚକୁ ପ୍ରବେଶ କଲେ ସିର୍ଦ୍ଧାର୍ଥ । ମନରେ ଭାବନାର ଅନ୍ତ ନାହିଁ । ଗୀତରୁ ପଦେ - 'ଘର ବୋଲି ଅର୍ଜିଛୁ ଯେତେ ପଦାର୍ଥ
ଘଟ ଛୁଟିଲେ ତୋତେ ବୋଲିବେ ଭୂତ ।''
ସିଦ୍ଧାର୍ଥଙ୍କର ଅନ୍ତରରୁ ଛୁଟି ଆସିଲା, ଦୀର୍ଘଶ୍ୱାସ ।
ସିଦ୍ଧାର୍ଥ ବାରଣ୍ଡାରେ ବସିଲେ ।)

ସିଦ୍ଧାର୍ଥ - (ମନେ, ମନେ ଆବୃତ୍ତି କଲେ ।)
'ଘର ବୋଲି ଅର୍ଜିଛୁ ଯେତେ ପଦାର୍ଥ
ଘଟ ଛୁଟିଲେ ତୋତେ ବୋଲିବେ ଭୂତ ।''
(କିଛି ସମୟ ପରେ ପ୍ରବେଶ କଲେ ପତ୍ନୀ ଯଶୋଧାରା)

ଯଶୋଧାରା- ସିଦ୍ଧାର୍ଥ !

ସିଦ୍ଧାର୍ଥ - ଉଁ,

ଯଶୋଧାରା- କ'ଣ ଭାବୁଛ ?

ସିଦ୍ଧାର୍ଥ - ନା, ସେମିତି କିଛି ନୁହେଁ ।

ଯଶୋଧାରା- ତୁମର ହୋଇଛି କ'ଣ ? ସବୁବେଳେ ନୀରବ ରହୁଛ । କୌଣସି କଥାର [illegible] ଦେଉନାହଁ ।

- [illegible]

[illegible]

ଦୁଃଖ, ଦାରିଦ୍ର୍ୟର ତାଡ଼ନାରେ ମନୁଷ୍ୟ ପ୍ରତି ମୁହୂର୍ତ୍ତରେ କ୍ଷତ,ବିକ୍ଷତ ହୋଇପଡୁଛି ।

ଯଶୋଧାରା- ଏ ତ ଆଜି ଘଟୁନାହିଁ । ସୃଷ୍ଟିର ଆରମ୍ଭରୁ ମନୁଷ୍ୟର ଏହା ସହଚର । ଦୁଃଖ, ସୁଖ, ଜନ୍ମମୃତ୍ୟୁ ଏହା ସୃଷ୍ଟିର ନିୟମ । ଏହା ମନୁଷ୍ୟକୁ ଭୋଗ କରିବାକୁ ହିଁ ପଡ଼ିବ । ଏଥିପାଇଁ ଦୁଃଖ କରିବା ନିଷ୍ପ୍ରୟୋଜନ । ଏଥିପାଇଁ ଚିନ୍ତା କରିବାକୁ କ'ଣ ଅଛି ।

ସିଦ୍ଧାର୍ଥ - ବହୁତ କିଛି ଅଛି ଯଶୋଧାରା । ତା, ତୁମେ ବୁଝିବ କିପରି ? ତୁମେ ଯେଉଁଠି ପ୍ରାଚୁର୍ଯ୍ୟ ଭିତରେ ଦିନ କାଟୁଛ, ସେଇଠି ଅଭାବ, ଅନାଟନ କଥା କ'ଣ ଚିନ୍ତା କରାଯାଇପାରେ ?

ଯଶୋଧାରା- ତୁମ କହିବାର ଉଦ୍ଦେଶ୍ୟ ? ଯାହା ତୁମର ମନର କଥା, ତା' ଖୋଲି କହୁନାହଁ କାହିଁକି ?

ସିଦ୍ଧାର୍ଥ - ମୁଁ ଚାହେଁ ଶାନ୍ତି, ଯଶୋଧାରା । ଏ ମାୟା, ବନ୍ଧନ ମୋତେ ଦୁର୍ବଳ କରି ପକାଉଛି । ଚାରିଆଡ଼େ ଦୁର୍ନୀତି, ଶୋଷଣ, ଅତ୍ୟାଚାର, ଗରୀବ ନିର୍ଯ୍ୟାତିତ ।

ଯଶୋଧାରା- ମନକୁ ସବୁବେଳେ ଭାରାକ୍ରାନ୍ତ କରି ରଖିଲେ, ଶାନ୍ତି କ'ଣ କେବେ ମିଳିପାରିବ ? ଜଣେସଂସାରୀ, ବନ୍ଧନ ମୁକ୍ତ ହବା ଅସମ୍ଭବ ।

ସିଦ୍ଧାର୍ଥ - ତୁମେ ଠିକ୍ କହିଛ ଧାରା । ଶାନ୍ତି ପାଇଁ ମୁଁ ବନ୍ଧନ ମୁକ୍ତ ହେବାକୁ ଚାହେଁ ।

ଯଶୋଧାରା- ଯଦି ତୁମେ ବନ୍ଧନମୁକ୍ତ ହେବାକୁ ଚାହଁ, ତା'ହେଲେ ମୁଁ କରିବି କ'ଣ ? ରାହୁଲର ଭବିଷ୍ୟତ ହବ କ'ଣ ? କୁହ ସିଦ୍ଧାର୍ଥ । କୁହ ସିଦ୍ଧାର୍ଥ, ମୋ ପ୍ରଶ୍ନର ଉତ୍ତର ଦିଅ ।

ସିଦ୍ଧାର୍ଥ - ସେଥିପାଇଁ ମୁଁ ଅନୁତପ୍ତ ଧାରା । ଏ ଘର, ଏ ସଂପତ୍ତି ମୋ ପାଇଁ ମୂଲ୍ୟହୀନ । ଏ ସବୁ ନେଇ, ମନୁଷ୍ୟ କେବେ ଶାନ୍ତି ପାଇ ପାରେନା ଧାରା ?

ଯଶୋଧାରା- ଏଇ କଥା, ତୁମେ ମୋତେ ହଜାର ଥର କହିଲଣି । ଏ ସବୁ ଶୁଣି, ଶୁଣି, ମୁଁ ଧୈର୍ଯ୍ୟହରା ହବାକୁ ବସିଲିଣି । ଯଦି ତୁମର ମନ କଥା ଏଇଆ, ସିଧା ଯାଇ ବାବାଙ୍କୁ କହିଦିଅ । ମା'ଙ୍କୁ କହିଦେଲେ, ତୁମେ ଆଶ୍ୱସ୍ତିଲାଭ କରିବ । ମନକୁ ତୁମର କିଛିଟା ଶାନ୍ତି ମିଳିପାରେ ।

Digitized by srujanika@gmail.com

ସିଦ୍ଧାର୍ଥ - ଶାନ୍ତି କାହିଁ ଧାରା । ଯେଉଁ ଶାନ୍ତି ଟିକକ ପାଇଁ ମୁନି, ଋଷିମାନେ, ଘର ସଂସାର ଛାଡ଼ି, ସର୍ବଦା ତପସ୍ୟାରତ, ଯେଉଁ ଶାନ୍ତି ମନୁଷ୍ୟକୁ ଅମରତ୍ୱ ପ୍ରଦାନ କରେ, ସେ ଶାନ୍ତି କ'ଣ ଏଠାରେ ସମ୍ଭବ ?

ଯଶୋଧାରା- ସେହି ମୁନି, ଋଷିମାନେ, ଆମର ପୂର୍ବସୁରୀମାନେ କହିଯାଇଛନ୍ତି, ଗ୍ରାହସ୍ଥାଶ୍ରମ୍, ଶ୍ରେଷ୍ଠ ଆଶ୍ରମ । ଘର ହିଁ ସ୍ୱର୍ଗ । ଏହି ଘର ହିଁ ଦିଏ ଚିର ଶାନ୍ତି, ଶାଶ୍ୱତ ଆନନ୍ଦ । ଗାର୍ହସ୍ଥ୍ୟ ଜୀବନ, ସୃଷ୍ଟିକର୍ତ୍ତାଙ୍କର ଇଚ୍ଛା । ଏହିଠାରେ ଶାନ୍ତି ଖୋଜିବାକୁ ଚେଷ୍ଟା କର । ଏଇଠାରେ, ତୁମର ସାଧନାର ପରିସମାପ୍ତି ଘଟୁ । ପ୍ରଭୁଙ୍କର ଆଶୀର୍ବାଦ, ସାନିଧ୍ୟ, ଏହି ଆଶ୍ରମରେ ହିଁ ମିଳିପାରେ ।

ସିଦ୍ଧାର୍ଥ -ଗୃହକୁ ସ୍ୱର୍ଗ କରିବା ଜଣକ ଦ୍ୱାରା ସମ୍ଭବ ହୋଇ ନ ପାରେ ଯଶୋଧାରା । ଯେଉଁଠାରେ ଚିନ୍ତା ରାଜ୍ୟରେ ବିଭ୍ରାଟ ଘଟେ, ସେଇଠାରେ ହିଁ ଘର ସ୍ୱର୍ଗରୁ ନର୍କରେ ପରିଣତ ହୁଏ, ଯେଉଁଠାରେ ଅତ୍ୟାଚାର, ଶୋଷଣ, ନିର୍ଯ୍ୟାତନା, ଘରର ମୁଖ୍ୟର ଆଦର୍ଶ, ସେଠାରେ ସ୍ୱର୍ଗର କଳ୍ପନା କରାଯାଇନପାରେ । କେଇଟା ଟଙ୍କା ପାଇଁ ମନୁଷ୍ୟ ଯେଉଁଠି ଅବହେଳିତ, ମୃତ୍ୟୁକୁ ସହଚର କରେ, ଯେଉଁଠି ମନୁଷ୍ୟକୁ ଘୃଣା କରାଯାଏ, ସେଇଠାରେ ସ୍ୱର୍ଗର ପରିକଳ୍ପନା ଅସମ୍ଭବ ।

ଯଶୋଧାରା- ଅସମ୍ଭବକୁ ସମ୍ଭବ ତୁମେ ହିଁ କରିପାରିବ ସିଦ୍ଧାର୍ଥ । ତୁମେ ଲୋକଙ୍କ ପାଖକୁ ଯାଅ । ସେମାନଙ୍କର ସୁଖ, ଦୁଃଖରେ ଅଂଶୀଦାର ହୁଅ । ମାନବ ସେବାକୁ, ମାଧବର ସେବାରେ ପରିଣତ କର । ମୁଁ ତୁମ ପାଖେ, ପାଖେ ଅଛି ସିଦ୍ଧାର୍ଥ, ମନକୁ ବୁଝାଇଦିଅ, ଅଶାନ୍ତି ଆପେ, ଆପେ ଦୂର ହେଇଯିବ । (ଭିତରୁ ଶୁଭିଲା)

ମାୟାବତୀ - (କଣ୍ଠରେ) ବୋହୂ, ବୋହୂ ।

ଯଶୋଧାରା- ମା' ଆସୁଛନ୍ତି । ଆମକୁ ଏଠାରେ ଦେଖି, ସେ ନିଶ୍ଚୟ ବିରକ୍ତ ହେବେ । ତାଙ୍କୁ କି ଉତ୍ତର ଦେବ ?

ମାୟାବତୀ - (ପ୍ରବେଶି) ତୁମେ ଅଧରାତିରେ, ଏଠାରେ ସବୁ କରୁଛ କ'ଣ ? ଯଶୋଧାରା, କଥା କ'ଣ ? ସିଦ୍ଧାର୍ଥ, ଏଠାରେ ତୁମେମାନେ ଉଭୁ କାହିଁକି ?

Digitized by srujanika@gmail.com

ସିଦ୍ଧାର୍ଥ - ମା' ସେମିତି କିଛି ତୁହେଁ ।

ମାୟାବତୀ - ନା, ନିଶ୍ଚୟ କିଛି ହୋଇଛି । ସିଦ୍ଧାର୍ଥ ତୁ ମିଛ କହୁଛୁ । ଯେଉଁ ସତ୍ୟ ପଥରେ ଯିବା ପାଇଁ, ମୁଁ ତତେ ପିଲାଟି ଦିନରୁ ବୁଝାଇ ଆସିଛି, ତୁ ପୁଣି ସେଇ ମା'କୁ ମିଛ କହିଲୁ ? ବୋହୁ, କହ, ହୋଇଛି କ'ଣ ?

ସିଦ୍ଧାର୍ଥ - ମୁଁ ମିଛ କହୁନି ମା, ମୋତେ ବିଶ୍ୱାସ କର । ମୁଁ ଚାହେଁ ଶାନ୍ତି । ମୁଁ ଶାନ୍ତି ପାଇପାରୁନି ମା ।

ମାୟାବତୀ - ବୁଝିଲି । ତୋର ପାଗଳାମି ଆରମ୍ଭ ହୋଇଗଲା । ଶାନ୍ତିକୁ ଖୋଜିଲେ, ଶାନ୍ତି ମିଳେ ନା । ଶାନ୍ତି ଅଛି ତୋରି ଅନ୍ତରରେ । ସେଇଠି ତାକୁ ଖୋଜ । ନିଶ୍ଚୟ ତୁ ଶାନ୍ତି ପାଇବୁ ।

ଯଶୋଧାରା- ଆପଣ କଥାରେ ସେ ସୁଖୀ ହୋଇ ପାରିବେତ ମା ? ସେ ଚାହାଁନ୍ତି..

ମାୟାବତୀ - କ'ଣ ସେ ଚାହେଁ ? ସିଦ୍ଧାର୍ଥ ତୁ ମୋତେ ଖୋଲି କହୁନାହୁଁ କାହିଁକି ? ବାବାଙ୍କ କାର୍ଯ୍ୟକାପ ତୋତେ ବ୍ୟଥିତ କରୁଛି, ତା ମୁଁ ଭଲକରି ଜାଣେ । ତାର ଅର୍ଥ ତୁ କ'ଣ ଚାହୁଁ, ବାବା, ତୋ ପାଇଁ ଘର ଛାଡ଼ି ଚାଲିଯିବେ ?

ସିଦ୍ଧାର୍ଥ - (ଆଶ୍ଚର୍ଯ୍ୟଭାବ) ମା', ସେପରି କହନ୍ତୁନି ମା ।

ମାୟାବତୀ - ତେବେ ତୁ କହ, କେଉଁଥିପାଇଁ ତୋର ଅଶାନ୍ତି ?

ଯଶୋଧାରା- ମା'କୁ ଖୋଲି ନ କହି, ତୁମ ଅଯଥାରେ ମୋ ମନକୁ ଭାରାକ୍ରାନ୍ତ କରୁଛ କାହିଁକି ? ତୁମେ ଛାଡ଼ି ଚାଲିଗଲେ, ଶାନ୍ତି ପାଇ ପାରିବ, ଏ କଥା ମା'କୁ ଖୋଲି କହୁନାହଁ କାହିଁକି ?

ମାୟାବତୀ - ସିଦ୍ଧାର୍ଥ, ଏଇଆ କ'ଣ ତୋର ଇଚ୍ଛା ? ତୋର ଜନନୀ, ତୋର ପିତୃଦେବ, ପତ୍ନୀ, ପୁତ୍ର ସମସ୍ତଙ୍କୁ ଛାଡ଼ି, ତୁ ଚାଲିଯିବୁ ? ତା'ହେଲେ, ତୋତେ ଛାଡ଼ି ମୁଁ ବଞ୍ଚିବି କିପରି କହ ? ଯଦି ତୁ ଯିବାକୁ ଚାହୁଁ ମୋତେ ମାରିଦେଇ ଯା । ତୁ ବେଶ୍ ଶାନ୍ତି ପାଇପାରିବୁ ।

ସିଦ୍ଧାର୍ଥ - ମା' ସେପରି କୁହନି ।

ମାୟାବତୀ - ତେବେ, ଆଉ କ'ଣ କହିବି, ତୁ ମୋତେ କହ । (କାନ୍ଦୁଥିଲେ)

ସିଦ୍ଧାର୍ଥ - କାନ୍ଦନି ମା' କାନ୍ଦନି । ମୁଁ ତୁମ ମନରେ ଦୁଃଖ ଦେଉନି ମା ।

Digitized by srujanika@gmail.com

ମୋପରି ଅଧମ ସନ୍ତାନ, ତୁମକୁ ଜନ୍ମ, ଜନ୍ମାନ୍ତର ପାଇଁ ନମିଲୁ ।
ମୁଁ ଯିବିନି ମା । ତୁମକୁ ଛାଡ଼ି କୁଆଡ଼େ ଯିବିନି । (ଭିଡ଼ି ଧରିଛନ୍ତି)

- ଅନ୍ଧାର -

- ଦ୍ୱିତୀୟ ଦୃଶ୍ୟ -

(ରାସ୍ତା । ଭିଖାରୀଟିଏ, ସାଙ୍ଗରେ ୨ଟି ପିଲାଙ୍କୁ ଧରି, ଗୀତ ଗାଇ ଗାଇ ଭିଖ ମାଗୁଥିଲା । ଗୀତ ଗାଇ, ଶୁଦ୍ଧୋଧନଙ୍କ ଦୁଆର ମୁହଁକୁ ଯାଇଛି । ଗୀତ ମଝିରେ - 'ମୁଠେ ଭିକ ମିଳୁ ମା' ବୋଲି ପିଲା ଦୁଇଟି ଚିତ୍କାର କରୁଥାନ୍ତି ।)

ଗୀତ

ଆସିଥିଲି କାଳିଆ ତୋ ଦରଶନ ପାଇଁରେ
ତୋତେ ଛାଡ଼ି ଯିବାକୁ ମୋ ମନ ବଳୁ ନାହିଁରେ ।ଠା

ଏଇ ସମୟରେ ଶୁଦ୍ଧୋଧନ ଭିତରୁ ଆସିଛନ୍ତି । ଭିଖାରୀକୁ ଦେଖି ଘୃଣାରେ ଭ୍ରୂକୁଞ୍ଚନ କରିଛନ୍ତି ।)

ଶୁଦ୍ଧୋଧନ - Today is not a good day. ଗୋଟିଏ ଭଲ କାମରେ ବାହାରିବା ବେଳକୁ, ଦୁଆର ମୁହଁରେ ଗୋଟିଏ ଭିଖାରୀ । ଏ ଭିଖାରୀ ଗୁଡ଼ାକ, ଏ ଅଞ୍ଚଳରେ ଏତେ ପରିମାଣରେ ହୋଇଗଲେଣି ଯେ, ଯୁଆଡ଼େ ଦେଖିଲେ ଏଇମାନଙ୍କୁ ଖାଲି ଦେଖିବାକୁ ମିଳିବ । ମ୍ୟୁନିସିପାଲଟି କୁକୁର ବଂଶ ନିପାତ କଲାଭଳି, ଏମାନଙ୍କୁ ବିଷ ଦେଇ ମାରିଦେବା ଦରକାର । Country will be saved, and a great problem will be solved.

(ପାଗଳଟିଏ ଶୁଣୁଥିଲା ।)

ପାଗଳ - (ହସିଉଠିଲା) ମାରିଦିଅ । ଏ ଭିଖାରୀରୂପୀ କୁକୁରଗୁଡ଼ାକୁ ବିଷ ଦେଇ ମାରିଦିଅ । ଏମାନେ ସବୁ ହେଲେ ବୁଲାକୁକୁର । ବଡ଼ଲୋକମାନଙ୍କର ଅଇଁଠା ପତର ଚାଟିବା ପାଇଁ ଏମାନଙ୍କର ଜନ୍ମ । ଆଉ ମିଷ୍ଟର ରାୟ ତୁମେ କରୋଡ଼ପତି । ତୁମ କୁକୁର, ଯେଉଁ ଶେଯରେ ଶୁଏ, ଏ ବୁଲାକୁକୁରଗୁଡ଼ାକ ତା' କଳ୍ପନା କରି ପାରିବେନି ।

Digitized by srujanika@gmail.com

ତୁମ କୁକୁର ଯାହାଖାଏ, ତା' ପାଇଁ ଯେଉଁ ଅର୍ଥ ବରବାଦ ହୁଏ, ସେଥିରେ ଏଭଳି ୨୦ଟି ଷ୍ଟ୍ରିଟ୍ ଡ଼ଗ୍, ଆରାମରେ ଗଣ୍ଡେ ଖାଇ ବଞ୍ଚିପାରିବେ । (ପାଖକୁ ଆସି) କ'ଣ ମୁଁ ସତ କହିଲି ।

ଶୁଦ୍ଧୋଧନ - ଆଉ ଗୋଟେ କାଙ୍ଗାଳ ଆସି ଜୁଟିଗଲା । ମୋତେ ଦେଖିଲେ, ଏ କାଙ୍ଗାଳମାନଙ୍କର ଗୋଟାଏ ମେଳା ଏଠାରେ ବସିଯିବ । ଆବେ ହାରାମଜାଦା, ତୁ ପୁଣି ଆସିଛୁ କାହିଁକି ? ଚାଲିଯା, ଧ୍ରୁ ୀଣ୍ଡୁ, ମୁଁ କିଏ ?

ପାଗଳ - (ହସିଛି) ଜାଣିଛି, ତୁମକୁ ନ ଜାଣେ କିଏ ?

ଶୁଦ୍ଧୋଧନ - ମୋତେ ଜାଣିଲାପରେ, ମୋତେ କହିବାକୁ ତୋର ସାହାସ ହେଲା କିପରି ?

ପାଗଳ - ମୋର ସାହସ ପାଇଁ ତୁମେ ତାରିଫ କର, ରାୟ ସାହେବ, ସାହାସ ମୋର ବହୁତ ଦିନରୁ ବଢ଼ିଯାଇଛି । ତେବେ ମୁଁ ଖାଲି ଗୋଟାଏ ଅପ୍ରିୟ ସତ୍ୟ, ତୁମ ଆଗରେ ଖୋଲିଦେଲି । ମୁଁ ଜାଣେ, ରାୟବାବୁଙ୍କୁ ଖୁବ୍ ବାଧୁଥିବ । ସାହେବ ମୋର କହିବାର ଅଧିକାର ଅଛି । ମୁଁ କହିବି, ତୁମ୍ଭମାନଙ୍କର ମୁଖା ଖୋଲିଦେବି ।

ଶୁଦ୍ଧୋଧନ - (ମାରିବାକୁ ହାତ ଉଠାଇ, ପୁଣି ନେଇ ଆସିଲେ ।)

ପାଗଳ - (ହସିଛି) କ'ଣ ସାର୍, ମାରିବେ । ବେଶ ମାରନ୍ତୁ । ମୋତେ ମାରିଲେ, ତୁମର ହାତ ଗନ୍ଧାଇବ । ଢ଼େଟଲ୍ ଆଣ୍ଟିସେପ୍ଟିକ୍ ଦରକାର ପଡ଼ିବ । ସେ ଭୁଲ କରନ୍ତୁନି ।

ଶୁଦ୍ଧୋଧନ - ଶୁଭକାମରେ ବାହାରିବା ବେଳକୁ ଦୁଇ, ଦୁଇଟା ମ୍ଲେଚ୍ଛ ଭିଖାରୀ । ଆଜି କୌଣସି କାମ ହେବନାହିଁ । ସେ ଭୋଳାରାମ ଗଲେ କୁଆଡ଼େ ? ଡ୍ରାଇଭର ଗାଡ଼ି ନେଇ ଆସିଲାନି କାହିଁକି ?

ଦୁଇଟି ପିଲା - ବାବୁ, ଦୁଇଦିନ ହେଲା ଖାଇନୁ ।

ଭିଖାରୀ - କିଛି ଦୟାକର ବାବୁ । ଭଗବାନ ତୁମର ମଙ୍ଗଳ କରିବେ ।

ଶୁଦ୍ଧୋଧନ - ହେ, ପାଖକୁ ମାଡ଼ି ଆସୁଛୁ କାହିଁକି ? ଯାଅ, ଦୂରରେ ଠିଆ ହୁଅ । ଆଜି ଭୋଳରାମକୁ ମୁଁ ସସ୍‌ପେଣ୍ଡ କରିବି ।

ପାଗଳ - କର, ସସ୍‌ପେଣ୍ଡ୍ କର । ଚାକିରୀରୁ ବାହାର କରିଦିଅ । ତୁମେ ମାଲିକ । ତୁମେ ଅନ୍ନଦାତା ।

Digitized by srujanika@gmail.com

ଭିଖାରୀ - ଅନ୍ନଦାତା, ଆମକୁ ମୁଠାଏ ଅନ୍ନ ମିଳୁ ।

ଶୁଦ୍ଧୋଧନ - ଥରେ କହିଲି, ଦୂରରେ ଠିଆ ହୁଅ । ତୁ କ'ଣ ଜାଣୁନା, ମୁଁ କିଏ ?

ଭିଖାରୀ - ତୁମେ ଯେ ହୁଅ ନା କାହିଁକି ବାବୁ, ତୁମେ ମଣିଷ । ଆମ ପରି ରକ୍ତ, ମାଂସର ମଣିଷ ।

ଶୁଦ୍ଧୋଧନ - କ'ଣ କହିଲୁ ? ତୁ କାହା ସଂଗେ, କାହାକୁ ତୁଳନା କରୁଛୁ । ତୋ ପରି ମୁଁ ଜଣେ ମଣିଷ ବାହାରି ଯା । (ଜୋର୍‌ରେ ଠେଲି ଦେଲେ ।) ଏଠାରେ ରହିଲେ, ଏ ଭିଖାରୀଗୁଡ଼ାକ ପ୍ରାଣ ଖାଇଯିବେ । (ଭିଖାରୀଟି ତଳେ ପଡ଼ି, ଚିତ୍କାର ଛାଡୁଥିଲା । ଶୁଦ୍ଧୋଧନ ରାଗ, ଗର, ଗର ହୋଇ ଚାଲିଗଲେ ।)

ଭିଖାରୀ - ଓଃ, କି କଷ୍ଟ ! ପାଣି, ପାଣି ।
(ପାଗଳ ଦୌଡ଼ି ଯାଇ, ପାଣି ଆଣିଛି, ଭିଖାରୀଟିକୁ ପାଣି ଦେଇଛି ।)
ଏ ମଣିଷ କି ନିଷ୍ଠୁର । ପଇସାଟିଏ ଦେଲ ନାହିଁ, ତା'ବଦଳରେ କାହିଁକି ଦେଲ ବାବୁ, ନିଷ୍ଠୁର ଯନ୍ତ୍ରଣା ।

ପାଗଳ - କାହାକୁ ଏ କଥା ପଚାରୁଛ ବୃଦ୍ଧ । ତୁମର କଷ୍ଟ, ସେମାନଙ୍କର ଆନନ୍ଦ । ତୁମର କାଳ, ସେମାନଙ୍କର ଖେଳ । ସେମାନେ ବଡ଼ ଲୋକ । ମଣିଷ ସେମାନଙ୍କୁ ଗନ୍ଧାନ୍ତି । ନିଅ, ଏଇ ଟଙ୍କାଟିକୁ ରଖ ।

ଭିଖାରୀ - ବାବୁ, ତୁମେ ତ ମଣିଷ । ତୁମେ ତ ଆମକୁ ଘୃଣା କରୁନ ।
(ପ୍ରବେଶ କରିଛି ସିଦ୍ଧାର୍ଥ)
ଥାଉ । ମୁଁ ଚାଲିଯିବି । କେବେ ଆଉ ଏ ଦୁଆରକୁ ଆସିବି ନାହିଁ ।

ପାଗଳ - ଏବେ ତୁମେ ଠିକ୍ କହିଛ । ଏ ଦୁଆରକୁ ଆଉ ଆସ ନାହିଁ । ଏଠି ମଣିଷକୁ, କୁକୁର ସହିତ ବିଚାର କରାଯାଏ । ଯାଅ । (ବୃଦ୍ଧକୁ ଧରି ପାଗଳ ନେଉଥିଲା)

ସିଦ୍ଧାର୍ଥ - (ଲକ୍ଷ୍ୟ କରୁଥିଲେ) ହେ ମହାତ୍ମା, ତୁମେ ବିରାଟ, ତୁମେ ମହାନ୍ । ତୁମେ ମଣିଷ ନୁହଁ, ତୁମେ ଦେବତା ।

ପାଗଳ - (ହସି, ହସି ବେଦମ୍ ହୋଇଯାଇଛି) ମୁଁ ପୁଣି ଦେବତା । ଶୁଣୁଛ, ଶୁଣୁଛ ବୃଦ୍ଧ, ମୁଁ ଦେବତା, ମୁଁ ପୁଣି ମହାତ୍ମା । ତୁମେ ମୋ ପରି ହୋଇପାରିବ ନାହିଁ । ତୁମେ ସବୁ ମଣିଷକୁ ଘୃଣା କର । ଯେପରି,

Digitized by srujanika@gmail.com

ତୁମର ପିତୃଦେବ, ଏଇ ମଣିଷଟିକୁ କୁକୁର ପରି ବ୍ୟବହାର କଲେ । ଏଇ କୁକୁରଗୁଡ଼ାଙ୍କୁ, ବିଷ ଦେଇ ମାରିଦେବାକୁ କହିଲେ ।

ସିଦ୍ଧାର୍ଥ - କିଏ ସେ ଅମନୁଷ୍ୟ ? କିଏ ସେ ରାକ୍ଷସ ?

ପାଗଳ - ଏବେ ସ୍ୱୀକାର କଲ । ସେ ଅମନୁଷ୍ୟକୁ ଚିହ୍ନି ପାରିଲ । ସେ ହେଉଛନ୍ତି ତୁମର ପିତୃଦେବ । କିଂତୁ, ତୁମେ ତାଙ୍କ ପୁଅପରି ଜଣାଯାଉନାହଁ । ତୁମେ ଏକ ଭିନ୍ନ ମନୁଷ୍ୟ । ମନୁଷ୍ୟ ରୂପରେ ଭଗବାନଙ୍କର ଏକ ଅବତାର । ହିରଣ୍ୟକଶିପୁର ପୁଅ ପ୍ରହଲ୍ଲାଦ ।

ସିଦ୍ଧାର୍ଥ - (ଭିଖାରୀର ଦେହରୁ ଧୂଳି ଝାଡ଼ିଦେଇଛନ୍ତି ପିଲାର ଶିଙ୍ଘାଣୀ ପୋଛି ଦେଇଛନ୍ତି । ନିଜର ଚାଦରଟି ଘୋଡ଼ାଇ ଦେଇ, ଶହେ ଟଙ୍କା ନୋଟଟିଏ ଦେଇ)

ହେ ମହାତ୍ମା, ମୋର ପିତୃଦେବଙ୍କ କାର୍ଯ୍ୟକଳାପ ପାଇଁ ମୁଁ ଲଜ୍ଜିତ । ତାଙ୍କ ପାଇଁ ତୁମେ ମୋତେ କ୍ଷମା କରିଦିଅ ।

ଭିଖାରୀ - ବାବୁ, ତୁମେ ଦେବତା । ତୁମ୍ଭମାନଙ୍କର ମଙ୍ଗଳ ହେଉ । ତାଙ୍କର କିଛି ଦୋଷ ନାହିଁ । ସେ ବଡ଼ ଲୋକ ।

ପାଗଳ - ଚାଲ, ତୁମକୁ ମୁଁ, ତୁମ ଘରେ ଛାଡ଼ି ଦେଇ ଆସିବି ।

(ଧରି ଧରି ନେଇଗଲା । ପିଲାଦୁଇଟି ସିଦ୍ଧାର୍ଥକୁ ଚାହୁଁଥିଲେ । ସେ ଚାହାଣୀରେ ଭରି ରହିଥିଲା କୃତଜ୍ଞତା)

ସିଦ୍ଧାର୍ଥ - (ଉପରକୁ ହାତଟେକି) ହେ ପ୍ରଭୁ, ମୁଁ ଶୁଣୁଛି କ'ଣ ? ମଣିଷକୁ ଦିବ୍ୟବୁଦ୍ଧି ଦିଅନ୍ତୁ ପ୍ରଭୁ । ଧନମଦରେ ପାଗଳ ମନୁଷ୍ୟ, ଭୁଲି ଯାଉଛି କାହିଁକି, ଅନ୍ୟମାନଙ୍କ ପରି, ସେ ବି ଜଣେ ମନୁଷ୍ୟ । (ସିଦ୍ଧାର୍ଥ ଘରକୁ ଯାଉଥିବାବେଳେ ପ୍ରବେଶ କରିଛନ୍ତି ମାୟାବତୀ ।)

ମାୟାବତୀ - ସିଦ୍ଧାର୍ଥ,

ସିଦ୍ଧାର୍ଥ - ମା',

ମାୟାବତୀ - ଗରୀବମାନଙ୍କୁ ତୁ ଯଦି ଏପରି ଦାନ କରୁ

ସିଦ୍ଧାର୍ଥ - ମା' ତୁମେ କହୁଚ କ'ଣ ? ଏଇ ଦାନରେ ତୁମର ସଂପତ୍ତି ଶେଷ ହୋଇଯିବ ? ମୁଁ ତୁମକୁ ଥରେ କହିଛି ମା, ଏ ସଂପତ୍ତି ପ୍ରତି ମୋର କୌଣସି ଆକର୍ଷଣ ନାହିଁ ।

ମାୟାବତୀ - ମୁଁ ଚାହେଁ ସିଦ୍ଧାର୍ଥ, ଏ ଘରର ଆଭିଜାତ୍ୟ, ପରମ୍ପରାକୁ ତୋତେ ସମ୍ମାନ ଦେବାକୁ ହବ ।

Digitized by srujanika@gmail.com

ସିଦ୍ଧାର୍ଥ - କ'ଣ, ଜଣେ ଭିଖାରୀ ପ୍ରତି ଅତ୍ୟାଚାର କରି ? ମଣିଷକୁ, ପଶୁ ପରି ବ୍ୟବହାର କରି ? ଅନ୍ୟର ଆତ୍ମସମ୍ମାନକୁ ପଦଦଳିତ କରି ? ଯଦି ଏହି ସବୁ କରି, ଏ ଆଭିଜାତ୍ୟକୁ ରକ୍ଷା କରାଯାଏ, ମୁଁ ସେ ସବୁ କରିବାକୁ ଅସମର୍ଥ ମା । ମୁଁ ପାରିବିନି । ମୋତେ ମା' କ୍ଷମା କରିଦିଅ ।

ମାୟାବତୀ - ମୁଁ ସବୁ ଦେଖିଛି ସିଦ୍ଧାର୍ଥ, ତୋର ବାବାଙ୍କ ପାଇଁ, ତୁ କ୍ଷମା ମାଗିବା, ବିଶେଷ କରି ଗୋଟାଏ ଭିଖାରୀ ନିକଟରେ, ତା' ମୁଁ ସହ୍ୟ କରିପାରିବିନି ସିଦ୍ଧାର୍ଥ ।

ସିଦ୍ଧାର୍ଥ - ମା' ଏ କଥାକହିପାରୁଛ ? କାହାକୁ ଭିଖାରୀ କହୁଛ ମା ? ଯାର ଧନ ନାହିଁ, ତୁମମାନଙ୍କ ବିଚାରରେ ସେମାନେ ଭିଖାରୀ । ସେ ଅମନୁଷ୍ୟ । ସେ ଘୃଣ୍ୟ । ତାର ଯେପରି ବଞ୍ଚିବାର ଅଧିକାର, ଏ ଦୁନିଆରେ ନାହିଁ । କିଏଜାଣେ, ଆମେ ବା କାହିଁକି ଭିଖାରୀ ନ ହୋଇଯିବା । ସେତେବେଳେ ଯଦି ଜଣେ ତୁମକୁ ଘୃଣା କରେ । ତୁମ ମନରେ କି ଆନନ୍ଦ ଜାତ ହେବ, ତାହା ମୋତେ କହ ମା । ମା' ମୋର ଏକମାତ୍ର ଅନୁରୋଧ, ମଣିଷକୁ ସ୍ନେହ କର । ତାକୁ ଆଦର କର । ପ୍ରଭୁ ସନ୍ତୁଷ୍ଟ ହେବେ । ସେ ସୃଷ୍ଟି କରିଛନ୍ତି ଏ ମଣିଷକୁ । ସୃଷ୍ଟି କରିଛନ୍ତି ଧନୀ, ଗରୀବ ଶ୍ରେଣୀ । ମୋ ବିଚାରରେ ସେ ଭୁଲ କରିଛନ୍ତି ମା । ମୁଁ ଆସୁଛି ।

(ସିଦ୍ଧାର୍ଥ ଚାଲିଗଲେ ।)

(କିଛି ସମୟ ପରେ ପ୍ରବେଶ କଲେ ଶୁଦ୍ଧୋଧନ)

ଶୁଦ୍ଧୋଧନ - ମାୟା, ସିଦ୍ଧାର୍ଥ ଉତ୍ୟକ୍ତ ଥିଲା ପରି ଜଣାପଡୁଥିଲା ?

ମାୟାବତୀ - ସେ ସବୁ ବୁଝିବା, ତୁମର ଦରକାର ନାହିଁ ।

ଶୁଦ୍ଧୋଧନ - ମୁଁ ପଚାରୁଛି, କ'ଣ ହୋଇଛି ତାର ? ତୁମେ ମୋତେ ଖୋଲି କହୁନା କାହିଁକି ?

ମାୟାବତୀ - କାହାର କିଛି ହୋଇନି, ସବୁ ଭାଗ୍ୟର ଦୋଷ । ଚାଲ, ମୁଁ ପରେ କହିବି ।

ଶୁଦ୍ଧୋଧନ - ଓଃ, ବୁଝିଲି, କିଛି ଗୋଟାଏ ପାଗଳାମି, ତା ମୁଣ୍ଡକୁ ନିଶ୍ଚୟ ଛୁଟିଛି । ହଉ, ସେ କଣ କରିବ, ତା ମୁଁ ଦେଖୁଛି ।

- ଅନ୍ଧାର -

Digitized by srujanika@gmail.com

- ତୃତୀୟ ଦୃଶ୍ୟ -

(ରାଜପଥ । ଦୁଇଜଣ ଭଣ୍ଡ ସନ୍ୟାସୀ ପ୍ରବେଶ କଲେ ।)

କାଶିଆ - ଭାଇ କପିଳା, ଦେଖିଲ, ଭକ୍ତଙ୍କର ଆଗମନ ହେଉଛି କି ?

କପିଳା - (ଚାରିଆଡ଼କୁ ଦେଖି) ଭାଇ କାଶିଆ, ଜଣେ ଆସୁଅଛି ।

କାଶିଆ - (ଦେଖି) ଓଃ, ବୁଝିଲି । ଏ ଗୋଟାଏ ମଖିଚୁସ । ଏହାଠାରୁ ଧନ ଆଦାୟ କରିବା, କାଠିକର ପାଠ ।

କପିଳା - ହବ, ଆଦାୟ ନିଶ୍ଚୟ ହବ । ଅପେକ୍ଷା କର । (ପ୍ରବେଶ କରିଛି ନରୋତ୍ତମ)

ନରୋତ୍ତମ - (ସଞ୍ଚା ଥାଳିଟି ଥୋଇଦେଇ ସାଷ୍ଟାଙ୍ଗ ପ୍ରଣାମ କଲା ।)

କାଶିଆ - ମା' ଚଣ୍ଡୀ ତୁମରମଙ୍ଗଳ କରିବେ ।

ନରୋତ୍ତମ - ଆଉକି ମଙ୍ଗଳ ମହାରାଜ, ବଂଶରକ୍ଷା ପାଇଁ ସନ୍ତାନଟିଏ ତ ମା' ଦେଲେ ନାହିଁ ।

କାଶିଆ - ଦେବେ, ଅବଶ୍ୟ ଦେବେ ।

ନରୋତ୍ତମ - ଦେବେ, ତା'ହେଲେ କେବେ ?

କପିଳା - ଯେବେ, ମା' ସନ୍ତୁଷ୍ଟ ହେବେ ।

ନରୋତ୍ତମ - ସେଇଥିପାଇଁ ତ ଧାଇଁ ଆସିଲି । ଏ ଅଞ୍ଚଳରେ ଆପଣଙ୍କ ଯଶ, କୀର୍ତ୍ତିର ପ୍ରଚାର ଶୁଣି, ମନ ମୋର ବ୍ୟାକୁଳ ହୋଇ ଉଠିଲା ।

କାଶିଆ - ସେଥିପାଇଁ, ଆମ୍ଭେ ତୁମ୍ଭ ଗୃହାଭିମୁଖେ ଗମନ କରୁଥିଲୁ, ଭକ୍ତ । ଭକ୍ତ, ନରୋତ୍ତମ, ତୁମ୍ଭେ ଭକ୍ତମାନଙ୍କ ମଧ୍ୟରେ ଅତି ଉତ୍ତମ । ତୁମ୍ଭର ତିନୋଟି ପତ୍ନୀ ।

ନରୋତ୍ତମ - ପାଞ୍ଚୋଟି ଆଜ୍ଞା ।

କପିଳା - ମହାରାଜଙ୍କ ଠାରୁ ପ୍ରଥମେ ଶ୍ରବଣ କର ।

କାଶିଆ - ମୁଁ ଜାଣେ, ତିନୋଟି ଜୀବିତ । ପ୍ରଥମଟି ତୁମ୍ଭଦ୍ୱାରା ନିର୍ଯ୍ୟାତିତା । ଦ୍ୱିତୀୟଟି ତୁମ୍ଭର ଗଳାର ହାର । ମାନେ, ତୁମ୍ଭେ ତାକୁଖୁବ୍ ପ୍ରେମ୍ କର, ସ୍ନେହ କର, ଆଦର କର । ଦରକାର ପଡ଼ିଲେ, ତାର ପଦଯୁଗଳ ସେବା କର ।

କପିଳା - ନରୋତ୍ତମ, ପତ୍ନୀ ସେବା ଉତ୍ତମ ସେବା । ଯେ ନରମାନଙ୍କ ମଧ୍ୟରେ ଉତ୍ତମ, ସେ ହିଁ କରେ ପତ୍ନୀସେବା । କେଉଁ ଜନ୍ମ, ଜନ୍ମାନ୍ତରର ଏ

Digitized by srujanika@gmail.com

ପୁଣ୍ୟ ଫଳ, ନରୋତ୍ତମ । ମହାରାଜ, କହିଯାନ୍ତୁ, ଭକ୍ତ ଯେ ଶୁଣିବାକୁ ବ୍ୟଗ୍ର ।

ନରୋତ୍ତମ - ମହାରାଜ, ଆପଣ ଅନ୍ତର୍ଯ୍ୟାମୀ । ସବୁତ ମୋର ଅନ୍ତର କଥା ଖୋଲି କହୁଛନ୍ତି ।

କାଶିଆ - ଆଉ, ତୁମର ତୃତୀୟ ସ୍ତ୍ରୀ, ସେ ପିତ୍ରାଳୟରେ । ମାନେ, ତୁମର ଦ୍ୱିତୀୟ ପତ୍ନୀ ପ୍ରତି ଅତିରକ୍ତ ସ୍ନେହ, ଶ୍ରଦ୍ଧା ଦେଖି, ସେ ଇର୍ଷା ପରାୟଣା । ଥରେ ତାକୁ ବିଷ ଦେବାକୁ ଚେଷ୍ଟା କରି, ସେଥିରେ ବିଫଳ ହେବାରୁ, ସେ ବର୍ତ୍ତମାନ ତାଙ୍କର ପିତୃଗୃହରେ ।

ନରୋତ୍ତମ - ସତ୍ୟ ମହାରାଜ, ମୁଁ ତାକୁ ଉପଯୁକ୍ତ ଶାସ୍ତି ଦେବି ।

କପିଳା - ସେ ଭୁଲ କରନାହିଁ, ନରୋତ୍ତମ ।

କାଶିଆ - ନରୋତ୍ତମ,

ନରୋତ୍ତମ - ମହାରାଜ,

କାଶିଆ - ମୁଁ ତିନୋଟି ସ୍ତ୍ରୀକୁ ପ୍ରସାଦ ଦେବି । ତୁମେ ତିନୋଟି ପୁତ୍ର ସନ୍ତାନର ଜନକ ହେବ ।

ନରୋତ୍ତମ - ସେ ଭାଗ୍ୟ ମୋର ହବ ଆଜ୍ଞା, ଉଷୁନା ଧାନ କ'ଣ ସତରେ ଗଜା ହେବ ।

କାଶିଆ - (ହସିଲା) କ'ଣ ବିଶ୍ୱାସ ହେଉ ନାହିଁ ?

ନରୋତ୍ତମ - କେମିତି ହବ ଆଜ୍ଞା, ଏଥିପାଇଁ ତ, କେତେ ଦ୍ୱାର ଯେ ବୁଲିଲିଣି, ତେବେ ମହାରାଜ, ମୋର ଦ୍ୱିତୀୟ ସ୍ତ୍ରୀ ପ୍ରତି ଦୟା କରନ୍ତୁ । ସେ ପତିବ୍ରତା ନାରୀ । ତା'ସେବାରେ ମୁଁ ସନ୍ତୁଷ୍ଟ । ଆଉ ଏ ଦୁଇଟା, ଡ଼ାହାଣୀ, ମୋର ସର୍ବସ୍ୱ ଖାଇ, ମୋର ନିନ୍ଦା ଗାଉଥିଲେ ।

କପିଳା - ମହାରାଜ, ତା'ହେଲେ ଦ୍ୱିତୀୟ ସ୍ତ୍ରୀକୁ ଆଶୀର୍ବାଦ କରନ୍ତୁ ।

କାଶିଆ - ତୁମର ଇଚ୍ଛା କ'ଣ ଖୋଲି କୁହ, ଭକ୍ତ ପ୍ରବର ।

ନରୋତ୍ତମ - ଆପଣତ ମୋ ମନ କଥାଭଲ ଭାବରେ ଜାଣିଛନ୍ତି ।

କାଶିଆ - ତା'ହେଲେ ସେଇଆ ହେବ । ସୌରୀବାସରେ ଅମାବାସ୍ୟା ତିଥୀ, ସଂକ୍ରାନ୍ତିର ପ୍ରବେଶ । ଉତ୍ତମ ତିଥି, ବାର, ନକ୍ଷତ୍ର ଓ ବେଳା । ଶ୍ମଶାନଚଣ୍ଡୀଙ୍କର ପୂଜାବିଧାନ, ସେହିଦିନ ହିଁ ବିଧେୟ । କ'ଣ ପାରିବୁ, ମା'କୁ ସନ୍ତୁଷ୍ଟ କରି ପାରିବୁ ?

Digitized by srujanika@gmail.com

ନରୋତ୍ତମ - ମା' ସନ୍ତୁଷ୍ଟ ହେଲେ, ପୁତ୍ର ସନ୍ତାନ ସମ୍ଭବ ?

କାଶିଆ - ଅବିଶ୍ୱାସୀ ନର, ବିଶ୍ୱାସ ନାହିଁ ତୋର । ଯାଅ, ଶୀଘ୍ର ଏ ସ୍ଥାନ ତ୍ୟାଗ କର ।

ନରୋତ୍ତମ - ମହାରାଜ, ମୁଁ ଅଧମ । ବହୁସ୍ଥାନରୁ ଧୋକା ଖାଇଥିବାରୁ ମୁଁ ଟିକିଏ ବିଶ୍ୱାସ ସ୍ଥାପନ କରିବାରେ, ମୋର ବିଳମ୍ବ ଘଟୁଛି । ତେବେ ପୂଜା ବିଧାନ ମୁଁ ନିଶ୍ଚୟ କରିବି ।

କାଶିଆ - ବେଶ୍, ଯାଅ, ପୂଜାର ବିଧାନ ପାଇଁ ପ୍ରସ୍ତୁତ ହୁଅ ।

ନରୋତ୍ତମ - ତେବେ ସ୍ୱାମୀବାବା, ଏ ସାମାନ୍ୟ ଗ୍ରହଣ କରନ୍ତୁ ।

କପିଳା - ନା, ନା, ସ୍ୱାମୀମହାରାଜ, ସାମାନ୍ୟ ବା ତଣ୍ଡୁଳ ଗ୍ରହଣ କରନ୍ତି ନାହିଁ । ଏସବୁ ନେଇଯାଅ ।

ନରୋତ୍ତମ - କହିଲେନି ବାବା, କେତେ ଅର୍ଥର ପ୍ରୟୋଜନ ହେବ ?

କାଶିଆ - ହବ, ପ୍ରକାଶ କରିବି । ତେବେ ନିଶାର୍ଦ୍ଧରେ ଶ୍ମଶାନ ଚଣ୍ଡୀ ମନ୍ଦିରରେ ଏ ପୂଜାର ଆୟୋଜନ ହବ । ମା' ଯେତେବେଳେ ପ୍ରସନ୍ନା ହୋଇ ପ୍ରସାଦ ଦେବେ...

ନରୋତ୍ତମ - ମା' ନିଜେ ଦେବେ ବାବା ।

କପିଳା - ନିଜେ ତ ରହି ସବୁ ଦେଖିବ ।

କାଶିଆ - ହଁ, ତୁମେ ସସ୍ତ୍ରୀକ ସେ ସ୍ଥାନରେ ଉପସ୍ଥିତ ରହିବ । ପ୍ରସାଦ ଗ୍ରହଣ ବେଳେ, ତୁମର ପତ୍ନୀକୁ ଉଲଗ୍ନ ରହିବାକୁ ହବ ।

ନରୋତ୍ତମ - ନା, ମହାରାଜ, ଏଥିପାଇଁ ସେ ରାଜି ହେବେ ନାହିଁ ।

କାଶିଆ - ରାଜି ହେବେନାହିଁ ? କାହିଁକି ? କାହିଁକି ମନରେ ସଙ୍କୋଚ ?

ନରୋତ୍ତମ - ସବୁ କରିବାକୁ ଆମେ ପ୍ରସ୍ତୁତ । କିଂତୁ ଉଲଗ୍ନ ହବାଟା ଅସମ୍ଭବ । ତାର ବିକଳ୍ପ ବନ୍ଦୋବସ୍ତ କରନ୍ତୁ ।

କପିଳା - ମହାରାଜ, ଭକ୍ତର ଇଚ୍ଛା ହିଁ ପୂର୍ଣ୍ଣ ହେଉ ।

କାଶିଆ - ବେଶ୍, ଅନ୍ୟ ବନ୍ଦୋବସ୍ତ କରିବା । ନିଶ୍ଚୟ କରିବା । ତେବେ ତୁମେ ୫୦ହଜାରଟି ମୁଦ୍ରାର ଆୟୋଜନ କର ।

ନରୋତ୍ତମ - ମହାରାଜ, ମୁଁ ଏତେ ମୁଦ୍ରାଏ ଅର୍ଥ କୁଆଡୁ ପାଇବି । ଦେବି, ସବୁ ଦେବି । କିଂତୁ ପୁତ୍ର ସନ୍ତାନ ଜାତ ହେବା ପରେ । ଆପଣଙ୍କୁ ଖୁସୀ କରାଇଦେବି । ଗୋଟାଏ ସଫଳ ହୋଇଗଲେ, ଟଙ୍କାର ସୁଅ ଛୁଟିବ

ମହାରାଜ । ଅଳ୍ପକରେ ପୂଜାଟା ସାରି ଦିଅନ୍ତୁ । ମୁଁ ୫ଶହ, ବା ହଜାରେ ଟଙ୍କା ବର୍ତ୍ତମାନ ଦେବି ।

କାଶିଆ - ନରାଧମ । ମୋତେ କ'ଣ ଭିଖାରୀ ବୋଲି ଭାବିଛୁ । ମୁଁ ଜାଣେ, ତୋ ପାଖରେ ଯଥେଷ୍ଟ ଅର୍ଥ ଅଛି । ତୋର ସଞ୍ଚିତ ଅର୍ଥକୁ, ମୁଁ ଚାହିଁଲେ, ଶୂନ୍ୟେ, ଶୂନ୍ୟେ ଉଡ଼ାଇ ନେବି ।

ନରୋତ୍ତମ - ନିର୍ଦ୍ଦୟ ହୁଅନ୍ତୁନି ମହାରାଜ । ଟଙ୍କା ମୋର ଜୀବନ । ଦିନରାତି ମୁଁ ସିନ୍ଦୁକ ପୂଜା କରେ । ରାତ୍ରୀ ଉଜାଗର ରହି, ସିନ୍ଦୁକ ଜଗି ରହେ । ସେଥିରୁ ପଚାଶ ହଜାର ଚାଲିଗଲେ, ମୋର ହାର୍ଟ ଫେଲ୍ ହୋଇଯିବ ।

କାଶିଆ, କପିଳା - (ହସିଲେ ।)

କପିଳା - ତୋର ହାର୍ଟଫେଲ୍ ହୋଇଯିବ । କାହିଁ ହେଲାନି ତ ?

କାଶିଆ - ୨ ଲକ୍ଷ ଟଙ୍କା ଚିଟ୍ ଫଣ୍ଡ ଠକି ନେଲେ ।

କପିଳା - ଶହକେ ୨୦ ଭାଗ କଳନ୍ତର । ଲୋଭ ବ୍ୟାପକ ହେଲା ।

କାଶିଆ - କାହିଁ, ତୋର ତ ହାର୍ଟଫେଲ ହେଲାନାହିଁ । ବର୍ତ୍ତମାନ ମୁଁ ତୋର ହାର୍ଟଫେଲ କରାଇଦେବି । ସେ ଅର୍ଥକୁ ଭୋଗ କରିବ କିଏ ? ତୋର ଧନକୁ ଭୋଗ କରିବାକୁ କିଏ ତୋର ଅଛି ? ବଂଶ ରକ୍ଷା କରିବ ତୋର କିଏ ? ପୁତ୍ରଟିଏ ପାଇଁ, କେତେ ତପସ୍ୟା କରୁଛନ୍ତି । ତୁ ସାମାନ୍ୟ ଟଙ୍କା ପାଇଁ, ମିଥ୍ୟାର ଆଶ୍ରୟ ନେଉଛୁ । ପାପିଷ୍ଠ । ବାହାରିଯା । ଟଙ୍କାକୁ ଦେଖି ବଞ୍ଚି ରହ ।
(କାଶିଆ ନିଜର କ୍ରୋଧ ଭିନ, ଭିନ୍ନ ରୂପରେ ପ୍ରକାଶ କଲା । ଉଦଣ୍ଡ ନୃତ୍ୟ କରି, ଉନ୍ମାଦଗ୍ରସ୍ତ ହୋଇପଡ଼ିଛି ।)

କପିଳା - ମା, ଶାନ୍ତ ହୁଅନ୍ତୁ । ଭକ୍ତ ଅଜ୍ଞାନ । ସେ ଆପଣଙ୍କୁ ଚିହ୍ନି ପାରିଲା ନାହିଁ । ତାର ମଙ୍ଗଳ ବିଧାନ କରନ୍ତୁ । ଆରେ ଠିଆ ହୋଇଛୁ କ'ଣ ? ପାଦ ଧରି କ୍ଷମା ମାଗ ।

ନରୋତ୍ତମ - (ପାଦ ତଳେ ପଡ଼ିଗଲା । ଦୁଇ ପାଦକୁ ଧରି) କ୍ଷମା କରନ୍ତୁ, ମା । ମୁଁ ଦେବି, ଆପଣ ଯାହା ଚାହିଁବେ, ତାହା ଦେବି ।

କପିଳା - ଶାନ୍ତ ହୁଅନ୍ତୁ ମା । ଆପଣଙ୍କର ଏ ଉଗ୍ରରୂପ ତ୍ୟାଗ କରି, ସୌମ୍ୟ ରୂପ ଧାରଣ କରନ୍ତୁ ।

Digitized by srujanika@gmail.com

କାଣିଆ - ଓଃ (ଥରି ଥରି ପଡ଼ିଯାଉଥିଲା । କପିଳା ଧରି ପକାଇଛି) ଆରେ କିଏ ଅଛ ।

କପିଳା - ମୁଁ ଅଛି ।

କାଣିଆ - ମା'ର କି ଭୟଙ୍କର ମୂର୍ତ୍ତି । ମା' ମୋତେ ମାରି ଦେଇଥାନ୍ତା । ଛାଡ଼ିଦେଲା । ଶିଷ୍ୟ ପ୍ରବର । ଅତି ଶୀଘ୍ର ଏ ସ୍ଥାନ ତ୍ୟାଗ କର ।

ନରୋତ୍ତମ - କ୍ଷମା କରନ୍ତୁ ମହାରାଜ । ମା'ର ରୌଦ୍ର ରୂପ ଦେଖିଲି । ମୋର ସମସ୍ତ ସନ୍ଦେହ ଦୂର ହେଲା । ମୁଁ ବର୍ତ୍ତମାନ ଟଙ୍କା ନେଇ ଆସିବି । ପୂଜାର ଆୟୋଜନ ହେଉ ।

(ନରୋତ୍ତମ ଚାଲିଗଲା । କାଣିଆ କପିଳାର ମୁହଁକୁ, ଆଉ କପିଳା କାଣିଆର ମୁହଁକୁ ଚାହିଁଲା । କିଛି ସମୟ ପରେ ।)

କାଣିଆ, କପିଳା - ହସିଉଠିଲେ ।

କପିଳା - କାଣିଆଭାଇ, ଜାଲରେ ପଡ଼ିଗଲା । ଆଉ ଫିଟିପାରିବ ନାହିଁ ।

(ପ୍ରବେଶ କଲେ ମୁନସୀ ଭୋଳାରାମ ଓ ତାର ସାଙ୍ଗ ମଙ୍ଗୁଳି ।)

ଭୋଳାରାମ- ମଙ୍ଗୁଳି

ମଙ୍ଗୁଳି - ମୋତେ କହୁଛନ୍ତି ଆଜ୍ଞା ।

ଭୋଳାରାମ- ଦେଖିଲୁ, ବାଟରେ ଦୁଇଟା ଭିଖାରୀ କ'ଣ ଆଡ୍ଡା ଜମାଇ ବସିଛନ୍ତି । ବାବୁଙ୍କର ବାହାରିବା ବେଳ ହୋଇଗଲା, ଯଦି ମଗଜକୁ ବିଷ ଉଠିଯିବ, ଆମ୍ଭେ ଦୁଇଜଣଙ୍କ ଅବସ୍ଥା

ମଙ୍ଗୁଳି - ନିଶ୍ଚୟ ବାରଣ୍ଡା, ଦି'କଡ଼ା ହୋଇଯିବ ଆଜ୍ଞା । ତେବେ ଆପଣ କି ଆଦେଶ ଦେବେ, ଶୀଘ୍ର ଦିଅନ୍ତୁ ।

ଭୋଳାରାମ- ଏମାନଙ୍କୁ, ଏଠାରୁ ଶୀଘ୍ର ବିଦାୟ କର । ମାଲିକ କହିଛନ୍ତି, ତାଙ୍କର ଆସିବା ବେଳକୁ, ଯେପରି ଭିଖାରୀର ମୁହଁ ଦେଖିବାକୁ ନ ମିଳେ ।

(ମଙ୍ଗୁଳି ବାବାଜିମାନଙ୍କ ପାଖକୁ ଯାଇଛନ୍ତି । ଦୁଇଜଣ ଯାକ ଗଞ୍ଜେଇ ଟାଣୁଥିଲେ ।)

କାଣିଆ - ଜୟ ଭୋଲେବାବା

ମଙ୍ଗୁଳି - ଭୋଲେବାବା, ସେଇଠି ଠିଆ ହୋଇଛନ୍ତି । ଆଉ ଆଦେଶ ଦେଇଛନ୍ତି, ଶୀଘ୍ର ଏ ସ୍ଥାନ ଛାଡ଼ି ଚାଲିଯାଅ । ଯଦି ନ ଯାଅ, ଯିବାର ବନ୍ଦୋବସ୍ତ କରାଯିବ । ମାଲିକ ଆସିବେ । ତୁମକୁ

Digitized by srujanika@gmail.com

ଦେଖିଲେ, ଗୋଡ଼, ହାତ ଛୋଟା କରିଦେବେ ।

କାଶିଆ - ଜୟ ଶିବଶମ୍ଭୁ । ଜୟ ଭୋଲେବାବା । କାହାକୁ ତୁ କ'ଣ କହୁଛୁ ? ପାପିଷ୍ଠ, ନରାଧମ ।

ମଙ୍ଗୁଳି - ଭୋଳିଭାଇ, ବାବାଜି ରଙ୍ଗଆଖି ଦେଖେଉଛି ।

ଭୋଳାରାମ- କିରେ ବାବାଜି, କାହାକୁ ନାଲିଆଖି ଦେଖଉଛୁ । ଜାଣିଛୁ ମୁଁ କିଏ ?

କପିଳା - ଜାଣିଛୁ ବେ, ତୁ କିଏ ?

କାଶିଆ - ତୁ ଗୋଟାଏ ପାପୀ ଭୋଳାରାମ । ହତ୍ୟାକାରୀ, ସ୍ୱାର୍ଥପର, ନରକର କୀଟ ।

ଭୋଳାରାମ- କିରେ ବାଆଜି, କ'ଣ ବେ'ବା କରୁଛୁ । ଥାଅ, ତତେ ମୁଁ ଦେଖିଦେଉଛି ।

କାଶିଆ - (ହସିଛି) ଓଁ ବଂ ଭୋଲେ, ଜୟ ଶିବଶମ୍ଭୁ । ଆରେ ଭୋଳାରାମ, ତୁ କ'ଣ ମୋତେ ଦେଖିବୁ । ତୋ ଚାରି ପୁରୁଷକୁ ମୁଁ ଦେଖି ଆସିଛି । ତୋ ବାପା ଦୟାରାମ, ତା'ବାପ କାଂଶୀରାମ, ଆଉତା'ବାପ ମଙ୍ଗତୁରାମ । ତୁ ବହୁତ ପଇସା କମେଇଲୁ । ମାଲିକର ସବୁ ଖାଇଗଲୁ । ଆଉ କହିବି । ଶୁଣିବୁ । ତୋ ଗୁମର ଖୋଲି ଦେବି ।

ମଙ୍ଗୁଳି - ଭୋଳିଭାଇ, ଏ ସାମାନ୍ୟ ବାବାଜି ନୁହେଁ । ୟାର ତ ପାୱାର ବେଶି ଜଣାପଡୁଛି ।

କାଶିଆ - ଆରେ ମୂର୍ଖ ଭୋଳି । ତୁ ଗୋଟାଏ ହତ୍ୟାକାରୀ ତୋର ଭଗିନୀପତିକୁ ତୁ ଧନ, ସମ୍ପତ୍ତି ପାଇଁ ହତ୍ୟା କଲୁ । ଭଉଣୀକୁ ଚାକରାଣୀ କରି ରଖିଛୁ ।

ଭୋଳାରାମ - (ପାଦତଳେ ପଡ଼ିଯାଇ) ଆଉ ଅଧିକା କିଛି କୁହନ୍ତୁନି ସ୍ୱାମୀ ବାବା, ତୁମେ ଅନ୍ତର୍ଯ୍ୟାମୀ । ମୋର ଭୂତକଥା ତ କହିଲ, ଭବିଷ୍ୟ କଥା ଟିକିଏ କୁହନ୍ତୁ ।

କପିଳା - କହିଦିଅନ୍ତୁ ମହାରାଜ, ଖୋଲି କହିଦିଅନ୍ତୁ ।

କାଶିଆ - ନିକଟରେ ତୋର ଚାକିରୀ ଚାଲିଯିବ । ଯା, ଆଉ ଅଧିକ ମୁଁ କହିବି ନାହିଁ । ପରୀକ୍ଷା କର । ତା'ପରେ ମୋ ପାଖକୁ ଆସିବୁ ।

ଭୋଳାରାମ - ମହାରାଜ, ଆପଣ ମୋର ଅତିଥି ।

Digitized by srujanika@gmail.com

ମଙ୍ଗୁଳି - ମୋ ଘରେ ବି, ଦିନ ରହିବେ ମହାରାଜ । ମୁଁ ଜଣେ ଦୁଃଖୀ । ମୋର ଦୁଃଖର ସୀମା ନାହିଁ । ମୋର ସ୍ତ୍ରୀର ନିର୍ଯ୍ୟାତନା ସହିପାରୁନାହିଁ । ଭାବିଛି, ଆତ୍ମହତ୍ୟା କରିବି ।

କାଶିଆ - ମୁଁ ଜାଣେ, ସବୁ ଜାଣେ । ମୁଁ ତୋତେ ରକ୍ଷା କରିବି । ସ୍ତ୍ରୀର ଗୁଲାମ ହେଇଛୁ, ସ୍ତ୍ରୀ ତୋର ଗୁଲାମ ହବ ।

ମଙ୍ଗୁଳି - ସେତିକି ସୁଦୟା କରନ୍ତୁ ମହାରାଜ ।

କପିଳା - ଆଗ, ମହାରାଜଙ୍କର ରହିବାର ବନ୍ଦୋବସ୍ତ କର ।

- ଅନ୍ଧାର -

- ଚତୁର୍ଥ ଦୃଶ୍ୟ -

(ଶୁଦ୍ଧୋଧନ ଗର୍ଜି ଉଠିଲେ । ମାୟାବତୀ ଠିଆ ହୋଇ ଶୁଣୁଥାନ୍ତି ।)

ଶୁଦ୍ଧୋଧନ - ମୁଁ କହି ରଖୁଛି ମାୟା, ସିଦ୍ଧାର୍ଥର ଆଚାର, ବ୍ୟବହାରରେ ପରିବର୍ତ୍ତନ ହବା ଦରକାର । ତାର କାର୍ଯ୍ୟକଳାପ ମୋର ମାନ, ସମ୍ମାନରେ ଯଥେଷ୍ଟ ଆଞ୍ଚ ଆଣୁଛି । ମୁଁ ଏ ସବୁ ଆଉ ବରଦାସ୍ତ କରିବି ନାହିଁ । ଏଭଳି ପୁତ୍ର ଜନ୍ମ ହୋଇ, ମୋର ମୁହଁରେ କଳାବୋଳି ଦେଲା । ମୁଁ ତାକୁ ତ୍ୟଜ୍ୟପୁତ୍ର କରିବି ।

ମାୟାବତୀ - ଯାହାର ଘର ସଂସାର, ଧନ, ସଂପତ୍ତି ପ୍ରତି ତିଳେ ହେଲେ ଲୋଭ ନାହିଁ, ତାକୁ ତୁମେ ତ୍ୟଜ୍ୟପୁତ୍ର କରିବ କ'ଣ ? ତୁମେ ଯଦି ଚାହଁ, ସେ ଏ ଘର ଛାଡ଼ି ଚାଲିଯିବ ।

ଶୁଦ୍ଧୋଧନ - ସେହି ଭୟ, ଆଜିଯାଏଁ ସେ ତୁମକୁ ଦେଖାଇ ଆସିଛି । ତୁମେ କ'ଣ ଭାବୁଛ, ସିଦ୍ଧାର୍ଥ ଘର ଛାଡ଼ି ଚାଲିଯିବ ? କୁଆଡ଼େ ଯିବ ? କେଉଁଠାକୁ ଯିବ ? ଯାଇ ବା କେତେଦିନ ରହିବ ?

ମାୟାବତୀ - ବାପା ହୋଇ, ତାକୁ ଯେ ତୁମେ ଚିହ୍ନି ପାରିଲ ନାହିଁ, ତାହାହିଁ ଚରମ ଦୁର୍ଭାଗ୍ୟ । ତାର ପରିବର୍ତ୍ତନ ଅପେକ୍ଷା, ତୁମର ପରିବର୍ତ୍ତନ ନିହାତି ଦରକାର । ମୁଁ କହୁଚି, ତୁମର ବ୍ୟବହାରରେ ପରିବର୍ତ୍ତନ ଆଣ ।

ଶୁଦ୍ଧୋଧନ - ତୁମେ ଯେ ମୋତେ, ଭୁଲ ବୁଝ କାହିଁକି ମାୟା, ତା' ମୁଁ ଜାଣିପାରୁନାହିଁ । ତୁମେ କ'ଣ ଭାବୁଛ ବାପ ହୋଇ, କିଛି ଉପଦେଶ ଦେବା, କ'ଣ ମୋର ଅଧିକାର ବାହାରେ ? ହରିଦାସ,

Digitized by srujanika@gmail.com

ମୋର ଗୋଟାଏ ଦିନ ମଜୁରିଆ । ତାର ପୁଅ ବେମାର ହେଲା । ଏଥିପାଇଁ ତାର ପୁଅକୁ କାନ୍ଧରେ ପକାଇ ହସ୍ପିଟାଲ ଯିବା କି ଦରକାର ଥିଲା । ଗଲାତ, ରିକ୍ସାରେ ଯାଇଥିଲେ କ'ଣ ହୋଇନଥାନ୍ତା । ମୋର ବଂଧୁମାନେ, ଏ ସବୁକୁ ପସନ୍ଦ କଲେ ନାହିଁ । କୋଟିପତି ଶୁଦ୍ଧୋଧନ ରାୟର ଏକମାତ୍ର ପୁତ୍ର, ଯଦି ଶ୍ରମିକବସ୍ତିରେ ଦିନ କାଟେ, ଏ ଶ୍ରମିକମାନେ ମୋତେ ଖାତିରି କରିବେ । ମୋତେ ସମ୍ମାନ ଦେବେ । ଏମାନଙ୍କର ମୁହଁ ବଢ଼ି ନ ଯାଇ ରହିବ ।

(ପ୍ରବେଶ କଲେ ଭୋଳାରାମ)

ଭୋଳାରାମ - ନମସ୍କାର ମାଲିକ, ବଢ଼ିଯିବ କ'ଣ ଆଜ୍ଞା, ବଢ଼ିଗଲାଣି । ଏବେ ମିଲର ଅବସ୍ଥା ଅସମ୍ଭାଳ ।

ଶୁଦ୍ଧୋଧନ - ଘଟଣା ଖୋଲି କହୁନାହିଁ କାହିଁକି ?

ଭୋଳାରାମ - ମୁଁ ଆଉ ଆପଣଙ୍କୁ କ'ଣ କହିବି । ନିଜ ଅଣ୍ଟିସୁନା ତ ଭେଣ୍ଟି, ପରକୁ ଦୋଷ ଦେଇ ଲାଭ କ'ଣ ?

ଶୁଦ୍ଧୋଧନ - ମୁଁ ତୁମ ବିରୁଦ୍ଧରେ ବହୁତ ଶୁଣିଛି, ଭୋଳାରାମ ।

ଭୋଳାରାମ - ଶୁଣିବେନି କାହିଁକି ଆଜ୍ଞା, ହଜାର, ହଜାର ଶ୍ରମିକକୁ ଏଇ ଜଣେ ଭୋଳିରାମ, ନିଜ ଆୟରରେ ରଖି ଆସିଛି । ଏ ପର୍ଯ୍ୟନ୍ତ କିଏ ଜଣେ ହେଲେ ପାଟି ଫିଟାଉନଥିଲା । କିଂତୁ ସାନବାବୁ କଲେ କ'ଣ ? କିଛି ନ ବୁଝି, ନ ଶୁଝି, ହଠାତ ଦରମା ୨ ଗୁଣ ବଢ଼ାଇଦେଲେ । ଏବେ ହବ କ'ଣ ?

ଶୁଦ୍ଧୋଧନ - ମାୟା, ଭୋଳାରାମଙ୍କର ଅଭିଯୋଗ ଶୁଣୁଛ ।

ମାୟାବତୀ - ମୁଁ ଜାଣେ, ସେ କିଛି ଭୁଲ କରି ନ ଥିବ ।

ଭୋଳାରାମ - ନାଇଁ ମା', ଭୁଲ ବୋଲି ମୁଁ କିମିତି କହିବି । ସେ ଯେତେବେଳେ ମାଲିକ, ଭଲ, ମନ୍ଦ ବିଚାର କରିବାର ଅଧିକାର ତାଙ୍କର ଅଛି । ଶ୍ରମିକମାନଙ୍କର ଦରମା ହଠାତ୍ ବୃଦ୍ଧି କରିଦେବାଟା, ମୋ ବିଚାରରେ ଠିକ୍ ହେଲା ନାହିଁ । ମୁଁ କିଂତୁ ମନା କରିଦେଇଛି, ବଡ଼ବାବୁଙ୍କ ବିନାଅନୁମତିରେ, ମୁଁ ପଇସାଟିଏ ଅଧିକା ଦେଇ ପାରିବି ନାହିଁ ।

Digitized by srujanika@gmail.com

ଶୁବୋଧନ - ତା'ପରେ... ।

ଭୋଳାରାମ - ମୁଁ ତ ମନା କରିଦେଲି ମାଲିକ, ତା'ପରେ ଯାହା କରିବାକୁ ହବ, ଆପଣ ବିଚାର କରିବେ । ସେମାନେ ସାନବାବୁଙ୍କୁ କାନ୍ଧରେ ବସାଇ, ଶୋଭାଯାତ୍ରା କରି, ସିଦ୍ଧାର୍ଥବାବୁ ଜିନ୍ଦାବାଦ ସ୍ଲୋଗାନ ଦେଉଥିଲେ । ମୁଁ ଆପଣଙ୍କ ପାଖକୁ ଚାଲି ଆସିଛି ।

ଶୁବୋଧନ - ଏଣେ ପୁଅର ଜିନ୍ଦାବାଦ ସାଙ୍ଗକୁ, ତେଣେ ବାପର ମୁର୍ଦ୍ଦାବାଦ ।

ମାୟାବତୀ - ମୁଁ ଜାଣିଛି, ସେ ପରର ଦୁଃଖ ସହି ପାରିବ ନାହିଁ ।

ଭୋଳାରାମ - ଏତେ ଦୟାଳୁ ହେଲେ ହବ କି ମା । ଦରମା ତ ଯାହା ବଢ଼ାଇବା କଥା ବଢ଼ାଇଦେଲେ । ତା'ସାଙ୍ଗକୁ ଘରଭଡ଼ା, ଔଷଧ ବିଲ୍, ସବୁ କିଛି ବଢ଼ାଇଦେଲେ । ଏତେ ଟଙ୍କା କୁଆଡୁ ଆସିବ ମା । ମିଲ୍ କିମିତି ଚାଲିବ, ସେଥିପାଇଁ ମୁଁ ବ୍ୟସ୍ତ ମାଲିକ ।

ମାୟାବତୀ - ତୁମେ ଆଗ ସିଦ୍ଧାର୍ଥକୁ ପଚାର । କାହିଁକି ସେ ବଢ଼ାଇଦେଲା, ୟା'ର ତ ଗୋଟିଏ କୈଫିୟତ ସେ ତୁମକୁ ଦବ ।

ଶୁବୋଧନ - ଆଉ କି କୈଫିୟତ ଦବ । କ'ଣ ଗୁଡ଼ାଏ ଏଣୁତେଣୁ କହିବ । ମୁଁ ବିରକ୍ତ ହେଲେ, ଘରଛାଡ଼ି ଚାଲିଯିବ ବୋଲି ଧମକ ଦେବ । ତୁମେ କାନ୍ଦିବ । ବୋହୂ କାନ୍ଦିବ । ଫେରେ ଗୋଟାଏ ପ୍ରହସନ ଚାଲିବ ।

ଭୋଳାରାମ - ଏ ଶ୍ରମିକଗୁଡ଼ାକ ଠିକ ଯଦି ୭ ଘଣ୍ଟା କାମ କରୁଥାନ୍ତେ, ପ୍ରଡ଼କସନ ୩ ଗୁଣ ବଢ଼ିଯାନ୍ତା । କିଛି ଚିନ୍ତା କରିବାକୁ ପଡ଼ନ୍ତା ନାହିଁ ।

ମାୟାବତୀ - ଠିକ୍ କାମ ଆଦାୟ କରିବା, ତା'ତ ତୁମର କର୍ତ୍ତବ୍ୟ । ଯେ ଠିକ୍ ରୂପେ କାମ କରୁନାହିଁ, ତା'ର ଦରମା କାଟିଦିଅ ।

(ପ୍ରବେଶ କଲେ ସିଦ୍ଧାର୍ଥ)

ସିଦ୍ଧାର୍ଥ - ଦରମା ଠିକ୍ ଭାବରେ କଟାଯାଉଛି ମା । ସେ ଟଙ୍କା କିଏ ନେଉଛନ୍ତି, ସେ କଥା ବାବା, ଆପଣ କହିପାରିବେ ? ଏଇ ଆପଣଙ୍କର ବିଶ୍ୱସ୍ତ ଭୋଳାରାମ । ଶ୍ରମିକଙ୍କର ମଜୁରୀରୁ ଦିନକୁ ୧୫ ଟଙ୍କା କାଟି, ସେ ଯେତେବେଳେ ଦରମା ଦେଉଛନ୍ତି, କାହାର ଭୁଲ ସେ ସୁଧାରିବେ ବାବା ଆପଣ କୁହନ୍ତୁ । ମୁଁ କିଛି ଭୁଲ କରିନାହିଁ ବାବା । ମୁଁ ଆପଣଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଉଛି, ଉତ୍ପାଦନ ଏହି ମାସରୁ ଦୁଇଗୁଣା ବଢ଼ିଯିବ । କେତେଦିନ ଆପଣ ଅନ୍ୟାୟ କରି

Digitized by srujanika@gmail.com

ଚାଲିଥିବେ । ମୂଳିଆର ମୂଳ କାଟି,ଆପଣ କିଛି ଅଧିକା କମାଉଛନ୍ତି ସତ, କିଂତୁ କାହାର କ୍ଷତି କରୁଛନ୍ତି । ଯେ ଆପଣଙ୍କୁ ବିଶ୍ୱାସ କରିଛି, ତାର ବିଶ୍ୱାସରେ ବିଷ ଦେଉଛନ୍ତି କାହିଁକି ?

ଶୁଦ୍ଧୋଧନ - ଭୋଳାରାମ, ସିଦ୍ଧାର୍ଥ ପ୍ରଶ୍ନର ଉତ୍ତର ଦିଅ । ତୁମେ ଏ ଅନ୍ୟାୟ କରୁଥିଲ କାହିଁକି ? କାହିଁକି ତୁମେ ଏ ଅକ୍ଷମଣୀୟ ଅପରାଧ କଲ, ତାର ପ୍ରଥମେ ଉତ୍ତର ଦିଅ । ମୁଁ ତୁମକୁ ଚାକିରୀରୁ ବାହାର କରିଦେବି ।

ଭୋଳାରାମ- ସାନବାବୁ, ଶେଷକୁ ମୋର ଦାନାରେ ଧୂଳି ଦେଲ ।

ସିଦ୍ଧାର୍ଥ - ମୁଁ ଧୂଳି ଦେଉନି କକା, ତୁମେ ତୁମ ପାପର ଦଣ୍ଡଭୋଗ କରିବାକୁ ଯାଉଛ ।

ମାୟାବତୀ - ଭୋଳାରାମ, ଦ୍ରୋହୀ, ବିଶ୍ୱାସଘାତକ ।

ଭୋଳାରାମ- ମୁଁ ଭୁଲ କରିଦେଇଛି । ମୁଁ ଶପଥ କରି କହୁଛି, ଜୀବନରେ ଆଉ ଭୁଲ କରିବି ନାହିଁ ।

ଶୁଦ୍ଧୋଧନ - ଯାଅ, ଯଥେଷ୍ଟ ହୋଇଗଲାଣି । ମୁଁ କୌଣସି କଥା ତୁମର ଶୁଣିବାକୁ ଚାହେଁନା । ଯାଅ, ଗେଟ୍ ଆଉଟ୍ । (ଗର୍ଜି ଉଠିଲେ)

- ଅନ୍ଧାର -

- ପଞ୍ଚମ ଦୃଶ୍ୟ -

(ରାଜପଥ । କାସିଆ, କପିଳା ବାବାଜି ବେଶରେ ପ୍ରବେଶ କଲେ ।)

କାସିଆ - କପିଳାଭାଇ,

କପିଳା - ଆଜି ତ ଖୁସୀ ଥିଲା ପରି ଜଣା ଯାଉଛୁ ।

କାସିଆ - ଆରେ, ଭାଗ୍ୟଦେବୀ ଏବେ ସୁପ୍ରସନ୍ନା ।

କପିଳା - କେତେଦିନ ଲୋକଙ୍କୁ ଭୁଲାଇ ପଇସା ନଉଥିବା ।

କାସିଆ - ଯେତେଦିନ ପର୍ଯ୍ୟନ୍ତ କୁଶିକ୍ଷା, କୁସଂସ୍କାର, ଅନ୍ଧବିଶ୍ୱାସ ଏମାନଙ୍କ ମନରୁ ଦୂର ନ ହୋଇଛି । ଆଚ୍ଛା ଭାଇ କହିଲୁ, କେତେ ଆଦାୟ ହେଲା ?

କପିଳା - ହେଇଛି, ଭଲ ହେଇଛି । ଆଉ ବେଶୀ ଦିନ ରହିଁଲେ ବିପଦ । ଗର୍ଭଧାରଣ ପାଇଁ ୫ ଲକ୍ଷ, କୋଟିପତି ହବା ପାଇଁ ୨ାଞ୍ଚଲକ୍ଷ ।

Digitized by srujanika@gmail.com

କାସିଆ - ଏ ଦଶଲକ୍ଷ ଟଙ୍କା ରଖିବୁ କେଉଁଠି ?
କପିଳା - ଚଣ୍ଡୀମୂର୍ତ୍ତି ପଛପଟେ ଗାତଖୋଳି, ସୁଟକେଶ୍ ଭିତରେ ।
କାସିଆ - ସବୁ ସମୟରେ ଦୃଷ୍ଟି ରଖିଥା । ଆମଠାରୁ ଠକ ବହୁତ ଅଛନ୍ତି । ଯେଉଁମାନେ ଆମ ଦୁହିଁଙ୍କୁ କଲିକତା, ମୁମ୍ବାଇରେ ବିକିଦେଇ, ସବୁଧରି ଚମ୍ପଟ ମାରିବେ ।
କପିଳା - ଅମାବାସ୍ୟା, ସଂକ୍ରାନ୍ତି ଆଉ କେତେଦିନ ରହିଲା ?
କାସିଆ - ତୁ ବ୍ୟସ୍ତ ହୁଅନା । ତା'ପୂର୍ବରୁ ଚମ୍ପଟ ମାରିବା ।
କପିଳା - ଟଙ୍କାଟାକୁ କ'ଣ ବ୍ୟାଙ୍କରେ ରଖିଦେବା ।
କାସିଆ - କ'ଣ କହି ରଖିବା। ଇନ୍‌କମ୍ ଟ୍ୟାକ୍ସ, ଭିଜିଲାନ୍‌ସ୍ ଯଦି ଧରି ପକେଇବେ, ତା'ହେଲେ ସର୍ବନାଶ । ମାମୁଁଘର ଯୋଗ ପଡ଼ିଯିବ ।
କପିଳା - ଭାଇ, ସେ ଲୋକଟା ଆସୁଛି ।
କାସିଆ - ଓ, ମୁନସି ଭୋଳାରାମ । ଠକ ସର୍ଦ୍ଦାର । ବୁଝିଲୁ ଏହା ପାଖରେ ବହୁତ ଅଛି । ଏ ଲୋକଟା ଠାରୁ ଝଡ଼େଇବା । ତୁ କିଛି କହନି । ସେ ଆସୁ ।
(ପ୍ରବେଶ କଲେ ଭୋଳାରାମ, ମଗୁଲି)
ଭୋଳାରାମ-ବାବାଜି ମହାରାଜ । ଆପଣଙ୍କୁ ଚାରିଦିନ ହେଲା ଖୋଜୁଛି । କୁଆଡ଼େ ଆପଣ ଯାଇଥିଲେ ।
କାସିଆ - ଯାଇଥିଲି ଦକ୍ଷିଣେଶ୍ୱର । ମା' କାଳୀଙ୍କ ପାଖକୁ । ମା'ର ସ୍ୱପ୍ନାଦେଶ । ପୁତ୍ର ତୋତେ ଦେଖିବାକୁ ମନ ମୋର ବ୍ୟାକୁଳ । ଆ, ପୁତ୍ର, ଅତି ଶୀଘ୍ର ଆ । ହଠାତ୍ ନିଦ ଭାଙ୍ଗିଗଲା । ବାହାରକୁ ଆସିଲି । ଦେଖିଲି ଗୋଟାଏ କଳାଘୋଡ଼ା ଠିଆ ହୋଇଛି । ଶୂନ୍ୟବାଣୀ ହେଲା । ଏଇ ଘୋଡ଼ାରେ ବସି ମୋ ପାଖକୁ ଆ । ଉଡ଼ନ୍ତା ଘୋଡ଼ା । କଳାଘୋଡ଼ା ଉଡ଼ି, ଉଡ଼ି ଘଣ୍ଟାକ ଭିତରେ ମା' ପାଖରେ ହାଜର କରାଇଦେଲା ।
(ଥରି ଉଠିଲା । ଆକାଶକୁ ଚାହିଁଲା । ନୃତ୍ୟ କଲା । ଉଦଣ୍ଡ ନୃତ୍ୟ । କିଛି ସମୟ ପରେ ଶାନ୍ତ ହୋଇ ମା' ମା' ଚିତ୍କାର କଲା ।)
ଭୋଳାରାମ- କ'ଣ ହେଲା ସ୍ୱାମୀବାବା ?
କାସିଆ - ମା' କହିଲେ, କାହା ଆଗେ ପ୍ରକାଶ କରନି ।

Digitized by srujanika@gmail.com

ଭୋଳାରାମ–ବଡ଼ ବିପତ୍ତିରେ ପଡ଼ିଗଲି ବାବା । ଏବେ ଚାକିରୀଟି ଗୋଳ ହୋଇଗଲା । ୪ଦିନ ହେଲା ଆପଣଙ୍କୁ ଆକୁଳ ହୋଇ ଖୋଜୁଛି । ନା ଭୋଜନ, ନା ଶୟନ, କେଉଁଥିରେ ମନ ଲାଗୁନାହିଁ । ପିଲାମାନେ ଭାସିଯିବେ, ସ୍ୱାମୀବାବା ।

କାସିଆ –ମୁଁ ଜାଣେ ଭୋଳାରାମ । ହେ ଭକ୍ତ ଶ୍ରେଷ୍ଠ, ତୋର ଆର୍ତ୍ତନାଦ, ମୋ ପ୍ରାଣକୁ ବ୍ୟାକୁଳ କରୁଥିଲା । ମା'ଙ୍କଠାରୁ କିପରି ବିଦାୟ ନେଇ ଆସିବି, ସେଇ କଥା ଚିନ୍ତା କରୁଛି, ମା' କହିଲା ଯା । ତୋର ଭକ୍ତ କଥା ବୁଝେ ।

ଭୋଳାରାମ–ମା' କହିଲେ,

କପିଳା –କ'ଣ ବିଶ୍ୱାସ ହେଉନାହିଁ ମୁନ୍‌ସୀ ବାବୁ ।

କାସିଆ –ଆରେ ତୁ ଭୁଲ କଲୁ କାହିଁକି ? ଗରୀବମାନଙ୍କର ଅର୍ଥ ଆତ୍ମସାତ୍ କଲୁ କାହିଁକି ?

ମଙ୍ଗୁଳି –କେତେ ଯେ କୋଟି,କୋଟି ଟଙ୍କା ଏ ଦେଶରେ ବାଟମାରଣା ନ ହଉଚି, କହିଲେ ବାବା, ଆମ ଭୋଳିଭାଇ, ସେମିତି ତ କିଛି କରି ନାହାନ୍ତି ।

କାସିଆ –ତା'ହେଲେ ତୁମେ କହୁଚ ସେ ନିର୍ଦ୍ଦୋଷ ।

ଭୋଳାରାମ–କିମିତି କହିବି ବାବା । କରିଛି । କିଂତୁ ମୋ ପାଇଁ ନୁହଁ । ମୋ ପରିବାର ପାଇଁ । ମୋ ସ୍ତ୍ରୀକୁ ସୁନାରେ ଛାଉଣୀ କରିଦେଇଛି । ବିରାଟ ଅଟ୍ଟାଳିକା ବାନ୍ଧିଛି । ପୁଅ ପାଇଁ ହିରୋହଣ୍ଡା, ୟାମାହା କିଣାଇ ଦେଇଛି । ମୋ ପାଇଁ ମୁଁ ତ କିଛି କରିନି ବାବା ।

କାସିଆ –ବେଶ୍, ସେମାନଙ୍କୁ ଯାଇ ପଚାର । ପଚାର । ସେମାନେ ତୋ ପାପର ଅଂଶୀଦାର ହେବେ । ତୁମପରି ସେମାନେ ଯମଯନ୍ତ୍ରଣା ଭୋଗ କରିବେ । ନର୍କରୁ ଉଦ୍ଧାର କରି ପାରିବେ । ଯା ପଚାରି ଆସ । ତୋର ମୁକ୍ତି ପାଇଁ ମୁଁ ଚିନ୍ତା କରିବି ।

ଭୋଳାରାମ–କେହି କରିବେନି ଆଜ୍ଞା ।

ମଙ୍ଗୁଳି –ଭୋଳିଭାଇ, ବାବା ଯାହା କହୁଛନ୍ତି ତା'କର । ଯାଇ ସ୍ତ୍ରୀକୁ ପ୍ରଥମେ ପଚାର, ତା'ପରେ ପୁତ୍ରରତ୍ନକୁ ।

Digitized by srujanika@gmail.com

ଭୋଳାରାମ- କିଏ କାହାର ନୁହନ୍ତିରେ ମଗୁଲି । କୋଉ ସ୍ତ୍ରୀ କାହାର, କୋଉ ପୁଅ କାହାର ।

ମଗୁଲି - ଆଜ୍ଞା କୋଉ ଦୋଷୀକୁ ଆଜିକାଲି ଦଣ୍ଡ ମିଳିଲାନି । ଗୋଖାଦ୍ୟରୁ ହଜାର ହଜାର କୋଟି ଖାଇଗଲେ । ସାର ଯୋଗାଇବା ନାଁରେ ୫ଶହ କୋଟି । ଭେଜାଲ ଔଷଧ ୩ଶହ କୋଟି । କେଶ୍ ଚାଲିଛି । ସମସ୍ତେ ନିର୍ଦ୍ଦୋଷରେ ଖଲାସ ହେବେ । ଦଣ୍ଡ କାହାକୁ ମିଳିବ ଆଜ୍ଞା ।

କପିଳା - ମିଳିବ, ଆଜ୍ଞା ମିଳିବ । ତୁମେ କ'ଣ ଭାବୁଛ, ସେମାନେ ସବୁ ମୁକ୍ତି ପାଇଯିବେ ?

କାସିଆ - କେବେ ନୁହେଁ । ମଣିଷ ସୃଷ୍ଟ ଅଦାଲତରେ ହୋଇପାରେ । କିଂତୁ ଆଉ ଗୋଟାଏ ଅଦାଲତ ଅଛି । ପ୍ରଭୁଙ୍କର ଅଦାଲତ । ସେଇଠି ଗୋଟି, ଗୋଟି କରି ବିଚାର ହବ ।

ଭୋଳାରାମ- ମାନୁଛି ମହାରାଜ, ମାନୁଛି ।

ମଗୁଲି - ଏବେ ତ କିଛି ହଉନି । ଯୋଜନା ଅର୍ଥ ମନ୍ତ୍ରୀ, ଯନ୍ତ୍ରୀ, ତନ୍ତ୍ରୀ ହଡ଼ପ କରୁଛନ୍ତି । ବି.ପି.ଏଲ୍. ଚାଉଳ ସରପଞ୍ଚ ଖାଉଛି । ଏମ୍.ଏଲ୍.ଏ ପରସେଣ୍ଟେଜ୍ ନେଉଛି । ଶିଶୁଖାଦ୍ୟ ଅଙ୍ଗନବାଡ଼ି କର୍ମୀ ଖାଉଛି । ସମସ୍ତେ ଖାଉଛନ୍ତି । ଏଇଟା ଧର୍ତ୍ତବ୍ୟ ଅପରାଧ ନୁହେଁ ।

ଭୋଳାରାମ- ମଗୁଲି ଠିକ୍ କହିଛି ସ୍ୱାମୀବାବା । ହେଲେ ମାଲିକ ବଡ଼ଲୋକ । ତାକୁ କ'ଣ ଉତ୍ତର ଅଛି ।

କାସିଆ - ମୁଁ ଜାଣେ, ତୋର ଗ୍ରହ ଖରାପ । ତାରି ଯୋଗୁଁ ତୁ ଧରା ପଡ଼ିଗଲୁ । ମାଲିକ କହିଛି, କିଂତୁ ତୋର ସେ କିଛି କରି ପାରିବ ନାହିଁ ।

ମଗୁଲି - ସେଇ କଥା ତ ମୁଁ କହୁଥିଲି ଆଜ୍ଞା ।

କାସିଆ - ତୁମେ କିଛି ଜାଣି ନାହଁ । ପାଟି ବନ୍ଦ କରି ରହ ।

ଭୋଳାରାମ- ସେତିକି କରାଇ ଦିଅନ୍ତୁ, ହେ ମୋର ଭଗବାନ ।

କାସିଆ - ଯେତେଦିନ ପର୍ଯ୍ୟନ୍ତ, ମୁଁ ତୋ ପାଖରେ ଅଛି ତୋର କିଏ କିଛି କରି ପାରିବ ନାହିଁ । ଚାକିରୀରୁ ତତେ ବରଖାସ୍ତ କରିବ କିଏ ?

ଭୋଳାରାମ- ସତ କହୁଛନ୍ତି ସ୍ୱାମୀବାବା, ମୁଁ କ'ଣ ଅଫିସକୁ ଯିବି ?

କପିଳା - ଯିବୁ, ନିଶ୍ଚୟ ଯିବୁ । ପୂଜା ବିଧାନ, ସ୍ୱାମୀବାବାଙ୍କର ଦକ୍ଷିଣାର ବନ୍ଦୋବସ୍ତ କରିଛୁ ?

Digitized by srujanika@gmail.com

ଭୋଳାରାମ– ବାବା, ମୁଁ କାଲି ସକାଳେ ଯିବି । ସନ୍ଧ୍ୟାକୁ ଆପଣଙ୍କର ପୂଜା ଓ ଦକ୍ଷିଣା ପାଇଁ ଅର୍ଥ ନେଇ ଆସିବି ।

କାସିଆ – ସେଇ କଥା ହବ, ତୋର ଅବିଶ୍ୱାସ ହେଉଛି । ତୁ ମୋତେ ପରୀକ୍ଷା କରିବାକୁ ଚାହୁଁ । ଯା' ମୋତେ ପଛେ ମନେ ପକାଇବୁ । ଶିଷ୍ୟ ପ୍ରବର ।

କପିଳା – ଯୋଗୀରାଜ

କାସିଆ – ଏହା ଗୋଟାଏ ଅବିଶ୍ୱାସ ସ୍ଥଳୀ । ଏଠାରେ ରହିବା ଅନୁଚିତ ।

ଭୋଳାରାମ– ଯୋଗୀରାଜ, ମୁଁ ଅଧମ ସନ୍ତାନ । ମୋ ଦୋଷ ମାର୍ଜନା କରନ୍ତୁ । ଆପଣେ ମୋର ଦେବତା । ଆପଣ ମୋର ଭଗବାନ ।
(ଲମ୍ବ ହୋଇ ପାଦତଳେ ପଡ଼ିଗଲା ।)

କାସିଆ – ଉଠୁ । ଯାଆ । ବିଶ୍ୱାସ ରଖ । ବିଶ୍ୱାସେ ମିଳଇ କୃଷ୍ଣ, ତର୍କେ ବହୁଦୂର ।

ଭୋଳାରାମ– କେତେ ଆଣିବି ବାବା ?

କାସିଆ – ଯେତିକି ଅର୍ଥ ଆତ୍ମସାତ୍ କରିଛୁ, ତାର ଚତୁର୍ଥାଂଶ ।

ଭୋଳାରାମ– ଆଣିବି ଆଜ୍ଞା, ଅବଶ୍ୟ ଆଣିବି ।
(ଚାଲିଗଲା । ପ୍ରବେଶ କଲେ ନରୋତ୍ତମ)

ନରୋତ୍ତମ – (ସାଷ୍ଟାଙ୍ଗ ପ୍ରଣାମ କରି) ଆପଣ କୁଆଡ଼େ ଚାଲିଗଲେ ବାବା ? ଆପଣଙ୍କୁ ନ ଦେଖି ଆପଣଙ୍କର ଭକ୍ତମାନେ ବ୍ୟାକୁଳ ହୋଇ ପଡ଼ିଛନ୍ତି ।

କାସିଆ – (ହସିଲା) ତାଙ୍କ ମନରେ ଅବିଶ୍ୱାସ ଜନ୍ମିଛି । ମୁଁ ଚୋର, ତସ୍କର ବୋଲି ସେମାନେ ଭାବି ନେଇଛନ୍ତି ।

ନରୋତ୍ତମ – ସଂକ୍ରାନ୍ତି, ଅମାବାସ୍ୟା ନିକଟେଇ ଆସୁଛି । ମା'ଙ୍କର ପୂଜାବିଧାନ ହେବ । ସମସ୍ତେ ସେଇ ଦିନକୁ ଚାହିଁ ରହିଛନ୍ତି ।

କପିଳା – ତୁମେ ଚିନ୍ତା କରନା । ତୁମର ମନୋବାଞ୍ଛା ନିଶ୍ଚୟ ପୂର୍ଣ୍ଣ ହେବ ।

କାସିଆ – ପୂଜାର ବିଧାନ ପାଇଁ ବଳକା ଅର୍ଥ ଆଣିଛ ?

ନରୋତ୍ତମ – ଆଣିଥିଲି । ଆପଣ ନ ଥିବାରୁ ଚାଲିଗଲି । ବର୍ତ୍ତମାନ ନେଇ ଆସୁଛି ।

କାସିଆ – ଯାଅ, ଅତିଶୀଘ୍ର ଯାଅ । (ମୁଣ୍ଡିଆମାରି ଚାଲିଗଲା)

Digitized by srujanika@gmail.com

କପିଳା – କାସିଆ ଭାଇ
କାସିଆ – କହ କପିଳା ଭାଇ
କପିଳା – ସଂକ୍ରାନ୍ତି ନିକଟେଇ ଆସୁଛି ।
କାସିଆ – ମୁଁ ଜାଣେ । ତୁମେ ବ୍ୟସ୍ତ ହୁଅନା ।
କପିଳା – କେବେ ଚମ୍ପଟ ମାରିବା ।
କାସିଆ – ଏବେ ନୁହେଁ । କୋଟିପତି ଶୁଦ୍ଧୋଧନ ରାୟ । ଜାଣିଛୁ ?
କପିଳା – ଜାଣେ ।
କାସିଆ – ତା'ପାଖରୁ ପୁଳାଏ ଝଡ଼ାଇବା ପରେ...
କପିଳା – କି ବୁଦ୍ଧି ହେ ତୁମର । (ଦୁହେଁ ହସିଲେ ।)

– ଅନ୍ଧାର –

– ଷଷ୍ଠ ଦୃଶ୍ୟ –

(ସିଦ୍ଧାର୍ଥ ବସିଥିଲେ । ପ୍ରବେଶ କଲେ ଯଶୋଧାରା । ପ୍ରଚ୍ଛଦପଟରୁ ବଂଶୀର ଏକ ମନ ମତାଣିଆ ଧୂନ ଭାସି ଆସୁଥିଲା ।)

ଯଶୋଧାରା– ସିଦ୍ଧାର୍ଥ, ତୁମେ ଶୁଣି ଖୁସୀ ହେବ, ବାବା ଆମର ସୁଇଜରଲାଣ୍ଡ ଗସ୍ତର ସବୁ ବନ୍ଦୋବସ୍ତ କରି ସାରିଛନ୍ତି ।

ସିଦ୍ଧାର୍ଥ – ସୁଇଜରଲାଣ୍ଡ ? ଏକଥା ତ ସେ ମୋତେ କହିନାହାନ୍ତି, ଆଉ ମାଁ ବି, ଦିନେ ହେଲେ, ମୋ ଆଗରେ ଏ ବିଷୟ କହିବା, ମୁଁ ଶୁଣି ନାହିଁ । ତେବେ ହଠାତ୍, ଏ ପ୍ରସ୍ତାବ ଆସିଲା କିମିତି ?

ଯଶୋଧାରା– ବାବା ମୋତେ ପଚାରିଥିଲେ, ମୁଁ ହଁ କରିଥିଲି । ତୁମକୁ ଜଣାଇବା ଦାୟିତ୍ୱ, ସେ ମୋ ଉପରେ ଛାଡ଼ି ଦେଇଥିଲେ ।

ସିଦ୍ଧାର୍ଥ – ତା'ହେଲେ ତୁମେ ଫରେନ୍ ଯିବାକୁ କହୁଛ ।

ଯଶୋଧାରା– ଏଠାରେ ରହି ଭାରି ବୋର୍ ଲାଗୁଛି । ତୁମେ ଗଲେ, ତୁମ ମନରେ ପରିବର୍ତ୍ତନ ଆସିପାରେ ।

ସିଦ୍ଧାର୍ଥ – ସୁଇଜରଲାଣ୍ଡ ଏକ ଶାନ୍ତିପ୍ରିୟ ଦେଶ । ସେଠାରେ ଦୁଃଖ, ଦାରିଦ୍ର୍ୟ କିଛି ନାହିଁ । ସେଭଳି ଗୋଟାଏ ଦେଶକୁ ବୁଲିଯିବା, କିଛି ମନ୍ଦ ନୁହେଁ ।

ଯଶୋଧାରା– ତୁମେ ରାଜିତ ସିଦ୍ଧାର୍ଥ । ସେଇକଥା ମୁଁ ବାବାଙ୍କୁ ଫୋନ କରି ଜଣାଇଦେବି ।

Digitized by srujanika@gmail.com

ସିଦ୍ଧାର୍ଥ - (ନୀରବ)

ଯଶୋଧାରା- କିଛି କହୁନାହଁ ଯେ ।

ସିଦ୍ଧାର୍ଥ - କ'ଣ ମୁଁ ତୁମକୁକହିବି, ତା' ମୁଁ କିଛି ଜାଣିପାରୁନାହିଁ ।

ଯଶୋଧାରା- ସିଦ୍ଧାର୍ଥ ତୁମେ ମୋର କୌଣସି ଗୋଟିଏ ହେଲେ ଅନୁରୋଧ, ଏ ଯାଏଁ ରଖିନାହଁ । ତୁମର କୌଣସି କଥାକୁ, ମୁଁ ବିରୋଧ କରିନାହିଁ । ଭାଇ ଜର୍ମାନୀରୁ ରାତିରେ ଫୋନ କରିଥିଲେ । ସେ ଭାରୀ ଖୁସୀ । ଆମର ଆସିବାକୁ ସେ ଚାହିଁ ରହିଛନ୍ତି ।

ସିଦ୍ଧାର୍ଥ - ଯଶୋଧାରା ତୁମେ ଯଦି ଏକୁଟିଆ ଯାଅ...

ଯଶୋଧାରା- ତୁମ କହିବାର ଉଦ୍ଦେଶ୍ୟ, ତୁମେ ମୋ ସାଙ୍ଗରେ ଆସିବ ନାହିଁ । ବେଶ୍, ଯାହା ତୁମର ଇଚ୍ଛା । (ଚାଲିଯାଉଥିଲେ)

ସିଦ୍ଧାର୍ଥ - ଧାରା, ଶୁଣ ।

ଯଶୋଧାରା- କୁହ ।

ସିଦ୍ଧାର୍ଥ - ମୋ ଉପରେ ରାଗି ଚାଲିଗଲ ଯେ...

ଯଶୋଧାରା- ମୁଁ ରାଗି, ତୁମର କ'ଣ କରି ପାରିବି ?

ସିଦ୍ଧାର୍ଥ - କଥାଟିଏ କହିବି ।

ଯଶୋଧାରା- (ନୀରବ)

ସିଦ୍ଧାର୍ଥ - ମୋର କହିବାର କଥା ଥିଲା, ମୁଁ ତୁମକୁ ଖୁବ୍ ଭଲ ପାଏ ।

ଯଶୋଧାରା- ହୁଁ, ଯଥେଷ୍ଟ ହୋଇଗଲା ।

ସିଦ୍ଧାର୍ଥ - କ'ଣ ମୋ କଥାକୁ ଅବିଶ୍ୱାସ କରୁଛ । ହଉ ନ କର । ଆଚ୍ଛା କହିଲ, ଆମେ ଯିବାରେ କେତେ ଖର୍ଚ୍ଚ ହେବ । ସୁଇଜରଲ୍ୟାଣ୍ଡ, ଜର୍ମାନୀ, ଲଣ୍ଡନ ହୋଇ ଆମେ ଭାରତ ଫେରି ଆସିବା । ଏଇ ୩ ମାସ ରହଣୀ କାଳରେ, ଅନ୍ତତଃ କେତେ ଖର୍ଚ୍ଚ ହେବ, ତା' ତୁମେ ମୋତେ କହିପାରିବ ?

ଯଶୋଧାରା- ଏ କଥା ବାବାଙ୍କୁ ପଚାରିଲେ, ଭଲ ହେବ ।

ସିଦ୍ଧାର୍ଥ - ବାବାତ ମୋତେ ଏ ଯାଏଁ କହିନାହାନ୍ତି, ମୁଁ ବାବାଙ୍କୁ ପଚାରିବି କାହିଁକି ? ତେବେ ଆପ୍ରୋକ୍ସିମେଟ୍‌ଲି...

ଯଶୋଧାରା- ମୁଁ ଜାଣେନି । ତେବେ ବର୍ତ୍ତମାନ ଯେଉଁ ଅର୍ଥ ବରବାଦ ହେବ, ତା'ତ ଆଉ ଫେରିଆସିବ ନାହଁ ।

Digitized by srujanika@gmail.com

ସିଦ୍ଧାର୍ଥ – କିନ୍ତୁ ଆଗାମୀ ଦିନର ଅଯଥା ଖର୍ଚ୍ଚକୁ ତ ରୋକାଯାଇ ପାରିବ । ଧାରା, ସେ ଦିନ ଶ୍ରୀମନ୍ଦିର ସାମନାରେ, ଗୋଟିଏ ଅର୍ଦ୍ଧନଗ୍ନ ଯୁବତୀକୁ ଦେଖି, ତୁମର ଦାମିକା ଶାଢ଼ୀ ଖଣ୍ଡକ ଘୋଡ଼ାଇ ଦେଇଥିଲ । ସେଦିନ ହିଁ ମୁଁ ତୁମକୁ ଚିହ୍ନିପାରିଲି । ଚିହ୍ନିପାରିଲି ତୁମର ଅନ୍ତରକୁ ।

ଯଶୋଧାରା – ସେ ସବୁତ ମୋର ମନେ ଅଛି ।

ସିଦ୍ଧାର୍ଥ – ଆଉ ତୁମର ମନେ ଅଛି, ଆନନ୍ଦ ବଜାରରେ ବୁଭୁକ୍ଷୁ ଶିଶୁମାନଙ୍କର ନୟନରେ କରୁଣ ଚାହାଣୀ । ତୁମେ ଯାଇ ପ୍ରସାଦ କିଣି ଆଣି, ସେମାନଙ୍କୁ ଯଥେଷ୍ଟ ଖାଇବାକୁ ଦେଇଥିଲ । ସେମାନେ ତୁମ ଉପରେ କେତେ ସନ୍ତୁଷ୍ଟ ନ ହୋଇଥିବେ । ଧାରା, ମୋର କହିବାକୁ କିଛି ନାହିଁ । ସେମାନଙ୍କ କଥା ଥରେ ଚିନ୍ତାକର । ଏ ଭାରତବର୍ଷରେ ଅର୍ଦ୍ଧାଧିକ ଲୋକ, ଆଣ୍ଠୁ ଲୁଚିବାଭଳି ଲୁଗାଖଣ୍ଡିଏ ପିନ୍ଧିପାରୁନାହାନ୍ତି । ସେଇଥିପାଇଁ ମହାତ୍ମାଗାନ୍ଧୀ, ଆଣ୍ଠୁ ନ ଲୁଚିବା ଲୁଗା ପିନ୍ଧୁଥିଲେ । କେତେଜଣନେତା, ଶାସକ, ଆଜି ସେପରି କରି ପାରିବେ ? ଧାରା, ଏଇ ଅର୍ଥ ଯଦି ବୁଭୁକ୍ଷୁମାନଙ୍କର ସେବାରେ ଲାଗେ, ତୁମେ ସୁଖୀ ହେବନାହିଁ ? କହ ଧାରା, କହ ।

(ସିଦ୍ଧାର୍ଥ କାନ୍ଦୁଥିଲେ ।)

ଯଶୋଧାରା – ସିଦ୍ଧାର୍ଥ, କାନ୍ଦୁଛ । କାନ୍ଦନି, ଏ ପ୍ରସ୍ତାବ ମୁଁ କ୍ୟାନ୍ସେଲ୍ କରିଦେଲି ।

ସିଦ୍ଧାର୍ଥ – ଧାରା, ୟୁ ଆର୍ ରିଓଲି ମାଇ ଲାଇଫ୍ ପାର୍ଟନର୍ । ରାହୁଲ ଜନ୍ମଦିନ ପାଇଁ ଯେଉଁ ଅର୍ଥ ବରବାଦ ହୋଇଥାନ୍ତା, ସେଥିରେ ତ ଗୋଟାଏ ସ୍କୁଲ ଖୋଲା ଯାଇ ପାରିବ ।

(ଭିତରୁ କହି, କହି ଆସୁଥିଲେ ଶୁଦ୍ଧୋଧନ ।)

ଶୁଦ୍ଧୋଧନ – ତୋର ପ୍ରତ୍ୟେକ କଥାକୁ, ଗ୍ରହଣ କରାଯାଇ ନ ପାରେ ସିଦ୍ଧାର୍ଥ । ତୋର ଆନନ୍ଦ, ତୋର ସୁଖୀ ଜୀବନ ପାଇଁ, ମୁଁ ଏ ପର୍ଯ୍ୟନ୍ତ, ତୋର ସମସ୍ତ କଥାକୁ ଗ୍ରହଣ କରି ଆସିଛି । ଶ୍ରମିକମାନଙ୍କର ଦରମା ବୃଦ୍ଧି ଯୋଗୁଁ, ଆଜି ଆର୍ଥିକ ସଂକଟ ଦେଖାଦେଇଛି । ରାହୁଲର ଜନ୍ମଦିନ ଉତ୍ସବ, ଶେଷ ମୁହୂର୍ତ୍ତରେ ତୋପାଇଁ ବନ୍ଦ କରିବାକୁ ବାଧ ହେଲି । ଆଉ ତୁ କ'ଣ ଚାହୁଁ, ମୋତେ ଖୋଲି କହିଦେ ।

ସିଦ୍ଧାର୍ଥ – ମୁଁ ସେଥିପାଇଁ ଦୁଃଖୀ ବାବା । ଆପଣଙ୍କ ମନରେ କଷ୍ଟ ଦେଇଥିବାରୁ, ମୁଁ କ୍ଷମାଭିକ୍ଷା କରୁଛି । ମୁଁ କହି ରଖୁଛି ବାବା, ବର୍ତ୍ତମାନ

Digitized by srujanika@gmail.com

ପରିସ୍ଥିତିରେ, ଆମର ସୁଇଜରଲାଣ୍ଡ ଯିବା ଠିକ୍ ହେବ ନାହିଁ ।
(ମାୟାବତୀ ପ୍ରବେଶ କଲେ ।)

ମାୟାବତୀ - ସେ ଠିକ୍ କହିଛି । କୌଣସି କାର୍ଯ୍ୟକୁ, ଜୋର୍ ଜବରଦସ୍ତ କାହା ଉପରେ ଲଦି ଦିଅନାହିଁ ।

ସିଦ୍ଧାର୍ଥ - ବେଶ୍, ଯାହା ସବୁ ତୁମମାନଙ୍କର ଇଚ୍ଛା ତାହା ହିଁ କର ।

- ଅନ୍ଧାର -

- ସପ୍ତମ ଦୃଶ୍ୟ -

(ରାସ୍ତା । ପାଗଳ ହସୁଥିଲା, ମନ ମତାଣିଆ ହସ ।)

ପାଗଳ - (ହସି ହସି) କୁହନ୍ତୁ ଆପଣମାନେ, ମୋ ଭାରତ ମହାନ । କେଉଁଥିରେ ମହାନ ତା' ଆପଣମାନେ କହିପାରିବେ ? ପୃଥିବୀରେ ଦଶଟି ଦୁର୍ନୀତିଗ୍ରସ୍ତ ଦେଶ ମଧ୍ୟରେ, ସପ୍ତମରେ ମୋ ଭାରତର ସ୍ଥାନ । ତେଣୁ ମୋ ଭାରତ ଦୁର୍ନୀତିରେ ନିଶ୍ଚୟ ମହାନ । ନାରୀ ଧର୍ଷଣ, ହତ୍ୟା, ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର, ଏ ସବୁଦିଗରେ ମୋ ଭାରତ ନିଶ୍ଚୟ ମହାନ । ଆଉ ବିରାଟ ଗଣତାନ୍ତ୍ରିକ ଦେଶ ଭାବରେ, ପ୍ରତିବର୍ଷ ନିର୍ବାଚନ ହେଉଥିବା ଯୋଗୁଁ ନିଶ୍ଚୟ ମହାନ । ସବୁଥିରେ ପଛୁଆ ଥାଇ ମଧ୍ୟ, ମୁଁ ଦେଶପ୍ରେମୀ ଭାବରେ ମୋ ମା'ର ଜୟଗାନ କରିବି । ବନ୍ଦେ ଭାରତ ଜନନୀ ।
(ପାଗଳ କହି କହି ଚାଲିଗଲା)

ଶୁଦ୍ଧୋଧନ - ମୁଁ ନିର୍ବାଚନ ଲଢ଼ିବି । ନିଶ୍ଚୟ ଲଢ଼ିବି । ସେଥିପାଇଁ କାହାର ଆପତ୍ତି, ଅଭିଯୋଗ ମୁଁ ଶୁଣିବାକୁ ପ୍ରସ୍ତୁତ ନୁହେଁ । ମୁଁ ହେବି ସାଂସଦ । ମୁଁ ହେବି କେନ୍ଦ୍ରମନ୍ତ୍ରୀ ।
(ପ୍ରବେଶ କଲେ ମଙ୍ଗୁଳି ଓ ଭୋଳାରାମ)

ମଙ୍ଗୁଳି - ଆପଣ ନିଶ୍ଚୟ କେନ୍ଦ୍ରମନ୍ତ୍ରୀ ହେବେ ସାର୍ ।

ଭୋଳାରାମ- ପ୍ରଧାନମନ୍ତ୍ରୀ, ଆପଣଙ୍କ ପରି ନେତା ଚାହାନ୍ତି । ଆପଣଙ୍କୁ ପରାସ୍ତ କରିବାକୁ, ଏ ଖଣ୍ଡମଣ୍ଡଳରେ କିଏ ଅଛି ସାର୍ ।

ମଙ୍ଗୁଳି - ଜ୍ୟୋତିଷମାନଙ୍କ ପାଖକୁ ଯାଇଥିଲୁ ସାର୍ । ଲକ୍ଷ୍ମୀବାବାଙ୍କ ପାଖକୁ ଯାଇଥିଲୁ ।

ଶୁଦ୍ଧୋଧନ - ସମସ୍ତଙ୍କର ଭବିଷ୍ୟତବାଣୀ

Digitized by srujanika@gmail.com

ଉଭୟେ - ବିଜୟ ସୁନିଶ୍ଚିତ ।

ଭୋଳାରାମ- ଆପଣଙ୍କ ବିରୋଧରେ ଯେ ଠିଆ ହେବେ, ତାଙ୍କୁ କେତେଜଣ ଏ ଅଞ୍ଚଳରେ ଜାଣନ୍ତି ?

ମଗୁଲି - ତେଣୁ ସାର୍‌, ନିର୍ବାଚନ ଯୁଦ୍ଧରେ, ଆପଣ ନିଶ୍ଚୟ ଠିଆହେବେ ।

ଭୋଳାରାମ- ଗୋଟିଏ ଅନୁରୋଧ ସାର୍‌, ସାନବାବୁଙ୍କୁ ପ୍ରଚାରରେ ଲଗାଇବାକୁ ହବ । ସେ ଯଦି ଲୋକଙ୍କ ପାଖରେ ଠିଆ ହେବେ, ଆପଣଙ୍କ ବାକ୍ସ ଭର୍ତ୍ତି ବୋଲି ଜାଣନ୍ତୁ ।

ଶୁଦ୍ଧୋଧନ - ନା, କିଏ କ'ଣ କରିବ ? ମୁଁ ଲୋକଙ୍କ ପାଖକୁ ଯିବି । ମୁଁ ଦ୍ୱାର, ଦ୍ୱାର ବୁଲିବି ।

ମଗୁଲି - ସେମିତି କହିଲେ ହେବ କି ସାର୍‌ ।

ଭୋଳାରାମ- ପୁଅ ଜନ୍ମ ଯଦି ହବ, ସାନବାବୁଙ୍କ ପରି ହବା ଦରକାର । ଲୋକେ ମାନି ଯାଇଛନ୍ତି ଆଜ୍ଞା । ଶ୍ରମିକମାନଙ୍କୁ ଷ୍ଟ୍ରାଇକ କରିବା ପାଇଁ, ମତାଇ ଦିଆଗଲା । ଜଣେ କୁଳିନେତା ଆସି ୟୁନିୟନ ଗଢ଼ିଲେ । ଦାବୀ ଅଧିକା ଶ୍ରମକୁ, ଅଧିକା ମଜୁରୀ ।

ଶୁଦ୍ଧୋଧନ - ମୁଁ ସେତେବେଳେ କେଉଁଠି ଥିଲି ?

ଭୋଳାରାମ- ଆପଣ ଥିଲେ ଦିଲ୍ଲୀରେ । ଟିକଟ ପାଇବା ପାଇଁ, ମାସେ କାଳ ରହିଗଲେ ।

ଶୁଦ୍ଧୋଧନ - ହଁ, କ'ଣ ହେଲା ?

ମଗୁଲି - ଶ୍ରମିକମାନେ ଗେଟରେ ତାଲା ପକାଇଦେଲେ । ଭୋଳିଭାଇଙ୍କ ବୁଦ୍ଧି ଷ୍ଫୁରିଲା ନାହିଁ । ମୋତେ ସାନବାବୁଙ୍କ ପାଖକୁ ପଠାଇଦେଲେ ।

ଭୋଳାରାମ- ସାନବାବୁ ଯେତେବେଳେ ପହଞ୍ଚିଗଲେ, ଚାରିଆଡୁ ଶୁଭିଲା ଜିନ୍ଦାବାଦ ଧ୍ୱନି । ବାବୁ, ସେ ନେତାଙ୍କୁ ପଚାରିଲେ - ଆପଣ ଚାହାନ୍ତି କ'ଣ ? ଶ୍ରମିକମାନଙ୍କୁ ପଚାରିଲେ- ତୁମେ ୟୁନିୟନ ଚାହଁ ନା ଅଧିକା ମଜୁରୀ ଚାହଁ । ଚାରିଆଡୁ ଶୁଭିଲା-ମଜୁରୀ । ବାବୁ କହିଲେ - ମଞ୍ଜୁର ।

ମଗୁଲି - ଆଜ୍ଞା, ଆମେ କୁଳିନେତାଙ୍କୁ ଖୋଜିଲୁ । ସେ କୁଆଡ଼େ ଚମ୍ପଟ ମାରିଲା, ତାର ଠିକଣା ମିଳିଲା ନାହିଁ ।

ଶୁଦ୍ଧୋଧନ - ଏ କଥା ତୁମ୍ଭେମାନେ ମୋତେ କହିନାହଁ କାହିଁକି ?

Digitized by srujanika@gmail.com

ଭୋଳାରାମ- ସାନବାବୁ ପରା ମନା କରିଥିଲେ । କହିଲେ, ଏ ସବୁ କଥା କହି, ତାଙ୍କ ମନକୁ ଭାରାକ୍ରାନ୍ତ କରାଅ ନାହିଁ ।

ଶୁଦ୍ଧୋଧନ - ସାବାସ । ମୁଁ ସିଦ୍ଧାର୍ଥ ପାଇଁ ଗର୍ବ ଅନୁଭବ କରେ । ତେବେ, ତାର ନିର୍ବାଚନରେ ଭାଗ ନେବାଟାକୁ, ମୁଁ ପସନ୍ଦ କରେନା । ବିଶେଷ କରି, ଏ ସବୁ ତାର ଆଦର୍ଶର ପରିପନ୍ଥୀ ।

ମଙ୍ଗୁଳି - ସେମିତି କହିଲେ ହବକି ଆଜ୍ଞା, ସାନବାବୁଙ୍କୁ ରାଜି କରାଇବାକୁ ହବ ।

ଭୋଳାରାମ- ସେ ସୁପୁତ୍ର । ମୁଁ ଜାଣେ, ସେ ଆପଣଙ୍କର ଅବାଧ ହେବେନି । (ବାହାରୁ ପ୍ରବେଶ କଲେ ସିଦ୍ଧାର୍ଥ)

ସିଦ୍ଧାର୍ଥ - (ବାବାଙ୍କ ପାଦଧୂଳି ନେବାପରେ, ଠିଆ ହେଲେ ।)

ଶୁଦ୍ଧୋଧନ - ମୁଁ ତୋ ପାଇଁ ଅପେକ୍ଷା କରିଛି ସିଦ୍ଧାର୍ଥ । ତୋ ବିଷୟରେ ସବୁ ମୁଁ ଶୁଣିଲି । ଖୁସୀ ହେଲି, ତୁ ଗୋଟାଏ ବିରାଟ ଶ୍ରମିକ ଅଶାନ୍ତିକୁ ହଟାଇ ଦେଇ ପାରିଲୁ ।

ସିଦ୍ଧାର୍ଥ - ମୁଁ ମୋର କର୍ତ୍ତବ୍ୟ କରିଥିଲି ବାବା । ଶ୍ରମିକମାନେ ଚାହାନ୍ତି କିଛି ଅଧିକା ମଜୁରୀ । ଦରଦାମ ହୁ, ହୁ ହୋଇ ବଢୁଥିବାବେଳେ, ସେମାନଙ୍କର ଦାବୀ କ'ଣ ନ୍ୟାୟୋଚିତ ନୁହେଁ ବାବା ?

ଶୁଦ୍ଧୋଧନ - ଯାହା ତୁ କରିଛୁ, ତାକୁ ମୁଁ ସମର୍ଥନ କରୁଛି । ତେବେ ତୋତେ କଥାଟିଏ ପଚାରିବି ।

ସିଦ୍ଧାର୍ଥ - ପଚାରନ୍ତୁ ବାବା ।

ଶୁଦ୍ଧୋଧନ - ତୁ ଜାଣୁ ବିରୋଧୀଦଳର ଗୋଟିଏ ଭୋଟରେ ସରକାର ଭାଙ୍ଗିଗଲା । ଭାରତବର୍ଷ ଉପରେ ଆଉ ଗୋଟିଏ ସଂସଦୀୟ ନିର୍ବାଚନକୁ ଜୋର୍, ଜବରଦସ୍ତ ଲଦି ଦିଆଗଲା । ବର୍ତ୍ତମାନ ଗୋଟାଏ ଦୃଢ଼ ସରକାର ଦରକାର । ପ୍ରଧାନମନ୍ତ୍ରୀ ମୋର ପ୍ରାର୍ଥୀତ୍ୱକୁ ଅନୁମୋଦନ କରନ୍ତି । ଏ ସଂପର୍କରେ ତୋର ମତ କ'ଣ ?

ସିଦ୍ଧାର୍ଥ - ନିର୍ବାଚନ ପରି ଏକ ଜଟିଳ ରାଜନୀତି ଭିତରକୁ ମୋତେ ନ ଆଣିଲେ, ଭଲ ହବ ବାବା, ଯେଉଁଠି ରାଜନୀତି ବ୍ୟବସାୟରେ ପରିଣତ ହୋଇଛି, ଅର୍ଥ ଖର୍ଚ୍ଚ କରି, ବହୁଗୁଣ ଅର୍ଥ ଆଦାୟ କରିବା ଯେଉଁଠି ରାଜନୀତିର ଲକ୍ଷ୍ୟ ଓ ଆଦର୍ଶ, ସେ ରାଜନୀତିକୁ ମୁଁ

Digitized by srujanika@gmail.com

ଘୃଣା କରେ । ଲୋକଙ୍କର ମତାମତ ନେଇ, ଲଢ଼ିବା ଉଚିତ । ଅଯଥା ଅର୍ଥ ବରବାଦ କରି, ଅପଦସ୍ତ ହବାକୁ ମୁଁ ପସନ୍ଦ କରେନା ।

ଭୋଳାରାମ- ବିନା ପଇସାରେ କି ନିର୍ବାଚନ ହବ ଆଜ୍ଞା ?

ଶୁଦ୍ଧୋଧନ - ଯେମିତି ସମସ୍ତେ ନିର୍ବାଚନରେ ଖର୍ଚ୍ଚ କରୁଛନ୍ତି, ଆମେ ନ କଲେ, କ'ଣ ଆଗେଇ ପାରିବା ? ଏବେ ତ ଗାନ୍ଧୀ ନାଁରେ ହଜାର ଗାନ୍ଧୀ ବାହାରିଲେଣି । ସେ ଗାନ୍ଧୀ ଥିଲେ ସୁଗନ୍ଧି । ଆଉ ଏମାନେ ସବୁ ଦୁର୍ଗନ୍ଧି ।

ସିଦ୍ଧାର୍ଥ - ଆହା, ଅଯଥାରେ ବ୍ୟକ୍ତି ବିଶେଷର ନିନ୍ଦା କରୁଛ କାହିଁକି ? ସବୁ ଫୁଲର ସୁଗନ୍ଧ ନ ଥାଏ । ଦୁର୍ଗନ୍ଧ ଥିବା ଫୁଲକୁ ମଧ୍ୟ ଫୁଲ କୁହାଯିବ । ଯେତେଦିନ ପର୍ଯ୍ୟନ୍ତ, ରାଜନୀତିକୁ ସେବାରେ ପରିଣତ କରାନ ଯାଇଛି, ସେତେଦିନ ପର୍ଯ୍ୟନ୍ତ ମୁଁ ରାଜନୀତିରେ ଯୋଗଦେଇ ପାରିବି ନାହିଁ ।

ଶୁଦ୍ଧୋଧନ - ତେବେ ମୁଁ ଯେତିକି ଜାଣେ, ଲୋକଙ୍କର ତୋ ଉପରେ ଅଟଳ ବିଶ୍ୱାସ ।

ସିଦ୍ଧାର୍ଥ - ସେ ଅଟଳ ବିଶ୍ୱାସ, ଲୋକଙ୍କର ଆପଣଙ୍କ ଉପରେ ହବା ଉଚିତ । ସେହିଭଳି କାମ କରନ୍ତୁ, ଆପଣଙ୍କର ବିଜୟ ସୁନିଶ୍ଚିତ ।

ଶୁଦ୍ଧୋଧନ - ତା'ହେଲେ ତୋର ଉଦ୍ଦେଶ୍ୟ,

ସିଦ୍ଧାର୍ଥ - ମୁଁ ତ କହି ସାରିଛି ବାବା । ଆଉ କ'ଣ ବା କହିବି । (ଚାଲିଗଲେ)

ଶୁଦ୍ଧୋଧନ - ମୁଁ ଜାଣେ, ସେ ମୋ ପାଇଁ ପ୍ରଚାର କରିବ ନାହିଁ । ନ କରୁ । ମୁଁ କ'ଣ ହାରିଯାଉଛି ?

ଭୋଳାରାମ- ଆଜ୍ଞା ହାଉଆ ବହୁଛି, ଏ ହାଉଆରେ ବିରୋଧୀଦଳ ମୂଳପୋଛ ହୋଇଯିବେ ।

ଶୁଦ୍ଧୋଧନ - ପ୍ରଧାନମନ୍ତ୍ରୀଙ୍କୁ ମୁଁ ନିର୍ବାଚନ ପ୍ରଚାର ପାଇଁ ଆଣିବି । କେନ୍ଦ୍ରମନ୍ତ୍ରୀମାନେ ଆସିବେ ।

ମଞ୍ଜୁଳି - ଆସିବେଟି ସାର୍ ? ପ୍ରଧାନମନ୍ତ୍ରୀ ଆସିଲେ, ଆମର ବିଜୟ ସୁନିଶ୍ଚିତ ।

ଭୋଳାରାମ- ଆପଣ କାହାର କଥା ଶୁଣନ୍ତୁ ନାହିଁ ଆଜ୍ଞା । ସାନବାବୁ, ସେ ଏମିତି କହିବେ । ଶେଷବେଳକୁ ସେ ନ ଆସି କ'ଣ ରହି ପାରିବେ ?

Digitized by srujanika@gmail.com

ଯେତେହେଲେ ରକ୍ତଟି । ରକ୍ତ ନିଶ୍ଚୟ ରକ୍ତକୁ ଡ଼ାକିବ । ଆପଣ ନିଶ୍ଚିତ ରହନ୍ତୁ ।

ଶୁବୋଧନ - ଠିକ୍ ଅଛି । ଦେଖିବା, କାନୁନଗୋ କିପରି, କିତିଯିବ ।

ମଗୁଳି - ସାର୍, ସେ ସବୁ କାହିଁକି ଭାବୁଛନ୍ତି, ବିଜୟଲକ୍ଷ୍ମୀ ଏବେ ଆମ ପ୍ରତି ସୁପ୍ରସନ୍ନା ।

ଭୋଳାରାମ- ସୁପ୍ରସନ୍ନା । ଆଜ୍ଞା, ସୁପ୍ରସନ୍ନା ।

- ଅନ୍ଧାର -

- ଅଷ୍ଟମ ଦୃଶ୍ୟ -

(ରାସ୍ତା । ନରୋତ୍ତମ ଦାସ ଟାଙ୍ଗିଆଟାଏ ଧରି ରାସ୍ତାର ଏ ପାଖ, ସେ ପାଖ ଦୌଡୁଥିଲା ।)

ନରୋତ୍ତମ - (ଗର୍ଜି) ଶଳେ, ତୁମ୍ଭେମାନେ ମୋ ହାତ୍ରୁ ଖସି ଚାଲିଯିବ । ଦୁଖିଆ କହିଲା, ମଶାଣିଆଡ଼େ ଦୁଇଟାଯାକ ବୁଲୁଥିଲେ । ଆଉ କିଏ କହିଲା, ଗାଁ ମୁଣ୍ଡ ବରଗଛ ମୂଳରେ ବସିଥିଲେ । କୋଉଠି ତ ପାଇଲି ନାହିଁ । ଆଜି କିଂତୁ ଛାଡ଼ିବିନି । ଟଙ୍କା ନେବି, ନହେଲେ ଏ ଟାଙ୍ଗିଆରେ ଶଳାଙ୍କର ମୁଣ୍ଡ, ଗଣ୍ଡି ଅଲଗା କରିଦେବି । ମୋଠାରୁ ପଚାଶ ହଜାର ନେଇ, ପ୍ରସାଦ ଦେଇଛନ୍ତି ଘଷି ଆଉ ଛେଳିଲଣ୍ଡି । (ପ୍ରବେଶ କଲେ ଭୋଳାରାମ ଓ ମଗୁଳି)

ମଗୁଳି - ଭୋଳିଭାଇ, ତୁମର ଭାଗ୍ୟଭଲ । ବାବାଜି ପୂଜା କଲାପରେ, ତୁମର ଭାଗ୍ୟ ବଦଳିଗଲା । ଚାକିରୀକି ଚାକିରୀ ରହିଲା । ମାଲିକର ବିଶ୍ୱାସୀ ହୋଇଗଲ । ଏବେ ତ ଚାଲିଛି ତୁମର ପୁଷମାସ ।

ଭୋଳାରାମ- ହଇରେ ମଗୁଳି କାହାର ସର୍ବନାଶ ହେଲେ ଆମର ଯାଏ ଆସେ କ'ଣ ? ନିର୍ବାଚନରେ ଅତି କମ୍‌ରେ ପଚାଶ ଲକ୍ଷ ଖର୍ଚ୍ଚ ହେବ ।

ମଗୁଳି - କ'ଣ ଅତି କମ୍‌ରେ ପାଞ୍ଚଲକ୍ଷ ଟଙ୍କା, ତୁମ ପକେଟକୁ ଯିବ ନାହିଁ । ବାବାଜିକୁ ଦେଲ ୨୫ ହଜାର ।

ଭୋଳାରାମ- ବଢ଼ିଆ ପୂଜା କଲାରେ ମଗୁଳି । ଯାଉ ୨୫ ହଜାର । ଆଉ ୨୫ ହଜାର ଦେଇଥିଲେ କିଛି ଦୁଃଖ ନ ଥିଲା ।

ନରୋତ୍ତମ - (ଶୁଣୁଥିଲା) କାହା କଥା କହୁଚ, ସେ ମୋର ସର୍ବସ୍ୱ ଲୁଟି ନେଲା । ସେଇଟା ଗୋଟେ ଭଣ୍ଡ ବାବାଜି । ସଇତାନ ।

Digitized by srujanika@gmail.com

ଭୋଳାରାମ- ସେ ଦେବତା, ଭଗବାନ ।

ନରୋତ୍ତମ - ନା, ସେ ସଇତାନ

ମଙ୍ଗୁଳି - କଥାଟା କ'ଣ ହେଲା, ଆଗ ଖୋଲିକହ ।

ନରୋତ୍ତମ - ସେ ବାଆଜୀକୁ ତୁମ୍ଭେମାନେ ଦେଖିଛ । ଏଇ ଟାଙ୍ଗିଆରେ ତାକୁ ହାଣିଦେବି । ମୋର ପଇସା ଯଦି ନ ଦିଏ, ତାର କାଳ ପୂରିଲା ବୋଲି ଜାଣ ।

ଭୋଳାରାମ- ହଇଓ, ତୁମେ ବାବାଜଙ୍କୁ ଟଙ୍କା ଦେଇଥିଲ ?

ନରୋତ୍ତମ - ଦେଇଥିଲି ।

ମଙ୍ଗୁଳି - କାହିଁକି ଦେଇଥିଲ ?

ନରୋତ୍ତମ - ମୋ ସ୍ତ୍ରୀର ଗର୍ଭବାସ ପାଇଁ ।

ଭୋଳାରାମ- ପ୍ରସାଦ ତ ନିଶ୍ଚୟ ପାଇଥିବ ।

ନରୋତ୍ତମ - ପ୍ରସାଦ ଦେଲା ଛେଳିଲଣ୍ଡି, ଗୋବର ଘଷି ।

ମଙ୍ଗୁଳି - କ'ଣକହିଥିଲା ବାବାଜି ?

ନରୋତ୍ତମ - ସ୍ତ୍ରୀକୁ ଖୁଆଇ ଦେବା ପାଇଁ ।

ଭୋଳାରାମ- ଖୁଆଇଲ ?

ନରୋତ୍ତମ - କିମିତି ଖୁଆନ୍ତି ଆଜ୍ଞା । ଏ ଗୁଡ଼ାକ କ'ଣ ମଣିଷ ଖାଏ । ମୋ ସ୍ତ୍ରୀ, ତାକୁ ଦେଖି, ମୋତେ ବାଡ଼େଇ ଗୋଡ଼ାଇଲା ।

ଭୋଳାରାମ- ସେଇଠି ତୁମର ଭୁଲ ରହିଗଲା । ଯାଅ ୫/୨୫ ଜଣକୁ ପଚାର । ଯଦି ବିଶ୍ୱାସ କରି ପାଟିରେ ପକାଇ ଦେଇଥାନ୍ତ, ତାହା ହୋଇ ଯାଇଥାନ୍ତା ରସଗୋଲା । ଆଉ ତୁମ ସ୍ତ୍ରୀଙ୍କର ଗର୍ଭବାସ ।

ମଙ୍ଗୁଳି - ଅସଲ କଥା ନ କହି, ଟାଙ୍ଗିଆ ଧରି ବୁଲୁଛ । ତାକୁ ଚିହ୍ନିଛ ? ଯାଅ, ଯାଅ ବାବାଜିର ଗୋଡ଼ ତଳେ ପଡ଼ ।

ଭୋଳାରାମ- ଭାଇ, ଧୈର୍ଯ୍ୟଧର । ବାବାଜି ନିଶ୍ଚୟ ଆସିବେ । ସେ ତ ମନୁଷ୍ୟ ନୁହନ୍ତି । ସେ ଦେବତା, ସେ ଭଗବାନ । ମୋର ଯଥେଷ୍ଟ ଉପକାର କରିଛନ୍ତି । ତାଙ୍କ ଉପକାର ମୁଁ ଭୁଲି ପାରିବି ନାହିଁ ।

(ଏଇ ସମୟରେ ପ୍ରବେଶ କଲେ କାଶିଆ, କପିଳା । ପଞ୍ଜାବୀ ଓ ବଙ୍ଗାଳିବାବୁ ବେଶରେ ।)

Digitized by srujanika@gmail.com

ନରୋତ୍ତମ - ତୁମେ କହୁଚ ଭାଇ, ସେ ଦେବତା । ସଇତାନ ନୁହନ୍ତି । ନିଶ୍ଚୟ ଆସିବେ ତ ? ହଉ ମୁଁ ଯାଉଛି, ତୁମ କଥାରେ ଭାଇ ବିଶ୍ୱାସ କରି ଯାଉଛି । ମୋ ଟଙ୍କା ତୁମେ ଦେଇଦେବ ।

କାସିଆ - ଆରେ ଭାଇ, ତୁମ୍ ବୋଲ ସକତେ ହୋ, ଓ ଦୋନୋ ବାବାଜି, କିଧର ଗୟେ ? ଓ ଗାଓଁକୋ, ଓ ଲୋଗ ଆୟେଥେ ?

କପିଳା - ଆମରା ଏସେଛି, ତାକେ ଆରେଷ୍ଟ କରାର ଜନ୍ୟ ।

ନରୋତ୍ତମ - ତୁମେ କ'ଣ ବାବାଜୀଙ୍କୁ ଖୋଜିବାକୁ ଆସିଛ ? ସେମାନେ କ'ଣ ତୁମର ଟଙ୍କା ଠକି ନେଇଛନ୍ତି ?

ଭୋଳାରାମ- ସାଧୁବାବା, ଖୁବ୍ ଭଲ ଲୋକ । ଦେବତା, ଭଗବାନ ।

କାସିଆ - ଆରେ ଓ ଭଗବାନ ନେହି, ସଇତାନ । ତୁମଲୋଗ ଉନକୋ ନେହି ଜାନତେ ।

କପିଳା - ସେ ଦୁର୍ଜନ, ମଡ୍‌ରର୍ । ମାନୁଷ ମାରଛେ । ଖୁନ୍ କରେଛେ ।

କାସିଆ - ହମ ଆଇଏ ହେଁ ଉନକୋ ଗିରଫ କରନେକେ ଲିୟେ ? ଓ ଲୋଗ କହାଁ ଗୟେ ?

ମଞ୍ଜୁଳି - ଆମେ କିମିତି ଜାନତା । ସେମାନେ କିଧର ଯାତା ।

କାସିଆ - (ଭୋଳିକୁ) ତୁମ୍ ବୋଲତା ଥା, ଓ ଭଗବାନ ହେ । ତୁମ୍ ଜରୁର୍ ଉନକୋ ପହଚାନ ହୋ । ବତାଓ ଉନକା ଠିକାନା । ହମ୍ ତୁମ୍‌କୋ ଆରେଷ୍ଟ କରେଙ୍ଗେ ।

ମଞ୍ଜୁଳି - ସେ ବଙ୍ଗାଳିବାବୁ ଭଲ ଲୋକ । ଏ କ'ଣ ନାଲି ଆଖି ଦେଖାଉଛନ୍ତି ।

କାସିଆ - ତୁମ ଖୁନୀ ଆସାମୀକୋ ଭଲଲୋକ ବୋଲତେ ହୋ । ଓ ୪ ଆଦମୀ ଖୁନ୍ କ୍ୟା ହୋ ହମ ସେଣ୍ଟର ସେ ଆୟେ ହେ । ପୋଲିସ ଅଫିସର । ଉନକୋ ଗିରଫ କରେଙ୍ଗେ, ନେହି ତୋ, ତୁମ ଲୋଗୋଁକୋ ଗିରଫ କରେଙ୍ଗେ ।

ଭୋଳାରାମ- ଆମକୁ କାହିଁକି ଗିରଫ କରିବେ ଆଜ୍ଞା । କିଏ ସାଧୁ, କିଏ ସଇତାନ ଆମେ କିମତି ଜାଣିବୁ ? ଭଲ କଥା ହେଉଛି । ଯାଅ, ସେମାନଙ୍କୁ ଗିରଫ କର । ଆବେ ମଞ୍ଜୁଳି ଚାଲେ, ତଣ୍ଟୁ ଚୁଟି ଲାଭ କ'ଣ ?

କାସିଆ - ତୁମ କିଧର ଜାଏଙ୍ଗେ । ଇଧର ରହନେକା ବନ୍ଦୋବସ୍ତ ହେ ଯା ନେହି । ଓ ଶୁଦ୍ଧୋଧନଜୀ କହାଁଗୟା । ଉନକେ ପାଶ୍ କାମ ହେ ?

Digitized by srujanika@gmail.com

କପିଳା - ଶୁଦ୍ଧୋଧନ ବାବୁ କିଧର ଆଛେ ?

ନରୋତ୍ତମ - ବାବୁ, ସେ ସାଧୁବାବା, ମୋର ୫୦ ହଜାର ନେଇଗଲା । ଅନ୍ୟମାନଙ୍କୁ ଠକି ଦଶଲକ୍ଷ ନେଇଯାଇଛି । (କାନ୍ଦୁଥିଲା)

ଭୋଳାରାମ- ତତେ କହିଲି ନା, ଘରକୁ ଯିବାକୁ । ଯିବୁ ନା ନାହିଁ ।

ନରୋତ୍ତମ - ହଉ, ଯାଉଛି । ବାବୁ ସେ ଖୁନୀ ଆସାମୀକୋ ପକଡ୍ । ଆମର ଟଙ୍କା ଆମକୁ ଦେଇଦିଅ । ମୋର ସବୁ ନେଇଗଲା । (କାନ୍ଦି, କାନ୍ଦି ଚାଲିଗଲା)

କାସିଆ - ଇଧର ହୋଟେଲ ମିଲେଗା । ଖାନେକୋ ଅଚ୍ଛା ଖାନା ମିଲେଗା ।

କପିଳା - ଆମାର ଜନ୍ୟ, ଏକଟୁ ଗରମ ଭାତ, ଆର ମାଗୁର ମାଛେର ଝୋଲ, ତାହା ହିଁ ଯଥେଷ୍ଟ ।

ଭୋଳାରାମ- ଯାଅ ମଠରେ ରହିବ । ଖଟରେ ଶୋଇ ହରିରାମ ଜପ କର । ଚାଲେରେ ମଙ୍ଗୁଳି ।

କାସିଆ - ଆଚ୍ଛା, ହମାର ସାଥ୍ ବଦମାସି ଖେଲେତେ ହୋ । କହାଁଗୟା ଶୁଦ୍ଧୋଧନ ରାୟ ।

ଏହି ସମୟରେ ବାହାରୁ ଶୁଭିଲା, ଶୁଦ୍ଧୋଧନ ବାବୁ ଜିନ୍ଦାବାଦ । ଆମର ନେତା, ଶୁଦ୍ଧୋଧନ ବାବୁ ।

ଭୋଳାରାମ- ମଙ୍ଗୁଳି ଭାଇ, ବାବୁର ଶୋଭାଯାତ୍ରା ଆସୁଛି । ଚାଲେ ଲୁଚିଯିବା । ଦେଖିଦେଲେ ସର୍ବନାଶ । (ଦୁହେଁ ଚାଲିଗଲେ)

କାସିଆ - କପିଳାରେ,

କପିଳା - ବାବାଜି ଭଗବାନ, ଦେବତା ।

କାସିଆ - ଏବେ ଆଉ ଗୋଟିଏ ଚାଲ ଖେଳିବା । ଆମର ଶୀକାର ହେବ ଶୁଦ୍ଧୋଧନ ରାୟ, ଆଉ ମୁନସୀ ଭୋଳାରାମ ।

କପିଳା - ଭୋଳାରାମ ଭଲ ଲୋକ ।

କାସିଆ - ଦୁନିଆରେ କିଏ ଭଲ କିଏ ଖରାପ ? ଭୋଳାରାମ ଭଲ । ଗୋଟାଏ ବଦମାସ । ଚାଲେ, ଶୋଭାଯାତ୍ରା ପରେ, ଶୁଦ୍ଧୋଧନ ବାବୁକୁ ଭେଟିବା । (ଦୁହେଁ ଚାଲିଗଲେ ।)

(ଫୁଲମାଳରେ ଗଳାଭରି ଶୁଦ୍ଧୋଧନ ରାୟ ମଞ୍ଚରେ ପ୍ରବେଶ କଲେ ।) ନାଚ ହେଉଥାଏ । ଭୋଟଗୀତ ଗାଇ ନୃତ୍ୟ ପରିବେଷଣ

Digitized by srujanika@gmail.com

ହେଉଥିଲା । ସ୍ଲୋଗାନ - ଆମର ଚିହ୍ନ, ଗାଈର ଚିହ୍ନ
(ଗାଈ ଚିହ୍ନ ଯେଉଁଠି, ଭୋଟଦେବା ସେଇଠି ।)
(ଭିଖାରୀଟି ଆସୁଥିଲା ।)

ଶୁଦ୍ଧୋଧନ - (ଭିଖାରୀକୁ) ବାବୁ, ତୁମର ଅମୂଲ୍ୟ ଭୋଟଟି ମୋତେ ଦବ । ମୁଁ ଦେଶରୁ ଗରୀବୀ ହଟାଇ ଦେବି । ଘିଅ, ମହୁରେ ଦେଶ ଭାସିବ ।

ଭୀଖାରୀ - ମୁଁ ଭୋଟ ଦେଲେ, ତୁମେ ମୋତେ ଦବ କ'ଣ ? କହ ବାବୁ ? ବିଧା, ଗୋଇଠା । ଯାହା ଦେଉଥିଲ, ତାକୁ କ'ଣଭୁଲିଗଲ । ଏବେ ମୋତେ ହାତ ଯୋଡୁଛ । ଭୋଟ ଭିକ୍ଷା କରୁଛ । ତୁମକୁ ଗଣ୍ଡେ ଭିଖ ମାଗୁଥିଲି । ତୁମେ ମୋତେ ମାଡ଼ ମାରିଥିଲ । ଆଜି ମାଗୁଛ ମୋତେ ଭିଖ । ଦେଖୁଛ ଭାଇ ।
ଭୋଳିରାମ, ମଙ୍ଗୁଳୁ ଦୌଡ଼ି ଆସି ମୁହଁ ବନ୍ଦ କରି ଭିକାରୀକୁ ଟେକି ନେଇଗଲେ ।

ଭିଖାରୀ - ମୁଁ କହିବି । ସେଇଟାକୁ ମଣିଷ ଗନ୍ଧାଏ, ତାକୁ ମଣିଷ ଗନ୍ଧାଏ । ଭାଇମାନେ ତାକୁ ଭୋଟ ଦିଅନାହିଁ ।

- ଅନ୍ଧାର -

- ନବମ ଦୃଶ୍ୟ -

(କାଶିଆ, କପିଳା ପିଣ୍ଡାରେ ବସିଥିଲେ ଶିଖ୍ ଓ ବଙ୍ଗାଳୀ ବେଶରେ । ପ୍ରବେଶ କଲେ ଭୋଳି ଓ ମଙ୍ଗୁଳି ।)

ଭୋଳାରାମ- ହଇଏ ବାବୁ, ଏଇଠି କାହିଁକି ବସି ରହିଛ ?
(ଏଇ ସମୟରେ ସ୍ଲୋଗାନ ଶୁଭିଲା ଓ ଜଣେ ଭାଷଣ ଦେଉଥିଲା ।)

ଭାଷଣ - ମା' ମାଉସୀମାନେ, ଭାଇ, ଭଉଣୀମାନେ, ସମସ୍ତେ କାନଖୋଲି ଶୁଣ । ଗାଈ ଚିହ୍ନରେ ମୋହର ମାରି, ଆମର ପ୍ରିୟନେତା, ଗରୀବର ବନ୍ଧୁ, ଶୁଦ୍ଧୋଧନବାବୁଙ୍କୁ ଭୋଟ ଦିଅନ୍ତୁ ।
(ପାଗଳ ପ୍ରବେଶ କରିଛି)

ପାଗଳ - (ହସିଛି) ଭାଇମାନେ ଗରୀବର ବନ୍ଧୁ କିଏ ? ଏଇ ଶୁଦ୍ଧୋଧନ ବାବୁ, ଯେ ଗରୀବକୁ ଘୃଣା କରେ । ତାକୁ ବୁଲା କୁକୁର ଭଳେ ।

Digitized by srujanika@gmail.com

ତାକୁ, ତୁମ୍ଭେମାନେ ଭୋଟ ଦେବ । ତୁମର ଭୋଟର ମୂଲ୍ୟ ନାହିଁ । ସେ ଅମୂଲ୍ୟଭୋଟକୁ ଗୋଟାଏ ଗରୀବର ଶତ୍ରୁକୁ ଭୋଟ ଦେଇ ଜିତାଇବ । (ଏଇ ସମୟରେ ଦୌଡ଼ି ଆସିଲେ ମଗୁଳି ଓ ଭୋଳି)

ଭୋଳାରାମ-ହେ, ବାୟା, କ'ଣ ସବୁ କହି ଯାଉଛୁ । କାହାକୁ କ'ଣ ବୋଲି କହୁଛୁ । ବାହାରିଯା ।

ପାଗଳ - ମୁଁ କହିବି, ହଜାର ଥର କହିନି, ଶୁଦ୍ଧୋଧନବାବୁକୁ ଭୋଟ ଦିଅ ନାହିଁ । ଯାହାକୁ ମଣିଷ ଗନ୍ଧାଏ, ଗୋଟାଏ ମଣିଷ ଗନ୍ଧାକୁ, ତୁମ୍ଭେମାନେ ଭୋଟ ଦବ ।

ମଗୁଳି - (ପାଟି ବନ୍ଦ କରି ଦେଇଛି ।)

ପାଗଳ - ଛାଡ଼, ମୋତେ ଛାଡ଼ିଦିଅ ।

(ଦୁହେଁ, ତାକୁ ଟେକି ନେଇଛନ୍ତି ପାଗଳ ଗୋଡ଼, ହାତ, ଛାଟୁଥାଏ ।)

(ଦୁହେଁ ମଞ୍ଚକୁ ଫେରିଆସି ।)

ମଗୁଳି - ଏ ବାୟାଟାର ଗୋଡ଼ ଭାଙ୍ଗିଦବା । ଆଉ ବକ, ବକ ହେଇପାରିବ ନାହିଁ ।

ଭୋଳାରାମ- ବାବୁ, ତୁମେ ପ୍ରଚାର କର । ଭଲ କରି ଲୋକଙ୍କୁ ବୁଝାଇ ଦିଅ ।

ପ୍ରଚାରକ - ହଁ, ଭାଇ, ଭଉଣୀମାନେ, ମୁଁ କହୁଥିଲି ଗାଇଚିହ୍ନ କଥା । ଆମର ଗୋମାତା କଥା । ଏଇ ଗୋମାତାର ଦେହରେ ତେତିଶ କୋଟି ଦେବତା ବାସ କରନ୍ତି । ଏଇ ଗୋମାତା, ଶ୍ରୀକୃଷ୍ଣଙ୍କର ଅତି ପ୍ରିୟ ସଂପତ୍ତି । ତେଣୁ ମାଇକୁ ଭୋଟ ଦେବା ଅର୍ଥ, ଭଗବାନ ଶ୍ରୀକୃଷ୍ଣଙ୍କୁ ଭୋଟ ଦବା ।

ସ୍ଲୋଗାନ - ଗାଇ ଚିହ୍ନ ଯେଉଁଠି । ଭୋଟ ଦିଅ ସେଇଠି ।

ଆମର ନେତା - ଶୁଦ୍ଧୋଧନ ବାବୁ

ଗରୀବର ନେତା - ଶୁଦ୍ଧୋଧନ ବାବୁ (ଚାଲିଗଲେ ।)

ମଗୁଳି - ବଢ଼ିଆ କହୁଚିରେ ଭୋଳିଭାଇ । ଗାଇ ଚିହ୍ନରେ ଭୋଟ ଦିଅ । ଶୁଦ୍ଧୋଧନବାବୁଙ୍କୁ ଭୁଲି ନ ଯାଅ । (ପୁଣି ଦୁହେଁ କାସିଆ, କପିଳାଙ୍କ ନିକଟକୁ ଫେରି ଆସିଲେ ।)

ଭୋଳାରାମ- ହଁ ବାବୁ, ତୁମ୍ଭେମାନେ କାହିଁକି ଏଠି ବସିଛ କହିଲ ? ଏବେ ନିର୍ବାଚିତ ପାଖା ତାଲିଛି । ତୁମେ ପରା ସବୁ ଆଖି ଆଗରେ ଦେଖିଲ ବାବୁଙ୍କୁ

Digitized by srujanika@gmail.com

କ'ଣ ଟିକିଏ ଫୁରୁସତ ଅଛି । ତୁମେ ସବୁ ଯାଅ । ନିର୍ବାଚନ ପରେ ଆସ । ସେତେବେଳେ ସାଧୁବାବାଙ୍କୁ ଗିରଫ କରିବ ।

କାସିଆ - କିସ୍‌କୋ ତୁମ୍ କ୍ୟା ବୋଲତେ ହୋ ?

ମଙ୍ଗୁଳି - ତୁମକୁ ବୋଲତା ।

କପିଳା - ତୁମି କି ବୋଲଛ ।

ମଙ୍ଗୁଳି - ମୁଁ ଓଡ଼ିଆ ବୋଲୁଛି । ହଇଓ ବାବୁମାନେ ଓଡ଼ିଆ କହୁନ । ଆମ ଭାଷା କି ସୁନ୍ଦର ଭାଷା ତୁମ ଭାଷା, ଆମକୁ ନାହିଁ ଆସତା ।

କାସିଆ - ହମ କୌନ ହେ, ତୁମକୋ ମାଲୁମ ହେ । ତୁମ ଶାଲା ହାରାମି । ଚୋରକୋ ଭଗବାନ ବୋଲତେ ହୋ ।

ଭୋଳାରାମ- ହେ, କାହାକୁ ଶଳା ବୋଲି କହୁଛୁ । ବାବୁ ଘର ବୋଲି ତତେ ଛାଡ଼ିଦେଲି ।

ମଙ୍ଗୁଳି - ତୁମେ ମାଗୁର ମାଛ ଖାଇଲ ? ଭଲ କରି ହାପୁଡ଼ିଲ ନା ? ମନ୍ଦିରରେ ବଢ଼ିଆ ଖାନା ମିଳୁଥିବ । କହିଲା କ'ଣ ନା - ଦି'ଟା ଗରମଭାତ, ମାଗୁର ମାଛର ଝୋଳ । ହଉ, ଯାହା କହିଲ ତ କହିଲ, ଆମକୁ ଶଳା ବୋଲି ଗାଳି ଦେଲ ? ଆମ ଭଉଣୀକୁ ତୁମେ ବାହା ହୋଇଛ ? ଆରେ, ଚିହ୍ନିନି ଆମକୁ ।

କାସିଆ - ବଦମାସ, କ୍ୟା ତୁ ବକତା । ଦେଖେଗା, ହମ୍ କ୍ୟା କରେଗା ।

ମଙ୍ଗୁଳି - କ୍ୟା କରେଗା । କ'ଣ କରିବ ହେ ତୁମେ । ତୁମେ ଗଭର୍ଣ୍ଣର ହୁଅ, ଆମର ଯାଏ ଆସେ କେତେ ?

ଭୋଳାରାମ- ଯାହା ହବାର ହେଲାଣି । ନାଇଁ, ନାଇଁ, ତୁମେ ଆମକୁ, ଆମ ଘରେ, ଆମ ଗାଁରେ ଶଳା ବୋଲି ଗାଳିଦେବ । ଭଲରେ, ଭଲରେ ଚାଲିଯାଅ । ଏଇଲେ, ଯିବାର ବନ୍ଦୋବସ୍ତ କରିଦବୁ ।

କପିଳା - ଠିକ୍ ଆଛେ । ବାବୁ ଆସତେ ଦିନ । ଆମରା କଥା ବୋଲବୋ । ତାର ପର ।

(ଭିତରୁ ଶୁଭିଲା ଶୁଦ୍ଧୋଧନଙ୍କ କଣ୍ଠସ୍ୱର ।)

ଶୁଦ୍ଧୋଧନ - ଭୋଳାରାମ ବାବୁ, କାହା ସାଙ୍ଗରେ ଝଗଡ଼ା କରୁଛ ?

ଭୋଳାରାମ- ଆଜ୍ଞା, ଦି'ଟା ଲୋକ କୋଉଠୁ ଆସିଛନ୍ତି, ମୁଣ୍ଡ ଖରାପ କରିଦେଲେଣି ।

Digitized by srujanika@gmail.com

ଶୁଦ୍ଧୋଧନ - ମୁଁ ଆସୁଛି, ସେମାନଙ୍କୁ ଅପେକ୍ଷା କରିବାକୁ କହ ।

ମଙ୍ଗୁଳି - ବାବୁ ଆସୁଛନ୍ତି, ଅପେକ୍ଷା କର ।
(ଶୁଦ୍ଧୋଧନ ବାବୁର ପ୍ରବେଶ ।)

ଶୁଦ୍ଧୋଧନ - ଆପଣମାନଙ୍କର ବର୍ତ୍ତମାନ ଏଠାରେ କାମ କ'ଣ ?

କାଶିଆ - ହମ୍ ସେଣ୍ଟରସେ ଆୟେ ହେଁ ।

କପିଳା - ସି.ବି.ଆଇ. ଅଫିସର

ଶୁଦ୍ଧୋଧନ - ନମସ୍କାର

ଉଭୟେ - ନମସ୍କାର

ଶୁଦ୍ଧୋଧନ - ଆପଣଙ୍କର କାମ କ'ଣ ? କାହିଁକି ଆପଣମାନେ ଆସିଛନ୍ତି, ସେ ବିଷୟ ମୁଁ ବର୍ତ୍ତମାନ ବୁଝି ପାରିବି ନାହିଁ ଆପଣମାନେ ଦେଖୁଛନ୍ତି ନିର୍ବାଚନ ଚାଲିଛି ।

କାଶିଆ - ଓଇ ହମ୍ ତୋ ଦେଖତେ ହେଁ ।

ଶୁଦ୍ଧୋଧନ - ଏଥିପାଇଁ ମୁଁ ଏତେ ବ୍ୟସ୍ତ । ଦ୍ୟାଟ୍ ଆଇ କ୍ୟାଣ୍ଟ୍ ଏକ୍ସପ୍ରେସ୍ ୟୁ ।

ଉଭୟେ - ସିଓର୍, ସିଓର୍

ଶୁଦ୍ଧୋଧନ - ଆଚ୍ଛା, ଆପଣମାନେ ରହୁଛନ୍ତି କେଉଁଠି ?

କପିଳା - ମନ୍ଦିରମେ ।

ଶୁଦ୍ଧୋଧନ - କେୟାଁ, ହମାର ଗେଷ୍ଟ ହାଉସ୍ ହେ । ଭୋଳାରାମ ବାବୁ, ଏମାନେ ଆମର ଅତିଥି । ଏମାନଙ୍କୁ କ'ଣ ମନ୍ଦିରରେ ରଖାଯାଏ । ତା'ଛଡ଼ା ଆପଣ ଜାଣିନାହାନ୍ତି, ଏମାନେ ସି.ବି.ଆଇ ଅଫିସର ।

ଭୋଳାରାମ- ମୁଁ କିମିତି ଜାଣିବି ମାଲିକ ।

ମଙ୍ଗୁଳି - ସେମାନଙ୍କର ଭାଷା ତ ଆମେ କିଛି ବୁଝିପାରୁନାହୁଁ ।

ଶୁଦ୍ଧୋଧନ - ତେବେ ସେମାନେ ଗେଷ୍ଟହାଉସ୍‌ରେ ରହିବେ । ସେମାନଙ୍କର ଖାଇବା ପିଇବାର ବନ୍ଦୋବସ୍ତ କର ।

କାସିଆ - ଥ୍ୟାଙ୍କ୍ ୟୁ ଭେରି ମଚ୍ ରାୟ ସାହେବ ।

ଶୁଦ୍ଧୋଧନ - ଭୋଳାରାମ ବାବୁ (କାନପାଖରେ) ସେମାନଙ୍କୁ ପଚାଶ ହଜାର ଟଙ୍କା ଦେଇଦେବେ ।

ଭୋଳାରାମ- ସେଇଆ କରିବି ମାଲିକ । ତେବେ ବାବୁମାନେ, ଗେଷ୍ଟ ହାଉସ୍ ଯାଅ, ମୁଁ ଆସୁଛି । (ତୁହେଁ ଚାଲିଗଲେ)

Digitized by srujanika@gmail.com

ଶୁଦ୍ଧୋଧନ - ଆଚ୍ଛା ଭୋଳିବାବୁ, ସାତଟି ଯାକ ବିଧାନସଭା ସେଗମେଣ୍ଟରେ ଆମର ପରିସ୍ଥିତି କିପରି ଅଛି ?

ଭୋଳାରାମ- ଆଉ ସେ କଥା କୁହନ୍ତୁନି ମାଲିକ, ସବୁଠାରେ ଜୟ, ଜୟକାର ଧ୍ୱନି । ସମସ୍ତଙ୍କ ତୁଣ୍ଡରେ ଗୋଟିଏ କଥା, ବାବୁ ପରି ବାବୁ ମିଳିବେ ନାହିଁ ।

ମଙ୍ଗୁଳି - ଆଜ୍ଞା, କର୍ମୀ ସମ୍ମିଳନୀ ତ ଚାଲିଛି । କେଉଁଠାରେ କୋଡ଼ିଏ ହଜାରରୁ କମ୍ ଲୋକ ଦେଖିଛନ୍ତି କି ?

ଭୋଳାରାମ- ଖନ୍ଦା ଖୋଲା ହୋଇଛି । ରନ୍ଧା ସେମିତି ଚାଲିଛି । ଯାହା ତ ଖାଉଛନ୍ତି, ଅଧିକ ଘରକୁ ବୋହି ନଉଛନ୍ତି ଆଜ୍ଞା । ଏ ସବୁ ଦେଖି, ଦେହ ସହୁନି ।

ଶୁଦ୍ଧୋଧନ - ଆଉ ଦିନ କେଇଟା । ଖାଆନ୍ତୁ, ନିଅନ୍ତୁ । କିନ୍ତୁ ଭୋଟ ଯେମିତି ଆମକୁ ମିଳେ ।

ଭୋଳାରାମ- ମିଳିବନି କାହିଁକି ଆଜ୍ଞା, କାନୁନଗୋ ବାବୁର କ'ଣ ଅଛି ? ନା ଗାଡ଼ି, ନା ଘୋଡ଼ା । ଚାଲି, ଚାଲି ଘର, ଘର ବୁଲୁଛି । ଲୋକେ ଆଜ୍ଞା, ସେ ଯିବା ପରେ ଟାହି, ଟାପରା କରୁଛନ୍ତି । ଲୋକେ କହୁଛନ୍ତି - ଆସିଲା ଫକତରାମ ଗିରିଧାରୀ ।

ଶୁଦ୍ଧୋଧନ - ତୁମେ କାନୁନଗୋ ବାବୁଙ୍କୁ ସାମାନ୍ୟ ବୋଲି ବିଚାର କରିବନି । କ୍ଷୁଦ୍ର ସର୍ପର ବିଷ ଉତ୍କଟତର । ତୁମେ ଘର, ଘର ଉପହାର ପଠାଇଦିଅ । ପ୍ରତି ଘରକୁ ଶାଢ଼ୀ, ଧୋତି ଦେଇଦିଅ । କିଂତୁ ମନେରଖ ଭୋଳାରାମବାବୁ, ଯଦି ମୋତେ ଭୋଟ ନ ମିଳେ, ସବୁ ମୁଁ ତୁମଠାରୁ ଆଦାୟ କରିନେବି ।

ଭୋଳାରାମ- ଆଜ୍ଞା, ତା'ହେଲେ ଦେବେ କାହିଁକି ? ମୁଁ କ'ଣ କହି ପାରିବି, ସମସ୍ତେ ଗ୍ୟାରେଣ୍ଟିରେ ଆପଣଙ୍କୁ ଭୋଟଦେବେ ? ମୋତେ ସେ ଦାୟିତ୍ୱ ଦିଅନ୍ତୁ ନାହିଁ । ଅନ୍ୟ କାହାକୁ ଦିଅନ୍ତୁ ।

ଶୁଦ୍ଧୋଧନ - ଆହା, ଭୋଳିବାବୁ, ଏଇ କଥାକୁ, ତୁମେ ବ୍ୟସ୍ତ ହୋଇପଡୁଛ ?

ଭୋଳାରାମ- ହେବିନି ଆଜ୍ଞା, ଏ ପରା ଦାୟିତ୍ୱ କଥା । ତେବେ ଗ୍ୟାରେଣ୍ଟିରେ ଆପଣଙ୍କର ବିଜୟ ସୁନିଶ୍ଚିତ ।

ମଙ୍ଗୁଳି - ବିଜୟ ସୁନିଶ୍ଚିତ ସାର । ଆପଣ ମୋଟେ ଚିନ୍ତା କରନ୍ତୁନାହିଁ ।

Digitized by srujanika@gmail.com

ଭୋଳିଭାଇ, ସବୁ କାମ କରିବେ । କାହିଁକି କରିବେନି ଆଜ୍ଞା । ଆପଣଙ୍କର ଲୁଣ ଖାଉଛନ୍ତି ପରା ।

ଭୋଳାରାମ- ଆଜ୍ଞା ପ୍ରଧାନମନ୍ତ୍ରୀଙ୍କ ସଭା କେବେ ହେବ, ଲୋକେ ତ ମୋତେ ପଚାରି, ପଚାରି ବ୍ୟସ୍ତ କରି ପକାଉଛନ୍ତି ।

ମଙ୍ଗୁଳି - ଆଜ୍ଞା, ଏବେ ଯେଉଁ ମନ୍ତ୍ରୀଙ୍କଣକ ଆସିଥିଲେ, କେନ୍ଦ୍ରମନ୍ତ୍ରୀ, ସୁଖୀରାମ, ଟଙ୍କାରେ ଶେଯପାରି ଶୋଉଥିଲେ, ତାଙ୍କୁ ଦେଖି, ଲୋକେ ମୁହଁ ମୋଡ଼ିଲେ । ଲୋକେ କହୁଥିଲେ ତାଙ୍କର ବେଶୀ ଆଲୁଦୋଷ ।

ଶୁଦ୍ଧୋଧନ - ଆଲୁଦୋଷ, କ'ଣ ଭୋଳାବାବୁ ?

ଭୋଳାରାମ- ଆଜ୍ଞା ତା କଥା କ'ଣ ଶୁଣିବେ । ଟିକିଏ ରଙ୍ଗିଲା ଲୋକ ବୋଲି କହୁଥିଲେ ।

ଶୁଦ୍ଧୋଧନ - କାହାର ବ୍ୟକ୍ତିଗତ ଚରିତ୍ରରୁ ତୁମକୁ କ'ଣ ମିଳିବ ?

ମଙ୍ଗୁଳି - ନାଇଁ ଯେ ଆଜ୍ଞା, ଭଲକୁ ଭଲ କହିବା, ମନ୍ଦକୁ ମନ୍ଦ କହିବା । ସେ ଯେଉଁ ମୁସଲମାନ ମନ୍ତ୍ରୀ ଆସିଥିଲେ, କି ଭାଷଣ ଆଜ୍ଞା, ପଥର ପାଣି ହେଇଯିବ । ସବୁ ମୁସଲମାନ ଭାଇ, ଆମ ପଟକୁ ଢ଼ଳି ପଡ଼ିଲେ ।

ଭୋଳାରାମ- ଆପଣ ପ୍ରଧାନମନ୍ତ୍ରୀଙ୍କୁ ଆଣନ୍ତୁ ଆଜ୍ଞା ।

ଶୁଦ୍ଧୋଧନ - ଆସିବେ, ନିଶ୍ଚୟ ଆସିବେ । ତୁମେ ସବୁ ନିର୍ବାଚନ ମଣ୍ଡଳୀ ହାଲ, ଚାଲ ବୁଝିଆସ । ମୋର ଆଜି ୫ଟା ସଭାରେ ଆଟେଣ୍ଡ କରିବାକୁ ହବ । ମୁଁ ଆସୁଛି ।

ଭୋଳାରାମ- ମଙ୍ଗୁଳିରେ, କ'ଣ କହିଲାଣି, ସବୁ ଉପହାର ଭୋଟ ପରେ ଆଦାୟ କରିବ ।

ମଙ୍ଗୁଳି - କାହିଁକି ସେମିତି ହଉଚ ଭାଇ । ସେତେବେଳେ ଦେଖିବାନି । ଚାଲ, ନିର୍ବାଚନମଣ୍ଡଳୀ ଆଡ଼େ ଟିକିଏ ବୁଲିଆସିବା । ଗାଡ଼ିଟାଏ ତ ମିଳିଛି ଚାଲ, ବାବୁଙ୍କୁ ଟିକିଏ ମଝିରେ ମୁହଁ ଦେଖାଇ ଦଉଥିବା ଦରକାର । (ଚାଲିଗଲେ)

(ପ୍ରବେଶ କରିଛି ନରୋତ୍ତମ । ପାଗଳ ହୋଇଯାଇଛି ।)

ନରୋତ୍ତମ - (ହସୁଥିଲା, ମଝିରେ, ମଝିରେ କାନ୍ଦୁଥିଲା) ଚାଲିଗଲା । ସେ ମାଇକିନିଆଟା ଅନ୍ୟ ଗୋଟାଏ ଟୋକା ସାଙ୍ଗରେ, ସମସ୍ତ ସମ୍ପତ୍ତି

Digitized by srujanika@gmail.com

ଧରି ଚାଲିଗଲା । ଏବେ ମୁଁ କ'ଣ କରିବି । ଖାଇବି କ'ଣ ? ମୋତେ କିଏ ଖାଇବାକୁ ଦବ । (ପାଗଳ ପ୍ରବେଶ କରିଛି ।) (ପାଗଳକୁ ଦେଖି) ହଇଓ ବାବୁ, ତୁମେ ସେ ବାବାଜୀ ଦି'ଟାକୁ ଦେଖିଛ । ସେ ଟିଟଫଣ୍ଡ ବାଲା ଗଲେ କୁଆଡ଼େ । ଆଉ ସେ ପୋଲିସ ବାବୁ, ସେ କ'ଣ ବାବାଜିକୁ ଧରିଲେ ?

ପାଗଳ - କେହି, କାହାକୁ ଧରିବେ ନାହିଁ । ଖାଲି କହୁଥିବେ, ତୁ କ'ଣ ଭାବୁଛୁ, ତୋ ଧନ ଫେରି ପାଇବୁ । ତୋ ସ୍ତ୍ରୀକୁ ଫେରି ପାଇବୁ ? କେହି ଆସିବେନି । ଯେ, ଯାହା ବାଟରେ ଚାଲିଗଲେ । ତୁ କହ, କୋଉ ପୋଲିସ୍, କାହାର ଚୋରାଧନ, କାହାକୁ ଫେରାଇ ଦେଇଛି । ଥାନାକୁ ଯିବୁ, ଯା । ସେଇଠି ପୁଣି ଦବୁ । ନଦେଲେ ମାଡ଼ ଖାଇବୁ ।

ନରୋତ୍ତମ - ନା, ନା, ମୋତେ ଆଉ ମାରନି । ମୁଁ ଯଥେଷ୍ଟ ମାଡ଼ ଖାଇଛି ।

ପାଗଳ - ତେଣୁ ମୋ କଥାମାନି ଘରକୁ ଫେରିଯା । ନରୋତ୍ତମ ଦାସ କହେ, କୌନ ଶାଲା ଭାଲ ନୟେ ।

ନରୋତ୍ତମ - ହଁ, କେହି ଭଲ ନୁହନ୍ତି । ସମସ୍ତେ ଚୋର ।

ପାଗଳ - ତୁ କ'ଣ ଭଲ ? ତୁ ପରର ଧନ ଚୋରୀ କରୁ ନଥିଲୁ । କାହାର ଧନ ନ ଖାଇଛୁ । ଯା, ଘରକୁ ଚାଲିଯା । ଯାହା ମିଳୁଛି ଖା । ଆସିଲାବେଳେ କିଛି ଆଣି ନଥିଲୁ । ଯିବାବେଳେ ବି କିଛି ନେବୁନି । ତେବେ କାହିଁକି ଏ ପାଗଳାମି । ଚାଲିଯା ।

ନରୋତ୍ତମ - ହଁ, ମୁଁ ଚାଲିଯିବି । ତୁମେ ମୋତେ ଠିକ୍ କହିଛ, ତୁମେ ମୋର ଗୁରୁ । ଆସିଛି ଏକା, ଯିବି ମୁଁ ଏକା । କାହିଁକି ଏ ପାଗଳାମି । ମୋତେ ଉଚିତ ଶିକ୍ଷା ଦେଇଛ । ହେ ଗୁରୁଦେବ, ତୁମକୁ ମୋର ନମସ୍କାର । (ଚାଲିଗଲା)

ପାଗଳ - ଗୁରୁଦେବ । ମୁଁ ପୁଣି ଯାର ଗୁରୁଦେବ । ଠିକ ଅଛି । ଉପଦେଶ ନେଲୁ । ଦୀକ୍ଷା ନେବୁ । ତାପରେ ଗୁରୁ ଦକ୍ଷିଣା । (ହସି ହସି ଚାଲିଗଲା) (ପ୍ରବେଶ କଲେ କାଶିଆ, କପିଳା ଛଦ୍ମବେଶରେ)

କାଶିଆ - କପିଳାଭାଇ, ମୁନସି ଭୋଳାରାମ, ଆମକୁ ଦେଖିଲେ ଖାଲି ଚିଡ଼ିଚିଡ଼ି ହଉଚି । କ'ଣ ଜାଣିଗଲାକି ?

କପିଳା - ଚାଲ, ଶୀଘ୍ର ଚାଲିଯିବା ।

Digitized by srujanika@gmail.com

କାଶିଆ - ୫୦ ହଜାର ଦଉଥିଲା । ମୁଁ ମନାକଲି ।

କପିଳା - ଦେଖ, କାହିଁକି ମନା କଲା ୫ ଲକ୍ଷ ଦବ ବୋଲି କ'ଣ ତୁମେ ଭାବିଛ ? କାଲି ରାତିରେ ଖାଇବାକୁଦେଲାନି ।

କାଶିଆ - ତାର ତ ଖାଇଲ । ଯାହା ଚାହିଁଲ, ତୁମକୁ ସେ ଦେଇଛି । ତେବେ ତ କହିଛି, ୫ ଲକ୍ଷ ଟଙ୍କା ଆଜି ସଂଧ୍ୟାରେ ଦେବ ।

କପିଳା - ଦେଖ, କ'ଣ କରୁଛି । ମୋତେ କିଆଁ ଡ଼ର ଲାଗୁଛି । ହେଇ, ସେ ଦି'ଟା ଇଆଡ଼େ ଆସୁଛନ୍ତି ।

କାଶିଆ - ଥାଅ, ବ୍ୟସ୍ତ ହୁଅନି, ଆସନ୍ତୁ ।
(ଭୋଳି, ମଙ୍ଗୁଳି ପ୍ରବେଶ କଲେ ।)

ଭୋଳାରାମ- ହେ ପୋଲିସବାବୁ, ତୁମକୁ ମୁଁ ଖୋଜୁଛି । ତୁମେ ଇଆଡ଼େ ଆସି ହାଜର । କୁଆଡ଼େ ଆସିଲ । ବାବୁ ପାଖରୁ ଏ ଆଡ଼େ ଧରି ପଳେଇବ ।

କାଶିଆ - କ୍ୟା ବକତେ ହୋ । ତୁମକୋ କ୍ୟା ମାଲୁମ ନେହି, ହମ ତୁମ୍ଭାରା ମାଲିକକା ଗେଷ୍ଟ ।

ମଙ୍ଗୁଳି - ଭଲ ତ ଖାଇଲ । କ'ଣ ବଙ୍ଗାଳିବାବୁ, ଭଲ ମାଛ ଖାଇବାକୁ ମିଳିଲା, ମାଗୁର ମାଛ । ଆଉ କେତେଦିନ ରହିବ ?

କପିଳା - ଥାକବୋ । ଆଉ ଦୁ, ଚାରି ଦିନ ଥାକବୋ ।

ଭୋଳାରାମ- କ'ଣ ଶଳାଙ୍କୁ ଭଲ କରି ଗେଫିବାକୁ ମିଳୁଛି ତ ତେଣୁ ରହିବାକୁ ମନ । ଶଳେ, ଯାହା ଖାଇଲ, ଜିନ୍ଦଗୀରେ ଖାଇ ନ ଥିଲ ।

କାଶିଆ - ହେ, କ୍ୟା ବକତୋ ହୋ । ଶାଲା କିସକୋ କହତେ ହୋ ?

ମଙ୍ଗୁଳି - ତୋତେ, ତୁମ ୨ଟା ଚୋରଙ୍କୁ ।

କାଶିଆ - କ୍ୟା ବୋଲା, ହମ ଚୋର ?

ଭୋଳାରାମ- ତୁମେ ଡ଼ାକୁ । ସବୁ ନକଲି । ଦାଢ଼ୀ ବେଶ, ପୋଷାକ, ସବୁ ତୁମର ନକଲି ।

କପିଳା - ହୁସିଆରସେ ବାତ୍ କରୋ ।

ଭୋଳାରାମ- କ'ଣ କହିଲୁ, ହୁସିଆରରେ କଥାବାର୍ତ୍ତା କରିବୁ ।
(କାସିଆର ଦାଢ଼ି ଝିକି ଦେଲା, ଅଧେ ଉପୁଡି ଆସିଲା । ଦୁହେଁ ଦୌଡୁଛନ୍ତି ।)

Digitized by srujanika@gmail.com

ଭୋଳି, ମଗୁଲି - ଚୋର, ଚୋର କହି ପଛରେ ଦୌଡୁଥାନ୍ତି ।

(ପ୍ରବେଶ କରିଛି ପାଗଳ)

ପାଗଳ - ଦୌଡ଼, ଖୁବ ଜୋର୍‌ରେ ଦୌଡ଼ । ଭିଖାରୀ ବନିଗଲା ଚୋର । ଆଉ ଚୋରତ ସହଜରେ ସିପାହୀ ବନି, ସବୁ ଲୁଟି ନେଉଛି । ଏ ଦେଶରେ ସବୁ ଚୋର । ନେତା ଚୋର । ସିପାହୀ ଚୋର । କିଏ ଭଲ, ଆପଣ କୁହନ୍ତୁବାବୁ । ସମସ୍ତେ ଲୁଟୁଛନ୍ତି । କିଏ କାହାକୁ ଧରିବାକୁ ନାହିଁ । ଭଲ ଚୋର, ସିପାହୀ ଖେଳ ଚାଲିଛି । କହ, ଖୁବ୍ ଜୋର୍‌ରେ କହ - ମେରା ଭାରତ ମହାନ ।

- **ଅନ୍ଧାର** -

- ଦଶମ ଦୃଶ୍ୟ -

(ରାଜପଥ । ଶୁଭୁଥିଲା ମଞ୍ଚର ଉଭୟ ଦିଗରୁ ସ୍ଲୋଗାନ ।)

ସ୍ଲୋଗାନ - ହରିହର କାନୁନଗୋ - ଜିନ୍ଦାବାଦ

ଆମର ନେତା - କାନୁନଗୋ ବାବୁ

ସାଇକଲ ଚିହ୍ନ ଯେଉଁଠି - ଭୋଟ ଦିଅ ସେଇଠି

ବୀପରିତ ଦିଗରୁ - ଶୁଦ୍ଧୋଧନ ରାୟ - ଜିନ୍ଦାବାଦ

ଗରୀବର ବନ୍ଧୁ - ଶୁଦ୍ଧୋଧନ ବାବୁ

ଗାଈ ଚିହ୍ନ - ଆମର ଚିହ୍ନ

ଜିତାଇ ଦେବାରେ ଜିତାଇଦେବା - ଗାଈ ଚିହ୍ନକୁ ଜିତାଇ ଦେବା ।

(ଉଭୟଦିଗରୁ ପ୍ରସେସନ ମଞ୍ଚକୁ ପ୍ରବେଶ କଲେ ।)

ଆମର ନେତା - ଶୁଦ୍ଧୋଧନ ବାବୁ

ହରିହର ବାବୁ - ଜିନ୍ଦାବାଦ

ଶୁଦ୍ଧୋଧନ ବାବୁ - ହାୟ, ହାୟ

ହରିହର ବାବୁ - ମୁର୍ଦ୍ଦାବାଦ

ଶୁଦ୍ଧୋଧନ ବାବୁ - ମୁର୍ଦ୍ଦାବାଦ

ଗାଈ ଚିହ୍ନରେ - ଜଳାବୋଲ

ଘୋଷକ - ଭାଇମାନେ, ସାଇକେଲ ହେଲା ଗରୀବର ଚିହ୍ନ । ଆମର ଗାଡ଼ି, ଘୋଡ଼ା ନଥିବାବେଳେ, ସାଇକେଲ ହିଁ ଆମର ଅନ୍ତଦ୍ୱାର

Digitized by srujanika@gmail.com

କରିଥାଏ । ଯେଉଁସ୍ଥାନକୁ ଗାଡ଼ି ନଯିବ, ସାଇକେଲ ସେଇଠାକୁ ଯିବ । ଗରୀବର ଏକମାତ୍ର ସାହା ଭରସା - ସାଇକେଲ ।

ଅନ୍ୟଘୋଷକ- ଭିଖମଗା ହରିବାବୁକୁ ଆପଣମାନେ ଜାଣନ୍ତି ଆମର ନେତା ଶୁଦ୍ଧୋଧନ ବାବୁ ଆପଣଙ୍କର କି ଉପକାର କରୁନାହାନ୍ତି । ଯେତେବେଳେ, ଆପଣମାନେ ବିପଦରେ ଶୁଦ୍ଧୋଧନ ବାବୁ, ଆପଣଙ୍କ ଦ୍ୱାରରେ ।

ଘୋଷକ - ଶୁଦ୍ଧୋଧନ ବାବୁକୁ ମଣିଷ ଗଣ୍ଡାଏ । ଏ ମଣିଷ ଗଣ୍ଡାକୁ ଭୋଟ ଦେବା ମହାପାପ ।

ଭୋଳିମଗୁଳି - ଆରେ ଚାହିଁ ରହିଛୁ କ'ଣ ? ଶଳାକୁ ପିଟ, ମାର ।

(ଜନତା ଆଗେଇଗଲା । ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି । ସେଇ ଭିଖାରୀଟା ଚିତ୍କାର କରି ତଳେ ପଡ଼ିଗଲା ।)

ସିଦ୍ଧାର୍ଥ - ଭାଇମାନେ ବନ୍ଦକର ଏ ଗୋଳମାଳ । କାହିଁକି ଏ ଗୋଳମାଳ ? କେଉଁଥିପାଇଁ ଆମ ଭିତରେ ଝଗଡ଼ା । ନେତାମାନେ ତାଙ୍କର ଫାଇଦା ଉଠାଇବେ, ଅଥଚ ଆମେ ମରିବା । କେଉଁଥିପାଇଁ ମରିବା । କିଏ ତୁମର ନେତା ? କିଏ ତୁମର କି ଉପକାର କରୁଛି । ଝଗଡ଼ା ସୃଷ୍ଟି ଏଇମାନେ କରୁଛନ୍ତି !

(ଭୋଳି, ମଗୁଳି ଲୁଚି କରି ଥିଲେ । ଦୌଡ଼ି ପଳାଇଲେ ।)

ଦେଖିଲ, ଏଇ ଲୋକ, ଆଜି ଆମ ଭିତରେ ଝଗଡ଼ା ଲଗାଇ ଦୌଡ଼ି ଚାଲିଗଲେ । ଭାଇମାନେ, ମୁଁ ହାତଯୋଡ଼ି ପ୍ରାର୍ଥନା କରୁଛି, ଆପଣମାନେ ଚାଲିଯାନ୍ତୁ । (ଜନତା ଚାଲିଗଲା । ପଡ଼ି ରହିଥିଲା ଜଣେ ଲୋକ । ମୁଣ୍ଡରୁ ରକ୍ତ ବୋହି ଯାଉଥାଏ । ସିଦ୍ଧାର୍ଥ ତା' ପାଖକୁ ଯାଇ, ତାକୁ ସାଙ୍ଗରେ ଧରି ନେଲେ ପିଣ୍ଡାକୁ । ମୁଣ୍ଡରେ ପଟି ଭିଡ଼ିଦେଲେ । ପାଣି ପିଇବାକୁ ଦେଇ, ଶହେ ଟଙ୍କାନୋଟଟିଏ ଦେଲେ । ଧରି, ଧରି ବାହାରକୁ ନେଲେ । କିଛି ସମୟ ପରେ ଫେରି ଆସି, ପିଣ୍ଡାରେ ବସିଲେ ।)

ସିଦ୍ଧାର୍ଥ - ଭାଇ, କାହିଁକି ତୁମ୍ଭେମାନେ ଏଗୋଳମାଳ ନିର୍ବାଚନ ଝମେଲାରେ ମାତୁଛ । ଓଃ କି କଷ୍ଟ ଦେଲେ ।

Digitized by srujanika@gmail.com

ଭିଖାରୀ - ସବୁ ମୋ ମନ୍ଦଭାଗ୍ୟବାବୁ । ମୁଁ ତ ନିର୍ବାଚନରେ ବୁଲୁ ନଥିଲି । ପିଲାଟାକୁ ଜ୍ୱର ବଇଦ ପାଖକୁ ଯାଉଥିଲି ।

ସିଦ୍ଧାର୍ଥ - ନିଅ ଏଇ ଟଙ୍କା ରଖ । ପିଲାର ଯତ୍ନ ନେବ । ତୁମେ ଯାଇ ବିଶ୍ରାମ କର ।

(ପ୍ରବେଶ କରିଛନ୍ତି ଯଶୋଧାରା)

ଯଶୋଧାରା- ମୁଁ ସବୁ ଦେଖୁଥିଲି ।

ସିଦ୍ଧାର୍ଥ - ମୁଁ ଏ ସବୁ ସହ୍ୟ କରିପାରୁନି ଧାରା ।

ଯଶୋଧାରା- ତୁମେ ପହଞ୍ଚି ନଥିଲେ, ବହୁ ଜୀବନହାନୀ ଘଟିଥାନ୍ତା ।

ସିଦ୍ଧାର୍ଥ - ଏଥିପାଇଁ ଦାୟୀ କିଏ ଜାଣ ? ବାବାଙ୍କରଲୋକମାନେ । ଯେଉଁମାନେ ବାବାଙ୍କର ସମସ୍ତ ଅର୍ଥ ଲୁଣ୍ଠନ କରୁଛନ୍ତି ସେମାନେ ଆଜି ତାଙ୍କର ବିଶ୍ୱାସୀ ।

ଯଶୋଧାରା- ଧୈର୍ଯ୍ୟ ଧର ।

ସିଦ୍ଧାର୍ଥ - ଧୈର୍ଯ୍ୟର ଗୋଟାଏ ସୀମା ଅଛି ଧାରା । ମୁଁ ପଚାରୁଛି କାହିଁକି ଏ ନିର୍ବାଚନ । କାହିଁକି ଏ ଅର୍ଥ ବରବାଦ । ବାବା ଭାବିଛନ୍ତି, ନିର୍ବାଚନ ଜିଣି ମନ୍ତ୍ରୀ ହେବେ । ଯାହା ଖର୍ଚ୍ଚ କରିଛନ୍ତି, ତା'ର ଶତଗୁଣ ଆଦାୟ କରିବେ । ଗାଁ, ଗାଁରେ ଗୋଳମାଳ । ଲୋକ, ଲୋକଙ୍କ ଭିତରେ ହଣାକଟା ।

ଯଶୋଧାରା- ମନଦୁଃଖ କରନି । ଘରକୁ ଆସ । ସବୁ ସମାଧାନ ହୋଇଯିବ ।

(ପ୍ରବେଶ କଲେ ଶୁଦ୍ଧୋଧନ, ମଙ୍ଗୁଳି ଓ ଭୋଳି ।)

ଶୁଦ୍ଧୋଧନ - ମୁଁ ଦେଖୁଛି ଭୋଳାରାମବାବୁ, ଲୋକଙ୍କ ମନରେ ଭାବାନ୍ତର ଜାତ ହୋଇଛି । ସେଦିନ ଗୋଳମାଳ ହୋଇନଥିଲେ, ଭଲ ହୋଇଥାନ୍ତା ।

ଭୋଳି - ସହି ହେଲାକି ଆଜ୍ଞା, ଆପଣଙ୍କୁ ଦୋ' ଅକ୍ଷରରେ ଗାଳି ଦେଲେ ।

ମଙ୍ଗୁଳି - ରକ୍ତ ତାତି ଉଠିଲା ସାର୍ । କି ଗାଳି ସେମାନେ ନ ଦେଲେ । ବିଶୁନିର ମୁଣ୍ଡ ଖାଲି ଫାଟିଲାନି, ସାର, ରକ୍ତନଇ ବୋହିଥାନ୍ତା । ସମସ୍ତଙ୍କୁ ହାଣି ଦେଇଥାନ୍ତୁ ।

ଶୁଦ୍ଧୋଧନ - ନିର୍ବାଚନ ସମୟରେ ଧୈର୍ଯ୍ୟ ଦରକାର । ସବୁ କିଛି ସହିଯିବା ଦରକାର । ହରି କାନୁନଗୋକୁ ଗୋଟାଏ ମୌକା ମିଳିଗଲା,

Digitized by srujanika@gmail.com

ସେ ବିଶୁନିକୁ ଧରି, ଗାଁ, ଗାଁ ବୁଲିଲା । ଲୋକେ କହିଲେ, ଏ ଗୁଣ୍ଡାମି ସହି ହେବନାହିଁ ।

ଭୋଳି - ମୁଁ ଏ ମଙ୍ଗୁଳିକୁ ମନା କଲି । ହେଲେ ସେ ତ କିଛି ଶୁଣିଲାନି । ସ୍ୱାଇଁଙ୍କୁ ଗାଳି, ମୋ ପ୍ରାଣ ପଛକେ ଯାଉ ମୁଁ ଛାଡ଼ିବିନି । ଲୋକେ ତ ଭଲ ଭୋଟ ଦେଇଛନ୍ତି । ଆମ ଲୋକେ, ଦେଖିଲା କାମ କରିଛନ୍ତି ।

ଶୁଦ୍ଧୋଧନ - ହଉ, ଯାହା ଭାଗ୍ୟରେ ଥିବ । ଶୁଣିଲି ସିଦ୍ଧାର୍ଥ ନ ଥିଲେ, ବହୁତ କିଛି ଗୋଳମାଳ ହେଇଥାନ୍ତା । ଯଦି ନିର୍ବାଚନରେ ହାରିଯାଏ, ସିଦ୍ଧାର୍ଥକୁ ମୁହଁ ଦେଖାଇବି କିମିତି ? ତାକୁ ମୁଁ କି ଉତ୍ତର ଦେବି । ହଉ, ତୁମ୍ଭେମାନେ ଯାଅ । ୨ ଦିନ ପରେ ଗଣତି । ତାର ଆୟୋଜନ କର ।

ଭୋଳି - ଆଜ୍ଞା ଆଉ ଗୋଟିଏ କଥା ।

ଶୁଦ୍ଧୋଧନ - ଯାଅ, ଯାହା କହିଲି ତାହା କର ।

(ମଞ୍ଚ ଅନ୍ଧାର ହେଲା । ମଞ୍ଚରେ ପ୍ରବେଶ କଲେ ମାୟାବତୀ । ପଛେ ପଛେ ଯଶୋଧାରା)

ଯଶୋଧାରା- ମା

ମାୟାବତୀ - ବୋହୂ, କ'ଣ ହେଲା ?

ଯଶୋଧାରା- କ'ଣ କହିବି ମା । ଆଜିକୁ ୪ଦିନ ହେଲା, ସେ, ଧ୍ୟାନମଗ୍ନ ।

ମାୟାବତୀ - ଧ୍ୟାନମଗ୍ନ ?

ଯଶୋଧାରା- ଖାଉନାହାନ୍ତି କିଛି କହୁନାହାନ୍ତି । ଯେତେ ଯାହା ପଚାରିଲେ, ଆଖି ବୁଜି ବସିଛନ୍ତି ।

ମାୟାବତୀ - ମୁଁ ଜାଣେ, ସେହିଦିନ ଗୋଳମାଳ ପରେ, ତା' ମନ ତିକ୍ତ ହୋଇଉଠିଛି । ତାର ବାବା ତ କୌଣସି କଥା ଶୁଣିଲେ ନାହିଁ । ମୁଁ କ'ଣ ଯେ କରିବି, ମୋତେ କୁଛି ବାଟ ଦେଖାଯାଉନାହିଁ ।

ଯଶୋଧାରା- ମା' ମୋର ଭୟ ହେଉଚି, ସେ ସନ୍ନ୍ୟାସୀ ହୋଇଯିବେ । (କାନ୍ଦିଲା)

ମାୟାବତୀ - ତୁ ବ୍ୟସ୍ତ ହୁଅନା । ଯା, ମୁଁ ଯାଉଛି । ତାକୁ ବୁଝାଇବି । ମୋତେ ଦେଖିଲେ, ତା' ମନରେ ପରିବର୍ତ୍ତନ ଆସିବ । ମୁଁ କାନ୍ଦିଲେ, ସେ ସହ୍ୟ କରି ପାରିବନି । ମୁଁ ଜାଣେ ବୋହୂ, ସେ କୁଆଡ଼େ ଯିବ ନାହିଁ ।

ଯଶୋଧାରା- ହଉ, ଆପଣ ଆସି ତାଙ୍କୁ ବୁଝାନ୍ତୁ ।

Digitized by srujanika@gmail.com

(ପୁନର୍ବାର ମଞ୍ଚ ଅନ୍ଧାର ହେଲା । ସଂଧ୍ୟାର ଆଗମନ । ମନ୍ଦିରରେ ଘଣ୍ଟ, କାହାଳୀ ବାଜି ଉଠିଲା । ଆହେ ନୀଳ ଶଇଳ, ପ୍ରବଳମତ୍ତ ବାରଣ ଭଜନରୁ ପଦେ ଶୁଣାଗଲା । ଭଜନ ଶେଷ ହୋଇଛି । ରାତ୍ରିର ନିସ୍ତବ୍ଧତା । ମଝିରେ ମଝିରେ କୁକୁର ଭୁକୁଥାନ୍ତି । ପ୍ରବେଶ କଲେ ସିଦ୍ଧାର୍ଥ ।)

ସିଦ୍ଧାର୍ଥ - ଏହି ସମୟ ହିଁ ଉପଯୁକ୍ତ ସମୟ । ମା' ନିଦ୍ରିତା । ଧାରା ଓ ରାହୁଲ ଗଭୀର ନିଦ୍ରାରେ । ବାବା ନିର୍ବାଚନରେ ବ୍ୟସ୍ତ । ଏମାନେ ଯଦି ଉଠି ପଡ଼ିବେ, ମୁଁ ଯାଇ ପାରିବି ନାହିଁ । ମା'ର ମମତା, ପତ୍ନୀର ଆଖିର ଲୁହ, ମୋତେ ବ୍ୟଥିତ କରାଇବ । ହେ ମୋର ମାତୃଦେବୀ, ହେ ମୋର ପିତୃଦେବ, ଜୀବନରେ ତୁମର ଋଣ ଶୁଝି ପାରିଲି ନାହିଁ । ମୋର ଅବର୍ତ୍ତମାନରେ, ତୁମେ ବ୍ୟାକୁଳ ହୋଇ ଉଠିବ । ଧାରା ମୁଁ ଶାନ୍ତି ଚାହେଁ । ମୋତେ ଶାନ୍ତି ଖୋଜିବାକୁ ଦିଅ । ବିଦାୟ ।

(ନମସ୍କାର କଲେ ଓ ଚାଲିଗଲେ ।)

ପ୍ରଚ୍ଛଦପଟରୁ ଭାସି ଆସିଲା କରୁଣ ରାଗିଣୀ । ସୂର୍ଯ୍ୟୋଦୟର ପୂର୍ବାଭାସ । କାକଳିର କୂଜନ । ପ୍ରଭାତ ବନ୍ଦନା । ମଞ୍ଚରେ ପ୍ରବେଶ କଲେ ଯଶୋଧାରା ।)

ଯଶୋଧାରା- (ବ୍ୟସ୍ତହୋଇ) ସିଦ୍ଧାର୍ଥ, ସିଦ୍ଧାର୍ଥ, କୁଆଡ଼େ ଗଲେ । ଥକ୍କା ହୋଇ ବସିପଡ଼ିଲେ । ତା'ହେଲେ ସେ ଚାଲିଗଲେ । ମୁଁ ଏଠାରେ କାହିଁକି ରହିବି । ତାଙ୍କୁ ଯଦି ଶାନ୍ତି ଲୋଡ଼ା, ଅଶାନ୍ତିରେ ମୁଁ ମରିବି କାହିଁକି ? ମୁଁ ବି ଚାଲିଯିବି ।

(ପ୍ରଚ୍ଛଦପଟରୁ ଭାସି ଆସିଲା, ଶିଶୁ କ୍ରନ୍ଦନ ଧ୍ୱନି । କ୍ରନ୍ଦନଧ୍ୱନି ପ୍ରବଳତର ହେଲା । ପ୍ରବେଶ କଲେ ମାୟାବତୀ ।)

ମାୟାବତୀ - ବୋହୂ, ବୋହୂ, ତୁ ଏଠାରେ କ'ଣ କରୁଛୁ ? ରାହୁଲ କାନ୍ଦୁଛି । ଯା, ଘରକୁ ଯା ।

ଯଶୋଧାରା- ନା, ମୁଁ କୁଆଡ଼େ ଯିବିନି ।

ମାୟାବତୀ - ବୋହୂ, କ'ଣହେଲା ? କହ ବୋହୂ,

ଯଶୋଧାରା- ସେ ଘର, ସଂସାର, ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲେ । (କାନ୍ଦିଲା)

ମାୟାବତୀ - ଚାଲିଗଲା । ସିଦ୍ଧାର୍ଥ ଚାଲିଗଲା । (ଚିତ୍କାର କରି) ନା, ତା' ହୋଇ ପାରେନା । (କିଛି ସମୟ ପରେ) ସେ ମୋତେ ଛାଡ଼ି

Digitized by srujanika@gmail.com

ବାଘିଯାଇପାରିଲା । ତା'ର ମା'ର କଥା, ତାର ମନେ ପଡ଼ିଲାନି । ରାହୁଲ କଥା ସେ ଭାବି ପାରିଲାନି । ସେ ଅମଣିଷ ନୁହେଁ । ତାର ହୃଦୟ ଦୟା, କରୁଣାରେ ଭରା । ସେ ନିଶ୍ଚୟ ଫେରି ଆସିବ ବୋହୂ ।

(ଏଇ ସମୟରେ ଶିଶୁ କ୍ରନ୍ଦନ ଶୁଣାଗଲା ।)

ଯଶୋଧାରା- ରାହୁଲ କାନ୍ଦୁଛି, ସେ କାନ୍ଦୁ ।

ମାୟାବତୀ - ସେ କାନ୍ଦୁଛି ତା'ର ମା' ପାଇଁ । ଏମିତି ସିଦ୍ଧାର୍ଥ ମୋର କାନ୍ଦେ । ମୁଁ ତ ତାକୁ ଛାଡ଼ି ରହି ପାରୁନଥିଲି । ତୁ ରାହୁଲକୁ ଛାଡ଼ି ରହି ପାରିବୁନି ବୋହୂ । ଯା, ତା' ପାଖକୁ ଫେରିଯା ।

ଯଶୋଧାରା- ମା' ମୁଁ କ'ଣ ଫେରିଯିବି ?

ମାୟାବତୀ - ମା'ର କର୍ତ୍ତବ୍ୟ କର ବୋହୂ । ନହେଲେ, ତୁ ଅପରାଧିନୀ ହୋଇଯିବୁ । ଦୁନିଆ ତତେ ନିନ୍ଦା କରିବ । ଯା, ବୋହୂ, ରାହୁଲକୁ କୋଳକୁ ନେଇଯା ।

ଯଶୋଧାରା- ମୁଁ ବଞ୍ଚିବି କିପରି, ମା ?

ମାୟାବତୀ - ତୁ ଆନନ୍ଦରେ ବଞ୍ଚିବୁ ବୋହୂ, ମୋତେ ବିଶ୍ୱାସ କର । ସିଦ୍ଧାର୍ଥ ଫେରି ଆସିବ । ଆଜିର ଦୁଃଖ କାଲିକୁ ନ ଥିବ ।

(ଏଇ ସମୟରେ ପ୍ରବେଶ କଲେ ଶୁଦ୍ଧୋଧନ । ମନରେ ହତାଶା ଭାବ)

ଶୁଦ୍ଧୋଧନ - ହଁ, (ବସିପଡ଼ିଲେ) ସିଦ୍ଧାର୍ଥ ଚାଲିଗଲା । ତାର ବାପା, ମା, ସ୍ତ୍ରୀ, ପୁତ୍ର ସମସ୍ତଙ୍କୁ ଛାଡ଼ି ଚାଲିଗଲା । ହଁ, ସେ ଠିକ୍ କରିଛି । ତା'ର କଥା ନଶୁଣି, ଯେଉଁ ଅକ୍ଷମଣୀୟ ଅପରାଧ କରି ବସିଲି । ତା'ର ପ୍ରାୟଶ୍ଚିତ ମୋତେ କରିବାକୁ ପଡ଼ିବ । ନିର୍ବାଚନରେ କ୍ଷତ,ବିକ୍ଷତ ହୋଇ, ମୁଁ ଆଜି ଦୁର୍ବଳ ହୋଇପଡ଼ିଛି ମାୟା । ମୋର ସମସ୍ତ ଅର୍ଥ, ପ୍ରତିପତ୍ତି ପଶୁବଳ, ଧର୍ମ, ସତ୍ୟ, ନ୍ୟାୟ ପାଖରେ ପରାଭୂତ ହୋଇଛି । ମୋର ଶୋଚନୀୟ ବିପର୍ଯ୍ୟୟ ଘଟିଛି ମାୟା, ମୁଁ ହାରିଯାଇଛି । ଖାଲି ନିର୍ବାଚନରେ ନୁହେଁ ମାୟା, ଜୀବନ ସଂଗ୍ରାମରେ ମୁଁ ହାରିଯାଇଛି ।

(ବସିପଡ଼ିଲେ, ଆଖିରୁ ଲୁହଧାର ଛୁଟି ଆସୁଥିଲା)

- ଅନ୍ଧାର -

Digitized by srujanika@gmail.com

- ଏକୋନବିଂଶ ଦୃଶ୍ୟ -

(ଅଶ୍ୱତ୍ଥ ଗଛ ମୂଳରେ ଧ୍ୟାନରେ ବସିଥିଲେ ସିଦ୍ଧାର୍ଥ । ପ୍ରଚ୍ଛଦପଟରୁ ଭାସି ଆସୁଥାଏ ଗଙ୍ଗାଷ୍ଟକଂ ।

"ଦେବୀ ସୁରେଶ୍ୱରୀ ଭଗବତୀ ଗଙ୍ଗେ, ତ୍ରିଭୁବନ ତାରିଣୀ ତରଳ ତରଙ୍ଗେ ।"

ଶ୍ଳୋକ ଶେଷ ହୋଇଛି । ମଞ୍ଚରେ ପ୍ରବେଶ କରିଛନ୍ତି ଜଣେ ବୃଦ୍ଧ ବ୍ରାହ୍ମଣ ।

ବ୍ରାହ୍ମଣ - ଓଁ ଶ୍ରୀରାମ

ସିଦ୍ଧାର୍ଥ - (ଚକ୍ଷୁ ଖୋଲିଲେ)

ବ୍ରାହ୍ମଣ - ସନ୍ନ୍ୟାସୀ, କ'ଣ ଶାନ୍ତି ପାଇ ପାରିଲ ?

ସିଦ୍ଧାର୍ଥ - ଆପଣ କିଏ ? ଆପଣ ମୋ ମନ କଥା ଜାଣିଲେ କିପରି ?

ବ୍ରାହ୍ମଣ - ମୋ ପ୍ରଶ୍ନର ଉତ୍ତର ଦିଅ ସନ୍ନ୍ୟାସୀ ।

ସିଦ୍ଧାର୍ଥ - (ଦୀର୍ଘଶ୍ୱାସ) ନା, ମହାତ୍ମା, ନା । ଭାରତବର୍ଷର କୋଣ, ଅନୁକୋଣ, ମୁଁ ଶାନ୍ତି ପାଇଁ ଖୋଜି ବୁଲିଲି । କିଂତୁ ଶାନ୍ତି ? ହିମାଳୟର ଶାନ୍ତ ବାତାବରଣ, ସମୁଦ୍ରର ଭୀମକଳେବର, ବସନ୍ତର ମଳୟ ହିଲ୍ଲୋଳ, ଶ୍ରାବଣର ଅବିରାମ ବର୍ଷଣ, ବୈଶାଖର ରୌଦ୍ରତାପ, କିଏ ହେଲେ ମୋତେ ଶାନ୍ତି ଦେଇପାରିଲେ ନାହିଁ ମହାତ୍ମା । ଶାନ୍ତି ଆଜି, ମୋ ପାଇଁ ସୁଦୂରପରାହତ ।

ବ୍ରାହ୍ମଣ - ଶାନ୍ତିକୁ ଖୋଜିଲେ ମିଳେନା ସନ୍ନ୍ୟାସୀ । ମନୁଷ୍ୟର ଅନ୍ତରରେ ଶାନ୍ତିବାସ କରେ । ମୃଗନାଭିରେ କସ୍ତୁରି । କସ୍ତୁରିକୁ ମୃଗ ଖୋଜିଲାପରି, ତୁମେ ଶାନ୍ତିକୁ ଖୋଜୁଛ । ତୁମ ଅନ୍ତରରେ ଶାନ୍ତିକୁ ତୁମେ ଖୋଜି ପାଉନାହଁ । ଶାନ୍ତି ତୁମେ ନିଶ୍ଚୟ ପାଇବ । ମା' କୋଳରେ ଶାନ୍ତି, ସ୍ତ୍ରୀର ମମତାରେ ଶାନ୍ତି, ସନ୍ତାନର ଦରୋଟି କଥାରେ ଶାନ୍ତି । ସବୁଠି ତ ଶାନ୍ତି ଅଛି । ତୁମେ ଖୋଜୁଛ କାହାକୁ ?

ସିଦ୍ଧାର୍ଥ - ମୁଁ ତା'ହେଲେ କ'ଣ ଭୁଲ କରିଛି ?

ବ୍ରାହ୍ମଣ - ତୁମେ କ'ଣ କରିଛ, ତା' ମୁଁ ଜାଣେନା । କିଂତୁ ମୁଁ ଯାହା ଦେଖିପାରୁଛି, ତୁମେ ଗୋଟାଏ ଅକ୍ଷମଣୀୟ ଅପରାଧ କରିଛ ସନ୍ନ୍ୟାସୀ । ତୁମେ ବିବାହିତ ।

ସିଦ୍ଧାର୍ଥ - ଆଜ୍ଞା,

Digitized by srujanika@gmail.com

ବ୍ରାହ୍ମଣ - ପୁତ୍ର ସନ୍ତାନର ଜନକ

ସିଦ୍ଧାର୍ଥ - ଆଜ୍ଞା

ବ୍ରାହ୍ମଣ - ପିତା, ମାତାଙ୍କର ଏକମାତ୍ର ସନ୍ତାନ ।

ସିଦ୍ଧାର୍ଥ - ହଁ ଆଜ୍ଞା ।

ବ୍ରାହ୍ମଣ - କିଂତୁ ସମସ୍ତଙ୍କୁ ଛାଡ଼ି, ତୁମେ ସନ୍ୟାସ କରିବାକୁ ଆସିଛ ? ତାହା ତୁମର ଭୁଲ ନୁହେଁ କି ? ତେଣୁ ତୁମେ କହ ସନ୍ନ୍ୟାସୀ, ଶାନ୍ତି ତୁମେ ପାଇବ୍ କେଉଁଠୁ ? ତୁମେ ଜନନୀର ଅନ୍ତରର କୋହ, ବାପାଙ୍କର ଦୀର୍ଘଶ୍ୱାସ, ପତ୍ନୀର ବିଳାପ, ତୁମକୁ କ'ଣ ଶାନ୍ତି ଦେଇ ପାରିବ ସନ୍ନ୍ୟାସୀ ?

ସିଦ୍ଧାର୍ଥ - ଆପଣ ସତ କହୁଛନ୍ତି ମହାତ୍ମା, ମା' ମୋର କାନ୍ଦୁଛନ୍ତି, ବାପା ମୋ ପାଇଁ ଦୁଃଖ ପ୍ରକାଶ କରୁଛନ୍ତି, ଆଉ ଯଶୋଧାରା, ମୋ ପାଇଁ ।

ବ୍ରାହ୍ମଣ - ହଁ, ହଁ ତୁମ ପାଇଁ, ତୁମ ପାଇଁ ସନ୍ନ୍ୟାସୀ ଆଜି ଗୋଟିଏ ସଂସାରରୁ ତୁମେ ଶାନ୍ତି ଅପହରଣ କରି ଆଣିଛ । ତେଣୁ ତୁମେ କହ, ତୁମେ ଶାନ୍ତି ପାଇବ କୁଆଡୁ ?

ସିଦ୍ଧାର୍ଥ - ଗୃହ, ସଂସାର କରି, କଣ ଶାନ୍ତି ମିଳିପାରିବ ମହାତ୍ମା ?

ବ୍ରାହ୍ମଣ - ଅବଶ୍ୟ ମିଳିବ । ଶାନ୍ତି ପାଇଁ ଚାରି ବର୍ଣ୍ଣାଶ୍ରମର ସୃଷ୍ଟି । ଗ୍ରାହସ୍ଥାଶ୍ରମ ସବୁଠାରୁ ଶ୍ରେଷ୍ଠ ଆଶ୍ରମ । ତା'ପରେ ବାନପ୍ରସ୍ଥ । ଯାହା, ମୁଁ ଆଜି କରୁଅଛି । ତୁମେ ଗ୍ରାହ୍ୟସ୍ଥାଶ୍ରମ ପରେ ବାନପ୍ରସ୍ଥ ଆଚରଣ କର ।

ସିଦ୍ଧାର୍ଥ - ତା'ହେଲେ ମୁନି, ଋଷିମାନେ ସଂସାର ତ୍ୟାଗ କରିବାର ଉଦ୍ଦେଶ୍ୟ କ'ଣ ମହାତ୍ମା ?

ବ୍ରାହ୍ମଣ - ଯେଉଁ ବ୍ରହ୍ମଚାରୀ, ଗୁରୁକଳାଶ୍ରମରୁ ସମସ୍ତ ମାୟା, ମୋହ ତୁଟାଇ, ଭଗବାନଙ୍କୁ ପାଇବା ପାଇଁ, ଜୀବନ ଉତ୍ସର୍ଗ କରେ, ସେ ହିଁ ପ୍ରକୃତ ସନ୍ନ୍ୟାସୀ । କିଂତୁ ସଂସାରଧର୍ମ ପାଳନ କରିବା ପରେ, ଯେଉଁ ବ୍ୟକ୍ତି, ସନ୍ନ୍ୟାସ ଗ୍ରହଣ କରେ, ମୋ ବିଚାରରେ ସେ ଅପରାଧୀ । ସେ ଶାନ୍ତି ପାଇ ପାରେ ନାହିଁ ।

ସିଦ୍ଧାର୍ଥ - ମହାତ୍ମା, ମୋତେ ସେପରି କିଛି ଉଦାହରଣ ଦେଇ ପାରିବେ ?

Digitized by srujanika@gmail.com

ବ୍ରାହ୍ମଣ - ଉଦାହରଣ ତ ଅନେକ । କିଂତୁ ସେ ସବୁ ଶୁଣି ତୁମର ଲାଭ କ'ଣ ? ତୁମେ କହି ପାରିବ, ତୁମର ମା'ପାଇଁ, ପତ୍ନୀ ପାଇଁ, ପିତା, ପୁତ୍ରଙ୍କ ପାଇଁ ତୁମ ମନ ବ୍ୟାକୁଳ ନୁହେଁ ?

ସିଦ୍ଧାର୍ଥ - ବ୍ୟାକୁଳ ମହାତ୍ମା, ମୁଁ ଅତି ମାତ୍ରାରେ ଚିନ୍ତିତ ।

ବ୍ରାହ୍ମଣ - ଯାଅ, ଅତି ଶୀଘ୍ର ଫେରିଯାଅ । ତୁମେ ଭାବୁଛ, ତୁମେ ସନ୍ନ୍ୟାସ ଗ୍ରହଣ କଲେ, ଏ ଦେଶରୁ ଦୁର୍ନିତୀ ଦୂର ହୋଇଯିବ ? ଅନ୍ୟାୟ, ଅଧର୍ମର ବିଲୋପ ଘଟିବ ? କେବେ ନୁହଁ ? ସେଥିପାଇଁ ମନୁଷ୍ୟ ମନରେ ଜାଗରଣ ଆବଶ୍ୟକ । ତୁମେ ସେହି କାମ, ସମାଜରେ କରି ପାରିବ ଓ ସମାଜରେ ପରିବର୍ତ୍ତନ ଆଣି ପାରିବ । ଆଣି ପାରିବ ନୂତନ କ୍ରାନ୍ତି । ଯେପରି ଆଣିଥିଲେ, ଠାକୁର ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ସନ୍ଥ କବୀର, ତୁକାରାମ, ନିଗମାନନ୍ଦ ପ୍ରଭୃତି ମହାପୁରୁଷଗଣ । ଯେପରି ଆଣିଛନ୍ତି ନୂତନ କ୍ରାନ୍ତି ଭଗବାନ ଶ୍ରୀ ସତ୍ୟସାଇବାବା । ଯାଅ, ଘରକୁ ଫେରିଯାଅ । ତୁମେ ପାଇବ ଅପୂର୍ବ ଶାନ୍ତି । ଓଁ ହରି ଓଁ ତତ୍‌ସତ୍ । ହରି ଓଁ ତତ୍‌ସତ୍ । (ବ୍ରାହ୍ମଣ ଚାଲିଗଲେ)

ସିଦ୍ଧାର୍ଥ - ନିଶ୍ଚୟ ଏ ଦେବଦୂତ । ଶାନ୍ତି ପାଇବା ପାଇଁ ପ୍ରଭୁ ଏ ମହାତ୍ମାଙ୍କୁ ମୋ ନିକଟକୁ ପଠାଇଥିଲେ । ଏ ମୋର ଗୁରୁ । ମୁଁ ତାଙ୍କର ଆଦେଶ ପାଳନ କରିବି ।

- ଅନ୍ଧାର -

- ଦ୍ୱାଦଶ ଦୃଶ୍ୟ -

(ଶୁଦ୍ଧୋଧନ ଗରୀବମାନଙ୍କୁ ବସ୍ତ୍ର ବିତରଣ କରୁଥିଲେ । ପାଞ୍ଚବର୍ଷର ବାଳକ ରାହୁଲ ମଧ୍ୟ ସହଯୋଗ କରୁଥିଲେ । ପ୍ରଚ୍ଛଦପଟରୁ ଭାସି ଆସୁଥିଲା :- "କୋଇଲି ଲୋ କେଶବ ଯେ ମଥୁରାକୁ ଗଲା,
କାହା ବୋଲେ ଗଲାପୁତ୍ର ବାହୁଡ଼ି ନଇଲା ।"
ଭୀଖାରୀମାନଙ୍କୁ ବସ୍ତ୍ରଦେଇ, ଶୁଦ୍ଧୋଧନ ଗୀତଟିକୁ ତନ୍ମୟ ହୋଇ ଉପଭୋଗ କରୁଥିଲେ ।)

Digitized by srujanika@gmail.com

ଶୁଦ୍ଧୋଧନ - ଚାହୁଁ ଚାହୁଁ ପାଞ୍ଚବର୍ଷ ହୋଇଗଲା । ଭାରତବର୍ଷର ଚାରିଆଡ଼େ ଖୋଜି, ଖୋଜି, ଶେଷରେ ହତାଶ ହୋଇଗଲି । ସିଦ୍ଧାର୍ଥ ତ ଏତେ ନିଷ୍ଠୁର ନଥିଲା । ସେ ସିନା ତାର ବାପା, ମା'ଙ୍କୁ ଭୁଲି ରହିପାରିଲା, ହେଲେ ମୁଁ ତ ତାକୁ ମୋଟେ ଭୁଲି ପାରୁନାହିଁ ।

(ପୁଣି ଗୀତରୁ ପଦେ...)

''କୋଇଲି ଲୋ ଘର ବୋଲି ନ ମଣନ୍ତି ନନ୍ଦ,
ଘଟଣ ନ ଦିଶେପୁର, ନ ଥିଲେ ଗୋବିନ୍ଦ ।''

ହଉ, ତାର ଭାଗ୍ୟ ସେ ଭୋଗୁଛି । ମୋର ଭାଗ୍ୟ ମୁଁ ଭୋଗୁଛି । ସେ ଯେଉଁଠି ଥାଉ, ଶାନ୍ତିରେ ରହୁ ।

(ପ୍ରବେଶ କଲେ ମାୟାବତୀ । କହି, କହି ଆସୁଥିଲେ ।)

ମାୟାବତୀ - ସେ ସିନା ଶାନ୍ତିରେ ରହିଲା, ହେଲେ ଆମ୍ଭମାନଙ୍କର ଶାନ୍ତିକୁ ନେଇଗଲା କାହିଁକି ? ସେ ପରା ବିବେକୀ, ଜ୍ଞାନୀ ? ଦୁଃଖୀର ଦୁଃଖ ଦେଖିଲେ ତାର ଆଖିରୁ ଲୁହଧାର ବୋହି ଆସୁଥିଲା । ଦୁଃଖିନୀ ମା'ର ଲୁହ ଧାର ତାର କ'ଣ ମନେ ପଡୁନି । (କାନ୍ଦିଲେ)

ଶୁଦ୍ଧୋଧନ - ମାୟା, କେତେଦିନ ଏମିତି ବସି ରହି ଲୁହ ଢାଳୁଥିବ । ତୁମ ପୁଅ ଯଦି ଶାନ୍ତିରେ ରହିଛି, ତୁମେ ସୁଖୀ ହବା ଦରକାର । ତୁମର ଲୁହ, ସିଦ୍ଧାର୍ଥର ଅମଙ୍ଗଳ କରିପାରେ ।

ମାୟାବତୀ - ସେପରି କୁହନି । ମୋ ପୁଅର ଅମଙ୍ଗଳ ନ ହେଉ । ତା'ହେଲେ ମୁଁ ଆଉ କାନ୍ଦିବିନି । କିଂତୁ, ତୁମେ କହ, ସିଦ୍ଧାର୍ଥ ପାଇଁ, ତୁମ ପୁଅ ପାଇଁ ତୁମେ ତ କାନ୍ଦୁଛ ?

ଶୁଦ୍ଧୋଧନ - ମାୟା, ଏ ଆଖିର ଲୁହ କ'ଣ ସଂଭାଳି ପାରୁଛି । ମନକୁ ମନ ସେ ଗଡ଼ି ଆସୁଛି ।

ମାୟାବତୀ - କେତେ କଷ୍ଟ ସହି, କେତେରାତି ଅନିଦ୍ରା ହୋଇ, ତାକୁ ମୁଁ ଏତୁଟିରୁ ଏତୁଟିଏ କରିଥିଲି । କେତେ ରୋଗ, ବୈରାଗରେ (ଆଖିରୁ ଲୁହ ପୋଛିଲେ)

ଶୁଦ୍ଧୋଧନ - ତୁମେ ମା, ତୁମେ ଜନନୀ । ପୃଥିବୀଠାରୁ ବିଶାଳ । ତୁମେ ସର୍ବଂସହା । ତୁମକୁ ସହିବାକୁ ହବ ।

ମାୟାବତୀ - କେମିତି ସହିବି । କେମିତି ତାକୁ ମୁଁ ଭୁଲିବି ତୁମେ କହ ।

Digitized by srujanika@gmail.com

(ଏଇ ସମୟରେ ରାହୁଲ ଆସିଛି । ବାପାଙ୍କୁ କହିଛି ।)

ରାହୁଲ - ବାପା, ବାବା କ'ଣ ଆସିବେନି ? କେବେ ଆସିବେ ? ସେ କେଉଁଠି ଅଛନ୍ତି । ମୁଁ ତାଙ୍କ ପାଖକୁ ଯିବି । (କାନ୍ଦୁଥିଲା)

ଶୁଦ୍ଧୋଧନ - ତୋ ବାବା ନିଶ୍ଚୟ ଆସିବେ ।

ରାହୁଲ - ଜେଜେମା, ତୁମେ କହ, ମୋ ବାବା କଣ ସତରେ ଆସିବେ ?

ମାୟାବତୀ - ଆସିବେରେ ଧନ । ତୋ ବାବା, ତୋତେ ଦେଖିବା ପାଇଁ ନିଶ୍ଚୟ ଆସିବେ । (ଭିତରୁ ଯଶୋଧାରାଙ୍କର କଣ୍ଠସ୍ୱର ।)

ଯଶୋଧାରା- (ଭିତରୁ) ରାହୁଲ, ଖାଇବୁ ଆ ।

ରାହୁଲ - ନା, ମୁଁ ଖାଇବିନି । ମୁଁ ବାବାଙ୍କ ପାଖକୁ ଯିବି ।

ଶୁଦ୍ଧୋଧନ - ତତେ କହିଲି ପରା, ତୋର ବାବା ନିଶ୍ଚୟ ଆସିବେ ।

ରାହୁଲ - ସତ କହୁଛ, ବାବା ମୋର ଆସିବେ । ତା'ହେଲେ ମୁଁ ଖାଇଦେବି । ମା' ।

ମାୟାବତୀ - ବୋହୁ, ରାହୁଲକୁ ନେଇଯା ।

(ଯଶୋଧାରା ରାହୁଲକୁ ନେଇଯାଇଛନ୍ତି ।)

(ଏଇ ସମୟରେ ମଙ୍ଗୁଳି, ଭୋଳି ଦୌଡ଼ି ଆସିଛନ୍ତି ।)

ଭୋଳାରାମ- (ଧଇଁସଇଁ ହୋଇ) ବାବୁ, ସୁସମ୍ବାଦ ।

ମଙ୍ଗୁଳି - ସୁସମାଚାର । ଆଜି କି ଆନନ୍ଦର ଦିନ ।

ଶୁଦ୍ଧୋଧନ - କଥା କ'ଣ ଭୋଳି ?

ମଙ୍ଗୁଳି - ସନ୍ନ୍ୟାସୀ ଫେରି ଆସିଛନ୍ତି । ଗୈରିକ ବସନ । ହାତରେ କମଣ୍ଡଳୁ ।

ଭୋଳାରାମ- ହଜାର, ହଜାର ଲୋକ, ଗାଁ ମୁଣ୍ଡ ଆମ୍ବ ତୋଟାକୁ ଛୁଟିଛନ୍ତି ।

ମାୟାବତୀ - ସନ୍ନ୍ୟାସୀ ? କିଏ ସେହି ସନ୍ନ୍ୟାସୀ ?

ଭୋଳାରାମ- ସେମାନଙ୍କର ଦେବତା ଫେରି ଆସିଛନ୍ତି ମା' । ମାଲିକ, ଲୋକଙ୍କର ଆନନ୍ଦ କହିଲେ ନ ସରେ ।

ମଙ୍ଗୁଳି - ଯେ ତାଙ୍କର ସୁଖ, ଦୁଃଖରେ ଅଂଶୀଦାର ହେଉଥିଲେ । ଗରୀବର ପେଟକଥା ବୁଝୁଥିଲେ । ରୋଗ ବୈରାଗରେ ସାହା ହେଉଥିଲେ ।

ଭୋଳାରାମ- ସେ ଦେବତା ନୁହନ୍ତି ତ ଆଉ କ'ଣ ମାଲିକ ।

ଶୁଦ୍ଧୋଧନ - ଆହା, କଥାଟାକୁ ଖୋଲି କହୁନାହଁ କାହିଁକି ?

ଭୋଳାରାମ- କହିବି ମା, ସବୁ କହିବି । ମୋତେ ପାଣି ମୁନ୍ଦେ ପିଇବାକୁ ଦେଲେ ।

Digitized by srujanika@gmail.com

(ମାୟାବତୀ ପାଣି ଆଣିଛନ୍ତି । ଢକ ଢକ କରି ପିଇ ସାରି ।)
ଓଃ ଜୀବନ ପଶିଲା ।

ମଞ୍ଜୁଳି - ମା' ଲୋକମାନେ କହିଲେ ପଟୁଆର କରି ଆଣିବେ । କିଂତୁ ସନ୍ୟାସୀ ମନା କରିଦେଲେ ।

ଭୋଳାରାମ- ସେ କହିଲେ, ସେ ଏକୁଟିଆ ଯିବେ ।

ଶୁଦ୍ଧୋଧନ - ଆଶ୍ଚର୍ଯ୍ୟ । ଜଣେ ସନ୍ୟାସୀ ପାଇଁ ତୁମେ ଏତେ ବ୍ୟସ୍ତ କାହିଁକି ? ସେ କୁଆଡ଼େ ଆସିବେ । କାହିଁକି ଆସିବେ, ନ କହିଲ ମୁଁ କିମିତି ଜାଣିବି ଭୋଳାରାମ ।

ଭୋଳାରାମ- ମାଲିକ । ଏତିକି କ'ଣ ଜାଣି ପାରିଲେ ନାହିଁ ସାନବବୁ ପରା ଆସିଛନ୍ତି ।

ମାୟାବତୀ - କିଏ, ସାନବାବୁ ? ମୋ ସିଦ୍ଧାର୍ଥ ଫେରି ଆସିଛି । ସେ କେଉଁଠି ଅଛି । କେବେ ଆସିଲା ? ଖାଇଲାଣି ନା ? ତାର ଦେହ ଭଲ ଅଛି ତ ? ସେ ମୋ କଥା ପଚାରୁଥିଲା ନା ?
(ଏଇ ସମୟରେ ପ୍ରବେଶ କରିଛନ୍ତି ଯଶୋଧାରା ଓ ରାହୁଲ)

ଯଶୋଧାରା- କିଏ ଆସିଛନ୍ତି ମା ? କେଉଁ ସନ୍ୟାସୀ ଆସିଛନ୍ତି ? ବାବା, ସେ ସନ୍ୟାସୀ କିଏ ?

ଭୋଳାରାମ- ସାନବାବୁ ଫେରି ଆସିଛନ୍ତି ମା ?

ଯଶୋଧାରା- କ'ଣ କହିଲ ? ସେ ଫେରି ଆସିଛନ୍ତି । କୋଉଠି ଅଛନ୍ତି ? ମୋ କଥା ପଚାରୁଥିଲେ ନା ରାହୁଲ କଥା ପଚାରୁଥିଲେ ?

ମାୟାବତୀ - ହଇଏ, ଠିଆ ହୋଇ ରହିଲ କ'ଣ ଚାଲ, ଆମେ ତାକୁ ନେଇ ଆସିବା ।

ଶୁଦ୍ଧୋଧନ - ସେ ଆସିବ ମାୟା ।

ଯଶୋଧାରା- ମୁଁ ଅପେକ୍ଷା କରି ପାରିବିନି । ୫ ବର୍ଷ ଅପେକ୍ଷା କଲି ଆଉ କେତେଦିନ ଅପେକ୍ଷା କରିବି ?

ଭୋଳାରାମ- ସମସ୍ତେ ଆନନ୍ଦରେ ଚାରିପଟେ ଘେରି ବସିଛନ୍ତି । ଜନ ସମୁଦ୍ର । ଆଖ, ପାଖ ଗାଁରୁ ଲୋକେ ଛୁଟିଛନ୍ତି । ସତେ ଯେପରି କୃଷ୍ଣ ମଥୁରାରୁ ଗୋପପୁରକୁ ଫେରି ଆସିଛନ୍ତି । ବାରବର୍ଷ ବନବାସ ପରେ ରାମଚନ୍ଦ୍ର ଅଯୋଧ୍ୟା ନଗରୀକୁ ଆସୁଛନ୍ତି ।

Digitized by srujanika@gmail.com

ଯଶୋଧାରା- ମା' ମୁଁ ଯାଉଛି ତାଙ୍କୁ ନେଇ ଆସିବି । ଯଦି ସେ ଅନ୍ୟ କେଉଁଆଡ଼େ ଚାଲିଯାନ୍ତି । ସନ୍ୟାସୀର କ'ଣ ଘର, ସଂସାରରେ ମୋହ ଥାଏ ।

ମାୟାବତୀ - ତୁ ଠିକ୍ କହିଛୁ ମା, ଯା, ତାଙ୍କୁ ନେଇ ଆ ।
(ଯଶୋଧାରା ପାଗଳଙ୍କ ପରି ଦୌଡୁଥିଲେ ।)

ଶୁଦ୍ଧୋଧନ - ମାୟା, ବୋହୁ ଚାଲିଗଲେ । ଯାଅ, ତାଙ୍କୁ ନେଇଆସ ।

ମାୟାବତୀ - ମୁଁ ତାଙ୍କୁ ଯିବାକୁ ଅନୁମତି ଦେଇଛି । ସେ ତାଙ୍କୁ ନେଇ ଆସିବ । କହିଲ, କୃଷ୍ଣ ଗୋପପୁରକୁ ଆସୁଛନ୍ତି । ବିରହିଣୀ ରାଧା, କ'ଣ ଧୈର୍ଯ୍ୟଧରି ରହିପାରିବ ।
(ଏଇ ସମୟରେ ଶଙ୍ଖ ବାଜି ଉଠିଲା)

ସ୍ଲୋଗାନ - ସିଦ୍ଧାର୍ଥବାବୁ ଜିନ୍ଦାବାଦ
ଶୁଦ୍ଧୋଧନ ବାବୁ ଜିନ୍ଦାବାଦ
(ଦୁହେଁ ସିଦ୍ଧାର୍ଥ ଓ ଯଶୋଧାରା ଫୁଲମାଳ ପକାଇ ମଞ୍ଚରେ ପ୍ରବେଶ କଲେ । ସିଦ୍ଧାର୍ଥ ଓ ଯଶୋଧାରା ବାପା, ମା'ଙ୍କ ଚରଣତଳେ ପ୍ରଣାମ କରି, ଚରଣଧୂଳି ନେଲେ । ମା'ଙ୍କୁ ଭିଡ଼ିଧରି କାନ୍ଦିଛନ୍ତି ।)

ମାୟାବତୀ - ହଇରେ ପାଗଳା, ତୁ ଏତେଦିନ ଧରି କେଉଁଠି ଥିଲୁ ? ଆମକୁ ଅଶାନ୍ତିରେ ରଖି, ତୁ କ'ଣ ଶାନ୍ତି ପାଇ ପାରିଲୁ ?

ସିଦ୍ଧାର୍ଥ - ନା, ମା' ମୁଁ ଶାନ୍ତି ପାଇ, ତୁମର କୋଳକୁ ଫେରିଆସିଲି । ମା'ର କୋଳର ଶାନ୍ତି, ଆଉ କେଉଁଠି ମିଳେ ନା ମା ?

ଯଶୋଧାରା- ସେଇକଥା ମୁଁ ତୁମକୁ କହିଥିଲି ନା ?

ସିଦ୍ଧାର୍ଥ - ହଁ, ବାବା, ମୁଁ ତମକୁ ଭୁଲ ବୁଝିଥିଲି ।

ଶୁଦ୍ଧୋଧନ - ସେହି ଭୁଲର, ଆଉ ଯେପରି ପୁନରାବୃତ୍ତି ନ ଘଟେ ।

ମାୟାବତୀ - କହ ସିଦ୍ଧାର୍ଥ, ତୁ ଆମକୁ ଛାଡ଼ି ଆଉ କୁଆଡ଼େ ଯିବୁ ନାହିଁତ ?

ସିଦ୍ଧାର୍ଥ - ନା, ମା, ମୁଁ ଶପଥ କରୁଛି, ମୁଁ ପ୍ରଥମେ ପିତୃ, ମାତୃ ଋଣ ପରିଶୋଧ କରିବି ।

ଶୁଦ୍ଧୋଧନ - ପ୍ରକୃତରେ ଆଜି ହିଁ, ସବୁଠାରୁ ମୋ ଜୀବନରେ ଶାନ୍ତିର ଦିନ । ଆସ ମାୟା, ଆସ ବୋହୂ । (ରାହୁଲ ଆସିଛି)

Digitized by srujanika@gmail.com

ସିଦ୍ଧାର୍ଥ - ରାହୁଲକୁ କାନ୍ଧେଇ ପକାଇଛନ୍ତି ।

(ସମସ୍ତେ ଘରକୁ ଯିବାବେଳେ ମଞ୍ଚରେ ପ୍ରବେଶ କରିଛି ପାଗଳ)

ପାଗଳ - (ହସିଛି) ପରିବର୍ତ୍ତନ । ଆଜି ଚାରିଆଡ଼େ ପରିବର୍ତ୍ତନର ସୁଅ ଛୁଟିଛି । ଜନସାଧାରଣଙ୍କର ମନରେ ପରିବର୍ତ୍ତନ, ଅମନୁଷ୍ୟ ଶୁଦ୍ଧୋଧନ ରାୟଙ୍କର ଜୀବନରେ, ସେହି ପରିବର୍ତ୍ତନ ଆଣିଛନ୍ତି - ସିଦ୍ଧାର୍ଥ । ରାଜା ଶୁଦ୍ଧୋଧନଙ୍କର ପୁତ୍ର ନୁହନ୍ତି, ଯେ ନିରଞ୍ଜନା ନଦୀ ତଟରେ ଶାନ୍ତି ପାଇଁ ତପସ୍ୟାରତ ଥିଲେ । ସେହି ସିଦ୍ଧାର୍ଥଙ୍କ କଥା ମୁଁ ଆପଣମାନଙ୍କୁ କହୁନାହିଁ । ମୁଁ କହୁଛି - ଭିନ୍ନ ଏକ ସିଦ୍ଧାର୍ଥଙ୍କ କଥା । ନମସ୍କାର ।

ନଇଁ ଆସିଛି ଯବନିକା

- ସମାପ୍ତ -

Digitized by srujanika@gmail.com

ନାଟକ

ନାରୀ ନାରାୟଣୀ



ନିର୍ଦ୍ଦେଶନା : ଶ୍ରୀ ପ୍ରଫୁଲ କୁମାର ମହାପାତ୍ର

ସଂଗୀତ : ଅରୁଣ, ଅନୁରାଧା

Digitized by srujanika@gmail.com

ନାରୀ ନାରାୟଣୀ

- ପ୍ରସ୍ତାବନା -

(ସୂତ୍ରଧରର ପ୍ରବେଶ)

ସୂତ୍ରଧର - ନମସ୍ତେ ରସିକ ଦର୍ଶକବୃନ୍ଦ,

ଉଇଲିୟମ୍ ସେକ୍ସପିୟର ଯଥାର୍ଥରେ କହିଛନ୍ତି -

Women are born perfect, but it is the men, who spoil their honour, beauty & grace.

ସେ ନାରୀ ତୁହେଁ ନାରାୟଣୀ । ସେ ସର୍ବମଙ୍ଗଳ ସାଧନ କରନ୍ତି - ସେ ସଂସାର ହୀତକାରିଣୀ ।

ସର୍ବ ମାଙ୍ଗଲ୍ୟ ମାଙ୍ଗଲ୍ୟେ, ଶିବେ ସବାର୍ଥ ସାଧିକେ

ଶରଣ୍ୟେ ତ୍ରୟମ୍ବକେ ଗୌରୀ ନାରାୟଣୀ ନମସ୍ତୁତେ ।

ନାରୀର ତିନୋଟି ରୂପ । ଜନନୀ, ଭଗିନୀ, ଜାୟା ।

ନାରୀ ପୁରୁଷକୁ ଜନ୍ମ ଦିଏ । ସେହି ପୁରୁଷ କରେ କଣ ?

ସେ ନାରୀକୁ ତାର ସମ୍ଭୋଗର ବିଷୟବସ୍ତୁରୂପେ ଗ୍ରହଣ କରି ତାକୁ ତିଳ ତିଳ କରି ଜାଳିଦିଏ । ଆଜି ଏ ସମାଜରେ ନ ହେଉଚି କ'ଣ ? ପ୍ରତି ଘଣ୍ଟାରେ ଯୌତୁକ କୁଣ୍ଡରେ, ଜଣେ ନାରୀକୁ ନିକ୍ଷେପ କରାଯାଉଛି । ଶ୍ରମଜୀବୀ ମହିଳାଙ୍କ ମଧ୍ୟରେ, ପ୍ରତି ୨ ଜଣରେ ଜଣେ ନାରୀ ଯୌନ ନିର୍ଯ୍ୟାତିତା । ଯେଉଁ ନାରୀ ସମଗ୍ର ବିଶ୍ୱର ସୃଷ୍ଟିକର୍ତ୍ତୀ, ତା'ପ୍ରତି ଏ ଅବିଚାର କାହିଁକି ? ସେ ମହିଷାସୁର ମର୍ଦ୍ଦିନୀ, ସେ ଦୁଷ୍ଟ ସଂହାରିଣୀ, ସେ ସୃଷ୍ଟି ପାଳନକାରୀଣୀ, ସେହି ନାରୀକୁ ପୁଣି ଏତେ ନିର୍ଯ୍ୟାତନା କାହିଁକି ? ଆସନ୍ତୁ ଦେଖିବା, ନାରୀ ଜୀବନ କାହାଣୀର ଏକ ଅଧ୍ୟାୟ "ନାରୀ ନାରାୟଣୀ" ନାଟକରେ । ନମସ୍କାର ।

- ଅନ୍ଧାର -

Digitized by srujanika@gmail.com

- ପ୍ରଥମ ଦୃଶ୍ୟ -

(ଆଇ.ଏ.ଏସ୍. ଅଫିସର ପ୍ରବୋଧ ପଟ୍ଟନାୟକଙ୍କର ଅଫିସ । ପ୍ରବୋଧ ଅଫିସ ଫାଇଲ ଦେଖୁଥିଲେ । କଲିଂବେଲ ଟିପିଲେ । ପ୍ରବେଶ କଲେ ପିଅନ ।)

ପ୍ରବୋଧ - ଷ୍ଟେନୋକୁ ଡ଼ାକ ।

ପିଅନ - ସାର୍ (ପ୍ରସ୍ଥାନ)

(ପ୍ରବେଶ କଲେ ଯଶୋଧାରା)

ଯଶୋଧାରା- ମୋତେ ଡ଼ାକିଲେ ସାର୍ ।

ପ୍ରବୋଧ - ହଁ, ଆଜି କାଲି ତୁମର ହୋଇଛି କ'ଣ ? ଆଜି କେତେ ଘଣ୍ଟା ଲେଟ୍‌ରେ ତୁମେ ଅଫିସକୁ ଆସିଲ ?

ଯଶୋଧାରା- Excuse me Sir,

ପ୍ରବୋଧ - ଭଲ ବାକ୍ୟଟିଏ ଶିଖିଛ । ମୁଁ ଯଦି ତୁମକୁ Excuse ନ କରେ । ତୁମେ ଜାଣ, ୩ ଦିନ late present, tentamounts a day absent.

ଯଶୋଧାରା- ଜାଣେ ସାର୍ ।

ପ୍ରବୋଧ - ଜାଣି, ତୁମେ ଏ ଭୁଲ୍ କରୁଛ କାହିଁକି ? I shall I take disciplinary action against you. Be careful.

ଯଶୋଧାରା- ଘରେ ମୋର ରୋଗଗ୍ରସ୍ତ ସ୍ୱାମୀ ।

ପ୍ରବୋଧ - ତୁମେ ବିବାହ କରିଛ, ସେ କଥା ତ ତୁମେ ମୋତେ କହିନାହଁ ?

ଯଶୋଧାରା- କହିବା ଆବଶ୍ୟକ ନ ଥିଲା ସାର୍ ।

ପ୍ରବୋଧ - ସେ କି ବ୍ୟାଧିରେ ପୀଡ଼ିତ ?

ଯଶୋଧାରା- ସେ ଜଣେ ପକ୍ଷାଘାତ (Paralysis) ରୋଗୀ ।

ପ୍ରବୋଧ - (ଆଶ୍ଚର୍ଯ୍ୟ ହୋଇ) ସେ ଲୋକଟାକୁ ତୁମେ ବିବାହ କରିଛ ? Really Tragedy.

ପ୍ରବୋଧ - ତୁମେ ତାଙ୍କୁ ବିବାହ କରିଛ ? ତୁମେ ଜଣେ Beautiful Lady ।

ଯଶୋଧାରା- ଅଳ୍ପଦିନ ହେଲା ସେ ରୋଗଗ୍ରସ୍ତ ହୋଇ ପଡ଼ିଛନ୍ତି ।

ପ୍ରବୋଧ - Paralysis Patient, ସେ ଭଲ ହେବା ଅସମ୍ଭବ । I am very sorry. ତୁମେ ତାଙ୍କୁ ସେବା କରୁଛ ? ତୁମପରି ଜଣେ ନାରୀ ଯାହାର ସେବା କରିବା ପାଇଁ, ଅନେକ ଯେ ଆଗ୍ରହୀ ।

Digitized by srujanika@gmail.com

ଯଶୋଧାରା- ସାର୍, ମୋତେ ଆପଣ କାହିଁକି ଡ଼ାକିଲେ ସେ କଥା କୁହନ୍ତୁ ସାର୍ ।
ପ୍ରବୋଧ - କହିବି, କହିବାକୁ ମୋର ବହୁତ କିଛି ଅଛି । ତୁମକୁ ନିଶ୍ଚୟ କହିବି ।
ଯଶୋଧାରା- ତା'ହେଲେ ମୁଁ ଆସୁଛି ସାର୍ ।
ପ୍ରବୋଧ - କ'ଣ ଚାଲିଯିବ ? ମୋ କଥା ଶୁଣି ବୋଧେ ରାଗିଯାଇଛ ।
ଯଶୋଧାରା- ରାଗିବାର ପ୍ରଶ୍ନ କେଉଁଠି ଉଠୁଛି ସାର୍ ।
ପ୍ରବୋଧ - ମୁଁ ତୁମର ଭାଗ୍ୟପାଇଁ ଭଗବାନଙ୍କୁ ଦୋଷ ଦେଉଛି ।
ଯଶୋଧାରା- ଏ ସବୁ ଶୁଣିବାକୁ ମୋର ଧୈର୍ଯ୍ୟ ନାହିଁ ସାର୍ ।
ପ୍ରବୋଧ - ଧୈର୍ଯ୍ୟହରା ହେଲେ ତୁମେ କାମ କରିବ କିପରି ? ମୋର ପରାମର୍ଶ ମାନି ତୁମେ ତାଙ୍କୁ ଛାଡ଼ପତ୍ର ଦେଇଦିଅ । ମାନେ ଡ଼ାଇଭର୍ସ କର ।
ଯଶୋଧାରା- ଆପଣ କ'ଣ କହିବାକୁ ଚାହାନ୍ତି ସାର୍ ? ଏ ସବୁ ମୋର ବ୍ୟକ୍ତିଗତ କଥା । ମୁଁ କ'ଣ କରିବି ନ କରିବି, ତାହା ମୁଁ ସ୍ଥିର କରିବି । ଆପଣକିଏ ମୋତେ ପରାମର୍ଶ ଦେବାକୁ । ଏ କଥା କହିବାକୁ ଆପଣ ସାହସ କଲେ କିପରି ?
ପ୍ରବୋଧ - ଚିତ୍କାର କର ନାହିଁ । ଏଇଟା ଗୋଟାଏ ଅଫିସ । ତୁମେ ମୋର ଅଧସ୍ତନ କର୍ମଚାରୀ । ମୁଁ ଚାହିଁଲେ ତୁମକୁ ସସ୍‌ପେଣ୍ଡ୍ କରିପାରେ । ଦରମା ବନ୍ଦ କରିଦେଇପାରେ ।
ଯଶୋଧାରା- ବେଶ୍ କରିଦିଅନ୍ତୁ ସାର୍ ।
ପ୍ରବୋଧ - ତୁମେ କ'ଣ ସେଇଆ ଚାହଁ ?
ଯଶୋଧାରା- ଏ ସବୁ ଶୁଣିବାକୁ ଧୈର୍ଯ୍ୟ ନାହିଁ ସାର୍ । ମୁଁ ଆସୁଛି ।
ପ୍ରବୋଧ - ତୁମେ ଯାଇ ପାରିବ ନାହିଁ ।
ଯଶୋଧାରା- ଯେତେବେଳେ ମୋର କୌଣସି କାମ ନାହିଁ ମୁଁ ଏଠାରେ ରହିବି କାହିଁକି ?
ପ୍ରବୋଧ - ମୁଁ ନ କହିବା ପର୍ଯ୍ୟନ୍ତ ତୁମେ ଯାଇ ପାରିବ ନାହିଁ ।
ଯଶୋଧାରା- ତା'ହେଲେ ମୁଁ କ'ଣ କରିବି, ଆପଣ କୁହନ୍ତୁ । ମୋର କାମ କ'ଣ କହନ୍ତୁ ।
ପ୍ରବୋଧ - କିଛି କାମ ନ କରି ତୁମେ ମୋ ପାଖରେ ବସି ରହିବ ।
ଯଶୋଧାରା- ତା' ମୁଁ ପାରିବି ନାହିଁ ସାର୍ ।

Digitized by srujanika@gmail.com

ପ୍ରବୋଧ - କାହିଁକି ? ବସି ରହିବା କ'ଣ ଗୋଟାଏ କାମ ନୁହଁ ?

ଯଶୋଧାରା- Definitely it is a punishment.

ପ୍ରବୋଧ - ତୁମ ପାଇଁ punishment ହୋଇପାରେ । ମୋ ପାଇଁ ଗୋଟାଏ Pleasure.

ଯଶୋଧାରା- ଦେଖନ୍ତୁ, ମୋର ମାନସିକ ଅବସ୍ଥା ଭଲ ନାହିଁ, ଆପଣଙ୍କର ଆଦେଶ ମୁଁ ଅମାନ୍ୟ କରିପାରେ ।

ପ୍ରବୋଧ - (ହସିଲେ) କ'ଣ ରାଗିଗଲ ? ତୁମେ ରାଗିଲେ, ତୁମ ମୁଖମଣ୍ଡଳ ଯେପରି ରକ୍ତିମ ହୋଇଉଠେ, ମତେ ଦେଖାଯାଏ, ତାହା ଯେପରି ଏକ ଗୋଲାପ ଫୁଲର ପାଖୁଡ଼ା ।

ଯଶୋଧାରା- (ଉଠି ଚାଲିଗଲା)

ପ୍ରବୋଧ - ଚାଲିଗଲା କୁଆଡ଼େ ଯିବ ? କେତେଦିନ ଏଠାରେଚିକ୍ରାର କରିବ ? God is definitely cruel. ଏହିଭଳି ଗୋଟାଏ ସୁନ୍ଦରୀ ଝିଅକୁ ପୁଣି ଗୋଟାଏ Paralysis Patient । ତୁ ଭାବୁଛୁ ତୁ ଯେ ମୋ ହାତରୁ ଖସିଯିବୁ । କଳେ, ବଳେ କୌଶଳେ ମୁ ତତେ ମୋର ହାତମୁଠାକୁ ଆଣିବି । ତୁ କୁଆଡ଼େ ଚାଲିଯିବୁ । ଚାକିରୀ କ'ଣ ଛାଡ଼ିଦବୁ । ଅସମ୍ଭବ । ହଉ । ଦେଖାଯାଉ । କିଏ ଜିତିବ, କିଏ ହାରିବ ।

(କଲିଂ ବେଲ୍ ଟିପିଲେ । ପିଅନ ଆସିଲା)

ପିଅନ - ଡ଼ାକିଲେ ସାର୍ ।

ପ୍ରବୋଧ - ତୁମେ ଦେଖିଲ ଷ୍ଟେନୋ କ'ଣ କରୁଛି ?

ପିଅନ - ଆପଣତାକୁ କ'ଣ କହିଲେ କି ସାର୍ । ଗଲାବେଳେ ଆଖିରୁ ଲୁହ ପୋଛି ପୋଛି ଯାଉଥିଲା ।

ପ୍ରବୋଧ - ଲୁହ ପୋଛୁଥିଲା ?

ପିଅନ - ଯାହା ଦେଖିଛି, ତା' କହୁଛି ସାର୍ । ଆପଣ ନିଶ୍ଚୟ ରାଗିଥିବେ ।

ପ୍ରବୋଧ - ରାଗିବିନି । ପ୍ରତିଦିନ ଘଣ୍ଟାଏ, ଦି ଘଣ୍ଟା ଲେଟ୍ । ଏଇଟା ଅଫିସ୍ ନା ତାର ଘର ।

ପିଅନ - ଆଜ୍ଞା, ଭାରୀ ଗରୀବ ଝିଅଟିଏ । ତାକୁ ମୁଁ ଜାଣେ ଆଜ୍ଞା, ଝିଅଟି ବି.ଏ. ପାଶ୍ କଲାପରେ ବାପା, ମା'ଙ୍କ ଦୁର୍ଦ୍ଦଶା ସହି ନ ପାରି

Digitized by srujanika@gmail.com

ଚାକିରୀ କରିବାକୁ କଟକ ଚାଲିଆସିଲା । ବାଦାମବାଡ଼ି ବସଷ୍ଟାଣ୍ଡରେ ଜଣେ ଲୋକ ହାବୁଡ଼ରେ ପଡ଼ିଗଲା । ସେ ଲୋକଟି ତାକୁ ଗୋଟିଏ ବେଶ୍ୟାଳୟକୁ ନେଇଗଲା । ସେଠାରେ ପୋଲିସ ତାକୁ ଧରିଲା । ପୋଲିସ୍‌କୁ କାନ୍ଦି ସେ ସବୁ ଦୁଃଖ କହିଲା । ପୋଲିସ ତାକୁ ଛାଡ଼ିଦେଲେ ।

ପ୍ରବୋଧ - ଓ, ଏହା ପଛରେ ଗୋଟାଏ ତା' ହେଲେ ବିରାଟ ଇତିହାସ ଅଛି ।

ପିଅନ - କେହି ତ ବାହା ହଉ ନଥିଲେ । ଜଣେ କବି ତାକୁ ବାହା ହେଲେ, ଆମାଫୋଇ କାର୍ଯ୍ୟାଳୟରେ ଯେଉଁଠାରେ ଜାତି, ଜାତକ, ଯୌତୁକ କିଛି ନାହିଁ । ଏବେ ଶୁଣିଲି ସେ ସ୍ୱାମୀଟି ପକ୍ଷାଘାତ ରୋଗୀ ।

ପ୍ରବୋଧ - ଆଉ ତା' ବିଷୟରେ କିଛି ତୁ ଜାଣୁ ?

ପିଅନ - ଘର ତା'ର କାକଟପୁର ।

ପ୍ରବୋଧ - ବେଶ୍, ତୁ ଯା ।

ପିଅନ - କାହିଁକି ଡ଼ାକିଥିଲେ ସାର୍ ମୋତେ କହିଲେନି ।

ପ୍ରବୋଧ - ତୁ ଯା, ମୁଁ ପରେ କହିବି । (ପ୍ରସ୍ଥାନ) ତା'ହେଲେ ବେଶ୍ୟାଳୟରେ ଥିଲା । ପଛରେ ବିରାଟ ଇତିହାସ ରଖି ସତୀ ବୋଲାଉଛି । ହଉ, ତୁ କୁଆଡ଼େ ଯିବୁ । ମୁଁ ଦେଖିବିନି । ହାତରେ ନ ମାରି, ଭାତରେ ମାରିଦେଲେ, ବାଧ ହୋଇ ମୋର ଶରଣ ପଶିବୁ ।

- ଅନ୍ଧାର -

- ଦ୍ୱିତୀୟ ଦୃଶ୍ୟ -

(ରାସ୍ତା । ଯଶୋଧାରା ଦୋକାନରୁ ସଉଦା ଧରି ଆସୁଥିଲେ । ଦେଖା ହୋଇଛି ମନୋଜ ସହିତ ।)

ମନୋଜ - ଯଶୋଧାରା ତୁମେ କେଉଁଠି ରହୁଛ ?

ଯଶୋଧାରା- କାହିଁକି ? ତୁମର ଦରକାର କ'ଣ ?

ମନୋଜ - ବହୁଦିନ ହେଲା ଦେଖିନଥିଲି । ତୁମକୁ ମୁଁ ମନେ ମନେ ଖୋଜୁଥିଲି । ସେଦିନ ରାତିରେ ପୋଲିସ ତୁମକୁ ଆଉ ଆମକୁ ଧରିନେଲା ।

Digitized by srujanika@gmail.com

ତୁମକୁ ଛାଡ଼ିଦେଲା । ଆମଠାରୁ ଦଶହଜାର ନେଇ ଜେଲରେ ପୁରାଇ ଦେଲା । ତେବେ ତୁମେ ଏବେ କରୁଛ କ'ଣ ?

ଯଶୋଧାରା- ଗପ, ସପ ହେବାକୁ ମୋର ସମୟର ଘୋର ଅଭାବ । ମୋର ଅଫିସ ବେଳ ହୋଇଗଲାଣି ।

ମନୋଜ - ତୁମେ ତା' ହେଲେ ଅଫିସରେ କାମ କରୁଛ ? କୋଉ ଅଫିସ ? ମ୍ୟାଡ଼ାମ କହୁଥିଲେ, ତୁମ ବିଷୟରେ ଖବର ନେବାକୁ ।

ଯଶୋଧାରା- ମ୍ୟାଡ଼ାମ କହୁଥିଲେ, କେଉଁ ମ୍ୟାଡ଼ାମ କଥା ତୁମେ କହୁଛ ?

ମନୋଜ - ତୁମେ ମ୍ୟାଡ଼ାମଙ୍କୁ ଏତେ ଶୀଘ୍ର ଭୂଲିଗଲ । ସେ ତୁମକୁ ସ୍ୱର୍ଗରେ ରଖିଥାନ୍ତେ । ଚାଟାର୍ଜି ମ୍ୟାଡ଼ାମ୍ ।

ଯଶୋଧାରା- ସ୍ୱର୍ଗ ? କାହାକୁ ତୁମେ ସ୍ୱର୍ଗବୋଲି କହୁଛ ? ବେଶ୍ୟାଳୟକୁ ? ମୋର ଅସହାୟତାର ସୁଯୋଗ ନେଇ, ତୁମେ ମୋର ସର୍ବସ୍ୱ ଲୁଟିବାକୁ ଚାହିଁଥିଲ ? କିନ୍ତୁ ପ୍ରଭୁଙ୍କର ଅପାର କରୁଣାରୁ, ମୁଁ ମୁକ୍ତ ହୋଇଗଲି । ତାଙ୍କର ଇଚ୍ଛା ଭିନ୍ନ ଥିଲା ।

ମନୋଜ - ତୁମେ ମୋତେ ଭୁଲ ବୁଝିଛ ଯଶୋଧାରା ।

ଯଶୋଧାରା- ତୁମ ସହିତ ମୋର ସଂପର୍କ କ'ଣ ? ତୁମ ବାଟରେ ତୁମେ ଚାଲିଯାଅ । ମୋ ବାଟରେ ମୋତେ ଯିବାକୁ ଦିଅ ।

ମନୋଜ - ଯଶୋଧାରା, ତୁମେ ଯେତେ ପାର ସେତେ ମୋତେ ଗାଳିଦିଅ, ମୋର କିଛି ଦୁଃଖ ନାହିଁ । ତୁମେ ଚାକିରୀରୁ କେତେଟଙ୍କା ପାଉଛ ଅତି ବେଶୀ ହୋଇ ପାଞ୍ଚହଜାର । କିନ୍ତୁ ମୁଁ ତୁମକୁ ଯେଉଁ ମାର୍ଗ ଦେଖାଇଥିଲି, ତୁମେ ଦିନକୁ ପାଞ୍ଚହଜାର ପାଇଥାନ୍ତ । ଏବେ ମଧ ଚିନ୍ତା କର । ଚାକିରୀ କର । ଜୀବନକୁ ଉପଭୋଗ କରିବା ପାଇଁ ଅର୍ଥଯେ ନିତାନ୍ତ ପ୍ରୟୋଜନ, ତା'ତୁମେ ଭଲ କରି ଜାଣ । ଚାକିରୀ ବାଦେ, ଅନ୍ୟ ଉପାୟରେ କିଛି ରୋଜଗାର କର । ଏ ଯୌବନକୁ ନଷ୍ଟ କରିଦିଅ ନାହିଁ । କେତେଦିନ ଏ ଯୌବନ ରହିବ । ଅତି ବେଶୀରେ ବର୍ଷ ଦଶଟା ।

ଯଶୋଧାରା- କ'ଣ ଦେହ ବ୍ୟବସାୟ କରିବାକୁକହୁଛ ? ତୁମକୁ ମୁଁ warning ଦେଉଛି । କେବେ ତୁମେ ମୋ ସହିତ କଥାବାର୍ତ୍ତା କରନାହଁ । ମୋ ସହିତ ତୁମର ସଂପର୍କ କ'ଣ ?

Digitized by srujanika@gmail.com

ମନୋଜ - ହଉ ହେଲା, ତୁମେ ଦିନେ ମୋତେ ମନେ ପକାଇବ । ମୋ କଥାକୁ ବେଦବାକ୍ୟ ବୋଲି ମନେ କରିବ । ମ୍ୟାଡ଼ାମ ତୁମ କଥା ପଚାରୁଥିଲେ ।

ଯଶୋଧାରା- ମ୍ୟାଡ଼ାମକୁ କହିଦିଅ । ଜେଲ ଯିବା ପରେ ତାଙ୍କର ଶୁଭବୁଦ୍ଧି ଉଦୟ ହେଉ । ସେ ଭଲ ରାସ୍ତା ଧରନ୍ତୁ । ବୁଢ଼ୀ ହେଲେଣି, ଆଉଥରେ ସେହି ଦୁଃଶ୍ଚିନ୍ତା । ଜେଲ ଯିବା ପାଇଁ ପୁନର୍ବାର ପ୍ରସ୍ତୁତି ।

ମନୋଜ - ହଉ, ତୁମେ ଯାଅ । ଭଲ କରି ଚିନ୍ତା କର । ମୁଁ ଆସୁଛି । ଯେତେ ପାର ସେତେ ଗାଳି ଦେଉଥାଅ । (ଚାଲିଗଲା)

(ଦଉଡ଼ି ଆସିଛି ଦୀନବନ୍ଧୁ ପିଓନ)

ଦୀନବନ୍ଧୁ - ଦିଦି, ଦିଦି । ସାହେବ ମୋତେ ତୁମ ପାଖକୁ ପଠାଇଛନ୍ତି ।

ଯଶୋଧାରା- କାହିଁକି ? ମୋ ପାଖରେ ତାଙ୍କର ପୁଣି କି କାମ ?

ଦୀନବନ୍ଧୁ - ତୁମେ ଆଉ କେତେଦିନ ଛୁଟିରେ ରହିବ ? ତୁମେ ଶୀଘ୍ର ଜଏନ ନ କଲେ ସେ ଆକ୍ସନ ନେବେ ।

ଯଶୋଧାରା- କି ଆକ୍ସନ ନେବେ ? କେବେ ନେବେ ?

ଦୀନବନ୍ଧୁ - କ'ଣ ସେ କରିବେ, ମୁଁ କେମିତି କହିପାରିବି ଦିଦି । ସେ ଯାହା କହିଲେ ମୁଁ ତା କହିଲି ।

ଯଶୋଧାରା- ହଉ, ମୁଁ କାଲି ଅଫିସକୁ ଯିବି ।

ଦୀନବନ୍ଧୁ - ସେଇକଥା ମୁଁ କହିଦେବି । ତା'ହେଲେ ମୁଁ ଆସୁଛି ।

ଯଶୋଧାରା- ହଉ, ତୁମେ ଯାଅ । ମୋର ବହୁତ କାମ ବାକୀ ଅଛି । (ଚାଲିଗଲେ)

(ପ୍ରବେଶ କଲେ ମନୋଜ)

ମନୋଜ - ବାବୁ ତୁମେ କିଏ ?

ଦୀନବନ୍ଧୁ - ମୋତେ ପଚାରୁଛ ।

ମନୋଜ - ହଁ, ହଁ ତୁମକୁ ।

ଦୀନବନ୍ଧୁ - ମୋ ବିଷୟରେ ଜାଣି ତୁମର ଲାଭ କ'ଣ ?

ମନୋଜ - ଏଇ ସ୍ତ୍ରୀଲୋକଟିକୁ ତୁମେ ଜାଣ ?

ଦୀନବନ୍ଧୁ - ବାବୁ ତା' ବିଷୟରେ ଜାଣିବା ପାଇଁ ତୁମେ ଏତେ ବ୍ୟସ୍ତ କାହିଁକି ?

ମନୋଜ - ନାଇଁଯେ, ତୁମେ ତ କଥାବାର୍ତ୍ତା ହେଉଥିଲ । ନିଶ୍ଚୟ ଜାଣିଥିବ ।

ଦୀନବନ୍ଧୁ - ସେ ଗୋଟାଏ ବାଘୁଣୀ ।

Digitized by srujanika@gmail.com

ମନୋଜ - ବାଘୁଣୀ ତ ନିଶ୍ଚୟ ହୋଇଥିବ । ନହେଲେ, ସେ ଆମକୁ ଜେଲରେ ପୁରେଇ ଦେଇଥାନ୍ତା ? ନିଜେ କଅଁଳ କଥା କହି, ସୁନ୍ଦର ଫିଟିଗଲା ।

ଦୀନବନ୍ଧୁ - କଥା କ'ଣ ବାବୁ ମୋତେ କହିଲ । ତୁମେ ତାକୁ ଜାଣିଛ ।

ମନୋଜ - ବାଦାମବାଡ଼ି ବସ୍‌ଷ୍ଟାଣ୍ଡ । ତା'ର ମୋର ପ୍ରଥମ ସାକ୍ଷାତ ହୁଏ । ଛତରା ଟୋକାମାନେ ତା' ପଛରେ ଲାଗିଥିଲେ । ମୁଁ ତାକୁ ସେମାନଙ୍କ କବଳରୁ ରକ୍ଷା କରିଥିଲି ।

ଦୀନବନ୍ଧୁ - ଶୁଣିଥିଲି ତାକୁ ଜଣେ ଦଲାଲ ଭୁଲାଇ, ନାନା ମିଠାକଥା କହି, ବେଶ୍ୟାଳୟକୁ ନେଇଗଲା । ତୁମେ ସେହି ବାବୁ ନୁହେଁ ତ ?

ମନୋଜ - ହୁଁ, ତା' ଭାଗ୍ୟ ବଦଳି ଯାଇଥାନ୍ତା ।

ଦୀନବନ୍ଧୁ - ହଉ, ବାବୁ, ଯାହାର ଭାଗ୍ୟରେ ଯାହା ଅଛି, ସ୍ନେ ଭୋଗିବ । ତାକୁ କ'ଣ କିଏ ଅନ୍ୟଥା କରି ପାରିବ ?

ମନୋଜ - ତୁମେ ଟିକିଏ ମୋତେ ତା'ଘର ଦେଖାଇଦେବ ।

ଦୀନବନ୍ଧୁ - ବାବୁ, ମୁଁ ସେ ଭୁଲ କରିବି ନାହିଁ । ଝିଅଟି ହତଭାଗିନୀ । ବାହା ହେଲା । ତାର ସ୍ୱାମୀ ଅଳ୍ପଦିନ ହେଲା ବ୍ୟାଧିଗ୍ରସ୍ତ ହୋଇଗଲା । ତେବେ ବଡ଼ କବି, ଭାରୀ ନାମଜାଦା କବି । ସମାଜ ସଂସ୍କାରବାଦୀ ।

ମନୋଜ - କ'ଣ କୁଷ୍ଠରୋଗୀ ।

ଦୀନବନ୍ଧୁ - ନାଇଁ ହେ, କ'ଣ ତାକୁ କହନ୍ତି, ମୋର ମନେ ପଡୁନି ।

ମନୋଜ - ଭୋଗିବ । ତା'ରି ଯୋଗୁଁ ପୋଲିସ୍ ମୋତେ ଧରିଲା । ମୁଁ ଖସି ଯାଇଥାନ୍ତି । ତାକୁ ମୁଁ ରାଣୀ କରିଥାନ୍ତି ।

ଦୀନବନ୍ଧୁ - ତୁମେ ସେଥିପାଇଁ କାହିଁକି ଚିନ୍ତା କରୁଛ କହିଲ । ଥରେ ମୁଁ କହିଲି, ଯାହା ଭାଗ୍ୟରେ ଯାହା ଅଛି ସେ ତା' ଭୋଗିବ । ତୁମ ଭାଗ୍ୟରେ ଥିଲା ତୁମେ ଜେଲ ଗଲ । ଭାଗ୍ୟଫଳ ତୁମେ ଭୋଗିଲ । ହଉ, ଯାଅ, ଭଲବୁଦ୍ଧି ଧର । ଯା, ତା ପଛରେ ଆଉ ଗୋଡ଼ାଅ ନାହିଁ ।

ମନୋଜ - ତୁମ ଦ୍ୱାରା ମୋର ବହୁତ କାମ ହେବ ।

ଦୀନବନ୍ଧୁ - ବାବୁ, ଏ ସବୁ କାମ ମୁଁ କରିପାରିବି ନାହିଁ । ମୁଁ ଯାଉଛି, ମୋର ଅଫିସ ବେଳ ହୋଇଗଲାଣି ।

ମନୋଜ - ଯା'ରି ଯୋଗୁଁ ମୁଁ ଜେଲ ଗଲି । ମୁଁ ଯାକୁ ଛାଡ଼ି ଦେବି ନାହିଁ । ଏ କିପରି ସତୀ, ସ୍ୱାଧୀ ହୋଇ ରହିବ, ମୁଁ ଦେଖିବି । ତାର ଚାବି ମୋ ହାତରେ ।

Digitized by srujanika@gmail.com

ଦୀନବନ୍ଧୁ - ତୁମର ଯାହା କହିବାକୁ ଅଛି ସରିଲା, ନା ଆଉ କିଛି ବାକୀ ଅଛି । ବାଳେ ଲୋକଟା, ଝିଅଟାକୁ ହଇରାଣ କରୁଛି । ଝିଅ ଜନ୍ମ ହେବା କ'ଣ ପାପ ? ହଁ ବୁଝିଲି, ସେଇଥିପାଇଁ ଲିଙ୍ଗ ନିରୂପଣ କରି, କନ୍ୟାଭ୍ରୁଣକୁ ହତ୍ୟା କରି ଦେଉଛନ୍ତି । ଆରେ ଝିଅ ନଥିଲେ, ଏ ସୃଷ୍ଟି ରହିବ କେମିତି ? ବାବୁ ତୁମେ ବାହା ହେଇଛ ।

ମନୋଜ - ହଁ ।

ଦୀନବନ୍ଧୁ - ପିଲାଝିଲା ଅଛନ୍ତି ।

ମନୋଜ - ଆମେ ଦୁଇ ଆମର ଦୁଇ ।

ଦୀନବନ୍ଧୁ - ଓଃ, ପରିବାର ନିୟନ୍ତ୍ରଣ ଯୋଜନା କରିଛ । ତେବେ ଏ ଧନ୍ଦା କରୁଛ କାହିଁକି ?

ମନୋଜ - ଆରେ, ତୁମେ କ'ଣ ଜାଣିବ । ଏ ବ୍ୟବସାୟରେ ରାତାରାତି କୋଟିପତି ।

ଦୀନବନ୍ଧୁ - ଏ କୋଟିରୁ କ'ଣ ପାଇବ ? ମଲାବେଳେ କୋଟିଏ ଧରି ନେଇଯିବ । ଆସିଛୁ ଏକା, ଯିବ ଏକା । ଲୁଗା ଖଣ୍ଡକ ନବନି ହୋ ବାବୁ । ଏ ବୁଦ୍ଧି ଛାଡ଼, ଭଲ ବୁଦ୍ଧି ଧର ।

ମନୋଜ - ତୁମେ କୋଉ ବାବୁ କଥା କହୁଥିଲ ?

ଦୀନବନ୍ଧୁ - ତୁମପରି ଗୋଟିଏ ପୋଡ଼ଗାଡ଼ । ଯାଅ । ଖାଲି ବଖାଣି ହଉଛ । ମୁଁ ଅଫିସ ଯିବି, ଚାଲ ବାବୁ ।

- ଅନ୍ଧାର -

- ତୃତୀୟ ଦୃଶ୍ୟ -

(ପ୍ରବୋଧ ବାବୁ ଅଫିସରେ ବସି ଫାଇଲ ଦେଖୁଥିଲେ । ପ୍ରବେଶ କରିଛି ଯଶୋଧାରା)

ଯଶୋଧାରା- ନମସ୍କାର ସାର୍ ।

ପ୍ରବୋଧ - ତୁମେ ଆସିଛ ? ଏତେଦିନ ପରେ ଅଫିସ ତୁମର ମନେ ପଡ଼ିଲା । ତୁମେ ଜାଣ ଷ୍ଟେନୋ ବିନା, ମୋ କାମରେ ବହୁତ ବାଧା ସୃଷ୍ଟି ହେଉଛି । ଯଦି ତୁମେ ଚାହଁ, କାମ ଛାଡ଼ି ଚାଲିଯାଇପାର ।

Digitized by srujanika@gmail.com

ଯଶୋଧାରା- ଯିବାକୁ ଚେଷ୍ଟା କଲି, ମୁଁ ଯାଇ ପାରୁନି ସାର୍ ।

ପ୍ରବୋଧ - ତୁମର କହିବାର ଉଦ୍ଦେଶ୍ୟ ।

ଯଶୋଧାରା- ଜୀବନ ବଞ୍ଚାଇବା ଯେଉଁଠି ଦୁର୍ବିସହ, ଯେତେ ଯାହା ହେଉ ମଧ ସବୁ ସହ୍ୟ କରିବାକୁ ପଡୁଛି ସାର୍ ।

ପ୍ରବୋଧ - ମାନେ, ତୁମେ କହିବାକୁ ଚାହଁ, ଆର୍ଥିକ, ଅନାଟନ ଭିତରେ ତୁମେ ଗତି କରୁଛ ?

ଯଶୋଧାରା- ସ୍ୱାମୀଙ୍କର ଅସୁସ୍ଥତା, ଅତ୍ୟଧିକ ଔଷଧ ବ୍ୟୟଭାର, ବହନ କରିବା ମୋତେ କଷ୍ଟ ହୋଇ ପଡୁଛି । ଏଇ ଦରମାରେ କ'ଣ ବଞ୍ଚି ହେଉଛି ।

ପ୍ରବୋଧ - ସେଥିପାଇଁ ସରକାର ତ ଆର୍ଥିକ ସାହାଯ୍ୟ ଯୋଗାଇଦେବେ । ତୁମର ସ୍ୱାମୀର ଚିକିତ୍ସା ଭାର ସରକାର ବହନ କରିବେ । ତୁମେ ତ ସେଥିପାଇଁ ଦରଖାସ୍ତ କରିନାହଁ ।

ଯଶୋଧାରା- ମୁଁ ଦରଖାସ୍ତ କରିବି କି ସାର୍ । ଟଙ୍କା କ'ଣମୋତେ ମିଳିବ ?

ପ୍ରବୋଧ - ମୁଁ ତୁମର ସମସ୍ତ ଟଙ୍କା ମଞ୍ଜୁର କରିଦେବି । କେତେ ତୁମର ଦରକାର । ଦଶ ହଜାର, କୋଡ଼ିଏ ହଜାର ।

ଯଶୋଧାରା- ଆପଣ ମହାନ୍ ସାର୍, ଆପଣଙ୍କର ଋଣ ମୁଁ ସୁଝି ପାରିବି ନାହିଁ ।

ପ୍ରବୋଧ - ତୁମମାନଙ୍କୁ ସାହାଯ୍ୟ କରିବା ତ ମୋର ଧର୍ମ । ଭଗବାନ ସେଥିପାଇଁ ମୋତେ ପଠାଇଛନ୍ତି । ଦରଖାସ୍ତ ଦିଅ । ଆଉ କ'ଣ ଚାହଁ ?

ଯଶୋଧାରା- ଆଉ କିଛି ଦରକାର ନାହିଁ ସାର୍ । ଏତିକି ଯଥେଷ୍ଟ ।

ପ୍ରବୋଧ - ଦାନର ତ ଗୋଟାଏ ପ୍ରତିଦାନ ଅଛି । ମୁଁ ତୁମକୁ କୋଡ଼ିଏ ହଜାର ଦେବି । ତାର ପ୍ରତିଦାନରେ ତୁମେ ମୋତେ ଦବ କ'ଣ ?

ଯଶୋଧାରା- ଦବାକୁ ମୋ ପାଖରେ କ'ଣ ଅଛି ସାର୍ ?

ପ୍ରବୋଧ - ତୁମ ପାଖରେ ବହୁତ କିଛି ଅଛି । ସମୟ ପଡ଼ିଲେ ମୁଁ ତୁମକୁ କହିବି, ସେଥିପାଇଁ ପ୍ରସ୍ତୁତ ହୋଇଥାଅ ।

ଯଶୋଧାରା- ବହୁତ କାମ ପଡ଼ିଛି । ମୋତେ କରିବାକୁ ହେବ । ମୁଁ ଏଥର ଆସୁଛି ।

ପ୍ରବୋଧ - ବହୁତ ଦିନପରେ ତୁମର ଦର୍ଶନ । ତୁମକୁ ଦେଖି ମୁଁ ଆଜି ଅତ୍ୟନ୍ତ ଆନନ୍ଦିତ । ତୁମେ ବିଶ୍ୱାସ କର, ମୁଁ ଅଫିସରେ କୌଣସି କାମ

Digitized by srujanika@gmail.com

କରିପାରୁନଥିଲି । ସବୁବେଳେ ତୁମେ ମୋ ଆଖି ଆଗରେ ନାଚୁଥିଲ । କହିବାକୁ ଗଲେ, ତୁମ ବିନା ମୁଁ ପାଗଳ ହୋଇ ଯାଇଛି । ମୋତେ ବିଶ୍ୱାସ କର । ତୁମେ ମୋ ଆଖି ସାମନାରେ ବସିରୁହ, ତୁମର ରୂପ ସୌନ୍ଦର୍ଯ୍ୟ ମୁଁ ଜୀବନ ଭରି ଉପଭୋଗ କରିବି । ଆଜି ତୁମର ଟଙ୍କା ଦରକାର । ଗଲାବେଳେ ତୁମେ ନେଇଯିବ ।

ଯଶୋଧାରା- ଏତେ ଶୀଘ୍ର କ'ଣ ଟଙ୍କା ମଞ୍ଜୁର ହୋଇଯିବ ସାର୍ ?

ପ୍ରବୋଧ - ଟଙ୍କା ପରା ତୁମର ଦରକାର । ନିଅ ଦଶ ହଜାର । କାଲି କୋଡ଼ିଏ ହଜାର ନେଇଯିବ । ହଁ, ଗୋଟିଏ କଥା, ମୁଁ ପଶ୍ଚିମବଙ୍ଗ ସରକାରଙ୍କ ସହିତ ପରାମର୍ଶ କରିବାକୁ କଲିକତା ଯିବି । ମୋ ସାଙ୍ଗରେ ତୁମେ ଯିବାକୁ ହବ ।

ଯଶୋଧାରା- କଲିକତା । ମୁଁ ଯାଇ ପାରିବିନି ସାର୍ ।

ପ୍ରବୋଧ - କାହିଁକି ? ମୁଁ ସରକାରଙ୍କର ଅନୁମତି ଆଣିଛି । ଷ୍ଟେନୋ, ଷ୍ଟାଫ ମୋ ସହିତ ଯିବେ ।

ଯଶୋଧାରା- ମୁଁ ବାହାରକୁ ଗଲେ, ମୋରସ୍ୱାମୀ ମରିଯିବେ ।

ପ୍ରବୋଧ - ସ୍ୱାମୀ, ସ୍ୱାମୀ, ସ୍ୱାମୀ, କିଏ ତୁମର ସ୍ୱାମୀ । ସେ ପାରାଲିସିସ୍ ପେସେଣ୍ଟ, ତାକୁ ତୁମେ ସ୍ୱାମୀ କରି ପୂଜା କରୁଛ ? କାହିଁକି ଯଶୋଧାରା, ତାକୁ ଛାଡ଼ିଦିଅ, ତାର ଭାଗ୍ୟ ଆଦରି ସେ ବଞ୍ଚୁ ।

ଯଶୋଧାରା- (କାନ୍ଦିଛି) ସାର୍, ସେପରି କୁହନ୍ତୁ ନାହିଁ । ତାଙ୍କୁ ଛାଡ଼ି ମୁଁ ବଞ୍ଚି ପାରିବି ନାହିଁ । ସେ ସାମାନ୍ୟ ଲୋକ ନୁହଁନ୍ତି । ସେ ଜଣେ ବିଖ୍ୟାତ କବି ।

ପ୍ରବୋଧ - ଓଃ ! ବୁଝିଲି ସତୀନାରୀ, ପତିବ୍ରତ ପାଳନ ତାର ଧର୍ମ । କିନ୍ତୁ ମନେ ରଖ ଯଶୋଧାରା, ତୁମର ଭବିଷ୍ୟତକୁ କାହିଁକି ଜାଳି ପୋଡ଼ି ନଷ୍ଟ କରି ଦେଉଛ । ମୁଁ ତୁମପାଇଁ ସବୁ କିଛି କରିଦେବି । ଘର, ଗାଡ଼ି ଯାହା ତୁମେ ଚାହଁ, ଜୀବନକୁ ଉପଭୋଗ କରିବା ପାଇଁ ଅର୍ଥର ବହୁତ ପ୍ରୟୋଜନ ସେ କଥା ତୁମେ ଭୁଲିଯାଉଛ କାହିଁକି ? ଏ ଶୁଖିଲା ସ୍ୱାମୀ ପ୍ରେମରୁ କ'ଣ ତୁମକୁ ମିଳିବ ? ନିଅ ଦଶହଜାର ।

ଯଶୋଧାରା- ଆଜ୍ଞା ଆଜ୍ଞା ! ବର୍ତ୍ତମାନ ଦରକାର ନାହିଁ ।

Digitized by srujanika@gmail.com

ପ୍ରବୋଧ - ବର୍ତ୍ତମାନ ଦରକାର ନାହିଁ । ଭବିଷ୍ୟତକୁ ଦରକାରରେ ଆସିପାରେ । (ଦୀନବନ୍ଧୁ ଆସିଛି)

ଯଶୋଧାରା- ସାର୍, ଆପଣଙ୍କୁ ହୋମ ମିନିଷ୍ଟର ଡ଼କାଇ ପଠାଇଛନ୍ତି ।

ପ୍ରବୋଧ - ସେ ଗୋଟାଏ ରୀତିମତ ହେଡ଼ାକ୍ । ନଗଲେ ମୁହଁ ଶୁଖାଇ ବସିବେ । ତୁମେ ବସିଥାଅ । ମୁଁ ଘଣ୍ଟାକ ଭିତରେ ଆସୁଛି । (ଚାଲିଗଲେ) (ଯଶୋଧାରା ବସି କାନ୍ଦୁଥିଲା)

ଦୀନବନ୍ଧୁ - ଦିଦି, ଦିଦି. କାହିଁକି ଏଠି ବସିଛ ? ତୁମ ରୁମକୁ ଯାଅ । ଏଇଟା ଗୋଟାଏ ବଦମାସ୍ । ଏହାର ସମସ୍ତ କଥା ମୁଁ ଶୁଣିବାକୁ ପାଇଛି । ଗୋଟାଏ କାମୁକ ଲୋକର, ଦୟା ବୋଲି କିଛି ନଥାଏ । ସେ ଟଙ୍କା ଦଉଛି । ଧରି ପକାଅ ।

ଯଶୋଧାରା- ନାଁ ଭାଇ, ସେ ଟଙ୍କା ମୁଁ ଗ୍ରହଣ କରିବି ନାହିଁ ।

ପ୍ରବୋଧ - ଦରଖାସ୍ତ ଲେଖି, ସବୁ ଔଷଧ ବିଲ ସହିତ ଦାଖଲ କରିଦିଅ । ମୁଁ ଜାଣିଛି ତୁମେ କ'ଣ ? ତୁମେ ପ୍ରକୃତରେ ଦେବୀ । ଏ ଦୁନିଆକୁ ଭଲ କରି ଚିହ୍ନ ଭଉଣୀ । ଏଠାରେ ରକ୍ଷକ ଭକ୍ଷକ ହୁଏ । ମନୋରମା ହତ୍ୟାକାଣ୍ଡ ଏଇ ନିକଟରେ ଘଟିଗଲା । ଦୋଷୀ, ପ୍ରମାଣବିନା ନିର୍ଦ୍ଦୋଷ ହୋଇଗଲା । ତେବେ ଆଉ ଜଣେ ବି ବିଚାରପତି ବସିଛି । ଯେ ଦିନ, ରାତି କରୁଛି । ତୁମର କିଛି ହବ ନାହିଁ । ଟଙ୍କା ନିଅ । କାହିଁକି ଛାଡ଼ିବ ।

ଯଶୋଧାରା- ଭାଇ, ତୁମେ ମୋତେ ରକ୍ଷା କର । ଏ ଲୋକଟା ହାତରୁ ରକ୍ଷାକର । ଏହାର ମନ୍ଦ ଉଦ୍ଦେଶ୍ୟ ମୁଁ ବୁଝୁଛି ।

ଦୀନବନ୍ଧୁ - ତୁମକୁ ଭଗବାନ ରଖିବେ ଭଉଣୀ । ମୋର ତୁମପ୍ରତି ଗୋଟିଏ ଖରାପ ଧାରଣା ଥିଲା । ତାହା ଆଜି ଦୂର ହୋଇଗଲା ।

ଯଶୋଧାରା- ଭାଇ (କହି କାନ୍ଦୁଥିଲା)

ଦୀନବନ୍ଧୁ - ତୁମେ ନାରୀ ନୁହଁ ମା, ତୁମେ ନାରାୟଣୀ ।

- ଅନ୍ଧାର -

Digitized by srujanika@gmail.com

- ଚତୁର୍ଥ ଦୃଶ୍ୟ -

(ଯଶୋଧାରା ଘର । କାନ୍ଥଘଣ୍ଟାରେ ରାତି ୧୦ଟା ବାଜିଲା । ସିଦ୍ଧାର୍ଥ ଛୋଟେଇ, ଛୋଟେଇ ଯାଇ ପାଣି ପିଇଲେ । ପୁଣି ଆସି ବସିଲେ)

ସିଦ୍ଧାର୍ଥ - ରାତି ଦଶଟା ବାଜିଲା । ଯଶୋଧାରା ଏ ପର୍ଯ୍ୟନ୍ତ ଅଫିସରୁ ଫେରିଲା ନାହିଁ । କି କାମ କରୁଛି ସେ । ଦିନେ ମୁଁ ତାକୁ ନର୍ଦ୍ଦମାର ପଙ୍କ ଭିତରୁ ଉଦ୍ଧାର କରିଥିଲି । ମୁଁ ଜାଣିଥିଲି ଯଶୋଧାରା ନିର୍ଦ୍ଦୋଷ । ଭଗବାନ ମୋତେ ଏ ଦଣ୍ଡ ଦେଲେ କାହିଁକି ? କିଏ ମୋର ଅଛି ସେବା କରିବ । ଏ ଦୁନିଆଁରେ ବଞ୍ଚି ରହି ଲାଭ କ'ଣ ? କାହିଁକି ମୁଁ ବଞ୍ଚିବି । ଯଶୋଧାରା ଏ ଦଶ ଦିନ ଭିତରେ କୋଡ଼ିଏ ହଜାର ଆଣିଲା । ଏତେ ଟଙ୍କା ତାକୁ କିଏ ଦେଲା ? କାହିଁକି ବା ଦେଲା । ବୁଝିଲି ନାରୀ ମାୟାବିନୀ ସେ କାଳ ସର୍ପିଣୀ । ତା' ହାତରୁ ମରିବା ଅପେକ୍ଷା ମୁଁ ନିଜେ ବିଷଖାଇ ମରିଯିବି ।

(ଯଶୋଧାରା ଶୁଣୁଥିଲା) ମୁଁ ତାକୁ ପଚାରିବି । ସେ କାହିଁକି ମୋତେ ରଖିଛି । ତାର ରୂପ ଅଛି, ଯୌବନ ଅଛି । ଦେହ ବିକି ସେ ଯଥେଷ୍ଟ ରୋଜଗାର କରିବ ।

ଯଶୋଧାରା- (ଚିତ୍କାର କରିଛି ଯଶୋଧାରା) ସିଦ୍ଧାର୍ଥ, ତୁମେ ଏତେ ନୀଚ । ତୁମେ ମୋତେ ସନ୍ଦେହ କରୁଛ ? ମୋ ଚରିତ୍ର ଉପରେ ସନ୍ଦେହ କରୁଛ । ତୁମେ କ'ଣ ମୋ କଥା ବିଶ୍ୱାସ କରି ପାରୁନା । ବରଂ ଭଲ ହେବ ମୋର ଆତ୍ମହତ୍ୟା । କିନ୍ତୁ ତୁମକୁ ମୁଁ ଛାଡ଼ି ଯିବି କିପରି ? ସିଦ୍ଧାର୍ଥ, ତୁମେ ମୋତେ ବିଶ୍ୱାସ କର, ଯାହା ମୁଁ କହୁଛି ସବୁ ସତ । (କାନ୍ଦୁଥିଲା)

ସିଦ୍ଧାର୍ଥ - (ଛୋଟେଇ, ଛୋଟେଇ ଆସି) ଯଶୋଧାରା । କାନ୍ଦୁଛ ।

ଯଶୋଧାରା- କୁହ ସିଦ୍ଧାର୍ଥ, ତୁମେ ମୋ ଚରିତ୍ରକୁ ସନ୍ଦେହ କରୁଛ । ମୁଁ ଗଙ୍ଗାଜଳ ପରି ପବିତ୍ର । ତୁମେ ମୋର ଦେବତା । ସେହି ଦେବତାଙ୍କୁ ପୂଜା କରି ମୁଁ ସାରା ଜୀବନ କଟାଇଦେବି । ତୁମେ ମୋତେ ସନ୍ଦେହ କରନା ସିଦ୍ଧାର୍ଥ । ଯଦି ତୁମେ ଚାହଁ ମୁଁ ସେହି କୋଡ଼ିଏ ହଜାର

Digitized by srujanika@gmail.com

ଟଙ୍କା ଫେରାଇଦେବି । ଚାକିରି ଛାଡ଼ିଦେବି । କହ ସିଦ୍ଧାର୍ଥ, କହ । କାଲିଠାରୁ ମୁଁ ଆଉ ଅଫିସକୁ ଯିବି ନାହିଁ । ଅଫିସରଟା ମୋତେ ଯନ୍ତ୍ରଣା ଦେଉଛି । ରାତି ଦଶଟା ପର୍ଯ୍ୟନ୍ତ ଅଫିସରେ ବସି ରହୁଛି ଓ ମୋତେ ରହିବାକୁ ବାଧ କରୁଛି ।

ସିଦ୍ଧାର୍ଥ - ଯଶୋଧାରା, ତୁମ ମନରେ କଷ୍ଟ ଦେଇଥିବାରୁ, ମୁଁ ଅତି ମାତ୍ରାରେ ଲଜ୍ଜିତ । କହ ଯଶୋଧାରା, ମୋର ସେବା କରିବାକୁ ଏଠାରେ କିଏ ଅଛି । ହାତ ଚଳିଲା ନାହିଁ । ନହେଲେ କିଛି ଲେଖାଲେଖି କରିଥାନ୍ତି । କାହିଁକି ଏ ଦୁନିଆରେ ମୁଁ ବଞ୍ଚି ରହିବି । ଏ ଦୁନିଆ ଛାଡ଼ି ମୋର ଚାଲିଯିବା ଉଚିତ । (କାନ୍ଦିଚି)

ଯଶୋଧାରା- କାନ୍ଦନି ସିଦ୍ଧାର୍ଥ (ଆଖିରୁ ଲୁହ ପୋଛି) ମୋର ମଥାର ସିନ୍ଦୁର ପାଇଁ, ହାତର କାଚ ପାଇଁ ତୁମେ ବଞ୍ଚିରହିବ ସିଦ୍ଧାର୍ଥ । ଭିକ୍ଷାବୃତ୍ତି କରି ମୁଁ ତୁମକୁ ବଞ୍ଚାଇବି । ତୁମେ ମୋତେ ସନ୍ଦେହ କରନାହିଁ ସିଦ୍ଧାର୍ଥ । ମୋର କିଛି ଦୋଷ ନାହିଁ ।

ସିର୍ଦ୍ଧାର୍ଥ - ତୁମେ ସେ ଡ଼ିପାର୍ଟମେଣ୍ଟରୁ ଅନ୍ୟଆଡ଼େ ବଦଳି ହୋଇଯାଅ ଯଶୋଧାରା ।

ଯଶୋଧାରା- ସେ କ'ଣ ମୋତେ ଛାଡ଼ିଦବ । ହଇରାଣ କରିବା ତାର ଉଦ୍ଦେଶ୍ୟ । ମୋତେ ସସ୍‌ପେଣ୍ଡ କରିବାକୁ ସେ କେତେଥର ଧମକ ଦେଇ ସାରିଲାଣି ।

ସିର୍ଦ୍ଧାଥ - ହୋମ ମିନିଷ୍ଟରକୁ ଦେଖା କର । ତାଙ୍କୁ ସବୁକଥା କୁହ । ସେ ତୁମକୁ ଅନ୍ୟ ଡ଼ିପାର୍ଟମେଣ୍ଟକୁ ବଦଳି କରିଦେବେ ।

ଯଶୋଧାରା- କାହାକୁ କହିବି । କେଉଁଆଡ଼େ ଯିବି । ଯେତେ ହେଲେ ମୁଁ ଗୋଟିଏ ଝିଅ । ସମସ୍ତଙ୍କର ଲୋଲୁପ ଦୃଷ୍ଟି ମୋ ଉପରେ ।

ସିର୍ଦ୍ଧାଥ - ବରଂ ସବୁଠାରୁ ଭଲ ହେବ, ଭିଜିଲାନ୍‌ସ୍‌କୁ ରିପୋର୍ଟ କର । ମହିଳା କମିଶନରକୁ ଲେଖ । ତାହାର ମଜା ବାହାରିଯିବ ।

ଯଶୋଧାରା- ସେ ସବୁ ଅନ୍ୟ ପର୍ଯ୍ୟାୟ କଥା । ବର୍ତ୍ତମାନ ନୁହେଁ । ମୁଁ ତାକୁ ଉପଯୁକ୍ତ ଶାସ୍ତି ଦେବି । ଅନ୍ୟ କେହି ନୁହେଁ । ଦିନ ଆସିବ ସେ ଚିହ୍ନିବ, ମୁଁ କିଏ ? ସେ ଜାଣିବା ଦରକାର, ସାପଲାଙ୍ଗୁଡ଼ରେ ହାତ

Digitized by srujanika@gmail.com

ମାରିଲେ ତାର ଫଳ ଭୋଗିବାକୁ ହୁଏ । ମୁଁ ତାକୁ ସହଜରେ ଛାଡ଼ି ଦେବି ନାହିଁ ।

ସିର୍ଦ୍ଧାଥ - ତୁମେ କି ଜାଣିନ ପ୍ରିୟା
ମୋ ମନର କରୁଣ ବେଦନା
ସବୁ ଏ ସଂସାରେ
ଜାଣନା କି ସାଥୀ ତୁଛ ତୁମ ବିନା
ଦୁଃଖ ଦୁନିଆଁରେ ମୋର
ତୁମେ ମୋର ଏକମାତ୍ର ସାହା
ପାଶେ ତୁମେ ଥିଲେ ମୋର
କେବେ ମୁହିଁ ଭୁଲିବିନି ରାହା ।

ଯଶୋଧାରା- ଧନ୍ୟ କବି, ଧନ୍ୟ ତୁମର କବିତା ।
ତୁମବିନା ଲାଗେ ସବୁ ବିଷ ପିତା
ଅନ୍ଧାରରେ ତୁମେ ଅଟ ଆଲୋକ ବର୍ତ୍ତିକା ।
ସତ୍ୟ କହୁଛି ମୁଁ ସାଥୀ ନୁହେଁ ଏହା ମିଥ୍ୟା ।
ପ୍ରିୟତମ ମୋର, ତୁମେ ମୋତେ ପଙ୍କରୁ ଉଦ୍ଧାର କରିଛ
ତୁମେ ମୋତେ ପଙ୍କଜ କରିଛ,
ତୁମକୁ ଛାଡ଼ି ମୁଁ ବଞ୍ଚି କି ପାରେ ।
ମୋତେ ବିଶ୍ୱାସ କର ପ୍ରିୟ । (କାନ୍ଦିଛି)

ସିର୍ଦ୍ଧାଥ - ତୁମ ପାଇଁ ତ ମୁଁ ଆଜି ବଞ୍ଚିଛି ଯଶୋଧାରା । ସବୁ ଦୁଃଖ ତୁମ ପାଇଁ ମୁଁ ଭୁଲି ଯାଇଛି । ତେବେ ମନେରଖ ଯଶୋଧାରା ଏ ଜୀବନପଥ କଣ୍ଟକମୟ । ହାତେ ମାପି ଚାଖଣ୍ଡେ ଚାଲିବାକୁ ଚେଷ୍ଟାକର ।

(ଏଇ ସମୟରେ ବାହାରୁ ଶୁଭିଲା ଦୀନବନ୍ଧୁର କଣ୍ଠସ୍ୱର)

ଦୀନବନ୍ଧୁ - ଦିଦି ଘରେ ଅଛନ୍ତି ।

ଯଶୋଧାରା- କିଏ ଦୀନବନ୍ଧୁ । ଭିତରକୁ ଆସ । ଏତେ ରାତିରେ ଆସିଲ କାହିଁକି ?

ଦୀନବନ୍ଧୁ - (ପ୍ରବେଶି) ଦିଦି, ତୁମେ ତୁମର ପର୍ସ ଭୁଲି ଯାଇଥିଲ । ଏଥିରେ ଟଙ୍କା ଅଛି । ଏଭଳି ବାଉଳା ମନ ନେଇ କିଏ କ'ଣ କାମ କରେ ।

Digitized by srujanika@gmail.com

ଯଶୋଧାରା- ଆରେ ସତେତ ? ଏ କଥା ଏ ପର୍ଯ୍ୟନ୍ତ ମୋର ମନେ ନଥିଲା ।

ଦୀନବନ୍ଧୁ - ତୁମେ ଚିନ୍ତା କରନି ଦିଦି । କେତେଦିନ, କେତେରାତି ସେ ଆମକୁ ଯନ୍ତ୍ରଣା ଦେଉଥିବ । ମୁଁ ୟୁନିୟନକୁ ଦରଖାସ୍ତ କରିବି । ୮ ଘଣ୍ଟାରୁ ବେଶୀ କାମ କଲେ ଓଭରଟାଇମ୍ ଦବାକୁ ପଡ଼ିବ । ତୁମେ ମଧ ଆସୋସିଏସନକୁ ଗୋଟାଏ ଚିଠି ଲେଖି ପଠାଇ ଦିଅ । ଏହା ଉପରେ ସମସ୍ତେ ବିରକ୍ତ । ଶୁଣୁଥିଲି, ଏହାର ଅନ୍ୟ ଡ଼ିପାର୍ଟମେଣ୍ଟକୁ ଟ୍ରାନ୍ସଫର ହୋଇଯାଇପାରେ ।

ସିର୍ଦ୍ଧାଥ - ଯଶୋଧାରା, ଇଏ କ'ଣ ଦୀନବନ୍ଧୁ, ଇଏ ତୁମ ଧରମ ଭାଇ ।

ଦୀନବନ୍ଧୁ - ହଁ, ବାବୁ, ଦିଦିଙ୍କର ମୁଁ ସଖ୍ୟଭାଇ, ଧରମ ଭାଇ କାହିଁକି ହେବି । ଯେ ତାଙ୍କୁ କିଛି କହିବ, ମୁଁ ତା ମୁଣ୍ଡ ଫଟାଇଦେବି ।

(ଏଇ ସମୟରେ ସିଦ୍ଧାର୍ଥ ଛୋଟେଇ, ଛୋଟେଇ ଆସିଛି)

ସିଦ୍ଧାର୍ଥ - ଦୀନବନ୍ଧୁ ବାବୁ ।

ଦୀନବନ୍ଧୁ - ଦେଖ, ମୋତେ ପୁଣି ବାବୁ ଡ଼ାକୁଛନ୍ତି ।

ସିର୍ଦ୍ଧାଥ - ଭଉଣୀ ତୁମର ତୁମକୁ ଲାଗିଲା । ସେ ବଦମାସ୍‌ଟା।

ଦୀନବନ୍ଧୁ - କିଛି ଭୟ କରନ୍ତୁନି ବାବୁ ।

ସିର୍ଦ୍ଧାଥ - ଦୀନବନ୍ଧୁ, ଏତେ ରାତି ହେଲାଣି, ଏଠାରେ ଖାଇଦେଇ ଯାଅ ।

ଦୀନବନ୍ଧୁ - ନାଇଁ ବାବୁ ।

ଯଶୋଧାରା- କାହିଁକି ଭଉଣୀ ଘରେ ଖାଇବାରେ କ'ଣ ଦୋଷ ହୋଇଯିବ ।

ଦୀନବନ୍ଧୁ - ସାବିତ୍ରୀ ଅମାବାସ୍ୟା । ଭାର ନେଇ ଆସିବି । ସେଇଦିନ ଭଉଣୀ ଘରେ ଖାଇବି ।

ସିର୍ଦ୍ଧାଥ - ଶୁଣିଲ ଯଶୋଧାରା, ଦୀନବନ୍ଧୁଙ୍କର କଥା ।

ଦୀନବନ୍ଧୁ - କାହିଁକି ଭିଣୋଇବାବୁ, ଭଉଣୀ ଘରକୁ କ'ଣ ଅମାବାସ୍ୟା ବୋଝ ଦବା ପାପ । ଏଭଳି ଭଉଣୀଟିଏ କ'ଣ ମୋତେ ସାତ ଜନ୍ମରେ ମିଳିବ ?

ଯଶୋଧାରା- ସେ ଦିନ ନିଶ୍ଚୟ ଖାଇବ ତ ?

ଦୀନବନ୍ଧୁ - ମଲା, ଏଥିରେ କ'ଣ ସନ୍ଦେହ ଅଛି ।

ଯଶୋଧାରା- ଯାଅ ଦୀନବନ୍ଧୁ, ଘରକୁ ଚାଲିଯାଅ । ରାତି ବେଶୀ ହୋଇଗଲାଣି ।

Digitized by srujanika@gmail.com

ଦୀନବନ୍ଧୁ - ଯାଉଛି ବିବି, ତୁମେ ଖିଆପିଆ କର । ବୁଝିଲ ଭିଶୋଇବାବୁ, ସେ ହାକିମଟା ଦଶଟା ରାତି ପର୍ଯ୍ୟନ୍ତ ରଖୁଛି । ବିବିଙ୍କର କିଛି ଭୁଲ ନାହିଁ । ତୁମେ ଖରାପ ଭାବିବ ବୋଲି ମୁଁ କହିବାକୁଆସିଛି । ଆସୁଛି, ନମସ୍କାର । (ପ୍ରସ୍ଥାନ)

ଯଶୋଧାରା- ଶୁଣିଲ ସିଦ୍ଧାର୍ଥ, ଦୀନବନ୍ଧୁ କଥା ଶୁଣିଲ ।

ସିର୍ଦ୍ଧାଥ - ଆଉ ସେ ସବୁ କହି ମୋତେ ଲଜ୍ଜା ଦିଅନା । ପୁରୁଷ ଜାତିଟା ହିଁ ସନ୍ଦେହୀ ଜାତି । ସେଥିରୁ ମୁଁ ବାଦ୍ ପଡ଼ିବି ବା କିପରି ? ତୁମେ କ'ଣ ସେ କଥାକୁ ଆଉ ଧରିଛ ।

ଯଶୋଧାରା- ନା, ଆସ ଖାଇବ ।

- ଅନ୍ଧାର -

- ପଞ୍ଚମ ଦୃଶ୍ୟ -

(ପ୍ରବୋଧ ବାବୁର ଅଫିସ । ଯଶୋଧାରା ଆସିଛି)

ଯଶୋଧାରା- Sir, Goodmorning.

ପ୍ରବୋଧ - Very, Very Good Morning. You look very smart, what happened to you, extraordinary, beautiful.

ଯଶୋଧାରା- ନାଇଁ ସାର୍, ସେମିତି କିଛି ନାହିଁ ।

ପ୍ରବୋଧ - ନା, ନା ନିଶ୍ଚୟ କିଛି ଅଛି । Your dress, your lovely face. ଆଜି ମୋତେ ସବୁ ନୂଆ, .ନୂଆ ଲାଗୁଛି ।

ଯଶୋଧାରା- ଥରେ କହିଲି ସାର୍ ସେପରି କିଛି ନାହିଁ ।

ପ୍ରବୋଧ - ନିଶ୍ଚୟ, କିଛି ଅଛି । ତୁମେ ତ ସବୁବେଳେ ମୁହଁ ଶୁଖାଇଥାଅ । ତୁମେ ମୋତେ ପାଗଳ କରି ଦଉଛ । ତୁମେ ମୋତେ ଡ଼ାର୍ଲିଂ ବୋଲି ଡ଼ାକ ।

ଯଶୋଧାରା- ନା, ସାର ମୁଁ ଡ଼ାକି ପାଇବି ନାହିଁ ।

ପ୍ରବୋଧ - ମୁଁ ଦେଖୁଛି । ତୁମେ ଗୋଟେ
(ଏଇ ସମୟରେ ମନୋଜ ପ୍ରବେଶ କରିଛି)

ଯଶୋଧାରା- (ମନୋଜକୁ ଦେଖି ଚମକି ପଡ଼ିଲା) ସାର୍, ମୁଁ ଆସୁଛି । (ପ୍ରସ୍ଥାନ)

Digitized by srujanika@gmail.com

(ମନୋଜ ତାର ଯିବା ବାଟକୁ ଚାହିଁ ରହିଥିଲା)

ପ୍ରବୋଧ - You know this girl Mr. Monoj ?

ମନୋଜ - I know her very well sir,

ପ୍ରବୋଧ - ତୁମେ ତାକୁ କିପରି ଜାଣିଲ ?

ମନୋଜ - ଏ ମ୍ୟାଡ଼ାମ ଚାଟାର୍ଜିଙ୍କର Prostitute dareରେ ଥିଲା ।

ପ୍ରବୋଧ - ତା'ହେଲେ ଏ ଗୋଟାଏ Prostitute.

ମନୋଜ - ତା' ବି ନୁହେଁ ସାର୍ ।

ପ୍ରବୋଧ - ଏ ତ ବଡ଼ ସତୀ ବୋଲାଉଛି । ଯେତେ ଚେଷ୍ଟା କଲେ, ଏ ମୋ ହାତରେ ଧରା ପଡୁନି ।

ମନୋଜ - କୁଆଡ଼େ ଯିବ ସାର୍, ମୁଁ ତାର ବନ୍ଦୋବସ୍ତ କରିଦେବି ।

ପ୍ରବୋଧ - କିପରି ?

ମନୋଜ - ଯେଉଁଦିନ ଏ ଘରୁ ବାହାରି ଆସି, ବାଦାମବାଡ଼ି ବସଷ୍ଟାଣ୍ଡରେ ଅସହାୟ ହୋଇ ବୁଲୁଥିଲା, ମୁଁ ତାକୁ ଦେଖିଲି । ସେ ଦିନ ମୋର ଡ଼ିଉଟି ଥିଲା ନୂଆ ଝିଅ, ମ୍ୟାଡ଼ାମଙ୍କ ପାଇଁ ଅନୁସନ୍ଧାନ କରିବା । ଏ ଏହାର ଦୈନ୍ୟତା ନେଇ, ମୋ ଆଗରେ କାନ୍ଦିଲା । ମୁଁ ଚାକିରି ଦେବି କହି କାରରେ ବସାଇ ମ୍ୟାଡ଼ାମଙ୍କ ପାଖକୁ ନେଇ ଆସିଲି । ସେ ଦିନ ଗାଡିରେ ଜଣେ କୋଟିପତି ସାଇବ ଆସିଥାନ୍ତି । ତାଙ୍କର ଜିଦ ଏହାକୁ ଉପଭୋଗ କରିବେ । ମ୍ୟାଡ଼ାମ Whisky ପିଆଇଦେଲେ । ଏ Softdrink, କେବଳ Ladiesମାନଙ୍କ ପାଇଁ କହି ରାଜି କରାଇଲେ । ତାକୁ ବେହୋସ କରି ଦିଆଗଲା । ତାକୁ ଉଲଗ୍ନ କରି ତାର ଫୋଟ ମୁଁ ନେଲି । ଗ୍ରାହକ ଆସିଲାବେଳକୁ ପୋଲିସ ରେଡ଼ କଲା । କୋଟିମତି ଓ ଅନ୍ୟମାନେ ଧରାପଡ଼ିଲେ । ଅଚେତ ଅବସ୍ଥାରେ ଏହାକୁ ଥାନାକୁ ଅଣାଗଲା । ଚେତା ଫେରିବା ପରେ ପୋଲିସ ଏହାକୁ ଛାଡ଼ିଦେଇ ମହିଳା ଆଶ୍ରମରେ ରଖିଲା । ଅନାଥାଶ୍ରମର ଅଧକ୍ଷାଙ୍କ ଯୋଗୁଁ ଏ ଚାକିରି ପାଇଲା ।

ପ୍ରବୋଧ - Oh, I see. ତା' ହେଲେ ଏହାର naked photo ତୁମର ପାଖରେ ଅଛି ।

ମନୋଜ - Negative ଅଛି । ଯେତେ ଚାହିଁବେ ତାର କପି ମୁଁ ଦେଇପାରେ ।

Digitized by srujanika@gmail.com

ପ୍ରବୋଧ - ଏଥର କୁଆଡ଼େ ଯିବ । ତାକୁ ମୁଁ blackmail କରିବି ।
ମନୋଜ - ଯାହା ଆପଣଙ୍କର ଇଚ୍ଛା ।
ପ୍ରବୋଧ - ଏଇ ହଜାରେ ଟଙ୍କା ରଖ ।
ମନୋଜ - ଆମାଉଣ୍ଟଟା ଟିକିଏ କମ୍ ହୋଇଗଲା ସାର୍ ।
ପ୍ରବୋଧ - ଓଃ ଆଇ ସି ହଉ ଆଉ ହଜାରେ ଟଙ୍କା ନିଅ । ତୁମେ ଆସିଥିଲ କାହିଁକି ?
ମନୋଜ - ଆଜି ଗୋଟିଏ ଝିଅ ବାଲେଶ୍ୱରରୁ ଆସିଛି, ଚାକିରୀ ପାଇଁ । ଆମେ ଆପଣଙ୍କ କଥା ତାକୁ କହିଛୁ । ଆପଣ କହିବେ, ମୁଁ ଚାକିରୀ କରାଇଦେବି । ସେତିକି ମୋର କହିବାର କଥା ।
ପ୍ରବୋଧ - କୋଉଁଠି ବନ୍ଦୋବସ୍ତ କରୁଛ ।
ମନୋଜ - ଅଳକା ଟାୱାର ।
ପ୍ରବୋଧ - ଓକେ, ଓକେ, ମୁଁ ନିଶ୍ଚୟ ଆସିବି । ହଁ ସେ ଫୋଟଟା ମୋର ଲୋଡ଼ା । ମୋ ପାଇଁ ଭାଏଗ୍ରାର ବନ୍ଦୋବସ୍ତ କରିଥିବ ।
ମନୋଜ - ସାର୍ ବିଦେଶୀ ମାଲ ଆଜିକାଲି ମିଳୁନି । ଦେଶୀ । କିନ୍ତୁ ଭଲ କାମ ଦେଉଛି ।
ପ୍ରବୋଧ - ତୁମେ ଟେଷ୍ଟ କରିଛ ?
ମନୋଜ - ଖୁବ୍ କାମ କରୁଛି, ଆପଣ ମୋତେ ପରେ କହିବେନି ।
ପ୍ରବୋଧ - ଓକେ । ଫୋଟଟି ମୋର ନିହାତି ଦରକାର ।
ମନୋଜ - ମୁଁ ଆଜି ସଂଧ୍ୟାରେ ଆଣିଦେବି ସାର୍ ।
ପ୍ରବୋଧ - ଆଉ ଗୋଟିଏ କଥା । ଝିଅଟି ଭଲ ନାଚୁଛି । ନାଚ, ଗୀତର ବନ୍ଦୋବସ୍ତ କରିବା ।
ମନୋଜ - ଓକେ, ମ୍ୟାଡ଼ାମ ଚାଟାର୍ଜିଙ୍କୁ କହିଦେବ । ମୁଁ ଠିକ୍ ସମୟରେ ଆସିବି ।
ପ୍ରବୋଧ - ଏଥର କୁଆଡ଼େ ଯିବ ? ନାଁ କରିବାକୁଆଉ ତାର ସାହାସ ହବନି । (Calling ବେଲ୍ ଚିପିଲେ, ପ୍ରବେଶ କରିଛି ଦୀନବନ୍ଧୁ)
ଦୀନବନ୍ଧୁ - (ପ୍ରବେଶ) କୁହନ୍ତୁ ସାର୍ ।
ପ୍ରବୋଧ - ତୁମେ ଷ୍ଟେନୋ ମ୍ୟାଡ଼ାମ୍‌କୁ ଡାକ ।
ଦୀନବନ୍ଧୁ - ସେ ନାହାଁନ୍ତି ।

Digitized by srujanika@gmail.com

ପ୍ରବୋଧ - ନାହିଁ ? କୁଆଡ଼େ ଗଲା । ଅଫିସ ଛାଡ଼ି ଯାଉଛି କାହିଁକି ? ଯାହା ଦେଖା ଯାଉଛି...

(କିଛି ସମୟପରେ ଗୋଟାଏ ଦରଖାସ୍ତ ଧରି ଦୀନବନ୍ଧୁ ପହଞ୍ଚିଲା)

ଦୀନବନ୍ଧୁ - ତାଙ୍କର ଟେବୁଲ ଉପରେ ଏ ଦରଖାସ୍ତଟି ଥିଲା ।

ପ୍ରବୋଧ - କି ଦରଖାସ୍ତ ?

ଦୀନବନ୍ଧୁ - ପଢ଼ନ୍ତୁନା ସାର୍ ।

ପ୍ରବୋଧ - ମୋତେ ନ କହି ଛୁଟି ଦରଖାସ୍ତ ଦେଇ ଯାଇଛି । (ଦରଖାସ୍ତକୁ ଚିରି ଫିଙ୍ଗିଦେଲେ) ମୁଁ ଛୁଟି ଦେବି ନାହିଁ । ଆଜି Absent କରିବି । ଖାଲି Absent ନୁହଁ displinary action ନେବି । ମୋତେ ନ କହି ଚାଲିଯିବାର ଉଦ୍ଦେଶ୍ୟ କ'ଣ ?

ଦୀନବନ୍ଧୁ - ଆପଣ ତ ବିରାଡ଼ିକୁ ହାତ କାମୁଡ଼ା ଶିଖାଇଛନ୍ତି ।

ପ୍ରବୋଧ - (ରାଗି) ଦୀନବନ୍ଧୁ, ତୁ କ'ଣ କହୁଚୁ ଜାଣି ପାରୁନୁ ।

ଦୀନବନ୍ଧୁ - ଆପଣ ତାଙ୍କୁ ଡ଼କାଇ ଘଣ୍ଟା ଘଣ୍ଟା କଥାବାର୍ତ୍ତା କରୁଛନ୍ତି । ଅନ୍ୟମାନଙ୍କୁ ଆସିବାକୁ ମନା କରିଦେଉଛନ୍ତି । ମନ୍ତ୍ରୀ ଡ଼ାକିଲେ ଆପଣ ଗଲେନି । ମୁଁ ଷ୍ଟେନୋ ମ୍ୟାଡ଼ାମ୍‌ଙ୍କୁ କହିଲି, ସାହେବଙ୍କୁ ଦେଖା କରି ଯାଅ । ସେ କହିଲେ ଦେଇକି ଆ ସେ ମଞ୍ଜୁର କରି ଦେବେ ।

ପ୍ରବୋଧ - ଓଃ, ସେ ମଧ ମୋତେ ଅବମାନନା କରୁଛି । ତାକୁ ମୁଁ ଆଜି ସସ୍‌ପେଣ୍ଡ୍ କରୁଛି । ଆଉ ତୁମକୁ ମଧ ।

ଦୀନବନ୍ଧୁ - ମୋତେ କାହିଁକି ସାର୍ ।

ପ୍ରବୋଧ - ତୁମେ ମୋ ବିରୁଦ୍ଧରେ ତୁମ ୟୁନିୟନକୁ ରିପୋର୍ଟ କରିଛ ।

ଦୀନବନ୍ଧୁ - ରିପୋର୍ଟ କରିନି ସାର୍ । ୟୁନିୟନ ମୋତେ ପଚାରିଲା, କେତେ ସମୟ ଅଫିସ୍‌ରେ କାମ କରୁଛ । ମୁଁ କହିଲି ରାତି ଦଶଟା ପର୍ଯ୍ୟନ୍ତ । ୟୁନିୟନ କହିଛି, ସଂଧ୍ୟା ୬ଟା ହେଲେ ଅଫିସ ଛାଡ଼ି ଚାଲିଯିବାକୁ ।

ପ୍ରବୋଧ - ତୁ କ'ଣ କହୁନୁ ?

ଦୀନବନ୍ଧୁ - ୟୁନିୟନ ଯାହା କହିବ । ତାକୁ ଆମେ ମାନିବୁନା ସାର୍ ।

ପ୍ରବୋଧ - ତୁ ତା'ହେଲେ ୬ଟା ପରେ ଅଫିସ ଛାଡ଼ି ଚାଲିଯିବୁ ।

ଦୀନବନ୍ଧୁ - ନିଶ୍ଚୟ ସାର୍ ।

Digitized by srujanika@gmail.com

ପ୍ରବୋଧ - ତୁ ତ ଏକଥା ମୋତେ କହିନୁ ।
ଦୀନବନ୍ଧୁ - କହିବି କ'ଣ ସାର, ୟୁନିୟନ ସର୍କୁଲାର ନିଷ୍ପତ୍ତି ଆପଣଙ୍କ ପାଖକୁ ଆସିଥିବ ।
ପ୍ରବୋଧ - ନା, ମୋ ପାଖକୁ କିଛି ଆସିନି ।
ଦୀନବନ୍ଧୁ - ଅପେକ୍ଷା କରନ୍ତୁ, ଆସିଯିବ ସାର୍ ।
ପ୍ରବୋଧ - ମୁଁ କହୁଛି, ମୁଁ ଥିଲା ପର୍ଯ୍ୟନ୍ତ, ତୁମେ ଅଫିସ ଛାଡ଼ି ଯାଇ ପାରିବ ନାହିଁ ।
ଦୀନବନ୍ଧୁ - ମୁଁ ନିଶ୍ଚୟ ଯିବି ସାର୍ ।
ପ୍ରବୋଧ - ମୁଁ ତୁମକୁ ସସ୍‌ପେଣ୍ଡ କରିବି ।
ଦୀନବନ୍ଧୁ - କରନ୍ତୁ ସାର୍ । ତା'ପରେ କ'ଣ ହେବ ଆପଣ ଦେଖିବେ ।
ପ୍ରବୋଧ - ତୁ ମୋତେ ଧମକ ଦେଉଛୁ ।
ଦୀନବନ୍ଧୁ - ରାତି ସାତଟା ବାଜିଲାଣି । ମୁଁ ଯାଉଛି ସାର୍ । (ଚାଲିଗଲା)
ପ୍ରବୋଧ - (ବ୍ୟସ୍ତ ହୋଇ ପଡ଼ିଲେ ।) ଅଫିସରେ ଜଣେ କିଏ ହେଲେ ରହିଲେ ନାହିଁ ।

(ମଞ୍ଚ ଅନ୍ଧାର । ଆଲୋକ ଆସିବା ବେଳକୁ ଦୀନବନ୍ଧୁ ଠିଆ ହୋଇଥିଲା । ଯଶୋଧାରା ପ୍ରବେଶ କରିଛି)

ଦୀନବନ୍ଧୁ - କୁଆଡ଼େ ଯାଉଛ ଦିଦି ?
ଯଶୋଧାରା- ମୁଁ ସାହେବଙ୍କୁ ଦେଖା କରିବି ।
ଦୀନବନ୍ଧୁ - ଯାଆନି ଦିଦି, ମୁଁ ତା' ସହିତ ବର୍ତ୍ତମାନ ଝଗଡ଼ା କରି ଆସିଛି । ସେ ତୁମକୁ ସସ୍‌ପେଣ୍ଡ କରିବ ।
ଯଶୋଧାରା- ସସ୍‌ପେଣ୍ଡ କରିବ ? ତାର ସସ୍‌ପେଣ୍ଡ କରିବାକୁ ସାହାସ ଅଛି । କାହିଁ ସେ କନ୍ତୁ, ଦୀନବନ୍ଧୁ ।
ଦୀନବନ୍ଧୁ - ଦିଦି,
ଯଶୋଧାରା- ଦେଖି ଆସିବ ଅଫିସରେ କିଏ ଅଛି ?
ଦୀନବନ୍ଧୁ - ମୁଁ ଆସିବାବେଳେ ସେ ଲୋକଟା, ସେ ସାହେବ ସହିତ ୩ ଘଣ୍ଟା ଧରି କଥାବାର୍ତ୍ତା କରୁଥିଲା ।
ଯଶୋଧାରା- ଓଃ, ସେ ବଦମାସ୍‌ଟା ।

Digitized by srujanika@gmail.com

ଦୀନବନ୍ଧୁ - ତାକୁ ତୁମେ ଚିହ୍ନିଚ ଦିଦି ?

ଯଶୋଧାରା- ସେ ଗୋଟାଏ ବ୍ରୋକର । ତାର କାମ ଅଫିସରମାନଙ୍କୁ ଝିଅ ଯୋଗାଇବା ।

ଦୀନବନ୍ଧୁ - ବୁଝିଲି, ସେ ଥରେ ତୁମେ କେଉଁଠି ରହୁଚ, ମୋତେ ସାଥୀରେ ନେଇଚାଲ ବୋଲି ବହୁତ କହିଥିଲା । ଏ ତ ବହୁତଥର ସାହେବ ପାଖକୁ ଆସୁଛି ।

ଯଶୋଧାରା- ସେ ତ ତାର ବ୍ୟବସାୟ ।

ଦୀନବନ୍ଧୁ - ହେ ଭଗବାନ, ଏ ଲୋକଗୁଡ଼ାକୁ ଶୁଭବୁଦ୍ଧି ଦିଅ । ଜଣେ ହାକିମ । କେତେବଡ଼ ଅଫିସର । ଟଙ୍କା, ପଇସା ଯଥେଷ୍ଟ ଅଛି । ସମାଜର ସେ କେତେ ସେବା କରନ୍ତା । ସେ ଆଜି କରୁଛି କ'ଣ ? ଝିଅମାନଙ୍କ ଇଜ୍ଜତ୍ ଲୁଣ୍ଠନ କରୁଛି । ଏଇମାନେ ସମାଜର ବଡ଼ ପଣ୍ଡା । ଏମାନଙ୍କର ମା' ଭଉଣୀ ବୋଲି କିଛି ନାହିଁ ଦିଦି, ତୁମେ ଚାଲିଯାଅ । ଆମ ୟୁନିୟନ ଛ'ଟା ପର୍ଯ୍ୟନ୍ତ ରହିବାକୁ କହିଛି । ତୁମେ ୟୁନିୟନକୁ ଦରଖାସ୍ତ କର ।

- ଅନ୍ଧାର -

- ଷଷ୍ଠ ଦୃଶ୍ୟ -

(ସିଦ୍ଧାର୍ଥ ବସିଥିଲେ । ମନରେ ଅସରନ୍ତି ଭାବନା । ଯଶୋଧାରାଙ୍କର ଅନୁପସ୍ଥିତିକୁ ସେ ବିଶେଷ ଭାବରେ ଉପଲବ୍ଧି କରୁଥିଲେ ।)

ସିଦ୍ଧାର୍ଥ - ଯଶୋଧାରା କୁଆଡ଼େ ଗଲା, ସକାଳୁ ସେ ଚାଲିଯାଉଛି କୁଆଡ଼େ ? ତାକୁ ଆସିଲେ ମୁଁ ପଚାରିବି, ସେ ଯଦି ମୋର ଉପସ୍ଥିତି ଚାହେଁନି, ମୁଁ ତା'ହେଲେ ଘରୁ ଚାଲିଯିବି ।
(ପ୍ରବେଶ କରିଛି ଯଶୋଧାରା)

ଯଶୋଧାରା- ମୋର ଟିକିଏ ଡ଼େରି ହୋଇଗଲା । ତୁମ ପାଇଁ କିଛି କରିପାରିନି । ତୁମେ କ'ଣ ଗରମ ପାଣି ଗାଧୋଇବ ନା ଥଣ୍ଡା ପାଣି ।

ସିଦ୍ଧାର୍ଥ - ମୁଁ କ'ଣ କରିବି, ସେଥିପାଇଁ ତୁମର ଚିନ୍ତା କାହିଁକି ? ସକାଳୁ ଚାଲିଯାଅ ଯେ, ରାତି ଦଶଟାକୁ ଆସ । ମୋ କଥାରୁ ତୁମକୁ କ'ଣ ମିଳିବ । ଗୋଟାଏ କିଛି ବାହାନା ଆଣି ଥୋଇବ । କେତେ

Digitized by srujanika@gmail.com

ବା କହିବି । କେତେ କଳି କରିବି । ଏ ତ ନିତି ଦିନିଆ କଥା ହୋଇଗଲା ।

ଯଶୋଧାରା- ଯାହା ପାରିବ ତାହା କହିଯାଅ । ତୁମେ କ'ଣ ଭାବୁଛ ମୁଁ ଜଣେ ରୂପଜୀବୀ ? ତୁମର ଧାରଣା କ'ଣ, ମୋତେ ଖୋଲି କହୁନାହଁ କାହିଁକି ? କଥା କଥାକେ ତ ଉଲୁଗୁଣା ଦଉଛ ।

ସିଦ୍ଧାର୍ଥ - ତୁମକୁ କହି ଲାଭ କ'ଣ ଅଛି ? କେତେଥର ତୁମକୁ କହିବି । ମୋର ବନ୍ଦୋବସ୍ତ କରି ତୁମେ ଯୁଆଡ଼େ ଯାଅ । ଦାନ୍ତ ଘଷିବାକୁ ପାଣି ଗ୍ଲାସେ ଦରକାର । ତା'ତ ମୁଁ ଆଣି ପାରିବି ନାହିଁ । ମୋତେ ଜଣେ ଯୋଗାଇ ଦେବାକୁ ପଡ଼ିବ । ତୁମର କ'ଣ ସେଥିପ୍ରତି ଦୃଷ୍ଟି ଅଛି ।

ଯଶୋଧାରା- ମତେ କ୍ଷମା କରିଦିଅ ସିଦ୍ଧାର୍ଥ । ମୋର ଭୁଲ୍ ହୋଇଗଲା ।

ସିଦ୍ଧାର୍ଥ - ସବୁବେଳେ ଗୋଟିଏ କଥା । ମୋତେ କ୍ଷମା କରିଦିଅ । ରାତି ଦଶଟାକୁ ଆସୁଥିଲ । ପଚାରିଲେ କହୁଥିଲ, ସାହେବ ବାଧ କରୁଛି । ଏବେ ତ ଠିକ୍ ସମୟରେ ଆସୁଛ । ସାହେବ ତୁମକୁ କିଛି କହୁନି । ଯଶୋଧାରା, ଏ ସବୁ ବାହାନା କରିବାର ଉଦ୍ଦେଶ୍ୟ କ'ଣ ? ମୁଁ ପଚାରୁଛି, ତୁମେ ମୋତେ ମିଛ କହୁଛ କାହିଁକି ? ତୁମର ଅନ୍ନ, ଜଳରେ ପ୍ରତିପାଳିତ ହେଉଛି ବୋଲି ତୁମର ମୋ ପ୍ରତି ଏ ମନୋଭାବ । ମୁଁ ଘର ଛାଡ଼ି ଚାଲିଯିବି । ଏଠାରେ ଆଉ ମୁହୂର୍ତ୍ତେ ରହିବି ନାହିଁ । ଡ଼ାକ୍ତର ଟଙ୍କା ମାଗୁଥିଲେ । ନ ଦେଲେ ଚିକିତ୍ସା ବନ୍ଦ କରିଦେବେ । ତୁମକୁ ୩ ଥର କହିଲି, ତୁମେ ନ ଶୁଣିଲା ପରି ରହୁଚ । ମୋର ଚିକିତ୍ସା ଖର୍ଚ୍ଚ ସରକାର ପରା ଦେବେ । ଅଗ୍ରୀମ ଆଣୁନାହଁ କାହିଁକି ?

ଯଶୋଧାରା- କ'ଣ କହି ମୁଁ ତୁମକୁ ବୁଝାଇବି ସିଦ୍ଧାର୍ଥ । ତେଣେ ଅଫିସରର ବଦମାସି, କେତେ ବା ସହ୍ୟ କରିବି । ଏଣେ ତୁମର ଯନ୍ତ୍ରଣା । ମୁଁ ସ୍ୱୀକାର କରୁଛି, ତୁମେ ମୋତେ ନରକରୁ ଉଦ୍ଧାର କରିଛ । ତୁମେ ମୋତେ ନବ ଜୀବନ ଦେଇଛ, ତୁମ ନିକଟରେ ମୁଁ ଚିର ଋଣୀ । ତା'ବୋଲି ଯେତେ ଇଚ୍ଛା ମୋ ଉପରେ ଅତ୍ୟାଚାର କରିବ ? କାହିଁକି ? ମୋର ଅପରାଧ କ'ଣ ? (କାନ୍ଦୁଥିଲା) ତୁମେ ତ

Digitized by srujanika@gmail.com

ଜାଣ ମୋର ସାଙ୍ଗ ରୀନାର ପୁଅର ଦେହ ଅସୁସ୍ଥ । ସେ ସକାଳେ ଆସି ମୋତେ ଡ଼ାକିଲା । ତୁମେ ଶୋଇଥିଲ । ମୁଁ ଭାବିଲି, ଶୀଘ୍ର ଯାଇ ଚାଲି ଆସିବି । ତାର ପୁଅ ମୋତେ ଦେଖି ଛାଡ଼ିଲାନି । ଆଣ୍ଟି ମୋ ପାଖରେ ବସ ବୋଲି କାନ୍ଦିଲା । ବାଧ୍ୟ ହୋଇ ତାକୁ କିଛି ସମୟ ପାଇଁ ଧରି ବସିଲି । ମୁଁ ଜାଣିଥିଲି, ତୁମେ ମୋ ଉପରେ ବିରକ୍ତ ହେଉଥିବ । ତୁମେ କହ ସିଦ୍ଧାର୍ଥ, ମୋର ତ ପୁଣି ସାଙ୍ଗସାଥୀ ଅଛନ୍ତି । ମୁଁ ତ ଜଣେ ସାମାଜିକ ଜୀବ । ସମାଜକୁ ଛାଡ଼ି ମୁଁ ତ ବଞ୍ଚି ପାରିବି ନାହିଁ ।

ସିଦ୍ଧାର୍ଥ - ମୁଁ ତ ମନା କରୁନି । ତୁମେ ତୁମ ସମାଜକୁ ନେଇ ବଞ୍ଚିରୁହ । ମୋତେ ବିଦାୟ ଦିଅ । ମୋ ଭାଗ୍ୟକୁ ଆଦରି ବଞ୍ଚିବି ।

ଯଶୋଧାରା- ତୁମେ ଏ କଥା କହିପାରୁଛ ସିଦ୍ଧାର୍ଥ । ତୁମ ପାଇଁ ସାହେବର କଥା ନ ମାନି ସଂଧ୍ୟାବେଳକୁ ଚାଲି ଆସୁଛି । ସେ ମୋ ଉପରେ ଖପ୍ପା । ହଜାର ଥର କହିଲିଣି, ମୋତେ ଅନ୍ୟ ଡ଼ିପାର୍ଟମେଣ୍ଟକୁ ବଦଳି କର । ସେ ଶୁଣୁନି । ମୁଁ ଭାବୁଛି ମନ୍ତ୍ରୀକୁ ଯାଇ କହିବି । ସେ ଯଦି ନ ଶୁଣିବ, ଇସ୍ତଫା ଦେଇଦେବି । ତେବେ ବଞ୍ଚିବି କିପରି ? ମୋର ଏ ଅସହାୟ ଅବସ୍ଥାକୁ ତୁମେ ବୁଝିବାକୁ ଚେଷ୍ଟାକର ସିଦ୍ଧାର୍ଥ । ମୋର କିଛି ଦୋଷ ନାହିଁ, ମୁଁ ନିର୍ଦ୍ଦୋଷ । ମୋତେ ଯେଉଁ ରାଣପକାଇ ଶପଥ କରିବାକୁ କହିବ, ମୁଁ ତାକରିବାକୁ ପ୍ରସ୍ତୁତ ଅଛି । ଜୀବନଟା ମୋର ଅତିଷ୍ଠ ହୋଇ ପଡ଼ିଲାଣି । ଏଣେ ତୁମର ଗାଳି, ସନ୍ଦେହ, ତେଣେ ଅଫିସରର ନିର୍ଯ୍ୟାତନା । ମୁଁ ସମ୍ଭାଳି ପାରୁନି ସିଦ୍ଧାର୍ଥ । (କାନ୍ଦୁଥିଲା) ମୋତେ ମରିବାକୁ ଦିଅ ।

ସିଦ୍ଧାର୍ଥ - କାନ୍ଦି ଲାଭ କ'ଣ ଅଛି ଯଶୋଧାରା, ମୁଁ ଆଉ ତୁମକୁ କିଛି କହିବିନି । ଯାଅ, ତୁମର ନିତ୍ୟକର୍ମ କର । ବଙ୍ଗଳାରେ ଗୋଟିଏ ପ୍ରବାଦ ଅଛି ଜାଣ ଯଶୋଧାରା - 'ଅଭାଗା ଯେଖାନେ ଯାଏ, ସାଗରେର ଜଳ ଶୁଖିଆ ଯାଏ ।' ସମସ୍ତେ ମୋତେ ଶୋଷଣ କରିବାକୁ ଚାହାନ୍ତି । 'ଅଗ୍ନିପଥ'ର ଇଂରାଜୀ ଅନୁବାଦ ହେଲା । ତାର ରୟାଲଟି ଦବାକୁ ପବ୍ଲିଶର ଭୁଲିଗଲା । ଅନ୍ତତଃ କିଛି ଟଙ୍କା

Digitized by srujanika@gmail.com

ତ ଆସି ଯାଉଥାନ୍ତା । ଯାଅ ଯଶୋଧାରା । ତୁମ କାମ ତୁମେ କର ତୁମକୁ ମୁଁ ଆଉ କିଛି କହିବି ନାହିଁ ।

ସୁଖ, ସୁଖ ବୋଲି   ବାଉଳି ହୋଇଲେ
ସୁଖ ବା ମିଳିବ କାହୁଁ
ଜୀବନଟା ଯାର   ଦୁଃଖରେ ଗଢ଼ା
ସବୁ ଦୁଃଖ ସେହି ସହୁ ।

ଯଶୋଧାରା କି ପାପ କରିଥିଲି ଯେ, ଭଗବାନ ମୋ ପ୍ରତି ନିଷ୍ଠୁର ହେଲେ । ମୋତେ ଏ ଦଣ୍ଡ ଦେଲେ । ମୁଁ ତ ରୋଜଗାର କରୁଥିଲି । ତୁମ ଉପରେ ବୋଝ ହୋଇ ରହିଥାନ୍ତି କାହିଁକି ? (କାନ୍ଦିଲେ)

କାନ୍ଦି, କାନ୍ଦି ତୁମେ   ମଥା ପିଟିଦେଲେ
ଭାଗ୍ୟ କି ବଦଳି ଯାଏ
ଯାହା ଭାଗ୍ୟେ ଥିବ   ଅବଶ୍ୟ ଘଟିବ
ଅନ୍ୟଥା କେବେ ନ ହୁଏ ।

ଯଶୋଧାରା- ଭାବିଲେ କ'ଣ ହେବ ଆସ ନିତ୍ୟକର୍ମ ସାରିଦିଅ । ମୁଁ ରାନ୍ଧିଦେବି ଖାଇନିଅ । ମୁଁ ଆଜି ଅଫିସ ଯିବିନି ।

ସିଦ୍ଧାର୍ଥ - କାହିଁକି ଅଫିସ ଯିବନି ।

ଯଶୋଧାରା- ମୁଁ ଭାବୁଛି, ଚାକିରୀ ଛାଡ଼ିଦେଇ, ତୁମ ପାଖରେ ସବୁବେଳେ ରହିବି ।

ସିଦ୍ଧାର୍ଥ - ବଞ୍ଚିବା କିପରି ?

ଯଶୋଧାରା- ଯେ ଦୁନିଆକୁ ଆମକୁ ପଠାଉଛି, ସେ ଆମର ବଞ୍ଚିବାର ବନ୍ଦୋବସ୍ତ କରିଦେବନି । ଏଥିପାଇଁ ଚିନ୍ତା କରନି । ପଶୁ, ପକ୍ଷୀ ଏମାନେ ତ ଖାଦ୍ୟ ପାଇଁ ଚିନ୍ତା କରୁ ନାହାନ୍ତି । ତୁମେ କାହିଁକି ଚିନ୍ତା କରୁଛ ? ମୋ ପ୍ରିୟ ପାଖରେ ମୁଁ ସବୁବେଳେ ରହିବି । ସେଇଥିରେ ମୋର ଆନନ୍ଦ, ସେଇଥିରେ ମୋର ମୁକ୍ତି ।

ଜିଇଁବା ଏକାଠି   ମରିବା ଏକାଠି
ପ୍ରେମର ଏହା ଧରମ
ସେଥିପାଇଁ ଚିନ୍ତା   କାହିଁକି କରୁଛ
ପାଶେ ଛନ୍ତି ଭଗବାନ

Digitized by srujanika@gmail.com

ସିଦ୍ଧାର୍ଥ - ଯଶୋଧାରା । (ଆଲିଙ୍ଗନ କରିବାକୁ ଚେଷ୍ଟା କଲେ, ଯଶୋଧାରାକୁ ଭିଡ଼ି ଧରିଛନ୍ତି ।)

- ଅନ୍ଧାର -

- ସପ୍ତମ ଦୃଶ୍ୟ -

(ରାସ୍ତା । ମ୍ୟାଡ଼ାମ ଚାଟାର୍ଜି ଛତା ଟାଣି ଆସୁଥିଲେ । ବିପରୀତ ଦିଗରୁ ଦେଖାଦେଇଛି ମନୋଜ)

ମନୋଜ - ମ୍ୟାଡ଼ାମ, ସରୋଜିନୀଆଜି ୪ଟା ବେଳେ ପହଞ୍ଚିବ । ତାର ସ୍କୁଲ ଶିକ୍ଷୟିତ୍ରୀ ତାକୁ ସାଙ୍ଗରେ ଧରି ଆସୁଛନ୍ତି । ଆଜି ରାତିରେ ଅଳକା ଟାଓ୍ୱାରର ରୁମ୍ ମୁଁ ବୁକ୍ କରି ସାରିଛି ।

ମ୍ୟାଡ଼ାମ - ଠିକ୍ ଆଛେ । ପ୍ରବୋଧ ବାବୁ କି ବଲିଲା ।

ମନୋଜ - ସେ ପାଞ୍ଚହଜାର ଟଙ୍କା ଦେଇଛନ୍ତି ।

ମ୍ୟାଡ଼ାମ - ଆମି ଆର ଏ କାଜ କରବୋନା । ଆମାକେ ଭାଲ ଲାଗଛେନା ।

ମନୋଜ - କାହିଁକି ମ୍ୟାଡ଼ାମ, ଭାତକୁ ଲାତ ମାରିଦେବେ କାହିଁକି ?

ମ୍ୟାଡ଼ାମ - ପୁଲିସ୍ ଆମାର ବାଡ଼ି ବାରବାର ସର୍ଚ୍ଚ କରଛେ । ଯା ଆମାକେ ଭାଲ ଲାଗୁନି ।

ମନୋଜ - ମନ୍ତ୍ରୀଠାରୁ ଅଫିସର ପର୍ଯ୍ୟନ୍ତ, ଆପଣଙ୍କୁ ଭାରୀ ପ୍ରଶଂସା । ସେମାନେ ସବୁବେଳେ ମ୍ୟାଡ଼ାମ, ମ୍ୟାଡ଼ାମ ହଉଛନ୍ତି । ପଚାରୁଛନ୍ତି ମ୍ୟାଡ଼ାମ ଆଉ ନୂଆ ମାଲ ଆଣିଲେ କି ?

ମ୍ୟାଡ଼ାମ - କିନ୍ତୁ ମନୋଜ, ପୋଲିସ ଜୁଲୁମ ବେଲେ, ତାରାକି ପିଠିରେ ପଡ଼ଛେ । ତୁମେ ଘରକୁ ଆସ । କଥା ହେବା ।

ମନୋଜ - ମ୍ୟାଡ଼ାମ, ଯେଉଁ ଝିଅଟି ଆସୁଛି, ଭଲ ଓଡ଼ିଶୀ ଡ୍ୟାନ୍ସ ଜାଣେ । ସମସ୍ତଙ୍କୁ ... ଆଜି ଗୋଟେ ନାଚରେ ବନ୍ଦୋବସ୍ତ ହେଉ ।

ମ୍ୟାଡ଼ାମ - ତା' ହତେ ପାରେ । କିନ୍ତୁ ସେକ୍ସ ବ୍ୟବସାୟ । ଆମି ଆଉ କରବୋନା ? ଆଚ୍ଛା ମନୋଜ ବାବୁ,

ମନୋଜ - ମ୍ୟାଡ଼ାମ ।

ମ୍ୟାଡ଼ାମ - ଯେଉଁ ମେୟେମାନଙ୍କର ନେକେଡ଼ ଫୋଟ ନେଗେଟିଭ୍ ଛିଲ, ତାର ଭିତର ଏକଟା ଦେଖା ଯାଚ୍ଛେନା । ଯେ ମେୟେଟା ବର୍ତ୍ତମାନ

Digitized by srujanika@gmail.com

ପ୍ରବୋଧ ବାବୁର ନିକଟ କାଜ୍ କରେ ସେଇ ମେୟେଟାର ନାମ କି ? ହାଁ ଯଶୋଧାରା । ତାର ନେଗେଟିଭ୍ଟା କୋଥାଏ ଗେଲ ।

ମନୋଜ - ମୁଁ କିମିତି କହିବି ମ୍ୟାଡ଼ାମ ।

ମ୍ୟାଡ଼ାମ - ଆମାର ବୋଲାର ଉଦ୍ଦେଶ୍ୟ ହଲ, ସେ ଝିଅଟି ବି.ଏ କରେଛେ । ତାର ସ୍ୱାମୀ ଯଦି ସେ ଫୋଟ ପାଏ, ମେୟେଟାର ଭବିଷ୍ୟତ ଅନ୍ଧକାର ହୟେଯାବେ ।

ମନୋଜ - ସେ ଝିଅଟା ଗୋଟାଏ ବଦମାସ ।

ମ୍ୟାଡ଼ାମ - ବଦମାସ୍ କିମିତି ହେଲା ? ତୁମର ହାତରୁ ସେ ଖସି ଚାଲିଗଲା ।

ମନୋଜ - ଆପଣ ତ ଏପରି କହୁଛନ୍ତି । ବ୍ୟବସାୟ ବନ୍ଦ କରିଦେବାକୁ କ'ଣ ସ୍ଥିର କରି ସାରିଲେଣି ?

ମ୍ୟାଡ଼ାମ - Nasty Business. ତୁମର ଇନ୍‌କମ୍ ଠାରୁ ଖର୍ଚ୍ଚ ଅଧିକ । ପ୍ରତି ମାସରେ ପୋଲିସ ନିଏ ଦଶ ହଜାର । ତା' ବାଦେ ଚଢ଼ାଉ । କେନ କରିବ, ବଲ୍‌ତ ?

ମନୋଜ - ମାସିକ ଚାନ୍ଦା ନେଇ ପୋଲିସ ରେଡ୍ କରୁଛି ।

ମ୍ୟାଡ଼ାମ - ସେ ତ ନିଶ୍ଚୟ କରିବ । ସେଇଟା ତାର Duty । କେତେଥର ସେ ଗିରଫ ନ କରିଛି । କିନ୍ତୁ ଦଫା କୋହଳ ।

ମନୋଜ - ଛାଡ଼ନ୍ତୁ ସେ କଥା । ଆଜି ରାତି କଥା ଦେଖନ୍ତୁ ।

ମ୍ୟାଡ଼ାମ - ଆଜ ରାତ୍ରେ ଆମାର ବାଡ଼ିତେ ଜଲସା ଘର ହବେ । ବାସ୍ ସେତିକି । ବାକୀ କାମ ତୁମର । ତୁମେ କ'ଣ କରୁଛ କର ।

ମନୋଜ - ଆପଣ ଏପରି କହିଲେ ମୁଁ କ'ଣ କରିବି ?

ମ୍ୟାଡ଼ାମ - ମନୋଜ ବାବୁ, ଆପଣ ଯାହା କରବେ, କରନ୍ତୁ । ଆମାକେ ଆର ବୋଲୁନ ନା ।

ମନୋଜ - ମ୍ୟାଡ଼ାମ, ମୁଁ ପ୍ରାର୍ଥନା କରୁଛି, ଆପଣ ଆଉ ଏପରି କହନ୍ତୁ ନାହିଁ । ଆପଣଙ୍କଠାରୁ ଏପରି କଥା ଶୁଣିଲେ ମୋର ହାର୍ଟଫେଲ୍ ହୋଇଯିବ ।

ମ୍ୟାଡ଼ାମ - ଦୂରେଗେଲ ମନୋଜବାବୁ । ତୋମରା ଏ ବ୍ୟବସାୟ କର । ଆମାକେ ବିଶ୍ରାମ ଦାଅ ।

Digitized by srujanika@gmail.com

ମନୋଜ - ଆପଣ ଚାଲି, ଚାଲି କୁଆଡ଼େ ଯାଉଛନ୍ତି ? ଆପଣଙ୍କର କାର୍ ?

ମ୍ୟାଡ଼ାମ - ଛି, କତ କାରତେ ବୁଲିବ । ଏକଟୁ ହେଟେ ହେବେ ଗେଲେ ଭାଲ ଲାଗୁଛି । ଆଚ୍ଛା ତୁମେ ଯାଅ । ମୁଁ ଆସୁଛି । (ଚାଲିଗଲା)

ମନୋଜ - କହିଲା କ'ଣ ନା ବ୍ୟବସାୟ ଛାଡ଼ିଦେବ । ବୁଢ଼ା ବେଶ୍ୟା ତପସ୍ୱିନୀ । ତୁ ଛାଡ଼ିଦେଲେ, ବ୍ୟବସାୟ କ'ଣ ତତେ ଛାଡ଼ିଦେବ । କୋଟି, କୋଟି ଟଙ୍କା କମାଇଛୁ । ଗରୀବ ଝିଅମାନେ ଚାକରୀ ପାଇଁ ଆସୁଛନ୍ତି । ସେମାନଙ୍କୁ ଖଣ୍ଡେ ଚାକିରୀ କରିଦେ । ଏ ଝିଅଟା ତୋ ପାଖକୁ ଚାକିରୀ ପାଇଁ ଆସୁଛି । ତା'ପାଇଁ ଚାକିରୀ ଖଣ୍ଡେ କରାଇଦେ । ମନ୍ତ୍ରୀଠାରୁ ଆଇ.ଏ.ଏସ୍, ଆଇ.ପି.ଏସ୍ ସବୁ ଅଫିସର ତୋର ଗୋଲାମ । ତୁ ଚାହିଁଲେ ସବୁ କିଛି କରି ପାରିବୁ । କିଛି ନ କରି, ତପସ୍ୱିନୀ ସାଜୁଛି । ନେକେଡ୍ ନେଗେଟିଭ୍ ତୋ ପାଖରେ ଅଛି । ସମସ୍ତଙ୍କର ଠିକଣା ଜାଣିଛୁ, ତାକୁ ସମସ୍ତଙ୍କୁ ଫେରାଇ ଦେଉନୁ ।

(ଏଇ ସମୟରେ ପହଞ୍ଚିଲା ଦୀନବନ୍ଧୁ)

ଏଇ ଲୋକଟାକୁ କେଉଁଠି ଦେଖିଛି । ହଁ, ଏ ତ ପ୍ରବୋଧବାବୁର ପିଅନ ।

(ଦୀନବନ୍ଧୁକୁ) ହଇହେ ବାବୁ ।

ଦୀନବନ୍ଧୁ - ଶ୍ରୀରାମ ଜୟରାମ, ଜୟଜୟ ରାମ ।

ମନୋଜ - କ'ଣ ରାମଭକ୍ତ ହେଇଗଲଣି କି ?

ଦୀନବନ୍ଧୁ - କିଏ ରାମଭକ୍ତ ନୁହଁ କହିଲ ବାବୁ । ଦାନେ ଦାନେ ପେ ଲିଖା ହେ, ଦେନେବାଲାକା ନାମ, ଲେନେ ବାଲୋଁ କରୋଡ଼, ଦେନେବାଲା ଏକରାମ । ରାମଜୀକୁ କିଏ ଭୁଲିପାରିବ କି ବାବୁ ?

ମନୋଜ - ବାବୁ ତୁମର ଭଲ ଅଛନ୍ତି ।

ଦୀନବନ୍ଧୁ - ବାବୁ ବଡ଼ ଲୋକ, ତାଙ୍କ ଭଲମନ୍ଦରୁ ଆମକୁ କ'ଣ ମିଳିବ ? ତୁମ୍ଭେମାନେ ବଡ଼ଲୋକ, ତାଙ୍କ କଥା ତୁମେ ବୁଝିବ ।

ମନୋଜ - ତୁମର ଷ୍ଟେନୋ ଝିଅଟା ଡ୍ୟୁଟିରେ ଜଏନ୍ କଲାଣି ?

ଦୀନବନ୍ଧୁ - ସେଥିରୁ ତୁମକୁ କ'ଣ ମିଳିବ ବାବୁ ।

Digitized by srujanika@gmail.com

ମନୋଜ - ତା'ର ଘରଟା ମୋତେ ଟିକିଏ ଦେଖାଇଦିଅନ୍ତନି ?

ଦୀନବନ୍ଧୁ - ତା' ଘରରୁ ତୁମକୁ କ'ଣ ମିଳିବ ? ତା' ଦୁଃଖରେ ସେ ଅଛି । ତୁମକୁ କ'ଣ କିଛି ମାଗୁଛି । ବାବୁ ଝିଅ ଜନମ ହିଁ ଖରାପ । ସେଇଥିପାଇଁ ବାପା, ମା'ମାନେ ପରା ହଜାର, ହଜାର ସଂଖ୍ୟାରେ କନ୍ୟାଭ୍ରୁଣ ହତ୍ୟା କରୁଛନ୍ତି । ଏବେ ହତ୍ୟା କରୁଛ, ପରେ ପାଇବ ଯେ । ହଇଓ ବାବୁ, ଝିଅ ଜନ୍ମ ନ ହେଲେ, ଏ ମନୁଷ୍ୟ ଜାତି କ'ଣ ସୃଷ୍ଟି ହୋଇ ପାରିବ । ତା'ପ୍ରତି ତୁମର ଖରାପ ନଜର କାହିଁକି ? ତୁମର ମା' ଭଉଣୀ ନାହାନ୍ତି, ଝିଅଟିଏ ତ ତୁମକୁ ଜନ୍ମ କରିଥିଲା, ସେଇ ଝିଅଟି ପ୍ରତି ତୁମର ପାପଦୃଷ୍ଟି କାହିଁକି ? ହଉ ଯାଅ, ମୋର ଅଫିସ ବେଳ ହୋଇଗଲାଣି, ମୁଁ ଯାଉଛି ।

ମନୋଜ - କ'ଣ ରାଗିଗଲ କି ବାବୁ, ନିଅ ଏ ୫୦ ଟଙ୍କା ଧର ।

ଦୀନବନ୍ଧୁ - କାହିଁକି ମୋତେ ଟଙ୍କା ଯାଚୁଛ । ଟଙ୍କାରେ ଭୁଲିବା ଲୋକ ମୁଁ ନୁହେଁ ବାବୁ । ଯାଅ । ଯାଅ । ତୁମେ ମଦ ପିଇବ । ଦେଖହେ, ମୋତେ ପୁଣି ଟଙ୍କା ଯାଚୁଛି ।

- ଅନ୍ଧାର -

- ଅଷ୍ଟମ ଦୃଶ୍ୟ -

(ପ୍ରବୋଧ ପଟ୍ଟନାୟକଙ୍କର ଅଫିସ । ପ୍ରବୋଧ ପଟ୍ଟନାୟକ ଅଫିସ କାମ କରୁଥିଲେ । ପ୍ରବେଶ କରିଛି ଯଶୋଧାରା)

ଯଶୋଧାରା- ସାର୍‌,

ପ୍ରବୋଧ - (ଫାଇଲ୍ ଦେଖୁଥିଲେ)

ଯଶୋଧାରା- ସାର୍‌,

ପ୍ରବୋଧ - (ନୀରବ)

ଯଶୋଧାରା- ହଉ, ତା'ହେଲେ ମୁଁ ଯାଉଛି । (ଚାଲିଯାଉଥିଲା)

ପ୍ରବୋଧ - ଶୁଣ, କ'ଣ ତୁମର ଦରକାର ।

ଯଶୋଧାରା- ଆପଣ ମୋ ପ୍ରତି ଅନ୍ୟାୟ କରିଛନ୍ତି ସାର୍ ।

Digitized by srujanika@gmail.com

ପ୍ରବୋଧ - ଯାହା କହିବାକୁ ଚାହଁ ଲେଖିକରି ଦିଅ ।

ଯଶୋଧାରା- ମୋ ପ୍ରତି ଏତେ ନିଷ୍ଠୁର କାହିଁକି ହେଲେ ସାର୍ ? ମୋର ପନ୍ଦର ଦିନର ଦରମା କାଟିଦେଲେ ।

ପ୍ରବୋଧ - ଯାହା ତୁମର ନାଯ୍ୟ ପ୍ରାପ୍ୟ ତାହା ତୁମକୁ ଦିଆଯାଇଛି ।

ଯଶୋଧାରା- ଏତିକି ଟଙ୍କାରେ ମୁଁ ବଞ୍ଚିବି କିପରି ସାର୍ ?

ପ୍ରବୋଧ - ସେ କଥା ତୁମେ ଜାଣ, ମୋତେ ପଚାରୁଛ କାହିଁକି ?

ଯଶୋଧାରା- ହଉ ସାର୍, ଏହା ଯଦି ଆପଣଙ୍କର ନ୍ୟାୟ ବିଚାର ମୋର କିଛି କହିବାର ନାହିଁ । (ଚାଲିଯାଉଥିଲା)

ପ୍ରବୋଧ - ଶୁଣ,

ଯଶୋଧାରା- ଆଉ କ'ଣ କହିବେ ସାର୍ ?

ପ୍ରବୋଧ - କେତେ ଟଙ୍କା ତୁମର କଟିଛି ?

ଯଶୋଧାରା- ଦୁଇ ହଜାର ଟଙ୍କା।

ପ୍ରବୋଧ - ସେ ଟଙ୍କା ମୁଁ ଦେଇଦଉଚି, ନିଅ ।

ଯଶୋଧାରା- ମୋ ଟଙ୍କା କାଟିଲେ କାହିଁକି ସାର୍ ।

ପ୍ରବୋଧ - ସେ କଥା ପରେ ଚିନ୍ତା କରିବା ।

ଯଶୋଧାରା- ଆପଣ ଜାଣନ୍ତି ସାର୍, ମୁଁ ଜଣେ ହତଭାଗିନୀ, ସ୍ୱାମୀ ମୋର ଜଣେ ପକ୍ଷାଘାତ ରୋଗୀ । ମାସିକ ତାଙ୍କ ପାଇଁ ୨ ହଜାର ଖର୍ଚ୍ଚ ।

ପ୍ରବୋଧ - ଏ ସବୁ ଦାୟିତ୍ୱ ତୁମେ ନେଉଛ କାହିଁକି ? ଥରେ ମୁଁ କହିଥିଲି, ଏ ଜୀବନକୁ ତିଳ, ତିଳ କରି ଉପଭୋଗ କରିବାକୁ ହବ । ଯାହା ମୁଁ କରୁଛି । ମୁଁ ପଚାରୁଛି, ତୁମେ ନ କରିବ କାହିଁକି ?

ଯଶୋଧାରା- କେଉଁଠି ଆପଣ, କେଉଁଠି ମୁଁ, ମୁଁ ଜଣେ ହତଭାଗିନୀ ।

ପ୍ରବୋଧ - ଭାଗ୍ୟକୁ ଆଡ଼େଇ ଦେଇ, ଜଣେ ଯଦି ନିଜକୁ ହତଭାଗିନୀ ବୋଲି କହେ, ତାହା ହେଲେ ତାକୁ କ'ଣ ବୋଲି କୁହାଯିବ ।

ଯଶୋଧାରା- ଏ ଭାଗ୍ୟ କେତେଦିନ ସାର୍ ?

ପ୍ରବୋଧ - ଚିରଦିନ । ଯଦି ଚାହିଁ ମୁଁ ତୁମ ଭାଗ୍ୟ ପରିବର୍ତ୍ତନ କରିଦେଇ ପାରେ । କିନ୍ତୁ ତୁମେ, ମୋତେ ଘୃଣା କରୁଛ ।

ଯଶୋଧାରା- ଆପଣଙ୍କୁ ମୁଁ କାହିଁକି ଘୃଣା କରିବି ସାର୍ ?

Digitized by srujanika@gmail.com

ପ୍ରବୋଧ - ତା'ହେଲେ ତୁମେ ମୋ କଥା ଅନୁସାରେ କାମ କରିବ ।

ଯଶୋଧାରା- କୁହନ୍ତୁ ସାର୍,

ପ୍ରବୋଧ - ମୁଁ ଦଶଦିନ ପାଇଁ ଦକ୍ଷିଣ ଓଡ଼ିଶା, ପଶ୍ଚିମ ଓଡ଼ିଶା ଟୁର୍‌ରେ ଯିବାକୁ ଚାହେଁ, ତୁମେ ମୋ ସାଥରେ ଯାଇ ପାରିବ ?

ଯଶୋଧାରା- ମୋତେ ଚିନ୍ତା କରିବାକୁ ଦିଅନ୍ତୁ ।

ପ୍ରବୋଧ - ଚିନ୍ତା କ'ଣ କରିବ, ହଁ, କି ନାହିଁ, ଗୋଟେ କଥା ତୁମେ କହିଦିଅ । ସେଥିପାଇଁ ତୁମେ ଯଥେଷ୍ଟ ପାଇବ ।

ଯଶୋଧାରା- ମୋର ସ୍ୱାମୀ, ମୋ ବିନା ବଞ୍ଚିବେ କିପରି ?

ପ୍ରବୋଧ - ମୁଁ ଜାଣେ, ତୁମେ ସେଇକଥା କହିବ । ତା'ପାଇଁ ଅନ୍ୟ କିଛି ବନ୍ଦୋବସ୍ତ କରି ଯାଅ ।

ଯଶୋଧାରା- କି ବନ୍ଦୋବସ୍ତ କରିବି ସାର୍ ?

ପ୍ରବୋଧ - କି ବନ୍ଦୋବସ୍ତ କରିବ, କ'ଣ କରିବ, ତାହା ତୁମକୁ ଜଣା । ସେ ବିଷୟରେ ମୁଁ କିଛି କହିପାରିବି ନାହିଁ ।

ଯଶୋଧାରା- ହଉ ସାର୍, ମୁଁ ଦେଖୁଛି ।

ପ୍ରବୋଧ - ଦେଖ, ଭଲ କରି ଚିନ୍ତା କର । ଭାଗ୍ୟ ଥରେ ହିଁ ଉଦୟ ହୁଏ । ସବୁ ସମୟରେ ନୁହେଁ । ଏ ଚାନ୍‌ସ୍ ଯଦି ଛାଡ଼ିଦେବ ସାରା ଜୀବନ ତୁମକୁ ପସ୍ତେଇବାକୁ ପଡ଼ିବ । ହଁ ତୁମ ୨ ହଜାର ଟଙ୍କା ଗଲାବେଳେ ନେଇଯିବ ।

ଯଶୋଧାରା- ତା' ହେଲେ ମୁଁ ଆସୁଛି ।

ପ୍ରବୋଧ - ବର୍ତ୍ତମାନ ଟଙ୍କା ନେଇଯାଅ, ପରେ କାହିଁକି ?
(ପ୍ରବୋଧ ଟଙ୍କା ଦେଲେ । ଯଶୋଧାରା ଟଙ୍କା ଧରିଛି ପ୍ରବୋଧ ତାର ହାତକୁ ଦୁଇ ହାତରେ ଭିଡ଼ି ଧରିଛନ୍ତି । ଛାଡ଼ିବାକୁ ଯେପରି ତାଙ୍କର ଇଚ୍ଛା ନାହିଁ । ଏଇ ସମୟରେ ଦୀନବନ୍ଧୁ ପ୍ରବେଶ କରିଛି । ଦେଖିଦେଇ ଜିଭ କାମୁଡ଼ି ପକାଇଛି । ପ୍ରବୋଧ ହାତ ଛାଡ଼ିଦେଇଛନ୍ତି ।)

ପ୍ରବୋଧ - ବଦମାସ୍, ତୁ ବର୍ତ୍ତମାନ ଆସିଲୁ କାହିଁକି ?

ଦୀନବନ୍ଧୁ - ଦରକାର ପଡ଼ିଲା, ଜଣେ ଭଦ୍ରଲୋକ ଆପଣଙ୍କୁ ସାକ୍ଷାତ କରିବାକୁ ଚାହାନ୍ତି । ତାଙ୍କୁ କ'ଣ ଛାଡ଼ିବି ?

Digitized by srujanika@gmail.com

ପ୍ରବୋଧ - କହିଦେ, ବର୍ତ୍ତମାନ ଦେଖା ହୋଇ ପାରିବ ନାହିଁ ।

ଦୀନବନ୍ଧୁ - ସେଇକଥା କହିଦେବି ସାର୍ ।

ପ୍ରବୋଧ - ଶୁଣ, ତାଙ୍କୁ ଭିତରକୁ ଆସିବାକୁ କହ ।
(ଯଶୋଧାରା ଚାଲିଗଲା । ପ୍ରବେଶ କଲା ମନୋଜ ।)

ମନୋଜ - Good Morning Sir,

ପ୍ରବୋଧ - Good Morning, Good Morning. ତୁମେ କୁଆଡ଼େ ଆସିଲ ?

ମନୋଜ - ଆପଣଙ୍କୁ ଇନଫର୍ମ କରିବା ପାଇଁ ଆସିଛି ।

ପ୍ରବୋଧ - What is that ?

ମନୋଜ - ଆଜି ରାତିର programme । ସେ ଝିଅଟି ଗୋଟିଏ ଭଲ Dancer । Madamଙ୍କ ଘରେ Dance ହବ । ରାତି ୧୨ଟା ପରେ । ତା'ପରେ ଅଳକା ଟାୱାର । ହଁ, ଆପଣଙ୍କ ପାଇଁ ଭାଏଗ୍ରା ସଂଗ୍ରହ କରିଛି । ଆପଣଙ୍କ Steno ଏଇବାଟେ ଗଲା । ମୁହଁ ତାର ଶୁଖିଯାଇଛି ।

ପ୍ରବୋଧ - ତାର ମୁହଁ ଶୁଖିବା ସହିତ ମୋର ସଂପର୍କ କ'ଣ ?

ମନୋଜ - ଏବେ ବହୁତ ଝଡ଼ିଯାଇଛି ।

ପ୍ରବୋଧ - ଝଡ଼ି ଯିବନି । ଗୋଟାଏ ପକ୍ଷାଘାତ ରୋଗୀର ସେବା । ସେ ହେଉଛି ତାର ସ୍ୱାମୀ । ତା'ର ପିଛା ୨ ହଜାର ଦରକାର ।

ମନୋଜ - କ'ଣ ରାଜି ହେଇଛି ?

ପ୍ରବୋଧ - ହଁ ଯାହା ମୁଁ ଦେଖୁଛି ୩୦% ।

ମନୋଜ - ରାଜି ନ ହୋଇ କୁଆଡ଼େ ଯିବ । ସେ ଫୋଟ ରଖିଛନ୍ତି ସାର୍ ।

ପ୍ରବୋଧ - Most carefully ରଖାଯାଇଛି । ତାହା ହିଁ ହେବ ଶେଷ ପ୍ରୟୋଗ ।

ମନୋଜ - ଆପଣ ତ ଜଣେ ଦକ୍ଷ ଶିକାରୀ । ଆପଣଙ୍କର ହାତରୁ ଖସିଯିବ । ଶିକାରକୁ ଆପଣ କରାଗତ କରି ପାରିଛନ୍ତି । ଏତ ଆପଣଙ୍କର ରାଜରାଣୀ ।

ପ୍ରବୋଧ - ଆଜିକାଲି ଭାରୀ ହୁସିଆର ରହିବାକୁ ପଡୁଛି । କାରଣ ମୁଖ୍ୟମନ୍ତ୍ରୀଟା ବଡ଼ ଷ୍ଟ୍ରିକ୍ଟ ହୋଇ ପଡ଼ିଛି । ସେ ଏଥିପାଇଁ କାହାକୁ ଛାଡ଼ିଦେବାକୁ ଚାହେଁ ନାହିଁ । ହଉ ତୁମେ ଯାଅ । ମୁଁ ଠିକ୍ ସମୟରେ ଆସିବି ।

Digitized by srujanika@gmail.com

ମନୋଜ - ତା' ହେଲେ ଆସୁଛି ସାର । (ପ୍ରସ୍ଥାନ)

ପ୍ରବୋଧ - ଏଇ ବଦମାସ ଦୀନବନ୍ଧୁ, ହଠାତ୍ ଚାଲିଆସି ସବୁ ନଷ୍ଟ କରିଦେଲା । ହଉ, Let us wait for the next chance ।

- ଅନ୍ଧାର -

- ନବମ ଦୃଶ୍ୟ -

(ରାସ୍ତା । ଯଶୋଧାରା କାନ୍ଦୁଥିଲା । ତା ପଛରେ ଦୀନବନ୍ଧୁ)

ଯଶୋଧାରା- (କାନ୍ଦୁଥାଏ)

ଦୀନବନ୍ଧୁ - କାହିଁକି କାନ୍ଦୁଛ ଦିଦି ?

ଯଶୋଧାରା- ମୁଁ ବିଷଖାଇ ମରିଯିବି । ସେ ବଦ୍‌ମାସ ମୋତେ ଛାଡ଼ିବନି । ମୋତେ ଦଶଦିନ ଟୁର୍‌ରେ ଯିବାକୁ ପ୍ରବର୍ତ୍ତାଉଛି ।

ଦୀନବନ୍ଧୁ - ତୁମକୁ ଟୁର୍‌ରେ ନେବାକୁ କହୁଛି । ମୁଁ କହୁଛି ତାର କାଳ ପୁରିଲାଣି । ଆଉ ରକ୍ଷା ନାହିଁ । ସେ ଜେଲ ନିଶ୍ଚୟ ଯିବ । ତାର ବନ୍ଦୋବସ୍ତ ମୁଁ କରୁଛି । ଦିଦି ଗୋଟେ କଥା କହିବି ।

ଯଶୋଧାରା- ଭାଇ, କହ, ତୁମେ ମୋର ଏକମାତ୍ର ଭରସା । ତେଣେ ସେ ମୋତେ ସନ୍ଦେହ କରୁଛନ୍ତି । ବେଳେ ବେଳେ ଭର୍ତ୍ସନା କରୁଛନ୍ତି । ଏଣେ ଏ ଲୋକର ଅତ୍ୟାଚାର । କେତେ ମୁଁ ସହିବି । ଆଉ ମୁଁ ପାରିବିନି ଭାଇ ।

ଦୀନବନ୍ଧୁ - କିଛି ବ୍ୟସ୍ତ ହୁଅନା ଭଉଣୀ, ଚାଲ ଦୁହେଁ ମିଶି ଭିଜିଲାନ୍ସ ଅଫିସକୁ ଯିବା । ତୁମେ କହିବ, ତୁମ ପାଇଁ ମୁଁ ବି କହିବି । କିଛି ନ ହେଲେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯିବା । ସେ ଭାରୀ ଭଲ ଲୋକ ।

ଯଶୋଧାରା- ହଁ, ଚାଲ ଯିବା । ଆଉ କିଛି ଉପାୟ ମୋତେ ଦେଖାଯାଉନାହିଁ ।

ଦୀନବନ୍ଧୁ - ଛ'ଟା ପରେ ତୁମେ ଆଉ ଅଫିସରେ ରହନି । ମୋତେ ଧମକ ଦେଖାଇଲା । ଚାକିରୀରୁ ବାହାର କରିଦେବ ବୋଲି ଧମକ ଦେଲା । ମୁଁ କହିଲି - ଚାଲେ, ଚାଲେ ମ, ତୋ ପରି କେତେ ଅଫିସର ମୁଁ ଦେଖିଛି । ତୁ କଣଟେ କରି ପକାଇବୁ । ୟୁନିୟନ ଦୋହଲାଇ ଦବନି । ଭଉଣୀ କ'ଣ ଏବେ ଯିବା ?

Digitized by srujanika@gmail.com

ଯଶୋଧାରା- ଯଦି ସେ ଶୁଣିବେ ଦଶଦିନ ମୁଁ ବାହାରକୁ ଯିବି, ତାହେଲେ ସେ ଦୁଃଖରେ ଭାଙ୍ଗିପଡ଼ିବେ । ତାଙ୍କର ହାର୍ଟଫେଲ ହୋଇଯିବ । (ଏଇ ସମୟରେ କୃପା ଆସିଛି)

କୃପା - ମା' ତୁମ ନାଁ କଣ ଯଶୋଧାରା ?

ଦୀନବନ୍ଧୁ - କାହିଁକି, ତୁମର ନାଁ ପଚାରିବା କ'ଣ ଦରକାର ।

କୃପା - ମଲା, ଭଲ କଥା ହେଇଛି, ନାଁଟା ପଚାରିବା ଗୋଟେ ଅପରାଧ । ବାବୁ ପଠାଇବାରୁ ମୁଁ ଆସିଲି ସିନା ।

ଯଶୋଧାରା- ବାବୁ ପଠାଇଲେ, କୋଉ ବାବୁ ?

କୃପା - ବଡ଼ ହାକିମ, ତୁମେ ପରା ତାଙ୍କ ପାଖରେ କାମ କରୁଛ । ଦଶଦିନ ତୁମେ ବାହାରକୁ ଯିବ । ବାବୁ କହିଲେ, ମୁଁ ତୁମ ଘରେ ରହି ତୁମ ଗେରସ୍ତ କଥା ବୁଝିବି । କିଛି ଅସୁବିଧା ହେବନି ମା । ମୁଁ ଭଲ ରୋଷେଇ ଜଣେ ।

ଦୀନବନ୍ଧୁ - ଦେଖିଲ ଦିଦି, ସବୁ ବନ୍ଦୋବସ୍ତ ହୋଇଗଲାଣି ।

କୃପା - ବନ୍ଦୋବସ୍ତ କ'ଣ କହୁଛ, ମୁଁ ଥିଲେ କୋଉଥିକି ଭୟ ନହିଁ । ଗୋଡ଼ ଚିପିଦେବି । ମୁଣ୍ଡ ଚିପିଦେବି । ରୋଷେଇ କରି ମୋ ହାତରେ ଖୁଆଇଦେବି । ତୁମେ ଚିନ୍ତା କରନି ମା । ତୁମେ କ'ଣ ଦେଖିବନି କି ? ମୁଁ ପରା ବ୍ରାହ୍ମଣ ଲୋକ ।

ଯଶୋଧାରା- ହଉ ତୁମେ ଯାଅ, ଦରକାର ପଡ଼ିଲେ ମୁଁ ତୁମକୁ କହିବି ।

କୃପା - ହଁ ସେଇଆ କର ମା । କିଛି ଚିନ୍ତା କରିବନି । ମୁଁ ଥିଲେ ତୁମର କିଛି ଭୟ ନାହିଁ । ମୁଁ ଆସୁଛି ମା । (ଚାଲିଗଲା)

ଯଶୋଧାରା- ଦେଖିଲ ଦୀନବନ୍ଧୁ ? କିପରି ପ୍ଲାନ୍, ପ୍ରୋଗ୍ରାମ ସବୁ କରି ସାରିଲାଣି । ତୁମେ କହୁଚ ଭିଜିଲାନ୍ସ ଅଫିସକୁ ଯିବା । ଯଦି ସେମାନେ ତାକୁ କହିଦେବେ ?

ଦୀନବନ୍ଧୁ - ସେଥିପାଇଁ ଡ଼ରୁଛ କାହିଁକି ଦିଦି । ଚାଲ, ସେମାନେ ସବୁକଥା ସିକ୍ରେଟ୍ ରଖିବେ ।

- ଅନ୍ଧାର -

Digitized by srujanika@gmail.com

- ଦଶମ ଦୃଶ୍ୟ -

(ଚାଟାର୍ଜି ମ୍ୟାଡ଼ାମଙ୍କର ବାସଭବନ । ସମୟ ରାତ୍ରି ୧୨ଟା । ସମସ୍ତେ ପ୍ରବୋଧବାବୁଙ୍କୁ ଅପେକ୍ଷା କରିଥିଲେ । ଝିଅଟି ନୃତ୍ୟବେଶରେ ଠିଆ ହୋଇଥାଏ । ପ୍ରବୋଧ ବସିଲେ । ନୃତ୍ୟ ହେଲା । ନୃତ୍ୟ ଶେଷରେ ତାକୁ ୫ଶହ ଟଙ୍କା ନୋଟଟେ ଦେଲେ । ଝିଅଟି ଚିରିଦେଲା ।)

ମନୋଜ - ବର୍ତ୍ତମାନ ଏଠାର କାମ ସରିଲା ।

ଝିଅ - ମୋ ମ୍ୟାଡ଼ାମ କୁଆଡ଼େ ଗଲେ । ସେ ଆସିଲେ ତାଙ୍କ ସାଥିରେ ଯିବି ।

ମନୋଜ - ଚାଲ, ତାଙ୍କ ପାଖକୁ ମୁଁ ତତେ ନେଇଯିବି ।

ଝିଅ - ତୁମେମାନେ କିଏ ? ମୁଁ ତୁମ ସାଙ୍ଗରେ ଯିବିନି । ମ୍ୟାଡ଼ାମ ନ ଆସିଲେ ମୁଁ କାହାସାଙ୍ଗରେ ଯିବିନି ।

ପ୍ରବୋଧ - ଆମେ ପରା ମ୍ୟାଡ଼ାମଙ୍କ ପାଖକୁ ଯାଉଛୁ । ତୁ ଏମିତିକା ବେଶରେ ଚାକିରି କିପରି କରିବୁ ? ଡ୍ରେସ୍ ବଦଳା ।

ଝିଅ - ମୋର ଚାକିରୀ ଦରକାର ନାହିଁ । ମୁଁ ଘରକୁ ଚାଲିଯିବି । ମ୍ୟାଡ଼ାମ ନ ଆସିବା ପର୍ଯ୍ୟନ୍ତ, ମୁଁ ଏଇଠି ରହିବି ।

(ଚାଟାର୍ଜୀ ମ୍ୟାଡ଼ାମ ପ୍ରବେଶ କଲେ ।)

ମନୋଜ - ମ୍ୟାଡ଼ାମ, ତାକୁ ଟିକିଏ ବୁଝେଇ ଦିଅ ।

ଝିଅ - (ମ୍ୟାଡ଼ାମକୁ) ମା', ମୋତେ ରକ୍ଷା କର । ମୁଁ ତୁମର କ'ଣ ଝିଅ ନୁହେଁ । (ପାଦ ଭିଡ଼ିଧରି କାନ୍ଦିଲା) ମା' ମୋତେ ରକ୍ଷାକର ମା ।

ମ୍ୟାଡ଼ାମ - ମା' କେଡ଼େ ମଧୁର ଶବ୍ଦ । ମୁଁ ତ କାହାର ମା' ହୋଇପାରିଲି ନାହିଁ । ଶେଷରେ ଭଗବାନ ମୋତେ ଝିଅଟିଏ ଦେଲେ । ହଁ ମୁଁ ତୋର ମା ।

ମନୋଜ - ହେ, ଆସୁଛୁ କି ନାହିଁ । ନ ଆସିଲେ ତତେ ଟେକି ନେଇଯିବି । ତୋତେ କେହି ରକ୍ଷା କରି ପାରିବେ ନାହିଁ ।

ଝିଅ - (ମ୍ୟାଡ଼ାମଙ୍କୁ ଚାହୁଁଥାଏ) ମା, କଥା କହ । ମୋତେ ରକ୍ଷା କର ମା । ହେ ଭଗବାନ, କି ବିପତ୍ତିରେ ପଡ଼ିଗଲି । ମୋତେ ରାକ୍ଷସମାନଙ୍କ ହାତକୁ ଟେକିଦେଲ ପ୍ରଭୁ । ତୁମେ ପରା ଅନାଥର

Digitized by srujanika@gmail.com

ସାହା ! ରକ୍ଷା କର । ଏଠାରେ ମୁଁ କି କଷ୍ଟ ଭୋଗୁଛି, ତା' କ'ଣ ଦେଖିପାରୁନାହଁ ।

ପ୍ରବୋଧ - ଭଲ କଥା ହେଲା । ରାତି ଆସି ୨ଟା ବାଜିଲା । ତୁମ୍ଭେମାନେ ଏଠାରେ କି ନାଟ କରୁଛ । ମନୋଜ ଏଇଆ କ'ଣ ତୁମର ପ୍ରୋଗ୍ରାମ । ମୋତେ ହିନସ୍ତା କରୁଛ କାହିଁକି ? ରାତି ପାହି ଆସୁଛି ।

ମନୋଜ - ବଦମାସ ଟୋକି, ତୁ ଯିବୁନି । ଦେଖିବି କିମିତି ତୁ ଯିବୁ ନାହିଁ । (ତାକୁ ଧରିବାକୁ ଗଲା । ଝିଅଟି ଦୌଡୁଥାଏ । ମନୋଜ ଧରି ପକାଉଛି । ଟେକି ନେବାକୁ ଚେଷ୍ଟା କଲାବେଳେ)

ମ୍ୟାଡ଼ାମ୍ - ମନୋଜ, ତାକୁ ଛାଡ଼ି ଦିଅ । ସେ ଆମାର ମେୟେ । ସେ ଆମାକେ ମା' ସମ୍ବୋଧନ କରେଛେ ! ମୋ ମେୟେକୁ ମୁଁ ନଷ୍ଟ ହବାକୁ ଦେବି ନାହିଁ । ଛାଡ଼ିଦିଅ ମନୋଜ । ଛାଡ଼ିଦିଅ ।

ପ୍ରବୋଧ - (ଗର୍ଜିଉଠି) ଛାଡ଼ିଦେବ, ତୁମେ ମୋ ପାଖରୁ ପାଞ୍ଚହଜାର ନେଇଛ ।

ମ୍ୟାଡ଼ାମ୍ - ପାଞ୍ଚହଜାର ? କିଏ ନେଇଛି, କାହାକୁ ତୁମେ ଦେଇଛ, କାହାକୁ ପଚାରି ଦେଇଛ । ଜବାବ ଦିଅ ପ୍ରବୋଧ ବାବୁ ! ତୁମେ କ'ଣ ଟଙ୍କା ମୋତେ ଦେଇଛ ?

ମନୋଜ - ମ୍ୟାଡ଼ାମ, ଏପରି କ'ଣକହୁଛନ୍ତି । ଆପଣ କ'ଣ ନିଶାଗ୍ରସ୍ତ । ଆପଣ ସବୁ କ'ଣ କହିଯାଉଛନ୍ତି । ବେଶ୍ୟାବୃତ୍ତି ଯାହାର ବ୍ୟବସାୟ, ସେ ପୁଣି ଆଜି ମା' ବନିଯାଉଛି ।

ମ୍ୟାଡ଼ାମ୍ - (ଗର୍ଜିଉଠି) ମୁଁ କହୁଛି ତାକୁ ଛାଡ଼ିଦିଅ । ମନୋଜ, ଆଉ ପାଦେ ଅଗସ୍ତର ହେଲେ...

ମନୋଜ - କ'ଣ ତୁ କରିବୁ ?

ମ୍ୟାଡ଼ାମ୍ - ହାରାମଜାଦା, ମୋର ପୋଷା କୁକୁର ତୋର ମୁଣ୍ଡ ଶହେ ଟଙ୍କା ତୁ ପୁଣି ବଡ଼ ବଡ଼ କଥା କହୁଛୁ ।
(ମନୋଜ ମ୍ୟାଡ଼ାମ ପାଖକୁ ଦୌଡ଼ି ଆସିଛି)

ମନୋଜ - ମୋର ଯୋଗୁଁ ତୁ ଆଜି କୋଟିପତି, ତୁ ମୋତେ ଅପମାନ ଦେଉଛୁ ?

ମ୍ୟାଡ଼ାମ - (ମନୋଜକୁ ୨ ଚାପୁଡ଼ା ମାରି) ଚାଲିଯାଆ । (ପିସ୍ତଲ ବାହାର କରି) ତତେ ମୁଁ ମାରିଦେବି ।

Digitized by srujanika@gmail.com

ପ୍ରବୋଧ - ଏଠାରେ ଏସବୁ କି ପ୍ରହସନ ଚାଲିଛି । ମୁଁ ଆସୁଛି । ମୁଁ ତୁମମାନଙ୍କୁ ଠିକ୍ ଦେଖିଦେବି । (ଚାଲିଗଲେ)

ମ୍ୟାଡ଼ାମ୍ - ତୁ ବି ଚାଲିଯା । ଆଉ କେବେ ମୋ ଘରକୁ ଆସିବୁ ନାହିଁ । କେତେ ଝିଅଙ୍କର ଜୀବନ ତୁ ବରବାଦ ନ କରିଛୁ ? କେତେ ଯୁବତୀଙ୍କୁ ତୁ ବେଶ୍ୟା ନ କରାଇଛୁ । ତୁ ଭାବୁଛୁ, ମୋ ଝିଅକୁ ମୁଁ ବେଶ୍ୟା କରାଇବି । ତୁ ଯଶୋଧାରାର ନଗ୍ନଫଟୋର ନେଗେଟିଭ୍ ନେଇ ଯାଇଛୁ । ଯଦି ତାର କିଛି ଅନିଷ୍ଟ ହୁଏ ମୁଁ ତତେ ଜୀବନରେ ମାରିଦେବି । (ହାତେ ପିସ୍ତଲ ଧରିଲେ)

ମନୋଜ - ହଉ ମୁଁ ଯାଉଛି, ଏହାର ପ୍ରତିଶୋଧ ମୁଁ ନେବି ।

ମ୍ୟାଡ଼ାମ - ଆରେ ପୋଷାକୁକୁର, ତୁ ମୋର କ'ଣ କରି ପାରିବୁ । ଏଇ ଝିଅଟି ମୋର ଝିଅ । ମୁଁ ତାର ମାଁ । ମୁଁ ତାକୁ ବିବାହ ଦେବି । ତୁ ଜାଣୁରେ ରାକ୍ଷସ, ଜଣେ ନାରୀର, ତା'ପୁରୁଷ ପ୍ରତି ଶ୍ରେଷ୍ଠ ଉପହାର ତାର ସତୀତ୍ୱ । କେତେ ଝିଅଙ୍କର ସତୀତ୍ୱ ତୁ ନଷ୍ଟ କରିଛୁ । ଆଉ ଠିଆ ହୋଇ ରହିଲୁ କାହିଁକି ? ତୁ ମୋ ସାମନରୁ ଚାଲିଯା । (ମନୋଜ ଚାଲିଗଲା)

ଝିଅ - (ମ୍ୟାଡ଼ାମକୁ ଭିଡ଼ି ଧରି ଖୁବ୍ ଜୋର୍‌ରେ କାନ୍ଦିଲା ।)

ମ୍ୟାଡ଼ାମ୍ - କାନ୍ଦନି ମା' । ତୋର କିଛି ହବନି । ତୋର କେହି କିଛି କରି ପାରିବେ ନାହିଁ । ଆ, ଖାଇବୁ । ଆରାମରେ ଶୋଇବୁ । ରାତି ପାହିଲେ ଥାନାରେ ରିପୋର୍ଟ କରିବୁ । ମୁଁ ତୋ ସାଥିରେ ଯିବି । ଏ ବଦମାସମାନଙ୍କୁ ମୁଁ ଉପଯୁକ୍ତ ଶାସ୍ତି ଦେବି ।

ଝିଅ - ମା' । ତୁମେ ମୋ ମା, ତୁମ ପାଦତଳେ କୋଟି କୋଟି ପ୍ରଣାମ ।

- ଅନ୍ଧାର -

- ଏକାଦଶ ଦୃଶ୍ୟ -

(ଭିଜିଲାନ୍ସ୍ ଏସ.ପି. ବସିଥିଲେ । ଦୀନବନ୍ଧୁ, ଯଶୋଧାରା ଠିଆ ହୋଇଥିଲେ । ଯଶୋଧାରା କାନ୍ଦୁଥାଏ ।)

ଏସ୍.ପି. - Home Secretary ପ୍ରବୋଧ ପଟ୍ଟନାୟକ । ତା' ବିରୁଦ୍ଧରେ ତ ବହୁତ Allegation ଅଛି । ତୁମେ ତାଙ୍କର ଷ୍ଟେନୋ ।

Digitized by srujanika@gmail.com

ଦୀନବନ୍ଧୁ - ଆଜ୍ଞା ରାତି ଦଶଟା ପର୍ଯ୍ୟନ୍ତ ଅଫିସରେ ରଖାଉଛନ୍ତି । କାରରେ ନେଇ ଦିଦିଙ୍କୁ ଘରେ ଛାଡୁଛନ୍ତି । କିଛି କାମ ନାହିଁ ସାର । ମୋତେ ହିନସ୍ତା କରୁଥିଲେ । ମୁଁ ତାଙ୍କର ଅଫିସ ପିଓନ । ମୋ ନାଁ ଦୀନବନ୍ଧୁ ବିଶ୍ୱାଳ । ଆଜ୍ଞା ଲାଜର କଥା, ମୋ ହାତରେ ଭାଏଗ୍ରା ବୋଲି ଗୋଟାଏ ଔଷଧ କିଣିବାକୁ ପଠାଇବେ । ଗୋଟାଏ ଲୋକ ଆସୁଛି ଆଜ୍ଞା । ସେଇଟା ଭାଡୁଆ । ଅଫିସରକୁ ମାଇକିନିଆ ଯୋଗାଏ ।

ଏସ୍.ପି. - ସଂଯତରେ କଥାବାର୍ତ୍ତା କର ।

ଦୀନବନ୍ଧୁ - ସାର୍ ଭୁଲ ହୋଇଗଲା । ଆଜ୍ଞା ତାଙ୍କର କାର୍ଯ୍ୟକଳାପ ଦେଖି, ମତେ ତ ରାଗଉଠୁଛି । ଆଜ୍ଞା ଦିନକର କଥା କହୁଛି ସାର୍, ରାଗିବେନି ।

ଏସ୍.ପି. - କୁହ, ମୁଁ ରାଗିବି କାହିଁକି । (ଏସ୍.ପି. ଲେଖୁଥିଲେ)

ଦୀନବନ୍ଧୁ - ସାର୍, ଦିନେ ମୁଁ ଦେଖିଲି, ସେ ଦିଦିଙ୍କୁ କେତେଟଙ୍କା ଦେଇ ତାଙ୍କ ହାତ ଭିଡ଼ି ଧରିଛନ୍ତି । ଏମିତି ଅଲାଜୁକ ଲୋକ ଆଜ୍ଞା, ତାଙ୍କ ହାତ ଛାଡୁ ନାହାନ୍ତି । ମୁଁ ଠିଆ ହୋଇଛି । ବୁଝିଲେ ସାର୍ ଶାସ୍ତ୍ର ଯାହା କହିଛି, କାମାତୁର ଲୋକର ଲାଜ ବୋଲି କିଛି ନଥାଏ । ମୋତେ ଦେଖି ଚମକି ପଡ଼ିଲେ ।

ଏସ୍.ପି. - ମ୍ୟାଡ଼ାମ୍ ତୁମେ କହ ।

ଯଶୋଧାରା- ମୁଁ ଗୋଟିଏ ଝିଅ । ସେ ଗୁଡ଼ାକ ମୁଁ କିପରି ତୁଣ୍ଡରେ ଧରି ପାରିବି ସାର୍ । ସବୁବେଳେ ଅଶ୍ଳୀଳ ଇଙ୍ଗିତ । ମୋତେ ଦଶଦିନ ଟୁର୍‌ରେ ଯିବା ପାଇଁ ବାଧ କରୁଛନ୍ତି ।

ଏସ୍.ପି. - ଆଚ୍ଛା ସେ ଯାହା କହୁଛନ୍ତି, ଏ ପକେଟ ଟେପ୍‌ରେକର୍ଡ଼ର ରଖ । ତାଙ୍କର ସମସ୍ତ କଥା ଏଥିରେ ରେକର୍ଡ଼ ହୋଇଯିବ ମୋତେ ଆଣିଦିଅ ।

ଯଶୋଧାରା- ସେଇଆ କରିବି ସାର ।

ଏସ୍.ପି. - ତାର କଥାର ପ୍ରତିବାଦ କରନି । ତାକୁ ସମସ୍ତ କଥା କହିବାକୁ ଛାଡ଼ିଦିଅ । ଏ ଟେପରେକର୍ଡ଼ରେ ତାହା ରେକର୍ଡ଼ ହୋଇଯିବ, ତାପରେ ମୁଁ ସବୁ ଦେଖିବି । ତୁମେ ଯାଅ ।

Digitized by srujanika@gmail.com

ଯଶୋଧାରା- ସାର୍, ଏ କଥା ସେ ଯେପରି ନ ଜାଣନ୍ତି ।

ଏସ୍.ପି. - You don't worry.

(ସମସ୍ତେ ଚାଲିଗଲେ । କିଛି ସମୟ ପରେ ସେପଟୁ ଚାଟାର୍ଜି ସେ ଝିଅ ଆସି ପହଞ୍ଚିଲେ ।)

ଏସ୍.ପି. - ତୁମ୍ଭେମାନେ କିଏ ?

ମ୍ୟାଡ଼ାମ୍ - ସାର୍ ମୁଁ ସୋନୁ ଚାଟାର୍ଜି । ମୋ ବିଷୟରେ ଆପଣଜାଣନ୍ତି । ମୁଁ ସେକ୍ସ ର୍ୟାକେଟ୍ କ୍ୱିନ୍ ଥିଲି, ଜେଲ୍ ଯାଇଛି ସାର୍ । କିନ୍ତୁ ସାର୍, ବର୍ତ୍ତମାନ ଏ ଧନ୍ଦା ମୁଁ ଛାଡ଼ି ଦେଇଛି । ଏ ଝିଅଟି ବାଲେଶ୍ୱରର ଜଣେ ଛାତ୍ରୀ । ଜଣେ ଶିକ୍ଷୟିତ୍ରୀ ତାକୁ ପ୍ରବୋଧ ପଟ୍ଟନାୟକ ପାଇଁ ଆଣିଥିଲା । ସେ ଝିଅକୁନେଇ ମନୋଜ ଦାସ ଜଣେ ଦଲାଲ ମୋ ପାଖକୁ ଆଣିଲା । ତା' ପଛରେ ପ୍ରବୋଧ ବାବୁ ତାକୁ ଅଳକା ଟାଓ୍ୱାର ନେବାକୁ ବସିଲେ । ମୁଁ ତାକୁ ରକ୍ଷାକରିଛି । ତାର ଗାଁକୁ ତାକୁ ପଠାଇବାର ବନ୍ଦୋବସ୍ତ କରନ୍ତୁ । ଆପଣ କହିଲେ ମୁଁ ଥାନାରେ ରିପୋର୍ଟ କରିବି ।

ଏସ୍.ପି. - ଭଲ ହେବ, ଥାନାରେ ରିପୋର୍ଟ କର। ମୁଁ ତାକୁ ପଠାଇବାର ବନ୍ଦୋବସ୍ତ କରୁଛି । ତାର ଠିକଣା -

ମ୍ୟାଡ଼ାମ - ବାଲେଶ୍ୱର ବସଷ୍ଟାଣ୍ଡ କଲୋନି ।

ଏସ୍.ପି. - ଓ.କେ. ତୁମେ ଯାଅ, ମୁଁ ତାର ବନ୍ଦୋବସ୍ତ କରୁଛି ।

- ଅନ୍ଧାର -

- ଦ୍ୱାଦଶ ଦୃଶ୍ୟ -

(ପ୍ରବୋଧ ପଟ୍ଟନାୟକଙ୍କର ଅଫିସ । କୃପାସିନ୍ଧୁ ଆସିଛି ।)

କୃପାସିନ୍ଧୁ - ସାର୍, ମୁଁ କଣ ତାଙ୍କ ଘରକୁ ଯିବି ?

ପ୍ରବୋଧ - ହଁ, ତୁମେ ତ ଯିବ । ତେବେ ମ୍ୟାଡ଼ାମ୍ ଆସୁ ତାକୁ ମୁଁ ପଚାରେ ।

କୃପାସିନ୍ଧୁ - ସେ ମା'କୁ ମୁଁ ଦେଖିଥିଲି ସାର୍ ।

ପ୍ରବୋଧ - କାହିଁ ସେ କଥା ତ ତୁମେ ମୋତେ କହିନ ।

କୃପାସିନ୍ଧୁ - ମା' କହିଥିଲେ ସେ ବୁଝି କହିବେ ।

Digitized by srujanika@gmail.com

ପ୍ରବୋଧ - କହିବ ବୋଲି ତ କହିଥିଲେ । ତା' ହେଲେ ସେ ନିଶ୍ଚୟ ଯିବେ । ନ ଯାଇ ସେ କ'ଣ କରିବ । ସବୁ ମୋ ହାତରେ । ହଉ ତୁମେ ଯାଅ ।

କୃପାସିନ୍ଧୁ - ତା'ହେଲେ ମୁଁ ଚାଲିଯିବି ସାର୍ । ହଉ ଆସୁଛି ।
(ଚାଲିଯାଉଥିଲା)

ପ୍ରବୋଧ - ହଁ ଶୁଣ, ମୋର ବେଡ଼ିଙ୍ଗ ବାନ୍ଧି ଦିଅ । ମୁଁ କାଲି ଭୋର୍‌ରୁ ବାହାରି ପଡ଼ିବି ।

କୃପାସିନ୍ଧୁ - ହଉ, ଆଜ୍ଞା, ମୁଁ ସେଇଆ କରିବି । ଆସୁଛି ଆଜ୍ଞା । ସେ ମା' କଣ କହିବେ, ଜଣାନାହିଁ । (ପ୍ରସ୍ଥାନ)
(ପ୍ରବେଶ କରିଛି ଯଶୋଧାରା । ବେଶରେ ପରିବର୍ତ୍ତନ ।)

ଯଶୋଧାରା- ଗୁଡ୍ ମର୍ଣ୍ଣିଙ୍ଗ୍ ସାର୍ ।

ପ୍ରବୋଧ - ଓଃ, ତୁମେ ଆସିଗଲ । (ଡ୍ରେସ୍‌କୁ ଚାହିଁ) ଆଜିର ବେଶ, ଖୁବ୍ ଶୋଭନୀୟ । ହଁ, କ'ଣ ନିଷ୍ପତ୍ତି କଲ ।

ଯଶୋଧାରା- ଆପଣଙ୍କ ଆଦେଶକୁ ମୁଁ କ'ଣ ଅମାନ୍ୟ କରିପାରିବି ସାର୍ ।

ପ୍ରବୋଧ - ଆଦେଶ କୁହନି, ଅନୁରୋଧ । ଆମର ଏ ଟୁରଟି ବଡ଼ ଆମୋଦଦାୟକ ହେବ । ବହୁଦିନର ଆଶା, ଆକାଂକ୍ଷା ମୋର ପୂର୍ଣ୍ଣ ହେବ । ତୁମ ପାଇଁ ମୁଁ ଯେଉଁ ସ୍ୱପ୍ନ ଦେଖୁଥିଲି ତା ମୋର ସଫଳ ହେବ । ମୁଁ ଆଜି ଆନନ୍ଦରେ ବିଭୋର ହୋଇ ପଡ଼ିଛି ଯଶୋଧାରା ।

ଯଶୋଧାରା- ମୁଁ କ'ଣ ଅନ୍ୟଷ୍ଟାଫମାନଙ୍କ ସାଙ୍ଗରେ ଯିବି ?

ପ୍ରବୋଧ - ତୁମେ ମୋତେ ହସାଇଲ । ତୁମେ ମୋ ସାଙ୍ଗରେ ଯିବ ।

ଯଶୋଧାରା- ଆପଣଙ୍କ ସାଙ୍ଗରେ ଗଲେ ଲୋକ ହସିବେ ।

ପ୍ରବୋଧ - ତୁମକୁ ମୁଁ କ'ଣ ଅନ୍ୟମାନଙ୍କ ସାଙ୍ଗରେ ଛାଡ଼ିଦେବି । ତୁମେ ଜାଣ ଆଜି ସମସ୍ତଙ୍କର ଆଖି ତୁମ ଉପରେ କେନ୍ଦ୍ରୀଭୂତ । ସମସ୍ତେ ଚାହାନ୍ତି ତୁମର ସାନିଧ । କିଂତୁ ମୁଁ ତା' ହବାକୁ ଦେବି ନାହିଁ । ତୁମେ ହେବ ମୋର । ସବୁଦିନ ପାଇଁ ମୋର ।

ଯଶୋଧାରା- ଆପଣଙ୍କ କଥା, ମୁଁ କିଛି ବୁଝିପାରୁନି ସାର୍ ।

Digitized by srujanika@gmail.com

ପ୍ରବୋଧ - ବୁଝିପାରୁନାହଁ । ତୁମେ ତ ସାନ ପିଲା ନୁହଁ, କି ଭାଷାରେ କହିଲେ, ତୁମେ ମୋର ଭାଷା ବୁଝିବ ମାଇଁ ଡ଼ାର୍ଲିଙ୍ଗ ।

ଯଶୋଧାରା- ଆପଣଙ୍କ ସାଙ୍ଗରେ ମୁଁ ଯିବି । ଏ ଲୋକେ ଯେ ଟାହିଟାପରା କରିବେ ।

ପ୍ରବୋଧ - କରନ୍ତୁ । ତୁମେ କ'ଣ ଏ ପର୍ଯ୍ୟନ୍ତ ଜାଣିପାରିଲ ନାହିଁ ମୋର ମନର ଅଭିଳାଷ । ତୁମକୁ ପାଇବାର ଦୁର୍ବାର ଲାଳସା । କେତେଥର ମୁଁ ତୁମକୁ କହିଛି ତୁମେ ତୁମ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଦିଅ । ତୁମେ ଜାଣ ମୁଁ ଅବିବାହିତ । ତୁମକୁ ମୁଁ ମୋର ରାଣୀ କରିବାକୁ ଚାହେଁ ।

ଯଶୋଧାରା- ଆପଣ ଜଣେ ଉଚ୍ଚପଦସ୍ଥ ଅଫିସର । ବହୁତ ସୁନ୍ଦରୀ ସ୍ତ୍ରୀ, ଆପଣଙ୍କୁ ବିବାହ କରିବାକୁ ଲାଳାୟିତ । ଆପଣ ଜଣେ ବିବାହିତା ନାରୀ ପଛରେ କାହିଁକି ଧାଇଁଛନ୍ତି ସାର୍ ।

ପ୍ରବୋଧ - ଲଭ୍ ଇଜ୍ ବ୍ଲାଇଣ୍ଡ୍ । ଜଣେ ପ୍ରେମିକର ଦୃଷ୍ଟିରେ ପୃଥିବୀର ଅସୁନ୍ଦରୀ ସ୍ତ୍ରୀ, ତାକୁ ଅପୂର୍ବ ସୁନ୍ଦରୀ ଦେଖାଯାଏ । ଯଶୋଧାରା, ମୁଁ ତୁମକୁ କ'ଣ କହି ବୁଝାଇବି, ତୁମକୁ ମୁଁ ପ୍ରାଣ ଦେଇ ଭଲପାଏ । ତୁମେ ବିବାହିତା ଶୁଣି ମୁଁ ଦୁଃଖିତ । ତୁମେ ସ୍ୱାମୀକୁ ଛାଡ଼ପତ୍ର ଦେଇଦିଅ । କାଲି ଆମର ବିବାହ ହେବ ।

ଯଶୋଧାରା- କିନ୍ତୁ ସାର୍, ମୋର ସ୍ୱାମୀ ଜଣେ ପକ୍ଷାଘାତ ରୋଗୀ । ସେ ଅସହାୟ । ମୋ ବିନା ସେ ବଞ୍ଚିପାରିବେ ନାହିଁ । ମୋର ଇତିହାସ ଆପଣଜାଣନ୍ତି । ବେଶ୍ୟାଳୟରୁ ମୁଁ ଉଦ୍ଧାର ପାଇ ଆସିଛି । କିଂତୁ ଅସତୀ ନୁହେଁ ।

ପ୍ରବୋଧ - ଅସତୀ ନୁହଁ । (ହସିଲେ) ତୁମେ ମହାନ ସତୀ । ପଞ୍ଚକନ୍ୟା, ଅହଲ୍ୟା, ଦ୍ରୌପଦୀ, ତାରା, କୁନ୍ତି, ମନ୍ଦୋଦରୀଙ୍କ ପରି ତୁମେ ସତୀ ।

ଯଶୋଧାରା- ସେହି କଥା ତ ମୁଁ ଆପଣଙ୍କୁ କହିବାକୁ ଯାଉଛି ମୋ ପରି ଜଣେ ପତିତାକୁ ଆପଣ ସ୍ତ୍ରୀ ରୂପେ ଗ୍ରହଣ କରିବାକୁ ଚାହୁଁଛନ୍ତି କିପରି ?

ପ୍ରବୋଧ - କ'ଣ ଚାହଁ ଖୋଲି ମୋତେ କହୁନାହଁ କାହିଁକି ?

ଯଶୋଧାରା- ମୋର ସ୍ୱାମୀ ଯେ ମୋତେ କଳଙ୍କ ରୂପକ ପଙ୍କରୁ ଉଦ୍ଧାର କରିଛନ୍ତି, ସେ ମୋର ଦେବତା । ପତି ମୋର ପରମେଶ୍ୱର । ତାଙ୍କୁଛାଡ଼ି ମୁଁ କାହା ପାଖକୁ ଯାଇ ପାରିବି ନାହିଁ । କିଏ ମଧ ମୋର କେଶାଗ୍ରେ

Digitized by srujanika@gmail.com

ସ୍ପର୍ଶ କରି ପାରିବ ନାହିଁ । ଆପଣଙ୍କ ଉଦ୍ଦେଶ୍ୟ ମୁଁ କେବେ ଚରିତାର୍ଥ ହେବାକୁ ଦେବି ନାହିଁ ।

ପ୍ରବୋଧ - ହାରାମଜାଦି, ଶାଳୀ, ତୁ ମୋତେ ନଚଉଥିବୁ । ତୁ ଭାବିଛୁ, I shall dance to your tunning ? ତୋତେ ମୁଁ ଉପଭୋଗ ନ କରି ଛାଡ଼ିବି ନାହିଁ ।

ଯଶୋଧାରା- ଥରେ ମୁଁ କହୁଛି, ତୁମର ସେ ପାପ ଇଚ୍ଛାକୁ ମୁଁ କଦାପି ପୂର୍ଣ୍ଣ ହେବାକୁ ଦେବି ନାହିଁ ।

ପ୍ରବୋଧ - ତୋର ଏତେ ଦୂର ସାହାସ । (ହାତକୁ ଧରି ପକାଇଲେ, ଯଶୋଧାରା ଗୋଟିଏ ଶକ୍ତ ଚାପୁଡ଼ା ପିଟିଲା । ଗାଲକୁ ଆଉଁସୁଥିଲେ ପ୍ରବୋଧ । କରତାଳି ଦେଇ ପ୍ରବେଶ କଲେ ମ୍ୟାଡ଼ାମ ସୋନୁ ଚାଟାର୍ଜି ।)

ମ୍ୟାଡ଼ାମ୍ - ସାବାସ୍ ଯଶୋଧାରା । ତୁମି ପ୍ରକୃତ ସତୀ ନାରୀ । ତୋମାର ସାହାସ, ଧୈର୍ଯ୍ୟ, ଅଭିନନ୍ଦନୀୟ । ଦୋଷୀକୁ ତୁ ଉପଯୁକ୍ତ ଶାସ୍ତି ଦେଇଛୁ । ତୁ ପ୍ରକୃତରେ ନାରୀ ନୁହଁ ନାରାୟଣୀ । ତୁ ଦୁର୍ଗା, ତୁ ଦଶଭୁଜା, ମହିଷାସୁରକୁ ତୁ ମର୍ଦ୍ଦନ କରି ପାରିଛୁ । ମା, ତୋତେ ମୋର ଅଭିନନ୍ଦନ । ମା ଜଗଦ୍ଧାତ୍ରୀ, ତୁ ଦୁର୍ବଳା ନୋହୁଁ, ତୁ ଶକ୍ତିସ୍ୱରୂପିଣୀ, ତୋ ପ୍ରତି ଅନ୍ୟାୟ କରିଛି । ମୋତେ କ୍ଷମା କରିଦେ ମା । 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା ନମସ୍ତସୈ, ନମସ୍ତସୈ, ନମସ୍ତସୈ ନମସ୍ତସୈ ନମୋନମଃ ।

- ଅନ୍ଧାର -

- ମଞ୍ଚରେ ପ୍ରବେଶ କରେ ସୂତ୍ରଧର -

ଦର୍ଶକବଂଧୁଗଣ,

ଆପଣ ଦେଖିଲେ, ଜଣେ ଉଚ୍ଚପଦସ୍ଥ ଅଫିସର, ସବୁ ଲଜ୍ଜାକୁ ତ୍ୟାଗ କରି, ସାମାନ୍ୟ ନାରୀ ପାଇଁ କିପରି ନିଜର ଆତ୍ମମର୍ଯ୍ୟାଦାକୁ ହରାଇ ବସେ । ଆଜିକାଲି ଏ ସବୁ ଘଟୁଛି । ନାରୀ ଉପରେ ପୁରୁଷର ଲୋଲୁପଦୃଷ୍ଟି ପୁରାଣ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ଚାଲି ଆସିଛି ଓ ଚାଲି ଆସୁଥିବ । ଏଥିପାଇଁ କ'ଣ ନାରୀ ନିର୍ଯ୍ୟାତିତା ହେଉଥିବ । ଯେଉଁ ନାରୀ ସୃଷ୍ଟି କରାଏ ଏ ସଂସାର, ତା ପ୍ରତି

Digitized by srujanika@gmail.com

ଏ ପୁରୁଷ ଜାତିର କ'ଣ କିଛି କର୍ତ୍ତବ୍ୟ ନାହିଁ । ସେ ତ ଆଜି ଦୁର୍ବଳା ନୁହେଁ । ସେ ଶକ୍ତିମୟୀ, ତାଙ୍କର ସ୍ପର୍ଶରେ ଶିବ ଚଞ୍ଚଳ ହୋଇଉଠନ୍ତି । ସେ ଆଜି ନାରୀ ନୁହନ୍ତି ନାରାୟଣୀ । ତାଙ୍କୁ ଶତ, ଶତ ପ୍ରଣାମ ।

- ଅନ୍ଧାର -

- ତ୍ରୟୋଦଶ ଦୃଶ୍ୟ -

ସିଦ୍ଧାର୍ଥ ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ଗାଉଥିଲେ । ପ୍ରବେଶ କଲେ ଯଶୋଧାରା । (ଉଭୟେ ଭଜନ ଗାଇଲେ । ଭଜନ ଶେଷରେ ହାତଯୋଡ଼ି ପ୍ରଭୁଙ୍କୁ ନମସ୍କାର କଲେ ।)

ସିଦ୍ଧାର୍ଥ - ଜନମ ଧନ୍ୟ ତୁମର
ଆଗୋ ପ୍ରିୟତମା
ପାରିଲି ଏବେ ମୁଁ ଜାଣି
ତୁମେ ଅନୁପମା
ନାରୀ ନୁହଁ ତୁମେ ନାରାୟଣୀ
ତୁମେ ଉମା, ମହେଶ୍ୱରୀ, ତୁମେ କାତ୍ୟାୟିନୀ ।

ଯଶୋଧାରା- କବି ଯଥେଷ୍ଟ ହୋଇଗଲା । ପ୍ରଶଂସାର ଏତିକିରେ ପରିସମାପ୍ତି ଘଟୁ । ଗୋଟାଏ ଖବର ଜାଣିଛ ।

ସିଦ୍ଧାର୍ଥ - ଖବର ତ ତୁମେ ସୃଷ୍ଟି କର । କହ, କ'ଣ ସେ ଶୁଭଖବର ।

ଯଶୋଧାରା- ତୁମର'ଅଗ୍ନିପଥ' କବିତା ସଂକଳନ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ । ତୁମେ ଲକ୍ଷେ ଟଙ୍କା ପୁରସ୍କାର ପାଇଛ ।

ସିଦ୍ଧାର୍ଥ - (ହାତଟେକି) ପ୍ରଭୁ, ମୋ ଜୀବନ ଧନ୍ୟ ହେଲା । ଯଶୋଧାରା, ଆଜି ମୋର ଆନନ୍ଦର ସୀମା ନାହିଁ ।

ଯଶୋଧାରା- ଆଉ ଗୋଟିଏ ସୁଖବର ଜଣାଇବି ।

ସିଦ୍ଧାର୍ଥ - କୁହ ଯଶୋଧାରା ।

ଯଶୋଧାରା- ଆଜି ମୁଁ ତୁମ ସନ୍ତାନର ମା' ହେବାକୁ ଯାଉଛି ।

ସିଦ୍ଧାର୍ଥ - ଏତେ ଗୁଡ଼ାଏ ଆନନ୍ଦର ଖବର ଏକାଥରକେ ତୁମେ ମୋତେ ଦେଇଗଲ, ମୁଁ ଦେଖୁଛି ଏ ଆନନ୍ଦରେ ମୋର ହାର୍ଟଫେଲ ହୋଇଯିବ ।

Digitized by srujanika@gmail.com

ଯଶୋଧାରା- ପ୍ରିୟତମ ମୋର, କରିଅଛି ଯଦି ଅପରାଧ କ୍ଷମାକର ଅପରାଧ ମୋର ଏତିକି ବିନତି ମୋର ।

ସିଦ୍ଧାର୍ଥ - ଅପରାଧ ତୁମେ କରିନାହଁ ପ୍ରିୟେ, ମୁଁ ଯେ ଅପରାଧୀ । ସେଥିପାଇଁ ପ୍ରଭୁ ମୋତେ ଦେଉଛନ୍ତି ଶାସ୍ତି । ଆସ, ଆଜି ମୁଁ ବୁଲିବାକୁ ଯିବି । ଚାଲି, ଚାଲି ଯିବି ।

ଯଶୋଧାରା- ସତରେ ତୁମେ କ'ଣ ଯାଇପାରିବ ?

ସିଦ୍ଧାର୍ଥ - କାହିଁକି ନୁହେଁ ଯଶୋଧାରା ଯାହାର କୃପାରେ ପଙ୍ଗୁ ପର୍ବତ ଲଙ୍ଘିପାରେ, ସେହି ମାଧବଙ୍କୁ ମୋର କୋଟି ପ୍ରଣାମ ।

- ଅନ୍ଧାର -

- ଶେଷଦୃଶ୍ୟ -

(ମୁଖ୍ୟମନ୍ତ୍ରୀ ଓ କ୍ରାଇମବ୍ରାଞ୍ଚ ଏସ.ପି. ବସିଥିଲେ ।)

ଏସ.ପି. - ସାର୍, ଆପଣଙ୍କ ଆଗରେ ମୁଁ ଜ୍ୱଳନ୍ତ ପ୍ରମାଣ ଉପସ୍ଥାପିତ କଲି । ଏହି ଟେପରେ ଯେଉଁସବୁ ସଂଳାପ ଅଛି, ତାହା ଅତି ନଗ୍ନ ଓ ଘୃଣ୍ୟ । ଜଣେ ତୁଙ୍ଗ ଆଇ.ଏ.ଏସ. ଅଧିକାରୀଙ୍କର ଏଇଭଳି ବାକ୍ୟାଳାପ, ଅତ୍ୟନ୍ତ ଦୁଃଖଦାୟକ । ଆପଣ ଅନୁମତି ଦେଲେ ମୁଁ ତାଙ୍କୁ ଆରେଷ୍ଟ କରିପାରେ ।

ମୁଖ୍ୟମନ୍ତ୍ରୀ - ବାସ୍ତବିକ ଏହା ଅତ୍ୟନ୍ତ ଦୁଃଖଦାୟକ । ପ୍ରବୋଧବାବୁ ଜଣେ ଦକ୍ଷ ପ୍ରଶାସକ । ମୁଁ ତାଙ୍କୁ ଚିଫ୍ ସେକ୍ରେଟାରୀ କରିବାକୁ ଚାହୁଁଥିଲି । କିନ୍ତୁ ମୁଁ ଏବେ କରିବି କ'ଣ ? ବିରୋଧିଦଳ ଆସେମ୍ଲିରେ ମୋତେ ନାନା ପ୍ରଶ୍ନବାଣରେ ଜର୍ଜରିତ କରି ପକାଇବେ । ଏତେ ବଡ଼ ଗୁଣୀ ଲୋକ, ତାର ପୁଣି ଚରିତ୍ର ସ୍ଖଳନ । ହଜାରେ ଗୁଣ ଥାଉ, ଯଦି ଚରିତ୍ର ନାହିଁ, ତାହା ମୂଲ୍ୟହୀନ ।

ଏସ.ପି. - ତା'ହେଲେ ଆପଣ କହୁଛନ୍ତି ସାର୍ ।

ମୁଖ୍ୟମନ୍ତ୍ରୀ - ମୁଁ ପ୍ରବୋଧବାବୁଙ୍କୁ ଡକାଇଛି । ବର୍ତ୍ତମାନ କବି ସିଦ୍ଧାର୍ଥ ଓ ତାଙ୍କ ଧର୍ମପତ୍ନୀ ଆସି ପହଞ୍ଚିବେ । ହେଉ ସେମାନେ ତ ଆସିଗଲେଣି ।

ସିଦ୍ଧାର୍ଥ ଓ ଯଶୋଧାରା - (ପ୍ରବେଶି ନମସ୍କାର କଲେ । ଯଶୋଧାରା ପାଦଧୂଳି ନେଲେ ।)

Digitized by srujanika@gmail.com

ମୁଖ୍ୟମନ୍ତ୍ରୀ - କବିବର, ମୋର ଅଭିନନ୍ଦନ ଗ୍ରହଣ କରନ୍ତୁ । ଆପଣଙ୍କର 'ଅଗ୍ନିପଥ'ର ଇଂରାଜୀ ସଂକଳନ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଛି । ଆପଣ ଏ ଜାତିର ଗୌରବ । ଆପଣଙ୍କୁ ମୁଁ ଜାତୀୟ କବି ରୂପେ ଘୋଷଣା କରୁଛି । ନୋବେଲ ଫାଉଣ୍ଡେସନ କମିଟିକୁ ଏହାର କପି ମୁଁ ଗୋଟାଏ ପଠାଉଛି ।

ସିର୍ଦ୍ଧାଥ - ସବୁ ଆପଣଙ୍କର ଆଶୀର୍ବାଦ । ଆପଣ ଆମର ପଥପ୍ରଦର୍ଶକ । ଅନ୍ୟ କେହି ମୁଖ୍ୟମନ୍ତ୍ରୀ ଆପଣଙ୍କ ପରି ସାହିତ୍ୟରେ ଅନୁରାଗ ପ୍ରକାଶ କରିନାହାନ୍ତି । ସାର୍, ଏ ମୋର ଧର୍ମପତ୍ନୀ ଯଶୋଧାରା । ଆପଣଙ୍କର ଅଧସ୍ତନ ଜଣେ ସରକାରୀ କର୍ମଚାରୀ । ନାରୀ ସଶକ୍ତିକରଣ କଥା ଆପଣମାନେ କହୁଛନ୍ତି । କିନ୍ତୁ ନାରୀ ନିର୍ଯ୍ୟାତନା ଏ ରାଜ୍ୟରେ ଯେ ପ୍ରବଳ, ତା' ଆପଣ ନିଶ୍ଚୟ ଜାଣିଥିବେ ।

ଯଶୋଧାରା- କ୍ରାଇମବ୍ରାଞ୍ଚ ଏସ୍.ପି. ଏଠାରେ ଉପସ୍ଥିତ ଅଛନ୍ତି । ଆପଣମାନେ ବିଚାରକ । ମୋର ନିବେଦନ, ରକ୍ଷକ, ଭକ୍ଷକ ନ ହେଉ । ନାରୀର ମାନ, ସମ୍ମାନ, ଇଜ୍ଜତ, ଅତୁଟ ରହୁ ।

ମୁଖ୍ୟମନ୍ତ୍ରୀ - ସେ ଲୋକର ଏତେଦୂର ସ୍ଖଳନ ହେବ ବୋଲି ମୋର ବିଶ୍ୱାସ ନଥିଲା । ତାଙ୍କର ବିରୁଦ୍ଧରେ ମୁଁ ବହୁତ କିଛି ଶୁଣିଥିଲି । କେନ୍ଦ୍ର ମୋତେ ଅନୁମତି ଦେଇଛନ୍ତି, ଦୋଷୀକୁ ଦଣ୍ଡ ଦେବା ପାଇଁ ମୁଁ ଆଜି ଅର୍ଡ଼ର ପ୍ରସ୍ତୁତ କରିବି । ଯଶୋଧାରା ଦେବୀ ତୁମ ତ୍ୟାଗର ପଟାନ୍ତର ନାହିଁ । ନାନା ଜ୍ୱାଳା, ଯନ୍ତ୍ରଣା ଭିତରେ ତୁମେ ଯେପରି ସ୍ୱାମୀଙ୍କର ସେବା କରିଛ, ତାହାର ପଟାନ୍ତର ନାହିଁ । ତୁମକୁ ମୋର ପ୍ରଣାମ ।

ଯଶୋଧାରା- ଆପଣ ପ୍ରଣାମ କରି, ମୋ ପ୍ରତି ଅନ୍ୟାୟ କରିଛନ୍ତି । ଆପଣ ମୋତେ ଆଶୀର୍ବାଦ କରନ୍ତୁ ।

ମୁଖ୍ୟମନ୍ତ୍ରୀ - ମୁଁ ଆଶୀର୍ବାଦ କରୁଛି । କବିବରଙ୍କ ପାଇଁ ମୁଁ ସରକାରୀ ବଙ୍ଗଳା, ମାସିକ ୭ ହଜାର ଟଙ୍କା ପେନ୍‌ସନ୍ ଓ ଚିକିତ୍ସାର ସମସ୍ତ ବ୍ୟୟ, ସରକାର ବହନ କରିବେ ବୋଲି ଘୋଷଣା କରୁଛି ।

ସିଦ୍ଧାର୍ଥ - ହେ ମହାନ, ମୁଁ ଆପଣଙ୍କ ନିକଟରେ ଚିରଋଣୀ ହୋଇ ରହିଗଲି । (ପ୍ରବେଶ କଲେ ପ୍ରବୋଧ ପଟ୍ଟନାୟକ)

ପ୍ରବୋଧ - (ନମସ୍କାର କରି) ସାର୍, ଆପଣ ମୋତେ ଡ଼ାକିଥିଲେ ।

Digitized by srujanika@gmail.com

ମୁଖ୍ୟମନ୍ତ୍ରୀ - କାହିଁକି ଡ଼ାକିଛି, ତା'ତୁମେ ନିଶ୍ଚୟ ଜାଣିପାରିଥିବ । ତୁମେ ଏ ରାଜ୍ୟର ଜଣେ ତୁଙ୍ଗ ପ୍ରଶାସକ । ତୁମେ କରୁଛ କ'ଣ, ତା' ତୁମେ ଥରେ ବିଚାର କରିଛ ? କ'ଣ ତୁମେ ଚାହଁ ? ତୁମକୁ ମୁଁ ବର୍ତ୍ତମାନ ଜେଲ ଭିତରେ ଭର୍ତ୍ତି କରିଦେଇପାରେ । ଏ ଖବର ଏ ପର୍ଯ୍ୟନ୍ତ ଗଣମାଧମରେ ପ୍ରକାଶ ପାଇନାହିଁ, କେବଳ ଏହି ମହୀୟସୀ ମହିଳାଙ୍କ ଯୋଗୁଁ । ପ୍ରବୋଧବାବୁ, ତୁମେ ଏ କ'ଣ କଲ ?

ପ୍ରବୋଧ - (ମୁଣ୍ଡ ପୋତି ଠିଆ ହେଲେ)

ମୁଖ୍ୟମନ୍ତ୍ରୀ - ମୁଁ ପଚାରୁଛି, ମୋ କଥାର ଜବାବ ଦିଅ ।

ପ୍ରବୋଧ - ସାର୍‌, ମୁଁ ଅପରାଧୀ । ମୋର ଅପରାଧ ମୁଁ ସ୍ୱୀକାର କରୁଛି । ଯେଉଁଦଣ୍ଡ ଆପଣ ଦବାକୁ ଚାହାନ୍ତି, ଦେଇ ପାରନ୍ତି । ଆଜି ମୁଁ ଅନୁତପ୍ତ । ବିନା ଦଣ୍ଡରେ, ମୋର କ୍ଷମା ନାହିଁ । ଯେଉଁ ନାରୀ ମୋ ଦ୍ୱାରା ନିର୍ଯ୍ୟାତିତା, ସେ ମୋ ସମ୍ମୁଖରେ । ମୁଁ ପ୍ରଥମେ ତାଙ୍କୁ କ୍ଷମା ଭିକ୍ଷା କରୁଛି । ମା' ତୁମେ ନାରୀ ନୁହଁ, ସାକ୍ଷାତ୍‌ ନାରାୟଣୀ । ତୁମେ ନାରୀ ସମାଜର ଆଦର୍ଶ । ତୁମକୁ ମୋର ପ୍ରଣାମ ।

ମୁଖ୍ୟମନ୍ତ୍ରୀ - ମା' ତୁମେ ଚାହୁଁଛ କ'ଣ, କ୍ଷମା ନା ଦଣ୍ଡ ?

ଯଶୋଧାରା- ଯେଉଁ ଲୋକ ନିଜ ଭୁଲ ପାଇଁ ଅନୁତପ୍ତ, ତାଙ୍କୁ କ୍ଷମା କରିଦିଅନ୍ତୁ ସାର୍‌ । ଏତିକି ମୋର ଅନୁରୋଧ । ମୁଁ ଜଣେ ସାମାନ୍ୟ କର୍ମଚାରୀ । ସେ ମୋର ହାକିମ୍‌ । ଯଦି ମୁଁ କିଛି ଭୁଲ୍‌ କରିଥାଏ, ମୋତେ କ୍ଷମା କରିଦେବାକୁ ଅନୁରୋଧ ଜଣାଉଛି ।

ମୁଖ୍ୟମନ୍ତ୍ରୀ - ମା' ତୁମେ ଦେବୀ । ସାମାନ୍ୟ ନାରୀ ନୁହେଁ, ତୁମେ ନାରାୟଣୀ । ନାରୀ ଜାତିର ଆଦର୍ଶ ହୁଅ । (ମୁଣ୍ଡରେ ହାତ ରଖି ଆଶୀର୍ବାଦ କଲେ ।)

ଜଇଁ ଆସିଛି ଯବନିକା ।

- ସମାପ୍ତ -

Digitized by srujanika@gmail.com

ନାଟକ

ଦିନ ଯାଏ ଚିହ୍ନ ରହେ



ନିର୍ଦ୍ଦେଶନା : ଶ୍ରୀ ପ୍ରଫୁଲ କୁମାର ମହାପାତ୍ର

ସଂଗୀତ : ଶ୍ରୀ ଦ୍ୱାରିକାନାଥ ଘଡ଼େଇ

Digitized by srujanika@gmail.com

ଦିନ ଯାଏ ଚିହ୍ନ ରହେ

- ପ୍ରଥମ ଦୃଶ୍ୟ -

(ସାମନ୍ତ ବିକ୍ରମ ଚୌଧୁରୀଙ୍କ ବାସଭବନ । ସାମନ୍ତ ଆସନରେ ଉପବିଷ୍ଟ । ପାଖରେ ଦେହରକ୍ଷୀ । ଜଣକ ପରେ ଜଣେ ଫୁଲମାଳ ପିନ୍ଧାଇ ସାମନ୍ତଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଥାନ୍ତି ।)

ବିକ୍ରମ - ଆଜି ମୋର ଜନ୍ମଦିନ । ଏହି ଶୁଭ ଅବସରରେ ତୁମେମାନେ ଆସି ମୋତେ ସମ୍ବର୍ଦ୍ଧିତ କରିଥିବାରୁ ମୋର ଆନନ୍ଦର ସୀମା ନାହିଁ । ଦିନ ଥିଲା, ସାମନ୍ତ ବିକ୍ରମ ଚୌଧୁରୀର ଜନ୍ମଦିନ ମାନେ ସାରା ଇଲାକାରେ ମେଳା ମହୋତ୍ସବ ଲାଗିଯାଉଥିଲା । ନୃତ୍ୟଗୀତ, ବାଜାରୋଷଣୀରେ ଖଣ୍ଡମଣ୍ଡଳ ପ୍ରକମ୍ପିତ ହୋଇ ଉଠୁଥିଲା । କିନ୍ତୁ ଏପରି ଏକ ଉତ୍ସବ ମୁଖର ଜନ୍ମଦିନରେ ମୋର ପିତା ସାମନ୍ତ ଶକ୍ତି ଚୌଧୁରୀ ହଠାତ୍ ମୃତ୍ୟୁବରଣ କଲେ । ଆଉ ସେହିଦିନଠାରୁ ମୋର ଜନ୍ମଦିନ ବନ୍ଦ । ଆପଣମାନେ ଜନ୍ମଦିନର ଶୁଭେଚ୍ଛା ଜ୍ଞାପନ କରିଥିବାରୁ ମୁଁ ଧନ୍ୟବାଦ ଜଣାଉଛି । ଏହି ଶୁଭଅବସରରେ ମୁଁ ଘୋଷଣା କରୁଛି, ଆଜିଠାରୁ ଆମ ପାର୍ଟି ତରଫରୁ ପଞ୍ଚାୟତ ନିର୍ବାଚନ କାର୍ଯ୍ୟ ଆରମ୍ଭ ହେବ ।

ଦୀପ୍ତିମାନ - ଆପଣ ଠିକ୍ କହିଛନ୍ତି । ତେବେ ପ୍ରାର୍ଥୀ ତାଲିକା ତ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇପାରିଲାନି । ଯୁବସମାଜ ଚାହାଁନ୍ତି ଏ ଅଞ୍ଚଳରେ ଏକ ବିରାଟ ପରିବର୍ତ୍ତନ । ସେମାନେ ଚାହାଁନ୍ତି ରାଜତନ୍ତ୍ରର ସମାଧି ।

ବିକ୍ରମ - (ତାଚ୍ଛଲ୍ୟ ହସି) ରାଜତନ୍ତ୍ରର ସମାଧି । ଯୁଗେ ଯୁଗେ ଏହି ରାଜତନ୍ତ୍ର ତାର କ୍ଷମତା ଜାହିର କରି ଆସିଛି । ପୃଥିବୀର ସର୍ବଶ୍ରେଷ୍ଠ ଗଣତାନ୍ତ୍ରିକ ରାଷ୍ଟ୍ର ଇଂଲଣ୍ଡରେ ଏଇ ରାଜତନ୍ତ୍ର ଏବେ ବି ତାର ପ୍ରଭୁତ୍ୱ ବିସ୍ତାର କରି ଚାଲିଥିବାବେଳେ ଭାରତରେ ତାର ସମାଧି ହେବ କିପରି ? ତୁମେ ଜାଣ, ଯେଉଁମାନେ ରାଜତନ୍ତ୍ରର ବିରୋଧ କରିବେ, ମୁଁ ସେମାନଙ୍କର ସମାଧି ଦେବି । ଦୀପ୍ତିମାନ, ସନାତନ, ତୁମେ ସବୁ କହିପାରିବ ଆମ ବିରୁଦ୍ଧରେ ଆମ ପଞ୍ଚାୟତ ପ୍ରାର୍ଥୀ କିଏ ?

Digitized by srujanika@gmail.com

ସମସ୍ତେ - (ନୀରବ)

ବିକ୍ରମ - ମୁଁ ଜାଣେ, ଆମ ବିରୁଦ୍ଧରେ ପ୍ରାର୍ଥୀ ହେବାକୁ କେହି ସାହସ କରିବେ ନାହିଁ । ମୁଁ ଏ ଅଞ୍ଚଳର ରାଜା । ସମସ୍ତେ ମୋର ପ୍ରଜା । ମୋ ଅନ୍ନଜଳରେ ପ୍ରତିପାଳିତ ଏ ପ୍ରଜାକୂଳ । ସେମାନେ ପୁଣି ମୋ ବିରୁଦ୍ଧରେ ସଂଗ୍ରାମ କରିବେ, ସାମନ୍ତ ବିକ୍ରମ ଚୌଧୁରୀ ବିରୁଦ୍ଧରେ... (ହସି ଉଠିଲେ ବୀଭତ୍ସ ହସ)

ହରି - ମଣିମା ଯୁଗ ବଦଳିଗଲାଣି । ସେ ଯୁଗ ଆଜି ଆଉ ନାହିଁ । ଲୋକେ ସଚେତନ । ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ଲୋକେ ସ୍ୱର ଉତ୍ତୋଳନ କଲେଣି । ଗ୍ରାମେ ଗ୍ରାମେ ଜନ ଜାଗରଣ । ରତନପୁର ଥାନା ଅଫିସର ଲାଞ୍ଚ ଖାଇବାରୁ, ଲୋକେ ତାକୁ ଠିଆରେ ଜାଳିଦେଲେ ।

ବିକ୍ରମ - ତୁମେ କହିବାକୁ ଚାହଁ, ମୋ ବିରୁଦ୍ଧରେ ଲୋକେ ମଧ ସଚେତନ । ସେମାନେ କ'ଣ ମୋର ବିରୋଧ କରିବେ ?

ହରି - କିଛି ଅସମ୍ଭବ ନୁହେଁ ମଣିମା । ଆପଣ ପରେ ଜାଣିବେନି ।

ବିକ୍ରମ - ଦୁଃଶାସନ -

ଦୁଃଶାସନ - ହଜୁର ।

ବିକ୍ରମ - ଏ ଲୋକଟାର ଆସ୍ପର୍ଦ୍ଧାତ କମ୍ ନୁହେଁ ଦେଖୁଛି । ଆଜି ପର୍ଯ୍ୟନ୍ତ ମୋ ବିରୁଦ୍ଧରେ କିଏ ଜଣେହେଲେ କଥା କହିନାହାନ୍ତି । ଏ ମାଷ୍ଟର ପୁଣି ମୋତେ କହୁଛି ।

ଦୁଃଶାସନ - ମାଷ୍ଟ୍ରିଆ ବୁଦ୍ଧି ଆଜ୍ଞା । ସେ କ'ଣ କହିବ ? ଏ ପଟକୁ ଥିବ ସେ ପଟକୁ ଥିବ । ସୁବିଧାବାଦ ଏମାନଙ୍କର ଧର୍ମ ।

ଦୀପ୍ତିମାନ - ଦୁଃଶାସନ ଠିକ୍ କହିଛି ମଣିମା । ଏହାଙ୍କର ପୁତ୍ର ଆପଣଙ୍କର ପ୍ରଥମ ବିରୋଧୀ । ଆପଣଙ୍କ ବଦଳରେ ସେ ଏ ଅଞ୍ଚଳରେ ରାଜା ହେବ ।

ବିକ୍ରମ - ଏ ଲୋକଟାକୁ ଶୀଘ୍ର ଏଠାରୁ ବାହାର କର ।

ଦୁଃଶାସନ - ଏ ମାଷ୍ଟର । ଦେଖୁଛୁ କ'ଣ । ଯାଉଛୁ ନା ଉତ୍ତମ ମଧ୍ୟମ ଦିଟା ଖାଇବୁ ।

Digitized by srujanika@gmail.com

ହରି - ଯାଉଛି ମଣିମା । ଆପଣଙ୍କ ଜନ୍ମଦିନରେ ଆପଣଙ୍କ ପ୍ରଜାକୂଳକୁ ଏ ଉପହାର । ଧନ୍ୟ, ଧନ୍ୟ ଆପଣ । (ଚାଲିଗଲା)

ବିକ୍ରମ - ବଦ୍‌ମାସ୍‌ଟାର ସାହସ କିଛି କମ ନୁହେଁ ଦେଖୁଛି । ମୁହେଁ ମୁହେଁ ଜବାବ ଦେଇ ଚାଲିଗଲା ।

ସନିଆ - ମଣିମା । ଯାର ପୁଅ, ଶାମବେହେରାର ଝିଅ ଶ୍ୟାମଳୀକୁ ସରପଞ୍ଚ କରି ଠିଆ କରଉଛି ।

ବିକ୍ରମ - ଶ୍ୟାମଳୀ ? ତାର ଏଡ଼େ ସାହାସ । ତାକୁ ଜାଳିଦିଅ ଦୁଃଶାସନ । ତା ଘରଦ୍ୱାର ପୋଡ଼ି ପାଉଁଶ କରିଦିଅ ।

ଦୁଃଶାସନ - ଯୋ ହୁକୁମ ମାଲିକ । (ପ୍ରସ୍ଥାନ)

ବିକ୍ରମ - ଦୀପ୍ତିମାନ

ଦୀପ୍ତିମାନ - ସାର୍ ।

ବିକ୍ରମ - ପୋଲିସ ଇନ୍ସ୍‌ପେକ୍ଟରକୁ ଡ଼ାକିଆଣ । ଯାଅ ତୁରନ୍ତ କାର୍ଯ୍ୟରେ ଲାଗିପଡ଼ । ଯେ ମୋର ବିରୋଧ କରିବ, ତାକୁ ମୁଁ ସମୁଚିତ ଶାସ୍ତି ଦେବି । ଆଉ ସେଇ ଶାସ୍ତିଟା ହେଉଛି ମୃତ୍ୟୁଦଣ୍ଡ ।

- ଅନ୍ଧାର -

(ଆଲୋକ ଜଳିଲାବେଳକୁ ମଞ୍ଚରେ ନାଚି ନାଚି ଚଢ଼େୟା ଚଢ଼େୟାଣୀ ପ୍ରବେଶ କଲେ । ଗୀତ । ଗୀତ ଶେଷରେ କୋଳାହଳ । ଘରପୋଡ଼ିର ଦୃଶ୍ୟ । ଧାଁ, ଧଉଡ଼ । ଚିତ୍କାର । ପୋଲିସର ସାଇରନ୍ । ମଞ୍ଚ ଅନ୍ଧାର ହୋଇଗଲା ।)

- ଗୀତ -

ପୁ - ଭୋଟ ସରିଲା ପରେ ଲୋ ନାଗରୀ
ନୋଟ୍ ମିଳିବ ନାହିଁ
ଯେଉଁମାନେ ସବୁ ନୋଟ ବାଣ୍ଟୁଥିଲେ
ଯିବେତ ସବୁ ଉଭେଇ
ପୁଣି ପାଞ୍ଚ ବର୍ଷରେ
ଆସି ଦେଖାଦେବେ ତୋ କତିରେ................ । ୧ ।

Digitized by srujanika@gmail.com

ଝି - ଗଣତନ୍ତ୍ର ନାମେ କି ଭୋଟ ଆସିଲା
(ଖାଲି) ଟାଉଟରଙ୍କର ପାଳି
ଖାଇଗଲେ ସବୁ ଏକାଠି ହୋଇଣ
(ଲୋକେ) କପାଳକୁ ଦେଲେ ଗାଳି
ଗାଦି ଥରେ ମିଳିଲେ
ମନଇଚ୍ଛା ସବୁ ଲୁଟିନେଲେ...................... । ୨ ।

ପୁ - କିଏ ଜଣେ ହେଲେ ଭଲ ଲୋକ ଆଜି
ରାଜନୀତି କରୁଅଛି ସଭାଜନ
ତାଙ୍କ ସ୍ଥାନ ଆଜି ଡ଼ାକୁମାନେ ନେଲେ
ନେଲେଣି ତ ସବୁ ବାଣ୍ଟି
ଦେଶକୁ ଖାଇଗଲେ
ସବୁବାଟ ମାରଣା କରି ବସିଲେ.................. । ୩ ।

ଝି - ସର୍କାର ଯଦି ଟଙ୍କାଟେ ଦଉଛି
ଲୋକଙ୍କର ଦୁଇଅଣା
ବାକୀ ଚଉଦଣା ସେମାନେ ଲୁଟିଲେ
ସବୁତ ବାଟ ମାରଣା
ତାଙ୍କୁ କହିବ କିଏ
ଅକାଳରେ ପ୍ରାଣ ନେବେ ସିଏ...... । ୪ ।

ଉଭୟ - ଭାଇ ଭଉଣୀଏ ଭଲ କରି ହେଜ
କାହାକୁ ଦେବ ହେ ଭୋଟ
ମିଠା କଥା କହି ଯେ ନୋଟ ବାଣ୍ଟୁଛି
ସେହି ତ ଅସଲି ଠକ
ତାକୁ ହୁରୁ କୁହାର
ଭଲ କରି ମନରେ ବିଚାର .... । ୫ ।

- ଅନ୍ଧାର -

Digitized by srujanika@gmail.com

ହରି - ଓଃ କଥାଯାଉ ଏତେ ଦୂରରେ ଅଛି । ତାହେଲେ ସେ ପଞ୍ଚାୟତ ସମିତି ଚେୟାରମ୍ୟାନ ହେବ ।

କମଳା - ଏହା ଆମ ମନ୍ତ୍ରୀଙ୍କର ଇଚ୍ଛା ।

ହରି - ଗୋଟାଏ ପଞ୍ଚାୟତ ନୁହେଁ, ପୁଣି ପାଞ୍ଚଟା ପଞ୍ଚାୟତ । ଆଜିକାଲି ପଞ୍ଚାୟତ ନିର୍ବାଚନରେ କେତେ ଖର୍ଚ୍ଚ ହୁଏ ଜାଣିଛ, ଲକ୍ଷାଧିକ ଟଙ୍କା । ସେ ଏତେ ଟଙ୍କା କୁଆଡୁ ଆଣିବ ? କ'ଣ ବାପର ସଂପତ୍ତି ବନ୍ଧକ ପକାଇବାର ବନ୍ଦୋବସ୍ତ କରୁଛି । ତାକୁ ପଚାରିଥିଲ, ସେ ଟଙ୍କା ଆଣୁଛି କୁଆଡୁ ? କିଏ ତାକୁ ଟଙ୍କା ଦବ ? କ'ଣ କମଳା ଶୁଭୁଛି ନା କାନ ବଧିର ହୋଇଗଲାଣି ? ତାକୁ ଟଙ୍କା ଦବ କିଏ ? ପଞ୍ଚାୟତ ସମିତି ସଭ୍ୟ ପାଇଁ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ସେ ଆଣିବ କୁଆଡୁ ।

କମଳା - ଏ କଥା ମୋତେ କ'ଣ ପଚାରୁଛ । ସେ ତ ଆଉ ସାନପିଲା ହୋଇନି । ତାକଥା ସେ ବୁଝିବ । ତୁମେ ବ୍ୟସ୍ତ ହଉଚ କାହିଁକି ?

ହରି - ମୋତେ କାହିଁକି କିମିତି କିମିତି ଲାଗୁଛି । ଲୋକେ ଯାହାକୁ ବାଡ଼େଇ ମିଥ୍ୟାକେଶ୍ କରି ଜେଲ୍ ପଠାଇଦେଲେ, ତାକୁ ପୁଣି ଭୋଟ୍ ଦେବେ ? ମୋତେ କିଛି ଭଲ ଦେଖାଯାଉନି । ଆମ ରଜା, ସେ କ'ଣ ସହଜରେ ଛାଡ଼ିଦବ ।

କମଳା - ଜଣେ ଜ୍ୟୋତିଷକୁ ତା କୋଷ୍ଠୀ ଦେଖାଇଥିଲି, ସେ କ'ଣ କହିଲା ଜାଣ ?

ହରି - କ'ଣ କହିଲା ? ଭାରତର ରାଷ୍ଟ୍ରପତି ହେବ ।

କମଳା - କିଛି ଅସମ୍ଭବ ନୁହେଁ । ତା ମଧ ହୋଇପାରେ । ତା ଜାତକ ତ କହୁଛି । ତୁମେ ପୁଣି କ'ଣ କହିବ ? ଦେଖ, କ'ଣ ହଉଚି ।

ହରି - ହଉ, ମନେ ମନେ ଗୁଡ଼ ଖାଇ ବସିଥାଅ ।

(ଏହି ସମୟରେ ପ୍ରବେଶ କଲା ଶ୍ୟାମର ଝିଅ ଶ୍ୟାମଳୀ)

ଶ୍ୟାମଳୀ - ବାପା ନମସ୍କାର, ବୋଉ ନମସ୍କାର ।

ହରି - କମଳା, ଏ ଝିଅଟି କିଏ ?

କମଳା - ମଲା, ତୁମେ ଶ୍ୟାମର ଝିଅକୁ ଚିହ୍ନିପାରୁନ ? ଏ ପରା ସରପଞ୍ଚ ହେବ ।

Digitized by srujanika@gmail.com

ହରି - ଓ ବୁଝିଲି । ତୁମେ କୁଆଡ଼େ ଆସିଲ ମା ?

ଶ୍ୟାମଳୀ - ତାପସବାବୁଙ୍କର ବେଲ ମଞ୍ଜୁର ହୋଇଗଲା । ଆମଦଳର କର୍ମୀମାନେ ଯାଇଛନ୍ତି, ତାଙ୍କୁ ସ୍ୱାଗତ କରି ପଟୁଆରରେ ଆଣିବାକୁ ।

ହରି - ମା, ତାର ଦୋଷ କ'ଣ ? ତାକୁ ପୋଲିସ ଗିରଫ କଲା କାହିଁକି ?

ଶ୍ୟାମଳୀ - ଏଠାରେ ପୋଲିସ ଯେଉଁ ଦୁର୍ନୀତି କରୁଛି, ତାର ବିରୁଦ୍ଧରେ ସେ ସରକାରଙ୍କୁ ଲେଖିଥିଲେ । ସେଇ ରାଗରେ ସେମାନେ ତାଙ୍କୁ ଗିରଫ କଲେ । ତାଙ୍କରି ଯୋଗୁଁ ବହୁତ ଘର ପୋଡ଼ିଯିବାରୁ ରକ୍ଷା ପାଇଲା । କିନ୍ତୁ ପୋଲିସ ତାଙ୍କ ବିରୁଦ୍ଧରେ ଘରପୋଡ଼ି ଅଭିଯୋଗ ଆଣିଛି । ଆମେ ଏକଥା ସରକାରଙ୍କୁ ଜଣାଇଲୁ । ଥାନା ଅଫିସରକୁ ସସ୍‌ପେଣ୍ଡ କରାଯାଇଛି ।

ହରି - ତାହେଲେ ସତ୍ୟଧର୍ମ ବୋଲି ଗୋଟାଏ କିଛି ଅଛି । ଦେଖିଲ କମଳା, ମୁଁ ଥାନାକୁ ଯାଇଥିଲେ ଥାନାବାଲା ମୋତେ ଗିରଫ କରିଥାନ୍ତେ । ମା' ସତରେ କ'ଣ ତୁମେ ନିର୍ବାଚନ ଲଢୁଛ ? କାହିଁକି ମା, ତୁମେ ସାନପିଲା । ଏସବୁରେ ବର୍ତ୍ତମାନଠାରୁ ମୁଣ୍ଡ ଖେଳାଅ ନାହିଁ, ଦେଶର ସେବା କର । ସେବା କରିବାକୁ ବହୁତ ରାସ୍ତା ଅଛି । ଖାଲି ସରପଞ୍ଚଟେ ହେଲେ ଯେ ଦେଶସେବା କରିହେବ ତା ନୁହେଁ ମା । ମୋ କଥା ମାନ । ଏରାଜନୀତି ବଡ଼ ଜଟିଳ ।

(ଏଇ ସମୟରେ ଶୁଭିଲା - ତାପସବାବୁ ଜିନ୍ଦାବାଦ - ଜିନ୍ଦାବାଦ ଆମର ନେତା ତୁମର ନେତା ତାପସବାବୁ ଜିନ୍ଦାବାଦ । ଫୁଲମାଳ ପିନ୍ଧି ତାପସ ମଞ୍ଚରେ ପ୍ରବେଶ କଲା । ବାପାମା'ଙ୍କର ପାଦଧୂଳି ନେଲା)

ହରି - ଦୀର୍ଘଜୀବୀ ହୁଅ ବାପା । ପ୍ରଭୁ ତୋର ମଙ୍ଗଳ କରନ୍ତୁ ।

ତାପସ - ଶ୍ୟାମଳୀ, ତୁମେ ଏଠାକୁ କେତେବେଳେ ଆସିଲ ?

ଶ୍ୟାମଳୀ - ବେଲ ଅର୍ଡ଼ର ସୁବାସବାବୁଙ୍କୁ ଦେଇ, ମୁଁ ବାପାଙ୍କୁ ଏ ଶୁଭଖବର ଜଣାଇବାକୁ ଚାଲି ଆସିଲି । ଆଚ୍ଛା ତାପସବାବୁ, ତୁମେ ବିଶ୍ରାମ କର । କାଲି ସକାଳେ ପାର୍ଟି ମିଟିଙ୍ଗ । ମୋତେ ବନ୍ଦୋବସ୍ତ କରିବାକୁ ହେବ ।

ତାପସ - ସୁବାସବାବୁ ଗଲେ କୁଆଡ଼େ ?

Digitized by srujanika@gmail.com

ଶ୍ୟାମଳୀ - ସେ ସଂଧ୍ୟାରେ ଭୁବନେଶ୍ୱର ଯିବେ, କାଲିର ପାର୍ଟି ମିଟିଙ୍ଗ ଆଟେଣ୍ଡ କରିବାକୁ । ନହେଲେ ସେ ନିଶ୍ଚୟ ତୁମ ସାଥିରେ ଏଠାକୁ ଆସିଥାନ୍ତେ । ମୁଁ ଏଥର ଆସୁଛି । ଆସୁଛି ବାପା । (ମୁଣ୍ଡିଆ ମାରୁଥିଲେ)

- ଅନ୍ଧାର -

- ତୃତୀୟ ଦୃଶ୍ୟ -

(ଗ୍ରାମ୍ୟ ରାସ୍ତା । ସନାତନ ଆସୁଥିଲା । ମନେ ମନେ କହୁଥାଏ)

ସନିଆ - କି ନିର୍ବାଚନ ଆସିଲା ଲୋ ମା । ଗାଁ ଗାଁ କେ କଳି । ଘଇତା, ମାଇପ ଭିତରେ କଳି । ଭାଇ ଭାଇ ଭିତରେ କଳି । ବାପପୁଅ ଭିତରେ କଳି । ଚାରିଆଡ଼େ ଦଳାଦଳି, ଫଟାଫଟି । ଏ ଗାଁ କ'ଣ ନଥିଲା ! ଆଜି ଦୋଳପୂର୍ଣ୍ଣିମା, ଗାଁ ମେଳନ । ମେଳନ ପଡ଼ିଆରେ ଖାଲି ଚଉଦୋଳରେ ଠାକୁର ବସିଛନ୍ତି, ହେଲେ ଲୋକ କାହାଁନ୍ତି ? ବିଚରା ଶ୍ୟାମ ବେହେରା ଘରଟାକୁ ଜାଳିବାକୁ ଆସିଥିଲେ । ତାପସବାବୁ ଯୋଗୁଁ ତା'ଘର ରକ୍ଷା ପାଇଗଲା । ତା ବଦଳରେ ଜଳିଗଲା ୪ଟି ନୀରିହ ଗରୀବଙ୍କର ଚାଳଘର । ତାପସବାବୁ ମାଡ଼ ଖାଇଲା, ଦୋଷୀ ହେଲା । ଶେଷରେ ଜଏଲ ଗଲା । ସାବାସ୍ ଜମିଦାର ସାଆନ୍ତେ । ବଡ଼ କାରସାଦି ଦେଖାଇଲ । ଶ୍ୟାମ ବେହେରା ପରିବାରକୁ ଜିଅନ୍ତା ଜାଳିଦେବାକୁ ବସିଥିଲ । ହେଲେ ଠାକୁରେ ରକ୍ଷା କରିଦେଲେ । ଏ ପୋଲିସ ଥାନାବାବୁ । ଜମିଦାରଠାରୁ ପୁଲେ ଖାଇଲା । ତାପସବାବୁଙ୍କୁ ଧରିଲା । ଶେଷକୁ ଚାକିରୀ ଗଲା ।

(ସେଇ ବାଟ ଦେଇ ପ୍ରବେଶ କଲେ ସୁବାସ ମହାରଣା ।। ବ୍ଲକ ଶାସକ ଦଳ ସଭାପତି)

ସୁବାସ - ସନାତନ, କ'ଣ ମନକୁ ମନ ଗପୁଛୁ । କ'ଣ ତୋ ମୁଣ୍ଡ ଖରାପ ? ଲୋକେ ହସୁଛନ୍ତି ।

ସନିଆ - ହଁ ବାବୁ, ଲୋକଙ୍କର ହସିବା ବେଳ ହୋଇଛି, ହସିବେ । ଯାହାର କାନ୍ଦିବା ବେଳ, ସେ କାନ୍ଦୁଛି । କାହାର ପୁଷମାସ ତ କାହାର

Digitized by srujanika@gmail.com

ସର୍ବନାଶ । ବାବୁ, କୋର୍ଟ ବିଚାରପତି ତାପସବାବୁଙ୍କୁ ଛାଡ଼ିଦେଲା । ବଡ଼ ଭଲ କାମ କଲା । ବୁଢ଼ାବୁଢ଼ୀ ଦିଟା ବଡ଼ ବ୍ୟସ୍ତ ହେଉଥିଲେ ।

ସୁବାସ - ହବ କ'ଣ । ଏ ଜମିଦାରଟାକୁ ଗିରଫ ନ କଲେ କିଛି ହୋଇପାରିବ ନାହିଁ । ଏ କେବେ ରାଜା ଥିଲା, କେବେ ଜମିଦାର ଥିଲା । ହଇରେ ସନାତନ ଆଜି ଏ ରାଜାମାନେ ତମ ଆମ ପରି ହୋଇଗଲେଣି । ଏ ପୁଣି ଗୋଟାଏ କି ଜମିଦାର ! ଏ ଭାବୁଛି, ସାରା ଜୀବନ ସରପଞ୍ଚ ହୋଇଥାନ୍ତା ।

ସନିଆ - ସେମିତି କ'ଣ କହୁଚ ବାବୁ । ହେଇଥିଲା ନା । ତେମେ ଲାଗିପଡ଼ି ଏ ସିଟ୍‌ଟାକୁ ମହିଳା କରିଦେଲ ବୋଲି ସିନା । ଏବେ କ'ଣ କହୁଛି ଜାଣିଛ, ତା ଘରର ଚାକରାଣୀ, ଯେ ତାର ବାସନ ମାଜୁଛି, ସେ ସରପଞ୍ଚ ହେବ । ସେଥିପାଇଁ ଯେତେ ଖର୍ଚ୍ଚ ହେବ, ସେ କରିବ ।

ସୁବାସ - ସେ ଦିନ ଆଉ ନାହିଁ ସନାତନ । ଲୋକେ ସବୁ ବୁଝିଗଲେଣି । ଏ ଗୁଣ୍ଡାରାଜୁତି ଆଉ ଚଳିବନି । ଚଳିବ ନାହିଁରେ ଚଳିବ ନାହିଁ ଗୁଣ୍ଡା ରାଜୁତି ଚଳିବ ନାହିଁ । ହଉ ମୁଁ ଟିକିଏ ତାପସବାବୁ ଘରକୁ ଯାଉଛି । ତାଙ୍କର ଦେହ ଭଲ ନଥିଲା ।

ସନିଆ - ହେଇ ତାପସବାବୁ ତ ଆସୁଛନ୍ତି । ତୁମେ ଆଉ କୁଆଡ଼େ ଯିବ । (ତାପସର ପ୍ରବେଶ)

ସୁବାସ - ନମସ୍କାର ତାପସବାବୁ, ମୁଁ ତ ଆପଣଙ୍କ ଘରକୁ ଯାଉଥିଲି । ଫୋନ୍ କଲି । ଆପଣଙ୍କର ଫୋନ୍ ବୋଧେ ଠିକ୍ ନାହିଁ । ଦଳ ସଭାପତି ମୋତେ ପଞ୍ଚାୟତ ନିର୍ବାଚନର କ୍ୟାଣ୍ଡିଡ଼େଟମାନଙ୍କ ବିଷୟରେ ପଚାରିଲେ । ମୁଁ କହିଛି ଆପଣଙ୍କୁ ନ ପଚାରି ମୁଁ କିଛି କରିପାରିବି ନାହିଁ । ଶ୍ୟାମଳୀ ଦେବୀଙ୍କ କଥା କ'ଣ ହେଲା ? ସେ ଏଥର ପ୍ରାର୍ଥୀ ହେବେ ତ ?

ତାପସ - କାହିଁକି, କ'ଣ ହେଲା ? ଶ୍ୟାମଳୀ କ'ଣ କିଛି ତୁମକୁ କହିଲା ?

ସୁବାସ - ନାଇଁ ଯେ, ତାର ବାପମାଙ୍କର ମନ ଉଣା ।

ସନିଆ - ହବନିକି ଆଜ୍ଞା । ତାର ଘରଟା ଜଳିଯାଇଥାନ୍ତା । ବାବୁ, କେତେଦିନ ପୋଲିସ ତୁମକୁ ଜଗିବ ? ଲୋକେ ତୁମକୁ ନ ଜଗିଲେ ପୋଲିସ୍ କ'ଣ କରିବ । ଲୋକେ ପରା ତୁମକୁ ଭୋଟ ଦେବେ । ତେଣେ

Digitized by srujanika@gmail.com

ଜମିଦାର ମଧ ମନା କଲା, ମେଳଣ ଦେଖି କେହି ଯାଅ ନାହିଁ । ତା କଥାମାନି କେତେ ଲୋକ ମେଳଣ ପଡ଼ିଆକୁ ଗଲେନି । ଏ ବର୍ଷ ଦୋଳଯାତ୍ରାଟା ଭଣ୍ଡୁର ହୋଇଗଲା । ଏ କଥାକୁ ଟିକେ ନିଘା କରିଛ ।

ତାପସ - ସନାତନ ସତକଥା କହୁଛନ୍ତି । ଗାଁଗାଁରେ ସ୍ୱେଚ୍ଛାସେବୀ ବାହିନୀ ଗଠନ କରିବାକୁ ହେବ । ପାଳିକରି ୨୦ଜଣ ଲେଖାଏଁ ଗାଁ ଜଗିବେ ସେ ଭିତରୁ । ପୋଲିସକୁ ଉଠେଇ ଦେବାକୁ ହେବ ।

ସୁବାସ - ନିର୍ବାଚନ ପାଖେଇ ଆସିଲା । ସେ କଥା ଦେଖିବା ନା ଏ କଥା ଦେଖିବା ।

ତାପସ - ଉଭୟକୁ ଦେଖିବାକୁ ପଡ଼ିବ । ଆଜି ସଂଧ୍ୟାରେ ସମସ୍ତେ ଏକାଠି ହେବା । ଦେଖିବା ଅର୍ଥର ଜୁଲୁମ କେତେଦିନ ଚାଲୁ ରହିବ ।

ସୁବାସ - ତାହେଲେ ଚାଲନ୍ତୁ, ପାର୍ଟି ଅଫିସକୁ ଯିବା । ଶ୍ୟାମଳୀ ଦେବୀ ଇଆଡ଼େ ଆସୁଛନ୍ତି । ଚାଲନ୍ତୁ ଅନ୍ୟଠାରେ କଥା ହେବା ।

ସନିଆ - ମୋତେ ଡ଼ରିଯାଉଛକି ବାବୁ । ମୁଁ ତୁମ ଲୁକ । ତୁମେ ମୋତେ ଡ଼ରୁଛ କାହିଁକି ? ମୁଁ ତୁମ କଥା କାହା ଆଗେ କହିବିନି ।

ତାପସ - ଆଚ୍ଛା, ଆପଣମାନେ ଅଫିସକୁ ଯାଆନ୍ତୁ । ମୁଁ ଶ୍ୟାମଳୀକୁ ପଚାରେ । (ଦୁହେଁ ଚାଲିଗଲେ । ପ୍ରବେଶ କଲେ ଶ୍ୟାମଳୀ)

ଶ୍ୟାମଳୀ - ତାପସବାବୁ, ସୁବାସବାବୁ ଏଠି ଥିଲେ । ସେ ଚାଲିଗଲେ କାହିଁକି ?

ତାପସ - ମୁଁ ତାଙ୍କୁ ଚାଲିଯିବାକୁ କହିଲି ।

ଶ୍ୟାମଳୀ - କାହିଁକି ?

ତାପସ - କଥା କ'ଣକି, ତୁମର ସରପଞ୍ଚ ପ୍ରାର୍ଥୀ ହେବା କଥା । ତୁମେ ନିର୍ବାଚନରେ କଣ୍ଟେଷ୍ଟ କରିବତ ଶ୍ୟାମଳୀ ?

ଶ୍ୟାମଳୀ - (ନୀରବ)

ତାପସ - କହ ଶ୍ୟାମଳୀ, ତୁମର ନୀରବତା ମନରେ ସଂଦେହ ସୃଷ୍ଟି କରୁଛି ।

ଶ୍ୟାମଳୀ - ମୁଁ ନାଚାର ତାପସବାବୁ ।

ତାପସ - ଶ୍ୟାମଳୀ (ଚିତ୍କାର କଲା)

ଶ୍ୟାମଳୀ - ମୋର ପିତାମାତାଙ୍କର ମୁଁ ଅବାଧ ହେବାକୁ ଚାହେଁନା ।

ତାପସ - ଏଇଆ ତୁମର ପ୍ରକୃତ ଇଚ୍ଛା । ତାହେଲେ ମୋତେ ଜେଲ ପଠାଉଥିଲ କାହିଁକି ? ତୁମପାଇଁ ମୁଁ ଜୀବନ ଦେବାକୁ ପ୍ରସ୍ତୁତ ।

Digitized by srujanika@gmail.com

କିନ୍ତୁ ତୁମେ, ତୁମେ ଶେଷରେ ମୋତେ ପ୍ରତାରଣା କଲ ? ବାପମା'ଙ୍କର ଦ୍ୱାହି ଦେଇ ତୁମେ ତୁମ ଆଦର୍ଶ ପଥରୁ ବିଚ୍ୟୁତ ହୋଇଗଲ ? ତୁମର ସେଦିନର ଶପଥ ମନେ ଅଛି ଶ୍ୟାମଳୀ ? ସର୍ବହରାର ମୁକ୍ତିପାଇଁ, ଆମେ ଜୀବନ ଦେବା । ଶେଷରେ ତୁମେ କଲ କ'ଣ ? ତୁମେ ମୋତେ ଧୋକା ଦେଲ । ହଉ, ମୁଁ ଆସୁଛି । ଜୀବନରେ ଆଉ କେବେ ଦେଖା ହେବନାହିଁ । ନମସ୍କାର । (ଚାଲିଗଲେ)

ଶ୍ୟାମଳୀ - ତାପସ ବାବୁ, ତାପସ ବାବୁ । ଆରେ ଶୁଣ । ନା, ବଡ଼ ଭୁଲ କଲି ।

- ଅନ୍ଧାର -

- ଚତୁର୍ଥ ଦୃଶ୍ୟ -

(ସାମନ୍ତ ବିକ୍ରମ ଚୌଧୁରୀଙ୍କର ବୈଠକଖାନା । ଚୌଧୁରୀ ବସିଥିଲେ । ନର୍ତ୍ତକୀ ନୃତ୍ୟ ପରିବେଷଣ କରୁଥିଲେ ।)

- ଗୀତ -

ମନ ମୁକୁରରେ ମୋର ତବ ଛବି ହସିଲାରେ
ଭୁଲିଲି ସବୁ ମୁଁ ପ୍ରିୟ ଦମ୍ଭ ମୋର ଭାଙ୍ଗିଲାରେ ।୦।
    ଆକାଶେ ନିରେଖି ଜହ୍ନ
    ଚକୋରୀ ଯେହ୍ନେ ଉଚ୍ଛନ୍ନ
    ପ୍ରିୟ ମୁଁ ସେପରି ଜାଣ
    ନିରେଖି ତୁମ ବଦନ
ମନ ମୟୁରୀ ଗୋ ମୋର ଆନନ୍ଦରେ ନାଚିଲାରେ ।୧।
    ପ୍ରେମର ପ୍ରଦୀପ ଜାଳି
    ତୁମ କଥା ମନେ ଭାଳି
    ପ୍ରିୟ ତୁମେ ଜପାମାଳି
    ହେଲି ମୁଁ ଆଜି ପାଗଳି
ଆସ ପ୍ରିୟ ପାଶେ ମୋର ଦେଖ ନିଶି ପାହିଲାରେ ।୨।

Digitized by srujanika@gmail.com

(ନୃତ୍ୟ ଶେଷରେ ଚୌଧୁରୀ ନୋଟ ବଣ୍ଡଲଟେ ଫିଙ୍ଗିଦେଲେ । ନର୍ତ୍ତକୀ କୁର୍ଣ୍ଣିସ କରି ଚାଲିଗଲା । ସମସ୍ତେ ଗୋଟିକ ପରେ ଗୋଟିଏ ନମସ୍କାର କରି ଚାଲିଗଲେ । ପ୍ରବେଶ କଲେ ଦୀପ୍ତିମାନ ପାଇକରାୟ)

ଦୀପ୍ତିମାନ - ନୃତ୍ୟଗୀତର ପାଗଳ ଜଣେ ଖିଆଲି ମଣିଷ, ରାଜନୀତିରୁ ଦୂରରେ ରହିବା ଆବଶ୍ୟକ ।

ବିକ୍ରମ - ଦୀପ୍ତିମାନ ବାବୁ । ଆସ ଆସ । ସଂଗୀତ ନୃତ୍ୟବିହୀନ ଜଣେ ମନୁଷ୍ୟର ଜୀବନ, ଜୀବନ ନୁହେଁ । ଦୁଇଦିନ ପାଇଁ ଦୁନିଆକୁ ଆସି, ଯଦି ଜୀବନକୁ ତିଳତିଳ କରି ଉପଭୋଗ କରାନଯାଏ, ମୋ ବିଚାରରେ ସେ ଜୀବନର ମାନେ କିଛି ନାହିଁ । ଏ ବଂଶର ଇତିହାସ, ପରମ୍ପରା, ବୁନିଆଦ ସଂପର୍କରେ ତୁମେ ସଂପୂର୍ଣ୍ଣ ଅଜ୍ଞ । ଏଠାରେ ପ୍ରତିଦିନ ଜଲସାଘର ହୁଏ । ଭାରତର ଶ୍ରେଷ୍ଠ ନର୍ତ୍ତକୀମାନେ ଏଠାରେ ନୃତ୍ୟ ପରିବେଷଣ କରୁଥିଲେ । ଆଜି ସେ କପୂର ନାହିଁ ସତ ହେଲେ କନାଖଣ୍ଡକ ପଡ଼ି ରହିଛି । ଆଜି କ'ଣ ଜାଣ, ଦୋଳ ପୂର୍ଣ୍ଣିମା । ସାତଦିନ ଧରି ଏ ପ୍ରାସାଦରେ ବସନ୍ତୋତ୍ସବ ପାଳନ କରାଯାଏ ।

ଦୀପ୍ତିମାନ - ହଉ, ଆପଣ ବସନ୍ତୋତ୍ସବ, ବର୍ଷା ଉତ୍ସବ, ଶରତୋତ୍ସବ, ଯେତେ ଉତ୍ସବ ଏ ଦୁନିଆଁରେ ଭରି ରହିଛି, ସବୁ ମନ ଭରି ଉପଭୋଗ କରନ୍ତୁ । ମୁଁ ଏ ପ୍ରାସାଦର ଇତିହାସ ଶୁଣିଛି । ଅନୁଢ଼ା ଯୁବତୀର କ୍ରନ୍ଦନରୋଳରେ ଏ ପ୍ରାସାଦ ଶିହରିତ ହୁଏ । କେତେ ଯୁବତୀଙ୍କର ଅତୃପ୍ତ ଆତ୍ମା ଏ ପ୍ରାସାଦରେ ଘୁରି ବୁଲୁଛି ତାର ହିସାବ ନାହିଁ । ତେବେ ସେ ଦିନ ଚାଲି ଯାଇଛି । ଆଜି ଚୌଧୁରୀ ବିକ୍ରମ ସାମନ୍ତ ଜଣେ ସାଧାରଣ ଜମିଦାର ।

ବିକ୍ରମ - (ଜୋରରେ ହସି ଉଠିଲେ) ଇତିହାସ କଥା କହୁଛ ଦୀପ୍ତିମାନବାବୁ । ଅତୀତର ଇତିହାସ ଏହି ପ୍ରାସାଦରେ ଲେଖା ଯାଇଛି । ଆଜି ସେ ରାଜପରିବାର ଅତୀତର ସ୍ମୃତି ରୋମନ୍ଥନ କରିବାକୁ ବଞ୍ଚି ରହିଛି ଆଉ ରହିଥିବ ମଧ୍ୟ । କ'ଣ ବୁଝିପାରୁଛ ?

ଦୀପ୍ତିମାନ - ଏ ସବୁ ବୁଝିବାକୁ ମୁଁ ଆପଣଙ୍କ ନିକଟକୁ ଆସିନି ଜମିଦାରବାବୁ । ମୁଁ ଆସିଛି ପଞ୍ଚାୟତ ନିର୍ବାଚନ ସକାଶେ ଆଲୋଚନା କରିବାକୁ ।

Digitized by srujanika@gmail.com

ସରକାରୀ ଦଳର ଚକ୍ରାନ୍ତରେ ଏ ସିଟ୍ ଲେଡ଼ିଜ୍ ସିଟ୍ କରିଦିଆଗଲା । ଆପଣଙ୍କୁ ଯେତେ କହିଲେ ମଧ ଆପଣ ଆରାମରେ ବସି ରହିଲେ ।

ବିକ୍ରମ - ଦୀପ୍ତିମାନବାବୁ । ମୁଁ କ'ଣ ସାରାଜୀବନ ସରପଞ୍ଚଟିଏ ହେବି ? ମୁଁ ଏଥର ସମିତି ଚେୟାରମ୍ୟାନ, ଆସନ୍ତାଥର ଜିଲ୍ଲା ପରିଷଦ, ତାପରେ ରାଜ୍ୟ ମୁଖ୍ୟମନ୍ତ୍ରୀ । ମୁଁ ଏଥର ସମିତି ସଭ୍ୟପାଇଁ ନିର୍ବାଚନ ଲଢ଼ିବି ।

ଦୀପ୍ତିମାନ - ତେବେ ଏସବୁ କଳ୍ପନାକୁ ରୂପାୟିତ କରିବା ପାଇଁ ଧନବଳ, ଜନବଳ ଓ ମନବଳ ଏ ତ୍ରିଶକ୍ତିର ପ୍ରୟୋଜନ ବେଶୀ । କ'ଣ ବୁଝୁଛନ୍ତି । ଆଜି ସେଦିନ ନାହିଁ । ସରପଞ୍ଚ ପାଇଁ ଦୁଇଲକ୍ଷ ନ ଧରିଲେ ନିର୍ବାଚନକୁ ଓହ୍ଲେଇବା ଉଚିତ ନୁହେଁ, ତାଛଡ଼ା ୫ଟି ପଞ୍ଚାୟତ ପାଇଁ କ୍ୟାଣ୍ଡିଡ଼େଟ୍ ଲୋଡ଼ା । ଆପଣ କ'ଣ ବିଚାର କରୁଛନ୍ତି ? ମେଣ୍ଟରେ ଫାଟ ।

ବିକ୍ରମ - ମୁଁ ତ ସବୁ ଠିକ୍ କରି ସାରିଛି ହାଇକମାଣ୍ଡ ମୋର କଥାକୁ ଅମାନ୍ୟ କରିବେନି, ଏହା ମୋର ଦୃଢ଼ ବିଶ୍ୱାସ ।

ଦୀପ୍ତିମାନ - ଆପଣଙ୍କ ପଞ୍ଚାୟତରେ କାହାକୁ ପ୍ରାର୍ଥୀ କରାଇବେ । କ'ଣ, ଆପଣଙ୍କର ବଡ଼ ବୋହୂ ?

ବିକ୍ରମ - (ହସିଲେ) ତୁମେ କ'ଣପାଗଳ ହେଲ ? ସାମନ୍ତ ବିକ୍ରମ ଚୌଧୁରୀର ବୋହୂ ପୁଣି ନିର୍ବାଚନ ଲଢ଼ିବ ? ଯାହାର ପାଦପୂଜା କରିବା ପାଇଁ ଏ ଅଞ୍ଚଳର ସ୍ତ୍ରୀଲୋକମନେ ପାଗଳିନୀ ପରି ଧାଡ଼ି ବାନ୍ଧନ୍ତି, ସେ ପୁଣି ଦ୍ୱାରଦ୍ୱାର ଯାଇ ଭୋଟ ଭିକ୍ଷା କରିବ । ଅସମ୍ଭବ, ଅସମ୍ଭବ ।

ଦୀପ୍ତିମାନ - ତାହେଲେ ଆଉ କାହାକୁ ପ୍ରାର୍ଥୀ କରିବାକୁ ଚିନ୍ତା କରୁଛନ୍ତି ?

ବିକ୍ରମ - ମୋର ଚାକରାଣୀ, ଯେ ମୋର ଗୁହାଳ ସଫା କରେ, ଲୁଗା କାଚେ, ରତନୀ ସେ ହେବ ଏ ପଞ୍ଚାୟତର ସରପଞ୍ଚ । ତୁମେ ଜାଣ ଦୀପ୍ତିମାନ, ମୁଁ ଯଦି ଜଣେ କୁକୁର ଠିଆ କରାଇବି, ଲୋକେ ତାକୁ ଫୁଲମାଳ ଦେଇ ଜୟଯୁକ୍ତ କରାଇବେ ।

ଦୀପ୍ତିମାନ - ସେ କ'ଣ ଲେଖି ପଢ଼ି ଜାଣନ୍ତି ?

Digitized by srujanika@gmail.com

ବିକ୍ରମ - ସେ ବିଷୟରେ ତୁମେ କାହିଁକି ଚିନ୍ତା କରୁଛ ? ସେ କଥା ମୁଁ ବୁଝିବି । ବିଡ଼ିଓ ମୋ ଘରକୁ ଆସିଥିଲେ । ଆମେ ଯଦି ୫୦ ଭୋଟରେ ହାରବାକୁ ଥିବ ସେ ଆମକୁ ୫ଶହ ଅଧିକା ଭୋଟରେ ଜିତାଇ ଦେବେ । ତୁମେ ବୁଝ । ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ଆମ ହାତରେ । ଜିଲ୍ଲା ପରିଷଦ କଥା ପରେ ଚିନ୍ତା କରିବା ।

ଦୀପ୍ତିମାନ - ଏଥର ପଞ୍ଚାୟତ ହାତରେ ଅଖଣ୍ଡ କ୍ଷମତା । ପଞ୍ଚାୟତ ସମିତି ଅଧ୍ୟକ୍ଷ ପାଇବେ ୨ କୋଟି ଟଙ୍କା । ଏମ୍.ପିଙ୍କର କୋଟିଏ, ବିଧାୟକମାନଙ୍କର ୭୫ ଲକ୍ଷ ଥିବାବେଳେ ସମିତିଅଧ୍ୟକ୍ଷଙ୍କୁ ୨ କୋଟି ।

ବିକ୍ରମ - ନିର୍ବାଚନ ପାଇଁ ଟଙ୍କା ଖଟାଇବା, ଟଙ୍କା ପୁଣି ଆଦାୟ କରିବା । ତୁମେମାନେ ମୋ ପଛରେ ଥାଅ ।

ଦୀପ୍ତିମାନ - ଏଥର ଦଳପକ୍ଷରୁ କାହାକୁ ଷ୍ଟାର କ୍ୟାମ୍ପେନର କରି ଡ଼ାକିବେ ?

ବିକ୍ରମ - (ପୁଣି ହସିଉଠିଲେ) ଷ୍ଟାର କ୍ୟାମ୍ପେନର, ମାନେ ସାମନ୍ତ ବିକ୍ରମ ଚୌଧୁରୀ କ'ଣ ମରିଗଲାଣି ? ଏବେ ମଧ୍ୟ ଲୋକେ ତାଙ୍କର ରାଜାକୁ ଚଳନ୍ତି ବିଷ୍ଣୁ ବୋଲି ମାନନ୍ତି । ସେଥିପାଇଁ ଗଡ଼ଜାତ ଅଞ୍ଚଳରୁ ରାଜା ଓ ତାଙ୍କର ପ୍ରତିନିଧିମାନେ ବିପୁଳ ଭୋଟରେ ଜୟଲାଭ କରି ଆସୁଛନ୍ତି । ସେମାନେ ସ୍ୱାଧୀନତା ପରଠାରୁ ରାଜନୀତିକୁ ଆୟୁଧ କରି ଶାସନଡ଼ୋରି ଧରି ଆସୁଛନ୍ତି । ତୁମେ କୁହ ଦୀପ୍ତିମାନ ଆଜିପର୍ଯ୍ୟନ୍ତ ଆମକୁ କିଏ ହରାଇପାରିଲା ? ଆମର ଚାକରାଣୀ ତେବେ ହାରିବ କାହିଁକି ? ଆମ୍ ଆଇ କରେକ୍ଟ ? ମୋର ସେ ବିଶ୍ୱାସ ଅଛି ।

ଦୀପ୍ତିମାନ - ଆପଣଙ୍କ ଯୋଗୁଁ ବିଚରା ଥାନା ଅଧିକାରୀ ସସ୍‌ପେଣ୍ଡ ହେଲା । ଏ ପର୍ଯ୍ୟନ୍ତ ଶ୍ୟାମଳୀ ଦେବୀ ପ୍ରାର୍ଥୀ ହେବାକୁ ରାଜି ନୁହନ୍ତି । ଶ୍ୟାମ ବେହେରାକୁ ଧମକ ଦେଇଥିଲେ, ଶ୍ୟାମଳୀ ଦେବୀ ଘରେ ରହିଯାଇଥାଆନ୍ତେ ।

ବିକ୍ରମ - ଶ୍ୟାମ ବେହେରା ଗୋଟାଏ ବଦମାସ । ତୁମେ କ'ଣ ଭାବୁଚ ମୁଁ ତାକୁ ଡ଼ାକି ଏକଥା କହିନ୍ଥିି ? ସେ ମୋତେ କ'ଣ କହିଲା ଜାଣ ? ଯାହା ମୋର ଝିଅର ଇଚ୍ଛା । ସେ ଠିଆହେଲେ ମୁଁ ମନା କରିପାରିବି

Digitized by srujanika@gmail.com

ନାହିଁ । ତାକୁ ମୁଁ ଜାଳିପୋଡ଼ି ପାଉଁଶ କରି ଦେଇଥାନ୍ତି । ତାର ଭାଗ୍ୟ ଭଲ, ତାର ପରିବାର ବଞ୍ଚିଗଲା ।

ଦୀପ୍ତିମାନ - ଆପଣଙ୍କର ଏ କାମକୁ ଅଞ୍ଚଳବାସୀ ବରଦାସ୍ତ କରୁନାହାନ୍ତି । ଦୋଳ ଉତ୍ସବ ବୟକଟ୍ କରିବାକୁ ଆପଣ କହିଲେ । ସମସ୍ତେ କ'ଣ ଆପଣଙ୍କ କଥା ମାନିଲେ ? ଅଧେ ତ ଗଲେ । କିନ୍ତୁ ଲୋକଙ୍କ ଭିତରେ ଅସନ୍ତୋଷ ବଢ଼ିଲା । ଯାହାଫଳରେ ତାପସ, ସୁବାସ, ସେମାନେ ଜନପ୍ରିୟତା ହାସଲ କଲେ ।

ବିକ୍ରମ - ଏମାନଙ୍କ କଥା ତୁମେ କାହିଁକି ଚିନ୍ତା କରୁଛ ଦୀପ୍ତିମାନ ବାବୁ । ଯେ ମୋ ପ୍ରାର୍ଥୀଙ୍କ ବିରୁଦ୍ଧରେ ନୋମିନେସନ ଫାଇଲ କରିବ ମୁଁ ତାକୁ ଜୀବନରେ ଶେଷ କରିଦେବି । ମୋର ପ୍ରାର୍ଥୀମାନେ କଳେବଳେ କୌଶଳେ ଜିତିବେ । ଏକଥା କ'ଣ ତୁମେ ବିଶ୍ୱାସ କରୁନାହଁ ?

(ଏଇ ସମୟରେ ସନାତନ ପ୍ରବେଶ କଲା)

ସନିଆ - ମଣିମା ଜୁହାର । ଛାମୁ କାହିଁକି ଡ଼ାକିଥିଲେ ।

ବିକ୍ରମ - ସନାତନ, ତୁମେ ମୋ ନିଜର ଲୋକ ।

ସନିଆ - ଏ କଥା କ'ଣ ପଚାରୁଛନ୍ତି ମଣିମା । ଆମର ତିନିପୁରୁଷ ଆପଣଙ୍କର ଅନ୍ନଜଳରେ ବଞ୍ଚି ଆସୁଛୁ । ଆପଣଙ୍କର ଲୋକଛଡ଼ା ମୁଁ କ'ଣ ଆଉକାହାର ହୋଇପାରେ କି ଆଜ୍ଞା ?

ବିକ୍ରମ - ହଁ, ଏ ଅଞ୍ଚଳରେ ସରପଞ୍ଚ ହେବାପାଇଁ, କୋଉ ସ୍ତ୍ରୀ ଲୋକଟା ହବଖବ ହଉଛି ତା ତୁମେ ଜାଣିଥିବ ?

ସନିଆ - ଆଜ୍ଞା, ଥିଲା ସେଇ ଶ୍ୟାମଳୀଟା । ସେ ତ ଏବେ ଆଉ ରାଜି ହଉ ନାହିଁ । ତା ବାପା ମା କୁଆଡ଼େ ରାଜି ହଉନାହାନ୍ତି ।

ବିକ୍ରମ - ଶୁଣିଲ ଦୀପ୍ତିମାନବାବୁ । ଯଦି ଶ୍ୟାମଳୀ ଠିଆ ନ ହୁଏ ଆମର ଅନ୍‌କଣ୍ଟେଷ୍ଟେଡ୍ । ମୁଁ ତୁମକୁ କହୁଛି, ଏ ଅଞ୍ଚଳରେ ଜଣେହେଲେ ମଧ୍ୟ ଆମ ବିରୁଦ୍ଧରେ ଠିଆ ହେବାକୁ ସାହାସ କରିବେ ନାହିଁ । ବର୍ତ୍ତମାନତ ତୁମେ ସବୁ ବିଷୟ ଜାଣିଲ ।

ଦୀପ୍ତିମାନ - ହଉ, ଆପଣ କହୁଛନ୍ତି, ମୁଁ ଶୁଣୁଛି । ନୋମିନେସନ୍ ଦିନକୁ ଅପେକ୍ଷା କରନ୍ତୁ । ଆପଣ ଜାଣନ୍ତି, ତାପସ ସମିତି ଅଧ୍ୟକ୍ଷ ହେବ । ସେ

Digitized by srujanika@gmail.com

ଶାସକ ଦଳର ପ୍ରାର୍ଥୀ । ତାକୁ ସମସ୍ତପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ । ବିଡ଼ିଓ ଟ୍ରାନସଫର ହୋଇଯାଇପାରନ୍ତି । ତେଣୁ ମୁଁ ଆପଣଙ୍କୁ କହି ରଖୁଛି ହୁସିଆରରେ କାମ କରନ୍ତୁ । ଏ ସବୁ ଆଲୋଚନାବେଳେ ବାହାର ଲୋକଙ୍କୁ ପ୍ରଶୟ ଦିଅନ୍ତୁ ନାହିଁ । Who is this man ?

ବିକ୍ରମ - ତୁମେ ସନିଆ କଥା କହୁଚ ? ସେ ବଡ଼ ବିଶ୍ୱାସୀ । ତାକୁ ମୁଁ ବିଶ୍ୱାସ କରେ ।

ଦୀପ୍ତିମାନ - ଆପଣ କରୁଥାନ୍ତୁ । କିନ୍ତୁ ଗୁପ୍ତ ଆଲୋଚନା ବେଳେ ବାହାରଲୋକଙ୍କୁ ପ୍ରଶୟ ଦେବା ଉଚିତ ନୁହେଁ । It is top secret.

ସନିଆ - ହଇଓ ବାବୁ । ମୋ କଥା କହୁଚ ? ମୁଁ କିଏ ଜାଣିଚ ? ତୁମେ ଆମ ସଂପର୍କ କଥା କ'ଣ ଜାଣିବ ? ହଉ ମଣିମା, ଛାମୁଁ ମୁଁ ଆସୁଛି । ବାବୁ ତ ମୋ ଉପରେ ଖପା ହେଉଛନ୍ତି ।

- ଅନ୍ଧାର -

- ପଞ୍ଚମ ଦୃଶ୍ୟ -

(ପାର୍ଟି ଅଫିସ । ଶ୍ୟାମଳୀ ବସିଥିଲା । ପ୍ରଚ୍ଛଦପଟରୁ ଗୀତଟିଏ ଭାସି ଆସୁଥିଲା । ଗୀତ ଶେଷ ହୋଇଛି । କିଛି ସମୟ ପରେ ପ୍ରବେଶ କରିଛି ତାପସ । ଶ୍ୟାମଳୀକୁ ଦେଖି ଅନ୍ୟ ଦିଗକୁ ମୁହଁକରି ଚୌକିରେ ବସିଛି ।)

(ଗୀତ)

ଏ ଜୀବନେ ମୁହିଁ ତୁମକୁ ଚାହିଁ ବସିଛି
ତା'କି ବୁଝିଲ ନାହିଁ
ତୁମେ ଜାଣିଲ ନାହିଁ ।୦।
ମନ ମନ୍ଦିରେ ତୁମେ ମୋର ପ୍ରିୟ
ବସିଛ ଦେବତା ହୋଇ
ପୂଜୁଅଛି ମୁହିଁ ସେହି ଦେବତାକୁ
ସଦା ମନେ ମନେ ଧ୍ୟାୟୀ ।

Digitized by srujanika@gmail.com

ଦୁଃଖ ସଂସାରେ ତୁମେ ନଥିଲେ
ମରେ ମୁଁ ପାଗଳୀ ହୋଇ
ତା'କି ବୁଝିଲ ନାହିଁ....
ତୁମେ ଜାଣିଲ ନାହିଁ...

ଶ୍ୟାମଳୀ - ତାପସବାବୁ

ତାପସ - (ନୀରବ)

ଶ୍ୟାମଳୀ - କ'ଣ କଥା କହିବନି ?

ତାପସ - (ନୀରବ)

ଶ୍ୟାମଳୀ - ହଉ, ତା ହେଲେ ମୁଁ ଆସୁଛି । ମୋର ଯଦି ପ୍ରୟୋଜନ ନାହିଁ, ମୁଁ ଏଠାରେ ରହିବି କାହିଁକି ? ତୁମେ କ'ଣ ଭାବୁଛ ତାପସବାବୁ, ମୁଁ ତୁମପରି ସ୍ୱାଧୀନ ? ମୁଁ ଗୋଟାଏ ଝିଅ । ମୋର ବାପା, ମା ଅଛନ୍ତି । ସେମାନେ ମୋର ମୁରବୀ । ସେମାନଙ୍କ ମନରେ କଷ୍ଟ ଦେଇ, ମୁଁ କିଛି କରିବାକୁ ଚାହେଁନା । ମୁଁ ଦଳପାଇଁ ବହୁତ କିଛି କରିବି । ନିର୍ବାଚନ ପାଇଁ ଜୀବନ ଦେଇ କାମ କରିବି । ଆମ ପ୍ରାର୍ଥୀଙ୍କୁ ମୁଁ ଜିତାଇବି ।

ତାପସ - ଆମ ପ୍ରାର୍ଥୀ ? କିଏ ଆମ ପ୍ରାର୍ଥୀ ? କାହାକୁ ତୁମେ ଠିକ୍ କରିଛ ପ୍ରାଥୀ ଭାବରେ ?

ଶ୍ୟାମଳୀ - ସୁବାସବାବୁ, ଆଉ ତୁମପରି ଯୁବନେତା ଥାଉ ଥାଉ, ପ୍ରାର୍ଥୀ କ'ଣ ଅଭାବ ହେବେ ? ଶାସକ ଦଳରେ ଯୋଗ ଦେବାକୁ କିଏ ନ ଚାହେଁ ? ସମସ୍ତେ ଚାହାଁନ୍ତି ସୁବିଧା । କ୍ଷମତା ରାଜନୀତି କାହାକୁ ଭଲ ନ ଲାଗେ କହିଲ ?

ତାପସ - ତୁମେ କହିବାକୁ ଚାହଁ, ଆମେ ସୁବିଧାବାଦୀ । କ୍ଷମତା ପଛରେ ଆମେ ଗୋଡ଼ାଉଛୁ । ଦୀର୍ଘଦିନର ତ୍ୟାଗ ଫଳରେ, ଆଜି ଆମ ଦଳ କ୍ଷମତାକୁ ଆସିଛି । ଆମର ନେତା ବ୍ରହ୍ମଚାରୀ । ତାଙ୍କର କ'ଣ ଅଛି, ନା ଘର, ନା ସଂସାର । ସେ ଚାହାଁନ୍ତି ଗରୀବଙ୍କ ସେବା କରିବେ । ଦରିଦ୍ର ରାଜ୍ୟକୁ ଦେଶର ପ୍ରଥମ ରାଜ୍ୟ କରିବେ । ଆଜି ସେ ଦେଶର ପ୍ରଥମ ନେତା ।

Digitized by srujanika@gmail.com

ଶ୍ୟାମଳୀ - କଲେଜ ଜୀବନରେ ତୁମେ ମୋର ରାଜନୈତିକ ଗୁରୁ ଥିଲ । ତୁମେ ଥିଲ କଲେଜ ୟୁନିଅନର ସଭାପତି ଆଉ ମୁଁ ଥିଲି ସଂପାଦିକା । ତୁମଯୋଗୁ କଲେଜର ବହୁତ ଉନ୍ନତି ହୋଇଥିଲା । ସେହିଦିନଠାରୁ ତୁମେ ରାଜନୀତି କରୁଛ । ଆଜି ଦଳରେ ତୁମେ ସାଧାରଣ ସଂପାଦକ । ଆଉ ମୁଁ ଜଣେ ସାଧାରଣ କର୍ମୀ ।

ତାପସ - ଅତୀତର ସ୍ମୃତି ଚାରଣ କରି କିଛି ଲାଭ ନାହିଁ ଶ୍ୟାମଳୀ । ବର୍ତ୍ତମାନ କଥା ଚିନ୍ତା କର । ଏଠାରେ ସେମିତି କିଏ ପ୍ରାର୍ଥୀନୀ ଅଛନ୍ତି, ଜମିଦାରକୁ ଟକ୍କର ଦେଇପାରିବ ? ତାଙ୍କର କ୍ୟାଣ୍ଡିଡେଟ୍ ନିର୍ଦ୍ୱନ୍ଦରେ ନିର୍ବାଚିତ ହେବ । ମୁଁ ଆମର ନେତାଙ୍କୁ କ'ଣ କହିବି ? ତୁମେ ପ୍ରାର୍ଥୀନୀ ନହେଲେ ଅନ୍ୟ ଝିଅମାନେ ନିର୍ବାଚନରୁ ଓହରିଯିବେ । ବିକ୍ରମ ଚୌଧୁରୀର ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହେବେ । ଏ ଅଞ୍ଚଳ ଯେଉଁ ଅନ୍ଧାରରେ ଥିଲା, ସେଇ ଅନ୍ଧାରରେ ରହିବ । ତୁମେ କ'ଣଚାହଁ ? ମୋତେ ଧୋକା ଦେବ ନା ମୋ ସହିତ ସହଯୋଗ କରିବ ?

ଶ୍ୟାମଳୀ - ଗୋଟିଏ ଅନୁରୋଧ ରଖିବ ତାପସ । ଟିକିଏ ବାପାଙ୍କୁ ଯାଇ ବୁଝାଇ ଦିଅ ।

ତାପସ - ବାପା ରାଜି ନହେଲେ ?

ଶ୍ୟାମଳୀ - ଚେଷ୍ଟା କର । ମୋର ବିଶ୍ୱାସ, ତାଙ୍କୁ ବୁଝାଇ ଦେଲେ, ସେ ନିଶ୍ଚୟ ରାଜି ହେବେ ।

ତାପସ - ତୁମ ଘରକୁ ଯାଇଥିଲି ।

ଶ୍ୟାମଳୀ - ଆମ ଘରକୁ ଆସିଥିଲ ? କେବେ ?

ତାପସ - ତୁମ ଅନୁପସ୍ଥିତିରେ ।

ଶ୍ୟାମଳୀ - ବାପା କ'ଣ କହିଲେ ?

ତାପସ - କହିଲେ, ଆମର ଏ ଅଞ୍ଚଳର ଯେ ରାଜା, ଯାହାର ଦାନା ପାଣିରେ ଆମେ ଯୁଗ ଯୁଗ ଧରି ବଞ୍ଚି ଆସିଛୁ, ତାକୁ ଆମେ ବିରୋଧ କରିବୁ ନାହିଁ ।

ଶ୍ୟାମଳୀ - ଏବେ ତୁମେ କ'ଣ କହିବାକୁ ଚାହଁ ?

Digitized by srujanika@gmail.com

ତାପସ - ଯଦି ତୁମେ କଣ୍ଟେଷ୍ଟ ନ କର ମୁଁ ରାଜନୀତିରୁ ସନ୍ୟାସ ନେବି । ବାପ ମୋର ମଧ୍ୟ ତାହା ଚାହାନ୍ତି । ସେ କହନ୍ତି, ଆମର ପୂର୍ବ ପୁରୁଷ ଶିକ୍ଷକତା କରି ଆସୁଛନ୍ତି । ତୁ ଶିକ୍ଷକ ହୁଅ ।

ଶ୍ୟାମଳୀ - ରାଜନୀତିରେ ତୁମର ଉଜ୍ଜ୍ୱଳ ଭବିଷ୍ୟତ ରହିଛି । ତୁମେ ରାଜନୀତି ଛାଡ଼ିଦେବ ? ନା, ମୁଁ ତା କରାଇ ଦେବିନି । ତୁମେ ମୋର ଗୁରୁ । ତୁମେ ମୋର ଦେବତା ।

ତାପସ - ଏତେ ଖୋସାମତି ଭଲ ଲାଗୁନି ଶ୍ୟାମଳୀ । ମୁଁ ଜାଣିବାକୁ ଚାହେଁ ତୁମେ ପ୍ରାର୍ଥୀ ହେବ କି ନାହିଁ ? ଆଜି ରାତିସୁଦ୍ଧା ଆମର ହାଇକମାଣ୍ଡକୁ ମୁଁ ତାହା ଜଣାଇଦେବାକୁ ଚାହେଁ । ଆସନ୍ତାକାଲି ଆମର କ୍ୟାଣ୍ଡିଡ଼େଟମାନଙ୍କର ବୈଠକ ବସିବ । ତୁମର ଶେଷ ନିଷ୍ପତ୍ତି ମୋତେ ଜଣାଅ ଶ୍ୟାମଳୀ । ଆଜି ସାଥୀମାନେ ମୋତେ ପରିହାସ କରୁଛନ୍ତି । ତୁମରି ଯୋଗୁଁ ଶ୍ୟାମଳୀ, ମୁଁ ଆଜି କାହାକୁ କିଛି ଭରସି କରି କହିପାରୁନି । ମୁଁ ନିଜକୁ ଅସହାୟ ମନେ କରୁଛି । ଯାହାର କଥାରେ ସାଥୀମାନେ ନିଆଁରେ ଝାସ୍ ଦେବାକୁ ପ୍ରସ୍ତୁତ, ମୁଁ ସେମାନଙ୍କୁ କ'ଣ କହିବି ? ମୁଁ ଦୁର୍ବଳ ହୋଇ ପଡ଼ିଛି ଶ୍ୟାମଳୀ ମୁଁ ଆଜି ଅସହାୟ ହୋଇପଡ଼ିଛି । ତୁମେ ମୋର ସାହା ହୁଅ । ତୁମର ଶେଷ ନିଷ୍ପତ୍ତି ମୋତେ ଜଣାଇଦିଅ । (ଆଖିରେ ଲୁହଧାର)

ଶ୍ୟାମଳୀ - (ଲୁହପୋଛିଦେଇ) ତାପସ, ତୁମେ ଆଜି ସତରେ କାନ୍ଦୁଛ ? ମୋ ଲାଗି ତୁମେ ଅସହାୟ ମନେ କରୁଛ ? ମୁଁ ତୁମ ପାଖେ ପାଖେ ଅଛି ତାପସ । ବାପା, ମା, ଏ ସାରା ଦୁନିଆକୁ ମୁଁ ତୁମଲାଗି ତ୍ୟାଗ କରିପାରେ । ମୁଁ କଥା ଦଉଛି, ମୁଁ କ୍ୟାଣ୍ଡିଡ଼େଟ ନିଶ୍ଚୟ ହେବି । ତୁମେ ଅନ୍ୟମାନଙ୍କ ପାଇଁ ଚିନ୍ତା କର । ମୋ ପାଇଁ ନୁହେଁ ।

ତାପସ - ଶ୍ୟାମଳୀ, ତୁମେ ସତରେ କଣ୍ଟେଷ୍ଟ କରିବ ? ମୋ ରାଣ ପକାଇ କହ ।

ଶ୍ୟାମଳୀ - ମୁଁ ଜାଣେ ମୋ ଉପରେ ତୁମର ଆସ୍ଥା ନାହିଁ । କିନ୍ତୁ ବିଶ୍ୱାସ କର । ମୁଁ ତୁମପାଇଁ ସବୁ କିଛି କରିପାରିବି । ରାଣଖାଇ କହୁଛି, ତୁମେ ମୋର ଇହକାଳ ପରକାଳର ଦେବତା । ତୁମର ଆଦେଶ ମୋର ଶିରୋଧାର୍ଯ୍ୟ ।

Digitized by srujanika@gmail.com

ତାପସ - ଶ୍ୟାମଳୀ

(ଶ୍ୟାମଳୀ ତାପସ ଛାତିରେ ଲୋଟି ଯାଇଛି । ଗୀତ ଓ ନୃତ୍ୟ ଶେଷ ହୋଇଛି । କିଛି ସମୟ ପରେ ପ୍ରବେଶ କରିଛି ସୁବାସ)

ସୁବାସ - ଆରେ ତୁମେମାନେ ଏଠି । ଅଥଚ ମୁଁ ତାପସବାବୁଙ୍କ ଘରକୁ ଯାଇଥିଲି । ଶ୍ୟାମଳୀଦେବୀ ତୁମେ ? ଆଜି ଦଳଭିତରେ ଗୋଟାଏ ଝଡ଼ ଉଠିଛି । ସେ ଝଡ଼ କାହାକୁ ନେଇ ଜାଣ ଶ୍ୟାମଳୀ ଦେବୀ ! ସେ ଝଡ଼ ତୁମକୁ ନେଇ ।

ତାପସ - ଆଜି ଝଡ଼ର ଅବସାନ ଘଟିଛି ।

ସୁବାସ - ସତରେ ତାପସ ବାବୁ, ତୁମେ ଯାହା କହୁଚ, ତା କ'ଣ ସତ ?

ତାପସ - ବିଶ୍ୱାସ ନ ହେଉଥିଲେ, ଶ୍ୟାମଳୀ ଦେବୀଙ୍କ ପଚାର । ସେ ଆମର କ୍ୟାଣ୍ଡିଡ଼େଟ ହେବେ ।

ସୁବାସ - ହେ ପ୍ରଭୁ, ଗୋଟାଏ ମସ୍ତବଡ଼ ସମସ୍ୟାରୁ ଉଦ୍ଧାର କରିଦେଲ । ଜମିଦାରର କ୍ୟାଣ୍ଡିଡ଼େଟ କିଏ ଜାଣ, ତାର ଚାକରାଣୀ ରତନୀ । ସେ କହେ, କୁକୁରଟାକୁ ଛିଡ଼ା କରାଇଦେଲେ, ଲୋକେ ତାକୁ ଭୋଟ ଦେବେ ।

ଶ୍ୟାମଳୀ - ରତନୀ ମୋ ବିରୁଦ୍ଧରେ ନିର୍ବାଚନ ଲଢ଼ିବ ?

ସୁବାସ - କଥାଟାକୁ ସାମାନ୍ୟ ଭାବେ ଗ୍ରହଣ କରନାହିଁ, ଜମିଦାର ପଛରେ ଗୋଟାଏ ସର୍ବଭାରତୀୟ ଦଳ ରହିଛି । ଦୀର୍ଘଦୀନ ସରପଞ୍ଚ ରହିବା ଫଳରେ ସେ ଗୁଡ଼ାଏ ଅର୍ଥ ସଂଗ୍ରହ କରିପାରିଛି । ଦୁର୍ନୀତିର ସେ ଗୋଟାଏ ପାହାଡ଼ । ତାକୁ ଏ ଅଞ୍ଚଳରୁ ହଟାଇବାକୁ ହେବ । କାଲି ପାର୍ଟି ମିଟିଙ୍ଗରେ ଆମେ ସମସ୍ତେ ବଜ୍ର ଶପଥ ନେବା । ତାର କ୍ୟାଣ୍ଡିଡ଼େଟମାନେ ଯେପରି ଅମାନତ ହରାଇବେ, ତାର ବନ୍ଦୋବସ୍ତ କରିବା ।

ଶ୍ୟାମଳୀ - ସେ ବଦମାସକୁ ମୁଁ ଭଲ ଭାବରେ ଜାଣେ । ଆମ ବାପାଙ୍କୁ ଡ଼କାଇ, ସେ ଭୟଭୀତ କରାଇଛି । ସେଥିପାଇଁ ସେ ମୋତେ କୁଆଡ଼େ ଛାଡ଼ିବାକୁ ନାରାଜ । ମୁଁ ଏଠାକୁ ଆସିଛି, ସେ ଚାରିଆଡ଼େ ଖୋଜୁଥିବେ । ଘରପୋଡ଼ି ପରଠାରୁ ତାଙ୍କର ମନରେ ଭୟ ସଂଚାର ହୋଇଛି । କିନ୍ତୁ ଥାନା ଅଧିକାରଙ୍କ ନିଲମ୍ବନ ପରେ ଲୋକଙ୍କ

Digitized by srujanika@gmail.com

ମନରେ ଦମ୍ଭ ଆସିଛି । ଗାଁ ଗାଁରେ ସଭା କରାଯିବ । ଚଢ଼େୟା ଚଢ଼େୟାଣୀ ଲୋକନୃତ୍ୟ ପରିବେଷଣ କରିବେ । ଆମର ବିଜୟ ସୁନିଶ୍ଚିତ ।

ତାପସ - ଖାଲି କହିଦେଲେ ହେବନି । ପ୍ରାଣମୂର୍ଚ୍ଛା ଉଦ୍ୟମ କରିବାକୁ ପଡ଼ିବ । ବିକ୍ରମ ଚୌଧୁରୀ ସାମାନ୍ୟ ଲୋକ ନୁହେଁ । ସେ ଏ ଅଞ୍ଚଳରେ ଆତଙ୍କରାଜ ସୃଷ୍ଟି କରିପାରେ । ସେଥିପାଇଁ ସତର୍କ ଦୃଷ୍ଟି ରଖ । ଏ ନିର୍ବାଚନରେ ନେତୃତ୍ୱ ନେବେ ଶ୍ୟାମଳୀ ଦେବୀ ।

ସୁବାସ - (କରତାଳି ଦେଇ) ମୁଁ ଏ ପ୍ରସ୍ତାବକୁ ସମର୍ଥନ କରୁଛି ।

- ମଞ୍ଚ ଅନ୍ଧାର -

(ଆଲୋକ ଜଳିଲା ବେଳକୁ ରାସ୍ତାରେ ଗୀତ ଗାଇ ଗାଇ ଆସୁଥିଲା ସନିଆ । ଅନ୍ୟ ପଟରୁ ପ୍ରବେଶ କଲା ଦୀପ୍ତିମାନ)

ଦୀପ୍ତିମାନ - ହଇରେ ସନାତନ, ଏ ପାର୍ଟି ଅଫିସରେ କିଏ କିଏ ଥିଲେ ? ଶ୍ୟାମଳୀ, ତାପସ, ସୁବାସ ସବୁ ଏକାଠି ମିଶି ଯିବାର ଦେଖିଲି । ତୁ କହୁଥିଲୁ ଶ୍ୟାମଳୀ ଆଉ ରାଜନୀତି କରିବ ନାହିଁ ।

ସନିଆ - ହଁ, କହୁଥିଲି । ସେତେବେଳେ ସେ ମନା କରୁଥିଲା । ଏବେ କାହିଁକି ପାର୍ଟି ଅଫିସକୁ ଆସିଲା, ମୁଁ କିମିତି କହିବି ହୋ ବାବୁ ।

ଦୀପ୍ତିମାନ - ତୁ ଜମିଦାରଙ୍କ ଖାସ୍ ଲୋକ ।

ସନିଆ - ଜମିଦାରଙ୍କ ଖାସ୍ ଲୋକ, କିନ୍ତୁ ତୁମର ନୁହେଁ ।

ଦୀପ୍ତିମାନ - ଜମିଦାରବାବୁ ପଚାରିଲେ ମୁଁ କ'ଣ କହିବି ?

ସନିଆ - ଯାହା ଶୁଣିଲ ତାହା କହିବ ।

ଦୀପ୍ତିମାନ - ବଡ଼ ବଢ଼ିବଢ଼ି କଥା କହୁଛୁ । ତୁ ଜାଣୁ ମୁଁ କିଏ ?

ସନିଆ - ତୁମେ ଯିଏ ହୁଅହୋ ବାବୁ, ସେଥିରୁ ମୋତେ କ'ଣ ମିଳିବ । ମୋ ଦୁଃଖରେ ମୁଁ, ମୋ ସୁଖରେ ମୁଁ ।

ଦୀପ୍ତିମାନ - ତୁ ରାଗିଲେ କ'ଣ ହବ । କିମିତି ଜମିଦାରବାବୁ ଭୋଟରେ ଜିଣିବେ, ତାହା ଆମ ସମସ୍ତଙ୍କର ଚିନ୍ତା । ତୁ ରାଗିଲେ କିମିତି ହବ । ତୁ ଶୁଣିଲୁ କି, ଶ୍ୟାମଳୀ ଭୋଟରେ ଠିଆ ହେଉଚି ?

Digitized by srujanika@gmail.com

ସନିଆ - ମୁଁ ଶୁଣିନି ଯେ ବାବୁ, ସେ କିନ୍ତୁ ଭୋଟରେ ଠିଆହେବ । ତାପସବାବୁ କହିଲେ, ସେ କାହାକଥା ଶୁଣିବନି ।

ଦୀପ୍ତିମାନ - ତାପସ ବାବୁ ତାର କ'ଣ କି ?

ସନିଆ - ତାର ସେ କ'ଣ ତୁହଁ କହିଲ ।

ଦୀପ୍ତିମାନ - ତୁ କଥାଟା ମୋତେ ଠିକ୍ ଠିକ୍ କହୁନୁ କାହିଁକି ?

ସନିଆ - କ'ଣ କହିବି ବାବୁ । କଲେଜରେ ଦି ଜଣଏକାଠି ପଢୁଥିଲେ । ସେ ସଭାପତି ହୋଇଥିଲା । ଏ ଥିଲା ସଂପାଦକିଆଣି । କାନ୍ଥରେ ବାଡ଼ରେ ତାଙ୍କ ନାଁ ଲେଖା ହଉଥିଲା । ତାର ବାପା ଏକଥା ଶୁଣି କଲେଜକୁ ଛାଡ଼ିଲାନି । ହେଲେ ମନ ଥରେ ମାନିଗଲେ, ତା ଆଉ ଛାଡ଼ବାଡ଼ ହୁଏନି ବାବୁ । ତୁମେ କ'ଣ ପୀରତି କରିନା । ପୀରତି ନିଶାରେ ଯେ ଉବୁଟୁବୁ ହେଉଛି, ସେ କେମିତି ସେ ମଜା ଭୁଲି ପାରିବ୍ ତୁମେ କହିଲ ।

ଦୀପ୍ତିମାନ - ଓଃ, କଥା ଯାଇ ତାହେଲେ ଏଇଠି ।

ସନିଆ - ଏଇଠି କି ସେଇଠି ମୁଁ କହିପାରିବିନି । ତେବେ ଆଜିକାଲି ଶ୍ୟାମଳୀ ନିଇତି ଅଫିସ ଆସୁଛି । ନିଇତି ତାକୁ ମୁଁ ଦେଖୁଛି । ମୋର ପାଣିବାଟଟା ପରା ଏଇଟା ।

ଦୀପ୍ତିମାନ - ଆଉ ତାପସ ।

ସନିଆ - କାହିଁ ତାକୁ ତ ମୁଁ ଦେଖୁନି । ଦିନାକେତେ ମାନଭଞ୍ଜନ ହୋଇଥିଲା । ଏବେ ମିଶିଗଲେ ପରା ।

ଦୀପ୍ତିମାନ - ତା'ହେଲେ ତ ବଡ଼ ମୁସ୍କିଲ ହେଲା ।

ସନିଆ - ତୁମ ରତନୀ ଜିତିବନି ହୋ ବାବୁ । କାହିଁ ରାମଚନ୍ଦ୍ର ନା କାହିଁ ରାମିଆ ଭଣ୍ଡାରୀ । କେଉଁଠି ଠାକୁରାଣୀ ତ କେଉଁଠି ଚାକରାଣୀ ।

ଦୀପ୍ତିମାନ - ସନାତନ, ତୁ ଏକଥା କହିପାରୁଛୁ ? ରତନୀ ନିଶ୍ଚୟ ଜିତିବ । ବିକ୍ରମ ଚୌଧୁରୀକୁ ତୁ ଜାଣିନୁ ।

ସନିଆ - ମୁଁ କାହିଁକି ଜାଣିବିନି ମ ବାବୁ, ତୁମେ ଜାଣିନଥିବ ନା ।

ଦୀପ୍ତିମାନ - ବିକ୍ରମ ଚୌଧୁରୀ ନାଁ ଶୁଣିଲେ, ଗର୍ଭିଣୀ ଗାଈ ବାଟ ଭାଙ୍ଗି ଚାଲିଯାଏ ।

Digitized by srujanika@gmail.com

ସନିଆ - ସେ କାଳ ପଖାଳ ଆଜି ନାହିଁ ହୋ ବାବୁ । ସେ ବିକ୍ରମ ଚୌଧୁରୀ ମେଣ୍ଢା ହୋଇଗଲାଣି ।

ଦୀପ୍ତିମାନ - ବଦମାସ୍, ତୁ ତାଙ୍କର ନିନ୍ଦା ଗାଉଛୁ । ମୁଁ ତତେ ଜୀବନରେ ମାରିଦେବି । (ମାରିଲେ)

ସନିଆ - ମରିଗଲି ଲୋ ମା, ଏତ ରାମଭକ୍ତ ହନୁମାନ । ପ୍ରଭୁଙ୍କ ନିନ୍ଦା ଏ ବରଦାସ୍ତ କରିବନି ।

ଦୀପ୍ତିମାନ - ତତେ ମୁଁ ଜୀବନରେ ମାରିଦେବି ।

ସନିଆ - ମୋତେ ମାରନି ବାବୁ । ମୋ ମା ପରା ଲକ୍ଷେ ଶିବ ପୂଜି ପାଇଛି ପୁଅ । ବାବୁ, ମୁଁ ତୁମକୁ ପରଖୁଥିଲି । ତୁମେ ପ୍ରକୃତରେ ରାମଭକ୍ତ ହନୁମାନ । ବାବୁ, ତୁମେ ସେ ମଦୁଆ ବୈଧୁଆକୁ କି ମନ୍ତ୍ର ପଢ଼ାଇଦେଲ ଯେ, ତା ମାଇପ ନିର୍ବାଚନରେ ଠିଆ ହୋଇଥାନ୍ତା । ଏ ମଦୁଆ ତା ମୁଣ୍ଡ ଦ୍ୱିଫାଳ କରିଦେଲା । କେତେ ଟଙ୍କା ତାକୁ ତୁମେ ଦେଇଥିଲ । ତା ମାଇପ ମଲା, ସେ ଜଏଲ ଗଲା ।

ଦୀପ୍ତିମାନ - ମୁଁ କାହିଁକି ଟଙ୍କା ଦେବି । ତୁ ପୁଣି ମୋ ନିନ୍ଦା ଗାଉଛୁ ? ଆଉ ତୋର ରକ୍ଷା ନାହିଁ ।

(ମାରିବାକୁ ଗୋଡ଼ାଉଥିଲା । ଭୟରେ ସନିଆ ଦୌଡୁଥିଲା)

- ଅନ୍ଧାର -

- ଷଷ୍ଠ ଦୃଶ୍ୟ -

(ଜମିଦାରଙ୍କ ବୈଠକଖାନା । ବିଡ଼ିଓ, ଇଞ୍ଜିନିୟର, ଅନ୍ୟାନ୍ୟ ବ୍ଲକ୍ ଅଧିକାରୀ ସମସ୍ତେ ମଦ ପିଆଲା ଧରିଥିଲେ । ଫୁଟୁଥିଲା ହସର ଫୁଆରା ।)

ବିକ୍ରମ - (ହସି, ହସି) ବୁଝିଲ ବିଡ଼ିଓ ବାବୁ, ନା ରହେଗା ବାଂଶ, ନ ବଜେଗୀ ବାଂସୁରୀ । ଏ ଅଞ୍ଚଳରେ ତାପସ ଯୁବନେତା ହୋଇଚି । ଦଳର ଜେନେରାଲ ସେକ୍ରେଟାରୀ, ଆଉ ସୁବାସ ମହାରଣା ପାର୍ଟିର ମୁଖପାତ୍ର, ବ୍ଲକ ସଭାପତି । ଏମାନେ ଏବ୍ଲକର ନିର୍ବାଚନ ପରିଚାଳନା କରିବେ । ହାଇ କମାଣ୍ଡ ଏମାନଙ୍କ ହାତରେ ସମସ୍ତ ଦାୟିତ୍ୱ ଦେଇଛି । ମୁଁ ଗୋଟି ଗୋଟି କରି ଏ ସମସ୍ତଙ୍କୁ ସ୍ୱାସ୍

Digitized by srujanika@gmail.com

କରିଦେବି । ତେବେ ମୁଁ ଆପଣଙ୍କୁ କାହିଁକି ଡ଼ାକିଲି ଜାଣନ୍ତି, ରତନୀ ମୋର ଚାକରାଣୀ । ସେ ସରପଞ୍ଚ ପ୍ରାର୍ଥୀନୀ ହେବ । ତାକୁ କେବଳ ନାଁଟା ଦସ୍ତଖତ କରି ଆସେ । ଆଉ ସେ ଅନ୍ୟ କିଛି କରିପାରିବ ନାହିଁ । ତାର ନୋମିନେସନ ପେପର ଯେପରି କାଏମ ରହେ, ତାହା ଆପଣଙ୍କୁ ଲାଗିଲା । ମୁଁ ସେମାନଙ୍କୁ ଦେଖାଇ ଦେବାକୁ ଚାହେଁ, ବିକ୍ରମ ଚୌଧୁରୀ ମୁଠ୍ରରେ ଏବେ ମଧ ଦୀପ ଜଳୁଛି ।

ବିଡ଼ିଓ - ତେବେ ଗୋଟିଏ କଥା । ଆପଣ ଆମ ସହିତ ଆଉ କିଛି ସଂପର୍କ ରଖନ୍ତୁ ନାହିଁ ।

ଇଞ୍ଜିନିୟର - ଯାହା କରିବା କଥା, ଆପଣ ଏବେ କହି ଦିଅନ୍ତୁ । ଆମେ ତାର ବନ୍ଦୋବସ୍ତ କରିବୁ ।

ବିକ୍ରମ - ଦେଖନ୍ତୁ, ଏ ମୋର ଇଜ୍ଜତର ପ୍ରଶ୍ନ । ଆପଣ ଯାହା ଚାହିଁବେ, ମୁଁ ଆପଣଙ୍କୁ ଦେଇ ଖୁସି କରିଦେବି । ତେବେ କଥା ହଉଚି, ସେମାନେ ଶାସକ ଦଳର ।

ବିଡ଼ିଓ - ଆପଣ ନୁହନ୍ତି କି ? ହେଲେ ମେଣ୍ଟରେ ଫାଟ ହୋଇଗଲା । ଆମେ କେଉଁଥିରେ ଆସିଛୁ ଆପଣ ଜାଣନ୍ତି ? ସାଇକେଲରେ ଅବାଟରେ ଆସି ଆମେ ପହଞ୍ଚିଛୁ ।

ବିକ୍ରମ - ପାଞ୍ଚଟି ପଞ୍ଚାୟତରେ ମୋର ପ୍ରାର୍ଥୀମାନେ ଯେପରି ଜୟଯୁକ୍ତ ହୁଅନ୍ତି । ତା ଆପଣଙ୍କୁ ଲାଗିଲା ।

ବିଡ଼ିଓ - ସିଓର୍, ସିଓର୍, ଆପଣ ନିଶ୍ଚିନ୍ତ ରୁହନ୍ତୁ ।

ଇଞ୍ଜିନିୟର୍ - ଆମେ ତାର ବନ୍ଦୋବସ୍ତ କରିବୁ ।

ବିକ୍ରମ - ମୁଁ ଆପଣଙ୍କୁ ଦଶଲକ୍ଷ ଦଉଚି ।

ବିଡ଼ିଓ - ଏବେ ଦିଅନ୍ତୁନି । ସୁବିଧା ଦେଖି ପଠାଇଦେବେ । ନିର୍ବାଚନ ପରେ ଯାଇ ଆମର ଦେଖା । ଆଚ୍ଛା, ଆପଣମାନେ ଏକାଠି ସରକାର ଗଢ଼ିଛନ୍ତି । ମେଣ୍ଟରେ ଫାଟ ହେଲା କାହିଁକି ?

ବିକ୍ରମ - ସେ ସବୁ ପରେ ଆଲୋଚନା କରିବା । ମୁଁ ଆମ ଦଳର ହାଇକମାଣ୍ଡଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଛି, ଏ ଜିଲ୍ଲା ଆମ ଅକ୍ତିଆରରେ ରହିଥିଲା, ରହିଛି, ରହିବ ମଧ ।

Digitized by srujanika@gmail.com

ବିଡ଼ିଓ - ଆମ କର୍ତ୍ତବ୍ୟ ଆମେ କରିବୁ ।

ଇଞ୍ଜିନିୟର - ଆମକୁ ଯେପରି ବଦଳି ନହୁଏ ।

ବିକ୍ରମ - ଛାଡ଼ନ୍ତୁ ସେକଥା । ଆମର ମନ୍ତ୍ରୀ କ'ଣ ଆମକୁ ରଖିବେନି । ଆଉ ତାଛଡ଼ା ମନ୍ତ୍ରୀମାନେ କ'ଣ ଟଙ୍କା ବାଣ୍ଟୁନାହାନ୍ତି । ରିଗିଂ କରୁନାହାନ୍ତି । ମନକୁ ଜିତି ପକାଇ ଆସୁଛନ୍ତି । ସବୁ ହଉଚି । ସେମାନେ ଖାଲି କ୍ଷମତା ଭୋଗ କରିବେ, ଆମ କରିବୁନି କାହିଁକି ? ଏଇ କ୍ଷମତା ପାଇଁ ଚାରିଆଡ଼େ କନ୍ଦଳ । ପୂର୍ବବର୍ତ୍ତୀ ସରକାରମାନେ କ'ଣ ଏଇଆ କରୁନଥିଲେ ? ଆପଣମାନେ ନିଶ୍ଚିନ୍ତ ରହନ୍ତୁ । ମୁଁ ଆପଣମାନଙ୍କୁ ଅଭୟ ଦେଉଛି । ତେବେ ମୁଁ ତାପସର କଥା ଦେଖୁଛି । କାଲିର ପିଲା । ମୋ ଅନ୍ନଜଳରେ ପ୍ରତିପାଳିତ ଏ ଖଣ୍ଡମଣ୍ଡଳ । ଏମାନେ ମୋ ବିରୁଦ୍ଧରେ ଚକ୍ରାନ୍ତ କରିବେ । ରାଜତନ୍ତ୍ରର ଐତିହ୍ୟକୁ ଲୋପ କରିଦେବେ । ଅସମ୍ଭବ । ମୁଁ ବଞ୍ଚି ଥାଉଥାଉ ତା ହୋଇପାରିବନି ।

ବିଡ଼ିଓ - ରାତି ବେଶି ହେଲାଣି । ଆମକୁ ଯିବାକୁ ଅନୁମତି ଦିଅନ୍ତୁ ।

ବିକ୍ରମ - ଓକେ, ଓକେ, ଆପଣ ନିର୍ଭୟରେ ଯାଇପାରନ୍ତି । ମୁଁ ଟଙ୍କାଟା ଆପଣଙ୍କ ନିକଟରେ ପହଞ୍ଚାଇଦେବି । ଦୀପ୍ତିମାନ ଯାଇ ଆପଣଙ୍କୁ ଦେଖା କରିବ ।

ବିଡ଼ିଓ, ଇଞ୍ଜିନିୟର - ନମସ୍କାର ଆଜ୍ଞା, ଆସୁଛୁ । (ପ୍ରସ୍ଥାନ)

ବିକ୍ରମ - ହରିଆ ଚଷାର ପୁଅ ପୁଣି ନେତା ହେବ ।

- ଅନ୍ଧାର -

- ସପ୍ତମ ଦୃଶ୍ୟ -

(ଗ୍ରାମ ପଥ । ନିର୍ବାଚନ ଶୋଭାଯାତ୍ରା ବାହାରିଥାଏ । ଶ୍ୟାମଳୀ ବେକରେ ଫୁଲମାଳ । ସାଙ୍ଗରେ ତାପସ, ସୁବାସ ଓ ଅନ୍ୟମାନେ । ଚଢ଼େୟା, ଚଢ଼େୟାଣୀ ନିର୍ବାଚନ ପ୍ରଚାର ନୃତ୍ୟ ପରିବେଷଣ କରୁଥାନ୍ତି

ପୁ. - ଭୋଟ ଚାଲିଛି ଆଜି ଘରେ ଘରେ
ନୋଟର ହୋରିଖେଳ
ଭୋଟର ମହତ୍ତ୍ୱ ଭଲ କରି ବୁଝ

Digitized by srujanika@gmail.com

ଭାଇ ଭଉଣୀଏ ମୋର
ତୋତେ କରି ଜଳକା
ମହାପାତ୍ରେ ମାରିନେବେ ଏକା..... (୧)

ଝି. - କେଡ଼େ ମିଛ କଥା କହୁଛନ୍ତି ଆସି
ଭୋଟ ଆରମ୍ଭ ହେଲେ
ଭୁଲି ଯାଉଅଛ ଟଙ୍କାର ମୋହରେ
ଭଲ ମନ୍ଦ ନ ଭାବୁଛ ହେଲେ
ଭୋଟ ସରିଲା ପରେ
ଦେଖା ନ ମିଳଇ କେବେ ତାରେ..... (୨)

ପୁ. - ହାତୀଛତି ଦେବୁ ସବୁ କରିଦେବୁ
ମିଛ ସତ କଥା କହି
ମାଆ ଭଉଣୀଏ କଥାମାନ କହି
ଦିଅନ୍ତି ସବୁ ଭୁଲାଇ
ଟିକେ ମୋ କଥା ଶୁଣ
ଭଲ ଲୋକଙ୍କୁ ନ ଭୁଲ ପୁଣ ।......... (୩)

ଝି. - ଭଲ ଲୋକ କିଏ ମନ୍ଦ ଲୋକ କିଏ
ଭଲ କରି ଟିକେ ଭାବ
ପଚିଶ ବରଷ ରାଜୁତି ଯେ କଲା
ତା କଥାକୁ ମନେ ହେଜ
ଆଜି ସେଦିନ ନାହିଁ
ମିଠା କଥାରେ ନଭୁଲ କେହି........ (୪)

ନୃତ୍ୟ ଶେଷ ହୋଇଛି । ତାପସ ମାଇକ ଧରି କହୁଥିଲେ)

ତାପସ - ମୋ ଗାଁର ମଉସା, ମାଉସୀ ଭାଇ ଭଉଣୀମାନେ । ଆଜି ପଞ୍ଚାୟତ ନିର୍ବାଚନ ଚାଲିଛି । ଏ ନିର୍ବାଚନରେ ଧନବଳ, ବାହୁବଳ ତାର ପ୍ରଭାବ ବିସ୍ତାର କରିବାକୁ ଯାଉଛି । ସାମନ୍ତବାଦର ଶେଷ

Digitized by srujanika@gmail.com

ଦୀପଶିଖାକୁ ଆମକୁ ଜିତାଇ ଦେବାକୁ ପଡ଼ିବ । ଗ୍ରାମରେ ରହୁଥିଲେ ହେଁ, ଆମେ ଅଶିକ୍ଷିତ, ନିରକ୍ଷର ନୋହୁ । ଆମ ମଧ୍ୟରେ ଚେତନା ଶକ୍ତି ମଧ୍ୟ ରହିଛି । ଆମର ଯେ ସରପଞ୍ଚ ଥିଲେ, କେତେ ଇନ୍ଦିରା ଆବାସ, କେଉଁ ବିପିଏଲ୍ କାର୍ଡ଼ ହୋଲଡ଼ରକୁ ଦେଇଛନ୍ତି ? ଅଥଚ ଜମିଦାରଙ୍କ ନିଜ ଲୋକ ତିନିତିନିଟା ଘର ମାଡ଼ି ବସିଛନ୍ତି । ଜଳସେଚନ ବିନା ଗାଁ ଜମି ପଡ଼ିଆ ପଡ଼ିଛି । ଆମ ସରକାର କହୁଛନ୍ତି କ୍ଷେତକୁ ପାଣି, ମାଆକୁ ସମ୍ମାନ । ହେଲେ ଖାଣ୍ଡବ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଉନି କାହିଁକି ? ସେ ଟଙ୍କା ସବୁ ଗଲା କୁଆଡ଼େ । ପଞ୍ଚାୟତ ଧନ ହରିଲୁଟ ଚାଲିଛି ।

ସୁବାସ - ତେଣୁ ଭାଇମାନେ, ଆମପାଇଁ ସୁଦିନ ଆସିଛି, ଏ ଗାଁର ଝିଅ, ଯେ ଏ ଅଞ୍ଚଳର ଝିଅମାନଙ୍କ ମଧ୍ୟରେ ପ୍ରଥମ ଗ୍ରାଜୁଏଟ୍, ସେ ଆପଣଙ୍କର ସରପଞ୍ଚ ପ୍ରାର୍ଥୀ ହୋଇଛନ୍ତି । ଜମିଦାରୀ, ସାମନ୍ତବାଦୀ ଶାସନକୁ ଧ୍ୱଂସ କରିବାକୁ ହେବ । ତାହା କିଏ କରିବ ? ଆପଣମାନେ । ଆପଣମାନେ ଶ୍ୟାମଳୀ ଦେବୀଙ୍କୁ ଖୋଲାପୁସ୍ତକ ଚିହ୍ନରେ ମୋହର ମାରି ଜୟଯୁକ୍ତ କରାନ୍ତୁ ।

(ସ୍ଲୋଗାନ ରାଜାରାଜୁଡ଼ା ଶାସନ ଚଳିବ ନାହିଁରେ ଚଳିବ ନାହିଁ
ସମସ୍ତ ଖଟିଖିଆ ଜନତା ଏକ ହୁଅ - ଏକ ହୁଅ
ଆମର ନେତ୍ରୀ ଶ୍ୟାମଳୀ ଦେବୀ ଜିନ୍ଦାବାଦ, ଜିନ୍ଦାବାଦ)

(ଏଇ ସମୟରେ ଘନଘନ ବୋମାମାଡ଼ ହେଲା । ସମସ୍ତେ ଦୌଡ଼ି ପଳାଇଲେ । ଚାରିଆଡ଼େ ନୀରବତା । ଆତଙ୍କର କରୁଣ ରାଗିଣୀ । କିଛି ସମୟ ପରେ ମଞ୍ଚରେ ପ୍ରବେଶ କଲେ ବିକ୍ରମ ଚୌଧୁରୀ ଓ ଦୀପ୍ତିମାନ)

ବିକ୍ରମ - (ହସି ଉଠିଲେ) ଭୀରୁ କାପୁରୁଷ ଦଳ, ପ୍ରାଣଭୟରେ ସଭାଛାଡ଼ି ପଳାଇଗଲେ । ତୁମେ ଭାବୁଛ ବିକ୍ରମ ଚୌଧୁରୀର ଛାତି ଉପରେ ତୁମେ ନୃତ୍ୟ କରିବ ? ନା, ତା କେବେ ହୋଇ ପାରିବିନି । ବିକ୍ରମ ଚୌଧୁରୀର ଧମନୀରେ ରାଜରକ୍ତ ପ୍ରବାହିତ । ସେ ଶାସନ କରି ଜାଣେ । ବାଘ ମିରିଗକୁ ଏକାଘାଟରେ ପାଣି ପିଆଇବାର ତାକତ ତାର ହିଁ କେବଳ ଅଛି ।

Digitized by srujanika@gmail.com

ଦୀପ୍ତିମାନ - ବହୁ ଭୁଲ ହୋଇଗଲା ଆଜ୍ଞା । ଯଦି ଶ୍ୟାମଳୀ ବା ତାପସ ତୋମାମାନଙ୍କରେ ମରିଯାଇଥାନ୍ତେ, ଖୁବ ଭଲ ହୋଇଥାନ୍ତା ।

ବିକ୍ରମ - କାହିଁ ଭୁଲ ନାହିଁ । କ'ଣ ହଉଛି ଧୈର୍ଯ୍ୟ ଧରି ତାକୁ ନିରୀକ୍ଷଣ କର । ଏ ବୁଦ୍ଧିକୁ ଶେଷ କରିଦେବା ମୋ ବାଁ ହାତର ଖେଳ । ତୁମେ ଜାଣ, ବୁଥ୍ ରିଗିଂ କରିବାକୁ ବିହାରରୁ ପଚାଶ ଗୁଣ୍ଡା ଓ ସୁପାରିକିଲର ଆସୁଛନ୍ତି । ଯେଉଁଠାରେ ଆମର ପଚାଶ, ସେଠାରେ ପାଞ୍ଚଶ ଭୋଟଗଣତି ହେବ । ଆମର ହେବ ବିପୁଳ ବିଜୟ । ଆଉ ଶୁଦ୍ଧାକର ଦଳ, ବର୍ତ୍ତମାନ ଛତ୍ରଭଙ୍ଗ ଦେଲା ପରି ବାଟ ଭାଙ୍ଗି ଚାଲିଯିବେ ।

ଦୀପ୍ତିମାନ - ବହୁ ବୁଦ୍ଧିଆଳରେ କାମ କରନ୍ତୁ ଆଜ୍ଞା । ପାର୍ଟିଫଣ୍ଡ କ'ଣ ପହଞ୍ଚିଲା ।

ବିକ୍ରମ - Who cares for that party fund । ମୁଁ ଏକାଥିଲେ ଯଥେଷ୍ଟ । ସେମାନେ କେତେ ଦେବେ । ଦେଇ ଦେଇ ପାଞ୍ଚଲକ୍ଷ । ଏ ନିର୍ବାଚନ ପାଇଁ କୋଡ଼ିଏ ଲକ୍ଷ ଦରକାର । ତା ମୁଁ ଖର୍ଚ୍ଚ କରିବି ।

ଦୀପ୍ତିମାନ - କେବେ ସାର, ଏ ସ୍ଥାନ ନିରାପଦ ନୁହେଁ । ଗାଁବାଲା ଆସିପାରନ୍ତି । ସେମାନେ ଆପଣଙ୍କୁ ଦେଖିଲେ, ବିପଦକୁ ନିମନ୍ତ୍ରଣ କରିବାକୁ ପଡ଼ିବ ।

ବିକ୍ରମ - (ହସିଲେ) ତୁମେ ମୋତେ ହସାଇଲ ଦୀପ୍ତିମାନ ବାବୁ । ଏଇ ଲୋକମାନେ ମୋତେ ଦେଖିଲେ, ଲମ୍ବା ହୋଇ ମୋ ପାଦତଳେ ପଡ଼ିଯିବେ । ଏ ଲୋକମାନେ ହଳଦୀପାଣିରେ ମୋ ପାଦ ଧୋଇ, ମୋତେ ଧୂପ ଦୀପରେ ବନ୍ଦାପନା କରିବେ । ଲୋକଙ୍କୁ ଆସିବାକୁ ଦିଅ । ମୁଁ ସେମାନଙ୍କୁ ବୁଝାଇଦେବି । ସହାନୁଭୂତି ଅର୍ଜନ କରିବା ପାଇଁ ଏଇ ଯୁବକମାନେ ବୋମାମାଡ଼ କରିଛନ୍ତି । ସବୁ ଏମାନଙ୍କର ଅପକର୍ମ । ଲୋକେ ମୋ କଥାକୁ ବେଦ ବୋଲି ଭାବନ୍ତି । ଯେଉଁ ଲୋକମାନେ ମୋତେ ଗାଳି ଦେଉଥିବେ, ସେମାନେ ସେଇ ଦଳର ନିନ୍ଦା ଖାଇବେ । କ'ଣ ମୋ କଥାକୁ ବିଶ୍ୱାସ କରୁନାହିଁ । ଦେଖିବ ରୁହ ।

ଦୀପ୍ତିମାନ - ନାହିଁ ଆଜ୍ଞା, ମୋତେ ଭୟ ଲାଗୁଛି । ମୁଁ ଚାଲିଯିବି ।

ବିକ୍ରମ - ତୁମେ ଚାଲିଯିବ, ଚାଲିଯାଅ । ମୁଁ କିନ୍ତୁ ଯିବି ନାହିଁ ।

ଦୀପ୍ତିମାନ - ମୁଁ ଆପଣଙ୍କୁ ହାତଯୋଡ଼ି ପ୍ରାର୍ଥନା କରୁଛି । ଚାଲନ୍ତୁ ଏ ସ୍ଥାନ ଛାଡ଼ି ଚାଲିଯିବା ।

Digitized by srujanika@gmail.com

(ଏଇ ସମୟରେ ଶୁଭିଲା ସ୍ଲୋଗାନ - ବିକ୍ରମ ଚୌଧୁରୀକୁ ଭାଲିଦିଅ । ଆମର ଶତ୍ରୁ ତୁମର ଶତ୍ରୁ ବିକ୍ରମ ଚୌଧୁରୀ ମୁର୍ଦ୍ଦାବାଦ, ମୁର୍ଦ୍ଦାବାଦ)

ଦୀପ୍ତିମାନ - ସାର୍, ଶୁଣି ପାରୁଛନ୍ତି । ସେମାନେ ଆମ ଆଡ଼କୁ ମାଡ଼ି ଆସୁଛନ୍ତି । ଆସନ୍ତୁ ଚାଲିଯିବା । (ଟାଣି ଟାଣି ନେଇଗଲା)

(ପ୍ରବେଶ କଲା ପ୍ରସେସନ୍ । ନେତୃତ୍ୱ ନେଇଥିଲେ ତାପସ ।)

ତାପସ - ପ୍ରାଣ ବିକଳରେ ଚାଲିଗଲା । ତାଇ ଆଗାକୁ ଯିବା ।

ସୁବାସ - ନା, ତା ଘର ଜାଳିଦେବା ।

ତାପସ - ସୁବାସ ବାବୁ । ଏ ସବୁ ବର୍ତ୍ତମାନର କାମ ନୁହେଁ । ଯେଉଁ କାର୍ଯ୍ୟ ଆମ ଉପରେ ନ୍ୟସ୍ତ କରାଯାଇଛି, ପ୍ରଥମେ ସେ କାମ ଶେଷ କର । ତୁମେ ମୋଟେ ଭୟ କରନା । ଧର୍ମ ଆମ ସପକ୍ଷରେ । ଆମେ ବିଜୟୀ ନିଶ୍ଚୟ ହେବା ।

ସୁବାସ - ଶୁଣିଲି ବିକ୍ରମ ଚୌଧୁରୀ ବାହାରୁ ଗୁଣ୍ଡା ଆଣୁଛି । ଭୋଟରଙ୍କୁ ହରଣଚାଳ ହେବ । ଜାଲ ବ୍ୟାଲଟ ପେପର ବହୁତ ଛାପା ହୋଇଛି ।

ତାପସ - ବଦମାସ, ବହୁତ କିଛି କରିବ । ତାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହୁଅ । ତାହା ହେଉଛି ଆମର ପ୍ରଥମ କର୍ତ୍ତବ୍ୟ । ଆସ ସମସ୍ତେ ପାର୍ଟି ଅଫିସକୁ ଯିବା । ଯାହା କରିବାକୁ ହେବ, ତାର ଗୋଟାଏ ସୁଚିନ୍ତିତ ଯୋଜନା କରିବା ।

- ଅନ୍ଧାର -

- ଅଷ୍ଟମ ଦୃଶ୍ୟ -

(ହରି ପ୍ରଧାନର ଘର । ସ୍ତ୍ରୀ କମଳା ଭଗବାନଙ୍କୁ ଡ଼ାକି ପ୍ରାର୍ଥନାଟିଏ ଗାଉଥିଲେ ।)

କମଳା - (ହାତଯୋଡ଼ି) ହେ ପ୍ରଭୁ, ମୁଁ କ'ଣ କରିବି । ଜମିଦାର ମୋ ପୁଅକୁ ମାରିଦେବ । ସେ ଗୋଟାଏ ରାକ୍ଷାସ । ମୋ ପୁଅକୁ ଲକ୍ଷ୍ୟ କରି ବୋମା ଫିଙ୍ଗିଥିଲା । ବାପାଙ୍କ ହାତରେ ରାଜନୀତି ନ କରିବାକୁ ଧମକ ଦେଇଥିଲା । ଏ ପିଲାତ କାହାକଥା ଶୁଣିଲା ନାହିଁ । ସେ

Digitized by srujanika@gmail.com

ଝିଅକୁ ଠିଆ କରାଇଲା । ନିର୍ବାଚନରେ ନ ଲଢ଼ିଲେ ଆମର କ'ଣ ହୋଇଯାଇଥିଲା । ସେ ରାଜନୀତିରୁ ଆମକୁ କ'ଣ ମିଳିବ । ହେ ମା ଭଗବତୀ, ମା ବୁଢ଼ୀ ଠାକୁରାଣୀ, ମୋ ପୁଅକୁ ରକ୍ଷା କର । କାଲିଠାରୁ ଗଲାଣି ଯେ, ତାର ଦେଖାନାହିଁ । ଏ ଲୋକଟା ଜଣେ ମୋ ପୁଅର (କାନ୍ଦିଲେ) କାହାକୁ କହିବି । କିଏ ମୋ ପାଖରେ ଅଛି ଯେ ମୋ ଦୁଃଖ ବୁଝିବ । (କାନ୍ଦୁଥିଲେ)

(ପ୍ରବେଶ କରିଛି ଶ୍ୟାମଳୀ)

(ଶ୍ୟାମଳୀକୁ ଦେଖି) ତୁ ଆସିଲୁ ମା, ମୋ ପୁଅ କାହିଁ ? ତାକୁ ଏକୁଟିଆ ଛାଡ଼ିଦେଲୁ କାହିଁକି ?

ଶ୍ୟାମଳୀ - ତାପସବାବୁ ଭୁବନେଶ୍ୱର ଯାଇଛନ୍ତି ।

କମଳା - ତୁ ସତ କହୁଚୁ ମା, ମୋ ପୁଅ ଜୀବନରେ ବଞ୍ଚିଛି, ତୁ ତାକୁ ଦେଖିଲୁ ?

ଶ୍ୟାମଳୀ - ମା, ଆପଣ ବ୍ୟସ୍ତ ହେଉଛନ୍ତି କାହିଁକି ? ତାଙ୍କର କିଛି ହଉନି ।

(ପ୍ରବେଶ କରିଛନ୍ତି ହରି ପ୍ରଧାନ)

ହରି - କୁଆଡ଼େ ଖୋଜିବି, କେହିତ ତା କଥା କହିପାରୁନାହାନ୍ତି । ସୁବାସ ଗଲା କୁଆଡ଼େ । ସେ ଲୋକଟା ଧମକ ଦେଇଥିଲା । ସେ କ'ଣ ମୋ ପୁଅର କିଛି ଅନିଷ୍ଟ କରିଛି (କାନ୍ଦିଲେ)

କମଳା - ତୁମେ କାନ୍ଦୁଛ ! ଏଇ ଦେଖ, ଶ୍ୟାମଳୀ ମା ଆସିଛି ।

ହରି - ଶ୍ୟାମଳୀ !

ଶ୍ୟାମଳୀ - ହଁ ବାପା ମୁଁ ଆସିଛି । ସେ ମୋତେ କହିଥିଲେ, ରାତିରେ ଆପଣଙ୍କୁ ଖବର ଦେବାପାଇଁ । ଏତେ କାମ ଯେ ମୁଁ ଭୁଲିଗଲି । ବାପା, ବୋଉ ମୋତେ କ୍ଷମା କରିଦିଅ । ସବୁ ମୋର ଦୋଷ ।

କମଳା - ସେ ଭୁବନେଶ୍ୱର ଯାଇଛି ।

ହରି - ଓଃ, ପ୍ରାଣ ବଞ୍ଚିଗଲା । ଥାନାକୁ ଯାଇଥିଲି । ଥାନାବାବୁ କହିଲେ କିଛି ଭୟ କରନ୍ତୁ ନାହିଁ । ସେ କେଉଁଠି ଅଛନ୍ତି, ମୁଁ ଆପଣଙ୍କୁ ଜଣାଇଦେବି । ଏସ୍.ପି. ଆପଣମାନଙ୍କ ଘର ଜଗିବା ପାଇଁ ମୋତେ କହିଛନ୍ତି । ଆପଣ ଘରକୁ ଯାଆନ୍ତୁ । ଯାହାହେଉ ମା, ତୁ ଏ ପିଣ୍ଡରେ ପ୍ରାଣ ସଞ୍ଚାର କଲୁ । ତେବେ ମା, ତୁ ଏକୁଟିଆ ବୁଲୁଛୁ କାହିଁକି ? ତୋର ଏକାକୀ ଯିବା ଆସିବା, ବୁଲାଚଲା ଠିକ୍ ନୁହେଁ ମା ।

Digitized by srujanika@gmail.com

ଶ୍ୟାମଳୀ - ସରକାର ସେଥିପାଇଁ ସୁରକ୍ଷା ଦେଉଛନ୍ତି । ପୋଲିସ ମୋ ସାଙ୍ଗେ [illegible] ପୋଲିସ ଆମକୁ ସୁରକ୍ଷା [illegible] ଆଜି ପୋଲିସ ଛାଉଣୀ ହୋଇଯାଇଛି ।

ହରି - [illegible] କ'ଣ ସମସ୍ୟାର ସମାଧାନ ହୋଇଯିବ ? ନିର୍ବାଚନ ସରିବ । ଦଳେ ଲୋକ [illegible], ଅନ୍ୟ ଦଳେ ଜମିଦାର ପକ୍ଷରେ ରହିବେ ।

ଶ୍ୟାମଳୀ - ଯୁଗ ବଦଳି ଗଲାଣି ବାପା । ସେଦିନ [illegible] । ଆଜି ଆଉ ଜମିଦାରକୁ କେହି ସମର୍ଥନ କରୁନାହାନ୍ତି ।

ହରି - ତୁମେ ଜାଣିନ [illegible] ସବୁ ଆଙ୍ଗୁଠି [illegible] ଚିନ୍ତାଧାରାର [illegible] ଦଳେ ନିଶ୍ଚୟ ତାକୁ ସମର୍ଥନ [illegible] ବାହୁବଳ ଅଛି । [illegible] ତୁମକୁ ତୁମଘରେ ନେଇ ଛାଡ଼ି ଆସିବି ।

କମଳା - ହଁ ତୁମେ ନେଇ ତାକୁ ତା ଘରେ ଛାଡ଼ିଦେଇ ଆସ । ସରପଞ୍ଚ ହୋଇ ତୁ କ'ଣ କରିବୁ ମା ।

ଶ୍ୟାମଳୀ - ମା, ସେତ ପରର କଥା । ଆଗ ନିର୍ବାଚନ ସରୁ, କିଏ ଜିତୁଛି, କିଏ ହାରୁଛି ତା ଜଣାପଡୁ । ମୁଁ ଆସୁଛି । ବାହାରେ ପୋଲିସ ଜଗିଛନ୍ତି ।

କମଳା - ତୁ ନିଶ୍ଚୟ ଜିତିବୁ ମା ମୋତେ ଜକଜକ ଦେଖାଯାଉଛି । ତୁ ଜିଣିଲେ ଆମ ସାହି ରାସ୍ତାଟା ଆଗ କଙ୍କ୍ରିଟ କରିଦେ ତ । ଏମିତି ଖରାପ ହୋଇଗଲାଣି ଯେ, ଲୋକେ ଝୁଣ୍ଟି ପଡ଼ିଯାଉଛନ୍ତି ।

ହରି - ଯାହାହେଉ, ଗୋଟାଏ ଭଲକଥା କହିଲ । ଏ ଗାଁରେ କେଉଁ ରାସ୍ତାଟା ଭଲ ଅଛି କହିଲ ?

ଶ୍ୟାମଳୀ - ଗୋଟିଏ ଲୋକ ୨୫ ବର୍ଷ ସରପଞ୍ଚ ହେଲା । ସେ କଲା କ'ଣ ? ତାର ସ୍ୱାର୍ଥଛଡ଼ା, ସେ ଅନ୍ୟ କାହାକଥା ଚିନ୍ତା କଲାନାହିଁ । ସେଥିପାଇଁ ତ ମା ଏ ଆନ୍ଦୋଳନ । (ପ୍ରବେଶ କରିଛି ତାପସ, ସାଙ୍ଗରେ ସୁବାସ)

Digitized by srujanika@gmail.com

ତାପସ - ତୁମେ ଏଠାରେ କ'ଣ କରୁଛ ଶ୍ୟାମଳୀ ? ପ୍ରଚାର କାର୍ଯ୍ୟ କିମିତି ଚାଲିଛି ? ଲୋକେ ତ ପ୍ରସେସନରେ ଯିବାକୁ ଭୟ କରୁଥିବେ ।

ଶ୍ୟାମଳୀ - ଭୟ ତ ଲୋକଙ୍କର ନିଶ୍ଚୟ ରହିଛି । ତେବେ ଆମର କର୍ମୀମାନେ ଲୋକଙ୍କୁ ବୁଝାଉଛନ୍ତି ।

ହରି - ତୁ ଭୁବନେଶ୍ୱର ଗଲୁ । ଆମକୁ କହିଯାଇଥିଲେ କି ଭୁଲଟେ ହୋଇଯାଇଥାନ୍ତା ।

ତାପସ - ବାପା, ମୁଁ ଶ୍ୟାମଳୀକୁ ଆପଣମାନଙ୍କୁ ଜଣାଇଦେବାପାଇଁ କହିଥିଲି ।

ଶ୍ୟାମଳୀ - ମୁଁ କହିପାରିଲି ନାହିଁ । ବାପା ବୋଉ ବଡ଼ ବ୍ୟସ୍ତ ହୋଇପଡ଼ିଲେ । ମୁଁ ଏଇ କିଛି ସମୟ ହେଲା ଆସିଛି ।

ହରି - କିଛି ନାହିଁ ଯେ ବାପା, ସେ ଲୋକଟାକୁ ମୋର ବଡ଼ ଭୟ । ଧନବଳ, ବାହୁବଳରେ ବଳୀୟାନ ସେ ଗୋଟାଏ ରାକ୍ଷାସ । ମୋତେ ଘରକୁ ଡକାଇ ଧମକ ଦେଇଥିଲା ।

ସୁବାସ - ଆପଣ ତା ଘରକୁ ଯାଉଥିଲେ କାହିଁକି ? ଆପଣ ଏକୁଟିଆ ସେଠାକୁ ଯିବା ମୋଟେ ଉଚିତ ନୁହେଁ । ସେ ତ ନିଶ୍ଚୟ ଧମକ ଦେଇଥିବ ।

ହରି - ସେଇଟା ତ ତାର କାମ । ପୁଅ ରାଜନୀତି ନ କରିବାକୁ ସେ ମୋତେ କହିଥିଲା । ତାପର ଘଟଣା ବୋମାମାଡ଼ । ମୋର ସେ ଲୋକଟାକୁ ଭାରି ଭୟ ।

କମଳା - ତୁମେମାନେ ତ କିଛି ଖାଇ ନଥିବ । ଥାଅ, ମୁଁ ବାଢ଼ି ଦଉଛି । ତିନିଜଣଯାକ ଏଇଠାରେ ଖାଇନିଅ ।

ଶ୍ୟାମଳୀ - ନା ମା, ବୋଉ ମୋ ପାଇଁ ଅପେକ୍ଷା କରିଥିବ ।

ହରି - ବେଳ ହେଲାଣି, ଖାଇଦେଇ ଯାଅ ।

ତାପସ - କ'ଣ ଶ୍ୟାମଳୀ ଖାଇବ ନା ଚାଲିଯିବ ।

ଶ୍ୟାମଳୀ - ତୁମେ ଯେତେବେଳେ କହୁଚ...

ତାପସ - ନା ସେପରି କିଛି ବାଧବାଧକତା ନାହିଁ । ନଚେତ ଚାଲ ମୁଁ ଛାଡ଼ିଦେଇ ଆସିବି ।

କମଳା - ନାଇଁ ତୁ ଖାଇକି ଯିବୁ । ମୁଁ ବଢ଼ାବଢ଼ି କରୁଛି ।

- ଅନ୍ଧାର -

Digitized by srujanika@gmail.com

- ନବମ ଦୃଶ୍ୟ -

(ବିକ୍ରମ ଚୌଧୁରୀଙ୍କ ବୈଠକଖାନା । ଏକାଠି ବସିଛନ୍ତି ସାମନ୍ତ ବିକ୍ରମ ଚୌଧୁରୀ । ମନରେ ଅସରନ୍ତି ଭାବନା ।)

ବିକ୍ରମ - କଣ କରିବି ? କଣ କରିବି ମୁଁ ? ଭାଗ୍ୟଲକ୍ଷ୍ମୀ ମୋ ପ୍ରତି ବିଷର୍ଣ୍ଣ କାହିଁକି ? ମୁଁ ସତରେ କ'ଣ ନିର୍ବାଚନ ହାରିଯିବି । ପରାଜୟ କ'ଣ ଯେ ଜୀବନରେ ଥରେ ହେଲେ ଜାଣେନାହିଁ, ସେ ପୁଣି ପରାଜୟ ଲଭିବ । ଅସମ୍ଭବ । ଯେଉଁମାନେ ମୋର ଜିନ୍ଦାବାଦ କରୁଥିଲେ, ଆଜି ସେମାନେ ମୋର ମୁର୍ଦ୍ଦାବାଦ କରୁଛନ୍ତି । ମୁଁ ବଦଲା ନେବି । ଶ୍ୟାମଳୀ, ତାପସକୁ ମୁଁ ଜୀବନରୁ ଶେଷ କରିଦେବି । ସେହିମାନେ ହିଁ ମୋର ମୁଖ୍ୟ ଶତ୍ରୁ । ଶତ୍ରୁକୁ ଶେଷ କରିବା ଜଣେ କ୍ଷତ୍ରୀୟର ଧର୍ମ । ମୁଁ କ୍ଷତ୍ରୀୟ ଧର୍ମ ପାଳନ କରିବି ।

ବିବେକ - କ'ଣ ଭାବୁଛୁ ? ପରାଜୟ ତୋର ସୁନିଶ୍ଚିତ ।

ବିକ୍ରମ - (ଚିତ୍କାର କରି) ପରାଜୟ ! କାହାର ପରାଜୟ ? ସାମନ୍ତ ବିକ୍ରମ ଚୌଧୁରୀର ପରାଜୟ । ନା, ଅସମ୍ଭବ ।

ବିବେକ - ପୋଲିସ୍ ତୋ ବିରୁଦ୍ଧରେ । ପ୍ରଶାସନ ତୋ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଛି । ବିଡ଼ିଓ, ଇଞ୍ଜିନିୟର ତୋର କିଛି କରିପାରିବେ ନାହିଁ ।

ବିକ୍ରମ - (ହସିଲେ) ହସାଇଲ, ଖୁବ୍ ହସାଇଲ । ସବୁ ମୁଁ କରିପାରିବି । ଟଙ୍କାବଳରେ ମୁଁ କଳାକୁ ଧଳା କରିଦେଇପାରିବି । ବିଡ଼ିଓ ନେଇଛି ଦଶଲକ୍ଷ ଟଙ୍କା । ପାଞ୍ଚହଜାର ଜାଲ ବାଲାଟ ପେପର ଛାପିଛି । ତାରିବଳରେ ସବୁ ଓଲଟପାଲଟ କରିଦେବି ।

ବିବେକ - ତୁ କିଛି କରିପାରିବୁ ନାହିଁ । ସମୟ ବଦଳି ଯାଇଛି । ତା ସହିତ ବଦଳି ଯାଇଛି ଲୋକଙ୍କ ମନୋଭାବ । ସେମାନେ ସବୁ ବୁଝିଗଲେଣି । ଜନତା ଆଜି ଜାଗ୍ରତ । ସେ ସୁପ୍ତ ନୁହଁ । ହୁସିଆରରେ କାମ କର ।

ବିକ୍ରମ - କିଏ ତୁମେ ?

ବିବେକ - ମୁଁ ତୋର ବିବେକ ।

Digitized by srujanika@gmail.com

ବିକ୍ରମ - ତୁମର ପରାମର୍ଶ ପାଇଁ ଧନ୍ୟବାଦ୍ । ମୁଁ ଜାଣେ ମୁଁ କ'ଣ । ତା ସାଙ୍ଗେ ସାଙ୍ଗେ ମୁଁ ବି ଜାଣେ, ମୋର ସାମର୍ଥ୍ୟ କେତେ ? ମୋର ପରାକ୍ରମ କେତେ ।

ବିବେକ - (ହସ) ପରାକ୍ରମ - ସାମର୍ଥ୍ୟ । ତଥାପି ମନର ଦମ୍ଭ ଭାଙ୍ଗିନି । ଜନତା ଆଜି ଜାଗ୍ରତ । ହୁସିଆର ।

ବିକ୍ରମ - ଓଃ ବନ୍ଦକର - ବନ୍ଦକର ଏ ପ୍ରଳାପ । ମୁଁ ଆଉ କିଛି ଶୁଣିବାକୁ ଚାହେଁନା । (ଏହି ସମୟରେ ପ୍ରବେଶ କରିଛନ୍ତି ଦୀପ୍ତିମାନ)

ଦୀପ୍ତିମାନ - ଆଜ୍ଞା, କ'ଣ ବସି ଭାବୁଛନ୍ତି ? ଆପଣ କ'ଣ ଭାବୁଛନ୍ତି ଆମର ପରାଜୟ ଘଟିବ ? ବିଜୟ ଆମର ସୁନିଶ୍ଚିତ ।

ବିକ୍ରମ - ତୁମେଇ ମୋର ଏକମାତ୍ର ଭରସା ଦୀପ୍ତିମାନ ବାବୁ । ବିଡ଼ିଓ, ଇଞ୍ଜିନିୟର ସହିତ ଦେଖାକଲ ? ବାଲାଟ ପେପର ସେମାନଙ୍କୁ ଦେଲ ?

ଦୀପ୍ତିମାନ - ସବୁ ଦେଇଛି ।

ବିକ୍ରମ - ଆଉ ଟଙ୍କା ?

ଦୀପ୍ତିମାନ - ସବୁ ଦେଇ ଦେଇଛି ସାର୍ । ମୋର ପୂର୍ଣ୍ଣ ବିଶ୍ୱାସ, ବିଜୟ ଆମର ସୁନିଶ୍ଚିତ ।

ବିକ୍ରମ - ଗୋଟାଏ କଥା କରିବ ଦୀପ୍ତିମାନବାବୁ । ସନାତନକୁ ଡ଼ାକି ଆଣିପାରିବ ?

ଦୀପ୍ତିମାନ - ସେଇଟା ଗୋଟେ ବଦମାସ । ତାକୁ ମୋଟେ ବିଶ୍ୱାସ କରନ୍ତୁ ନାହିଁ ।

ବିକ୍ରମ - ସେ ଆମପାଇଁ ବହୁତ କାମ କରିବ, ସେ ବିଶ୍ୱାସ ମୋର ଅଛି ? ଶ୍ୟାମଳୀକୁ ମୁଁ ବରବାଦ କରିଦେବି ।

ଦୀପ୍ତିମାନ - କାହିଁକି ଆଜ୍ଞା । ବିଜୟଲକ୍ଷ୍ମୀ ତ ଆମ ପ୍ରତି ସୁପ୍ରସନ୍ନ । ଆଉ ଶ୍ୟାମଳୀର ଚିନ୍ତା କାହିଁକି ?

ବିକ୍ରମ - ତୁମେ କ'ଣ ଜାଣିନ ଦୀପ୍ତିମାନ ସେ ସଭାସମିତିରେ ମୋତେ ଯଥେଷ୍ଟ ଗାଳି ଦେଉଛି । ଖାଲି ମୋତେ ନୁହେଁ, ମୋର ସପ୍ତପୁରୁଷଙ୍କ ଶ୍ରାଦ୍ଧ କରିଛି ଗାଳି ବର୍ଷଣ କରି । ସେ କହେ, କେତେ ତରୁଣୀଙ୍କର ଅତୃପ୍ତ ଆତ୍ମା ମୋ ହାବେଳିରେ ଚିତ୍କାର କରିବୁଲୁଛନ୍ତି । ମୁଁ ଆଉ ଜଣେ ତରୁଣୀର ଅତୃପ୍ତ ଆତ୍ମାକୁ ମୋ ହାବେଳିରେ

Digitized by srujanika@gmail.com

ଛାଡ଼ିଦେବାକୁ ଚାହେଁ । ସେ କାହାର ଜାଣ, ଶ୍ୟାମଳୀର । ତୁମେ ମୋତେ ସାହାଯ୍ୟ କରିବନି ?

ଦୀପ୍ତିମାନ - ଆପଣ ଯାହା କହିବେ, ତା ମୁଁ କରିବାକୁ ପ୍ରସ୍ତୁତ ଅଛି ଜମିଦାର ବାବୁ ।

ବିକ୍ରମ - ସନାତନ ଶ୍ୟାମଳୀକୁ ଭୁଲାଇ ନଈକୂଳକୁ ନେଇ ଆସିବ । ସେଠାରେ ତୁମ ଇଙ୍ଗିତରେ ଗୁଣ୍ଡାମାନେ ତାକୁ ଅପହରଣ କରି ଏଠାକୁ ନେଇ ଆସିବେ । ସେଥିପାଇଁ ମୁଁ ସବୁ ଠିକ୍ କରିସାରିଛି । ଖାଲି ମୋର ଶ୍ୟାମଳୀ ଦରକାର । ଥରେ ତାକୁ ଉପଭୋଗ କଲେ ମୋର ଆତ୍ମାକୁ ଚରମ ଶାନ୍ତି ପ୍ରାପ୍ତି ହେବ । ଯାଅ, ସନାତନକୁ ନେଇ ଆସ । (ଦୀପ୍ତିମାନ ଚାଲିଯାଇଛି)

ବିକ୍ରମ - ଆସନ୍ତା କାଲି ରାତ୍ରି ହେବ, ଶ୍ୟାମଳୀର କାଳରାତ୍ରୀ । ମୋତେ ଗାଳିଦେବାର ପରାଭବ ସେ ବେଶ୍ ପାଇବ ।

(ଏଇ ସମୟରେ ସନାତନ ଓ ଦୀପ୍ତିମାନ ପ୍ରବେଶ କଲେ)

ସନିଆ - ଛାମୁଁ ମୋତେ ଡ଼ାକିଲେ, ମୁଁ ତ ଆପଣଙ୍କ ପାଖକୁ ଆସୁଥିଲି । ବାହାରେ ଯାଙ୍କ ସହିତ ଦେଖାହେଲା । ମୋ ପାଖରେ ମଣିମାଙ୍କ କି କାମ ?

ବିକ୍ରମ - ଆହା ବ୍ୟସ୍ତ କାହିଁକି ହେଉଚ ସନାତନ । ନିଅ, ଏ ପାଞ୍ଚ ହଜାର ଟଙ୍କା ରଖ ।

ସନିଆ - ପାଞ୍ଚ ହଜାର ? ଏତେ ଗୁଡ଼ାଏ ଟଙ୍କା ମୁଁ କିସ କରିବି ଆଜ୍ଞା ? ଶହେ, ଦୁଇଶହ ହୋଇଥିଲେ ଗୋଟେ କଥା । ନ ହେଇ ନ ହେଇ ପାଞ୍ଚହଜାର । ଏତେ ଗୁଡ଼ାଏ ଟଙ୍କା, ମୁଁ ଏକକାଳୀନ ଦେଖି ନଥିଲି ଆଜ୍ଞା ।

ବିକ୍ରମ - ତୁମେ ଶ୍ୟାମଳୀକୁ ନଈକୂଳକୁ ଡ଼ାକି ଆଣିବ ।

ସନିଆ - ମୋ ବୋପାଲୋ । ଏ କାମତ ମୋ ଦ୍ୱାରା ହୋଇପାରିବ ନାହିଁ । ତାକୁ ସବୁବେଳେ ଚାରିଜଣ ପୋଲିସ ଜଗି ରହୁଛନ୍ତି । କିମିତି ଡ଼ାକିବି ଆଜ୍ଞା ? କ'ଣ ବୋଲି ଡ଼ାକିବି ?

ବିକ୍ରମ - କହିବ ତା ପ୍ରେମିକ ତାକୁ ଡ଼ାକୁଛି ।

Digitized by srujanika@gmail.com

ସନିଆ - ଆଜ୍ଞା, ନ କହି ନ କହି ଏତେ ବଡ଼ ମିଛ କଥାଟେ କହିବିକି ଆଜ୍ଞା ।

ବିକ୍ରମ - ତୁମେ ଜାଣ ତାପସ ତାର ପ୍ରେମିକ ।

ସନିଆ - ହଁ ଜାଣେ ଆଜ୍ଞା, ସେ କଥାତ ମୁଁ ଆପଣଙ୍କୁ କହିଛି ।

ବିକ୍ରମ - ତାଙ୍କର ସବୁବେଳେ ନଈକୂଳରେ ମିଳନ ହୁଏ ।

ସନିଆ - ଶୁଣିଛି ଆଜ୍ଞା, କିନ୍ତୁ ଦେଖିନି । ଯାହା ନ ଦେଖିବ ବେନି ନୟନେ ପରତେ ନ ଯିବ ଗୁରୁ ବଚନେ ।

ଦୀପ୍ତିମାନ - ଏଇଟା ବଦମାସ୍‌ଟେ ଆଜ୍ଞା । ଏ ଲୋକଟାକୁ ଆପଣ ବିଶ୍ୱାସ କରୁଛନ୍ତି । ଏ ମାଇଚିଆକୁ ଦେଖି ପିତାମହଭୀଷ୍ମ ଶରତ୍ୟାଗ କରିଥିଲେ ।

ସନିଆ - ଦେଖବାବୁ, ତୁମେ ମୋ ସହିତ କଥାବାର୍ତ୍ତା ହୁଅନି । ମଣିମା ପଚାରୁଛନ୍ତି ମୁଁ ଉତ୍ତର ଦେଉଛି ।

ବିକ୍ରମ - ଦେଖ ସନାତନ । ତୁମେ ମୋର ଲୋକ । ଅତ୍ୟନ୍ତ ବିଶ୍ୱାସୀ । ତୁମେ ଯଦି ମୋତେ ସାହାଯ୍ୟ ନ କରିବ, ମୁଁ ଆଉ କ'ଣ ବା ତୁମକୁ କହିବି ? ହଉ, ଦଶହଜାର ରଖ ।

ସନିଆ - କାହିଁକି ଟଙ୍କା ଦଉଛନ୍ତି ମଣିମା । କାମଟା ସବୁ ଦେବେନି ।

ବିକ୍ରମ - ନାଇଁ ତୁମେ ରଖ (ଟଙ୍କା ଧରିଲା) ମନେ ରଖ, କାଲି ସଂଧ୍ୟା, ସେ ଯେପରି ନଈକୂଳରେ ପହଞ୍ଚେ ।

ସନିଆ - ହଉ ମଣିମା, ମୁଁ ଆସୁଛି । (ପ୍ରସ୍ଥାନ)

ବିକ୍ରମ - ଗୋଟାଏ ମସ୍ତବଡ଼ କାମ ହାସଲ ହୋଇଗଲା । ଝଟାପଟ କାମ ସାରି ଚାଲି ଆସିବ ଦୀପ୍ତିମାନ । ମୁଁ ତୁମପାଇଁ ଅପେକ୍ଷା କରିବି । ତୁମ ସାଙ୍ଗରେ ଲୋକ ପଠାଉଛି ।

ଦୀପ୍ତିମାନ - କିନ୍ତୁ ଜମିଦାର ସାହେବ

ବିକ୍ରମ - ମୁଁ ଜାଣେ, ଏ କାମରେ ତୁମେ ସନ୍ତୁଷ୍ଟ ନୁହଁ । ତଥାପି ମୋର ଅପମାନର ବଦଳା ନେବି । ଖାଲି ହାରାମଜାଦୀକୁ ପଚାରିବି, ନିଆଁ ସାଙ୍ଗରେ ଖେଳ ଖେଳିଲେ ଫଳ କ'ଣ ହୁଏ ।

- ଅନ୍ଧାର -

Digitized by srujanika@gmail.com

- ଦଶମ ଦୃଶ୍ୟ -

(ଗ୍ରାମ୍ୟ ରାସ୍ତା । ଶ୍ୟାମଳୀ ଆସୁଥିଲା । ମନରେ ଆନନ୍ଦର ସୀମା ନାହିଁ । ନିର୍ବାଚନ ସରିଚି । ଗଣତି ବି ସରିଚି । ସେ ଜିତିଛି । କିନ୍ତୁ ଫଳ ଘୋଷଣା ହୋଇନାହିଁ । ପ୍ରବେଶ କରିଛି ସନାତନ ।)

ସନିଆ - ଅପା, ନିର୍ବାଚନ ସରିଲା । ଓଃ, ଗୋଟାଏ ବୋଝ ମୁଣ୍ଡରୁ ଗଲା । ବୁଝିଲ ଅପା । ଏଥର ପରି ପଞ୍ଚାୟତ ନିର୍ବାଚନ କୋଉଥର ହୋଇନଥିଲା । ତୁମେତ ଜିଣିଲ । ଆଉ ଭୋଜି ?

ଶ୍ୟାମଳୀ - ନା, ବିଡ଼ିଓ ଫଳ ପ୍ରକାଶ କରିନି । ଏଜେଣ୍ଟମାନେ କହୁଛନ୍ତି, ଆମର ବିଜୟ ହୋଇଛି ।

ସନିଆ - ସେଇଟା ପୁଣି କ'ଣ ? ଅପାକୁ ହରାଇବାକୁ ଏଠାରେ କାହାର ଶକ୍ତି ଅଛି କହିଲ ?

ଶ୍ୟାମଳୀ - ଆମର ବିଜୟ ହୋଇଛି । କିନ୍ତୁ ବିଡ଼ିଓ ଫଳ ଘୋଷଣା କରିନାହାନ୍ତି ।

ସନିଆ - କାହିଁକି ?

ଶ୍ୟାମଳୀ - ସେ କଥା ମୁଁ କିପରି କହିବି ? କଲେକ୍ଟରଙ୍କ ପାଖକୁ ସୁବାସବାବୁ ଯାଇଛନ୍ତି ।

ସନିଆ - ହଁ, ଗୋଟିଏ କଥା ଭୁଲିଗଲି । ତାପସବାବୁ ମୋତେ କହିଲେ, ନଈକୂଳରେ ମୁଁ ଅଛି । ଅପାକୁ କହିଦିଅ ।

ଶ୍ୟାମଳୀ - ମିଛି କଥା । ସେ ତ ମୋତେ କହିଲେ ପାର୍ଟି ଅଫିସକୁ ଯିବା ପାଇଁ । ନଈକୂଳକୁ ଡ଼ାକିଲେ କାହିଁକି ?

ସନିଆ - କାହିଁକି ଡ଼ାକିଲେ, କେଉଁଥିପାଇଁ ଡ଼ାକିଲେ, ସେ କଥା ମୁଁ କିପରି କହିବି ? ଯିବ ଯଦି ଯାଅ, ନହେଲେ ନାହିଁ । ମୁଁ ଆସୁଛି । (ଚାଲିଗଲା)

ଶ୍ୟାମଳୀ - ତାପସ ମୋତେ ନଈକୂଳକୁ ଡ଼ାକିଲେ ? ମିଛକଥା । ମୁଁ ପୋଲିସକୁ ନ ପଚାରି କିମିତି ଯିବି । ଯଦି ପ୍ରକୃତରେ ସେ ଡ଼ାକିଥାନ୍ତି, ନଗଲେ ସେ ନିଶ୍ଚୟ ଦୁଃଖ କରିବେ । ମୋ ପାଇଁ ତାଙ୍କର ପରିଶ୍ରମର ସୀମା ନାହିଁ । ହେଲେ, ପୋଲିସ ସାଥିରେ ଗଲେ, ଖରାପ

Digitized by srujanika@gmail.com

ଭାବିବେ । ପୋଲିସକୁ ସାଥିରେ ନେଇ ସେ ସ୍ଥାନକୁ କ'ଣ ଯାଇହୁଏ । ହଉ ଦେଖେ ସେ କାହିଁକି ଡ଼ାକୁଛନ୍ତି ।

(ଶ୍ୟାମଳୀ ନଈକୂଳ ଆଡ଼େ ଦୌଡ଼ିଲା)

ଶ୍ୟାମଳୀ - ତାପସ, ତାପସ, ମୁଁ ଆସିଛି ତାପସ ।

(ଦୀପ୍ତିମାନ ଓ ଗୁଣ୍ଡାମାନେ ନଈକୂଳରେ ଅପେକ୍ଷା କରିଥିଲେ ।)

ଦୀପ୍ତିମାନ - (ହାତଧରି) ତୁମ ପାଇଁ ଦୀର୍ଘ ସମୟ ଧରି ମୁଁ ଅପେକ୍ଷା କରିଛି । ଆରେ ଦେଖୁଛ କ'ଣ । ଟେକି ନେଇ ଗାଡ଼ିରେ ବସାଇଦିଅ ।

ଶ୍ୟାମଳୀ - ଦେଖ, ମୋତେ ସ୍ପର୍ଶ କରନି । ପୋଲିସ୍ ବର୍ତ୍ତମାନ ଆସି ପହଞ୍ଚିବ ।

ଦୀପ୍ତିମାନ - କ'ଣପୋଲିସର ଭୟ ଦେଖାଉଛ । ଆରେ, ଚାହିଁଛ କ'ଣ ଜଲଦି ଟେକିନିଅ ।

(ଗୁଣ୍ଡା ଦୁଇଜଣ ପାଟିରେ କନାବିଣ୍ଡା ଦେଇ ଟେକି ଉଠାଇ ନେଲେ । ଗାଡ଼ିର ହର୍ଣ୍ଣ ଶୁଭିଲା ଓ ଷ୍ଟାର୍ଟିଙ୍ଗ ଶବ୍ଦ)

(ତାପସ ଓ ସୁବାସ ପ୍ରବେଶ କରିଛନ୍ତି)

ତାପସ - ଶ୍ୟାମଳୀ, ଶ୍ୟାମଳୀ । କାହିଁ, ଶ୍ୟାମଳୀ ତ ଏଠାରେ ଥିଲା । ସେ ଗଲା କୁଆଡ଼େ । ଶ୍ୟାମଳୀ, ଶ୍ୟାମଳୀ......

(ଦୁଇଜଣ ବ୍ୟସ୍ତ ହୋଇ ଏପଟ ସେପଟ ଦୌଡୁଥିଲେ । ପ୍ରବେଶ କରିଛି ସନାତନ)

ସନିଆ - ତାପସ ଭାଇ

ତାପସ - ସନାତନ, ଶ୍ୟାମଳୀକୁ ଦେଖିଛ ?

ସନିଆ - ଶ୍ୟାମଳୀ, ହଁ ହଁ ଶ୍ୟାମଳୀ । ବାବୁ, ବାବୁ (ବ୍ୟସ୍ତ ହୋଇ) ଶ୍ୟାମଳୀକୁ ଗୁଣ୍ଡାମାନେ ଟେକି ନେଇଗଲେ ।

ସୁବାସ - କ'ଣ କହିଲ ? ଗୁଣ୍ଡାମାନେ, ତୁମେ କିପରି ଜାଣିଲ ?

ସନିଆ - ମୁଁ, ଆଖିରେ ଦେଖିଲି ପରା ।

ତାପସ - ଗୁଣ୍ଡାମାନେ । କାହାର ସେମାନେ ଗୁଣ୍ଡା ?

ସନିଆ - ମୁଁ ଭାବୁଛି ଜମିଦାରର ଗୁଣ୍ଡା ହୋଇଥିବେ ।

ତାପସ - (ମୁଣ୍ଡରେ ହାତ ଦେଇ) କଥା ସରିଗଲା ସୁବାସ ବାବୁ । ସେମାନେ ଶ୍ୟାମଳୀକୁ ମାରିଦେବେ ।

Digitized by srujanika@gmail.com

ସୁବାସ - ମୁଁ ଏସ୍.ପି.କୁ, ଡ଼ିଜିକୁ, ସି.ଏମ୍.କୁ ଫୋନ କରୁଛି । ଚାଲ ସମସ୍ତଙ୍କୁ ଧରି ଜମିଦାରଙ୍କ ଘରକୁ ଯିବା । ବୋମାମାଡ଼ କରି ତା ଘର ଉଡ଼ାଇ ଦେବା । ବୋମା ତିଆରି କରିବା ଆମେ ବି ଜାଣୁ ।

ତାପସ - ଶୀଘ୍ର ଚାଲ ଭାଇ । ନ ହେଲେ ମୋ ଶ୍ୟାମଳୀ । (ଦୌଡ଼ି ଚାଲିଗଲେ)

ସନିଆ - କାହିଁକି କହିଲି । ଯଦି ଜମିଦାର ଜାଣିବ, ତାହେଲେ ମୋର ଉପରକୁ ଟିକଟ କଟା ହୋଇଯିବ ।

- ଅନ୍ଧାର -

- ଏକାଦଶ ଦୃଶ୍ୟ -

(ବିକ୍ରମ ଚୌଧୁରୀ ମଦ୍ୟପାନ କରୁଥିଲେ । ଗୁଣ୍ଡାମାନେ ଶ୍ୟାମଳୀକୁ ଭିତରକୁ ଠେଲିଦେଲେ ।)

ବିକ୍ରମ - (ହସି ଉଠିଲେ । ବିଭତ୍ସ ହସ) ତୁମେ ଆସିଗଲ । ତୁମପାଇଁ ମୋର କେତେ ଯେ ପ୍ରତୀକ୍ଷା । ଏତେ ଡ଼େରି କଲ କାହିଁକି ? ଏବେ କ'ଣ କରିବାକୁ ଚାହଁ । ମୋର ସପ୍ତପୁରୁଷ ଶ୍ରାଦ୍ଧ କରିବ ନା ଚିତ୍କାର କରିବ ? ଚିତ୍କାର କରିବ । କର, ଖୁବ୍ ଜୋର୍‌ରେ ଚିତ୍କାର କର । କିନ୍ତୁ ତୁମର ଚିତ୍କାର ଶୁଣିବାକୁ ଏଠାରେ କେହି ନାହିଁ । ନା ତୁମର ପ୍ରେମିକ ତାପସ, ନା ତାର ସାଙ୍ଗ ସୁବାସ । ସେମାନେ ସବୁ ଗଲେ କୁଆଡ଼େ ?

ଶ୍ୟାମଳୀ - ଦେଖନ୍ତୁ ମୁଁ ଆପଣଙ୍କର କନ୍ୟା ପରି । ଆପଣ ମୋର ପିତୃତୁଲ୍ୟ । ଦୟାକରି ମୋତେ ଛାଡ଼ି ଦିଅନ୍ତୁ ।

ବିକ୍ରମ - କନ୍ୟା ପରି, ହେଲେ କନ୍ୟା ତ ନୁହେଁ । ଆଉ ଜାଣିଛ ଜଣେ ପୁରୁଷ ପାଖରେ ବୟସର ତାରତମ୍ୟର କିଛି ମାନେ ନଥାଏ । ସେ ଚାହେଁ ନାରୀ, ଯାହା ତାର ସମ୍ଭୋଗର ବିଷୟବସ୍ତୁ । ତେଣୁ ମୁଁ ତୁମକୁ ଛାଡ଼ିଦେବି କିପରି । ସେଇଟା କ'ଣ ସମ୍ଭବ । ମୋ ପୁରୁଷତ୍ୱର ଅପମାନ ହେବନି । ଆସ, ମୋ ପାଖକୁ ଚାଲିଆସ ।

ଶ୍ୟାମଳୀ - ନା, ମୋତେ ଛାଡ଼ି ଦିଅନ୍ତୁ । ମୋ ପ୍ରତି ଦୟା କରନ୍ତୁ ।

Digitized by srujanika@gmail.com

ବିକ୍ରମ - (ହସି) ଦୟା । ସାମନ୍ତ ବିକ୍ରମ ଚୌଧୁରୀ ତାର ଡ଼ିକ୍ସନାରୀରୁ ଦୟାର ଶବ୍ଦକୁ ଲିଭାଇ ଦେଇଛି । ଦିନ ଥିଲା, ତୁମେ ମୋର ସପ୍ତପୁରୁଷଙ୍କୁ ଶ୍ରାଦ୍ଧ କରୁଥିଲ । କହୁଥିଲ, ଏ ରତନ ନଗର ହାବେଲୀରେ କେତେ ଯେ ଅନୂଢ଼ା ଯୁବତୀଙ୍କର ଅତୃପ୍ତ ଆତ୍ମା କ୍ରନ୍ଦନ କରୁଛି । ତୁମେ ସତ କହୁଥିଲ । ଆଜି ତୁମର ଅତୃପ୍ତ ଆତ୍ମା ଏଠାରେ ବିଳାପ କରିବ ।

ଶ୍ୟାମଳୀ - (କାନ୍ଦି) ମୁଁ ତୁମର ପାଦ ଧରୁଛି । ତୁମେ ମୋତେ ଛାଡ଼ିଦିଅ । ମୁଁ ନିର୍ଦ୍ଦୋଷ, ମୋର କିଛି ଦୋଷ ନାହିଁ ।

ବିକ୍ରମ - ଦୋଷ ନାହିଁ । ଆଉ ଯାହା ସବୁ ଦୋଷ, ସବୁ ହଉଚି ମୋର । ତୁମେ ଜାଣ ମୁଁ ଏ ଅଞ୍ଚଳର ଅପ୍ରତିଦ୍ୱନ୍ଦ୍ୱି ନେତା । ମୋ ସହିତ ଟକ୍କର ଦେଲେ ଫଳ କଣ ହୁଏ ଜାଣ । (ହାତକୁ ଧରି ପକାଇ ଟାଣିବାକୁ ଚେଷ୍ଟା କରେ । ଶ୍ୟାମଳୀ ହାତ କାମୁଡ଼ି ଦେଇଛି । ବିକ୍ରମ ଚିତ୍କାର କରିଛନ୍ତି ।) ତୁ ମୋତେ କ୍ଷତାକ୍ତ କରିଦେଲୁ । ସାମନ୍ତ ବିକ୍ରମ ଚୌଧୁରୀ ଗୋଟେ ମହାବଳ ବାଘ । ରୟାଲ ବେଙ୍ଗଲ ଟାଇଗର । ତୁ ତାକୁ ଘାଏଲ କରିଦେଲୁ । ସେ ତୋତେ ଝୁଣିବ, ପଲପଲ କରି ଝୁଣିବ ।

(ଶ୍ୟାମଳୀ ଏପଟ ସେପଟ ଦୌଡୁଛି । ତା ପଛରେ ଆହତ ବ୍ୟାଘ୍ର ପରି ଦୌଡୁଥିଲେ ବିକ୍ରମ । ଅତ୍ୟଧିକ ମଦ୍ୟପାନ ଯୋଗୁଁ ଭାରସାମ୍ୟ ହରାଇ ପଡ଼ିଯାଉଥିଲେ । ପୁଣି ଉଠି ଶ୍ୟାମଳୀ ପଛରେ ଗୋଡ଼ାଉଥିଲେ)

ବିକ୍ରମ - ଶ୍ୟାମଳୀ ମୋ ପାଖକୁ ଚାଲିଆ ।

ଶ୍ୟାମଳୀ - କେବେ ନୁହେଁ । ତୁ ମୋତେ ସ୍ପର୍ଶ କରିପାରିବୁ ନାହିଁ । ମୁଁ ସତୀ । ମୋତେ ପ୍ରଭୁ ରକ୍ଷା କରିବେ । ପାପୀ, ନିଜର ଚେତନା ତୋର ଏପର୍ଯ୍ୟନ୍ତ ଆସିଲା ନାହିଁ ?

ବିକ୍ରମ - ଗାଳି ଦଉଛୁ ଶ୍ୟାମଳୀ । ଦେ ଯେତେପାର ସେତେ ଗାଳିଦେ । ତୋର ଗାଳି ଶୁଣିବାକୁ ମୋତେ ଖୁବ୍ ଭଲ ଲାଗୁଛି । କିନ୍ତୁ ଯେତେ ଗଳା ଫଟାଇ ଚିତ୍କାର କଲେ ମଧ୍ୟ, ମୋ ହାତରୁ ଖସି ଯାଇ ପାରିବୁ ନାହିଁ ।

Digitized by srujanika@gmail.com

ଶ୍ୟାମଳୀ - ଲମ୍ପଟ, କାମୁକ । ତାର ପ୍ରତିଫଳ ତୁ ଅତିଶୀଘ୍ର ପାଇବୁ । ତୋତେ କେହି ରକ୍ଷା କରିପାରିବେ ନାହିଁ ।

ବିକ୍ରମ - ଶ୍ୟାମଳୀ, ମାଇଁ ଡ଼ାର୍ଲିଙ୍ଗ୍

ଶ୍ୟାମଳୀ - ଡ଼ାର୍ଲିଙ୍ଗ୍, ଏକଥା କହିବାକୁ ତୋତେ ଲଜ୍ଜା ଲାଗୁନି । ଥା ତୁ ଆପେ ଆପେ ମରିଯିବୁ ।

(ଏହି ସମୟରେ ବୋମା ଫୁଟିଲା, ଘନ ଘନ ବୋମାମାଡ଼)

ବିକ୍ରମ - ଏ କ'ଣ ମୋ ଘର ଉପରେ ଆକ୍ରମଣ ? କାହାର ଏତେ ସାହାସ ?

(ମାଇକ୍ରେ - ଶ୍ୟାମଳୀ ଭୟ କରନା । ଆମେ ସବୁ ଆସିଗଲୁଣି । ମୁଁ ତାପସ କହୁଚି । ପୋଲିସ୍ ବଦମାସ୍‌କୁ ଗିରଫ କରିବ)

ବିକ୍ରମ - ପୋଲିସ୍, ତାପସ୍, ଏମାନେ ସବୁ ଆସିଗଲେଣି । ଏମାନେ ମୋତେ ମାରିଦେବେ । ନା - ଇମ୍ପୋସିବଲ୍ । ମୁଁ ଅଣ୍ଡରଗ୍ରାଉଣ୍ଡ ହେଇଚାଲିଯିବି । ମୋର କେହି ପତ୍ତା ପାଇବେନି । (କହି କହି ଚାଲିଗଲେ)

(ଏହି ସମୟରେ ପୋଲିସ ପ୍ରବେଶ କଲେ । ପଛରେ ତାପସ ଓ ସୁବାସ)

ଇନ୍ସପେକ୍ଟର - ଶ୍ୟାମଳୀ ଦେବୀ, ସେ ବଦମାସ ଗଲା କୁଆଡ଼େ ?

ଶ୍ୟାମଳୀ - ଏଇ ଘରେ କୁଆଡ଼େ ଲୁଚିଗଲା । ଗଲାବେଳେ କହିଗଲା, ମୋର କେହି ପତ୍ତା ପାଇ ପାରିବେ ନାହିଁ ।

ଇନ୍ସପେକ୍ଟର - କୁଆଡ଼େ ଯିବ । କେତେଦିନ ଲୁଚିବ । ପୋଲିସ କ'ଣତାକୁ ସହଜରେ ଛାଡ଼ିଦେବ । ଶ୍ୟାମଳୀ ଦେବୀ, ତୁମେ ଏଠାକୁ ଆସିଲ କିପରି ?

ଶ୍ୟାମଳୀ - ସନାତନ କହିଲା, ମୋତେ ନଈକୂଳରେ ତାପସ ଡ଼ାକୁଛନ୍ତି ।

ତାପସ - ସେଇ ସନାତନ ମୋତେ କହିଲା, ଶ୍ୟାମଳୀ ଅପାକୁ ଜମିଦାରର ଗୁଣ୍ଡାମାନେ ନେଇଗଲେ ।

ସୁବାସ - ସବୁ ସେଇ ବଦମାସ୍‌ର ନାଟ । ସେ ବଦମାସ ଘରକୁ ଆଗ ଯିବା ।

ଇନ୍ସପେକ୍ଟର - ଶ୍ୟାମଳୀ ଦେବୀ, ତୁମକୁ ନିର୍ଦ୍ଦେଶ ଥିଲା, ବିନା ପୋଲିସରେ ତୁମେ କେଉଁଆଡ଼କୁ ଯିବ ନାହିଁ ।

ଶ୍ୟାମଳୀ - ମୋର ଭୁଲ୍ ହୋଇଗଲା ସାର୍ ।

Digitized by srujanika@gmail.com

ଇନ୍ସପେକ୍ଟର - ତୁମର ସାମାନ୍ୟ ଭୁଲ୍ ପାଇଁ ଗୋଟାଏ ପୁରାତନ ହାବେଲି ଧ୍ୱସ୍ତ ବିଧ୍ୱସ୍ତ ହୋଇଗଲା । ଚାରିଆଡ଼େ ଅଶାନ୍ତି ।

ତାପସ - ଆସ ଘରକୁ ଯିବା । ତେଣେ ତୁମ ମା' ଏ ଖବର ଶୁଣି ମୂର୍ଚ୍ଛା ହୋଇ ଯାଇଛନ୍ତି ।

(ସମସ୍ତେ ଚାଲିଗଲେ । ଠିଆ ହୋଇ ରହିଲେ ଇନ୍ସ୍‌ପେକ୍ଟର)

ଇନ୍ସପେକ୍ଟର - ଚାରିଆଡ଼େ ତଲାସି ନିଅ । ଦେଖିବା, କେତେଦିନ ସେ କେଉଁଠି ଲୁଚି ରହିବ ।

- ଅନ୍ଧାର -

- ଦ୍ୱାଦଶ ଦୃଶ୍ୟ -

(ବିଡ଼ିଓ, ବ୍ଲକ ଇଞ୍ଜିନିୟର ବସିଥିଲେ । ତାପସ ଗର୍ଜି କହୁଥିଲା)

ତାପସ - ଜବାବ୍ ଦିଅ ବ୍ଲକ ଅଫିସର ବାବୁ । ଏଜେଣ୍ଟମାନେ କହୁଛନ୍ତି, ଭୋଟ ଗଣତିରେ ଶ୍ୟାମଳୀ ଦେବୀଙ୍କର ବିପୁଳ ବିଜୟ ହୋଇଛି । ଅଥଚ, ଆପଣ କହୁଛନ୍ତି, ଶ୍ୟାମଳୀ ଦେବୀ ୫୦ ଖଣ୍ଡ ଭୋଟରେ ହାରିଛନ୍ତି । ଆପଣ ଏ ଜାଲିଆତି କରିବାର କାରଣ କ'ଣ ?

ବିଡ଼ିଓ - ଦେଖନ୍ତୁ, ଭୋଟ ଗଣତିରେ ଯାହାଫଳ ବାହାରିଲା, ତାହା ମୁଁ ପ୍ରକାଶ କରିଛି ।

ତାପସ - (ଟେବୁଲ ବାଡ଼େଇ) ଆପଣ ଜାଲିଆତି କରିନାହାଁନ୍ତି ? (ରୁମାଲରେ ଗୁଡ଼ା ହୋଇଥିବା ବାଲାଟ୍ ପେପର କାଢ଼ି) ଏ ବାଲାଟ ପେପର ସବୁ କ'ଣ ? ଏହାକୁ ସବୁ କିଏ ବାହାରେ ପକାଇଛି ? ମୋର ପ୍ରଶ୍ନର ଜବାବ ଦେଇଁପାରିବେ ? କେତେ ଲକ୍ଷଟଙ୍କା ଆପଣ ଏଥିପାଇଁ ନେଇଛନ୍ତି ?

ବିଡ଼ିଓ - ମୁଁ ନିର୍ଦ୍ଦୋଷ । ମୋତେ କାହିଁକି ଦୋଷ ଦେଉଛନ୍ତି ?

ତାପସ - ଦୋଷୀ ନିଜକୁ କ'ଣ କେବେ ଦୋଷୀ ବୋଲି ସ୍ୱୀକାର କରେ ?

ସୁବାସ - ଜିଲ୍ଲା କଲେକ୍ଟରଙ୍କୁ ଆମେ ଜଣାଇଛୁ । ନିର୍ବାଚନ କମିଶନର ଜିଲ୍ଲାପାଳଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି । ପ୍ରକୃତ ଫଳ ଘୋଷଣା ନହେଲା ପର୍ଯ୍ୟନ୍ତ, ବ୍ଲକ୍ ଘେରାଉ ଅବ୍ୟାହତ ରହିବ । ଆମେ ଆପଣମାନଙ୍କୁ ଏଠାରୁ ଛାଡ଼ିଦେବୁ ନାହିଁ ।

Digitized by srujanika@gmail.com

ବିଡ଼ିଓ - ଆପଣମାନେ ଯାହା କରିବେ କରନ୍ତୁ । କିନ୍ତୁ ମୁଁ ଯାହା କରିଛି, ଠିକ୍ କରିଛି । (ପ୍ରବେଶ କଲେ ପୋଲିସ୍ ଇନ୍ସପେକ୍ଟର)

ଇନ୍ସପେକ୍ଟର - ବିଡ଼ିଓ ବାବୁ, You are under arrest.
(ସ୍ଲୋଗାନ୍ - ପ୍ରକୃତ ଦୋଷୀକୁ ଆରେଷ୍ଟ କର । ବିଡ଼ିଓ, ଇଞ୍ଜିନିୟରଙ୍କୁ ଜେଲ୍‌କୁ ନିଅ) ଥାନାକୁ ଚାଲନ୍ତୁ । ଏସ୍.ପି. ଅପେକ୍ଷା କରିଛନ୍ତି ।

ସ୍ଲୋଗାନ - ଶ୍ୟାମଳୀ ଦେବୀ ଜିନ୍ଦାବାଦ । ତାପସବାବୁ ଜିନ୍ଦାବାଦ । ଆମର ନେତା ତୁମର ନେତା ତାପସବାବୁ ଜିନ୍ଦାବାଦ ।

- ଅନ୍ଧାର -

- ତ୍ରୟୋଦଶ ଦୃଶ୍ୟ -

(ଶ୍ୟାମଳୀ ଓ ତାପସ ବସିଥିଲେ, ସେଇ ନଈତଟ)

ଶ୍ୟାମଳୀ - ନିର୍ବାଚନ ଝଡ଼ର ଅବସାନ ପରେ ତୁମେ କିପରି ଅନୁଭବ କରୁଛ ତାପସ ? ଆମର ପାଞ୍ଚଜଣ ସରପଞ୍ଚ ଓ ସମିତି ସଭ୍ୟ ନିର୍ବାଚିତ ହୋଇଛନ୍ତି । ସମିତି ସଭ୍ୟଭାବେ ତୁମେ ମଧ ନିର୍ବାଚିତ ହୋଇଛ । ପରବର୍ତ୍ତୀ ଅଧାୟ ପଞ୍ଚାୟତ ସମିତି ଅଧକ୍ଷ ପଦ । ତୁମେ ପାଇବା ସୁନିଶ୍ଚିତ । ଏହା ହାଇକମାଣ୍ଡଙ୍କ ଇଚ୍ଛା ।

ତାପସ - ପଞ୍ଚାୟତ ସମିତି ଅଧକ୍ଷ ପଦ । ସେଇଟା କ'ଣ ଆମ ଜୀବନର ଶେଷ ଲକ୍ଷ୍ୟ ? ପଞ୍ଚାୟତ ନିର୍ବାଚନ ସମୀକ୍ଷା କରିଛ ଶ୍ୟାମଳୀ ? ସାରା ରାଜ୍ୟରେ ଶହ ଶହ କୋଟି ଟଙ୍କା ବରବାଦ ହୋଇଗଲା । ଗାଁ ଗାଁ ମଧରେ କନ୍ଦଳ । ଘର ଘର ଭିତରେ ବିବାଦ । ଭାଉଜ ବିରୁଦ୍ଧରେ ନଣନ୍ଦ । ବାପା ବିରୁଦ୍ଧରେ ପୁଅ । ଭାଇ ବିରୁଦ୍ଧରେ ଭାଇ । କେତେ ଘର ଯେ ଉଜୁଡ଼ିଗଲା ତାହା ତୁମେ କଳନା କରୁଛ ଶ୍ୟାମଳୀ ? କେତେ ହତ୍ୟା, କେତେ ଗୃହଦାହ ଆଜି ଏ ନିର୍ବାଚନ ଯୋଗୁଁ ସାରା ରାଜ୍ୟରେ ଘଟିଗଲା । ଗ୍ରାମ ଗ୍ରାମ ମଧରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ପରିସମାପ୍ତି ଘଟିଲା । ବାପୁଜୀଙ୍କର ଗ୍ରାମ୍ୟ ସ୍ୱରାଜ୍ୟର ଅର୍ଥ କ'ଣ ଏଇଆ ଥିଲା । ବର୍ତ୍ତମାନ ସମିତି ଅଧକ୍ଷ ପାଇଁ ଚାଲିବ ଘୋଡ଼ା ବେପାର । ଅଜ୍ଞାତ ବାସ । କୋଟି କୋଟି ଅର୍ଥ ବରବାଦ ହେବ ।

Digitized by srujanika@gmail.com

କାରଣ କ'ଣ ଜାଣ ? ବର୍ତ୍ତମାନ କୋଟି କୋଟି ଟଙ୍କା କେନ୍ଦ୍ରରୁ ସିଧାସଳଖ ପଞ୍ଚାୟତ ସମିତିକୁ ଆସିବ । ଫେରେ ଦୁର୍ନୀତି । ଏସବୁ ମୋତେ ଆଉଭଲ ଲାଗୁନି ଶ୍ୟାମଳୀ । ଆଜି ଏ ସବୁ ମୋତେ ବ୍ୟଥିତ କରିଛି । ସମାଜସେବା, ଦୁଃଖୀ ଦରିଦ୍ରର ସେବା କରିବାକୁ ବହୁତ ରାସ୍ତା ଅଛି । ମୁଁ ଏ ରାଜନୀତି ଛାଡ଼ିଦେବି ଶ୍ୟାମଳୀ ।

ଶ୍ୟାମଳୀ - ତୁମ ଉପରେ ଦଳର ଅତୁଟ ବିଶ୍ୱାସ । ତୁମେ ଏ ଅଞ୍ଚଳର ନେତୃତ୍ୱ ନେବ । ଆଜି ଏ ଅଞ୍ଚଳରୁ ସାମନ୍ତବାଦର ବିଲୋପ ଘଟିଛି । କେତେ କଷ୍ଟ, କେତେ ତ୍ୟାଗ ଫଳରେ ଆଜି ଏ ଅଞ୍ଚଳରୁ ଯେ ଗୋଟାଏ ସଇତାନର ଯୁଗ ସରିଗଲା, ଏହା କ'ଣ କମ ଆନନ୍ଦର କଥା ନୁହେଁ ତାପସ ।

ତାପସ - ସେଥିପାଇଁ ତୁମର ତ୍ୟାଗର ପଟାନ୍ତର ନାହିଁ । ଶ୍ୟାମଳୀ, ତୁମେ ଧନ୍ୟା, ତୁମ ଧୈର୍ଯ୍ୟ, ସାହାସର ତୁଳନା କରାଯାଇନପାରେ ।

(ଶୁଭିଲା ଦୂରରୁ ତାପସ ଭାଇ, ତାପସ ଭାଇ)

ତାପସ - ଶ୍ୟାମଳୀ, ସୁବାସ ବାବୁ ଏଠାକୁ ଆସୁଛନ୍ତି । ଆମକୁ ଏଠାରେ ଦେଖିଲେ ସେ ଖରାପ ଭାବିପାରନ୍ତି ।

ଶ୍ୟାମଳୀ - କାହିଁକି ? ସେ କ'ଣ ଆମର ସଂପର୍କ ଜାଣନ୍ତି ନାହିଁ ? ତୁମେ କେତେଦିନ ଆମର ସଂପର୍କକୁ ଲୁଚାଇ ରଖିବ ତାପସ ? କିନ୍ତୁ ମନେରଖ, ସତ କେବେ ଲୁଚି ରହେନା । ମୁଁ ସମସ୍ତଙ୍କୁ ଏ କଥା କହିଦେବି ।

ତାପସ - କହିଦେବ ? କଣ କହିବ କୁହ ?

ଶ୍ୟାମଳୀ - ତୁମେ ମୋର - ମୁଁ ତୁମର ।

ତାପସ - ଧନ୍ୟବାଦ, ବେଶ୍ ସେଇଆ କରିଦିଅ । କ'ଣ ଢ଼ାକବାଜି ଯନ୍ତ୍ରରେ ପ୍ରଚାର କରିବ । ତୁମେ ଜାଣ, ବୋଉ ତୁମକୁ ଭାରି ପ୍ରଶଂସା କରୁଥିଲା । ଶ୍ୟାମଳୀ ପରି ବୋହୁଟିଏ ତାର ଦରକାର ।

ଶ୍ୟାମଳୀ - ସତରେ ତାପସ, ବୋଉ ତୁମର ମୋ କଥା କହୁଥିଲେ । ତୁମେ କ'ଣ କହୁଚ, ଖୋଲି କହିବନି ?

Digitized by srujanika@gmail.com

ତାପସ - ତୁମେ ଯାହା କହୁଚ, ମୁଁ ବି ସେଇଆ କହୁଚି ।

ଶ୍ୟାମଳୀ - ଓଃ ତାପସ, ସତରେ ତୁମେ ଭାରି ଭଲ ।

(ପ୍ରବେଶ କଲେ ସୁବାସ)

ସୁବାସ - ତାପସ ଭାଇ, ସନିଆ ଧରାପଡ଼ିଲା । ଲୋକେ ତା ଘର ପୋଡ଼ି ଦେଇଛନ୍ତି ।

ଶ୍ୟାମଳୀ - ସେ ତାର ଉପଯୁକ୍ତ ଶାସ୍ତି ପାଇଛି ।

ତାପସ - କିନ୍ତୁ ସୁବାସ ବାବୁ, ତୁମେ ଭୁଲି ଯାଉଛ, ଶ୍ୟାମଳୀ କେବଳ ସନିଆ ଯୋଗୁଁ ରକ୍ଷା ପାଇଛନ୍ତି । ସେ ଆମକୁ ନ କହିଥିଲେ, ଶ୍ୟାମଳୀକୁ ଆମେ କ'ଣ ପାଇଥାନ୍ତେ ? ବିଶେଷ କରି ତା ନିକଟରେ ମୁଁ କୃତଜ୍ଞ । ତା ଘର ଖଣ୍ଡି ଆମକୁ ତିଆରି କରିବାକୁ ପଡ଼ିବ ।

ଶ୍ୟାମଳୀ - ବିଚାରା ଭାରି ଗରିବ । ମୁଁ ଭାବୁଚି ଅର୍ଥଲୋଭ ତାକୁ ପଥଭ୍ରଷ୍ଟ କରିଛି । ପର ମୁହୂର୍ତ୍ତରେ ସେ ତାର ଭୁଲ ବୁଝିପାରିଛି । ବ୍ଲକ ତରଫରୁ ତାକୁ ସାହାଯ୍ୟ ମିଳିବା ଦରକାର ।

ସୁବାସ - କାହିଁକି, ଇନ୍ଦିରା ଆବାସଟେ ତାକୁ ଯୋଗାଇ ଦେବା । ହଁ ତାପସ ଭାଇ, ଅଫିସଠାରେ ବିଜୟ ଶୋଭାଯାତ୍ରା ପାଇଁ ଲୋକେ ଜମା ହେଲେଣି ।

ତାପସ - କାହିଁକି ବିଜୟ ଶୋଭାଯାତ୍ରା ସୁବାସବାବୁ । କେଉଁଥି ପାଇଁ ଏ ବିଜୟ ଶୋଭାଯାତ୍ରା ?

ସୁବାସ - ଭଲ କଥା ହୋଇଛି । ତୁମେ କହିଲେ କ'ଣ ହେବ । ଯେଉଁ ଲୋକେ ତୁମ ପଛରେ ଏ ପର୍ଯ୍ୟନ୍ତ ରହି ଆସିଛନ୍ତି, ତାଙ୍କୁ କ'ଣ ତୁମେ ନିରାଶ କରିଦେଇ ପାରିବ ? ପଟୁଆର ବାହାରୁଚି ।

ଶ୍ୟାମଳୀ - ଆମର ପଟୁଆର ନୃତ୍ୟରେ ହେବ ।

ସୁବାସ - ସମସ୍ତେ ପ୍ରସ୍ତୁତ । ଆସ ଶୀଘ୍ର ଅଫିସକୁ ଯିବା ।

- ଅନ୍ଧାର -

Digitized by srujanika@gmail.com

- ଶେଷ ଦୃଶ୍ୟ -

(ଆଲୋକ ଜଳିଲାବେଳକୁ ଦେଖାଗଲା, ଫୁଲମାଳ ପିନ୍ଧି ଶ୍ୟାମଳୀ, ପଛରେ ଅଗଣିତ ଜନତା । ସ୍ଲୋଗାନ - ଶ୍ୟାମଳୀ ଦେବୀ ଜିନ୍ଦାବାଦ । ସେଇ ଚଢ଼େୟା, ଚଢ଼େୟାଣୀ ନୃତ୍ୟ । ନୃତ୍ୟ ଶେଷ ହୋଇଛି ।)

ସୁବାସ - (ମାଇକ୍ ଧରି) ବଡ଼ ଦୁଃଖର ସହିତ ମୁଁ ଆପଣମାନଙ୍କୁ ଜଣାଇଦେଉଛି, ପରାଜୟ ଗ୍ଲାନିରେ ଜର୍ଜରିତ, ନିଜର କୃତ ଅପକର୍ମ ପାଇଁ ଲଜ୍ଜିତ, ଜମିଦାର ସାମନ୍ତ ବିକ୍ରମ ଚୌଧୁରୀ ବିଷପାନ କରି ଏ ସଂସାର ତ୍ୟାଗ କରିଛନ୍ତି । ତାଙ୍କ ବିୟୋଗରେ ଗୋଟିଏ ଯୁଗର ଅବସାନ ଘଟିଲା । ତାଙ୍କ ନେତୃତ୍ୱରେ ପଚିଶବର୍ଷ ଧରି ଏ ଅଞ୍ଚଳ ଚଳି ଆସୁଥିଲା । ତାଙ୍କ ବିୟୋଗରେ ଆମେ ସମସ୍ତେ ଆଜି ଶୋକ ପ୍ରକାଶ କରିବା । ସ୍ୱର୍ଗୀୟ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରିବା ।

(ସମସ୍ତେ ନୀରବରେ ଠିଆ ହେଲେ)

ତାପସ - ଆଜି ଏହିଠାରେ ବିଜୟ ଶୋଭାଯାତ୍ରାର ପରିସମାପ୍ତି ଘଟିଲା । ଦିନ ଚାଲିଗଲା । କିନ୍ତୁ ଚିହ୍ନ ରହିଗଲା ଚିରଦିନ ପାଇଁ ।

(ପ୍ରଚ୍ଛଦପଟରୁ ଭାସିଆସୁଥିଲା ରଘୁପତି ରାଘବ ରାଜାରାମ ।)

ନଇଁ ଆସିଛି ଯବନୀକା

- ସମାପ୍ତ -

Digitized by srujanika@gmail.com

ନାଟକ

"ଏଇ ତ ଜୀବନ"

ନିର୍ଦ୍ଦେଶନା : ଶ୍ରୀ ପ୍ରଫୁଲ୍ଲ କୁମାର ମହାପାତ୍ର

ସଂଗୀତ : ଅରୁଣ, ଅନୁରାଧା

Digitized by srujanika@gmail.com

ଶୀର୍ଷକ ସଂଗୀତ

"ଏଇ ତ ଜୀବନ"

ଏଇ ତ ଜୀବନ ତୋର
ସୁଖ, ଦୁଃଖର ସଂସାର
ଆଉ ତୁ'ରେ ଲୁହ ଗଡ଼ାନା,
ମାୟା ଜାଲେ ଛନ୍ଦି ହୁଅନା ।୦।
ଆସିଛୁ ଦି ଦିନ ପାଇଁ
ଧନ ମଦେ ହୋଇ ବାଇ
ଧରାକୁ ତୁ ସରା ମଣିଲୁ
ଏକା ସେ ଜଗତ ସାଇଁ
ତା'ବିନା କେ ଅନ୍ୟ ନାହିଁ
ମନରେ କିଆଁ ଭୁଲିଲୁ,
ନ ହୁଅରେ ତୁହି ବିମନା
ମାୟା ଜାଲେ ଛନ୍ଦି ହୁଅନା ।୧।
ପୁତ୍ର, କନ୍ୟା ଯେତେ ତୋର
ଧନ ଅର୍ଜିଲୁ ଅପାର
ନ ଯିବେରେ ତୋହରି ସାଥେ
ଗର୍ବ, ଦମ୍ଭ, ଅଭିମାନ
ସବୁ ତୁଚ୍ଛ ବୋଲି ଜାଣ
ପ୍ରଭୁଙ୍କୁ ତୁ ଧ୍ୟାନ ନିରତେ
ଏ କଥା ତୁ ଭୁଲି ଯାଅନା
ମାୟା ଜାଲେ ଛନ୍ଦି ହୁଅନା ।୨।

❋❋❋

Digitized by srujanika@gmail.com

- ପ୍ରଥମ ଦୃଶ୍ୟ -

(ନିର୍ବାହୀ ଯନ୍ତ୍ରୀ ବିଶ୍ୱବଂଧୁ ବାବୁଙ୍କର ଅଫିସ୍ । ବିଶ୍ୱବଂଧୁ ବାବୁ ଅଫିସ କାମରେ ବ୍ୟସ୍ତ ଥିଲେ । ଠିକାଦାର ରଞ୍ଜିତ ଅପେକ୍ଷା କରି ବସିଥାଏ ।)

ରଞ୍ଜିତ - ମୁଁ ବହୁତ ବେଳୁଁ ଅପେକ୍ଷା କରି ବସିଛି ସାର୍ । ଆପଣଙ୍କର ଟଙ୍କା ନେଇ ଆସିଛି ।

ବିଶ୍ୱବଂଧୁ - କେଉଁ ଟଙ୍କା, କେଉଁ ଟଙ୍କା କଥା ତୁମେ କହୁଛ ?

ରଞ୍ଜିତ - ଏମିତି କ'ଣ କହୁଛନ୍ତି ସାର୍ । ଆପଣ ୫୦ ହଜାର ଟଙ୍କା ଦବା ପାଇଁ କହିଲେ । ଆପଣ ତ ଯିଦ୍ ଧରିଲେ, ୫୦ ହଜାର ଟଙ୍କା ଦେଲେ ବିଲ୍ ମଂଜୁର କରିବେ । ଏ କାମରେ ମୋର ପାଞ୍ଚଲକ୍ଷ ଟଙ୍କା ଲସ୍ ହେଲା ସାର୍ । ଆଉ କାମ ମୋର ଦରକାର ନାହିଁ । ଆପଣ ଖାଲି ଏ ବିଲ୍‌ଟା ମୋର ମଞ୍ଜୁର କରି ଦିଅନ୍ତୁ ।

ବିଶ୍ୱବଂଧୁ - (ନୀରବ)

ରଞ୍ଜିତ - (ଟଙ୍କା କାଢ଼ି ଟେବୁଲ ଉପରେ ରଖିଲା) ନିଅନ୍ତୁ ସାର୍ । ଟଙ୍କା ରଖି ଦିଅନ୍ତୁ । କିଏ ଚାଲି ଆସିଲେ ସର୍ବନାଶ ।

ବିଶ୍ୱବଂଧୁ - ଏ ଟଙ୍କା କାହିଁକି ରଖିଛ । ମୋତେ କ'ଣ ଲାଞ୍ଚ ଦେଉଛ । (ଚିତ୍କାର କରି) ମୁଁ ପଚାରୁଛି, ତୁମେ କାମରେ ଏତେ ଖଇଚା କଲେ, ସେ କାମ କେତେଦିନ ତିଷ୍ଠିବ । ଟେଣ୍ଡର ଅନୁସାରେ ସେ କାମ କ'ଣ ହୋଇଛି ?

ରଞ୍ଜିତ - ଭଲ କଥା କହୁଛନ୍ତି ସାର୍ । ହାତରୁ ଖାଇ କେତେ ଘୋଡ଼ା ଆଗରେ ଦୌଡ଼ିବୁ । ଆପଣ, ଚିଫ ଇଞ୍ଜିନିୟର, ପିଅନ, କିରାନୀ, ମନ୍ତ୍ରୀ, ତନ୍ତ୍ରୀ ୩୦ ପରସେଣ୍ଟ ନେବେ । ଟେଣ୍ଡର ଅନୁସାରେ କାମ କିଏ କରୁଛି ଆଜ୍ଞା ?

ବିଶ୍ୱବଂଧୁ - ତୁମେ ଯାଅ, ସେ ବିଲ୍ ମୁଁ ମଞ୍ଜୁର କରିପାରିବି ନାହିଁ । ଏତେ ଗଲ୍‌ତି କାମକୁ ମୁଁ ମଞ୍ଜୁର ଦେଲେ, ଭଗବାନ ଅସନ୍ତୁଷ୍ଟ ହେବେ ।

ରଞ୍ଜିତ - ଏମିତି କ'ଣ କହୁଛନ୍ତି ସାର୍ । ଆପଣ ନିଜେ କହିଲେ, ପଚାଶ ହଜାର ଟଙ୍କାରୁ, ଟଙ୍କାଟିଏ ଊଣା ହେଲେ, ମୁଁ ବିଲ୍ ମଞ୍ଜୁର କରିବି ନାହିଁ ।

Digitized by srujanika@gmail.com

ବିଶ୍ୱବଂଧୁ - (ଗର୍ଜି) ମିଛ କଥା । ଏ ସବୁ ତୁମର ମନଗଢ଼ା । କାମ ଠିକ୍ ନ କଲେ, ମୁଁ ବିଲ୍ ଟଙ୍କା ମଞ୍ଜୁର କରେ ନାହିଁ, ଏ କଥା ତୁମେ କ'ଣ ଜାଣିନାହଁ । କେଉଁ ସାହାସରେ ତୁମେ ଏ ଟଙ୍କା ମୋ ପାଖକୁ ନେଇ ଆସିଛ ।

ରଞ୍ଜିତ - ଆଶ୍ଚର୍ଯ୍ୟ କଥା, ଲାଞ୍ଚ ଖାଇବାରେ ଆପଣ ଓସ୍ତାଦ୍ । ଆପଣ ମୋଠାରୁ କମ ନେଇନାହାନ୍ତି । ମୋର ସମସ୍ତ କାମ ପାଇଁ, ମୁଁ ଆପଣଙ୍କୁ ଏ ପର୍ଯ୍ୟନ୍ତ କୋଡ଼ିଏ ଲକ୍ଷ ଟଙ୍କା ଦେଇଛି । ଆଜି ମୁଁ ଶୁଣୁଛି ରାବଣ ତୁଣ୍ଡରେ ରାମାୟଣ ।

ବିଶ୍ୱବଂଧୁ - ଷ୍ଟପ୍ ଇଓର ମାଉଥ୍ । ଏ ଟଙ୍କା ଏଠାରୁ ଉଠାଅ । ନଚେତ୍ ମୁଁ ପୋଲିସ୍‌କୁ ଡ଼ାକିବି । କ'ଣ ଚାହଁ ?

ରଞ୍ଜିତ - ଆପଣ ନିଷ୍ଠୁର ହେଲେ, ମୁଁ ମରିଯିବି ସାର୍ । ଟଙ୍କା ରଖନ୍ତୁ ସାର୍ ।

ବିଶ୍ୱବଂଧୁ - ଥରେ ମୁଁ କହିଛି, ମୁଁ ଲାଞ୍ଚ ନିଏନି ବୋଲି । ଯାଅ, ମୁଁ ଆଉ ଥରେ କାମ ଇନ୍‌ସ୍‌ପେକ୍‌ସନ କରିବି, ତା'ପରେ ବିଲ କଥା ବିଚାର କରିବି । ମୁଁ କହୁଛି ଯାଅ । ଟଙ୍କା ଶୀଘ୍ର ଉଠାଅ । ବସି ରହିଲ କାହିଁକି ?

(ପଶି ଆସିଲେ ଭିଜିଲାନ୍‌ସ ଅଫିସ୍‌ର ।)

ଅଫିସର - ଏ ଟଙ୍କା କ'ଣ ? କେତେ ଟଙ୍କା । ଏଠାରେ କାହିଁକି ରଖାଯାଇଛି ।

ବିଶ୍ୱବଂଧୁ - ମୁଁ ପଚାରୁଛି ଆପଣ କିଏ ? ମୋ ବିନାନୁମତିରେ ମୋ ଅଫିସ ଭିତରକୁ ଆସିଲେ କାହିଁକି ? ଆପଣ ଜାଣନ୍ତି, ଏଇଟା ଏକ୍‌ଜ୍ୟୁକ୍ୟୁଟିଭ ଇଞ୍ଜିନିୟରସ୍ ଅଫିସ୍ ।

ଅଫିସର - ମୋର ପରିଚୟ, ମୁଁ ଭିଜିଲାନ୍‌ସ୍ ଇନ୍‌ସପେକ୍ଟର କେ. ଭେଙ୍କଟରାଓ ।

ବିଶ୍ୱବଂଧୁ - ଓଃ, ଆଇ ସି, ଆପଣ ହଠାତ୍ ମୋ ଅଫିସ୍‌କୁ ଆସିବାର କାରଣ କ'ଣ ?

ଅଫିସର - ମୁଁ କାରଣ ନିଶ୍ଚୟ କହିବି । ବିଲ ମଞ୍ଜୁର କରିବା ପାଇଁ ଆପଣ ଯଥେଷ୍ଟ ଲାଞ୍ଚ ଗ୍ରହଣ କରୁଛନ୍ତି । ଆପଣଙ୍କ ବିରୁଦ୍ଧରେ ବହୁତ ଅଭିଯୋଗ ଆସିଛି । ଏ ଟଙ୍କା କ'ଣ ? କାହିଁକି ଏ ଟଙ୍କା ଏଠାରେ ଥୁଆ ହୋଇଛି ?

ବିଶ୍ୱବଂଧୁ - କାହାର ଟଙ୍କା, କିଏ ଥୋଇଛି, ତା' ମୁଁ କିପରି କହିବି । ଯେ ଥୋଇଛି, ତାକୁ ପଚାରୁନାହାନ୍ତି କାହିଁକି ?

Digitized by srujanika@gmail.com

ଅଫିସର - (ରଞ୍ଜିତକୁ) ଏ ଟଙ୍କା କାହାର ?

ରଞ୍ଜିତ - ମୋର ସାର୍ ।

ଅଫିସର - ଏ ଟଙ୍କା ତୁମେ ଏଠାରେ ରଖିଛ କାହିଁକି ?

ରଞ୍ଜିତ - ଆଉ କ'ଣ କହିବି ସାର୍, ମୋର ବିଲ୍ ମଞ୍ଜୁର କରିବା ପାଇଁ, ଇଞ୍ଜିନିୟର ସାହେବ ୫୦ ହଜାର ଟଙ୍କା ଦାବୀ କଲେ, ତାଙ୍କର କହିବାନୁସାରେ ଏ ଟଙ୍କା ମୁଁ ଆଣିଛି ।

ବିଶ୍ୱବଂଧୁ - ମିଥ୍ୟାବାଦୀ, ଏତେ ବଡ଼ ମିଛ ତୁମେ କହିବାକୁ ସାହାସ କରୁଛ କିପରି ?

ଅଫିସର - ସେ ଯଦି ଟଙ୍କା ଦାବି କରୁଥିଲେ, ତାଙ୍କର ନ ନେବାର କାରଣ କ'ଣ ?

ରଞ୍ଜିତ - ମୋତେ କହିଲେ, କାମ ସରିଲା ପରେ ନେବି ।

ବିଶ୍ୱବଂଧୁ - ଇନ୍ସପେକ୍ଟର ବାବୁ, ଏ ସବୁ ମୋ ବିରୁଦ୍ଧରେ ଗୋଟାଏ ଚକ୍ରାନ୍ତ । ମୋର ସଚ୍ଚୋଟପଣିଆକୁ ମିଥ୍ୟା ବୋଲି ପ୍ରମାଣିତ କରିବାକୁ, ଏମାନେ ସବୁ ଚକ୍ରାନ୍ତ କରିଛନ୍ତି । ଅଫିସରେ ମୁଁ ଏକମାତ୍ର ଲୋକ, ଯେ ଟଙ୍କା କ'ଣ ପାନଖିଲଟାଏ ଗ୍ରହଣ କରେ ନାହିଁ । ବର୍ତ୍ତମାନ ତାର ପ୍ରମାଣ ଆପଣ ପାଇଲେ, ଇନ୍ସପେକ୍ଟର ବାବୁ । ମୋତେ ଲାଞ୍ଚ ଯାଚୁଥିବା ଅପରାଧରେ, ଆପଣ ଏ ଲୋକକୁ ଆରେଷ୍ଟ କରନ୍ତୁ । ମୁଁ ଏସ୍.ପି.ଙ୍କୁ ଫୋନ କରୁଛି ।

ରଞ୍ଜିତ - ଆପଣ କେବେ ନ୍ୟାୟବାନ ହୋଇଗଲେ ବାବୁ । ଯେ ଲାଞ୍ଚ ଖାଇବାରେ ଓସ୍ତାଦ୍, ସେ ସଇତାନ ଆଜି ସାଧୁ ପାଲଟି ଯାଇଛି । ଆପଣଙ୍କର ଅସଲ ସ୍ୱରୂପ, ଦିନେ ନିଶ୍ଚୟ ପ୍ରକାଶ ପାଇବ । ଆପଣ ଆଜି ରକ୍ଷା ପାଇଗଲେ । ଆପଣ ମନେ ରଖିବେ ପାପ ସବୁବେଳେ ପାପ । ଆପଣ ନିଶ୍ଚୟ ଦିନେ ଧରା ପଡ଼ିବେ । ସେ ଦିନକୁ ଅପେକ୍ଷା କରନ୍ତୁ ।

ଅଫିସର - ତୁମେ ଅଫିସକୁ ଆସ । ତୁମ ମିଥ୍ୟା ଆଲିଗେସନ୍‌ର ଫଳ ତୁମକୁ ଭୋଗିବାକୁ ହେବ । ତୁମ ରିପୋର୍ଟର ସତ୍ୟାସତ୍ୟ ଏସ୍.ପି.ଙ୍କୁ କହିବ ଚାଲ । ଆସ, ବସି ରହିଛ କାହିଁକି ?

Digitized by srujanika@gmail.com

ବିଶ୍ୱବଂଧୁ – ଆପଣ ଜାଣନ୍ତି ଇନ୍ସପେକ୍ଟର ବାବୁ, ଯାହା ଘରେ ପ୍ରତି ସପ୍ତାହରେ ୨ ଶହ ଗରିବଙ୍କ ପାଇଁ, ଭୁରି ଭୋଜନର ବନ୍ଦୋବସ୍ତ କରାଯାଏ, ଯାର ଅନାଥାମହିଳାଶ୍ରମରେ ଶହ, ଶହ ଅନାଥିନୀ ନିଜର ଗୁଜରାଣ ମେଣ୍ଟାଉଛନ୍ତି, ସେଠାରେ ପୁଣି ମୁଁ ଲାଞ୍ଚ ଗ୍ରହଣ କରିବି ।

ଇନ୍ସପେକ୍ଟର – Please excuse me Sir, I disturbed you.

(ଉଭୟେ ଚାଲିଗଲେ । ପ୍ରବେଶ କରିଛି ପିଓନ ଋଷ୍ୟଶୃଙ୍ଗ ।)

ଋଷ୍ୟଶୃଙ୍ଗ – ମୁଁ କହିବା କଥା ସତ ହେଲା ନା ସାର୍ । ଏଇ କଣ୍ଟ୍ରାକ୍ଟରଟାକୁ ମୁଁ ଭିଜିଲାନ୍ସ୍ ଅଫିସ୍‌କୁ ଯିବାର ଦେଖିଲି । ମୋ ମନରେ ସନ୍ଦେହ ହେଲା ।

ବିଶ୍ୱବଂଧୁ – ତୁମ କଥା ସତ ହେଲା ଋଷ୍ୟଶୃଙ୍ଗ । ତୁମେ ମୋତେ ଆଜି ମହାବିପଦରୁ ରକ୍ଷା କରିଦେଲ ।

ଋଷ୍ୟଶୃଙ୍ଗ – ଯେଉଁ ଠାକୁରଙ୍କୁ ଦିନ, ରାତି ମା' ପୂଜା କରୁଛନ୍ତି, ସେ ରକ୍ଷା କଲେ ସାର୍ । ମୁଁ କିଏ ? ମୁଁ ତ ନିମିତ୍ତ ମାତ୍ର । ନହେଲେ ଆଜି କ'ଣ ହୋଇଥାନ୍ତା ସାର୍ । ଅଫିସ୍‌ର ସମସ୍ତେ ଚାହିଁ ବସିଥିଲେ, କିଛି ଗୋଟାଏ ଅଘଟଣ ଘଟିବ ।

ବିଶ୍ୱବଂଧୁ – ଆଜି କ'ଣନ ହୋଇଥାନ୍ତା ଋଷ୍ୟଶୃଙ୍ଗ । ମୁଁ ଭିଜିଲାନ୍ସ୍ ହାତରେ ଧରାହୋଇ ଜେଲ୍ ଯାଇଥାନ୍ତି । ଖବରକାଗଜବାଲାମାନେ ଖୁବ୍ ବଡ଼, ବଡ଼ ଅକ୍ଷରରେ ଏ ଖବର ଛାପିଥାନ୍ତେ । ତୁମ ନିକଟରେ ମୁଁ ସାରା ଜୀବନ ଋଣୀ ହୋଇ ରହିଗଲି ଋଷ୍ୟଶୃଙ୍ଗ ।

ଋଷ୍ୟଶୃଙ୍ଗ – ଭବିଷ୍ୟତକୁ ହୁସିଆର ରହନ୍ତୁ ସାର୍ । ସବୁ କଣ୍ଟ୍ରାକ୍ଟର ଆଜି ଆପଣଙ୍କ ବିରୁଦ୍ଧରେ ଏକଜୁଟ୍ ହୋଇଯିବେ ।

ବିଶ୍ୱବଂଧୁ – ଅନ୍ଧ ଥରେ ବାଡ଼ି ହଜାଏ ଋଷ୍ୟଶୃଙ୍ଗ । ସବୁଥର ନୁହେଁ । ଆଉ ଗୋଟିଏ କଥା ।

ଋଷ୍ୟଶୃଙ୍ଗ – କୁହନ୍ତୁ ସାର୍ ।

ବିଶ୍ୱବଂଧୁ – ମୁଁ ତୁମ ଉପରେ ଭାରି ଖୁସୀ । ମୁଁ ତୁମର ଝିଅର ବାହାଘରର ସମସ୍ତ ଖର୍ଚ୍ଚ ବହନ କରିବି ।

ଋଷ୍ୟଶୃଙ୍ଗ – ସାର୍, ଆପଣ !

Digitized by srujanika@gmail.com

ବିଶ୍ୱବଂଧୁ - କ'ଣ ବିଶ୍ୱାସ କରୁନାହଁ, ମୋ ଉପରେଭରସା ରଖ । ମୋତେ ଯେଉଁ ବିପଦରୁ ରକ୍ଷା କରିଛ, ସେଥିପାଇଁ ଏହା କିଛି ନୁହେଁ । ରଖ, ଏ ପାଞ୍ଚହଜାର ଟଙ୍କା ।

ରଷ୍ୟଶୃଙ୍ଗ - ଟଙ୍କା କାହିଁକି ସାର୍ ?

ବିଶ୍ୱବଂଧୁ - ରଖ ରଷ୍ୟଶୃଙ୍ଗ, ଏ ମୋର ଛୋଟିଆ ଭେଟି ।

ରଷ୍ୟଶୃଙ୍ଗ - ହଉ, ଦଉଛନ୍ତି ଯେତେବେଳେ ଦିଅନ୍ତୁ ।

(ଟଙ୍କା ନେଇଛି । ଦୁଇପାଦ ଛୁଇଁ ପ୍ରଣାମ କରିଛି ।)

- ଅନ୍ଧାର -

- ଦ୍ୱିତୀୟ ଦୃଶ୍ୟ -

(ରାସ୍ତା । ଅଫିସ୍‌ର ଦୁଇ ଲାଞ୍ଚଖିଆ କିରାନୀ ଗୋବିନ୍ଦ ଓ ହରିବୋଲ କଥାବାର୍ତ୍ତା ହୋଇ ଆସୁଥିଲେ ।)

ଗୋବିନ୍ଦ - ହରିବୋଲ ଭାଇ,

ହରିବୋଲ - ଗୋବିନ୍ଦ ବୋଇରେ

ଗୋବିନ୍ଦ - ବୁଝିଲୁ, ଭାସିଲା ପଥର, ବୁଡ଼ିଲା ସୋଲ ।

ହରିବୋଲ - ପଥର କିମିତି ଭାସିଲାରେ ?

ଗୋବିନ୍ଦ - ଆରେ ଘୋଡ଼ା ଲାଞ୍ଚୁଆ ଇଞ୍ଜିନିୟର୍, ଯେତେବେଳେ ଲାଞ୍ଚ ଛୁଇଁଲା ନାହିଁ, ସେତେବେଳେ ପଥର ଭାସିଲାନି ତ ଆଉ କ'ଣ ?

ହରିବୋଲ - ଛୁଁଇଥାନ୍ତା ଜେଲ ଯାଇଥାନ୍ତା । ସେ ଅତିଚାଲାକି ବୋଲି ତୁମ୍ଭେମାନେ ସବୁ ଭାବିଛ ।

ଗୋବିନ୍ଦ - ଭାଇ, ଆଜିକାଲି ଲାଞ୍ଚ ଛୁଉଁବାକୁ ଡ଼ର ଲାଗିଲାଣି ।

ହରିବୋଲ - ମୁଁ ଆଉ ପଇସା ଛୁଇଁ ନାହିଁରେ, କହୁଛି ଯଦି ଦବ ମୋତେ ଖାଇବାକୁ ଦିଅ ।

ଗୋବିନ୍ଦ - ତୋର କ'ଣ ଅଭାବ ଅଛିରେ । ତୋର ଆୟବହିର୍ଭୁତ ସଂପତ୍ତି ୫୦ ଲକ୍ଷ ଟଙ୍କାରୁ ତ କମ ହବନି ।

ହରିବୋଲ - ସେ କଥା କହନିରେ । କାହା କାନରେ ଯଦି ପଡ଼ିଯିବ କଥା ସରିବ ।

ଗୋବିନ୍ଦ - ଆଜିକାଲି ଅଫିସରେ କୋକୁଆ ଭୟ । କିଏ ଲାଞ୍ଚ ନେବାକୁ ସାହାସ କରୁନାହାନ୍ତି ।

Digitized by srujanika@gmail.com

ହରିବୋଲ - ଏ ପୋଖତି ବୈରାଗ୍ୟ, କେତେଦିନରେ ଗୋବିନ୍ଦା । ସବୁ ଚାଲିବ । ଏଇ ଇଞ୍ଜିନିୟର ଲାଞ୍ଚ ନ ଖାଇଲେ ପାଗଳ ହୋଇଯିବ ।

ଗୋବିନ୍ଦ - ହରିବୋଲିଆ ଭାଇ, ଭିଜିଲାନ୍ସ୍ କଥା ଇଞ୍ଜିନିୟର ଜାଣିଲା କିମିତିରେ ?

ହରିବୋଲ - ସବୁ ଧରା ପଡ଼ିଯିବ ।

ଗୋବିନ୍ଦ - ଆମେ ଆଗ ଜାଣିବା ଦରକାର କିଏ ଲାଞ୍ଚ ନ ଖାଉଚି । ଜଣେ ଜଣେ ଇଞ୍ଜିନିୟରଙ୍କ ସଂପତ୍ତି ।

ହରିବୋଲ - ଛାଡ଼େରେ, କାହାକଥାରୁ ତୋତେ କ'ଣ ମିଳିବ । ତୋ କଥା ଦେଖ । ଅନ୍ୟ କଥାରୁ ଆମୁକ କ'ଣ ମିଳିବ ?

ଗୋବିନ୍ଦ - ଆମ ଇଞ୍ଜିନିୟର କ'ଣ ବଦଳି ହବନି ।

ହରିବୋଲ - କିଏ କରିବ ? ମନ୍ତ୍ରୀତ ତା' ଲୋକ । ଏ କ'ଣ କମ ଟଙ୍କା ତାଙ୍କୁ ନ ଦେଇଛି । ଆଜିକାଲି ପରା ଦିଆନିଆ ଯୁଗ । କଥାରେ ଅଛି, ଦିଆକୁ ଦିଆ, ଅଦିଆକୁ ଦୁଆର ଦିଆ । କିଏ ନଦେଲେ କାହା କାମ ହଉଚି । ଏବେ ଗୋଟିଏ ବଡ଼କାମର ଟେଣ୍ଡର ବାହାରିବ ।

ଗୋବିନ୍ଦ - ଟେଣ୍ଡର ଆଜିକାଲି ଆଉ କିଏ ଦାଖଲ କରୁଛିରେ । ଏ ଯୁଗଟା ପରା ଫିକ୍ସିଙ୍ଗ୍ ଯୁଗ । ସେଇଦିନ ଜଣେ ଟେଣ୍ଡର ଦାଖଲ କରିବ । ଅନ୍ୟମାନଙ୍କୁ କିଛି କିଛି ଦବ । ଆମ ଇଞ୍ଜିନିୟର ଭଲ ପାଇଥାନ୍ତା ।

ହରିବୋଲ - ଛାଡ଼େରେ, ସେଥିରୁ କ'ଣ ମିଳିବ । ଯେଦେବ, ଆମକୁ କିଛି ନ ଦେଇ ସେ କୁଆଡ଼େ ଯିବ । ନଇପାଣି ନଇରେ ଯିବ, ପିତୃଲୋକେ ତୃପ୍ତ ହେବେ ।

ଗୋବିନ୍ଦ - କେବେ ବାହାରିବ ଭାଇ ।

ହରିବୋଲ - ବାହାରିଲେ ତୁ କ'ଣ ଜାଣିବୁନି ? ମୁଁ ଯାହା ଭାବୁଛି, ଏ କଣ୍ଟ୍ରାକ୍ଟର ରଞ୍ଜିତବାବୁ, ଆଉ ଟେଣ୍ଡର ଦେବନି ।

ଗୋବିନ୍ଦ - ତୁ କ'ଣ ଭାବୁଛୁ, ଯାର କିଛି ଦୋଷ ନାହିଁ । ତୁତ ୫୦ ହଜାର ଗଣି ଦେଇଥାନ୍ତୁ, ଏତେ ନାଟ କରୁଥିଲୁ କାହିଁକି ?

ହରିବୋଲ - ବିଚରା ଧରାପଡ଼ିଥିଲେ, ଚାକିରୀ ଯାଇଥାନ୍ତା । ଜେଲ୍ ଭୋଗିଥାନ୍ତା । କେବଳ ତାଙ୍କର ସ୍ତ୍ରୀ ପୁଣ୍ୟବତୀ । ପ୍ରତିଦିନ ଠାକୁର

Digitized by srujanika@gmail.com

ସେବାରେ ତାଙ୍କର ଦିନ କଟୁଛି । ଅନାଥାଶ୍ରମ, ଦରିଦ୍ର ନାରାୟଣ ସେବା, ଲୋକେ ତାଙ୍କୁ ଦେବୀପରି ପୂଜା କରୁଛନ୍ତି ।

ଗୋବିନ୍ଦ - କଥାଟିଏ କହିବି, ତୁ ରାଗିବୁନି ?

ହରିବୋଲ - କ'ଣ କହିବୁ, କହୁନୁ ।

ଗୋବିନ୍ଦ - ମୁଁ କଣ କହୁଥିଲି କି, ସାହେବ ଛୁଟିରେ ଅଛନ୍ତି, ତାଙ୍କ ଘରଠାକୁ ଯାଇଥାନ୍ତି, ମା'ଙ୍କୁ ମୁଣ୍ଡିଆଟିଏ ମାରିଥାନ୍ତି, ସାହେବକୁ ଟିକିଏ ଦେଖା କରି ଆସିଥାନ୍ତି ।

ହରିବୋଲ - ହଇରେ, ତୁ କ'ଣ ଦେଖା କରିବୁ । ତୁ କ'ଣ ସାଙ୍ଗସାଥୀ, କି ଦୁଃଖସୁଖ ହେବୁ । ଅପମାନ ଖାଇ ସେଠାରୁ ଆସିବୁ ।

ଗୋବିନ୍ଦ - ତୁ' ତ ସେମିତି କହିବୁ । ଆରେ ହଁ, ଏ କଣ୍ଟ୍ରାକ୍ଟର ରଞ୍ଜିତବାବୁର ଆଉ ଦେଖାନାହିଁ । କ'ଣ ଭିଜିଲାନ୍‌ସ୍ ମାମୁଁଘର ପୂରିଦେଲା ।

ହରିବୋଲ - ତତେ ଦୁନିଆ ଚିନ୍ତା ଘାରିଛି । ମୋର ଚିନ୍ତା କଣ୍ଟ୍ରାକ୍ଟର ବିଲଟା ମଞ୍ଜୁର ହେଲେ, ଦି'ପଇସା ମିଳିବ । ସେଇଟା ହିଁ ମୋର ଚିନ୍ତା । (ବିପରୀତ ଦିଗରୁ ରଞ୍ଜିତ ଆସୁଥିଲେ ।)
ତୁ କଣ୍ଟ୍ରାକ୍ଟର କଥା କହୁଥିଲୁ ପରା, ହେଇ ଦେଖ ଏଇଆଡ଼େ ତରତର ହୋଇ ମାଡ଼ି ଆସୁଛି ।

ଗୋବିନ୍ଦ - ମୋର ଭୟ ହୋଇଯାଇଥିଲା, ଜଏଲ ଗଲା ଭାରିକି ।

ହରିବୋଲ - ନମସ୍କାର, କଣ୍ଟ୍ରାକ୍ଟର ବାବୁ ।

ରଂଜିତ - ହଇଓ, ତୁମେ ହଳକ ଏଠାରେ କ'ଣ କରୁଛ ?

ହରିବୋଲ - ଆଉ କ'ଣ କରିବୁ ଆଜ୍ଞା, ମାଉଁସ ତରକାରୀରୁ ଏବେ ପଖାଳ, ଶାଗ ଖରଡ଼ାକୁ ପ୍ରମୋସନ ହୋଇଗଲାଣି । ଆପଣଙ୍କ କଥାପଡ଼ିଥିଲା । ଏ ବିଲ୍ ପାସ୍ ହେବା କଥା । ଆପଣ କିମିତି ପାଇବେ ସେଇକଥା ହଉଛୁ ।

ରଂଜିତ - ବିଲ ଟଙ୍କା ମଞ୍ଜୁର ନ ହେଲେ, ମୁଁ କ'ଣ ଛାଡ଼ିଦେବି । ଏମାନଙ୍କୁ ହାଇକୋର୍ଟ ଦେଖାଇ ଦେବିନି । କେତେଦିନ କିଏ ପକେଇ ରଖୁଛି, ମୁଁ ଦେଖିବିନି ।

ଗୋବିନ୍ଦ - ଆଜ୍ଞା ସି.ଏମ୍.କୁ କହିଲେନି । ସେତ ଆପଣଙ୍କୁ ଭଲ ପାନ୍ତି ।

ରଂଜିତ - ହଁ, ସି.ଏମ୍. କହିଛନ୍ତି ଶୀଘ୍ର ଟଙ୍କା ଦେଇଦେବା ପାଇଁ ।

ହରିବୋଲ - ଆଜ୍ଞା କିଛି ଖରାପ ଭାବିବେନି । ଇଞ୍ଜିନିୟର, ଭିଜିଲାନ୍‌ସ୍ ଜଥା ଜାଣିଲା କିପରି ?

Digitized by srujanika@gmail.com

ରଂଜିତ - ଭିଜିଲାନ୍ସ୍ ଅଫିସରୁ ଆସୁଥିବାବେଳେ, ଗଣିଆ, ତା ପିଓନ ମୋତେ ଦେଖିଦେଇଥିଲା । ସେ ବୋଧେ କହିଦେଲା ।

ଗୋବିନ୍ଦ - ତା'ହେଲେ କଥା ଯାଇ ଏଇଠି ।

ରଂଜିତ - କେତେଦିନ ସେ ରକ୍ଷା ପାଇଯିବ । ତାର ସ୍ଥାବର, ଅସ୍ଥାବର ସଂପତ୍ତି ମୁଁ ଜବତ କରିବି । ଏବେ ସମ୍ବାଦପତ୍ରମାନେ ତାର ଭାରୀ ପ୍ରଶଂସା କରୁଛନ୍ତି । କିଛି ନହେଲେ ତାକୁ ମୁଁ ଜୀବନରେ ମାରିଦେବି ।

ହରିବୋଲ - ସେ ଭୁଲ କରିବେନି ଆଜ୍ଞା । ସେ ଥାଉ, ଆପଣ ରହନ୍ତୁ । ହାରଜିତ୍ ତ ଲାଗିଛି । ଏଥିପାଇଁ ଚିନ୍ତା କ'ଣ ?

- ଅନ୍ଧାର -

- ତୃତୀୟ ଦୃଶ୍ୟ -

(ବିଶ୍ୱବଂଧୁଙ୍କର ବାସଭବନ । ସଂକୀର୍ତ୍ତନ ଶୁଭୁଥାଏ । ହରିବୋଲ, ହୁଳହୁଳି ଧ୍ୱନି । ବିଶ୍ୱବଂଧୁ ବସିଥିଲେ ।)

(ସଂକୀର୍ତ୍ତନ ଗୀତ)

ଆହେ ନୀଳମଣି
ତୁମ ଗୁଣଗୁଣୀ
ଏ ଜୀବନ ପଛେ ଚାଲିଯାଉ,
ତୁମ ବିନା ଆଉ, କିଏ ଅଛି ନାଥ
ତୁମ ଚରଣରେ ଦିନ ଯାଉ ।
ଆହେ କୁଞ୍ଜବିହାରୀ
ରାଧା ଚିତ୍ତଚୋରା ବଂଶୀଧାରୀ ।୧।
ଆରତ ନାଶନ ଦୁଃଖ ବିନାଶନ
କଂସ, କେଶୀନାଶି ସୃଷ୍ଟି ରଖିଲ
ବନ୍ଧୁ ସୁଦାମାର ଦାରିଦ୍ର୍ୟକୁ ଦେଖି
କୁବେର ଭଣ୍ଡାର ତାକୁ ଅର୍ପିଲ,
ଆହେ ବିଶ୍ୱମୋହନ
ତୁମେ ପରା ଅଟ ସବୁରି ପ୍ରାଣ ।୨।

(ଭଜନ ଶେଷ ହୋଇଛି । ପ୍ରସାଦ ଧରି ପ୍ରବେଶ କଲେ ପତ୍ନୀ ସୁଶୀଳା)

Digitized by srujanika@gmail.com

ସୁଶୀଳା – ପ୍ରସାଦ ସେବନ କର ।

ବିଶ୍ୱବଂଧୁ – ମୁଁ ଅଗାଧୁଆ ।

ସୁଶୀଳା – ଦିନ ଆସି ଦଶଟା ବାଜିଲା । ଆଉ କେତେବେଳେ ସ୍ନାନ ସାରିବ ।

ବିଶ୍ୱବଂଧୁ – ଅଫିସ ତ ଯାଉନାହିଁ । ଯେତେବେଳେ ସ୍ନାନ କଲେ ଚଳିବ ।

ସୁଶୀଳା – ଆଜି ଯେ ଜନ୍ମାଷ୍ଟମୀ । ସେ କଥା କ'ଣ ତୁମେ ଜାଣିନ । ମୋର ନିର୍ଜଳ ଉପବାସ । ମଧ୍ୟରାତ୍ର ପରେ ଠାକୁରଙ୍କ ଜନ୍ମ ପରେ, ମୁଁ ପ୍ରସାଦ ସେବନ କରିବି ।

ବିଶ୍ୱବଂଧୁ – ହେଲେ ମୋତେ ଉପବାସ କରିବାକୁ କହୁଚ ? ବର୍ଷସାରା ବ୍ରତ, ଓପାସ ଶୁଣି, ଶୁଣି ମୋର ଆଉ ଧୈର୍ଯ୍ୟନାହିଁ-ସୁଶୀଳା । ଏ ଘରଟାକୁ ତ ତୁମେ ମଠ, ମନ୍ଦିର କରିଦେଲଣି । ଅତିଥି, ଅଭ୍ୟାଗତ ସେବା କରି ତୁମେ ଘର, ସଂସାର ଭୁଲିଗଲଣି । ସ୍ୱାମୀ ବୋଲି ମୁଁ ଜଣେ ଅଛି, ସେକଥା ତୁମ ଧ୍ୟାନରେ ନାହିଁ ।

ସୁଶୀଳା – ଏ ଅନିଶ୍ଚିତ ଜୀବନରେ ଏକମାତ୍ର ଭରସା ପୂଜା, ଉପାସନା, ଯାହା ଘରେ ତାହା ନାହିଁ, ସେ ଘର ନୁହେଁ, ଗୋଟାଏ ନର୍କ ।

ବିଶ୍ୱବଂଧୁ – ଏ ସବୁ ଶୁଣି, ଶୁଣି ମୁଁ ପାଗଳ ହୋଇଯିବି । ମୋର ଧୈର୍ଯ୍ୟଚ୍ୟୁତି ଘଟିବ । ମୁଁ ଦେଖୁଛି ଦିନ କେଇଟା ପରେ ତୁମେ ମୀରାଦାସୀ ହୋଇଯିବ ।

ସୁଶୀଳା – ଏ ଭାଗ୍ୟ ମୋର କାହିଁ ? ସତରେ କ'ଣ ତୁମ ତୁଷ୍ଟ, ସୁତୁଷ୍ଟହେବ । ମାୟା, ମୋହରେ ଘାଣ୍ଟି ହେଉଥିବା ମନୁଷ୍ୟ, ସେ ଭଗବାନଙ୍କ କଥା ଚିନ୍ତା କରିବ କୁଆଡୁ ? ସେହି ଗୀରିଧର ଗୋପାଳ, ଯାହାଙ୍କ ଚରଣ ତଳେ, ମୁଁ ତନୁ, ମନ ସବୁ କିଛି ଅର୍ପଣ କରିଦେଇଛି । ତୁମକୁ ସେଆଜି ମହାବିପତ୍ତିରୁ ରକ୍ଷାକରିଛନ୍ତି । ସେକଥା କାହିଁକି ଭୁଲି ଯାଉଛ ?

ବିଶ୍ୱବଂଧୁ – ତୁମେ କହୁଚ ତୁମ ଗୀରିଧର ଗୋପାଳ, ମୋତେ ରକ୍ଷା କରିଦେଲେ ?

ସୁଶୀଳା – ଆହୁରି ଜ୍ଞାନ ଉଦୟ ହେଲା ନାହିଁ । ତାଙ୍କ ଛଡ଼ା ମୋର ଆଉ କିଏ ଅଛି । ତୁମକୁ, ମୋତେ ଏ ଘରକୁ କିଏ ରକ୍ଷା କରୁଛି ? କେତେଥର ନ କହିଲି, ଶ୍ରୀମଦ୍ ଭାଗବତ ଗୀତାଟିଏ ପଢ଼ :

Digitized by srujanika@gmail.com

ଖାଇବ ପିତା, ଗାଇବ ଗୀତା,
ତେବେ ଯାଇ ହବ ଜଗତଜିତା ।
ଏଇ ଆପ୍ତବାକ୍ୟକୁ ଭୁଲିଯାଉଛ କାହିଁକି ? ଦେଖିବ ତୁମ ପ୍ରକୃତି, ତୁମ ଚିନ୍ତାଧାରାରେ ବିରାଟ ପରିବର୍ତ୍ତନ ଆସିଯିବ ।

ବିଶ୍ୱବଂଧୁ - ତୁମଠାରୁ ଏ ଉପଦେଶ, ମୁଁ ଆଉ ଶୁଣିବାକୁ ଆସିନାହିଁ ସୁଶୀଳା । ଦି'ଦିନର ଜୀବନକୁ ଉପଭୋଗ କର । ଉପଭୋଗ କରିବାକୁ ଭଗବାନ ତ ଏ ଦୁନିଆରେ ସବୁ କିଛି ରଖି ଯାଇଛନ୍ତି । ହସ, ଖୁସୀରେ ଜୀବନଟାକୁ ଉପଭୋଗ କର । ସେଥିପାଇଁ ଦରକାର ଅର୍ଥ ।

ସୁଶୀଳା - ଅର୍ଥ ତ ଆଜି ସବୁ ଅନର୍ଥର ମୂଳ । ଯାହା ଆଜି ତୁମମାନଙ୍କୁ ବିପଥଗାମୀ କରିଛି । ତୁମ୍ଭେମାନେ ଆଜି ପଥଭ୍ରଷ୍ଟ ହୋଇଛ । ମୁଁ କେତେଥର ନ କହିଛି, ଅସତ ଉପାୟରେ ଧନ ଅର୍ଜ୍ଜନ କର ନାହିଁ । ଅଧର୍ମବିତ୍ତ ବଢ଼େ ବହୁତ, ଗଲାବେଳେ ଯାଏମୂଳ ସହିତ ।

ବିଶ୍ୱବଂଧୁ - (ହସିଲେ ମନଖୋଲା ହସ) ତୁମେ ମୋତେ ହସେଇଲ ସୁଶୀଳା । ଧନ ହିଁ ଜୀବନ । ଜୀବନକୁ ଆନନ୍ଦରେ କଟାଇବା ପାଇଁ, ଧନର ପ୍ରୟୋଜନ ଯେ କେତେ ବେଶୀ, ତାହା ତୁମେ ବୁଝିବ କୁଆଡୁ ? ତୁମେ ଜାଣନା ଏଇଧନ, ମନୁଷ୍ୟକୁ ସମାଜରେ ପ୍ରତିଷ୍ଠିତ କରାଏ । ତାର ପ୍ରତିପତ୍ତି, ଖାତିରି ବଢ଼ାଏ । ଧନ ହିଁ ଅନ୍ୟର ମନକୁ ବଶୀଭୂତ କରେ । ଧନହୀନ ମନୁଷ୍ୟ, ଆଜି ଏ ଦୁନିଆରେ ବଞ୍ଚି ରହି ଲାଭ କ'ଣ ?

ସୁଶୀଳା - ସେଇଥିପାଇଁ ତ ଦେଶ ଆଜି ରସାତଳଗାମୀ । ଅତୀତରେ ଯେଉଁମାନେ ଏ ଦେଶର ରାଜନେତାଥିଲେ, ସେମାନେ ଥିଲେ ତ୍ୟାଗର ଜ୍ୱଳନ୍ତ ପ୍ରତୀକ । ତାଙ୍କର ତ୍ୟାଗରେ ଦେଶ ସ୍ୱାଧୀନ ହୋଇଥିଲା । କିନ୍ତୁ ଆଜିର ରାଜନେତାମାନେ, ସ୍ୱାର୍ଥପର, ଅର୍ଥପିପାସୁ ହୋଇଗଲେ । ମୂଳରୁ, ଚୂଳ ପର୍ଯ୍ୟନ୍ତ ତ୍ୟାଗ ବୋଲି କାହାର ରହିଲା ନାହିଁ । ଜଣେ, ଜଣେ ଶହ, ଶହ କୋଟି ଟଙ୍କାର ମାଲିକ ହୋଇ ବସିଲେ । କାହିଁକି ଏ ଲୋଭ ? କେଉଁଥିପାଇଁ ଏ ଲୋଭ, କେତେଦିନ ପାଇଁ ବା ଏ ଲୋଭ ? ଠାକୁରେ ଆମକୁ ଯେତିକି ଦେଇଛନ୍ତି, ସେତିକିରେ ଆମେ ସନ୍ତୁଷ୍ଟ ନ ହେବା କାହିଁକି ?

Digitized by srujanika@gmail.com

ବିଶ୍ୱବଂଧୁ - ଦଳିତ ନେତ୍ରୀ ମାୟାବତୀ ହାତରେ ଶହ, ଶହ କୋଟି ଟଙ୍କା ନଥିଲେ ସେ ଆଜି କ୍ଷମତା ଦଖଲ କରି ପାରିଥାନ୍ତା ? ଅଭିନେତ୍ରୀ ଜୟଲଳିତା ଏମାନଙ୍କର ସବୁ କିଏ ଅଛି ? ଅଛି କେବଳ ଅର୍ଥ । ହଜାର କୋଟି ଟଙ୍କାର ବିପୁଳ କୁବେର ଭଣ୍ଡାର ।

ସୁଶୀଳା - ଏ ଅର୍ଥ କେତେଦିନ ? ଗଲାବେଳେ ସେମାନେ କ'ଣ ଏ ଅର୍ଥକୁ ଧରିକରି ନେଇଯିବେ । କାହିଁକି ଏ ଲୋଭ ?

ବିଶ୍ୱବଂଧୁ - ତୁମର ଅନାଥାଶ୍ରମ, ଦରିଦ୍ରନାରାୟଣ ସେବା ପାଇଁ ମୁଁ ଏ ପର୍ଯ୍ୟନ୍ତ ତୁମକୁ କୋଡ଼ିଏ ଲକ୍ଷ ଦେଇ ସାରିଲିଣି । ଟଙ୍କା ନଥିଲେ ଏ ସବୁ ତୁମେ କରିଥାନ୍ତ କୁଆଡୁ । ଏ ଲୋକେ ଆଜି ତୁମର ଭୂୟସୀ ପ୍ରଶଂସା କରୁଛନ୍ତି । ଲୋକଙ୍କ ଦୃଷ୍ଟିରେ ତୁମେ ମାନବୀ ନୁହଁ ଦେବୀ ଏ ସବୁ ଟଙ୍କା, ଯାହା ତୁମେ ମୋଠାରୁ ନେଇଛ, ତା' କ'ଣ ସତ୍ ଉପାୟରେ ଅର୍ଜନ କରାଯାଇଛି । ଅର୍ଥ ନଥିଲେ, ତୁମେ କରନ୍ତ କ'ଣ ?

ସୁଶୀଳା - ହେ ଗୀରିଧର ଗୋପାଳ, ମୁଁ ଆଜି ଏ ସବୁ କ'ଣ ଶୁଣୁଛି । ମୁଁ ତ ଜାଣୁନଥିଲି, ଏ ଧନ ଅସତ୍ ଉପାୟରେ ଆସୁଥିଲାବୋଲି । ଏ କଥା ମୁଁ ଜାଣିଥିଲେ, ମୁଁ ଜାଣିଚାଏ ଅର୍ଥ, ଏ ପଇସାରୁ ଖର୍ଚ୍ଚ କରିନଥାନ୍ତି । କେତେ ପାପ ମୁଁ କଲି ପ୍ରଭୁ । ଏ ପାପରୁ ମୋତେ ମୁକ୍ତି କରିଦିଅ ପ୍ରଭୁ । (ମୁଣ୍ଡ ପିଟି କାନ୍ଦିଲେ ।)

ବିଶ୍ୱବଂଧୁ - ତୁନିହୁଅ ସୁଶୀଳା । ତୁମ ମନରେ କଷ୍ଟ ଦେଇଥିବାରୁ ମୁଁ ଆଜି ଅତ୍ୟନ୍ତ ଦୁଃଖିତ । ଆଜି ଜନ୍ମାଷ୍ଟମୀ । ଆନନ୍ଦ ମନରେ, ପ୍ରଭୁଙ୍କର ପୂଜା, ଆରାଧନା କର । ଅସତ୍ ଉପାୟରେ ଅର୍ଜିତ ଧନ ସତ୍ ଉପାୟରେ ବିନିଯୋଗ ହୋଇଛି । ଏହା ପ୍ରଭୁଙ୍କର ବୋଧହୁଏ ଇଚ୍ଛା ଥିଲା । ତୁମ ମନରେ କଷ୍ଟ ଦେଇଛି । ମୋତେ କ୍ଷମା କରିଦିଅ ।

ସୁଶୀଳା - ପ୍ରଭୁଙ୍କର ଯଦି ଏହା ଇଚ୍ଛା ଥିଲା, ତା'ହେଲେ ମୁଁ ଆଉ କିଛି କହିବି ନାହିଁ । ମୋର ଅନୁରୋଧ, ଅସତ୍ ଉପାୟରେ ଧନ ଅର୍ଜନ କର ନାହିଁ । ଦରିଦ୍ର ନାରାୟଣ ସେବା, ଅନାଥାଶ୍ରମ ଚଳାଇବା

Digitized by srujanika@gmail.com

ପାଇଁ, ଅନ୍ତେବାସିନୀମାନେ ଯଥେଷ୍ଟ କମଉଛନ୍ତି । ଏ ସବୁ ଚଳାଇବା ପାଇଁ ବର୍ତ୍ତମାନ ଅର୍ଥର କିଛି ଅଭାବ ନାହିଁ । ଆଉ ଅନ୍ୟାୟ ନ କରିବା ପାଇଁ, ପ୍ରଭୁ ସତର୍କ କରାଇ ଦେଲେ । ଯାଅ ସ୍ନାନ ସାରି ପ୍ରଭୁଙ୍କର ଦର୍ଶନ କର ।

(ଏହି ସମୟରେ ପ୍ରବେଶ କରିଛି ଋଷ୍ୟଶୃଙ୍ଗ ତାର ରାମାନନ୍ଦି ତିଳକ, ବେକରେ ତୁଳସୀମାଳ, ଋଷ୍ୟଶୃଙ୍ଗ ଉଭୟଙ୍କ ପାଦତଳେ ପଡ଼ି କୁହାର ବାବୁ କୁହାର ମା' ଠାକୁରାଣୀ)

ଋଷ୍ୟଶୃଙ୍ଗ - ''ହରେକୃଷ୍ଣ, ହରେକୃଷ୍ଣ, ହରେରାମ, ହରେରାମ
ନିତାଇ ଗୌର ରାଧେଶ୍ୟାମ ।''
ମା' ମନ ମାନିଲା ନାହିଁ । ଆଜି ଜନ୍ମାଷ୍ଟମୀ, ମୋର ନିର୍ଜଳ ଉପବାସ । ଠାକୁରଙ୍କୁ ଦର୍ଶନ କରିବି । ମା' ବାବୁଙ୍କର ମଧ ଦର୍ଶନ କରିବି । ରାତିରେ ଆମେ ଝିଅ ସହିତ ଆସିବୁ । ଜନ୍ମ ଉତ୍ସବ ଦେଖିବୁ । ଭାଗବତ ଶୁଣିବୁ ।

ସୁଶୀଳା - ତୁମକୁ କହିନି, ପୁଅ ସୁବୋଧ ମୋର ଜନ୍ମାଷ୍ଟମୀକୁ ଆସିବ ବୋଲି ଫୋନ କରିଥିଲା । ଫେରେ କ'ଣ ହେଲା କେଜାଣି, ଆସିପାରିବନି ବୋଲି ଫୋନ କଲା ।

ଋଷ୍ୟଶୃଙ୍ଗ - ସାନବାବୁ ଡ଼ାକ୍ତର ହେଲେ, ଆମ ଗରୀବ, ଗୁରୁବାଙ୍କର ଦୁଃଖ ରହିବ ନାହିଁ ।

ବିଶ୍ୱବଂଧୁ - ହଁ, ପୁଅ ମୋର ଡ଼ାକ୍ତର ହେବ । କେତେ ଆଶା କରି ତାକୁ ପଢ଼ାଉଛି । ବୋହୁଟିଏ ଆସିଲେ ମା'ଙ୍କର ଦୁଃଖ ଯିବ । ମୁଁ ଇଞ୍ଜିନିୟରଟିଏ ହେବାପାଇଁ ଚାହିଁଥିଲି । କିନ୍ତୁ ମା' କହିଲେ, ଇଞ୍ଜିନିୟରମାନେ ଦୁର୍ନୀତିଗ୍ରସ୍ତ । ଡ଼ାକ୍ତର କ'ଣ ଦୁର୍ନିତୀଗ୍ରସ୍ତ ନୁହନ୍ତି । ଗରୀବଙ୍କର ରକ୍ତ ଏମାନେ ଶୋଷଣ କରୁନାହାନ୍ତି ।

ସୁଶୀଳା - ତାକୁ ମୁଁ ତା' କରିବା ପାଇଁ ଦେବି ନାହିଁ । ସେ ମୋ ପୁଅ ।

ବିଶ୍ୱବଂଧୁ - (ହସିଲେ) ସେ ଖାଲି ତୁମ ପୁଅ, ମୋ ପୁଅ ନୁହେଁ ?

ସୁଶୀଳା - ମୁଁ ଯାଉଛି, ସନ୍ନ୍ୟାସୀମାନେ ମୋତେ ଅପେକ୍ଷା କରିଥିବେ । (ଚାଲିଗଲେ)

Digitized by srujanika@gmail.com

ବିଶ୍ୱବଂଧୁ - ଆଉ ଖବର କ'ଣ ଋଷ୍ୟଶୃଙ୍ଗ ?

ସୁଶୀଳା - ଆଜ୍ଞା, କଥାଟିଏ ଶୁଣିଛି ।

ବିଶ୍ୱବଂଧୁ - କ'ଣ ଶୁଣିଲ ? କହୁନାହଁ ।

ଋଷ୍ୟଶୃଙ୍ଗ - ଭିଜିଲାନ୍‌ସ୍ ଆପଣଙ୍କର ଘର ତଦନ୍ତ କରିବ ।

ବିଶ୍ୱବଂଧୁ - କରୁ, ଏଥିପାଇଁ ଭୟ କ'ଣ ? ଯାହା ଅସତ୍ ଉପାୟରେ ମୁଁ ଆଣିଛି, ତାକୁ ସତ୍‌ଉପାୟରେ ବିନିଯୋଗ କରିଛି । ଯାହାର ସେବାରେ ତା' ବିନିଯୋଗ ହୋଇଛି, ସେ ମୋତେ ରକ୍ଷା କରିବ ।

ଋଷ୍ୟଶୃଙ୍ଗ - (ଆଶ୍ଚର୍ଯ୍ୟ ହୋଇ) ଏ କ'ଣ ମୁଁ ଶୁଣିଲି, ଲଙ୍କାରେ ହରି ଶବଦ । ମୁଁ ଶୁଣିଛି, ଆପଣ ଠାକୁରମାନଙ୍କୁ ନିନ୍ଦା କରନ୍ତି । କହନ୍ତି,ଏ ହିନ୍ଦୁମାନଙ୍କର ହଜାରେ ଦିଅଁ । କାହାକୁ ଡ଼ାକିବ । ଜଣକୁ ଡ଼ାକିଲେ ଅନ୍ୟ ଠାକୁର ରାଗିବେ । ସେ କହିବ ସେ ରକ୍ଷା କରୁ । ଏବେ ଆପଣ ଠାକୁରଙ୍କ କଥା କହିଲେ, ସେ ତ ରଖିଲେ । ମାଁ ଠାକୁରାଣୀଙ୍କ ପୂଜା ବଳରେ, ଆପଣ ରକ୍ଷା ପାଇଗଲେ । ହାତକଡ଼ି, ଫୁଲମାଳ ହୋଇଗଲା । ତେବେ ସେ ରଞ୍ଜିତ ଠିକାଦାର । ସେ ଆପଣଙ୍କୁ ଟ୍ରାନ୍‌ସ୍‌ଫର କରିବାକୁ ଲାଗିଛି ।

ବିଶ୍ୱବଂଧୁ - ଋଷ୍ୟଶୃଙ୍ଗ ଯେଉଁଠାକୁ ଯିବାକୁ ମୋତେ ନିର୍ଦ୍ଦେଶ ଆସିବ, ମୁଁ ହସି, ହସି ସେଠାକୁ ଯିବି ।

ଋଷ୍ୟଶୃଙ୍ଗ - କିଂତୁ ସାହେବ, ମୋ ଝିଅ କଥା । ତାର ବାହାଘର ଠିକ୍ ହୋଇଯିବ ।

ବିଶ୍ୱବଂଧୁ - ସେଥିପାଇଁ କାହିଁକି ଚିନ୍ତା କରୁଛ । ସେ ଦାୟିତ୍ୱ ମୋର ।

ଋଷ୍ୟଶୃଙ୍ଗ - ସାର୍, ଆଉ ଗୋଟିଏ କଥା, ସ୍ନିଗ୍ଧା ମା' ଆପଣଙ୍କୁ ଡ଼ାକିଛନ୍ତି । ଆପଣ ତାଙ୍କ ଘରକୁ ନ ଯିବାରୁ ତାଙ୍କର ମନଦୁଃଖ ।

ବିଶ୍ୱବଂଧୁ - ତୁମେ ତାକୁ ୩ ହଜାର ଟଙ୍କା ନେଇ ଦେଇ ଦିଅ । ତୁମେ ଯାଅ, ସେ କଥା ମୁଁ ବୁଝିବି ।

- ଅନ୍ଧାର -

Digitized by srujanika@gmail.com

- ଚତୁର୍ଥ ଦୃଶ୍ୟ -

(ରାସ୍ତା । ହରିବୋଲ, ଗୋବିନ୍ଦ କଥାବାର୍ତ୍ତା ହୋଇ ଆସୁଥିଲେ ।)

ଗୋବିନ୍ଦ - ହରିବୋଲ ଭାଇ,

ହରିବୋଲ - ଗୋବିନ୍ଦ ବୋଲରେ

ଗୋବିନ୍ଦ - ଏବେ ଆଉ ପଥର ଭାସୁନିରେ ହରିବୋଲ ଭାଇ,

ହରିବୋଲ - କାହିଁକି କ'ଣ ହେଲା ?

ଗୋବିନ୍ଦ - ଇଞ୍ଜିନିୟର ବାବୁର କାହିଁ ବଦଳି ହେଲାନି ?

ହରିବୋଲ - ନ ହଉରେ, ତୋ ପ୍ରାଣ କାହିଁକି ଛାଡ଼ିଯାଉଛି ?

ଗୋବିନ୍ଦ - ତୋର ଚିନ୍ତା କ'ଣ ଅଛି, ଯାହା ପୋତାମାଲ ରଖିଛୁ, ସାତପୁରୁଷ ବସି ଖାଇଲେ ସରିବନି । ଏ ଅଫିସରୁ ଲାଞ୍ଚ କ'ଣ ଲୋପ ପାଇଯିବ । ଇଞ୍ଜିନିୟର ତ ୨୪ ଘଣ୍ଟା ଭିତରେ ଫାଇଲ ଦାଖଲ କରିବାକୁ କହୁଛି । ନହେଲେ ଏକ୍ସପ୍ଲାନେସନ୍ ସସ୍‌ପେଣ୍ଡ୍ ଅର୍ଡ଼ର ଆମକୁ ତ ଆଉ ନମସ୍କାରଟେ କିଏ କରୁନି ।

ହରିବୋଲ - ଏବେ ତହସିଲଦାର ଅଫିସ କଥା ଦେଖିଲୁ ତ ? ଆର.ଆଇ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍‌ସ୍ କିମିତି ଧରି ପକାଇଲା । ଟଙ୍କା ପାଞ୍ଚଶହ ମାତ୍ର । ସେଥିପାଇଁ ଚାକିରୀ ଯିବ । ଜେଲ୍‌ଦଣ୍ଡ । ଲାଞ୍ଚ ଉଠିଯାଉରେ ।

ଗୋବିନ୍ଦ - ଲୋକଗୁଡ଼ାକ ବଡ଼ ଚାଲାକ ହେଇଗଲେଣି । କଥା, କଥାକେ ଭିଜିଲାନ୍‌ସ ଅଫିସ ଦୌଡୁଛନ୍ତି ।

ହରିବୋଲ - ସେ ଡ଼ିପାର୍ଟମେଣ୍ଟଟା କାହିଁକି ଅଛି କହିଲୁ । ଦଳେ ଲୋକ ପୋଷା ହୋଇପଡ଼ିଛନ୍ତି ।

ଗୋବିନ୍ଦ - ଦି'ପଇସା ପାଇଁ, ଫାଇଲଟାକୁ ପକାଇ ରଖିଛି । ଭଲ ସୂଚନା ଅଧିକାର ବାହାରିଲା ଲୋକଟା ଦଶଟା ଟଙ୍କା ବାନ୍ଧି ଦରଖାସ୍ତ କରିଦେଲା । ଆମ ସାହେବର ରାଗ ଦେଖ । ମୋତେ ଖାଇ ଯାଇଥାନ୍ତା ।

ହରିବୋଲ - ସେଇଟା ତୋର ଭୁଲ, ଲୋକେ ଆଉ ଅନ୍ୟାୟ ବରଦାସ୍ତ କରିବେ ନାହିଁ । ଶାଗପଖାଳ ଖାଇ ବଞ୍ଚ । ଛେଳି, କୁକୁଡ଼ା ମାଂସ ତରକାରୀ କଥା ଭୁଲିଯା । (ଏଇ ସମୟରେ ରଂଜିତ ପହଞ୍ଚିଛି ।)

Digitized by srujanika@gmail.com

ଉଭୟେ - ଆଜ୍ଞା, ନମସ୍କାର ।

ରଞ୍ଜିତ - ଆରେ ବାଃ, କାସିଆ, କପିଳା ବଢ଼ିଆ ଯୋଡ଼ି ।

ହରିବୋଲ - ଏ ପରା ହରିବୋଲ ଭାଇ ଗୋବିନ୍ଦ ବୋଲ ।

ଗୋବିନ୍ଦ - ଥା'ରେ । ଆଜ୍ଞା, ହାକିମର ବଦଳି କଥା କ'ଣ କଲେ ?

ରଞ୍ଜିତ - ହେଇଯାଇଥିଲା ମାଲକାନଗିରି । ମନ୍ତ୍ରୀ ଦସ୍ତଖତ କରି ସାରିଥିଲେ, କିଂତୁ ମୁଖ୍ୟମନ୍ତ୍ରୀ ତା' ଉପରେ କି ରଗି ଯାଇଛନ୍ତି, ଅର୍ଡ଼ରଟାକୁ କ୍ୟାନ୍‌ସେଲ୍ କରିଦେଲେ ।

ଗୋବିନ୍ଦ - ତା'ହେଲେ ସବୁ ଗୋଳମାଳ ହୋଇଗଲା ।

ରଞ୍ଜିତ - ମୁଁ କ'ଣ ତାକୁ ସହଜରେ ଛାଡ଼ିଦେବି । ପଞ୍ଚାୟତ ନିର୍ବାଚନ ପାଇଁ, ଖୋଦ୍ ମନ୍ତ୍ରୀ, ତାଙ୍କ ପୁଅକୁ ପଠାଇ, ମୋଠାରୁ ୭ ଲକ୍ଷ ଟଙ୍କା ନେଇଛନ୍ତି । ମୋ ଯୋଗୁଁ ଖାସ୍ ମୋ ଯୋଗୁଁ, ତାଙ୍କ ପ୍ରାର୍ଥୀ ଜିଲ୍ଲା ପରିଷଦ ଭୋଟରେ ବିଜୟୀ ହେଲା ।

ହରିବୋଲ - ଏ ନିର୍ବାଚନରେ ଶହ, ଶହ କୋଟି କାହିଁକି ଖର୍ଚ୍ଚ ହେଉଚି ବାବୁ ?

ରଞ୍ଜିତ - ଏ ଗୋଟେ ରୀତିମତ ରାଜନୈତିକ ବ୍ୟବସାୟ । ଗୁଣେ ଖଟାଇଲେ, ଦଶଗୁଣ ମିଳିବ । ଦେଶର ସବୁଧନ ମନ୍ତ୍ରୀ, ଯନ୍ତ୍ରୀ, ତନ୍ତ୍ରୀ ମିଶି ଖାଇଗଲେ । ତନ୍ତ୍ରୀ କିଏ ଜାଣିଛ ତୁମେମାନେ ।

ଗୋବିନ୍ଦ - ଆମେ କାହିଁକି ତନ୍ତ୍ରୀ ହବୁ ଆଜ୍ଞା ।

ରଞ୍ଜିତ - ଅମଲାତନ୍ତ୍ର, ନାଲିଫିତା ଯୋଗୁଁ, ଦେଶ ଛାରଖାର ହୋଇଗଲା । ମୋ ବିଚାରରେ ସରପଞ୍ଚ, ଚେୟାରମ୍ୟାନ, ଅଫିସର, ମନ୍ତ୍ରୀ, ଏମ.ପି. ସମସ୍ତଙ୍କ ସଂପତ୍ତି ଜବତ ହେଉ । ଯାହା ଖାଇଛନ୍ତି ସବୁ ବାହାରି ପଡ଼ିବ । ଏମାନଙ୍କର ସବୁ ଦରମା ବଢ଼ିବ । ଗରୀବର ୫୦ଟା ଟଙ୍କା ଭତ୍ତା ବଢ଼ିବ ନାହିଁ । ଏମାନେ ସବୁ ଗରୀବଙ୍କର ବନ୍ଧୁ । ନିର୍ବାଚନ ଆସିଲେ, ଗରୀବଙ୍କ ପାଇଁ କୁମ୍ଭୀର କାନ୍ଦଣା କରନ୍ତି ।

ଉଭୟେ - (କରତାଳି ଦେଲେ)

ହରିବୋଲ - ହଇଓ ରଞ୍ଜିତବାବୁ । ବଡ଼ ବଢ଼ିଆ କମ୍ୟୁନିଷ୍ଟିଆ ଭାଷଣଟିଏ ଦେଲ । ତୁମେ ବଡ଼ ଭୁଲ କଲ । ମନ୍ତ୍ରୀଟିଏ ହେଇଥିଲେ, ବିନା ପରିଶ୍ରମରେ ଶହ, ଶହ କୋଟି କମାଇଥାନ୍ତ ।

ଗୋବିନ୍ଦ - ଏବେ କ'ଣ ସେ କମ୍ କମେଇଛନ୍ତି କି ? ତାଙ୍କ ସଂପତ୍ତି କ'ଣ ୫୦ କୋଟିରୁ କମ୍ ହେବ ।

Digitized by srujanika@gmail.com

ହରିବୋଲ - ସବୁ ହେଲାଯେ ବାହାଟିଏ ହେଲେନି । ହଇଏ ବାବୁ, ଯୋଉ ଦିନରେ ଯୋଉ କଥା । ବୁଢ଼ା ଦିନକୁ ବାସନା ତେଲ, ଭଲ ଲାଗିବ କିଏ ?

ଗୋବିନ୍ଦ - ରଞ୍ଜିତବାବୁ ଟେଣ୍ଡର, ଏଇ ନିକଟରେ ବାହାରିବ । ଟେଣ୍ଡର ପକାଇବ ତ ? ତୁମେ ପକେଇଲେ ଆମକୁ ବି' ପଇସା ମିଳିବ ।

ରଞ୍ଜିତ - ଇଏଥିଲେ, ମୁଁ ପକାଇବି ନାହିଁ ।

ହରିବୋଲ - ଚିଫ୍ ଇଞ୍ଜିନିୟର ହାଂତର କଥା । ଏ କ'ଣ କହୁଛ ।

ରଞ୍ଜିତ - ତା' ମୁଁ ଜାଣିଛି । ଦେଖିବା କ'ଣ ହଉଚି । ମୁଁ ଆସୁଛି । (ପ୍ରସ୍ଥାନ)

ଗୋବିନ୍ଦ - ଯାହା ଜଣା ପଡୁଛି, ଇଏ ନିଶ୍ଚୟ ପକାଇବ । ଚାଲ ଘରକୁ ଯିବା । (ପ୍ରସ୍ଥାନ)

(ପରେ, ପରେ ପ୍ରବେଶ କଲେ ସ୍ନିଗ୍ଧା ଓ ରଞ୍ଜିତ ।)

ସ୍ନିଗ୍ଧା - ରଞ୍ଜିତ ବାବୁ

ରଞ୍ଜିତ - ଉଁ

ସ୍ନିଗ୍ଧା - ଆଜିକାଲି ମୋ ଘରକୁ ଆସୁନାହଁ କାହିଁକି ?

ରଞ୍ଜିତ - କାହିଁକି ଯିବି ?

ସ୍ନିଗ୍ଧା - କ'ଣ ସ୍ନିଗ୍ଧାକୁ ଭୁଲିଗଲ ।

ରଞ୍ଜିତ - ସ୍ନିଗ୍ଧାକୁ ତୁହେଁ, ସ୍ନିଗ୍ଧା ମୋତେ ଭୁଲି ଯାଇଛି ।

ସ୍ନିଗ୍ଧା - ତୁମ କଥା ମୁଁ କିଛି ବୁଝି ପାରୁନି, ରଞ୍ଜିତ ବାବୁ ।

ରଞ୍ଜିତ - ସବୁ ବୁଝି ପାରୁଛ ।

ସ୍ନିଗ୍ଧା - ତୁମକୁ ଛାଡ଼ି, ମୁଁ କ'ଣ ବଞ୍ଚି ପାରିବି ? ଆଜି ମୁଁ ଧନ୍ୟ, ମୋ ଜୀବନ ସାର୍ଥକ ହୋଇଛି ।

ରଞ୍ଜିତ - କିଂନ୍ତୁ ମୁଁ, ମୁଁ ଆଜି ଅନୁଶୋଚନାରେ ଜଳୁଛି । ସ୍ନିଗ୍ଧା, କେଇଟି କଥା ମୁଁ ତୁମକୁ ପଚାରିବାକୁ ଚାହେଁ । ତୁମେ ସତରେ କ'ଣ ମୋତେ ଭଲ ପାଅ । ତୁମେ ମୋ ଛଡ଼ା, ଅନ୍ୟ କାହାକୁ ଭଲ ପାଅ ନାହିଁ ।

ସ୍ନିଗ୍ଧା - ଘରକୁ ଆସ । ସେଇଠାରେ ମୁଁ ତୁମକୁ ସବୁ କହିବି ।

ରଞ୍ଜିତ - ମୋର ପରମ ଶତ୍ରୁ, ତୁମର ମିତ୍ର, ଯେ ମୋର ସର୍ବନାଶ କରିଛି, ସେ ତୁମର ପ୍ରିୟତମ ।

ସ୍ନିଗ୍ଧା - ମୁଁ କିଛି ବୁଝିପାରୁନାହିଁ, ରଞ୍ଜିତ ବାବୁ ।

Digitized by srujanika@gmail.com

ରଞ୍ଜିତ - ଏ ପର୍ଯ୍ୟନ୍ତ କିଛି ବୁଝିପାରିଲି ନାହିଁ ।

ସ୍ନିଗ୍ଧା - ତା'ହେଲେ ମୋତେ, ତୁମକୁ ଭଲ କରି ବୁଝାଇବାକୁ ପଡ଼ିବ ।

ରଞ୍ଜିତ - ନାରୀ ଛଳନାମୟୀ ।

ସ୍ନିଗ୍ଧା - ଆଉ ପୁରୁଷ

ରଞ୍ଜିତ - ସେ ନାରୀର ପ୍ରଲୋଭନର ଶୀକାର ହୁଏ ।

ସ୍ନିଗ୍ଧା - ରଞ୍ଜିତ ବାବୁ, ଆପଣ କାହିଁକି ଏପରି ସବୁ କହୁଛନ୍ତି ତା' ମୁଁ ବୁଝିପାରୁନାହିଁ । ବିବାହ ସମୟରେ ଯେଉଁ ମନ୍ତ୍ର ଉଚ୍ଚାରଣ କରାଯାଏ, ତା'ର ଅର୍ଥ ହେଲା, ବିବାହ ପୂର୍ବରୁ ନାରୀ ଯେଉଁ ଭୁଲ୍ କରିଥାଏ, ତାର ସେହି ଭୁଲକୁ କ୍ଷମା ଦେଇ, ସାରା ଜୀବନ ସାଥୀ ରୂପେ ଗ୍ରହଣ କରିବାକୁ ଉପଦେଶ ଦିଆଯାଏ ।

ରଞ୍ଜିତ - ବୁଝିଲି, ତୁମେ ବୁଦ୍ଧିମତୀ ।

ସ୍ନିଗ୍ଧା - ମୁଁ ତ କିଛି ମିଛ କହିନାହିଁ ।

ରଞ୍ଜିତ - ତା'ହେଲେ,

ସ୍ନିଗ୍ଧା - ଜନ୍ମ, ଜନ୍ମାନ୍ତର ପାଇଁ ତୁମେ ମୋର ସାଥୀ ।

ରଞ୍ଜିତ - ସ୍ନିଗ୍ଧା ।

ସ୍ନିଗ୍ଧା - ବିଶ୍ୱାସ କର ରଞ୍ଜିତ । ସତ୍ୟ, ସତ୍ୟ, ତ୍ରିବାର ସତ୍ୟ ।

- ଅନ୍ଧାର -

- ପଞ୍ଚମ ଦୃଶ୍ୟ -

(ସ୍ନିଗ୍ଧାର ନୃତ୍ୟଶାଳା । ରଞ୍ଜିତ ବସିଥିଲା । ସଂଗୀତର ମନ ମତାଣିଆ ଧୁନ ଭାସିଆସୁଥିଲା । ସ୍ନିଗ୍ଧା ସିଙ୍ଗାର ହୋଇ ଆସିଛି । ରଞ୍ଜିତର ଛାତିରେ ଲୋଟି ପଡ଼ିଛି । ରଞ୍ଜିତ ଗାଇଛି-ସ୍ନିଗ୍ଧା ନୃତ୍ୟ କରିଛି ।)

(ଗୀତ)

ଗାଇବ କି ତୁମେ ପ୍ରିୟା
 ସେ ବୀଣାରେ ଦେଇ ତାନ
ସେ ବୀଣାରେ ଆଉ, ଆଉ କେ ଗାଇବ
 ତାହା କି ତୁମେ ନ ଜାଣଇ ।୦।

Digitized by srujanika@gmail.com

ଯେ ବୀଣାର ତାନେ
ବିକଶି ଉଠିବ
                    ମଉଳା ଫୁଲର ଶିରୀ
ଯେ ବୀଣାର ତାନେ, ଜୀବନ ଫୁଲମୋ
                    ଆନନ୍ଦେ ଉଠିବ ଖେଳି
ତୁମ ବିନା ପ୍ରିୟା
                    ମୋହ ପାଇଁ କେହି
ପାରିବନି ଆଉ, ସେ ବୀଣା ବଜାଇ
ସେଥିପାଇଁ ସିନା ତୁମେଇ ଗୋ ପ୍ରିୟା
                    ସାଥୀ ମୋର ଚିରଦିନ ।୧।

(ନୃତ୍ୟ ଶେଷ ହୋଇଛି ।)

ରଞ୍ଜିତ - ଚମତ୍କାର ନୃତ୍ୟ କରୁଛ ସ୍ନିଗ୍ଧାରାଣୀ । ମୋତେ ଆଶ୍ଚର୍ଯ୍ୟଲାଗେ ରୂପ ଯୌବନ ସଂପନ୍ନା ଜଣେ ତରୁଣୀ, ଜଣେ ପ୍ରୌଢ଼ର ସାନିଧ ଲାଭ କରି ଆତ୍ମସନ୍ତୋଷ ପାଉଥିଲା କିପରି ?

ସ୍ନିଗ୍ଧା - ମୁଁ ଥିଲି ନାଚାର ରଞ୍ଜିତବାବୁ । ବାପା, ମା'ଙ୍କର ଅକାଳ ବିୟୋଗ ପରେ, ମୁଁ ଖୋଜୁଥିଲି ଆଶ୍ରୟ । ଆଶ୍ରୟ ପାଇଁ ବ୍ୟାକୁଳିତ ଜଣେ ଅନାଥିନୀ ନାରୀ କରିଥାନ୍ତା କ'ଣ ? ତୁମେ ଆଗ ମୋ ପ୍ରଶ୍ନର ଉତ୍ତର ଦିଅ ।

ରଞ୍ଜିତ - କଥାଟିଏ କହିବି ?

ସ୍ନିଗ୍ଧା - କୁହ ।

ରଞ୍ଜିତ - ତୁମେ ଇଞ୍ଜିନିୟର ବିଶ୍ୱବଂଧୁଙ୍କୁ ଚିରଦିନ ପାଇଁ ଅନ୍ତରକରିଦେଇ ପାରିବ ?

ସ୍ନିଗ୍ଧା - ତୁମଠାରୁ ମୁଁ ଯଦି ପ୍ରତିଶ୍ରୁତି ପାଏ, ଅନ୍ତର ନ କରିବି କାହିଁକି ?

ରଞ୍ଜିତ - ବିଶ୍ୱବଂଧୁଙ୍କୁ ତୁମେ ଚିହ୍ନିଲ କିପରି ?

ସ୍ନିଗ୍ଧା - ନାରୀ ସମାଜ ମଙ୍ଗଳ କେନ୍ଦ୍ରରେ ମୋର ନୃତ୍ୟ ପରିବେଷଣ ହେଉଥାଏ । ସେ ଥାନ୍ତି ମୁଖ୍ୟଅତିଥି ।

ରଞ୍ଜିତ - ସେ ଲୋକଟାକୁ ମୁଖ୍ୟଅତିଥି କରିଥିଲା କିଏ ? ତାର ନୃତ୍ୟ, ସଂଗୀତରେ ଜ୍ଞାନ କ'ଣ ?

Digitized by srujanika@gmail.com

ସ୍ନିଗ୍ଧା - ତାଙ୍କର ଅନାଥ ମହିଳାଶ୍ରମର ଯଥେଷ୍ଟ ସୁନାମ, ସେଥିପାଇଁ ଚାରିଆଡ଼େ ତାଙ୍କ ଭୂୟସୀ ପ୍ରଶଂସା । ଅଧିକାଂଶ ସଭାସମିତିରେ ସେ ଥାନ୍ତି ସମ୍ମାନିତ ଅତିଥି । ତାଙ୍କର ପତ୍ନୀଙ୍କର ସାପ୍ତାହିକ ଦରିଦ୍ରନାରାୟଣ ସେବା, ଚାଞ୍ଚଲ୍ୟ ସୃଷ୍ଟି କରିଥାଏ । ସେଥିପାଇଁ ଥାଏ, ତାଙ୍କର ସମାଜରେ ଆଦର ବେଶୀ । ମୋର ନୃତ୍ୟରେ ବିମୋହିତ ହୋଇ ସେ ମୋତେ, ହଜାରେ ଟଙ୍କା ପୁରସ୍କାର ଦେଇଥିଲେ ।

ରଞ୍ଜିତ - ସେଥିପାଇଁ ତୁମେ ତାଙ୍କ ପ୍ରତି ଆକୃଷ୍ଟ ହୋଇ ପଡ଼ିଲ ?

ସ୍ନିଗ୍ଧା - ଯାହା ତୁମେ ଭାବିପାର, ମୋର କହିବାକୁ କିଛି ନାହିଁ । ମୁଁ ଥିଲି ନିରାଶ୍ରୟା । ସେ ଥିଲେ ମୋ ପାଇଁ ବଟବୃକ୍ଷ ।

ରଞ୍ଜିତ - ବର୍ତ୍ତମାନ ତୁମେ ସେ ଆଶ୍ରୟରୁ ବଞ୍ଚିତ ହେଉଛ କାହିଁକି ? କାହିଁକି ତୁମେ ତାଙ୍କୁ ଘୃଣା କରୁଛ ? ଦିନ ଆସିବ ତୁମେ ମଧ, ତାଙ୍କ ପରି ମୋତେ ଘୃଣା ନ କରିବ କାହିଁକି ?

ସ୍ନିଗ୍ଧା - ଯେତେ ପାର ସେତେ କହିଯାଅ ରଞ୍ଜିତ । କାରଣ ମୁଁ ତୁମକୁ ଭଲ ପାଏ । ତୁମଠାରୁ ପାଇଛି ସ୍ନେହ, ଆଦର ଯଥେଷ୍ଟ । ମୁଁ ଜାଣେ, ତୁମେ ମୋତେ ଅନ୍ତର କରିବ ନାହିଁ । ଜଣେ ବିବାହିତ ପୁରୁଷକୁ ତାର ପତ୍ନୀ ପାଖରୁ ମୁଁ ଅନ୍ତର କରିବାକୁ ଚାହେଁ ନାହିଁ । ସେ ସୁଯୋଗର ଅପେକ୍ଷାରେ ଥିଲି ମୁଁ । ସେ ସୁଯୋଗ ପାଇଛି ମୁଁ । ତୁମେ ମୋତେ ଅବିଶ୍ୱାସ କରୁଛ ରଞ୍ଜିତ । କର, ମୋର କହିବାକୁ କିଛି ନାହିଁ । (କାନ୍ଦୁଥିଲା)

ରଞ୍ଜିତ - ତୁମେ କାନ୍ଦୁଛ ସ୍ନିଗ୍ଧା । ଏଭଳି ପ୍ରଶ୍ନ ପଚାରିବାର କ'ଣ ମୋର ଅଧିକାର ନାହିଁ । କହ ସ୍ନିଗ୍ଧା, ମୁଁ କ'ଣ ଭୁଲ କରିଛି ।

ସ୍ନିଗ୍ଧା - ରଞ୍ଜିତ ବାବୁ, ଦୁଃଖ ଯନ୍ତ୍ରଣାତ ଜୀବନ । ମୁଁ ଜଣେ ଅନାଥିନୀ । ମୋଭାଗ୍ୟରେ ସୁଖ ଆସିବ କୁଆଡୁ ?

ରଞ୍ଜିତ - ମୁଁ ପଚାରିଲି ବୋଲି ଖରାପ ଭାବୁଛ ?

ସ୍ନିଗ୍ଧା - ଖରାପ ଭାବିବି କାହିଁକି ? ପଚାରିବା ପାଇଁ ତୁମର ଅଧିକାର ଅଛି । ତେବେ ଗୋଟିଏ କଥା ପଚାରିବି ତୁମେ ସତ କହିବ ।

ରଞ୍ଜିତ - ପଚାର । ମନଖୋଲି ଯାହା ଚାହଁ ପଚାର ।

ସ୍ନିଗ୍ଧା - ତୁମେ ମୋତେ ବିବାହ କରିବ ।

Digitized by srujanika@gmail.com

ରଞ୍ଜିତ - (ନୀରବ)

ସ୍ନିଗ୍ଧା - କହ ରଞ୍ଜିତ, ହଁ କି ନା ।

ରଞ୍ଜିତ - ମୋତେ ଚିନ୍ତା କରିବାକୁ ସମୟ ଦିଅ ସ୍ନିଗ୍ଧା ।

ସ୍ନିଗ୍ଧା - ତୁମେ ଏ ପର୍ଯ୍ୟନ୍ତ ଚିନ୍ତା କର ନାହିଁ । ଆହୁରି ଚିନ୍ତା କରିବାକୁ ବାକୀ ଅଛି ।

ରଞ୍ଜିତ - ବିବାହ, ପିଲାଖେଳ ନୁହେଁ ।

ସ୍ନିଗ୍ଧା - ମୁଁ ଜାଣେ, ତୁମେ ପାରିବ ନାହିଁ । ତୁମେ କ'ଣ, କେହି ପାରିବେ ନାହିଁ ।

ରଞ୍ଜିତ - ହତୋତ୍ସାହିତ ହୁଅ ନାହିଁ ସ୍ନିଗ୍ଧା, ଯାହା ମୁଁ କରିବି ପକ୍କା କାମ କରିବି ।

ସ୍ନିଗ୍ଧା - ତୁମ ଘରେ ଆମର ବିବାହକୁ ସ୍ୱୀକୃତି ମିଳିବ ନା ରଞ୍ଜିତ ।

ରଞ୍ଜିତ - ତୁମେ ବ୍ୟସ୍ତ କାହିଁକି ହେଉଚ ସ୍ନିଗ୍ଧା । ପ୍ରଥମେ ତୁମେ ସେ ଲୋକଟାକୁ ଆସିବାକୁ ମନା କର ।

ସ୍ନିଗ୍ଧା - ସେ ତ ବହୁଦିନ ହେଲା ଆସିନାହାନ୍ତି ।

ରଞ୍ଜିତ - ସେ ଯେ ଆଉ ନ ଆସିବେ, ତାର ମାନେ କିଛି ନାହିଁ । ତୁମେ ତାକୁ ସାଫ, ସାଫ କହିଦିଅ, ତୁମର, ମୋର ସଂପର୍କ ଆଉ କିଛି ନାହିଁ । ତା'ପରେ ସେ କ'ଣ କହୁଛି ମୋତେ ଆସି କୁହ ।

ସ୍ନିଗ୍ଧା - ସେଇ କଥା ତ ଚିନ୍ତା କରୁଛି ।
(ଏଇ ସମୟରେ ବିଶ୍ୱବଂଧୁଙ୍କ କଣ୍ଠରୁ ଶୁଭିଲା - ସ୍ନିଗ୍ଧା, ସ୍ନିଗ୍ଧା କବାଟ ଖୋଲ ।)

ସ୍ନିଗ୍ଧା - (ବ୍ୟସ୍ତ ହୋଇ) ରଞ୍ଜିତ ବାବୁ, ଇଞ୍ଜିନିୟର ଆସିଗଲେଣି । ଦୟାକରି ତୁମେ ଭିତରକୁ ଚାଲିଯାଅ ।

ରଞ୍ଜିତ - ସେ ଆସୁ । ମୁଁ ଯିବି କାହିଁକି ? ମୋ ଆଗରେ ପରିଷ୍କାର୍ ମନା କରିଦିଅ ।

ସ୍ନିଗ୍ଧା - ମୁଁ ତାକୁ କ'ଣ କହିବି, ତୁମେ କ'ଣ ଶୁଣିପାରିବ ନାହିଁ । ଦୟାକରି ମୋ ଅନୁରୋଧ ରକ୍ଷା କର । ପ୍ଲିଜ୍ ରଞ୍ଜିତ୍ ।

ରଞ୍ଜିତ - ଏ ସବୁକୁ ମୁଁ ଘୃଣା କରେ । ହଉ, ଯେତେବେଳେ ତୁମେ କହୁଚ, ମୁଁ ଯାଉଛି । ତାକୁ ଏଠାକୁ ନ ଆସିବା ପାଇଁ ପରିଷ୍କାର ଭାବରେ କହିଦିଅ ।

Digitized by srujanika@gmail.com

(ଭିତରକୁ ଚାଲିଗଲା । ସ୍ନିଗ୍ଧା କବାଟ ଖୋଲିଛି । ଦୁହେଁ ମଞ୍ଚରେ ପ୍ରବେଶ କଲେ ।)

ବିଶ୍ୱବଂଧୁ - ସ୍ନିଗ୍ଧା, ଋଷ୍ୟଶୃଙ୍ଗ ମୋତେ ସବୁ କହିଲା । ମୁଁ ଆସିବି, ଆସିବି ଚେଷ୍ଟାକରି ମଧ ଆସିପାରୁନାହିଁ

ସ୍ନିଗ୍ଧା - ହୁଁ ।

ବିଶ୍ୱବଂଧୁ - ମୋତେ ଭିଜିଲାନ୍ସ ଟ୍ରାପ୍‌ରେ ଫସାଇ ଦେବା ପାଇଁ ସେ ବଦମାସ କଣ୍ଟ୍ରାକ୍ଟର ରଞ୍ଜିତ ଦାସ, ଆପ୍ରାଣ ଉଦ୍ୟମ କରିଥିଲା । କିନ୍ତୁ ସେଇ ଗିରୀଧର ଗୋପାଳ, ମୋତେ ମହାବିପତ୍ତିରୁ ରକ୍ଷା କରିଦେଲେ । ମୋର ଆଜି ଭୂରି, ଭୂରି ପ୍ରଶଂସା । ମୁଖ୍ୟମନ୍ତ୍ରୀ ମୋତେ ଖୁବ୍ ଭଲ ପାଉଛନ୍ତି । ମାନସିକ ଦ୍ୱନ୍ଦ୍ୱରେ ଅସ୍ତବ୍ୟସ୍ତ ହୋଇ, ମୁଁ ତୁମ ପାଖକୁ ଆସି ପାରିନଥିଲି ।

ସ୍ନିଗ୍ଧା - ହୁଁ

ବିଶ୍ୱବଂଧୁ - ଆଉ ତୁମେ ଶୁଣି ଖୁସୀ ହେବ, ମୋ ପୁଅ ଡାକ୍ତରୀ ପାସ କରିଛି । ମୋର ଇଚ୍ଛା ସେ ମେଡ଼ିସିନ୍‌ରେ ପି.ଜି. କରୁ । ମୋର ବିଶ୍ୱାସ, ସେ ଗୋଟାଏ ଭଲ ଡ଼ାକ୍ତର ହେବ ।

ସ୍ନିଗ୍ଧା - ହୁଁ,

ବିଶ୍ୱବଂଧୁ - ଋଷ୍ୟଶୃଙ୍ଗ ହାତରେ ୩ ହଜାର ଟଙ୍କା ପଠାଇଥିଲି ।

ସ୍ନିଗ୍ଧା - ହୁଁ

ବିଶ୍ୱବଂଧୁ - କ'ଣ ଖାଲି ହୁଁ, ହୁଁ କରୁଛ, ତୁମେ କ'ଣ କଥା କହିବ ନାହିଁ । ସ୍ନିଗ୍ଧା, ତୁମର କ'ଣ ହେଇଛି, ତୁମର କଥା ନ କହିବାର ଉଦ୍ଦେଶ୍ୟ । ମୁଁ କାହିଁକି ଆସିଲି ନାହିଁ, ତା' ତ ତୁମକୁ କହିଲି । ସେଇଟା କଣ ଗୋଟାଏ ଅପରାଧ ।

ସ୍ନିଗ୍ଧା - ମୁଁ କହୁଛି, ତୁମେ ଆଉ ଏଠାକୁ ଆସ ନାହିଁ ।

ବିଶ୍ୱବଂଧୁ - ମୁଁ ନ ଆସିବି କାହିଁକି ?

ସ୍ନିଗ୍ଧା - ଯେଉଁ ପୁରୁଷ, ପରମ ସତୀ, ସାଧ୍ୱୀ ପତ୍ନୀକୁ ଧୋକ୍କା ଦେଇ, ମୋ ପାଖରେ ପଡ଼ିରହିପାରେ, ସେ ଦିନେ ମୋତେ ଯେ କାହିଁକି ଧୋକ୍କା ନ ଦେବ । ତୁମେ ମୋ ରାସ୍ତାରୁ ହଟିଯାଅ । କେତେଦିନ, ମୁଁ ଅନ୍ଧାର ଭିତରେ ବୁଡ଼ି ରହିଥିବି ।

Digitized by srujanika@gmail.com

ବିଶ୍ୱବଂଧୁ - ଓଃ, ବୁଝିଲି । ତୁମେ ମଧ୍ୟ ମୋ ବିରୁଦ୍ଧରେ ଚକ୍ରାନ୍ତ କରିଛ । ତେବେ ମୁଁ ପଚାରୁଛି, କାହିଁକି ତୁମର ଏ ଚକ୍ରାନ୍ତ, ମୋର ଅପରାଧ କ'ଣ ?

ସ୍ନିଗ୍ଧା - ମୁଁ ସ୍ଥିର କଲି,ମୋ ରାସ୍ତା ମୁଁ ନିଜେ ବାଛିନେବି ।

ବିଶ୍ୱବଂଧୁ - ମୁଁ ପଚାରୁଛି, ତୁମେ ହଠାତ୍ ଏ ଡ଼ିସିସନ୍ ନେଲ କାହିଁକି ? ଏହାର ପଛରେ କିଛି ଗୋଟାଏ ରହସ୍ୟ ରହିଛି ।

ସ୍ନିଗ୍ଧା - ରହସ୍ୟ ଥାଉ କି ନଥାଉ, ତୁମଠାରୁ ସମସ୍ତ ସଂପର୍କ ଛିନ୍ନ କରିବା, ଏହା ମୋର ଦୃଢ଼ ନିଷ୍ପତ୍ତି ।

ବିଶ୍ୱବଂଧୁ - ବେଶ୍, ଠିକ୍ ଅଛି । ମୋର ହିସାବ, ନିକାଶ କରିଦିଅ । ମୁଁ ତୁମକୁ ଯଥେଷ୍ଟ ଦେଇଛି ସ୍ନିଗ୍ଧା । ଝୋମ୍ପଡ଼ି ଘରୁ ମୁଁ ତୁମକୁ ଦ୍ୱିତଳ ପ୍ରାସାଦରେ ରଖିଛି । ଲକ୍ଷ, ଲକ୍ଷ ଟଙ୍କାର ସୁନା ଗହଣା, ଆସବାବପତ୍ର, ମୁଁ ତୁମକୁ ଦେଇଛି । ମୋର ଜିନିଷ, ଗହଣାପତ୍ର ମୋତେ ଫେରାଇ ଦିଅ । ତୁମେ ଜାଣ ଏ ଘର ମୋର । ଅତିଶୀଘ୍ର ମୋ ଘରୁ ବାହାରିଯାଅ ।

ସ୍ନିଗ୍ଧା - ଯାହା ଦେଇଛ, ସେଥିପାଇଁ ଯଥେଷ୍ଟ ପାଇଛ । ତୁମର ଅର୍ଥର ବିନିମୟରେ ମୁଁ ମୋର ଶ୍ରେଷ୍ଠ ସମ୍ପତ୍ତି ସତୀତ୍ୱ ତୁମକୁ ଅର୍ପଣ କରିଛି । ସେଇଟା ତୁମ ପାଇଁ ଯଥେଷ୍ଟ । ଚାଲିଯାଅ ।

ବିଶ୍ୱବଂଧୁ - (ହସିଲେ ବିଭତ୍ସ ହସ) ଗୋଟାଏ ବେଶ୍ୟା, ପ୍ରୋଷ୍ଟିଚ୍ୟୁଟ, କଲ୍ ଗାର୍ଲର ପୁଣି ସତୀତ୍ୱ । ଏକଥା ତୁ କହିପାରୁଛୁ । ଅତି ଶୀଘ୍ର ମୋ ଘରୁ ଚାଲିଯା । ନଚେତ୍ ତୁ ଯିବା ପାଇଁ ମୁଁ ସମସ୍ତ ବନ୍ଦୋବସ୍ତ କରିଦେବି । ଦେଖିବି, କିଏ ତୋତେ ରକ୍ଷା କରିବ ।

ସ୍ନିଗ୍ଧା - ମୁଁ କହୁଛି, ବିଶେଷ କଥାବାର୍ତ୍ତା ନ କରି ମୋ ଘରୁ ବାହାରି ଯାଅ । ମୁଁ କହୁଛି ବାହାରିଯା । ଯା, ଠିଆ ହୋଇ ରହିଛ କାହିଁକି । ଗେଟ୍ ଆଉଟ୍ ।

(କରତାଳି ଦେଇ ପ୍ରବେଶ କରିଛି ରଞ୍ଜିତ)

ରଞ୍ଜିତ - ବ୍ରାଭୋ, ବ୍ରାଭୋ, ମାଇଁ ଡ଼ାର୍ଲିଙ୍ଗ୍ ଏ ଯଦି ଏଠାରୁ ନ ଯିବ ମୁଁ ତାକୁ ଗଳାଧକ୍କା ଦେଇ ବାହାର କରିଦେବି । ସେମ୍‌ଲେସ୍ ଫେଲୋ, ନ ଯାଇ ଠିଆ ହୋଇଛୁ କାହିଁକି ।

Digitized by srujanika@gmail.com

ବିଶ୍ୱବଂଧୁ - ଏହାରି ମୂଳରେ ହେଉଛୁ ତୁ । ଦେଖିବି, କେତେ ଦିନ ତୁ ତାକୁ ରକ୍ଷା କରିବୁ । ମନେରଖ ସ୍ନିଗ୍ଧା, ଦିନ ଆସିବ, ତୁ ମୋର ପାଦତଳକୁ ଆସିବୁ ।

ସ୍ନିଗ୍ଧା - ହଉ ଯା, ତୁ ମୋର କ'ଣ କରିବୁ ।

ରଞ୍ଜିତ - ମନେରଖ ଇଞ୍ଜିନିୟର, ଏ ରଞ୍ଜିତ ପ୍ରତି ପଦରେ ତୋତେ ଅପଦସ୍ତ କରିବ । (ହସୁଥିଲା)

- ଅନ୍ଧାର -

- ଷଷ୍ଠ ଦୃଶ୍ୟ -

(ରାସ୍ତା । ହରିବୋଲ, ଗୋବିନ୍ଦର ମଞ୍ଚରେ ପ୍ରବେଶ)

ଗୋବିନ୍ଦ - ହରିବୋଲିଆଇ,

ହରିବୋଲ - ଏ ତ କଳିକାଳ ରୀତି ବିପରୀତ ଭାଇରେ । ହଇରେ ଯେ ଥିଲା ଘୋର ଲାଞ୍ଚୁଆ, ଦୁର୍ନୀତିଗ୍ରସ୍ତ ତାକୁ ମିଳୁଛି ପୁରସ୍କାର ।

ଗୋବିନ୍ଦ - କାହାକୁ ପୁରସ୍କାର ମିଳିଲାରେ ହରିବୋଲିଆଇ ।

ହରିବୋଲ - ଆଉ କାହାକୁ ଆମ ଏକଜ୍ୟୁକ୍ୟୁଟିଭ ଇଞ୍ଜିନିୟର ବିଶ୍ୱବଂଧୁବାବୁଙ୍କୁ ।

ଗୋବିନ୍ଦ - ଲାଞ୍ଚଖିଆ ବୋଲି, ସରକାର କ'ଣ ପୁରସ୍କାର ଦେଲେ । କି ପୁରସ୍କାର କଥାଟା ଖୋଲି କହୁନୁ ।

ହରିବୋଲ - ଆଉ କି ପୁରସ୍କାର । ପ୍ରମୋସନ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ବିଚରା କଣ୍ଟ୍ରାକ୍ଟର ରଞ୍ଜିତ ବାବୁ ବଦଳି କରିବାକୁ ବହୁତ ଯତ୍ନ କଲା । ମୁଖ୍ୟମନ୍ତ୍ରୀ କିଛି ଶୁଣିଲେ ନାହିଁ । ମୁଖ୍ୟମନ୍ତ୍ରୀ ଅନାଥାଶ୍ରମ ଦେଖି ମୋହ ହୋଇଗଲେ । ମୁଖ୍ୟମନ୍ତ୍ରୀଙ୍କ ବିଚାରରେ ଏକଜ୍ୟୁକୁଟିଭ ଇଞ୍ଜିନିୟର ସଚ୍ଚୋଟ । ବହୁତ ସିନିୟରଙ୍କୁ ବାଦ୍ ଦେଇ ଏ ମହାଶୟ ପ୍ରମୋସନ ପାଇଗଲେ ।

ଗୋବିନ୍ଦ - ଏ କଥା କଣ୍ଟ୍ରାକ୍ଟର ରଞ୍ଜିତ ଦାସ ଶୁଣିଲାଣି । ଏ ଖବର ଶୁଣି ତା'ର ତ ହାର୍ଟଫେଲ୍ ହୋଇଯିବ ।

ହରିବୋଲ - ଆରେ ଏହାକୁ କହନ୍ତି ଭାଗ୍ୟ ।

ଗୋବିନ୍ଦ - ଚାଲେ ସାହେବକୁ ଦେଖା କରିବା । ଫୁଲତୋଡ଼ା ଦେଇ ଅଭିନନ୍ଦନ ଜଣାଇବା ।

Digitized by srujanika@gmail.com

ହରିବୋଲ - କାହିଁକି, ଏବେ ତେଲେଇବାକୁ ବାହାରିଛୁ । ତୋର କିଛି ପ୍ରମୋସନ ହବନିରେ । ଲୋକଟାର ଏତେ ନିନ୍ଦା ଗାଉଥିଲୁ । ହଠାତ୍ ରଙ୍ଗ ବଦଳେଇଦେଲୁ । ତୁ ଗୋଟାଏ ବହୁରଙ୍ଗୀରେ ।

ଗୋବିନ୍ଦ - ଛାଡ଼ରେ, ଆଗ ଦି ପଇସା କଥା ଦେଖ୍ । ଏଇ ଯେଉଁଟେଣ୍ଡର ବାହାରିଲା, ରଞ୍ଜିତ ଦାଶ କ'ଣ ପାଇବ ?

ହରିବୋଲ - ମୁଁ କିମିତି କହିବି ।

ଗୋବିନ୍ଦ - ପାଇଥିଲେ ବଢ଼ ଭଲ ହୋଇଥାନ୍ତାରେ । ଆମ ପ୍ରତି ତାର ବଢ଼ ଦୟା । ବୋଉର ଚିକିତ୍ସା ପାଇଁ ୫ ହଜାର ମାଗିଛି । ମନା ନ କରି ସାଙ୍ଗେ, ସାଙ୍ଗେ ଦେଇଦେଲା । ପାଇଥିଲେ ବଢ଼ ଭଲ ହୋଇଥାନ୍ତା ।

ହରିବୋଲ - ସେଥିପାଇଁ ତୁ ଭଗବତୀଙ୍କ ନିକଟରେ ମାନସିକ କର । ସାରା ଅଫିସରେ ଆଜି ଅଦଳ, ବଦଳ ହେବ । ଯେଉଁମାନେ ଲାଞ୍ଚ ଖାଉଛନ୍ତି, ସେମାନଙ୍କୁ ବଦଳି କରି ଦିଆଯିବ ।

ଗୋବିନ୍ଦ - ଯାହା ହବାକୁ ଥିବ, ହବ । ଗାଲରେ ପାଣି ଲଗାଇ ଖିଅର ହେବାକୁ ଡ଼ରିବା କାହିଁକି ?

ହରିବୋଲ - ଆରେ ଆମର କିଛି ହବନି । ଆମେ ତ କିରାନୀ, ବଡ଼, ବଡ଼ିଆମାନଙ୍କର ହବ । ଆରେ ଗୋବିନ୍ଦାଇ, ଚୋର ଯେଉଁଠି, ରାତି ପାଇଚି ସେଇଠି । ଆମେ ଯାହା କଥା ବିଚାର କରୁଛେ, ସେ ଆସି ହାଜର । (ରଞ୍ଜିତ ପ୍ରବେଶ କଲା)

ଗୋବିନ୍ଦ - କ'ଣ ମୁହଁ ଶୁଖିଯାଇଛି କଣ୍ଟ୍ରାକ୍ଟର ବାବୁ ।

ରଞ୍ଜିତ - ଆଉ କି ଆନନ୍ଦ ଅଛିହୋ ଗୋବିନ୍ଦ । ଯେ ଦୁର୍ନୀତିଗ୍ରସ୍ତ ତାର ପ୍ରମୋସନ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ସବୁ ସିନିୟରଙ୍କୁ ବାଦ୍‌ଦେଇ ସି.ଏମ୍ ଏହା ମୁଣ୍ଡରେ ସୁନାକଳସ ଢ଼ାଳିଲେ । କଣ୍ଟ୍ରାକ୍ଟରୀ ଧନ୍ଦା ଛଡ଼ିଦେବା ।

ଗୋବିନ୍ଦ - ଏ ଧନ୍ଦା କାହିଁକି ଛାଡ଼ିବେ ଆଜ୍ଞା, ଚୋରକୁ ଅଭିମାନ କରି ଖପରାରେ ଭାତ ଖାଇବେ । ଟେଣ୍ଡର ବାହାରିଲା, ଦାଖଲ କରନ୍ତୁ ।

ରଞ୍ଜିତ - ମୁଁ କିଛି ଚିନ୍ତା କରିପାରୁନି । ଟ୍ରାନ୍ସ୍‌ଫର କରିଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବହୁତ କହିଲି । ମୋ କଥାକୁ କାନ ଦେଲେ ନାହିଁ ।

Digitized by srujanika@gmail.com

ନିର୍ବାଚନ ପାଣ୍ଠିକୁ ଦଶଲକ୍ଷ ଟଙ୍କା ଦିଅ । କୋଡ଼ିଏ ଲକ୍ଷ ଦିଅ । ଥାଅ, ଆଉ ଦେବିରେ ପୁଅ । ତୁମେ କିପରି ଗାଦିକୁ ଯିବ ।

ଗୋବିନ୍ଦ - ଏଥର ଟେଣ୍ଡର ପେପର ଦାଖଲ କରନ୍ତୁ ସାର୍ ।

ରଞ୍ଜିତ - କହି ପାରିବିନି, ନ କରି ବି ପାରେ ।

ହରିବୋଲ - ୨ କୋଟି ଟଙ୍କାର କାମ । କାହିଁକି ଛାଡ଼ିବେ ଆଜ୍ଞା ? ଅନ୍ୟମାନଙ୍କୁ କିଛି, କିଛି ଦେଇ, ଆପଣ ଫିକ୍ସିଙ୍ଗ୍ କରନ୍ତୁ ଆଜ୍ଞା ।

ରଞ୍ଜିତ - ମନସୁର ହାଇଦର ଅଲ୍ଲି ଏଥର ଦାଖଲ କରିବାକୁ ବସିଛି । ସେତ ବଡ଼ ଖତରନାକ୍ ଲୋକ । ତା'ସହିତ ଦୁସ୍‌ମନି କରିବାକୁ ଡ଼ର ମାଗୁଛି ।

ଗୋବିନ୍ଦ - ହାଇଦର ଅଲ୍ଲି କ'ଣ ଗୋଟାଏ କରି ପକାଇବ ।

ରଞ୍ଜିତ - ମନ ଭଲ ନାହିଁ କିଛି ସ୍ଥିର କରି ପାରୁନି । ହଉ, ତୁମ୍ଭେମାନେ ଯାଅ । ହେଇ ସେ ଲୋକ ମୋ ପାଖକୁ ଆସୁଛି ।

ହରିବୋଲ - (କାନକୁଣ୍ଡାଇ) ଯିବୁ ଯେ ଆଜ୍ଞା । ସକାଳୁ, ସକାଳୁ କ'ଣ ଖାଲି ହାତୁଟାରେ ଆମକୁ ପଠାଇଦେବେ ।

ରଞ୍ଜିତ - ଦବାକୁ ମୋ ପାଖରେ କିଛି ନାହିଁ ।

ଗୋବିନ୍ଦ - ଏ ଗୋଟେ କି କଥା । ଟଙ୍କା ଗଛ ଆପଣ । ହଲାଇଦେଲେ ଟଙ୍କା ସବୁ ଝଡ଼ି ପଡ଼ିବ । ଲକ୍ଷ୍ମୀଙ୍କର ବରପୁତ୍ର ଆପଣ, ଆପଣଙ୍କର ହାତରେ ପୁଣି କିଛି ନାହିଁ । ଲୋକ ଶୁଣିଲେ ହସିବେ ।

ରଞ୍ଜିତ - ଦେଖ ମନ ମୋର କିଛି ଭଲ ନାହିଁ । ମୁଁ କିଛି ଆଣିନି । କୋଡ଼ିଏଟା ଟଙ୍କା ଅଛି ନିଅ ।

ହରିବୋଲ - ମାଂସ ତରକାରୀ ଖାଇବାକୁ ମନଟା ଥିଲା ଆଜ୍ଞା । ଆଇଁସ ଏ ତୁଣ୍ଡରେ ବହୁଦିନ ହେଲା ବାଜିନି । ଆଜି ବୁଧବାର । ଭଲ ବାର । କାଲି ଗୁରୁବାର, ଲକ୍ଷ୍ମୀପୂଜା । ପଅରଦିନ ସନ୍ତୋଷୀମା ବ୍ରତ । ଶନିବାର ଶନିଶ୍ଚର ପୂଜା । ରବିବାର ରବି ନାରାୟଣ ବ୍ରତ ।

ରଞ୍ଜିତ - (ପାଟିକରି) ଏ ସବୁ ଶୁଣିବାକୁ ମୋର ବେଳ ନାହିଁ । ଥରେ କହିଲି ମୋ ଲୋକ ଆସୁଛି, ଏ ସ୍ଥାନ ଖାଲି କର ।

ହରିବୋଲ - ଆପଣ ରାଗୁଛନ୍ତି ଆଜ୍ଞା ।

Digitized by srujanika@gmail.com

ଗୋବିନ୍ଦ - ଯାହାର ମୁହଁରେ ସବୁବେଳେ ହସ, ଯେ ସଦାନନ୍ଦୀ, ସେ ରାଗିବାଟା ଆଜି ନୂଆ କଥା । ହଉ ଆଜ୍ଞା, ରାଗିବେନି ଆସନ୍ତୁ ।

ରଞ୍ଜିତ - ଶହେ ଟଙ୍କା ରଖ ।

ହରିବୋଲ - ଦେଲେ ତ ଆଉ ଶହେ ଟଙ୍କା ଦିଅନ୍ତୁ । କଣକ ଭାଗରେ ତିନିଷ ଗ୍ରାମ୍ ଲେଖେଁ ମାଉଁସ ପଡ଼ିବ । ଚଳିଯିବ ଆଜ୍ଞା ।

ରଞ୍ଜିତ - (ବିରକ୍ତିରେ ଚାହିଁରହିଲେ) ହଉ, ଆଉ ଶହେ ରଖ ।
(ଟଙ୍କା ଧରି, ନମସ୍କାର କରି ଚାଲିଗଲେ)
(ପ୍ରବେଶ କରିଛି ହାଇଦରର ଭଣଜା ମନସୁର)

ହାଇଦର - ସଲାମ ୱାଲେକୁମ୍ ସାବ୍ । ଅଙ୍କଲ୍ ଆପ୍‌କୋ ବୁଲାତେ ହେଁ ।

ରଞ୍ଜିତ - କାହିଁକି ?

ହାଇଦର - ମୁଝେ କୈସେ ମାଲୁମ ହୋଗା ବାବୁଜୀ ।

ରଞ୍ଜିତ - ଠିକ୍ ଅଛି, କହିଦିଅ । ଆସୁଛି । ଆଉ ଘରେ କିଏ ସବୁ ଅଛନ୍ତି ?

ହାଇଦର - ଚାର କଣ୍ଟ୍ରାକ୍ଟର ବୈଠେ ହେଁ ?

ରଞ୍ଜିତ - ଠିକ୍ ଅଛି, ମୁଁ ପଛେ ଯାଇ କଥା ହେବି ।

ହାଇଦର - ଠିକ ହୈ ବାବୁଜୀ, ମୈ ଆତା ହୁଁ । (ପ୍ରସ୍ଥାନ)

ରଞ୍ଜିତ - ଏ ଟେଣ୍ଡର ଫିକ୍ସିଙ୍ଗ୍ ମାମଲା । ଟେଣ୍ଡର ମୁଁ ଦାଖଲ କରିବି । ଏ କାମ ମୁଁ ହାଇଦରକୁ ଛାଡ଼ିବି ନାହିଁ ।

- **ଅନ୍ଧାର** -

- ସପ୍ତମ ଦୃଶ୍ୟ -

(ବିଶ୍ୱବଂଧୁ ବାବୁଙ୍କର ବାସଭବନ । ବିଶ୍ୱବଂଧୁ ବାବୁ ବସିଥିଲେ । ଆଖିରେ ଲୁହର ଧାର । ଠାକୁରଙ୍କ ଘରୁ ସେହି ଭଜନ - ଆହେ ନୀଳମଣି, ତୁମ ଗୁଣ ଶୁଣି ଭାସି ଆସୁଥାଏ ।)

ବିଶ୍ୱବଂଧୁ - ଅପମାନ । ଘୋର ଅପମାନ । ଗୋଟାଏ ବେଶ୍ୟା । ଏପର୍ଯ୍ୟନ୍ତ ଯେ ମୋ ଅନ୍ନଜଳରେ ପ୍ରତିପାଳିତ ହେଉଥିଲା, ସେ ମୋତେ ଘରୁ ବାହାର କରିଦେଲା । ଯେଉଁ ଅର୍ଥ ତା ପିଛା ମୁଁ ବରବାଦ କରିଦେଲି, ସେହିଅର୍ଥକୁ ଯଦି ଦରିଦ୍ରନାରାୟଣ ସେବାରେ ବିନିଯୋଗ କରିଥାନ୍ତି, ଆଜି କେତେ ମଙ୍ଗଳ ହୋଇନଥାନ୍ତା । ମୁଁ

Digitized by srujanika@gmail.com

କଲି କ'ଣ ? କାହିଁକି ଏ ଭୁଲ କଲି । ଜଣେ ସତୀ, ସାଧ୍ୱୀ ନାରୀକୁ ଗୋଡ଼ରେ ଆଡ଼େଇ ଦେଇ, ମୁଁ ବେଶ୍ୟାସକ୍ତ ହୋଇ ପଡ଼ିଲି । ଠାକୁରେ, ମୋତେ ଯଥେଷ୍ଟ ଦଣ୍ଡ ଦେଇଛନ୍ତି । ରକ୍ତ, ମାଂସର ଶରୀର ବହି, ମୁଁ ଏ ଅପମାନ ସହିପାରୁନାହିଁ । ଏ ଅପମାନକୁ ମୁଁ ବରଦାସ୍ତ କରିବି କିପରି ? (କାନ୍ଦୁଥିଲେ)

(ପ୍ରବେଶ କରିଛି ଋଷ୍ୟଶୃଙ୍ଗ)

ଋଷ୍ୟଶୃଙ୍ଗ - କ'ଣ ହେଲା ସାହେବ ? ଆପଣ କାନ୍ଦୁଛନ୍ତି । ମୁଁ ସବୁ ଶୁଣିଲି । ଏ ସବୁ କର୍ମର ଫଳ, କର୍ମର ଫଳ ଅବଶ୍ୟ ଭୋଗବାକୁ ପଡ଼ିବ । ଧର୍ମରାଜ ଯୁଧିଷ୍ଠିର ମିଥ୍ୟା କହିଥିଲେ 'ନରେ ବା ଗୁଞ୍ଜରେ ଅଶ୍ୱତ୍ଥାମା ହତ', ତାଙ୍କୁ ସ୍ୱଦେହରେ ନର୍କ ଦର୍ଶନ କରିବାକୁ ପଡ଼ିଲା ଜିତେନ୍ଦ୍ରିୟ, ସତ୍ୟବତୀ ପିତାମହ ଭୀଷ୍ମ, ଦ୍ରୌପଦୀର ଅନୁରୋଧ ପ୍ରତ୍ୟାଖ୍ୟାନ କରିଥିଲେ ବୋଲି ଶରଶଯ୍ୟାରେ ଶୋଇବାକୁ ପଡ଼ିଲା ଆମେ ତ ଛାର ମନୁଷ୍ୟ, ଅପମାନ ତ ସାମାନ୍ୟ କଥା, ନିଅନ୍ତୁ ଟଙ୍କା ରଖନ୍ତୁ ।

ବିଶ୍ୱବଂଧୁ - ଟଙ୍କା

ଋଷ୍ୟଶୃଙ୍ଗ - ଆପଣ ସେ ମା'କୁ ଦବା ପାଇଁ, ଯେଉଁ ୩ ହଜାର ଟଙ୍କା ଦେଇଥିଲେ, ସେ ମା ସେ ଟଙ୍କା ରଖିଲେ ନାହିଁ । ଆପଣଙ୍କୁ ତାଙ୍କ ଘରକୁ ନ ଯିବା ପାଇଁ ମୋ ହାତରେ କହିଥିଲେ । ଆପଣ ମନ ଦୁଃଖ କରିବେ ବୋଲି ଏକଥା ମୁଁ ଆପଣଙ୍କୁ କହିନଥିଲି । ଆପଣ ଦେବୀପରି ମାଙ୍କ ପ୍ରତି ଯେଉଁ ଅନ୍ୟାୟ କରିଛନ୍ତି, ତାହା ଆପଣଙ୍କୁ ଭୋଗ କରିବାକୁ ପଡୁଛି, ଏ ହେଉଛି ପ୍ରଭୁଙ୍କର ଉଦ୍ଦେଶ୍ୟ ।

ବିଶ୍ୱବଂଧୁ - ଋଷି ସେ ଦୃଶ୍ୟ ଯେତେବେଳେ ମୋ ଆଖି ଆଗରେ ନାଚି ଉଠୁଛି, ମୁଁ ନିଜକୁ ସମ୍ଭାଳି ପାରୁନାହିଁ ମୁଁ ପାଗଳ ହୋଇଯିବି ଋଷି ।

ଋଷ୍ୟଶୃଙ୍ଗ - ପାଗଳ ହୋଇଯିବେ ? କାହାପାଇଁ ଆପଣ ପାଗଳ ହୋଇଯିବେ ? ଗୋଟାଏ ବେଶ୍ୟା ପାଇଁ ? ଆପଣ ଜ୍ଞାନୀ, ବିବେକୀ । ମୁଁ ମୂର୍ଖ । ମୁଁ ଆପଣଙ୍କୁ କ'ଣ କହି ବୁଝାଇବି । ନିଜର କର୍ତ୍ତବ୍ୟ କରି ଯାନ୍ତୁ ସାର କାହିଁକି ଏଠାରେ ବସି ରହିଛନ୍ତି ।

(ଭଜନ ଗାଇ, ଗାଇ, ସୁଶୀଳା ପ୍ରବେଶ କଲେ । ସ୍ୱାମୀଙ୍କ ପାଦ

Digitized by srujanika@gmail.com

ଧୋଇ, ଚନ୍ଦନ ଲଗାଇ, ଫୁଲ ଦେଇ, ଆଳତୀ କଲେ । ଯେତେବେଳେ ଯିବାକୁ ଉଦ୍ୟତ ହେଉଥିଲେ ।)

ବିଶ୍ୱବଂଧୁ - ସୁଶୀଳା

ସୁଶୀଳା - ମୋତେ ଡ଼ାକୁଛ ?

ବିଶ୍ୱବଂଧୁ - ମୋର ପାପର ପ୍ରାୟଶ୍ଚିତ ପାଇଁ, ମୁଁ ତୀର୍ଥାଟନରେ ଯିବି । ତୀର୍ଥାଟନରେ ଗଲେ, ସବୁ ପାପ ପରା କ୍ଷୟ ହୋଇଯାଏ ?

ସୁଶୀଳା - ହଠାତ୍ ତୁମ ମନରେ ଏ ପରିବର୍ତ୍ତନ । କ'ଣ ହେଲା ? ଯେଉଁ ଲୋକ ଭାଗ୍ୟ, ଭଗବାନଙ୍କୁ ମାନେ ନାହିଁ । ଧର୍ମକୁ ଯେ ଅଫିମିଆଙ୍କ ନିଶା ବୋଲି କହେ, ତାର ପୁଣି ମନରେ ପରିବର୍ତ୍ତନ । ଯେଉଁ ଲୋକ ପୁଣ୍ୟ ଦିନରେ ଅଭକ୍ଷ ଭକ୍ଷଣ କରେ । ରାଜସିକ, ତାମସିକ, ଚିନ୍ତାଧାରା ଯାହାକୁ ଗ୍ରାସ କରିଥାଏ । ହଠାତ୍ ତାଙ୍କର ଏ ପରିବର୍ତ୍ତନ ଦେଖି, ମୋତେ ଆନନ୍ଦ ଲାଗୁଛି । ଆଜି ସବୁଠାରୁ ମୋର ଆନନ୍ଦର ଦିନ । ଋଷି କହି ପାରିବ, ତୁମର ବାବୁଙ୍କର ଏ ପରିବର୍ତ୍ତନ ହେଲା କିପରି ?

ଋଷ୍ୟଶୃଙ୍ଗ - ମୁଁ କିପରି କହିବି ମା' ଠାକୁରାଣୀ । ସବୁ ତାଙ୍କର ଇଚ୍ଛା । ସେଇ ଠାକୁର, ଯାହାକୁ ଆପଣ ଦିନରାତି ପୂଜୁଛନ୍ତି, ତାଙ୍କର କରୁଣା ମା । ଏଥିରେ ତିଳେ ହେଲେ ସନ୍ଦେହ ନାହିଁ ।

ବିଶ୍ୱବଂଧୁ - ତୁମେ କହ ସୁଶୀଳା, ସବୁ ଇଚ୍ଛାମୟଙ୍କର ଇଚ୍ଛାରେ ହୁଏ । ସେ ମୋତେ ନିର୍ଦ୍ଦେଶ ଦେଉଛନ୍ତି । ତୀର୍ଥାଟନ କରିଯାଅ । ତୀର୍ଥାଟନ, ପୁଣ୍ୟକାମ କରିବାକୁ ହେଲେ ଧର୍ମପତ୍ନୀଙ୍କର ପ୍ରୟୋଜନ ବେଶୀ । ତୁମେ ମୋ ସାଙ୍ଗରେ ଯିବନା ସୁଶୀଳା ?

ସୁଶୀଳା - ହେ ଗୀରିଧର ଗୋପାଳ, ଆଜି ମୁଁ ଧନ୍ୟ । ମୋ ପତି, ମୋ ଦେବତା ମୋତେ ସାଙ୍ଗରେ ଧରି ତୀର୍ଥାଟନରେ ଯିବେ । ଯେ ଦିନେ ହେଲେ, ମୋତେ ସାଙ୍ଗରେ କୁଆଡ଼େ ନେଇ ନାହାନ୍ତି, ସେ ପୁଣି ମୋତେ ତୀର୍ଥାଟନ ପାଇଁ ସାଙ୍ଗରେ ନେବେ । ଏହାଠାରୁ ମୋର ଭାଗ୍ୟ କ'ଣ ଅଛି । ପୁଅର ଡ଼ାକ୍ତରୀ ପଢ଼ା ସରିଲା । ତାକୁ ହାତକୁ ବିହାତ କରାଇଦେଇ, ଆମେ ବୃନ୍ଦାବନ ଚାଲିଯିବା ।

ବିଶ୍ୱବଂଧୁ - ଋଷି ତୁମେ ଘରକୁ ଯାଅ ।

Digitized by srujanika@gmail.com

ଋଷିଶୃଙ୍ଗ - ହଉ, ବାବୁ ମୁଁ ଯାଉଛି, ପ୍ରଣାମ । (ପ୍ରସ୍ଥାନ)

ବିଶ୍ୱବଂଧୁ - ସୁଶୀଳା, ସୁବୋଧ ମୋତେ ସାତଦିନ ହେଲା ଫୋନ୍ କରିନାହିଁ । ମୁଁ ମଧ ଫୋନ କରିବାକୁ ଭୁଲି ଯାଉଛି । ମୁଁ ତା'ସାଙ୍ଗରେ କଥାବାର୍ତ୍ତା ହେବି । ତୁମେ ପୂଜା ସାରି ଆସ । ସେ କ'ଣ କହିଲା ତୁମକୁ ମୁଁ କହିବି ।

ସୁଶୀଳା - ହଉ, ମୁଁ ତା'ହେଲେ ଆସୁଛି । (ଟେଲିଫୋନ ରିଙ୍ଗ୍ ହେଲା ।)

ବିଶ୍ୱବଂଧୁ - (ଟେଲିଫୋନ ରିସିଭର ଉଠାଇ) ହାଲୋ, Who is speaking Principal Medical College Good Morning Sir, what happened. What Sir, My son Subodh please tell, under arrest, entrapped in a rapecase. ହାତରୁ ରିସିଭର ଖସି ପଡ଼ିଲା । ଚେତାଶୂନ୍ୟ ହୋଇ ବସି ପଡ଼ିଲେ । ସୁଶୀଳା ଆସିଛନ୍ତି ।

ସୁଶୀଳା - ହେଇ ଶୁଣ,

ବିଶ୍ୱବଂଧୁ - (ନୀରବ)

ସୁଶୀଳା - (ହଲାଇଦେଲେ)

ବିଶ୍ୱବଂଧୁ - (ସମ୍ବିତ ଫେରିପାଇ) ଶୁଣିଲ ସୁଶୀଳା, ପୁଅ ସୁବୋଧ ତୁମର ଜେଲ୍‌ରେ । ଗୋଟାଏ ଝିଅ ପ୍ରତି ଅସଦାଚରଣ କରି, ସେ ବର୍ତ୍ତମାନ ଲକ୍ଷ୍ନୌ ଜେଲ୍‌ରେ ।

ସୁଶୀଳା - (ଚିତ୍କାର କରି) ନା, ମିଛକଥା । ତା' ହୋଇପାରେନା । ସୁବୋଧ ମୋର ଭଲ ପିଲା । ସେ ଅପକର୍ମ କରିବ ନାହିଁ । (କାନ୍ଦିଲେ)

ବିଶ୍ୱବଂଧୁ - ମିଛ ନୁହେଁ, ସୁଶୀଳା । ପ୍ରିନ୍‌ସିପାଲ ମୋତେ ଫୋନ କରିଥିଲେ, ସେ ଏବେ ଧର୍ଷଣ ଅପରାଧରେ ଅଭିଯୁକ୍ତ ।

ସୁଶୀଳା - (କାନ୍ଦିଲେ) ସୁବୋଧ, ତୁ କ'ଣ କଲୁ । ମୋର ପୁଅ ହୋଇ ତୁ ଏ ଅପକର୍ମ କଲୁ କାହିଁକି ? ହେ ପ୍ରଭୁ ଗୀରିଧର ଗୋପାଳ, ତୁମକୁ ଦିନରାତି ପୂଜା କରିବାର ଫଳ କ'ଣ ଏଇଆ ?

ବିଶ୍ୱବଂଧୁ - (ଆଖିରୁ ଲୁହପୋଛି) ଆଉ କାନ୍ଦିଲେ କ'ଣ ହେବ ସୁଶୀଳା ? ତୁମକୁ ନୁହେଁ, ମୋର ଅପରାଧ ପାଇଁ ପ୍ରଭୁ ମୋତେ ଏ ଦଣ୍ଡଦେଉଛନ୍ତି । ତୁମେ ତାଙ୍କୁ ପ୍ରାର୍ଥନା କର । ସେ ଆମର ଦୁଃଖ ନିଶ୍ଚୟ ଶୁଣିବେ । ଆମେ ତ କାହାର କିଛି ଅନିଷ୍ଟ କରିନାହୁଁ ଆମ ପ୍ରତି ଏ ଦଣ୍ଡ କାହିଁକି ?

Digitized by srujanika@gmail.com

ସୁଶୀଳା - ମୁଁ ଏବେ କ'ଣ କରିବି । କାହାକୁ କ'ଣ ବୋଲି କହିବି । ଶୁଣ, ଚାଲ ଆମେ ଦୁହେଁ ଲକ୍ଷ୍ନୌ ଯିବା ।

ବିଶ୍ୱବଂଧୁ - କୁଆଡ଼େ ମୁଁ ଯାଇ ପାରିବି ନାହିଁ ସୁଶୀଳା, କାହା ଆଗେ ମୁଣ୍ଡ ଦେଖାଇବି । ମୁଁ ପାଗଳ ହେଇଯିବି ।

(ଏଇ ସମୟରେ ଗୋବିନ୍ଦ, ହରିବୋଲ ୨ଟି ଫୁଲତୋଡ଼ା ଧରି ପ୍ରବେଶ କଲେ ।)

ଉଭୟେ - ସାର, ଆପଣଙ୍କୁ ଆମର ଅଭିନନ୍ଦନ । (ଫୁଲତୋଡ଼ା ଦେଲେ)

ବିଶ୍ୱବଂଧୁ - ରାସ୍କେଲ୍, ତୁମେ ମୋର କ'ଣ ? ତୁମେ ମୋର ସାଙ୍ଗ ନା ସାଥୀ । ତୁମର ଆସ୍ପର୍ଦ୍ଧା କିଛି କମ୍ ନୁହେଁ । କେଉଁ ସାହାସରେ ତୁମେ ମୋ ପାଖକୁ ଆସିଛ । (ଫୁଲତୋଡ଼ା ଫୋପାଡ଼ି) ଚାଲିଯାଅ, ଆଇ ସେ ୟୁ ଗେଟ୍‌ଆଉଟ୍ । (ଦୁହେଁ ଦୌଡ଼ି ଚାଲିଗଲେ ।)

- ଅନ୍ଧାର -

- ଅଷ୍ଟମ ଦୃଶ୍ୟ -

(ରାସ୍ତା । ହରିବୋଲ ପରିବା ବ୍ୟାଗ ଧରି ଯାଉଥିଲା)

ହରିବୋଲ - ଆରେ ବାପ୍‌ରେ, ସେଦିନ ହାକିମର ନୃସିଂହ ଅବତାର ଦେଖି, ମୋର ପିଳେହିପାଣି । ଏ ସବୁ ଗୋବିନ୍ଦାର ନାଟ । ହଇରେ ବଦମାସ୍ । ସେ କ'ଣ ତୋର ସାଙ୍ଗ । ମୁଁ ମନା କରୁଛି । ଯା' ନାହିଁ । ୨ଟା ଫୁଲତୋଡ଼ା କିଣି ପକାଇଲା, ମୋତେ ଟାଣିଲା । ମୁଁ ଚଣ୍ଡାଳ ଓଧ ସାଙ୍ଗରେ ବଣଭୁଆ ଯାହା ବାଇ ହଉଚି । କିରାଣୀ ମୁଣ୍ଡ ତୋର । ତୁ ବଡ଼ ହାକିମକୁ ଅଭିନନ୍ଦନ ଜଣେଇବୁ । ଏ ବଦମାସଟା ସାଙ୍ଗରେ ସାଙ୍ଗ ହେଲେ ବିପତ୍ତି ।

(ରଞ୍ଜିତ ଲୁଙ୍ଗିଟାଏ ପିନ୍ଧି ସ୍ୱିଟ୍ସା ଘର ବାରଣ୍ଡାରେ ଠିଆ ହୋଇଥିଲା ।)

ରଞ୍ଜିତ - ହଇଓ ହରିବୋଲ, ତୁମେ ଦି'ଟା ସେ ଦିନ ମାଂସ ଖାଇବ ବୋଲି ବିକଳିଆ ହେଲ କାହିଁକି ?

ହରିବୋଲ - ସେଇଦିନଠାରୁ ମାଂସଖିଆ ଅଛି କି ଆଜ୍ଞା । ସବୁ ଭାଗ୍ୟ । ପରିବା ଯେଉଁ ମହରଗ, ଆକାଶଛୁଆଁ । ଫୁଲକୋବି ୩୫, ଟମାଟୋ

Digitized by srujanika@gmail.com

୨୫, ବାଇଗଣ ୨୦ । ଖାଅ, କେତେ ଖାଇବ ଖାଅ । ଶାଗ, ସଜନାଛୁଇଁ, କହ୍ନି ଧରି ଯାଉଛି ।

ରଞ୍ଜିତ - ତୁମ ହାକିମ ଡ୍ୟୁଟିରେ ଜଏନ କଲାଣି ।

ହରିବୋଲ - ସେ ଆଉ ଏ ଅଫିସକୁ ଆସିବେ କାହିଁକି, ତାଙ୍କର ପରା ପ୍ରମୋଶନ ହୋଇଗଲା ।

ରଞ୍ଜିତ - ତାର ଭାଗ୍ୟ ଭାରୀ ଭଲ ପଡ଼ିଛି । ୨ ମାସପରେ ଇଲେକ୍‌ସନ୍ ଏ ସରକାର କ'ଣ ଆସିବ ? ଅନ୍ୟ ସରକାରର ମନ୍ତ୍ରୀମାନେ ଖାଉଥିଲେ କାମ କରୁଥିଲେ । ଏ ସରକାର ମନ୍ତ୍ରୀମାନେ ଜବରଜରି ଖାଉଛନ୍ତି, କିଂତୁ ନ ଖାଇଲାପରି ରହୁଛନ୍ତି । ମୁଁ ଆମ ଏମ୍.ଏଲ୍.ଏଟାକୁ ହରାଇବାକୁ ବାଧ ।

ହରିବୋଲ - ତାଙ୍କ ଉପରେ କାହିଁକି ରାଗୁଛନ୍ତି ଆଜ୍ଞା । ବଡ଼ ନିରାମାୟା ଲୋକ ବଡ଼ ସାଧୁ ପ୍ରକୃତିର ଲୋକ ।

ରଞ୍ଜିତ - ସାଧୁ ହେଲେ ମାଳି ନ ଜପି; ରାଜନୀତି କରୁଛନ୍ତି କାହିଁକି ? ରାଜନୀତି କରିବାକୁ ହେଲେ, ତାରଣ, ମାରଣ ସବୁବିଦ୍ୟା ଜାଣିଥିବା ଦରକାର ।

ହରିବୋଲ - ଆଜ୍ଞା ଏଇଟା କ'ଣ ଆପଣଙ୍କର ଘର । ଆପଣଙ୍କ ଘର ତ ରାଜପ୍ରସାଦ । ଆଉ ନୂଆ ଘରଟିଏ କଲେ କି ଆଜ୍ଞା ।

ରଞ୍ଜିତ - ତୁମେ ପରିବା ଧରି କୁଆଡ଼େ ଯାଉଛ ?

ହରିବୋଲ - ଆଉ କୁଆଡ଼େ ଯିବି ଆଜ୍ଞା । ପେଟ ଅଛି ପରା ? ତା' ପାଇଁ ତ ସବୁ ନାଟ ।

ରଞ୍ଜିତ - ହଉ ଯାଅ, ଟେଣ୍ଡର ଖୋଲା ହେଲା ପରେ, ତୁମର ମୋର କଥାବାର୍ତ୍ତା ।

ହରିବୋଲ - ଟେଣ୍ଡର ଦାଖଲ କରିବେ କି ଆଜ୍ଞା ।

ରଞ୍ଜିତ - କରିବି, ନିଶ୍ଚୟ କରିବି । କାହିଁକି କରିବିନି । ମୁଁ କ'ଣ ହାଇଦର ଅଲ୍ଲିକୁ ଡ଼ରିଛି କିହୋ ବାବୁ ବର୍ତ୍ତମାନ ୨ କୋଟିର କାମ, କାମ ଶେଷ ହେଲାବେଳକୁ ଦଶକୋଟିରେ ପହଞ୍ଚିଥିବ ।

ହରିବୋଲ - ଦଶକୋଟି କ'ଣ, ପନ୍ଦରକୋଟି କ'ଣ ? ସବୁ ଆପଣ ଓ ଇଞ୍ଜିନିୟର ହାତର କଥା । ମୁଣ୍ଡ, ଲାଞ୍ଜ ଯୋଡ଼ି, ମଝି ଖଣ୍ଡକ ତ

Digitized by srujanika@gmail.com

ଖାଇଯାଇଥିବେ । ଆଙ୍ଗା ଛାଡ଼ିବେନି । କାହାକଥା ଶୁଣିବେନି । ଆସୁଛି । ନମସ୍କାର । (ପ୍ରସ୍ଥାନ)

(ମଞ୍ଚ ଅନ୍ଧାର ହେଲା । ଆଲୋକ ଜଳିବା ବେଳକୁ ଦେଖାଗଲା, ରଞ୍ଜିତ ଓ ସ୍ନିଗ୍ଧା ବସିଥିଲେ ।)

ସ୍ନିଗ୍ଧା - ତୁମେ କୁଆଡ଼େ ଯାଅନି ରଞ୍ଜିତ । ଆଜିକାଲିକାର କଥା ଦେଖିଲେ, ମୋତେ ଡ଼ର ଲାଗୁଛି । କଥା, କଥାକେ ବୋମାମାଡ଼ ଗୁଳି । ମନସୁର ଅଲ୍ଲି ସେ କାମ ନେଉ, ଆମର ଦରକାର ନାହିଁ ।

ରଞ୍ଜିତ - ତୁମପରି କାଚ ପିନ୍ଧି ବସିଲେ ହେବ । ହାଇଦର ଅଲ୍ଲି ମୋର କ'ଣକରିବ । ମୋତେ ଯିବାକୁ ହବ ସ୍ନିଗ୍ଧା । ମୁଁ ଘରେ ବସି ରହି ପାରିବି ନାହିଁ ।

ସ୍ନିଗ୍ଧା - ଏ କାମ ଛାଡ଼ିଦିଅ । ମୋ କଥା ମାନ ।

ରଞ୍ଜିତ - ଏ କାମରେ ମୁଁ ଯଥେଷ୍ଟ ପାଇବି । ତୁମକୁ ଦଶଲକ୍ଷ ଦେବି ।

ସ୍ନିଗ୍ଧା - ମୋର ଟଙ୍କା ମୋତେ ଦରକାର ନାହିଁ । ତୁମେ ଥିଲେ ମୁଁ କୋଟିପତି ।

ରଞ୍ଜିତ - କିନ୍ତୁ ସ୍ନିଗ୍ଧା

ସ୍ନିଗ୍ଧା - କିନ୍ତୁ ପୁଣି କ'ଣ ?

ରଞ୍ଜିତ - ଏ ଚାନ୍ସ୍ ହରାଇଲେ ପୁଣି ପାଇବା କଷ୍ଟ । ଚାନ୍ସ୍ ଜୀବନରେ ଥରେ ଆସେ । ବାରବାର ଆସେ ନାହିଁ ।

ସ୍ନିଗ୍ଧା - ହଉ, ଯା କରୁଛ କର । ଟେଣ୍ଡର କେବେ ଦାଖଲ କରିବ ?

ରଞ୍ଜିତ - ଆଉ ୫ ଦିନ ପରେ ।

ସ୍ନିଗ୍ଧା - ତୁମେ କହୁଥିଲ ହାଇଦର ଅଲ୍ଲି ତୁମକୁ ଡ଼କାଇଥିଲା । ତୁମେ ତା' ପାଖକୁ ଗଲ ନାହିଁ କାହିଁକି ? ସେ ଖୁବ୍ ରାଗି ଯାଇଥିବ ।

ରଞ୍ଜିତ - ଏମିତି ଡ଼ରିଲେ ଆମେ କିଛି କରି ପାରିବା ନାହିଁ ।

ସ୍ନିଗ୍ଧା - ମୋ କଥା କ'ଣ କଲ ?

ରଞ୍ଜିତ - କୋଉ କଥା ?

ସ୍ନିଗ୍ଧା - କେତେଥର ମୁଁ ତୁମକୁ କହିବି ?

ରଞ୍ଜିତ - ନାନା ଝଞ୍ଜାଳ ଭିତରେ ବୁଡ଼ି ରହି, ମୁଁ ସବୁ ଭୁଲି ଯାଉଛି । କହ, କ'ଣ ତୁମେ ଚାହଁ ।

Digitized by srujanika@gmail.com

ସ୍ନିଗ୍ଧା - ଆମର ବିବାହ ।

ରଞ୍ଜିତ - (ହସିଛି)

ସ୍ନିଗ୍ଧା - ହସିଲ ଯେ ।

ରଞ୍ଜିତ - ବିବାହକୁ ତୁମେ ଏତେ ଗୁରୁତ୍ୱ କାହିଁକି ଦେଉଛ ସ୍ନିଗ୍ଧା । ତୁମର, ମୋର ସଂପର୍କ ଲୋକେ କ'ଣ ଜାଣୁନାହାନ୍ତି ।

ସ୍ନିଗ୍ଧା - ବୁଝିଲି ।

ରଞ୍ଜିତ - କ'ଣ ବୁଝିଲ ?

ସ୍ନିଗ୍ଧା - ତୁମେ ମୋତେ ବିବାହ କରିବାକୁ ଚାହଁ ନାହିଁ ।

ରଞ୍ଜିତ - ବାସ୍ ଗୋଟାଏ ବାକ୍ୟରେ ମନ୍ତବ୍ୟଟା ଦେଇଦେଲ ? ମୋତେ ବିଶ୍ୱାସ କର ସ୍ନିଗ୍ଧା, ଏ ଟେଣ୍ଡର ଖୋଲା ହେବାପରେ, ମୁଁ ତୁମକୁ ନିଶ୍ଚୟ ବିବାହ କରିବି ।

ସ୍ନିଗ୍ଧା - ଟେଣ୍ଡର ଯଦି ତୁମକୁ ନ ମିଳେ ।

ରଞ୍ଜିତ - କାହିଁକି ମିଳିବ ନାହିଁ ସ୍ନିଗ୍ଧା । ତୁମେ ମୋତେ ହତାଶ କରନି ସ୍ନିଗ୍ଧା । ତୁମେ ମୋତେ ସାହାସ ଦିଅ, ଉତ୍ସାହିତ କର । ତୁମ ଗୀତ ଓ ନୃତ୍ୟ ଦେଖିଲେ, ମୁଁ ପାଏ ନବ ଜୀବନ ଗୀତଟିଏ ଗାଇବନି ?

ସ୍ନିଗ୍ଧା - (ନୀରବ)

ରଞ୍ଜିତ - ମୁଁ ତୁମକୁ ରାଣ ଖାଇ କହୁଛି, ଏ ଟେଣ୍ଡର ପରେ ମୁଁ ତୁମକୁ ନିଶ୍ଚୟ ବିବାହ କରିବି । ଗାଅ ସ୍ନିଗ୍ଧା, ପ୍ଲିଜ୍ ।

ଗୀତ ଓ ନୃତ୍ୟ

ଚୁପି, ଚୁପି କିଏ, କଲା ମୋର ଆହା ମନ ଚୋରୀ
ଦେଲା କିଏ ମୋତେ, କେଉଁ ଯାଦୁକର ଯାଦୁ କରି ।୦।
କିଏ, ସେ କିଏ ? କାନେ କହିଲା
କା'ର କଥା ମୋ ମନ ଛୁଇଁଲା,
ନାଚି, ନାଚି ଯାଏ କାହାପାଇଁ ମୋ ମନ ମୟୂରୀ ।୧।
ମନ ଆକାଶକୁ ଯା'ରେ ଘୁଞ୍ଚି ଦୂରେ ଭିଜା ମଉସୁମୀ
ଏବେ ଫଗୁଣ ଆସିଛି ଥିରି ଥିରି ମୋର ଦେହ ଚୁମି
କେଉଁ ରାଗିଣୀରେ ନେବି, ତା'ମନ ହରି
କହିଦେ ମୋତେ ସେ କଥାପଡ଼ିବ କାନେଥିରି
ଦେଲା କିଏ ମୋତେ କେଉଁ ଯାଦୁକର, ଯାଦୁକର ।

Digitized by srujanika@gmail.com

- ଅନ୍ଧାର -

- ନବମ ଦୃଶ୍ୟ -

(ବିଶ୍ୱବଂଧୁ ବସିଥିଲେ । ଟାଇଟଲ ଗୀତରୁ ପଦେ ଭାସି ଆସୁଥିଲା ।)

ଏଇତ ଜୀବନ ତୋର
କିଆଁ ହେଉ କଳବଳ
ଆଉ ତୁରେ ଲୁହ ଗଡ଼ାନା
ସବୁ ମିଛ ସବୁ ଛଳନା ।୦।

ବିଶ୍ୱବଂଧୁ - (କାନ୍ଦି) ମୋ ପ୍ରତି ପ୍ରଭୁ ଏତେ ନିଷ୍ଠୁର ହେଲେ କାହିଁକି ? ମୋର ପାପ ପାଇଁ ଦଣ୍ଡ କ'ଣ ଯଥେଷ୍ଟ ହୋଇନାହିଁ । ଏକମାତ୍ର ପୁତ୍ରର ଏ ଦୁଃଖ, ସେଥିରେ କେଉଁ ବାପା, ମା ଧୈର୍ଯ୍ୟ ଧରି ରହି ପାରିବେ । ପ୍ରଭୁ ସୁବୋଧର ଏପରି ସ୍ଖଳନ ହେଲା କାହିଁକି ? ତାକୁ ଜେଲରୁ କିପରି ମୁକୁଳାଇବି ? କୋଉ ଓକିଲଙ୍କର ଦ୍ୱାରସ୍ଥ ହେବି । ତେବେ ସୁଶୀଳା ଗଲେ କୁଆଡ଼େ ? ପୁତ୍ର ଦୁଃଖରେ ଅଧୀରା ଜନ୍ମଦାତ୍ରୀ ମାତା ସେ ଅଛନ୍ତି ନା ଏ ଦୁନିଆଁ ଛାଡ଼ି ଚାଲିଗଲେ । କାହାକୁ ପଚାରିବି ? ଥାନାରେ କ'ଣ ବୋଲି ରିପୋର୍ଟ କରିବି ? ଧନଗର୍ବରେ ମୁଁ ଦୁନିଆଁ ମାନୁନଥିଲି । ମୋର ଗର୍ବ ଚୂର୍ଣ୍ଣ କରିଦେଲ ପ୍ରଭୁ । (କାନ୍ଦି) ମୋତେ ଆଉ ଦଣ୍ଡ ଦିଅନାହିଁ । (ଏଇ ସମୟରେ ପ୍ରବେଶ କରିଛି ଋଷି)

ଋଷିଶୃଙ୍ଗ - ସାହେବ । ପୁଣି କାନ୍ଦୁଛନ୍ତି । ଆପଣଙ୍କ ଆଖିରେ ଲୁହ, ମୋର ଛାତି ଚିରି ପକାଉଛି । ଆପଣଙ୍କ ପାଇଁ ଅଫିସରେ ସମସ୍ତେ ଦୁଃଖିତ । କାମ, ଦାମ ସବୁ ବନ୍ଦ ।

ବିଶ୍ୱବଂଧୁ - ତେବେ କହ ଋଷି, ତୋ' ମା' ଗଲେ କୁଆଡ଼େ ? ତାଙ୍କ ପରି ଜ୍ଞାନୀ ଲୋକ ମୋତେ କିଛି ନ କହି ଯିବାଟା କ'ଣ ଉଚିତ ହେଲା । ମୁଁ ଯେ ଏଠାରେ କେତେ ବ୍ୟସ୍ତ, ସେ କ'ଣ ବୁଝିପାରୁନାହାନ୍ତି ।

ଋଷିଶୃଙ୍ଗ - ମା' ପୁଅ ପାଇଁ ଚାରିଆଡ଼େ ବୁଲୁଛନ୍ତି । ଆପଣ କହୁଥିଲେ ଆପଣଙ୍କର ଶଳା ଜଣେ ବଡ଼ ଓକିଲ, ସେ ତାଙ୍କ ପାଖକୁ

Digitized by srujanika@gmail.com

ଯାଇଥିବେ । ଆପଣଙ୍କୁ ସାଙ୍ଗରେ ନେଇ ଯିବାକୁ ବହୁତ କହିଲେ । ଆପଣ କିଛି କହିଲେ ନାହିଁ ।

ବିଶ୍ୱବଂଧୁ - ସୁଶୀଳା ମୋତେ ସାଙ୍ଗରେ ନେବା ପାଇଁ କହିଥିଲେ । ମୁଁ ତାଙ୍କୁ ଯିବାପାଇଁ ମନା କରିଦେଲି । ସୁଶୀଳା ମୋତେ କେବେ କହିନାହାନ୍ତି ।

ଋଷିଶୃଙ୍ଗ - ଆପଣ ତ ଏ କଥା ମୋତେ କହିଛନ୍ତି । ଏବେ କିପରି ମନା କରୁଛନ୍ତି ?

ବିଶ୍ୱବଂଧୁ - ମୁଁ ତାଙ୍କୁ ମନା କରିଦେଲି । କାହିଁ, ସେ କଥା ତ ମୋର ମନେ ପଡୁନାହିଁ ।

ଋଷିଶୃଙ୍ଗ - ଆପଣଙ୍କଠାରୁ ପୁଅର ସମସ୍ତ ଠିକଣା ସେ ନେଇଛନ୍ତି ।

ବିଶ୍ୱବଂଧୁ - ମୁଁ ତ ତାଙ୍କୁ ଠିକଣା ଦେଇନାହିଁ । ସେ କେତେବେଳେ ମୋଠାରୁ ନେଲେ । ମୋତେ ବିଶ୍ୱାସ କର ଋଷି, ମୋର କିଛି ମନେ ପଡୁନାହିଁ ।

ଋଷିଶୃଙ୍ଗ - ଆପଣଙ୍କର ମନେ ପଡୁନାହିଁ, କିଂତୁ ଆପଣ ଠିକଣା ଦେଇଛନ୍ତି । ପୁଅ ପାଖକୁ ଚିଠି ଲେଖି ଦେଇଛନ୍ତି ।

ବିଶ୍ୱବଂଧୁ - ମୁଁ ଚିଠି ଲେଖିଛି । (କିଛି ସମୟ ଭାବି) ହଁ, ହଁ, ମୁଁ ଚିଠି ଲେଖିଛି । ପୁଅର ଠିକଣା ଦେଇଛି, ଏବେ ମୋର ମନେ ପଡ଼ିଲା । ତେବେ ମୁଁ ତାଙ୍କ ସାଙ୍ଗରେ ଗଲିନାହିଁ କାହିଁକି ?

ଋଷିଶୃଙ୍ଗ - ମୋର ମନେ ପଡୁଛି, ମା' ମୋତେ କହିଲେ, ଋଷି, ବାବୁ ତୁମକୁ ଲାଗିଲେ । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ମା' ତାଙ୍କ ଭାଇଙ୍କୁ ଧରି ପୁଅ ପାଖକୁ ନିଶ୍ଚୟ ଯାଇଛନ୍ତି । ମା' ନଥିବାରୁ ଅନାଥାଶ୍ରମରେ କାନ୍ଦ ବୋବାଳି, କେହି ଖା' ପିଆ କରୁନାହାନ୍ତି ।

ବିଶ୍ୱବଂଧୁ - ତେବେ ଋଷି, ମୋର ମନେ ପଡୁଛି, ତା'ପରେ ମୁଁ ସବୁ ଭୁଲିଯାଉଛି ।

ଋଷିଶୃଙ୍ଗ - ମୁଁ ଡ଼ାକ୍ତରଙ୍କୁ ଡ଼ାକି ଆଣୁଛି । ଆପଣ ଖାଇ ନିଅନ୍ତୁ । ଦାନା ନଥିବାରୁ ନିଦ ହେଉନାହିଁ । ତେବେ ସାର୍‌, ମୋର ବିଶ୍ୱାସ ମା' ପୁଅକୁ ସାଙ୍ଗରେ ନେଇ ଆସିବେ । ଆପଣ ଏପରି ଚିନ୍ତା କରି ବସିଲେ, ପାଗଳ ହୋଇଯିବେ ।

Digitized by srujanika@gmail.com

ବିଶ୍ୱବଂଧୁ - ହଁ, ତୁମେ ଠିକ୍ କହିଛ, ମୁଁ ପାଗଳ ହୋଇଯିବି । ମୁଁ ପାଗଳ, ଏ ଦୁନିଆ ମୋତେ ଦେଖି ହସୁଛି । ସମସ୍ତେ ମୋତେ ଉପହାସ କରୁଛନ୍ତି ।

ଋଷିଶୃଙ୍ଗ - କେହି ଆପଣଙ୍କୁ ଉପହାସ କରୁନାହାନ୍ତି । ସମସ୍ତେ ଆପଣଙ୍କ ପାଇଁ ଦୁଃଖିତ ।

ବିଶ୍ୱବଂଧୁ - ଆଜି ମୋ ଚତୁର୍ଦ୍ଦିଗରେ ସମସ୍ତେ ହସୁଛନ୍ତି । ହେଇ ଦେଖ, ସ୍ନିଗ୍ଧା, ସେ ହସୁଛି, ସେ କହୁଚି ଗେଟ୍ ଆଉଟ୍ । ଆଉ ସେ କଣ୍ଡାକ୍ଟର ମୋତେ ଦେଖି ତାଚ୍ଛଲ୍ୟ ହସ ହସୁଛି । ବନ୍ଦ କର ଏ ହସ । ଏ ସବୁ ଶୁଣି ମୁଁ ପାଗଳ ହୋଇଯିବି ।
ଋଷି, ତୁମ ମା' ଭଜନ ଗାଉଛନ୍ତି । ମା'ଙ୍କୁ ଡ଼ାକି ନେଇଆସ । ପୂଜା, ପ୍ରାର୍ଥନା କରି ଲାଭ କ'ଣ ? ଏ ଦେବତା ସବୁ ପଥର । ପଥରକୁ ପୂଜା କରି ଲାଭ କ'ଣ ? କଳାପାହାଡ଼ ଠିକ୍ କରିଥିଲା, ଏ ମୂର୍ତ୍ତି ସବୁ ଭାଙ୍ଗି ଦେଉଥିଲା ।

ଋଷିଶୃଙ୍ଗ - ମୁଁ ହାତ ଧରୁଛି, ଚାଲନ୍ତୁ ଶୋଇପଡ଼ିବେ । ମୁଁ ଡ଼ାକ୍ତରଙ୍କ ପାଖକୁ ଯାଉଛି ।

ବିଶ୍ୱବଂଧୁ - ହଁ ତୁମେ ଡ଼ାକ୍ତରଙ୍କ ପାଖକୁ ଯାଅ । ଏ ଭଗବାନ କ'ଣ ମଣିଷ ଦୁଃଖ ବୁଝନ୍ତି । ଯେ ତାଙ୍କୁ ଡ଼ାକେ, ସେ ତାକୁ ବେଶୀ ଦୁଃଖ ଦିଅନ୍ତି । (ହସିଲେ) ଧନ୍ୟ, ଧନ୍ୟ ତୁମର ବିଚାର । ତୁମେ ସବୁ ଚାଲିଯାଅ । କେହି ମୋ ପାଖରେ ରହନି । ପୁଅ ନାହିଁ, ସ୍ତ୍ରୀ ନାହିଁ, କେହି ନାହାନ୍ତି, ତୁମେ କାହିଁକି ରହିବ, ଚାଲିଯାଅ ।

ଋଷିଶୃଙ୍ଗ - (କାନ୍ଦି) ଆପଣଙ୍କୁ ଛାଡ଼ି କିମିତି ଯିବିବାବୁ । ଆସନ୍ତୁ ଗଣ୍ଡେ ଖାଇନେବେ । ଖାଇଲେ ଦେହଟା ଭଲ ହୋଇଯିବ । ଏଇ ସମୟରେ ମା' ଆସିଯାଆନ୍ତେ କି, ତାଙ୍କୁ ଦେଖିଲେ ତାଙ୍କ ଦେହ ଭଲ ହୋଇଯାଆନ୍ତା ।

ବିଶ୍ୱବଂଧୁ - ମା' ନିଶ୍ଚୟ ଆସିବେ । ସେ ମୋତେ ଛାଡ଼ି ରହିପାରିବେ ନାହିଁ । ସେ ଆସିଲେ ଆମେ ଦୁହେଁ ଚାଲିଯିବୁ, ମଥୁରା, ବୃନ୍ଦାବନ ।
(ଏହି ସମୟରେ ହରିବୋଲ ଆସିଛି ।

ହରିବୋଲ - ସାର୍, ସାର୍ ଆପଣଙ୍କର ଅବସ୍ଥା ଏପରି କ'ଣ ହୋଇଗଲା ?

Digitized by srujanika@gmail.com

ବିଶ୍ୱବଂଧୁ - କ'ଣ ତୁମେବି ଆସିଛ, ମୋତେ ଅଭିନନ୍ଦନ ଜଣାଇବାକୁ ନା ମୋ ଦୟନୀୟ ଅବସ୍ଥାର ମଜାକ୍ ଉଡ଼ାଇବାକୁ ।

ହରିବୋଲ - ନାଇଁ ସାର୍, ମୁଁ ଶୁଭ ଖବର ନେଇ ଆସିଛି ।

ବିଶ୍ୱବଂଧୁ - ଶୁଭ ଖବର, କି ଶୁଭ ଖବର ?

ହରିବୋଲ - ଆପଣ ଦେବତା, ଏ ଦେଶ ଏ ଜାତି ପାଇଁ ଆପଣଙ୍କର ତ୍ୟାଗର ପଟାନ୍ତର ନାହଁ ।

ବିଶ୍ୱବଂଧୁ - (ହସିଲେ) ଦେବତା, ମୁଁ ପୁଣି ଦେବତା । ତୁମେ ମୋତେ ଦେବତା କହୁଚ ହରିବୋଲ । ସେ ଶୁଭଖବରଟା ଆଗ କହିଲ ।

ହରିବୋଲ - ମା' ଭଲରେ ଅଛନ୍ତି । ସେ ପୁଅ ପାଖରେ ଅଛନ୍ତି । ଜଣେ ଆସି ଅଫିସରେ କହିଗଲେ ।

ବିଶ୍ୱବଂଧୁ - (ଆନନ୍ଦରେ) ଋଷି ଶୁଣିଲ । ତୁମ ମା' ପୁଅ ପାଖରେ ଅଛନ୍ତି । ଏ ଖବର ଶୁଣି ମୁଁ ଆନନ୍ଦରେ ଫାଟି ପଡ଼ିବି । ମୁଁ ଖାଇବି । ମୋ ପାଇଁ ଖାଇବାକୁ ନେଇ ଆସ ।

ଋଷ୍ୟଶୃଙ୍ଗ - ଖାଇବେ ବାବୁ । ମୁଁ ବର୍ତ୍ତମାନ ନେଇ ଆସୁଛି । ହରିବୋଲ ଭାଇ, ତୁମେ ଯାଅ । ବାବୁ ଏଥର ପୁରା ଭଲ ହୋଇଯିବେ । ବହୁତ ଧନ୍ୟବାଦ ।

- ଅନ୍ଧାର -

- ଦଶମ ଦୃଶ୍ୟ -

(ରାସ୍ତା । ରଞ୍ଜିତ ଓ ମନସୁର କଥାବାର୍ତ୍ତା ହୋଇ ଆସୁଥିଲେ ।)

ମନସୁର - ବାବୁଜୀ ଆପ ହମାରା ବାତ୍ ଶୁନତେ ନେହି । କ୍ୟୋଁ ?

ରଞ୍ଜିତ - (ଗର୍ଜି) ତୁମେ କାହିଁକି ମୋ ପଛେ, ପଛେ ଗୋଡ଼ାଇଛ । ଥରେ କହିଛି, ସେ ଯାଗାକୁ ମୁଁ ଯିବି ନାହିଁ ।

ମନସୁର - ଅଙ୍କଇ ଭେଙ୍କେତେ ହେଁ । ହମ୍ ଆତା ହେ । ଉସ୍‌ମେ ହମାରା କ୍ୟା କସୁର୍ ବାବୁଜୀ ?

ରଞ୍ଜିତ - ଶୁଣ, ତୁମ ମାମାକୁ କହିଦିଅ ମୁଁ ମୋଟେ ତାଙ୍କ ଘରକୁ ଯିବି ନାହିଁ । ତାଙ୍କର ଯଦି ଦରକାର ସେ ମୋ ପାଖକୁ ଆସନ୍ତୁ ।

ମନସୁର - ତୋ ଠିକ୍ ହେ, ହମ୍ ଐସାହି ବୋଲଦେଗା ।

Digitized by srujanika@gmail.com

ରଞ୍ଜିତ - ଯାଅ, ଯାହା ମୁଁ କହିଲି, ସେଇଆ କର । ହଜାର ଥର ମୋ ପାଖକୁ ଦୌଡ଼ିବା ଦରକାର ନାହିଁ ।

ମନସୁର - ହମ ଜାଏଗା ଜରୁର, ମଗର ଯାଦ ରଖିଏ, ଟେଣ୍ଡର ଆପ ନେହି ଦାଖଲ କରେଙ୍ଗେ ।

ରଞ୍ଜିତ - ତୁମେ କିଏ, ମୋତେ ଏ କଥା କହିବାକୁ । ସବୁବେଳେ ଟେଣ୍ଡର ଫିକ୍ସିଙ୍ଗ୍ । ଏଥର ମୁଁ ତା କରାଇଦେବି ନାହିଁ ।

ମନସୁର - ହାଉଲେ, ହାଉଲେ, ଇତନା କେୟାଁ ଚିଲାତେ ବାବୁଜୀ ? କୋଇ ଶୁନ୍ ଲେଗାତୋ, ବୁରା ହୋଗା ।

ରଞ୍ଜିତ - ତୁମେ ଏଠାରୁ ନ ଯାଇ ମୋତେ ବିରକ୍ତ କରୁଛ କାହିଁକି ?

ମନସୁର - ଅଛି ତରହ ଶୋଚ ଲିଜିଏ ବାବୁଜୀ । ମୈଁ ଆପକା ଭଲାଇକେ ଲିଏ କହତା ହୁଁ ମାମାଜୀ ଜରୁର ଏ ଟେଣ୍ଡରକା କାମ ଲେଙ୍ଗେ । ଉନକୋ କୋଇ ନେହି ରୋକ ସକେଙ୍ଗେ । ଲାଷ୍ଟ ଟାଇମ୍ ଆପକୋ ଛୋଡ଼ ଦିଏଥେ । ଆପ ବୋଲେ ଥେ, ବାସ୍ ଇସ୍ ଟାଇମ ଉନକୋ ଦେଙ୍ଗେ । ଇତନା ଜଲ୍‌ଦି ଓ୍ୱ ବାତ୍ ଭୁଲଗୟେ ।

ରଞ୍ଜିତ - ଭଲ କଥାହୋଇଛି । ଟେଣ୍ଡର ତୁମେ ଦାଖଲ କର । ଅନ୍ୟମାନେ କରିବେ । ଯାହାର ଲୋୟେଷ୍ଟ ହବ, ସେ ପାଇବ । ଏଥିରେ ବ୍ୟସ୍ତ ହେବାର କ'ଣ ଅଛି ?

ମନସୁର - ମୈଁ ଆପକୋ ଜ୍ୟାଦା ନେହି ବୋଲୁଁଗାଁ । ତୁମ ରହେଗା ତୋଟେଣ୍ଡର ଦାଖଲ କରେଙ୍ଗେ । ନେହି ରହେଗା ତୋ..

ରଞ୍ଜିତ - ତୁମର ମତଲବ ।

ମନସୁର - ସମଝ ନେହି ସକତେ । ଜିନ୍ଦା ରହେଙ୍ଗ ତୋ

ରଞ୍ଜିତ - ଏମିତି କ'ଣ କହୁଛ । ତୁମେ ମୋତେ ଧମକି ଦଉଚ ।

ମନସୁର - ଏ ମୋର ଶେଷ ଅନୁରୋଧ ।

ରଞ୍ଜିତ - ମୁଁ ତୁମର କୌଣସି ଅନୁରୋଧ ରକ୍ଷା କରିପାରିବି ନାହିଁ ଟେଣ୍ଡର ଦାଖଲ ମୁଁ ନିଶ୍ଚୟ କରିବି ।

ମନସୁର - ଔର ଏକ ବାତ । ଆପଣଙ୍କ ପାଇଁ ମାମାଜୀ ଦଶଲାଖ ରୁପୟା ହମାରା ହାତମେ ଭେଜେ ହେଁ । ମୋଫତ ମେ ଆପ ଇସକୋ ପାତେ ହୈ । ରଖ ଲିଜିଏ ।

Digitized by srujanika@gmail.com

ରଞ୍ଜିତ - ତୁମେ ମୋତେ ଲାଞ୍ଚ ଯାଚୁଛ, ତୁମର ସାହାସ ତ କିଛି କମ ନୁହେଁ । ହାଇଦର ଅଲ୍ଲୀକୋ କହିଦିଅ, ଦଶଲକ୍ଷ ଟଙ୍କା ମୋ ହାତର ମଳି, ସେ ଯଦି ଚାହାନ୍ତି ମୁଁ ତାଙ୍କୁ କୋଡ଼ିଏ ଲକ୍ଷ ଦେବି ।

ମନସୁର - ସଇତାନ ତୁ ତା' ହେଲେ ଟେଣ୍ଡର ଦାଖଲ କରିବୁ ।

ରଞ୍ଜିତ - ଦାଖଲ ମୁଁ ନିଶ୍ଚୟ କରିବି, କରିବି, କରିବି ।

ମନସୁର - ଶୋଓର କା ବଚ୍ଚା । ତୋର ସାହାସ ତ କିଛି କମ ନୁହେଁ । ତୋର ଏତେ ଘମଣ୍ଡି । ତୁ ହାଇଦର ଅଲ୍ଲିକୁ ଟକ୍କର ଦେଉଛୁ । ଯାହାକୁ ପୋଲିସ, ସରକାର ସଲାମ କରେ । ତୁ ତାକୁ ବେଖାତିର କରୁଛୁ । ତାର ଫଳ ତୁଭୋଗ କର । (ପିସ୍ତଲ ବାହାର କରି)

ରଞ୍ଜିତ - ତୁମେ ଏ କ'ଣ କରୁଛ ?

ମନସୁର - ମୁଁ କହୁଚି ଟଙ୍କା ଧର । ସିଧା ଘରକୁ ଯା ।

ରଞ୍ଜିତ - (ମନସୁରକୁ ଧକ୍କାଟିଏ ଦେଲା)

ମନସୁର - (ଉଠିପଡ଼ି ତା ଛାତିକୁ ଲକ୍ଷ୍ୟ କରି ୨ ରାଉଣ୍ଡ ଗୁଳି ଚଳାଇଲା । ରଞ୍ଜିତ ଚିତ୍କାର କରି ତଳେ ଟଳି ପଡ଼ିଲା ।)

ମନସୁର - ଶାଲା, ଫଳ ପାଇଲୁ ।
ତୁମ ଖାଓ ମିଚ୍ଚି, ହମ ଖାଏ ରୋଟି

ମଞ୍ଚ ଅନ୍ଧାର ହୋଇଛି ।

(ଆଲୋକ ଜଳିବା ପରେ ମଞ୍ଚରେ ଗୋବିନ୍ଦ ଓ ହରିବୋଲ ପ୍ରବେଶ କଲେ ।)

ଗୋବିନ୍ଦ - ହରିବୋଲ ଭାଇ, ଏଇ ପୋଲିସ୍ ଡ଼ିପାର୍ଟମେଣ୍ଟ

ହରିବୋଲ - ଆଜିକାଲି ସମୟ ଖରାପ । କାହାକୁ ସମାଲୋଚନା କରନିରେ ।

ଗୋବିନ୍ଦ - ଦେଖିଲୁ ରଞ୍ଜିତ ବାବୁର ହତ୍ୟା ହୋଇ କୋଡ଼ିଏ ଦିନ ହେଇଗଲା । ହତ୍ୟାକାରୀ ଧରାପଡ଼ି ପାରିଲା ନାହିଁ ଦିନ ଦିପହରେ ହତ୍ୟା, ତା' ପୁଣି ବିଚ୍ ରାସ୍ତାରେ ।

ହରିବୋଲ - ଏଇଭଳି କେତେ ହତ୍ୟା ହେଉଚିରେ, ଏଇଟା କ'ଣ ପ୍ରଥମ ।

ଗୋବିନ୍ଦ - ହାଇଦର ଅଲ୍ଲିକୁ ପୋଲିସ୍ ଧରୁନି କାହିଁକି ? ତାରି ଲୋକ ତ ନିଶ୍ଚୟ ମାରିଛି ।

Digitized by srujanika@gmail.com

ହରିବୋଲ - ତୁ ଭଲ କଥାକହୁଚୁ । ହାଇଦର ଅଲ୍ଲି କାହାକୁ କୋଟି, କୋଟି ନ ଦେଇଛି । ନା ପୋଲିସ ନା ରାଜନେତା, ଧରିଦେଲେ ସେ ସମସ୍ତଙ୍କର ଗୁମର ପଦାରେ ପକାଇଦେବନି, ସମସ୍ତେ ମରିବେ । ତଦନ୍ତ ଚାଲିଛି । ଏଇମିତି କେତେ ମାସ ଚାଲିବ । ତା'ପରେ ପୂର୍ଣ୍ଣଚ୍ଛେଦ, ମାନେ ଫୁଲଷ୍ଟପ୍, ତୁତ ମୁତୁରି, ମୁଁ ତ ମୁତୁରି, ହେଁସ କାହିଁପାଇଁ ଧୋଇବା ।

ଗୋବିନ୍ଦ - ଆରେ ହରିବୋଲଭାଇ ଶୁଣିଲୁଣି ଯେଉଁ ମାଇକିନିଆଟାକୁ ରଞ୍ଜିତ ବାବୁ ରଖିଥିଲା, ଯାହାର ଘର ବାରଣ୍ଡାରେ ତୁ ତାକୁ ଲୁଙ୍ଗି ପିନ୍ଧି ଦେଖିଥିଲୁ ।

ହରିବୋଇ - ଆମ ଇଞ୍ଜିନିୟର ତାକୁ ରଖିଥିଲା ।

ଗୋବିନ୍ଦ - ସେ ତ ପୁରୁଣା କଥା । ଏବ କଥା କହୁଚିରେ ।

ହରିବୋଇ - କ'ଣ ହେଲା ?

ଗୋବିନ୍ଦ - ସେ ମାତା ହୋଇଗଲାରେ । ଏବେ ଚିତା, ଚୈତନ କାଟି, ଗେରୁଆ ବସ୍ତ୍ର ପିନ୍ଧି ହରେକୃଷ୍ଣ, ହରେକୃଷ୍ଣ ହେଉଚି ।

ହରିବୋଇ - ଆଉ କ'ଣ କରନ୍ତା, ଆପଣା ହସ୍ତେ ଜିହ୍ୱାଛେଦି କେ ତାର ଅଛି ପ୍ରତିବାଦୀ । ଆମ ଇଞ୍ଜିନିୟର ବାବୁ ଘର ଦେଇଥିଲେ, ସୁନାରେ ମଣ୍ଡି ଦେଇଥିଲା । ଏ କ'ଣ କଲା, ତାକୁ ନାତମାରି, ରଞ୍ଜିକୁ ଧରିଲା । ଉପରବାଲା ବୋଲି ଜଣେ ଅଛିରେ ।

ଗୋବିନ୍ଦ - ସତ କଥା କହିଲୁ । ଭଗବାନ ମୂଳରୁ କାଟିଦେଲେ । ଏବେ ବୁଲୁଥା ।

(ଏଇ ସମୟରେ ଖୋଳ କୀର୍ତ୍ତନ ଗୀତ ଗାଇ ସ୍ନିଗ୍ଧା ମଞ୍ଚରେ ପ୍ରବେଶ କଲା ।)

ନୃତ୍ୟ ଓ ଗୀତ

ଓ କାହ୍ନୁ ଆସିଯା

ଆସିଯାରେ, ଆସିଯାରେ କୁଞ୍ଜ ଦୁଆରେ
ବିରହିଣୀ ରାଧାପ୍ରାଣେ ଝୁରି, ଝୁରି ମରେ ଓ ଶ୍ୟାମ
ତୋ ଲାଗି ଝୁରେ ।୦।
ଜାଣୁନାକି ତୋବିନା ସେ ବଞ୍ଚିକି ପାରେ
ହଟହଟା କରୁ କିଆଁ ତାକୁ ଗୋକୁଳେ
ଅଝଟ ନ ହୁଅ ଶ୍ୟାମ, ତୁ'ତା' ପ୍ରାଣରେ

Digitized by srujanika@gmail.com

ବିରହିଣୀ ରାଧାପ୍ରାଣ ଝୁରି, ଝୁରି ମରେ
ବଂଶୀବଜାଇ ନେଲୁ ତାର ମନ ଚୋରାଇ
ମାନ ମହତକୁସେ ତ ଦେଲା ହଜାଇ
ଅଝଟ ନ ହୁଅ ଶ୍ୟାମ ତୁ ତା ପ୍ରାଣରେ
ବିରହିଣୀ ରାଧାପ୍ରାଣ ଝୁରି, ଝୁରି ମରେ ।
(ସ୍ନିଗ୍ଧା ନୃତ୍ୟ କରି କରି ଚାଲିଗଲା ।
ଏକଲୟରେ ଚାହିଁଥିଲେ ଗୋବିନ୍ଦ ଓ ହରିବୋଲ ।)

- ଅନ୍ଧାର -

- ଶେଷ ଦୃଶ୍ୟ -

(ବିଶ୍ୱବଂଧୁର ଘର । ସମୟ ସକାଳ । ବିଶ୍ୱବଂଧୁ ବସିଥିଲେ । ଋଷି ଚା' ଆଣି ଦେଲା)

ଋଷ୍ୟଶୃଙ୍ଗ - ବାବୁ, ମା' ଠାକୁରାଣି ଏତେ ଦିନ ହେଲା ଗଲେଣି, କେବେ ଆସିବେ କ'ଣ ଫୋନ ଆସିଥିଲା ?

ବିଶ୍ୱବଂଧୁ - ପାଞ୍ଚଦିନ ତଳେ ତାଙ୍କ ଓକିଲ ଭାଇ ଲକ୍ଷ୍ନୌରୁ ଫୋନ କରିଥିଲେ ।

ଋଷ୍ୟଶୃଙ୍ଗ - ତା'ହେଲେ ମା'ଙ୍କର ଭାଇ ମଧ ସେଠାରେ ଅଛନ୍ତି । ସାନବାବୁଙ୍କର କ'ଣ ହେଲା ବାବୁ ?

ବିଶ୍ୱବଂଧୁ - ଯାହା ହବାକୁ ଥିବ, ତାହା ହେବ ଋଷ୍ୟଶୃଙ୍ଗ । ମୋତେ ଆଉ ସେ ବିଷୟ ପଚାର ନାହିଁ । ମୁଁ ସବୁ ଭୁଲିଯିବାକୁ ଚାହୁଁଛି । ଭାବୁଚି ଋଷ୍ୟଶୃଙ୍ଗ ସନ୍ୟାସ ଦୀକ୍ଷା ଗ୍ରହଣ କରି ହିମାଳୟକୁ ଚାଲିଯିବି । ଏ ଜୀବନରେ କ'ଣ ଅଛି । ମୃତ୍ୟୁ ତ ଦିନେ ଆସି ପହଞ୍ଚିବ । କାହିଁକି ଏ ଲୋଭ, ମାୟା ? ଲୋକେ ସବୁଜାଣି; ଭୁଲ ପରେ ଭୁଲ କରୁଛନ୍ତି କାହିଁକି ?

ଋଷ୍ୟଶୃଙ୍ଗ - ସାର୍ ଏଇ ତ ଜୀବନ । ସୁଖ ବୋଲି ଏଠି କିଛି ନାହିଁ । ସୁଖ ନାଁରେ ଲୋକ ଦୁଃଖକୁ ଡ଼ାକି ଆଣୁଛି । ଶାନ୍ତି ପାଇବା ନାଁରେ ଅଶାନ୍ତିକୁ ଲୋଡ଼ି ଆଣୁଛି । ମାୟାଧରଙ୍କର ମାୟା କିଏ ବୁଝିପାରୁନାହିଁ ମହାମୁନି ନାରଦ, ସେ ମାୟାରେ ଘାଣ୍ଟି ହୋଇ ଚରମ ଦୁଃଖ ଭୋଗିଥିଲେ । ସବୁ ମାୟାରେ ବାୟା ।

Digitized by srujanika@gmail.com

ଏଇ ସମୟରେ ପ୍ରଚ୍ଛଦ ପଟରୁ ଶୁଭିଲା -
ହରେକୃଷ୍ଣ ହରେରାମ, ନିତାଇ ଗୌର ରାଧେଶ୍ୟାମ
ହରେକୃଷ୍ଣ, ହରେକୃଷ୍ଣ ଗୋବିନ୍ଦ ବୋଲରେ
ଗୌରହରି ଗୌରହରି ଗୌରହରି ବୋଲରେ

ଋଷ୍ୟଶୃଙ୍ଗ - ଦେଖତ କିଏ ଆସିଛନ୍ତି ।

ସ୍ନିଗ୍ଧା ପ୍ରବେଶ କଲେ । ଗୈରିକ ବସନ, ଚିତା, ଚଇତନ ପରିହିତା ।

ବିଶ୍ୱବଂଧୁ - କିଏ ତୁମେ ମାତା ? ଏଠାକୁ ଆସିବାର ଉଦ୍ଦେଶ୍ୟ କ'ଣ ?

ସ୍ନିଗ୍ଧା - ମୋତେ ଚିହ୍ନିପାରୁନାହାନ୍ତି ଇଞ୍ଜିନିୟର ସାହେବ । ଦିନେ ମୋର ଛଦ୍ମରୂପ ଦେଖିଥିଲେ, ଏ ହେଉଚି ମୋର ଅସଲ ରୂପ ।

ବିଶ୍ୱବଂଧୁ - (ତନ ତନ କରି ଦେଖିଲେ) ଓଃ, ତୁମେ ସ୍ନିଗ୍ଧାରାଣୀ ।

ସ୍ନିଗ୍ଧା - ନା, ମୁଁ ରାଧାରାଣୀ । ମୋର ପ୍ରିୟ ଠାକୁର ଭଗବାନ ଶ୍ରୀକୃଷ୍ଣଙ୍କୁ ପାଇବା ହିଁ ମୋର ଏକମାତ୍ର ବ୍ୟାକୁଳତା । ତାଙ୍କ ପ୍ରେମରେ ମୁଁ ପାଗଳିନୀ, ତାଙ୍କ ପ୍ରେମର ପୂଜାରିଣୀ ।

ବିଶ୍ୱବଂଧୁ - ତୁମେ ଆଜି ସନ୍ନ୍ୟାସିନୀ ।

ସ୍ନିଗ୍ଧା - ମୋ ଠାକୁର କହିଲେ, ସବୁ ଛାଡ଼ି ଚାଲିଆ । ଦିନେଥିଲୁ ତୁ ବାରନାରୀ । କେତେ ଯେ ତପସ୍ୟା କରି ତୁ ମୋତେ ପାଇଥିଲୁ ଆଜି ତୁ ଅଭିଶାପଗ୍ରସ୍ତା । ତୋର ଶାପମୋଚନର ସମୟ ଆସିଯାଇଛି । ମୁଁ ତୋତେ ଚାହିଁ ରହିଛି ।

ବିଶ୍ୱବଂଧୁ - ତୁମେ ଧନ୍ୟ ସ୍ନିଗ୍ଧାରାଣୀ । ତୁମର ଜୀବନ ଧନ୍ୟ ।

ସ୍ନିଗ୍ଧା - ଏ ମୋର ଶେଷ ଦର୍ଶନ । ନିଅ ଇଞ୍ଜିନିୟର, ତୁମ ଘରର ଚାବିକାଠି, ସୁନାରୂପା, ଅର୍ଥ ଯାହାସବୁ ମୋତେ ଦେଇଥିଲ, ସବୁ ତୁମ ନାଁରେ ଜମା କରି ଦେଇଛି । ବ୍ୟାଙ୍କ ଆକାଉଣ୍ଟ, ଲକରର ଚାବି ବି ରଖନ୍ତୁ । ସବୁ ତୁମ ନାଁରେ କରି ଦେଇଛି । ଏ କାଗଜପତ୍ର ବି ରଖନ୍ତୁ । ମନେ ରଖିଥିବ, ଅର୍ଥ ମନୁଷ୍ୟକୁ ଶାନ୍ତି ଦିଏ ନାହିଁ ତାହା ଅଶାନ୍ତିର ମୂଳ କାରଣ । ଚିରଶାନ୍ତି ପାଇବାକୁ ହେଲେ ଗୋବିନ୍ଦକୁ ଡ଼ାକ । ସେ ମୁକ୍ତି, ଶାନ୍ତିର ପଥ ଦେଖାଇଦେବେ । ଜୟ ଶ୍ରୀକୃଷ୍ଣ, ଜୟ ଶ୍ରୀହରି ।
ହରେ କୃଷ୍ଣ ହରେ ରାମ ନିତାଇ ଗୌର ରାଧେଶ୍ୟାମ
(ସ୍ନିଗ୍ଧା ଚାଲିଗଲେ)

Digitized by srujanika@gmail.com

ବିଶ୍ୱବଂଧୁ - ଦେଖିଲ ଋଷ୍ୟଶୃଙ୍ଗ । ଏ ସଂସାର କିଛି ନୁହଁ । ପୁଅ, ଝିଅ କେହି କାହାରି ନୁହନ୍ତି । ମୁଁ ଦିନେ ପାଗଳ ଥିଲି । ସ୍ନିଗ୍ଧା ମୋର ଗୁରୁ । ସେ ମୋତେ ମହାଦୀକ୍ଷା ଦେଇଗଲା । ସମସ୍ତ ସଂପତ୍ତି ମୋର ଦୀନ, ଦୁଃଖୀଙ୍କ ଚରଣରେ ମୁଁ ସମର୍ପଣ କରିଦେବି ।

ଋଷ୍ୟଶୃଙ୍ଗ - ଶୁଣିଲି ସାର୍, ଆପଣ ଚାକିରୀରୁ ଇସ୍ତଫା ଦେଇଥିଲେ ।

ବିଶ୍ୱବଂଧୁ - ଆଉ ଚାକିରୀ କରିବାକୁ ମୋର ଇଚ୍ଛା ନାହିଁ । କିଂତୁ ମୁଖ୍ୟମନ୍ତ୍ରୀ ମୋ ଇସ୍ତଫା ଗ୍ରହଣ ନ କରି, ତାକୁ ଫେରାଇ ଦେଇଛନ୍ତି । ଅନାଥାଶ୍ରମ ପାଇଁ ତାଙ୍କର ପାଣ୍ଠିରୁ ୫ଲକ୍ଷ ଦାନ କରିଛନ୍ତି ।

ଋଷ୍ୟଶୃଙ୍ଗ - (ହାତଟେକି) ସବୁ ସେଇ ଗୀରିଧର ଗୋପାଳଙ୍କର ଇଚ୍ଛା । ଦୁଷ୍ଟ ଗ୍ରହମାନେ ଆପେ, ଆପେ ଅପସରି ଯାଇଛନ୍ତି । କିଛି ଚିନ୍ତା କରନ୍ତୁ ନାହିଁ ଆଜ୍ଞା, ମା'ଙ୍କର ପୂଜା, ଆରାଧନା ଫଳରେ ସବୁ ଠିକ୍ ହୋଇଯିବ ।
ଓଁ କ୍ଲିଂ ଶ୍ରୀକୃଷ୍ଣାୟ, ଗୋବିନ୍ଦାୟ ରୋଗୀଜନ ବଲ୍ଲଭାୟ ନମଃ
(ପ୍ରବେଶ କଲେ ସୁଶୀଳା)

ସୁଶୀଳା - ତୁମ୍ଭେମାନେ ମୋତେ ଅପେକ୍ଷା କରିଛ । ମୋର ଅନୁପସ୍ଥିତି ତୁମକୁ ଅସହ୍ୟ ଯନ୍ତ୍ରଣା ଦେଇଛି । କିନ୍ତୁ ମୁଁ ଥିଲି ନାଚାର । ମୋର ଓକିଲ ଭାଇକୁ ଧରି ତୁମଠାରୁ ଠିକଣା ନେଇ ମୋର କର୍ତ୍ତବ୍ୟପଥରେ ଅଗ୍ରସର ହେଲି ।

ବିଶ୍ୱବଂଧୁ - ସୁଶୀଳା, ଯାହା ମୁଁ କରି ପାରିଲି ନାହିଁ ତାହା ତୁମେ କରି ଦେଖାଇଦେଲ । ତୁମେ ମହାନ ।

ସୁଶୀଳା - ମୁଁ ସୁବୋଧକୁ ଜେଲରୁ ମୁକ୍ତ କରି ଆଣିଲି । ସେଇ ଝିଅଟାକୁ ବୁଝାଇ ଦେଲି,ପ୍ରେମ ପାପ ନୁହେଁ । ତେଣୁ ପବିତ୍ର ପ୍ରେମ ପାଇଁ, ତୁମକୁ ବୋହୁକରି ନେବାକୁ ମୁଁ ଚାହେଁ, ତୁମେ ଦୁହେଁ ଡ଼ାକ୍ତର । ଜଗତର ମଙ୍ଗଳ କର ।

ବିଶ୍ୱବଂଧୁ - ତା'ପରେ କ'ଣ ହେଲା । ମୋତେ ଏହା ଗୋଟେ ନାଟକର ଜୀବନ୍ତ ଦୃଶ୍ୟ ପରି ମନେ ହେଉଛି ।ଝିଅଟି କ'ଣ ତୁମ ପ୍ରସ୍ତାବଟିକୁ ଗ୍ରହଣ କଲା।

ସୁଶୀଳା - ଆନନ୍ଦରେ ସେ ମୋ ପାଦ ତଳେ ପଡ଼ିଗଲା । ତା'ପରେ ସେ ପରଦିନ କୋର୍ଟରୁ କେସ ଉଠାଇ ଆଣିଲା ।

Digitized by srujanika@gmail.com

ବିଶ୍ୱବଂଧୁ - ସୁବୋଧ ଆଉ ମୋର ବୋହୁ କେଉଁଠି ଅଛନ୍ତି ? ତାଙ୍କୁ ସାଙ୍ଗରେ ଆଣିଲ ନାହିଁ କାହିଁକି ?

ସୁଶୀଳା - କଲେଜରେ ପ୍ରିନ୍ସିପାଲଙ୍କ ସହିତ, ସବୁ ଛାତ୍ର,ଛାତ୍ରୀ ଖୁସୀ ହୋଇଗଲେ । ମୋ ଭାଇଙ୍କ ସହ ସେମାନେ ସାତଦିନ ଭିତରେ ଆସି ପହଞ୍ଚିବେ ।

ବିଶ୍ୱବଂଧୁ - (ପ୍ରଭୁଙ୍କର ଉଦ୍ଦେଶ୍ୟରେ ହାତଟେକି) ଜୟ ଗୀରିଧର ଗୋପାଳ ଆସ ସୁଶୀଳା, ପ୍ରଭୁଙ୍କୁ ଉଦ୍ଦେଶ୍ୟରେ ପ୍ରାର୍ଥନା କରିବା ।

ସମସ୍ତେ ହାତ ଯୋଡ଼ି ଠିଆ ହେଲେ ।

(ଟାଇଟଲ ଗୀତ ପ୍ରଚ୍ଛଦପଟରୁ ଭାସି ଆସୁଥିଲା ।)

ନଇଁ ଆସିଛି ଯବନିକା

- ସମାପ୍ତ -

Digitized by srujanika@gmail.com

ନାଟକ

ଅନ୍ତର୍ଦାହ

ନିର୍ଦ୍ଦେଶନା : ଶ୍ରୀ ପ୍ରଫୁଲ୍ଲ କୁମାର ମହାପାତ୍ର

ସଂଗୀତ : ଅରୁଣ ଓ ଅନୁରାଧା

Digitized by srujanika@gmail.com

ଅନ୍ତର୍ଦାହ

- ପ୍ରଥମ ଦୃଶ୍ୟ -

(ସମୁଦ୍ରର ବିସ୍ତୀର୍ଣ୍ଣ ବେଳାଭୂମି । ସମୟ ସାୟାହ୍ନ । ସମୁଦ୍ରର ଗର୍ଜ୍ଜନ ଶୁଣାଯାଉଥାଏ । ଅଦୂରରେ ଦେଖାଯାଉଛି କୋଣାର୍କ ମନ୍ଦିରର କିୟଦଂଶ ନିହଣ, ମୁଗୁରରେ ମୂର୍ତ୍ତି ଗଢୁଥିଲା ଧର୍ମପଦ । ନୃତ୍ୟରତା ସର)

ସର - ଆଃ ! କି ସୁନ୍ଦର ଏ ମୂର୍ତ୍ତି । ସତରେ ଶିଳ୍ପୀ ତୁମ ନିହଣ ମୂନରେ ଯାଦୁର ସ୍ପର୍ଶ ରହିଛି ।

ଧର୍ମପଦ - ଦେଖ ସର, ମୂର୍ତ୍ତିର ଏଇ ଲାବଣ୍ୟ ରୂପମାଧୁରୀକୁ । ଏ ମୂର୍ତ୍ତିଟି କାହାର ଜାଣିଛ ।

ସର - କାହାର ?

ଧର୍ମପଦ - ଏ ମୂର୍ତ୍ତିଟି ହେଉଛି ମୋର ଅପୂର୍ବ ରୂପସୀ ସରର ।

ସର - ସତରେ, କାଇଁ ଦେଖି । ତୁମେ ତାହେଲେ ମୋର ମୂର୍ତ୍ତି ଗଢୁଛ ।

ଧର୍ମପଦ - ଦେଖିପାରୁଛ ସର, କୋଣାର୍କର ସେଇ ଅଦ୍ୱିତୀୟ ସୂର୍ଯ୍ୟ ମନ୍ଦିରକୁ ଏହାକୁ କିଏ ଗଢ଼ିଥିଲା ଜାଣ, ଏଇ ବିଶ୍ୱକର୍ମା ବଂଶଧରମାନେ । ଆଜି ପାଷାଣ ଗାତ୍ରରେ ଯେଉଁ ଅନିନ୍ଦ୍ୟ ସୁନ୍ଦରୀମାନଙ୍କ ମୂର୍ତ୍ତି ଖୋଦିତ ହୋଇଛି, ସେମାନଙ୍କ ମଧ୍ୟରେ ତୁମେ ମଧ ଥିଲ ।

ସର - ତୁମର ବାପା ଚାହାଁନ୍ତି, ତୁମେ ପୁଣି ଥରେ କୋଣାର୍କ ମନ୍ଦିର ଗଢ଼ିବ ।

ଧର୍ମପଦ - ଆଉ ସର, ସେ ମୋତେ ପ୍ରେରଣା ଯୋଗାଇବ । ସେ ହେବ ମୋର ପ୍ରେରଣାଦାତ୍ରୀ । ତୁମ ନୃତ୍ୟର ପ୍ରତ୍ୟେକଟି ଭଙ୍ଗୀରେ ମୁଁ ଗଢ଼ିବି ଅପୂର୍ବ ମୂର୍ତ୍ତି । ଆଉ ସେଇ ସବୁ ମୂର୍ତ୍ତି ସ୍ଥାନ ପାଇବ ମୋର ସେଇ ସ୍ୱପ୍ନର କୋଣାର୍କରେ ।

ସର - ଧରମା, ସତରେ କ'ଣ ତୁମେ ମୋତେ ଏତେ ଭଲ ପାଅ ।

ଧର୍ମପଦ - କ'ଣ ପରୀକ୍ଷା କରିବାକୁ ଚାହୁଁଛ ?

ସର - ନା-ନା - କିନ୍ତୁ ଭଲ ପାଇ ଶେଷରେ ଯଦି ମୋତେ ଭୁଲିଯାଅ ?

ଧର୍ମପଦ - ତା'କେବେ ସମ୍ଭବ ନୁହେଁ ସର । ଏ ଜୀବନ ଚାଲିଯିବ ପଛକେ ମୁଁ ତୁମକୁ କଦାପି ଭୁଲି ପାରିବିନି ।

Digitized by srujanika@gmail.com

ସର - ହଉ ଛାଡ଼ ସେ କଥା । ରାତି ହୋଇଗଲାଣି । ଚାଲ, ବାପା ତେଣେ ଅପେକ୍ଷା କରିଥିବେ ।

ଧର୍ମପଦ - ହଉ ଚାଲ... (ଦୁହେଁ ଚାଲିଗଲେ)

- ଅନ୍ଧାର -

(ଆଲୋକ ଜଳିଲା ବେଳକୁ ଜଣେ ବୟସ୍କ ବ୍ୟକ୍ତି ଠିଆ ହୋଇ କୋଣାର୍କ ମନ୍ଦିରକୁ ଦେଖୁଥାନ୍ତି । ତାଙ୍କର ମସ୍ତିସ୍କ ସାମାନ୍ୟ ବିକୃତ ଘଟିଲା ପରି ଲାଗୁଥାଏ । ସେ ଗପି ଚାଲିଥିଲେ ଅତୀତର ଇତିହାସ ।)

ବିଶୁ - ମୁଁ ବିଶୁ ମହାରଣା । ରମ୍ୟକଳାର ଚୂଡ଼ାନ୍ତ ପ୍ରତିରୂପ ଏଇ କୋଣାର୍କ ମନ୍ଦିର ମୁଁ ଗଢ଼ିଥିଲି । ମୁଁ, ବିଶ୍ୱନାଥ ମହାରଣା କିନ୍ତୁ କାହିଁଗଲା ମୋର ଧର୍ମପଦ, ଯାହାର ଆତ୍ମବଳୀରେ ବାରଶହ ବଢ଼େଇ ବଞ୍ଚି ଯାଇଥିଲେ । କାହିଁଗଲେ ଲାଙ୍ଗୁଳା ନରସିଂହ ଦେବ । ଆଜି କେହି ନାହାନ୍ତି । ସମସ୍ତେ ଆଜି ଇତିହାସ ଗର୍ଭରେ ବିଲୀନ ହୋଇଯାଇଛନ୍ତି । କିନ୍ତୁ ମୋର ପୁନଃଜନ୍ମ ଘଟିଛି । ମୁଁ ବିଶ୍ୱନାଥ ମହାରଣା । ମୁଁ ଗଢ଼ିଥିଲି କୋଣାର୍କର ଏଇ ଅଦ୍ୱିତୀୟ ସୂର୍ଯ୍ୟମନ୍ଦିର (ହଠାତ୍ ହୋ ହୋ ହୋଇ ହସିଉଠିଲେ) ମୁଁ ଆଜି ମନେ କରୁଛି ମୋର ଧର୍ମପଦକୁ । ମୁଁ ଆଜି ମନେ କରୁଛି ମୋର ବାରଶହ ମହାରଣାଙ୍କୁ କୁଆଡ଼େ ଗଲେ ସେମାନେ ? କୁଆଡ଼େ ଗଲା ସେଦିନର ସେଇ ଭବ୍ୟ କୋଣାର୍କ ମନ୍ଦିର । ସେଦିନ ମୋର ମନେ ଅଛି, ଯେଉଁଦିନ ଗଜପତି ମହାରାଜା ପାଟବସ୍ତ୍ର, ଶିରପା ବାନ୍ଧି ମୋତେ ସମ୍ମାନିତ କରିଥିଲେ । ସେଦିନ ମୋର ମନେ ଅଛି - ମୋର ପୁଅ ଧରମା, ତା ବୋଉ ପଠାଇଥିବା ପିଠାଧରି ମୋତେ ଖୋଜି ଖୋଜି ମୋ ପାଖରେ ପହଞ୍ଚିଥିଲା । ହେଲେ, ତା ବାପା ଡ଼ାକତ ମୁଁ ଆଉ ଶୁଣିବାକୁ ପାଉନାହିଁ । ମୋ ଧରମା ସତରେ କ'ଣ ମରିଯାଇଛି । (କାନ୍ଦିଲେ) କାହିଁ ସେହି ପୁରୀ ମନ୍ଦିର, ଭୁବନେଶ୍ୱର ମନ୍ଦିର ଛଡ଼ା ମୁଁ ତ ଆଉ ନୂଆ ମନ୍ଦିରଟିଏ ଦେଖିବାକୁ ପାଉନାହିଁ । ଏ ରାଜ୍ୟରୁ ବିଶ୍ୱକର୍ମାଙ୍କର ବଂଶଧରମାନେ କ'ଣ ସତରେ ହଜିଗଲେ ?

Digitized by srujanika@gmail.com

(ଏଇ ସମୟରେ ନେପଥ୍ୟରୁ ଶୁଭିଲା)
କଳିଙ୍ଗ ଜନନୀ ହୃଦହାରାରେ
ଚାହାଁବାରେ ମୁଖ୍ୟ ଅବସାଦ ଧାରା
ଜାଭା ସୁମାତ୍ରା ସିଂହଳେ, କ୍ଲିଂ କ୍ଲୋରିନ ମାଳୟରେ
ନାଚିବ ଓଡ଼ିଆ ତରୀ ଧୀରେ ଧୀରେ ତାଳେ ତାଳେ
ନାଚୁଥିବ ତା ବୋଇତ
ଦୈତ ଗୀତ ଗାଇ ଉଚ୍ଚ ସ୍ୱରେ ।

ବିଶୁ - (ଚିତ୍କାର କରି) ବନ୍ଦକର, ବନ୍ଦକର ଏ ସଂଗୀତ । ମୁଁ କିଛି ଶୁଣିବାକୁ ଚାହେଁନା । କୁଆଡ଼େ ଗଲେ ସେଦିନର ସେଇ ସାଧବପୁଅମାନେ, ଯେଉଁମାନେ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଦ୍ୱୀପକୁ ବୋଇତ ବୋହି, ଏ ରାଜ୍ୟକୁ ସୁନା, ରୁପା, ହୀରା ନୀଳା, ମୋତି ମାଣିକ୍ୟ ବୋହି ଆଣୁଥିଲେ । ଆଜି ସେ ବୈଭବ୍ୟ କାହିଁ । ସେ ଐଶ୍ୱର୍ଯ୍ୟ ଗଲା କୁଆଡ଼େ । କୁଆଡେ଼ ଗଲା କଳିଙ୍ଗ ବୀରର ରଣହୁଙ୍କାର, ଯାର ବୀରତ୍ୱର ପରାକାଷ୍ଠା ଦିନେ ଚଣ୍ଡାଶୋକକୁ ଧର୍ମାଶୋକରେ ପରିଣତ କରିଥିଲା । ଆଜି ଚାରିଆଡ଼େ ଖାଲି ବୁଭୁକ୍ଷୁର ଚିତ୍କାର, ଶ୍ୱାନ ଶୃଗାଳର ମେଳ । ଏ କ'ଣ ସେହି କଳିଙ୍ଗ ରାଜ୍ୟ । (ଖୁବ୍ ଉଚ୍ଚସ୍ୱରରେ ହସିଉଠିଲେ । ଦୂରରୁ ଶୁଭିଲା ବାପା, ବାପା)
କିଏ, କିଏ ମୋତେ ବାପା ବୋଲି ଡ଼ାକୁଛି ? କ'ଣ ମୋର ଧର୍ମପଦ ଫେରି ଆସିଛି ? ସେ ତାର ବାପାକୁ ଖୋଜୁଛି । ଧରମା, ଆ ବାପା, ମୁଁ ଏଇଠାରେ ଅଛି ।
(ଦୌଡ଼ିଆସିଛି ଧର୍ମପଦ)

ଧର୍ମପଦ - ବାପା, ଏ ରାତିରେ ଆପଣ ଘରଛାଡ଼ି ଚାଲିଆସିଲେ, ଆମେ ଆପଣଙ୍କୁ କେଉଁଠି ଖୋଜିବୁ ?

ବିଶୁ - ଧର୍ମପଦ, ତୁ ମୋତେ ଖୋଜୁଛୁ ? ଦିନେ ମୋ ଧରମା ତୋ ଭଳି ମୋତେ ଖୋଜୁଥିଲା । ମୋ ପାଇଁ, ତା ବୋଉ ପଠାଇଥିବା ପିଠା ଧରି ଆସିଥିଲା ।

ଧର୍ମପଦ - ବାପା ଘରକୁ ଚାଲିଲେ । ସମସ୍ତେ ଆପଣଙ୍କ ପାଇଁ କାନ୍ଦୁଛନ୍ତି ।

Digitized by srujanika@gmail.com

ବିଶୁ - ମୋ ପାଇଁ କାନ୍ଦୁଛନ୍ତି ? ମୋ ପାଇଁ କାହିଁକି କାନ୍ଦୁଛନ୍ତି ? ମୁଁ କାନ୍ଦୁଛି ମୋ କଳିଙ୍ଗର ଏ ଦୁର୍ଦ୍ଦଶା ଦେଖି । ମୁଁ କାନ୍ଦୁଛି ଆଜି ମୋର ବାରଶହ ବଢ଼େଇଙ୍କ ପାଇଁ । ମୁଁ କାନ୍ଦୁଛି ମୋର ଧର୍ମପଦ ପାଇଁ ମୋ ଧର୍ମପଦ ପରି ତୁ କ'ଣ ହୋଇପାରିବୁ ? ବିଶ୍ୱକର୍ମା କୁଳରେ ଜନ୍ମ ହୋଇ ତୁ ମନ୍ଦିରଟିଏ ଗଢ଼ିଲୁ ନାହିଁ କାହିଁକି ? କହ ? ମୋ ପ୍ରଶ୍ନର ଜବାବ୍ ଦେ ।

ଧର୍ମପଦ - ବାପା, ଆପଣ କାହିଁକି ପାଗଳଙ୍କ ପରି ହେଉଛନ୍ତି ।

ବିଶୁ - ପାଗଳ ! ହଁ, ହଁ, ଆଜି ମୁଁ ପାଗଳ ହୋଇଯାଉଛି (ହସିଲେ) କିନ୍ତୁ ମୁଁ କାହିଁକି ପାଗଳ ହୋଇଛି ତୁ ଜାଣୁ ? ଆଜି କଳିଙ୍ଗର ସେ ବୈଭବ୍ୟ କାହିଁ ? ମୋ ଜାତି, ମୋ ଦେଶର ଲୋକେ ଭିକ ମାଗୁଛନ୍ତି । ପେଟଚାଖଣ୍ଡକ ପାଇଁ ମା' ନିଜ ଜନ୍ମିତ ପିଲାକୁ ବିକ୍ରୀ କରି ଦେଉଛି ।

ଧର୍ମପଦ - କିଏ ବିକ୍ରୀ କରୁଛି ବାପା । ଆପଣ ଜଣକର ନାଁ କହିପାରିବେ ?

ବିଶୁ - ତୁ କ'ଣ ଜାଣିନୁ ? ଭାତମୁଠାଏ ପାଇଁ ଜନ୍ମକଲା ମା', ବିସ୍ମୟ ବାଳକ ବୁଢିଆକୁ ମାତ୍ର ୨୫୦ ଟଙ୍କାରେ ବିକ୍ରୟ କରୁଛି । ତାହେଲେ ଏ ରାଜ୍ୟରେ ମୁଁ ବଞ୍ଚିବି କାହିଁକି ? ମୋର ମୃତ୍ୟୁ ହୋଇଯିବା ଦରକାର । (କାନ୍ଦିଛି)

ଧର୍ମପଦ - ମୁଁ କ'ଣ କହି ଆପଣଙ୍କୁ ବୁଝେଇବି ବାପା । ଆପଣ ଘରକୁ ଆଗ ଚାଲନ୍ତୁ । ବୋଉ କାନ୍ଦୁଛି ।

ବିଶୁ - ତୋ ବୋଉ କାନ୍ଦୁଛନ୍ତି ? ହଁ, ମୁଁ ଯିବି, ତୋ ବୋଉ ପାଇଁ ଘରକୁ ଯିବି । ସେ ବୁଝୁନାହାନ୍ତି ମୋର ଦୁଃଖ କ'ଣ ? ତୁ ବି ବୁଝୁନୁ ମୋର ଅନ୍ତର୍ଦାହ । ଏ ରାଜ୍ୟର ଅବସ୍ଥା ଦେଖି ମୁଁ ଆଜି ପାଗଳ ହୋଇଯାଇଛି ।

ଧର୍ମପଦ - ଆପଣଙ୍କ ପାଗଳାମୀରେ କ'ଣ ଏ ରାଜ୍ୟର ଅବସ୍ଥା ବଦଳିଯିବ । ଏ ରାଜ୍ୟର ଭାଗ୍ୟରେ କ'ଣ ପରିବର୍ତ୍ତନ ଆସିବ ? ଯେତେଦିନ ପର୍ଯ୍ୟନ୍ତ ଜନସାଧାରଣ ସଚେତନ ହୋଇନାହାଁନ୍ତି, ଯେତେଦିନ ପର୍ଯ୍ୟନ୍ତ ଚାଟୁକାରମାନଙ୍କର ମୃତ୍ୟୁ ନ ଘଟିଛି, ଏ ରାଜ୍ୟର ଭାଗ୍ୟ ବଦଳିବ ନାହିଁ ବାପା । ଏହା ଧ୍ରୁବ ସତ୍ୟ । ଆପଣ ଆଗ ଘରକୁ ଚାଲିଲେ ।

Digitized by srujanika@gmail.com

ବିଶୁ - ଏ ଯେଉଁ କୋଣାର୍କ ମନ୍ଦିର ଦେଖୁଛୁ, ତାକୁ କିଏ ଗଢ଼ିଥିଲା ଜାଣିଛୁ ମୁଁ ଗଢ଼ିଥିଲି । ମୁଁ ବିଶୁ ମହାରଣା । ବିଶ୍ୱନାଥ ମହାରଣା । ମୋର ମନ୍ଦିରକୁ ମୋତେ ଟିକିଏ ଦେଖିବାକୁ ଦେ । ଆଖି ପୁରାଇ ତାକୁ ଥରେ ଦେଖିନିଏ । ତାପରେ ଘରକୁ ଯିବା ।

ଧର୍ମପଦ - ଫେରେ ପାଗଳାମି ବାହାରିଲା ? କୁଆଡ଼େ ଗଲେଣି ସେ ବିଶୁ ମହାରଣା । କୁଆଡ଼େ ଗଲାଣି ସେ ଧର୍ମପଦ ।

ବିଶୁ - ତୁ ପରା ମୋ ଧର୍ମପଦ । ତୋ ନାଁ ମୁଁ ଧର୍ମପଦ କାହିଁକି ଦେଇଥିଲି ଜାଣୁ ? ତୁ ବିଶୁ ମହାରଣାର ପୁଅ । ମୋର ବାରଶହ ଭାଇଙ୍କ ପାଇଁ ତୁ ପ୍ରାଣବଳି ଦେଇଥିଲୁ ।

ଧର୍ମପଦ - (ରାଗି) ଧର୍ମପଦ, ଧର୍ମପଦ, ଧର୍ମପଦ । ସବୁବେଳେ ସେଇ ପାଗଳର ପ୍ରଳାପ । କେତେ ମୁଁ ବା ବୁଝାଇବି ?

ବିଶୁ - କ'ଣ ରାଗିଗଲୁ ? ହଉ ଚାଲେ । ବାୟାଟା ମୋ ଉପରେ ରାଗିଗଲାଣି । ସମସ୍ତେ ମୋ ଉପରେ ରାଗୁଛନ୍ତି । ମୋତେ ପାଗଳ ବୋଲି କହୁଛନ୍ତି । ତୁମେ କୁହ ମୁଁ କ'ଣ ମିଛ କହୁଛି । ଯିଏ ସତ କହେ ସେ ଏ ଦେଶରେ ପାଗଳ ।

ଧର୍ମପଦ - (ପାଟିକରି) ଆପଣ ଯିବେ କି ନାହିଁ କହିଲେ ବାପା । ମୁଁ ତାହେଲେ ଚାଲିଯାଉଛି ।

ବିଶୁ - ନାଇଁ ନାଇଁ ଚାଲେ ମୁଁ ତୋ ସାଥିରେ ଯିବି ।

ଧର୍ମପଦ - ସବୁବେଳେ ଏପରି ପାଗଳଙ୍କ ପରି ହେଲେ, କିଏ ଆପଣଙ୍କ ଦେଖାଚାହାଁ କରିବାକୁ ଅଛି ? ମୁଁ ଯଦି ଚାକିରୀ କରିବାକୁ ବାହାରକୁ ଚାଲିଯାଏ ?

ବିଶୁ - ତୁ ଚାଲିଯିବୁ ? ନା ନା, ମୋତେ ଛାଡ଼ି ତୁ କୁଆଡ଼େ ଯାଆନି । ମୁଁ କାନ୍ଦିବି । ମୋ ଧର୍ମପଦକୁ ଛାଡ଼ି ମୁଁ ଜମା ବଞ୍ଚିପାରିବି ନାହିଁ । (କାନ୍ଦୁଥିଲେ)

(ହାତଧରି ନେଇ ଯାଇଛି ଧର୍ମପଦ ।)

- ଅନ୍ଧାର -

Digitized by srujanika@gmail.com

- ଦ୍ୱିତୀୟ ଦୃଶ୍ୟ -

(ରାସ୍ତା । ଗଛମୂଳରେ ବସି କାମପାଳ ନୋଟ୍ ଗଣୁଥିଲେ)

କାମପାଳ - ଏହାକୁ କହନ୍ତି ଭାଗ୍ୟ । ଆଲ୍ଲା ଜବ ଦେତାହେ, ଛପର ଫାଡ୍ କର ଦେତା ହେ । ବଢ଼ିଆ ମନ୍ତ୍ରୀଟେ ପାଇଛି । ଯେତେହେଲେ ଗାଁ ଲୋକ ପରା । ତା ପାଇଁ ମୁଁ ନକରିଛି କ'ଣ । ନିର୍ବାଚନରେ ସେ ଛୋଟୀ ବୁଢ଼ୀକୁ ଦୋଳାରେ ବୋହି ଆଣି ଭୋଟ ଦିଆଇଲି । ୮୦ ବର୍ଷର ବୁଢ଼ାକୁ ଶେଯରୁ ଟେକିଆଣି ଭୋଟ କରାଇଲି । ଭୋଟ ପାଇଁ ଖଡ଼ଖଡ଼ିଆ ନୋଟ୍ ବାଣ୍ଟିଲି । ତେଣୁ ସେ ମୋତେ ମାନି ଯାଇଛି । ମାନିବନି, ଇଲେକ୍ସନରେ ଜିତି ପରା ମନ୍ତ୍ରୀ ହେଲା । ଆଗରେ ମୋତେ କାମପାଳ ଡ଼ାକୁଥିଲା । ଏବେ ଡ଼ାକୁଛି କାମପାଳ ବାବୁ । ସରକାର ସିନା କର୍ମନିଯୁକ୍ତି ସଂସ୍ଥା ଖୋଲିଛନ୍ତି, ହେଲେ ସେଠାରେ ଚାକିରୀ ନାହିଁ । କିନ୍ତୁ ମୋ କର୍ମନିଯୁକ୍ତି ସଂସ୍ଥାରେ ସବୁ ବିଭାଗର କାମ । ଚଳଚ୍ଚିତ୍ର ଅଭିନେତା ହେବ, କାଢ଼ ଟଙ୍କା । କିରାନୀ ହେବ, କାଢ଼ ଟଙ୍କା । ଆଲବମ୍‌ରେ ନାଚିବ, କାଢ଼ ଦଶହଜାର । ପୋଲିସ ଚାକିରୀ କରିବ, ଡ଼ି.ଜି. ମୋର ମାମୁଁ । ଟଙ୍କା ଗଦା ହୋଇପଡୁଛି । ଏମିତି କରି କୋଡ଼ିଏ ଲକ୍ଷ କଲିଣି । କୋଟିଏ ଟଙ୍କା ହେଇଗଲେ, ମାରିବି ଛୁ ଫରେନ୍ । ଏ ଭାରତୀୟ ପୋଲିସ୍ ମୋର କ'ଣ କରିବ ? ହଇହୋ, ବାବୁ ସତ୍‌କର୍ମ କରି ତୁମେ କେତେ ପଇସା କମେଇବ କହିଲ ? ମୁଁ କମଉଛି । ଚାକିରି କରେଇଦେବି ବୋଲି କହି ଲକ୍ଷ ଲକ୍ଷ ଟଙ୍କା କମଉଛି । ଖର୍ଚ୍ଚ ମଧ ସିମିତି କରୁଛି ।

ମାଗଣା ମିଳିଲେ କିଣିବ ହାତୀ
ଶୁଝିଲେ ଶୁଝିବ ପୁଅଙ୍କ ନାତି ।

ହେଇ, ଅଭିମନ୍ୟୁଟା କ'ଣ ଇଆଡ଼େ ଆସୁଛି ।
(ଅଭିମନ୍ୟୁ ପ୍ରବେଶ କରିଛି ।)

ଅଭିମନ୍ୟୁ - (ଧଇଁସଇଁ ହୋଇ) କକା, କକା, ମୁଁ ତୁମକୁ ଖୋଜି ଖୋଜି ହାଲିଆ ହୋଇଗଲିଣି । ତୁମେ କୁଆଡ଼େ ଚାଲିଯାଉଛ ? ମୋ କଥା କ'ଣ କଲ ?

Digitized by srujanika@gmail.com

କାମପାଳ - ଆରେ, କୋ କଥା ମୋତେ କହ ।

ଅଭିମନ୍ୟୁ - ତୁମେ ଏତେ ଶୀଘ୍ର ଭୁଲିଗଲ ?

କାମପାଳ - ଭଲ କଥା କହୁଚି । କେତେ କଥା ଏ ମୁଣ୍ଡରେ ଅଛି । କୋ କଥା କହିଲେ ସିନା ତାକୁ କାଢ଼ିବି ।

ଅଭିମନ୍ୟୁ - ମୋତେ ସିନେମାରେ ମିଶେଇବ ବୋଲି କହୁଥିଲ । ମୋଠାରୁ ୨ଶହ ଟଙ୍କା ନେଲ ।

କାମପାଳ - ହଇରେ ଭୁଲିଗଲି ଟଙ୍କା ତ ମୋ ଜୀବ। ଆଣିବାକୁ ନିଅଲ । ହଉ, ସିନେମାରେ ମିଶିବୁ, ଏଇଆ ତ ? କ'ଣ ହବୁ ? ଆରେ ସିନେମାରେ କ'ଣ ହେବୁ ?

ଅଭିମନ୍ୟୁ - ହିରୋ, ହିରୋ ।

କାମପାଳ - ହଇରେ, ତୁଟା ତ ବିଗ୍ ଜିରୋ । ତୁ କ'ଣ ହିରୋ ହବୁ ?

ଅଭିମନ୍ୟୁ - କାହିଁ ମୁଁ କ'ଣ ଡ୍ରାମାରେ ହିରୋ ହଉନି ? ଡ଼ାଇଲଗ୍ କହିବି, ଶୁଣିବ ? ଓଃ, ମାଇଁ ଡ଼ାର୍ଲିଙ୍ଗ୍, ଆଇ ଲଭ୍ ୟୁ । ତୁମପାଇଁ ମୁଁ ଝୁରି ଝୁରି ମଲିଣି । ତା କ'ଣ ତୁମେ ଜାଣନା ?

କାମପାଳ - (ତାଳିମାରି) ବାଃ, ବଢ଼ିଆ ଡ଼ାଇଲଗ କହୁଚୁ । ତାପରେ, ତାପରେ ତୋର ପ୍ରେମିକା କ'ଣ କହିଲା ? ଆରେ ଟିକେ ଶୁଣା । ମୁଁ ଯାଇ ପ୍ରଡ୍ୟୁସରକୁ କହିବି ।

ଅଭିମନ୍ୟୁ - ନାଇଁ ମୁଁ କହିବିନି । ମୋତେ ଲାଜ ଲାଗୁଛି ।

କାମପାଳ - ହଇରେ, ଅଣ୍ଡିରି ପୁଅଟା ତୁ । ତତେ ପୁଣି ଲାଜ ଗୋଟେ କ'ଣ ? ଆଜିକାଲି ପରା ମାଇକିନିଆ ଗୁଡ଼ାକ ଲାଜଛାଡ଼ି ଅଣ୍ଡିରାବେଶ ପକେଇଲେଣି ।

ଅଭିମନ୍ୟୁ - ନାଇଁ କକା, ମୋତେ ସିନେମାରେ ଗୋଟେ ଚାନ୍ସ୍ ଦିଅ । ଦେଖିବ, ମୁଁ ହ୍ରିତିକ ରୋଶନକୁ ଟପିଯିବି । ମୁଁ ଆକାଶରେ ଶୂନ୍ୟରେ ଉଡ଼ିବି ।

କାମପାଳ - ବାପା ଅଭି, ସେ ଭୁଲ କରନା । ହାତଗୋଡ଼ ଭାଙ୍ଗିଯିବ । ତୁ ପଙ୍ଗୁ ହୋଇଯିବୁ । ଆଗ ଛୋଟିଆ ଛୋଟିଆ ରୋଲ୍ କର । ମାନେ ହିରୋଇନର ସାନଭାଇ । ହିରୋର ଚାକର ।

ଅଭିମନ୍ୟୁ - ନାଇଁ କକା, ମୋତେ ହିରୋ କରିଦିଅ । ମୁଁ ହିରୋ ହେବି ।

କାମପାଳ - ହିରୋଇନ୍ ତୋତେ ଦେଖିଲେ କ'ଣ ପସନ୍ଦ କରିବେ ?

Digitized by srujanika@gmail.com

ଅଭିମନ୍ୟୁ - କକା, ତୁମେ ଯେତେ ଚାହିଁବ ମୁଁ ସେତେ ଦେବି ।

କାମପାଳ - ବନ୍ଧୁ, କେତେ ବନ୍ଧୁ ଆଗ କହିଲୁ ?

ଅଭିମନ୍ୟୁ - ତୁମେ କହୁନ କେତେ ନବ ?

କାମପାଳ - ୨୦ ହଜାର ।

ଅଭିମନ୍ୟୁ - ମୋବୋପାଲୋ । ଏତେ ଟଙ୍କା ମୁଁ କେଉଁଠୁ ଆଣିବି କକା ?

କାମପାଳ - ସେଇଥିପାଇଁ କହୁଚି, ଛୋଟିଆ ରୋଲ୍‌ଟେ କରେ । ଟଙ୍କା ଦି ହଜାର ଦେ, ଛୋଟରୁ ଲୋକ ବଡ଼ ହୁଅନ୍ତିନା, କିଏ ମୂଳରୁ ବଡ଼ ହୋଇଯାଉଛି ।

ଅଭିମନ୍ୟୁ - ହଉ କହୁଚ ଯେତେବେଳେ ଦେବି ।

କାମପାଳ - କେଉଁଠୁ ଆଣିବୁରେ ?

ଅଭିମନ୍ୟୁ - ବାପାଙ୍କ [illegible] ଚୋରୀ କରିବି ।

କାମପାଳ - ହଁ, ଚୋରୀ କରିବା ପ୍ରଥମେ ଘରୁ ଶିଖ । ତା'ପରେ ବାହାରେ [illegible] ଯା ।

ଅଭିମନ୍ୟୁ - ମୁଁ ଆସୁଛି କକା । ମୋତେ ନିଶ୍ଚୟ ହିରୋ କରିବ । ([illegible])
(ଏ ସମୟରେ ଚନ୍ଦ୍ରମୁଖୀ ପ୍ରବେଶ କରିଛି)

ଅଭିମନ୍ୟୁ - ଏ କିଏ ? ଏ କ'ଣ ଚଳଚ୍ଚିତ୍ରରେ ଅଭିନୟ କରିବେ ? କ'ଣ ହିରୋଇନ୍ ହେବେ ?

କାମପାଳ - କ'ଣ ମନକୁ ପାଉଛି ?

ଅଭିମନ୍ୟୁ - ଉହୁଁ, ମୋଟେ ନୁହେଁ ।

କାମପାଳ - ତାହେଲେ, ତୁମ ପାଇଁ ଭଲ ହିରୋଇନ୍‌ଟେ ଯୋଗାଡ଼ କରିବା । ତୁମକୁ କ'ଣ ଯେ ପସନ୍ଦ ଲାଗିବ । ହଉ ଯାଆ, ପରେ କଥାହେବା ।

ଅଭିମନ୍ୟୁ - ମୋତେ ନିଶ୍ଚୟ ହିରୋ କରିବ । ଆସୁଛି । (ପ୍ରସ୍ଥାନ)

ଚନ୍ଦ୍ରମୁଖୀ - କ'ଣ ଯାକୁ ଲୁଆଁ ବୁଲାଉଛୁ ନା କ'ଣ ? ମୁଁ ଦେଖୁଛି, ତୁ କାହାକୁ ନେଇ କୋ'ଠି ଥଉଥାନ କରିବାରେ ଲାଗିଲୁଣି । ଏଟୋକା କେତେ ଦେଲା ?

କାମପାଳ - ଦେଇନି, ଦେବ । ଏବେ ତ ଜାଲରେ ପଡ଼ିଛି ।

ଚନ୍ଦ୍ରମୁଖୀ - ତୁ କାହିଁକି ପିଲାଗୁଡ଼ାକୁ ଏମିତି ନଷ୍ଟ କରୁଛୁ କହିଲୁ ? ଦେଖେ କାମପାଳ, ସେମାନଙ୍କ ପରି ମୋ ଜୀବନଟା ତୁ ଆଉ ନଷ୍ଟ କରି ଦେବୁନି ତ ? କ'ଣ ତୋର ଫାଇନାଲ୍ ଡିସିସନ କିଛି କହିଲୁନି ତ ?

Digitized by srujanika@gmail.com

କାମପାଳ - ତୁ ମୋତେ ଆଉ ବିରକ୍ତ କରେନି ଚନ୍ଦ୍ରମୁଖୀ । ଥରେ ମୁଁ କହିଛି ଯାହା ହେବ, ମୁଁ ରାଜ୍ୟସଭା ମେୟର ହେବାପରେ ।

ଚନ୍ଦ୍ରମୁଖୀ - ତାହେଲେ ମୋ ସହିତ ଦୈହିକ ସଂପର୍କ ରଖୁଥିଲୁ କାହିଁକି ? ହୁଁ, ଡ଼ାଳ ମେ କୁଛ କାଲା ହେ । ଆମ ବାହାଘର ପରେ ତୁ ରାଜ୍ୟସଭା ମେୟର ହେଲେ ହବନି ?

କାମପାଳ - ବାହାଘର ଚିନ୍ତା କରିବାକୁ ମୋର ସମୟ କାହିଁ ? ଏଣେ ମନ୍ତ୍ରୀଙ୍କର ଡ଼ାକରା, ତେଣେ ଦଳ ସଭାପତି ମୋତେ ଛାଡୁନାହାନ୍ତି । ତତେ ଥରେ କହିଛି, ମୁଁ ତୋତେ ନିଶ୍ଚୟ ବାହାହେବି । ଦିଲ୍ଲୀରେ ଜାକଜକମରେ ଆମର ବାହାଘର ହେବ । ରାଷ୍ଟ୍ରପତି ଆସିବେ । ପ୍ରଧାନମନ୍ତ୍ରୀ ଆସିବେ । ଯେଉଁଦିନ ରାଜ୍ୟସଭା ମେୟର ପାଇଁ ମୁଁ ଶପଥ ପାଠ କରିବି, ସେଇଦିନ ତ ମୁଁ କେନ୍ଦ୍ର ମନ୍ତ୍ରୀ ହୋଇଯିବି । ଆଛା, ତୁ ଟିକିଏ ଆମ ମନ୍ତ୍ରୀଙ୍କ ପାଖକୁ ଗଲୁ । ସେ ଖାଲି ମୋତେ ଲଗେଇଛନ୍ତି ଚନ୍ଦ୍ରମୁଖୀକୁ ଡ଼ାକ ।

ଚନ୍ଦ୍ରମୁଖୀ - ସେ ମୋତେ କାହିଁକି ଡ଼ାକୁଛି ? ହଇରେ ସେ ପୋଡ଼ାମୁହାଁ ସବୁବେଳେ ମୋତେ ବଲବଲ କରି ଅନେଉଛି କାହିଁକି ? ମୁଁ କହି ରଖୁଛି, ମୁଁ ସେଠାକୁ ମୋଟେ ଯିବିନି । ତାର ମୋଠି ପାପ ଆଖି ।

କାମପାଳ - ମନ୍ତ୍ରୀଙ୍କର ସାନିଧ କାହାଭାଗ୍ୟରେ ଯୁଟୁଛି ? ତୁ ପରା ଏମ୍.ଏଲ୍.ଏ ହବୁ । ମନ୍ତ୍ରୀ କହିଛନ୍ତି, ଏଥର ଚନ୍ଦ୍ରମୁଖୀ ବିଧାନସଭାକୁ ଯିବ ।

ଚନ୍ଦ୍ରମୁଖୀ - ଲୋଡ଼ା ନାହିଁ ମୋରଏମ୍.ଏଲ୍.ଏ ହବା କି ଲୋଡ଼ା ନାହିଁ ବିଧାନସଭା ମୁଁ ଯେମିତି ଅଛି ସମିତି ଭଲ । ତୁ ତ ମୋର ଅଛୁ । ତୋରି ସେବା କରି ଏ ଜୀବନ କଟାଇ ଦେବି ।

କାମପାଳ - ସତରେ ଚନ୍ଦ୍ରମୁଖୀ, ତୁ ଭାରି ଭଲ । ତୁ ମୋ ଗଳାର ହାର ।

(ଗୀତ ଓ ନାଚ)

ପୁ - ତୋରି ପାଇଁ ଆଜି ଧନ୍ୟ ହୋଇଗଲି ତୁହି ମୋ ଗଳାର ହାର
ମୋ ଆଖିର ତୁହି ସୁରମାଲୋ ଗୋରୀ ତୁ ମୋର ସୁନା ସଂସାର...

- ଅନ୍ଧାର -

Digitized by srujanika@gmail.com

- ତୃତୀୟ ଦୃଶ୍ୟ -

(ବିଶୁ ମହାରଣାର ଘର । ବୋଉ ସତ୍ୟଭାମା ବସି କାନ୍ଦୁଥିଲେ । ପ୍ରବେଶ କରିଛି ସର ।)

ସର - ବୋଉ ତୁମେ କାନ୍ଦୁଛ ?

ସତ୍ୟଭାମା - ମୋର କି ଭାଗ୍ୟ ହୋଇଛି ଯେ ନ କାନ୍ଦି ଆଉ କ'ଣ କରିବି ?

ସର - କାହିଁକି ବୋଉ, ଧର୍ମପଦ ପୋଲିସ ବିଭାଗରେ ବଡ଼ ହାକିମ ହୋଇଛନ୍ତି । ତୁମେ ତ ଖୁସୀ ହେବା କଥା । ଆନନ୍ଦ କରିବା କଥା । ଆମ ଏ ଅଞ୍ଚଳର ସେ ଟେକ ରଖିଛନ୍ତି ।

ସତ୍ୟଭାମା - କି ହାକିମ ମୋ ପୁଅ ହୋଇଛି ? କାହିଁ ମୁଁ ତ ଜାଣିନାହିଁ ।

ସର - ତୁମକୁ ସେ କହିନାହାଁନ୍ତି । ମୁଁ ପରା ଆସିଛି ତାଙ୍କୁ ଅଭିନନ୍ଦନ ଜଣାଇବାକୁ ।

ସତ୍ୟଭାମା - ସତ କହୁଛୁ ସର, ପୁଅ ମୋର ବଡ଼ ହାକିମ ହୋଇଛି ? ହାକିମ ହୋଇ ସେ କଣ କରିବ ?

ସର - ଦେଶ ଶାସନ କରିବେ । ଦୁର୍ନୀତିକୁ ଦୂର କରିବେ ।

ସତ୍ୟଭାମା - ସମସ୍ତେ ତ ଦୁର୍ନୀତି ଦୁର୍ନୀତି ହଉଚ । ସେଇଟା ଗୋଟାଏ କଣ ?

ସର - ତୁମେ କିଛି ଜାଣିଲ ନାହିଁ ବୋଉ । ପୁଅକୁ ଏତେ ପାଠ ପଢ଼େଇଲ ।

ସତ୍ୟଭାମା - ତାକୁ କିଏ କାହିଁକି ପଢ଼େଇବ ? ତାର ମନକୁ ସେ ପଢ଼ିଛି ନା ।

ସର - ଟଙ୍କା ତ ତୁମେ ଖର୍ଚ୍ଚ କରିଚ ନା । ନହେଲେ ସେ ପଢ଼ନ୍ତେ କୁଆଡୁ ।

ସତ୍ୟଭାମା - ମୋ ପୁଅ ବହୁତ କଷ୍ଟ ସହିଛି । ସେ ପିଲାଥିଲାବେଳୁ ତା ବାପାଙ୍କର ମୁଣ୍ଡ ଖରାପ ହୋଇଗଲା ।

ସର - ବାପାଙ୍କର ମୁଣ୍ଡ କାହିଁକି ଖରାପ ହେବ । ସେ ତ ସତକଥା କହନ୍ତି । ତେଣୁ ତାଙ୍କୁ ଏ ଲୋକମାନେ ପାଗଳ ବୋଲି କହୁଛନ୍ତି । ବୋଉ, ଧର୍ମପଦଙ୍କର ଦିଲ୍ଲୀରେ କାମ ହୋଇଛି । ସମସ୍ତେ ତାଙ୍କର ପ୍ରଶଂସା କରୁଛନ୍ତି । ଏଭଳି ପୁଅ ଏ ଅଞ୍ଚଳରେ ବିରଳ ।

ସତ୍ୟଭାମା - ହେଲେ କ'ଣ ହେବ, ତୁ କହ ? ମୋର ଅବସ୍ଥା ତ ତୁ ଦେଖୁଛୁ । ସବୁବେଳେ ଦେହରେ ରୋଗ । ମୁଠାଏ ଫୁଟାଇ ଦେବାକୁ ମୋର କିଏ ଅଛି କହିଲୁ । ଝିଅଟିଏ ହେଲେ ଥାନ୍ତା -

Digitized by srujanika@gmail.com

ସର - ମୁଁ କ'ଣ ତୁମର ଝିଅ ତୁହେଁ ବୋଉ । ତୁମର ଯାହା ଦରକାର ମୋତେ କୁହ, ମୁଁ କରିଦେବି ।

ସତ୍ୟଭାମା - ସତରେ ସର, ତୁ ମୋ ମନକଥା ବୁଝିପାରିଲୁ । ହେଲେ ସେ କ'ଣ ମୋ କଥା ଶୁଣୁଛି ।

ସର - କ'ଣ ସେ ଶୁଣୁନାହାଁତି, ମୋତେ ସେ କଥା କହୁନ କାହିଁକି ବୋଉ । ମୁଁ ତାଙ୍କୁ ବୁଝାଇ ଦେବି ।

ସତ୍ୟଭାମା - ହଁ, ହଁ, ତୁ ବୁଝାଇ କହ, ସେ ତୋ କଥା ନିଶ୍ଚୟ ଶୁଣିବ ।

ସର - ତେବେ ବୋଉ, କ'ଣ ତୁମର ଦରକାର ?

ସତ୍ୟଭାମା - ମୋର ଦରକାର, ସୁନା ବୋହୂଟିଏ ।

ସର - (ମୁହଁ ତଳକୁ କରି କହିଲା)

ସତ୍ୟଭାମା - କ'ଣ ମୋ କଥା ବୁଝିପାରିଲୁ ? ତୁ ତାକୁ ବୁଝା । ସେ କହୁଛି ବାରା ହଜନି । ହଉଲୋ, ଏଇଠି କାହାହୋଇ ବୋହୂଟିଏ ଆସିଥିଲେ, ଭଲ ହୋଇଥାନ୍ତା । ଯଦି କିଏ ଦେଶରେ ସେ ଅନ୍ୟ କାହାକୁ କାହାଣୋଇ ପଡ଼େ, ମୋ ସାତପୁରୁଷ ଅହିନର୍କରେ ଘାଣ୍ଟି ହେବେ ।

ସର - ହଉ ବୋଉ, ମୁଁ ତା'ହେଲେ ଆସୁଛି ।

ସତ୍ୟଭାମା - ହଉଲୋ, ମୋ କଥାର ଉତ୍ତର ନଦେଇ ତୁ ଚାଲିଯାଉଛୁ କ'ଣ ? ମୁଁ କ'ଣ ମିଛ କହୁଛି ?

ସର - ତା ମୁଁ କେମିତି କହିପାରିବି ବୋଉ । ବଡ଼ ଲୋକ ସେ । ତାଙ୍କର ଯାହାଇଚ୍ଛା, ତାହା ସେ କରିପାରିବେ ।

ସତ୍ୟଭାମା - (ଚିତ୍କାର କରି) ନା' ମୁଁ ତା କରାଇଦେବିନି । ମୋ ବୋହୂତ ମୋ ପାଖରେ ଅଛି ।

ସର - (ଆଶ୍ଚର୍ଯ୍ୟ ହୋଇ) ସେ କିଏ ବୋଉ ?

ସତ୍ୟଭାମା - କାହିଁକି ତୁ ? ତୁତ ମୋର ସୁନାନାକି ବୋହୂ ।

ସର - (ଲାଜରେ) ହଉ ବୋଉ, ମୁଁ ତା ହେଲେ

ବିଶ୍ୱ - (ପ୍ରବେଶି) କିଏ ଚାଲିଯିବ ସତ୍ୟଭାମା ?

ସତ୍ୟଭାମା - ମୋ ବୋହୂ ।

ବିଶ୍ୱ - ତୁମ ବୋହୂ ?

ସତ୍ୟଭାମା - ହଁ ହଁ, ମୋ ବୋହୂ ମୋ ସର ।

Digitized by srujanika@gmail.com

ବିଶୁ - ହଁ ସର ତୁମର ବୋହୂ । ସବୁ ଜନ୍ମ ପାଇଁ ସେ ମୋ ପୁଅର ବୋହୂ । ସରପାଇଁ ଧରମାର ସୃଷ୍ଟି ଆଉ ଧରମା ପାଇଁ ସରର ସୃଷ୍ଟି । ହେଲେ ସେ ଜନ୍ମରେ ସରକୁ ଛାଡ଼ି ଧରମା ଚାଲିଗଲା । ବାରଶହ ଭାଇଙ୍କ ପାଇଁ ସେ ଆତ୍ମବଳୀ ଦେଲା । ଆଉ ସର, ସେଇ ସମୁଦ୍ର ଜଳରାଶିକୁ ଚାହିଁ, କାନ୍ଦି କାନ୍ଦି ଦିନ ସାରିଦେଲା । (କାନ୍ଦିଲେ) କିନ୍ତୁ ଆଜି ସର ବଞ୍ଚିଛି ଧରମାର ପାଇଁ । ସେ ପ୍ରକୃତରେ ବିଶୁ ମହାରଣାର ବୋହୂ । ତୁ ଜାଣୁଛୁ କିଛି ମା ?

ସର - ବାପା, ମୁଁ ଘରକୁ ଚାଲିଯିବି ।

ବିଶୁ - ଆମକୁ ଛାଡ଼ି ତୁ ଚାଲିଯିବୁ ମା ।

ସତ୍ୟଭାମା - ସେଇ କଥା ମୁଁ ତାକୁ କହୁଛି । ଏଇ, ଧରମା ଗଲା କୁଆଡ଼େ । ସର କହୁଥିଲା ସେ ବଡ଼ ପୋଲିସ୍ ହାକିମ ହୋଇଛି ।

ବିଶୁ - ପୋଲିସ ହାକିମ ହୋଇଛି । ଏତ ଭାଗ୍ୟର ବିଡ଼ମ୍ବନା । ସେ ତାର ପୈତୃକ ବୃତ୍ତି ଛାଡ଼ି, କୋଣାର୍କ ନ ଗଢ଼ି ପୋଲିସ ହାକିମ ହେବ ? ସେ ଗଲା କୁଆଡ଼େ ? ମୁଁ ତାକୁ ପଚାରିବି, ସେ କେବେ କୋଣାର୍କ ଗଢ଼ିବ ? ପୋଲିସ୍ ଚାକିରୀକରି ସେ କ'ଣ କୋଣାର୍କ ଗଢ଼ିପାରିବ ? ତାହେଲେ ସେ ପୋଲିସ୍ କାମକୁ ବାଛିଲା କାହିଁକି ?

ସର - ପୋଲିସ ଚାକିରୀ କରି ସେ ନିଶ୍ଚୟ କୋଣାର୍କ ମନ୍ଦିର ଗଢ଼ି ପାରିବେ ବାପା । ଦୁର୍ନୀତର ମୂଳପୋଛ କରି, ସେ ଗଢ଼ିବେ ସୁନୀତିର କୋଣାର୍କ ।

ବିଶୁ - ସୁନୀତିର କୋଣାର୍କ ? ତୁ ଠିକ କହିଛୁ ସର । ମୋ ପୁଅ ଗଢ଼ିବ ସୁନୀତିର କୋଣାର୍କ (ହସିଲେ) କିନ୍ତୁ ଏ ଦେଶରେ ଦୁର୍ନୀତିର ଚେର ଖୁବ୍ ଗଭୀର, ଦୁର୍ନୀତିର କଳାବାଦଲ ସାରାଦେଶକୁ ଆଚ୍ଛାଦିତ କରି ରଖିଛି । ତାକୁ ହଟାଇବା କ'ଣ ସମ୍ଭବ ? ଛାହିଁଗଲା ମୋର ଧର୍ମପଦ । ମୁଁ ତାକୁ ପଚାରିବି, ଦୁର୍ନୀତିର ମୁଳୋତ୍ପାଟନ କରି, ସେ କ'ଣ ଗଢ଼ିପାରିବ ସୁନୀତିର କୋଣାର୍କ ?

(ପ୍ରବେଶ କରିଛି ଧର୍ମପଦ)

ଧର୍ମପଦ - କ'ଣ ଏଠାରେ ଚର୍ଚ୍ଚା ଚାଲିଛି ? ସର ତୁମେ ଆସିଛ ? ଅନେକ ଦିନ ହେଲା ତୁମେ ତ ଆମ ଘରକୁ ଆସୁନଥିଲ । ତୁମେ ଜାଣ, ମୁଁ ସି.ବି.ଆଇ. ଅଫିସର ପାଇଁ ସିଲେକ୍ଟ ହୋଇଛି ।

Digitized by srujanika@gmail.com

ସର - ଜାଣେ । ଲୋକଙ୍କ ମୁହଁରୁ ଏ କଥା ଶୁଣିଲି ।

ଧର୍ମପଦ - ଏ କଥା ଶୁଣି ତୁମେ କ'ଣ ଖୁସୀ ନୁହଁ ?

ସର - ସେଥିପାଇଁ ତ ଅଭିନନ୍ଦନ ଜଣାଇବାକୁ ଆସିଛି । ଆସିଦେଖେତ ବୋଉ କାନ୍ଦୁଥିଲେ ।

ଧର୍ମପଦ - ବୋଉ କାନ୍ଦୁଥିଲେ । ବାପାତ ଏ ରାଜ୍ୟର ଦୁର୍ଦ୍ଦଶା ଦେଖି ସବୁବେଳେ କାନ୍ଦୁଛନ୍ତି । ତେବେ...

ବିଶୁ - କହ ଧର୍ମପଦ । ବିଶ୍ୱକର୍ମା କୁଳରେ ଜନ୍ମ ହୋଇ ତୁ ପୋଲିସ୍ ଚାକିରୀ ବାଛିଲୁ କାହିଁକି ? ତୁ କ'ଣ ତୋ କୌଳିକ ବୃତ୍ତିକୁ ଭୁଲିଯିବୁ । ମୋର ଜୀବଦ୍ଦଶାରେ ତୁ କଣ ଆଉ ଗୋଟିଏ କୋଣାର୍କ ଗଢ଼ିବୁନି । କହ, ମୋ କଥାର ଜବାବ ଦେ !

ଧର୍ମପଦ - ମୁଁ କୋଣାର୍କ ନିଶ୍ଚୟ ଗଢ଼ିବି ବାପା । ମୋର କୌଳିକ ବୃତ୍ତିକୁ ମୁଁ କେବେ ଅସମ୍ମାନ କରି ପାରିବିନି । ଆପଣ ଯଦି ଚାହାଁନ୍ତି ମୁଁ ଏ ମୁହୂର୍ତ୍ତରେ ଚାକିରୀ ଛାଡ଼ିଦେବି । ଆପଣ ତ ମୋର ଆଦର୍ଶ, ଆପଣ ମୋର ପଥ ପ୍ରଦର୍ଶକ ।

ବିଶୁ - ସାବାସ୍ ଧର୍ମପଦ । ବିଶୁ ମହାରଣା ରକ୍ତ ତୋ ଧମନୀରେ ପ୍ରବାହିତ ହେଉଛି । ତୁ ହେଉଛୁ ସେ ଯୁଗର ଧରମା । ତୁ ହେଉଛୁ ବିଶୁ ମହାରଣା ପୁଅ ଧର୍ମପଦ !

ସତ୍ୟଭାମା - ଭଲ କଥା କହୁଛ ? ସେ ଚାକିରୀ ଛାଡ଼ିବ କାହିଁକି ? ଆଜିକାଲି ବିନା ଲାଞ୍ଚରେ କାହାକୁ ବା ସରକାରୀ ଚାକିରୀ ମିଳୁଛି । ଆଉ ଏପରି ଚାକିରୀ ଭାଗ୍ୟରେ ଥିଲେ ମିଳେ । ପୁଅ କ'ଣ ମୋର ବୁଢ଼ା ହୋଇଗଲାଣି । କୋଣାର୍କ ତୋଳିବାକୁ ତାର କ'ଣ ବୟସ ଚାଲିଯାଉଛି । ଯୁବାବେଳ ଏବେ ଚାକରିକରି ଦି ପଇସା କମାଇଲେ ସିନା କୋଣାର୍କ ଗଢ଼ିବ । ବୁଝିଲ । ଏ ପାଗଳାମି ଛାଡ଼ । ପୁଅ ମୋର ଚାକିରୀ କରିବ, କରିବ, କରିବ ।

ସର - ବୋଉ ଠିକ୍ କହିଛନ୍ତି ବାପା । ଆପଣଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଧରମା କ'ଣ ସୁନୀତିର କୋଣାର୍କ ଗଢ଼ି ପାରିବନି ।

ବିଶୁ - ସୁନୀତିର କୋଣାର୍କ । ହଁ, ହଁ, ମୋ ଧରମା ସୁନୀତିର କୋଣାର୍କ ଗଢ଼ିବ । ମୋତେ କଥା ଦେ ଧର୍ମପଦ । ତୁ ହେବୁ ସତ୍ୟର ପଥିକ ।

Digitized by srujanika@gmail.com

ତୁ ହେବୁ ନ୍ୟାୟର ପ୍ରତୀକ । ତୁ ହେବୁ ଧର୍ମର ବାର୍ତ୍ତାବହ । ଆଜିର ଏଇ କଳୁଷିତ ସମାଜରୁ ଦୁର୍ନୀତିର ମୂଳୋତ୍ପାଟନ କରି ତୁ ପ୍ରମାଣ କରିଦେବୁ, ତୁ ହେଉଛୁ ଏଇ ବିଶୁ ମହାରଣାର ସୁଯୋଗ୍ୟ ସନ୍ତାନ ଧର୍ମପଦ ।

ଧର୍ମପଦ - ମୁଁ କଥା ଦେଉଛି ବାପା, ଯେତେଦିନ ଚାକିରୀରେ ରହିବି, ଆପଣଙ୍କ ମହାନ୍ ଆଦର୍ଶକୁ ପାଥେୟ କରି ସତ୍ୟ, ଧର୍ମ ଆଉ ନ୍ୟାୟରେ ଚାଲିବି । ଏ ଘୁଣଖିଆ ସମାଜରୁ ଦୁର୍ନୀତିର ଚେରକୁ ଉତ୍ପାଟନ କରିବା ପାଇଁ ଯତ୍‌ପରୋନାସ୍ତି ଉଦ୍ୟମ କରିବି । କିନ୍ତୁ ପେଶା ସହିତ ମୋର ମୂର୍ତ୍ତି ଗଢ଼ିବାର ନିଶା ମଧ୍ୟ ସମାନ୍ତରାଳ ଭାବରେ ଗତି କରିବ ।

ସତ୍ୟଭାମା - ହଇରେ ଧରମା, ତୁ ତ ବଡ଼ ପୋଲିସ ହାକିମ ହୋଇ ଦିଲ୍ଲୀ ଚାଲିଯିବୁ । ଏଠାରେ ଆମ କଥା ବୁଝିବ କିଏ ? ଆମପାଇଁ ତୁ କି ବନ୍ଦୋବସ୍ତ କରିଛୁ ?

ଧର୍ମପଦ - ମୁଁ ପାଠ ପଢ଼ିଲି ବିଦେଶରେ ରହି । ସେତେବେଳ ପୁଣି ତ ତୁମେମାନେ ଚଳିପାରୁଥିଲ ?

ବିଶୁ - ହଁ ଆମେ ଚଳୁଥିଲୁ । ଆମକୁ ଚଳାଉଥିଲା କିଏ, ତା ତୁ ଜାଣିଛୁ ? ବୋଉର ତ ସବୁବେଳେ ଦେହ ଖରାପ । କିଏ ଆମକୁ ମୁଠାଏ ଫୁଟାଇ ଦେଉଥିଲା ତୁ ଜାଣୁ ?

ଧର୍ମପଦ - ବାପା।

ବିଶୁ - ଏଇ ଝିଅଟି, ସର । ସେ ତୋ ପାଇଁ ଅପେକ୍ଷା କରିଛି ।

ଧର୍ମପଦ - ସର, ତୁମ ନିକଟରେ ମୁଁ ସାରା ଜୀବନ ଋଣୀ ହୋଇ ରହିଗଲି ।

ସତ୍ୟଭାମା - ସେ କଥା କହିଲେ କ'ଣ ହେବ ? ସେ ଏ ଘରର ବୋହୂ ହେବ । ବିଶୁ ମହାରଣାର ବୋହୂ, ଧର୍ମପଦର ସ୍ତ୍ରୀ ସର ।

ସର - (ଲାଜରେ) ବୋଉ, ବାପା, ମୁଁ ଆସୁଛି ।

ଧର୍ମପଦ - ସର

ବିଶୁ - ଆରେ ସତ୍ୟଭାମା । ତୁମେ ଏଠାରେ ଠିଆ ହୋଇଛ କ'ଣ ? ଆସିଲ, ମୋପାଇଁ ଚା' କରିଦେବ ।

ସତ୍ୟଭାମା - ହଉ ଚାଲ । (ଦୁହେଁ ଚାଲିଗଲେ)

Digitized by srujanika@gmail.com

ଧର୍ମପଦ - ଦେଖିଲ, ବାପା, ବୋଉ ଚାଲିଗଲେ । ବଡ଼ ଜଟିଳ ସମସ୍ୟା ଭିତରେ ପଡ଼ିଗଲି ।

ସର - ଜଟିଳ ସମସ୍ୟା କ'ଣ ? ପ୍ରତ୍ୟେକ ସମସ୍ୟାର ସରଳ ସମାଧାନ କ'ଣ ସମ୍ଭବ ନୁହେଁ ? ବାପା ବୋଉଙ୍କ କଥା ତ ଶୁଣିଲ ।

ଧର୍ମପଦ - ହଁ, ତୁମେ କ'ଣ କହୁଚ ?

ସର - ମୁଁ କ'ଣ କହିବି । ବାପାଙ୍କୁ କୁହ, ସେ ଆଗ ଆମ ବାପାଙ୍କ ସହ କଥାବାର୍ତ୍ତା କରନ୍ତୁ ।

ଧର୍ମପଦ - ତୁମ ବାପା କ'ଣ ଏ ପ୍ରସ୍ତାବରେ ଅରାଜି ହେବେ ?

ସର - ସେ କଥା ମୁଁ କିପରି କହିବି ? ଧର୍ମପଦ, କଥାଟିଏ କହିବି ?

ଧର୍ମପଦ - କୁହ ।

ସର - କାହିଁ କେତେବଡ଼ ଜଣେ ସି.ବି.ଆଇ. ଅଫିସର, ଆଉ କାହିଁ ଜଣେ ଅଖ୍ୟାତ ପଲ୍ଲୀର ସରଳା ନିରୀହା ଝିଅଟିଏ । ସେ କ'ଣ ତାଙ୍କର ସମକକ୍ଷ ହୋଇ ପାରିବ ?

ଧର୍ମପଦ - କାହିଁକି ହୋଇ ପାରିବନି ସର ? ଏଇ ମାଟି ପବନରେ ତୁମେ ମୁଁ ବଢ଼ି ଆସିଛେ । ବାପା କହନ୍ତି, କେଉଁ ଅନନ୍ତକାଳରୁ ତୁମର ମୋର ସଂପର୍କ । ଧର୍ମପଦ ପାଇଁ ସର ଅପେକ୍ଷା କରି ରହିଛି ଯୁଗ ଯୁଗ ପାଇଁ, ତା କ'ଣ ତୁମେ ଜାଣନାହିଁ ? କୁମୁଦ ଆଉ ଚନ୍ଦ୍ରର ସଂପର୍କ କେଉଁ ଅନନ୍ତ କାଳରୁ । କିଏ କ'ଣ ତାହାକୁ ଭୁଲି ଯାଇପାରିବେ ?

ସର - (ଭାବବିହ୍ୱଳ ହୋଇ) ଧର୍ମପଦ, ତୁମେ, ତୁମେ ଏହା କହୁଛ ? ମୁଁ ଯେ ତୁମପାଇଁଅପେକ୍ଷା କରି ରହିଛି, ତା କ'ଣ ତୁମେ ଜାଣ ?

ଧର୍ମପଦ - ଜାଣେ ସର, ଜାଣେ ।

(ଦୁହେଁ ଆଲିଙ୍ଗନ ସୂତ୍ରରେ ଆବଦ୍ଧ ହେଲେ, ନେପଥ୍ୟକଣ୍ଠରୁ)

ଗୀତ

ସର - ଖୋଲିକୁହ ଦେହ ଛୁଇଁ
ଭଲ ପାଅ କି ନାହିଁ ।

ଧର୍ମ - ଜାଣନାକି ସାଥୀ ମୋର ଭଲ ପାଏ ମୁହିଁ...।୦।

ସର - ପ୍ରେମର ଏ ଦୁନିଆରେ
ମନ ମୋର ସବୁଭୁଲେ

Digitized by srujanika@gmail.com

ଧର୍ମ - କହୁଅଛି ଖୋଲିକରି
ନ କରି ଛଳନା
ତୁମ ପାଇଁ ଭୁଲିଗଲି
ଏ ସାରା ଦୁନିଆଁ .... ।୧।

ସର - ଡ଼ର ଲାଗେ କିଆଁ କହ
ଲାଗେ କିଆଁ ମୋତେ ଭୟ

ଧର୍ମ - ପାଖେ ପାଖେ ଅଛି ତୁମେ କାହାକୁ ଡ଼ରନା
ଭୁଲିଗଲି ତୁମପାଇଁ ଏ ସାରା ଦୁନିଆ....।୨।

- ଅନ୍ଧାର -

ଚତୁର୍ଥ ଦୃଶ୍ୟ

(ରାସ୍ତା । କାମପାଳ ଗୀତ ଗାଇ ଗାଇ ଆସୁଥିଲେ ।)

ଗୀତ

ଆହା ମୋ ଜୀବନଧନୀ ଜୀବନ କି ଥିବରେ
ନିଶାକର ବିଧୁମୁଖୀ କିସ କରୁଥିବରେ
ଆଶା ପଲଙ୍କରେ ବସି ଭାଷା ଲେଖୁଥିବରେ
ବୋଲେ ଉପେନ୍ଦ୍ର ଭଞ୍ଜ, ଛାଡ଼ି ସବୁ ଆଶାରେ
ଆଉକି ଶୁଣିବି ପ୍ରିୟାମୁଖୁ ପିକଭାଷାରେ ...
(ପ୍ରବେଶ କରିଛି ଚନ୍ଦ୍ରମୁଖୀ)

ଚନ୍ଦ୍ରମୁଖୀ - କାମପାଳ

କାମପାଳ - କିଲୋ ମୁହଁ କାହିଁକି ଶୁଖେଇଛୁ, ମୁଁ ଅଛି, ତୋରି ଅଭାବ କଣ ? ମୁଁ ଟିକିଏ ଦିଲ୍ଲୀ ଯିବି । ମୋତେ ହାଇକମାଣ୍ଡ ଡ଼ାକିଛନ୍ତି ।

ଚନ୍ଦ୍ରମୁଖୀ - ତୁ ଦିଲ୍ଲୀ ଯା କି ବିଲାତ ଯା, ମୋର ଯାଏ ଆସେ କ'ଣ ? ମୋ କଥା କ'ଣ କିଏ ଚିନ୍ତା କରୁଛି ?

କାମପାଳ - କିଲୋ, ଏମିତି କ'ଣ କହୁଚୁ, ତୋ କଥା ଚିନ୍ତା କରିବାକୁ ମୁଁ ଅଛି ।

ଚନ୍ଦ୍ରମୁଖୀ - ତୁ ମୋତେ ବିବାହ ନ କଲେ ମୋର ସର୍ବନାଶ ହେବ । ମୁଁ ମା'କୁ କ'ଣ କହିବି ? ସାଇ ପଡ଼ିଶା ଜାଣିଲେ କ'ଣ କହିବେ ? ମୁଁ କେମିତି ମୁହଁ ଦେଖେଇ ଦାଣ୍ଡରେ ଚାଲିବି ?

Digitized by srujanika@gmail.com

କାମପାଳ - କିଲୋ, କଥାଟା କ'ଣ ମୋତେ ଖୋଲି କହୁନୁ କାହିଁକି ? ଏଠି କିଏ ଅଛି ? କେହିତ ନାହାନ୍ତି । ତୁ ମୋତେ କହ, ତାପରେ ଚିନ୍ତା କରିବା ।

ଚନ୍ଦ୍ରମୁଖୀ - ତୁ ଆଉ କ'ଣ ଚିନ୍ତା କରିବୁ । ମୁଁ ତ ସରି ଯାଉଛି, କପାଳ ମୋର ଫାଟି ଯାଉଛି । ଯଦି ତୁ ମୋତେ ବାହା ନ ହଉ, ମନେ ରଖିଥା, ତୋ କପାଳ ଫାଟିଲା ବୋଲି ଜାଣ ।

କାମପାଳ - ଦେଖ୍ । କଥାଟାକୁ ଏମିତି କାହିଁକି ବଙ୍କେଇ ଟଙ୍କେଇ କହୁଛୁ ? ମୁଁ ତୋ ପାଇଁ ଅଛି, ତୋର ଭଲମନ୍ଦକୁ ତୋର ସ୍ୱାମୀ ରହିଛି । କାମପାଳ ପାଇକରାୟ ।

ଚନ୍ଦ୍ରମୁଖୀ - ସତରେ କ'ଣ ତୁ ମୋର ସ୍ୱାମୀ ?

କାମପାଳ - ଥରେ କହିଲି, ମୁଁ ପରା ତୋର ସ୍ୱାମୀ । ସୂର୍ଯ୍ୟଚନ୍ଦ୍ର ବଦଳି ଯିବେ ପଛକେ, ଏ କଥା ଅନ୍ୟଥା ହେବନି ।

ଚନ୍ଦ୍ରମୁଖୀ - କଥାଟିଏ କହିବି ?

କାମପାଳ - କହୁନୁ ।

ଚନ୍ଦ୍ରମୁଖୀ - ମୁଁ ତୋ ସନ୍ତାନର ମା' ହେବାକୁ ଯାଉଛି (କ୍ରାସ୍)

କାମପାଳ - ମା', ଏତେ ଶୀଘ୍ର ତୋର ମା' ହେବା ଉଚିତ ନୁହେଁ । ଆଉ ୨ ମାସ ପରେ ନିର୍ବାଚନ । ତୋତେ ଟିକଟ ମିଳିବା ଠିକ୍ ହୋଇଗଲା । ଏବେ ଘମାଘୋଟ କାମ । ମୋ ନିର୍ବାଚନ, ତୋ ନିର୍ବାଚନ ପରେ ଆମର ବାହାଘର ହେବ ।
(ସିଗାରେଟ ମୁହଁରେ ରଖି ଦିଆସିଲି ଲଗାଇଲା, ଜଳନ୍ତା ନିଆଁ କାଠିକୁ ଧରି) ଏ ନିଆଁକୁ ଚାହିଁ ମୁଁ ଶପଥ କରୁଛି, ତୋ ବାହାଘର ମୋ ସାଙ୍ଗରେ ନିଶ୍ଚୟ ହେବ । କିନ୍ତୁ ବର୍ତ୍ତମାନ ନୁହେଁ ।

ଚନ୍ଦ୍ରମୁଖୀ - ମୁଁ ତା'ହେଲେ କ'ଣ କରିବି ?

କାମପାଳ - ତୁ କାହିଁକି ଚିନ୍ତା କରୁଚୁ । ମୋ ସାଙ୍ଗ ଡ଼ାକ୍ତର । ଗର୍ଭ ନଷ୍ଟ କରିଦେବା ।

ଚନ୍ଦ୍ରମୁଖୀ - (ଚିତ୍କାର କରି) ନା, ଏ ଗର୍ଭ ମୁଁ କେବେ ନଷ୍ଟ କରିବିନି । ମୁଁ ଚିତ୍କାର କରି କହିବି ତୁ ମୋ ସନ୍ତାନର ବାପା । ଦେଖିବି, ତୁ ସେତେବେଳେ କ'ଣ କରିବୁ ।

Digitized by srujanika@gmail.com

କାମପାଳ - ହଇଲୋ, ଏମିତି ରଡ଼ି କାହିଁକି ପକଉଚୁ । ଗର୍ଭନଷ୍ଟ କରିବାନି । ତୁ ଯା, ମୋଟେ ଚିନ୍ତା କରନି । ମୁଁ ତୋ ସନ୍ତାନର ବାପା, ଏ କଥା ତ ଦୁନିଆ ଜାଣେ । ତୁ ରଡ଼ି ପକଉଚୁ କାହିଁକି ? ସୁଖବର, ମୁଁ ସ୍ୱାଗତ କରୁଛି । ନବାଗତକୁ ମୁଁ ଅଭିନନ୍ଦନ ଜଣାଉଛି । ଯା, ଘରକୁ ଯା, ଖରା ମାଡ଼ି ଆସୁଛି ।

ଚନ୍ଦ୍ରମୁଖୀ - ତାହେଲେ ମୁଁ ଯାଉଛି । ଯେ ପଚାରିବ, ତୁ ମୋ ସନ୍ତାନର ବାପା ବୋଲି କହିବି । (ଚାଲିଗଲା)

କାମପାଳ - ମରିଗଲି,ଏ ତ ଚଣ୍ଡିରାଣୀ । ୟା ହାତରୁ ରକ୍ଷା କିପରି ପାଇବି । ଗର୍ଭ ନଷ୍ଟ ନକରି ତୁ ଯିବୁ କୁଆଡ଼େ । ମୁଁ କଣ ଖାଲି ତୋର ଜଣେ ଘଇତା ? ହଉ ଦେଖିବା ତୁ କ'ଣ କରିବୁ ।
(ପ୍ରବେଶ କରିଛନ୍ତି ପୋଲିସ୍ ଇନ୍‌ସ୍ପେକ୍ଟର)

ଇନ୍‌ସ୍ପେକ୍ଟର - କାମପାଳ

କାମପାଳ - ଗୁଡ୍ ମର୍ଣ୍ଣିଙ୍ଗ୍ ସାର୍ । ସାର୍ ଗାଁ ଭିତରକୁ କୁଆଡ଼େ ବାହାରିଲେ ?

ଇନ୍‌ସ୍ପେକ୍ଟର - ହଁ, ଟିକିଏ କାମ ଅଛି । ଆଚ୍ଛା କାମପାଳ, ମୁଁ ତୁମକୁ କହିଥିଲି ଝିଅଟିଏ ଯୋଗାଡ଼ କରିବାକୁ । ମୁଁ ତାକୁ କାମ କରିବା ପାଇଁ ଘରକୁ ପଠାଇ ଦେଇଥାନ୍ତି ।

କାମପାଳ - ଝିଅଟିଏ ଠିକ୍ କରିଛି ଆଜ୍ଞା । ନାଁଟା ଚନ୍ଦ୍ରମୁଖୀ । ତାକୁ ନେଇ ଆପଣଙ୍କ ଘରକୁ ଯାଇଥିଲି । ସେ ଯେଉଁ କୁକୁର ଆପଣ ରଖିଛନ୍ତି ମୋତେ ଜିଅନ୍ତା ଖାଇ ଦେଇଥାନ୍ତା । ସେଇଟାକୁ ଘରୁ ଆଗ ବାହାର କଲେ ।

ଇନ୍‌ସ୍ପେକ୍ଟର - କୁକୁର ମହାତ୍ମ୍ୟ ତୁମେ ଜାଣିନ କାମା । ଏଇ କୁକୁର ଧର୍ମରାଜ ଯୁଧିଷ୍ଠିରଙ୍କ ସାଙ୍ଗରେ ସ୍ୱର୍ଗକୁ ଯାଇଥିଲା । ମହାଭାରତ ଯୁଦ୍ଧପରେ ପଞ୍ଚୁପାଣ୍ଡବ ଦ୍ରୌପଦୀଙ୍କୁ ସାଙ୍ଗରେ ଧରି ସଶରୀରେ ସ୍ୱର୍ଗକୁ ବାହାରିଲେ । ବାଟରେ ସମସ୍ତେ ମରି ଟଳିପଡ଼ିଲେ । କିନ୍ତୁ ଏଇ କୁକୁର ଧର୍ମରାଜ ଯୁଧିଷ୍ଠିରଙ୍କ ସାଙ୍ଗରେ ସ୍ୱର୍ଗକୁ ଗଲା ।

କାମପାଳ - ଖୁବ୍ ଭଲ ଆଜ୍ଞା । ଆପଣ ସ୍ୱର୍ଗକୁ ଗଲାବେଳେ ତାକୁସାଙ୍ଗରେ ଧରି ଯିବେ । ତେବେ ଇଆଡ଼େ ଗମନ କାହିଁକି, ସେ କଥାଟା କହିଲେ ନାହିଁ ।

Digitized by srujanika@gmail.com

ଇନ୍‌ସ୍ପେକ୍ଟର - ଧର୍ମପଦବାବୁ ଘରେ ଥିବେ ?

କାମପାଳ - ଧର୍ମପଦବାବୁ କିଏ ଆଜ୍ଞା ସେଇଟା । ବିଶୁ ମହାରଣା ପୁଅ ଧରମା । ହଁ ଏବେ କ'ଣ ପୋଲିସ ହାକିମଟାଏ ହେଲା । ଆଜ୍ଞା, ଗୋଟିଏ କଥା ଶୁଣିଛି । ଆପଣ ଖରାପ ଭାବିବେ ନାହିଁତ ? ଏ ନକ୍ସଲ ପନ୍ଥୀମାନେ ଆପଣଙ୍କୁ କୁଆଡ଼େ ଅପହରଣ କରି ନେଇଥିଲେ । ଭଲ ଖାଇବାକୁ ଦେଇଥିବେ ଆଜ୍ଞା । ହରିଣ କୁଟୁରା ମାଂସ ତ ଅଭାବ ନଥିବ । ମୁଁ ସତ କହିଲି ନା ।

ଇନ୍‌ସ୍ପେକ୍ଟର - କାମପାଳ, କାହାକୁ କ'ଣ ତୁମେ କହୁଚ, ଟିକିଏ ଚିନ୍ତା କରିପାରୁଚ । ତୁମେ ଏବେ କି ଧନ୍ଦା କରୁଚ ?

କାମପାଳ - ଆଜ୍ଞା, ଯଦି ନାହିଁ ଅନ୍ୟଗତି, କର ତୁମେ ରାଜନୀତି । ମୁଁ ମନ୍ତ୍ରୀଙ୍କ ଖାସ୍ ଲୋକ । ଆପଣ ଆସିବା କଥା ମନ୍ତ୍ରୀଙ୍କୁ କହିଲି । ସେ ଭାରି ଖୁସୀ ହୋଇଗଲେ ।

ଇନ୍‌ସ୍ପେକ୍ଟର - ମନ୍ତ୍ରୀଙ୍କ ଭୟ ତୁମେ ମୋତେ ଦେଖଉଛ ?

କାମପାଳ - ଶୁଣନ୍ତୁ ଆଜ୍ଞା । ପୋଲିସ ସାହେବ କ'ଣ କହୁଛନ୍ତି । ମୋର ମୁଣ୍ଡ କ'ଣ ଆପଣଙ୍କୁ ଭୟ ଦେଖେଇବି । ହଉ, ଯିବେ ପରା ଧରମା ଘରକୁ ।

ଇନ୍‌ସ୍ପେକ୍ଟର - ସଂଯତରେ କଥାବାର୍ତ୍ତା କର । ସେ ସି.ବି.ଆଇ. ଅଫିସର ଆମଠାରୁ ଯଥେଷ୍ଟ ବଡ଼ । ତାଙ୍କୁ ଆମେ ସାଲ୍ୟୁଟ ମାରିବୁ ।

କାମପାଳ - ସତ କି ଆଜ୍ଞା । ଏ କଥା ତ ମୁଁ ମୋଟେ ଜାଣିନଥିଲି । ହେଲେ କ'ଣ ହେବ, ସେ ତ ଶିବେଇର ଝିଅ ସର ସହିତ ଇଟର ପଟର ହଉଚି । ଦେଖିବା ବାହାଘରଟା ହଉଚି ନା ନାହିଁ । ଶିବେଇ ସାନ୍ତାରା । ଭାରି ହାଣୁଆ । ସେ କ'ଣ ମହାରଣା ଘରେ ବନ୍ଧୁ ବାନ୍ଧିବ ? ଆଜ୍ଞା ଯିବେ, ହୁସିଆରେ ଯିବେ । ତାର ବାପାଟା ପାଗଳଟାଏ । ତା କଥାକୁ ଧରିବେନି । ନମସ୍କାର । ଲାଲ୍ ସଲାମ୍ । (ପ୍ରସ୍ଥାନ)

ଇନ୍‌ସ୍ପେକ୍ଟର - ହୁଁ, ଲାଲ୍ ସଲାମ୍ ଶିଖିଗଲାଣି ।

- ଅନ୍ଧାର -

Digitized by srujanika@gmail.com

- ପଞ୍ଚମ ଦୃଶ୍ୟ -

(ଧର୍ମପଦର ଘର । ସମୟ ରାତ୍ରୀ ୪ଟା । ଦୂରରୁ ଶଗଡ଼ିଆ ଗୀତ ଭାସି ଆସୁଥାଏ । ଡ଼ାକିଛି ନକ୍ସଲ ମନୋଜ ବର୍ଦ୍ଧନ)

ମନୋଜ - ଧର୍ମପଦ, ଧର୍ମପଦ

ଧର୍ମପଦ - (ଭିତରୁ ଆସି) କିଏ ?

ମନୋଜ - ମୁଁ ମନୋଜ

ଧର୍ମପଦ - ମନୋଜ, ଏତେ ରାତିରେ ତୁ କୁଆଡ଼େ ?

ମନୋଜ - ତତେ ଅଭିନନ୍ଦନ ଜଣାଇବାକୁ ଆସିଛି ।

ଧର୍ମପଦ - ଅଭିନନ୍ଦନ ! ମୋତେ କାହିଁକି ?

ମନୋଜ - ତୁ ସି.ବି.ଆଇ. ଅଫିସର ହେଲୁ, ସେଥିପାଇଁ ।

ଧର୍ମପଦ - ଏ ତ ଖାଲି ବାହାନା । ତୋର ଅସଲ ଉଦ୍ଦେଶ୍ୟ କ'ଣ ?

ମନୋଜ - ଛାତ୍ର ଜୀବନରେ ତୁ ଥିଲୁ ତୁଙ୍ଗ ଛାତ୍ର ନେତା । ଆମମାନଙ୍କୁ ଦୃଢ଼ ସମର୍ଥନ କରୁଥିଲୁ । ନକ୍ସଲପନ୍ଥୀ ଆନ୍ଦୋଳନରେ ଯୋଗଦେବାକୁ କହିବାରୁ ମୁଁ ତୋତେ ମନା କରିଥିଲି । କାରଣ ବାପମାଙ୍କର ତୁ ଥିଲୁ ଏକମାତ୍ର ସନ୍ତାନ ।

ଧର୍ମପଦ - ତେବେ ତୁ ମୋ ଘରକୁ ଆସିବାର ଉଦ୍ଦେଶ୍ୟ ?

ମନୋଜ - ଧର୍ମପଦ, ଯେଉଁ ବୁର୍ଜୁଆମାନେ ଆଜି ଦେଶଶାସନ କରୁଛନ୍ତି, ସେମାନଙ୍କୁ ତୁ ଗୋଲାମ ହୋଇ ରହିବୁ ? ସେମାନଙ୍କର ଅନ୍ୟାୟ, ଦୁର୍ନୀତି ବିରୁଦ୍ଧରେ ତୁ କ'ଣ ସ୍ୱର ଉତ୍ତୋଳନ କରିପାରିବୁ ? ପାରିବୁ ତୁ ଅନ୍ୟାୟ, ଦୁର୍ନୀତିର କଣ୍ଠରୋଧ କରି ? ତୁ ଗୋଲାମଗିରି କଲୁ କାହିଁକି ?

ଧର୍ମପଦ - ତାହାହିଁ ତ ଚିନ୍ତା କରୁଛି । ବାପାଙ୍କୁ କଥା ଦେଇ ଦେଲି ସିନା, ତାକୁ କିପରି ପାଳନ କରିବି ତାହାହିଁ ଭାବୁଛି ।

ମନୋଜ - ତୁ କିଛି କରିପାରିବୁ ନାହିଁ । ଶାସକ ଗୋଷ୍ଠୀ ବିରୁଦ୍ଧରେ ତୁ ସ୍ୱର ଉତ୍ତୋଳନ କରିବା ଅସମ୍ଭବ । ଯେଉଁ ଦେଶରେ ପୋଲିସ୍ ରକ୍ଷକ ହୋଇ ଭକ୍ଷକ ସାଜେ, ଯେଉଁ ଦେଶରେ ପୋଲିସ୍ ନରହତ୍ୟାକୁ ଆତ୍ମହତ୍ୟା ରୂପ ଦିଏ, ଯେଉଁ ଦେଶର ପୋଲିସ୍ ଅନାଥିନୀ ନାରୀକୁ

Digitized by srujanika@gmail.com

ଧର୍ଷଣ କରିବାକୁ ପଛଘୁଞ୍ଚା ଦିଏ ନାହିଁ, ସେ ଦେଶରେ ତୁ ପୋଲିସ୍ ହେବୁ ? ତୁ ଜଣେ ମେଧାବୀଛାତ୍ର । ଏମ୍.ଏସ୍‌ସି.ରେ ଗୋଲ୍ଡ୍ ମେଡ଼ାଲିଷ୍ଟ୍ । ଚାହିଁଥିଲେ ତୁ ଜଣେ ଭଲ ଅଧ୍ୟାପକ ହୋଇପାରିଥାନ୍ତୁ ।

ଧର୍ମପଦ - ଶିକ୍ଷା ବିଭାଗ ଆଜି ଦୁର୍ନୀତିଗ୍ରସ୍ତ । ଲାଞ୍ଚ ମିଛ ଆଜି ଶିକ୍ଷା ବିଭାଗରେ ବ୍ୟାପକ । ଏଠାରେ ଅଧ୍ୟାପକମାନେ ଛାତ୍ରୀମାନଙ୍କୁ ଯୌନ ନିର୍ଯ୍ୟାତନା ଦେଇ ଗିରଫ ହେଉଛନ୍ତି । ଲାଞ୍ଚ ନଦେଲେ ପରୀକ୍ଷାରେ ଫେଲ୍ କରାଉଛନ୍ତି । ଶିକ୍ଷାବିଭାଗକୁ ତୁ ଦୁର୍ନୀତିମୁକ୍ତ ବୋଲି ବିଚାର କରୁଛୁ ? କମଳ ଯାକତ ବାଳ, କେତେ ବାଛିବୁ ?

ମନୋଜ - ସବୁଠାରୁ ଭଲ ହୋଇଥାନ୍ତା, ତୁ ମୂର୍ତ୍ତି ଗଢ଼ିଥିଲେ । ତୁ ଜଣେ ଅସାମାନ୍ୟ ଶିଳ୍ପୀ । ତୋର ପାଷାଣ ଖୋଦେଇ ମୂର୍ତ୍ତି ଆଜିବି କଲେଜ ମ୍ୟୁଜିୟମ୍‌ରେ ଶୋଭା ପାଉଛି । ମୂର୍ତ୍ତି ଗଢ଼ି ତ ତୁ ଆରାମରେ ବଞ୍ଚିପାରିଥାନ୍ତୁ । ଜାତୀୟ, ଆନ୍ତର୍ଜାତୀୟ ସ୍ତରରେ ତୁ ବେଶ୍ ନାଁ କମେଇ ପାରିଥାନ୍ତୁ ।

ଧର୍ମପଦ - ଆଜି ମୁଁ କ'ଣ କରିବି ଚିନ୍ତା କରିପାରୁନାହିଁ । ଘରେ ବାପା, ମା ଏକାକୀ । ତାଙ୍କର ବୃଦ୍ଧ ବୟସ । ତାଙ୍କୁ ଛାଡ଼ିଯିବାକୁ ମନ ହେଉନାହିଁ ।

ମନୋଜ - ମୁଁ କହୁଛି, ଏ ଚାକିରୀ ତୁ ଛାଡ଼ିଦେ ।

ଧର୍ମପଦ - ଛାଡ଼ିବି, ଇତିହାସ ସୃଷ୍ଟି କରି ଛାଡ଼ିବି । ଆରେ ମନୋଜ, ଏତେ ରାତିରେ ତୁ ମୋ ଘରକୁ ଆସିଛୁ । ତୁ ଜଣେ ଖତରନାକ ନକ୍ସଲପନ୍ଥୀ ତୋତେ ଧରାଇଦେବାପାଇଁ ସରକାର ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି । ଆଜି ନକ୍ସଲବାଦକୁ ବେଆଇନ୍ ଘୋଷଣା କରାଯାଇଛି । ତୁ ତ ଜାଣୁ, ମୁଁ ଜଣେ ପୋଲିସ୍ ଅଫିସର ।

ମନୋଜ - ସେଇଥିପାଇଁ ମୁଁ ଆସିଛି, ତୁ ମୋତେ ଗିରଫ କରିବାକୁ । ଅନ୍ତତଃ ଗୋଟାଏ ପ୍ରମୋଶନ ନିଶ୍ଚିତରେ ପାଇଯିବୁ । ତେବେ ମୋର ଶେଷ ନିଷ୍ପତ୍ତି, ମୁଁ ଆତ୍ମସମର୍ପଣ କରିବି । ଘରେ ବୃଦ୍ଧାମା । ମୁଁ ଘରକୁ ଆସିବାପାଇଁ ତାଙ୍କର ସମ୍ବାଦପତ୍ରରେ ଆକୁଳ ନିବେଦନ । ମୁଁ ସ୍ଥିର କଲି, ଆତ୍ମସମର୍ପଣ କରି ଅନ୍ୟାୟ, ଦୁର୍ନୀତି ବିରୁଦ୍ଧରେ ଲଢ଼ିବି । ଶୁଣିଲି ତୁ ଘରେ ଅଛୁ । ସେଥିପାଇଁ ଥାନାକୁ ଯିବା ପୂର୍ବରୁ

Digitized by srujanika@gmail.com

ତୋତେ ଦେଖା କରିବାକୁ ଚାଲି ଆସିଲି । ତୁ ଜାଣୁ, ଏଇ ଥାନା ଅଫିସରକୁ ମୁଁ ଅପହରଣ କରିଥିଲି ।

ଧର୍ମପଦ - ହଁ, ମଣିଷ ଜୀବନରେ ପରିବର୍ତ୍ତନ ଆସେ । ମନର ଇଗାମକୁ ସବୁବେଳେ ଧରି ରଖି ହୁଏନାହିଁ । ଯାହା ତୋ ଇଚ୍ଛା, ତା କର । ସକାଳୁ ମୋତେ ଯିବାକୁ ହେବ । ତୁ ଶୀଘ୍ର ଏଠାରୁ ଚାଲିଯା । ପୋଲିସ୍ ଯଦି ମୋ ଘରେ ତୋର ସନ୍ଧାନ ପାଏ ।

ମନୋଜ - ତୋତେ ମୁଁ କୌଣସି ବିପଦରେ ପକାଇବାକୁ ଚାହେଁନା । ଚାଲିଲି । ଲାଲ୍ ସଲାମ୍ । (ଚାଲିଗଲା)

ଧର୍ମପଦ - ହଠାତ୍ ମନୋଜର ମନରେ ପରିବର୍ତ୍ତନ ହେଲା କିପରି ? ଯାହାର ମୁଣ୍ଡ ଉପରେ ୧୨ଟି ହତ୍ୟା ମାମଲା, ୫ଟି ଥାନା ଲୁଟ୍, ସରକାରୀ କର୍ମଚାରୀ ଅପହରଣ, ଯାହାର ନାଁ ଶୁଣିଲେ ସରକାର ଥରୁଥିଲା, ତାର ମନରେ ପରିବର୍ତ୍ତନ, ଏତ ଅତି ଆଶ୍ଚର୍ଯ୍ୟର କଥା । ଦେଖାଯାଉ କ'ଣ ହଉଚି ।

(ପ୍ରବେଶ କରିଛି ସର)

ସର - ତୁମେ ସକାଳୁ ଚାଲିଯିବ । ମୋତେ ତ ଏକଥା କହିନାହଁ । ମୋ ଭାଇ ଅଭିମନ୍ୟୁ ପାଖରୁ ଶୁଣିଲି, ତୁମେ ଚାଲିଯିବ । ତୁମେ କ'ଣ ସତରେ ନିଷ୍ଠୁର । ପୋଲିସ୍ ଚାକିରୀ କଲେ, ଲୋକ ଏମିତି ନିଷ୍ଠୁର ହୋଇଯାଏ ।

ଧର୍ମପଦ - ସର, ଚାଲ ବାହାରକୁ ଯିବା । ବାପା ଉଠିଯିବେ । ସମସ୍ତେ ଶୋଇଛନ୍ତି । (ଦୁହେଁ ବାହାରକୁ ଆସିଛନ୍ତି)

ସର, ମୋତେ କ୍ଷମା କରିଦିଅ । ହଠାତ୍ ଟେଲିଗ୍ରାମ ପାଇଲି, ୨୪ ଘଣ୍ଟା ମଧ୍ୟରେ କାମରେ ଯୋଗ ଦେବାପାଇଁ । ଫ୍ଲାଇଟ୍ ଟିକଟ, ମୋ ଜିନିଷପତ୍ର ସଜଡ଼ା । ଏଣୁ କହିବାକୁ ସମୟ ପାଇଲିନି । ତାଛଡ଼ା ତୁମେ ତ ଆମଘରକୁ ଆଉ ଆଗପରି ଆସୁନାହଁ । କ'ଣ କିଛି ପ୍ରତିବନ୍ଧକ ଘଟିଲା ।

ସର - ସେ କଥା ପଚାରନି । ପ୍ରତିବନ୍ଧକ ବହୁତ । ବାପା ଆମ ବିବାହ ଚାହାଁନ୍ତି ନାହିଁ । ତାଙ୍କ ବୁନିଆଦି ଉପରେ ଆଞ୍ଚ ଆସିବ ।

Digitized by srujanika@gmail.com

ଧର୍ମପଦ - ତା'ହେଲେ ହବ କ'ଣ ? ମୋର ବାପା, ମା ବହୁତ ଆଶାକରି ବସିଛନ୍ତି । ତୁମକୁ ବୋହୂକରି ନେବାକୁ ବୋଉର ଏକାନ୍ତ ଇଚ୍ଛା । ତୁମେ କ'ଣ କହୁଛ ?

ସର - ଏ ପ୍ରଶ୍ନ ତମେ ପଚାରିପାରୁଛ ? ତୁମପାଇଁ ମୋର କେତେ ଯୁଗର ପ୍ରତୀକ୍ଷା । ଧର୍ମପଦ ଆଉ ସର । ସେମାନଙ୍କୁ ବିଚ୍ଛିନ୍ନ କରିବାକୁ ଏ ଦୁନିଆରେ କାହାର ଶକ୍ତି ଅଛି ? କିନ୍ତୁ ଡ଼ର ଲାଗେ, ତୁମେ ମୋତେ ଭୁଲିଯିବ ନାହିଁ ତ ।

ଧର୍ମପଦ - ତମପାଇଁ, ବାପା, ମାଙ୍କ ପାଇଁ ମୁଁ ଭାବୁଛି ଚାକିରୀ ଛାଡ଼ିଦେବି ।

ସର - କାହିଁକି ଧର୍ମପଦ, ଚାକିରୀ ଛାଡ଼ିଦେବ କାହିଁକି ?

ଧର୍ମପଦ - ଗୋଲାମଗିରି ମୋତେ ଭଲ ଲାଗୁନି ସର । ବର୍ତ୍ତମନ ମୋର ଛାତ୍ର ଜୀବନର ଘନିଷ୍ଠ ବନ୍ଧୁ ମନୋଜ ବର୍ଦ୍ଧନ ଆସିଥିଲା । ସେ ଜଣେ ନକ୍ସଲବାଦୀ ନେତା ।

ସର - ସେମାନଙ୍କ ସହିତ ତମେ ସଂପର୍କ ରଖିଛ ?

ଧର୍ମପଦ - ଆଜି ତାର ମନରେ ପରିବର୍ତ୍ତନ ଘଟିଛି । ସେ ଆତ୍ମସମର୍ପଣ କରି ଜାତୀୟ ସ୍ରୋତରେ ସାମିଲ ହୋଇ ଅନ୍ୟାୟ ବିରୁଦ୍ଧରେ ଲଢ଼ିବ ।

ସର - ଛାଡ଼, ସେଥିରୁ ଆମକୁ କ'ଣ ମିଳିବ ? ତୁମେ ପୁଣି କେବେ ଆସିବ ? ମୋତେ ଭୁଲିଯିବ ନାହିଁତ ? କହ ଧର୍ମପଦ, ଏ ସର କ'ଣ ଅନାଥିନୀ ହୋଇ ସାରାଜୀବନ ରହିଯିବ ?

ଧର୍ମପଦ - ମୋତେ ବିଶ୍ୱାସ କର ସର । ତୁମପାଇଁ ମୁଁ ସବୁକିଛି ତ୍ୟାଗ କରିବାକୁ ପ୍ରସ୍ତୁତ । ଘରେ ବୃଦ୍ଧ ବାପା, ମା । ତୁମମାନଙ୍କୁ ଛାଡ଼ିଯିବାକୁ ମୋତେ ମନ ହେଉନି । ମୁଁ ଖୁବ୍ ଶୀଘ୍ର ଫେରି ଆସିବି ।

ସର - ଆଉ ଆମର ବିବାହ ?

ଧର୍ମପଦ - ଆମର ବିବାହ ନିଶ୍ଚୟ ହେବ ।

(ପ୍ରବେଶ କରିଛି ଶିବେଇ ସାମନ୍ତରା)

ଶିବେଇ - ଏ ବିବାହ ମୋଟେ ହୋଇପାରିବ ନାହିଁ । ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ଏ ବିବାହ କରାଇଦେବି ନାହିଁ । ତୁ ରାତିରେ ଏକାକିନୀ ଏଠାକୁ ଚାଲି ଆସିଛୁ ? ତୋର ମା ନାହିଁ ବୋଲି ମୁଁ ତୋତେ କିଛି କହୁନାହିଁ । ତାର ଅର୍ଥ ନୁହେଁ ଯେ ତୁ ମୋର ମାନ ସମ୍ମାନକୁ ଏପରି ନିଲାମ

Digitized by srujanika@gmail.com

କରିଦେବୁ । ତୁମେ ଜଣେ ପୋଲିସ ଅଫିସର । ଏ ଅଧରାତିରେ ମୋ ଝିଅକୁ ଘରୁ ଅପହରଣ କରିବା କେଉଁ ଆଇନ ସଂଗତ ।

ସର - ବାପା, ତାଙ୍କର କିଛି ଦୋଷ ନାହିଁ । ମୁଁ ମୋ ସ୍ୱଇଚ୍ଛାରେ ଏଠାକୁ ଆସିଛି ।

ଶିବେଇ - ତୋର ପୁଣି ଗୋଟିଏ ସ୍ୱଇଚ୍ଛା । ବଦମାସ୍, ଘରକୁ ଚାଲ । ଦେଖିବି ତୁ କିପରି ବାହାରକୁ ଯିବୁ । ଦେଖିବି ତୁ କିପରି ଏହାକୁ ବିବାହ କରିବୁ ।

ସର - ବାପା, ମୁଁ ତାଙ୍କୁ ବିବାହ କରିବି ବୋଲି ଶପଥ କରିଛି । ଧର୍ମପଦ ଛଡ଼ା, ମୁଁ ଜୀବନରେ କାହାକୁ ବିବାହ କରିବି ନାହିଁ । ମୋତେ ତୁମେ ମାରିଦିଅ ପଛକେ ବାପା, ମୁଁ ତାଙ୍କୁ ଛାଡ଼ି କୁଆଡ଼େ ଯିବିନି । (ଧର୍ମପଦକୁ ଭିଡ଼ି ଧରିଲା)

ଶିବେଇ - ଦେଖ ସର, ରାତି ପାହି ଆସୁଛି । ଲୋକେ ଉଠି ପଡ଼ିବେ । ମୁଁ ଆଉ କେଉଁଠି ମୁହଁ ଦେଖାଇ ଚାଲି ପାରିବି ନାହିଁ । ଆ, ଚାଲିଆ । ତୋ ବାପାପାଇଁ ତୁ ଘରକୁ ଚାଲିଆ ।

ଧର୍ମପଦ - ଯାଅ ସର, ଘରକୁ ଯାଅ । ସାରାଜୀବନ ଅବିବାହିତ ରହିଯିବି ପଛକେ, ତୁମ ଛଡ଼ା ମୁଁ ଅନ୍ୟ କାହାକୁ ବିବାହ କରିପାରିବି ନାହିଁ । ଆମକୁ କେହି ବି ଛିନ୍ନ କରିପାରିବେ ନାହିଁ ସର, ତୁମେ ଘରକୁ ଫେରିଯାଅ ।

ସର - ତୁମେ କହୁଚ ଚାଲିଯିବି ?

ଧର୍ମପଦ - ହଁ ସର, ଏବେ ତୁମେ ଘରକୁ ଚାଲିଯାଅ ।
(ଶିବେଇ ସରକୁ ଟାଣି ଟାଣି ନେଉଥାଏ । ସର ବିକଳରେ ଡ଼ାକୁଥାଏ ଧର୍ମପଦ, ଧର୍ମପଦ)
(ପ୍ରବେଶ କରନ୍ତି ବିଶ୍ୱ)

ବିଶୁ - (ହସି ଉଠିଛନ୍ତି) ଗୋଟାଏ ନିରାଟ ସତକଥା କହିଲୁରେ ଧରମା । ସର ଧରମା ପାଇଁ, ଧରମା ସର ପାଇଁ । ତାଙ୍କୁ କିଏ ଅଲଗା କରି ଦେଇପାରିବ ? ସୃଷ୍ଟିରେ ସେପରି ଶକ୍ତି କାହିଁ ଯିଏ ଏମାନଙ୍କୁ ବିଚ୍ଛିନ୍ନ କରି ଦେଇ ପାରିବ ? ଯୁଗେ ଯୁଗେ ସରର ସୃଷ୍ଟି କେବଳ

Digitized by srujanika@gmail.com

ଧରମା ପାଇଁ ତାକୁ କେହି ଅନ୍ୟଥା କରିପାରିବେ ନାହିଁ । (ଧରମାକୁ) କ'ଣ ମନଦୁଃଖ କରୁଛୁ । ଭଲ କାମରେ ଏମିତି ବିଘ୍ନ ସୃଷ୍ଟି ହୁଏ । ଶିବେଇର ଆତ୍ମଗର୍ବ ସେମାନେ ଉଚ୍ଚ ଜାତି । ଆଉ ଆମେ ? ଆମେ କାହିଁକି ନୀଚ ହେବୁ । ଉଚ୍ଚନୀଚର ପାଚେରୀ ଏଇ ମଣିଷ ସୃଷ୍ଟି କରିଛି, ସୃଷ୍ଟିକର୍ତ୍ତା ନୁହନ୍ତି । ମୁଁ ଶିବେଇ ସାମନ୍ତରା ଘରକୁ ଯିବି । ତାକୁ ବୁଝାଇବି । ସେ ମୋ କଥା ନିଶ୍ଚୟ ଗ୍ରହଣ କରିବ । ଆ ଧରମା ତୁ କର୍ମକ୍ଷେତ୍ରକୁ ଯିବୁ ପରା । ଆଉ ଡେ଼ରି କାହିଁକି ? ଯା ଶୀଘ୍ର ବାହାରି ପଡ଼ ।

ଧରମା - ବାପା (ଛାତିକୁ ଆଉଜି ପଡ଼ି କାନ୍ଦିଲା)

ବିଶୁ - ନା, କାନ୍ଦନା ଧରମା । ଏମିତି ହୁଏ । ତୁ କାନ୍ଦନା ।

ନେପଥ୍ୟରୁ ଗୀତ - ଅନ୍ତର୍ଦାହ....

- ଅନ୍ଧାର -

- ଷଷ୍ଠ ଦୃଶ୍ୟ -

(ରାସ୍ତା । କାମପାଳ ନେତା ବେଶରେ ରାସ୍ତାରେ ଯାଉଥିଲା । ଅଭିମନ୍ୟୁ ଡ଼ାକିଛି)

ଅଭି - କକା, କକା, ଟିକିଏ ଶୁଣ ।

କାମପାଳ - ହଇରେ ମୁଁ ମନ୍ତ୍ରୀଙ୍କ ପାଖକୁ ବାହାରିଛି । ତୁ ପଛରୁ ଡ଼ାକିଦେଲୁ । ଗଲା ଅନୁକୂଳଟା ବିଗିଡ଼ିଗଲା । ହଇରେ, ଆଗରେ ସେ ମାଇପିଟା କ'ଣ ତୁଚ୍ଛା ମାଠିଆ ଧରି ଆସିଲାଣି । ସର୍ବନାଶ । ଏଣେ ତୁ ପଛରୁ ଡ଼ାକିଦେଲୁ । ତେଣେ ତୁଚ୍ଛା ମାଠିଆ । ଆଜି ଆଉ କାମ କିଛି ହେବନି । ଆଜି ପ୍ରୋଗ୍ରାମ କ୍ୟାନସେଲ୍ କରିଦେବାଟା ହିଁ ଭଲ ।

ଅଭି - ତୁମେ ଏ ସବୁ ଅନ୍ଧ ବିଶ୍ୱାସକୁ ମାନୁଛ କକା ?

କାମପାଳ - ହଇରେ ଏଗୁଡ଼ା ଅନ୍ଧବିଶ୍ୱାସ କାହିଁକି ହବ ? ଆମ ପୂର୍ବପୁରୁଷମାନେ ଯାହା କହିଯାଇଛନ୍ତି, ତା କ'ଣ ଅନ୍ଧବିଶ୍ୱାସ ? ହଁ ତୋତେ ଗୋଟେ କଥା ପଚାରିବାର ଥିଲା ।

Digitized by srujanika@gmail.com

ଅଭି - ପଚାରୁନ । ତୁମେ ତ ମୋ କଥା କିଛି କଇନି ।

କାମପାଳ - କୋ କଥା ନ କଲିରେ ତୋର । ହଇରେ, ଅଜିତ ଦାସ, ମିହିର ଦାସ, ବିଜୟ ମହାନ୍ତି, ତନ୍ଦ୍ରାରାୟ, ଅପରାଜିତା ସମସ୍ତଙ୍କୁ ମୁଁ ସିନେମାକୁ ଆଣିଛି । ଇଣ୍ଡଷ୍ଟ୍ରିରେ ମୋର କିମିତି ସୁନାମ ଅଛି ତୁ ଜାଣିବୁ କୁଆଡୁ ? ଦେଖ, ତତେ ମୁଁ ସିନେମାରେ ନିଶ୍ଚୟ ମିଶେଇଦେବି । ତୁ ଆଗ ଡ୍ରାମାରେ ମିଶିଲୁ ।

ଅଭି - ଆଜିକାଲି ଆଉ ଡ୍ରାମା ହଉଚି କି କାକା, ଖାଲିତ ଅପେରା ।

କାମପାଳ - ଆରେ ଅପେରା, ଡ୍ରାମା ସବୁ ଗୋଟେ । କିଛି ଫରକ ନାହିଁ । ତୁଛାକୁ ଏ ଲୋକଗୁଡ଼ାକ ଅପେରାକୁ ମୁହଁ ମୋଡୁଛନ୍ତି ନା । ତୁ ଆଗ ଅପେରାରେ ମିଶ ।

ଅଭି - ବାପା ଛାଡ଼ିବେନି ।

କାମପାଳ - ତୋର ବାପା ତ ବାପା ଖଣ୍ଡିଏ । ହଇରେ ତୋ ଭଉଣୀଟାକୁ ସେ ଖାଲି ପାଟି କରୁଛି କାହିଁକି ? କଥାଟିଏ ପଚାରିବି, ତୁ ଖରାପ ଭାବିବୁନି ତ ହଇରେ ଅଭି, ଦିନେ ପାହାନ୍ତିଆରେ ବାପ, ଝିଅ ଆସୁଥିବାର ଦେଖିଲି । ପାହାନ୍ତିଆଟାରେ ଦୁଇଟାଯାକ କୁଆଡ଼େ ଯାଇଥିଲେ ?

ଅଭି - କିଏ କୁଆଡ଼େ ଗଲା, ସେଥିରେ ତୁମର ଯାଏ ଆସେ କେତେ ?

କାମପାଳ - କ'ଣ ଖରାପ ଭାବିଲୁକି ?

ଅଭି - କକା ତୁମେ ମୋଠାରୁ ଦିହଜାର ନେଲଣି । ସିନେମାରେ ମିଶେଇବ ବୋଲି ଭଣ୍ଡଉଛ । ଆଉ ମାସେ ଜଗିବି । ଶୁଣିଲି ତୁମେ କୁଆଡ଼େ ଦିଲ୍ଲୀ ଯିବ ତୁମ ନେତାଙ୍କ ସହିତ କଥାହେବାକୁ ।

କାମପାଳ - ମନ୍ତ୍ରୀ ସେଇଥିପାଇଁ ଡ଼ାକିଥିଲେ ପରା । ରାଜ୍ୟସଭା ସଦସ୍ୟ ହେବାପାଇଁ ଦିଲ୍ଲୀ ନେତାଙ୍କ ପରମିଶନ୍ ଲୋଡ଼ା । ଦିଲ୍ଲୀ ଗଲେ କେଉଁଠି ରହିବି, ସେଇଟା ମୋର ଚିନ୍ତା ଥିଲା । ଏବେ ଧରମା ଦିଲ୍ଲୀରେ ପୁଲିସ୍ ହାକିମ ହୋଇଛି । ତାଘରେ ଡ଼େରାଟା ପକାଇବା । ମାଗଣା ରହିବା ଖାଇବା ହୋଇଯିବ । ଆଉ ଚିନ୍ତା କ'ଣ । ହେଲେ ବୁଢ଼ା ବାପା, ମାଙ୍କୁ ଛାଡ଼ି ସେ ଏ କାମକୁ ଯିବାଟା ଭଲ ହେଲାନି ।

Digitized by srujanika@gmail.com

ଅଭି - ତୁମେ ଧରମା ଭାଇଙ୍କ ପାଖକୁ ଯିବ ? ଯାଇ ତାଙ୍କ ବାପାମାଙ୍କୁ ଦେଖା କରି ଆସ । ଭଲ ମନ୍ଦ ବୁଝି, ତାଙ୍କୁ ଯାଇ କହିବ ।

କାମପାଳ - ହଁ ଗଲେ ହେବ । ସମୟ ହଉଚି କିରେ । ସବୁବେଳେ ଲୋକ ଗହଳି ।

ଅଭି - ଲୋକ ଗହଳି ହେବନି ! ସବୁବେଳେ ଲୋକଙ୍କୁ ମିଛ କହି ଭଣ୍ଡଉଛ । ମନ୍ତ୍ରୀ ଆମର କ'ଣ କରି ପକେଇଲେଣି ହୋ । କକା, ତୁମେ ଭଗିଆଠୁ ଟଙ୍କା ନେଇଗଲ ଚାକିରୀ କରେଇ ଦେବା ପାଇଁ ।

କାମପାଳ - ନେଇ, କ'ଣ ହେଲା ?

ଅଭି - କିଛି ହେଲାନି ଯେ, ତା ମା ଆସି ବାପାଙ୍କ ପାଖରେ କାନ୍ଦୁଥିଲା ।

କାମପାଳ - ତୋ ବାପା କ'ଣ କହିଲେ ?

ଅଭି - କହିଲେ କାମପାଳକୁ ତ ଦିଆ ହୋଇଛି । ଆମ ଗାଁର ଲୋକ ସେ । ବଡ଼ ବଡ଼ ଲୋକ ତାର ଚିହ୍ନା ପରିଚୟ । ଚାକିରୀ କରିଦେଇପାରେ । ନଇଲେ ଟଙ୍କା ମାଗି ନେଇ ଆସିବ । କାନ୍ଦୁଛ କାହିଁକି ?

କାମପାଳ - ମୁଁ ଜାଣେ, ତୋ ବାପା ଭାରି ଭଲ ଲୋକ । ସେ ମୋତେ ଚିହ୍ନନ୍ତି । ମୋ ପାୱାର ତାଙ୍କୁ ବେଶ୍ ମାଲୁମ । ସେ ଠିକ୍ କହିଲେ । ହେଲେ ତାଙ୍କର ଚିନ୍ତା ସେଇ ଝିଅଟି, ଆରେ ତୋ ଭଉଣୀ ସର । ଆମ ଜାତି କ'ଣ, ଆମ ଖାନଦାନ କ'ଣ ? ଆଉ ସେ, ହେଇ ହେଇ ଗୋଟାଏ ମହାରଣା, ଫେରେ ପାଗଳ । ତାଘରେ ବନ୍ଧୁ ବାନ୍ଧିବେ । ଲୋକେ ତାଙ୍କୁ କହିବେ କ'ଣ ?

ଅଭି - ମୋ ଭଉଣୀ ସେଇଠି ବାହା ହେବ । ଧରମାଭାଇ ତା ପାଇଁ ଉପଯୁକ୍ତ ପାତ୍ର । ମୁଁ ଦେଖିବି କିଏ ଏ ବାହାଘର ବନ୍ଦ କରିଦେବ ?

କାମପାଳ - କିରେ, ମୁଁ କ'ଣ ଓଲଟା ଶୁଣୁଛି । ତୁ କ'ଣ ତୋ ଭଉଣୀ ପଟିଆ । ଆରେ, ତୋ ବାପା କ'ଣ, ଆଉ ବିଶୁ ମହାରଣା କ'ଣ ? ଭଲକରି ଚିନ୍ତା କର ।

ଅଭି - ଦେଖ କକା, ମୁଁ ଭଲ ଲୋକ ନୁହଁ । ଆମ ଘର କଥାରେ ତୁମେ ମୁଣ୍ଡ ପୂରାଉଛ କାହିଁକି ? ତୁମେ ସବୁ ବାପାଙ୍କର ମୁଣ୍ଡ ଖରାପ କରି ଦେଉଛ । ତୁମେମାନେ ମୋ ଭଉଣୀ ନାଁରେ କଳଙ୍କ ବୋଳୁଛ । ମୁଁ ତୁମମାନଙ୍କୁ ଛାଡ଼ିବି ନାହିଁ ।

Digitized by srujanika@gmail.com

କାମପାଳ - ଦେଖ କ୍ଷୁଦ୍ର ସାପର ବିଷ ଉତ୍କଟତର ! କିରେ, ତୁ କାହିଁକି ଫଁ ଫଁ ହେଉଛୁ ? ତୋ ଭଉଣୀ ହାଡ଼ି ଘରକୁ ଯାଉ କି ପଠାଣ ଘରକୁ ଯାଉ ।

ଅଭି - (ରାଗି) କକା, ମୁହଁ ସମ୍ଭାଳି କଥାବାର୍ତ୍ତା କର । ତୁମେ ଚିହ୍ନି ନାହଁ। ଆମ ଘର ସହିତ ତୁମର ସଂପର୍କ କ'ଣ ? ଟାଉଟର, ବଦମାସ୍ ।

କାମପାଳ - କିରେ, କାହାକୁ ଟାଉଟର କହୁଛୁ ? ମୁଁ ଟାଉଟର ? ତୁ ଜାଣୁ, ମୁଁ ରାଜ୍ୟସଭା ମେମ୍ବର ହେବି । ମାନେ ଏମ୍.ପି., ମେମ୍ବର ଅଫ ପାର୍ଲାମେଣ୍ଟ ।

ଅଭି - ତୁମେମାନେ ଯଦି ଏମ୍.ପି. ହେବ, ଏ ଦେଶର ଭାଗ୍ୟ ବଦଳିଯିବ । କାଢ଼, ମୋ ଟଙ୍କା । ମୋ ଦିହକାର ଟଙ୍କା ଆଗ ମୋତେ ଫେରାଇଲ ।

କାମପାଳ - କିରେ ଅଭିମନ୍ୟୁ, କ'ଣ ରାଗିଗଲୁ ? ହଉ, ମୁଁ ମାନୁଛି, ମୋର ଦୋଷ ହୋଇଗଲା ।

ଅଭି - କାହିଁକି ଦୋଷ ହୋଇଯିବନା । ତୁମର ସାହାସ ତ କିଛି କମ ନୁହେଁ । ତୁମେ ଯଦି ଆମ ଘରକୁ ଆସ, ଦେଖ, ଫଳ କିଛି ଭଲ ହେବନି ।

କାମପାଳ - ମୁଁ କାହିଁକି ତୋ ଘରକୁ ଯିବି ? ତୋ ବାପା ଡ଼କାଇ ପଠାଇଛି ବୋଲି ସିନା ଯାଉଛି ।

ଅଭି - ସେ ବୋପା ଆଉ ତୁମର ଚୋପା ମୁଁ ଛଡ଼େଇ ଦେବି ।

କାମପାଳ - କିରେ ବାପାକୁ କ'ଣ ମାରିବୁ ?

ଅଭି - ମାଡ଼ ଖାଇବା କଥା କଲେ, ବାପା ମୋ ପାଇଁ ବଡ଼ ନୁହେଁ । ତୁମେ ଆଗ ମୋ ଟଙ୍କା କାଢ଼ିଲ ।

କାମପାଳ - ଓହୋ, ତୁ ବ୍ୟସ୍ତ ହଉଚୁ କାହିଁକି ? ହଉ ହେଲା, ତୋ ଟଙ୍କା ମୁଁ ଶୀଘ୍ର ଫେରାଇଦେବି ।

ଅଭି - ମୋ ଟଙ୍କାଟା ଶୀଘ୍ର ଘରେ ଦେଇ ଆସିବ । ନହେଲେ ମୁଁ ଥାନାରେ ରିପୋର୍ଟ କରିବି । ଆସୁଛି । (ପ୍ରସ୍ଥାନ)

କାମପାଳ - ଆରେ, ଏ କ'ଣ ମୋତେ ପୋଲିସ୍ ଡ଼ର ଦେଖେଇଲାଣି । ଆରେ, ତୁ ଗୁହାରୀ କରିବୁ ଯାହାକୁ, ମୁଁ ଜୁଆଇଁ କରିଛି ତାହାକୁ । (ଏଇ ସମୟରେ ଚନ୍ଦ୍ରମୁଖୀ ପ୍ରବେଶ କରିଛି)

ଚନ୍ଦ୍ରମୁଖୀ - କାମପାଳ

Digitized by srujanika@gmail.com

କାମପାଳ - ଚନ୍ଦ୍ରମୁଖୀ ତୁ । ମୁଁ ତ ବର୍ତ୍ତମାନ ତୋ ଘରକୁ ଯାଇଥାନ୍ତି ।

ଚନ୍ଦ୍ରମୁଖୀ - ତୁ ଏତେ ଦିନଧରି କୁଆଡ଼େ ଥିଲୁ ? ତୁ କ'ଣ ସତରେ ମୋତେ ଭୁଲିଗଲୁ ?

କାମପାଳ - ତତେ ମୁଁ କ'ଣ ଭୁଲିପାରିବି ଚନ୍ଦ୍ରମୁଖୀ ?

ଚନ୍ଦ୍ରମୁଖୀ - ତୋ ପିଲା ମୋ ପେଟରେ ଥାଇ, ବାପା ବାପା ବୋଲି ଡ଼ାକୁଛି ।

କାମପାଳ - ଏଁ, ପିଲା ଏଇ ଦିନୁ ଡ଼ାକିଲାଣି ? ସେ ତ ନିଶ୍ଚୟ ଭୁତପିଲା ହୋଇଥିବ । ଆରେ ବାପରେ, ମୁଁ କହୁଛି ଚନ୍ଦ୍ରମୁଖୀ ତାକୁ ଗର୍ଭରୁ ନଷ୍ଟ କରିଦେ । ଜନ୍ମ ହେଲେ ସେ ଆମକୁ ଖାଇଯିବ ।

ଚନ୍ଦ୍ରମୁଖୀ - ସେ କଥା କହନି । ବାହାଘର ସାରିଦେଲେ, ସେ ଆଉ କିଛି ହବନି ।

କାମପାଳ - ତୁ ଶୁଣି ଖୁସି ହେବୁ, ମୁଁ ରାଜ୍ୟସଭା ଟିକେଟ୍ ପାଉଛି । ଆମ ଦଳର ଷାଠିଏ ଜଣ ଏମ୍.ଏଲ୍.ଏ । ଆଉ କିଛି ଚିନ୍ତା ନାହିଁ । ତୁ ତ ଏମ୍.ଏଲ୍.ଏ ନିଶ୍ଚୟ ହବୁ । ସବୁ କାମ ସରିଯାଉ । ତା'ପରେ ବାହାଘର ।

ଚନ୍ଦ୍ରମୁଖୀ - ବାହାଘର ନହେଲେ ତୁ ରାଜ୍ୟସଭା ସଭ୍ୟ ହୋଇପାରିବୁନି । ମୁଁ ତୋତେ ଜେଲ୍ ପଠେଇଦେବି । ତାପରେ ଯାଇ ତୋର ଚେତା ପଶିବ ।

କାମପାଳ - (ବ୍ୟସ୍ତ ହୋଇ) ତୁ ତୋ ସ୍ୱାମୀଙ୍କୁ ଜେଲ୍ ପଠେଇଦେବୁ ?

ଚନ୍ଦ୍ରମୁଖୀ - ତୁ ମୋର କି ସ୍ୱାମୀରେ ପୋଡ଼ାମୁହାଁ, ଯୋଗିନୀଖିଆ । ତୁ ତ ଠକ । ସମସ୍ତଙ୍କୁ ଠକି ଶେଷରେ ମୋତେ ଠକିଲୁ ।

କାମପାଳ - ଦେଖେ, ମୁଁ ତୋର ସବୁ ସହିଲିଣି । ମୋତେ ଜେଲ ପଠେଇବୁ ପରା, ହଉ ପଠା । ଆରେ ତୁ କ'ଣ ଭାବିଛୁ ତୋ ପରି ମୁଁ ଚୁଡ଼ି ପିନ୍ଧିଛି ? ମୁଁ ମରଦପୁଅ ।

ଚନ୍ଦ୍ରମୁଖୀ - ହଉ, ତୁ କେମିତି ମରଦପୁଅ, ମୁଁ ଦେଖିବି । (ପ୍ରସ୍ଥାନ)

କାମପାଳ - ଆରେ ବାପ୍‌ରେ, ଏ କ'ଣ ରକ୍ତମୁଖା ହୋଇ ଉଠିଲାଣି । କିଛି ବନ୍ଦୋବସ୍ତ ନ କଲେ ତ ହବନି । ଯାଉଛି, ରତନୀ ବୁଢ଼ୀକୁ ପଠେଇବି । ତାରି ହାତରେ ଗର୍ଭନଷ୍ଟ କରିଦେବି । ନାଇଁ ଶୀଘ୍ର କିଛି ଗୋଟେ କରିବାକୁ ହେବ ।

- ଅନ୍ଧାର -

Digitized by srujanika@gmail.com

- ସପ୍ତମ ଦୃଶ୍ୟ -

(ସରର ଘର । ସର ଏକାକିନୀ ବସି ଦୁଃଖରେ ଗୀତଟିଏ ଗାଉଥିଲା ।
ଆଖିରୁ ଝରି ଆସୁଥାଏ ଲୁହ ।)

ଗୀତ - ଆଖି ଲୁହ ମୋର କେବେ ବା ଶୁଖିବ
କହିଦିଅ, କହିଦିଅ
ଅନ୍ତର ବେଦନା କେବେ ପ୍ରଶମିବ
ବୁକୁଫଟା ସେହି କୋହ...........।୦।
ମନ କଇଁ ମୋର କାନ୍ଦେ କଇଁ କଇଁ
ତୁମ ପାଇଁ ତୁମ ପାଇଁ
ଅନ୍ତର ବେଦନା ତୁମେ କି ବୁଝନା
ସୁଖପାଅ ଦୁଃଖ ଦେଇ
ଆଶାର ସୂର୍ଯ୍ୟ ଜଳି ଜଳିଯାଏ
ତାର ସାଥେ ଜାଳିଦିଅ...........।୧।
(ପ୍ରବେଶ କରିଛି ଅଭିମନ୍ୟୁ)

ଅଭି - ଅପା, ତୁ କାନ୍ଦୁଛୁ, କାହିଁକି କାନ୍ଦୁଛୁ ? ମୋ ସୁନା ଭଉଣୀଟି ପରା କାନ୍ଦନି ଅପା ।

ସର - ତୁ ତାଙ୍କ ଘରକୁ ଯାଇଥିଲୁ ?

ଅଭି - କାହା ଘରକୁ ? ଧରମାଭାଇ ଘର କଥା କହୁଛୁ ?

ସର - ତାଙ୍କର ବାପା, ମା କିମିତି ଅଛନ୍ତି ? ଭାଇଙ୍କର ଖବର ତୁ କ'ଣ ଜାଣିଛୁ ?

ଅଭି - କ'ଣ ତତେ କହିବି ଅପା । ତାଙ୍କ ମା'ଙ୍କର ଦେହ ଖରାପ ।

ସର - କ'ଣ କହିଲୁ । ବୋଉଙ୍କର ଦେହ ଖରାପ ? ଅଭି ମୁଁ ତାଙ୍କ ଘରକୁ ଯିବି ।

ଅଭି - ବାପାଙ୍କ କଥା ତ ତୁ ଦେଖୁଛୁ ।

ସର - କେତେକଷ୍ଟ ସେମାନେ ପାଉନଥିବେ । ସେମାନେ ଖାଉଛନ୍ତି କ'ଣ ? ବୋଉଙ୍କର କ'ଣ ହୋଇଛି । ଡ଼ାକ୍ତର ଔଷଧ ଦଉଚି ନା ? ଅଭି, ମୁଁ ତାଙ୍କ ଘରକୁ ଯିବି, ମୁଁ ତାକୁ କଥା ଦେଇଥିଲି । ସେମାନଙ୍କର ଦେଖାଚାହାଁ ମୁଁ କରିବି । ତାଙ୍କର କିଏ ଅଛି କହିଲୁ ?

Digitized by srujanika@gmail.com

ଅଭି - ତୁ ଥା, ମୁଁ ଯାଇ ତାଙ୍କର ଭଲମନ୍ଦ ବୁଝିଆସିବି । ବାପା ଘରେ ନାହାନ୍ତି । ତୁ ଚାଲିଗଲେ, ସେ ଉତ୍ୟକ୍ତ ହୋଇପଡ଼ିବେ ।

ସର - ସେ ଯାନ୍ତା ହେଉନା କାହିଁକି, ମୁଁ ନିଶ୍ଚୟ ଯିବି ।
(ପ୍ରବେଶ କଲେ ଶିବେଇ ସାମନ୍ତରା)

ଶିବ - କିଏ ଯିବ ? କୁଆଡ଼େ ଯିବ ? ବାହାଘରକୁ ଯିବ ? (ନୀରବତା) ମୋ କଥାର ଜବାବ ଦିଅ । ହଁ ଅଭି, ତୋ ଅପାର ବାହାଘର ମୁଁ ସାରିଦେବି । ପାତ୍ର ରାଜି ।

ଅଭି - ପାତ୍ର, ପାତ୍ର କିଏ ବାପା ?

ଶିବ - କାମପାଳ

ଅଭି - କ'ଣ ଆପଣଙ୍କର ମୁଣ୍ଡ ଖରାପ । ଗୋଟାଏ ଟାଉଟର, ଦଲାଲକୁ ମୋର ଭଉଣୀ ବାହାହବ ? ତା ମୁଁ କରାଇ ଦେବିନି ।

ଶିବ - ତୁ କିଏ ? ତୁ କ'ଣ ଏ ଘରର ମୁରବୀ ?

ଅଭି - ବାପା, ଆପଣ ଏ ଘରର ମୁରବୀ । କିନ୍ତୁ ବାପା, ଆପଣ ଜନ୍ମ ଦେଇ ସନ୍ତାନର ମଙ୍ଗଳ କ'ଣ ଚାହାଁନ୍ତି ନାହିଁ ? ତାହେଲେ, ବିଷ ଦେଇ ମାରିଦେଉନାହାନ୍ତି କାହିଁକି ? ସନ୍ତାନମାନଙ୍କୁ ବିଷ ପିଆଇ, ନିଜେ ବିଷ ପିଇ ଆତ୍ମହତ୍ୟା କରିବା ଆଜିକାଲି ତ ନିତିଦିନିଆ ଘଟଣା । ବାପା, ମୁଁ ଅନୁରୋଧ କରୁଛି, ଆପଣ ଏ ନିଷ୍ପତ୍ତିରୁ କ୍ଷାନ୍ତ ହୁଅନ୍ତୁ ।

ଶିବ - କାହିଁକି ? କାମପାଳ ଖରାପ ଲୋକ ନୁହଁ । ରାଜନୀତି କରୁଛି । ବେଶ୍ ଦିପଇସା କମାଉଛି । ଆଜି ମନ୍ତ୍ରୀଙ୍କର ସେ ଡ଼ାହାଣ ହାତ । କେତେ ଲୋକଙ୍କୁ ସେ ଚାକିରୀ ନ ଦେଉଛି । ଭଲ ଘରଖଣ୍ଡିଏ କରିଛି । ଗାଡ଼ି କରିଛି । ତାର ଖାଲି ମା'ଟିଏ । ଝିଅ ମୋର ଖୁବ୍ ସୁଖରେ ରହିବ । ମୁଁ ସେଇଠି ବାହାଘର କରିବି । ଦେଖିବି, କିଏ ଏ ବାହାଘର ବନ୍ଦ କରିଦେବ ? ନିକଟରେ ନିର୍ବନ୍ଧ କରିବାକୁ ମୁଁ ସ୍ଥିର କରିଛି ।

ସର - ମୁଁ ବାହା ହେବିନାହିଁ ବାପା, ଏ ମୋର ଶେଷ ନିଷ୍ପତ୍ତି ।

ଶିବ - (ଚିତ୍କାର କରି) ତୋର ପୁଣି ଗୋଟାଏ ନିଷ୍ପତ୍ତି ? ବଦ୍‌ମାସ୍, ଆଜି ତୋ ଯୋଗୁଁ ମୁଁ ମୁଣ୍ଡଟେକି ରାସ୍ତାରେ ଚାଲିପାରୁନି । ଧରମା

Digitized by srujanika@gmail.com

ସହିତ ସମୁଦ୍ର କୂଳରେବୁଲିବା ଗୀତ ଗାଇବା, ଲୋକେ ଦେଖି ଆସି ମୋତେ କହିଛନ୍ତି ।

ସର - ମୁଁ କିଛି ଅପରାଧ କରିନି ବାପା । ମୁଁ ଯାହାକୁ ଭଲ ପାଇଛି-

ଶିବ - ତୁ ପୁଣି ଭଲ ପାଉଛୁ ? କାହାକୁ ଧରମା ମହାରଣାକୁ । ତୋର ସାହାସ ତ ଦିନକୁ ଦିନ ବଢ଼ି ଯାଉଛି । ବଦ୍‌ମାସ୍ ।
(ମାଡ଼ ମାରିଲେ । ଅଭି ଛଡ଼ାଉଥାଏ । ସେ ମଧ ମାଡ଼ ଖାଉଥାଏ)

ସର - (କାନ୍ଦି) ବାପା, ମୋତେ ମାରି ମାରି ଜୀବନରେ ମାରି ଦିଅନ୍ତୁ । ହେଲେ, ମୁଁ ତାଙ୍କ ଛଡ଼ା ଆଉ କାହାକୁ ବାହା ହେବିନାହିଁ ।

ଶିବ - ବଦମାସ୍, ପୁଣି ଜବାବ ଦେଉଛୁ (ମାଡ଼ ମାରିଲେ) ।

ଅଭି - ମୁଁ କହିରଖୁଛି ବାପା । ଯୁବତୀ ଝିଅ ଉପରେ ହାତ ଉଠାଇ ଆପଣ ଖୁବ୍ ଅନ୍ୟାୟ କରୁଛନ୍ତି । ମୋ ଭଉଣୀ ବାହା ହବତ ଧରମା ଭାଇକୁ । ସେ ଟାଉଟରକୁ ନୁହଁ ।

ଶିବ - ଧରମା ଭାଇ, ଧରମା ଭାଇ, ଧରମା ଭାଇ । କସ୍ମିନ୍ କାଳେ ମୁଁ ଧରମାକୁ କ୍ୱାଇଁ କରିପାରିବି ନାହିଁ । କାମପାଳ ହେବ ମୋର କ୍ୱାଇଁ । ସେ ତାପାଇଁ ଉପଯୁକ୍ତ ପାତ୍ର ।
(ପ୍ରବେଶ କଲେ ବିଶୁ ମହାରଣା)

ବିଶୁ - ସାମନ୍ତରାୟ ଘରେ ଅଛ ?

ଶିବ - ତୁମେ ମୋ ଘରକୁ ଆସିଲ କାହିଁକି ?

ବିଶୁ - କ'ଣ ଗଳାଧକ୍କା ଦେଇ ବାହାର କରିଦେବ ?

ଶିବ - ତା କରିବାକୁ ମୋତେ ବେଶୀ ସମୟ ଲାଗିବନି ।

ବିଶୁ - କାହିଁକି, ମୋର ଅପରାଧ କ'ଣ ?

ଶିବ - ତୁମର ଅପରାଧ, ତୁମର ପୁଅ ମୋ ଝିଅର ସର୍ବନାଶ କରିଛି ।

ବିଶୁ - କିଏ କାହାର ସର୍ବନାଶ କରିବ ଶିବେଇ ସାନ୍ତରା । ଟିକିଏ ସ୍ଥିର ମନରେ ବିଚାର କର । ଯେ ଯାହାପାଇଁ ଏ ସଂସାରକୁ ଆସିଛି, ସେ ତାର ହୋଇ ରହିବ ।

ଶିବ - ହିତୋପଦେଶ ନ ଶୁଣାଇ, ଶୀଘ୍ର ମୋ ଘରୁ ବାହାରିଯାଅ ।

ବିଶୁ - ଓଁ, ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।

ଶିବ - ଅଶାନ୍ତିର ବୀଜ ବୁଣିବା ଲୋକ, ପୁଣି ଶାନ୍ତିର ମନ୍ତ୍ରଉଚ୍ଚାରଣ କରୁଛି । ତୁମେ କାହିଁକି ଆସିଛ ?

Digitized by srujanika@gmail.com

ବିଶୁ - ତା ତୁମେ ଭଲକରି ଜାଣିଛ । ମୁଁ ଆସିଛି ମୋ ମା ସରପାଇଁ । ସେ ମୋର କୁଳବଧୂ । ତାର ହାତରୁ ପିଣ୍ଡ ପାଇଲେ, ମୋର ଆତ୍ମା ଶାନ୍ତି ହେବ ।

ଶିବ - ଆକାଶ କୁସୁମର ପରିକଳ୍ପନା କରୁଥିବା ଗୋଟାଏ ପାଗଳ ସହିତ ମୁଁ କ'ଣ ବା କଥାବାର୍ତ୍ତା କରିବି ?

ସର - କିଏ ପାଗଳ ବାପା । କାହାକୁ ଆପଣ ପାଗଳ କହୁଛନ୍ତି ? ଯାହାର ଜ୍ଞାନ ଅପରିସୀମ, ସେଭଳି ଜଣେ ଜ୍ଞାନପାଗଳଙ୍କୁ ଦେବତା ନ କହି କ'ଣ ପାଗଳ କୁହାଯାଏ ।

ବିଶୁ - ମା ସର ।

ସର - ବାପା

ବିଶୁ - ମା ତୋର ଅସୁସ୍ଥ । ତୋତେ ଦେଖିବାକୁସେ ବ୍ୟଗ୍ର ହୋଇ ପଡ଼ିଲାଣି । ପୁତ୍ରହରା ମା ଅପେକ୍ଷା କରିଛି, ତାର ପୁତ୍ରବଧୂ ହାତର ଅମୃତ ପରଶକୁ । ଯାହା ଫଳରେ ସେ ରୋଗମୁକ୍ତ ହୋଇଯିବ । କ'ଣ ମା, ତୁମେ ତାଙ୍କୁ ନିରାଶ କରିବ ?

ସର - ବାପା (କାନ୍ଦିଲା)

ବିଶୁ - କାନ୍ଦୁଛୁ ମା, କାନ୍ଦନି । ଦୁଃଖ ସବୁଦିନେ ରହେନି । ଦୁଃଖ ପରେ ସୁଖ । ଏ ଚିରନ୍ତନ ସତ୍ୟକୁ ତୁମେ କ'ଣ ଅସ୍ୱୀକାର କରିପାରିବ ?

ଶିବ - ତୁମେ ଏଠାରେ ରହି ମୋର କ୍ରୋଧାଗ୍ନିକୁ ପ୍ରଜ୍ୱଳିତ କରୁଛ କାହିଁକି ପାଗଳ ? ମୋର ବିନା ଅନୁମତିରେ ମୋ ଝିଅ ସହିତ କଥାବାର୍ତ୍ତା ହେବାକୁ ତୁମେ କିଏ ? ପାଗଳାମି ବନ୍ଦ କରି ଶୀଘ୍ର ଏଠାରୁ ଚାଲିଯାଅ । ଯା ସର, ଭିତରକୁ ଯା ।

ବିଶୁ - ହଁ ମୁଁ ପାଗଳ । ଲୋକେ କହନ୍ତି ମୁଁ ପାଗଳ । ଏ ପାଗଳର ପ୍ରଳାପ କିନ୍ତୁ ସତ୍ୟର ଅପଳାପ ନୁହେଁ । ମନେରଖ ଶିବେଇ ସାମନ୍ତରାୟ । ସତ୍ୟ ଆଗରେ ତୁମେ ଦିନେ ମଥାନତ କରିବ । ଏହାହିଁ ସତ୍ୟ । ମା ସର ଦୁଃଖରେ ଭାଙ୍ଗିପଡ଼ ନାହିଁ ମା । ପ୍ରଭୁ ତୁମମାନଙ୍କର ନିଶ୍ଚୟ ମଙ୍ଗଳ କରିବେ । ମୁଁ ଜାଣେ, ତୁମେ ଆସିପାରିବ ନାହିଁ । ତୁମକୁ ନବାପାଇଁ ମୁଁ ମଧ ଅକ୍ଷମ । ତେବେ ମୁଁ ଆସୁଛି । ସତ୍ୟଭାମାଙ୍କୁ ମୁଁ କ'ଣ କହି ବୁଝେଇବି । ତୁମକୁ ନ ଦେଖି ସେ ବ୍ୟସ୍ତ ହୋଇପଡ଼ିବେ । (ପ୍ରସ୍ଥାନ)

Digitized by srujanika@gmail.com

ଶିବ - ଏ ପାଗଳ ଆସି ବାତାବରଣକୁ କଳୁଷିତ କରି ଦେଇଗଲା । ମୁଁ ତୁମମାନଙ୍କୁ କହି ରଖୁଛି । ପିତାମାତା ସନ୍ତାନର ମଙ୍ଗଳ କାମନା କରନ୍ତି । ମୁଁ ତୁମର ଜନ୍ମଦାତା ପିତା । ତୁମମାନଙ୍କର ମଙ୍ଗଳ ମୁଁ ଚାହେଁ । ଯାଅ, ନିଜ କର୍ତ୍ତବ୍ୟରେ ଲାଗିପଡ଼ । ଯା ସର, ଠିଆ ହୋଇ ରହିଲୁ କାହିଁକି ?

(ଭିତରକୁ ଚାଲିଗଲେ, ମଞ୍ଚରେ ବିରାଜମାନ କଲା ନୀରବତା । ଏକ କରୁଣ ରାଗିଣୀ ଭାସି ଆସିଲା । ସର କଣ୍ଠରୁ ସେଇ ଦୁଃଖଭରା ଗୀତରୁ ପଦେ)

ସର - ମୁଁ କ'ଣ କରିବି । ମୁଁ ତାଙ୍କ ଘରକୁ ଯିବି । ମୋତେ କେହି ମନା କରିପାରିବେନି । ମୋ ମନ, ମୋ ଇଚ୍ଛା । (କାନ୍ଦୁଥିଲେ)

ଅଭି - କାନ୍ଦେନି ଅପା । ତୁ ସେଠାକୁ ନିଶ୍ଚୟ ଯିବୁ । ତାର ବନ୍ଦୋବସ୍ତ ମୁଁ କରିବି । ତୋଭାଇ ବଞ୍ଚିଛି । ତୋର ସୁଖ ମୁଁ ଦେଖିବାକୁ ଚାହେଁ ଅପା । ସେଥିପାଇଁ ଜୀବନଯାଉ ପଛକେ ସତ୍ୟପଥରୁ ମୁଁ କେବେ ବିଚ୍ୟୁତ ହେବିନାହିଁ । ବାପାଙ୍କ ଅନ୍ୟାୟର ମୁଁ ଦୃଢ଼ ପ୍ରତିବାଦ କରିବି ।

ସର - ଅଭି । (କଇଁ କଇଁ ହୋଇ କାନ୍ଦୁଥିଲେ)

ନେପଥ୍ୟରୁ ଶୀର୍ଷକ ସଂଗୀତ - ଅନ୍ତର୍ଦାହ...ଅନ୍ତର୍ଦାହ...

- ଅନ୍ଧାର -

- ଅଷ୍ଟମ ଦୃଶ୍ୟ -

(ଆଲୋକ ଜଳିଲା ବେଳକୁ ଦେଖାଗଲା, ଧର୍ମପଦର ବୋଉ ପିଣ୍ଡାରେ ବସିଥିଲେ । କାଶ ଉଠୁଥିଲା । ଧଇଁ ସଇଁ ହୋଇ)

ସତ୍ୟଭାମା - ଏ ଜ୍ୱର ଆଉ କାଶ ଜମା ଛାଡ଼ିବନି । ଆସିଛି ମୋତେ ସାଙ୍ଗରେ ନେଇଯିବ । ମୁଁ କ'ଣ ଆଉ ମୋ ଧରମାକୁ ଦେଖିବି ନାହିଁ ? ଧରମାକୁ ନ ଦେଖିଲେ ଏ ପ୍ରାଣ ଛାଡ଼ିବ କିପରି ? ଧରମାରେ, ତୁ କ'ଣସତରେ ନିଷ୍ଠୁର । ଚାକିରୀ ଆମର କ'ଣ ହେବ । ଆମର କୋଉ ଅଭାବ ଅଛି । ଖାଇବାକୁ ମୋର କିଏ ଅଛି । ଛ'ଟା ନାହାନ୍ତି କି ନଅଟା ନାହାନ୍ତି । ତୁ ବସି ଖାଇଲେ ମୋର ଧନ ସଂପତ୍ତି ସରିବ ନାହିଁ ମୁଁ ଚଣ୍ଡାଳୁଣୀ ତ ଏତକ କରିଛି । ତା ବାପା

Digitized by srujanika@gmail.com

ଚାକିରୀକୁ ଯିବାକୁ ମନା କରୁଥିଲେ । ମୁଁ ତାକୁ ବାଧ କରି ପଠାଇଲି । ଏବେ ମୁଁ କ'ଣ କରିବି ? ଏ ମଧ୍ୟ କାହିଁକି ଏଯାଏ ଆସିଲେନି । ସରର ବାପା କ'ଣ ତାକୁ ଅପମାନ ଦେଲା ? ହଁ ସର ମୋର କିଏ ? ସେ କାହିଁକି ଆସିବ ? ତେବେ ସେ ମୋତେ କଥା ଦେଇଥିଲା କାହିଁକି ? କାହିଁକି ସେ ଆଶା ଦେଇ, ମୋତେ ନିରାଶ କରୁଛି । (କାନ୍ଦୁଥିଲେ) (ପ୍ରବେଶ କଲେ ବିଶୁ ମହାରଣା)

ବିଶୁ - କାହା ସହିତ କଥାବାର୍ତ୍ତା ହେଉଥିଲ ସତ୍ୟଭାମା । ଆରେ ତୁମେ କାନ୍ଦୁଛ କାହିଁକି ? କାନ୍ଦି କାନ୍ଦି ତ ଦେହରେ ହାଡ଼ ଦିଖଣ୍ଡ ରହିଲା ।

ସତ୍ୟଭାମା - ତୁମେ ଏକୁଟିଆ ଆସିଛ । ମୋ ସର କାହିଁ ?

ବିଶୁ - ସର ତୁମର କିଏ ? କାହାକୁ ତୁମେ ମୋର ବୋଲି କହୁଛ ? ମିଛ ମାୟା ଭରା ଏ ସାରା ଦୁନିଆଁ କିଏ ନୁହେଁ ଆପଣାର, କାହାକୁ ବୋଲୁଛ ମିଛେ ମୋର ମୋର ।

ସତ୍ୟଭାମା - କ'ଣ ହେଲା, ତା ବାପା କ'ଣ ତୁମକୁ କିଛି କହିଲା ?

ବିଶୁ - କହିଲା, ବହୁତ କିଛି କହିଲା ସତ୍ୟଭାମା । ଶୁଣିଲି, ବହୁତ କିଛି ଶୁଣିଲି । କେବଳ ମୁଁ ଯାଇଥିଲି ତୁମରି ପାଇଁ । ମୁଁ ଭାବିଥିଲି, ସର ମୋ ସାଙ୍ଗରେ ଚାଲିଆସିବ । କାହିଁ, ସେ ତ ଆସିଲା ନାହିଁ । କେବଳ ଅପମାନ ପାଇବାଟା ମୋର ସାର ହେଲା । ତୁମେ ମୋତେ ଆଉ କେଉଁଠାକୁ ପଠାଇବ ନାହିଁ ସତ୍ୟଭାମା । ସେ କହିଲା ଆମେ ଛୋଟ ଜାତି । ସେ କ'ଣ ଉଚ୍ଚ ଜାତି । ମୋତେ କହିବାକୁ ସେ କିଏ ? ମୋ ପୁଅ କ'ଣ ? ସେ ଉଚ୍ଚ ଶିକ୍ଷିତ । ଉଚ୍ଚ ଅଫିସର, ପୋଲିସ ହାକିମ । ଆଉ ତା ଝିଅ, ସେ କ'ଣ ? ତାର ଶିକ୍ଷାଦୀକ୍ଷା କ'ଣ ? ସେ କ'ଣ ମୋ ଘରେ ବନ୍ଧୁ ବାନ୍ଧିବାକୁ ଯୋଗ୍ୟ ?

ସତ୍ୟଭାମା - ଛି, ଏମିତି କ'ଣ କହୁଛ ? ସର ଭାରି ଭଲ ଝିଅ ? ସେ ଧରମାକୁ ଭଲ ପାଏ । ଆଉ ଧରମା ମଧ୍ୟ । ସେ ମୋର କି ଉପକାର ନ କରିଛି ? ମୋ ପାଇଁ ସେ କେତେ କଷ୍ଟ ନ ସହିଛି ?

ବିଶୁ - ମୁଁ ତା ମାନୁଛି ସତ୍ୟଭାମା । ହେଲେ ବର୍ତ୍ତମାନ କ'ଣହେଲା ? ସରତ ମୋର ଅନୁରୋଧ ରକ୍ଷା କଲା ନାହିଁ, ତାର ବାପା ମୋତେ

Digitized by srujanika@gmail.com

ଅପମାନ ଦେଲା । ସେ ମଥାପାତି ସହିଗଲା କାହିଁକି ? (ଚିତ୍କାର କରୁଥିଲେ)

ସତ୍ୟଭାମା - ତୁନି ହୁଅ । ସବୁ ଆମ କର୍ମର ଫଳ ।

ବିଶ୍ଵ - ହଁ ସତ୍ୟଭାମା, ସବୁ ଆମ କର୍ମର ଫଳ । ତାକୁ କିଏ ଅନ୍ୟଥା କରିପାରିବ ? ଆଜି ମୁଁ ମୋର କର୍ମଫଳ ଭୋଗ କରୁଛି । ଲୋକେ କହୁଛନ୍ତି, ମୁଁ ପାଗଳ । ମୁଁ କ'ଣ ସତରେ ପାଗଳ ? ତୁମେ କୁହ ସତ୍ୟଭାମା ଲୋକେ ମୋତେ ପାଗଳ କାହିଁକି କହୁଛନ୍ତି ? ମୋର ଅପରାଧ କ'ଣ ? କାହାର ମୁଁ କି ଅନିଷ୍ଟ କଲି ? ହେ ଭଗବାନ, ମୋତେ ରଖିଛ କାହିଁକି ? ମୁଁ ଏ ଦୁନିଆରେ ରହି ବା କ'ଣ କରିବି ? (କାନ୍ଦୁଥିଲେ)

ସତ୍ୟଭାମା - ଆସ ଘରକୁ ଆସ । ତୁଚ୍ଛାଟାରେ ମନ ଖରାପ କରୁଛ କାହିଁକି ?

ବିଶ୍ଵ - ପୁଅ ପାଖକୁ ଖବର ପଠାଇଲି, ବୋଉ ଦେହ ଖରାପ । କାମପାଳ ନିଶ୍ଚୟ କହିଥିବ । ସେ ଆସିଲା ନାହିଁ କାହିଁକି ? ତା ପାଇଁ ତା କାମ କ'ଣ ବଡ଼ ହୋଇଗଲା । ମା ବଡ଼ ହେଲାନି ? ଏମାନେ ପୁଅ । କେତେ କଷ୍ଟସହି ମୁଁ ତାକୁ ପାଠ ପଢ଼େଇଥିଲି ।

ସତ୍ୟଭାମା - ପୁଅ ମୋର ଭାରି ଭଲ । ସେ ନିଶ୍ଚୟ ଆସିବ । ତୁମେ ଟେଲିଗ୍ରାମ କର ।

ବିଶ୍ଵ - ହଁ ତା କରିବାକୁ ଖାଲି ବାକୀ ଅଛି । କେହି ଆସିବେ ନାହିଁ । ନା ଧରମା, ନା ସର । ତୁମେ ବ୍ୟସ୍ତ ହୁଅନି ସତ୍ୟଭାମା, ମୁଁ ବଞ୍ଚିଛି । ତୁମର ସେବା ମୁଁ କରିବି । ଏପର୍ଯ୍ୟନ୍ତ ତ କରି ଆସିଛି । କିଏ ଆଉ କରୁଥିଲା ? ଭାଇତ ଭଗାରି । ସେମାନେ କ'ଣ ଆମକୁ ପଚାରୁଛନ୍ତି ?

ସତ୍ୟଭାମା - ମୋ ମନ କହୁଛି, ମୋ ସର ନିଶ୍ଚୟ ଆସିବ । ଏଇ, ତୁମେ ତାକୁ ମୋ ଦେହ କଥା କହିଥିଲ ତ ?

ବିଶ୍ଵ - ମୋତେ ବିଶ୍ଵାସ କର, ଏକଥା କହି, ମୁଁ ତାକୁ ଘରକୁ ଆସିବାକୁ ଅନୁରୋଧ କରିଥିଲି ।

ସତ୍ୟଭାମା - ବାପାକୁ ନ କହି ସେ ଆସନ୍ତା କିପରି ?

Digitized by srujanika@gmail.com

ବିଶୁ - କିନ୍ତୁ ମୋର ବିଶ୍ୱାସ ଥିଲା, ସର ନିଶ୍ଚୟ ଆସିବ । ସରପାଇଁ ଧରମା, ଧରମା ପାଇଁ ସର । ଏ କଥା ତ ଅନ୍ୟଥା ହେବନି ସତ୍ୟଭାମା । ତେବେ ସର ଆସିଲା ନାହିଁ କାହିଁକି (ଚିତ୍କାର କରୁଥିଲେ) ସେ ଚାଲିଆସିଥିଲେ, ମୁଁ ଜାଣିଥାନ୍ତି, ଚନ୍ଦ୍ର ସୂର୍ଯ୍ୟ ସତ୍ୟପରି, ଧରମା ସରର ପ୍ରେମ ଯୁଗ ଯୁଗ ପାଇଁ ସତ୍ୟ । କହ ସତ୍ୟଭାମା ସେ ଆସିଲା ନାହିଁ କାହିଁକି ? (କାନ୍ଦୁଥିଲେ)

(ସର ଆସି ପହଞ୍ଚିଛି)

ସର - ସର ତୁମ କୋଳକୁ ଫେରିଆସିଛି ବାପା । ବୋଉ, ତୁମର ସର ଫେରି ଆସିଛି ।

ସତ୍ୟଭାମା - (ଆନନ୍ଦରେ) ସର, ତୁ ଆସିଲୁ ମା, ଆ ମୋ ପାଖକୁ ଆ । (ଆଲିଙ୍ଗନ)

ବିଶୁ - ଦେଖିଲ ସତ୍ୟଭାମା, ସର ଆସିଛି । ସେ ଆସିବ ବୋଲି ମୁଁ ଜାଣିଥିଲି । ମୁଁ ଜାଣିଛି ସରର ପ୍ରେମ ଚିରଦିନ ପାଇଁ ଅମର । ସେଦିନ ଧରମାର ଆତ୍ମବଳୀ ପରେ, ସର ତାକୁ ଅପେକ୍ଷା କରିକରି ମରିଯାଇଥିଲା । ସେହି ସର ଆଜି ଧରମା ପାଖକୁ ଫେରିଆସିଛି । କିନ୍ତୁ ମା, ତୋର ବାପା ସେ ନିଷ୍ଠୁର ଲୋକ । ସେ ଏଠାକୁ ଆସିବେ । ତୋଉପରେ ଶାରିରୀକ ନିର୍ଯ୍ୟାତନା ଦେବେ । ଏ ଅଶାନ୍ତି ଭିତରେ ତୁ କେତେଦିନ ବଞ୍ଚିପାରିବୁ ମା ?

ସର - ବାପା, ଅଶାନ୍ତିରୁ ମୁକ୍ତି ପାଇବା ପାଇଁ, ମୁଁ ଚିରଦିନ ଶାନ୍ତି ପାଇବା ପାଇଁ ମୋ ମା'ର କୋଳ, ମା'ର ପଣତକାନି ନିକଟକୁ ଫେରିଆସିଛି । ବୋଉ, ତୁମେ କ'ଣ ମୋତେ କୋଳେଇ ନେବ ନାହିଁ ।

ସତ୍ୟଭାମା - ମା' ତୋତେ ପାଇ ମୁଁ ଧନ୍ୟ । ତୁ କୋଉ ଜନ୍ମରେ ମୋର ଝିଅ ଥିଲୁ, କିନ୍ତୁ ମା' ତୋର ବାପାଙ୍କର ଅନୁମତି ବିନା, ତୋର ଏଠାକୁ ଆସିବା ଉଚିତ ହୋଇନାହିଁ । ଲୋକେ ନିନ୍ଦା କରିବେ ।

ବିଶୁ - ତୁମେ ଠିକ୍ କହିଛ ସତ୍ୟଭାମା । କିନ୍ତୁ ସର ଯେ ଏ ଘରକୁ ଆସିବ, ଏ ଘରର ବୋହୂ ହେବ ଏହାତ ଧ୍ରୁବ ସତ୍ୟ । ଏହାତ କିଏ ଅନ୍ୟଥା କରିପାରିବ ନାହିଁ । ତେବେ ଲୋକ ନିନ୍ଦା, ସେଥିପାଇଁ ତୁମେ

Digitized by srujanika@gmail.com

ଚିନ୍ତା କରୁଛ ଏ ଲୋକେ କାହାକୁ କେବେ ପ୍ରଶଂସା କରିଛନ୍ତି ? ଭଲକୁ ଭଲ ବୋଲି କହିଛନ୍ତି ? ଅନ୍ୟାୟକୁ ଅନ୍ୟାୟ ବୋଲି କହିଛନ୍ତି ? ତେବେ ଲୋକଙ୍କ କଥାକୁ ତୁମେ ଚିନ୍ତା କରୁଛ କାହିଁକି ? ମୁଁ ଏମାନଙ୍କୁ ମୋଟେ ଖାତିରି କରେ ନାହିଁ ।

(ପ୍ରବେଶ କରିଛନ୍ତି ଇନ୍ସପେକ୍ଟର)

ଇନ୍ସପେକ୍ଟର - ଆପଣଙ୍କୁ ମୋର ଗୋଟିଏ ଅନୁରୋଧ

ବିଶୁ - ଅନୁରୋଧ ? କାହାକୁ ଆପଣ କି ଅନୁରୋଧ କରୁଛନ୍ତି ?

ଇନ୍ସପେକ୍ଟର - ଆପଣଙ୍କ ଘରେ ସରସ୍ୱତୀଦେବୀ ଅଛନ୍ତି ?

ବିଶୁ - ହଁ ଅଛନ୍ତି ।

ଇନ୍ସପେକ୍ଟର - ମୁଁ ତାଙ୍କୁ ତାଙ୍କ ବାପାଙ୍କୁ ଫେରାଇ ଦେବାକୁ ଚାହେଁ ।

ସର - ଆପଣ କିଏ ? ଆପଣ ମୋତେ କାହାକୁ ଫେରାଇ ଦେବେ ?

ଇନ୍ସପେକ୍ଟର - ଓଃ ଆପଣ, ଆପଣ ଶିବରାମ ସାମନ୍ତରାୟଙ୍କ ଝିଅ । ବାପା ଥାନାରେ ଅଭିଯୋଗ କରିଛନ୍ତି । ଆପଣଙ୍କୁ ଅପହରଣ କରି ନିଆଯାଇଛି ।

ସର - ଇନ୍ସପେକ୍ଟର ବାବୁ ମୁଁ ସାନପିଲା ନୁହେଁ । ମୋର ବୟସ ଚବିଶ ବର୍ଷ । ମୋତେ କିଏ ଅପହରଣ କରିବ ? ମୁଁ ସ୍ୱଇଚ୍ଛାରେ ଏଠାକୁ ଆସିଛି । ଆପଣ ବେଶି କିଛି କହିଲେ, ମୁଁ ଆଇ.ଜିଙ୍କ ସହିତ କଥାବାର୍ତ୍ତା କରିବି । ମହିଳା କମିଶନରଙ୍କୁ ରିପୋର୍ଟ କରିବି । ମୁଁ ଯେଉଁଆଡ଼େ ଯିବି, ତା ମୋ ଇଚ୍ଛା ଉପରେ ନିର୍ଭର କରେ ।

ଇନ୍ସପେକ୍ଟର - ଠିକ୍ ଅଛି । ଆପଣ ସ୍ୱଇଚ୍ଛାରେ ଯେତେବେଳେ ଆସିଛନ୍ତି ମୋର କହିବାକୁ କିଛି ନାହିଁ । ମୁଁ ଆସୁଛି । (ଚାଲିଗଲେ)

ବିଶୁ - ଓଃ ବାପା ତୋର ପୋଲିସ୍‌ର ଆଶ୍ରୟ ନେଇଛନ୍ତି । ମୋ ପୁଅ ଯେ ପୋଲିସର ବଡ଼ ହାକିମ । ତୁ ଠିକ୍ କହିଛୁ ମା । ଆଗ ଘର ଭିତରକୁ ଚାଲ ।

- ଅନ୍ଧାର -

Digitized by srujanika@gmail.com

- ନବମ ଦୃଶ୍ୟ -

(ଦିଲ୍ଲୀର ରାଜରାସ୍ତା । ଧର୍ମପଦ ଓ କାମପାଳ କଥାବାର୍ତ୍ତା ହୋଇ ଯାଉଥିଲେ ।)

କାମପାଳ - ଆଜ୍ଞା ଧର୍ମପଦବାବୁ, ଦିଲ୍ଲୀ ନଗରୀ କିପରି ଲାଗୁଛି । କବି ପରା କହିଛନ୍ତି ପୁଷ୍ପେଷୁ ମଲ୍ଲୀ, ନଗରୀସୁ ଦିଲ୍ଲୀ, ଆଉ ମଧ କଥାରେ ଅଛି ଆଜ୍ଞା ଦିଲ୍ଲୀକା ଲଡୁ ଯୋ ଖାୟା ଓ ପସ୍ତାୟା ।

ଧର୍ମପଦ - ତୁମେ ଦିଲ୍ଲୀ କାହିଁକି ଆସିଛ ? କ'ଣ ତୁମର ଏଠାରେ କାମ ?

କାମପାଳ - ଆଜ୍ଞା, କଥାଟା କହିବି, ଆପଣ ଶୁଣି ଖୁସୀ ହେବେକି ଦୁଃଖ କରିବେ । ତେବେ ମୋର ଏଥର ରାଜ୍ୟସଭା ସଦସ୍ୟଟା ଥୁଆ । ସେଥିପାଇଁ ଆସିଛି, ଆମ ନେତାଙ୍କର ଅନୁମତି ଭିକ୍ଷା କରିବାକୁ । ମୁଁ ତ ଚାରିଦିନ ହେଲା ଆସିଲିଣି । ହେଲେ ଆପଣଙ୍କର କ'ଣ ଦେଖା ମିଳୁଛି ?

ଧର୍ମପଦ - ଗୋଟେ ବଡ଼ କେଶ୍‌ରେ ମୁଁ ବ୍ୟସ୍ତ ଥିଲି । ଛାଡ଼ ସେ କଥା । ହଁ, ତୁମେ କାହିଁକି ରାଜ୍ୟସଭା ସଭ୍ୟ ନହେବ । ଏ ଦେଶର ଗଣତନ୍ତ୍ରରେ ସବୁ କିଛି ସମ୍ଭବ । ଫୁଲନ୍ ଦେବୀ ପରି ଡ଼ାକୁରାଣୀମାନେ ଯେତେବେଳେ ଏମ୍.ପି. ହୋଇ ପାରିଥିଲେ, ତୁମେ ନ ହବ କାହିଁକି ? ତୁମେ ତ ଏ ପର୍ଯ୍ୟନ୍ତ ସେ ପଯ୍ୟାୟଭୁକ୍ତ ହୋଇନାହଁ । ଯାହା ଖାଲି ଚାକିରୀ କରାଇଦେବା ନାଁରେ...

କାମପାଳ - ସାର୍, ଆଜ୍ଞା, ଆପଣ କ'ଣ ଏକଥାଟା ଜାଣିଛନ୍ତି ? ପୋଲିସ୍ ହାକିମ ହୋଇଛନ୍ତି ଯେତେବେଳେ କାନରେ ନିଶ୍ଚୟ କିଛିଟା ପଡ଼ିଥିବ । ତେବେ ଆଜ୍ଞା, ସାରେ, ମୁଁ କାହାର ଖାଇ ନାହିଁ । ସମସ୍ତଙ୍କ ପଇସା ଦେଇଦେଇଛି ।

ଧର୍ମପଦ - ଆଉ ଆମ ଅଭିମନ୍ୟୁର ? ତାର ସିନେମା କଥା କ'ଣ ହେଲା ?

କାମପାଳ - ସେ କ'ଣ ଏକଥା ଆପଣଙ୍କୁ କହି ସାରିଛି ? ଯେତେହେଲେ ସେ ଆପଣଙ୍କ ଲୋକ ।

ଧର୍ମପଦ - ତାଟଙ୍କା ଦେଲଣି କି ନାହିଁ ।

କାମପାଳ - ଆଜ୍ଞା, ସେ ତ କୋ ଦିନୁ ନେଇ ସାରିଲାଣି ।

Digitized by srujanika@gmail.com

ଧର୍ମପଦ - ଏଠାରେ କେଉଁଠି ରହୁଛ ?

କାମପାଳ - ଉତ୍କଳ ଭବନରେ । ଆପଣ ତ ଘରେ ନଥିଲେ । ଏଣୁ ସେଇଠି ରହୁଛି । ଆଜ୍ଞା ଚିହ୍ନା ପରିଚୟ ନଥିଲେ ବହୁତ ପଇସା ହାଙ୍କି ନେଉଛନ୍ତି । ସାରେ, ଆପଣଙ୍କ ଘରେ ଦି, ଚାରିଦିନ ରହିଗଲେ କେମିତି ହୁଅନ୍ତା ?

ଧର୍ମପଦ - ପୋଲିସ ଘରେ ବାହାର ଲୋକ ରହିବା ମନା ।

କାମପାଳ - ମୁଁ ବାହାର ଲୋକ କାହିଁକି ହବି, ମୁଁ ତ ଆପଣଙ୍କ ଲୋକ ।

ଧର୍ମପଦ - ହୋଇପାରେ । କିନ୍ତୁ ମା, ବାପା, ଭାଇ, ଭଉଣୀଙ୍କ ଛଡ଼ା ଅନ୍ୟମାନେ ରହି ପାରିବେ ନାହିଁ ।

କାମପାଳ - ଏ କାମ କିମିତି ଲାଗୁଛି ଆଜ୍ଞା ?

ଧର୍ମପଦ - ମୋତେ ଭଲ ଲାଗୁନି ।

କାମପାଳ - ପୋଲିସ୍ ସାହେବ ହୋଇଛନ୍ତି, ଭଲ ଲାଗୁନି ? ଏଇଟା ପୁଣି ଗୋଟେ କଥା ?

ଧର୍ମପଦ - ଆମମାନଙ୍କୁ ଏକାମ ପୋଷାଏ ନାହିଁ । ଆମେ ସଚ୍ଚୋଟ ଲୋକ । ଦୁର୍ନୀତି ଅନ୍ୟାୟର ଧାର ଧାରିବା ଆମ୍ଭମାନଙ୍କ ପକ୍ଷେ ଅସମ୍ଭବ ।

କାମପାଳ - ସେମିତି କ'ଣ କିଛି ହେଲା କି ଆଜ୍ଞା ?

ଧର୍ମପଦ - ଆଉ କ'ଣ ହେବ ? ଏ ଦେଶରେ ଯୋଜନାର ଅର୍ଥ ଦେଶବାସୀ ଭୋଗ କରନ୍ତି ନାହିଁ । କିରାଣି ଠାରୁ ପିଅନ ପର୍ଯ୍ୟନ୍ତ ମନ୍ତ୍ରୀ, ଯନ୍ତ୍ରୀ, ତନ୍ତ୍ରୀ ସମସ୍ତେ ମାରି ଖାଇ ଯାଆନ୍ତି । ଜଣେ ଜଣେ ହେଡକ୍ଲର୍କ, ବଡ଼ବାବୁଙ୍କର ଆୟ ବହିଃର୍ଭୁତ ସଂପତ୍ତି କୋଟିଏରୁ ଅଧିକ । ଲୋକେ ଯେଉଁ ଗରୀବଙ୍କୁ ସେଇ ଗରୀବ । ମହାପାତ୍ରେ ମାରି ନେଉଛନ୍ତି, ତୁମେ ଯେଉଁ ଜଳକାକୁ ସେଇ ଜଳକା ପରି ଚାହିଁ ରହିଛ । ମୁଁ କ'ଣ ମିଛ କହିଲି ?

କାମପାଳ - ନାଇଁ ଆଜ୍ଞା, ସେମିତି କହିଲେ ହେବ । ସ୍ୱାଧୀନତାର ଦେଶଟା ସୁନା ହୋଇଯାଇଛି ।

ଧର୍ମପଦ - ହଁ ତୁମଭଳି ଲୋକଙ୍କର ସୁନା ଭରିଯାଇଛି । ସାଧାରଣ ଲୋକର ନୁହେଁ ।

କାମପାଳ - କ'ଣ କିଛି ଘଟିଲା କି ସାରେ ।

Digitized by srujanika@gmail.com

ଧର୍ମପଦ - ଏ ଯେଉଁ ବଡ଼ କେଶ୍ କଥା କହୁଥିଲି ? ମନ୍ତ୍ରୀଙ୍କର ଦୁର୍ନୀତି, ତାକୁ ମୁଁ ଧରି ପକାଇଲି ।

କାମପାଳ - କଥା ସରିଲା । ସେଉଠୁ କ'ଣ ହେଲା ସାରେ ?

ଧର୍ମପଦ - ହବ ଆଉ କ'ଣ, ଆମ ହାକିମ କହିଲେ କେଶ୍ ଦିଅନାହିଁ । ମୁଁ କିନ୍ତୁ କେଶ ଦେଇଦେଲି ।

କାମପାଳ - ମୁଁ ଜାଣେ ପରା, ଆପଣ ନକ୍ସଲପନ୍ଥୀରେ ଥିଲେ । ଆଜ୍ଞା କୁମ୍ଭୀର ସହିତ କଳି କଲେ ପାଣି ଭିତରେ କଣ ଚଳିପାରିବେ ?

ଧର୍ମପଦ - ସେଇ ଅବସ୍ଥା ତ ମୋର ହୋଇଛି ?

କାମପାଳ - ସାର୍, ଆମ ଗରୀବ ଗୁରୁବାଙ୍କ ଉପରେ ଟିକିଏ ଦୟା ରଖିଥିବେ । ଆଉ ଗୋଟିଏ କଥା ଆଜ୍ଞା, କିଛି ଖରାପ ଭାବିବେନି । ଆପଣ ତ ବଡ଼ ହାକିମ ହେଲେଣି । ଗୋଟେ ଶିକ୍ଷିତା, ଆପଣଙ୍କ ସମାସ୍କନ୍ଧ ଝିଅଟିଏ ବାହାହୋଇପଡ଼ନ୍ତୁ ।

ଧର୍ମପଦ - ଏ ସବୁ ପରାମର୍ଶ ଦେବାକୁ ତୁମେ କିଏ ?

କାମପାଳ - ମୁଁ ତ କେହି ନୁହେଁ ସାର୍, ମୋର ଦୋଷ ଧରିବେନି । ସରର ବାପା ଶିବେଇ ସାମନ୍ତରା, ଖାସ ଲଗେଇଲା, ତା ଝିଅକୁ ମୋ ସହିତ ବାହାଦେବାକୁ । ଆଜ୍ଞା, ନିର୍ବନ୍ଧ ସରିଲାଣି । ଖାଲି ମୁଁ ଏଠାରୁ ଗଲେ ବାହାଘରଟା ହେବ ।

ଧର୍ମପଦ - ସର ତୁମ ସହିତ ବାହା ହେଉଛି ?

କାମପାଳ - ବାହାତ ହେଉଛି, ମୁଁ କ'ଣ କରିବି ଆଜ୍ଞା ?

ଧର୍ମପଦ - (ଚିତ୍କାର କରି) ନା, ତା କେବେ ହୋଇ ପାରିବ ନାହିଁ । ମୁଁ ଗାଁକୁ ଯିବି । ତୁମ ସହିତ ସରର ବାହାଘର କେବେ ହୋଇପାରିବ ନାହିଁ । ତୁମେ ଯାଅ ।

କାମପାଳ - ଆଉ ଆପଣଙ୍କର ଘରକଥା । ଟିକିଏ କହିଥାନ୍ତି । ବାପା କହିଥିଲେ...

ଧର୍ମପଦ - (ଚିତ୍କାର କରି) ମୁଁ ତୁମଠାରୁ କିଛି ଶୁଣିବାକୁ ଚାହେଁନା, ତୁମେ ଚାଲିଯାଅ ।

କାମପାଳ - ରାଗନ୍ତୁନି ଆଜ୍ଞା । ସତକଥାଟା କହିଦେଲି । ଆପଣ ବିଚାରବନ୍ତ ଲୋକ । ଗାଁ କନିଆ ସରଟା, ସିଂଘାଣୀନାକି । ତାକୁ ଆପଣଙ୍କ ପରି ଲୋକ ବାହାହବ । ଚାଲିଲି ଆଜ୍ଞା, ନମସ୍କାର । (ପ୍ରସ୍ଥାନ)

Digitized by srujanika@gmail.com

ଧର୍ମପଦ - ଏ କ'ଣ ମୁଁ ଶୁଣିଲି । ଆକାଶଟା ସତରେ କ'ଣ ମୋ ମୁଣ୍ଡ ଉପରେ ଖସିପଡ଼ିବ ? ମୁଁ କେଉଁଠି ଅଛି ? ସର ମୋତେ ଛାଡ଼ି ଅନ୍ୟକୁ ବାହାହବ ? ନା, ତାହୋଇ ପାରେନା । ସର, ସର (ଦୌଡ଼ିଲେ)

- ଅନ୍ଧାର -

- ଦଶମ ଦୃଶ୍ୟ -

(ରାସ୍ତା । ଆଲୋକ ଜଳିଲା ବେଳକୁ ପୋଲିସ୍ ଇନ୍ସପେକ୍ଟରଙ୍କ ପାଦଧରି ଶିବେଇ ସାମନ୍ତରା କାନ୍ଦୁଥିଲେ ।)

ଶିବ - ଆଜ୍ଞା, ମୋତେ ରକ୍ଷା କରନ୍ତୁ । ମୁଁ ଭାସିଗଲି, ଝିଅ ମୋର ୫ ଦିନ ହେଲା ଧରମା ଘରେ ରହିଛି । ଆପଣଙ୍କୁ କହିଲି । ରିପୋର୍ଟ କଲି । ଆପଣ ଶୁଣିଲେ ନାହିଁ ।

ଇନ୍ସପେକ୍ଟର - ରହୁ, ତୁମର କ'ଣ ହେଲା ? ସେଇଟା ପରା ତାର ଶ୍ୱଶୁର ଘର । ଧର୍ମପଦବାବୁ ବଡ଼ ପୋଲିସ୍ ହାକିମ । ଏଭଳି ଜୋଇଁ ଭାଗ୍ୟରେ ଥିଲେ ମିଳେ । ବ୍ୟସ୍ତ କାହିଁକି ହଉଚ ?

ଶିବ - ଆପଣ ସେଇକଥା କହିଲେ ଇନ୍ସପେକ୍ଟର ବାବୁ । ଗୋଟାଏ ନୀଚଜାତି ଘରେ ଝିଅକୁ ମୋର ଦେବି । ମୋର କୂଳ, ଗୋତ୍ର କ'ଣ - ସେମାନେ କ'ଣ ?

ଇନ୍ସପେକ୍ଟର - ସେ କଥା ତୁଣ୍ଡରେ ଧରନାହିଁ । ସେ କଥା ତୁଣ୍ଡରେ ଧରିବା ଅପରାଧ । ଏବେ ତୁମେ କ'ଣ କହୁଚ କହିଲ ?

ଶିବ - ଆଜ୍ଞା, ମୋ ଝିଅକୁ ମୋତେ ଫେରାଇ ଦିଅନ୍ତୁ ।

ଇନ୍ସପେକ୍ଟର - ତୁମ ଝିଅକୁ କେତେ ବର୍ଷ ବୟସ ହେଲା ?

ଶିବ - ଚବିଶ ବର୍ଷ ।

ଇନ୍ସପେକ୍ଟର - ହୋଇପାରିବ ନାହିଁ । ତାର ଯେଉଁଠି ଇଚ୍ଛା ସେ ସେଠାରେ ରହିବ । ତୁମେ କିଛି କରିପାରିବ ନାହିଁ ।

ଶିବ - ଆଜ୍ଞା, ମୋର ବିନା ଅନୁମତିରେ ସେ ଘର ଛାଡ଼ିଛି । ମୋର କୋଡ଼ିଏ ଭରି ସୁନା ନେଇଯାଇଛି ।

ଇନ୍ସପେକ୍ଟର - ତୁମେ ସତ କହୁଚ ? ନହେଲେ ବିପଦରେ ପଡ଼ିବ । ମିଥ୍ୟା ଅଭିଯୋଗରେ ତୁମେ ଜେଲ୍ ଯିବ ।

Digitized by srujanika@gmail.com

ଶିବ - ମୁଁ ମିଛ କାହିଁକି କହିବି ଆଜ୍ଞା ।

ଇନ୍ସପେକ୍ଟର - ତୁମେ ଜାଣ, ତାର ଭାବୀସ୍ୱାମୀ ଜଣେ ବଡ଼ ପୋଲିସ୍ ଅଫିସର । ଯଦି କହୁଚ, ଲେଖିକରି ଦିଅ । କି କି ଅଳଙ୍କାର ନେଇଛି, ତାର ତାଲିକା ଦିଅ । ତୁମେ ଥାନାକୁ ଆସ, ସେଠାରେ କଥାବାର୍ତ୍ତା ହେବା ।

ଶିବ - ତାହେଲେ ମୁଁ ଆସୁଛି ଆଜ୍ଞା । ମୋ କଥା ଆପଣଙ୍କୁ ଲାଗିଲା । ଏ ଝିଅ ମୋ ମୁହଁରେ ଚୂନକଳା ବୋଳି ଦେଲା । ତାହେଲେ ଆଜ୍ଞା ମୁଁ ଲେଖିକରି ଆଣୁଛି । (ପ୍ରସ୍ଥାନ)

ଇନ୍ସପେକ୍ଟର - ବଡ଼ ଅସୁବିଧାରେ ପଡ଼ିଲି । ହଉ ସେ ଲେଖିକରି ଆଣୁ । ତାପରେ ଦେଖିବା ।

(ଅଭିମନ୍ୟୁ ପ୍ରବେଶ କରିଛି)

ଅଭିମନ୍ୟୁ - ଇନ୍ସପେକ୍ଟର ବାବୁ । ବାପା ଆପଣଙ୍କ ପାଖକୁ ଆସିଥିଲେ ?

ଇନ୍ସପେକ୍ଟର - ସେ କ'ଣ ଆପଣଙ୍କ ବାପା ?

ଅଭିମନ୍ୟୁ - ହଁ ଆଜ୍ଞା ?

ଇନ୍ସପେକ୍ଟର - ବାପା ତ ନୁହେଁ ଗୋଟାଏ କଂସେଇ । ଝିଅର ସୁଖ କେଉଁ ବାପା ନ ଚାହେଁ କହିଲ ?

ଅଭିମନ୍ୟୁ - ଆପଣ ତାଙ୍କୁ ଭଲକରି ଚିହ୍ନି ପାରିଛନ୍ତି ସାର୍ । ବଡ଼ ଜିଦ୍‌ଖୋର ଲୋକ । ଯାହା ବୁଝିଥିବେ ସେଇୟା ।

ଇନ୍ସପେକ୍ଟର - ଶୁଣ, ଭଉଣୀକୁ ବୁଝାଇ ଘରକୁ ନେଇଆସ । ସେଇଟା ଭଲ ହେବ । ଥାନା, କୋର୍ଟ କଚେରୀକୁ ଯାଇ ମାନ ମହତ ହରାଇବା ଠିକ୍ ନୁହେଁ । ସେ ଯେଉଁ ଅଭିଯୋଗ ଆଣିଛନ୍ତି ଯଦି ସତ୍ୟ ହୋଇଥାଏ, ମୁଁ ତୁମ ଭଉଣୀକୁ ଗିରଫ କରିବାକୁ ବାଧ ହେବି ।

ଅଭିମନ୍ୟୁ - ମୋ ଭଉଣୀ କି ଅପରାଧ କରିଛି ସାର୍, ଆପଣ ତାକୁ ଗିରଫ କରିବେ ।

ଇନ୍ସପେକ୍ଟର - ଚୋରୀ ।

ଅଭିମନ୍ୟୁ - ମିଛକଥା । ମୁଁ ତାକୁ ନିଜେ ନେଇ ଧରମାଭାଇ ଘରେ ଛାଡ଼ିଆସିଛି ।

ଇନ୍ସପେକ୍ଟର - ମିଛ କି ସତ, କୋର୍ଟ ତା' ବିଚାର କରିବ । ଆଗ ତୁମ ଭଉଣୀକୁ ବୁଝାଇ ଘରକୁ ନେଇଆସ । ମୁଁ ତୁମାମାନଙ୍କର ମଙ୍ଗଳପାଇଁ ଏଇକଥା କହୁଛି । ଯଦି ତୁମର ବାପା ଜିଦ୍ ଧରିବେ, ମୁଁ ଆକ୍ସନ ନେବାକୁ ବାଧ ହେବି ।

Digitized by srujanika@gmail.com

ଅଭିମନ୍ୟୁ - ହଉ ଆଜ୍ଞା, ସେଇଆ କରିବି । ମୁଁ ଯାଉଛି, ତାକୁ ବୁଝାଇ ସୁଝାଇ କିଛିଦିନ ପାଇଁ ଘରକୁ ନେଇଆସିବି । ଧରମାଭାଇ ଆସିଲେ ଏହାର କିଛି ସମାଧାନ ହେବ ।

ଇନ୍ସପେକ୍ଟର - ହଁ । ଶୀଘ୍ର ଯାଅ । (ଅଭି ପ୍ରସ୍ଥାନ)

(କିଛି ସମୟ ପରେ ପ୍ରବେଶ କଲେ ନକ୍ସଲ ନେତା ମନୋଜ)

ମନୋଜ - ନମସ୍କାର ।

ଇନ୍ସପେକ୍ଟର - ଆପଣ କିଏ ? ଆପଣଙ୍କୁ ଦେଖିଲା ପରି ଲାଗୁଛି ।

ମନୋଜ - ମୋତେ ଚିହ୍ନିପାରିଲେ ନାହିଁ ।

ଇନ୍ସପେକ୍ଟର - ଓଃ, ଚିହ୍ନିଲି । ଆପଣ ମନୋଜ ବାବୁତ ? ଆପଣ କାହିଁକି ଆସିଲେ ? କ'ଣ ଏକାକୀ ଆସିଛନ୍ତି ନା, ଅନ୍ୟମାନେ ସାଙ୍ଗରେ ଅଛନ୍ତି ?

ମନୋଜ - ମୁଁ ଏକାକୀ ଆସିଛି ଇନ୍ସପେକ୍ଟର ବାବୁ ।

ଇନ୍ସପେକ୍ଟର - ଆଶ୍ଚର୍ଯ୍ୟ, ଏକ ଦୁର୍ଦ୍ଧାନ୍ତ ନକ୍ସଲପନ୍ଥୀ ନେତାଙ୍କର ଏକାକୀ ଆଗମନ ? ମନରେ ଆଶଙ୍କା ସୃଷ୍ଟି କରେ ।

ମନୋଜ - ଆପଣ ଭୟ କରନ୍ତୁ ନାହିଁ ଇନ୍ସପେକ୍ଟର ବାବୁ, ମୁଁ ଆସିଛି without arms and ammunition. କାହିଁକି ଆସିଛି ଆପଣ ଜାଣନ୍ତି ? ଜାତୀୟ ସ୍ରୋତରେ ସାମିଲ ହୋଇ ସର୍ବହରାର ସେବା କରିବି । ଆପଣ ମୋତେ ଗିରଫ କରନ୍ତୁ ।

ଇନ୍ସପେକ୍ଟର - ମନୋଜ ବାବୁ ମୁଁ ଆପଣଙ୍କୁ ଜାଣେ । ଆପଣମାନଙ୍କ ତ୍ୟାଗର ପଟାନ୍ତର ନାହିଁ । ତେବେ ହିଂସାମାର୍ଗକୁ ଅନୁସରଣ କରି ଆପଣ ଦେଶପ୍ରେମୀ ବଦଳରେ ସନ୍ତ୍ରାସବାଦୀ ହୋଇଛନ୍ତି । ଆପଣ ଜଙ୍ଗଲରେ ମୋତେ ବହୁତ ସାହାଯ୍ୟ କରିଛନ୍ତି । ତାହା ମୁଁ କଦାପି ଭୁଲିପାରିବି ନାହିଁ । ଆପଣ ଗୋଟିଏ କଥା କରନ୍ତୁ । ଥାନାରେ ଆତ୍ମସମର୍ପଣ ନକରି ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରନ୍ତୁ । ସେ ଆପଣଙ୍କୁ ରାଜକ୍ଷମା ଦେଇପାରନ୍ତି ।

ମନୋଜ - ଆପଣ ତାହେଲେ ମୋତେ ଗିରଫ କରିବେ ନାହିଁ ।

ଇନ୍ସପେକ୍ଟର - ଆପଣ ଯଦି ଚାହାଁନ୍ତି, ମୁଁ ଗିରଫ କରିପାରେ । କିନ୍ତୁ ବେଲ୍ ମିଳିବା ମୁସ୍କିଲ ହୋଇପଡ଼ିବ । ଶୀଘ୍ର ଆପଣ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଆନ୍ତୁ ।

Digitized by srujanika@gmail.com

ମନୋଜ - ଧନ୍ୟବାଦ ଆପଣଙ୍କ ପରାମର୍ଶ ପାଇଁ । ମୁଁ ଆସୁଛି ଭବିଷ୍ୟତରେ ନିଶ୍ଚୟ ଦେଖାହେବ ।

ଇନ୍ସପେକ୍ଟର - କିନ୍ତୁ ମନୋଜବାବୁ । ମୋର ଗୋଟିଏ ଅନୁରୋଧ ।

ମନୋଜ - ଅନୁରୋଧ କାହିଁକି ? ଆଦେଶ କରନ୍ତୁ ।

ଇନ୍ସପେକ୍ଟର - ଆପଣ ମୋତେ ଦେଖା କରିଥିଲେ କାହାକୁ କହିବେ ନାହିଁ । ନଚେତ୍ ମୋତେ ଗିରଫ କରାଯାଇପାରେ ।

ମନୋଜ - ଆପଣ ନିଶ୍ଚିନ୍ତ ରହନ୍ତୁ । ଏକଥା ମୁଁ କାହା ଆଗେ କହିବି ନାହିଁ । Be sure of it. Thank you. ନମସ୍କାର ।

- ଅନ୍ଧାର -

- ଏକାଦଶ ଦୃଶ୍ୟ -

(ବିଶୁର ଘର । ସତ୍ୟଭାମା କାନ୍ଦୁଥିଲେ ।)

ସତ୍ୟଭାମା - ଏ, ଶୁଣୁଛ । ସର ମୋତେ ଛାଡ଼ି ଚାଲିଗଲା ।

ବିଶୁ - (ପ୍ରବେଶି) ଚାଲିଗଲା ? ଚାଲିଯାଉ । ସେଥିପାଇଁ ତୁମେ ମନଦୁଃଖ କରି କାନ୍ଦୁଛ କାହିଁକି ?

ସତ୍ୟଭାମା - ତାର ସେବାରେ ମୁଁ ଟିକିଏ ସୁସ୍ଥ ହେଲି ।

ବିଶୁ - ତୁମେ ସୁସ୍ଥ ହେବାକୁ ଥିଲା, ସେଥିପାଇଁ ସେ ଆସିଥିଲା । ଏବେ ତୁମେ ସୁସ୍ଥ ହୋଇଗଲ, ସେ ଚାଲିଗଲା । ଏଥିପାଇଁ କାନ୍ଦୁଛ କାହିଁକି ? ତୁମପରି କାନ୍ଦୁରୀ ସ୍ତ୍ରୀଲୋକ ମୁଁ ଜମା ଦେଖିନି ।

ସତ୍ୟଭାମା - ଧରମା କ'ଣ ଘରକୁ ଆଉ ଆସିବନି ? ତା ବୋଉ କ'ଣ ତାର ମନେ ପଡୁନି ? ସେ ତାର ବାପା, ମାଙ୍କୁ କ'ଣ ସତରେ ଭୁଲିଗଲା ?

ବିଶୁ - ସମସ୍ତେ ସମସ୍ତଙ୍କୁ ଭୁଲିଯିବେ । କିନ୍ତୁ ରହିଯିବ ଖାଲି ସ୍ମୃତିର ଇତିହାସ ।

ସତ୍ୟଭାମା - ଏବେ ମୁଁ କ'ଣ କରିବି, କିଏ ମୋ କଥା ବୁଝିବ ?

ବିଶୁ - ଏ ପର୍ଯ୍ୟନ୍ତ କିଏ କାହାକଥା ବୁଝୁଥିଲା ? କାହାପାଇଁ ତୁମେ ମନଦୁଃଖ କରୁଛ ? ସର ପାଇଁ ନା ଧରମା ପାଇଁ ?

ସତ୍ୟଭାମା - ଏ ଲୋକକୁ ମୁଁ କ'ଣ କହିବି । ଏତ ମୋତେ ବୁଝିବେନି । ଗୋଟେ କହିଲେ ଆଉ ଗୋଟେ ବୁଝିବେ ।

Digitized by srujanika@gmail.com

ବିଶୁ - ମୁଁ ସବୁ ବୁଝୁଛି ସତ୍ୟଭାମା । ତୁମେ ଭାବୁଛ ମୁଁ କିଛି ବୁଝିପାରୁନାହିଁ ? କାମ ଥିଲା ପର୍ଯ୍ୟନ୍ତ ସମସ୍ତେ ତୁମ ପାଖରେ ରହିବେ । କାମ ସରିଗଲେ ସମସ୍ତେ ଚାଲିଯିବେ । ତେବେ ସର କଥା ତୁମେ କହୁଛ ତ ? ସର କ'ଣ ତୁମ ଝିଅ ନା ବୋହୂ ? ତୁମ ପୁଅ କ'ଣ ସରକୁ ବାହା ହୋଇଛି ? ତେବେ ସେ ଏଠାରେ ରହିବ କାହିଁକି ? ଯଦି ତୁମ ପୁଅ ତାକୁ ବାହା ନ ହୁଏ, ସେ କ'ଣ କରିବ ? ସେ ଚାଲିଯାଇ ଭଲ କରିଛି । ତା କଥା ଛାଡ଼ । ଧରମା ଭଲ ପିଲା । ସେ ଆସିବ, ତାର ମାକୋଳକୁ ସେ ଫେରି ଆସିବ ନୀଡ଼ ବାହୁଡ଼ା ପକ୍ଷୀ ପରି । (ପ୍ରବେଶ କରିଛି ଧର୍ମପଦ)

ଧର୍ମପଦ - ମୁଁ ଫେରିଆସିଛି ବାପା । ସବୁଦିନ ପାଇଁ ତୁମମାନଙ୍କ ପାଖକୁ ଫେରି ଆସିଛି ।

ସତ୍ୟଭାମା - (ଧର୍ମାକୁ ଚାହିଁଥିଲେ) ତୁ ସତରେ ଫେରି ଆସିଛୁ ? ଏତେଦିନ ପରେ ବୋଉ ତୋର ମନେପଡ଼ିଲା ? (କାନ୍ଦୁଥିଲେ)

ବିଶୁ - କାହିଁକି କାନ୍ଦୁଛ ସତ୍ୟଭାମା । ସମସ୍ତେ ସମୟର ଦାସ । ଏ ସମୟ ହିଁ ସବୁ କରେ । ସେ ହି ବଳବାନ ।

ଧର୍ମପଦ - ବାପା, ବୋଉର ଦେହ ଖରାପ । ଚିଠି ଦେଲନି କାହିଁକି ? ମୁଁ ତ ଠିକଣା ଦେଇ ଯାଇଥିଲି ।

ବିଶୁ - ଚିଠି କିଏ ଲେଖିବ ? କାମପାଳ ତତେ କିଛି କହିନାହିଁ ?

ଧର୍ମପଦ - ସେ ଟା ଗୋଟାଏ ବଦମାସ ।

ବିଶୁ - ତେବେ ତୁ ପୁଣି କେବେ ଯିବୁ ? ବୋଉର ଦେହ ଭଲହେଲା ପରେ ଯା ।

ଧର୍ମପଦ - ମୁଁ ଆଉ ଯିବିନି ବାପା । ମୁଁ ଚାକିରୀରୁ ଇସ୍ତଫା ଦେଇ ଚାଲିଆସିଛି । ଦୁର୍ନୀତି ସହିତ ମୁଁ ସାଲିସ୍ କରିପାରିଲି ନାହିଁ ବାପା । ଦୁର୍ନୀତିକୁ ମୁଁ ସୁନୀତି କରିପାରିଲି ନାହିଁ । ତେଣୁ ଚାକିରୀରୁ ବିଦାୟ ନେବାକୁ ବାଧ ହେଲି । କିନ୍ତୁ ବାପା, ଆପଣଙ୍କୁ ଦେଇଥିବା କଥା ମୁଁ ଅକ୍ଷରେ, ଅକ୍ଷରେ ପାଳନ କରିଛି ।

ବିଶୁ - (ପିଠି ଥାପୁଡ଼େଇ) ସାବାସ୍ ଧର୍ମପଦ । ମୁଁ ଜାଣେ ତୁ ମୋ ପୁଅ । ବିଶୁ ମହାରଣାର ରକ୍ତ ତୋ ଧମନୀରେ ପ୍ରବାହିତ ହେଉଛି । ତୁ

Digitized by srujanika@gmail.com

ଦୁର୍ନୀତି ସହିତ ସାଲିସ୍ କରିବୁ କିପରି ? ଆଚ୍ଛା, ଏତେବାଟରୁ ଆସିଲୁ, ତୁ ତ ଖାଇ ନଥିବୁ । ହଉଓ, ପୁଅପାଇଁ କ'ଣ ରନ୍ଧାବଢ଼ା କରିବ ନା ଏଇଠି ଏମିତି ଖଟଟା ପରି ଛିଡ଼ା ହୋଇଥିବ ।

ସତ୍ୟଭାମା - ମୁଁ ବର୍ତ୍ତମାନ ତା ପାଇଁ ରାନ୍ଧିଦେବି । ମୋ ପୁଅକୁ ଛଣଚିଅଣ ନଅ ଭଜା କରି ଖାଇବାକୁ ଦେବି । ଏତେ ଦିନପରେ ମୋ ପୁଅ ମୋ କୋଳକୁ ଫେରି ଆସିଛି । କହ ଧରମା, ତୋ ବୋଉକୁ ଛାଡ଼ି ତୁ କୁଆଡ଼େ ଯିବୁନି ତ ?

ଧର୍ମପଦ - ନା ବୋଉ, ତୋ ପାଇଁ ମୁଁ ଚାକିରୀ ଛାଡ଼ିଦେଲି । ତୋର ଏପରି ଅବସ୍ଥାରେ ମୁଁ କ'ଣ ତୁମକୁ ଛାଡ଼ି ରହି ପାରିବି ।

ବିଶୁ - ଚାକିରୀ, ପରର ଗୋଲାମ । ସ୍ୱାବଲମ୍ବୀ ନ ହୋଇ ଆମେ ପରପାଖରେ ମୁଣ୍ଡ ବିକିବା ? ଗୋଲାମଗିରି କରିବା ? ମୁଁ ଆଜି ଭାରୀ ଖୁସୀ । ମୋ ଧର୍ମପଦ ଫେରି ଆସିଛି - କୋଣାର୍କ ମନ୍ଦିର ଗଢ଼ିବାକୁ । ବିଶୁ ମହାରଣାର ବିଜ୍ଞାନରେ ତ୍ରୁଟି ଦର୍ଶାଇବାକୁ ମୋ ଧର୍ମପଦ ଫେରିଆସିଛି । କିନ୍ତୁ ସର ଗଲା କୁଆଡ଼େ ? ସେ ତ ଏଇଠାରେ ଥିଲା । ଧରମାକୁ ଦେଖି ସେ ଆନନ୍ଦରେ ପାଗଳି ହୋଇ ଯାଇଥାନ୍ତା ।

ଧର୍ମପଦ - ବୋଉ, ସର ଏଇଠାରେ ଥିଲା ?

ସତ୍ୟଭାମା - ହଁ, ଏଇ ଟିକକ ଆଗରୁ ସେ ଏଠାରୁ ଚାଲିଗଲା । ସେ ମୋର ବହୁତ ସେବା କରିଛି । ମୋତେ ଯମ ମୁହଁରୁ ଫେରାଇ ଆଣିଛି । ସର ଚାଲିଗଲେ କ'ଣ ହେଲା ତୁ ତ ଆସିଛୁ । ତୋତେ ଦେଖି ମୁଁ ପୁରା ଆରୋଗ୍ୟ ହୋଇଗଲିଣି । ଶୁଣ, ଡ଼ାକ୍ତରଙ୍କୁ କହିବ, କାଲିଠାରୁ ସେ ଆଉ ଘରକୁ ଆସିବେନି । ମୋର ରୋଗ ଭଲ ହୋଇଗଲାଣି ।

ଧର୍ମପଦ - ସର ଏଇଠାରେ ଥିଲା । ମୋ ପାଇଁ ମୋ ବୋଉର ସେବା କରୁଥିଲା ? ତେବେ ସେ ଚାଲିଗଲା କାହିଁକି ? କିଏ ତାକୁ ନେଇଗଲା ? ସେ କାମପାଳ ନେଇ ଯାଇଥିବ । ସେ ମୋର ପରମ ଶତ୍ରୁ । ଶତ୍ରୁକୁ କିପରି ବିନାଶ କରାଯାଏ, ତା ମୁଁ ଭଲ ଭାବରେ ଜାଣେ ।

Digitized by srujanika@gmail.com

ବିଶୁ - କାହାକୁ ବିନାଶ କରିବୁ ଧର୍ମପଦ ? କିଏ ସରକୁ ନେଇଯିବ ? ସର ଯେ ତୋର । ଜନ୍ମ ଜନ୍ମାନ୍ତର ପାଇଁ ସର ଯେ ତୋପାଇଁ ଜନ୍ମ ହୋଇଛି । ସର ଫେରି ଯାଇଛି । ସମାୟିକ ଭାବେ ସେ ଚାଲିଯାଇଛି ତା ବାପାଘରକୁ । ତା ଭାଇ ଆସିଥିଲା, ତାକୁ ଘରକୁ ନେଇଯାଇଛି । ପୁଣି ସେ ଚାଲି ଆସିବ । ସେଥିପାଇଁ ତୁ ଚିନ୍ତା କରୁଛୁ କାହିଁକି ?

ଧର୍ମପଦ - ବାପା, ମୁଁ ସର ଘରକୁ ଯିବି । ମୁଁ ତାକୁ ପଚାରିବି, ବୋଉର ଏପରି ଅବସ୍ଥାରେ ସେ ଛାଡ଼ି ଆସିଲା କାହିଁକି ? ମୁଁ ଯିବି ବାପା ।

ବିଶୁ - ତୁ ଯିବୁ । ତୁ ନିଶ୍ଚୟ ଯିବୁ । ସରକୁ ନଦେଖି ତୁ କ'ଣ ରହିପାରିବୁ ? ତେବେ ବର୍ତ୍ତମାନ ନୁହେଁ । ଆଉ କିଛି ଦିନ ଅପେକ୍ଷା କରେ । ସର ନିଶ୍ଚୟ ଫେରିଆସିବ । ସରକୁ ମୁଁ ବୋହୂ କରି ନେଇ ଆସିବି ।

ଧର୍ମପଦ - ନା ବାପା, ମୁଁ ବର୍ତ୍ତମାନ ଯିବି । ନହେଲେ ମୋ ସର... ମୁଁ ଯାଉଛି ବାପା, ସର... ସର -

ବିଶୁ - ସମସ୍ତେ ଏ ଦୁନିଆରେ ଗୋଟାଏ ଗୋଟାଏ ପାଗଳ । ଆରେ ମୋ ପୁଅଟା କ'ଣ ସତରେ ଚାଲିଗଲା ? ବର୍ତ୍ତମାନ ପରିସ୍ଥିତିରେ ତାର ଯିବାଟା ମୋଟେ ଭଲ ହେଲାନି । ତାର ବାପା ଗୋଟାଏ ଅମଣିଷ । ସେ ତାକୁ ଅପମାନ ଦେବ । ଯାଆନି ଧରମା, ତୁ ତା ଘରକୁ ମୋଟେ ଯାଆନି ।

- ଅନ୍ଧାର -

- ଦ୍ୱାଦଶ ଦୃଶ୍ୟ -

(ଶିବରାମ ସାମନ୍ତରାର ଘର । ଶିବେଇ କହୁଥିଲା ।
ସର ଓ ଅଭି ଛିଡ଼ା ହୋଇଥିଲେ ।)

ଶିବ - ଏବେ ତୋ ମନ ଶାନ୍ତି ହେଲା । ମୋ ମୁହଁରେ କଳାବୋଳି, ମୋର ମାନ ସମ୍ମାନକୁ ମାଟିରେ ମିଶେଇ ଦେଇ ତୁ କି ଆନନ୍ଦ ପାଇଲୁ ସର ? ବାପା ବଞ୍ଚିଛି ବୋଲି ଥରେ ଚିନ୍ତା କଲୁନି ? ତୁମେ ଭାଇଭଉଣୀ ଦିଟା ତ ମୋତେ ଶତ୍ରୁ ବୋଲି ବିଚାର କରୁଛ । ଏବେ କ'ଣ କହୁତ କୁହ ?

Digitized by srujanika@gmail.com

ସର - ମୁଁ ଥରେ ଆପଣଙ୍କୁ କହିଛି ବାପା । ଆଉ ଅଧିକା କ'ଣ କହିବି ?

ଶିବ - ତୋ ମନରେ ପରିବର୍ତ୍ତନ ଆଣ । ମୁଁ ତୋର ହିତାକାଂକ୍ଷୀ । ତମ ବୋଉ ତୁମ ଦିଜଣଙ୍କର ଦାୟିତ୍ୱ ମୋତେ ଦେଇ ସେପାରିକି ଚାଲିଗଲା । ମୁଁ ମୋର କର୍ତ୍ତବ୍ୟ କରିଛି । କିନ୍ତୁ ତୁମେ ଭାଇଭଉଣୀ କଲ କ'ଣ ? ମୋ ମୁହଁକୁ ଥରେ ଚାହିଁଲ ନାହିଁ । ମୋ ଶତ୍ରୁ ଆଗରେ ମୋତେ ଅପଦସ୍ତ କଲ । ଯଦି ତୁମେମାନେ ମୋ କଥା ନ ମାନ, ତେବେ ମୁଁ ଏ ଦୁନିଆରେ ବଞ୍ଚି ଲାଭ ଆଉ କ'ଣ ? ମୁଁ ବିଷ ଖାଇ ଆତ୍ମହତ୍ୟା କରିବି । ଥରେ ଚିନ୍ତାକର ସର, ବର୍ତ୍ତମାନ ତୋ ଆଗରେ ଦୁଇଟି ରାସ୍ତା । ଗୋଟିଏ ତୋ ବାପା, ଆଉ ଗୋଟିଏ ତୋ ପ୍ରେମିକ ।

ସର - (କାନ୍ଦି) ମୁଁ ଆପଣଙ୍କ ମନରେ କଷ୍ଟ ଦେବିନାହିଁ ବାପା । ବୋଉତ ନାହିଁ । ମୋ ମନ କଥା କିଏ ବୁଝିବ । ମୋତେ ଆପଣ କ୍ଷମା କରି ଦିଅନ୍ତୁ ବାପା ।

ଶିବ - ଉଠୁ ଝିଅ । ମୁଁ ଜାଣେ, ତୁ ନିଶ୍ଚୟ ଦିନେ ଅନୁତାପ କରିବୁ । ଆଜି ମୁଁ ଭାରୀ ଖୁସି । ମୋ ପିଲାମାନେ ମୋ ଇଜ୍ଜତ ରକ୍ଷା କରିଛନ୍ତି । ଯା' ମା, ରନ୍ଧାବଢ଼ା କର । ଅତିତକୁ ଭୁଲିଯା । ଅଭି, ତୁ ଯା, କଲେଜକୁ ଯା, ତୋର ପାଠପଢ଼ାରେ ଯଥେଷ୍ଟ ଅବନତି ଘଟିଛି । (ଦୁହେଁ ଭିତରକୁ ଚାଲିଗଲେ । ପ୍ରବେଶ କରିଛି କାମପାଳ)

କାମପାଳ - ନମସ୍କାର

ଶିବ - କାମପାଳ, ତୁମେ ଆସି ଭଲ କରିଛ । ତୁମେ ଦିଲ୍ଲୀରୁ କେବେ ଆସିଲ ?

କାମପାଳ - ଏଇତ ସାଙ୍ଗେ ସାଙ୍ଗେ ଆସି ପହଞ୍ଚିଲି । ସର କ'ଣ ଫେରି ଆସିଲା ?

ଶିବ - ହଁ, ଘରେ ଅଛି । ମୁଁ କାହିଁକି ତୁମକୁ ଡ଼କାଇ ପଠାଇଲି ଜାଣ, କାମପାଳ ? ଏଇ ତିନିଦିନ ଭିତରେ ବିବାହଟା ସାରିଦେବା ।

କାମପାଳ - ଆପଣ ସରକୁ ଏ ସବୁ କଥା କିଛି କୁହନ୍ତୁ ନାହଁ । ତା ଭାଇକୁ ମଧ । ମୁଁ ପୁରୀରେ ବିବାହ କରି ତାକୁ କଲିକତା ନେଇଯିବି । ସେଠାରେ ତାର ମନ ପରିବର୍ତ୍ତନ ଘଟିବାପରେ ଗାଁକୁ ନେଇ ଆସିବି । ହଁ, ଆଉ ଗୋଟିଏକଥା। ଧର୍ମପଦ ଚାକିରୀ ଛାଡ଼ିଦେଲା ।

ଶିବ - ଖୁବ୍ ଭଲ ହେଲା । କିନ୍ତୁ ଚାକିରୀ ଛାଡ଼ିଦେଲା କାହିଁକି ?

କାମପାଳ - ମୁଣ୍ଡବୁଲା । ସରକାର ବିରୁଦ୍ଧରେ ଲାଗିଲା । ଗିରଫ ହୋଇଥାନ୍ତା ।

Digitized by srujanika@gmail.com

ଶେଷରେ ଚାକିରୀରୁ ଇସ୍ତଫା ଦେବାକୁ ବାଧ୍ୟ ହେଲା । ଛାଡ଼ନ୍ତୁ ସେ କଥା । ମୁଁ ତେବେ ପ୍ରସ୍ତୁତ ହୋଇଯାଉଛି । ସବୁ ଖର୍ଚ୍ଚ ମୁଁ ବହନ କରିବି । ଏ ଟୋକାଗୁଡ଼ାକ ଲଗେଇଛନ୍ତି ଗୋଟାଏ ବଡ଼ ଭୋଜି ଦେବାକୁ । ମୁଁ କହିଲି, ହଁ ସେ କଥା ପରେ ଦେଖିବା ।

ଶିବ - ଦିନ ସ୍ଥିର କରିଛି । ହେରା ପଞ୍ଚମୀ ଦିନ ବାହାଘର ହେଲେ ଭଲ ହେବ ।

କାମପାଳ - ଯାହା ଆପଣଙ୍କ ଇଚ୍ଛା । ମୁଁ ତେବେ ପ୍ରସ୍ତୁତ ହେଉଛି ।

ଶିବ - ସେକଥା କ'ଣ ପଚାରୁଛ । ସେତେ ଶୀଘ୍ର, ସେତେ ଭଲ ।
(କାମପାଳ ନମସ୍କାର କରି ଚାଲିଗଲା । ପ୍ରବେଶ କରିଛି ଧର୍ମପଦ)

ଧର୍ମପଦ - ସର, ସର କେଉଁଠି ଅଛ । ମୁଁ ଫେରିଆସିଛି ସର, ତୁମ ଧର୍ମପଦ ତୁମପାଖକୁ ସବୁଦିନ ପାଇଁ ଫେରି ଆସିଛି ।

ଶିବ - କାହାକୁ ଡ଼ାକୁଛୁରେ ବଦମାସ୍ ?

ଧର୍ମପଦ - ମୁଁ ମୋ ସରକୁ ଡ଼ାକୁଛି ।

ଶିବ - ତୋ ସର ? ଲଜ୍ଜା ଲାଗୁନି ମୋ ସର ବୋଲି କହିବାକୁ ?

ଧର୍ମପଦ - କାହିଁକି ? ମୋର ବୋଲି କହିବାରେ ଅପରାଧ କ'ଣ ?

ଶିବ - ତୁ ଏଠାରୁ ଅତି ଶୀଘ୍ର ଚାଲିଯାଆ । ନହେଲେ ପରିସ୍ଥିତି ବିଷମୟ ହୋଇ ଉଠିବ । ସର ତୋ କଥା ଶୁଣିବ ନାହିଁ । ଆଜି ସେ ଅନୁତାପ କରୁଛି । ତାର ଭୁଲ ପାଇଁ ତାର ବାପା ନିକଟରେ ସେ କ୍ଷମା ମାଗିଛି ।

ଧର୍ମପଦ - ସର କ୍ଷମା ମାଗିଛି, ମିଛ କଥା । ଏହା କେବେ ହୋଇପାରେନା ମୁଁ ଅସିଛି ତାକୁ ମୋ ସାଙ୍ଗରେ ନେଇଯିବାକୁ ।

ଶିବ - ମୁଁ କହୁଛି, ସେ ତୋ ସାଙ୍ଗରେ ଯିବନି । ସେ ଆଜି ଅନୁତପ୍ତା ।

ଧର୍ମପଦ - ବେଶ୍, ସର ଆସି ନିଜେ ମୋତେ ଏ କଥା କହିଯାଉ । ମୁଁ ଚାଲିଯିବି ।

ଶିବ - ମୁଁ ତ କହୁଛି, ସେ ଆସି କ'ଣ କହିବ ? ତୁ ଅତିଶୀଘ୍ର ମୋଘରୁ ଚାଲିଯାଆ ।

ଧର୍ମପଦ - ତାକୁ ନ ନେଇ ମୁଁ ଏଠାରୁ ଯିବିନାହିଁ । ଏହା ମୋର ଦୃଢ଼ ସଂକଳ୍ପ ।

ଶିବ - ତୋର ସାହାସ ତ କିଛି କମ୍ ନୁହେଁ । ମୋ ଘରେ, ମୋ ମୁହଁ ଉପରେ ପୁଣି ମୋତେ ଜବାବ୍ ?

Digitized by srujanika@gmail.com

ଧର୍ମପଦ - ଏକଥା କ'ଣ ଆପଣ ଜାଣିନାହାଁନ୍ତି, ସର ଆମ ଘରେ କେତେଦିନ ଧରି ରହେ । ମୋ ସହିତ ସହର ବୁଲିଯାଏ ? ସେତେବେଳେ ତ ଆପଣଙ୍କର ଆପତ୍ତି ନଥିଲା ? ଏବେ ସରକୁ ମୋଠାରୁ ଅଲଗା କରିବାର ଉଦ୍ଦେଶ୍ୟ କ'ଣ ? କାହାର ଚକ୍ରାନ୍ତରେ ଆପଣ ଏସବୁ କରିଯାଉଛନ୍ତି ?

ଶିବ - ମୁଁ କହୁଛି, ସେ ତୋତେ ବିବାହ କରିବ ନାହିଁ । ତୁମର ଜାତି, ତୁମର ବୁନିଆଦି ମୋ ସହିତ ସମାନ ନୁହେଁ । ତେଣୁ ମୁଁ ତାକୁ ଅନ୍ୟତ୍ର ବିବାହ ଦେବି ।

ଧର୍ମପଦ - ଅସମ୍ଭବ । ସର ମୋର । ଜନ୍ମ ଜନ୍ମାନ୍ତର ପାଇଁ ସେ ମୋର । ବର୍ତ୍ତମାନ ସରକୁ ମୋ ସାଥିରେ ମୁଁ ନେବି, ନେବି, ନିଶ୍ଚୟ ନେବି ।

ଶିବ - (ହାତଉଠାଇ ଦୁଇଚାପୁଡ଼ା କଷିଦେଲେ) ବଦମାସ୍, ତୋର ସାହାସ ତ କମ୍ ନୁହେଁ। ଯା, ଜୀବନ ଧରି ଏଠାରୁ ଚାଲିଯା । ନହେଲେ ମୁଁ ତୋତେ ଜୀବନରେ ମାରିଦେବି ।

ଧର୍ମପଦ - ମାରନ୍ତୁ । ଯେତେ ପାରିବେ ମାରନ୍ତୁ । ମୋ ସରପାଇଁ ମୋର ମୃତ୍ୟୁ ହେଲେ ମୋର ସ୍ୱର୍ଗପ୍ରାପ୍ତି । ମାରନ୍ତୁ ।

ଶିବ - (ମାରିଚାଲିଲେ)

ଧର୍ମପଦ - ସର, ସର (ଚିତ୍କାର କରୁଥିଲେ)

ସର - ଧର୍ମପଦ (ଭିଡ଼ି ଧରିଲେ)

ଶିବ - ଯା, ଭିତରକୁ ଯା (ଠେଲି ଦେଲେ ସେ ପଡ଼ିଯାଇଛି) ବଦମାସ୍, ଯାଉନୁ ନା, ଚଣ୍ଡିଆ ମାରି ମାରି ମୁଁ ତୋତେ ଏଠାରୁ ବାହାର କରିବି ।

ଧର୍ମପଦ - ସର - ସର...

ସର - ଧର୍ମପଦ

(ଶୀର୍ଷକ ସଂଗୀତ - ଅନ୍ତର୍ଦାହ...ଅନ୍ତର୍ଦାହ... ଡାକେ ଡାକେ ଚଣ୍ଡିଆ ମାରି ମାରି ଶିବେଇ ସାମନ୍ତରା ଧର୍ମପଦକୁ ନେଇଗଲେ । ବୁକୁଫଟା କ୍ରନ୍ଦନ କରୁଥିଲା ସର । ପ୍ରବେଶ କରିଛି ଚନ୍ଦ୍ରମୁଖୀ)

ଚନ୍ଦ୍ରମୁଖୀ - ସର ତୁ କାନ୍ଦୁଛୁ । କାନ୍ଦେନି ଭଉଣୀ । ତୁ ଧର୍ମପଦକୁ ବାହାହବୁ । ଏହା ଅନ୍ୟଥା ହେବନି । ମୁଁ ଗୋଟେ କଥା ଶୁଣିଲି । ତୋ ବାପା, ତୋର ବିବାହ ଜାମପାଳ ସାଙ୍ଗରେ ଠିକ୍ କରିଛନ୍ତି । ଏ କଥା କ'ଣ ସତ ?

Digitized by srujanika@gmail.com

ସର - (କାନ୍ଦି) ହଁ ଚନ୍ଦ୍ରମୁଖୀ । ବାପା ତ ସେ କଥା କହୁଥିଲେ ।

ଚନ୍ଦ୍ରମୁଖୀ - ଏଥର ସେ କାମପାଳର କାଳ ପୁରିଲା ବୋଲି ଜାଣ । ତୁ ଜାଣୁ, ମୁଁ ତାର ସନ୍ତାନର ମା ହେବାକୁ ଯାଉଛି । ସେ ମୋତେ ଧୋକା ଦେଇଛି । ମୁଁ ତାକୁ କ୍ଷମା ଛାଡ଼ିବିନି । ମୁଁ ପୋଲିସ୍ ସାହେବଙ୍କ ପାଖକୁ ଯିବି । କେତେ ଝିଅଙ୍କରଜୀବନ ସେ ନଷ୍ଟ କରିଛି । ଦେଖିବି ସେ କେମିତି ତୋତେ ବାହା ହବ । ମୁଁ ଏସ୍.ପି.ଙ୍କ ପାଖକୁ ଯାଉଛି ।

ସର - ଭଉଣୀ, ତୁ ମୋତେ ରକ୍ଷା କର । ନହେଲେ ମୁଁ ବିଷଖାଇ ମରିଯିବି ।

ଚନ୍ଦ୍ରମୁଖୀ - ତୁ କାହିଁକି ବିଷ ଖାଇବୁ । ବିଷ ଯଦି ଖାଇବ ସେ ଅଳପେଇସା କାମପାଳ ଖାଇବ । ସେ ଲୋକକୁ ଆଉ ରକ୍ଷା ନାହିଁ । ମୁଁ ଚାଲିଲି । ତୁ ନିଶ୍ଚିନ୍ତରେ ରହ । ତୋର ବାହାଘର ଧର୍ମପଦ ସାଥିରେ ନିଶ୍ଚୟ ହେବ । (ଚାଲିଗଲା)

ସର - (ହାତଯୋଡ଼ି) ହେ ପ୍ରଭୁ, ମୋତେ ରକ୍ଷା କର ।

- ଅନ୍ଧାର -

- ତ୍ରୟୋଦଶ ଦୃଶ୍ୟ -

(ରାସ୍ତା । ଚନ୍ଦ୍ରମୁଖୀ ବାୟାଣୀଙ୍କ ପରି କାନ୍ଦୁଥିଲା । ଅଲୁଳାୟିତ କେଶରାଶି । ଦୁଃଖରେ ଭାଙ୍ଗି ପଡ଼ିଥିଲା । ପ୍ରବେଶ କଲେ ଇନ୍ସପେକ୍ଟର ଓ କନେଷ୍ଟବଳ)

ଇନ୍ସପେକ୍ଟର - ଚନ୍ଦ୍ରମୁଖୀ

ଚନ୍ଦ୍ରମୁଖୀ - ମୋତେ ଡ଼ାକୁଛନ୍ତି ଆଜ୍ଞା ?

ଇନ୍ସପେକ୍ଟର - ତୁମେ ଏସ୍.ପି.ଙ୍କ ପାଖକୁ ଯାଇଥିଲ ?

ଚନ୍ଦ୍ରମୁଖୀ - ଯାଇଥିଲି ।

ଇନ୍ସପେକ୍ଟର - କାମପାଳ ବିରୁଦ୍ଧରେ ଦରଖାସ୍ତ ଦେଇଛ, ସେ ତୁମ ସନ୍ତାନର ବାପା ?

ଚନ୍ଦ୍ରମୁଖୀ - ହଁ

ଇନ୍ସପେକ୍ଟର - ଯଦି ମିଥ୍ୟାବୋଲି ପ୍ରମାଣିତ ହୁଏ ?

ଚନ୍ଦ୍ରମୁଖୀ - ଆପଣ କ'ଣ କହିବାକୁ ଚାହାଁନ୍ତି । ଆପଣଙ୍କର ଉଦ୍ଦେଶ୍ୟ କ'ଣ ? ମୁଁ ଜାଣେ ଆପଣ କାମପାଳର ବଂଧୁ । ତାକୁ ରକ୍ଷା କରିବାକୁ ଆପଣ ବ୍ୟଗ୍ର ।

Digitized by srujanika@gmail.com

ଇନ୍ସପେକ୍ଟର - ତା' ତୁମେ ଜାଣିଲ କିପରି ?
ଚନ୍ଦ୍ରମୁଖୀ - ଆପଣଙ୍କର ପଚାରିବା ପ୍ରଶ୍ନରୁ ।
ଇନ୍ସପେକ୍ଟର - ମୁଁ ପଚାରୁଛି, ତୁମର ଅଭିଯୋଗ ଯଦି ମିଥ୍ୟା ବୋଲି ପ୍ରମାଣିତ ହୁଏ ?
ଚନ୍ଦ୍ରମୁଖୀ - ଆପଣଙ୍କର କହିବାର ଉଦ୍ଦ୍ୟେଶ ମୁଁ ଜଣେ ବେଶ୍ୟା । ଏଇକଥା ଆପଣ କହିବାକୁ ଚାହାନ୍ତି ତ ? ନାରୀମାନେ ଅବଳା । ଆପଣଙ୍କ ପରି ହାକିମ୍‌ମାନେ ତାର ଫାଇଦା ଉଠାଇବାକୁ ବେଶ୍ ଚେଷ୍ଟା କରନ୍ତି ।
ଇନ୍ସପେକ୍ଟର - ମୁଁ ପଚାରୁଛି, ତୁମେ ମୋ ପାଖକୁ ନ ଆସି ଏସ୍.ପି.ଙ୍କ ପାଖକୁ ଗଲ କାହିଁକି ?
ଚନ୍ଦ୍ରମୁଖୀ - ନ୍ୟାୟ ପାଇବା ପାଇଁ । ଖାଲି ତାଙ୍କ ପାଖକୁ ନୁହେଁ, ମୁଁ ମହିଳା କମିଶନ୍‌କୁ ନ୍ୟାୟ ପାଇଁ ଆବେଦନ କରିଛି ।
ଇନ୍ସପେକ୍ଟର - ତୁମର ଅଭିଯୋଗ ମୋ ପାଖକୁ ଲେଖି ପଠାଇ ଦିଅ ।
ଚନ୍ଦ୍ରମୁଖୀ - ନିଶ୍ଚୟ ପଠାଇଦେବି । ଆଉ କ'ଣପଚାରିବାକୁ ଅଛି, ପଚାରନ୍ତୁ ।
ଇନ୍ସପେକ୍ଟର - ଦରକାର ପଡ଼ିଲେ ତୁମେ ଥାନାକୁ ଆସିବ ।
ଚନ୍ଦ୍ରମୁଖୀ - ତା'ହେଲେ ମୁଁ ଆସୁଛି ।
(ପ୍ରସ୍ଥାନ । ବିପରୀତ ଦିଗରୁ ବରବେଶରେ ପ୍ରବେଶ କରିଛି କାମପାଳ ।)
କାମପାଳ - ଗୁଡ୍ ମର୍ଣ୍ଣିଙ୍ଗ୍ ଇନ୍ସପେକ୍ଟର ବାବୁ ।
ଇନ୍ସପେକ୍ଟର - ଏ ବେଶ କ'ଣ ?
କାମପାଳ - ଆପଣ ଜାଣିନାହାନ୍ତି, ଆଜି ମୋର ବାହାଘର । ଆଜ୍ଞା ମୁଁ ଏଠାରେ କରୁନି, ପୁରୀରେ ।
ଇନ୍ସପେକ୍ଟର - ଏଠାରେ କରିବାକୁ କ'ଣ ତୁମର ସାହାସ ଅଛି । ଲୋକଙ୍କୁ ଫେସ୍ କରିବାକୁ ତୁମର ତାକତ୍ କାହିଁ ? ତୁମେ କାହାକୁ ବାହା ହେଉଛ ?
କାମପାଳ - ଶିବରାମ ସାମନ୍ତରାଙ୍କ ଏକମାତ୍ର କନ୍ୟା ସରଳୁ ।
ଇନ୍ସପେକ୍ଟର - ଆଉ ତୁମର ବାଗଦତ୍ତା ଚନ୍ଦ୍ରମୁଖୀକୁ କିଏ ବିବାହ କରିବ ?
କାମପାଳ - ଚନ୍ଦ୍ରମୁଖୀ କିଏ ଆଜ୍ଞା ? ସେଇଟା ଗୋଟାଏ ବେଶ୍ୟା ।
ଇନ୍ସପେକ୍ଟର - ସଟ୍‌ଅପ୍ ଲଜ୍ଜା ଲାଗୁନି ଏ କଥା କହିବାକୁ ? ତୁମର ଡ଼ି.ଏନ୍.ଏ ଟେଷ୍ଟ ହେବ ।
କାମପାଳ - ସେଇଟା ପୁଣି କ'ଣ ?

Digitized by srujanika@gmail.com

ଇନ୍ସପେକ୍ଟର - ତୁମେ ତା ଗର୍ଭର ସନ୍ତାନର ବାପା କି ନୁହେଁ ତା ଜଣାପଡ଼ିବ ।

କାମପାଳ - ସେସବୁତ ପଛ କଥା । ଆଗ ବାହାଘରଟା ସରିଯାଉ । ଇନ୍ସପେକ୍ଟର ବାବୁ, ମୁଁ ରାଜ୍ୟସଭା ମେୟର ହେବାପାଇଁ ଟିକଟ ପାଇଲି । ଆପଣଙ୍କ ପ୍ରମୋଶନ୍ କଥା ମୁଁ ଦେଖିବି ।

ଇନ୍ସପେକ୍ଟର - ଏସ୍.ପି. ଫୋନ୍ କରିଛନ୍ତି ।

କାମପାଳ - କ'ଣ କରିଛନ୍ତି ସାର୍ ?

ଇନ୍ସପେକ୍ଟର - ତୁମକୁ ଗିରଫ କରିବା ପାଇଁ ।

କାମପାଳ - କାହିଁକି, ମୋର ଅପରାଧ କ'ଣ ?

ଇନ୍ସପେକ୍ଟର - ପ୍ରଥମ ଅପରାଧ ହେଲା, ଜଣକୁ ଧୋକା ଦେଇ, ତାର ସନ୍ତାନର ବାପା ହେବାକୁ ଯାଉଛ ଆଉ ଅନ୍ୟଜଣକୁ ବିବାହ କରୁଛ । ଦ୍ୱିତୀୟ ଅପରାଧ ତୁମେ ଚାକିରୀ କରାଇଦେବାପାଇଁ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଛ ।

କାମପାଳ - ଇନ୍ସପେକ୍ଟର ବାବୁ । ଏ ସମୟରେ କ'ଣ ଥଟ୍ଟା କରାଯାଏ । ବିବାହ ପରେ ଆପଣଙ୍କ ଷ୍ଟାଫଙ୍କୁ ଭଲ ଭୋଜିଟିଏ ଦେବି । ରଖନ୍ତୁ, ଲକ୍ଷେ ଟଙ୍କା ।

ଇନ୍ସପେକ୍ଟର - ମୋତେ ଲାଞ୍ଚ ଯାଚୁଛ ?

କାମପାଳ - ଆପଣ ଯେପରି ମୋଠାରୁ କିଛି ନେଇନାହାଁନ୍ତି । ରହନ୍ତୁ, ମୁଁ ମୋବାଇଲରେ ମନ୍ତ୍ରୀଙ୍କୁ ଏ କଥା ଜଣାଇଦିଏ ।

ଇନ୍ସପେକ୍ଟର - ରଖହେ। ତୁମର ମନ୍ତ୍ରୀ । କନେଷ୍ଟବଳ, ହାଣ୍ଡକପ ପକାଅ ।

କାମପାଳ - ଇନ୍ସପେକ୍ଟର, ମୁଁ ତୁମକୁ ଦେଖିଦେବି ।
(ଦୌଡ଼ିପଳାଇବାକୁ ଚେଷ୍ଟା କରୁଥିଲା । ଇନ୍ସପେକ୍ଟର ପିସ୍ତଲ କାଢ଼ି)

ଇନ୍ସପେକ୍ଟର - ଆଉ ପାହୁଣ୍ଡେ ଅଗ୍ରସର ହେଲେ ମୁଁ ତୁମକୁ ଗୁଳି କରିବାକୁ ବାଧ ହେବି ।

କାମପାଳ - ହଉ ଆଜ୍ଞା, ଏକା ମାଘକେ ଶୀତ ଯାଉନି । ଶୀତ ପୁଣି ଆସିବ ।

ଇନ୍ସପେକ୍ଟର - ବକବାସ ବନ୍ଦକର । ହୁଁ, କନେଷ୍ଟବଳ ।
(କନେଷ୍ଟବଳ ହାଣ୍ଡକପ ପକାଇଲେ)

କାମପାଳ - ଇନ୍ସପେକ୍ଟର ବାବୁ । କଥାଟା କିଛି ଭଲ ହେଲାନି । ଅତୀତକୁ ଆପଣ ଏତେ ଶୀଘ୍ର ଭୁଲିଗଲେ ? ମୁଁ ଆପଣଙ୍କ ପାଇଁ କ'ଣ ନ କରିଛି । ଠିକ୍ ଅଛି, ମୁଁ ଜେଲ୍‌ରୁ ଫେରେ ଆପଣଙ୍କ କଥା ବୁଝିବି ।

Digitized by srujanika@gmail.com

ଇନ୍ସପେକ୍ଟର - ହୁଁ, ଏମିତି ଦଫା ଲଗାଇବିଯେ ବେଲ ମିଳିବନି । ଚାଲ ଥାନାକୁ ।
(ଘୋଷାଡ଼ି ନେଇଗଲେ)

- ଅନ୍ଧାର -

(ଆଲୋକ ଜଳିଲା ବେଳକୁ ବ୍ୟସ୍ତ ହୋଇ ପଦଚାରଣ କରୁଥିଲେ ଶିବରାମ ସାମନ୍ତରା)

ଶିବ - କୁଆଡ଼େ ଗଲା କାମପାଳ । (ଘଣ୍ଟାଦେଖି) ସମୟ ତ ଗଡ଼ିଯାଉଛି । କେତେବେଳେ ପୁରୀରେ ପହଞ୍ଚି ବାହାଘର ହେବ ? (ପ୍ରବେଶ କରିଛି ଅଭିମନ୍ୟୁ) ଆରେ, କାମପାଳକୁ ତୁ ଦେଖିଛୁ ଅଭି ?

ଅଭିମନ୍ୟୁ - ଦେଖିଛି ବାପା, ପୋଲିସ୍ ହାତକଡ଼ି ପକେଇ ଥାନାକୁ ଟାଣି ଟାଣି ନେଉଥିଲା ।

ଶିବ - ପୋଲିସ ହାତକଡ଼ି ପକାଇ ନେଉଥିଲା ? ତୁ ଶୁଣିଛୁ ନା ଦେଖିଚୁ ?

ଅଭିମନ୍ୟୁ - ମୁଁ ପରା ନିଜ ଆଖିରେ ଦେଖିଛି । ଚନ୍ଦ୍ରମୁଖୀର ଜୀବନ ବରବାଦ କରିବା, ଆଉ ଚାକିରୀ କରେଇଦେବା ପାଇଁ ଟଙ୍କା ଆତ୍ମସାତ୍ କରିବା ଅଭିଯୋଗରେ ପୋଲିସ୍ ତାକୁ ଗିରଫ କରିଛି । ଏହା ଏସ୍.ପି.ଙ୍କ ଅର୍ଡ଼ର ।

ଶିବ - ତାହେଲେ କ'ଣ ହେବ ? ସବୁତ ସତ୍ୟାନାଶ ହୋଇଗଲା ।

ଅଭିମନ୍ୟୁ - ଏବେ ଚେତା ପଶିଲା ବାପା ? ନିରୀହମାନଙ୍କୁ ଦଣ୍ଡଦେଇ ଆଜି ଆପଣ ତାର ପ୍ରତିଫଳ ଭୋଗ କରୁଛନ୍ତି ।

ଶିବ - ତୁଠିକ୍ କହିଛୁ ଅଭିମନ୍ୟୁ । ମୁଁ ଅକ୍ଷମଣୀୟ ଅପରାଧ କରିଛି । ସେଥିପାଇଁ ମୁଁ ଦଣ୍ଡପାଇବା ଦରକାର । ତୁମେ ଭାଇଭଉଣୀ ମୋତେ ମାର । ମାରିମାରି ଜୀବନରେ ମାରିଦିଅ ।

ଅଭିମନ୍ୟୁ - ସେପରି କହନ୍ତୁନି ବାପା ।

ଶିବ - ଆରେ, ତୋର ଅପା କାହିଁ ?

ଅଭିମନ୍ୟୁ - ସେ ତ କାନ୍ଦି କାନ୍ଦି ଶୋଇ ପଡ଼ିଛି ।

ଶିବ - ତାର ଆଉକାନ୍ଦିବା ଦରକାର ନାହିଁ । ମୁଁ ତାକୁ ଧର୍ମପଦ ସାଙ୍ଗରେ ବିବାହ ଦେବି । ଏହା ପରମାତ୍ମା ପରମେଶ୍ୱରଙ୍କ ଇଚ୍ଛା ।

ଅଭିମନ୍ୟୁ - (ଆନନ୍ଦରେ) ବାପା, ସତରେ ଆପଣ ଧରମା ଭାଇ ସାଙ୍ଗରେ ଅପାକୁ ବିବାହ ଦେବେ ?

Digitized by srujanika@gmail.com

ଶିବ - ଆରେ, ତୋ ଅପାକୁ ଡ଼ାକ ।

ଅଭିମନ୍ୟୁ - ଅପା, ଅପା । ବାପା ଡ଼ାକୁଛନ୍ତି ।

ସର - (ଭିତରୁ) କାହିଁକି ?

ଅଭିମନ୍ୟୁ - ତୋର ଧରମା ଭାଇ ସାଙ୍ଗରେ ବାହାଘର ହେବ । (ସର ଆସିଛି)

ସର - ବାପା, ମୋତେ ଡ଼ାକିଲେ ।

ଶିବ - ମା, ମୁଁ ତୋ ଉପରେ ଯଥେଷ୍ଟ ଅତ୍ୟାଚାର କରିଛି । ଗୋଟିଏ କିଦ୍ୱର ବଶବର୍ତ୍ତୀ ହୋଇ ମୁଁ ତୁମମାନଙ୍କ ପ୍ରତି ଯଥେଷ୍ଟ ଅନ୍ୟାୟ କରିଛି । ଧର୍ମପଦ ତୋପାଇଁ ଉପଯୁକ୍ତ ପାତ୍ର । ତାକୁ ପାଇ ତୋ ଜୀବନ ସୁଖମୟ ହେଉ । ମା ସର, ବାପ ଅଭିମନ୍ୟୁ, ତୁମେମାନେ ମୋତେ କ୍ଷମା କରିଦିଅ ।

ସର - ସେପରି କୁହନ୍ତୁନି ବାପା । ଆପଣ ଧର୍ମ, ଆପଣ ସ୍ୱର୍ଗ, ଆପଣ ହିଁ ପରମେଶ୍ୱର ।

ଅଭିମନ୍ୟୁ - ଆପଣ ଆମକୁ କ୍ଷମା କରିଦିଅନ୍ତୁ ବାପା । ଆପଣଙ୍କର ଅବାଧ ହୋଇ ଆମେ ଆପଣଙ୍କ ମନରେ ଅଶେଷ ଦୁଃଖ ଦେଇଛୁ ।

ସର - ହଁ ବାପା ଆପଣ ଆମକୁ କ୍ଷମା କରିଦିଅନ୍ତୁ ।

ଶିବ - ଚାଲ ସମସ୍ତେ ବିଶୁ ମହାରଣା ଘରକୁ ଯିବା । ଆରେ ମୋ ଝିଅକୁ ବୋହୂ ବେଶରେ ସଜେଇ ଦିଅ । ବାଜା ବଜାଅ । ହୁଳହୁଳି ଦିଅ । (ହୁଳହୁଳି ଶଙ୍ଖଧ୍ୱନି)

- ଅନ୍ଧାର -

- ଚତୁର୍ଦ୍ଦଶ ଦୃଶ୍ୟ -

(ବିଶୁ ମହାରଣାର ଘର । ଧର୍ମପଦ ବସିଥିଲା । ନେପଥ୍ୟରୁ ଭାସି ଆସୁଥିଲା ଏକ ଦୁଃଖର ରାଗିଣୀ । ପ୍ରବେଶ କରିଛନ୍ତି ସତ୍ୟଭାମା ।)

ସତ୍ୟଭାମା - ଆଉ ତା ଘରକୁ ଯାଆନି ପୁଅ । ସେଇଟା ରାକ୍ଷସ ପ୍ରକୃତିର ଲୋକ । ସେ ଝିଅର ମଧ ମୁହଁ ଆଉ ଦେଖେନି ।

ଧର୍ମପଦ - ବୋଉ ସରର ଦୋଷ କ'ଣ ? କ'ଣ ତାର ଅପରାଧ ? ସେ ତ ମୋପାଇଁ କମ୍ ଅତ୍ୟାଚାର ସହିନାହିଁ । ସେ ବର୍ତ୍ତମାନ ମଧ ମୋତେ ଘନକୁ ଚାତକ ପରି ଚାହିଁ ବସିଛି ।

Digitized by srujanika@gmail.com

ସତ୍ୟଭାମା - ହଁ ପୁଅ । ସେ ଅନନ୍ୟା । ତାର ଋଣ ମୁଁ ସୁଝିପାରିବିନି । ହେଲେ ମୋ କପାଳ ମନ୍ଦ । ତାକୁ ବୋହୂ କରିପାରିଲିନି ।

(ଏଇ ସମୟରେ ବ୍ୟାଣ୍ଡର ଧ୍ୱନ ଶୁଣାଗଲା - ଶୁନ୍‌ରେ ସଖି ମୋରେ, ସଜନା ନୁଲାଏ ମୋହେ, ଯାନାହେ ପ୍ରୀତିନଗରିଆ...)

ବିଶୁ - (ପ୍ରବେଶି, ବ୍ୟସ୍ତ ହୋଇ) ଆରେ ତୁମେ ସବୁ ଶୁଣିପାରୁଛ ? ଏ ବ୍ୟାଣ୍ଡବାଜା, ଏଟୁଆଡ଼େ କ'ଣ ଆମଘର ଆଡ଼କୁ ଆସୁଛି । ମୁଁ କିଛି ବୁଝିପାରୁନି । ଆଜି ଏରା ସରର ବାହାଘର । ତେବେ ଏମାନେ ମୋ ଘର ଆଡ଼କୁ ଆସୁଛନ୍ତି । ମୋ ପୁଅକୁ କ'ଣ ଏମାନେ ମାରିବେ । ସତ୍ୟଭାମା, ଆରେ ଧର୍ମପଦ, ତୁମେ ସବୁ ଘର ଭିତରକୁ ଯାଇ ଭିତରପଟୁ ତାଲା ପକାଇଦିଅ । ହେଇ, ଶିବେଇ ସାମନ୍ତରା ଆସୁଛି । ହେ ଭଗବାନ, ମୋ ଦୁଃଖର ଦିନ କ'ଣ ଶେଷ ହୋଇନି ? ମୁଁ ଏବେ କ'ଣ କରିବି । ଆରେ ଧରମା ତୁ ଭିତରକୁ ଯା ।

ଧର୍ମପଦ - ଓ ହୋ, ଆପଣ ଏତେ ବ୍ୟସ୍ତ ହେଉଛନ୍ତି କାହିଁକି ? ସେମାନେ ଆସନ୍ତୁ । ଦେଖିବା କ'ଣ କରି ପକେଇବେ ? ମୁଁ ମଧ୍ୟ ପୋଲିସ୍ ଟ୍ରେନିଂ ନେଇଛି ।

(ପ୍ରବେଶ କରିଛନ୍ତି ଶିବରାମ, ଅଭିମନ୍ୟୁ ଓ ବଧୂବେଶରେ ସର)

ଶିବ - ସମୁଦି, ସମୁଦି, ତୁମର ବୋହୂ ତୁମ ଘରକୁ ଆସିଛି । ମୋର ଜାମାତା କାହାନ୍ତି ?

ବିଶୁ - ଆପଣ କାହାକୁ ଜାମାତା କହୁଛନ୍ତି ? ଆପଣ କ'ଣ... ?

ଶିବ - ହଁ, ହଁ, ମୋ ଜାମାତା ଧର୍ମପଦ । ତୁମ ବୋହୂକୁ ତୁମେ କ'ଣ ଗ୍ରହଣ କରିବ ନାହିଁ ସମୁଦି ? ଧର୍ମପଦ, ମୁଁ ତୁମପ୍ରତି ବହୁତ ଅନ୍ୟାୟ କରିଛି । ମୁଁ ଆଜି ଅନୁତପ୍ତ । ମୋତେ କ'ଣ କ୍ଷମା କରିଦେବନି ?

ଧର୍ମପଦ - ଆପଣ ଏ କ'ଣ କହୁଛନ୍ତି ? ଆପଣ ଜନ୍ମଦାତା ବରଂ ମୋର ଦୋଷ କ୍ଷମା କରିଦିଅନ୍ତୁ ।

ଶିବ - ଆସ ସମୁଦି, ଠିଆ ହୋଇ ରହିଛ କ'ଣ ? ମୋ ଦୋଷ କ୍ଷମା କରିବ ନାହିଁ ? କ'ଣ ମୋ ଉପରେ ଆହୁରି ରାଗିଛ ?

Digitized by srujanika@gmail.com

ବିଶୁ - ଆପଣ ସତ କହୁଛନ୍ତି ସମୁଦି ?

ଶିବ - ହଁ ସମୁଦି, ଏହା ଦିବାଲୋକ ପରି ସତ୍ୟ । (ଦୁହେଁ କୋଳାଗ୍ରତ ହେଲେ) ସମୁଦୁଣୀ, ଆପଣ କ'ଣ ଏ ପ୍ରସ୍ତାବରେ ଖୁସୀ ନୁହନ୍ତି ?

ସତ୍ୟଭାମା - ଏ କଥା ପଚାରୁଛନ୍ତି । ଏପରି ବୋହୂ କ'ଣ ସାତଜନ୍ମ ତପସ୍ୟା କଲେ ମିଳିବ ? ସରକୁ ପାଇ ଆଜି ମୁଁ ଧନ୍ୟା ହୋଇଗଲି ।

ବିଶୁ - ପ୍ରଭୁ ଆପଣଙ୍କର ଅପାର କରୁଣା । ଆଜି ମୋର ଅନ୍ତର୍ଦାହର ପରିସମାପ୍ତି ଘଟିଛି । ମୁଁ ପାଉଛି ଚିରଶାନ୍ତି । ହେ ପ୍ରଭୁ ପୃଥିବୀରେ ଚିର ଶାନ୍ତି ଭରିଦିଅନ୍ତୁ ।

ଶିବ - ତେବେ ଆଉ ଡେ଼ରି କାହିଁକି ? ଏ ଶୁଭଲଗ୍ନରେ ବର୍ତ୍ତମାନ ବାହାଘର ସମାପନ ହେବ । ଆ' ମା' ସର । ଆସ ଧର୍ମପଦ ।
(ଦୁହିଁଙ୍କ ହାତରେ ହାତ ଦେଲେ । ନେପଥ୍ୟରୁ ମାଙ୍ଗଳିକ ଧ୍ୱନୀ । ସର ଓ ଧର୍ମ ସମସ୍ତଙ୍କୁ ମୁଣ୍ଡିଆ ମାରୁଥିଲେ ।)

- ଅନ୍ଧାର -

- ଶେଷ ଦୃଶ୍ୟ -

(ସେଇ ସମୁଦ୍ରର ବେଳାଭୂମି । ନିହାଣ ମୁଗୁର ଧରି ମୂର୍ତ୍ତି ଗଢୁଥିଲେ ଧର୍ମପଦ । ନୃତ୍ୟ ଛନ୍ଦରେ ଠିଆ ହୋଇଥିଲା ସର ।)

ଧର୍ମପଦ - ସର, ତୁମେ ମୋର ସହଧର୍ମିଣୀ, ତୁମେ ମୋର ପ୍ରେରଣାର ଉତ୍ସ । ତୁମକୁ ନେଇ ମୁଁ ଗଢ଼ିବି ନୂତନ କୋଣାର୍କ । ଯେଉଁ ଦେବଦାସୀର ନୃତ୍ୟଛନ୍ଦ ଦିନେ ମାଦକତା ସୃଷ୍ଟି କରିଥିଲା ବାରଶହ ଶିଳ୍ପୀଙ୍କର ମନ କାନନରେ, ତୁମେ ସେଇ ନୃତ୍ୟ କର । ଆଉ ନୃତ୍ୟର ପ୍ରତ୍ୟେକଟି ଛନ୍ଦରେ ମୁଁ ଗଢ଼ିବି ଅପରୂପ ମୂର୍ତ୍ତି ।

ସର - ତୁମକୁ ପାଇ ମୋ ଜୀବନ ଧନ୍ୟ ହୋଇଗଲା ଧର୍ମପଦ । ଆଜି ମୁଁ ବହୁତ ଖୁସୀ । ତୁମର ଇଚ୍ଛା ପୂର୍ଣ୍ଣ କରିବା ତ ମୋର ପରମ କର୍ତ୍ତବ୍ୟ । ଆଜି ବାପାଙ୍କର ସ୍ୱପ୍ନ ସଫଳ ହୋଇଛି । ବିଧାତାର ଇଚ୍ଛା ପୂର୍ଣ୍ଣ ହେଉ ।

(ନୃତ୍ୟ ଓ ଗୀତ) ଶ୍ୟାମ ନଇଲେ କାହିଁକି କହରେ ମୋ ପ୍ରିୟ ସଖୀ
କେମନ୍ତେ ମୁଁ ଜୀବନ ରଖିବି ନ ଜାଣେ ମୁଁ କି ବୁଦ୍ଧି କରିବି ।

Digitized by srujanika@gmail.com

(ନୃତ୍ୟ ଶେଷ ହୋଇଛି । ଉଭୟେ ଫ୍ରିଜ ହୋଇଯାଇଛନ୍ତି ।)

(ପ୍ରବେଶ କରିଛନ୍ତି ବିଶୁ ମହାରଣା)

ବିଶୁ ମହାରଣା - ଆପଣମାନେ ଦେଖୁଛନ୍ତି ଅନ୍ୟ ଏକ ଧର୍ମପଦକୁ, ଯେ ସ୍ୱାଭିମାନ ପାଇଁ ଉଚ୍ଚ ସରକାରୀ ଚାକିରୀର ମୋହତ୍ୟାଗ କରି ନିଜର କୌଳିକ ବୃତ୍ତିକୁ ଆଦରି ନେଇଛି । ନିଜେ ସ୍ୱାବଲମ୍ବୀ ହୋଇପାରିଛି । କିନ୍ତୁ ଆମେ ଆଜି କରୁଛୁ କ'ଣ ? ନିଜର ସ୍ୱାଭିମାନକୁ ଭୁଲି, ନିଜର ଆଦର୍ଶକୁ ଜଳାଞ୍ଜଳି ଦେଇ ଗୋଲାମଗିରିକୁ ଶ୍ରେୟ ମଣୁଛୁ । ହେ ନୂତନ ପିଢ଼ୀର ଯୁବପୁରୁଷଗଣ ହୀନମନ୍ୟତା ତ୍ୟାଗକରି ଦେଶମାତୃକାର ସେବା କରିବାକୁ ବଦ୍ଧ ପରିକର ହୁଅ । ସତ୍ୟ, ଧର୍ମ ଆଉ ନ୍ୟାୟର ପୂଜାରୀ ହୁଅ । ତେବେ ଯାଇ ଅନ୍ୟ ଏକ ଧର୍ମପଦ ପରି, ତୁମେ ମଧ୍ୟ ଗଢ଼ିବ ନୂତନ କୋଣାର୍କ । ବନ୍ଦେ ଉତ୍କଳ ଜନନୀ ।

(ନେପଥ୍ୟରୁ ଭାସିଆସୁଥିଲା - କଳିଙ୍ଗ ଜନନୀ ହୃଦହାରାରେ ଚାହାଁ ବାରେ ମୁଞ୍ଚି ଅବସାର ଧାରା...)

ନଇଁ ଆସିଛି ଯବନିକା

- ସମାପ୍ତ -

Digitized by srujanika@gmail.com

ନାଟକ

ମୃଗତୃଷ୍ଣା



ନିର୍ଦ୍ଦେଶନା : ଁ ରାମଚନ୍ଦ୍ର ଦାଶ

ସଂଗୀତ : ଁ ନେତାଜୀ ପାତ୍ର

Digitized by srujanika@gmail.com

ମୃଗତୃଷ୍ଣା

ପ୍ରଥମ ଅଙ୍କ

- ପ୍ରଥମ ଦୃଶ୍ୟ -

ସୂର୍ଯ୍ୟଦେବ ଅସ୍ତାଚଳଗାମୀ । ରାତ୍ରୀ ଆଗତପ୍ରାୟ । ମନ୍ଦିରରେ ସାନ୍ଧ୍ୟ ଆଳତୀର ଘଣ୍ଟାବାଦନ । ପ୍ରଭୁଙ୍କର ଭଜନ ଶୁଣାଯାଉଥାଏ । ଗୋଟିଏ ଗଛର ଚଉତରା ଉପରେ ବସିଥାନ୍ତି ସାମନ୍ତ ଦୀନନାଥ । ରାଜବଂଶ ସମ୍ଭୁତ ସାମନ୍ତ ଆଜି ବୃଦ୍ଧ । ମୁଖମଣ୍ଡଳରେ ଦାଢ଼ି ପରିପକ୍ୱ । ଦେହରେ ଗୈରିକ ବସନ । ବହୁଦିନପରେ ସେ ଗ୍ରାମକୁ ଫେରିଆସିଛନ୍ତି । ଘର ତାଙ୍କର ଜୀର୍ଣ୍ଣ । ସଂପତ୍ତି ଅନ୍ୟମାନେ ଦଖଲ କରିଗଲେଣି । ବୃଦ୍ଧ ଦୀନାନାଥଙ୍କର ବିଦାୟବେଳା ଉପସ୍ଥିତ । ଚର୍ତୁଦିଗକୁ ସେ ଚକ୍ଷୁ ନିକ୍ଷେପ କଲେ । ଶୈଶବ ତାଙ୍କର ଏହିଠାରେ ବିତିଥିଲା । ଏହି ବରଗଛ ତାର ମୂକସାକ୍ଷୀ । ଗ୍ରାମର ସମସ୍ତଙ୍କୁ ସେ ଦେଖୁଛନ୍ତି, କିନ୍ତୁ କେହି ତାଙ୍କୁ ଚିହ୍ନିପାରୁନାହାନ୍ତି । ପ୍ରଚ୍ଛଦପଟରୁ ଭାସିଆସିଲା ଶ୍ରୀମଦ୍ ଭଗବତ ଗୀତାର ସେହି ମହାମନ୍ତ୍ର -

''ଜିତାତ୍ମନଃ ପ୍ରଶାନ୍ତସ୍ୟ ପରାମାତ୍ମା ସମାହିତଃ
ଶୀତୋଷ୍ଣ ସୁଖ, ଦୁଃଖେଷୁ ତଥା ମାନାପମାନୟୋଃ ।୭।
ଜ୍ଞାନବିଜ୍ଞାନ ତୃପ୍ତାତ୍ମା କୁଟଥୋ ବିଜିତେନ୍ଦ୍ରିୟଃ
ଯୁକ୍ତ ଇତ୍ୟୁଚ୍ୟତେ ଯୋଗୀ ସମଲୋଷ୍ଟା ଷ୍ମକାଞ୍ଚନଃ ।୮।
ସୁହୃନ୍ମିତ୍ରାର୍ଯ୍ୟୁଦାସୀନ ମଧ୍ୟସ୍ଥ ଦ୍ୱେଷ୍ୟବନ୍ଧୁଷୁ
ସାଧୁରୂପି ଚ ପାପେଷୁ ସମବୁଦ୍ଧି ର୍ବିଶିଷ୍ୟତେ ।୯।

(କର୍ମ୍ମସନ୍ୟାସ୍ୟ ଯୋଗଃ)

ସାମନ୍ତ ଦୀନାନାଥ ପ୍ରଭୁଙ୍କ ଉଦ୍ଦେଶ୍ୟରେ ହସ୍ତ ଉତ୍ତୋଳନ କଲେ ।

ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ
ତସ୍ୟାହଂ ସୁଲଭ ପାର୍ଥ ନିତ୍ୟଯୁକ୍ତସ୍ୟ ଯୋଗିନଃ ।୧୪।

Digitized by srujanika@gmail.com

ମାମୁପେତ୍ୟ ପୁନର୍ଜନ୍ମ ଦୁଃଖାଳୟମ ଶ୍ୱାଶତମ୍
ନାପ୍ନୁଃନ୍ତି ମହାତ୍ମାନାଃ ସଂସିଦ୍ଧି ପରମାଂ ଗତା ।୧୫।
(ଶ୍ରୀମଦ୍ ଭଗବତ୍‌ଗୀତା, ଅକ୍ଷରବ୍ରହ୍ମ ଯୋଗଃ)

(ସେହି ବାଟ ଦେଇ ଗ୍ରାମବାସୀ ବରଜୁ ବେହେରା ଯାଉଥିଲା । ଫେରିଆସିଛି ଓ ଦୀନାନାଥଙ୍କୁ ପଚାରିଛି -)

ବରଜୁ - ସନ୍ନ୍ୟାସୀବାବା

ଦୀନନାଥ - (ଅର୍ଦ୍ଧନିମୀଳିତ ଚକ୍ଷୁ ଉନ୍ମୋଚନ କଲେ) କିଏ ? କ'ଣ ତୁମର ଦରକାର ?

ବରଜୁ - ମୋର ନୁହେଁ, ତୁମର ?

ଦୀନନାଥ - ମୋର ? ମୋର ବା ଆଉ କଣ ଦରକାର ।

ବରଜୁ - ଏଇ ବରଗଛ ଚଉତରା ଉପରେ ୪ଦିନ ହେଲା ମୁଁ ତୁମକୁ ଦେଖୁଛି । ଲୋକମାନେ ଯାହା ଦେଇଥିଲେ, ତାହା ତ ଖାଇନାହଁ ବାବା । କ'ଣ ତୁମର ଦରକାର ? ମୁଁ ତୁମର ସେବା କରିପାରେ କି ?

ଦୀନନାଥ - ମୋର ସେବା ? କି ସେବା ତୁମେ ମୋର କରିବ ବନ୍ଧୁ ?

ବରଜୁ - ଗୋଡ଼ରେ ଟିକିଏ ହାତ ମାରିଦେବି କି ବାବା ? ନ ଖାଇ, ନ ପିଇ ବଡ଼ କଷ୍ଟ ହଉଥିବ । ଅନ୍ନମୟ ପିଣ୍ଡ । ତହିଁରେ ଦିଟା ନ ପଡ଼ିଲେ, ସେ କ'ଣ ରହିପାରିବ ?

ଦୀନନାଥ - ସତ କହିଛ ତୁମେ ? ଅନ୍ନମୟ ପିଣ୍ଡ । ଅନ୍ନବିନା ସବୁ ଅଚଳ । କିଂତୁ ବାବା, ତୁମେ ବଡ଼ ଦୟାଳୁ । ତୁମପରି କୌଣସି ବ୍ୟକ୍ତି ମୋତେ ଏତେ ସ୍ନେହରେ କଥା ପଦିଏ ପଚାରି ନାହାନ୍ତି । କିଂତୁ ବାବା ମୋର ଅନ୍ନର ପ୍ରୟୋଜନ ନାହିଁ ।

ବରଜୁ - ଟିକିଏ ଗରମ କ୍ଷୀର ଆଣିଦେବି ? ପିଇବ ବାବା । ଦେହକୁ ବଳ ଆସିବ । ଗାଇଟିଏ କଅଁଳେଇଛି । ବାଛୁରୀଟି ବଡ଼ ସୁନ୍ଦରିଆ । ବାବା, ଏ ଲୋକଗୁଡ଼ାକ ବଡ଼ପାପୀ, କଅଁଳା ବାଛୁରୀର ପେଟକାଟି, ତାର ଆହାର ଛଡ଼ାଇ ନେବେ । କିଂତୁ ମୁଁ, ବାଛୁରୀଙ୍କୁ ପେଟପୁରା ପିଇବା ପରେ, କ୍ଷୀର ଦୁହେଁ। ଭାରୀ ମିଠା । ବରଅଠା ପରି କ୍ଷୀର । ଯାଉଛି ବାବା, ଗରମ କରି ନେଇ ଆସିବି ।

Digitized by srujanika@gmail.com

(ଏଇ ସମୟରେ ପୂଜାରୀ ଆସିଛି । ହାତରେ ଭାତ, ଡ଼ାଲି, ତରକାରୀ ଗୋଟିଏ ପିତଳ ଥାଳିରେ ଧରିଛି । ଚଉତରା ଉପରେ ରଖି-)

ହରିଦାସ - ବାଆଜି, କିଛି ଖାଇନ । ସବୁ ଥୁଆ ହୋଇଛି । ହଇରେ ବରଜୁ ସକାଳୁ ଖାଇବା ଆଣିଥିଲି, ବାଆଜି କିଛି ଖାଉନାହାନ୍ତି । ସବୁଦିନ ଭାତ ଫୋପଡ଼ା ହେଉଛି । ଏ ଭାତ ତୁ ନେଇଯା ।

ଦୀନନାଥ - ହଁ ନେଇଯାଅ । ମୋର କିଛି ଦରକାର ନାହିଁ ।

ହରିଦାସ - ରଜାମଠ ଟ୍ରଷ୍ଟି, ମୁକୁନ୍ଦ ମିଶ୍ର ବରାଦ କରିଯାଇଛି । ଦୁଇଓଳି ବାବାଜିଙ୍କ ପାଇଁ ଖାଦ୍ୟ ଆସିବ, ମଠରୁ । ସେ ଭଲିଆ ଲୋକ, ଯେ କି ସର୍ବଗିଳା, ସେ କିମିତି ଦୟା କଲା କେଜାଣି, ମଠ ଅଧା ସଂପତ୍ତି ତ ଖାଇଗଲାଣି । ଅଭ୍ୟାଗତ ମୁଠେ ଦଉନି । ବାବାଜି ଉପରେ କିଂତୁ ତା'ର ଦୟା ବୋହି ପଡୁଛି ।

ଦୀନନାଥ - (ହସିଲେ)

ବରଜୁ - ହସିଲ ବାବା । ଗୋସେଇଁ ଠିକ୍ କହିଛନ୍ତି । ରଇଜଳା ବୁଢ଼ା ହେଲାଣି ତିନିଟା ମାଇକିନିଆ ରଖିଛି । କେଡ଼େ କଥା ନ କରିଛି - ଧୋବୁଣିଟେ ଯାହା ରଖିଲା ପୁଣି ମଠ ସଂପତ୍ତି ସବୁ ଖୋଳ କରିଦେଲାଣି । କରିବନି କି ଆଜ୍ଞା । ତିନିଟା ମାଇକିନିଆ ପରା ପୋଷିବ ? ଏ ମଠ ଥିଲା କାହାର ? ସେ ରଜା ଗଲେ କୁଆଡ଼େ । ଆଉ ଆମ ସାନବାବୁ, ଶୁଣିଲୁ ସେ ବାବାଜି ହେଇଗଲେ ?

ଦୀନନାଥ - କାହା କଥା ତୁମେ କହୁଛ ବାବା ?

ହରିଦାସ - ତୁମେ କ'ଣ, ଏ ଗାଁ ଲୋକଙ୍କୁ ଜାଣ ?

ବରଜୁ - ମୁଁ ତ ଦେଖିଲା ପରି ଲାଗୁଛି ବହୁତ ଦିନ ତଳେ...

ଦୀନନାଥ - ବହୁଦିନ ତଳେ... କ'ଣ ହେଲା ବାବା ?

ବରଜୁ - ଏ ଗାଁରେ ଜଣେ ରଜା ରହୁଥିଲେ । ଏ ଭଙ୍ଗା ଘର ତାଙ୍କରା କେତେବଡ଼ ପକ୍କାଘର ଥିଲା । ସବୁବେଳେ ଗହଳି । କିଂତୁ ତାଙ୍କ ପୁଅ,

ହରିଦାସ - ଭାରୀ ସୁନ୍ଦର ଚେହେରା

ବରଜୁ - ଦେଖ, ଗୋସେଇଁ କିମିତି କହୁଛନ୍ତି - ହଇଏ ରଜାପିଲା ପରା - ସୁନ୍ଦର ହବେନି ।

ହରିଦାସ - ଅଚଳାଚଳ ସମ୍ପତ୍ତି । ଏ ଗାଁର ସମସ୍ତେ ତାଙ୍କ ପ୍ରଜା । ଏଇ ମୁକୁନ୍ଦ ମିଶ୍ରଙ୍କ ବାପା, ଗୋସାଇଁବାପା, ରଜାଙ୍କର ରାଜଗୁରୁ ଥିଲେ ।

Digitized by srujanika@gmail.com

ଦୀନନାଥ - ମୁକୁନ୍ଦ ମିଶ୍ର । ହଁ, ହଁ ମୁକୁନ୍ଦ ମିଶ୍ର ।

ହରିଦାସ - ହଁ ବାଆଜି ମହାପ୍ରୁ । ରଜାଘର ଅଧିକ ସଂପତ୍ତି ସେ ମାଡ଼ି ବସିଛି । ରଜା ତ କୁଆଡ଼େ ପଳାଇଲେ ।

ବରଜୁ - ହଇଏ ଗୋସେଇଁ ମହାପ୍ରୁ ସେ କିରସ୍ତାନି ମାଇକିନିଆଟା ଗଲା କୁଆଡ଼େ ? ଆହାହା, କୋଉଠୁ ଆସିଲା କେଜାଣି, ଯେମିତି ଗୋଡ଼ ରଖିଛି, ଘରୁ ଲକ୍ଷ୍ମୀଚୁଟ ହେଇଗଲେ ।

ଦୀନନାଥ - ମଣିଷ ଭାଗ୍ୟର ଦାସ ।

ବରଜୁ - ଏଇ ମୁକୁନ୍ଦମିଶ୍ର, ଅଳପେଇଶିଆ କମ୍ ହିନସ୍ତା କରିନି । ଗାଁ ଯାକକୁ ମତାଇ ଦେଲା । ରାଜାଘରେ ଥିଲା । ସବୁ ଖାଉଥିଲା । ସେ ମାଇକିନିଆକୁ ଏ କୁଆଡ଼େ କୁଟାଇ ଦେଇଥିଲା ।

ଦୀନନାଥ - ତା'ପରେ...? ତା'ପରେ କ'ଣହେଲା ?

ହରିଦାସ - ଆଉ ହବା କ'ଣ ? ବୁଢ଼ା ବାପା, ମା, ଖିରସ୍ତାନି ମାଇକିନିଆଟାକୁ ଦେଖି ବଡ଼ ଚିନ୍ତାରେ ପଡ଼ିଗଲେ । ବୁଢ଼ା ଆହାର ଛୁଇଁଲେନି ।

ବରଜୁ - ବୁଢ଼ା ତ ମରିଗଲା ଆଉ ବୁଢ଼ୀ, କି କପାଳମତି ଆଜ୍ଞା । ବୁଢ଼ାର ମରିବା ଶୁଣି, ହାଁ କହି ପ୍ରାଣ ଛାଡ଼ିଦେଲା । ବୁଢ଼ା, ବୁଢ଼ୀ ଢକାଢ଼କି ହୋଇ ଚାଲିଗଲେ... ସେତେବେଳେ ସେମାନେ ଏ ଗାଁ ଛାଡ଼ି ତୀର୍ଥ କରିବାକୁ ଯାଇଥିଲେ ।

ଦୀନନାଥ - ସଂସାରରେ ଏଭଳି ମରଣ ଖୁବ୍ କ୍ୱଚିତ୍ ଦେଖାଯାଏ । ବୁଢ଼ା ଚାଲିଗଲେ । ଭଲ କଲେ । ଗୋଟାଏ କୁଳାଙ୍ଗାର ପୁଅର ମୁହଁ ଦେଖି, ସେ ବଞ୍ଚନ୍ତେ ବା କିପରି ? ଖୁବ୍ ଭଲ କଲେ ବାବା, ଖୁବ୍ ଭଲ କଲେ ।

ହରିଦାସ - ବୁଝିଲେ ଆଜ୍ଞା ରଜାଘର ସବୁବେଳେ ହୁ, ହୁ ରହୁଥାଏ । କେତେ ଦେଶ, ବିଦେଶରୁ ଅତିଥି, ଅଭ୍ୟାଗତ ଆସୁଥାନ୍ତି । ସବୁବେଳେ ତାଙ୍କର ଚର୍ଚ୍ଚା । ଆଉ ରାଣୀମା...

ବରଜୁ - ଓହୋ, କି ପୁଣ୍ୟ ନ କରିଛି ସେ ବୁଢ଼ୀ । କିରସ୍ତାନି ବୋହୂହାତରୁ ତ ପାଣି ଛୁଇଁଲାକି, ସବୁବେଳେ ତାର ଖାଲି ବିଅଁ, ଦେବତା । ବୁଢ଼ୀ ବାଇଗୋପାଳଙ୍କ ପାଖରେ ବସି ରହିଲା । ଆମେ ଦେଖିଛୁ ଆଜ୍ଞା, କ'ଣ ନ ଖାଇଛୁ କ'ଣ ବା ନ ନେଇଛୁ । କୁଆଡ଼େ ଗଲେ ସେ ଲୋକମାନେ । ଆଉ ସେ ରଜା, ତାଙ୍କ ପୁଅ ।

Digitized by srujanika@gmail.com

ହରିଦାସ - ପୁଅ କମ୍ ଲୋକ ନୁହନ୍ତି । ବହୁତ ପାଠ ପଢ଼ିଥିଲେ । ସେ ସମୟରେ ଏମ୍.ଏ ପାଠ । ଆଉ କଲିକତାରେ ଯେତେବେଳେ ଓକିଲାତି ପଢ଼ିଲେ, ସେତେବେଳେ ଏ କିରସ୍ତାନି ମାଇକିନିଆ ପାଲରେ ପଡ଼ିଗଲେ ।

ବରଜୁ - ନାଇଁହେ, ଗୋସେଇଁ ମହାପ୍ରଭୁ, ମାଇକିନିଆଟା ମୋହନି ଲଗାଇଦେଲା ।

ହରିଦାସ - ହଁରେ ମୋହନି ଲଗାଇ ଦେଲା ? ଏ ମାଇଚିଆଙ୍କର ସବୁବେଳେ ଖାଲି ଏ ଭଳି କଥା ।

ବରଜୁ - କ'ଣ ବିଶ୍ୱାସ କରୁନ । ମୋହିନୀ ଓଷୁଅ ଯଦି ଭାତ ସାଙ୍ଗରେ ମିଶାଇ ଦେବନା, ତା'ହେଲେ ତୁମେ ପରା, ଅଣ୍ଡିରା ହଉ କି ମାଇକିନିଆ ହଉ... ବାୟା ହୋଇ ପଛେ ପଛେ ଗୋଡ଼େଇବ ।
(ଗାଇଲା ।) ମୋତେ ମୋହନି ଲଗାଇ ଦେଲାଲୋ, ସବୁ ଲାଗେ ଖାଲି ବଣାବଣା । ଆଉକ'ଣ ମିଛରେ ଗୀତ ଲେଖା ହୋଇଛି ।
(ଏଇ ସମୟରେ ମୁକୁନ୍ଦ ମିଶ୍ର ସେହିବାଟ ଦେଇ ଆସି ପହଞ୍ଚିଲେ । ବରଜୁ ଓ ହରିଦାସଙ୍କୁ ଦେଖି)

ମୁକୁନ୍ଦ - ହଇଏ ଦାସେ, ବାବାଜିଙ୍କୁ ପ୍ରସାଦ ଆଣି ଦଉଛ ତ ?

ହରିଦାସ - ଦେଖୁନାହାନ୍ତି, ଧରି ଠିଆ ହୋଇଛି, ସେ କ'ଣ ଖାଉଛନ୍ତି ? ସବୁ ତ ଫୋପଡ଼ା ହଉଛି ?

ମୁକୁନ୍ଦ - (ଦୀନନାଥଙ୍କୁ) ହଇଓ ବାବାଜି, ଖାଉନ କାହିଁକି ? କ'ଣ ଦେହ ଭଲ ନାହିଁ ।

ଦୀନନାଥ - ହଁ ବାବା, ଭଲ ନାହିଁ । ଖାଇବାକୁ ମନ ହଉନି ।

ମୁକୁନ୍ଦ - ହଇଓ, ଏତେ ବଢ଼ିଆ ଖାଦ୍ୟ ତୁମର ପାଟିକୁ ଯାଉନି ? ଆଉ କ'ଣ ଦେଲେ, ତୁମକୁ ସୁଆଦ ଲାଗିବ କହିଲ ? ହଇଏ ଦାସେ... ରାବିଡ଼ି ଆଣିଦିଅ ।

ହରିଦାସ - ଆଜ୍ଞା, ବରାଦ କଲେ ନିଶ୍ଚୟ ଆଣିବି ।

ମୁକୁନ୍ଦ - ହଉ ଆଉ ଆଣେନି । ତୁମେ କାଲିଠାରୁ ପ୍ରସାଦ ଦିଅନି । ଶଳାକୁ, ରଜା ପରି ଲାଗୁଛି ।

ଦୀନନାଥ - ବାବୁ, ଶୁଣ । କାହାକୁ ଗାଳି ଦଉଚ ? କାହିଁକି ଗାଳି ଦଉଚ ? ଜଠର ଜ୍ୱାଳା ଆଗରେ ରାଜା, ରଙ୍କ ସମସ୍ତେ ସମାନ । ଅସୁସ୍ଥ ମୁଁ । ତେଣୁ

Digitized by srujanika@gmail.com

ଆହାର ରୁଚୁନି । ଗାଳି ଦିଅନି ବାବା । ଯାହାକୁ ଅନ୍ନ ଦଉଚ ତାକୁ ଗାଳି କାହିଁକି ? ଯାଅ, ଭଗବାନ ତୁମର ମଙ୍ଗଳ କରନ୍ତୁ ।

ମୁକୁନ୍ଦ - ହଉ, ହଉ, ନିତୀବାକ୍ୟ ଶୁଣାଅନି । ଦାଶେ, କାଲିଠାରୁ ଖାଦ୍ୟ ବନ୍ଦ । (ଚାଲିଗଲା)

ବରଜୁ - ଯୋଗିନିଖିଆର କେତେକଥା, ତୁଣ୍ଡ ତୁଡ଼ି ଗାଳି ଦଉଚି । ପୋକ ପଡ଼ିବରେ ରଇଜଳା । ରଜା ଘରର ସଂପତ୍ତି ତ ଖାଇଲୁ । ବାଆଜି, ବଇଷମ କିଛି ମାତୁନୁ । ଦାନ କରୁନ୍ଥ ମ । ରଜାର ମଠ ସଂପତ୍ତି କୋଠ କଲୁ । ତହିଁରେ ପୁଣି ଦାନ । (ମୁହଁ ମୋଡୁଥିଲା) ବାଆଜି ମହାପ୍ରୁ, ମନଦୁଃଖ କରନି ।

ହରିଦାସ - କିଛି ଭାବନି ବାବାଜି ମହାରାଜ । ଧନ ମାଡି ଯାଇଛି ବୋଲି, ଧରାକୁ ସରା ମଣୁଚି । କେତେ ଦେଖିବୁରେ... । ଶଳା, ଯୋଉମାନେ ରଜାଥିଲେ, ସେମାନେ ଆଜି ଭିଖ ମାଗୁଛନ୍ତି । ଏ ପୁଣି ଭାଗ୍ୟ ଦେଖଉଛି । ଆରେ ବରଜୁ, ମୁଁ ଯାଉଛି, ମୋର ବହୁତ କାମ୍ । (ଚାଲିଗଲା)

ବରଜୁ - ବାବାଜି ମହାପ୍ରୁ ନିତ୍ୟାନି ଟିକିଏ ଆଣୁଛି । ପିଇଦିଅ । ଆଜିଠାରୁ ମୁଁ ଦୁଇ ଓଳି ଦୁଇ ସେର ନିତ୍ୟାନି ତୁମ ପାଇଁ ନେଇଆସିବି । ଦେହ ଭଲ ହେଲା ଯାଏଁ, ପିଅ । ବଜାର ଗଲେ, ଅଙ୍ଗୁର, କମଳା ନେଇ ଆସିବି । ଫଳ ଖାଇଲେ, ଦେହରେ ବଳ ଆସିବ । ତା'ପରେ ତୁମର ମଠକୁ ତୁମେ ଚାଲିଯିବ ।

ଦୀନନାଥ - ହଁ ବାବା, ବରଜୁ, ମୋର ମଠକୁ ମୁଁ ଚାଲିଯିବି । କିଂତୁ କେବେ ଯିବି ? ପ୍ରଭୁଙ୍କୁ ବହୁତ ଡ଼ାକୁଛି, ମୋତେ ମୋ ମଠକୁ ନେଇଯିବା ପାଇଁ ? କାହିଁ ମୋ ଡ଼ାକ ତ ସେ ଶୁଣୁନାହାନ୍ତି । ହଁ, ଯେତେବେଳେ ଖାତା ଖୋଲିବ, ମୋର ବେଳ ଆସିବ । ସେତେବେଳେ କେହି ରଖିପାରିବେନି । ମୋ ମଠକୁ ମୁଁ ନିଶ୍ଚୟ ଚାଲିଯିବି ।

ବରଜୁ - କିଏ, ତୁମେ ? କିଏ ତୁମେ ଆଗ କହ । ସେଇ ମୁହଁ, ସେଇ କଥା । ସାଆନ୍ତେ, ତୁମେ କ'ଣ ବଞ୍ଚିଛ । ତୁମେ କଣ ସେହି ମୋର ସାନ ସାଆନ୍ତେ । (କାନ୍ଦିଲା)

ଦୀନନାଥ - କାନ୍ଦୁଛ ବରଜୁ! ଦୁନିଆରେ ସମସ୍ତେ ଆସନ୍ତି । ନିଜର ଲୀଳା, ଖେଳ ସାରି ଚାଲିଯାଆନ୍ତି । ଲୋକେ କାହାକୁ ମନେ ରଖନ୍ତି, ଅଥବା ତାର ବିଦାୟ ପରେ ତାକୁ ଭୁଲିଯାତି ।

Digitized by srujanika@gmail.com

ବରଜୁ - ସାଆନ୍ତେ, ଘରକୁ ଆସ । ଏଇଠି ମୁଁ ତୁମକୁ ରଖାଇ ଦେବିନି । ତୁମର ଘରେ ତୁମେ ରହିବ ସାଆନ୍ତେ । ଆମେ ତୁମର ଦାସ, ଦାସୀ । ସେବା କରିବୁ । ଆପଣଙ୍କ ସେବା କରି ଧନ୍ୟ ହେବୁ । ସେଇଦିନ କଥା ମୋର ଆଖି ଆଗରେ ଜଳଜଳକରି ନାଚି ଉଠୁଛି ।

- ଅନ୍ଧାର -

- ଦ୍ୱିତୀୟ ଦୃଶ୍ୟ -

(ସାଆନ୍ତ କୃପାସିନ୍ଧୁଦେବଙ୍କର ବୈଠକ ଖାନା କୃପାସିନ୍ଧୁ ଦେବ ଗର୍ଜି ଉଠୁଥିଲେ । ପାଖରେ ଠିଆ ହୋଇଥାଏ ମୁକୁନ୍ଦ ମିଶ୍ର ।)

କୃପାସିନ୍ଧୁ - ନା, ତା'କଦାପି ହୋଇ ପାରିବ ନାହିଁ । ମୁଁ ବଞ୍ଚି ଥାଉଁ, ଥାଉଁ ଦୀନନାଥ ଅନ୍ୟ ଜାତିର କନ୍ୟାକୁ ଧର୍ମପତ୍ନୀ କରିବ, ମୋ ଜୀବଦଶାରେ ଏହା ସମ୍ଭବ ନୁହେଁ । ମୁକୁନ୍ଦ ତୁମେ ତାକୁ ଏଇକଥା ଶୁଣାଇଦିଅ ।

ମୁକୁନ୍ଦ - ବହୁତ ବୁଝାଇଛି ଆଜ୍ଞା । ମୁଁ କ'ଣ କମ କହିଛି । ରାଜା ଏ କଥା ମୋଟେ ଗ୍ରହଣ କରିବେ ନାହିଁ । ଘରକୁ ଫେରି ଚାଲବାକୁ । ସେ କ'ଣ ମୋ କଥା ଶୁଣୁଛନ୍ତି ।

କୃପାସିନ୍ଧୁ - ଏ କ'ଣ କଲ ରାଧା ମାଧବ । ସାମନ୍ତ କୃପାସିନ୍ଧୁ ଦେବର ଏକମାତ୍ର ପୁତ୍ରର ଏ ଦଶା ଦେଖି, ମୁଁ କ'ଣ ଆଉ ବଞ୍ଚି ପାରିବି ? ମୋତେ ନେଇଯାଅ ପ୍ରଭୁ । ଶୁଣ, ଏ କଥାକାହାଆଗେ ପ୍ରକାଶ କରନାହିଁ । ରଜାଘର ପ୍ରତି, ସମସ୍ତଙ୍କର ସମ୍ମାନ ଅଛି । ସମସ୍ତେ ମୋତେ ଖାତିର କରନ୍ତି । ଏକଥା ଶୁଣି, ସେମାନେ ସବୁ ଦୁଃଖରେ ଭାଙ୍ଗି ପଡ଼ିବେ ।

ମୁକୁନ୍ଦ - ଆପଣ ବ୍ୟସ୍ତ ହୁଅନ୍ତୁନି । ପିଲାମନ । ସମୟ ଆସିବ ବଦଳି ବି ଯାଇପାରେ ।

(ବରଜୁ ଘରକୁ ପଶିଆସିଲା । ହାତରେ ପାନ ଡ଼ିବା ।)

ବରଜୁ -ଆଜ୍ଞା ପାନ । ଯାହା କହିଥିଲେ, କେତକୀ ଖଇର, ବାର ପ୍ରକାର ମସଲା ଦେଇ ଭାଙ୍ଗିଛି ।

Digitized by srujanika@gmail.com

ମୁକୁନ୍ଦକୁ ଦେଖି, ଛାତିର ଲୁଗାକୁ ସଂଯତ କରିନେଲା, ମୁହଁ ମୋଡ଼ି ଠିଆହେଲା ।

କୃପାସିନ୍ଧୁ - (ଅନ୍ୟମନସ୍କ ଥିଲେ । ବରଜୁର କଥା ଶୁଣି ପାରିନଥିଲେ ।)

ବରଜୁ - ସାଆନ୍ତେ, ପାନ ଆଣିଛି, ପାନ ।

କୃପାସିନ୍ଧୁ - ହଁ, ରଖିଦେ ।

ବରଜୁ - (ପାନ ରଖିଦେଇ ଠିଆ ହେଲା)

ମୁକୁନ୍ଦ - କିରେ ଠିଆ ହୋଇ ଏଠି କ'ଣ ଶୁଣିବୁ ? ମାଇଚିଆ କୋଉଁଠିକାର ।

ବରଜୁ - (ମୁହଁ ମୋଡ଼ି ଚାଲିଗଲା)

ମୁକୁନ୍ଦ - ମଣିମା, କ'ଣ ଏତେ ଭାବୁଛନ୍ତି ?

କୃପାସିନ୍ଧୁ - କ'ଣ ଆଉ ଭାବିବି । ଭାବିବାକୁ ମୋର କ'ଣ ଅଛି । ଏତେ ପାଠ ପଢ଼ିଲା । ଏମ୍.ଏ. ପାସ କଲା । ଓକିଲାତି ପଢୁଛି । ଜଣେ ନୈଷ୍ଠିକ ହିନ୍ଦୁର ସନ୍ତାନ, ସେ ଯେ କ୍ରିଷ୍ଟାନ ଝିଅଟିକୁ ବାହାହେବ ବୋଲି ଯିଦ୍ ଧରିଛି, କୋଉ ବାପ ଏହା ସହ୍ୟ କରିବ କହ । ସବୁ ରାଧାମାଧବଙ୍କର ଇଚ୍ଛା ।

ମୁକୁନ୍ଦ - ରାଣୀମାଙ୍କୁ ପଠାଇ ଯଦି ଟିକିଏ ବୁଝାଇ ଦିଅନ୍ତେ, ତା'ହେଲେ ଖୁବ୍ ଭଲ ହୁଅନ୍ତା ସାଆନ୍ତେ । ସେ ତାଙ୍କୁ ଭକ୍ତି କରନ୍ତି । ସାନବାବୁ ଭାରୀ ଭଲ । ଶୁଦ୍ଧ ସୁବର୍ଣ୍ଣ ।

କୃପାସିନ୍ଧୁ - ହଁ ସେଇ ଶୁଦ୍ଧ ସୁବର୍ଣ୍ଣ, ଆଜି ପିତଳ ପାଲଟିଗଲା । ସେ ଚିନ୍ତାକରି ପାରିଲାନି - ତାର ଜନ୍ମଦାତା କଥା । ଯେ ତାକୁ ଏତୁଟିରୁ ଏତୁଟିଏ କରି କେତେ ରୋଗ, ବ୍ୟାଧିରେ ତା'ପାଇଁ କେତେ କଷ୍ଟ, ନ ସହିଲା । କେତେ ଖର୍ଚ୍ଚ ନ କରି ତାକୁ ମଣିଷ କଲା । ବନାରସରେ ନ ପଢ଼ାଇ, ମୁଁ ତାକୁ କଲିକତାରେ ପଢ଼ାଇ ଯେଉଁ ଭୁଲ କରି ବସିଲି, ତାରି ଫଳ ଭୋଗୁଛି ।

(ଭିତରୁ ଶୁଭୁଥିଲା - ପତ୍ନୀ ସୁଲକ୍ଷଣାଙ୍କ କଣ୍ଠରୁ ଭଜନରୁ ପଦେ । ସୁଲକ୍ଷଣା ବୟସ୍କା । ବୟସ ୫୫ରୁ ଅଧିକ ।)

କୃପାସିନ୍ଧୁ - ଶୁଣୁଛ, ସେ ଡ଼ାକୁଛନ୍ତି । ରାଧାମାଧବ ଡ଼ାକୁଛନ୍ତି । ଗୋପୀନାଥଙ୍କୁ ଡ଼ାକୁଛନ୍ତି । କେତେ ଆତୁରରେ ସ୍ୱାମୀ, ପୁତ୍ରଙ୍କର ମଙ୍ଗଳ କାମନା କରି ସେ ଗୀରିଧର ଗୋପାଳଙ୍କୁ ପ୍ରାର୍ଥନା କରୁଛନ୍ତି ।

Digitized by srujanika@gmail.com

ମୁକୁନ୍ଦ - ଆଜ୍ଞା, କଥାଟିଏ କହିବି ?

କୃପାସିନ୍ଧୁ - ଆଉ କ'ଣ କହିବ, ଯାହା କହିବାକୁ ଥିଲା, ତାହା ତ କହିସାରିଛ । ସବୁ ତ ଶୁଣିଲି ।

ମୁକୁନ୍ଦ - ଆପଣ ଟିକିଏ ମୋ ସାଙ୍ଗରେ ଆସିବେ ? ଆପଣଆଗ ଦି'ପଦ ବୁଝାନ୍ତୁ । ତା'ପରେ ରାଣୀମା ଯିବେ । ତାଙ୍କ କାନରେ କଥାଟାକୁ ପହିଲେ, ପକାନ୍ତୁ ନାହିଁ ମଣିମା । ତାଙ୍କ ମନ ଦୁଃଖ ହବ ।

କୃପାସିନ୍ଧୁ - ଦୁଃଖ ତ ନିଶ୍ଚୟ ହବ । ଯାହା କପାଳ ଲିଖନ, ତାହା ଅନ୍ୟଥା ହବନି ମୁକୁନ୍ଦ । ତୁମେ ମୋର ବିଶ୍ୱସ୍ତ । ମୁଁ ଭାବୁଛି, ଏ ସଂପତ୍ତି, ମୁଁ ମଠନାଁରେ କରାଇଦେବି । ତା'ହେଲେ ଦୀନା ଏହା ବିକ୍ରୟ କରି ପାରିବ ନାହିଁ । ମଠକୁ ତୁମ ଦାୟିତ୍ୱରେ ରଖିଦେବି । ସେଥିପାଇଁ ସମସ୍ତ କାଗଜପତ୍ର ଓକିଲ ଦ୍ୱାରା ଲେଖାଇନେବି ।

ମୁକୁନ୍ଦ - ମଣିମା, ସେ ଭୁଲ କରନ୍ତୁ ନାହିଁ । କାହିଁକି ଆପଣ ଏତେ ବ୍ୟସ୍ତ ହୋଇ ପଡୁଛନ୍ତି କହିଲେ ? ସାନବାବୁ ମଣିଷ ହେବେ । ଏ କୁଳର ନାଁ ରଖିବେ ।

(ସୁଲକ୍ଷଣା ପ୍ରବେଶ କରିଛନ୍ତି । ହାତରେ ପୂଜାଫୁଲ ।)

ସୁଲକ୍ଷଣା - ସେ ନିଶ୍ଚୟ ମଣିଷ ହବ ମୁକୁନ୍ଦ, ସେଥିପାଇଁ ତ ମୁଁ ଗୋପାଳଙ୍କୁ ଏତେ ପ୍ରାର୍ଥନା କରୁଛି ।

(ସ୍ୱାମୀଙ୍କୁ ନୈବେଦ୍ୟ ଦେଇ, ପାଦ ତଳେ ମୁଣ୍ଡିଆ ମାରି, ଘର ଭିତରକୁ ଫେରି ଯାଉଥିଲେ, ପୁଣି ଫେରିଆସି)

କ'ଣ ଘରକୁ ବୋହୂ ଆଣିବନି ? କାହିଁକି ତୁମେ ସବୁ ଶୁଣି ନ ଶୁଣିଲା ପରି ରହୁଛ ଯେ । ହଇଓ ମୁକୁନ୍ଦ, ପିଲାର ପରା ବୟସ ହେଲାଣି । ଆଜ୍ଞାଙ୍କୁ ୧୮ ବର୍ଷ ବଅସ ବେଳେ ମୁଁ ଏ ଘରକୁ ବୋହୂ ହୋଇଆସିଥିଲି । ସେତେବେଳେ ମୋତେ ହୋଇଥିଲା ୧୪ ବର୍ଷ । କେତେ ଠାକୁରଙ୍କୁ ଡ଼ାକି, ଡ଼ାକି ଦୀନା ଜନ୍ମ ହେଲା । ସେଇଦିନୁ ମୁଁ ଭାବିଲି ମୋ ଘରକୁ ବାଳଗୋପାଳ, ଦୀନା ରୂପରେ ଜନ୍ମ ନେଇ ଆସିଲେ । କେତେ ରୋଗ, ବୈରାଗରେ, କେତେ ଓଷା, ବାରବ୍ରତ କରି ଦୀନା ବଡ଼ ହେଲା । କହିଲ ମୁକୁନ୍ଦ, ତା'ର କ'ଣ ବଅସ ହେଇନି । ଥାଅ, ମୁଁ ଲୁଗାଟା ବଦଳାଇ ଦେଇ ଆସେ ।

Digitized by srujanika@gmail.com

କୃପାସିନ୍ଧୁ - ଶୁଣିଲ, ରାଣୀମା'ଙ୍କର କଥା । ହୁଁ, ବିଚାରୀ ବଡ଼ ଆଶା କରିଛନ୍ତି, ଘରକୁ ମନଲାଖି ବୋହୁଟିଏ ଆଣିବେ । ମା'ର ମନ, ତାକୁ ସେ ଚଣ୍ଡାଳ ବୁଝିବ କୁଆଡୁ ? ଭାବିପାରୁନି, କ'ଣ କରିବି ? ଏ ଘରଛାଡ଼ି ଚାଲିଯିବାକୁ ମନ ହେଲାଣି ।

ମୁକୁନ୍ଦ - ଆପଣ କାହିଁକି ବ୍ୟସ୍ତ ହଉଛନ୍ତି କହିଲେ ? ମୁଁ ଯାଉଛି, ସବୁକଥା କହିବି । ଆପଣ ଘରଛାଡ଼ି ଚାଲିଯିବାକୁ ସ୍ଥିର କରି ସାରିଲେଣି, ସେ କଥାବି ବୁଝେଇବି । କୋଉଠୁଁ ସେ ମାଇକିନିଆଟା ତାଙ୍କର ସାଙ୍ଗ ହେଲା । ଭୁଲି ଯାଇଥିଲି ଆଜ୍ଞା । ଦୁହେଁ ଏକାଠି ପାଠ ପଢୁଛନ୍ତି ।

କୃପାସିନ୍ଧୁ - ସେ କ'ଣ ତା'ଘରକୁ ଆସେ ?

ମୁକୁନ୍ଦ - କାହିଁକି ସେ କଥା ପଚାରୁଛନ୍ତି ଆଜ୍ଞା, ଘଣ୍ଟା, ଘଣ୍ଟା ଧରି ଇଂଲିସ୍‌ରେ ସେମାନେ କିକଥା ହୁଅନ୍ତି । ନାଁ ଟା ଶୁଣିଥିଲି ମେରୀ ବାନାର୍ଜି ।

କୃପାସିନ୍ଧୁ - ବାନାର୍ଜିତ ବ୍ରାହ୍ମଣ । ତା'ପୁଣି ଅନ୍ୟାୟ । ବ୍ରାହ୍ମଣ କନ୍ୟା କ୍ଷତ୍ରୀୟକୁ ବାହାହବ କିପରି ? ସବୁ ଶାସ୍ତ୍ର ବିରୋଧୀ କାମ ।

ମୁକୁନ୍ଦ - ଚଳିଥାନ୍ତା । କିଛି ଖରାପ ହୁଅନ୍ତାନି । ହେଲେ ଖ୍ରୀଷ୍ଟାନ୍ ଝିଅଟା ପରା । ସେଇଠି କଥା ରହିଯାଉଛି ।

(ସୁଲକ୍ଷଣା ପ୍ରବେଶ କଲେ)

ସୁଲକ୍ଷଣା - କଥାଟା କୋଉଠି ରହିଗଲା ମୁକୁନ୍ଦ ?

ମୁକୁନ୍ଦ - ନାଇଁ ମା, ମୁଁ କ'ଣ କହୁଥିଲି କି ?

ସୁଲକ୍ଷଣା - ତୁମେ କ'ଣ କହିବ ମୁକୁନ୍ଦ । ମୋ କଥା ଶୁଣ । ରତ୍ନପୁର ଜମିଦାର ଘରର ଝିଅ ସେ । ଗୋଟିଏ ବୋଲି ଝିଅ । ବେଶ ପ୍ରତିପତ୍ତିଶାଳୀ ଲୋକ ସେମାନେ । ଜମିଦାର ବିଷ୍ଣୁରାୟ ନାଁ ଶୁଣିଲେ, ଗର୍ଭିଣୀ ଗାଈ ବାଟ ଛାଡ଼ିବ । ଆଉ ଦେଣ, ନେଣ । ସମସ୍ତ ସଂପତ୍ତି ଦୀନାର । (କୃପାସିନ୍ଧୁଙ୍କୁ ଲକ୍ଷ୍ୟ କରି) କ'ଣ କହୁଛ କହିଲ ? ମଧ୍ୟସ୍ଥି ଆସିଥିଲେ । ତାଙ୍କର୍ ଦିଓ୍ୱାନ । ସେ କମ୍ ନାମକରା ଲୋକ ନୁହନ୍ତି । ତୁମେ କଟକ ଯାଇଥିଲ । ସେ ସମୟର କଥା । ଖବର ପଠାଇଲେ, ଦୁଇଦିନରେ ନିର୍ବନ୍ଧ ହେବ । ସବୁ ସେ ଗୋପାଳର ଇଚ୍ଛା ।

କୃପାସିନ୍ଧୁ - ସେଇ ଗୋପାଳର ଇଚ୍ଛା ପୂର୍ଣ୍ଣ ହେବ, ସୁଲକ୍ଷଣା । ଅନ୍ୟ କାହାର ନୁହେଁ । ତୁମ, ମୋ କଥା ହବନି । ତାରି ଇଚ୍ଛା । ତାରି କଥା । ସେଥିପାଇଁ ଶାସ୍ତ୍ରରେ ଅଛି ବିବାହ ବନ୍ଧନ ସ୍ୱର୍ଗରେ ହିଁ ସ୍ଥିର ହୋଇଥାଏ ।

Digitized by srujanika@gmail.com

ସୁଲକ୍ଷଣା - ମୋ କଥା ତୁମ ମନକୁ ପାଉଛି ନା ? ଖୁବ୍ ଭଲ ହେବ ।

କୃପାସିନ୍ଧୁ - ମନ୍ଦ ହବ ବୋଲି ମୁଁ ତ ତୁମକୁ କହୁନି ।

ସୁଲକ୍ଷଣା - ତା'ହେଲେ ମୁକୁନ୍ଦ ତୁମେ ଯାଅ । କାଲି ଭଲ ଦିନ । କହିବ ମାଘ ସପ୍ତମୀ ନିର୍ବନ୍ଧ ହବ । ସେ ତ ସବୁ ଜାଣନ୍ତି । ତାଙ୍କୁ ବିଶେଷ କହିବା ଦରକାର ନାହିଁ ।

କୃପାସିନ୍ଧୁ - ଯଦି ତୁମର ପୁଅ, ସେଠି ବିବାହ ନ କରେ ।

ସୁଲକ୍ଷଣା - ତୁମେ ଏମିତି କ'ଣ କହୁଛ ? ଦୀନା ପୁଣି ଆମ ପ୍ରସ୍ତାବକୁ ମନା କରିବ ?

କୃପାସିନ୍ଧୁ - ମନା କଲେ, ତୁମେ କ'ଣ କରିବ କହିଲ ?

ସୁଲକ୍ଷଣା - କାହିଁକି ମନା କରିବ ? ତୁମ କଥା ସେ ତ କେବେ ଅମାନ୍ୟ କରିନି । ତୁମେ ଯେତେବେଳେ ଯାହା କହିଛ, ତୁମ କଥାକୁ ସେ ତଳେ ପକାଇ ଦେଇନି ।

କୃପାସିନ୍ଧୁ - କିନ୍ତୁ କାଳସ୍ୟ କୁଟିଳା ଗତିଃ ।

ସୁଲକ୍ଷଣା - ମାନେ ।

ମୁକୁନ୍ଦ - ଆଜିକାଲିର ପିଲା ସେମାନେ । ଯୁଗ ବଦଳିଗଲାଣି । ସେମାନଙ୍କର ରୁଚି ବଦଳି ଗଲାଣି । ନୂଆଁ ସମାଜରେ ଚଳି ଆସିଲେ, ଇଂଗ୍ରାଜୀ ପଢ଼ିଲେ । ଖୁବ୍ ବଡ଼ ପାଠ । ସେମାନେ ଏ ପୁରାତନ ଚଳଣିକୁ କ'ଣ ଖାତିର କରିବେ ?

ସୁଲକ୍ଷଣା - ତୁମେ ଏ ସବୁ କ'ଣ କହୁଛ ମୁକୁନ୍ଦ । ମୁଁ ତ କିଛି ବୁଝିପାରୁନି ।

କୃପାସିନ୍ଧୁ - ଭଲ କରି ବୁଝାଇ ଦିଅ ମୁକୁନ୍ଦ ।

ସୁଲକ୍ଷଣା - କହୁନ, ଆରେ, ମୋତେ ସବୁ ଖୋଲି କହୁନ କାହିଁକି ?

କୃପାସିନ୍ଧୁ - ପୁଅ ତୁମର ପ୍ରସ୍ତାବ ପଠାଇଛି । ମୁକୁନ୍ଦ ପ୍ରସ୍ତାବ ନେଇ ଆସିଛନ୍ତି ।

ସୁଲକ୍ଷଣା - ଭଲ କଥା, ଏଥିରେ ମୋର ଆପତ୍ତି ନାହିଁ । ପୁଅ ଯଦି ନିଜେ କନ୍ୟା ପସନ୍ଦ କରିଛି, ତା'ହେଲେ ଆନନ୍ଦର କଥା । ସବୁ ସେଇ ଗୋପାଳର ଇଚ୍ଛା ।

କୃପାସିନ୍ଧୁ - ଗୋପଳଙ୍କର ଇଚ୍ଛା ତୁମେ ତ ନିଶ୍ଚୟ ଗ୍ରହଣ କରିବ ସୁଲକ୍ଷଣା ଏଥିରେ ଆପତ୍ତି କାହାର ରହିବ କାହିଁକି ?

ବରକୁ - (ପଶି ଆସିଛି) ମା' ନନା କହିଲେ ଆଜିର ରାନ୍ଧଣା କ'ଣ ହବ ?

Digitized by srujanika@gmail.com

ସୁଲକ୍ଷଣା - ଆଜି ତ ଏକାଦଶୀ । ମୋର ହବିଷାନ୍ନ । ଆଉ ସାଆନ୍ତଙ୍କ ନିରାମିଷ ରାନ୍ଧିବାକୁ କହିଦେ ।

ବରଜୁ - ରାଣୀ ମା' ସାନବାବୁଙ୍କର ବାହାଘର କଥା କ'ଣ ହେଲା ? ମୁଁ ଶୁଣୁଥିଲି ।

ମୁକୁନ୍ଦ - ଯାଉନୁନା, ଭଡ଼ ଭଡ଼ ହଉଚୁ ।

ବରଜୁ - ନାଇଁମ ବାବୁ, ବୋହୁଟିଏ ନ ଆସିଲେ, ମୋତେ ସାଙ୍ଗଟିଏ ପରା ମିଳୁନାହାନ୍ତି । କାହା ସହିତ ଦୁଃଖ, ସୁଖ ହେବି ।

ସୁଲକ୍ଷଣା - ହଁ ବୋହୁ ଅତିଶୀଘ୍ର ଆସିବ । ତୁ ଯା, ନନାକୁ କହିଦବୁ, ଶୀଘ୍ର ରାନ୍ଧିବେ । (ବରଜୁ ଆନନ୍ଦରେ ଚାଲିଗଲା)
ହଁ, ମୁକୁନ୍ଦ କହିଲନି, କାହାର ଝିଅ ସେ । ତାର ବାପା, ମା ନିଶ୍ଚୟ ଜମିଦାର ହେଇଥିବେ ।

ମୁକୁନ୍ଦ - କ'ଣ କହିବି ମା, କହିବାକୁ ତୁଣ୍ଡ ଆସୁନି । ସାନବାବୁ ବଡ଼ ଅଝଟ ହୋଇଛନ୍ତି ।

ସୁଲକ୍ଷଣା - (କୃପାସିନ୍ଧୁଙ୍କୁ) କିହୋ କହୁନ, ଘଟଣା କ'ଣ ?

କୃପାସିନ୍ଧୁ - ତୁମର ପୁଅ ଗୋଟିଏ ଖ୍ରୀଷ୍ଟାନ୍ ଝିଅକୁ ବାହା ହବା ପାଇଁ ପ୍ରସ୍ତାବ ଦେଇଛି ।

ସୁଲକ୍ଷଣା - ସେ ପୁଣି କ'ଣ ? ଖ୍ରୀଷ୍ଟିଆନ୍ ଝିଅ ? ସେମାନେ କୋଉ ଜାତି ?

କୃପାସିନ୍ଧୁ - ତୁମକୁ ମୁଁ କ'ଣ କହି ବୁଝାଇବି, ସେମାନେ ହିନ୍ଦୁ ନୁହନ୍ତି ।

ସୁଲକ୍ଷଣା - ହିନ୍ଦୁ ନୁହନ୍ତି - ନା, ତା ହୋଇପାରେନା । (ଚିତ୍କାରକରି) ମୁଁ ଯିବି, ମୁକୁନ୍ଦ, ଚାଇ, ତା'ପାଖକୁ ମୋତେ ନେଇଚାଲ ।

କୃପାସିନ୍ଧୁ - ଏତେ ବ୍ୟସ୍ତ ହୁଅନି, ସୁଲକ୍ଷଣା । ଯାହା ଭାଗ୍ୟରେ ଥିବ, ତା'ହବ ।

ସୁଲକ୍ଷଣା - (କାନ୍ଦି, ଉପରକୁ ହାତ ଟେକି) ହେ ଗୋପାଳ, ଏ କ'ଣ ଶୁଣାଇଲ ? ଦୀନା ମୋର ଏତେ ବଡ଼ କାଣ୍ଡ କରି ବସିଲା ।
(କହୁ କହୁ ମୂର୍ଚ୍ଛା ହୋଇଗଲେ ।)

କୃପାସିନ୍ଧୁ - ଆରେ ମୂର୍ଚ୍ଛା ହୋଇଗଲେ ଯେ । ବରଜୁ, ବରଜୁ ।

ବରଜୁ - (ଭିତରୁ) ସାଆନ୍ତେ,

କୃପାସିନ୍ଧୁ - ଆରେ ପାଣି ନେଇ ଆସିଲୁ ।
(ବରଜୁ ପାଣି ନେଇ ଆସିଛି)

Digitized by srujanika@gmail.com

କୃପାସିନ୍ଧୁ - (ପାଣି ସିଞ୍ଚିଛନ୍ତି)

ବରଜୁ - (କାନ୍ଦିଛି)

କଥା କିଆଁ, ତୁମେ କହୁନ ପଦେ ହେ -
ମୋ ରାଣୀ ମା
କେଡ଼େ କଥା କଲ, ଠାକୁରେ ତୁମେ ହେ -
ମୋ ରାଣୀ ମା

- ଅନ୍ଧାର -

- ତୃତୀୟ ଦୃଶ୍ୟ -

(ରାସ୍ତା । ଗ୍ରାମବାସୀ ଦୁଇଜଣ କଥାବାର୍ତ୍ତା ହୋଇ ଆସୁଥିଲେ । ଦୀନନାଥଙ୍କର ଅନ୍ୟ ଧର୍ମ ଝିଅର ବାହାଘର ଖବରଟା ଗାଁ ସାରା ରଟିଗଲାଣି । ହରେକୃଷ୍ଣ ଗ୍ରାମର ସାଧାରଣ ଲୋକ । ସବର୍ଣ୍ଣ । ବିମଳ ମହାପାତ୍ର ବ୍ରାହ୍ମଣ । କିଂତୁ ସଂସ୍କାରପନ୍ଥୀ ।)

ହରେକୃଷ୍ଣ - ଭାଇନା ଶୁଣିଲ,

ବିମଳ - କହୁନା, କଥାଟା କ'ଣ ଏମିତି ଗୁରୁତର ଯେ, ତୁମେ ରଡ଼ିଟାଏ ପକାଇଲ ।

ହରେକୃଷ୍ଣ - ତୁମେ ତ କିଛି ନବୁଝି ସେଇକଥା କହିବ ।

ବିମଳ - ବୁଝିଲ ହରେକୃଷ୍ଣ, ମୋର ବୁଝିବା କିଛି ଦରକାର ନାହିଁ । ତୁମେ ଯାହା କହିବ ତା'ମୋତେ ଜଣା ।

ହରେକୃଷ୍ଣ - ତା'ହେଲେ ତୁମେ ଜାଣିଲଣିଟି । ରଜାଘର କ'ଣ ନଥିଲା । ଏ ମଠରେ ଯାହା ନିତୀ, ଜାତି ହଉଚି, ପୁରୀ ବଡ଼ଦେଉଳରେ ହଉ ନଥିବ । ବାରମାସି ତେର ଯାତ । ଏ ବର୍ଷ ଝୁଲଣକୁ ଯୋଉ ରୋଟିପୁଅ ଦିଟା ଆସିଥିଲେ, ଆ, ବଡ଼ ମାତ୍ କରି ପକାଇଲେ । ବୁଝିଲ ଭାଇନା, ଗୀତ ପଦକେ, ଯେଉଁ ଆଖିମାରି ଦଉଥାନ୍ତି, ମୋ ଛାତିଟାକୁ କରଡ଼ି ପକାଉଥାଏ । ଶଳା, କୋଉ ମାଇକିନିଆ ଝିଅ, ସେ ଟୋକା ଦି'ଟା ଆଗରେ ପାସଙ୍କୁ ଆସିବେ ହେ । ପାରଳାଖେମୁଣ୍ଡିଆ ଟୋକା । ନାଚ, ଶିଖେଇଛି ସଦେଇ ମାଷ୍ଟ୍ରେ ।

Digitized by srujanika@gmail.com

ବିମଳ - ହଇଓ, ହରିକୃଷ୍ଣ ପ୍ରଭୁ ନିତ୍ୟାନନ୍ଦ, ଢ଼ିଙ୍କିଶାଳ କଥା କ'ଣ ନେଇ ଢ଼େଙ୍କାନାଳରେ ଥୋଇଲଣି । କଥାଟା ଆରମ୍ଭ କରିଦେଇ, ରଡ଼ିଟେ ପକାଇଲ ସତେ ଯେମିତି ମେଘ ଆକାଶରୁ ଛିଡ଼ିପଡ଼ିଲା । ଶେଷରେ ଗୋଟିପୁଅ ନାଚ ଉପରେ କଥା ସାରିଲ ।

ହରେକୃଷ୍ଣ - ବୁଝିଲ ଭାଇନା, ସେ ଟୋକା ବିଟା ପରା ଆଖି ଆଗରେ ମୋର ନାଚୁଛନ୍ତି । ରୂପକୁ, ଯୋଉ ଗୀତ, ବାଃ, କହିଲ ଭାଇନା, ଏ ବର୍ଷ ଶୀତଳଷଷ୍ଠୀକୁ ସେ ଦି'ଟା ଟୋକାଙ୍କୁ ଡ଼ାକିବା କିହେ ? ଯାହା ଖର୍ଚ୍ଚ ହେବ, ମୁଁ ଅଧେ ଦେବି ।

ବିମଳ - ଅଧେ କାହିଁକି ଦବ, ପୁରା ଦେଇ ଦଉନ । ରଜାଘରୁ ତ ମାରିପିଟି ସବୁ ଖାଉଚ । ବିଚରା ଭଦ୍ରଲୋକ, କିଛି କହୁନାହାନ୍ତି । ମଠରୁ କମ୍ ସେ ହରିଦାଶ ପୁଜାରୀ ମାରିଖାଉନି । ରଜା କ'ଣ ପଦେ କହୁଛନ୍ତି । ୭ ଜଣ ଅଭ୍ୟାଗତଙ୍କ ପାଇଁ ଖଞ୍ଜା ହୋଇଛି କିଂତୁ ଖାଉଛନ୍ତି ୨ ଜଣ ବା ୩ ଜଣ । ବାକୀ ସବୁ ହରିଦାଶ ମାରି ନଉଚି । ତା'ଉପରେ ବୁଢ଼ାର ବିଶ୍ୱାସ । ଆଉ ସେ ମୁକୁନ୍ଦ ମିଶ୍ର ଚୋର ଶଳା । ମଠକୁ ଖାଇ ପୋଲା କରିଦେଲା ।

(ମୁକୁନ୍ଦ ମିଶ୍ର ଆସୁଥିଲେ)

ହରେକୃଷ୍ଣ - କୁହାର ସାଆନ୍ତେ ।

ବିମଳ - ନମସ୍କାର ଭାଇନା ।

ମୁକୁନ୍ଦ - ହଇଓ ବାବୁମାନେ, କ'ଣ କାମଧନ୍ଦା କିଛି ନାହିଁ । ଖାଲି ଟହଲ ମାରୁଛ ।

ବିମଳ - କି କାମ କରିବା ହେ ଭାଇନା । ବସିକରି ଯଦି ଖାଇବାକୁ ମିଳୁଛି ତା'ହେଲେ ଆଉ ଚିନ୍ତା ରହନ୍ତାନି । ଲୋକେ ଯେମିତି ଆରାମରେ ବସିଛନ୍ତି, ମରାମରି କରି ଖାଉଛନ୍ତି ଦେଖିଲେ ଦେହ ସହୁନି । ଭାଗ୍ୟ ଭାଇନା, ସବୁ କପାଳ ଲିଖନ ।

ମୁକୁନ୍ଦ - କିରେ ଦୁନିଆରେ କିଏ ବସି କରି ଖାଉଛି । ପଶୁରାଜ ସିଂହ, ତାକୁ ମଧ ପରିଶ୍ରମ କରିବାକୁ ପଡୁଛି । ସେଥିପାଇଁ ପରା ଶାସ୍ତ୍ରରେ ଲେଖାଅଛି - ନହି ସୁପ୍ତସ୍ୟ ସିଂହସ୍ୟ ପ୍ରବିଶନ୍ତି ମୁଖେ ମୃଗାଃ ।

Digitized by srujanika@gmail.com

ଉଦ୍‌ଯୋଗୀ ପୁରୁଷ ସିଂହ ମୁପୈତେ ଲକ୍ଷ୍ମୀ - ଦୈବେନେ ଦେୟଂଇତି-

ବିମଳ - କାପୁରୁଷାଃ ବଦନ୍ତି ।

ମୁକୁନ୍ଦ - ଜାଣିଛୁଟି ।

ହରେକୃଷ୍ଣ - ମୁଁ କିଛି ବୁଝି ପାରିଲିନି ସାଆନ୍ତେ । ଆରେ ତୁ କିମିତିକା ବୁଝିବୁ । ସଂସ୍କୃତ ପାଠଟା ପରା ବ୍ରାହ୍ମଣିଆଙ୍କ ଏକଚାଟିଆ ଅଧିକାର । ବେଦ ଗାୟନ ପାଇଁ ଆମର ପରା ଇଚ୍ଛା - ସେଥିପାଇଁ ସେଇ ଶାସ୍ତ୍ର ପୁଣି କହିଛି -

ବିମଳ - ବ୍ରାହ୍ମଣାଃ ବେଦ ପାରଗାଃ ।

ହରେକୃଷ୍ଣ - ସାଆନ୍ତେ ଓଡ଼ିଆରେ କହ ମ । ମୁରୁଖ ଲୋକ ଆମେ । ସଂସ୍କୃତ ବୁଝିବୁ କୁଆଡୁ । ତେବେ ସାଆନ୍ତେ କଥାଟିଏ ଶୁଣିଲି । ତୁଣ୍ଡ ଆସୁନି ପଚାରିବାକୁ । କିମିତି ପଚାରିବି ?

ମୁକୁନ୍ଦ - ଜାଣିଛୁ ଯଦି ଆଉ କିଛି ନ ପଚାରି ଘରକୁ ପଳା ।

ବିମଳ - ହଇଏ ଭାଇନା, ଘଡ଼ିଏ ହେଲା ଲଗେଇଛି, କଥାଟିଏ ଶୁଣିଛ । କି କଥା ଗୁଡ଼ାକ ଶୁଣି ପକେଇଲା ଯେ, ଆସି ବଖାଣି ହଉଚି । ଭାଇନା, ଏ ହରିଆ ବଡ଼ ରସିକିଆ ସାଜିଲାଣି । ଦେଖୁନ କାନରେ କିମତି ଫୁଲ ଖୋସିଛି । ବେହିପୋ, ନାଲି ଗାମୁଛା, ଫିନିଫିନି ଧୋତି । ରସିକନାଗର ଚୁଡ଼ାମଣି ସାଜିଛି ।

ମୁକୁନ୍ଦ - ମୁଁ ସବୁ ଶୁଣିଛି । ଯାର କୀର୍ତ୍ତି ମୋତେ କ'ଣ ଜଣାନାହିଁ ।

ହରେକୃଷ୍ଣ - ଭାଇନା, ବିମଳବାବୁଙ୍କ କଥା ତୁମେ ଶୁଣୁଛ ? ମୋତେ କ'ଣ ତୁମେ ଚିହ୍ନି ପାରିଲନି ।

ବିମଳ - ହଇରେ ଅଳପେଇଷିଆ, କୋଉ ଗୋଟିପୁଅ ଆଣିବୁ ବୋଲି କହୁଥିଲୁ ? ଭାଇନା, ମୁକୁନ୍ଦଭାଇନା, ଝୁଲଣକୁ ତୁମେ ଯୋଉ ଗୋଟିପୁଅ ନାଚ ଅଣିଥିଲ-

ମୁକୁନ୍ଦ - ତୁ ଯାହା କହରେ ବିମଳ, ଟୋକାଦି'ଟା ମାତ୍ କରିଦେଲେ ନା ।

ହରେକୃଷ୍ଣ - ମୁଁକହିଲାବୁ, ବାବୁଙ୍କୁ ରାଗ ପଶିଗଲା । ଏବେ ଶୁଣିଲ ବିମଳବାବୁ, ନାଇଁ ନାଚ ବୋଇଲେ ନାଚ ନା । ଶଳା, ଦେଖୁଥିଲେ, ଟାପୁଡ଼ା

Digitized by srujanika@gmail.com

ମାରିଲେ ବି ଛାଡ଼ିକରି ଯାଇ ପାରିବନି । ଆଉଥରେ ଆଣ ହେ । ଏ ବିମଳବାବୁଙ୍କ କଥାରୁ କ'ଣ ମିଳିବ । ମୋତେ ପଠେଇବ । ମୁଁ ବହିଣା ଦେଇ ଆସିବି ।

ମୁକୁନ୍ଦ - ତେବେ କାହିଁକି ? ଆମର କ'ଣ ଆଉ କିଏ ଲୋକ ନାହାନ୍ତି । ହେଇ ବରକୁଟା ଆସୁଛି । ମୋତେ ଡ଼ାକିବାକୁ ଯାଇଥିଲା । ଶଳା, କି ଖଟଣି । ବୁଢ଼ା ଡ଼ାକିଲେ, ବୁଢ଼ୀ ଡ଼ାକୁଛି । ମଣିଷ ଅଧାପ୍ରାଣ ହେଇଗଲାଣି । (କହି ଚାଲିଗଲେ)

(ଏହି ସମୟରେ ବରକୁ ଆସିଛି । ଏ ଦୁହିଁକି ଦେଖି ଛାତିକୁ ଘୋଡ଼େଇ ପକେଇଲା । ଟିକିଏ ଚାହିଁ ହସି ଚାଲିଯାଉଥିଲା)

ହରେକୃଷ୍ଣ - ବରକୁଆରେ...

ବରକୁ - ହଇହେ, ମୋତେ ବରକୁଆ ବୋଲି କ'ଣ ଡ଼ାକୁଛ, ମୁଁ ପରା ବ୍ରଜ ମୋହିନୀ ।

ହରେକୃଷ୍ଣ - ହଁରେ ତୁ ତ ଖାଲି ସମସ୍ତଙ୍କୁ ମୋହି ପକଉଛୁ ।

ବିମଳ - ହଇରେ ହରିଆ, ଇଆ ଉପରେ କ'ଣ ଆଖି ପଡ଼ିଲାଣି ।

ବରକୁ - କି ରସିକଟା ଯେ । ବୁଝିଲ ବାବୁ, ଆମ ଉପରେ ଯାର ଆଖି । ନାନୀ ଆମର ପାଣି ପାଇଁ ଯାଇଥିଲା ଯାହା କହୁଥିଲା, କ'ଣ କହିବି ବାବୁ ଇଏ ତାକୁ ଦେଖି ଗଳା ଖଙ୍କାରିଲା । ଉଦୁଉଦିଆ ଦିପହରଟା । କେହି ଲୋକ ଗୋଟିଏ ନଥିଲେ । ନାନୀ କ'ଣ ଆଉ ଅଛି । ଯାକୁ ଦେଖି ମାରିଲା ଡ଼ିଆଁ ।

ହରେକୃଷ୍ଣ - ହଁ, ମାରିଲା ଡ଼ିଆଁ । ତୋ ନାନୀ ନିଛାଟିଆ ଉଦୁଉଦିଆ ଦିପହରଟାରେ ପାଣି ପାଇଁ କାହିଁକି ଆସୁଛି କିରେ ? ମୋତେ ଦେଖି ପକାଇବାରୁ, ପୁଣି ମାଇଲା ଡ଼ିଆଁ । ମେତେ ଦେଖି ନୁହେଁରେ, ତା ନାଗର ନ ଆସିଥିବା ଦେଖି ଡ଼ିଆଁ ମାରିଥିବ ।

ବରକୁ - ହଇରେ ବାଡ଼ିପଶା, ଯୋଗିନିଖିଆ, ମୋ ନାନୀ ନାଁରେ ତୁ ଏତେବଡ଼ କଥା କହିପାରିଲୁ ? ତୋତେ ଧରମ ସହିବ ।

ହରେକୃଷ୍ଣ - ବୁଝିଲ ବିମଳବାବୁ, ଏଇ ବରକୁ ସତ କଥାଟା କହିବ । ମୋ କକାପୁଅ ଭାଇ ବରକୁଠାରୁ ଶୁଣିଥିଲା । ହଇରେ ବରକୁ ସତ କହିଲୁ, ତୋ ସାନ ସାଆନ୍ତ ମ, କାହାକୁ ବାହା ହଉଚି କିରେ ?

Digitized by srujanika@gmail.com

ବରକୁ - ଗୋଟେ ଝିଅଟାକୁ ?

ହରେକୃଷ୍ଣ - ଆରେ ସେମାନେ କୋଉ ଜାତି ?

ବରକୁ - ମାଇପି ଜାତି । ଆମ ଜାତି । ସେ ଯୋଗିନିଖିଆ କଥାଟାକୁ କହିଦେଲା । ତୋ ଭାଇ ମାଧିଆ ମୋ ରାଣ ପକେଇଲା, ଦେହ ଛୁଇଁଲା, ହେଲେ କଥାଟାକୁ କହିଦେଲା । ମୁଁ ତ ଏମିତି ଦେହ ଛୁଇଁ ୫ ଜଣଙ୍କୁ କହି ସାରିଲିଣି । ଏ ପୁରୁଷ ଜାତିଟାକୁ ବିଶ୍ୱାସ କରିବାରୁ ଆମେ ମାଇପିମାନେ ପିରାଣ ଚାଲିଗଲେ ମଧ, କଥା ଖୋଲି କହିବୁ ନାହିଁ । ଯାଏଁ, ତେଣେ ମୁକୁନ୍ଦ ମିଶ୍ର ଗଲାଣି । ମୋ ନାଁରେ ସାଆନ୍ତଙ୍କୁ ଏଣ୍ଡୁ, ତେଣୁ ଗୁଡ଼ାଏ ଲଗେଇ କହିବ । (ଚାଲିଗଲା)

ବିମଳ - ଶଳା ରାଣ ପକାଇ, ଦେହ ଛୁଇଁ କଥାଟାକୁ ଗୁପତ ରଖିଥିଲା । କ'ଣ ହେଇାକିରେ ହରିଆ ।

ହରେକୃଷ୍ଣ - ଆଉ କ'ଣ ହୁଅନ୍ତା, ସାନବାବୁ ଗୋଟେ କିରସ୍ତାନି ଝିଅକୁ ବାହା ହଉଚନ୍ତି ।

ବିମଳ - ଓଃ, ଏଇକଥା । ହୁଅନ୍ତୁ । ସେଥିରେ ଆମର ଯାଏ ଆସେ କ'ଣ ? ତୁ ଏଥିପାଇଁ ଏତେ ଛାନିଆ କାହିଁକି ?

ହରିକୃଷ୍ଣ - ବାବୁ ଏସବୁ ସିନା ସହରରେ ବାବୁ, ଭାୟାମାନଙ୍କ ଭିତରେ ହଉଚି । ଆମ ଗାଁରେ ଏ ଚଳଣି ତ ଚଳିବନି । ଲୋକେ ନିଷ୍ଟୟ ରାଗିଯିବେ ।

ବିମଳ -ହଉହେ, ଦେଖିବା, ଯେତେବେଳେ ସେ ବାହା ହେଇ ଗାଁକୁ ଆସିବେ ସେତେବେଳେ ଯାଇ କଥାବାର୍ତ୍ତା । ଚାଲେ, ତୋ କାମକୁ ତୁ ଯା, ମୁଁ ଯାଉଛି ଗଞ୍ଜପା ୨ ପାଲି ପକେଇ ଆସେ । ପାଗଟା ଆଜି ଭଲ ନାହିଁରେ । ମେଘୁଆ ପାଗକୁ, ଖାଲି ବରା, ପକଡ଼ି ଛଣା ଖାଇବାକୁ ମନ ହଉଚି ।

ହରିକୃଷ୍ଣ - କ'ଣ ଘରେ ନାହାନ୍ତି କି ? କହୁନ, ଛାଣି ପରଶିଦେବେ । ହଉ, ଯାଉଛି ସତ ଘଟଣାଟା ବାହାର କରିବି ।

- ଅନ୍ଧାର -

Digitized by srujanika@gmail.com

- ଚତୁର୍ଥ ଦୃଶ୍ୟ -

(ଦୀନନାଥ ଦେବଙ୍କ କଲିକତାସ୍ଥିତ ବାସଭବନ । ଦୀନନାଥ ଚୌକୀରେ ବସିଥିଲେ । ଭାରାକ୍ରାନ୍ତ ମନରେ ସେ ମୁକୁନ୍ଦମିଶ୍ରଙ୍କୁ ପଚାରୁଥିଲେ ।)

ଦୀନନାଥ - ବାପା ତା'ହେଲେ ଖୁବ୍ ବିରକ୍ତ ହେଲେ ?

ମୁକୁନ୍ଦ - ହଁ, ସାନବାବୁ, କାହିଁକି ପଚାରୁଛନ୍ତି ?

ଦୀନନାଥ - ଆଉ ମା'

ମୁକୁନ୍ଦ - ଏଖବର ଶୁଣି ତାଙ୍କର ଚେତା ବୁଡ଼ିଗଲା ।

ଦୀନନାଥ - ଆପଣଙ୍କର ମତାମତ ?

ମୁକୁନ୍ଦ - ମୋ କଥା କାହିଁକି ପଚାରୁଛନ୍ତି । ମୁଁ କିଏ ? ଯେତେହେଲେ ସେମାନେ ଆପଣଙ୍କର ଜନ୍ମଦାତା । ତାଙ୍କ ମନରେ କଷ୍ଟଦେବା ମୋ ବିଚାରରେ ଠିକ୍ ନୁହେଁ ।

ଦୀନନାଥ - ଆପଣ ଠିକ୍ କହିଛନ୍ତି । ତା'ହେଲେ ମୁଁ ଏ ନିଷ୍ପତ୍ତିରୁ ଓହରି ଯିବି । ବାପା, ମା'ଙ୍କ ମନରେ କଷ୍ଟଦେବା ମୋର ଅଭିପ୍ରାୟ ନୁହେଁ ।

ମୁକୁନ୍ଦ - (ଆନନ୍ଦରେ) ବହୁତ ଭଲ ହବ ସାନବାବୁ । ସେମାନେ ଆପଣଙ୍କୁ ଆଶୀର୍ବାଦ କରିବେ । ଖାଲି ସେମାନେ ନୁହନ୍ତି, ପିତୃପୁରୁଷଗଣ ଆପଣଙ୍କର ନିଷ୍ପତ୍ତିର ଯଥେଷ୍ଟ ପ୍ରଶଂସା କରିବେ ।

ଦୀନନାଥ - କିଂତୁ କକା, ଯେଉଁ ଗୋଲକଧନ୍ଦା ଭିତରେ, ମୁଁ ନିଜକୁ ହଜାଇ ଦେଇଛି, ସେଥିରୁ କ'ଣ ମୁଁ ସହଜେ ମୁକ୍ତି ପାଇପାରିବି । ଏକ ଦିଗରେ ମୋର ଜନ୍ମଦାତା ପିତା, ମାତା, ଅନ୍ୟଦିଗେ ମୋର ବାଗ୍‌ଦତ୍ତା ପତ୍ନୀ ମେରୀ । କାହାକୁ ଛାଡ଼ିବି ? କକା ମୁଁ ପାଗଳ ହେଇଯିବି ।

ମୁକୁନ୍ଦ - ମା' କହୁଥିଲେ ସେ ଆସି ବୁଝାଇବେ ।

ଦୀନନାଥ - ହଁ ତା' ତ ତାର କର୍ତ୍ତବ୍ୟ ।

ମୁକୁନ୍ଦ - ଆଉ ବାପା କହିଲେ, ଘର ଛାଡ଼ି ଚାଲିଯିବେ ।

ଦୀନନାଥ - ଜାଣେନା, ଏ ପ୍ରୋବ୍ଲେମ୍ ସୋଲ୍‌ଭ୍ ହେବ କିପରି ? ମେରୀ ମୋର ନିଷ୍ପତ୍ତିର ପରିବର୍ତ୍ତନ ଶୁଣିଲେ, ଖୁବ୍ ଭାଙ୍ଗିପଡ଼ିବ । ସେ ତ ନିରାହା । ତାର ଦୋଷ କ'ଣ ? ସବୁ ଦୋଷ ମୋର । କକା, ଆପଣ ଟିକିଏ ତାକୁ ବୁଝାଇଦେବେ ।

Digitized by srujanika@gmail.com

ମୁକୁନ୍ଦ - ନା ବାବା, ମୋତେ ସେ କଥା କୁହନ୍ତୁନି ।

ଦୀନନାଥ - ତେବେ ମୁଁ ପଚାରୁଛି ଏ ଧର୍ମ କ'ଣ ? ଧର୍ମ ପାଇଁ ମଣିଷ, ମଣିଷକୁ ଘୃଣା କରେ କାହିଁକି ?

ମୁକୁନ୍ଦ - ବାବୁ, ମୁଁ ତୁମପରି ପାଠ ପଢ଼ିନି । ଯେତିକି ପଢ଼ିଛି ହିସାବ କରିବା ପାଇଁ ତାହା ଯଥେଷ୍ଟ । ଏଗୁଢ଼ ତତ୍ତ୍ୱର ଅର୍ଥ ମୁଁ ତୁମକୁ ବୁଝାଇ ପାରିବି କିପରି ?

ଦୀନନାଥ - ଘୃଣାର କୁହୁଡ଼ି ଆଜି ଚାରିଆଡ଼େ ବ୍ୟାପି ଯାଇଛି । ହିନ୍ଦୁ, ମୁସଲମାନଙ୍କୁ ଘୃଣା କରୁଛି । ମୁସଲମାନ, ହିନ୍ଦୁକୁ ଘୃଣା କରୁଛି । ଖ୍ରୀଷ୍ଟାନ, ଶିଖ, ଯେତେ ଧର୍ମ ଭାରତବର୍ଷରେ ଅଛି, ସମସ୍ତେ, ସମସ୍ତଙ୍କୁ ଘୃଣା କରନ୍ତି । ଯେଉଁ ସ୍ନେହ, ସଦିଚ୍ଛାର କଥା କୁହାଯାଏ, ତାହା ଖାଲି ବାହାର ଦେଖାଣିଆ । ସେଥିପାଇଁ ମୁଁ ଧର୍ମକୁ ଘୃଣା କରେ । ମଣିଷକୁ ଭଲ ପାଏ । ଯେଉଁ ମଣିଷକୁ ଭଗବାନ ତିଆରି କରିଛନ୍ତି ଧର୍ମକୁ ଘୃଣା କରେ । ଯେଉଁ ଧର୍ମକୁ ମଣିଷ ଭଗବାନଙ୍କର ଦ୍ୱାହିଦେଇ, ନିଜେ ତିଆରି କରିଛି ।

ମୁକୁନ୍ଦ - ହଁ, ସତକଥା ସାନବାବୁ ଠିକ୍ କହିଛନ୍ତି । ତେବେ ଏ ମୂର୍ଖ ମଣିଷ, ଏ ସବୁ ବୁଝୁଛି କୁଆଡୁ ? ପରସ୍ପର, ପରସ୍ପରକୁ ଘୃଣା କରୁଛନ୍ତି । ଏଥିପାଇଁ ମଣିଷ, ମଣିଷକୁ ମାରୁଛି ।

ଦୀନନାଥ - ଆପଣ ଠିକ୍ ବୁଝିଛନ୍ତି ଜକା । ମା'କୁ ନହେଲେଆପଣ ତ ବାପାଙ୍କୁ ବୁଝାଇ ଦେଇପାରିବେ । ସେ ଜ୍ଞାନୀ । ଗୀତା ଦର୍ଶନ ଉପରେ ତାଙ୍କର ଅଗାଧ ବିଶ୍ୱାସ । ଭଗବାନ ଶ୍ରୀମଦ୍ ଭଗବତଗୀତା ଧ୍ୟାନଯୋଗରେ କହିଛନ୍ତି -

ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି
ତସ୍ୟାହଂ ନ ପ୍ରଣଶ୍ୟାମି ସଚମେ ନ ପ୍ରଣଶ୍ୟତି ॥
ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମା ସ୍ଥିତଃ
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ॥
ଆତ୍ମୌପମ୍ୟେନ ସର୍ବତ୍ର ସମପଶ୍ୟତି ଯୋଽର୍ଜୁନ
ସୁଖଂ ବା ଯଦି ବା ଦୁଃଖ ସ ଯୋଗୀ ପରମୋ ମତଃ ॥

Digitized by srujanika@gmail.com

ଯୋଗରେ ନିବିଷ୍ଟଚିତ୍ତ ଯେ ଯୋଗୀ ସେ ନିଜର ଆତ୍ମାକୁ ସକଳ ପ୍ରାଣୀରେ ଅବସ୍ଥିତ ହେବାର ଦେଖେ । ଯେଉଁ ଜ୍ଞାନୀ ମୋ ଠାରେ ସବୁ ପ୍ରାଣୀମାନଙ୍କୁ ଦେଖେ, ସେପରି ବ୍ୟକ୍ତିକୁ ମୁଁ ଅଦୃଶ୍ୟ ହୁଏ ନାହିଁ । ତେଣୁ କକା ଆପଣ କହନ୍ତୁ 'ସକଳ ଘଟେ ନାରାୟଣ' । ତେଣୁ ପ୍ରାଣୀକୁ ଘୃଣା କରିବା ଉଚିତ ନୁହେଁ । ଭଗବାନଙ୍କୁ ପାଇବା ପାଇଁ ଧର୍ମ ଏକ ଉଦ୍ଭଟ ପରିକଳ୍ପନା ।

ମୁକୁନ୍ଦ - ସେପରି କୁହନି ସାନବାବୁ । ଧର୍ମ ପୃଥିବୀକୁ ଧାରଣ କରିଛି । ଯେଉଁ ବ୍ୟକ୍ତି ଧର୍ମ ଆଚରଣ କରେ, ସେ ବ୍ରହ୍ମକୁ ପ୍ରାପ୍ତ ହୁଏ ।

ଦୀନନାଥ - ଆପଣ କହୁଛନ୍ତି କକା - ହିନ୍ଦୁ ଖାଲି ବ୍ରହ୍ମକୁ ପ୍ରାପ୍ତ ହୁଏ, ଖ୍ରୀଷ୍ଟାନ ହୁଏ ନାହିଁ । ଇସଲାମର ମୋକ୍ଷ ନାହିଁ ? ସବୁ ଆପଣମାନଙ୍କର ଅଦ୍ଭୁତ ବିଚାର । ଆପଣ ବ୍ରାହ୍ମଣ, ସେମାନେ ଆପଣଙ୍କ ଜାତିର ଲୋକକୁ ଅଚ୍ଛବ କହି, ତାକୁ ଘୃଣା କରନ୍ତି ।

ମୁକୁନ୍ଦ - ବାବୁ ତୁମେ ପିଲାଲୋକ । ସବୁ ଧର୍ମ ମଧ୍ୟରେ ହିନ୍ଦୁ ଧର୍ମ ଶ୍ରେଷ୍ଠ ।

ଦୀନନାଥ - ମିଛକଥା । ଏ ସବୁ ଖାଲି ଗୋଟାଏ ଅପପ୍ରଚାର । ଧର୍ମ ନାମରେ ଆପଣମାନେ ଠାକୁରଙ୍କ ସଂପତ୍ତି ଆତ୍ମସାତ କରନ୍ତି । ଧର୍ମକୁ ଆଖି ମିଟିକା ମାରି, ଆପଣ ସମସ୍ତ ପାପକର୍ମ କରିଯାନ୍ତି । ଗଙ୍ଗା, ଗୋଦାବରୀରେ ସ୍ନାନ କଲେ, ପାପର କ୍ଷାଳନ ହୁଏନାହିଁ, ମାନବ ସେବା କଲେ ନାରାୟଣ ସନ୍ତୁଷ୍ଟ ହୁଅନ୍ତି । ମନୁଷ୍ୟ, ମନୁଷ୍ୟରୁ ଦେବତ୍ୱ ପ୍ରାପ୍ତ ହୁଏ ।

ମୁକୁନ୍ଦ - ଯେତେହେଲେ ସାନବାବୁ ଆମେ ହିନ୍ଦୁ । ଉଚ୍ଚ ଜାତି । ଆମ୍ଭେମାନେ ଯଦି ଏ ଭୁଲ କରୁଁ ତା'ହେଲେ ସମାଜ କାହାର ଆଦର୍ଶ ଗ୍ରହଣ କରିବ ।

ଦୀନନାଥ - ତା'ହେଲେ ଆପଣ କହୁଛନ୍ତି କକା- ଅନ୍ୟ ଧର୍ମର ଗୋଟିଏ ଅଶିକ୍ଷିତା ଝିଅକୁ ବାହାହୋଇ, ଜୀବନଟାକୁ ହତସତ କଲେ, ମୁକ୍ତି ମିଳିବ । ମୁଁ ଏହାର ଘୋର ବିରୋଧୀ । ମୁଁ ଭାବିଥିଲି, ଆପଣ ମୋତେ ସମର୍ଥନ କରୁଥିଲେ । ମେରୀର, ମୋର ଅବାଧ ମିଳନକୁ ଆପଣ ପ୍ରଶ୍ରୟ ଦେଉଥିଲେ । କାରଣ ବାପାଙ୍କ ଦ୍ୱାରା ନିଯୁକ୍ତ, ଆପଣ ମୋର ମୁରବୀ । ଏସବୁ କାହିଁକି କରୁଥିଲେ କକା ? କୁହନ୍ତୁ ।

Digitized by srujanika@gmail.com

ମୁକୁନ୍ଦ - ସାନ ବାବୁ, ଏ କଥା କ'ଣ କହୁଛ ? ଏମିତି କୁହନି ସାନବାବୁ । ରାଜା ଶୁଣିଲେ, ଚାକିରୀ ଖଣ୍ଡି ମୋର ଚାଲିଯିବ । ମୁଁ ଦାଣ୍ଡର ଭିଖାରୀ ହୋଇଯିବି ବାବୁ । ରଜାବାବୁଙ୍କୁ କିଛି କୁହନି । ମୁଁ ମାନୁଛି, ମୋର ଭୁଲ ହୋଇଛି । ମୋର ବହୁ ଆଗରୁ ମନା କରିବାକୁ ଥିଲା ।

(ମଞ୍ଚରେ କିଛିକ୍ଷଣ ନୀରବତା । ଭାସି ଆସିଲା ଏକ କରୁଣ ମୂର୍ଚ୍ଛନା ।)

ଦୀନନାଥ - ତେବେ କକା, ଆପଣ ଯାଇ ବାବାଙ୍କୁ କହି ଦିଅନ୍ତୁ । ମୁଁ ସନ୍ୟାସ ଗ୍ରହଣ କରିବି ।

ମୁକୁନ୍ଦ - ସାନବାବୁ (ଆଶ୍ଚର୍ଯ୍ୟ ହୋଇ) ଏମିତି କ'ଣ କହୁଛ ସାନବାବୁ ?

ଦୀନନାଥ - ମୁଁ ମିଛ କହେନି କକା । ବିବାହ କରି ଲାଭ ବା କ'ଣ ? ମୁଁ ବହୁ ସାଧୁସନ୍ଥ ଖ୍ରୀଷ୍ଟାନ ମିସନାରୀଜ୍, ଫାଦର, ସିଷ୍ଟର, ନନ୍ ଆଜନ୍ମ ବ୍ରହ୍ମଚାରୀ । ସେମାନେ ଯେପରି ମାନବସେବା କରି ଆଦର୍ଶ ସ୍ଥାପନ କରି ଯାଉଛନ୍ତି, ତାଙ୍କୁ ଦେଖିଲେ, ମୁଁ ଚାହେଁ ସନ୍ୟାସୀ ବ୍ରତ ମୋପାଇଁ ଶ୍ରେଷ୍ଠ କର୍ମ । ଯଦି ବାପା ମୋତେ ଘରେ ଦେଖିବାକୁ ଚାହାନ୍ତି, ମେରୀ ମୋ ସାଙ୍ଗରେ ଘରକୁ ଯିବେ । ଯାଆନ୍ତୁ, ଏତିକି ବୁଝାଇ ଦେବେ । ଯାହା ସେମାନେ ଚାହିଁବେ, ତା'କୁ ମୁଁ ଗ୍ରହଣ କରିବି ।

ମୁକୁନ୍ଦ - (ଭୟଭୀତ ହୋଇ) ବାବୁ, ମୁଁ ଯାଉଛି । ଆଉ ଡେରି କରିବି କାହିଁକି ? କିଂତୁ ବାବୁ, ମୁଁ ହାତ ଯୋଡୁଛି, ମୋ କଥା ବାବାଙ୍କୁ କହିବେ ନାହିଁ ।

ଦୀନନାଥ - ଆପଣ ବାହ୍ମଣ ମୋର ଗୁରୁଜନ । ଆପଣ ମୋତେ ହାତ ଯୋଡୁଛନ୍ତି । ବିଶ୍ୱାସ କରନ୍ତୁ, ଏକଥା ମୁଁ କାହା ଆଗେ କହିବି ନାହିଁ ।

ମୁକୁନ୍ଦ - ହଉବାବୁ, ଯାଉଛି । (କହି ଚାଲିଗଲେ ।)

(ଚିନ୍ତାମଗ୍ନ ହୋଇ ପଡ଼ିଲେ ଯୁବକ ଦୀନନାଥ ।)

ଦୀନନାଥ - ମୋର ଅଲକ୍ଷ୍ୟରେ ଏ ସବୁ କ'ଣ ଯେ ଘଟିଯାଉଛି, ହେ ପ୍ରଭୁ, ତାର ଫଳାଫଳ ମୁଁ ଜାଣେନା । ସବୁ ତୁମର ଇଚ୍ଛା ।

Digitized by srujanika@gmail.com

(ଏଇ ସମୟରେ ଶ୍ରୀମଦ୍ ଭଗବତଗୀତାର କେତୋଟି ଶ୍ଳୋକ ପଂକ୍ତି ପ୍ରଚ୍ଛଦପଟରୁ ଭାସି ଆସିଲା ।)

ସର୍ବଦ୍ୱାରାଣି ସଂଯମ୍ୟ ମନୋହୃଦି ନିରୁଧ୍ୟ ଚ
ମୂର୍ଦ୍ଧ୍ନ୍ୟାଧାୟାତ୍ମନଃ ପ୍ରାଣମାସ୍ଥିତୋ ଯୋଗଧାରଣମ୍
ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ ମାମନୁସ୍ମରନ୍
ଯଃ ପ୍ରୟାତି ତ୍ୟଜନ୍‌ଦେହଂ ସ ଯାତି ପରମାଗତିମ୍
ଅନନ୍ୟଚେତାଃ ସତତଂ ଯୋ ମା ସ୍ମରତି ନିତ୍ୟଶଃ
ତସ୍ୟାହଂ ସୁଲଭଃ ପାର୍ଥ ନିତ୍ୟଯୁକ୍ତସ୍ୟ ଯୋଗିନଃ ।

(ଦୀନନାଥଙ୍କ ମନ ଉତ୍‌ଫୁଲିତ ହୋଇ ଉଠିଲା । ପ୍ରବେଶ କରିଛନ୍ତି ମିସ୍ ମେରୀ ବାନାର୍ଜି ।)

ମିସ୍ ମେରୀ - Hello my darling, morning.

ଦୀନନାଥ - (ନୀରବ)

ମିସ୍ ମେରୀ - What happened you my darling. ତୁମି ଆମର ବାଡ଼ି ଆସିଲେନ କେନ୍ ।

ଦୀନନାଥ - କାର୍ଯ୍ୟବ୍ୟସ୍ତ ଥିଲି ।

ମିସ୍ ମେରୀ - ତୋମାର କି କାଜ ? ଆମି ତୋମାର କାଜ । ଦୀନନାଥ my darling please tell me, what has happened you.

ଦୀନନାଥ - କିଛି ନୁହଁ ।

ମେରୀ - ବିଶେଷ ଚିନ୍ତାମଗ୍ନ ଦେଖଯାଚ୍ଛ ।

ଦୀନନାଥ - ସେମିତି କିଛି ନୁହଁ । ମେରୀ ଗୋଟାଏ ପ୍ରଶ୍ନ ମୁଁ ତୁମକୁ ପଚାରିପାରେ ?

ମେରୀ - Yes, sure.

ଦୀନନାଥ - ତୁମେ ମୋତେ ସତରେ ଭଲ ପାଅ ? ଯଦି ତୁମେ ମୋତେ ନ ପାଇ, ଅନ୍ୟ କାହାକୁ ଭଲ ପାନ୍ତ, ତୁମର ଜୀବନ ସୁଖମୟ ହୋଇ ଉଠନ୍ତା ।

ମେରୀ - କାହିଁକି ? ତୁମି ଏ ପ୍ରଶ୍ନ ମୋତେ ପଚାରୁଛ ?

ଦୀନନାଥ - ତୁମେ ଜାଣନା ମେରୀ, ଆମର ହିନ୍ଦୁ ସମାଜ, ଅନ୍ୟ କୌଣସି ଧର୍ମର ସ୍ତ୍ରୀ ଗ୍ରହଣ କଲେ ବିଦ୍ରୋହୀ ହୋଇ ଉଠେ । ସମାଜ ତାକୁ ଗ୍ରହଣ କରେନି ।

Digitized by srujanika@gmail.com

ମେରୀ - ତୁମି ତ ଆମାକେ ଗ୍ରହଣ କରିଛ ? ତାଇ ମୋ ପାଇଁ ଯଥେଷ୍ଟ । ଆଜିକି ୨ ବର୍ଷ ହଇ, ତୁମେ ତ ମୋତେ ଏଭଳି କିଛି କହିନଥିଲ । ସେତେବେଳେ ସମାଜ ନ ଥିଲା । ଆଜି ହଠାତ୍ ସମାଜର ପ୍ରଶ୍ନ ଆସିଲା କାହିଁକି ?

ଦୀନନାଥ - ତୁମେ ବୁଝିପାରିବନି ମେରୀ, ପରିସ୍ଥିତିକୁ ଭଲଭାବରେ ଉପଲବ୍ଧି କଲାପରେ ଆଜି ତୁମକୁ ଏ ପ୍ରଶ୍ନ ପଚାରିବାକୁ ମୁଁ ବାଧ୍ୟ ହେଉଛି । ଭଲ ପାଇବା ମଣିଷ ପାଇଁ ଅପରିହାର୍ଯ୍ୟ । ପ୍ରେମମୟ ଜଗତ । ଜଣେ, ଜଣକୁ ଭଲ ପାଇବା କିଛି ଅପରାଧ ନୁହେଁ ମେରୀ । ମଣିଷ, ମଣିଷକୁ ଭଲପାଏ । ଆଉ ବି ଭଲ ପାଏ ତାର ପାରିପାର୍ଶ୍ୱିକ ସମସ୍ତ ଜୀବଜଗତକୁ । ଏଇ ପାରିପାର୍ଶ୍ୱିକ ଜୀବ ଜଗତ ହିଁ ସମାଜ । ସମାଜକୁ ଛାଡ଼ି ମଣିଷ ବଞ୍ଚିପାରେନା ।

ମେରୀ - ଆମି ତୁମକୁ ପ୍ରଶ୍ନଟିଏ ପଚାରିପାରେ କି ?

ଦୀନନାଥ - ପଚାର ।

ମେରୀ - ଯେଉଁ ସମାଜରେ ଅତ ସଂକୀର୍ଣ୍ଣତା, ସେ ସମାଜକୁ ଆମକୁ ଛାଡ଼ିବାକୁ ହବ ।

ଦୀନନାଥ - ମାନେ ତୁମେ କହିବାକୁ ଚାହଁ ?

ମେରୀ - ମୁଁ ଚାହେଁ, ପ୍ରେମ ଯେଉଁଠି ଅପରାଧ, ମଣିଷ ଯେଉଁ ଧର୍ମରେ ମଣିଷକୁ ଘୃଣା କରେ, ସେହି ଧର୍ମଟାକୁ ଛାଡ଼ିଦବା କ'ଣ ଅନ୍ୟାୟ ?

ଦୀନନାଥ - No, never, ମୋ ଧର୍ମ ମୁଁ କେବେ ଛାଡ଼ିପାରିବିନି । ଦୁନିଆର ସବୁ କିଛି ମୁଁ ଛାଡ଼ିଦେଇପାରେ, କିନ୍ତୁ ମୋ ଧର୍ମକୁ ନୁହେଁ । ମୁଁ ସବୁଧର୍ମକୁ ଭଲ ପାଏ । ବାଇବେଲ, କୋରାନ, ସବୁ ମୁଁ ପଢ଼ିଛି । ଚର୍ଚ୍ଚକୁ ମୁଁ ଯାଏ । ପ୍ରଭୁ ଯୀଶୁଙ୍କର, ମାନବର ମୁକ୍ତି ପାଇଁ ଆତ୍ମବଳି, ଆଜି ସାରା ମାନବ ଜାତି କ୍ଷୁବ୍ଧ କରିଛି । ତେଣୁ ସେ ନତଜାନୁ ହୋଇ, ପ୍ରଭୁଙ୍କର ଉଦ୍ଦେଶ୍ୟରେ କ୍ଷମାଭିକ୍ଷା କରେ ।

ମେରୀ - ମୁଁ ଭାବିଥିଲି ତୁମେ ଜଣେ ଖ୍ରୀଷ୍ଟିୟାନ୍ ।

ଦୀନନାଥ - କାରଣ, ମୁଁ ଚର୍ଚ୍ଚକୁ ଯାଏ ବୋଲି । ପ୍ରଭୁଙ୍କୁ ସମ୍ମାନ ଦିଏ ବୋଲି ?

ମେରୀ - Yes, That was my idea.

Digitized by srujanika@gmail.com

ଦୀନନାଥ - Then you are wrong. ତୁମେ ଭୁଲ ବୁଝିଥିଲ । ମୁଁ ତୁମକୁ ବହୁଥର ବୁଝାଇ ଦେଇଥିଲି, ମୁଁ ଖ୍ରୀଷ୍ଟଧର୍ମୀ ନୁହେଁ । କିଂତୁ ମୁଁ ଖ୍ରୀଷ୍ଟକୁ ଉପାସନା କରେ । ତାଙ୍କୁ ଭଲ ପାଏ ।

ମେରୀ - Do you want to leave me for ever, for your Society. ତୁମର ସମାଜ ପାଇଁ ତୁମେ ମୋତେ କ'ଣ ତ୍ୟାଗ କରିବ ?

ଦୀନନାଥ - ଯେତେବେଳେ ମୁଁ ତୁମକୁ ଗ୍ରହଣ କରିନି, ତ୍ୟାଗ କରିବାର ପ୍ରଶ୍ନ ଉଠିଲା କେଉଁଠି ?

ମେରୀ - ଗ୍ରହଣ କରିନ ? Oh God, what I am hearing. ମିଥ୍ୟାବାଦୀ, ତୁମେ ମୋତେ ପ୍ରତାରଣା କରିବାକୁ ଚାହଁ ।

ଦୀନନାଥ - (ଚିତ୍କାର କରି) ମେରୀ, ମୁଁ ମିଥ୍ୟାବାଦୀ ନୁହେଁ । ସତ୍ୟ ଛଡ଼ା ମୁଁ ମିଥ୍ୟାର ଆଶ୍ରୟ ଏ ଯାବତ୍ ନେଇନାହିଁ । ମୁଁ ସ୍ୱୀକାର କରୁଛି - ମୁଁ ତୁମକୁ ଭଲ ପାଏ ।

ମେରୀ - ସେଇ ମୋ ପାଇଁଯଥେଷ୍ଟ । ତୁମେ ମୋତେ ଭଲ ପାଅ, ମୁଁ ତୁମକୁ ଭଲ ପାଏ । ତୁମପାଇଁ ମୁଁ ଯେ ପାଗଲ, ଦୀନନାଥ ତା' ତୁମେ ବୁଝିବ କୁଆଡୁ ? ଜଣେ ନାରୀର ମର୍ମ ବୁଝିବାକୁ, ପୁରୁଷର ହୃଦୟ ଯଥେଷ୍ଟ ନୁହେଁ । ସେ ଭଲ ପାଏ, ଭଲ ପାଇବାଟା ଯେପରି ତାର ଏକ ସ୍ୱାଭାବିକ ଘଟଣା । ଗୋଟିଏ ଛୋଟିଆ ହୃଦୟ ନେଇ ସେ ଭଲ ପାଇବସେ । ଯେତେବେଳେ ତାର ବିତୃଷ୍ଣା ଆସେ, ସେ ତାକୁ ଫୋପାଡ଼ି ଦିଏ । ସର୍ବସ୍ୱହରା ନାରୀ, ଶେଷରେ ସମାଜରେ ବିପଥଗାମୀ ହୁଏ । ଯାହା ମୁଁ କହିଲି, ତାହା କ'ଣ ମିଥ୍ୟା ?

ଦୀନନାଥ - ମିଥ୍ୟା ।

ମେରୀ - Then, what do you say ? Do you want to leave me forever.

ଦୀନନାଥ - ମେରୀ, ଉତ୍ୟକ୍ତ ହୋଇ ପଡ଼ିବା ଉଚିତ ନୁହେଁ ।

ମେରୀ - Mr. Dinanath, ତୁମେ ମୋତେ କହିଥିଲ, ତୁମେ ମୋତେ ସ୍ତ୍ରୀ ରୂପେ ଗ୍ରହଣ କରିବ । ସେଥିପାଇଁ ମୋର ଡ୍ୟାଡ଼ି, ମମି ତୁମ ସହିତ ଅବାଧ ମିଳନର ସୁଯୋଗ ଦେଇଥିଲେ । ତୁମେ ଆମ ଘରେ ଖାଉଥିଲ, ରହୁଥିଲ । ସେତେବେଳେ ସମାଜର ପ୍ରଶ୍ନ

Digitized by srujanika@gmail.com

ଉଠୁନଥିଲା, କହ, ସେତେବେଳେ ତୁମର ଧର୍ମ, ଜାତି ଥିଲା କୁଆଡ଼େ ?

ଦୀନନାଥ - (ନୀରବ)

ମେରୀ - କନ, ମୋର ପ୍ରଶ୍ନର ଜବାବ ଦେବନି ? ତୁମେ କହ, ତୁମେ ସତ୍ୟବାଦୀ । ସତ୍ୟଛଡ଼ା ଅନ୍ୟ କିଛି ଜାଣିନ ? ମୁଁ ଯାହା କହିଲି, ତା' କଣ ମିଥ୍ୟା ?

ଦୀନନାଥ - ମେରୀ, ତୁମେ ମୋତେ ବୁଝିବାକୁ ଚେଷ୍ଟା କର । ସତ୍ୟର ଅପଳାପ କରିବାକୁ ମୁଁ ଚାହେଁନା । ମୁଁ ଚାହେଁ ସମସ୍ତେ ଖୁସୀ ରୁହନ୍ତୁ । ମୋର ବାବା, ମା' ସେମାନେ ଏ ବିବାହ ଚାହାନ୍ତି ନାହିଁ ।

ମେରୀ - ତୁମେ କନ ସେମାନଙ୍କୁ ବୁଝାଇ ପାରିବ ନାହିଁ । ବାବା, ମା'ଙ୍କ ପ୍ରତି ଯଦି ତୋମାର ଅତ ଦରଦ ଥିଲା, ତୁମେ ଏଭଳି ଭୁଲ କରୁଥିଲ କାହିଁକି ?

ଦୀନନାଥ - ହଁ, ମିସ୍‌ମେରୀ, ମୁଁ ଭୁଲ କରିଛି । ଭୁଲ କରିଛି ତୁମକୁ ଭଲ ପାଇ ନୁହେଁ । ମୋ ବାବା, ମାଙ୍କ ମନରେ କଷ୍ଟ ଦେଇ । ସେମାନେ ମୋର ଜନ୍ମଦାତା । ସେମାନଙ୍କର ଆଶୀର୍ବାଦ ମୋର ଜନ୍ମ, ଜନ୍ମାନ୍ତର ପାଇଁ ଗତି, ମୁକ୍ତି ।

ମେରୀ - ବେଶ୍, ଯାହା ତୋମାର ଇଚ୍ଛା । (ଠିଆହେଲା)

ଦୀନନାଥ - ମିସ୍ ବାନାର୍ଜି, please be seated.

ମେରୀ - ଆଉ କାହିଁକି, ମୁଁ ଜାଣିଲି, ଜୀବନରେ ଆଜି ମୁଁ ମସ୍ତବଡ଼ ଭୁଲ କଲି । ମୋ ଡ଼ାଡ଼ି, ମମିଙ୍କ ମନରେ ଏଥିପାଇଁ ଯେଉଁ ଆଘାତ ଲାଗିବ, ସେଥିପାଇଁ ଦାୟୀ ହେବ ତୁମେ । ମୋର ଡ଼ାଡ଼ି ଚାହିଁଥିଲେ, ଗୋଟିଏ ଖୁବ୍ ଭଲ ପାତ୍ରରେ ଦେବାପାଇଁ । କିଂତୁ, ମୁଁ କଲି କ'ଣ ? ତୁମର କଥାରେ, ମୁଁ ଠକି ଗଲି କାହିଁକି ? ମୁଁ ଜାଣିଥିଲି, ତୁମି ଏକ ଆଦର୍ଶବାନ ଯୁବକ, ସତ୍ୟବାଦୀ । ତୋମାର କଥାରେ ଯଥେଷ୍ଟ ମୂଲ୍ୟ ଥିଲା । କିଂତୁ ବର୍ତ୍ତମାନ, ମୁଁ ଜାଣିଲି ଏ ସବୁ ଛଳନା, ପ୍ରତାରନା ।

ଦୀନନାଥ - ମିସ୍ ମେରୀ, ତୁମେ ମୋତେ ସତରେ ଭଲ ପାଅ ?

ମେରୀ - ଆଜି ମୁଁ ମିସ୍ ମେରୀ ନୁହେଁ, Mrs. ଦୀନନାଥ ।

Digitized by srujanika@gmail.com

ଦୀନନାଥ - ମେରୀ, ମୁଁ ତୁମକୁ ଗ୍ରହଣ କରିବି, ମୋର ସତ୍ୟ ମୁଁ ନିଶ୍ଚୟ ପାଳିବି । କିଂତୁ ଗୋଟାଏ ସର୍ତ୍ତରେ । In one condition.

ମେରୀ - Condition, I mean you want contract marriage ?

ଦୀନନାଥ - ବିବାହ ବନ୍ଧନ, ସାମୟିକ ପାଇଁ ହୁଏନା ମେରୀ, ଜନ୍ମ, ଜନ୍ମାନ୍ତର ପାଇଁ ଏ ବନ୍ଧନ ଅତୁଟ । ସେଥିପାଇଁ ପୁରୁଷ ଅପେକ୍ଷା, ନାରୀର ଯଥେଷ୍ଟ ଦାୟିତ୍ୱ ରହିଛି । ସେ ପୁରୁଷର ସମସ୍ତ ସୁଖ, ଦୁଖର ଅଂଶୀଦାର ହେବା ଉଚିତ । ତୁମକୁ ମୁଁ ବିବାହ କରିବି - ଏଇ ସର୍ତ୍ତରେ କେହି କାହା ଧର୍ମ ଉପରେ ହସ୍ତକ୍ଷେପ କରିବେ ନାହିଁ ।

ମେରୀ - Yes I agree - my darling.

- ଅନ୍ଧାର -

- ପଞ୍ଚମ ଦୃଶ୍ୟ -

(ରାସ୍ତା । ହରେକୃଷ୍ଣ ଡ଼ବା ଭିତରୁ ଖଇନି ବାହାର କରି ପାଟିରେ ପକାଇଲା ।)

ହରେକୃଷ୍ଣ - କି କାଳ ହେଲା । ଆଜିକି ଶହ, ଶହ ବର୍ଷ ଧରି ଯେଉଁ ସୁନାକିରଟୀ ଗୋପୀନାଥଙ୍କ ମସ୍ତକରେ ଶୋଭା ପାଉଥିଲା, ତାହା ପୁଣି ଚୋରୀ ହୋଇଗଲା । ଶଳେ, ତୁମକୁ ସେଇ ଗୋପୀନାଥ ଦେଖିବେ । (ଏଇ ସମୟରେ ବରଜୁ ପହଞ୍ଚିଛି ।)

ବରଜୁ - ତୁ ଠିକ କହିଛୁ କୁଶିଆଁ ଭାଇ, ସେଇ ଗୋପୀନାଥ ବୁଝିବେ । ଯେ ନେଇଛି, ତାକୁ ବଡ଼ରୋଗ ହେଇଯିବ । ତାର କୁଳରେ ପାଣି ପାତ୍ରୀଏ ଦେବାକୁ କେହି ରହିବେନି ।

ହରେକୃଷ୍ଣ - ହଇରେ ରଜାଙ୍କ କାନକୁ କଥା ଗଲାଣି ।

ବରଜୁ - ମଲା, କାଲି ରାତିରେ ଚୋରୀ ପରା । ମୁଁ ସକାଳୁ ଶୁଣିଲି । ନେତି ବୋଉ ଶୁଣିଲା । ସେ କୋଉଠୁ ଶୁଣିଲା କେଜାଣି, ଗୋବରପାଣି ପକଉଥିଲା ମନକୁ ମନ ଗାଳି ଦେଉଥିଲା ।

ହରେକୃଷ୍ଣ - ନାଇଁହେ, ଏ ଗାଁକୁ ଆଉ ଭଲ ଯୋଗ ନାହିଁ । ହଇରେ ବରଜୁ, ତୁ କହିଲୁ, କିଏ ନେଇଥିବ ?

ବରଜୁ - ଆଉ କିଏ ନେଇଥିବ, ସେଇ ଗୋସେଇଁ ହରି ଦାଶ ।

Digitized by srujanika@gmail.com

ହରେକୃଷ୍ଣ - ମୁକୁନ୍ଦ ମିଶ୍ର କାନକୁ କଥା ଗଲାଣି ।

ବରଜୁ - ଆରେ ସେ ପରା କଳିକତାରେ ଅଛି । ସାନବାବୁର ଦେଖାଶୁଣା କରୁଛି । ଆଉ ... କୁଷିଆଁଇ ମୋର ସନ୍ଦେହ ହଉଚି - ମୁକୁନ୍ଦ ମିଶ୍ରର ଏଥିରେ ହାତ ଅଛି । ସେଦିନ ଖରାବେଳଟାରେ ମୁଁ ରଜାମଠ ଆଡ଼େ ବୁ[illegible] ... ମିଶ୍ର ଦିଜଣ ବସି କ'ଣ ଟୁପୁରୁଟାପୁରୁ ହେଉଥିଲେ । ମୋତେ ଦେଖି ଚୁପ୍ ହୋଇଗଲେ । ମୁଁ ମଧ ଛାଡ଼ିଲିନି -

ହରେକୃଷ୍ଣ - ତୁ କ'ଣ ଗାଳି କଲୁ ?

ବରଜୁ - ଦେଖେଇ, ଶିଖେଇ ବାରକଥା କହିଲି । ବୁଢ଼ାରଜା ଏଇଟାକୁ ଭାରୀ ବିଶ୍ୱାସ କରୁଛନ୍ତି । କହୁଥିଲେ ମଠ ସଂପତ୍ତି ଯା ନାଁରେ ଲେଖିଦେବେ ।

ହରେକୃଷ୍ଣ - ହଁ, କଥାଟା ଏବେ ଧରାପଡ଼ିଲା । ଶଳା ଭାବିଲା, ପୁଅଟା ତ କୁଳରୁ ଗଲାଣି । ବୁଢ଼ାର ମନ ଖରାପ । କୌଣସି କଥାକୁ ଆଉ ଶୁଣୁନି । ଯେ ଯାହା ନଉଚି, ଖାଉଛି, ସେଥିକୁ ତାର ନିଘା ନାହିଁ । ହଅନ୍ତାନି । ଯେତେହେଲେ ଗୋଟିଏ ବୋଲି ପୁଅ । ଏ ଖଣ୍ଡ ମଣ୍ଡଳରେ କିଏ ଏତେ ପାଠ ପଢ଼ିଛି କିରେ । ପୁଅ କଳିକତାରେ ପଢ଼ିବ ବୋଲି ଘର କିଣିଦେଲା । ଆଉ ମୁକୁନ୍ଦ ମିଶ୍ରର ତ କଚେପୁଅ ବାର ।

ବରଜୁ - ତୁ ଠିକ୍ କହିଛୁ କୁଶିଆଁଇ । କିନ୍ତୁ ଦେଖେ, ରଜାମଠ ଏଇଟା ନାଁରେ କାହିଁକି ବୁଢ଼ାରଜା ଲେଖିବେ । ଗାଁକୋଠକୁ ଦେଲେ, ଗାଁ ବାଲା ବୁଝିବେନି । ହେଲେ ମୁଁ ଯାଇ ନଖ ଦର୍ପଣ କରିବି । ଧୋବା ସାଇର କମଳି ଧୋବଣି ନଖଦର୍ପଣରେ ସବୁ କହିଦବ । ଗତଥର ରୂପା ମୁକୁଟ ଚୋରୀ ଯାଇଥିଲା । ରଜାବୁଢ଼ା କିଛି କହିଲେନି । ମୁଁ ନଖଦର୍ପଣ କରେଇବାରୁ ସବୁ ଧରା ପଡ଼ିଲା । ଏଇ ହରିଦାଶ ପୂଜାରୀ ନେଇ ପଳାଉଥିବା ଧରା ପଡ଼ିଲା ।

ହରେକୃଷ୍ଣ - ରଜାଙ୍କୁ ସେଇକଥା କହିଲୁନି । ତାର ମଜା ଛଡ଼େଇ ଦେଇ ନ ଥାନ୍ତେ । ହଇରେ କିଛି ନ ହେଲେ, ପୋଲିସରେ ଏତଲା ଦେଇଥିଲେ ତ ମଜା ବାହାରି ପଡ଼ିଥାନ୍ତା । ଏମିତି ମାଡ଼ ହରିଦାଶ ଖାଇଥାନ୍ତା, ଶଳା ଠିଆରେ ମୁତି ପକାଇଥାନ୍ତା ।

Digitized by srujanika@gmail.com

ବରଜୁ - ଆରେ ରଜା ଶୁଣି ଉପରକୁ ହାତ ଟେକିଦେଲେ । କହିଲେ, ସେଇ ଗୋପୀନାଥ ବୁଝିବେ । ତେଣୁ ବହପ ବଢ଼ିଗଲା । ୩ଟା ମାସ ନ ଯାଉଣୁ ସୁନାକିରିଟି ଚୋରୀ । ତେବେ ମୁକୁନ୍ଦ ମିଶ୍ର ଆସିଲେ କଥାଟା ଧରା ପଡ଼ିଯିବ ।

ହରେକୃଷ୍ଣ - ତୁ ଯାଇ ରଜାଙ୍କ କାନରେ କଥାଟା ପକାଇଦେ । ଏଥର ବୁଢ଼ା ଆଉ ଛାଡ଼ିବନି ।

ବରଜୁ - ତୁ ଦେଖିବୁ ଥା, ବୁଢ଼ା ସବୁଥିକି ଆଖିବୁଜି ବସି ପଡ଼ିବ । ହାତଟେକି କହିବ, ସବୁ ସେଇ ଗୋପୀନାଥଙ୍କର ଇଚ୍ଛା ।

ହରେକୃଷ୍ଣ - ବଡ଼ ଦୁଃଖ ଲାଗୁଛିରେ ବରଜୁ, ପୁଅଟା ଲାଗି ବୁଢ଼ା, ବୁଢ଼ୀ ସବୁ ଛି କରିଦେଲେ । ସେ ପୁଅ ଆସି ବୁଝନ୍ତାନି । ଓକିଲ ପାଠ ପଢ଼ିଛି । ସବୁ ଖିନି, ଭିନି କରି ଦେଖି, ଶଳାଙ୍କୁ ଘରୁ, ମଠରୁ ବାହାର କରିଦେଲେ, ଶଳେ ଭିଖମାଗି ବୁଲନ୍ତେ । ହଇରେ, ଦେଖିଲୁ ବିମଳବାବୁ ବୋଧେ ଆସୁଛି ।

ବରଜୁ - ହଁରେ ସେ କାହା ସାଙ୍ଗରେ କଥା ହଉଚି କିରେ ? ଏ ଗାଁକୁ ସେ ଲୋକଟା ତ ନୂଆ ହୋଇ ଆସିଲା ପରି ଲାଗୁଛି ।

ହରେକୃଷ୍ଣ - ଓଃ, ସେ ଲୋକ କଥା କହୁଛୁ । ସେଇଟା ଗୋଟେ ପାଗଳା । ବ୍ରାହ୍ମସମାଜ ଗଢ଼ିବାକୁ ଆସିଛି । ବିମଳ ପଛେ, ପଛେ ଗୋଡ଼େଇଛି । ହଇରେ ଆମ ହିନ୍ଦୁ ଧର୍ମଠୁଁ ଆଉ ଧର୍ମ ଅଛି ? କହିଲୁ...

ବରଜୁ - ହଁ ସତକଥା ଯେ...

ହରେକୃଷ୍ଣ - ଆଉ ହେଁ ଟେ ପୁଣି ଲଗେଇଲୁ - ବଡ଼ କଟକଟିଆ ଧର୍ମଟାରେ । ହଇରେ ଏଇ ଧର୍ମକୁ କିରସ୍ତାନି ହଉଛନ୍ତି, ମୁସଲମାନ ହଉଛନ୍ତି, କିଂତୁ ଥରେ ଯେ ଯାଉଛି, ସେ ଆଉ ଏ ଧର୍ମକୁ ଆସିପାରୁନିରେ । ତେଣୁ ଯେମିତି ଯାଉଛନ୍ତି ସେମିତି ଆସି ମିଶୁଥିଲେ, ଭଲ ହୁଅନ୍ତାନି । ହଇରେ ବାବୁ ଆମର କିରସ୍ତାନି ବାହାହବାକୁ ଲଗାଇଛନ୍ତି, ସେ ଝିଅଟା ହିନ୍ଦୁ ହେଇଥାନ୍ତା କିଛି ଆପତ୍ତି ରହନ୍ତା ନାହିଁ ।

ବରଜୁ - ରହିବ । ଅଲବତ ରହିବ । ଆମ ଧର୍ମରେ ମିଶିବା ବଡ଼ କଷ୍ଟ । ବୁଝିଲୁ କୁଣିଆଁଭାଇ, ମୋର ମନ ହଉଚି କିରସ୍ତାନିରେ ମିଶିଯିବିରେ । ସାନବାବୁ ଯଦି ମିଶିଯାଏ, ମୁଁ ତା ସାଙ୍ଗରେ

Digitized by srujanika@gmail.com

ପଡେଇବି । ଯେଉଠି ରହିବି । ବାବୁ ମତେ କେତେ ଭଡ ନ ପାଏ କହିଲୁ ? ଯେତେବେଳେ କାଶୀରୁ ଆସିବ ମୋ ପାଇଁ ଲାଡୁ, ଅର୍ଣ୍ଣି ଆଣିବ । କଲିକତାରୁ ଆସିଲେ ମୋ ପାଇଁ ରସଗୋଲା ଆଣିଥିବ । ଯେ ଯାହା କହୁ, ମୁଁରାଣୀମାକୁ କହି ବାହାଘର ନିଶ୍ଚୟ କରାଇଦେବି । ଦେଖିବା, କିଏ କ'ଣ କରି ପକେଇବ ।

ହରେକୃଷ୍ଣ - ଶଳା, ଧର୍ମଛାଡ଼ିବୁ କିବେ । ସେ ଭୁଲ କରିବୁନି । ବାବୁ ତାର ଯାହା ହଉ ପଛକେ, ଆମର ଯାଏ, ଆସେ କେତେ ?

(ବିମଳ ଆସି ପହଞ୍ଚିଛି ।)

ବିମଳ - କିରେ କି ବୁଲୁଆ ବିଚାର କରୁଛ କିରେ, ମୁଁ ସେଇଠି ସେ ଭଦ୍ରଲୋକଙ୍କ ସହିତ କଥା ହଉଚି, ମୁଁ ଦେଖୁଛି ଏ ଦି'ଟା ଘଡ଼ିଏ ହେଲା କ'ଣ ଟୁପୁରଟାପର ହଉଛନ୍ତି । କି କଥା ଚାଲିଛି କିରେ କୁଷିଆଁ ?

ହରିକୃଷ୍ଣ - ଏଇ ବରଜୁ, ଚୋରୀ କଥା କହୁଥିଲା ।

ବିମଳ - ଚୋରୀ ?

ବରଜୁ - ମୁଁପରା ଶୁଣି ଆସିଲି ବାବୁ । କାଲି ରାତିରେ ରଜାମଠରୁ ଚୋରୀ ହୋଇଛି । ଗୋପୀନାଥଙ୍କର ସୁନାମୁକୁଟ ଚୋରୀ ।

ବିମଳ - କିରେ, ରୂପା ମୁକୁଟଚୋରୀ ହୋଇ ମାସେ ଚାରିଟା ହୋଇନି, ପୁଣି ସୁନା ମୁକୁଟ ଚୋରୀ ? ଚୋର ନିଶ୍ଚୟ ଧରା ପଡ଼ିଯିବ ? ମୁଁ ବୁଢ଼ାରଜାଙ୍କୁ ଯାଇ କହିବି । ଏଇ ହରିଦାସଟାକୁ ପୋଲିସକୁ ନ ଧରେଇ ଦେଲେ, ମୋର ମନରେ ଶାନ୍ତି ନାହିଁ ।

ବରଜୁ - ହଁ ବାବୁ ସେଇଆ କର । ହେଲେ ବାବୁ, ସେ ଲୋକଟା କିଏ, ତୁମପିଛା ଛାଡୁନି ।

ବିମଳ - ସେ ଜଣେ ସିଦ୍ଧ ପୁରୁଷ, ମହାଜ୍ଞାନୀ । ସେ କହନ୍ତି ବ୍ରହ୍ମ ଏକ । ଦ୍ୱିତୀୟ ନାସ୍ତି ପ୍ରକୃତରେ ତାଙ୍କ କଥାଗୁଡ଼ିକ ମୋତେ ଭଲ ଲାଗେ ।

ବରଜୁ - ହଇଏ ବାବୁ, ସବୁତ କହୁଚ । ଭଲ କଥା ସବୁ କହୁଚ । ସାନବାବୁ ଅନ୍ୟ ଜାତିର ଝିଅଟିଏ ବାହାହେଲେ, ତୁମ ଦେହ ସହୁ ନାହିଁ କାହିଁକି କହିଲ ?

ବିମଳ - କାହିଁକି ? ମୋର ତ କିଛି ଆପତ୍ତି ନାହିଁ । ଯୁଗ ବଦଳି ଯାଉଛି । ଆମେ ସେଇ ପୁରୁଣା କାଳିଆ କଥାକୁ ଧରିଲେ କ'ଣ ହବ ? ସାନବାବୁ ବାହା ହେଇ ଆସନ୍ତୁ, ମୁଁ ତାଙ୍କୁ ନିଶ୍ଚୟ ସମର୍ଥନ ଜଣାଇବି ।

Digitized by srujanika@gmail.com

ବରଜୁ - ତା'ହେଲେ ମୋର ସାଙ୍ଗରେ ତୁମେ ନିଶ୍ଚୟ ରହିବ ବିମଳବାବୁ । ମୁଁ ରାଣୀମାକୁ କିମିତିକା ହେଲେ ବୁଝାଇ ଦେବି ।

ବିମଳ - ଆରେ ତୁମ୍ଭେମାନେ ଦି'ଟା ବେକାରିଆ । ହରିଆର କାମ ତ ଯାହା ତା ସମସ୍ତେ ଜାଣନ୍ତି । ଶଳା କରଣ ପିଲାଟୁ । ଯଦି ଲେଖାଲେଖି କରନ୍ତୁ, ତୋ ପଇସା ଖାଉଲେ ସରନ୍ତାନି । ଶଳା ଜମି ବିକି ରଙ୍ଗ କରୁଛୁ କ'ଣ ? ବାହା ହଉନୁ । କ'ଣ ଝିଅ ମିଳୁନାହାନ୍ତି ।

ହରେକୃଷ୍ଣ - ତୁମେ ଯାଅ ବିମଳବାବୁ । ତୁମର କାମ ଅଛି ପରା ।

ବିମଳ - ହଉ, ତୁମେ କଥାବାର୍ତ୍ତା ହଉଥା । ରାତି ପାହିଯାଉ । ମୋର କ'ଣ ଅଛି । (ଚାଲିଗଲେ)

ବରଜୁ - ହଇହେ କୁସିଆଁର, ମୁଁ ଯାଉଛି, ତେଣେ ବହୁତ କାମ । ରାଣୀମା ମୋତେ ଖୋଜୁଥିବେ । (ଚାଲିଯାଉଥିଲା)

ହରେକୃଷ୍ଣ - ବରଜୁ, ବରଜୁରେ...

ବରଜୁ - କିରେ ଆଉ ପୁଣି କ'ଣ ?

ହରେକୃଷ୍ଣ - ତୋପାଖରେ ମୋର କାମ ଅଛିରେ ?

ବରଜୁ - କିରେ ଏତେବେଳ କଥା ହେଲେଇଁ, କାମଟା କହିଲୁନି ।

ହରେକୃଷ୍ଣ - ଏଇ ନେ,

ବରଜୁ - କ'ଣ କିରେ ସେଇଟା ?

ହରେକୃଷ୍ଣ - ଟଙ୍କା, ଦଶଟଙ୍କିଆ ନୋଟ ।

ବରଜୁ - ଉଇମା, ମୋତେ ନୋଟ କ'ଣ ଯାଚୁଛୁରେ ଉଇଜଳା ।

ହରେକୃଷ୍ଣ - ଦେଖେ ବରଜୁ, ଟଙ୍କାଧର, କଥାଟିଏ କହିବି । ମୁଁ ବାହା ହେବି ।

ବରଜୁ - କିରେ ଟଙ୍କା ଦେଇ ମୋତେ ବାହାହବୁ ?

ହରେକୃଷ୍ଣ - ତୋତେ ନୁହେଁରେ ତୋ ନାନୀ କମଳିକୁ ।

ବରଜୁ - ଓଁ ବୁଝିଲି, ସେଇଥିପାଇଁ ସେ ଟୋକୀ ଏତେ ମାଡ଼, ଗାଳି ଖାଉଚି ଉଦୁଉଦିଆ ଦିପହରେ ପାଣି ଆଣିବା ବାହାନାରେ, ଗଡ଼ିଆକୁ ଧାଉଁଚି ।

ହରେକୃଷ୍ଣ - ନେ ଏ ଚିଠିଟା ଦେଇଦେବୁ । ଦେଖେ ବରଜୁ, ଆମେ ଦୁହେଁ ବାହା ନହେଲେ ଗାଁ ଛାଡ଼ି ପଳେଇବୁ । ଯଦି ତୁମେ ଏବୁ ମନା କର ତା'ହେଲେ ଆମେ ଦୁହେଁ ବିଷ ଖାଇଦେବୁ । ତୋ ରାଣ ପକଉଛିରେ ବରଜୁ ।

Digitized by srujanika@gmail.com

ବରଜୁ - ବୁଝିଲି, କଥାଯାଇ ଉଠିଲାଣି କୋଉଠିକୁ ? ବୋଉ ତେଣେ ବର ଖୋଜୁଛି । ହଇରେ କୁଣିଆଁଇ, ତୁ କରଣ, ଆମେ ଗଉଡ଼ । ତୁ ଆମଘରେ ବାହାହବୁ ?

ହରେକୃଷ୍ଣ - କିରେ ତୁ ପରା କହୁଥିଲୁ, ବାବୁ, ଅନ୍ୟ ଜାତିରେ ବାହାହେଲେ ତୋର ଆପତ୍ତି ନାହିଁ ଏବେ କ'ଣ ଏମିତି କହୁଛୁ ?

ବରଜୁ - ହଉ, ହଉ ଟଙ୍କା ରଖ । କଥାଟା ଆଗ ମୁଁ ବୋଉ କାନରେ ପକାଏ । ଯଦି ବିଷ ଖାଇନବା କଥା କହିଲାଣି, ତେବେ ଗୋଟାଏ କିଛି କରିବା ।

ହରେକୃଷ୍ଣ - ନାଇଁ ତୁ ଏ ଚିଠିଟା ଦେଇଦେବୁ । ଟଙ୍କା ରଖ ମିଠାଇ ଖାଇବୁ ।

ବରଜୁ - ହଉ, ଦେ ଚିଠିଟା ମୁଁ ଆଗ ବୋଉକୁ ପଢ଼ି ଶୁଣାଏ ।
(କହି ତମତମ ହୋଇ ଚାଲିଗଲା)

ହରେକୃଷ୍ଣ - (ଡ଼ାକୁଥିଲା) ବରଜୁ, ହେ ବରଜୁ, ଶୁଣୁ, ଶୁଣୁ... (ପ୍ରସ୍ଥାନ)

(କିଛି ସମୟ ପରେ ପ୍ରବେଶ କଲା ହରିଦାଶ । ମୁହଁରେ ବିଷାଦର ଛାୟା । । ପ୍ରବେଶ କଲେ ମୁକୁନ୍ଦ ମିଶ୍ର ।)

ହରିଦାଶ - ଭାଇନା, ଆପଣଙ୍କ କଥା ଅନୁସାରେ ସବୁ କାମ କରିଦେଲି । ଆପଣ କହିଥିଲେ, ମୋର ଅନୁପସ୍ଥିତିରେ କାମଟାକୁ ସାରିଦେବୁ ।

ମୁକୁନ୍ଦ - କିରିଟୀଟାକୁ କୋଉଠି ରଖିଛୁ ? (ତୁନି ତୁନି କାନରେ)

ହରିଦାଶ - କୂଅରେ ପକାଇ ଦେଇଛି ।

ମୁକୁନ୍ଦ - ଭଲ କରିଛୁ । ବୁଝିଲୁ ହରିଆ, ମୋ ଚାକିରୀ ଖଣ୍ଡିତ ଗୋଲ ହେଇଯିବ । ବୁଢ଼ା ଯଦି ଜାଣିବ, ମୋ ଜାଣତରେ ପୁଅ, ସେ ଝିଅ ସହିତ ପ୍ରେମ କରୁଥିଲା, ମୋର ଚାକିରୀ କ'ଣ ଆଉ ରହିବ ? ତେବେ ସେ ଜାଣିବା ଆଗରୁ ମଠଟାକୁ ଯେପରି ମୋ ନାଁରେ ଲେଖାଇଦିଏ ।

ହରିଦାଶ - ସବୁହେଇଥାନ୍ତା, କିନ୍ତୁ ବିମଳଟା ବିଗାଡ଼ି ଦେଲାଣି ।

ମୁକୁନ୍ଦ - ସେ ଛତରାଟା ମୋର କ'ଣ କରିବରେ ?

ହରିଦାଶ - ସେ ତ ବୁଢ଼ାରଜାକୁ ସବୁ ଶିଖଉଛି ।

ମୁକୁନ୍ଦ - ଆରେ ଛାଡ଼, ମୁକୁନ୍ଦ ମିଶ୍ର ଆଗରେ ସେ କାଲିର ପିଲା । ତୁ କିଛି ଡ଼ରନି ।

ହରିଦାଶ - ତେବେ ଭାଇନା, ମୋତେ ଡ଼ର ଲାଗୁଛି । ବୁଢ଼ାରଜା ଡ଼କେଇଥିଲେ ବିମଳାଟା ବସିଥିଲା । ବହୁତ କଥା ପଚାରିଲେ । ପୋଲିସକୁ

Digitized by srujanika@gmail.com

ଡ଼ାକିବାକୁ ବିମଳକୁ କହିଲେ । ପୋଲିସ ଯଦି ଆସେ ମୋତେ କ'ଣ ପିଟିବ କିରେ ?

ମୁକୁନ୍ଦ - ଆରେ ଆଜିକାଲି କ'ଣ ସେ ଯୁଗ ଆଉ ଅଛି । ଲୋକେ ଆଗେ ପୋଲିସକୁ ଡ଼ରୁଥିଲେ । ଏବେ ପୋଲିସ ଲୋକଙ୍କୁ ଡ଼ରୁଛି ! ମଠ କୂଅରେ କିରଟ ଅଛି । ତୋ ଘର ତଲାସି ନେବେ, ନିଅନ୍ତୁ କୌଣସି କଥାକୁ ମାନିବୁନି । ପୁଅ ସେ କିରସ୍ତାନି ମାଇକିନିଆକୁ ଯଦି ଗାଁକୁ ଧରି ଆସେ, ତା'ହେଲେ ବୁଢ଼ାର ଚୋପା କାଢ଼ିଦେବି । ହରି, ତୋତେ କେହି କିଛି କରିବେନି ରେ ।

ହରିଦାଶ - କେବେ ଆସିଲେ ଭାଇନା ?

ମୁକୁନ୍ଦ - ଏଇ ପାହାଚିଆରେ ଆସି ପହଞ୍ଚିଲି । ଟୋକାଟା ଗୋଟାଏ ହରଡ଼ଘଣାରେ ପଡ଼ିଯାଇଛି । ପଡ଼ିଯାଇ ନଥିଲାଯେ, ପକାଇ ଦିଆଗଲା । ଆରେ ସେ ଝିଅଟା ଓକିଲ । ତାର ଆଖି ଏ ସଂପତ୍ତି ଉପରେ ହେଲେ ଏ ସଂପତ୍ତି ପୁଅ ଖାଇବନି, ସେ ଓକିଲ ମାଇକିନିଆ ଖାଇବନି । ଖାଇଲେ ଖାଇବା ତୁ ଆଉ ମୁଁ, ଆମର ପିଲାମାନେ । ଯାବତ୍ ଚନ୍ଦ୍ରାର୍କେ । (ହସିଲା)

ହରିଦାଶ - ଭାଇନା ହସନି ।

ମୁକୁନ୍ଦ - କିରେ କାହିଁକି ? ନ ହସି କ'ଣ କାନ୍ଦିବା ।

ହରିଦାଶ - ସେ ମାଇଚିଆଟା ଆସିଲା ଭଳିଆ ଲାଗୁଛି ।

ମୁକୁନ୍ଦ - ବୁଝିଲୁ ହରିଆ, ତୋର ଅକଲ ବୋଲି କିଛି ନାହିଁ । ତୁ ଖାଲି ମୋ ପାଖକୁ ଥା । ମୁଁ ଯାହା କହୁଥିବି, ହଁ ମାରୁଥିବୁ । ଦେଖିବୁ ଏ ଗାଁ ଲୋକମାନଙ୍କୁ ଏମିତି ମତେଇ ଦେବି, ଶଳା ବାପା, ମା, ପୁଅ, ସମସ୍ତେ ଯେ ଯାହା ବାଟଧରିନେବେ ।

- ଅନ୍ଧାର -

Digitized by srujanika@gmail.com

- ଷଷ୍ଠ ଦୃଶ୍ୟ -

(ବୈଠକ ଖାନାରେ ବସିଥିଲେ ରାଜା କୃପାସିନ୍ଧୁ ଦେବ । ପ୍ରଚ୍ଛଦପଟରୁ ପତ୍ନୀ ସୁଲକ୍ଷଣାଙ୍କ କଣ୍ଠରୁ ଭଜନର ଲହରୀ ଭାସି ଆସୁଥିଲା । କୃପାସିନ୍ଧୁଙ୍କ ହାତରେ ଶ୍ରୀମଦ୍ ଭାଗବତ ଗୀତା ।)

- ଭଜନ -

(ଭଜନ ଶେଷ ହୋଇଛି । ବିମଳ ଆସି ପହଞ୍ଚିଛି ।)

ବିମଳ - ନମସ୍କାର ଆଜ୍ଞା । ପୋଲିସ୍‌ରେ ରିପୋର୍ଟ କରିଦେଇ ଆସିଲି ।

କୃପାସିନ୍ଧୁ - ଭଲ କଲ ବିମଳ । ହେଲେ ହବ କ'ଣ ? ଲୋକେ ଆଜିକାଲି ଦେବସ୍ୱ ଖାଇଯାଉଛନ୍ତି, ତା' ଅପ୍ରକାଶ୍ୟଭାବେ । ହେଲେ ପ୍ରକାଶ୍ୟରେ ଯେପରି ଚୋରୀ କରି ଖାଇ ଯାଉଛନ୍ତି ଧର୍ମ୍ମ ରହିଲା କେଉଁଠି ?

ବିମଳ - ମୁଁ ତ ଆପଣଙ୍କୁ ସବୁବେଳେ ସେଇ କଥା କହୁଛି । ଧର୍ମ୍ମନାମରେ ଯେତେ ଅଧର୍ମ୍ମ ଚାଲିଛି, ତା' ଯଦି ଆପଣ ଶୁଣିବେ...

କୃପାସିନ୍ଧୁ - ମୁଁ ସବୁ ଜାଣେ । ଯଦି ଏ ମଠ, ମହନ୍ତ ହାତରେ ଥାଆନ୍ତା, ସେଠାରେ ଯେତେ ବ୍ୟଭିଚାର ହେଉଥାନ୍ତା, ତା ବା କ'ଣ ତୁମକୁ କହିବି । ତୁମେ ପିଲା । ତେବେ ପୋଲିସ୍ କିଛି ଗୋଟାଏ କରିବ ବୋଲି କ'ଣ ତୁମେ ଆଶା କରୁଛ ?

ବିମଳ - ଆଜ୍ଞା ଚୋର ତ ବାହାରୁ ଆସିନାହାନ୍ତି । ଆପଣଙ୍କ ଲୋକେ ଚୋରୀ କରିଛନ୍ତି । ଏକଥା କ'ଣ ଆପଣ ମନା କରିପାରିବେ ?

କୃପାସିନ୍ଧୁ - କିମିତି ହଁ ବୋଲି କହିବି କହିଲ । ଯାହା ନ ଦେଖିବ ବେନି ନୟନେ । ପରତେ ନ ଯିବ ଗୁରୁବଚନେ । ନେବା ଲୋକର ଏକ ପାପ । ଚୋରୀ ଯିବା ଲୋକର ସହସ୍ର ପାପ । ସେ ତ ବହୁତ ଜଣକୁ ଚୋର ବୋଲି ଭାବିନେବ । ହଉ, ଦେଖାଯାଉ ପୋଲିସ୍ କ'ଣ କରୁଛି ।
(ଏଇ ସମୟରେ ଚାହା ଧରି ପ୍ରବେଶ କରିଛି ବରଜୁ । ବିମଳକୁ ଦେଖି ଛାତି ଘୋଡ଼ାଇ ପକାଇଛି ।)

ବରଜୁ - ଆଜ୍ଞା ଏ ସବୁରୁ କ'ଣ ମିଳିବ । ପୋଲିସ ଚୋରକୁ ଯାହା ଧରିବ ତା' ମା ଗଙ୍ଗେଇକୁ ଜଣା । ତେବେ ସାଆନ୍ତେ, ନଖ ଦର୍ପଣରେ

Digitized by srujanika@gmail.com

ସବୁ ଧରା ପଡ଼ିଯିବ । ବୁଝିଲ ବିମଳ ଭାଇନା, ଗତଥର ଠାକୁରଙ୍କର ରୂପା ମୁକୁଟ ଚୋରୀ ଗଲା । ହରି ଗୋସେଇଁ ନେଇଥିବା କଥା ସଫା ଧରା ପଡ଼ିଗଲା । ସେଇଥର ତାକୁ ଛାଡ଼ିଦବାରୁ, ତାର ବହପ ବଢ଼ିଗଲା । ଶେଷକୁ ସୁନାମୁକୁଟ ଚୋରୀ କରି ନେଇଗଲା ।

କୃପାସିନ୍ଧୁ - ବରକୁ,

ବରକୁ - ସାଆନ୍ତେ,

କୃପାସିନ୍ଧୁ - ତୁ ଯାଇ ମାଆଙ୍କୁ ସାହାଯ୍ୟ କର ।

ବରକୁ - ହଉ ସାଆନ୍ତେ, ଯାଉଛି । ରଇଜଲେ ସବୁ ତ ଖାଇଗଲେ । ଶେଷକୁ ଦିଅଁଙ୍କ ଧନ ଉପରେ ହାତ ଦେଲେ । ଯାଙ୍କର କାଳ ଆସି ପୁରିଲାଣି ।

କୃପାସିନ୍ଧୁ - ବିମଳ, ଏମାନଙ୍କର ସାହାସ ସବୁ ବଢ଼ିଗଲା ଦେଖୁଛ, ଘରର ଚାକର, ସେ କିମତି ମୋତେ ପରାମର୍ଶ ଦଉଛି ।

ବିମଳ - ସେ କିଛି ଖରାପ କହୁନି ଆଜ୍ଞା । ଏ ସବୁ ଦେଖି ସେ ସହିପାରୁନି ।

କୃପାସିନ୍ଧୁ - କ'ଣ କରାଯିବ କହ ।

ବିମଳ - ମୁଁ କହୁଛି ସାନବାବୁଙ୍କୁ ଡ଼ାକି ଆଣନ୍ତୁ ।

କୃପାସିନ୍ଧୁ - ତୁମେ ଯାହା କହିବ, ସେଥିରେ ମୋର ଆପତ୍ତି ନାହିଁ କିଂତୁ ତା'କଥା ମୋତେ କିଛି କହନି ।

ବିମଳ - କାହିଁକି ଆଜ୍ଞା, ତାଙ୍କର ଦୋଷ କ'ଣ ?

କୃପାସିନ୍ଧୁ - ତୁମେ ତା'ହେଲେ କ'ଣ କିଛି ଶୁଣିନ ?

ବିମଳ - ସବୁ ଶୁଣିଛି ।

କୃପାସିନ୍ଧୁ - ସବୁ ଶୁଣି, ତୁମେ ତାକୁ ଘରକୁ ଆସିବା ପାଇଁ କହୁଛ ?

ବିମଳ - ଆପଣ ଜ୍ଞାନୀ । ସାନବାବୁ ଏମିତି କି ପାପଟାଏ କରିଦେଲେ ଯେ ତାଙ୍କୁ ଘର ମନା । ଏ ଆପଣଙ୍କର ଅନ୍ୟାୟ ଆଜ୍ଞା ।

କୃପାସିନ୍ଧୁ - ବିମଳ (ଆଶ୍ଚର୍ଯ୍ୟ) ତୁମେ ବ୍ରାହ୍ମଣ ହୋଇ, ତା'ର ଅନୀତିକୁ ଗ୍ରହଣ କରୁଛ ?

ବିମଳ - ଅନୀତି ଆପଣ କାହାକୁ କହୁଛନ୍ତି । ଏ ଦେଶରେ ସମସ୍ତଙ୍କ ଦେହରେ ହିନ୍ଦୁରକ୍ତ ପ୍ରବାହିତ । ଯେଉଁମାନେ ଘଟଣାଚକ୍ରରେ ଅନ୍ୟଧର୍ମ ଗ୍ରହଣ କରିଛନ୍ତି, ସେମାନଙ୍କର ପୂର୍ବପୁରୁଷମାନେ ହିନ୍ଦୁଥିଲେ ।

Digitized by srujanika@gmail.com

କୃପାସିନ୍ଧୁ - ତୁମର ଏ କଥାକୁ ରକ୍ଷଣଶୀଳ ହିନ୍ଦୁ ସମାଜ ଗ୍ରହଣ କରିବେ ନାହିଁ ।

ବିମଳ - ହଁ, ଯୁଗ ବଦଳି ଯାଇଛି । ଯୁଗସାଙ୍ଗରେ ତାଳ ଦେଇ ଆପଣଙ୍କୁ ଚାଲିବାକୁ ହବ । ଏଲୋକସବୁ କିଏ ? ତାଙ୍କୁ ଯେପରି ଆପଣ ବୁଝାଇବେ, ସେମାନେ ଆପଣଙ୍କ କଥା ମାନିବେ । ଧର୍ମ୍ମ ଗୋଟାଏ ମନୁଷ୍ୟ ପାଇଁ ମୋ ବିଚାରରେ ଅତି ଅଦରକାରୀ । ଭଗବାନ ଏକ । ସେ ଅଦ୍ୱିତୀୟ । ସେ ଅଦ୍ୱିତୀୟ ପରଂବ୍ରହ୍ମଙ୍କୁ ଯେ ଯେପରି ଭାବରେ ଆରାଧନା କରିପାରିଲା । ମନ୍ଦିରରେ ହେଉ, ମସଜିଦରେ ହେଉ, ଗୀର୍ଜାରେ ହେଉ, ଯେ ଯେପରି ଭାବରେ ହେଉ, ଭଗବାନଙ୍କୁ, ସେହି ପରମବ୍ରହ୍ମଙ୍କୁ ଡ଼ାକି ପାରିଲା । ସେଥିରେ ଆପତ୍ତିର କାରଣ କିଛି ନାହିଁ । ଶ୍ରୀମଦ୍ ଭଗବତଗୀତାରେ ଭଗବାନ କହିଛନ୍ତି -

ତପାମ୍ୟହମହଂ ବର୍ଷଂ ନିଗୃହଣାମ୍ୟୁତ ସୃଜାମିଚ
ଅମୃତଞ୍ଚୈବ ମୃତ୍ୟୁଶ୍ଚ ସଦସଚାହମର୍ଜ୍ଜୁନ ।

ହେ ଅର୍ଜ୍ଜୁନ ! ମୁଁ ସୂର୍ଯ୍ୟରୂପେ ଜଗତକୁ ପରିତୃପ୍ତ କରେ । ଜଳରୂପେ ମେଘ ବର୍ଷଣ କରେ । କେତେବେଳେ ବୃଷ୍ଟିକୁ ଆକର୍ଷଣ କରେ । ମୁଁ ଅମୃତ, ମୁଁ ମୃତ୍ୟୁ, ମୁଁ ସଦ୍, ମୁଁ ଅସଦ୍ ଅଟେ । ଏ ସକଳ ମୁଁ କେବଳ ଏହା ମନେକରି, ଭକ୍ତମାନେ ମୋତେ ନାନାପ୍ରକାର ଉପାସନା କରନ୍ତି ।

କୃପାସିନ୍ଧୁ - ବିମଳ, ତୁମର ଯୁକ୍ତି ଅକାଟ୍ୟ । ତୁମେ କହିବାକୁ ଚାହଁ, ସାନବାବୁର ଭୁଲ ଅତି ନଗଣ୍ୟ । ଶ୍ରୀ ଭଗବାନ କହିଛନ୍ତି -

ଶ୍ରେୟାନ ସ୍ୱଧର୍ମ୍ମୋ ବିଗୁଣଃ ପରଧର୍ମ୍ମାଦ୍ ସୁନୁଷ୍ଠିତାଦ୍
ସ୍ୱଭାବ ନିୟତଂକର୍ମ୍ମ କୁର୍ବନ୍ନାପ୍ନୋତି କିଳବିଷ୍ମ ।

ଉତ୍ତମରୂପେ ପରଧର୍ମ୍ମର ଅନୁଷ୍ଠାନ କରିବା ଅପେକ୍ଷା, ଅଙ୍ଗହୀନ ସ୍ୱଧର୍ମ୍ମର ଅନୁଷ୍ଠାନ ଶ୍ରେୟସ୍କର ଅଟେ ।

ବିମଳ - ସବୁ ଠିକ୍ । ମୋ ଯୁକ୍ତି ଠିକ୍ ଆପଣଙ୍କ ଯୁକ୍ତି ମଧ୍ୟ । ତେବେ ଆପଣ ଏତେ ନିଷ୍ଠୁର ହେବା, ମୋ ବିଚାରରେ ଠିକ୍ ନୁହେଁ । ଆଜି ଯାହା ଘଟିଛି ମୁକୁନ୍ଦ ମିଶ୍ର ଯୋଗୁଁ ଘଟିଛି । ଯାହାକୁ ଆପଣ ଅଭିଭାବକ ରୂପେ ନିଯୁକ୍ତ କରିଥିଲେ, ଏ ଖବରସେ ଆପଣଙ୍କୁ, ବହୁ ଆଗରୁ ଦେଲାନାହିଁ କାହିଁକି ?

Digitized by srujanika@gmail.com

କୃପାସିନ୍ଧୁ - ଏ ସବୁ ଜାଣିବା କ'ଣ ସମ୍ଭବ ?

ବିମଳ - କାହିଁକି ତୁହେଁ ଆଜ୍ଞା ? ଜଣେ ଯୁବତୀର ଘର ଭିତରକୁ ଅବାଧ ପ୍ରବେଶ କ'ଣ ସନ୍ଦେହର କାରଣହୋଇନପାରେ । ଏ ସବୁର ପ୍ରଶୟଦାତା ନିଜେ ମୁକୁନ୍ଦ ମିଶ୍ର । ତା'ର କୂଟବୁଦ୍ଧିରେ ଆପଣଙ୍କର ପରି ସରଳ, ନିଷପଟ ମନୁଷ୍ୟ ଯେ ହାର ମାନିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ତା'ହେଲେ ମୁଁ ଆସୁଛି ।

(ଚାଲିଯିବାକୁ ଉଦ୍ୟତ ହେଲେ ।)

କୃପାସିନ୍ଧୁ - ବିମଳ ତୁମେ ମୋ ପାଖରେ ବସ । ମୋତେ ତୁମର ଯୁକ୍ତି ଭଲ ଲାଗୁଛି । ମୋତେ ଚିନ୍ତା କରିବାକୁ ଦିଅ । ବରଜୁ, ବରଜୁ (ଡ଼ାକିଲେ)

ବରଜୁ - ସାଆନ୍ତେ (ଭିତରୁ)

କୃପାସିନ୍ଧୁ - ରାଣୀମା'ଙ୍କୁ ଡ଼ାକିଲୁ ?

ସୁଲକ୍ଷଣା - (ପ୍ରବେଶି) କାହିଁକି ଡ଼ାକିଲ ?

କୃପାସିନ୍ଧୁ - ବିମଳ କ'ଣ କହୁଛି, ଶୁଣିଲଣି ?

ସୁଲକ୍ଷଣା - ବିମଳ କ'ଣ କହୁଛ ? ଆଉ କହିବାକୁ କ'ଣ ବା ଅଛି ?

ବିମଳ - ସବୁ ଅଛି ମା । ସାନବାବୁ କିଛି ଭୁଲ କରି ନାହାନ୍ତି । ନିଜର ଜୀବନ ସାଥୀ ବାଛିବା ପ୍ରତ୍ୟେକ ସ୍ତ୍ରୀ, ପ୍ରତ୍ୟେକ ପୁରୁଷର କର୍ତ୍ତବ୍ୟ ।

ସୁଲକ୍ଷଣା - ତୁମେ ପିଲା, ତୁମେ ଏ ସବୁ ବୁଝିବ କୁଆଡୁ ? ଦୀନା ଡାବୋହ୍ରକୁ ନେଇ ଘରକୁ ଆସିଲେ, ଏ ଦୁଆର କେହି ମାଡ଼ିବେ ନାହିଁ । ଆମେ ଏକ ଘରିଆ ହୋଇଯିବୁ ।

ବିମଳ - ଏ ସବୁ ଆପଣଙ୍କର ଭ୍ରାନ୍ତ ଧାରଣା । ଆଜି ସାନବାବୁଙ୍କର ଅବସ୍ଥାର ସୁଯୋଗ ନେଇ, ଶତ୍ରୁମାନେ ଦାଉ ସାଧିବାକୁ ବସିଲେଣି । ସେ ଯେପରି ଲୋକ, କାହାରି କଥା ଶୁଣିବେ ନାହିଁ । ତାଙ୍କର ନିଷ୍ପତ୍ତି ହିଁ ଶେଷ ନିଷ୍ପତ୍ତି । ତା'ଛଡ଼ା ସେ ତ ଅଶିକ୍ଷିତ ନୁହନ୍ତି । ଆପଣମାନେ ଭଲ କରି ବିଚାର କରନ୍ତୁ । ମୁଁ ବାବୁଙ୍କ ପାଖକୁ ଯିବି । ତାଙ୍କୁ କହିବି । ଆପଣଙ୍କ ନିଷ୍ପତ୍ତି ତାଙ୍କୁ ଶୁଣାଇ ଦେବି । ନମସ୍କାର ।

(କହି ଚାଲିଗଲା) (ପ୍ରବେଶ କଲେ ମୁକୁନ୍ଦ ମିଶ୍ର)

କୃପାସିନ୍ଧୁ - (ନମସ୍କାର କଲେ)

Digitized by srujanika@gmail.com

ମୁକୁନ୍ଦ - (ଆଶୀର୍ବାଦ ମନ୍ତ୍ର ପଢ଼ିଲେ ।)

କୃପାସିନ୍ଧୁ - କ'ଣହେଲା ମିଶ୍ରେ ? ତାକୁ ଆମର କଥା ଶୁଣାଇ ଦେଲ ।

ମୁକୁନ୍ଦ - ଆଜ୍ଞା ।

ସୁଲକ୍ଷଣା - ସାନବାବୁର ଦେହ ଭଲ ଅଛି ତ ? ମୋ କଥା କ'ଣ ପଚାରୁଥିଲା । ମୋତେ ଦେଖିବାକୁ, ତୁମ ସାଙ୍ଗରେ ସେ ଆସିଲା ନାହିଁ । ତାର ମା'କୁ ଏତେ ଶୀଘ୍ର ଭୁଲିଗଲା । (ଆଖିରୁ ଲୁହ ପୋଛିଲେ ।)

କୃପାସିନ୍ଧୁ - କାନ୍ଦୁଛ କାହିଁକି ? କାନ୍ଦିଲେ, ତୁମର କାନ୍ଦ ତ ସେ ଦେଖୁନାହିଁ ।

ସୁଲକ୍ଷଣା - ନା, ମୁଁ କାନ୍ଦିବିନି, କାନ୍ଦିଲେ ଦୀନାର ଅମଙ୍ଗଳ ହେବ । କ'ଣ ସେ କହିଲା ? ବାପାଙ୍କ କଥା ପଚାରିଲା । ବର୍ତ୍ତମାନ ବିମଳ ଆସିଥିଲା । ସେ ତାକୁ ବହୁତ ବୁଝେଇ, ସୁଝେଇ ଗଲା । ତା କଥା ଶୁଣିଲେ, ମୋର କିଛି ଆପତ୍ତି ନାହିଁ ।

କୃପାସିନ୍ଧୁ - ତାମାନେ ତୁମେ କହୁଚ, ଗୋଟାଏ ଅନ୍ୟଧର୍ମାବଲମ୍ବୀର ଝିଅଟିଏ ବୋହୂ ହୋଇ ଆସିବ ।

ସୁଲକ୍ଷଣା - ଭଗବାନଙ୍କ ସୃଷ୍ଟିରେ ଜାତି କ'ଣ ଅଜାତି କ'ଣ ? ସବୁତ ତାଙ୍କରି ସନ୍ତାନ । ମୁଁ ବର୍ଷେ ହେଲା, ତାକୁ ଦେଖିନି । ତୁମେ କହତ ମା'ମନ କ'ଣ ବୁଝିବ । ନିଜର ସନ୍ତାନକୁ, ଯାହାକୁ ୧୦ ମାସ ଗର୍ଭରେ ଧରି, କେତେ କଷ୍ଟ ସହିଥିଲି । ନିଜର ବକ୍ଷର କ୍ଷୀର ଦେଇ ମଣିଷ କରିଥିଲି, ରୋଗ, ବୈରାଗ୍ୟରେ କେତେ ରାତି ଅନିଦ୍ରା ହେଇଥିଲି, ତାକୁ ନ ଦେଖି, ମୁଁ କ'ଣ ବଞ୍ଚିପାରିବି । ସେ ଯାହା କରୁଛି କରୁ, ମୋ କୋଳକୁ ଫେରି ଆସୁ । ଯାଅ, ତୁମେ ତାକୁ ନେଇଆସ ।

କୃପାସିନ୍ଧୁ - ଆଉ ବୋହୂକୁ ?

ସୁଲକ୍ଷଣା - ସେ ବି ଆସିବ ।

କୃପାସିନ୍ଧୁ - ବୋହୂ ଆସିଲେ, ତୁମେ ସମାଜରୁ ଅଲଗା ହେଇଯିବ । ତୁମ ହାତରୁ କେହି ଜଳ ଗ୍ରହଣ କରିବେନି ।

ସୁଲକ୍ଷଣା - କାହିଁକି ? ସମସ୍ତଙ୍କୁ ପ୍ରଭୁ ଯେପରି ଜନ୍ମ ଦେଇଛନ୍ତି, ତାକୁ ବି ଜନ୍ମ ଦେଇଛନ୍ତି । କିଏ ପାଣି ଛୁଇଁବନି, ତା ମୁଁ ଦେଖିବି । ମୁଁ ରାଜି । ତା' ବିବାହରେ ଆଉ କିଛି ଆପତ୍ତି ନାହିଁ ।

ବଇଜୁ - (ପଶିଆସିଛି) କୋଉ ରଇଜଲା କ'ଣ କହିବ । ମୁଁ ଦେଖିବି ମା' ଚାଲନ୍ତୁ, ଆମେ ଯିବା । ସାନବାବୁ, ବୋହୂମାଙ୍କୁ ସାଙ୍ଗରେ ନେଇ

Digitized by srujanika@gmail.com

ଆସିବା । କାହାର କହିବାକୁ କ'ଣ ଅଛି । କିଏ କ'ଣ ଆମକୁ ପୋଷୁଛି । ଆମର ଖାଉଛନ୍ତି । ରନ୍ଧାଘର କିଏ ଖାଇନି, କିଏ ବା ଖାଉନି । ଶେଷକୁ ଥିଲେ ଅଳପେଇଷିଆମାନେ ଗୋପୀନାଥଙ୍କର ସୁନା କିରୀଟି ଖାଇଗଲେ । ଧରା ପଡ଼ିବେ ଯେ । ବଡ଼ରୋଗ କରିବନି । ଆଖି ଫୁଟିଯିବ । (କହି, କହି ଚାଲିଗଲା ।)

କୃପାସିନ୍ଧୁ - ହଁ କହିଲନି, ଆମର କଥା ଶୁଣି, ସେ କ'ଣ କହିଲା ?

ମୁକୁନ୍ଦ - ଆଉ କ'ଣ କହିବ ଆଜ୍ଞା ? ସେ କ'ଣ ମାନିବା ପିଲା । ମୁଁ କହିଲି, ବାପା ଖୁବ୍ ଅସନ୍ତୁଷ୍ଟ । ମା'ଙ୍କର ଚେତା ବୁଡ଼ିଗଲା ।

କୃପାସିନ୍ଧୁ - ସେ ବ୍ୟସ୍ତ ହେଲାନି ।

ମୁକୁନ୍ଦ - ନା

ସୁଲକ୍ଷଣା - ମିଛକଥା, ତା କଦାପି ହୋଇପାରେ ନା । ତୁମେ ମିଛ କହୁଛ ।

କୃପାସିନ୍ଧୁ - ତୁମେ ଏକଥା ଆଗରୁ ମୋତେ କହିନଥିଲ କାହିଁକି ?

ମୁକୁନ୍ଦ - ମୁଁ ଜାଣଚି କିମତି ଆଜ୍ଞା ? ସାନବାବୁଙ୍କ ପାଖକୁ ବହୁତ ଝିଅ ଆସନ୍ତି, ତାଙ୍କର ପଢ଼ା ବିଷୟରେ ଚର୍ଚ୍ଚା ହୁଏ । ସେମାନେ ଶିକ୍ଷିତ ପିଲା । ମୁଁ କିମତି କହିବି ଆଜ୍ଞା ।

କୃପାସିନ୍ଧୁ - ମୁଁ ଶୁଣିଲି, ସାନବାବୁ ବାହାରେ ୫/୭ ଦିନ ଧରି ରହେ ।

ମୁକୁନ୍ଦ - ରହନ୍ତି ଆଜ୍ଞା, ମୁଁ ତ ମନା କରୁନି ।

କୃପାସିନ୍ଧୁ - କୋଉଠି ରହନ୍ତି, କାହିଁକି ରହନ୍ତି, ଏ କଥା ବୁଝିବା କ'ଣ ତୁମର କର୍ତ୍ତବ୍ୟ ନଥିଲା ?

ମୁକୁନ୍ଦ - ଥିଲାଯେ ଆଜ୍ଞା,

କୃପାସିନ୍ଧୁ - ଥିଲାତ ବୁଝିଲନି କାହିଁକି ? ମୁଁ ଯଦି କହେ ଏଥିପାଇଁ ତୁମେ ଦାୟୀ ? ତୁମେ ଜାଣିଶୁଣି ତାର ଭବିଷ୍ୟତ ନଷ୍ଟ କରି ଦେଇଛ ? ତା'ର ଉତ୍ତର ତୁମେ ଦେଇପାରିବ ?

ମୁକୁନ୍ଦ - ଆଜ୍ଞା, ମୁଁ କ'ଣ ଅଧିକ ଆପଣଙ୍କୁ କହିବି । ମୁଁ ପଚାରିଛି । ଥରେ ନୁହେଁ, ଦଶଥର ପଚାରିଛି -

କୃପାସିନ୍ଧୁ - ଉତ୍ତର କ'ଣ ପାଇଛ ?

ମୁକୁନ୍ଦ - ସେଇ ଗୋଟିଏ କଥା । ପଢ଼ାପାଇଁ ମୁଁ ବାହାରକୁ ଯାଉଛି । ଆଜ୍ଞା, ସାନବାବୁ ତ ଆଉ ସାନପିଲା ନୁହନ୍ତି,ତାଙ୍କର ଯେତେ ଜ୍ଞାନ, ମୁଁ

Digitized by srujanika@gmail.com

ଆପଣଙ୍କୁ କ'ଣ କହିବି ? ତାଙ୍କର ଦେହପା ଦାୟିତ୍ୱ, ଖିଆପିଆ ଦାୟିତ୍ୱ, ସେ ସବୁ ଆପଣ ମୋ ଉପରେ ନ୍ୟସ୍ତ କରିଥିଲେ । କିଂତୁ ଏ ସବୁ ଭିତିରି ରହସ୍ୟ, ମୋତେ କ'ଣ ଆଜ୍ଞା, ନରମାୟା ପରା ନାରାୟଣଙ୍କୁ ଅଗୋଚର ।

କୃପାସିନ୍ଧୁ - ତା'ହେଲେ ସାନବାବୁ ତୁମର ଖୁବ୍ ବଦଳି ଯାଇଛି । ହଁ, ବଡ଼ପାଠ ପଢ଼ିଲା । ଅଂଗ୍ରେଜୀ ପାଠ । ସାହେବଙ୍କ ସାଙ୍ଗରେ ମିଶିଲା । ଆମେ ତ ସେ ସବୁ ପାଠ ପଢ଼ିନଥିଲୁ । ଯାହା ପଢ଼ିଥିଲୁ ଓଡ଼ିଆ, ବେଶୀ ହେଲେ ସଂସ୍କୃତ । ତେଣୁ ଆମ ବୁଦ୍ଧିଠାରୁ ତା'ବୁଦ୍ଧି ନିଶ୍ଚୟ ପ୍ରଖର ହବ । ବହୁତ ଧନ୍ୟବାଦ ।
(ବାହାରୁ ଶୁଭିଲା ରଜାବାବୁ ଅଛନ୍ତି ?)
ବରଙ୍କୁ, ବରଙ୍କୁ... କୁଆଡ଼େ ଗଲା । ହଁ, ଭିତରକୁ ଆସନ୍ତୁ ।
(ପୋଲିସ ଇନ୍ସପେକ୍ଟର ଆସି ପହଞ୍ଚିଲେ ।)

ଇନ୍ସପେକ୍ଟର - ଆଜ୍ଞା, ଆପଣଙ୍କର ଚୋରୀ ଯାଇଛି ?

କୃପାସିନ୍ଧୁ - ମୋର, କାହିଁ ମୋର ତ କିଛି ଚୋରୀ ଯାଇନି ।
(ପଛେ ପଛେ ଆସିଛି ବିମଳ)

ବିମଳ - ଚୋରୀ ଯାଇନି କିମତି ଆଜ୍ଞା ।

କୃପାସିନ୍ଧୁ - ଆରେ ହଁ, ବୁଝିଲି, ତୁମେ ଥାନାକୁ ଯାଇ ରିପୋର୍ଟ କରିବା କଥା କହୁଥିଲ ।

ଇନ୍ସପେକ୍ଟର - ଆଜ୍ଞା, ଚୋରୀମାଲ ସୁନାର ନା ରୂପାର ।

କୃପାସିନ୍ଧୁ - ରୂପାର ତ ଚୋରୀ ଯାଇଥିଲା । ଠାକୁରଙ୍କ ରୂପା ମୁକୁଟ ।

ଇନ୍ସପେକ୍ଟର - (ବିମଳକୁ) ଆପଣ ସୁନାକିରିଟୀ ବୋଲି ମିଥ୍ୟା ରିପୋର୍ଟ ଦେଇଛନ୍ତି କିପରି ?

କୃପାସିନ୍ଧୁ - ନା, ନା, ସେ ମିଥ୍ୟା ରିପୋର୍ଟ ଦେଇନାହାନ୍ତି । ସେ ଠିକ୍ ରିପୋର୍ଟ ଦେଇଛନ୍ତି । ମୋର ସ୍ମୃତିବିଭ୍ରମ ଘଟୁଛି ।

ଇନ୍ସପେକ୍ଟର - ଚୋରୀ କେଉଁଠୁ ଗଲା ?

କୃପାସିନ୍ଧୁ - ବିମଳ, ଇନ୍ସପେକ୍ଟର ବାବୁଙ୍କୁ ବୁଝାଇ କହ । ମୁଁ ଟିକିଏ ଘରୋଇ ବିଷୟରେ କଥାବାର୍ତ୍ତା ହଉଚି । ମନ ମୋର ଠିକ ନାହିଁ । ଆପଣ କାଲି ଆସନ୍ତୁ । ମୁଁ ଆପଣଙ୍କୁ ସବୁ କହିବି । ନଚେତ ବିମଳ ପାଖରୁ ବୁଝି ନିଅନ୍ତୁ ।

Digitized by srujanika@gmail.com

ଇନ୍ସପେକ୍ଟର - ଦେଖନ୍ତୁ ଆପଣଙ୍କ କାମ ପାଇଁ, ମୁଁ ୨ ଥର ଆସି ପାରିବି ନାହିଁ ।

କୃପାସିନ୍ଧୁ - ଇନ୍ସପେକ୍ଟର ବାବୁ, ଥରେ କହିଲି, ମୋର ମନ ଭଲ ନାହିଁ । ଦ୍ୱିତୀୟରେ , ମନ ଠିକ୍ ନଥିଲେ, ମୁଁ ଏଣୁତେଣୁ ରିପୋର୍ଟ ଦେଇପାରେ । ଯାହା କି ଭବିଷ୍ୟତରେ ମିଥ୍ୟା ସାବ୍ୟସ୍ତ ହୋଇପାରେ । ଆପଣ ଏନ୍‌କ୍ୱାରି କରିବେ ଥରେ ନୁହେଁ, ଦଶଥର ଆସିପାରନ୍ତି । ଏଥିପାଇଁ ଆପଣ ବିରକ୍ତ ହେଲେ କ'ଣ ଚଳିବ ?

ଇନ୍ସପେକ୍ଟର - ହଉ ଆଜ୍ଞା, ମୁଁ କାଲି ଆସିବି । ମୋତେ କ୍ଷମା କରିବେ । (ଚାଲିଗଲେ)

କୃପାସିନ୍ଧୁ - ଦେଖବାବୁ, ଏ ଲୋକଗୁଡ଼ାକ ପରିସ୍ଥିତିକୁ ଠିକ୍ ଭାବରେ ଉପଲବ୍ଧି ନ କରି ଭୁଲ ବୁଝନ୍ତି କାହିଁକି ? ଯା, ହେଉ, ଭଦ୍ରଲୋକ ନିଜ ଭୁଲ ବୁଝି ପାରିଛନ୍ତି । ହଁ ମୁକୁନ୍ଦ ମିଶ୍ରେ, ମୋର ବିସ୍ଫୋରଣ ଘଟୁଛି । ଏଇ ସାନବାବୁ କଥା, ତା'ର ଇଚ୍ଛା କ'ଣ ?

ମୁକୁନ୍ଦ - ଠିକ କଥା କହିବି ଆଜ୍ଞା ?

କୃପାସିନ୍ଧୁ - ଦେଖ ବିଶେଷ ଗୌରଚନ୍ଦ୍ରିକା ନ କରି, ମୋତେ ଠିକ, ଠିକ କହିଦିଅ । ସୁଲକ୍ଷଣା, ସୁଲକ୍ଷଣା ।

ସୁଲକ୍ଷଣା - ମୋତେ ଡ଼ାକୁଛ (ଭିତରୁ)

କୃପାସିନ୍ଧୁ - ହଁ, ଆସ ମୁକୁନ୍ଦ ସାନର କଥା ତୁମକୁ କହିବେ । କୀର୍ତ୍ତିମାନର ଯଶକିର୍ତ୍ତୀ ଶୁଣି, ମନ, କର୍ଣ୍ଣ ପବିତ୍ର କରିବ ।

ମୁକୁନ୍ଦ - ବହୁତ ବୁଝେଇଲି ଆଜ୍ଞା ।

ସୁଲକ୍ଷଣା - ସେ ତ ଅବୁଝା ପିଲା ନୁହେଁ । ପିଲାଦିନେ କାନ୍ଦୁଥିବ, ଟିକିଏ ବୁଝେଇଦେଲେ ବୁଝିଯିବ ।

ମୁକୁନ୍ଦ - କିଂତୁ ମା, ସେ ରାଜି ଥିଲେ । ବିବାହ ପାଇଁ ସେ କଥା ଦେଇ ସାରିଛନ୍ତି, ବଚନକୁ ଫେରାଇବେ କେମିତି ? କହିଲେ, କହିବ, ଯଦି ଘରକୁ ଯିବି, ବୋହୁକୁ ସାଙ୍ଗରେ ଧରିଯିବି । ନଚେତ୍, ସନ୍ୟାସୀ ହୋଇ ହିମାଳୟ ଚାଲିଯିବି ।

ସୁଲକ୍ଷଣା - ହଇଓ ଶୁଣୁଚ । (ହଲେଇଦେଇ) ମୁକ ହୋଇ ବସି ରହିଲ କ'ଣ ? ଦୀନା ମୋର ସନ୍ୟାସୀ ହୋଇଯିବ । ଏକଥା ଶୁଣି, ମୋ ଛାତି ଫାଟି ଯାଉଛି । ନା, ସେ ଯାହାହେଉ ପଛକେ, ବୋହୁ ମୋର ଘରକୁ

Digitized by srujanika@gmail.com

ଆସିବ । ଏକୋଇର ବଳା ବିଶିକେସନ ସେ । ତାକୁଛାଡ଼ି ମୁଁ ବଞ୍ଚିପାରିବିନି । ଯାଅ, ତାକୁ ନେଇଆସ । (ଖୁବ ଜୋରରେ କାନ୍ଦିଉଠିଲେ ।) କେଡ଼େକଥା ସେ ନ କହିଲା । ପୁଅ ମୋର ବଇଷମ ହୋଇଯିବ । ମୋ ପୁଅକୁ, ମୋତେ ଆଣିଦିଅ । (କାନ୍ଦୁଥିଲେ)

କୃପାସିନ୍ଧୁ - ସୁଲକ୍ଷଣା, ତୁମେ କ'ଣ ପାଗଳି ହୋଇଗଲ ?

ସୁଲକ୍ଷଣା - ହଁ, ହଁ ମୁଁ ପାଗଳି । ପୁଅ ପାଇଁ ମୁଁ ପାଗଳି । ମୁକୁନ୍ଦ, ମୁକୁନ୍ଦ

ମୁକୁନ୍ଦ - ମା'

ସୁଲକ୍ଷଣା - ଠିଆହୋଇ ରହିଲ କ'ଣ । ଯାଅ, କହିଦିଅ ମୁଁ ରାଜି । ତା'ର ବିବାହରେ ମୁଁ ରାଜି - ଆଉ ତାର ବାପା

କୃପାସିନ୍ଧୁ - ମୁଁ ବି ରାଜି ।

- ଡ୍ରପ -

ଦ୍ୱିତୀୟ ଅଙ୍କ

- ପ୍ରଥମ ଦୃଶ୍ୟ -

(ରାଜପଥ । ସମୟ ପୂର୍ବାହ୍ନ । ଚର୍ଚ୍ଚର ମାସ୍ (ପ୍ରାର୍ଥନା) ସାରି ମେରୀ ଚାଲିଚାଲି ଘରକୁ ଆସୁଥିଲେ । ରାସ୍ତାରେ ଫାଦର ଜୋସେଫଙ୍କ ସହିତ ତାଙ୍କର ଦେଖାହେଲା ।)

ମେରୀ - Good Morning Father

ଜୋସେଫ - Good Morning, Good Morning. କୁଆଡ଼େ ଯାଇଥିଲ ମେରୀ ?

ମେରୀ - ଏଇ ତ ଚର୍ଚ୍ଚରୁ ଫେରୁଛି । ଶୁଣିଲି ଆପଣଙ୍କର ଦେହ ଭଲ ନଥିଲା ।

ଜୋସେଫ - ହଁ, Kidney Trouble । ଡ଼ାକ୍ତରଙ୍କର restriction ମାନିବା କଷ୍ଟ । ତା'ଛଡ଼ା ଆମର ଚାହିଦା ମୁତାବକ୍, କିଏ ଆମକୁ ଖାଇବାକୁ ଦବ । ତୁମର ଖବର କ'ଣ ?

ମେରୀ - ଏକରକମ ଭଲ ଫାଦର ।

ଜୋସେଫ - ଏକ ରକମ ଭଲ, What's that ?

ମେରୀ - Marriage ଆମାର ହଏଗେଇ ।

ଜୋସେଫ - It is a good news. where ?

Digitized by srujanika@gmail.com

ମେରୀ - Here only

ଜୋସେଫ - Wonderful ତୁମେ ଆମକୁ ସେ କଥା କହିନାହଁ । ମାସକ ତଳେ ତୁମର ଡ୍ୟାଡ଼ି Mr. John, ଦୁଃଖ ପ୍ରକାଶ କରୁଥିଲେ । ଆଉ ମୁଁ ମଧ୍ୟ ତୁମକୁ କହିଥିଲି, not to be immotional କୋଉଠି ବିବାହ ହେଲା ?

ମେରୀ - ଦୀନନାଥଙ୍କ ସାଙ୍ଗରେ ।

ଜୋସେଫ - ଦୀନନାଥ । ଏ ନାମ ସହିତ ମୁଁ ବିଶେଷ ଭାବରେ ପରିଚିତ ନୁହେଁ । ତାଙ୍କର ଘର କେଉଁଠି ? ସେ କ'ଣ କରୁଛନ୍ତି ? ଚର୍ଚ୍ଚରେ ତ କିଛି ଫଙ୍କସନ୍ ହୋଇନାହିଁ ।

ମେରୀ - Father I did registered marriage.

ଜୋସେଫ - Oh. I see. That's good. Nothing wrong in it.

ମେରୀ - କିଂତୁ ଆପଣ, ଏ ବିବାହରେ ସୁଖୀ ହେବେ ନାହିଁ ।

ଜୋସେଫ - କାହିଁକି ?

ମେରୀ - ବହୁତ ବିଚାର କରି ମୁଁ ଏ ବିବାହ କରିଛି ।

ଜୋସେଫ - Good

ମେରୀ - ଦୀନାନାଥ belongs to Hindu community

ଜୋସେଫ - ତୁମେ ମୋତେ ୩ ମାସ ତଳେ ଏ କଥା କହୁଥିଲ । କିଂତୁ ମୁଁ ତୁମକୁ ମନା କରିଥିଲି, ଏ ବିବାହ ନ କରିବା ପାଇଁ । Neither you will be happy, nor you will make him happy.

ମେରୀ - ହଁ, ଗୋଟିଏ ପରୀକ୍ଷା ଦେଇ ମୋତେ ଯିବାକୁ ହବ ।

ଜୋସେଫ - ଯଦି ପରୀକ୍ଷାରେ ତୁମେ ଫେଲ୍ ହୁଅ ?

ମେରୀ - ହଁ, That is also to be considered.

ଜୋସେଫ - ଦେଖ ମେରୀ, ହିନ୍ଦୁ ଜାତି ରକ୍ଷଣଶୀଳ । They are very conservative where, you are a free girl. ତୁମେ ଗୋଟିଏ ମୁକ୍ତ ପକ୍ଷୀ, ଯେ ସାରାଜୀବନ ମୁକ୍ତ ଆକାଶ ତଳେ, ଖେଳିବୁଲି ତା'ଜୀବନ କଟାଇ ଦେଇଛି ବନ୍ଦୀଜୀବନ କାଟିବା ତୁମ ପକ୍ଷରେ କଷ୍ଟକର ହୋଇପଡ଼ିବ । ମୁଁ ଜାଣେ, ତୁମର ଡ୍ୟାଡ଼ି, ମମି ଏ ବିବାହକୁ ପସନ୍ଦ କରି ନଥିବେ । ସେମାନେ ଖୁବ୍ ଭଲ ପାତ୍ର ଦେଖିଥିଲେ ।

Digitized by srujanika@gmail.com

ମୋର ବି ପରାମର୍ଶ ନେଇଥିଲେ । ଏ ବିବାହ ପାଇଁ ମୁଁ ତୁମକୁ ମନା କରିଦେଇଥିଲି । All God's desire. His desire must be fulfilled. ପ୍ରଭୁଙ୍କର ଇଚ୍ଛା ହିଁ ଶେଷ ଇଚ୍ଛା । ମନୁଷ୍ୟର ନୁହେଁ । Mery, my girl ତା'ହେଲେ ତୁମେ କଲିକତାରେ ରହୁଚ । ତୁମର ସ୍ୱାମୀ ଖ୍ରୀଷ୍ଟଧର୍ମ ଗ୍ରହଣ କରୁଛନ୍ତି ।

ମେରୀ - ଫାଦର । ସେ ତାଙ୍କର ଧର୍ମ୍ମ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି ।

ଜୋସେଫ - ତା'ହେଲେ, ତୁମେ ତୁମ ଧର୍ମ୍ମ ତ୍ୟାଗ କରୁଛ ?

ମେରୀ - No father. Not at all.

ଜୋସେଫ - Then how it will be ? Two parralal lines can't join in one point.

ମେରୀ - ବିବାହ ହେଲା in one condition.

ଜୋସେଫ - What's that

ମେରୀ - କିଏ କାହା ଧର୍ମରେ ହସ୍ତକ୍ଷେପ କରିବେ ନାହିଁ ।

ଜୋସେଫ - Wonderful. Yes it is happening now a dream in aristocat family.

ମେରୀ - ତାଙ୍କ ଘରକୁ ମୋତେ ନେବାପାଇଁ ସେ ରାଜି ହୋଇଛନ୍ତି ।

ଜୋସେଫ - No, No. Don't commit that blunder. ମେରୀ ତୁମେ ସେଠାରେ ମୋଟେ ଚଳିପାରିବ ନାହିଁ । ମୋର କଥାମାନ । ସେଠି ତୁମେ ଅଣନିଃଶ୍ୱାସ ହୋଇପଡ଼ିବ । You will be suttocated.

ମେରୀ - Let me try once father. Then I shall see next alteration.

ଜୋସେଫ - Ok. Be successfull.

ମେରୀ - ଫାଦର, ଆପଣ ମୋ ଘରକୁ ଆସିବେନି ।

ଜୋସେଫ - If no objection

ମେରୀ - Who will object ?

ଜୋସେଫ - (ହସିଲେ) you can't understand, still you are a child. ଆସିବି, ତୁମେ ଯେତେବେଳେ ଡାକିବ, ମୁଁ ନିଶ୍ଚୟ ଆସିବି । ତୁମେ ଜାଣିନ ମେରୀ, ଏମିତି ଗୋଟିଏ ବାହାଘର ବହୁଦିନ ତଳେ

Digitized by srujanika@gmail.com

ହୋଇଥିଲା ତା ପୁଣି ଚର୍ଚ୍ଚରେ । Husband ଝିଅଟାକୁ ହିନ୍ଦୁ ହବାକୁ ବାଧ୍ୟ କଲା । ଝିଅ ମଧ୍ୟ ରାଜି ହୋଇଗଲା । କିନ୍ତୁ ହିନ୍ଦୁ କରିବ କିଏ ? ସମାଜରେ ସେମାନେ ହେଲେ ଘୃଣ୍ୟ । ଝିଅଟା ଅଣନିଶ୍ୱାସୀ ହୋଇ ଶେଷରେ ଆତ୍ମହତ୍ୟା କଲା ।

ମେରୀ - (ହସିଛି) ଫାଦର, ମୁଁ ଆତ୍ମହତ୍ୟା କରିବିନି । I am not a coward. ମୁଁ ଭୀରୁ ନୁହେଁ । ପ୍ରଭୁଙ୍କର ପ୍ରଦତ୍ତ ଏ ଜୀବନ ଉପରେ, ସେ କେବଳ ହିଁ ଅଧିକାରୀ । ମୁଁ ନୁହେଁ ମୋର ଡ୍ୟାଡ଼ି, ମମି ନୁହନ୍ତି, ଯେ ମୋତେ ଜନ୍ମ ଦେଇଛନ୍ତି ।

ଜୋସେଫ - Good. Your knowledge is very high. ଆଚ୍ଛା, ମୁଁ ଆସୁଛି । Wish a best married life. (ମେରୀ ନତଜାନୁ ପୂର୍ବକ ଫାଦରଙ୍କୁ ଆଶୀର୍ବାଦ ଭିକ୍ଷା କଲା । ଫାଦର ଗୁଣୁ, ଗୁଣୁ ହୋଇ ମନେ, ମନେ ଆଶୀର୍ବାଦ କଲେ । ପିତା, ପୁତ୍ର, ପବିତ୍ର ଆତ୍ମା ଉଦ୍ଦେଶ୍ୟରେ ହସ୍ତ ଇଙ୍ଗିତ ପ୍ରଦାନ କରି ଆମେନ୍ କହିଲେ ।)

(ଏଇ ସମୟରେ ପ୍ରବେଶ କରିଛନ୍ତି ମୁକୁନ୍ଦ ମିଶ୍ର ।)

ମୁକୁନ୍ଦ - ମା' ବୋହୁରାଣୀ ମା । ସାନବାବୁ ଆପଣଙ୍କୁ ଖୋଜୁଥିଲେ । ଆପଣ ତ କହିଲେନି ଆପଣଙ୍କର କ'ଣ ଦରକାର । ବୁଢ଼ୀ ମା'ଙ୍କ ପାଇଁ ବନାରସୀ ପାଟ କିଣା ହେଲା । ଗୋଟେ ନୁହେଁ ତିନିଟା । ଆଉ ବୁଢ଼ାରଜାଙ୍କ ପାଇଁ ଯାହା କିଣାହବାର କଥା, ନିଜେ ସାନବାବୁ କିଣିବେ ।

ଜୋସେଫ - Raja ମାନେ କିଙ୍ଗ । Do they belong to Royal family.

ମେରୀ - Yes, father

ଜୋସେଫ - ତା'ହେଲେ ସେମାନେ ଖୁବ ଜମିଦାର । ତୁମର ଚଏସ କିଛି ମନ୍ଦ ନୁହେଁ ।

ମୁକୁନ୍ଦ - ମା, ଏ ବାବୁ କିଏ ?

ମେରୀ - ଫାଦର ।

ମୁକୁନ୍ଦ - ବଡ଼ ଭାଗ୍ୟବାନ ମୁଁ, ଆଜି ଆପଣଙ୍କର ଫାଦରଙ୍କୁ ଦର୍ଶନ କଲି । ସାନବାବୁ କହୁଥିଲେ ଭାରୀ ଉଚ୍ଚାଲୋକ । ଦିପଟ ମାଗୁର ନିଶ । ସୁଟ ପିନ୍ଧିଥାନ୍ତି । ବୁଟ ମଡ଼େଇ ଚାଲନ୍ତି - ଆଉ ଖାଆନ୍ତି ଇୟା

Digitized by srujanika@gmail.com

ତୁତୁଟ । ମୁଁ ତ ଦେଖିଛି ଆପଣଙ୍କର ଫାଦର ଖୁବ୍ ସାଧାସିଧା । ଧଳା ପୋଷାକ ପିନ୍ଧିଛନ୍ତି । ନିଶ ନାହିଁ । ହଁ, ନିଶଟାକୁ କାଟି ଦେଇଥିବେ । ମନ ତ । ଯେତେବେଳେ ଯାହା ମନ ହେଲା । ବେକରେ ସେ ମାଳଟା କ'ଣ ମା ? ଗୋଟିଏ ଦାଢ଼ିଆଲୋକର ମୂର୍ତ୍ତି ।

ମେରୀ - Nonsence. ସେ ମୂର୍ତ୍ତି ପ୍ରଭୁ ଯୀଶୁଙ୍କର ।

ମୁକୁନ୍ଦ - ହଁ, ମୁଁ ଶୁଣିଥିଲି । ତୁମର ପ୍ରଭୁ ବି କୃଷ୍ଣ । ଦେଖିଥିଲି ବି । ମେଣ୍ଢାପଲ ଭିତରେ ଠିଆ ହୋଇଥିଲେ । ଆମର ପ୍ରଭୁ କୃଷ୍ଣ ଗାଈ ଚରଉଥିଲେ । ଆପଣଙ୍କର ପ୍ରଭୁ କୃଷ୍ଣ ମେଣ୍ଢାପଲ ଚରଉଥିଲେ । ଆମର କୃଷ୍ଣ ବନ୍ଦୀଶାଳରେ ଜନ୍ମ ହୋଇଥିଲେ । ତୁମର କୃଷ୍ଣ ମେଣ୍ଢାଶାଳରେ । ଆମ କୃଷ୍ଣ ରାତିରେ । ତୁମ କୃଷ୍ଣ ମଧ ରାତିରେ । ଦୈବବାଣୀ ହୋଇଥିଲା, ତୁମ କୃଷ୍ଣ ମେଣ୍ଢାଶାଳରେ ଜନ୍ମିଛନ୍ତି । ଆମର ବି ଦୈବିବାଣୀ ହେଲା, ମୋତେ ଗୋପପୁରେ ଛାଡ଼ିଆସ । ଯୋଉ ଲୋକମାନେ ତୁମର କୃଷ୍ଣକୁ ଦେଖିବାକୁ ମେଣ୍ଢାଶାଳକୁ ଆସୁଥିଲେ, ଗୋଟଏ ତରା ତାଙ୍କୁ ବାଟ ଦେଖାଉଥିଲା, ଆଉ ଆମକୃଷ୍ଣଙ୍କୁ ବାସୁକୀ ନାଗ । ସାତଫଣା ତାର । ତାର ବିଷଜ୍ୱାଳାରେ ପୃଥିବୀଟା ଧ୍ୱଂସ ହେଇଯିବ । ଆଉ ଶେଷରେ ଜରା ଶବର ଆମ କୃଷ୍ଣଙ୍କୁ ମାରିଥିଲା, ତୁମ କୃଷ୍ଣଙ୍କୁ ଏଇ ଲୋକଗୁଡ଼ାକ ମାରିଥିଲେ ।

ଫାଦର - (ହସିଲେ)

ମେରୀ - ହସିଲେ ଫାଦର ।

ଜୋସେଫ - ଆରେ ଶୁଣିଲତ, ସୁନ୍ଦର କାହାଣୀଟିଏ । ଦୁଇ ଧର୍ମ୍ମ ମଧରେ ସାମଞ୍ଜସ୍ୟ । ପ୍ରଭୁଙ୍କ ମଧରେ ସାମଞ୍ଜସ୍ୟର ଉପମା ବଡ଼ ଚମତକାର । ଏ ଭଦ୍ରଲୋକ କିଏ ?

ମୁକୁନ୍ଦ - ମୁଁ ଆଜ୍ଞା, ମୁକୁନ୍ଦ ମିଶ୍ର । ରଜାଙ୍କର ରାଜଗୁରୁ । ଆଉ ମା' ଫାଦର ।

ମେରୀ - ପ୍ରିଷ୍ଟ ।

ମୁକୁନ୍ଦ - ପ୍ରିଷ୍ଟ ? ବାବୁ ଲଗେଇଛନ୍ତି ଗୋଟାଏ ବଡ଼ ଫିଷ୍ଟ ଦେବେ । ଫାଦରଆପଣ କୁହନ୍ତୁ । ଆମର ଏଠି କିଏ ଅଛି । ଆମେ କାହିଁକି ଫିଷ୍ଟଦେବା । ଝିଅ ଘର ଫିଷ୍ଟ ଦବା କଥା । ଆପଣ ଦେବେ ନା

Digitized by srujanika@gmail.com

ଫାଦର । ଆମେ ଫିଷ୍ଟ ଦବୁନି । ସେଇଠି ଆମ ଗାଁରେ ଫିଷ୍ଟ ହବ । ବଡ଼ ଫିଷ୍ଟ ଆଜ୍ଞା । ଗାଁ ଯାକ କଥା ଛାଡ଼, ଚକଡ଼ା ଲୋକେ ଭୋଜି ଖାଇବେ । ପଚାଶ ମହଣ ମାଛ ଆସିବ । ଆଉ ବୋଦା, କେତେ ଯେ ପଡ଼ିବ, ତାର ଠିକଣା ନାହିଁ । ଫାଦର ଆପଣ ଯଦି ଆମ ଫିଷ୍ଟକୁ ଆସନ୍ତେ, ଦେଖନ୍ତେ ରଜାଘର ଫିଷ୍ଟ କେତେ ବଢ଼ିଆ । ଆପଣ ଆସିବେ ନା ଫାଦର ? ଆପଣ ଫାଦର ଯେତେବେଳେ, ନ ଆସିବେ କିମିତି ? ଫିଷ୍ଟକୁ ନ ଆସିଲେ ଝିଅକୁ ତ ଦେଖିବାକୁ ଆସିବେ ?

ଜୋସେଫ - ମା' ମେରୀ ଲୋକଟା ଭାରୀ ସରଳ ।

ମେରୀ - No.

ମୁକୁନ୍ଦ - Yes ମୁଁ ସରଳ ଲୋକ ନୁହେଁ ମା ?

ମେରୀ - A stupid

ମୁକୁନ୍ଦ - ଭେରୀ ଗୁଡ଼ । ମୁଁ ଜାଣେ ବର୍ତ୍ତମାନ ଆପଣ, ମୋର ପ୍ରଶଂସା କରି ଭଲ ବିଶେଷଣ ଶବ୍ଦଟିଏ ଲଗେଇଲେ । ମା' ଆପଣ ଯାହା କୁହନ୍ତୁ, ମୋତେ ଫୁଲ ବୋଲି କହିବେନି । ମୁଁ ଜାଣିଛି - ଫୁଲର ଅର୍ଥ ନିର୍ବୋଧ ।

ମେରୀ - (ହସିଲା)

ମୁକୁନ୍ଦ - କଥା ତ ମୁଁ ବୁଝିପାରୁନି । ଫାଦର ହସୁଛନ୍ତି, ମଦର ହସୁଛନ୍ତି ।

ମେରୀ - (ରାଗି) କିଏ ମଦର ?

ମୁକୁନ୍ଦ - ଆପଣ ମଦର ନୁହନ୍ତି । ଆପଣ ପରା ମା । ଫାଦର ମୁଁ ଅଂଗ୍ରେଜୀ ଜାଣିଛି । ଆମ ଗାଁରେ ଜଣେ ଇଂଗ୍ରେଜୀ ପାଠ ପଢ଼ିଥିଲେ । ସେତେବେଳେ କୁଆଡ଼େ ବଡ଼ ଅଫିସର । ତାଙ୍କ ପାଖରେ ମୁଁ କିଛିଦିନ ଥିଲି । ଆମର ଲୋକଗୁଡ଼ାକ ଫୁଲ । ମାନେ ନିର୍ବୋଧ । ସେ ସବୁବେଳେ ଫୁଲ, ଫୁଲ କହନ୍ତି । ମୁଁ ପଚାରିଲି ଭାଇନା ଏ ଫୁଲର ଅର୍ଥ କ'ଣ ? ସେ କହିଥିଲେ ନିର୍ବୋଧ । ଫାଦର ଅର୍ଥ ବାପା ଜାଣିଲି, ମଦର ଅର୍ଥ ମା' ଜାଣିଲି । ବ୍ରଦର ଅର୍ଥ ଭାଇ, Yes ହଁ, No ନା, ଗୁଡ଼ ଭଲ, ଭେରୀଗୁଡ଼ ଭାରୀ ଭଲ । ଆଉ ଫୁଲ୍ ମାନେ ବୋକା ।

Digitized by srujanika@gmail.com

ମେରୀ - ତୁମେ ବଜାରକୁ ଯାଅ । ଏଠି ଠିଆ ହୋଇ, ଏଣୁତେଣୁ ବାଜେ ଗପୁଛ କାହିଁକି ?

ମୁକୁନ୍ଦ - ଦେଖ ହେ, ମୁଁ ଗପୁଛି । ବାବୁ ତେଣେ ମହାବ୍ୟସ୍ତ । ଆପଣ କାଲି ତାଙ୍କୁ ନ କହି ଚାଲିଆସିଲେ କାହିଁକି ? ଏଇଟା କ'ଣ ଠିକ୍ କଲେ ଏବେ ଯାନ୍ତୁ । ଫାଦରଙ୍କୁ ନେଇ ଘରକୁ ଯାନ୍ତୁ । ତାଲିକାଟା ଆଣି ଦିଅନ୍ତୁ । ବାବୁ ଆପଣଙ୍କୁ ସାଙ୍ଗରେ ଧରି ବଜାରକୁ ଯିବେ । ଆଉଡ଼େରି କରନ୍ତୁ ନାହିଁ । ମୁଁ ଗଲି । ମା' ବାବୁଙ୍କୁ କହିବେ, ମୋର ଆସିବାକୁ ଟିକିଏ ଡ଼େରି ହବ ।

ମେରୀ - ହଉ, ତୁମେ ଯାଅ ।

(ମୁକୁନ୍ଦ ଚାଲିଗଲା)

ଫାଦର, ଆପଣଙ୍କୁ ଅଯଥା କଷ୍ଟ ଦେଲି । ଏ ଲୋକଟା ଗୋଟାଏ Nonsence ।

ଫାଦର - ଏଇମାନଙ୍କୁ ନେଇ ତୁମେ ଚଳିବ ମେରୀ । କିମିତି ଯେ ଚଳିବ, ତାହାହିଁ ମୋତେ ଆଶ୍ଚର୍ଯ୍ୟ ଲାଗେ ।

ମେରୀ - You bless me father. Everything shall be set right.

ଫାଦର - Wish you best of luck.

- ଅନ୍ଧାର -

- ଦ୍ୱିତୀୟ ଦୃଶ୍ୟ -

(ବରଜୁ ପାଦରେ ଅଳତା, ସୁନ୍ଦାପାଲି, ବଡ଼ ତରବର ହୋଇ ଯାଉଥିଲା । ହରେକୃଷ୍ଣ ଆଗରୁ ଆସି ଧକ୍କା ଲଗେଇ ଦେଇଛି ।)

ବରଜୁ - କିମିତିକା ଅଣ୍ଡିରା ଏ । ତିରିଲା ତତେ ଦେଖାଯାଉ ନାହାନ୍ତି କିରେ । ଆଖି କ'ଣ ଫୁଟିଗଲାଣି ।

ହରେକୃଷ୍ଣ - କିରେ ବରଜୁ । ମୁଁ ତରବର ହେଇ ଯାଉଥିଲିରେ, ତୁ ବୋଲି ଜାଣିନି ।

ବରଜୁ - ହଇରେ କୃଷିଆଇଁ, ତୁ ଏ ନିଉଛୁଣା ବୁଦ୍ଧି ଛାଡ଼େ । ଏଣେ ମୋ ଅପା ସାଙ୍ଗେ ଟୁପୁର ଟାପୁର, ତେଣେ ଗେଲିଝିଅ ସଂଗେ ପୁଣି ଭାବ ଲଗେଇଲୁଣି ।

Digitized by srujanika@gmail.com

ହରେକୃଷ୍ଣ - ଛି, ଏମିତି ଗୁଡ଼ାଏ ତୁ କ'ଣ କହୁଛୁ ? ହଁ, କ'ଣ ହେଲା ?

ବରଜୁ - ହବ ଆଉ କ'ଣ, ଏ କଥା ଅପା ଶୁଣି ତ ଖପ୍ପା । ମୋତେ କହିଲା...

ହରେକୃଷ୍ଣ - ତୋ ଅପା ତୋତେ କହିଲା, କ'ଣ କହିଲା କହିଲୁ ?

ବରଜୁ - ଏବେ ନୁହେଁ, ଆଜି କେତେ କାମ । ତେଣେ ବୋହୂ ଆସିବ । ସାନବାବୁର ମାଇପ । ସାହେବି ମାଇପ । ଶାଢ଼ୀ ପିନ୍ଧିବେନି । ଜାମା ପିନ୍ଧି, ଉଚ୍ଚା ଯୋତା ପିନ୍ଧି, ହଂସ ଚାଲିପରି, ପିଚା ହଲେଇ, ହଲେଇ ଆସିବେ । କି ଯୁଗ ହେଲାରେ କୃଷିଆଁଇ । ଯାହାହେଉ ବୁଢ଼ା, ବୁଢ଼ୀ ରାଜି ହେଇଗଲେ । ନଇଲେ ଅବସ୍ଥା କ'ଣ ହେଇଥାନ୍ତା କିଏ କହିବ ? ସାନବାବୁ କହିଲା ବଇଷମ ହେଇଯିବ । ବୁଢ଼ୀ କାନ୍ଦି ତଳେ ପଡ଼ିଗଲା । ଦୀନା ବଇଷମ ଯଦି ହବ, ମୁଁ ଘର ଛାଡ଼ି ଚାଲିଯିବି ।

ହରେକୃଷ୍ଣ - ତୁ କ'ଣ ଅଳିତା ନାଇଛୁ । ତୋ ବାହାଘର ପରି ଲାଗୁଛି ।

ବରଜୁ - ହଇରେ ମୋର ବାହାଘର କ'ଣ ହବନି ?

ହରେକୃଷ୍ଣ - ତୁ ତୋ ମାଇପକୁ କ'ଣ ଡ଼ାକିବୁ କହିଲୁ ? ନାନି ନା ଅପା ?

ବରଜୁ - ଦେଖ, କିମିତି ଛୋପରା ହଉଛି । ହଇରେ ମୁଁ କ'ଣ ଡ଼ାକିବି ସେତେବେଳେ ଶୁଣିବୁନି । କାଲା ହେଇଯାଇଥିବୁ ନା ଅନ୍ଧ ହୋଇ ଯାଇଥିବୁ । ସବୁ ଦେଖିବୁ ।

ହରେକୃଷ୍ଣ - ଆଲୋ ରଜାଘରେ କ'ଣ ସବୁ ହଉଚି ?

ବରଜୁ - ଖଜା । ରଜାଘରେ କ'ଣ ହୁଅନ୍ତା ? ଅମାଲୁ, କାକରା, ରସଗୋଲା, ବୁନ୍ଦି, ସନ୍ଦେଶ, ଛେନାପୋଡ଼, ଜିଲାବି, ଏଇମିତି ୧୬ ପ୍ରକାର ମିଠା । ଖଟା ୫ ପ୍ରକାର । ଦରକାରୀ ଦଶପ୍ରକାର । ଫୁଲକୋବି, ବନ୍ଧାକୋବି, ଆଳୁପୋଟଳ, ଛେନାପୋଟଳ, ଛେନା ଆଳୁବିନସ୍‌, ମହୁର, ବେସର, ଖିଲିସା, ଆଦି ଆଉ ୪ ପ୍ରକାର । ମାଂସ ପଲଉ, ତରକାରୀ, କଲିଜା ଭଜା, କଟଲେଟ ସେ ସବୁ ନାଁ କ'ଣ ମୋର ମନେ ପଡୁଛି କିରେ । ଖାଇବାକୁ ଆସିବୁନି କି ? ହଁ ତୋ ବୋଉକୁ ଆଣିଥିବୁ । ହଁ, ଆଉ ଗୋଟିଏ କଥା...

ହରେକୃଷ୍ଣ - କିରେ କହୁନୁ,

ବରଜୁ - ନା, ମୁଁ କହିବିନି, ମୋତେ ରାଣ ପକାଇ ମଧୁମାଇପ କହିଛି ।

Digitized by srujanika@gmail.com

ହରେକୃଷ୍ଣ - ମୁଁ ତୋ ରାଣ ପକାଇ କହୁଛି, କଥାଟା ମୁଁ କାହା ଆଗରେ କହିବିନି ।

ବରଜୁ - ଆରେ ତୁମକୁ କି ବିଶ୍ୱାସ । ଗଞ୍ଜେଇ ଟାଣିଦବୁ । ଗଞ୍ଜେଇ ଭୋଳରେ ସବୁ କହି ବସିବୁ ।

ହରେକୃଷ୍ଣ - ସତ କହୁଛି କହ । କହ, କ'ଣ ତୋର ଅପା କହିଛି ।

ବରଜୁ - ଅପା କହିଛି, ସେ ରଇଙ୍କଲା କୁଣିଆଁକୁ ମୁଁ ବାହା ହେବିନି ।

ହରେକୃଷ୍ଣ - ବରଜୁ, ମୋ ସୁନାଭାଇଟା ପରା ।

ବରଜୁ - କିରେ, ମୁଁ ଭାଇ କାହିଁକି ହେବି ?

ହରେକୃଷ୍ଣ - ନେ ପାଞ୍ଚଟଙ୍କା ରଖ ।

ବରଜୁ - କ'ଣ ଏଇଟା ପାନଗୁଆ ଖର୍ଚ୍ଚ ଦଉଛୁ । ମିଠାଇ ଖର୍ଚ୍ଚ ଦଉଚୁ ।

ହରେକୃଷ୍ଣ - ନାଇଁରେ ମୋ ପାଖରେ ଫଟାକଉଡ଼ିଟାଏ ନାହିଁ ।

ବରଜୁ - ଆରେ ପୀରତି କଲେ, ପଇସା ସାରିବାକୁ ହୁଏ । କାହିଁ ଅପା କହୁଥିଲା ତୁ ସ୍ନୋ, ପାଉଡ଼ର ଦେଇନୁ ।

ହରେକୃଷ୍ଣ - (ହସିଲା) ଏଇଥିପାଇଁ ତୋ ଅପା ରାଗିଛି କିଲୋ ?

ବରଜୁ - ଆରେ ମାଇପିଙ୍କର କ'ଣ ଲୋଡ଼ା ? ସ୍ନୋ ଟିକିଏ, ପାଉଡ଼ର ଟିକିଏ, ବ୍ଲାଉଜ୍ ଖଣ୍ଡେ, ଆଖିକି କଜ୍ଜଳ, ଏତକ ତାଙ୍କୁ ଦେଇଦଉଥିଲେ ତାଙ୍କ ମନ ଶରଧା ।

ହରେକୃଷ୍ଣ - କ'ଣ କହିବୁ ବୋଲି କହୁଥିଲୁ, କହିଲୁନି ?

ବରଜୁ - ଦେଖହେ, କୋଉ କଥା ନେଇ କୋଉଠି ଉଠିଲାଣି । ଆରେ ଚୋର ଧରା ପଡ଼ିଛି । ପୋଲିସ ଧରିଛି । ସେ ଚୋର କିଏ ଜାଣୁ ହରିଦାଶ ।

ହରେକୃଷ୍ଣ - ତୁ କୋଉଠୁଁ ଶୁଣିଲୁ ?

ବରଜୁ - ପଡ଼ିଶା ଘର ମଧୁମାଇପ କହିଲା, ରାତିରେ ତାଙ୍କ ଘରେ କାନ୍ଦ ବୋବାଳି ପଡ଼ିଥିଲା । ପୋଲିସ ହରିଦାଶକୁ ନେଇ ପିଟିଲା, ଏମିତି ପିଟିଲା ଯେ ଚେତା ବୁଡ଼ି ଯାଇଥାନ୍ତା । ଆଣ୍ଠୁଆ ଲୋକଟା ତ ? ଦେହରେ ବିଜୁଳି ତାର ମାଡ଼ିଲେ । ଭୟରେ କହିଦେଲା । ଏପର୍ଯ୍ୟନ୍ତ ପୋଲିସ କ'ଣ ତାକୁ ଛାଡ଼ିଲେଣି । ରଜାମଠ କୁଅ ଓଝଳା ହଉଚି । ସେଇଠି ସୁନାକିରିଟୀ ପକେଇଛି । ନଖଦର୍ପଣରେ ସବୁ ଜଣାପଡ଼ିଯାଇଥାନ୍ତା । ରଜାବୁଢ଼ା ମୋତେ କିଛି କହିଲାନି ।

ହରେକୃଷ୍ଣ - ହଉ, ମୁଁ ଯାଉଛି ରଜା ମଠକୁଅ ପାଖକୁ ।

Digitized by srujanika@gmail.com

ବରଜୁ - ଯାଉନ୍ତୁ, ହଜାର, ହଜାର ଲୋକ ଜମା ହେଇଛନ୍ତି । ମୁଁ ଦେଖିଲି ଲୋକଟା ପୋଲିସବାବୁରେ ସାରନା ।
(ହରିକୃଷ୍ଣ ଦଉଡ଼ି ଚାଲିଗଲା)

ବରଜୁ - ମନ ହଉଚି କୁଅମୂଳକୁ ଯିବାକୁ । କିମିତି ଯିବି । ବୋହୂ ଆସିଯିବ । ହୁଳହୁଳି ପକାଇବାକୁ ମାଇପି କ'ଣ ମିଳୁଛନ୍ତି, ନା ଏ ମାଇଁପିଏ ହୁଳହୁଳି ପକାଇ ପାରୁଛନ୍ତି ।
(ଏଇ ସମୟରେ ପ୍ରବେଶ କରିଛି ବିମଳ)

ବିମଳ - କିରେ ବରଜୁ, ତୁ ଏଠି କ'ଣ ଗପ ଲଗେଇଛୁ । ଏ କୁଷିଆଁ ସାଙ୍ଗରେ କି ଦୁଃଖ, ସୁଖ ହଉଥିଲୁ । ହଇରେ ରାଣୀମାଁଙ୍କୁ ସାହାଯ୍ୟ କରିବାକୁ କିଏ ବା ଅଛି ।

ବରଜୁ - ମଲା, ମୁଁ କ'ଣ ଖାଲି ଅଛି, ସବୁ କାମ କରିବି। ହଇଏ ବିମଳ ଭାଇନା, କୁଅ ଓଝଳା ସରିଲା, ସୁନା କିରିଟୀ ମିଳିଲା ।

ବିମଳ - କିରେ ମିଳିବନି କାହିଁକି ? ଗୋପୀନାଥ ପ୍ରତ୍ୟକ୍ଷ ଦେବତାଟି । ଦେଖେଇ ଦେଲେ । ଶଳା ମୁକୁନ୍ଦ ମିଶ୍ରର ଏଥିରେ ହାତ ଅଛି । ହରିଦାଶ, ପୋଲିସ ଆଗରେ କହିଲା । ରୂପା କିରିଟୀ ମଧ ସେ ଦୁହେଁ ଚୋରୀ କରିଛନ୍ତି । ଦେଖାଯାଉ, ବୁଢ଼ା କ'ଣ କରୁଛନ୍ତି ?

ବରଜୁ - ହଁ କହିବେ, ଛାଡ଼, ମାଲ ତ ମିଳିଲା । ଆଉ ଝମେଲା କାହିଁକି ? ଭାଇନା, ଭୋଜି ଖାଇବାକୁ ଗାଁଲୋକେ ଆସିବେ ତ ?

ବିମଳ - କିରେ କାହିଁକି ଆସିବେନି ? ଖାଇବାକୁ କିଏ, କାହିଁକି ମନା କରିବରେ ?

ବରଜୁ - ହଉ, ସେ କାମ ତୁମର । ଭୋଜି କାମ ମୋର । ଆଉ ମୁକୁନ୍ଦ ମିଶ୍ରର କାମ ଭୋଜି ସରିବା ପରେ ।

ବିମଳ - ଆରେ ରଜାଘରେ କ'ଣ ସବୁ ହଉଚି ?

ବରଜୁ - କାହିଁକି ? ତୁମେ ଆସୁନ ? ସବୁ ଦେଖିବ । ରୋଷେଇଆ ସବୁ ହରିଦାଶପୁରଠୁଁ ଆସିଛନ୍ତି । ପ୍ରାୟ ଦଶହଜାର ଲୋକଙ୍କ ପାଇଁ ରନ୍ଧା ହଉଚି । ମହକରେ ମାଇଲିଏ ଦୂର ପର୍ଯ୍ୟନ୍ତ ଫାଟି ପଡୁଛି ।

ବିମଳ - ହଉ ତୁ ଚାଲେ । ମୁଁ ଆସିବି । ବୋହୂ କେତେଟାବେଳେ ଆସିବେ ?

Digitized by srujanika@gmail.com

ବରଜୁ - ରାଣୀମା କହୁଥିଲେ ଦିନ ୧୨ଟାରେ । ହଇଏ, ଭାଇନା, ଯୌତୁକ ସବୁ ଆଣିବେ ତ ? ଦିଟା ଘର ମୁଁ ସଫା କରି ରଖିଛି । ଯୌତୁକ ଜିନିଷ ସବୁ ସେଇଠି ରଖାଯିବ । ଆଉ ସାନବାବୁଙ୍କ ପାଇଁ ଯୋଉ ଘରଟା ସଜା ହୋଇଛି, କଟକି କାରିଗର ଆସି ସଜେଇଛନ୍ତି । ରଜାଘର ଆଡ୍‌ଡ଼ା ପରା । ହଉ ମୁଁ ଚାଲିଲି । (ବରଜୁ ଚାଲିଗଲା)

ବିମଳ - ପରିସ୍ଥିତି ଜଟିଳଦିଗକୁ ଗତି କରୁଛି । ହରିଦାଶର ବଡ଼ ଭାଇ ଲୋକମାନଙ୍କୁ କହୁଛି ଭୋଜି ଖାଇ ନ ଯିବା ପାଇଁ । ଏଣେ ବୁଢ଼ାରଜା ଆଶା ବାନ୍ଧିଛନ୍ତି ସମସ୍ତେ ଆସି ଖାଇବେ । ଦେଖିବା । ମୁଁ ଏମାନଙ୍କୁ ଛାଡ଼ିବିନି । (ଚାଲିଗଲା)

- ଅନ୍ଧାର -

- ତୃତୀୟ ଦୃଶ୍ୟ -

(ରାଜା କୃପାସିନ୍ଧୁ ଦେବଙ୍କ ଘର । ସାଜସଜା ଅତି ଚମତ୍କାର । ବାଜା ବାଜୁଥାଏ । ଶଙ୍ଖଧ୍ୱନି । ହୁଳହୁଳି ଧ୍ୱନିରେ ଘର ଫାଟି ପଡୁଥାଏ । ପ୍ରବେଶ କଲେ ଦୀନନାଥ ଓ ପତ୍ନୀ ମେରୀ । ମେରୀ ଆଧୁନିକା । ଠିକ୍ ସାହେବୀ ପୋଷାକ । ଭିତରୁ ମନ୍ତ୍ର ଶୁଭୁଥାଏ ।

ମଙ୍ଗଳଂ ଭଗବାନ ବିଷ୍ଣୁ, ମଙ୍ଗଳଂ ଗରୁଡ଼ଧ୍ୱଜ
ମଙ୍ଗଳଂ ପୁଣ୍ଡରିକାକ୍ଷ, ମଙ୍ଗଳଂ ମଧୁସୁଦନ ।

ମା' ସୁଲକ୍ଷଣା ବନ୍ଦାପନା କରି ନେବାକୁ ଆଗେଇ ଆସିଲେ । ପାଖରେ ଥାଏ ବରଜୁ ।)

ମେରୀ - (ଚିତ୍କାର କରି ଉଠିଲେ) ଦୀନନାଥ, Please stop all these. I hate all these your Hindu formalities.

ଦୀନନାଥ - (ଚାପା ଗଳାରେ) ମେରୀ, Don't shout. Mother is coming.

(ସୁଲକ୍ଷଣା, ଦୀପ ଓ ହଳଦିଆ ଚାଉଳ, ବରକୋଳିପତ୍ରରେ ବନ୍ଦାପନା କରିବାକୁ ଗଲାବେଳେ ମେରୀକୁ ଦେଖି ଠିଆ ହୋଇଗଲେ । ତାଙ୍କ ମନରେ ସନ୍ଦେହ ହେଲା - ବୋହୂ କାହିଁ ?)

Digitized by srujanika@gmail.com

ସୁଲକ୍ଷଣା - (ଦୀନନାଥଙ୍କୁ) ଦୀନା, ବୋହୂ କାହିଁ ?

ଦୀନନାଥ - ମା'ଙ୍କ ପାଦତଳେ ମୁଣ୍ଡିଆ ମାରିଲେ ଓ ମେରୀଙ୍କ ଉଦ୍ଦେଶ୍ୟରେ) She is my mother.

ମେରୀ - (ହାତଯୋଡ଼ି ନମସ୍କାର କଲା)

ସୁଲକ୍ଷଣା - ଦୀନା, ଦୀନାରେ, ବୋହୂ କାହିଁ ?

ଦୀନନାଥ - ମା' (ମେରୀକୁ ଦେଖାଇ) ଏପରା ତୋର ବୋହୂ ?
(ବାପାଙ୍କ ପାଖକୁ ଯାଇ ଦୀନନାଥ ପାଦଧୂଳି ନେଲେ)
(ମେରୀକୁ)

ମେରୀ - (ହାତଯୋଡ଼ି ନମସ୍କାର କଲା ।)
(ଦୁହେଁ ବାପାଙ୍କ ଡ୍ରଇଁରୁମ୍‌ରେ ବସିଲେ । ବରକୁ ବୋହୂ ପାଖରେ ମୁହଁ ରଖି ଦେଖୁଥିଲା ।)
ଯାଅ, କ'ଣ ଦେଖୁଛ ? ଅଭଦ୍ର, କେଉଁଠିକାର । (ବରକୁ ଘୁଞ୍ଚିଯାଇ, ମୁହଁ ଶୁଖାଇ ଠିଆ ହେଲା ।)

କୃପାସିନ୍ଧୁ - ଆରେ ଦୀନା, ବୋହୂ ଘର ଲୋକମାନେ କୁଆଡ଼େ ଗଲେ ?

ଦୀନନାଥ - ତାଙ୍କର କେହି ଆସି ନାହାନ୍ତି ବାପା ।

କୃପାସିନ୍ଧୁ - ଆସିଲେନି । କାହିଁକି ଆସିଲେନି ? ଭାଇ ତ ସାଙ୍ଗରେ ଆସିବାର କଥା ।

ଦୀନନାଥ - ବାବା, ସେମାନେ ସବୁ ପରେ ଆସିବେ ।

କୃପାସିନ୍ଧୁ - ସୁଲକ୍ଷଣା, ନିଅ ବୋହୂଙ୍କୁ ଘରକୁ ନେଇଯାଅ ।

ସୁଲକ୍ଷଣା - ଆ, ଘରକୁ ଆ ।
(ସୁଲକ୍ଷଣା ଆଗରେ ପଛରେ ଦୀନନାଥ ଓ ମେରୀ । କିଛି ସମୟ ପରେ ବରକୁ କ'ଣ ଭାବିଲା । ପଛରେ ଘର ଭିତରକୁ ଗଲା । ଚିନ୍ତାମଗ୍ନ ହୋଇ ପଡ଼ିଲେ କୃପାସିନ୍ଧୁ । ଏକ କରୁଣ ମୂର୍ଚ୍ଛନା ପରିସ୍ଥିତିକୁ ଖାପଖୁଆଇ ଭାସି ଆସିଲା । ପ୍ରବେଶ କଲେ ଇନ୍‌ସପେକ୍ଟର ।)

ଇନ୍‌ସପେକ୍ଟର - ସାର୍, ସୁନା କିରିଟୀ ମିଳିଲା । ଏଇ ନିଅନ୍ତୁ ।

କୃପାସିନ୍ଧୁ - ଧନ୍ୟବାଦ ।

ଇନ୍‌ସପେକ୍ଟର - ଆପଣ କିରିଟ ଫେରି ପାଇଲେ, ଗୋଟାଏ ଲେଖି ଦିଅନ୍ତୁ ।

Digitized by srujanika@gmail.com

କୃପାସିନ୍ଧୁ - (ଇନ୍ସପେକ୍ଟର କାଗଜ ଦେଲେ, ତା ଦେହରେ ଲେଖିଦେଲେ)

ଇନ୍ସପେକ୍ଟର - ସାର୍, ଆଉ ଗୋଟିଏ କଥା । ଆପଣଙ୍କର ପୂଜାରୀକୁ ଜେଲ ହାଜତକୁ ପଠାଇଦେଇଛି । ବିଚାର ସରିଲେ ଯାଇ ଅନ୍ୟକଥା ।

କୃପାସିନ୍ଧୁ - ତାକୁ ଜାମିନ ମିଳିବନି ଇନ୍ସପେକ୍ଟର ବାବୁ ?

ଇନ୍ସପେକ୍ଟର - ଆପଣ କ'ଣ ଏଭଳି ଗୋଟିଏ ବଦମାସର ଜାମିନ ଚାହାନ୍ତି ?

କୃପାସିନ୍ଧୁ - ଦେଖନ୍ତୁ ଇନ୍ସପେକ୍ଟରବାବୁ । କିରୀଟ ମୋର ନୁହେଁ । ତାକୁ ମୋର ଗୋସାଇଁବାପା ତିଆରି କରିଥିଲେ । ଯାହାର କିରୀଟି ସେ ଫେରି ପାଇଲେ । ବିଚରା ଭାରୀ ଗରିବ । ଘରେ ୩ଟି ସାନପିଲା । ତାକୁ ଯଦି ଆପଣରଖିଦେବେ ତା'ହେଲେ ସେ ବଞ୍ଚିବ କେମିତି ? ଆମେ ମନୁଷ୍ୟ । ଭଗବାନ ଆମକୁ ବିଦ୍ୟା, ବୁଦ୍ଧି, ମନବିକସଦ୍‌ଗୁଣ ସବୁ ଦେଇଛନ୍ତି । ହରି ଦାଶଙ୍କ ପାଇଁ ମୁଁ ଦୁଃଖିତ । ସେ ଅଭାବରେ ପଡ଼ି, ଏଭଳି କାମ କରିଥାଇ ପାରନ୍ତି । ସେ ତ ମୋତେ ଟଙ୍କା ମାଗିଲେନି । ଝିଅର ବାହାଘର କରିବେ ଶୁଣିଲି । ମୁଁ ତାଙ୍କର ଖର୍ଚ୍ଚ ବହନ କରିଥାନ୍ତି । ତାଙ୍କର ବାପ, ଗୋସେଇଁବାପା ତିନିପୁରୁଷଧରି ଗୋପୀନାଥଙ୍କର ପୂଜା, ଅର୍ଚ୍ଚନା କରି ଆସୁଛନ୍ତି । ମୋର ଅନୁରୋଧ, ତାକୁ ଆପଣ ଛାଡ଼ିଦିଅନ୍ତୁ ।

ଇନ୍ସପେକ୍ଟର - ଆପଣଙ୍କୁ ମୁଁ ବା କି ପରାମର୍ଶ ଦେବି । ଆପଣଙ୍କ ହୃଦୟ ଅତି ବିଶାଳ । ସେ ତୁଳନାରେ ମୁଁ ଅତି ତୁଚ୍ଛ । ହରିଦାଶଙ୍କ ବୟାନ ଅନୁସାରେ ସେ ମୁକୁନ୍ଦ ମିଶ୍ରଙ୍କ ପ୍ରରୋଚନାରେ, ଏଭଳି ଦୁଷ୍କର୍ମ କରିଥିଲେ ।

କୃପାସିନ୍ଧୁ - ଆପଣ କ'ଣ ଚାହାନ୍ତି ?

ଇନ୍ସପେକ୍ଟର - ତାଙ୍କୁ ମୁଁ ଆରେଷ୍ଟ କରିବାକୁ ଚାହେଁ ।

କୃପାସିନ୍ଧୁ - କାହିଁକି ? ହରିଦାଶଙ୍କର ବୟାନ ମିଥ୍ୟା ମଧ୍ୟ ହୋଇପାରେ । କୌଣସି ଶଙ୍କାର ଆଶଙ୍କା କରି, ସେ ଏଭଳି ମିଥ୍ୟା ରିପୋର୍ଟ ଦେଇପାରିଥାଆନ୍ତି । ଇନ୍ସପେକ୍ଟର ବାବୁ । ଆପଣ ଯୁବକ । ମୋର ପୁତ୍ର ପ୍ରତିମ । ତାଙ୍କୁ ଛାଡ଼ି ଦିଅନ୍ତୁ ।

ଇନ୍ସପେକ୍ଟର - ଠିକ୍ ଅଛି ସାର୍ । ଆପଣଙ୍କୁ ସମ୍ମାନ ଦେବାପାଇଁ ମୁଁ ତାଙ୍କୁ ଛାଡ଼ି ଦଉଛି । ତାଙ୍କ ଉପରେ ପୋଲିସର ସତର୍କ ଦୃଷ୍ଟି ରହିବ । ତା'ହେଲେ ମୁଁ ଆସୁଛି ସାର୍ । ନମସ୍କାର । (ଚାଲିଯାଉଥିଲେ)

Digitized by srujanika@gmail.com

କୃପାସିନ୍ଧୁ - ଇନ୍ସପେକ୍ଟର ବାବୁ, ଭୁଲିଯାଇଥିଲି । ଆପଣ ନଖାଇ ଚାଲିଯିବେ କିପରି ?

ଇନ୍ସପେକ୍ଟର - ସାର୍‌, ମୋର ବହୁତ କାମ । ଆଉଦିନେ ଆସିବି ।

କୃପାସିନ୍ଧୁ - ଚିନ୍ତାମଗ୍ନ ହୋଇ ପଡ଼ିଲେ ।
(ପ୍ରଚ୍ଛଦପଟରୁ ଭାସି ଆସୁଥିଲା ଏକ ଦୁଃଖଦ ସଂଗୀତ । ସଂଗୀତଟି ଥିଲା ଏକ ଭିଖାରୀ କଣ୍ଠରୁ । ବରଜୁ ଆସିଛି ।)

ବରଜୁ - ସାଆନ୍ତେ

କୃପାସିନ୍ଧୁ - (ନୀରବ)

ବରଜୁ - ସାଆନ୍ତେ,

କୃପାସିନ୍ଧୁ - ମୋତେ ଡାକୁଛୁ ?

ବରଜୁ - ଦି ଘଡ଼ି ହେଲା ରନ୍ଧାବଢ଼ା ସରିଲାଣି । କେହି ତ ଜଣେ ହେଲେ ଖାଇବାକୁ ଆସିଲେନି । ମୁକୁନ୍ଦ ମିଶ୍ର ଘରେ ଅଛନ୍ତି । ଖବର ଗଲାଣି । ସେ ଏ ଯାଏଁ ଆସିନାହାନ୍ତି ।

କୃପାସିନ୍ଧୁ - ସେ ଆସିବେ । ନିଶ୍ଚୟ ଆସିବେ ।
(ପ୍ରବେଶ କରିଛି ବିମଳ ନନ୍ଦ ।)

ବିମଳ - ଗାଁରୁ ଜଣେ ହେଲେ ଖାଇବାକୁ ଆସିବେନି । ଏପରିକି ଚମାରସାହି ଯାଇଥିଲି, ସେ ଲୋକମାନେ ମନାକଲେ ।

କୃପାସିନ୍ଧୁ - ଅନ୍ୟ ଗାଁର ଲୋକେ ?

ବିମଳ - ଯେଉଁମାନେ ଆସୁଥିଲେ, ବାଟରେ ମୁକୁନ୍ଦ ମିଶ୍ର, ହରିଦାଶର ବଡ଼ଭାଇ ମନା କରି ପଠାଇ ଦେଉଛନ୍ତି । ରଜାଘର ଜାତି ନାହିଁ । ସେମାନେ ଖ୍ରୀଷ୍ଟାନ ହେଇଗଲେଣି, ସେ କଥା ହିଁ ସେମାନେ ବୁଝାଉଛନ୍ତି ।

କୃପାସିନ୍ଧୁ - ମୁକୁନ୍ଦ ମିଶ୍ର ?

ବିମଳ - ହଁ, ଆଜ୍ଞା । ମୋତେ ବିଶ୍ୱାସ କରନ୍ତୁ, ମୁଁ ବର୍ତ୍ତମାନ ଶୁଣିକରି ଆସିଲି ।

କୃପାସିନ୍ଧୁ - ତା'ହେଲେ କ'ଣ କରାଯିବ । ଏତେ ଖାଦ୍ୟ, ପଦାର୍ଥ, ତାକୁ କ'ଣ ନଷ୍ଟ କରିଦେବା । ମୁଁ ଜାଣିଥିଲି, ଏ ରକ୍ଷଣଶୀଳ ଲୋକେ, ନିଶ୍ଚୟ ବିରୋଧ କରିବେ । ସେଥିପାଇଁ ମୁଁ ମନା କରୁଥିଲି । ତୁମେ କେହି

Digitized by srujanika@gmail.com

ମୋ କଥା ଶୁଣିଲ ନାହିଁ । (ଏଇ ସମୟରେ ମୁକୁନ୍ଦ ମିଶ୍ର ଆସି ପହଞ୍ଚିଛନ୍ତି ।)ନମସ୍କାର ମିଶ୍ରେ ।

ମୁକୁନ୍ଦ - (ଆଶୀର୍ବାଦ କଲେ) ଆଜ୍ଞା, ଆପଣଙ୍କ ଯୋଗୁଁ ବଞ୍ଚିଗଲି । ଆପଣ ଇନ୍ସପେକ୍ଟରକୁ ମନା କରିବାରୁ, ସେ ଘରଠାକୁଆସି, ମୋତେ ଧମକ ଦେଇ ଚାଲିଗଲେ । ମୋର ପିଲାମାନେ ଭାସିଯାଇ ଥାଆନ୍ତେ ଆଜ୍ଞା ।

କୃପାସିନ୍ଧୁ - ସବୁ ସେଇ ରାଧାମାଧବଙ୍କର ଇଚ୍ଛା ।

ବିମଳ - ଭାଇନା, ତୁମେ ସେ ଲୋକମାନଙ୍କୁ ଭୋଜି ଖାଇବାକୁ ଆସିବାକୁ ମନା କଲ କାହିଁକି ?

କୃପାସିନ୍ଧୁ - ବିମଳ, ଆଜି ମୋ ପାଇଁ ଗୋଟିଏ ଆନନ୍ଦର ଦିନ । ଆଜିର ଦିନରେ ଅନ୍ୟ ମନରେ କଷ୍ଟଦେବାକୁ ମୁଁ ଚାହେଁନା । ଯେତେବେଳେ ହରିଜନ ସଂପ୍ରଦାୟର ଲୋକେ ମୋ ଘରେ ଖାଇବାକୁ ନାରାଜ, ଉଚ୍ଚ ଶ୍ରେଣୀର ସବର୍ଣ୍ଣମାନେ ଖାଇବା ତ ମୋତେ ଉଚିତ ନୁହେଁ । ମୁଁ ମୁକୁନ୍ଦ ମିଶ୍ରଙ୍କୁ ଖାଇବାକୁ କହିବି କିପରି ? ଆଉତୁମେ, ଉଚ୍ଚ ବଂଶୀୟ ସାମନ୍ତ ବ୍ରାହ୍ମଣ ।

ବିମଳ - ମୁଁ , ମୋ କଥା କହୁଛନ୍ତି । ମୁଁ ଖାଇବି ଆଜ୍ଞା । ମୋର ସମସ୍ତ ବଂଧୁ ଆସି ଖାଇବେ । ମୁଁ ଯାଇ ଚମାର ସାହିରେ କହି ଆସିଛି, ସେମାନେ ଆସିବାକୁ ରାଜି ହୋଇଛନ୍ତି, ତେବେ ମୁକୁନ୍ଦ ଭାଇନା, ବିଶି ଦାଶଙ୍କ ଯୋଗୁଁ ୫ ହଜାର ଲୋକଙ୍କ ଆହାର ନଷ୍ଟ ହେବ । ହଉ, ଦୁଃଖ ନାହିଁ । ମୁଁ ଯାଉଛି, ସେମାନଙ୍କୁ ଡ଼ାକି ଆଣିବି । (କହି ଚାଲିଗଲା)

କୃପାସିନ୍ଧୁ - ମିଶ୍ରେ, ତୁମେ ବି ଯାଅ । ତୁମେ ତ ମୋ ଘରେ ଖାଇବ ନାହିଁ ।

ମୁକୁନ୍ଦ - କି କଥା କହୁଛନ୍ତି ଆଜ୍ଞା, ମୁଁ ନ ଖାଇବି କାହିଁକି ? କ'ଣ ଗୋଟାଏ ପ୍ରଳୟ ହୋଇଗଲା କି ? ଏ ଛତରା କଥା କାହିଁକି ଶୁଣୁଛନ୍ତି । ବିଶିଦାଶ ଲୋକଙ୍କୁ ମନା କରୁଥିଲା, ମୁଁ ସେଇଠି ଠିଆ ହୋଇ, ତା'କଥା ସବୁ ଶୁଣୁଥିଲି । ଏ ଚଣ୍ଡାଳ ଭାବିଲା, ମୁଁ ସେମାନଙ୍କୁ ମନା କରୁଛି ।

କୃପାସିନ୍ଧୁ - ତା'ହେଲେ ପିଲାମାନଙ୍କୁ ନେଇ ଶୀଘ୍ର ଆସ ।

Digitized by srujanika@gmail.com

ମୁକୁନ୍ଦ - ଆଜ୍ଞା, କଥାଟିଏ କହିବି, ଆପଣ ଖରାପ ଭାବିବେନି । ଆଜି ଶୁକ୍ରବାର । ମୁଁ ସନ୍ତୋଷୀମାଁଙ୍କ ପୂଜା କରୁଛି । ୧୫ଟା ଶୁକ୍ରବାର ହେଇଗଲା । ଆଉ ଗୋଟାଏ ବାକୀ ଅଛି । ଆମେ କାହାଘରେ ଖାଇବୁନି । ଆଇଁଷ, ଖଟା ସବୁ ମିଶାମିଶି ହେଇଯାଇଥିବ । ମୋତେ କ୍ଷମା କରନ୍ତୁ ଆଜ୍ଞା ।

କୃପାସିନ୍ଧୁ - ବୁଝିଲି, କଲିକତାରେ ତୁମେ ଉପବାସ କରୁନଥିଲ । ହଉ, ଯାଅ । ପୋଲିସ ତୁମର କିଛି ଅନିଷ୍ଟ କରିବ ନାହିଁ ।

ମୁକୁନ୍ଦ - ଆଜ୍ଞା, ଖରାପ ଭାବିବେନି । ଆପଣଙ୍କର ଖାଇ ଆମେ ବଞ୍ଚିଛୁ । ଆସୁଛି ଆଜ୍ଞା । (କହି ଚାଲିଗଲେ ।)

(ପ୍ରବେଶ କଲେ ସୁଲକ୍ଷଣା)

ସୁଲକ୍ଷଣା - (ନୀରବରେ ବସିଲେ)

କୃପାସିନ୍ଧୁ - ବୋହୁଟି କିମତି ଦେଖିଲ ?

ସୁଲକ୍ଷଣା - (ନୀରବ)

କୃପାସିନ୍ଧୁ - ଏମାନେ ସବୁ ଆଧୁନିକା ।

(ବରଜୁ ପଶି ଆସିଛି ।)

ବରଜୁ - କି ଆଧୁନିକା ଆଜ୍ଞା, ପାଦରେ ଅଳତା ନାହିଁ । ମଥାରେ ସିନ୍ଦୁର ନାହିଁ । ହାତରେ କାଚ ନାହିଁ । ଶାଢ଼ୀ ପିନ୍ଧି ଜାଣେନି । ଏଇଟାର କ'ଣ ବାପା, ମା ମରିଯାଇଛନ୍ତି । ୨ କେ.ଜି. ମିଠା ଧରି ଆସି ପାରିଲାନି । ଭାଇ ବୋଧେ ତାର ନାହିଁ । କି ଝିଅ ହେଇଛି ଲୋ ମା' ଗୋଟାଏ ଅଣ୍ଡିରାଚଣ୍ଡୀ ।

କୃପାସିନ୍ଧୁ - ବରଜୁ ।

ବରଜୁ - ଆଜ୍ଞା ।

କୃପାସିନ୍ଧୁ - ଘରକୁ ଯାଅ, ବୋହୁର କଥା ବୁଝ ।

ବରଜୁ - (ମୁହଁ ମୋଡ଼ି ଚାଲିଗଲା)

ସୁଲକ୍ଷଣା - ଶୁଣିଲ ?

କୃପାସିନ୍ଧୁ - ମୋ ଶୁଣିବାରେ କ'ଣଅଛି ?

ସୁଲକ୍ଷଣା - ଏ ସବୁ କପାଳ ଲିଖନ ।

କୃପାସିନ୍ଧୁ - ତା' ତ ଜାଣିଛ, ମନ ଦୁଃଖ କରୁଛ କାହିଁକି ? ବିମଳ କହୁଥିଲା, ସେ କେତେ ଲୋକ ଆଣିବ ।

Digitized by srujanika@gmail.com

ସୁଲକ୍ଷଣା - ହଁ କେତେ ଜଣ ଖାଉଛନ୍ତି । ୪ ଶହ ସରିକି ହେବେ । ଭଲ ଘରର ତ କେହି ଜଣେ ହେଲେ ଆସିଲେନି ।
(ବରକୁ କଥାଗୁଡ଼ାକ ଶୁଣୁଥିଲା, ପଶି ଆସିଲା)

ବରକୁ - କିମତି ଆସିବେ ରାଣୀମା । ମାଇକିନିଆ ଝିଅର ଚଳଣି ଅଛି । ଗୋଟାଏ ଚଇତି ଘୋଡ଼ା । ସେ ହସୁଛି କ'ଣ ? କି ଠୋ, ଠାରେ କଥା ଫିଙ୍ଗି କହୁଛି । ଖାଲି ଅଂଗ୍ରେଜୀ ଭାଷା ଝାଡ଼ି ଦଉଚି । ସାନବାବୁ ଚୁପ୍ ହେଇ ଯାଉଛନ୍ତି । ସତେ ଯେପରି ଗୋଟାଏ ମୂଷା ।
(ଭିତରୁ ଶୁଭିଲା ବରକୁ, ବରକୁ)
ଡ଼ାକିଲାଣି, ଯାଏଁ ଠାକୁରାଣୀଙ୍କର ସେବା କରେ । (ଚାଲିଗଲା)

ସୁଲକ୍ଷଣା - ଛି, ଛି, ଏ କାନ କ'ଣ ନ ଶୁଣୁଛି । ହଇଓ, ଏ କ'ଣ ଗାଁ ବୁଲିଯିବ ବୋଲି କହୁଛି । ବରକୁ କହୁଥିଲା ସକାଳେ ବୁଲିଯିବ ।

କୃପାସିନ୍ଧୁ - ଯାଉ, ସେଥିରେ ତୁମର ଯାଏ, ଆସେ କେତେ ?

ସୁଲକ୍ଷଣା - କ'ଣ ଏମିତି କହୁଚ ମ ? ଦୀନାକୁ ଡ଼ାକି କହ । ସେ ତାକୁ ବୁଝାଇ ଦଉ । ରଜାଘର ବୋହୂ, ଦାଣ୍ଡକୁ ବାହାରିବା ମନା, ଗଲେ, ସବାରୀରେ ଯାଉ ।

କୃପାସିନ୍ଧୁ - (ହସିଲେ)

ସୁଲକ୍ଷଣା - ହସିଲ ଯେ ?

କୃପାସିନ୍ଧୁ - ବୁଝିପାରିଲନି, ସବାରୀ ଆଜିକାଲି ଉଠିଗଲାଣି ।

ସୁଲକ୍ଷଣା - ତା'ହେଲେ କ'ଣ ରାଜା କୃପାସିନ୍ଧୁଦେବଙ୍କର କୁଳବୋହୂ, ଗାଁ ଦାଣ୍ଡରେ ବୁଲିବ । ଲୋକେ କ'ଣ କହିବେ ଥରେ ଚିନ୍ତା କରୁଛ ?

କୃପାସିନ୍ଧୁ - ଲୋକେ କହିବେ । ନିଶ୍ଚୟ କହିବେ । ତା'ର ଅର୍ଥ ନୁହେଁ, ଯାହାର ଯାହା ପ୍ରକୃତି, ଯେ ଯେଉଁ ପରିବେଶ, ପରିସ୍ଥିତି ମଧ୍ୟରେ ବଢ଼ିଆସିଛି ସେ ତାକୁ ପରିବର୍ତ୍ତନ କରିଦେବ ।

ସୁଲକ୍ଷଣା - ଦୀନା ମୋର, ଯେ ଏପରି କରିବ, ତା'ତ ମୁଁ ସ୍ୱପ୍ନରେ ହେଲେ ଭାବି ନଥିଲି ।

କୃପାସିନ୍ଧୁ - ଇଏ ତ ଆରମ୍ଭ । ଶେଷ ପର୍ବକୁ ଅପେକ୍ଷା କର । ଭଗବାନ ଶ୍ରୀମଦ୍ ଭଗବତ ଗୀତାରେ କହିଛନ୍ତି । କୌଣସି ପ୍ରତି ଆସକ୍ତି ଲଭ ନାହିଁ । ପୁତ୍ର, ଭାର୍ଯ୍ୟା, ଗୃହ ଏଥିରେ ପ୍ରୀତି କରନାହିଁ । ସୁଖ, ଦୁଃଖରେ

Digitized by srujanika@gmail.com

ସଂପର୍କ ନ ରଖି ଇଷ୍ଟ ଓ ଅନିଷ୍ଟ ଲାଭରେ ସର୍ବଦା ସମାନ ଚିତ୍ତ ରଖ । ପ୍ରଭୁଙ୍କ ପ୍ରତି ଏକାନ୍ତ ଭକ୍ତି ରଖ ।

ଅସକ୍ତି ରନଭିଷ୍ୱଙ୍ଗଃ ପୁତ୍ରଦାରା ଗୃହାଦିଷୁ
ନିତ୍ୟଞ୍ଚ ସମଚିତ୍ତତ୍ୱ ମିଷ୍ଟାନିଷ୍ଟୋପ ପତ୍ତିଷୁ ॥
ମୟିଚାନନ୍ୟଯୋଗେନ ଭକ୍ତିର ବ୍ୟଭିଚାରିଣୀ
ବିବିକ୍ତ ଦେଶ ସେବିତ୍ୱ ମରତିର୍ଜ୍ଜନ ସଂସଦି ॥

ଚାଲ ରାତ୍ରି ବେଶୀ ହେଲାଣି, ବିଶ୍ରାମ କରିବା ।

(ଉଠିବାକୁ ଉଦ୍ୟତ ହେବାବେଳେ ମଞ୍ଚ ଅନ୍ଧାର ହେଲା)

(ଆଲୋକ ଜଳିଲା ବେଳକୁ ଦେଖାଗଲା, ସୋଫାସେଟ ଉପରେ ଇଂରାଜୀ ପତ୍ରିକା ଖଣ୍ଡେ ହାତରେ ଧରି, ବସିଥିଲେ ମେରୀ । ପିନ୍ଧିଥିଲେ ମିଡ଼ି । ଠାକୁରଙ୍କ ଘରେ ଆଳତି ଓ ଘଣ୍ଟାଧ୍ୱନି । ଭଜନ ଗାଉଥିଲେ - ସୁଲକ୍ଷଣା । ଭଜନ ସାରି - ମଞ୍ଚକୁ ପ୍ରବେଶ କଲେ । ହାତରେ ପ୍ରସାଦ ଆଣି)

ସୁଲକ୍ଷଣା - ବୋହୂ,

ମେରୀ - (ଚାହିଁଛି)

ସୁଲକ୍ଷଣା - ତୁମେ ଏ ଯାଏଁ ନିତ୍ୟକର୍ମ ସାରିନ । ତୁମର କର୍ତ୍ତବ୍ୟ ଭୋରୁ ଉଠି, ସ୍ନାନ ସାରି, ଠାକୁରଙ୍କୁ ପୂଜା କରିବା । ମୋ ପାଇଁ ତୁମକୁ କହୁନି ବୋହୂ, ତୁମର ମଙ୍ଗଳ ପାଇଁ କହୁଛି ।

ମେରୀ - ଠିକ୍ ଅଛି, ତୁମେ ଯାଅ । ମୁଁ ପରେ ସ୍ନାନ କରିବି । ବରଙ୍କୁ କୁଆଡ଼େ ଗଲା ?

ସୁଲକ୍ଷଣା - ମୋ କଥା ତୁମକୁ ଭଲ ଲାଗୁନି ବୋହୂ । ତୁମେ ଶାଶୁଘରେ ବଢ଼ି ନଥିଲ, ଏବେ ନୂଆ କରି ଆସିଛ । ତୁମକୁ ଘରର ଚଳଣି ଶିଖାଇବା ମୋର ଦାୟିତ୍ୱ । ଆମପରେ ତୁମେ ଏ ଘର ବୁଝିବ ।

ମେରୀ - ତୁମେ ଯାଅ । କଣ କରିବାକୁ ହବ, ମୋତେ ଜଣା ।

(ସୁଲକ୍ଷଣା ଚାଲିଗଲେ । ଦୀନନାଥ ପ୍ରବେଶ କଲେ ।)

ମେରୀ - ଶୁଣ, ମା'ଙ୍କୁ କହିଦିଅ, ପ୍ରତିଦିନ ସକାଳୁ ମୋତେ ବିରକ୍ତ କରିବେନି । ମୁଁ ଯୁଆଡ଼େ ଗଲେ, ସେ ମୋ ପଛେ, ପଛେ ଯାଉଛନ୍ତି, ସତେ ଯେପରି ମୋର ବଡ଼ିଗାର୍ଡ୍ । ମୋତେ ମୋତେ

Digitized by srujanika@gmail.com

ଏ ସବୁ ଭଲ ଲାଗୁନି । ତୁମେ ଜାଣ, ମୁଁ ଆସି ମାସେ ଉପରେ ହୋଇଗଲା । ମୁଁ ଥରେ ହେଲେ ମାସ୍ ଆଟେଣ୍ଡ କରି ପାରିଲିନି । ସଣ୍ଡେ ଚର୍ଚ୍ଚକୁ ନ ଗଲେ ମୋତେ ଭଲ ଲାଗେନା । ଫାଦର ଦାସକୁ ଲେଖିଛି । ସେ ଆସି ପାରନ୍ତି, ତାଙ୍କର ଯେପରି ଟ୍ରିଟମେଣ୍ଟରେ ବ୍ୟାଘାତ ନ ଘଟେ । ତୁମକୁକହିଛି, ମୋ ଧର୍ମ୍ମ ନେଇ ମୁଁ ବ୍ୟସ୍ତ । ତୁମର କୌଣସି କାମରେ ମୁଁ ପ୍ରତିବନ୍ଧକ ନୁହେଁ ।

ଦୀନନାଥ - ମୁଁ ବୁଝିଲି ମେରୀ, ତୁମେ ଏଠାରେ ସୁଖୀ ନୁହେଁ, ତୁମକୁ ସୁଖୀ କରାଇବା ପାଇଁ ମୁଁ ବହୁତ ଚେଷ୍ଟା କରୁଛି । ଆଉ ବାବା, ମା ସେମାନେ ତୁମପ୍ରତି କୌଣସି ଖରାପ ବ୍ୟବହାର କରୁନାହାନ୍ତି । ସେମାନେ ଚାହାନ୍ତି,ମୋ ମନରେ ଯେପରି ଦୁଃଖ ନ ଆସେ ।

ମେରୀ - କିଂନ୍ତୁ ଦୀନନାଥ, ମୁଁ ଫିଲ୍ କରୁଛି, ଆଜି ତୁମ୍ଭେମାନେ excommunicated. ମାନେ, ସେଦିନ reception feast ଯେପରି ଭାବରେ unsuccessful ହେଲା, I feel for that nearly ୫ ହଜାର ଲୋକଙ୍କର ଖାଇବା ନଷ୍ଟ ହେଲା । ଆଉ ବରକୁ କହୁଥିଲା ।

ଦୀନନାଥ - ସେ ବଦମାସ କ'ଣ କହୁଥିଲା ?

ମେରୀ - Not exactly that, at times he becomes my mother-in-low. (ହସିଲା) ମୋତେ ଶାସନ କରିବ । ମୋତେ ଶାଢ଼ୀ ପିନ୍ଧିବାକୁ ତୁମର ମା' ନ କହିଲେ ବି ସେ ବହୁତ ଥର କହିଲାଣି । ତେବେ I am Indian. ମୁଁ ତ ଶାଢ଼ୀ କେବେ ପିନ୍ଧିନି । ବର୍ତ୍ତମାନ ପିନ୍ଧିବା କ'ଣ possible ?

ଦୀନନାଥ - Yes ମୁଁ ବି ଅନୁଭବ କରୁଛି, ତୁମର ଅସୁବିଧା । ତେବେ କ'ଣ ବା ଅଧିକା କରାଯାଇପାରେ ।

ମେରୀ - ହଁ, Bathing Tank ପାଇଁ ମୁଁ ତୁମକୁ କହିଥିଲି । କଲିକତାରୁ ମିସ୍ତ୍ରୀ ଆଣି ତିଆରି କରିବା ଦରକାର । Village life, though a peaceful one. I feel more.

ଦୀନନାଥ - ମେରୀ, ଗୋଟିଏ ଅନୁରୋଧ । Father ଦାସଙ୍କୁ ନ ଡାକି, ଆମେ କଲିକତା ଅଳ୍ପଦିନ ପାଇଁ ଯିବା । ତୁମେ Daddy & Mumy ଙ୍କୁ

Digitized by srujanika@gmail.com

ଦେଖା କରିବ ଚର୍ଚ୍ଚ ଯାଇ ମାସ୍ ଆଟେଣ୍ଡ କରିବ । ଏଠାକୁ ଯଦି ଭଦ୍ରଲୋକ ଆସିବେ ।

ମେରୀ - Why objection. ମୋତେ ତୁମେ ସେ କଥା ଆଗରୁ କହିବାର ଥିଲା । ଯଦି ସେ ଆସିଯାନ୍ତି...

ଦୀନନାଥ - ତାଙ୍କୁ ଖୁବ୍ ଭଲ ଟ୍ରିଟ୍‌ମେଣ୍ଟ କରାଯିବ । ତେବେ ଲୋକେ ଆହୁରି ଉତ୍ୟକ୍ତ ହୋଇଯିବେ । ଆମର ଅସୁବିଧା ଯାହା ହେଉନା କାହିଁକି, ଆମଘରକୁ ଯେଉଁମାନେ ଆସୁଛନ୍ତି, ସେମାନେ ବହୁତ ଅସୁବିଧା ଭୋଗିବେ । Please excuse me.

ମେରୀ - Oh God. What shall I do now. Father definitely ଆସିବେ । ତାଙ୍କୁ ମୁଁ ନିମନ୍ତ୍ରଣ କରିଥିଲି, reception ଦିନ ଆସିବାକୁ । ସେ ଆସି ପାରିଲେନି । ନିକଟରେ ସମୟ ଦେଖି ଆସିବେ ବୋଲି ଚିଠି ଦେଇଥିଲେ । ସେ ନିଶ୍ଚୟ ଆସିବେ ।

ଦୀନନାଥ - Alright; Let him come.

(କହି ଦୀନନାଥ ଚାଲିଗଲେ । ପ୍ରବେଶ କରିଛି ବରଜୁ ।)

ବରଜୁ - କିଏ ଆସିବେକି ଦିଦି ?

ମେରୀ - ତତେ କ'ଣ ମିଳିବ ?

ବରଜୁ - କିଏ କହୁନ । ତୁମ ଭାଇ ? ଆସନ୍ତୁ । ଖୁବ୍ ଭଲ ହବ । ଏଇଠି ତାଙ୍କୁ କହିବ ମାସେ ରହିବେ ।

ମେରୀ - ନା, ନା ଏଠି କେହି ରହିବେନି । ଏଠି ଯେମିତି ସମସ୍ତେ ଗୋଟେ, ଗୋଟେ ଜାନୁଆର ।

ବରଜୁ - ଜାଣିବାର କ'ଣ ଦିଦି । ଆମେ କ'ଣ ଭାବୁଛୁ କିଛି ଜାଣିନୁ । ତୁମେ ଆସ, ମୁଁ ତୁମର ମୁଣ୍ଡ କୁଣ୍ଡାଇ ଦେବି । ଅଳତା ଲଗାଇ ଦେବି । ମଥାରେ ସିନ୍ଦୁର ନାଇଲେ, ତୁମେ ବଡ଼ ସୁନ୍ଦରିଆ ଦିଶିବ ।

ମେରୀ - ତୋ ମୁଣ୍ଡ ଗଣ୍ଡି ଦିଶିବ ।

ବରଜୁ - ତୁମେ ତ ଖାଲି ରାଗୁଛ ଦିଦି । କିଂତୁ କଥା, କଥାକେ ଏ ବରଜୁ ଲୋଡ଼ା । ଏ ଅଲୋଡ଼ାଟାକୁ ଲୋଡୁଛ କାହିଁକି କହିଲ ?

ମେରୀ - ତୁ ଯାଉଛୁ ନା ଖାଲି ଡ଼ିଷ୍ଟର୍ବ କରୁଛି ।

Digitized by srujanika@gmail.com

ବରଜୁ - (ମୁହଁ ମୋଡ଼ି) ବାପରେ, ଦିଦିଙ୍କ ରାଗତ ନାକ ଅଗରେ । ପାଣି ଗରମ କରିବାକୁ ଚୁଲିରେ ବସେଇଥିଲି । ପାଣି ଗରମ ହେଇଗଲେ ଗାଧୋଇବାକୁ ଡ଼ାକିଦେବି । ଯାଉଛି ଦିଦି ।

- ଅନ୍ଧାର -

- ଚତୁର୍ଥ ଦୃଶ୍ୟ -

(ଗ୍ରାମ୍ୟ ରାସ୍ତା । ହରିଦାଶ ମଠରୁ ଫେରୁଥିଲା । ବାଟରେ ଦେଖାହେଲା ହରିକୃଷ୍ଣକୁ ।)

ହରିକୃଷ୍ଣ - ଦାଶେ କେବେ ଜେଲରୁ ଫେରିଲ ?

ହରିଦାଶ - ଆଉ କ'ଣ ଫେରିଥାନ୍ତି କିରେ କୃଶିଆଁ । ଯେଉଁ ସବୁ ଦଫାରେ ପୋଲିସ କେଶ୍ କରିଥିଲାନା, ସେଥିରୁ ଫିଟିବା କଷ୍ଟ ହୋଇଥାନ୍ତା ।

ହରିକୃଷ୍ଣ - ତେବେ ଆସିଲ କିମିତି ?

ହରିଦାଶ - ବୁଢ଼ାରଜା ବିମଳକୁ ପଠେଇଲେ । ବିମଳ ମୋ ପାଇଁ ଜାମିନ ଥିଲା । କୋର୍ଟମୋତେ ଜାମିନିରେ ଛାଡ଼ିଛି । ଜାମିନ ମିଳିବାକୁ ୨ ମାସ ଲାଗିଗଲା ।

ହରିକୃଷ୍ଣ - ଏଇ ଭୁଲ କରୁଥିଲ କାହିଁକି ?

ହରିଦାଶ - ଛାଡ଼େ, ଯଥେଷ୍ଟ ଶାସ୍ତି ପାଇଲି । ବୁଢ଼ାକୁ କହିଥିଲେ ଝିଅ ବାହାଘର ପାଇଁ ଟଙ୍କା ଦେଇଥାନ୍ତେ, ଦେବତା ପରି ଲୋକ । ପୋଲିସକୁ ମୋତେ ଛାଡ଼ିଦେବା ପାଇଁ କହିଲେ । ଏ ବିମଳଟା ଯୋଗୁଁ ଏତେ ଦୁଃଖ ଭୋଗିଲି ।

ହରିକୃଷ୍ଣ - ବିମଳ ଯୋଗୁଁ ନା ତୁମ ପାପକର୍ମ ଯୋଗୁଁ ।

ହରିଦାଶ - ହଁ ମୋରି ପାପକର୍ମ ଯୋଗୁଁ, ବିମଳ ତ ମୋତେ ରକ୍ଷା କରିଛି ।

ହରିକୃଷ୍ଣ - ମଠକୁ ବୁଢ଼ାରଜା ଛାଡ଼ିଲେ ?

ହରିଦାଶ - ମୁଁ ମୋ ସ୍ତ୍ରୀକୁ ଧରି ଯାଇ କାନ୍ଦିଲି । ରାଣୀମା କହିଲେ, ଯାଅ, ଗୋପୀନାଥଙ୍କ ସେବା କର । ତାଙ୍କୁ କ୍ଷମା ମାଗ । ସେଇଦିନଠୁଁ ମଠକୁ ଯାଉଛି ।

ହରିକୃଷ୍ଣ - ଶୁଣିଲି, ମଠକୁ କେହି ଅଭ୍ୟାଗତ ଯାଉ ନାହାନ୍ତି ।

Digitized by srujanika@gmail.com

ହରିଦାଶ - ହଁ, ମୁଁ ତ ଦେଖୁଛି କେହି ଜଣେ ହେଲେ ଖାଇବାକୁ ଆସୁନାହାନ୍ତି । କଥା କ'ଣ ବୁଝିପାରୁନି ।

ହରିକୃଷ୍ଣ - ଆରେ ସେ ବୋହୂ ଯୋଗୁଁ । ଚାରିଆଡ଼େ ରାଷ୍ଟ୍ର ହୋଇଗଲାଣି ସେ ବିଧର୍ମୀ । ସେହିଦିନଠୁଁ ରଜାଘରକୁ କେହି ଯାଉନାହାନ୍ତି କି ମଠକୁ ବି ଖାଇବାକୁ ଆସୁନାହାନ୍ତି ।

(ହାତରେ କିଛି ଖାଇବା ଜିନିଷ ପୁଡ଼ାବାନ୍ଧି ଘରକୁ ଯାଉଥିଲା ବରଜୁ ।)

ବରଜୁ - ନ ଆସନ୍ତୁ । ଆସୁଥିଲେ ଖାଉଥିଲେ । ଯେ ଆସୁଥିଲା ନ ଖାଇ ଯାଉ ନଥିଲା । ମଠକୁ ସନ୍ୟାସୀଙ୍କର ସୁଅ ଛୁଟୁଥିଲା । କ'ଣ ଦାଶେ ଆପଣେ ? ଏବେ ଆସୁନାହାନ୍ତି । ଭଲ ହେଉଛି । ସବୁ ଦାଶଙ୍କର ଭାଇନା କରିଛି । ଆଉ ମୁକୁନ୍ଦ ମିଶ୍ରର ମୁହଁ ଅଛି, ରଜାଘରକୁ ଆସିବ । ସେଇ ପରା ନାଟର ଗୋବର୍ଦ୍ଧନ । ଏ ବୋହୂ ନାଟ ସେ କରିଛି । ମୋତେ ଭାରୀ କଷ୍ଟ ଲାଗୁଛି ।

ହରିଦାଶ - ବରଜୁ, ଆଉ ସେ କଥା କହନି । ମୋତେ ଭାରୀ କଷ୍ଟ ଲାଗୁଛି ।

ବରଜୁ - ରଜା ଆଉ ରାଣୀଙ୍କର ମନରେ ସୁଖ ନାହିଁ । ଏଇ ମୁକୁନ୍ଦ ମିଶ୍ର ଆସୁଛି ।

ହରିଦାଶ - ମୁଁ ଯାଉଛି, ସେ ଲୋକଟାର ମୁହଁ ଦେଖିବାକୁ ମୋର ଇଚ୍ଛା ନାହିଁ ।

ବରଜୁ - ହଉ ତୁମେ ସବୁ ଯାଅ ଭାଇନା, ଏଲୋକଟା ସହିତ ମୋର ବିପଦ କଥାବାର୍ତ୍ତା ଅଛି । ତୁ କୁଣିଆଁ ଏଠୁଁ ଗଲୁ । ମୁଁ ଯାକୁ ଦେଖିନେବି ।

(ହରିକୃଷ୍ଣ ଓ ହରିଦାଶ ଚାଲିଗଲେ । ପ୍ରବେଶ କରିଛି ମୁକୁନ୍ଦ ମିଶ୍ର)

ବରଜୁ - ହଇଏ ଗୋସେଇଁ ମହାପ୍ରୁ । କ'ଣ ଗାଁରେ ଥିଲନିକି ?

ମୁକୁନ୍ଦ - ଆରେ ବରଜୁକିରେ ? କ'ଣ କହିବିରେ ବରଜୁ, ସେଇଦିନଠାରୁ ବୋହୂ ଆସିବା ପରେ, ପରେ, ଦେହଟା ବିଗିଡ଼ି ଗଲା । ବୟସ ହୋଇଗଲାନା ବାହାରେ ରହି ଖାଇଲେ ଓ ଆଉ ଦେହରେ ଯାଉନି । ଜ୍ୱର, ଝାଡ଼ା ।

ବରଜୁ - ସାଆନ୍ତେ,ଏତେଥର ଲୋକ ପଠାଇଲେ, ଟିକିଏ ଆସି ଦେଖାକରି ନ ଥାନ୍ତ ? ତାଙ୍କ ଯୋଗୁଁ ରକ୍ଷା ପାଇଲ । ପୋଲିସ ଛାଡ଼ିଦେଲା । କେଡ଼େ କଥା ତୁମର ?

Digitized by srujanika@gmail.com

ମୁକୁନ୍ଦ - ଏବେ ପରା ରଜାଙ୍କ ପାଖକୁ ଯାଉଛି ।

ବରଜୁ - ଯାଅ, ଯାଅ । ଦେଖାଙ୍କର । ହଉଓ ବାବୁ, ତୁମକୁ ଧର୍ମ ସହିବ ।

ମୁକୁନ୍ଦ - ବରଜୁ, ଖୁବ୍ ବଢ଼ି, ବଢ଼ି କଥା କହୁଛୁ ? ମୁଁ କଣ କଲି ?

ବରଜୁ - ତୁମେ କରିନ ? ଆଉ କିଏ କରିଛି ? ତୁମ ଦାୟିତ୍ୱରେ ସାନବାବୁଙ୍କୁ ଛାଡ଼ିଥିଲେ ଯେ, ତାଙ୍କ ମୁଣ୍ଡଟାକୁ ଖାଇଦେଲ । ତାଙ୍କ ଯୋଗୁଁ ରକ୍ଷା ପାଇଲ । ଏବେ ତ ଜେଲରେ ଥାନ୍ତ ।

ମୁକୁନ୍ଦ - ମୁଁ କାହିଁକି ଥାନ୍ତି ? ମୁଁ କ'ଣ ଚୋରୀ କରିଥିଲି ? ତୁମେ ସବୁ ହରିଦାଶକୁ ଶିଖେଇ, ମୋ ନାଁରେ ରିପୋର୍ଟ ଦେଇଥିଲ । ଧର୍ମ ପୁଣି ତ ଅଛି । ସେଇ ଧର୍ମ ମୋତେ ରକ୍ଷା କଲା । ରଜା କ'ଣ କଲାରେ ?

ବରଜୁ - ଆଉ ଭୁରୁକୁ ଛାଡ଼ୁନ ମିଶ୍ରେ ସାଆନ୍ତେ ?

ମୁକୁନ୍ଦ - ଭୁରୁଡୁ ? ଭୁରୁଡୁ କ'ଣ ବେ ? ସତ କହିଲାରୁ ହେଲା ଭୁରୁଡୁ । ଗାଁ ଲୋକେ ରଜାଘରକୁ ନ ଗଲେ, ମୋତେ ସବୁ ଦୋଷ ଦଉଛ ? କିରସ୍ତାନି ମାଇକିନିଆ ଆଣିବାକୁ ମୁଁ କହିଥିଲି । ତୁମେ ଆଣୁଥିଲ କାହିଁକି ? ପୁଅକୁ ଆସିବାକୁ ମନା କଲନି ? ବିମଳ କହିଦେଲା, ଏବେ ବିମଳ ପିଠିରେ ପଡୁଛି । ପଲେ ଖ୍ରୀଷ୍ଟାନ ଲୋକ ଘରକୁ ଆସିଲେ ଘରେ କୁକୁଡ଼ା ରନ୍ଧା ହେଲା । ମଦ ଚାଲିଲା । ସେ ଘରେ ଆଉ ଲକ୍ଷ୍ମୀ ରହିବେ ? ଆଚାର ଲକ୍ଷ୍ମୀ, ବିଚାରେ ପଣ୍ଡିତ । ମୁଁ କ'ଣ କାହାକୁ କହିବି । ଲୋକେ କ'ଣ ଅନ୍ଧ ? କ୍ଷତ୍ରିୟ ଘରେ ବଡ଼ଦିନ ପାଳିଲେ । ଯୀଶୁଖ୍ରୀଷ୍ଟଙ୍କର ପୂଜା ହେଲା । ଏ ସବୁ କରିବାକୁ ମୁଁ କହିଥିଲି କିରେ ? ମୁଁ ଯାଉଛି, ରଜାଙ୍କୁ ସବୁ କହିବି ।

ବରଜୁ - ନାଇଁ, ନାଇଁ ସତକଥା । ତୁମେ ତ ଏ ସବୁ କରିବାକୁ କହିନଥିଲ । ବଡ଼ଦିନ ହେଲା । ଯିଶୁ ବାବାଙ୍କର ଜନ୍ମଦିନ । ଘର ସଜା ହେଲା । ନାଚ ହେଲା । କି ନାଚସେ ? ଇଙ୍ଗ୍ରେଜି ନାଚ । ଜଣେ ଅଣ୍ଡିରାକୁ ଜଣେ ମାଇକିନିଆ ହାତ ଧରାଧରି ହେଇ ନାଚିଲେ । ଆଖି ମୋର ଖୋସି ହୋଇଗଲା । ବୁଢ଼ା, ବୁଢ଼ି ସେ ଚାରିଦିନ ତାଙ୍କ ଗମ୍ଭୀରାରୁ ବାହାରି ନାହାନ୍ତି । ସେମାନେ ଗଲାପରେ ବୁଢ଼ା, ବୁଢ଼ୀ ପଦାକୁ ଆସିଲେ । ହଉ, ହଉ ଯାଅ । ନିଜ ସୁନା ତ ପିତଳ । ଅନ୍ୟକୁ ଦୋଷ ଦେଇ ଲାଭ ବା କ'ଣ ?

Digitized by srujanika@gmail.com

(ମୁକୁନ୍ଦ ମିଶ୍ର ଚାଲିଗଲେ, ପ୍ରବେଶ କରିଛି ବିମଳ ।)
ବିମଳ ଭାଇନା ଓଳଗି । କ'ଣ ତୁମର ଦେଖା ନାହିଁ ।

ବିମଳ - ସେଠାକୁ ଯିବାକୁ ଆଉ ଭଲ ଲାଗୁନିରେ ବରଜୁ । ଅତିରିକ୍ତ ହୋଇଗଲା । ସାନବାବୁ କାହିଁକି ତାକୁ କିଛି କହୁନାହାନ୍ତି, ମୁଁ ବୁଝିପାରୁନି । ବାହା ହେଇ ମୋର ଆପତ୍ତି ନଥିଲା । ମୁଁ କହିଲି, ବୋହୂ ଆଣ । ଆରେ ବୋହୂ, ବୋହୂ ଭଳି ଚଳିଲେ ସିନା । ଲୋକେ ଜାଣୁଛନ୍ତି । କେହି ଘରେ ଖାଇଲେ କି ? ମୁଁ ଖାଇଲି । ଆଖ ପାଖ ଗାଁର ଲୋକଙ୍କୁ ଡାକି ଭୋଜି ଖୁଆଇଲି । ଯାହା ନଷ୍ଟ ହେଲା ଛାଡ଼େ ।

ବରଜୁ - ତୁମେ ଠିକ୍ କହିଛ ଭାଇନା, ମୋତେ ତ ଆଉ ରହିବାକୁ ମନ ହଉନି । ରଜାଘରେ ଏମିତି ହବ ବୋଲି କିଏ ଜାଣିଥିଲା ? ହେଲେ ବୁଢ଼ା, ବୁଢ଼ୀଙ୍କୁ ମୁଁ କ'ଣ ଛାଡ଼ି ପାରିବି । ତୁମେ ଟିକିଏ ଯାଅ । ମୁକୁନ୍ଦ ମିଶ୍ର ଏବେ ଗଲା । କ'ଣ କହୁଛି ଶୁଣିବ ?

ବିମଳ - ସେ ହାଡ଼ଗିଲା କଥାରୁ କ'ଣ ମିଳିବ ? ଯାହା ରଜାଘରୁ ଲୁଟି ନେଇଛି, ୩ ପୁରୁଷ ଖାଇଲେ ସରିବନି । ତାର ପରବାଏ କ'ଣ ଅଛି ?

ବରଜୁ - ମୁଁ ଯାଏଁ । ବୋଉଟା ଜଗିଥିବ । ଅପାର ବାହାଘର ହବ ।

ବିମଳ - କୋଉଠି ଠିକ୍ କଲ ?

ବରଜୁ - କାହା ଆଗେ କହନି ଭାଇନା ? ପଡ଼ିଶାଘର ମଧୁ ବେହେରା ଘରେ ଏ କୁଣିଆଁ ଲଗେଇଥିଲା । ଦେଖିଲ ତ ଭାଇନା । ରଜାଘର ପାଲା । ଆମେ ଗଉଡ଼ ଲୋକ, ସେମାନେ କରଣ । ଜାଣି ଶୁଣି ମରଣକୁ ଲୋଡ଼ିବୁଁ କାହିଁକି ? ଭାଇନା କୁଣିଆଁଟା କ'ଣ କହିବ ବୋଲି ଜଗିଥିଲା । ମୁଁ କଥାଟାକୁ ବାଆଁରେଇ ଦେଲି ।

ବିମଳ - କିଛି ଭଲ ହଉନିରେ, ମୋତେ କିଛି ସୁଖ ଲାଗୁନି । ଆଉ ରଜାଘରକୁ ଯିବିନି ।
(କହି ଚାଲିଗଲା)

ବରଜୁ - ତୁମେ କେହି ନ ଯାଅ । ମୁଁ ଛାଡ଼ିବି କେମିତି ?

- ଅନ୍ଧାର -

Digitized by srujanika@gmail.com

- ପଞ୍ଚମ ଦୃଶ୍ୟ -

(କୃପାସିନ୍ଧୁ ଦେବଙ୍କର ଡ୍ରଇଁ ରୁମ୍ । ପାଶ୍ଚାତ୍ୟ ସଂଗୀତର ରେକର୍ଡ଼ ବାଜୁଥିଲା । ମଝିରେ, ମଝିରେ ସୁଲକ୍ଷଣାଙ୍କ କଣ୍ଠରୁ ଭଜନ ଶୁଣାଯାଉଥାଏ । ଟେପରେକର୍ଡ଼ର ଭୁଲରେ ଭଲ୍ୟୁମକୁ ବଢ଼ାଇ ଦେଲେ ମେରୀ । ଗୀତର ତାଳେ, ତାଳେ ନୃତ୍ୟ କଲେ । ପ୍ରବେଶ କରିଛନ୍ତି ଦୀନନାଥ ।)

ଦୀନନାଥ - ମେରୀ, you stop all these.

ମେରୀ - କାହିଁକି ? ତୁମର କ'ଣମନେ ନାହିଁ

ଦୀନନାଥ - ମୁଁ ତୁମର କୌଣସି କଥା ଶୁଣିବାକୁ ଚାହେଁନି ।

ମେରୀ - ମୁଁ ତୁମର କଥା ଶୁଣିବି କାହିଁକି ଯେ ?

ଦୀନନାଥ - ଓଃ, ବୁଝିଲି, ତୁମେ ମୋର ସରଳତାର, ମୋ ନୀରବତାର ପରିହାସ କରୁଛ ।

ମେରୀ - Not at all

ଦୀନନାଥ - Then what ତୁମେ ଜାଣ ସାମନ୍ତ କୃପାସିନ୍ଧୁ ଦେବ ଏ ଅଞ୍ଚଳର ରାଜା । ଖାଲି ରାଜା ନୁହନ୍ତି ଅତି ସାଧୁ ପୁରୁଷ । ତାଙ୍କର ଖ୍ୟାତି ବିଷୟରେ ମୁଁ ବିଶେଷ କହିବାକୁ ଚାହେଁନି । ତୁମେ ଜାଣି ଜାଣି ମୋର ବାପା, ମାଙ୍କ ମନରେ କଷ୍ଟଦବାକୁଯାଉଛ । ତୁମ ଯୋଗୁଁ ସେମାନେ ଆଜି ସମାଜ ବିରୋଧୀ । ଆଉ ମୁଁ ସେମାନଙ୍କର କୁଳାଙ୍ଗାର ସନ୍ତାନ ।

ମେରୀ - ସବୁ ଜାଣି ତୁମେ ଏ ଭୁଲ କରୁଥିଲ କାହିଁକି ? ତୁମରବାବା, ମା'ଙ୍କ ମନରେ ଯଦି କଷ୍ଟଦବାକୁ ତୁମର ଇଚ୍ଛା ନଥିଲା, ତେବେ ତୁମେ ସ୍ପଷ୍ଟ ମନା କରିଦେଇଥାନ୍ତ । ଦୀନନାଥ ମୋର ସୁଖ, ସ୍ୱାଚ୍ଛନ୍ଦ୍ୟରେ ମୁଁ ଚାହେଁନି, କେହି ଜଣେ ପ୍ରତିବନ୍ଧକ ହେଉ ।

ଦୀନନାଥ - Yes ମୁଁ ମଧ୍ୟ ଚାହେଁନି,ମୋର ବାବା, ମା ଆଉ ନିର୍ଯ୍ୟାତିତ ହୁଅନ୍ତୁ । ମୁଁ ତୁମକୁ ସ୍ପଷ୍ଟ କହୁଛି, ଏ ଘରେ ତୁମର ସ୍ୱେଚ୍ଛାଚାରିତା ମୁଁ ଆଉ ବରଦାସ୍ତ କରିବିନି । ସେମାନେ ଯାହା ଚାହିଁବେ, ତା'ହବ ।

ମେରୀ - ତୁମେ କ'ଣ ଚାହଁ, ମୋତେ ସ୍ପଷ୍ଟ କୁହ ।

ଦୀନନାଥ - ମୁଁ କହୁଛି, ଏ ଘରକୁ ତୁମର କେହି ଜଣେ ହେଲେ ଲୋକ ଆସିବେନି । ମୁଁ ଚାହେଁନି ଅପସଂସ୍କୃତି, ଆଧୁନିକତାର ଦ୍ୱାହିଦେଇ,

Digitized by srujanika@gmail.com

ତୁମେ ଯାହା ସବୁ କରି ଯାଉଛ, ତାହାର ମୁଁ ପକ୍ଷପାତି ନୁହେଁ । କୌଣସି ଧର୍ମକୁ ମୁଁ ଅସମ୍ମାନ କରେନି । ବାଇବେଲକୁ ମୁଁ ପୂଜା କରେ । ଆଉମଧ ସମ୍ମାନ ଦିଏ ଇସରାମକୁ । ତେଣୁ ତୁମର କଣ୍ଡିସନକୁ ମୁଁ ମାନି ନେଇଥିଲି । ତୁମେ ହିନ୍ଦୁ ହବା ମୁଁ ଚାହେଁନି । ତୁମେ ମୋର ଖ୍ରୀଷ୍ଟିୟାନ ଧର୍ମ ପାଇଁ ବାଧ କରି ପାରିବ ନାହିଁ । ଏ ଘରେ ଯେଉଁଭଳି ଆଗରୁ ଚଳି ଆସିଥିଲା, ତାର ଯେପରି ବ୍ୟତିକ୍ରମ ନ ଘଟେ ।

ମେରୀ - ମୁଁ ତୁମର ସର୍ତ୍ତକୁ ରାଜି ନୁହେଁ ।

ଦୀନନାଥ - ବେଶ୍, ଯଦି ତୁମେ ରାଜି ନୁହଁ, ତେବେ ତୁମେ ଚାଲିଯାଇପାର ।

ମେରୀ - ବର୍ତ୍ତମାନ ମୁଁ କୋଉଠିକି ଯିବି ? ହଁ, ମୁଁ ଚାଲିଯିବି । ମୁଁ ମୁହୂର୍ତ୍ତେ ଆଉ ଏଠି ରହିବିନି । ଯିବା ପୂର୍ବରୁ ମୁଁ କହିଦେବାକୁ ଚାହେଁ...

ଦୀନନାଥ - କ'ଣ ତୁମେ କହିବାକୁ ଚାହଁ ?

ମେରୀ - ଏ ସଂପତ୍ତିରେ ମୋର ଅଧିକାର, ତୁମେ ଲେଖାଇଦେବ ।

ଦୀନନାଥ - ବୁଝିଲି, ତୁମେ ମୋତେ ବିବାହ କରିଥିଲ, କେବଳ ମୋର ସଂପତ୍ତି ପାଇଁ । ମୁଁ କିଂତୁ ତା କରାଇଦେବିନି ।

ମେରୀ - ଦେଖିବି, ତୁମେ କିମିତି କରିବନି ।

(ପ୍ରବେଶ କଲେ କୃପାସିନ୍ଧୁ ।)

କୃପାସିନ୍ଧୁ - ଏ ସବୁ କ'ଣ ହଉଛି ଦନା । ସେ ଘରର ବୋହୂ । ଏ କୁଳର ଲକ୍ଷ୍ମୀ ।

ମେରୀ - ବାବା, ଆପଣ ଏକଥା କହିପାରୁଛନ୍ତି ?

କୃପାସିନ୍ଧୁ - ଆଉକ'ଣକହିବି କୁହ ? ଯେ ତୁମର ଧର୍ମପତ୍ନୀ, ତାଙ୍କର ଏ ସଂପତ୍ତିରେ ପୂର୍ଣ୍ଣ ଅଧିକାର ରହିଛି । ଯଦି ସେ ଅନ୍ୟତ୍ର ବିବାହ ନ କରିଛି ।

ମେରୀ - ବେଶ୍, ମୋର କୌଣସି ସଂପତ୍ତି ଉପରେ ଆଶା ନାହିଁ । ମୁଁ ଚାଲିଯିବି ।

କୃପାସିନ୍ଧୁ - କାହିଁକି ଚାଲିଯିବ, କୁଆଡ଼େ ଚାଲିଯିବ ମା ? ଦୀନା, ତୁମେ କ'ଣ କିଛି ବୋହୂକୁ କହିଲ ?

ଦୀନନାଥ - ଆଉ କ'ଣ କହିବି ବାବା, ଆପଣ କ'ଣ ଦେଖୁନାହାନ୍ତି । ମାଆ ଯେ କେତେ ବ୍ୟସ୍ତ ହଉଛନ୍ତି, ସବୁ ମୁଁ ଲକ୍ଷ୍ୟ କରୁଛି ।

Digitized by srujanika@gmail.com

ମେରୀ - ମୋ ଯୋଗୁଁ ଯଦି ମା, ବାବା ସମସ୍ତେ ବିରକ୍ତ,ଅଶ୍ୱସ୍ତି ବୋଧ କରୁଛନ୍ତି, ମୋର ଏଠାରୁ ଚାଲିଯିବାଟା ଉଚିତ ।

ଦୀନନାଥ - ବେଶ୍, ତୁମେ ଚାଲିଯାଇପାର । ମୋର କିଛି ଆପତ୍ତି ନାହିଁ । ଯାହା ତୁମେ ଚାହିଁବ, ତା'ହବ ।

ମେରୀ - ତା'ହେଲେ ବର୍ତ୍ତମାନ ମୋତେ ଛାଡ଼ିଦିଅ ।

କୃପାସିନ୍ଧୁ - ଆହା, ଏମିତି ପିଲାଙ୍କ ପରି ହେଲେ ହୁଏ । ଦୀନା, ଆମେ ଦୁହେଁ ତୀର୍ଥଭ୍ରମଣରେ ଯାଉଛୁ । ତୁମେ ଏଘରର ବର୍ତ୍ତମାନ ମାଲିକ । ତୁମେ ଏ ସଂପତ୍ତି ସବୁ ବୁଝାସୁଝା କର । ବୋହୂ ଓକିଲାତି ପଢ଼ିଛନ୍ତି ତୁମେ ଦୁହେଁ ଏହାର ଦେଖାଚାହାଁ କରିବାକୁ, ମୋର ଅନୁରୋଧ ।

ମେରୀ - ନା, ମୁଁ ଏସବୁ ପାରିବିନି । ଯଦି ଓକିଲାତି କରେ, ମୁଁ କଲିକତାରେ ହିଁ କରିବି ।

କୃପାସିନ୍ଧୁ - ଯାହା ତୁମର ଇଚ୍ଛା । (ଚାଲିଗଲେ ।)
(ପ୍ରବେଶ କଲେ ଫାଦର ଦାସ)

ମେରୀ - ମର୍ଣ୍ଣିଙ୍ଗ୍ ଫାଦର । ଆପଣ ମୋର ଟେଲିଗ୍ରାମ ପାଇଲେ ।

ଫାଦର - ସେଥିପାଇଁ ତ ଆସିଲି । ତୁମର ଡ୍ୟାଡ଼ି, ସେ ଭାରୀ ବ୍ୟସ୍ତ । ତୁମେ ହଠାତ୍ ଚାଲିଆସିବାଟାକୁ, କେହି ପସନ୍ଦ କଲେନି ।

ମେରୀ - ମୁଁ ମଧ୍ୟ ସେଥିପାଇଁ ଅବ୍‌ହାପି ଫାଦର । ଡ୍ୟାଡ଼ି ମନା କରୁଥିଲେ । ମେଇବା ମୋର ଏଠାକୁ ଆସିବାଟାକୁ ଠିକ୍ ମନେ କରୁନଥିଲେ ।

ଫାଦର - ତୁମେ କିପରି ଅଛ ? କ୍ରିଷ୍ଟମାସକୁ ମୁଁ ଆସିପାରିଲି ନାହିଁ । ଯେଉଁମାନେ ଆସିଥିଲେ, ସେମାନେ ଖୁବ୍ ଖୁସୀ ଅଟନ୍ତି । ହଠାତ୍ ଟେଲିଗ୍ରାମ କଲ କାହିଁକି ।

ମେରୀ - Father now I repent for this marriage. (ଦୀନନାଥଙ୍କୁ) ତୁମେ ଗଲେ ମୁଁ ଟିକିଏ କଥା ହେବି । (ଚାଲିଗଲେ) ହଁ ଫାଦର ମୁଁ ଏଠାରେ ମୋଟେ ସୁଖୀ ନୁହେଁ ।

ଫାଦର - ତା ମୁଁ ଜାଣିଥିଲି । ତୁମେ ମୋ କଥାକୁ ନ ମାନି ହଠାତ୍ ଗୋଟାଏ dicision ନେଇଗଲ । ଯାହା ମୁଁ ଅନୁମାନକରୁଥିଲି, ଠିକ୍ ତା' ହିଁ ହୋଇଛି । ତେବେ what do you want ?

ମେରୀ - ଫାଦର, ମୁଁ ଆପଣଙ୍କୁ କ'ଣ ବା କହିବି ? ମୁଁ ଏଠାରେ ରହିବାକୁ ଚାହେଁନା ।

Digitized by srujanika@gmail.com

ଫାଦର - So early ତୁମେ ଗୋଟାଏ dicission ନଉଛ କାହିଁକି ? ବୁଝିବିଚାରି ସବୁ କାର୍ଯ୍ୟ କର । ତୁମେ କ'ଣ ଭାବୁଛ ତୁମର କିଛି ଭୁଲ ନାହିଁ । ସବୁ ସେମାନଙ୍କର ଭୁଲ ।

ମେରୀ - ମୁଁ ପରିସ୍ଥିତିକୁ ଖାପ ଖୁଆଇ ଚଳିପାରୁନି ଫାଦର ।

ଫାଦର - ତୁମକୁ ଚଳିବାକୁ ହବ । ସେଥିପାଇଁ ତୁମକୁ adjust କରିବାକୁ ପଡ଼ିବ । ଉଭୟପକ୍ଷର ସହଯୋଗ ନ ମିଳିଲେ, ସଂସାର ଚଳିପାରେ ନା ମେରୀ ? ହିନ୍ଦୁ ପରିବାରର ପରିବେଶ, ଆମ ସୋସାଇଟି ଠାରୁ ଭିନ୍ନ । ତୁମେ ଜାଣେନା ମେରୀ, ସେଥିପାଇଁ ସେମାନେ କମ୍ କଷ୍ଟ ଭୋଗ ନ କରୁଥିବେ । ସେମାନଙ୍କୁ ତୁମପାଇଁ ସମାଜରୁ Excommunicated ହେବାକୁ ପଡ଼ିବ । This is not at all a small sacrifice. ଆଉମଧ୍ୟ ତୁମକୁ ସେଥିପାଇଁ କିଛି କରିବାକୁ ହବ । You must equally sacrifice.

(ବରଙ୍କୁ ଚାହା ନେଇ ଆସିଛି ।)

ବରଙ୍କୁ - ଚା

ଫାଦର - ଦିଅ । (ନେଇ ପିଇଲେ) ହଠାତ୍ ଗୋଟାଏ dicission ନେବାଟାକୁ ମୁଁ ପସନ୍ଦ କରେନା । ମୁଁ ଆଜି ଚାଲିଯିବି । ତୁମ ଡ୍ୟାଡ଼ିଙ୍କ ସହିତ କଥାବାର୍ତ୍ତା କରିବି ।

ଦୀନନାଥ - (ଠିଆ ହୋଇଥିଲେ)

ମେରୀ - ଆରେ, ଠିଆ ହେଇ କାହିଁକି ବସନା ?

ଫାଦର - ବାବୁ, ଆପଣ ଜଣେ ଉତ୍ତମ ଯୁବକ । ଆପଣଙ୍କୁ ମୁଁ ୨ ଥର ଦେଖିଥିଲି । ଆପଣଙ୍କର ଯୁକ୍ତିରେ, ମୁଁ ନିଜକୁ ଖୁବ୍ ଗର୍ବ ଅନୁଭବ କରୁଥିଲି । ଆଉ ଆପଣ ଯେପରି ଭାବରେ ମେରୀକୁ ଗ୍ରହଣ କଲେ, I praise you for that. ତେବେ ବାବା, ହଠାତ୍ ଏପରି ମନୋମାଳିନ୍ୟ...

ଦୀନନାଥ - ଫାଦର Difference ରହିବା ସ୍ୱାଭାବିକ । କିଂତୁ ତା'ଯଦି too much ହୋଇଯାଏ one can't tolerate.

ଫାଦର - Yes correct

ଦୀନନାଥ - ମେରୀ ଯେପରି ଭାବରେ ଏ ଘରେ କାର୍ଯ୍ୟ କରି ଚାଲିଛନ୍ତି, ତା ସହ୍ୟ କରିବା ମୋ ପକ୍ଷରେ ଅସମ୍ଭବ । ବିଶେଷ କରି ମୋର

Digitized by srujanika@gmail.com

ବାବା, ମା, ଯେପରି ଭାବରେ କଷ୍ଟ ଅନୁଭବ କରୁଛନ୍ତି, ତା' ମୁଁ ଆଉ ବେଶୀଦିନ ଦେଖିବାକୁ ଚାହେଁନା ।

ଫାଦର - ତା'ହେଲେ ଆପଣ ନାହାଁନ୍ତି ମେରୀ କିଛିଦିନ କଲିକତା ଚାଲିଯିବେ ।

ଦୀନନାଥ - Sure ଫାଦର ।

ମେରୀ - ମୁଁ ଆପଣଙ୍କ ସହିତ ଚାଲିଯିବି ଫାଦର । ଆପଣ ଆସି ଖୁବ୍ ଭଲ କରିଛନ୍ତି ।

(ପ୍ରବେଶ କଲେ କୃପାସିନ୍ଧୁ)

ଫାଦର - (କୃପାସିନ୍ଧୁଙ୍କୁ) ନମସ୍କାର ।

କୃପାସିନ୍ଧୁ - (ପ୍ରତି ନମସ୍କାର) ଆପଣଙ୍କର ପରିଚୟ ।

ଫାଦର - ମୁଁ ଫାଦର ପ୍ରିଷ୍ଟ । ମେରୀଙ୍କୁ ଦେଖିବା ପାଇଁ ଆସିଥିଲି । ମୋର ଆପଣଙ୍କୁ ଗୋଟିଏ କଥା ।

କୃପାସିନ୍ଧୁ - କୁହନ୍ତୁ ।

ଫାଦର - ମେରୀ କିଛି ଦିନ ପାଇଁ କଲିକତା ଯିବାକୁ ଅନୁମତି ଦିଅନ୍ତୁ । ତାଙ୍କର ମନଟା ଖରାପ ହେବା ଯାଉଛି । କିଛି ଦିନ ରହି ମନର ପରିବର୍ତ୍ତନ ପରେ, ସେ ଫେରି ଆସିବେ । ଯାହା ମୁଁ ଦେଖୁଛି, ଉଭୟଙ୍କ ମଧ କିଛିଟା ଦୁଃଖ ରହିଛି ।

କୃପାସିନ୍ଧୁ - ଦୀନା, ତୋର ଇଚ୍ଛା କ'ଣ ?

ଦୀନନାଥ - ଯଦି ସେ ଚାହାନ୍ତି, ଚାଲିଯାନ୍ତୁ ।

କୃପାସିନ୍ଧୁ - ଆମେ ତ ୨ ଦିନ ପରେ ତୀର୍ଥଭ୍ରମଣରେ ଯାଉଛୁ ? ତୁମେ ଏକାକୀ କ'ଣ ଚଳିପାରିବ ? ବୋହୂ ମା ?

ମେରୀ - କୁହ,

କୃପାସିନ୍ଧୁ - ତୁମେ ବର୍ତ୍ତମାନ ନ ଯାଇ, ଆମେ ଫେରିବାପରେ ଗଲେ କ'ଣ ହୁଅନ୍ତାନି ?

ମେରୀ - ନା, ମୁଁ ବର୍ତ୍ତମାନ ଯିବି ।

କୃପାସିନ୍ଧୁ - ଠିକ୍ ଅଛି, ତୁମେ (ଦୀନନାଥଙ୍କୁ) ତାଙ୍କର ଯିବାର ବନ୍ଦୋବସ୍ତ କର । ଫାଦରଙ୍କର ଖାଇବାର ଯୋଗାଡ଼ କର । ସେମାନେ ଆଜି ସଂଧ୍ୟା ଗାଡ଼ିରେ ହେଉ, ନଚେତ କାଲି ସକାଳେ ହେଉ ଚାଲିଯିବେ ।

ଫାଦର - ମୋର ବହୁତ କାମ ଅଛି, ସଂଧ୍ୟାରେ ଆମେ ଚାଲିଯିବୁ ।

Digitized by srujanika@gmail.com

କୃପାସିନ୍ଧୁ - (ନମସ୍କାର କଲେ)

(ମଞ୍ଚ ଅନ୍ଧାର ହେଲା)

(ଅନ୍ଧକାର ମଧ୍ୟରେ ରାତ୍ରି ପାହିବାର ଆଭାସ । ସୁପ୍ରଭାତମ୍ ଶ୍ଳୋକମ୍ ପ୍ରଚ୍ଛଦପଟରୁ ଭାସି ଆସୁଥାଏ ସଂଗୀତ । ବରଜୁ, ଘରର ଆସବାବ ପତ୍ର ଝାଡ଼ୁ ମାରୁଥାଏ । ପ୍ରବେଶ କଲେ ମୁକୁନ୍ଦ ମିଶ୍ର ।)

ମୁକୁନ୍ଦ - (ଠିଆ ହେଲେ ।)

ବରଜୁ - କ'ଣ ଭାଇନା, ଏତେ ଦିନକେ ମନେ ପଡ଼ିଲା । କେତେଥର ଲୋକ ଗଲା, କାହିଁ ଆସିଲନି ତ ?

ମୁକୁନ୍ଦ - ଆଉ ସେ କଥା କାହିଁକି କହୁଛୁ ?

ବରଜୁ - କହିବିନି ? ସେଦିନ ମୋତେ ଖୁବ୍ ନାଲି ଆଖି ଦେଖାଇଲ, ବହୁତ ତୁମ୍ଭି ତୋଫାନ କାଢ଼ିଲ ? ଆଜି ଫେରେ ଆସିଛ ? କି କାମ ତୁମର ଏଠି ଅଛି କି ?

ମୁକୁନ୍ଦ - ଶୁଣିଲି, ରଜା ତୀର୍ଥ ଯାଉଛନ୍ତି । ଆଉ ରାଣୀମାବି ତାଙ୍କ ସାଙ୍ଗରେ ଯାଉଛନ୍ତି । ବହୁତ ଦିନ ହେଲା ଦେଖିନି, ଲାଜରେ ଆସିବାକୁ ମନ ହଉ ନଥିଲା ।

(ପ୍ରବେଶ କଲେ କୃପାସିନ୍ଧୁ ।)

କୃପାସିନ୍ଧୁ - ନମସ୍କାର ମିଶ୍ରେ ।

ମୁକୁନ୍ଦ - (ଆଶୀର୍ବାଦ ଶ୍ଳୋକ ଉଚ୍ଚାରଣ କରି ଠିଆ ହେଲେ ।)

କୃପାସିନ୍ଧୁ - ହଁ, ତୁମକୁ ବହୁତ ଥର ଡ଼କେଇ ପଠେଇଲି । ଦେହ ଭଲ ନ ଥିଲା ଶୁଣିଲି । କିମତି ଅଛ ?

ମୁକୁନ୍ଦ - ଆପଣଙ୍କର ଦୟାରୁ ଭଲ ଅଛି ଆଜ୍ଞା ।

କୃପାସିନ୍ଧୁ - ମୋର ଦୟା ନୁହେଁ ମିଶ୍ରେ, ତାଙ୍କର ଦୟାରୁ ସମସ୍ତେ ଆମେ ବଞ୍ଚିଛେଇଁ । ସମସ୍ତଙ୍କର କୁଶଳ ସେ ହିଁ ଦେଖୁଛନ୍ତି । ହଁ, କହିବାକୁ ଭୁଲି ଯାଇଥିଲି । ବୋହୁ ତାଙ୍କ ବାପଘରକୁ ଚାଲିଗଲେ ।

ମୁକୁନ୍ଦ - କାହିଁକି ଆଜ୍ଞା ?

କୃପାସିନ୍ଧୁ - ଆହା, ବାହାଘରପରଠାରୁ ସେ ତାଙ୍କ ବାପଘରକୁ ଯାଇନଥିଲେ ଚାଲିଗଲେ । ମୁଁ ତୀର୍ଥଭ୍ରମଣରେ ଯାଉଛି । ଆଉ ରାଣୀମା' ମଧ୍ୟ ଯାଉଛନ୍ତି । ଦୀନା ଏକୁଟିଆ ରହିବ । (ଦୀନନାଥ ଆସିଛନ୍ତି ।)

Digitized by srujanika@gmail.com

ଦୀନନାଥ - (ମୁକୁନ୍ଦ ମିଶ୍ରଙ୍କୁ) ନମସ୍କାର କଲା ।

ମୁକୁନ୍ଦ - (ଆଶୀର୍ବାଦ କରିଛନ୍ତି)

କୃପାସିନ୍ଧୁ - ଦୀନ, ମୁଁ ଯାଉଛି । ଫେରୁ ଫେରୁ ବହୁତ ଦିନ ହୋଇଯିବ । ଘରେ ଚାକର, ବାକର ସବୁତ ଅଛନ୍ତି । ମୁଁ ଭାବୁଛି ତୁମର କିଛି ଅସୁବିଧା ହେବନି । ହଁ, ମିଶ୍ରେ ଦୀନ ତୁମକୁ ଲାଗିଲା ।

ମୁକୁନ୍ଦ - (କାନ୍ଦି) ମୋ ପ୍ରତି ଆପଣ ସେହି ସ୍ନେହ ରଖିଛନ୍ତି ।

କୃପାସିନ୍ଧୁ - କାହିଁକି ? ତୁମେ ତ ମୋର କିଛି ଅନିଷ୍ଟ କରିନ ମିଶ୍ରେ । ଯାହା ସବୁ ହୋଇଯାଇଛି, ସବୁ ରାଧାମାଧବଙ୍କର ଇଚ୍ଛା । ମନୁଷ୍ୟ ସମୟର ଦାସ । ସମୟ ସବୁ ଠିକ୍ କରିଦବ । ହଁ, ମଠର ଦାୟିତ୍ୱ ତୁମର । ଶୁଣିଲି ଅତିଥି, ଅଭ୍ୟାଗତ କେହି ଆଉ ଅନ୍ନ ଗ୍ରହଣ କରୁନାହାନ୍ତି । ତା'ହେଲେ ଗୋପୀନାଥେ ଅନ୍ନ ଗ୍ରହଣ କରିବେ କିପରି ? ତୁମେ ଦାୟିତ୍ୱ ନିଅ । ଲୋକଙ୍କୁ ବୁଝାଇଦିଅ । ସେମାନେ ଭୁଲ ବୁଝିଛନ୍ତି ।

ମୁକୁନ୍ଦ - ସବୁର ମୂଳରେ ମୁଁ ଆଜ୍ଞା । (ଆଖିରୁ ଲୁହ ପୋଛିଲେ ।)

କୃପାସିନ୍ଧୁ - ଫେରେ ସେଇ କଥା କହିଲ । ସବୁ କିଛି ଭୁଲିଯାଅ । ମଠର ଦାୟିତ୍ୱ ତୁମକୁ ଲାଗିଲା । ରଙ୍ଗାମଠର ଯେଉଁ ସୁନାମ ଥିଲା, ତାକୁଇ ତୁମେ ରଖିବ । ବରଜୁ, ବରଜୁ

ବରଜୁ - (ଆସିଛି) ସାଆନ୍ତେ,

କୃପାସିନ୍ଧୁ - ଯା, ମା'ଙ୍କୁ ଡ଼ାକିଦେ, ସୁଟକେଶ, ବେଡ଼ିଂ ନେଇଆ । ବେଳ ହୋଇ ଯାଉଛି ।

(ସୁଲକ୍ଷଣା ଆସି ପହଞ୍ଚିଲେ ।)

ସୁଲକ୍ଷଣା - ଚାଲ ବାହାରିଯିବା ।

(ଦୀନନାଥ ବାପ, ମା'ଙ୍କ ଗୋଡ଼ତଳେ ମୁଣ୍ଡିଆ ମାରିଲେ । ବରଜୁ ମଧ । ଏମାନେ ସବୁ ଚାଲିଗଲେ । ବରଜୁ ଠିଆ ହୋଇ କାନ୍ଦୁଥିଲା ।)

ଦୀନନାଥ - କାନ୍ଦୁଛୁ କାହିଁକି ? ଏଇମିତି ଦିନେ ସମସ୍ତେ ଚାଲିଯିବେ ।

(ଦୁହେଁ ଭିତରକୁ ଗଲେ । ବାହାରକୁ ଶୁଭୁଥାଏ ବରଜୁର କ୍ରନ୍ଦନ ସ୍ୱର ।)

- ଅନ୍ଧାର -

Digitized by srujanika@gmail.com

- ଷଷ୍ଠ ଦୃଶ୍ୟ -

(ଗ୍ରାମପଥ । ବିମଳ ଆସୁଥିଲେ । ହରିକୃଷ୍ଣ ଆଗରୁ ଆସୁଥିଲେ । ମହୁରୀ ବାଜୁଥାଏ ।)

ହରିକୃଷ୍ଣ - ବିମଳଭାଇନା

ବିମଳ - କିରେ କଥା କ'ଣ ? ତୁ ଏତେ ବ୍ୟସ୍ତ ହୋଇ ଦଉଡୁଛୁ କାହିଁକି ?

ହରିକୃଷ୍ଣ - ବରଜୁଆ କୁଆଡ଼େ ଗଲା ?

ବିମଳ - କାହିଁକି ?

ହରିକୃଷ୍ଣ - ତା'ଠେଇଁ ମୋର କାମ ଅଛି ।

ବିମଳ - କିରେ ତା'ପାଖରେ ତୋର କି କାମ ?

ହରିକୃଷ୍ଣ - ମୋର ସର୍ବନାଶ କରିଦେଲା ?

ବିମଳ - ଆରେ, ବରଜୁଆ ତୋର କି ସର୍ବନାଶ କରିବ ?

ହରିକୃଷ୍ଣ - ହେଇ, ଶୁଣୁନା,

ବିମଳ - ଓ, ତା'ଭଉଣୀର ବାହାଘର କଥା କହୁଛୁ ? ମୁଁ ତ ଦେଖିଲି, ସେ ବଡ଼ବ୍ୟସ୍ତ ହୋଇ ଦୌଡୁଥିଲା ।

ହରିକୃଷ୍ଣ - ତୁମେ ତା'ଘରଆଡ଼େ ଯାଇଥିଲ ?

ବିମଳ - ଯିବିନି କିମତି କହିଲୁ ? ମୋତେ ପରା ଡ଼ାକିଥିଲା । ସାନବାବୁ ଯାଇଥିଲେ । ବୁଝିଲୁ କୃଷିଆଁ, ଲୋକେ ଆଗ କଥା ସବୁ ଭୁଲିଗଲେଣି । ସାନବାବୁଙ୍କୁ ଯୋଉ ଖାତିରି କଲେ । ରଜା ଆସିଛନ୍ତି ବୋଲି, ମାଇପିମାନେ ହଳଦିପାଣିରେ ପାଦ ଧୋଇଦେଲେ । ବାବୁ ଝିଅଜୋଇଁଙ୍କ ହାତରେ ଦି, ହଜାର ଟଙ୍କା ଦେଲେ ।

ହରିକୃଷ୍ଣ - ଝିଅ, ଜ୍ୱାଇଁ ? କ'ଣ ବାହାଘର ସରିଗଲା ?

ବିମଳ - କିରେ ହାତଗଣ୍ଠି ପଡ଼ିଲା । ଝିଅ, ଜ୍ୱାଇଁ କଉଡ଼ି ଖେଳୁଥିଲେ, ସେଇଠୁ ମୁଁ ପରା ଆସିଲି ।

ହରିକୃଷ୍ଣ - ହାରାମି ଶଳା କେଡ଼େ କଥା କଲା ? ମୋତେ କହିଥିଲା, ବାହାଘର ଆଗରୁ, ତା ଭଉଣୀ ସହିତ-

ବିମଳ - ତୁ ଗାଁ ଛାଡ଼ି ଚାଲିଯାଇଥାନ୍ତୁ । ଏଇ କଥା କହୁଛୁ ତ ?

ହରିକୃଷ୍ଣ - ପୃଥ୍ୱିରାଜଙ୍କ ପରି ସଂଯୁକ୍ତା ହରଣ ହେଇଥାନ୍ତା । ଅର୍ଜୁନ ସୁଭଦ୍ରା ହରଣ କଲାପରି, ମୁଁ ଗାଡ଼ି ଠିଆ କରିଛି, ବସେଇ କଲିକତା ନେଇଯାଇଥାନ୍ତି ।

Digitized by srujanika@gmail.com

ବିମଳ - (ହସିଲେ) ହଇରେ କୃଷ୍ଣିଆଁ, ଆଉ ପିଲାବୁଦ୍ଧି ଛାଡ଼ିନୁ ? ଏଇଥିପାଇଁ କେତେ ଯାଗାରେ, କେତେ ମାଡ଼ ଖାଇଲୁଣି । ଯଦି କିଛି ଏଇଠି ଗୋଳମାଳ କରିଥାନ୍ତୁ, ମାଡ଼ ଭରଣଟା ପାହୁଲାଏ ହୋଇଥାନ୍ତା । ତୋ ଭାଗ୍ୟ ଭଲ । ଲୋକେ ସବୁ ଯେଉଭଳି ଥିଲେ । ଏ ଝିଅଟାକୁ ତୋ ବାପା, ବୋଉ କେବେ ହେଲେ ବୋହୂ କଣ ନେଇ ନଥାନ୍ତେ । ତୁମ ଉଚ୍ଚ ଜାତି, ସେମାନେ ହେଲେ ଗଉଡ଼ ଜାତି । ତାଙ୍କ ଘରେ ବାହା ହେଇଥିଲେ, ସାନବାବୁର ଅବସ୍ଥା ଭୋଗିଥାନ୍ତୁ । ଖୁବ୍ ଭଲ ହୋଇଛି । ବର୍ତ୍ତିଗଲୁ । ଭାଗ୍ୟ ତୋର ଭଲ ।

ହରିକୃଷ୍ଣ - ହଇଏ ବିମଳ ଭାଇନା, ସେ ଝିଅଟା କଥା କ'ଣହେଲା ?

ବିମଳ - କୋଉ ଝିଅ କଥା କହୁଛୁ, କହିଲୁ ?

ହରିକୃଷ୍ଣ - ସାନବାବୁଙ୍କ ଭାର୍ଯ୍ୟା ଯାଇ ୫ ମାସ ହେଲା । ଆଉ ତ ଫେରିଲାନି ।

ବିମଳ - ଆଉ ଫେରିବନିରେ । ସେ ତେଣେ ବାହା ହେଇଗଲା ।

ହରିକୃଷ୍ଣ - ଖୁବ୍ ଭଲ ହେଲା । ବାବୁ ଆଉ ବାହା ହେବେନି ।

ବିମଳ - ନା । ମୁଁ ବହୁତ ବୁଝେଇଲି । ସେ ମନା କରିଦେଲେ ? ତାଙ୍କର ମନ ବାବାଜି ହୋଇ ଚାଲିଯିବାକୁ । ହେଲେବାପା, ମା' ଫେରିଲାପରେ, ତାଙ୍କୁ ଦେଖାକରି ଚାଲିଯିବେ ।

ହରିକୃଷ୍ଣ - ବିମଳାଇନା । କିଛି ଭଲ ହବନି ହେ ? ତୁମକୁସେ ଭାରୀ ମାନନ୍ତି, ତାଙ୍କୁ ଟିକିଏ ବୁଝାଅ । କୁଳଟା ତ ରହିବା ଦରକାର । କୁଳବୁଡ଼ି ଯିବ ଯେ ।

ବିମଳ - ଦେଖିଲୁ ନା, ପର ପାଇଁ ତତେ କେତେ ବ୍ୟସ୍ତ ଲାଗୁଛି । ତୁ ଯାହାର ଝିଅଟାକୁ ଚୋରାଇ ନେଇଥାନ୍ତୁ, ବାହା ତ ହେଇପାରିନଥାନ୍ତା, ବଦନାମ ହେଇଥାନ୍ତୁ । ବାପା, ମା ମନଦୁଃଖକରି ପଦାରେ ମୁହଁ ଦେଖାନ୍ତେ ନାହିଁ । ତୋତେ ଆଉ କେହି ଝିଅ ଦେଇନଥାନ୍ତେ । ଗୋଟିଏ ବୋଲି ପୁଅଟୁ । ତୋ କୁଳଟା ବୁଡ଼ି ଯାଇନଥାନ୍ତା । ଯାଆ ଭଲ ବୁଦ୍ଧି ଧର ।

ହରିକୃଷ୍ଣ - ସତ କହିଛ ଭାଇନା ।

ବିମଳ - କିରେ ମୁଁ କ'ଣ ମିଛ କହେ । ବିମଳ ନନ୍ଦକୁ ଉଜାବୁଡ଼ା ମାନି ଯାଇଥିଲା । ମଣିଷ ତ ସେ ନୁହେଁ, ଦେବତା । ହରିଦାଶକୁ ମଠ କାମ ଦେଲା । ମୁକୁନ୍ଦ ମିଶ୍ରକୁ ମଠ ଦାୟିତ୍ୱ ଦେଇ, ତୀର୍ଥ କରି

Digitized by srujanika@gmail.com

ଚାଲିଗଲେ । ତେବେ ମୁଁ ରଜାଘର ଆଡ଼େ ଯାଇନାହିଁ । ବୁଝିଆସେ, ବୁଢ଼ା, ବୁଢ଼ୀଙ୍କର ହାଲଚାଲ କ'ଣ ?

ହରିକୃଷ୍ଣ - ସାନବାବୁଙ୍କୁ ମୁଁ ଦେଖିନି । ଦେଖିବାକୁ ମୋର ବି ଭାରୀ ମନ ।

ବିମଳ - ଚାଲୁନୁ, ମିଶିକରି ଯିବା ।

(ଏଇ ସମୟରେ ବରଜୁ ଆସିଛି । ହାତରେ ଲଡୁ ଥାଳି ।)

ହରିକୃଷ୍ଣ - ହଇରେ ବରଜୁଆ,

ବିମଳ - କିରେ ହାତରେ କ'ଣ ?

ବରଜୁ - କେତେ ଛୋପରା ହଉଚ ମ ଭାଇନା । କ'ଣ ଧରିଛି ଦେଖି ପାରୁନା । କମଳି ଅପା ପରା ବାହା ହେଲା ? ଲଡୁ, ନିଅ ଗୋଟେ ଖାଅ । କିରେ କୁଷିଆଁ ।

ହରିକୃଷ୍ଣ - ତୋର ଚୋପା କାଢ଼ିଦେବି ।

ବରଜୁ - ଦେଖମ, ଭାଇନା, ମୁଁ ମନା କରୁଥିଲି, ମୋ ହାତରେ କୋଡ଼ିଏ ଟଙ୍କିଆ ନୋଟଟିଏ ଗୁଞ୍ଜିଦେଲା, କହିଲା କ'ଣ ନା, ବାହାଘର ଦିନ ମୋ ଅପାକୁ ଏ ଘୋଡ଼ାରେ ବସେଇ ନେଇଯିବ । ଏ କ'ଣ ରଜାପୁଅ ହେଇଛିଯେ, ଘୋଡ଼ାରେ ବସେଇ ରାଜକୁମାରୀକୁ ଚୋରେଇ ନେଇଯିବ ? ମୁଁ ପୁଣି ଏ ରଇଜଲା ଫଟା ରସିକକୁ ମୋ ଭଉଣୀକୁ ଛାଡ଼ି ଦେଇଥାନ୍ତି । ହଉ, ନେ, ଲଡୁଟାଏ ଖା । ଟଙ୍କା ୧୯ ଗଲା ବୋଲି ଜାଣେ ।

(ଏଇ ସମୟରେ ଜଣେ ଲୋକ ଦଉଡ଼ି ଆସିଛି ଝାଳ, ନାଳ ହେଇଗଲାଣି । ବସିପଡ଼ି, ଗାମୁଛାରେ ମୁହଁଟାକୁ ଆଗ ପୋଛି ପକାଇଲା ।)

ଜନୈକବ୍ୟକ୍ତି - ବରଜୁଆରେ... ବରଜୁଆ । ବିମଳ ସାଆନ୍ତେ, କଥା ସରିଗଲା

ବରଜୁ - କିରେ କ'ଣହେଇଛି କହୁନୁ ।

ଜନୈକବ୍ୟକ୍ତି - ବୁଢ଼ାରାଜା, ରାଣୀମା ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲେ ।

ବିମଳ - ଚାଲିଗଲେ ? କ'ଣ ହେଇଥିଲା ?

ଜନୈକବ୍ୟକ୍ତି - ରଜାଘରକୁ ଯାଇଥିଲି । ଗୋଟାଏ ଲୋକ ଆସି ପହଞ୍ଚିଲା । ସେ ଚିଠିଟିଏ ଆଣିଥିଲା । ଚିଠି ବାବୁ ପଢ଼ିଲେ । ଆଖ ପାଖ ଲୋକ ଜମା ହେଇଗଲେ । ଶୁଣ୍ଣ, ଶୁଣ୍ଣ କଥା କ'ଣ କି, ତୀର୍ଥଯାତ୍ରୀ ମଟର କେଦାରନାଥ ଯାଉ, ଯାଉ ଖାଲକୁ ଖସି ପଡ଼ିଲା । ସେଥିରେ

Digitized by srujanika@gmail.com

ବୁଡ଼ାରଜା, ରାଣୀମା ଆଘାତ ପାଇ ଡାକ୍ତରଖାନାକୁ ଗଲେ । ବିହିଁଙ୍କ ପ୍ରାଣ ସୁକୁ, ସୁକୁ ହେଉଥିଲା । ରଜା ସଂଧ୍ୟାରେ ଗଲେ, ବୁଢ଼ୀ ସକାଳକୁ ।

ବରଜୁ - କ'ଣ କହିଲୁ ? ସାଆନ୍ତ ରଜା, ରାଣୀମା ଚାଲିଗଲେ । କେଢ଼େ କଥା ହେଲା । ବିମଳାଇନା ଆଣ୍ଟ, ଯିବା ।

- ଅନ୍ଧାର -

- ଶେଷ ଦୃଶ୍ୟ -

(ସେଇ ଗଛ । ସନ୍ଧ୍ୟାର କ୍ଷୀଣଆଲୋକରେ ସାମନ୍ତ ଦୀନନାଥଙ୍କର ମୁହଁ ଝାପସା ଦେଖାଯାଉଥିଲା । ପାଖରେ ଲଣ୍ଠନଟିଏ ଥୁଆ ହୋଇଥାଏ । ବରଜୁ ଗିଲାସରେ କ୍ଷୀର ଢ଼ାଳି ଦେଲା । ଦୀନନାଥ କ୍ଷୀର ପିଇଲେ ।)

ବରଜୁ - ହଁ ସାନବାବୁ, ସେଦିନ ରାତିରେ ଆପଣ ଶୋଇବାକୁ ଗଲେ । ସେତେବେଳେ କାନ୍ଥଘଣ୍ଟାରେ ତିନିଟା ବାଜିଲା । ମୋର ଆଖି ପଡ଼ିଗଲା । ମୁଁ ବାରଣ୍ଡାରେ ଶୋଇପଡ଼ିଲି । ନିଦ ଭାଙ୍ଗିଲାବେଳକୁ ଦିନ ୮ଟା ବାଜିଲାଣି । ଚା' ତିଆରି କରି ଆପଣଙ୍କ ବଖରାକୁ ଗଲି । ଦେଖିଲି,କେହି ନାହାନ୍ତି ତା'ପରେ ଚାରିଆଡ଼େ ଖୋଜିଲି । ଆଜିକୁ ୩୦ ବର୍ଷ ହେଇଗଲା । ଆପଣ କୁଆଡ଼େ ଗଲେ ସାନବାବୁ ?

ଦୀନନାଥ - ହଁ, ବରଜୁ । ଏ ସଂସାର ଅନିତ୍ୟ । ଏଠାରେ ଯାହା ସବୁ ଦେଖୁଛ, ତାହା କ୍ଷୀଣସ୍ଥାୟୀ । ଜୀବନ ପାଣି ଫୋଟକା ସଦୃଶ । ଏହି ଅନିତ୍ୟ ସଂସାରରେ ଲୋକମାନେ ଖାଲି ମୃଗତୃଷ୍ଣା ପଛରେ ଧାଇଁଛନ୍ତି । ପ୍ରକୃତ ଜଳର ସନ୍ଧାନରେ କେହି ଜଣେ ହେଲେ ନାହିଁ । ସ୍ତ୍ରୀ, ପୁତ୍ର, କନ୍ୟା ଏ ସବୁ ମାୟା । ମାୟାଜାଲରେ ବନ୍ଧା ଏହି ମନୁଷ୍ୟ ଏମାନଙ୍କ ପାଇଁ ଭୁଲ ପରେ ଭୁଲ କରି ଚାଲିଛି । ଯେଉଁ ଭୁଲର ଅନ୍ତ ନାହିଁ । ତେଣୁ ସମସ୍ତ ସଂପତ୍ତି, ସୁଖ, ସମ୍ଭୋଗକୁ ତୁଚ୍ଛ କରି, ମୁଁ ଚାଲିଗଲି ସନ୍ୟାସ ଜୀବନ ପାଇଁ । ଖୁବ୍ ଆନନ୍ଦ ପାଇଛି । କାମନାର ବିନାଶରେ ପ୍ରକୃତ ଶାନ୍ତି ଯେ ମିଳେ, ଏ କଥା ମୁଁ ଭଲ ଭାବରେ ଉପଲବ୍ଧି କଲି ।

Digitized by srujanika@gmail.com

ବରଜୁ - ଯେଉଁମାନେ ଆପଣଙ୍କ ଘରେ ଥିଲେ, ଆପଣ ନ ଆସିବା ଦେଖି, ସବୁ ଜିନିଷ ପତ୍ର ବୋହିନେଲେ । କେତେଦିନ ମୁଁ ରାତିରେ ଆସି ଶୋଉଛି । ବୋଉ ମୋତେ ବାହା କରିଦେଲେ ।

ଦୀନନାଥ - ତା'ହେଲେ ତୁମେ ବିବାହିତ । ତୁମର ସନ୍ତାନ ସନ୍ତତି ।

ବରଜୁ - ଗୋଟିଏ ପୁଅ ହୋଇଥିଲା ସାନବାବୁ, ୧୦ ବର୍ଷ ପରେ ହଇଜାରେ ମାଆ, ପୁଅ ଚାଲିଗଲେ । ମୁଁ ଖାଲି ପଡ଼ି ରହିଲି ଥୁଣ୍ଟା ବରଗଛ ପରି ।

ଦୀନନାଥ - ଏଥିରେ ଦୁଃଖ କରିବାର କ'ଣ ଅଛି ବରଜୁ । ସମସ୍ତେ ତ ଚାଲିଯିବେ । କିଏ କ'ଣ ରହିବ ? ମୁଁ ତ ସମସ୍ତଙ୍କୁ ଦେଖିଲି । ମୁକୁନ୍ଦ ମିଶ୍ର, ହରିଦାଶ ସମସ୍ତେ ଅଛନ୍ତି । ଆଉ ଗାଁର ସବୁ ଭଲ ତ ? ବିମଳ ନନ୍ଦ ଅଛନ୍ତି ?

ବରଜୁ - ବୁଢ଼ାମାନେ ଚାଲିଗଲେଣି ସାନବାବୁ । ବୁଢ଼ିଆଜଜା, ହରି ମଙ୍ଗରାଜ, ଯଦୁ ପିଅନ ସେମାନେ ତ ବହୁଦିନୁ ଚାଲିଗଲେଣି । ବିମଳବାବୁ ଆପଣଙ୍କୁ ବହୁତ ଖୋଜିଲେ । ମୁଁ ସମସ୍ତଙ୍କୁ କହି ଦେଇଛି । ଗାଁଯାକ ଲୋକ ଆସୁଛନ୍ତି । ଆପଣ ଆସିବା ଖବର ଶୁଣି, ଗାଁରେ ଚହଳ ପଡ଼ିଯାଇଛି । କିନ୍ତୁ ମୁଁ ସମସ୍ତଙ୍କୁ ମନା କଲି । ସାଆନ୍ତଙ୍କର ଦେହ ଖରାପ । ସାଆନ୍ତେ ଘରକୁ ଆସନ୍ତୁ ?

ଦୀନନାଥ - ନା ବରଜୁ, କୋଉ ଘରକୁ ମୁଁ ଯିବି । କୋଉଠି ମୋର ଘର, କୋଉଠି ମୋର ଗାଁ । ଏ ଘର ଯାହା ଦେଖୁଛ, ଏ ତ ମୋ ଘର ନୁହେଁ । ମୋ ଘର ଅଛି ବହୁତ ଦୂରରେ । ସେଠାକୁ ଯିବାକୁ ମୁଁ ପ୍ରସ୍ତୁତ ହେଉଛି ।

ବରଜୁ - ସେମିତି କହନି ସାନବାବୁ, ଦେହଟା କ'ଣ ଭଲ ହେଇଯିବନି ?

ଦୀନନାଥ - ହଁ, ତୁମେ କ'ଣ ମୋତେ ଛାଡ଼ିବାକୁ ଚାହଁବ ? ତୁମେ ଭାବୁଛ ବରଜୁ, ତୁମେ ଯେପରି ବହୁଦିନ ଏଇଠି ରହିବ, ମନ ହେଲା, ନିଜ ଜନ୍ମଭୂମି ଦର୍ଶନ କରିବି । ଯାହାର ପାଣି, ପବନରେ ବଢ଼ି ମଣିଷ ହୋଇଥିଲି, ତାରି କୋଳରେ ଶେଷ ଶୟନ କରିବି । ଏଇ ଆଶା ନେଇ ମୁଁ ଫେରି ଆସିଛି ବରଜୁ, ମୋର ଜନ୍ମଭୂମି କୋଳକୁ । (ଏଇ ସମୟରେ ତାଙ୍କର ଦେହରେ ଯନ୍ତ୍ରଣା ଅନୁଭବ ହେଲା । ସେ ବ୍ୟସ୍ତ ହୋଇ ପଡ଼ିଲେ । ଦେହରୁ ଝାଳ ବୋହିଲା ।)

Digitized by srujanika@gmail.com

ବରଜୁ - (ବ୍ୟସ୍ତ ହୋଇ ପଡ଼ିଲା) ବାବୁ, ସାନବାବୁ, ଦେହ କ'ଣ ଲାଗୁଛି ?
ଦୀନନାଥ - ହଁ, ମୁଁ ଟିକିଏ ଶୋଇବି ।
(ବରଜୁର କୋଳରେ ମୁଣ୍ଡ ରଖି ଶୋଇଲେ ଦୀନନାଥ । ଗ୍ରାମବାସୀ ଜଣକ ପରେ ଜଣେ ହୋଇ ଆସି ପହଞ୍ଚିଲେ । ବିମଳ, ହରେକୃଷ୍ଣ, ହରିଦାଶ, ମୁକୁନ୍ଦ ମିଶ୍ର)
ବରଜୁ - ଟିକିଏ ଅପେକ୍ଷା କର । ବାବୁ ଶୋଇଛନ୍ତି । ଏବେ ଦେହରୁ ପାଣି ବୋହିଗଲା ।
ଦୀନନାଥ - (କିଛି ସମୟପରେ) ବରଜୁ
ବରଜୁ - ସାଆନ୍ତେ, ଗାଁଲୋକେ ଆସିଛନ୍ତି ।
ଦୀନନାଥ - ମୋତେ କହିନ କାହିଁକି ? ଦେହଟା ଭଲ ଲାଗିଲାନି ।
ମୁକୁନ୍ଦ - ସାନବାବୁ ।
ଦୀନନାଥ - କିଏ ?
ମୁକୁନ୍ଦ - ମୁଁ ମୁକୁନ୍ଦ ମିଶ୍ର ।
ଦୀନନାଥ - ନମସ୍କାର କକା ।
ମୁକୁନ୍ଦ - ଆପଣଙ୍କର ଅବସ୍ଥା ଏ କ'ଣ ହେଲା ? (କାନ୍ଦିଲେ)
ଦୀନନାଥ - କାହିଁକି କାନ୍ଦୁଛ କକା ? ଆପଣ ଭଲ ଅଛନ୍ତି ।
ମୁକୁନ୍ଦ - ଆଉ କି ଭଲ ବାବୁ ? ପିଲା, ମାଇପ ସବୁ ମଲେ । ଯାହା ପାପ କରିଥିଲି । ତାର ଫଳ ଭୋଗୁଛି ।
ଦୀନନାଥ - ମଠ କେମିତି ଚାଲିଛି ?
ମୁକୁନ୍ଦ - ପଚାରି ଆଉ ଲଜ୍ଜା ଦିଅନ୍ତୁନି ସାନବାବୁ ।
ଦୀନନାଥ - ଆଉ କିଏ ଆସିଛନ୍ତି ବରଜୁ ?
ବିମଳ - ମୁଁ ବିମଳ ।
ଦୀନନାଥ - ଭଲ ଅଛ ବିମଳ ।
ବିମଳ - ଆଉ କି ଭଲ ଆଜ୍ଞା, ସେମିତି ଚାଲିଛି । ତେବେ ଆପଣ ଏ ଗଛମୂଳେ କେତେଦିନ ରହିବେ । ଏ ଶୀତ, କାକରରେ ।
ଦୀନନାଥ - ଏଇ ଗଛମୂଳେ ମୋର ନିର୍ବାଣହେବ । ଭଗବନ ବୋଧିସତ୍ତ୍ୱଙ୍କର ଏଇଭଳି ନିର୍ବାଣ ହୋଇଥିଲା । ସେ ଥିଲେ କୋଟି ଅନ୍ତରର ଆରାଧ ଦେବତା ।
ବିମଳ - ଆପଣ ବି ଆମର ପରମ ଆରାଧ ।

Digitized by srujanika@gmail.com

ଦୀନନାଥ - ସେଭଳି କହନି ବିମଳ । ହରିଦାଶେ ଆସିଛନ୍ତି ।

ହରିଦାଶେ - (କାନ୍ଦି) ଆଜ୍ଞା । ମୁଁ ଏଇଠି ଠିଆ ହୋଇଛି ।

ଦୀନନାଥ - ବିମଳ, ସେଇ ବ୍ୟାଗଟା ଦେଖ । ସେଇଥିରେ ଗୋଟାଏ ଡକ୍ୟୁମେଣ୍ଟ ଅଛି ।

ବିମଳ - (ବିମଳ ବ୍ୟାଗଟା ଖୋଲିଲା । ଡକ୍ୟୁମେଣ୍ଟଟି ବାହାର କଲା)

ଦୀନନାଥ - ହଁ, ଆଜ୍ଞା, ପାଇଲି । ଏଇ ଡକ୍ୟୁମେଣ୍ଟରେ ମୋର ସମସ୍ତ ସମ୍ପତ୍ତି ଗ୍ରାମର ହିତପାଇଁ ଦାନକରିଦେଲି । ଏଇଟି ଦେବା ପାଇଁ ମୁଁ ତୁମକୁ ଖୋଜୁଥିଲି । ରଖ । ହୁସିଆରେ ରଖ ।

ବିମଳ - ଆପଣ ଏ କ'ଣ କଲେ ସାନବାବୁ ?

ଦୀନନାଥ - କ'ଣ କିଛି ଭୁଲ କଲି ବିମଳ ?

ବିମଳ - ଆପଣ କ'ଣ ଭଲ ହୋଇଯିବେନି ଯେ - ଏମିତି କହୁଛନ୍ତି ।

ଦୀନନାଥ - ଭଲ ହୋଇ ବା ମୁଁ କେତେଦିନ ବଞ୍ଚିବି । ଏ ସଂପତ୍ତି ମୁଁ କ'ଣ ଦଖଲ ନେବାକୁ ଆସିଛି ବିମଳ ।

ବିମଳ - ଆପଣ ମହାନ, ସାନବାବୁ
(ଦୂରରୁ ଶୁଭୁଥିଲା କୀର୍ତ୍ତନ, ଖୋଳ, କରତାଳି)
ଏଇ କୀର୍ତ୍ତନଦଳ ଆସୁଛନ୍ତି ।

ଦୀନନାଥ - ଖୁବ୍ ଭଲ, ଭଗବାନଙ୍କ ନାମ ଏ କର୍ଣ୍ଣ ଗହ୍ୱରରେ ପଡ଼ିବ । ଧନ୍ୟ ପ୍ରଭୁ, ଧନ୍ୟ ତୁମର ଲୀଳା ।
(ଖୋଳ, କରତାଳ, ମୃଦଙ୍ଗ ଶୁଭୁଥିଲା)
ବରଙ୍କୁ ଏଇ ଦେଖ, ମୁଁ ଚାଲିଲି ।

ବିମଳ - ସାନବାବୁ, ସାନବାବୁ... (ମୁଣ୍ଡ ପିଟିଦେଲେ । ଚାରିଆଡୁ କ୍ରନ୍ଦନର ରୋଳ । କୋଳ, କୀର୍ତ୍ତନ ଶୁଭୁଥିଲା ।)
ଦୂରରୁ ଭାସି ଆସୁଥିଲା -
ବାସାସିଂଜୀର୍ଣ୍ଣାନି ଯଥା ବିଦାୟ
ବୋନି ଗୃହ୍ଣୋତି ନରୋପରାଣି
ତଥା ଶରୀରାଣି ବିଦାୟ ଜୀର୍ନ୍ନି ।
ନନ୍ୟାନି ସଂଯାତି ବୋନି ଦେହୀ ।

ନଇଁ ଆସିଛି ଯବନିକା

- ସମାପ୍ତ -

Digitized by srujanika@gmail.com

ନାଟକ

ଆହ୍ୱାନ



ନିର୍ଦ୍ଦେଶନା : ଶ୍ରୀ ପ୍ରଦୀପ୍ତ କୁମାର ପଣ୍ଡା (ଟୁଲୁ)

Digitized by srujanika@gmail.com

ଆୱାଜ୍

- ପ୍ରଥମ ଦୃଶ୍ୟ -

(କଳାପରଦା । ସୂତ୍ରଧରର ପ୍ରବେଶ ।)

ସୂତ୍ରଧର - କଳାପ୍ରେମୀ ରସିକ ଦର୍ଶକବୃନ୍ଦ । ନମସ୍କାର । ଆପଣମାନେ ନାଟକ ଦେଖିବେ । ନାଟକ କହିବ - ତୁମ, ଆମ ସମସ୍ତଙ୍କର କଥା । ଆପଣ ଜାଣନ୍ତି - ଆମେ ସ୍ୱାଧୀନ ଭାରତର ନାଗରିକ । ଏହି ସ୍ୱାଧୀନ ଦେଶର ଅର୍ଦ୍ଧାଧିକ ନାଗରିକଙ୍କୁ ଦୁଇବେଳା ପେଟ ପୂରାଇ ମୁଠାଏ ଖାଇବାକୁ ମିଳେନାହିଁ । ଦେଶର ପାଣ୍ଠିର ଟଙ୍କାଟିଏ ସାଧାରଣଙ୍କ ପାଇଁ ଖର୍ଚ୍ଚ ହେଲେ, ସାଧାରଣ ଜନତା ପାଏ ମାତ୍ର ଦଶ ପଇସା । ବଳକା ୯୦ ପଇସା ଯନ୍ତ୍ରୀ, ମନ୍ତ୍ରୀ, ତନ୍ତ୍ରୀମାନେ ହଡ଼ପ କରନ୍ତି । ସେଥିପାଇଁ ତଦନ୍ତ କମିଶନ ବସେ । କୋଟି କୋଟି ଟଙ୍କା ବରବାଦ ହୁଏ । ଫଳ ହୁଏ କ'ଣ ଜାଣନ୍ତି - ପର୍ବତର ମୂଷିକ ପ୍ରସବ । ଅପୁଷ୍ଟିକର ଖାଦ୍ୟ ଖାଇ ହଜାର, ହଜାର ଶିଶୁ ଅକାଳରେ ମୃତ୍ୟୁବରଣ କରନ୍ତି । କୃଷିଋଣ ସୁଝି ନ ପାରି ହଜାର ହଜାର କୃଷକ ଆତ୍ମହତ୍ୟା କରନ୍ତି । ସବୁଠାରୁ ଉନ୍ନତ ରାଜ୍ୟ ପଞ୍ଜାବରେ ଏବେ ଟ୍ରାକ୍ଟର ଋଣ ସୁଝିନ ପାରି ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି । ଏଥିପାଇଁ ଚାରିଆଡୁ ପ୍ରତିବାଦର ଆୱାଜ ଉଠୁଛି । ଯେ ଏ କୁତ୍ସିତ ଅନ୍ୟାୟ ବିରୁଦ୍ଧରେ ଆବାଜ ଉଠାଇ, ବନ୍ଧୁକ ଧରୁଛି,ସେ ହେଉଛି ଦେଶଦ୍ରୋହୀ, ସନ୍ତ୍ରାସବାଦୀ, ନକସଲପନ୍ଥୀ । ଆଉ ଯେଉଁମାନେ ଜନସାଧାରଣଙ୍କ ଅର୍ଥ ସର୍ବ ସମ୍ମୁଖରେ, ଦିବାଲୋକରେ ଲୁଣ୍ଠନ କରୁଛନ୍ତି ସେମାନେ ହେଉଛନ୍ତି ଦେଶପ୍ରେମୀ, ଜନନାୟକ । ଏମାନଙ୍କୁ ଗୁଳି ମିଳୁଥିବାବେଳେ ସେମାନଙ୍କୁ ମିଳୁଛି ଫୁଲହାର । ସମ୍ବର୍ଦ୍ଧନା । (ହସିଉଠିଛି) 'ଆୱାଜ' ନାଟକ, ଏମାନଙ୍କ ସଂପର୍କରେ ଆପଣଙ୍କୁ କହିବ । ଦେଖନ୍ତୁ ନାଟକ 'ଆୱାଜ' ।

(ମଞ୍ଚ ଅନ୍ଧକାର ହେଲା)

ଜଙ୍ଗଲ ସିନ୍, ଆଲୋକ ଜଳିଲାବେଳକୁ ଦେଖାଗଲା, ଏସ.ପି ଓ ଇନ୍ସପେକ୍ଟର ଦ୍ରୁତବେଗରେ ପଦଚାଳନା କରୁଥିଲେ ।

Digitized by srujanika@gmail.com

ଏସ୍.ପି. - ଜଙ୍ଗଲ ଚାରିପଟ ଘେରାଉ କରିଦିଅ । ଯେପରି ଜଣେ ହେଲେ ଯାଇନପାରେ ।

ଇନ୍ସପେକ୍ଟର - Yes Sir.

ଏସ୍.ପି. - Go, Hurryup. (ଚାରିଆଡୁ ସର୍ଚ୍ଚଲାଇଟର ଆଲୋକ ।) Fire (ଅର୍ଡ଼ର ଦେଲେ) (ଗୁଳିର ଆବାଜ । ଦୁଇଜଣ ନକସଲପନ୍ଥୀ ଗୁଳି ଆଘାତ ପାଇ, ମଞ୍ଚରେ ଟଳିପଡ଼ିଲେ ।)

- ଅନ୍ଧାର -

- ଦ୍ୱିତୀୟ ଦୃଶ୍ୟ -

(ରାସ୍ତା । ଗୋଟିଏ କଡ଼ରେ ଗୁଳିବିଦ୍ଧ ହୋଇ ପଡ଼ିଥିଲା ନକସଲପନ୍ଥୀ ବିଶୁନି ସରକାର । ଆଦିବାସୀ ଝିଅ ଚଇତାଳି ପାଣି ମାଠିଆ ଧରି ଆସୁଥାଏ । ଆଦିବାସୀ ସଂଗୀତର ଧୂନ୍ । ସେହି ଗୀତ ତାଳେ, ତାଳେ ଆଦିବାସୀ ଯୁବକ ଧରମା, ମଦପିଇ, ଚଇତାଳିର ପଛେ, ପଛେ ଗୋଡ଼ାଇଥାଏ ।)

ଧରମା - ଚଇତାଳି, ଟିକିଏ ଶୁଣ ।

ଚଇତାଳି - ତୁ ମୋ ପଛେ ପଛେ, ଗୋଡ଼ାଇଛୁ କାହିଁକି ? ତୁ ମୋ ପିଛା କାହିଁକି ଛାଡ଼ୁନୁ କହିଲୁ ?

ଧରମା - ତୁ ଖାଲି ବାହା ହେବୁ ବୋଲି, ଟିକିଏ ହଁ କରିଦେ, ମୁଁ ଚାଲିଯିବି ।

ଚଇତାଳି - ମୋରବାପା, ଭାଇକି ତୁ ଯାଇ ପଚାରେ । ମୁଁ ସେମାନଙ୍କୁ ନ ପଚାରି, ତତେ କିଛି କହିପାରିବି ନାହିଁ ।

ଧରମା - ହଇଲୋ ଚଇତାଳି, ମୋର କ'ଣ ନାହିଁ କହିଲୁ ? ରୂପ ନାହିଁ ନା ଗୁଣ ନାହିଁ । ମୋ ଠାରୁ ସୁନ୍ଦରିଆ ଟୋକା ଆଉ କିଏ ଅଛି କହିଲୁ ।

ଚଇତାଳି - ଦେଖେ, ମୋତେ ବେଶୀ ବିରକ୍ତ କରନା । ଥରେ କହିଲି ପରା ବାପାକୁ ଯାଇ ପଚାରେ ।

ଧରମା - ହଇଲୋ, ବାପା କ'ଣ କରିବ । ବାପା ପୁଣି କିଏ ? ତୋର, ମୋର ରାଜି ତ କ୍ୟା କରେଗା କାଜି ।

ଚଇତାଳି - କ'ଣ ହିନ୍ଦୀ କହୁଚୁ ?

ଧରମା - କହିବିନି । ମୋତେ କୋଉ ଭାଷା ଅଜଣା କହିଲୁ । ଇଂଲିସ୍, ହୀନ୍ଦୀ, ତେଲୁଗୁ, ସବୁ ଭାଷା ମୁଁ ଜାଣେ । (ଗେହ୍ଲେଇ ହୋଇ)

Digitized by srujanika@gmail.com

Darling I love you. ତୁମେ ମେଁ ପ୍ୟାର କରତା ହୁଁ । ନେହୁ ନିକୁ ପ୍ରେମିଷ୍ଟ୍ରୁଥାନ୍ତୁ । ତୁ କ'ଣ ଜାଣିନୁ । ମୁଁ ପରା ବୟେରେ ଥିଲି । ତା'ପରେ ସୁରତ । ମୋତେ ବାହାହେଲେ, ଆମେ ହନିମୁନ୍ କରିବାକୁ ଗୋଆ ଯିବା । Very beautiful place.

ଚଇତାଳି - ଧରମା, ତୁ ମୋତେ ସବୁବେଳେ ହଇରାଣ କରୁଛୁ । ତୁ ଯଦି ମୋ ସାଙ୍ଗରେ ଏମିତି ଲାଗୁ, ମୁଁ ଗାଁ ସାରା ଯାଇ କହିବି । ବାପାକୁ କହିବି । ମୁଖିଆକୁ କହିବି ।

ଧରମା - ତୁ ଯାହାକୁ ଇଚ୍ଛା, ତାକୁ ଯାଇ କହ । ଦେଖେ ଚଇତାଳି, ତୋ ପାଇଁ ମୁଁ ବିଦେଶ ଛାଡ଼ି ଗାଁକୁ ଚାଲିଆସିଲି । ସବୁବେଳେ ତୁ ମୋ ଆଖି ଆଗରେ ନାଚିଲୁ । ମୁଁ ବାୟା ହୋଇଗଲି । ପାଗଳଙ୍କ ପରି ଚାରିଆଡ଼େ ବୁଲିଲି । ତତେ ଭୁଲିଯିବା ପାଇଁ ମଦ ପିଇଲି ।

ଚଇତାଳି - ଏ ମଝି ରାସ୍ତାଟାରେ ମୋତେ ହିନସ୍ତା କରନା, କହୁଚି । କଥା କିଛି ଭଲ ହବନି ।

(ଏଇ ସମୟରେ କ୍ଷୀଣ କଣ୍ଠରେ ବିଶୁନି ସରକାର କଣ୍ଠରୁ ଶୁଭିଲା ।)

ବିଶୁନି - ପାଣି, ପାଣି

ଚଇତାଳି - (ପାଖକୁ ଦଉଡ଼ିଯାଇ ଆଞ୍ଜୁଳା, ଆଞ୍ଜୁଳା ପାଣି ପିଇବାକୁ ଦେଲା ।)

ବିଶୁନି - ମୁଁ କେଉଁଠି ? ମୁଁ, କେଉଁଠି ଅଛି ?

ଧରମା - ଆଲୋ, ତାର କ'ଣ ସେବା କରୁଛୁ । ଚାଲେ, ଏ ଯାଗା ଛାଡ଼ି ପଳେଇବା । ମୁଁ ଭାବୁଛି, ସେଇଟା ଗୋଟେ ଡାକୁ, ସୁଲତାନ୍ ।

ଚଇତାଳି - ଗୋଟାଏ ଲୋକ ବିପଦରେ ପଡ଼ିଛି । ସେ ଯେ କେହି, ହେଉନା କାହିଁକି, ସେ ପ୍ରଥମେ ମଣିଷ ।

ଧରମା - ସେବା କରୁଥା, ଫଳ ପାଉଛୁ ସେ ।

ଚଇତାଳି - ଧରମା, ଚାଲେ, ତାକୁ ବାପା ପାଖକୁ ନେଇଯିବା । ବାପା ଔଷୁଧ ଦେଲେ, ସେ ଭଲ ହେଇଯିବ ।

ଧରମା - ଆଲୋ, ସେ ମରୁଛି ସରୁ, ସେଥିରେ ବୋର ଯାଏ ଆସେ କ'ଣ ? ମୁଁ ତାକୁ ନେବିନି ।

ଚଇତାଳି - ଧରମା, ତୁ ତାକୁ ଧରେ । ମୁଁ କହୁଚି, ମୋ କଥା ଶୁଣିବୁନି ।

Digitized by srujanika@gmail.com

ଧରମା - ଡାରଲିଂ, ତୁ କହୁଚୁ । Very sweet word, lovely. ମୁଁ ନିଶ୍ଚୟ ନେବି । ତୋ କଥା ମୁଁ କ'ଣ ତଳେ ପକେଇ ଦେବି । ଚାଲ, ମୁଁ ଧରିବି ।

ଚଇତାଳି - ତୁମ୍ଭେମାନେ, ମୋତେ କୁଆଡ଼େ ନେବ । ମୁଁ କେଉଁଠି ଅଛି । ମୁଁ ଚାଲିଯିବି । ଧନ୍ୟବାଦ । (ହାତଯୋଡ଼ି) ତୁମ୍ଭମାନଙ୍କୁ ମୋର ଅଶେଷ ଧନ୍ୟବାଦ ।

ଧରମା - ତୁମେ କ'ଣ ଆମକୁ ବେଶି ଡରୁଛ - ଆମେ ଭଲଲୋକ । ତୁମର କୁସମକ୍ ନୋହୁଁ । ଆସ ଆମ ସାଙ୍ଗରେ ଆସ । (ତୁହେଁ ଧରିଲେ)

- ଅନ୍ଧାର -

- ତୃତୀୟ ଦୃଶ୍ୟ -

(ଏସ୍.ପି. କ୍ୱାର୍ଟର । ଏସ୍.ପି. ବସିଥିଲେ । ଇନ୍ସପେକ୍ଟର ଠିଆ ହୋଇଥିଲେ ।)

ଏସ୍.ପି. - କ'ଣ ବିଶୁନି ସରକାରର ଖବର ମିଳିଲା ?

ଇନ୍ସପେକ୍ଟର - ଖୋଜା ଚାଲିଛି ସାର୍ । ବିଶୁନି ସରକାର କୁଆଡ଼େ ଚାଲିଗଲା, ତାହାହିଁ ଆଶ୍ଚର୍ଯ୍ୟ ।

ଏସ୍.ପି. - ମୋର ମେନ୍ ଟାର୍ଗେଟ୍ ଥିଲା ବିଶୁନି ସରକାର । ସେଥିପାଇଁ ଥିଲା କୁମ୍ବିଂ ଅପରେସନ । କଣକଣ ଯବାନ ତା'ରି ପାଇଁ ପ୍ରାଣବଳି ଦେଲେ ।

ଇନ୍ସପେକ୍ଟର - ପୋଲିସ ଏନ୍କାଉଣ୍ଟରରେ ୫ ଜଣ ସନ୍ତ୍ରାସବାଦୀ ପ୍ରାଣତ୍ୟାଗ କରିଛନ୍ତି ସାର୍ ।

ଏସ୍.ପି. - ଆମ କ୍ଷତି ତୁଳନାରେ ତାଙ୍କର କ୍ଷତି କିଛି ନୁହେଁ ।

ଇନ୍ସପେକ୍ଟର - ତାଙ୍କ ହାତରେ ଆଧୁନିକ ଅସ୍ତ୍ରଶସ୍ତ୍ର । ଆମ ହାତରେ ସେହି ମାନ୍ଧାତା ଅମଳର ବନ୍ଧୁକ । A.K. 47 Rifle ସେମାନେ ବ୍ୟବହାର କରୁଥିଲେ ସାର୍ ।

ଏସ୍.ପି. - ବିଶୁନି ସରକାର, ନକସଲ ଆନ୍ଦୋଳନର ଜନ୍ମଦାତା ଚାରୁ ମଜୁମଦାରର ପଟ୍ଟଶିଷ୍ୟ ଥିଲା । ଜଙ୍ଗଲରୁ ଖସି ଆସି ସେ ଦୁର୍ଗମ ମାଳ ଅଞ୍ଚଳରେ, ତାର ଆନ୍ଦୋଳନ ଜାରି ରଖିଲା । ଆଞ୍ଚଳିକ

Digitized by srujanika@gmail.com

ଭାଷାରେ ସେ ଅନର୍ଗଳ ବକ୍ତୃତା ଦେଇ ପାରୁଛି । ତାର ଭାଷଣ, ଭାଷା ଶୈଳୀ, ପ୍ରତ୍ୟେକ ହୃଦୟକୁ ଜୟ କରିପାରୁଛି ।

ଇନ୍ସପେକ୍ଟର - ସେ ଏ ଭାଷା ଶିଖିଲା କୁଆଡୁ । ୧୦ ବର୍ଷ ଆମ ରାଜ୍ୟରେ ରହି, ଆମ ଲୋକେ, ଯେତେବେଳେ ଆମ ଭାଷା କହିପାରୁନାହାନ୍ତି, ଏ ଲୋକ ଏ ସବୁ ଭାଷା ଜାଣିଲା କିପରି ?

ଏସ୍.ପି. - ତୁମର କଥା ମୁଁ ବୁଝିପାରୁଛି । ରାଜନୀତି ଛାଡ଼ି, କର୍ତ୍ତବ୍ୟ କଥା ଚିନ୍ତା କର । ସରକାରୀ ଚାକିରୀ କରୁଛ । ସରକାରଙ୍କ ବିରୁଦ୍ଧରେ କହନାହିଁ । That is not good. C.C.R ସଂପର୍କରେ ତୁମେ ଖୁବ୍ ଜାଣ ।

ଇନ୍ସପେକ୍ଟର - Sorry sir, please excuse.

ଏସ୍.ପି. - ହଁ, ମୁଁ ତୁମକୁ ବିଶ୍ୱଜିତ ସରକାର ସଂପର୍କରେ କହୁଥିଲି । ସେ ଆଦିବାସୀ ଭାଷା କହିବାରେ ଓସ୍ତାଦ୍ । ତା'ଛଡ଼ା ସେ ଅନେକ ଗୁଡ଼ିଏ ଭାରତୀୟ ଭାଷା ଜାଣେ ।

ଇନ୍ସପେକ୍ଟର - ଏତେ ଗୁଡ଼ାଏ ଭାଷା ସେ ଶିଖିଲା କିପରି ସାର୍ ?

ଏସ୍.ପି. - ଶିଖିପାରିଛି ବୋଲି ସେ ନେତା । ଯଦି ଜଣକର ତୁମେ ହୃଦୟ ଜିଣିବାକୁ ଚାହଁ, ତା'ରି ଭାଷାରେ କଥାବାର୍ତ୍ତା କର । ତୁମେ ତାର ଲୋକ ହୋଇଯିବ । ହଁ, ମୁଖ୍ୟମନ୍ତ୍ରୀ ଏ ଅଞ୍ଚଳ ବୁଲିବାକୁ ଆସିବେ । ୪ଟି ଯାଗାରେ ଭାଷଣ ଦେବେ । ସଭା ପାଇଁ ଲୋକ ଦରକାର ।

ଇନ୍ସପେକ୍ଟର - ସାର୍, ଖରାପ ନ ଭାବିଲେ ମୁଁ କହିବି, ଏ ସବୁ ଏମ୍.ଏଲ୍.ଏ, ପଞ୍ଚାୟତ ସମିତି ଚେୟାରମ୍ୟାନ୍, ଜିଲ୍ଲା ପରିଷଦ ସଭ୍ୟ ପ୍ରଭୃତିଙ୍କର କାମ । ପୋଲିସକୁ ଦେଖିଲେ, ଲୋକେ ଡରୁଛନ୍ତି । ସାର୍, ମୋର ଅନୁରୋଧ, ସି.ଏମ୍. ପ୍ରୋଗ୍ରାମ କ୍ୟାନସେଲ କରିବା ପାଇଁ ରିପୋର୍ଟ କରନ୍ତୁ ।

ଏସ୍.ପି. - ହେଇ ପାରିବ ନାହିଁ । ଆଦିବାସୀମାନଙ୍କୁ ଜମି ପଟା ବଣ୍ଟାଯିବ । ଡାକ୍ତରଖାନା, ସ୍କୁଲ, ରାସ୍ତାଘାଟ ସବୁ ଜୋର୍‌ସୋର୍‌ରେ ଚାଲିବ । କୋଟି, କୋଟି ଟଙ୍କା ମଞ୍ଜୁର ହୋଇଛି । ଏ ଅଞ୍ଚଳର ଜଣକୁ ହେଲେ ଅନାହାରରେ ମରିବାକୁ ଦିଆଯିବ ନାହିଁ ।

ଇନ୍ସପେକ୍ଟର - ଏ ସବୁ ଆଗରୁ କରିଥିଲେ, ହୋଇନଥାନ୍ତା ସାର୍ । ଏବେ ସରକାରଙ୍କର ନିଦ ଭାଙ୍ଗିଲା !

Digitized by srujanika@gmail.com

ଏସ୍.ପି. - ପୁଣି ରାଜନୀତି କଲ ?

ଇନ୍ସପେକ୍ଟର - Excuse me, Sir. ସବୁ ହେବ ଯେ ସାର୍, ହେଲେ ଲୋକ ଆସିଲେ ତ ? ଏ ଅଞ୍ଚଳର ଲୋକେ, ନକସଲଙ୍କ ଭୟରେ ଜଣେ ହେଲେ ଯୋଗ ଦେବେ ନାହିଁ ।

ଏସ୍.ପି. - ଦେଖନ୍ତୁ ଇନ୍ସପେକ୍ଟର ବାବୁ ମୁଖ୍ୟମନ୍ତ୍ରୀଙ୍କ ସଭାରେ ଲୋକ ନ ହେଲେ, ମୁଁ ବଦନାମ ହେଇଯିବି । ତୁମର ପ୍ରମୋସନ ହୋଇନପାରେ ।

ଇନ୍ସପେକ୍ଟର - ପ୍ରମୋସନକୁ କିଏ ପଚାରୁଛି ସାର୍, ଆଗ ମୋର ଏ ଅଞ୍ଚଳରୁ ଟ୍ରାନ୍ସଫରଟା କରିଦିଅନ୍ତୁ ସାର୍ । ବାହାରକୁ ବାହାରିଲେ ବିପଦ । ଏକୁଟିଆ ଗାଁକୁ ଗଲେ, ଡ଼ର ଲାଗୁଛି । ଡ୍ରେସ ପିନ୍ଧିଗଲେ, ଲୋକ ପାଖ ମାଡ଼ିବେନି । ପାଣି ମୁନ୍ଦେ ପିଇବାକୁ ମାଗିଲେ, ଲୋକେ କବାଟ କିଳି ଦଉଛନ୍ତି ।

ଏସ୍.ପି. - ନକସଲମାନଙ୍କୁ ଲୋକେ କ'ଣ ଆଉ ସମର୍ଥନ କରୁଛନ୍ତି ?

ଇନ୍ସପେକ୍ଟର - ଆପଣ ଦେଖିଲେନିକି ସାର୍, ତାଙ୍କର ବନ୍ଦ ଡ଼ାକରାରେ ସାଇକେଲ ଖଣ୍ଡିଏ ରାସ୍ତାରେ ଦେଖିବାକୁ ମିଳିଲା ନାହିଁ ।

ଏସ୍.ପି. - କ'ଣ କରିବାକୁ ହେବ, ମୁଁ ଜାଣିପାରୁନାହିଁ । ଲୋକ କିପରି ଯୋଗାଡ଼ କରିବାକୁ ହେବ, ଏ ତ ହେଲା ମୁଖ୍ୟ ସମସ୍ୟା ।

ଇନ୍ସପେକ୍ଟର - ମିଲ ମାଲିକ ହରି ସାହୁ ଓ ସରପଞ୍ଚର ହତ୍ୟା ପରେ ଲୋକେ ଡ଼ରିଯାଇଛନ୍ତି । ସାକ୍ଷୀ ଜଣକୁ ଆମେ ଯୋଗାଡ଼ କରିପାରିଲେ ନାହିଁ । କାହାର ଜୀବନକୁ ଭୟ ନାହିଁ ସାର୍ ।

ଏସ୍.ପି. - ଏମିତି ହତାଶ ହେଲେ, ପୋଲିସ ଚାକିରୀ ଛାଡ଼ିଦିଅ । Try, Try, Once. ଦେଖିବା ପରିସ୍ଥିତି କ'ଣ ହେଉଛି ।

(ରାମସେଠୀ ହାବିଲଦାର ଓ ଧରମା ଆସି ପହଞ୍ଚିଲେ । ହାବିଲଦାର ଧରମାକୁ ଧରି ଆସିଛି ।)

ଧରମା - (ସାହେବ ଓ ଅଫିସକୁ ବାରମ୍ବାର ଦେଖୁଥିଲା)

ରାମ - କେଡ଼େ ବୋକାଟାରେ ତୁ, ସାହେବ ବସିଛନ୍ତି, ନମସ୍କାର କରୁନୁ ।

ଧରମା - ହେଲାହେ, ବୁଝିଲି । ଜୁହାର ବାବୁ ।

ଏସ୍.ପି. - ଗୋଟାଏ ଇଡ଼ିୟଟଟାକୁ ଧରି ଆଣିଛୁ ।

Digitized by srujanika@gmail.com

ଧରମା - ମୁଁ ଇଙ୍ଗିଲିସ୍ ପଢ଼ିଛି ହୋ ବାବୁ । ମୁଁ ଯଦି ନନସେନ୍ସ୍ ବୋଲି କହିବି ।

ଏସ୍.ପି. - ତୋର ସେନ୍ସ୍ ନେଇ ଆସିବି ।

ଧରମା - କାହିଁକି ତୁଚ୍ଛାଟାରେ ଗାଳି ଦଉଚ୍ଛ । ମୁଁ ଆସିନଥାନ୍ତି । ଲୋକେ ପୋଲିସ୍ ପାଖକୁ ଯାଉଛି ଶୁଣିଲେ, ଗାଁରେ ମୋତେ ରଖାଇ ଦେବେନି । ଖାଲି ବାବୁ ଡ଼ାକିବାରୁ ଆସିଲି । ମଦ ପାଣିକୁ ଦଶଟଙ୍କା ଦେଉଛନ୍ତି ।

ଏସ୍.ପି. - ତୁମ ନାଁ କ'ଣ ?

ଧରମା - ଧର୍ମା କହଁର ।

ଏସ୍.ପି. - କ'ଣ ପଢ଼ିଛ, କି କାମ କରୁଛ ?

ଧରମା - ପଢ଼ିଛି, ଏମ୍.ଏଫ୍. ମାନେ ମାଟ୍ରିକ ଫେଲ । ସୁରତ, ବମ୍ବେରେ କାମ କରୁଥିଲି । ମୁଁ ଗୋଟିଏ ଝିଅକୁ ଭଲ ପାଉଛି ଆଜ୍ଞା । ତା' ପାଇଁ କାମ ଛାଡ଼ିଦେଲି । ବାହାଘର ପରେ ଆମେ ଦୁହେଁ ଚାଲିଯିବୁ । ମୋର ହନିମୁନ୍ ଗୋଆରେ ହେବ ସାର୍ ।

ଏସ୍.ପି. - (ରାଗି) ରାମ୍ ସେଠୀ

ରାମ - ସାର୍

ଏସ୍.ପି. - ମୁଁ ବର୍ତ୍ତମାନ ତୁମକୁ ସସ୍‌ପେଣ୍ଡ କରୁଛି । କାହାକୁ ତୁମେ ମୋ ପାଖକୁ ନେଇ ଆସିଛ ।

ଧରମା - ଲୋକ ମୁଁ ଆଣିବି ସାର୍ । ବହୁତ ଲୋକ ଆସିବେ ।

ଏସ୍.ପି. - ତୁ ଏଠାରୁ ଆଗ ବାହାରିଯା ।

ଧରମା - ଯିବି ସାର୍ । ଦେଖିବେ ମୁଁ କିମିତି କାମ କରିବି ।

- ଅନ୍ଧାର -

- ଚତୁର୍ଥ ଦୃଶ୍ୟ -

(ରାସ୍ତା । ଧରମା ଆଖି ଚୋବାଇ ଚୋବାଇ, ଗୀତ ଗାଇ ଗାଇ ଆସୁଥିଲା ।)

- ଗୀତ -

ପାହାନ୍ତି କୁଆଁତରା ଉଇଁଲା,
ତୋ ପଥ ଚାହିଁ, ତୋତେ ଅନାଇ
ତୁ ଆସିଲୁ ନାହିଁ । (କାନ୍ଦିଲା)

Digitized by srujanika@gmail.com

(ପ୍ରବେଶ କରିଛି ହାବିଲଦାର)

ହାବିଲଦାର - କିରେ, ଏଠି ବସି ଭାବୁଛୁ କ'ଣ ରେ ? ଶଳା, ମୋତେ କହିଥିଲୁ ଲୋକ ଯୋଗାଡ଼ିଦେବ । ସାହେବ ଆଗରେ ଏଣୁ, ତେଣୁ କୁହାଏ କହିଲୁ । ପୋଲିସ୍ ସାହେବ ଯଦି କ'ଣ ବୁଝି ମୋତେ ସସ୍‌ପେଣ୍ଡ କରିଦେବ ନା, ମୋ ସଂସାର ଭାସିଯିବ । ତତେ ମୁଁ ଆଜି ଛାଡ଼ିବିନି । ମୋ କଥାର କିଛି ଉତ୍ତର ଦେଉନୁ । ସାହେବ ଆଗରେ ବାଆଙ୍କ ପରି ଏଣୁ, ତେଣୁ କୁହାଏ କ'ଣ କହିଲୁ ?

ଧରମା - ହଇଓ ବାବୁ, ସାହେବ ମୋ ଆଗରେ ବୁଢ଼ା, ଖୁସ ହେଲା, ମୁଁ ତାକୁ ମୋ ମନକଥା କିଁପର କହିଦେଲି । ଏସବୁକାର ତ ଇଂଲିଶ ସାଇବ । ମୁଁ ସବୁ ସାଇବଙ୍କୁ ବସ୍ତରେ ଦେଖିଛି । ଗୋରା ତକ, ତକ । କଇଁଆ ବାଳ । ନୀଳ ଆଖି । କେଡ଼େ ସୁନ୍ଦର ସେ ସାହେବମାନେ । ମୋତେ ଦେଖେଇ ହଉଚି ସାହେବ ।

ହାବିଲଦାର - ହଇରେ ସଭାକୁ ପରା ତୁ ଲୋକ ଯୋଗାଡ଼ିବୁ ?

ଧରମା - ମୁଁ ତ ସେ କଥାକୁ ମନା କରୁନି । ଆମ ସାହିର ମାଇପିଗୁଡ଼ାକ ରାଜି ହେଉଛନ୍ତି । ନେତି, କେତି, ମୋତି,ସେବତୀ, ବିନ୍ଦୁଆଦି ସମସ୍ତଙ୍କୁ କହି ସଭାକୁ ନେଉଥାଚି । ଶହେ ତୁହଁ, ଦୁଇଶହ ମାଇକିନିଆ । ତୁମ ସାହିବ ମୋତେ ଇଡ଼ିୟଟ୍, ଷ୍ଟୁପିଡ୍ ଗାଳି ଦେଲା । ସେ କ'ଣ ଭାବିଲା ମୁଁ ଇଂଗ୍ରାଜୀ ଜାଣିନି ବୋଲି । ସେ ମୋତେ କାହିଁକି ଗାଳି ଦେବ, ମୁଁ କ'ଣ ତାର ଖାଉଚି ନା ନେଉଚି ।

ହାବିଲଦାର - ତୁ ସବୁ କହୁଚୁ, ଏତେ ଲୋକ ତୁ ଯୋଗାଡ଼ କରିଦେଇ ପାରିବୁ ।

ଧରମା - କ'ଣ ପରତେ ଯାଉନ ହାବିଲଦାର ବାବୁ । ଥରେ ପରୀକ୍ଷା କରିନିଅ । ଜଣ, ଜଣକୁ ଦବ ୫୦ ଟଙ୍କା କରି ମୂଲ ।

ହାବିଲଦାର - ତୁ କହୁଚୁ ଜଣଟେକୋ ଦେଲେ ଆସିବେ ।

ଧରମା - ସେ ଭାତ ପଖାଳ ଆଉ ନାହିଁ ହେ ବାବୁ । ଏବେ ମାଇପି ମୂଲ ୫୦ ଟଙ୍କା । ସେ କାଳରେ, ଆଠଅଣାକୁ ମିଳୁ ଥିଲା । ଏବେ ତ ଦାଳି, ଭାତ ଖାଇଲେଣି । ମାଂସ ଖାଇଲେଣି । ଚାଉଳ କିଲୋ ପରା ୧୨ ଟଙ୍କା । ଦଶଟଙ୍କାରେ କିଏ ଯିବ ହୋ ବାବୁ ।

ହାବିଲଦାର - ସେଇକଥା ତାଲେ, ସାହେବକୁ କହି ଆସିବୁ ।

Digitized by srujanika@gmail.com

ଧରମା - ସେ ସାହେବ ପାଖକୁ ମୁଁ କାହିଁକି ଯିବି ବାବୁ । ତୁମେ ଯାଇ କହ । ମୋତେ ଗାଳି ଦଉଛି । କାହିଁକି ସେ ମୋତେ ଗାଳିଦବ ।

ହାବିଲଦାର - ହଉ, ତୁ କହିବା ପ୍ରକାରେ ପଚାଶଟଙ୍କା ଜଣକ ପିଛା ଦିଆଯିବ । ତେବେ ଆଉ ଗୋଟିଏ କଥା । ଜଣେ ଲୋକର ଦେହରେ ଗୁଳି ବାଜିଥିଲା । ଶୁଣିଲି, ସେ ଏଇ ଅଞ୍ଚଳରେ ରହୁଛି । ତାକୁ ତୁ ଦେଖିଛୁ । ତା'ବିଷୟରେ କିଛି ଜାଣୁ । ମୋତେ ଖବର ଦେଲେ ହଜାର ଟଙ୍କା ତତେ ମିଳିବ । ସରକାରୀ ଚାକିରୀ, ପୋଲିସ୍ ଚାକିରୀରେ ତତେ ଲଗାଇଦେବି ।

ଧରମା - ଗୁଳି ବାଜିଥିଲା । ହଁ, ଗୁଳି ତ ବାଜିଥିଲା ।

ହାବିଲଦାର - ତୁ କ'ଣ ସେ ଲୋକକୁ ଦେଖିଛୁ ?

ଧରମା - ହଇଓ ବାବୁ, ଏମିତି କାହିଁକି ଛାନିଆ ହେଉଚ । ତୁମେ କହିଲ, କଥାଟା କାନରେ ମୋର ପଡ଼ିଲା । ହଉ, ତାର ଗୋଟେ ବନ୍ଦୋବସ୍ତ କରିବା । କ'ଣ କହିଲ ହଜାରେ ଟଙ୍କା ମିଳିବ । ଏବେ କିଛି ଦଉନ ।

ହାବିଲଦାର - ମଦ, ପାଣିକି ଦଶଟଙ୍କା ରଖ ।

ଧରମା - ବାବୁ, ଚାରଣି, ଅଧୁଲି ଯେପରି ଅଚଳ ହେଇଗଲାଣି, ଦିନ କେଇଟା ପରେ ଦଶଟଙ୍କା ଅଚଳ ହୋଇଯିବ । ଦବ ଯଦି ୫୦ କି ଶହେ ଦିଅ ।

ହାବିଲଦାର - ହଉ ୫୦ ଟଙ୍କା ରଖିଥା ।

ଧରମା - ହଁ, ଏଥର ଟଙ୍କା ପରି ଲାଗିଲା । ହଉ ବାବୁ, ତୁମେ ଏଥର ଯାଅ । ସାଇବକୁ କହି ଟଙ୍କା ଯୋଗାଡ଼ କର । ନଗଦ ଟଙ୍କା, ତା'ପରେ ଯେଉଁକାମ । ମୋତେ କିଂତୁ କିଛି, କିଛି ଦଉଥାଅ । ପାଣିରେ ତୁମର ପଡ଼ିବନି ।

ହାବିଲଦାର - ତତେ ମୁଁ କେଉଁଠି ଦେଖିବିରେ ଧରମା ।

ଧରମା - ଏଠି, ସେଠି ସବୁଠି । ବାବୁ ତୁମେ ଖାଲି ମୋତେ ସ୍ମରଣ କରିଦିଅ ମୁଁ ଆସି ହାଜର ହେଇଯିବି । ପ୍ରତିଦେଖାରେ ପଚାଶଟଙ୍କା କ'ଣ ରାଜି ।

ହାବିଲଦାର - ହେଲାରେ, ରଖ ଆଉ ପଚାଶ ରଖ । ମୁଁ ଆସୁଛି । (ଚାଲିଗଲା)

Digitized by srujanika@gmail.com

ଧରମା - ଇଥା ପାଖରୁ ପଇସା କ'ଣ ଖାଲି ବରଷା ହେଉଚି । ପୋଲିସ ଲୋକ ଏମାନେ, ଏମାନଙ୍କଠୁଁ ପଇସା ରଖିଲେ ତ ବିପତ୍ତି । ନାଇଁ ଫେରାଇ ଦେବା ଭଲ । ହଇଓ ହାବିଲଦାର ବାବୁ, ଶୁଣ । ହଉ, ଯାଉ, କ'ଣଟେ କରି ପକାଇବ ।

(ଚଇତାଳି କଣ୍ଠରୁ ଗୀତଟିଏ ଶୁଭୁଥିଲା । ନାଚି, ନାଚି, ଗାଇ, ଗାଇ ଚଇତାଳି ମଞ୍ଚରେ ପ୍ରବେଶ କଲା ।)

(ଗୀତ)

(ଗୀତ ଶେଷ ହୋଇଛି । ଧରମା ଆନନ୍ଦରେ ତାଳି ମାରିଛି ।)

ଚଇତାଳି - ହଇରେ ତୁ କ'ଣ ଲୁଚି, ଲୁଚି ମୋ ଗୀତ ଶୁଣୁଥିଲୁ ।

ଧରମା - ବଡ଼ ବଢ଼ିଆ ଗାଉଛୁ ଲୋ ଚଇତାଳି । ତୁ ମୋ ମନକୁ ବାଇଆ କରି ପକଉଛୁ ଲୋ ଚଇତାଳି । କି ସୁନ୍ଦର ଗାଉଛୁ । ତତେ ଦି'ଦିନ ହେଲା ଦେଖି ନଥିବାରୁ, ମୁଁ ପାଗଳ ହୋଇ ଯାଇଥିଲି ଲୋ ଚଇତାଳି ।

ଚଇତାଳି - ହଉ, ତୁ ବାୟା ହୋଇ ମରୁଥା । ମୋର ବହୁତ କାମ । ମୁଁ ଆସୁଛି ।

ଧରମା - କ'ଣ କହିଲୁ, ମୁଁ ମରିବି । ନାଇଁ ମୁଁ ମରିବି । ଏକଥା ତୁ ତୁଣ୍ଡରେ ଧଇଲୁ । ମୁଁ ମଲେ ତୁ କ'ଣ ହେବୁ ?

ଚଇତାଳି - କହ, କହ ଅଟକି ଗଲୁ କାହିଁକି ?

ଧରମା - ସେ କଥା ମୁଁ ତୁଣ୍ଡରେ ଧରି ପାରିବି କିଲୋ ଚଇତାଳି । କହ, ଚଇତାଳି, ତୋର, ମୋର ବାହାଘର କେବେ ହବ ?

(ପ୍ରବେଶ କରିଛି ଚଇତାଳିର ବାପା ।)

ଚ.ବାପା - ଚଇତି, ତୁ ଏଠି କ'ଣ କରୁଛୁ । ତେଣେ ବାବୁ ଏକୁଟିଆ । ଯାଇ, ତା ଖାଇବା କଥା ଆଗ ବୁଝିଲୁ ? ନିରାଶ୍ରୟ ସେ । ତା'ର ଏଠି କିଏ ଅଛି । ନା ବାପା, ନା ମା । ବିଚରା ଟିକିଏ ଭଲ ହେଇ ଆସିଲାଣି । ଗଲୁ ମା, ଆଉ ଡ଼େରି କରନି ।

(ଚଇତାଳି ଚାଲିଗଲା)

ହଇରେ ଧରମା, ତୁ ମୋ ଝିଅ ପଛରେ ଗୋଡ଼ାଉଛୁ କାହିଁକି ?

ଧରମା - ତା' କଣ ତୁ ଜାଣିନୁ । ତୋ ପାଖକୁ ତ ମୁଁ ଯାଇଥାନ୍ତି ।

Digitized by srujanika@gmail.com

ଚ.ବାପା - ତୋର ମୋ ପାଖରେ କି କାମ । ତୁ ମୋ ପାଖକୁ କାହିଁକି ଆସିବୁ?

ଧରମା - ତୁ ଅତିଶୀଘ୍ର ସେ ଲୋକଟାକୁ ଘରୁ ବାହାର କରିଦେ । ତୋ'ଭଲ ପାଇଁ ମୁଁ କହୁଚି । ତାକୁ ଘରେ ରଖିଲେ, ତତେ ବିପଦ । ପୋଲିସର ସେ ଲୋକ ଉପରେ ଆଖି ।

ଚ.ବାପା - ଆରେ ଯା, ତୁ ପୁଣି ଗୋଟାଏ କ'ଣ କହିବୁ । କାହାକୁ ରଖିବି, କାହାକୁ ନ ରଖିବି, ତା' ମୋ ଇଚ୍ଛା ଉପରେ ନିର୍ଭର କରେ । ତୁ ଟା କିଏ ବେ, ମୋତେ ଏ କଥା ପଚାରିବୁ । ତୋ ମା' ମୋତେ ଡ଼କାଇ ପଠାଇଥିଲା । କାହିଁକି ସେ ମୋତେ ଘଡ଼ି, ଘଡ଼ି ଡ଼କାଇ ପଠାଉଛି ।

ଧରମା - ଦେଖେ, ତୁ ମୋ ଉପରେ ରାଗୁଛୁ କାହିଁକି ? ତୁ ଯାହାକୁ ରଖିଛୁ ରଖ । ମୋର ସେଥିରେ ଯାଏ, ଆସେ କ'ଣ । ତେବେ ମୋ କଥା ତୁ ନ ବୁଝିଲେ । ଝିଅକୁ କେତେ ଦିନ ଘରେ ରଖିବୁ ।

ଚ.ବାପା - ମୋ ଝିଅ, ମୋ ଘରେ ରହିବନି ତ ଆଉ କେଉଁଠି ରହିବ ।

ଧରମା - ତୁ କ'ଣ ତାକୁ ବାହା ଦେବୁନି ?

ଚ.ବାପା - ବାହାଦେବି, କିନ୍ତୁ ମନେ ରଖିଥା ତୋ ସାଥିରେ ନୁହେଁ ।

ଧରମା - ଦେଖିବା, ତୁ କେମିତି ସେ ଲୋକଟାକୁ ଘରେ ରଖିବୁ । ମୁଁ ଗାଁ ଲୋକକୁ କହିବି । କୁଳସଭା ଡ଼ାକିବି । ତତେ ପାନେ ନ ଦେଲେ, ତୋର ଚେତା ପଶିବନି ।

ଚ.ବାପା - ହଉ, ଯା, କାହା ଆଗେ ଗୁହାରୀ କରିବୁ କର ।

- ଅନ୍ଧାର -

- ପଞ୍ଚମ ଦୃଶ୍ୟ -

(ଚଇତାଳିର ଘର । ସମୟ ସଂଧ୍ୟା । ବିଶୁନି ସରକାର ବସିଥିଲେ । ମନରେ ଅସରନ୍ତି ଭାବନା । ଆଦିବାସୀ ମାନଙ୍କର ଗୀତ ଓ ନୃତ୍ୟର ଧ୍ୱନ ଭାସି ଆସୁଥାଏ । ଚଇତାଳି ଚା'ଧରି ପ୍ରବେଶ କରିଛି ।)

ଚଇତାଳି - ବାବୁ,

ବିଶୁନି - ଉଁ,

ଚଇତାଳି - ଏତେ କ'ଣ ଭାବୁଛ ବାବୁ । କାହା କଥା ଭାବୁଛ ?

Digitized by srujanika@gmail.com

ବିଶୁନି - ନା ଚଇତାଳି, ସେମିତି କିଛି ନୁହଁ ।

ଚଇତାଳି - ବାବୁ, ତୁମ କଥାରେ ମୋର ବିଶ୍ୱାସ ହେଉନାହିଁ । ବାବୁ କଥାଟିଏ ପଚାରିବି ?

ବିଶୁନି - ପଚାର ।

ଚଇତାଳି - ତୁମ ଘର କେଉଁଠି ? ତୁମର ବାପା, ମା...

ବିଶୁନି - ବାପା, ମା, ସେମାନେ ତ ସ୍ୱର୍ଗବାସୀ ।

ଚଇତାଳି - ତୁମେ ଏଠାକୁ ଆସିବା ପୂର୍ବରୁ କେଉଁଠି ରହୁଥିଲ ?

ବିଶୁନି - ଏ ଦୁନିଆରେ ରହିବାକୁ କ'ଣ ଅଭାବ ଅଛି । ଯେଉଁଠି ମୁଁ ରହିଛି, ସେଇଟା ହିଁ ମୋର ଘର । ତାକୁଇ ବିଶ୍ୱାସ କରି, ଆଜି ପର୍ଯ୍ୟନ୍ତ ମୁଁ ବଞ୍ଚି ଆସିଛି ।

ଚଇତାଳି - ବାବୁ, ତୁମ ବିଷୟରେ ମୋତେ ଖୋଲି କହ । ମୁଁ ସବୁ କିଛି ଜାଣିବାକୁ ଚାହେଁ ବାବୁ ।

ବିଶୁନି - ତୁମେ ଏ ସବୁ ଜାଣି ଲାଭ କ'ଣ ଚଇତାଳି । ତୁମ ବାପା, ମୋ ପାଇଁ ଦେବତା । ତାଙ୍କ ଯୋଗୁଁ ମୁଁ ଆରୋଗ୍ୟ ହୋଇଗଲି । ସେ ଯେଉଁ ଚେରମୂଳିର ଲେପ ଦେଲେ, ତା'ଦ୍ୱାରା ମୁଁ ଯେ ଆରୋଗ୍ୟ ହୋଇଯିବି ତା'ମୋର ବିଶ୍ୱାସ ନ ଥିଲା । କେଉଁ ସର୍ଜନ, କେତେ ମାସରେ ମୋତେ ଭଲ କରିପାରିଥାନ୍ତା ।

(ପ୍ରବେଶ କଲେ ଚଇତାଳିର ବାପା ।)

ବାପା - ଆମେ କେବେ କେଉଁ ଡ଼ାକତର, ବଇଦ ପାଖକୁ ଯାଉନା ବାବୁ । ଆମର ଜଙ୍ଗଲରେ ଭରି ରହିଛି ମହୌଷଧି । ବିଷଲ୍ୟକରଣୀ । ଏଇ ବିଷଲ୍ୟକରଣୀ, ଲକ୍ଷ୍ମଣକୁ ଶକ୍ତି ଭେଦରୁ ବଞ୍ଚାଇ ପାରିଥିଲା ବାବୁ । ତା' କ'ଣ ତୁମେ ରାମାୟଣରୁ ପଢ଼ିନା । ସେଇ ବିଷଲ୍ୟକରଣୀ ଆଜି ତୁମକୁ ଆରୋଗ୍ୟ କରିଛି ।

ବିଶୁନି - ତାହାହିଁ ମୋତେ ଆଶ୍ଚର୍ଯ୍ୟ କରିଛି ବାବା । ବାବା, ମୁଁ ଜଣେ ଡ଼ାକ୍ତର । ରୋଗୀ ସେବା ମୋର ପେଷା ।

ବାପା - କିସ୍ କହୁଚ ବାବୁ । ତୁମେ ଜଣେ ଡ଼ାକତର । ବାବୁ ଏ ରୋଗୀ ସେବା ଛାଡ଼ି ତୁମେ କାହିଁକି ଏ ଅଞ୍ଚଳକୁ ଆସିଛ ବାବୁ ? ଏଠାର ଲୋକେ ଡ଼ାକତର କ'ଣ ଦେଖିନାହାନ୍ତି । ଡାକ୍ତରଖାନା ହେବ

Digitized by srujanika@gmail.com

ବୋଲି ଭୋଟ ବେଳେ ଲୋକେ କହିଥାନ୍ତି । ତା'ପରେ ସମସ୍ତେ ଡ଼ାକତର ଖାନା ଭୁଲିଯାଆନ୍ତି । ଆମେ ଏଠାରେ ଜଙ୍ଗଲି ଜାନୁୟାରଙ୍କ ପରି ପଡ଼ି ରହିଛୁ । ଆମର ରକ୍ତ ସମସ୍ତେ ଟାଣି ନିଅନ୍ତି ।

ବିଶ୍ଵନି - ସେଥିପାଇଁ ମୋର ଗୋଟିଏ ଆବାଜ ଶ୍ରେଣୀ ହୀନ ସମାଜ । ଶୋଷଣ ବିହୀନ ଶାସନ । ସମସ୍ତଙ୍କ ପାଇଁ ଖାଦ୍ୟ, ବାସସ୍ଥାନ । ପିନ୍ଧିବାକୁ କପଡ଼ା । ସମସ୍ତେ ମଣିଷ ପରି ବଞ୍ଚିବେ । ଉଚ୍ଚ, ନୀଚ ଭେଦଭାବର ସମାଧି ହେବ, ତାହାହିଁ ମୋର ସଙ୍କଳ୍ପ ।

ବାପା - ତୁମେ ଯାହା କହୁଚ, ତା' କ'ଣ କେବେ ହୋଇ ପାରିବ ବାବୁ ? ଯେଉଁଠି ରକ୍ଷକ, ଭକ୍ଷକ ହୁଏ, ଯେଉଁଠି ଦେବତା ପଥର । ଶୁଣିବାକୁ କିଏ ଜଣେ ଦେଖାଯାଏ ନାହିଁ । ସେଠାରେ କ'ଣ ତୁମର କଥା ସତ ହୋଇପାରିବ ବାବୁ ।

ବିଶ୍ଵନି - ସବୁ ସମ୍ଭବ ହେବ, ତୁମର ଏ ଆବାଜ ଯେତେବେଳେ ଗଗନ, ପବନ ପ୍ରକମ୍ପିତ କରି, ପ୍ରତି ପ୍ରାଣରେ ପ୍ରତିଧ୍ୱନିତ ହୋଇ ଉଠିବ । ସବୁ ସମ୍ଭବ ହେବ ବାବା, ଲୋକେ ଯେତେବେଳେ ଜାଗି ଉଠିବେ । ମୁକ୍ତିର ଆଲୋକରେ ଜଗତ ଉଦ୍‌ଭାସିତ ହେବ ।

ବାପା - ଡ଼ାକତର ବାବୁ, ଗୋଟାଏରୋଗୀକୁ ଭଲ କରିପାରିବ ?

ବିଶ୍ଵନି - କିଏ ସେ ରୋଗୀ । ନ ଦେଖିଲେ କିପରି ବା କହିବି ? ଚେଷ୍ଟା କରିବି ତାକୁ ରୋଗମୁକ୍ତ କରିବା ପାଇଁ ।

ବାପା - ରୋଗୀଟି ସ୍ତ୍ରୀ ଲୋକ । ବାତ ବେମାରୀ । ଖୁବ୍ କଷ୍ଟ ପାଉଛି । ଆରୋଗ୍ୟ ହୋଇପାରିଲେ ଖୁବ୍ ଭଲ ହୁଅନ୍ତା ।

ବିଶ୍ଵନି - ମୁଁ ଆଜି ତାକୁ ଦେଖିବି । ତା'ପରେ ଔଷଧର ବ୍ୟବସ୍ଥା କରିବି ।

ବାପା - ମୁଁ ବର୍ତ୍ତମାନ ସେ ରୋଗୀ ପାଖକୁ ଯାଉଛି ବାବୁ । ମା' ଚଇତାଳି ବାବୁଙ୍କର ଖାଇବାର ବନ୍ଦୋବସ୍ତ କର ।

ଚଇତାଳି - (ପ୍ରବେଶି) ବାବୁ ତୁମେ ଜଣେ ଡ଼ାକ୍ତର । ସେ କଥା ତ କହିନଥିଲ ।

ବିଶ୍ଵନି - ସେ ସୁଯୋଗ ତ ଆସିନଥିଲା ଚଇତାଳି ।

ଚଇତାଳି - ବାବୁ, ତୁମେ କ'ଣ ଆମକୁ ଛାଡ଼ି ତୁମ ଯାଗାକୁ ଚାଲିଯିବ ?

ବିଶ୍ଵନି - ହଠାତ୍ ଏ ପ୍ରଶ୍ନ ତୁମ ମନକୁ ଆସିଲା କାହିଁକି ଚଇତାଳି ?

Digitized by srujanika@gmail.com

ଚଇତାଳି - ଏଇ ଅଳ୍ପଦିନର ସଂପର୍କ । କେଡ଼େ ମଧୁର । ଏ ସଂପର୍କ କ'ଣ ତୁଟାଇଦେବ ବାବୁ ? ବାବୁ, ତୁମେ ଖୁବ୍ ଭଲ । ଖୁବ୍ ମିଠା ତୁମର କଥା ।

ବିଶୁନି - ତୁମର ରାତିଦିନ ସେବା, ମୋତେ ମରଣ ମୁହଁରୁ ଫେରାଇ ଆଣିଛି ଚଇତାଳି । ସତେ ଯେପରି ତୁମର, ମୋର ସଂପର୍କ ଯୁଗ ଯୁଗର । ତୁମ ନିକଟରେ ମୁଁ ଚିରଋଣୀ ହୋଇ ରହିଗଲି ଚଇତାଳି ।

ଚଇତାଳି - ସେପରି କୁହନି ବାବୁ । ଏ ତ ଥିଲା ମୋର କର୍ତ୍ତବ୍ୟ । ମଣିଷକୁ ମଣିଷର ପ୍ରେମ । ଏଭଳି ଜଣେ ଦେବତାଙ୍କୁ ପାଇଁ ଆମେ ଆଜି ଧନ୍ୟ । ବାପା, ତୁମର ଖୁବ୍ ପ୍ରଶଂସା କରନ୍ତି ।

ବିଶୁନି - ଚଇତାଳି ତୁମେ ପଢ଼ିଛ ?

ଚଇତାଳି - ପଢ଼ିଛି ବାବୁ । ଖୁବ୍ ଅଳ୍ପ ପାଠ । ସପ୍ତମ ଶ୍ରେଣୀ ପାସ୍ କରିଛି ।

ବିଶୁନି - ଆହୁରି ପଢ଼ିଲନି ।

ଚଇତାଳି - କ'ଣ କରିବି ବାବୁ । ଏ ସମାଜରେ ଗରିବକୁ ସମସ୍ତେ ଉପହାସ କରନ୍ତି । ତାର ଅସହାୟତାର ସୁଯୋଗ ନିଅନ୍ତି । ମୋର ପାଠ ପଢ଼ା, ସେ ତ ଗୋଟାଏ ଇତିହାସ ।

ବିଶୁନି - ଇତିହାସ, ଏଇ ମଣିଷ ତ ସୃଷ୍ଟି କରେ । ତେବେ ସେ ସଂପର୍କରେ ମୋତେ କିଛି କହିବ କି ?

ଚଇତାଳି - ମୁଁ ଥିଲି ଆଦିବାସୀ ଆବାସିକ ବିଦ୍ୟାଳୟର ଛାତ୍ରୀ । ବାପା ମୋତେ ପଢ଼ିବାପାଇଁ ସେଇଠାରେ ରଖାଇ ଦେଇଥିଲେ । ମାଟ୍ରିକ୍ ପାଶ୍ କରିବା ମୋର ଉଦ୍ଦେଶ୍ୟ ଥିଲା ।

ବିଶୁନି - ଖୁବ୍ ଭଲ ହୋଇଥାନ୍ତା । କଲ ନାହିଁ କାହିଁକି ?

ଚଇତାଳି - ଆଦିବାସୀ ଉନ୍ନୟନ ଯୋଜନା ପାଇଁ, ଯେଉଁ କୋଟି କୋଟି ଟଙ୍କା ଆସେ, ତା' କ'ଣ ଆଦୀବାସୀଙ୍କ ଉନ୍ନୟନରେ ଖର୍ଚ୍ଚ ହୁଏ ? ତାକୁ ବାଟରୁ ମାରଣା କରିଦିଅନ୍ତି, ସମାଜର ବଡ଼ପଣ୍ଡାମାନେ ।

ବିଶୁନି - ତା' ମୁଁ ଜାଣେ ଚଇତାଳି । କେ.ବି.କେ ଯୋଜନାରେ ଦଶଲକ୍ଷ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କର ଆର୍ଥିକ ଉନ୍ନତି ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେଲା । ଯୋଜନା କାର୍ଯ୍ୟକାରୀ ହେବା ପରେ ପୁନର୍ବାର ଗଣନାରୁ ଜଣାଗଲା,

Digitized by srujanika@gmail.com

ଦଶଲକ୍ଷ ଲୋକଙ୍କର ତ କିଛି ଆର୍ଥିକ ଉନ୍ନତି ହେଲା ନାହିଁ, ତା'ବାଦେ ଅଧିକ ଲକ୍ଷେ ଲୋକ ଦାରିଦ୍ର୍ୟସୀମା ରେଖା ତଳେ ଥିବା ଲୋକଙ୍କ ମଧ୍ୟରେ ସାମିଲ ହେଲେ । ତେବେ ଏ ଅର୍ଥ ଗଲା କୁଆଡ଼େ ?

ଚଇତାଳି - ଆମର ଖାଦ୍ୟ ପାଇଁ ଯେଉଁ ଟଙ୍କା ଆସୁଥିଲା, ସେଥିରୁ ଅଧିକାଂଶ ଅର୍ଥ ପ୍ରଧାନଶିକ୍ଷକ ଓ ଅନ୍ୟମାନେ ଲୁଟି ନେଉଥିଲେ । ଛାତ୍ରୀମାନଙ୍କୁ ପ୍ରଧାନଶିକ୍ଷକଙ୍କର ପାଶବିକ ଅତ୍ୟାଚାରର ଶୀକାର ହେବାକୁ ପଡୁଥିଲା । ମୁଁ ଛାତ୍ରୀମାନଙ୍କର ନେତୃତ୍ୱ ନେଇ, ଏହାର ଦୃଢ଼ ପ୍ରତିବାଦ କଲି । ମୋ ସହିତ ସମସ୍ତ ଛାତ୍ରୀ ଏକଜୁଟ ହେଲେ । ଆମେ ସମସ୍ତେ ହଷ୍ଟେଲ ଛାଡ଼ି ଚାଲି ଆସିଲୁ ।

ବିଶୁନି - ତୁମେ ଯେଉଁ ପ୍ରତିବାଦ କଲ ଚଇତାଳି, ତାହା ସମସ୍ତଙ୍କର ଆଖି ଖୋଲି ଦେଇଥିବ । ଚଇତାଳି ଖାଲି ତୁମ ସ୍କୁଲ ନୁହେଁ, ସାରା ଦେଶରେ ଚାଲିଛି ଦୁର୍ନୀତି । ହଜାର, ହଜାର କୋଟି ଟଙ୍କା ଆତ୍ମସାତ୍ । ରାଜକୋଷର ଟଙ୍କାଟିଏରୁ ୯୦ ପଇସା ଯନ୍ତ୍ରୀ, ତନ୍ତ୍ରୀ, ମନ୍ତ୍ରୀ ଖାଇ ଯାଉଛନ୍ତି ।

ଚଇତାଳି - ସେଇଥିପାଇଁ ବାବୁ, ଆମ ଅଞ୍ଚଳର ଦଳେ ଯୁବକ, ଏ ସବୁ ଅନ୍ୟାୟ ବିରୁଦ୍ଧରେ ବନ୍ଧୁକ ଧରିଛନ୍ତି । ସେମାନେ ଦୁର୍ନୀତିଗ୍ରସ୍ତ ବ୍ୟବସାୟୀ, ଅଫିସର, ସରପଞ୍ଚଙ୍କୁ ମାରି ଦେଇଛନ୍ତି । ଥାନା ଲୁଟ କରୁଛନ୍ତି । ରେଳଷ୍ଟେସନ ଜାଳି ଦେଉଛନ୍ତି । ଏବେ ଯେଉଁ ପୋଲିସ ଓ ସେମାନଙ୍କ ଭିତରେ ଯୁଦ୍ଧ ହୋଇଥିଲା, ସେମାନଙ୍କର ପାଞ୍ଚଜଣ ମରି ଯାଇଛନ୍ତି । ଲୋକେ କିଂତୁ ସେମାନଙ୍କ ସପକ୍ଷରେ । ତୁମେ ଏ ଦଳର ଯୁବକମାନଙ୍କୁ ଜାଣ ବାବୁ ।

ବିଶୁନି - ଜାଣେ ।

ଚଇତାଳି - ଚାରିଆଡ଼େ କଡ଼ା ପହରା । ଯେଉଁଆଡ଼େ ଦେଖିବ ସେଆଡ଼େ ପୋଲିସ୍ ଜଗୁଆଳି ।

(ଧରମା ପ୍ରବେଶ କରିଛି ।)

ଧରମା - କିଂତୁ ତାଙ୍କର ସରଦାର ଏ ପର୍ଯ୍ୟନ୍ତ ଧରା ପଡ଼ିନାହିଁ । ସେ ଖସି ଆସିଛି । ତାକୁ ଖୋଜା ଚାଲିଛି । ତାକୁ ଧରାଇ ଦେଲେ ୫ ଲକ୍ଷ ଟଙ୍କା ନଗଦ ପୁରସ୍କାର ମିଳିବ । ବାବୁ, ତୁମେ ଏ କଥା ଜାଣିଛ ?

Digitized by srujanika@gmail.com

ବିଶୁନି - ମୁଁ କିଛି ଜାଣେନି ।

ଧରମା - ତା ନାଁ ବିଶୁନି ସରକାର । ନକସଲ ନେତା । ତା' ଗୋଡ଼ରେ ପୁଲିସ୍‌ର ଗୁଳି ବାଜିଥିଲା ।

ବିଶୁନି - ତୁମେ କିଏ ।

ଧରମା - ଚଇତାଳି ମୋ ପରିଚୟଟା କରାଇଦେ । କହିଦେ, ମୁଁ କିଏ ?

ଚଇତାଳି - ଧରମା, ତୁ ଆମ ଘରକୁ କାହିଁକି ଆସିଲୁ । ବାପା ନାହିଁ । (ଏହି ସମୟରେ ପ୍ରବେଶ କଲେ ଚଇତାଳିର ବାପା ଓ ଗ୍ରାମ ମୁଖିଆ ।)

ବାପା - କିରେ ଧରମା, ତୁ ମୋ ଘରକୁ ଆସିଲୁ କାହିଁକି ?

ମୁଖିଆ - ତୁ କାହିଁକି, ତାଙ୍କ ଘରକୁ ଆସିଛୁ ?

ଧରମା - କକା, ତୁ ବି ସେଇକଥା କହିଲୁ । ତୁମ୍ଭେମାନେ ସବୁ ମୋତେ ତଡ଼ି ଦେଉଛ । ତୁମ୍ଭମାନଙ୍କୁ ଦେଖିନେବି । ଗାଁ ଯାକ ବୁଲି ବୁଲି କହିବି । ଏ ନାଟ କେତେଦିନ ଚାଲିବ, ମୁଁ ଦେଖିବି । ବାବୁ ତୁମେ ସାକ୍ଷୀ ରହିଲ । ଏମାନେ ମୋତେ ଘରୁ ତଡ଼ି ଦେଉଛନ୍ତି । ଯାଉଛି । ମୋତେ ପଛେ ଦୋଷ ଦବନି । (ଚାଲିଗଲା)

ବିଶୁନି - ଏ ଯୁବକ କିଏ ବାପା ?

ମୁଖିଆ - ବାବୁ, ଏଇଟା ଗୋଟାଏ ପାଗଳ । ପାଗଳଟାର କଥା ତୁମେ କାହିଁକି ଶୁଣୁଛ ବାବୁ ?

ବାପା - ବାବୁ, ଏ ହେଉଛନ୍ତି ଗାଁର ମୁଖିଆ । ଏହାଙ୍କର କଥାରେ ଗାଁର ଲୋକେ ଚଳନ୍ତି । ଖାଲି ଏ ଗାଁ ତୁହେଁ, ଆଖ, ପାଖ ଗାଁର ଲୋକେ ଏହାଙ୍କ କଥାକୁ ତଳେ ପକାନ୍ତି ନାହିଁ । ସବୁ ଥାଇ, ଆଜି ସେ ଦୁଃଖୀ । ତାଙ୍କର ସ୍ତ୍ରୀ ବାତ ରୋଗୀ । କତରାରୁ ଉଠି ପାରୁନି । ମୁଁ ଦେଶୀ ଚିକିତ୍ସା କଲି । କୋଉଥିରେ ଭଲ ହେଲା ନାହିଁ । ତୁମେ ଟିକିଏ ଦେଖ ବାବୁ ।

ବିଶୁନି - ଚୁହନ୍ତୁ ରୋଗୀ ଦେଖିବାକୁ ଯିବା । ମୁଁ ଔଷଧ ଲେଖି ଦେବି । ବଜାରରୁ କିଣି ଆଣନ୍ତୁ । ମୋର ବିଶ୍ୱାସ ସେ ଭଲ ହୋଇଯିବେ ।

ମୁଖିଆ - ସେ ଭଲ ହୋଇଗଲେ, ତୁମେ ହେବ ଆମର ଦିଅଁ, ଦେବତା । ତୁମକୁ ଆମେ ଗାଁରୁ ଛାଡ଼ିବୁ ନାହିଁ । ଶହ, ଶହ ରୋଗୀ । ଓଷୁଅ

Digitized by srujanika@gmail.com

ନ ଖାଇ ମରୁଛନ୍ତି । ସେମାନଙ୍କର ସେବାକର ବାବୁ । ମାନବ ସେବା ମାଧବ ସେବା ।

ବିଶୁନି - ଆପଣଙ୍କର ସ୍ନେହ, ଶ୍ରଦ୍ଧା ମୁଁ ଜୀବନରେ ଭୁଲି ପାରିବି ନାହିଁ । ସେଥିପାଇଁ ମୋର ଜନ୍ମ । ଚାଲନ୍ତୁ ଦେଖିବା, ଆଉ ସେ ଯୁବକ ବଂଧୁ, ତାଙ୍କୁ କିଛି କୁହନ୍ତୁ ନାହିଁ ।

ବାପା - ତା' କଥା ତୁମେ କାହିଁକି ଭାବୁଛ ?

ମୁଖିଆ - କ'ଣ ବାବୁ ଧରମା କଥା କହୁଚ । ସେଇଟା ଗୋଟେ କ'ଣ ? ଉଠ କହିଲେ ଉଠିବ, ବସ କହିଲେ ବସିବ । ଏ ବାୟା ପୁଣି ଚଇତାଳିକୁ ବାହାହବ । ଚାଲ, ବାବୁ ।

- ଅନ୍ଧାର -

- ଷଷ୍ଠ ଦୃଶ୍ୟ -

(ରାସ୍ତା । ଏସ୍.ପି., ଇନ୍ସପେକ୍ଟର ଛଦ୍ମବେଶରେ କଥା ହୋଇ ଯାଉଥିଲେ ।)

ଇନ୍ସପେକ୍ଟର - ସାର୍, ଆପଣ ବିନା ସିକ୍ୟୁରିଟିରେ ଗାଁ, ଗାଁ ବୁଲିବା, ମୁଁ ପସନ୍ଦ କରୁନାହିଁ ସାର୍ । ନକସଲମାନଙ୍କର ଆପଣ ହଉଛନ୍ତି ପ୍ରଥମ ଟାର୍ଗେଟ୍ ।

ଏସ୍.ପି. - ଏହାଦ୍ୱାରା କେତେ ଉପକାର ହେଉଛି, ତା' ତୁମେ ଭଲ କରି ଉପଲବ୍ଧି କରିପାରୁଥିବ । ତୁମେ ଡ଼ରୁଛ କାହିଁକି ? କୁମ୍ବିଂ ଅପରେସନ୍ ପରେ ଅବସ୍ଥାର ବହୁତ ଉନ୍ନତି ଘଟିଛି । ସରକାର ଏ ଅଞ୍ଚଳର ଉନ୍ନତି ପାଇଁ ୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । କାମ, ଦାମ ପାଇ ଲୋକେ ଖୁବ୍ ଆଶ୍ୱସ୍ତ । ମୁଁ ମୁଖ୍ୟମନ୍ତ୍ରୀଙ୍କର ଗସ୍ତ କାର୍ଯ୍ୟକ୍ରମ ବାତିଲ କରିଦେଲି ।

ଇନ୍ସପେକ୍ଟର - ସତରେ ବାତିଲ ହୋଇଗଲା ସାର୍ । ମୁଣ୍ଡରୁ ଗୋଟାଏ ବୋଝ ଗଲା । ରାତିରେ ନିଦ ହେଉନଥିଲା ସାର୍ । ସେଥିପାଇଁ ପରା ମୁଁ ଟ୍ରାଙ୍କୁଲାଇଜର ଖାଉଥିଲି ।

ଏସ୍.ପି. - ବର୍ତ୍ତମାନ ହଜାର, ହଜାର ଲୋକ ଖାଦ୍ୟ ପାଇଁ କାମ ଯୋଜନାରେ

Digitized by srujanika@gmail.com

ନିଯୁକ୍ତି ପାଇଛନ୍ତି । ତେଣୁ ଲୋକ ଯୋଗାଡ଼ରେ କିଛି ଅସୁବିଧା ହୋଇନଥାନ୍ତା ।

ଇନ୍ସପେକ୍ଟର - ତେବେ ସାର୍, ମୁଁ ଗାଁ ଗାଁ ବୁଲି ଲୋକ ଯୋଗାଡ଼ କରିଥିଲି । ହଜାରେ ଲୋକ ନିଶ୍ଚୟ ଆସିଥାନ୍ତେ । ୪୦ ହଜାର ଟଙ୍କା ଖର୍ଚ୍ଚ ହୋଇଥାନ୍ତା । ଟିକିଏ ଶାନ୍ତି ମିଳୁଛି । ନକସଲମାନଙ୍କର କାର୍ଯ୍ୟକଳାପ କମ୍ ହୋଇଯିବା ଯୋଗୁଁ ।

ଏସ୍.ପି. - ଆହୁରି କମିଯିବ । ସରକାର ବା ଅଫିସରମାନେ ଯଦି ପ୍ରକୃତ ଗରିବଙ୍କର ଅବସ୍ଥା ବୁଝୁଥାନ୍ତେ, ନକସଲ ଆନ୍ଦୋଳନ ମୋଟେ ମୁଣ୍ଡ ଟେକିନଥାନ୍ତା ।

ଇନ୍ସପେକ୍ଟର - ଆପଣଙ୍କ ପରି କେତେଜଣ ସଚ୍ଚୋଟ ଅଫିସର ଅଛନ୍ତି, ନିଜେ ପାଦରେ ଚାଲି, କାମ ତଦାରଖ କରୁଛନ୍ତି ।

ଏସ୍.ପି. - ସେଥିପାଇଁ ଆମେ ଜନସାଧାରଣଙ୍କ ଅର୍ଥ ନେଉଛେଁ । ଆମର ଇଣ୍ଟେଲିଜେନ୍ସି ବ୍ୟୁରୋ, ବହୁତ ଭଲ କାମ କରୁଛନ୍ତି । ମାସକ ଭିତରେ ଚାରିଜଣ ଗେଜେଟେଡ୍ ଅଫିସର 'ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଗଲେ । ସମସ୍ତେ ଚାକିରୀରୁ ସସ୍‌ପେଣ୍ଡ ହୋଇଗଲେ ।

ଇନ୍ସପେକ୍ଟର - ଏ ସବୁ ଆପଣଙ୍କ ଯୋଗୁଁ ସମ୍ଭବ ହେଲା ସାର୍ ।

ଏସ୍.ପି. - ଇନ୍ସପେକ୍ଟର

ଇନ୍ସପେକ୍ଟର - ସାର୍ କୁହନ୍ତୁ ।

ଏସ୍.ପି. - ମୁଖ୍ୟମନ୍ତ୍ରୀଙ୍କ ସଭାପାଇଁ, ଲୋକ ସଂଗ୍ରହ କାର୍ଯ୍ୟରେ ଏ ପର୍ଯ୍ୟନ୍ତ କେତେ ଖର୍ଚ୍ଚ ହୋଇଛି ।

ଇନ୍ସପେକ୍ଟର - ମାତ୍ର ଦଶହଜାର ଟଙ୍କା ସାର ।

ଏସ୍.ପି. - ତା'ର ପ୍ରପୋର ଭାଉଚର ରଖନ୍ତୁ ।

(ଏହି ସମୟରେ ଧରମା ଖଣ୍ଡାଟାଏ ହାତରେ ବୁଲାଇ ବୁଲାଇ ଆସୁଥିଲା ।)

ଧରମା - ଶଳାକୁ ହାଣିବି । ମୋତେ ପରା ଘରୁ ବାହାର କରିଦେଇଛି । ତୋ ଝିଅକୁ କିଏ ବାହା ହବ ମୁଁ ଦେଖିବି । ଘରେ ନକ୍ସଲପଛୀକୁ ରଖିଛୁ । ପୋଲିସ୍‌କୁ ମୁଁ ଯାଇ କହିବି । ତାକୁ ଧରାଇ ପାଞ୍ଚଲକ୍ଷ ଟଙ୍କା ମୁଁ ସରକାରଠୁ ନେବି ।

Digitized by srujanika@gmail.com

ଇନ୍ସପେକ୍ଟର - ହଇହୋ ଯୁବକ, ସେ ଖଣ୍ଡାଟା ଆଣିଲ ।

ଧରମା - ତୁମକୁ ମୁଁ କାହିଁକି ଦେବି ? ତୁମକୁ ଦେଲେ ମୁଁ ତାକୁ ହାଣିବି କେମିତି ?

ଇନ୍ସପେକ୍ଟର - କୋଉ ନକ୍ସଲପନ୍ଥୀଙ୍କ କଥା ତୁମେ କହୁଛ ହୋ ବାବୁ ।

ଧରମା - ସେ ମୋର ଦୁସ୍‌ମନ । ଆଗ ମୁଁ ତାକୁ ହାଣିବି । ତାପରେ ସେ ଝିଅର ବାପାକୁ । ଆଉ ସେ ଗାଁର ମୁଖିଆକୁ । ଶଳେ ମୋତେ ଘରୁ ତଡ଼ିଦେଲେ ।

ଏସ୍.ପି. - ଛାଡ଼ ତା'ସହ କ'ଣ କଥାବାର୍ତ୍ତା କରୁଛ ।

ଧରମା - ତୁମେ ଯାଅ ହୋ ବାବୁ ମୋ ସହିତ କାହିଁକି କଥାବାର୍ତ୍ତା କରୁଛ । ଲୋକ କହୁଛନ୍ତି ମୁଁ ପାଗଳାଟାଏ । କହିଲ ବାବୁ, ମୁଁ ସତରେ କ'ଣ ପାଗଳା ।

ଇନ୍ସପେକ୍ଟର - ଏ, ସେ ଖଣ୍ଡାଟାକୁ ମୋତେ ଦେଲୁ ।

ଧରମା - ଥରେ କହିଲି ପରା ମୁଁ ଦେବିନି ।

ଇନ୍ସପେକ୍ଟର - (ଚାପୁଡ଼ାଏ ମାରି ଖଣ୍ଡା ଛଡ଼ାଇ ନେଲେ) ଚାଲନ୍ତୁ ସାର । ଏଇଟା ପ୍ରକୃତରେ ପାଗଳାଟାଏ । (ଚାଲିଗଲେ)

ଧରମା - (କାନ୍ଦୁଥିଲା) ତୁମେ ମୋତେ ମାରିଲ, ମୋ ଖଣ୍ଡା ଛଡ଼ାଇନେଲ । ମୁଁ କେମିତି ସେମାନଙ୍କୁ ହାଣିବି ।
(ପ୍ରବେଶ କରିଛି ରାମସେଠୀ)

ରାମସେଠୀ - ଧରମା, ଆରେ କାନ୍ଦୁଛୁ କାହିଁକି ?

ଧରମା - (ଆହୁରି ଜୋର୍‌ରେ କାନ୍ଦିଲା) ନ କାନ୍ଦି ଆଉ କ'ଣ କରିବି । ସେ ମୋତେ ମାରିଲେ ମୋ ଖଣ୍ଡା ଛଡ଼ାଇ ନେଲେ, ତୁମେ ମାରିବ ଯଦି ମାର ?

ରାମସେଠୀ - ଉଠ୍ ଉଠ୍ । କିଏ ତୋ ଖଣ୍ଡା ଛଡ଼ାଇ ନେଲା ? ହାରାମୀଜାଦା, ତୁ ଦିନ ଦୁଇପହରେ ଖଣ୍ଡାଟାଏ ଧରି କ'ଣ ବୁଲୁଛୁ ?

ଧରମା - ତୁମେ କଣ ଜାଣିନ ହାବିଲଦାରବାବୁ । ଚଇତାଳି ଓ ତା'ର ବାପା ତାଙ୍କ ଘରକୁ ଛାଡୁନାହାନ୍ତି । ମୁଁ କ'ଣ ଚଇତାଳୀକୁ ବାହା ହେବିନି ?

ରାମସେଠୀ - ଆରେ ଚଇତାଳୀ, ଚଇତାଳୀ ହୋଇ କାହିଁକି ମରୁଛୁ ? ବାହା ହବାକୁ କ'ଣ ଆଉ ଝିଅ ମିଳୁ ନାହାନ୍ତି ।

Digitized by srujanika@gmail.com

ଧରମା - ମୁଁ ଚଇତାଳି ଛଡ଼ା ଆଉ କାହାକୁ ବାହା ହେବିନି । ତାହା ପାଇଁ ତ ଚାକିରୀ ଛାଡ଼ିଲି । ସେ ମୋତେ ବାହା ନ ହେଲେ ମୁଁ ବିଷଖାଇ ମରିବି, ମରିବି, ମରିବି ।

ରାମସେଠୀ - ସତରେ ଏଇଟା ପାଗଳଟାଏ । ହଇରେ ଗୋଟିଏ ଝିଅପାଇଁ ତୁ ମରିବୁ କାହିଁକି ? ସେ କ'ଣ ତୋତେ ଭଲ ପାଉନି ?

ଧରମା - ସେଇଠି ତ ଅସୁବିଧାଟା ରହିଛି । ପାଉଥାନ୍ତା । କିନ୍ତୁ ଆଉଗୋଟେ ଲୋକ ଆସିପରା କୁଟିଗଲା । ବାବୁ, ମୁଁ ଜାଣିଛି, ସେଇଟା ନକ୍ସଲପନ୍ଥୀ । ତୁମେ ସବୁ ଯାହାକୁ ଖୋଜୁଛ ।

ରାମସେଠୀ - ତୁ ଭଲକରି ଜାଣିଛୁ ଧରମା ।

ଧରମା - ମୁଁ କେମିତି କହିବି କହିଲ ? ଲୋକଟା ଭାରି ଭଲ । ତାକୁ ପରା ବାପଝିଅ କିମିଆଁ କରି ପକାଇଛନ୍ତି । ବାହାରକୁ ମୋଟେ ଛାଡ଼ି ଦେଉନାହାଁନ୍ତି ।

ରାମସେଠୀ - ଧରମା, ଚାଲେ ତୋର ମୋର ତୋ ଗାଁକୁ ଯିବା ।

ଧରମା - ତୁମେ ଆମ ଗାଁକୁ ଯିବ ? ପୋଲିସକୁ ଗାଁକୁ ଆସିବା ମନା । ଏ ପୋଲିସ୍ ଲୋକ ଗୁଡ଼ାକ ନକ୍ସଲପନ୍ଥୀ ଧରିବା ନାଁରେ, ଆମ ଝିଅ ବୋହୁଙ୍କ ଉପରେ ଆଖି ପକାଉଛନ୍ତି ।

ରାମସେଠୀ - (ମନେ ମନେ) ତାହାହେଲେ ବିଶୁନି ସରକାର କ'ଣ ଏଇଠି ଅଛି ? ହଉ, ଯିବ କୁଆଡ଼େ । ମୁଁ ଖବର କାଢ଼ି ଦେବିନି । ହଇରେ ଧରମା କାନ୍ଦିଲେ କ'ଣ ହେବ କହିଲୁ । ନେ, ମାଲ ପାଣିକୁ ପଚାଶଟଙ୍କା ରଖ ।

ଧରମା - ମୋତେ ପଚାଶ ଦେଇ ସରକାରକୁ ପାଂଶ ଦେଇଛ ବୋଲି କହିବନି ତ ? ତୁମେ ଗୁଡ଼ାକତ ବଡ଼ ଡ଼ାକୁ ।

ରାମସେଠୀ - ଏଇଟା ପାଗଳା କାହିଁକି ହବମ ? ଏଇଟା ଜାଣି ପାଗଳା । ବୁଝିଲୁ ଧରମା, ସେ ଲୋକଟା ଉପରେ ନଜର ରଖିଥା ।

ଧରମା - ବାବୁ ସତ କହିଲ ଏଇଟା ତୁମର ନାଁ ସରକାରର ?

ରାମସେଠୀ - ଆରେ, ମୋର କାହିଁକି ହେବ ? ସବୁ ସରକାରର ।

ଧରମା - (ହସିଲା) ଯଦି ସରକାରକା ମାଲ୍ ଦରିଆମେ ଢ଼ାଲ ।

- ଅନ୍ଧାର -

Digitized by srujanika@gmail.com

- ସପ୍ତମ ଦୃଶ୍ୟ -

(ନଈକୂଳ ଜଙ୍ଗଲ । ବିଶୁନି ଓ ଚଇତାଳି କଥାବାର୍ତ୍ତା ହେଉଥିଲେ ଦୂରରୁ ଆଦିବାସୀ ନୃତ୍ୟ ସଂଗୀତ ଶୁଭୁଥିଲା ।)

ଚଇତାଳି - ବାବୁ, ଆଜି ତୁମେ ଆମ ଅଞ୍ଚଳର ଦେବତା ହୋଇଯାଇଛ । ଦିନରାତି ରୋଗୀସେବା କରି ତୁମେ ଯେ ମରଣ ମୁହଁରୁ କେତେଙ୍କୁ ଫେରାଇ ଆଣିଛ । ତା'ର ପ୍ରଶଂସା ସମସ୍ତେ କରୁଛନ୍ତି ।

ବିଶୁନି - ତୁମେ ତ ମୋ ସହିତ ତାଳ ଦେଇ କମ ପରିଶ୍ରମ କରିନ ଚଇତାଳି । ତୁମେ ମଧ୍ୟ ଦିନରାତି ରୋଗୀ ସେବା କରି ଜଣେ ଶ୍ରେଷ୍ଠ ସେବିକା ସ୍ଥାନ ଅଧିକାର କରିଛ ।

ଚଇତାଳି - ତୁମକୁ ମୁଁ କହିଥିଲି ନା ବାବୁ, ତୁମ ସହିତ ପାଦ ମିଶାଇ ମୁଁ ବେଶ୍ ଚାଲିପାରିବି । ତେବେ ବାବୁ, ପ୍ରଶ୍ନଟିଏ ପଚାରିବାକୁ ମନହୁଏ, ଡ଼ର ଲାଗେ, ତୁମେ ଯଦି ମୋତେ ନିରାଶ କରିଦେବ ।

ବିଶୁନି - ସେ ପ୍ରଶ୍ନ କଣ ପଚାର ଚଇତାଳି ।

ଚଇତାଳି - ତୁମେ ମୋତେ ପରଙ୍କରି ଦବନି ତ ବାବୁ ?

ବିଶୁନି - ପ୍ରଶ୍ନଟ ଅତି ଜଟିଳ । ଏ ଉତ୍ତର ମୁଁ ତୁମକୁ ହଠାତ୍ ଦେଇପାରିବିନି ଚୈତାଳି ।

ଚଇତାଳି - ତାହା ମୁଁ ଜାଣେ ବାବୁ । ତୁମକୁ ଦେଖିଲା ପରଠାରୁ ମୁଁ ଜାଣେନା, ମୋ ମନରେ ତୁମପ୍ରତି ଏକ ଅହେତୁକ ଆଲୋଡ଼ନ ସୃଷ୍ଟି ହୁଏ । ବାବୁ ସେଇ ଆଲୋଡ଼ନ ପ୍ରେମରେ ପରିଣତ ହୋଇ ଏତେ ନିବିଡ଼ ହୋଇଯାଏ ଯେ ମୁଁ ତୁମ ପାଇଁ ସବୁ ଭୁଲିଯାଏ । ଭୁଲିଯାଏ ପଚାରିବାକୁ । ତୁମଘର, ତୁମ ନାଁ, ତୁମ ବାପ ମା, ଆଉ ତୁମର ସେ - ଆଉ ଯଦି ତୁମେ ବିବାହ କରିଥାଅ ।

ବିଶୁନି - ମୋର ସେ ? ସେ ଆସିବ କୁଆଡୁ ଚୈତାଳି ? ଗୋଟିଏ ପାଷାଣ ବକ୍ଷରେ ତୁମେ ଜଳର ସଞ୍ଚାର କରିଛ । ଗୋଟିଏ ନିଷ୍ଠୁର ହୃଦୟରେ ପ୍ରେମ, ମମତାର ପ୍ରଲେପ ବୋଳି ଦେଇଛ । ତୁମ ପାଇଁ ଚଇତାଳି ଗୋଟାଏ ସବଳ ହୃଦୟ ଆଜି ଦୁର୍ବଳ ହୋଇ ପଡ଼ିଛି । ରଣକ୍ଷେତ୍ରରୁ ପଛଘୁଞ୍ଚା ଦେଇ, ମୁଁ ମୋ ପ୍ରଣୟିନୀ ପାଖକୁ ଧାଇଁ ଆସିଛି । ଟୋପାଏ ସ୍ନେହ, ପ୍ରେମ ମମତା ପାଇବା ଆଶାରେ ।

Digitized by srujanika@gmail.com

ଚଇତାଳି - ସତରେ ବାବୁ, ତୁମେ ସତ କହୁଛ ସେଇ ସ୍ନେହ, ମ .।ତା, ପ୍ରେ କୁ ମୁଁ ତୁମ ନିକଟରେ ଢ଼ାଳି ଦେଇଛି ଚିରଦିନ ପାଇଁ । ତୁମେ ମୋ ଦେବତା, ତୁମ ବିନା ଜୀବନ .ମାର ତୁଚ୍ଛ ।

ବିଶୁନି - ଚୈତାଳି, ମୁଁ ଜାଣେନା ତୁମେ ଭୁଲ୍ କରୁଛ । ମୁଁ ଭୁଲ୍ କରୁଛି । ଯାହାର ଆବାଜ ଶତ ପ୍ରାଣରେ ସ୍ପନ୍ଦନ ସୃଷ୍ଟି ଥିଲା, ସେ ଆବାଜ ଆଜି କ୍ଷୀଣରୁ କ୍ଷୀଣତର ହୋଇଯାଇଛି / ଜାଣେନା ମୁଁ କ'ଣ କରୁଛି । ଭୁଲ ନା ଠିକ୍ ।

ଚଇତାଳି - ତେବେ ବାବୁ ଦୁଇଟି ପ୍ରାଣ ଆକୁଳରେ ହିଁ ବସିଛି ମିଳନର ଆଶାରେ । ମିଳନର ଶୁଭ ଶଙ୍ଖ ବାଜି ଠବ । ସେହି ଶୁଭ ଲଗ୍ନର ଅପେକ୍ଷାରେ ତୁମେ ଆଉ ମୁଁ ।

ବିଶୁନି - ହଁ ଚଇତାଳି, ମୁଁ କ୍ଳାନ୍ତ, ମୁଁ ଶ୍ରାନ୍ତ । (ଚୈତାଳିର ଛାତିକୁ ଆଉଜି ପଡ଼ିଛି ।)

ଚଇତାଳି - ବାବୁ,

ବିଶୁନି - ବାବୁ ନୁହଁ, ଭଲ ଶୁଭୁନି ।

ଚଇତାଳି - ତେବେ, କ'ଣ ବୋଲି ଡ଼ାକିବି, ସାଥୀ, ପ୍ରିୟ, ପ୍ରିୟତମ ।

ବିଶୁନି - ଡ଼ାକ ଚୈତାଳି, ମନଖୋଲି ଡ଼ାକ । ସେ ଡ଼ାକରେ ମୁଁ ଆତ୍ମହରା ହୋଇଯିବି । ଆଜିର ମୁହୂର୍ତ୍ତ ଶୁଭ ମୁହୂର୍ତ୍ତ । ଏହି ଶୁଭମୁହୂର୍ତ୍ତର ତୁମର ମୋର ବିବାହ ଅନୁଷ୍ଠିତ ହେବ ।
(ଆଙ୍ଗୁଠି ଛୁରୀରେ କାଟି ରକ୍ତ ସିନ୍ଦୁର ମଥାରେ ପିନ୍ଧାଇ ଦେଲା ।)

ଚଇତାଳି - ପ୍ରିୟ, ମୋତେ ଛାଡ଼ି କୁଆଡ଼େ ଯିବ ନାହିଁ ତ ? ନା ଅଛି ତୁମର ଘର, ନା ଅଛି ତୁମର ଠିକଣା । ଯଦି ପ୍ରିୟ, ତୁମେ ମୋତେ ଛାଡ଼ି ଚାଲିଯାଅ ମୁଁ ବଞ୍ଚିବି କିପରି ?

ବିଶୁନି - ସେଇଥିପାଇଁ ମୁଁ ଚିନ୍ତା କରୁଛି ଚୈତାଳି, ବୁଲେଟ ଛାଡ଼ି, ବାଲେଟର ଆଶ୍ରୟ ନେବି ।

ଚଇତାଳି - ମୁଁ କିଛି ବୁଝିପାରୁନି ।

ବିଶୁନି - ମୁଁ ସବୁ ତୁମକୁ ପରେ ବୁଝେଇ ଦେବି ଚଇତାଳି । ମୁଁ ଥିଲି କ'ଣ, ମୁଁ କିଏ ? ମୁଁ ପୁଣି କ'ଣ ହେବାକୁ ଯାଉଛି ।

ଚଇତାଳି - ଆସ ଘରକୁ ଚାଲିଯିବା । ମୋତେ ତୁମ କଥା ଖୋଲି କହିବ ।

Digitized by srujanika@gmail.com

ବିଶୁନି - ଚାଳି, ମୋ ଶିର ଛେଦ କରିବାକୁ, ଖଡ୍‌ଗ ଝୁଲି ରହିଛି ।

ଚଇତାଳି - ତୁମେ କି ଅପରାଧ କରିଛ ଯେ, ତୁମର ଶିରଛେଦ ହେବ ।

ବିଶୁନି ନରହତ୍ୟା

ଚଇତାଳି - ନରହତ୍ୟା

ବିଶୁନି - ଗୋଟିଏ ନୁହେଁ, ଦଶ, ଦଶଟି ନରହତ୍ୟା ଚଇତାଳି । ମୁଁ ହତ୍ୟା କରିଛି, ସେମାନଙ୍କୁ ଚଇତାଳି, ଯେଉଁମାନେ ସମାଜକୁ ଶୋଷଣ କରୁଥିଲେ, ଯେଉଁମାନେ ଗରୀବର ରକ୍ତ ପିଉଥିଲେ, ମୁଁ ଆବାଜ ଦେଇଛି ଦୁର୍ନୀତିଗ୍ରସ୍ତ ଅଫିସର, ଅସାଧୁ ବ୍ୟବସାୟୀ, ଦୁର୍ନୀତିଗ୍ରସ୍ତ ରାଜନେତାଙ୍କୁ ହତ୍ୟାକରି ।

ଚଇତାଳି - ବୁଝିଲି, ଏବେ ବୁଝିପାରିଲି । ସେଥିପାଇଁ ଚିନ୍ତା କରୁଛ କାହିଁକି ? ତୁମେ କ'ଣ ଭାବୁଛ, ତୁମର କଥାଶୁଣି, ମୁଁ ଡ଼ରିଯିବି । ମୁଁ ଜଣେ ବିପ୍ଳବୀର ପତ୍ନୀ । ମୁଁ ମଧ୍ୟ ଅନ୍ୟାୟ ବିରୁଦ୍ଧରେ ଲଢ଼ିଛି । ଅନ୍ୟାୟ, ଦୁର୍ନିତୀର ଦୃଢ଼ ପ୍ରତିବାଦ କରିଛି । ମୁଁ ଜଣେ ବିପ୍ଳବିନୀ । ମୁଁ ବିପ୍ଳବର ଜୟଗାନ କରେ । ବିପ୍ଳବ ଦୀର୍ଘଜୀବି ହେଉ । ଇନକିଲାବ - ଜିନ୍ଦାବାଦ ।

ବିଶୁନି - ଆଜି କି ଅପୂର୍ବ ଆନନ୍ଦ ମୁଁ ଅନୁଭବ କରୁଛି । ତୁମର ଏଇ କେଇପଦ କଥା, ମୋ ମନରେ ଆଶା ସଞ୍ଚାର କରିଛି । ତୁମେ ପ୍ରକୃତ ର ମୋର ସହଧର୍ମିଣୀ । ସହଗାମିନୀ । ତୁମରି ପରି ଜୀବନସାଥୀଟିଏ ପାଇ ମୁଁ ଧନ୍ୟ ହୋଇଛି । ମୋର ଆଉ କିଛି ଦୁଃଖ ନାହିଁ । କିଂତୁ ଭୟ ହୁଏ ଚଇତାଳି, ଆମର ଏ ବିବାହକୁ ତୁମ ସମାଜ, ବାପା, ମୁଖିଆ କଣ ଗ୍ରହଣ କରିବେ ?

ଚଇତାଳି - ତା' ମୁଁ କିମିତି କହିବି ବାବୁ । ତଥାପି ତୁମ ପ୍ରତି ଗ୍ରାମବାସୀଙ୍କର ସ୍ନେହ, ଶ୍ରଦ୍ଧା, ଆମର ପ୍ରତିବନ୍ଧକ ହେବ ନାହିଁ ।

ବିଶୁନି - ଚାଲ, ପ୍ରଥମେ ଆମେ ବାପାଙ୍କର ଆଶୀର୍ବାଦ ଭିକ୍ଷା କରିବା । (ଏଇ ସମୟରେ ଚଇତାଳି, ଚଇତାଳି ଡ଼ାକି ପ୍ରବେଶ କରିଛନ୍ତି ଚଇତାଳିର ବାପା ।)

ବାପା - ଚଇତାଳି । ତୁ କ'ଣ କରୁଛୁ । ଘରର ମାନ, ଇଜ୍ଜତ କଥା ଥରେ ଚିନ୍ତା କର । ତୁମ୍ଭମାନଙ୍କର ଏପରି ଭାବରେ ବୁଲା, ଚଲାକୁ

Digitized by srujanika@gmail.com

ଗାଁଲୋକେ କ'ଣ ପସନ୍ଦ କରିବେ ? ତୁମର ଅବାଧ ମିଳାମିଶାକୁ ମୁଁ ମଧ୍ୟ ପସନ୍ଦ କରେନା । ବାବୁ, ତୁମେ କ'ଣ କରୁଛ । ତୁମେ ନିରାଶ୍ରୟ ବୋଲି, ମୁଁ ତୁମକୁ ଆଶ୍ରୟ ଦେଇଥିଲି । ତା'ର ପୁରସ୍କାର କ'ଣ ଏଇଆ ? ଚଇତାଳି ଘରକୁ ଯା । ବାବୁ, ତୁମେ ଆଜି ମୋ ଘର ଛାଡ଼ି ଚାଲିଯାଅ ।

ଚଇତାଳି - ବାପା, ଆପଣ ଏ କ'ଣ କହୁଛନ୍ତି ?

ବାପା - ତୁମକୁ ଘରେ ରଖି ମୁଁ ଯଥେଷ୍ଟ ନିନ୍ଦା ଶୁଣିଲିଣି । ମୁଁ ଜାଣେ ବାବୁ, ତୁମେ ଭଲ ଲୋକ । ସେଥିପାଇଁ କୌଣସି ନିନ୍ଦା, ପ୍ରଶଂସାକୁ ମୁଁ ଖାତିରି କରୁନାହିଁ । ଧରମା, ସେ ତୁମ ରହିବାକୁ ମୋଟେ ପସନ୍ଦ କରେନା । ଛାଡ଼୍, ସେଥିରୁ କ'ଣ ମିଳିବ ।

ଚଇତାଳି - ବାପା, ତୁମେ କ'ଣ ସତରେ ଅସନ୍ତୁଷ୍ଟ । କିଂତୁ ବାବା, ତୁମକୁ ନ ଜଣାଇ ମୁଁ ଗୋଟାଏ ଅପରାଧ କରିଛି ବାପା ।

ବାପା - ତୁ ଭୁଲ୍ କରିବୁ, ସେ ବିଶ୍ୱାସ ମୋର ନଥିଲା । କି ଅପରାଧ କରିଛୁ । ଖୋଲି କହ ଚଇତାଳି ।

ବିଶୁନି - ବାପା ଆମକୁ କ୍ଷମା କରି ଦିଅନ୍ତୁ । ସେଥିପାଇଁ ଦୋଷୀ ମୁଁ । ମୋତେ ଯେଉଁ ଦଣ୍ଡ ଦେବେ, ତା' ମୁଁ ଗ୍ରହଣ କରିବାକୁ ପ୍ରସ୍ତୁତ ।

ବାପା - ଘଟଣା କ'ଣମୋତେ ଖୋଲି କହ ଚଇତାଳି ।

ଉଭୟେ - ଆମେ ବିବାହ କରି ସାରିଛୁ ।

ବିଶୁନି - ଆମକୁ ଆଶୀର୍ବାଦ କରନ୍ତୁ ବାପା ।
(ଉଭୟେ ପାଦତଳେ ପଡ଼ିଗଲେ)

ବାପା - ମୁଁ ଏବେ କ'ଣ କରିବି ? ଏ ବିବାହ ପାଇଁ ସାନ୍ତାଳ କୁଳ କ'ଣ ଅନୁମତି ଦେବ ?

ବିଶୁନି - ସେଥିପାଇଁ ବାପା, ମୁଁ ଘରଛାଡ଼ି ଚାଲିଯିବି ।

ବାପା - ଲଜ୍ଜା ଲାଗେନା, ଏ କଥା କହିବାକୁ ? ଚାଲିଯିବା ଲୋକ ମୋ ଝିଅକୁ ବିବାହ କରୁଥିଲ କାହିଁକି ? ମୁଁ ଯାଏଁ, ମୁଖିଆ ଭାଇକି ପଚାରେ । ତୁମେ ଦୁହେଁ ଘରକୁ ଆସ ।

- ଅନ୍ଧାର -

Digitized by srujanika@gmail.com

- ଅଷ୍ଟମ ଦୃଶ୍ୟ -

(ଏସ୍.ପି.ଙ୍କ ରେସିଡ଼େନସିଆଲ କ୍ୱାଟର ।)

(ମଞ୍ଚରେ ପ୍ରବେଶ କଲେ ସୂତ୍ରଧର ।)

ସୂତ୍ରଧର : ଦର୍ଶକ ବନ୍ଧୁଗଣ । ବିଶୁନି ସରକାର ଜଣେ ଦୁର୍ଦ୍ଧଶ ବିପ୍ଳବୀ । ତା'ର ଆୱାଜ ଆଜି କ୍ଷୀଣତର ହେବାରେ ଲାଗିଛି । ସେ ଜାତୀୟ ସ୍ରୋତରେ ସାମିଲ ହେବାକୁ ସ୍ଥିର କରି ସାରିଲାଣି । ଜଣେ ନାରୀ ଆଜି ତାର ଚେତନା ରାଜ୍ୟରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଛି । ସେ ବୁଲେଟ ଛାଡ଼ିଦେବାକୁ ମନସ୍ଥ କରିଛି । ତେବେ ତାକୁ କ'ଣ କ୍ଷମା ମିଳିପାରିବ । ତା' ବିରୁଦ୍ଧରେ ଦଶ, ଦଶଟି ହତ୍ୟା ମାମଲା । ସେ କ'ଣ ସହଜରେ ଆଇନ ହାତରୁ ରକ୍ଷା ପାଇ ପାରିବ ? ପୋଲିସ୍ ତାକୁ ଖୋଜୁଛି । ଦେଖାଯାଉ, ପରବର୍ତ୍ତୀ ଅବସ୍ଥାକୁ ଭଲ କରି ଲକ୍ଷ୍ୟ କରନ୍ତୁ । ନମସ୍କାର । (ପ୍ରସ୍ଥାନ)

(କିଛି ସମୟ ପରେ ମଞ୍ଚରେ ଏସ୍.ପି ଓ ଇନ୍ସପେକ୍ଟର ପ୍ରବେଶ କଲେ ।)

ଏସ୍.ପି. : ଦୀର୍ଘ ଆଠମାସ ବିତିଗଲା, ବିଶୁନି ସରକାରର ପତ୍ତା ମିଳିଲା ନାହିଁ । ପୋଲିସ ନିଷ୍କ୍ରିୟ ବୋଲି, ଆସେମ୍ବ୍ଲିରେ ପ୍ରଶ୍ନ ଉଠୁଛି । ସେ ମୃତ କି ଜୀବିତ ତା' କିଛି ଜଣା ପଡ଼ିଲା ନାହିଁ ।

ଇନ୍ସପେକ୍ଟର : ପୋଲିସ ଇନଫରମାନେ ଗାଁ, ପରେ ଗାଁ ଖୋଜି ଚାଲିଛନ୍ତି । ସୁରକ୍ଷା ବାହିନୀ ଜବାନଙ୍କର ନାରୀ ନିର୍ଯ୍ୟାତନା ଖବର ଯୋଗୁଁ, ସରକାର ସୁରକ୍ଷାବାହିନୀକୁ ଲୋକଙ୍କର ଦାବୀରେ ଉଠାଇ ନେଲେ । ପୁଲିସ ଗାଁରେ ଯେପରି ବଳ ପ୍ରୟୋଗ ନ କରେ ସେଥିପ୍ରତି ସରକାରଙ୍କର କଡ଼ା ନିର୍ଦ୍ଦେଶ । ସେପରି ସ୍ଥଳେ, ଯେତିକି କରିବାର କଥା, ତା କରାହେଉଛି ସାର୍ ।

ଏସ୍.ପି. : ଏତିକି ଲାଭ ହୋଇଛି, ବିଶୁନି ସରକାରର ଅବର୍ତ୍ତମାନରେ ନକସଲ ଆନ୍ଦୋଳନ ଦୁର୍ବଳ ହୋଇ ପଡ଼ିଛି । ସରକାରଙ୍କର ଉନ୍ନୟନ କାର୍ଯ୍ୟରେ ଅଞ୍ଚଳବାସୀ ସନ୍ତୁଷ୍ଟ । ବିଶୁନି ଧରା ନ ଗଲେ, ପୋଲିସର କାର୍ଯ୍ୟକୁ ସମାଲୋଚନା କରାଯାଉଛି ।

Digitized by srujanika@gmail.com

ଇନ୍ସପେକ୍ଟର : ପୋଲିସ, ଘର ସର୍ଚ୍ଚ କରିବାକୁ ମନା । ସୁରକ୍ଷାବାହିନୀର ଦୁଇଟା ଯବାନ କ'ଣ କଲେ, ନାରୀ ନିର୍ଯ୍ୟାତନା ଅଭିଯୋଗ ସାଙ୍ଗେ, ସାଙ୍ଗେ ଅଣାଗଲା । ୩ ଜଣ ଅଫିସର ସସ୍‌ପେଣ୍ଡ ହେଲେ । ପୋଲିସ୍‌ର ମନୋବଳକୁ ତ ସରକାର ଭାଙ୍ଗି ଦେଉଛନ୍ତି । କାହାର ଏଥିପାଇଁ ଆଗ୍ରହ ବଢ଼ିବ, ଆପଣ କୁହନ୍ତୁ । ଗାଁକୁ ପୋଲିସ ଗଲେ ଲୋକଙ୍କର ଆପତ୍ତି ।

ଏସ୍.ପି. : କିଂତୁ ନକସଲମାନଙ୍କର ବୁଲେଟିନରୁ ପ୍ରକାଶ, ବିଶୁନି ସରକାର ବଞ୍ଚିଛି । ସେମାନେ ତାକୁ ଦଳରୁ ବାହାର କରି ଦେଇଛନ୍ତି ।

ଇନ୍ସପେକ୍ଟର : ବୁଲେଟିନ ବାହାରିଛି ସାର୍ ।

ଏସ୍.ପି. : ଇଣ୍ଟେଲିଜେନ୍‌ସି ବ୍ୟୁରୋ କ'ଣ କରୁଛି ? ତୁମେ ତା ଦାୟିତ୍ୱରେ ଅଛ । ତୁମେ ବୁଲେଟିନ ପାଇଲ ନାହିଁ ଅଥଚ ମୁଁ ପାଇଲି । ମୋ ପାଖକୁ ପୋଷ୍ଟରେ ଆସିଛି । ଇଣ୍ଟେଲ୍‌ଜେନସି ବିଭାଗର ଆମୂଳ ଚୂଳ ପରିବର୍ତ୍ତନ ହେବା ଦରକାର । ମୁଁ ଆଇ.ଜି.ଙ୍କ ସହିତ ପରାମର୍ଶ କରୁଛି ।

ଇନ୍ସପେକ୍ଟର : ଆପଣ ଯାହା କରିବାର କଥା କରନ୍ତୁ, ମୋର କିଛି କହିବାର ନାହିଁ । ତେବେ ଆପଣ ମୋ ଉପରେ ବିରକ୍ତ ହେବାଟାକୁ ମୁଁ ପସନ୍ଦ କରୁନି ସାର୍ । ମୁଁ ଦାୟିତ୍ୱରେ ଅଛି ସତ, କିଂତୁ ମୋର ଯେତେଦୂର ବିଶ୍ୱାସ ଷ୍ଟାଫମାନେ କର୍ତ୍ତବ୍ୟରେ ଅବହେଳା କରୁନାହାନ୍ତି । ସାର୍, ହାବିଲଦାର ରାମସେଠୀର କହିବା ଅନୁସାରେ...

ଏସ୍.ପି. : ରାମସେଠୀ, ସେ ଗୋଟାଏ ରୋଗ୍ । ତା' ବିରୁଦ୍ଧରେ ବହୁତ ଆଲିଗେସନ । କିଂତୁ ତୁମେ ତାକୁ ବିଶ୍ୱାସ କରୁଛ ।

ଇନ୍ସପେକ୍ଟର : ସାର୍, ସମସ୍ତଙ୍କୁ ଅବିଶ୍ୱାସ କଲେ କ'ଣ ଚଳିବ ? ସେ କିଂତୁ ସାର୍, ବିଶୁନି ସରକାରକୁ ଧରିବାକୁ ବହୁତ ଚେଷ୍ଟା କରୁଛି ।

(ପ୍ରବେଶ କରିଛି ରାମ ସେଠୀ ଓ ସାଙ୍ଗରେ ଧରମା)

ରାମସେଠୀ : (ସାଲ୍ୟୁଟ ମାରି) ବିଶୁନି ସରକାର, ଅତି ନିକଟରେ ଧରାପଡ଼ିଯିବ ସାର୍ ।

ଏସ୍.ପି. : ହଁ, ତୁମେ କିପରି ଜାଣିଲ ?

Digitized by srujanika@gmail.com

ରାମସେଠୀ : ମୁଁ ଚେଷ୍ଟା ଚଳେଇଛି ସାର୍, ଯାହାକୁ ଅପଦାର୍ଥ ବୋଲି ଭାବୁଛନ୍ତି, ତା'ଦ୍ୱାରା ବହୁତ କାମ ହୋଇପାରିବ । ଆପଣ ତାକୁ ବିରକ୍ତ ହେଲାରୁ, ସେ ଆପଣଙ୍କୁ ଡ଼ରି ଯାଉଛି ସାର୍ । ସାର୍ ସେ ଲୋକ ମୋ ସାଙ୍ଗରେ ଆସିଛି ।

ଏସ୍.ପି. : ଏଇ ଲୋକ । ଗୋଟାଏ ବଦ୍ଧ ପାଗଳ । ବିଶ୍ୱମୋହନ ବାବୁ, ସେଦିନ ରାସ୍ତାରେ ମଦ ପିଇ, ଖଣ୍ଡାଧରି, ଏଇ ଲୋକଟା ଉତ୍‌ପାତ କରୁଥିଲା । ତୁମେ ଚାପୁଡ଼ାଏ ମାରି, ତା'ଠାରୁ ଖଣ୍ଡା ଛଡ଼ାଇ ଆଣିଥିଲ ।

ଧରମା : ସେଦିନ ତୁମେ ନୁହଁ, ଆଉ ଗୋଟେ ଦାଢ଼ିଆ ଲୋକ ମୋଠାରୁ ଖଣ୍ଡା ଛଡ଼ାଇ ନେଲା । ତୁମକୁ କିଏ କହିଲା ସାର୍ ।

ରାମସେଠୀ : କିନ୍ତୁ ସାର୍, ମଦୁଆ ହେଲେ ମଧ, ଏଲୋକଟା ମୋତେ ବହୁତ ସାହାଯ୍ୟ କରୁଛି । ବିଶୁନି ସରକାର ଗୁଳିମାଡ଼ ଖାଇ, ତାଙ୍କ ଗାଁ ମୁଣ୍ଡ ନଈକୂଳରେ ପଡ଼ିଥିଲା ।

ଧରମା : ସେ 'ପାଣି ପାଣି' ବୋଲି ଚିତ୍କାର କରୁଥିଲା । ଚଇତାଳି ଆଉ ମୁଁ ପାଣି ପିଇବାକୁ ଦେଲୁ । ସାରେ, ଦି'ଢ଼ାଳ ପାଣି ପିଇଲା । ମନା କରୁଛି, ସେ ବଦମାସ ଟୋକୀ ତାକୁ ଘରକୁ ନେଇଗଲା । ତା' ବାପା ଆମ ଅଞ୍ଚଳର ବଇଦ । ଚେରମୂଳିରେ ତାକୁ ଭଲ କରିଦେଲା ସାର୍ । ସର୍, ବିଶୁନି ସରକାର ଗୋଟାଏ ଡ଼ାକ୍ତର । ଭାରୀ ରୋଗୀ ସେବା କରୁଛି । ଲୋକ ତାକୁ ମାନି ଯାଇଛନ୍ତି ।

ଇନ୍ସପେକ୍ଟର : ବିଶୁନି ସରକାର, ଡ଼ାକ୍ତର ?

ଧରମା : ବହୁତ ରୋଗୀ ସେ ସେବା କଲାଣି ସାର୍ । ତା'ପଛରେ ଏ ଟୋକୀ, ମୁଁ ଯାହାକୁ ବାହା ହେବି ଆଜ୍ଞା, ନର୍ସ ହୋଇ ଦୌଡ଼ୁଛି । ପଇସାଟିଏ ଛୁଁ ନାହିଁ । ଲୋକେ ତାକୁ ଦେବତା ପରି ମାନିଛନ୍ତି । ମୁଁ ହାବିଲଦାରଙ୍କ ଠାରୁ ସବୁକଥା ଶୁଣିଲା ପରେ, ଚଇତାଳି ବାପକୁ ଏ କଥା କହିଲି । ତା' ବୋପା, ମୋ କଥାକୁ ହସରେ ଉଡ଼ାଇଦେଲା ।

ଏସ୍.ପି. : ତା'ପରେ...

ଧରମା : ତା'ପରେ ଆଉ କ'ଣ ସାର୍ । ମୋର ଯେ ମାଇପ ହବ, ତାକୁସେ ଭଲ ପାଉଛି । ମୁଁ କିମିତି ଧୈର୍ଯ୍ୟ ଧରି ବଞ୍ଚିବି, ମୋତେ ତୁମେ କୁହ ସାର୍ ।

ଏସ୍.ପି. : ବର୍ତ୍ତମାନ ସେ କେଉଁଠି ରହୁଛି ?

Digitized by srujanika@gmail.com

ଧରମା : ଆଉ କୋଉଠି ରହିବ ଆଜ୍ଞା । ମୋ ଭାବୀ ସ୍ତ୍ରୀ ସହିତ ବୁଲୁଚି, ନାଚୁଛି, ଗାଉଛି । ଏଣେ ମୁଁ କାନ୍ଦି, କାନ୍ଦି ମରୁଛି ସାର୍ । ଆପଣ ତାକୁ ଧରି ପକାନ୍ତୁ । ଟୋକୀ ଆଉ କୁଆଡ଼େ ଯିବ । ମୋତେ ବାଧ ହୋଇ ବାହାହେବ ।

ଏସ୍.ପି. : ତେବେ ସେ ଯାହାହେଉ, ଲୋକଟା କଥାରେ କିଛି ସତ୍ୟତା ଥାଇ ପାରେ । ତେବେ ଇନ୍ସପେକ୍ଟର, ସେ ଗାଁର ଚାରିପଟେ ସାଦା ପୋଷାକଧାରୀ ପୋଲିସ ପହରାର ବନ୍ଦୋବସ୍ତ କରନ୍ତୁ । ଯେ ବାହାରକୁ ଯାଉଛି, କାହିଁକି, କେଉଁଥିପାଇଁ ଯାଉଛି, ସେ ବିଷୟ ତଦାରଖ କରନ୍ତୁ । ମୁଁ ତୁମକୁ କହୁଥିଲି । ବିଶୁନି ନିଶ୍ଚୟ ଏ ଅଞ୍ଚଳର କେଉଁଠାରେ ରହିଛି ।

ଧରମା : ବିଶୁନି ବୋଲି ଯାହାକୁ କହୁଚ, ତାକୁ ଧରାଇଦେଲେ ମୋତେ ପଇସା ମିଳିବ ନା ? ନା, ସେ ଟଙ୍କା ତୁମ୍ଭେମାନେ ସବୁ ମିଶି କରି ଖାଇଯିବ । ମଜୁରିଆର ପେଟରୁ ଯେଉଁଠି ୨୦ ଟଙ୍କା କଟାଯାଉଛି, ସେଠାରେ କାହାକୁ ବିଶ୍ୱାସ ଅଛି ।

ଏସ୍.ପି. : ଇନ୍ସପେକ୍ଟର ତା'କଥା ଶୁଣୁଚ । ଯାଇ ଏନକ୍ୱାରି କର । ମୁଁ ଯାହା ଦେଖୁଛି, ଦୁର୍ନିତୀ ଏ ଦେଶରେ ଏମିତି ବସା ବାନ୍ଧି ରହିଗଲାଣି, ତାକୁ ବାହାର କରିବା ଅସମ୍ଭବ । ତୋ ନାଁ କ'ଣ ?

ଧରମା : ଧରମା ମୁମୁଁ

ଏସ୍.ପି. : ତୁ' ତ କିଛି ଟଙ୍କା ପାଉଥିବୁ ?

ଧରମା : ହାବିଲଦାର ବାବୁ, ମଦ ପାଣିକୁ କିଛି ଦଉଛନ୍ତି ଆଜ୍ଞା ।

ଏସ୍.ପି. : ରାମସେଠୀ, ତାକୁ କେତେ ଟଙ୍କା ଦେଇଛ ?

ରାମସେଠୀ : ଦେଇଛି ସାର୍ । ହଁ, କେତେ ହବ, ପାଞ୍ଚହଜାର ଖଣ୍ଡେ ହବ ସାର୍ ।

ଧରମା : କ'ଣ କହିଲ, ପାଞ୍ଚହଜାର ତୁମେ ମୋତେ ଦେଇଛ । ପାଞ୍ଚଶ ଟଙ୍କା ହବନା ?

ଏସ୍.ପି. : (ଗର୍ଜିଉଠି) ରାମ ସେଠୀ, ସେ କ'ଣକହୁଛି ଶୁଣି ପାରୁଛ ?

ରାମସେଠୀ : ସେ କ'ଣ କହିବ ଆଜ୍ଞା, ବାୟାଟେ । ହଇରେ ବଦମାସ୍, ଟଙ୍କା ନେଲାବେଳେ ହସି, ହସି ନେଇ ଯାଉନ୍ଥୁ । ସାହେବ ପଚାରିଲା ବେଳକୁ, ତାଙ୍କ ଆଗରେ ମିଛ କହୁନ୍ଥୁ । ମୋ ଚାକିରୀ ଖଣ୍ଡିକ ନେବାକୁ ବସିଛ ନା କ'ଣ ? ସାର୍, ଟଙ୍କା ନେଇ ଦସ୍ତଖତ ଦେଇଛି ।

Digitized by srujanika@gmail.com

ଏସ୍.ପି. : ମୁଁ ସବୁଜାଣେ । ସାଦା କାଗଜରେ ଦସ୍ତଖତ ସଂପର୍କରେ ମୋର ଭଲ ଧାରଣା ଅଛି ।

ଧରମା : ସେଇଥିପାଇଁ କହୁଥିଲି ଆଜ୍ଞା, ପୁରସ୍କାର ଟଙ୍କା ମୋତେ ପ୍ରକୃତରେ ମିଳିବ ନା, ଖାଲି, କାଗଜପତ୍ରରେ ହିସାବ ରହିବ । ମୁଁ ଆପଣଙ୍କୁ ଜବାବ ଦେଉଛି ସାର୍, ବିଶୁନି ସରକାରଙ୍କୁ ମୁଁ ଧରାଇ ଦେବି ।

ଇନ୍ସପେକ୍ଟର : ଚାଲେ, ତୋର, ମୋର ତୋର ଗାଁକୁ ଯିବା ।

ଏସ୍.ପି. : ସମୟ ଦେଖି ମୁଁଯିବି । ଦେଖେ ଧରମା, ସେ ଲୋକଟା ପ୍ରତି ଦୃଷ୍ଟି ରଖିଥାଅ । ସବୁ ଖବର, ମୋତେ ଆସି ଦେଉଥାଅ । ରାମ ସେଠୀ, ତା' ପାଞ୍ଚହଜାର ଟଙ୍କା ତାକୁ ଦେଇଦିଅ ।

ରାମସେଠୀ : ଥରେ ଦେଇଛି ପରା ସାର୍ । କ'ଣ ଆଉ ଥରେ ଦେବି ?

ଏସ୍.ପି. : କ'ଣ ସସ୍‌ପେଣ୍ଡ ହେବାକୁ ଚାହଁ ?

ରାମସେଠୀ : ନାଇଁ ସାର୍, ଆପଣ କହୁଛନ୍ତି ଯେତେବେଳେ ଦେଇଦେବି । ଚାଲେ, ମୋ ସାଙ୍ଗରେ ଆ ।

– ଅନ୍ଧାର –

– ନବମ ଦୃଶ୍ୟ –

(ଚଇତାଳି ଘରର ଅଞ୍ଚଳ । ବିଶୁନି, ଚଇତାଳିକୁ କହୁଥିଲା ।)

ବିଶୁନି : ମୁଁ ଆଜି ପଙ୍ଗୁ । ମୁଁ ଆଜି ଅଥର୍ବ ଚଇତାଳି । ମୋର କଣ୍ଠରୋଧ ହୋଇଛି । ମୁଁ ଆଜି ବାକଶୂନ୍ୟ । ଯେଉଁ ବିଶୁନିର ଆବାଜ ଶହ, ଶହ ଯୁବପ୍ରାଣକୁ ମଞ୍ଚିତ କରୁଥିଲା, ଯାହାର ଆବାଜରେ ଯୁବକମାନେ ସବୁ କିଛି ତ୍ୟାଗ କରି ବିପ୍ଳବର ଅଗ୍ନିରେ ଝାସ ଦେଉଥିଲେ, ଏ ବିଶୁନିର ଆଜି ହେଲା କ'ଣ ? ବିନା ରକ୍ତରେ ଦ୍ରୌପଦୀର ଜୁଡ଼ା କ'ଣ ବନ୍ଧା ହୋଇ ପାରିଛି । ବିନା ବନ୍ଧୁକରେ ଏ ଦେଶରେ କ୍ରାନ୍ତି କ'ଣ ସମ୍ଭବ । ତୁମେ କହୁଚ ମୁଁ ବନ୍ଧୁକ ଛାଡ଼ିଦେବି । କାହିଁକି ? କହ ଚଇତାଳି, ମୋ ପ୍ରଶ୍ନର ଜବାବ ଦିଅ ।

ଚଇତାଳି : ତୁମେ ଉତ୍ତେଜିତ ହୋଇ ପଡୁଛ ବାବୁ, ମୁଁ ତୁମକୁ କ'ଣ କହି ବୁଝାଇବି । ବିପ୍ଳବ କ'ଣ ଖାଲି ବନ୍ଧୁକରେ ହୁଏ, ବିପ୍ଳବ କରିବାର କ'ଣ ଅନ୍ୟ କିଛି ତରିକା ନାହିଁ । ନେତାଜୀଙ୍କର ଆଜାଦ ବାହିନୀ କ'ଣ, ବନ୍ଧୁକ ମୂନରେ ଦେଶକୁ ସ୍ୱାଧୀନ କରିପାରିଲେ ।

Digitized by srujanika@gmail.com

ଭାରତୀୟ ଜାତୀୟ ସେନା ବାହିନୀ, ଇମ୍ଫାଲ ଜଙ୍ଗଲରେ ଖାଇବାକୁ ନ ପାଇ, ପୋକ, ମାଛି ପରି ଟଳି ପଡ଼ିଲେ । ଆଣ୍ଠୁ ଲୁଚୁନଥିବା ଲୁଗାଖଣ୍ଡେ ପିନ୍ଧି, ଅହିଂସାର ମନ୍ତ୍ର ଉଚ୍ଚାରଣ କରି, କରି ଜଣେ ଫକୀର, ଏ ଦେଶକୁ ସ୍ୱାଧୀନ କଲା । ସେଥିରୁ କ'ଣ ଆମକୁ ଶିଖିବାକୁ କିଛି ନାହିଁ ।

ବିଶୁନି : ଯେଉଁଠାରେ କଷ୍ଟଲବ୍ଧ ସ୍ୱାଧୀନତାକୁ ମୁଷ୍ଟିମେୟ ଲୋକ ଉପଭୋଗ କରିବାରେ ଲାଗିଛନ୍ତି, ସେଥିପାଇଁ ପ୍ରତିକାର କ'ଣ ? ଯେଉଁଠାରେ ଶିଶୁର ମଧ୍ୟାହ୍ନ ଭୋଜନ ଲୁଣ୍ଠନ କରାଯାଏ, ଶିକ୍ଷାଦାନ ବ୍ୟବସାୟରେ ପରିଣତ ହୁଏ, ସେବାବ୍ରତକୁ ଭୁଲି, ଡ଼ାକ୍ତର ଯେଉଁଠାରେ ରୋଗୀକୁ ଶୋଷଣ କରେ, ଯେଉଁଠାରେ ଜନତାର ଅର୍ଥ ହରିଲୁଟ ହୁଏ, ସେଠାରେ ଏ ରାକ୍ଷସମାନଙ୍କ କବଳରୁ ରକ୍ଷା ପାଇବାର ଉପାୟ କ'ଣ ? ରାବଣକୁ ଯୁଦ୍ଧରେ ପରାସ୍ତ ନ କରି, କ'ଣ ଅହିଂସା ମନ୍ତ୍ରରେ ତାର ହୃଦୟ ପରିବର୍ତ୍ତନ କରାଯାଇଥିଲା, ବିନା ଯୁଦ୍ଧରେ କୌରବମାନଙ୍କୁ କ'ଣ ନିପାତ କରାଯାଇଥିଲା ? ଯେଉଁ ଯୁଦ୍ଧରେ ନିଜେ ଭଗବାନ, ଅସ୍ତ୍ର ଧରିବାକୁ ଅର୍ଜୁନକୁ ବାଧ କରିଥିଲେ, ସେଠାରେ ଅହିଂସା କ'ଣ କରିବ ଚଇତାଳି ?

ଚଇତାଳି : ତୁମେ ଯାହା କହୁଚ ବାବୁ ତା' ସତ ହୋଇପାରେ । ଯେଉଁଠାରେ ଜନଜୀବନ କଳୁଷିତ, ସ୍ୱାର୍ଥାନ୍ଧ ମଣିଷ ନିଜ ସ୍ୱାର୍ଥ ପାଇଁ, ଭୁଲ ପରେ ଭୁଲ କରି ଚାଲେ, ସେଠାରେ ତୁମେ କାହାକୁ ବାଧ କରିବ । ତେଣୁ ସମଗ୍ର ମାନବ ଜାତିକୁ ଅନିତୀ, ଦୁର୍ନିତୀ ଭିତରୁ ଉଦ୍ଧାର କରିବାକୁ ହେବ । ସେଥିପାଇଁ ଚିନ୍ତା ରାଜ୍ୟରେ ପରିବର୍ତ୍ତନ ଆବଶ୍ୟକ । ତୁମେ ଓ ମୁଁ ନୂତନ କ୍ରାନ୍ତିକୁ ଆବାହନ କରିବା । ଅହିଂସାର ମନ୍ତ୍ର ଦ୍ୱାରା ସେହି କ୍ରାନ୍ତି ହିଁ ସମ୍ଭବ ହେବ । ଯାହା ଦେଖାଇ ଯାଇଛନ୍ତି ଜାତିର ଜନକ ମହାତ୍ମାଗାନ୍ଧୀ ।

ବିଶୁନି : ଓଃ, ମୁଁ ଯେ କ'ଣ କରିବି । ଗୋଟାଏ ପଟେ ମୋର ଆଦର୍ଶ, ଆଉ ଅନ୍ୟପଟେ ତୁମର ବାରମ୍ବାର ଅନୁରୋଧ, କାହାକୁ ମୁଁ ଜଳାଞ୍ଜଳି ଦେବି ।

ଚଇତାଳି : ଏକ ନୂତନ ସଂସର ସୃଷ୍ଟି ପାଇଁ, ନୂତନ ଚିନ୍ତାଧାରା ଆବଶ୍ୟକ ।

ବିଶୁନି : କିଂତୁ ଏ ନୈତିକପତନରୁ ସମାଜକୁ ଉଦ୍ଧାର କରିବା ପାଇଁ ଠାକୁର ରାମକୃଷ୍ଣ, ବିବେକାନନ୍ଦ, ଅରବିନ୍ଦ, ପ୍ରଭୃତି ସାଧକମାନେ

Digitized by srujanika@gmail.com

ଧରାପୃଷ୍ଠରେ ଜନ୍ମ ନେଇ, ସମାଜରେ କିଛି ପରିବର୍ତ୍ତନ ଆଣି ପାରିଲେ ? ନୈତିକ ପତନରୁ ଉଦ୍ଧାର କରିବା ପାଇଁ ଭଗବାନ୍ ଶ୍ରୀ ସତ୍ୟସାଇ ବାବା, ଆବିର୍ଭାବ ହୋଇଛନ୍ତି । ସମାଜରେ କି ପରିବର୍ତ୍ତନ ଦେଖାଦେଇଛି ?

ଚଇତାଳି : ପରିବର୍ତ୍ତନ ନିଶ୍ଚୟ ଆସିବ । ସେଥିପାଇଁ ଧୈର୍ଯ୍ୟ ଆବଶ୍ୟକ । ଯେଉଁମାନେ ହତାଶ ହୋଇ ପଡ଼ନ୍ତି, ସେମାନେ ନରହତ୍ୟା ପରି, ନାରକୀୟ କାଣ୍ଡମାନ କରି ବସନ୍ତି । ଧୈର୍ଯ୍ୟ ହରାଅନି ବାବୁ, ଆସ ଜାତୀୟ ମହାସ୍ରୋତ୍ରରେ ମିଶି, ମାନବ ସମାଜର କଲ୍ୟାଣ କରିବା । ଆଜି ଭାରତ ଅଶାନ୍ତ । ପୂର୍ବରେ ବିଚ୍ଛିନ୍ନତାବାଦୀଙ୍କର ଜୟଯାତ୍ରା । କାଶ୍ମୀର ଅଶାନ୍ତ । ସନ୍ତ୍ରାସବାଦୀମାନେ 'ଅସ୍ଥିରତା ସୃଷ୍ଟି କରିବାରେ ଲାଗିଛନ୍ତି । ସବୁଠାରୁ ଦୁଃଖଦାୟକ ହୋଇଅଛି ଭାରତୀୟ ନାରୀର ଉଲଗ୍ନ ଶୋଭାଯାତ୍ରା । ପୃଥିବୀ ଆଗରେ ଆମେ କେତେ ହୀନ ହୋଇଯାଉଛୁ । ସେହି ଭାରତମାତାର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା- ବନ୍ଦେ ମାତରମ୍ ।

(ପ୍ରଚ୍ଛଦ ପଟରୁ ଭାସି ଆସିଲା ଜାତୀୟ ସଂଗୀତ)

ବନ୍ଦେ ମାତରଂ ସୁଜଳଂ ସୁଫଳାଂ ମଳୟଜ ଶୀତଳାଂ ଶସ୍ୟ ଶ୍ୟାମଳା ମାତରଂ ।

(ଦୁଇଜଣ ହାତଧରି ଠିଆହୋଇଥିଲେ ନିରବତା ଭଙ୍ଗ କରି)

ଚଇତାଳି : କ'ଣ ଭାବୁଛ ବାବୁ ?

ବିଶୁନି : ମୁଁ ମୋର ସମ୍ବିତ୍ ଫେରି ପାଇଛି । ମୁଁ ଏଇ ଜାତୀୟ ସଂଗୀତ ଜରିଆରେ ଭାରତ ମାତାଙ୍କୁ ଦେଖୁଥିଲି । କେଡ଼େ ସୁନ୍ଦର ଶାନ୍ତ, କାନ୍ତ କୋମଳ ପରିବେଶ, ମୋତେ ମନ୍ତ୍ରମୁଗ୍ଧ କରିଦେଲା ଚୈତାଳି । ମୋର ନୂତନ ବିପ୍ଳବ ସୃଷ୍ଟି ହେବ । ଆସ, ଦୁହେଁ ମିଶି ଦୁର୍ନିତୀକୁ ଦେଶରୁ ଦୂର କରିଦେବା । ତାହାହେଲେ ତୁମେ କହୁଚ ଚଇତାଳି ମୁଁ ପୋଲିସ୍ ନିକଟରେ ଆତ୍ମ ସମର୍ପଣ କରିଦେବି । ମୋ ବିରୁଦ୍ଧରେ ଦଶଟି ହତ୍ୟା ମାମଲା । ବିଚାରରେ ଯଦି ମୋତେ ଫାଶି ଖୁଣ୍ଟରେ ଝୁଲିବାକୁ ପଡ଼େ... ?

ଚଇତାଳି : ସେପରି କୁହନି ବାବୁ ତୁମେ ବଞ୍ଚିବ, ହଜାର ସାଲ ବଞ୍ଚିବ । ଏ ଦଳିତ, ନିଷ୍ପେଷିତଙ୍କର ସେବା କରିବା ପାଇଁ ପ୍ରଭୁ ତୁମକୁ ଦୀର୍ଘ ଜୀବନ ଦେବେ । ତୁମେ ଆଜି ଅନୁତପ୍ତ । ସେହି ଅନୁତାପ ତୁମପାଇଁ

Digitized by srujanika@gmail.com

ଯଥେଷ୍ଟ ଶାନ୍ତି । ନଖାଇ ନପିଇ ସବୁବେଳେ ଭାବି ରହିଲେ କଣ ସମସ୍ୟାର ସମାଧାନ ହୋଇଯିବ । କଥାଟିଏ କହିବି ବାବୁ ।

ବିଶୁନି : କୁହ ଚଇତାଳି ।

ଚଇତାଳି : ମୁଁ ତୁମ ସନ୍ତାନର ଜନନୀ ହେବାକୁ ଯାଉଛି ।

ବିଶୁନି : ଚଇତାଳି ! ଏ କ'ଣ କହୁଚ !

ଚଇତାଳି : କ'ଣ ଡ଼ରିଗଲ ବାବୁ ?

ବିଶୁନି : ନା ଚଇତାଳି ମୁଁ ଭାବୁଛି ବାପା ଏଖବର ଶୁଣି ବ୍ୟସ୍ତ ହୋଇ ପଡ଼ିବେ ।

ଚଇତାଳି : ବାପାଙ୍କୁ ମୁଁ କହିସାରିଲିଣି ବାବୁ ।

ବିଶୁନି : କହିସାରିଲଣି ? ବାପା କ'ଣ କହିଲେ ?

ଚଇତାଳି : ସେ ଖୁବ୍ ଭୟଭୀତ ହୋଇ ପଡ଼ିଲେ । ତୁମେତ ଜାଣ ବାବୁ, ସେ ଭାରୀ ଭୟାଳୁ । ସାହାସ ବୋଲି ତାଙ୍କର କିଛି ନାହିଁ । ସେ କହିଲେ, ଏ ଗର୍ଭ ନଷ୍ଟ କରିଦେ । କିନ୍ତୁ ବାବୁ ତୁମେ କୁହ ଆମ ପ୍ରେମର ଏ ପ୍ରଥମ ସ୍ମାରକୀ, ମାତୃତ୍ୱର ଗୌରବକୁ ମୁଁ କ'ଣ ପାଦରେ ଦଳିଦେବି । ମୁଁ ପାରିବିନି ବାବୁ ମୁଁ ପାରିବିନି (କାନ୍ଦୁଥିଲା)

ବିଶୁନି : କାନ୍ଦୁଛ ? (ଲୁହ ପୋଛିଦେଇ) ଏ ଖବର ମୁଁ ଶୁଣି ଖୁବ୍ ଆନନ୍ଦିତ । ନବାଗତକୁ ଆମେ ସ୍ୱାଗତ କରିବା । ସେ ହେବ ଆମ କଳ୍ପିତ ବିପ୍ଳବର ଉତ୍ତରାଧୀକାରୀ । ଆସ, ଖାଇବାକୁ କହୁଥିଲ ପରା, ଚାଲ ଯିବା । (ଉଭୟଙ୍କର ପ୍ରସ୍ଥାନ ।)

(କିଛି ସମୟ ପରେ ମଞ୍ଚରେ ପ୍ରବେଶ କଲେ ଚଇତାଳିର ବାପା ଓ ଗ୍ରାମ ମୁଖିଆ ।)

ଚ.ବାପା : (ଗ୍ରାମ ମୁଖିଆର ପାଦଧରି) ମୋତେ ରକ୍ଷାକର ଭାଇ, ମହା ବିପତ୍ତିରେ ପଡ଼ିଛି ।

ମୁଖିଆ : ତୋ'ର ପୁଣି କ'ଣ ବିପତ୍ତି ଅର୍ଜ୍ଜୁନି ଭାଇ ? ଚଇତାଳି ପରି ଝିଅ ଜନ୍ମ କରିଛୁ । ଆ... ହା... ସେବା, କରୁଣାର ଜୀବନ୍ତ ପ୍ରତିମୂର୍ତ୍ତି ।

ଚ.ବାପା : ସେଇ ଚଇତାଳି ଭାଇ, ସେଇ ଚଇତାଳି ।

ମୁଖିଆ : ଆଚ୍ଛା, ଅର୍ଜ୍ଜୁନିଭାଇ ଚଇତାଳିକୁ ତୁ କ'ଣ ବାହା ଦଉନି ? ଡ଼ାକ୍ତର ବାବୁ କୁଆଡ଼େ ଗଲେ । ଅମୃତ ହସ୍ତ ତାଙ୍କର । ଛୁଇଁ ଦେଲେ ରୋଗୀ ଭଲ ହୋଇଯାଉଛି । ତା'ଙ୍କୁ ଏଇ କେତେଦିନ ହେଲା ଦେଖିନାହିଁ । ସେ ଭଲ ଅଛନ୍ତି ତ ?

Digitized by srujanika@gmail.com

ଚ.ବାପା : ଆଉ କି ଭଲ ଭାଇ । ତୁ ମୋତେ ରକ୍ଷା ନ କଲେ ମୁଁ କ'ଣ ଏ ଗାଁରେ ରହିପାରିବି ? ଏ ଲୋକମାନେ ମୋତେ କ'ଣ ଏ ଗାଁରେ ରଖେଇ ଦେବେ ?

ମୁଖିଆ : କିରେ ଅର୍ଜୁନ କଥା କ'ଣ ମୋତେ ଖୋଲି କରି କହୁନୁ ।

ଚ.ବାପା : ଭୁଲତ ହୋଇ ଯାଇଛି ଭାଇ, କ'ଣ ଆଉ ତୋତେ କହିବି ? ସେ ଲୋକଟାକୁ ଘରେ ରଖିବା ଉଚିତ ନଥିଲା । ମୁଁ ଏତେ ଛନ୍ଦ କପଟ ଜାଣି ପାରୁନିରେ ଭାଇ । ମୁଁ ତାକୁ ଆଶ୍ରୟ ଦେଲି ବୋଲି, ମୋ ଭାତରେ ବିଷ ଦେବ ।

ମୁଖିଆ : ମୁଁ, ତୁ କହିବାର ଉଦ୍ଦେଶ୍ୟ କିଛି ବୁଝି ପାରୁନି ଅର୍ଜୁନି ।

ଚ.ବାପା : ଗାଁଟା ଯାକ ପଡୁଛି ଉଠୁଛି, ତୁ କ'ଣ କିଛି ଶୁଣିନୁ ? ପଦ୍ମାର ପୁଅ ଧରମା । ସେ ଗାଁଟା ଯାକ ନାଟ ଲଗାଇଛି ।

ମୁଖିଆ : ହଁ, ସେଇତ ମୋତେ କହୁଥିଲା । ଆଚ୍ଛାଭାଇ ଧରମା ସହିତ ତୋ ଝିଅକୁ ବାହା କରିଦେଲେ ଆପତ୍ତି କ'ଣ ?

ଚ.ବାପା : ତୁ ତ ଝିଅ ଜନ୍ମ କରିନୁ । ତୁ ଝିଅର ଦୁଃଖ ବୁଝିବୁ କୁଆଡୁ ? ତୁ କହୁଛୁ, ଧରମାକୁ ମୁଁ ଜ୍ୱାଇଁ କରିବି । ଗୋଟେ ପାଗଳା ମଦୁଆଟାକୁ ମୁଁ ଜ୍ୱାଇଁ କରିବି । ବରଂ ତା'କୁ ବିଷଦେଇ ମାରିଦେଲେ ଭଲ ।

ମୁଖିଆ : ତା ସତଯେ । ଝିଅଟାର ସେ ବଦନାମ କରୁଛି । ଗୋଟାଏ ଭଦ୍ରଲୋକ ନାଁରେ ମିଛୁଟାରେ ଅପବାଦ ଦେଉଛି । ଭାଇ; ତୋର ଯଦି ଇଚ୍ଛାନାହିଁ, ମୁଁ ତାକୁ ମନା କରିଦେବି । ଆଉ ଭାବୁଛୁ କାହିଁକି ?

ଚ.ବାପା : ଏ ଲୋକର କଥା ମୁଁ କ'ଣ କରିବି ?

ମୁଖିଆ : ଅର୍ଜୁନ ମୁଁ ଭାବୁଛି ତା'କୁ ତୋ ଘରେ ନ ରଖି ଆମ କୋଠ ଘରେ ରଖିଦେବା । ସେ ଲୋକକୁ ଲୋକେ ଏ ଗାଁରୁ ଛାଡ଼ିବାକୁ ଦେବେନାହିଁ ।

ଚ.ବାପା : ତାହାହେଲେ ମୋ ଝିଅ ?

ମୁଖିଆ : ତୋ ଝିଅ ତୋ ଘରେ ରହିବ ।

ଚ.ବାପା : ତତେ କହିଲେ, ତୁ ମୋ ଉପରେ ଖୁବ୍ ରାଗିବୁ ଭାଇ ।

ମୁଖିଆ : ରାଗିବି ବୋଲି ତୁ ଯଦି ଭାବୁଛୁ, ତାହେଲେ ମୋତେ କହିବୁ କାହିଁକି ? ହଉ ତୁ ଥା । ମୋର ତେଣେ ବହୁତ୍ କାମ ଅଛି ।

Digitized by srujanika@gmail.com

ଚ.ବାପା : ଭାଇ, ଚଇତାଳୀ ଗର୍ଭବତୀ । ସେ ଚଇତାଳିକୁ ବିବାହ କରିଛନ୍ତି ।

ମୁଖିଆ : ଚଇତାଳିକୁ ବିବାହ କରିଛନ୍ତି । ବଡ଼ ମୁସ୍କିଲରେ ପକାଇ ଦେଲୁ । ଏବେ କ'ଣ କରାଯିବ । ସେ ଆମ କୂଳର ହୋଇଥିଲେ କିଛି କଥା ନ ଥିଲା । ଧରମାଟା ଶୁଣିଲେ ଗୋଟେ ଲଙ୍କାକାଣ୍ଡ କରିଦେବ ।

ଚ.ବାପା : ତୁ ଚାଲିଗଲେ କିମିତି ହବ ଭାଇ । ମୁଁ କ'ଣ କରିବି ତୁ ମୋତେ କହିଯା । ମୋ ମୁଣ୍ଡ ଖରାପ ହୋଇଗଲାଣି । ମୁଁ ପାଗଳ ହୋଇଯିବି । (ଫେରେ ପାଦଧରି) ତୁ ମୋତେ ରକ୍ଷାକର ଭାଇ ମୁଁ ଭାସିଯିବି । (କାନ୍ଦିଲା)

ମୁଖିଆ : ଯାହା କିଛି ଗୋଟେ ବନ୍ଦୋବସ୍ତ କରିବା । ଧୈର୍ଯ୍ୟ ଧର ।

– ଅନ୍ଧାର –

– ଦଶମ ଦୃଶ୍ୟ –

(ରାସ୍ତା । ଧର୍ମୁ ପିକାରେ ନିଆଁ ଲଗାଇଲା ।)

ଧର୍ମୁ –ଶଳା, ପାଞ୍ଚଶହ ଦେଲେ ପାଞ୍ଚହଜାର ସାହେବ ଆଗରେ କହୁଛି । ଧରାପଡ଼ିଗଲା, ଗରିବମାନଙ୍କର ଧନ, ଏଇମାନେ ଲୁଟ କରନ୍ତି । ଶଳା, ପୋଲିସ୍ ହେଇଛି । ସାଧା କାଗଜରେ ଟିପ ଚିହ୍ନ ନେଇ ପାଞ୍ଚ ହଜାର କରିଦେଇଛି । ଏଗୁଡ଼ାକ ବଡ଼ ଚୋର, ଏମାନେ ଚୋର କ'ଣ ଧରିବେ । (ପଛରେ ଠିଆହୋଇ ହାବିଲଦାର୍ ରାମ ସେଠୀ ଶୁଣୁଥିଲା ।)

ରାମସେଠୀ –ଆବେ ହାରାମ୍‌ଜାଦା, କାହାକୁ ଚୋର ବୋଲି କହୁଛୁ ? କିଏ ଚୋରବେ ? ହଇରେ, ଥେଇ ଥେଇ ହୋଇ ବୁଲୁଥିଲୁ, ତୋତେ ମାସକୁ ହଜାର ଟଙ୍କାର କାମଟିଏ କରେଇ ଦେଲି ।

ଧର୍ମୁ –କି କାମ ହେ ବାବୁ । ଏଇଟା ପୁଣି ଗୋଟେକାମ । ହାଣଖିଆ କାମ । ଯଦି ନକ୍ସଲ ବାଲା ଜାଣିବେ, ମୁଁ ପୋଲିସକୁ ଖବର ଦେଉଛି ବୋଲି, ଠିଆରେ ଗୁଳି ମାରିଦେବେ । ବାବୁ ତୁମେ ଯାଇ ସାଇବକୁ କହିଦିଅ ଏ କାମ ମୋର ଲୋଡ଼ା ନାହିଁ ।

Digitized by srujanika@gmail.com

ରାମସେଠୀ - କ'ଣ ରାଗି ଗଲୁକି ଧରମା ?

ଧର୍ମୁ - ରାଗିଯିବିନି ? ତମେ ରାଗିବା କଥା କହୁଛ ? ନକ୍ସଲବାଲାମାନେ ଏ ଅଞ୍ଚଳରେ କି ଉପକାର କରିନାହାନ୍ତି କହିଲ । ସେମାନେ ଯୋଗୁଁ ଲୋକେ ଭଲକରି ମୁଠେ ଖାଇବାକୁ ପାଉଛନ୍ତି । ଆଉ ତୁମେମାନେ ଲୋକଙ୍କ ପଇସା ଖାଇ ଦେଉଛ ।

ରାମସେଠୀ - ମୁଁ ଜାଣେ ତୁମୋ ଉପରେ ରାଗି ଯାଉଛୁ । ତୁ ସାଏବ ଆଗରେ ନାହିଁ କରିଦେଲୁ, ସାଏବ ମୋ ଚାକିରିଟି ନେଇଯାଉଥିଲା । ଯେତେବେଳେ ମୁଁ ବିଶ୍ଵନିର ଖବର କଥା କହିଲି ସସ୍‌ପେଣ୍ଡ ନକରି ମୋତେ ଛାଡ଼ିଦେଲା । ପାଞ୍ଚଶହ ଟଙ୍କା ନେଇଛୁ ପରା, ଆଉ ଚାରିହଜାର ପାଞ୍ଚ ଶହ ନେ । ଟଙ୍କା ପାଇଛୁ ବୋଲି ସାଇବକୁ ଯାଇ କହିଦେବୁ ।

ଧର୍ମୁ - (ଆନନ୍ଦରେ) ଟଙ୍କା ଆଣିଛ, ସତରେ କ'ଣ ଟଙ୍କା ଆଣିଛ ?

ରାମସେଠୀ - ନାଇଁ, ମୁଁ ତୋ ଟଙ୍କା ଖାଇ ଯାଉଥାନ୍ତି ।

ଧର୍ମୁ - ହଇଓ, ହାବିଲଦାର ବାବୁ, ସେଥିରେ କ'ଣ ଟୋପାଏ ରାମି ଥିଲା ? ଖାଣ୍ଟି ଶଚଟା ପରା ମୁଁ କହିଦେଲି ?

ରାମସେଠୀ - ହଁ, ଛାଡ଼, ସେଥିରୁ କ'ଣ ମିଳିବ । ବିଶୁନି ତା'ଘରେ ଅଛି ତ ? ଆଜି ରାତିର ସାଇବ ତା ଘର ଆଟାକ୍ କରିବେ । ତୁ ଗାଁରେ ଥିବୁ କୁଆଡ଼େ ଯିବୁନି ।

ଧର୍ମୁ - ସାଇବ ଆସିବ ? ସବୁ ବିଗିଡ଼ି ଗଲା ଭାଇ । ଲୋକଟା ପାଞ୍ଚ ଦିନ ହେଲା କୁଆଡ଼େ ଛୁ ମାରିଲାଣି ।

ରାମସେଠୀ - ତୁ ତାକୁ କ'ଣ କିଛି କହିଲୁ କି ?

ଧର୍ମୁ - ଗାଁଲୋକେ ଜାଣନ୍ତି ମୁଁ ପୋଲିସ୍‌ରେ ଚାକିରି କଲିଣି ବୋଲି ।

ରାମସେଠୀ - ତୋ ଚାକିରି କଥା ସବୁଆଡ଼େ କହିଦେଇଛୁ ତ ? ହଇରେ ଏଇଟା ପରା ଗୁପ୍ତ ଚାକିରୀ ! କେଡ଼େ କଥା କହିଲୁରେ । ସେ ଲୋକଟା ଶୁଣିଲା, ତରଛି ଚାଲିଗଲା । ନଗଦ ପାଞ୍ଚଲକ୍ଷ ପାଇଥାନ୍ତୁ । ଲଟେରୀ ଫୁଟି ଯାଇଥାନ୍ତାରେ ଧରମା ।

Digitized by srujanika@gmail.com

ଧର୍ମୁ - ହଇହୋ ବାବୁ, ସତରେ କ'ଣ ପାଞ୍ଚଲକ୍ଷ ଟଙ୍କା ମିଳିଥାନ୍ତା ନୁହ ।

ରାମସେଠୀ - ତୋ ଭାଗ୍ୟ ଖରାପ । ସେ ନିଶ୍ଚୟ ଆସିବ । ତାକୁ ଜଗିଥା ।

- ଅନ୍ଧାର -

- ଏକାଦଶ ଦୃଶ୍ୟ -

(ଚଇତାଳିର ଘର । ଚଇତାଳି ଶୋଇଥିଲା । ବିଶୁନି ବାହାରେ ଆସି ଠିଆ ହେଲା । ପ୍ରଚ୍ଛଦ ପଟରୁ ଆଦିବାସୀ ସଂଗୀତ ଭାସି ଆସୁଥାଏ ।)

ବିଶୁନି - (ସ୍ୱଗତଃ) ମୁଁ ଚାଲିଯିବି । ପୋଲିସ୍ ହାତରେ ଧରା ପଡ଼ିବା ପୂର୍ବରୁ, ମୋତେ ଏ ସ୍ଥାନ ତ୍ୟାଗ କରିବାକୁ ହେବ । ଗୋଟିଏ ସ୍ଥାନରେ ମାସ, ମାସ ଧରି ଆତ୍ମଗୋପନ କରାଯାଏ ନାହିଁ । ଧରମା ପୋଲିସ ଚାକିରୀ କରୁଛି । କି ଚାକିରୀ ସେ କରିପାରେ । ପୋଲିସ ଇନଫରମର ସେ ହୋଇପାରେ । ସେ ଜାଣେ, ମୋ ଗୋଡ଼ରେ ଗୁଳି ବାଜିଥିଲା । ଚଇତାଳି ମୋତେ ଠିକ୍ ରାସ୍ତା ବତାଇ ଦେଇଛି । ମୋତେ ଜାତୀୟ ମହାସ୍ରୋତରେ ସାମିଲ ହୋଇ, ନୂତନ କ୍ରାନ୍ତିର ଅନ୍ୱେଷଣ କରିବାକୁ ହେବ । ଚଇତାଳି ମୋତେ ନ ଦେଖି ପାଗଳି ହୋଇଯିବ । ତଥାପି ମୋତେ ଆତ୍ମଗୋପନ କରିବାକୁ ହେବ । ମୁଁ ଆତ୍ମସମର୍ପଣ କରିବି, ବର୍ତ୍ତମାନ ନୁହେଁ ।
(ଚାରିଆଡ଼କୁ ଚାହିଁ, ଅତି ସନ୍ତର୍ପଣରେ ଚିଠି ଖଣ୍ଡେ ପକାଇ ଦେଇ ଚାଲିଗଲା । ରାତ୍ରିର ଏଫେକ୍ଟ । କୁକୁର, ବିଲୁଆଙ୍କର ସ୍ୱର । କିଛି ସମୟ ପରେ ଚଇତାଳି ମଞ୍ଚକୁ ଆସିଛି ।)

ଚଇତାଳି - କୁଆଡ଼େ ଗଲେ । ରାତିରେ ନ ଶୋଇ ବାହାରେ କ'ଣ କରୁଛ । ଏ ଲୋକକୁ ମୁଁ ପାରିପାରିବି ନାହିଁ । ତୁମେ ଯାହା କରୁଛ କର, ତୁମକୁ ମୁଁ ଆଉ କିଛି କହିବି ନାହିଁ ।
(ବାହାରକୁ ଯାଇ ଫେରିଆସି)
କୁଆଡ଼େ ଗଲେ । (ପୁଣି ଆରପଟକୁ ଗଲା । ଫେରିଆସି) ବାବୁ, ବାବୁ, ଆସ । ବାବୁ । (ଚିଠିଟାକୁ ଦେଖି)

ବିଶୁନିର କଣ୍ଠସ୍ୱର - ପ୍ରାଣର କରତାଳି ମୋର । ପୋଲିସ ହାତରେ ଧରାପଡ଼ିବାକୁ ମୁଁ ପସନ୍ଦ ମନେ କଲି ନାହିଁ । ପୋଲିସ ଦ୍ୱାରା ଧରା ପଡ଼ିଲେ, ଆଉ

Digitized by srujanika@gmail.com

ମୁକ୍ତି ପାଇବା ଅସମ୍ଭବ । ମୁଁ ଚାଲିଯାଉଛି । ବିଶ୍ୱାସ ରଖ, ମୁଁ ନିଶ୍ଚୟ ଫେରିଆସିବି । ମୁଁ ଠକ କି ସଇତାନ ନୁହେଁ । ତୁମର ପରାମର୍ଶ ଅନୁଯାୟୀ ମୁଁ ବୁଲେଟ ଛାଡ଼ି, ବ୍ୟାଲଟ୍‌ର ଆଶ୍ରୟ ନେଲି ।

ତୁମର

ବାବୁ

(ଚିଠିକୁ ଛାତିରେ ଭିଡ଼ିଧରି କଇଁ, କଇଁ ହୋଇ କାନ୍ଦିଉଠିଲା ଚଇତାଳି ବାପାଙ୍କର ପ୍ରବେଶ ।)

ଚ. ବାପା - ଏ ରାତି ଅଧରେ, ତୁ ଏଠାରେ ଠିଆ ହୋଇ କାନ୍ଦୁଛୁ କାହିଁକି ମା ?

ଚଇତାଳି - ବାପା, ସେ ମୋତେ ଏକାକିନୀ କରି ଚାଲିଗଲେ ।

ଚ. ବାପା - କ'ଣ କହିଲୁ ମା, ବାବୁ ତୋତେ ଛାଡ଼ି ଚାଲିଗଲେ ? ମୋର ଭୟ ହେଉଥିଲା, ସେ ଲୋକ ଛାଡ଼ି ଚାଲିଯିବ । ଯାହାର ପରିଚୟ, ଠିକଣା, ଆମକୁ ଜଣା ନଥିଲା, ତାକୁ ଘରେ ବାସ ଦେଇ ଭୁଲ ହୋଇଗଲା ମା । ତେବେ ସେ ତ ଜଣେ ଉତ୍ତମ ସାଧୁ ପ୍ରକୃତିର ଲୋକ । ସେ ତୋତେ କେବେ ଧୋକା ଦେବେ ନାହିଁ । ଏ ବିଶ୍ୱାସ ମୋର ଅଛି ।

ଚଇତାଳି - ସେ ପୁଣି ଆସିବେ ବୋଲି, ଚିଠି ଲେଖିଦେଇ ଯାଇଛନ୍ତି ।

ଚ. ବାପା - ତା'ହେଲେ ତୁ ଚିନ୍ତା କରୁଛୁ କାହିଁକି ?

ଚଇତାଳି - ଧରମା ଯୋଗୁଁ, ପୋଲିସ ଭୟରେ ସେ ଲୁଚି ଚାଲିଗଲେ ।

ଚ. ବାପା - ତା' ମୁଁ ଭଲ କରି ଜାଣେ । ଯେତେବେଳେ ସେ ଆସିବେ ବୋଲି ଚିଠି ଲେଖି ଯାଇଛନ୍ତି, ତୁ ପୁଣି ଭୟ କରୁଛୁ କାହିଁକି ?

ଚଇତାଳି - ବାପା, କଥାଟିଏ କହିବି ?

ଚ. ବାପା - କହ ମା, ସବୁ ମୋତେ ଖୋଲି କହ । ମୁଁ ତ ତୋର ମା, ବାପା ।

ଚଇତାଳି - ବାପା, ତୁମେ ତ ମୋତେ ଦିନେ କହିଥିଲ, ଗର୍ଭ ନଷ୍ଟ କରିଦେବା ପାଇଁ ।

ଚ. ବାପା - ତୁ, ଏ କ'ଣ କହୁଚୁ ମା' ? କହିଥିଲି ସତ, କିନ୍ତୁ ଏବେ ନୁହେଁ । ନାରୀର ମାତୃତ୍ୱ ହିଁ ଶ୍ରେଷ୍ଠ ଗୌରବ । ସେ ଗୌରବକୁ ତୁ ନଷ୍ଟ କରିଦେବୁ । କିଏ କହିପାରିବ, ତୋର ସନ୍ତାନ ଦିନେ ବଡ଼ ଲୋକ ନ ହେବ ବୋଲି ।

ଚଇତାଳି - ବାପା, ମୋତେ ଭାରି ଡ଼ର ଲାଗୁଛି ।

Digitized by srujanika@gmail.com

ଚ. ବାପା - ମୁଁ ବଞ୍ଚିଥାଉ, ଥାଉ, ତୋର ଡ଼ର କ'ଣ ମା ? ଯା, ଆଉ ଭାବି କିଛି ଲାଭ ନାହିଁ । ଯା, ବିଶ୍ରାମ କର ।

ଚଇତାଳି - ଆଉ କି ବିଶ୍ରାମ ନେବି ବାପା । ତାଙ୍କ ବିନା ମୁଁ କିପରି ବଞ୍ଚିବି ବାପା । ଏ ଗାଁର ସ୍ତ୍ରୀଲୋକମାନେ ମୋତେ ରଖେଇ ଥୋଇ ଦେବେ ନାହିଁ । ମୋତେ ଉପହାସ କରିବେ ।

ଚ. ବାପା - ତା' ମୁଁ ଜାଣେ ମା । ସେଥିପାଇଁ ବ୍ୟସ୍ତ ହୋଇ, ତୁ କ'ଣ କରିବୁ । ପ୍ରଭୁଙ୍କୁ ପ୍ରାର୍ଥନା କର । ସେ ଦୁଃଖ ନିଶ୍ଚୟ ଦୂର କରିବେ । ମୁଁ ମୁଖିଆ ଭାଇ ପାଖକୁ ଯାଉଛି । ତାର ପରାମର୍ଶ ନେବା, ମୋର ନିହାତି ଦରକାର ।

ଚଇତାଳି - ଏ ରାତି ଅଧରେ କୁଆଡ଼େ ଯିବ ବାପା ?

ଚ. ବାପା - ବିପଦ ଆପଦର ବଂଧୁ ସେ ମୋର । ତାକୁ ମୋ ଦୁଃଖ ଟିକିଏ ଜଣାଇ ଆସେ । ତୁ ଥା । ମୁଁ ବର୍ତ୍ତମାନ ଫେରି ଆସିବି । (ବାହାରିଗଲା)

ଚଇତାଳି - (ଦୁଃଖରେ ଗୀତଟିଏ ଗାଉଥିଲା । ଗୀତ ଶେଷ ହୋଇଛି । ଚଇତାଳି ଭିତରକୁ ଚାଲିଯାଇଛି ।)

- ଅନ୍ଧାର -

- ଦ୍ୱାଦଶ ଦୃଶ୍ୟ -

(ରାସ୍ତା । ଏସ୍.ପି. ଚାଲି, ଚାଲି ଆସୁଥିଲେ । ପଛରେ ଦୌଡ଼ି ଆସୁଥିଲେ ଇନ୍ସପେକ୍ଟର ।)

ଇନ୍ସପେକ୍ଟର - ସାର୍, ଆପଣ ଚାଲି, ଚାଲି କୁଆଡ଼େ ଯାଉଛନ୍ତି ?

ଏସ୍.ପି. - ଜନସାଧାରଣଙ୍କର ଅବସ୍ଥା, ଯୋଜନା କାମ ସ୍ୱଚକ୍ଷୁରେ ଦେଖିବାକୁ ।

ଇନ୍ସପେକ୍ଟର - ନକସଲମାନଙ୍କର ହେଉଛନ୍ତି ଆପଣ ପ୍ରଥମ ଶତ୍ରୁ । ଆପଣ ଏପରି ଦୁଃସାହସିକ ପଦକ୍ଷେପ ନେବାଟାକୁ ମୁଁ ପସନ୍ଦ କରୁନାହିଁ ।

ଏସ୍.ପି. - ତୁମେ ପସନ୍ଦ କରୁନାହଁ କାହିଁକି ? ମୋ ଜୀବନ ପ୍ରତି ତୁମେ ବିପଦ ଆଶଙ୍କା କରୁଛ ?

ଇନ୍ସପେକ୍ଟର - ଜରିବିନି । ଏ କଥା ଆପଣ କିପରି କହୁଛନ୍ତି ସାର୍ ?

Digitized by srujanika@gmail.com

ଏସ୍.ପି. - ଯେଉଁ ପ୍ରାଣଗୁଡ଼ିକ ପୁଲିସ୍ ଗୁଳିକୁ ଅପେକ୍ଷା କରି ରହିଛି, ସେମାନଙ୍କର କଥା ଥରେ ଚିନ୍ତା କରିଛ ଇନ୍ସପେକ୍ଟର ।

ଇନ୍ସପେକ୍ଟର - ଆପଣ ନକସଲମାନଙ୍କ କଥା କହୁଛନ୍ତି ସାର୍ ? ସଂତ୍ରାସବାଦୀଙ୍କ ବିଷୟରେ ଆପଣ କହୁଛନ୍ତି ନା ସାର୍ ?

ଏସ୍.ପି. - କାହାକୁ ତୁମେ ସଂତ୍ରାସବାଦୀ କହୁଛ ? ଯେଉଁମାନେ ଗରୀବର ମୁହଁରେ ଆହାର ଦେବା ପାଇଁ ଦିନରାତି ପରିଶ୍ରମ କରୁଛନ୍ତି, ସେମାନଙ୍କର ଏଥିପାଇଁ ସ୍ୱାର୍ଥ କ'ଣ ଅଛି ? ଏମ୍.ପି. ନା ଏମ୍.ଏଲ୍.ଏ, ନା ଦେଶଶାସନ କରିବେ । କେତେ ଦରମା, ସେଥିପାଇଁ ସେମାନେ ନେଉଛନ୍ତି । ଏ ଅଞ୍ଚଳରେ ଯେଉଁ ସବୁ ଉନ୍ନତିକର କାର୍ଯ୍ୟ ସବୁ ହେଉଛି, ତାହା କାହା ଯୋଗୁଁ ସମ୍ଭବ ହୋଇ ପାରିଛି, ତାହା ତୁମେ କହିପାରିବ ଇନ୍ସପେକ୍ଟର ?

ଇନ୍ସପେକ୍ଟର - ଆପଣ ଏପରି କ'ଣ କହୁଛନ୍ତି ସାର୍ । ଆପଣଙ୍କ ଯୋଗୁଁ, କେବଳ ଆପଣଙ୍କର ଘନ ଘନ ଆକ୍ରମଣରେ ନକ୍ସଲମାନେ ଏ ଅଞ୍ଚଳରୁ ମୂଳପୋଛ ହୋଇଗଲେ ।

ଏସ୍.ପି. - ତା' ଥିଲା ମୋର କର୍ତ୍ତବ୍ୟ । ସରକାରୀ ଆଦେଶ ମୁଁ ପାଳନ କରୁଥିଲି । ସେଥିପାଇଁ ଦରମା ନେଉଛି ମୁଁ । ମୁଁ ମୋର କର୍ତ୍ତବ୍ୟରେ ଅବହେଳା କରିଥାନ୍ତି କିପରି ? କିଂତୁ ଅନ୍ତର ମୋର ସେମାନଙ୍କ ପାଇଁ ବ୍ୟାକୁଳ ହୋଇ ଉଠେ । ସେମାନଙ୍କର ଆତ୍ମତ୍ୟାଗର ପଟାନ୍ତର ନାହିଁ ଇନ୍ସପେକ୍ଟରବାବୁ । ବେଳେବେଳେ ବିଶ୍ୱନି ସରକାର କଥା ମୁଁ ଭାବେ ।

ଇନ୍ସପେକ୍ଟର - ବିଶ୍ୱନିକୁ ଧରିବା ପାଇଁ ଆପଣ ତ ଖୁବ୍ ଉଦ୍ୟମ ଜାରୀ ରଖିଛନ୍ତି । ତାକୁ ଧରିବା ପାଇଁ ଚାରିଆଡ଼େ ଜାଲ ବିଛାଇ ଦେଇଛନ୍ତି ।

ଏସ୍.ପି. - ବିଶ୍ୱନି ସରକାର ଜଣେ ଖ୍ୟାତନାମା ଡ଼ାକ୍ତର । ସେ ଚାହିଁଥିଲେ ମେଡ଼ିକାଲ କଲେଜର ପ୍ରଫେସର ପଦବୀ ଅଳଂକୃତ କରିଥାନ୍ତା । କିଂତୁ ସେ କଲା କ'ଣ ? କାହିଁକି ତାର ଆତ୍ମତ୍ୟାଗ ।

ଇନ୍ସପେକ୍ଟର - ବିଶ୍ୱନି ସରକାର ଡ଼ାକ୍ତର ବୋଲି ଆପଣ ଖବର ପାଇଲେ କି ସାର୍ ।

ଏସ୍.ପି. - ବେଙ୍ଗଲ୍ ଆଇ.ଜିଙ୍କ ଠାରୁ, ତାର ଇତିହାସ ସଂଗ୍ରହ କରିଛି । ତେବେ ଗୋଟିଏ ଭଲ କଥା । ସରକାର ସେମାନଙ୍କ ଉପରୁ ସମସ୍ତ କଟକଣା

Digitized by srujanika@gmail.com

ଉଠାଇ, ସେମାନଙ୍କୁ ଆଲୋଚନା ପାଇଁ ଡ଼ାକିଛନ୍ତି । ଯେଉଁମାନେ ଆତ୍ମସମର୍ପଣ କରିବେ, ସେମାନଙ୍କୁ ମିଳିବ ରାଜକ୍ଷମା । ସୁରକ୍ଷା ବାହିନୀକୁ ଏ ଅଞ୍ଚଳରୁ ଉଠାଇ ନିଆଯାଉଛି ।

ଇନ୍ସପେକ୍ଟର - ତା'ହେଲେ ବିଜୁଳି ସରକାର ରାଜକ୍ଷମା ପାଇବ । ତାକୁ ଖୋଜିବାର ଆବଶ୍ୟକ କ'ଣ ?

ଏସ୍.ପି. - ସେଥିପାଇଁ ସରକାରଙ୍କ ଠାରୁ କୌଣସି ନିର୍ଦ୍ଦେଶ ଆସିନାହିଁ ।

ଇନ୍ସପେକ୍ଟର - ସାର୍, ବିଜୁଳି ସରକାର ଧରମାର ଗାଁରେ ଅର୍ଜୁନ ଘରେ ନିଶ୍ଚୟ ଅଛି ।

ଏସ୍.ପି. - ସେ ଖବର ମୋ ଠାରୁ ତୁମେ ଅଧିକ ଜାଣ । ରାମସେଠୀକୁ ସେ ଗାଁର ଦାୟିତ୍ୱ ଦିଆଯାଇଥିଲା । ଇନଫରମର ଗଲା କୁଆଡ଼େ ? ଯେଉଁମାନେ ଦରମା ଖାଇ ଦେଶର କାମ କରୁଛନ୍ତି, ସେମାନେ ନିଷ୍ଠାପର ଭାବରେ କାମ କଲେ, ଦେଶର ଅବସ୍ଥା ବଦଳିଯାନ୍ତା ।

- ଅନ୍ଧାର -

- ତ୍ରୟୋଦଶ ଦୃଶ୍ୟ -

(ଚଇତାଳିର ଘର । ଚଇତାଳି ସେଇ ଦୁଃଖର ଗୀତରୁ ପଦେ ଗାଉଥିଲା । ଗୀତ ଶେଷରେ କଇଁ, କଇଁ ହୋଇ କାନ୍ଦିଛି । ପ୍ରବେଶ କରିଛି ବାପା ।)

ବାପା - (ଦୁଃଖରେ) ଚଇତାଳି, କାହିଁକି କାନ୍ଦୁଛୁ ମା ?

ଚଇତାଳି - ବାପା, ମୁଁ କ'ଣ କରିବି । ବାପା କ'ଣ ସତରେ ସେ ଆଉ ଫେରିବେ ନାହିଁ ?

ବାପା - ମୋର ବିଶ୍ୱାସ ବାବୁ ନିଶ୍ଚୟ ଆସିବ । ଗତରାତିରେ କୁଳସଭା ବସିଥିଲା । କୁଳସଭାକୁ ମୋତେ ଡ଼ାକିଥିଲେ । କିନ୍ତୁ ମା' ମୁଁ ଗଲିନାହିଁ । ଧରମା ଗାଁ ଲୋକମାନଙ୍କୁ ମତାଇ ଦେଇଛି । ଏବେ ଗାଁ ଲୋକେ ସମସ୍ତେ ତା' ପଟିଆ ।

ଚଇତାଳି - ଧରମା କ'ଣ କହୁଚି ବାପା ?

ବାପା - ସେ ଯାହା ଚାହେଁ, ତା' ତୁ କ'ଣ ଜାଣୁନା ? ତାର ଗୋଟିଏ ଜିଦ୍ ସେ ତୋତେ ବାହାହବ । ଆଗରେ, ତୁ ତାକୁ ବାହା ହେବୁ ବୋଲି କହିଥିଲୁ ।

ଚଇତାଳି - ସେ ପାପଜାଟାର କଥା ଗାଁ ଲୋକେ ଶୁଣୁଛନ୍ତି ।

Digitized by srujanika@gmail.com

ବାପା - ବାବୁ ରହିଥିଲା ବୋଲି, କେହି ମୁହଁରେ ନ କହିଲେ ମଧ୍ୟ ଭିତରେ ସମସ୍ତଙ୍କର ରାଗ । ମୁଖିଆ ଭାଇ ଆସୁ, କି ନିଷ୍ପତ୍ତି ହେଲା, ସେ ସବୁ କହିବ ।

ଚଇତାଳି - କୁଳସଭା ଯଦି ଧରମା ସପକ୍ଷରେ ନିଷ୍ପତ୍ତି ନିଏ ?

ବାପା - ନିଅନ୍ତୁ । ଆମେ ଏ ଗାଁ ଛାଡ଼ି ଚାଲିଯିବା ।

ଚଇତାଳି - ଏବେ କୁଆଡ଼େ ଯିବା ବାପା, ବାବୁ ଯଦି ଆସି ଫେରିଯାଏ ।

ବାପା - ସେଇ କଥା ତ ଚିନ୍ତା କରୁଛି । ତେବେ ମା, ତୁ ଯାହା କଲୁ କିଛି ଠିକ୍ କଲୁ ନାହିଁ । ଅନ୍ତତଃ ମୋତେ ଟିକିଏ ତୋର ପଚାରିବାର ଥିଲା । ଏଣେ ଗାଁ ଲୋକଙ୍କର ଜୁଲୁମ । ତେଣେ ପୋଲିସ୍ ତାକୁ ଖୋଜୁଛି । ତୁ ଚିନ୍ତା କରନା ମୁଁ ବଞ୍ଚିଛି । ତୁ ଡ଼ରୁଛୁ କାହିଁକି ? ନିଷ୍ପତ୍ତି କ'ଣ ହେଲା, ତାକୁ ଶୁଣିବା ପରେ ଯାହା ବିଚାର କରିବା ।

- ଅନ୍ଧାର -

(କିଛି ସମୟ ପରେ ଠକ୍ ଠକ୍ ଶବ୍ଦ । ଦୁଆର ବାଡ଼େଇବା ଶବ୍ଦ ।)

ବାପା - ଝିଅ, ପୋଲିସ ହୋଇଥିବ । ମୋତେ ଡ଼ର ଲାଗୁଛି ।

ବାହାରୁ - ଅର୍ଜୁନ ଦୁଆର ଖୋଲ ।

ଚଇତାଳି - ଡ଼ରୁଛୁ କାହିଁକି ବାପା, ଯା, ଦୁଆର ଖୋଲିଦେ ।

ବାପା - ମା' ଏ ନିଶ୍ଚୟ ପୋଲିସ ହୋଇଥିବ । ମୋତେ ଡ଼ର ଲାଗୁଛି, ଚାଲେ, ବାଡ଼ପଟେ ପଳାଇବା ।

ଚଇତାଳି - ଆମେ କ'ଣ ଡ଼ାକୁ ନା ଚୋର ହେଇଛେ ଯେ ପଳାଇବା । ତୁମେ ଥାଅ । ମୁଁ ଦୁଆର ଖୋଲୁଛି ।

(ଇନ୍ସପେକ୍ଟର, ଏସ୍.ପି. ପ୍ରବେଶ କଲେ ।)

ଇନ୍ସପେକ୍ଟର - ବଦମାସ, ତୁ ଏଇଠି ଅଛୁ, କେତେବେଳୁଁ ଦୁଆର ବାଡ଼ଉଛୁ । ତତେ କ'ଣ ଶୁଭୁ ନ ଥିଲା । ତୁ ଜାଣୁ, ପୋଲିସ ଏସ୍.ପି. ସାହେବ ତୋ ଘରକୁ ଆସିଛନ୍ତି ।

ଚଇତାଳି - ପୋଲିସଙ୍କୁ ତାର ଭାରି ଭୟ । ସାର୍, ସେ ବଡ଼ ସରଳ ବିଶ୍ୱାସୀ । ଭାରୀ ଭୟାଳୁ ।

ବାପା - ଶୁଣିଛି ପୋଲିସ ସାହେବ ଭାରୀ ଭଲ ଲୋକ । ସେ ଦୟାର ଅବତାର । ଗରୀବର ଦୁଃଖ ବୁଝନ୍ତି । ଝିଅ ମୋ ଦେହ କ'ଣ

Digitized by srujanika@gmail.com

ହେଇଯାଉଛି । ମୁଁ ଯାଇ ଶୋଇ ପଡ଼ିବି । (କାଶି ଉଠିଲା ପ୍ରବଳ ବେଗରେ ।)

ଏସ୍.ପି. - ଆରେ ତୁମେ ମୋତେ ଦେଖି ଭୟ କରୁଛ କାହିଁକି ?

ବାପା - ଲୋକେ ଡ଼ରଉଛନ୍ତି, ପୋଲିସ ଆମକୁ ବାନ୍ଧିନେବ ।

ଏସ୍.ପି. - ମା' ବାପାଙ୍କୁ ବୁଝାଇଦେ । ମୁଁ ବାନ୍ଧିଦେବା ପାଇଁ ଆସିନାହିଁ । ଖାଲି ଦି ପଦ ପଚାରି, ମୁଁ ଚାଲିଯିବି । କ'ଣ ଏଥର ମନରୁ ଭୟ ଗଲା ତ ?

ଏସ୍.ପି. - ଇନ୍ସପେକ୍ଟର, ଚାଲ ଆମେ ଚାଲିଯିବା । ଲୋକଟା ଆମକୁ ଦେଖି ଅତିମାତ୍ରାରେ ଡ଼ରି ଯାଇଛି । ତାର ହାର୍ଟଫେଲ୍ ହୋଇଯାଇପାରେ ।

ବାପା - ମା' ପାଣି ପିଇବାକୁ ଦେ । ଆମେ ଆସୁଛୁ ।

- ଅନ୍ଧାର -

- ଶେଷ ଦୃଶ୍ୟ -

(ସୂତ୍ରଧର ମଞ୍ଚରେ ପ୍ରବେଶ କଲେ ।)

ସୂତ୍ରଧର - ଦର୍ଶକ ବଂଧୁଗଣ,

କାହାଣୀର ମୋଡ଼ କେଉଁଆଡ଼େ ଯାଉଛି ଅଳ୍ପ ସମୟ ପରେ ଆପଣ ତାହା ଜାଣିପାରିବେ । ଭଲର ଫଳ ସବୁବେଳେ ଭଲ । ନକସଲବାଦୀଙ୍କ ସହିତ ସରକାର ଆଲୋଚନା କରିବାକୁ ବ୍ୟଗ୍ର । ଆଲୋଚନା ସବୁବେଳେ ସୁଫଳ ଦେଇଥାଏ ।

(ରାସ୍ତା । ବିଶୁନି ସରକାର, ଯୋଗୀ ବେଶରେ କେନ୍ଦେରା ବଜାଇ ଟୀକା ଗୋବିନ୍ଦଚନ୍ଦ୍ର ଗାନ କରୁଥିଲେ ।)

(ଗୀତ)

ଭଜୁକିନା ରାମ ନାମରେ କୁମର, ଭଜୁକିନା ରାମନାମ
ଭଜି ନ ପାରିଲେ, କୁଳଚନ୍ଦ୍ରମାରେ ବାନ୍ଧିନେବ କାଳଯମରେ କୁମର...
ଇତ୍ୟାଦି...

(ମଞ୍ଚ ଅନ୍ଧାର ହେଲା)

(ଘର । ଚଉତାଳି ଚାଉଳ ବାଛୁଥିଲା ।)

ଯୋଗୀ - (ବାହାରୁ) ମୁଠେ ଭିଖ ମିଳୁ ମାତା ଅନ୍ନପୂର୍ଣ୍ଣେଶ୍ୱରୀ ।
(ଝିଅ ବେଗରେ ଘରେ ପ୍ରବେଶ କଲେ ।)

Digitized by srujanika@gmail.com

ଚଇତାଳି - କିଏ ତୁମେ ? ଘର ଭିତରକୁ ପ୍ରବେଶ କଲ କାହିଁକି ?

ବିଶୁନି - (ଯୋଗୀ ବେଶରେ) କ'ଣ ଖୋଜୁଛି ମିଳିବ ମାତା ? କ୍ଷୁଧାର୍ତ୍ତ ମୁଁ। ତୁମେ ଦୟାବତୀ । ଭୋଜନ ମିଳୁ ମା।

ଚଇତାଳି - ଚାଲିଯାଅ । ଏଠାରେ କିଛି ମିଳିବ ନାହିଁ । ତୁମେ ଜବରଦସ୍ତ ଘର ଭିତରେ ପ୍ରବେଶ କଲ କାହିଁକି ?

ବିଶୁନି - ନିଷ୍ଠୁର ହୁଅନାହିଁ ଦେବୀ । ତୁମରି ଦର୍ଶନ ପାଇଁ ମନ ମୋର ବ୍ୟାକୁଳ ହୋଇ ଉଠିଲା !

ଚଇତାଳି - କର୍ମଭୀରୁ ଯୁବକ । ଲଜ୍ଜା ଲାଗୁନାହିଁ ଭିକ୍ଷା ମାଗୁଅଛ । ଏଠାରେ କିଛି ମିଳିବ ନାହିଁ । ଶୀଘ୍ର ଏ ଘରୁ ବାହାରି ଯାଅ ।

ବିଶୁନି - ତୁମେ ଗୋଟାଏ ଅଲକ୍ଷଣୀ । ତୁମର ଉଚ୍ଚ କପାଳ । ଏଇଥିରୁ ଅନୁମିତ ହୁଏ, ତୁମେ ବିଧବା ହେବା ସୁନିଶ୍ଚିତ । ତୁମର ସ୍ୱାମୀର ମୃତ୍ୟୁଦଣ୍ଡ ପାଇଁ ଯାଶୀଖଣ୍ଡ ଅପେକ୍ଷା କରିଛି । ସେ ଗୋଟାଏ ନରହତ୍ୟାକାରୀ ଅପରାଧୀ ।

ଚଇତାଳି - ମୋ ସ୍ୱାମୀ ଦେବତା । ମୋ ସ୍ୱାମୀ ନାମରେ ଯଦି କିଛି କୁହ, ତୁମକୁ ମୁଁ କ୍ଷମା ଦେଇ ପାରିବି ନାହିଁ ।

ବିଶୁନି - ସ୍ୱାମୀ ତୁମର ତୁମକୁ ଛାଡ଼ି ଚାଲି ଯାଇଛି । ତୁମେ ଭାବୁଛ, ସେ କ'ଣ ଆଉ ଫେରି ଆସିବ ? ତାକୁ ଭୁଲିଯାଅ ।

ଚଇତାଳି - ଯୋଗୀ ଏ ସବୁ କହିବାକୁ ତୁମେ କିଏ ? ଥରେ ମୁଁ କହିଛି । ମୋ ସ୍ୱାମୀ ବିରୁଦ୍ଧରେ ମୁଁ କିଛି ଶୁଣିବାକୁ ଚାହେଁନା । ସେ ନିଶ୍ଚୟ ଆସିବେ ।

ବିଶୁନି - (ହସିଲା ତାଚ୍ଛଲ୍ୟ ହସ) ଆସିବେ, ଶୂନ୍ୟ ଆକାଶକୁ ଚାହିଁ, ତାରା ଗଣି, ଗଣି ବସିଥାଅ । ଯାଇ କେତେଦିନ ହେଲା, ଥରେ ଚିନ୍ତା କରିଛ ? ତୁମର ସନ୍ତାନ ଯେତେବେଳେ, ବାପା କିଏ ବୋଲି ତୁମକୁ ପଚାରିବେ ତୁମେ କି ଉତ୍ତର ଦେବ ?

ଚଇତାଳି - ଭିକ୍ଷୁକ, ତୁମର ଆସ୍ପର୍ଦ୍ଧା କିଛି କମ୍ ନୁହେଁ । ବନ୍ଦ କର ଏ ପ୍ରଳାପ । ମୁଁ ତୁମକୁ ସହଜରେ ଛାଡ଼ି ଦେବି ନାହିଁ । (ଭିତରକୁ ଦୌଡ଼ିଯାଇ ଛୁରୀ ଧରି ଆସିଛି ।) ମୁଁ ତୁମକୁ ହତ୍ୟା କରିବି । ମୋର ସ୍ୱାମୀର ନିନ୍ଦା, ଅପମାନ ମୁଁ ସହ୍ୟ କରିପାରିବି ନାହିଁ ।
(ହାଣିବାକୁ ଉଦ୍ୟତ ହେଲାବେଳେ)

ବିଶୁନି - (ହାତଧରି ପକାଇଲା) ଚଇତାଳି । ଚନ୍ଦ

ଚଇତାଳି - (ମୁହଁକୁ ଆଶ୍ଚର୍ଯ୍ୟ ହୋଇ ଚାହିଁଛି) କିଏ ? କିଏ ତୁମେ ? ମୋ ହାତ

Digitized by srujanika@gmail.com

ଛାଡ଼ିଦିଅ । ଏଇ ଢ଼କୁରୀରେ ମୁଁ ତୁମକୁ ଶେଷ କରିଦେବି ।

ବିଶ୍ୱନି - ଚଇତାଳି, ମୁଁ ମୁଁ ବିଶ୍ୱନି ସରକାର । (ହାତ ଛାଡ଼ିଦେଇ) କ'ଣ ବିଶ୍ୱାସ ହେଉନାହିଁ । (ଢ଼କୁରୀଟା ଆପେ, ଆପେ ଖସି ପଡ଼ିଛି) (ପରଚୁଲା ବାହାର କରିଦେଇ) କ'ଣ ଏବେ ବିଶ୍ୱାସ ହେଲା ଚଇତାଳି ।

ଚଇତାଳି - ସ୍ୱାମୀ, ମୋ ଦେବତା । (ଛାତିରେ ଲୋଟି ପଡ଼ିଲା)

ବିଶ୍ୱନି - ମୁଁ ଆଉ କୁଆଡ଼େ ଯିବିନି ଚଇତାଳି ।

ଚଇତାଳି - ସତ କହୁଛ ସ୍ୱାମୀ । ଏ କ'ଣ ମୁଁ ଦେଖୁଛି ? ସ୍ୱପ୍ନ ନା ସତ୍ୟ ?

ବିଶ୍ୱନି - ପ୍ରାଣର ଚଇତାଳି । ତୁମେ ମୋର ଗୁରୁ । ତୁମଠାରୁ ଅହିଂସା ମହାମନ୍ତ୍ରର ଦୀକ୍ଷା ମୁଁ ନେଇଛି । ତୁମେ ମୋର ଜନ୍ମ, ଜନ୍ମାନ୍ତରର ସାଥୀ । ବାପା, ବାପା କୁଆଡ଼େ ଗଲେ ?

ଚଇତାଳି - ବାପା, ବାପା, ଦୌଡ଼ିଆସ । ବାବୁ ଫେରିଆସିଛନ୍ତି ।

ବାପା - କିଏ ଆସିଛି । ବାବୁ ଫେରି ଆସିଛନ୍ତି । (କାଶ ଉଠିଲା, କାଶି କାଶି ବସି ପଡ଼ିଲା ।)

ବିଶ୍ୱନି - (ମୁଣ୍ଡିଆ ମାରିଛି) ବାପାଙ୍କର ଏ କ'ଣ ହେଲା ଚଇତାଳି ?

ବାପା - ଆଉ ବେଶୀଦିନ ନୁହେଁ ବାବୁ, ତୁମ ପାଇଁ ମୁଁ ଅପେକ୍ଷା କରିଥିଲି । ମୋର ମନର ଅଭିଳାଷ ପ୍ରଭୁ ପୂର୍ଣ୍ଣ କରିଦେଲେ ।

ବିଶ୍ୱନି - ବାପା, ଆପଣ ବଞ୍ଚି ରହିବେ । ଆପଣ ଦେଖିବେ ନୂତନ ସୂର୍ଯ୍ୟୋଦୟ । ଯେଉଁ ନୂତନ ସୂର୍ଯ୍ୟର ଆଲୋକରେ ଦେଶରୁ ଉଚ୍ଚ ନୀଚ ଭାବ ଦୂର ହୋଇଯିବ । ସମସ୍ତଙ୍କ ମୁହଁରେ ହସ ଫୁଟି ଉଠିବ । ମୁଁ ଆଜି ରାଜକ୍ଷମା ପାଇଛି ବାପା । ସରକାର ମୋତେ ରାଜକ୍ଷମା ଦେଇଛନ୍ତି । (ଦୌଡ଼ି ଆସିଛି ଗାଁ ମୁଖିଆ)

ମୁଖିଆ - ଅର୍ଜୁନି ଭାଇ, ଧରମାକୁ ପୋଲିସ ହାତକଡ଼ା ପକାଇ ନେଉଛି । କିଏ ? ବାବୁ, ତୁମେ ଆସିଛ । ଅର୍ଜୁନି ଭାଇ, ବାବୁ ଆସିଲେ, ଆଉ ଦୁଃଖ କଣ ଅଛି ।

ବିଶ୍ୱନି - ମୁଖିଆ ପାଦତଳେ ମୁଣ୍ଡିଆ ମାରିଲା ।

ଭାସି ଆସିଲା ପ୍ରଚ୍ଛଦପଟରୁ ସେଇ ଗୀତ - ବନ୍ଦେ ମାତରମ୍ ।

(ତୁଇଜଣ ହାତଯୋଡ଼ି ଠିଆ ହୋଇଥିଲେ ।

ଜଇଁ ଆସିଛି ଯବନିକା ।

- ସମାପ୍ତ -

Digitized by srujanika@gmail.com

ନାଟକ

ସରପଞ୍ଚବାବୁ

ନିର୍ଦ୍ଦେଶନା : ଶ୍ରୀ ପ୍ରଫୁଲ୍ଲ କୁମାର ମହାପାତ୍ର

ସଂଗୀତ : ଅରୁଣ କୁମାର ସାହୁ ଓ ଅନୁରାଧା

Digitized by srujanika@gmail.com

ସରପଞ୍ଚବାବୁ

- ପ୍ରଥମ ଦୃଶ୍ୟ -

(ସରପଞ୍ଚ ଓ ଶ୍ରଦ୍ଧାଞ୍ଜଳି ବାପୁଜୀଙ୍କୁ ପୂଜା କରୁଥିଲେ । ନେପଥ୍ୟରୁ ଭାସି ଆସୁଥିଲା ବୈଷ୍ଣବ ଜନତୋ,... ।)

ଶ୍ରଦ୍ଧାଞ୍ଜଳି - ତୁମେ ପେପର ପଢୁଥାଅ । ମୁଁ ଚା ନେଇଆସେ ।

(ସରପଞ୍ଚ ପେପର ପଢୁଥିଲେ । ସାମ୍ବାଦିକ ପ୍ରବେଶ ।)

ସାମ୍ବାଦିକ - ସରପଞ୍ଚବାବୁ ଘରେ ଅଛନ୍ତି ।

ସରପଞ୍ଚ - କିଏ ?

ସାମ୍ବାଦିକ - ମୁଁ ସାମ୍ବାଦିକ ରଜତ ଶର୍ମା

ସରପଞ୍ଚ - ଆରେ ରଜତବାବୁ, ଆସନ୍ତୁ । ଆଉ କୁଆଡ଼େ ଆସିଲେ ?

ସାମ୍ବାଦିକ - ସାର୍, ମୁଁ ଆପଣଙ୍କୁ କିଛି ପଚାରିବାକୁ ଆସିଛି ।

ସରପଞ୍ଚ - ମୁଁ କେନ୍ଦ୍ର କି ରାଜ୍ୟ ମନ୍ତ୍ରୀ ନୁହେଁ । ମୁଁ ସାମାନ୍ୟ ଜଣେ ସରପଞ୍ଚ । ଗାନ୍ଧିଜୀଙ୍କର କଳ୍ପିତ ଗ୍ରାମ ସ୍ୱରାଜ୍ୟକୁ ଭିତ୍ତିକରି ଆଜି ସାରା ଦେଶରେ ପଞ୍ଚାୟତିରାଜ ଗଢ଼ି ଉଠିଛି । ଗଣତନ୍ତ୍ରର ପ୍ରଥମ ସ୍ତମ୍ଭ ପଞ୍ଚାୟତ ।

ସାମ୍ବାଦିକ - ଏ କଥାକେତେ ଜଣ ବା ବୁଝୁଛନ୍ତି । ଆଜି ସମଗ୍ର ଦେଶରେ ପଞ୍ଚାୟତିରାଜ ଦୁର୍ନୀତିଗ୍ରସ୍ତ । ସରପଞ୍ଚମାନେ ଦୁର୍ନୀତିଗ୍ରସ୍ତ । ବି.ପି.ଏଲ୍. ତାଲିକାରେ ବ୍ୟାପକ ହେରଫେର ଚାଲିଛି । କିନ୍ତୁ ଆପଣ ତାର ବ୍ୟତିକ୍ରମ । ଆଜି ଆପଣଙ୍କର ଭୁରି ଭୁରି ପ୍ରଶଂସା ।

ସରପଞ୍ଚ - ଯଦି ପ୍ରତ୍ୟେକ ଜନପ୍ରତିନିଧି ଚିନ୍ତା କରନ୍ତେ ସେମାନେ ଜନତାର ସେବକ, ତାହାହେଲେ ଦେଶର ଭାଗ୍ୟ ପରିବର୍ତ୍ତନ ହୋଇଯାନ୍ତା ।

ସାମ୍ବାଦିକ - କିନ୍ତୁ ଯାହା ହେଉଛି ଯେଉଁଠି ନିର୍ବାଚନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ଜଣେ ୱାର୍ଡ଼ମେମ୍ବର ନିର୍ବାଚିତ ହେବାପାଇଁ ହଜାର ହଜାର ଖର୍ଚ୍ଚ କରୁଛି ।

ସରପଞ୍ଚ - ସେଇଠି ତ ଦୁର୍ନୀତିର ସୂତ୍ରପାତ । ଦେଶସେବା କରିବା ପାଇଁ ନିର୍ବଚାନ ଲଢ଼ିବ, ତା'ପୁଣି ଟଙ୍କା ଖର୍ଚ୍ଚ କରି । ତାହା ଏ ପଞ୍ଚାୟତରେ ହୋଇପାରିବ ନାହିଁ । ମୁଁ ତା କରାଇ ଦେବି ନାହିଁ । ପାଞ୍ଚଥର ମୁଁ ନିଦ୍ୱନ୍ଦରେ ନିର୍ବାଚିତ । ମୋର ପଞ୍ଚାୟତର ୱାର୍ଡ଼ମେମ୍ବରମାନେ ମଧ

Digitized by srujanika@gmail.com

ନିର୍ଦ୍ୱନ୍ଦରେ ନିର୍ବାଚିତ ହୁଅନ୍ତି । ନିର୍ବାଚନ ପ୍ରତିଦ୍ୱନ୍ଦିତା ଆମେ ଜାଣୁନାହୁଁ । ଆମର ମହିଳା ସମିତି, ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବାପାଇଁ ଯଥେଷ୍ଟ ସାହାଯ୍ୟ କରୁଛି । ଆମ ଗ୍ରାମର ସମସ୍ତେ ସ୍ୱାକ୍ଷର । ନିରକ୍ଷର ଏଠାରେ କେହିନାହିଁ । ଆମ ଚାଷୀ ପନିପରିବାଠାରୁ କୁକୁଡ଼ାଚାଷ ପର୍ଯ୍ୟନ୍ତ ସବୁ କିଛି କରୁଛି । ମାଛଚାଷ ପାଇଁ ଆମ ପଞ୍ଚାୟତ ପ୍ରସିଦ୍ଧ । ଆମେ ମାତ୍ର ଦଶଟଙ୍କା କେଜିରେ ମାଛ ବିକ୍ରୟ କରୁନ୍ତୁ । ଏ ବ୍ୟବସାୟ କେବଳ ପଞ୍ଚାୟତର ବାସିନ୍ଦାମାନଙ୍କ ପାଇଁ ।

ସାମ୍ବାଦିକ - ଆପଣଙ୍କ ଉପରେ ଜନସାଧାରଣ ସନ୍ତୁଷ୍ଟ । କିନ୍ତୁ କର୍ତ୍ତୃପକ୍ଷ ନୁହଁନ୍ତି । ବିଡ଼ିଓ ଆପଣଙ୍କର ଘୋର ବିରୋଧୀ । ଚେୟାରମ୍ୟାନ ଆପଣଙ୍କର ପରମ ଶତ୍ରୁ । ଆପଣଙ୍କୁ ଗିରଫ କରିବାପାଇଁ ପ୍ରଗାଢ଼ ଉଦ୍ୟମ ଚାଲିଛି । କିନ୍ତୁ କିଛି ଉପାୟ ମିଳୁନାହିଁ । ମନ୍ତ୍ରୀଙ୍କୁ ବ୍ଲକସ୍ତରରେ ବିପୁଳ ସମ୍ବର୍ଦ୍ଧନା ଦିଆଗଲା । ଆପଣ ସମ୍ବର୍ଦ୍ଧନା ସଭାକୁ ଗଲେ ନାହିଁ କି ଫୁଲମାଳଟିଏ ଦେଲେନାହିଁ । ସେଥିପାଇଁ ସମସ୍ତେ ଆପଣଙ୍କ ଉପରେ ଅସନ୍ତୁଷ୍ଟ । ଆପଣ କେତେଦିନ ସମସ୍ତଙ୍କୁ ବିରୋଧ କରି ପଞ୍ଚାୟତ ଚଳାଇପାରିବେ କୁହନ୍ତୁ ତ ?

ସରପଞ୍ଚ - ଯେତେଦିନ ପାରିଲି, ପାରିଲି । ଯେବେ ନ ପାରିବି ଇସ୍ତଫା ଦେଇଦେବି । କ୍ଷମତା ରାଜନୀତିରେ ରହି ଖାଲି କ'ଣ ଦେଶସେବା କରାଯାଇପାରେ । ଦେଶସେବା କରିବାକୁ କ'ଣ ଅନ୍ୟ କିଛି ଉପାୟ ନାହିଁ । ଦେଖାଯାଉ, କ'ଣ ହେଉଛି ।

ସାମ୍ବାଦିକ - ତେବେ ମୋ ବିଚାରରେ ସମସ୍ତଙ୍କ ସହଯୋଗ ନେଇ ଚଳିଲେ, ଆପଣ ପଞ୍ଚାୟତଟିକୁ ସୁରୁଖୁରୁରେ ଚଳାଇପାରିବେ ଚେୟାରମ୍ୟାନଙ୍କୁ ଅନ୍ତତଃ ଆପଣ ଗୁଡ୍ ହ୍ୟୁମର୍‌ରେ ରଖନ୍ତୁ ।

ସରପଞ୍ଚ - ଆପଣଙ୍କ ପରାମର୍ଶ ପାଇଁ ଧନ୍ୟବାଦ । କ'ଣ ପଚାରିବାକୁ ଚାହାଁନ୍ତି, ପଚାରନ୍ତୁ ।

ସାମ୍ବାଦିକ - କେତେଜଣ ହିତାଧିକାରୀ ଇନ୍ଦିରା ଆବାସ ପାଇଁ ଆପଣଙ୍କୁ ବିପୁଳ ଅର୍ଥ ଦେବା ଅଭିଯୋଗ ହୋଇଅଛି । ସେ କଥା ବିଡ଼ିଓ କହୁଥିଲେ । ଆପଣଙ୍କ ପରି ଦେବପୁରୁଷଙ୍କ ବିରୁଦ୍ଧରେ ଲାଞ୍ଚ ଅଭିଯୋଗ, ତାହାହିଁ ମୋତେ ଆଶ୍ଚର୍ଯ୍ୟ ଲାଗିଲା । ସେଥିପାଇଁ ଆପଣଙ୍କୁ ପଚାରିବାକୁ ଆସିଥିଲି ।

Digitized by srujanika@gmail.com

ସରପଞ୍ଚ - (ଆଶ୍ଚର୍ଯ୍ୟ ହୋଇ) ମୋ ବିରୁଦ୍ଧରେ ଲାଞ୍ଚ ଅଭିଯୋଗ । କିଏ କରିଛି ? ଆପଣ ଜଣଙ୍କର ନାଁ କହିପାରିବେ ? ମୁଁ ପୁଣି ଲାଞ୍ଚ ନେଇଛି ? ତାହା ଆପଣ ବିଶ୍ୱାସ କରିମୋତେ ପଚାରିବାକୁ ଆସିଛନ୍ତି । ହଉ, ଯଥେଷ୍ଟ ହୋଇଗଲା । ଆପଣ ଯାଆନ୍ତୁ । ମୋତେ ଆଉ କିଛି ପଚାରନ୍ତୁ ନାହିଁ । ମୁଁ ଏସବୁ ଶୁଣି ପାଗଳ ହୋଇଯିବି । ମୋ ବିରୁଦ୍ଧରେ ପୁଣି ଲାଞ୍ଚ ଅଭିଯୋଗ ମୋ ପଞ୍ଚାୟତର ଲୋକେ କରିଛନ୍ତି ? ମୁଁ ପାଗଳ ହୋଇଯିବି । କ୍ଷମା କରିବେ । ଆପଣ ଆସିପାରନ୍ତି ।

ସାମ୍ବାଦିକ - ସରପଞ୍ଚବାବୁ । ଆପଣ ଏତେ ବ୍ୟସ୍ତ ହେଉଛନ୍ତି କାହିଁକି ?

ସରପଞ୍ଚ - କ'ଣ କହିଲେ, ମୁଁ ବ୍ୟସ୍ତ ହେବିନାହିଁ । ମୋ ବିରୁଦ୍ଧରେ କଳଙ୍କର ଅଭିଯୋଗ । ତା'ହେଲେ ମୁଁ ବଞ୍ଚିବି କାହିଁକି ? ନିସ୍ୱାର୍ଥପରଭାବେ ଦେଶସେବା କରିବାର ପୁରସ୍କାର କ'ଣ ଏଇଆ । ନା, ଆଉ ମୁଁ କିଛି ଶୁଣିବାକୁ ଚାହେଁନା । ତାପରେ ବି.ପି.ଏଲ୍. ଚାଉଳ ମୁଁ ଚୋରି କରିଛି ବୋଲି କହିବେ । ଶେଷରେ ମୋର ଚରିତ୍ର ସଂହାର କରିବେ । ମୁଁ ଆଉ କିଛି ଶୁଣିବାକୁ ଚାହେଁନା ।

ସାମ୍ବାଦିକ - ହଉ, ଆପଣ ବିଶ୍ରାମ କରନ୍ତୁ । ଯାହା ଶୁଣିଲି, ତାହା ଆପଣଙ୍କୁ କହିଲି । ସତ୍ୟ ଘଟଣା ପ୍ରକାଶ କରିବା ମୋର ଉଦ୍ଦେଶ୍ୟ । ଆପଣଙ୍କ ମନରେ କଷ୍ଟ ଦେଇଥିବାରୁ ମୁଁ ଦୁଃଖିତ । ମୋତେ କ୍ଷମା କରିବେ । ନମସ୍କାର । ଆସୁଛି । (ପ୍ରସ୍ଥାନ)

ସରପଞ୍ଚ - ମୁଁ ପୁଣି ଇନ୍ଦିରାଆବାସ ହିତାଧିକାରୀଙ୍କଠାରୁ ଲାଞ୍ଚ ଗ୍ରହଣ କରିଛି ? ପାରିବ ? ପାରିବ ଏହା ତୁମେ ପ୍ରମାଣ କରି । ମୋ ନାଁରେ ଯେତେ କଳଙ୍କ ଲେପିଲେ ମଧ୍ୟ, ମୋତେ ତୁମେମାନେ ବଦନାମ କରାଇ ପାରିବ ନାହିଁ । ମୁଁ ଯିବି । ବର୍ତ୍ତମାନ ଯିବି । ବର୍ତ୍ତମାନ ଯାଇ ସେ ବିଡ଼ିଓକୁ ପଚାରିବି । କିଏ ମୋ ନାଁରେ ଅଭିଯୋଗ କରିଛି । ମୁଁ ବର୍ତ୍ତମାନ ଯିବି ।

(ପ୍ରବେଶ କରିଛନ୍ତି ପତ୍ନୀ ଶ୍ରଦ୍ଧାଞ୍ଜଳି)

ଶ୍ରଦ୍ଧାଞ୍ଜଳି - କୁଆଡ଼େ ଯିବ ? କାହିଁକି ଯିବ । ଆମରବିଡ଼ିଓ ପାଖକୁ ଯିବା ଦରକାର ନାହିଁ । ଆସ, ଖାଇ ବିଶ୍ରାମ କର । ଆଜିର ଦୁନିଆଁରେ ଏତେ ସଚ୍ଚୋଟ ହୋଇ କ'ଣ ଚଳିପାରିବ ? ରାସ୍ତା କାମ ହେଲେ ଇଞ୍ଜିନିୟର

Digitized by srujanika@gmail.com

ତାର କମିଶନ୍ ନେବ । ତୁମେ କହିବ, ତା' ହୋଇପାରିବ ନାହିଁ । ସେମାନେ ତୁମର ଶତ୍ରୁ ହେବେ ନାହିଁ । ସେହିପରି ଆଜି ପ୍ରତ୍ୟେକ ତୁମର ଶତ୍ରୁ । ତୁମପରି ସାଧୁପୁରୁଷ କେତେଜଣ ଦୁନିଆଁରେ ଅଛନ୍ତି । ଏତେ କହିଲି, ଯାଅ ମନ୍ତ୍ରୀଙ୍କୁ ଫୁଲମାଳଟିଏ ପିନ୍ଧାଇ ଦିଅ । ପିନ୍ଧାଇଦେଲେ କ'ଣ ତୁମର ହୋଇ ଯାଉଥିଲା ?

ସରପଞ୍ଚ - କାହିଁକି ଯାଇଥାନ୍ତି ତୁମେ କହ । କ'ଣ ମିଥ୍ୟା ପ୍ରତିଶ୍ରୁତି ଶୁଣିବା ପାଇଁ । ଏ ଅଞ୍ଚଳକୁ ୩ ଶହ କୋଟି, ସେ ଅଞ୍ଚଳକୁ ୨ ଶହ କୋଟି ମୁଁ ଦିଆଇଦେବି । ଏତେଟଙ୍କା କେଉଁଠୁ ଦେବେ, ଲୋକଙ୍କୁ ମିଥ୍ୟା କହିବାର କି ଆବଶ୍ୟକତା ଅଛି ? ଯେଉଁଠି ଜନତାଙ୍କୁ ଦେଖା କରିବା କଥା, ସେହି ଜନତାଙ୍କ ଭୟରେ ଯଦି ମନ୍ତ୍ରୀମାନେ ଲୋକଙ୍କ ପାଖକୁ ଯିବାକୁ ଡ଼ରନ୍ତି, ସେଠାରେ ଏମାନେ କୋଟି କୋଟି ଟଙ୍କା କାହା ପାଇଁ ଖର୍ଚ୍ଚ କରିବେ । ତୁମେ ଜାଣ ମିଥ୍ୟାର ମୁଁ ଘୋର ବିରୋଧୀ । ମିଥ୍ୟାକଥା ଶୁଣିବାକୁ ମୁଁ ମୋଟେ ଭଲପାଏନା । ତୁମେ କ'ଣ କହୁଚ, ମୁଁ ଦୁର୍ନୀତିର ପଥ ବାଛିନିଏ ? ଯେଉଁମାନେ ଦୁର୍ନୀତି କରିଚାଲିଛନ୍ତି ସେମାନଙ୍କୁ ମୁଁ ସମର୍ଥନ କରେ ? ନା ଶ୍ରଦ୍ଧାଞ୍ଜଳି, ସେ କଥା ହୋଇପାରିବ ନାହିଁ । ଏ ଜୀବନ ଚାଲିଯିବ ପଛକେ, ମୁଁ ତା' କରିପାରିବି ନାହିଁ । ତୁମେ ବି ମୋ ସମ୍ମୁଖରୁ ଚାଲିଯାଅ । ତୁମେ ଆସିଛ ମୋତେ ପଥଭ୍ରଷ୍ଟ କରିବାପାଇଁ । ମୁଁ ଦେଖୁଛି ଏ ଦୁନିଆଁରେ ମୋର ଜଣେ ହେଲେ ବି ମିତ୍ର ନାହାନ୍ତି ।

ଶ୍ରଦ୍ଧାଞ୍ଜଳି - ଶତ୍ରୁମାନଙ୍କ ଭିତରେ ତୁମେ କେତେଦିନ ମୁଣ୍ଡଟେକି ଚଳି ପାରିବ କହିଲ ? ଯାହା ହେଉଛି ହେଉ, ଆମର ଯାଏ ଆସେ କ'ଣ । ଆପେ ଭଲ ଥିଲେ ଦୁନିଆଁ ଭଲ ।

ସରପଞ୍ଚ - ଶ୍ରଦ୍ଧା, ତୁମେ ମୋ ସାମନାରୁ ଚାଲିଯାଅ । ତୁମେ କହୁଛ ଦୁର୍ନୀତି ସହ ମୁଁ ସାଲିସ୍ କରିବି । ତା କେବେ ହୋଇପାରିବ ନାହିଁ । ସୂର୍ଯ୍ୟ ପଶ୍ଚିମ ଦିଗରୁ ଉଦୟ ହୋଇପାରେ, ହେଲେ ମୋତେ କେହି ମୋ ଆଦର୍ଶରୁ ବିଚ୍ୟୁତ କରିପାରିବ ନାହିଁ ।

(ପ୍ରବେଶ କରିଛି କାଶୀନାଥ)

କାଶିଆ - ସରପଞ୍ଚବାବୁ, ସରପଞ୍ଚବାବୁ ।

Digitized by srujanika@gmail.com

ସରପଞ୍ଚ - କ'ଣ ହେଲା, ତୁ ପୁଣି କେଉଁ ସମ୍ବାଦ ନେଇ ଆସିଛୁ ?

କାଶିଆ - କାଲି ରାତିରେ ହରିଜନ ସାହିରେ ଚାରିଜଣ ବାବୁ ପଶିଥିଲେ ।

ସରପଞ୍ଚ - ଚାରିଜଣ ବାବୁ ? କିଏ ସେ ବାବୁମାନେ ?

ଶ୍ରଦ୍ଧାଞ୍ଜଳି - ମୁଁ ଦେଖୁଛି, ରାତିମଧ୍ୟ ଗୋଟାଏ ଷଡ଼ଯନ୍ତ୍ର ଚାଲିଛି । ଆମେ ସତ୍ୟରେ ଅଛୁ । ଆମର କେହି କିଛି କରିପାରିବେ ନାହିଁ ।

ସରପଞ୍ଚ - ଏବେ ତୁମେ ଠିକ୍ କହିଛ ଶ୍ରଦ୍ଧାଞ୍ଜଳି । ଆମେ ସତ୍ୟରେ ଅଛୁ । ଆମର କେହି କିଛି କରିପାରିବେ ନାହିଁ । ଯାଅ କାଶିନାଥ ବୁଝ, ସେ ବାବୁମାନେ କିଏ ? ରାତିରେ କାହିଁକି ଆସିଥିଲେ ?

କାଶିନାଥ - ହଁ ବାବୁ, ମୋ ମନରେ ପାପ ଛୁଉଁଛି । ହଉ ମୁଁ ଯାଇ ବୁଝେ ।

- ଅନ୍ଧାର -

ଦ୍ୱିତୀୟ ଦୃଶ୍ୟ

(ବ୍ଲକ ଅଫିସ୍ । ଚେୟାରମ୍ୟାନ୍ ଓ ବିଡ଼ିଓ ବସିଥିଲେ ।)

ଚେୟାରମ୍ୟାନ- ଅପମାନ, ଘୋର ଅପମାନ । ମନ୍ତ୍ରୀଙ୍କ ସଭାକୁ ସେ ସରପଞ୍ଚଟା ତ ଆସିଲା ନାହିଁ, ତା' ଅଞ୍ଚଳର କେଉଁ ଲୋକ ବି ଆସିଲେ ନାହିଁ । ମନ୍ତ୍ରୀଙ୍କର ନିଜ ନିର୍ବାଚନ ମଣ୍ଡଳୀରେ ତାଙ୍କୁ ଅପମାନ କିଆଗଲା । ବୁଝିଲ ବିଡ଼ିଓ ବାବୁ, ମନ୍ତ୍ରୀ ବାରମ୍ବାର ଫୋନ୍ ଉପରେ ଫୋନ୍ କରୁଛନ୍ତି, ସରପଞ୍ଚକୁ ହଟାଅ । ନଚେତ୍ ଟଙ୍କାଟିଏ ମୁଁ ବ୍ଲକ୍ ପାଇଁ ମଞ୍ଜୁରି ଦେବି ନାହିଁ । ମୁଁ ଜାଣିପାରୁନି, ଅବସ୍ଥା କ'ଣ ହେବ ?

ବିଡ଼ିଓ - ସେଥିପାଇଁ ତ ମୁଁ ବଡ଼ ଚିନ୍ତିତ । ସରପଞ୍ଚ ବିରୁଦ୍ଧରେ ମୁଁ କେତୋଟି ଦରଖାସ୍ତ ସଂଗ୍ରହ କରିଛି । ସେହି ଦରଖାସ୍ତକାରୀମାନଙ୍କୁ ଶେଷ ପର୍ଯ୍ୟନ୍ତ ଅକ୍ତିଆର ଭିତରେ ରଖିବାକୁ ହେବ । କିନ୍ତୁ କଲେକ୍ଟର ସେ ଲୋକଟାକୁ ଭଲ ପାଉଛନ୍ତି । ଆପଣ ମନ୍ତ୍ରୀଙ୍କୁ କହି, କଲେକ୍ଟରଙ୍କୁ ଆଗ ଏ ଜିଲ୍ଲାରୁ ବଦଳି କରି ଦିଅନ୍ତୁ ।

ଚେୟାର୍‌ମ୍ୟାନ- ଅସୁବିଧା ତ ସେଇଠି ରହିଛି । ହୋମ ମିନିଷ୍ଟର କଲେକ୍ଟରଙ୍କୁ ବଦଳି କରିବାକୁ ଚାହାଁନ୍ତି ନାହିଁ ।

ବିଡ଼ିଓ - ତା'ହେଲେ ହବ କ'ଣ ? ଆପଣ ଯଦି ଏତକ କରି ନ ପାରିବେ,

Digitized by srujanika@gmail.com

ମୁଁ ସରକାରୀ ଅଫିସର ହୋଇ କ'ଣ କରିପାରବି ? ଅଭିଯୋଗ ଗୁଡ଼ିକୁ ଆମକୁ ସତ୍ୟବୋଲି ପ୍ରମାଣିତ କରିବାକୁ ହେବ । ଯଦି ଆପଣ ପାରିବେ, ୱାର୍ଡ଼ମେମ୍ବରମାନଙ୍କୁ ଧରି, ତା ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣନ୍ତୁ । ସେ କାମ ପ୍ରଥମେ ହେବା ଦରକାର । ମୁଁ ଆପଣଙ୍କୁ ସମସ୍ତ ପ୍ରକାର ସହଯୋଗ ଦେବାକୁ ପ୍ରସ୍ତୁତ ଅଛି । ଲୋକଟା ବୁକ ପାଇଁ ଗୋଟାଏ ମୁଣ୍ଡବ୍ୟଥା ।

ଚେୟାର୍‌ମ୍ୟାନ- ସେଇକଥା ତ ମୁଁ ଚିନ୍ତାକରୁଛି । ଲୋକେ ତାକୁ ଦେବତା ପରି ଭକ୍ତି କରୁଛନ୍ତି । ୱାର୍ଡ଼ମେମ୍ବରମାନଙ୍କୁ ତା ବିରୁଦ୍ଧରେ ମତାଇ, ଆମପଟକୁ କିପରି ଅଣାଯିବ ସେଇକଥା ମୁଁ ଭାବୁଛି । ଟଙ୍କାପାଇଁ ମୋର ଖାତିରି ନାହିଁ । କିନ୍ତୁ କଥା ହେଉଛି - ବିଲେଇ ବେକରେ ଘଣ୍ଟି ବାନ୍ଧିବ କିଏ ?

ବିଡ଼ିଓ - ସେ ଗାଁରେ ଆପଣଙ୍କର ବିଶ୍ୱାସୀ ହୋଇ ଦଶଜଣ ବାହାରିବେ ନାହିଁ ? ଆପଣମାନେ ରାଜନୀତି କରୁଛନ୍ତି । ଆମେ ଯାହାକଲେ, ଆମକୁ ତୁରନ୍ତ ବଦଳି କରିଦିଆଯିବ । କିନ୍ତୁ ଆପଣଙ୍କର କିଛି ହେବନି । ଟିକିଏ ଭଲ କରି ଚିନ୍ତା କରନ୍ତୁ । ସେଦିନ ସେ ଲୋକ ମୋତେ କମ୍ ଅପମାନ ଦେଇନି । ବିପିଏଲ୍ କାର୍ଡ଼ରେ ଦୁର୍ନୀତି ଅଭିଯୋଗ ଆଣି ସେ ମୋତେ ଅଫିସ୍‌ରେ ପାଟିତୁଣ୍ଡ କରୁଥିଲା । ତା ସାଙ୍ଗରେ ୨ ଶହ ଲୋକ ଥିଲେ । ମୁଁ ତା ବିରୁଦ୍ଧରେ ଅଫିସ କାର୍ଯ୍ୟରେ ବାଧାସୃଷ୍ଟି କରିବା ଅଭିଯୋଗ ଆଣି ଆରେଷ୍ଟ କରିଥାନ୍ତି ।

ଚେୟାରମ୍ୟାନ- କଲେନି କାହିଁକି ? ଲୋକେ ଉତ୍ୟକ୍ତ ହୋଇ ଅଫିସରେ ଭଙ୍ଗାରୁଜା କରିଥାନ୍ତେ । ତା' ଆମପାଇଁ ଖୁବ୍ ଭଲ ହୋଇଥାନ୍ତା । ଜେଲ ଭିତରେ କେତେଦିନ ରହିଥିଲେ ପିଲାର ବୁଦ୍ଧି ଗୁଡ୍ଡୁମ୍ ହୋଇଯାଇଥାନ୍ତା ।

ବିଡ଼ିଓ - ଆପଣ ତାର ଜନପ୍ରିୟତା ସମ୍ବନ୍ଧରେ ବୋଧହୁଏ କିଛି ଜାଣନ୍ତି ନାହିଁ । ସେ ସାମାନ୍ୟ ଲୋକ ନୁହେଁ । ଆପଣ ତା' ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ପ୍ରଥମେ ଆଣନ୍ତୁ ତ ? ଦେଖିବେ, ଆପଣକିପରି

Digitized by srujanika@gmail.com

ଅସୁବିଧାରେ ପଡ଼ିବେ । ଆପଣଙ୍କର ସେ ପଞ୍ଚାୟତରେ ବିଶ୍ୱସ୍ତ ଲୋକ କିଏ ଅଛନ୍ତି, ତାର ତାଲିକା ମୋତେ ଆଗ ଦେଲେ । ସେହି ତାଲିକା ଅନୁସାରେ ମୁଁ କାମ ଆରମ୍ଭ କରିବି ।

ଚେୟାରମ୍ୟାନ- ଆପଣ ଅପେକ୍ଷା କରନ୍ତୁ । କପିଳେଶ୍ୱର ମୋର ଅତି ବିଶ୍ୱାସୀ । ସେ ଖୁବ୍ ଚେଷ୍ଟା କରୁଛି । ଏ ଯେଉଁ କେତେଜଣ ତା ବିରୁଦ୍ଧରେ ଲାଞ୍ଚ ଅଭିଯୋଗ ଆଣିଛନ୍ତି, ସବୁ କପିଳେଶ୍ୱର କରିଛି । ଟଙ୍କା, ମାନେ ମନି, ଆଉ ମନି ମାନେ ଟଙ୍କା । ହାଃ... ହାଃ... ହାଃ... । ଟଙ୍କାରେ ମୁଁ ସମସ୍ତଙ୍କୁ କିଣିନେବି ।

ବିଡ଼ିଓ - କିଣିପାରିବେ ତ ଭଲ କଥା, କିଣୁ ନାହାନ୍ତି କାହିଁକି ? ଆଜ୍ଞା ମୋତେ କହିଲେ ସରପଞ୍ଚ ବିରୁଦ୍ଧରେ ଯେଉଁ ସାତଜଣ ଲାଞ୍ଚ ଅଭିଯୋଗ ଆଣିଛନ୍ତି, ସେମାନେ ଶେଷ ପର୍ଯ୍ୟନ୍ତ ତାଙ୍କ ରିପୋର୍ଟରେ ସ୍ଥିର ହୋଇ ରହିବେ ତ ? ଯଦି ସେମାନେ ଏପଟ ସେପଟ ହେବେ, ଆପଣ ଅସୁବିଧାରେ ପଡ଼ିବେ । ଆଗ ଏଇ ସାତଜଣଙ୍କୁ ହାତ ମୁଠାରେ ରଖନ୍ତୁ । ଆସନ୍ତା ନିର୍ବାଚନରେ କ'ଣ ହେବ ଦେଖିବା ।

ଚେୟାରମ୍ୟାନ- ଦେଖିବା କ'ଣ ? ମୁଁ ତାକୁ ନିଶ୍ଚିତ ଭାବେ ଲେଡ଼ିସ୍ ସିଟ୍ କରାଇଦେବି ।

ବିଡ଼ିଓ - ଲେଡ଼ିସ୍ ସିଟ୍ କରାଇ ଦେଲେ ଫଳ କ'ଣ ହେବ ?

ଚେୟାରମ୍ୟାନ- ଖୁବ୍ ଭଲ ଫଳ ମିଳିବ । ଆପଣ ଜମା ଜାଣିନାହାନ୍ତି ।

ବିଡ଼ିଓ - କିଛି ହବନାହିଁ । ସେ ଯାହାକୁ ଠିଆ କରିବ, ବିନା ପ୍ରତିଦ୍ୱନ୍ଦିତାରେ ସେ ସେଠାରୁ ନିର୍ବାଚିତ ହେବ । ଯଦି ପ୍ରତିଦ୍ୱନ୍ଦିତା ହୁଏ, ଅପରପକ୍ଷର ଡ଼ିପୋଜିଟ୍ ଉଡ଼ିଯିବ । କିଛି ନ ହେଲେ, ତା ସ୍ତ୍ରୀ ସରପଞ୍ଚ ହେବ ।

ଚେୟାରମ୍ୟାନ- ଆପଣ ଦେଖିବେ, ରହନ୍ତୁ ମୁଁ କ'ଣ କରୁଛି । ମୁଁ ମଧ କ'ଣ ଆପଣଙ୍କୁ ସହଜରେ ଏଠାରୁ ଛାଡ଼ିଦେଉଛି । ମନ୍ତ୍ରୀ ଆପଣଙ୍କ ଉପରେ ଭାରୀ ଖୁସୀ । ଆପଣ ଆଉ ପାଞ୍ଚବର୍ଷ ଏଠାରେ ରହିବେ । (ପ୍ରବେଶ କରିଛି କପିଳେଶ୍ୱର । ଲମ୍ବ ହୋଇପଡ଼ିଯାଇଛି ।)

ଚେୟାରମ୍ୟାନ- ଉଠ, ଉଠ । ଖୁବ୍ ଭଲ ହେଲା, ତୁମେ ଆସିଗଲ । ତୁମ କଥା ମୁଁ ଚିନ୍ତା କରୁଥିଲି । କ'ଣ ସବୁ କରିଛ ?

Digitized by srujanika@gmail.com

କପିଳା - ସବୁ କରିଛି ଆଜ୍ଞା । ରଖନ୍ତୁ ଆଉ ୪ଟି ଦରଖାସ୍ତ । ୭ଟି ଦେଇଥିଲି, ଏବେ ୪ଟି ଦେଲି ।

ଚେୟାରମ୍ୟାନ- ବିଡ଼ିଓ ବାବୁ, ରଖନ୍ତୁ ଏ ଚାରୋଟି ଦରଖାସ୍ତ ।

ବିଡ଼ିଓ - (ଦେଖି) ଶୁକୁରା ନାୟକ । ଏ ଲୋକଟାତ ଗୋଟାଏ ବଦମାସ୍ । ସେଦିନ ସରପଞ୍ଚ ସାଥିରେ ମିଶି, ମୋତେ ଗାଳି ଗୁଲଜ କରୁଥିଲା । ତୁମେ ତାକୁ ଆଗ ମୋ ପାଖକୁ ଆଣ । ଏସବୁ ଫାଲତୁ ଦରଖାସ୍ତକୁ ମୁଁ ବିଶ୍ୱାସ କରିବି ନାହିଁ । ନେଇଯାଅ ଏ ଦରଖାସ୍ତ ।

କପିଳା - ବିଡ଼ିଓ ବାବୁ । ଆପଣ ରଖନ୍ତୁ । ମୁଁ ମା ରାଣ ପକାଇ କହୁଚି, ଭଗବାନଙ୍କ ରାଣ, ମୋ ବଡ଼ପୁଅ ରାଣ । ଏସବୁ ଫାଲତୁ ଦରଖାସ୍ତ ନୁହେଁ ।

ବିଡ଼ିଓ - ହେଲା ଫାଲତୁ ନୁହଁ, ତୁମ କଥାକୁ ମୁଁ ବିଶ୍ୱାସ କରୁଛି । ତେବେ ସେ ଲୋକମାନେ ନିଜେ କାହିଁକି ଦରଖାସ୍ତ ଆଣି ମୋତେ ଦେଉନାହାନ୍ତି । ମୁଁ ସେମାନଙ୍କୁ ନେଇ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ସେମାନଙ୍କର ଷ୍ଟେଟ୍‌ମେଣ୍ଟ୍ ରେକର୍ଡ଼ କରିନିଅନ୍ତି । ଯାହାଫଳରେ ସେମାନେ ଆଉ ଓଲଟପାଲଟ କଥା କହିପାରନ୍ତେ ନାହିଁ ।

ଚେୟାରମ୍ୟାନ- କପିଳେଶ୍ୱର, ବିଡ଼ିଓ ସାହେବ ଯାହା କହୁଛନ୍ତି, ଖାଣ୍ଟି କଥା କହୁଛନ୍ତି । ସେମାନଙ୍କର ଷ୍ଟେଟ୍‌ମେଣ୍ଟ୍ ରେକର୍ଡ଼ ହେବା ଦରକାର । ଚକ୍ରୁଳି ପିଠାପରି ଯଦି ସେମାନେ ଲେଉଟି ପଡ଼ିବେ, ତାହେଲେ ସର୍ବନାଶ । ଜାଣିଛ, ତୁମେ ଜେଲ୍ ଯିବ ।

କପିଳେଶ୍ୱର - ଆପଣ କିଛି ଜାଣୁନାହାନ୍ତି ଆଜ୍ଞା । କେତେ ସେଣାରେ ପାଣି ଉଠେଇବାକୁ ପଡୁଛି, ତା' ଆପଣ ମୋତେ ଜାଣିପାରୁନାହାନ୍ତି । ଏତିକି କାମ କରିବାକୁ, ମୋତେ କମ୍ କଷ୍ଟ କରିବାକୁ ପଡ଼ିନାହିଁ ସାର୍ ।

ବିଡ଼ିଓ - ଆଜ୍ଞା, ଏ ସବୁ ରଖିବାକୁ ମୁଁ ଇଚ୍ଛା କରୁନାହିଁ । ଏମିତିକି କେତେ ଦରଖାସ୍ତ ଆପଣ ଜମା କରି ଦେଇପାରିବେ । କିନ୍ତୁ ତାର ସତ୍ୟତା କେତେ ଦୂର ତାକୁ ଆପଣ ପ୍ରଥମେ ପରୀକ୍ଷା କରନ୍ତୁ ।

ଚେୟାରମ୍ୟାନ- କ'ଣ କପିଳେଶ୍ୱର, ବିଡ଼ିଓ ସାହେବ ଯାହା କହୁଛନ୍ତି, ତା' ତୁମେ ଶୁଣୁଛ ।

Digitized by srujanika@gmail.com

କପିଳା - ଶୁଣୁଛି ସାର । ମୁଁ ତ ପୁଅରାଣ, ମା ରାଣ ପକାଇ କହିଲି । ଏସବୁ ଆପଣ ବିଶ୍ୱାସ କରୁନାହାନ୍ତି । ମୁଁ ଆଉ କ'ଣ କହିବି ।

ଚେୟାରମ୍ୟାନ- ଓହୋ ତୁମ ରାଣଟା ଏଠି କାମ ଦେବନି କପିଳେଶ୍ୱର । ଏଠି ପ୍ରମାଣ ଦରକାର । ତୁମେ ସେମାନଙ୍କୁ ଏଠାକୁ ଆଣିଲେ, ତୁମର ଆପତ୍ତି କ'ଣ ଅଛି । ତୁମେ କାହିଁକି ପଛଘୁଞ୍ଚା ଦେଉଛ ?

ବିଡ଼ିଓ - ଏସବୁ ଅଟା କଥାନୁହେଁ କପିଳେଶ୍ୱର । ଖୁବ୍ ଦାୟୀତ୍ୱପୂର୍ଣ୍ଣ କାମ । ମିଥ୍ୟା ବୋଲି ପ୍ରମାଣିତ ହେଲେ, ଜେଲଯିବା ସୁନିଶ୍ଚିତ । ଏ କଥାକୁ ଥରେ ଚିନ୍ତା କରିଛ ?

କପିଳା - ମୁଁ ଯେଉଁଠି ଲୁଣ ଖାଇଛି, ସେଇଠି ଗୁଣ ନିଶ୍ଚୟ ଗାଇବି । ଆମେ ସରଳ ଲୋକ ଆଜ୍ଞା । ଛନ୍ଦ କପଟ କିଛି ଜାଣୁନା । ଆପଣ କହୁଛନ୍ତି ଲୋକଙ୍କୁ ଆଣ । ସେମାନେ କ'ଣ ଏତେ ସହଜରେ ଚିହ୍ନା ପଡ଼ିବେ ? ସରପଞ୍ଚର କମ୍ ଲୋକ ନାହାନ୍ତି । ମୁଁ ଗାଁ ଲୋକଙ୍କୁ ତା ବିରୁଦ୍ଧରେ ମତଉଛି । ସେ କାମଟା କ'ଣ ଏତେ ସହଜ । ଯାହାର ମୂଳଦୁଆ ଶକ୍ତ, ତାକୁ କ'ଣ ଏତେ ସହଜରେ ଦୋହଲାଇ ଦେଇହେବ । ୪ ଜଣ ୱାର୍ଡ଼ ମେମ୍ବରଙ୍କ ପାଖକୁ ଯାଇଥିଲି ।

ଚେୟାରମ୍ୟାନ- ଯାଇଥିଲ ? ସତ କହୁଚ ? କ'ଣ ସେମାନେ କହିଲେ ?

କପିଳା - କହିବେ ଆଉ କ'ଣ ? ସମସ୍ତେ ଗୋଟେ ପରିବର୍ତ୍ତନ ଚାହାନ୍ତି । ସେମାନେ କହିଲେ, ଗୋଟାଏ ଲୋକ କ'ଣ କୋଳି ଖାଇ ମଞ୍ଜି ପୋତିଛି ଯେ, ସବୁବେଳେ ଗାଦିରେ ବସିବ । ମୋର ଚେଷ୍ଟା ଚଳେଇଛି ଆଜ୍ଞା । ଭାଲିଆ ନଇପୋଲ କାମ ଆରମ୍ଭ ହେବା ଶୁଣି ସମସ୍ତେ ଖୁସୀ ।

ବିଡ଼ିଓ - ହଁ, ଆଖପାଖ ୨୦ ଖଣ୍ଡ ଗାଁ ପାଇଁ ଭାଲିଆ ନଇରେ ପୋଲ ତିଆରି ହେବା ଅତି ଜରୁରୀ ।

ଚେୟାରମ୍ୟାନ- ଖୁବ୍ ବଢ଼ିଆ କଥାଟିଏ କହିଛ କପିଳ । ଯଦି ଏ ସରପଞ୍ଚ ହଟିଯାଏ, ତାର ବାସିଦିନ ପୋଲକାମ ଆରମ୍ଭ ହୋଇଯିବ ।

କପିଳା - ସେଇକଥା ମୁଁ କହୁଚି ଆଜ୍ଞା । ଲୋକେ ପୋଲ ତିଆରି କଥା ଶୁଣି ଭାରି ଖୁସୀ । ମୁଁ ଭାବୁଛି, ଦିନେ ରାତିରେ କେତେଜଣଙ୍କୁ ଧରି, ଆପଣଙ୍କ ପାଖକୁ ନେଇ ଆସିବି । ଆପଣ ଭଲ କରି ବୁଝାଇ ଦିଅନ୍ତୁ ।

Digitized by srujanika@gmail.com

ଆପଣ ନେତା । ଆପଣ କହି ଜାଣନ୍ତି । ଆମେ କ'ଣ ନେତା ? ଆପଣଙ୍କର ମୂଳିଆ । ମୂଳିଆ ମୁଣ୍ଡ ଆମର ।

ଚେୟାରମ୍ୟାନ- ସେକଥା କହନି କପିଳ । ମୁଁ ଜାଣେ, ତୁମେ ମୋପାଇଁ ବହୁତ କାମ କରିଛ ।

ବିଡ଼ିଓ - ତେବେ ଏ ଦରଖାସ୍ତ ମୁଁ ରଖିବି କାହିଁକି କୁହନ୍ତୁ ?

ଚେୟାରମ୍ୟାନ- ଆପଣ ରଖିଥାନ୍ତୁ । ଦେଖିବା କ'ଣ ହଉଚି । ହଁ କପିଳ ତୁମ କାମରେ ତୁମେ ଲାଗିପଡ଼ । ମନେରଖ, ଯେ ଦରଖାସ୍ତ ଦେବ, ସେ ନିଜେ ଆସି ଦବା ଦରକାର । ନଚେତ୍ ଏଭଳି ଦରଖାସ୍ତର କିଛି ମୂଲ୍ୟ ରହିବ ନାହିଁ ।

କପିଳ - ହଉ ଆଜ୍ଞା, ମୁଁ ଚେଷ୍ଟା କରିବି ।

ଚେୟାରମ୍ୟାନ- ହଁ, ରାତିରେ ତୁମେ ମୋ ଘରକୁ ଆସିବ ।

କପିଳ - ଆଜି ନୁହେଁ ଆଜ୍ଞା, କାଲି ଆସିବି ।

ଚେୟାରମ୍ୟାନ- ହଉ ଆସ । କିନ୍ତୁ ମନେରଖ । ଏ ଦରଖାସ୍ତର କିଛି ମୂଲ୍ୟ ନାହିଁ । (କପିଳ ଦଣ୍ଡବତ କରି ଚାଲିଯାଇଛି)

ବିଡ଼ିଓ - ଆଜ୍ଞା, ହୁସିଆରରେ କାମ କରନ୍ତୁ । ଏ ସବୁ ଲୋକଙ୍କ ଉପରେ ସତର୍କ ଦୃଷ୍ଟି ରଖନ୍ତୁ । ନହେଲେ ପଛରେ ପସ୍ତେଇବେ ।
(ପ୍ରବେଶ କଲେ ସରପଞ୍ଚ)

ସରପଞ୍ଚ - ବିଡ଼ିଓ ଅଫିସରେ ଅଛନ୍ତି ?

ବିଡ଼ିଓ - କିଏ ?

ସରପଞ୍ଚ - ମୁଁ ସରପଞ୍ଚ ପ୍ରଭାକର ଦାଶ ।
(ଅଫିସରେ ପ୍ରବେଶ କଲେ ।)

ସରପଞ୍ଚ - ଚେୟାରମ୍ୟାନ ସାହେବ । ଆପଣ ବି ଅଛନ୍ତି । ହଁ ଆପଣ ପାଖରେ ମୋର ବି କାମ ଥିଲା ।

ଚେୟାରମ୍ୟାନ୍ - କାମ ଥିଲେ, ଅଫିସକୁ ଆସ ।

ବିଡ଼ିଓ - (ଘଣ୍ଟାଦେଖି) ବର୍ତ୍ତମାନ ସଂଧ୍ୟା ୬ଟା । ଏଇଟା ଅଫିସ ସମୟ ନୁହେଁ ।

ସରପଞ୍ଚ - ଜଣେ ସରପଞ୍ଚ ପାଇଁ ଅଫିସ ସମୟ କ'ଣ ? ଆପଣମାନେ ଜନତାର ସେବକ । ସେମାନଙ୍କ ଅର୍ଥରେ ଆପଣ ପରିପାଳିତ । ଯେତେବେଳେ ଦରକାର, ଆପଣ ସେମାନଙ୍କର ସେବା କରିବେ ।

Digitized by srujanika@gmail.com

ବିଡ଼ିଓ - ହିତୋପଦେଶ ଶୁଣାଇବାକୁ ଆସିଲ ?

ସରପଞ୍ଚ - ଆପଣମାନେ ଜ୍ଞାନୀଲୋକ । ମୁଁ କି ହିତୋପଦେଶ ଶୁଣାଇବି । ମୁଁ ପଚାରିବାକୁ ଆସିଛି, ମୋ ବିରୁଦ୍ଧରେ ଯେଉଁ ଦୁର୍ନୀତି ଅଭିଯୋଗ ଆସିଛି, ତା କ'ଣ ସତ୍ୟ ?

ବିଡ଼ିଓ - ସତ୍ୟ କି ମିଥ୍ୟା ତା କୋର୍ଟ ବିଚାର କରିବ ।

ସରପଞ୍ଚ - ମାନେ ଆପଣ କହୁଛନ୍ତି, ଅଭିଯୋଗ ଆସିବା ସତ୍ୟ ।

ଚେୟାର୍‌ମ୍ୟାନ୍- ତୁମକୁ କୁହାଗଲା, ଏଇଟା ଅଫିସ ସମୟ ନୁହେଁ । ଯାହା କଥା ହବାକୁ ଅଛି, ଅଫିସ ସମୟ ମଧ୍ୟରେ କଥାବାର୍ତ୍ତା କର ।

ସରପଞ୍ଚ - ବିଡ଼ିଓ ସାର୍ । ଅଭିଯୋଗପତ୍ର ଆସିବା କ'ଣ ସତ୍ୟ ?

ବିଡ଼ିଓ - ଥରେ ତୁମକୁ କୁହାଗଲା, ବର୍ତ୍ତମାନ ଅଫିସ୍ ସମୟ ନୁହଁ । ଅଫିସ ସମୟରେ ଆସି ବୁଝିଯାଅ ।

ସରପଞ୍ଚ - ଆପଣ ବର୍ତ୍ତମାନ କହିବାକୁ ବାଧ ।

ବିଡ଼ିଓ - କ'ଣ ତୁମର ଚାକର ବୋଲି ଭାବୁଛ ?

ସରପଞ୍ଚ - ଆପଣ ଜନସାଧାରଣଙ୍କ ଚାକର, ସେ କଥା ଭୁଲିଯାଉଛନ୍ତି କାହିଁକି ? ମୁଁ ଜନତାର ପ୍ରତିନିଧି ।

ଚେୟାର୍‌ମ୍ୟାନ୍- ପ୍ରତିନିଧି, ମାନେ ଗୋଟାଏ ବିରାଟ ଲୋକ । ଭି.ଭି.ଆଇ.ପି. । ହେଇହେଇ ଜଣେ ସରପଞ୍ଚ ।

ବିଡ଼ିଓ - ଆପଣ କାହିଁକି ଏ ଲୋକଟା ସହିତ ଯୁକ୍ତି କରୁଛନ୍ତି କହିଲେ । ଆସନ୍ତୁ, ଆମେ ଚାଲିଯିବା । ମୁଁ ପିଅନକୁ ଡ଼ାକୁଛି । ବନମାଳି, ଏ ଲୋକଟାକୁ ବାହାର କରି ଅଫିସରେ ତାଲା ପକା । ହୁଁ ବର୍ତ୍ତମାନ ମୁଁ କହିବାକୁ ବାଧ । ଗଭର୍ଣ୍ଣରଙ୍କ ଅର୍ଡ଼ର, ଯେପରି ମୁଁ ମାନିବାକୁ ବାଧ । (ଦୁହେଁ ଉଠି ଠିଆ ହେଲେ ।)

ଚେୟାର୍‌ମ୍ୟାନ୍- ବେଶ୍ ଭଲରେ ଭଲରେ ବାହାରିଯାଅ । ତୁମେ ଆମକୁ ଯେପରି ଅପମାନ କରିଛ, ତାଠାରୁ ଯଥେଷ୍ଟ ଅପମାନ ତୁମକୁ ସହିବାକୁ ପଡ଼ିବ ।

ବିଡ଼ିଓ - ଠିଆ ହୋଇ ରହିଲ କାହିଁକି ? ଗେଟ୍ ଆଉଟ୍, ଗେଟ୍ ଆଉଟ୍ ଫ୍ରମ୍ ମାଇ ଅଫିସ୍ । ସଂଧ୍ୟା ୬ଟାରେ ମୁହଁ ଦେଖାଉଛି । ଆସନ୍ତୁ ସାର୍ । ବନମାଳୀ ଯାକଥା ବୁଝିବ ।

Digitized by srujanika@gmail.com

(ଦୁହେଁ ଉଠି ଚାଲିଗଲେ ।)

ସରପଞ୍ଚ - ଏ ଅପମାନର ଯଥେଷ୍ଟ ଫଳ ତୁମକୁ ଭୋଗ କରିବାକୁ ପଡ଼ିବ । ତୁମେ କଣ ଭାବିଛ ତୁମକୁ କ'ଣ ମୁଁ ସହଜରେ ଛାଡ଼ିଦେବି । କେବେ ନୁହେଁ । କୁଆଡ଼େ ଚାଲିଯିବ । ଯେଉଁ ଗାତ ତୁମେମାନେ ମୋପାଇଁ ଖୋଳିଛ, ସେଇଗାତରେ ତମେ ସବୁ ପୋତା ହେବ । ତୁମର କବର ତୁମେ ନିଜେ ଖୋଳୁଛ । ମୁଁ ତୁମକୁ କେବେ ସହଜରେ ଛାଡ଼ିବିନି ।

(ଠିଆ ହୋଇଥିଲେ । ଆଖିରୁ ଲୁହ ବୋହି ଆସୁଥିଲା ।)

- ଅନ୍ଧାର -

- ତୃତୀୟ ଦୃଶ୍ୟ -

(ରାସ୍ତା । ସଂଧ୍ୟା ଆଳତୀ । ମନ୍ଦିରରୁ ଘଣ୍ଟଧ୍ୱନି । ଶ୍ରଦ୍ଧାଞ୍ଜଳି ଭଜନ ଗାଇ ଗାଇ ଆସୁଥିଲେ । ବାଟରେ ଦେଖା ହୋଇଛି କାଶୀନାଥ ।)

କାଶୀନାଥ - ମା, ମା' ସାନ୍ତାଣି । ଆଜି ରାତି ହେଲା କାହିଁକି ? ସଂଧ୍ୟା ପୂର୍ବରୁ ତୁମେ ଦର୍ଶନ ସାରି ଚାଲିଆସ

ଶ୍ରଦ୍ଧାଞ୍ଜଳି - କାଶୀ, ତୁମ ସହିତ ଦେଖା ହୋଇ ଖୁବ୍ ଭଲ ହେଲା । ସେ ବ୍ଲକ ଅଫିସ ଯାଇଥିଲେ । ତାଙ୍କୁ ଅପେକ୍ଷା କରି ମୋର ଆସିବାରେ ଡେ଼ରି ହେଲା । ମନ ମୋର ଭଲ ନାହିଁ । ସେ କୁଆଡ଼େ ଗଲେ ଟିକିଏ ଦେଖିବ । ବିଡ଼ିଓ, ଚେୟାରମ୍ୟାନ ସମସ୍ତେ ତାଙ୍କର ବିରୋଧୀ । ମୋତେ କିଛି ଭଲ ଲାଗୁନି । ସେ ନ ଆସିବା ପର୍ଯ୍ୟନ୍ତ ଘରକୁ ଯିବାକୁ ମଧ ମନ ହେଉନାହିଁ ।

କାଶୀନାଥ - ସେମିତି କାହିଁକି ଭାବୁଛନ୍ତି ମା । ସେ ତ ସାନପିଲା ନୁହନ୍ତି । ଯାଅ, ଘରକୁ ସେ ନିଶ୍ଚୟ ଫେରିଆସିବେଣି ।

ଶ୍ରଦ୍ଧାଞ୍ଜଳୀ - ହଉ, ମୁଁ ଯାଉଛି । ତୁମେ ଘଣ୍ଟାଏ ଛାଡ଼ି ଘରକୁ ଟିକିଏ ଆସ । ମୁଁ ଆସୁଛି ।

କାଶୀନାଥ - କିନ୍ତୁ ମା, ବାବୁଙ୍କର ଶତ୍ରୁ ବଢ଼ିଗଲେଣି । ଯେଉଁମାନେ ତାଙ୍କୁ ଦେବତା ପରି ମାନୁଥିଲେ, ସେମାନେ ତାଙ୍କର ବିରୋଧ କଲେଣି । କିଏ ଏସବୁ କରୁଛି ମୁଁ ଜାଣେ । ମୁଁ ତାକୁ ସହଜରେ ଛାଡ଼ିବି ନାହିଁ । ମୁଁ

Digitized by srujanika@gmail.com

ତାର ରକ୍ତ ପିଇଯିବି । କେତେ ଟଙ୍କା କାହାକୁ ଦେଇ ତୁମେ ବିରୋଧୀଗୋଷ୍ଠୀ ସୃଷ୍ଟି କରିବ ?

ଶ୍ରଦ୍ଧାଞ୍ଜଳି - ସେଇ ଭୟତ ମୋତେ ବ୍ୟସ୍ତ କରୁଛି । ମୁଁ ଭାବୁଛି, ସେ ସରପଞ୍ଚରୁ ଇସ୍ତଫା ଦିଅନ୍ତୁ । ଖାଲି ସରପଞ୍ଚ ହେଲେ ଲୋକଙ୍କ ସେବା କରିହେବ, ନଇଲେ କରିହେବନାହିଁ । ଏ ସବୁ ଭ୍ରାନ୍ତ ଧାରଣା । ତୁମେ କାହା ପଛରେ ଗୋଡ଼ାଇବ ନାହିଁ । ନ ଗୋଡ଼ାଅ । ହେଲେ କାହାର ବିରୋଧ ଆମେ କରିବା କାହିଁକି ? ତାଙ୍କୁ ତୁମେ ମଧ୍ୟ କୁହ । ସେ ଇସ୍ତଫା ଦେଇ ଦିଅନ୍ତୁ ।

କାଶୀନାଥ - ଭଲ କଥା କହୁଛ ମା, ଇସ୍ତଫା କାହିଁକି ଦେବେ ? ତାଙ୍କର ଅପରାଧ କ'ଣ ? ସେ ଯଦି ଇସ୍ତଫାଦେବେ, ଏ ପଞ୍ଚାୟତ, ପଞ୍ଚାୟତ ହୋଇ ରହିବ ? ଖଣ୍ଡ ଖଣ୍ଡ ହୋଇଯିବ । ଲୋକଙ୍କର ଦୁର୍ଦ୍ଦଶା ଗାହାଣୀ ଗାଇଲେ ସରିବ ନାହିଁ । ମା, ତୁମେ ଘରକୁ ଯାଅ । ବାବୁ ତୁମକୁ ନଦେଖି ବ୍ୟସ୍ତ ହେଉଥିବେ ।

(ଶ୍ରଦ୍ଧାଞ୍ଜଳୀ ଚାଲିଗଲେ ।)

ଭଲ କଥା କହୁଛନ୍ତି । ଇସ୍ତଫା ଦେଇଦେବେ । ଇସ୍ତଫା ନ ଦେଉଣୁ ତ ନାଟ ଆରମ୍ଭ କରିବାକୁ ବସିଲେଣି ।

(ଚାଲି, ଚାଲି ଏକଲୟରେ ଯାଉଥିଲେ ସରପଞ୍ଚ)

କାଶୀ - ବାବୁ, ବାବୁ (ସରପଞ୍ଚଙ୍କୁ), ଏତେ ରାତିକୁ କ'ଣ ଘରକୁ ଫେରୁଛନ୍ତି ? କିଏ କ'ଣ କହିଲାକି ? ମୁହଁ ତ ଶୁଖି ଯାଇଛି । ଆପଣଙ୍କୁ ପରା ମୁଁ କହୁଥିଲି ବାବୁ, ବ୍ଲକ୍ ଅଫିସ୍‌କୁ ୫୦ ଜଣଙ୍କୁ ଧରି ଯାଆନ୍ତୁ । ସମସ୍ତେ ଯିବାକୁ ରାଜିଥିଲେ । ହଁ, ଆପଣଙ୍କୁ ଏକୁଟିଆ ଦେଖି ସେ ବିଡ଼ିଓଟା ନିଶ୍ଚୟ କିଛି କହିଥିବ ।

ସରପଞ୍ଚ - ଯଥେଷ୍ଟ କହିଲା କାଶୀନାଥ । ମୋତେ ଅଫିସ୍‌ରୁ ତଡ଼ିଦେଲା । କହିଲା ଗେଟ୍ ଆଉଟ୍ । ଯେଉଁମାନେ ମୋତେ ପୂଜା କରୁଥିଲେ, ସେମାନଙ୍କର ଆଜି ପରିବର୍ତ୍ତନ । ସବୁ ସେ ଡେୟାରମ୍ୟାନ୍‌ର ନାଟ । ମୋ ବିରୁଦ୍ଧରେ ସେ ସମସ୍ତଙ୍କୁ ଉତ୍ତେଜିତ କରାଉଛି । ମୁଁ ତାକୁ ଛାଡ଼ିବି ନାହିଁ ।

କାଶୀ - ଆପଣଙ୍କୁ ଇସ୍ତଫା ଦେବାକୁ ସେ କହିଲା କି ବାବୁ ।

Digitized by srujanika@gmail.com

ସରପଞ୍ଚ - ସେ କିଏ ମୋତେ ଇସ୍ତଫା ଦେବାକୁ କହିବ ? ସେ କାହିଁକି ଇସ୍ତଫା ନ ଦେବ ?

କାଶୀ - ମୁଁ ଯାହା ଦେଖୁଛି ଶତ୍ରୁ ବ୍ୟାପକ ହେବାକୁ ବସିଲେଣି । ସକାଳେ ସେ ବିଡ଼ିଓର ମଜା ବାହାର କରିଦେବି । କାଲି ବ୍ଲକ ଅଫିସ ଘେରାଉ ହେବ । ସେ ଆପଣଙ୍କ ଘରକୁ ଆସି କ୍ଷମା ନ ମାଗିବା ପର୍ଯ୍ୟନ୍ତ, ଆମେ ତାକୁ ଛାଡ଼ିବୁ ନାହିଁ । ସେ ଆପଣଙ୍କୁ କମ୍ ଅପମାନ ଦେଇନି । ଲୋକେ ଯାହାକୁ ଦେବତା ପରି ପୂଜା କରୁଛନ୍ତି ଛାର ଅଫିସରଟେ ହୋଇ ସେ ଅଫିସରୁ ବାହାର କରିଦେବ ? ଆପଣ ଘରକୁ ଯା'ନ୍ତୁ ବାବୁ । ମା' ଘରେ ବ୍ୟସ୍ତ ହେଉଥିବେ । ତା କଥା ମୁଁ ବୁଝୁଛି ।

ସରପଞ୍ଚ - ନା କାଶୀନାଥ । ବର୍ତ୍ତମାନ ନୁହେଁ । ଯେଉଁମାନେ ମୋ ପଞ୍ଚାୟତରୁ ମୋ ବିରୁଦ୍ଧରେ ଲେଖିଛନ୍ତି ପ୍ରଥମେ ସେ ବିଷୟ ତଦାରଖ କର । ମୁଁ ତ କାହାରି ଠାରୁ ପଇସାଟିଏ ନେଇନାହିଁ । ଦୁର୍ନୀତିର ମୁଁ ଘୋର ବିରୋଧୀ । ମୋ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ । ଆଜି ଏ ପଞ୍ଚାୟତ ରାଜ୍ୟର ଶ୍ରେଷ୍ଠ ପଞ୍ଚାୟତ । ପଡ଼ିଶା ରାଜ୍ୟର ଅଫିସରମାନେ ଏ ପଞ୍ଚାୟତ ଦେଖିବାକୁ ଆସୁଛନ୍ତି ।

କାଶୀ - ହେଲେ ଆପଣଙ୍କର ଟିକିଏ ଭୁଲ୍ ରହିଗଲା ବାବୁ ।

ସରପଞ୍ଚ - ମୋର କି ଭୁଲ ରହିଗଲା କାଶୀନାଥ ?

କାଶୀ - ମନ୍ତ୍ରୀ ବ୍ଲକକୁ ଆସିଲେ । ତାଙ୍କୁ ଫୁଲମାଳଟିଏ ପକାଇ ଦେଇଥିଲେ, କ'ଣ ଅସୁବିଧା ହେଉଥିଲା ?

ସରପଞ୍ଚ - ତୁମେ ବୁଝିପାରିବ ନାହିଁ କାଶୀନାଥ । ତା' ମୋ ଆଦର୍ଶର ପରିପନ୍ଥୀ । କ୍ଷମତା ପଛରେ ମୁଁ କେବେ ଗୋଡ଼ାଇ ନାହିଁ । କାହାର ତୋଷାମଦକାରୀ ହୋଇ ରହିନାହିଁ । ମୋତେ ରହିଛି, ସତ୍ୟ, ନ୍ୟାୟରେ ଚାଲିବାଟା କ'ଣ ଅପରାଧ ?

କାଶୀ - ଦେଖୁଛନ୍ତିତ, ଆଉ ପଚାରୁଛନ୍ତି କ'ଣ ? ଆପଣ ଶୀଘ୍ର, ଘରକୁ ଗଲେ, ମା ବ୍ୟସ୍ତ ହେଉଥିବେ । ମୁଁ ସକାଳେ ଘରକୁ ଆସିବି । (ସରପଞ୍ଚ ଚାଲିଗଲେ ।)

କାଶୀନାଥ - ମୁଁ ଜାଣେ, ଏ ସବୁ ନାଟ ହାଟ କିଏ କରୁଛି । ସବୁ ସେଇ କପିଳାର ନାଟ ।

Digitized by srujanika@gmail.com

(ଗଳା ଖଙ୍କା ମାରି କପିଳା ପ୍ରବେଶ କରିଛି । ଚେହେରା ତାର ବଦଳି ଯାଇଛି ।)

କପିଳା - କାଶିଆଇ । ସରପଞ୍ଚ କ'ଣ କହୁଥିଲା କିରେ ?

କାଶୀନାଥ - ଯା, ଯା, ତୁ ମୋ ସାଙ୍ଗରେ କଥାବାର୍ତ୍ତା କରନି । ଅଧର୍ମ ବେଶୀଦିନ ତିଷ୍ଠେନିରେ । ଆଜି କପିଳେଶ୍ୱର ବାବୁ ହୋଇଯାଇଛୁ । ହେଲେ ପୁଣି ସେଇ କପିଳା ହୋଇଯିବୁ । ହଇରେ, ମୁଁ ଶୁଣିଲି ତୁ ପୁଣି ବାହା ହେଉଛୁ । ବଢ଼ିଲା ପୁଅଝିଅଥାଇ ତୁ ପୁଣି ମାଇପ ଆଣିବୁ ।

କପିଳା - ମୋ ଦୁଃଖକଥା କାହିଁକି କହୁଛୁ କାଶିଆଇ । ଝିଅଟିଏ କାଲି ବାହା ହୋଇ ତା ଘରକୁ ଚାଲିଯିବ । ଝିଅ ଘିଅ, କେତେଦିନ ରଖିବି କହିଲୁ । ଭଲ ପାତ୍ରଟିଏ ଠିକ୍ କରିଛି । ଏଇ ଫଗୁଣ ମାସରେ ତାକୁ ହାତକୁ ଦିହାତ କରିଦେବି । ତାପରେ ମୁଠାଏ ଫୁଟାଇ ଦେବାକୁ କିଏ ଅଛି କହିଲୁ ? ମୁଁ ଚାରିଆଡ଼େ ବୁଲିବା ଲୋକ । ଟୋକାଟା ସୁରତ ଯିବାକୁ ବସିଛି ।

କାଶୀନାଥ - ବିଲ ବାଡ଼ି କାମ କିଏ ବୁଝିବ ? ଏ ଗାଁରୁ ଜଣେ କିଏ ହେଲେ ବାହାରକୁ କାମ କରିଯିବା ତୁ ଦେଖିଲୁଣି ? କାମ ଏଠାରେ ଯଥେଷ୍ଟ । ସେ ଭୁଲ କରନି । ସରପଞ୍ଚ ଶୁଣିଲେ ମନଦୁଃଖ କରିବେ ।

କପିଳା - ଛାଡ଼େରେ । ସରପଞ୍ଚ କ'ଣ କରି ପକେଇବ । ତାର ମନଦୁଃଖରୁ କ'ଣ ଆମ ପେଟ ପୁରିଯିବ । ଭେଣ୍ଡିଆବେଳ, ବାହାରକୁ ଗଲେ ଦିପଇସା କମେଇବ ନା, ଏଠାରେ ତାକୁ ପଙ୍ଗୁ କରି ବସେଇଦେବି ।

କାଶୀନାଥ - ସୁରତ ଯେ ଯାଉଛି, ଏଡ୍‌ସ୍ ରୋଗ ନେଇ ଆସୁଛି । ହେ କପିଳା, ପିଲାଟାର ଜୀବନ ନଷ୍ଟ କରିଦେ' ନା । ଯାହା କରୁଛୁ କର, ତୋର ଇଚ୍ଛା । ଓହୋ ବୁଝିଲି ଏମାନଙ୍କୁ ସବୁ ବିଦାୟ କଲା ପରେ ତୁ ବାହା ହେବୁ । ହଇରେ ତୁ ତ ଜଏଲ ଯିବୁ । ବାହା କ'ଣ ହବୁ ?

କପିଳା - ମୁଁ କାହିଁକି ଜଏଲ ଯିବିରେ । ମୋର ଅପରାଧ କ'ଣ ?

କାଶୀନାଥ - ତୋ ଅପରାଧ କ'ଣ ତୁ ଜାଣୁ । ମୁଁ କାହିଁକି କହିବି । ଜାଣିଥା ଅଧର୍ମ ବିତ୍ତ ବଢ଼େ ବହୁତ, ଗଲାବେଳେ ଯାଏ ମୂଳ ସହିତ । ଛାଡ଼େ, ତୋ ସହିତ ବକ୍ ବକ୍ ହୋଇ ଲାଭ କ'ଣ ଅଛି । ମନେ ରଖିଥା, ତୋ ବେଳକାଳ ପୁରି ଆସିଲାଣି । (ଚାଲିଗଲା)

Digitized by srujanika@gmail.com

କପିଳା - ହଁ, କହିଲା କ'ଣ ନା, କାଳ ଆସି ପୁରିଲାଣି ।
(ଡ଼ାକିଛି ଦୂରରୁ ଭେଙ୍କଟ ରାଓ)

ଭେଙ୍କଟି - କପିଳ ଗାରୁ, କପିଳଗାରୁ । (ପ୍ରବେଶି) ଧେତ୍ ତେରି, ଏତା କିସହେ ? ଆବା ଆବା, କି ମାନିସି ହୋ ତୁମେ । ଘରେ ସବୁବେଳେ ଆବ୍‌ସେଣ୍ଟ୍ ।

କପିଳା - ଏମିତି କାହିଁକି ପାଟି କରୁଛ ?

ଭେଙ୍କଟି - ପାଟି କରିବୁନି କିହେ, ବଲ କତା କଉଚ । କାଢ଼, ଆମ ଡ଼ାବୁ କାଢ଼ । ଆଇଦୁ ଓ୍ୱେଲୁ ।

କପିଳା - ଦଶହଜାର ଟଙ୍କା ତୁମକୁ ଦେଲି ପରା ।

ଭେଙ୍କଟି - କିସ୍ ପେରା ପେରା ହଉଚ । ଆଉ ପାଞ୍ଚ ହଜାର । ୧୫ ହଜାର ଦବ ବୋଲି କଇଲାରୁ ଆମେ ସନ୍ତକ କଲା । ଏବେ ଦଶହଜାର ଦେଇ ତୁନି ରଇଲେ ଆମେ ଶୁନିବୁ କିଏ ? ଆମ ପାଞ୍ଚ ହଜାର ଆମକୁ ଦେଇ ଦିଅ । ଯାହା ତୁମେ କଇବ ଆମେ ତା କରିବ ।

କପିଳା - କାଲି ବିଡ଼ିଓ ପାଖକୁ ଯିବା । ତୁମେ ସରପଞ୍ଚଙ୍କୁ ଟଙ୍କା ଦେଇଛ ବୋଲି କହିବ ।

ଭେଙ୍କଟି - କଇବା, କଇବା । ଏଲେ ଟଙ୍କାଟା ? ଆଗେ ଡ଼ାବୁ, ପଚେ କତା । ଆମ ପାଞ୍ଚ ହଜାର ଆମକୁ ଦିଅ ।

କପିଳା - ମାହାଳିଆରେ ଦଶହଜାର ନେଇ । ଆଉ ପାଞ୍ଚହଜାର କ'ଣ ହେ ?

ଭେଙ୍କଟି - ମାହାଳିଆରେ ଟଙ୍କା ଦେଲ । ଆନ୍ଧ୍ରା ଏଇଥିଲେ, ଏଇ କାମ ପାଇଁ ଲକ୍ଷେ ଟଙ୍କା । ଡ଼ାବୁ ପାଇଁ ଆମେ ପାପ କରୁଚୁ । ସରପଞ୍ଚ ମାଞ୍ଚି ମାନିଷି । ତା ବିରୁଦ୍ଧରେ ମିଚ କହୁଚୁ । ଦଶ ହଜାର କ'ଣ ହେ ? ଚାଢ଼, ଚାଢ଼ ଟଙ୍କା ଆମକୁ ଲୋଡ଼ା ନାଇଁ ହେ । ତୁମ ଟଙ୍କା ତୁମେ ନେଇଯାଅ । ଛି, ଏ ସବୁ କାମ ଆମର ଦରକାର ନାଇଁ । ବିଡ଼ିଓ ଅଫିସ୍ ଆମେ ଯିବୁନି ହେ । ଆମେ ଚାଲିଲା । (ଚାଲି ଯାଉଥିଲେ)

କପିଳା - ଭେଙ୍କେଟେଶ୍ୱର ବାବୁ । ରାଗିଯାଉଛ କ'ଣ ହେ ? ମୁଁ ସକାଳେ ଘରକୁ ଯାଇ ତୁମ ଟଙ୍କା ଦେଇ ଆସିବି ।

ଭେଙ୍କଟି - ଆସିବ ଯେ, ଆମ ଭାରିଆ, ଏ କାମ ପାଇଁ ଅପୁନାଇଁ ହେ । ତାଙ୍କେ କିସ କଇବାର, ସରପଞ୍ଚ ମାଞ୍ଚି ମନିଷି, ଦେବୁଡୁ । ତା ବିରୁଦ୍ଧରେ

Digitized by srujanika@gmail.com

ଆମକୁ ଯିବାକୁ ମନା କରୁଚି ହେ । ଆମ ଭାରିଆକୁ ଟିକେ ବୁଝାଇଦିଅ ହେ । ତା ସାଙ୍ଗେ ଝଗଡ଼ା କଲେ, ଭୋଜନ ମିଳିବନି ହେ । କପିଳାଗାରୁ, ମୁହଁ ମା ଇଣ୍ଟିଜି ଏଲେଣ୍ଡି । କମଳା ଆମ୍ଭାକି ଆଇହୁ ଓ୍ଵେଲୁ ମିରୁ ଇଚିଏଣ୍ଡି । ୫ ହଜାରଟା ତାକୁ ଯାଇ ଦେଇଦିଅ ହେ । ପରେ ଦେଖିବା କିସ ହଉଚି । ଏଲଡାନୁ । ମଡ଼ାଲେ ଭଣ୍ଟିକି ଓଚି, ୫ ହଜାର ତାକୁ ଦେଇଦେବ । ନମସ୍କାର ମାଟା । (ଚାଲିଗଲା)

କପିଳା - ବଡ଼ ଜଟିଳ ସମସ୍ୟା ହେଲା । ଯାକୁ ବୁଝାଇବି, ପୁଣି କହିଲାଣି ମାଇପକୁ ବୁଝାଅ । ବଡ଼ ଜଟିଳ ସମସ୍ୟାରେ ପଡ଼ିଲି । ସମସ୍ତେ ଯଦି ଏମିତି ଜିଦ୍ ଧରିବେ, ମୁଁ ପାଇବି ଆଉ କ'ଣ ? ଚେୟାରମ୍ୟାନ ଲକ୍ଷେ ଟଙ୍କା ଦେଉଛି । ଆଉ ୩/୪ ଲକ୍ଷ ଟଙ୍କା ତାଠାରୁ କାଢ଼ିବାକୁ ହବ । ନହେଲେ କିଛି କାମ ହବନି । ଏମାନେ ସବୁ ଆରାମ କରୁଥିବେ, ମୁଁ ଏମାନଙ୍କ ପାଇଁ ମରୁଥିବି ।

(ଏଇ ସମୟରେ ସେଇବାଟ ଦେଇ କମଳା ଯାଉଥିଲା, ଅନାଥାଶ୍ରମରେ ତତ୍ତ୍ୱାବଧାରିଣୀ)

କପିଳା - କମଳା, କମଳା, ଏତେ ରାତିରେ କୁଆଡ଼େ ଯାଉଚୁ ?

କମଳା - କୁଆଡ଼େ ଯାଉଚି, ତୁ କ'ଣ ଜାଣିନୁ । ଅନାଥାଶ୍ରମ ।

କପିଳା - ଆଉ ତତେ ଚାକିରୀ କରିବାକୁ ପଡ଼ିବନି, ତୁ ଏବେ ରାଣୀ ହବୁ ।

କମଳା - ଯେ ତ ରାଣୀ କରିଥିଲା, ସେ ତ ଛାଡ଼ି ଚାଲିଗଲା ।

କପିଳା - ସେକଥା ଭାବି ଲାଭ କ'ଣ ? ଦେଖିଲୁ ତ ଅହିଅରେ, ଅହ୍ୟ ଢ଼େଙ୍ଗୁରା ବଜାଇ ମୋତେ ଛାଡ଼ି ସେ କେମିତି ଚାଲିଗଲା ? ତୁ ଏକେଲା, ମୁଁ ଏକେଲା । ଆଉ ଚିନ୍ତା ନାହିଁ । ଏ ଚାକିରୀ ଗୋଟେ ଚାକିରୀ ? ଚାହିଁବୁ ତ ତୋତେ ସରକାରୀ ଚାକିରୀରେ ରଖାଇ ଦେବି । ତୋ ନାଆଁରେ ଲକ୍ଷେ ଟଙ୍କା ମୁଁ ବ୍ୟାଙ୍କରେ ଡ଼ିପୋଜିଟ୍ କରିବି । କହିବୁ ଯଦି କାଲି ରଖିଦେବି ।

କମଳା - ତୁ ଏବେ କି କାମ କରୁଛୁ କିରେ କପିଳା ? ଭଲ ପଇସା ପାଉଥିବୁ ।

କପିଳା - ସେଥିପାଇଁ କହୁଚି ତ, ତୁ ମୋ ପାଖରେ ରାଣୀ ହେଇ ରହିବୁ । କ'ଣ ପରତେ ଯାଉନି ?

କମଳା - ଶୁଣିଲି, ତୁ ଦଲାଲିଆ କାମ କରୁଚୁ । ସେଇଟା କ'ଣଗୋଟେ କାମ ?

Digitized by srujanika@gmail.com

କପିଳା - ନାଇଁ ତୋର କାମ, କାମ । ଖାଲି ଦିନ ରାତି ଖଟୁଥା । ମୁଠେ ଖାଉଛୁ । ଦରମା ୫୦ ଟଙ୍କା । କ'ଣ ନା ସେବା କରୁଛି, ଦେଶସେବା ।

କମଳା - ହଇରେ କପିଳା ।

କପିଳା - ପୁଣି ନା ଧରି ଡ଼ାକିଲୁ । ସ୍ୱାମୀର ନାଁ କ'ଣ କିଏ ତୁଣ୍ଡରେ ଧରେ ?

କମଳା - ତୁ କାହିଁକି ମୋର ସ୍ୱାମୀ ହବୁମ ? ତୋର ପିଲାଙ୍କ ସେବା କରିବା ପାଇଁ ତୋ ଘରେ ଚାକରାଣୀ ହୋଇ ରହିବି ।

କପିଳା - ଆଲୋ, ପିଲାମାନେ କ'ଣ ଥିବେ ? ଝିଅ ଶାଶୁଘର ଯିବ ମାସକ ପରେ । ପୁଅ ଚାକରୀ ପାଇଁ ବିଦେଶ । ତୋ କଥା ଭାବି ଭାବି ଭୋକ ହଉନି । ଶୋଷ ହଉନି, ନିଦ ବି ଲାଗୁନି । ତୁ ପରା ମୋର ପାଚିଲା କଖାରୁ । ତା ମଉଜ କଥା ଆଉ କାହିଁକି ପଚାରୁ । (ପାଖକୁ ଲାଗି ଆସିଲା)

କମଳା - ଯା, ଦୂରରେ ରହ । ଯାର ପ୍ରେମ ମଝି ବାଟଟାରେ ଉଛୁଳି ପଡୁଛି ।

କପିଳା - ଦେଖ କମଳା, ଏ ସୁଯୋଗ ହାତଛଡ଼ା କରନି । ଭାଗ୍ୟ ବାରବାର ଉଦୟ ହୁଏନି । ମୋ କଥା ମାନିଯା, ହୋଇଯା ମୋର ଭାରିଯା ।

କମଳା - ବୁଝିଲି, ସେଇଥିପାଇଁ ଅନାଥାଶ୍ରମ ଚାରିପଟେ ଚକ୍କର କାଟୁଛୁ ।

କପିଳା - ଜାଣିଲୁ ତ ? ତୋତେ ନ ଦେଖିଲେ ମନ ମୋର ମୋଟେ ଭଲ ଲାଗୁନି ଲୋ । ସେଇଥିପାଇଁ ସବୁବେଳେ ଅନାଥାଶ୍ରମ ଦୌଡୁଛି । ଆଲୋ, କଥାଟିଏ କହିବି । ସେଇ ଅନାଥାଶ୍ରମରେ ଯେଉଁ ଟୋକି ଅଛନ୍ତି, ବଡ଼ ବଢ଼ିଆ ଲୋ ।

କମଳା - ଫେରେ ପାପ କଥା ତୁଣ୍ଡରେ ଧରୁଚୁ । ତୁ ପରା ମୋ ପଛରେ ଗୋଡ଼ଉଛୁ । ସେମାନଙ୍କ କଥା ଭାବୁଛୁ କ'ଣ ?

କପିଳା - ଭୁଲ ହୋଇଗଲା । ମୋତେ କ୍ଷମା କରିଦେ । ଆଉ ରାଗେନି । (କମଳା ଚାଲି ଯାଉଥିଲା)
କମଳା, କମଳା...

- ଅନ୍ଧାର -

Digitized by srujanika@gmail.com

- ଚତୁର୍ଥ ଦୃଶ୍ୟ -

(ସରପଞ୍ଚଙ୍କ ଘର । ସରପଞ୍ଚ ଚିନ୍ତାମଗ୍ନ ହୋଇ ବସିଥିଲେ । ବାହାରୁ ଭଜନଟିଏ ଶୁଣାଯାଉଥିଲା ।)

- ଭଜନ -

ମଣିମା ଶୁଣିମା ହେଉ ଗରିବ ଡ଼ାକ
ନିରକ୍ଷ ଜନକୁ ରଖ ପଙ୍କଜ ମୁଖ ।୦।
ଦୟାସାଗର କାହିଁକି, ମୋ ବେଳକୁ ଗଲ ଶୁଖି
ଜାଣିଲି ମୋ କର୍ମବାମ ତୁହେଁ ସଳଖ ।୧।

ସରପଞ୍ଚ - ମୁଁ ହାରିଗଲି ବାପୁଜୀ । ମୁଁ ହାରିଗଲି । ଆପଣଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିଚାଲି ମୁଁ ଆଜି କ୍ଳାନ୍ତ, ଅବସନ୍ନ । ଜୀବନ ଯୁଦ୍ଧରେ ମୁଁ ଆଜି ଜଣେ ପରାଜିତ ସୈନିକ । ମୁଁ ହାରିଗଲି ବାପୁଜୀ ମୁଁ ସମ୍ପୂର୍ଣ୍ଣରୂପେ ହାରିଗଲି ।

ଶ୍ରଦ୍ଧାଞ୍ଜଳି - (ପ୍ରବେଶି) ଏତେ ଭାବୁଛ କାହିଁକି କହିଲ ? ରକ୍ତଚାପ ତ ବଢ଼ି ଯାଇଛି । କ'ଣ ତୁମର ହୋଇଗଲାଯେ ଏତେ ଭାବୁଛ । ତୁମେ ଆରୋଗ୍ୟ ଥିଲେ ସିନା ଲୋକଙ୍କ କଥା ବୁଝିବ ?

ସରପଞ୍ଚ - ଆଉ କ'ଣ ବୁଝିବି ? ପଞ୍ଚାୟତରେ ଗୋଟିଏ କାମ ହେଲାନି । କଲେକ୍ଟରଙ୍କୁ ଲେଖିଲି । ମନ୍ତ୍ରୀ, ରାଜ୍ୟପାଳ ସମସ୍ତଙ୍କୁ ଲେଖି ଲେଖି କଲମରୁ କାଳି ସରିଗଲା । ମୁଁ ଜାଣିପାରୁନି ସେ କାଗଜ ସବୁ କୁଆଡ଼େ ଯାଉଛି ?

ଶ୍ରଦ୍ଧାଞ୍ଜଳି - ମୁଁ କହୁଛି ଇସ୍ତଫା ଦେଇ ଜନସାଧାରଣଙ୍କର ସେବା କର ।

ସରପଞ୍ଚ - ମୋର ଅପରାଧ କ'ଣ ? ମୁଁ କାହିଁକି ଇସ୍ତଫା ଦେବି ? ମୋତେ ଦୋଷୀ ସାବ୍ୟସ୍ତ କରନ୍ତୁ । ଖାଲି ଇସ୍ତଫା କାହିଁକି, ଯେ କୌଣସି ଦଣ୍ଡ ଦେଲେ, ତା' ମୁଁ ଭୋଗିବାକୁ ପ୍ରସ୍ତୁତ ।

ଶ୍ରଦ୍ଧାଞ୍ଜଳି - କାଶୀନାଥ କହୁଥିଲେ, ସେ ଲୋକମାନଙ୍କୁ ନେଇ ବ୍ଲକ ଘେରଉ କରିବେ । ତା ଖୁବ୍ ଭଲ ହେବ । ତୁମେ ମନା କରୁଚ କାହିଁକି ? ସେଥିରେ ତୁମର ଅସୁବିଧା କ'ଣ ? ଯେଉଁମାନେ ତୁମକୁ ବିରୋଧ କରୁଛନ୍ତି, ସେମାନେ ସବୁ ଧରାପଡ଼ିଯିବେ ।

Digitized by srujanika@gmail.com

ସରପଞ୍ଚ - ମୁଁ ବୁଝିପାରୁନି ଶ୍ରଦ୍ଧାଞ୍ଜଳି ଚେୟାରମ୍ୟାନଙ୍କଠାରୁ ଅଫିସର୍ ପର୍ଯ୍ୟନ୍ତ ସମସ୍ତେ ମୋ ନାଁ ଶୁଣିଲେ ଡ଼େଉଁଛନ୍ତି କାହିଁକି ? ମୁଁ ତ କାହାର କିଛି ଅନିଷ୍ଟ କରିନାହିଁ । କାହାଠାରୁ ପଇସାଟିଏ ନେଇନାହିଁ । ସତ୍ୟ, ନ୍ୟାୟରେ ଚଳୁଛି । ଯାହା ମୋତେ ମୋ ପିତୃଦେବ ଉପଦେଶ ଦେଇ ଯାଇଛନ୍ତି ।

ଶ୍ରଦ୍ଧାଞ୍ଜଳି - ଧର୍ମ ବୋଲି ତ ଗୋଟାଏ ଅଛି । ତୁମେ ଏତେ ବ୍ୟସ୍ତ ହେଉଛ କାହିଁକି ? ଧର୍ମ ନଥିଲେ ସୂର୍ଯ୍ୟ, ଚନ୍ଦ୍ର ଆତଯାତ ହେଉଥାନ୍ତେ କିପରି ? ମୁଁ ଦେଖି ପାରୁଛି, ଅତିଶୀଘ୍ର ଏହାର ଗୋଟାଏ କିଛି ସମାଧାନ ହୋଇଯିବ । ସତ୍ୟର ତ ସବୁବେଳେ ନିଶ୍ଚୟ ଜୟ ହେବ । ହଁ ଖବର ଆସିଛି, ବୋଉ ଦେହ ଭାରି ଖରାପ ।

ସରପଞ୍ଚ - ତାହେଲେ ତୁମେ କ'ଣ ବୋଉଙ୍କୁ ଦେଖିବାକୁ ଯିବ ? ଯାଅ, ତାଙ୍କ ଦେହ ଟିକିଏ ଭଲ ହେଲେ ଶୀଘ୍ର ଫେରି ଆସ ।

ଶ୍ରଦ୍ଧାଞ୍ଜଳି - ତୁମକୁ ଛାଡ଼ି କିପରି ଯିବି କହିଲ ? ମୁଁ ଆସି ପାରିବି ନାହିଁ ବୋଲି ମନା କରିଦେଲି ।

ସରପଞ୍ଚ - ମନା କରିଦେଲ ? କାହିଁକି ? ବୋଉ କ'ଣ ଭାବିବେ ?

ଶ୍ରଦ୍ଧାଞ୍ଜଳି - ଯେ ଯାହା ଭାବୁ, ତୁମକୁ ଛାଡ଼ି କୁଆଡ଼େ ଯାଇପାରିବି ନାହିଁ । ଆଚ୍ଛା କହିଲ, ତୁମେ ଖାଇବ କି ନାହିଁ ?

ସରପଞ୍ଚ - ତୁମେ ଖାଇ ନିଅ, ମୋତେ ଭୋକ ନାହିଁ ।

ଶ୍ରଦ୍ଧାଞ୍ଜଳି - ତୁମେ ନ ଖାଇଲେ, ମୁଁ କାହିଁକି ଖାଇବି ?

ସରପଞ୍ଚ - ତୁମେ କୁହ ଶ୍ରଦ୍ଧାଞ୍ଜଳି, ଏ ପରିସ୍ଥିତିରେ କାହାର ଖାଇବାକୁ ଇଚ୍ଛା ହେବ ? ଆଜି ଚନ୍ଦ୍ରରେ କଳଙ୍କ । ସେ କଳଙ୍କର କାଳିମା କିପରି ଲିଭିବ ତାହା ହିଁ ଏକମାତ୍ର ଚିନ୍ତା । ତୁମେ କୁହ ଶ୍ରଦ୍ଧାଞ୍ଜଳି, ଲୋକେ କ'ଣ ସତରେ ମୋ ବିରୁଦ୍ଧରେ ଲେଖିଛନ୍ତି ? ପଇସା କ'ଣ ଲୋକଙ୍କୁ ପଥଭ୍ରଷ୍ଟ କରାଉଛି ?

ଶ୍ରଦ୍ଧାଞ୍ଜଳି - ପଇସା ପାଇଁ ମଣିଷ, ମଣିଷକୁ ମାରୁଛି । ପଇସା, ତାପାଇଁ ସବୁକିଛି । ସେ ଭୁଲି ଯାଉଛି, ଏ ପଇସା ତା ସାଙ୍ଗରେ ଯିବନି । ସେ ଜାଣୁଛି, ସେ ପାପ କରୁଛି । ତଥାପି ସେ ଭୁଲ କରୁଛି । ଭୁଲ କରିବାଟା ତାର ଯେପରି ଅଭ୍ୟାସରେ ପରିଣତ ହୋଇଯାଇଛି ।

Digitized by srujanika@gmail.com

ସରପଞ୍ଚ - ତେବେ ବାପୁଜୀଙ୍କର ସ୍ୱପ୍ନର ରାମରାଜ୍ୟ କ'ଣ ସ୍ୱପ୍ନରେ ରହିଯିବ ? ଲୋକଙ୍କର କ'ଣ କିଛି ପରିବର୍ତ୍ତନ ହେବନାହିଁ ? ସୁନାମି, ପ୍ରଳୟ କ'ଣ ମଣିଷ ସମାଜକୁ ଧ୍ୱଂସ କରିବାର ଏକମାତ୍ର ପନ୍ଥା । ତାହେଲେ ଶ୍ରଦ୍ଧାଞ୍ଜଳି, ମୁଁ କ'ଣ ସତରେ ହାରିଗଲି ? ଯେଉଁ ସତ୍ୟ, ଧର୍ମ ନ୍ୟାୟ ପ୍ରତିଷ୍ଠା ପାଇଁ ମୁଁ ଜୀବନସାରା ସଂଗ୍ରାମ କଲି, ତା କ'ଣ ପଣ୍ଡ ହୋଇଗଲା ? ମୁଁ ହାରିଗଲି ଶ୍ରଦ୍ଧା, ମୁଁ ହାରିଗଲି । ଶ୍ରଦ୍ଧାଞ୍ଜଳି, ମୁଁ ଏ କ'ଣ ଦେଖୁଛି ? ମୋ ଚାରିପଟେ ପୃଥିବୀଟା ଯେପରି ଘୁରୁଛି । ମୁଁ କ'ଣ ସତରେ ଏ ପୃଥିବୀରେ ଅଛି ? ଶ୍ରଦ୍ଧାଞ୍ଜଳି, ଶ୍ରଦ୍ଧାଞ୍ଜଳି । (ମୂର୍ଚ୍ଛା ହୋଇ ତଳେ ପଡ଼ିଗଲେ ।)

ଶ୍ରଦ୍ଧାଞ୍ଜଳି - ଏ କ'ଣ ହେଲା, ତାଙ୍କର କ'ଣ ଚେତା ବୁଡ଼ିଗଲା ?
(ପ୍ରବେଶ କରିଛି କାଶୀନାଥ)
କାଶୀନାଥ, ଦେଖ ତାଙ୍କର ଚେତା ବୁଡ଼ିଗଲା ।

କାଶୀନାଥ - ମା ପାଣି ନେଇ ଆସ । (ଶ୍ରଦ୍ଧାଞ୍ଜଳି ପାଣି ଆଣି ମୁହଁରେ ସିଞ୍ଚିଲେ ।)

ସରପଞ୍ଚ - (ସଂବିତ ଫେରିପାଇ) କିଏ, ତୁମେ କାଶୀନାଥ ? ତୁମେ କେତେବେଳେ ଆସିଲ ? ମୁଁ ହାରିଗଲି, ମୁଁ ହାରିଗଲି ।

ଶ୍ରଦ୍ଧାଞ୍ଜଳି - (କାନ୍ଦି) କାହିଁକି ତୁମେ ଏମିତି ହଉଚ ? ସେ ପଞ୍ଚାୟତରୁ ଆମକୁ କ'ଣ ମିଳିବ ? ତୁମେ ବଞ୍ଚି ରହିଲେ ବହୁତ କିଛି କରିପାରିବ । ଲୋଡ଼ା ନାହିଁ ଆମର ସେ କାମ । ଆସ, ଶୋଇପଡ଼ିବ ଆସ । କାଶୀନାଥ, ତୁମେ ତାଙ୍କୁ ବୁଝାଅ ।

ସରପଞ୍ଚ - ଶ୍ରଦ୍ଧାଞ୍ଜଳି, କ'ଣ ଡ଼ରିଗଲ ? ମୋର କିଛି ହବନାହିଁ । ତୁମେ କହୁଥିଲ, ଧର୍ମ ନିଶ୍ଚୟ ଅଛି । ଧର୍ମ, ଧାର୍ମିକକୁ ରକ୍ଷା କରେ । ଏହା କ'ଣ ତୁମେ ଜାଣିନାହଁ । ମୋର କିଛି ହବ ନାହିଁ । ମୋ ପାଖରେ ଭଗବାନ ଅଛନ୍ତି । ସୁଦର୍ଶନ ଚକ୍ର ଆଢୁଆଳ କରି ସେ ମୋତେ ରକ୍ଷା କରୁଛନ୍ତି । ତୁମେ କହ କାଶୀନାଥ, ମୁଁ କାହିଁକି ଇସ୍ତଫା ଦେବି ?

କାଶୀନାଥ - ମା, ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ବାବୁଙ୍କର କିଛି ହବନି । ଲୋକମାନେ ବାହାରେ ଅପେକ୍ଷା କରିଛନ୍ତି ଦେଖା କରିବାକୁ । ଏ ଖବର ଶୁଣି ସେମାନେ ବ୍ୟସ୍ତ ହୋଇ ପଡ଼ିବେ ।

Digitized by srujanika@gmail.com

ଶ୍ରଦ୍ଧାଞ୍ଜଳି - କାଶୀନାଥ, କହିଦିଅ, ସେ ବିଶ୍ରାମ କରୁଛନ୍ତି । ତାଙ୍କ ଦେହ ଭଲ ନାହିଁ ।

କାଶୀନାଥ - ହଉମା', ମୁଁ ଯାଉଛି, ସେଇକଥା କହିଦେବି । (ଚାଲିଗଲା)
(ବାହାରୁ ଶୁଭିଲା ସରପଞ୍ଚବାବୁ ଜିନ୍ଦାବାଦ, ୩ଥର)
(ଫେରିଆସିଛି କାଶୀନାଥ)

ଶ୍ରଦ୍ଧାଞ୍ଜଳୀ - କ'ଣ ସେମାନେ ଚାଲିଗଲେ ?

କାଶୀନାଥ - ହଁ ମା, ସେମାନଙ୍କୁ ବୁଝାଇ ଫେରାଇଦେଲି । (ସରପଞ୍ଚଙ୍କୁ) ବାବୁ, ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ସମଗ୍ର ପଞ୍ଚାୟତର ଜନସାଧାରଣ ଆମପଛରେ ଠିଆ ହୋଇଛନ୍ତି । କିଏ ଆମର କ'ଣ କରିବ ବାବୁ ? ମୋତେ ଆପଣ ଅନୁମତି ଦିଅନ୍ତୁ । ମୁଁ ବ୍ଲକ୍ ଅଫିସ ଜାଳିଦେବି । ଲୋକେ ବିଡ଼ିଓଙ୍କୁ ପୋଡ଼ିଦେବେ ।

ସରପଞ୍ଚ - କାଶୀନାଥ, ସେ ଭୁଲ କରନାହିଁ । ଆମେ କାହିଁକି ସେ ଭୁଲ କରିବା ? ସତ୍ୟ, ଧର୍ମର ଜୟ ହେବ, ମୋର ବିଶ୍ୱାସ ଅଛି, ଦୋଷୀ ନିଶ୍ଚୟ ଅନୁତାପ କରିବ । ତାହେଲେ ମୁଁ ଜାଣିବି, ଭଗବାନ ଅଛନ୍ତି ମୋ ଅନ୍ତରର କଥା ବୁଝି ପାରୁଛନ୍ତି । ସେ ସବୁ ଦେଖୁଛନ୍ତି, ଉପରେ ଥାଇ ହସୁଛନ୍ତି । ଅପେକ୍ଷା କର । ତୁମେ ଅନାଥାଶ୍ରମ ଆଡ଼େ ବୁଲିଆସ । କମଳା ଏଇ କେତେଦିନ ହେଲା ରୀତିମତ ଘରକୁ ଆସୁନାହିଁ । ମୁଁ ମଧ୍ୟ ଠିକ୍ ଭାବରେ ଯାଇ ପାରୁନାହିଁ । କ'ଣ ଘଟଣା ହୋଇଛି ମୋତେ ଆସି ସବୁ କହ ।
(ଏଇ ସମୟରେ କମଳା ଆସି ପହଞ୍ଚିଛି)

କମଳା - ବାବୁ ନମସ୍କାର । ମା'ତ ଏଇଠି ଅଛନ୍ତି । କ'ଣ ହୋଇଛି ମା' ? ବାବୁଙ୍କର ଦେହ କ'ଣ ଭଲ ନାହିଁ ? ବାଟରେ ଦେଖିଲି ଲୋକମାନେ ଘରଠାରୁ ଫେରି ଯାଉଥିଲେ । ମନଟା ଟିକିଏ ପାପ ଛୁଇଁଲା । ମା', ବାବୁଙ୍କର ଦେହ ଭଲ ଅଛି ତ ?

ଶ୍ରଦ୍ଧାଞ୍ଜଳି - ତୋର ଛଅଦିନ ହେଲା ଦେଖା ନଥିଲା କାହିଁକି ?

କାଶୀନାଥ - ସେ କ'ଣ ଆଉ ଅନାଥାଶ୍ରମରେ କାମ କରିବ ? ଆପଣ ଦେଖନ୍ତୁ । ସେ କାମ ଛାଡ଼ିଦେବ ।

ସରପଞ୍ଚ - କ'ଣ ହେଲା କମଳା ? ତୁମେ କ'ଣ ଅନାଥାଶ୍ରମରେ କାମ କରିବ ନାହିଁ ?

Digitized by srujanika@gmail.com

କମଳା - ଯା କଥା କ'ଣ ଶୁଣୁଛନ୍ତି ଆଜ୍ଞା, ମୁଁ କାମ କରିବିନି ବୋଲି ତୋତେ କିଏ କହିଲାରେ ?

କାଶୀନାଥ - ଥା, ଥା । ନିକଟରେ ସବୁ ଧରା ପଡ଼ିଯିବ ।

ଶ୍ରଦ୍ଧାଞ୍ଜଳି - କ'ଣ ତୁମର କିଛି ଅସୁବିଧା ହେଉଛି ? ଯଦି ତୁମେ କାମ କରିବାକୁ ଚାହୁଁନାହିଁ, ଆନନ୍ଦରେ ଯାଇପାର । ତୁମ କାମ ମୁଁ କରିବି । ମୋର ଘରେ କି କାମ ?

କମଳା - ମା, ଏଲୋକର କଥା କାହିଁକି ଶୁଣୁଛନ୍ତି କହିଲେ ?

କାଶୀନାଥ - ସବୁ ଭୁଲି ଯାଉଛୁ । ତୋ ସ୍ୱାମୀ କ୍ୟାନସର୍ ରୋଗରେ ପଡ଼ିଥିବାବେଳେ, ମା, ବାବୁ ତୋର କି ଉପକାର କରି ନାହାଁନ୍ତି । ଶେଷରେ ଦୟାପଡ଼ି, ତୋତେ ଆଶ୍ରମରେ ରଖିଲେ । ଆଜି ସମସ୍ତଙ୍କର ତୁ ଅତିପ୍ରିୟ କମଳା ମାଉସୀ ।

ସରପଞ୍ଚ - ଅତୀତ କଥା ଗୁଡ଼ାକୁ ନେଇ କାହିଁକି ଘାଣ୍ଟି ହେଉଛ କାଶୀନାଥ ? ତୁମେଯାଅ, ତୁମ କାମ କର । ମୋ ଦେହ ଆରୋଗ୍ୟ ହୋଇଗଲାଣି । ହଁ, ସେ ଦରଖାସ୍ତ କେଉଁମାନେ ଦେଇଛନ୍ତି, ତାର ଖବର ଟିକିଏ ବୁଝିଲ ।

କାଶୀନାଥ - ସବୁ ଧରାପଡ଼ିଯିବେ ଆଜ୍ଞା । ସତ ସବୁବେଳେ ସତ । ସେ ହୀରାପରି ଝଟକୁ ଥିବ । କହିବି, ପଛେ କହିବି । ବର୍ତ୍ତମାନ ନୁହେଁ । ତେବେ ବ୍ଲକ ଘେରାଉ ଅଭିଯାନ ପାଇଁ ଆମେ ସବୁ ବ୍ୟସ୍ତ ହୋଇ ପଡ଼ିଛୁ । ପାଞ୍ଚହଜାର ଲୋକ ବ୍ଲକ ଘେରାଉ କରିବେ । ଆମେ ଅପମାନର ବଦଳା ନେବୁ ।

ସରପଞ୍ଚ - ଧୈର୍ଯ୍ୟ ଧର । ସହିବା ଗୁଣ ଯାହା ପାଖରେ ନାହିଁ, ସେ କେବେ ବଡ଼ ହୋଇ ପାରିବ ନାହିଁ । ମଣିଷର ସବୁଠାରୁ ବଡ଼ଗୁଣ ହେଲା ସହନଶୀଳତା । ସହିବା ଲୋକ ବଡ଼ ।

କାଶୀନାଥ - ମାନେ, ଆପଣ କହୁଛନ୍ତି, ଏ ଅପମାନ ଆମେ ସହିଯିବୁ । କାହିଁକି ସହିବୁ ? ଆପଣଙ୍କର ଅନୁମତିକୁ ଖାଲି ଅପେକ୍ଷା କରିଛୁ । ୫ ଜଣ ୱାର୍ଡ଼ମେମ୍ବରଙ୍କୁ ଚେୟାରମ୍ୟାନ ହାତ କରିଥିଲା । କେହି ଧରାଛୁଆଁ ଦେଉନାହାନ୍ତି ।

ସରପଞ୍ଚ - କେହି ଦେବେ ନାହିଁ, ସେ ବିଶ୍ୱାସ ମୋର ଅଛି । ଦୋଷୀ ନିଶ୍ଚୟ ଦଣ୍ଡ ପାଇବ, ତା ମଧ୍ୟ ମୁଁ ଜାଣେ । ତୁମେ କିଛି ଚିନ୍ତା କରନାହିଁ ।

Digitized by srujanika@gmail.com

ମୁଁ ଧୈର୍ଯ୍ୟହରା ହୋଇନାହିଁ । ଦେଖାଯାଉ, ପରିସ୍ଥିତିକୁ ସେମାନେ କେଉଁଆଡ଼କୁ ନେଉଛନ୍ତି ।

କାଶୀନାଥ - ତାହେଲେ ଆଜ୍ଞା, ମୁଁ ଆସୁଛି । କ'ଣ କମଳା ଭାଉଜ, ମୋ କଥାଗୁଡ଼ାକ ତତେ ନିଶ୍ଚୟ ବାଧିଥିବ । ଆଲୋ, ଆମେ ସତ କହୁ । ଗୁରୁଜୀ ଆମର ବସିଛନ୍ତି । ସେ ଆମକୁ ସତ କହିବାକୁ ଶିଖାଇଛନ୍ତି । ପାଠରେ ଅଛି ପରା - "ସତ କହିବାକୁ କିଆଁ ଡ଼ରିବି, ସତ କହିପଛେ ମଲେ ମରିବି । ମୋତେ ଏତିକି ଶିଖାଅ ସାଇଁହେ, ମୋର ଧନଜନ ଲୋଡ଼ା ନାହିଁ ହେ ।" ଆଜ୍ଞା ଆସୁଛି । ହୁସିଆର ରହିବେ । ଦେହକୁ ଜଗି ଚଳୁଥିବେ । ଆଲୋ ବୋପାଲୋ, ଯାହା ଅବସ୍ଥା ହୋଇଥିଲା, ତାକୁ ଦେଖି ମୋର ହାଲୁକ ଶୁଖିଗଲା । (ପ୍ରସ୍ଥାନ)

ସରପଞ୍ଚ - ସବୁବେଳେ ଖାଲି ଭଡ଼ ଭଡ଼ ହେଉଥିବ । ଏମିତି ଭଡ଼ଭଡ଼ିଆ ଲୋକ ମୁଁ କମ୍ ଦେଖିଛି । ତଡ଼ିଲେ ମଧ ଯାଉନାହିଁ ।

ଶ୍ରଦ୍ଧାଞ୍ଜଳି - ସେଇ ତୁମର ଏକମାତ୍ର ବନ୍ଧୁ । ସମସ୍ତେ ବଦଳିଯିବେ । କିନ୍ତୁ କାଶୀନାଥ ନୁହେଁ । ଏକଥା ଧ୍ରୁବ ସତ୍ୟ । କମଳା, ଛଅଦିନ ହେଲା ତୁମର ଦେଖା ନଥିଲା । ପ୍ରତିଦିନ ସଂଧ୍ୟାରେ ଆଶ୍ରମ କଥା ନ ଶୁଣିଲେ ମନ ଭଲ ଲାଗୁନାହିଁ । ଚନ୍ଦ୍ରମାର ଜ୍ୱର ଛାଡ଼ିଲାଣି ? ଶୁକ୍ରୁରୀର ବାନ୍ତି ହେଉଥିଲା । ତା ଦେହ କିମିତି ଅଛି ?

କମଳା - ସମସ୍ତେ ଭଲରେ ଅଛନ୍ତି । ଏଇ ହଜାରେ ଟଙ୍କା ରଖନ୍ତୁ । ଆରିସା ବିକ୍ରୀରୁ ଲାଭ । ଆଶ୍ରମ ଆରିସା ପିଠା, ଲୋକେ ଆଗ୍ରହରେ କିଣି ନେଉଛନ୍ତି । ୨ ବସ୍ତା ବଳିତା, ପଇତା ପୁରୀ ପଠାଯାଉଛି ବିକ୍ରୀ ହେବାପାଇଁ । ସମସ୍ତେ ଲାଗିଛନ୍ତି ।

ସରପଞ୍ଚ - ଯେଉଁମାନେ ଆରିସା ପିଠା ତିଆରି କରୁଛନ୍ତି, ସେମାନଙ୍କର ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ଏ ଟଙ୍କା ଜମା କରିଦିଅ ଶ୍ରଦ୍ଧାଞ୍ଜଳୀ ।

କମଳା - ଦୁଇଜଣ ଅନାଥିନୀ ବିଧବା ଆଶ୍ରମରେ ରହିବାକୁ ଚାହୁଁଛନ୍ତି ।

ଶ୍ରଦ୍ଧାଞ୍ଜଳି - ସେମାନଙ୍କର ବୟସ କେତେ ?

କମଳା - ଅଳ୍ପ ବୟସ ।

Digitized by srujanika@gmail.com

ସରପଞ୍ଚ - ସେମାନଙ୍କର ଦ୍ୱିତୀୟ ବିବାହ କରିବା ନିହାତି ଦରକାର ।

କମଳା - ବ୍ରାହ୍ମଣ ଘରର ଝିଅ । ବିବାହ କରିବେକି ଆଜ୍ଞା ?

ଶ୍ରଦ୍ଧାଞ୍ଜଳି - ଅପେକ୍ଷା କର । ସେମାନଙ୍କ ବିଷୟରେ ଚିନ୍ତା କରିବାକୁ ହେବ । ପ୍ରତିଦିନ ସଂଧ୍ୟାରେ ଆସିବାକୁ ଚେଷ୍ଟା କର ।

କମଳା - ଆସିବି ମା । ସମସ୍ତେ ତ ଭଲ ଅଛନ୍ତି । ସେଥିପାଇଁ ଟିକିଏ ହେଳା ହୋଇଗଲା । ଆଉ ଭୁଲ୍ କରିବିନି ମା ।

ସରପଞ୍ଚ - ତୁମେ ଯାଅ । ଅନ୍ତେବାସିନୀମାନଙ୍କର ବଂଧୁ ବାଂଧବ ପୁରୁଷ ହୁଅନ୍ତୁ କି ସ୍ତ୍ରୀ, ଭଲକରି ବୁଝି ସେମାନଙ୍କୁ ଛାଡ଼ିବ । ଆଶ୍ରମର ସୁନାମରେ ଯେପରି କଳଙ୍କ ନ ଲାଗେ ।

କମଳା - ଆସୁଛି ବାବୁ, ଆସୁଛି ମା (ନମସ୍କାର କରି ଚାଲିଗଲା)

ଶ୍ରଦ୍ଧାଞ୍ଜଳି - କାଶୀନାଥ ଯା ବିଷୟରେ ନିଶ୍ଚୟ କିଛି ଶୁଣିଥିବ । ନହେଲେ, ସେ ଏତେ ଜୋର୍ ଦେଇ କହିନଥାନ୍ତା । ଚାଲିଯିବ ଯଦି ଚାଲିଯାଉ ।

ସରପଞ୍ଚ - ଚାଲିଗଲେ କିଛି ଅସୁବିଧା ନାହିଁ । ହେଲେ ସ୍ତ୍ରୀ ଲୋକଟି ବଡ଼ ନିଷ୍ଠାପର ଭାବରେ କାମ କରୁଛି । ତା ଉପରେ ମୁଁ ଭାରୀ ଖୁସୀ । (ଏଇ ସମୟରେ କାଶୀନାଥ ପ୍ରବେଶ କରିଛି)

ସରପଞ୍ଚ - କାଶୀନାଥ, ପୁଣି କୁଆଡ଼େ ଆସିଲ ?

କାଶୀନାଥ - ବଡ଼ ଅସୁବିଧାରେ ଏ ଟୋକାଗୁଡ଼ାକ ପକାଉଛନ୍ତି ଆଜ୍ଞା । ଯୁବ ସଂଗଠନ କେନ୍ଦ୍ରର ଟୋକାମାନେ, କଣଗୋଟାଏ ଫେବୃୟାରୀ ୧୪ ତାରିଖ ଦିନ ଭାଲେଣ୍ଟାଇନ୍ ଡ଼େ ପାଳନ କରିବେ । ସଭା ହେବ । ସେ ସଭାରେ ଆପଣ ସଭାପତିତ୍ୱ କରିବେ ।

ସରପଞ୍ଚ - ଭାଲେଣ୍ଟାଇନ୍ ଡ଼େ, ସେଇଟା ପୁଣି କ'ଣ ?

ଶ୍ରଦ୍ଧାଞ୍ଜଳି - ଆଜିକାଲି ସମ୍ବାଦପତ୍ରରେ ଭାଲେଣ୍ଟାଇନ୍ ଡ଼େ'ର ଖୁବ୍ ଜୋର୍‌ରେ ପ୍ରଚାର ଚାଲିଛି । ପ୍ରେମ ଦିବସ ପାଳନ କରିବାକୁ ଆମ ଯୁବକମାନେ ଏତେ ବ୍ୟସ୍ତ କାହିଁକି ?

ସରପଞ୍ଚ - ଆଶ୍ଚର୍ଯ୍ୟ । ଏ ତ ନୂଆକଥା ମୁଁ ଶୁଣୁଛି । ପାଶ୍ଚାତ୍ୟ ସଭ୍ୟତା, ସଂସ୍କୃତି ଏମାନଙ୍କୁ ଗ୍ରାସି ସାରିଲାଣି । ଯେଉଁ ପଞ୍ଚାୟତରେ ପ୍ରତି ଗାଁରେ ଭାଗବତ ଟୁଙ୍ଗିରେ ଅତିବଡ଼ି ଜଗନ୍ନାଥ ଦାସଙ୍କର ଭାଗବତ ଚର୍ଚ୍ଚା ହେଉଛି, ସେଠାରେ ପୁଣି ଭାଲେଣ୍ଟାଇନ୍ ଡ଼େ ପାଳିତ ହେବ ।

Digitized by srujanika@gmail.com

କାଶୀନାଥ, ଯାଇ କହିଦିଅ, ଏସବୁ ଚଳିବ ନାହିଁ । ବରଂ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ଯଦି ପିଲାମାନେ ଚାହାନ୍ତି, ମୁଁ ଭାଷଣ ଦେବି । ସେଥିରୁ କିଛି ଜ୍ଞାନ ଆହରଣ କରିବାର ଅବକାଶ ଅଛି ।

ଶ୍ରଦ୍ଧାଞ୍ଜଳି - ତୁମେ ଏତେ ଜୋର୍‌ରେ ଚିତ୍କାର କରୁଛ କାହିଁକି ? ଏବେ ତ ବ୍ଲଡ୍ ପ୍ରେସର ଉଠି ଚେତା ବୁଡ଼ି ଯାଇଥିଲା । ସାମାନ୍ୟ କଥାରେ ଉତ୍ତେଜିତ ହୋଇ ପଡୁଛ କାହିଁକି ?

ସରପଞ୍ଚ - ଏସବୁ ଶୁଣି ମୁଁ ପାଗଳ ହୋଇଯିବି ଶ୍ରଦ୍ଧାଞ୍ଜଳି । ଭାରତୀୟ ସଭ୍ୟତା, ଭାରତୀୟ ସଂସ୍କୃତିର ଅବକ୍ଷୟ ହେବାକୁ ଦେବିନାହିଁ କି ଏହା ମୁଁ ଦେଖିପାରିବି ନାହିଁ । ହେ ପ୍ରଭୁ, ମୋର ମୃତ୍ୟୁ ହେଉନାହିଁ କାହିଁକି ?

ଶ୍ରଦ୍ଧାଞ୍ଜଳି - ଓହୋ, ପାଗଳଙ୍କ ପରି ହଉଚ କାହିଁକି ? ସହନଶୀଳତା ନେଇ ଏବେ କାଶୀନାଥ ଆଗରେ ଲମ୍ବା ଭାଷଣ ଦେଉଥିଲ । କାହିଁ ତୁମ ନିକଟରେ ସହିବାର ଶକ୍ତିତ ମୋଟେ ନାହିଁ । ପିଲାମାନଙ୍କୁ ଯାଇ ବୁଝାଇ ଦିଅ, ଆମେ ପାଶ୍ଚାତ୍ୟ ସଭ୍ୟତାର ଅନ୍ଧ ଅନୁସରଣ କରିବା ନାହିଁ । ତୁମକୁ ଦେଖିଲେ ପିଲାମାନେ ତୁନି ହୋଇଯିବେ । କାଶୀନାଥ, ତୁମେ ତାଙ୍କ ସାଙ୍ଗରେ ଯାଅ ।

କାଶୀନାଥ - ନାଇଁ ମା, ବାବୁ ଯାଆନ୍ତୁ ନାହିଁ, ମୁଁ ବୁଝାଇ କହିଦେବି ।

ସରପଞ୍ଚ - ଦେଖୁଛ ଶ୍ରଦ୍ଧାଞ୍ଜଳୀ ଆଜିରଟେଲିଭିଜନ ସଭ୍ୟତା, ଇମେଲ୍, ଇଣ୍ଟରନେଟ୍ ପିଲାମାନଙ୍କୁ ବିପଥଗାମୀ କରାଉଛି । ପିଲାମାନଙ୍କୁ ଖରାପ ହେବାପାଇଁ ଶିକ୍ଷା ଦେଉଛି ।

ଶ୍ରଦ୍ଧାଞ୍ଜଳି - ଏଥିପାଇଁ ତୁମେ କ'ଣ କରିବ ? ତୁମେ କ'ଣ ଏସବୁ ବନ୍ଦ କରିଦେଇ ପାରିବ ? ୩ ବର୍ଷର ପିଲାଟିଏ ଟିଭିପାଖରେ ବସି ରହିଲା । ବାପା, ମା ମନା କରୁନାହାଁନ୍ତି ? ଆଖି ତାର ଖରାପ ହୋଇଯିବନି ? ପିଲାମାନେ ସ୍କୁଲ ଯିବା ଛାଡ଼ିଦେଲେ । ଶୁଣ, ଭାଲେଣ୍ଟାଇନ୍ ଡ଼େ ପାଳିତ ହେବ । କାଶୀନାଥ, ତୁମେ ଯାଇ କହିଦିଅ, ଭାଲେଣ୍ଟାଇନ୍ ଡ଼େ ପାଳିତ ହେବ ନୃତ୍ୟ ଗୀତରେ ।

ସରପଞ୍ଚ - ଶ୍ରଦ୍ଧାଞ୍ଜଳି, ଏ କ'ଣ କହୁଚ ?

Digitized by srujanika@gmail.com

ଶ୍ରଦ୍ଧାଞ୍ଜଳି - ରାଧାକୃଷ୍ଣ ଥିଲେ ମହାନ୍ ପ୍ରେମିକ ପ୍ରେମିକା । ସେହି ଶାଶ୍ୱତ ପ୍ରେମକୁ ଆଧାରିତ କରି ମୁଁ ନୃତ୍ୟ କରିବି, ମୋ ସାଙ୍ଗରେ କମଳା ନାଚିବ ।

ସରପଞ୍ଚ - ତୁମେ ନାଚିବ ?

ଶ୍ରଦ୍ଧାଞ୍ଜଳି - କାହିଁକି ? ନୃତ୍ୟଟା କ'ଣ ଗୋଟାଏ ଅପରାଧ ? ନୃତ୍ୟକଳାଠାରୁ ଶ୍ରେଷ୍ଠକଳା କ'ଣ ଅଛି କହିଲ ? ତୁମେ କ'ଣ ଜାଣନା, ମୁଁ ନୃତ୍ୟରେ ଡିଗ୍ରୀ ହାସଲ କରିଛି । କାଶୀନାଥ କହିଦିଅ । ଭାଲେଣ୍ଟାଇନ୍ ଡେ ପାଳିତ ହେବ । ଆମର ପ୍ରେମ ଦିବସ, ଶାଶ୍ୱତ ପ୍ରେମ ଦିବସ ।

କାଶୀନାଥ - (ଆନନ୍ଦରେ) ବଢ଼ିଆ ହେବ । ମା ନାଚିବେ, ବଡ଼ ମଜା ହେବ । ମୁଁ ଯାଉଛି, କହିଦେବି ମା । (ଆନନ୍ଦରେ ନାଚି ନାଚି ଚାଲିଗଲା)

ସରପଞ୍ଚ - ବଡ଼ ଅସୁବିଧାରେ ପଡ଼ି ଯାଇଥିଲି । ଏ ପିଲାମାନଙ୍କୁ କ'ଣ କହି ବୁଝାଇବି, ତା ମୋତେ ଚିନ୍ତାଗ୍ରସ୍ତ କରି ପକାଇଥିଲା । ତୁମେ ନାଚିବ, ତୁମ ସାଙ୍ଗରେ କମଳା କ'ଣ ନାଚି ପାରିବ ?

ଶ୍ରଦ୍ଧାଞ୍ଜଳି - କାହିଁକି ନାଚି ପାରିବ ନାହିଁ ? ମୁଁ ତାକୁ ଶିଖାଇଦେବି । ଯଥେଷ୍ଟ ସମୟ ଅଛି । ତୁମେ ରାଧାକୃଷ୍ଣଙ୍କର ଅମରପ୍ରେମ ବିଷୟରେ ସଂକ୍ଷିପ୍ତ ଭାଷଣଟିଏ ଦେବ । ବେଶୀ ଭାଷଣ ଲମ୍ୱାଇବ ନାହିଁ । ତୁମ ନେତାମାନଙ୍କୁ ଶହେ ସଲାମ । ଡ଼ିଙ୍ଗିଶାଳ କଥା ନେଇ ଢେଙ୍କାନାଳରେ ଉଠେଇବେ । ହଁ, ନିମନ୍ତ୍ରଣ ପତ୍ର ଛାପିଦେବ । ଚେୟାରମ୍ୟାନ, ବିଡ଼ିଓ ସମସ୍ତଙ୍କୁ ଡ଼ାକିବ ।

ସରପଞ୍ଚ - ମୁଁ ସେମାନଙ୍କୁ ଡ଼ାକିବି ନାହିଁ ।

ଶ୍ରଦ୍ଧାଞ୍ଜଳି - ଦେଖ, ପାଗଳାମୀ ଫେରେ ବାହାରିଲା । ତୁମେ ପରା ଆଦର୍ଶବାନ ପୁରୁଷ । ଏ କି ଆଦର୍ଶ ତୁମର, ତା'ତ ମୁଁ ଜାଣିପାରୁନାହିଁ । ତୁମେ ସେ କାମ ନ କଲେ, ମୁଁ କରିବି । ପ୍ରେମ, ସ୍ନେହ ଦେଇ ମନକୁ କିଣିନିଅ । ଶତ୍ରୁକୁ ନିଜର କରିନିଅ । ତା ଯଦି ନ ପାରୁଛ, ଏ ରାଜନୀତି ଛାଡ଼ । ଏ ଗପ କହୁଥିଲେ ତ ସରିବନି । କ'ଣ ଆଜି ଖାଇବ ନାହିଁ । ପେଟ ଖରାପ ନା ମନ ଖରାପ ?

Digitized by srujanika@gmail.com

ସରପଞ୍ଚ - ତୁମେ ତ ମନକୁ ଭୁଲାଇ ଦେଉଛ । ତୁମ କଥା ନ ମାନିବାକୁ କ'ଣ ମୋର ଚାରା ଅଛି । ବିଶ୍ୱାମିତ୍ରଙ୍କ ପରି ମହାମୁନୀଙ୍କର ମନ ତୁମେମାନେ ହରିନେଲ । ମୁଁ ତ ଛାର ମନୁଷ୍ୟ ।

ଶ୍ରଦ୍ଧାଞ୍ଜଳି - ମୋତେ ମେନକା କରି ପାଇଲ କି ?

ସରପଞ୍ଚ - ହଁ ହୁଁ, ତାଠାରୁ ତୁମେ ଅଧିକ ।

ଶ୍ରଦ୍ଧାଞ୍ଜଳି - ହଉ, ସେ କଥା ଛାଡ଼ । ତୁମେ ଆସ । ମୁଁ ବଢ଼ାବଢ଼ି କରୁଛି । ଯାହାହେଉ, ହସ ଟିକିଏ ତୁମ ମୁହଁରେ ଦେଖିଲି । (ଭିତରକୁ ଚାଲିଗଲେ)

ସରପଞ୍ଚ - କି ଯୁଗ ହେଲାରେ ବାପ ।

- ଅନ୍ଧାର -

- ପଞ୍ଚମ ଦୃଶ୍ୟ -

(ଚେୟାରମ୍ୟାନ୍‌ଙ୍କ ଘର । ଖୁବ୍ ଜୋର୍‌ରେ ପାଟି କରୁଥିଲେ ସେ । ପାଖରେ ଠିଆ ହୋଇଥିଲା କପିଳା ।)

ଚେୟାର୍‌ମ୍ୟାନ- ତୁମ ଦ୍ୱାରା କିଛି ହେବନି କପିଳ । ମୁଁ ଯାହା ଦେଖୁଛି, ତୁମେ ମୋତେ ବୁଡ଼େଇ ଦେବ ।

କପିଳା - ମୋତେ କାହିଁକି ଦୋଷ ଦେଉଛନ୍ତି ଆଜ୍ଞା । ମୁଁ ଜୀବନକୁ ବାଜିରଖି ଆପଣଙ୍କ ପାଇଁ ଲଢୁଛି । ନିଆଁ ଭିତରେ ମୁଁ ଅଛି ଆଜ୍ଞା । ଆପଣ କ'ଣ ଜାଣିବେ ? ଯଦି ଆପଣ ମୋ ଉପରେ ସନ୍ତୁଷ୍ଟ ନୁହନ୍ତି,ତେବେ ଏ ଦାୟିତ୍ୱ ଅନ୍ୟ କାହାକୁ ଦିଅନ୍ତୁ । (ଯିବାକୁ ଉଦ୍ୟତ ହେଉଥିଲା)

ଚେୟାର୍‌ମ୍ୟାନ- (ନରମି) କପିଳ, ଶୁଣ-ଶୁଣ । ତୁମେ ଏମିତି ଚାଲିଗଲେ ମୁଁ କ'ଣ କିଛି କରିପାରିବି ? ମୁଁ ରାଗୁଛି କାହିଁକି ତୁମେ ବୁଝି ପାରିବନି । ତେଣେ ମନ୍ତ୍ରୀ ଘନଘନ ଟେଲିଫୋନ କରୁଛନ୍ତି - ସେ ଲୋକଟାକୁ ହଟାଅ, ଜେଲରେ ଭର୍ତ୍ତିକର । ଆଗରେ ନିର୍ବାଚନ । ଆମ ଦଳ ସବୁ ପଞ୍ଚାୟତରୁ ବିପୁଳ ଭୋଟ ପାଉଥିବାବେଳେ ସେ ପଞ୍ଚାୟତରୁ ଗୋଟାଏ ହେଲେ ଭୋଟ ପାଉନି । ଏଥର ନିର୍ବାଚନରେ ଆମଦଳ ସେ ପଞ୍ଚାୟତରୁ ଯେପରି ଅଧାରୁ ଅଧିକ ଭୋଟ ପାଏ ତାକୁ ଦେଖେଇ ଦେବାକୁ ହେବ ।

Digitized by srujanika@gmail.com

କପିଳା - ଆଜ୍ଞା, କହିବାଠାରୁ କରିବା ବଡ଼ କଷ୍ଟ । ସେ ଥିବାଯାଏ ଆମେ ସେଠାରୁ ଭୋଟ ପାଇବା ଅସମ୍ଭବ ।

ଚେୟାର୍‌ମ୍ୟାନ- ଅସମ୍ଭବ ? କାହିଁକି ଅସମ୍ଭବ ? ସବୁ ସମ୍ଭବ ହୋଇପାରିବ, ଯଦି ଆମେ ନିଷ୍ଠାପରଭାବେ ଉଦ୍ୟମ କରିବା । କୌଣସି ଉପାୟରେ ତାକୁ ଜେଲ ଭିତରେ ଭର୍ତ୍ତି କରିଦେଲେ, କାମ ଆମର ଶେଷ । କୋର୍ଟରୁ ସେ ନିର୍ଦ୍ଦୋଷ ହୋଇ ଖଲାସ ଯେପରି ନ ହୁଏ, ତାର ବନ୍ଦୋବସ୍ତ କରିବାକୁ ହେବ ।

କପିଳା - ହବ ଆଜ୍ଞା, ସବୁ ହବ । ଆପଣ ଧୈର୍ଯ୍ୟ ହରାନ୍ତୁ ନାହିଁ । ମୋର କାମରେ ଆପଣ କିଛି ଖଇଚା ଦେଖୁଛନ୍ତି ? ଆଜି ୧୨ ଜଣଙ୍କୁ ମନେଇଛି । ଆହୁରି ଆମ ସାଇଡ଼କୁ ବହୁତ ଆସିବେ ।

ଚେୟାର୍‌ମ୍ୟାନ- ସେଇକଥା ମୁଁ କହୁଚି, ଯେତେ ପାର ସେତେ ଲୋକଙ୍କୁ ଆମପଟକୁ ଟାଣି ଆଣ । ଆଚ୍ଛା, ଯେଉଁମାନେ ଦସ୍ତଖତ ଦେଇଛନ୍ତି, ସେମାନଙ୍କ ଭିତରୁ ଆଗ ପାଞ୍ଚଜଣକୁ ମୋ ପାଖକୁ ଆଣିଲ ?

କପିଳା - ପାଞ୍ଚ ଜଣକ'ଣ, ସମସ୍ତେ ଆସିବେ । ଆପଣ ଥୟ ଧରନ୍ତୁ । ଆଗ ମୁଁ ସଂଖ୍ୟାଟା ବଢ଼ାଏ ।

ଚେୟାର୍‌ମ୍ୟାନ- ହଁ ସେ ଅନାଥାଶ୍ରମ ମହିଳା ୱାଚର କଥା କ'ଣ କଲ ?

କପିଳା - କାହା କଥା କହୁଛନ୍ତି ଆଜ୍ଞା ? କମଳା କଥା ?

ଚେୟାର୍‌ମ୍ୟାନ- ସେ କମଳା କି ବିମଳା ମୁଁ ଜାଣିନି । ତେବେ ତାଠାରୁ ଲେଖାଇ ଆଣିବା କଥା ।

କପିଳା - କିସଟା ସେ ଲେଖିଦେବ ଆଜ୍ଞା ?

ଚେୟାର୍‌ମ୍ୟାନ- ତୁମର ମୁଣ୍ଡ କ'ଣ ଖରାପ ହୋଇଗଲାଣି ।

କପିଳା - ନାଇଁ ଯେ, ଆପଣ କ'ଣ କହିଥିଲେ ? (ଭାବି) ଓଃ, ବୁଝିଲି, ଦେହ ବ୍ୟବସାୟ କଥା ।

ଚେୟାର୍‌ମ୍ୟାନ- ହଁ, ହଁ, ଦେହ ବ୍ୟବସାୟ କଥା ।

କପିଳା - ଆଜ୍ଞା, ଆପଣ ଯେମିତି କହୁଛନ୍ତି, ଓ ବୋଲିଲେ ପୁଅ ହୋଇପଡ଼ିବ ।

(ଏହି ସମୟରେ ବିଡ଼ିଓ ପ୍ରବେଶ କଲେ ।)

Digitized by srujanika@gmail.com

ବିଡ଼ିଓ - ନମସ୍କାର, କଣ ସବୁ ଆଲୋଚନା ଚାଲିଛି । ମୁଁ ଆସି ଡ଼ିଷ୍ଟର୍ବ କଲି ନାହିଁତ ?

ଚେୟାର୍‌ମ୍ୟାନ- ନାଇଁ ବିଡ଼ିଓ ବାବୁ । ଆମର ଏଇ କପିଳ ସବୁ କରିବ ବୋଲି କହୁଛି, କିଛି କରୁନି ।

କପିଳା - କିମିତି କରୁନି ସାର୍ । ଯେଉଁ ଯାଗାରେ ଜଣେ ହେଲେ ଦସ୍ତଖତ ନ କରିବା କଥା, ସେଇ ଯାଗାରୁ ୧୨ ଜଣଙ୍କ କରାଇଲି । ଆଉ ସେହି କମଳା କଥା ।

ବିଡ଼ିଓ - କୋଉ କମଳା କଥା କହୁଛ ?

ଚେୟାର୍‌ମ୍ୟାନ- ଆଜ୍ଞା, ପ୍ରଭାକର ଦାଶର ଅନାଥାଶ୍ରମର ଲେଡ଼ିଓ୍ୱାଚର । ସେ ଲେଖିଦେବ, ସେଠାରେ ଦେହ ବ୍ୟବସାୟ ପାଇଁ ପ୍ରଭାକରର ସ୍ତ୍ରୀ ଉତ୍ସାହିତ କରୁଛି ।

ବିଡ଼ିଓ - ସେପରି କାହିଁକି କରିବେ ? ଦିଜଣ ଝିଅଙ୍କୁ ମତାଇ, ତାଙ୍କଦ୍ୱାରା ଲେଖି ଆଣିଲେ ଭଲ । ଆମେ ସେ ଝିଅମାନଙ୍କୁ ବ୍ଲକ ଏନ୍.ଏମ୍.ଆର୍ ରେ ରଖାଇ ଦେବା ।

କପିଳା - ରଖାଇ ଦେବେତ ? ସେଇ କଥା କୁହନ୍ତୁ । ଆଜ୍ଞା, କିଛି ଚିନ୍ତା କରନ୍ତୁ ନାହିଁ । ମୁଁ ଏଥର କରାଇ ଦେବି । ଦିଜଣ ଟୋକୀ ମୁଁ ଠିକ୍ କରିଛି ।

ଚେୟାର୍‌ମ୍ୟାନ- ମୁଁ କଣ କହୁଥିଲିକି ଯଦି କୌଣସି ଦିଗରୁ ଜଣକୁ ବଦନାମ କରାଯାଇ ନ ପାରେ, ଶେଷ ଅସ୍ତ୍ର ହେଲା ତାର ଚରିତ୍ରସଂହାର । କପିଳ ଲେଖାଇ ଆଣିବା ପରେ, ସମ୍ବାଦପତ୍ରକୁ ଦେଇଦେବା । ଥରେ ଏ ଖବର ପ୍ରକାଶିତ ହୋଇଗଲେ, ତାର ମୁଣ୍ଡ ନିଶ୍ଚୟ ତଳକୁ ହୋଇଯିବ । ମିଥ୍ୟା ବୋଲି ସେ ପ୍ରମାଣ କରୁ ।

ବିଡ଼ିଓ - ଆପଣ କହୁଛନ୍ତି ସିନା, କୋଉ ଖବର କାଗଜ ପ୍ରକାଶ କରିବ ନାହିଁ । ଯୁଗବାଣୀ ପ୍ରଭାକର ଦାଶର ବଡ଼ ସମର୍ଥକ ।

ଚେୟାର୍‌ମ୍ୟାନ- ସେ ତ ଖାଲି ତାକୁ ସମର୍ଥନ କରୁନି, ପଞ୍ଚାୟତ ସମିତି ବିରୁଦ୍ଧରେ ଲେଖୁଛି । ଆପଣଙ୍କ ବିରୁଦ୍ଧରେ ଲେଖୁଛି । ସେ ସାମ୍ବାଦିକଟା ଏଥର ଆସୁ । ମୁଁ ତାକୁ ଛାଡ଼ିବି ନାହିଁ ।

ବିଡ଼ିଓ - ଲେଖୁ ଆଜ୍ଞା ।

Digitized by srujanika@gmail.com

ଚେୟାର୍‌ମ୍ୟାନ- କାହିଁକି ଲେଖିବ ? କି ଦୁର୍ନୀତିଗୁଡ଼ାକ ସେ ଦେଖି ପକେଇଲା ଯେ ଆମ ବିରୁଦ୍ଧରେ ଲେଖିବ । ତାର ଲେଖିବା ହାତକୁ ଦେହରୁ ବାହାର କରି ମୁଁ ଫିଙ୍ଗିଦେବି ।

କପିଳା - ତାହେଲେ ଆଜ୍ଞା ମୁଁ ଯାଉଛି । ମୋ କାମରେ ଲାଗିବି ।

ଚେୟାର୍‌ମ୍ୟାନ- ଲାଗିବି କହିଲେ ହେବ ନାହିଁ । ଶୀଘ୍ର କାମ ହାସଲ କର । ହଁ, କ'ଣ ତୁମେ କରୁଚ, ରାତିରେ ଆସି ମୋତେ କହ ।

କପିଳା - ଆଜ୍ଞା, କାଣିଆଟା ମୋତେ ଗୋଡ଼େ ଗୋଡ଼େ ଲଗିଛି ।

ଚେୟାର୍‌ମ୍ୟାନ- ତୁମେ ସେ କାଣିଆଟାକୁ ନିଜର କରିପାରିଲନି ? ତୁମର ବଂଧୁ ସେ, ସେ କାହିଁକି ତାପଟରେ କାମ କରିବ ?

ବିଡ଼ିଓ - ଆଜ୍ଞା, ଆପଣ ଯାହା କହୁଛନ୍ତି, ଏତେ ଶୀଘ୍ର ତାହା ସମ୍ଭବ ନୁହେଁ । ଜଣକୁ ଲୋକେ ଭଲ ପାଇ ସାରିଛନ୍ତି, ସେ ଖରାପ ବୋଲି ପ୍ରମାଣ ନ ଦେଖେଇବା ପର୍ଯ୍ୟନ୍ତ, ଲୋକେ କାହା କଥା ବିଶ୍ୱାସ କରିବେ ନାହିଁ । ଏଇ ଯେଉଁ ଲୋକମାନେ ଲାଞ୍ଛ ଅଭିଯୋଗ ଆଣିଛନ୍ତି ସେମାନେ କ'ଣ କହୁଛନ୍ତି ଆଗ ଦେଖନ୍ତୁ ।

ଚେୟାର୍‌ମ୍ୟାନ- ସେ ଅଞ୍ଚଳର ଗୋପବନ୍ଧୁ ସାଜିଛି । ସ୍ତ୍ରୀ ସାଜିଛି ରମାଦେବୀ । ଗରୀବମାନଙ୍କ ପାଇଁ ଯା ପ୍ରାଣ କାନ୍ଦି ଉଠୁଛି । ଥା, ଏମିତି କରୁଛି, ଯେମିତି ତାର ଚିହ୍ନ ବର୍ଣ୍ଣ ରହିବ ନାହିଁ । ହଁ କପିଳ, ତୁମେ ଆସ, ମୋତେ କାଲି ରାତିରେ ଆସି ଦେଖାକର ।

କପିଳା - ତାହେଲେ, ମୁଁ ଆସୁଛି ସାର୍ । (ପ୍ରସ୍ଥାନ)

ବିଡ଼ିଓ - ପ୍ରଭାକର ବାବୁ ଦେଇଥିବା ପଞ୍ଚାୟତ ଉନ୍ନୟନ କାର୍ଯ୍ୟର ତାଲିକା କଲେକ୍ଟର ମୋ ପାଖକୁ ପଠାଇଛନ୍ତି । ସେ କହିଛନ୍ତି' ଏ କାମ ସର୍ବ ଶୀଘ୍ର କର ।

ଚେୟାର୍‌ମ୍ୟାନ- ଗୋଟାଏ ହେଲେ ଉନ୍ନୟନ କାର୍ଯ୍ୟ ତା ପଞ୍ଚାୟତରେ ହୋଇ ପାରିବ ନାହିଁ । ତା ମୁଁ କରାଇ ଦେବି ନାହିଁ ।

ବିଡ଼ିଓ - ଆପଣ କ'ଣ କରିବେ ? ଉପର ମହଲରୁ ଯଦି ହୁକୁମ ଆସେ, ତା'ହେଲେ ଆପଣ କରିବାକୁ ବାଧ । ନଚେତ୍ ପଞ୍ଚାୟତ ସମିତିକୁ ସସ୍‌ପେଣ୍ଡ କରି ଦିଆଯାଇପାରେ । ଆପଣ କଲେକ୍ଟରଙ୍କୁ ବଦଳି କରୁନାହାନ୍ତି କାହିଁକି ? ମନ୍ତ୍ରୀ ଆପଣଙ୍କ ଲୋକ । ତାଙ୍କ ପ୍ରତି

Digitized by srujanika@gmail.com

ହୋଇଥିବା ଅପମାନର ବଦଲା ଆପଣ ନେଉଛନ୍ତି । ଆପଣ ତାଙ୍କର ଡ଼ାହାଣ ହାତ ।

ଚେୟାର୍‌ମ୍ୟାନ- ଆପଣ ଜାଣନ୍ତି ନାହିଁ, ମୁଖ୍ୟମନ୍ତ୍ରୀ ପ୍ରଭାକର ଦାଶର ବଡ଼ ସମର୍ଥକ ।

ବିଡ଼ିଓ - ତାହେଲେ ଆପଣ କ'ଣ କରିବେ ? ଯାହା କରୁଛନ୍ତି ହୁସିଆରରେ କରନ୍ତୁ । ପଞ୍ଚାୟତ ସମିତି ସସ୍‌ପେଣ୍ଡ୍ ହୋଇପାରେ । ଯୁଗବାଣୀ ରିପୋର୍ଟକୁ ଭିତ୍ତି କରି କଲେକ୍ଟର ବଡ଼ ଅସନ୍ତୁଷ୍ଟ । ସେଇ କଥା କହିବାକୁ ମୁଁ ଆସିଥିଲି । ଆସୁଛି । ନମସ୍କାର ।

ଚେୟାର୍‌ମ୍ୟାନ- ମୁଁ ତାକୁ ଜୀବନରେ ଶେଷ କରିଦେବି । ଦେଖିବି କିଏ କ'ଣ ମୋର କରିବ । (ଅଟ୍ଟହାସ୍ୟ)

- ଅନ୍ଧାର -

- ଷଷ୍ଠ ଦୃଶ୍ୟ -

(ରାସ୍ତା । କପିଳା ବସିଥିଲା । ହାତରେ ମଲ୍ଲିମାଳ ବନ୍ଧା ହୋଇଛି । ଭଲ ପୋଷାକ । ସତେ ଯେପରି ସେ ପ୍ରେମିକ । ହ୍ବଇସିଲ୍ ମାରି ଗୀତ ଗାଉଥାଏ । ସେଇ ବାଟ ଦେଇ କମଳା ଯାଉଥିଲା ।)

କପିଳା - (ଗେହ୍ଲେଇ ହୋଇ) କମଳି, ଆଲୋ କମଳି । ତୋତେ ଝୁରି ଝୁରି ମଲିଣି ଲୋ କମଳି ।

କମଳା - ହଇରେ, ରାସ୍ତା ମଝିଟାରେ ଏମିତି କ'ଣ ଗୀତ ଗାଉଛୁ ? ଯଦି କିଏ ଶୁଣିଦେବ, ତା'ହେଲେ ସର୍ବନାଶ ।

କପିଳା - କିଏ ଶୁଣିଦେଲେ କି ଦେଖିଦେଲେ ଆମର ଯାଏ ଆସେ କ'ଣ ? ଆମେ ପରା ବାହା ହେବା ।

କମଳା - ଦେଖ ଜାଣିଆ ସବୁ ଜାଣିଗଲାଣି । ମା'ଙ୍କ ଆଗରେ ମୋତେ ଦେଖେଇ ବହୁତ କଥା କହିଲା । ତୁ ତାକୁ କଣ କହିଲୁ କି ?

କପିଳା - ଆରେ ଆମ୍ବ ପାଚିଲେ କୁଆକୁ କ'ଣ ଅଜଣା ରହିବ ? ତୁ ମୋତେ କହିଲୁ, ତୁ କ'ଣ ଠିକ୍ କଲୁ ?

Digitized by srujanika@gmail.com

କମଳା - ହଇରେ ମାଇପ ମରି ଦି ମାସ ହୋଇନି, ବାହା ହେବାପାଇଁ ଉଚ୍ଛନ୍ନ ହୋଇ ପଡ଼ିଲୁଣି । ଘରେ ଭେଣ୍ଡା ପୁଅ, ଝିଅ । ସେ ଟୋକାତ ହାଣୁଆ । କାହାକୁ ମାନୁନି । ଏକଥା ଶୁଣିଲେ ସେ ମୋତେ ହାଣି ଦେବନି ?

କପିଳା - ଆଲୋ ପୁଅଝିଅ ମୋର କ'ଣ କରିବେ ? ମିଆଁ ବିବି ରାଜି ତୋ କ୍ୟା କରେଗା କାଜି ।

କମଳା - ମିଆଁ ରାଜି ହୋଇପାରେ, କିନ୍ତୁ ବିବି ରାଜି ନୁହଁ ।

କପିଳା - ସତ କହୁଛୁ କମଳା, ତୁ ମୋ କଥାରେ ରାଜି ନୁହଁ । ତାହେଲେ ତୁ କହୁଛୁ ତୋପାଇଁ ମୁଁ ଆତ୍ମହତ୍ୟା କରିବି ।

କମଳା - ହଁ, ହଁ, ମୁଁ ତୋ ପରି ଅନେକଙ୍କୁ ଦେଖିଛି । ଏମିତି ତ କେତେ ଆତ୍ମହତ୍ୟା କରି ଦେଲେଣି, ଆଉ ଖାଲି ତୁ ବାକୀ ଅଛୁ । ଛାଡ଼େ-ମୋ ବାଟ ଛାଡ଼େ, ମୁଁ ଯିବି ।

କପିଳା - ହଇଲୋ କମଳି, ଖାଲି ଟିକିଏ ହଁ କରିଦେଇ ଯାଆଲୋ । ରାତିରେ ଟିକିଏ ଭଲ ନିଦ ହେବ । ତୋ ପାଇଁ ରାତି ଶୋଇ ପାରୁନି ଲୋ । ଭୋକ ହଉନି । କିଛି କାମ କରିବାକୁ ମନ ହଉନି । କାହିଁକି ସେମିତି ହେଉଛୁ ?

କମଳା - ଦେଖେ, ବର୍ତ୍ତମାନ ମୁଁ କିଛି କହିପାରିବିନି । ମୋର ତେଣେ ବେଳ ହୋଇଗଲାଣି । ମା ଅପେକ୍ଷା କରିଥିବେ ।

କପିଳା - ମା' ପାଖକୁ ପଛେ ଗଲେ ହବନି ?

କମଳା - ଆରେ ରିହରସାଲ୍ ଚାଲିଛି ପରା ।

କପିଳା - ରିହରସାଲ, ସେଇଟା ପୁଣି କ'ଣ ଲୋ ?

କମଳା - ନାଚ ରିହର୍ସାଲ, ମା ଶିଖଉଛନ୍ତି । ମାର ମୋର ନାଚିବୁ । ପ୍ରେମ ଦିବସ ପାଳିତ ହେବ ।

କପିଳା - ପ୍ରେମ ଦିବସ ଦିନ ଆମର ବାହାଘରଟା ହୋଇଗଲେ ଭଲ ହୁଅନ୍ତା ।

କମଳା - ତୁ ଏମିତି ଛାନିଆଁ ହ'ନି । ମୋତେ ଟିକିଏ ଭାବିବାକୁ ଦେ । ଭଲ କାମଟିଏ କରୁଛି । ତାକୁ ଛାଡ଼ି ତ ପାରିବି ନାହିଁ ।

Digitized by srujanika@gmail.com

କପିଳା - ହଇଲୋ, ମୋ ହାତ ଧରିଲେ ଆଉ କାମ କ'ଣ କରିବୁ ? ତୁ ରାଣୀ ହବୁ । ତୋର ପଣେ ହେବେ ଚାକରାଣୀ । ତୋତେ ମୁଣ୍ଡରେ ବସାଇ ବୁଲିବି ଲୋ ।

କମଳା - ହଉ, ତୋ ରସିକ ପଣିଆ ରଖିଥା । ପରେ ତୋ କଥା ବୁଝିବା । ଭଲ କରି ରାତିରେ ଶୋଇପଡ଼ । (ଗୀତ ଗାଇ ଚାଲିଗଲା)

କପିଳା - ଚାଲିଗଲା । ହଁ, ନା କିଛି ନ କହି ଚାଲିଗଲା । ତାଠାରୁ କାମ ଆଦାୟ କରିବାକୁ ଅଛି । ତାର ଦରଖାସ୍ତ ଉପରେ ସରପଞ୍ଚ ବରଖାସ୍ତ ହେବ । କିନ୍ତୁ କମଳି ତ ଧରା ଦଉନାହିଁ । ତେଣେ ଚେୟାରମ୍ୟାନ ମୋର ପ୍ରାଣ ଖାଇଗଲାଣି । ଏ ବାରଜଣଯାକ ତା ବିରୁଦ୍ଧରେ ନ କହିଲେ, ଜଏଲ ଭୋଗିବା ଛଡ଼ା ଅନ୍ୟ ଗତି ନାହିଁ । ଯେତେ ଲେଖିଲେ, କଲେକ୍ଟର କୌଣସି କଥାକୁ ବିଶ୍ୱାସ କରୁନାହିଁ । (ଏଇ ସମୟରେ ଭେଙ୍କଟ ରାଓ ମଞ୍ଚରେ ପ୍ରବେଶ କଲେ ।)

ଭେଙ୍କଟି - ଆବାବା, ଏତା କିସ ହେ, କପିଳଗାରୁ, ଆମ କତା ତୁମେ ଶୁଣିଲନି, ତୁମ କତା ତୁମେ ଦେକ ।

କପିଳ - ଆରେ ଭେଙ୍କିଟିବାବୁ ।

ଭେଙ୍କଟି - ଆଜି ମଦନ ମନୋହର ବେଶ । ମଲ୍ଲୀଫୁଲ । ଆଖିରେ ସୁରମା । କତା କନ ହେ କପିଳଗାରୁ । ବଡ଼ ଦିଲଦାର ଲାଗେ ଦୁଶୁଛହେ । ତୁମର ମ୍ୟାରେଜ ଅବ କିଏ ? ଭାରି ବାସୁଚ । ବଡ଼ ସୁନ୍ଦରିଆ ଦେକାଯାଉଚ । କନ ଆମେ ମିଚ କଇଲା କିଏ ?

କପିଳ - ନାଇଁ ସେପରି କିଛି ନୁହେଁ । ମୁଁ ଦଶଦିନ ହେଲା ଗାଁରେ ନଥିଲି ହେ ଭେଙ୍କିଟିବାବୁ ।

ଭେଙ୍କଟି - ତୁମେ ଆମ ଭାରିଆକୁ ସକାଲେ ଡ଼ାବୁ ଦବ ବୋଲି କଇଲା । କାଇଁ ତୁମର ଦେକା ହେଲାନି । ସକାଲ ସକାଲ ହେଇ, କେତେ ସକାଲ ଗଲା, ଆମ ଟଙ୍କା ଦେଲନି ।

କପିଳ - କ'ଣ କରିବି ଭେଙ୍କିଟି ବାବୁ । ସମସ୍ତେ ଦଶହଜାର କରି ନେଇଛନ୍ତି, ତୁମକୁ ପନ୍ଦର ହଜାର ଦେଲେ, ସେମାନେ ପୁଣି ଟଙ୍କା ମାଗିବେନି ।

ଭେଙ୍କଟି - ସେଟିରୁ ଆମକୁ କିସ୍ ମିଳିବ ହେ । ଆମକୁ କଇଲ, ପନ୍ଦର ଦବ । ସେତକ ଦିଅ । ନହେଲେ ବିପି ଏକି ପୋତନ୍ଦି । ଆମକୁ କିଛି ଆଉ କଇବନି ହେ । ଆମେ ଚାଲିଲା । ଯା ତୁମର ଇଚ୍ଛା ।

Digitized by srujanika@gmail.com

କପିଳ - ଏମିତି ରାଗିଲେ ହବକି ?

ଭେଙ୍କଟି - (ଦର୍ଶକଙ୍କୁ ଲକ୍ଷ୍ୟ କରି) ଦେଖନ୍ତୁ ଆଜ୍ଞା । ୧୫ କହି ୧୦ ଦେଲା । ଆମକୁ ତାପୁ ପାଇଟି କରିବାକୁ ଶିଖେଇଲା । ଆପନମାନେ ସାକ୍ଷୀ । ଆମେ କାହିଁକି ୟା କଥା ମାନିବା । ଏମାନେ ଖାଇବେ ଲକ୍ଷ, ଆମକୁ ଦବ ହଜାର । ଛାଡ଼ । କପିଲଗାରୁ, ବଲ କରି ଭାବ । ଆମେ କନ ଅନ୍ୟାୟ କଇଲା । ୟାକୁ ମିଶାଇ ସୁମାରେ ମୁହୁ ଟାଇମ ତୁମକୁ କଇଲା । ଆଉ କଇବ ନାହିଁହେ । ତୁମ କାମ ତୁମେ କର । ତୁମ ଦଶହଜାର ତୁମେ ନେଇଯାଅ । ଆମ ଦରଖାସ୍ତ ଆମକୁ ଫେରେଇ ଦିଅ । ତମ ଟଙ୍କା ଆମେ ଖାଇବାନି ହେ । ଟଙ୍କା ଆସି ନେଇଯାଅ । ସରପଞ୍ଚ ମାଷ୍ଟି ମାନିସି, ଦେଉଁତୁ । ତା ବିରୁଦ୍ଧରେ, ତାପୁ ତାପୁ । ହଉ ଆମେ ଆସିଲା । ନମସ୍କାରମ୍ । (ଚାଲିଯାଉଥିଲା)

କପିଳ - ଭେଙ୍କିଟିବାବୁ, ଶୁଣ, ଶୁଣ । ଟଙ୍କା ନେବ ପରା ନିଅ । ଏବେ ପାଞ୍ଚହଜାର ନେଇଯାଅ । ଦେଖ, ମୁଁ ଯାହା କହିବି, ତା ଶୁଣିବ ।

ଭେଙ୍କଟି - ମାନେ ଏତା କିସହେ । ତମେ କିସ୍ କଇବ ହେ । କିସ୍ କଇବ ଏବେ କହ ହେ ।

କପିଳ - ତୁମେ ସରପଞ୍ଚଙ୍କୁ ଟଙ୍କା ଲାଞ୍ଚ ଦେଲ ବୋଲି କହିବ । ଆମକୁ ଇନ୍ଦିରାଆବାସ ଘର ଦେବ କହି ଲାଞ୍ଚ ନେଲା । ହେଲେ ଘର ଦେଲାନି ।

ଭେଙ୍କଟି - ହାକିମ ଆଡ଼ିଗିତେ । ମାନେ ହାକିମ ପଚାରିଲେ ତୁମର ନିଜର ଘର ନାଇଁକିହେ, ସେତେବେଳେ ଆମେ କିସ୍ କଇବ ହେ । ଯାହା କଇବାର କଥା ଏବେ କଇଦିଅ ହେ ।

କପିଳ - ଘରଥିଲା ଯେ ଚାଳଘର । ଭଲ ଘରଟିଏ ମିଳିବ ବୋଲି ଆଶାକରି ଟଙ୍କା ଦେଇଥିଲି ।

ଭେଙ୍କଟି - ହଉ, ଏଇ କତା, କଇଦେବାହେ, ନମସ୍କାରମ । (ପ୍ରସ୍ଥାନ)

କପିଳ - ଟଙ୍କା ନେଇଗଲା । ଭଲ ହେଲା । ମଣିଷ ଟିକିଏ ରକ୍ଷା ପାଇଗଲା । ଯଦି ଏଗୁଡ଼ାକ ଏପଟସେପଟ କରି କହିବେ, ତା'ହେଲେ ମଣିଷ ମଘିଗଲା ।

Digitized by srujanika@gmail.com

(ଏ ସମୟରେ ପୋଲିସ୍ ସବ୍-ଇନ୍ସପେକ୍ଟର ପ୍ରବେଶ ଦଲେ ।)

ଏସ୍.ଆଇ - କପିଳ, ତୁମେ କ'ଣ ଆଜିକାଲି ଘରେ ରହୁନାହଁ ?

କପିଳ - ଫୁରୁସତ୍ ମିଳୁଛି କିଆଜ୍ଞା । ସବୁବେଳେ ଚେୟାରମ୍ୟାନର କାମ ।

ଏସ୍.ଆଇ - ହଁ ତୁମକୁ ଜଣାଇବାକୁ ଆସିଥିଲି । କଲେକ୍ଟର ତୁମର ଅଭିଯୋଗ ତଦନ୍ତ କରିବେ । ଯେଉଁ ବାରଜଣ ସରପଞ୍ଚ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି, ସେମାନେ ସମସ୍ତେ ଉପସ୍ଥିତ ରହିବା ଦରକାର । ନହେଲେ ତୁମର ଅଭିଯୋଗ ଖାରଜ ହୋଇଯିବ । ହୁସିଆର ରହିବ ।

କପିଳ - କିନ୍ତୁ ଆଜ୍ଞା, ସାରେ, ଗୋଟିଏ କଥା କରିବେ । ସେଠାକୁ ଯେପରି ସରପଞ୍ଚ ନ ଆସେ ।

ଏସ୍.ଆଇ - ତା ମୁଁ କିପରି କହିବି ? ତା' କଲେକ୍ଟରଙ୍କ ଉପରେ ନିର୍ଭର କରେ । ଅନାସ୍ଥା ପ୍ରସ୍ତାବପାଇଁ ଲାଗିଥିଲ, କ'ଣ ହେଲା ?

କପିଳ - ସମସ୍ତେ ହଁ ମାରିଥିଲେ । ଚେୟାରମ୍ୟାନ ଜଣଜଣକୁ ଡ଼କାଇ ରାଜି କରାଇଥିଲେ । ମୁଁ ଦରଖାସ୍ତ ଧରି ଯିବାବେଳକୁ ନାହିଁ କରିଦେଲେ ଆଜ୍ଞା ।

ଏସ୍.ଆଇ - ହଁ, ସେଇକଥା ମୁଁ କହୁଛି । ତୁମେ ଆଜି ହିମାଳୟ ବିରୁଦ୍ଧରେ ଲଢ଼ିବାକୁ ଯାଉଛ । ଟେକାଟିଏ ଫିଙ୍ଗିଲେ ହିମାଳୟର କିଛି ହେବନି ଏପରି ହେବ, ସେ ଟେକା ଫେରିଆସି ତୁମ ମୁଣ୍ଡ ଫଟାଇଦେବ । ମୋର ତ ଏସବୁ କରିବାକୁ ଇଚ୍ଛା ନାହିଁ । ଖାଲି ଚେୟାରମ୍ୟାନଙ୍କ ଅନୁରୋଧରେ ବାଧ୍ୟ ହେଉଛି ସିନା ।

କପିଳ - ଆପଣ ସେପରି କହିଲେ ହବକି ସାରେ । ଆମେ ସବୁ ଦୁର୍ବଳ ହୋଇଯିବୁ । ଏନକ୍ୱାରୀ କେଉଁଠି ହବ ଆଜ୍ଞା ?

ଏସ୍.ଆଇ - ବ୍ଲକ ଅଫିସରେ

କପିଳ - ସେଥିପାଇଁ କ'ଣ ବନ୍ଦୋବସ୍ତ ହୋଇଛି ?

ଏସ୍.ଆଇ - ହଁ, ମୁଁ ଏସ୍.ପି.କୁ ଲେଖିଛି ୪ ପ୍ଲାଟୁନ୍ ଫୋର୍ସ ପଠାଇବାକୁ । ନଚେତ୍ କି ଦୁର୍ଘଟଣା ହେବ, ତା କିଏ କହିପାରିବ ? କଳିଙ୍ଗନଗର ଅବସ୍ଥା ହୋଇପାରେ । ସରପଞ୍ଚ ଆସିଲେ ହଜାର ହଜାର ଲୋକ ଆସିବେ । ସେଣାଇ ବ୍ରାଞ୍ଚ ଥାନାକୁ ଆସି କହିଗଲେଣି, ହୁସିଆର ରହିବାକୁ ।

Digitized by srujanika@gmail.com

କପିଳ - ଆପଣ ବ୍ଲକ ଅଫିସ ଚାରିପଟେ ତାରବାଡ଼ ବୁଲାଇ ଦିଅନ୍ତୁ । କାହାକୁ ଜଣକୁ ହେଲେ ଛାଡ଼ନ୍ତୁ ନାହିଁ ।

ଏସ୍.ଆଇ - ତୁମେ ସେକଥା ମୋତେ ନ କହି ମୁଖ୍ୟମନ୍ତ୍ରୀଙ୍କୁ ଯାଇକହ । ଗୋଟାଏ ନାଟ ଲାଗିଛି ।

କପିଳ - ଭଲ କଥାଆଜ୍ଞା । ଆପଣ ଦସ୍ତଖତ କରିବାକୁ କହିଲେ । ମୋତେ ଏବେ ଦୋଷ ଦେଉଛନ୍ତି ।

ଏସ୍.ଆଇ - ମୁଁ କହିନିହୋ ବାବୁ । ଚେୟାରମ୍ୟାନ କହିଲେ । ୧୨ଜଣଯାକ ଆସିବେ ତ ?

କପିଳ - ମୁଁ କିମିତି କହିବି ଆଜ୍ଞା । କାହାର କୋ'ଠି କାମ ଥିବ । ନ ଆସିପାରେ ।

ଏସ୍.ଆଇ - ତେବେ ମାକ୍ସିମମ୍ ଆସିବାକୁ ପଡ଼ିବ । ଏହା ଅତି ଜରୁରୀ । ତୁମେ ଅନାଥାଶ୍ରମ କଥା କହୁଥିଲ । କ'ଣ ଲେଡ଼ି ୱାଚର ଠାରୁ ଦରଖାସ୍ତ ଆଣିଲ ?

କପିଳ - ଚେଷ୍ଟା ତ କରୁଚି ଆଜ୍ଞା ।

ଏସ୍.ଆଇ - ଯଦି ନ ପାରୁଛ, ବଡ଼ ବଡ଼ କଥା କହନାହିଁ । ତୁମପ୍ରତି ବିପଦ ।

କପିଳ - ଆପଣ ଥାଉ ଥାଉ ମୋତେ ବିପଦ ଆସିବ କି ଆଜ୍ଞା । ଆପଣମାନେ ସରପଞ୍ଚକୁ ସମର୍ଥନ କରୁଛନ୍ତି । ଆପଣଙ୍କୁ ପଇସାଟିଏ ମିଳୁଛି ? ମଦ କରିବା ବନ୍ଦ । ସେଇଥିରୁ ଭଲ ଦି ପଇସା ପାଉଥାନ୍ତେ । ଏ ସରପଞ୍ଚ ଏମିତି କରିଦେଲାଯେ, ଯିଏ ମଦ ପିଇଲା, ମାଇପହାତରୁ ଛାଞ୍ଚୁଣି ମୁଣ୍ଡାରେ ପିଟା ଖାଇଲା । ଖାଇବା ବନ୍ଦ । ପଞ୍ଚାୟତରୁ ମଦ ବନ୍ଦ । ବାହାରକୁ ଗଲେ ଯାହା ଟିକିଏ ପିଇବାକୁ ମିଳୁଛି । ଆଜ୍ଞା, ଆଜି ଖବର କାଗଜରେ ପଢ଼ିଲି, ବାଚସ୍ପତି ଯେଉଁ ବିରୋଧୀଦଳ ଉପରେ ଜୋରିମାନା କରିଥିଲେ, ବସ୍ତା ବସ୍ତା ଖୁଚୁରା ଟଙ୍କା ଜମା କରିଦେଲେ ଆଜ୍ଞା । ଏତେ ଟଙ୍କା କୋଉଠୁ ପାଇଲେ ଆଜ୍ଞା ?

ଏସ୍.ଆଇ - କପିଳ, ବକବାସ ବନ୍ଦ କର । ବଡ଼ ରାଜନୀତିଜ୍ଞ ପରି ଏ ଲୋକଟାକୁ ଲାଗୁଛି । ଦେଖ, ମୁଁ ଯାହା କହିଲି, ସବୁ କର । ମୋତେ ପଛେ ଦୋଷ ଦେବନି । ମୁଁ ଆସୁଛି ।

Digitized by srujanika@gmail.com

କପିଳ - ଆପଣ ଚାଲିଯିବେକି ଆଜ୍ଞା ? ମୁଁ ରାତିରେ ଘରକୁ ଆସିବି ।

ଏସ୍.ଆଇ - ତୁମେ ଆସିବା ଦରକାର ନାହିଁ । ଲୋକେ ତୁମ ଉପରେ ତାତି ଉଠିଲେଣି । (ପ୍ରସ୍ଥାନ)

କପିଳ - ଆରେ ବାପ୍‌ରେ, ଏ କ'ଣ ନାଲି ଆଖି ଦେଖାଇଲାଣି । ଲୋକମାନଙ୍କୁ ଯୋଗାଡ଼ କରିବାକୁ ହେବ । କେବେ କଲେକ୍ଟର ଆସିବେ, ଦିନ ଜଣା ପଡ଼ିଲେ ସିନା ଯାହା କରିଥାନ୍ତି । ଏ ଗାଁରେ ରହିଲେ ଆଉ ଭଲ ନାହିଁ । ତେବେ, ପିଲାମାନଙ୍କୁ ଛାଡ଼ି କୁଆଡ଼େ ଯିବି ? ଯାଏ, ଝିଅଟାକୁ ଜ୍ୱର ହୋଇଥିଲା, କିମତି ଅଛି ଦେଖେ । (ପ୍ରସ୍ଥାନ)

(ସରପଞ୍ଚ ଆସୁଥିଲେ । ବିପରୀତ ଦିଗରୁ ସାମ୍ବାଦିକ ଆସି ନମସ୍କାର କରିଛନ୍ତି)

ସାମ୍ବାଦିକ - ନମସ୍କାର ସାର୍ ।

ସରପଞ୍ଚ - ଆପଣ ?

ସାମ୍ବାଦିକ - ମୁଁ ଯୁଗବାଣୀ ଦୈନିକ ସମାଚାରର ଜିଲ୍ଲା ପ୍ରତିନିଧି ରଜତ ଶର୍ମା । ଆପଣ ମୋତେ ଏତେ ଶୀଘ୍ର ଭୁଲିଗଲେଣି ।

ସରପଞ୍ଚ - ଆପଣଙ୍କୁ ମୁଁ ଜୀବନସାରା ଭୁଲି ପାରିବି ? ଆପଣ ମୋର କି ଉପକାର କରି ନାହାନ୍ତି । ଆପଣଙ୍କର ନିରପେକ୍ଷ ସମ୍ବାଦ ପରିବେଷଣ, ଆଜି ଦୁର୍ନୀତିଗ୍ରସ୍ତମାନଙ୍କର ମେରୁଦଣ୍ଡ ଦୋହଲାଇ ଦେଇଛି । ରଜତବାବୁ, କୁଆଡ଼େ ଆସିଲେ ?

ସାମ୍ବାଦିକ - ଶୁଣିଲି, କେତେ ହିତାଧିକାରୀଙ୍କର ଆପଣଙ୍କ ବିରୁଦ୍ଧରେ ଲାଞ୍ଚ ଅଭିଯୋଗ, ଆପଣଙ୍କୁ ବିବ୍ରତ କରି ପକାଇଛି । ଆପଣ ବ୍ୟସ୍ତ ହେଉଛନ୍ତି କାହିଁକି ? କଲେକ୍ଟର ଆପଣଙ୍କ ଉପରେ ଭାରୀ ସନ୍ତୁଷ୍ଟ । ଜାଣନ୍ତି, ଏ ସବୁ ଚେୟାରମ୍ୟାନ, ବିଡ଼ିଓର ନାଟ୍ । ବିଡ଼ିଓକୁ ଏଠାରୁ ଟ୍ରାନ୍ସଫର କରିବାକୁ ସେ ବ୍ୟସ୍ତ ହୋଇପଡ଼ିଲେଣି । ଥୟ ଧରନ୍ତୁ । କଲେକ୍ଟର ନିଜେ ଏନକ୍ୱାରୀ କରିବାକୁ ଆସୁଛନ୍ତି । ଆପଣ ବର୍ତ୍ତମାନ କୁଆଡ଼େ ଯାଇଥିଲେ ?

ସରପଞ୍ଚ - ଯୁବକଲ୍ୟାଣ ସଂଘ ଅଫିସକୁ ।

ସାମ୍ବାଦିକ - କ'ଣ କାମ ଥିଲା ?

Digitized by srujanika@gmail.com

ସରପଞ୍ଚ - କାମ ଆଉ କ'ଣ । ଏଇ ଯୁବକମାନଙ୍କର କଥା । ଗୋଠ ମାଡିଲେ ଖଣ୍ଡିଆ ଘୋଡ଼ା ବି ମାଡେ । ଭାଲେଣ୍ଟାଇନ ଡ଼େ । ଯୁବକମାନେ ପାଳିବେ ।

ସାମ୍ବାଦିକ - ଆପଣଙ୍କ ପଞ୍ଚାୟତର ଯୁବକମାନେ ଭାଲେଣ୍ଟାଇନ୍ ଡ଼େ ପାଳିବେ ? ଯେଉଁଠି ଭାଗବତ ଟୁଙ୍ଗୀର ଆଦର, ସେଠାରେ ପୁଣି ଭାଲେଣ୍ଟାଇନ୍ ଡ଼େ ?

ସରପଞ୍ଚ - ସେଇକଥା ପିଲାମାନଙ୍କୁ ବୁଝାଇଲି । ପୃଥିବୀର ସର୍ବଶ୍ରେଷ୍ଠ ପ୍ରେମିକା, ପ୍ରେମିକ ଶ୍ରୀରାଧା ଆଉ ଶ୍ରୀକୃଷ୍ଣ । ସେହି ମହାନ୍ ପ୍ରେମୀଯୁଗଳଙ୍କ ସମ୍ପର୍କରେ ଆଲୋଚନା ହେବ । ''ମଥୁରାବିଜୟ'' ନୃତ୍ୟ ପରିବେଷଣ ହେବ । ନୃତ୍ୟ ପରିବେଷଣ କରିବେ ମୋର ଧର୍ମପତ୍ନୀ ଶ୍ରଦ୍ଧାଞ୍ଜଳି । ଆପଣ ନିଶ୍ଚୟ ଦେଖିବାକୁ ଆସିବେ ।

ସାମ୍ବାଦିକ - ଏକଥା ପଚାରୁଛନ୍ତି କ'ଣ ? ଏ ସୁଯୋଗ କ'ଣ ସହଜରେ ହାତଛଡ଼ା କରାଯାଇପାରେ ? ହଁ, ଆଉ ଗୋଟିଏ କଥା । ଆପଣଙ୍କ ବିରୁଦ୍ଧରେ ସିରିଅସ୍ ଆଲିଗେସନ୍ ଅଣାଯାଉଛି । ତାହା ବିଶଦଭାବେ ବୁଝିବାପରେ ଆପଣଙ୍କୁ ରିପୋର୍ଟ କରିବି । ଆପଣ ଅନାଥାଶ୍ରମ ପାଇଁ ବହୁତ ଟଙ୍କା ଫରେନ୍‌ରୁ ଆଣିଛନ୍ତି । ତାର ହିସାବ ଭିଜିଲାନ୍ସ୍ ତଦନ୍ତ କରିବେ ।

ସରପଞ୍ଚ - କରୁ । ଯେ କୌଣସି ତଦନ୍ତକୁ ମୁଁ ସ୍ୱାଗତ କରେ । ଗୋଟାଏ ପଇସା ମୁଁ କାହାଠାରୁ ଆଣିନାହିଁ । ମୋର ଶୁଦ୍ଧ ସୁବର୍ଣ୍ଣ ୨୫ ଏକର ଜମି ମୁଁ ଏଥିପାଇଁ ବିକ୍ରୀ କରିଛି । ସେଥିପାଇଁ ମୋର ଦୁଃଖ ନାହିଁ । ଶହେ ଅନାଥିନୀ ଏଥିରେ ପ୍ରତିପାଳିତ ହେଉଛନ୍ତି । ସେମାନଙ୍କର ଆକାଉଣ୍ଟରେ ସେମାନଙ୍କର ପାରିଶ୍ରମିକ ଦଶ ଦଶ ହଜାର ଜମା ରହିଛି । ସାମ୍ବାଦିକ ମହୋଦୟ, ଗୋଟିଏ କଥା ମୋ ମନକୁ ଆସେ ଏ ରାଜ୍ୟରେ ଶହ ଶହ ଏନ.ଜି.ଓ ଅଛନ୍ତି । ସେମାନେ ବିଦେଶରୁ, ଦେଶରୁ ଶହଶହ କୋଟି ଟଙ୍କା ଅନୁଦାନ ଆକାରରେ ଗ୍ରହଣ କରୁଛନ୍ତି । ସେମାନେ ଯେପରି ହରିଲୁଟ କରି ଚାଲିଛନ୍ତି, ତାହା କଣ କାହା ଦୃଷ୍ଟିକୁ ଆସୁନାହିଁ । ମୋରି ଅନାଥାଶ୍ରମ ଖାଲି ଦେଖାଯାଉଛି ।

Digitized by srujanika@gmail.com

ସାମ୍ବାଦିକ - ଏ ତ ବିଚିତ୍ର ଦେଶ । ଏ ଦେଶରେ ଅବୁଝାମଣା ରାଜାକୁ ପାଳଚୁଣ୍ଟା ମନ୍ତ୍ରୀ । ହାତୀ ଗଳିଯିବ ପଛକେ, ପିମ୍ପୁଡ଼ିଟିଏ ଯିବା ଅସମ୍ଭବ । କିଏ କାହାକଥା ବୁଝୁଛି ? ସମସ୍ତେ ସମସ୍ତଙ୍କର କମିଶନ ପାଇ ଚୁପ୍ । ସତେ ଯେପରି ତୁଣ୍ଡରେ ତୁଣ୍ଡି ବନ୍ଧା ହୋଇଛି । ପାର୍ଲାମେଣ୍ଟ ଅଛି, ବିଧାନସଭା ଅଛି । ସଭ୍ୟମାନେ ଜଣେ କେହିହେଲେ ଏ ସଂପର୍କରେ ପ୍ରଶ୍ନଟିଏ ଉତ୍‌ଥାପନ କରି ପାରୁନାହାନ୍ତି । ଓଃ, ଏଠାରେ ପରା ପ୍ରଶ୍ନ ପଚାରିବାକୁ ସାଂସଦମାନେ ଲାଞ୍ଚ ନିଅନ୍ତି ।

ଉଭୟେ - (ହସିଲେ)

ସରପଞ୍ଚ - ଆସନ୍ତୁ ଆମ ଘରକୁ ଯିବା । ମୋର ପତ୍ନୀ ଆପଣଙ୍କ ବିଷୟରେ ମୋତେ ପଚାରୁଥିଲେ ।

- ଅନ୍ଧାର -

- ସପ୍ତମ ଦୃଶ୍ୟ -

(ବ୍ଲକ୍ ଅଫିସ୍ । ଚେୟାରମ୍ୟାନ, ଏସ.ଆଇ, ବିଡ଼ିଓ ବସିଥିଲେ । ହସର ଫୁଆରା ଛୁଟୁଥିଲା । ଚେୟାରମ୍ୟାନ ହସି ହସି ବେଦମ ହୋଇ କହୁଥିଲେ ।)

ଚେୟାରମ୍ୟାନ- ଆଦର୍ଶବାନ ସରପଞ୍ଚଙ୍କ ଯୁବକଲ୍ୟାଣ ଅଫିସ ପ୍ରାଙ୍ଗଣରେ ଭାଲେଣ୍ଟାଇନ୍ ଡ଼େ ପାଳନ କରାଯିବ । ସଭାପତିତ୍ୱ କରିବେ ନିଜେ ସରପଞ୍ଚ ମହୋଦୟ । କ'ଣ ବିଡ଼ିଓ ବାବୁ ଆପଣ ଯିବେ ।

ବିଡ଼ିଓ - ଚାଲୁନାହାନ୍ତି, ଦୁହେଁ ମିଶିକରି ଯିବା । କେମିତି ଭାଲେଣ୍ଟାଇନ୍ ଡ଼େ ପାଳିତ ହେଉଛି ସ୍ୱଚକ୍ଷୁରେ ଦେଖି, ଚକ୍ଷୁ କର୍ଣ୍ଣକୁ ପବିତ୍ର କରିବା ।

ଚେୟାରମ୍ୟାନ- କ'ଣ କହିଲେ, ମୁଁ ତା ଫଙ୍କସନ୍‌କୁ ଯିବି । ଯେ ମନ୍ତ୍ରୀଙ୍କୁ ଅପମାନ ଦେବା ସଂଗେ ସଂଗେ ମୋ ଗାଲରେ ଥାପୁଡ଼ା ମାରିଛି, ତାର ଉତ୍ସବକୁ ମୁଁ ଯିବି ? ସେ ଆମକୁ ଡ଼ାକିଲା କିପରି ? ଲୋକଟା କ'ଣ ନିର୍ଲ୍ଲଜ ।

ବିଡ଼ିଓ - ଓହୋ, ଆପଣମାନେ ଏକାଠି ରହିବେ । ଆମେ ଆଜି ଅଛୁ, କାଲି ଯିବୁ । ଆପଣ ଭାଇଚାରା ସଂପର୍କକୁ ନଷ୍ଟ କରୁଛନ୍ତି କାହିଁକି ? ମୁଁ କହିବି ଆପଣଙ୍କର ଯିବା ନିହାତି ଦରକାର ।

Digitized by srujanika@gmail.com

ଚେୟାରମ୍ୟାନ- ପୁଣି ତାର ଧର୍ମପତ୍ନୀ ଶ୍ରଦ୍ଧାଞ୍ଜଳି ନୃତ୍ୟ ପରିବେଷଣ କରିବେ । କଣ ସେଇଟା ଦେଖିବାକୁ ଯିବି ?

ବିଡ଼ିଓ - ଆପଣ ଜାଣି ନାହାନ୍ତି ଆଜ୍ଞା, ଶ୍ରଦ୍ଧାଞ୍ଜଳିଙ୍କର ଓଡ଼ିଶୀ ନୃତ୍ୟରେ ବେଶ୍ ସୁନାମ ଅଛି । ସରକାରଙ୍କ ତରଫରୁ ସେ ବୋଧେ ଫରେନ୍ ଯାଇଛନ୍ତି ।

ଚେୟାରମ୍ୟାନ- ସେପରି ଜଣେ ମହିଳା, ଏ ବେରସିକଟାକୁ ବାହା ହେଉଥିଲା କିପରି ?

ବିଡ଼ିଓ - ସବୁତ ପ୍ରଜାପତି ଘଟସୂତ୍ର । ଆପଣ କହିଲେ କ'ଣ ହେବ ? ତେବେ ମୋର ମନ ହଉଚି, ଶ୍ରଦ୍ଧାଞ୍ଜଳିଙ୍କ ନୃତ୍ୟ ଦେଖିବାକୁ । ବହୁବର୍ଷ ତଳେ ରବୀନ୍ଦ୍ରମଣ୍ଡପରେ ତାଙ୍କର ନୃତ୍ୟ ଦେଖିଥିଲି ।

ଚେୟାରମ୍ୟାନ- ଯାଆନ୍ତୁ, ଯାଆନ୍ତୁ ନିଜେ ଭାଲେଣ୍ଟାଇନ୍ ହେବେ ଆଉ ଭାଲେଣ୍ଟାଇନ୍ ଡେର ତାତ୍ପର୍ଯ୍ୟ ସଂପର୍କରେ ଗୋଟିଏ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ଦେବେ ।

ବିଡ଼ିଓ - ଛାଡ଼ନ୍ତୁ ଆଜ୍ଞା, କିଏ ଯାଉଛି । ହଁ ସବ୍ଇନ୍ସପେକ୍ଟରବାବୁ, ଆପଣ କ'ଣ କହୁଥିଲେ ?

ଏସ୍.ଆଇ. - ଫେବୃୟାରୀ ୨୦ ତାରିଖ ଦିନ କଲେକ୍ଟର ନିଜେ ଆସି ଅଭିଯୋଗ ତଦନ୍ତ କରିବେ । ବ୍ଲକ ଅଫିସରେ ତଦନ୍ତ ହେବ । ଅଭିଯୋଗକାରୀମାନେ ଉପସ୍ଥିତ ରହି ତାଙ୍କର ଅଭିଯୋଗ ବୟାନ କରିବେ । ସେଥିପାଇଁ କ'ଣ ବନ୍ଦୋବସ୍ତ କରିବାକୁ ପଡ଼ିବ ?

ଚେୟାରମ୍ୟାନ- ନିଶ୍ଚୟ କରିବାକୁ ପଡ଼ିବ । ବ୍ଲକ ସୁରକ୍ଷା ଆପଣଙ୍କର ଦାୟିତ୍ୱ ।

ବିଡ଼ିଓ - ସରପଞ୍ଚଙ୍କୁ କ'ଣ ଡ଼ାକିବାକୁ ହେବ ?

ଚେୟାରମ୍ୟାନ- ଭଲ କଥା କହୁଛନ୍ତି । ତାକୁ ଆମେ ଡ଼ାକିବା କାହିଁକି ?

ଏସ୍.ଆଇ. - ଯଦି କଲେକ୍ଟର ତାକୁ ଡ଼ାକିବାକୁ କହନ୍ତି -

ବିଡ଼ିଓ - ତାହେଲେ ତ ଅସୁବିଧା ହେବ । ତାପଛରେ ଗୁଡ଼ାଏ ଲୋକ ଅଛନ୍ତି । ଆପଣ ତ ଦେଖିଲେ, ଅନାସ୍ଥା ପ୍ରସ୍ତାବ ଆଣିବାକୁ ଶତଚେଷ୍ଟା କରି ମଧ୍ୟ, ଆମକୁ ବିଫଳ ହେବାକୁ ପଡ଼ିଲା ।

Digitized by srujanika@gmail.com

ଚେୟାରମ୍ୟାନ- ପଣ ଜଣକୁ ତିରିଶ ହଜାର କରି ଯାଚିଲି । ହଁ ଦରି, ପରେ ଦରଖାସ୍ତରେ ଦସ୍ତଖତ କଲାବେଳକୁ ନାହିଁ କରିଦେଲେ । ଯଦି ହଜାର ହଜାର ଲୋକ ତା ସାଙ୍ଗରେ ଆସନ୍ତି, ଆମେ କରିବା କ'ଣ ? ଏଇ ଦେଖୁନାହାଁନ୍ତି, ୩୦ କେ.ଜି. ଚିନି ନିଅଣ୍ଟ ଥିବା ଯୋଗୁଁ, ଡ଼ିଲର ହେଇ ପାରିଲା ନାହିଁ ଗରୀବ ଲୋକଟା । ଏ ସରପଞ୍ଚ ତା ବିରୁଦ୍ଧରେ ଲେଖିବାରୁ ନିଜେ କଲେକ୍ଟର ତା ଡ଼ିଲରସିପ୍ କାଟିଦେଲେ । ବିଡ଼ିଓଙ୍କୁ ମଧ୍ୟ ଖାତିର କରାଗଲା ନାହିଁ ।

ବିଡ଼ିଓ - ସବୁ ତ ହେଉଛି । ଆମେ କରିପାରୁଛୁ କ'ଣ ? ଏ ୧୨ଜଣ ଯେପରି ଶେଷକୁ ବୁଲି ନଯା'ନ୍ତି ।

ଚେୟାରମ୍ୟାନ୍- ସେ କପିଳାଟା ଗଲା କୁଆଡ଼େ ? ତାର ତ ଦେଖା ନାହିଁ ।

ଏସ୍.ଆଇ. - ତା କାମରେ ସେ ଲାଗିଛି । କାହାକୁ ୧୫ ହଜାର କହି ୭ ହଜାର ଦେଇଛି । ଏବେ ତାକୁ ସବୁ ଧରୁଛନ୍ତି । ମୁଁ ପାଟିକଲି, ଏ ବାରଜଣଙ୍କୁ ଯେପରି ଧରି କରି ଆସ ।

ଚେୟାରମ୍ୟାନ୍- ଏ କପିଳାଟା ବଡ଼ ବିଚକ୍ଷଣ କଥା କହୁଛି । ପାଣିରେ ସର ପକାଇଦେବ । ପଇସା ନେ, କାମ କର । ଅନାଥାଶ୍ରମ ସେକ୍ସ ସ୍କାଣ୍ଡାଲ କଥା ସେ ନିଜେ କହିଲା । ସରପଞ୍ଚ ସେଠାରେ ଅନୈତିକ କାର୍ଯ୍ୟ କରୁଛି ବୋଲି ଖଣ୍ଡେ ସେଠାରୁ ଲେଖାଇ ଆଣେ । ସେ ଲେଖିଦେଲେ, ଯାହା ଚାହିବ, ମୁଁ ତାକୁ ଦେଇଥାନ୍ତି ।

(ଏଇ ସମୟରେ କପିଳ ଆସିଛି)

ତୁମେ ଅମର ରହିବ ହେ। କପିଳ ।

କପିଳ - (ଧଇଁ ଧଇଁ ହୋଇ) ମରି ଯାଇଥାନ୍ତି । କାଶିଆଟା ସେମାନଙ୍କୁ କ'ଣ କହି ମତାଇ ଦେଲା, ମୋତେ ଜୀବନରେ ମାରି ଦେଇଥାନ୍ତେ । ପ୍ରାଣ ବିକଳରେ ଦୌଡ଼ି ପଳାଇ ଆସିଛି ।

ଏସ୍.ଆଇ. - ମୁଁ ତୁମକୁ କ'ଣ କହୁଥିଲି କପିଳ ? ଏବେ ଦେଖିଲ । ଲୋକଙ୍କୁ ଯଦି ଆଣିପାରିବ, ଖାଲି ଆଣିପାରିଲେ ତ ହବନି, ସେମାନେ କହିବେ, ଆମେ ସରପଞ୍ଚକୁ ଇନ୍ଦିରା ଆବାସ ପାଇଁ ଟଙ୍କା ଲାଞ୍ଚ

Digitized by srujanika@gmail.com

ଦେଉନ୍ତୁ । ଏହା ଯଦି ପାରିବ କୁହ, ନଚେତ୍ ମରିଯିବ । ମୁଁ ଆପଣଙ୍କୁ କ'ଣ କହୁଥିଲି ।

ଚେୟାରମ୍ୟାନ୍- ସବ୍ ଇନ୍ସପେକ୍ଟର ବାବୁ ଯାହା କହୁଛନ୍ତି, ଶୁଣିଲ ତ ? ପାରିବ ? ନା, କଲେକ୍ଟର ପ୍ରୋଗ୍ରାମ କ୍ୟାନସେଲ କରିଦେବା ।

କପିଳ - ଟଙ୍କା ନେଇଛନ୍ତି ଆଜ୍ଞା । ଟଙ୍କା ଦେଲେ ତ ଲୋକ ମଣିଷ ମାରି ପାରୁଛି । କମ୍ ନେଇଛନ୍ତି କି ଆଜ୍ଞା ?

ବିଡ଼ିଓ - ଯଦି ସେମାନେ ନ କହନ୍ତି, ତୁମେ ତା'ହେଲେ କ'ଣ କରିବ ? ଏସବୁ ଟଙ୍କା, ଯାହା ସେମାନଙ୍କୁ ତୁମେ ଦେଇଛ, ସେମାନଙ୍କଠାରୁ ଟଙ୍କା ଆଦାୟ କରିପାରିବ ? ସେମାନେ ଯଦି ତୁମ ବିରୁଦ୍ଧରେ କହିବେ, ତୁମକୁ ଜେଲ ଯିବାକୁ ପଡ଼ିବ । କ'ଣ କହୁଛ, ଭଲକରି ଚିନ୍ତା କରି କୁହ ।

କପିଳ - ଆପଣମାନେ ଏମିତି ସବୁ କହିଲେ, ମୁଁ କି ଉତ୍ତର ଦେବି କୁହନ୍ତୁ । ନରମାୟା ନାରାୟଣଙ୍କୁ ଅଗୋଚର । ମୁଁ କ'ଣ କହିବି । କାହା ପେଟ ଭିତରେ ତ ମୁଁ ପଶିନାହିଁ ।

ଚେୟାରମ୍ୟାନ୍- ବିଡ଼ିଓ ବାବୁ, କଲେକ୍ଟରଙ୍କୁ ଲେଖିଦିଅନ୍ତୁ । ଅଭିଯୋଗକାରୀମାନେ ଅନୁପସ୍ଥିତ ଅଛନ୍ତି ।

କପିଳ - ଆପଣମାନେ ମୋ ଉପରେ ରାଗନ୍ତୁ ନାହିଁ ଆଜ୍ଞା, ମୁଁ ଚେଷ୍ଟା କରିବି । ପ୍ରାଣପଣେ ଚେଷ୍ଟା କରିବି । ନାଚ ସରିବା ପରେ କମଳା କହିଛି ଲେଖିଦେବ ।

ଚେୟାରମ୍ୟାନ୍- ଲେଖିଦେବ, ଲେଖିଦେବ ବୋଲି ମାସେ ହେଲା ତୁମେ କହି ଆସୁଛ । ତୁମକଥାକୁ ପଣା ବୋଲି ପିଇ ହେଉନାହିଁ କି ପାଣି ବୋଲି ଫିଙ୍ଗି ହେଉନାହିଁ । ବଢ଼ ଅସୁବିଧାରେ ପଡ଼ିଲା ମଣିଷ ।

ଏସ୍.ଆଇ. - ମୁଁ ଆସୁଛି ଆଜ୍ଞା । ଥାନାରେ ବହୁତ କାମ । କେହି ଅଫିସର୍ ଆଉ ନାହାନ୍ତି । କ୍ୟାନସେଲ କଲେ ଶୀଘ୍ର କରନ୍ତୁ । ନହେଲେ ମୋତେ ଶୀଘ୍ର ଫୋନ କରି ଜଣାଇବେ । ମୋତେ ଚାରି ପ୍ଲାଟୁନ୍ ଫୋର୍ସ ମଗେଇବାକୁ ହେବ । ମୁଁ ଆସୁଛି । ନମସ୍କାର । (ବାହାରଗଲେ)

ଚେୟାରମ୍ୟାନ୍- କପିଳ, ମୋତେ ଖୋଲିକରି କୁହ । କିଛି ଡ଼ରିବାକୁ ନାହିଁ । ଯଦି ନ ପାରିବ, କ୍ୟାନସେଲ କରିଦେବା । ଅନ୍ୟଦିନ ସ୍ଥିର କରିବା ।

କପିଳ - ନାଇଁ ଆଜ୍ଞା, କିମିତି ହେଲେ ମୁଁ ସେମାନଙ୍କୁ ନେଇ ଆସିବି । ୨୦ ତାରିଖରେ କଲେକ୍ଟର ଆସିବେ । ମୁଁ ୧୮ ତାରିଖରୁ ସେମାନଙ୍କୁ ନେଇଆସି, ଗୋଟିଏ ଘରେ ରଖାଇଦେବା । ଖାଇବା, ପିଇବାର ସବୁ ବନ୍ଦୋବସ୍ତ କରିବେ ।

ଚେୟାରମ୍ୟାନ୍- ଖାଇବା ରାଜା ଖାନା । ଆଉ ପିଇବା - ଫରେନ୍ ମାଲ । ଯେ ଯେତେ ପିଇ ପାରିବ । ସେଥିପାଇଁ ଚିନ୍ତା କରନି । ଯାଅ, ତୁମର ଯୋଗାଡ଼ରେ ଲାଗିପଡ଼ ।

କପିଳ - ମୁଁ ତାହେଲେ ଯାଉଛି । ଆପଣଙ୍କୁ ଆସି ଖବର ଦେବି । (ଚାଲିଗଲା)

ବିଡ଼ିଓ - Sir, Please donot trust this fellow. Definitely you will be in trouble.

ଚେୟାରମ୍ୟାନ୍- ତାହାହିଁ ତ ମୁଁ ଆଶଙ୍କା କରୁଛି । କିନ୍ତୁ ବିଡ଼ିଓବାବୁ, ମୁଁ ସରପଞ୍ଚକୁ ଜୀବନରେ ଶେଷ କରିଦେବି ।

ବିଡ଼ିଓ - କାହିଁକି ଆଜ୍ଞା । ତାଉପରେ ଆପଣଙ୍କର ଏତେ ରାଗ କାହିଁକି ?

ଚେୟାରମ୍ୟାନ୍- ଆପଣ ଜାଣିନାହାଁନ୍ତି । ସେ ମୋର ଚିରଶତ୍ରୁ । ଦିନେ ସେ ମୋ ଚେୟାରମ୍ୟାନ ପଦବୀ ମୋଠାରୁ ଛଡ଼ାଇ ନେଇପାରେ । ତା' ତ ମୋତେ ସ୍ପଷ୍ଟ ଦେଖାଯାଉଛି ।

ବିଡ଼ିଓ - ଜୀବନରେ ଶେଷ କରିବା କ'ଣ ସହଜ ? ଯେତେ ସହଜ ବୋଲି ଆପଣ ଭାବୁଛନ୍ତି, ସେତେ ନୁହେଁ । ତେବେ ଗୋଟିଏ ଅନୁରୋଧ । ମୋତେ କହିଲେ, ଏକଥା ଆଉ କାହା ଆଗରେ କୁହନ୍ତୁ ନାହିଁ । ଆପଣ ସବୁକଥା ସମସ୍ତଙ୍କ ଆଗରେ ଖୋଲିକରି କହି ଦେଉଛନ୍ତି । ଅଯଥା ଟଙ୍କାଗୁଡ଼ାକ ବରବାଦ କରୁଛନ୍ତି । ଆପଣଙ୍କୁ କହି ରଖୁଛି । ଆପଣ ହୁସିଆରରେ ଚଳନ୍ତୁ ।

ଚେୟାରମ୍ୟାନ୍- କ'ଣ କରିବି, ଆପଣ କୁହନ୍ତୁ । ମୋର ଗୋଟିଏ ହେଲେ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରୁନାହିଁ । ମୁଁ ଆଜି ହତାଶ ହୋଇ

Digitized by srujanika@gmail.com

ପଡୁଛି । ମୋତେ ଚାରିଦିଗ ଅନ୍ଧାର ଦେଖାଯାଉଛି । (ପ୍ରବେଶ କରିଛି ସାମ୍ବାଦିକ)

ସାମ୍ବାଦିକ - ନିଶ୍ଚୟ ଅନ୍ଧାର ଦେଖାଯିବ ଚେୟାରମ୍ୟାନ ବାବୁ । ଆପଣ ଯେଉଁ ଅପକର୍ମ କରିଚାଲିଛନ୍ତି, ତାର ଫଳ ଆପଣ ନିକଟରେ ପାଇବେ ।

ଚେୟାରମ୍ୟାନ୍- ଆପଣ କିଏ ଏକଥା ମୋତେ କହିବାକୁ ?

ସାମ୍ବାଦିକ - ମୁଁ ଜଣେ ସାମ୍ବାଦିକ । ସବୁ ତଥ୍ୟ ସଂଗ୍ରହ କରିବା ମୋର କର୍ତ୍ତବ୍ୟ । ଦୋଷୀମାନଙ୍କୁ ଶାସ୍ତିଦେବା ମୋର କର୍ତ୍ତବ୍ୟ । ସମାଜକୁ ଶୃଙ୍ଖଳିତ କରିବା ମୋର ଦାୟୀତ୍ୱ । ଶାସକକୁ ସତର୍କ କରାଇଦେବା ମୋର ଦାୟୀତ୍ୱ ।

ଚେୟାରମ୍ୟାନ୍- ଓଃ, ଭାରୀ ଦାୟିତ୍ୱବାନ ଲୋକ ତୁମେ ।

ସାମ୍ବାଦିକ - ନିଶ୍ଚୟ । ତେହେଲକା ସାମ୍ବାଦିକ ଏପରି କି ମନ୍ତ୍ରୀଙ୍କୁ ମଧ ଗାଦିରୁ ଓହ୍ଲାଇ ଦେଲେ । ଇର୍ଜ ଫର୍ଣ୍ଣାଣ୍ଡେଜ୍ କାନମୁଣ୍ଡା ଆଉଁସି ଘରେ ବସି ପଡ଼ିଲେ । ବର୍ତ୍ତମାନ ସାଂସଦମାନେ ବହିଷ୍କୃତ ହେଲେ । ଏସବୁ କାହାଯୋଗୁଁ ସମ୍ଭବ ହୋଇଛି ? କେବଳ ସାମ୍ବାଦିକମାନଙ୍କ ଯୋଗୁଁ । ମୁଁ ଆପଣଙ୍କୁ ସତର୍କ କରାଇଦେବାକୁ ଆସିଛି । ଆପଣ ହୁସିଆରରେ କାମ କରନ୍ତୁ । ଅନାଥାଶ୍ରମ ବିରୁଦ୍ଧରେ ଅଭିଯୋଗ, ଆପଣଙ୍କର କ'ଣ ସତ୍ୟ ଉପରେ ପର୍ଯ୍ୟବେସିତ ? ଅନ୍ୟ ଯେଉଁସବୁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଆପଣଙ୍କର ବ୍ଲକରେ କାମ କରୁଛନ୍ତି ସେମାନେ କ'ଣ ସବୁ ସଚ୍ଚୋଟ ?

ଚେୟାରମ୍ୟାନ୍- ଏ ସବୁ ପଚାରିବାକୁ ତୁ କିଏ ? ତୁ କାହିଁକି ଅଯଥା ଅଫିସକୁ ଆସିଛୁ । କାହା ଅନୁମତି ନେଇ ଆସିଛୁ । ବିଡ଼ିଓ ବାବୁ, ପିଅନ ଡ଼ାକି, ତାକୁ ଅତି ଶୀଘ୍ର ବାହାର କର ।

ସାମ୍ବାଦିକ - ପ୍ରଥମେ ଆପଣ, ତାପରେ ତୁମେ, ଶେଷରେ ତୁ । ଆପଣ ପଞ୍ଚାୟତସମିତି ଅଧକ୍ଷ ହୋଇ ଭଦ୍ରାମୀ କ'ଣ ଜାଣି ନାହାଁନ୍ତି ?

ଚେୟାରମ୍ୟାନ୍- କାହାକୁ ଭଦ୍ରାମୀ ଶିଖାଉଛୁ ରେ ରାସ୍କେଲ୍ । ଏଠାରୁ ଶୀଘ୍ର ବାହାରି ଯା । ନଚେତ୍ ମାରି ମାରି ମୁଁ ତତେ ଏଠାରୁ ବାହାର କରିଦେବି ।

Digitized by srujanika@gmail.com

ସାମ୍ବାଦିକ - ଆପଣ ମାରିବେ ?

ଚେୟାରମ୍ୟାନ୍- ଦେଖିବୁ (ଉଠିପଡ଼ିଲେ) କଣ କହୁଚୁ, ମୋତେ ଧମକ ଦେବାକୁ ଆସିଛୁ । ତୁ ସରପଞ୍ଚଠାରୁ ଲାଞ୍ଚ ନେଇଛୁ । ଆଜି ମୁଁ ଦେଲେ, ତୁ ମୋ ସପକ୍ଷରେ ଲେଖିବୁ । ମାଗିବୁ ଯଦି, ଟଙ୍କା ମାଗେ ।

ସାମ୍ବାଦିକ - କାହାକୁ କ'ଣ ଆପଣ କହିଯାଉଛନ୍ତି ?

ଚେୟାରମ୍ୟାନ୍- ଫେରେ ଜବାବ ଦେଉଛୁ । ଇଡ଼ିୟଟ୍ (ମାରିଲେ ଚାପୁଡ଼ା ପରେ ଚାପୁଡ଼ା । ବିଡ଼ିଓ ଓଗାଳୁଥିଲେ । ବିଡ଼ିଓଙ୍କ ଉପରେ ମଧ ମାଡ଼ ହୋଇଛି । ନୀରବରେ ଠିଆ ହୋଇଥିଲେ ସାମ୍ବାଦିକ)

- ଅନ୍ଧାର -

- ଅଷ୍ଟମ ଦୃଶ୍ୟ -

(ଅନ୍ଧାର ମଧ୍ୟରେ କୁହାଯିବ । ଆଜି ଭାଲେଣ୍ଟାଇନ୍ ଡ଼େ, ଯୁବକଲ୍ୟାଣ କେନ୍ଦ୍ରରେ ପାଳିତ ହେଉଛି । ଏଥିରେ ପୌରହିତ୍ୟ କରୁଛନ୍ତି ଋଷିପ୍ରାଣ, ଦେବତୁଲ୍ୟ ଆମର ଶ୍ରଦ୍ଧେୟ ସରପଞ୍ଚ ପ୍ରଭାକର ଦାଶ)

(କରତାଳି ଧ୍ୱନି) (ଆଲୋକ ଜଳିଲା ବେଳକୁ ଦେଖାଗଲା ମାଇକ୍ ଧରି ଛିଡ଼ା ହୋଇଛନ୍ତି ସରପଞ୍ଚ)

ସରପଞ୍ଚ - ଯୁବକ ବଂଧୁଗଣ । ଆଜି ଭାଲେଣ୍ଟାଇନ୍ ଡ଼େ । ପ୍ରେମ ଦିବସ । ପାଶ୍ଚାତ୍ୟ ଦେଶରେ ଭାଲେଣ୍ଟାଇନ୍ ନାମରେ ଜଣେ ଯୁବକ ପ୍ରେମ ପାଇଁ ଆତ୍ମବଳୀ ଦେଇଥିଲେ । ତାଙ୍କରି ସ୍ମୃତି ଉଦ୍ଦେଶ୍ୟରେ ଏହି ଦିବସଟିକୁ ପାଳନ କରାଯାଉଛି । ତେବେ ଏଠାରେ ପ୍ରଶ୍ନ ଉଠେ - ଆମେ କାହିଁକି ଏ ଦିବସଟିକୁ ପାଳନ କରିବା । ଜଗତୀକରଣର କୁପ୍ରଭାବରେ ପାଶ୍ଚାତ୍ୟ ସଂସ୍କୃତି ଆମକୁ କବଳିତ କରିବାକୁ ବସିଛି । ଆମେ ତ ବହୁତ ଆଗରୁ ପାଶ୍ଚାତ୍ୟ ଭାଷାର ଦାସତ୍ୱ ସ୍ୱୀକାର କରିସାରିଛେ । ଏବେ ଭାଲେଣ୍ଟାଇନ୍ ଡ଼େ ପରି ଅପସଂସ୍କୃତିକୁ ଆପଣେଇ ନେଇ ଆମେ ପାଶ୍ଚାତ୍ୟ ସଂସ୍କୃତିର ଦାସତ୍ୱ ସ୍ୱୀକାର କରିବାକୁବସିଲେଣି । ଆମେ କାହିଁକି ଏ ସବୁ ପାଳନ କରିବା । ଆପଣମାନେ ଜାଣନ୍ତି, ଆମର ପୁରାଣ ସଂସ୍କୃତି, ଆର୍ଯ୍ୟ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ବରଗଡ଼ରେ ଧନୁଯାତ୍ରା ଉତ୍ସବ ପାଳିତ

Digitized by srujanika@gmail.com

ହେଉଅଛି । ଏହା କମ୍ ଗୌରବର କଥା ନୁହେଁ । ମୁଁ ଆପଣମାନଙ୍କୁ ଆମ ପୁରାଣର ଅମର ପ୍ରେମ କାହାଣୀ ରାଧା କୃଷ୍ଣ ପ୍ରେମଲୀଳାର ଗୋଟିଏ ଝଲକ ଦେଖେଇବାକୁ ଯାଉଛି । ଭଗବାନ ସଚିଦାନନ୍ଦ ଶ୍ରୀକୃଷ୍ଣ ଆଉ ପ୍ରେମମୟୀ ରାଧା ଥିଲେ ପବିତ୍ରପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କରି ପ୍ରେମଗାଥାକୁ ଆସ ଆମେ ସ୍ମରଣ କରିବା ।

(କରତାଳି ଧ୍ୱନୀ, ମଞ୍ଚ ଅନ୍ଧାର ହେଲା, ଆଲୋକ ଜଳିଲା ବେଳକୁ ଦେଖାଗଲା ଯମୁନାକୂଳ । କଦମ୍ବମୂଳରେ ରାଧା କଇଁ କଇଁ ହୋଇ କାନ୍ଦୁଛନ୍ତି । ପ୍ରଚ୍ଛଦପଟରୁ ଗୀତ ଭାସି ଆସିଛି ।)

ଗୀତ - କାହ୍ନୁ ଯିବେ ଚାଲି ମଥୁରା ନଗରୀ

ଛାଡ଼ି ରାଧା ଗୋପପୁର ।

କାନ୍ଦୁଛନ୍ତି ରାଇ ଯମୁନାକୂଳରେ

ନୟନୁ ବୁହାଇ ନୀର ।

ଆରେ ମନ୍ଦବିହି, ଭାଲେଥିଲୁ ଲିହି

ଅକ୍ରୁର କାହୁଁ ଅଇଲା ।

ବେନିଭାଇଙ୍କୁ ସେ ରଥରେ ବସାଇ

ମଧୁପୁର ଘେନିଗଲା ।

(ଏଇ ସମୟରେ ବଂଶୀସ୍ୱନ ଶୁଣାଗଲା । ରାଧା ବ୍ୟସ୍ତ ହୋଇପଡ଼ି ଚାରିଆଡ଼କୁ ଧାଇଁଲେ ।)

ରାଧା - ଏ ତ ଶ୍ୟାମ ସୁନ୍ଦରଙ୍କ ବଂଶୀସ୍ୱନ । କାହ୍ନୁ କ'ଣମଧୁରା ଯାଇ ନାହାନ୍ତି । ବିଶାଖା ମୋତେ ମିଛ କହିଲା । କାହ୍ନୁ ତ ମୋତେ ନ କହି କୁଆଡ଼େ ଯାଆନ୍ତି ନାହିଁ । ସେ ଏତେ ନିଷ୍ଠୁର ହେଲେ କିପରି ? ଏଇ, କାହ୍ନୁ ତ ମୋ ଆଡ଼କୁ ଆସୁଛନ୍ତି ।

(ମଞ୍ଚରେ କୃଷ୍ଣଙ୍କର ପ୍ରବେଶ । ଶ୍ରୀରାଧା କାହ୍ନୁଙ୍କର ପାଦ ଭିଡ଼ି ଧରି କାନ୍ଦୁଥିଲେ ।)

ଶ୍ରୀକୃଷ୍ଣ - ଉଠ ରାଧେ, ଉଠ ।

ରାଧା - କାହ୍ନୁ, ସତରେ କ'ଣ ତୁମେ ଏତେ ନିଷ୍ଠୁର । ମୋତେ ଛାଡ଼ି ତୁମେ ମଥୁରା ଚାଲିଯିବ ? ତୁମ ବିନା ମୁଁ ବଞ୍ଚିବି କିପରି ? ସତ କହୁଛି କାହ୍ନୁ ତୁମପାଇଁ ମୁଁ ପ୍ରାଣ ହାରିଦେବି

Digitized by srujanika@gmail.com

ଶ୍ରୀକୃଷ୍ଣ - ମୁଁ ତୁମକୁ କ'ଣ କହି ବୁଝାଇବି । ତୁମକୁ ଛାଡ଼ି ମୁଁ କ'ଣ ରହିପାରିବି ? ମୋ ବଂଶୀ ତୁମବିନା କ'ଣ ବାଜିପାରିବ ?

ରାଧା - ମୋତେ ଛାଡ଼ି କୁଆଡ଼େ ଯାଅନି କାହ୍ନୁ, ତୁମକୁ ମୋ ରାଣ ।

ଶ୍ରୀକୃଷ୍ଣ - କାହିଁକି ରାଣ ପକଉଛ ରାଧେ । ମୋତେ ଯିବାକୁ ହେବ । ସୃଷ୍ଟିର ମଙ୍ଗଳ ପାଇଁ, ଜଗତର କଲ୍ୟାଣ ପାଇଁ ମୁଁ ଯାଉଛି ରାଧେ । ଅବୁଝା ହୁଅନି ।

(ଅଭିନୟ ଓ ଗୀତ)

ରାଧା - ମଥୁରାକୁ ଆଉ ଯାଅନି କାହ୍ନୁ, ରଖିବନି କି ମୋହରି ରାଣ ।

ଶ୍ରୀକୃଷ୍ଣ - ଶପଥ କରି କହୁଛି ଗୋ ରାଧେ, ତୁମ ବିନା କି ବଞ୍ଚିବ ପ୍ରାଣ ।୦।

ରାଧା - କଳଙ୍କିନୀ ହେଲା ରାଧା, ତୁମ ଲାଗି ଗୋପପୁରେ
ଅପବାଦର ନାଗରା ବାଜୁଅଛି ତା ନାଆଁରେ
ସବୁ ଜାଣିଶୁଣି, ଆହେ ନୀଳମଣି
ନିଠୁର ହେଲେ ହାରିବି ଜୀବନ ।୧।

ଶ୍ରୀକୃଷ୍ଣ - ଶପଥ କରି କହୁଛି ଗୋରାଧେ,
ତୁମ ବିନା କି ବଞ୍ଚିବ ପ୍ରାଣ ।୧।

ଶ୍ରୀକୃଷ୍ଣ - ପାଗଳି ନ ହୁଅ ରାଇ, ଆସିବି ମୁଁ ତୁମରି ପାଇଁ
ରାଧାବିନା ଶ୍ୟାମବଂଶୀ, କେବେ କି ବାଜି ପାରଇ

ରାଧା - ବଂଶୀବନ୍ଧାଦେଇ, ଆହେ ଭାବଗ୍ରାହୀ
ଯିବ ଯଦି ଯାଅ ମଧୁଭୁବନ ।

ଶ୍ରୀକୃଷ୍ଣ - ଶପଥ କରି କହୁଛି ଗୋରାଧେ,
ତୁମ ବିନା କି ବଞ୍ଚିବ ପ୍ରାଣ ।୨।

(ମଞ୍ଚ ଅନ୍ଧାର ହେଲା, କରତାଳି ଧ୍ୱନୀ । ମଞ୍ଚ ଆଲୋକିତ ହେଲା ବେଳକୁ ସରପଞ୍ଚ ମାଇକ ଆଗରେ ଠିଆ ହୋଇ କହିବାକୁ ଲାଗିଲେ ।)

ସରପଞ୍ଚ - ଦେଖିଲେ ତ ଯୁବକ ବନ୍ଧୁଗଣ, ରାଧାକୃଷ୍ଣଙ୍କର ଅମର ପ୍ରେମର ଏକ ଝଲକ । ଏ ହେଉଛି ପ୍ରେମର ପ୍ରକୃତ ପରିଭାଷା । ଏପରି ପ୍ରେମର ଅମରଗାଥାକୁ ବକ୍ଷରେ ଧରି ଆମର ମହାନ୍ ଆର୍ଯ୍ୟ ସଂସ୍କୃତି ଯୁଗେ ଯୁଗେ ଆମକୁ ପ୍ରେମର ପ୍ରକୃତ ମାର୍ଗ ପ୍ରଦର୍ଶିତ

Digitized by srujanika@gmail.com

କରି ଆସୁଛି । କିନ୍ତୁ ତାର ଦାୟାଦ ହିସାବରେ ପାଶ୍ଚାତ୍ୟ ସଭ୍ୟତାର ଅନ୍ଧ ଅନୁସରଣ କରି ଭାଲେଣ୍ଟାଇନ୍ ଡ଼େ ପାଳନ କରିବା ଆମପକ୍ଷରେ କେତେ ଦୂର ଯଥାର୍ଥ । ଦାମୀ ଦାମୀ ଉପହାର ଆଉ ଗୋଲାପ ଫୁଲର ଆଦାନ ପ୍ରଦାନ କ'ଣ ଭାରତୀୟ ସଭ୍ୟତା । ପ୍ରେମିକ ପ୍ରେମିକା ବାହୁରେ ବାହୁ ଛନ୍ଦି ସାରାରାତି କ୍ଲବରେ ଡ୍ୟାନ୍ସ କରିବା କ'ଣ ଭାରତୀୟ ସଂସ୍କୃତି ? ଦୈହିକ ପ୍ରେମରେ ମସଗୁଲ ହୋଇ ପ୍ରେମଦିବସ ପାଳନ କରିବା କ'ଣ ଆମର ପରମ୍ପରା ? ତେବେ ଏସବୁ ଆମେ କରିବା କାହିଁକି ? ଯଦି ପ୍ରେମଦିବସ ପାଳନ କରିବାର ଅଛି, ତେବେ ଆସନ୍ତୁ ବନ୍ଧୁଗଣ, ଆମେ ସ୍ମରଣ କରିବା ରାଧାକୃଷ୍ଣଙ୍କର ସେଇ ଅମର ପ୍ରେମକୁ, ସେଇ ଶାଶ୍ୱତ ପ୍ରେମକୁ । ଜୟ ରାଧେକୃଷ୍ଣ ।

- ଅନ୍ଧାର -

- ନବମ ଦୃଶ୍ୟ -

(ରାସ୍ତା । କପିଳା, କମଳା ପାଇଁ ଅପେକ୍ଷା କରି ଠିଆ ହୋଇଥିଲା । ଆସିଛି କମଳା ।)

କପିଳା - କମଳା, କମଳା । କୁଆଡ଼େ ଚାଲିଯାଉଛୁ ? ତୋପାଇଁ ମୁଁ ଅପେକ୍ଷା କରିଛି । ଯାହା କହିବୁ ବର୍ତ୍ତମାନ କହ । ତୁ ହଁ କଲେ ପାଇବୁ ୫୦ ହଜାର ।

କମଳା - କ'ଣ ହଁ କଲେ, ପଚାଶ ହଜାର ଦବୁ । ମୁଁ ବାହାହେବା ପାଇଁ ହଁ କଲେ ପଚାଶ ହଜାର ଦେବୁ ? ଟଙ୍କାଟା କ'ଣ ମଣିଷ ପାଇଁ ସବୁଠାରୁ ବଡ଼ ଜିନିଷ ?

କପିଳା - ଭଲ କଥା କହୁଛୁ । ଟଙ୍କା ପାଇଁ ତ ସବୁ ନାଟ । ଟଙ୍କାଥିଲେ ମହାବଳ ବାଘ ଆସି ଧରାଦେବ । ଏ କଥା କ'ଣ କହୁଛୁ ।

କମଳା - ଆରେ ମୁଁ ଅନାଥିନୀ, ମୋର କିଏ ଅଛି ? ନା ପତି, ନା ପୁତ୍ର । ଅନାଥାଶ୍ରମ ମୋ ପାଇଁ ପ୍ରକୃଷ୍ଟ ସ୍ଥାନ । ଅନାଥିନୀ ଭଉଣୀମାନଙ୍କ ସେବାରେ ସମୟ ମୋର କଟିଯାଉଛି । ଯାହା କପାଳେ ପତି ଯୋଗ ନାହିଁ, ତାକୁ ପତିଟିଏ ମିଳିବ କୁଆଡୁ ? ତୁ ଯା, କାଣିଆ

Digitized by srujanika@gmail.com

ତୋତେ ମୋତେ ଦେଖିଲେ ମା, ବାବୁଙ୍କ ଆଗରେ ତିଳକୁ ତାଳ କରି ଥୋଇବ । ମୁଁ ତତେ କହି ଦେଉଛି, ମୁଁ ତତେ ବାହା ହେବି ନାହିଁ, ନାହିଁ, ନାହିଁ । ଯା, ତୋ ବାଟ ତୁ ଦେଖ୍ ।

କପିଳା - କେଡ଼େ କଥା ତୁ କହିଲୁ ଲୋ କମଳି । ଶେଷକୁ ତୁ ମୋତେ ନିରାଶ କରିଦେଲୁ ? ଆଉ ସେ କଥା, ଯାହା ମୁଁ ତତେ କହିଥିଲି, ତା କ'ଣ କରୁନୁ ?

କମଳା - ମାନେ ତୁ କହୁଚୁ, ମୁଁ ବାବୁ ବିରୁଦ୍ଧରେ ଲେଖିଦେବି । ଅନାଥାଶ୍ରମରେ ବ୍ୟଭିଚାର ଚାଲିଛି, ଯାହାକୁ ବାବୁ କରଉଛି । ହଇରେ ପୋଡ଼ାମୁହାଁ । କେଡ଼େ ବଡ଼ କଥା କହିଲୁ । ମୁଁ ଦେବତା ପରି ଲୋକ ବିରୁଦ୍ଧରେ ମିଛ ଲେଖିବି ? କି ପାପ କରିଥିଲିଯେ ଭଗବାନ ମୋତେ ଏ ଦଣ୍ଡ ଦେଉଛନ୍ତି । ଆଉ ପାପ କରିବି ? ଯା, ଯା, ନ ହେଲେ ତୋ ଇଜତ ସାରିଦେବି । (ଆଖିରୁ ଲୁହ ପୋଛି ଚାଲିଗଲା)

କପିଳା - ଏ କମଳା - ଆଲୋ ଶୁଣ । ଯା - ଚାଲିଗଲା । ମୁଁ ଏବେ କ'ଣ କରିବି ? (କାଶିଆ ଆସିଛି)

କାଶିଆ - କ'ଣ କପିଳାଇ, ନାଟକ ସରିଲା ? ନାଟକ ସରିବ କେଉଁଠି, ଶେଷ ଦୃଶ୍ୟ ବାକି ଅଛି ।

କପିଳା - ଶେଷ ଦୃଶ୍ୟ, ସେଇଟା ପୁଣି କ'ଣ ?

କାଶିଆ - ସେଇଟା ହେଲା ତୋ ଗିରଫଦାରୀ । କାହିଁକି ପାପ ପରେ ପାପ କରିଚାଲିଛୁ ? ପୋଲିସ୍ ଗିରଫ କରିବାକୁ ତତେ ଖୋଜୁଛି, ଯା ତୁ ଜାଣି ନାହୁଁ ? ଚେୟାରମ୍ୟାନ ଗିରଫ ହେଉଛି । କାଗଜରେ ପଢ଼ିନୁ ? ସାମ୍ବାଦିକଙ୍କୁ ବିଡ଼ିଓ ଅଫିସରେ ମାଡ଼ ଦେଲା । ଓଃ, କି ଉତ୍ପାତ ତାର । ତା ଦଳର ସରକାର ବୋଲି, ସେ ଭାବୁଛି ସୂର୍ଯ୍ୟ ଚନ୍ଦ୍ରକୁ ମାନିବ ନାହିଁ ।

କପିଳା - କାଗଜରେ ବାହାରିଛି ?

କାଶିଆ - ଚେୟାରମ୍ୟାନ, ବିଡ଼ିଓଙ୍କୁ ଗିରଫ କରିବା ପାଇଁ, ସାମ୍ବାଦିକ ସଂଘ ସରକାରଙ୍କ ନିକଟରେ ଦାବୀକରିଛି । ଯେଉଁ ଅଭିଯୋଗ ଦରଖାସ୍ତ ତୁ ଦେଇଥିଲୁ ତା ମିଛ ବୋଲି ଜଣାପଡ଼ିଲାଣି । ଲୋକେ କହୁଛନ୍ତି, ତୁ ସେମାନଙ୍କୁ ଟଙ୍କା ଦେଇ ଲେଖେଇଛୁ ।

Digitized by srujanika@gmail.com

କପିଳା - କାଣିଆଭାଇ, ତୁ ମୋର ଏକମାତ୍ର ଭରସା । ମୋ ଝିଅ କ'ଣ ତୋ ଝିଅ ନାହିଁ । ଦିନ କୋଡ଼ିଏଟା ଗଲେ ତା ବାହାଘର । ତୁ ଜାଣୁ, ତା ବାହାଘର ପାଇଁ ପଇସାଟିଏ ନ ଥିଲା । ୩ ଲକ୍ଷ ସଂଗ୍ରହ କଲି । ଏବେ କ'ଣ କରିବି ? ଝିଅ କ'ଣ ମୋର ବାହା ହୋଇ ପାରିବ ନାହିଁ । (କାନ୍ଦିଲେ)

କାଣିଆ - ଆରେ ମୂର୍ଖ, ତୋ ଝିଅ ବାହାଘରଟା କ'ଣ ରହିଯାଇଥାନ୍ତା । ଦୟାର ଅବତାର ବସିଛନ୍ତି । ତୁ ଯାଇ କହିଲୁନି ? ସେ ତୋର ବନ୍ଦୋବସ୍ତ କରିଥାନ୍ତେ । ଟଙ୍କା ଗଦା ହୋଇ ପଡ଼ିଥାନ୍ତା । ଆରେ, ତୋ ଭଳିଆ ପାପୀ, ରାକ୍ଷାସ ନିକଟରେ ଦେବୀପ୍ରତିମା ପରି ଭାଉଜ ରହିପାରିଲା ନାହିଁ । ସେ ହସି ହସି ଚାଲିଗଲା । ଟଙ୍କା କେଉଁଠି ରଖିଛୁ ?

କପିଳା - ବ୍ୟାଙ୍କରେ ।

କାଣିଆ - ସେ ଟଙ୍କା ସବୁ ପୋଲିସ୍ ସିଜ୍ କରିବ । ତୋତେ ଗିରଫ କରିବ । ଯା, କେଉଁଠି ହେଉ, କେତେଦିନ ଲୁଚିଯା । ସେ ସରପଞ୍ଚ ବାବୁର ପାଦତଳେ ପଡ଼ । ସେ ତୋତେ ରକ୍ଷା କରିବେ । ହଇରେ, ଏ ଗାଁରେ ଜଣକୁ ହେଲେ ଚେୟାରମ୍ୟାନ କାବୁ କରିପାରିଲାନି । ତୁ କେମିତି ତା ପାଇରେ ପଡ଼ିଗଲୁରେ । ଯା, ଯା, କେଉଁଠି ଲୁଚି ରହିଯା । (ପ୍ରବେଶ କରିଛି ଭେଙ୍କଟରାଓ)

ଭେଙ୍କଟ - କେଉଁଠି ଲୁଚି ଯିବ ହେ । ବଲ କତା କଉଚ । କତରା ଗୁଡ଼ାଇ ଏଲେ, ଯମ ଛାଡ଼ି ଦବ କିଏ ? କପିଳଗାରୁ, ଏତା କିସ ହେ । ପୋଲିସ ଆମକୁ କୋଜୁଚି କାଇଁକି ହେ । ଏଇଟା ବଲ କତା ନୁହଁ । ତମ ଟଙ୍କା ନେଇଯାଅ ହେ । ଆମେ ସାଙ୍ଗରେ ନେଇ ଆସି଼ି । ଅବଧଂ ମାଟା । କି ମାନିଷି ହେ ତୁମେ ?

କପିଳା - ଭେଙ୍କଟ ବାବୁ, ମୋତେ କିଛି କୁହନ୍ତୁ ନାହିଁ । ମୋର ମନର ଅବସ୍ଥା କିଛି ଭଲ ନାହିଁ । ମୋତେ ମାରିବେ ତ ମାରନ୍ତୁ । ଯାହା କରିବାକୁ ଚାହାଁନ୍ତି କରନ୍ତୁ ।

ଭେଙ୍କଟ - ଦେକ୍ ହେ, ଆମେ କିସ୍ କରିବା । ପୋଲିସ୍ ଆମକୁ କୋଜୁଚି । ଆମ ଭାରଆ କମଳାଆମ୍ମାର କୋପ କହିଲେ ନ ସରେ । ତୁମେ କହୁତ, ମୋତେ ମାର୍ । ଆମେ ତ ମରିଗଲାଣି । ତମକୁ ମାରିବୁ କିସ୍ ହେ ।

Digitized by srujanika@gmail.com

କାଶିଆ - ଭେଙ୍କଟ ରାଓ ବାବୁ ।

ଭେଙ୍କଟ - ଆବାବା, ଏତା କିସ ପାଇଟି ହେ । ତମେ ପିଣି କିସ କହୁତ ହେ ?

କାଶିଆ - ତମେ ଦଶହଜାର ଟଙ୍କା ଇନ୍ଦିରା ଆବାସ ପାଇଁ ଲାଞ୍ଚ ଦେବା କଥା ଲେଖି ଥିଲନା । ହଇଓ ବାବୁ, ତୁମର କ'ଣ ଅଭାବ ଅଛି । ଟେଲିଫୋନ, ପକ୍କାଘର ଟିଭି, ସୁନାରେ ତ ତୁମ ସ୍ତ୍ରୀ ମଣ୍ଡି ହେଇ ପଡୁଛି । ତମେ କୋଉ ବିବେକରେ ଇନ୍ଦିରାଆବାସ ପାଇବ ବୋଲି ଭାବୁଥିଲ ।

ଭେଙ୍କଟ - ହଉଚି ଓ ବାବୁ, ଆଜିକାଲି ପଇସା ଦେଲେ ସବୁ ହଉଚି । ରଘୁନାଥପୁର ପଞ୍ଚାୟତରେ ସମିତି ଟଙ୍କାଦେଇ, କେତେ ନୁକ ଇନ୍ଦିରା ଆବାସ ନେଇଚି ହେ । ଆମକୁ ବଲ କରି ଜଣା । ଆମେ ସେଇ ଆଶାରେ ଏ ନୁକ କଥାରେ ରାଜି ହେଲା ।

କାଶିଆ - ଏବେ ତୁମେ ପୋଲିସ୍‌କୁ କିସ କହିବ । ତୁମର ଦସ୍ତଖତ ଅଛି । ତାକୁ ମିଛ ବୋଲି କହିବ କିଓ । ପୁଲିସ୍ ଏବେ ୫ ଲୋକକୁ ଥାନାକୁ ନେଇଛି । ସମସ୍ତେ ଗିରଫ ହେବେ ।

ଭେଙ୍କଟ - ଆମେ ମନାକଲା । ଏ ଲୋକଟା ଆମକୁ ଛାଡ଼ିଲାନି । କାଶୀଗାରୁ, ତୁମେ ମିସାବୁ ଆମ ନୁକ । କିମିତି ରକ୍ଷା କରହେ । ନଅଲେ ଆମେ ବାସିଯିବା ।

କାଶିଆ - ଦୋଷ କଲେ ନିଶ୍ଚୟ ଦଣ୍ଡ ପାଇବ । ମୁଁ କ'ଣ କରିବି ? ଯେ ଯାହା କରୁଛି ସେ ତା ଫଳ ଭୋଗୁଛି । ଜୈସେ କରନି ଐସେ ଭରନି ।

ଭେଙ୍କଟ - ଟିକିଏ ସରପଞ୍ଚଙ୍କୁ କୁହହେ । ସେଇ ଆମକୁ ରକ୍ଷା କରିବେ ।

କାଶିଆ - ତୁମେ ଯାଇ ପାଦତଳେ ପଡ଼ି କ୍ଷମା ମାଗ । କ'ଣ ହଉଚି ଦେଖିବା ।

ଭେଙ୍କଟ - ସେଇଆ କରିବା ହେ ବାବୁ ।

- ଅନ୍ଧାର -

Digitized by srujanika@gmail.com

- ଦଶମ ଦୃଶ୍ୟ -

(ରାତି । ଚେୟାରମ୍ୟାନ ଏକୁଟିଆ ବସିଥିଲେ । ମନରେ ଅସରନ୍ତି ଭାବନା କ'ଣ କରିବେ, କେଉଁଠି ଆତ୍ମଗୋପନ କରିବେ । ଶଗଡ଼ିଆ ଗୀତରୁ ପଦେ ଭାସି ଆସୁଥିଲା । ଚୌକିଦାରର ଡ଼ାକରା - ଗ୍ରାମବାସୀ ହୁସିଆର ।)

ଚେୟାରମ୍ୟାନ୍- ଭୁଲ ହୋଇଗଲା । ମୋର ରାଗିଯିବାଟା ଠିକ୍ ନଥିଲା ।

ବିବେକ - କ୍ରୋଧ ନିଆଁଠାରୁ ଆହୁରି ତେଜିୟାନ । ତା'କଣ ତୁ ଜାଣିଚୁ ?

ଚେୟାରମ୍ୟାନ୍- ଜ୍ଞାନ ଥାଇ ମୁଁ ଅଜ୍ଞାନୀ ହୋଇଗଲି । ଯେଉଁ ମନ୍ତ୍ରୀଙ୍କୁ ତୁଷ୍ଟ କରିବାପାଇଁ ମୁଁ ନିର୍ଦ୍ଦୋଷୀକୁ ଦଣ୍ଡଦେବାର କଳ୍ପନା କରିଥିଲି, ଆଜି ତାହା ମୋତେ ଧ୍ୱଂସ କରିଦେବ । ମୁଖ୍ୟମନ୍ତ୍ରୀ ଭର୍ତ୍ସନା କରି ଫ୍ୟାକ୍ସ ପଠାଇଛନ୍ତି । ପାର୍ଟି ସଭ୍ୟପଦରୁ ମୋତେ ବହିଷ୍କାର କରାଯାଇଛି । ଯେଉଁ ପାର୍ଟି ଫଣ୍ଡ୍ ପାଇଁ ଅନ୍ୟାୟ ଅନୀତି କରି ଲକ୍ଷ ଲକ୍ଷ ଟଙ୍କା ଚାନ୍ଦା ଦେଇଥିଲି, ତାର ସଭାପତି ମୋତେ ସଭ୍ୟପଦରୁ ବହିଷ୍କାର କରିଦେଲେ । ମୁଁ ସେମାନଙ୍କ ପାଇଁ ନ କରିଛି କ'ଣ ? ମନ୍ତ୍ରୀ ମୋ ପାଇଁ ପଦେ ହେଲେ କହିଲେ ନାହିଁ ।

ବିବେକ - ସମସ୍ତେ ସ୍ୱାର୍ଥର ଦାସ । କାକସ୍ୟ କୋ ବଲ୍ଲଭଃ । ଏକଥା କଣ ତୁ ଜାଣି ନଥିଲୁ । ଜଣେ ସରପଞ୍ଚକୁ ବାହାର କରିଦେଇଥିଲେ ତୋ ମୁଣ୍ଡରେ କି ସୁନାମୁକୁଟ ବନ୍ଧା ଯାଇଥାନ୍ତା ।

ଚେୟାରମ୍ୟାନ୍- ମୁଁ କ'ଣ କରିବି ? ମନ୍ତ୍ରୀ ଜିଦ୍ ଧରିଲେ ତାକୁ ବାହାର କର ।

ବିବେକ - ଏବେ ମନ୍ତ୍ରୀ ତ ତୋ ପିଠିରେ ପଡ଼ିଲେନି ?

ଚେୟାରମ୍ୟାନ୍- ମୁଁ ଆତ୍ମଗୋପନ କରିବି । କେଉଁଠି କରି[illegible] ? କେତେଦିନ ବା କରିବି ? ସମ୍ବାଦପତ୍ରମାନେ ମୋ [illegible]ରୁଦ୍ଧରେ ନାନାକଥା ଲେଖିବେ ।

ବିବେକ - ସମ୍ବାଦପତ୍ର ଗଣତନ୍ତ୍ରର ପଞ୍ଚମ ସ୍ତମ୍ଭ । ତାକୁ ଆଘାତ କଲେ, ଯାହା ପରିଣତି ହୁଏ, ତା ତୋତେ ଭୋଗ କରିବାକୁ ପଡ଼ିବ । ପୋଲିସ୍ ତୋର ବଂଧୁ । ଏଇ ପୋଲିସ୍ର ଟ୍ରାନ୍ସଫର ତୁ କେତେଥର ବନ୍ଦ ନ କରିନ୍ଥୁ । ସେ ତୋତେ ଗିରଫ କରିବାକୁ ଆସୁଛି ।

Digitized by srujanika@gmail.com

ଚେୟାରମ୍ୟାନ୍- ତାହାହିଁ ମୋ ଭାଗ୍ୟର ବିଡ଼ମ୍ବନା । ମୁଁ ଲୁଚିଯିବି । ପୋଲିସ୍ ହାତରେ ଧରା ଦେବିନାହିଁ ।

ବିବେକ - ଦିନେ ନିଶ୍ଚୟ ଧରାଦେବୁ । ବାଧ୍ୟହୋଇ କୋର୍ଟରେ ଆତ୍ମସମର୍ପଣ କରିବୁ । ଗୋଟିଏ କାମ କର ।

ଚେୟାରମ୍ୟାନ୍- କି କାମ କରିବି ?

ବିବେକ - ସରପଞ୍ଚ ନିକଟରେ ଆତ୍ମସମର୍ପଣ କର । ସେହିଁ ତୋତେ ରକ୍ଷା କରିବ ।

ଚେୟାରମ୍ୟାନ୍- ନା, ତା ମୁଁ କରିପାରିବି ନାହିଁ ।(ଚିତ୍କାର କରି) ମୋ ଶତ୍ରୁ ନିକଟରେ ମୁଁ ଆତ୍ମସମର୍ପଣ କରିବି ନାହିଁ ।

ବିବେକ - (ହସିଛି ଖୁବ୍ ଜୋର୍‌ରେ)

ଚେୟାରମ୍ୟାନ୍- ହସୁଛ ? କିଏ ତୁମେ, ମୋତେ ତୁମେ ବିଦ୍ରୁପ କରୁଛ ?

ବିବେକ - ଘମଣ୍ଡ ଆଉରି ଛାଡ଼ିଲୁ ନାହିଁ । ଭୁଲକୁ ଭୁଲ ବୋଲି ସ୍ୱୀକାର କରି ଜାଣିଲୁ ନାହିଁ । ସରପଞ୍ଚ ତୋର କେବେ ଅନିଷ୍ଟ କରିଛି ବା କେବେ କରିଥିଲା ? ତେବେ ତୁ ତା ବିପକ୍ଷରେ ଗଲୁ କାହିଁକି ? ବର୍ତ୍ତମାନ ଏକମାତ୍ର ଉପାୟ ।

ଚେୟାରମ୍ୟାନ୍- ସେଇକଥା ମୋତେ କୁହ ।

ବିବେକ - ସରପଞ୍ଚଙ୍କୁ କ୍ଷମା ମାଗ । ତାଛଡ଼ା ତୋର ଅନ୍ୟପନ୍ଥା ନାହିଁ ।

ଚେୟାରମ୍ୟାନ୍- ତୁମେ ମୋତେ ଆଉ ବିରକ୍ତ କରନା । ତୁମେ ଚାଲିଯାଅ । ମୁଁ ଉପାୟ ଚିନ୍ତା କରିବି ।
(ଧଇଁ ସଇଁ ହୋଇପଡ଼ିଲେ ଚେୟାରମ୍ୟାନ୍ । ପ୍ରବେଶ କଲେ ବିଡ଼ିଓ)

ବିଡ଼ିଓ - ଏଠି ଆପଣ କ'ଣ କରୁଛନ୍ତି ?

ଚେୟାରମ୍ୟାନ୍- ବିଡ଼ିଓବାବୁ । ଆପଣ ଆସି ଭଲ କଲେ । ମୁଁ ଆପଣଙ୍କୁ ମନେ ମନେ ଖୋଜୁଥିଲି ।

ବିଡ଼ିଓ - ଖୋଜିଲେ କ'ଣ ହେବ ? ପରିସ୍ଥିତିକୁ କିପରି ମୁକାବିଲା କରିବେ, ସେ ବିଷୟ ଚିନ୍ତା କଲେଣି ?

ଚେୟାରମ୍ୟାନ୍- ମୁଁ କ'ଣ ଯେ କରିବି, ତାର କୂଳକିନାରା କିଛି ପାଉନାହିଁ ।

Digitized by srujanika@gmail.com

ବିଡ଼ିଓ - ଆପଣଙ୍କୁ ଗିରଫ କରିବାକୁ ସରକାର ଅର୍ଡ଼ର ଦେଇ ସାରିଲେଣି । ତା ସାଙ୍ଗେ ସାଙ୍ଗେ ମୋର ବି ଗିରଫଦାରୀ ଅର୍ଡ଼ର ଆସିପାରେ ।

ଚେୟାରମ୍ୟାନ୍- ଆପଣଙ୍କର ଗିରଫଦାରୀ । ଆପଣ କ'ଣ କଲେ ?

ବିଡ଼ିଓ - ମୋର ଅଫିସ୍‌ରେ ଆପଣ ସାମ୍ବାଦିକଙ୍କୁ ମାରିଲେ ।

ଚେୟାରମ୍ୟାନ୍- ଏଥିରେ ଆପଣଙ୍କର ଦୋଷ କ'ଣ ? ଏହା ଅତି ଅନ୍ୟାୟ ।

ବିଡ଼ିଓ - ନ୍ୟାୟ, ଅନ୍ୟାୟର ପ୍ରଶ୍ନ ଏଠି ଉଠୁନାହିଁ ଚେୟାରମ୍ୟାନ ବାବୁ । ଆଇନ୍ ଏଠାରେ ତା ବାଟରେ କାମ କରିବ ।

ଚେୟାରମ୍ୟାନ୍- ଆପଣ ଛୁଟି ନେଇ ଯାଆନ୍ତୁ ।

ବିଡ଼ିଓ - ଛୁଟି ନେଲେ, ଛୁଟି ମୋର ମଞ୍ଜୁର କରିବ କିଏ ? ଆପଣ ଦଳରୁ ବହିଷ୍କାର ହୋଇଛନ୍ତି । ତା ଆପଣ ଜାଣିଛନ୍ତି ତ ? କଲେକ୍ଟର ଆମକୁ ଆରେଷ୍ଟ କରିବାକୁ ବଦ୍ଧ ପରିକର । ଖାଲି ପଞ୍ଚାୟତିରାଜ ସେକ୍ରେଟାରୀଙ୍କ ଅର୍ଡ଼ରକୁ ଅପେକ୍ଷା କରାଯାଇଛି । ଆପଣ ଥରେ ଆରେଷ୍ଟ ହେଲେ, ପଞ୍ଚାୟତ ସମିତି ଚେୟାରମ୍ୟାନ ପଦରୁ, ଆପଣଙ୍କୁ ଇସ୍ତଫା ଦେବାକୁ ହେବ ।

ଚେୟାରମ୍ୟାନ୍- ଇସ୍ତଫା ଦେବି କାହିଁକି ? ମୋ ବିରୁଦ୍ଧରେ ଅଭିଯୋଗ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ମୁଁ ଇସ୍ତାଫା ଦେବି ନାହିଁ ।

ବିଡ଼ିଓ - ନୈତିକତା ଦୃଷ୍ଟିରୁ ତାହା ଆପଣ କରିବା ଉଚିତ୍ ।

ଚେୟାରମ୍ୟାନ୍- ଆପଣ କ'ଣ ଚିନ୍ତା କରୁଛନ୍ତି ?

ବିଡ଼ିଓ - ସରପଞ୍ଚବାବୁଙ୍କର ଶରଣାପନ୍ନ ହେବି । ମୁଁ ଭାବୁଛି, ସେ ହିଁ ମୋତେ ରକ୍ଷା କରିପାରିବେ ।

ଚେୟାରମ୍ୟାନ୍- ଆପଣ ସରପଞ୍ଚ ପାଖକୁ ଯିବେ ?

ବିଡ଼ିଓ - ଗଲେ ଦୋଷ କ'ଣ ? ସେ ଦୟାଳୁ ଲୋକ । ତାଙ୍କ ପ୍ରତି ଆମ୍ଭେମାନେ କ'ଣ ଅବିଚାର କରିନାହୁଁ ? ଏକଥା ଆପଣ ଅସ୍ୱୀକାର କରିପାରିବେ ? ଭୁଲକୁ ସ୍ୱୀକାର କରିବାଠାରୁ ପ୍ରାୟଶ୍ଚିତ ଆଉ କିଛି ନାହିଁ ।

Digitized by srujanika@gmail.com

ଚେୟାରମ୍ୟାନ୍- ହଉ, ଆପଣ ଯାହା ଚାହାନ୍ତି, ତା' କରନ୍ତୁ ।

ବିଡ଼ିଓ - ଆପଣ ?

ଚେୟାରମ୍ୟାନ୍- ସରପଞ୍ଚ ପାଖକୁ ମୁଁ ଯାଇପାରିବି ନାହିଁ । ନେଭର୍ ।

- ଅନ୍ଧାର -

- ଶେଷ ଦୃଶ୍ୟ -

(ସରପଞ୍ଚଙ୍କ ଘର । ସମୟ ପ୍ରାତଃକାଳ । ମନ୍ଦିରରୁ ଘଣ୍ଟା ଆଳତିର ଧ୍ୱନୀ । ପ୍ରଚ୍ଛଦପଟରୁ ଭଜନଟିଏ ଶୁଭୁଥିଲା । ସରପଞ୍ଚ ଭଗବାନଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି ଚକ୍ଷୁ ମୁଦ୍ରିତ କରି ବସିଥିଲେ । ନେପଥ୍ୟରୁ ଭଜନ ଭାସିଆସୁଥିଲା ।)

- ଭଜନ -

ମନ୍ଦରଧର ନୀଳଗିରିବାସୀ
କନ୍ଦର ମଧ୍ୟେ ବିଜେ କଲ ଆସି ।
ପନ୍ଦର ନେତ୍ର ଧାତା ପୁରନ୍ଦର
ବନ୍ଦନା କରନ୍ତି ଯେଉଁ ପୟରହେ
ଛନ୍ଦଛାଡ଼ ଦେବରାଜ ହେ
ନନ୍ଦନନ୍ଦନ ଶ୍ରୀ ଚରଣାରବିନ୍ଦେ ଚନ୍ଦନ ହଜୁରୀ ଭଜେ ହେ ।

(ଭଜନ ସରିଲା । ଚକ୍ଷୁ ଖୋଲି ଡ଼ାକିଲେ ।)

ସରପଞ୍ଚ - ଶ୍ରଦ୍ଧାଞ୍ଜଳି, ଶ୍ରଦ୍ଧାଞ୍ଜଳି ।

ଶ୍ରଦ୍ଧାଞ୍ଜଳି - (ହାତରେ ପ୍ରସାଦ ଧରି) ପ୍ରସାଦ ସେବନ କର ।

ସରପଞ୍ଚ - ଦେଖିଲ, ଫଳ କ'ଣ ହେଲା ? ଯେଉଁମାନେ ମୋ ପାଇଁ ଗାତ ଖୋଳୁଥିଲେ, ଶେଷରେ ସେଇମାନେ ହିଁ ସେଇ ଗାତରେ ପଡ଼ିଲେ ।

ଶ୍ରଦ୍ଧାଞ୍ଜଳି - ଆଗ ହଉ, ପଛ ହଉ, ନିଶ୍ଚୟ ପଡ଼ିଥାନ୍ତେ ।

ସରପଞ୍ଚ - ଉତ୍ସବଟି ସଫଳ ହେଲା । ସେଥିପାଇଁ ତୁମକୁ ଧନ୍ୟବାଦ ଜଣାଉଛି ।

ଶ୍ରଦ୍ଧାଞ୍ଜଳି - ଧନ୍ୟବାଦ ତ ଖାଲି ମୋର ପ୍ରାପ୍ୟ ନୁହେଁ, ସେଥିରେ ତୁମେ କ'ଣ ଅଂଶୀଦାର ନୁହଁ ? ଶୁଣ କାଲି ସଂଧ୍ୟାବେଳେ ସବ୍‌ଇନ୍ସପେକ୍ଟର ଘରକୁ ଆସି ତୁମକୁ ଖୋଜୁଥିଲେ । ଥାନାକୁ ଯିବାକୁ କହିଲେ । ପୁଣି

Digitized by srujanika@gmail.com

ଫେରିଆସି କହିଲେ ତାଙ୍କର ଯିବା ଦରକାର ନାହିଁ । ମୁଁ ପୁଣି ଆସିବି ।

ସରପଞ୍ଚ - ପୋଲିସ୍ କାହିଁକି ଆସିଥିଲା ? କ'ଣ ମୋତେ ଗିରଫ କରିବାକୁ ।

ଶ୍ରଦ୍ଧାଞ୍ଜଳି - ତାନୁହେଁ, ବର୍ତ୍ତମାନ ତ ଚେୟାରମ୍ୟାନ ଗଲେ । ତାଙ୍କର ଆଉ ରକ୍ଷକ କିଏ ? ତୁମକୁ ବୋଧେ ହାତ କରିବାକୁ ଆସିଥିଲେ ।

ସରପଞ୍ଚ - ଆଜିକାଲି ପୋଲିସ୍‌ର ଭୂମିକା ସନ୍ଦେହଜନକ ହୋଇପଡୁଛି । ସେମାନେ ନିରପେକ୍ଷ ହେବା କଥା, ସେମାନେ ଶାସକ ଦଳର ହାତବାରିସୀ ହୋଇ ପଡୁଛନ୍ତି । ଜନତା ମଧ୍ୟ ହୁସିଆର ହୋଇଗଲେଣି । ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରିବାକୁ ସେମାନେ ଆଗେଇ ଆସିଲେଣି । ବିଚରା ସାମ୍ବାଦିକ, ମୋ ସପକ୍ଷରେ କହିବାକୁ ଯାଇ ମାଡ଼ ଖାଇଲେ ।

ଶ୍ରଦ୍ଧାଞ୍ଜଳି - ମାଡ଼ ଖାଇବାଟା ନାଟକର ଶେଷଦୃଶ୍ୟ ଥିଲା । ମାଡ଼ ଖାଇଲାପରେ ନାଟକର ଯବନିକା ପଡ଼ିଲା । ନଚେତ୍ ଏ ନାଟକ ଯେ ଆଉ କେତେଦିନ ଧରି ଚାଲିଥାନ୍ତା, ତା କିଏ କହିପାରନ୍ତା ।

ସରପଞ୍ଚ - ହଠାତ୍ ନାଟକଟି ଶେଷ ହୋଇଗଲା । ମୋତେ Abrupt end ହେଲାପରି ଲାଗିଲା ।

ଶ୍ରଦ୍ଧାଞ୍ଜଳି - ଯେତେବେଳେ ଯାହା ହବାକୁ ଥିଲା, ତା ହେଲା । ୟାପରେ କଣ ହବ, ତା ବା କିଏ କହିବ ? ସତ୍ୟଧର୍ମର ଯେ ସବୁବେଳେ ଜୟ ଏକଥା ମୁଁ ତୁମକୁ କହି ଆସିଛି । ମହାଭାରତ ଯୁଦ୍ଧକୁ ଯିବା ପୂର୍ବରୁ ଗାନ୍ଧାରୀଙ୍କ ଶତପୁତ୍ର ମାଙ୍କର ଆଶୀର୍ବାଦ ଭିକ୍ଷା କରିବାକୁ ଆସିଥିଲେ । ମା କି ଆଶୀର୍ବାଦ ଦେଲେ ଜାଣ ?

ଗାନ୍ଧାରୀ ଦେଲା ଶତପୁତ୍ରରେ
ଜନନୀର ବରାଭୟ
ଅକ୍ଷୟ ହେଉ ପୁଣ୍ୟଜଗତେ
ଧର୍ମର ହେଉ ଜୟ ।

(ପ୍ରବେଶ କରିଛି କାଶୀନାଥ)

କାଶୀନାଥ - ଆଜ୍ଞା ୧୦ ଜଣ ଗିରଫ ହେଲେ, କପିଳା କେଉଁଠି ଲୁଚିଛି । ପୋଲିସ ତାକୁ ଦେଖିଲେ ଗିରଫ କରିବ । ୧୦ ଦିନପରେ ତା ଝିଅର ବାହାଘର ।

Digitized by srujanika@gmail.com

ସରପଞ୍ଚ - ସର୍ବନାଶ, ତାହେଲେ ତା ଝିଅର ଆଉ ବାହାଘର ହୋଇପାରିବ ନାହିଁ । ତା ଝିଅ ଅଭିଆଡ଼ି ହୋଇ ରହିଯିବ । ତାକୁ ଡ଼'ଣ ରକ୍ଷା କରାଯାଇ ପାରିବନି ?

ଶ୍ରଦ୍ଧାଞ୍ଜଳି - ତା ଘରେ ଆଉ କିଏ ଅଛନ୍ତି ?

କାଶୀନାଥ - ଆଉ କିଏ ଅଛି ମା, ଝିଅଟିଏ, ପୁଅଟିଏ । ବାପା କୁଆଡ଼େ ଲୁଚିଛି କେଜାଣି, ପୁଅଝିଅ କାନ୍ଦି କାନ୍ଦି ବ୍ୟସ୍ତ ହୋଇ ପଡ଼ିଲେଣି । ପୋଲିସ୍ ଛାଡ଼ିଦିଅନ୍ତା । ହେଲେ ସବୁ ନାଟର ଗୋବର୍ଦ୍ଧନ ସେ । ୧୦ଟା ଦଫାରେ ପୋଲିସ୍ କେସ୍ ଯୋଡ଼ିଛି । ଫିଟିବାକୁ ଆଉ ବାଟ ନାହିଁ ।

ଶ୍ରଦ୍ଧାଞ୍ଜଳି - ହଇହେ, ଶୁଣୁଛ ? ତା ପିଲାମାନେ ଭାସିଯିବେ । ଆମର ପ୍ରତିଶୋଧ ନେବା କି ଦରକାର କହିଲ ? କାଶୀନାଥ, ମୋତେ ତା ଘରକୁ ନେଇଚାଲ । ତା ପିଲାମାନେ ଖାଇଲେଣି ନା ନାହିଁ । ମୁଁ ଯାଇ ରନ୍ଧାବଢ଼ା କରିଦେଇ ଆସିବି । ପାଖପଡ଼ୋଶୀ କ'ଣ କେହି ନାହାନ୍ତି ?

କାଶୀନାଥ - ଏ ୧୨ ଘରକୁ ଗାଁରେ ବାସନ୍ଦ କରିଛନ୍ତି । ପାଣି ମନା, ଧୋବା ମନା, ଭଣ୍ଡାରୀ ମନା । ଲୋକେ ଘରେ ନିଆଁ ଲଗେଇ ଦେଇଥାନ୍ତେ ମୁଁ ବୁଝାଇ ଶୁଝାଇ ବନ୍ଦ କରିଛି ।

ସରପଞ୍ଚ - ଗ୍ରାମକୁ ବାସନ୍ଦ ସେମାନଙ୍କୁ କଲେ କିଏ ? କେଉଁ ଆଇନ୍ ବଳରେ ସେମାନେ ବାସନ୍ଦ ହେଲେ ? ଏକଥା ତ ତୁମେ ମୋତେ କହିନାହଁ କାଶୀନାଥ । ତୁମେ ଥାଇ କଣ କରୁଛ ? କେତେ ନିର୍ଯ୍ୟାତନା ସେମାନେ ଭୋଗୁନଥିବେ । ମୁଁ ସେମାନଙ୍କ ପାଖକୁ ଯିବି କାଶୀନାଥ, ତୁମେ ମୋ ସାଙ୍ଗରେ ଚାଲ ।

ଶ୍ରଦ୍ଧାଞ୍ଜଳି - ହଁ ତୁମେ ଶୀଘ୍ର ଯାଅ । ମୁଁ କପିଳେଶ୍ୱର ଘରକୁ ଯାଉଛି । ସେ ପିଲାଙ୍କର ପରା ମା ନାହିଁ । ମୁଁ ମା ହୋଇ ବଞ୍ଚିଛି । ସେମାନଙ୍କର ଦୁଃଖ ମୁଁ ଦୂର କରିବି । ମା ହୋଇ ମା'ର ମମତା ସେମାନଙ୍କ ଉପରେ ଢ଼ାଳିଦେବି । ମୋ ପିଲାମାନେ କି କଷ୍ଟପାଉନଥିବେ ।
(ଏଇ ସମୟରେ କପିଳକୁ ହାତକଡ଼ା ପକାଇ ପୋଲିସ ସରପଞ୍ଚଙ୍କ ପାଖକୁ ନେଇ ଆସିଛି ।)

ଏସ୍.ଆଇ. - ସାର୍, ଏ ବଦମାସ ସବୁ ନାଟର ଗୋବର୍ଦ୍ଧନ । ଦଶଦିନ ହେଲା ଲୁଚିଥିଲା । ମୋତେ ଦଶଢ଼ାଳ ପାଣି ପିଆଇ ଦେଲାଣି । ଆପଣଙ୍କ

Digitized by srujanika@gmail.com

ଘରକୁ ଆସିଥିଲି, ଆପଣଙ୍କୁ ୧୧ ଜଣ ଗିରଫ ହେଲେ ବୋଲି ଜଣାଇବାକୁ ।

ସରପଞ୍ଚ - ସେମାନେ ସବୁ କେଉଁଠି ଅଛନ୍ତି ? ଖାଇଲେଣି ନା ? ତାଙ୍କ ପିଲାମାନେ ତ ବ୍ୟସ୍ତ ହୋଇ ପଡୁଥିବେ । ଆପଣ ଗିରଫ କଲେ, ମୁଁ ସେମାନଙ୍କ ପିଲାମାନଙ୍କୁ କ'ଣ କହି ବୁଝାଇବି ?

(ଏଇ ସମୟରେ ଭେଙ୍କଟରାଓ ସରପଞ୍ଚଗାରୁ, ସରପଞ୍ଚଗାରୁ ପାଟିକରି ପଶି ଆସିଛି । ପୋଲିସକୁ ଦେଖି ବରଡ଼ାପତ୍ର ପରି ଥରିଛି ।)

ଭେଙ୍କଟରାଓ- ସରପଞ୍ଚଗାରୁ । ମିତ୍ତୁ ନାକୁ ରଖିଚେଣ୍ଡି । ପୋଲିସ୍ ମୋତେ ବାନ୍ଧିନେବ ।

ଏସ୍.ଆଇ. - ବଦମାସ୍, ତୁ କେଉଁଠି ଲୁଚିଥିଲୁ ?

(ଭେଙ୍କଟରାଓ ସରପଞ୍ଚ ଓ ଶ୍ରଦ୍ଧାଞ୍ଜଳୀଙ୍କ ପଛପଟକୁ ଲୁଚିବାକୁ ଚାଲିଆସିଛି ।)

ସରପଞ୍ଚ - ସବ୍ ଇନ୍ସପେକ୍ଟର ବାବୁ, ଦେଖୁଛନ୍ତି, ମୋ ଲୋକମାନେ କିମିତି ଭୟଭୀତ ହୋଇ ପଡ଼ିଛନ୍ତି । ମୋ ଛଡ଼ା ସେମାନଙ୍କର ସାହାଭରସା କିଏ ଅଛି । ସେମାନଙ୍କୁ ଛାଡ଼ି ଦିଅନ୍ତୁ, ମୁଁ ଅନୁରୋଧ କରୁଛି ସେମାନଙ୍କୁ ଛାଡ଼ି ଦିଅନ୍ତୁ । ମଣିଷ ଭୁଲ୍ କରେ । ଭୁଲ କରିବାଟା ତା ପକ୍ଷେ ସ୍ୱାଭାବିକ । ଯଦି ସେ ଭୁଲ ପାଇଁ ଅନୁତପ୍ତ, ତାହାହିଁ ତାପାଇଁ ଯଥେଷ୍ଟ ଦଣ୍ଡ ।

ଏସ୍.ଆଇ. - ଏସ୍.ପି.ଙ୍କ ଅର୍ଡ଼ର ମୋତେ କେସ୍ କରିବାକୁ ହେବ ।

ସରପଞ୍ଚ - ସେଥିପାଇଁ କ'ଣ ଜାମିନ୍ ନାହିଁ ? ମୁଁ ସମସ୍ତଙ୍କ ପାଇଁ ଜାମୀନ୍‌ଦାର । ଆପଣ ସେମାନଙ୍କୁ ଛାଡ଼ିଦିଅନ୍ତୁ ।

ଏସ୍.ଆଇ. - ହଉ ସାର୍, ଯାହା ଆପଣଙ୍କର ଇଚ୍ଛା । ହେଲେ ଏ ବଦମାସ୍‌ଟାକୁ

ଶ୍ରଦ୍ଧାଞ୍ଜଳି - ସେ ଲୋକକୁ ଛାଡ଼ି ଦିଅନ୍ତୁ । ତାଙ୍କର ଝିଅର ବାହାଘର । ତା'କଣ ଆପଣ ଜାଣିନାହାନ୍ତି ? ତାଙ୍କର ହାତକଡ଼ି ଖୋଲିଦିଅନ୍ତୁ ।

ଏସ୍.ଆଇ. - କନେଷ୍ଟବଳ । ହାତକଡ଼ି ଖୋଲିଦିଅ ।

(ହାତକଡ଼ି ଖୋଲା ହେଲା । କପିଳେଶ୍ୱର ଦୌଡ଼ି ଆସି ସରପଞ୍ଚଙ୍କ ପାଦଧରି ଭୋଁ ଭୋଁ ହୋଇ କାନ୍ଦିବାକୁ ଲାଗିଲା ।)

Digitized by srujanika@gmail.com

କପିଳା - ମା, ଆପଣ ମାନବୀ ନୁହଁନ୍ତି । ଆପଣ ଦେବୀ । ମୋ ପିଲାମାନଙ୍କୁ ରକ୍ଷା କରନ୍ତୁ ମା । ଦଶଦିନ ହେଲା ସେମାନଙ୍କୁ ଦେଖିନାହିଁ ।

ଶ୍ରଦ୍ଧାଞ୍ଜଳି - ଯାଅ ପିଲାମାନଙ୍କୁ ଦେଖାକର । ତାପରେ ଥାନାକୁ ଯିବ ।

କାଶିଆ - ଏଥର ହେଲାତ କପିଳାଇ । ଚାଲ ଘରକୁ ଯିବା । (କାଶିଆ କପିଳା ପ୍ରସ୍ଥାନ କଲେ ।)

ସରପଞ୍ଚ - ଇନ୍ସପେକ୍ଟରବାବୁ ଆପଣ ଥାନାରେ ରହିଥାନ୍ତୁ । ମୁଁ ଆସି ସେମାନଙ୍କୁ ଛାମୀଦ୍‌ରେ ନେଇଯିବି ।

ଏସ୍.ଆଇ. - ଆସୁଛି ସାର୍‌, ନମସ୍କାର । (ସମସ୍ତେ ଚାଲିଗଲେ ।)

ସରପଞ୍ଚ - ସ୍ୱର୍ଗରେ ଥାଇ ଦେଖ ବାପୁଜ । ତୁମ ଆଦର୍ଶର ଆଜି କିପରି ବିଜୟ ହୋଇଛି । ଶ୍ରଦ୍ଧାଞ୍ଜଳି, ଆଜି ମୁଁ ବହୁତ ଖୁସୀ । (ଆନନ୍ଦରେ ଟେକିଦେଲେ ।)

ଶ୍ରଦ୍ଧାଞ୍ଜଳି - ଆରେ ଛାଡ଼ନା, ମୁଁ ପଡ଼ିଯିବି ଯେ

ସରପଞ୍ଚ - ସତେ ପଡ଼ିଗଲେ ମୁଁ ତୋଳିନେବି । (କିଛି ସମୟପରେ ବିଡ଼ିଓ ମୁହଁ ଶୁଖାଇ ଠିଆ ହେଲେ)

ଶ୍ରଦ୍ଧାଞ୍ଜଳି - ଏଇ ଦେଖ କିଏ ଆସିଲେଣି ।

ସରପଞ୍ଚ - ଆପଣ, ବିଡ଼ିଓ ସାହେବ । ଏ ଗରୀବ କୁଡ଼ିଆକୁ ଆପଣ ଆସିଲେ କିପରି ? ଅରେ, ଆପଣ ସେଠାରେ କ'ଣ ଠିଆ ହୋଇଛନ୍ତି ? ଏଠାକୁ ଆସନ୍ତୁ ନା ।

ବିଡ଼ିଓ - ଆପଣଙ୍କୁ ମୁହଁ ଦେଖାଇବାକୁ ମୋର ସାହସ ନାହିଁ ସାର୍ । କେଉଁ ମୁହଁ ନେଇ ଆପଣଙ୍କୁ ଦେଖା କରିବି । ଜଣେ ମହାମାନବଙ୍କୁ ଯେ ଅଫିସରୁ ଗେଟ୍ ଆଉଟ୍ କହି ବାହାର କରିଦେଇଥିଲା, ତାକୁ ସେ ମୁହଁ ଦେଖାଇବ କିପରି ?

ସରପଞ୍ଚ - ଆରେ, ଆସନ୍ତୁ ନା (ପାଖକୁ ଆଣିବାକୁ ଯାଉଥିଲେ)

ବିଡ଼ିଓ - ସାର୍‌, ବର୍ତ୍ତମାନ ମୁଁ ବିପଦଗ୍ରସ୍ତ । ପୋଲିସ୍ ମୋତେ ଆରେଷ୍ଟ କରିପାରେ । ପଞ୍ଚାୟତ ସେକ୍ରେଟାରୀ ମୋତେ ଗିରଫ କରିବାକୁ ଅର୍ଡ଼ର କରିପାରନ୍ତି । ମୁଁ ଭାସିଯିବି ସାର୍ । ଚାକିରୀରୁ ସସ୍‌ପେଣ୍ଡ ହୋଇଯିବି । ଆପଣ ମୋର ରକ୍ଷକ ।

Digitized by srujanika@gmail.com

ସରପଞ୍ଚ - ଆପଣ ବ୍ୟସ୍ତ ହୁଅନ୍ତନି । ସେକଥା ମୁଁ ବୁଝିବି । ଶ୍ରଦ୍ଧାଞ୍ଜଳି, ଆରେ ଠିଆ ହୋଇଚ କ'ଣ ? ବିଡ଼ିଓ ବାବୁଙ୍କ ପାଇଁ ଚାହା ନେଇଆସ । ବିଡ଼ିଓବାବୁ ପ୍ରତି ଦଶମିନିଟ୍‌ରେ ଚା ପାନ କରନ୍ତି ।

ଶ୍ରଦ୍ଧାଞ୍ଜଳି - ଶୁଣିଛି, ଆପଣଙ୍କ ପତ୍ନୀ ଜଣେ କ୍ଲାସିକାଲ୍ ଡ୍ୟାନ୍‌ସର୍ । ତାଙ୍କୁ ସାଙ୍ଗରେ ଆଣିଲେନି ? ମୋର ନାଚ ଦେଖିବାକୁ ଆସିଲେ ନାହିଁ କାହିଁକି ?

ବିଡ଼ିଓ - ମ୍ୟାଡ଼ାମ୍, ମୁଁ ହତଭାଗା । ଆପଣଙ୍କ ନୃତ୍ୟ ୨୦ ବର୍ଷ ତଳେ ମୁଁ ରବୀନ୍ଦ୍ରମଣ୍ଡପରେ ଦେଖିଥିଲି । ହେଲେ ଆଉ ଭାଗ୍ୟ କାହିଁ, ଆପଣଙ୍କ ନୃତ୍ୟ ଦେଖିବାକୁ ।

ଶ୍ରଦ୍ଧାଞ୍ଜଳି - ମ୍ୟାଡ଼ାମ୍, ସାର୍, ଏ ଶବ୍ଦ ଭଲ ଲାଗୁନି ବିଡ଼ିଓ ବାବୁ । ଏସବୁ ଭାରତୀୟ ସଭ୍ୟତାର ପରିପନ୍ଥୀ ।

ସରପଞ୍ଚ - ତୁମେ ଠିକ୍ କହିଛ ଶ୍ରଦ୍ଧାଞ୍ଜଳି । ହଉଛାଡ଼୍, ତୁମେ ଶୀଘ୍ର ଚା ନେଇଆସ । ଚା'କରି ଫ୍ଲାସ୍କରେ ନେଇଆସିବ ।
(ଶ୍ରଦ୍ଧାଞ୍ଜଳୀଙ୍କର ପ୍ରସ୍ଥାନ)

ବିଡ଼ିଓ - ଆପଣ ମୋପାଇଁ ତାଙ୍କୁ କାହିଁକି କଷ୍ଟ ଦେଉଛନ୍ତି ?

ସରପଞ୍ଚ - କଷ୍ଟ କ'ଣ । ଭାଇ ପାଇଁ ଭଉଣୀର କର୍ତ୍ତବ୍ୟ । ଆପଣ ଜଣେ ଜ୍ଞାନବନ୍ତ ଲୋକ ହୋଇ ସାମ୍ବାଦିକଙ୍କୁ ମାଡ଼ ମାରୁଥିଲେ କାହିଁକି ?

ବିଡ଼ିଓ - ମୁଁ ନୁହେଁ ଆଜ୍ଞା, ଚେୟାରମ୍ୟାନ । ମୁଁ ତାଙ୍କୁ ରକ୍ଷା କରୁଥିଲି । ସେଥିପାଇଁ ବହୁତ ମାଡ଼ ଖାଇଛି ।

ସରପଞ୍ଚ - ଆପଣ ମାଡ଼ ମାରିନାହାଁନ୍ତି । ତେବେ ଆପଣ ଦଣ୍ଡ ପାଇବେ କାହିଁକି ? ଆମର ଆଇନ୍ କହେ, ଶହେ ଦୋଷୀ ଖଲାସ୍ ହୋଇ ଯାଆନ୍ତୁ ପଛକେ, ଜଣେ ନିର୍ଦ୍ଦୋଷୀ ଦଣ୍ଡ ନ ପାଉ ।
(ଏଇ ସମୟରେ ସାମ୍ବାଦିକ ରଜତଶର୍ମା ପ୍ରବେଶ କଲେ ।)

ରଜତଶର୍ମା - ନମସ୍କାର, ନମସ୍କାର ଆଜ୍ଞା ।

ସରପଞ୍ଚ - ଠିକ୍ ସମୟରେ ସାମ୍ବାଦିକବାବୁ ଆସିଗଲେଣି । ଆଚ୍ଛା, ରଜତବାବୁ, ଆପଣ କୁହନ୍ତୁ, ପ୍ରକୃତରେ ମାଡ଼ କିଏ ମାରିଛି ?

ରଜତଶର୍ମା - ଚେୟାରମ୍ୟାନ ।

ସରପଞ୍ଚ - ବିଡ଼ିଓ ନୁହଁନ୍ତି ?

Digitized by srujanika@gmail.com

ରଜତଶର୍ମା - ନା, ସେ ମୋତେ ରକ୍ଷା କରିଛନ୍ତି ।

ସରପଞ୍ଚ - ତାହେଲେ ଆପଣ ଦଣ୍ଡ ପାଇବେ କାହିଁକି ? ଆପଣଙ୍କ ପାଇଁ ମୁଁ ମୁଖ୍ୟମନ୍ତ୍ରୀଙ୍କୁ କହିବି । ରଜତବାବୁ, ସେଇକଥା ଆପଣ କଲେକ୍ଟରଙ୍କୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଦିଅନ୍ତୁ ।

ରଜତଶର୍ମା - ଆପଣ ଯେତେବେଳେ କହୁଛନ୍ତି, ମୁଁ ଲେଖି ଜଣାଇବି ସାର୍ ।

ସରପଞ୍ଚ - ଆପଣଙ୍କୁ ଅଶେଷ ଧନ୍ୟବାଦ । ଆସନ୍ତୁ ସମସ୍ତେ ଥାନାକୁ ଯିବା । ମୋ ଲୋକମାନଙ୍କୁ ମୋତେ ଜାମିନ୍‌ରେ ଆଣିବାକୁ ହେବ । ସାମାନ୍ୟ ଦୋଷ ପାଇଁ, ଏତେବଡ଼ ଦଣ୍ଡ, ତା' ମୁଁ ସହ୍ୟ କରିପାରିବି ନାହିଁ । ମୁଁ ସମସ୍ତଙ୍କର ମୁକ୍ତି ଚାହେଁ । ଏପରିକି ଚେୟାରମ୍ୟାନଙ୍କର । ଦଣ୍ଡ ଦେବାକୁ ଆମେ କିଏ ? କେବଳ ଉପରବାଲା, ସେ ହିଁ ପ୍ରକୃତ ବିଚାରକ ।

(ହାତଯୋଡ଼ିଲେ । ଆଖିରୁ ଲୁହ ବୋହି ଆସୁଥିଲା । ପ୍ରବେଶ କଲେ ଶ୍ରଦ୍ଧାଞ୍ଜଳି ।)

ବିଡ଼ିଓ - ଆପଣ ମାନବ ନୁହନ୍ତି । ଆପଣ ଦେବତା ।

(ସାମ୍ବାଦିକ ଓ ବିଡ଼ିଓ ପାଦତଳେ ପଡ଼ିଗଲେ । ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଠିଆହୋଇ ଶ୍ରଦ୍ଧାଞ୍ଜଳି, ସରପଞ୍ଚ ମହାତ୍ମାଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି ଠିଆ ହେଲେ । ଭାସି ଆସୁଥିଲା ପ୍ରଚ୍ଛଦ ପଟରୁ - ବୈଷ୍ଣବ ଜନତୋ ତେନେ କହିଓସେ... ଗାନ୍ଧିଜୀଙ୍କର ପ୍ରିୟ ଭଜନ)

ନଇଁ ଆସିଛି ପରଦା

- ଅନ୍ଧାର -

Digitized by srujanika@gmail.com

ନାଟକ

ଇନ୍ସପେକ୍ଟର



ନିର୍ଦ୍ଦେଶନା : ପ୍ରଦୀପ୍ତ କୁମାର ପଣ୍ଡା (ବୁଲୁ)

Digitized by srujanika@gmail.com

ଇନ୍ସପେକ୍ଟର

- ପ୍ରଥମ ଦୃଶ୍ୟ -

(ଥାନା । ଇନ୍ସପେକ୍ଟର ମାନବେନ୍ଦ୍ର, ତୋଫାନିକୁ ଚାପୁଡ଼ା ପରେ ଚାପୁଡ଼ା ମାରି ଚାଲିଥାନ୍ତି । ଖୁବ୍ ଜୋର୍‌ରେ ଚିତ୍କାରି କରି ।)

ମାନବେନ୍ଦ୍ର - କହ, ରାମହରିନଗର ରାହାଜାନି ସଂପର୍କରେ ତୁ' କ'ଣ ଜାଣୁ ? ସବୁ ତୋ ଗ୍ୟାଙ୍ଗର କାମ । ତୁ' ଭାବୁଛୁ ମୁଁ ତତେ ଛାଡ଼ିଦେବି ? ରାଜନୈତିକ ଆଶ୍ରୟ ନେଇ ତୁ କେତେଦିନ ଆଉ ଅପରାଧ ପରେ ଅପରାଧ କରି ଚାଲିଥିବୁ । ଚାରିଦିନ ଭିତରେ ଚୋରି, ଚାରିଟା ରାହାଜାନି ବିଶେଷ କରି ଟାଉନଥାନା ଏଇଆ ଭିତରେ । ଗଣମାଧମମାନେ ଲେଖି ଚାଲିଛନ୍ତି, ପୋଲିସ୍ ଶାସନ ଢ଼ିଲା ହୋଇଗଲାଣି । ଯେଉଁମାନେ ଏ ସବୁର ସ୍ରଷ୍ଟା, ସେମାନଙ୍କ ବିଷୟରେ କଲମ ନୀରବ । ତୋଫାନି ପ୍ରକୃତ ଦୋଷୀ କିଏ, ମୋତେ କହିଦେ, ମୁଁ ତତେ ଛାଡ଼ିଦେବି ।

ତୋଫାନି - ଇନ୍ସପେକ୍ଟର, ବିନା ଦୋଷରେ, ତୁ ମୋ ଉପରେ ତୋର ରାଗ ସାଧୁଛୁ । ଯେତେ ପାରୁଛୁ, ସେତେ ଅତ୍ୟାଚାର କରିଚାଲିଛୁ । ମିଛ କେସ୍ ଦଶଟା ମୋ ଉପରେ ତୁ ଦାଏର କରିଛୁ । କୌଣସି ଗୋଟିଏ କେସ୍, ତୁ ସତ୍ୟ ବୋଲି ପ୍ରମାଣ କରିଦେଇ ପାରିବୁ ? ପାରିବୁନି । କି ମୋତେ ଜେଲକୁ ପଠାଇ ଦେଇ ପାରିବୁନି । ମୁଁ ଚାହିଁଲେ, ତୋତେ ଚବିଶ ଘଣ୍ଟା ଭିତରେ ମାଲକାନଗିରି ଟ୍ରାନ୍ସଫର କରିଦେବି । ତୋ ଚାକିରୀ ଗୋଲ୍ କରିଦେବି । ତୋଫାନି କେତେ ପାୱାରଫୁଲ ତୁ ସେତେବେଳେ ଜାଣିବୁ ।

ମାନବେନ୍ଦ୍ର - (ଚାପୁଡ଼ାଏ ମାରି) ମର୍ଯ୍ୟାଦା ଶିଖିନାହୁଁ ? ତୁ, ତା, ରେ, ରା, କ'ଣ କରୁଛୁ ? ଏମ୍.ଏ. ପାଠ ପଢ଼ିବାର ସଭ୍ୟତା କ'ଣ ଏଇଆ ?

ତୋଫାନି - ଯାହାକୁ ତୁ ଗୁଣ୍ଡା, ଗର୍ଦ୍ଧିର ଆଖ୍ୟା ଦେଇ, ସବୁବେଳେ ହିନସ୍ତା କରୁଛୁ । ତା'ଠାରୁ ତୁ ବି ମର୍ଯ୍ୟାଦା ଆଶା କରିପାରୁ । ମନେ ରଖ, ତୁ ନାଗସାପ ଲାଞ୍ଜୁଡ଼ରେ ହାତ ମାରୁଛୁ । ଦିନେ ଚୋଟ ଅବଶ୍ୟ

Digitized by srujanika@gmail.com

ଖାଇବୁ । ମାର, ଆହୁରି କେତେ ମାରିବୁ ମାର । ଦିନ ଆସିବ, ତୁ ମୋତେ ଶହେ ସଲାମ ମାରିବୁ । ସେ ଦିନକୁ ଅପେକ୍ଷା କର ।

ମାନବେନ୍ଦ୍ର - କନେଷ୍ଟବଲ୍ ରାମଚନ୍ଦ୍ର,

ରାମଚନ୍ଦ୍ର - ସାର୍

ମାନବେନ୍ଦ୍ର - ଏହାକୁନେଇ ହାଜତରେ ଭର୍ତ୍ତି କରିଦିଅ । ମୁଁ ଘରୁ ଫେରିଲାପରେ ଏହାକଥା ବୁଝିବି ।

(କନେଷ୍ଟବଲ ତୋଫାନିକୁ ହାଜତକୁ ନେଇଗଲା । ଟେଲିଫୋନ୍ ରିଙ୍ଗ୍ ହେଲା)

ମାନବେନ୍ଦ୍ର - ହେଲୋ, ଟାଉନ ପୋଲିସ ଷ୍ଟେସନ୍ । ମୁଁ ଇନ୍ସପେକ୍ଟର ମାନବେନ୍ଦ୍ର କହୁଛି । କ'ଣକହିଲେ, ହୋମ ମିନିଷ୍ଟର କଥା ହେବେ । ଦିଅନ୍ତୁ । ନମସ୍କାର ସାର୍ । କ'ଣ କହିଲେ, ତୋଫାନିକୁ ଛାଡ଼ିଦେବି ? Sir, He is the main culprit. କ'ଣ କହିଲେ ? ହଉ ସାର୍, ଛାଡ଼ିଦେଉଛି । (ରିସିଭର ରଖିଲେ)

(କନେଷ୍ଟବଲ ରାମ ମୁହଁ ବିକୃତ କରି କହୁଥିଲା)

ରାମ - ଏଇଟା ତୁଫାନି କି ସାର୍ । ବଡ଼ ଖତରନାକ । ହାଜତକୁ ନେଲାବେଳେ, ମୋତେ ମାରିବାକୁ ଆସିଲା । ମୁଁ ଛାଡ଼ି ନ ଥାନ୍ତି । ମୁହଁ ଭାଙ୍ଗିଦେଇଥାନ୍ତି । କେବଳ ଆପଣଙ୍କ ଡ଼ରରେ କିଛି କହିଲି ନାହିଁ । ସାର୍ ପୋଲିସ ଚାକିରୀ ଆଉ କରିହବନି ।

ମାନବେନ୍ଦ୍ର - ଆଉ କ'ଣ କରିବ ? ଚୋରାମଦ ବିକିବ ।

ରାମ - ସେଇଟା ଭଲ କାମ ସାର୍ । ୫ ବର୍ଷରେ କୋଟିପତି ।

ମାନବେନ୍ଦ୍ର - ବାଜେ ଗପ ବନ୍ଦ କର୍ । ମୁଁ ଦେଖୁଛି, ତୁମର ଭଲ ଦଶା ନାହିଁ ।

ରାମ - ସାର୍, ଆପଣ ତ ଖାଲି ମୋ ଉପରେ ରାଗୁଛନ୍ତି । ଆଜିକାଲି ସତ କହିଲେ ତ ଅପରାଧ ।

(ମନଦୁଃଖରେ ଭାଙ୍ଗି ପଡ଼ିଲେ ।)

ମାନବେନ୍ଦ୍ର - ନା, ଏ ଚାକିରୀ କରିହେବ ନାହିଁ । ବରଂ ଇସ୍ତଫା ଦେଇ ଚାଲିଯିବା ଭଲ ।

ରାମ - ସାର୍, ଇସ୍ତଫା ଦେଇଦେବେ ? କାହିଁକି ସାର୍, ଚୋର ଉପରେ ଅଭିମାନ କରି ଖପରାରେ ଖାଇବେ । ପୁଅ ଇଞ୍ଜିନିୟର ହେଇ

Digitized by srujanika@gmail.com

ବାଙ୍ଗାଲୋରରୁ ଫେରୁ, ଝିଅ ଡ଼ାକ୍ତର ହୋଇ କଲିକତାରୁ ଫେରୁ । ସେ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ସାର୍ ।

ମାନବେନ୍ଦ୍ର - ଦେଖିବି, କେତେଦିନ ରାଜନୈତିକ ଚାପରେ, ପଡ଼ି ମଣିଷ କାମ କରି ଚାଲିବ । ହଁ ରାମ, ତୁମେ କାଲିଠାରୁ ଟ୍ରାଫିକକୁ ଯାଅ । ସେଇଟା ତୁମ ପାଇଁ ଭଲ କାମ ।

ରାମ - ଅନ୍ୟ ଯେଉଁ କାମ କହିବେ, କରିବି ସାର୍, । କିଂତୁ ଟ୍ରାଫିକକୁ ପଠାନ୍ତୁ ନାହିଁ । ସେଇଟା ଗୋଟେ ମରଣ ଯନ୍ତା । ୨ଟା ଟ୍ରାଫିକ କନେଷ୍ଟବଳ, ମାସକ ଭିତରେ ଅକାଳ ମୃତ୍ୟୁବରଣ କଲେ । ଟ୍ରକ ଡ଼ାଇଭର ଗୁଡ଼ାକ ଆଉ ଟ୍ରାଫିକ ସିଗ୍‌ନାଲ ମାନୁନାହାନ୍ତି ସାର୍ । ସାର୍ ଦିଟା କନେଷ୍ଟବଲଙ୍କ ଉପରେ ଟ୍ରକ ମଡ଼ାଇ ଦେଇ ଛୁ ମାରିଲେ । ଏ ପର୍ଯ୍ୟନ୍ତ ସେମାନଙ୍କର ପତ୍ତା କ'ଣ ମିଳିଲା ? । ସି.ଏମ୍. ତାଙ୍କ ପାଣ୍ଠିରୁ ୫୦ ହଜାର ଟଙ୍କା ଜଣକ ପିଛା ଦେଇଛନ୍ତି । କୋଟିଏ ଟଙ୍କା ଦେଲେ ଦୁର୍ଲଭ ମଣିଷ ଜୀବନ କ'ଣ ଫେରି ଆସିବ ? ମୁଁ ତ ଆଉ ବର୍ଷକ ପରେ ରିଟାୟାର୍ଡ କରିବି ସାର୍ । ମୋତେ ଟିକିଏ ହାଲୁକା କାମ ଦିଅନ୍ତୁ ।

ମାନବେନ୍ଦ୍ର - ତୁମେ କି କାମ କରିବ, ମୁଁ ତା' ଜାଣି ପାରୁନାହିଁ । ନାଇଟ୍ ପେଟ୍ରୋଲିଙ୍ଗ୍ କଲେ ଗ୍ୟାଷ୍ଟିକ୍ ଟ୍ରବୁଲ୍, ଚୋରା ମଦ ବିକ୍ରୀ ଇନଫରମେସନ୍ ଦବାକୁ କହିଲେ, ସେମାନଙ୍କଠାରୁ ଲାଞ୍ଚ ଖାଇ, ପୋଲିସ୍ ଆସିବ କହି ସେମାନଙ୍କୁ ସତର୍କ କରାଇ ଦେଉଛ ।

ରାମ - ପୋଲିସ କାମରେ କେତେ ଓପୁରୀ । ଆଉ ଅଛି କି ସାର୍ । ମାଇପିମାନେ ନିଶାବିରୋଧୀ ଆନ୍ଦୋଳନ କରିବାଦିନଠୁଁ, ଚୋରାମଦ ଦେଶୀମଦ, ବିଦେଶୀମଦ ସବୁ ବନ୍ଦ । ଏ ମାଇକିନିଆ ଗୁଡ଼ାକ କି ପ୍ରବଳ ହୋଇ ଉଠିଛନ୍ତି ଆଜ୍ଞା । କଥାରେ ଅଛି ପରା, ଅବଳା, ଯତ୍ର ପ୍ରବଳା । ଦି'ପଇସା ମିଳୁଥିଲା । ସବୁ ବନ୍ଦ ।

ମାନବେନ୍ଦ୍ର - ରାମ, ଏ ସବୁ ବନ୍ଦ କର । ଏ ସବୁ ମୁଁ ତୁମଠାରୁ ଶୁଣିବାକୁ ଚାହେଁନା । ମୁଁ ଏସ୍.ପି.ଙ୍କୁ ତୁମ ବିରୁଦ୍ଧରେ ରିପୋର୍ଟ କରିବି ।

ରାମ - ସବୁ କରନ୍ତୁ, ରିପୋର୍ଟ କରନ୍ତୁ ନାହିଁ, ସାର୍ । ଆଉ ବର୍ଷୁଟାଏ ଚାକିରୀ ।

Digitized by srujanika@gmail.com

ମାନବେନ୍ଦ୍ର - ତୁମ ଉପରେ ଦୁର୍ନିତୀ ନିବାରଣ ବିଭାଗର କଡ଼ା ଦୃଷ୍ଟି ରହିଛି । ତୁମେ ଜଣେ ଦୁର୍ନିତୀଖୋର କର୍ମଚାରୀ ।

ରାମ - ଦୁର୍ନିତୀ ନିବାରଣ ବିଭାଗ ତ ଭାରୀ ଭଲ । ଏମାନେ ମୋଟେ ଦୁର୍ନିତୀ କରୁନାହାନ୍ତି । ଏମାନଙ୍କୁ ଦେଖାଚାହାଁ କରିବା ପାଇଁ ଆଉ ଗୋଟିଏ ବିଭାଗ ଖୋଲା ହବା ଦରକାର ସାର୍ । ସବୁଗୁଡ଼ାକ ଖଜୁରୀଗଛ ମୂଳରୁ ପାହୁଚ, ପାହୁଚ ।

ମାନବେନ୍ଦ୍ର - ବୁଝିଲ, ତୁମ ମୁଣ୍ଡ ଖରାପ ହୋଇଗଲାଣି । ଏସବୁ କାହା ଆଗରେ କହନି । ହୁସିଆର ରୁହ । ଦୁର୍ନିତୀ କରି କେହି କେବେ ଖସିଯାଇ ପାରି ନାହିଁ କି ପାରିବ ନାହିଁ । ସାନବାବୁ ଆସିଲେ କହିବ, ସେ ତୋଫାନିକୁ ଛାଡ଼ିଦେବେ ।

(ଉଠି ଯିବାକୁ ଠିଆହେଲେ ପ୍ରବେଶ କଲେ ସତ୍ୟବାଦୀ । ସମାଜସେବୀ । ରାଜନୈତିକ ଦଳର ନେତା ।)

ସତ୍ୟବାଦୀ - ନମସ୍କାର ଇନ୍ସପେକ୍ଟର ବାବୁ ।

ମାନବେନ୍ଦ୍ର - ନମସ୍କାର, ନମସ୍କାର । ଆପଣ ଥାନାକୁ ଆସିଲେ କାହିଁକି ?

ସତ୍ୟବାଦୀ - ଥାନାକୁ କୌଣସି ଭଦ୍ରଲୋକ କ'ଣ ଆସିବାକୁ ଭଲ ପାଏ । ପରିସ୍ଥିତି ତାଡ଼ନାରେ ଆସିବାକୁ ବାଧ୍ୟ ହେଲି । ଏଇ ତୋଫାନି କଥା ।

ମାନବେନ୍ଦ୍ର - ତୋଫାନି । ତୋଫାନି ସହିତ ଆପଣଙ୍କର ସମ୍ପର୍କ କ'ଣ ?

ସତ୍ୟବାଦୀ - ଆପଣ ଜାଣିନାହାନ୍ତି କି, ସେ ପରା ଆମ ଦଳର ରାଜ୍ୟ ସଂପାଦକ ।

ମାନବେନ୍ଦ୍ର - ଆପଣଙ୍କୁ ସଂପାଦକ କରିବା ପାଇଁ, ଆଉ କେହି ଭଦ୍ରଲୋକ ମିଳିଲେ ନାହିଁ । ଯେଉଁ ଦଳର ତୋଫାନି ସଂପାଦକ, ସେ ଦଳର ଆପଣ ନେତା ।

ସତ୍ୟବାଦୀ - କ'ଣ କହିବି ଆଜ୍ଞା ? ଏମ୍.ଏଲ୍.ଏଙ୍କ ସୁପାରିଶ୍‌ରେ ସେ ସଂପାଦକ ହୋଇଛି ।

ମାନବେନ୍ଦ୍ର - ଧନ୍ୟ ଆପଣଙ୍କୁ । ଧନ୍ୟ ଆପଣଙ୍କର ଦଳକୁ । ଦେଖନ୍ତୁ ସାରାଦିନ ମୁଁ ଘରକୁ ଯାଇନାହିଁ । ମୋତେ ଯିବାକୁ ଦିଅନ୍ତୁ । ପରେ କଥାବାର୍ତ୍ତା ହେବା ।

ସତ୍ୟବାଦୀ - ମୁଁ କ'ଣ କହୁଥିଲି କି ଆଜ୍ଞା, ଏମ୍.ଏଲ୍.ଏ ଫୋନ୍ ପରେ ଫୋନ କରି ଚାଲିଛନ୍ତି, ଆପଣ ତୋଫାନିକୁ କ'ଣ ଧିରଫ କରିଛନ୍ତି ?

Digitized by srujanika@gmail.com

ମାନବେନ୍ଦ୍ର - ଅପରାଧୀଙ୍କୁ ଗିରଫ କରିବା, ପୋଲିସର କର୍ତ୍ତବ୍ୟ । ଆପଣମାନେ କହୁଛନ୍ତି, ପୋଲିସ ଶାସନ ଢ଼ିଲା ହୋଇଗଲାଣି ୭ଦିନ ଭିତରେ ୪ ଲକ୍ଷ ଟଙ୍କାର ରାହାଜାନୀ, ତୋଫାନି ଗ୍ୟାଙ୍ଗ ଏ ସହରରେ ସକ୍ରିୟ ହୋଇ ଉଠିଛି । ୨୦ଟା ଦୁଇଚକିଆ ଯାନ ଚୋରୀ । ସ୍ତ୍ରୀଲୋକଙ୍କର ବେକରୁ ସୁନାଗହଣା ଲୁଟି । ଏସବୁ ତୋଫାନି ଗ୍ୟାଙ୍ଗଛଡ଼ା ଅନ୍ୟ କାହାର କାମ ନୁହେଁ ।

ସତ୍ୟବାଦୀ - ଇନ୍ସପେକ୍ଟରବାବୁ, ମୁଁ ଆପଣଙ୍କୁ ଜାଣେ । ଜଣେ ଦକ୍ଷ ସଚ୍ଚୋଟ ପୋଲିସ ଅଫିସର ଭାବରେ ଆପଣଙ୍କର ଯଥେଷ୍ଟ ସୁନାମ ରହିଛି । ଏମ୍.ଏଲ୍.ଏ ଶତ ଚେଷ୍ଟା କଲେ ମଧ, ସି.ଏମ୍.ଆପଣଙ୍କୁ ଏ ସହରରୁ ଅନ୍ୟତ୍ର ବଦଳି କରିବାକୁ ଚାହାନ୍ତି ନାହିଁ । ସେହି ପରିସ୍ଥିତିରେ ମୁଁ ଆପଣଙ୍କୁ ବିଶେଷ କ'ଣ ବା କହିବି । ତେବେ ମୁଁ ଏତିକି କହୁଛି ଦୁର୍ନିତୀ ଆଜର ଯୁଗର ଧର୍ମ । ସେହି ବଳରେ ତୋଫାନ ହେବ ଏମ୍.ଏଲ୍.ଏ. ଆଉ ଆଜିର ଏମ୍.ଏଲ୍.ଏ ଲୋକସଭା ସଭ୍ୟ ହୋଇ କେନ୍ଦ୍ରମନ୍ତ୍ରୀ ହେବ । ତାର ସବୁ ବନ୍ଦୋବସ୍ତ ହୋଇ ରହିଛି ।

ମାନବେନ୍ଦ୍ର - କ୍ରିମିନାଲମାନେ ଦେଶର ହେବେ ଭାଗ୍ୟବିଧାତା ।

ସତ୍ୟବାଦୀ - ଆଜି କେଉଁମାନେ ଦେଶର ଭାଗ୍ୟବିଧାତା ହୋଇଛନ୍ତି, ତା' କ'ଣ ଆପଣ ଜାଣନ୍ତି ନାହିଁ କି ଇନ୍ସପେକ୍ଟର ବାବୁ । ଯେ ହଜାର କୋଟି ଟଙ୍କା ସ୍କାମରେ ଜଡ଼ିତ, ସେ ହେଉଛି କେନ୍ଦ୍ରମନ୍ତ୍ରୀ । ଯେ ଗଣହତ୍ୟା କରିପାରୁଛି, ସେ ହୋଇଛି ମୁଖ୍ୟମନ୍ତ୍ରୀ । ଆପଣ କମ୍ବଳଟାକୁ ବାଛି ଦିଅନ୍ତୁ ସବୁଗୁଡ଼ାକ ବାଳ । କେତେ ଓପାଡ଼ିବେ, ଓପାଡୁଥାନ୍ତୁ । ଇନ୍ସପେକ୍ଟର ବାବୁ, ଆଜି ସମସ୍ତେ ସ୍ୱାର୍ଥର ଦାସ । ମୁଁ ଆଉ କ'ଣ କହିବି ।

ମାନବେନ୍ଦ୍ର - ସତ୍ୟବାଦୀ ବାବୁ, ଏ ଦେଶରେ ଅନ୍ୟାୟକୁ ଅନ୍ୟାୟ ବୋଲି କହିବାକୁ କେହି କ'ଣ ବାହାରିବେ ନାହିଁ ? ଗାନ୍ଧୀ, ଗୋପବନ୍ଧୁ କ'ଣ ଜନ୍ମ ହେବେ ନାହିଁ । କାହିଁଗଲେ ସେହି ଲୋକମାନେ । ଅପରାଧ ତାଲିକା ରିପୋର୍ଟରେ ମୁଁ କ'ଣ ସରକାରଙ୍କୁ ଲେଖିବି । ଆପଣ ଯାଇ ସେହିକଥା, ଘରୋଇ ମନ୍ତ୍ରୀଙ୍କୁ ପଚାରି ଆସନ୍ତୁ । ଆପଣମାନେ ଅପରାଧ ବଢ଼ିଲା ବୋଲି ଚିତ୍କାର କରୁଛନ୍ତି ଆପଣ ପୁଣି କହୁଛନ୍ତି

Digitized by srujanika@gmail.com

ଅପରାଧିକୁ ଛାଡ଼ିଦିଅ । ଆପଣଙ୍କ ପରି ଲୋକମାନେ କିପରି ଏ କଥା କହିପାରୁଛନ୍ତି ତାହା ମୁଁ ଜାଣିପାରୁନାହିଁ । ଦରକାର ପଡ଼ିଲେ ମୁଁ କହିବି, ସବୁ ଅପାଧ ପାଇଁ ଆପଣମାନେ ହିଁ ଦାୟୀ ।

ସତ୍ୟବାଦୀ - ମୁଁ ଆଉ କ'ଣ ବା ଆପଣଙ୍କୁ କହିବି । ଯାହା ଆପଣଙ୍କର ଇଚ୍ଛା ତା' କରନ୍ତୁ । ମୁଁ ଆସୁଛି (ପ୍ରସ୍ଥାନ) ।

(ପ୍ରବେଶ କରିଛନ୍ତି ହରିବାବୁ ସେକେଣ୍ଡ ଅଫିସର ।)

ହରିବାବୁ - ସାର୍, ଗୁଡ୍ ନିଉଜ୍, ୨ ଚକିଆ ଯାନର ରାକେଟ ଧରା ପଡ଼ିଯିବେ । ଏସ୍.ପି. ଥାନାକୁ ଆସିବେ ।

ମାନବେନ୍ଦ୍ର - ହରିବାବୁ, ମୁଁ ଘରକୁ ଯାଉଛି । ଏସ୍.ପି.ଙ୍କୁ ଫୋନ କରିଦିଅ । ରାତି ସାତଟାରେ ମୁଁ ଦେଖା କରିବି ।

ହରିବାବୁ - ହଉ ସାର୍, ସେଇ କଥା ମୁଁ କହିଦେବି ।

ମାନବେନ୍ଦ୍ର - ହଁ, ହରିବାବୁ, ତୋଫାନିକୁ ଛାଡ଼ି ଦିଅନ୍ତୁ ।

ହରିବାବୁ - ଛାଡ଼ିଦେବି ସାର୍ ।

ମାନବେନ୍ଦ୍ର - ହଁ, ଛାଡ଼ିଦିଅନ୍ତୁ ।

(ଉଠି ଠିଆ ହେଲେ ।)

- ଅନ୍ଧାର -

- ଦ୍ୱିତୀୟ ଦୃଶ୍ୟ -

(ରାସ୍ତା । କନେଷ୍ଟବଲ ରାମ ଓ ଦାମ କଥାବାର୍ତ୍ତା ହୋଇ ଆସୁଥିଲେ ।)

ରାମ - ଭାଇ ଦାମ ।

ଦାମ - କ'ଣ କହୁଚୁ ଭାଇ ରାମ ?

ରାମ - ଆରେ ସେ ଟୋକା, ତୋଫାନି, ବାବୁ ତାକୁ କିମିତି ଛାଡ଼ିଦେଲାରେ ?

ଦାମ - ଛାଡ଼ି ନ ଦେଇ କ'ଣ କରି ପକାଇଥାନ୍ତା । ସେମାନେ ମନ୍ତ୍ରୀଙ୍କର ଲୋକ । ମଣିଷ ମାରିଲେ ଚାରିଖୁଣ ମାଫ ।

ରାମ - ସତେ କିରେ । ସେଇଥିପାଇଁ ବଡ଼ବାବୁଙ୍କୁ ତୁ, ତା, ରେ, ରା କରି କହୁଥିଲା । ମୋଟେ ତାର ଯେପରି ଖାତିର ନ ଥିଲା ତୁ ଯାହା କହ, ବଡ଼ ପାୱାରଫୁଲ୍‌ରେ ।

Digitized by srujanika@gmail.com

ଦାମ - ଦିନ ଆସିବ, ସେମାନେ ହେବେ ମନ୍ତ୍ରୀ । ବଡ଼ବାବୁ ତାକୁ ସାଲ୍ୟୁଟ ମାରିବ । ବଡ଼ବାବୁ ତାକୁ କାହିଁକି ଧରୁଥିଲା । ତୋଫାନି ଗ୍ୟାଙ୍ଗକୁ ପରା ଏମ୍.ଏଲ୍.ଏ ଗଢ଼ିଛି । ମନ୍ତ୍ରୀ ସବୁ ପ୍ରକାର ସାହାଯ୍ୟ ଦେଉଛନ୍ତି । ରାମହରି ନଗର ରାହାଜାନି କେସ୍‌ରେ ଯେ ସଂପୃକ୍ତ, ସେ କ'ଣ ଏଠାରେ ଅଛି, ଏମ୍.ଏଲ୍.ଏ କ୍ୱାର୍ଟରରେ ବିଶ୍ରାମ କରୁଛି । ଆଉ ତୋଫାନି ଲିଡ଼ର ପରା । ଲିଡ଼ର ଅର୍ଡ଼ର ଦିଏ । ତା' ଅର୍ଡ଼ର ଅନୁସାରେ କାମ ହୁଏ ।

ରାମ - ତେବେ ପୋଲିସ୍ କ'ଣ କରିବ ? ଡ଼ିପାର୍ଟମେଣ୍ଟଟା ଉଠାଇ ଦିଆଯାଉ । ଅପରାଧୀକୁ ଯଦି କ୍ଷମା, ଜେଲରେ ରାଜଭୋଗ, ମୋବାଇଲ୍ ଫୋନରେ କଥାହେବ । ତା'ପାଇଁ ମଦ ଆସିବ । ତେବେ ଲୋକେ ଆମକୁ ଦୋଷ ଦେବେ କାହିଁକି ? କିଂତୁ ଆମ ବଡ଼ବାବୁ, ବଡ଼ ବଢ଼ିଆ ଅଫିସର । ଡେ଼ଲି ୨୪ ଘଣ୍ଟିଆ ଡ୍ୟୁଟି । ରାତି ୯ଟା ପରେ ସହରଟା ଜନଶୂନ୍ୟ । ଅପରାଧିମାନଙ୍କୁ ସାବାଡ଼୍ କରିଦେଲାଣି ।

ଦାମ - କରୁଛି ସତ । ଏଇଠି ଭଲ କାମ କଲେ କ'ଣ ପୁରସ୍କାର ମିଳେ କିରେ ? ଚବିଶିଘଣ୍ଟାରେ ବଦଳି । ପାଇବ, ବଡ଼ବାବୁ ପାଇବ । ଅପେକ୍ଷା କର ।

ରାମ - ହଇରେ ଭାଇ ଦାମ । ମଦ ବେପାର କ'ଣ ସତରେ ବନ୍ଦ ହେଇଯିବ । ଭଲ ଦି' ପଇସା ମିଳୁଥିଲା । ସେତକ ଏବେ ବନ୍ଦ ଓ ଯେଉଁ ଆନ୍ଦୋଳନ, ନାରୀମାନେ ନିଶା ବିରୁଦ୍ଧରେ କଲେ, ଆଉ ଆମ ବଡ଼ବାବୁଙ୍କର ସ୍ତ୍ରୀ, ଯେଉଁ ଭାଷଣମାନ ଦେଉଥିଲେ, କିଏ ମଦ ପିଇବରେ ? ଲୋକେ, ଆପେ, ଆପେ ବଦଳିଗଲେ ।

ଦାମ - କିଏ କେଉଁଠି ବନ୍ଦ କରି ପକାଇବରେ । ମଦୁଆ କ'ଣ ମଦ ଛାଡ଼ିଦେବ ନା ଚୋର, ଚୋରୀ ଛାଡ଼ିଦେବ । ଏବେ ମଦ ବନ୍ଦ ହେଇଛି । ଦିନ କେଇଟା ଅପେକ୍ଷା କର । ସବୁ ଚାଲିବ । ଏମାନେ ଡ୍ରାଇେ, ଡ୍ରାଇେ ଗଲେ ମଦ ବେପାରୀମାନେ ପଲ୍ଟେ, ପଲ୍ଟେ ଯିବେ । ସରକାର ହଜାର କୋଟି ଟଙ୍କା ମଦରୁ ପାଉଛି । ତାକୁ ଛାଡ଼ିଦେବ । ଏବେ ନିର୍ବାଚନ ହେବ । ସରକାର ବଦଳିଲେ ସବୁ ବଦଳିଯିବ । (ଏଇ ସମୟରେ ଶୁଭିଲା)

Digitized by srujanika@gmail.com

ନିଶା ବିରୋଧୀ ଆନ୍ଦୋଳନ - ଜିନ୍ଦାବାଦ, ଜିନ୍ଦାବାଦ । ଆମର ନେତ୍ରୀ - ନନ୍ଦିନୀ ଦେବୀ - ଜିନ୍ଦାବାଦ, ଜିନ୍ଦାବାଦ । ନିଶା ବିରୋଧୀ ଆନ୍ଦୋଳନ - ଦୀର୍ଘଜୀବି ହେଉ ।

ରାମ - ଭାଇ, ଶୋଭାଯାତ୍ରା ଏଇଆଡ଼େ ଆସୁଛି । ଚାଲେ, ଏଠାରୁ ଚାଲିଯିବା ।

ଦାମ - ଆମେ କାହିଁକି ଯିବା, ଆମେ ଆମ ଡ୍ୟୁଟି କରୁଛେଁ, ଆମକୁ କହିବ କିଏ ? ଭାଇ ରାମ, ତୁ ସର୍ବସ୍ୱ ଖାଇଗଲେ କିମିତି ହବ ? ଭୀମ ସାହୁ ତୋତେ ହଜାର ଟଙ୍କା ଦେଇଥିଲା, ମୋ ଭାଗ ଗଲା କୁଆଡ଼େ ?

ରାମ - ଆରେ ଭୀମ ସାହୁ ଦେଇନି । ଦବ ବୋଲି କହୁଥିଲା । ଏବେ ତା'ର ବିପତ୍ତି ପଡ଼ିଛି । ସେ ଆଉ ଦବ କୁଆଡ଼େ ।

ଦାମ - ତୁ ମିଛ କହୁଛୁ । ମୁଁ ଭୀମ ସାହୁକୁ ପଚାରିବିଟି । ସେ ଯଦି କହିବ, ସେତେବେଳେ ଯାଇ ତୋର, ମୋର କଥାବାର୍ତ୍ତା । ଖାଇ ଖାଇ ତ ଏତେ ଖାଇଗଲୁ ଯେ, ଝିଅ ବାହାଘରରେ ୪ ଲକ୍ଷ ଟଙ୍କା ଖର୍ଚ୍ଚ କଲୁ । ସମସ୍ତଙ୍କର ଆଖି ଖୋସି ହୋଇଗଲା । କନେଷ୍ଟବଲ ମୁଣ୍ଡ । ଏତେ ଟଙ୍କା କେଉଁଠୁ ଆଣିଲା । ଭିଜିଲାନସ୍ ବିଭାଗର ଆଖି ପଡ଼ିଛି ।

ରାମ - କ'ଣ କରିବି ଭାଇ, କ୍ୱାଇଁ ୨ ଲକ୍ଷ କ୍ୟାସ ମାଗିଲା ।

ଦାମ - ୨ ଲକ୍ଷ ? ତୁ କ'ଣ ଦେଲୁ ?

ରାମ - ନ ଦେଇ କ'ଣ କରିବି ?

ଦାମ - ଭଲ କ୍ୱାଇଁଟିଏ ପାଇଛୁ । ସରକାର କଲେଜ ଅଧ୍ୟାପକ । ଟଙ୍କା ନ ଦେଇଥିଲେ, ଏମିତି କ୍ୱାଇଁଟିଏ କେଉଁଠୁ ପାଇଥାନ୍ତୁ ।

(ବାହାରୁ ଶୁଭିଲା ଇନ୍ସପେକ୍ଟର ହରି କଣ୍ଠରୁ)

ହରି - (ବାହାରୁ) ମୋତେ କାହିଁକି ଦୋଷ ଦେଉଛ, ଭୀମବାବୁ, ମୁଁ କ'ଣ କରିବି ? ସରକାରତ ଆନ୍ଦୋଳନକୁ ସମର୍ଥନ କରୁଛନ୍ତି ।

ଦାମ - ରାମିଆଇ, ସାନବାବୁ ଓ ଭୀମ ସାହୁ କଥାବାର୍ତ୍ତା ହୋଇ ଆସୁଛନ୍ତି । ଚାଲେ ଚାଲିଯିବା ।

ରାମ ଆରେ, ଆମେ ଯିବା କାହିଁକି ? ଚାଲେ ସେଇଠି ଲୁଚିଯିବା । କ'ଣ କଥାବାର୍ତ୍ତା ହଉଛନ୍ତି, ଟିକିଏ ଶୁଣିବାନା ।

Digitized by srujanika@gmail.com

ଦାମ - ତୁ ଠିକ୍ କହିକୁ ଚାଲ, ସେଇଠି ଲୁଚିଯିବା ।
(ମଞ୍ଚରେ ପ୍ରବେଶ କଲେ ହରିବାବୁ ସବ୍‌ଇନ୍ସପେକ୍ଟର ଓ ଚୋରାମଦ ବ୍ୟବସାୟୀ ଭୀମ ସାହୁ ।)

ଭୀମ - ମୋତେ ରକ୍ଷା କର ସବ୍‌ଇନ୍ସପେକ୍ଟର ବାବୁ । ମୁଁ ଭାସିଗଲି । ମାସକ ଭିତରେ କୋଡ଼ିଏଲକ୍ଷ ଟଙ୍କା ଚୁକ୍‌ସାନ୍ ।

ହରି - ଭଲ କଥା କହୁଚ, ମୁଁ କ'ଣ କରିବି ହୋ ଭୀମବାବୁ । ସମୟ ଥିଲା ସାହାଯ୍ୟ କରୁଥିଲୁ । ଭଲ କମଉଥିଲ । ଯାହା କମଉଥିଲ, ଆମକୁ କ'ଣ ଦେଇ ପକଉଥିଲ ।

ଭୀମ - ତୁମକୁ ଦେଇନି । କ'ଣ ନ ଦେଇଛି କହିଲ ?

ହରି - ହାଉଲେ, ହାଉଲେ । ଚିଲାଓ ମତ୍ । ପାଟି କରନି । ତୁମେ ନେଇଛ ବୋଲି ପ୍ରମାଣ ନାହିଁ, କି ମୁଁ ନେଇଛି ବୋଲି ପ୍ରମାଣ ନାହିଁ । ତୁମେ ପାଟି କଲେ, ଆମେ ପୋଲିସ୍, ମା' ବାପା ବୋଲି ଆମର କିଛି ନାହିଁ । ହ୍ୟାଣ୍ଡକପ୍ ପକାଇ, ହାଜତରେ ଭର୍ତ୍ତି କରିଦେବି ।

ଭୀମ - ଶେଷକୁ ବାବୁ, ତୁମେ ଏକଥା କହିଲ । ମୁଁ ଭାସି ଯାଉଥିବାବେଳେ, ତୁମେ ଦେଖି ଆନନ୍ଦ କରୁଛ ।

ହରି - ହଇଏ ଭୀମବାବୁ, କ'ଣ ତୁମର ସରିଗଲା । ଉଭା ଯେତେ ପୋତା ସେତେ । କେଇଟା ଲକ୍ଷ ଯାଇଛି । ଆଗକୁ ନିର୍ବାଚନ । ସରକାର ବଦଳିଲେ ସବୁ ବଦଳିଯିବ । ସେତେବେଳେ ପୁଣି କୋଟିଏ ଟଙ୍କା କମେଇ ପକେଇବ । ବରଂ ଭଲ ହେବ, ତୋଫାନି ପାଖକୁ ଯାଅ । ସେ ଚାହିଁଲେ, କିଛି କରିପାରେ ।

ଭୀମ - ସେ କରନ୍ତା । ଭାରୀ ସାହାଯ୍ୟ କରିବା ପିଲା । ସେ ପରା ନିର୍ବାଚନରେ ଲଢୁଛି । ଲୋକଙ୍କ ଦ୍ୱାରରେ ସେ କିଛି କରିପାରୁ ନାହିଁ । ଆମେ ତାକୁ ଏମ୍.ଏଲ୍.ଏ କରି ଠିଆ କରାଉଛୁ ।

ହରି - ବଡ଼ ଭଲ ହେବ । ଚିନ୍ତା କାହିଁକି କରୁଛ ? ତୋଫାନି ଏମ୍.ଏଲ୍.ଏ ହେଲେ ।

ଭୀମ - ଏମ୍.ଏଲ୍.ଏ ନୁହେଁ ବାବୁ, ମନ୍ତ୍ରୀ ହବ । ଯୁବ କଲ୍ୟାଣ ମନ୍ତ୍ରୀ । ଆମ ଏମ୍.ଏଲ୍.ଏ ସେ କଥା କହୁଥିଲେ ।

Digitized by srujanika@gmail.com

ହରି - ବୁଝିଲ, ଆଉ ଚିନ୍ତା କରନି । ଘରକୁ ଯାଇ ଲାହିରେ ତେଲ ପକାଇ ଶୋଇପଡ଼ । ତୋଫାନି ମନ୍ତ୍ରୀହେଲେ, ତୁମେ ତାଙ୍କ ସେକ୍ରେଟାରୀ ହବ । ବୁଝିଲ, ଆମ କଥା ଭୁଲିଯିବ । ସେତେବେଳେ ତୁମେ ତ ଆକାଶରେ ଉଡୁଥିବ । ଯାଉଛି । ରାସ୍ତାରେ କଥାବାର୍ତ୍ତା ହେବା ଭଲ ନୁହେଁ । କିଛି ଚିନ୍ତା କରନି । ଭଲ ଦିନ ଆସୁଛି । ସେଥିକି ଅପେକ୍ଷା କର । (ଚାଲିଗଲା)

ଭୀମ - (ସ୍ୱଗତଃ) ସତରେ ଯଦି ତୋଫାନି ମନ୍ତ୍ରୀ ହୁଏ, ମୁଁ ତୁମମାନଙ୍କୁ ସାବାଡ଼ କରିଦେବି । ଦେଖିବି, ତୁମେ ସବୁ ମୋତେ କିମିତି ସଲାମ ମାରିବ ।

(ରାମ, ଦାମ ଖୁବ୍ ଜୋର୍‌ରେ ହସିଉଠିଲେ ଓ ଦୁଇଟି ପୋଲିସ ସଲାମ ଠୁକି ଦେଲେ ।)

ଭୀମ - କ'ଣ ମୋତେ ଦେଖି ତୁମ୍ଭେମାନେ ହସୁଛ ?

ଦାମ - ସେମିତି କୁହନି ଭୀମବାବୁ, ତୁମ ତୋଫାନୀ ବାବୁ ମନ୍ତ୍ରୀ ହେବା ଆଗରୁ, ତୁମକୁ ସଲାମ ମାରୁଛୁ ।

ଭୀମ - ମୋର ଦୁଃଖ ବେଳରେ, ତୁମ୍ଭେମାନେ ମଜା ଉଠଉଛ ।

ରାମ - ହଉ, ତୋଫାନୀକୁ କହି, ଆମ ଅବସ୍ଥା ଘାଏଲ କରିଦେବ ।

ଭୀମ - କାହାକୁ ମୁଁ କ'ଣ ନ ଦେଇଛି, କିଏ ମୋ ଠାରୁ କ'ଣ ନ ନେଇଛି, ସେ କଥା ସବୁ ଭୁଲି ଯାଉଛ କାହିଁକି ?

ଦାମ - ଦବା, ନବା କଥା କହିବନି ଭୀମବାବୁ । ଦବାବେଳ ଗଲାଣି, ନବା ବେଳ ଗଲାଣି, ଏବେ କ'ଣ ଦବ କହ ?

ଭୀମ - ଖଣ୍ଡ ଆକୁଟା ଅଛି ଯେ ତୁମକୁ ଦେବି ।

ରାମ - ଆଚ୍ଛା ଭୀମବାବୁ, ତୁମେ ପୋଲିସବାଲାଙ୍କ ଉପରେ, ତୁଚ୍ଛାକୁ ଗର, ଗର କାହିଁକି ହଉଚ କହିଲ ?

ଭୀମ - ହେବିନି, ବିପଦବେଳେ ସେମାନେ ସାହାଯ୍ୟ କଲେନି । ସମସ୍ତଙ୍କୁ ମୁଁ ଖୁସୀ କରୁଥିଲି । ମାଇକିନିଆ ଗୁଡ଼ାକୁ ସାବାଡ଼ କରିପାରିଲେ ନାହିଁ । ସମସ୍ତେ କହୁଛନ୍ତି ଦବା, ନବା କଥା ଭୁଲିଯାଅ । କାହିଁକି ଭୁଲିଯିବି । ମୁଁ ଉପରହାତରେ ଦେଇଛି, ତୁମେ ସବୁ ତଳ ହାତରେ ନେଇଛ ।

Digitized by srujanika@gmail.com

ଦାମ - ମହାପୁଣ୍ୟ କରିଛ ଭୀମବାବୁ । ଗରୀବକୁ କେବେ ଟଙ୍କାଟିଏ ଦାନ କରିଛ ? ଭୋକିଲା ପେଟକୁ ଅନ୍ନମୁଠେ ଦେଇଛ ? ଖାଲି ଦେଇଛି, ଦେଇଛି ବୋଲି କହୁଚ ? ବଡ଼ ପୁଣ୍ୟ କରିଛ ହେ ।

ଭୀମ - ତୁମେ ଦି'ଟା ସେଦିନ ମାଇକିନିଆମାନେ ମୋ ମୁହଁରେ ଚୁନ, କଳା ବୋଳୁଥିଲାବେଳେ, ତୁମେ ଦି'ଟା ମୁରୁକି, ମୁରୁକି ହସୁଥିଲ । ବଡ଼ ବିକଳରେ ମୁଁ ତୁମକୁ ଚାହିଁଥିଲି । ତୁମେ ଚାହିଁଥିଲେ, ସେମାନେ ମୋ ମୁହଁରେ ଚୁନକଳା ବୋଳି ପାରିଥାନ୍ତେ ।

ଦାମ - ତୁମକୁ ସାହାଯ୍ୟ କରିବାକୁ ଆସିଥିଲେ, ଆମ ମୁହଁରେ ଚୁନ କଳା, ବୋଳା ହେଇଥାନ୍ତା । ସେ କଥା ଜାଣିଛଟି ?

ଭୀମ - ପୋଲିସ ମୁହଁରେ ଚୁନ କଳା ବୋଳା ହୋଇଥାନ୍ତା । ତେବେ ତୁମ୍ଭେ ସବୁ ବଞ୍ଚି ଲାଭ କ'ଣ ?

ରାମ - ଭୀମବାବୁ, ଆମେ ଜାଣୁଚୁ, ତୁମ ମନରେ ବହୁତ କଷ୍ଟ ହେଉଛି । ଆମେ ଦୁଃଖିତ । ଆମେ କିଛି କରିପାରିନଥାନ୍ତୁ, ତୁମକୁ ସାହାଯ୍ୟ କରିବାକୁ ଆସିଥିଲେ, ଲୋକେ ଆମକୁ ପିଟିଥାନ୍ତେ । ଯାଅ ତୋଫାନିବାବୁ ପାଇଁ ଇଲେକ୍‌ସନ୍ କାମ କର । ତାକୁ ଜିତାଅ । ତା'ପରେ ଯାଇ ଅନ୍ୟକଥା ।

ଭୀମ - ହଉ, ତୁମର ପରାମର୍ଶ ପାଇଁ ଅଶେଷ ଧନ୍ୟବାଦ ।

- ଅନ୍ଧାର -

- ତୃତୀୟ ଦୃଶ୍ୟ -

(ମାନବେନ୍ଦ୍ର ବାବୁଙ୍କର କ୍ୱାଟର । ମାନବେନ୍ଦ୍ରବାବୁ ବସିଥିଲେ । ପତ୍ନୀ ନନ୍ଦିନୀଙ୍କ କଣ୍ଠରେ ଭଜନ ।)

- ଭଜନ -

ହେ ଅଖିଳ ବ୍ରହ୍ମାଣ୍ଡସ୍ୱାମୀ,
ଏଡ଼ିକି ଦୁନିଆ ତୋରି
କାହାକୁ ଦେଉଛୁ ସୁଖକୁ ତୁ ଅପାର
କା'ର ଦୁଃଖେ ଯାଏ ଦିନ ସରି ।୦।

Digitized by srujanika@gmail.com

ଜଗତର ତୁହି ବୋଲାଉ ଖାଉଁଦ
ଜଣେ ସୁଖ ପାଏ, ଜଣେ ପାଏ ଦୁଃଖ
ଏ କି ବୁଝାମଣା, ତତେ ଏକା ଜଣା
ନାମ ବୋଲାଇଛୁ ଦୁଃଖହାରୀ
ଏହି କି ଦୁନିଆ ଡୋରି ।୧।

(ଭଜନ ଶେଷ ହୋଇଛି । ପ୍ରସାଦ ଆଣି ମାନବେନ୍ଦ୍ରକୁ ଦେଲେ ।)

ନନ୍ଦିନୀ - ଆଜି କ'ଣ ଡ୍ୟୁଟିକୁ ଯିବ ନାହିଁ ?

ମାନବେନ୍ଦ୍ର - ସାରା ରାତି ଅନିଦ୍ରା । ଭାବୁଛି ବିଶ୍ରାମ କରିବି ।

ନନ୍ଦିନୀ - ମୁଁ ତ ସେଇକଥା କହିବାକୁ ଯାଉଥିଲି । ତୁମେ ତ ସବୁବେଳେ ଖଟୁର । ତୁମର ଭାଷାରେ କର୍ମ୍ମ ହିଁ ଧର୍ମ୍ମ । ତେଣୁ କହିବାକୁ ସାହାସ କଲି ନାହିଁ ।

ମାନବେନ୍ଦ୍ର - ତୁମର ନିଶା ନିବାରଣ ଆନ୍ଦୋଳନ କେତେଦୂର ଗଲା ?

ନନ୍ଦିନୀ - ସେଣ୍ଟପରସେଣ୍ଟ ସକ୍‌ସେସ୍ । ସେଥିପାଇଁ ଜିଲ୍ଲାପାଳ ପ୍ରତିମାଦେବୀ ମୁଖ୍ୟତଃ ଦାୟୀ । ତାଙ୍କରି ଯୋଗୁଁ, ଆଜି ପ୍ରତି ଗରୀବର କୁଡ଼ିଆରେ ଶାନ୍ତି । ସେ କହିଛନ୍ତି, ଏ ଆନ୍ଦୋଳନ ସେ ସାରା ରାଜ୍ୟରେ କରାଇବେ ।

ମାନବେନ୍ଦ୍ର - ତା'ହେଲେ ତୁମେ ରାଜ୍ୟସାରା ବୁଲିବ ନା କ'ଣ ?

ନନ୍ଦିନୀ - ଯଦି ମୋର ଉପସ୍ଥିତି ଆବଶ୍ୟକ ପଡ଼େ, ଗଲେ ଆପତ୍ତି କ'ଣ ?

ମାନବେନ୍ଦ୍ର - ସରକାରୀ ମଦ ନିଗମ ତା'ହେଲେ କ'ଣ ବନ୍ଦ ହୋଇଯିବ ? ସରକାରଙ୍କର ବାର୍ଷିକ ହଜାରେ କୋଟି ଟଙ୍କା ଆୟ କ'ଣ, ସରକାର ହରାଇବେ । ସରକାରଙ୍କୁ ପ୍ରଭାବିତ କରି, ନିଶା ନିବାରଣ ଆଇନ କରାଉ ନାହଁ କାହିଁକି ?

ନନ୍ଦିନୀ - ଜନତା ଜାଗିଉଠିଲେ, ସରକାର ନିଶା ନିବାରଣ କରିବାକୁ ବାଧ ହେବେ ।

ମାନବେନ୍ଦ୍ର - ତୁମର ନେତୃତ୍ୱକୁ ମୁଁ ପସନ୍ଦ କରୁନାହିଁ ।

ନନ୍ଦିନୀ - ତୁମେ ନ କଲେ କ'ଣ ହେଲା, ଜଣେ ତ ପସନ୍ଦ କରୁଛି ।

ମାନବେନ୍ଦ୍ର - ଜଣେ ପୋଲିସ ଅଫିସରର ପତ୍ନୀ ହିସାବରେ ତୁମେ ଆନ୍ଦୋଳନରେ ଯୋଗଦେବାକୁ ମୁଁ ପସନ୍ଦ କରୁନାହିଁ ।

Digitized by srujanika@gmail.com

ନନ୍ଦିନୀ - ସେଇକଥା ତୁମେ ମୋତେ ଆଗରୁ କହିଲ ନାହିଁ କାହିଁକି ?

ମାନବେନ୍ଦ୍ର - ନନ୍ଦିନୀ ମୋତେ ଭୁଲ ବୁଝନା । ଏଇକଥା ଆଇ.ଜି. ମୋତେ ଫୋନରେ କହିଥିଲେ । ସେଥିପାଇଁ ସେ ତୁମକୁ ଅନୁରୋଧ କରିଛନ୍ତି ।

ନନ୍ଦିନୀ - ମୁଁ ତ ତାଙ୍କ ଅଣ୍ଡରରେ କାମ କରୁନାହିଁ । କେଉଁ ଆଇନ ବଳରେ, ସେ ମୋତେ ଏ ପରାମର୍ଶ ଦେଲେ ?

ମାନବେନ୍ଦ୍ର - ନନ୍ଦିନୀ ମୁଁ ଜଣେ ନିଷ୍ଠାପର ପୋଲିସ୍ ଅଫିସର । ଉପର ହାକିମଙ୍କର ଉପଦେଶ ମାନିବା ମୋର କର୍ତ୍ତବ୍ୟ । ତେଣୁ ମୁଁ ତୁମକୁ ଅନୁରୋଧ କରୁଅଛି । ତାଙ୍କ ଉପରେ ଘନ ଘନ ପଲିଟିକାଲ ପ୍ରେସର ପଡୁଛି ।

ନନ୍ଦିନୀ - ମାନବେନ୍ଦ୍ର ତୁମେ କୁହ, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠାଇବା କ'ଣ ଅପରାଧ ? ଏଇ ପଲଟିକାଲ ପ୍ରେସର୍ ଆଜି ଦେଶକୁ ଧ୍ୱଂସ କରୁଛି । ତୁମ ଗୋଲାମୀର ଭାଷା ମୋତେ ବଡ଼ ବ୍ୟଥିତ କରିଛି ମାନବେନ୍ଦ୍ର ।

ମାନବେନ୍ଦ୍ର - ସେଥିପାଇଁ ମୁଁ ଦୁଃଖିତ ନନ୍ଦିନୀ, ମୁଁ ଅନୁତପ୍ତ ଭାବୁଛି, ଚାକିରୀରୁ ଇସ୍ତଫା ଦେଇଦେବି । ମୁଁ ଆଜି ଆଶ୍ୱସ୍ତିରେ ନିଶ୍ୱାସ ମାରି ପାରୁନାହିଁ ନନ୍ଦିନୀ । ଆତ୍ମମର୍ଯ୍ୟାଦା ଥିବା ଲୋକଙ୍କ ପାଇଁ, ଚାକିରୀ ମୋଟେ ଉପଯୁକ୍ତ ନୁହେଁ । କ'ଣ କହୁଚ ? ମୁଁ ଜାଣେ, ତୁମେ ନିଶ୍ଚୟ ମୋ କଥାରେ ଏକମତ ହେବ ।

ନନ୍ଦିନୀ - ଧୈର୍ଯ୍ୟହରା ହୁଅ ନାହିଁ ମାନବେନ୍ଦ୍ର । ଆଉ କିଛିଦିନ ଅପେକ୍ଷା କର ।

ମାନବେନ୍ଦ୍ର - ହଉ, ଯାହା ତୁମର ଇଚ୍ଛା ।

ନନ୍ଦିନୀ - ମୋ ବଂଶର ଇତିହାସ ସଂପର୍କରେ ତୁମେ ଭଲ କରି ଜାଣ ମାନବେନ୍ଦ୍ର । ମୋ ବାପା ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ । ସାଇକେଲ ଓ ପଦବ୍ରଜରେ ବୁଲିବୁଲି ସେ ପାର୍ଲାମେଣ୍ଟ ମେମ୍ବର ହୋଇଥିଲେ । ତାଙ୍କର ଗାଡ଼ି, ଘୋଡ଼ା କିଛି ନ ଥିଲା । ପ୍ରଥମରୁ ସେ ଥିଲେ ଜଣେ ଜମିଦାର । ସ୍ୱାଧୀନତା ଆନ୍ଦୋଳନ ପାଇଁ ସେ ତାଙ୍କର ସମସ୍ତ ସଂପତ୍ତି ଦାନ କରିଦେଇଥିଲେ । ତାଙ୍କର ଝିଅ ମୁଁ । ୭ଭାଇରେ ମୁଁ ଗୋଟିଏ ଭଉଣୀ । ତୁମେ ଜଣେ ଆଦର୍ଶବାନ ଯୁବକ ଜାଣି ବାପା, ମୋତେ ତୁମକୁ ଦେବାକୁ କୁଣ୍ଠା ବୋଧ କରିନଥିଲେ । କିଂତୁ ତୁମେ

Digitized by srujanika@gmail.com

ଆଜି, ମୋତେ ମୋ କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହେବାକୁ ପରାମର୍ଶ ଦେଉଛ ?

ମାନବେନ୍ଦ୍ର - ସେଇଥିପାଇଁ ମୁଁ କହୁଥିଲି ନନ୍ଦିନୀ, ଚାଲ ଏ ଗୋଲାମଗିରିକୁ ସଲାମ ମାରି, ଆମେ ମୁକ୍ତ ବିହଙ୍ଗ ପରି ଉଡ଼ିଯିବା ।

ନନ୍ଦିନୀ - ତା' ମଧ୍ୟ ମୋର ମନର ଇଚ୍ଛା । ଆଉ ବର୍ଷ ୨ଟା ଅପେକ୍ଷା କର । ବେଶୀ ଦିନ ନୁହେଁ । ପିଲା ୨ଟାଙ୍କର ପରୀକ୍ଷା ସରିବା ପରେ, ସ୍ୱେଚ୍ଛାର ଅବସର କରିଯାଅ ।

ମାନବେନ୍ଦ୍ର - ବାପୁଜୀ ଚାହିଁଥିଲେ କ'ଣ, କିଂତୁ ଆଜି ଏ ଦେଶର ଅବସ୍ଥା ହେଲା କ'ଣ ? ସ୍ୱରାଜ ଆସିଥିଲା କ'ଣ କେତେକ ଦଲାଲ, ଟାଉଟରଙ୍କୁ କୋଟିପତି କରିବା ପାଇଁ । ନିଶା ବର୍ଜନ ବାପୁଜୀଙ୍କର ଥିଲା ସ୍ୱପ୍ନ । କିଂତୁ ଆଜି ଏମାନେ କଲେ କ'ଣ ? ଧର୍ମ୍ମ ନାମରେ ଅଧର୍ମ୍ମ ଚାଲିଛି । କାର୍ଲମାର୍କ୍ସ କହିଥିଲେ - ଧର୍ମ୍ମ ଗୋଟାଏ ଅଫିମ ନିଶା ଥରେ ଏହା ଅଭ୍ୟାସରେ ପଡ଼ିଗଲେ, ତାକୁ ଛାଡ଼ିବା କଷ୍ଟକର । ସେହି ଧର୍ମ୍ମ ପାଗଳମାନେ, ପତ୍ୟେକ ଧର୍ମ୍ମରେ ପାଗଲ ହୋଇ ଉଠିଛନ୍ତି ।

ନନ୍ଦିନୀ - ମାନବେନ୍ଦ୍ର, ଏଥିପାଇଁ ଆମେ ଘରେ ନୀରବରେ ବସି ରହିଲେ ହେବ ନାହିଁ । ଆସ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରିବା । ସୁଫଳ ନିଶ୍ଚୟ ମିଳିବ ।

(ଏହି ସମୟରେ ବାହାରୁ ଶୁଭିଲା)

ବାହାରୁ - ଶ୍ରୀରାମ, ଜୟରାମ, ଜୟଜୟରାମ ।

ନନ୍ଦିନୀ - ମାନବେନ୍ଦ୍ର, ବାବା ଆସିଲେଣି ।

(ପ୍ରବେଶ କଲେ ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀ ଅଭୟବାବୁ । ଉଭୟେ ଆସି ପାଦତଳେ ମୁଣ୍ଡିଆ ମାରିଲେ ।)

ସ୍ୱାଧିନତା ସଂଗ୍ରାମୀ - ବାବା ମାନବେନ୍ଦ୍ର, ମା ନନ୍ଦିନୀ, ପ୍ରଭୁ ଶ୍ରୀରାମ ତୁମମାନଙ୍କର ମଙ୍ଗଳ କରନ୍ତୁ । ସର୍ବ କୁଶଳ ତ ? କ'ଣ ଆଲୋଚନା ଚାଲିଥିଲା ?

ନନ୍ଦିନୀ - କିଛି ନାହିଁ ଯେ ବାବା, ଏହି ଧର୍ମ୍ମ ସମ୍ବନ୍ଧରେ । ଲୋକେ ଆଜିକାଲି ଧର୍ମ୍ମ ନାମରେ କିପରି ପାଗଳ ହୋଇ ଉଠିଛନ୍ତି ।

ସ୍ୱା.ସଂ - (ହସିଲେ) ବୁଝିଲି, ବୁଝିଲି । ଆରେ ମୁଁ ପ୍ରଭୁ ଶ୍ରୀରାମଙ୍କର ଭକ୍ତ । ରାମମନ୍ଦିର ନିର୍ମାଣ କି ମସ୍‌ଜିଦ୍ ଭାଙ୍ଗିବାର ମୁଁ ପକ୍ଷପାତୀ ନୁହେଁ ।

Digitized by srujanika@gmail.com

ମୁଁ କୌଶଲ୍ୟା ନନ୍ଦନ, ଜାନକୀବରାଭ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରାର୍ଥନା କରୁନାହିଁ । ଯେଉଁ ଶ୍ରୀରାମ ଅନ୍ତର୍ଯ୍ୟାମୀ, ସର୍ବବ୍ୟାପୀ ସର୍ବଶକ୍ତିମାନ, ତାଙ୍କୁଇଁ ମୁଁ ପ୍ରାର୍ଥନା କରୁଛି ।
(ଗାଇଲେ)
ମେରେ ରୋମ, ରୋମମେ ବସନେବାଲେ ରାମ
ଜଗତକେ ସ୍ୱାମୀ, ହେ ଅନ୍ତରସ୍ୱାମୀ ତୁଝସେ କ୍ୟା ମାଗୁଁ ।
ଶ୍ରୀରାମ, ଜୟରାମ, ଜୟଜୟରାମ ।
ବାପୁଜୀ ଏଇକଥା ତାଙ୍କ ପ୍ରାର୍ଥନା ସଭାରେ ବହୁଥର କହିଛନ୍ତି । କାମକୁ ଯାଇ ନାହାନ୍ତି କାହିଁକି କ୍ୱାଇଁବାବୁ । ଶରୀର ଆରୋଗ୍ୟ ଅଛି ତ ?

ମାନବେନ୍ଦ୍ର - ସାରାରାତି ଅନିଦ୍ରା । ଟିକିଏ ବିଶ୍ରାମ ନେବାକୁ ଚାହେଁ । କିଛି ଖବର ନ ପଠାଇ, ଆପଣ ହଠାତ୍ ଚାଲି ଆସିଲେ ବାବା ?

ସ୍ୱା.ସଂ. - ଆସିଲି । ବହୁତ ଦିନ ଆଗରୁ ମୋର ଆସିବାର ଥିଲା । ମା' ମୋର ଏ ଅଞ୍ଚଳର ଏକ ଅଦ୍ଭୁତ ଜନଜାଗରଣ ସୃଷ୍ଟି କରି ପାରିଲା । ମହାତ୍ମାଗାନ୍ଧୀଙ୍କ ନିର୍ଦ୍ଦେଶରେ ମୁଁ ନିଶା ନିବାରଣ ଆନ୍ଦୋଳନ କରୁଥିଲି । ସେଥିପାଇଁ ଅକଥନୀୟ ଯନ୍ତ୍ରଣା ଭୋଗିଛି । ମୋର ମା' ଯୋଗୁଁ, କେତେ ଯେ ପରିବାର ଆଜି ସୁଖ, ଶାନ୍ତିରେ ଅଛନ୍ତି । ଲୋକଙ୍କର ଆର୍ଥିକ ଦୁରାବସ୍ଥା ସୁଧୁରି ଯାଇଛି । ଏହା କମ ସାଫଲ୍ୟ ନୁହେଁ ।

ନନ୍ଦିନୀ - କିନ୍ତୁ ତାଙ୍କୁ ବିରୋଧ କରୁଛନ୍ତି, ଆପଣଙ୍କର କ୍ୱାଇଁବାବୁ ।

ମାନବେନ୍ଦ୍ର - ମିଛକଥା । ମୁଁ ମୋଟେ ବିରୋଧ କରୁନାହିଁ । ମୁଁ ବିରୋଧ କରିଥିଲେ, ତୁମେ ଘର ଛାଡ଼ି ଯାଇ ପାରିନଥାନ୍ତ । କିନ୍ତୁ ପରିସ୍ଥିତି ମୋତେ ତୁମକୁ ବାରଣ କରିବାକୁ ବାଧ କରିଛି ।

ସ୍ୱା.ସଂ. - କ୍ୱାଇଁବାବୁ ଜଣେଦେଶପ୍ରେମୀ ଯୁବକ । ତାଙ୍କ ଯୋଗୁଁ ଗୋଟାଏ ଅଶାନ୍ତ, ଅପରାଧ ପ୍ରବଣ ସହରରେ ଶାନ୍ତି ବିରାଜୁଛି । କେତେଟା ରାଜନୈତିକ ଗୁଣ୍ଡା ଏ ସହରରେ ଯେପରି ଅଶାନ୍ତି, ଉପଦ୍ରବ କରୁଥିଲେ, ତାଙ୍କୁ ଆମର କ୍ୱାଇଁବାବୁ ଦୃଢ଼ ହସ୍ତରେ ଦମନ କରିଛନ୍ତି । ଆଶ୍ଚର୍ଯ୍ୟ, ସେ ପୁଣି ବିରୋଧ କରୁଛନ୍ତି କାହିଁକି ?

Digitized by srujanika@gmail.com

ମାନବେନ୍ଦ୍ର - ବାବା, ମୋର ଉପରିସ୍ଥ ଅଫିସର୍, ତାଙ୍କର ଆନ୍ଦୋଳନରେ ଯୋଗଦାନକୁ ପସନ୍ଦ କରନ୍ତି ନାହିଁ ।

ସ୍ୱା.ସଂ. - କିଏ ସେ ଅଫିସର, ମୋତେ କୁହବାବା, ମୁଁ ତାଙ୍କୁ ଫୋନ କରିବି ।

ମାନବେନ୍ଦ୍ର - ବାବା, ଏ ହେଉଛି ଟପ୍ ସିକ୍ରେଟ୍ । ଏ କଥା କାହା ଆଗରେ ପ୍ରକାଶ କରାଯାଏ ନାହିଁ ।

ସ୍ୱା.ସଂ. - ବୁଝିଲି । ତେବେ ବାବା ଯାହା ନ୍ୟାୟ, ସତ୍ୟ ତାକୁ ପ୍ରତିରୋଧ କରନାହିଁ । ସେଥିପାଇଁ ଆପ୍ତବାକ୍ୟ ଅଛି - ନ୍ୟାୟତ୍ ପଥ, ପ୍ରବିଚଳନ୍ତି ପଦଃ ନଧିରାଃ । ମୋର ବଂଧୁ, ମା ନନ୍ଦିନୀର ବାପାଙ୍କ କଥା କହୁଥିଲି । ସବୁବେଳେ ତାଙ୍କର କଥା ମୋର ମନେ ପଡ଼େ । ଅର୍ଦ୍ଧଶତାବ୍ଦୀ ତଳର କଥା । ସେତେବେଳେ ଲୋକସଭା ସଭ୍ୟମାନଙ୍କର ଦରମା ଥିଲା ମାତ୍ର ଚାରିଶହ ଟଙ୍କା । ମୋର ବଂଧୁ, ସେ ଦରମା ଟଙ୍କା ଗ୍ରହଣ ନ କରି, ପ୍ରଧାନମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିକୁ ଦାନ କରିଦେଉଥିଲେ । ସେ କହୁଥିଲେ ମୋର ସାତପୁଅ ସମସ୍ତେ ରୋଜଗାରକ୍ଷମ । ମୋର ଅଭାବ ବା କ'ଣ ? କିଂତୁ ପିଲାମାନେ ତୁମେ ଜାଣ, ଆଜି ଗରୀବ ଏମ୍.ପିଟିଏ କେତେ ପାଏ ? ଏଇ ପାଞ୍ଚବର୍ଷ ସମୟ ଭିତରେ ସେମାନେ କୋଟିକୋଟି ଟଙ୍କା ରୋଜଗାର କରିଥାନ୍ତି, ଏଇ ଏମ୍.ପି. ମନ୍ତ୍ରୀ, ଏମ୍.ଏଲ୍.ଏଙ୍କ ପାଇଁ ବାର୍ଷିକ ୧୫ ହଜାର କୋଟି ଟଙ୍କା ବରବାଦ ହେଉଅଛି । ଏଥିପାଇଁ କେହି ଜଣେ ହେଲେ ପ୍ରତିବାଦ କରୁନାହିଁ । ବାମପନ୍ଥୀ ବା ଦକ୍ଷିଣପନ୍ଥୀଦଳ ଗୁଡ଼ିକ ସମସ୍ତେ ନୀରବ । କାରଣ ଏ ହେଉଛି ସେମାନଙ୍କର ସ୍ୱାର୍ଥର କଥା ।

ମାନବେନ୍ଦ୍ର - ମୁଁ ଦେଖୁଛି ବାବା, ସେବା ଶବ୍ଦଟି ଦିନେ ଅଭିଧାନରୁ ଅପସରି ଯିବ । ସମସ୍ତେ ଆଜି ଜନତାର ସେବା କରିବାକୁ ପ୍ରସ୍ତୁତ । ଜନତା ନାଁରେ କେତେ ଯେ ଦଳ ଗଢ଼ା ହୋଇଗଲା ସତ, କିଂତୁ ଭାରତୀୟ ଜନତାର ଦୁଃଖ କିଏ ଜଣେଦୂର କରିପାରିଲା ନାହିଁ । ଶହ, ଶହ ଚାଷୀ କୃଷି ଋଣ ସୁଝି ନ ପାରି ଆତ୍ମହତ୍ୟା କଲେ । ସେଥିପାଇଁ କାହାର ଚିନ୍ତା ନାହିଁ । ଧନ୍ୟ ଏ ଦେଶ । ଧନ୍ୟ ଏ ଦେଶର ନିଷ୍ଠୁର ଶାସକ ।

ସ୍ୱା.ସଂ. - ମା' ମୋତେ ବିଦାୟ ଦିଅ । ଆଉ ଦିନେ ଆସିବି ।

Digitized by srujanika@gmail.com

ନନ୍ଦିନୀ - ବାବା, ଆପଣ ଆଜି ଆମର ଆତିଥ୍ୟ ଗ୍ରହଣ କରିବେ ।

ସ୍ୱା.ସଂ. - ନା' ମା, ମୋତେ ଯିବାକୁ ଦେ । ବହୁତ କାମ କରିବାକୁ ଅଛି । (ଯିବାକୁ ଉଦ୍ୟତ ହେଲେ । ଉଭୟେ ପାଦଧୂଳି ନେଲେ ।)

- ଅନ୍ଧାର -

- ଚତୁର୍ଥ ଦୃଶ୍ୟ -

(ରାସ୍ତା । ଭୀମ ସାହୁ ଯାଉଥିଲା । ପଛରୁ ଡ଼ାକୁଥିଲେ ତୋଫାନି ଗ୍ୟାଙ୍ଗର ସଦସ୍ୟ ଖୋକନ ଓ ବାବୁନି ।)

ଖୋକନ ଓ

ବାବୁନି - ମଉସା, ମଉସା, ଟିକିଏ ଶୁଣ ।

ଖୋକନ - ମଉସା ଏମିତି ରାଗଲେ କ'ଣ ହୁଏ ।

ଭୀମ - (ରାଗରେ) ମୋର ଶୁଣିବାକୁ ବେଳ ନାହିଁ । ତୁମେ ସବୁ ଯାଅ ।

ବାବୁନି - ମଉସା, ଆପଣ କୁହନ୍ତୁ, ଆମର ଦୋଷ କ'ଣ ? ମଦ ଆନ୍ଦୋଳନକୁ ପୋଲିସ୍, ସରକାର ସମସ୍ତେ ସମର୍ଥନ କଲେ । ଆମେ ତୁମ ପାଇଁ ବାହାରିଥିଲେ, ମାଡ଼ ଖାଇବା ଛଡ଼ା ଆମ ପାଇଁ ଆଉ କିଛି ନ ଥିଲା ।

ଭୀମ - ମୋର ଲକ୍ଷ, ଲକ୍ଷ ଟଙ୍କା ବରବାଦ ହୋଇଗଲା ।

ଖୋକନ - ତୋଫାନି ବ୍ରଦର ସେଥିପାଇଁ ବହୁତ ଦୁଃଖ କରୁଥିଲେ । ଆପଣ କାହିଁକି ମନ ଦୁଃଖ କରୁଛନ୍ତି । ବିଶାଳ ସମୁଦ୍ରରୁ ଆଞ୍ଜୁଳାଏ ପାଣି ଚାଲିଗଲା । ନିର୍ବାଚନ ପରେ, ତୋଫାନି ଭାଇ ଜିତନ୍ତୁ, ଫେରେ ମାଲାମାଲ ହୋଇଯିବେନି ।

ବାବୁନି - ଆପଣ ତ ଲକ୍ଷ୍ମୀଙ୍କର ବରପୁତ୍ର । କଥାରେ ଅଛି ପରା, ବୈଶ୍ୟ ହାତରେ ପଇସା, ନ ହେଲେ ବେଶ୍ୟା ହାତରେ ପଇସା । କିଛି ଚିନ୍ତା କରନ୍ତୁ ନାହିଁ । ତୋଫାନି ବ୍ରଦର ଆପଣଙ୍କ ପାଖକୁ ଖବର ପଠାଇଛନ୍ତି, ଆଜି ଏମ୍.ଏଲ୍.ଏ ଆସିବେ । ସେ ପରା ଶ୍ରେଷ୍ଠ ବିଧାୟକ ଭାବରେ ବିଧାନସଭା ଦ୍ୱାରା ସମ୍ମାନିତ ହୋଇଛନ୍ତି । ଏଠାରେ ସମ୍ବର୍ଦ୍ଧନା ଦିଆଯିବ । ବିପୁଳ ସମ୍ବର୍ଦ୍ଧନା ।

Digitized by srujanika@gmail.com

ଖୋକନ - ମହିଳା ସମିତି ସମ୍ବର୍ଦ୍ଧନା ଦେଉଛି । ଛାତ୍ର ସମାଜ ବିରାଟ ସମ୍ବର୍ଦ୍ଧନା ଦେବ । ତୈଳିକ ବୈଶ୍ୟ ମହାସଂଘ ତରଫରୁ ବିରାଟ ସମ୍ବର୍ଦ୍ଧନା । ଏମିତି କେତେ ଅନୁଷ୍ଠାନ ସମ୍ବର୍ଦ୍ଧନା ଦେବେ ତାର ହିସାବ ନାହିଁ । ତା'ଛଡ଼ା ଆମକୁ ତ ଦବାକୁ ହବ ।

ବାବୁନି - ଏମ୍.ଏଲ୍.ଏ ତ ଟିକିଏ ଆଇଁଷିଆ ଲୋକ । ଭଲ ନର୍ତ୍ତକୀଟିଏ ବନ୍ଦୋବସ୍ତ କରିବା ଦରକାର ।

ଭୀମ - ଆରେ, ତୁମମାନଙ୍କ କଥାଶୁଣି ହସ ଲାଗୁଛି । କି ଗୁଣଟା ଏମ୍.ଏଲ୍.ଏର ଅଛି ଯେ, ସେ ପୁଣି ଶ୍ରେଷ୍ଠ ବିଧାୟକ ହୋଇଗଲା ।

ବାବୁନି - ସେମିତି କୁହନ୍ତୁନି ମଉସା । ଭେରି ପାୱାରଫୁଲ୍ ଏମ୍.ଏଲ୍.ଏ ଘରୋଇ ମନ୍ତ୍ରୀ ତା' କଥାରେ ବସ ଉଠ ହେଉଛନ୍ତି । ତାଙ୍କୁ ଏମ୍.ପି. ଟିକଟ ମିଳୁଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ସେ ଏଥର କେନ୍ଦ୍ରମନ୍ତ୍ରୀ ନିଶ୍ଚୟ ହେବେ ।

ଭୀମ - ଆରେ ସେ କଥା ନୁହଁ । ମୁଖ୍ୟମନ୍ତ୍ରୀ ଏହାକୁ ଏଥର ରାଜ୍ୟରୁ ତଡ଼ି ଦେବାକୁ ବସିଛନ୍ତି । ଏହା ଯୋଗୁଁ ସେ ଅଣନିଶ୍ୱାସୀ ହୋଇ ପଡ଼ିଲେଣି । କେନ୍ଦ୍ରମନ୍ତ୍ରୀ ହୋଇ ସବୁ ତାଡ଼ି ପକାଇବ ।

ଖୋକନ - ମଉସା, ଆପଣ ଏମିତି କହିଲେ କିମତି ହବ । ଆପଣ ତ ଆମର ସାହା ଭରସା । ଆପଣଙ୍କର ଭରସାରେ ନିର୍ବାଚନ ହେଉଛି ।

ଭୀମ - ତୁମେ ଯାହା କହ, ମୋର କାହାପ୍ରତି ସମର୍ଥନ ନାହିଁ । ଏମ.ଏଲ୍.ଏ ପାଇଁ ମୁଁ କ'ଣ ନ କରିଛି । ମଦ୍ୟପ, ଲମ୍ପଟ, ଲାଞ୍ଚୁଆ, ମିଥ୍ୟାବାଦୀ, ଏ ଚାରିଗୁଣରେ ପରିପୂର୍ଣ୍ଣ, ତୁମର ଏମ୍.ଏଲ୍.ଏ ଏଥର କିମିତି ଜିଣିବ, ମୁଁ ଦେଖିବି । ତାକୁ ତୁମ୍ଭେମାନେ କହୁଛ ପାୱାରଫୁଲ । ସାମାନ୍ୟ ଇନ୍ସପେକ୍ଟରଟାଏ, ତାକୁ ବଦଳି କରିପାରିଲା । ମୁଖ୍ୟମନ୍ତ୍ରୀ ଯା କଥାକୁ ଶୁଣୁଛନ୍ତି । ତେଣୁ ଉତ୍ପାତ କରୁଛି । ତୁମ୍ଭେମାନେ ତା ଡରରେ ଧନ୍ଦା ଛାଡ଼ିଦେଲ ।

ବାବୁନି - ତାକୁ ଡରିକରି ନୁହେଁ ମଉସା । ନିର୍ବାଚନ ପାଇଁ ତୋଫାନି ବ୍ରଦର ନିର୍ଦ୍ଦେଶ ଦେଇଛନ୍ତି, ଛ'ମାସ ପାଇଁ ଧନ୍ଦା ବନ୍ଦ କର । ଇନ୍ସପେକ୍ଟର ବାହାଦୂରି ନେଉଛି, ତା'ଯୋଗୁଁ ଆମେ ସାବାଡ଼ ହେଇଗଲୁ ।

Digitized by srujanika@gmail.com

ଯଦି ତୋଫାନି ବ୍ରଦର ଏମ୍.ଏଲ୍.ଏ ହୋଇଯାଏ ମନ୍ତ୍ରୀ ତ ହବ ନିଶ୍ଚୟ ।

ଭୀମ - ତାକୁଇ ଭରସା କରି ମୁଁ ରହିଛି । ତେବେ ମୋର ସନ୍ଦେହ ହୁଏ, ତା' ନାଁରେ ଦଶଟା କେସ୍ । ତାକୁ କ'ଣ ଟିକଟ ମିଳିବ ?

ଖୋକନ - ସେଥିପାଇଁ ତ ଏମ୍.ଏଲ୍.ଏ ଆସୁଛନ୍ତି । ଇନ୍ସପେକ୍ଟର ସାଙ୍ଗରେ ଗୋଟାଏ କିଛି ଫଇସଲା କରିବେ । ଆପଣ ଦେଖିବେ ମଉସା ସବୁ ଠିକ୍ ହୋଇଯିବ । ଯଦି ଇନ୍ସପେକ୍ଟର ଏମ୍.ଏଲ୍.ଏ କଥା ନ ଶୁଣେ । ତା' କାଳ ପୁରିଲା ବୋଲି ଜାଣନ୍ତୁ । ତୋଫାନି ଭାଇ ତାକୁ ଜୀବନରେ ଶେଷ କରିଦେବେ ।

ଭୀମ - ଓଃ, କି ଅପମାନ । ହାରାମଜାଦୀ ଟୋକିଗୁଡ଼ାକ ମୋ ମୁହଁରେ ଚୁନ, କଳା ବୋଳି, ରାସ୍ତାଯାକ ବୁଲାଇଲେ । ଇନ୍ସପେକ୍ଟରର ସ୍ତ୍ରୀ ମୋତେ ଦେଖି ହସୁଥାଏ । ଏ ଅପମାନ, ମୁଁ ସହ୍ୟ କରିପାରିବି ନାହିଁ । ଇନ୍ସପେକ୍ଟର ସ୍ତ୍ରୀକୁ, ମୁଁ ଧର୍ଷଣ କରି ହତ୍ୟା କରିବି ।

ବାବୁନି - ସବୁ ହେବ । ଧୈର୍ଯ୍ୟ ଧରନ୍ତୁ । ନିର୍ବାଚନ ପରେ ତାର ବନ୍ଦୋବସ୍ତ କରାଯିବ । ତୋଫାନି ବ୍ରଦର କହୁଥିଲେ, ସୁପାରି କିଲରମାନେ ତାଙ୍କର ବଂଧୁ । ଆପଣ ମୋଟେ ଚିନ୍ତା କରନ୍ତୁ ନାହିଁ । ସବୁ ତାଙ୍କ ଉପରେ ଛାଡ଼ିଦିଅନ୍ତୁ ।

ଭୀମ - ନା, ନିର୍ବାଚନ ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିପାରିବି ନାହିଁ । ଯାହା କରିବାକୁ ହେବ ଏବେ, ବର୍ତ୍ତମାନ । କି ଅପମାନ । ସେ ଦୃଶ୍ୟ ମନେ ପଡ଼ିଲେ ମୋ ଦେହ ଥରି ଉଠୁଛି । ଯେତେ ଖର୍ଚ୍ଚ ହେବ, ମୁଁ କରିବି ।

ଖୋକନ - ମଉସା । କାଲି ଆମର ସମ୍ବର୍ଦ୍ଧନା । ଏମ୍.ଏଲ୍.ଏ ତାତି ଉଠିଛନ୍ତି । ତାଙ୍କୁ ସବୁ କୁହନ୍ତୁ । ମଉସା ଏ ସମ୍ବର୍ଦ୍ଧନା ପାଇଁ ପାଞ୍ଚଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଟଙ୍କାଟା ଆମକୁ ଦେଇଥିଲେ...

ଭୀମ - ପାଞ୍ଚଲକ୍ଷ ମୁଁ ଦେଇପାରିବି ନାହିଁ । ବର୍ତ୍ତମାନ ମୁଁ ଭିଖାରୀ ।

ବାବୁନି - ସେଇକଥା ଆମେ ବ୍ରଦରଙ୍କୁ କହିଦେବୁ । ଆପଣ ତାଙ୍କ ସହିତ କଥାବାର୍ତ୍ତା ହୁଅନ୍ତୁ ଆମେ ଆସୁଛୁ ।

Digitized by srujanika@gmail.com

ଭୀମ - ଆରେ କୁଆଡ଼େ ଚାଲିଯିବ ?

ବାବୁନି - ଖୋକନ ଉପରେ ନନ୍‌ବେଲେବୁଲ୍ ୱାରେଣ୍ଟ । ସେ ବାହାରେ ବୁଲିବା ଠିକ୍ ନୁହେଁ । ଆପଣ ବ୍ରଦରଙ୍କ ସହିତ କଥାବାର୍ତ୍ତା ହୁଅନ୍ତୁ ।

ଭୀମ - ଆରେ ମୁଁ ଦେବି, ସବୁ ଦେବି । ଏମିତି କହୁଚି ବୋଲି, ତୁମେ କ'ଣ ଭାବୁଚ ଏମ୍.ଏଲ୍.ଏଙ୍କ ପ୍ରତି ମୋର ସ୍ନେହ, ଶ୍ରଦ୍ଧା, ଭକ୍ତି ନାହିଁ । (ବୁଟ୍ ସାଉଣ୍ଡ) ଆରେ ଏ କନେଷ୍ଟବଲ ଦୁଇଟା ଏଆଡ଼ିକି କ'ଣ ଆସୁଛନ୍ତି ।

ଖୋକନ - (ଥରିଲା) ମୁଁ କୁଆଡ଼େ ଯିବି । ଏଗୁଡ଼ାକ ତ ମୋତେ ଧରିନେବେ ।

ଭୀମ - କିଏ ଧରିନେବ, ଏଇ ପୋଲିସ କନେଷ୍ଟବଲ ୨ଟା । ତୁମେ ରୁହ । ସେମାନେ ମୋ ଲୋକ । ଦୌଡ଼ କହିଲେ ଦୌଡ଼ି ପଳାଇବେ । (ପ୍ରବେଶ କଲେ ରାମ ଓ ଦାମ ଦୁଇଜଣ କନେଷ୍ଟବଲ ।)

ରାମ ଓ ଦାମ - ଭୀମବାବୁ ସାର୍, ନମସ୍କାର ।

ରାମ - କ'ଣ ସହରରେ ନ ଥିଲେ । ପୁଷ୍କର ମେଳାକୁ ଯାଇଥିଲେ ।

ଦାମ - ବର୍ତ୍ତମାନ ତାଙ୍କର ତୀର୍ଥ କରିବାର ବେଳ । ବ୍ୟବସାୟ ବନ୍ଦ । ଯାହା ପାପ କରିଛନ୍ତି, ବାରୁଣୀ ସ୍ନାନ କରି ପାପ ସବୁ ଧୋଇନେବା ଦରକାର ।

ଭୀମ - ତୁମେ ଦି'ଟା ଯେପରି କିଛି ପାପ କରିନଥିବ ।

ରାମ - ପାପ କରିନୁ ବୋଲି ଭଗବାନ ଆମକୁ ପୋଲିସ ଚାକିରୀ ଦେଇଛନ୍ତି, ପାପୀମାନଙ୍କୁ ଧରି ସାବାଡ଼ କରିବା ପାଇଁ ।

ଦାମ - କ'ଣ ଭୀମବାବୁ, ରାମ ଭାଇ କ'ଣ ମିଛ କହିଲେ ?

ଭୀମ - ଛାଡ଼, ସେଥିରୁ କ'ଣ ମିଳିବ ? କହିଲ, ତୁମ ହଳଟା ଏଠାକୁ ଆସିଲ କାହିଁକି ?

ଦାମ - ଆମେ ଡ୍ୟୁଟି କରୁଛୁ । ଅନ୍ଦର ମହଲରେ ଆମର ପଶିବାର ଅଧିକାର ଅଛି । ତୁମେ ଏ କଥା ପଚାରିବାକୁ କିଏ ? ତୁମ ପାଖରେ ଏ ଦୁଇଜଣ କିଏ ? (ଖୋକନ ଓ ବାବୁନିକୁ) କହ, ତୁମମାନଙ୍କର ନାଁ କ'ଣ ? ତୁମକୁ ଦେଖିଲେ ମୋତେ ସନ୍ଦେହ ଲାଗୁଛି । ରାମ ଭାଇ,

ଖୋକନ - ଆମ ନାଁରୁ ତୁମେ କ'ଣ ପାଇବ ? ତୁମ କାମ ତୁମେ କର ?

Digitized by srujanika@gmail.com

ରାମ - ଆମ କାମ ଆମେ କରୁଛୁ ।

ଦାମ - (ଖୋକନକୁ ଦେଖି) ଫୋଟ ସହିତ ମୁହଁ ମିଶିଯାଉଛି । ତୋ ନାଁରେ ଜାମିନ ବିହୀନ ପରୱାନା ବୁଲୁଛି । ତୋତେ ମୁଁ ଆଜି ଛାଡ଼ିବିନି ।

ଭୀମ - ତୁମ୍ଭେମାନେ ସେମିତି ହଉଛ କାହିଁକି କହିଲ ? ତୁମ୍ଭେମାନେ ମୋର ବନ୍ଧୁ ।

ଦାମ - ସଟ୍‌ଅପ୍ । ପୋଲିସ କାହାର ବନ୍ଧୁ ହୋଇପାରିବ ନାହିଁ । ମୁଁ ଏହାକୁ ଗିରଫ କରିବି । ଭୀମବାବୁ ତୁମର ଗତିବିଧି ମଧ୍ୟ ସନ୍ଦେହଜନକ ।

ରାମ - ମାନେ, ଏ ଦୁଇଟା ଯାକ ଆସାମୀ ।

ଖୋକନ - (ଦଉଡ଼ିବାକୁ ଉଦ୍ୟତ ହେଲାବେଳେ, ପିସ୍ତଲ ଗର୍ଜି ଉଠିଲା । ଧୂଆଁ ଭିତରେ ଖୋକନ ଓ ବାବୁନି ଦୌଡ଼ି ପଳାଇଲେ ।)

ଦାମ - ଚାଲିଗଲେ । ମୁଁ ତାକୁ ଛାଡ଼ି ଦେବିନି । ଭୀମସାହୁ ତୁମେ ଥାନାକୁ ଚାଲ ।

ଭୀମ - କ'ଣ ତୁମ୍ଭେମାନେ ସବୁ କହୁଛ ? ତୁମ୍ଭମାନଙ୍କର ମୁଣ୍ଡ ଖରାପ । (ହଜାରେ ଟଙ୍କିଆ ନୋଟଟେ ମୁହଁ ପାଖରେ ହଲାଇଲା । ରାମ ନୋଟ ଧରି, ଦାମକୁ ଧରି ପଳାଇଛି ।)

ଦାମ - ନା' ମୁଁ ତାକୁ ଛାଡ଼ିବିନି । କ୍ରିମିନାଲମାନଙ୍କୁ ଭୀମସାହୁ ଆଶ୍ରୟ ଦେଉଛି । ମୁଁ ତାକୁ ଗିରଫ କରିବି ।

- **ଅନ୍ଧାର** -

- ପଞ୍ଚମ ଦୃଶ୍ୟ -

(କଳା ପରଦା । ଫୁଲମାଳ ପକାଇ ଏମ୍.ଏଲ୍.ଏ, ତୋଫାନି ବସିଥାନ୍ତି । ଭୀମସାହୁ, ଖୋକନ, ବାବୁନି, ସତ୍ୟବାଦୀ ଅନ୍ୟମାନେ ବସିଥାନ୍ତି । ନୃତ୍ୟ ପରିବେଷଣ ହେଉଥାଏ ।)

- ନୃତ୍ୟ ଓ ଗୀତ -

ତୁମ ଲାଗି ଏ ସିଂଗାର -
ଭୁଲି ଯାଅନା

ଯୌବନର ପିଆଲା,
ପିଇ ଯାଅନା ।୦।
ଚାନ୍ଦ ଲୁଚେ, ମେଘ କୋଳେ
କାନ୍ଦେ ଚକୋରୀ
ପ୍ରିୟ ମୁଁ ଯେ ତୁମ ପାଇଁ
ମରୁଚି ଝୁରି ।
ଆସିଯାଅ ପାଶେ ମୋର,
ନ କର ଛଳନା
ତୁମ ବିନା ଏ ଜୀବନ ଭଲ ଲାଗେନା ।୧।

(ନୃତ୍ୟ ଶେଷ ହୋଇଛି । ଏମ୍.ଏଲ୍.ଏ ନୋଟ ବିଡ଼ାଟାଏ ନର୍ତ୍ତକୀ ଉପରକୁ ଫିଙ୍ଗି ଦେଇଛନ୍ତି । କରତାଳି ଧ୍ୱନି ।)

ଏମ୍.ଏଲ୍.ଏ - ବଂଧୁଗଣ, ତୁମ୍ଭେମାନେ ସବୁ ମୋର ଗୋଟିଏ ଗୋଟିଏ ସ୍ତମ୍ଭ । ସ୍ତମ୍ଭ ଦୋହଲିଗଲେ, ଘର ଯେପରି ଭୁଷୁଡ଼ି ପଡ଼େ, ତୁମ୍ଭେମାନେ ଯଦି ଅଲଗା, ଅଲଗା ହୋଇଯାଅ, ମୋର ନିର୍ବାଚନ ମଣ୍ଡଳୀରେ ମୁଁ କରିବି କ'ଣ ? ସତ୍ୟବାଦୀ ବାବୁ, ତୁମେ ମୋର ଅତି ଅନ୍ତରଙ୍ଗ । ତୁମକୁ ଛାଡ଼ି, ଏ ନିର୍ବାଚନ ମଣ୍ଡଳୀ ନେତା ବିହୀନ ହୋଇ ପଡ଼ିବ । ମୋର ଗୋଟାଏ ପକ୍ଷ ଛିଣ୍ଡିପଡ଼ିବ । ତୁମର ମତାମତ କ'ଣ ?

ସତ୍ୟବାଦୀ - ସତ କହିଲେ, ମୁଁ ହେବି ଅପରାଧୀ । ତେବେ ଏମ୍.ଏଲ.ଏ ବାବୁ ମୁଁ ସ୍ଥିର କରିଛି, ମୁଁ ଦଳ ଛାଡ଼ିଦେବି । ମୋତେ ବିଦାୟ ଦିଅନ୍ତୁ । ମୁଁ କାହା ବିରୁଦ୍ଧରେ କହିବାକୁ ଚାହେଁ ନାହିଁ ।

ଏମ୍.ଏଲ୍.ଏ - ଯାହା କହିବାକୁ ଅଛି, ଆପଣ ଖୋଲି ନ କହିଲେ, ସମସ୍ତେ ଜାଣିବେ କିପରି ? ବର୍ତ୍ତମାନ ଯଦି ଭୁଲ ସୁଧାରି ନ ଦିଆଯାଏ, ଆଉ କେତେବେଳେ ସୁଧରା ଯିବ ।

ସତ୍ୟବାଦୀ - ଆପଣ କୁହନ୍ତୁ ସାର୍, ଆମ ଦଳର ନେତାମାନେ, ଯଦି ଅପରାଧ ପରେ ଅପରାଧ କରି ଚାଲିଥିବେ, ତାଙ୍କୁ ରାଜନୈତିକ ଆଶ୍ରୟ ଦେଇ ମୁକ୍ତି କରି ଚାଲିଥିବେ, ଲୋକେ କ'ଣ ତାହା ବରଦାସ୍ତ କରିବେ । ଆଜିର ନାଗରିକ ବେଶ୍ ସଚେତନଶୀଳ । ତୋଫାନିବାବୁଙ୍କର ଗ୍ୟାଙ୍ଗ ବିଷୟରେ ଏ ସହରବାସୀ ଏ

Digitized by srujanika@gmail.com

ଦେଶବାସୀ ସମସ୍ତେ ଅବଗତ । ତାଙ୍କୁ ଆପଣ ଦଳର ସଂପାଦକ କରିଛନ୍ତି ଆଉ ସେ ହେବେ, ଆପଣଙ୍କର ଉତ୍ତରାଧିକାରୀ । ଲୋକେ କହୁଛନ୍ତି - ଆପଣ ଡ଼କାୟତି ଗ୍ୟାଙ୍ଗ ଲିଡ଼ର ।

ତୋଫାନି - ସଂଯତରେ କଥାବାର୍ତ୍ତା କର । ତୁମର ଔଦ୍ଧତ୍ୟ ଅତି ମାତ୍ରାରେ ବଢ଼ିଗଲାଣି । ତୁମର କଥାକୁ, ଆଉ ସହ୍ୟ କରିବା, ମୋ ପକ୍ଷରେ ଅସମ୍ଭବ ।

ଖୋକନ - ତୁମେ କ'ଣ କହିବ ? ସେ ଆଜି ଶ୍ରେଷ୍ଠ ବିଧାୟକ ଭାବେ ରାଜ୍ୟରେ, ବିଧାନସଭାରେ ସମ୍ମାନିତ । ତାଙ୍କର ଗୌରବରେ ତୁମେ ଅତିମାତ୍ରାରେ ଇର୍ଷାନ୍ୱିତ । ତୁମେ ଗୋଟାଏ କୁକୁର । ଭୁକିବା ତୁମର ଧର୍ମ୍ମ । କିଂତୁ ହାତୀର ତ କିଛି ହୁଏ ନାହିଁ ।

ସତ୍ୟବାଦୀ - କାହାକୁ କୁକୁର ବୋଲି କହୁଛ ? ଶିଷ୍ଟାଚାର, ଶାଳିନତା ଭୁଲିଯାଉଛ କାହିଁକି ?

ଏମ୍.ଏଲ୍.ଏ - ବଂଧୁମାନେ, ଏ ଆମର ଘରୋଇ ବୈଠକ । ଏଠାରେ ଆମେ ସମସ୍ତେ ମନଖୋଲି ଆଲୋଚନା କରିବା । ସତ୍ୟବାଦୀ ବାବୁଙ୍କ କଥା, ଧୈର୍ଯ୍ୟ ଧରି ଶୁଣ । ବହୁବର୍ଷ ପ୍ରତିନିଧି ରହିବା ଦ୍ୱାରା, ଲୋକେ ନୂଆ ମୁହଁ ଦେଖିବାକୁ ଚାହାନ୍ତି । ସେଥିପାଇଁ ଦୀଲ୍ଲି ଚାଲିଯିବାକୁ ମୁଁ ଚାହେଁ । ଆଉ ଏଥର ନିର୍ବାଚନରେ ପ୍ରତିନିଧିତ୍ୱ କରିବେ, ଆମ ଯୁବନେତା ଶ୍ରୀ ବିଜନବାବୁ ଓରଫ ତୋଫାନି । ମୁଁ ତାଙ୍କୁ ଦୃଢ଼ ସମର୍ଥନ କରୁଛି ।

ସତ୍ୟବାଦୀ - କିଂତୁ ମୁଁ ଏ ପ୍ରସ୍ତାବର ଘୋର ବିରୋଧ କରୁଛି ।

ବାବୁନି - ତା'ହେଲେ ତୁମେ କ'ଣ ଏମ୍.ଏଲ୍.ଏ ହେବ ? ତୁମ ପଡ଼ିଶାଘର ତୁମକୁ ଭୋଟ ଦେବେ ? ସ୍ୱାଧୀନତା ସଂଗ୍ରାମୀଙ୍କ ପୁଅ ହୋଇ ତୁମେ କି ଦେଶସେବାଟେ କରି ପକାଇଛ । କାଉନସିଲରଟିଏ ଜୀବନରେ ହୋଇପାରିବ ? ତୁମେ ପୁଣି କ'ଣ କହିବ ? ବରଂ ଭଲ ହେବ, ତୁମେ ଏ ସ୍ଥାନ ତ୍ୟାଗ କର ।

ସତ୍ୟବାଦୀ - ଯଦି ଆପଣମାନେ ମୋ ଉପସ୍ଥିତିକୁ ପସନ୍ଦ କରୁନାହାନ୍ତି ତା'ହେଲେ ମୁଁ ଚାଲିଯାଉଛି ।

Digitized by srujanika@gmail.com

ଏମ୍.ଏଲ୍.ଏ - ସତ୍ୟବାଦୀବାବୁ ଲୋକଙ୍କର ସବୁ ସମସ୍ୟା ସମାଧାନ କରିବା ସମ୍ଭବ ନୁହେଁ । ଆପଣଙ୍କର ଚିଠି ମୁଁ ପାଇଛି । ବେକାରୀ ସମସ୍ୟା, ଆପଣ ଯେତେ କହିଲେ, ଦୂର ହେବା ଅସମ୍ଭବ । ରାସ୍ତା, ଘାଟ ତିଆରି ତ ଚାଲିଛି । ତା'ର ମ୍ୟୁନିସିପାଲିଟିର କାମ । ସେମାନେ କରୁଛନ୍ତି । ଜଳକଷ୍ଟ ତାକୁ ସମାଧାନ କରିବା ସମ୍ଭବ ନୁହେଁ । ସାରା ପୃଥିବୀ ଆଦି ଜଳକଷ୍ଟ ଯୋଗୁଁ ହତସତ ହେଉଛି । ପୃଥିବୀର ତିନିଭାଗ ଜଳ । ଭାଗେ ସ୍ଥଳ । ସେଥିରେ ଯଦି ଜଳକଷ୍ଟ ଦୂର ନ ହେଲା, ମୁଁ କ'ଣ ଗୋଟାଏ କରିପକାଇବି । ଏ ସମସ୍ୟା ସମାଧାନ କରିବା ପାଇଁ ଭଗବାନଙ୍କୁ ଛାଡ଼ିଦିଅ । ଆମେ ପାରିବା ନାହିଁ । ସତ୍ୟବାଦୀ ବାବୁ ଆପଣ ଯେତେ ବିରୋଧ କଲେ ମଧ୍ୟ ହାଇ କମାଣ୍ଡ ତୋଫାନିକୁ ଚାହାନ୍ତି । ସେ ଏଥର ନିର୍ବାଚନ ନିଶ୍ଚୟ ଲଢ଼ିବେ ।

ସତ୍ୟବାଦୀ - ହାଇ କମାଣ୍ଡ କେବେ ଚାହାନ୍ତି ନାହିଁ । ଆପଣ ଚାହାଁଚି ସେଇକଥା କୁହନ୍ତୁ । ଅପରାଧ ସହିତ ଜଡ଼ିତ ଜଣେ ବ୍ୟକ୍ତି କେବେ ନିର୍ବାଚନ ଜିଣି ପାରିବ ନାହିଁ । ଆପଣ ଗତ ନିର୍ବାଚନ ଦେଖିଲେ । ତୁମ୍ଭି, ତୋଫାନ ବାଢୁଥିବା ସରକାରୀଦଳ, ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଗଲେ । ଯେତେ ପ୍ରଚାର କଲେ ମଧ୍ୟ, ଲୋକେ ପ୍ରକୃତ ସତ୍ୟକୁ ଉପଲବ୍ଧି କରିପାରୁଛନ୍ତି । ହଉ, ଆପଣ ଯାହା ଚାହୁଁଛନ୍ତି ତା' କରନ୍ତୁ ମୁଁ ଆସୁଛି । (ଉଠିବାକୁ ଉଦ୍ୟତ ହେଲେ ।)

ତୋଫାନି - (ଦୌଡ଼ିଆସି ସତ୍ୟବାଦୀଙ୍କର ସାର୍ଟ କଲର ଧରି) କୁଆଡ଼େ ଯିବୁ ? ସବୁ ନାଟର ଗୋବର୍ଦ୍ଧନ ତୁ । ଆଜି ଆମ ବିରୁଦ୍ଧରେ ଆମ ଦଳ ବିରୁଦ୍ଧରେ ତୁ ଅପପ୍ରଚାର କରୁଛୁ । ତୁ ଭାବୁଛୁ, ଆମେ କ'ଣ କିଛି ଜାଣିପାରୁନାହୁଁ । ତୋତେ ଆମେ ସହଜରେ ଛାଡ଼ିଦେବୁ ?

ସତ୍ୟବାଦୀ - ବେଶ୍ ମାର, ଯେତେ ପାରିବ ସେତେ ମାର । କାରଣ ମୁଁ ସତ୍ୟ କହୁଛି । ମୁଁ ସତ୍ୟ, ନ୍ୟାୟର ଉପାସକ । ଜୀବନ ଯିବ ପଛକେ ମୁଁ ସତ୍ୟକୁ ଛାଡ଼ିବି ନାହିଁ । ସେଥିପାଇଁ ମୋ ନାଁ ସତ୍ୟବାଦୀ ।

ଏମ୍.ଏଲ୍.ଏ - ତୋଫାନି । ତାକୁ ଛାଡ଼ିଦିଅ ।
(ସମସ୍ତେ ଘେରିଗଲେ ।)

Digitized by srujanika@gmail.com

ବାବୁନି - ଯେ ତୋଫାନି ବ୍ରଦରର ବିରୋଧ କରିବ, ଆମେ କ'ଣ ତାକୁ ଛାଡ଼ିଦେବୁ । ସେ ଆମର କମ୍ ଅନିଷ୍ଟ କରିନାହିଁ ।

ଭୀମ - ସେମାନେ ଠିକ୍ କହୁଛନ୍ତି ଏମ୍.ଏଲ୍.ଏ ସାହେବ । ମଦ ବିରୋଧୀ ଆନ୍ଦୋଳନକୁ ଏ ସମର୍ଥନ କରୁଥିଲେ । ଏହାଙ୍କର ପିତୃଦେବ, ଆନ୍ଦୋଳନକାରୀଙ୍କୁ ଫୁଲମାଳ ପିନ୍ଧାଇ ଦେଉଥିଲେ । ମୋତେ ଚୁନ, କଳା ବୋଲି ଅପମାନ ଦେବା ବେଳେ, ମୋତେ ଦେଖି ଏ ହସୁଥିଲେ । ଏହାଙ୍କୁ କେବେ ଛାଡ଼ ନାହିଁ । ମୁଁ ଏହାଙ୍କର ରକ୍ତ ପିଇଯିବି ।

ଏମ୍.ଏଲ୍.ଏ - ବେଶ୍, ତୁମେ ଯାହା କରୁଛ କର । ମୋ ଆଗରେ ଦଳର ଜଣେ ବରିଷ୍ଠ ନେତାଙ୍କ ଉପରେ ଶାରୀରିକ ଅତ୍ୟାଚାର କରାଯାଉଛି । ପ୍ରକୃତରେ ଏଇଟା ଗୋଟେ ଗୁଣ୍ଡାମାନଙ୍କର ଆଡ୍ଡାରେ ପରିଣତ ହୋଇଅଛି । ମୁଁ ଏ ସ୍ଥାନ ଛାଡ଼ି ଚାଲିଯାଉଛି । ଆଲୋଚନା ଏତିକିରେ ବନ୍ଦ ହେଉ ।

(ସତ୍ୟବାଦୀଙ୍କୁ ଛାଡ଼ି, ସମସ୍ତେ ଏମ୍.ଏଲ୍.ଏଙ୍କୁ ନ ଯିବା ପାଇଁ ପ୍ରାର୍ଥନା କଲେ ।)

ସମସ୍ତେ - ସାର୍ ଆପଣ ଯାନ୍ତୁ ନାହିଁ । ଆମର ଭୁଲ୍ ହୋଇଛି । ଆସନ୍ତୁ ସାର୍ ଆମକୁ କ୍ଷମା କରି ଦିଅନ୍ତୁ ।

ଏମ୍.ଏଲ୍.ଏ - ଶୃଙ୍ଖଳିତ ଭାବେ ସବୁକଥା ଶୁଣିବାକୁ ତୁମର ଧୈର୍ଯ୍ୟ ଅଛି ? ସେ ପ୍ରତିଶ୍ରୁତି ତୁମ୍ଭେମାନେ ମୋତେ ଦେଉଅଛ ।

ସମସ୍ତେ - ସାର୍ । କ୍ଷମା କରିଦିଅନ୍ତୁ । ଆପଣ ଆସନ୍ତୁ ।

(ଏମ୍.ଏଲ୍.ଏ ନିଜ ସ୍ଥାନରେ ବସିଲେ ।)

ଏମ୍.ଏଲ୍.ଏ - ତୁମ୍ଭେମାନେ ଦେଶର ଭବିଷ୍ୟତ । ଛାତ୍ରନେତା ଭାବରେ ତୁମର ଯଥେଷ୍ଟ ସୁନାମ ଥିଲା । ସେଥିପାଇଁ ମୁଁ ତମ୍ଭମାନଙ୍କୁ ମୋ ଦଳର ସଭ୍ୟ କରାଇଥିଲି । କିଂତୁ ତୁମ୍ଭେମାନେ କଲ କ'ଣ ? ଆଜି ଖାଲି ସତ୍ୟବାଦୀ ବାବୁ ନୁହନ୍ତି, ସମସ୍ତେ ତୁମମାନଙ୍କ ଉପରେ ଅସନ୍ତୁଷ୍ଟ । ବିରୋଧୀଦଳ ତୁମ୍ଭମାନଙ୍କୁ ଗିରଫ କରିବା ପାଇଁ, ସରକାରଙ୍କ ଉପରେ ଚାପ ପ୍ରୟୋଗ କରୁଅଛନ୍ତି । ବରଂ ଭଲ ହେବ, ତୁମ୍ଭେମାନେ ରାଜନୀତି ଛାଡ଼ି ଚାକିରୀ କର । ତାର ବନ୍ଦୋବସ୍ତ ମୁଁ କରାଇଦେବି ।

Digitized by srujanika@gmail.com

ବାବୁନି - ଆମ ଉପରେ ଭରସା ରଖନ୍ତୁ ସାର । ଭବିଷ୍ୟତରେ ଆପଣ ଆମ ବିରୁଦ୍ଧରେ କୌଣସି ଅଭିଯୋଗ ଶୁଣିବାକୁ ପାଇବେ ନାହିଁ ।

ଏମ୍.ଏଲ୍.ଏ - କ'ଣ ଏହା ତୁମେ ଅକ୍ଷରେ, ଅକ୍ଷରେ ପାଳନ କରିବ ? ଏ ପ୍ରତିଶ୍ରୁତି ତୁମେ ମୋତେ ଦେଉଛ ?

ସମସ୍ତେ - (ନୀରବ)

ଏମ୍.ଏଲ୍.ଏ - ନୀରବ ରହିଲ କାହିଁକି ?

ସତ୍ୟବାଦୀ - କହିବାଠାରୁ କରିବା ବଡ଼ କଷ୍ଟ ଏମ୍.ଏଲ୍.ଏ ସାହେବ । ଯେଉଁମାନେ ଅସତ୍ ଉପାୟରେ ମାସକୁ ୫୦ ହଜାର କମାନ୍ତି, ଯେଉଁମାନଙ୍କର ମଦ, ପେଟ୍ରୋଲ ଖର୍ଚ୍ଚ ମାସିକ ୧୦ ହଜାର, କେତେ ଟଙ୍କା ଚାକିରୀ କରି ସେମାନେ ପାଇବେ ? ଭଗବାନଙ୍କୁ ପ୍ରାର୍ଥନା କରନ୍ତୁ, ଏମାନଙ୍କର ସଦ୍‌ବୁଦ୍ଧି ଉଦୟ ହେଉ ।

ଏମ୍.ଏଲ୍.ଏ - ନିର୍ବାଚନ ମୁଣ୍ଡ ଉପରେ । କୋଟିଏ ଟଙ୍କାର ଖର୍ଚ୍ଚ । ମୁଁ ହାଇ କମାଣ୍ଡକୁ ପ୍ରତିଶ୍ରୁତି ଦେଇଛି । ଆମ ଜିଲ୍ଲାରୁ ଅତି କମ୍‌ରେ ୫ଜଣ ପ୍ରାର୍ଥୀ ଜୟଯୁକ୍ତ ହେବା ପାଇଁ । ଦଳର ସୁପ୍ରିମୋଙ୍କର ମୋ ଉପରେ ଭରସା ଅଛି ।

ଭୀମ - ସବୁ ଅଛି ସତ, କିନ୍ତୁ ଆପଣଙ୍କ ହାତରେ କିଛି ନାହିଁ । ଗୋଟାଏ ବଦମାସ୍ ଇନ୍ସପେକ୍ଟରଙ୍କୁ ଆପଣ ଏଠାରୁ ବଦଳି କରିପାରିଲେ ନାହିଁ । ତାର ସ୍ତ୍ରୀ ଏଠାରେ ନେତ୍ରୀ । ତା'କଥାକୁ ଲୋକେ ମାନୁଛନ୍ତି, କିନ୍ତୁ ଆପଣଙ୍କ କଥାକୁ ନୁହେଁ । ତା' ଯୋଗୁଁ ମୁଁ ଯଥେଷ୍ଟ ଅପମାନିତ ହୋଇଛି । ପ୍ରାୟ ୩୦ ଲକ୍ଷ ଟଙ୍କା ମୋର ବରବାଦ୍ ହୋଇଅଛି ।

ଏମ୍.ଏଲ୍.ଏ - ମୁଁ ସବୁ ଜାଣେ ଭୀମବାବୁ । ନିର୍ବାଚନଟାକୁ ଖାଲି ଅପେକ୍ଷା କର । ତା'ପରେ ସବୁ ଠିକ୍ ହୋଇଯିବ । ସରକାରଙ୍କର ନୂଆ ଅବକାରୀ ନୀତିକୁ ଅପେକ୍ଷା କର । ଗୋଟାଏ ମାଘରେ ଶୀତ କ'ଣ ଚାଲିଯାଉଛି ।

ଭୀମ - ମୁଁ ଆପଣଙ୍କୁ କହି ରଖୁଛି ସାର୍, ମୋ ଅପମାନର ମୁଁ ନିଶ୍ଚୟ ବଦଲା ନେବି ।

ଏମ୍.ଏଲ୍.ଏ - ବର୍ତ୍ତମାନ ଆଲୋଚନା ଏତିକିରେ ବନ୍ଦ ହେଉ । କାଲି ଆଲୋଚନା ଏଇଠାରେ ହେବ । ସତ୍ୟବାଦୀ ବାବୁ, ଆପଣ ଏପରି ହେଲେ, ଦଳ ଦୁର୍ବଳ ହୋଇ ପଡ଼ିବ । ଆପଣ ଆମର ବରିଷ୍ଠ ନେତା ।

Digitized by srujanika@gmail.com

ମୋର ଅବସ୍ଥା କ'ଣ ହେବ, ଥରେ ଆପଣ ବିଚାର କରନ୍ତୁ ।

ସତ୍ୟବାଦୀ - ଏ ଧରଣର ରାଜନୀତିରେ ମୁଁ ବେଶୀଦିନ ରହିବାକୁ ଚାହେଁନା ସାର୍ । ଏଇଥିପାଇଁ କୌଣସି ଭଦ୍ରଲୋକ ରାଜନୀତି କରିବାକୁ ଆଗେଇ ଆସୁନାହାନ୍ତି ।

(ଏଇ ସମୟରେ ଇନ୍ସପେକ୍ଟର ପିସ୍ତଲ ଧରି ପଶି ଆସିଲେ । ସାଙ୍ଗରେ ଦାମ କନେଷ୍ଟବଲ ।)

ମାନବେନ୍ଦ୍ର - (ପିସ୍ତଲ ଦେଖାଇ) ହ୍ୟାଣ୍ଡସ୍ ଅପ୍, ଡ୍ୱୋଣ୍ଟ୍ ମୁଭ୍ ।

ଏମ୍.ଏଲ୍.ଏ - (ଚିତ୍କାର କରି) ଇନ୍ସପେକ୍ଟର ଏ କ'ଣ କରୁଛ ? ତୁମେ ଜାଣ, ଏହା ମୋର ପର୍ସନେଲ ଘର । କୌଣସି ପରମିଶନ, ମାନେ ମାଜିଷ୍ଟ୍ରେଟଙ୍କର ଅର୍ଡ୍ଡର ଆଣିଛ ?

ମାନବେନ୍ଦ୍ର - ଆଣିଛି ସାର୍ ।

ଏମ୍.ଏଲ୍.ଏ - ମୁଁ ପଚାରୁଛି, ଏଠାକୁ ଆସିବାର ଉଦ୍ଦେଶ୍ୟ କ'ଣ ?

ମାନବେନ୍ଦ୍ର - ଗୋଟାଏ ଖତରନାକ ଅପରାଧୀ, ଆପଣଙ୍କ ଭିତରେ ଅଛି । କଲେଜ ଛାତ୍ରୀ ଧର୍ଷଣର ମୁଖ୍ୟ ଆସାମୀ, ଆପଣଙ୍କ ଭିତରେ । ଦୀର୍ଘ ଆଠମାସ ହେଲା, ପୋଲିସକୁ ଚକମା ଦେଖାଇ, ଏ ଖସି ଯାଉଥିଲା ।

ଏମ୍.ଏଲ୍.ଏ - (ଚିତ୍କାର କରି) ସେ ଆସାମୀ କିଏ ?

ମାନବେନ୍ଦ୍ର - ଜିତେନ୍ଦ୍ର ଧଳ ଓରଫ ଖୋକନ୍ ।

ଏମ୍.ଏଲ୍.ଏ - ଖୋକନ ଅପରାଧୀ ?

ମାନବେନ୍ଦ୍ର - ସେ ବିଷୟ କୋର୍ଟ ବିଚାର କରିବ । ଖୋକନ, ମୋ ପାଖକୁ ଚାଲିଆ । ଆ, କହୁଚି ।

ଏମ୍.ଏଲ୍.ଏ - ଇନ୍ସପେକ୍ଟର, ଶୁଣି ଖୁସି ହେବ, ରାଷ୍ଟ୍ରପତି ପୁରସ୍କାର ପାଇବା ପାଇଁ ତୁମ ନାଁ, ମୁଁ ରେକ୍ମଣ୍ଡ କରି ପଠାଇଛି । ସ୍ୱାଧୀନତା ଦିବସରେ ରାଜ୍ୟପାଳ ତୁମକୁ ସମ୍ବର୍ଦ୍ଧିତ କରିବେ ।

ମାନବେନ୍ଦ୍ର - ଧନ୍ୟବାଦ । ଏତିକି ନା ଆଉ କିଛି ଅଛି ।

ସମସ୍ତେ - ଆମେ ଖୋକନକୁ ଛାଡ଼ିବୁ ନାହିଁ ।

(ଖୋକନକୁ ଘେରି ସମସ୍ତେ ଠିଆ ହେଲେ ।)

Digitized by srujanika@gmail.com

ଇନ୍ସପେକ୍ଟର - ଏମ୍.ଏଲ୍.ଏ ସାର୍, ମୋ ଡ୍ୟୁଟି କରିବାକୁ ମୋତେ ସାହାଯ୍ୟ କରନ୍ତୁ । ଆପଣ ସାହାଯ୍ୟ ନ କଲେ, ମୁଁ ବଳ ପ୍ରୟୋଗ କରିବି । କ'ଣ ଆପଣ ଚାହାନ୍ତି । ସେଥିପାଇଁ ଯେଉଁ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହେବ, ଆପଣ କେବଳ ହିଁ ଦାୟୀ ରହିବେ ।

ଏମ୍.ଏଲ୍.ଏ - ଠିକ ଅଛି, ଶୁଣ ଖୋକନକୁ ଛାଡ଼ି ଦିଅ ।

(ହାତକଡ଼ି ପକାଇ ଖୋକନକୁ ଇନ୍ସପେକ୍ଟର ନେଇଗଲେ ।)

ମାନବେନ୍ଦ୍ର - ବୁଝିଲେ ସାର୍, ଅପରାଧ କମିଲା ସତ, କିଂତୁ ଅପରାଧୀ କମିଲେ ନାହିଁ ।

- ଅନ୍ଧାର -

- ଷଷ୍ଠ ଦୃଶ୍ୟ -

(କକ୍ଷ । ଇନ୍ସପେକ୍ଟରଙ୍କର ସ୍ତ୍ରୀ ନନ୍ଦିନୀ ଗୀତ ଗାଉଥିଲେ । ଗୀତ ଶେଷ ହୋଇଛି । ପ୍ରବେଶ କଲେ ମାନବେନ୍ଦ୍ର ।)

- ଗୀତ -

ତୁମ ପାଇଁ ପ୍ରିୟ ସବୁ ମୁଁ ଭୁଲିଲି
ତା'କି ତୁମେ ଜାଣ ନାହଁ
ଜୀବନ ମୋହର ଧନ୍ୟ ହୋଇଗଲା
ତୁମ ପାଇଁ ତୁମ ପାଇଁ .... ।୦।
ଭୁଲିଗଲି ପ୍ରିୟ ସବୁ ଦୁଃଖ ମୋର
ସାର୍ଥକ ହେଲା ଜୀବନ ମୋହର
ଜାଳିଲି ଆନନ୍ଦେ ମୁକ୍ତି ମଶାଲ
ଧନ୍ୟ ହୋଇଛି ମୁହିଁ.... ।୧।
କହିଥିଲ ମୋତେ ମୁକ୍ତିର ମନ୍ତ୍ର
ଆଲୋକିତ କଲ ମୋର ଚଲାପଥ
ହେ ମୋର ଦେବତା ବଞ୍ଚିବି ମୁହିଁ
ମୁକ୍ତିର ଗୀତ ଗାଇ ..... ।୨।

ମାନବେନ୍ଦ୍ର - ନନ୍ଦିନୀ, ନନ୍ଦିନୀ

ନନ୍ଦିନୀ - (ପ୍ରବେଶି) କ'ଣ ହେଲା, ଆନନ୍ଦିତ ଥିବା ଜଣା ପଡୁଛ ?

Digitized by srujanika@gmail.com

ମାନବେନ୍ଦ୍ର - ମୁଁ ଏଭେରେଷ୍ଟ ବିଜୟ କରିଛି । ମୋତେ ଫୁଲମାଳ ପିନ୍ଧାଇଦିଅ । ବିଜୟର ଟୀକା ପିନ୍ଧାଇ ଦିଅ ।

ନନ୍ଦିନୀ - କ'ଣ ପାଗଳ ହୋଇଗଲ ନା କ'ଣ ?

ମାନବେନ୍ଦ୍ର - ମୁଁ ଆନନ୍ଦରେ ପାଗଳ ହୋଇ ପଡ଼ିଛି ନନ୍ଦିନୀ, ମୁଁ ଏମ୍.ଏଲ୍.ଏ ଗ୍ୟାଙ୍ଗର ଜଣେ ଜଘନ୍ୟ ଅପରାଧୀକୁ ଏମ୍.ଏଲ୍.ଏ ସମ୍ମୁଖରେ ଗିରଫ କରି ପାରିଛି ।

ନନ୍ଦିନୀ - ତୁମେ ଜାଣି ଜାଣି ବିପଦକୁ ବରଣ କରୁଛ କାହିଁକି ? ତୁମେ ଜାଣ, ଟେଲିଫୋନରେ ୨/୪ଟା ଧମକି ଆସୁଛି । ମୁଁ ଡ଼ରିଯାଉଛି ମାନବେନ୍ଦ୍ର । ଆଚ୍ଛା ଏମ୍.ଏଲ୍.ଏ ପ୍ରତିବାଦ କଲେନି ।

ମାନବେନ୍ଦ୍ର - ତା' ଗ୍ୟାଙ୍ଗର ସଭ୍ୟମାନେ ପ୍ରତିବାଦ କଲେ । କିଂତୁ ଏମ୍.ଏଲ୍.ଏ ନିର୍ଦ୍ଦେଶ ଦେଲେ ଛାଡ଼ିଦେବାକୁ ।

ନନ୍ଦିନୀ - ଏହାର ପରିଣତି କ'ଣହେବ, ବିଚାର କରିପାରୁଛ ?

ମାନବେନ୍ଦ୍ର - ତୁମେ କହୁଚ ନନ୍ଦିନୀ, ଏମାନଙ୍କୁ ଡ଼ରି, ମୁଁ ମୋ କର୍ତ୍ତବ୍ୟରୁ ଓହରିଯିବ ?

ନନ୍ଦିନୀ - ତା' ମୁଁ କହୁନି । ଅପରାଧୀଙ୍କ ସହିତ ଟକ୍କର ଦେଇ ଚାଲି ପାରିବ ?

ମାନବେନ୍ଦ୍ର - ପରିଣତି ଯାହା ହେଉ ପଛକେ, ମୋର କର୍ତ୍ତବ୍ୟରୁ କେହି ମୋତେ ବିଚ୍ୟୁତି କରିପାରିବ ନାହିଁ । ମୁଁ ରାଷ୍ଟ୍ରପତି ପୁରସ୍କାର ପାଇବା କଥା କହି, ମୋତେ ପ୍ରଲୋଭିତ କରିବାକୁ ଚେଷ୍ଟା କରିଥିଲା ଏମ୍.ଏଲ୍.ଏ । ତା'ପରେ ରାଜ୍ୟପାଳ ପୁରସ୍କାର । ଯେତେବେଳେ ଦେଖିଲା, ମୁଁ କଠିନରୁ କଠିନ ହୋଇ ଉଠୁଛି ଖୋକନକୁ ଛାଡ଼ିଦେବାକୁ ବାଧ ହେଲା । ନନ୍ଦିନୀ ଏହି ଏମ୍.ଏଲ୍.ଏ ହେଉଛି, ପ୍ରକୃତ ଗ୍ୟାଙ୍ଗ ଲିଡ଼ର ।

ନନ୍ଦିନୀ - ମୋତେ ଆଶ୍ଚର୍ଯ୍ୟ ଲାଗୁଛି, ୬ ମାସ ହେଲା ଏମାନେ ଅପରାଧ ନ କରି ନୀରବ ରହିଛନ୍ତି କିପରି ? ଅପରାଧୀ, ଅପରାଧ ନ କରି ରହିପାରିବ ନାହିଁ । ତେବେ ଅପେକ୍ଷା କର, ଆଉ ଗୋଟାଏ ଆଗ୍ନେୟଗିରିର ବିସ୍ଫୋରଣ ଘଟିପାରେ ।

ମାନବେନ୍ଦ୍ର - ହଁ ଆଉ ଗୋଟିଏ କଥା ତୁମ ଧର୍ମଭାଇ, ସତ୍ୟବାଦୀ, ସେ ଗ୍ୟାଙ୍ଗ ଭିତରେ ବସିଥିଲେ । ମୋତେ ଦେଖି ତାଙ୍କ ମୁହଁ ଶୁଖିଗଲା ।

Digitized by srujanika@gmail.com

ନନ୍ଦିନୀ - ସତ୍ୟବାଦୀ ଖୁବ୍ ଭଲ ଲୋକ । ସେ ଅପରାଧ କରି ପାରିବେ ନାହିଁ । ଏକଥା ଧ୍ରୁବ ସତ୍ୟ ।

ମାନବେନ୍ଦ୍ର - ସେ କଥା ମୁଁ କହୁନି ନନ୍ଦିନୀ, ଏଭଳି ସାଧୁ, ନିଷ୍ପାପର ଲୋକମାନେ, ସେମାନଙ୍କ ଭିତରେ ବସି ପାରୁଛନ୍ତି କିପରି ? ସତ୍ୟବାଦୀବାବୁ ଆସିଲେ, ସେକଥା ମୁଁ ତାଙ୍କୁ ପଚାରିବି ।
(ପ୍ରବେଶ କଲେ ସତ୍ୟବାଦୀ)

ସତ୍ୟବାଦୀ - ଆପଣ ଠିକ୍ କହିଛନ୍ତି ଭିଣୋଇବାବୁ । ସେ ଦଳରେ ରହିଥିବାରୁ ମୁଁ ଭାରୀ ଲଜ୍ଜିତ । ଚୋର ମା'ର ଅବସ୍ଥା ମୋର ହୋଇଛି । କାନ୍ଦିଲେ ଦୁଆର ଦେଇ କାନ୍ଦୁଛି ।

ମାନବେନ୍ଦ୍ର - ମୋର ସେ ସ୍ଥାନରୁ ଫେରିବା ପରେ ପ୍ରତିକ୍ରିୟା କ'ଣ ହେଲା ?

ସତ୍ୟବାଦୀ - ସେଇକଥା ମୁଁ କହିବାକୁ ଆସିଛି । ବାପା ସେଇଥିପାଇଁ ମୋତେ ପଠାଇଛନ୍ତି । ଆପଣମାନଙ୍କ ଉପରେ ବିପଦ ଘନେଇ ଆସୁଛି । ହୁସିଆର ରୁହନ୍ତୁ । ଦୁଇଚକିଆ ଯାନରେ ଯିବା ଆସିବା କରନ୍ତୁ ନାହିଁ । ଘରେ ଗାର୍ଡ଼ ରଖନ୍ତୁ ।

ନନ୍ଦିନୀ - ଶୁଣିଲ, ମୁଁ ତୁମକୁ କ'ଣ କହୁଥିଲି ।

ମାନବେନ୍ଦ୍ର - ସତ୍ୟବାଦୀ ବାବୁ, ଏମାନଙ୍କୁ ଡ଼ରିଲେ, ମୋତେ ପୋଲିସ୍ ଚାକିରୀ ଛାଡ଼ିଦେବାକୁ ହବ । ଦିନେ ମୁଁ କିପରି ଏଇ ଏମ୍.ଏଲ୍.ଏଟାକୁ ଗିରଫ କରିବି, ତା'ମୋର ଏକମାତ୍ର ଚିନ୍ତା । ବୁଲେଟ ପ୍ରୁଫ କାରରେ ମୁଁ ତ ଆଉ ଯାଇ ପାରିବି ନାହିଁ । ଯୁଦ୍ଧଭୂମିରେ ସୈନ୍ୟ ଜାଣିଛି, ପ୍ରାଣତ୍ୟାଗ କରିପାରେ, ତାକୁ ଡ଼ରି ସେ କ'ଣ ଯୁଦ୍ଧ କରୁନାହିଁ । ଯାହା ହବାକୁ ଥିବ, ତା' ହେବ, ସେଥିପାଇଁ ମୁଁ ଭୟ କରୁନାହିଁ ।

ସତ୍ୟବାଦୀ - ତେବେ ମୋର କହିବାର କଥା, ଭଉଣୀ ଆମ ଘରେ ପନ୍ଦରଦିନ ପାଇଁ ରୁହନ୍ତୁ । ତାଙ୍କ ପ୍ରତି ବେଶୀ ବିପଦ । କ'ଣ କହୁଛନ୍ତି ଭିଣୋଇବାବୁ ।

ମାନବେନ୍ଦ୍ର - ଯଦି ସେ ଯିବେ, ତା' ହେଲେ ଯାନ୍ତୁ ।

ନନ୍ଦିନୀ - ଭାଇ ଆପଣ କିଛି ଭୟ କରନ୍ତୁ ନାହିଁ । ମୁଁ ଏମାନଙ୍କୁ ଡ଼ରି କୁଆଡ଼େ ଯିବି ନାହିଁ । ମୁଁ ପରିସ୍ଥିତିର ସାମନା କରିବି । ନିଶା ବିରୋଧୀ ଆନ୍ଦୋଳନ ତ ମୁଁ ଏକା, ଏକା କରିଥିଲି । ମୋ ସାଥିରେ ତ କିଏ

Digitized by srujanika@gmail.com

ନ ଥିଲା ? ସ୍ୱାମୀ ପୋଲିସ ଅଫିସର ବୋଲି ମୁଁ ତାଙ୍କୁ ଦ୍ୱିଷ୍ଟର୍ବ କରିନଥିଲି । ମୋର ସୁରକ୍ଷା ମୋ ଭଉଣୀମାନେ କରୁଥିଲେ । ଚୋରା ମଦ ବ୍ୟବସାୟୀ ଭୀମସାହୁ ଉତ୍‌କ୍ଷିପ୍ତ ହୋଇଉଠିଛି । ସେ କିଛି ଅନିଷ୍ଟ କରିପାରେ ।

ସତ୍ୟବାଦୀ - ସେଇ ଭୀମସାହୁ, ଆନ୍ଦୋଳନ ଯୋଗୁଁ ସେ ଅତ୍ୟନ୍ତ ଅପମାନିତ ହୋଇ ପଡ଼ିଛି । ସବୁବେଳେ ମୋ ଆଗରେ ମୋ ଭଉଣୀକୁ ଭର୍ତ୍ସନା କରେ । ପାର୍ଟି ଲୋକ ବୋଲି ମୁଁ ବିଶେଷ କିଛି କରିପାରେ ନାହିଁ ।

ମାନବେନ୍ଦ୍ର - ଯାହାହେଉ, ଆପଣଙ୍କ ପାର୍ଟିରେ ଉତ୍ତମ, ସଜ୍ଜନମାନଙ୍କର ସମାବେଶ ଘଟିଛି ।

ସତ୍ୟବାଦୀ - କ'ଣକରିବି, ସେଥିପାଇଁ ତ ଇସ୍ତଫା ଦେଇଛି । ଭଉଣୀ କିଛି ଭୟ କରିବ ନାହିଁ । ମୁଁ ପ୍ରତିଦିନ ଆସି ଦେଖିଯାଉଥିବି ।

ମାନବେନ୍ଦ୍ର - ଯେଉଁ ପୋଲିସ, ସାଧାରଣ ଜନତାର ଧନ, ଜୀବନ ରକ୍ଷା କରିବାର ଦାୟିତ୍ୱ ନେଇଛି । ତାକୁ ପୁଣି ଆପଣ ରକ୍ଷା କରିବେ । ଏହାଶୁଣି ମୋତେ ହସ ଲାଗୁଛି, ସତ୍ୟବାଦୀ ବାବୁ ଆପଣ ବଡ଼ ଭାଇ । ସାନଭଉଣୀର ହାନି, ଲାଭ ବୁଝିବା ଆପଣଙ୍କରକର୍ତ୍ତବ୍ୟ । ଆପଣ କଥାବାର୍ତ୍ତା ହୁଅନ୍ତୁ । ମୁଁ ଥାନାଆଡ଼େ ଆସୁଛି ।
(ଏଇ ସମୟରେ ସ୍ୱାଧୀନତା ସଂଗ୍ରାମୀ ପ୍ରବେଶ କଲେ ।)

ସ୍ୱା.ସଂ. - (ବାହାରୁ) ଶ୍ରୀରାମ, ଜୟରାମ, ଜୟ, ଜୟରାମ

ସତ୍ୟବାଦୀ - ଏଇ ବାପା ଆସିଗଲେଣି ।

ସ୍ୱା.ସଂ. - (ପ୍ରବେଶି) ସତ୍ୟବାଦୀ, ତୁମେ ସେମାନଙ୍କୁ ପରିସ୍ଥିତିର ଗୁରୁତ୍ୱ ବୁଝାଇ ଦେଇଅଛ ?

ମାନବେନ୍ଦ୍ର ଓ
ନନ୍ଦିନୀ - (ପାଦ ଛୁଇଁ ପ୍ରଣାମ କଲେ ।)

ସ୍ୱା.ସଂ. - ସୁଖୀ ଭବଃ, ଯଶସ୍ୱୀ ଭବଃ ।

ସତ୍ୟବାଦୀ - ବୁଝାଇଛି ବାପା । କିଂତୁ ଭଉଣୀ ନନ୍ଦିନୀ ଆସିବାକୁ ନାରାଜ ।

ମାନବେନ୍ଦ୍ର - ଆପଣ କୁହନ୍ତୁ ବାବା, ଜଣେ ପୋଲିସ ଅଫିସର ଯଦି ତା' ଜୀବନ, ତା ପରିବାରର ଜୀବନ ରକ୍ଷା କରିନ ପାରେ, ସେ ସାଧାରଣ ଜୀନତାର ଜନଜୀବନ ରକ୍ଷା କରିବ କିପରି ?

Digitized by srujanika@gmail.com

ସ୍ୱା.ସଂ. - ମୁଁ ଜାଣେ । ତୁମେ ତୁମ ଆଦର୍ଶରୁ ବିଚ୍ୟୁତ ହେବନାହିଁ । ତୁମେ ତୁମ ଧର୍ମକୁ ରକ୍ଷା କରୁଛ । ଧର୍ମ ନିଶ୍ଚୟ ତୁମକୁ ରକ୍ଷା କରିବ । ଧର୍ମ ରକ୍ଷତି ଧାର୍ମିକଂ । ତେବେ ବାପା, ଆମେ ହୁସିଆର ରହିବା ଦରକାର । ସେଦିନ ଆଜି ନାହିଁ । କଥା, କଥାକେ ନରହତ୍ୟା । ଛେଳି, କୁକୁଡ଼ାପରି ଆଜି ମଣିଷ, ମଣିଷକୁ ମାରିବାକୁ କୁଣ୍ଠାବୋଧ କରୁନାହିଁ । ନରହତ୍ୟା ମହାପାପ । ସେ କଥା ଲୋକେ ଭୁଲିଗଲେଣି । କଥା କଥାକେ ବୋମା, ଗୁଳିମାଡ଼ । ସେଇ ଭୟ ମୋତେ ଅସ୍ଥିର କରି ପକାଉଛି ମା ନନ୍ଦିନୀ ।

ନନ୍ଦିନୀ - ମୁଁ ଜାଣେ, ଆପଣ ନିଶ୍ଚୟ ବ୍ୟସ୍ତ ହେଉଥିବେ ।

ସ୍ୱା.ସଂ. - କି କଥା କହୁଛୁ ମା, ବ୍ୟସ୍ତ ହେବି ନାହିଁ । ଏମ୍.ଏଲ୍.ଏ ଗୁଣ୍ଡାଦଳ ଗଢ଼ିଛି । ଶିକ୍ଷିତ ବେକାର ଯୁବକମାନଙ୍କର ଭବିଷ୍ୟତ, ଅନ୍ଧାର ଭିତରକୁ ଠେଲି ଦେଇ, ସେ ନିଜର ସ୍ୱାର୍ଥସାଧନ କରୁଛି । ପାପ, ପରେ ପାପ ସେ କରି ଚାଲିଛି । ପାପର ଘଡ଼ା ପୂର୍ଣ୍ଣ ହୋଇ ଆସିଲାଣି । ଆଉବେଶୀ ଦିନ ନୁହେଁ ।

ସତ୍ୟବାଦୀ - ବାପା, ଆପଣଙ୍କର କହିବା ଅନୁସାରେ, ମୁଁ ମୋର ଇସ୍ତଫା ପତ୍ର ପଠାଇଦେଇଛି ।

ମାନବେନ୍ଦ୍ର - ଯାହାହେଉ, ଆପଣଙ୍କର ସଦ୍‌ବୁଦ୍ଧି ହୋଇଛି ।

ସ୍ୱା.ସଂ. - ଏଭଳି ଗୋଟାଏ ଦଳରେ, ଭଦ୍ରଲୋକ କ'ଣ ତିଷ୍ଠି ରହିପାରିବ ? ଭଲ ହୋଇଛି । ଆମେ ତା'ହେଲେ ଆସୁଛୁ ।

ନନ୍ଦିନୀ - ସୁବିଧା ସୁଯୋଗ ଦେଖି, ଆମେ ଆପଣଙ୍କ ଦର୍ଶନ ପାଇ ଆସିବୁ । ନମସ୍କାର ।

- ଅନ୍ଧାର -

Digitized by srujanika@gmail.com

- ସପ୍ତମ ଦୃଶ୍ୟ -

(ରାସ୍ତା । ଭିଖାରୀଟିଏ ଗୀତ ଗାଇ ଯାଉଥିଲା ଓ ସମସ୍ତଙ୍କୁ ପଇସା ମାଗୁଥିଲା । ରାମ, ଦାମ ଆସୁଥିଲେ । ଭିଖାରୀ ରାମକୁ ପଇସା ମାଗିଲା ।)

ଭିଖାରୀ - (ରାମକୁ) ବାବୁ କାଲିଠାରୁ ଖାଇନାହିଁ । କିଛି ପଇସା ଦିଅ ।

ରାମ - ହଇରେ ପୋଲିସ୍ ଲୋକକୁ ତୁ କ'ଣ ପଇସା ମାଗୁଛୁ । ଭିଖ ମାଗିବା ନାଁରେ, ତୁମେ ସବୁ ରାତିରେ ଡ଼କାୟତି କର । ଭେଣ୍ଡିଆଟାଏ ହେଇଛୁ, ଭିଖ କଣ ମାଗୁଛୁ । ବୁଝିଲୁ । ଏ ଧନ୍ଦା ଛାଡ଼ି, ଯା, କାମ କର କାମ ।

ଭିଖାରୀ - (ଦାମକୁ) କିଛି ପଇସା ଦିଅବାବୁ ।

ଦାମ - ହଉନେ, ଚା' ପିଇ ।
(ଦୁଇଟଙ୍କା ଦେଲା । ଭିଖାରୀ ସଲାମ ମାରି ଚାଲିଗଲା ।)
ବୁଝିଲୁ ରାମଭାଇ, ତୋର ଏ ଛୋଟଲୋକି ପଣିଆ ଦେଖିଲେ, ମୋଦେହ କଡ଼, କଡ଼ ହୋଇ ଉଠେ । ତୋର ଇଚ୍ଛା ହେଲେ ଦେ, ନ ହେଲେ ନାହିଁ । ପୋଲିସ୍ ଡ଼ିପାର୍ଟମେଣ୍ଟକୁ କାହିଁକି ବଦନାମ କରୁଛୁ । ହଇରେ ଭାଇ, ତୁ ସେ ବାଇଗଣ ବାଲିର ୫ଟଙ୍କା ନ ଦେଇ, କ'ଣ ତାକୁ ଥାନାକୁ ଦଉଡ଼ାଇଲୁ । ସେ ବଡ଼ବାବୁଙ୍କୁ ଆସି କହିଲା । ଇନ୍ସପେକ୍ଟର ବାବୁ ବହୁତ ତୋତେ ଖୋଜିଲେ । ଧରା ପଡ଼ିଥିଲେ, ମରିଥାନ୍ତୁ ନିଶ୍ଚୟ । ଭିଜିଲାନସ୍ ତୋ ଗାଁଘର ସର୍ଚ୍ଚ କରିବେ । ଏଥର ମରିବୁ । ତୋ ବାହାଘର ହିସାବ ଟଙ୍କା ରଖିଛୁ ।

ରାମ - ସତ କହୁଛୁ କିରେ ଭାଇ । ଭିଜିଲାନ୍ସ୍ ଏନକ୍ୱାରି କରିବ । ସେମିତିକା ମୁଁ ଶୁଣୁଥିଲି । ତେବେ ବଡ଼ ମୁସ୍କିଲରେ ପଡ଼ିଗଲି । ହିସାବ ତ କିଛି ମୋ ପାଖରେ ନାହିଁ । ଭିଜିଲାନ୍ସ୍ ମୋର କ'ଣ କରି ପକାଇବରେ ଦାମ ଭାଇ । ଚାକିରୀ ତ ମୋର ଆଉ ଆଠମାସ ରହିଲା ।

ଦାମ - ତୋର ପେନସନ ଟଙ୍କା ବନ୍ଦ ହେବ । ଗ୍ରାଚ୍ୟୁଇଟି ଟଙ୍କା ମିଳିବ ନାହିଁ । ବଡ଼ ହଇରାଣରେ ପଡ଼ିବୁ । ମୋ କଥା ମାନ । ଗୋଟାଏ

Digitized by srujanika@gmail.com

ମିଛ ହିସାବ ତିଆରି କର । ସ୍ତ୍ରୀ ପାଖେ ଥିବା ଟଙ୍କା ସେହି ହିସାବରେ ମିଶା ।

ରାମ - ସ୍ତ୍ରୀ କେଉଁଠୁ ଆଣିଲା, ପଚାରିଲେ କ'ଣ କହିବି ?

ଦାମ - ତା ବାପଘର ଦେଇଥିଲେ ବୋଲି କହିବୁ । ନଗଦ ୨ ଲକ୍ଷ ଟଙ୍କା କ୍ୱାଇଁକୁ ଦେଲୁ । ସେ କଥା ମାନିବୁ ନାହିଁ ।

ରାମ - କେମିତି ମାନିବି ନାହିଁ କହିଲୁ । ମୁଁ ତ ଡ୍ରାଫ୍ଟ ଆକାରରେ ଦେଇଛି ।

ଦାମ - ମରିଗଲୁ, ଆଉ ରକ୍ଷା ନାହିଁ ।

ରାମ - କିଛି ଉପାୟ ବତାଅ ଭାଇ ।

ଦାମ - କ'ଣ ବତାଇବି । ମୋ ଭାଇ ଅଡ଼ିଟର । ତାକୁ ଯାଇ କହ । ସେ ଗୋଟାଏ ଜାଲ ହିସାବ ତିଆରି କରିଦେବ ।

ରାମ - ମୋର ବହୁତ ଉପକାର କରିବୁ ଭାଇ । ତୋ ଋଣ ସାତ ଜନ୍ମରେ ସୁଝିପାରିବି ନାହିଁ । ମୁଁ ଖାଲି ସେଇକଥା ଭାବୁଛି ଭାଇ, ବାଇଗଣ ବାଲିର କେତେ ସାହସ ହେଲା । ସେ ପୁଣି ଅଫିସରକୁ ଆସି କହିଲା । ପୋଲିସକୁ ତ ଆଉ କେହି ମାନିଲେ ନାହିଁ । ପୋକଡ଼ା ବାଇଗଣ । ଅଧେ ମଞ୍ଜିଆ ।

ଦାମ - ଭଲ ଦଶା ଅଛି ତ ଯାଇ, ତାକୁ ପଇସା ଦେଇଆ । ସେ ଯଦି ଆଜି ଆସେ...

ରାମ - ତୁ ଠିକ୍ କହିଛୁ ଭାଇ, ବର୍ତ୍ତମାନ ଯାଇ ଦେଇଦେବି ।

ଦାମ - ଗୋଟାଏ ଚାନ୍ସ ଫିଟିଗଲା । ଖୋକନକୁ ଧରିଥିଲେ ସରକାର ୫ ହଜାର ଦେଇଥାନ୍ତେ । ସାଙ୍ଗେ, ସାଙ୍ଗେ ହାବିଲଦାର ପ୍ରମୋଶନ । ଚାନ୍ସଟା ଫିଟିଗଲା ଭାଇ ।

[illegible] - ତୁ ଯାହା କହ, ଆମ ଇନ୍ସପେକ୍ଟର ବାବୁ ବଡ଼ ସାହାସୀ । ଏମ୍.ଏଲ୍.ଏ ସାମନାରେ, ଖୋକନକୁ ଧରି ପକାଇଲା । ଏମ୍.ଏଲ୍.ଏ କିଛି କରି ପାରିଲା ? କେତେ ପାୱାରଫୁଲ ଏମ୍.ଏଲ୍.ଏ ସେ । ସରକାର ତାକୁ ମାନୁଛି ।

(ଭୀମ ସାହୁ ଓ ବାବୁନି ସେଇବାଟ ଦେଇ ଯାଉଥିଲେ ।)

ରାମ - ହଇଏ ସାହୁବାବୁ, କ'ଣ ନ ଦେଖିଲା ପରି ଚାଲିଯାଉଛ ?

ମ - ତୁମଠାରେ ମୋର କି କାମ ?

Digitized by srujanika@gmail.com

ରାମ - ଢାମ ଥିବାବେଳେ ଶହେ ସଲାମ ମାରୁଥିଲ । ମରିବ ଯେ

ଦାମ - ସେମାନେ ଯାନ୍ତୁ, ତୁମେ କାହିଁକି ତାଙ୍କୁ ଅଟକାଉଛ ଭାଇ । ଆଜି ଇନ୍ସପେକ୍ଟର ବାବୁଙ୍କର ଦେହ ଖରାପ । ଗୋଟାଏ ବଡ଼ ଏନ୍‌କ୍ୱାରୀ ଅଛି ।

ରାମ - କାହିଁ ମୁଁ ତ ଜାଣି ନାହିଁ । ହରିବାବୁ ଦାୟିତ୍ୱ ନେଇଛନ୍ତି ।

ଭୀମ - ହରିବାବୁ ତ ଆମ ଲୋକ । କିଛି ପରବାଓ ନାହିଁ ।

ରାମ - ପୋଲିସ କାହାରି ଲୋକ ନୁହଁ । ତୁମ ଲୋକ ବୋଲି କ'ଣ କହୁଚ ।

ଭୀମ - ଆଚ୍ଛା ଦାମବାବୁ, କ'ଣ ଆଜି ହବ କହିଲ ?

ଦାମ - ସେ କଥା ମୁଁ କେମିତି ଜାଣିବି ।

ବାବୁନି - ତାଇ ମଉସା, ଏ ଲୋକ ଭଲଲୋକ ନୁହଁ । ସେଦିନ ଖୋକନକୁ ଧରିବା ପାଇଁ ଦୌଡୁଥିଲା ।

ଭୀମ - ରାମ ଭଲ ଲୋକ । ନିର୍ମାୟା ପୁରୁଷ । କିଂତୁ...

ଦାମ - ମୁଁ ଖରାପ ଲୋକ, ଏଇ କଥା କହୁଚ ତ । ହଉ ଯାଅ ।

ଭୀମ - ଦେଖ ଭାଇ, ଆଜି କ'ଣ ହେବ, ମୋତେ ସଂଧ୍ୟା ସୁଦ୍ଧା ଜଣାଅ । ମୁଁ ପାଞ୍ଚହଜାର ଦେବି । ବର୍ତ୍ତମାନ ହଜାରେ ରଖ ।

ଦାମ - ମୁଁ ଟଙ୍କା ରଖିବି ନାହିଁ ।

ରାମ - ଭୀମବାବୁ, ତାଙ୍କ କଥାରୁ କ'ଣ ମିଳିବ । ମୋତେ ଦିଅ ।

ବାବୁନି - ମଉସା, ଏମାନଙ୍କୁ କାହିଁକି ପଇସା ଦେଉଛ ।

ଦାମ - କାହିଁକି ନଉଚ, ରାମଭାଇ ଫେରାଇ ଦିଅ ।

ଭୀମ - ନିଅ ବାବୁ । ଦାମବାବୁ ତୁମେ ତ ସବୁବେଳେ ମୋ ଉପରେ ରାଗୁଛ । ମୁଁ ତୁମର କି ଅନିଷ୍ଟ କଲି ବାବୁ ।

ରାମ - ଦାମଭାଇ, ଆସ । ଭୀମବାବୁ ଖବର ମିଳିଲେ କହିବୁ । ନଚେତ ଆମକୁ ଦୋଷ ଦବନି ।

ଭୀମ - ଯେମିତି ହେଲେ ଖବର ଦବ ନା । ହଉ ଯା ।

ରାମ - ଅ।ସୁନ୍ତୁ ଭୀମବାବୁ । ଆମ ପ୍ରତି ଟିକିଏ ଦୟା ରଖିଥାଅ । (ଦୁହେଁ ଚାଲିଗଲେ ।)

ବାବୁନି - ମଉସା, ପଇସା କାହିଁକି ବରବାଦ କରୁଛ କହିଲ ?

Digitized by srujanika@gmail.com

ଭୀମ - କଥାଟାଏ ମୁଁ ଶୁଣୁଥିଲି ବାବୁନି । ଆମକୁ ହୁସିଆର ରହିବାକୁ ହେବ । ରାମ ଭଲ ଲୋକ । ସେ ମୋତେ ଖବର ନିଶ୍ଚୟ ଦେବ ।

ବାବୁନି - ଚାଲ, ତୋଫାନି ବ୍ରଦର ପାଖକୁ ଯିବା । ତା ସହିତ କନ୍‌ସାଲ୍ଟ କରିବା ।

- ଅନ୍ଧାର -

- ଅଷ୍ଟମ ଦୃଶ୍ୟ -

(ଟାଉନ୍ ଥାନା । ହରିବାବୁ ସବ୍‌ଇନ୍ସପେକ୍ଟର ଫାଇଲ ଦେଖୁଥିଲେ । ଇନ୍ସପେକ୍ଟର ମାନବେନ୍ଦ୍ର ଆସି ପହଞ୍ଚିଲେ । ସବ୍‌ଇନ୍ସପେକ୍ଟର ତାଙ୍କୁ ସାଲ୍ୟୁଟ ମାରି ସିଟ୍ ଛାଡ଼ିଦେଲେ ।)

ହରିବାବୁ - ସାର ଆପଣ ଅସୁସ୍ଥ ଥିଲେ । ଆସିଲେ କାହିଁକି ?

ମାନବେନ୍ଦ୍ର - ଏସ୍.ପି. ଫୋନ କଲେ । ଗତରାତିରେ ଗୋଟାଏ ଟ୍ରେମେଣ୍ଡସ୍ ଚଢ଼ାଉ ହେଲା ।

ହରିବାବୁ - ସବୁ ଥାନା ଅଫିସର, ଏସ୍.ଡ଼ି.ପି.ଓ ସମସ୍ତେ ମିଶି ସହରର ୮ଟା ଘର ଉପରେ ଚଢ଼ାଉ କଲେ । ଏକ ବିରାଟ ସେକ୍ସ ରାକେଟର ସଂଧାନ ମିଳିଲା । ଆମେ ରେଡ୍ ହ୍ୟାଣ୍ଡରେ ୨୪ ଜଣକୁ ଗିରଫ କଲୁ। ୧୨ ଜଣ ରୂପଜୀବୀଙ୍କ ସହିତ, ୧୨ ଜଣ ସେମାନଙ୍କର ଗ୍ରାହକ ।

ମାନବେନ୍ଦ୍ର - ୱାଣ୍ଡରଫୁଲ ମୁଁ ଦେଖୁଛି, ଅପରାଧ ଯେପରି ଏ ସହରକୁ ଛାଡ଼ିବ ନାହିଁ ।

ହରିବାବୁ - ଅପରାଧର ମୁଖ୍ୟ ନାୟକ ମଧ୍ୟ ଧରା ପଡ଼ିଛି । ତାକୁ ଜଣେ ରୂପଜୀବୀଙ୍କ ସହିତ ଧରାଯାଇଅଛି । ଏ ର୍ୟାକେଟର ମୁଖ୍ୟ ନାୟକ କିଏ ଜାଣନ୍ତି ସାର୍ ।

ମାନବେନ୍ଦ୍ର - କିଏ ? କହୁନାହିଁ ?

ହରିବାବୁ - ଆପଣଙ୍କର ପ୍ରିୟ ଅପରାଧୀ ତୋଫାନୀ ସାର୍ ।

ମାନବେନ୍ଦ୍ର - ତୋଫାନୀ ଏଇ ଧନ୍ଦା କରୁଥିଲା ?

ହରିବାବୁ - ଆଜିକୁ ୬ ମାସ ହେଲା, ସବୁ ଧନ୍ଦା ଛାଡ଼ି, ସେ ଏ ବ୍ୟବସାୟ ଆରମ୍ଭ କରିଦେଇଥିଲା । ବହୁତ କମାଉଥିଲା ସାର୍ । ଦେଶ ସାରା ସେ ୫୦ ଜଣ ରୂପଜୀବୀଙ୍କୁ ସଂଗ୍ରହ କରିଥିଲା । ଗିରଫ ହୋଇଥିବା

Digitized by srujanika@gmail.com

ରୂପଜୀବୀମାନେ ସମସ୍ତେ ବାହାର ରାଜ୍ୟର ।

ମାନବେନ୍ଦ୍ର - ମୁଁ ସେଇକଥା ଭାବୁଥିଲି ହରିବାବୁ । ତୋଫାନି ଅପରାଧ ନ କରି ରହି ପାରିଛି କିପରି ? ଅପରାଧୀମାନେ ଅଛନ୍ତି କେଉଁଠି ?

ହରିବାବୁ - ଥାନା ପଛପଟ ବାରଣ୍ଡାରେ, ଶକ୍ତକଡ଼ା ପହରା ମଧ୍ୟରେ ବସିଛନ୍ତି ।

ମାନବେନ୍ଦ୍ର - ତୋଫାନି କେଉଁଠି ଅଛି ?

ହରିବାବୁ - ସେ ସେମାନଙ୍କ ସହିତ ଅଛି ସାର୍ । ତୋଫାନି ପାଖରୁ ଡ଼ାଏରୀଟିଏ ଧରାପଡ଼ିଛି । ବହୁ ନାମୀଲୋକଙ୍କର ଟେଲିଫୋନ ନମ୍ବର ସେ ଡ଼ାଏରୀରେ ଅଛି । ଧରା ପଡ଼ିଥିବା ଲୋକଙ୍କ ଭିତରେ ଜଣେ ଅଫିସର, ଶିଳ୍ପପତି ଟିବରଓ୍ୱାଲା ଅଛନ୍ତି । ତାଙ୍କୁ ଛାଡ଼ିଦେବା ପାଇଁ ଏ ପର୍ଯ୍ୟନ୍ତ ୧୦ଲକ୍ଷଟଙ୍କାର ଅଫର ଆସିଲାଣି ।

ମାନବେନ୍ଦ୍ର - ଅତୀତରେ ଏହିପରି ବହୁ ସେକ୍ସ ର୍‍ୟାକେଟ୍ ଧରା ପଡ଼ିଛି । ଟାଙ୍ଗୀ ସେକ୍ସ ର୍‍ୟାକେଟ୍‌ରେ ଧରା ପଡ଼ିଥିବା ଦୋଷୀଙ୍କ ଭିତରୁ କେତେଜଣ ଦଣ୍ଡ ପାଇଛନ୍ତି କହି ପାରିବେ ? ହୁଁ, ଆମେ ଆମ କର୍ତ୍ତବ୍ୟ କରିବା । ସେ ଡ଼ାଏରୀ କାହା ପାଖରେ ଅଛି ?

ହରିବାବୁ - ଏସ୍.ପି. ତାଙ୍କୁ ନିଜ ପାଖରେ ରଖିଛନ୍ତି ସାର୍ ।

ମାନବେନ୍ଦ୍ର - ଠିକ୍ ଅଛି, ଏସ୍.ପି. ମୋତେ କହିଛନ୍ତି, ଏମାନଙ୍କର ମେଡ଼ିକାଲ୍ ଏକ୍ସାମିନେସନ ସାରି, ଏମାନଙ୍କୁ କୋର୍ଟ ଚାଲାଣ କରିଦିଅ । ତୋଫାନୀକୁ ମୋ ପାଖକୁ ନେଇଆସ ।

ହରିବାବୁ - ୟେସ୍ ସାର୍, ମୁଁ ପଠାଇ ଦେଉଛି । (ପ୍ରସ୍ଥାନ)
(ମାନବେନ୍ଦ୍ର ବସିଥିଲେ । ରାମ ଓ ଦାମ ତୋଫାନିକୁ ଧରି ଆସିଲେ । ତୋଫାନି ହାତରେ ହାତକଡ଼ା ।)

ମାନବେନ୍ଦ୍ର - (ତୋଫାନିକୁ ଚାହିଁଲେ । ଲଜ୍ଜାରେ ତୋଫାନି ମୁହଁ ତଳକୁ କରି ଠିଆ ହୋଇଥାଏ ।) ହାଲୋ ତୁଫାନିବାବୁ, ଶେଷରେ ଏଇ ନୂଆ ଧନ୍ଦାଟି କେବେଠାରୁ ଆରମ୍ଭ କରିଦେଲ ? ଜଣେ ଉଚ୍ଚ ଶିକ୍ଷିତ ଯୁବକ ତୁମେ । ୩, ୩ ଥର କଲେଜ ୟୁନିୟନର ସଭାପତି ଥିଲ । ଜଣେ ତୁଙ୍ଗଛାତ୍ର ନେତାଭାବେ, ସାରା ଓଡ଼ିଶାରେ ତୁମର ସୁଖ୍ୟାତି ଥିଲା । ତୁମେ ଚାହିଁଥିଲେ ଭଲ ରାଜନେତାଟିଏ ହୋଇ ପାରିଥାନ୍ତ ।

Digitized by srujanika@gmail.com

ତୁମେ ଅପରାଧକୁ ବୃତ୍ତି କଲ କାହିଁକି ? ତୁମର ବୁଦ୍ଧି ପ୍ରଖର । ସେହି ବୁଦ୍ଧିକୁ ଦେଶ ହିତରେ ବେଶ୍ ବିନିଯୋଗ କରି ପାରିଥାନ୍ତ । ଜଣେ ଶିଳ୍ପପତି ହୋଇ, ଶହ, ଶହ ବେକାର ଯୁବକଙ୍କୁ କର୍ମସଂସ୍ଥାନ ଯୋଗାଇ ଦେଇପାରିଥାନ୍ତ । ଆଜି ତୁମର ବେଶ୍, ମୋତେ ବେଶ୍ ଦୁଃଖ ଦେଉଛି ତୋଫାନି । ତୁମ ପାଇଁ ବହୁତ ଚିନ୍ତା କରେ । ତୁମେ ମୋର ଶତ୍ରୁ ନୁହଁ ।

ତୋଫାନି - ସାର୍ ମୁଁ ଆଜି ଅନୁତପ୍ତ । ଅନୁତାପ କଲାବେଳକୁ, ପରିସ୍ଥିତି ମୋ କଣ୍ଟ୍ରୋଲ ଭିତରେ ନାହିଁ, କ'ଣ ମୁଁ ଆପଣଙ୍କୁ କହିବି । ମନୁଷ୍ୟ ଭାଗ୍ୟର ଦାସ । ଭାଗ୍ୟ ମୋତେ, ଯେଉଁଆଡ଼େ ନେଉଛି, ସେ ଆଡ଼େ ଯିବାକୁ ମୁଁବାଧ ହୋଇଛି ସାର୍ । ଘରେ ମୋର ସାବତ ମା । ସାବତ ମା'ର ପ୍ରରୋଚନାରେ ପଡ଼ି ବାପା ମୋ ପ୍ରତି ବହୁତ ଖରାପ ବ୍ୟବହାର କରୁଥିଲେ । ମୋତେ ଖାଇବାକୁ ଦିଆଯାଉନଥିଲା । ୫ ଦିନ ଉପବାସରେ ରହିବା ପରେ ମୁଁ ମନସ୍ଥ କଲି ଘରଛାଡ଼ିଦେବି । ଘରୁ ଚାଲିଆସି ଗୋଟାଏ ଗ୍ୟାଙ୍ଗ ଗଢ଼ିଲି । ଏହି ଗ୍ୟାଙ୍ଗରେ ଶହେ ଜଣ ସଭ୍ୟ ଶିକ୍ଷିତ ବେକାର ଯୁବକ ।

ମାନବେନ୍ଦ୍ର - ଅପରାଧ ପରିବର୍ତ୍ତେ ତୁମେ ଅନ୍ୟ ଧନ୍ଦା କରିପାରିଥାନ୍ତ ?

ତୋଫାନି - ସଂରକ୍ଷଣ ଯୁଗରେ ସବର୍ଣ୍ଣମାନଙ୍କୁ ଚାକିରୀ ଦେବ କିଏ ? ଚାକିରୀ କରିବା ପାଇଁ ଲାଞ୍ଚ ୬୦ ହଜାର ଦରକାର । ବ୍ୟବସାୟ କରିବାପାଇଁ ମୂଳଧନ ଆବଶ୍ୟକ । କେଉଁଠୁ ମୁଁ ଟଙ୍କା ପାଇଥାନ୍ତି,କେଉଁ ବ୍ୟାଙ୍କ ମୋତେ ଋଣ ଦେଇଥାନ୍ତା । ଅପରାଧରୁ କମ୍ ସମୟ ଭିତରେ ଯଥେଷ୍ଟ ମୁନାଫା ମିଳେ ସାର୍ । ଏଥିପାଇଁ ରାଜନୈତିକ ପ୍ରୋତ୍ସାହନ ଯଥେଷ୍ଟ ମିଳିଲା । ମନ୍ତ୍ରୀ, ଏମ୍.ଏଲ୍.ଏ ଲକ୍ଷ, ଲକ୍ଷ ଟଙ୍କା ଦେଲେ । ସେମାନଙ୍କ ଯୋଗୁଁ ସମସ୍ତ କେସ୍‌ରୁ ମୁକ୍ତ ହୋଇଗଲି । ଶେଷରେ ଆପଣଙ୍କର ଘନ, ଘନ ଆକ୍ରମଣ । ଆଗରେ ନିର୍ବାଚନ । କୋଡ଼ିଏ ଲକ୍ଷ ଟଙ୍କା ଖର୍ଚ୍ଚ । ଏମ୍.ଏଲ୍.ଏ ହେବାର ପ୍ରଲୋଭନ । ଏଥିରୁ ବେଶ୍ ରୋଜଗାର କଲି ଆଜ୍ଞା । ମୁଁ ମାନୁଛି ସାର୍ । କ୍ରାଇମ୍ ଡ୍ୱାଜ୍‌ନଟ୍ ପେ ଯାହାର ଫଳ ଆଜି ମୁଁ ଭୋଗୁଛି ।

Digitized by srujanika@gmail.com

ମାନବେନ୍ଦ୍ର - କିନ୍ତୁ ବିଜନ, ତୁମ ପାଇଁ ମୁଁ ଅତି ଦୁଃଖିତ । ଶେଷକୁ ହାତରେ ବେଢ଼ି ପିନ୍ଧିଲ । ଆଜି ତ ତୁମକୁ ଛାଡ଼ିଦେବା ପାଇଁ ହୋମ୍ ମିନିଷ୍ଟର ଫୋନ କରିବେ ନାହିଁ । ଆଜି ଏମ୍.ଏଲ୍.ଏ ତୁମ ପିଠିରେ ପଡ଼ିବେ ନାହିଁ । ଯାହା କମେଇଲ, ତାହା ବେଶୀଦିନ ରହିବ ନାହିଁ । ଅଧର୍ମ ବିତ୍ତ ବଢ଼େ ବହୁତ, ଗଲାବେଳେ ଯାଏ ମୂଳ ସହିତ । ବିଜନ, ଭଲ ମଣିଷ ହୁଅ । ତୁମର ବୁଦ୍ଧି, ବିବେକକୁ ତୁମେ ଦେଶ ଓ ଦଶର ହିତରେ ବିନିଯୋଗ କର । ତୁମେ ହେବ ଦସ୍ୟୁ ରତ୍ନାକରରୁ ମହର୍ଷି ବାଲ୍ମିକୀ ।

ତୋଫାନି - ସେତିକି ମୋତେ ଆଶୀର୍ବାଦ କରନ୍ତୁ ସାର୍ । ମୁଁ ଏ ରାଜନୈତିକ ଦସ୍ୟୁମାନଙ୍କର ମୁଖା ଖୋଲିଦେବି । ଏ ତଥାକଥିତ ସଭ୍ୟ ସମାଜର ମୁଖା, ଡ଼ାଏରୀ ମାଧମରେ ପ୍ରକାଶ କରିଦେବି ।

(ହରିବାବୁ ପ୍ରବେଶ କଲେ ।)

ହରିବାବୁ - ସାର୍, ମୁଁ ଏମାନଙ୍କୁ ମେଡ଼ିକାଲ ପରୀକ୍ଷା ପାଇଁ ନେଇ ଯାଉଛି । ତା'ପରେ କୋର୍ଟ ଚାଲାଣ କରିଦେବି ।

ମାନବେନ୍ଦ୍ର - ଯାହା କରିବ ଶୀଘ୍ର କର । କୋର୍ଟ ବନ୍ଦ ହୋଇଯାଇପାରେ । ତୋଫାନୀ ଯାଅ, ଗାନ୍ଧୀ, ଗୋପବନ୍ଧୁ ରୂପରେ ତୁମର ପୁନର୍ଜନ୍ମ ହେଉ । (ସମସ୍ତେ ଚାଲିଗଲେ । ଟେଲିଫୋନ ରିଙ୍ଗ ହେଲା)

ମାନବେନ୍ଦ୍ର - ହାଲୋ, ନନ୍ଦିନୀ । କ'ଣ ହେଲା । ତୁମେ ଏତେ ବ୍ୟସ୍ତ କାହିଁକି ହୋଇ ପଡ଼ୁଛ ? ହଁ, ଏସ୍.ପିଙ୍କ ସହିତ ମୁଁ ପରାମର୍ଶ କରିବି । କିଏ ଧମକି ଟେଲିଫୋନ କରୁଛି, ସେ ଅତି ଶୀଘ୍ର ଧରା ପଡ଼ିଯିବ । ମୁଁ ବର୍ତ୍ତମାନ ଆସୁଛି । ତୁମେ ଦୁର୍ବଳ ହୋଇ ପଡ଼ିଲେ ମୁଁ ଭାଙ୍ଗିପଡ଼ିବି ନନ୍ଦିନୀ । ହାଭ୍ ପେସେନ୍ସ । ଧୈର୍ଯ୍ୟଧର । ମୁଁ ଆସୁଛି ।

(ରିସିଭର ରଖିଦେଲେ ।)

ମାନବେନ୍ଦ୍ର - (ମନେ ମନେ) ନନ୍ଦିନୀ ଅତିମାତ୍ରାରେ ଦୁର୍ବଳ ହୋଇ ପଡ଼ୁଛନ୍ତି । ସତ୍ୟବାଦୀବାବୁ, ତାଙ୍କୁ ବେଶୀ ଭୟଭୀତ କରାଇ ଦେଉଛନ୍ତି । ତାଙ୍କର ମନୋବଳକୁ ଦୃଢ଼ କରିବାକୁ ହେବ ।

(ପ୍ରବେଶ କଲେ ଏମ୍.ଏଲ୍.ଏ)

ଏମ୍.ଏଲ୍.ଏ - ଇନ୍ସପେକ୍ଟର । ତୋର ସାହାସ ଦିନକୁ ଦିନ ବଢ଼ି ଯାଉଛି । ତୁ ଜାଣୁ ମୁଁ କିଏ ? ମୋ କଥାରେ ସରକାର ଚାଲେ ।

Digitized by srujanika@gmail.com

ମାନବେନ୍ଦ୍ର - ଆପଣ କ'ଣ କହିବାକୁ ଚାହାନ୍ତି ?

ଏମ୍.ଏଲ୍.ଏ - ମୁଁ ପଚାରୁଛି, ତୋଫାନୀକୁ ଗିରଫ କଲୁ କାହିଁକି ?

ମାନବେନ୍ଦ୍ର - ତୋଫାନୀ ଜଣେ ଆର୍ଚ୍ଚ କ୍ରିମିନାଲ । ସେଥିପାଇଁ ସେ ଗିରଫ ହେଲା ।

ଏମ୍.ଏଲ୍.ଏ - ମୁଁ କହୁଛି, ତୁ ତୋଫାନୀକୁ ଛାଡ଼ିଦେ ।

ମାନବେନ୍ଦ୍ର - ମୁଁ ଯଦି ତୋଫାନୀକୁ ନ ଛାଡ଼େ ।

ଏମ୍.ଏଲ୍.ଏ - ଇନ୍ସପେକ୍ଟର, ତୁ ଜାଣୁ ରାଜ୍ୟରେ ଚାଲିଛି ମୋ ସରକାର । ମୁଖ୍ୟମନ୍ତ୍ରୀଙ୍କ ମୋ ଇଙ୍ଗିତରେ ପରିଚାଳିତ ହୁଅନ୍ତି ।

ମାନବେନ୍ଦ୍ର - ରାଜ୍ୟରେ ଚାଲିଛି ତୁମ ସରକାର । ତୁମେ ମୁଖ୍ୟମନ୍ତ୍ରୀ କି ରାଜ୍ୟପାଳ ନୁହେଁ । ମୋ ସର୍କାର, ସେମାନଙ୍କ ଛଡ଼ା ଅନ୍ୟ କେହି କହିପାରିବେ ନାହିଁ । ଏତିକି ସାଧାରଣ ଜ୍ଞାନ ତୁମର ନାହିଁ ଏମ୍.ଏଲ୍.ଏ । ଦୋଷୀ ନିଶ୍ଚୟ ଦଣ୍ଡ ପାଇବ । ଆଇନ ତା'ବାଟରେ ଯିବ । ତାକୁ କିଏ ରୋକି ପାରିବ ନାହିଁ ।

ଏମ୍.ଏଲ୍.ଏ - ତୋଫାନୀ ଏ ଅଞ୍ଚଳର ଭାବୀ ଏମ୍.ଏଲ୍.ଏ ।

ମାନବେନ୍ଦ୍ର - ହୋଇଥାନ୍ତା । ଅବଶ୍ୟ ହୋଇଥାନ୍ତା । ତୁମେ ତାର ଜୀବନ ବରବାଦ କରିଦେଲ ଏମ୍.ଏଲ୍.ଏ ତୁମେ, ତୁମେ ହେଉଛ ପ୍ରକୃତ ଦୋଷୀ । ତୋଫାନୀର ଜୀବନ ବରବାଦ କରିଦେବାକୁ ତୁମେ, ତୁମେ ହେଉଛ ପ୍ରକୃତ ଖଳ ନାୟକ ।

ଏମ୍.ଏଲ୍.ଏ - ଇନ୍ସପେକ୍ଟର, ତୁ ଜାଣୁ, ତୋ ଜୀବନ ମୁଁ ବରବାଦ କରିଦେଇପାରେ ।

ମାନବେନ୍ଦ୍ର - ତୁମେ ତ ତୁମେ । ଜଣେ ଛାର ଏମ୍.ଏଲ୍.ଏ । ରାଷ୍ଟ୍ରପତି ମୋ ଜୀବନ ବରବାଦ କରି ପାରିବେ ନାହିଁ । ତୁମେ ଚାଲିଯାଅ । ମୋ ଅଫିସରୁ ଶୀଘ୍ର ଚାଲିଯାଅ । ନଚେତ୍ ମୁଁ ତୁମକୁ ଆରେଷ୍ଟ କରିବି ।

ଏମ୍.ଏଲ୍.ଏ - ତା'ହେଲେ ତୁ ତୋଫାନିକୁ ଛାଡ଼ିବୁ ନାହିଁ । ତୁ ଭାବୁଛୁ ଜେଲ୍‌କୁ ପଠାଇଦେଲେ ସେ ଏମ୍.ଏଲ୍.ଏ ହୋଇ ପାରିବ ନାହିଁ । ଏ ଦେଶରେ ଆଜି ବହୁ ଅପରାଧୀ, ଏମ୍.ଏଲ୍.ଏ, ଏମ୍.ପି., କେନ୍ଦ୍ରମନ୍ତ୍ରୀ, ରାଜ୍ୟମନ୍ତ୍ରୀ । ତାଙ୍କର କିଏ କ'ଣ କରିପାରୁଛି ?

ମାନବେନ୍ଦ୍ର - ମୁଁ ଏତିକି କହିରଖୁଛି ଏମ୍.ଏଲ୍.ଏ, କ୍ଷମତା ସବୁଦିନ ରହେ ନାହିଁ । ଆଜି ଯେ ରାଜେନ୍ଦ୍ରାସନ କାଲି ସେ ଫକୀର । ଦିନ ଆସିବ, ଜଣେ

Digitized by srujanika@gmail.com

ସାଧାରଣ ଅପରାଧୀ ପରି, ତୁମେ ଜେଲ ଭିତରେ ରହି, ଚକି ପେଷିବ । ତୁମକୁ କେହି ପଚାରିବେ ନାହିଁ । ରାସ୍ତା, ଘାଟରେ ଲୋକେ ତୁମକୁ ଦେଖିଲେ ଥୁପିବେ । ପଚାଅଣ୍ଡା ପକାଇବେ ।

ଏମ୍.ଏଲ୍.ଏ - (ଦାନ୍ତ କଡ଼ମଡ଼ କରି) ଠିକ୍ ଅଛି । ତୋର ଅପକର୍ମର ଫଳ ତୁ ଖୁବ୍ ନିକଟରେ ଭୋଗିବୁ । ସେଥିପାଇଁ ପ୍ରସ୍ତୁତ ହୋଇଯା, ସେଥିପାଇଁ ତୁ ଯଥେଷ୍ଟ କାନ୍ଦିବୁ । କାନ୍ଦୁ, କାନ୍ଦୁ ଦିନ ତୋର ସରିବ ନାହିଁ ।

- ଅନ୍ଧାର -

- ନବମ ଦୃଶ୍ୟ -

(ରାତ୍ରିର ସୂଚନା । ଦୂରରୁ ଶଗଡ଼ିଆ ଗୀତ ଭାସି ଆସୁଥାଏ । ଏମ୍.ଏଲ୍.ଏ, ଭୀମ ସାହୁ, ବାବୁନି ଠିଆ ହୋଇ କଥାବାର୍ତ୍ତା କରୁଥାନ୍ତି ।)

ଏମ୍.ଏଲ୍.ଏ - ମୁଁ ଚାହେଁ ପ୍ରତିଶୋଧ ।

ଭୀମ ସାହୁ - ମୁଁ ବି ଚାହେଁ ପ୍ରତିଶୋଧ । ମୁଁ ବି କମ୍ ଅପମାନିତ ହୋଇନାହିଁ ।

ଏମ୍.ଏଲ୍.ଏ - ତୁମ ଅପେକ୍ଷା ସେ ମୋତେ ଯଥେଷ୍ଟ ଅପମାନ ଦେଇଛି । ସେ ମୋତେ ପୁଣି ଗିରଫ କରିବ । ଛାର ଇନ୍ସପେକ୍ଟରଟାଏ, ମୁଁ ଚାହିଁଲେ ତାକୁ କେଉଁଠି ନେଇ ଥୋଇଦେବି । ସେ ମୋତେ କହୁଛି, ମୁଁ ତୋଫାନିକୁ ନଷ୍ଟ କରିଦେଲି । ସେ ହେଲା, ତୋଫାନିର ହିତାକାଂକ୍ଷୀ ।

ଭୀମ ସାହୁ - ସବୁ ଆପଣଙ୍କର ଦୋଷ ଆଜ୍ଞା । ଆପଣଙ୍କୁ କେତେଥର ନ କହିଛି, ତାର ଟ୍ରାନ୍ସଫର ପାଇଁ । ଯେତେ ପୋଲିସ ଅଫିସର ଅଛନ୍ତି ସମସ୍ତେ ଆମର ଲୋକ । ଡ଼ି.ଜି. ଆମର କଥା ଶୁଣୁଛନ୍ତି । ଏ ଲୋକଟା ଯୋଗୁଁ, ଥାନାର କୌଣସି ଜଣେ ଅଫିସର ଆମକୁ ସାହାଯ୍ୟ କରିବାକୁ ଡ଼ରି ଯାଉଛନ୍ତି ।

ଏମ୍.ଏଲ୍.ଏ - ମୋତେ ସଚ୍ଚୋଟ ପଣିଆ ଦେଖେଇ ହଉଚି । ଏ ପୁଣି ପଇସାଟିଏ ଖାଏ ନାହିଁ ।

ଭୀମ ସାହୁ - ତାହା ସେଣ୍ଟ, ପରସେଣ୍ଟ ସତ ସାର୍ । ଲୋକଟା ପଇସାଟିଏ ଖାଏ

Digitized by srujanika@gmail.com

ନାହିଁ । ଆପଣଙ୍କୁ ତ ଇନ୍ସପେକ୍ଟର ଅପମାନ ଦେଇଛି । ତାର ସ୍ତ୍ରୀ ମୋତେ କମ୍ ଅପମାନ ଦେଇନି ସାର୍ । ଚୁନ, କଳା ମୋ ଦି'ଗାଲରେ ବୋଳି, ସେ ମୋତେ ସହର ସାରା ବୁଲାଇଲା । ମାଇପିଗୁଡ଼ାକ ମୋ ଉପରେ ଥୁପୁଥାନ୍ତି । ଲୋକମାନେ ମୋତେ ଦେଖି ହସୁଥାନ୍ତି । ସେ ଦୃଶ୍ୟ ମୋର ମନେ ପଡ଼ିଲେ, ରାଗରେ ମୋ ଦେହ ଥରି ଉଠୁଛି । ତାର ସ୍ତ୍ରୀକୁ ମୁଁ ଧର୍ଷଣ କରିବି, ତା'ପରେ ହତ୍ୟା କରିବି ।

ଏମ୍.ଏଲ୍.ଏ - ଏ ପ୍ରସ୍ତାବ ସୁନ୍ଦର ପ୍ରସ୍ତାବ । ଏହାକୁ ପ୍ରଥମେ କାର୍ଯ୍ୟକାରୀ କରାଯାଉ । ବାବୁନି, ତୁମେ ଆମର ବିଶ୍ୱସ୍ତ । ଏ କଥା ଯେପରି କେଉଁଠି ପ୍ରକାଶ ନ ପାଏ । ହୁସିଆର ।

ବାବୁନି - ଆପଣ ମୋତେ ସନ୍ଦେହ କରୁଛନ୍ତି ସାର୍ । ଆପଣଙ୍କ ପାଇଁ ମୁଁ ଜୀବନ ଦେବାକୁ ପ୍ରସ୍ତୁତ ଅଛି । ଏଥିପାଇଁ ଆଗରୁ ସବୁ ବନ୍ଦୋବସ୍ତ ସରିଛି । ଏ ସବୁ ଦାୟିତ୍ୱ ମୁଁ ନେବି ।

ଏମ୍.ଏଲ୍.ଏ - ଦେଖ, ମୋ ନାଁ ଯେପରି କେଉଁଠାରେ ପ୍ରକାଶ ନ ପାଏ ।

ଭୀମ ସାହୁ - ଆପଣ କାହିଁକି ଭୟ କରୁଛନ୍ତି ସାର୍ ।

ଏମ୍.ଏଲ୍.ଏ - ଭଲ କଥା କହୁଚ । ଧରା ପଡ଼ିଲେ, ଦଶବର୍ଷ ଜେଲ୍ ଯିବା ସୁନିଶ୍ଚିତ । ଆଗରେ ନିର୍ବାଚନ । ମୋତେ କ'ଣ ଆଉ ଏମ୍.ପି. ଟିକଟ ମିଳିବ ?

ଭୀମ ସାହୁ - ତୋଫାନିକୁ ଏମ୍.ଏଲ୍.ଏ ଟିକଟ ମିଳିବ ନା ଆଜ୍ଞା ?

ଏମ୍.ଏଲ୍.ଏ - ସେଥିପାଇଁ ତ ମୁଁ ଚିନ୍ତିତ । ମୁଖ୍ୟମନ୍ତ୍ରୀ, ହାଇକମାଣ୍ଡକୁ କହି, ତାକୁ ଟିକଟ ନ ଦେଇ ପାରନ୍ତି । ହାଇକୋର୍ଟ ତାର ବେଲ୍ ମଞ୍ଜୁର କରୁଛି କି ନାହିଁ ଦେଖ । ଜଜ୍ ଭାରୀ ଷ୍ଟ୍ରିକ୍ଟ ଲୋକ । ଦେଖ ସବୁ କାମ ବାହାର ଲୋକଙ୍କ ଦ୍ୱାରା କରାଅ । ତୁମ୍ଭେମାନେ ଯେପରି, ଏଥି ସହିତ ସଂଶ୍ଳିଷ୍ଟ ନ ହୁଅ । ମୁଁ ରାଜଧାନୀ ଚାଲିଯାଉଛି ।

ବାବୁନି - ମଉସାଙ୍କୁ କୁହନ୍ତୁ, ସେ ଟିକିଏ ଖୋଲା ହାତ ହୁଅନ୍ତୁ ।

ଏମ୍.ଏଲ୍.ଏ - ସେ ହେବେ, ତୁମେ ଚିନ୍ତାକରନାହିଁ ।

ଭୀମ ସାହୁ - ଆପଣଙ୍କର ଆଶୀର୍ବାଦ ଖାଲି ଦରକାର ।

- ଅନ୍ଧାର -

Digitized by srujanika@gmail.com

- ଦଶମ ଦୃଶ୍ୟ -

(ମାନବେନ୍ଦ୍ରଙ୍କର ରେସିଡ଼େନ୍ସିଆଲ କ୍ୱାଟର । ମାନବେନ୍ଦ୍ର ବସିଥିଲେ । ମନରେ ଅସଙ୍ଗତି ଭାବନା । କାନ୍ଥ ଘଣ୍ଟାରେ ୯ଟା ବାଜିଲା । ପ୍ରଚ୍ଛଦପଟରୁ ଗୀତଟିଏ ଭାସି ଆସୁଥିଲା । ପୋଲିସ୍ ଡ୍ରେସ୍ ପିନ୍ଧି ମାନବେନ୍ଦ୍ର ବସିଥିଲେ । ପ୍ରବେଶ କଲେ ନନ୍ଦିନୀ ।)

ନନ୍ଦିନୀ - ରାତି ୯ଟାରେ ପୁଣି କୁଆଡ଼େ ବାହାରିଲ ?

ମାନବେନ୍ଦ୍ର - ଅଳ୍ପ ସମୟ ମଧ୍ୟରେ ଚାଲି ଆସିବି ।

ନନ୍ଦିନୀ - ତୁମେ କୁଆଡ଼େ ଯାଅନି । ମୋତେ ଭାରି ଡ଼ର ଲାଗୁଛି ।

ମାନବେନ୍ଦ୍ର - ନନ୍ଦିନୀ, ତୁମେ କାହିଁକି ଏତେ ଦୁର୍ବଳ ହୋଇପଡୁଛ, ତା ମୁଁ ବୁଝିପାରୁନି ।

ନନ୍ଦିନୀ - ମୋତେ ବିଶ୍ୱାସ କର । ମୁଁ କାହିଁକି ଏତେ ଦୁର୍ବଳ ହୋଇ ପଡୁଛି, ତା' ମୁଁ ବୁଝିପାରୁନାହିଁ । ଅନୁରୋଧଟିଏ ମୋର ରଖିବ । ମୋ ପିଲାମାନଙ୍କୁ ମୋ ପାଖକୁ ନେଇଆସ । ସେମାନେ ଥିଲେ, ମୋର କିଛି ଭୟ ରହିବ ନାହିଁ ।

ମାନବେନ୍ଦ୍ର - ମୁଣ୍ଡ ଉପରେ ପିଲାମାନଙ୍କର ପରୀକ୍ଷା । ସେମାନଙ୍କୁ ଡ଼ିଷ୍ଟର୍ବ କରିବାକୁ କ'ଣ ତୁମେ ଚାହଁ । ଯଦି ଏହା ତୁମର ଏକାନ୍ତ ଇଚ୍ଛା, ତା'ହେଲେ ବର୍ତ୍ତମାନ ତାଙ୍କୁ ମୁଁ ଫୋନ କରିବି । କ'ଣ କହୁଚ ? (ରିସିଭର ଉଠାଇଲେ ।)

ନନ୍ଦିନୀ - (ଫୋନ ରଖିଦେଇ) ନା, ନା, ଥାଉ ଥାଉ ଆଉ କିଛି ଦିନ ଅପେକ୍ଷା କରିବା ।

ମାନବେନ୍ଦ୍ର - ଆଚ୍ଛା ନନ୍ଦିନୀ, ତୁମେ କାହିଁକି ଏତେ ନର୍ଭସ ହୋଇ ପଡୁଛ ? ଯେ ଏକାକିନୀ, ଏଡେବଡ଼ ମଦ ବିରୋଧୀ ଆନ୍ଦୋଳନକୁ ସଫଳ କରି ପାରିଲା, ସାରା ଦେଶରେ ଯାହାର ଏତେ ସୁନାମ, ଯାହାର ପ୍ରଶଂସାରେ ଦେଶର ସମ୍ବାଦପତ୍ରମାନେ ମୁଖରିତ, ତା' ମନରେ ପୁଣି ଦୁର୍ବଳତା ? କାହିଁକି ? କାରଣ କ'ଣ କୁହ ନନ୍ଦିନୀ ? ତୁମ ଯୋଗୁଁ, ମୁଁ ଦୁର୍ବଳ ହୋଇ ପଡୁଛି ନନ୍ଦିନୀ, ଚାଲ, ଛୁଟି ନେଇ ଗାଁକୁ ଚାଲିଯିବା ।

Digitized by srujanika@gmail.com

ନନ୍ଦିନୀ - ସେଇଆ କର । ଛୁଟି ନେଇ ଚାଲ ଗାଁକୁ ଚାଲିଯିବା । ଏଠାକାର ପରିବେଶ ମୋତେ ମୋଟେ ଭଲ ଲାଗୁନାହିଁ । ଗ୍ରାମ୍ୟ ପରିବେଶ ଖୁବ୍ ସୁନ୍ଦର । ଏତେ ଆବିଳତା, କଳୁଷିତ ରାଜନୀତି ସେଠାରେ ମୋଟେ ନ ଥିବ । ସେଠାରେ ଶାନ୍ତିରେ କେତେଦିନ କଟାଇ, ପଣି ଏଠାକୁ ଚାଲିଆସିବା । କ'ଣ କହୁଚ ?

ମାନବେନ୍ଦ୍ର - ଏସ୍.ପି. ଡ଼କାଇଛନ୍ତି । ତୁମ ବିଷୟରେ ଡ଼ିସ୍‌କସ୍ କରିବା ପାଇଁ । ଛୁଟି ବିଷୟରେ ଆଲୋଚନା କରିବି । ଯଦି ହବ, ଦରଖାସ୍ତ ଦେଇ ଚାଲିଆସିବି ।

ନନ୍ଦିନୀ - ରାତିରେ ନଯାଇ ସକାଳେ ଯାଅ । ତାଙ୍କ ପାଖକୁ ଫୋନ କରିଦିଅ । ନଇଲେ ମୁଁ କରିଦେଉଛି ।

ମାନବେନ୍ଦ୍ର - ତୁମର ଏପରି ଅବସ୍ଥାରେ ମୁଁ କ'ଣସେଠାରେ ବେଶୀ ସମୟ ରହିପାରିବି ନନ୍ଦିନୀ । କ'ଣ କହୁଚ, ଯିବି, ନା ନାହିଁ ?

ନନ୍ଦିନୀ - ଯିବ ଯଦି, ଅଳ୍ପ ସମୟ ମଧ୍ୟରେ ଫେରିଆସ ।

ମାନବେନ୍ଦ୍ର - ହଁ, ୨ଜଣ କନେଷ୍ଟବଲ ମୁଁ ପଠାଇ ଦେଉଛି ।

ନନ୍ଦିନୀ - ତୁମେ ତ ସବୁବେଳେ କନେଷ୍ଟବଲ ପଠାଇ ଦେଉଛ ।

ମାନବେନ୍ଦ୍ର - ପୋଲିସ କ୍ୱାଟରକୁ ସବୁବେଳେ ପୋଲିସ ଜଗୁଛି । ସେଣ୍ଟ୍ରି କ'ଣ କାହାକୁ ବିନା ଅନୁମତିରେ ଭିତରକୁ ଛାଡ଼ିଦେବ ?

ନନ୍ଦିନୀ - ମାନବେନ୍ଦ୍ର, ତୁମର ଅନୁପସ୍ଥିତି ସମୟରେ ମୁଁ ଯଦି ମରିଯାଏ...?

ମାନବେନ୍ଦ୍ର - ଛି, ନନ୍ଦିନି, ଏପରି କଣ କହୁଚ ?

ନନ୍ଦିନୀ - ମୋ ପିଲାମାନେ କ'ଣ କରିବେ । ତାଙ୍କ କଥା ବୁଝିବ ତ ? (କାନ୍ଦିଲେ ।)

ମାନବେନ୍ଦ୍ର - (ଲୁହ ପୋଛିଦେଇ) ତୁମର କିଛି ହବନି ନନ୍ଦିନୀ, ସେ ବିଶ୍ୱାସ ମୋର ଅଛି । ଦେଶ, ଦଶର ସେବାପାଇଁ, ପ୍ରଭୁ ତୁମକୁ ଏ ଧରାକୁ ପଠାଇଛନ୍ତି । ତାଙ୍କର କାମ ତ ଶେଷ ହୋଇନାହିଁ, ସେ କେବେ ତୁମକୁ ନେବେ ନାହିଁ । କାନ୍ଦନି । ମୁଁ ଆଜ ଯିବି ନାହିଁ । ଆସ, ମିଶି ଖାଇବା ।

ନନ୍ଦିନୀ - ନା, ତୁମେ ଯାଇ ଶୀଘ୍ର ଫେରିଆସ । ତା'ପରେ ଦୁହେଁ ଖାଇବା । ଦେଖ, ତୁମକୁ ମୋ ରାଣ ଡ଼େରି ମୋଟେ କରିବ ନାହିଁ ।

Digitized by srujanika@gmail.com

ମାନବେନ୍ଦ୍ର - ମୋତେ ତୁମେ ଯିବାକୁ ଅନୁମତି ଦେଉଛ ନନ୍ଦିନୀ । ସତରେ ମୁଁ ଯିବି ।

ନନ୍ଦିନୀ - ଯାଅ ।

(ମାନବେନ୍ଦ୍ର ଚାଲିଗଲେ । ଭଜନରୁ ପଦେ ଭାସି ଆସିଲା - "ଆହେ ନୀଳଶୈଳ ପ୍ରବଳ ମତବାରଣ" । କିଛି ସମୟପରେ କଲିଂ ବେଲ୍ ବାଜିଲା ।)

ନନ୍ଦିନୀ - ଏତେ ଶୀଘ୍ର କ'ଣ ମାନବେନ୍ଦ୍ର ଫେରି ଆସିଲେ । ମୁଁ ଜାଣେ, ସେ ଏସ୍.ପିଙ୍କ ପାଖକୁ ଗଲେ ନାହିଁ ।

(ପୁଣି ବେଲ୍ ବାଜିଲା)

ଥାଅ, ମୁଁ ଆସୁଛି ।

(କବାଟ ଖୋଲିଦେଲେ । ଦୁଇଜଣ ଗୁଣ୍ଡା କଳାମୁଖାପିନ୍ଧି, ହାତରେ ପିସ୍ତଲ ଧରି ଘର ଭିତରେ ପ୍ରବେଶ କଲେ ।)

ନନ୍ଦିନୀ - (ଚିତ୍କାର କରି) ତୁମ୍ଭେମାନେ କିଏ ? ତୁମ୍ଭେମାନେ ଚାଲିଯାଅ । ମୋ ଘରକୁ ତୁମେ କାହିଁକି ଆସିଛ ?

୧ମଗୁଣ୍ଡା - ଆଓ, ହମାରା ସାଥ୍ ଚଲେ ଆଓ ।

ନନ୍ଦିନୀ - ନା, ମୁଁ ଯିବିନି ।

୨ୟ ଗୁଣ୍ଡା - ଚିଲାଓ ମତ । ଆରେ କ୍ୟା ଦେଖ୍‌ତେ। ହୋ । ପାଟି ବନ୍ଦ କର୍‌ଦୋ । ଦୋ ମିନିଟ୍‌ମେ ଅନ୍ଦର କାମ ଶେଷ କରୋ ।

୧ମ ଗୁଣ୍ଡା - (କନାବିଣ୍ଡା ପାଟିରେ ଭରିକରି ବାନ୍ଧି ଦେଲା ଅନ୍ୟଜଣେ ଟେକି ଧରିଲା । ନନ୍ଦିନୀ ଗୋଡ଼ହାତ ହଲାଉଥିଲେ । ବାହାରେ ମୋଟର ସାଇକେଲ ଷ୍ଟାର୍ଟିଂ ଶବ୍ଦ ।)

(କିଛି ସମୟ ପରେ ମାନବେନ୍ଦ୍ର ପ୍ରବେଶ କଲେ ।)

ମାନବେନ୍ଦ୍ର - ଆଶ୍ଚର୍ଯ୍ୟ । ମୁଁ କବାଟ କିଳି ରହିବାକୁ କହିଥିଲି । ନନ୍ଦିନୀ ଗଲେ କୁଆଡ଼େ ? ନନ୍ଦିନୀ କୁଆଡ଼େ ଗଲ । କବାଟ ମେଲା କରିଛ କାହିଁକି ? ମୁଁ ଆସିବାରେ ୫ ମିନିଟ ଡେରି ହେଲା । ଆସନା । ତୁମକୁ ଛାଡ଼ି ମୁଁ ଆଉ କେବେ, କୁଆଡ଼େ ଯିବି ନାହିଁ । (ଡ଼ାକିଲେ ନନ୍ଦିନୀ, ନନ୍ଦିନୀ । ଏପଟ, ସେପଟ ଖୋଜିଲେ, ଆସି ବସିପଡ଼ିଲେ ।) ନନ୍ଦିନୀ, ସତରେ କ'ଣ ତୁମେ ମୋତେ ଛାଡ଼ି ଚାଲିଗଲ ? କୁଆଡ଼େ

Digitized by srujanika@gmail.com

ମୁଁ ତୁମକୁ ଖୋଜିବି ନନ୍ଦିନୀ । ତୁମକୁ କେହି ନେଇ ପାରିବ ନାହିଁ ।
(ଟେଲିଫୋନ ରିଂଗ କଲେ ।)
ହାଲୋ, ଏସ୍.ପି. ସାର୍ । ମୋ ସ୍ତ୍ରୀକୁ ଏମ୍.ଏଲ୍.ଏ ଗ୍ୟାଙ୍ଗ ଅପହରଣ କରି ନେଇଛି । ସେମାନଙ୍କ ଛଡ଼ା ଅନ୍ୟକିଏ ହୋଇ ନ ପାରନ୍ତି ସାର୍ । ହଁ ସାର୍, ଚାରିଆଡ଼େ ଓୟାର୍‌ଲେସ୍ ପଠାଇ ଦିଅନ୍ତୁ । ବାହାରକୁ ଯିବା ରାସ୍ତା ସବୁ ସିଲ୍ କରିଦିଅନ୍ତୁ । ମୁଁ ଦୁର୍ବଳ ହୋଇ ପଡ଼ିଛି ସାର୍ । ରହିଲି । ନମସ୍କାର ।
(କିଛି ସମୟ ପରେ ନନ୍ଦିନୀ ଯେଉଁ ଭଜନ ଗାଉଥିଲେ, ସେଥିରୁ ପଦେ ଭାସି ଆସିଲା ।)
ନନ୍ଦିନୀ, ତୁମେ ଗାଉଛ । ତୁମେ କେଉଁଠି ଅଛ ?

ନନ୍ଦିନୀର କଣ୍ଠସ୍ୱର - ମୁଁ ଯଦି ମରିଯାଏ, ମୋ ପିଲାମାନେ କ'ଣ କରିବେ ?

ମାନବେନ୍ଦ୍ର - ନା, ନନ୍ଦିନୀ, ତୁମେ ବଞ୍ଚିବ । ତୁମ ପିଲାମାନଙ୍କ ପାଇଁ ତୁମେ ବଞ୍ଚିବ । (କାନ୍ଦିଲେ)
(ଏଇ ସମୟରେ ହରିବାବୁ ସବ୍‌ଇନ୍ସପେକ୍ଟର ପ୍ରବେଶ କଲେ ।)

ହରିବାବୁ - ସାର୍, ଆପଣ କାନ୍ଦୁଛନ୍ତି । ଆପଣଙ୍କ ଆଖିରେ ଲୁହ । ଆପଣଙ୍କର କଣ ହୋଇଛି ସାର୍ ?

ମାନବେନ୍ଦ୍ର - ହରିବାବୁ, ମୁଁ କ'ଣ କରିବି ? ରକ୍ତ, ମାଂସର ଶରୀର ମୋର । କେତେ ବା ଧୈର୍ଯ୍ୟ ଧରିପାରିବି ତମେ କୁହ ।

ହରିବାବୁ - ମା'ଙ୍କର କିଛି ହବନି ସାର୍ । ଅନ୍ୟ ପାଇଁ ଯାହାର ହୃଦୟ କାନ୍ଦିଉଠେ, ତା'ର କିଛି ହବନାହିଁ । ଏ ବିଶ୍ୱାସ ମୋର ଅଛି । ପ୍ରଭୁ ତାଙ୍କୁ ନିଶ୍ଚୟ ରକ୍ଷା କରିବେ ।

ମାନବେନ୍ଦ୍ର - ସେଇ ବିଶ୍ୱାସ ମୋର ଅଛି ହରିବାବୁ । ତାଙ୍କୁଇ ଭରସା କରି ମୁଁ ବଞ୍ଚି ରହିଛି । ହରିବାବୁ, ଯେ ସତ୍‌କର୍ମ କରେ ଭଗବାନ କ'ଣ ତାକୁ ଏଇ ପୁରସ୍କାର ଦିଅନ୍ତି । କୁହନ୍ତୁ ହରିବାବୁ, ମୁଁ ସାରାଜୀବନ ମୋର କର୍ତ୍ତବ୍ୟରେ ଅବହେଳା କରିନାହିଁ । କେତେ ଲୋକଙ୍କର, ଧନ, ଜୀବନ ମୁଁ ରକ୍ଷା କରିଛି, ତାର ହିସାବ ନାହିଁ । ସେଥିପାଇଁ ପଇସାଟିଏ ତ ମୁଁ କାହାପାଖରୁ ନେଇ ନାହିଁ । ତାର ପୁରସ୍କାର କ'ଣ ଏଇଆ ? କୁହ ହରିବାବୁ, ମୁଁ କ'ଣ କରିବି ?

Digitized by srujanika@gmail.com

(ଏଇ ସମୟରେ ପ୍ରଚ୍ଛଦପଟରୁ ଶୁଭିଲା ସ୍ଲୋଗାନ ନନ୍ଦିନୀଦେବୀ ଅପହରଣକାରୀଙ୍କୁ ତୁରନ୍ତ ଗିରଫ କର । ଗିରଫ କର । ଆମର ନେତ୍ରୀ ନନ୍ଦିନୀ ଦେବୀ ଜିନ୍ଦାବାଦ, ଜିନ୍ଦାବାଦ ।)

(ହରିବାବୁ ବାହାରକୁ ଯାଇ ପୁଣି ଭିତରକୁ ଫେରିଆସିଲେ ।)

ହରିବାବୁ – ସାର୍, ନନ୍ଦିନୀମା'ଙ୍କ ଅପହରଣ ଖବର ଦାବାଗ୍ନି ପରି ସାରା ସହରରେ ବ୍ୟାପିଗଲାଣି । ଲୋକେ ଆପଣଙ୍କୁ ସହାନୁଭୂତି ଜଣାଇବା ପାଇଁ, ଘରଆଡ଼କୁ ମାଡ଼ି ଆସୁଛନ୍ତି । କ'ଣ କରିବି ସାର୍ ?

ମାନବେନ୍ଦ୍ର – ହରିବାବୁ କହିଦିଅନ୍ତୁ । ମୁଁ ଅସୁସ୍ଥ । ଉଠିବାକୁ ମୋର ବଳ ନାହିଁ । ସକାଳେ ସମସ୍ତଙ୍କ ସହିତ ସାକ୍ଷାତ କରିବି । ଅପହରଣକାରୀଙ୍କୁ ୪୮ଘଣ୍ଟା ମଧ୍ୟରେ ଗିରଫ କରାଯିବ, ଏସ୍.ପି. ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି । ଆପଣ ମାନେ ଫେରିଯାନ୍ତୁ ।

(ମାଇକ୍ରୋଫୋନରେ ହରିବାବୁ ବାହାରକୁ ଯାଇ ଏହିକଥା ଜଣାଇଦେଲେ ।)

ଜନତା – ଆସରେ ଚାଲିଯିବା । ସକାଳେ ଦେଖା କରିବା ।

ମାନବେନ୍ଦ୍ର – ହରିବାବୁ, ସେମାନେ ଯଦି ନନ୍ଦିନୀଙ୍କୁ ଜୀବନରେ ମାରିଦେବେ ?

ହରିବାବୁ – ତାଙ୍କର କିଛି ହବନି ସାର୍ । ଶରଣପଞ୍ଜର ତାଙ୍କୁ ନିଶ୍ଚୟ ଶରଣ ଦେବେ ।

(ଏଇ ସମୟରେ ପ୍ରବେଶ କଲେ ସତ୍ୟବାଦୀ ଓ ସ୍ୱାଧୀନତା ସଂଗ୍ରାମୀ ।)

ସ୍ୱା.ସଂ. – ଶ୍ରୀରାମ, ଜୟରାମ, ଜୟଜୟରାମ । ବାପା ମାନବେନ୍ଦ୍ର ଧୈର୍ଯ୍ୟହରା ହୁଅ ନାହିଁ । ମୋ ମା'ର କିଛି ହବନାହିଁ । ସେ ହସି, ହସି ମୋ କୋଳକୁ ଫେରି ଆସିବ ।

ମାନବେନ୍ଦ୍ର – ସବୁ ମୋର ଭୁଲ ବାବା । ମୁଁ ଆପଣଙ୍କ କଥା ଶୁଣିଲି ନାହିଁ । କି ତାଙ୍କ ଅନୁରୋଧ ରକ୍ଷା କଲି ନାହିଁ ।

ସତ୍ୟବାଦୀ – ଆପଣ କ'ଣ ମୋ କଥା ଶୁଣିଲେ । ଓଲଟି ମୋତେ ଉପଦେଶ ଦେଲେ, ଭଉଣୀକୁ ଭୟଭୀତ କରାନ୍ତୁ ନାହିଁ । ସେଥିପାଇଁ ମୁଁ ନୀରବ ହୋଇଗଲି ।

ସ୍ୱା.ସଂ. – ଅତୀତକୁ ଭାବି କିଛି ଲାଭ ନାହିଁ ବାପା । ଭବିଷ୍ୟତ କଥା ଚିନ୍ତା କର । ଭାଗ୍ୟ ଫଳତି ସର୍ବତ୍ରଂ, ନ ବିଦ୍ୟା ନ ଚ ପୌରୁଷଂ ।

Digitized by srujanika@gmail.com

ମାନବେନ୍ଦ୍ର - ଯେଉଁଠି ପୋଲିସ ଘର ଅସୁରକ୍ଷିତ । ସେଣ୍ଟି, ଯେଉଁଠି କର୍ତ୍ତବ୍ୟରେ ଖିଲାପ କରେ । ସେଠାରେ ସାଧାରଣ ଜନଜୀବନ କେତେ ଯେ ଅସୁରକ୍ଷିତ, ତାହା କିଏ ହେଲେ କ'ଣ ଚିନ୍ତା କରୁଛନ୍ତି । ଆଜି ପ୍ରଭୁ ପରମେଶ୍ୱରଙ୍କର ମୋ ପ୍ରତି କଠୋର ପରୀକ୍ଷା । ସେ ମୋତେ ପରୀକ୍ଷା କରୁଛନ୍ତି । ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ । ଏ ପରୀକ୍ଷାରେ ମୁଁ ଜୟଯୁକ୍ତ ହୁଏ ।

ସ୍ୱା.ସଂ. - କିଛି ଚିନ୍ତା କରନ୍ତୁ ନାହିଁ ବାପା । ମୁଁ ଆପଣଙ୍କ ପାଖରେ ବର୍ତ୍ତମାନଠାରୁ ରହିବି ।

ମାନବେନ୍ଦ୍ର - ଆପଣ ଆସନ୍ତୁ । ଆପଣ ଯାଇ ବିଶ୍ରାମ କରନ୍ତୁ । ମୋର ବିଶ୍ୱାସ ନନ୍ଦିନୀ ନିଶ୍ଚୟ ଫେରିଆସିବେ । ନନ୍ଦିନୀ ଜୀବନରେ ବଞ୍ଚିଥାନ୍ତୁ, ଏତିକି ପ୍ରଭୁଙ୍କୁ ପ୍ରାର୍ଥନା କରନ୍ତୁ ।

(ପ୍ରଚ୍ଛଦପଟରୁ ଶୁଭୁଥିଲା - ଉପେନ୍ଦ୍ରଭଞ୍ଜଙ୍କର - ଆହା ମୋ ଜୀବନି ଧନୀ ଜୀବନେ କି ଥିବରେ - ଇତ୍ୟାଦି)

- ଅନ୍ଧାର -

- ଏକାଦଶ ଦୃଶ୍ୟ -

(ରାସ୍ତା । ରାମ ଓ ଦାମ ହୁଇସିଲ ମାରି ଷ୍ଟେଜ ଉପରେ ଦଉଡୁଥିଲେ ।)

ରାମ - (ବାହାରେ ହୁଇସିଲ ମାରି) ରୋକୋ, ଗାଡ଼ି ରୋକୋ । (ପାଟି କରିଛି ।) ଦାମ ଭାଇ, ଦାମ ଭାଇ ।

(ଭିତରକୁ ଆସି) ଦାମଭାଇ ଏ ଟ୍ରକ ଡ୍ରାଇଭର ମୋ ହୁଇସିଲକୁ ମାନୁନାହାନ୍ତି । ପୋଲିସକୁ ଯଦି ଏମାନେ ମାନୁନାହାନ୍ତି, ଆଉ କାହାକୁ ମାନିବେ, ତା'ତ ମୁଁ ଜାଣିପାରୁନାହିଁ ।

ଦାମ - ତୋ ହୁଇସିଲକୁ କାହିଁକି ମାନୁନାହାନ୍ତି, ତା' ତୁ କ'ଣ ଜାଣିନୁ ?

ରାମ - ଦେଖେ, ମୁଁ କିମିତି ଜାଣିବି କହିଲୁ ?

ଦାମ - ଅନ୍ୟଦିନମାନଙ୍କରେ ଗାଡ଼ି ଅଟକାଇ, ଦଶ ଟଙ୍କାଟେ ମାଗିବା, ତୋର ଅଭ୍ୟାସ । ସେମାନେ ଜାଣନ୍ତି, ଏ ଦଶଟଙ୍କାଟେ ମାଗିବ, ସେମାନେ ତୋ କଥା ଶୁଣିବେ କାହିଁକି ? ଏଥର ଭଲ ଭାବରେ ବୁଝି ପାରିଲୁ ?

Digitized by srujanika@gmail.com

ରାମ – ତୁ' ତ ସବୁବେଳେ ମୋତେ ଦୋଷ ଦବୁ ।

ଦାମ – କ'ଣ ମୁଁ ମିଛ କହିଲି । ପୂଜା, ପାର୍ବଣ ଦିନମାନଙ୍କରେ ନାସନାଲ ହାଇୱେକୁ ଯାଇ, ତୁ ଏ ଧନ୍ଦା କରୁ ନା ନାହିଁ କହିଲୁ । ଏକଥାତ ସମସ୍ତେ ଜାଣିଲେ । ଇନ୍ସପେକ୍ଟର ବାବୁ ତୋ ନାଁ ଶୁଣିଲେ ଖପ୍ପା ।

ରାମ – କ'ଣ କରିବି ଭାଇ, ବହୁ କୁଟୁମ୍ବୀ, ମହାପାପୀ । ଏ ଦରମାରେ କ'ଣ ୮ ପ୍ରାଣୀ କୁଟୁମ୍ବ ବଞ୍ଚି ପାରିବେ । ତୋର ସିନା ଗୋଟିଏ ପୁଅ । ମୋର ପରା ଗୋଟାଏ ଫୁଟ୍‌ବଲ୍ ଟିମ୍ ।

ଦାମ – ସେଥିପାଇଁ କ'ଣ, ଆମେ ଆମର ମାନ, ସମ୍ମାନ ହରାଇବା । ପୋଲିସ୍ ଡ଼ିପାର୍ଟମେଣ୍ଟର ବଦନାମ କରିବା ।

ରାମ – ଭାଇ, ଏବେ ଚାରିଟି ଝିଅଙ୍କୁ ବିଦାୟ କଲି । ଆଉ ରହିଲା ସବା ସାନ ଝିଅଟି । ଏମ୍.ଏ ପଢ଼ୁଉଛି । ତା'ପାଇଁ ମୋର ଚିନ୍ତା ।

ଦାମ – ସବୁ ହବ, ଯେମିତି ୪ଟି ଗଲେ, ଏଇଟି ମଧ୍ୟ ସେମିତି ଚାଲିଯିବ । ବଡ଼ ଘରେ ସବୁ ବଂଧୁ ବାନ୍ଧବୁ । ସେମାନଙ୍କୁ କ'ଣ କନେଷ୍ଟବଲ୍ ବୋଲି କହୁଥିବୁ । ପୋଲିସ ଅଫିସର୍ ବୋଲି କହୁଥିବୁ ନା... ।

ରାମ – ପ୍ରତ୍ୟେକ ପୋଲିସ ଲୋକ ଜଣେ, ଜଣେ ଅଫିସର । ତା'ହାତରେ ଯେତେବେଳେ ଅଖଣ୍ଡ କ୍ଷମତା ଦେଇଛନ୍ତି, ସେ ଅଫିସର ବୋଲି କାହିଁକି ନ କହିବ ?

ଦାମ – (ଦୂରକୁ ଦେଖି) ଏଇଟା ଭୀମସାହୁ ପରି ଜଣାପଡୁଛି । ଆରେ, ଆମକୁ ଦେଖି କ'ଣ ଦୌଡ଼ିଲା ।

ରାମ – ଥା, ମୁଁ ଯାଇ ତାକୁନେଇ ଆସିବି ।

ଦାମ – ମୋତେ ସନ୍ଦେହ ହେଉଛି । ମା'ଙ୍କ ବିଷୟରେ ଏ ନିଶ୍ଚୟ ଜାଣିଛି । ମୁଁ ଯାଏଁ ।

ରାମ – (ବାହାରୁ) ଭୀମବାବୁ, ଭୀମବାବୁ କୁଆଡ଼େ ଦୌଡୁଛ ? ଶୁଣ, ଶୁଣ, ଭଲ ଖବରଟିଏ ତୁମକୁ କହିବି ।

ଭୀମ – ମୋର ବହୁତ କାମ । (ରାମ ହାତଧରି ପକାଇ ଟାଣି ଟାଣି ମଞ୍ଚକୁ ଆଣିଛି ।)

ରାମ – ହଇଓ ଚୋରଙ୍କ ପରି, ପୋଲିସ୍‌କୁ ଦେଖି କ'ଣ ଦୌଡୁଛ ? ମୁଁ ଯାହା ଦେଖୁଛି, ଯମଝାଳ କ'ଣ ବୋହି ପଡ଼ିଲାଣି ।

ଦାମ – ନାଇଁ, ତୁମେ ଆଗ ଥାନାକୁ ଚାଲ ।

Digitized by srujanika@gmail.com

ଭୀମ — ତୁମପାଇଁ ମୁଁ କ'ଣ ନ କରିଛି । ମୋତେ ତୁମେ ଥାନାକୁ ନେବ ? ମୋତେ କ'ଣ ଚୋର କରି ପାଇଲ ? ଭଲ କଥା ହେଉଛି । ତୁମେ ଯାଣ, ମୁଁ ଏମ୍.ଏଲ୍.ଏ ଲୋକ ।

ଦାମ — ସେଇଥିପାଇଁ ତୁମକୁ ଥାନାକୁ ନେବୁ । ଏମ୍.ଏଲ୍.ଏ ଇନ୍ସପେକ୍ଟର ବାବୁଙ୍କର ମା'ଙ୍କୁ ଅପହରଣ କରି ନେଇଛି । ତୁମେ ତା' ଗ୍ୟାଙ୍ଗର ଲୋକ । ମା' ବିଷୟରେ ନିଶ୍ଚୟ ଜାଣିଥିବ । ତୁମେ ଜାଣିଛ କି ନ ଜାଣିଛ, ହରିବାବୁ ସବଇନ୍ସପେକ୍ଟର ବାବୁକୁ କହିଦିଅ । ତୁମ ଘରକୁ ସୁନାପୁଅ ପରି ତୁମେ ଚାଲିଯାଅ ।

ରାମ — ତୁମେ ତ ଜାଣ, ଇନ୍ସପେକ୍ଟରଙ୍କ ସ୍ତ୍ରୀଙ୍କୁ କିଏ ଅପହରଣ କରି ନେଇଯାଇଛି ।

ଭୀମ — ମୁଁ ଠାକୁରଙ୍କ ରାଣ ପକାଇ କହୁଛି, ମୁଁ କିଛି ଜାଣିନି । ୮ଦିନ ହେଲା ଜ୍ୱରରେ ଶୋଇଥିଲି । ଆଜି ଘରୁ ବାହାରିଛି । ତୁମେ ମୋତେ ନାକେଦମ କରି ସାରିଲଣି । ଭାଇମାନେ, ତୁମ ପାଖରେ କ'ଣ ଦୟାମାୟ ନାହିଁ ।

ଦାମ — ତୁମେ ଯାହା କହ, ତୁମକୁ ମୁଁ ଛାଡ଼ିବିନି । ତୁମକୁ ଛାଡ଼ିଦେଲେ ମୋ ଚାକିରୀ ଚାଲିଯିବ ।

ଭୀମ — ଅତୀତ ଦିନ ସବୁ ଭୁଲିଗଲ । ରାମ କନେଷ୍ଟବଲ, ଝିଅ ବାହାଘରକୁ ମୋଠାରୁ କୋଡ଼ିଏ ହଜାର ନେଇଥିଲୁ ।

ଦାମ — ମୋତେ କେତେ ଦେଇଥିଲୁ ?

ଭୀମ — (ନୋଟ ବଣ୍ଡଲଟେ ଦାମ ହାତରେ ଧରାଇଦେଇ ଦୌଡ଼ି ପଳାଇଲା ।)

ଦାମ — ପଳେଇଲା, ପଳେଇଲା ।

ରାମ — କୁଆଡ଼େ ଯିବ, ଚାଲ ସାନବାବୁଙ୍କୁ କହିବା ଆଉ ଭାଇ ଏ ଟଙ୍କା ।

ଦାମ — ମୋର ଦରକାର ନାହିଁ ।

ରାମ — ତୁ ମୋର ସାନଭାଇ ପରା । ଭାଇର ସବୁବେଳେ ଭାଗ । ତୋର ଅଧକୁ ମୋର ଅଧେ । (ହସୁଥିଲା)

— ଅନ୍ଧାର —

Digitized by srujanika@gmail.com

- ଦ୍ୱାଦଶ ଦୃଶ୍ୟ -

(ଜଙ୍ଗଲ ଭିତରେ ଗୋଟାଏ ଘର । ଖାଦ୍ୟ, ଦ୍ରବ୍ୟ ଥୁଆ ହୋଇଥାଏ । ନନ୍ଦିନୀ କାନ୍ଦୁଥାନ୍ତି । ବାବୁନି ଠିଆହୋଇଥାଏ ।)

ନନ୍ଦିନୀ – (କାନ୍ଦୁଥିଲେ)

ବାବୁନି – କେତେଦିନ ଏମିତି କାନ୍ଦୁଥିବ । ନଖାଇ, ନପିଇ ଏମିତି କାନ୍ଦିଲେ, ତୁମ ଲୁହ ପୋଛିଦେବାକୁ ଏଠାରେ କିଏ ଅଛି ?

ନନ୍ଦିନୀ – ଖାଇବି, କ'ଣ ଖାଇବି ? ସ୍ୱାମୀ ମୋର ମୋତେ ନ ଦେଖି ନଖାଇ, ନପିଇ ପଡ଼ି ରହିଥିବେ । ମୋର ପିଲାମାନେ ମୋର ଖବରଶୁଣି ପାଗଳ ହୋଇଯିବେଣି । ମୁଁ କ'ଣ ଖାଇବି, ତୁ କହ ପୁଅ । ପୁଅ, ତୁ କହୁଥିଲୁ, ସେମାନେ ମୋତେ ଜୀବନରେ ମାରିଦେବେ । କାହିଁ, କେହି ତ ମୋତେ ମାରୁନି । ମାରିଦେଲେ, ଏ ଯନ୍ତ୍ରଣାରୁ ମୁକ୍ତି ପାଇଯାନ୍ତି । ମୋତେ ଶୀଘ୍ର ମାରିଦେ, ପୁଅ । ତୋର ବଡ଼ ପୁଣ୍ୟ ହେବ ।

ବାବୁନି – ପୁଅ, ତୁମେ ମୋତେ ପୁଅ ବୋଲି ଡ଼ାକୁଛ । ମୁଁ ତୁମର କିମିତି ପୁଅ ହେବି ?

ନନ୍ଦିନୀ – ତୋଭଳି ପୁଅଟିଏ ମୋର, ବାଙ୍ଗାଲୋରରେ ରହି ପାଠ ପଢୁଛି । ମୁଁ ନ ଖାଇଲେ, ସେ ମୋତେ ଖାଇବାକୁ ବାଧ କରେ । ଆଉ ମୋର ଏଠାରେ ଗୋଟିଏ ପୁଅ ଅଛି, ଯେ ମୋର ଦେଖଭାଳ କରୁଛି । ମୁଁ ନ ଖାଇଲେ, ମୋତେ ଖାଇବାକୁ ବାଧ କରୁଛି ।

ବାବୁନି – ମୁଁ କ'ଣ ତୁମର ପୁଅ ହୋଇପାରିବି । ତୁମେ ପରା ହିନ୍ଦୁ । ମୁଁ ମୁସଲମାନ । ମୋ ନାଁ ସେକ୍ ବାବୁନି ।

ନନ୍ଦିନୀ – ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ସମସ୍ତେ ମଣିଷ । ମୁଁ ମଣିଷ ତୁ ମଣିଷ । ତୋ ଦେହରେ ମୁସଲମାନ ବୋଲି ଲେଖାଯାଇନାହିଁ, କି ମୋ ଦେହରେ କେଉଁଠି ହିନ୍ଦୁ ବୋଲି ଲେଖାଯାଇନାହିଁ । ପ୍ରଥମେ ଆମେ ମଣିଷ । ମଣିଷ, ମଣିଷକୁ ସ୍ନେହ କରେ । ତୁ ଯେପରି ମୋତେ କରୁଛୁ । ମୁଁ ଯେପରି ତୋତେ କରୁଛି । ଆ ପୁଅ, ମୋ କୋଳକୁ ଆ । ତୁ ତ ଖାଇନଥିବୁ । ଆ ମୁଁ ତୋତେ ଖୁଆଇଦେବି ।

Digitized by srujanika@gmail.com

ବାବୁନି -(ଭାବପ୍ରବଣ ହୋଇ) ମା' । ତୁମେ ସତରେ ମୋତେ ଖୁଆଇଦେବ । ତୁମ ହାତରୁ ଖାଇ, ମୁଁ ଆଜି ଧନ୍ୟ ହେବି । ତୁମପରି ମୋର ମା'ଟିଏ ଥିଲା । ପିଲାଦିନେ ଗୀତ ଗାଇ, ଗାଇ ମୋତେ ଖୁଆଇ ଦେଉଥିଲା ।

ନନ୍ଦିନୀ -ଖାଇବାକୁ କ'ଣ ଆଣିଛୁ ?

ବାବୁନି -ସବୁ ଆଣିଛି । ମୁଁ ଖାଇଲେ ତୁମେ ଖାଇବ ନା ମା ?

ନନ୍ଦିନୀ -ଆ ପୁଅ, ତୋତେ ଆଗ ମୁଁ ଖୁଆଇ ଦେବି । (ନନ୍ଦିନୀ, ବାବୁନିକୁ ଖୁଆଇ ଦେଉଥିଲେ । ମୁଣ୍ଡ ଆଉଁସି ଦେଉଥିଲେ ।)

ବାବୁନି -ଖୁବ୍ ଭଲ ଲାଗୁଛି ମା । କି ଆନନ୍ଦ । ଆଜି ମୁଁ ମୋର ମା'କୁ ଫେରି ପାଇଛି । ମା' ମୋତେ ସବୁଦିନ ଖୁଆଇ ଦବ ତ ?

ନନ୍ଦିନୀ -କାହିଁକି ଦେବିନି ପୁଅ । ମୁଁ ବଞ୍ଚିଥିବା ଯାଏଁ, ତୋତେ ଖୁଆଇଦେବି । ତୁ ପରା ଆଜିଠାରୁ ମୋର ଗୋଟିଏ ପୁଅ ।

ବାବୁନି -ମା' ମୁସଲମାନ ବୋଲି, ତୁମେ ମୋତେ ଘରୁ ଘଉଡ଼ାଇ ଦେବ ନାହିଁ ତ ?

ନନ୍ଦିନୀ -ଆରେ ପାଗଳା । ମୁସଲମାନଙ୍କର ଆଲ୍ଲା, ହିନ୍ଦୁଙ୍କର ଈଶ୍ୱର, ଆଉ ଖ୍ରୀଷ୍ଟିଆନ୍‌ମାନଙ୍କର ଗଡ୍, ସବୁ ଏକ । କେହି ଭିନ୍ନ ନୁହନ୍ତି । ସମସ୍ତେ ଅଭିନ୍ନ । ଏକ ପରଂବ୍ରହ୍ମ ସେ ନିରାକାର ।

ବାବୁନି -ମା' ଆଜି ସେ ଆସିବ ।

ନନ୍ଦିନୀ -କିଏ ଆସିବ ପୁଅ ?

ବାବୁନି -ତୁମକୁ ଜୀବନରେ ମାରି ଦେବାପାଇଁ, ସେ ଆସିବ ।

ନନ୍ଦିନୀ -ବାପା, ସେଥିପାଇଁ ତୁ କାହିଁକି ଚିନ୍ତା କରୁଛୁ ।

ବାବୁନି -ମା' ମୁଁ ଚିନ୍ତା କରିବିନି । ବହୁଦିନ ପରେ ମା'କୁ ମୋର ପାଇଛି । ମୋ ମା'କୁ ସେ ମାରିଦେବ ?

ନନ୍ଦିନୀ -ମୁଁ ଥାଉ ଥାଉ, ମୋର ମା'କୁ ସେ ମାରିଦେବ ?
(ପ୍ରବେଶ କରିଛି ଭୀମ ସାହୁ)

ଭୀମ -(ଖୁବ୍ ଜୋର୍‌ରେ ହସିଛି ।) କ'ଣ ଖିଆ, ପିଆ ଚାଲିଛି । ବେଶ୍ ମଉଜ କରୁଛ ମ୍ୟାଡ଼ାମ କର । ଯେତେ ପାରୁଛ ସେତେ କର । କିଂତୁ ଏ ମଉଜ, କ୍ଷଣକାଳ ପାଇଁ । ନାରୀନେତ୍ରୀ ନନ୍ଦିନୀ ଦେବୀ,

Digitized by srujanika@gmail.com

ଏ ଘୋର ଜଙ୍ଗଲ ଭିତରେ, ଗୋଟିଏ ବୁଢ଼ କୋଠରୀ ଭିତରେ ଦିନ କାଟୁଛନ୍ତି । ଜିନ୍ଦାବାଦ କରିବାକୁ କେହି ଜଣେ ନାହିଁ । ଆଜି ଦୁର୍ଦ୍ଦାନ୍ତ ପୋଲିସ ଅଫିସରଙ୍କର ଧର୍ମପତ୍ନୀ ନନ୍ଦିନୀଦେବୀ ବନ୍ଦିନୀ । କାହାଦ୍ୱାରା ବନ୍ଦିନୀ, ତାହା ଜାଣି ପାରୁଛ ? ମୋତେ ଚିହ୍ନି ପାରୁଛ ମ୍ୟାଡ଼ାମ । (ସମସ୍ତେ ଉଠି ଠିଆ ହେଲେ ।)

ନନ୍ଦିନୀ - କ'ଣ ତୁମେ ଚାହଁ ? ତୁମେ ଆସିବ ବୋଲି ମୁଁ ଜାଣିଥିଲି । ତୁମର ଉଦ୍ଦେଶ୍ୟ କ'ଣ, ମୋତେ ଖୋଲି କହ ଭୀମସାହୁ ?

ଭୀମ - ବାପ ବାବୁନି, ମୋର ଉଦ୍ଦେଶ୍ୟ କ'ଣ ଭଲ କରି ବୁଝାଇ ଦେ ବାପ । ସେଦିନ କଥା ତୁମର ମନେ ଅଛି ମ୍ୟାଡ଼ାମ । ମୋର ଗାଲରେ ଚୂନ, କଳା ବୋଳି, ତୁମେ ଯେଉଁଦିନ ମୋତେ ରାସ୍ତାରେ ଚଲାଇ ଚଲାଇ ନେଉଥିଲ । ତୁମେ ଖୁବ୍ ହସୁଥିଲ । ଆଜି ମୁଁ ଯେମିତି ହସୁଛି । କିଂତୁ ସେଦିନ ମୁଁ କାନ୍ଦୁଥିଲି । ତାକୁ ତୁମେ ବେଶ୍ ଉପଭୋଗ କରୁଥିଲ । ଆଜି ଯେପରି ତୁମେ, ତୁମର ସ୍ୱାମୀ, ତୁମର ପିଲାମାନେ କାନ୍ଦୁଛନ୍ତି । ମୁଁ ବେଶ୍ ମନଖୋଲି ଉପଭୋଗ କରୁଅଛି ।

ନନ୍ଦିନୀ - ସେଥିପାଇଁ ତୁମେ ପ୍ରତିହିଂସା ପରାୟଣ ହୋଇ ଉଠିଛ ।

ଭୀମ - ହବା କଥା, ଏଥିରେ ନୂତନତ୍ୱ ରହିଲା କେଉଁଠି ?

ନନ୍ଦିନୀ - ଏବେ ତୁମେ କ'ଣ ଚାହଁ ? ମୋତେ ହତ୍ୟା କରିବ । କର, ଆଉ ଡେ଼ରି କରୁଛ କାହିଁକି ?

ଭୀମ - ଖାଲି ହତ୍ୟା ନୁହେଁ, ଆହୁରି କିଛି ଏ ଘରେ କେହି ନାହାନ୍ତି । ବାବୁନି, ତୁ ଚାଲିଯା । ସକାଳେ ଆସିବୁ । ସମୟ ରାତ୍ରୀ । ଜଣେ ନାରୀନେତ୍ର, ମୋର ଅଙ୍ଗଶାୟିନୀ ହେବେ । ଏହି ରାତ୍ରୀ ସମସ୍ତ ପାପ, କର୍ମ୍ମ କରିବା ପାଇଁ ଉଦ୍ଦିଷ୍ଟ । ଜଣେ ପୁରୁଷ ପାଖରେ ନାରୀ । ବାବୁନି, ଠିଆ ହୋଇ ରହିଲୁ କାହିଁକି, ଚାଲିଯା । ମ୍ୟାଡ଼ାମ, ମୋର ଉଦ୍ଦେଶ୍ୟ ତୁମେ ନିଶ୍ଚୟ ବୁଝିପାରୁଥିବ । ସମଝଦାରୋକୋ ଇସାରା ହି କାଫି ହୈ । ମ୍ୟାଡ଼ାମ୍ ମୋର ଉଦ୍ଦେଶ୍ୟ ନିଶ୍ଚୟ ବୁଝି ପାରୁଥିବ ?

ନନ୍ଦିନୀ - ତୁମର ଉଦ୍ଦେଶ୍ୟ ଚରିତାର୍ଥ ହେବାକୁ ମୁଁ ଦେବି ନାହିଁ ସଇତାନ । ତୁ କ'ଣ ଭାବୁଛୁ, ତୁ ମୋ ଅଂଗ ସ୍ପର୍ଶ କରି ପାରିବୁ ?

Digitized by srujanika@gmail.com

ଭୀମ – ହାରାମଜାଦୀ କ'ଣ କହିଲୁ ତୋର ଅଂଗ ମୁଁ ସ୍ପର୍ଶ କରି ପାରିବି ନାହିଁ । ତୋର ଇନ୍ସପେକ୍ଟର ସ୍ୱାମୀ । ତୋର ବାନ୍ଧବୀମାନେ କୁଆଡ଼େ ଗଲେ ? ତୋତେ କିଏ ରକ୍ଷା କରିବ ମୁଁ ଦେଖିବି ।

ନନ୍ଦିନୀ – ଅସହାୟା, ଦୁର୍ବଳା, ଅବଳାକୁ କିଏ ରକ୍ଷା କରେ ତା' କ'ଣତୁ ଜାଣିନାହୁଁ । ପ୍ରଭୁଙ୍କ ହାତରୁ ସୁଦର୍ଶନ ଚକ୍ର ତ ହଜି ଯାଇନାହିଁ । ମା' ଦୁର୍ଗାଙ୍କ ହସ୍ତରୁ ତ୍ରିଶୂଳ ତ ପାପୀକୁ ବଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇ ରହିଛି । ପ୍ରଭୁ ତ ବଧିର ହୋଇ ନାହାନ୍ତି । ଚକାଡ଼ୋଳା, ଚକ୍ଷୁ ବିସ୍ତାରିତ କରି ସବୁ ତ ଦେଖି ପାରୁଛନ୍ତି । ମୋର ଭୟ କ'ଣ ଅଛି । ସେ ମୋତେ ରକ୍ଷା କରିବେ । କିନ୍ତୁ ତୋତେ ନୁହେଁ । ତୁ ପାପୀ । ପାପର ଘଡ଼ା ତୋର ପୁରି ଆସିଲାଣି ତୋର ପାପର ଉପଯୁକ୍ତ ଦଣ୍ଡ ତୁ ନିଶ୍ଚୟ ପାଇବୁ ।

ଭୀମ – ଆରେ ଶାଳା, ନିମକ୍‌ହରାମ, ଶଇତାନକା ବଚ୍ଚା ବାବୁନି, ତୁ ଏଠାରେ କ'ଣ କରୁଛୁ । ମୁଁ ତାକୁ ଧର୍ଷଣ କରିବି, ତା'ପରେ ହତ୍ୟା କରିବି ।

ବାବୁନି – ବଦମାସ୍, ତୋର ସାହାସ ତ କିଛି କମ ନୁହେଁ । ତୁ କିଛି କରିପାରିବୁ ନାହିଁ ଭୀମସାହୁ । ମୁଁ କହୁଛି ଏ ସ୍ଥାନ ଛାଡ଼ି ତୁ ଚାଲିଯା । ଅସହାୟା ନାରୀର ଦେହ ତୁ ସ୍ପର୍ଶ କରିପାରିବୁ ନାହିଁ । ତା' ମୁଁ ତତେ କରାଇଦେବି ନାହିଁ ।

ନନ୍ଦିନୀ – ଆରେ ହାରାମଜାଦା । ମୋର ଖାଇ, ମୋର ନେଇ ତୋର ଏ ସାହାସ । ତୋତେ ମୁଁ ଜୀବନରେ ମାରିଦେବି
(ଭୀମ ସାହୁ ବାବୁନିକୁ ଶକ୍ତ ଚାପୁଡ଼ାଏ ମାରି ଠେଲିଦେଲା । ବାବୁନି ତଳେ ପଡ଼ିଗଲା । ତା'ପରେ ନନ୍ଦିନୀକୁ ଭିଡ଼ି ଧରିଲା । ଦୁହିଁଙ୍କ ଭିତରେ ଧସ୍ତାଧସ୍ତି ।)

ବାବୁନି – (ଚିତ୍କାରକରି) ମୁଁ କହୁଛି ମା'କୁ ଛାଡ଼ିଦେ । ନ ହେଲେ ମୁଁ ତୋତେ ଜୀବନରେ ଶେଷ କରିଦେବି ।

ଭୀମ – ମା' କିଏ ତୋର ମା ? ଯାହାକୁ ମାରିବା ପାଇଁ ତୁ ଚକ୍ରାନ୍ତ କରିଥିଲୁ । ଏବେ ସେ ତୋର ମା' ହୋଇଗଲା ? ଆରେ ହାରାମଜାଦା, ପ୍ରାଣକୁ ଭୟ ଅଛିତ, ଏ ସ୍ଥାନ ଛାଡ଼ି ଚାଲିଯା ।

Digitized by srujanika@gmail.com

ବାବୁନି - ପାପୀ, ସଇତାନ, ତୁ ଭାବିଛୁ, ମୋ ଆଗରେ, ତୁ ଜଣେ ଅସହାୟା ଔରତର ଇଜ୍ଜତ ଲୁଟିନେବୁ । ମେଁ ମୁସଲମାନ କା ବଚ୍ଚା ହୁଁ । କୋରାନ କହେ ଅସହାୟକୁ ସାହାଯ୍ୟ କର । ପାପୀକୁ ଦଣ୍ଡ ଦିଅ । ମୁଁ ତୋତେ ଦଣ୍ଡଦେବି । ମୁଁ ତତେ ଛାଡ଼ିଦେବି ନାହିଁ ।

(ଦୁହିଁଙ୍କ ଭିତରେ ଗଡ଼ାଗଡ଼ି । ବାବୁନି ଛୁରୀ କାଢ଼ି ଭୀମସାହୁ ପେଟରେ ଭୁଷି ଦେଇଛି । ଭୀମସାହୁ ଚିତ୍କାର କରି ତଳେ ପଡ଼ିଯାଇଛି ।)

ନନ୍ଦିନୀ - ପୁଅ ତୁ କ'ଣ କଲୁ ?

ବାବୁନି - ମୁଁ ଠିକ୍ କରିଛି ମା । ତୁମେ ଏଠାରୁ ଚାଲିଯାଅ । ତା'ର ଲୋକମାନେ ଚାଲି ଆସିବେ । ଯା ମା', କାହାକୁ ଅପେକ୍ଷା କରିଛ । ରାତି ଅଳ୍ପ ବାକୀ ଅଛି । ଚାଲିଯା ମା', ଚାଲିଯା ।

(ନନ୍ଦିନୀ ଧିରେ, ଧିରେ ଚାଲିଆସିଲେ । ବାବୁନି ଛୁରା ହାତରେ ଧରି ଥାନାରେ ଆତ୍ମସମର୍ପଣ କରିବାକୁ ବାହାରିଲା ।)

- ଅନ୍ଧାର -

- ଶେଷ ଦୃଶ୍ୟ -

(ମାନବେନ୍ଦ୍ରଙ୍କର ସରକାରୀ କ୍ୱାର୍ଟର । ମାନବେନ୍ଦ୍ର ବସିଥିଲେ । ପ୍ରଚ୍ଛଦ ପଟରୁ ଭାସି ଆସୁଥାଏ । କାନ୍ତକବିଙ୍କର ଭଜନ ।)

- ଭଜନ -

ସବୁଥିରୁ ବଞ୍ଚିତ କରି,
କେଉଁ ଯଶବାନା ଉଡ଼ାଇବ ହେ ।
ଯାହା ଦେଇଥିଲ, ସବୁ ତ ନେଇଣି
ଆଉ କାହାପାଇଁ ଡ଼ରାଇବ ହେ- (ଇତ୍ୟାଦି)

(ମାନବେନ୍ଦ୍ର ଆଖିରୁ ଲୁହ ପୋଛୁଥିଲେ । ଦୌଡ଼ି ଆସିଛନ୍ତି ସବ୍‌ଇନ୍ସପେକ୍ଟର ହରିବାବୁ ।)

ହରିବାବୁ - ସାର୍, ମା'ଙ୍କର ଅପହରଣକାରୀ ଭୀମସାହୁକୁ ହତ୍ୟା କରାଯାଇଅଛି । ହତ୍ୟାକାରୀ ସେକ୍ ବାବୁନି, ଛୁରା ସହିତ ଥାନାରେ ଆତ୍ମସମର୍ପଣ କରିଛି । ବାବୁନି ତୋଫାନି ଗ୍ୟାଙ୍ଗର ଜଣେ ସଭ୍ୟ ।

Digitized by srujanika@gmail.com

ମାନବେନ୍ଦ୍ର - ବାବୁନି, ଭୀମସାହୁକୁ ହତ୍ୟା କଲା କିପରି ? ସେ ତାର ନିଜ ଲୋକ ?

ହରିବାବୁ - ବାବୁନିର ବୟାନ ଅନୁସାରେ, ମାଙ୍କୁ ଜଙ୍ଗଲରେ ଥିବାଘରଟିରେ ଭୀମସାହୁ ଲୁଚାଇ ରଖିଥିଲା । ବାବୁନି ମା'ଙ୍କର ଦାୟିତ୍ୱରେ ଥିଲା । ଘଟଣାଚକ୍ରରେ ମା' ବାବୁନିକୁ ଧର୍ମପୁଅ କରି ନେଇଥିଲେ । ଭୀମସାହୁ, ମା'ଙ୍କ ଉପରେ ରେପ୍ କରିବାକୁ ଉଦ୍ୟମ କଲାବେଳେ ବାବୁନି ଭୀମସାହୁକୁ ହତ୍ୟା କଲା ।

ମାନବେନ୍ଦ୍ର - (ଯୋଡ଼ହସ୍ତରେ) ପ୍ରଭୁ, ସବୁ ଆପଣଙ୍କର ଇଚ୍ଛା ।

ହରିବାବୁ - ବାବୁନିର ବୟାନ ଅନୁସାରେ, ଏମ୍.ଏଲ୍.ଏ ହେଉଛି ଏହାର ପ୍ରକୃତ ଚକ୍ରାନ୍ତକାରୀ । ଡ଼ି.ଜି.କୁ ଏହା ଜଣାଇଦେବାରେ, ଘଣ୍ଟାକ ତଳେ ଏମ୍.ଏଲ୍.ଏକୁ ଗିରଫ କରାଯାଇଛି ।

ମାନବେନ୍ଦ୍ର - ସବୁ ଶୁଭ ଖବର ଶୁଣାଇଲ । ମୋ ନନ୍ଦିନୀ କାହିଁ । ସେ କ'ଣ ଥାନାରେ ? ତାଙ୍କୁ ସାଙ୍ଗରେ ନେଇ ଆସିଲ ନାହିଁ ? ହରିବାବୁ, ମୋର ନନ୍ଦିନୀ କାହାନ୍ତି ? ସେ କେଉଁଠି ଅଛନ୍ତି ? ତାଙ୍କ ବିଷୟ କହିଲ ନାହିଁ ?

ହରିବାବୁ - ସାର୍ ତାଙ୍କ ବିଷୟରେ ମୁଁ କିଛି ଜାଣେ ନାହିଁ । ବାବୁନିକୁ ଯେତେ ପଚାରିଲେ, ସେ କିଛି କହିପାରୁନାହିଁ ।

ମାନବେନ୍ଦ୍ର - ନାଟକ ଯେ ଅଧୁରା ରହିଗଲା, ହରିବାବୁ । ନାୟିକାର ବିନା ନାଟକର କ'ଣ ସମାପ୍ତି ଘଟିପାରେ ?

ହରିବାବୁ - ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ସାର୍ । ମା' ନିଶ୍ଚୟ ଆସିଯିବେ ।

ମାନବେନ୍ଦ୍ର - ଏଇକଥା ତ ସମସ୍ତେ କହୁଛନ୍ତି ହରିବାବୁ । ମୁଁ କେତେ ଧୈର୍ଯ୍ୟଧରି ରହିପାରିବି । ନନ୍ଦିନୀ ବିନା ଜୀବନ ମୋର ବଞ୍ଚିବା ଅସମ୍ଭବ । ସେଥିପାଇଁ ମୁଁ ଚାକିରୀରୁ ଇସ୍ତଫା ଦେଇଥିଲି ।

ହରିବାବୁ - ଶୁଣିଲି, ତା' ମଧ୍ୟ ଗୃହୀତ ହୋଇଯାଇଛି ।

ମାନବେନ୍ଦ୍ର - କିଂତୁ ହରିବାବୁ, ନନ୍ଦିନୀ ଦେବୀଙ୍କ ବିନା ମୁଁ ଅଚଳ । ମୁଁ ଶବ । ମୁଁ ଶକ୍ତିହୀନ ।

(ପ୍ରବେଶ କଲେ ସ୍ୱାଧୀନତା ସଂଗ୍ରାମୀ । ସାଙ୍ଗରେ ନନ୍ଦିନୀ ।)

Digitized by srujanika@gmail.com

ସ୍ୱାଃସଂ. - ଶ୍ରୀରାମ, ଜୟରାମ, ଜୟ, ଜୟ ରାମ । କ୍ୱାଇଁବାବୁ । ଚିନ୍ତା କରୁଛନ୍ତି କାହିଁକି । ମୁଁ ତ ଶକ୍ତିକୁ ସାଙ୍ଗରେ ନେଇ ଆସିଛି । ଶକ୍ତିବିନା ଶିବ ଅଚଳ । ଶିବଶକ୍ତିଙ୍କ ମିଳନରେ ସୃଷ୍ଟିର ମଙ୍ଗଳ ସାଧିତ ହେଉ । ରାତିରେ ଜଙ୍ଗଲ ଭିତରେ ଚାଲି, ଚାଲି ଆସି, ରାସ୍ତାରେ ଟ୍ରକ ସାହାଯ୍ୟରେ ମୋ ଘରଠାରେ ଆସି ପହଞ୍ଚିଲେ । ଆସିବାକୁ ବ୍ୟସ୍ତ ହୋଇପଡ଼ିଲେ । ସତ୍ୟବାଦୀ ରାଜଧାନୀରେ । ମୁଁ ତେଣୁ ବାଧ ହୋଇ ଆସିଲି ।

ମାନବେନ୍ଦ୍ର - ହରିବାବୁ, ଅଶେଷ ଧନ୍ୟବାଦ । ଆପଣ ଥାନାକୁ ଯାଆନ୍ତୁ । ସେଠାରେ ତ ବହୁତ କାମ ।

ହରିବାବୁ - ତା'ହେଲେ ମୁଁ ଆସୁଛି ସାର୍ । ନମସ୍କାର । (ପ୍ରସ୍ଥାନ)

ମାନବେନ୍ଦ୍ର ଓ ନନ୍ଦିନୀ - (ସ୍ୱା.ସଂ. ପାଦତଳେ ମୁଣ୍ଡିଆ ମାରିଲେ ।)

ମାନବେନ୍ଦ୍ର - ଆପଣଙ୍କର ଆଶୀର୍ବାଦ, ଆଜି ମୋତେ ନନ୍ଦିନୀଙ୍କୁ ମୋ ନିକଟକୁ ଫେରାଇ ଆଣିଛି ।

ସ୍ୱା.ସଂ. - ଦିନ ଥିଲା, ସାବିତ୍ରୀ ତପସ୍ୟାବଳରେ ସତ୍ୟବାନଙ୍କୁ ଯମରାଜାଙ୍କ ନିକଟରୁ ଫେରାଇ ଆଣିଥିଲେ । ଆଜି କିନ୍ତୁ ସତ୍ୟବାନ ନିଜ ତପସ୍ୟା ବଳରେ, ସାବିତ୍ରୀଙ୍କୁ ଯମ ମୁହଁରୁ ଫେରାଇ ଆଣିଲେ । ଶ୍ରୀରାମ, ଜୟରାମ, ଜୟ, ଜୟରାମ ।

ରାମ ଓ ଦାମ - (ଦୌଡ଼ି ଆସି) ସାର୍, ମା'ଙ୍କ ଫେରିବା ଖବର ଶୁଣି ଜନସମୁଦ୍ର କ୍ୱାଟର ଆଡ଼କୁ ମାଡ଼ି ଆସୁଛନ୍ତି । ସାର୍, ଏସ୍.ପି.କୁ ଇନ୍‌ଫର୍ମ କରିଦିଅନ୍ତୁ, ଫୋର୍ସ ପଠାଇବା ପାଇଁ ।

ସ୍ଲୋଗାନ - ଆମର ନେତା ମାନବେନ୍ଦ୍ର ବାବୁ - ଜିନ୍ଦାବାଦ, ଜିନ୍ଦାବାଦ
ନାରୀ ନେତ୍ରୀ ନନ୍ଦିନୀଦେବୀ ଜିନ୍ଦାବାଦ, ଜିନ୍ଦାବାଦ

ସତ୍ୟବାଦୀ - (ସତ୍ୟବାଦୀଙ୍କ ସାଥିରେ ପୁରୁଷ, ସ୍ତ୍ରୀ ୪ଜଣ ଏମାନଙ୍କୁ ଫୁଲମାଳ ପିନ୍ଧାଇ ଦେଇଛନ୍ତି ।)

ସତ୍ୟବାଦୀ - ଏଇ ନମିନେସନ ପେପରଟା ଦସ୍ତଖତ ୨ଜଣ ଯାକ କରନ୍ତୁ । ହାଇକମାଣ୍ଡ କ୍ୱାଇଁଙ୍କୁ ଏମ.ପି. ଟିକଟ ଓ ଭଉଣୀଙ୍କୁ ଏମ୍.ଏଲ୍.ଏ ଟିକଟ ଦେଇଛନ୍ତି । ସବୁ କାମ ମୁଁ ସାରିଦେଇଛି । ଚାଲ କଲେକ୍ଟର ଅଫିସକୁ ଯିବା ।

Digitized by srujanika@gmail.com

(ଦୁଇଜଣ ହାତଯୋଡ଼ି ଠିଆ ହୋଇଥିଲେ ।)
(ପ୍ରଚ୍ଛଦପଟରୁ ଗୀତ)

ଗୀତ

ସତ୍ୟ, ଧର୍ମ୍ମ, ନ୍ୟାୟ ବିଜୟ ଲଭଇ
ଯୁଗେ, ଯୁଗେ ଏହା ଜାଣ
ମଣିଷ ଦେହରେ ଦିବ୍ୟଜ୍ଞାନ ଦେଖି
ସନ୍ତୋଷନ୍ତି ଭଗବାନ ।
ସବୁ ତାଙ୍କରି ଇଚ୍ଛା
ପୂର୍ଣ୍ଣ କରନ୍ତି ସେ ମନୋବାଞ୍ଛା ।୦।
ପରୀକ୍ଷା କରନ୍ତି ପ୍ରଭୁ ମନୁଷ୍ୟକୁ
ଦେଇ ବାଧାବିଘ୍ନ ଅତି
ସେହି ପରୀକ୍ଷାରେ ଯେ ଉତ୍ତୀର୍ଣ୍ଣ ହେଲା
ହୁଏ ତାର ସଦଗତି
ଧୈର୍ଯ୍ୟ ହରାଅ ନାହିଁ
ମିଳିବେ ଜଗତ ସାଇଁ । ୧ ।

ଯବନିକା ପତନ

- ସମାପ୍ତ -

Digitized by srujanika@gmail.com

ନାଟକ

ପରିବର୍ତ୍ତନ

ନିର୍ଦ୍ଦେଶନା : ନାଟ୍ୟପ୍ରଦୀପ ମଦନ ମିଶ୍ର

ସଂଗୀତ : ଟୁନା ମାଷ୍ଟର

Digitized by srujanika@gmail.com

ପରିବର୍ତ୍ତନ

- ପ୍ରଥମ ଦୃଶ୍ୟ -

(ପଣ୍ଡିତ ବିଶ୍ୱମ୍ଭର ମହାପାତ୍ରଙ୍କର ବାସଭବନ । ପ୍ରାତଃକାଳ । ପଣ୍ଡିତେ ପୂଜା ନିତ୍ୟକର୍ମ ସାରି ପ୍ରାର୍ଥନା ଗାଉଥିଲେ । ସ୍ତ୍ରୀ ସୁଶୀଳା ଚା କପ୍ ଧରି ଠିଆ ହୋଇଥିଲେ, ପଣ୍ଡିତେ ପ୍ରାର୍ଥନା ସାରି ହାତଯୋଡ଼ି ପ୍ରଭୁଙ୍କୁ ନମସ୍କାର କଲେ ।)

ପଣ୍ଡିତ - ତୁମେ କେତେବେଳୁ ଚା ଧରି ଠିଆହୋଇଛ ?

ସୁଶୀଳା - ଏଇ ଅଳ୍ପ ସମୟ ହେଲା ।

ପଣ୍ଡିତ - ସୁଦୀପ୍ତ କ'ଣ ଘରକୁ ଫେରିଛି ?

ସୁଶୀଳା - ନା,

ପଣ୍ଡିତ - ତା'ହେଲେ ସେ ରାତିରେ ରହୁଛି କେଉଁଠି ?

ସୁଶୀଳା - ତାକୁ ଜଣା, ମୁଁ କେମିତି କହିବି ? କେତେଥର ତୁମକୁ କହିଛି ପାତ୍ରୀଟିଏ ଯୋଗାଡ଼ କରି ତା'ର ବିବାହଟା ସାରିଦିଅ ।

ପଣ୍ଡିତ - ହଁ, ଏବେ ତ ଜଣକୁ ପୋଷୁଛି, ପୁଣି ଆଉ ଜଣକୁ ପୋଷିବାକୁ ହେବ । ପେନ୍‌ସନ୍ ୫ ହଜାର ନ ମିଳୁଥିଲେ, ଅବସ୍ଥା କ'ଣ ହୁଅନ୍ତା, ତୁମେ ଚିନ୍ତା କରିପାରୁଛ ସୁଶୀଳା ।

ସୁଶୀଳା - ଏବେ ତ ମିଳୁଛି । ନ ମିଳୁଥିଲେ ସେ କଥା ଚିନ୍ତା କରାଯାଇଥାଆନ୍ତା । ତା' ପାଇଁ ଚାକିରି ଖଣ୍ଡେ ଯୋଗାଡ଼ କରିଦେଉନ ।

ପଣ୍ଡିତ - ତା' ପାଇଁ ଚାକିରୀ ମୁଁ ଯୋଗାଡ଼ କରିବି ? ସେ ଏମ୍.ଏ ପାଠ ପଢ଼ିଛି । ତା'ର ନିଜ ପନ୍ଥା ସେ ସ୍ଥିର ନ କରି, ତା'ପାଇଁ ମୋତେ କରିବାକୁ ହେବ । ଦଉଡ଼, ଧାପଡ଼ କରିବାକୁ କ'ଣ ମୋର ଆଉ ବୟସ ଅଛି ।

ସୁଶୀଳା - ମୋ କଥା ମାନ । ତାକୁ ହାତକୁ ଦି ହାତ କରିଦିଅ । ସେ ଠିକ୍ ରାସ୍ତାକୁ ଚାଲିଆସିବ ।

ପଣ୍ଡିତ - ଏତିକି ମନେ ରଖିଥାଅ ସୁଶୀଳା, ସେ କାମ ନ କଲେ, ଅର୍ଥାତ୍ ନିଜ ପାଇଁ ଅନ୍ନସଂସ୍ଥାନ ବନ୍ଦୋବସ୍ତ ନ କଲେ ତାର ବିବାହ ଅସମ୍ଭବ ।

ସୁଶୀଳା - ହଉ । ଯାହା ତୁମର ଇଚ୍ଛା ତାହା କର । ମୋର ତେଣେ ବହୁତ କାମ ପଡ଼ିଛି । ଆଜି ଗୁରୁବାର । ମୋର ମହାଲକ୍ଷ୍ମୀ ପୂଜା । ମୁଁ ଆସୁଛି । (ପ୍ରସ୍ଥାନ)

Digitized by srujanika@gmail.com

(ଏଇ ସମୟରେ ପ୍ରବେଶ କଲେ ହରିହର)

ହରି - ଭାଇନା, ନମସ୍କାର ।

ପଣ୍ଡିତ - କ'ଣ ହରିହର ଦେଖାନଥିଲା, କୁଆଡ଼େ ତୁମେ ଯାଇଥିଲ ?

ହରି - କୁଆଡ଼େ ଆଉ ଯିବି ଭାଇନା, ଅଭାଗା ଯୁଆଡ଼େ ଯାଏ ସାଗରର ଜଳ ଶୁଖିଆ ଯାଏ । ଏଇ ମୋ ଝିଅ ପାଇଁ ସମ୍ବନ୍ଧ । ବନ୍ଧୁ ଜଣେ ଡାକିଥିଲେ । ତାଙ୍କ ଘର ଦେଖିବାକୁ ଯାଇଥିଲି ।

ପଣ୍ଡିତ - କ'ଣ ଦେଖିଲ, ମନକୁ ପାଇଲା ।

ହରି - ମନକୁ କ'ଣ ପାଇବ ଭାଇନା । ଭାରୀ ଗରୀବ ଘର । ପୁଅ ପାଠ ପଢ଼ିଛି ମାଟ୍ରିକ୍ । କେତେ ଡିମାଣ୍ଡ କଲେ ଭାଇନା ଜାଣିଛ, ଲକ୍ଷେ ଟଙ୍କା । ଯାହାର ଟଙ୍କାକୁ ଲୋଭ, ସେ ଝିଅକୁ ମୋର ପଇସା ପାଇଁ ମାରିଦେବ । ଆଜିକାଲି ଦେଖୁନାହାନ୍ତି କି ଭାଇନା, କିମିତି କିରାସିନୀ ଢାଳି ଜାଳି ଦେଉଛନ୍ତି ।

ପଣ୍ଡିତ - ସେଇକଥା ତମ ଭାଉଜଙ୍କୁ ଟିକିଏ ବୁଝାଇ ଦିଅ ହରି,ସେ ମୋ ପଛରେ ପଡ଼ିଯାଇଛନ୍ତି ସୁଦୀପ୍ତର ବାହାଘର କରିବା ପାଇଁ । ଏପରି କୁଳାଙ୍ଗାରଟାକୁ ବାହାଦେଇ, ଆଉ ଗୋଟାକୁ ପୋଷିବି । ଏ ମାଇପିମାନଙ୍କ ବୁଦ୍ଧି ଦେଖ ।

ହରି - ଭାଉଜ ଯାହା କହିଛନ୍ତି ମୋ ମନକୁ ବେଶ୍ ପାଉଛି ଭାଇନା ।

(ଏଇ ସମୟରେ ସୁଶୀଳା ଚା କପ୍ ଧରି ପ୍ରବେଶ କଲେ ।)

ସୁଶୀଳା - ହରି ଚା ନିଅ ।

ହରି - ଭାଉଜ, ମୁଁ ଆସିବା କଥା, ଆପଣ କିପରି ଜାଣିଲେ ?

ସୁଶୀଳା - ତୁମ୍ଭେମାନେ କଥାବାର୍ତ୍ତା ହେଉଥିଲ, ମୁଁ ମଝିରେ ଆସି ଦେଖିଯାଇଥିଲି ।'ଝିଅ ପାଇଁ କ'ଣ ସମ୍ବନ୍ଧ ହେଲା ?

ହରି - ଛାଡ଼ ଭାଉଜ, ତା'ପାଇଁ ଉପରବାଲା କେଉଁଠି ଯୋଗାଡ଼ କରିନାହାନ୍ତି । ପାଠ ହେଲେ ପଢ଼ିଥା'ନ୍ତା, ଆଜିକାଲି ଝିଅମାନେ ଚାକିରୀ କରି ତାଙ୍କ ନିଜ ଗୋଡ଼ରେ ଠିଆ ହେଉଛନ୍ତି । ତା' ବୋଉ କହିଲା - ପାଠ ପଢ଼ିବା ଦରକାର ନାହିଁ । ମୁଁ କେତେ ମରିବି ।

ସୁଶୀଳା - ବ୍ୟସ୍ତ କାହିଁକି ହଉଛ । ଠାକୁରେ ସବୁ ଠିକ୍ କରିଦେବେ ।

ହରି - ଭାଇନା, ଗୋଟିଏ କଥା କହିବି, କିଛି ଖରାପ ଭାବିବେ ନାହିଁ । କଥାଟିଏ ଶୁଣିଲି । ଭାଉଜ ତୁମେ ଭିତରକୁ ଗଲ ।

Digitized by srujanika@gmail.com

ସୁଶୀଳା - କହୁନ, ମୁଁ ଥିଲେ କ'ଣ ହୋଇଗଲା ?

ହରି - ନାହିଁ, ଭାଉଜ ତୁମେ ଭିତରକୁ ଯାଅ ।

ସୁଶୀଳା - (ଚାଲିଗଲେ)

ହରି - ଭାଇନା, କିଛି ଖରାପ ଭାବିବେ ନାହିଁ ତ ?

ପଣ୍ଡିତ - କଥା କ'ଣ ହରି ?

ହରି - ଭାଇନା, ସୁଦୀପ୍ତ ମଦ ପିଉଛି ।

ପଣ୍ଡିତ - ହରି ତୁମେ, ଶୁଣିଛ ନା ଦେଖିଛ ।

ହରି - ଲୋକଙ୍କ ମୁହଁରୁ ଶୁଣିଛି । ହେଲେ ତମକୁ କହିବାକୁ ସାହାସ ପାଉନଥିଲି ।

ପଣ୍ଡିତ - କାଲି ରାତିରୁ ଏ ପର୍ଯ୍ୟନ୍ତ ଘରକୁ ଫେରିନାହିଁ । ଏମ୍.ଏ. ପାଶ୍ କଲା । କାମ ଦାମ କର, ନା ସେ କଥା ହେଲାନି । ତା' ବୋଉ ଲଗାଇଛି ତାକୁ ବାହା କରି ଦେବାପାଇଁ ହେଲେ ସୁଦୀପ୍ତ ମୋର ଏତେ ଖରାପ ପିଲା ନୁହେଁ ହରି, ସେ ମଦ୍ୟପାନ କରିବ ଏ ବିଶ୍ୱାସ ମୋର ନାହିଁ ।

ହରି - ମୁଁ କ'ଣ ମିଛ କହୁଛି କି ଭାଇନା । ଆପଣ ସତ୍ୟକୁ ପଚାରୁନାହାଁନ୍ତି । ସତ୍ୟ ତାକୁ ବହୁତ ବୁଝାଇଲା, ସେ ରାଣ ପକାଇ କହିଲା - ନନାକୁ ଏକଥା କହିବ ନାହିଁ । ସୁଦୀପ୍ତ ପରି ପୁଅ, ସେ ମଦ ପିଇଲା, ମୁଁ କିମିତି ଆପଣଙ୍କୁ ନ କହିବି ଆପଣ କହିଲେ । ତେବେ ସବୁ ଠିକ୍ ହୋଇଯିବ । ଆପଣ ଟିକିଏ ଆକଟ କରିଦିଅନ୍ତୁ । ସେ ଲାଇନକୁ ଚାଲିଆସିବ । ମୁଁ ଆସୁଛି ଭାଇନା, ତା ମନରେ କଷ୍ଟ ହେଲାଭଳି କିଛି କହନ୍ତୁ ନାହିଁ ।

ପଣ୍ଡିତ - ଯେ ମୋ ମନରେ କଷ୍ଟ ଦେଉଛି, ମୋ ପରିବାରର ମୁହଁରେ ଯେ କଳା ବୋଲିବାକୁ କୁଣ୍ଠାବୋଧ କରିନାହିଁ, ତାକୁ କ'ଣ କହିବି । ଯେ ଥରେ ନଷ୍ଟ ହୋଇଗଲାଣି, ସେ କ'ଣ ଆଉ ରାସ୍ତାକୁ ଆସିବ ହରିହର । ନଷ୍ଟସ୍ୟ କାନ୍ୟ ଗତିଃ ।

ହରି - ଭାଇନା ଆପଣ ମନଦୁଃଖ କରନ୍ତୁ ନାହିଁ । ସବୁ ଠିକ୍ ହୋଇଯିବ ।

ପଣ୍ଡିତ - ମନଦୁଃଖ କରିବାକୁ କଣ ଅଛି ହରି, ଯାହା ଭାଗ୍ୟରେ ଲେଖା ଅଛି ତା ଅବଶ୍ୟ ଘଟିବ । ହଉ, ତୁମେ ଯାଅ ।

ହରି - ତା'ହେଲେ ମୁଁ ଆସୁଛି ଭାଇନା, ନମସ୍କାର । (ପ୍ରସ୍ଥାନ)

Digitized by srujanika@gmail.com

ପଣ୍ଡିତ - (ସ୍ୱଗତଃ) ସୁଦୀପ୍ତ ସତରେ କ'ଣ ମଦ୍ୟପାନ କରୁଛି ? (ସୁଶୀଳା ପ୍ରବେଶ)

ସୁଶୀଳା - କ'ଣ ମନକୁ ମନ କହୁଛ ? ମୁଁ ଦେଖୁଛି, ତୁମେ ସବୁବେଳେ ମନକୁ ମନ କ'ଣ ଗୁଡ଼ାଏ କହୁଛ, ଯାହା ମୁଁ ଦେଖୁଛି ତୁମେ ପାଗଳ ହୋଇଯିବ ।

ପଣ୍ଡିତ - ପାଗଳ ହୋଇଯାଇଥିଲେ ଭଲ ହୋଇଥାନ୍ତା ସୁଶୀଳା, ତୁମେ ଶୁଣିଲଣି ?

ସୁଶୀଳା - ହରି ବୋଧେ ତୁମକୁ କ'ଣ କିଛି କହିଛନ୍ତି । ଅନ୍ୟ ଘର ଭାଙ୍ଗିବା ଏ ଲୋକଗୁଡ଼ାକର କାମ ।

ପଣ୍ଡିତ - କାହାଘର କିଏ କାହିଁକି ଭାଙ୍ଗିବ ସୁଶୀଳା । ତୁମ ପୁଅର କୀର୍ତ୍ତିକଳାପ କଥା ଶୁଣିଲଣି ?

ସୁଶୀଳା - କ'ଣ ମୋ ପୁଅ କଲା ଯେ ତୁମେ ସେଥିପାଇଁ ଏତେ ବ୍ୟସ୍ତ ହୋଇପଡୁଛ ।

ପଣ୍ଡିତେ - ଆଉ କ'ଣକରନ୍ତା ସୁଶୀଳା । ଭଗବାନ, ମୁଁ ଏକ'ଣ ସବୁ ଶୁଣୁଛି । ଏସବୁ ଶୁଣି, ଶୁଣି ମୁଁ ପାଗଳ ହୋଇଯିବି । ଯାହାର ବାପ ଚା' ଟିକିଏ ପିଏ ନାହିଁ ତା ପୁଅ ପୁଣି - ନା, ମୁଁ ଏସବୁ ସହ୍ୟ କରିପାରିବି ନାହିଁ ମୁଁ ଆତ୍ମହତ୍ୟା କରିଦେବି । (କାନ୍ଦୁଥିଲେ)

ସୁଶୀଳା - ତୁମେ ପରା ପଣ୍ଡିତ । ପଣ୍ଡିତ ହୋଇ ତୁମେ ଆତ୍ମହତ୍ୟା କଥା କାହିଁକି କହୁଛ ? ଏକଥା କହିବାକୁ ତୁମକୁ ସଙ୍କୋଚ ଲାଗୁନି । ମୁଁ ଯାହା ଦେଖୁଛି ମାଇପିଙ୍କ ପରି ତୁମର ଏତିକି ଟିକିଏ ଧୈର୍ଯ୍ୟ ନାହିଁ । କ'ଣ ମୋ ପୁଅ କରିପକାଇଛି ଶୁଣେ ।

ପଣ୍ଡିତେ - ଶୁଣିବ । ଶୁଣିବ ସୁଶୀଳା । ତୁମ ପୁଅ ମଦ୍ୟପାନ କରୁଛି । ସୁଦୀପ୍ତ ପରି ପୁଅ ପୁଣି ମଦ ପିଉଛି । ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି । ତାର ପରିବର୍ତ୍ତନ ଘଟିଲା କିପରି ?

ସୁଶୀଳା - ହଉ, ଆମେ ତ ଦେଖିନାହୁଁ । ଅନ୍ୟଠାରୁ କଥାଟାକୁ ଶୁଣିଲେ । ସୁଦୀପ୍ତ ଆସୁ ତାକୁ ପଚାରିବା ।

ପଣ୍ଡିତେ - ମୋର ଆଉ ଧୈର୍ଯ୍ୟ ନାହିଁ ସୁଶୀଳା - ଆଜି ମୁଁ ଧୈର୍ଯ୍ୟ ହରା ହୋଇଯାଇଛି । (ଏଇ ସମୟରେ ସୁଦୀପ୍ତ ଆସିଛି ଘର ଭିତରକୁ ମଦ୍ୟପଙ୍କ ପରି ଚାଲିଯାଉଥିଲା)

Digitized by srujanika@gmail.com

ସୁଶୀଳା - କୁଆଡ଼େ ଯାଇଥିଲୁ ?

ସୁଦୀପ୍ତ - ନୀରବ ।

ସୁଶୀଳା - (ଚିତ୍କାର କରି) ମୁଁ ପଚାରୁଛି କୁଆଡ଼େ ଯାଇଥିଲୁ ?

ସୁଦୀପ୍ତ - ସବୁ ପ୍ରଶ୍ନର ଉତ୍ତର ମୁଁ ଦେଇପାରିବି ନାହିଁ ବୋଉ ।

ପଣ୍ଡିତ - କ'ଣ କହିଲୁ ?

ସୁଦୀପ୍ତ - ମୁଁ ସାନପିଲା ନୁହେଁ । ମୋର କାମ ନେଇ ମୁଁ ବ୍ୟସ୍ତ ।

ପଣ୍ଡିତ - ତୋର କି କାମ ? କେତେ ପଇସା ତୁ ରୋଜଗାର କରୁଛୁ ? ଘରକୁ କେତେ ଟଙ୍କା ଦଉଛୁ ।

ସୁଦୀପ୍ତ - ସେ କଥା ଆପଣ ପରେ ଜାଣିବେ ।

ପଣ୍ଡିତ - (ଚିତ୍କାର କରି) ପରେ କାହିଁକି, ବର୍ତ୍ତମାନ କହ ?

ସୁଦୀପ୍ତ - ମୁଁ ଏବେ କହିପାରିବି ନାହିଁ ।

ପଣ୍ଡିତ - (ପାଖକୁ ଯାଇ) ତୋ ପାଟିରୁ ଗନ୍ଧ ବାହାରୁଛି । ତୁ ମଦ ପିଇଛୁ ?

ସୁଦୀପ୍ତ - ହଁ, ମୁଁ ପିଇଛି ।

ପଣ୍ଡିତ - ମୋ ଆଗରେ ଏକଥା କହିବାକୁ ତୋର ଲଜ୍ଜାବୋଧ ହୁଏନା । (ଚାପୁଡ଼ା ମାରି) ବାହାରି ଯା ମୋ ଘରୁ । ତୋ ମୁହଁ ମୁଁ ଦେଖିବାକୁ ଚାହେଁନି । ଠିଆ ହୋଇ ରହିଛୁ କାହିଁକି ? ଯା ଶୀଘ୍ର ବାହାରି ଯା ।

ସୁଶୀଳା - କୁଆଡ଼େ ସେ ଯିବ ? ଘରେ ଗୋଡ଼ ନ ଦେଉଣୁ ତା ଉପରେ ଅତ୍ୟାଚାର ଆରମ୍ଭ କରିଦେଲ । ବଢ଼ିଲା ପୁଅକୁ ହାତ ଉଠାଇ ଦେଲ । (ଭିଡ଼ି ଧରି କାନ୍ଦିଲେ)

ପଣ୍ଡିତ - ସୁଶୀଳା, ଯୋଉଁ ମା ପୁଅର ଅଧପତନକୁ ସମର୍ଥନ ଜଣାଏ ସେ ମା ନୁହେଁ ଶତ୍ରୁ ।

ସୁଦୀପ୍ତ - ନନା

ସୁଶୀଳା - ତୁ ଭିତରକୁ ଚାଲ, ତୋତେ ମୁଁ ଆଜି କେତୋଟି କଥା ପଚାରିବି ଚାଲ୍ । (ଦୁହେଁ ପ୍ରସ୍ଥାନ)

ପଣ୍ଡିତ - ହଁ, ହଁ ପଚାର, ପଚାର ତାକୁ ସଠିକ୍ ଉତ୍ତର ସେ ତୁମକୁ ଦେଇଦେବ ନି ? ସୁଶୀଳା କେବେ ଦେବନି । କାରଣ ସେ ମଦ୍ୟପାନ କରୁଛି । ଆଉ ମଦ୍ୟପାନ କରି ସେ କେବେ ସତକଥା କହିବନି । ଯଦି ତୁମର ତାକୁ କିଛି ପଚାରିବାର ଅଛି ତାହାହେଲେ ଗୋଟିଏ କଥା କେବଳ

Digitized by srujanika@gmail.com

ତାକୁ ପଚାର ସୁଶୀଳା, ଗୋଟିଏ କଥା ପଚାର ଆରେ ଅଭାଗା ତୋର ଏ ଅଧପତନ ଘଟିଲା କିପରି, ତୋର ପରିବର୍ତ୍ତନ ଘଟିଲା କିପରି ?

– ଅନ୍ଧାର –

– ଦ୍ୱିତୀୟ ଦୃଶ୍ୟ –

(ରାସ୍ତା । ସିଟି ବଜାଇ ସତ୍ୟପ୍ରକାଶ ଆସୁଥିଲା । ବାଟରେ ଦେଖାହେଲା ହରିହରଙ୍କ ସହିତ ।)

ସତ୍ୟ – କକା, ନମସ୍କାର ।

ହରି – ଦୀର୍ଘଜୀବୀ ହୁଅ । କିରେ ଖବର ଆଉ କ'ଣ ? ତୁ ତ ସୁଦୀପ୍ତର ମଦପିଆ କଥା, ମୋତେ କହିଥିଲୁ । ତାକୁ ମୁଁ ବିଶ୍ୱମ୍ଭର ଭାଇନଙ୍କୁ କହିଦେଲି ।

ସତ୍ୟ – ବଡ଼ ଭଲ କଲ । ଏବେ ପାଞ୍ଚଦିନ ହେଲା, ସୁଦୀପ୍ତ ଭାଇନାର ଦେଖାନାହିଁ । ଏଣେ ସିଏ ଉଚ୍ଛନ୍ନ ।

ହରି – କିଏ ଉଚ୍ଛନ୍ନ କିରେ ସତ୍ୟ ?

ସତ୍ୟ – ତୁମକୁ ମୁଁସେକଥା କହିବିନି ।

ହରି – ବେଶୀ ନ କହ ପଛକେ, ଟିକିଏ କହିଲୁ ।

ସତ୍ୟ – ତାଙ୍କ ପ୍ରେମିକା ଉଚ୍ଛନ୍ନ ।

ହରି – କ'ଣ କହୁଛ ମ ? ତାର ପୁଣି ଗୋଟାଏ ପ୍ରେମିକା ଅଛି ।

ସତ୍ୟ – କାହିଁକି କ'ଣ ପାପଟେ ହୋଇଗଲା କି ? ପୁଅ ବୁଢ଼ା ହେଲାଣି ପଛକେ ତାର ବାହାଘର ଯୋଗାଡ଼ କରିବନି । ସେ କ'ଣ କରିବ ? ଏଣେ, ତେଣେ ବୁଲିବ ନା ଘରଟା ଭିତରେ ବାନ୍ଧିହୋଇ ରହିବ ।

ହରି – ସବୁ ଭାଇନାଙ୍କର ଦୋଷ । ମୁଁ ଏକଥା ତାଙ୍କୁ ବହୁଥର କହିଲିଣି ହେଲେ ସେ କହୁଛନ୍ତି ବେକାର । ଆଉ ଗୋଟାକୁ ମୁଁ ପୋଷି ପାରିବି ନାହିଁ । ଏବେ କ'ଣ ହେଲା, ସମ୍ଭାଳ ।

ସତ୍ୟ – ସେ ଯାହା ପାଲରେ ପଡ଼ିଯାଇଛି, ସେଠାରୁ ଆଉ ମୁକୁଳି ପାରିବ ନାହିଁ ।

ହରି – ଏମିତି କ'ଣକହୁଛ ? ମରଦ ପୁଅ, ଆଜି ସେ ଅଛି, କାଲି ଆଉ ଜଣେ ଆସିବ ।

Digitized by srujanika@gmail.com

ସତ୍ୟ - ସେ ପରା ଭାଇନାଙ୍କର ସମସ୍ତ ଖର୍ଚ୍ଚ ବହନ କରୁଛି । ତାର ମନ ତାଙ୍କ ପ୍ରତି ଭାରି ମାନିଯାଉଛି ।

ହରି - କଣ ଝିଅଟା କୋଉଠି ଚାକିରି ବାକିରି କରୁଛି କିରେ ?

ସତ୍ୟ - ସବୁ କଥା ଜାଣିବା ପାଇଁ, ତୁମେ କାହିଁକି ଏତେ ବ୍ୟସ୍ତ ହୋଇଯାଉଛ କକା ।

ହରି - ଭଲ କଥା ହେଇଛି । ତୁ କୁହୁନୁ । ମୁଁ ତ ତୋତେ ପଚାରୁନି । ସବୁ କଥା କହୁନୁ । ହଇରେ ଆମେ ସମସ୍ତେ ବ୍ରାହ୍ମଣ । ଯଦି କନ୍ୟାଟି ଭଲ ଘରର ହୋଇଥାଏ, ତା ସହିତ ଛନ୍ଦି ଦେବାନି । ହଇରେ ସତ୍ୟ, ଟୋକାଟା ଇଆଡ଼େ ଆସୁଛି । ତୁ ଟିକିଏ ଲୁଚିଯା । ସେ ଗଲାପରେ କଥାବାର୍ତ୍ତା ହେବା ।

(ସତ୍ୟ ଲୁଚିଗଲା)

(ପ୍ରବେଶ କଲେ ସୁଦୀପ୍ତ ।)

ସୁଦୀପ୍ତ - (ଚାଲିଯାଉଥିଲା)

ହରି - (ଡ଼ାକିଛନ୍ତି) ବାପା, ସୁଦୀପ୍ତ ।

ସୁଦୀପ୍ତ - (ନୀରବ)

ହରି - ତୁମେ କଣ ମୋ ଉପରେ ରାଗିଛ ?

ସୁଦୀପ୍ତ - କେତେ ଲୋକଥାଆନ୍ତି, କଣ୍ଟାବାଡ଼ରେ ଲୁଗା ପକାଇ କଳି କରନ୍ତି । ମୁଁ ତ ତୁମକୁ କିଛି କହୁନାହିଁ, ନନାଙ୍କୁ ଯାଇ ମୋ ବିରୁଦ୍ଧରେ କ'ଣ କହିଲ ?

ହରି - ହଇରେ ତୋ ବିରୁଦ୍ଧରେ ମୁଁ କାହିଁକି କହିବି ?

ସୁଦୀପ୍ତ - ନନା କହିଲେ, ହରି ଲୋକଙ୍କ ମୁହଁରୁ ଶୁଣି ମୋତେ ଆସି କହିଲା ।

ହରି - ମୁଁ ଶୁଣିଲି, କହିଲି । ଖରାପଟେ କ'ଣ ଅଛି । ତୁ ଭଲ ବାଟକୁ କିପରି ଆସିବୁ, ତା' କ'ଣ ମୋର ଚିନ୍ତା ନୁହେଁ । ପଣ୍ଡିତ ବିଶ୍ୱମ୍ଭର ମହାପାତ୍ରଙ୍କ ପୁଅ ହୋଇ ମଦ୍ୟପାନ କରୁଛ । କହିଲେ ମୋର ଉପରେ ରାଗୁଛୁ । ହଉ, ତୁ କ'ଣ କରୁଛୁ କର । ମୁଁ କାହିଁକି କହିବି ?

ସୁଦୀପ୍ତ - ଯଦି ତୁମେ ଶୁଣିଲ, ମୋତେ କହିଥିଲେ ହୋଇନଥାନ୍ତା ମୋତେ ଦି ଚାପୁଡ଼ା ମାରିଥିଲେ, ମୁଁ କ'ଣ ତୁମକୁ କିଛି କହୁଥିଲି ?

Digitized by srujanika@gmail.com

ହରି - ହଁ, ସେଇଟା ତୋତେ ନ ପଚାରି, ମୁଁ ଭୁଲ କରିଛି । ଛାଡ଼େ, ତୁ ଭଲ ବୁଦ୍ଧି ଧର । ତୋପରି ପିଲାଟିଏ ଏ ଖଣ୍ଡ ମଣ୍ଡଳରେ ମିଳିବେ ? ତୋ ନନା, ତୋପାଇଁ ରୁଦ୍ରାଭିଷେକ କରିବାକୁ ବାଲୁଙ୍କେଶ୍ୱର ମନ୍ଦିରକୁ ଯାଇଛନ୍ତି । ସେ ତୋ ପାଇଁ କେତେ ବ୍ୟସ୍ତ ।

ସୁଦୀପ୍ତ - କକେଇ ।

ହରି - ତୁ କି ବ୍ୟବସାୟ କରୁଛୁ କିରେ ।

ସୁଦୀପ୍ତ - କରିନି, କରିବି । କକେଇ ତୁମେ ଟିକିଏ ନନାଙ୍କୁ ବୁଝାଇଦିଅ । ଆମେ ତିନିଜଣ ଭାଗୁଆଳି । ଫରେନ୍ ଲିକର୍‌ର ବ୍ୟବସାୟ କରିବୁ । ଘରଟିକୁ ବନ୍ଧାକୁ ରଖି, ବ୍ୟାଙ୍କରୁ ମୁଁ ଟଙ୍କା ଆଣିବି । କଥାବାର୍ତ୍ତା ସରିଯାଇଛି ।

ହରି - ହଉ, ଭାଇନାଙ୍କୁ କହି କିଛି ଗୋଟିଏ ବ୍ୟବସ୍ଥା କରିବା । ତା'ହେଲେ ମୁଁ ଆସୁଛି । (ପ୍ରସ୍ଥାନ)

(ଏଇ ସମୟରେ ଦୌଡ଼ି ଆସିଛି ସତ୍ୟ ।)

ସତ୍ୟ - ଭାଇନା, ଭାଇନା ତୁମେ କ'ଣ ସହରରେ ନ ଥିଲ । ତେଣେ କମଳା ଅପା କେତେ ଯେ ବ୍ୟସ୍ତ ନ ହେଉଛି ତୁମକୁ ନ ଦେଖି ।

ସୁଦୀପ୍ତ - ସତ୍ୟ, ତୁ ମୋତେ ଆଉ କିଛି କହନି । ମୋର ମନ ଖରାପ, ଗୋଟାଏ ମାନସିକ ଦ୍ୱନ୍ଦ ଭିତରେ ଆଜି ମୋତେ ଗତି କରିବାକୁ ପଡୁଛି । ଏଣେ ମମତାମୟୀ ମାତା ପିତା ସେମାନଙ୍କୁ ଛାଡ଼ି ମୁଁ ସେଠାକୁ ଯାଇ ପାରିବିନି ।

ସତ୍ୟ - ବେଶ୍, ସେଇକଥା କର । ମୁଁ କମଳାବାଇଙ୍କୁ ଯାଇ କହିଦେବି । ମରିଚିକା ପଛରେ ନ ଧାଇଁ, ପ୍ରକୃତ ଜଳର ସନ୍ଧାନ କର । ସେ ଭୁଲ୍ କରି ବସିଲା, ମୋର କଥାକୁ ଶୁଣିଲାନି ହଉ, ମୁଁ ଯାଉଛି କମଳା ଘରକୁ । ତାକୁ ସବୁକଥା କହିବି ।

ସୁଦୀପ୍ତ - ନା, ସତ୍ୟ ତୁ ତାକୁ କିଛି କହନି । ସେ ମୋତେ ଭଲପାଏ । ପ୍ରାଣଦେଇ ଭଲପାଏ । ମୁଁ ତାକୁ କିପରି ଭୁଲିବି ତୁ କହ । ସତ୍ୟ ମୁଁ ଯିବି । ମୁଁ କାହାକୁ ଭ୍ରୁକ୍ଷେପ କରିବିନି । ମୁଁ ଯିବି । ବର୍ତ୍ତମାନ ଯିବି ।

(ଦଉଡ଼ି ଚାଲିଗଲା)

(ପ୍ରବେଶ କରିଛି ହରି)

Digitized by srujanika@gmail.com

ହରି — ହଇରେ ସତ୍ୟ, ସହରର ନାମୀନାମୀ ବେଶ୍ୟା ସେହି କମଳାବାଈ ନୁହେଁ ତ ? ତା ପାଲରେ ଇଏ ପଡ଼ିଲା କିପରି ? ଭାଇନା ଏକଥା ଶୁଣିଲେ ପ୍ରାଣତ୍ୟାଗ କରିଦେବେ । ତୁ ବଦମାସ୍ ସବୁ ନାଟର ଗୋବର୍ଦ୍ଧନ । ତାକୁ ତ ପଇସା ଲୋଭ, ଏ ଆଣୁଛି କୁଆଡୁ ?

ସତ୍ୟ — ଭଲ କଥା ହୋଇଛି । ମୋତେ କାହିଁକି ଗାଳି ଦେଉଛ କକା ?

ହରି — ତୁ ଆଗ ମୋ ସାମନାରୁ ବାହାର । ଭାଇନାକୁ ଯାଇ ସବୁ କହିବି, ମୁଁ ଯାହା ଦେଖୁଛି ଏ ତ ରାସ୍ତାକୁ ଆସିବନି । ସହରର ନାମୀ, ଦାମୀ ବାରଙ୍ଗନା କମଳାବାଈ ପ୍ରେମରେ ଆମ ସୁଦୀପ୍ତ ଦିବାନା...

ସତ୍ୟ — ସବୁ କହ, ବାରଙ୍ଗନା କହନି । ସେ ନୃତ୍ୟଶିଳ୍ପୀ । ସେଇଥିରୁ ସେ ବଞ୍ଚେ । ସେ ଭଲପାଏ ସୁଦୀପ୍ତ ଭାଇନାକୁ । ଅନ୍ୟ କାହାକୁ ନୁହେଁ । ଯାଅ, କ'ଣ କହୁଚ କୁହ ।

— ଅନ୍ଧାର —

— ତୃତୀୟ ଦୃଶ୍ୟ —

(କମଳାବାଈର ନୃତ୍ୟଶାଳା । ନୃତ୍ୟ ପରିବେଷଣ ହେଉଥାଏ । ୩ ଜଣ ବସିଥାନ୍ତି । ନୃତ୍ୟ ମଝିରେ ନୋଟ୍ ଫିଙ୍ଗୁଥାନ୍ତି ।)

ନୃତ୍ୟ ଓ ଗୀତ

ତୁମ ଲାଗି ଏ ସଂସାର
ଭୁଲି ଯାଅନା
ଯୌବନର ପିଆଲା
ପିଇଯାଅନା
ଭୁଲି ଯାଅନା ।୦।
ଜହ୍ନ ହସେ ତାରା ମେଳେ
କାଳେ ଚକୋରୀ
ପ୍ରିୟ ମୁଁ ଯେ ତୁମ ପାଇଁ
ମରୁଛି ଝୁରି
ଆସିଯାଅ ପାଶେ ମୋର
ନ କର ବାହାନା ।

Digitized by srujanika@gmail.com

ତୁମ ବିନା ଏ ଜୀବନ ଭଲ ଲାଗେନା
ଭୁଲି ଯାଅନା ।

(ନୃତ୍ୟ ଶେଷ ହେବାକୁ ବସିଛି । ମାତାଲ୍ ଅବସ୍ଥାରେ ପ୍ରବେଶ କଲା ସୁଦୀପ୍ତ)

ସୁଦୀପ୍ତ - (ଚିତ୍କାର କରି) ବନ୍ଦ କର ଏ ନୃତ୍ୟ ଗୀତ ।
(କମଳାପାଖକୁ ଯାଇ ଗାଲକୁ ଚଟକଣିଟିଏ ପକାଇ)
ମୁଁ କହିଥିଲି ନୃତ୍ୟ, ଗୀତ ଏଠାରେ ନ ହେବାପାଇଁ । ତୁମେ କଲ କ'ଣ ? ମୁଁ ଥରେ କହିଛି, ଏ ସବୁ ବାଜେ ଚିନ୍ତାଧାରା ପରିତ୍ୟାଗ କର । ସାମାଜିକ ବନ୍ଧନରେ ବାନ୍ଧି ହୋଇଯାଅ । ନୃତ୍ୟଗୀତ ବନ୍ଦ କରି କମଳା, ଜଣେ ସୁଗୃହିଣୀ ହୋଇଯାଅ । ଆଉ ମୋର କଳ୍ପନାକୁ ତୁମେ ରୂପାୟିତ କର । ହେଲେ ତୁମେ... ।

ବିରେନ୍ - (ଦର୍ଶକଙ୍କ ମଧ୍ୟରୁ) ତୁ କିଏ, ଏ ନୃତ୍ୟ ବନ୍ଦ କରିବାକୁ । କମଳାବାଈ ଉପରେ ତୋର କି ଅଧିକାର । ଯେ ବାରାଙ୍ଗନା, ସେ ପୁଣି ସୁଗୃହିଣୀ ହେବ । ତାର ସେହି ସୁପୁରୁଷ ସ୍ୱାମୀଟି କିଏ ? ତୁ ତାର କ'ଣ ? ଏଠାରୁ ଚାଲିଯା ଆମେ ପଇସା ଦେଇଛୁ ନାଚ, ଦେଖିବୁ । କମଳାବାଈ ନୃତ୍ୟ ପରିବେଷଣ କରିବ । ଏହା ଆମର ଦାବୀ ।

ସୁଦୀପ୍ତ - (ଚିତ୍କାର କରି) ମୁଁ କହୁଛି, କମଳା ଆଉ ନୃତ୍ୟ ପରିବେଷଣ କରିବ ନାହିଁ ।

ବିରେନ୍ - ମୁଁ ପଚାରୁଛି ତୁ ତାର କିଏ ? ତା' ଉପରେ ତୋର କି ଅଧିକାର ? ଅଯଥା ନୃତ୍ୟ ବନ୍ଦ କରି, ଆମର ମନୋରଞ୍ଜନରେ ବାଧା ସୃଷ୍ଟି କରିବାକୁ କିଏ ? ମୁଁ କହୁଛି, ତୁ ଏଠାରୁ ଚାଲିଯା ।

ସୁଦୀପ୍ତ - ଏଠାରୁ ଯିବି ନାହିଁ । ତୁମେ କ'ଣ କରିବ ।

ବିରେନ୍ - ମୁଁ କ'ଣ କରିବି । ଚାଲିଯା, ନଚେତ୍ ଗଳା ଧକ୍କା ଦେଇ ବାହାର କରିଦେବି ।

ସୁଦୀପ୍ତ - ଚୁପ୍‌ଚାପ୍ ତୁ ବାହାର ଏଠୁ ।

କମଳା - ତୁମେ ତୁନି ହୁଅ ।

ସୁଦୀପ୍ତ - ମୁଁ କାହିଁକି ତୁନି ହେବି ? ତୁମେ କ'ଣମୋତେ ଅପମାନ କରି ମୋ ଇଜ୍ଜତକୁ ମାଟିରେ ମିଶାଇ ଦେବାକୁ ଚାହୁଁଛ ।

Digitized by srujanika@gmail.com

ବିରେନ୍ - ଆବେ ବହୁତ କହିଗଲୁଣି । ତୁ ଏଠାରୁ ଯିବୁ କି ନାହିଁ, ନଚେତ୍ ମୋତେ ବଳ ପ୍ରୟୋଗ କରି ତୋତେ ଏଠାରୁ ବାହାର କରିବାକୁ ପଡ଼ିବ ।

ସୁଦୀପ୍ତ - ଆରେ ବଦମାସ୍, ମୋତେ ବାହାର କରିବାକୁ ତୁ କିଏ ?

ବିରେନ୍ - (ପାଖକୁ ଦୌଡ଼ିଯାଇ ଦି ଥାପଡ଼ ମାରିଛି)

କମଳା - ମୁଁ ତୁମର ପାଦ ଧରୁଛି । ତାକୁ ମାର ନାହିଁ । ଆଜିଠାରୁ ଏଠାରେ ନାଚଗୀତ ହେବନାହିଁ । ତୁମେ ସବୁ ଚାଲିଯାଅ ।

ବିରେନ୍ - ତୁ କହୁଛୁ ଆମେ ସବୁ ଚାଲିଯିବୁ ।

କମଳା - ହଁ ହଁ ତୁମେ ସବୁ ଚାଲିଯାଅ ।

ବିରେନ୍ - ଆସରେ, ଦେଖିବା ଏ କିପରି ସୁଗୃହିଣୀ ହେବ । କମଳାବାଈ ପୁଣି ସୁଗୃହିଣୀ (ସମସ୍ତେ ହସି ଉଠିଲେ) (ସମସ୍ତେ ଚାଲିଗଲେ) ସୁଦୀପ୍ତ ମଦ ପିଇଛି ।

କମଳା - ତୁମେ ପୁଣି ପିଇଲ ।

ସୁଦୀପ୍ତ - ତୁମେ ମୋତେ ମଦ ପିଇବାକୁ ବାଧ କରିଛ କମଳା । ଯେତେବେଳେ ମୁଁ ତୁମ ଘରେ ନୃତ୍ୟର ଆସର ହେଉଥିବା ଶୁଣିବାକୁ ପାଇଲି ମୁଁ ପ୍ରଚୁର ମଦ୍ୟପାନ କରି ପାଗଳ ହୋଇଗଲି କମଳା ପାଗଳ ହୋଇଗଲି ।

କମଳା - ତୁମେ ଭୁଲ୍ କଲ ।

ସୁଦୀପ୍ତ - ତୁମେ କ'ଣ ଠିକ୍ କଲ ?

କମଳା - ତୁମେ ମୋତେ ପ୍ରତିଶ୍ରୁତି ଦେଇଥିଲ, ମୋତେ ଛାଡ଼ି ଅନ୍ୟ କେଉଁଠି ରହିବ ନାହିଁ । ତୁମେ ଏତେଦିନ ଧରି କେଉଁଠି ଥିଲ ? କଣ ଚାହଁ ତୁମେ ।

ସୁଦୀପ୍ତ - ମୁଁ ଯାହା ଚାହେଁ, ତା କ'ଣ ତୁମେ ଜାଣନା ?

କମଳା - ତୁମର ଯେ ଘଡ଼ିକୁ ଘଡ଼ି ମନର ପରିବର୍ତ୍ତନ । ମୁଁ ଯଦି ଏ ବ୍ୟବସାୟ ଛାଡ଼ିଦେବି, ତା'ପରେ ଆମେ ବଞ୍ଚିବା କିପରି ? ଖାଇବା କ'ଣ ?

ସୁଦୀପ୍ତ - ମୁଁ ତୁମକୁ ବଞ୍ଚାଇବି କମଳା । ଆମେ ଏ ସହର ଛାଡ଼ି ଅନ୍ୟ ଯାଗାକୁ ଚାଲିଯିବା ।

କମଳା - ତୁମେ ତୁମର ବାପା, ମାଙ୍କୁ ଛାଡ଼ି ଯାଇପାରିବ ?

Digitized by srujanika@gmail.com

ସୁଦୀପ୍ତ - ମୁଁ ଚାଲିଗଲେ, ମୋର ଆଉ ଗୋଟିଏ ଭାଇ ଅଛି, ସେ ସେମାନଙ୍କର କଥା ବୁଝିବ ।

କମଳା - କିନ୍ତୁ ତୁମେ ତ ଜାଣ, ମୁଁ ଏ ଦୁନିଆଁ ଆଖିରେ...

ସୁଦୀପ୍ତ - ମୁଁ ସବୁଜାଣେ କମଳା, ମୁଁ ସବୁ ଜାଣେ । ଦୁନିଆର ଆଖିରେ ତୁମେ ଅପବିତ୍ର, ପତିତା ହୋଇପାର, କିନ୍ତୁ ମୋ ଆଖିରେ ତୁମେ ଗଙ୍ଗାଜଳ ପରି ପବିତ୍ର ।

କମଳା - ସୁଦୀପ୍ତ ବାବୁ (ଆଳାପ) ରାତି ବେଶୀ ହେଲାଣି ଘରକୁ ଚାଲିଯାଅ ।

ସୁଦୀପ୍ତ - ନା, ମୁଁ ଆଉ କୁଆଡ଼େ ଯିବିନି । ତୁମକୁ ଛାଡ଼ି ମୁଁ କୁଆଡ଼େ ଯିବିନି କମଳା । ଯଦି ଯିବି ତୁମକୁ ସାଙ୍ଗରେ ନେଇଯିବି ।

କମଳା - ତୁମେ କ'ଣ ମୋତେ, ଘରକୁ ନେଇପାରିବ ।

ସୁଦୀପ୍ତ - କାହିଁକି ନୁହେଁ । ସେ ସାହାସ ମୋର ଅଛି । ମୁଁ ବର୍ତ୍ତମାନ ଆମ ଘରକୁ ତୁମକୁ ନେଇଯାଇପାରେ ।

କମଳା - ଯାହା ଅସମ୍ଭବ, ତାକୁ ସମ୍ଭବ କରିବାକୁ ଚେଷ୍ଟା କରନି ସୁଦୀପ୍ତ ବାବୁ ।

ସୁଦୀପ୍ତ - କମଳା ବିଶ୍ୱାସ କର, ମୁଁ ଯାହା କହେ, ତାହା କରେ । ସେ ଭୁଲ୍ ହେଉ ବା ଠିକ ହେଉ । ମୋ ନିଷ୍ପତ୍ତିରେ ମୁଁ ଅଟଳ ।

କମଳା - ତୁମର ବାପା ଜଣେ ରକ୍ଷଣଶୀଳ ବ୍ରାହ୍ମଣ । ଆଉ ମୁଁ ଜଣେ ପତିତା ।

ସୁଦୀପ୍ତ - ପତିତା, ପତିତା, ପତିତା । କିଏ ପତିତା ? ପତିତା କରିଛି କିଏ ? ଜଣେ ନୃତ୍ୟଶିଳ୍ପୀ ପତିତା କାହିଁକି ହେବ ? ସମାଜରେ ଯେଉଁମାନେ ପତିତ, ଅବହେଳିତ, ସେମାନଙ୍କୁ ସମାଜ ଭିତରେ ଉଚିତ୍ ସ୍ଥାନ ଦେବା ମୋର ଜୀବନର ଲକ୍ଷ୍ୟ । ସେଥିପାଇଁ ମୁଁ ତୁମକୁ ବିବାହ କରିବାକୁ ଚାହେଁ । ଦୁନିଆ ଏଥିପାଇଁ ପ୍ରତିବନ୍ଧକ ହେଲେ ମଧ୍ୟ, ମୁଁ ତାକୁ ଭ୍ରୂକ୍ଷେପ କରିବାକୁ ଚାହେଁନା ।

କମଳା - ଜୀବନରେ ବହୁତ ଦୁଃଖ ସହିବାକୁ ପଡ଼ିବ, ସୁଦୀପ୍ତ ବାବୁ, ପାରିବ ? ପାରିବ ମାତା, ପିତାଙ୍କର ସ୍ନେହ ବନ୍ଧନକୁ ଅସ୍ୱୀକାର କରି ? ପାରିବ, ସାମାଜିକ ଲାଞ୍ଛନାକୁ ଭ୍ରୂକ୍ଷେପ କରି ? ବହୁତ କଷ୍ଟ ସୁଦୀପ୍ତ ବାବୁ । ଭାବ ପ୍ରବଣତା ଏଥିପାଇଁ ଶୋଭାପାଏନା । ଧୈର୍ଯ୍ୟ, ସାହାସ,

Digitized by srujanika@gmail.com

ନିଷ୍ଠା ଓ ପ୍ରବଳ ଇଚ୍ଛାଶକ୍ତିର ଏଥିପାଇଁ ଖୁବ୍ ପ୍ରୟୋଜନ । ସୁଦୀପ୍ତ ବାବୁ ଚାଲିଯାଅ, ବୋଉ ବ୍ୟସ୍ତ ହେଉଥିବେ । ଆଜି ତୁମକୁ ଯେଉଁଭଳି ଭାବରେ ବିରେନ୍ ବାବୁ ଅପମାନିତ କଲା, ସେଥିପାଇଁ ମୁଁ ଦୁଃଖିତ । ମୁଁ ପ୍ରତିଶ୍ରୁତି ଦେଉଛି, ମୁଁ ନୃତ୍ୟ ଛାଡ଼ିଦେବି । କେବଳ ତୁମପାଇଁ ସୁଦୀପ୍ତବାବୁ ମୁଁ ସବୁକିଛି ତ୍ୟାଗ କରିପାରେ ।

ସୁଦୀପ୍ତ - କମଳା, ତୁମେ ଯଦି ମୋ ପାଇଁ ସବୁକିଛି ତ୍ୟାଗ କରିପାରିବ । ମୁଁ ପାରିବିନି କାହିଁକି ? ଏଥିପାଇଁ ବହୁତ କିଛି ବାଧାବିଘ୍ନ ଆସିବ । ଏତ ତାର ଆୟମାରମ୍ଭ । ସ୍ୱାର୍ଥରେ ବାଧା ସୃଷ୍ଟି ହେଲେ ସମସ୍ତେ ଉତ୍‌କ୍ଷିପ୍ତ ହୋଇପଡ଼ିବେ । ଅପମାନକୁ ମୁଁ ଭ୍ରୁକ୍ଷେପ କରୁନି । ମୁଁ ଭାବୁଛି ଆଜି ମୁଁ ଆଉ ଘରକୁ ଯିବି ନାହିଁ । ଏଠି ତମରି ପାଖରେ ରାତି କଟେଇବି ।

କମଳା - ସୁଦୀପ୍ତ ବାବୁ

ସୁଦୀପ୍ତ - ବିଶ୍ୱାସ ହେଉନି ।

କମଳା - ତୁମପାଇଁ ଏ ସିଙ୍ଗାର । ତାକୁ ଉପଭୋଗ କର ।

(କମଳା ନୃତ୍ୟ କଲା । ନୃତ୍ୟ ଶେଷରେ ସୁଦୀପ୍ତ ଉପରେ ଲୋଟି ପଡ଼ିଛି ।)

- ଅନ୍ଧାର -

- ଚତୁର୍ଥ ଦୃଶ୍ୟ -

(ରାସ୍ତା । ସତ୍ୟ ମନକୁ ମନ କହି କହି ଆସୁଥିଲା ।)

ସତ୍ୟ - କି କାଳ ହେଲା ହେ ବାବୁ । ତୁମ ଜାତି କ'ଣ, ତୁମ ପତି କ'ଣ, ତୁମେ ବେଶ୍ୟା ଘରଟାରେ ପଡ଼ିରହିଛ ? ତୁମେ ତ କବି ନୁହଁ, କଳାକାର ନୁହଁ, ସାହିତ୍ୟିକ ନୁହଁ । ତୁମ ପାଖରେ ଏ ଗୁଣ ଆସିଲା କେମିତି । ତୁମେ କହ ବାବୁ, ଯେତେ ବଡ଼ କଳାକାର, ତାର ଚରିତ୍ର ଦୋଷ ବେଶୀ । କବି କାଳିଦାସ କଥା ଛାଡ଼ ତାଙ୍କୁ ପରା ମା' ସରସ୍ୱତୀ ଅଭିଶାପ ଦେଇଥିଲେ । ବେଶ୍ୟା ଘରେ ତୁମର ଜୀବନ ଯିବ, କାହିଁକି ଜାଣିଛ :

କବି କାଳିଦାସ ମା'ଙ୍କର ବର୍ଣ୍ଣନା କରି ଲେଖିଲେ :

Digitized by srujanika@gmail.com

କଜ୍ଜଳ ପୁରିତ ଲୋଚନ ଧାରେ
ସ୍ତନ ଯୁଗଳ ଶୋଭିତ ମୁକ୍ତା ହାରେ
ବୀଣା ପୁସ୍ତକ ରଞ୍ଜିତ ହସ୍ତେ
ଭଗବତୀ ଭାରତୀ ଦେବୀ ନମସ୍ତେ ।

ମା' ରାଗିଗଲେ । ଅଭିଶାପ ଦେଲେ । ସେମାନଙ୍କ କଥା ଅଲଗା । ସେମାନେ କଳ୍ପନାରେ ବଞ୍ଚନ୍ତି । ଏ ଲୋକଟା ସମାଜରେ ସଂସ୍କାର ଆଣିବ । ହଇରେ ବାପ ତୋର ବଡ଼ ପଣ୍ଡିତ । ଯାହା କହନ୍ତି ପଣ୍ଡିତ ପୁଅ ମୂର୍ଖ । ଖାଲି ମୂର୍ଖ ନୁହେଁ, ମହାମୂର୍ଖ ।

(ପ୍ରବେଶ କଲେ ହରିହର)

ହରି - କଣ ସତ୍ୟ, ଅସତ୍ୟ କଥାଗୁଡ଼ାକ କ'ଣ ବକୁଛୁ । କଣ ହେଇଛି ?

ସତ୍ୟ - ଆଉ କ'ଣ ହେବ । କଥା ତ ସରିଗଲାଣି । କକା ତୁମେ କଣ ଗାଁରେ ନ ଥିଲ ।

ହରି - ମୁଁ କ'ଣ ଗାଁରେ ରହୁଛି କିରେ, କାଶୀରେ ମହାଯଜ୍ଞ ହେଲା, ମୁଁ ପରା ସେଠାକୁ ମାସେ ହେଲା ଆଚାର୍ଯ୍ୟ ହୋଇଯାଇଥିଲି ।

ସତ୍ୟ - ଆଉ ଭାରତବର୍ଷରେ ବ୍ରହ୍ମଣ ନ ଥିଲେଯେ, ତୁମକୁ ବରଣ କରି ନେଇଥିଲେ, ଭଲ ଦକ୍ଷିଣା ତ ପାଇଥିବ ।

ହରି - ହଁ ମିଳିଲା, ନ ମିଳିବ କାହିଁକି ? ଆମର ଏ ଅଞ୍ଚଳର ଖବର କ'ଣ ? କମଳାବାଈର ଖବର ।

ସତ୍ୟ - ଖବର ବଡ଼ ଜବର ।

ହରି - ମୁଁ ଜାଣେ ଜବରଦସ୍ତିଆ ଖବର ତୁ ସବୁ ରଖିଥିବୁ । କଣ ଖବରଟା ଶୁଣେ ।

ସତ୍ୟ - ତୁମ ପୁତୁରା । ବ୍ରାହ୍ମଣ ଭିତରେ ସାମନ୍ତ ମହାପାତ୍ର । ଶ୍ରେଷ୍ଠ ବ୍ରାହ୍ମଣ । ସେଇ ବେଶ୍ୟା ପାଖରେ ଦିନରାତି ପଡ଼ି ରହୁଛି ।

ହରି - ଭାଇନା କଣ ଏ କଥା ଜାଣିଲେଣି ?

ସତ୍ୟ - କକା, ତୁମେ ଟିକିଏ ସେଠାକୁ ଯାଅନା ତମ ପୁତୁରାକୁ ଦେଖି ଆସିବ । ଆଉ ତାଙ୍କ ବାପା କାନରେ ଜଣାଇଦେବ ।

ହରି - ଆରେ ରାମ ରାମ, ଗୋଟିଏ ପତିତା ଘରକୁ ମୁଁ ଯିବି ।

ସତ୍ୟ - ତୁମ ପୁତୁରାର ପରା ପତିତାକୁ ଉଦ୍ଧାର କରିବାକୁ ବସିଛନ୍ତି ।

Digitized by srujanika@gmail.com

ହରି - ଆରେ ଯେ ପତିତାମାନଙ୍କୁ ଉଦ୍ଧାର କରିବେ, ସେ ତ ନୀଳାଞ୍ଚଳରେ ବସିଛନ୍ତି । ସେ ତ ଉଦ୍ଧାର କରୁନାହାଁନ୍ତି । ଏ ପୁଣି ଉଦ୍ଧାରି ପକାଇବ । ପିଲାଟା ଖରାପ ରାସ୍ତାକୁ ପଳାଇଲା, ତାପ୍ରତି ଭାଇନା ଦୃଷ୍ଟି ଦେଲେନି, ଯାହା ହବା ହେଲା, ହଉ ସତ୍ୟ, ମୁଁ ଆସୁଛି । ମୋର ତେଣେ ବହୁତ କାମ ।

ସତ୍ୟ - କକା, ଗୋଟାଏ କିଛି କର । ମୋତେ କିଛି ଭଲ ଲାଗୁନି ।

ହରି - ହଇରେ ତୁ ପରା କମଳାବାଇର ଭାଇ ।

ସତ୍ୟ - ମୁଁ ଭାଇ କାହିଁକି ହେବି ମ, ସଙ୍ଗାତ ପୁଅ ଭାଇ ।

ହରି - ହେଲାରେ ଏକା କଥା । ନିଜ କଣ ସଙ୍ଗାତ କଣ ? ଗୋଟାଏ ଭାଇତ । ତୁ ଟିକିଏ ଭଉଣୀକୁ ବୁଝାଉନୁ ।

ସତ୍ୟ - ଭଉଣୀ ତ ସବୁବେଳେ ଘରକୁ ଯାଅ ବୋଲି ଲଗାଇଛି । ସେ ଶୁଣିଲେ ତ ? କକା, ମୁଁ କଣ କମ୍ କହୁଚି ଖାଲି ସେ ଖଟଟା ଉପରେ ପଡ଼ି ରହିଛନ୍ତି । ଯାକୁ କହନ୍ତି ତୁଛା ପ୍ରେମପାଗଳ ।

ହରି - ହଉ, କଣ ଗୋଟାଏ କରିବା, ଆମେ ବ୍ରାହ୍ମଣ, ଶ୍ରେଷ୍ଠ ଜାତି, ଆମ ପିଲାଟା ନଷ୍ଟ ହେଇଯିବ । ଆମେ ଧୈର୍ଯ୍ୟ ଧରି ରହିପାରିବା । ହେଉ ଦେଖିବା କଣ ହୋଇ ପାରିବ । (ଚାଲିଗଲେ)

(ପ୍ରବେଶ କରିଛି ବିରେନ୍ଦ୍ର)

ବିରେନ୍ଦ୍ର - ମୋତେ ଚିହ୍ନି ପାରୁଛୁ ।

ସତ୍ୟ - ଚିହ୍ନା ମୁହଁ ପରି ଲାଗୁଛି ।

ବିରେନ୍ଦ୍ର - ହଇରେ ତୁ ନାଚ ଆସରରେ ମଦ ପରଶୁ । ମୋଠାରୁ କେତେ ଯେ ଟଙ୍କା ନେଇଛୁ, ମୋତେ ଭୁଲିଗଲୁ ।

ସତ୍ୟ - ଭୁଲିଲି କେଉଁଠୁ । ସେଇଥିପାଇଁ ପରା କହିଲି ଚିହ୍ନା ମୁହଁପରି ଲାଗୁଛି ।

ବିରେନ୍ଦ୍ର - ସେ ପ୍ରେମ ଦିଓ୍ୱାନା କ'ଣ କରୁଛି ? ସେଦିନ ମୋ ହାତରୁ ଭଲ କରି ଦିଟା ବ୍ରହ୍ମଚାପୁଡ଼ା ଖାଇଛି ।

ସତ୍ୟ - ତୁମେ ମାରିଥିଲ । କିଏ କହିଲା ଜଣେ ମାରିଲେ ବୋଲି ଯେ, ମୁଁ ଭାବିଥିଲି ଅନ୍ୟ କିଏ ହେଇଥିବ ।

ବିରେନ୍ଦ୍ର - ଅନ୍ୟ କେହି ନୁହେଁରେ ମୁଁ । ତୋ ଭଉଣୀ, ବର୍ତ୍ତମାନ ବ୍ରାହ୍ମଣିଆଣି ହେଇଗଲା, ବାହାଘର କେବେ ହେଉଛି ।

Digitized by srujanika@gmail.com

ସତ୍ୟ - ବାହାଘର କଥା ସେମାନେ ଜାଣିଥିବେ, ମୋତେ ପଚାରିଲେ କ'ଣ କହିବି । ମୁଁ ଚାଲିଲି ।

ବିରେନ୍ - ଶୁଣ୍ କମଳାବାଈକୁ କହିଦେବୁ, ଆଜି ନାଚ ଆରମ୍ଭ ହେବ । ମୁଁ ଦଶହଜାର ଦେବି । ଦଶହଜାର । ସେ ଟୋକା କେମିତି ନାଚ ବନ୍ଦ କରିବ, ମୁଁ ଦେଖିବି ?

ସତ୍ୟ - ନାଚ ଆସର ପରା ମନା । ଦୁଆରେ ବୋର୍ଡ଼ ଟଙ୍ଗା ହେଇଛି । ଏଠାରେ ନାଚଗୀତ ହୁଏ ନାହିଁ, ପାଠ ପଢ଼ିଛ ପରା ବାବୁ । ଏତିକି ବୁଝିପାରୁନ ।

ବିରେନ୍ - ସେ ବୋର୍ଡ଼କୁ ମୁଁ ଭାଙ୍ଗିଦେବି । ଏକଥା ତୁମେ କମଳାବାଈକୁ କହିଦିଅ । ମୁଁ ଆଜି ରାତିରେ ଆସିବି । ଆଉ ଦେଖିବି ସେ କେମିତି ନାଚିବନି । ଆଉ ସେ ଟୋକା ତାକୁ କେମିତି ନାଚପାଇଁ ମନା କରିଦେବ ଦେଖିବି । (ପ୍ରସ୍ଥାନ)

ସତ୍ୟ - କଣ ମାମୁଁଘର ମନେ ପଡୁଛି କି ବାବୁ । ବୋଧହୁଏ କେତେଦିନ ହେଲା ଯାଇନ, ହଉ ରାତିରେ ଆସିବ ପରା ଆସ । ସେଇଠି କଥା ହେବା ।

- ଅନ୍ଧାର -

- ପଞ୍ଚମ ଦୃଶ୍ୟ -

(ପଣ୍ଡିତ ବିଶ୍ୱମ୍ଭର ମହାପାତ୍ରଙ୍କର ବାସଭବନ । ପତ୍ନୀ ସୁଶୀଳା ଭଜନଟିଏ ଗାଇ କାନ୍ଦୁଥିଲେ । ଭଜନ ଶେଷ ହୋଇଛି, ପଣ୍ଡିତେ ପ୍ରବେଶ କରିଛନ୍ତି ।)

ପଣ୍ଡିତ - ତୁମେ କାନ୍ଦୁଛ ସୁଶୀଳା, କାହିଁକି କାନ୍ଦୁଛ ? କାହାପାଇଁ କାନ୍ଦୁଛ ? ଯାହାପାଇଁ ତୁମେ କାନ୍ଦୁଛ, ସେ କ'ଣ ତୁମପାଇଁ କାନ୍ଦୁଛି । ତୁମ କଥା ଥରେ ହେଲେ ଭାବୁଛି । ଦଶମାସ ଦଶଦିନ ଗର୍ଭରେ ଧରି, ଯାହାକୁ ଏତୁଟିରୁ ଏତୁଟିଏ କଲ, ସେ ଥରେ ହେଲେ ତୁମ କଥା ଚିନ୍ତା କଲା । କିନ୍ତୁ ତୁମେ କାନ୍ଦୁଛ ? ତୁମ କାନ୍ଦ ସେ କ'ଣ ଦେଖିପାରୁଛି । ଏ ଅରଣ୍ୟ ରୋଦନ କରି ଲାଭ କ'ଣ ? କାନ୍ଦି କାନ୍ଦି ତୁମେ ପୁତ୍ରଯୋଗୁଁ ପାଗଳି ହୋଇଯିବ ।

ସୁଶୀଳା - ତୁମେ ସୁଦୀପ୍ତର ଖବର ଟିକିଏ ବୁଝିଲ । ସେ ଏ ସହରରେ ଅଛି ନା ବାହାରକୁ ଯାଇଛି । ପୁଅ ଯାଇ ୨୦ ଦିନ ହେଇଗଲା । ସାନ

Digitized by srujanika@gmail.com

ପରା ଆସିବ ବୋଲି ଚିଠି ଲେଖିଥିଲା । କ'ଣ ହେଲା ସେ ବି ଆସିଲା ନାହିଁ ?

ପଣ୍ଡିତ - ହଁ, ସେ ଆଜି, କାଲି ଆସି ପହଞ୍ଚିବ ।

ସୁଶୀଳା - ଶୁଣ, ତାକୁ କହିବ ସେ ଏଇଠି ଚାକିରି କରିବ, ବାହାରେ ରହିବ ନାହିଁ । ଶେଷ ଜୀବନରେ ପୁଅମାନେ ପାଖରେ ରହିଲେ ମୁଁ ମଲେ ତାଙ୍କରି କାନ୍ଧରେ ମଶାଣିକୁ ଯିବି ।

ପଣ୍ଡିତ - ହଁ ସବୁ କଥା କଳ୍ପନା ଭିତରେ ରଖ ସୁଶୀଳା, କିଏ କାହା କଥା ରଖୁଛି । ବଡ଼କୁ କେତେ ନ କହିଲି ଘର ଛାଡ଼ି ଯାଆନି, ସାଙ୍ଗ ମେଳକୁ ଯାଆନି । ସେ କଣ ମୋ କଥା ଶୁଣିଲା । ଆଉ ସାନ, ସେ ଇଂଜିନିୟର, ବଡ଼ ପାଠ ପଢ଼ୁଛି । ସେ କାହିଁକି ମୋ କଥା ଶୁଣିବ । ହେଲେ ତୁମେ ମା', ତୁମେ ସେମାନଙ୍କୁ ବୁଝାଅ । ତୁମ କଥା ସେ ହୁଏତ ରଖିପାରେ ।

ସୁଶୀଳା - କଥା ନ ବୁଝି, ବଡ଼ ଉପରେ ହାତ ଉଠାଇଦେଲ, କ'ଣ ଭଲ କାମ କଲ ?

ପଣ୍ଡିତ - ମସ୍ତବଡ଼ ଭୁଲ୍ କରିପକାଇଲି । ଚାଣକ୍ୟଙ୍କ କଥା ମୁଁ ଶୁଣିଲି ନାହିଁ । ପ୍ରାପ୍ତେଷୁ ଷୋଡ଼ଶ ବର୍ଷେ ପୁତ୍ରଂ ମିତ୍ର ବଦାଚରେ । ୧୬ ବର୍ଷ ହେଲେ ପୁଅ ସହିତ ମିତ୍ରତା ଆଚରଣ କରିବ । ତାହା ମୁଁ ଭୁଲି ଯାଇଥିଲି । ମୁଁ ତା ସାଙ୍ଗରେ ମଦ୍ୟପାନ କରିଥା'ନ୍ତି । ମୁଁ ପିତୃତ୍ୱର ଅଧିକାର ସାବ୍ୟସ୍ତ କଲି । ମୁଁ ଶାସନ କଲି, ସେ ଉତ୍‌କ୍ଷିପ୍ତ ହୋଇ ଉଠିଲା । ସୁଶୀଳା ମୋ ଭାଗ୍ୟ ଭଲ, ସେ ଯାହା ମୋ ଉପରକୁ ହସ୍ତ ଉତ୍ତୋଳନ କରିନାହିଁ । ସେତିକି ମୋର ପରମ ସୌଭାଗ୍ୟ । (ପ୍ରବେଶ କଲେ ହରି)

ହରି - ଭାଉଜ ନମସ୍କାର, ଭାଇନା ନମସ୍କାର । ଭାଇନା ଆପଣ ଡ଼କେଇଥିଲେ । ଆସିବି, ଆସିବି ବୋଲି ହଉଛି । ଟିକେ ଫୁରୁସତ ହେଉନି, ହଁ, ଭାଉଜ, ତୁମେ ଟିକିଏ ଭିତରକୁ ଗଲ ।

ପଣ୍ଡିତ - କ'ଣ କିଛି ଖବର ଆଣିଛ କି ହରି ?

ହରି - କଣ ଆଉ କହିବି ଭାଇନା, ସବୁ ମନ୍ଦ ଭାଗ୍ୟ ଯୋଗୁଁ ଫଳୁଛି ।

ପଣ୍ଡିତ - ସୁଶୀଳା ତୁମେ ଭିତରକୁ ଗଲ । (ସୁଶୀଳା ଚାଲିଗଲେ ।) ହରି କଥା କ'ଣ ?

Digitized by srujanika@gmail.com

ହରି - (କାନ୍ଦିଲେ)

ପଣ୍ଡିତ - ତୁମେ ହରି କାନ୍ଦୁଛ । ମୋ ପାଇଁ ତୁମ ଆଖିରେ ଲୁହ । କିନ୍ତୁ ମୋ ଆଖିର ଲୁହ ସରିଗଲାଣି । କେତେ କାନ୍ଦିବି ? କାହାପାଇଁ ଆଉ କାନ୍ଦିବି ?

ହରି - ଭାଇନା ପିଲାଟା ଏତେ ଖରାପ ହୋଇଯିବ, ତାହା ମୋର କଳ୍ପନା ନ ଥିଲା । ସେ କେଉଁଠି ରହୁଛି ଜାଣନ୍ତି ଭାଇନା, ସହରର ବାରାଙ୍ଗନା (ଆଳାପ) କମଳାବାଇ ପାଖରେ । ସେ ପୁଣି ତାକୁ ବାହା ହେବ, ତା' ଯୋଗୁଁ କମଳା ନୃତ୍ୟଧନ୍ଦା ଛାଡ଼ିଦେଇଛି । ତା' ଦ୍ୱାରରେ ବୋର୍ଡ଼ ଝୁଲୁଛି, ସାଧାରଣ ଦର୍ଶକ ଆସିବା ମନା । ପୁଅ ସମାଜରେ ସଂସ୍କାର ଆଣୁଛି । କ'ଣ ନା ପତିତମାନଙ୍କୁ ଉଦ୍ଧାର କରୁଛି ।

ପଣ୍ଡିତ - (ହସିଲେ, ମନ ଖୋଲା ହସ) ହରି, ତୁମେ କାନ୍ଦୁଛ । ମୁଁ ହସୁଛି, ଆଖିରୁ ଲୁହ ମୋର ଶୁଖିଗଲାଣି । କାହିଁକି କାନ୍ଦିବି ? କାହାପାଇଁ କାନ୍ଦିବି ? ତୁମେ ଟିକିଏ ତାକୁ ଯାଇ ପଚାର କ'ଣ ଚାହୁଁଛି ସେ ?

ହରି - ସମାଜରେ ସଂସ୍କାର ଆଣିବ । ଆଣିବ ବିରାଟ ପରିବର୍ତ୍ତନ ।

ପଣ୍ଡିତ - ଏ କଥା ଶୁଣିଲେ ବୋଉ ତାର ମୁଣ୍ଡ ପିଟିଦେବ । କ'ଣ କରିବି ? କିମିତି କହିବି ?

ହରି - ଭାଉଜ, କେତେ ଆଶା କରି ନଥିଲେ । ଘରକୁ ବୋହୁଟିଏ ଆସିବ । ନୈଷ୍ଠିକ ବ୍ରାହ୍ମଣ ପରିବାରରୁ । ବ୍ରାହ୍ମଣ ଘରର ନିତ୍ୟକର୍ମ ପୂଜା ମଉଳାରେ ସାହାଯ୍ୟ କରିବ । ତା' ହାତରୁ ପିଣ୍ଡ ପାଇ, ପିତୃପୁରୁଷ ତୃପ୍ତି ହେବେ ।

ପଣ୍ଡିତ - ଛାଡ଼, ସେଥିରୁ ଆଉ କଣ ମିଳିବ । ଯେ ଯାଇଛି, ସେ ସବୁଦିନ ପାଇଁ ଯାଇଛି । ଖାଲି ସାନଟି ଉପରେ ଭରସା । ସେ କ'ଣ କରୁଛି ? ଦେଖାଯାଉ ।

ହରି - ସେ କଥା କିଏ କହିବ ଭାଇନା, କିଏ କ'ଣ କରୁଛି, କିଏ ଜାଣୁଛି । ସୁଦୀପ୍ତ ପରି ପିଲା, ଏପରି ହେବ ତାର ଏମିତି ପରିବର୍ତ୍ତନ ଘଟିବ କିଏ ଏହା କଳ୍ପନା କରିଥିଲା ।
(ପ୍ରବେଶ କରିଛି ବିରେନ୍ଦ୍ର)

ବିରେନ୍ଦ୍ର - ପଣ୍ଡିତେ ଆପଣ ଘରେ ଅଛନ୍ତି ?

Digitized by srujanika@gmail.com

ପଣ୍ଡିତ - ଆସ, ଭିତରକୁ ଆସ ।

ବିରେନ୍ - ମୁଁ ବିରେନ୍ ଦାସ ।

ହରି - ବିରେନ୍ ଦାସ, ନାଁଟା ଶୁଣିଲା, ଶୁଣିଲା ପରି ମନେ ହେଉଛି । ତୁମେ କମଳାବାଈ ଘରକୁ ଯାଅ । ତୁମେ ମୋ ପୁତୁରାକୁ ଅପମାନ ଦେଇଥିଲ । ତାକୁ ପ୍ରହାର କରିଥିଲ । ତୁମେ କାହିଁକି ଏଠାକୁ ଆସିଛ ? କ'ଣ କହିବାକୁ ଆସିଛ ? ଯାହା ତୁମେ କହିବ, ତା ମୁଁ ଜାଣେ ।

ବିରେନ୍ - ତୁମେ କିଏ ମୁଁ ଜାଣେନି । ମୁଁ ଆସିଛି ପଣ୍ଡିତ ମହାଶୟଙ୍କ ସହିତ କଥା ହେବି ।

ହରି - ତୁମ ପରି ବଦମାସ୍ ଲୋକଙ୍କ ସହିତ ସେ କଥାବାର୍ତ୍ତା ହୋଇପାରିବେ ନାହିଁ । ତୁମେ ଚାଲିଯାଅ ।

ପଣ୍ଡିତ - ହରି, କ'ଣ ସେ କହିବାକୁ ଚାହାନ୍ତି, କୁହନ୍ତୁ । ମୋ ଘରକୁ ନ ଆସିବା ଲୋକ ହଠାତ୍ ସେ କାହିଁକି ଆସିଲେ, ସେ କଥା ତାଙ୍କ ତୁଣ୍ଡରୁ ଶୁଣ, ଧୈର୍ଯ୍ୟହରା ହୁଅ ନାହିଁ ହରି ।

ବିରେନ୍ - ମୁଁ କ'ଣ କହୁଥିଲି କି...

ହରି - କ'ଣ ତୁମେ କହିବ ? ମୋ ପୁତୁରା ବିରୁଦ୍ଧରେ କହିବ, ସେଥିପାଇଁ ଆସିଛ ନା କୁହ, କ'ଣ କହିବାକୁ ଚାହଁ କୁହ ।

ବିରେନ୍ - ମୁଁ ଆଉ କଣ କହିବି ? ଏଠାରେ ଗୋଟାଏ ଅଭଦ୍ରଲୋକ ଅଛି ।

ହରି - ହଁ, ହଁ ତୁମେ କିପରି ଭଦ୍ରଲୋକ ତା ମୁଁ ଜାଣେ, ଯାଅ ଶୀଘ୍ର ଘରୁ ବାହାରିଯାଅ । ନଚେତ୍ ଗଳାଧକ୍କା ଦେଇ ବାହାର କରିଦେବି । କଣ ଯିବ ନା ନାହିଁ ।

ବିରେନ୍ - ଆଜି ମୁଁ ଚାଲି ଯାଉଛି ହେଲେ, ଏ ବିରେନ୍ ଦାସର ସ୍ୱରୂପ ଦିନେ ଦେଖିବ ବ୍ରାହ୍ମଣ - ଆଉ ତା ମଧ୍ୟ ଅଳ୍ପ ଦିନ ଭିତରେ ।

ହରି - ଆରେ ଯା ଯା, ତୁ କଣ କରିବୁ ? (ବିରେନ୍ ଚାଲିଗଲା)

ପଣ୍ଡିତ - ଲୋକଟାକୁ କଥା କୁହାଇ ଦେଲ ନାହିଁ ହରି ।

ହରି - ଭାଇନା, ସୁଦୀପ୍ତକୁ ଇଏ ଖରାପ କରିଛି । ମଦ ପିଇବା ଏ ଶିଖାଇଛି । ବେଶ୍ୟା ଘରକୁ ଯିବାକୁ ଏ ପ୍ରବର୍ତ୍ତାଉଛି । ଏ ପୁଣି ତୁମକୁ କଣ ଧର୍ମବାଣୀ ଶୁଣାଇବ - ବଦମାସ କେଉଁଠିକାର ।

Digitized by srujanika@gmail.com

(ସୁଶୀଳା ପ୍ରବେଶ କଲେ)

ସୁଶୀଳା - କ'ଣ ପାଟିତୁଣ୍ଡ ହେଉଥିଲା ହରି । କାହା ଉପରେ ତୁମେ ବିରକ୍ତ ହେଉଥିଲ ।

ହରି - ସେଥିରୁ ତୁମେ କ'ଣ ପାଇବ ଭାଉଜ ?

ସୁଶୀଳା - ନାଇଁଯେ, ମୋ ପୁଅ କଥା କଣ ବୁଝିଲ ?

ହରି - ସବୁତ ଭାଇନାଙ୍କୁ କହିଲି ?

ସୁଶୀଳା - କଣ କହିଲ, ମୋତେ କହୁନା । ମୋ ପୁଅ କେଉଁଠି ଅଛି ?ତା ଦେହ ଭଲ ଅଛି ନା । କ'ଣ ସେ ଖାଉଛି ? ବୋଉ ନ ଖୋଇଦେଲେ ସେ ୧୫ ବର୍ଷ ପର୍ଯ୍ୟନ୍ତ ଖାଉ ନଥିଲା, କଣ ସେ ତା ହାତରେ ଖାଉଥିବ । ତାର ପେଟ ପୁରୁଛି ନା ନାହିଁ ।

ପଣ୍ଡିତ - ତୁମେ କଣ ଖାଉଛ, ସେ କଥା ତ କେବେ ବୁଝୁନି, ତା ପାଇଁ ତୁମେ ଏତେ ବ୍ୟସ୍ତ କିଆଁ ? ତୁମେ ଯାଅ, ତୁମ କାମ କର । ତୁମ ପୁଅ ଭଲ ଅଛି ।

ସୁଶୀଳା - ତୁମେ ସତ କହୁଛ, ମୋ ପୁଅ ଭଲ ଅଛି । ତୁମକୁ ମୋ ରାଣ, ମୋ ପୁଅ କିମିତି ଅଛି କହିଲ ? ତୁମେ ନ କହିଲେ ତୁମ ଆଗରେ ଏ ମୁଣ୍ଡ ପିଟିଦେବି ।

ପଣ୍ଡିତ - ହରି, ଭାଉଜକୁ ତା ପୁଅ କଥା କହିଲ ।

ହରି - ନା, ଭାଇନା, ଆପଣ କୁହନ୍ତୁ । ମୁଁ କହିପାରିବି ନାହିଁ ।

ପଣ୍ଡିତ - ଶୁଣିବ ତୁମ ପୁଅର କଥା । ତୁମ ବଡ଼ପୁଅ ସୁଦୀପ୍ତ କମଳାବାଈ ବେଶ୍ୟାଘରେ ପଡ଼ି ରହିଛି ।

ସୁଶୀଳା - ବେଶ୍ୟାଘରେ, ସେ ବେଶ୍ୟାଘରେ କାହିଁକି ରହିବ ?

ପଣ୍ଡିତ - ସେ ତାକୁ ବାହା ହେବ । ବୋହୂ କରି ଘରକୁ ଆଣିବ ।

ସୁଶୀଳା - କ'ଣ କହିଲ ? ମୁଁ ତାହେଲେ ଆଉ ବଞ୍ଚିବି କାହିଁକି ? ସୁଦୀପ୍ତରେ ମତେ ମାରି ନ ଦେଲୁ କାହିଁକି ? (କଚାଡ଼ି ହୋଇ ପଡ଼ିଗଲେ) (କାନ୍ଦିଲେ)

ହରି - ତୁନି ହୋଇଯାଅ ଭାଉଜ, କାନ୍ଦିଲେ ଆଉ କଣ ହେବ ? ବହିଗଲା ନଈ, ଉଡ଼ିଗଲା ଚଢ଼େଇକୁ କଣ ଆଉ ଅଟକାଇ ହେବ ।

ସୁଶୀଳା - ମତେ ମୋ ପୁଅ ପାଖକୁ ନେଇଯାଅ, ହରି ମୋତେ ସେଠାକୁ ନେଇଯାଅ । (ପ୍ରଦୀପ୍ତ ବାହାରୁ ବୋଉ ବୋଉ ଡ଼ାକ)

Digitized by srujanika@gmail.com

ସୁଶୀଳା - ଏଇ ମୋ ପୁଅ ସୁଦୀପ୍ତ ଫେରି ଆସିଛି । ସେ ତା'ମାକୁ ଛାଡ଼ି କେବେହେଲେ ଗୋଟିଏ ବେଶ୍ୟା ଘରେ ରହିପାରିବନି । ସୁଦୀପ୍ତ... ମୋ ବଡ଼ପୁଅ ।

ପ୍ରଦୀପ୍ତ - (ପ୍ରବେଶ) ମୁଁ ତୋ ବଡ଼ପୁଅ ନୁହେଁ ବୋଉ ମୁଁ ତୋ ସାନପୁଅ ପ୍ରଦୀପ୍ତ - ଆଜି ବିଦେଶରୁ ଆସିଛି । (ପ୍ରଣାମ କଲା ବୋଉ, ନନା ଓ କକେଇ ହରିହରଙ୍କୁ)

ପଣ୍ଡିତ - ସୁଶୀଳା - ଆରେ ତମ ସାନପୁଅ ପ୍ରଦୀପ୍ତ ଆସିଛି । ସୁଶୀଳା ଦେଖ - ଭଲ ଭାବରେ ଦେଖ । କିରେ ଟେଲିଗ୍ରାମ କରିଥିଲୁ କାଲି ଆସିବୁ ବୋଲି, ହେଲେ ବିଳମ୍ବ ହେଲା କାହିଁକି ?

ପ୍ରଦୀପ୍ତ - ନାଇଁ ନନା, ଠିକ୍ ସମୟରେ ପ୍ଲେନ୍ ପାଇଲି ନାହିଁ । ଆଉ ଘରେ ସବୁ ଭଲ ତ ନନା, ବୋଉ ତୋ ଦେହ ଭଲ ଅଛି ତ, ଭାଇ କୁଆଡ଼େ ଗଲେ । (ଘରକୁ ଯିବାକୁ ଉଦ୍ୟତ) ଭାଇନା, ଭାଇନା...

ସୁଶୀଳା - (କାନ୍ଦୁଥିଲା) ପ୍ରଦୀପ୍ତ

ପଣ୍ଡିତ - ତୋ ଭାଇନା ଘରେ ନାହିଁରେ ପ୍ରଦୀପ୍ତ...

ପ୍ରଦୀପ୍ତ - ଘରେ ଯଦି ନାହାନ୍ତି, ତାହାହେଲେ ଗଲେ କୁଆଡ଼େ, ରାତି ଆସି ଆଠଟା ହେଲାଣି । ଭାଇନା ଗଲେ କୁଆଡ଼େ ? କଣ ହେଲା ବୋଉ ତୁ କାନ୍ଦୁଛୁ କାହିଁକି ?

ପଣ୍ଡିତ - କଥା କଣ କି ବାପ...

ହରି - ତମେ କେବେ ହେଲେ ପ୍ରଦୀପ୍ତକୁ ସତକଥାଟା କହିପାରିବନି ଭାଇନା- ହେଲେ ମୁଁ କହୁଛି ଶୁଣୁ ବାପା ।

ପଣ୍ଡିତ - ନାହିଁ ହରି ତମେ କିଛି କହନି ତାକୁ, ମୋ ରାଣ ।

ହରି - ରାଣ ପକାନି ଭାଇନା, ସତ କଥାଟା ମୋତେ କହିବାକୁ ଦିଅ । କଥା କଣକି ବାପ ପ୍ରଦୀପ୍ତ ତୋ ଭାଇ ଗୋଟାଏ ବେଶ୍ୟା ମାଇପି ପ୍ରେମରେ ପଡ଼ି ଆଜିକି ୨୦ ଦିନ ହେଲା ଘରକୁ ଆସୁନି ।

ପ୍ରଦୀପ୍ତ - କକେଇ...

ପଣ୍ଡିତ - ହରିହର ଠିକ୍ କହୁଛି ବାପ ପ୍ରଦୀପ୍ତ - ଯେଉଁ ବଡ଼ଭାଇଠୁ ତୁ ଏହା ଆଶା କରିନଥିଲୁ, ତାହା ଘଟି ଯାଇଛି ।

ପ୍ରଦୀପ୍ତ - କିନ୍ତୁ ନନା, ବୋଉ ଭାଇଙ୍କର ହଠାତ୍ ଏ ପ...ରି...ବ...ର୍ତ୍ତ..ନ ।

- ଅନ୍ଧାର -

Digitized by srujanika@gmail.com

- ଷଷ୍ଠ ଦୃଶ୍ୟ -

(ରାସ୍ତା । ବିରେନ୍ଦ୍ର ଗର୍ଜି ଉଠୁଥିଲା ।)

ବିରେନ୍ଦ୍ର - ଅପମାନ । ଘୋର ଅପମାନ, ମୁଁ ନିଶ୍ଚୟ ଯାର ବଦଲା ନେବି । ମୋତେ ଘରୁ ବାହାର କରିଦେଲା, ତା ପୁଅ ପାଇଁ ମୁଁ କହିବାକୁ ଯାଇଥିଲି । ପଣ୍ଡିତ ପୁଅ ବେଶ୍ୟା ଘରେ ଦିନ କାଟୁଛି । ସେ କିପରି କମଳାକୁ ନିଜର କରି ରଖିବ, ମୁଁ ଦେଖିବି । (ପୋଜ୍) ଆବେ ଏ ଶୁଣ୍ ।

(ପ୍ରବେଶ କରିଛି ସତ୍ୟ)

ସତ୍ୟ - କଥା କଣ ବାବୁ ?

ବିରେନ୍ଦ୍ର - ତୁ ଯାହା ଟଙ୍କା ନେବୁ ମୁଁ ଦେବି, ମୁଁ ଯାହା କହିବି, ତାହା କରିବୁ ।

ସତ୍ୟ - କାହିଁକି କରିବିନି ଆଜ୍ଞା ?

ବିରେନ୍ଦ୍ର - କମଳା ପାଖରୁ ସେ ସୁଦୀପ୍ତକୁ ସବୁଦିନ ପାଇଁ ହଟାଇ ଦେବାକୁ ପଡ଼ିବ ।

ସତ୍ୟ - ଭଲ କଥା ଆଜ୍ଞା, ଲୋକଟା ଖରାପ ହୋଇଗଲା । ଆପଣ ଯଦି ପାରିବେ କରନ୍ତୁ । ମୁଁ ନିଶ୍ଚୟ ସାହାଯ୍ୟ କରିବି ।

ବିରେନ୍ଦ୍ର - ମୁଁ ତା ବୁଢ଼ାବାପ ପାଖକୁ ଯାଇଥିଲି ।

ସତ୍ୟ - ତାଙ୍କ ବାପା ଭାରି ଭଲ ଲୋକ ।

ବିରେନ୍ଦ୍ର - କିନ୍ତୁ ଅନ୍ୟ ଲୋକଟା । ଗୋଟାଏ ହାରାମି । ମୁଁ ତାର ପୁତୁରାକୁ ମାରିଥିଲି ବୋଲି ତାର ମୋ ଉପରେ ରାଗ । ସେ ମୋତେ ଘରୁ ତଡ଼ିଦେଲା ।

ସତ୍ୟ - ଛାଡ଼ନ୍ତୁ ଆଜ୍ଞା । ଛୋଟ ଲୋକ ସେମାନେ, ଆପଣ କଣ, ସେ କଣ, ଦରିଦ୍ର ବ୍ରାହ୍ମଣ, ଛଣ୍ଡାଟିଏ ଆଣିଲେ ପେଟ ପୋଷିବେ । ତେବେ ଆପଣ ଯେଉଁ କଥାଟିଏ କହିଲେ, ମୋର ମନକୁ ପାଇଲା, କିମିତି ସେ ଲୋକଟାକୁ କମଳା ଅପା ପାଖରୁ ବାହାର କରିବେ, ତାହାହିଁ ଚିନ୍ତା କରନ୍ତୁ ।

ବିରେନ୍ଦ୍ର - ତୁ ଜାଣୁ ମୁଁ କମଳାକୁ ଲକ୍ଷ, ଲକ୍ଷ ଟଙ୍କା ଦେଇଛି । କମଳା ମୋର ହୋଇ ଅଲବତ ରହିବ ।

ସତ୍ୟ - ରହିବ, ନିଶ୍ଚୟ ରହିବ । ଅଲବତ୍ ରହିବ । ସାତ ପୁରୁଷ ରହିବ ।

Digitized by srujanika@gmail.com

ବିରେନ୍ - ବଦମାସ୍, ତୁ ମୋଟେ ଥଟା କରୁଛୁ ।

ସତ୍ୟ - ନାଇଁ ଆଜ୍ଞା, ମୋ କଥାଗୁଡ଼ାକ ସେମିତି ।

ବିରେନ୍ - ତେବେ ସେ କେମିତି ମୋର ହୋଇ ରହିବ ?

ସତ୍ୟ - ସେଇକଥା ତ ମୁଁ ପଚାରୁଛି ଆଜ୍ଞା । ତୁମେ, ଆପଣ ମୋତେ ଟିକିଏ ବୁଝାଇଦିଅନ୍ତୁ । କେହିତ କାହାକୁ ଛାଡ଼ି ଯାଉନାହାନ୍ତି ।

ବିରେନ୍ - ଯିବେ, ସବୁଦିନ ପାଇଁ ଯିବ । କେତେଦିନ ସେ ତା' ପାଖରେ ରହିବ । ବ୍ରାହ୍ମଣ ଘରପିଲା । ଚଣ୍ଡାଳୁଣୀ ପାଖରେ ପଡ଼ି ରହିଛି ।

ସତ୍ୟ - ଆପଣ ତ ସେଇ କଥା କହିଲେ, ଆପଣ କ'ଣ ? କମଳା ଅପା କଣ ? ଆପଣ କିପରି ତା ପାଖରେ ପଡ଼ି ରହିବେ ?

ବିରେନ୍ - ସେ ମୋର ଚାକରାଣୀ ହୋଇ ରହିବ ।

ସତ୍ୟ - ହଁ କଥାଟା ଏଥର ମନକୁ ପାଇଲା । ଆଜ୍ଞା, ଗୋଟିଏ କଥା ପ୍ରଥମେ କରନ୍ତୁ । କମଳା ଅପାକୁ ନିଜର କରି ନିଅନ୍ତୁ । ପରେ ଅନ୍ୟମାନଙ୍କ କଥା ଦେଖିବେ । କମଳା ଅପା ଯଦି ତାକୁ ନ ଛାଡ଼େ ।

ବିରେନ୍ - ତାହାହେଲେ ମୁଁ ସେ ଲୋକକୁ ଗୁଳିକରି ମାରିଦେବି ।

ସତ୍ୟ - ଆପଣ ନରହତ୍ୟା କରିବେ, କାହିଁକି ଆଜ୍ଞା ? ନରହତ୍ୟା ମହାପାପ ।

ବିରେନ୍ - ହିତୋପଦେଶ ମୋତେ ଶୁଣାଅନି । ତୁ ମୋତେ ସାହାଯ୍ୟ କରିବୁ । ଦଶହଜାର ଦେବି ।

ସତ୍ୟ - ଏକକାଳିନ ଦେବେ ନା ଆଜ୍ଞା, ହଜାର ହଜାର କରିଦେବେ, ମୁଁ ତ ଏତେଗୁଡ଼ାଏ ଟଙ୍କା ଏକକାଳିନ ଦେଖିନି । ତେବେ ଆଜ୍ଞା, ଆପଣ ମୋତେ କୁହନ୍ତୁ ମୁଁ କ'ଣ କରିବି ?

ବିରେନ୍ - ତୋର, ମୋର ଶବକୁ ନେଇ ଫିଙ୍ଗିଦେଇ ଆସିବା ।

ସତ୍ୟ - ଧରାପଡ଼ିଲେ, ମରିଯିବା ଆଜ୍ଞା, ଆଜ୍ଞା କଥାଟିଏ କହିବି, ମୁଁ ଏବେ ନୂଆ ବାହା ହୋଇଛି । ମୋ ସ୍ତ୍ରୀ ଘଡ଼ିକ ପାଇଁ ମୋତେ ନ ଦେଖିଲେ ପାଗଳି ହୋଇଯାଉଛି ଆଜ୍ଞା । ମୂର୍ଚ୍ଛା ରୋଗ ବାହାରି ପଡୁଛି ।

ବିରେନ୍ - ମୁଁ ଜାଣେ ତୁ ଗୋଟାଏ ହାରାମି, ବଦମାସ । ଦେଖେ ଏ କଥା ଯେପରି କାହା ଆଗରେ ନ କହୁ । ଯଦି ମୁଁ ଶୁଣିବି, ଆଗ ତୋତେ ଗୁଳି କରି ମାରିଦେବି ।

Digitized by srujanika@gmail.com

ସତ୍ୟ - ସାର୍, ମୋ ସ୍ତ୍ରୀ ରାଣ ପକାଉ ଅଛନ୍ତି, ମୁଁ କାହାକୁ କହିବିନି ।

ବିରେନ୍ - ହଜ, ନେ ପଚାଶ ଟଙ୍କା ।

ସତ୍ୟ - ପଚାଶ ଟଙ୍କା, ନ କହିବା ପାଇଁ ।

ବିରେନ୍ - ଆଉ ପଚାଶ ଟଙ୍କା ରଖ । ଏ କଥାଟା ଗୁପ୍ତ ରଖିବା ପାଇଁ, କଣ ବୁଝିଲୁ ?

ସତ୍ୟ - ବୁଝିଗଲି ସାର୍ । (ଦୁହେଁ ହସି ଉଠିଲେ)

- ଅନ୍ଧାର -

- ସପ୍ତମ ଦୃଶ୍ୟ -

(କମଳାବାଈର ଘର । ସୁଦୀପ୍ତ, କମଳା ଆନନ୍ଦରେ ଗୀତ ଗାଉଥିଲେ । ଦ୍ୱୈତ କଣ୍ଠରେ ।)

କମଳା - ସୁଦୀପ୍ତ, କଣ ଆଜି ମଧ ଘରକୁ ଯିବନି ।

ସୁଦୀପ୍ତ - ନାଁ

କମଳା - କେତେଦିନ ପର୍ଯ୍ୟନ୍ତ ଘରକୁ ଯିବନି ?

ସୁଦୀପ୍ତ - ଯେତେଦିନ ପର୍ଯ୍ୟନ୍ତ ନନା, ବୋଉ ତୁମକୁ ବୋହୂ ରୂପେ ଗ୍ରହଣ କରିନାହାଁନ୍ତି ।

କମଳା - ତୁମେ କ'ଣ ଭାବୁଛ ? ଏହା ସମ୍ଭବ ହୋଇପାରିବ ?

ସୁଦୀପ୍ତ - କାହିଁକି ହେଇପାରିବନି କମଳା ?

କମଳା - ମୁଁ ଜଣେ ପତିତା ।

ସୁଦୀପ୍ତ - ମିଛ କଥା ।

କମଳା - ଦୁନିଆର ଦୃଷ୍ଟିରେ ମୁଁ ପତିତା ।

ସୁଦୀପ୍ତ - ଦୁନିଆର ସେହି ପାପଦୃଷ୍ଟିକୁ ମୁଁ ବଦଳାଇ ଦେବି । ମୁଁ ପ୍ରମାଣ କରିଦେବାକୁ ଚାହେଁ, ଜଣେ ନୃତ୍ୟଶିଳ୍ପୀର ବି ହୃଦୟ ଅଛି । ତୁମ ଆମ ସମସ୍ତଙ୍କ ପରି ବି ତାର୍ ହୃଦୟ ଅଛି । ସେ ଭଲ ପାଇ ଜାଣେ ।

କମଳା - ଏହାକୁ କଣ ଅନ୍ୟମାନେ ଗ୍ରହଣ କରିବେ ।

ସୁଦୀପ୍ତ - ଗ୍ରହଣ କରିବା ପାଇଁ, ମୋର ଏ ସଂଗ୍ରାମ । ସମାଜରେ ସଂସ୍କାର ଆଣିବା ଲକ୍ଷ୍ୟ ମୋର୍ । ସେହି ଲକ୍ଷ୍ୟ ସାଧିତ ନ ହେବାଯାଏଁ, ମୋର ସଂଗ୍ରାମ ଅବ୍ୟାହତ ରହିବ ।

Digitized by srujanika@gmail.com

କମଳା - କିନ୍ତୁ ନନା, ବୋଉ ତୁମପାଇଁ ଯେ କେତେ ବ୍ୟସ୍ତ ହେଉଥିବେ । ତୁମେ ପୁତ୍ର । ପିତା, ମାତାଙ୍କ କଥା ମାନିବା ତୁମର ଧର୍ମ, ମୋ ଯୋଗୁଁ ତୁମର ପିତୃପୁରୁଷ ଅସନ୍ତୁଷ୍ଟ ହେବେ ।

ସୁଦୀପ୍ତ - ମିଛ କଥା । ଏ ସବୁ ତୁମର ମନଗଢ଼ା କଥା । ତୁମେ ପବିତ୍ର, ଅପବିତ୍ରତା, ତୁମକୁ ସ୍ପର୍ଶ କରି ନ ପାରେ ।

କମଳା - ତୁମର, ନନା, ବୋଉ ଭାବୁଥିବେ । ମୁଁ ତୁମକୁ ବନ୍ଦୀ କରି ରଖିଛି । ସେମାନେ ଅଭିଶାପ ଦେଉଥିବେ ।

ସୁଦୀପ୍ତ - ତୁମେ କଣ ଭାବୁଛ ? ସେମାନଙ୍କ ପ୍ରତି ମୋର କିଛି କର୍ତ୍ତବ୍ୟ ନାହିଁ । ମୁଁ କଣ ଅମନୁଷ୍ୟ ।

କମଳା - ସେମାନେ ବୃଦ୍ଧ । ଏ ଅବସ୍ଥାରେ ସେମାନଙ୍କୁ ଛାଡ଼ି ରହିବା, ମୋ ବିଚାରରେ ଜମା ଉଚିତ୍ ନୁହେଁ । ତୁମେ ଘରକୁ ଫେରିଯାଅ ସୁଦୀପ୍ତ, ମୁଁ ଯେ ତୁମର, ତୁମ ପାଇଁ ମୁଁ ସବୁକିଛି କରିପାରିବି । ଧନ, ମାନ, ଯଶ ସବୁକିଛି ଛାଡ଼ି, ମୁଁ ତୁମ ପଛରେ ଧାଇଁଛି । କାହିଁକି ଜାଣ ସୁଦୀପ୍ତ ? ତୁମେ ମୋ ଜୀବନ । ତୁମକୁ ମୁଁ ଭଲପାଏ । ଖୁବ୍ ଭଲପାଏ ।

ସୁଦୀପ୍ତ - ହଁ, ମୁଁ ସ୍ୱୀକାର କରୁଛି, ମୋ ପାଇଁ, ତୁମେ ସବୁ କିଛି କରିଛ । ସେଥିପାଇଁ ମୁଁ ଦୁଃଖିତ । କଣ ତୁମେ ପୁନର୍ବାର ସେହି ଜୀବନକୁ ଫେରିଯିବାକୁ ଚାହଁ ? ବେଶ୍ ତୁମେ ଯାଇପାର । ମୁଁ ତୁମର ପ୍ରତିବନ୍ଧକ ହେବାକୁ ଚାହେଁ ନାହିଁ । ବେଶ୍, ତାହେଲେ ମୁଁ ଚାଲିଯାଉଛି ।

କମଳା - ସୁଦୀପ୍ତ, କଣ ରାଗିଗଲ ? ମୋତେ କ୍ଷମାକରିଦିଅ । ମୁଁ ଆଉ ତୁମକୁ କିଛି କହିବି ନାହିଁ । ଯାହା ତୁମର ଇଚ୍ଛା, ଯାହା ତୁମର ଖୁସୀ ।

(ଏଇ ସମୟରେ ଶୁଭିଲା ଭାଇନା ଘରେ ଅଛନ୍ତି)

ସୁଦୀପ୍ତ - କମଳା ତୁମେ ଭିତରକୁ ଯାଅ । ଆସ ଭିତରକୁ ଆସ ।

(କମଳା ଚାଲିଯାଇଛି)

(ପ୍ରଦୀପ୍ତ ପଶି ଆସିଛି । ହାତରେ ବ୍ୟାଗ୍ ।)

ପ୍ରଦୀପ୍ତ - (ପାଦ ଧୂଳି ନେଇ) ଭାଇନା, ଆପଣ ଏଠାରେ କଣ କରୁଛନ୍ତି ?

Digitized by srujanika@gmail.com

ସୁଦୀପ୍ତ - ତୁ କେବେ ଆସିଲୁ ? ଏଠାକୁ ତତେ କିଏ ପଠାଇଲା ? ନନା ପଠାଇଲେ ?

ପ୍ରଦୀପ୍ତ - ତେବେ ଭାଇନା, ମୋର କହିବାର କଥା, ଆପଣ କ'ଣ ନନା ବୋଉଙ୍କୁ ଭୁଲିଗଲେ ?

ସୁଦୀପ୍ତ - କିଏ କଣ ନନା, ବୋଉଙ୍କୁ ଭୁଲିପାରେ ।

ପ୍ରଦୀପ୍ତ - ତେବେ ଭାଇନା, ମୋର ଅନୁରୋଧ, ଆପଣ ମୋ ସାଙ୍ଗରେ ଘରକୁ ଆସନ୍ତୁ ।

ସୁଦୀପ୍ତ - ତୋର ପଢ଼ା ସରିଲା ?

ପ୍ରଦୀପ୍ତ - କ୍ୟାମ୍ପସ୍ ସିଲେକ୍ସନ୍‌ରେ ମୁଁ ଚାକିରି ପାଇଗଲି । ମୁଁ ଫ୍ରାନ୍ସ୍ ଚାଲିଯିବି ।

ସୁଦୀପ୍ତ - କ'ଣ ନନା, ବୋଉଙ୍କୁ ସାଙ୍ଗରେ ନେଇଯିବୁ ?

ପ୍ରଦୀପ୍ତ - ଯଦି ସେମାନେ ଚାହିଁବେ, ନିଶ୍ଚୟ ନେଇଯିବି ।

ସୁଦୀପ୍ତ - ତେବେ ମୋ କଥା ଚିନ୍ତା କରୁଛୁ କାହିଁକି ?

ପ୍ରଦୀପ୍ତ - ଶୁଣିଲି, ନନା ତୁମକୁ ମାରିଲେ । ସେହିଦିନଠାରୁ ତୁମେ ଘର ଛାଡ଼ି ଦେଇଛ । ନନାଙ୍କର ଶାସନ କରିବାର କ'ଣ ଅଧିକାର ନାହିଁ । ଆପଣ ଯାହା କରିଥିଲେ ତା' କ'ଣ ଠିକ୍ କରିଥିଲେ ? ଆପଣ ମଦ ପିଇ ନନାଙ୍କୁ ସାମନା କରିପାରିଲେ ? ଏଇଟା କଣ ଆପଣଙ୍କର ଅନ୍ୟାୟ ନୁହେଁ । କୁହ ଭାଇନା, ନନା କଣ ଭୁଲ କରିଛନ୍ତି ? ତୁମେ ଏଠାରେ ପଡ଼ିରହିଛ ? କୋଉ ପୁଅ, ବାପା, ମା'ଙ୍କୁ ଛାଡ଼ି ତାର ପ୍ରେମିକା ଘରେ ପଡ଼ି ରହିପାରେ । ଆପଣ ଉଚ୍ଚଶିକ୍ଷିତ, ଜ୍ଞାନୀ ।

ସୁଦୀପ୍ତ - ଏତିକି ନା, ଆଉ କିଛି କହିବାକୁ ଚାହୁଁ ।

ପ୍ରଦୀପ୍ତ - ମୁଁ ପଚାରୁଛି, ଆପଣ ଘରକୁ ଯିବେ କି ନାହିଁ ।

ସୁଦୀପ୍ତ - ନା,

ପ୍ରଦୀପ୍ତ - କାହିଁକି ?

ସୁଦୀପ୍ତ - ମୁଁ ଯଦି ଯିବି, କମଳାକୁ ସାଙ୍ଗରେ ନେଇଯିବି ।

ପ୍ରଦୀପ୍ତ - ଏ କଥା ଆପଣ ନନାଙ୍କୁ ପଚାରିଛନ୍ତି ?

ସୁଦୀପ୍ତ - ନା

Digitized by srujanika@gmail.com

ପ୍ରଦୀପ୍ତ - ଚାହିଁକି ପଚାରିଲେ ନାହିଁ ?

ସୁଦୀପ୍ତ - ନନା କଣ କମଳାକୁ ବୋହୂ ରୂପେ ଗ୍ରହଣ କରିବେ ? ବ୍ରାହ୍ମଣ ଶ୍ରେଷ୍ଠ ଜାତି । ସେ ଅନ୍ୟ କୌଣସି କନ୍ୟା ଗ୍ରହଣ କରିପାରେନା । ତା ହାତରୁ ପିତୃପୁରୁଷ ପିଣ୍ଡ ପାଇବେ ନାହିଁ, ସେଥିପାଇଁ ମୋର ସୁନାଭାଇ, ମୋର ଅନୁରୋଧ ରକ୍ଷା କରି, ତୁ ଜଣେ ନୈଷ୍ଠିକ ବ୍ରାହ୍ମଣ କନ୍ୟାକୁ ବିବାହ କର । ଅନ୍ତତଃ ତା' ହାତୁ ପିତୃପୁରୁଷ ପିଣ୍ଡ ଗ୍ରହଣ କରିବେ ।

ପ୍ରଦୀପ୍ତ - ବ୍ରାହ୍ମଣ, ବ୍ରାହ୍ମଣ, ବ୍ରାହ୍ମଣ । ଏ କଥା ଶୁଣି ଶୁଣି ମୁଣ୍ଡ ମୋର ଖରାପ ହୋଇଗଲାଣି ।

ସୁଦୀପ୍ତ - ମୁଁ କମଳାକୁ ଛାଡ଼ି ଅନ୍ୟ ପତ୍ନୀ ଗ୍ରହଣ କରିପାରେନା । ନନା ଯେତେଦିନ ପର୍ଯ୍ୟନ୍ତ କମଳାକୁ ବୋହୂରୂପେ ଗ୍ରହଣ କରିନାହାଁନ୍ତି, ସେ ଘରକୁ ମୋର ଯିବା ଅସମ୍ଭବ ।

ପ୍ରଦୀପ୍ତ - ତାହେଲେ ବୃଦ୍ଧ ବାପା, ମା ବଞ୍ଚିବେ କିପରି ? ମୁଁ ନନା, ବୋଉକୁ ଯାଇ କଣ କହିବି ?

ସୁଦୀପ୍ତ - ସବୁ କଥା ମୁଁ ତୋତେ ଖୋଲି କହିଲି । ତୋର ବିଚାର ବୁଦ୍ଧି ଅଛି । ଯାହା ତୁ ଭଲ ବିଚାର କରୁଛୁ । ତା ସେମାନଙ୍କୁ ଯାଇ କହ ।

ପ୍ରଦୀପ୍ତ - ତା'ହେଲେ ମୁଁ ଆସୁଛି ଭାଇନା ।

ସୁଦୀପ୍ତ - ଚାଲେ, ମୁଁ ତୋତେ ଖଣ୍ଡେ ଦୂର ଛାଡ଼ି ଦେଇ ଆସିବି ।

(ବାହାରକୁ ଚାଲିଗଲେ ସୁଦୀପ୍ତ ଓ ପ୍ରଦୀପ୍ତ । ସିଗାରେଟ୍ ଜଳାଇ ପ୍ରବେଶ କଲେ ବିରେନ୍ଦ୍ର ଦାସ୍ । ଦୃଷ୍ଟି ଦେବାକୁ ହେବ ସୁଦୀପ୍ତ ଓ ବିରେନ୍ଦ୍ରର ଜାକେଟ୍ ଏକା କଲର୍ ହୋଇଥିବ । ବାହାରକୁ ଦୃଷ୍ଟି ଦେଇ ନୃତ୍ୟବେଳେ କମଳାଗଭାରୁ ଖସି ପଡ଼ିଥିବା ଫୁଲମାଳଟିକୁ ଚୁମ୍ବନ ଦେଉଥିଲା ବିରେନ୍ଦ୍ର । ପ୍ରବେଶ କଲା ପଛପଟୁ କମଳା, ବିରେନ୍ଦ୍ରକୁ ସୁଦୀପ୍ତ ମନେ କରି ଧରିନେଲା ।)

କମଳା - କିଏ ଆସିଥିଲା ସୁଦୀପ୍ତ ? କାହା ସହିତ କଥା ହେଉଥିଲ ? କଣ ସତ୍ୟ ଆସିଥିଲା ଯେ... (ବିରେନ୍ଦ୍ରକୁ ଦେଖି) ବିରେନ୍ଦ୍ର ବାବୁ ଆପଣ... ଚାଲିଯାଆନ୍ତୁ ଏଠାରୁ । (ଚାଲିଯାଉଥିଲା)

ବିରେନ୍ଦ୍ର - ଠିଆ ହୁଅ । (କମଳାବାଈର ହାତକୁ ଧରି)

Digitized by srujanika@gmail.com

କମଳା - ମୋ ହାତ ଛାଡ଼ନ୍ତୁ ବିରେନ୍ଦ୍ର ବାବୁ ।
ବିରେନ୍ଦ୍ର - ଆହା ! କଥାଟା ନ ଶୁଣି ଏମିତି ଚାଲିଯିବୁନା କଣ କମଳାବାଈ...
କମଳା - ମୋ ହାତ ଛାଡ଼ନ୍ତୁ ବିରେନ୍ଦ୍ର ବାବୁ ।
ବିରେନ୍ଦ୍ର - ଏଇ ଛାଡ଼ିଦେଲି । ରାଗନି, କମା ରାଗନି, ତୁରାଗିଲେ ନା କଣ ଦେଖାଯାଉଛୁ ।
କମଳା - କାହିଁକି ଏଠାକୁ ଆସିଛନ୍ତି ?
ବିରେନ୍ଦ୍ର - କାହିଁକି ଏଠାକୁ ମୁଁ ଆସିଛି ତତେ କଣ ଆହୁରି ବୁଝାଇବାକୁ ପଡ଼ିବ । (ଧରିନେଲା)
କମଳା - ବିରେନ୍ଦ୍ର ବାବୁ (ହାତ ଉଠାଇଥିଲା)
ବିରେନ୍ଦ୍ର - (ହାତକୁ ଧରିନେଇ) ଚୁପ୍ ଶାଳୀ ମୋ ଉପରକୁ ହାତ ଉଠାଇଦେଲୁ । ତୋର ଏତେ ସାହାସ୍ । ଭୁଲି ଯାଅନି । ଏ ବିରେନ୍ଦ୍ର ଦାସ ତୋ ପାଦତଳେ କେତେ ଯେ ଟଙ୍କା ଫିଙ୍ଗିଦେଇଛି ଖାଲି ତତେ ଉପଭୋଗ କରିବା ପାଇଁ । ଆଉ ଆଜି ତୁ ମତେ ହାତ ଉଠେଇଦେଲୁ । ତତେ ଆଜି ମୁଁ ଛାଡ଼ିବିନି... ଆଜି ତତେ ମୁଁ... (ବାହାରୁ ପଣ୍ଡିତଙ୍କ ସ୍ୱର ଭବତୀ ଭିକ୍ଷାଂ ଦେହି, କମଳାକୁ ଛାଡ଼ି ରାଗରେ ଚାଲିଗଲା ବିରେନ୍ଦ୍ର, ପ୍ରବେଶ କଲେ ପଣ୍ଡିତ)
ପଣ୍ଡିତେ - କରୁଣାମୟୀ ମା' ଘରେ ଅଛନ୍ତି ।
କମଳା - କିଏ ?
ପଣ୍ଡିତେ - ମୁଁ ଜଣେ ଭିକ୍ଷୁ ବ୍ରାହ୍ମଣ
ଭିତରୁ - ଅପେକ୍ଷା କର, ସଂଚା ନେଇ ଆସୁଛି ।
ପଣ୍ଡିତେ - ମା' ତୁମର ମଙ୍ଗଳ ହେଉ ।
(ସଂଚା ହାତରେ ଧରି କମଳା ଠିଆ ହେଲା)
ମା' ତୁମେ, ତୁମର ଦର୍ଶନ ପାଇ ସୁଖୀ ହେଲି ।
ମା' ତୁମେ କୋମଳ ହୃଦୟା, ତୁମେ କରୁଣାମୟୀ, ଶାନ୍ତି ପ୍ରଦାୟିନୀ ।
କମଳା - ସଂଚା ଗ୍ରହଣ କରନ୍ତୁ ମହାତ୍ମା ।
ପଣ୍ଡିତେ - ଏଥିରେ ମୋର ପ୍ରୟୋଜନ ନାହିଁ ମାନବୀ । ମୁଁ ଆସିଛି କରୁଣାମୟୀ ମା'ଠାରୁ ଟୋପାଏ କରୁଣା ପାଇଁ, ସେ କରୁଣାରୁ ବଞ୍ଚିତ କର ନାହିଁ ମାତ ।

Digitized by srujanika@gmail.com

କମଳା - କ'ଣ ଆପଣଙ୍କର ଦରକାର ମୋତେ ଖୋଲି କୁହନ୍ତୁ ?

ପଣ୍ଡିତେ - ମୁଁ ଆସିଛି ମୋ ପୁତ୍ର ଭିକ୍ଷାପାଇଁ, ଯେଉଁ ପୁତ୍ର ପାଇଁ, ଆମେ ପିତା, ମାତା ଆଜି ଅଶେଷ ଯନ୍ତ୍ରଣା ଭୋଗୁଛୁ । ଯେଉଁ ପୁତ୍ର ପାଇଁ ଅଭାଗିନୀ ମା' ବ୍ୟାଧିଗ୍ରସ୍ତା, ଯେଉଁ ପୁତ୍ର ଆମର ବାର୍ଦ୍ଧକ୍ୟର ସାଥୀ, ଆଶାବାଡ଼ି, ସେହିପୁତ୍ରକୁ ମୋତେ ଫେରାଇଦିଅ ମା ।

କମଳା - ପୁତ୍ର ଆପଣଙ୍କର ।

ପଣ୍ଡିତେ - ତୁମ ନିକଟରେ ବନ୍ଦୀ । ସେ ତାର ଜନ୍ମଦାତା, ପିତା, ମାତାଙ୍କୁ ଭୁଲି ଯାଇଛି, ତାର ମା' ମୋତେ ପଠାଇଛନ୍ତି ତାକୁ ଫେରାଇ ନେବାକୁ । ମୋର ପୁତ୍ର କାହିଁ ? ଦୀର୍ଘ ୨ ମାସ ହେଲା, ସେ ଆମକୁ ତ୍ୟାଗ କରିଛି । ମା' ଆମ୍ଭମାନଙ୍କ ପ୍ରତି କରୁଣା କର । ଯେଉଁ ଭିକ୍ଷା ପାଇଁ ମୁଁ ଆଜି ତୁମର ଦ୍ୱାରସ୍ଥ, ଅଞ୍ଜୁଳି ମୋର ଭରିଦିଅ । ମା' ନାମର ସାର୍ଥକତା ପ୍ରତିପାଦନ କର ।

କମଳା - ଆପଣ ସୁଦୀପ୍ତଙ୍କ କଥା କହୁଛନ୍ତି ।

ପଣ୍ଡିତେ - ହଁ ମା ମୁଁ ତାରି କଥା କହୁଛି । ସେହି ସୁଦୀପ୍ତ କାହିଁ ? ଯାହା ଦେହରେ ଦିନେ ହାତ ଦେଇନଥିଲି, ତାକୁ ମୁଁ ତାଡ଼ନା, ଲାଞ୍ଛନା ଦେଇଛି । ତାପ୍ରତି ନିଷ୍ଠୁର ବାକ୍ୟବାଣ ପ୍ରୟୋଗ କରିଛି । ସେହି ପୁତ୍ରକୁ ମୁଁ କ୍ଷମା ମାଗିବି । ମୋର ଭୁଲ୍ ପାଇଁ ମୁଁ ଅନୁତପ୍ତ, ସେହି କଥା ତାକୁ ମୁଁ ବୁଝାଇ ଦେବି । ମୋ ପୁତ୍ରକୁ ଦେଖାଅ ମା । (କାନ୍ଦିଲେ)

କମଳା - ସୁଦୀପ୍ତ ନାହାଁନ୍ତି । ଜଣେ କିଏ ଆସିଥିଲେ । ତାଙ୍କ ସାଥିରେ ଚାଲିଯାଇଛନ୍ତି ।

ପଣ୍ଡିତେ - ସେ କ'ଣ ଫେରିବ ନାହିଁ ?

କମଳା - ଆପଣ ଯାଆନ୍ତୁ, ମୁଁ ତାଙ୍କୁ ଘରକୁ ପଠାଇଦେବି ।

ପଣ୍ଡିତେ - ସତ କହୁଛ ମା, ମୋ ପୁଅକୁ ଘରକୁ ପଠାଇଦେବ ।

କମଳା - ହଁ, ମୁଁ ଯାହା କହୁଛି ସତ୍ୟ ବାପା, ଆପଣଙ୍କୁ ମୋ କଥାକୁ ବିଶ୍ୱାସ କରିବାକୁ ହେବ ।

ପଣ୍ଡିତେ - ତୁମର କଲ୍ୟାଣ ହେଉମା, ତା'ହେଲେ ମୁଁ ଆସୁଛି ।

କମଳା - ଶୁଣନ୍ତୁ ।

Digitized by srujanika@gmail.com

(ପଣ୍ଡିତଙ୍କ ଚରଣରେ ମୁଣ୍ଡିଆ ମାରିଲେ, ପଣ୍ଡିତ ଚାଲିଗଲେ ।)
ପିତାଙ୍କ ଆଖିରୁ ଲୁହ ଝରିଲେ ସନ୍ତାନର କେବେ ମଙ୍ଗଳ ହୋଇପାରେନା । ମୁଁ କିପରି ତାଙ୍କୁ ବୁଝାଇବି ? ଘରକୁ ଫେରିଯିବା ପାଇଁ, ଯଦି ସେ ମୋତେ ଭୁଲ ବୁଝନ୍ତି ।
(ପ୍ରବେଶ କରିଛି ସୁଦୀପ୍ତ)

ସୁଦୀପ୍ତ - କମଳା, କମଳା ଶୁଣୁଛ କମଳା, ମୋ ସାନଭାଇ ପ୍ରଦୀପ୍ତ ଦିଲ୍ଲୀରୁ ଆସିଥିଲା । ସେ ଚାକିରୀ ପାଇ ଫ୍ରାନ୍ସ ଚାଲିଯାଉଛି । ତେଣୁ ମତେ ଘରକୁ ନେବା ପାଇଁ ଆସିଥିଲା । ମୁଁ ସଫା ସଫା ତାକୁ ମନା କରିଦେଲି ।

କମଳା - ତୁମେ ନନା, ବୋଉଙ୍କ ପାଖକୁ ଫେରିଯାଅ ସୁଦୀପ୍ତ ।

ସୁଦୀପ୍ତ - ତୁମେ କ'ଣ ମୋର ପ୍ରଦୀପ୍ତର କଥା ସବୁ ଶୁଣୁଥିଲ ।

କମଳା - ନା, ତୁମ ନନା ଆସିଥିଲେ ।

ସୁଦୀପ୍ତ - ନନା ଏଠାକୁ ଆସିଥିଲେ !

କମଳା - ହଁ ତମ ନନା ଏଠାକୁ ଆସିଥିଲେ, କାନ୍ଦୁଥିଲେ । ଦୁଃଖରେ ଭାଙ୍ଗି ପଡ଼ିଥିଲେ ।

ସୁଦୀପ୍ତ - ଓଃ, ସେଥିପାଇଁ ତୁମେ ଘରକୁ ଯିବାପାଇଁ କହୁଛ ।

କମଳା - ତୁମେ ଯିବା ନିହାତି ଜରୁରୀ । ବୋଉ, ତୁମର ଶର୍ଯ୍ୟାଶାୟିନୀ । ସେ ସବୁବେଳେ ତୁମକୁ ଝୁରି କାନ୍ଦୁଛନ୍ତି ।

ସୁଦୀପ୍ତ - ତା ହେଲେ ମୁଁ ଯିବି କିପରି ? ମୋର ଯିବା ଅସମ୍ଭବ ।

କମଳା - ଯେଉଁ ପୁତ୍ର ଜନ୍ମଦାତା ପିତା, ମାତାଙ୍କୁ ଭୁଲିଯାଇ, ନିଜ ପ୍ରଣୟିନୀ ପାଇଁ ସେମାନଙ୍କୁ ତ୍ୟାଗ କରିପାରେ, ଦିନ ଆସିବ, ସେ ନିଜ ପ୍ରଣୟିନୀକୁ ତ୍ୟାଗ କରିବ ନାହିଁ କାହିଁକି ?

ସୁଦୀପ୍ତ - କମଳା,

କମଳା - ଏ କମଳା ବଚନ ଦେଉଛି, ବାପା, ମା'ଙ୍କ ପାଖକୁ ତୁମକୁ ଫେରାଇଦେବ । ମୋ କଥା ମୋତେ ରକ୍ଷା କରିବାକୁ ଦିଅ । ପ୍ରଥମେ ତୁମେ ଯାଇ, ସେମାନଙ୍କ ନିକଟରେ କ୍ଷମା ମାଗ ।

ସୁଦୀପ୍ତ - ମୁଁ ଗଲେ ଆଉ କଣ...

Digitized by srujanika@gmail.com

କମଳା - ଆସି ପାରିବ ନାହିଁ, ଏଇ କଥା କହୁଛ ତ ? କିନ୍ତୁ ସୁଦୀପ୍ତ, ତୁମକୁ ଯିବାକୁ ହେବ । ତୁମ କମଳା ପାଇଁ ତୁମକୁ ଯିବାକୁ ହେବ । ତୁମେ ଯଦି ନ ଯାଅ...

ସୁଦୀପ୍ତ - ତୁମେ, କମଳା, ମୋତେ କଣ ତ୍ୟାଗ କରିବ ?

କମଳା - କିନ୍ତୁ ମୁଁ ଯେ ତୁମ ବାପାଙ୍କୁ କଥା ଦେଇଛି । ସୁଦୀପ୍ତ ମା'ର କୋଳକୁ ଫେରିଯାଅ, ଦୟାକରି ଏଠାରୁ ଚାଲିଯାଅ, ଚାଲିଯାଅ । (ଆଳାପ)

ସୁଦୀପ୍ତ - ତୁମେ କହୁଛ, ମୁଁ ସେମାନଙ୍କ ପାଖକୁ ଫେରିଯିବି । ଯେଉଁ କମଳାପାଇଁ ମୁଁ ସବୁ ତ୍ୟାଗ କରିଛି ।

କମଳା - ତୁମେ ସବୁ ତ୍ୟାଗ କରିପାର, କିନ୍ତୁ ବାପା, ମାଙ୍କୁ ନୁହଁ ।

ସୁଦୀପ୍ତ - କମଳା,

କମଳା - ସୁଦୀପ୍ତ, (ମୁଣ୍ଡ ଆଉଁସୁଥିଲା) । ତୁମେ ଯାଅ ସୁଦୀପ୍ତ ତୁମକୁ ମୋର ଶେଷ ବିନତୀ, ମତେ ତୁମ ନନାଙ୍କ ଆଗରେ ଛୋଟ କରିଦିଅନି । ମୋ କଥାମାନି ତୁମେ ତୁମର ଘରକୁ ଯାଅ ।

ସୁଦୀପ୍ତ - ବେଶ୍ - ଏହା ଯଦି ତୁମର ଇଚ୍ଛା ତାହାହେଲେ ତୁମ କଥାମାନି ଆଜି ଏଇକ୍ଷଣି, ଏଇ ମୁହୂର୍ତ୍ତରେ ମୁଁ ବାପା, ମା ପାଖକୁ ଫେରିଯିବି ।

କମଳା - ସୁଦୀପ୍ତ (ଦୁହେଁ ଦୁହିଁଙ୍କୁ କୋଳାଇ ନେଲେ - ଆଳାପ ପରେ ଦୁହେଁ ଅଲଗା ହେଲେ । ସୁଦୀପ୍ତ ବାହାରକୁ ଗଲା ।)

- ଅନ୍ଧାର -

- ଅଷ୍ଟମ ଦୃଶ୍ୟ -

(ଭିତରୁ କଥା ହୋଇ ଆସିଲେ ପ୍ରଦୀପ୍ତ ଓ ପଣ୍ଡିତ ।)

ପ୍ରଦୀପ୍ତ - ନନା, ମୋତେ ଚାଲିଯିବାକୁ ହେବ । ମୁଁ ଖୁବ୍ ନିକଟରେ ଫ୍ରାନ୍ସ ଚାଲିଯିବି । ସେଠାରୁ ମୁଁ ଆପଣଙ୍କ ପାଇଁ ମାସକୁ ଲକ୍ଷେଟଙ୍କା ଲେଖାଏଁ ପଠାଇବି । ବର୍ତ୍ତମାନ ବୋଉକୁ ମୁଁ ଲକ୍ଷେଟଙ୍କା ଦେଇଯାଉଛି । ପୁଣି ଟଙ୍କା ଦରକାର ହେଲେ ଟେଲିଗ୍ରାମ କରିବେ ।

ପଣ୍ଡିତ - ତୁ ଚାଲିଯିବୁ, ତୁ ଚାଲିଯିବାଟା ସ୍ୱତସିଦ୍ଧ । ତୋତେ ରୋକିବା ମୋ ପକ୍ଷରେ ସମ୍ଭବ ନୁହେଁ । ବଡ଼ ଭାଇନାଙ୍କୁ ମୁଁ କ'ଣ ରୋକିପାରିଲି ?

Digitized by srujanika@gmail.com

ସେ କ'ଣ ତା ମା'ବାପାଙ୍କ ପାଖକୁ ଫେରିଆସିଲା, ଭିକ୍ଷା ମାଗିଲି, ଅଜାତି ଘରେ ଖାଇଲି । ଜାତି ଗଲା ପଛକେ ପେଟ ପୁରାଇଲାନି । ହଉ, ସବୁ ମୋର ମନ୍ଦ ଭାଗ୍ୟ, "ଭାଗ୍ୟ ଫଳତି ସର୍ବତ୍ରଂ, ନ ବିଦ୍ୟା ନ ଚ ପୌରୁଷ ।" ତେବେ ଗୋଟିଏ କଥା । ତୁ ଯୁଆଡ଼େ ଯା, ଏଠାରେ ତୋର ବିବାହଟା ମୁଁ ସାରିଦେବି । ଯୁବକ ପୁତ୍ରର ବିବାହ ନ କରି, ଅତୀତରେ ଯେଉଁ ଭୁଲ୍ କରିଛି ତାର ଯେପରି ପୁନରାବୃତ୍ତି ନ ଘଟେ । (ପ୍ରବେଶ କଲେ ହରି)

ହରି - ଭାଇନା ନମସ୍କାର ।

ପ୍ରଦୀପ୍ତ - କକେଇ, ନମସ୍କାର ।

ହରି - ହଁ ଭାଇନା, ଆପଣ କହିବା ମୁତାବକ ପାତ୍ରୀଟିଏ ଦେଖିଛି । ସୁନ୍ଦରୀ ଉଚ୍ଚକୁଳ ସମ୍ଭୂତା । ପାଠ ଏମ୍.ଏ. ପାସ୍ ହେଲେ ଓଡ଼ିଶାରେ ଆମ ସାନ ପୁତୁରାର ମନକୁ ନିଶ୍ଚୟ ପାଇବ । କଣ ବାପ, ଆଜି ଭଲଦିନ, ପାତ୍ରୀ ଦେଖା କାର୍ଯ୍ୟଟା ଆଜି ସାରିଦେବା । "ଶୁଭସ୍ୟ ଶୀଘ୍ରମ୍, ହେଳାୟ କାର୍ଯ୍ୟ ନାସ୍ତି ।"

ପଣ୍ଡିତ - କଣ କହୁଛ ପ୍ରଦୀପ୍ତ, କକେଇ ଯାହା କହୁଛନ୍ତି ଶୁଣୁଛ ତ । ଆଜି ତୁ କନ୍ୟା ଦେଖେ, ମନୋନୀତ ନିଶ୍ଚୟ ହେବ । ଦଶଦିନ ଭିତରେ ବିବାହ । ତୋ ସ୍ତ୍ରୀକୁ ଧରି ଲଣ୍ଡନ, ଫ୍ରାନ୍ସ, ଆମେରିକା ଯେଉଁଆଡ଼େ ଯାଉଛୁ ଯା । ମୋର କିଛି କହିବାର ନାହିଁ ।
(ପ୍ରବେଶ କଲେ ସୁଶୀଳା)

ସୁଶୀଳା - ହଇଏ, ତୁମେ କହୁଥିଲ ବଡ଼ ଆସିବ ବୋଲି, କାହିଁ ସେ ତ ଆସିଲାନି ?

ପଣ୍ଡିତ - ମୋର ବିଶ୍ୱାସ ସେ ଆସିବ ।

ହରି - ବଡ଼ ଆସିବ ବୋଲି, ଆପଣ ବିଶ୍ୱାସ କରୁଛନ୍ତି କିପରି ?

ପଣ୍ଡିତ - ମୁଁ ତା' ଘରକୁ ଯାଇଥିଲି, ସେ ଝିଅ ମୋତେ ଦୃଢ଼ ପ୍ରତିଶ୍ରୁତି ଦେଇଛି ତାକୁ ଘରକୁ ପଠାଇଦେବ ।

ହରି - ଆପଣ ସେଠାକୁ ଗଲେ ଭାଇନା ।

ପଣ୍ଡିତ - କାହିଁକି ହରି, ଯିବାରେ ଆପତ୍ତି ରହିଲା କେଉଁଠି ? ଦରକାର ପଡ଼ିଲେ ତାର ବୋଉ ସେଠାକୁ ଯାଇ ତାକୁ ନେଇ ଆସିବ ।

Digitized by srujanika@gmail.com

ହରି - ଭାଉଜ ଯିବେ ? ନା, ଭାଇନା ସେ ଭୁଲ୍ କରନ୍ତୁ ନାହିଁ । ଆପଣଙ୍କ ଯିବା ଯଦି ଲୋକେ ଦେଖିଥିବେ ।

ପଣ୍ଡିତ - ଦେଖନ୍ତୁ, ମୁଁ ତ ଲୁଚିଛପି ସେଠାକୁ ଯାଇନଥିଲି । ସ୍ପଷ୍ଟ ଦିବାଲୋକରେ ଯାଇଥିଲି । ସାନପୁଅ ବି ଯାଇଥିଲା, ମୁଁ ମୋ ପୁଅ ପାଖକୁ ଗଲି । ଲୋକେ ମୋତେ କଣ କହିବେ ?

ହରି - ହଉ, ଆପଣ ଜ୍ଞାନୀ ଲୋକ, ଆପଣ ଯାହା ବିଚାର କଲେ ତା'ଠିକ୍, ତେବେ ସନ୍ଧ୍ୟାବେଳେ ସାନ, ମୁଁ କଣ ଆସିବି ? ତୁମେ ପ୍ରସ୍ତୁତ ହୋଇଥାଅ, ଆଜି ମୁହୂର୍ତ୍ତ ଠିକ୍ କରିଦେଇ ଆସିବା ।

ପ୍ରଦୀପ୍ତ - ନନା, ମୁଁ କନ୍ୟା ଦେଖିବାକୁ ଯିବିନାହିଁ ।

ସୁଶୀଳା - କିରେ କାହିଁକି ଯିବୁ ନାହିଁ । କଣ କନ୍ୟା କେଉଁଠି ଦେଖିଛୁ ?

ପ୍ରଦୀପ୍ତ - (ନୀରବ)

ପଣ୍ଡିତ - ହଉ ହରି, ତୁମେ ଯାଅ, ମୁଁ ତାକୁ ସନ୍ଧ୍ୟାକୁ ପଠାଇଦେବି ।

ହରି - ଯେ ବାହାହେବ, ସେ କହୁଛି ମୁଁ ଯିବିନି । ଆପଣ କାହାକୁ ପଠାଇବେ ଭାଇନା । ଭାଇନା, ତୁମ ହାତ ମୁଠା ଧୀରେ, ଧୀରେ ଖୋଲା ହେଇଯାଉଚି ।

ପଣ୍ଡିତ - ତୁମେ ଯାଅ ହରି, ସେ କଣ କହୁଛି ? ମୁଁ ତାଠାରୁ ଆଗ ଶୁଣେ ।

ହରି - ହଉ, ଯାହା ଆପଣଙ୍କର ଇଚ୍ଛା ତା କରନ୍ତୁ ।
(ହରି ଚାଲିଗଲେ)

ପଣ୍ଡିତ - କିରେ କଥା କ'ଣ କହୁନୁ ? ତୁ କାହିଁକି ଯିବୁନି ?

ପ୍ରଦୀପ୍ତ - ନନା, ମୁଁ, ମୁଁ...

ପଣ୍ଡିତ - ହଁ, କହ ।

ପ୍ରଦୀପ୍ତ - ମୋର ବିବାହ ସ୍ଥିର ହୋଇସାରିଛି, ମୋର ସହପାଠିନୀ ସହ । ତାର ବାପା, ମା ସ୍ୱୀକୃତି ଦେଇସାରିଛନ୍ତି । ଖାଲି ଆପଣଙ୍କର ସ୍ୱୀକୃତି ପାଇଁ ମୁଁ ଆସିଛି ।

ପଣ୍ଡିତ - ଶୁଣୁଛ, ଶୁଣୁଛ ସୁଶୀଳା, ସାନପୁଅ ଯାହା କହୁଛି ଶୁଣୁଛ । ତାଙ୍କର ଜାତି କ'ଣ ?

ପ୍ରଦୀପ୍ତ - ସେମାନେ ଖ୍ରୀଷ୍ଟିୟାନ୍ ।

ପଣ୍ଡିତ - ତୁ ଗୋଟାଏ ଖ୍ରୀଷ୍ଟିୟାନ୍ ଝିଅକୁ ବିବାହ କରିବୁ ? ତାର ନାଁ କ'ଣ ?

Digitized by srujanika@gmail.com

ପ୍ରଦୀପ୍ତ - ମେରୀ ରୋଜ୍‌ଲିନ୍ ।

ସୁଶୀଳା - ସେ ନାଁ ପୁଣି କ'ଣ । ଆମ ଓଡ଼ିଆ ନାଁ ପରିତ ଶୁଭୁନି ।

ପଣ୍ଡିତ - ସେ ଓଡ଼ିଆ ଝିଅ ନୁହଁ, ସେ ଫରାସୀ ଝିଅ, ଅନ୍ୟ ଧର୍ମର ଝିଅ । ଏବେ କଣ କହୁଛ ? ଏ ଖବର ଶୁଣି ତ ମୂର୍ଚ୍ଛା ହୋଇଯାଉନାହଁ । କ'ଣ ବୋହୂ ମନକୁ ପାଉଛି ।

ସୁଶୀଳା - କେତେ ଆଉ କାନ୍ଦିବି । କାହାପାଇଁ କାନ୍ଦିବି ? ବଡ଼ ପାଇଁ ନା ସାନ ପାଇଁ ?

ପଣ୍ଡିତ - ମୁଁ ଆଉ କଣ କହିବି ? ୨ଟି ପୁଅ ମୋର ଗଳା କାଟିବେ ବୋଲି ମୁଁ ଜାଣି ନଥିଲି । ହଉ ଯାଅ, ବିବାହ କର, ମୁଁ ମନା କଲେ, ତୁମେ କଣ ଏ ବିବାହରୁ ନିବୃତ ହେବ । ହଉ, ବିବାହ କରି ସୁଖୀ ଜୀବନଯାପନ କର ।

ପ୍ରଦୀପ୍ତ - ବିବାହ ପରେ ଆମେ ଘରେ ମାସେ ରହିବା ପରେ, ଫ୍ରାନ୍‌ସ୍ ଯିବୁ । ବୋଉ ତୁ କଣ ତୋ ବୋହୂକୁ ଗ୍ରହଣ କରିବୁ ନାହିଁ । ଆମେ କ'ଣ ଆମ ଘରକୁ ଆସିବୁ ନାହିଁ ।

ପଣ୍ଡିତ - ବୋହୂ ଆସିଲେ ଏଠାରେ ଚଳିବ କିପରି ? ତାଙ୍କ ପାଇଁ ବାଥ୍‌ରୁମ୍ କାହିଁ ? ଏୟାର୍ କଣ୍ଡିସନର୍ ଘର ନାହିଁ । ଏ ଗରୀବ ବ୍ରାହ୍ମଣ ଘରେ ସେ କଣ ଚଳିପାରିବେ ?

ପ୍ରଦୀପ୍ତ - ଆପଣ ଅନୁମତି ଦେଲେ କାଲିଠାରୁ ସେ ବ୍ୟବସ୍ଥା କରିବା ପାଇଁ ମୁଁ ଲୋକ ଠିକ୍ କରିଯିବି ନନା ।

ପଣ୍ଡିତ - ଲୋକେ ପଚାରିଲେ ମୁଁ କ'ଣ କହିବି ? ମୁଁ ତ ମିଛ କହିପାରିବି ନାହିଁ । ସୁଶୀଳା, କଣ କହୁଛ ? କଣ କରିବ ? ବୋହୂକୁ ହୁଳହୁଳି ଦେଇ ବନ୍ଦାପନା କରି ଘରକୁ ଆଣିବ ।

ସୁଶୀଳା - କାହିଁକି ଆଣିବିନି ? ମୋ ପୁଅର ଖୁସୀ ପାଇଁ ମୁଁ ସବୁକିଛି ତ୍ୟାଗ କରିଦେବି । ମୁଁ ମା, ସନ୍ତାନ ପାଇଁ ପ୍ରାଣବଳୀ ଦେବାକୁ ପ୍ରସ୍ତୁତ । ମୋ ପିଲାମାନଙ୍କ ପାଇଁ ମୁଁ ସବୁକିଛି କରିପାରିବି ।

ପ୍ରଦୀପ୍ତ - ବୋଉ । (ପାଦତଳେ ପଡ଼ିଗଲା)

ସୁଶୀଳା - (ଛାତିରେ ଭିଡ଼ିଧରି କାନ୍ଦିବାକୁ ଲାଗିଲେ)

ପଣ୍ଡିତ - ଗୋଟାଏ ସମସ୍ୟା ବଡ଼ ସୁରୁଖୁରୁରେ ସମାଧାନ ହୋଇଗଲା ।

Digitized by srujanika@gmail.com

ପ୍ରଦୀପ୍ତ - ନନା, ମୁଁ ଦୁଇଟି ଏୟାର୍ କଣ୍ଡିସନ୍ ରୁମ୍ ତିଆରି କରିବି ।ଗୋଟିଏ ମୋ ପାଇଁ, ଆଉ ଗୋଟିଏ ଭାଇନାଙ୍କ ପାଇଁ ।

ପଣ୍ଡିତ - ଭାଇନା ?

ପ୍ରଦୀପ୍ତ - ଆପଣ କଣ କହୁଛନ୍ତି ? ଭାଇନା ଏ ଘରକୁ ଆସିବେ ନାହିଁ । ଭାଇନାଙ୍କୁ ଆପଣ ତ୍ୟଜପୁତ୍ର କରିବେ, ତେବେ ମୋତେ ତ୍ୟଜପୁତ୍ର କରୁନାହାଁନ୍ତି କାହିଁକି ? ଜଣେ ନୃତ୍ୟଶିଳ୍ପୀ, ଆପଣମାନଙ୍କ ବିଚାରରେ ପତିତା, ବାରଙ୍ଗନା । ଧନ୍ୟ ଏ ସମାଜ ଧନ୍ୟ ଏହାର ବଡ଼ପଣ୍ଡାମାନେ ।

ପଣ୍ଡିତ - ତୁ ଠିକ୍ କହୁଛୁରେ ସାନ, ଦୂର ପର୍ବତ ସୁନ୍ଦର । ତୁ ଦୂରରେ ବାହାହେଲେ, ସେ କଥାକୁ ବେଶୀ କେହି ଗୁରୁତ୍ୱ ଦେବେ ନାହିଁ । ମୋ ପୁଅ ଇଞ୍ଜିନିୟର । ଫରେନ୍‌ରେ କାମ କରୁଛି । ଦରମା ମାସକୁ ପାଞ୍ଚ ଲକ୍ଷ । ସମସ୍ତେ ସଲାମ୍ ମାରିବେ । ଏ ଲୋକଗୁଡ଼ାକ ଧନ, କ୍ଷମତାର ଦାସ । ଆଉ ବଡ଼, ସେ ତ କିଛି କଲାନାହିଁ । ବେକାର, ଶେଷରେ ଗୋଟାଏ ପତିତାକୁ...

ପ୍ରଦୀପ୍ତ - କାହାକୁ ଆପଣ ପତିତା କହୁଛନ୍ତି । ଯଦି ଏ ପତିତା, ମୋ ଭାବିପତ୍ନୀ ପତିତା କାହିଁକି ନ ହେବ । ଯୁଗ ସହିତ ତାଳ ଦେଇ ଚାଲନ୍ତୁ ନନା, ଆପଣ ଇତିହାସ ସୃଷ୍ଟି କରିବେ । ଏ ସମାଜ ଆପଣଙ୍କର ଆଦର୍ଶରେ ଅନୁପ୍ରାଣିତ ହେବ । ଆପଣ ଭାଉଜଙ୍କୁ ଘରକୁ ନେଇଆସନ୍ତୁ ନନା ।

ପଣ୍ଡିତ - ମୋତେ ଚିନ୍ତା କରିବାକୁ ଦେ ପ୍ରଦୀପ୍ତ ।

ସୁଶୀଳା - ଚିନ୍ତା କଣ କରିବ ? ସାନ ଯାହା କହୁଛି ତା' କଥା ଶୁଣ ।

ପଣ୍ଡିତ - ଆଜି ତୁମେ ଏ କଥା କହୁଛ । ଯେ ଦିନେ ବରଡ଼ାପତ୍ର ପରି ଥରୁଥିଲା, ସେ ଆଜି ନିଦା ପଥର । ତୁମକୁ ଦେଖିଲେ ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ତୁମେ କହୁଛ ବଡ଼ବୋହୂକୁ ଘରକୁ ଆଣିବ ? କୁହ ମୋ କଥାର ଜବାବ ଦିଅ । ନୀରବ ରହିଲ କାହିଁକି ? ଜଣକ ପାଇଁ ମା'ର ମମତା ମୁକ୍ତ ହୋଇ ପଡ଼ିଥିବା ବେଳେ, ଆଉ ଜଣକ ପାଇଁ ଏତେ କାର୍ପଣ୍ୟ କାହିଁକି ? ତୁମର କଥା ଉପରେ ମୁଁ ଭବିଷ୍ୟତ ଚିନ୍ତା କରିବି । ଉତ୍ତର ଦିଅ ସୁଶୀଳା ଉତ୍ତର ଦିଅ ।

Digitized by srujanika@gmail.com

(ଏଇ ସମୟରେ ପ୍ରବେଶ କଲେ ହରି)

ହରି - କଣ ସ୍ଥିର କଲେ ଭାଇନା ? ଭାଉଜ ଆପଣ ମୋ ସାଙ୍ଗରେ ଆସନ୍ତୁ । ମୁଁ ଝିଅ ଘରକୁ ଯାଇଥିଲି । ସେମାନେ ଏବେ ଆନନ୍ଦିତ, ମୋର ଭାଷା ନାହିଁ ସେମାନଙ୍କର ଆନନ୍ଦ ବର୍ଣ୍ଣନା କରିବାକୁ ।

ପଣ୍ଡିତ - ପୁଅ ପାଖରୁ କିଛି ନ ଶୁଣି, ତୁମେ ସେମାନଙ୍କ ଘରକୁ ଯାଇଥିଲ କାହିଁକି ? ପୁଅ ପରା ଝିଅ ଦେଖିବାକୁ ଯିବାକୁ ମନା କରୁଥିଲା ।

ହରି - ଭଲ କଥା କହୁଛ ଭାଇନା, ତୁମେ ଲଗେଇଛ ସାନ ପାଇଁ ପାତ୍ରୀ ଦେଖ । ମୁଁ ଦେଖିଲି, ମୋର ଦୋଷ କ'ଣ ହେଲା ? ଏବେ କଣ ହେଲା କି ?

ପଣ୍ଡିତ - ସାନ ପୁଅର ବାହାଘର ସ୍ଥିର ହୋଇସାରିଛି, ଘରଦ୍ୱାର ତିଆରି କରିବାକୁ ସାନପୁଅ ଆସିଛି । ଏୟାର କଣ୍ଡିସନ୍ ଆଟାଚ୍ ବାଥ୍‌ରୁମ୍ ଘର, ଦୁଇ ଭାଇଙ୍କ ପାଇଁ ତିଆରି ସରିଲେ ସେ ବୋହୂକୁ ନେଇ ଏ ସହରକୁ ଆସିବ ।

ହରି - ବଡ଼ ପୁଅର ବାହାଘର ସ୍ଥିର କଲେ କି ?

ପଣ୍ଡିତ - ନା,

ହରି - ତା' ପାଇଁ ଘର କାହିଁକି ?

ପଣ୍ଡିତ - ସୁଶୀଳା ହରିକି ବୁଝାଇଦିଅ ।

ସୁଶୀଳା - ଯେଉଁଠାରେ ସେ ସ୍ଥିର କରିଛି, ସେଇଠି ହେବ ।

ହରି - କଣ ସେଇ ପତିତା, ବେଶ୍ୟାକୁ ।

ପଣ୍ଡିତ - (ହସିଲେ) ପତିତା, ବେଶ୍ୟା । କାହିଁକି ତୁମେ ଏପରି କହୁଛ ହରି ?

ହରି - ଭଲ କଥା ହେଇଛି । ଦୁନିଆ ଯାହା କହୁଛି, ମୁଁ ସେଇ କଥା କହୁଛି ।

ପଣ୍ଡିତ - ଯଦି ତୁମ ବିଚାରରେ ପତିତା, ମୁଁ ସେଇ ପତିତାକୁ ବୋହୂରୂପେ ଗ୍ରହଣ କରିବି ।

ହରି - ଆଉ ସାନବୋହୂ !

ପଣ୍ଡିତ - ସେ ଫ୍ରାନ୍ସ୍ ଦେଶର ଝିଅ । ଖ୍ରୀଷ୍ଟିୟାନ୍ ।

ହରି - ଭାଇନା, ତୁମର ଧ୍ୱଂସ ବେଳ ଆସିଗଲା । ବ୍ରାହ୍ମଣର ସମାଜକୁ ତୁମେ ହିଁ ଧ୍ୱଂସ କରିଦେଲ । ଆଜିଠାରୁ ତୁମ ଘରକୁ ଆସିବା ମୋର ବନ୍ଦ । ବ୍ରାହ୍ମଣ ମହାସଭା ତୁମକୁ ଜାତିରୁ ବାସନ୍ଦ କରିବ ।

Digitized by srujanika@gmail.com

ପଣ୍ଡିତ - ମଣିଷର ୨ଟି ଜାତି । ନାରୀ ଆଉ ପୁରୁଷ । ଆଉ ଯେଉଁ ଜାତି, ଧର୍ମ, ବର୍ଣ୍ଣର ସୃଷ୍ଟି ହୋଇଛି । ଏଇ ସମାଜରେ ବଡ଼ପଣ୍ଡାମାନେ ତାକୁ ସୃଷ୍ଟି କରିଛନ୍ତି ନିଜର ସ୍ୱାର୍ଥସାଧନ ପାଇଁ, ଭାରତୀୟ ସମ୍ବିଧାନ ତୁମର ଜାତି, ବର୍ଣ୍ଣକୁ ବିରୋଧ କରେ । ଯାହା ମୁଁ କରୁଛି, ତାହା ସମ୍ପୂର୍ଣ୍ଣ ମୋର ବ୍ୟକ୍ତିଗତ । ଏଥିରେ କାହାର କିଛି କହିବାର ଅଧିକାର ନାହିଁ । କିଏ କଣ କରିବ ମୁଁ ଦେଖିବି । ତୁମେ ଜାଣ ହରି ପୁରାଣ ଶାସ୍ତ୍ରରେ ମୁନି, ଋଷିମାନେ ଅନ୍ୟଜାତିର କନ୍ୟା ଗ୍ରହଣ କରୁଥିଲେ । ତାଙ୍କର ଜାତି ଯାଉ ନଥିଲା ତ ? ଶାସ୍ତ୍ର ଏ ବିବାହକୁ ସ୍ୱୀକୃତି ଦେଇଛି । ଏ ବିବାହକୁ ମୁଁ ସ୍ୱୀକୃତି ଦେଉଛି ।

ହରି - ଯାହା କରୁଛ ଭାଇନା, ମୋ ବିଚାରରେ ତୁମପରି ଜଣେ ପଣ୍ଡିତ, ବ୍ରାହ୍ମଣ ଧର୍ମର ପ୍ରବକ୍ତା ପକ୍ଷେ କିଛି ଭଲ ହେଲା ନାହିଁ । ଆସୁଛି । ଧର୍ମ ରକ୍ଷତି ଧାର୍ମିକଂ । (ପ୍ରସ୍ଥାନ)

ପଣ୍ଡିତ - କହିଲା କଣ ନା, ଧର୍ମ ରକ୍ଷତି ଧାର୍ମିକଂ । ଭାରୀ ଧର୍ମକୁ ରକ୍ଷା କରିବା ଲୋକ ଏଇମାନେ ।
(ଏଇ ସମୟରେ ପ୍ରବେଶ କରିଛି ସୁଦୀପ୍ତ । ମୁହଁ ମୋଡ଼ି ଏକୁଟିଆ ଠିଆ ହେଲା ।)

ପ୍ରଦୀପ୍ତ - ଭାଇନା ! ନନା, ବୋଉ, ଭାଇନା ଆସିଛନ୍ତି ।

ସୁଶୀଳା, ପଣ୍ଡିତ - ସୁଦୀପ୍ତ...

ସୁଦୀପ୍ତ - ନନା ମୁଁ ଆପଣମାନଙ୍କ କୋଳକୁ ଫେରି ଆସିଛି । ଜୀବନରେ ଆଉ ଭୁଲ୍ କରିବି ନାହିଁ ନନା, ବୋଉ । (ପାଦତଳେ ପଡ଼ି କାନ୍ଦି) ତତେ ମୁଁ ବହୁତ କଷ୍ଟ ଦେଇଛି, ସାମୟିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ମୁଁ ଆପଣମାନଙ୍କ ପ୍ରତି ଯେଉଁ ଭୁଲ୍ କରିଛି ତାହା ମୋ ବିଚାରରେ ଅକ୍ଷମଣୀୟ ଅପରାଧ । ନନା (ପାଦତଳେ ପଡ଼ି) ମୋତେ କ୍ଷମା କରିଦିଅନ୍ତୁ ।

ପଣ୍ଡିତ - (ଉଠାଇ ଆଣି ଛାତିରେ ଭିଡ଼ି ଧରିଛନ୍ତି)

ସୁଦୀପ୍ତ - ଆପଣମାନଙ୍କୁ ଛାଡ଼ି ମୁଁ ଆଉ କୁଆଡ଼େ ଯିବିନି । (ଠିଆ ହୋଇ କାନ୍ଦୁଥିଲା)

ପଣ୍ଡିତ - ହଁ, ତୋର ସୁବୁଦ୍ଧି ଜାତ ହୋଇଛି । ଏହା ଆମପାଇଁ ପରମ ସୌଭାଗ୍ୟ । କିନ୍ତୁ ତୋର ମନରେ ସଦବୁଦ୍ଧି ଜାତ କରିଛି କିଏ

Digitized by srujanika@gmail.com

ଜାଣୁ ? ସେହି ମହୀୟସୀ ଝିଅଟି । ସେ ତୋ ମନରେ ପରିବର୍ତ୍ତନ ଆଣି ପାରିଛି । ସେ ତୋତେ ଆଜି ଜ୍ଞାନାଲୋକ ବିତରଣ କରିଛି । ଏଥିପାଇଁ ତାକୁ କମ୍ କଷ୍ଟ ସ୍ୱୀକାର କରିବାକୁ ପଡ଼ି ନଥିବ ।

ସୁଶୀଳା - ଏମିତି କଣ କହୁଛ ? ସେ ଝିଅଟି କିପରି ଏହାକୁ ଛାଡ଼ିପାରିଲା ?

ପଣ୍ଡିତ - ତାହା ହିଁ ବିଚିତ୍ର । ଏ ବିରାଟ ପରିବର୍ତ୍ତନର କର୍ଣ୍ଣଧାତ୍ରୀ ସେହି ଝିଅ କମଳା, ଯାହାକୁ ଲୋକେ ପତିତା, ବାରଙ୍ଗନା କହୁଛନ୍ତି । ତା'ପାଖରେ ତ୍ୟାଗ ଅଛି । ସେ ମୋ ପାଇଁ, ତୋ ବୋଉ ପାଇଁ ତତେ ତ୍ୟାଗ କରିଛି । ସେହି ତୋର ଉପଯୁକ୍ତ ସହଧର୍ମିଣୀ, ସେ ତୋତେ ଠିକ୍ ରାସ୍ତାକୁ ନେଇ ଆସିପାରିବ । ସେହି ହେବ ବିଶ୍ୱୟର ମହାପାତ୍ରର ଉପଯୁକ୍ତ କୁଳବଧୂ ।

ସୁଦୀପ୍ତ ଓ ପ୍ରଦୀପ୍ତ - ନନା (ଆଶ୍ଚର୍ଯ୍ୟ ହୋଇ)

ପଣ୍ଡିତ - ଏ ପରିବର୍ତ୍ତନଶୀଳ ଦୁନିଆରେ ସମସ୍ତଙ୍କର ପରିବର୍ତ୍ତନ ହୁଏ । ଆଜି ମୋର ହୋଇଛି, ତୋ ବୋଉର ହୋଇଛି, ଭାଉନାର ହୋଇଛି । ଏ ପରିବର୍ତ୍ତନକୁ ଆମକୁ ସ୍ୱାଗତ କରିବାକୁ ହେବ ।

- ଅନ୍ଧାର -

- ନବମ ଦୃଶ୍ୟ -

(ରାସ୍ତା । ପ୍ରବେଶ କରିଛନ୍ତି ବିରେନ୍ ଓ ସତ୍ୟ ହସି ହସି ।)

ବିରେନ୍ - ସାବାସ୍ ସତ୍ୟ, ସାବାସ୍ । ତୁ ସବୁ ଯାଇ ସେ ଟୋକାକୁ କଣ ଏମିତି କହିଲୁ ଯେ, ସେ ରାତିରାତି କମଳା ଘର ଛାଡ଼ି ଚାଲିଗଲା ।

ସତ୍ୟ - ଖାଲି କହିଲିକି ଆଜ୍ଞା, ଏମିତି ଡ଼ରେଇ ଦେଲି ଯେ, ପୁଅ ରାତି ରାତି ଘର ଛାଡ଼ି ଭାଗିସ୍ । ଉପେନ୍ଦ୍ର ଭଞ୍ଜଙ୍କର ଲାବଣ୍ୟବତୀରୁ ଗୀତ ପଦେ ମନେ ପଡ଼ିଗଲା ।

ଚେତି ଚତୁରୀ ଚାହିଁ ଦେଖିଲା ନିଶି ଶେଷେ
ପାଶେ ନାହିଁ ଦିବ୍ୟ ତରୁଣ
ହୃଦେ ହାତ ମାରି ନାଥ, ନାଥ ବୋଲି
ଅତି ଉଚ୍ଚେ କଲା ରୋଦନ ।
ଖୋଜେ ଅଧିରେ
ଚେତନା ହତସେ ବିଧିରେ ।

Digitized by srujanika@gmail.com

କର ଲେଉଟାଇ କବରୀ ଫିଟାଇ
କର ଭରି କୁଚ ସନ୍ଧିରେ
ବୋଲେ ଅଧିରେ
ଚେତନା ହତସେ ବିଧିରେ ।

ବିରେନ୍ଦ୍ର - ଭଲ ଗୀତ ଗାଉଛୁ ତ ସତ୍ୟ । ହଁ ଏଥର କମଳା କଥା ଦେଖିବା । ତାକୁ ଉପଭୋଗ ନ କଲା ପର୍ଯ୍ୟନ୍ତ ମନ ମୋର ଶାନ୍ତି ନାହିଁ ।

ସତ୍ୟ - ତମେ ତ ବାବୁ କହୁଥିଲ କମଳା ପାଇଁ ବହୁତ ଟଙ୍କା ଖର୍ଚ୍ଚ କରିଛ । ଏବେ ସମୟ ଉପସ୍ଥିତ ଫାଇଦା ଉଠାଉନ । କିନ୍ତୁ ମନେରଖ କମଳା ନୃତ୍ୟଶିଳ୍ପୀ, ଚରିତ୍ରହୀନା ନୁହେଁ ।

ବିରେନ୍ଦ୍ର - ଆଜିର ସୁଯୋଗକୁ ମୁଁ ଅପେକ୍ଷା କରି ବସିଥିଲି । ସୁଦୀପ୍ତ ଦିନେ ନା ଦିନେ ତାକୁ ଛାଡ଼ି ଚାଲିଯିବ ମୁଁ ଏକଥା ଜାଣିଥିଲି । ଆଜି ରାତିରେ ମୁଁ କମଳାକୁ ଛାଡ଼ିବିନି । ତାକୁ ଉପଭୋଗ କରି ମୋ ବହୁ ଦିନର ଅତୃପ୍ତ କାମନାକୁ ମେଣ୍ଟାଇବି । କମଳା ମହାସତୀ । (ହସିଛି)

ସତ୍ୟ - କମଳା କଣ ତମ କଥାରେ ରାଜି ହୋଇଯିବ ?

ବିରେନ୍ଦ୍ର - ସବୁ ପଇସାର କମାଲ୍ । ପୈସା କ୍ୟା ନକରେ କାମ - ଆଉ ଯଦି ଶାଳି ମୋ କଥାରେ ରାଜି ନ ହୁଏ, ତାକୁ ଜବରଦସ୍ତି ରେପ୍ କରିବାକୁ ପଛାଇବି ନାହିଁ ।

ସତ୍ୟ - ଠିକ୍ କହିଛ ବାବୁ । ପଇସା ପାଇଲେ କମଳାର ନିଶ୍ଚୟ ମୁହଁ ବନ୍ଦ ହୋଇଯିବ । ତାଛଡ଼ା ତମ ପାଖରେ କଣ ନାହିଁ । ରୂପଗୁଣ ସବୁଥିରେ ତମେ ସୁଦୀପ୍ତ ବାବୁଙ୍କଠୁ ବଳିଯିବ । ମୁଁ ବୁଝିପାରୁନି ସେ ତମକୁ ଛାଡ଼ି କାହିଁକି ସେ ସୁଦୀପ୍ତ ପ୍ରେମରେ ବାଇ ହୋଇଯାଇଛି ।

ବିରେନ୍ଦ୍ର - ମୁଁ ବି କମଳା ପ୍ରେମରେ ବାୟା ହୋଇଯାଇଛି ସତ୍ୟ । କମଳାର ଉଚ୍ଛୁଳା ଯୌବନ ମତେ ପାଗଳ କରିଦେଇଛି । ଆଉ ମୁଁ ଆଜି ନିଷ୍ପତ୍ତି ନେଇଛି ମୁଁ ତାକୁ କେବେ ଛାଡ଼ିବିନି । ସୁଦୀପ୍ତ ଘର ଛାଡ଼ିବା ଖବର ଶୁଣାଇ ମତେ ଖୁସି କରିଦେଲୁ । ଏଇ ନେ ପାଞ୍ଚଶହ ରଖ । ଆଉ ମୁଁ ଚାଲିଲି କମଳାବାଇର ଘର । କମଳା ମୋର ଅନୁରୋଧ ରଖିନଥିଲା । କିଂତୁ ଆଜି (ମଦପିଇ ପ୍ରସ୍ଥାନ)

Digitized by srujanika@gmail.com

ସତ୍ୟ - ଏ ଲୋକଟା ଖତରନାକ ପରି ଜଣାପଡୁଛି । ମୁଁ କମଳା ଅପାକୁ ଯାଇ ସବୁ କହିଦିଏ । (ଏଇ ସମୟରେ ସୁଦୀପ୍ତ ଆସୁଥିବାର ଦେଖାଗଲା ।) ସୁଦୀପ୍ତ ଭାଇନା କଣ ଏପଟେ ଆସୁଛନ୍ତି । ଏ ମନ ଭାବୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା ।
(ସୁଦୀପ୍ତ ଚାଲି ଯାଉଥିଲା)

ସତ୍ୟ - ଭାଇନା, ଭାଇନା ।

ସୁଦୀପ୍ତ - କାହିଁକି ପାଟିଟା କରୁଛୁ, କଣ ହେଲା ?

ସତ୍ୟ - ହଇଏ ବାବୁ, ଗୋଟିଏ ଢାଗାରେ ହସୁଥିଲ, ଗୋଟିଏ ତୁଣ୍ଡରେ ଖାଉଥିଲ । ଏବେ ପୁଣି କଣ ହେଲା ? କିମିତିକା ଭଦ୍ରଲୋକ ହୋ ତୁମେ । ରାତିଅଧରେ ସେ ନିଘୋଡ଼ ନିଦରେ ଶୋଇଛି, ତାକୁ ନ କହି, ଦୁଆର, ଘରମେଲା କରି ଛୁ ମାରିଲ । ଏଇଟା ଭଲ କଥା ହେଲା, ଏବେ ଶୁଣ, ସେ ବଦମାସ୍ ବିରେନ୍ ଦାସ ତାକୁ ନେଇଯିବାକୁ ବସିଛି । ଏବେ ମୋତେ ସେଇକଥା କହୁଥିଲା ।

ସୁଦୀପ୍ତ - ସେ ନେଇଯିବ ? ସେ କୁଆଡ଼େ ନେଇଯିବ ?

ସତ୍ୟ - ଏବେ କଥାଟା ମନକୁ ପାଇଲା, ଭାଇନା, ଅପା ତୁମ ପାଇଁ କମ୍ କାନ୍ଦୁନି । ମୋତେ ଘରକୁ ପଠାଉଥିଲା । ତମ ନନା ମୋତେ ଦେଖିଲେ କାଳେ ରାଗିବେ ବୋଲି ମୁଁ ଯାଇନଥିଲି । ଏବେ କମଳା ଅପା ଘରକୁ ଯାଅ ।

ସୁଦୀପ୍ତ - ଜାଣିଛୁ ସତ୍ୟ, କମଳାକୁ ନନା, ବୋଉ, ବୋହୁ କରିବାକୁ ରାଜି ହେଲେ । ସେ ହେବ ମହାପାତ୍ର ଘରର ବଡ଼ ବୋହୁ ।

ସତ୍ୟ - ତମେ ସତ କହୁଛ ଭାଇନା, କମଳା ଅପା ହିପ୍, ହିପ୍ ହୁର୍‌ରେ । ମୁଁ ବର୍ତ୍ତମାନ ଯାଉଛି । କମଳା ଅପାକୁ ଏ ଖୁସି ଖବରଟା ଜଣାଇଦିଏ । ଭାଇନା, ତୁମେ ଅପା ଘରକୁ ଶୀଘ୍ର ଯାଅ - ସେ ବିରେନ୍ ଦାସ୍‌ଟା ଏଇନେ ଅପାଘରକୁ ଯିବ ବୋଲି କହୁଥିଲା କାଳେ କିଛି ସେ କମଳା ଅପାର ଅନିଷ୍ଟ କରିପାରେ ।

ସୁଦୀପ୍ତ - ମୋ କମଳାର କିଛି ଅନିଷ୍ଟ ଘଟିବାକୁ ମୁଁ ଦେବିନି ସତ୍ୟ । ସେ ଶଳା ବିରେନ୍ ଦାସକୁ ଯଦି ମୋ କମଳା ଦେହରେ ହାତ ଦିଏ, ସତ କହୁଛି ସତ୍ୟ ତାକୁ ଜୀବନରେ ମାରିଦେଇ ଫାସିରେ ଚଢ଼ିଯିବି । କମଳା ମୋ ପାଇଁ ସବୁ ତ୍ୟାଗ କରିଛି । ସେ ପବିତ୍ର । (ପ୍ରସ୍ଥାନ)

Digitized by srujanika@gmail.com

ସନ୍ଥ୍ୟା - ଝାଙ୍କ ମତେ ଢଳଢଳ ଦିଶୁଛି କିଛି ଅଘଟଣ ନିଶ୍ଚୟ ଘଟିବ । ଯାଉଛି ଥାନାରେ ଆଗ ଖବରଟା ଦେବି ତା'ପରେ ଯାହାହେବ ଦେଖିବି । (ପ୍ରସ୍ଥାନ)

- ଅନ୍ଧାର -

- ଶେଷ ଦୃଶ୍ୟ -

(କମଳା ଦୁଃଖରେ ବସିଥିଲା । ପ୍ରଚ୍ଛଦ ପଟରୁ ଗୀତଟିଏ ଭାସି ଆସୁଥିଲା ।)

- ଗୀତ -

ପୂଜାରିଣୀ,
ଦେବତା ମନ୍ଦିର ଛାଡ଼ି ଚାଲିଗଲେଣି ।୦।
ପୂଜା, ଅର୍ଚ୍ଚନା ଆଉ
କିଏ ଘେନିବ,
ମନ୍ଥା ଫିଟିଲେ ତୋ କଥା
କିଏ ଶୁଣିବ ।
ଦେବତା ହେଲା ପାଷାଣ
ଝୁରିକୁ ଯନ୍ତ୍ରେ କଷ୍ଟରେ ।
କମଳା ମିଳନ କେବେ ଆନ ହୁଏନି ।୧।

(ଗୀତ ଶେଷ ହୋଇଛି । କମଳାର ଆଖିକୁ ଆସି ଧରି ନେଇଛି ବିରେନ୍ଦ୍ର)

କମଳା । -ସୁନ୍ଦରୀ ବାବୁ ତମେ ଆସିଛ... (ବିରେନ୍ଦ୍ରର ହସ)

ବିରେନ୍ଦ୍ର -କଣ ପ୍ରେମିକର ବିରହରେ ଲୁହ ଗଡ଼ାଉଛ । ଯେ ଚାଲିଯାଇଛି ସେ କଣ ଆଉ ଆସିବ । ତା' ପରିବର୍ତ୍ତେ ମୁଁ ଆସିଛି ।

କମଳା । -ତୁମେ କାହିଁକି ଏଠାକୁ ଆସିଛ ?

ବିରେନ୍ଦ୍ର -ତୁମେ କଣ ସେ ଲୋକଟାକୁ ଏ ପର୍ଯ୍ୟନ୍ତ ଭୁଲିପାରିନ । ତା' ପାଖରେ କଣ ଅଛି ଯାହା ମୋ ପାଖରେ ନାହିଁ । ତୁମକୁ କଣ ସେ କେବେ ଖୁସୀ କରିପାରିବ । ତୁମପାଇଁ ମୁଁ ମହଜୁଦ୍ ଅଛି । ଏ ବନ୍ଦା ତୁମ ପାଇଁ ସବୁବେଳେ ହାଜର ।

Digitized by srujanika@gmail.com

କମଳା - ଧନ୍ୟବାଦ, ତୁମେ ଏଠାରୁ ଚାଲିଯାଅ । ମୁଁ ଆଉ ବେଶୀ କିଛି ଶୁଣିବାକୁ ଚାହେଁନା ।

ବିରେନ୍ - ମୁଁ ତୁମକୁ କଣ ନ ଦେଇଛି । ସେ ସବୁ ତୁମେ ଭୁଲିଗଲ । ମୁଁ ଆସିଛି ତୁମକୁ ରାଜରାଣୀ କରିବାକୁ । ତୁମକୁ ବିଦେଶକୁ ନେଇଯିବାକୁ । ସେଠାରେ ଆମେ ବ୍ୟବସାୟ କରିବା । ଏ ଦେଶକୁ କିଏ ପଚାରେ ।

କମଳା - ତୁମର ପ୍ରସ୍ତାବ ପାଇଁ ଅଶେଷ, ଅଶେଷ ଧନ୍ୟବାଦ । ଏଇ ଭାରତ ମୋ ପାଇଁ ପବିତ୍ର । ଏହାର ପ୍ରତିଟି ଧୂଳିକଣା, ମୋ ପାଇଁ ବିଭୂତି ସଦୃଶ । ତୁମ ତୁମ ପଇସାକୁ ନେଇ ବସି ରହ । ମୁଁ ଏଠାରୁ କୁଆଡ଼େ ଯିବି ନାହିଁ ।

ବିରେନ୍ - ଯିବ ନାହିଁ । ଯଦି ମୁଁ ତୁମକୁ ଜୋର୍, ଜବରଦସ୍ତି କରି ନେଇଯାଏ । ତୁମେ କଣ କରିବ ? ଚିତ୍କାର କରିବ । ତୁମର ଚିତ୍କାର ଶୁଣିବାକୁ ଏ ଚାରିକାନ୍ଥ ଛଡ଼ା ଏଠାରେ ଅନ୍ୟ କେହି ନାହିଁ । ଆସ, ସୁନାପିଲାଟି ପରି ମୋ ସାଥିରେ ଚାଲିଆସ । ବାହାରେ କାର୍ ଅପେକ୍ଷା କରିଛି ।

କମଳା - ବିରେନ୍‌ବାବୁ ଚାଲିଯାଅ କହୁଛି ।

ବିରେନ୍ - (ହସିଛି) ତୁମେ ମୋର କଣ କରିବ କମଳା ?

କମଳା - କଣ କରିବି ? ଦେଖିବୁ । ତୁ ଭାବିଛୁ ମୁଁ ଅବଳା, ଦୁର୍ବଳା, ତୁ ମୋ ଉପରେ ଅତ୍ୟାଚାର କରି ଚାଲିବୁ । ତୁ ଭାବିଛୁ ମୁଁ ତୋତେ ସହଜରେ ଛାଡ଼ିଦେବି ।

ବିରେନ୍ - ହାରାମ୍‌ଜାଦି, ପତିତା, ବାରାଙ୍ଗନା ।

କମଳା - (ଚିତ୍କାର କରି) ସଂଯତରେ କଥାବାର୍ତ୍ତା କର ବିରେନ୍ । ମୁଁ ସୁବାସ ମହାପାତ୍ରର ସ୍ତ୍ରୀ, ବିଶ୍ୱମ୍ଭର ମହାପାତ୍ରଙ୍କର କୁଳବଧୂ ।

ବିରେନ୍ - କ'ଣ କହିଲୁ ? ତୁ ପୁଣି କୁଳବଧୂ । ଗୋଟାଏ ବେଶ୍ୟା, ସେ ପୁଣି କୁଳବଧୂ । ଆଜି ତେବେ ମୁଁ ଏଇଠି ଉପଭୋଗ କରିବି ଦେଖିବି ତେବେ ମୋ ଠାରୁ କିଏ ରକ୍ଷା କରିବ ?

କମଳା - (ଜୋର୍‌ରେ ଚାପୁଡ଼ାଏ ପକାଇଛି) ବିରେନ୍ ।

ବିରେନ୍ - ଶାଳୀ ତୋର ଏତେ ସାହାସ ତୁ ମତେ ମାରିଲୁ, ଆଜି ତୋତେ ମୁଁ ଛାଡ଼ିବିନି ।

(ବଳାତ୍କାର କରିବାକୁ ଉଦ୍ୟତ ହେଉଥାଏ, କମଳା ବିରେନ୍ଦ୍ର ହାତରୁ ବଞ୍ଚିବା ପାଇଁ ଚେଷ୍ଟା କରୁଥାଏ । ପ୍ରବେଶ କଲା ସୁଦୀପ୍ତ, ବିରେନ୍ଦ୍ର କଲର ଧରି ଗୋଟାଏ ଘୁସି ମାରି ତଳେ ପକାଇ ମାରିବାକୁ ଉଦ୍ୟତ ।)

ସୁଦୀପ୍ତ - ବିରେନ୍ଦ୍ର ଦାସ୍ ତୁ ମୋ କମଳା ଦେହରେ ହାତ ଦେଇଛୁ ମାନେ ତତେ ମୁଁ ଆଜି ଛାଡ଼ିବିନି ହାରମଜାଦା । ତତେ ଜୀବନରେ ମାରିଦେବି ।

କମଳା - ଛାଡ଼ିଦିଅ ସୁଦୀପ୍ତ । ତାକୁ ଛାଡ଼ିଦିଅ, ସେ ମରିଯିବ ।

ସୁଦୀପ୍ତ - ମରିଯାଉ - ମରିଯାଉ ସେ, ହେଲେ ମୁଁ ତାକୁ ଛାଡ଼ିବିନି ।

କମଳା - ଛାଡ଼ିଦିଅ ସୁଦୀପ୍ତ ବାବୁ ତାକୁ ଛାଡ଼ିଦିଅ । ତମକୁ ତୁମ କମଳାର ରାଣ... ତମେ ତାକୁ ଛାଡ଼ିଦିଅ ।

ସୁଦୀପ୍ତ - (ଅଟକିଯାଇ) ଯା... ଚାଲିଯା ବାଷ୍ଟାର୍ଡ... ସତ କହୁଛି ବିରେନ୍ଦ୍ର ଦାସ୍ ମୋ କମଳା ରାଣ ପକାଇ ନ ଥିଲେ ଏବେ ଏଇଠି ମୁଁ ଜୀବନରେ ମାରି ଦେଇଥାନ୍ତି । ଯା... ଚାଲିଯା ।

ସତ୍ୟ - (ପୋଲିସ୍ ଇନ୍ସପେକ୍ଟର ଓ କନେଷ୍ଟବଲ ସହ ପ୍ରବେଶ) ଚାଲିଯିବ କୁଆଡ଼େ ବିରେନ୍ଦ୍ର ବାବୁ ତମେ ଏଠୁ ସିଧା ମାମୁଁ ଘରକୁ ଯିବ । ସେଥିପାଇଁ ମୁଁ ଥାନାକୁ ଯାଇ ଏସ୍.ଆଇ. ପାଣିଗ୍ରାହୀ ବାବୁଙ୍କୁ ସାଥିରେ ନେଇ ଆସିଛି ପରା ।

ଏସ୍.ଆଇ. - ୟୁ ଆର୍ ଅଣ୍ଡର୍ ଆରେଷ୍ଟ, ବିରେନ୍ଦ୍ର ଦାସ୍ । ଅନେକ ବଦମାସି କରି ସହଜରେ କୋର୍ଟରୁ ଖଲାସ୍ ହୋଇଯାଇଥିଲୁ । ହେଲେ ବର୍ତ୍ତମାନ ମୁଁ ଦେଖିବି ତୁ କେମିତି ଏ ପାଣିଗ୍ରାହି ଏସ୍.ଆଇକୁ ଧୋକା ଦେଇ କୋର୍ଟରୁ ଖଲାସ ହୋଇଯିବୁ ।

ବିରେନ୍ଦ୍ର - ଦେଖନ୍ତୁ ଏସ୍.ଆଇ. ବାବୁ ।

ଏସ୍.ଆଇ. - ଚୁପ୍ (ଚାପୁଡ଼ା ମାରି) ଝିଅପିଲାକୁ ରେପ୍ କରିବାକୁ ବସିଥିଲୁ ପରା । ଥାନାକୁ ଚାଲ । ସେଇଠାରେ ତୋ କଥା ମୁଁ ଦେଖିବି କେତେ ଝିଅଙ୍କର ଇଜତ ତୁ ନଷ୍ଟ କରିଛୁ ।

କନେଷ୍ଟବଳ - ସାର୍

ଏସ୍.ଆଇ. - ଲଗା ହାତକଡ଼ି । ନେଇ ଚାଲ ଥାନାକୁ ।

Digitized by srujanika@gmail.com

(କନେଷ୍ଟବଳ ବିରେନ୍ଦ୍ରକୁ ଆରେଷ୍ଟ କରି ଚାଲିଗଲା, ପଛେ ପଛେ ସବ୍ ଇନ୍ସପେକ୍ଟର)

ସତ୍ୟ - ବାବୁ ଏଥର ମୋ କମଳା ଅପାକୁ ଆଉଏଠି ଏକା ନ ରଖି ତମ ଘରକୁ ନେଇଯାଅ । ରହିଲେ ପୁଣି ବିପଦ ପଡ଼ିପାରେ ।
(ପ୍ରବେଶ କଲେ ପଣ୍ଡିତ, ପ୍ରଦୀପ୍ତ, ସୁଶୀଳା)

ସୁଶୀଳା - କାହିଁ ମୋ ପୁଅ, କାହିଁ ମୋ ବୋହୂ । କମଳା ଆ ମା ଘରକୁ ଯିବା । ତୋର ଆଉ ଏଠାରେ ରହିବା ଦରକାର ନାହିଁ । ତୋ ଘର ଛାଡ଼ି, ତୁ ଅନ୍ୟଠାରେ ରହିବୁ କାହିଁକି ମା ? ଚାଲ ଘରକୁ ଚାଲେ ।

ବିଶ୍ୱମ୍ଭର - ବୋଉ ଠିକ୍ କହିଛନ୍ତି ମା' । ଆସ ଯିବାପାଇଁ ପ୍ରସ୍ତୁତ ହୋଇଯାଅ ।

କମଳା - ଆପଣ ସତରେ କ'ଣ ମୋତେ !

ବିଶ୍ୱମ୍ଭର - ସୁଦୀପ୍ତ ବୁଝାଇ ଦିଅ । ସେ ମୋର ବଡ଼ ବୋହୂ ? ତା' ହାତରୁ ପିଣ୍ଡ ଗ୍ରହଣ କଲେ ମୋ ଆତ୍ମା ଶାନ୍ତି ପାଇବ ।

କମଳା - ନନା, (ପାଦତଳେ ପଡ଼ିଗଲା, ପରେ ବୋଉଙ୍କର)

ବୋଉ - (କୁଣ୍ଢାଇ ପକାଇଲେ ।)

ପ୍ରଦୀପ୍ତ - ଦେଖିଲ ଭାଉଜ । ପ୍ରେମର ଜୟ ହେଲା । ଯୁଗେ ଯୁଗେ ପ୍ରେମର ଜୟ ହୋଇଛି ।

ବିଶ୍ୱମ୍ଭର - ସେହି ପରମପିତା ପରମେଶ୍ୱର ଜଗତକୁ ରକ୍ଷା କରନ୍ତୁ । ତାଙ୍କ ନିର୍ଦ୍ଦେଶରେ ମନୁଷ୍ୟ ମନରୁ ଜାତିଭେଦ, ବର୍ଣ୍ଣ, ବୈଷମ୍ୟ ସବୁକିଛି ଦୂର ହୋଇଯାଉ ।

ହରି - (ପ୍ରବେଶ) ହଁ ଭାଇନା ତମେ ବାସ୍ତବରେ ଠିକ୍ କହିଥିଲ । ଜାତି ନନ୍ଦିଘୋଷ ଚାଲିବକି ଭାଇ ସ୍ୱାର୍ଥକୁ ସାରଥି କଲେ । ତମେ ଏ ଜାତିକି, ଏ ଦେଶକୁ ଠିକ୍ ଚିହ୍ନିଛ । ମୁଁ ଅଧମ ତୁମକୁ ସେଦିନ ବୁଝି ପାରିନଥିଲି । ହେଲେ ଆଜି ଠିକ୍ ବୁଝି ପାରିଛି । ମତେ କ୍ଷମା କରିଦିଅ ଭାଇନା, ମତେ କ୍ଷମା କରିଦିଅ ।

ପଣ୍ଡିତ - ହରି, ଯାହାହେଉ, ତୁମର ପରିବର୍ତ୍ତନ ଦେଖି ମୁଁ ଖୁସୀ । ନାରୀ, ପୁରୁଷ ଦୁଇଟି ଜାତି । ଏମାନଙ୍କର ଗୋଟିଏ ଧର୍ମ । ତାହା ହେଉଛି

Digitized by srujanika@gmail.com

ମାନବ ଧର୍ମ । ଅନ୍ୟ ଯେଉଁ ଧର୍ମ ସବୁ ତୁମେ ଦେଖୁଛ, ତାହା ମନୁଷ୍ୟ ସୃଷ୍ଟ । ଆଜି ଆମ୍ଭମାନଙ୍କ ମନରେ ଯେ ଭାବାନ୍ତର ସୃଷ୍ଟି କରିଛନ୍ତି, ସେହି ପରମପିତାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରିବା । ସୁଶୀଳା, ଆଉ ଡେରି କରୁଛ କାହିଁକି ? ବୋହୂକୁ ନେଇ ଘରକୁ ଆସ । ଆସ ମା' ଘରକୁ ଯିବା । ସୁଦୀପ୍ତ, ପ୍ରଦୀପ୍ତ, ତୁମେ ଆଗ ଘରକୁ ଯାଇ ଶଙ୍ଖ, ମହୁରିଆ ଠିକ୍ କର । ହରି ଆସ, ତୁମେ ଏ ଶୁଭକାମରେ ପୌରହିତ୍ୟ କରିଛ ।

ହରି - ହଁ ଭାଇନା, ଆପଣଙ୍କ କଥାରେ ମୁଁ ରାଜି ।

ପ୍ରଚ୍ଛଦପଟରୁ ଟାଇଟିଲ୍ ଗୀତ - ପରିବର୍ତ୍ତନ, ପରିବର୍ତ୍ତନ...

ଯବନିକା ପତନ

- ଅନ୍ଧାର -

Digitized by srujanika@gmail.com

ପଥପ୍ରାନ୍ତ ନାଟକ

ତୁମ, ଆମ, ସମସ୍ତଙ୍କ, କଥା

ନିର୍ଦ୍ଦେଶନା : ଯଦୁ ରଥ ଓ ମଦନ ମିଶ୍ର

ସଂଗୀତ : ୰ନେତାଜୀ ପାତ୍ର

Digitized by srujanika@gmail.com

ତୁମ, ଆମ, ସମସ୍ତଙ୍କ କଥା

- ପ୍ରଥମ ଦୃଶ୍ୟ -

(ପୋଲିସ୍ ଇନ୍ସପେକ୍ଟର ବଳିଆରସିଂ ଆଦିବାସୀ ଯୁବନେତା ସପନା ରଣସିଂଙ୍କୁ ଟାଣି ଟାଣି ଆଣୁଛନ୍ତି ।)

ଇନ୍ସପେକ୍ଟର - କ'ଣ କହିଲୁ, ତୁ ଆମର ମୁଖା ଖୋଲି ଦେବୁ । ତୋର ତ ସାହାସ ଦିନକୁ ଦିନ ବଢ଼ି ଯାଉଛି । ତୋତେ ବଳ ଦେଇଛି କିଏ ? କାହା ବଳରେ ତୁ ଏସବୁ କହିଯାଉଛୁ । ମୁଁ ଜାଣେ ସେମାନେ ସବୁ କିଏ ? ସେମାନେ ସବୁ ସଂନ୍ତ୍ରାସବାଦୀ । ସେମାନଙ୍କୁ କଡ଼ା ହସ୍ତରେ ଦମନ କରିବା ସଂଗେ ସଂଗେ ମୁଁ ତୋତେ ସବୁଦିନ ପାଇଁ ମାମୁଁ ଘରେ ଠୁକି ଦେବି । ଚାଲେ ଥାନାକୁ ଚାଲ୍ ।

(ଏହି ସମୟରେ ଲକ୍ଷ୍ମୀର ଦୂରରୁ ଡ଼ାକ ଶୁଭୁଛି ।)

ଦୂରରୁ - ସପନା, ସପନା, ପୋଲିସ୍ ବାବୁ, ତାକୁ ଛାଡ଼ିଦିଅ ।

(ଧଇଁସଇଁ ହୋଇ ମଂଚରେ ପ୍ରବେଶ କରିଛି ।)

ଲକ୍ଷ୍ମୀ - ପୋଲିସ୍ ବାବୁ, ମୁଁ ତୁମର ପାଦ ଧରୁଛି । ତାର ଦୋଷ କିଛି ନାହିଁ । ସେ କାହା ବିରୁଦ୍ଧରେ କିଛି ଲେଖିନାହିଁ । ତୁମକୁ ମିଛରେ କିଏ ଏସବୁ କହିଛି । ବାବୁ, ଆମକୁ ତ ବଡ଼ ବଡ଼ ବାବୁମାନେ ସହିପାରୁନାହାନ୍ତି । ଛାଡ଼ିଦିଅ ବାବୁ, ଜ୍ୱର ଖଇ ଫୁଟୁଥିଲା । ସେ ଚାରିଦିନ ହେଲା କିଛି ଖାଇନାହିଁ ।

ଇନ୍ସପେକ୍ଟର - ନେତା ସାଜିଛି । ଦେଖିବି କେତେଦିନ ସେ ଏ ଅଞ୍ଚଳର ନେତା ହେବ । ପୋଲିସକୁ ଧମକପୂର୍ଣ୍ଣ ଚିଠି ଦେଇଛି । ଏ ପୁଣି ମୋର ଚାକିରି ନେଇଯିବ ।

ସପନା - ଲକ୍ଷ୍ମୀ, ତୁ କାହିଁକି ଏଠାକୁ ଆସିଲୁ ?

ଲକ୍ଷ୍ମୀ - ଓହୋ ତୁମେ ତୁନି ହେଲ । ବାବୁ ମୋର ଏ କାନଫୁଲ ହଳକ ନେଇଯାଅ ହେଲେ ତାକୁ ଛାଡ଼ିଦିଅ ଥାନାକୁ ନିଅନାହିଁ ।

ସପନା - ଲକ୍ଷ୍ମୀ, ତୁ ମୋର ସ୍ତ୍ରୀ ହୋଇ, ପୋଲିସ୍‌କୁ ଲାଞ୍ଚ ଯାଚୁଛୁ । ଯାଆ ତୁ ଘରକୁ ଯାଆ ମୋ ପାଇଁ ଚିନ୍ତା କରନି । ଏମାନେ ମୋର କିଛି ପରିପାରିବେ ନାହିଁ ।

Digitized by srujanika@gmail.com

ଇନ୍ସପେକ୍ଟର - ଆଗ ଥାନାକୁ ଚାଲ ସେଇଠି ତୋର ମୋର ଦେଖାଦେଖି ହେବା ।

ଲକ୍ଷ୍ମୀ - ୧୫ ଦିନ ହେଇନି ଥାନାକୁ ନେଇ ତାକୁ ପିଟିଥିଲ । ସେକଥା ତା' ଦେହରୁ ଏବେ ମଧ୍ୟ ଛାଡ଼ିନି । ପୁଣି ତାକୁ ପିଟୁଛ । ତୁମେ ତାକୁ ନେଇପାରିବ ନାହିଁ ।

(ବାଟ ଓଗାଳି ଠିଆ ହେଲା)

ମୁଁ ଗାଁର ସବୁ ସ୍ତ୍ରୀଲୋକଙ୍କୁ ଡ଼ାକିବି । ଥାନା ଘେରାଉ କରିବି ।

ଇନ୍ସପେକ୍ଟର - (ହସୁଥିଲେ ବିଭତ୍ସ ହସ) କ'ଣ କରିବୁ ? ଥାନା ଘେରାଉ କରିବୁ ? ଆନ୍ଦୋଳନ କରିବୁ । ତତେ ମାମୁଁ ଘର ଯୋଗ ହେଲାଣି । ହାରାମଜାଦି ।

ସପନା - (ଚିତ୍କାରକରି) ଇନ୍ସପେକ୍ଟର କାହାକୁ ହାରାମଜାଦୀ କହୁଛୁ । ତୁ ଯାହା କହିବୁ ମୋତେ କହ । ମୋ ସ୍ତ୍ରୀକୁ ଆଉପଦେ କହିଲେ ଏ ସପନର ଅସଲ ରୂପ ଦେଖିବୁ ।

ଇନ୍ସପେକ୍ଟର - ଚାଲବେ, ଦେଖିବି ତୋର ତାକତ କେତେ ? (ଟାଣି ଟାଣି ନେଇଗଲେ)

ଲକ୍ଷ୍ମୀ - ସପନା, ସପନା (କାନ୍ଦୁଥିଲା) (କାନ୍ଦରେ ମଂଚ ଫାଟି ପଡୁଥିଲା)

(ପାଗଳର ପ୍ରବେଶ)

ପାଗଳ - କାନ୍ଦୁଛୁ ! କାହିଁକି କାନ୍ଦୁଛୁ ? ଯୁଗେ ଯୁଗେ ଏ ପଶୁବଳର ପତନ ଘଟିଛି । ପ୍ରଭୁ, ଦୁଷ୍ଟ ବିନାଶିବା ପାଇଁ ଅବତାର ହୋଇ ଜନ୍ମ ନେଇଛନ୍ତି । ଚାଲେ ଘରକୁ ଚାଲେ, ତୋ ସ୍ୱାମୀର କିଛି ହବନାହିଁ । ଆ ମୋ ସାଥିରେ ଆ । ପିଲାମାନଙ୍କ ମୁହଁକୁ ଦେଖେ ।

ଲକ୍ଷ୍ମୀ - ବାବା ସେମାନେ ତାକୁ ମାରିବେ, ମୁଁ କିମିତି ଧୈର୍ଯ୍ୟ ଧରି ବଞ୍ଚି ପାରିବି ।

ପାଗଳ - ଆରେ ପାଗଳୀ, ମାରିବାକୁ ଗଲାବେଳେ ତାଙ୍କ ହାତ ଅଚଳ ହେଇଯିବ, ତୋର କାନ୍ଦରେ ଭଗବାନଙ୍କ ଆସନ ଥରି ଉଠିବ । ଗଜକୁ ରକ୍ଷାକଲାପରି, ଭଗବାନ ତୋତେ ନିଶ୍ଚୟ ରକ୍ଷା କରିବେ । ଘରକୁ ଆ ମା' ପିଲାମାନେ ତୋତେ ଚାହିଁ ବସିଥିବେ, ମୁଠେ ମୁଠେ ଆହାର ତାଙ୍କ ମୁହଁରେ ଦେ । ତୁ ମା', ମା'ର କର୍ତ୍ତବ୍ୟ ତୁ କର ।

(ଟାଣି ଟାଣି ନେଇଗଲା)

Digitized by srujanika@gmail.com

(ପ୍ରଚ୍ଛଦପଟରୁ ଭାସି ଆସିଲା ଗୀତଟିଏ)
ଯାହା ଭାବିଥିଲୁ ତାହା କି ପାଇଲୁ
ଦେଶକୁ ସ୍ୱାଧୀନ କରି
ଫିରିଙ୍ଗି ଶୋଷିଲା ବୋଲି କହୁଥିଲୁ
ଏବେ ଶୋଷନ୍ତି ଲୋକ ତୋହରି
ଆଉ ଲୁହ ଗଡ଼ନା
ତୋର ଦୁଃଖ ତ କେହି ବୁଝେନା
(ପାଗଳଟା ଫେରି ଆସିଛି)

ପାଗଳ - ଏ ଗୀତ କିଏ ଗାଉଛି ? ତୁମେ ଠିକ୍ କହିଛ । ଏଇଠାରୁ ଅଳ୍ପବାଟ ଦୂର ଡିବୁଳିଗୁମ୍ଫା । ସେଇଠାରେ ଏଇଭଳି ଜଣେ ଯୁବକ ଥିଲା । ସେ ଅନ୍ୟାୟ ବିରୁଦ୍ଧରେ ଲଢୁଥିଲା । ଗରୀବର ରକ୍ଷାକର୍ତ୍ତା ଥିଲା ସେ । ହେଲେ କ'ଣ ହେଲା (ହସିଲା) ସରକାର ତାକୁ ପୁରସ୍କାର ଦେଲା, ଫାଶିଦଣ୍ଡ । ସହିଦ୍ ଲକ୍ଷ୍ମଣ ନାୟକ । (ଫେରେ ଗୀତ ଭାସିଆସିଲା)

ଲକ୍ଷ୍ମଣ ନାୟକ ଦେଶପାଇଁ ଦେଲା
ହସି ହସି ପ୍ରାଣବଳୀ
କାହିଁ ଗଲେ ସେଇ ଲୋକମାନେ ତୋର
ଏବେ ଠକ କରୁଛନ୍ତି କେଳି
ଲୋକ କଇବଲ ହୋଇ ମରେ
ଦେଶ ତାଙ୍କ ହାତରେ
ଘିଅ, ଖିର ତୋର ସପନ ହୋଇଲା
ଦେଶ ଏବେ ମଦରେ ଭାସିଲା
ସତ୍ୟ ନ୍ୟାୟ ତ ନାହିଁ
ରକ୍ଷକ ତ ଭକ୍ଷକ ସାଜଇ ।

(ପାଗଳ ବସି ବିଡ଼ି ଟାଣୁଥିଲା ଓ ଗୀତକୁ ଉପଭୋଗ କରୁଥିଲା । ମାଇଚିଆ ଯୋଗିଆ ଆସି ପହଞ୍ଚିଛି ।)

ଯୋଗିଆ - ହବା କଥା ନାହିଁ । ଏ ପୋଲିସ୍‌ଟା ନିର୍ଦ୍ଦୋଷୀଟାକୁ ଏମିତି ପିଟୁଛି କାହିଁକି ମ ? ହଇଏ ବଳିଆ କକା ? ପୋଲିସ୍‌ଗୁଡ଼ାକ ଆଜିକାଲି ପଶୁ ପାଲଟି ଗଲେଣିମ ।

Digitized by srujanika@gmail.com

ପାଗଳ - (ହସିଛି) ତୁ ଠିକ୍ କହିଛୁରେ ଯୋଗିଆ । ଏ ପୋଲିସ୍‌ଗୁଡ଼ାକ ପଶୁ ପାଇଟି ଗଲେଣି । ଶୁଣିଛୁ ଲତା କନେଷ୍ଟବଲକୁ ଗର୍ଭବତୀ କରାଇ, ତାକୁ ବାହା ନହୋଇ ପୋଲିସ ହାକିମବାବୁ ଗୁଳିରେ ଲାଛି ଦେଲା । ବୁଝିଛୁ ଯୋଗିଆ ଲୋକେ ଛାଡ଼ିଲେ ନାହିଁ । ସମସ୍ତେ ତାତି ଉଠିଲେ ।

ଯୋଗିଆ - ଏ ଗାଁରେ ଲୋକ ବୋଲି କେହି ନାହାଁନ୍ତି ମ କକା, ନଇଲେ ଏଇ ଡ଼ାକ୍ତରଟା, ଯୋଉଟା ଟଙ୍କା ନ ପାଇଲେ ମଣିଷ ମାରୁଛି । ଚେୟାରମ୍ୟାନ କଣ୍ଟ୍ରୋଲ ଡ଼ିଲର୍ ଆଉ ଏଇ ରଇଜଳା ଅଳପେଷିଆ ପୋଲିସ୍ ହାକିମ ଆମ ସପନାଭାଇ ବିରୁଦ୍ଧରେ ଲାଗିଛନ୍ତି । କାହା କଥା କହିବ - ଖଜୁରୀ ଗଛର...

ପାଗଳ - ଲାଗିବେ ତାଙ୍କର ସ୍ୱାର୍ଥରେ ବାଧା ସୃଷ୍ଟି ହେଉଛି । ସପନା ତାଙ୍କ ଅନ୍ୟାୟ ବିରୁଦ୍ଧରେ ଲଢ଼ୁଛି । ସମସ୍ତେ ସପନା ଭୟରେ ତ୍ରାହି ତ୍ରାହି ଡ଼ାକ ଛାଡ଼ିଲେଣି । ତେବେ ଯୋଗିଆ ମୋତେ ଡ଼ର ଲାଗୁଛି । ଏଇମାନେ ତାକୁ ମାରିଦେବେ । ଯେମିତି ଚକ୍ରାନ୍ତ କରି ଲକ୍ଷ୍ମଣ ନାୟକଙ୍କୁ ମାରି ଦେଇଥିଲେ ।

ଯୋଗିଆ - ତମେ ଡ଼ରନି କକା । ସପନାଭାଇ ପଛରେ ଏ ଦଶଖଣ୍ଡ ଗାଁ ଲୋକେ ଏକଜୁଟ ଅଛନ୍ତି । ପୋଲିସ୍ କ'ଣ ଗାଁ ଭିତରକୁ ପଶି ପାରୁଥିଲା । ଏକଥା ବୋଧେ ଲୋକମାନେ ଜାଣିନାହାନ୍ତି । ଦେଖୁଛୁତ, ଚେୟାରମ୍ୟାନର ଲୋକମାନେ, ଭୋଟରେ କେମିତି ହାରିଗଲେ । ସେଥିପାଇଁ ସେ ବାଡ଼ିପଡ଼ାର ବଡ଼ ରାଗ ।

ପାଗଳ - କିନ୍ତୁ ଯୋଗିଆ ପୋଲିସ ହାତରେ ସବୁ କ୍ଷମତା, ଲାଠି, ଗୁଳି ସବୁ ରହିଛି । ଆମ ପଛରେ ଅଛି ଖାଲି ସପନା । ଏ ଅଞ୍ଚଳର ଗାନ୍ଧୀ ମହାତ୍ମା ।

- ଅନ୍ଧାର -

Digitized by srujanika@gmail.com

- ଦ୍ୱିତୀୟ ଦୃଶ୍ୟ -

(ରାସ୍ତା, ଚେୟାରମ୍ୟାନ, ଇନ୍ସପେକ୍ଟର କଥାବାର୍ତ୍ତା ହୋଇ ଆସୁଥିଲେ ।)

ଚେୟାରମ୍ୟାନ- ଆପଣ ସପନାକୁ ଛାଡ଼ିଦେଇ, ମସ୍ତବଡ଼ ଭୁଲ କଲେ ଇନ୍ସପେକ୍ଟର ବାବୁ । ସାରା ରାଜ୍ୟରେ ଆମର ଛତା ଦଳ ଜିତିଲା । ହେଲେ ଆମ ଅଞ୍ଚଳରେ ଆମର ପାର୍ଥୀର ଡ଼ିପୋଜିଟ୍ ବୁଡ଼ିଗଲା ।

ଇନ୍ସପେକ୍ଟର - ଆପଣ ମୋତେ ଭୁଲ ବୁଝୁଛନ୍ତି ଚେୟାରମ୍ୟାନବାବୁ ଛାଡ଼ିଦେଇନ ଥିଲେ, ମୋର ଟ୍ରାନ୍ସଫର ହୋଇ ଯାଇଥାନ୍ତା । ଏସ୍.ପି. ଫୋନ କଲେ ତୁରନ୍ତ ସପନାକୁ ଛାଡ଼ିଦିଅ । ମୁଁ ଜାଣିପାରୁନି ଚେୟାରମ୍ୟାନବାବୁ ଏସ୍.ପି.ଙ୍କ କାନକୁ ଏକଥା ଗଲା କିପରି ?

ଚେୟାରମ୍ୟାନ- ଆପଣଙ୍କ ହାତରେ ସବୁ ଅଛି । ଏବେ ମଧ ଆଦିବାସୀ ଅଞ୍ଚଳରେ ସନ୍ତ୍ରାସବାଦୀମାନେ ପ୍ରବେଶ କଲେଣି । ଆପଣ ଜାଣନ୍ତି ପୋଟ ଆଇନ କିମିତି ସଦନରେ ପାସ ହେଲା । ସେଥିରୁ ଗୋଟେ ଲଗେଇ ଦିଅନ୍ତୁ ।

ଇନ୍ସପେକ୍ଟର - ବୁଝିଲେ ଚେୟାରମ୍ୟାନବାବୁ ପୋଟୁ ହେଉ କି ଫୋଟୁ ହଉ, କୋଉ ଆଇନ ବଳରେ ଆପଣ ସପନାର କିଛି କରିପାରିବେ ନାହିଁ । ମୁଁ ଆଉ ଗୋଟିଏ କଥା ଶୁଣିଲି । ଆପଣ ଗିରଫ ହୋଇପାରନ୍ତି ।

ଚେୟାରମ୍ୟାନ- ଇନ୍ସପେକ୍ଟର ବାବୁ, ଆପଣ ଏସବୁ କ'ଣ କହୁଛନ୍ତି । ଆପଣ ଥାଉ ଥାଉ ମୋତେ ପୁଣି ଗରିଫ କରିବ କିଏ ?

ଇନ୍ସପେକ୍ଟର - ଆହା ଆପଣ କଥାଟା ଭଲ କରି ଶୁଣନ୍ତୁ । ଆଦିବାସୀ ଉନ୍ନୟନ ଟଙ୍କା କୋଟି, ଆକାରରେ ଆପଣ ଆତ୍ମସାତ କରିଛନ୍ତି ।

ଚେୟାରମ୍ୟାନ- ମୁଁ କରିଛି, ଏ କଥା ଆପଣ କହୁଛନ୍ତି ?

ଇନ୍ସପେକ୍ଟର - ମୁଁ କହୁନି ଆଜ୍ଞା, ଷ୍ଟେଶାଲ ବ୍ରାଞ୍ଚ ରିପୋର୍ଟ ହୋଇଛି । ଷ୍ଟେଶାଲ ବ୍ରାଞ୍ଚ ଲୋକ ଆପଣଙ୍କ ଘରକୁ ଆସିଥିଲେ । ଆପଣଙ୍କୁ ହିସାବ ମାଗିଲେ । ଆପଣ ତାଙ୍କୁ ନାଲି ଆଖି ଦେଖାଇ କହିଲେ ମନ୍ତ୍ରୀଙ୍କୁ କହି ତୁମର ଚାକିରୀ ନେଇଯିବେ ।

ଚେୟାରମ୍ୟାନ- ସେ ଟଙ୍କା କ'ଣ ମୁଁ ଖାଲି ଖାଇଯାଉଛି ଆଜ୍ଞା, ମନ୍ତ୍ରୀ କ'ଣ ଖାଇ ନାହାନ୍ତି । ସେକ୍ରେଟାରୀ ଖାଇ ନାହାନ୍ତି । ଆଉ କ'ଣ କହିବି

Digitized by srujanika@gmail.com

ଆଜ୍ଞା, କହିଲେ କୁଳକୁ ଲାଜ ନ କହିଲେ କୁଳ ଭାସିଯାଉଛି । ଆପଣ ମଧ୍ୟ ସେଥିରୁ କିଛି ଉଦରସ୍ଥ କରିଛନ୍ତି ।

ଇନ୍ସପେକ୍ଟର - ମୁଁ ମାନୁଛି ଚେୟାରମ୍ୟାନ ବାବୁ, ସବୁ କଥା ଆପଣ ମୋତେ ପଚାରି କରୁଥିଲେ । ସେମାନେ ଯେତେବେଳେ ଆସିଲେ ମୋ କାନରେ କଥାଟା ପକେଇଲେ ନାହିଁ ?

ଚେୟାରମ୍ୟାନ- ଆଜ୍ଞା ମୁଁ'ତ ସେମାନଙ୍କୁ ଚିହ୍ନି ପାରିଲି ନାହିଁ । ଯେତେବେଳେ ସେମାନେ ଆଇଡେଣ୍ଟ କାର୍ଡ଼ ଦେଖାଇଲେ, ସେତେବେଳକୁ କଥା ସରିଗଲାଣି, ଆପଣ ସେଥିପାଇଁ ଚିନ୍ତା କରନ୍ତୁ ନାହିଁ ।

ଇନ୍ସପେକ୍ଟର - ଆପଣ ବି ଟିକିଏ ହୁସିଆରରେ ରହନ୍ତୁ । ଆପଣଙ୍କର କୁକର୍ମ ଯୋଗୁଁ ଆପଣଙ୍କର ଏମ୍.ଏଲ୍.ଏ ପ୍ରାର୍ଥୀଙ୍କର ଡ଼ିପୋଜିଟ ଟଙ୍କା ବୁଡ଼ିଗଲା । ଅନ୍ୟଦଳର ଏମ୍.ଏଲ୍.ଏ ହେଲେ । ସେ'ତ ଆପଣଙ୍କୁ ଛାଡ଼ିବେନି । ଏ ସରକାର କେତେଦିନ ରହିବ । ଆଉ ଦୁଇବର୍ଷ ଗଲେ ନିର୍ବାଚନ । ଆପଣଙ୍କ ଦଳ ଯଦି ନ ଜିଣେ, ଦେଖନ୍ତୁ ମୋତେ ଖରାପ ଭାବିବେନି । ମୋର ବନ୍ଧୁ ବୋଲି ଆପଣଙ୍କୁ ଯାହା ମୁଁ କହିଦେଲି ।

ଚେୟାରମ୍ୟାନ- ସବୁଠାରୁ ମୋର ବଡ଼ ଦୁଃଖ ରହିଗଲା । ସାମାନ୍ୟ ଆଦିବାସୀ ଟୋକାଟାକୁ ଆପଣ ଯାହା କଣ୍ଟ୍ରୋଲ କରିପାରିଲେ ନାହିଁ । ଯେଉଁ ଇନ୍ସପେକ୍ଟର ବଳିଆର ସିଂ ନାଁ ଶୁଣିଲେ, ଗର୍ଭଣାଗାଇ ବାଟଛାଡ଼େ, ସେଭଳି ଜଣେ ହାକିମ, ସପନାର କିଛି କରିପାରିଲା ନାହିଁ ।

ଇନ୍ସପେକ୍ଟର - ଓ ଜମାନା ଚଲାଗୟା ଚେୟାରମ୍ୟାନବାବୁ । ଆଜି ଛୋଟ ଲୋକମାନଙ୍କର ଦିନ । ପୋଲିସ କାହାକୁ ଗିରଫ କରିପାରିବ ? ଗିରଫ କରିବାକୁ ହେଲେ ମନ୍ତ୍ରୀଙ୍କର ପରମିଶନ୍ ଲୋଡ଼ା । ସେକ୍ରେଟାରୀ ପରମିସେନ୍ ଦେବେ । ଆଇ.ଜି., ଏସ୍.ପି.ଙ୍କ ଠାରୁ ଲକ୍ଷେ ଲୋକଙ୍କର ଅନୁମତି ଲୋଡ଼ା । ହାତକଡ଼ି ପକାଇବା ମନା । ଅତ୍ୟାଚାର କରିବା ମନା । ମାନବାଧିକାର ଆଇନ୍ ଉଲଙ୍ଘନ ଦୋଷରେ ଆପଣ ହେବେ ଦୋଷୀ । ସେ କାଳର ପଖାଳ, ଆଜି ଆଉ ନାହିଁ, ଚେୟାରମ୍ୟାନବାବୁ । ତେବେ ସେ ଶଳାକୁ ମୁଁ ସହଜରେ ଛାଡ଼ିଦେବି ନାହିଁ ।

ଚେୟାରମ୍ୟାନ- ଆପଣ ଯଦି ସପନାକୁ ଜୀବନରେ ଶେଷ କରିଦେବେ...

Digitized by srujanika@gmail.com

ଇନ୍ସପେକ୍ଟର - କିମିତି କରିବି ଚେୟାରମ୍ୟାନବାବୁ । ସେଇକଥା ଭାବି ଭାବି, ତ ମୋତେ ନିଦ ହେଉନାହିଁ । ସପନା ତ ସାମାନ୍ୟ ଲୋକ ନୁହଁ । ସେଦିନ ସଭାରେ ସପନାକୁ ଗିରଫ କରିଥାନ୍ତି କିନ୍ତୁ ମନ୍ତ୍ରୀ ମନା କଲେ ।

ଚେୟାରମ୍ୟାନ- (ନୋଟ ବଣ୍ଡେଲ ବାହାର କରି) ଏଇ ଧରନ୍ତୁ ।

ଇନ୍ସପେକ୍ଟର - ଏ କ'ଣ କରୁଛନ୍ତି ଚେୟାରମ୍ୟାନବାବୁ ଆପଣ ତ ମୋତେ କମ୍ ଦେଇନାହାନ୍ତି । ମୁଁ ଆପଣଙ୍କ ଠାରୁ ଯଥେଷ୍ଟ ନେଇଛି । ବର୍ତ୍ତମାନ ଯାକୁ ଦେଇ ସର୍ମିନ୍ଦା କରୁଛନ୍ତି କାହିଁକି ? ଥାଉ ଆପଣ ରଖନ୍ତୁ । (ଚେୟାରମ୍ୟାନ ନୋଟ ବିଡ଼ାଟା ରଖିଦେଲେ)

ଚେୟାରମ୍ୟାନ- ଆପଣ ଜାଣନ୍ତି, ହୋମ୍ ମିନିଷ୍ଟର ମୋର ଲଙ୍ଗିକ ବନ୍ଧୁ । ମେ ଭାଇର ନିଜ ଶଳା । ମୁଁ ଚାହିଁଲେ ସମସ୍ତଙ୍କୁ ଓଭରଲୁକ୍ କରି ମୁଁ ଆପଣଙ୍କୁ ଡ଼ି.ଏସ୍.ପି. କରାଇ ଦେଇପାରିବି ।

ଇନ୍ସପେକ୍ଟର - ତା' ମୁଁ ଜାଣେ । ସେଥିପାଇଁ ଶତଚେଷ୍ଟା କଲେ ମଧ, ଆପଣଙ୍କ ଯୋଗୁଁ ମୋର ଟ୍ରାନ୍ସଫର ହୋଇପାରୁନାହିଁ । କାୟା ସଙ୍ଗେ ଛାୟାପରି ମୁଁ ଆପଣଙ୍କ ସଙ୍ଗରେ ରହିଛି । ଆପଣଙ୍କ ପ୍ରତେକ୍ୟ ସମୟରେ ରକ୍ଷାକବଚ ସାଜିଛି ।

ଚେୟାରମ୍ୟାନ- ସପନା ତ ଖାଲି ମୋର ଅନିଷ୍ଟ କରିନାହିଁ । ଆପଣଙ୍କ ବିରୁଦ୍ଧରେ ସେ ଶଳା ସର୍ବଦା ଲାଗିଛି । ଆପଣଙ୍କର ସେ ଚରିତ୍ର ସଂହାର କରିବାକୁ ପଛଘୁଞ୍ଚା ଦେଉନାହିଁ ।

ଇନ୍ସପେକ୍ଟର - ସବୁ ଜାଣେ ଚେୟାରମ୍ୟାନ ବାବୁ । ମୋତେ ସେଥିପାଇଁ କିଛି କରିବାକୁ ହେବ । ମୁଁ ନିଶ୍ଚୟ କରିବି । ଏ ଦୃଢ଼ ପ୍ରତିଶ୍ରୁତି ମୁଁ ଆପଣଙ୍କୁ ଦେଉଛି । ଆପଣ ତ ମୋତେ ସବୁବେଳେ ଦଉଛନ୍ତି । ଆଜ୍ଞା ଝିଅର ବାହାଘର ମୁଣ୍ଡ ଉପରେ । ସେ ଦାୟିତ୍ୱ ସରିଗଲେ ଏ ବଦ୍‌ମାସ୍‌ର କଥା ବୁଝିବି । (ଅଟ୍ଟହସି) ଆଜ୍ଞା ଚେୟାରମ୍ୟାନବାବୁ ସେ ଟଙ୍କାଟା କ'ଣ ରଖିଦେଲେ ।

ଚେୟାରମ୍ୟାନ- ଆରେ ନା, ନା । ମୁଁ ତ ଆପଣଙ୍କ ପାଇଁ ଆଣିଛି ।

ଇନ୍ସପେକ୍ଟର - କେତେ ଆଜ୍ଞା ?

ଚେୟାରମ୍ୟାନ- (ହସି) ଦଶହଜାର ।

Digitized by srujanika@gmail.com

ଇନ୍ସପେକ୍ଟର - ହଉ ଦିଅନ୍ତୁ ।

ଚେୟାରମ୍ୟାନ- ନିଅନ୍ତୁ ।

ଇନ୍ସପେକ୍ଟର - (ମୁଣ୍ଡରେ ଲଗାଇ ପକେଟରେ ରଖିଲେ ।)

- ଅନ୍ଧାର -

- ତୃତୀୟ ଦୃଶ୍ୟ -

(ପାଗଳର ବିଭତ୍ସ ହସ । ଯୋଗିଆ ପ୍ରବେଶ କରିଛି ।)

ପାଗଳ - ଓଃ କି ପାଗଳାମି । ଗୁଜରାଟରେ ସାଂପ୍ରଦାୟିକ ସଂଘର୍ଷ । ଦାଢ଼ିନ ଥିବା ମୁସଲମାନ ଲୋକକୁ ହିନ୍ଦୁଭାବି, ହିନ୍ଦୁମାନେ ତା' ଶବକୁ ନେଇ ଯାଉଥିଲେ । ଆଉ ମୁସଲମାନମାନେ ଦାଢ଼ିଥିବା ହିନ୍ଦୁର ଶବକୁ ମୁସଲମାନ ଭାବି, କବର ଦେବାକୁ ନେଇ ଯାଉଥିଲେ । (ହସିଲା) ନିଅ, ନିଅ । ତୁମର ପାଗଳାମି ଦେଖି, ମସଜିଦ୍‌ରେ ଆଲ୍ଲା ଖୁବ୍ ଜୋର୍‌ରେ ହସୁଥିବେ । ଆଉ ମନ୍ଦିରରେ ଭଗବାନ ମୁରୁକି ମୁରୁକି ହସୁଥିବେ । ହଇରେ ପାଗଳମାନେ ତୁମ୍ଭେମାନେ କାହାର ଶବ ନେଲ । ହିନ୍ଦୁର ନୁହେଁ କି ମୁସଲମାନର ନୁହେଁ । ସେ ଶବ ଥିଲା ମଣିଷର ଶବ । (ଖୁବ୍ ଜୋର୍‌ରେ ହସିଲା)

ଯୋଗିଆ - କକା, ଖାଇଲଣି ।

ପାଗଳ - ହଁ, ଖାଇଚି ।

ଯୋଗିଆ - ମଧୁଭାଇର ଭୋଜି ଖାଇବାକୁ ଯାଇଥିଲ ? ବଢ଼ିଆ ଭୋଜି ହେଉଥିଲା । ଦୁଇଟି ବୋଦା ହାଣିଥିଲା । ଯାହାସବୁ ମଧ କରିଥିଲା କକା ମୁଁ ତ କେବେ ଏମିତିକା ଭୋଜି ଖାଇନଥିଲି ।

ପାଗଳ - ତୁ ଚେୟାରମ୍ୟାନର ପୁଅ ବାହାଘର କଥା କହୁଛୁ । ସେ ଭୋଜି ମୁଁ ଖାଇବାକୁ ଯିବି । ଗୋଟାଏ ପାପୀ, ଯେ ଗରୀବ ଆଦିବାସୀଙ୍କର ରକ୍ତ ପିଇଛି, ତା'ଭୋଜି ମୁଁ ଖାଇବି । ମୋତେ ଲକ୍ଷ୍ମୀ ଖାଇବାକୁ ଦେଲା । ପଖାଳଭାତ ଶାଗ ଖରଡ଼ା, କି ଆନନ୍ଦ, କି ତୃପ୍ତି । ଗୋଟାଏ ରାକ୍ଷସ ଘରକୁ ଯାଇ ମୁଁସେ ପାପୀର ଖାଇଥାନ୍ତି । ଯା ଉଠୁ, ମୋ ଆଗରୁ ବାହାରେ । ଭୋଜି ଖାଇବାକୁ ଯାଇଥିଲା, ଉଠୁ । (କହି ପାଗଳ ଚାଲିଗଲା)

Digitized by srujanika@gmail.com

ଯୋଗିଆ - ମଲା' ଏ ପାଗଳଟା ଏମିତି କାହିଁକି ହଉଚି ମ ? ମୁଁ ପଚାରୁଛି କ'ଣସେ ମୋତେ କହୁଚି କ'ଣ ? ତୁଛାକୁ ଏତେ... କଥା - (ଦେଖି) ମୁଁ ଯାଏ ଲୋ ମା, ବାଡ଼ିପଡ଼ା ଆଇଲାଣି ।
(ଖଦଡ଼ ବସ୍ତ୍ର ପରିଧାନ କରିଥିବା ଜଣେ ବ୍ୟକ୍ତି ମଂଚରେ ପ୍ରବେଶ କଲେ । ସାଙ୍ଗରେ ଅନ୍ୟମାନେ ।)

ସ୍ୱାଧିନତା ସଂଗ୍ରାମୀ- ୧ମ ବ୍ୟକ୍ତି ଶୁଣିଲଣି ରାଧୁ । ମୋର ସ୍ୱାଧିନତା ସଂଗ୍ରାମୀ ପେନ୍‌ସନ ଟଙ୍କା କାଟି ଦେବା ପାଇଁ ସପନା ସରକାରଙ୍କୁ ଲେଖିଛି ।

୨ୟ ବ୍ୟକ୍ତି - କେତେ ବର୍ଷ ହେଲା ତୁମେ ସରକାରଙ୍କୁ ଠକି ପେନ୍‌ସନ୍ ନେଲଣି । ତୁମର ତ କିଛି ଅଭାବ ନାହିଁ । ପୁଅମନେ ବେଶ୍ ରୋଜଗାରିଆ । ମୋର ବନ୍ଧୁ ବୋଲି, ତୁମର ନାଁଟାକୁ ମୁଁ ରେକମଣ୍ଡ କରି ପଠାଇ ଦେଇଥିଲି ।

ସ୍ୱାଧିନତା ସଂଗ୍ରାମୀ- ତୁମ ଯୋଗୁଁ, ମାନେ ତୋର ରେକମୋଡ଼େସନ ଯୋଗୁଁ ମୁଁ ସ୍ୱାଧିନତା ସଂଗ୍ରାମୀ ଭତ୍ତା ପାଇଲି । ମୋର ଦେଶ ପାଇଁ କିଛି ତ୍ୟାଗ ନ ଥିଲା ।

୨ୟ ବ୍ୟକ୍ତି - ଥିଲା ଯେ ଘୋଡ଼ା ଡ଼ିମ୍ବ ଥିଲା । ଫିରିଙ୍ଗି ପୋଲିସ୍‌କୁ ଗୁପ୍ତ ଖବର ଯୋଗାଇ ବେଶ୍ ତ ପଇସା ପାଉଥିଲ । ହଇଓ ତୁମ ଯୋଗୁଁ ପରା ମୁଁ ଆରେଷ୍ଟ ହେଲି । ହଇଓ ବାବୁ ଦେଶ ଆଜି ଦେବାଳିଆ । କର୍ମଚାରୀମାନଙ୍କ ଦରମା ଦେବାକୁ ରାଜସ୍ୱ ଘରେ ଶୂନ । ତୁମମାନଙ୍କ ପରି ଲକ୍ଷ ଲକ୍ଷ ଛାଇ ସ୍ୱାଧିନତା ସଂଗ୍ରାମୀ, କୋଟି କୋଟି ଟଙ୍କା ବରବାଦ କରୁଛ । ସପନା ଯାହା କରିଛି ଭଲ କରିଛି ।

ସ୍ୱାଧିନତା ସଂଗ୍ରାମୀ- କ'ଣ କହିଲ ସପନା ଯାହା କରିଛି ଭଲ କରିଛି ।

୨ୟ ବ୍ୟକ୍ତି - ଚିତ୍କାର କାହିଁକି କରୁଛ ହେ । ସତ କହିଲେ ଅପ୍ରିୟ ଶୁଣାଯାଉଛି ହଇଓ ବାବୁ, ତୁମେ କହିଲ କୋଉ ଜେଲରେ ତୁମେ ଥିଲ ? କେତେ ବର୍ଷ ଜେଲଦଣ୍ଡ ଭୋଗିଥିଲ ? ମୁଁ ୫ ବର୍ଷକାଳ ଜେଲରେ ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ, ଲକ୍ଷ୍ମଣ ନାୟକ ସାଙ୍ଗରେ ଥିଲି ।

ସ୍ୱାଧିନତା ସଂଗ୍ରାମୀ- ବୁଝିଲି ତା'ହେଲେ ତୁମେ ସପନାକୁ ସବୁ କହିଦେଇଛ ।

Digitized by srujanika@gmail.com

୨ୟ ବ୍ୟକ୍ତି - ମୋତେ କାହିଁକି ଦୋଷ ଦେଉଛ ଭାଇ ? କଲେକ୍ଟର ତୁମ ବିଷୟରେ ସରକାରଙ୍କୁ ଲେଖିଛନ୍ତି ।

ସ୍ୱାଧୀନତା ସଂଗ୍ରାମୀ- ରାଧୁ ମୋର ପେନ୍‌ସନ୍ ଟଙ୍କାଟା ଯଦି କଟିଯାଏ, ମୋ ଦାନା ପାଣିରେ ଯଦି ଧୂଳି ଦିଅ, ମୁଁ ତୁମକୁ ଛାଡ଼ିବିନି । ଆଉ ସେ ସପନାକୁ ସବୁଦିନ ପାଇଁ ଶେଷ କରିଦେବି । ଆଉ ତା ସାଥିରେ ତୁମକୁ ମଧ

୨ୟ ବ୍ୟକ୍ତି - କୁଆଡ଼େ ଗଲେ ସେ ଦେଶଭକ୍ତମାନେ । କାହିଁଗଲା କୋରାପୁଟର ଗାନ୍ଧୀ ଲକ୍ଷ୍ମଣ ନାୟକ, ଦେଶ ମାତୃକାକୁ ବନ୍ଧନ ମୁକ୍ତ କରିବା ପାଇଁ, ସେ ହସି ହସି ଫାସିଖୁଣ୍ଟରେ ଝୁଲି ପଡ଼ିଥିଲା । ପେନ୍‌ସନ୍ ପାଇବା ଆଶାରେ ନୁହେଁ । ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ପାଇଁ ସେ ବାଟ ଦେଖାଇ ଦେଲା । ଶହ ଶହ ସପନାକୁ ସେ ଆଜି ଜନ୍ମ ଦେଲା । ଆଜି ଆମର ନେତା ସପନା, ନିଷ୍ପେସିତ ଜନତାର ନେତା ସପନା ।

(ଏହି ସମୟରେ ପ୍ରବେଶ କରିଛି ଚେୟାରମ୍ୟାନ)

ଚେୟାରମ୍ୟାନ- (ଚିତ୍କାର କରି) ସପନା, ସପନା, ସପନା ସପନା କେବେଠାରୁ ତୋର ନେତା ହେଲା । ତୁମମାନଙ୍କ ପରି କେତେଟା ହାରାମଜାଦାଙ୍କ ଯୋଗୁଁ ତାର ମୁହଁ ବଢ଼ିଯାଇଛି । ସାମାନ୍ୟ ଗୋଟିଏ ଆଦିବାସୀ, ଦି, ଅକ୍ଷର କଲେଜରେ ପଢ଼ି ଦେଲା ବୋଲି, ଆଜି ନେତା ସାଜିଛି ।

ସ୍ୱାଧୀନତା ସଂଗ୍ରାମୀ- ମୋର ସର୍ବନାଶ ହୋଇଗଲା, ଚେୟାରମ୍ୟାନବାବୁ ମୋର ପେନ୍‌ସନ୍ ଟଙ୍କା ସପନା କାଟିଦେଲା । ତା ସାଙ୍ଗରେ ଏ ଲୋକଟା ମଧ ।

୨ୟ ବ୍ୟକ୍ତି - ଭୋକ ବିକଳରେ ତାଟିଆ କାହିଁକି କାମୁଡ଼ି ହେଉଚ ହୋ ବାବୁ । ହଉ ଖାଇଯାଅ ଦେଶଟାକୁ ସମସ୍ତେ ମିଳିମିଶି ଖାଇଯାଅ ।

ଚେୟାରମ୍ୟାନ- (ଚାପୁଡ଼ାଏ ମାରି) କିଏ ଖାଇଗଲା ? କ'ଣ କିଏ ଖାଇଗଲା ?

୨ୟ ବ୍ୟକ୍ତି - ମାର ଯେତେ ମାରିବ ମାର । ତୁମ ହାତରେ ମନ୍ତ୍ରୀ ଅଛନ୍ତି, ପୋଲିସ ଅଛନ୍ତି, ମାର ମାର । ମୁଁ ଯାଉଛି କିନ୍ତୁ ମୁଁ କହିବି, ମୋର ଶବର ପାଉଁଶ ମଧ କହିବ ତୁମେମାନେ ଗରୀବର

Digitized by srujanika@gmail.com

ଧନ ଖାଇଛ । ସେମାନଙ୍କର ଲୁହ, ନିଶ୍ୱାସରେ ତୁମେ ସବୁ ଧ୍ୱଂସ ହୋଇଯିବ । (କହି ଚାଲିଗଲା)

ଚେୟାରମ୍ୟାନ୍- (ହସି) ଧ୍ୱଂସ ହେଇଯିବ, ଅଭିଶାପ ଦେଇଗଲା । ଶୁଣ ବୁଢ଼ା ସୁନ୍ଦର । ପେନ୍‌ସନ୍ କଟିଗଲେ, ଚିନ୍ତା କାହିଁକି କରୁଛ ?

ସ୍ୱାଧିନତା ସଂଗ୍ରାମୀ- କରିବିନି ଆଜ୍ଞା । ତିନିହଜାର ଟଙ୍କା ମାସକୁ ଥୁଆ ହୋଇଥିଲା । ମୋର ସର୍ବନାଶ କରିଦେଲା (କାନ୍ଦିଲା)

ଚେୟାରମ୍ୟାନ- କାନ୍ଦନି । ମୁଁ କହୁଚି ଆଗ ମୋ କଥା ଶୁଣ । ସପନାକୁ ପ୍ରଥମେ ଶେଷ କରିବାକୁ ହେବ । ଆଜି ସପନା ଖାଲି ମୋର ଶତ୍ରୁ ନୁହେଁ । ସେ ମଧ ତୁମର ଶତ୍ରୁ । ତୁମେ ମାସକୁ କୋଡ଼ିଏ ହଜାର ପାଇବ ।

ସ୍ୱାଧିନତା ସଂଗ୍ରାମୀ- କୋଡ଼ିଏ ହଜାର (ଆଶ୍ଚର୍ଯ୍ୟଭାବେ)

ଚେୟାରମ୍ୟାନ- ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି । ମୁଁ ମନ୍ତ୍ରୀଙ୍କୁ କହି ସବୁ ବନ୍ଦୋବସ୍ତ କରିସାରିଛି । ତୁମେ ମଦ ନିଗମର ଚେୟାରମ୍ୟାନ ହେବ ।

ସ୍ୱାଧିନତା ସଂଗ୍ରାମୀ- ଆଜ୍ଞା କ'ଣ କହୁଛନ୍ତି । ଏତେବଡ଼ ପଦବୀଟାକୁ ମୁଁ କ'ଣ ତୁଲାଇ ପାରିବି । ଆପଣ ତ ଜାଣନ୍ତି ମୋର ଶିକ୍ଷାଗତ ଯୋଗ୍ୟତା ।

ଚେୟାରମ୍ୟାନ- ଚିନ୍ତାକର ନାହିଁ । ମୁଁ ଅଛି । ଭଲ କରି ଦସ୍ତଖତଟାକୁ ଶିଖିଯାଅ ସବୁ କାମ ମୁଁ କରିବି । ସେଥିପାଇଁ ମନ୍ତ୍ରୀଙ୍କୁ ୫ ଲକ୍ଷ, ଆଉ ମୋତେ...

ସ୍ୱାଧିନତା ସଂଗ୍ରାମୀ- ଦେବି ଆଜ୍ଞା, ମୋତେ ଶୀଘ୍ର କାମଟା ଆଗ ବତାଇ ଦିଅନ୍ତୁ । କ'ଣ ଆଜି ଦେବି ଆଜ୍ଞା ।

ଚେୟାରମ୍ୟାନ- ଆହା... ବ୍ୟସ୍ତ ହେଉଛ କାହିଁକି । ସାଙ୍ଗହୋଇ ଭୁବନେଶ୍ୱର ଯିବା । ତାପରେ... ଟଙ୍କା କଥା... (ହସିଲେ)

- ଅନ୍ଧାର -

Digitized by srujanika@gmail.com

- ଚତୁର୍ଥ ଦୃଶ୍ୟ -

(ଘର ବାରଣ୍ଡାରେ ବସି କୁଲାରେ ଚାଉଳ ପାଛୁଥିଲା ଲକ୍ଷ୍ମୀ ପ୍ରଚ୍ଛଦପଟରୁ ଗୀତଟିଏ ଭାସି ଆସିଲା ।)

- ଗୀତ -

ଭଜୁକି ରାମ ନାମରେ ଗୋବିନ୍ଦ
ଭଜୁକିନା ରାମ ନାମ
ଭଜି ନ ପାରିଲେ କୁଳଚନ୍ଦ୍ରମାରେ
ବାନ୍ଧିନେବ କାଳ ଯମରେ କୁମର (ଇତ୍ୟାଦି)

(ପ୍ରବେଶ କରିଛି ସପନା)

ଲକ୍ଷ୍ମୀ - ତୁମେ ଭଲ ଅଛ ତ ?

ସପନା - ନା ଲକ୍ଷ୍ମୀ ମୁଁ ଠିକ୍ ଅଛି । ପିଲାମାନେ କୁଆଡ଼େ ଗଲେ ?

ଲକ୍ଷ୍ମୀ - ଆର ସାହି ମାଉସୀ ଘରକୁ ଯାଇଛନ୍ତି । ଶୁଣିଲି ତୁମକୁ ପୁଣି ପୋଲିସ ଡ଼ାକୁଥିଲା ।

ସପନା - ତୁ ପୋଲିସକୁ ଭାରୀ ଡ଼ରୁଛୁ ଲକ୍ଷ୍ମୀ ।

ଲକ୍ଷ୍ମୀ - କି ଶାସ୍ତି ସେ ତୁମକୁ ନ ଦେଇଛି କହିଲ ?

ସପନା - ମୋତେ କେହି ଶାସ୍ତି ଦେଇ ପାରିବେ ନାହିଁ ଲକ୍ଷ୍ମୀ । ତୁ ସେଥିପାଇଁ ଚିନ୍ତା କରନି । ସତ୍ୟର ସବୁବେଳେ ଜୟ, ଅନ୍ୟାୟ, ଅଧର୍ମ, ବେଶୀଦିନ ଚାଲିବ ନାହିଁ ଲକ୍ଷ୍ମୀ । ଶେଷରେ ଆମର ବିଜୟ ହେବ ।

ଲକ୍ଷ୍ମୀ - ସେଇ ଆଶା ନେଇ ତ ବଞ୍ଚି ରହିଛି । ସେମାନେ ସବୁ ବଳବାନ, ଧନବଳ, ଜନବଳ, ସବୁ ସେମାନଙ୍କର ହାତରେ । ସେମାନେ ଚାହିଁଲେ ସବୁ କିଛି କରିଦେଇ ପାରିବେ । ଆମପାଖରେ କ'ଣ ଅଛି ?

ସପନା - ଲକ୍ଷ୍ମୀ ଗାନ୍ଧୀବୁଢ଼ା ହାତରେ କଣ ଥିଲା ? ତା'ର ପ୍ରଧାନ ଅସ୍ତ୍ର ଥିଲା ଚରଖା । ସେଇଥିରେ ସେ ଲୋକମାନଙ୍କୁ ସ୍ୱାବଲମ୍ବୀ ହେବାକୁ ଶିଖାଇଥିଲା । ସ୍ୱଦେଶି ଚିନ୍ତା, ସତ୍ୟାଗ୍ରହ ତା'ର ଏକମାତ୍ର ଅସ୍ତ୍ର ଥିଲା । ପ୍ରବଳ ପ୍ରତାପି ବ୍ରିଟିଶ୍ ସରକାର, ତାକୁ ଡ଼ରି ଏ ଦେଶ ଛାଡ଼ି ଚାଲିଗଲା । ଆଉ ବର୍ତ୍ତମାନ କ୍ଷମତାରେ ଥିବା ସ୍ୱାର୍ଥାନ୍ଧ

Digitized by srujanika@gmail.com

ନେତାମାନେ, ଯେଉଁମାନେ ଦେଶ ସେବା ଭୁଲି, ନିଜ ସେବାରେ ନିଜକୁ ସମର୍ପଣ କରିଛନ୍ତି । ଦେଶବାସୀ ଏମାନଙ୍କୁ ଭଲ କରି ଜାଣନ୍ତି- ଲକ୍ଷ୍ମୀ ତୁ ଧୈର୍ଯ୍ୟ ହରା ହେଲେ, ମୁଁ ଅଧୈର୍ଯ୍ୟ ହୋଇପଡୁଛି ।

ଲକ୍ଷ୍ମୀ - ମୁଁ କିମିତି ଧୈର୍ଯ୍ୟ ଧରିବି । ମନର ବଳ ମୋର ଭାଙ୍ଗିଗଲାଣି । କଣ୍ଟ୍ରୋଲ ଦୋକାନି ହରିସାହୁ, ସେ କ'ଣ ସାମାନ୍ୟ ଲୋକ । ତା'ର ଡ଼ିଲରସିପ୍ କଟିଗଲା ।

ସପନା - ହେଲା କ'ଣ ? ହରିସାହୁର ଟଙ୍କା କ'ଣ କାମ କରିପାରିଲା । ଶହ ଶହ ଲୋକ ଜିଲ୍ଲା କଲେକ୍ଟରଙ୍କୁ କହିଲେ, ତାକୁ ବାହାର କର । ଚେୟାରମ୍ୟାନ କ'ଣ କରି ପକାଇଲା । ଧୈର୍ଯ୍ୟଧର ଲକ୍ଷ୍ମୀ, ଏ ଚେୟାରମ୍ୟାନ ଦିନେ ହାତକଡ଼ି ପଡ଼ିଯିବ ।

ଲକ୍ଷ୍ମୀ - (କାନ୍ଦି) ଚେୟାରମ୍ୟାନର ସ୍ତ୍ରୀ ଆଜି ପୋଖରୀରେ ମୋତେ କ'ଣ କହିଲା ଜାଣିଛ ? ମୋତେ କହିଲା ତୋର ଶଙ୍ଖା ସିନ୍ଦୁରକୁ କ'ଣ ଲୋଭ ନାହିଁ । ତୋର ମଥାରୁ ସବୁଦିନ ପାଇଁ ମୁଁ ସିନ୍ଦୁର ପୋଛିଦେବି ।

ସପନା - ଲକ୍ଷ୍ମୀ, ଏଇ କଥାରେ, ମୋର ସ୍ତ୍ରୀ ହୋଇ ତୁ ଡ଼ରିଗଲୁ । ହରିସାହୁ ୫ ହଜାର ଲିଟର କିରାସିନୀ କଳାବଜାର କରୁଥିଲା । ୧୫ ଟଙ୍କା ଦେଲେ ଲିଟରଟାଏ କିରାସିନୀ ମିଳୁନାହିଁ ଏ ଲାଞ୍ଚୁଆ ପୋଲିସ ଅଫିସର ଲୋକଙ୍କ କଥା ଶୁଣିଲା ନାହିଁ । ହାତକଡ଼ା ପଡ଼ି ହରିସାହୁ ରାସ୍ତାରେ ଚାଲିଚାଲି ଜେଲକୁ ଗଲା । ଲୋକେ ସୁବିଧାରେ କଣ୍ଟ୍ରୋଲ ଜିନିଷ ପାଉଛନ୍ତି । ଆଉ ଏଇ ଡ଼ାକ୍ତର ଖାଲି ପଇସା ଲୁଟିବାରେ ଲାଗିଛି । ଲୋକେ ତାକୁ ଖୁବ୍ ମାଡ଼ ଦେଇଛନ୍ତି ଲକ୍ଷ୍ମୀ । ଏଇ ବଦ୍‌ମାସ୍ ଚେୟାରମ୍ୟାନ୍, ତାର ବଦଳି ଆଦେଶ କ୍ୟାନ୍‌ସେଲ କରିଦେଇଛି । ଡ଼ାକ୍ତର ରୋଗୀର ସେବା କରିବନି । କଣ୍ଟ୍ରୋଲ ଡ଼ିଲର କଳାବଜାର କରିବ । କିଏ ସହିବ କହିଲୁ ? ଯେଉଁମାଟିରେ ଲକ୍ଷ୍ମଣ ନାୟକ ଜନ୍ମ ହୋଇଥିଲେ, ସେଇ ମାଟିରେ ମୁଁ ଜନ୍ମ ହେଇଛି । ଅନ୍ୟାୟ ବିରୁଦ୍ଧରେ ଲଢ଼ିବାକୁ ଆମକୁ ଲକ୍ଷ୍ମଣ ନାୟକ ଶିଖାଇ ଯାଇଛନ୍ତି । ଲକ୍ଷ୍ମୀ ଅନ୍ୟାୟ ବିରୁଦ୍ଧରେ ମୁଁ ଲଢ଼ିବି । ମୋତେ ସେଥିରୁ କେହି ବଞ୍ଚିତ କରିପାରିବ ନାହିଁ । "ଇନ୍‌କିଲାବ ଜିନ୍ଦାବାଦ"

Digitized by srujanika@gmail.com

ଲକ୍ଷ୍ମୀ - (ଆଖିରୁ ଲୁହପୋଛି) ଲକ୍ଷ୍ମଣ ନାୟକ ବଡ଼ଲୋକ ଥିଲେ । ମୁସ୍ତାଦାର, ଧନ, ସଂପତ୍ତି ତାଙ୍କର ଥିଲା । ଦେଶ ପାଇଁ ସବୁ କିଛି ହରାଇ ଦେଲେ ଶେଷରେ ଦେଶ ପାଇଁ ହସି ହସି ଫାଶୀଖୁଣ୍ଟରେ ଜୀବନ ଦେଇଦେଲେ ହେଲେ ତାଙ୍କ ସ୍ତ୍ରୀ ମଙ୍ଗୁଳି କଥା କିଏ ବୁଝିଲେ ? ଝିଅ କୌଶଲ୍ୟାର ହେଲା କ'ଣ ?

ସପନା - ଏ ସବୁ ଭାବି, ଭାବି ତୁ ଭାଙ୍ଗି ପଡ଼ିନୁ ଲକ୍ଷ୍ମୀ ? ମୁଁ କିଛି ଶୁଣିବାକୁ ଚାହେଁନି । ଆଜି ଲକ୍ଷ୍ମଣ ନାୟକ ମରିଯାଇଛନ୍ତି ସତ, ତାଙ୍କ ପରି କେତେ ଲକ୍ଷ୍ମଣ ନାୟକ ଜନ୍ମ ହେବେ । ଅନ୍ୟାୟ ବିରୁଦ୍ଧରେ ଲଢ଼ିବେ । କହ ଲକ୍ଷ୍ମୀ, ଏ ମାଟି ମା, କେତେଦିନ ନିର୍ଯ୍ୟାତିତ ହେଉଥିବ । ମୁଁ ତତେ କ'ଣ କହି ବୁଝାଇବି ଲକ୍ଷ୍ମୀ । ଆମର ସ୍ୱାର୍ଥପାଇଁ ମୁଁ କ'ଣ, ସେମାନଙ୍କର ଶରଣାପନ୍ନ ହେବି । ମୋର ଭାଇ, ଭଉଣୀଙ୍କର ଦୁଃଖ ବୁଝିବ କିଏ ? ସେମାନେ କ'ଣ ଜୀବନସାରା ନିର୍ଯ୍ୟାତିତ ହେଉଥିବେ । କହ ଲକ୍ଷ୍ମୀ କହ । ତୋର ଇଚ୍ଛା କ'ଣ ମୋତେ ଖୋଲି କହ ।

ଲକ୍ଷ୍ମୀ - ତୁ ପୁଣି ମୁହଁ ଶୁଖାଇଲୁ । ତୋର ପାଶେ, ପାଶେ ମୁଁ ସବୁବେଳେ ଅଛି । ତୋର ଦୁଃଖର, ସୁଖର ସାଥୀ ମୁଁ । ମୁଁ ତୋର ସହଧର୍ମିଣୀ । ମୁଁ ଅନ୍ୟାୟ ବିରୁଦ୍ଧରେ ଲଢ଼ିବି । ବିପ୍ଲବ ଦୀର୍ଘଜୀବି ହେଉ । ଇନ୍‌କିଲାବ ଜିନ୍ଦାବାଦ ।

ସପନା - ଲକ୍ଷ୍ମୀ ! (ଆଶ୍ଚର୍ଯ୍ୟ ଭାବ)

(ନେପଥ୍ୟରୁ ଭାସି ଆସିଲା ଏକ କରୁଣ ରାଗିଣୀ ସେଇ ଗୀତରୁ ପଦେ)

- ଗୀତ -

ଆଉ କି ଭାବିଲେ ହେବରେ ମୋ ଭାଇ
ସବୁତ ଖଜୁରୀ ଗଛ
କିଏ ଭଲ ଏଠି କିଏ ଅବା ଭେଲ
ମୃତ୍ୟୁ ପାହାଚ ପାହାଚ
ତ୍ୟାଗୀ ଏଠି କେ ନାହିଁ
ଦେଶଟାକୁ ଦେଲେ ସବୁ ଖାଇ ।

- ଅନ୍ଧାର -

Digitized by srujanika@gmail.com

- ପଞ୍ଚମ ଦୃଶ୍ୟ -

(ପଞ୍ଚାୟତ ସମିତି ଚେୟାରମ୍ୟାନ୍, ଡ଼ାକ୍ତର, ଜାଲି ସ୍ୱାଧୀନତା ସଂଗ୍ରାମୀ, କଣ୍ଟ୍ରୋଲ ଡ଼ିଲର, ଇନ୍ସପେକ୍ଟର ବସି ମଦ୍ୟପାନ କରୁଥିଲେ ନର୍ତ୍ତକୀ ନୃତ୍ୟ ପରିବେଷଣ କରୁଥିଲା ।)

- ନୃତ୍ୟଗୀତ -

ତୁମଲାଗି ଏ ସିଙ୍ଗାର
ଭୁଲି ଯାଅନା
ଯୌବନରେ ମଦିରା
ପିଇ ଯାଅନା...

(ନୃତ୍ୟ ଶେଷ ହୋଇଛି ନର୍ତ୍ତକୀ ଚାଲିଯାଇଛି)

ହରିସାହୁ - ହଇଓ ଡ଼ାକ୍ତରବାବୁ, ତୁମ ପାଖରେ ଏମିତି କିଛି ଇଞ୍ଜେକ୍ସନ୍ ନାହିଁ ଯାହାର ପ୍ରୟୋଗରେ ସପନା ନିମିଷକ ମଧ୍ୟରେ ଶେଷ ହୋଇଯାନ୍ତା ।

ଡ଼ାକ୍ତର - ହରିସାହୁ, ତୁମ ହାତରେ ଅଜସ୍ର ଗୁଣ୍ଡା ଅଛନ୍ତି ସାମାନ୍ୟ ଇସାରାରେ ତା'ର ମାଉଁଶ କୁଆ, ଶାଗୁଣାଙ୍କୁ ମିଳନ୍ତା ନାହିଁ ।

ହରିସାହୁ - ବୁଝିଲେ ଡ଼ାକ୍ତରବାବୁ, ଆପଣ କହିବା ଆଗରୁ ବହୁଥର ଉଦ୍ୟମ କରି ମୁଁ ଫେଲ ମାରିଛି । ଯେଉଁମାନେ ଟଙ୍କା ନେଉଛନ୍ତି, ସପନାକୁ ଦେଖିଲେ, ସେମାନେ ତା'ର ହୋଇ ଯାଉଛନ୍ତି ।

ଜାଲି ସ୍ୱା.ସଂ. - ବର୍ତ୍ତମାନ ଉପାୟ କ'ଣ ?

ଚେୟାରମ୍ୟାନ- ଉପାୟ ରହିଛି, ଇନ୍ସପେକ୍ଟର ବାବୁଙ୍କ ହାତରେ ।

ଇନ୍ସପେକ୍ଟର - (ଚିନ୍ତାକରି) ଭାବୁଛି କ'ଣ କରାଯିବ ?

ଡ଼ାକ୍ତର - ଯଦି ସପନାକୁ କୌଣସି ଗୁରୁତର ଅପରାଧରେ ଅଭିଯୁକ୍ତ କରାଯାଇପାରନ୍ତା ।

ଇନ୍ସପେକ୍ଟର - ବହୁତ ଚିନ୍ତାକରି ଜଣେ କନେଷ୍ଟବଲକୁ ତା' ପାଖକୁ ପଠାଇଥିଲି । କିନ୍ତୁ ଗାଁ ମୁଣ୍ଡରେ ଲୋକମାନେ ତାକୁ ଘେରିଗଲେ, ମରଣାନ୍ତକ ମାଡ଼ ମାରି ତାକୁ ବେହୋସ କରିଦେଲେ ।

Digitized by srujanika@gmail.com

ଚେୟାରମ୍ୟାନ- ପୋଲିସ୍ ବେହୋସ ହୋଇଗଲା । ତା'ପରେ ଆପଣମାନେ ଚୁଡ଼ି ପିନ୍ଧି ଥାନାରେ ବସି ରହିଲେ ।

ଇନ୍ସପେକ୍ଟର - ଏସ୍.ପି.ଙ୍କୁ ୱାଇର୍‌ଲେସ୍ କରିବାରେ ସେ ମୋତେ କୈଫିୟତ ତଲବ କଲେ ।

ହରିସାହୁ - ପୋଲିସ ଉପରେ ଆକ୍ରମଣ, ଆପଣଙ୍କୁ ପୁଣି କୈଫିୟତ ତଲବ । ତା'ହେଲେ ଥାନାରେ ଚାବି ପକେଇ ଦିଅନ୍ତୁ ।

ଇନ୍ସପେକ୍ଟର - ତୁମ୍ଭେମାନେ ମୋତେ ବୁଝିବାକୁ ଚେଷ୍ଟା କରୁନାହଁ କାହିଁକି ? ଏସ୍.ପି. ବୁଝିଲେ ଖୟଆଳୁ । ସେ ଗୋଟାଏ ପାଗଳ ।

ଡ଼ାକ୍ତର - ସେ ପାଗଳ ନୁହନ୍ତି । ତୁମେ ଜଣେ ମୂର୍ଖ ।

ଇନ୍ସପେକ୍ଟର - (ଚିତ୍କାର କରି) ଡ଼ାକ୍ତର ହୋଲ୍‌ଡ୍ ଇଅର୍ ଟଙ୍ଗ୍ । କାହାକୁ କ'ଣ କହୁଛ ?

ଚେୟାରମ୍ୟାନ- ଏ ସବୁ ଚଷ୍ଟୁକୁଟାରୁ ଲାଭ କ'ଣ ? ମୁଁ ଗୋଟାଏ ଉପାୟ ଭାବିଛି ।

ଡ଼ାକ୍ତର - ଭଲ, କୁହନ୍ତୁ ।

ହରିସାହୁ - ଚେୟାରମ୍ୟାନ୍ ସାର୍, କହିବା ହେଉ ।

ଇନ୍ସପେକ୍ଟର - କ'ଣ ଭାବିଛନ୍ତି, କହୁନାହାନ୍ତି ।

ଜାଲି ସ୍ୱା.ସଂ. - ଶୀଘ୍ର କୁହନ୍ତୁ ।

ଚେୟାରମ୍ୟାନ- କିମିତି କହିବି, କାହା ଆଗେ କହିବି । କାନ୍ଥ ବାଡ଼ର ମଧ କାନ ଅଛି । ଏଇଟା ଯେ ଟପ୍ ସିକ୍ରେଟ୍ ।

ସମସ୍ତେ - ଆମେ କ'ଣ ଅବିଶ୍ୱାସୀ ।

ଜାଲି ସ୍ୱା.ସଂ. - ଆପଣଙ୍କର ମୁଁ ଅତି ବିଶ୍ୱାସୀ, ଆପଣଙ୍କ ଯୋଗୁଁ ଆଜି ମୁଁ କର୍ପୋରେସନ୍ ଚେୟାରମ୍ୟାନ । ସେଥିପାଇଁ ମୁଁ ଆପଣଙ୍କୁ ବହୁତ ଦେଇଛି, ଦେଉଛି । ଆଇ.ଏ.ଏସ୍ ଅଫିସର ମୋର ସେକ୍ରେଟେରୀ ଆପଣ ମୋତେ ଅବିଶ୍ୱାସ ମଣୁଛନ୍ତି ଚେୟାରମ୍ୟାନବାବୁ ।

ଡ଼ାକ୍ତର - ତୁମେ ଯାହ କୁହ ପଛକେ, ମୁଁ ଜଣେ ଡ଼ାକ୍ତର । ଯମ ହାତରୁ ରୋଗୀକୁ ଛଡ଼ାଇ ଆଣିବା ମୋର କାମ, ମୁଁ ପାଖରେ ଥିଲେ ଯମ ରୋଗୀକୁ ସ୍ପର୍ଶ କରି ପାରେନା । ମୁଁ ଧନ୍ୱନ୍ତରୀ, ମୁଁ ଚଳନ୍ତି ଭଗବାନ । ଚେୟାରମ୍ୟାନବାବୁ ମୁଁ ତ ଆପଣଙ୍କର ଅତି ଅନ୍ତରଙ୍ଗ ।

Digitized by srujanika@gmail.com

ମୁଁ ଲାଞ୍ଚ ନେଉଛି ବୋଲି ସପନା ସରକାରଙ୍କୁ ଲେଖିଲା ।
ଇନ୍ସପେକ୍ଟର ଆପଣ ବୁଝନ୍ତୁ ଆଜିକାଲି କିଏ ଲାଞ୍ଚ ନ ନେଉଛି ।
ମନ୍ତ୍ରୀଠାରୁ ପିଅନ ପର୍ଯ୍ୟନ୍ତ ସମସ୍ତେ ଲାଞ୍ଚ ମନ୍ତ୍ରରେ ଦୀକ୍ଷିତ
ହୋଇଛନ୍ତି । ସେମାନଙ୍କ ପାଇଁ ଲାଞ୍ଚଟା ବକ୍‌ସିସ୍ । ଆମେ
ନେଲେ ହେଲୁ ଅପରାଧୀ । ଚେୟାରମ୍ୟାନବାବୁ ଆପଣଙ୍କର
ମୁଁ ବଡ଼ ବିଶ୍ୱାସୀ, ଆପଣ ମୋତେ ଅବିଶ୍ୱାସ କଲେ ।

ହରିସାହୁ - ଚେୟାରମ୍ୟାନବାବୁ, ଆପଣ କ'ଣ ମୋତେ ଚିହ୍ନି ପାରିଲେ
ନାହିଁ । ଲକ୍ଷ ଲକ୍ଷ ଟଙ୍କା ଆପଣ ମୋ ପାଖରୁ ନେଇଛନ୍ତି ।
ଆପଣ କଣ ଭାବୁଛନ୍ତି ମୁଁ ଜଣେ ସାମାନ୍ୟ ଲୋକ । ମୋର
ଜାଲିନୋଟ କାରଖାନା ପୋଡ଼ା ମୋବିଲରୁ ଗୁଆଘିଅ ତିଆରି
କାରଖାନା, ସମସ୍ତ ପ୍ରକାର ଖାଦ୍ୟଦ୍ରବ୍ୟ ଅପମିଶ୍ରିତ
କାରଖାନା । ସମସ୍ତ ପ୍ରକାର ଅପମିଶ୍ରିତ କାରଖାନା ପାଇଁ ମୁଁ
ଯଥେଷ୍ଟ ଅର୍ଥ ଖଟାଇଛି । ମନ୍ତ୍ରୀ ଦିନରେ ନ ଆସି, ରାତିରେ
ମୋ ଘରକୁ ଅନ୍ଧାରି ବିଜେ କରନ୍ତି । ମୋର ପତ୍ନୀ ତାଙ୍କରି
ମନୋରଂଜନ କାର୍ଯ୍ୟକ୍ରମରେ ନିଯୁକ୍ତ ରହେ । ଆପଣ ମୋ
ଯୋଗୁଁ ୩ ଥର ଚେୟାରମ୍ୟାନ । ମୁଁ ଭୋଟ ବ୍ୟାଙ୍କ । ଅଥଚ
ଆପଣ ମୋତେ ଅବିଶ୍ୱାସ କରୁଛନ୍ତି ।

ଇନ୍ସପେକ୍ଟର - ଆରେ ବଦ୍‌ମାସ୍, ଦେଶଦ୍ରୋହୀ, ସଇତାନ ଗଣ । ମୋତେ
ଏ ପାଷାଣ୍ଡ, ଦୁର୍ନୀତିଖୋର ଚେୟାରମ୍ୟାନ ଅବିଶ୍ୱାସ କଲା ।
ମୁଁ ପୋଲିସ୍ । ବିନା ମେଘେ ସୃଜିପାରେ ମୁଁ କୁଳିଶ । ମୁଁ
ନେତାଙ୍କର ନେତା, ମୁଁ ଦୁର୍ନିତୀର ହିମାଳୟ । ମୁଁ ରାକ୍ଷସମାନଙ୍କ
ମଧ୍ୟରେ ହିରଣାକ୍ଷ, ଦେବତାମାନଙ୍କ ମଧ୍ୟର ନରରୂପୀ
ନରସିଂହ । ଆରେ ଲାଞ୍ଚଖୋର ଚେୟାରମ୍ୟାନ,
କଳାବଜାରୀ, ଜାଲିନୋଟ ବ୍ୟବସାୟୀ ହରିସାହୁ, ଜାଲ
ସାର୍ଟିଫିକେଟଧାରୀ ସ୍ୱାଧୀନତା ସଂଗ୍ରାମୀ, ତୁ ଜଣେ
ଚାରିଶବିଶ, ଡ଼ାକ୍ତର ତୁ ଆଠଶହ ଚାଳିଶ । ତୁମେ ସବୁ ମୋତେ
ଅବିଶ୍ୱାସ କଲ । ମୁଁ ଅଖଣ୍ଡ କ୍ଷମତା ପ୍ରୟୋଗ କରି ତୁମ୍ଭମାନଙ୍କୁ
ଗିରଫ କରୁଛି । ହ୍ୟାଣ୍ଡସ୍‌ଅପ୍ ।
(ପିସ୍ତଲ ବାହାର କରି ଖୁବ୍ ରାଗରେ ସମସ୍ତଙ୍କୁ ଚାହିଁଲେ)

Digitized by srujanika@gmail.com

ସମସ୍ତେ - ରକ୍ଷାକର, ରକ୍ଷାକର ତ୍ରାହି ଇନ୍ସପେକ୍ଟର ତ୍ରାହି ।

ଚେୟାରମ୍ୟାନ- କ୍ରୋଧ ଶାନ୍ତ କରନ୍ତୁ ଇନ୍ସପେକ୍ଟର ବାବୁ, ଆପଣଙ୍କ ବିଶ୍ୱରୂପ ଦର୍ଶନରେ ଆମେ ସମସ୍ତେ ତ୍ରସ୍ତ ଓ ଭୟଗ୍ରସ୍ତ । ଆପଣଙ୍କ ଚକ୍ଷୁରୁ ଯେଉଁ ଅନଳ ନିର୍ଗତ ହେଉଛି, ତାହା ସମଗ୍ର ବିଶ୍ୱ ସହିତ, ଆମକୁ ଗ୍ରାସ କରିବ ।

ସମସ୍ତେ - ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ

ଇନ୍ସପେକ୍ଟର - ହେ ମୋର ସଖେ, ବନ୍ଧୁବର୍ଗ ତୁମର ପ୍ରାର୍ଥନାରେ ମୁଁ ଅତ୍ୟନ୍ତ ସନ୍ତୁଷ୍ଟ । ବର୍ତ୍ତମାନ ବିଶ୍ୱରୂପ ତ୍ୟାଗ କରି ମୁଁ ମାନବ ରୂପ ଧାରଣ କଲି । ଆପଣମାନେ ମୋର ହିତକାଂକ୍ଷୀ ଆପଣଙ୍କର ଅର୍ଜିତ ଅର୍ଥରେ ମୁଁ ଆଡ଼ମ୍ବର ସହ ଜାମାତକୁ ଦଶଲକ୍ଷଟଙ୍କା ଉପଢୌକନ ନେଇ ବିବାହ ସମାପନ କରିଅଛି ।

ହରିସାହୁ - ଉପଢୌକନ କଣ ହେ ବନ୍ଧୁ ?

ଡ଼ାକ୍ତର - ଉପଢୌକନ ନାହିଁ, ଯୌତୁକ ।

ଇନ୍ସପେକ୍ଟର - ଡ଼ାକ୍ତର, ଫାଷ୍ଟ ୟୁ ହୋଲ୍ଡ ୟୁଅର ଟଙ୍ଗ୍ ଯୌତୁକ ନାଁ ଧରିବା ଏକ ଧର୍ତ୍ତବ୍ୟ ଅପରାଧ । ତାଛଡ଼ା ମୁଁ ଜଣେ ପୋଲିସ୍ ଅଫିସର । ତୁମେ ସବୁ ବ୍ୟସ୍ତ ହୁଅନାହିଁ । ତୁମ୍ଭମାନଙ୍କ ପ୍ରାର୍ଥନାରେ ମୁଁ ଅତ୍ୟନ୍ତ ଖୁସି । ସପନା କ'ଣ ତା'ର ସପ୍ତ ପୁରୁଷକୁ ପିତୃ ଲୋକରୁ ଟାଣି ଆଣି ମୋର ପାଦସେବା କରାଇବି । ସପନା କଥା ମୋତେ ଲାଗିଲା । ମୁଁ ଅଭୟ ଦେଉଛି ନିର୍ଭୟରେ ମୋ ସାଙ୍ଗରେ ଆସ । ଆଜି ଏହା ଫଇସଲା କରିବା ।

(ସମସ୍ତେ ଚାଲିଗଲେ ପ୍ରବେଶ କରିଛି ପାଗଳ)

ପାଗଳ - (ହସିଛି) ଚାଲିଗଲେ, ଏଇଠାରେ ଗୋଟିଏ ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ ମିଟିଂ ଚାଲିଥିଲା । ତେବେ ହେବ କ'ଣ ? ନାରିହ ସପନା କ'ଣ ଏମାନଙ୍କର କବଳରୁ ରକ୍ଷା ପାଇ ପାରିବ । ବୀର ଅଭିମନ୍ୟୁକୁ ସପ୍ତରଥୀ ଚତୁର୍ଦ୍ଦିଗରୁ ଘେରିଗଲା ପରି ଏମାନେ ସବୁ ସପନାକୁ ଘେରି ରହିଛନ୍ତି । ସପନା କ'ଣ ଏମାନଙ୍କଠାରୁ ମୁକ୍ତ ପାଇପାରିବ ? ଚାଲିଛି ସଂଗ୍ରାମ । ଅନ୍ୟାୟ ଅନୀତି ବିରୁଦ୍ଧରେ ଏକ ଦୁର୍ବାର ସଂଗ୍ରାମ । ମୁଁ ଆଶୀର୍ବାଦ କରୁଛି, ବଂଧୁ ଜୟଯୁକ୍ତ ହୁଅ । "ବନ୍ଦେ ମାତରଂ" ।

Digitized by srujanika@gmail.com

ପ୍ରଚ୍ଛଦପଟରୁ ଭାସି ଆସିଲା -

"ବନ୍ଦେ ମାତରମ୍ ସୁଜଳାଂ ସୁଫଳାଂ ମଳୟଜ ଶୀତଳାଂ ଶସ୍ୟ ଶ୍ୟାମଳାଂ ମାତରଂ..."

- ଅନ୍ଧାର -

- ଷଷ୍ଠ ଦୃଶ୍ୟ -

(ଥାନା, ସପନାକୁ ଜଣେ କନେଷ୍ଟବଲ ଧରି ଆସି ପହଞ୍ଚିଲା ।)

ଇନ୍ସପେକ୍ଟର - କ'ଣ ଆସିଗଲୁ । ମୁଁ ଭାବିଥିଲି ତୁ ଆସିବୁ ନାହିଁ ।

ସପନା - କାହିଁକି ନ ଆସିବି ଇନ୍ସପେକ୍ଟର ବାବୁ । ଯେତେଥର ଆପଣ ଡ଼ାକିଛନ୍ତି, ମୁଁ ସବୁବେଳେ ତ ଉପସ୍ଥିତ ହୋଇଅଛି । ତେବେ ମୋତେ କାହିଁକି ଧରି ଆସିଲେ ।

ଇନ୍ସପେକ୍ଟର - ତୋ ପାଖରେ ମୋର ବହୁତ କାମ ।

ସପନା - ଏ ରାତି ଅଧରେ ମୋ ପାଖରେ ତୁମର କି କାମ ? ସକାଳୁ ଡ଼ାକିଥିଲେ ମୁଁ କ'ଣ ଆସିନଥାନ୍ତି ?

ଇନ୍ସପେକ୍ଟର - ହଁ ଆସିଥାନ୍ତୁ, ଲୋକମାନଙ୍କୁ ଧରି । ବର୍ତ୍ତମାନ ପରି ନୁହଁ ।

ସପନା - ତୁମର କହିବାର ଉଦ୍ଦେଶ୍ୟ ବୁଝିପାରୁନାହିଁ ଇନ୍ସପେକ୍ଟର ମୁଁ ଚୋର କି ତସ୍କର ନୁହଁ ।

ଇନ୍ସପେକ୍ଟର - ତୁ ଚୋର, ତସ୍କର ଠାରୁ ବହୁତ ଖତରନାକ୍ । ତୋ ସାଙ୍ଗରେ ମୋର ବହୁତ କଥାବାର୍ତ୍ତା ଅଛି ।

ସପନା - ଯାହା କହିବାକୁ ଚାହଁ ଶୀଘ୍ର କୁହ ଇନ୍ସପେକ୍ଟର । ଘରେ ସ୍ତ୍ରୀ ମୋର ବ୍ୟସ୍ତ ହେଉଥିବ । ପିଲାମାନେ ମୋର ଆସିବା ବାଟକୁ ଚାହିଁ ରହିଥିବେ ।

ଇନ୍ସପେକ୍ଟର - ମୁଁ ଯାହା ଦେଖୁଛି, ତୋର ଖାଲି ସ୍ତ୍ରୀ, ପିଲା ଅଛନ୍ତି । ଅନ୍ୟର ଯେପରି କେହି ନାହାନ୍ତି ।

ସପନା - ଏ ସବୁ ଶୁଣିବାକୁ ମୋର ଧୈର୍ଯ୍ୟ ନାହିଁ । ଶୀଘ୍ର ମୋତେ କୁହନ୍ତୁ, ନଚେତ୍ ମୁଁ ଚାଲିଯିବି ।

ଇନ୍ସପେକ୍ଟର - (କୁଟିଳହସ) ଚାଲିଯିବୁ ? କୁଆଡ଼େ ଚାଲିଯିବୁ ? ନେ ଏ ସାଦା କାଗଜରେ ଦସ୍ତଖତ କରିଦେ, ସୁନା ପିଲାଙ୍କ ପରି ଚାଲିଯା । ମୋର କିଛି କହିବାର ନାହିଁ ।

Digitized by srujanika@gmail.com

ସପନା - ଦସ୍ତଖତ କି ଦସ୍ତଖତ ?

ଇନ୍ସପେକ୍ଟର - ତୁ ଲେଖିଦେବୁ, ଇନ୍ସପେକ୍ଟର ବିରୁଦ୍ଧରେ ଅଭିଯୋଗ କପୋଳ କଳ୍ପିତ, ମିଥ୍ୟା ।

ସପନା - ନା, ତା ମୁଁ ପାରିବି ନାହିଁ ।

ଇନ୍ସପେକ୍ଟର - ତୁ ନିଶ୍ଚୟ ପାରିବୁ ।

ସପନା - ଇନ୍ସପେକ୍ଟର ଯେତେ ଯାହା ଧମକ ଦେଲେ ମଧ୍ୟ ମୁଁ ସତ୍ୟପଥରୁ ବିଚ୍ୟୁତ ହୋଇପାରିବ ନାହିଁ । ତୁମେ କୁଚକ୍ରି ଦଳ ଏ ଅଞ୍ଚଳକୁ ଲୁଣ୍ଠନ କରିଦେଲ । ଚେୟାରମ୍ୟାନ କୋଟି କୋଟି ଟଙ୍କା ଗରୀବର ଧନ ଆନନ୍ଦରେ ଖାଇଗଲା । ତାକୁ ତୁମେ ଘଣ୍ଟ ଘୋଡ଼ାଇ ରଖିଲ । ହରି ସାହୁ ବି.ପି.ଏଲ୍. ଚାଉଳ ଚିନି କିରାସିନୀ ଟ୍ରକରେ ବୋହି ନେଉଥିବାବେଳେ ତୁମେ ତାକୁ ରକ୍ଷା କରୁଥିଲ । ତୁମେ ଖୁବ୍ ଚାଲାକ୍ ଲୋକ ସହଜରେ ଖସିଗଲ । ଏ ଅଞ୍ଚଳରେ ଯିଏ ଯେତେ ଦୁର୍ନିତି କରୁଛି ତାକୁ ତୁମେ ସାହାଯ୍ୟ କରି ଆସିଛ ।

ଇନ୍ସପେକ୍ଟର - (ଗର୍ଜିଉଠି) ସପନା ତୋର ସାହସ ତ କିଛି କମ୍ ନୁହଁ । ମୋ ଆଗରେ ପୁଣି ଥାନା ଭିତରେ ରହି ତୁ ମୋତେ ଚାର୍ଜ କରୁଛୁ, ତୋର କାଳ ପୁରିଲାଣି । ମୁଁ ପଚାରୁଛି ତୁ ଦସ୍ତଖତ କରିବୁ ନା ନାହିଁ ।

ସପନା - (ଚଡ଼ାଗଳାରେ) ନା' ମୁଁ କଦାପି ଦସ୍ତଖତ କରିବି ନାହିଁ । ଯେତେ ବିପତ୍ତି ଆସୁ ପଛକେ ମୁଁ ସତ୍ୟପଥରୁ ଓହରି ଯିବି ନାହିଁ । ଏହି କଥା ଗାନ୍ଧି ମହାପ୍ରଭୁ ଆମକୁ ଶିଖାଇଛି । ଶିଖାଇଛି ଆମ ଲକ୍ଷ୍ମଣ ନକା, ଏମାନେ ଯେତେବେଳେ ହସି ହସି ମୃତ୍ୟୁକୁ ବରଣ କରିଛନ୍ତି ମୁଁ ସେହିପରି ଆନନ୍ଦରେ ମୃତ୍ୟୁବରଣ କରିବାକୁ ପ୍ରସ୍ତୁତ ଇନ୍ସପେକ୍ଟର । ମୁଁ ତୁମର କୌଣସି କଥା ଶୁଣିବାକୁ ପ୍ରସ୍ତୁତ ନୁହେଁ ।

ଇନ୍ସପେକ୍ଟର - (ଚିତ୍କାର କରି) ସପନା ଜୀବନକୁ କଣ ତୋର ଲୋଭ ନାହିଁ । ତୋର ସ୍ତ୍ରୀ, ତୋର ପିଲାମାନଙ୍କୁ ତୁ କ'ଣ ଚାହୁଁନା । ଯଦି ସେମାନଙ୍କୁ ଚାହୁଁ ତୋର ଜୀବନକୁ ଚାହୁଁ ନେ ଏ ସାଦା କାଗଜରେ ଦସ୍ତଖତ କର ।

ସପନା - ନା, ନା, ନା, ମୁଁ କଦାପି କରିବି ନାହିଁ ।

Digitized by srujanika@gmail.com

(ଇନ୍ସପେକ୍ଟର ବୁଲେଟାପୁଡ଼ା ମରିଛନ୍ତି ସପନା ତଳେ ପଡ଼ିଯାଇଛି । ସାହାସ ବାନ୍ଧି ଠିଆହୋଇ)

ଇନ୍ସପେକ୍ଟର ତୁ ମୋର ଅସହାୟତାର ସୁଯୋଗ ନେଇ ମୋତେ ମାରିବୁ କିନ୍ତୁ ମୁଁ ତତେ ଛାଡ଼ିବିନି । ମାରେ, ଯେତେ ମାରିବୁ ମାର ।

ଇନ୍ସପେକ୍ଟର - କ'ଣ କହିଲୁ ? ତୁ ମୋତେ ଚାଲେଞ୍ଜ କରୁଛୁ । (ବେକଧରି ପକାଇଲେ, କନେଷ୍ଟବଲ ସପନାକୁ ମାଡ଼ି ବସିଛି । ଚେୟାରମ୍ୟାନ, ହରିସାହୁ, ଡାକ୍ତର, ଜାଲି ସ୍ୱାଧୀନତା ସଂଗ୍ରାମୀ ସମସ୍ତେ ମାଡ଼ି ବସିଲେ । ସପନା ଚିତ୍କାର କରୁଥିଲା । କ୍ଷୀଣ କଣ୍ଠରେ ଶୁଭୁଥିଲା "ବନ୍ଦେ ମାତରମ୍" । ସପନା ମରିଗଲା ।)

ଇନ୍ସପେକ୍ଟର - (ଠିଆହୋଇ) ଶଳା ମୋ ସହିତ ଖେଳ ଖେଳୁଥିଲୁ । ନିଆଁ ସହିତ ଖେଳ ଖେଳିଲେ ଫଳ ଯାହା ହୁଏ ତା ତୋତେ କ'ଣ ମାଲୁମ୍ ନଥିଲା । ଏଇ ହାତରେ ମୁଁ କେତେ ଖୁନ୍ କରିଛି । କିଏ ମୋର କ'ଣ କରି ପକେଇଛି । ମୋର ବା କିଏ କ'ଣ କରି ପାରିବ ।

କନେଷ୍ଟବଲ - (ବ୍ୟସ୍ତ ହୋଇ) ସାର ସପନା ମରିଗଲା ।

ଇନ୍ସପେକ୍ଟର - ଏଁ ମରିଗଲା । ଏବେ କ'ଣ କରାଯିବ ? (ଟିକିଏ ଭାବି) ଶୁଣ ତୁମେମାନେ ତାକୁନେଇ ଗାମୁଛାରେ ବେକକୁ ବାନ୍ଧି ଆମ୍ବଗଛ ଡାଳରେ ଝୁଲାଇ ଦିଅ । ରାତି ପାହି ଆସୁଛି । ରାତି ପାହିଲା ବେଳକୁ ଲୋକେ ଜାଣିବେ, ସପନା ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛି ।

କନେଷ୍ଟବଲ - ସାର୍ ।

ଇନ୍ସପେକ୍ଟର - ମୁଁ ଯାହା କହୁଛି ତାହା କର ।

ପ୍ରୁହ୍ଳବପଟକୁ ଗୀତ -

ସପନା ମରିଲା, କଲବଲ ହୋଇ

ସ୍ତବ୍ଧ ହୋଇଲା ଧରିତ୍ରୀ

କେତେଦିନ ଆଉ ସହିବ ଯନ୍ତ୍ରଣା

ବୀର ଭୋଗ୍ୟା ବସୁମତୀ ।

- ଅନ୍ଧାର -

Digitized by srujanika@gmail.com

ରାମକୃଷ୍ଣ – ଯୋଗୀଆରେ କଥା କ'ଣ ?

ଯୋଗିଆ – ହବା କଥା ନାହିଁ । ସେମାନେ କି କାଣ୍ଡ କରିଦେଲେରେ ମୋ ବାପା ।

ରାଧୁ – କିରେ କଥା କ'ଣ କହୁନାହୁଁ କାହିଁକି ?

କୈଳାସ – ଯୋଗିଆ କ'ଣ ହେଇଛି ଶୀଘ୍ର କହ । ଏଠି ଠିଆ ହୋଇ ଲାଭ କ'ଣ ଆସ ଥାନାକୁ ଯିବା । ଗାଁଲୋକ ସମସ୍ତଙ୍କୁ ଡ଼ାକିବା ।

ଯୋଗିଆ – ଲକ୍ଷ୍ମୀ (କାନ୍ଦୁଥିଲା)

ଲକ୍ଷ୍ମୀ – ଆରେ କାନ୍ଦୁଚୁ କାହିଁକି ? କଥା କ'ଣ କହୁନୁ ?

ଯୋଗିଆ – ସପନା ମରିଯାଇଛି । ତା'ର ଶବ ଥାନା ଆମ୍ବଗଛ ଡ଼ାଳରେ ଝୁଲୁଥିଲା । ମୁଁ ଏଇନେ ସେଠାରୁ ଆସିଲି । ଲୋକମାନେ ଜମା ହେଲେଣି । ପୋଲିସ ସମସ୍ତଙ୍କୁ ଘଉଡ଼ଉଛି ।

ଲକ୍ଷ୍ମୀ – କ'ଣ କହିଲୁ ? ସପନା ନାହିଁ । ନା' ତା ହୋଇ ପାରେନା ସପନା କେବେ ମରିପାରେନା । ସେ ବଞ୍ଚିଛି । ତୁମ, ଆମ ସମସ୍ତଙ୍କ ଭିତରେ ସେ ବଞ୍ଚିଛି ।

ରାମକୃଷ୍ଣ – ଚାଲ ଥାନାଟାକୁ ଜାଳିପୋଡ଼ି ଧ୍ୱଂସ କରିଦେବା ।

ରାଧୁ – ମୁଁ, ଇନ୍ସପେକ୍ଟର ପ୍ରଥମେ ରକ୍ତ ପିଇବି । ତା'ପରେ ଚେୟାରମ୍ୟାନର ।

ଲକ୍ଷ୍ମୀ – ମୋତେ ସେସବୁ ଛାଡ଼ିଦିଅ । ମୁଁ ସମସ୍ତଙ୍କୁ ସଂହାର କରିବି । ମୁଁ ଦୁଷ୍ଟମାନଙ୍କୁ ହତ୍ୟା କରିବି ।
(ଭିତରକୁ ଯାଇ କଟୁରୀ ଧରି ଆସିଛି)
ଛିଡ଼ା ରହିଲ କ'ଣ ଆସ ସମସ୍ତେ, ମୋ ସାଙ୍ଗରେ ଆସ ।

ପ୍ରଚ୍ଛଦପଟରୁ ଗୀତ –

ଆଗେଇ ଚାଲ
ଆଗେଇ ଚାଲ
ପୁରୁବ ଗଗେନେ ଫୁଲିଟି ଭାଇ
ଜାଣିଛି ମାଟିର
କୋଟି ସନ୍ତାନ
ଜାଣିଛି ଦୁନିଆ ଜାଗିଛି ଭାଇ ।

– ଅନ୍ଧାର –

Digitized by srujanika@gmail.com

- ସପ୍ତମ ଦୃଶ୍ୟ -

(ଲକ୍ଷ୍ମୀ କାନ୍ଦୁଥିଲା । ପ୍ରବେଶ କରିଛନ୍ତି ୨ୟ ସ୍ୱାଧୀନତା ସଂଗ୍ରାମୀ ରାଧୁ, ଏବଂ ଗ୍ରାମବାସୀ ।)

ଲକ୍ଷ୍ମୀ - (କାନ୍ଦି) ମୁଁ ଏବେ କ'ଣ କରିବି । କାହିଁକି ମୁଁ ତାକୁ ଛାଡ଼ିଦେଲି । ଏସ୍.ପି. ଡ଼ାକୁଛନ୍ତି କହି ତାକୁ ନେଇଗଲେ । ଯଦି ତାର କିଛି ହୋଇଯାଏ । ମୁଁ ଇନ୍ସପେକ୍ଟରକୁ ଛାଡ଼ିବିନି । ତାକୁ ଜୀବନରେ ମାରିଦେବି ।

ରାଧୁ ସ୍ୱା.ସଂ.- ଲକ୍ଷ୍ମୀ କ'ଣ ହେଲା ? ତୁ ଆମକୁ ଡ଼କାଇଲୁ କାହିଁକି ? ସପନା କୁଆଡ଼େ ଗଲା । ଦୁଇଦିନ ତଳେ ସେମାନଙ୍କର ମିଟିଂ ହୋଇଥିଲା ।

ଲକ୍ଷ୍ମୀ - ତାକୁ ପୋଲିସ ଡ଼ାକି ନେଇଗଲା ।

ଗ୍ରାମବାସୀ - ପୋଲିସ ଡ଼ାକି ନେଇଗଲା, ତୁ ତାକୁ ଛାଡ଼ିଲୁ କାହିଁକି ?

ରାମକୃଷ୍ଣ - ତୁ ଆମକୁ ଡ଼ାକିଲୁ ନାହିଁ କାହିଁକି ? ମୁଁ ଜାଣେନା ସେମାନେ କିଛି ଗୋଟାଏ କାଣ୍ଡ କରିପାରନ୍ତି ।

ରାଧୁ - କାଣ୍ଡ କରିଦେଲେ ଆମେ କ'ଣ ସହଜରେ ଛାଡ଼ିଦେବା ମୁଁ ଚେୟାରମ୍ୟାନକୁ ଛାଡ଼ିବି ନାହିଁ ।

ଲକ୍ଷ୍ମୀ - ବହୁତ କହିଲି ରାତିରେ ସେ ଯାଇପାରିବ ନାହିଁ । ସକାଳକୁ ଯିବେ । କିନ୍ତୁ ପୋଲିସ ରାଜି ହେଲା ନାହିଁ । ଏସ୍.ପି.ଙ୍କ ସହିତ କଥାବାର୍ତ୍ତା କରି ଚାଲିଆସିବ କହି ତାକୁ ନେଇଗଲା ।

ରାମକୃଷ୍ଣ - ବଡ଼ ଭୁଲ ହୋଇଗଲା । ତେବେ ଏସ୍.ପି. ଯଦି ଆସିଥାନ୍ତି, ପୋଲିସ ଅଫିସର କିଛି କରିପାରିବ ନାହିଁ । ଏସ୍.ପି. ଆମକୁ ସମର୍ଥନ କରୁଛି ।

କୈଳାସ - ଏସ୍.ପି. ଥାନାକୁ ଆସିଛନ୍ତି କି ନାହିଁ ତୁମେ କିପରି ଜାଣିଲ । ମୁଁ ଥାନାକୁ ଯିବି । ଦିନ ଆସି ପହରେ ହେଲାଣି । ସପନା ଫେରିଲାନି କାହିଁକି ?

ସୁବାସ - ତା' ବି ସତକଥା । ଲକ୍ଷ୍ମୀ ତୁ ଆ, ଆମେ ଥାନାକୁ ଯାଉଛୁ ।

ଲକ୍ଷ୍ମୀ - ନା । ମୁଁ ତୁମ ସାଙ୍ଗରେ ଯିବି ।

ରାଧୁ - ଚାଲ, ଆମେ ସମସ୍ତେ ଯିବା । କେତେଦିନ ଆମେ ଏ ଅତ୍ୟାଚାର ସହି ରହିବା । କେତେଟା ଲୋକ ଏ ଅଞ୍ଚଳକୁ ମିଳିମିଶି ଧ୍ୱଂସ କରି ଚାଲିଥିବେ । ଆମେ ନୀରବରେ ସବୁ ସହିଯିବା ।

ଯୋଗିଆ - ଲକ୍ଷ୍ମୀ, ଲକ୍ଷ୍ମୀ (ଧଇଁସଇଁ ହେଉଥିଲା)

Digitized by srujanika@gmail.com

- ଶେଷ ଦୃଶ୍ୟ -

(ଇନ୍ସପେକ୍ଟର, ଡ଼ାକ୍ତର ଠିଆ ହୋଇଥିଲେ ।)

ଡ଼ାକ୍ତର – ଇନ୍ସପେକ୍ଟରବାବୁ ଭୟ କରନ୍ତୁ ନାହିଁ । ମୁଁ ସପନାର ସ୍ୱାଭାବିକ ମୃତ୍ୟୁ ବୋଲି ମୁଁ ପୋଷ୍ଟମର୍ଟମ ରିପୋର୍ଟ ଦେଇସାରିଛି । ଆପଣଙ୍କ ପାଇଁ ବଂଧୁ ହିସାବରେ ଯାହା ମୋର କର୍ତ୍ତବ୍ୟ ତାହା ମୁଁ କରିସାରିଛି ।

(ଇନ୍ସପେକ୍ଟର ମୂକଙ୍କ ପରି ଠିଆ ହୋଇଥିଲେ ଡ଼ାକ୍ତର ଚାଲିଗଲେ, କରୁଣ ରାଗିଣୀ ଭାସି ଆସୁଥିଲା)

ଇନ୍ସପେକ୍ଟର – ଏ କ'ଣ ମୁଁ କଲି । ମୁଁ ସପନାକୁ ଜୀବନରେ ମାରିଦେଲି କାହିଁକି ? ସପନା ମୋର ବା କରିଥିଲା କ'ଣ ? ସେ ତ ଦେଶ, ଜାତି ପାଇଁ ଲଢୁଥିଲା । ଅନ୍ୟାୟ ବିରୁଦ୍ଧରେ ଥିଲା ତାର ସଂଗ୍ରାମ, ଆଉ ମୁଁ କରୁଥିଲି କ'ଣ ? ଯେଉଁମାନେ ଦେଶର ଅର୍ଥ ଲୁଣ୍ଠନ କରୁଥିଲେ, ଯେଉଁମାନେ ଅନ୍ୟାୟ, ଅନିତୀ, ଦୁର୍ନୀତି, ଭ୍ରଷ୍ଟାଚାର କରୁଥିଲେ, ସେମାନଙ୍କୁ ମୁଁ ରକ୍ଷା କରୁଥିଲି । ମୁଁ ଉପରବାଲାଙ୍କୁ କି କୈଫିୟତ ଦେବି । ସେତେବେଳେ ପୋଷ୍ଟମର୍ଟମ ରିପୋର୍ଟ କ'ଣ ମୋତେ ରକ୍ଷା କରିପାରିବ । (ବାହାରୁ ଜନତାଙ୍କ କଣ୍ଠରୁ)

ସ୍ଲୋଗାନ୍ – ସପନାର ହତ୍ୟାକାରୀ, ପୋଲିସ ଇନ୍ସପେକ୍ଟରକୁ ଗିରଫ କର । ଆମର ନେତା, ତୁମର ନେତା ସପନ ନାୟକ ଅମର ରହେ ।

ଇନ୍ସପେକ୍ଟର – ମୁଁ ପ୍ରାୟଶ୍ଚିତ କରିବି । ଜନ ସମୁଦ୍ର ମାଡ଼ି ଆସୁଛନ୍ତି ସେମାନେ ମୋତେ ମାରିଦେବେ । ଲକ୍ଷ୍ମୀ ହାତରେ କଟୁରୀ, ସେ ଦୁର୍ଗା ଅବତାର ଧରିଛି ।

(ପିସ୍ତଲ ବାହାର କରି ମୁଣ୍ଡକୁ ଲକ୍ଷ୍ୟକରି ଟିପିଦେଲେ ଚତୁର୍ଦ୍ଦିଗ ଧୂଆଁରେ ପୁରି ଉଠିଲା । ଇନ୍ସପେକ୍ଟରର ଲାସ୍ ତଳେ ଲୋଟିଗଲା, ଦୌଡ଼ି ଆସିଛି ଚେୟାରମ୍ୟାନ୍)

ଚେୟାରମ୍ୟାନ– ଇନ୍ସପେକ୍ଟରବାବୁ, ମୁଁ ମନ୍ତ୍ରୀଙ୍କୁ କହି ପୋଲିସଫୌଜ ଡ଼କାଇ ଆଣିଛି । ଏ ଲୋକମାନେ ଆମର କିଛି କରି ପାରିବେ ନାହିଁ । ପୋଲିସ ଗୁଳିରେ ଏମାନେ ପୋକ ମାଛିପରି ଟଳି ପଡ଼ିବେ । ଇନ୍ସପେକ୍ଟରବାବୁ ଏ କ'ଣ କଲେ ?

Digitized by srujanika@gmail.com

(ଚେୟାରମ୍ୟାନବାବୁ ବ୍ୟସ୍ତ ହୋଇ ଦୌଡୁଥିଲେ ଚାରିଆଡୁ ଲୋକ ଘେରି ଯାଇଥିଲେ ।

ଲକ୍ଷ୍ମୀ –କୁଆଡ଼େ ଯାଉଚୁ ? ତୋତେ ମୁଁ ଛାଡ଼ିବି ନାହିଁ ଇନ୍ସପେକ୍ଟର ମରିଗଲା । ତୁ ବଞ୍ଚିଛୁ । ତୋତେ ଏଇ କଟୁରୀରେ ଖଣ୍ଡ ଖଣ୍ଡ କରି, ତୋର ମାଉଁସକୁ କୁଆ ଶାଗୁଣାକୁ ଦେବି ।

ଚେୟାରମ୍ୟାନ– ମାଁ ଲକ୍ଷ୍ମୀ ।

ଲକ୍ଷ୍ମୀ –କାହାକୁ ମାଁ ବୋଲି କହୁଛୁ । କେତେ ମାଁ ଭଉଣୀର ଇଜ୍ଜତ ତୁ ଲୁଟିନାହୁଁ । କେତେ ଗରୀବଙ୍କର ତୁଣ୍ଡରୁ ତୁ ଆହାର ଛଡ଼ାଇ ନେଇନାହୁଁ ।

ରାଧୁ –କାହିଁକି ଡ଼େରି କରୁଛ ଲକ୍ଷ୍ମୀ, ତାକୁ ହାଣିଦେ, ନଚେତ୍ ଆମେ ହାଣିଦେବୁ ।

ଲକ୍ଷ୍ମୀ –ମୁଁ ତାକୁ ଶାସ୍ତି ଦେବି ।

ଚେୟାରମ୍ୟାନ – ହଁ ମା ତୋରି ହାତରୁ ଶାସ୍ତି ପାଇଲେ ମୋର ପାପର ପ୍ରାୟଶ୍ଚିତ ହେବ । ତୁମମାନଙ୍କ ପ୍ରତି ମୁଁ ଯଥେଷ୍ଟ ଅନ୍ୟାୟ କରିଛି । ତୁମମାନଙ୍କ ତୁଣ୍ଡରୁ ମୁଁ ଆହାର ଛଡ଼ାଇ ନେଇଛି । ତୁମମାନଙ୍କର ସଂପତ୍ତିରୁ ମୁଁ କୋଟି କୋଟି ଟଙ୍କା ଲୁଣ୍ଠନ କରିଛି । ମୁଁ ପାପୀ ମୁଁ ମହିଷାସୁର । ମାଁ ତୁ ଏ ମହିଷାସୁରକୁ ବଧ କରେ ମୁଁ ଛାତି ପାତି ଦେଉଛି ତୋର ତ୍ରୀଶୂଳ ମୋ ବକ୍ଷରେ ବିଦ୍ଧ କର । ମୁଁ ସପନାକୁ ହତ୍ୟା କରିଛି । ମୁଁ ହିଁ ପ୍ରକୃତ ଦୋଷୀ ।

ଲକ୍ଷ୍ମୀ –(କଟୁରୀ ଧରି ଛିଡ଼ା ହୋଇଗଲା)

ରାମକୃଷ୍ଣ –ଲକ୍ଷ୍ମୀ ଠିଆ ହୋଇ ରହିଲୁ କାହିଁକି ? ତୁ ତାକୁ ନ ମାରିଲେ ଆମେ ତାକୁ ମାରିଦେବୁ ସେ ଏ ଜାତିରଶତ୍ରୁ । ଆଦିବାସୀମାନଙ୍କର ଶତ୍ରୁ ।

ଲକ୍ଷ୍ମୀ –ତାକୁ ଛାଡ଼ିଦିଅ । ତାକୁ ଏକାଥରେ ଶେଷ କରିଦେଲେ ସେ ମୃତ୍ୟୁକାଳିନ ଯନ୍ତ୍ରଣା ଭୋଗ କରିପାରିବ ନାହିଁ । ତାର ଦେହରୁ ମାଉଁସ ପୁଳା, ପୁଳା, ବାହାର କରିଦେବି । ସେ ଯନ୍ତ୍ରଣାରେ ଛଟପଟ୍ ହେଉଥିବ ।

(ଲକ୍ଷ୍ମୀ କଇଁ କଇଁ ହୋଇ କାନ୍ଦୁଥିଲା)

Digitized by srujanika@gmail.com

-ଗୀତ-

ଗାନ୍ଧୀ ମହାପ୍ରଭୁ କହିଥିଲେ ପରା
ପ୍ରତିହିଂସା ଭୁଲିଯାଅ
ମୁହଁକି ଭୁଲିବି ସେହି ମହାମନ୍ତ୍ର
ଝରାଇ ରକତ ସୁଅ ।

ରାଧୁ -ଲକ୍ଷ୍ମୀ ତୁ ପାରିବୁ ନାହିଁ । ତୁ ନାରୀ, କରୁଣାମୟୀ ।

ଚେୟାରମ୍ୟାନ - (ପିସ୍ତଲଉଠାଇ) ତୁମେ କେହି ପାରିବ ନାହିଁ । ମୋ ପାପର ପ୍ରାୟଶ୍ଚିତ ମୁଁ କରିବି । ଇନ୍ସପେକ୍ଟର ତା ପାପର ପ୍ରାୟଶ୍ଚିତ କରିଛି । ମୁଁ ମଧ୍ୟ ସେହିପଥ ବାଛିଦେବି ।
(ପିସ୍ତଲ ମୁଣ୍ଡକୁ ଲଗାଇ ଟିପିଦେଲା ଚିତ୍କାର କରି ଟଳିପଡ଼ିଲା)

ଲକ୍ଷ୍ମୀ -ହଁ, ଏଥର ସପନାର ଆତ୍ମା ନିଶ୍ଚୟ ଶାନ୍ତି ପାଇବ । ସପନା, ତତେ ମୁଁ କହିଥିଲି, ତୋର ଆଦର୍ଶପଛରେ ମୁଁ ସବୁବେଳେ ରହିଛି । ତୋର ଅପୂର୍ଣ୍ଣ କାର୍ଯ୍ୟକୁ ମୁଁ ପୂର୍ଣ୍ଣ କରିବି । ଆସ ଭାଇମାନେ, ଆଜି ଶପଥ ନେବ । ଅନ୍ୟାୟ, ଦୁର୍ନୀତି ପାଇଁ ଆମର ସଂଗ୍ରାମ ଅବ୍ୟାହତ ରହିବ ।
ବନ୍ଦେ ମାତରମ୍ ।
(ଭାସି ଆସୁଥିଲା ବନ୍ଦେ ମାତରଂ ଗୀତକୁ କେଇପଦ)

- ଯବନିକା ପତନ -

- ସମାପ୍ତ -

Digitized by srujanika@gmail.com

ପଥପ୍ରାନ୍ତ ନାଟକ

ଚାଲ ହଗୁରା ପାଠ ପଢ଼ିବା



ନିର୍ଦ୍ଦେଶନା : ରମେଶ ମହାରଣା

ବି.ଦ୍ର. : ଏହି ନାଟକଟି ସରକାରଙ୍କ ଦ୍ୱାରା ଟେଲିଫିଲ୍ମରେ ରୂପାନ୍ତରିତ ହୋଇ, ଦିଲ୍ଲୀ ଦୂରଦର୍ଶନରେ ପ୍ରସାରିତ ।

Digitized by srujanika@gmail.com

ବାଳ ହଗୁରା ପାଠ ପଢ଼ିବା

- ପ୍ରଥମ ଦୃଶ୍ୟ -

(ନେପଥ୍ୟରୁ ଶୁଭୁଥିଲା - ଆଜି ତୁମ୍ଭେମାନେ ଅକ୍ଷର ପରିଚୟ, ଚାଟଶାଳୀ ପାଠ, ଅଙ୍କକଷା, ପଣିକିଆ ସବୁ କିଛି ଶିଖିପାରିଛ । ହଁ ମଧୁ ତୁମେ କହୁଥିଲ - କଳାକଳେବର କହ୍ନାଇ ଗାଇବା । ବେଶ୍ ଗାଅ । ଶୁଭିଲା କଣ୍ଠସ୍ୱର-

କଳାକଳେବର କହ୍ନାଇ ସଙ୍ଗେ ରୋହିଣୀସୁତ
କରନ୍ତି ମଥୁରା ବିଜୟେ ଦାଣ୍ଡେ ଦେଖ ସଂଗାତ ।
ଖସି ପଡୁଛି କି ଆକାଶୁଁ କିଏ ଗଙ୍ଗା ଯମୁନା
କ୍ଷୀର ସଂଗେ ପ୍ରାଣ ଶୋଷିଲେ ନାଶଗଲା ପୁତନା

ଜଣକ ପରେ ଜଣେ ହୋଇ କଳାକାରମାନେ ମଞ୍ଚରେ ଦର୍ଶକମାନଙ୍କୁ ନମସ୍କାର ଜଣାଇବା ଉଦ୍ଦେଶ୍ୟରେ ହାତ୍‌ଯୋଡି ଗୋଟିଏ ପଛେ ଗୋଟିଏ ଧାଡ଼ି ବାନ୍ଧି ପ୍ରବେଶ କଲେ । ଗୀତ ଶେଷ ହୋଇଛି । ଯେ ଯାହା ଆସନ ଗ୍ରହଣ କଲେ ।)

ଯଦୁ - (ମଦ ବୋତଲ ହାତରେ ଧରି ମାତାଲ ହୋଇ ଟଳି, ଟଳି, ଗାଇ, ଗାଇ ଆସୁଥିଲା)
"କଳା କଳେବର କହ୍ନାଇ ସଂଗେ ରୋହିଣୀ ସୁତ ।"
(ପଛରୁ ଡ଼ାକିଛି ମଦନା ।)

ମଦନା - କକା, କକା, (ପାଖକୁ ଆସି) ତୋତେ ମୁଁ ଖୋଜୁଥିଲି । ତୁ କହିଲେ, ଗାଁର ସମସ୍ତେ ପାଠ ପଢ଼ିବେ । ତୁ ପରା ଆମର କୁଳର ସଭାପତି । କକାରେ, ଆମ ଗାଁରେ ଚାଟଶାଳୀ ହବ । ବୟସ୍କ ଲୋକମାନେ ପାଠ ପଢ଼ିବେ । ଖୁବ୍ ଭଲ ହେବ କକା ?

ଯଦୁ - କ'ଣ କହିଲୁ ? ପାଠ ପଢ଼ିବେ ? ଖୁବ୍ ଭଲ ହବ ? ନାଇଁ ନାଇଁ କିଛି ଭଲ ହବନି । ହଇରେ ମଦନା, କିଏ ତୋ ମୁଣ୍ଡରେ ଏ ଭୂତ ପୁରେଇ ଦେଇଛି କହିଲୁ ? ହଇରେ, ପାଠ ପଢ଼ି କ'ଣ ଆମେ ବଡ଼ ଦେଉଳରେ ନେତ ବାନ୍ଧିବା । ହଇରେ ଆମ ବାପ, ଅଙ୍ଗା, ଗୋସେଇଁ ବୋପା

Digitized by srujanika@gmail.com

ଅମଳରୁ କିଏ ପାଠ ପଢ଼ିଥିଲା ? ନ ପଢ଼ିଲାରୁ ଆମର କଣ ହେଇ ଯାଇଛିରେ ? ହୁଁ କହ, କ'ଣ ହୋଇଯାଇଛି ?

ମଦନା – କକା, ତୁ କିଛି ବୁଝିପାରୁନୁ । ହଇରେ ସେତେବେଳକାର କଥା ଅଲଗା । ଆଜିର କଥା ପରା ଅଲଗା । ହଇରେ ସେ ସମୟରେ କ'ଣ ବିଜୁଳିବତି ଜଳୁଥିଲା, ନା ରେଡ଼ିଓ ଥିଲା ?

ଯଦୁ – ଥିଲା, ଥିଲା, କଳଗାଉଣା ଥିଲା । କେତେ ଗୀତ ଗାଉଥିଲା ।

ମଦନା – କଳଗାଉଣା ଖାଲି ଗୀତ ଗାଉଥିଲା, ଏବେ ରେଡ଼ିଓରୁ କେତେ କଥା ଆମେ ନ ଜାଣୁଛେ । ଚାଷ କିମିତି ହବ । ଖତ, ସାର କେତେ ଦିଆହବ ।

ଯଦୁ – ହୁଁ, ତୁ ଠିକ୍ କହିଛୁ । ହଇରେ, କାଲି ସଂଜରେ ରେଡ଼ିଓ କହିଲା ବର୍ଷା ହବ । କାହିଁ ଆଜି ବର୍ଷା ହେଲାନି । ଏ ରେଡ଼ିଓ ବି ମିଛ କହୁଛି । ଲୋକଗୁଡ଼ାକ ମିଛ କହୁଛନ୍ତି ବୋଲି, ରେଡ଼ିଓ କ'ଣ ମିଛ କହିବ ? ଏ ସବୁ ଫାଲ୍‌ତୁ କଥା । ମୋର କଳଗାଉଣା ଭଲ । ଏ ରେଡ଼ିଓ ଫାଲ୍‌ତୁ । ମିଛ କହୁଛି ।

ମଦନା – ନାଇଁମ କକା । ଜନ୍ମ, ମରଣ, ବରଷା

ଯଦୁ – ତା ନ ଜାଣେ ପୁରୁଷା । ହଇରେ ଏ କଥା ଭଗବାନ ଜାଣିବେ ସିନା, ମଣିଷ କିମିତି ଜାଣିବ ? ରେଡ଼ିଓ କହିଲା – ବର୍ଷା ହବ । ଟାଇଁ, ଟାଇଁଆ ଖରା । ସବୁ ମିଛ ।

ମଦନା – ତେବେ କକା, ଆମେ କେତେଦିନ ଦି ଅକ୍ଷର ନ ପଢ଼ି, ମୂର୍ଖ ହୋଇ ରହିବା ।

ଯଦୁ – ପଢ଼ୁଛି । ମୋ ନାତୁଣି ଶୁକୁରୀ ପଢ଼ୁଛି । ପୁଅ ହଗୁରା ପଢ଼ୁଛି । ସେମାନେ ପଢ଼ନ୍ତୁ । ଆମକୁ ସେ ସବୁ ଲୋଡ଼ା ନାଇଁରେ । ଆମେ ବୁଢ଼ା ହୋଇ କି ପାଠ ପଢ଼ିବୁ । ହଇରେ ଦିନଯାକ ତ ବିଲରେ ଗଲା । ହାଡଭଙ୍ଗା ଖଟଣିରେ ମଜୁରା ଭାଙ୍ଗିବା ପାଇଁ ସୁବାଷ ସାହୁ ମଦ ଦୋକାନ ଆମର ଭଲ । ଦି ଟଙ୍କାର ମାଲପାଣି ପକେଇଦେଲେ, ରାତିଯାକ ନିଦ । ସକାଳୁ ପୁଣି ସେଇ ଖଟଣି । କି ଖରା, କି ବର୍ଷା ମୂଲ ନ ଲାଗିଲେ, କିଏ ଆମକୁ ଖାଇବାକୁ ଦବ ? ଯଦି ଦବ, ତୁ କହ, ମୁଁ ପଢ଼ିବି । ହଗୁରା ବୋଉ ପଢ଼ିବ ।

Digitized by srujanika@gmail.com

ମଦନା - କକା, ମୋ କଥା ତୁ ମୋଟେ ବୁଝିପାରୁନୁ । ତତେ କ'ଣ କହି ମୁଁ ବୁଝେଇବି ।

ଯଦୁ - ଆଉ କ'ଣ କଇବୁ କହ ? ହଇରେ ଛତୁଫୁଟା କାଠ, ନିଶଉଠା ପାଠ, ଏ ସବୁ କାମକୁ ଆସେନିରେ । ବୁଝିଲୁ ଜଣେ ବାବୁ, ଆମ ଘରକୁ ଆସିଥିଲା । ହଗୁରା ବୋଉକୁ କହିଲା, ପାଠ ପଢ଼ିବାକୁ । ହଗୁରା ବୋଉ କ'ଣ କହିଲା ଜାଣିନୁ ? (ଫ୍ରିଜ୍)
(ଅନ୍ୟଠାରେ ଆଲୋକ ଜଳି ଉଠିଲା ।)

ହଗୁରାବୋଉ - କ'ଣ କହିନୁ ? ମୁଁ ପାଠ ପଢ଼ିବି । ତୁ ମୋତେ ପାଠ ପଢ଼େଇବୁ ?

ସ୍ୱେଚ୍ଛାସେବୀ - ଶୁଣ ମାଉସୀ, ମୋ କଥା ଆଗ ଶୁଣ । ମନ ଦେଇ ଶୁଣିବା ପରେ, ଯଦି ତୁମର ମନକୁ ନ ପାଏ, ତେବେ ମୋତେ କହ ।

ହଗୁରାବୋଉ - କ'ଣ ଶୁଣିବି କହ ? ହଇରେ ବାବୁ, ତୁମେମାନେ ଚାକିରୀ, ବାକିରୀ ନ କରି, ଆମ ପାଇକି କାହିଁକି ଆସିଛ ? ଏମିତି ଜଣେ ବାବୁ, ଏ ଗାଁକୁ ଆସିଥିଲା । ସେ ଉଇଜଳା କ'ଣ କଲା ଜାଣୁ ? ଏ ଗାଁରୁ ୪ଟା ଝିଅକୁ ମତାଇ, ବୋହାଇ ନେଇଗଲା । ଶୁଣିଲୁ, ସେମାନେ ସବୁ ବେଶ୍ୟା ହୋଇଗଲେ ।

ସ୍ୱେଚ୍ଛାସେବୀ - ସେଇଥିପାଇଁ ମୁଁ ତ ଆସିଛି ।

ହଗୁରାବୋଉ - ସେଇଥିପାଇଁ ତୁ ଆସିନୁ ? କେଡ଼େ କଥା । ହଗୁରାବାପ ଘରେ ନାହିଁ । ନଇଲେ ମଦ ପିଇ, ତୋ ମଜା ଛଡ଼ାଇ ଦିଅନ୍ତା ।

ସ୍ୱେଚ୍ଛାସେବୀ - ଓହୋ ମାଉସୀ, କାହିଁକି ଝିଅମାନେ ତା'କଥାରେ ଭୁଲିଗଲେ ଯଦି ଦି ଅକ୍ଷର ପଢ଼ିଥାନ୍ତେ, ସେମାନେ ସବୁକଥା ଜାଣିପାରିଥାନ୍ତେ । ଭଲ କିଏ, ମନ୍ଦ କିଏ, ସେ କଥାସେମାନେ ବିଚାରିଥାନ୍ତେ । ନ ପଢ଼ିଥିବାରୁ ସେ ଲୋକ ଏ ଦୁଃସାହସ କଲା । ମୁଁ ଆସିଛି ମାଉସୀ, ତୁମ୍ଭମାନଙ୍କୁ ପାଠ ପଢ଼ାଇବି । ମଣିଷ କରିବି ।

ହଗୁରାବୋଉ - (ହସିଛି) ମଣିଷ କରିବୁ ? ମୋତେ... ହଉ, ହଉ ଯା, ଯଦି ପାରିବୁ, ମୋ ହଗୁରାକୁ ଟିକିଏ ପଢ଼ା । ମାଷ୍ଟର କହୁଥିଲା, କିଛି ଭଲ ପଢୁନି । ଚଗଲା ହଉଚି ।

ସ୍ୱେଚ୍ଛାସେବୀ - ମାଉସୀ, ଯଦି ତୁମେ ଦି'ଅକ୍ଷର ପଢ଼ିଥାନ୍ତ, ତା'ହେଲେ ହଗୁରାକୁ ତୁମେ ପଢ଼େଇଥାନ୍ତ । ମୋତେ କହିବାକୁ ପଡ଼ନ୍ତା ନାହିଁ ।

Digitized by srujanika@gmail.com

ହଗୁରାବୋଉ - ହଇରେ, ମାଇପି ଜନମ ଚୁଲିମୁଣ୍ଡକୁ । ଯେ ଯେତେ ପାଠ ପଢୁ, ସେଇତ ଚୁଲି ମୁଣ୍ଡ । ମୋତେ ଆଉ କିଛି କହନି । ତୁ ଗଲୁ ବାପ, ବହୁତ କାମ ପଡ଼ିଛି । ଗଡ଼ିଆରୁ ପାଣି ଆଣିବି । ଏବେ ମଦ ପିଇ ଆସିବ । ରନ୍ଧା ନ ହୋଇଥିଲେ ନିସ୍ଥୁକ ପିଟିବ ।

ସ୍ୱେଚ୍ଛାସେବୀ - ତା'ହେଲେ ମାଉସୀ ତୁମେ ପଢ଼ିବନି । ଯଦି ତୁମେ ନ ପଢ଼, ତୁମ ଦୁଆରେ ମୁଁ ଧାରଣା ଦେଇ ବସିବି ।

ହଗୁରାବୋଉ - ହଇରେ ରଇଜଳା, ତୁ ମୋ ଦୁଆରେ କାହିଁକି ବସିବୁ ? ଶୁକୁରୀଟା ଉପରେ ବୋଧେ ଆଖି ପଡ଼ିଛି । ଟୋକିଟା ତ ଛନ, ଛନ ହେଇ ବାହାରିଲାଣି । ହଇଲୋ ଶୁକୁରି - ଶୁକୁରିଲୋ, କୁଆଡ଼େ ଗଲୁ, ମୋ ଛାଞ୍ଚୁଣି ମୁଠା ଆଣିଲୁ । ସେ ରାଣ୍ଡ କୋଉଠି ଯାଇ ବସିଥିବ । ଯାଉଛୁନା, (ଛାଞ୍ଚୁଣିମୁଠା ଟେକି) ଏ ଛାଞ୍ଚୁଣୀ ମୁଠାରେ ତୋ ପିଠି ବି' ଫଡ଼ା କରିଦେବି ।

ସ୍ୱେଚ୍ଛାସେବୀ - ହଉ, ମାଉସୀ, ମୁଁ ଯାଉଛି । ଦିନ ଆସିବ, ତୁମେ ମୋତେ ଡ଼ାକି କହିବ ମୁଁ ପାଠ ପଢ଼ିବି । (ଚାଲିଗଲେ)

(ମଞ୍ଚ ଅନ୍ଧାର ହେଲା ।)

ଯଦୁ - (ହସୁଥିଲା । ମନ ଖୋଲା ହସ)

ବୁଝିଲୁ ମଦନା, ସେ ଲୋକଟା ପରା ଛାଞ୍ଚୁଣୀ ମୁଠା ଭୟରେ ଘରଛାଡ଼ି ପଳାଇଲା ।

ମଦନା - କ'ଣ କହିଲୁ ? ଖୁଡ଼ୀ ତାଙ୍କୁ ଅପମାନ ଦେଇ ଘରୁ ତଡ଼ିଦେଲା ? ଭଲହେଲାନିରେ କକା, କିଛି ଭଲ ହେଲାନି । ବିଚରା ଖୁବ୍ ଭଦ୍ରଲୋକ । ବହୁତ ପାଠ ପଢ଼ିଛନ୍ତି । ଚାହିଁଥିଲେ, ବଡ଼ ହାକିମ ହୋଇଥାନ୍ତେ । କିଂତୁ ସ୍ୱେଚ୍ଛାସେବୀ ସାଜି ନ ଖାଇ, ନ ପିଇ ଏ ଗାଁରୁ, ସେ ଗାଁ ବୁଲୁଛନ୍ତି ।

ଯଦୁ - ଆରେ ପାଠ ପଢ଼ିଲେ କାମ ମିଳୁନି । ତେଣୁ ଏ ଗୋଟେ ଧନ୍ଦା ।

ମଦନା - ନାଇଁ କକା, ଏ ଅଞ୍ଚଳରୁ ନିରକ୍ଷରତା ଦୂରୀକରଣ ପାଇଁ ସେ ପ୍ରତିଜ୍ଞା କରିଛନ୍ତି । ମୋ କଥା ମାନେ କକା । ଆମେ ପଢ଼ିବା ।

ଯଦୁ - ବୁଝିଲୁ ମଦନା । ତୁ ପାଠ ପଢ଼ । ମୋତେ ଆଉ ପଢ଼ାନି । ମୋ ବିଲ ଖଣ୍ଡିଥିଲେ, ମୋର ସବୁ ଅଛି । ସୁବାଷର ମଦଦୋକାନ ଥିଲେ, ମୋର ଚିନ୍ତା ନାହିଁ । ପଇସା ଥିଲେ ଦଉଚି । ନ ଥିଲେ ଦଉଚି । କିଂତୁ

Digitized by srujanika@gmail.com

ଶଳା ବଡ଼ ବଦମାସ । ଖାଲି ପାଣି ମିଶଉଛିରେ । ନିଆଁକାଠି ମାରି ଜଳେଇଲେ ବି ଜଳୁନିରେ । ପୋଲିସ୍‌କୁ ଯାଇ କହରେ, ତାକୁ ଧରୁ । ନାଇଁରେ, ଲୋକଟା ଭଲ ।

ମଦନା - କକା, ତୁ ଏତେ ମଦ କାହିଁକି ପିଉଛୁ କହିଲୁ ? ସବୁ ପଇସା ତକ ତ ମଦରେ ସାରି ଦଉଛୁ ।

ଯଦୁ - ପାଠରେ ମଦନା ପାଠ । ପାଠ କହିଛି ପରା
"ଯେ ନ ପିଏ ମଦ
ତା ବଉଁଶ ଗଧ ।"
(ହସି, ହସି ଚାଲିଗଲା)
(ମଦନ ବସି ବିଡ଼ି ଖଣ୍ଡେ ପିଉଛି । ଏଇ ସମୟରେ ସ୍ୱେଚ୍ଛାସେବୀ ଆସିଛନ୍ତି ।)

ସ୍ୱେଚ୍ଛାସେବୀ - ମଦନ

ମଦନା - ବାବୁ !

ସ୍ୱେଚ୍ଛାସେବୀ - ପୁଣି ବିଡ଼ି ଟାଣିଲ ? ମୁଁ ତୁମକୁ ମନା କରିଥିଲି । ତୁମେ ଜାଣ ଏଇ ସିଗାରେଟ, ବିଡ଼ି ପିଇ ଆମ ଦେଶରେ ଲକ୍ଷ, ଲକ୍ଷ ଲୋକ ଯକ୍ଷ୍ମାରୋଗ ଭୋଗୁଛନ୍ତି । ତୁମେ ଯଦି ପାଠ ପଢ଼ିଥାନ୍ତ, ଖବରକାଗଜକୁ ପଢ଼ି ଜାଣୁଥାନ୍ତ, ବିଡ଼ି ଟାଣି, ଲୋକେ କ୍ୟାନସର ରୋଗ ଭୋଗୁଛନ୍ତି ।

ମଦନା - ଭୁଲ ହେଇଛି ବାବୁ । ଆଉ ବିଡ଼ି ପିଇବିନି । ମନଟା ଖରାପ ହେଇଗଲେ, ବିଡ଼ି ଖଣ୍ଡେ ଟାଣିଦିଏ ।

ସ୍ୱେଚ୍ଛାସେବୀ - ଯେଉଁଟା ତୁମର ଦେହ ପାଇଁ ଅହିତ, ତାକୁ ଛାଡ଼ିଦିଅ ମଦନ । ତୁମେ ଆଦର୍ଶ ଦେଖାଅ । ତୁମ କଥା ଲୋକେ ଶୁଣିବେ ।

ମଦନା - ବାବୁ,

ସ୍ୱେଚ୍ଛାସେବୀ - କ'ଣ ହେଲା ?

ମଦନା - (ପାଟିକରି) ତୁମେ ସେ ଯଦୁ କକା ଘରକୁ କାହିଁକି ଯାଇଥିଲ ?

ସ୍ୱେଚ୍ଛାସେବୀ - (ହସି) ସମସ୍ତଙ୍କ ଘରକୁ ଯିବାତ ମୋର କାମ ।

ମଦନା - ଶୁଣିଲି, ହଗୁରାବୋଉ ଖୁଡ଼ି ତୁମକୁ ଅପମାନ ଦେଲା ।

ସ୍ୱେଚ୍ଛାସେବୀ - ସେଥିପାଇଁ ତୁମେ ଭାବୁଛ କାହିଁକି ? ସେ ତ ଶିକ୍ଷାର ମହତ୍ୱ ବୁଝିନାହାନ୍ତି, ତେଣୁ ସେ ମୋତେ ଭୁଲ ବୁଝିଲେ । ଦେଖ ମଦନ, ଦିନ ଆସିବ,

Digitized by srujanika@gmail.com

ସେ ପାଠପଢ଼ାର ମୂଲ୍ୟ ବୁଝିବେ । ନିଜେ ଆସି ପଢ଼ିବାକୁ କହିବେ । ସେହିଦିନକୁ ଅପେକ୍ଷା କର ।

ମଦନା - ବାବୁ, ତୁମେ ଠିକ୍ କହିଛ ।

ସ୍ୱେଚ୍ଛାସେବୀ - ଏ ଦେଶରୁ ନିରକ୍ଷରତା ଦୂର ହୋଇଗଲେ, ତୁମେ ଦେଖିବ ମଦନ, ଲୋକଙ୍କ ଭିତରେ ଜାଗରଣ ଆସିବ । ସେତେବେଳେ ଲୋକେ ଜାଣିବେ - ଭଲ କ'ଣ, ମନ୍ଦ କ'ଣ । ଦେଖ ମଦନ - ତୁମ ଅଞ୍ଚଳରେ ବହୁତ ଭଲ ଲୋକ ଅଛନ୍ତି । ଏଇ ହରି ବେହେରା...

ମଦନା - ଆଜ୍ଞା, ଦେବତା ପରି ଲୋକ । ସେଭଳି ଲୋକ ଖଣ୍ଡେ ଏ ପୃଥିବୀରେ ଜନ୍ମ ହେବା କଷ୍ଟ ।

ସ୍ୱେଚ୍ଛାସେବୀ - କିଂତୁ ହେଲା କ'ଣ ? ଲୋକେ କହୁଥିଲେ ତାଙ୍କୁ ସରପଞ୍ଚ କରିବା ପାଇଁ । କିଂତୁ ହେଇ ପାରିଲେନି । ନିରକ୍ଷର ଥିବାରୁ, ଯାଞ୍ଚ ସମୟରେ ତାଙ୍କ ପ୍ରାର୍ଥୀପତ୍ର କାଟ ଖାଇଗଲା । ଏଥର ସେ ନିଶ୍ଚୟ ସରପଞ୍ଚ ହେବେ । ନିରକ୍ଷରତା ଦୂରୀକରଣ ପାଇଁ, ସେ ମୋ ସାଙ୍ଗରେ ବୁଲି, ବୁଲି ବହୁତ କାମ କରୁଛନ୍ତି । ଦିନ ଆସିବ, ତୁମେ ବି ସରପଞ୍ଚ ହେବ ।

ମଦନା - ନାଇଁ ବାବୁ ସେ କାମ ମୋର ଦରକାର ନାହିଁ । କିଂତୁ ବାବୁ, ଏଇ ତିନିମାସ ପଢ଼ି ଜଣେ କ'ଣ ସବୁ ଜାଣିପାରିବ ।

ସ୍ୱେଚ୍ଛାସେବୀ - ସେ କଥା ନୁହେଁ ମଦନ, ଯାହା କିଛି ଜାଣୁ ନ ଥିଲ, ଅନ୍ତତଃ ପକ୍ଷେ କିଛି ତ ହେଲେ ଜାଣିବ । ଯାହାର ଅଧିକା ପାଠ ପଢ଼ିବାକୁ ମନ, ସେ ଅଧିକା ପଢ଼ିବ । ଏଇ ତୁମ ବୟସ ୩୦ ହେଲା । ୧୫ଟା ବର୍ଷ ଭିତରେ ତୁମେ ବି.ଏ ପାଶ୍ କରିପାରିବ ।

ମଦନା - ମୁଁ ବି.ଏ ପଢ଼ିବି ?

ସ୍ୱେଚ୍ଛାସେବୀ - କାହିଁକି ପଢ଼ିବନି କହିଲ ? ତୁମେ ଜଣେ ବୁଦ୍ଧିମାନ ଯୁବକ । ମୁଁ ତୁମପାଇଁ ସବୁ ବନ୍ଦୋବସ୍ତ କରିବି । ମଦନ, ମୁଁ ତୁମକୁ କହିଛି, ଆମ ଦେଶରେ ଶହକେ ୬୦ ଜଣ ଲୋକ ଲେଖା, ପଢ଼ା ଜାଣନ୍ତି ନାହିଁ । ଦସ୍ତଖତ ବଦଳରେ, ବାଁ ହାତ ବୁଢ଼ା ଆଙ୍ଗୁଠିର ଟିପଚିହ୍ନ ଦିଅନ୍ତି । ଏଇ ଟିପଚିହ୍ନ ଦ୍ୱାରା, ସେମାନେ ସର୍ବସ୍ୱାନ୍ତ ହୁଅନ୍ତି । ପାଠ ପଢ଼ିନଥିବା ଯୋଗୁଁ, ସାହୁକାର ତାଙ୍କୁ ଠକି ଦିଏ । ଏ ଦେଶରେ ଏଭଳି ବହୁତ କିଛି ଘଟିଛି ମଦନ ।

Digitized by srujanika@gmail.com

ମଦନା - ବାସ୍, ବାସ୍ ବନ୍ଦକର ବାବୁ । ଏ ଦେଶରେ ତ ଘଟୁଛି । ମୋ ଜୀବନରେ ଘଟିଛି । କିଂତୁ ମୁଁ ତାକୁ ଛାଡ଼ିବିନି । ମୁଁ ତାକୁ କହିଛି, ମୋ ଜମି, ମୁଁ ତା' ହାତରୁ ଛଡ଼ାଇ ନେବି ।

ସ୍ୱେଚ୍ଛାସେବୀ - କଥା, କଣ ମଦନ ? ତୁମେ ଏତେ ଉତ୍ୟକ୍ତ କାହିଁକି ?

ମଦନା - (କାନ୍ଦି) ବାବୁ, ସେ ଆମର ଶୁଦ୍ଧ ସୁବର୍ଣ୍ଣ ଦଶମାଣ ଜମି ନେଇଗଲା । ବିଶ୍ୱାସ କରି ବା' ସାଦାକାଗଜରେ ଟିପଚିହ୍ନ ଦେଇଥିଲା । ପାଞ୍ଚଶ ଟଙ୍କାକୁ ପାଞ୍ଚହଜାର କରିଦେଲା ବାବୁ । ବା' ମୋର ସେହିଚିନ୍ତାରେ ପ୍ରାଣ ଛାଡ଼ିଦେଲା । ବାବୁ (କାନ୍ଦି) ମୁଁ ଦାଣ୍ଡର ଭିଖାରୀ ହୋଇଗଲି ।

ସ୍ୱେଚ୍ଛାସେବୀ - ଆଉ କାନ୍ଦନି ମଦନ । ସେଥିପାଇଁ ତୁମେ ଆଜି ପାଠପଢ଼ାର ମହତ୍ୱ ବୁଝିପାରୁଛ । ତୁମ ପରି ଆମ ଭାଇ, ଭଉଣୀମାନେ ପାଠପଢ଼ାର ମହତ୍ୱ ବୁଝିପାରନ୍ତେ, ତା'ହେଲେ ଦେଶରେ ନିରକ୍ଷର ହୋଇ ଜଣେ ରହନ୍ତେ ନାହିଁ । ତୁମେ ଜାଣିଛ ମଦନ,

ମଦନା - କୁହ ବାବୁ ।

ସ୍ୱେଚ୍ଛାସେବୀ - କେରଳ ବୋଲି ଆମ ଦେଶରେ ଗୋଟିଏ ରାଜ୍ୟ ଅଛି । ସେ ରାଜ୍ୟରେ ଜଣେ ହେଲେ ନିରକ୍ଷର ନାହାନ୍ତି । ଆମ ରାଜ୍ୟରେ ନିରକ୍ଷର ରହିବେ କାହିଁକି ? ସେ ରାଜ୍ୟରେ ଖବରକାଗଜ ଲକ୍ଷ, ଲକ୍ଷ ସଂଖ୍ୟାରେ ବିକ୍ରୀ ହୁଏ । କିଂତୁ ଆମେ ଆଖି ଥାଇ ଅନ୍ଧ ।

ମଦନା - ହଁ ବାବୁ, ଆମେ ଆଖି ଥାଇ ଅନ୍ଧ । ଆମକୁ ଆଲୋକ ଦିଅବାବୁ । ଜ୍ଞାନର ଆଲୋକ । ଆମର ଲୋକମାନେ ପଢ଼ିବେ । ନିଶ୍ଚୟ ପଢ଼ିବେ । ମଣିଷ ହେବେ । ଖାଲି ମଣିଷ ନୁହେଁ - ମଣିଷ ପରି ମଣିଷ ।

- ଅନ୍ଧାର -

- ଦ୍ୱିତୀୟ ଦୃଶ୍ୟ -

(ଜମିଦାର ରାଗରେ ପଦଚାରଣ କରୁଥିଲେ । ତାଙ୍କୁ ଜଣେ ବୁଲି, ବୁଲି ପଙ୍ଖା କରୁଥିଲା । ଗୁମାସ୍ତା ଧରଣୀଧର ହାତଯୋଡ଼ି ଠିଆ ହୋଇଥିଲେ ।)

ଜମିଦାର - କ'ଣ କହିଲ ଧରଣୀଧର ? ଶଳେ ମଣିଷ ହେବେ ? ପାଠ ପଢ଼ି ମଣିଷ ପରି ମଣିଷ ହେବେ ? ଏମାନଙ୍କୁ ପାଠ ପଢ଼େଇବ କିଏ ? କିଏ ପଢ଼େଇବ, କେଉଁଠି ପଢ଼େଇବ, ସବୁ ବୁଝି ମୋତେ ଶୀଘ୍ର ଖବର ଆଣି ଦିଅ । ବୁଝିଲ ଧରଣୀଧର, ଏ ଶଳାଗୁଡ଼ାକ ଯଦି

Digitized by srujanika@gmail.com

ପାଠ ପଢ଼ିବେ, ଆମକୁ କ'ଣ ଖାତିରି କରିବେ ? ପ୍ରାଇମେରୀ ସ୍କୁଲଟିଏ ଅଛି । କିଏ କ'ଣ ସେଠି ପାଠ ପଢୁଛି । ମୁଁ ତାର ସଭାପତି । ମାଷ୍ଟ୍ରମାନଙ୍କୁ ଖାଲି ବସେଇ କରି ଦରମା ଦଉଛି ।

ଧରଣୀଧର - କାହିଁକି ଆଜ୍ଞା, ସେମାନେ ଆପଣଙ୍କର ବନ୍ଧକୀ ଟଙ୍କା ସବୁ ଆଦାୟ କରୁଛନ୍ତି ।

ଜମିଦାର - ଆହା, ତା' ନ କରନ୍ତେ କିମିତି ? ଖାଲି ପଇସା ଗୁଡ଼ାକ କିଏ କ'ଣ ସେମିତି ଦେଇଦିଏ । ଦଳେ ମାତିଥିଲେ, ହାଇସ୍କୁଲ କରିବେ । ଉପରେ ଧରା, ଧରି କରି ତାକୁ ମୁଁ ବନ୍ଦ କରିଦେଲି ।

ଧରଣୀଧର - ବଡ଼ ଭଲ କଲେ ଆଜ୍ଞା । ବଡ଼ ବୁଦ୍ଧିମାନର କାମଟିଏ କଲେ ।

ଜମିଦାର - (ରାଗି) ଧରଣୀଧର ତୁମେ ମୋତେ ଥଟ୍ଟା କରୁଛ ?

ଧରଣୀଧର - (ପଙ୍ଖାବାଲାକୁ)ଜୋର୍‌ରେ ପଙ୍ଖା କର । ବାବୁ ଗରମ ହେଇଗଲେଣି, ଜୋର୍‌ରେ ପଙ୍ଖାକର ଟିକିଏ ନରମ କର । ଆଜ୍ଞା, ମୁଁ ଥଟ୍ଟା କଲି କୋଉଠି ? ଆପଣଙ୍କ କଥାଟାକୁ ମୁଁ ପସନ୍ଦ କଲିନା ଆଜ୍ଞା । କିଂତୁ ଆଜ୍ଞା, ସ୍କୁଲ ଚାଲିଛି । ରାତି ପଢ଼ା । ୬୦ ଜଣ ପଢୁଛନ୍ତି । ସେଇ ମଦନା,

ଜମିଦାର - ମଦନା, ତା ନାଁଟା ମୁଁ ଶୁଣିଲାପରି ମନେ ହଉଚି ।

ଧରଣୀଧର - ନାଁଟା ଶୁଣିଛନ୍ତି କ'ଣ ଆଜ୍ଞା, ସ୍ୱଚକ୍ଷୁରେ ତାର ପ୍ରତାପ ଦେଖିଛନ୍ତି । କହିନଥିଲା, ତା ଜମିଖଣ୍ଡିକ ଆପଣଙ୍କଠୁଁ ଛଡ଼େଇ ନେବ ।

ଜମିଦାର - ଓଃ ବୁଝିଲି ଚକରା ପୁଅ ମଦନା । ହଁ, ହଁ ସେଦିନ ଖୁବ୍ ତୁମ୍ଭିତୋଫାନ କାଢ଼ିଥିଲା । ଧରଣୀଧର, ଏ ଗୁଡ଼ାକ ମୋର କ'ଣ କରିବେ ?

ଧରଣୀଧର - ଆପଣଙ୍କର ସେମାନେ କ'ଣ କରିବେ । ଶଳାଙ୍କର ଚୁଟି ଆପଣଙ୍କ ହାତରେ । କିଏ ଆପଣଙ୍କଠୁଁ ନେଇନି, କିଏ ଆପଣଙ୍କର ଖାଇନି ।

ଜମିଦାର - ସେଇଥିପାଇଁ ମୁଁ କହୁଚି ଧରଣୀଧର, ଏ ସ୍କୁଲ, ପାଠପଢ଼ା ବନ୍ଦ କର ।

ଧରଣୀଧର - ହବ ଆଜ୍ଞା, ନିଶ୍ଚୟ ବନ୍ଦ ହେବ ।

ଜମିଦାର - ଶୁଣ ! ହେ, ଜୋର୍‌ରେ ପଂଖା କର । କିଏ କିଏ ପଢୁଛନ୍ତି, କିଏ ପଢ଼ଉଛି, ସେ ସ୍କୁଲ ଘରଟା କିଏ ବନେଇଛି, ସେ ଖବର ଆଣ ।

Digitized by srujanika@gmail.com

ଧରଣୀଧର - ଆଜ୍ଞା ସବୁ ଆଣିଛି । ପଢ଼ଉଛି ମାଷ୍ଟର । ଆଉ ପଢୁଛନ୍ତି ଆପଣଙ୍କଠୁଁ ଙ୍କରଙ୍କ ନବା ଲୋକମାନେ, ଯୋଉମାନଙ୍କ କାନରେ ମଦନ ଫୁଙ୍କିଛି ମନ୍ତର ।

ଜମିଦାର - ଧରଣୀଧର (ବଡ଼ ପାଟିରେ)

ଧରଣୀଧର - ଆଜ୍ଞା, ମୁଁ ତ ସତ କହିଲେ, ଆପଣ ପାଟି କରୁଛନ୍ତି ।

ଜମିଦାର - ଦେଖ, ସମସ୍ତଙ୍କର ସାଦା କାଗଜରେ ଟିପଚିହ୍ନ ତ ରଖିଛ ?

ଧରଣୀଧର - ସେଇଟା ତ ପ୍ରଥମ କାମ ଆଜ୍ଞା ।

ଜମିଦାର - ଏବେ ସେ କାମ ଆଗ ସାର । ଯେଉଁମାନେ ୫ ନେଇଛନ୍ତି, ପଚିଶି ଲେଖ, ଯେ ପଚାଶ ନେଇଛି, ପାଞ୍ଚଶ ଲେଖ, ଆଉ ଯେ ହଜାର ନେଇଛି,

ଧରଣୀଧର - ପାଞ୍ଚ ହଜାର ଆଜ୍ଞା । (ହସିଛି)

ଜମିଦାର - (ହସିଛନ୍ତି) ଦେଖିବି, ଶଳେ ମୋ ହାତରୁ କିମିତି ଖସିଯିବେ । ତେବେ ସେମାନଙ୍କୁ କହିଦିଅ, ସ୍କୁଲକୁ ନ ଯିବା ପାଇଁ । ଯେ ଯିବ, ସେ ଆମ ଟଙ୍କା ଆଗ ପଇଠ କରିବ ।

ଧରଣୀଧର - ତା'ହେଲେ ମୁଁ ଗଲି ଆଜ୍ଞା, ସେଇ କଥାଟି କହିଦେଇ ଆସେ । ମାଷ୍ଟରଟା ଗଜା ଟୋକାଟାଏ ଆଜ୍ଞା । ସ୍ୱେଚ୍ଛାସେବୀ ।

ଜମିଦାର - ମାନେ, କିଛି ଟଙ୍କା, ପଇସା ନଉନି ?

ଧରଣୀଧର - ଆଜ୍ଞା ଯୋଉମାନେ ଆଜିକାଲି ସେବା କରୁଛନ୍ତି ସ୍ୱେଚ୍ଛାରେ, ନେବା ସେମାନଙ୍କର ପ୍ରଥମ କାମ ।

ଜମିଦାର - ଯଦି ନଉଛି, ତାକୁ ମୋ ପାଖକୁ ପଠାଇଦିଅ ।

ଧରଣୀଧର - କିଂତୁ ଏ ଲୋକଟା ଅଲଗା ଆଜ୍ଞା ।

ଜମିଦାର - ମାନେ,

ଧରଣୀଧର - ମାନେ, ମୁଁ ବହୁତଥର କହିଲିଣି, ଜମିଦାର ଡ଼ାକୁଛନ୍ତି । ଟିକିଏ ଦେଖାକର । ମୋତେ କହିଲା, ଜମିଦାରତ ଯଦି କାମ ଅଛି, ତା'ହେଲେ ମୋ ପାଖକୁ ଆସୁ ।

ଜମିଦାର - ତାର ଏତେ ଦୂର ସାହାସ ।

ଧରଣୀଧର - ସାହସ ହଅନ୍ତାନି ଆଜ୍ଞା, ସବୁ ବହପ ସେ ଶଳା ମଦନା ଦେଇଛି ।

ଜମିଦାର - ଠିକ୍ ଅଛି, ତୁମେ ଯାଇ ଆଗ ତାଗିଦ ଦରି ଆସ ।

Digitized by srujanika@gmail.com

ଧରଣୀଧର - ଗଲି ଆଜ୍ଞା ।

ଜମିଦାର - ହଁ, ସେ ଯଦୁଆଟାକୁ ପଠାଇଦିଅ ।
(ଧରଣୀଧର୍ ଚାଲିଗଲେ । ଚିନ୍ତାରେ ପଦଚାରଣ କରୁଥିଲେ ଜମିଦାର । ଟଳି, ଟଳି ଆସିଛି ଯଦୁ ।)

ଯଦୁ - ସାଆନ୍ତେ, କୁହାର ।

ଜମିଦାର - ହୁଁ, ତୁ ଆସିଚୁ ।

ଯଦୁ - କିମତି ଆସନ୍ତିନି ଆଜ୍ଞା, ଗୁମାସ୍ତାବାବୁ କହିଲେ, ଜମିଦାର ଡ଼ାକୁଛନ୍ତି, ଝଅଟ ଯା ।

ଜମିଦାର - ଆରେ ଯଦୁଆ, ତୁମ ସାହିରେ ଗୋଟାଏ ସ୍କୁଲ ଖୋଲାଯାଇଛି । ରାତିରେ ପାଠପଢ଼ା ହଉଛି ।

ଯଦୁ - ହଁ ଆଜ୍ଞା, ହାତରୁ ଜଡ଼ା, ରାତି ପାଠ ପଢ଼ା । ସବୁଚାନ୍ଦା ହଉଚି । ମାଷ୍ଟରକୁ ଖୁରାକି ଦଉଛନ୍ତି । ମଦନା ତାର ଦାୟିତ୍ୱ ବୁଝୁଛି । ମୋତେ କହିଲା କକା, ପାଠ ପଢ଼ିବୁ ଆ । ହସ୍ତୁରା ବୋଉ ପାଖକୁ ସେ ମାଷ୍ଟରଟା ଯାଇଥିଲା । ହସ୍ତୁରା ବୋଉ, ଛାଞ୍ଚୁଣୀ ମୁଣ୍ଡା ଟେକିଲାରୁ, ଦୌଡ଼ି ପଳାଇଆସିଲା ଯେ ସେଇଦିନଠାରୁ ଘର ମାଡୁନି ।

ଜମିଦାର - ଆଚ୍ଛା, ତା'ହେଲେ ପାଠପଢ଼ା ଚାଲିଛି ।

ଯଦୁ - କେତେ ପାଠ ପଢ଼ିଲେଣି ଆଜ୍ଞା । ସାଆନ୍ତେ, କହିଇ, ଏ ପାଠପଢ଼ାରୁ କ'ଣ ମିଳିବ ?

ଜମିଦାର - ଘୋଡ଼ାଡ଼ିମ୍ବ ମିଳିବ ।

ଯଦୁ - (ହସିଛି ଜୋରରେ) ଠିକ୍ କହିଲ ସାଆନ୍ତେ, ଘୋଡ଼ାଡ଼ିମ୍ବ ମିଳିବ । ସାଆନ୍ତେ, ଏ ପାଠପଢ଼ାରୁ ଆମର କ'ଣ ମିଳିବ । ଆମେ ମୁରୁଖ ଲୋକ । ବିଲ, ବାଡ଼ି ଆମର ଇସ୍କୁଲ ଘର । ସେଇଠି ଆମର ପାଠପଢ଼ା । ଶଳା ମଦନା ସମସ୍ତଙ୍କୁ ଲଗେଇଛି, ପାଠ ପଢ଼ । ସାଆନ୍ତେ ଗୋଟିଏ କଥା । ୨ ଶହ ଟଙ୍କା ଦେଇଥିଲି । ତାକୁ ପଇଠ ପକେଇଛ ନା ?

ଜମିଦାର - କି କଥା କହୁଚୁ ଯଦୁଆ ? ୨ଶହ ଟଙ୍କା ଦେଲୁ, ତୋର ଝାଳବୁହା ଧନ, ତାକୁ ପୁଣି ମୁଁ ଖାତାରେ ଲେଖିବିନି ?

ଯଦୁ - ସାଆନ୍ତେ, ତୁମେ ଆମର ମା'ବାପ । ଏ ଶଳେ କ'ଣ ବୁଝୁଛନ୍ତି ? କହୁଛନ୍ତି, ଜମିଦାର ଖାଇଯାଉଛି । ଚକରାର ଜମି ଖାଇଗଲା ।

Digitized by srujanika@gmail.com

ଜମିଦାର - ହଁ, ମୁଁ ଖାଇଗଲି । ତା'ହେଲେ କୋର୍ଟ କଚେରୀ ସବୁ ମିଛ ? ମାଜିଷ୍ଟ୍ରେଟ୍ କ'ଣ ମୂର୍ଖ ? ତୁ ଟଙ୍କା ଦେଲୁନି, ମୁଁ ଲଢ଼ିଲି । କେସ୍‌ରେ ଜିଣିଛି ।

ଯଦୁ - ନାଇଁଯେ, ତୁମେ କ'ଣ ମିଛରେ ନେଇଗଲ । ଶଳାଙ୍କୁ ଧରମ ସହିବନି ସାଆନ୍ତେ । ସାଆନ୍ତେ ଖଣ୍ଡେ ବିଡ଼ି ଦେଲ । ଏଇ ମଦନା ବିଡ଼ି ଖାଇବା ଛାଡ଼ିଦେଲା । ତା'ଗୁରୁ ତାକୁ ମନା କରିଦେଲା ।

ଜମିଦାର - ଯଦୁଆ, ଏ ସ୍କୁଲଟାରେ ପାଠପଢ଼ା ବନ୍ଦ କରିବାକୁ ହବ ।

ଯଦୁ - ବନ୍ଦ କରିଦେବା ଆଜ୍ଞା, କାହିଁକି କରିବାନି । କିଂତୁ ସାଆନ୍ତେ, ଟୋକାଟା ଭଲ ପଢ଼ଉଛି ଆଜ୍ଞା । ଆମ କମଳାଝିଅ ଶୁକୁରି, ୨ ମାସରେ କେତେ ପାଠ ପଢ଼ିଲାଣି ଆଜ୍ଞା ?

ଜମିଦାର - ତା'ହେଲେ ତୋ ନାତୁଣୀକୁ ତୁ ପାଠ ପଢ଼ଉଛୁ ?

ଯଦୁ - ଆଜ୍ଞା, ସେ ପିଲାଗୁଡ଼ାକ ପଢ଼ନ୍ତୁ । ଝିଅଟା ଲଗେଇଲା ମନା କରି ପାରିଲିନି । ତୁମେ ଯାହା କହ ସାଆନ୍ତେ ଏଇ ମାସ ୨ଟାରେ କେତେ ପାଠ ପଢ଼ିଲାଣି ଆଜ୍ଞା । ମୋତେ ପାଠ ପଢ଼ଉଛି କହୁଛି-

"ବିଦ୍ୟା ଅଟଇ ମହାଧନ ।
ବାଳକେ କର ଉପାର୍ଜନ ।।"

ସାଆନ୍ତେ ଏ ମହାଧନକୁ ଚୋର ନେଇ ପାରିବନି । ତେଣୁ ସମସ୍ତେ ପାଠପଢ଼ ।

ଜମିଦାର - ବୁଝିଲି, ତୁ ତା'ହେଲେ ଏ ପାଠପଢ଼ାକୁ ପସନ୍ଦ କରୁଛୁ ।

ଯଦୁ - ଦେଖ, କିମିତି ଅବୁଝା ସାଆନ୍ତେ । ପସନ୍ଦ କଲି କୋଉଠୁ ଆଜ୍ଞା । ମୁଁ ପରା ସମସ୍ତଙ୍କୁ ମନା କରିଦେଇଛି । ଜାଣିନ ସାଆନ୍ତେ, ମୁଁ କୁଳର ପରା ରଜା । ମୁଁ ସମସ୍ତଙ୍କୁ କହିଛି, ଜମିଦାର ସାଆନ୍ତଙ୍କୁ ପଚାରିବା, ସେ ଯଦି ମନା କରିବେ, ତା'ହେଲେ ପାଠପଢ଼ା ବନ୍ଦ ।

ଜମିଦାର - ଖୁବ୍ ଭଲ କରିଛୁ । ମୁଁ ତତେ କହୁଛି, ଯେଉଁମାନେ ପାଠ ପଢୁଛନ୍ତି, ତାଙ୍କୁ କୁଳରୁ ବାସନ୍ଦ କର । ତାଙ୍କୁ ନିଆଁ, ପାଣି ମନା ।

ଯଦୁ - ସବୁ ମନା । ଶଳାଙ୍କର ଚୋପା କାଢ଼ିଦେବି ।

ଜମିଦାର - ଦେଖେ ଯଦୁଆ, ସେ ସ୍କୁଲଟାକୁ ପୋଡ଼ିବାକୁ ହବ ।

ଯଦୁ - ହବ ଆଜ୍ଞା, କିଂତୁ ସେ ଘରଟାରେ ରାତିରେ ମଦନା, ମାଷ୍ଟ୍ର ରହୁଛନ୍ତି, ଯଦି ପୋଡ଼ି ମରିଯିବେ ।

Digitized by srujanika@gmail.com

ଜମିଦାର - ସେଇକଥା ମୁଁ ଚାହେଁ ଯଦୁଆ, ଯଦି ତୁ ଘରଟାକୁ ଜାଳିଦଉ, ତୋର କରଜ ଟଙ୍କା ଛାଡ଼ୁ । ତା'ବାଦ ଆଉ ନଗଦ ୨ହଜାର ଦେବି ।

ଯଦୁ - ଦବ ଆଜ୍ଞା, ସତ କହୁଛ । ଯଦୁଆ ନିଶ୍ଚୟ ଜାଳି ଦବ । ସମସ୍ତଙ୍କୁ ପୋଡ଼ିଦବ । ସାଆନ୍ତେ, ପଚାଶଟା ଟଙ୍କା ଦେଇ ।

ଜମିଦାର - ଏବେ ନୁହେଁ ?

ଯଦୁ - ଆଉ କେବେ ?

ଜମିଦାର - ତୁ ଘର ପୋଡ଼ି ସାରିବା ପରେ ।

ଯଦୁ - ଯଦି ନ ଦବ

ଜମିଦାର - (ଗର୍ଜିଉଠି) ବଦମାସ୍, ମୋତେ ଥଟ୍ଟା କରୁଛୁ। (ଚାପୁଡ଼ାଏ ମାରିଲେ)

ଯଦୁ - ମୋତେ ମାରିଲୁ ସାଆନ୍ତ । ତୁ ମୋ ଦେହରେ ହାତ ଉଠେଇଲୁ ।

ଜମିଦାର - ଆରେ ଯଦୁ ଖରାପ ଭାବିଲୁ କି ? ହାତଟା ଉଠୁ ଉଠୁ ଉଠିଗଲା ।

ଯଦୁ - ଓ, ଉଠୁ, ଉଠୁ ଉଠିଗଲା । ଯେତେବେଳେ ମୋ ହାତ ଉଠିବ... ସାଆନ୍ତ

ଜମିଦାର - (ଗର୍ଜିଉଠି) ଯଦୁ, ତୁ ମୋତେ ମାରିବୁ । ତୋର ସାହସ ତ କିଛି କମ ନୁହଁ ।

ଯଦୁ - ସାଆନ୍ତ, ମାନିଲେ ଦିଅଁ, ନ ମାନିଲେ ପଥର । ତୋ କଥା ଶୁଣି ତୋ ପାଇଁ ମୁଁ କ'ଣ ନ କରିଛି । ମୁଁ ଆଉ ଶୁଣିବିନି । ଦେଖିବି, କିଏ ମୋର କ'ଣ କରିବ ।

ଜମିଦାର - (ନମ୍ରହୋଇ) ଆରେ ଯଦୁ, ତୁ ମୋତେ ଭୁଲ ବୁଝୁଛୁ କାହିଁକି ? ଟଙ୍କା ମାଗୁଥିଲୁ ପରା, ନେ ଏଇ ଶହେଟଙ୍କା ରଖ ।

ଯଦୁ - ନାଇଁ ସାଆନ୍ତେ, ଟଙ୍କା ଦରକାର ନାହିଁ । ମୁଁ ଆସୁଛି । (ଚାଲିଗଲା)

ଜମିଦାର - ଶଳା ଚାଲିଗଲା ।
(ଧରଣୀଧର ପ୍ରବେଶ କରିଛି ।)

ଧରଣୀଧର - ଚାଲିଗଲାନି ଯେ ଆଜ୍ଞା, ସେଇଟା ଗୋଟେ ଗୋଖରସାପ ।

ଜମିଦାର - ଦେଖିବି, ସେ ଗୋଖର ସାପ ମୋର କ'ଣ କରିବ । ଧରଣୀଧର, ତା ଟିପଦିଆ ସାଦାକାଗଜରେ ଦଶହଜାର ଟଙ୍କାର ଦଲିଲ ଲେଖାଇନିଅ ।

ଧରଣୀଧର - ଆଜ୍ଞା, ସେଇକଥା ତ ମୁଁ ଭାବୁଥିଲି ।

Digitized by srujanika@gmail.com

ଜମିଦାର - ହଁ, ତୁମେ ଆମର ଲୋକଙ୍କ ଦ୍ୱାରା ସେ ସ୍କୁଲ ଘରଟାକୁ ପୋଡ଼ିଦିଅ ।

- ଅନ୍ଧାର -

- ତୃତୀୟ ଦୃଶ୍ୟ -

(ସ୍ୱେଚ୍ଛାସେବୀ ଓ ମଦନ କଥାବାର୍ତ୍ତା ହେଉଥିଲେ ।)

ମଦନ - କିଏ ଆମର ସ୍କୁଲ ଘର ପୋଡ଼ିଦେବ, ମୁଁ ଦେଖିବି ଆଜ୍ଞା । ଆପଣ ବ୍ୟସ୍ତ ହୁଅନ୍ତୁନି । ଯଦି ଘର କିଏ ଜାଳିଦିଏ, ମୋ ଘରେ ପାଠପଢ଼ା ହେବ ।

ସ୍ୱେଚ୍ଛାସେବୀ - ମଦନ (ଆଶ୍ଚର୍ଯ୍ୟହୋଇ)

ମଦନ - ଏଥିରେ ଆଶ୍ଚର୍ଯ୍ୟ ହବାର କ'ଣ ଅଛି ଆଜ୍ଞା, ମୋହନ କହୁଥିଲା, ସ୍କୁଲଘର ଜମିଦାର ପୋଡ଼ିଦବ । ଆଜ୍ଞା, ଆମର ପ୍ରାଇମେରୀ ସ୍କୁଲ ଘରେ ପାଠ ପଢ଼ା ହଉନି । ସେଇଠି ଯଦି ଆମର ପାଠପଢ଼ା ହୁଏ...

ସ୍ୱେଚ୍ଛାସେବୀ - ନା ମଦନ, ସେଇଠି ପିଲାମାନେ ପାଠ ପଢ଼ିବେ । କାହିଁକି ପାଠପଢ଼ା ହଉନି ତା'ମୁଁ ଜାଣେ । ମୁଁ ଜିଲ୍ଲା ସ୍କୁଲ ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଥିଲି । ସେ ବର୍ତ୍ତମାନ ଆକ୍ସନ ନେଉଛନ୍ତି । ଏଇ ଶିକ୍ଷାବର୍ଷଠାରୁ ସେ ସ୍କୁଲରେ ରୀତିମତ ପାଠ ପଢ଼ାହେବ । ଆଉ ବଡ଼ମାନେ, ଆମ ସ୍କୁଲରେ ପଢ଼ିବେ । ତାକୁ କହନ୍ତି ନୈଶ୍ୟ ବିଦ୍ୟାଳୟ । ତୁମ୍ଭମାନଙ୍କର ପାଠପଢ଼ା ସରିଆସିଲା । ତୁମକୁ ସାର୍ଟିଫିକେଟ ମିଳିବ । ଜିଲ୍ଲାପାଳ ଆସିବେ । ତୁମକୁ ସାଟିଫିକେଟ୍ ଦେବେ ।

ମଦନ - ପାଠପଢ଼ା ସରିଗଲେ, ତୁମେ କ'ଣ ଚାଲିଯିବ ଆଜ୍ଞା ?

ସ୍ୱେଚ୍ଛାସେବୀ - ନା ମଦନ, ଏଇ ପାଖଗାଁରେ ମୁଁ ସ୍କୁଲ ଖୋଲିବି, ମନ୍ତ୍ରୀ ଆସିବେ । ତୁମ୍ଭେମାନେ ଖୁବ୍ ଶୀଘ୍ର ବହୁତ ପାଠ ପଢ଼ିଲ । ମୁଁ ଭାରୀ ଖୁସୀ । (ଏଇ ସମୟରେ ଯଦୁଆ କାନ୍ଦି, କାନ୍ଦି ଦୌଡ଼ି ଆସିଛି ।)

ଯଦୁଆ - ମଦନାରେ କଥା ସରିଗଲା । ମୋର ଜମିଖଣ୍ଡିକ ଜମିଦାର ନେଇଯିବ ।

ମଦନା - ତୋର ଜମି ନେଇଯିବ ?

ସ୍ୱେଚ୍ଛାସେବୀ - କାହିଁକି ?

Digitized by srujanika@gmail.com

ଯଦୁଆ - ମୁଁ ତା କଥାଶୁଣିଲି ନାହିଁ । ସ୍କୁଲ ଘର ଖଣ୍ଡି ପୋଡ଼ିଦେଇଥିଲେ, ତୁମ୍ଭମାନଙ୍କୁ ଜୀବନରେ ମାରିଦେଇଥିଲେ, ସେ ମୋତେ ୨ ହଜାର ଟଙ୍କା ଦେଇଥାନ୍ତା । ମୁଁ ମନା କରିଦେଲି । ମୋତେ ମାରିଲା । ମୁଁ ତାକୁ ଛାଡ଼ିବିନି ।

ସ୍ୱେଚ୍ଛାସେବୀ - ଦେଖିଲ ମଦନ, ପାଠ ପଢ଼ିଥିଲେ, କକାଙ୍କର ଆଜି ଏ ଅବସ୍ଥା ହୋଇନଥାନ୍ତା ।

ଯଦୁଆ - ମୁଁ ମାନୁଛି ଆଜ୍ଞା, ଆଖିଥାଇ ଆମେ ପାଠ ନପଢ଼ି ଅନ୍ଧ ହୋଇଗଲୁ । ଏବେ ମୁଁ କ'ଣ କରିବି ? ହଜାରେ ଟଙ୍କା କରଜ ଆଣିଥିଲି । ତାକୁ ଦଶହଜାର କରିଦେଇଛି ।

ମଦନ - ଚିନ୍ତା କରନି କକା । ମୁଁ ଅଛି । ତୋ ଜମି କେବେ ସେ ନେଇପାରିବ ନାହିଁ । ଚାଲେ ଆମେ ସମସ୍ତେ ଯିବା ।

ଯଦୁଆ - ଥା, ମୋର ବାଉଁଶ ମୂଳି ଠେଙ୍ଗାଟା ନେଇଆସେ ।

ସ୍ୱେଚ୍ଛାସେବୀ - ଠେଙ୍ଗାର ଦରକାର ପଡ଼ିବନି ମଉସା । ଚାଲନ୍ତୁ ମୁଁ ଯିବି ।

ମଦନ - ତୁମେ କାହିଁକି ଯିବ ? ମୁଁ ଯାଉଛି ।

ସ୍ୱେଚ୍ଛାସେବୀ - ଦେଖ, ଯେପରି ହିଂସାର ଆଶ୍ରୟ ନ ନିଅ । ମଦନ, ଏ ଦେଶ ଗାନ୍ଧୀ, ବୁଦ୍ଧଙ୍କ ଦେଶ ।

ମଦନ - ମୁଁ ଜାଣିଛି ଆଜ୍ଞା, ତୁମେ ଚିନ୍ତାକରନି । (ଦୁହେଁ ଚାଲିଗଲେ ।)

ସ୍ୱେଚ୍ଛାସେବୀ - ମୋର ବିଶ୍ୱାସ, ମଦନ ଭୁଲ କାମ କରିବ ନାହିଁ ।

- ଅନ୍ଧାର -

- ଚତୁର୍ଥ ଦୃଶ୍ୟ -

(ଜମିଦାର ପଦଚାରଣ କରୁଥିଲେ । ଧରଣୀଧର ହାତଯୋଡ଼ି ଠିଆ ହୋଇଥିଲା ।)

ଧରଣୀଧର - ମୋର ଗୁହାରୀ ଶୁଣିଲେନି ଜମିଦାରବାବୁ । ୩ଦିନ ପରେ ଝିଅର ମୋର ବାହାଘର । ମୋର ଦରକାର ଦଶହଜାର ।

ଜମିଦାର - (ଆଶ୍ଚର୍ଯ୍ୟହୋଇ) ଦଶହଜାର । ଏତେ ଟଙ୍କା ମୁଁ ଆଣିବି କୁଆଡୁ ? ଧରଣୀଧର, ତୁମେ ତ ସବୁ ଜାଣ । ଆମର ଖାଂତକମାନେ ପାଠପଢ଼ି ଶିକ୍ଷିତ ହୋଇଗଲେ । ସେମାନେ କହୁଛନ୍ତି କେସ୍‌କର ।

Digitized by srujanika@gmail.com

କିଏ ତ ପଇସାଟିଏ ଦଉନାହଁ । ମୂଳ ତ ମିଳୁନି, ସୁଧ କଥା ପଚାରେ କିଏ ?

ଧରଣୀଧର - ଆପଣଙ୍କ ପାଖରେ ମୋର ସାରାଜୀବନ କଟିଲା । ଏଇ ସାମାନ୍ୟ ଟଙ୍କା, ଆପଣ ମୋତେ ଦେବେନି ?

ଜମିଦାର - ତୁମକୁ କ'ଣକହି ବୁଝେଇବି ଧରଣୀଧର, ତୁମେ ଗୋଟାଏ ମୂର୍ଖ ।

ଧରଣୀଧର - ମୋଟେ ନୁହେଁ ଆଜ୍ଞା । ମୁଁ ମୂର୍ଖ ମୋଟେ ନୁହଁ । ଦି'ଅକ୍ଷର ପଢ଼ିଥିଲି ବୋଲି ତୁମ କଥାରେ କଳାକୁ, ଧଳା କରିପାରିଲି । ଆପଣ ଅନ୍ୟ ଯାହା କୁହନ୍ତୁ, ମୂର୍ଖ କୁହନ୍ତୁନି ଆଜ୍ଞା ।

ଜମିଦାର - ତୁମେ ଗୋଟାଏ ନିର୍ବୋଧ

ଧରଣୀଧର - ରାଜି ।

ଜମିଦାର - ତୁମେ ଗୋଟାଏ ବୋକା ।

ଧରଣୀଧର - ରାଜି ।

ଜମିଦାର - ତୁମେ ଗୋଟାଏ ପାଜି ।

ଧରଣୀଧର - ମାନିଲି । ରାଜି ଆଜ୍ଞା । ଆଉ କ'ଣ ବିଶେଷଣ ଜାଣନ୍ତି କୁହନ୍ତୁ ।

ଜମିଦାର - ତୁମେ ଗୋଟାଏ ଚୋର ।

ଧରଣୀଧର - ଜମିଦାର ମୁହଁ ସମ୍ଭାଳି କଥାବାର୍ତ୍ତା କର । ଯଦି ମୁଁ କହେ ତୁ ଗୋଟାଏ ତସ୍କର । ମାନେ ମହାଚୋର ।

ଜମିଦାର - ଧରଣୀଧର, ଏ ସବୁ କ'ଣ କହୁଛୁ ?

ଧରଣୀଧର - କାହିଁକି ଜମିଦାର, ବହୁତ କିଛି କହିବାକୁ ବାକି ଅଛି । ସେ ସବୁ ଲୋକଙ୍କ ଆଗରେ କହିବି । ତୋର ପ୍ରକୃତ ସ୍ୱରୂପ ମୁଁ ପଦାରେ ପକାଇଦେବି । କିଏ ତୋତେ ଟଙ୍କା ଦେବ ? ଯାହା ମୂଳ ଦେଇଛୁ, ତାର ଦଶଗୁଣା ସୁଧ ନେଇ ସାରିଲୁଣି । ମଦନାର ଜମି ତୁ କିପରି ଦଖଲ କରିଛୁ କୋର୍ଟରେ ମୁଁ କହିବି । ଜମିଦାର ତୁ ଭାବିଛୁ, ଧର୍ମକୁ ଆଖିମିଟିକା ମାରି, ତୁ ସହଜରେ ଖସିଯିବୁ ।
(ଦଲିଲ ସବୁ ଧରି)
ଏ ଦଲିଲ ଯେଉଁମାନଙ୍କର ମୁଁ ତାଙ୍କୁ ଫେରାଇଦେବି ।
(ଯଦୁ, ମଦନ, ଗ୍ରାମବାସୀ ପଶି ଆସିଛନ୍ତି ।)
ଭାଇମାନେ ମୁଁ ତୁମ୍ଭମାନଙ୍କୁ ଅପେକ୍ଷା କରିଥିଲି ।

ଜମିଦାର - ଧରଣୀଧର, ମୋର ଦଲିଲସବୁ ମୋତେ ଦେଇଦେ । ନଇଲେ, ବନ୍ଧୁକରେ ତୋତେ ଶେଷ କରିଦେବି ।

Digitized by srujanika@gmail.com

ମଦନ - ବନ୍ଧୁକର ଧମକ କାହାକୁ ଦେଖେଉଚ ଜମିଦାର ।
ଧରଣୀଧର - ଭାଇମାନେ, ଆଜି ମୁଁ ଅନୁତପ୍ତ । ମୁଁ କ୍ଷମାଭିକ୍ଷା କରୁଛି । ଏ ସବୁ ଦଲିଲ ମିଥ୍ୟା ଦଲିଲ । ଯଦୁ, ତୁମର ଦଲିଲ ମୁଁ ଲେଖିଥିଲି । ଦଶହଜାର ଟଙ୍କା ମିଥ୍ୟା । ଏ ଦଲିଲରେ ଯାହା ସବୁ ଲେଖା ହୋଇଛି ମିଥ୍ୟା ।
ଜମିଦାର - ଧରଣୀଧର । ବଦ୍‌ମାସ୍ ବନ୍ଦକର ।
ଧରଣୀଧର - ଯଥେଷ୍ଟ ହେଇଯାଇଛି ଜମିଦାର । ଆଉ କେତେ ଲୁଣ୍ଠନ କରିବୁ ।
ଜମିଦାର - ଭାଇମାନେ, ତୁମେ ଏ ଲୋକଟାର କଥାକୁ ବିଶ୍ୱାସ କରନା । ଏ ଗୋଟାଏ ଠକ । ମୁଁ ତୁମର ଲୋକ । ତୁମର ବିପଦ, ଆପଦରେ ମୁଁ ତୁମ ପାଖେ, ପାଖେ ଅଛି ।
ମଦନ - ମିଛକଥା । ଠକ ତୁମେ ଜମିଦାର । ମନେ ଅଛି, ଯୋଉଦିନ ମୋର ବାପାକୁ ଜମିରୁ ଧକ୍କା ମାରି ବାହାର କରିଦେଇ, ତାକୁ ଚିବୁକ ବାଡ଼ିରେ ମାଡ଼ମାରି ତାର ଚେତା ବୁଡ଼ାଇ ଦେଇଥିଲ । ମନେ ଅଛି, ସେହିଦିନଠାରୁ ବାପା ମୋର ନ ଖାଇ, ନ ପିଇ କତରା ଧରି ଶେଷରେ ମୋତେ ଛାଡ଼ି ଚାଲିଗଲା । ଆଉ ମୋର ମା' ବାପାକୁ ଝୁରି ଝୁରି ପାଗଳି ହୋଇ ଯେ କୁଆଡ଼େ ଚାଲିଗଲା, ତାକୁ ଖୋଜି ଖୋଜି ନ ପାଇ, ଶେଷରେ ମୁଁ ଗାଁକୁ ଫେରି ଆସିଛି ।
ଧରଣୀଧର - ତେଣୁ ଭାଇମାନେ, ତୁମ୍ଭେମାନେ ଜାଣ, ଯେଉଁ ଟିପଚିହ୍ନ ତୁମେ ସାଦା କାଗଜରେ ଦେଇଛ, ତାହା ଦଶଗୁଣ କରି ଦଲିଲରେ ଲେଖା ହୋଇଛି । ଏସବୁ ମିଥ୍ୟା ଦଲିଲ । ଆଜି ମଦନ ତୁମମାନଙ୍କର ଆଖି ଖୋଲିଦେଇଛି । ମୁଁ ବି ଅନ୍ଧ ଥିଲି । ପାଠପଢ଼ି, ମୁଁ ଅଜ୍ଞାନ ହୋଇଥିଲି । ମଦନ ମୋତେ ଜ୍ଞାନ ଦେଇଛି । ସେ ମୋର ଗୁରୁ । ଏ ମିଥ୍ୟା ଦଲିଲ, ମୁଁ ଚିରି ଫିଙ୍ଗିଦେଲି ।
(କାଗଜକୁ ଚିରୁଥିଲା । ଜମିଦାର ଦେଖି ବିବ୍ରତ ହେଉଥିଲେ ।)
ଜମିଦାର - ଧରଣୀଧର, ଏ ତୁ କ'ଣ କଲୁ ? ଦଶହଜାର ଟଙ୍କା ପାଇଁ ତୁ ମୋର ସର୍ବସ୍ୱ ଲୁଟି ନେଲୁ । ଏବେ ମୁଁ କ'ଣ କରିବି ।
(ମୂର୍ଚ୍ଛା ହୋଇ ତଳେ ପଡ଼ିଗଲେ ।)
(ଏଇ ସମୟରେ ଶୁଭିଲା ପାଗଳିର ହସ ।)
ପାଗଳି - ଏଇ ମୋର ଜମି । ଦେଖୁଛ, ଠିକ ମୋତେ ଦେଖାଯାଉଛି । ମୋ ହଳ, ବଳଦ ଗଲେ କୁଆଡ଼େ ? ମଦନାରେ, ତୁ ଗଲୁ କୁଆଡ଼େ ?

Digitized by srujanika@gmail.com

ଦେଖୁଛୁ, ଆମ ଜମିରେ ଧାନ ଫଳିଛି । ସୁନାର ଫସଲ । ଏସନ ଭଲ ପାଚିବ । ତୁ ଧାନ କାଟିବୁ । ମୁଁ ତୋ ପାଇଁ ଭାତିଆ ନେଇ ଆସିବି । (ହସୁଥିଲା)

ଜଣେ ଗ୍ରାମବାସୀ - କିଏ ? ଆରେ ପାଗଳିଟା ବହୁଦିନପରେ ଗାଁକୁ ଆସିଲା ।

(ସମସ୍ତେ ପାଗଳି ପାଖକୁ ଆସିଲେ । ପାଗଳି ସମସ୍ତଙ୍କୁ ଦେଖୁଥିଲା । ଜଣ ଜଣକୁ ।)

ପାଗଳି - ତୁ ବଳିଆ, ଆଉ ତୁ ରାମ ।

ଗ୍ରାମବାସୀ - ଏ ପାଗଳି ତ ଚକରା ଭାରିଯା । ମଦନ

ମଦନ - କିଏ ପାଗଳି ? ମୋ' ମା ।

ପାଗଳି - ମା, ହଁ ମୁଁ ତୋ ମା । ଦେଖୁଛୁ ସେଇ ଧାନ ଜମିରେ ଆମର ସୁନାର ଫସଲ ହସୁଛି । ତୋ ବା' ଧାନ କାଟୁଛି । ଚାଲେ ମଦନା, ଆମେ ଯିବା । ଢଳେଇ ବାନ୍ଧିବା ।

ମଦନ - ମା' (କାନ୍ଦି ଭିଡ଼ି ଧରିଛି ।)

(ସ୍ୱେଚ୍ଛାସେବୀ ଆସିଛନ୍ତି ।)

ସ୍ୱେଚ୍ଛାସେବୀ - ମଦନ,

ମଦନ - (ଆଖିରୁ ଲୁହପୋଛି) ସାର୍‌, ଏଇ ମୋର ମାଆ ।

ସ୍ୱେଚ୍ଛାସେବୀ - ମା, (ମୁଣ୍ଡିଆମାରି) ତୁମେ ଖୁବ୍ ଭାଗ୍ୟବାନ ମଦନ ।

ଧରଣୀଧର - ଏ ଜମି ଆଜିଠାରୁ ତୋର ମଦନ । ଏ ଧାନ ତୁ ଅମଳ କରିବୁ ।

ମଦନ - ଗୁମାସ୍ତା ବାବୁ ।

ସ୍ୱେଚ୍ଛାସେବୀ - ଆଜି ସଭାହବ । ଜିଲ୍ଲାପାଳ ଆସୁଛନ୍ତି । ଆସ ସମସ୍ତେ ସ୍କୁଲକୁ ଯିବା । ମଦନ, ମଉସା, ରାମବାବୁ, ବଳଭଦ୍ରବବୁ ସମସ୍ତେ ଆସନ୍ତୁ । ଆଜି ଆନନ୍ଦର ଦିନ । ଏ ଗାଁର ଭାଗ୍ୟ ଖୋଲିଛି । ତୁମ୍ଭେମାନେ ପାଠପଢ଼ି ସମସ୍ତେ ଶିକ୍ଷିତ ହୋଇଛ । ଆଜି ସାହୁକାର ନାହିଁ, କେହି ବା କାହାର ନୁହେଁ । ଏ ଗାଁରେ ବ୍ୟାଙ୍କ ଖୋଲିବ । ବ୍ୟବସାୟ, ଚାଷ, ବାସପାଇଁ ବ୍ୟାଙ୍କ ତୁମକୁ ଋଣ ଦେବ । ଆସ ଭାଇମାନେ ଯିବା ।

- ଅନ୍ଧାର -

Digitized by srujanika@gmail.com

- ଶେଷ ଦୃଶ୍ୟ -

(ସଭା । ଗ୍ରାମବାସୀମାନେ ବସିଥିଲେ । ଜିଲ୍ଲାପାଳ, ପୌଢ଼ଶିକ୍ଷାଧିକାରୀ, ସାକ୍ଷର ଆନ୍ଦୋଳନ କର୍ମ୍ମକର୍ତ୍ତା ବସିଥିଲେ । ସ୍ୱେଚ୍ଛାସେବୀ ଓ ମଦନ ସମସ୍ତଙ୍କୁ ବସାଉଥିଲେ ।)

ମଦନ - ଭାଇମାନେ ନୀରବ ରହନ୍ତୁ । ବର୍ତ୍ତମାନ ସଭାକାର୍ଯ୍ୟ ଆରମ୍ଭ ହେବ । ଏ ସଭାରେ ଜିଲ୍ଲାପାଳ ସଭାପତିତ୍ୱ କରିବେ । ମୁଖ୍ୟ ଅତିଥିମାନେ ଜିଲ୍ଲା ପୌଢ଼ଶିକ୍ଷାଧିକାରୀ, ସାକ୍ଷର ଆନ୍ଦୋଳନ କର୍ମକର୍ତ୍ତା ଆସନ ଗ୍ରହଣ କରିବାକୁ ମଞ୍ଚକୁ ଆସନ୍ତୁ ।

ଜିଲ୍ଲାପାଳ - ମଞ୍ଚାସୀନ ବଂଧୁଗଣ ଓ ସମବେତ ଗ୍ରାମବାସୀ ଭାଇ, ଭଉଣୀମାନେ, ଆଜି ଏହି ଗ୍ରାମ ସଂପୂର୍ଣ୍ଣ ସାକ୍ଷର ଗ୍ରାମରୂପେ ସରକାର ଘୋଷଣା କରିଛନ୍ତି । ସେଥିପାଇଁ ମୁଁ ତୁମ୍ଭମାନଙ୍କୁ, ମୋ ପକ୍ଷରୁ, ସରକାରଙ୍କ ପକ୍ଷରୁ ଧନ୍ୟବାଦ ଅର୍ପଣ କରୁଛି । ଏଠାରେ ଏକ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାର ବାହାଦୂର ଲକ୍ଷେଟଙ୍କା ଦାନ କରିଛନ୍ତି । (କରତାଳି ଧ୍ୱନି)

(ଏଇ ସମୟରେ ଯଦୁ ତା ସ୍ତ୍ରୀକୁ ଧରି ଦୌଡ଼ି ଆସିଛି । ହାତରେ ସିଲଟ, ଖଡ଼ି)

ଯଦୁ - ମଦନା, ମଦନା, ଆରେ ରହ, ତୋ ଖୁଡ଼ି ଆସୁଛି । (ପହଞ୍ଚି) ହାକିମବାବୁ, ଏ ଗ୍ରାମ ପୂର୍ଣ୍ଣସାକ୍ଷର ହୋଇନାହିଁ । ଆମେ ଦୁଇଜଣ ପରା ପାଠ ପଢ଼ିବୁ । ଆମକୁ ଶ୍ରୀଗଣେଶ କରାଅ । ଆରେ ମଦନା, ମୁଁ ଶ୍ରୀଫଳ ଆଣିବାକୁ ଭୁଲିଗଲି । ଆଲୋ ହଗୁରାବୋଉ, ଏତେ ବଡ଼ ଓଢ଼ଣା ଟାଣିଛୁ କ'ଣ ?

(ଓଢ଼ଣା ଟେକି ଦେଉଥିଲା, ହଗୁରା ବୋଉ ଓଢ଼ଣା ଟାଣି ଆଣୁଥିଲା ଏଇପରି ଦୁଇଥର ଚାଲିଲା ।)ବୁଝିଲବାବୁ, ମୁରୁଖ ମାଇକିନିଆକୁ କ'ଣ ଆଉ କହିବି । ମଦନା, ଗୁମାସ୍ତାବାବୁ ଯୋଗୁଁ ଆମେ ବଞ୍ଚିଗଲୁ । ବାବୁ, ମୁଁ ଯାଉଛି ଶ୍ରୀଫଳ ନେଇଆସେ । ବୁଝିଲେ ବାବୁ, ହଗୁରାବୋଉ ମୋତେ ହସି, ହସି କହିଲା - ‘‘ଚାଲ୍ ହଗୁରା, ପାଠ ପଢ଼ିବା ।’

Digitized by srujanika@gmail.com

ଛିଲ୍ଲାପାଳ - ଶ୍ରୀଫଳ ଦରକାର ନାହିଁ । ଶ୍ରୀଗଣେଶଙ୍କୁ ସ୍ମରଣ କର । ଲେଖ- ଅ, ଆ

ଯଦୁ ଓ ତା ସ୍ତ୍ରୀ - ଅ, ଆ (କରତାଳି ଧ୍ୱନି)

ଛିଲ୍ଲାପାଳ - ବର୍ତ୍ତମାନ ସଭା ଶେଷ ହେଲା । ଆପଣ ଦେଖିବେ ଚଢ଼େଇଆ, ଚଢ଼େଇଆଣି ନୃତ୍ୟ ।

- ଚଢ଼େଇଆ, ଚଢ଼େଇଆଣି ନୃତ୍ୟଗୀତ -

ଚଢ଼େଇଆ - କଥାଟିକୁ ମୋର ଶୁଣ ଚଢ଼େଇଆଣି
କଥାଟିକୁ ମୋର ଶୁଣ,
ମୂରୁଖ ହୋଇ ବଞ୍ଚିବାଠାରୁ ଗୋରୀ
ମରିବା ଭଲଲୋ ଜାଣ ।୧।

ଚଢ଼େଇଆଣୀ - କି ପାଠ ପଢ଼ିବୁ କହ ଚଢ଼େଇଆରେ,
ଆଉ କି ପାଠ ପଢ଼ିବୁ,
ଛତୁଫୁଟା କାଠ, ନିଶ ଉଠା ପାଠ
ମଜା କି ଆଉ ପାଇବୁ ।୨।

ଚଢ଼େଇଆ - ସେ କଥା କହନା ଆଉ, ଚଢ଼େଇଆଣି,
ସେ କଥା କହନା ଆଉ
ଆମ ଲୋକ ଏବେ ଅଫିସର ହେଲେ
ମୁଁ ପଢ଼ିବି ଯେ ଯାହା କହୁ ।୩।

ଚଢ଼େଇଆଣୀ - ତୁ ପାଠ ପଢ଼ିଲେ ବିଲବାଡ଼ି ଧନ୍ଦା
ଆଉ କେ କରିବ, ଚଢ଼େଇଆରେ
ପିଲାମାନେ ତୋର ବଡ଼ ହେଲେଣିକି
ଜଣେ ସେ କଥା ବୁଝିବ ।୪।

ଚଢ଼େଇଆ - ଦିନବେଳା କାମ ରାତିରେ ପାଠଲୋ
ଏଥିକି ଡ଼ର କାହିଁକି
ସାଥୀରେ ମୋର ତୁ ପଢ଼ିବୁ ଚାଲଲୋ,
ନାହିଁ କରନି ତହିଁକି । ।୫।

ଚଢ଼େଇଆଣୀ - ତା'ହେଲେ ରାତିରେ ପଢ଼ିବା (ଗଦ୍ୟ)

Digitized by srujanika@gmail.com

ଭଲ କଥାଟିଏ, କହିଲୁ, ଚଢ଼େଇଆ!
ସାଥିରେ ମୁଁ ତୋର ଯିବି
ପୁରାଣ ପୋଥି ମୁଁ ପଢ଼ିବା ସାଙ୍ଗେରେ
ସିନେମା ଗୀତ ଗାଇବି ।୬।

ଚଢ଼େଇଆ - ଯେତେବେଳେ ମୁହିଁ ବିଦେଶରେ ଥିବି
ଲେଖିବୁ ଖଣ୍ଡେ ଚିଟାଉ
ତୋ ଚିଠିକୁ ପଢ଼ି ମନ ମୋ ବୁଝିବ
ମନେ ଦୁଃଖ ନ ରହିବ ଆଉ ।୭।

ଚଢ଼େଇଆଣୀ - ଯୁବା ବୟସ ତ ନାହିଁ ଆଉ ମୋର
କି ଚିଠି ତୋତେ ଲେଖିବି
ଘରକାମ ସାରି ପିଲାଙ୍କୁ ମୋହର
ଘରେ ବସି ପଢ଼ାଇବି ।୮।

ଚଢ଼େଇଆ - ଗଣିତ, ଭୂଗୋଳ ଯେତେ, ଯେତେ ପାଠ
ସବୁ ତ ପଢ଼ି ପାରିବା
ଆସ ଆଜି ଆମେ ଶପଥ କରିବା,
ଦେଶୁଁ ନିରକ୍ଷର ହଟାଇବା ।୯।

- ସମାପ୍ତ -

Digitized by srujanika@gmail.com

ନୃତ୍ୟନାଟିକା

ପାଷାଣୀ ଅହଲ୍ୟା
ଓ
ମୋହିନୀ ଭସ୍ମାସୁର

ନିର୍ଦ୍ଦେଶନା : ନାଟ୍ୟଶ୍ରୀ ରଘୁନାଥ ମିଶ୍ର

Digitized by srujanika@gmail.com

ପାଷାଣୀ ଅହଲ୍ୟା

- ପ୍ରଥମ ଦୃଶ୍ୟ -

(ଗୌତମ ବୁଦ୍ଧଙ୍କର ଆଶ୍ରମ । ସମୟ ପ୍ରଭାତ କାଳ । ବଂଶୀର ଏକ ମଧୁର ମୂର୍ଚ୍ଛନା ଭାସି ଆସୁଥିଲା । କୋକିଳର କୁଜନ, କାକିଳିର ମୂର୍ଚ୍ଛନା, ଆଶ୍ରମ ପରିବେଶକୁ ଅତି ପବିତ୍ର କରି ତୋଳିଥିଲା । ସଦ୍ୟସ୍ନାତା ଅହଲ୍ୟା, କବରୀକୁ ଶୁଷ୍କ କରିବାରେ ଥିଲେ ବ୍ୟସ୍ତ । ଗୌତମ ମୁନି ପ୍ରାତଃ ସ୍ନାନ ନିମନ୍ତେ ପୂଣ୍ୟତୋୟ ତଟକୁ ଚାଲି ଯାଇଥିଲେ । ମୁନି ସୂତ କଣ୍ଠରୁ ଭାସି ଆସୁଥିଲା-

ଆକାଶ ପତିତ ତୋୟ,
ସାଗରଂ ପ୍ରତିଗଚ୍ଛତି ।

ଆକାଶ ମାର୍ଗରୁ ମର୍ତ୍ତ୍ୟକୁ ଅବତରଣ କଲେ - ଦେବରାଜ ଇନ୍ଦ୍ର । ପ୍ରଚ୍ଛଦପଟରୁ ଆନନ୍ଦ ଲହରୀ ଭାସି ଆସିଲା । ଦେବରାଜ ଅହଲ୍ୟାଙ୍କର ସନ୍ଦର୍ଶନରେ ଉତ୍‌ଫୁଲ୍ଲିତ ହୋଇ ଉଠିଲେ ।

ନୃତ୍ୟ ଛନ୍ଦେ, ଛନ୍ଦେ ଆଶ୍ରମରେ ଦୃଶ୍ୟରାଜିକୁ ଉପଭୋଗ କଲେ । ଅହଲ୍ୟା, ଅତି ସନ୍ତର୍ପଣରେ ଆଶ୍ରମ ମଧ୍ୟକୁ ପ୍ରବେଶ କଲେ । ଦେବରାଜ ଇନ୍ଦ ଭାବବେଗ ହୋଇ-)

ଇନ୍ଦ୍ର - (ଗଦ୍ୟ)

ଆହା, କି ସୁନ୍ଦର ଏ ଧରଣୀ
ଆଶ୍ରମର ଶୋଭାରାଡି, ନିଏ ମୋର
ଦ୍ବନ୍ଦ, ମନ କିଣି
ଇଚ୍ଛାହୁଏ, ବିତାଇବି କେତେଦିନ,
କେତେ ରାତି, ଭୁଲି ଇନ୍ଦ୍ରଭୋଗ ସୁଖ
ପାରିଜାତ ନନ୍ଦନ କାନନ, ସବୁ ତୁଚ୍ଛ ଆଶ୍ରମ ସମୀପେ

(ଗୀତ - ୧)

ଆହା କି ସୁନ୍ଦର, ଅତି ମନୋହର
ଏ ଆଶ୍ରମ କରେ ମୋତେ ବଶ ।
କେମନ୍ତେ ଭୁଲିବି, କାହିଁକି ରହିବି

Digitized by srujanika@gmail.com

ପୂରୁନାହିଁ ଯଦି ମୋର ଆଶ
ପ୍ରାଣ ରହି କି ଲାଭ
ସ୍ୱର୍ଗେ ଦେଖି ନାହିଁ ବଇଭବ ।
ରମ୍ଭା, ଉରବଶୀ, ଶଚି ବା ମେନକା
କେହି ନୁହନ୍ତି ଯେ ଏହାପରି
ସାରା ତ୍ରିଭୁବନେ ଦେଖି ନାହିଁ ଜଣେ
ଦେବ ଭୋଗ୍ୟା ଅଟେ ଏ ସୁନ୍ଦରୀ
ଛାଡ଼ି କେମନ୍ତେ ଯିବି
ଇନ୍ଦ୍ରପଦ ପାଇଁ କି ଲଭିବି । ୨ ।

(ଦେବରାଜ ଇନ୍ଦ୍ର ଠିଆ ହୋଇ ଚିନ୍ତା କରିବାକୁ ଲାଗିଲେ । ମନରେ ଭାବାନ୍ତର ସୃଷ୍ଟି ହେଲା । ଆଶ୍ରମ ଭିତରକୁ ଚାହିଁଲେ । ସବୁଠାରେ ନୀରବତା । ଇନ୍ଦ୍ର ଆନନ୍ଦରେ ନୃତ୍ୟ କଲେ ।)

ଇନ୍ଦ୍ର - ଆଶ୍ରମରେ ମୁନି ଅନୁପସ୍ଥିତ
ଏହା ଅଟେ ଉପଯୁକ୍ତ ସମୟ
ମନବାଞ୍ଛା ମୋର ହୋଇବ ପୂରଣ । (ହସ)

(ମଞ୍ଚ ଅନ୍ଧାର ହେଲା । ହାତରେ ଧରି ଗୌତମ ମୁନି ପ୍ରବେଶ କଲେ ।)

ଗୌତମ (ଛଦ୍ମବେଶୀ) - ଦେବୀ ଅହଲ୍ୟା, ଦେବୀ ଅହଲ୍ୟା । କେଉଁଠି ଅଛ ?

ଅହଲ୍ୟା - ଆସୁଅଛି । ଅପେକ୍ଷା କର ।

ଗୌତମ - ଅପେକ୍ଷା, ନା, ନା, ଶୀଘ୍ର ଆସ । ଦରଶନ ଆଶେ ପ୍ରାଣ ମୋର ହେଉଛି ବ୍ୟାକୁଳ ।

ଅହଲ୍ୟା - (ପ୍ରବେଶି) ନାଥ ଏ କ'ଣ ? ବିନାସ୍ନାନ, ବିନା ନିତ୍ୟ କର୍ମେ, ଆସିଗଲ ଆଶ୍ରମ ମଧ୍ୟକୁ ।
କହ ମୁନିବର, ଘଟିଲା କି
କିଛି ଅଘଟଣ କର ହେ ପ୍ରକାଶ
ଦକ୍ଷ ଚକ୍ଷୁ ମମ ଘନ ଘନ ହୁଏ ବିସ୍ଫାରିତ
ଜାଣେ ନାହିଁ, ବିହି ମୋର, କି ଲିହିଛି ଭାଲେ

ଅହଲ୍ୟା - (ଗୀତ-୨)
ଆସିଲ କି ପାଇଁ କହ,

Digitized by srujanika@gmail.com

ମନ ହୁଏ ଶଙ୍କାକୁଳ
ଯାହା ପାରିନାହିଁ କେବେ
ଆକଳିତ ଏ ସକଳ ।
କିଏ କହିଲା କି କିଛି
କାହିଁପାଇଁ ତବ ମନେ ଭ୍ରାନ୍ତି ।୧।

ଦେବାର୍ଚ୍ଚନା ସରି ନାହିଁ, ଘଡ଼ି, ଘଡ଼ି ଯାଏ ବେଳ, କେବେ କରିବ ଏ କର୍ମ, କର କିଆଁ ଅବିଚାର, ଯାଅ ଜାହ୍ନବୀ ତୀରେ, ସଂଧ୍ୟା ତର୍ପଣକୁ ନ ଭୁଲ ବାରେ ।୨।

ଗୌତମ - (ଝିଞ୍ଜୁଟି) (ଗାତ-ଏ)
ମନ ମୁକୁରରେ ମୋର
ତବ ଛବି ନାଚିଲାରେ
ଭୁଲିଲି ସବୁରେ ପ୍ରିୟା
(ମନ) କାମ ବାଣେ କହିଲାରେ ।୦।
ତୁମରି ଜଗତ ଠାଣି
ମନ ମୋର ନେଲା କିଣି
ଯେତେ ବୁଝାଇଲେ ମନ
ତବ ପ୍ରେମେ ମଜିଲାରେ ।୧।
ପେନ ମୋହର କଷିନୀ
ନ ଭାଷରେ କଟୁବାଣୀ
ପ୍ରେମେ ଆସ ହଜିଯିବା,
ବିଶ୍ୱ ଗାଡ଼ି ଛଳନାରେ ।୨।

ଶ୍ଳୋକ - ଓଁ ଭୂଃ, ଭୂବ ସ୍ୱ ତତ୍ ସର୍ବିତୁବରେଣ୍ୟ
ଭର୍ଗୋ ଦେବସ୍ୟ ଧିମହି
ଧିୟୋ ଯୋନଃ ପ୍ରଚୋଦୟାତ୍ । (ଗାୟତ୍ରୀ ମନ୍ତ୍ର)

ଅହଲ୍ୟା - (ଗଦ୍ୟ)
ନାଥ ଦେଖିନାହିଁ କେବେ
ଜୀବନେ ମୋହର ଏହି ଅପଣେ
ତୁମେ ଗତି, ତୁମେ ପତି

Digitized by srujanika@gmail.com

ତୁମେ ଦେବ, ଅଗତିକାରଣ
କେମନ୍ତେ କହିବି କହ,
ଶାନ୍ତ ତବ କାମନାର
ଯାହା ଇଚ୍ଛା ତବ ହେଉ ହେ ପୂରଣ ।
(ଦୂତୀର ଛଳେ, ଛଳେ, ଉଭୟେ ଦୂତୀଙ୍କଠି ମଞ୍ଚରୁ ଅପସରିଗଲେ ।)
କିଛିକ୍ଷଣ ନୀରବତା -
ଦୂରରୁ ଶୁଭୁଥିଲା ମୁନି କଣ୍ଠରେ ଓଁ ଭୂଃ, ଭୂବ ସ୍ୱ ତତ୍ ସବିତୁ ବରେଣ୍ୟ
ଭର୍ଗୋ ଦେବସ୍ୟ ଧିମହି ଧୀୟୋ ଯନଃ ପ୍ରଚୋଦୟାତ୍ ।
ଓଁ ଭୂଃ, ଭୂବ ସ୍ୱ ତତ୍ ସବିତୁ ବରେଣ୍ୟ...
ମଞ୍ଚରେ ପ୍ରବେଶ କଲେ -
ଗୌତମ ମହର୍ଷି । ଆଶ୍ରମ ନିକଟରେ ଠିଆ ହୋଇ ଜିଜ୍ଞାସା କଲେ-

ଗୌତମ - (ସ୍ୱଗତ) ଅହଲ୍ୟେ, ଦେବୀ ଅହଲ୍ୟେ ନେଇ ଆସ ମନ, ହବି,
ହୋମାନଳ
ଶ୍ରୁବ, ଶ୍ରୁକ ଯଜ୍ଞ ପାଇଁ ଯେତେକ ବିଧାନ ।
(କିଛି କ୍ଷଣ ନୀରବତା)
ଆଶ୍ଚର୍ଯ୍ୟ, କିଷେ ଏ ଆଶ୍ରମ
କିଆଁ ଆଜି ହତଶିରୀ
ବୁଝିପାରୁନାହିଁ, କି ଘଟିଛି ଏଥି
କାହିଁଗଲେ, ଅହଲ୍ୟା ମୋହରି

ଗୌତମ - ଅହଲ୍ୟେ, ଦେବୀ ଅହଲ୍ୟେ (ପ୍ରକୃତ ପଥରୁ ଭାସି ଆସିଲା ପୁରୁଷ,
ନାରୀ କଣ୍ଠରୁ ମନଭୋଳା ହସ-)
ଏ କି ଶୁଭେ ହାସ୍ୟରୋଳ କାହାର ଏ ହାସ୍ୟ,
ଆରେ ରେ କାମୁକ, ଲମ୍ପଟ, କିଏ ତୁହି, ପ୍ରବେଶିକୁ -
ଆଶ୍ରମେ ମୋହରି । ଶୀଘ୍ର ଆସ ।
ଏକାପାଇକେ ମୋର ହେବୁ ଭସ୍ମୀଭୂତ ।
(ଇନ୍ଦ୍ର ଥରି ଥରି ମୁହଁକୁ ଘୋଡ଼ାଇ ପଳାୟନ କଲେ ।)

ଗୌତମ - ବୁଝିଲି, ତୁହିରେ ମଘବା ଛଦ୍ମବେଶ ହୋଇ ହରିଲୁ ସତୀତ୍ୱ ମୁନିପତ୍ନୀ
ଅହଲ୍ୟାର । ପେନ ମୋର ଅଭିଶାପ ଆଜିଠାରୁ ହେବୁ ସହସ୍ରାକ୍ଷ,

Digitized by srujanika@gmail.com

ଯୁଗେ ଯୁଗେ ଏହି ଅପବାଦେ ହେବୁ ତୁରେ ତ୍ରିଲୋକ ନିନ୍ଦିତ ।
(କିଛି ସମୟ ପରେ ପ୍ରବେଶ କରେ ଅହଲ୍ୟା ।)

ଅହଲ୍ୟା - କି ଦେଖୁଛି ମୁହିଁ ପତିଦେବ ମୋର, ସ୍ନାନ ସାରି ପାଶେ ଉପସ୍ଥିତ । ଆଉ କିଏ ସେହି ପାପବୁଦ୍ଧି, କାମାନ୍ଧ ପୁରୁଷ ଆସିଥିଲା ପୁରତୁ ମୋହର । ସ୍ୱାମୀ ମୋର, ମୁହିଁ ନିରୀଦୋଷ ଅପରାଧ କରି ନାହିଁ କେବେ ପ୍ରଭୁ ତବଠାରେ ।

(ଗୀତ-୪)

ବିଧି ହୋଇଲା କିବାମ କରିଲି ପାପ କର୍ମ ।
କାହାକୁ ବା ମୁହଁ ଦେଖାଇବି
ଜାଣେ ନା ମୁଁ କି ବୁଦ୍ଧି କରିବି - ୨ଥର
କେଉଁ ମନ୍ଦମତି ଆସି
ସତୀତ୍ୱ ଦେଲା ବିନାଶି
କେଉଁ ପାପେ ହେଲି ଘାରି
କେ ମୋତେ ଦେବ ଉଦ୍ଧାରି
ମୁନି ଅଭିଶାପକୁ ଲଭିବି
ଜାଣେନା, ମୁଁ କି ବୁଦ୍ଧି କରିବି । ୧ । ୨ଥର
ଆହେ ପତିଦେବ ମୋର
ପୂଜୁଛି ନିତି ପୟର
ପାପ ମୋ କରହେ ନାଶ
ମୁହିଁ ଅଟେ ନିରୀ ଦୋଷ
ବିନା ଦୋଷେ କି ଦଣ୍ଡ ଭୋଗିବି
ଜାଣେନା ମୁଁ କି ବୁଦ୍ଧି କରିବି । ୨ । ୨ଥର

ଅହଲ୍ୟା - (ଗଦ୍ୟ)
ପତିଦେବ ମୋର କରିଲି ମୁଁ ଅପରାଧ ଯାହା ଅଟେ ଅକ୍ଷମ ଧରାରେ, ଧାହେ ଦୟାମୟ, ଦିଅ କ୍ଷମା, ନ ହୋଇ ନିର୍ଦ୍ଦୟ ।

ଗୌତମ - ଚକ୍ଷୁଖୋଲି (ପଦ୍ୟ)
କଳଙ୍କିତା ନାରୀ
କାମାତୁରେ ଗଲୁଭୁଲି

Digitized by srujanika@gmail.com

ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ତରଫରୁ ନିବେଦନ

- ସହରକୁ ସବୁଜ ଓ ସୁନ୍ଦର ରଖିବା ପାଇଁ ଆପଣଙ୍କର ସହଯୋଗ ଏକାନ୍ତ କାମ୍ୟ ।
- ଭୂତଳ ଜଳ ସଂରକ୍ଷଣ ପାଇଁ ବର୍ଷା ଜଳ ଅମଳ କୌଶଳ ଅବଲମ୍ବନ କରନ୍ତୁ ।
- ବୃକ୍ଷରୋପଣ ମାଧ୍ୟମରେ ସହରକୁ ସବୁଜ ଗଢ଼ି ତୋଳିବାରେ ସାହାଯ୍ୟ କରନ୍ତୁ ।
- ଅନୁମୋଦିତ ନକ୍ସା ଅନୁଯାୟୀ ଘର ନିର୍ମାଣ କରନ୍ତୁ ଓ ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରନ୍ତୁ ।
- ବେଆଇନ୍ ଗୃହ ନିର୍ମାଣ କରନ୍ତୁ ନାହିଁ ।
- ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ଲେ-ଆଉଟ୍ ପ୍ଲାନ୍‌ରୁ ଗୃହୋପଯୋଗୀ ସ୍ଥଳ କ୍ରୟ କରନ୍ତୁ ।
- ବ୍ରହ୍ମପୁର ସହରର ଯୋଜନାବଦ୍ଧ ବିକାଶ କ୍ଷେତ୍ରରେ ସହଯୋଗ କରନ୍ତୁ ।

ଶ୍ରୀ ଶରତ ରଞ୍ଜନ ପଟ୍ଟନାୟକ

ଅଧ୍ୟକ୍ଷ

Digitized by srujanika@gmail.com

SANJAY MEMORIAL INSTITUTE OF TECHNOLOGY

SMIT GROUP OF INSTITUTIONS

- P.G. Centre for Management Studies
- Degree Engineering College
- College of Library & Information Science
- Diploma Wing
- Brundaban Nayak Memorial ITC
- M.J.M.C.
- P.G. & M.
- B.N.M English Medium School, Hinjilicut
- I.T.C. Hinjilicut

Not only commits & cares
but also proves success since 25 years

Now moving ahead under leadership of great visionary

SHRI BHAGABAN GANTAYAT

LATE BRUNDABAN NAYAK
Founder S.M.I.T. Berhampur

ANKUSHPUR, BERHAMPUR-761100

Phone (0680) 2270499, Fax 2202236

Digitized by srujanika@gmail.com

ଭଲ, ମନ୍ଦ ବିବେକକୁ ତୋର ।
ଦେଉଅଛି ଅଭିଶାପ
ହୋଇଯାଅ ପାଷାଣୀ ଧରାରେ
ତାହା ଅଟେ, ତୋର ପାଇଁ
ସମୁଚିତ ଦଣ୍ଡ ।

ଅହଲ୍ୟା - (ଗୀତ-୫)

କାହିଁକି ଦେଉଛ, ଏତେ ବଡ଼ ଦଣ୍ଡ
କି ଦୋଷ କରିଛି ତପିବର
ମୁହିଁ କି ଜାଣିବି କିଏ କେଉଁ ରୂପେ
ସତୀତ୍ୱ କରୁଛି ମୋର କ୍ଷୁର
ନୁହେଁ ବାରେ ନିର୍ଦ୍ଦୟ
ଚରଣେ ଦାସୀକୁ ସ୍ଥାନ ଦିଅ ।୧।
ଅହଲ୍ୟାର ନାମେ କେବେ କି ଶୁଣିଛ
କଳଙ୍କ, କାଳିମା, ଅପବାଦ
ପତି ପାଇଁ ପତ୍ନୀ ଯୁଗେ, ଯୁଗେ ତାହା
ସ୍ରଷ୍ଟା, ସୃଷ୍ଟିର ଏ ବଇଭବ
ଆହେ ତପୀବର
ନିର୍ଦ୍ଦୟ ନହୋଇ କ୍ଷମାକର ।୨।

ଗୌତମ - (ଗଦ୍ୟ)

ଅହଲ୍ୟା, କାମାବଶେ କରିଲୁଯା ଭୁଲ, ଅଭିଶାପ ମୋର ନ ହୋଇବ ବୃଥା । ଅଭିଶାପୁଁ ହେବୁ ମୁକ୍ତ, ତ୍ରେତା ଯୁଗରେ ରାମ ଅବତାରେ ଯେବେ ନାରାୟଣ, ଆସିବେ ଏ ଆଶ୍ରମ ସମପେ, ତାଙ୍କ ପାଦ ସ୍ପର୍ଶେ ପାଷାଣୀ ଅହଲ୍ୟା ହେବ ଶାପମୁକ୍ତ । ବିଦାୟ, ବିଦାୟ ଅହଲ୍ୟା ।

(ମୁନି ଆଶ୍ରମ ତ୍ୟାଗ କରି ଚାଲିଗଲେ ।)

ଖାଲି ଶୁଭୁଥିଲା ପ୍ରଚ୍ଛଦପଟରୁ ନାରୀ କଣ୍ଠରେ- ଶ୍ରୀରାମ, ଶ୍ରୀରାମ, ପ୍ରଚ୍ଛଦପଟରୁ ଭାସି ଆସିଲା -

ମହାସତୀ, ଅହଲ୍ୟା ହେଲେ ପାଷାଣୀ ।

Digitized by srujanika@gmail.com

ଖରା, ବର୍ଷା, ଶୀତ, କାକର ସହି ପଡ଼ି ରହିଲେ, ଆଶ୍ରମ ଭିତରେ ପାଷାଣୀଟି ହୋଇ, ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କର ଚରଣ ସ୍ପର୍ଶ ଅପେକ୍ଷାରେ । ସତ୍ୟପରେ ତ୍ରେତୟା ପ୍ରଭୁ ନାରାୟଣ, ସତ୍ୟର ମହିମାକୁ ପରିପ୍ରକାଶ ପାଇଁ ଅବତାରୀ ହେଲେ ଶ୍ରୀରାମ ରୂପରେ ।

ବାଲ୍ୟଲୀଳା । ରାକ୍ଷସ ଦମନ ଉଦ୍ଦେଶ୍ୟରେ, ପ୍ରଭୁଙ୍କର ଗୁରୁଦେବ ବିଶ୍ୱାମିତ୍ରଙ୍କ ସହିତ ଆଶ୍ରମ ପରିଭ୍ରମଣ ।

(କିଛି ସମୟ ପରେ ମଞ୍ଚରେ ପ୍ରବେଶ କରେ ଶ୍ରୀ ବିଶ୍ୱାମିତ୍ରଙ୍କ ସହିତ ଶ୍ରୀରାମ ଓ ଲକ୍ଷ୍ମଣ । ଆନନ୍ଦର ମଙ୍ଗଳବାଜଣା ବାଜି ଉଠିଲା । ଶ୍ରୀରାମ, ଆଶ୍ରମର ଚତୁର୍ଦ୍ଦିଗ ପରିଭ୍ରମଣ କଲେ ।)

ଶ୍ରୀରାମ - ଗୁରୁଦେବ, ଆଶ୍ରମର ଶୋଭା ଦର୍ଶନରେ ମନ,ମୋର ପ୍ରଫୁଲ୍ଲିତ । ଅନାଦି କାଳରୁ ସତେ ଯେପରି ମୁଁ, ଏହି ଆଶ୍ରମର ପ୍ରତୀକ୍ଷାରେ । କୁହନ୍ତୁ ଗୁରୁଦେବ, କାହାର ଏ ଆଶ୍ରମ, କାହାନ୍ତି ସେ ମୁନୀବର ଆଉ ଏହି ପାଷାଣର ମୂର୍ତ୍ତି କାହାର ମୂର୍ତ୍ତି - ଦେବୀ ନା ମାନବୀ ?

ବିଶ୍ୱାମିତ୍ର - (ଗୀତ-୬)

ହେ ଜଗବନ୍ଦନ ପ୍ରଭୁ ନିରଞ୍ଜନ
ଗୌତମ ଆଶ୍ରମ ଅଟେ ଏହି
ଏ ଯେଉଁ ପାଷାଣୀ ଦେଖ ନୀଳମଣି
ଅଭିଶାପ ଗ୍ରସ୍ତ ଭବେ ହୋଇ
ଭୋଗେ ସକଳ ଦୁଃଖ
ହରିବେ ତା ଦୁଃଖ ପଦ୍ମମୁଖ । ୧ ।
ଇନ୍ଦ୍ର ଛଳନାରେ ସତୀତ୍ୱ ହରାଇ
ମୁନି ଅଭିଶାପ ଭୋଗୁଅଛି
ଆସିଛି ସୁଦିନ ଶାପର ମୋଚନ
ହେବାକୁ ସେ ସଦା ଚାହିଁଅଛି
ପ୍ରଭୁ ଆସିଛ ଏଥି
ଅଭିଶାପ ମୁକ୍ତ ହେବ ସତୀ । ୨ ।

Digitized by srujanika@gmail.com

ବିଶ୍ୱାମିତ୍ର - (ଗଦ୍ୟ)

ଆହେ ନାରାୟଣ କିବା ଅଗୋଚର ତବ
କର ଶାପମୁକ୍ତ ପାଷାଣୀ ଅହଲ୍ୟା ! ଚାହିଁଅଛି ତବ ପାଇଁ, ଆହେ ଶ୍ରୀରାମ ବର୍ଷ, ବର୍ଷ ଯୁଗ ପରେ ଯୁଗ । ଦିଅ ପାଦ ସ୍ପର୍ଶ, ମୁକ୍ତ ହେଉ ଏ ପାଷାଣୀ ।

(ମଙ୍ଗଳ ବାଜଣା ବାଜି ଉଠିଲା । ଚାରିଆଡ଼େ ଆନନ୍ଦ ଲହରୀ ବୃକ୍ଷମାନେ ପଲ୍ଲବିତ ହେଲେ । ରାମଚନ୍ଦ୍ର ପଦସ୍ପର୍ଶ କରନ୍ତେ ଅହଲ୍ୟା ଉଠି ବସିଲେ ।)

ଅହଲ୍ୟା - ପ୍ରଭୁ, ଧନ୍ୟ ହେଲା ଏ ଜୀବନ । ଲଭିତବ ପଦସ୍ପର୍ଶ ପାଷାଣୀ ଅହଲ୍ୟା ହେଲା ଶାପମୁକ୍ତ, ଦିଅନ୍ତୁ ବିଦାୟ । ଯାଏ ମୁହିଁ ସ୍ୱର୍ଗଲୋକେ । ଶ୍ରୀରାମ, ଜୟ ରାମ, ଜୟ ଜୟ ରାମ ।

ଅହଲ୍ୟା - (ଗୀତ-୭)

ହେ ପରମବ୍ରହ୍ମ, ହେ ଶ୍ରୀରାମ
ରକ୍ଷା କର ପ୍ରଭୁ, ପତିତଜନ
ତୁମେ ଅଟପରା ତ୍ରିଲୋକପିତା
ତୁମେ ଅଟ ପ୍ରଭୁ ପାଳନକର୍ତ୍ତା
ପାଷାଣୀ ଅହଲ୍ୟା, ଶାପ ମୁକ୍ତିକଲ
ପତିତ ଜନରେ ହିତ ଆଚରିଲ
କର ହେ କରୁଣା ହେ ଶ୍ରୀରାମ - ୨ଥର
ଶ୍ରୀରାମ, ହେ ଶ୍ରୀରାମ ହେ ଶ୍ରୀରାମ
(ପାଦ ତଳେ ପଡ଼ିଗଲେ ।)
(ସ୍ୱର୍ଗରୁ ପୁଷ୍ପ ବୃଷ୍ଟି ହେଲା ।)
ହେ କୃଷ୍ଣ, କରୁଣା ସିନ୍ଧୁ
 ଦୀନବନ୍ଧୁ ଜଗତ୍‌ପତେ
ଗୋପେଶ ଗୋପୀକା କାନ୍ତ
 ରାଧାକାନ୍ତ ନମସ୍ତୁତେ - ୩ଥର ।

- ସମାପ୍ତ -

Digitized by srujanika@gmail.com

-ନୃତ୍ୟନାଟିକା-

ମୋହିନୀ ଭସ୍ମାସୁର

(କୈଳାସ ଶିଖରେ ମହାଯୋଗୀ ମହେଶ୍ୱର ଧ୍ୟାନମଗ୍ନ, ନୃତ୍ୟ ଛନ୍ଦେ ଛନ୍ଦେ ଭସ୍ମାସୁର ମଞ୍ଚରେ ପ୍ରବେଶ କରିଛି । ମହାଦେବଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣାମ କରି, ଲୟହୋଇ ପଡ଼ିଯାଇଛି । ପ୍ରଚ୍ଛଦପଟରୁ ଶୁଭୁଥାଏ - ଓଁ ନମୋ ଶିବାୟ ।

ସଂଗୀତରେ ଆଳାପ - ତିକିନାକ ଆଦିଦିନା । -୩ଥର

ଭସ୍ମାସୁର ନୃତ୍ୟର ତାଳେ, ତାଳେ ନୃତ୍ୟ କରିଛି ।)

- ଗୀତ -

ଜାଗ, ଜାଗ, ଜାଗ,
ଜାଗହେ ମହାକାଳ,
ଜାଗହେ ଚନ୍ଦ୍ରଚୂଳ
ଜାଗ, ଜାଗ, ଜାଗ
ତବଦ୍ୱାରେ ଏ ସନ୍ତାନ,
ଡାକୁଛି ହେ ନିତିଦିନ
କରବାରେ ସୁଦୟାମହେଶ
ନିଷ୍ଠୁର ନ ହୁଅ ପ୍ରଭୁ ଦିଅ ଦରଶନ ବିଭୁ
ଡାକଶୁଣ ମୋହର ମହେଶ
ଜାଗ, ଜାଗ, ଜାଗ

(ସଂଗୀତ ନୃତ୍ୟର ଛନ୍ଦେ, ଛନ୍ଦେ ଓଁ ନମୋ ଶିବାୟଃ ଧ୍ୱନିରେ କୈଳାସ ପ୍ରକମ୍ପିତ ହେଲା । ନୃତ୍ୟ କରି ମହିଷାସୁର ମହାଦେବଙ୍କର ପାଦତଳେ ପଡ଼ିଗଲା । ଡ଼ମ୍ବରୁ ନିନାଦିତ ହେଲା ।)

(ମହାଦେବ ଚକ୍ଷୁଖୋଲି)

ମହାଦେବ - ଭକ୍ତବର । ହୋଇଲି ସନ୍ତୁଷ୍ଟ ତବ ତପସ୍ୟାରେ
କାହିଁପାଇଁ ଆସିଅଛୁ ଭୋଳାନାଥ ପାଶେ ।
କହ ଭକ୍ତ, କହ ଭକ୍ତ ନ ବହି ସଂଶୟ ।

ଭସ୍ମାସୁର - (ହାତଯୋଡ଼ି ପାଦତଳେ ବସି ।)

Digitized by srujanika@gmail.com

ହେ ଭୋଳାନାଥ, ହେ କୈଳାସପତି, ମୋର ଗୁହାରୀ
ଶୁଣିଛ ହେ ପ୍ରଭୋ, ଧନ୍ୟ, ଧନ୍ୟ ମୋ ଜୀବନ
ପ୍ରଭୋ, ବିଳମ୍ବ ନ ବହି ଦିଅ ହେ ଆଶିଷ ।

(ଗୀତ)

ହେ ଚନ୍ଦ୍ରଶେଖର, ଆହେ ଉମାବର
ଘେନ ମୋ ପ୍ରଣତି ଦୟାବହି
ମନର କାମନା, ପୂର୍ଣ୍ଣ ହେଲେ ସିନା
ଜାଣିବି ତୋ କୃପା ଭାବଗ୍ରାହୀ
ମନେ ନ ବହିରୋଷ
ଦିଅ ପୂର୍ଣ୍ଣକରି ଆଶୁତୋଷ ।
ତିନି ଭୁବନରେ ତୋର କୋପବଳେ
ଦେବ, ଦାନବଯେ ଥରୁଥାନ୍ତି
ଦିଅ ମୋତେ ବର ଯାହା ମୁଁ ଛୁଇବି
ଭସ୍ମ ହେବ ନିଶ୍ଚେ ଉମାପତି
ଦିଅ ଏତିକି ବର
ପ୍ରାର୍ଥନା କରୁଛି ତୋ ପୟର
(ଗୀତ ଶେଷ ହୋଇଛି ।)

ମହାଦେବ - ତଥାସ୍ତୁ । ଆଉ ଯାହା ଚାହିଁ ମାଗିଘେନ ବର ।

ଭସ୍ମାସୁର - ଆନନ୍ଦରେ ବିଭସ ହସ, ହସି ନୃତ୍ୟ କଲା ।
ବୋଲ - ଆଦିନାନା, ଆଦିନାନା, ଆଦିନାନା (୪ଥର)
ହେ ଚନ୍ଦ୍ରଶେଖର, ବର ତବ ସତ୍ୟ କିବା ମିଥ୍ୟା
ଚାହେଁ ମୁହିଁ ଚାକ୍ଷୁର ପ୍ରମାଣ । ମସ୍ତକରେ ତବ
ହସ୍ତ ରଖି ମମ, ପ୍ରମାଣ ମୁଁ ଚାହେଁ ।
ଆସ, ଆସ ଆସ ମୋ ସମୀପ ।

ମହାଦେବ - (ଆଶ୍ଚର୍ଯ୍ୟ ହୋଇ) ଏ କ'ଣ ହେଲା ! ଏ କି ବର ମୁଁ ତାକୁ ଦେଲି ! ଆରେ ଦୁରାଚାର, ରାକ୍ଷସ, ପାମର, କର ନାହିଁ ଅପକର୍ମ୍ମ ମୁହିଁ ତୋର ଇଷ୍ଟ, ମୁହିଁ ତୋର ରକ୍ଷାକର୍ତ୍ତା ।

Digitized by srujanika@gmail.com

ଭସ୍ମାସୁର - (ବିଭତ୍ସ ହସ) ସ୍ୱୀକାର କରୁଛି । ତୁମେ ମୋର ଇଷ୍ଟ । କିଂତୁ ମୁଁ ଚାହେଁ ପ୍ରମାଣ । ପରୀକ୍ଷା ମୁଁ ଚାହେଁ ।
(ଭସ୍ମାସୁର ମହାଦେବଙ୍କର ମସ୍ତକ ଛୁଇଁବାକୁ ହସ୍ତ ପ୍ରସାରଣ କଲା । ମହାଦେବ ଭୟରେ ଦୌଡ଼ିଲେ । ଭସ୍ମାସୁର ପଛରେ ଗୋଡ଼ାଉ ଥିଲା ।)

ଭସ୍ମାସୁର - (ବିଭତ୍ସ ହସ) ଆଉ ଡେରି କାହିଁକି ଶୀଘ୍ର ମୋ ନିକଟକୁ ଆସ ।
ବୋଲ - ଆତାଦିନା, ଆଦିନା, ଆଥାଦିନା, ଆଦିନା (୪ଥର)

ମହାଦେବ - (ପରଂବ୍ରହ୍ମଙ୍କୁ ଧ୍ୟାନ କଲେ ।)

(ଗୀତ)

ହେ ପରମବ୍ରହ୍ମ ହେ ମୁକୁନ୍ଦ
ହେ ମୁରାରୀ, ହେ ମୁରାରୀ
ହେ ପରମବ୍ରହ୍ମ
ହେ ମୁରାରୀ, ହେ ମୁରାରୀ

ଭସ୍ମାସୁର - ବିଭତ୍ସହସ ।
(ଗୀତ)
ଗ୍ରାସିଲାଣି ଦେଖ, ଏ ଅଧମ ମୂର୍ଖ
କର ହେ କରୁଣା ଚକ୍ରଧାରୀ
ଚକ୍ରଧାରୀ, ଚକ୍ରଧାରୀ
(ଶୁଭୁଥିଲା ଭସ୍ମାସୁରର ବିକଟ ହସ)
ଆଶୁତୋଷ ନାମ ବହି ଅକର୍ମ
ଅଧମଜନରେ ଦେଲି ବରଦାନ
ହେ ପରମବ୍ରହ୍ମ ସଙ୍କଟମୋଚନ
ରକ୍ଷାକର ଆଉ ନାହିଁ ତ୍ରାଣ ।
(ଶିବ, ଭସ୍ମାସୁର ଦୌଡ଼ାଦୌଡ଼ି ହେବା ଦୃଶ୍ୟ)
ବୋଲ - ଆତାଦିନା, ଆଦିନା, ଆଥାଦିନା, ଆଦିନା (୪ଥର)
ପୃଷ୍ଠଦପଟରୁ ଶୁଭୁଥାଏ - ରକ୍ଷାକର ରକ୍ଷାକର ।
(ହଠାତ୍ ଆଲୋକ ଉଦ୍‌ଭାସିତ ହୋଇ ଉଠିଲା । ବିଷ୍ଣୁଙ୍କର ଆବିର୍ଭାବ । ବିଷ୍ଣୁ ଭସ୍ମାସୁରକୁ ହାତ ଦେଖାଇଲେ । ସେ ମୂର୍ଚ୍ଛାହୋଇ

Digitized by srujanika@gmail.com

ପଡ଼ିଗଲା । ମହାଦେବଙ୍କୁ ଚାଲିଯିବାକୁ ଇଙ୍ଗିତ ଦେଲେ ।)
(ବିଷ୍ଣୁ ନୃତ୍ୟଛନ୍ଦରେ ମଞ୍ଚରୁ ଅପସରି ଗଲେ ।)
ଅପସରୀମାନେ ଆନନ୍ଦରେ ନୃତ୍ୟ କରିବାକୁ ଲାଗିଲେ ।

(ଗୀତ)

ଆଜି ଏ ଧରାରେ ଦେଖ, କି ଆନନ୍ଦେ ଖେଳିଲାରେ,
ଧରଣୀ ରାଣୀ ଆନନ୍ଦେ
ସ୍ୱାଗତିକା ରଚିଲାରେ ।୦।
ମୃଦୁ, ମନ୍ଦ ସମୀରଣ
ଦେଲାପ୍ରାଣେ ଶିହରଣ ।
ସୁରଭି ମହକତୋଳି ଚଉଦିଗେ ବହିଲାରେ
ଅନଙ୍ଗ ପୁଷ୍ପଳଧନୁ
ହାଣିଲାରେ ପ୍ରତି ତନୁ
ଆନନ୍ଦ ଉଲ୍ଲାସ ଦେଖ, ପ୍ରତିପ୍ରାଣେ ଖେଳିଲାରେ ।

(ଭସ୍ମାସୁର ଉଠିଛି । ମୋହିନୀ ନୃତ୍ୟକରି ମଞ୍ଚରେ ପ୍ରବେଶ କରିଛନ୍ତି । ଭସ୍ମାସୁର ମୋହିନୀଙ୍କୁ ଦେଖି, ଅତିମାତ୍ରାରେ ଆନନ୍ଦିତ ହୋଇଛି ଓ ତାଙ୍କ ସାଙ୍ଗରେ ନୃତ୍ୟ କରିଛି ।)

ଭସ୍ମାସୁର - ହେ ଭୁବନ ମୋହିନୀ, ରୂପ
ଦେଖିତବ, ପ୍ରାଣ ମୋର ହୁଏ ପୁଲକିତ ।
ଏ ଅପୂର୍ବ ରୂପ ଲାବଣ୍ୟ ଦେଖି, ଏ ଦାସ ପାଗଳ
କରୁଛି ମିନତି, କର ମୋର ମନୋବାଞ୍ଛା ପୂର୍ଣ୍ଣ ।

ମୋହିନୀ - ଆରେରେ ଦାନବ, ଯଦି ତୁରେ ପାରିବୁରେ
ନୃତ୍ୟ କରି ମୋହ ସାଥେ, ମନୋବାଞ୍ଛା ତବ
କରିବି ପୂରଣ ।

ବୋଲ - ଧିମ୍, ଧିମ ତାନାନା, ଉଦରନାଳ ତିରାନା ନାଦିରଦିମ୍, ନାଦିରଦିମ୍ (୪ଥର)

(ନୃତ୍ୟର ଛନ୍ଦରେ ମଞ୍ଚ ପ୍ରକମ୍ପିତ ହୋଇ ଉଠିଲା । ମୋହିନୀ ମସ୍ତକରେ ହସ୍ତରଖି ନୃତ୍ୟ କରିଛନ୍ତି । ଭସ୍ମାସୁର ନିଜ ହାତ ମସ୍ତକରେ ରଖି ଦେଇଛି । ଭସ୍ମାସୁର ଭସ୍ମ ହୋଇଯାଇଛି ।

Digitized by srujanika@gmail.com

ଚତୁର୍ଦ୍ଧା ମୂରତି ବିଷ୍ଣୁଙ୍କର ଆବିର୍ଭାବ ମହାଦେବଙ୍କର ପ୍ରାର୍ଥନା ।)

ପ୍ରଚ୍ଛଦପଟରୁ -(ଶ୍ଳୋକ)

ଶାନ୍ତାକାରଂ ଭୂଜଗଶୟନଂ ପଦ୍ମନାଭଂ ସୁରେଶଂ
ବିଶ୍ୱାଧାରଂ, ଗଗନସଦୃଶ
ମେଘବର୍ଣ୍ଣ ଶୁଭାଙ୍ଗମ୍
ଲକ୍ଷ୍ମୀକାନ୍ତ କମଳ ନୟନ
ଯୋଗୀଭିଃ ଧ୍ୟାନମଗ୍ନ
ବନ୍ଦେବିଷ୍ଣୁ ଭବ ଭୟହରାଂ
ସର୍ବଲୋକୈକନାଥ

ଶଙ୍ଖଧ୍ୱନି, ହରିବୋଲ, ହୁଳହୁଳି ଧ୍ୱନି ।

ଯବନିକା

- ଅନ୍ଧାର -

Digitized by srujanika@gmail.com